'oaob.nitrkl.ac.in' images reprocessed

ଶ୍ରୀମା

ଜନ୍ମଗ୍ରହଣ

ଫେବ୍ରୁଆରୀ ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ :

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ :

ଫେବ୍ରୁଆରୀ ୨୧, ୧୯୭୮

'oaob.nitrkl.ac.in' images reprocessed



ଶ୍ରୀମା — ୧୯୪୪

'oaob.nitrkl.ac.in' images reprocessed



# ପ୍ରଶ୍ନ ଓ ଉତ୍ତର

୧୯୫୫

'oaob.nitrkl.ac.in' images reprocessed

# ମାତୃରଚନାବଳୀ : ୭ମ ଖଣ୍ଡ

ଶ୍ରୀମା'ଙ୍କର "Questions and Answers—1955" ଗ୍ରନ୍ଥର
ଓଡ଼ିଆ ଅନୁବାଦ ।

ଅନୁବାଦ : ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ୧୫ ଅଗଷ୍ଟ ୧୯୯୪

ସର୍ବସ୍ୱତ୍ୱ ସଂରକ୍ଷିତ :
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ, ପ୍ରକାଶନ ବିଭାଗ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

ମୂଲ୍ୟ : ୮୫ ଟଙ୍କା

Printed at Navajyoti Press
Sri Aurobindo Ashram, Pondicherry-605002

'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ଟିପ୍‌ପଣୀ

୧୯୫୫ ମସିହାରେ ମାଆ "ବୁଧବାର କ୍ଲାସ୍"ମାନଙ୍କରେ ଆଶ୍ରମର ଛାତ୍ର, ଶିକ୍ଷକ ଓ ସାଧକମାନଙ୍କୁ ଯେଉଁସବୁ ପ୍ରବଚନ ଦେଇଥିଲେ, ସେଗୁଡ଼ିକୁ ଏହି ଖଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି କ୍ଲାସ୍‌ଗୁଡ଼ିକ ସାଧାରଣତଃ ମାଆଙ୍କର କୌଣସି ଲେଖାରୁ ଅଥବା ଶ୍ରୀଅରବିନ୍ଦଙ୍କର ଲିଖିତ କୌଣସି ଗ୍ରନ୍ଥର ମାଆ କରିଥିବା କୌଣସି ଫରାସୀ ଅନୁବାଦରୁ କିଛି ଅଂଶ ପାଠରେ ଆରମ୍ଭ କରାଯାଉଥିଲା । ତା'ପରେ ମାଆ ସେଇଟି ଉପରେ ନିଜର ମନ୍ତବ୍ୟ ଦେଉଥିଲେ କିଂବା ସେହି ପାଠାଂଶଟି ବିଷୟରେ ଅଥବା ଅନ୍ୟ କୌଣସି ବିଷୟରେ ପଚରା ଯାଉଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେଉଥିଲେ ।

ଜାନୁଆରି ୫ ରୁ ମଇ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଦତ୍ତ ପ୍ରବଚନଗୁଡ଼ିକ ଶ୍ରୀଅରବିନ୍ଦଙ୍କର "ଯୋଗାଧାର" ପୁସ୍ତକ ଉପରେ ଆଧାରିତ, ମଇ ୧୮ ତାରିଖର ପ୍ରବଚନଟି ମାଆ ଲେଖିଥିବା ଗୋଟିଏ ପ୍ରବନ୍ଧ "ନାରୀମାନଙ୍କର ସମସ୍ୟା" ଉପରେ ଆଧାରିତ, ମଇ ୨୫ ଓ ଜୁନ ୧ ର ପ୍ରବଚନ ଦୁଇଟି ଶ୍ରୀଅରବିନ୍ଦଙ୍କର "ମାନବ-ଯୁଗଚକ୍ର" ଗ୍ରନ୍ଥର ଚତୁର୍ଦ୍ଦଶ ଅଧ୍ୟାୟ "ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ" ଉପରେ ଆଧାରିତ, ଜୁନ୍ ୮ ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ପ୍ରଦତ୍ତ ପ୍ରବଚନଗୁଡ଼ିକ ଶ୍ରୀଅରବିନ୍ଦଙ୍କର "ଯୋଗାଲୋକ" ପୁସ୍ତକର କେତୋଟି ଅଧ୍ୟାୟ ଉପରେ ଆଧାରିତ । ସେପ୍‌ଟେମ୍ବର ୧୪ ରୁ ଅକ୍ଟୋବର ୧୨ ମଧ୍ୟରେ ପ୍ରଦତ୍ତ ପ୍ରବଚନଗୁଡ଼ିକ ମାଆଙ୍କ ଦ୍ୱାରା ସଂଯୋଜିତ ଏବଂ ଅଂଶିତ ଭାବରେ ଲିଖିତ ଏକ ନାଟକ "ମହାନ୍ ରହସ୍ୟ" ଉପରେ ଆଧାରିତ, ଏବଂ ଅକ୍ଟୋବର ୧୯ ରୁ ଡିସେମ୍ବର ପର୍ଯ୍ୟନ୍ତ ପ୍ରଦତ୍ତ ପ୍ରବଚନଗୁଡ଼ିକ ଶ୍ରୀଅରବିନ୍ଦଙ୍କର "ଯୋଗ-ସମନ୍ୱୟ" ଗ୍ରନ୍ଥର ଦୁଇଟି ଅଧ୍ୟାୟ "ସାଧନ-ଚତୁଷ୍ଟୟ" ଏବଂ "ଆତ୍ମୋତ୍ସର୍ଗ" ଉପରେ ଆଧାରିତ ।

ଫରାସୀ ଭାଷାରେ କଥିତ ଯାଇଥିବା ଏହି ଭାଷଣଗୁଡ଼ିକୁ ସେହି ସମୟରେ ଟେପ୍‌ରେ ରେକର୍ଡ଼୍ କରା ଯାଉଥିଲା । ସେଗୁଡ଼ିକ ମଧ୍ୟରୁ କେତେକର ବିବରଣୀ ଏବଂ ଅନୁବାଦ ପ୍ରଥମେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରର ତ୍ରୈମାସିକ "ବୁଲେଟିନ୍"ରେ ପ୍ରକାଶିତ ହୋଇଥିଲା; ସମୁଦାୟ ପ୍ରବଚନମାଳାଟି ପ୍ରଥମ ଥର ପାଇଁ ପ୍ରସ୍ତୁତ ଖଣ୍ଡଟିରେ ପ୍ରକାଶିତ ହେଉଛି ।

ଏଇଟି ହେଉଛି ମାତୃରଚନାବଳୀର ସପ୍ତମ ଖଣ୍ଡ ।

'oaob.nitrkl.ac.in' images reprocessed

# ବିଷୟ-ସୂଚୀ


## ୫ ଜାନୁଆରୀ

ବାହ୍ୟ ପ୍ରକୃତିକୁ ଅନ୍ତର୍ଗତ ଚେତନା ସହିତ
ସମନ୍ୱିତ କରି ରଖିବା ୧
ପ୍ରତିକୂଳ ଶକ୍ତିମାନେ ରୂପାନ୍ତରକୁ ବିଳମ୍ବିତ
କରିଦେବା ପାଇଁ ଚେଷ୍ଟା କରନ୍ତି ୨
[illegible]ନ (ଉଦ୍‌ଘାଟନ) ଓ କାର୍ଯ୍ୟ ୩
ବୃଏଙ୍କର ପତନ : ଅଗ୍ନି-ପ୍ରସ୍ତାବନା ୫

## ୧୨ ଜାନୁଆରୀ

ପ୍ରଶ୍ନ ଓ ପ୍ରତିରୋଧ ଦ୍ୱାରା ଅସୁବିଧା ବଢ଼େ,
ଗ୍ରହଣଶୀଳତା ବ୍ୟାହତ ହୋଇ ରହେ ୧୦
ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାର ଯଥାର୍ଥ ମନୋବୃତ୍ତି ୧୨
ନୈରାଶ୍ୟ— ଏବଂ ଅନ୍ତରଗତ ୧୨
ଅହଂଗୁଡ଼ିକ—ଅନେକ ସଙ୍ଘାର; ବ୍ୟକ୍ତିଗତ ତଥା
ସାମୂହିକ ନାନା ଅହଂ; ଅହଂର ଅର୍ଥ ୧୪
ଅନୁଭୂତିର ବର୍ଣ୍ଣୀକରଣ ୧୮

## ୧୯ ଜାନୁଆରୀ

ହୃଦୟର ମନର ଭୂମିକା ୨୦
ପ୍ରତିକୂଳ ଶକ୍ତି— ଏବଂ ଅନ୍ତରଗତ ୨୦
ଦୁର୍ବିପାକ, ସେଗୁଡ଼ିକର କାରଣ, ପ୍ରତିରୋଧ ୨୨
ପ୍ରତିକୂଳ ଶକ୍ତିମାନଙ୍କର କାର୍ଯ୍ୟ; ଆତ୍ମଶ୍ଳାଘା ୨୩

## ୨୬ ଜାନୁଆରୀ

ଆତ୍ମକାମୀ ଦାମ୍ଭିକତା ଓ ପ୍ରତିକୂଳ ଶକ୍ତି ୨୪
ସୁବିକଶିତ ଚୈତ୍ୟସତ୍ତା ଓ ପ୍ରତିକୂଳ ଶକ୍ତି; ବାଧାବସ୍ତୁ ୨୭
ଆତ୍ମହତ୍ୟା, ତାହାର କାରଣ ଓ ପରିଣାମ ୩୧


'oaob.nitrkl.ac.in' images reprocessed

ବଡ଼ ପାଟି କଲବେଳେ ଲୋକମାନଙ୍କୁ କାହିଁକି
ଭଲ ଲାଗେ; ଆରସତା ୩୩
ସ୍ଥୂଳତା ଏବଂ ତମଃ ୩୪
ଷଣ୍ଢ-ପାଳକର କାହାଣୀ, ସାହସ ଏବଂ ଭୟର ବିଭିନ୍ନ ପ୍ରକାର ୩୬
ଇତରପ୍ରାଣୀ ଓ ଭୟ ୩୯
ସାହସ : ସ୍ୱଳ୍ପକାଳୀନ ୪୧
ପ୍ରକୃତ ସାହସ ୪୩

୨ ଫେବୃଆରୀ

ଯଥାର୍ଥ ଦୃଷ୍ଟିକୋଣ ୪୫
ସାଧନା ନିମନ୍ତେ ଆବଶ୍ୟକ ଶରୀର ୪୬
କେବଳ ଏହି ପୃଥିବୀପୃଷ୍ଠରେ ଏହି ଶରୀରର ଭୂମିରେହିଁ
ଅଗ୍ରଗତି ସମ୍ଭବ; ଆତ୍ମହତ୍ୟା ୪୬
ଗୋଟିଏ ଅନୁଭୂତିର କଦାପି ଅବିକଳ ପୁନରାବୃତ୍ତି
ହୁଏ ନାହିଁ; ଅନୁଲମ୍ବ ଅଗ୍ରଗତି ୪୬

୯ ଫେବୃଆରୀ

ବାସନା ସଂକ୍ରାମିତ ହୁଏ; ଏହାର ଉତ୍ପତ୍ତିସ୍ଥଳ,
ଅଭିବୃଦ୍ଧିର ପ୍ରୟୋଜନ ୫୨
ପ୍ରେମର ଆଦମ ପ୍ରକାର ୫୩
ଯଥାର୍ଥ ଆନନ୍ଦରେ ବାସନା ନ ଥାଏ; କଳାକାରର ଆନନ୍ଦ ୫୩
ବୌଦ୍ଧିକ ସାଧନାରେ ଅଭ୍ୟାସରତ ଅପେକ୍ଷର ଉଦ୍ଗ୍ରମକ୍ଷମତା;
କର୍ତ୍ତୃତ୍ୱ ଅର୍ଜନ କରିବାର ଆନନ୍ଦ ୫୪
ଚୈତ୍ୟ ଆବଶ୍ୟକତା; ମନ ହେଉଛି ଏକ ଯନ୍ତ୍ର ୫୬
ଚୈତ୍ୟସତ୍ତା ଆପଣାକୁ ଜଗତ ବ୍ୟକ୍ତ କରେ ୫୬
ଆପଣାର ସତ୍ତା ସମ୍ବନ୍ଧରେ ସଚେତନ ହେବା ୬୦
ମନ, ପ୍ରାଣିକ ଓ ଭୌତିକକୁ ପରିଚାଳନା କରୁଥିବା ଚୈତ୍ୟ ୬୧
ଅସୁସ୍ଥତା : ଶରୀର ଓ ମନ ପରସ୍ପର ସହିତ ସଂଯୁକ୍ତ ୬୨
ଅତ୍ୟାଧୁନିକ ଚିତ୍ରକଳା; ରଙ୍ଗୀନ୍ ଫଟୋଗ୍ରାଫ୍ ୬୪
ରଙ୍ଗୀନ୍ ଚିତ୍ରଯୁକ୍ତ କାର୍ଡ; ମାଆଙ୍କର ଦୃଷ୍ଟିଗତ ଅନୁଭବ ୬୬

'oaob.nitrkl.ac.in' images reprocessed

## ୧୭ ଫେବୃଆରୀ


ମାଆ ଦେଇଥିବା କୌଣସି ଦ୍ରବ୍ୟକୁ ହଜାଇଦେବା ୬୯
ବସ୍ତୁଗୁଡ଼ିକର ଉତ୍ତମ ବ୍ୟବହାର ୭୦
ସାନ ସାନ ଖଣ୍ଡିଆ ସାବୁନ୍ ଜମା କରୁଥିବା ସାଧକ ୭୨
କେଉଁସବୁ ବସ୍ତୁ ପ୍ରକୃତରେ ଅପରିହାର୍ଯ୍ୟ ୭୩
ପ୍ରକୃତିର ସୌନ୍ଦର୍ଯ୍ୟପୂର୍ଣ୍ଣ ବ୍ୟବସ୍ଥା ୭୪
ଅର୍ଥର ଅଧିକାରୀ ହେବା; ଧନସମ୍ପତ୍ତି ଏକ ଅଭିଶାପ ।
ରେବକ୍‌ଫେଲିଭା ୭୭
ବସ୍ତୁଗୁଡ଼ିକର ଅସଦ୍‌ବ୍ୟବହାର; ପୃଥିବୀର ଦୁର୍ଦ୍ଦଶାବସ୍ଥା :
ବସ୍ତୁଗୁଡ଼ିକ ସେମାନଙ୍କର ଯଥାର୍ଥ ସ୍ଥାନରେ ନାହାନ୍ତି ୭୯


## ୨୩ ଫେବୃଆରୀ


ସ୍ୱାଦର ବୋଧ ; ଇନ୍ଦ୍ରିୟଗୁଡ଼ିକର ପ୍ରଶିକ୍ଷଣ ୮୧
ଉପବାସ ଦ୍ୱାରା ସ୍ପର୍ଶକାତରତାର ଏକ ସ୍ଥିତି ଉତ୍ପନ୍ନ ହୁଏ;
ଶକ୍ତିର ଆହରଣ ୮୪


## ୨ ମାର୍ଚ୍ଚ


ଶରୀର ଓ ଖାଦ୍ୟ ୮୯
ଯଥାର୍ଥ ସ୍ୱାଦ ଓ ଚେତନା ; ଅଭୀପ୍ସା ଓ ବାସନା ୯୨
ନିଦ୍ରା ଏବଂ ଯୋଗସ୍ଥ ବିଶ୍ରାମାବସ୍ଥା, କିପରି ଶୋଇବା ଉଚିତ ୯୩
ସ୍ୱପ୍ନଗୁଡ଼ିକୁ ସ୍ମରଣ କରିବା ୯୭
ଅଭିନିବେଶ ଓ ବାହ୍ୟ ନିଷ୍କ୍ରିୟତା ; ଚୈତ୍ୟ ସହିତ
ସମ୍ପର୍କ ସ୍ଥାପନ ୯୮
ମାଆ ସମସ୍ତଙ୍କ ଭିତରେ ରହିଥିବା "ଦ୍ୱାରକୁ" ଖୋଲିଦିଅନ୍ତି ୧୦୦
"ନିମ୍ନତର ପ୍ରାଣିକର ଭୁଲ୍" ୧୦୦
ନିଦ୍ରାବସ୍ଥା, ଅନ୍ତର୍ଗତ ଜଗତର ଏକ ବିଦ୍ୟାଳୟ ୧୦୧
ଶକ୍ତିର ଉତ୍ସ ୧୦୩


'oaob.nitrkl.ac.in' images reprocessed

୯ ମାର୍ଚ୍ଚ

ଭୌତିକର ମାଧ୍ୟମରେ ଚୈତ୍ୟ ସହିତ ସିଧା ସମ୍ପର୍କସ୍ଥାପନ;
ଅନ୍ତର୍ଗଠିକରଣ ୧୦୭
ଅହଂପ୍ରେରକ ଗତିସ୍ପନ୍ଦନଗୁଡ଼ିକରେ ରୂପାନ୍ତର ୧୦୮
ଚୈତ୍ୟସତ୍ତାର କାର୍ଯ୍ୟ : ପ୍ରକୃତି-ଅଂଶଗୁଡ଼ିକର ରୂପାନ୍ତର ୧୦୯
ଅନୁଭୂତି-ଲାଭ ; ଚୈତ୍ୟ ତଥା ଦିବ୍ୟ ପରମସତ୍ତାଙ୍କ ସହିତ
ସମ୍ପର୍କ ସ୍ଥାପନ ୧୧୧
ଭିନ୍ନ ଭିନ୍ନ ପ୍ରକାରର ଅନୁଭୂତି ୧୧୫
ପ୍ରତିକୂଳ ଶକ୍ତିଗୁଡ଼ିକର ଆକ୍ରମଣ; ଅବାଞ୍ଛିତ ମାନସିକ
ବା ପ୍ରାଣିକ ଗତିସ୍ପନ୍ଦନ ୧୧୭
ଧ୍ୟାନାବସ୍ଥାରେ ଦୃଷ୍ଟ କୃତ୍ସିତ ଆକାରମାନ, ପ୍ରାଣିକ
ଏବଂ ମାନସିକ ପ୍ରତିକ୍ରିୟାର ପରିଣାମ ୧୧୭

୧୬ ମାର୍ଚ୍ଚ

ସ୍ଥୂଳ ଗତିସ୍ପନ୍ଦନଗୁଡ଼ିକର ପ୍ରତ୍ୟାଖ୍ୟାନ ଓ ରୂପାନ୍ତରୀକରଣ ୧୨୦
ମୃତ୍ୟୁର ପରବର୍ତ୍ତୀ ଅବସ୍ଥିତି; ଚୈତ୍ୟର ପୁନରବତରଣ ୧୨୪
ପରମସତ୍ୟର ଆଲୋକ ମାନସିକ ଓ ପ୍ରାଣିକ ସ୍ତରର ତାମସ
ନସ୍ୱାସ୍ଥ୍ୟନତାଗୁଡ଼ିକୁ ପୋଡ଼ିଦିଏ ୧୨୭
ମାନସିକ ଅସଙ୍ଗତି ଓ ପରସ୍ପରବିରୋଧିତା ୧୩୧
ବସ୍ତୁଗୁଡ଼ିକ ଏକ ସାମୂହିକ ସମ୍ପଦ; ଶୁଦ୍ଧ ବସ୍ତୁର ଓ
ତାହାର ଅଭିବ୍ୟକ୍ତି ୧୩୩
ଦିବ୍ୟ ଧର୍ମ, ଆଂଶିକ ଉପଲବ୍ଧି ୧୩୭

୨୩ ମାର୍ଚ୍ଚ

ପ୍ରତ୍ୟାଖ୍ୟାନ ତଥା ରୂପାନ୍ତରର ପଦ୍ଧତି ୧୩୭
କଣ୍ଠସ୍ଥ କରିବା ' ଯଥାର୍ଥ ବୋଧ ୧୩୯
ସ୍ପନ୍ଦନ, ଶବଦାଣ୍ଡମାନଙ୍କର ଗତିସ୍ପନ୍ଦନ ୧୪୦
ବିଲେଇ ଏବଂ ରୁଷୀୟ କୃଷକ-ଘରଣୀର ଗଳ୍ପ ୧୪୧


'oaob.nitrkl.ac.in' images reprocessed

ଉଚ୍ଚତର ପ୍ରାଣୀମାନଙ୍କର ପୁନର୍ଜନ୍ମ ସତ; "ଯୋଗସାଧନା"
ଚାଲୁଥିବା ଗୋଟିଏ ବିଲେଇର କାହାଣୀ ୧୪୩

## ୩୦ ମାର୍ଚ୍ଚ

ଯୋଗ-ଶକ୍ତି ୧୪୭
ଗୁହ୍ୟତତ୍ତ୍ୱ; "ଉଚ୍ଚତର ଏବଂ ନିମ୍ନତର" ୧୪୮
ଅସୁସ୍ଥତା : ଯୋଗର ମାର୍ଗରେ ସେଗୁଡ଼ିକୁ ଆରୋଗ୍ୟ କରିବା ୧୪୯
ଯଥାର୍ଥ ଅନ୍ତସତ୍ତ୍ୱ ଓ ଚୈତ୍ୟସତ୍ତ୍ୱ ମଧ୍ୟରେ ପାର୍ଥକ୍ୟ ୧୫୧
ବିଭିନ୍ନ ପ୍ରଣାଳୀରେ ସମସ୍ୟାଗୁଡ଼ିକର ସମାଧାନ ୧୫୨

## ୬ ଏପ୍ରିଲ

ଫ୍ରଏଡ଼ଙ୍କର ମନୋବିଶ୍ଳେଷଣ; ଅବଚେତନ ସତ୍ତ୍ୱ ୧୫୫
ଚୈତ୍ୟ ଏବଂ ଅବଚେତନ ୧୫୭
ଯଥାର୍ଥ ମନଃଶାସ୍ତ୍ର ୧୬୦
ଉଚ୍ଚତର ଚେତନାକୁ ସ୍ପର୍ଶ ଦେଇ ନିମ୍ନତର ପ୍ରକୃତିର ପରିବର୍ତ୍ତନ … ୧୬୨
ସତ୍ତ୍ୱଗତ ବିଭିନ୍ନ ସ୍ତରର ବିଶ୍ୱାସ ୧୬୪
ଆଶ୍ରମର ସମସ୍ତଙ୍କ ମଧ୍ୟରେ ଚୈତ୍ୟ ସମ୍ପର୍କର ପ୍ରତିଷ୍ଠା ହୋଇଛି ୧୬୭

## ୧୩ ଏପ୍ରିଲ

ମନୋବିଶ୍ଳେଷକ ଓ ସେମାନଙ୍କର ଟର୍ଚ୍ଚଲାଇଟ୍ ୧୬୮
ଲୁକ୍କାୟିତ ପରାହଂ, ସ୍ୱପ୍ନର ବିଭିନ୍ନ ପ୍ରକାର ୧୬୯
ସ୍ୱପ୍ନ, ନିଦ୍ରା, ରାତ୍ରିକାଳୀନ କାର୍ଯ୍ୟକଳାପ ଉପରେ
ନିୟନ୍ତ୍ରଣ-ଅର୍ଜନ ୧୭୦
ଆତ୍ମସ୍ୱରୂପ, ଅଧିମାନସ ଓ ଉଚ୍ଚତର ମନ ୧୭୪
କେହି ମରୁଥିବାର ସ୍ୱପ୍ନ ଦେଖିବା : ତାହାର ଅର୍ଥ ୧୭୫
ପୁନଃପୁନଃ ଦୃଷ୍ଟ ହେଉଥିବା ସ୍ୱପ୍ନ ୧୭୭
ସମସ୍ତ ବିଶ୍ରାମାବସ୍ଥା; ସଚ୍ଚିଦାନନ୍ଦଙ୍କ ମଧ୍ୟରେ ପ୍ରବିଷ୍ଟ ହେବା ୧୭୮
ନିଜ ଜୀବନକୁ ସଂଗଠିତ କରିବା; ଅଭିନିବେଶ, ବିଶ୍ରାମାବସ୍ଥା ୧୮୦

'oaob.nitrkl.ac.in' images reprocessed

୨୭ ଏପ୍ରିଲ

ପ୍ରତୀକାତ୍ମକ ସ୍ୱପ୍ନ ଓ ଦୃଷ୍ଟିପ୍ରତ୍ୟକ୍ଷ ୧୮୩
ବିଭିନ୍ନ ଉପାୟରେ ଯନ୍ତ୍ରଣା ଦୂର କରିବା ୧୮୫
ଚେତନାର ବିଭିନ୍ନ ଅବସ୍ଥା ୧୮୮
ସ୍ୱପ୍ନରେ ନିଜକୁ ମୃତ ବୋଲି ଦେଖିବାର ତାତ୍ପର୍ଯ୍ୟ ୧୮୯
ବହିର୍ଗତୀକରଣ ସମ୍ପର୍କରେ ୧୯୧

୪ ମଇ

ବସ୍ତୁଗତ ପ୍ରାଣିକ ଶକ୍ତିପୁଞ୍ଜଙ୍କରୁ ଶକ୍ତି-ଆହରଣ ୧୯୪
"ଅନ୍ତର୍ଗତ କୌଶଳ" ୧୯୭
ବିଭିନ୍ନ ପ୍ରକାରର ଶକ୍ତିଲାଗି ଗ୍ରହଣଶୀଳତା ୧୯୯
ଅଗ୍ରଗତି ଏବଂ ଗ୍ରହଣଶୀଳତା ୨୦୧

୧୧ ମଇ

ଆକ୍ରମଣରୁ ଦେହକୁ ସୁରକ୍ଷିତ ରଖିବା ୨୦୩
ଅବଚେତନ, ତାହାକୁ ବଦଳାଇ ଦେବା ୨୦୩
ଅସୁସ୍ଥତା; ତାହାର ପ୍ରତିଷେଧ ୨୦୫
ଶରୀରରେ ଏବା ଅତିମାନସ ପ୍ରକୃତି ୨୧୧
ଦୁଃଖକୁ ସୁଖରେ ରୂପାନ୍ତରିତ କରିବା ୨୧୨
ଆଶ୍ରମରେ ସାମୂହିକ ରୋଗଭୋଗ ୨୧୫

୧୮ ମଇ

ନାସ୍ତିର ସମସ୍ୟା ୨୧୭
ନର ଓ ନାସ୍ତି ୨୨୧
ସର୍ବୋଚ୍ଚ ପରମା ଜନନୀ; ନୂତନ ସୃଷ୍ଟି ୨୨୨
ଦେବଦେବୀମାନଙ୍କ ସମ୍ବନ୍ଧରେ ୨୨୪
ଏକ ସୃଜନ-କାହାଣୀ; ସୂଚୀ : ବିଶ୍ୱବ୍ରହ୍ମାଣ୍ଡର ପ୍ରଗତି ୨୨୫
ପ୍ରକୃତ ଯୌନବାସନାକୁ ବିବର୍ତ୍ତନର ଏକ
ମାଧ୍ୟମରୂପେ ବ୍ୟବହାର କରେ ୨୨୯

'oaob.nitrkl.ac.in' images reprocessed

ପ୍ରକୃତ କହିଲେ କ'ଣ ବୁଝାଏ ? ଅନ୍ୟ ଗ୍ରହଗୁଡ଼ିକସ୍ଥ ଜଡ଼ ୧୩୦
କେବଳ ପୃଥିବୀରେହିଁ ଚୈତନ୍ୟସତ୍ତା ରହିଛି;
ସତ୍ତା ସଂଜତ ରହିଛନ୍ତି; ଉଡ଼ନ୍ତା ଥାଳିଆ ୧୩୧
ଗୁହ୍ୟବିଦ୍ୟା ସାହାଯ୍ୟରେ ଅନ୍ୟ ଜଗତଗୁଡ଼ିକୁ ଯିବା ୧୩୨
ଇନ୍ଦ୍ରିୟବୋଧର ବ୍ୟାପ୍ତିପରିସର ୧୩୪

୨୫ ମଇ

ଧର୍ମ ଓ ବୁଦ୍ଧିଯୁକ୍ତି ୧୩୭
ବୁଦ୍ଧିଯୁକ୍ତି : ତାହାର ଭୂମିକା ଓ କ୍ଷେତ୍ର ୧୩୯
ବୁଦ୍ଧିଯୁକ୍ତି, ପରମ ତନ୍ମୟତା ଲାଗି ଏକ ପ୍ରତିବନ୍ଧକ
ନା ତାହାର ଏକ ମର୍ଯ୍ୟାଦାତା ? ୧୪୧
ବୁଦ୍ଧିଯୁକ୍ତିର କଲ୍ୟାଣ ସାଧନ କରିବା ପ୍ରସ୍ତୁତିର ପର୍ଯ୍ୟାୟରେ
ତାହାର କାର୍ଯ୍ୟ, ତାହାର ବ୍ୟବହାର ୧୪୫
ବୁଦ୍ଧିଯୁକ୍ତି "ପଥଟିକୁ ପ୍ରସ୍ତୁତ କରେ" ୧୪୯
ବସ୍ତୁ ଶିଖିବା : ସାଧାରଣ ମନୁଷ୍ୟ ଏବଂ ଶିଷ୍ଟବର୍ଗ ୧୫୦
ବୁଦ୍ଧିଯୁକ୍ତି ଜୀବନର ନିୟନ୍ତ୍ରଣ ଓ ସଂଗଠନ କରେ ୧୫୨
ପ୍ରକୃତି ହେଉଛି ଅବବୌଦ୍ଧିକ, ମନୁଷ୍ୟର ବୁଦ୍ଧିଗତ
ବିବେକ ରହିଛି ୧୫୩

୧ ଜୁନ୍

"ସୌନ୍ଦର୍ଯ୍ୟବୋଧଗତ ବିବେକ" ୧୫୫
ସୌନ୍ଦର୍ଯ୍ୟ ଓ ରୂପ ୧୫୭
"ଆମ ଜୀବନର ମୂଳସୂତ୍ର" ୧୫୮
ସୌନ୍ଦର୍ଯ୍ୟର ବୋଧ ସହଜାତ ହୋଇପାରେ, ବୁଦ୍ଧିପ୍ରସୂତ
ଅଥବା ବୁଦ୍ଧିର ଅତୀତ ମଧ୍ୟ ହୋଇପାରେ ୧୬୦
ସୌନ୍ଦର୍ଯ୍ୟ-ବୋଧକୁ ପ୍ରଶିକ୍ଷିତ କରାଇବା; ରୁଚି ୧୬୧
ଯେଉଁ ବ୍ୟକ୍ତି "ପ୍ରକୃତିର ନୈତିକତା"କୁ ପ୍ରଚାର କରୁଥିଲେ ୧୬୧
କେବଳ ଗୋଟିଏ ସତ୍ୟୋଦ୍‌ଘାଟନ ଉପରେ ଆଧାରିତ
ମନୋରଚନାଗୁଡ଼ିକ ସୀମିତ ହୋଇ ରହିଥାନ୍ତି ୧୬୨
ପୃଥିବୀ ଓ ମନୁଷ୍ୟ ସମାଜକୁ ବଦଳାଇବା ୧୬୪

'oaob.nitrkl.ac.in' images reprocessed

ଅଧିକତ ଚେତନା; ପ୍ରାଚୀନ ଓ ନୂତନ କଳା ୨୬୫

୮ ଜୁନ୍

ଦିବ୍ୟ ପରମସତ୍ତାଙ୍କ ପାଇଁ ଓ ବ୍ୟକ୍ତିଗତ ଅଭିପ୍ରାୟଗୁଡ଼ିକ
ସହିତ କାର୍ଯ୍ୟ କରିବା ୨୭୦
ଦିବ୍ୟ ପରମସତ୍ତାଙ୍କ ଲାଗି ଏକ ପୂର୍ଣ୍ଣ ଉତ୍ସର୍ଗର ଭାବ,
ତାହାହିଁ ସର୍ବୋତ୍ତମ ମନୋବୃତ୍ତି ୨୭୨
ପୃଥିବୀପୃଷ୍ଠରେ ଦିବ୍ୟ ପରମସତ୍ତାଙ୍କର ପ୍ରକାଶିତ ହେବା ୨୭୩
ଚେତନାର ଅନ୍ତର୍ଗତ ଉତ୍କ୍ରମଣ; ଆପଣାକୁ ଜାଣିବା ୨୭୫
ସମଗ୍ର ଅନ୍ତରଣ, ବାହ୍ୟ ଓ ଅନ୍ତର୍ଗତ; ବାଧାଗୁଡ଼ିକର
ସମ୍ପୂର୍ଣ୍ଣ ଲୀନ ହେବା ୨୭୮
ଆଶ୍ରମର ଅଧିବାସୀ : ସାଧକ, ଅନ୍ୟାନ୍ୟ କର୍ମୀ, ପିଲାମାନେ ୨୮୨
ଯୋଗସାଧନା; ଚେତନା ଅନେକ ସବୁ କାର୍ଯ୍ୟ କରେ ୨୮୪
ଆଶ୍ରମରେ ପିଲାମାନଙ୍କୁ ବିଶେଷ ସ୍ୱାଧୀନତା
ଦିଆଯାଇଛି; ଯୋଗସାଧନାର ପଥକୁ ବାଛିବା ୨୮୫

୧୫ ଜୁନ୍

"ଗତ୍ୟାତ୍ମକ ଉପଲବ୍ଧି"; ରୂପାନ୍ତରର ପ୍ରକ୍ରିୟା ୨୮୮
"ଅନୁଭୂତିର ନକାରାତ୍ମକ ଓ ସକାରାତ୍ମକ ଦିଗ" ୨୯୦
"ଶୁଖିଲ ନଡ଼ିଆର ଉପମା" ୨୯୧
ପୁରୁଷ, ପ୍ରକୃତି, ଦିବ୍ୟଜନନୀ ୨୯୨
ସତ୍ୟ-ସୃଜନ, ଈଶ୍ୱରେଚ୍ଛାର ସୃଜନର ପ୍ରଳୟ
ମଧ୍ୟରେ ଅବସ୍ଥାନ ଘଟିବ ନାହିଁ ୨୯୩
ମଧ୍ୟବର୍ତ୍ତୀ କାଳ; ସକଳ ସୋପାନଗୁଡ଼ିକୁ
ଅବରୋହଣ କରିବା ଆବଶ୍ୟକ ୨୯୬

୨୨ ଜୁନ୍

ଯୋଗ ଶକ୍ତିକୁ ଜାଗ୍ରତ କରାଇବା, ଏହାର
ନାନା ପ୍ରଣାଳୀ ଓ ସ୍ୱତଃସ୍ଫୂର୍ତ୍ତ ଅନୁଭବ ୨୯୮

'oaob.nitrkl.ac.in' images reprocessed

“ସ୍ୱପ୍ନ-କମଳ” ୩୦୦
ଅଧ୍ୟୟନ : ଯୋଗ ପାଇଁ ଦେହେନ୍ଦ୍ରିୟର ସହାୟକ ୩୦୨
ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ସରଳ ଓ ଜଟିଳ ନାନା ସଂଯୋଜନ ୩୦୪

୨୯ ଜୁନ୍

ଯଥାର୍ଥ ପ୍ରାଣିକ ଏବଂ ଭୌତିକ ସତ୍ତା ୩୦୭
ଭୌତିକ, ପ୍ରାଣିକ ତଥା ମାନସିକ ଭୂମିରେ କାଳ ଓ ଦେଶ ୩୦୯
ପୂର୍ବଜନ୍ମଗୁଡ଼ିକର ଚୈତ୍ୟର ସ୍ମୃତି ୩୧୨
ଚୈତ୍ୟ ଅବଚ୍ଛିନ୍ନତାର ବୋଧ ଆଣି ଦିଏ, ଜୀବନର
ସଙ୍ଗଠନ କରଏ ୩୧୩
ଚୈତ୍ୟର ଜ୍ଞାନ; ଭୌତିକ ଚେତନାର ଜ୍ଞାନ ନ ଥାଏ ୩୧୪

୭ ଜୁଲାଇ

ଚୈତ୍ୟସତ୍ତା ଓ ଜୀବାତ୍ମା ୩୨୦
ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ରହିଥିବା ଏକତା ଓ ଅନେକତା;
ବିଭିନ୍ନ ଦୃଷ୍ଟିକୋଣ ୩୨୧
ଅନୁଭୂତି ଲାଭ କରିବାକୁ ହେଲେ ଅହଂର କଠିନ ପ୍ରସ୍ତରଟିକୁ
ଭେଦିବାକୁ ପଡ଼ିବ ୩୨୩
ମାନସିକ, ପ୍ରାଣିକ ତଥା ଭୌତିକ ବହିର୍ଆବରଣ ୩୨୪
କଳ୍ପନାର ଏକ ଗଠନାତ୍ମକ ଶକ୍ତି ରହିଛି; ମନର ଦୃଷ୍ଟିଲାଭ ୩୨୫
କଳ୍ପନାଶକ୍ତିର କାର୍ଯ୍ୟ ୩୨୮
ବିଶ୍ୱବ୍ରହ୍ମାଣ୍ଡ ଉତ୍ତରୋତ୍ତର ଗତିଶୀଳ : ନୂତନ ବସ୍ତୁଗୁଡ଼ିକର
ଅଭିବ୍ୟକ୍ତି ଘଟୁଛି ୩୩୦

୧୩ ଜୁଲାଇ

“ବିଶ୍ୱ ସ୍ୱର” ଓ ବିଶ୍ୱ ଚେତନା ୩୩୨
ଅଜ୍ଞାନର ପ୍ରାଚୀର; ଏକତ୍ୱ ଓ ବିଚ୍ଛେଦ ୩୩୩
ବୁଝିବା ଲାଗି, ଜାଣିବା ଲାଗି ଓ ହେବା ଲାଗି ଅଭୀପ୍ସା ୩୩୫
ଦିବ୍ୟ ପରମସତ୍ତାଙ୍କଠୁ ଆମ ସତ୍ତାର ଅସଲ ସତ୍ତା; ଆମର
ବିସ୍ତରଣମାନ ୩୩୭

'oaob.nitrkl.ac.in' images reprocessed

ଦିବ୍ୟ ପରମ ଏକତ୍ୱ ଏବଂ ବହୁଜନ ଦ୍ୱାରା ସଂଘଟିତ ଅନେକତ୍ୱ ୩୩୮
କଲ୍ପନାଶକ୍ତି ଦ୍ୱାରା ବାସନାଗୁଡ଼ିକର ପୂରଣ ହୋଇପାରିବ,
ଅଭୀପ୍ସା ଦ୍ୱାରା ମଧ୍ୟ ହୋଇପାରିବ ୩୩୯
ଦିବ୍ୟ ପରମକରୁଣା ଉପରେ ବିଶ୍ୱାସ, ଆସ୍ଥା ଓ ତାହା ଲାଗି
ଆତ୍ମଦାନ ଉପଲବ୍ଧିକୁ ସମ୍ଭବ କରେ ୩୪୧

୨୦ ଜୁଲାଇ

ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତା ୩୪୩
ଅନ୍ୟମାନଙ୍କର ପ୍ରଭାବରୁ ରକ୍ଷା ପାଇବା ୩୪୪
ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପଣ ଦ୍ୱାରାହିଁ ପୂର୍ଣ୍ଣ
ସ୍ୱାଧୀନତା ପ୍ରାପ୍ତ ହୋଇଥାଏ ୩୪୬
ଯେଉଁମାନେ ଆପଣାକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ଦେଇ
ଦିଅନ୍ତି, ଦିବ୍ୟ ପରମସତ୍ତା ମଧ୍ୟ ନିଜକୁ ସେମାନଙ୍କ
ପାଖରେ ଦେଇ ଦେଇଥାନ୍ତି ୩୪୭
ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତା; ନିର୍ବାଣ ୩୪୯
ଅନ୍ତର୍ଗତ ଆତ୍ମାଗୁଡ଼ିକର ସତ୍ୟ; ଅନ୍ତର୍ଗତକରଣ ୩୫୧
ଦିବ୍ୟ ପରମସତ୍ତାଙ୍କ ଲାଗି ରହିଥିବା ଅଭୀପ୍ସା ଏବଂ
ମାର୍ଗଗୁଡ଼ିକର ପାର୍ଥକ୍ୟ; ସମର୍ପଣ ୩୫୨
ଅନୁରେଖ ତଥା ଗୋଲକସ୍ଥ ନାନା ପଥ ଏବଂ ଉପଲବ୍ଧି ୩୫୩

୨୭ ଜୁଲାଇ

ହୃତ୍କେନ୍ଦ୍ରରେ ଅଭିନିବିଷ୍ଟ ରହିବା; ଚେତନା ମନର ଆହୁରି
ସୋପାନକୁ ଉତ୍ଥିତ ହୋଇଯିବା ୩୫୫
"ଶୂନ୍ୟ ହୋଇ ଯାଇଥିବା ହୃଦୟ"; ସ୍ନାୟବିକ ଅନୁଭବଗୁଡ଼ିକୁ
ଭୁଲ୍‌ରେ ଚୈତ୍ୟ ଅନୁଭବ ବୋଲି ମନେ କରିବା ୩୫୭
ଚେତନା; ଆତ୍ମ-ଜ୍ଞାନ ୩୫୮
ଚେତନା : ଚୈତ୍ୟ ସହିତ ସମ୍ମିଳିତ ହେବା; ଏହାର ନାନା
ସାଧନ; ଶରୀର ୩୫୯
ବିକ୍ଷେପ; ବ୍ୟକ୍ତିମାନଙ୍କ ମଧ୍ୟରେ ଅଚେତନ ଆଦାନପ୍ରଦାନ,
ସଂକ୍ରାମକ ୩୬୦

'oaob.nitrkl.ac.in' images reprocessed

‘ବାଲ୍‌କନି ଦର୍ଶନ’ ବେଳେ ମାଆଙ୍କର ଚାହାଣି, ପ୍ଲେ ଗ୍ରାଉଣ୍ଡ୍‌ରେ
ତାଙ୍କର ଚାହାଣି ୩୬୨
ମାର୍ଚ୍ଚ ପାଷ୍ଟ ଏବଂ ମାର୍ଚ୍ଚିଙ୍ଗ୍ ୩୬୫
ପ୍ରଥମ ବିଶ୍ୱଯୁଦ୍ଧ ସମୟର ଗୌରବ ୩୬୭

୩ ଅଗଷ୍ଟ

“ଜୀବନର ଯଥାର୍ଥ ଚିତ୍ର।” ସିଦ୍ଧାନ୍ତତଃ କିଛୁ ଅସମ୍ଭବ ନୁହେଁ ୩୬୯
ଚୈତ୍ୟ ସମ୍ପର୍କ ଓ ଚୈତ୍ୟ ପ୍ରଭାବ ୩୭୦
ଗୁହ୍ୟବିଦ୍ୟାଗତ ସାମର୍ଥ୍ୟମାନ; ପ୍ରତିକୂଳ ନାନା ପ୍ରଭାବ;
ଯାଦୁବିଦ୍ୟା ୩୭୨
ଯାଦୁବିଦ୍ୟା ଓ ଗୁହ୍ୟବିଦ୍ୟା; ଯୋଗୋପଲବ୍ଧି ମନ୍ତ୍ର ଓ ଯାଦୁବିଦ୍ୟାର
ଯାବତୀୟ ବିଧାନ ୩୭୪
ସମ୍ମୋହନବିଦ୍ୟା ଓ ତା’ର ପ୍ରଭାବ ୩୭୭

୧୦ ଅଗଷ୍ଟ

ଧ୍ୟାନ ଉପରେ କହିବା ୩୮୦

୧୭ ଅଗଷ୍ଟ

ଚେତନାର ଭୂମିରେ ଅନୁଲମ୍ବ ଆରୋହଣ ଓ ଅନୁପ୍ରସ୍ଥ
ଉନ୍ମୋଚନ ୩୮୨
ଚୈତ୍ୟସତ୍ତ୍ୱର ବିମୋଚନ ୩୮୩
ଚୈତ୍ୟସତ୍ତ୍ୱର ଅବସ୍ଥାର ଲାଗି ନାନା ପ୍ରତିରୂପ ୩୮୪
ସାଧନ, ଚୈତ୍ୟସତ୍ତ୍ୱ ସହିତ ସମ୍ପର୍କ ସ୍ଥାପନ କରିବା ଲାଗି
ଆବଶ୍ୟକ ପ୍ରୟାସ ୩୮୭

୨୪ ଅଗଷ୍ଟ

ମାଆଙ୍କର ଭିନ୍ନଭିନ୍ନ ଫଟୋ ଉପରେ ଅଭିମତ ୩୮୮
ଅନ୍ତ-ଜାଗରୂକତା ନିମନ୍ତେ ଶୃଙ୍ଖଳା । ଧ୍ୟାନର
ଭିନ୍ନ ଭିନ୍ନ ପ୍ରକାର ୩୯୦

'oaob.nitrkl.ac.in' images reprocessed

ଅଭିନିବେଶ ଏବଂ ଧ୍ୟାନ ୩୯୧
ମନନ ଏବଂ ଅଭିନିବେଶ ୩୯୨
"ଭବତା ହେଉଛି ଚିନ୍ମୟ ସତ୍ତାର ଇନ୍ଦ୍ରିୟଗ୍ରାହ୍ୟତା" ୩୯୨
ଭବତାର ସୌନ୍ଦର୍ଯ୍ୟ ଏବଂ ସତ୍ୟ ୩୯୪
ପ୍ରେରଣା ଏବଂ ପ୍ରତିଭାବାନ୍ ବ୍ୟକ୍ତି ୩୯୫
ନୀରବତା : ଅନ୍ତର୍ଗତ ସ୍ଥିତି ଏବଂ ବସ୍ତୁଗୁଡ଼ିକ ମଧ୍ୟରେ ୩୯୬
ଉପରିସ୍ତରସ୍ଥ ଜୀବନରୁ ପ୍ରତ୍ୟାହୃତ ହୋଇ ଜୀବନ ବଞ୍ଚିବା ୩୯୮

୩୧ ଅଗଷ୍ଟ

ସାଧନାରେ କାର୍ଯ୍ୟର ନିର୍ବାଚନ କରିବା ୪୦୦
ଶିକ୍ଷା : ଅଭିଜ୍ଞତାର ମାଧ୍ୟମରେ ଶିକ୍ଷା କରିବା ଲାଗି ପ୍ରଦତ୍ତ ସ୍ୱାଧୀନତା ୪୦୨
ନିଜେ ଜାଣିଥିବା ଉଚ୍ଚତମ ସତ୍ୟ ଅନୁସାରେ ଯଥାର୍ଥ ବିଧାନ ଓ ଯଥାର୍ଥ ଜୀବନଯାପନ ୪୦୩
ପରମ ଆଲୋକ ମଧ୍ୟକୁ ଆରୋହଣ, ତାହାହିଁ ଯଥାର୍ଥ ବିଶ୍ରାମ ୪୦୪
ସଚେତ "ପୁରାତନ ଗ୍ରନ୍ଥ" (କ୍ଲାସିକ୍)ଗୁଡ଼ିକର ପଠନ ୪୦୫
ଆଧୁନିକ କାଳରେ ସକଳ ବସ୍ତୁର ଅଶିଷ୍ଟୀକରଣ ୪୦୬

୭ ସେପ୍ଟେମ୍ବର

ଧର୍ମ, "ଅନୁଭୂତିସମୂହର ଏକ ବିଦ୍ୟାଳୟ" ୪୦୯
ଏକ ମାୟାରୂପେ ଜୀବନ : ବୁଦ୍ଧ ତଥା ଶଙ୍କରଙ୍କର ଶିକ୍ଷା ୪୧୦
ଏକ ଅନ୍ତର୍ଗତ ଉପଲବ୍ଧିକୁ ବ୍ୟକ୍ତ କରୁଥିବା ଧର୍ମ ୪୧୧
ଶିବ ଓ ବିଷ୍ଣୁଙ୍କର ଅବତାର, ବୁଦ୍ଧଦେବ ୪୧୬
ବସ୍ତୁଗୁଡ଼ିକରେ "ଅଗ୍ରଗତି ପ୍ରଦାନ କରିବା" । ଅସଭ୍ୟତା । ଅଗ୍ରଗତିପଥରେ ବାଧା ୪୧୯
ଆଧୁନିକ ପୃଥିବୀ : ଭୂତଳେ ଦୂର ଅଣବନ୍ଧୁତା । ବିକୃତି ଓ ଅସଭ୍ୟତା ୪୨୧
ସିନେମା, ଶିକ୍ଷା ନା ବିକୃତିର ଏକ ସାଧନ ? ୪୨୨


'oaob.nitrkl.ac.in' images reprocessed

## ୧୪ ସେପ୍ଟେମ୍ବର


ଜଣେ ପ୍ରକୃତ ରାଜନୀତିଜ୍ଞ; ରାଜନୀତି ଓ ଅର୍ଥବ୍ୟବସ୍ଥାକୁ ବଦଳାଇବା ବଡ଼ କଷ୍ଟକର ୪୨୪
"ମହାନ୍ ରହସ୍ୟ"ର ଉନ୍ମୋଚନ ଓ ଏହାର ଉଦ୍ଦେଶ୍ୟ ୪୨୮
ବିଶ୍ୱ-ରାଜନୀତି : ଆମେରିକା ଓ ରୁଷିଆ ମଧ୍ୟରେ ସମନ୍ୱୟ-ସ୍ଥାପନ ୪୨୮
ବର୍ଲିନର ଦ୍ୱନ୍ଦ୍ୱ : ସମୁଦାୟ ମନୁଷ୍ୟଜାତି କେତୋଟି ନିର୍ଦ୍ଦିଷ୍ଟ ଅଭିଜ୍ଞତା ଦେଇ ଗତି କରୁଛି ୪୩୦
ଦିବ୍ୟ ପରମସତ୍ତା ସବୁଠାରେ ସମାନ ଭାବରେ କାର୍ଯ୍ୟ କରୁଛନ୍ତି; ଯୁଦ୍ଧକାଳରେ, ଏକ ପାର୍ଥକ୍ୟ ୪୩୧
ପୃଥିବୀରେ ଭାରତବର୍ଷର ଭୂମିକା ୪୩୨


## ୨୧ ସେପ୍ଟେମ୍ବର


ସାହିତ୍ୟ ଓ ଅଙ୍କିତ ପ୍ରତି ରହିଥିବା ବିଶେଷ ରୁଚି ସମ୍ବନ୍ଧରେ ୪୩୪
"ମହାନ୍ ରହସ୍ୟ"ର ଉନ୍ମୋଚନ ୪୩୫
ସାହିତ୍ୟ କିପରି ଆମର ଅନ୍ତଗତରେ ସାହାଯ୍ୟ କରେ ୪୩୬
ଶିକ୍ଷା କରିବା ଉଦ୍ଦେଶ୍ୟର ପଠନ; ଆମ କାଳରେ ଚାଲୁଥିବା ଶସ୍ତା ଓ ଅସଭ୍ୟ ବୃତ୍ତିଗୁଡ଼ିକ ୪୩୬
ବାଣିଜ୍ୟିକ ମନୋଭାବ, ମାନସିକ ବିକୃତି ଓ ଅର୍ଥ ୪୩୯
ନିଜର ବହିଗୁଡ଼ିକୁ କେଉଁଭଳି ବାଛିବା ୪୪୦
ଆପଣାର ସମ୍ଭାବନାଗୁଡ଼ିକୁ ଉପସ୍ଥିତ ଆବେଦନର ଦ୍ୱାର ଭିତ୍ତିରୂପେ ସମ୍ମୁଖୀନ ହେବା ଶିଖିବା ୪୪୨
ମନୁଷ୍ୟର ମନୋବୃତ୍ତି ଓ ସାଧାରଣ ଅବସ୍ଥା ୪୪୨


## ୫ ଅକ୍ଟୋବର


ଅଜ୍ଞାନହିଁ ମନୁଷ୍ୟଜାତିର ଏକମାତ୍ର ଅନର୍ଥର କାରଣ ୪୪୫
ଜ୍ଞାନହିଁ ରକ୍ଷା କରେ । କେଉଁ ଜ୍ଞାନ ? ଅଜ୍ଞାନର କଥା ବୁଦ୍ଧଦେବଙ୍କର ମତ ୪୪୬


'oaob.nitrkl.ac.in' images reprocessed

ତଦାତ୍ମ୍ୟତା ଦ୍ୱାରା ଜାଣିବା ୪୪୯
ବିଜ୍ଞାନର ତଥା ବୌଦ୍ଧଧର୍ମର ଶୃଙ୍ଖଳା ୪୫୧
ମାନସିକ କ୍ଷେତ୍ର ଓ ତାହାର ଅତୀତ ସେପାଖକୁ ଅତିଗତି;
ପଶ୍ଚାତରେ ରହିଥିବା ଏକ ଯୋଜନା . ୪୫୨

୧୭ ଅକ୍ଟୋବର

ରୂପାନ୍ତରର ସମସ୍ୟା, ବ୍ୟକ୍ତିଗତ ଓ ସାମୂହିକ ୪୫୫
ବିବର୍ତ୍ତନ : ମାନବ ଓ ଅତିମାନବ; ସେମାନଙ୍କର
ପ୍ରକୃତି; ନିରବଚ୍ଛିନ୍ନ ଅଗ୍ରଗତି ୪୫୬
ଏକ ଦ୍ରୁତତର ମଙ୍ଗଳର ଜାଗରଣକାରୀ ଆବଶ୍ୟକତା
"ସମସ୍ତ ସନ୍ନିକଟ ହେଲଣି" ୪୬୦
ଶ୍ରୀଅରବିନ୍ଦ ସର୍ବଦା ହିଁ ପୃଥିବୀରେ ଘଟିଥିବା ରୂପାନ୍ତର
ଗୁରୁତ୍ୱରେ ଅଧିକତା ଦେଇ ଆସିଛନ୍ତି ୪୬୧
ନୂତନ ଜୀବନ ଲାଗି ବିଶେଷ ସୁଯୋଗଗୁଡ଼ିକ ପୂର୍ଣ୍ଣ
ଆତ୍ମଦାନର ଦାବି କରୁଛି ୪୬୧
ଚେତନାର ପରିବର୍ତ୍ତନ ଏବଂ ପଞ୍ଚଭୂତର ପୂର୍ଣ୍ଣ ରୂପାନ୍ତର ୪୬୪
ବସ୍ତୁର ଯଥାର୍ଥ ସତ୍ୟ ୪୬୬
ବିବର୍ତ୍ତନ : ପ୍ରଥମ ମାନବ, ପ୍ରଥମ ଅତିମାନବ, ନୂତନ ଜାତି ୪୬୬
ମାନବ ଓ ଅତିମାନବର ପାରସ୍ପରିକ ଦୃଷ୍ଟିକୋଣ ୪୭୦

୧୯ ଅକ୍ଟୋବର

ଚେତନାର ପର୍ଯ୍ୟାୟଗତ ଗତିସ୍ପନ୍ଦନ; କାଳର ରହସ୍ୟ ୪୭୩
"ଜ୍ଞାନ ଏବଂ ପରିପୂର୍ଣ୍ଣତାର ପଦ୍ଧ" ୪୭୬
ଅନ୍ତର୍ନିହିତ ଜ୍ଞାନ ୪୭୬
"ଆତ୍ମାର ନାନା ଆବରଣ" ୪୭୮
ଯୋଗସାଧନା ଲାଗି ପ୍ରସ୍ତୁତ : ଶାସ୍ତ୍ର ଓ ଗୁରୁଙ୍କଠାରୁ
ପ୍ରତ୍ୟକ୍ଷ ଶିକ୍ଷାଲାଭ ୪୭୯
"ସିଏ ପରମ ଅନନ୍ତଙ୍କୁ ବାଛନ୍ତିଏ ..." ୪୮୨

'oaob.nitrkl.ac.in' images reprocessed

## ୨୭ ଅକ୍ଟୋବର


ସତ୍ୟ ପରମସତ୍ତା ଓ "ବାସ୍ତବ" ୪୮୭
ପ୍ରତ୍ୟକ୍ଷ ଭାବରେ ଅଥବା ଶାସ୍ତ୍ର ମାଧ୍ୟମରେ ପ୍ରାପ୍ତ ଜ୍ଞାନର ଶକ୍ତି ୪୮୭
"ସୃଜନଶୀଳ ଶବ୍ଦ"; ମନ୍ତ୍ର; ଧ୍ୱନିଗତ ସ୍ପନ୍ଦନ ୪୮୮
ଧ୍ୱନି, ଅନ୍ୟ ଜଗତଗୁଡ଼ିକରେ ରହିଥିବା ସଙ୍ଗୀତ ୪୯୨
ଶବ୍ଦ ରୂପ, ରଙ୍ଗ ଓ ବସ୍ତୁଗୁଡ଼ିକର ସ୍ୱଜାତତ୍ୱ ୪୯୩


## ୨ ନଭେମ୍ବର


ପ୍ରଥମ ପଦକ୍ଷେପ : ଚେତନାର ଅନ୍ତର୍ଗତୀକରଣ
ଜୀବନର ଉଦ୍ଦେଶ୍ୟକୁ ଖୋଜି ବାହାର କରିବା ୪୯୭
"ଯୋଗ" : ସତ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହେବା,
ଜଡର ଚୈତ୍ୟସତ୍ତା ୪୯୮
ବୈଦିକ ଯୁଗ : ଏକ ନୂତନ ପୃଥିବୀର ପ୍ରତିଶ୍ରୁତି
ତଥା ଦୃଷ୍ଟାନ୍ତ ୫୦୦
ବିବେକାନନ୍ଦଙ୍କ ବିଷୟରେ ବର୍ଣ୍ଣିତ ଗୋଟିଏ ଘଟଣା ୫୦୨
ବେଦର ପ୍ରତିରୂପଧର୍ମୀ ଭାଷା ୫୦୩
ବୈଦିକ ଋଷିମାନେ; ପ୍ରବୃତ୍ତିଧର୍ମୀ ସତ୍ତା ୫୦୫
ପୃଥିବୀଚେତନାର କ୍ଷେତ୍ରରେ ଅବବର୍ତ୍ତନ ଓ ବିବର୍ତ୍ତନର
ଏକ ଦ୍ୱିମୁଖୀ କ୍ରିୟା ୫୦୭


## ୯ ନଭେମ୍ବର


ବ୍ୟକ୍ତିଗତ ପ୍ରୟାସ ବିଷୟରେ ବ୍ୟକ୍ତିର ଭୁଲ ଧାରଣା;
ଅହଂ ଦ୍ୱାରା ଜନ୍ମିତ ମନ ୫୦୮
ମନୁଷ୍ୟ ଏକ ସାଧାରଣ ଯାତାୟାତର ସ୍ଥାନ ପରି, ଅଦୌ
କୌଣସି ବ୍ୟକ୍ତିବୈଶିଷ୍ଟ୍ୟ ନାହିଁ; ପ୍ରକୃତିର କାର୍ଯ୍ୟ ୫୧୧
ବ୍ୟକ୍ତିର ଗଠନ ଲାଗି ଆବଶ୍ୟକ ହେଉଥିବା ଅହଂ,
ତା'ପରେ ତାହା ଅନ୍ତର୍ହିତ ହୋଇଯାଏ ୫୧୨
ମନୁଷ୍ୟକୁ ନିଷ୍ଠାଯୁକ୍ତ କରିବା ଲାଗି ପ୍ରତିକୂଳ
ଶକ୍ତିମାନେ ଆବଶ୍ୟକ ହୁଅନ୍ତି ୫୧୨


'oaob.nitrkl.ac.in' images reprocessed

ଭିନ୍ନ ଭିନ୍ନ ଭୂମିର ସତ୍ୟବାଦ; "ଅଲୌକିକ ଘଟଣାବଳୀ" ୫୧୩

୧୭ ନଭେମ୍ବର

ସଂଖ୍ୟାଗୁରୁଙ୍କର ତାତ୍ପର୍ଯ୍ୟ ୫୧୫
ସଂଖ୍ୟାଗୁରୁଙ୍କର ଭାଷା, ଫଳିତ ଜ୍ୟୋତିଷର ଭାଷା;
ଯଥାର୍ଥ ଜ୍ଞାନ ୫୧୬
"ଦିବ୍ୟ ପରମସତ୍ତ୍ୱଙ୍କର ପ୍ରେମ" ଫୁଲଗୁଡ଼ିକୁ କାଳୀପୂଜା
ପାଇଁ ବାଛୁଥିବାର ତାତ୍ପର୍ଯ୍ୟ ୫୧୮
ବ୍ୟକ୍ତିଗତ ପ୍ରୟାସ ଅହଂପ୍ରେରିତ କି ? ୫୧୯
ଦିବ୍ୟ ପରମସତ୍ତ୍ୱଙ୍କୁ ଅନ୍ୱେଷଣ କରିବା ଓ ଅନ୍ତଗତ;
ଅଭୀପ୍ସା ଓ ବାସନା ୫୨୨
ଦିବ୍ୟ ପରମସତ୍ତ୍ୱଙ୍କ ପାଖକୁ ଯିବାର ପଥ "ଅତୀତର ବିବର୍ତ୍ତନ
ଏବଂ ବର୍ତ୍ତମାନର ସ୍ୱଭାବ" ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ୫୨୪
ବୈରାଗ୍ୟସାଧନା ଦ୍ୱାରା ମୋକ୍ଷ ପ୍ରାପ୍ତ ହୁଏ; ଏକ
"ଆତ୍ମଦ୍ବୋଧୀପକ ପ୍ରଶ୍ନ" ୫୨୭
ଏକ ପ୍ରାଚୀନ ଖାଲ୍‌ଦୀୟ ଉପକଥା ୫୨୮

୨୩ ନଭେମ୍ବର

ବିଶ୍ୱ-ଅଭିବ୍ୟକ୍ତି, ସେହି ଗୋଟିଏ ପରମସତ୍ତାର
ଅନେକ ରୂପାୟନ ୫୩୦
ପୂର୍ଣ୍ଣଯୋଗ : ଯାବତୀୟ ମାର୍ଗର ପ୍ରଣାଳୀ ୫୩୧
ସର୍ବୋଚ୍ଚ ମନୁଷ୍ୟ ଓ ଦିବ୍ୟ ମନୁଷ୍ୟର ପାର୍ଥକ୍ୟ ୫୩୨
ଅଭ୍ୟାସଗତ ଦେଖିବା ଓ ନୂତନ ଢଙ୍ଗରେ ଦେଖିବା;
ଅଲୌକିକ ଘଟଣା ତଥା ଘଟଣାବଳୀର ନ୍ୟାୟସଙ୍ଗତ ୫୩୩

୩୦ ନଭେମ୍ବର

ଭାଲ, ବନ୍ଧ ନା ବେଙ୍ଗ; ପ୍ରାକୃତିକ ଶକ୍ତିଗୁଡ଼ିକ
ସହିତ ଆମର ସମ୍ବନ୍ଧ ୫୩୮
ମାଆଙ୍କର ଅନୁଭୂତି ଏବଂ ପ୍ରକୃତି-ଶକ୍ତିଗୁଡ଼ିକର କାହାଣୀ ୫୩୯

'oaob.nitrkl.ac.in' images reprocessed

ବିଦ୍ୟାଳୟର ବାର୍ଷିକ କାର୍ଯ୍ୟକ୍ରମଗୁଡ଼ିକ ପଶ୍ଚାତରେ
ରହିଥିବା ଚିନ୍ତାଗୁଡ଼ିକ ସମ୍ପର୍କରେ ମାଆଙ୍କ ଅଭିଜ୍ଞତା ୫୪୩
ଶରୀରର ପରିପୂର୍ଣ୍ଣତା ଏବଂ ସୃଷ୍ଟିର ପରିପୂର୍ଣ୍ଣତା ପାଇଁ
କାର୍ଯ୍ୟ କରିବା ୫୪୭
କିଛି ଜାଣି ନ ଥିବା ବକ୍ତୃବର୍ଗମାନଙ୍କର
ଅଜ୍ଞମନସ୍କ ସମାଲୋଚନା ୫୪୮
ସମାଲୋଚନା ପ୍ରତି ମାଦାମ୍ ଡେଭିଡ୍-ନୀଲଙ୍କର
ରହିଥିବା ଉପେକ୍ଷାଭାବର କାହାଣୀ ୫୪୯
ଆଶ୍ରମରେ ଜୀବନର ଲକ୍ଷ୍ୟ; ଶ୍ରେଷ୍ଠତରତାର ଭୁଲ୍ ଧାରଣା ୫୫୦
ସମାଲୋଚନା ପ୍ରତି ଉଦାସୀନ ହେବା ସମ୍ଭବ ହେବ
କିପରି ? ତାହାର ବିଭିନ୍ନ ପ୍ରଣାଳୀ ୫୫୩
ଫଳ ପ୍ରତି ଆସକ୍ତ ନ ରହି କାର୍ଯ୍ୟ କରିବା ସମ୍ବନ୍ଧରେ ୫୫୫

## ୭ ଡିସେମ୍ବର

ଚୈତ୍ୟ, ଅଥବା ପରମସତ୍ତାଙ୍କ ଲାଗି ଆତ୍ମଦାନର
ସ୍ୱେଚ୍ଛାଗତ ସମ୍ପାଦନ ୫୫୭
ଚୈତ୍ୟ ସମ୍ପର୍କସ୍ଥାପନ ଏବଂ ଅନ୍ୟ ସାମର୍ଥ୍ୟଗୁଡ଼ିକର
ବିକାଶ : କାହାଣୀ ୫୫୮
ବୁଦ୍ଧିପ୍ରଧାନ ବ୍ୟକ୍ତି ଏବଂ ଉତ୍ସର୍ଗୀକୃତ ଅନ୍ୱେଷକ;
ଯଥାର୍ଥ ଆନନ୍ଦ—ଈଶ୍ୱରଙ୍କର ଏକ ସଙ୍କେତ ୫୫୯
ଆନନ୍ଦ ଓ ରୂପାନ୍ତର; ପରମ ବୈଭବ ଉପରେ ବିଜୟ ୫୬୧

## ୧୪ ଡିସେମ୍ବର

ପ୍ରାଚୀନ ଯୋଗମାନଙ୍କରେ ଜୀବନକୁ ମାୟା ବୋଲି
କହି ପ୍ରତ୍ୟାଖ୍ୟାନ ୫୬୫
ପ୍ରତ୍ୟଙ୍ଗଗୁଡ଼ିକ ସହିତ ପୂରା ଦେହ ଜୀବନର
ରୂପାନ୍ତର ଲାଗି କାର୍ଯ୍ୟ କରିବା ୫୬୭
ବିଶ୍ୱଗତ ଓ ବ୍ୟକ୍ତିଗତ ସତ୍ତା । ପୂର୍ଣ୍ଣଯୋଗରେ
ତିନୋଟି ସୋପାନ ୫୬୯
ଦିବ୍ୟ ପରମ ଉପସ୍ଥିତିକୁ ସତତ ଅନୁଭବ କରିହେବ କିପରି ? ୫୭୦

'oaob.nitrkl.ac.in' images reprocessed

## ୨୧ ଡିସେମ୍ବର


ରୂପାନ୍ତର ନିମନ୍ତେ ପୂର୍ଣ୍ଣଯୋଗ ସାମୂହିକ ସାଧନା
ଆବଶ୍ୟକ କରେ .. ୪୭୬
ଆଶ୍ରମର ନିର୍ମାଣ; ସାମୂହିକ ଅସୁବିଧାମାନ ଓ କାର୍ଯ୍ୟ ୪୭୭
ରୂପାନ୍ତରର ଯୋଗ : ସାମୂହିକ କାର୍ଯ୍ୟ ୪୭୯
ଆଶ୍ରମର ପିଲାମାନେ ଓ ଯୋଗସାଧନା ୪୮୧
ମନୁଷ୍ୟର ଇତିହାସରେ ଅଲୌକିକ ହସ୍ତକ୍ଷେପମାନ ... ୪୮୩
ମନୁଷ୍ୟ-ସ୍ୱଭାବରେ ଥିବା ବିଭିନ୍ନ ସାମର୍ଥ୍ୟ ଓ
ବିପରୀତ ଅସୁବିଧାମାନ ... ୪୮୬
ଉପଲବ୍ଧିର ମାର୍ଗରେ ବସ୍ତୁଗୁଡ଼ିକୁ ପ୍ରଗାଢ଼ କରି ଆଣିବା .. ୪୮୭


## ୨୮ ଡିସେମ୍ବର


ସତ୍ତାର ବିଭିନ୍ନ ଭାଗରେ ରହିଥିବା ଅଭୀପ୍ସା ୪୮୯
ଉତ୍ସାହ ଲାଗି ସାମର୍ଥ୍ୟ ଓ କୃତଜ୍ଞତାର ବୃତ୍ତି :
ପ୍ରସ୍ତୁତିର ଦୁଇ ସାଧନା ୪୯୦
ଚୈତ୍ୟ ସହିତ ସଂଯୋଗସ୍ଥାପନ; ସେମାନଙ୍କର ପରମ
ବସ୍ତୁକୁ ପାଇବା ଲାଗି ସକଳ ସତ୍ତାଙ୍କର ଅଭୀପ୍ସା ୪୯୨
ମଙ୍ଗଳର ସୀମାହୀନ ସାମର୍ଥ୍ୟ; ଅମଙ୍ଗଳର ଏକ
ସୀମା ଅବଶ୍ୟ ରହିଛି ୪୯୩
ଚୈତ୍ୟ-ସତ୍ତାର ଜୀବନକ୍ରମରେ ଅଗ୍ରଗତି ନିରବଚ୍ଛିନ୍ନ ୪୯୪
ଭୌତିକ ସତ୍ତାର, କୋଷଗତ ଉପାଦାନର
ପରିପୂର୍ଣ୍ଣତାର ଭୂମିରେ ଅଭିବୃଦ୍ଧି ୪୯୪
ଏକ ସ୍ୱପ୍ନ ୪୯୬


'oaob.nitrkl.ac.in' images reprocessed

# ୪ ଜାନୁଆରୀ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ 'ଯୋଗାଧାର' ପୁସ୍ତକର
ତୃତୀୟ ଅଧ୍ୟାୟ "ପ୍ରତିବନ୍ଧକର ସମ୍ମୁଖୀନ ହେଲାବେଳେ"
ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, "ଦିବ୍ୟ ପରମ ଆଲୋକ ଏବଂ ପରମଶକ୍ତି ସହିତ ପ୍ରକୃତିକୁ ସମଚ୍ଛନ୍ଦ ଓ ଅନୁକୂଳ କରି ରଖିବା" ଆମ ଜୀବନରେ କପରି ସମ୍ଭବ ହେବ ?

କପରି ସମ୍ଭବ ହେବ ? ଚେଷ୍ଟା ଦ୍ୱାରା ।

ତୁମେ ପ୍ରକୃତରେ କେଉଁ ପ୍ରକାରର ସମଚ୍ଛନ୍ଦତା ଉପଲବ୍ଧି କରିବାକୁ ଇଚ୍ଛା କରୁଛ, ତୁମକୁ ସର୍ବପ୍ରଥମେ ସେହି ବିଷୟରେ ସଚେତନ ହେବାକୁ ପଡ଼ିବ । ଯେଉଁସବୁ ବିନ୍ଦୁରେ ଏହି ସୌଷମ୍ୟ ପ୍ରକୃତରେ ବିଦ୍ୟମାନ ନାହିଁ, ସେଗୁଡ଼ିକ ବିଷୟରେ ଏକ ସଜ୍ଞାନତା ହାସଲ କରିବାକୁ ହେବ । ତୁମକୁ ସେଗୁଡ଼ିକୁ ଅନୁଭବ କରିପାରିବାକୁ ହେବ, ଏବଂ ଅନ୍ତର୍ଗତ ଚେତନା ଓ କେତେକ ଅନ୍ୟ ଗତିସ୍ପନ୍ଦନ ମଧ୍ୟରେ ସେଉଁ ବିରୋଧିତା ରହିଛି, ସେଇଟି ବୁଝିବାକୁ ପଡ଼ିବ । ସର୍ବପ୍ରଥମେ ଏବିଷୟରେ ସଚେତନ ହେବାକୁ ପଡ଼ିବ; ଏବଂ ପରେ ଏହି ସଚେତନତା ସମ୍ଭବ ହୋଇଗଲେ, ତୁମେ ତା'ପରେ ଅନ୍ତର୍ଗତ ଆଦର୍ଶଟି ସହିତ ଆପଣାର ବାହ୍ୟ ଯାବତୀୟ କର୍ମ ତଥା ଯାବତୀୟ ଗତିସ୍ପନ୍ଦନକୁ ଅନୁକୂଳିତ କରି ରଖିବା ଲାଗି ଚେଷ୍ଟା କରିବାକୁ ପଡ଼ିବ । ମାତ୍ର, ସର୍ବପ୍ରଥମେ ଅସାମଞ୍ଜସ୍ୟଟି ସମ୍ବନ୍ଧରେ ସଜ୍ଞାନ ହେବାକୁ ପଡ଼ିବ । କାରଣ, ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି, ସବୁକିଛି ଠିକ୍ ଭାବରେ ଚାଲିଛି ବୋଲି ଭାବୁଥାନ୍ତି; ଏବଂ, "ମୋଟେ ନୁହେଁ, ତୁମର ଅନ୍ତର୍ଗତ ଅଭୀପ୍ସା ସହିତ ତୁମ ବାହ୍ୟ ପ୍ରକୃତିର ଏକ ବିରୋଧିତା ରହିଛି" ବୋଲି ସେମାନଙ୍କୁ ଯଦି କେହି କହିବାକୁ ଯାଏ, ତେବେ ସେମାନେ ତାହାର ପ୍ରତିବାଦ କରନ୍ତି । ସେମାନେ ସେହି ବିଷୟରେ ମୋଟେ ସଜ୍ଞାନ ନ ଥାନ୍ତି । ତେଣୁ, ସଜ୍ଞାନ ହେବା, ଯାହା ସମଞ୍ଜସ ଅବସ୍ଥାରେ ରହି ନାହିଁ, ତାହାରି ବିଷୟରେ ସଚେତନ ହେବା, ଏଇଟି ହେଉଛି ସର୍ବପ୍ରଥମ ପଦକ୍ଷେପ ।

ଅଧିକାଂଶ ମନୁଷ୍ୟ ପ୍ରଥମେ ଆସି କହିବାରେ ଲାଗିଥିବେ, "ଆପଣ ମୋତେ ଏହି ଯେଉଁ ଅନ୍ତର୍ଗତ ଚେତନା ବିଷୟରେ କହୁଛନ୍ତି, ସେଇଟି ପ୍ରକୃତରେ କ'ଣ ?

'oaob.nitrkl.ac.in' images reprocessed

ମୁଁ ସେବିଷୟରେ କିଛି ଜାଣି ନାହିଁ ।" ତେଣୁ, ଆପଣାର ସାଧାରଣ ଚେତନାଠାରୁ ଉଚ୍ଚତର ହୋଇ ସେମାନଙ୍କ ଭିତରେ ପ୍ରକୃତରେ କିଛି ରହିଛି ବୋଲି ଯଦି ସେମାନଙ୍କର କୌଣସି ସଚେତନତା ବି ନ ଥାଏ, ତେବେ ଏହା ଏକାନ୍ତ ଭାବରେ ସୁନିଶ୍ଚିତ ଯେ ସେମାନେ ଏଠାରେ ଆଲୋଚିତ ସମଞ୍ଜସତାଟିକୁ କଦାପି ପ୍ରତିଷ୍ଠା କରିପାରିବେ ନାହିଁ । ଏହାର ଅର୍ଥ ହେଉଛି, ଏହି କ୍ଷେତ୍ରରେ ଆବଶ୍ୟକ ଏକାଧିକ ପ୍ରସ୍ତୁତିମୂଳକ ସୋପାନ ଦେଇ ଗତି କରିବାକୁ ପଡ଼ିବ, — ଏହି ସୋପାନଗୁଡ଼ିକ ହେଉଛି ସଜ୍ଞାନତା ଲାଭ କରିବାର ପ୍ରସ୍ତୁତିମୂଳକ ସୋପାନ,—ତେବେ ଯାଇ ଏହି ସମଞ୍ଜସୀକରଣ ଲାଗି ଆମେ ପ୍ରସ୍ତୁତ ହେଲୁ ବୋଲି କୁହାଯାଇପାରିବ ।

ତୁମକୁ ସର୍ବପ୍ରଥମେ ସତ୍ତାର ଅନ୍ତର୍ଗତ ଲକ୍ଷ୍ୟଟି ବିଷୟରେ ଅବଗତ ହେବାକୁ ପଡ଼ିବ, — ଆପଣାର ଅଭୀପ୍ସା, ଅବତରଣ କରି ଆସୁଥିବା ଶକ୍ତି ଏବଂ ଯାହା ତାହାକୁ ଗ୍ରହଣ କରିବ, — ଏହି ସବୁଟି ବିଷୟରେ ସଚେତନ ହେବାକୁ ପଡ଼ିବ । ଏବଂ, ତା'ପରେ, ତୁମକୁ ଏହି ଅନ୍ତର୍ଗତ ଚେତନାର ଆଲୋକରେହିଁ ଆପଣାର ଯାବତୀୟ ବାହ୍ୟ ଗତିସ୍ପନ୍ଦନଗୁଡ଼ିକୁ ଅବଲୋକନ କରିବାକୁ ହେବ ଏବଂ, କ'ଣସବୁ ସମଞ୍ଜସ ହୋଇରହିଛି ଏବଂ କ'ଣସବୁ ସମଞ୍ଜସ ହୋଇ ରହି ନାହିଁ, ତାହା ଦେଖିବାକୁ ପଡ଼ିବ । ଏବଂ, ଯାହା ଅସମଞ୍ଜସ ହୋଇ ରହିଛି, ତୁମେ ଯେତେବେଳେ ତାହାକୁ ଦେଖିବା ଲାଗି ସମର୍ଥ ହେବ, ସେତେବେଳେ ତାହାକୁ ବଦଳାଇ ଦେବା ସକାଶେ ଆପଣାର ଇଚ୍ଛାଶକ୍ତି ଏବଂ ଅଭୀପ୍ସାକୁ ଏକତ୍ରିତ କରି ଆଣିବାକୁ ପଡ଼ିବ, ଏବଂ ଯେଉଁ ଅଂଶଟିକୁ ବଦଳାଇବା ସବୁଠାରୁ ସହଜ, ସେଇଟିରୁ ଆରମ୍ଭ କରିବାକୁ ହେବ । ଯାହା ସବୁଠାରୁ ଅଧିକ କଷ୍ଟସାଧ୍ୟ, ସେଇଟିରୁ ମୋଟେ ଆରମ୍ଭ କରିବ ନାହିଁ, ସବୁଠାରୁ ସହଜଟିରୁହିଁ ଆରମ୍ଭ କରିବ; ଯେଉଁଟିକୁ ତୁମେ ସବୁଠାରୁ ଅଧିକ ଭଲଭାବରେ ବୁଝିପାରୁଛ, ସବୁଠାରୁ ଅଧିକ ସହଜରେ ବୁଝିପାରୁଛ ଏବଂ ଯେଉଁ ଅସମଞ୍ଜସତାଟି ସବୁଠାରୁ ଅଧିକ ସ୍ପଷ୍ଟ ଭାବରେ ତୁମର ଦୃଷ୍ଟିଗୋଚର ହୋଇପାରୁଛି, ତୁମେ ସେଇଟିରୁହିଁ ଆରମ୍ଭ କରିବ । ତା'ପରେ, ସେଇଠୁ ଆରମ୍ଭ କରି ତୁମେ କ୍ରମଶଃ ଅପେକ୍ଷାକୃତ ଅଧିକ କଷ୍ଟକରଗୁଡ଼ିକ ଆଡ଼କୁ ଅଗ୍ରସର ହେବ —ଯେଉଁଗୁଡ଼ିକ ଅପେକ୍ଷାକୃତ ଅଧିକ କେନ୍ଦ୍ରସ୍ଥ, ସେହିଗୁଡ଼ିକ ଆଡ଼କୁ ଅଗ୍ରସର ହେବ । ··· ତୁମେ ନିଜର ଗୋଇଠିକୁ ସେପରି ଭାବରେ ହଲାଉଛ କାହିଁକି ?···

(ମାଆ ନୀରବ ରହିଲେ)

ମାଆ, ଗତ ଥର ଆପଣ କହୁଥିଲେ ଯେ, ପ୍ରତିକୂଳ ଶକ୍ତିମାନେ ଏହି ବର୍ଷ ସେମାନଙ୍କର ଶେଷ ଆକ୍ରମଣଟିକୁ କରିବାକୁ ଯାଉଛନ୍ତି । ଏଥିରେ ଯଦି ପୃଥିବୀ ଜୟଲାଭ କରିବାକୁ ସମର୍ଥ ନ ହୁଏ···

'oaob.nitrkl.ac.in' images reprocessed

ପୃଥିବୀ ? ମୁଁ ପୃଥିବୀ ବୋଲି କହୁଥିଲି ?

ପୃଥିବୀ, ଭାରତବର୍ଷ ଏବଂ ବ୍ୟକ୍ତିମାନେ ।

ହଁ, ଏକଥା ଅବଶ୍ୟ ସମ୍ଭବ ହୋଇପାରେ । କଥାଟିକୁ ଏହିପରି ଭାବରେ ମଧ୍ୟ ବୁଝାଯାଇ ପାରିବ । ସେଇଠୁ କ'ଣ ହେଲା ? —ଯଦି ଆମେ ବିଜୟ ହାସଲ କରିବାରେ ସମର୍ଥ ନ ହେବା ?

ତାହାର କ'ଣ ଏପରି ଅର୍ଥ ହେବ ଯେ, ତଦ୍ଦ୍ୱାରା ରୂପାନ୍ତରର ସମ୍ଭାବନା ମଧ୍ୟ ବିଳମ୍ବିତ ହୋଇଯିବ ?

ହଁ, ସମ୍ଭବତଃ ଏକାଧିକ ଶତାବ୍ଦୀ ବିଳମ୍ବ ହୋଇଯିବ । ଏବଂ ପ୍ରତିକୂଳ ଶକ୍ତିମାନେ ଠିକ୍ ତାହାହିଁ ଘଟୁ ବୋଲି ଇଚ୍ଛା କରୁଛନ୍ତି । ସେମାନେ ଏପର୍ଯ୍ୟନ୍ତ ସର୍ବଦା ସଫଳତା ହାସଲ କରିଛନ୍ତି— ରୂପାନ୍ତରର ମୁହୂର୍ତ୍ତଟିକୁ ଗଡ଼ାଇ ଦେବାରେ ସଫଳ ହୋଇଛନ୍ତି । ସେମାନେ ସର୍ବଦା ସଫଳ ହୋଇ ଆସିଛନ୍ତି । "ଏହି କଥାଟି ଆଉଥରକୁ ହେବ,"—ପୁଣି ଆଉଥରକୁ ହେବ···ସମ୍ଭବତଃ ଶହଶହ ଅଥବା ହଜାର ହଜାର ବର୍ଷ ପରେ ଯାଇ ସମ୍ଭବ ହେବ । ଏବଂ ସେମାନେ ପୁନର୍ବାର ସେହି କଥାଟିକୁହିଁ କରିବା ଲାଗି ଚେଷ୍ଟା କରୁଛନ୍ତି । ସମ୍ଭବତଃ, ଏହିପରି ହେବ ବୋଲି କେଉଁଠାରୁ ବିଧିନିର୍ଦ୍ଦିଷ୍ଟ ହୋଇ ରହିଛି । ଏପରି ହେବା ଅବଶ୍ୟ ସମ୍ଭବ । ମାତ୍ର, ଏହି ଅନ୍ୟ କଥାଟି ମଧ୍ୟ ସମ୍ଭବ ଯେ, ଏପରି ଏକ ମୀମାଂସା ହୋଇ ସାରିଥିଲେ ମଧ୍ୟ, ଘଟଣାଟି ଯେଉଁପରି ଭାବରେ ଘଟିବା ଉଚିତ, ଯେପରି ତାହା ଠିକ ସେହିପରି ଭାବରେ ଘଟି ପାରିବ, ଯାହା ପ୍ରକୃତରେ ମୀମାଂସିତ ହୋଇ ରହିଛି, ତାହାକୁ ଖୋଲିକରି କହିଦେବା ଆଦୌ ଉଚିତ ହେବ ବୋଲି ବିଚାର କରାଯାଉ ନାହିଁ । ସେହିଭଳି କେତେ କେତେ ବିଷୟ ରହିଛି; କାରଣ, ଯାହା ପ୍ରକୃତରେ କରିବା ଉଚିତ, ପରିଣାମଟି ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ ହୋଇ ସେମାନଙ୍କର ଠିକ୍ ଯାହା କରିବା ଉଚିତ, ତାହା କରିପାରିବା ସକାଶେ ସେମାନେ ଯଥେଷ୍ଟ ପରିମାଣରେ ସଚେତନ କିଂବା ଶୁଦ୍ଧ ହୋଇପାରି ନାହାନ୍ତି । କାରଣ, ଶହେରେ ଅନେଶତ ଭାଗ କ୍ଷେତ୍ରରେ, ପରିଣାମଟି ଯେପରି ହେଉ ବୋଲି ସେମାନେ ବାସନା ରଖିଛନ୍ତି, ପରିଣାମ ଆଦୌ ସେପରି ହେବାକୁ ଯାଉ ନାହିଁ । ବା, ସେମାନେ ଯାହା ଘଟିବ ବୋଲି ବାସନା ରଖିଛନ୍ତି, ଯଦି ପରିଣାମ ସେହିପରି ହୋଇଥାଏ, ତେବେ ସେମାନଙ୍କ ସ୍ତରକୁ ଆସି ତାହା ଭାରି ବଦଳି ଯାଉଛି, ବିମିଶ୍ରିତ ହୋଇ ପଡ଼ୁଛି,—ତା'ଭିତରେ କେତେ ପାର୍ଥକ୍ୟ ଆସି ପଶିଯାଉଛି,— ଏତେ ପାର୍ଥକ୍ୟ ଆସି ପଶି ଯାଉଛି ଯେ, ତା'ପରେ ତାହା ଆଦୌ ସମ୍ପୂର୍ଣ୍ଣ ଭାବରେ

'oaob.nitrkl.ac.in' images reprocessed

ସନ୍ତୋଷଜନକ ହୋଇ ରହିପାରୁ ନାହିଁ । ତେଣୁ, ପ୍ରକୃତରେ ଯାହା ଘଟିବାକୁ ଯାଉଛି, ଯଦି ଜଣେ ଅବିକଳ ଭାବରେ ସେଇଟି ବିଷୟରେ ଅବହିତ ହୋଇ-ପାରନ୍ତା, ତେବେ ସିଏ କେବଳ ସ୍ଥିର ହୋଇ ବସିରହନ୍ତା, ଆଉ ଆଦୌ କିଛି ହେଲେ କରନ୍ତା ନାହିଁ । ସିଏ କହନ୍ତା, "ଭାରି ଭଲ କଥା; ଯଦି ଏହାହିଁ ଅବଶ୍ୟ ଘଟିବ, ତେବେ ଭାରି ଭଲ କଥା ହେବ । ତେବେ ମୋ'ର ଆଉ ଆଦୌ କିଛି ହେଲେ କରିବାର ନାହିଁ ।" ସେଇଟି ସକାଶେହିଁ ଏହା ଆମ ଲାଗି ଅନବଗତ ହୋଇ ରହିଥାଏ । ମାତ୍ର ଯଦି କୌଣସି ବ୍ୟକ୍ତି ଯାବତୀୟ ପରିସ୍ଥିତିରେ, କାରଣଟି ସମ୍ବନ୍ଧରେ ପୂର୍ଣ୍ଣ ଅବଗତି ସହିତ, ଆପଣା କାର୍ଯ୍ୟର ଯାହାକିଛି ପରିଣାମ ଘଟିବାକୁ ଯାଉଛି, ସେଇଟି ବିଷୟରେ ସମ୍ପୂର୍ଣ୍ଣ ସଜ୍ଞାନ ରହି କାର୍ଯ୍ୟ କରି ପାରିବ, ଏବଂ ଯୁଗପତ୍ ଭାବରେ ଏପରି କିଛି ମଧ୍ୟ କରିପାରିବ, ଯାହାକି ପରିଣାମଟିର ବିରୋଧୀ ହୋଇ ବି ରହିଥିବ, ତେବେ ବସ୍ତୁତଃ ସେହି ବ୍ୟକ୍ତିହିଁ ଜାଣି ପାରିବ । ମାତ୍ର ସେଭଳି ବ୍ୟକ୍ତି ବହୁସଂଖ୍ୟାରେ ଅଛନ୍ତି ବୋଲି ମୋ'ର ମନେ ହେଉ ନାହିଁ । ସାଧାରଣ ଜୀବନର କ୍ଷେତ୍ରରେ ଲୋକେ କହିଥାନ୍ତି ଯେ, ଯଦି କାହାର କୌଣସି ବସ୍ତୁର ଉପଲବ୍ଧି କରିବାକୁ ଥାଏ, ତେବେ, ତାକୁ ସିଏ ସାଧନ କରିବାକୁ ଯାଉଥିବା ଉଦ୍ଦେଶ୍ୟଟିର ଆହୁରି ଆଗକୁ ସର୍ବଦା ଲକ୍ଷ୍ୟରୂପେ ଧରି ରଖିବାକୁ ପଡ଼ିବ । ଯେଉଁମାନେ ନିଜ ଜୀବନରେ କିଛି ନା କିଛି ଉପଲବ୍ଧି କରିଛନ୍ତି, ଯେଉଁ ମହାନ୍ ବ୍ୟକ୍ତିମାନେ କିଛି ନା କିଛି ସୃଷ୍ଟି କରିଛନ୍ତି ବା ହାସଲ କରିଛନ୍ତି, ସେମାନେ ଯାହାକିଛି ସମ୍ଭବ ଓ ହାସଲ କରି ପାରିଲେ, ସେମାନଙ୍କର ଲକ୍ଷ୍ୟ, ସେମାନଙ୍କର ଆକାଂକ୍ଷା ଓ ଯୋଜନା ତା'ଠାରୁ ସର୍ବଦା ଅନେକ ଅଧିକ ବୃହତ୍, ଅଧିକ ବ୍ୟାପକ ଅଧିକ ସମ୍ପୂର୍ଣ୍ଣ ଏବଂ ଅଧିକ ସମଗ୍ର ହୋଇ ଅବଶ୍ୟ ରହିଥିଲା । ଏହିପରି ଭାବରେ ସେମାନେ ଆପଣାର ପ୍ରତ୍ୟାଶା ଏବଂ କଳ୍ପନାଠାରୁ ସର୍ବଦା ପଛରେ ରହି ଯାଉଥିଲେ । ଏହା ଏକ ଦୁର୍ବଳତା ସତ, ମାତ୍ର, ମୁଁ ଯେଉଁ କଥାଟି କହୁଥିଲି, ଏହା ସେଇଥିରୁହିଁ ଉଦ୍‌ଗତ ହୋଇ ଆସିଛି; ଅର୍ଥାତ୍, ଜଣେ ବ୍ୟକ୍ତି ଆଗରେ ଏକ ଅତ୍ୟନ୍ତ ବୃହତ୍ ଆଦର୍ଶ ବିଦ୍ୟମାନ ରହି ନ ଥିଲେ ଏବଂ ସେ ତାହାକୁ ହାସଲ କରିବ ବୋଲି ଆଶାପୋଷଣ କରୁ ନ ଥିଲେ, ସିଏ ସେଥିଲାଗି କଦାପି ନିଜର ସତ୍ତାଗତ ସମସ୍ତ ଶକ୍ତିକୁ କାମରେ ଆଣି ଲଗାଇବ ନାହିଁ ଏବଂ ତେଣୁ, ଏକାବେଳେକେ ନିକଟ ହୋଇ ରହିଥିବା ଉଦ୍ଦେଶ୍ୟଟିର ଉପଲବ୍ଧି ନିମନ୍ତେ ବି ଯେତିକି ଆବଶ୍ୟକ, ସେ ତାହା କଦାପି କରିବ ନାହିଁ । ଅବଶ୍ୟ ଏକଥା ସତ ଯେ, ମୁଁ ଯେପରି କହିଲି, "ଏହାହିଁ କରିବା ଉଚିତ" ବୋଲି ଏକ ସ୍ପଷ୍ଟ ଦୃଷ୍ଟି ସହିତ ସିଏ କାର୍ଯ୍ୟ କରି ପାରୁଥିବ ଏବଂ ଆପଣା କାର୍ଯ୍ୟର ଫଳ ଓ ପରିଣାମଗୁଡ଼ିକ ବିଷୟରେ ଯାହା ଭିତରେ ଘଟିଲେହେଲେ ବି କୌଣସି ଚିନ୍ତା ନ ଥିବ, ତା'କ୍ଷେତ୍ରରେ ଅଲଗା କଥା ଘଟିବ । ମାତ୍ର ତାହା ଏକ କଷ୍ଟକର କାର୍ଯ୍ୟ ।

'oaob.nitrkl.ac.in' images reprocessed

## ମାଆ, "କୁଏ'ଙ୍କର ଆଶାବାଦ" କହିଲେ କ'ଣ ବୁଝାଇବ ?

ହଁ, କୁଏ ! ତୁମକୁ କୁଏଙ୍କ କଥା ଜଣା ନାହିଁ ? କୁଏ ଜଣେ ଡାକ୍ତର ଥିଲେ । ମନୋବୈଜ୍ଞାନିକ ଚିକିତ୍ସା ଏବଂ ଆତ୍ମ-ପ୍ରସ୍ତାବନା ଦ୍ୱାରା ସିଏ ରୋଗୀମାନଙ୍କୁ ସୁସ୍ଥ କରୁଥିଲେ । ଏହି ଚିକିତ୍ସାକୁ ସେ କଳ୍ପନାଶକ୍ତିର ସମୁଚିତ କ୍ରିୟା ବୋଲି କହୁଥିଲେ । ଏବଂ, ଯେଉଁ ଶକ୍ତିଟି ଦ୍ୱାରା ସେ କଳ୍ପନାଶକ୍ତିକୁ ବ୍ୟାଖ୍ୟା କରୁଥିଲେ, ତାହା ହେଉଛି ବିଶ୍ୱାସ । ଏହିପରି ଭାବରେ ସେ ତାଙ୍କ ପାଖକୁ ଆସୁଥିବା ସବୁ ରୋଗୀଙ୍କର ଚିକିତ୍ସା କରୁଥିଲେ : ରୋଗୀମାନଙ୍କୁ ଏପରି ଏକ କଳ୍ପନାତ୍ମକ ସ୍ଥିତିର ରଚନା କରି ତାହାରି ମଧ୍ୟରେ ଅବସ୍ଥାନ କରିବାକୁ ପଡ଼ୁଥିଲା, ଯେଉଁଥିରେ କି ସେମାନେ ସମ୍ପୂର୍ଣ୍ଣ ଭଲ ହୋଇଗଲେଣି ବୋଲି ଭାବୁଥିଲେ ଅଥବା ଅନ୍ତତଃ ଆଶୁ ନିଶ୍ଚୟ ଭଲ ହୋଇଯିବେ ବୋଲି ମନକୁ ମନ ଅନୁଭବ କରୁଥିଲେ । ଏବଂ, ନିଜ ଆଗରେ ସେହି ପ୍ରସ୍ତାବନାଟିକୁ ବାରଂବାର ଉଚ୍ଚାରିତ କରି ଧରି ଏବଂ ଆପଣାର ସେହି ସ୍ଥିତିରେ ଯଥେଷ୍ଟ ପରିମାଣରେ ଅବିଚଳିତ ହୋଇ ରହି ସେମାନେ ଆବଶ୍ୟକ ଫଳଟିକୁ ଲାଭ କରୁଥିଲେ । ଏଥିରେ ପ୍ରକୃତରେ ଭାରି ଚମତ୍କାର ଫଳ ମିଳୁଥିଲା । ଏହିପରି ଭାବରେ କୁଏ ଅନେକ ଲୋକଙ୍କୁ ଭଲ କରି ଦେଉଥିଲେ; ମାତ୍ର, ସିଏ ବିଫଳ ମଧ୍ୟ ହେଉଥିଲେ, ଏବଂ ସମ୍ଭବତଃ ଏହାଦ୍ୱାରା କୌଣସି ସ୍ଥାୟୀ ଆରୋଗ୍ୟଲାଭ ସମ୍ଭବ ହୋଇପାରୁ ନ ଥିଲା । ମୁଁ ଏ ବିଷୟରେ କିଛି ଜାଣି ନାହିଁ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଏହାଦ୍ୱାରା ଅନେକସଂଖ୍ୟକ ଲୋକ ଏପରି ଚିନ୍ତାମାନ କରୁଥିଲେ, ଯାହାକି ପ୍ରକୃତରେ ଅତ୍ୟନ୍ତ ସତ ଏବଂ ଯାହାର ଏକ ପ୍ରଧାନ ମହତ୍ତ୍ୱ ଅବଶ୍ୟ ରହିଛି । ସେହି ମହତ୍ତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ଆମର ମନର ଯନ୍ତ୍ରଟି ପ୍ରକୃତରେ ଅତ୍ୟନ୍ତ ନମନୀୟ, ଏବଂ ଯଦି ଆମେ କୌଣସି ଉପାୟରେ ତାହାକୁ ସମୁଚିତ ଭାବରେ କାର୍ଯ୍ୟରେ ଲଗାଇବାର କୌଶଳଟିକୁ ଶିଖିଯାଇ ପାରିବା, ତେବେ ଆମକୁ ତଜ୍ଜନିତ ଏକ ଉତ୍ତମ ପରିଣାମ ନିଶ୍ଚୟ ମିଳିବ । କୁଏ ଦେଖି ପାରିଥିଲେ,—ଏବଂ ମୁଁ ଭାବୁଛି ସେ ପ୍ରକୃତରେ ଠିକ୍ କଥାହିଁ ଦେଖିଥିଲେ, ମୋର ଅବଲୋକନଟି ମଧ୍ୟ ତାଙ୍କ ସହିତ ଭାରି ମେଳ ଖାଇ ଯାଉଛି,—ଯେ, ଭୁଲ୍ ଭାବରେ ଚିନ୍ତା କରିହିଁ ଲୋକମାନଙ୍କର ଅନେକ ସମୟ ଚାଲିଯାଏ । ସେମାନଙ୍କର ମନଃକ୍ଷେତ୍ରୀୟ ଯାବତୀୟ ସକ୍ରିୟତା ପ୍ରାୟଶଃ ସର୍ବଦା ଅଧେ ପରିମାଣରେ ନିରାଶାବାଦୀ ହୋଇ ରହିଥାଏ, ଏପରିକି ଅଧେ ପରିମାଣରେ ଅନିଷ୍ଟାତ୍ମକ ହୋଇ ବି ରହିଥାଏ । ସେମାନେ ସବୁବେଳେ ସମ୍ଭବତଃ ଖରାପ କଥାଗୁଡ଼ିକ ଘଟିବ ବୋଲି ଭାବିବାରେ ଲାଗିଥାନ୍ତି,—ପୂର୍ବରୁ ସେହିଗୁଡ଼ିକରହିଁ ଘ୍ରାଣ କରୁଥାନ୍ତି । ସେମାନେ ଯାହାସବୁ କରିଛନ୍ତି, ତାହାରି ପରିଣାମସ୍ୱରୂପ କେବଳ ନାନା ଅଡୁଆ ଆସି ପହଞ୍ଚିବ ବୋଲି ଭାବୁଥାନ୍ତି । ଏବଂ, ଆପଣାର ଉର୍ବର କଳ୍ପନାଶକ୍ତିକୁ କାମରେ

'oaob.nitrkl.ac.in' images reprocessed

ଲଗାଇ ସେମାନେ ନିଜର ମନ ଭିତରେ ଯାବତୀୟ ପ୍ରକାରର ଦୁର୍ବିପାକ ଓ ବିପର୍ଯ୍ୟୟର ରଚନା କରିବାରେ ଲାଗିଥାନ୍ତି । ସେହି କଳ୍ପନାଶକ୍ତି ଅନ୍ୟ ଭାବରେ କାମରେ ଲଗାଇ ପାରୁଥିଲେ ସେମାନଙ୍କ ସ୍ୱଭାବତଃ ତାହାର ବିପରୀତ ଏବଂ ଅପେକ୍ଷାକୃତ ଅଧିକ ସନ୍ତୋଷକର ଫଳମାନ ମଧ୍ୟ ଅବଶ୍ୟ ମିଳି ପାରୁଥାନ୍ତା ।

ଯଦି ତୁମେ ନିଜକୁ ନିରୀକ୍ଷଣ କରି ଦେଖିବାକୁ ଆରମ୍ଭ କରିବ, ଯଦି ତୁମେ ···ଏହି କଥାଟିକୁ କିପରି ବୁଝାଯାଇ ପାରିବ ? ଯଦି ତୁମେ ଆପଣାର ଭାବନା ପ୍ରକ୍ରିୟାଟି ପାଖରେ ଯାଇ ହାବୁଡ଼ି ଯାଇ ପାରିବ, ଯଦି ହଠାତ୍, ଅତ୍ୟନ୍ତ ଅପ୍ରତ୍ୟାଶିତ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମେ ନିଜ ଭାବନାର ପ୍ରକ୍ରିୟାଟି ଉପରେ ଦୃଷ୍ଟିପାତ କରିପାରିବ, ତେବେ ଦଶଥରରୁ ନଅଥର କ୍ଷେତ୍ରରେ ତୁମେ ଦେଖିବାକୁ ପାଇବ ଯେ, ତୁମେ ଯାହା ଭାବୁଛ, ତାହା ମଧ୍ୟରେ କେତେ ନା କେତେ ପ୍ରମାଦର ଭାବନା ନିହିତ ହୋଇ ରହିଛି । ଖୁବ୍ କ୍ୱଚିତ୍ ସମୟରେହିଁ ତୁମେ ସୌଷମ୍ୟଯୁକ୍ତ, ସୁନ୍ଦର ଏବଂ ରଚନାତ୍ମକ ସୁଖମୟ ବସ୍ତୁଗୁଡ଼ିକ ବିଷୟରେ ଚିନ୍ତା କରିଥାଅ,— ଯେଉଁସବୁଥିରେ କି ଆଶା, ଆଲୋକ ଏବଂ ଆନନ୍ଦ ଭରପୂର ହୋଇ ରହିଥାଏ । ତୁମେ ପ୍ରୟୋଗ କରି ଦେଖ, ଠିକ୍ ଏହିପରି ଦେଖିବାକୁ ପାଇବ । କେବେ ହଠାତ୍ ଅଟକିଯାଇ ଆପଣାର ଭାବନାଗୁଡ଼ିକୁ ଅବଲୋକନ କର, ଠିକ୍ ଏହିପରି ଭାବରେ : ନିଜ ଭାବନା ସମ୍ମୁଖରେ ଗୋଟିଏ ପରଦା ନେଇ ପକାଇଦିଅ ଏବଂ ଆପଣାର ଭାବନାଗୁଡ଼ିକ ଉପରେ ଦୃଷ୍ଟିପାତ କର—ହଠାତ୍ ଆଖି ବୁଲାଇ ଆଣ — ତୁମେ ନିଏତ ଦଶଥରରୁ ନଅଥର, ଏପରିକି ତା'ଠାରୁ ଅଧିକ ଥର ମଧ୍ୟ ଠିକ୍ ଏହି କଥା ଦେଖିବାକୁ ପାଇବ । (ଏପରି ଖୁବ୍ କ୍ୱଚିତ୍ ଘଟେ ଯେ, ସମସ୍ତ ଦିନମାନଟି ଭିତରେ ହଠାତ୍ ଏପରି ଏକ ଭାବନା ଆସି ଝଲସି ଯାଏ, ଯେଉଁଥିରୁ କି ପରେ କ'ଣ ଘଟିବାକୁ ଯାଉଛି, ସେହି ବିଷୟରେ ଏକ ଆଭାସ ଆସି ମିଳି ଯାଇଥାଏ; ଜଣେ ବ୍ୟକ୍ତି ପ୍ରକୃତରେ କେଉଁ ଅବସ୍ଥାରେ ଅଛି, ଯାହାକିଛି କରିବାକୁ ଇଚ୍ଛା କରୁଛି, ତା' ଜୀବନର ଗତି କିପରି ହେବାକୁ ଯାଉଛି ଅଥବା ପୃଥିବୀରେ ଯାହା ଘଟିବାକୁ ଯାଉଛି,— ପ୍ରକୃତ କଥା ହେଉଛି, ଯେଉଁ କଥାଗୁଡ଼ିକ ତୁମର ଭାବନା ମଧ୍ୟରେ ସବାଆଗ ରହିଥାଏ, ଏହିକଥା ତାହାର ଉପରେହିଁ ନିର୍ଭର କରେ ।) ତୁମେ ନିଜେ ଦେଖିବାକୁ ପାଇବ ଯେ, ପ୍ରାୟ ସର୍ବଦାହିଁ, ବଡ଼ ହେଉ ଅଥବା ସାନ ହେଉ, ଅଳ୍ପବହୁତ ପରିମାଣରେ ଅତ୍ୟନ୍ତ ବ୍ୟାପକ ହୋଇ ରହିଥିବା ଏକ ବିପର୍ଯ୍ୟୟହିଁ ଦୃଷ୍ଟିଗୋଚର ହୋଇଥାଏ ।

ମନେକର, ଏପରି କୌଣସି ସାମାନ୍ୟତମ କଥାଟିଏ ରହିଛି, ଯାହାକି ସମ୍ପୂର୍ଣ୍ଣ ସନ୍ତୋଷଜନକ ଭାବରେ ଗତି କରିପାରୁ ନାହିଁ; ଯଦି ତୁମେ ନିଜ ଶରୀର

'oaob.nitrkl.ac.in' images reprocessed

ବିଷୟରେ ଚିନ୍ତା କରୁଥିବ, ତେବେ ସର୍ବଦା ତୁମ ଶରୀର ଲାଗି ଘଟିବାକୁ ଯାଉଥିବା କୌଣସି ଅପ୍ରୀତିକର ଘଟନାହିଁ ତୁମର ଭାବନାକୁ ଅଧିକାର କରିନେବ — କାରଣ, ଯେତେବେଳେ ସବୁକିଛି ଠିକ୍ ଭାବରେ ଚାଲୁଥିବ, ସେତେବେଳେ ତୁମେ ତା' ବିଷୟରେ ଆଦୌ କିଛି ହେଲେ ଭାବୁ ନ ଥିବ ! ତୁମେ ଏହି କଥାଟିକୁହିଁ ଦେଖିବାକୁ ପାଇବ : ଆପଣା ଶରୀର ବିଷୟରେ ଆଦୌ କୌଣସି କଥା ଚିନ୍ତା ନ କରି ତୁମେ ସବୁ କିଛି କରି ଯାଉଥିବ, ଆପଣାର କର୍ତ୍ତବ୍ୟ କରିବାରେ ଲାଗିଥିବ; ଏବଂ, ହୁଏତ କୌଣସିଠାରେ କିଛି ଠିକ୍ ଭାବରେ ଚାଲୁଛି କି ନାହିଁ ବୋଲି ତୁମେ ହଠାତ୍ ଚିନ୍ତା କରିବାକୁ ଆରମ୍ଭ କରିବ, କେଉଁଠି କୌଣସି ଅସ୍ୱସ୍ତି ଅଥବା ଅସୁବିଧା ରହିଛି କି ନାହିଁ ବୋଲି ଭାବିବାକୁ ଲାଗିବ, — ସେତେବେଳେ ଯାଇ ତୁମ ଶରୀର ବିଷୟରେ ଆଦୌ କୌଣସି ଚିନ୍ତା ଆସି ତୁମକୁ ଅଧିକାର କରିବ — ବେଶ୍ ଉଦ୍‌ବେଗର ସହିତ ତାହା ବିଷୟରେ ଭାବିବ ଏବଂ ଆପଣାର ବିପର୍ଯ୍ୟୟାତ୍ମକ ରଚନାଗୁଡ଼ିକୁ କରିବାରେ ଲାଗିପଡ଼ିବ ।

ଅପର ପକ୍ଷରେ କୁଏ ପରାମର୍ଶ ଦେଉଥିଲେ ·· ଏହିପରି ଭାବରେ ତାଙ୍କର ରୋଗୀମାନେ ଭଲ ହୋଇ ଯାଉଥିଲେ । ସିଏ ଜଣେ ଡାକ୍ତର ଥିଲେ ଏବଂ ସେମାନଙ୍କୁ କହୁଥିଲେ, "ବର୍ତ୍ତମାନଠାରୁ ତୁମେ ମନେ ମନେ ଏହି କଥାଟିର ପୁନରାବୃତ୍ତି କରିବ : 'ମୋର ଦେହ ଭଲ ହୋଇଯାଉଛି, ମୁଁ କ୍ରମଶଃ ଆରୋଗ୍ୟ ଲାଭ କରୁଛି',— ଏବଂ, ଏହିପରି ମଧ୍ୟ କହିବ, "ମୋ ଶରୀରରେ ଯଥେଷ୍ଟ ବଳ ରହିଛି, ମୁଁ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ଅଛି ଏବଂ ମୁଁ ଚାହିଁଲେ ଏକଥା କିମ୍ବା ସେକଥା ଅବଶ୍ୟ କରିପାରିବ ।"

ମୁଁ ଏପରି ଜଣେ ମହିଳାଙ୍କୁ ଜାଣିଥିଲି, ଯାହାଙ୍କର ମୁଣ୍ଡବାଳ ମୁଠାମୁଠା ହୋଇ ଉପୁଡ଼ି ଯାଉଥିଲା । ତାଙ୍କୁ ଏହି ପ୍ରଣାଳୀଟି ଗ୍ରହଣ କରିବାକୁ କୁହାଗଲା । ମୁଣ୍ଡ କୁଣ୍ଡାଇବା ସମୟରେ ସେ ପ୍ରତ୍ୟେକ ଥର ଏହିପରି ଚିନ୍ତା କଲେ, "ମୋ' ବାଳ ଆଉ ମୋଟେ ଉପୁଡ଼ିବ ନାହିଁ ।" ପ୍ରଥମ ଓ ଦ୍ୱିତୀୟ ଥର ଏହାର କୌଣସି ଫଳ ହେଲା ନାହିଁ; ମାତ୍ର ସେ ତଥାପି ସେହିପରି କଲେ ଏବଂ ଅବିରତ ଭାବରେ କହୁଥିଲେ : "ବର୍ତ୍ତମାନ ମୁଁ ପାନିଆରେ ମୁଣ୍ଡ କୁଣ୍ଡାଇବି, ମାତ୍ର ମୋ' ମୁଣ୍ଡରୁ ଗୋଟିଏ ହେଲେ ବାଳ ଉପୁଡ଼ିବ ନାହିଁ ।" ଏବଂ ମାସକ ମଧ୍ୟରେ ତାଙ୍କ ବାଳ ଉପୁଡ଼ିବା ବନ୍ଦ ହୋଇଗଲା ପରେ ସିଏ ପୁଣି ଏହିପରି ଚିନ୍ତା କଲେ, "ବର୍ତ୍ତମାନ ମୋ' ମୁଣ୍ଡରେ ନୂଆ ବାଳ ଉଠିବ ।" ଏବଂ ଏଥିରେ ସେ ଏତେ ଚମତ୍କାର ଭାବରେ ସଫଳତା ଲାଭ କରିଥିଲେ ଯେ, ମୁଁ ତାଙ୍କୁ ଦେଖିଲାବେଳେ ତାଙ୍କ ମୁଣ୍ଡରେ ଭାରି ସୁନ୍ଦରଭାବରେ ବାଳ ବଢ଼ିବାକୁ ଆରମ୍ଭ କରିଥିଲା ଏବଂ ସିଏ ଜଣେ

'oaob.nitrkl.ac.in' images reprocessed

ମୋତେ ଏକଆଷ୍ଟିକୁ କହୁଥିଲେ । ସେ କହୁଥିଲେ ଯେ, ତାଙ୍କର ମୁଣ୍ଡ ପ୍ରାୟ ଲଣ୍ଡା ହୋଇଯିବାକୁ ବସିଥିବା ସମୟରେ ସିଏ ଏହିପରି କରିଥିଲେ । ଏହା ପ୍ରକୃତରେ ଅତ୍ୟନ୍ତ, ଅତ୍ୟନ୍ତ ଫଳପ୍ରଦ । କେବଳ ଏତିକ ଦେଖିବାକୁ ପଡ଼ିବ ଯେ, ଯେତେବେଳେ ତୁମେ ନିଜକୁ ଏହିପରି କୌଣସି ପ୍ରସ୍ତାବନା ଦେବାରେ ଲାଗିଛ, ତୁମ ମନର ଆଉଗୋଟିଏ ଅଂଶ କଦାପି ଯେପରି ନ କହେ, "ମୁଁ ସିନା ନିଜକୁ ଏପରି ଫୁସୁଲାଇ ପ୍ରବଞ୍ଚାଇବାକୁ ଯାଉଛି, ମାତ୍ର ଏହା କଦାପି ସଫଳ ହେବ ନାହିଁ ।" କାରଣ ଏପରି କରି ତୁମେ ନିଜର କାର୍ଯ୍ୟଟି ଉପରେହିଁ କୁରାଢ଼ି ବସାଇବାରେ ଲାଗିଥିବ ।

କୁଏ—ତାହା ହେଉଛି ଏହି ଶତାବ୍ଦୀର ଆରମ୍ଭର କଥା । ମୋର ମନେ ହେଉଛି···(ମାଆ ପବିତ୍ରଙ୍କ ଆଡ଼କୁ ଅନାଇଲେ)

(ପବିତ୍ର) ୧୯୧୭ କିଂବା ୧୯୧୮ ବେଳକୁ ତାଙ୍କୁ ମୁଁ ପାରିସ୍‌ରେ ଦେଖିଥିଲି ।

ହଁ, ଠିକ୍ କଥା, ଏହି ଶତାବ୍ଦୀର ଆରମ୍ଭ ବେଳକୁ, ଏହି ଶତାବ୍ଦୀର ପ୍ରଥମ ଚଉଠାରେ । ତୁମେ ତାଙ୍କୁ ଚିହ୍ନିଥିଲ ?

(ପବିତ୍ର) ପାରିସ୍‌ରେ ତାଙ୍କୁ ଚିହ୍ନିଥିଲି ।

ତେବେ ତାଙ୍କ ବିଷୟରେ ଆମକୁ କିଛି କୁହ ।

(ପବିତ୍ର) ମୁଁ ଥରେ ଦୁ'ଥର ତାଙ୍କର ବକ୍ତୃତା ମଧ୍ୟ ଶୁଣିଛି । ରୋଗୀମାନଙ୍କୁ ସେ ଯେଉଁ ପ୍ରଣାଳୀରେ ଚିକିତ୍ସା କରୁଥିଲେ, ତାହା ହେଉଛି ଯେ, "ମୁଁ ଅଧିକରୁ ଅଧିକ ଭଲ ହୋଇ ଆସୁଛି, ପ୍ରତ୍ୟେକ ଦିନ ଅଧିକ ସୁସ୍ଥ ଅନୁଭବ କରୁଛି, ପ୍ରତ୍ୟେକ ଦିନ ଅଧିକ ସୁସ୍ଥ ହେବାରେ ଲାଗିଛି !"—ଏହିପରି ନିଜ ପାଖରେ ବାରଂବାର କହିବାକୁ ପଡ଼ୁଥିଲା । ପ୍ରଥମେ ସକାଳେ ଓ ଦିନମାନ ଆହୁରି କେତେଥର କହିବାକୁ ହେଉଥିଲା । ପ୍ରତିଦିନ ସକାଳେ, ସଞ୍ଜବେଳେ, ବିଶ୍ୱାସର ସହିତ, ଏହିପରି ଭାବରେ ହାତ ଦୁଇଟିକୁ ପରସ୍ପର ଭିତରେ ଗୁଡ଼ି ଧରି ପ୍ରତ୍ୟେକ ଦିନ କେତେଥର କହିବାକୁ ପଡ଼ୁଥିଲା ।

ହଁ, ଆଉ ଜଣେ ରୋଗି ଯିବାବେଳେ କହିବାକୁ ପଡ଼ୁଥିଲା, "ମୁଁ କ୍ରମେ ଅଧିକରୁ ଅଧିକ ଭଲ ହୋଇ ଆସୁଛି । ବର୍ତ୍ତମାନ ଆଉ ମୋଟେ ରୋଗ ମାଡ଼

'oaob.nitrkl.ac.in' images reprocessed

ନାହିଁ ।” (ସମସ୍ତେ ହସିଲେ)

(ପବିତ୍ର) ମୁଁ ପ୍ରତ୍ୟେକ ଦିନ ଅଧିକରୁ ଅଧିକ ବୁଦ୍ଧିମାନ୍ ହେବାରେ ଲାଗିଛି ।

ତଦ୍ଦ୍ୱାରା ପ୍ରକୃତରେ ଖୁବ ଭଲ ଫଳ ମିଳେ । ଏବଂ ଯଦି ତୁମେ କୌଣସି ପିଲାକୁ ବାରଂବାର ଏହିପରି କହିବାକୁ ଶିଖାଇବ’ “ପ୍ରତିଦିନ ମୁଁ ଅଧିକରୁ ଅଧିକ ଭଲ ହେବାରେ ଲାଗିଛି ।”

“ମୁଁ ଅଧିକରୁ ଅଧିକ ଭଲ ହେବାରେ ଲାଗିଛି, ଅଧିକରୁ ଅଧିକ କଥା ମାନିପାରୁଛି ।” ଏଇଟି ପ୍ରକୃତରେ ଖୁବ ଭଲ ଉପାୟ । (ଗୋଟିଏ ପିଲାକୁ ଉଦ୍ଦେଶ୍ୟ କରି) ଯେଉଁ ପିଲାମାନଙ୍କର ଲାଳନପାଳନ କରାଇବା ଖୁବ ଲଷ୍ଟକର ହୋଇଯାଏ, ସେମାନଙ୍କ ବିଷୟରେ କ’ଣ କରାଯାଇପାରିବ ବୋଲି ତୁମେ ସେଦିନ ମୋତେ ପଚାରୁଥିଲ । ବର୍ତ୍ତମାନ ତ ଜାଣିଲ, — ଏହି କଥାଟିକୁ ବେଶ୍ ପରୀକ୍ଷା କରି ଦେଖିପାରିବ । “ମୁଁ ଅଧିକରୁ ଅଧିକ ନିୟମିତ ଭାବରେ ଏଥର ସ୍କୁଲକୁ ଆସୁଛି ।”

ଏବଂ ତା’ପରେ, “ମୁଁ ଆଉ ଆଦୌ ମିଛ କହୁ ନାହିଁ । ମୁଁ ଆଉ କେବେହେଲେ ମିଛ କଥା କହିବ ନାହିଁ ।”

(ପବିତ୍ର) ପ୍ରଥମେ ଭବିଷ୍ୟତ କାଳରେ କଥାଗୁଡ଼ିକୁ କହିବାକୁ ହୁଏ, ତା’ପରେ ଭବିଷ୍ୟତର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସିବାକୁ ପଡ଼ୁଥାଏ ଏବଂ ଶେଷରେ ବର୍ତ୍ତମାନରେ ଶେଷ କରିବାକୁ ପଡ଼େ ।

ଆଚ୍ଛା, ବର୍ତ୍ତମାନ କାଳରେ ଶେଷ କରିବାକୁ ପଡ଼େ । ଏବଂ ଏପରି କରିବାକୁ କେତେଦିନ ଲାଗୁଥିଲା ?

(ପବିତ୍ର) ତାହା ସମ୍ପୃକ୍ତ ବ୍ୟକ୍ତିଟି ଉପରେହିଁ ନିର୍ଭର କରୁଥିଲା ।

ହଁ, ଏହା ବ୍ୟକ୍ତିଟି ଉପରେହିଁ ନିର୍ଭର କରେ । “ମୁଁ ଆଉ ଆଦୌ ମିଛ କଥା କହିବ ନାହିଁ । ବର୍ତ୍ତମାନ ଯେଉଁଟି କହିଲି, ତାହା ଶେଷଥର ପାଇଁ । (ସମସ୍ତେ ହସିଲେ)

ଆଜି ଏହିଠାରେ ଥାଉ ।

'oaob.nitrkl.ac.in' images reprocessed

# ୧୨ ଜାନୁଆରୀ ୧୯୫୫

"ଯୋଗାଧାର" ପୁସ୍ତକର ତୃତୀୟ ଅଧ୍ୟାୟ "ପ୍ରତିବନ୍ଧକର ସମ୍ମୁଖୀନ ହେଲାବେଳେ" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

"ପ୍ରଶ୍ନ ଉତ୍ଥାପନ କରିବା, ଆପଣା ସତ୍ତାର କୌଣସି ଅଂଶରେ ପ୍ରତିରୋଧ କରିବା, — ଏହା ଦ୍ୱାରା ପ୍ରମାଦ ବଢ଼େ, ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ।"

ଉଦାହରଣସ୍ୱରୂପ, ଯେତେବେଳେ ଗୁରୁ ତୁମକୁ ଗୋଟିଏ କଥା କରିବା ଲାଗି କହୁଛନ୍ତି, ଯଦି ସେତେବେଳେ ତୁମେ ପଚାରିବାକୁ ଆରମ୍ଭ କରିବ, "ମାତ୍ର ମୁଁ ଏକଥା କାହିଁକି କରିବ ? ଏପରି କରିବାରେ କି ପ୍ରୟୋଜନ ରହିଛି ? ମୋତେ ଯାହା କରିବାକୁ ହେବ, ତାହାକୁ କାହିଁକି କରିବାକୁ ହେବ, ସେକଥା ମୋତେ ଆପଣ ବୁଝାଇ ଦିଅନ୍ତୁ । ମୁଁ ଏକଥା କାହିଁକି କରିବ, ମୋତେ ସେହି କଥା କହିଦିଅନ୍ତୁ !"—ଏହିଗୁଡ଼ିକୁହିଁ ପ୍ରଶ୍ନ ଉତ୍ଥାପନ କରିବା ବୋଲି କୁହାଯିବ ।

ପ୍ରତିରୋଧ କରିବାର ଅର୍ଥ ହେଉଛି, ତୁମେ ଆଜ୍ଞାଟିକୁ ଏଡ଼ି ରହିବା ଲାଗି ଚେଷ୍ଟା କରୁଥିବ ଏବଂ ସେହି ଅନୁସାରେ କାର୍ଯ୍ୟ କରୁ ନ ଥିବ । ତେଣୁ, ଏପରି କଲେ ଅସୁବିଧାଗୁଡ଼ିକ ସ୍ୱଭାବତଃ ଖାଲି ବଢ଼ି ଯାଇଥାଏ । ପରେ ଏହି କଥାଟିକୁ ବୁଝାଇ ଦିଆଯାଇଛି । ଶ୍ରୀଅରବିନ୍ଦ କହୁଛନ୍ତି ଯେ, ସେହି କାରଣରୁହିଁ ଏହି କ୍ଷେତ୍ରରେ ଆଦୌ କୌଣସି ପ୍ରଶ୍ନର ଉତ୍ଥାପନ କରୁ ନ ଥିବା ଏକ ସଂପୂର୍ଣ୍ଣ ସମର୍ପଣ ଦାବି କରାଯାଉଥିଲା, ସେ କାଳରେ ଆଦୌ କୌଣସି ଯୁକ୍ତି ଲାଗି ଅନୁମତି ଦିଆଯାଉ ନ ଥିଲା, "ଏହି କାର୍ଯ୍ୟଟିକୁ କର" ବୋଲି ଆଦେଶ ଦିଆଯାଉଥିଲା ଏବଂ ସେହି କାର୍ଯ୍ୟ କରିବାକୁହିଁ ପଡ଼ୁଥିଲା । "ଏହି କାର୍ଯ୍ୟଟିକୁ କର ନାହିଁ" ବୋଲି କୁହାଯାଉଥିଲା, ଏବଂ କୌଣସି ସ୍ଥିତିରେ ମଧ୍ୟ ସେହି କାର୍ଯ୍ୟ କରାଯାଉ ନ ଥିଲା । ଏବଂ, କାହିଁକି ବୋଲି ପଚାରିବା ଲାଗି କୌଣସି ଅଧିକାର ନ ଥିଲା । ଯଦି କେହି ସେକଥା ବୁଝିପାରୁ ନ ଥିଲେ, ତେବେ ତାଙ୍କୁ ଆହୁରି ଅଧିକ ଅସୁବିଧା ଭୋଗିବାକୁ ପଡ଼ୁଥିଲା ।

ଏଠାରେ ସେପରି ହୁଏ ନାହିଁ । ତୁମର ଯାହା ଇଚ୍ଛା, ତାହା ପଚାରିବା ଲାଗି ଏଠାରେ ତୁମର ଅଧିକାର ରହିଛି । ଅବଶ୍ୟ ଏକଥା ସତ ଯେ, ବେଳେ-

'oaob.nitrkl.ac.in' images reprocessed

ବେଳେ ଏପରି ପ୍ରଶ୍ନ ପଚାରିବା ଦ୍ୱାରା ଆଦୌ କୌଣସି ସହାୟତା ମିଳେ ନାହିଁ । ଯଦି କେହି ମନ ଭିତରେ ଏପରି ଯୁକ୍ତି କରିବାକୁ ଆରମ୍ଭ କରେ, "ଏକଥା କରିବା ଲାଗି ଆମକୁ କାହିଁକି କୁହା ହୋଇଛି ? ସେକଥା ନ କରିବା ଲାଗି ବା କାହିଁକି କୁହାଯାଇଛି ?" — ଏହିପରି ନାନା ପ୍ରଶ୍ନ ଆସେ । ମାତ୍ର ତଦ୍ଦ୍ୱାରା କୌଣସି ଲାଭ ହୁଏ ନାହିଁ । ଏହା ଦ୍ୱାରା ଅସୁବିଧାଗୁଡ଼ିକ ଖାଲି ବଢ଼ିଯାଏ, ତାହା ଚେତନାକୁ କଠିନ କରିଦିଏ, — ଚେତନା ଉପରେ ଏକ ମୋଟା ପରସ୍ତକୁ ମଡ଼ାଇ ରଖିଥାଏ ଏବଂ ତେଣୁ ତାହାକୁ ଗ୍ରହଣଶୀଳ ହେବାରୁ ନିବୃତ୍ତ କରି ରଖିଥାଏ । ଯଦିଚେଯେପରି, କୌଣସି ବସ୍ତୁକୁ କେହି ସ୍ପର୍ଶ କରି ନ ପାରିବ, ତୁମେ ସେଥିଲାଗି ତା'ଉପରେ ବାର୍ନିଶର ପୁଟ ବୋଳି ଦେଇ ରଖିବାକୁ ଇଚ୍ଛା କରୁଥାଅ ।

ମନର କୌଣସି ଅଭୀପ୍ସା ରହିଛି କି ?

ଅର୍ଥାତ୍ ? ମନ ଅଭୀପ୍ସା କଲାବେଳେହିଁ ଅଭୀପ୍ସା କରିଥାଏ ।

"...ମନ ଭିତରର ଦୃଢ଼ ଇଚ୍ଛା ଏବଂ ଚୈତ୍ୟର ଅଭୀପ୍ସା, —ତାହାହିଁ ତୁମର ଅବଲମ୍ବନ ହୋଇ ରହିବ ।"

ହଁ, ମାତ୍ର ମନ ମଧ୍ୟ ଅବଶ୍ୟ ଅଭୀପ୍ସା କରିପାରେ । କିନ୍ତୁ ଚୈତ୍ୟର ଅଭୀପ୍ସାରେ ମନର ଅଭୀପ୍ସା ଅପେକ୍ଷା ଅଧିକ ଶକ୍ତି ରହିଥାଏ । ଏବଂ ମନକୁ ନିଜ ଇଚ୍ଛାଶକ୍ତିଟିକୁ ମଧ୍ୟ ଧାରଣ କରିବାକୁ ପଡ଼େ । ସେତେବେଳେ ମନର ଇଚ୍ଛାଶକ୍ତି ଏବଂ ଚୈତ୍ୟର ଅଭୀପ୍ସା ବୋଲି କୁହାଯାଉଛି, ତାହାକୁ ଏପରି ଅର୍ଥରେ ବୁଝିବା ଉଚିତ ନୁହେଁ ଯେ ମନର ଆଦୌ କୌଣସି ଅଭୀପ୍ସା ନାହିଁ କିଂବା ଚୈତ୍ୟର ଆଦୌ କୌଣସି ଇଚ୍ଛାଶକ୍ତି ନାହିଁ । ପ୍ରତ୍ୟେକଟି କ୍ଷେତ୍ରରେ ଯାହା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, ଏଠାରେ କେବଳ ତାହାହିଁ କୁହାହୋଇଛି । ମାତ୍ର, ତାହାର ଅର୍ଥ ନୁହେଁ ଯେ ଏହାର କେବଳ ଏହି ସାମର୍ଥ୍ୟଟି ରହିଛି । ଏହାର ଅନ୍ୟ ଯାବତୀୟ ଗତିସ୍ପନ୍ଦନ ମଧ୍ୟ ଅବଶ୍ୟ ରହିପାରିବ ।

ବେଳେବେଳେ, ମୁଁ ଯେତେବେଳେ କିଛି ଜାଣିବା ପାଇଁ ଇଚ୍ଛା କରୁଥାଏ, ସେତେବେଳେ ମୋ' ହୃଦୟ ଭିତରେ ସତେଅବା କୌଣସି ଏକ କବାଟ ବନ୍ଦ ହୋଇ ରହିଥିବା ପରି ମୋତେ ଲାଗୁଥାଏ । ମାତ୍ର, ତା'ପରେ ସେହି କବାଟଟି ଖୋଲିଯାଏ ଓ ସବୁ ସଫା ହୋଇଯାଏ ।

ହଁ, ସତ କଥା ।

'oaob.nitrkl.ac.in' images reprocessed

ଏହାକୁ ମୁଁ କ'ଣ ବୋଲି ବୁଝିବି ?

କ'ଣ ବୋଲି ବୁଝିବ ? କାରଣ, ଯେତେବେଳେ କବାଟଟି ବନ୍ଦଥାଏ, ସେତେବେଳେ ନିଜ ଚୈତ୍ୟସତ୍ତା ସହିତ ତୁମର କୌଣସି ଯୋଗ ଲାଗି ନ ଥାଏ। ଏବଂ, ଯଦି ଦୁଆରଟି ଖୋଲିଯାଏ, ତେବେ ତୁମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମର ସମଗ୍ର ଚୈତ୍ୟଚେତନାଟି ଦ୍ୱାରା ଅବଶ୍ୟ ଉପକୃତ ହେବ,—ଏବଂ, ଯାହା ଜାଣିବା ଲାଗି ଇଚ୍ଛା କରୁଥିଲ, ତାହା ଅବଶ୍ୟ ଜାଣିବ ।

ମାଆ, ଏଠାରେ ଶ୍ରୀଅରବିନ୍ଦ ଲେଖିଛନ୍ତି, "ଯଦି ଉଚିତ ମନୋଭାବ ସହିତ ଅସୁବିଧାଟିର ସମ୍ମୁଖୀନ ହୋଇ ତା' ଉପରେ ବିଜୟ ଲାଭ କରାଯାଏ, ତେବେ ତୁମେ ଦେଖିବ ଯେ ତୁମର ସେହି ଅସୁବିଧାଟି ପ୍ରକୃତରେ ଅନ୍ତର୍ହିତ ହୋଇ ଯାଇଛି ।" ଉଚିତ ମନୋଭାବ କହିଲେ କ'ଣ ବୁଝାଉଛି ?

ହଁ, ମୁଁ ଏହିପରି ଏକ ପ୍ରଶ୍ନ ଆସିବ ବୋଲି ଆଶା କରୁଥିଲି । ଉଚିତ ମନୋଭାବର ଅର୍ଥଟିକୁ ସେ ନିମ୍ନୋକ୍ତ ବାକ୍ୟଟିରେ ବୁଝାଇ ଦେଇଛନ୍ତି : ବିଶ୍ୱାସ ରଖିବା, ନୀରବ ରହିବା—ମୁଁ ଭାବୁଛି, ସେହି କ୍ଷେତ୍ରରେ ଆଉଟିକିଏ ଅଧିକ ଆଗକୁ ଯିବାକୁ ପଡ଼ିବ—ଆକ୍ରମଣଟି ଅତିକ୍ରାନ୍ତ ହୋଇଯିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ଏବଂ ବିଶ୍ୱାସ ରଖିଥିବ । ଏହି କଥାଟି ସେଠାରେ ନାହିଁ କି ? ତେବେ ଅନ୍ୟ କୌଣସି ସ୍ଥାନରେ ଥିବ । ତେଣୁ, ଉଚିତ ମନୋଭାବର ଅର୍ଥ ହେଉଛି, ଆମେ ସାହସ ହରାଇବା ନାହିଁ, ବିଶ୍ୱାସ ହରାଇବା ନାହିଁ, ଆଦୌ ଅଧୀର ହେବା ନାହିଁ, ନିରାଶ ହେବା ନାହିଁ; ଅତ୍ୟନ୍ତ ନୀରବ ହୋଇ ରହିଥିବା, ଶାନ୍ତ ହୋଇ ରହିଥିବା, ଯଥାସମ୍ଭବ ଅଧିକ ଅଭୀପ୍ସା ପୋଷଣ କରି ରହିଥିବା;—ଏବଂ, କ'ଣ ଘଟୁଛି ବା ନ ଘଟୁଛି, ସେବିଷୟରେ ଆଦୌ କୌଣସି ଚିନ୍ତା ନ କରିବା । ଏହି ଅବସ୍ଥାଟି ଅବଶ୍ୟ କଟିଯିବ ଏବଂ ସବୁକିଛୁ ପୁଣି ଠିକ୍ ହୋଇଯିବ,—ଏହି ବିଷୟରେ ସୁନିଶ୍ଚିତ ହୋଇ ରହିଥିବା । ବସ୍ତୁତଃ, ଏହା ହେଉଛି ସର୍ବୋତ୍ତମ ପନ୍ଥା ।

ନିରାଶ ନ ହେବାର ଅର୍ଥ··· ?

ନିରାଶ ନ ହେବା···ଏହା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ନୈରାଶ୍ୟ ହେଉଛି ଦୁର୍ବଳତାର ସୂଚକ,—କେଉଁଠି ଯେ ଏକ ଅସଦିଚ୍ଛା ନିଶ୍ଚୟ ରହିଛି, ତାହାର ସୂଚକ । ଏକ ଅସଦିଚ୍ଛା ରହିଛି ଏହି ଅର୍ଥରେ ଯେ, ତୁମେ

'oaob.nitrkl.ac.in' images reprocessed

ସହାୟତା ଗ୍ରହଣ କରିବାକୁ ସମ୍ମତି ଦେଉ ନାହିଁ,—ଏପରି ଗୋଟିଏ ପ୍ରକାରର ଦୁର୍ବଳତା, ଯାହାକି ଦୁର୍ବଳ ରହିବାରେ ସନ୍ତୋଷ ଲାଭ କରୁଛି । ଏହା ତୁମକୁ ଶିଥିଳ କରିଦିଏ । ଅତି ସ୍ପଷ୍ଟ ଭାବରେ ତାହାକୁ ଏକ ଅସଦିଚ୍ଛା ବୋଲିହିଁ କୁହାଯିବ, —କାରଣ, ତୁମ ସତ୍ତାର ଗୋଟିଏ ଅଂଶ ସେତେବେଳେ ତୁମକୁ କହୁଥିବ, "ନୈରାଶ୍ୟ ଦ୍ୱାରା ତୁମର ଆଦୌ ଭଲ ହେବ ନାହିଁ ।" ତୁମର ଆଦୌ ନିରାଶ ହେବା ଉଚିତ ନୁହେଁ ବୋଲି ତୁମେ ଭଲ କରି ଜାଣିଥିବ; ଏବଂ, ତୁମର ଯେଉଁ ଅଂଶଟି ନିରାଶ ହୋଇ ରହିଥିବ, ତାହା ସେତେବେଳେ ପ୍ରାୟ ଏହିପରି ଉତ୍ତର ଦେବ, "ତୁ ଚୁପ୍ ରହ, ମୋ'ର ଏହି ନୈରାଶ୍ୟଟାହିଁ ଲୋଡ଼ା ।" ତୁମେ ପରୀକ୍ଷା କରି ଦେଖ, ଏହି କଥାର ପ୍ରମାଣ ପାଇବ । ଏହିପରି ସବୁବେଳେହିଁ ଘଟିଥାଏ । ଏହା ସତ ନା ମିଛ ? ଏବଂ ପରେ, ତୁମେ ପୁଣି କହିବାରେ ଲାଗିବ,— "ହଁ—ପରେ ମୁଁ ପରେ ଦେଖିବି··· ବର୍ତ୍ତମାନ ମୋ'ର ଏହାହିଁ ଲୋଡ଼ା,—ଏବଂ ଏଥିଲାଗି ମୋ'ର ବିଶେଷ କାରଣମାନ ମଧ୍ୟ ରହିଛି ।" ବୁଝିଲ ? ଏହା ହେଉଛି ଗୋଟିଏ ପ୍ରକାରର ବିଦ୍ରୋହ, ଏକ ଦୁର୍ବଳ ବିଦ୍ରୋହ···ତୁମ ସତ୍ତା ଭିତରେ ରହିଥିବା କୌଣସି ଏକ ଦୁର୍ବଳ ଉପାଦାନର ବିଦ୍ରୋହ ।

"ଏହି ନୈରାଶ୍ୟ ଯେଉଁ ପରିବର୍ତ୍ତନ ଲାଗି ଏକ ସୋପାନରୂପେ କାର୍ଯ୍ୟ କରେ···", ସେ ଏଠାରେ ତାହାରି କଥା କହୁଛନ୍ତି ।

ହଁ । ଯେତେବେଳେ ତୁମେ ସେହି ନୈରାଶ୍ୟ ଏବଂ ଅସଦିଚ୍ଛା ମଧ୍ୟରୁ ମୁକ୍ତ ହୋଇ ବାହାରି ଆସିବ, ତେବେ ତୁମେ ହୃଦୟଙ୍ଗମ କରିବାକୁ ଲାଗିବ ଯେ, ପ୍ରକୃତରେ ତୁମ ଉପରେ ଏକ ଆକ୍ରମଣ ହେଉଥିଲା ଓ ତେଣୁ କିଛିଟା ଅଗ୍ରଗତି କରିବାକୁହିଁ ପଡ଼ିଲା । ତୁମେ ଆଗକୁ ପାଦେ ଆସିପାରିଛ ବୋଲି ଉପଲବ୍ଧି କରିବ । ସାଧାରଣତଃ ଏହିପରି ହୋଇଥାଏ ଯେ,—ଏବଂ ତାହା କ୍ୱଚିତ୍ ସଚେତନ ଭାବରେ ହୁଏ,—ସେହି କ୍ଷେତ୍ରରେ ଏପରି ଗୋଟିଏ ବସ୍ତୁ ରହିଥାଏ ଯାହାକି ଅଗ୍ରଗତି କରିବାକୁ ଦରକାର କରୁଥାଏ, ମାତ୍ର ସେଥିଲାଗି ଇଚ୍ଛା କରୁ ନ ଥାଏ ଏବଂ ତେଣୁ ଏହିପରି ଏକ ପନ୍ଥା ଗ୍ରହଣ କରେ । ଠିକ୍ ପିଲାଟିଏ ପରି, ଯିଏକି ରୁଷ୍ଟ ହୋଇ ବସିଥାଏ, ଭାରି ନିରୁତ୍ସାହିତ ହୋଇ ରହିଥାଏ, ଦୁଃଖିତ, ଅସୁଖୀ ହୋଇ ରହିଥାଏ, ତା' କଥାକୁ କେହି ଠିକ୍ ଭାବରେ ବୁଝି ପାରୁ ନ ଥାନ୍ତି,—ଏହିପରି ଭାବରେ ସେ ଭାରି ପରିତ୍ୟକ୍ତ ହୋଇ ରହିଥାଏ, ଅସହାୟ ହୋଇ ରହିଥାଏ । ଏବଂ ତା'ପରେ, କୌଣସି ସହଯୋଗ କରିବା ଲାଗି ଆଦୌ ସମ୍ମତ ନ ହୋଇ ଏବଂ ମୁଁ ବର୍ତ୍ତମାନ ଯେପରି କହିଲି,—ସିଏ ମୋଟେ ସୁଖୀ ନୁହେଁ ବୋଲି ଦେଖାଇବା ନିମନ୍ତେ ଆପଣାର ନୈରାଶ୍ୟ ମଧ୍ୟରେ ପଡ଼ି ରହିଥାଏ । ମୁଁ ସନ୍ତୁଷ୍ଟ ନୁହେଁ ବୋଲି ଦେଖାଇବାକୁହିଁ ବିଶେଷତଃ ଜଣେ ବ୍ୟକ୍ତି ନିରାଶ ହୋଇ ରହିଥାଏ । ଆମେ ଏହାକୁ

'oaob.nitrkl.ac.in' images reprocessed

ପ୍ରକୃତ ଆଗରେ ଦେଖାଇପାରୁ, ଆମେ (ତାହା ସମ୍ପୃକ୍ତ ବ୍ୟକ୍ତିଟି ଉପରେହିଁ ନିର୍ଭର କରିବ, ନୁହେଁ ?) ଆମେ ତାହାକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ବି ନେଇ ଦେଖାଇପାରୁ, ଆମ ଘରପାଖରେ ଥିବା ଅନ୍ୟ ମନୁଷ୍ୟମାନଙ୍କୁ ଦେଖାଇପାରୁ; ମାତ୍ର ସବୁକ୍ଷେତ୍ରରେହିଁ ତାହା ନିଜର ଅସନ୍ତୋଷକୁ ପ୍ରକଟ କରିବାର ଏକ ମାର୍ଗ ହୋଇ ରହିଥାଏ । "ତୁମେ ମୋ'ଠାରୁ ଯାହା ଦାବି କରୁଛ, ମୁଁ ସେଥିରେ ଆଦୌ ଖୁସି ନୁହେଁ,"—ମାତ୍ର ଏହାର ଅସଲ ଅର୍ଥଟି ହେଉଛି, "ମୁଁ ଆଦୌ ଖୁସୀ ନୁହେଁ; ଏବଂ, ମୁଁ ଯେ ଆଦୌ ସୁଖୀ ନୁହେଁ, ଏକଥା ମୁଁ ତୁମକୁ ଅବଶ୍ୟ ଦେଖାଇବିହିଁ ଦେଖାଇବି ।" ବୁଝିଲ ?

ମାତ୍ର, ଯେତେବେଳେ ଏସବୁ ସରିଯାଏ, ଏବଂ ଯେତେବେଳେ କୌଣସି ନା କୌଣସି କାରଣରୁ ଜଣେ ବ୍ୟକ୍ତି ତହିଁ ଭିତରୁ ବାହାରକୁ ବାହାରି ଆସିବା ଲାଗି ଆବଶ୍ୟକ ଉଦ୍ୟମଟିକୁ ଆରମ୍ଭ କରି ଦେଇଥାଏ ଏବଂ ପ୍ରକୃତରେ ବାହାରି ଆସିଥାଏ, ସେତେବେଳେ ସିଏ ସାଧାରଣତଃ ଏହିଭଳି ଗୋଟିଏ ଉପଲବ୍ଧି କରିଥାଏ ଯେ ତା'ସତ୍ତାରେ କୌଣସି ନା କୌଣସିର ଏକ ପରିବର୍ତ୍ତନ ଅବଶ୍ୟ ଘଟିଛି; କାରଣ, ଯାବତୀୟ ଅସଦିଚ୍ଛା ସତ୍ତ୍ୱେ, ଅଧିକାଂଶ ସମୟରେହିଁ ଏକ ଅଗ୍ରଗତି ପ୍ରକୃତରେ ସମ୍ଭବ ହୋଇ ପାରିଛି—ଖୁବ୍ ତ୍ୱରିତ ଭାବରେ ବା ଖୁବ୍ ଚମତ୍କାର ଭାବରେ ଯେ ହାସଲ ହୋଇଛି ତାହା ମୋଟେ ନୁହେଁ,—ସେହି ବ୍ୟକ୍ତିକୁ ଅଧିକତର ଗୌରବ ଆଣି ଦେଲାଭଳି ଯେ ସେପରି କିଛି ହାସଲ ହୋଇଛି, ସେକଥା ମଧ୍ୟ ନୁହେଁ,—ତଥାପି ଅଗ୍ରଗତି ହୋଇଛି । କିଛି ନା କିଛି ବଦଳି ଯାଇଛି । ଏଥିଙ୍କି ନା ଆଉକିଛି ଅଛି ?

ମାଆ, ଏଠାରେ ଶ୍ରୀଅରବିନ୍ଦ "ଅହଂ-ବ୍ୟକ୍ତିତ୍ୱର ଗଠନ" ବିଷୟରେ କହିଛନ୍ତି । ଅହଂ-ବ୍ୟକ୍ତିତ୍ୱର ଅର୍ଥ ?

ବ୍ୟକ୍ତିର କ୍ଷେତ୍ରରେ ଏକାଧିକ ଅହଂ ରହିଛି, ସମୂହର କ୍ଷେତ୍ରରେ ମଧ୍ୟ ରହିଛି । ଉଦାହରଣସ୍ୱରୂପ, ରାଷ୍ଟ୍ରୀୟ ଅହଂ ହେଉଛି ଏକ ସମୂହସ୍ତରୀୟ ଅହଂ । ସମସ୍ତ ମନୁଷ୍ୟଜାତିର ମଧ୍ୟ ଏକ ସାମୂହିକ ଅହଂ ରହିଛି । ଏହି ଅହଂ କେଉଁଠି ବଡ଼ ଓ ଆଉ କେଉଁଠି ଛୋଟ । ବ୍ୟକ୍ତି-ଅହଂ ହେଉଛି କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଅହଂ । ଏଇଟି ଅହଂର କ୍ଷୁଦ୍ରତମ ସଂସ୍କରଣ । ହଁ, ଏକ ପ୍ରାଣସ୍ତରୀୟ ଅହଂ ମଧ୍ୟ ରହିଛି,—ଏକ ମାନସିକ ଅହଂ ରହିଛି, ଶରୀରସ୍ତରର ବି ଅହଂ ରହିଛି । ମାତ୍ର ଏଗୁଡ଼ିକୁ ସେହି ବ୍ୟକ୍ତିସ୍ତରର ଗୋଟିଏ ଗୋଟିଏ ଗୌଣ ଅହଂ ବୋଲି କୁହାଯାଇ ପାରିବ । ମାତ୍ର ତାହା ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଅହଂକୁହିଁ ବୁଝାଇଥାଏ ।

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତି ଭିତରେ ମଧ୍ୟ ଅନେକ ପ୍ରକାରର ଅହଂ ରହିଥାଏ । ସେଗୁଡ଼ିକୁ ବିନଷ୍ଟ କରିଦେବାକୁ ଇଚ୍ଛା କଲେ ଯାଇ ଆମେ ସେଗୁଡ଼ିକ ବିଷୟରେ ସଜ୍ଞାନ ହୋଇଥାଉ । ସବୁଠାରୁ ଅଧିକ ପରିମାଣରେ ଉପଦ୍ରବ କରିବାରେ ଲାଗିଥିବା କୌଣସି ଏକ ଅହଂକୁ ଆମେ ଯେତେବେଳେ ବିନଷ୍ଟ କରିଦେଉ, ସେତେବେଳେ ତାହା ଆମ ଭିତରେ ସାଧାରଣତଃ ଏକ ଫାଙ୍କର ସୃଷ୍ଟି କରିଥାଏ । ଆମେ ସେହି ଫାଙ୍କ ଭିତରୁ ବାହାରି ଆସିବା ସମୟରେ ଅନୁଭବ କରୁ : "ଓଃ, ଯାହାହେଉ, ବର୍ତ୍ତମାନ ସବୁ ସରିଗଲା । ସବୁକିଛି ସମ୍ପନ୍ନ ହୋଇଗଲା । ମୋ' ଭିତରେ ଥିବା ଶତ୍ରୁଟିକୁ ମୁଁ ନଷ୍ଟ କରିଦେଲି,—ବର୍ତ୍ତମାନ ସବୁକିଛିର ଅବସାନ ଘଟିଲା । ମାତ୍ର, ତାହାର କିୟତ୍କାଳ ପରେ, ଆମେ ଦେଖିବାକୁ ପାଇବା ଯେ, ଏହାପରେ ଆଉ ଗୋଟିଏ ବି ରହିଛି ଓ ତା'ପରେ ମଧ୍ୟ ପୁଣି ଗୋଟିଏ ରହିଛି,—ପଛକୁ ପଛ ଗୋଟିଏ ଗୋଟିଏ ବିଦ୍ୟମାନ ରହିଛନ୍ତି । ଅର୍ଥାତ୍, ଏହିପରି କ୍ଷୁଦ୍ର ନାନାବିଧ ଅହଂର ଗୋଟାଏ କେଡ଼େ ବଡ଼ ଗଦାରୁହିଁ ଆମର ଗଠନ ହୋଇ ରହିଛି । ସେହି ଅହଂଗୁଡ଼ିକ କେବଳ ଉପଦ୍ରବହିଁ କରିବାରେ ଲାଗିଛନ୍ତି ଏବଂ ତେଣୁ ସେଗୁଡ଼ିକୁ ଗୋଟିଗୋଟି କରି ଅବଶ୍ୟ ପାର ହୋଇ ଯିବାକୁ ପଡ଼ିବ ।

ଏହି ଅହଂର ଅର୍ଥ କ'ଣ ?

ମୁଁ ଭାବୁଛି, ଏହି ଅହଂହିଁ ଆମକୁ ଗୋଟିଏ ଗୋଟିଏ ଭିନ୍ନ ସତ୍ତାରେ ପରିଣତ କରି ରଖିଥାଏ । ଯାବତୀୟ ପ୍ରକାରେ ଆମକୁ ତାହା ଅନ୍ୟ ସତ୍ତାଗୁଡ଼ିକ-ଠାରୁ ଭିନ୍ନ କରି ରଖିଥାଏ । ଏହି ଅହଂହିଁ ଆମକୁ ଆମେ ଅନ୍ୟ ବ୍ୟକ୍ତିମାନଙ୍କଠାରୁ ଜଣେ ଅଲଗା ବ୍ୟକ୍ତି ବୋଲି ଏକ ବୋଧ ଆଣି ଦେଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଅହଂବୁଦ୍ଧି ତୁମ ଭିତରେ "ମୁଁ", "ମୁଁ ଅଛି", "ମୁଁ ଇଚ୍ଛା କରୁଛି", "ମୁଁ ଚିନ୍ତା କରୁଛି", "ମୋ'ର ଅସ୍ତିତ୍ୱ ରହିଛି", ଏପରିକି ସେହି ବିଖ୍ୟାତ "ମୁଁ ଚିନ୍ତା କରୁଛି, ତେଣୁ ମୁଁ ଅବଶ୍ୟ ଅଛି" ପ୍ରଭୃତି ଯାବତୀୟ ବୋଧ ଜନ୍ମଲାଭ କରିଥାଏ । ଏହି ଶେଷ ଉକ୍ତିଟି ମୋତେ ଏକ ନିର୍ବୋଧତା ବୋଲି ମନେ ହୋଇଥାଏ ବୋଲି ମୋତେ ଅତ୍ୟନ୍ତ ଦୁଃଖର ସହିତ କହିବାକୁ ହେଉଛି,—ମାତ୍ର ଏହା ତଥାପି ଏକ ଅତି ପ୍ରସିଦ୍ଧ ନିର୍ବୋଧତା ହୋଇ ରହିଛି । ହଁ, ଏହି ସବୁକିଛି ହେଉଛି ଅହଂ । ତୁମେ ମନୋଜ ବୋଲି ଯାହା ତୁମ ଭିତରେ ଏକ ଭାବନା ଓ ଧାରଣା ଆଣି ଦେଉଛି, ତାହା ହେଉଛି ତୁମର ଅହଂ । ତୁମେ ଏହି ବ୍ୟକ୍ତିଠାରୁ ଓ ସେହି ବ୍ୟକ୍ତିଠାରୁ ଅଲଗା ବୋଲି ଯାହା ତୁମ ଭିତରେ ଏକ ଧାରଣା ଆଣି ଦେଉଛି, ଯାହା ତୁମର ଶରୀରକୁ ଏକ ସମଗ୍ର ଭିତରେ ମିଳାଇ ଯିବାରୁ ନିବୃତ୍ତ କରି ରଖିଛି, ଶରୀର ସ୍ପନ୍ଦନର ଏକ ଅଭିନ୍ନ ସାଧାରଣ ପିଣ୍ଡ ଭିତରେ ଉଭେଇ

'oaob.nitrkl.ac.in' images reprocessed

ଯିବାରୁ ତାକୁ ନିବୃତ୍ତ କରି ରଖିଛୁ, ସେଇଟି ହେଉଛୁ ଅହଂ । ସେହି ଅହଂ ତୁମକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇଛୁ, ନିର୍ଦ୍ଦିଷ୍ଟ ସ୍ୱଭାବ ଦେଇଛୁ, ଏକ ସ୍ୱତନ୍ତ୍ର ଚେତନା ପ୍ରଦାନ କରିଛୁ; ତୁମେ ଯେ ଅଲଗା ହୋଇ ନିଜର ଏକ ଅସ୍ତିତ୍ୱର ବେଢ଼ ଭିତରେ ବାସ କରୁଛ, ଅନ୍ୟସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ହୋଇ ରହିଛ ଓ ବସ୍ତୁତଃ ସେହିପରି କୌଣସି ଭାବରେହିଁ ବିଚରଣ କରୁଛ, ତୁମର ଅହଂ ତୁମକୁ ସେହି ବୋଧଟିକୁ ଆଣି ଦେଇଛୁ । ଯଦି ଆମେ ଏବିଷୟରେ ଆଦୌ କିଛୁ ଚିନ୍ତା ନ କରିବା, ତେବେ ଆମକୁ ଭାରି ସ୍ୱତଃସ୍ଫୂର୍ତ୍ତ ଭାବରେ ଏପରି ଏକ ଧାରଣା ହେବ ଯେ, ସାରା ସଂସାର ଅନ୍ତର୍ହିତ ହୋଇଯାଉ ପଛକେ, ମାତ୍ର ତଥାପି ଆମେ ଅବଶ୍ୟ ରହିଥିବା, ଯେମିତି ଅଛୁ ବା ଯାହା ହୋଇ ରହିଛୁ, ଠିକ୍ ସେହିପରି ଭାବରେ ରହିଥିବା । ଅବଶ୍ୟ ଏହାକୁ ଅତି-ଅହଂ (super-ego) ବୋଲି କୁହାଯିବ ।

ଏକଥା ସୁନିଶ୍ଚିତ ଯେ,ଯଦି ଜଣେ ବ୍ୟକ୍ତିକୁ ଅତ୍ୟନ୍ତ କ୍ଷିପ୍ର ଭାବରେ ତା'ର ଅହଂକୁ ବିସର୍ଜନ ଦେବାକୁ ପଡ଼ନ୍ତା, ତେବେ, ପ୍ରାଣିକ ତଥା ମାନସିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସିଏ ପୁନର୍ବାର ଗୋଟିଏ ଆକାରହୀନ ପିଣ୍ଡରେ ପରିଣତ ହୋଇ ଯାଆନ୍ତା । ବ୍ୟକ୍ତିକୁ ଏକ ବ୍ୟକ୍ତିରୂପ ଓ ବ୍ୟକ୍ତି-ଅସ୍ତିତ୍ୱ ଦେବାରେ ଅହଂ ନିଃସନ୍ଦେହ ଭାବରେ ଏକ ନିମିତ୍ତରୂପେ କାର୍ଯ୍ୟ କରିଥାଏ; ଅର୍ଥାତ୍, ଜଣେ ବ୍ୟକ୍ତି ଏକ ବ୍ୟକ୍ତିଭାବାପନ୍ନ ସତ୍ତା ହୋଇ ରହିଥିବା ପର୍ଯ୍ୟନ୍ତ, ଅର୍ଥାତ୍ ସିଏ ଆପଣା ଭିତରେ ଏକ ସ୍ୱତନ୍ତ୍ର ସତ୍ତାରୂପେ ଗଠିତ ହୋଇ ରହିଥିବା ପର୍ଯ୍ୟନ୍ତ, ତା'ଲାଗି ଅହଂ ଏକ ସଂପୂର୍ଣ୍ଣ ଆବଶ୍ୟକ ଉପାଦାନ ହୋଇ ରହିବହିଁ ରହିବ । ଯଥାର୍ଥ ସମୟଟି ଆସିବା ପୂର୍ବରୁ ଯଦି ଜଣେ ବ୍ୟକ୍ତିର ତା' ଅହଂର ବିଲୁପ୍ତିସାଧନ ଘଟାଇ ଦେବାର ସମର୍ଥତା ରହିଥାନ୍ତା, ତେବେ ତାକୁ ଆପଣାର ସମୁଦାୟ ବ୍ୟକ୍ତିସତ୍ତାଟିକୁ ହରାଇବାକୁ ପଡ଼ନ୍ତା । ମାତ୍ର, ଥରେ ଏହି ବ୍ୟକ୍ତିସତ୍ତାର ଗଠନ ହୋଇ ସାରିଲେ, ତା'ପରେ ଅହଂର ଯେ କେବଳ ଆଦୌ କୌଣସି ପ୍ରୟୋଜନ ରହେ ନାହିଁ, ସେତିକି ନୁହେଁ, ତାହା ଅନିଷ୍ଟ କରିବାକୁ ମଧ୍ୟ ଆରମ୍ଭ କରେ । ଏବଂ କେବଳ ସେତିକିବେଳେ ଯାଇ ତାହାର ଅବଶ୍ୟ ବିଲୁପ୍ତି ଘଟାଇବାର ସମୟ ଆସି ଉପସ୍ଥିତ ହୁଏ । ମାତ୍ର, ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ତୁମକୁ ଏକ ସ୍ୱତନ୍ତ୍ର ଗଠନ ଆଣି ଦେବାରେ ଏହା ଆଗରୁ ଯେଉଁ କେତେ କ'ଣ କରିଥାଏ, ସେହି କାରଣରୁହିଁ ତାହା ଆଦୌ ଏତେ ସହଜରେ ଆପଣାର କ୍ରିୟାକୁ ପରିତ୍ୟାଗ କରେ ନାହିଁ । ଅଧିକନ୍ତୁ, ଆପଣାର କାର୍ଯ୍ୟ ସକାଶେ ତୁମଠାରୁ ପୁରସ୍କାର ଦାବି କରୁଥାଏ, ଅର୍ଥାତ୍ ଏହି ବ୍ୟକ୍ତିଭାବାପନ୍ନତାକୁ ଉପଭୋଗ କରିବା ଲାଗି ଇଚ୍ଛା କରୁଥାଏ ।

ଏହି ଶରୀରର ରଚନାଟିକୁ ମଧ୍ୟ କ'ଣ ଅହଂ ବୋଲି କୁହାଯିବ ?

'oaob.nitrkl.ac.in' images reprocessed

ହଁ, ବୁଝାଯିବ । ଅହଂ ବ୍ୟତୀତ ଆଉ କ'ଣ ସେହି ଗଠନର କାରଣ ହୋଇପାରେ ?

ଏଇ ଏବେ ତୁମେ ପଚାରୁଥିଲ, କାହିଁକି ଗୋଟିଏ ବ୍ୟକ୍ତିଗତ ଅହଂ···

ପରିବାର-ସ୍ତରରେ ମଧ୍ୟ ଅହଂଟିଏ ରହିଛି; ଏହା ଏକ ବେଶ୍ ଆଗ୍ରହୋଦ୍ଦୀପକ କଥା, କାରଣ ଏହି ପରିବାରଗତ ଅହଂଟି ସକାଶେହିଁ କୌଣସି ପରିବାରର ସବୁବ୍ୟକ୍ତି କୌଣସି ନା କୌଣସି ପ୍ରକାରେ ପରସ୍ପରର ସଦୃଶ ହୋଇ ରହିଥାନ୍ତି । ସେମାନେ ଯେ ସେହି ଗୋଟିଏ ଜାତର ହୋଇଥାନ୍ତି ତା' ନୁହେଁ, ମାତ୍ର ସେମାନଙ୍କ ପରସ୍ପର ମଧ୍ୟରେ ସାଦୃଶ୍ୟ ରହିଥାଏ । ଜଣେ ବ୍ୟକ୍ତି ଜାଣିଥାଏ ଯେ ସିଏ ମଧ୍ୟ ସେହି ଗୋଟିଏ ପରିବାରର ଜଣେ ଲୋକ; ଏବଂ, ଯଦି ଜଣେ ଆହୁରି ପଛକୁ ଯାଇ ପୂର୍ବପୁରୁଷମାନଙ୍କର ଚର୍ଚ୍ଚା କରିବାକୁ ଆରମ୍ଭ କରେ, ତେବେ ସମୁଦାୟ ବଂଶବୃକ୍ଷଟିରେ ମଧ୍ୟ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଏକ ସଦୃଶତା ରହିଥିବାର ଦୃଷ୍ଟିଗୋଚର ହୋଇଥାଏ । ଏବଂ, ପରିବାରଗତ ଏହି ଅହଂଟିର ଆୟୁ ବ୍ୟକ୍ତିଗତ ଅହଂଠାରୁ ସର୍ବଦା ଅଧିକ ହୁଏ । ତା'ପରେ, ଜାତିର ସ୍ତରରେ ମଧ୍ୟ ଗୋଟିଏ ଅହଂ ରହିଥାଏ; ଏବଂ, ଯେଉଁସବୁ ପରିବାରର କ୍ଷେତ୍ରରେ ପରସ୍ପରର କ୍ଷେତ୍ରରେ ଖୁବ୍ ବେଶୀ ସମ୍ମିଶ୍ରଣ ଘଟି ନ ଥାଏ, ପରସ୍ପରର ସହିତ ଖୁବ୍ ବେଶୀ ସମ୍ମିଶ୍ରଣ ନ ଘଟାଇ ଯେଉଁମାନେ ଭିନ୍ନ ରହିଥାନ୍ତି,—ଏଠାରେ ଉଦାହରଣସ୍ୱରୂପ ସମ୍ଭ୍ରାନ୍ତବର୍ଗ-ଗୁଡ଼ିକର କଥା ବିଚାର କରାଯାଇପାରେ । ଏହି ସମ୍ଭ୍ରାନ୍ତ ପରିବାରମାନଙ୍କର ପରସ୍ପର ସହିତ ଆଦୌ ଖୁବ୍ ବେଶୀ ମିଶ୍ରଣ ହୋଇ ନ ଥିଲା । ସେମାନେ ଆପଣା ଆପଣା ଗୁଳାଟି ମଧ୍ୟରେ ବେଶ୍ ଅଲଗା ହୋଇ ରହିଥିଲେ । ସେମାନଙ୍କ କ୍ଷେତ୍ରରେ ଅହଂର ଲକ୍ଷଣଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଥାଏ । ଉଦାହରଣସ୍ୱରୂପ ବୁର୍ବନ୍ ପରିବାରଗୁଡ଼ିକ ଏବଂ ··· ଫ୍ରାନ୍ସରେ ଉପରୁ ତଳଯାଏ ଠିକ୍ ସେହିକଥା ଦେଖିବାକୁ ମିଳିବ । ଦେହର ଚେହେରାରେ ସେମାନଙ୍କର ନିଜ ଭିତରେ ଅତ୍ୟନ୍ତ ସାଦୃଶ୍ୟ ରହିଥାଏ । ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ପ୍ରଜାତି, ପ୍ରବର୍ଗ ଏବଂ ରାଷ୍ଟ୍ରୀୟତା ପରସ୍ପରର ସହିତ ମିଶ୍ରିତ ହେବା ସଙ୍ଗେ ସଙ୍ଗେ ଅହଂଗୁଡ଼ିକର କ୍ଷେତ୍ରରେ ମଧ୍ୟ ଏକ ମିଶ୍ରଣ ସଂଘଟିତ ହୁଏ । ଏବଂ ତା'ପରେ ଉଗ୍‌ବଳୟଗୁଡ଼ିକ ଅଧିକ ପ୍ରଶସ୍ତ ହେବାକୁ ଆରମ୍ଭ କରନ୍ତି । ଆମେ ଯେତେବେଳେ ଆମର ମନକୁ ଅଧିକ ପ୍ରଶସ୍ତ କରିବା ସକାଶେ ଚେଷ୍ଟା କରୁ, ବିଭିନ୍ନ କଥା ଓ ବସ୍ତୁକୁ ବୁଝିବାକୁ, ଏକାଧିକ ଭାଷା ଶିକ୍ଷା କରିବାକୁ ଏବଂ ଅନେକ ଦେଶ ଓ ଅନେକ ଯୁଗର ଜ୍ଞାନ ହାସଲ କରିବାକୁ ଉଦ୍ୟମ କରୁ, ସେତେବେଳେ ଆମର ଅହଂ ମଧ୍ୟ ଯଥେଷ୍ଟ ପରିମାଣରେ ପ୍ରଶସ୍ତ ହୋଇଯାଏ, ସେତେବେଳେ ଆମେ ଆଉ ଆଦୌ ଏତେ ବେଶୀ ସଂକୀର୍ଣ୍ଣମନା ହୋଇରହୁ ନାହିଁ ।

'oaob.nitrkl.ac.in' images reprocessed

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯୋଗ ଦ୍ୱାରା ଆମେ ଏହି ସବୁକଛିକୁ ସଚେତନ ଭାବରେ ଅତକ୍ରମ କର ଯାଇପାରୁ ।

ବ୍ୟକ୍ତିମାନଙ୍କୁ ନେଇ ତ ସମୂହ, ତେଣୁ ସାମୂହିକ କ୍ଷେତ୍ରର ଅହଂକୁ ବ୍ୟକ୍ତି-ଅହଂ ଉପରେ ନର୍ଭର କର ରହିବାକୁ ପଡ଼ିଥାଏ କ ?

ହଁ । ସାଧାରଣତଃ ସମୂହ ସ୍ତରର ଅହଂଗୁଡ଼କ ଗୁଣାତ୍ମକ ଦୃଷ୍ଟିରୁ ବ୍ୟକ୍ତି-ଅହଂଗୁଡ଼କ ତୁଳନାରେ ନମ୍ନତର କାଟର ହୋଇ ରହଥାନ୍ତି । ଏକ ଗୁଣନଫଳ କଂବା ଏପରକ ଏକ ଯୋଗଫଳ ହେବା ପରବର୍ତ୍ତେ ତାହା ସାଧାରଣତଃ ପ୍ରକୃତରେ ଏକ ହ୍ରାସରେହିଁ ପରଣତ ହୋଇଯାଏ । ମନୋବଜ୍ଞାନର କ୍ଷେତ୍ରରେ ଏହା ଏକ ସୁବଦତ କଥା ହୋଇ ରହିଛି । ମନୁଷ୍ୟମାନଙ୍କୁ ଜଣେ ଜଣେ ବ୍ୟକ୍ତି ଭାବରେ ବଚାର କର ଦେଖିଲବେଳେ ସେମାନଙ୍କ ଭତରେ ଅନ୍ତତଃ ଏକ ନମ୍ନତମ ସାଧାରଣବୋଧ ରହଥାଏ । ମାତ୍ର, ସେମାନଙ୍କୁ ଏକାଠି ଗୋଟିଏ ସମଷ୍ଟିରେ ଆଣି ଭିଡ଼ି କରଦଅ, ତେବେ ସେମାନେ ଏକତ୍ର ମିଶି ଗୋଟିଏ ନର୍ବୋଧ ସାମୂହିକ ପିଣ୍ଡରେହିଁ ପରଣତ ହୋଇଯାନ୍ତି ।

ସରଳ ?

ଆମର ଅନୁଭବକୁ ଶୁଦ୍ଧ କରାଯାଇ ପାରବ କପର ?

ମୂଳରେ ଶ୍ରୀଅରବନ୍ଦ ଏପର ନାନା ଅନୁଭବ ବଷୟରେ କହିଛନ୍ତି, ଯେଉଁଗୁଡ଼କ କ ମହତ୍ତ୍ୱ-ଆକାଂକ୍ଷା କଂବା ଦାମ୍ଭିକତା ସହତ ଯୁକ୍ତ ହୋଇ ଦୂଷିତ ହୋଇପଡ଼ନ୍ତି । ଏହି କଥାଟିକୁ ସେ ବୁଝାଇ କର କହିଛନ୍ତି । ତେଣୁ, ଅନୁଭବକୁ ଶୁଦ୍ଧ କରବାର ଅର୍ଥ ହେଉଛି ତାହାକୁ ନଷ୍ଠାଯୁକ୍ତ ଏବଂ ଅଭପ୍ରାୟମୁକ୍ତ କର ରଖିବା । ଆମ ଭତରେ ମହତ୍ତ୍ୱ-ଆକାଂକ୍ଷା, ଦାମ୍ଭିକତା, କାମନା, କ୍ଷମତା ପ୍ରଭୃତ ଯେତେ ଯାହା ଅଭପ୍ରାୟ ରହଥିବ, ଆମେ ସେଗୁଡ଼କୁ ବାହାରକର ନେଇଆସିବା । ଏହାର ଅର୍ଥ ହେଉଛି ଅନୁଭବକୁ ଶୁଦ୍ଧ କରବା, ତାହାକୁ ନଷ୍ଠାଯୁକ୍ତ ଓ ସ୍ୱତଃସ୍ଫୂର୍ତ୍ତ କର ରଖିବା; ଏବଂ, ତାହାକୁ ଆଦୌ କୌଣସି ପ୍ରକାରର ବାସନା ଏବଂ ମହତ୍ତ୍ୱ-ଆକାଂକ୍ଷା ସହତ ମୋଟେ ମିଶ୍ରିତ କରପକାଇବା ନାହିଁ । ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ମହତ୍ତ୍ୱ-ଆକାଂକ୍ଷାମାନ ରହିଛି, ଶ୍ରୀଅରବନ୍ଦ ସେଗୁଡ଼କର ଚର୍ଚ୍ଚା କରଛନ୍ତି; ଏବଂ ଏଗୁଡ଼କ ହେଉଛି ସବୁଠାରୁ ଅଧିକ ବପଜ୍ଜନକ ।

ବୁଝିଲ ? ଏଥର ସରଳ ତ ?

ମାଆ, ଅନେକ ଲୋକ ପଚାରୁଛନ୍ତି ଯେ, ୧୯୫୭ ମସିହାର ସନ୍ଦର୍ଭରେ ଆପଣ —କୁ ଯେଉଁ ସଙ୍କଟ ସମ୍ବନ୍ଧରେ କହିଥିଲେ,

'oaob.nitrkl.ac.in' images reprocessed

ତାହାକୁ କ'ଣ ଆମେ ଏହି ବର୍ଷଟିର ସଙ୍କଟ ବୋଲି ବୁଝିବା ନା ତାହା ହେଉଛି ଏକ ଭିନ୍ନ ସଙ୍କଟ ?

କ'ଣ କହିଲ ?

ଆପଣ —ଙ୍କୁ ଯେଉଁ ସଙ୍କଟ ବିଷୟରେ କହୁଥିଲେ··· ୧୯୬୭ ମସିହାରେ ?

୧୯୬୭ ମସିହାରେ ଏକ ସଙ୍କଟ ଆସିବ ବୋଲି ମୁଁ କହୁଛି । ଏଇଟି ହେଉଛି ଏକ ପରିପୂର୍ତ୍ତି, ଏକ ସଙ୍କଟ ନୁହେଁ । ସଙ୍କଟ ପୂର୍ବରୁ ଆସେ, ଏଇଟି ତା'ର ପରିଣାମ । ସିଏ କ'ଣ ଲେଖିଛନ୍ତି, ମୋତେ ସେକଥା ଜଣା ନାହିଁ । ବର୍ତ୍ତମାନ ମୋ'ର ସେକଥାଟି ମନେ ପଡ଼ୁ ନାହିଁ । ମାତ୍ର ଏକଥା ଏକାନ୍ତ ନିଶ୍ଚିତ ଯେ, ମୁଁ ତାଙ୍କୁ ଆଦୌ କୌଣସି ସଙ୍କଟ ବିଷୟରେ କିଛି କହି ନ ଥିଲି ।

"ଭାରତବର୍ଷର ପ୍ରଶ୍ନକୁ ନେଇ ରୁଷିଆ ଏବଂ ଆମେରିକା ମଧ୍ୟରେ ଏକ ଯୁଦ୍ଧ ହେବାର ସମ୍ଭାବନା ରହିଛି ।"

(ମାଆ ବିସ୍ମିତ ହୋଇ ଗଲାପରି ଦେଖାଗଲେ) '୬୭ ମସିହାରେ ?

ହଁ, ମାଆ ।

ମୁଁ ମୋଟେ କହୁ ନାହିଁ···କେବେହେଲେ କହି ନାହିଁ । ଏବଂ, ସିଏ ଯାହା ଲେଖିଛନ୍ତି, ସେଥିରେ ଏ କଥାଟି ଆଦୌ ନାହିଁ । କାରଣ ମୁଁ ଏହି କଥାଟିକୁ କଦାପି ପ୍ରକାଶ ପାଇବାକୁ ଦେଇ ନ ଥାନ୍ତି । ଯୁଦ୍ଧ ହେବାର ଏକ ସମ୍ଭାବନା ରହିଛି ସତ, ମାତ୍ର ତାହା '୬୭ରେ ହେବ ବୋଲି ମୁଁ କହି ନାହିଁ । (ମାଆ ନୀରବ ରହିଲେ) ଏକ ଯୁଦ୍ଧର ସମ୍ଭାବନା ରହିଛି । ଗତଥର ମୁଁ ତୁମକୁ ଯେଉଁସବୁ ବିପଦ କଥା କହିଥିଲି, ସମ୍ଭବତଃ ଏଇଟି ମଧ୍ୟ ସେଗୁଡ଼ିକ ମଧ୍ୟରେ ଗୋଟିଏ । ମାତ୍ର ତାହା '୬୭ ମସିହାରେ ଘଟିବ ବୋଲି ମୁଁ କେବେହେଲେ କହି ନାହିଁ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ବୁଝିଲ ! ଏତିକି ନା ଆଉକିଛି ଅଛି ? ତେବେ ଏଇଠି ବନ୍ଦ କରୁ ।

'oaob.nitrkl.ac.in' images reprocessed

# ୧୯ ଜାନୁଆରୀ, ୧୯୫୫

"ଯୋଗାଧାର" ପୁସ୍ତକର ତୃତୀୟ ଅଧ୍ୟାୟ "ପ୍ରତି-ବନ୍ଧକର ସ୍ପଷ୍ଟୀକରଣ ହେଉଥିବେଳେ" ବିଷୟ ଉପରେ ଏହି ପ୍ରବଚନଟି ଅଧୃତ ।

ମାଆ, ଉଚ୍ଚତର ମନର କାର୍ଯ୍ୟ କ'ଣ ?

କାର୍ଯ୍ୟ ? ତୁମେ ପ୍ରକୃତରେ କ'ଣ ଜାଣିବାକୁ ଇଚ୍ଛା କରୁଛ ? ଏହାର କେଉଁ କାର୍ଯ୍ୟ କରିବା ଉଚିତ ? ବା, କଣେ ବ୍ୟକ୍ତି···

ଉଚ୍ଚତର ମନର ଭୂମିକା ।

ଉଚ୍ଚତର ମନର ଭୂମିକା ? ତାହା ଊର୍ଦ୍ଧ୍ୱରୁ ଅନୁପ୍ରେରଣାଗୁଡ଼ିକୁ ଗ୍ରହଣ କରିବ, ସ୍ଥୂଳତମ ମନର କ୍ଷେତ୍ର ମଧ୍ୟକୁ ନାନା ଧାରଣାର ଆକାରରେ ସେଗୁଡ଼ିକର ପ୍ରସାରଣ କରାଇବ, ଯେପରିକି ସ୍ଥୂଳତମ ମନ ସକଳ ବସ୍ତୁକୁ କାର୍ଯ୍ୟକାରୀ କରିପାରିବ, ଘଟଣାଗୁଡ଼ିକୁ ସମ୍ଭବ କରିପାରିବ । ଉଚ୍ଚତର ମନ ଏକ ପକ୍ଷରେ ଉଚ୍ଚତର ସାମର୍ଥ୍ୟ ଏବଂ ଅନ୍ୟ ପକ୍ଷରେ କ୍ରିୟାଶୀଳ ମନଟି ମଧ୍ୟରେ ଏକ ମଧ୍ୟବର୍ତ୍ତୀ ସାଧନ ପରି କାର୍ଯ୍ୟ କରିଥାଏ । ଉଚ୍ଚତର ମନ ହେଉଛି ଧାରଣାଗୁଡ଼ିକୁ ରଚନା କରିବାର ଏକ ସ୍ତର ଏବଂ ଯୁଗପତ୍ ଭାବରେ ··· (ପବନର ଶବ୍ଦ ସକାଶେ କ୍ଷଣକ ପାଇଁ ମାଆଙ୍କର କଥା ଶୁଣି ହେଲ ନାହିଁ ।)

ଏହାହିଁ ତାହାର ଉଦ୍ଦେଶ୍ୟ । ଯେଉଁସବୁ ବସ୍ତୁ ଅପେକ୍ଷାକୃତ ଅଧିକ ସାଧାରଣ ମନଟିର ଊର୍ଦ୍ଧ୍ୱରେ ରହିଥାଏ, ଉଚ୍ଚତର ମନ ହୁଏତ ସେଗୁଡ଼ିକ ବିଷୟରେ କେତେକ ପରିମାଣରେ ଏକ ବୋଧ ଆଣି ଦେବା ଲାଗି ଚେଷ୍ଟା ମଧ୍ୟ କରିପାରେ । ସାଧାରଣ ଧାରଣାସମୂହ ତଥା ସେଗୁଡ଼ିକର ଅନୁଭବ ଉପରେ ସବା ତତ୍ତ୍ୱଗୁଡ଼ିକର ବ୍ୟାଖ୍ୟା କରି ଦେଇପାରେ, ସେଗୁଡ଼ିକୁ ସ୍ପଷ୍ଟ କରି ଆଣିବାକୁ ଚେଷ୍ଟା ମଧ୍ୟ କରିପାରେ ।

ମାଆ, ଯଦି ପ୍ରତିକୂଳ ଶକ୍ତିଗୁଡ଼ିକ ରହି ନ ଥାନ୍ତେ, ତେବେ କ'ଣ ଆମେ ଆଦୌ କୌଣସି ଅଗ୍ରଗତି କରିପାରନ୍ତୁ ନାହିଁ ?

'oaob.nitrkl.ac.in' images reprocessed

ଯଦି ସଂସାର ନ ଥାନ୍ତା, ସେଗୁଡ଼ିକ ମଧ୍ୟ ରହି ନ ଥାନ୍ତେ । "ଯଦି !" ତୁମେ ଏହି 'ଯଦି'କୁ ଆଣି ଯୋଗଦେବା ମାତ୍ରକେ ତୁମ ପ୍ରଶ୍ନର ଆଉ କୌଣସି ସାର୍ଥକତା ରହୁ ନାହିଁ । ବସ୍ତୁଗୁଡ଼ିକ ଯେପରି, ସେଗୁଡ଼ିକ ସେହିପରି ହୋଇ ରହିଛନ୍ତି, କାରଣ ସେମାନେ ଠିକ୍ ଯେପରି, କେବଳ ସେହିପରି ହୋଇ ରହିଛନ୍ତି । ସେଗୁଡ଼ିକ ସେହିପରି ହୋଇ ରହିଛନ୍ତି, କାରଣ ସେହିପରି ରହିବାକୁହିଁ ସେମାନଙ୍କୁ ଉଦ୍ଦିଷ୍ଟ କରି ରଖାଯାଇଛି । ନ ହେଲେ ସେଗୁଡ଼ିକ କଦାପି ସେପରି ହୋଇ ରହି ନ ଥାନ୍ତେ । ତେଣୁ ଆମେ "ଏପରି ହୋଇ ନ ଥିଲେ କିପରି ହୋଇଥାନ୍ତା ?" ବୋଲି ଆମେ ଆଦୌ କହିପାରିବା ନାହିଁ । ସେହି ପ୍ରଶ୍ନର ଆଦୌ କୌଣସି ଅର୍ଥହିଁ ହେବ ନାହିଁ । ଏହା ସବୁବେଳେ ସେହିପରିହିଁ ରହିଛି, ଠିକ୍ ସେହିପରିହିଁ ରହିଛି ।

ଯଦି ତୁମେ ଏହି ଜଗତରେ କୌଣସି ବସ୍ତୁକୁ ବଦଳାଇ ଦିଅ, ତେବେ ତାହା ଆଉ ଗୋଟିଏ ଜଗତରେ ପରିଣତ ହୋଇଯିବ । ଯଦି ତୁମେ "ବର୍ତ୍ତମାନ ଆମେ ଏହି ଜଗତରୁ ଅମୁକ କଥାଟିକୁ ବାହାର କରି ନେବାକୁ ଇଚ୍ଛା କରୁଛୁ" ବୋଲି କହିବ, — ମାତ୍ର, ସେହି ବସ୍ତୁଟି ନ ରହିଲେ ତାହା ଆଉ ଗୋଟିଏ ଜଗତରେ ପରିଣତ ହୋଇଯିବ, — ବର୍ତ୍ତମାନ ଏହି ଜଗତ ଯେପରି ଅଛି, ତାହା ଆଉ ଆଦୌ ସେପରି ହୋଇ ରହିବ ନାହିଁ । ତେଣୁ ଏଗୁଡ଼ିକ ହେଉଛି ଅନର୍ଥକ କଳ୍ପନା,—ଏହା ଦ୍ୱାରା ଆଦୌ କୌଣସି ଫଳ ହେବ ନାହିଁ । ସକଳ ବସ୍ତୁ ଠିକ୍ ସେହିପରିହିଁ ହୋଇ ରହିଛି । ଯାହା ଅଛି, ଆମକୁ ସେହିଠାରୁ ଆରମ୍ଭ କରିବାକୁ ହେବ ଏବଂ ସେହିଠାରୁହିଁ ଅନ୍ୟ କେଉଁଠାକୁ ଯିବାକୁ ପଡ଼ିବ । ମାତ୍ର, "ଯାହା ଅଛି ... ଯଦି ତାହା ଆଉ ପ୍ରକାରେ ହୋଇଥାନ୍ତା..." ବୋଲି ଆମେ କଦାପି କହିପାରିବା ନାହିଁ । ଏପରି କହିବାରେ ଫଳ ବା କ'ଣ ହେବ । ଏହା ଯେପରି ଠିକ୍ ସେହିପରି ହୋଇ ରହିଛି ।

ତୁମେ କେବଳ ଏତିକି କହିପାରିବ, "ଯେହେତୁ ପ୍ରତିକୂଳ ଶକ୍ତିମାନେ ଏଠାରେ ରହିଛନ୍ତି, ଆମେ କିପରି ସର୍ବୋତ୍ତମ ଭାବରେ ସେଗୁଡ଼ିକୁ କାମରେ ଲଗାଇପାରିବା, ସେମାନଙ୍କର ଉପସ୍ଥିତିରୁ ଆମେ କିପରି ଉପକୃତ ହୋଇପାରିବା ?" ସେପରି ଏକ ପ୍ରଶ୍ନର ଅବଶ୍ୟ ଏକ ଅର୍ଥ ରହିବ । ମାତ୍ର ଯଦି ତୁମେ "ଯଦି ସେଗୁଡ଼ିକ ନ ଥାନ୍ତେ" ବୋଲି ମୋତେ ଆସି କହିବ, ତେବେ···ମାତ୍ର, ସେଗୁଡ଼ିକ ଅଛନ୍ତି, ସେସମ୍ବନ୍ଧରେ ଆମର କିଛି କରିବାର ନାହିଁ ! ତେଣୁ ତୁମର ପ୍ରଶ୍ନ ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ, କାରଣ ସେଗୁଡ଼ିକ ପ୍ରକୃତରେ ଅଛନ୍ତି । ସେମାନେ ଯେପରି, ଆମକୁ ସେଗୁଡ଼ିକୁ ଠିକ୍ ସେହିପରି ଭାବରେହିଁ ଗ୍ରହଣ କରିବାକୁ ପଡ଼ିବ । ତେଣୁ, ତୁମେ କେବଳ ଏତିକି କହିପାରିବ, "ସେଗୁଡ଼ିକ ରହିଛନ୍ତି ବୋଲି ମୁଁ

'oaob.nitrkl.ac.in' images reprocessed

ଆଦୌ ଇଚ୍ଛାକରୁ ନାହିଁ ।" ଏହି କଥାଟିର ଏକ ଔଚିତ୍ୟ ଅବଶ୍ୟ ରହିଛି । ମାତ୍ର ସେଗୁଡ଼ିକ ଯେପରି ଆଦୌ କୌଣସି କାମରେ ନ ଆସିବେ, ସେଥିଲାଗି ଆମକୁ ଅନୁରୂପ କାର୍ଯ୍ୟ କରିବାକୁ ପଡ଼ିବ । ସେଗୁଡ଼ିକର ପ୍ରୟୋଜନ ନ ରହିଲେ, ସେଗୁଡ଼ିକ ଏହି ସଂସାରରୁ ଏକାବେଳକେ ଅନ୍ତର୍ହିତ ହୋଇଯିବେ ।

ବସ୍ତୁଗୁଡ଼ିକ ବର୍ତ୍ତମାନ ଯେଉଁଭଳି ରହିଛି, ଆମକୁ ସେଗୁଡ଼ିକୁ ସେହିଭଳି ଭାବରେହିଁ ଗ୍ରହଣ କରିବାକୁ ପଡ଼ିବ ଏବଂ ସେଠାରୁ ଅଗ୍ରସର ହୋଇ ଆମକୁ ଏପରି ଅନ୍ୟ କୌଣସି ସ୍ଥିତିକୁ ଯିବାକୁ ପଡ଼ିବ, ଯାହାକି ବର୍ତ୍ତମାନର ସ୍ଥିତିଠାରୁ ଅଧିକ ଭଲ ହେବ ବୋଲି ଆମର ଆଶା ହେଉଛି । ଆମେ କେବଳ ସେତିକି କରିପାରିବା ।

ମାଆ, ଏଠାରେ ଅଛି : "ଦିବ୍ୟ ପରମ ପରିପ୍ରକାଶର ପଦ୍ଧତି ପ୍ରଶାନ୍ତ ଏବଂ ସମଞ୍ଜସତା ମଧ୍ୟ ଦେଇ; କୌଣସି ବିପର୍ଯ୍ୟୟାତ୍ମକ ପରିବର୍ତ୍ତନ ଦ୍ୱାରା ଆଦୌ ନୁହେଁ ।"

ହିଁ । ମାତ୍ର ସେଥିରୁ କ'ଣ ହେଲା ? ତୁମେ କ'ଣ ସେକଥା ଜାଣି ନାହଁ ? ତୁମର ଅବଶ୍ୟ ଜାଣିବା ଉଚିତ ।

ଅନେକ ଲୋକ କଳ୍ପନା କରିଥାନ୍ତି ଯେ ଦିବ୍ୟ ପରମ ଇଚ୍ଛାର ଆଦେଶ ଦ୍ୱାରାହିଁ ବିପର୍ଯ୍ୟୟମାନ ଘଟିଥାଏ । ଆଉ ଅନ୍ୟମାନେ ଅଛନ୍ତି—କୌଣସି ଏକ ଶକ୍ତିକୁ ଗ୍ରହଣ କରିବା ମାତ୍ରକେ ସେମାନେ ଏକାବେଳକେ ଅସ୍ତବ୍ୟସ୍ତ ହୋଇ ପଡ଼ନ୍ତି । ଏବଂ ତା'ପରେ ସେମାନେ ତୁମକୁ ଆସି କହନ୍ତି, "ଯେତେବେଳେ ଦିବ୍ୟ ପରମସତ୍ତା କୌଣସି କାର୍ଯ୍ୟ କରନ୍ତି, ସେ ତଦ୍ୱାରା ଆମକୁ ଏକାବେଳକେ ଅସ୍ତବ୍ୟସ୍ତ କରିଦିଅନ୍ତି ।" ଏକଥା ସମ୍ପୂର୍ଣ୍ଣ ଭାବରେ ଭୁଲ୍ । ପରମ ଦିବ୍ୟସତ୍ତା ତୁମକୁ ମୋଟେ ଅସ୍ତବ୍ୟସ୍ତ କରନ୍ତି ନାହିଁ,—ତୁମର ନିଜ ଅପୂର୍ଣ୍ଣତାହିଁ ତାହା ଘଟାଇଥାଏ । ଅଥବା, ଯିଏ ଯେଉଁ ଶକ୍ତିଗୁଡ଼ିକର କଥା କହୁଛନ୍ତି, ସେହି ପ୍ରତିକୂଳ ଶକ୍ତିଗୁଡ଼ିକରୁ କୌଣସି ଗୋଟିଏ ସେକଥା କରିଥାଏ । ମାତ୍ର, ତୁମ ଭିତରେ ଆଦୌ କୌଣସି ଅପୂର୍ଣ୍ଣତା ରହି ନ ଥିଲେ ତୁମେ କଦାପି ତଦ୍ୱାରା ଅସ୍ତବ୍ୟସ୍ତ ହୋଇପଡ଼ିବ ନାହିଁ । ତଥାପି, ଦିବ୍ୟ ପରମସତ୍ତା କଦାପି କାହାକୁ ଅସ୍ତବ୍ୟସ୍ତ କରିଦିଅନ୍ତି ନାହିଁ । ଏହି ଉକ୍ତିଟି ପରେ ଯାହା ବୁଝାଯାଇଛି, ଏହି କ୍ଷେତ୍ରରେ ପ୍ରକୃତରେ ତାହାହିଁ ହୋଇଥାଏ । ବୁଝାଯାଇଛି : ଦିବ୍ୟଜନନୀ ତୁମକୁ ଆଦୌ ପରୀକ୍ଷା କରୁ ନ ଥାନ୍ତି, ବାହ୍ୟ ପରିସ୍ଥିତିଗୁଡ଼ିକହିଁ ତୁମକୁ ଆସି ପରୀକ୍ଷା କରନ୍ତି । ଏହିପରି ଭାବରେ ବୁଝିବାକୁ ଆଦୌ ଖୁବ୍‌ବେଶୀ ସୂକ୍ଷ୍ମତାର ଲୋଡ଼ା ନାହିଁ, ନୁହେଁ ? (ମାଆ ହସିଲେ) ଦିବ୍ୟ ପରମସତ୍ତା ଏହିସବୁ ଅସ୍ତବ୍ୟସ୍ତତା ସୃଷ୍ଟି କରନ୍ତି ନାହିଁ ବୋଲି ଜାଣିବା ପରେ ତୁମେ ଦୁଃଖିତ ହୋଇଯାଉଛ, ନୁହେଁ ?

'oaob.nitrkl.ac.in' images reprocessed

ଅସ୍ତବ୍ୟସ୍ତତା ସର୍ବଦା କୌଣସି ପ୍ରତିରୋଧ ଫଳରେ ହୋଇଥାଏ । ପ୍ରତିରୋଧ ନ ଥିଲେ ଅସ୍ତବ୍ୟସ୍ତତା ବି ଘଟୁ ନ ଥାନ୍ତା । ଯେମିତି, ଏକ ପ୍ରତିରୋଧର ଫଳରେହିଁ ହୁଏତ ପ୍ରଳୟ, ଭୂମିକମ୍ପ ଏବଂ ଝଡ଼ତୋଫାନମାନ ଘଟିଥାଏ । ସମୁଦ୍ରରୁ ଜୁଆର ମାଡ଼ିଆସେ, ମହାଦେଶଗୁଡ଼ିକୁ ପ୍ଲାବିତ କରେ, ଅଗ୍ନ୍ୟୁତ୍ପାତ ହୁଏ, ଇତ୍ୟାଦି, ଇତ୍ୟାଦି ।

ମାଆ, ପ୍ରତିକୂଳ ଶକ୍ତିମାନଙ୍କୁ ଯେଉଁସବୁ କାର୍ଯ୍ୟ କରିବା ଲାଗି ପ୍ରେରିତ ହୋଇଥାଏ, ସେମାନେ ସେଗୁଡ଼ିକ ବିଷୟରେ ସଚେତନ ଥାଆନ୍ତି କି ? ଅର୍ଥାତ୍‌···

ନାହିଁ । ଶ୍ରୀଅରବିନ୍ଦ ଏହି ଉକ୍ତିଟିରେ କହୁଛନ୍ତି ଯେ, ସେହି ଶକ୍ତିମାନେ ଏହିସବୁ କାର୍ଯ୍ୟରେ ନିଜେ ନିଜକୁ ପ୍ରେରିତ କରିଥାନ୍ତି । ସେ ପୁସ୍ତକଟିରେ କହୁଛନ୍ତି : "ପ୍ରତିକୂଳ ଶକ୍ତିଗୁଡ଼ିକର ସେମାନେ ନିଜେ ବାଛି ନେଇଥିବା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ରହିଥାଏ", ଅର୍ଥାତ୍‌, ସେମାନେ ସ୍ୱୟଂ ଏହି କାର୍ଯ୍ୟଟିକୁ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଥାନ୍ତି ।

ମାନେ, ତୁମେ ପ୍ରକୃତରେ କ'ଣ ପଚାରିବାକୁ ଚାହୁଁଛ ? ତାହିଁକି ସେମାନଙ୍କ ଉପରେ ଏପରି ଏକ କାର୍ଯ୍ୟ ନ୍ୟସ୍ତ କରାଯାଇଛି ?

ନାଇଁ, ମୁଁ ପଚାରୁଥିଲି, ପ୍ରତିକୂଳ ଶକ୍ତିମାନେ ସେମାନଙ୍କ ଉପରେ ନ୍ୟସ୍ତ ହୋଇଥିବା କାର୍ଯ୍ୟଟି ବିଷୟରେ ସଚେତନ ରହିଥାଆନ୍ତି କି ନାହିଁ । କାରଣ, ତାହାର ଅର୍ଥ ହେବ ଯେ ପ୍ରତିକୂଳ ଶକ୍ତିଗୁଡ଼ିକ ଆଧ୍ୟାତ୍ମିକ କାର୍ଯ୍ୟସାଧନରେ ପ୍ରକୃତରେ ସହାୟତା କରିଥାନ୍ତି ।

ଏପରି କୌଣସି ବସ୍ତୁ ନାହିଁ, ଯାହାକି ଶେଷରେ କୌଣସି ନା କୌଣସି ସହାୟତା ନ କରେ । ଯଦି ସେମାନେ ଜାଣିଶୁଣି ଭାବରେ ତାହା କରୁଥାନ୍ତେ, ତେବେ ସେମାନେ ଆଉ କଦାପି ପ୍ରତିକୂଳ ଶକ୍ତି ହୋଇ ରହିପାରନ୍ତେ ନାହିଁ । ସେମାନେ ତ ସହଯୋଗୀ ହୋଇ ରହନ୍ତେ । କାରଣ, ତୁମକୁ ଗୋଟିଏ କଥାରେ ସାବଧାନ ରହିବାକୁ ପଡ଼ିବ, ଯେଉଁ ଶକ୍ତିସବୁ ଆମ ଲାଗି ପ୍ରତିକୂଳ ହୋଇ ରହିଛନ୍ତି, ସେମାନଙ୍କୁ ଉଦ୍ଦେଶ କରି ତୁମେ କଦାପି ପ୍ରତିକୂଳ ଶକ୍ତି ବୋଲି କହିବ ନାହିଁ । ଏହିସବୁ ଶକ୍ତି ମନୁଷ୍ୟମାନଙ୍କ ଲାଗି ପ୍ରତିକୂଳ ହୋଇ ରହି ନ ଥାନ୍ତି, ସେମାନଙ୍କର ସୁଖ ଓ ଶାନ୍ତିରେ କୌଣସି ବାଧା ସୃଷ୍ଟି କରନ୍ତି ନାହିଁ, ସେମାନେ ଭଗବତ୍‌-କାର୍ଯ୍ୟ ଲାଗି ପ୍ରତିକୂଳ ଭାବରେ କାର୍ଯ୍ୟ କରନ୍ତି ।

'oaob.nitrkl.ac.in' images reprocessed

ସାଧାରଣତଃ ମୁଁ ବହୁ ଲୋକ "ପ୍ରତିକୂଳ ଶକ୍ତିଗୁଡ଼ିକ" ବିଷୟରେ କହୁଥିବାର ଶୁଣିଛି—ଉଦାହରଣସ୍ୱରୂପ, "ଅସୁସ୍ଥତା ଭିଆଉଥିବା ପ୍ରତିକୂଳ ଶକ୍ତି, ଯେଉଁମାନେ କି ମୋତେ ଆକ୍ରମଣ କରୁଛନ୍ତି"। ଏହାକୁ ଏକାନ୍ତ ଭାବରେ ଏକ ବ୍ୟକ୍ତିଗତ ଦୃଷ୍ଟିକୋଣ ବୋଲି କୁହାଯିବ; ଏହାହୁଏତ ଆଦୌ ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ଘଟାଯାଉଥିବା ଏକ ପରିଣାମ ହୋଇ ନ ପାରେ; ତୁମେ ସେମାନଙ୍କୁ ପ୍ରତିକୂଳ ବୋଲି କହୁଛ, କାରଣ ସେମାନେ ତୁମ ଉପରକୁ ଆକ୍ରମଣ କରିବାକୁ ଆସୁଛନ୍ତି। ମାତ୍ର, ପ୍ରକୃତ କଥା ହେଉଛି ଯେ, ଆମେ ଯେତେବେଳେ ପ୍ରତିକୂଳ ଶକ୍ତି ବୋଲି କହିବା, ତାହାକୁ ଆମେ ଭଗବତ୍-କାର୍ଯ୍ୟ ବା ଭଗବତ୍-ଇଚ୍ଛାର ପ୍ରତିକୂଳ ହୋଇ ରହିଥିବା ଶକ୍ତିଗୁଡ଼ିକର ଅର୍ଥରେହିଁ ବୁଝିବା। ତେଣୁ, ଯଦି ସେମାନେ ସେହି କାର୍ଯ୍ୟଟି ସହିତ ସହଯୋଗ କରୁଥାନ୍ତେ, ତେବେ ସେମାନେ ଆଉ ମୋଟେ ପ୍ରତିକୂଳ ହୋଇ ରହନ୍ତେ ନାହିଁ। ଏହା ସମ୍ପୂର୍ଣ୍ଣ ଭାବରେ ଏକ ଯୁକ୍ତିଯୁକ୍ତ କଥା।

ତେଣୁ ଆମେ କହିପାରିବା ନାହିଁ ଯେ, ଏହାଦ୍ୱାରା ମନୁଷ୍ୟଜାତିର ଅଗ୍ରଗତି ଲାଗି, ଏପରିକି ବିଶ୍ୱର ଅଗ୍ରଗତି ଲାଗି ଆଦୌ କୌଣସି ପ୍ରକାରର କାର୍ଯ୍ୟ ସାଧିତ ହୋଇଥାଏ। ମାତ୍ର, ଜଗତରେ ଏପରି କିଛି ନାହିଁ, ସବୁଠାରୁ ଅଧିକ ପ୍ରତିକୂଳ ହୋଇ ରହିଥିବା ବସ୍ତୁଗୁଡ଼ିକୁ ମଧ୍ୟ ଏହା ଭିତରେ ଅବଶ୍ୟ ସାମିଲ୍ କରାଯିବ,—ଯାହାକୁ କି ଦିବ୍ୟ କାର୍ଯ୍ୟର ସାଧନରେ ଆଦୌ କୌଣସି ପ୍ରକାରେ ବ୍ୟବହାର କରାଯାଇ ପାରିବ ନାହିଁ। ଆମେ କଥାଟିକୁ କିପରି ଭାବରେ ଗ୍ରହଣ କରିବା, ଏହା ତାହାରି ଉପରେହିଁ ନିର୍ଭର କରିବ। ମାତ୍ର, ଏହି କଥାଟିକୁ ଅବଶ୍ୟ କହି ରଖିବାକୁ ପଡ଼ିବ ଯେ, ମନୁଷ୍ୟମାନଙ୍କ ସହିତ ଆପଣାର ସମ୍ପର୍କକ୍ଷେତ୍ରରେ, ସେମାନଙ୍କର ପରୀକ୍ଷା ନେବାରେ ସେମାନେ ଦୁଷ୍ଟ ଭାବରେ ଅତୀବ ଆନନ୍ଦ ଲାଭ କରିଥାନ୍ତି। ଉଦାହରଣସ୍ୱରୂପ, ଯଦି ତୁମଭିତରେ ଅତି ପରିମାଣରେ ବଳ ଏବଂ ନିଷ୍ଠା ନ ଥାଏ, ଏବଂ ଯଦି ତୁମେ ନିଜକୁ "ମୁଁ ମୋ'ର ବିଶ୍ୱାସ ବିଷୟରେ ସମ୍ପୂର୍ଣ୍ଣ ସୁନିଶ୍ଚିତ" ବୋଲି କହୁଥାଅ—ଅନେକ ଭିତରୁ ଏହା ହେଉଛି ମାତ୍ର ଗୋଟିଏ ଉଦାହରଣ,—ତେବେ ସଙ୍ଗେ ସଙ୍ଗେ ଗୋଟାଏ କିଛି ଘଟେ ଯାହାକି ତୁମକୁ ନିଜ ବିଶ୍ୱାସରୁ ସମ୍ପୂର୍ଣ୍ଣ ଭାବରେ ଟଳାଇ ଦେବା ପାଇଁ ଉଦ୍ୟମ କରିବାକୁ ବାହାରିପଡ଼େ। ଏହା ହେଉଛି ଗୋଟିଏ···ମୁଁ ଭାବୁଛି, ତାହା ହେଉଛି ସେମାନଙ୍କର ଏକ ଚଗଲାମି ଏବଂ ଏଥିରୁ ସେମାନେ ଭାରି ଆନନ୍ଦ ପାଆନ୍ତି।

ତୁମେ ଜାଣିଥିବ, କେତେ ନା କେତେ ସମୟରେ···ଯେତେବେଳେ ଜଣେ ବ୍ୟକ୍ତି ଗର୍ବ କରି କହୁଥାଏ··· ହୁଏତ ଭାରି ପିଲାଳିଆ ଭାବରେ ସିଏ ଏହା କହି ପାରେମାତ୍ର ଯେତେବେଳେ କେହି କୌଣସି ବିଷୟରେ ଗର୍ବ ଦେଖାଇ କହେ :

'oaob.nitrkl.ac.in' images reprocessed

"ଏବିଷୟରେ ମୋ'ର ଆଦୌ କୌଣସି ସନ୍ଦେହ ନାହିଁ । ସେପରି ଭୁଲ୍ ମୁଁ କେବେହେଲେ କରିବି ନାହିଁ ।" ସେତେବେଳେ ମୁଁ ସଙ୍ଗେସଙ୍ଗେ ସେହି କ୍ଷେତ୍ରରେ ଏକ ପ୍ରତିକୂଳ ସଂରଚନା ସେହି ବାଟ ଦେଇ ଯାଉଥିବାର ଦେଖିବାକୁ ପାଏ; ଏବଂ, ଗର୍ବ ଦେଖାଇବା ଫଳରେ ଯେଉଁ କ୍ଷୁଦ୍ର ଚକ୍ରଟିଏ ହୋଇ ଯାଇଥାଏ, ତାହା ସେହି ବାଟେ ଭିତରକୁ ପ୍ରବେଶ କରେ । ତାହା ଭିତରେ ପ୍ରବେଶ କରେ, ଭେଦ କରି ପଶିଯାଏ; ଏବଂ, ତୁମେ ଠିକ୍ ଯାହା କରିବ ନାହିଁ ବୋଲି ଭାବୁଥିଲ, ତୁମେ ଯେପରି ତାହାହିଁ କରିବ, ସେଥିଲାଗି କ୍ଷେତ୍ର ପ୍ରସ୍ତୁତ କରିବାକୁ ଆରମ୍ଭ କରେ । ମାତ୍ର ଏଇଟା ହେଉଛି ତା'ର ଏକ ଆନନ୍ଦ,—ତୁମକୁ ଅଗ୍ରଗତିରେ ସାହାଯ୍ୟ କରିବା ଲାଗି ତାହା ଆଦୌ ଉଦ୍ଦିଷ୍ଟ ହୋଇ ରହି ନ ଥାଏ । (ମାଆ ହସି କହିଲେ) ମାତ୍ର, ତାହାକୁ କିପରି ଗ୍ରହଣ କରିବାକୁ ହେବ, ଯଦି ସେକଥା ତୁମକୁ ଜଣାଥାଏ, ତେବେ ଅଗ୍ରଗତି ଲାଗି ତୁମକୁ ତାହା ଅବଶ୍ୟ ସାହାଯ୍ୟ କରିପାରିବ । ତୁମେ କହିବ, "ହଉ, ହେଲା । ଆଉଥରକୁ ମୁଁ ମୋଟେ ଗର୍ବ ଦେଖାଇବ ନାହିଁ ।"

ଏବଂ, ଏହି ଶକ୍ତିମାନେ ମାନସିକ ତଥା ପ୍ରାଣିକ ଭୂମିରେ ଖୁବ ସଚେତନ ହୋଇ ରହିଥିବାରୁ ଆମକୁ ଶବ୍ଦଗୁଡ଼ିକୁ ଉଚ୍ଚାରଣ କରି କହିବାକୁ ମଧ୍ୟ ପଡ଼େ ନାହିଁ । ଯଦି ସେହି ଭାବନାଟି···ଉଦାହରଣସ୍ୱରୂପ, ଯଦି କୌଣସି ଏକ କଥାକୁ ସଂଶୋଧନ କରିବାକୁ ଉତ୍ତମ ଭାବରେ କିଛି କାର୍ଯ୍ୟ କରିଛ, କୌଣସି ଏକ ମନ୍ଦ ଅଭ୍ୟାସ ଅଥବା ସ୍ଥୂଳ ସ୍ତରର କୌଣସି ଦୁର୍ବଳତାକୁ ସଂଶୋଧନ କରିବା ଲାଗି ଯଦି ତୁମେ ପ୍ରକୃତରେ କଠିନ ଚେଷ୍ଟା କରିଛ,—ଏବଂ, ଉତ୍ତମରୂପେ କିଛି କରିଥିବାରୁ ତୁମେ ସେଥିରେ ଏକ ନିର୍ଦ୍ଦିଷ୍ଟ ପରିମାଣରେ ସଫଳତା ହାସଲ ମଧ୍ୟ କରିପାରିଛ । ତା'ପରେ, ତୁଚ୍ଛ ନିଜର ମାନସିକ ଭୂମିରେ ତୁମେ କହିଲ ଯେ ତୁମେ ସଫଳତା ଲାଭ କରି ପାରିଛ,—ତେବେ ସେହି ଅନ୍ୟ କଥାଟି ଠିକ୍ ତା'ର ପର ମୁହୂର୍ତ୍ତରେହିଁ ପୁଣି ଆରମ୍ଭ ହୋଇଯିବ । ଏହା ହେଉଛି···ତୁମେ ଏହି କଥାକୁ ଚିନ୍ତା ମଧ୍ୟ କରିବ ନାହିଁ । ଏଠାରେ କହିବାର କୌଣସି ପ୍ରଶ୍ନ ଉଠୁ ନାହିଁ; କେବଳ ଏହିପରି ଚିନ୍ତା କରିବାର ପ୍ରଶ୍ନ ଉଠୁଛି : "ମାତ୍ର, ଆଗରୁ ବି ତ ଠିକ୍ ଏହିପରି ହୋଇଥିଲି, ଏବଂ ବର୍ତ୍ତମାନ ଏହିପରି ହେବାକୁ ବସିଲିଣି । ଖୁବ ଚମତ୍କାର କଥା !" ବାସ୍, ସେତିକିରେ ସବୁ ଶେଷ ହୋଇଯିବ । ତାହା ପର ମୁହୂର୍ତ୍ତରେ ପୁନର୍ବାର ଆରମ୍ଭ ହୋଇଯିବ ।

ଏପରି ନିଶ୍ଚିତ ଭାବରେ ହେବ, କାରଣ, ତୁମର ଚାରିପାଖରେ ଏପରି ଅନେକ ସାକ୍ଷୀ ମହଜୁଦ ରହିଥିବେ, ଯେଉଁମାନେ କି ଭାରି ଖଳ ଭାବରେ ତୁମକୁ ଦ୍ୱେଷ କରୁଥିବେ ଏବଂ ତାହା ସେମାନଙ୍କୁ ସାଂଘାତିକ ଭାବରେ ଆନନ୍ଦ ଦେବାରେ ଲାଗିଥିବ । ଯେତେବେଳେ ଜଣେ ବ୍ୟକ୍ତି ମନ ଖୋଲି କରି ମୋତେ କହୁଥାଏ, ମୁଁ

'oaob.nitrkl.ac.in' images reprocessed

ସେତେବେଳେ ସେମାନଙ୍କର ହସକୁ ମଧ୍ୟ ସ୍ପଷ୍ଟ ଭାବରେ ଶୁଣିବାକୁ ପାଇଥାଏ । ସେହିପରି ଉଚ୍ଚ ହସ ଶୁଣିବାକୁ ପାଏ । ହଁ, ସେମାନେ ଏଥିରେ ଭାରି ଆନନ୍ଦ ପାଆନ୍ତି । ଏବଂ, ତାହାର ପର ମୁହୂର୍ତ୍ତରେ କିମ୍ବା ପରଦିନ, ସବୁ ଭିନ୍ନ ହୋଇଯାଏ ।

ଏହି ସାକ୍ଷୀମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ?

ବ୍ୟାବହାରିକ ଦୃଷ୍ଟିରୁ ବିଚାର କରି କହିଲେ, ତୁମେ ତୁମ ଭିତରେ ସମ୍ପୂର୍ଣ୍ଣ ଭାବରେ ନୀରବ ହୋଇ ରହିଥିବ; ତୁମେ ଯାହା କରିବାକୁ ଇଚ୍ଛା କରୁଛ, ଯେଉଁ ଅଗ୍ରଗତି ହାସଲ କରିବାକୁ ଚାହୁଁଛ, ତାହାର ସହିତ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସଂଶ୍ଳିଷ୍ଟ କରି ରଖିଥିବା ଏକ ମାନସିକ ସକ୍ରିୟତା ମଧ୍ୟରେ ଅବସ୍ଥାନ କରୁଥିବ । ଆପଣାର କାର୍ଯ୍ୟ ଲାଗି ଯେଉଁ ମାନସିକ ସଂରଚନାଟି ଦରକାର, ତାହାକୁ ନେଇ ତତ୍ପର ରହିଥିବ । ଏବଂ, ନିରୀକ୍ଷଣ କରିବା ଲାଗି ତୁମ ଭିତରେ ରହିଥିବା ସାମର୍ଥ୍ୟ, —ସକଳ ପରିସ୍ଥିତିରେ ଏହିପରି କରିବାହିଁ ଉଚିତ,—ଏହା ସମ୍ପୂର୍ଣ୍ଣ ଭାବରେ ଅପରିହାର୍ଯ୍ୟ ବୋଲି ମୁଁ ହୁଏତ କହିବି,—ସେହି ସାମର୍ଥ୍ୟକୁ ତୁମେ ନିଜର କ୍ରିୟାଶୀଳତାର କ୍ଷେତ୍ରଟିକୁ ନିରୀକ୍ଷଣ କରିବାରେ ବ୍ୟବହାର କରୁଥିବ; ଆପଣାର କ୍ରିୟାଟି ଲାଗି ତୁମେ ଯେଉଁ ପ୍ରଣାଳୀଟିକୁ କାମରେ ଲଗାଉଛ, ସେଥିରୁ ତୁମକୁ ଯେଉଁସବୁ ଫଳ ମିଳୁଛି, ଅନୁଭୂତିରୁ ତୁମେ ଯେଉଁସବୁ ସିଦ୍ଧାନ୍ତରେ ଆସି ପହଞ୍ଚୁଛ, ଏଥିରୁ ତୁମର ଯେଉଁସବୁ ଜ୍ଞାନଲାଭ ହୋଇ ପାରୁଛି, ଏହି ସବୁକିଛି ଉପରେ ଦୃଷ୍ଟିପାତ କରିବା ଲାଗି ତୁମେ ସେହି ସାମର୍ଥ୍ୟକୁ କାମରେ ଲଗାଇବ,—ମାତ୍ର କଦାପି ନିଜ ଆଡ଼କୁ ଅନାଇ ଦେଖିବ ନାହିଁ କିମ୍ବା ଆପଣାର କାର୍ଯ୍ୟପ୍ରକ୍ରିୟାଟି ଉପରେ ଦୃଷ୍ଟିପାତ କରିବ ନାହିଁ । ଆପଣାକୁ ଏହି ନିରୀକ୍ଷଣର ବସ୍ତୁରେ ପରିଣତ କରିଦେବାର ଏହି ପ୍ରକ୍ରିୟାଟି ହେଉଛି ଏକ ବିପଜ୍ଜନକ କ୍ରିୟା । ଏବଂ ଏହାଦ୍ୱାରା ସର୍ବଦା ଅପ୍ରୀତିକରତାହିଁ ଲବ୍ଧ ହୋଇଥାଏ, ସେହି ଅପ୍ରୀତିକରତା ଅନେକ ସମୟରେ ଭାରି ଗମ୍ଭୀର ହୋଇଉଠେ । ହଁ, ଅନେକ ବ୍ୟକ୍ତି ଆପଣା ଉପରେ ଅବଲୋକନ କରିହିଁ ଅଧିକାଂଶ ସମୟ ଅତିବାହିତ କରନ୍ତି;—ସେମାନେ ଯାହାକିଛି କରୁଛନ୍ତି, କିପରି ଭାବରେ ଜୀବନ କଟାଉଛନ୍ତି,—ଏବଂ ଏହା ସେମାନଙ୍କୁ ଭାରି··· ଇଂରାଜୀ ଭାଷାରେ ଯାହାକୁ ଆତ୍ମସଚେତନ (self-conscious) ହେବା ବୋଲି କୁହାଯାଏ; ଅର୍ଥାତ୍, ସେମାନେ ଯାହା କାର୍ଯ୍ୟ କରୁଛନ୍ତି, ସେହି ବିଷୟରେ ନିଷ୍ଠାଯୁକ୍ତ ହୋଇ ରହିବା ପରିବର୍ତ୍ତେ, ଆପଣାର କାର୍ଯ୍ୟରେହିଁ ତତ୍ପର ରହିବା ପରିବର୍ତ୍ତେ ସେମାନେ ଆପଣାର କ୍ରିୟା ଉପରେ ଦୃଷ୍ଟିପାତ କରନ୍ତି ଓ ନିଜର ତାରିଫ୍ କରନ୍ତି ବା ନିଜକୁ ଶ୍ରେଷ୍ଠ କରି ବି ଦେଖିଆନ୍ତି; ନିଜର ବିଶେଷ ସ୍ୱଭାବଟି ଅନୁସାରେ

'oaob.nitrkl.ac.in' images reprocessed

ସେମାନେ ତାହା କରିବାରେ ଲାଗିଥାଆନ୍ତି । ଏକ ବୃହତ୍ତର ଆତ୍ମସନ୍ତୋଷର ଭାବ ନେଇ ଅନେକ ବ୍ୟକ୍ତି ଆପଣାର କାର୍ଯ୍ୟର ଅବଲୋକନ କରୁଥାଆନ୍ତି, ସେମାନେ ସେଥିରୁ କେତେ ନା କେତେ ସନ୍ତୋଷ ଲାଭ କରନ୍ତି ଏବଂ ଆପଣାକୁ ପ୍ରକୃତରେ ଭାରି କେତେ କ'ଣ ବୋଲି ବିଚାରୁଥାଆନ୍ତି । ଅନ୍ୟ ପକ୍ଷରେ, ଅନ୍ୟମାନେ ବି ଥାଆନ୍ତି, ଯେଉଁମାନେ କି ସମ୍ପୂର୍ଣ୍ଣ ଭାବରେ ଏକ ସମାଲୋଚନାତ୍ମକ ମନ ନେଇ ଆପଣାକୁ ସର୍ବଦା ସମାଲୋଚନାହିଁ କରୁଥାଆନ୍ତି । ମାତ୍ର, ଏହି ଦୁଇ ପ୍ରକାର ଲୋକଙ୍କ ମଧ୍ୟରୁ କେହି ଅନ୍ୟଟିଠାରୁ ଭଲ ନୁହନ୍ତି । ଦୁହେଁ ସମାନ ଭାବରେହିଁ ମନ୍ଦ । ସବୁଠାରୁ ଭଲ କଥା ହେଉଛି ଯେ ଆମେ ନିଜକୁ ନେଇ ମୋଟେ ବ୍ୟସ୍ତ ରହିବା ନାହିଁ । ଯଦି ତୁମର କୌଣସି କାର୍ଯ୍ୟ କରିବାର ଅଛି, ତେବେ ସବୁଠାରୁ ଭଲ କଥା ହେଉଛି ଯେ ତୁମେ ସର୍ବଦା ସେହି କାର୍ଯ୍ୟଟିକୁହିଁ ଅବଲୋକନ କରୁଥିବ ଏବଂ ସ୍ୱଭାବତଃ; କିପରି ସର୍ବୋତ୍ତମ ଭାବରେ ତୁମେ ତାହାକୁ କରିପାରିବ, ସେହି କଥାହିଁ ବିଚାର କରୁଥିବ । ଏଥିରୁ ସର୍ବଦା ଭଲହିଁ ଫଳିବ । ମାତ୍ର, ତୁମେ ଭଲ ଭାବରେ କାର୍ଯ୍ୟଟିକୁ କରୁଛ କି ନାହିଁ, ଆପଣାକୁ ଅନାଇ ତାହାର ବିଚାର କରୁଥିବା ଏବଂ ଆପଣାର ତାରିଫ କରିବାରେ ଲାଗିଥିବା—ସେଥିରେ ଆଦୌ କୌଣସି ଲାଭ ହେବ ନାହିଁ ।

କାର୍ଯ୍ୟଟିକୁ କିପରି ଭାବରେ କରିବାକୁ ହେବ, ତାହାକୁ ଖୋଜି ବାହାର କରିବା ଏବଂ କାର୍ଯ୍ୟଟିକୁ କିପରି ସର୍ବୋତ୍ତମ ଭାବରେ କରାଯାଇ ପାରିବ, ତାହାର ଆବିଷ୍କାର କରିବା,—ଏହା ଅତ୍ୟନ୍ତ ଉପଯୋଗୀ । ମାତ୍ର, କାର୍ଯ୍ୟ କରୁଥିବା ସମୟରେ ଆପଣାକୁ ଅନାଇ ଦେଖୁଥିବା,—ନିଜର ତାରିଫ କରୁଥିବା ଅଥବା ଶ୍ରେଷ୍ଠ ମନେ କରୁଥିବା,—ତଦ୍ୱାରା ଯେ କେବଳ କୌଣସି ଲାଭ ହୁଏ ନାହିଁ ତା' ନୁହେଁ, ତଦ୍ୱାରା ଅନିଷ୍ଟହିଁ ହୋଇଥାଏ ।

ମାଆ, "ଏକ ସୁବିକଶିତ ଚୈତ୍ୟସତ୍ତା" କହିଲେ ପ୍ରକୃତରେ କ'ଣ ବୁଝାଇବ ?

କ'ଣ ବୁଝାଇବ : ଏକ ସୁବିକଶିତ ଚୈତ୍ୟସତ୍ତା କହିଲେ ? ମାତ୍ର ଏହି କଥାଟିକୁ ତ ମୁଁ ତୁମକୁ ଅତି ପ୍ରାଞ୍ଜଳ ଭାବରେ ବୁଝାଇଦେଇ ସାରିଛି । ଗତ ସପ୍ତାହରେ ଅଥବା ତା' ପୂର୍ବ ସପ୍ତାହରେ ବୁଝାଇ ଦେଇ ନାହିଁ କି ? ହଁ, ମୁଁ କହିଥିଲି ସମ୍ପୂର୍ଣ୍ଣ ଭାବରେ ସଚେତନ ଏବଂ ସ୍ୱତନ୍ତ୍ର ଏକ ପୂର୍ଣ୍ଣଗଠିତ ସତ୍ତାର ରଚନାରେ ସର୍ବପ୍ରଥମ ଦିବ୍ୟ ଅଗ୍ନିକଣାଟି କିପରି କ୍ରମେ ଗୋଟିଏ ଗୋଟିଏ ଦିବ୍ୟ ସତ୍ତାରୂପେ ବିକଶିତ ହୋଇଉଠେ । ତେଣୁ, ଆମେ ଯେତେବେଳେ ସୁବିକଶିତ ସତ୍ତା ବା ସୁବିକଶିତ ଚୈତ୍ୟସତ୍ତା ବିଷୟରେ କିଛି କହିବା, ସେତେବେଳେ ଆମେ

'oaob.nitrkl.ac.in' images reprocessed

ସେହି ଚୈତ୍ୟସତ୍ତାଟି ବିଷୟରେ କହିବା, ଯାହାକି ଆକାର ପ୍ରାପ୍ତିର ସର୍ବୋଚ୍ଚ ବିନ୍ଦୁରେ ଆସି ଉପନୀତ ହୋଇ ସାରିଛି ।

ତେବେ, ବିକାଶ ଲାଭ କରିସାରିବା ପରେ, ସେଥିରେ ପୁଣି ଆଉ କୌଣସି ଅପୂର୍ଣ୍ଣତା ରହିବ କିପରି ?

କେଉଁସବୁ ଅପୂର୍ଣ୍ଣତା ?

ଆପଣ ସେଦିନ ଯେପରି କହୁଥିଲେ, ନୁହେଁ ?—ଯଦି କେହି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାଏ, ତେବେ ତାହାର ଅର୍ଥ ହେଉଛି ଯେ ତାହାର ସତ୍ତାଟି ପୂର୍ଣ୍ଣ ବିକଶିତ ହୋଇ ନାହିଁ ।

ମାତ୍ର, ତୁମେ ଏହି କ୍ଷେତ୍ରରେ ଚୈତ୍ୟସତ୍ତାକୁ ବାହ୍ୟ ସତ୍ତା ସହିତ ଏକାଠି ଗୋଳାଇ ମିଶାଇ ଦେଉଛ । ଚୈତ୍ୟସତ୍ତା ହୁଏତ ପୂର୍ଣ୍ଣତା ଲାଭ କରି ଥାଇପାରେ, ମାତ୍ର ତଥାପି ବାହ୍ୟସତ୍ତାଟି ନିର୍ବୋଧ ହୋଇ ବି ରହିପାରେ । ତୁମେ ଦୁଇଟିଯାକକୁ ମୋଟେ ଗୋଳାଇ ମିଶାଇଦିଅ ନାହିଁ । ସେମାନଙ୍କର ପରସ୍ପର ସହିତ···ଦୁର୍ଭାଗ୍ୟ-ବଶତଃ ସେମାନଙ୍କର ପରସ୍ପର ସହିତ ଅଧିକାଂଶ ସମୟରେ ଆଦୌ କୌଣସି ସମ୍ବନ୍ଧ ନ ଥାଏ । କାରଣ, ବାହ୍ୟସତ୍ତାଟି ଚୈତ୍ୟସତ୍ତା ସମ୍ବନ୍ଧରେ ଆଦୌ ସଚେତନ ରହି ନ ଥାଏ । ମାତ୍ର, ତାହା ଯେଉଁ ପରିମାଣରେ ସଚେତନତା ହାସଲ କରେ, ସେହି ସେହି ପରିମାଣରେହିଁ ଏହି ଚୈତ୍ୟକ୍ଷେତ୍ରର ପରିପୂର୍ଣ୍ଣତାକୁ ପ୍ରତିଫଳିତ କରିବାରେ ସମର୍ଥ ହୁଏ ।

ଯଦି ତୁମେ ସ୍ୱଭାବ ବିଷୟରେ ନ କହି ପରିସ୍ଥିତିଗୁଡ଼ିକ ସମ୍ବନ୍ଧରେ କହିବାକୁ ଇଚ୍ଛା କରୁଥିବ, ତେବେ ଏକ ଚୈତ୍ୟସତ୍ତାକୁ ମଧ୍ୟ କାହିଁକି ଏହି ଜଗତରେ ବାଧା ଓ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ନ ପଡ଼ିବ ? ଏହି ଜଗତ ସମ୍ପୂର୍ଣ୍ଣ ଭାବରେ ଚୈତ୍ୟ ଭୂମିରେ ଆସି ପହଞ୍ଚି ସାରିଥିଲେ ତାହା ନିଶ୍ଚୟ ଅନ୍ୟ ପ୍ରକାର କଥା ହୋଇଥାନ୍ତା । ମାତ୍ର, ତାହା ତ ସମ୍ଭବ ହୋଇ ନାହିଁ । ତାହାର ଠିକ୍ ଓଲଟାଟାହିଁ ହୋଇଛି; ଏବଂ ମୁଁ ଭାବୁଛି, ଜଣେ ବ୍ୟକ୍ତି ଚୈତ୍ୟ ବିକାଶର ଭୂମିରେ ଯେତିକି ଆଗକୁ ଯାଇଥିବ, ତାହାକୁ ସେତେ ବେଶୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । କେବଳ ଏତିକି କଥା ଅବଶ୍ୟ ସତ ଯେ, ଅସୁବିଧା-ଗୁଡ଼ିକର ସମ୍ମୁଖୀନ ହେବା ଲାଗି ତା’ପାଖରେ ଆବଶ୍ୟକ ସମ୍ବଳ ରହିଥିବ । ମାତ୍ର, ସେହି ବ୍ୟକ୍ତି ଯେତିକି ଅଧିକ ପରିମାଣରେ ଚୈତ୍ୟ ମଧ୍ୟରେ ପ୍ରବେଶ କରି ପାରିଥିବ, ତାକୁ ଉପସ୍ଥିତ ପୃଥିବୀର ସ୍ଥିତିଟି ଆଗରେ ସେତିକି ଅଧିକ ବିରୋଧୀ ହୋଇ ରହିବାକୁ ପଡ଼ିବ । ତେଣୁ, କୌଣସି ବସ୍ତୁର ବିରୋଧୀ ହୋଇ ରହିଥିଲେ ନିଶ୍ଚୟ

'oaob.nitrkl.ac.in' images reprocessed

ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ଏବଂ ମୁଁ ଏହି କଥା ଲକ୍ଷ୍ୟ କରି ଦେଖିଛି ଯେ, ଯେଉଁମାନେ ଅଧିକସଂଖ୍ୟକ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସେହିମାନେହିଁ ଅଳ୍ପବିସ୍ତର ପରିମାଣରେ ଆପଣାର ଚୈତ୍ୟସତ୍ତା ସହିତ ନିକଟ ସମ୍ପର୍କ ସ୍ଥାପନ କରି ପାରିଥାନ୍ତି । ଯଦି ତୁମେ ବାହ୍ୟ ପରିସ୍ଥିତିଗୁଡ଼ିକ ବିଷୟରେ କହିବାକୁ ଚାହୁଁଥିବ, —ଏଠାରେ ମୁଁ ଆଦୌ ସ୍ୱଭାବ ବିଷୟରେ କହୁ ନାହିଁ, ତାହା ଏକ ସମ୍ପୂର୍ଣ୍ଣ ଭିନ୍ନ କଥା, ମୁଁ ବାହ୍ୟ ପରିସ୍ଥିତିଗୁଡ଼ିକ ବିଷୟରେହିଁ କହୁଛି—ଯେଉଁ ବ୍ୟକ୍ତିମାନଙ୍କୁ ସବୁଠାରୁ ଅଧିକ ସଂଗ୍ରାମ କରିବାକୁ ପଡ଼ିଥାଏ ଓ ଦୁଃଖଭୋଗ କରିବା ଲାଗି ଯେଉଁମାନଙ୍କର ସବୁଠାରୁ ଅଧିକ କାରଣ ଥାଏ, ସେହିମାନଙ୍କରହିଁ ଅତ୍ୟନ୍ତ ପରିମାଣରେ ବିକଶିତ ଏକ ଚୈତ୍ୟସତ୍ତା ରହିଥାଏ ।

ପ୍ରଥମ କଥା ହେଉଛି, ଚୈତ୍ୟସତ୍ତାର ବିକାଶ ଦ୍ୱାରା ଦୁଇଟି ପରିଣାମ ସଂଘଟିତ ହୋଇଥାଏ । ଏହି ଦୁଇଟିଯାକ ପରିଣାମ ପରସ୍ପରର ସହବର୍ତ୍ତୀ ହୋଇ ରହିଥାନ୍ତି । ଅର୍ଥାତ୍, ଚୈତ୍ୟସତ୍ତାର ବିକାଶ ସଙ୍ଗେ ସଙ୍ଗେ, ସତ୍ତାର ଗ୍ରହଣଶୀଳତା ମଧ୍ୟ ବୃଦ୍ଧିପ୍ରାପ୍ତ ହୋଇଥାଏ । ଏବଂ ଗ୍ରହଣଶୀଳତାରେ ବୃଦ୍ଧି ଘଟିବା ସହିତ ଦୁଃଖଭୋଗ କରିବାର ସାମର୍ଥ୍ୟ ମଧ୍ୟ ବୃଦ୍ଧି ଲାଭ କରିଥାଏ । ମାତ୍ର, ଏହାର ପ୍ରତିପକ୍ଷ ରୂପେ ଆଉଗୋଟିଏ କଥା ମଧ୍ୟ ଘଟେ,—ଅର୍ଥାତ୍, ଚୈତ୍ୟସତ୍ତା ସହିତ ଜଣେ ବ୍ୟକ୍ତିର ଯେତିକି ଅଧିକ ପରିମାଣରେ ସମ୍ପର୍କ ସ୍ଥାପିତ ହୁଏ, ସିଏ ସମ୍ପୂର୍ଣ୍ଣ ଅନ୍ୟ ପ୍ରକାରେହିଁ ଜୀବନର ପରିସ୍ଥିତିଗୁଡ଼ିକର ସମ୍ମୁଖୀନ ହେବାକୁ ଆରମ୍ଭ କରେ; ଏପରି ଏକ ବନ୍ଧନହୀନତାର ବୋଧ ସହିତ ସିଏ ସେଗୁଡ଼ିକର ସମ୍ମୁଖୀନ ହୁଏ, ଯାହାକି ତାକୁ ସେହି ପରିସ୍ଥିତିରୁ ନିଜକୁ ପ୍ରତ୍ୟାହୃତ କରି ଆଣିବା ଲାଗି ସମର୍ଥ କରେ ଏବଂ ତେଣୁ ସମ୍ପୃକ୍ତ ଆଘାତଟିକୁ ସେ କଦାପି ସାଧାରଣଙ୍କ ପରି ଅନୁଭବ କରେ ନାହିଁ । ଯେତେବେଳେ ତୁମେ ଅସୁବିଧାଟିର କିଂବା ବାହ୍ୟ ବସ୍ତୁଗୁଡ଼ିକର ସ୍ଥିର, ଶାନ୍ତ ଭାବରେ ସମ୍ମୁଖୀନ ହେବାରେ ସମର୍ଥ ହୁଅ,—ଯଥେଷ୍ଟ ପରିମାଣରେ ଏକ ଅନ୍ତର୍ଗତ ଜ୍ଞାନ ସହିତ ସମ୍ମୁଖୀନ ହୁଅ, ଯାହାକି ତୁମକୁ ଆଦୌ ବିଚଳିତ କରିଦିଏ ନାହିଁ । ତେଣୁ, ଗୋଟିଏ ପାଖରେ ତୁମେ ଅପେକ୍ଷାକୃତ ଅଧିକ ଗ୍ରହଣଶୀଳ ହୋଇ ରହିଥାଅ ଏବଂ ଅନ୍ୟ ପାଖରେ ସେହି ଗ୍ରହଣଶୀଳତାର ସମ୍ମୁଖୀନ ହେବା ଲାଗି ତୁମପାଖରେ ଅପେକ୍ଷାକୃତ ଅଧିକ ବଳ ରହିଥାଏ ।

ଆଉକିଛି ଅତ୍ୟାବଶ୍ୟକ ପ୍ରଶ୍ନ ନାହିଁ ତ ?

ଅତ୍ୟାବଶ୍ୟକ ପ୍ରଶ୍ନ କହିଲେ କ'ଣ ବୁଝାଏ ? କିଏ କହିପାରିବ ?

ଏପରି ଏକ ପ୍ରଶ୍ନ, ଯାହାର ଉତ୍ତର ପାଇବା ଏକାନ୍ତ ଅତ୍ୟାବଶ୍ୟକ ।

'oaob.nitrkl.ac.in' images reprocessed

ମାତ୍ର, ମୁଁ କୁହାଇଥିଲେ କହିଥାନ୍ତି ଯେ, ଏହା ଏପରି ଏକ ପ୍ରଶ୍ନ...ଯଦି ସେହି ପ୍ରଶ୍ନଟିକୁ ତୁମେ ଆଜ ନ ପଚାରି ପାରିବ, ତେବେ ରାତରେ ତୁମକୁ ନିଦ ନ ହେବ ନାହିଁ । (ସମସ୍ତେ ହସିଲେ)

ଏହିପରି ଏକ ପ୍ରଶ୍ନକୁହିଁ ଯଥାର୍ଥ ଭାବରେ ଅତ୍ୟାବଶ୍ୟକ ବୋଲି କୁହାଯାଇ ପାରିବ । ବୁଝିଲ ? ଏପରି ଆଉ କୌଣସି ପ୍ରଶ୍ନ ନାହିଁ, ନୁହେଁ ? ତେବେ ତୁମେମାନେ ସମସ୍ତେ ଆଜ ରାତରେ ଭାରି ଶାନ୍ତିରେ ଶୋଇ ପାରିବ !

(ସମସ୍ତେ ହସିଲେ)

ଏହା ଏପରି ଗୋଟିଏ ପ୍ରଶ୍ନ ବି ହୋଇପାରେ ସେଇଟିକୁ ନ ପଚାରିଲେ ଜଣେ ବ୍ୟକ୍ତି ଆଜ କୌଣସି ଅଗ୍ରଗତି କରି ପାରିବ ନାହିଁ ।

ହଁ, ସେକଥା ସତ । ମାତ୍ର, ଯେଉଁ ପ୍ରଶ୍ନର ଉତ୍ତର ପାଇଲେ ତୁମର ଅଗ୍ରଗତି ହେବ, ସେହି ପ୍ରଶ୍ନ ବିଷୟରେ ତୁମେ ପ୍ରକୃତରେ ସଚେତନ କି ? ଯଦି ପ୍ରକୃତରେ ସଚେତନ ରହିଥିବ, ତେବେ ତାହାକୁ ନିଶ୍ଚିତ ଭାବରେ ଏକ ପ୍ରକୃତ ଉପଲବ୍ଧି ବୋଲି କୁହାଯିବ । ଏହାଦ୍ୱାରା ତୁମର ଅଧେ ଅଗ୍ରଗତି ହୋଇ ସାରିଲାଣି ବୋଲି କୁହାଯାଇ ପାରିବ । ବର୍ତ୍ତମାନ ସେଭଳି କୌଣସି ପ୍ରଶ୍ନ ଅଛି କି ? କେହି ଅଗ୍ରଗତି ଲାଗି ତିଆରି ହୋଇ ରହିଛୁ କି ? ଭଲ କଥା, ତେବେ ସେକଥା ଆର ଥରକୁ ଦେଖାଯିବ ।

'oaob.nitrkl.ac.in' images reprocessed

# ୨୭ ଜାନୁଆରୀ ୧୯୫୫

"ଯୋଗାଧାର" ପୁସ୍ତକର ତୃତୀୟ ଅଧ୍ୟାୟ "ପ୍ରତିବନ୍ଧର ସମ୍ମୁଖୀନ ହେଲାବେଳେ" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, "ବର୍ତ୍ତମାନର ସଂଗଠନଟି ମଧ୍ୟରେ ରହିଥିବା ଦୋଷଗୁଡ଼ିକ" ଉପରେ ଦୃଷ୍ଟିପାତ କରୁଥିବା ଏବଂ "ଶକ୍ତିଚୟର ପରମ କର୍ତ୍ତା" ପ୍ରକୃତରେ କିଏ ?

ସିଏ ହେଉଛି ସେହି ଦିବ୍ୟ ପରମ ଉପସ୍ଥିତି, ଯିଏକି ଭିତରେ ରହି, ବର୍ତ୍ତମାନ ସତ୍ତାଟିର କ୍ରିୟାପ୍ରଣାଳୀ ମଧ୍ୟରେ ଯାହାକିଛି ଅପୂର୍ଣ୍ଣ ଏବଂ ତ୍ରୁଟିଯୁକ୍ତ ହୋଇ ରହିଛି, ତାହାର ଉପରେ ଅବଲୋକନ କରୁଛନ୍ତି । ଚୈତ୍ୟସତ୍ତା ମଧ୍ୟରେ ଦିବ୍ୟ ପରମଚେତନା ଅବସ୍ଥିତ ରହିଛନ୍ତି; ଏବଂ, ଯାହାକିଛି ଅପୂର୍ଣ୍ଣ ହୋଇରହିଛି, ସେହି ପରମ ଚେତନା ତାହାକୁ ଦେଖୁଛନ୍ତି, ଏବଂ ଯୁଗପତ୍ ଭାବରେ, ଆକ୍ରମଣ-ଗୁଡ଼ିକ ବିଷୟରେ ମଧ୍ୟ ସିଏ ସଜ୍ଞାନ ହୋଇ ରହିଛନ୍ତି । ସେଗୁଡ଼ିକୁ ପ୍ରତିହତ କରିଦେବା ନିମନ୍ତେ କ'ଣ କରିବାକୁ ହେବ, ସେକଥା ମଧ୍ୟ ତାଙ୍କୁ ଜଣାଅଛି । ମାତ୍ର ଏଥିଲାଗି ଆମକୁ ନିଜର ଚୈତ୍ୟସତ୍ତାଟି ସମ୍ବନ୍ଧରେହିଁ ସଚେତନ ରହିବାକୁ ପଡ଼ିବ । ଉପାୟ ସର୍ବଦା କେବଳ ସେହି ଗୋଟିଏ । ତେଣୁ ଆମକୁ ବାରଂବାର ସେହି ଗୋଟିଏ କଥା ପାଖକୁହିଁ ଫେରି ଆସିବାକୁ ପଡ଼ୁଛି ।

ଆତ୍ମହତ୍ୟା କଲାବେଳେ ଏତେ ଦୁଃଖ ଭୋଗ କରିବାକୁ ପଡ଼େ କାହିଁକି ?

ଜଣେ ବ୍ୟକ୍ତି କାହିଁକି ଆତ୍ମହତ୍ୟା କରେ ? କାରଣ ସିଏ ହେଉଛି ଜଣେ ଭୀରୁ···ଏବଂ, ଭୀରୁ ହୋଇଥିଲେ ସବୁବେଳେହିଁ ଦୁଃଖ ଭୋଗ କରିବାକୁ ହୁଏ ।

ପର ଜୀବନରେ ମଧ୍ୟ ପୁଣି ଦୁଃଖ ଭୋଗିବାକୁ ପଡ଼େ ?

ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ କେତେକ ଅନୁଭୂତି ମଧ୍ୟ ଦେଇ ଗତି କରିବାକୁ, ସେଥିରୁ ଶିକ୍ଷା କରିବାକୁ ଏବଂ ଆପଣାର ଅଗ୍ରଗତି ସାଧନ କରିବାକୁ ଚୈତ୍ୟସତ୍ତା ଜଗତକୁ ଆସିଥାଏ । ତେଣୁ, ତାହାର କାର୍ଯ୍ୟଟି ଶେଷ ହେବା ପୂର୍ବରୁ

'oaob.nitrkl.ac.in' images reprocessed

ଯଦି ତୁମେ ବିଦାୟ ନେବାକୁ ବସିବ, ତେବେ, ଆହୁରି ଅଧିକ ଅସୁବିଧାପୂର୍ଣ୍ଣ ପରିସ୍ଥିତିରେ ନିଜର କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବା ଲାଗି ତାକୁ ପୁନର୍ବାର ଫେରି ଆସିବାକୁ ପଡ଼ିବ। ତେଣୁ, ଗୋଟିଏ ଜୀବନରେ ତୁମେ ଯାହାକିଛି ଏଡ଼ିଦେଇ ପାରିଲ ବୋଲି ଭାବୁଥିବ, ତୁମକୁ ଆଉ ଗୋଟିଏ ଜୀବନରେ ତାହାରି ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ଅଧିକ ଆୟାସପୂର୍ଣ୍ଣ ଭାବରେ ସମ୍ମୁଖୀନ ହେବାକୁ ପଡ଼ିବ। ଏବଂ, ଏପରି ଭାବରେ ଘୁଞ୍ଚି ଚାଲି ନ ଯାଇ, ନିଜ ଜୀବନରେ ଯଦି ତୁମର କେତେକ ବାଧା ଓ ଅସୁବିଧାକୁ ଅତିକ୍ରମ କରିବାର ଥାଏ, — ଆମେ ସାଧାରଣତଃ ଯାହାକୁ କୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବୋଲି କହିଥାଉ, ତୁମ ଆଗରେ ସେହିପରି ଗୋଟିଏ କାର୍ଯ୍ୟ ରହିଥିବ। କିନ୍ତୁ, ଯଦି ତୁମେ ସେଇଟିକୁ ଉତ୍ତୀର୍ଣ୍ଣ ନ ହେବ ବା ସେହି ପରୀକ୍ଷା ପାଖରୁ ପଶ୍ଚାତ୍ପଦ ହୋଇ ଚାଲିଯିବ, ଯଦି ତୁମେ ଉତ୍ତୀର୍ଣ୍ଣ ନ ହୋଇ ତା'ପାଖରୁ ପଳାଇଯିବ, ତେବେ ତୁମକୁ ପୁନର୍ବାର ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ଏବଂ ପୂର୍ବାପେକ୍ଷା ତାହା ନିଶ୍ଚୟ ଅଧିକ କଷ୍ଟକର ହେବ।

ମାତ୍ର, ତୁମେ ଜାଣ, ଲୋକମାନେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞାନ ଭିତରେ ରହିଥାନ୍ତି ଓ ଘଟଣାଟିକୁ ଏହିପରି ବୋଲି ଭାବନ୍ତି : ପ୍ରଥମେ ଜୀବନ, ତା'ପରେ ମୃତ୍ୟୁ; ଜୀବନ ହେଉଛି ଗୋଟାଏ କ୍ଲେଶର ଏକ ସମଷ୍ଟି, ଏବଂ ତା'ପରେ ଆସୁଥିବା ମୃତ୍ୟୁ ହେଉଛି ଶାଶ୍ୱତ ଶାନ୍ତିର ଅବସ୍ଥା। ମାତ୍ର ପ୍ରକୃତରେ କଥାଟି ଆଦୌ ସେପରି ନୁହେଁ। ଏବଂ, ଏହିପରି ସମ୍ପୂର୍ଣ୍ଣ ଭାବରେ ଗୋଟାଏ ଖିଆଲର ବଶୀଭୂତ ହୋଇ ଯେତେବେଳେ ଜଣେ ବ୍ୟକ୍ତି ଜୀବନ କ୍ଷେତ୍ରରୁ ବାହାରି ଚାଲିଯାଏ, ଯେତେବେଳେ ସିଏ ଏକ ଅଜ୍ଞାନତାପୂର୍ଣ୍ଣ ଏବଂ ଅଜ୍ଞାତ ପ୍ରବଳାବେଗର କବଳରେ ପଡ଼ି ଏହିପରି କରେ, ସେତେବେଳେ ସିଏ ସିଧା ପ୍ରକୃତରେ ଏପରି ଏକ ପ୍ରାଣିକ ଲୋକକୁ ଯାଏ, ଯାହାକି ଠିକ ସେହିସବୁ ଆତୁରତା ଏବଂ ସେହିସବୁ ଅଜ୍ଞାନ ଦେଇ ତିଆରି ହୋଇଥାଏ। ତେଣୁ ଆମେ ଯେଉଁସବୁ କ୍ଲେଶକୁ ଏଡ଼ି ଚାଲିଯିବା ପାଇଁ ମନ କରିଥିଲୁ, ସେଗୁଡ଼ିକ ସହିତ ଆମର ପୁଣି ଭେଟ ହୁଏ ଓ ଏହି ଜଗତରେ ଆମର ଶରୀରଠାରୁ ଆମକୁ ଯେଉଁ ସୁରକ୍ଷା ପ୍ରାପ୍ତ ହେଉଛି, ସେଠାରେ ସେଇଟି ମଧ୍ୟ ଉପଲବ୍ଧ ହୁଏ ନାହିଁ। କାରଣ, ଯଦି ତୁମେ କେବେ କୌଣସି ଦୁଃସ୍ୱପ୍ନ ଦେଖିଥିବ, ଅର୍ଥାତ୍, ଯଦି କେବେ ତୁମକୁ ଏକ ପ୍ରାଣିକ ଜଗତ ମଧ୍ୟରେ ଦୁଃସାହସିକ ଭାବରେ ବୁଲିବାକୁ ପଡ଼ିଥିବ, — ସେତେବେଳେ ସେଥିରୁ ନିଷ୍କୃତି ଲାଭ କରିବାର ଉପାୟ ହେଉଛି ଯେ, ତୁମେ ନିଜକୁ ନିଦ୍ରାରୁ ଜାଗ୍ରତ କରି ଆଣିବ, ଅର୍ଥାତ୍, ତୁମେ ସଙ୍ଗେ ସଙ୍ଗେ ଆପଣାର ଶରୀର ଭିତରକୁ ଫେରି ଆସିବ। ମାତ୍ର ତୁମେ ଯେତେବେଳେ ଆପଣାର ଶରୀରଟିକୁ ନଷ୍ଟ କରିଦେଇଛ, ତେଣୁ, ନିଜର ସୁରକ୍ଷା କରିପାରିବା ଲାଗି ତୁମ ପାଖରେ ଆଉ କୌଣସି ଶରୀର ନ ଥିବ। ତେଣୁ ତୁମେ ଏକ ଚିରନ୍ତନ

'oaob.nitrkl.ac.in' images reprocessed

ଦୁଃସ୍ୱପ୍ନର ବାଘୁଣିକା ମଧ୍ୟରେ ଆସି ପଡ଼ିଯିବ, ଏବଂ ତାହା ଆଦୌ ଖୁବ୍ ବେଶୀ ସୁଖକର ହେବ ନାହିଁ । କାରଣ, ଦୁଃସ୍ୱପ୍ନଟିକୁ ଏଡ଼ି ପାରିବାକୁ ହେଲେ ତୁମକୁ ଏକ ଚୈତ୍ୟଚେତନାରେ ଅବସ୍ଥିତ ରହିବାକୁ ପଡ଼ିବ, ଏବଂ, ସେହି ଚୈତ୍ୟ-ଚେତନାରେ ଥିଲାବେଳେ ତୁମେ ବେଶ୍ ସୁନିଶ୍ଚିତ ରହିପାରିବ ଯେ, ବସ୍ତୁଗୁଡ଼ିକ ତୁମକୁ ଆଉ କୌଣସି କ୍ଳେଶ ଦେଇପାରିବେ ନାହିଁ । ତେଣୁ, ଆତ୍ମହତ୍ୟା କରିବା ଲାଗି ବାରବାର ଯେଉଁ ଉଦ୍ୟମ କରାଯାଏ, ତାହା ସମ୍ମୁଖରେ ସର୍ବଦା ଏକ ଅଜ୍ଞାନମୟ ଅନ୍ଧକାରର କ୍ଷେତ୍ର ବିସ୍ତୃତ ହୋଇ ରହିଥାଏ ଏବଂ, ମୁଁ ଯେପରି କହିଲି, ଅନ୍ତମାନଙ୍କରେ ଏକ ଶୂନ୍ୟତା କଳ୍ପିତ ହୋଇ ରହିଥାଏ ।

ମାଆ,—ବର୍ଷା ହେଉ ବା ଗଣ୍ଡଗୋଳ ହେଉ, ଏସବୁ କେବଳ ବୁଧବାର ଦିନମାନଙ୍କରେ କାହିଁକି ଘଟୁଛି ?*···

ସମ୍ଭବତଃ ଏହି କ୍ଷେତ୍ରରେ ଏପରି କୌଣସି ବସ୍ତୁ ରହିଛି, ଯାହାକୁ କି ଆମର ଏହି ଶିକ୍ଷାବସରଟି ଭଲ ଲାଗୁ ନାହିଁ । ମାତ୍ର ତଥାପି, ଆଜି ଏପରି ହେଉଛି, କାରଣ ଆଜି ଜାନୁଆରୀ ୨୭ ତାରିଖ ।** ଏବର୍ଷ ଏହି ତାରିଖ ବୁଧବାର ଦିନ ପଡ଼ିଛି ।

ମାଆ, ଏହିପରି ଗୁଡ଼ାଏ ହୋ ହାଲ୍ଲା ସୃଷ୍ଟି କରିବାକୁ ମଣିଷମାନଙ୍କୁ ଭଲ ଲାଗେ କାହିଁକି ?

ଏପରି ଗଣ୍ଡଗୋଳ କରିବାକୁ ? କାରଣ ସେମାନେ ନିଜକୁ ବଧିର କରି ରଖିବାକୁ ଇଚ୍ଛା କରୁଥା'ନ୍ତି । ନୀରବ ଥିବା ସମୟରେ ସେମାନଙ୍କୁ ଆପଣାର ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼େ, ସେମାନେ ଆପଣାର ଏକାବେଳେକେ ସମ୍ମୁଖରେ ଆସି ଠିଆ ହୋଇଥା'ନ୍ତି, ଏବଂ ସାଧାରଣତଃ ଏକଥା ସେମାନଙ୍କୁ ଆଦୌ ଭଲଲାଗେ ନାହିଁ । କୋଳାହଳ ଭିତରେ ସେମାନେ ସବୁକିଛି ଭୁଲିଯାଇ ପାରନ୍ତି ଏବଂ ପଥର ହୋଇ ରହିଥାନ୍ତି । ତେଣୁ ସେଥିରୁ ଖୁବ ସୁଖ ପାଉଥାନ୍ତି ।

ଆପଣାକୁ ଓ ଆପଣା ଜୀବନ ଧାରଣର ଧାରାକୁ ନିରୀକ୍ଷଣ କରି ଦେଖିବା ସକାଶେ ଯେପରି ଆଉ ଆଦୌ କୌଣସି ସମୟ ନ ରହିବ, ସେଥିଲାଗି ମଣିଷ

*ଏହି "ପ୍ରବଚନ" ଗୁଡ଼ିକୁ ଦେବା ସଙ୍ଗେ ମାଆ ଯେଉଁ କ୍ଲାସ୍ କରୁଥିଲେ, ତାହା ବୁଧବାର ଦିନ ପଡ଼ୁଥିଲା ।

**ଅନେକ ସମୟରେ, "ପ୍ରବଚନ" ସମୟରେ ସହରର ସଙ୍ଗୀତ୍ ସ୍ପୀକରମାନଙ୍କରୁ ଏତେ ବଡ଼ ସ୍ୱରରେ ସଙ୍ଗୀତ ଏବଂ ଅନ୍ୟାନ୍ୟ କୋଳାହଳ ଅବାଡ଼ ହୋଇ ପଡ଼ୁଥିଲା । ଜାନୁଆରୀ ୨୬ ହେଉଛି ଭାରତବର୍ଷର ସାଧାରଣତନ୍ତ୍ର ଦିବସ ।

'oaob.nitrkl.ac.in' images reprocessed

ସତତ ବାହାରର ନାନାବିଧ କ୍ରିୟାଶୀଳତା ମଧ୍ୟକୁ ନିଜକୁ ଧାବମାନ କରି ରଖିଥାଏ ! ଜୀବନ ବଞ୍ଚିବା-ଜନିତ ନୀରସତାରୁହିଁ ଯେ ବାହାରି ପଳାଇ ଯିବାକୁ ସ୍ପୃହା ଛୁ, ତା' ଲାଗି ଏହା ସେହି କଥାଟିକୁ ବ୍ୟକ୍ତ କରୁଥାଏ । ବସ୍ତୁତଃ, ନୀରବ ଓ ସ୍ଥିର ରହିବାକୁ କେତେକ ଲୋକ ଅଧିକ କ୍ଲାନ୍ତିକାରକ ବୋଲି ଅନୁଭବ କରନ୍ତି — ଖାଲି ବସି ରହିବାକୁ ବା ସ୍ଥିର ହୋଇ ବସିବାକୁ ଭାରି ପରିଶ୍ରାନ୍ତିକର ବୋଧ କରନ୍ତି । ତେଣୁ, ଏସବୁ କରି ସେମାନେ ସେହି ନୀରସତା ମଧ୍ୟରୁ ପଳାଇ ଯାଇ ପାରନ୍ତି : ଗୁଡ଼ାଏ ଶବ୍ଦର ଅବସର ସୃଷ୍ଟି କରନ୍ତି, ନାନାବିଧ ନିର୍ବୋଧତାକୁ ପ୍ରଶ୍ରୟ ଦିଅନ୍ତି, — ଏବଂ, ଅତି ସାଂଘାତିକ ଭାବରେ ଅସ୍ଥିର ହୋଇ ରହିଥା'ନ୍ତି । ନୀରସତା ଭିତରୁ ବାହାରି ଚାଲିଯିବା ପାଇଁ ଏହା ସେମାନଙ୍କର ଗୋଟିଏ ମାର୍ଗ । ଏବଂ, ଯେତେବେଳେ ସେମାନେ ସ୍ଥିର ହୋଇ ବସି ଆପଣା ଉପରେ ଦୃଷ୍ଟିପାତ କରନ୍ତି, ସେତେବେଳେ ସେମାନେ ଭାରି ନୀରସ ଅନୁଭବ କରନ୍ତି । କାରଣ, ସମ୍ଭବତଃ ସେମାନଙ୍କ ନିଜ ଭିତରେହିଁ ନୀରସତା ଭର୍ତ୍ତି ହୋଇ ରହିଥାଏ । ଏହା ଅତ୍ୟନ୍ତ ସମ୍ଭବ ବୋଲି ଲାଗୁଛି । ଜଣେ ବ୍ୟକ୍ତି ନିଜେ ଯେତେ ଅଧିକ ନୀରସତା-ପୂର୍ଣ୍ଣ ହୋଇ ରହିଥିବ, ସିଏ ସ୍ୱୟଂ ସେତିକି ଅଧିକ ନୀରସ ବୋଧ କରିବହିଁ କରିବ । ଆତ୍ମହୋଦୀପନାରେ ଭରି ରହିଥିବା ବ୍ୟକ୍ତିମାନେ ସାଧାରଣତଃ କଦାପି ନୀରସ ଅନୁଭବ କରନ୍ତି ନାହିଁ ।

ମାଆ, ଯଦି ଜଣେ ଭୀରୁ ହୋଇଥିବ ଏବଂ କୌଣସି ଅସୁବିଧାକୁ ଏଡ଼ାଇବାରେ ଲାଗିଥିବ, ଏବଂ, ପରବର୍ତ୍ତୀ ଥରକୁ ଯଦି ସେହି ଅସୁବିଧା ଆହୁରି ଅଧିକ ହେଉଥିବ, ତେବେ ଏପରି ଭାବରେ କେତେ କାଳ ଲାଗି ରହିଥିବ ?

ଆମେ ଭୀରୁତା ପରିତ୍ୟାଗ ନ କରିବା ପର୍ଯ୍ୟନ୍ତ ଭୀରୁତା ରହିଥିବ,— ଭୀରୁତାର ଆଚରଣ କରିବା ଉଚିତ ନୁହେଁ ବୋଲି ଆମେ ନ ବୁଝିବା ପର୍ଯ୍ୟନ୍ତ ଭୀରୁତା ରହିବ । ଜଣେ ବ୍ୟକ୍ତି ନିଜର ଭୀରୁତାକୁ ଅବଶ୍ୟ ଜୟ କରି ପାରିବ । ଜଣେ ଯଦି ପ୍ରକୃତରେ ଇଚ୍ଛା କରେ, ତେବେ ସିଏ ଜୟ କରି ନ ପାରିବ, ଏପରି ଆଦୌ କୌଣସି ବସ୍ତୁ ନାହିଁ ।

ଜଣେ ମଣିଷ କ'ଣ ଅଜ୍ଞାନ ହେତୁ ଭୀରୁ ହୁଏ ?

**ଜଣେ ମଣିଷ କାହିଁକି ଭୀରୁ ହୁଏ ?**

ଅଜ୍ଞାନ ହେତୁ ।

'oaob.nitrkl.ac.in' images reprocessed

ଅର୍ଥାତ୍, ଅଜ୍ଞାନହିଁ ସକଳ ମନ୍ଦ କଥାର କାରଣ ବୋଲି ବିଚାର କରାଯାଇ ପାରିବ । ମାତ୍ର ମୁଁ ଭାବୁଛି, ଜଣେ ବ୍ୟକ୍ତି ଭୀରୁ ହୁଏ, କାରଣ ସିଏ ଅତ୍ୟଧିକ ପରିମାଣରେ ତାମସିକ ହୋଇ ରହିଥାଏ ଏବଂ କୌଣସି ଉଦ୍ୟମ କରିବାକୁ ପଡ଼ୁଛି ବୋଲି ଡରିକରି ରହିଥାଏ । ଭୀରୁ ନ ହେବାକୁ ହେଲେ, ଆମକୁ ଉଦ୍ୟମ କରିବାକୁହିଁ ପଡ଼ିବ, କୌଣସି ନା କୌଣସି ଉଦ୍ୟମରୁ ଆରମ୍ଭ କରିବାକୁ ହେବ, ଏବଂ ତା'ପରେ ସବୁକିଛି ଭାରି ଆଗ୍ରହୋଦ୍ଦୀପକ ହେବାକୁ ଆରମ୍ଭ କରିବ । ମାତ୍ର, ସବୁଠାରୁ ଭଲ କଥା ହେଉଛି ଯେ, ନିଜ ଭିତରୁ ଏପରି ଭାବରେ ବାହାରି ପଳାଇ ଯିବାର ଏହି ପ୍ରବୃତ୍ତିଟିକୁ ଜୟ କରିବା ସକାଶେ ଆମେ ଏକ ଉଦ୍ୟମ କରିବା । କୌଣସି ବସ୍ତୁର ସମ୍ମୁଖୀନ ହେବା ପରିବର୍ତ୍ତେ ଆମେ ପଛକୁ ହଟିଆସୁ, ମୁହଁ ବୁଲାଇ ପଳାୟନ କରୁ । କାରଣ, ସର୍ବପ୍ରଥମ ଚେଷ୍ଟାଟି କରିପାରିବା ହେଉଛି ପ୍ରକୃତରେ ଭାରି କଷ୍ଟକର । ଏବଂ, ଏହି କାରଣରୁ, ତୁମର ଜଡ଼ବତ୍ ଏବଂ ଅଜ୍ଞାନବଶ ପ୍ରକୃତିହିଁ ତୁମକୁ ଏକ ଉଦ୍ୟମ କରିବାରୁ ନିବୃତ୍ତ କରି ରଖିଥାଏ ।

ରାଜସିକ ପ୍ରକୃତି ଭିତରକୁ ପ୍ରବେଶ କରିବା ମାତ୍ରକେ ତୁମକୁ ପ୍ରୟାସ ଭଲ ଲାଗେ । ରାଜସିକ ସ୍ୱଭାବର ବ୍ୟକ୍ତିମାନଙ୍କର ଅନ୍ତତଃ ଗୋଟିଏ ଭଲ ଲକ୍ଷଣ ହେଉଛି ଯେ, ସେମାନଙ୍କ ଭିତରେ ସାହସ ଥାଏ; ମାତ୍ର ତାମସିକ ବ୍ୟକ୍ତିମାନେ ଭୀରୁ ହୋଇ ରହିଥାନ୍ତି । ପ୍ରୟାସ କରିବା ବିଷୟରେ ଯେଉଁ ଭୟ ରହିଥାଏ, ତାହାହିଁ ମଣିଷକୁ ଭୀରୁ କରି ରଖିଥାଏ । କାରଣ, ଥରେ କୌଣସି ପ୍ରୟାସ ଆରମ୍ଭ କରିଦେବା ପରେ ଥରେ ଏକ ନିଷ୍ପତ୍ତି ଗ୍ରହଣ କରି ଏକ ଚେଷ୍ଟା ଆରମ୍ଭ କରିଦେଲେ, ତୁମ ଭିତରେ ଆଗ୍ରହ ଉତ୍ପନ୍ନ ହେବାକୁ ଲାଗେ । କେତେକ ଛାତ୍ର ଆପଣାର ପାଠଟିକୁ ଶିକ୍ଷା କରିବାକୁ ଭଲ ପାଆନ୍ତି ନାହିଁ, ଶିକ୍ଷକ ଯାହା କହୁଛନ୍ତି, ସେକଥା ଶୁଣିବାକୁ ଇଚ୍ଛା କରନ୍ତି ନାହିଁ, ତାହା ପଛରେ ମଧ୍ୟ ଠିକ ଏହି କାରଣଟି ନିହିତ ହୋଇ ରହିଥାଏ । ଏହା ଏକ ତାମସିକ ପ୍ରକୃତି, ଏହା ଶୋଇ ରହିବାକୁ ଚାହେଁଥାଏ,—ବସ୍ତୁଟିକୁ ଆୟତ୍ତକୁ ଆଣିବା ଲାଗି, ତାହାକୁ ହାତରେ ଧରି ପାଖରେ ରଖିବା ଲାଗି ଅବଶ୍ୟ ଯେଉଁ ପ୍ରୟାସଟିକୁ କରିବା ଆବଶ୍ୟକ ହୋଇ ରହିଥାଏ, ତାହା ସେହି ପ୍ରୟାସକୁ ଏଡ଼ି ଦେଉଥାଏ । ତାହା ହେଉଛି ଏକ ଅର୍ଦ୍ଧ-ନିଦ୍ରାର ଅବସ୍ଥା । ତେଣୁ ଶାରୀରିକ କ୍ଷେତ୍ରରେ ମଧ୍ୟ ସେହି ଏକା କଥା, ଏହା ହେଉଛି ସତ୍ତାର ଏକ ନିଦ୍ରିତାବସ୍ଥା, ଏକ ଜଡ଼ତା ।

ଏପରି ବ୍ୟକ୍ତିମାନେ ଥାଆନ୍ତି ଯେଉଁମାନେ କ···ମୁଁ ଏପରି କେତେକ ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର କି ଶାରୀରିକ କ୍ଷେତ୍ରରେ ଅତ୍ୟନ୍ତ ସାହସ ରହିଥାଏ, ମାତ୍ର ନୈତିକ କ୍ଷେତ୍ରରେ ସେମାନେ ଭାରି, ଭାରି, ଭାରି ଭୀରୁ ହୋଇ ରହିଥାନ୍ତି,—କାରଣ, ବିଭିନ୍ନ ଅଂଶ ଦେଇହିଁ ଜଣେ ମଣିଷର ଗଠନ ହୋଇଥାଏ ।

'oaob.nitrkl.ac.in' images reprocessed

ସେମାନଙ୍କର ଶାରୀରିକସତ୍ତା ହୁଏତ ଖୁବ କର୍ମତତ୍ପର ଏବଂ ସାହସିକ ହୋଇ ରହିଥାଏ, ଏବଂ ନୈତିକ ସତ୍ତାଟି ଭୀରୁ ହୋଇ ରହିଥାଏ । ଏହାର ବିପରୀତ ଘଟଣା ଘଟିଥିବା କେତେକ ଦୃଷ୍ଟାନ୍ତ ମଧ୍ୟ ମୋ'ର ଜଣାଅଛି : ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନେ ଭିତରେ ଖୁବ୍ ସାହସୀ ହୋଇ ରହିଥାନ୍ତି, ମାତ୍ର ବାହାରକୁ ସାଂଘାତିକ ଭାବରେ ଭୀରୁ ହୋଇ ଥାଆନ୍ତି । ମାତ୍ର, ଏହି ବ୍ୟକ୍ତିମାନଙ୍କର ତଥାପି ଏକ ଅନ୍ତର୍ଗତ ଇଚ୍ଛା ରହିଥାଏ ଏବଂ ବାହାରେ ଭୟରେ କମ୍ପୁଥିବା ସମୟରେ ମଧ୍ୟ ସେମାନେ ନିଜକୁ ଏକ ନିର୍ଦ୍ଦିଷ୍ଟ ଆଚରଣ ଲାଗି ବାଧ୍ୟ କରି ପାରନ୍ତି ।

ଥରେ ମୋତେ ଗୋଟିଏ ପ୍ରଶ୍ନ ପଚରା ଯାଇଥିଲା, ଗୋଟିଏ ମନୋବୈଜ୍ଞାନିକ ପ୍ରଶ୍ନ । ବନ୍ୟ ଜନ୍ତୁମାନଙ୍କୁ ନେଇ କାରବାର କରୁଥିବା ଜଣେ ବ୍ୟକ୍ତି ସେହି ପ୍ରଶ୍ନଟିକୁ ପଚାରିଥିଲେ । ତାଙ୍କ ନିଜର ଗୋଟିଏ ପଶୁଶାଳା ଥିଲା ଏବଂ ସେ ପୃଥିବୀସାରା ବନ୍ୟ ଜନ୍ତୁ କ୍ରୟ କରି ସେଠାରେ ଆଣି ରଖୁଥିଲେ । ସେହି ପ୍ରାଣୀମାନେ ବିଭିନ୍ନ ଦେଶରୁ ଧରା ହୋଇ ଆସୁଥିଲେ; ସେଗୁଡ଼ିକୁ କ୍ରୟ କରି ସେ ଇଉରୋପରେ ଆଣି ବିକୁଥିଲେ । ସିଏ ସମ୍ଭବତଃ ଜଣେ ଅଷ୍ଟ୍ରିଆବାସୀ ଥିଲେ । ଥରେ ପାରିସ୍ ଆସିଥିବା ସମୟରେ ସେ ମୋତେ ଆସି କହିଲେ, "ପ୍ରାଣୀମାନଙ୍କୁ ପୋଷା ମନାଇବା ପାଇଁ ମୋତେ ଯେଉଁ ଲୋକମାନଙ୍କୁ ରଖିବାକୁ ହୁଏ, ସେମାନଙ୍କ ମଧ୍ୟରେ ଦୁଇ ପ୍ରକାରର ବ୍ୟକ୍ତି ଅଛନ୍ତି । ଦୁଇଟିଯାକ ପ୍ରକାରରୁ କେଉଁଟିର ଅଧିକ ସାହସ ଥାଏ, ମୁଁ ସେହି କଥାଟିକୁ ଜାଣିବା ଲାଗି ଖୁବ ଇଚ୍ଛା କରୁଛି । ଗୋଟିଏ ପ୍ରକାର ଏମିତି ଅଛନ୍ତି, ଯେଉଁମାନେ କି ପ୍ରାଣୀମାନଙ୍କୁ ଖୁବ ଭଲ ପାଆନ୍ତି, ଏତେ ଭଲ ପାଆନ୍ତି ଯେ ସେମାନେ ପ୍ରାଣୀମାନଙ୍କର ଯନ୍ତା ଭିତରେ ମଧ୍ୟ ପଶନ୍ତି ଓ ଏହାଦ୍ୱାରା ଆଦୌ କୌଣସି ବିପଦର ଆଶଙ୍କା ରହିଛି ବୋଲି ସେମାନଙ୍କର ମୋଟେ ଏତେଟିକିଏ ଧାରଣା ମଧ୍ୟ ନ ଥାଏ । ଜଣେ ବନ୍ଧୁ ଆଉଜଣେ ବନ୍ଧୁର ଘର ଭିତରକୁ ପ୍ରବେଶ କଲାପରି ସେମାନେ ଯନ୍ତାଗୁଡ଼ିକ ଭିତରେ ପଶନ୍ତି, ପ୍ରାଣୀମାନଙ୍କୁ କାମରେ ଲଗାନ୍ତି, ସେମାନଙ୍କୁ ବିଭିନ୍ନ କଥା କରିବାକୁ ଶିକ୍ଷା ଦିଅନ୍ତି—ଲେଶମାତ୍ର ଭୟର ଭାବନା ନ ରଖି ସେମାନେ ଏହିସବୁ କଥା କରନ୍ତି । ମୁଁ ଏମାନଙ୍କ ଭିତରୁ କେତେକଙ୍କୁ ଜାଣିଥିଲି, ଯେଉଁମାନଙ୍କର ହାତରେ ଖଣ୍ଡେ ବାଡ଼ି ମଧ୍ୟ ନ ଥିଲା; ସେମାନେ ଭିତରକୁ ଯାଇ ନିଜ ଜନ୍ତୁମାନଙ୍କ ସହିତ ଏଡ଼େ ବନ୍ଧୁତ୍ୱପୂର୍ଣ୍ଣ ଭାବରେ କଥାବାର୍ତ୍ତା କରୁଥିଲେ ଯେ ସବୁକିଛି ସୁରୁଖୁରୁରେ ନିର୍ବାହିତ ହୋଇପାରୁଥିଲା । ମାତ୍ର ତଥାପି ଦିନେ ସେହି ପଶୁମାନଙ୍କର ଗ୍ରାସରେ ସେମାନଙ୍କୁ ପଡ଼ିବାକୁହିଁ ହୋଇଥିଲା । ଏମାନେ ହେଉଛନ୍ତି ଗୋଟିଏ ପ୍ରକାରର । ଅନ୍ୟ ପ୍ରକାରଟି ମଧ୍ୟରେ ଯେଉଁମାନେ ଅଛନ୍ତି, ସେମାନେ ଯନ୍ତା ଭିତରେ ପ୍ରବେଶ କରିବା ପୂର୍ବରୁ ଏତେବେଶୀ ଭୟ କରୁଥାନ୍ତି ଯେ, ସେମାନେ ଗୋଟାସୁଦ୍ଧା ଥରିବାରେ ଲାଗିଥାନ୍ତି,—ସାଧାରଣତଃ ସେହି

'oaob.nitrkl.ac.in' images reprocessed

ଭୟଭୀତ ଅବସ୍ଥା ସେମାନଙ୍କୁ ଅସୁସ୍ଥ କରିପକାଏ । ମାତ୍ର ସେମାନେ ଚେଷ୍ଟା କରନ୍ତି, ଅତ୍ୟନ୍ତ ପରିମାଣରେ ଏକ ନୈତିକ ପ୍ରୟାସ କରୁଥାନ୍ତି, ଏବଂ ତା'ପରେ ଆଦୌ କୌଣସି ଭୀତଭାବ ପ୍ରଦର୍ଶନ ନ କରି ଭିତରକୁ ଯାଆନ୍ତି ଏବଂ ପ୍ରାଣୀମାନଙ୍କୁ କାର୍ଯ୍ୟରେ ଲଗାନ୍ତି ।"

ତା'ପରେ ସେ ମୋତେ କହିଲେ, "ମୁଁ ଦୁଇ ପ୍ରକାରର ମତ ଶୁଣିଛି : କେତେ ଲୋକ କହନ୍ତି ଯେ କୌଣସି ଭୟ ନ ଥିବା ଅପେକ୍ଷା ଭୟକୁ ଜୟ କରିବା ହେଉଛି ଅନେକ ଅଧିକ ସାହସର କଥା···ଏହା ଏକ ସମସ୍ୟା । ଆପଣ କହନ୍ତୁ ତ, ଦୁଇ ପ୍ରକାରର ଲୋକଙ୍କ ମଧ୍ୟରୁ କାହାର ସାହସ ଅଧିକ ?"

ସମ୍ଭବତଃ ଏକ ତୃତୀୟ ପ୍ରକାରର ଲୋକ ମଧ୍ୟ ଅଛନ୍ତି । ଏମାନେ ପ୍ରକୃତରେ ସାହସୀ, ମାତ୍ର ପ୍ରଥମ ଦୁଇ ପ୍ରକାରର ଲୋକଙ୍କ ତୁଳନାରେ ଆହୁରି ଅଧିକ ସାହସୀ । ଏହି ପ୍ରକାରର ବ୍ୟକ୍ତିମାନେ ବିପଦ ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଜ୍ଞାନ ହୋଇ ରହିଥାନ୍ତି, ଏହି ଜନ୍ତୁମାନଙ୍କୁ ମୋଟେ ବିଶ୍ୱାସ କରାଯାଇ ପାରିବ ନାହିଁ ବୋଲି ଖୁବ୍ ଭଲ କରି ଜାଣିଥାନ୍ତି । ସେମାନେ ଯେଉଁଦିନ ବିଶେଷ ଭାବରେ ଏକ ଉତ୍ତେଜିତ ଅବସ୍ଥାରେ ରହିଥିବେ, ସେମାନେ ହୁଏତ ବିଶ୍ୱାସଘାତକତା କରି ତୁମ ଉପରକୁ ବେଶ୍ ସିଧା ଲମ୍ଫ ପ୍ରଦାନ ବି କରିପାରିବେ । ମାତ୍ର ପ୍ରାଣୀମାନଙ୍କର ସେପରି କରିବାଟା ସେହି ଲୋକମାନଙ୍କୁ ଆଦୌ କୌଣସି ଭିନ୍ନ କଥା ବୋଲି ଲାଗିବ ନାହିଁ । ସେମାନେ ସେଠାରେ କରିବାକୁ ରହିଥିବା କର୍ତ୍ତବ୍ୟଜନିତ ଆନନ୍ଦ ହେତୁହିଁ ସେଠାକୁ ଯାଇଥିବେ; ଦୁର୍ଘଟନା ଘଟିବାର ଏକ ଆଶଙ୍କା ରହିଛି କି ନାହିଁ, ଏବିଷୟରେ ତୁମକୁ ଆଦୌ କିଛିହେଲେ ପଚାରିବେ ନାହିଁ । ଏଣେ ସେମାନଙ୍କର ମନ ସମ୍ପୂର୍ଣ୍ଣ ଭାବରେ ସ୍ଥିର ରହିଥିବ, ଶରୀର ଭିତରେ ଆବଶ୍ୟକ ସବୁକିଛି ଶକ୍ତି ଏବଂ ଚେତନା ବି ମହଜୁଦ ଥିବ । ବସ୍ତୁତଃ ସେହି ବ୍ୟକ୍ତି ନିଜେ ଠିକ୍ ସେହିପରି ଜଣେ ଲୋକ ଥିଲେ । ତାଙ୍କର ଇଚ୍ଛାଶକ୍ତି ଏତେ ବେଶୀ ଭୟଙ୍କର ଥିଲା ଯେ, ହାତରେ ପାଞ୍ଚଣ ଖଣ୍ଡେ ମଧ୍ୟ ନ ଧରି, କେବଳ ଆପଣା ଇଚ୍ଛାକୁ ଅବିଚଳ ଭାବରେ ସକ୍ରିୟ ରଖି ସେ ପଶୁମାନେ ଯାହା କରନ୍ତୁ ବୋଲି ଇଚ୍ଛା କରୁଥିଲେ, ସେମାନଙ୍କ ଦ୍ୱାରା ତାହା କରାଇ ପାରୁଥିଲେ । ମାତ୍ର ଏହା ଯେ ଏକ ବିପଜ୍ଜନକ ଧନ୍ଦା, ସେକଥା ସିଏ ଉତ୍ତମରୂପେ ଜାଣିଥିଲେ । ଏବିଷୟରେ ତାଙ୍କର ମନରେ ଲେଶମାତ୍ର ଭ୍ରମ ନ ଥିଲା । ସେ ମୋତେ କହିଥିଲେ ଯେ ଗୋଟିଏ ବିଲେଇ ସହିତ ଅଭ୍ୟାସ କରିହିଁ ସେ ଆପଣାର ଏହି ଧନ୍ଦାକୁ ଶିକ୍ଷା କରିଥିଲେ ।

ସେହି ବ୍ୟକ୍ତିଜଣକ,— ବନ୍ୟ ଜନ୍ତୁମାନଙ୍କୁ ବଶକରିବାର ତାଙ୍କର ଏହି ବ୍ୟବସାୟଟି ବ୍ୟତୀତ,—ଜଣେ କଳାକାର ମଧ୍ୟ ଥିଲେ । ତାଙ୍କୁ ଛବି ଆଙ୍କିବାକୁ

'oaob.nitrkl.ac.in' images reprocessed

ଭଲ ଲାଗୁଥିଲା, ସେ ଚାଷ କରିବାକୁ ଖୁବ ଭଲ ପାଉଥିଲେ, ଏବଂ ତାଙ୍କ ଷ୍ଟୁଡ଼ିଓରେ ଗୋଟିଏ ବିଲେଇ ବାସ କରୁଥିଲା । ଏବଂ ଏହିପରି ସ୍ୱାଭାବରେହିଁ ତାଙ୍କର ଇତର ପ୍ରାଣୀଙ୍କ ବିଷୟରେ ଏକ ଆଗ୍ରହ ଜନ୍ମିଲା । ବିଲେଇଟି ସ୍ୱଭାବରେ ଅତ୍ୟନ୍ତ ପରିମାଣରେ ସ୍ୱତନ୍ତ୍ର ଥିଲା ଏବଂ ବାଧ୍ୟ ବା ଅନୁଗତ ରହିବାର ବିନ୍ଦୁବିସର୍ଗ ଜାଣି ନ ଥିଲା । ସେ ନିଜର ଏହି ବିଲେଇର ଗୋଟିଏ ଛବି ତିଆରି କରିବା ଲାଗି ଇଚ୍ଛା କଲେ । ତାକୁ ଗୋଟିଏ ଚଉକି ଉପରେ ବସାଇ ଦେଇ ସେ ଆପଣାର ଚିତ୍ରଫଳକ ପାଖକୁ ଗଲେ । ବିଲେଇ ତିଆଁମାରି ପଳାଇଗଲା । ତେଣୁ ସେ ତାକୁ ଖୋଜି ଆଣିବାକୁ ଗଲେ, ତାକୁ ଆଣି ପୁନର୍ବାର ଚଉକି ଉପରେ ବସାଇଲେ; ମାତ୍ର ପଦେହେଲେ କଥା କହିଲେ ନାହିଁ, ଗାଳି ଦେଲେ ନାହିଁ; ବିଲେଇକୁ ଉଦ୍ଦେଶ୍ୟ କରି ଆଦୌ କୌଣସି ଶବ୍ଦ ଉଚ୍ଚାରଣ କଲେ ନାହିଁ,—ତାକୁ କୌଣସି ଆଘାତ ଦେଲେ ନାହିଁ କିଂବା ପିଟାପିଟି କଲେ ନାହିଁ । ବିଲେଇଟିକୁ ହାତରେ ନେଇ ସେ ପୁଣି ଚଉକିଟି ଉପରେ ରଖିଦେଲେ । କ୍ରମଶଃ, ବିଲେଇ ଅଧିକରୁ ଅଧିକ ବିକ୍ଷୁବ୍ଧ ହେଲା । ଷ୍ଟୁଡ଼ିଓର କୋଣମାନଙ୍କରେ କେତେକ ସ୍ଥାନରେ କାନ୍‌ଭାସ୍‌ମାନ ଥିଲା । ସେଗୁଡ଼ିକ ହେଉଛି ଛବି ତିଆରି କରିବାର କାନ୍‌ଭାସ୍,—ସେଗୁଡ଼ିକ ଲମ୍ବ ହୋଇ ଗୋଟିକ ଉପରେ ଗୋଟିଏ ଗଦା ହୋଇ କୋଣରେ ରଖା ହୋଇଥିଲା । ଏଣିକି ବିଲେଇ ସେହି ଜାଗାକୁ ଯାଇ ସେଗୁଡ଼ିକ ପଛରେ ବସି ରହିଲା । ସିଏ ଜାଣିଥିଲା ଯେ ସବୁଯାକ କାନ୍‌ଭାସ୍‌କୁ ଉଠାଇ ତାକୁ ଧରିବା ଲାଗି ତା'ର ମୁନିବଙ୍କୁ ନିଶ୍ଚୟ କିଛି ସମୟ ଲାଗିବ । ଭଦ୍ରବ୍ୟକ୍ତି ଜଣକ କାନ୍‌ଭାସ୍‌ଗୁଡ଼ିକୁ ଗୋଟିଗୋଟି କରି କାଢ଼ିଲେ, ବିଲେଇଟିକୁ ଧରିଲେ ଓ ପୁନର୍ବାର ତା'ସ୍ଥାନରେ ଆଣି ରଖିଦେଲେ ।

ସେ ମୋତେ କହିଥିଲେ ଯେ, ଥରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ତାଙ୍କୁ ଏକାମ କରିବାକୁ ପଡ଼ିଥିଲା, ମଝିରେ ଦଣ୍ଡେହେଲେ ବି ବିଶ୍ରାମ ନ ଥିଲା । ସେଦିନ ସେ କିଛି ଖାଇଲେ ନାହିଁ, ବିଲେଇ ମଧ୍ୟ କିଛି ଖାଇଲା ନାହିଁ । (ସମସ୍ତେ ହସିଲେ) ଦିନ ତମାମ ସେ ସେହି କାର୍ଯ୍ୟଟିକୁ କରିଥିଲେ; ଏବଂ ସନ୍ଧ୍ୟା ହେଲା ବେଳକୁ ଯାଇ ତାଙ୍କର ବିଜୟ ହେଲା । ମୁନିବ ଯେମିତି ବିଲେଇଟିକୁ ପୁନର୍ବାର ଚଉକି ଉପରେ ଆଣି ବସାଇଦେଲେ, ସେ ସେଇଠି ବସି ରହିଲା (ସମସ୍ତେ ହସିଲେ), ଏବଂ, ତା'ପରଠାରୁ ଆଉ କେବେ ମଧ୍ୟ ଦଉଡ଼ି ପଳାଇବାକୁ ଚେଷ୍ଟା କରି ନ ଥିଲା । ତା'ପରେ ସେ ମନେମନେ ଭାବିଲେ, "ଅଧିକ ବଡ଼ ପ୍ରାଣୀମାନଙ୍କର କ୍ଷେତ୍ରରେ ଏହି କଥାଟିକୁ ପରୀକ୍ଷା କରି ଦେଖିଲେ କେମିତି ହୁଅନ୍ତା !" ସେ ପରୀକ୍ଷା କଲେ ଏବଂ ପରୀକ୍ଷାରେ ସଫଳତା ଲାଭ କଲେ ।

'oaob.nitrkl.ac.in' images reprocessed

ଅବଶ୍ୟ ଏକଥା ସତ ଯେ, ସେ ସିଂହ ବେଲକୁ ମଧ୍ୟ ତାଙ୍କୁ ଧରି କଦାପି ଚଉକି ଉପରେ ନେଇ ବସାଇବାକୁ ଚେଷ୍ଟା କରି ନ ଥିଲେ । ଆଦୌ ନୁହେଁ, ମାତ୍ର ସେମାନଙ୍କୁ ବିଭିନ୍ନ ପ୍ରକାରର ଗତି ଅନୁସରଣ କରିବା ଲାଗି ଶିଖାଇବାକୁ ଚେଷ୍ଟା କରିଥିଲେ । ସର୍କସ୍‌ରେ ଯେମିତି ସବୁ କରାଯାଏ, ସେମାନଙ୍କୁ ସେହିପରି କେତେକ ହାସ୍ୟକର ଗତି ଶିକ୍ଷା ଦେଇଥିଲେ । ଅର୍ଥାତ୍‌, ଆଗ ଦୁଇଗୋଡ଼କୁ ନେଇ ଟୁଲ୍‌ ଉପରେ ରଖିବା, କୌଣସି ଏକ ଅତ୍ୟନ୍ତ କ୍ଷୁଦ୍ର ସ୍ଥାନରେ ସ୍ଥିର ଖୁରାକୁ ଏକାଠି କରି ବସିବା, ଏହିପରି ନାନା ହାସ୍ୟକର କଥା ଶିଖାଇଥିଲେ । ମାତ୍ର, ଏବେ ମଧ୍ୟ ସେମାନଙ୍କୁ ନେଇ ସେହି କଥା କରାଯାଉଛି, ଖେଳାଳିମାନେ ସେହିସବୁ କଥା ଦେଖାଇବାକୁ ଇଚ୍ଛା କରୁଛନ୍ତି । ଅଥବା, କୁକୁର ପରି ପଛ ଦୁଇଗୋଡ଼ରେ ଛିଡ଼ା ହେବା; କିଂବା, ଏପରିକି ଗର୍ଜନ କରିବା,—ତା'ଆଗରେ ଆଙ୍ଗୁଠି ଦେଖାଇଲେ ସିଏ ଗର୍ଜନ କରିବାକୁ ଆରମ୍ଭ କରେ,— ଏହିପରି କେତେ ରକମର ପୁରାପୁରି ହାସ୍ୟକର କଥା । ଏହାଠାରୁ ଅଧିକ ଭଲ ହୁଅନ୍ତା, ଯଦି ଜନ୍ତୁମାନଙ୍କୁ ମୁକ୍ତ ସ୍ୱଭାବରେ ଗୋଲ ହୋଇ ଗତି କରିବାକୁ ଦିଆଯାଆନ୍ତା, ତାହା ଅନେକ ଅଧିକ ଆଗ୍ରହୋଦ୍ଦୀପକ ହୋଇପାରନ୍ତା । ମାତ୍ର, ମୁଁ ଯାହା କହୁଛି, ଏବେ ଏହିସବୁ ହାସ୍ୟକର କଥାମାନହିଁ ଚଳୁଛି ।

ମାତ୍ର ଏସବୁ କରିବାରେ ତାଙ୍କୁ କୌଣସି ବେତ ମାରିବାକୁ ପଡ଼ୁ ନ ଥିଲା, ତାଙ୍କ ପକେଟରେ ସେ କେବେହେଲେ ପିସ୍ତଲ ରଖି ନ ଥିଲେ, ଏବଂ, ଏହି କଥାଟି ବିଷୟରେ ସମ୍ପୂର୍ଣ୍ଣ ସଚେତନ ହୋଇ ସେ ସେମାନଙ୍କ ଭିତରକୁ ଯାଉଥିଲେ ଯେ, ଯେତେବେଳେ ସେମାନେ ପ୍ରସନ୍ନ ନ ଥିବେ, ସେତେବେଳେ ତାଙ୍କୁ ନିଶ୍ଚୟ ମୀମାଂସକ ଆଘାତଟି ଅବଶ୍ୟ ଦେଇପାରିବେ । ମାତ୍ର, ସିଏ ଅତ୍ୟନ୍ତ ଧୀର ଭାବରେ ଆପଣାର କାର୍ଯ୍ୟଟିକୁ କରୁଥିଲେ; ବିଲେଇ ସହିତ ଯାହାକିଛି କରିଥିଲେ, ସମାନ ଧୈର୍ଯ୍ୟର ସହିତ ଠିକ୍ ତାହାହିଁ କରୁଥିଲେ । ଏବଂ, ଅବଶ୍ୟ କାଳବେଳେ ସେ ଏହି ଜନ୍ତୁମାନଙ୍କୁ ସର୍କସ୍ ଦଳମାନଙ୍କୁହିଁ ବିକ୍ରୟ କରୁଥିଲେ । ଜନ୍ତୁ ଖେଳାଇବା ଲୋକମାନଙ୍କ ହାତରେ ନେଇ ଦେଉଥିଲେ । ସେଠାରେ ଏହି ଜନ୍ତୁମାନେ ଚମତ୍କାର କାର୍ଯ୍ୟ ଦେଖାଉଥିଲେ ।

ଏକଥା ଏକାନ୍ତ ସତ୍ୟ ଯେ, ଭୟ ଲାଗୁଛି ବୋଲି ତୁମେ ନ ଦେଖାଉଥିଲେ ମଧ୍ୟ ସେହି ପ୍ରାଣୀମାନେ—ସବୁପ୍ରକାରର ପ୍ରାଣୀ—ମନୁଷ୍ୟ ଭୟ କରୁଛି ବୋଲି ସ୍ପଷ୍ଟ ଅନୁଭବ କରିପାରନ୍ତି । ସେମାନେ ଏକ ଅସାଧାରଣ ଦକ୍ଷତା ସହିତ ତାହା ଅନୁଭବ କରନ୍ତି,—ଏପରି ଏକ ସହଜାତ ପ୍ରବୃତ୍ତି ସହିତ ଅନୁଭବ କରନ୍ତି, ଯାହାକି ମନୁଷ୍ୟମାନଙ୍କଠାରେ କେବେହେଲେ ନ ଥାଏ । ତୁମକୁ ଡର ମାଡ଼ୁଲାଣି ବୋଲି ସେମାନେ ଅନୁଭବ କରନ୍ତି; ତୁମର ଶରୀରରୁ ଏକ ସ୍ପନ୍ଦନ ଉତ୍ପନ୍ନ

'oaob.nitrkl.ac.in' images reprocessed

ହେଉଥାଏ, ଯାହାକି ସେମାନଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଅପ୍ରୀତିକର ଭାବାନୁବୋଧ ଜାଗ୍ରତ କରାଇ ଆଣିଥାଏ । ସେମାନେ ବଳବାନ୍ ପ୍ରାଣୀ ହୋଇଥିଲେ, ତାହା ସେମାନଙ୍କୁ ଭାରି କ୍ରୁଧିତ କରିପକାଏ; ସେମାନେ ଦୁର୍ବଳ ପ୍ରାଣୀ ହୋଇଥିଲେ, ଏହା ସେମାନଙ୍କ ଭିତରେ ଏକ ଆତଙ୍କ ଜନ୍ମାଏ । ମାତ୍ର ଯଦି ତୁମ ଭିତରେ କୌଣସି ଭୟ ନ ଥାଏ, ଯଦି ସମ୍ପୂର୍ଣ୍ଣ ବିଶ୍ୱାସ, ପ୍ରକୃତରେ ବିରାଟ ବିଶ୍ୱାସ ସହିତ ତୁମେ ସେମାନଙ୍କର ନିକଟବର୍ତ୍ତୀ ହୁଅ, ଯଦି ବନ୍ଧୁ ଭାବରେ ସେମାନଙ୍କ ପାଖକୁ ଯାଅ, ତେବେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ, ସେମାନେ ମଧ୍ୟ ଆଦୌ କୌଣସି ଭୟ କରୁ ନାହାନ୍ତି । ସେମାନେ ମୋଟେ ଭୀତ ହୋଇପଡ଼ନ୍ତି ନାହିଁ, ତୁମକୁ ସେମାନେ ଭୟ କରନ୍ତି ନାହିଁ କି ଘୃଣା ମଧ୍ୟ କରନ୍ତି ନାହିଁ; ଏବଂ ସେମାନେ ଭାରି ବିଶ୍ୱାସଭାଜନ ହୋଇ ବି ରହନ୍ତି ।

ତୁମେ ଦେଖିବାକୁ ଯାଉଥିବା ସବୁ ସିଂହଙ୍କର ଗୁମ୍ଫା ଭିତରେ ଯାଇ ପ୍ରବେଶ କରିବାକୁ ତୁମକୁ ଉତ୍ସାହିତ କରିବା ଲାଗି ମୁଁ ତୁମମାନଙ୍କୁ ଏକଥା କହୁ ନାହିଁ, — ମାତ୍ର ତଥାପି କଥାଟି ହେଉଛି ପ୍ରକୃତରେ ଏହିପରି । ଯଦି କୌଣସି କୁକୁରଟିଏ ଭୁକୁଥିବ ଓ ତୁମେ ସେଇବାଟେ ଦେଇ ଯାଉଥିବ, ତେବେ, ଯଦି ତୁମେ ଭୟ କରିବ, ସେହି କୁକୁର ନିଶ୍ଚୟ ଆସି ତୁମକୁ କାମୁଡ଼ିଦେବ; ଯଦି ଭୟ ନ କରୁଥିବ, ତେବେ ପଳାଇଯିବ । ମାତ୍ର, ତୁମେ ପ୍ରକୃତରେ ଆଦୌ କୌଣସି ଭୟ କରିବ ନାହିଁ; ଖାଲି ଯେ ଭୟ ନ କରୁଥିବା ପରି ଦେଖା ଯାଉଥିବ ତା' ନୁହେଁ; କାରଣ, ଏହି କ୍ଷେତ୍ରରେ ବାହାରକୁ କ'ଣ ଦେଖାଯାଉଥିବ, ତାହାର କୌଣସି ମୂଲ୍ୟ ନାହିଁ । ଭିତରଟିରୁହିଁ ସବୁ ଜଣା ପଡ଼ିଯିବ ।

ତୁମେମାନେ ଯଥେଷ୍ଟ ଗଣ୍ଡଗୋଳ ଶୁଣି ସାରିବଣି, ନୁହେଁ ?

ମାଆ, କିଏ ସବୁଠାରୁ ଅଧିକ ସାହସୀ, ଆପଣ ସେକଥା କହିଲେ ନାହିଁ ।

ମୁଁ କହିଲି ଯେ ଏକ ଦୃଷ୍ଟାନ୍ତ ପ୍ରକାରର ଲୋକମାନେ ହେଉଛନ୍ତି ସବୁଠାରୁ ଅଧିକ ସାହସୀ । ସାହସ … ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ସାହସ । ଯେଉଁ ବ୍ୟକ୍ତି ପ୍ରାଣୀମାନଙ୍କ ସହିତ ବନ୍ଧୁ ଭଳି ବ୍ୟବହାର କରେ, ଯାହାର କୌଣସି ଭୟ ନ ଥାଏ, — ଏହାର କାରଣ ହେଉଛି ଯେ ସେମାନଙ୍କ ମଧ୍ୟରେ ଅନେକ ପରିମାଣରେ ଏକ ଶରୀରଗତ ସାଦୃଶ୍ୟ ରହିଥାଏ, ଯାବତୀୟ ପ୍ରକାରର ଏକ ଅନ୍ତରଙ୍ଗତା ରହିଥାଏ, ଏକ ସ୍ୱତଃସ୍ଫୂର୍ତ୍ତ ଶରୀରଗତ ବନ୍ଧୁତ୍ୱସମ୍ବନ୍ଧ ରହିଥାଏ । ମାତ୍ର ଯଦି କୌଣସି କାରଣରୁ ସେ ହଠାତ୍ ଅତ୍ୟନ୍ତ ତୀବ୍ର ଭାବରେ କ୍ରୁଧିତ ହୋଇ ଉଠିବ, ସେତେବେଳେ ସିଏ ତା'ର ସେହି ସାହସକୁ ବଜାୟ ରଖିପାରିବ କି

'oaob.nitrkl.ac.in' images reprocessed

ନାହିଁ, ସେବିଷୟରେ ଆମକୁ କିଛି ଜଣା ନାହିଁ । ବେଶ୍ ସମ୍ଭାବନା ରହିଛି ଯେ ସିଏ ତାକୁ ସଙ୍ଗେସଙ୍ଗେ ହତ୍ୟା କରିବ ।

ଅନ୍ୟ ପକ୍ଷରେ, ଦ୍ୱିତୀୟ କିସମର ବ୍ୟକ୍ତିଟିର ପ୍ରାଣୀମାନଙ୍କ ସହିତ କୌଣସି ସଦୃଶତା ନ ଥାଏ, ଏବଂ ତେଣୁ ସିଏ ସେମାନଙ୍କୁ ଭୟ କରୁଥାଏ । ମାତ୍ର ତା'ଭିତରେ ବହୁ ପରିମାଣରେ ସାହସ ଏବଂ ସଦିଚ୍ଛା ରହିଥାଏ, ଏକ ଇଚ୍ଛା-ଶକ୍ତି, ମାନସିକ ସାହସ ଏବଂ ହୁଏତ ଏକ ପ୍ରାଣଶକ୍ତିଗତ ସାହସ ବି ରହିଥାଏ, ଯାହା ଦ୍ୱାରା କି ନିଜ ଶରୀରସ୍ଥ ଭୟ ଉପରେ ତା'ର ଏକ କର୍ତ୍ତୃତ୍ୱ ରହିଥାଏ ଏବଂ ତେଣୁ, ସତେଯେପରି ତା' ଭିତରେ ଆଦୌ କୌଣସି ଭୟ ନାହିଁ, ସିଏ ସେହିପରି ଭାବରେ ଆଚରଣ କରୁଥାଏ । ମାତ୍ର, ଶରୀର ଭିତରେ ତଥାପି ଭୟ ରହିଥାଏ । ସେହି ଭୟକୁ ସିଏ କେବଳ ନିଜର ଆୟତ୍ତାଧୀନ କରି ରଖିଥାଏ । ଶରୀରଗତ ସାହସ ଏବଂ ମନର ସାହସ, ଦୁଇଟି ମଧ୍ୟରୁ କାହାର ଅଧିକ ସାମର୍ଥ୍ୟ ରହିଛି, ଆମେ ବର୍ତ୍ତମାନ ସେହି କଥାଟିକୁ ବିଚାର କରିବା । ପ୍ରକୃତ କଥା ହେଉଛି, ଗୋଟିଏ ଆରଟିଠାରୁ ଆଦୌ ସମର୍ଥତର ନୁହେଁ; ଏହାକୁ କେବଳ ଦୁଇଟି ଭିନ୍ନ ଭିନ୍ନ କ୍ଷେତ୍ରରେ ଥିବା ଦୁଇ ପ୍ରକାରର ସାହସ ବୋଲି କୁହାଯିବ ।

ପାଶବିକ ବିପଦ ଘେରି କରି ରହିଥିବା ସମୟରେ ମଧ୍ୟ କେତେକ ବ୍ୟକ୍ତି ଆଦୌ କୌଣସି ପ୍ରକାରେ ଚିନ୍ତାକ୍ରାନ୍ତ ନ ହୋଇ ଆପଣାର ଜୀବନ ବଞ୍ଚୁଥାନ୍ତି । ସେମାନଙ୍କ ପାଖରେ ଶରୀରଗତ ସାହସ ରହିଥାଏ ।

ଅନ୍ୟମାନେ ··· ଯୁଦ୍ଧଗୁଡ଼ିକ ସମୟରେ ଏପରି ଗୋଟିଏ କଥା ଦେଖିବାକୁ ମିଳିଥିଲା, ଆମ ପାଖରେ ତାହାର ସମ୍ଭାବ୍ୟ ପାଶବିକ ପ୍ରକାରର ଦୃଷ୍ଟାନ୍ତମାନ ରହିଛି । ଯେତେବେଳେ ସୈନ୍ୟମାନେ ଖନ୍ଦକ ଭିତରେ ରହି ଯୁଦ୍ଧ କରୁଥିଲେ, ଏବଂ ସେହି ସମୟରେ ସେମାନଙ୍କୁ ଆପଣାର ଖନ୍ଦକଟିରୁ ବାହାରି ଆଉ ଗୋଟିଏ ଖନ୍ଦକକୁ ଯିବା ଲାଗି ଆଦେଶ ଦିଆଗଲା, — ସେତେବେଳେ ସେମାନଙ୍କ ଆଖି ସାମନାରେହିଁ ଶତ୍ରୁପକ୍ଷର ଗୁଳିବୃଷ୍ଟି ଲାଗିରହିଥିଲା ··· ସେତେବେଳେ, ନିଜର ଜୀବନକୁ ଯଦି ତୁମେ ଏତେ ଟିକିଏ ହେଲେ ବି ମୂଲ୍ୟ ଦେଉଥିବ, ତେବେ ତୁମ ମନରେ ଅବଶ୍ୟ ଭୟ ଉପସ୍ଥିତ ହେବ — ଯଦି ନିଜ ଜୀବନ ପ୍ରତି ତୁମର କୌଣସି ମାୟା ରହିଥିବ । ଅଥବା, ଏପରି କେତେକ ମଧ୍ୟ ଅବଶ୍ୟ ରହିଥିଲେ, ସେମାନେ ହୁଏତ ଭୟଶୂନ୍ୟ ହୋଇ ପାରିଥାନ୍ତେ; ମାତ୍ର ସେହି କ୍ଷେତ୍ରରେ ସେମାନଙ୍କୁ ଜଣେ ଜଣେ ଯୋଗୀ ବୋଲି କୁହାଯିବ । ସାଧାରଣତଃ ସୈନ୍ୟମାନେ ଆଦୌ ଯୋଗୀ ହୁଅନ୍ତି ନାହିଁ, ସେମାନେ ହେଉଛନ୍ତି ସାଧାରଣ ମନୁଷ୍ୟ; କାରଣ, ଯେକୌଣସି ମନୁଷ୍ୟ ଇଚ୍ଛା କଲେ ଜଣେ ସୈନ୍ୟ ହୋଇପାରେ । ସୁବିଦିତ

'oaob.nitrkl.ac.in' images reprocessed

ଯୁଗରେ, ଅନେକ, ଅନେକ ବର୍ଷ ତଳେ, ଯେଉଁମାନେ ଯୁଦ୍ଧ କରିବାକୁ ଭଲ ପାଉଥିଲେ, କେବଳ ସେହିମାନେହିଁ ସୈନ୍ୟ ହେଉଥିଲେ । ମାତ୍ର, ଏବେ ଆଉ ସେପରି ହେଉ ନାହିଁ । ବିନସ୍ ସବୁଠାରୁ ଅଧିକ ଶାନ୍ତ ସନ୍ତାନମାନଙ୍କୁ ଏବେ ତାଲିମ ଦିଆଯାଇ ସୈନ୍ୟରେ ପରିଣତ କରି ଦିଆଯାଉଛି ଏବଂ ପ୍ରତ୍ୟେକ ବ୍ୟକ୍ତି ସୈନ୍ୟ ହେବାକୁ ବାଧ୍ୟ ହେଉଛନ୍ତି । ତେଣୁ ବର୍ତ୍ତମାନ ହଜାରକରେ ହୁଏତ ଜଣେ ବି ଲୋକ ନାହିଁ, ଯାହା ଭିତରେ କି ଜଣେ ସୈନ୍ୟର ଯଥାର୍ଥ ମନୋଭାବ ପ୍ରକୃତରେ ରହିଛି— ଆଦୌ ଜଣେ ମଧ୍ୟ ଲୋକ ନାହିଁ । ଅଧିକ ସଂଖ୍ୟକ ଲୋକ ସାଧାରଣ ଧାରାରେ ସାଧାରଣ ଜୀବନଟିକୁ ବଞ୍ଚିବା ଲାଗିହିଁ ତିଆରି ହୋଇଛନ୍ତି;— ଯେଉଁମାନେ କି ଶାନ୍ତିରେ ରହିବାକୁ ପସନ୍ଦ କରନ୍ତି, ଆପଣା ଜୀବନର କ୍ଷୁଦ୍ର ସାଧାରଣ ଜୀବନଟିକୁ ବଞ୍ଚିବା ଲାଗି ଭଲ ପାଆନ୍ତି । ସେମାନେ ଆପଣାକୁ ଏକ 'ଯୋଦ୍ଧା ବୋଲି ମୋଟେ ଅନୁଭବ କରନ୍ତି ନାହିଁ । ତେଣୁ, ସେମାନେ ଯେ ପ୍ରତ୍ୟେକେ ଗୋଟିଏ ଗୋଟିଏ ବୀର ପାଲଟିଯିବେ, ସେପରି ଆଶା କରିବା ଅତ୍ୟନ୍ତ କଷ୍ଟକର । ଅବଶ୍ୟ ଏକଥା ସତ ଯେ, ଯେହେତୁ ଅଫିସର୍‌ମାନଙ୍କ ହାତରେ ସର୍ବଦା ପିସ୍ତଲ ରହିଥାଏ ଏବଂ କେହି ସେମାନଙ୍କର ଆଦେଶକୁ ପାଳନ ନ କଲେ ସେମାନେ ତା' ପିଠି ଉପରେ ଗୁଳି ବସାଇଦେଇ ପାରନ୍ତି, ସେହି କାରଣରୁହିଁ ଆଦେଶ ମାନି ଆଗକୁ ଯିବାକୁହିଁ ଅଧିକ ଭଲ ବୋଲି ବିଚାର କରାଯାଏ, ମୃତ୍ୟୁ ପରି ଆଉଜଣକ ହାତରେ ମରିବା ଅପେକ୍ଷା ତାହାକୁ ଅଧିକ ଭଲ ବୋଲି ମନେ କରାଯାଏ । ସେହି କ୍ଷେତ୍ରରେ ଅବସ୍ଥାଟି ଠିକ୍ ସେହିପରି ହୋଇ ରହିଥାଏ । ଏହାକୁ ସେତେ ନାଟକୀୟ ବୋଲି କୁହାଯାଇ ପାରିବ ନାହିଁ ସତ, ମାତ୍ର ଅବସ୍ଥା ସେହିପରି ରହିଥାଏ । ହଁ, କେତେକ ବ୍ୟକ୍ତି ତା' ଭିତରୁ ବାହାରି ଆସିବା ସମୟରେ ଆପଣାକୁ ପ୍ରକୃତରେ ସତେଅବା କୌଣସି ରୋଗରେ ପୀଡ଼ିତ ହୋଇ ପଡ଼ିଥିଲା ପରି ଅନୁଭବ କରିଥିଲେ — ସେମାନେ ଆମାଶୟ ରୋଗ ଭୋଗୁଥିଲେ, ସମ୍ପୂର୍ଣ୍ଣ ଭାବରେ ପୀଡ଼ିତ ଥିଲେ । ତଥାପି ଯେକୌଣସି ଅବସ୍ଥାରେ ମଧ୍ୟ ସେମାନଙ୍କୁ ବାହାରି ଆସିବାକୁ ପଡ଼ିଥାନ୍ତା ଏବଂ ତେଣୁ ସେମାନେ ବାହାରି ମଧ୍ୟ ଆସିଥିଲେ; ଏବଂ ବାଟରେ ଆସିବାବେଳେ ସେମାନେ ବେଳେବେଳେ କୌଣସି ବାସ୍ତବ ବିପଦର ସମ୍ମୁଖୀନ ହେଲାବେଳେ ଏକ ପ୍ରକାଣ୍ଡ ସାହସାନୁଭବ ଦ୍ୱାରା ପ୍ରେରିତ ହୋଇ ବି ପଡ଼ୁଥିଲେ ।

ଅନ୍ୟମାନେ ସତେଅବା ଗୋଟାଏ ଗୋଟାଏ କାଠଗଡ଼ ପରି ତା'ଭିତରୁ ବାହାରିଲେ; ଏହାପରେ କ'ଣ ଘଟିବ, ସେମାନେ ସେକଥା ମଧ୍ୟ ଜାଣି ନ ଥିଲେ ଏବଂ ବିପଦର ସଘନତା ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଜଡ଼ବତ୍ ହୋଇ ଯାଇଥିଲେ । ଆଦେଶ ଆଦୌ ଦିଆ ନ ଯାଇଥିବା ସମୟରେ ମଧ୍ୟ କେତେକ ବ୍ୟକ୍ତି ବାହାରକୁ

'oaob.nitrkl.ac.in' images reprocessed

ଯିବା ପାଇଁ ସମ୍ମତ ପ୍ରକାଶ କରିଥିଲେ, କାରଣ, ସେତେବେଳେ ଏକ ଉଦ୍ଦେଶ୍ୟ ସିଦ୍ଧ କରିବାର କର୍ତ୍ତୃବ୍ୟକ୍ତିଙ୍କ ସମ୍ମୁଖରେ ରହିଥିଲା । ଏହି ବ୍ୟକ୍ତିମାନେ ବାହାରକୁ ଯିବା ଲାଗି ସମ୍ମତି ଜ୍ଞାପନ କରିଥିଲେ । ମାତ୍ର, ସେମାନଙ୍କ ଲାଗି ଯେ କେଉଁ ଅଦୃଷ୍ଟ ଅପେକ୍ଷା କରି ରହିଛି. ସେମାନେ ତାହା ଉତ୍ତମରୂପେ ଜାଣିଥିଲେ । ତେଣୁ, ଏହି କ୍ଷେତ୍ରରେ, ଏମାନେ ସାହସୀ ବ୍ୟକ୍ତି ଥିଲେ ସତ, ମାତ୍ର ସେମାନଙ୍କର ସଂଖ୍ୟା ଆଦୌ ବେଶୀ ନ ଥିଲା । ସେମାନଙ୍କର ସଂଖ୍ୟା କେବେହେଲେ ବି ବେଶୀ ନ ଥାଏ ।

କେବଳ ଏତକ ମନେ ରଖିବା ଉଚିତ ଯେ, ଯେତେବେଳେ ବାତାବରଣ ଏକ ପୂର୍ଣ୍ଣ ସଂଘାତମୟ ଅବସ୍ଥାରେ ରହିଥାଏ, ସେହି କ୍ଷେତ୍ରରେ ଏକ ସାମୂହିକ ପ୍ରସ୍ତାବନା-ଶକ୍ତି ମଧ୍ୟ ବେଶ୍ କାର୍ଯ୍ୟ କରେ, ଯାହାକି ବ୍ୟକ୍ତିମାନଙ୍କୁ ସାମୟିକ ଭାବରେ ଜଣେ ଜଣେ ବୀରରେ ପରିଣତ କରିଦିଏ । ପରେ ତାହା ନିଃଶେଷିତ ହୋଇଯାଏ ସତ, ମାତ୍ର ସେହି ସମୟଟି ପାଇଁ ବୀରତୁଲ୍ୟ ହୋଇ ରହିଥାଏ । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏକ ସମୂହଗତ ପ୍ରସ୍ତାବନାଶକ୍ତି ବଳରେହିଁ ସେପରି ହୋଇଥାଏ ।

ଯାହାକୁ ଗଭୀରତମ ଅର୍ଥରେ ଯଥାର୍ଥ ସାହସ ବୋଲି ବୁଝାଯିବ, ତାହାକୁ ସବୁକିଛିର ସମ୍ମୁଖୀନ ହେବା ଲାଗି ସମର୍ଥ ହେବାକୁ ପଡ଼ିବ; କ୍ଷୁଦ୍ରତମଠାରୁ ବୃହତ୍ତମ ପର୍ଯ୍ୟନ୍ତ, ସ୍ଥୂଳ ବସ୍ତୁଠାରୁ ଆଧ୍ୟାତ୍ମିକ ବସ୍ତୁ ପର୍ଯ୍ୟନ୍ତ ଜୀବନରେ ସବୁକିଛିର ସମ୍ମୁଖୀନ ହେବାର ସମର୍ଥ ହେବାକୁ ପଡ଼ିବ । ତଥାପି ସେ ଭୟରେ ଥରଯାଇ ନ ଥିବ,—ଶରୀରର ସ୍ତରରେ ମଧ୍ୟ···ତା'ର ହୃଦ୍‌ଯନ୍ତ୍ରର ଗତି ଆଦୌ କୌଣସି ପ୍ରକାରେ କ୍ଷିପ୍ର ହେଉ ନ ଥିବ, ତା'ର ସ୍ନାୟୁମାନେ ମୋଟେ କମ୍ପିବାକୁ ଆରମ୍ଭ କରୁ ନ ଥିବେ ବା ତା' ସତ୍ତାର କୌଣସି ଅଂଶରେ ମଧ୍ୟ ଏତେଟିକିଏ ହେଲେ ଭୀରୁତା ରହି ନ ଥିବ । ଦିବ୍ୟ ପରମ ଉପସ୍ଥିତି ବିଷୟରେ ସତତ ସଚେତନ ରହି ତୁମେ ସବୁକିଛିର ସମ୍ମୁଖୀନ ହେବ, ସେହି ଦିବ୍ୟ ପରମସତ୍ତାଙ୍କ ହାତରେହିଁ ତୁମେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେଇ ଦେଇଥିବ ଏବଂ ଏହିପରି ଏକ ଇଚ୍ଛା ମଧ୍ୟରେହିଁ ତୁମର ସମସ୍ତ ସତ୍ତା ଏକତ୍ୱପ୍ରାପ୍ତ ହୋଇ ରହିଥିବ । ତେବେଯାଇ ତୁମେ ଜୀବନରେ ଆଗକୁ ଯାଇପାରିବ ଏବଂ ଯାହାକିଛିର ବି ସମ୍ମୁଖୀନ ହୋଇ ପାରିବ । ହଁ, ଏତେଟିକିଏ ମଧ୍ୟ ଥରୁ ନ ଥିବ, ଏତେଟିକିଏ ପରିମାଣରେ ମଧ୍ୟ ତୁମ ଭିତରେ ସେହି ସ୍ପନ୍ଦନ ନ ଥିବ । ଦୀର୍ଘକାଳ ପ୍ରୟାସ କଲେ ଯାଇ ତାହା ସମ୍ଭବ ହୁଏ । ଅବଶ୍ୟ, ଯଦି ଜଣେ ବ୍ୟକ୍ତି ଏକ ବିଶେଷ କରୁଣା ପ୍ରାପ୍ତ ହୋଇ ଜନ୍ମଲାଭ କରିଥାଏ, ତେବେ ତାହା ଅଲଗା କଥା ହେବ । ମାତ୍ର, ଏପରି ଦୃଷ୍ଟାନ୍ତ ପ୍ରକୃତରେ ଅତ୍ୟନ୍ତ ଅଧିକ ବିରଳ ।

'oaob.nitrkl.ac.in' images reprocessed

ଆପଣାର ଭୟକୁ ଜୟ କରିବାର ଅର୍ଥ ହେଉଛି ଯେ, ତୁମ ସତ୍ତାର ଗୋଟିଏ ଭାଗ ଅନ୍ୟ ଭାଗଟିଠାରୁ ଅଧିକ ସବଳ ହୋଇ ରହିଥିବ,—ତା'ମଧ୍ୟରେ ଭୟର ଲେଶମାତ୍ର ନ ଥିବ ଏବଂ ଭୀତ ହୋଇ ପଡ଼ୁଥିବା ଅଂଶଟି ଉପରେ ତାହା ଭୟଶୂନ୍ୟତାକୁ ନେଇ ପ୍ରତିଷ୍ଠିତ କରି ପାରୁଥିବ । ମାତ୍ର, ଅବଶ୍ୟମ୍ଭାବୀ ଭାବରେ ଏହାର ଆଦୌ ଏପରି ଅର୍ଥ ହେବ ନାହିଁ ଯେ, ଯାହାର ଆଦୌ କୌଣସି ଭୟ ଉପରେ କର୍ତ୍ତୃତ୍ୱ ଲାଭ କରିବାକୁ ନ ଥାଏ, ତାହା ଅପେକ୍ଷା ଏଭଳି ପ୍ରକୃତିରେ ଅଧିକ ସାହସୀ । କାରଣ, ଯାହାର ଆଦୌ କୌଣସି ଭୟ ଉପରେ କର୍ତ୍ତୃତ୍ୱ ହାସଲ କରିବାକୁ ନ ଥାଏ, ...ତାହାର ଅର୍ଥ ହେଉଛି ଯେ, ସିଏ ସବୁଠାରେ, ସତ୍ତାର ସକଳ ଭାଗରେହିଁ ସାହସସମ୍ପନ୍ନ ହୋଇ ରହିଥାଏ । ମାତ୍ର, ଏପରି ଏକ ଭୟଶୂନ୍ୟତା ରହିଛି, ଯାହାକି ଅଚେତନା ଏବଂ ଅଜ୍ଞାନରୁ ଜନ୍ମଲାଭ କରିଥାଏ । ଉଦାହରଣସ୍ୱରୂପ, ଅନେକ ପିଲା ଥାଆନ୍ତି, ଯେଉଁମାନେ କୌଣସି ବିପଦ ବିଷୟରେ କିଛି ଜାଣି ନ ଥାନ୍ତି; ବିପଦର ଜ୍ଞାନ ରହିଥିଲେ ସେମାନେ ଯେଉଁସବୁ କଥା ଆଦୌ କରୁ ନ ଥାନ୍ତେ, ଏମାନେ ସେହିପରି ଅନେକ କଥା କରନ୍ତି । ଅର୍ଥାତ୍, ସେମାନଙ୍କର ନିର୍ଭୀକତା ହେଉଛି ଏକ ଅଜ୍ଞାନମୟ ନିର୍ଭୀକତା । ମାତ୍ର ଯଥାର୍ଥ ସାହସ ବିଷୟଟିର ସମ୍ପୂର୍ଣ୍ଣ ଜ୍ଞାନ ରଖିଥାଏ; ଅର୍ଥାତ୍, ତାହାକୁ ଯାବତୀୟ ସମ୍ଭାବନା ଜଣା ଥାଏ ଏବଂ ଆଦୌ କୌଣସି ବ୍ୟତିକ୍ରମ ନ ରଖି ତାହା ସବୁକିଛିର ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

# ୨ ଫେବୃଆରୀ ୧୯୫୫

“ଯୋଗାଧାର” ପୁସ୍ତକର ତୃତୀୟ ଅଧ୍ୟାୟ “ପ୍ରତିବନ୍ଧକର ସମ୍ମୁଖୀନ ହେଲାବେଳେ” ବିଷୟ ଉପରେ ଏହି ପ୍ରବଚନଟି ଅଧାରିତ ।

“ତୁମକୁ ଉଚିତ ଦୃଷ୍ଟିକୋଣଟିକୁ ଗ୍ରହଣ କରିବାକୁ ହେବ”ର ଅର୍ଥ କ’ଣ ?

ଶ୍ରୀଅରବିନ୍ଦ ତାହାକୁ ପୂର୍ବରୁ ବୁଝାଇଛନ୍ତି । ଯଥାର୍ଥ ଦୃଷ୍ଟିକୋଣ ହେଉଛି ଆସ୍ପୃହା ରଖିବାର ଦୃଷ୍ଟିକୋଣ, ଅନୁଗତ ରହିବାର ଦୃଷ୍ଟିକୋଣ, ଉତ୍ସର୍ଗୀକୃତତାର ଦୃଷ୍ଟିକୋଣ ।

“ଦିବ୍ୟଜନନୀଙ୍କର ଶକ୍ତିକ୍ରିୟା ଏବଂ ତୁମ ଭିତରେ ଯେପରି କିଛି ହେଲେ କିଂବା କୌଣସି ବ୍ୟକ୍ତି ମଧ୍ୟ ଅନ୍ତରାୟ ହୋଇ ଛିଡ଼ା ନ ହୁଅନ୍ତୁ···” ଏଠାରେ ବ୍ୟକ୍ତି କହିଲେ କାହାକୁ ବୁଝାଉଛି ?

ଏହି ବ୍ୟକ୍ତି କହିଲେ ? ଯେକୌଣସି ବ୍ୟକ୍ତି । ଯେକୌଣସି ବ୍ୟକ୍ତି ସିଏକେ··· ଦିବ୍ୟ ଶକ୍ତିର କ୍ରିୟା ଏବଂ ନିଜ ଭିତରେ କୌଣସି ବ୍ୟକ୍ତିକୁ ଅନ୍ତରାୟ ହୋଇ ଛିଡ଼ା ହେବାକୁ ବାଟ ଛାଡ଼ିଦେବା ପାଇଁ ଯାବତୀୟ ସକଳ ପ୍ରକାରର ବାଟ ରହିଛି । ସର୍ବପ୍ରଥମ କଥା ହେଉଛି, କୌଣସି ବ୍ୟକ୍ତି ସହିତ ତୁମର ସମ୍ବନ୍ଧକୁ ଏକ ଅତିରିକ୍ତ ମହତ୍ତ୍ୱ ପ୍ରଦାନ କରିବା । ଅର୍ଥାତ୍, ଏପରି ଜଣେ ବ୍ୟକ୍ତିର ପରାମର୍ଶକୁ ଶୁଣିବା, ସିଏକି ସେଥିଲାଗି ଉପଯୁକ୍ତ ନୁହେଁ । ଅର୍ଥାତ୍, ଯେକୌଣସି କାରଣରୁ ହେଉ ପଛକେ, କୌଣସି ଜଣେ ବ୍ୟକ୍ତିକୁ ପ୍ରସନ୍ନ କରି ରଖିବାକୁ ଇଚ୍ଛା କରିବା । ଲୋକେ ଅନବରତ ଏହିପରି କରିବାରେ ଲାଗିଥାନ୍ତି, ନୁହେଁ ?

ଖୁବ୍ ସମ୍ଭବତଃ ଏହି କଥାଟି ଏପରି ଜଣେ ବ୍ୟକ୍ତି ପାଖକୁ ଲେଖା ଯାଇଥିଲା, ସିଏକି କେତେକ ନିର୍ଦ୍ଦିଷ୍ଟ କଥା ଶୁଣିବାକୁ ପାଇଥିଲା ଏବଂ ଏହିସବୁ କଥାକୁ ଅତିରିକ୍ତ ମହତ୍ତ୍ୱ ଦେଉଥିଲା । —କେତେକ ନିର୍ଦ୍ଦିଷ୍ଟ ପରାମର୍ଶ, ମନ୍ତବ୍ୟ ବା ମତ ଉପରେ ଅତି ବେଶୀ ମହତ୍ତ୍ୱ ଦେବାରେ ଲାଗିଥିଲା । ତେଣୁ ତାକୁ ଶ୍ରୀଅରବିନ୍ଦ କହିଥିଲେ : ଦିବ୍ୟ ପରମସତ୍ତା ଏବଂ ତୁମ ଭିତରେ ଆଉ କାହାରି ହେଲେ ଅନ୍ତରାୟ ହୋଇ ଠିଆ ହେବା ଉଚିତ ନୁହେଁ ।

'oaob.nitrkl.ac.in' images reprocessed

ସେହି ବ୍ୟକ୍ତି ଯିଏ ହୋଇଥାନ୍ତୁ ପଛକେ, ପିତାମାତା ବା ବନ୍ଧୁ, ଯିଏ ହୋଇଥାନ୍ତୁ ପଛକେ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟ କରି ଏକଥା କୁହାଯାଇ ନାହିଁ । ···ହୁଏତ, ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏହି ବ୍ୟକ୍ତି ଜଣେ ବିଶେଷ ବ୍ୟକ୍ତି ହୋଇପାରନ୍ତି···

“ସାଧନା ଶରୀରରେ କରିବାକୁ ହେବ”, — ମୁଁ ଏହି କଥାଟିକୁ ବୁଝିପାରିଲି ନାହିଁ ।

ଶରୀରରେ ? ଆଉ କୌଣସି କଥାର ପରିପୂରକ ଭାବରେ ଏକଥାଟି କୁହାଯାଇଛି । ଏପରି କଥିତ ହୋଇଥାଏ ଯେ, କେତେକ ବ୍ୟକ୍ତି ଜୀବନ ପ୍ରତି ବିରକ୍ତ ହୋଇପଡ଼ିଥାନ୍ତି, ଏବଂ ପରବର୍ତ୍ତୀ ସୁଯୋଗରେ ସେମାନଙ୍କୁ ଏକ ଅଧିକ ଭଲ ଜୀବନ ପ୍ରାପ୍ତ ହେବ ବୋଲି ଆଶା କରି ସେମାନେ ତାହାକୁ ଛାଡ଼ି ଆସିବାକୁ ଇଚ୍ଛା କରୁଥାନ୍ତି । ସେହି କାରଣରୁ କୁହାଯାଇଛି : ନିଜ ଶରୀରକୁ ବର୍ଜନ କରି ପଳାଇ ଯିବାରେ ଆଦୌ କୌଣସି ଲାଭ ନାହିଁ, ଶରୀର ବିନା ତୁମର ଯାତ୍ରା ଆଦୌ ଅଧିକ ସହଜ ହେବ ନାହିଁ । ଅପର ପକ୍ଷରେ, ତାହା ଅଧିକ କଷ୍ଟକରହିଁ ହେବ । ଏବଂ, ଯୋଗସାଧନା ନିମନ୍ତେହିଁ ଶରୀରର ନିର୍ମାଣ ହୋଇଛି । ଆମେ ଏହି ସଂସାରରେ ବାସ କରୁଛୁ; ଏହି ସଂସାରସ୍ଥ ଜୀବନ-ଦଶାରେହିଁ ଆମେ ଅଗ୍ରଗତି କରିପାରିବା । ପାର୍ଥିବ ଜୀବନର ବାହାରେ ଆଦୌ କୌଣସି ଅଗ୍ରଗତି ସମ୍ଭବ ହୁଏ ନାହିଁ । ଏହି ପାର୍ଥିବ ଓ ସ୍ଥୂଳଭୂମିସ୍ଥ ଜୀବନହିଁ ମୂଳତଃ ଆମର ଅଗ୍ରଗତିଧର୍ମୀ ଜୀବନ; ଏହିଠାରେହିଁ ବ୍ୟକ୍ତି ଯାହାକିଛି ଅଗ୍ରଗତି କରିଥାଏ । ପାର୍ଥିବ ଜୀବନର ବାହାରେ ସେ ବିଶ୍ରାମ ନେଉଥାଏ, ଅଚେତନ ହୋଇ ରହୁଥାଏ ଅଥବା, ପରିପାଚନ, ବିଶ୍ରାମ ଏବଂ ଅଚେତନାର ପର୍ଯ୍ୟାୟଗୁଡ଼ିକୁ କ୍ରମାନ୍ୱୟରେ ଅତିକ୍ରମ କରୁଥାଏ । ମାତ୍ର ଅଗ୍ରଗତିର ପର୍ଯ୍ୟାୟ କହିଲେ ଏହି ସଂସାର ଉପରେ ଘଟୁଥିବା କ୍ରିୟାକୁ ବୁଝାଏ, ଅଗ୍ରଗତି ଏହି ଶରୀରରେହିଁ ହୁଏ । ତେଣୁ, ଅଗ୍ରଗତି କରିବା ସକାଶେ ତୁମେ ଶରୀର ଧାରଣ କରିଥାଅ; ଏବଂ, ଶରୀର ତ୍ୟାଗ କରିବା ସହିତ ଅଗ୍ରଗତିର ପର୍ଯ୍ୟାୟଟି ମଧ୍ୟ ଶେଷ ହୋଇଯାଏ ।

ଏବଂ, ଯଥାର୍ଥ ଅଗ୍ରଗତିକୁହିଁ ସାଧନା ବୋଲି କୁହାଯାଏ; ଅର୍ଥାତ୍, ସାଧନାର ଅନ୍ୟ ନାମ ହେଉଛି ସଚେତନତମ ଏବଂ ସତ୍ୱରତମ ଅଗ୍ରଗତି । ତା’ ନ ହେଲେ, କେବଳ ପ୍ରକୃତିର ବେଗ ଓ ଛନ୍ଦଟି ଅନୁସାରେହିଁ ଆଗକୁ ଯିବାକୁ ହୁଏ; ତାହାର ଅର୍ଥ ହେଉଛି, ସେହି କ୍ଷେତ୍ରରେ ଏତେଟିକିଏ ଅଗ୍ରଗତି ସମ୍ଭବ କରିବା ଲାଗି ମଧ୍ୟ ଶତାବ୍ଦୀ ଶତାବ୍ଦୀ ଓ ଏପରିକି ନିୟୁତ ନିୟୁତ ବର୍ଷ ସମୟ ଲାଗେ । ମାତ୍ର ସାଧନା ଦ୍ୱାରାହିଁ ଯଥାର୍ଥ ଅଗ୍ରଗତି ସମ୍ଭବ ହୁଏ । ଅନ୍ୟ ମାର୍ଗ ଦ୍ୱାରା

'oaob.nitrkl.ac.in' images reprocessed

ତାହା ସାଧ କରିବାକୁ ଅନନ୍ତ କାଳ ସମୟ ଲାଗେ, ଯୋଗମାର୍ଗରେ ତାହା ଖୁବ୍ ଅଳ୍ପ ସମୟରେ ସମ୍ଭବ ହୋଇଯାଏ । ମାତ୍ର, ସର୍ବଦା, ଅନ୍ୟ କେଉଁଠି ନୁହେଁ, ଏହି ଶରୀରରେ ଏବଂ ଏହି ସଂସାର ମଧ୍ୟରେହିଁ ତାହାକୁ କରିବାକୁ ହୋଇଥାଏ । ସେହି କାରଣରୁହିଁ, ଶରୀର ଧାରଣ କରିଥିବା ସମୟରେ ତାହାର ସୁଯୋଗ ଗ୍ରହଣ କରିବାକୁ ହୁଏ; "ପରେ ହେବ, ଆଉଟିକିଏ ପରେ ହେବ" ବୋଲି କହି ଆଦୌ ସମୟକୁ ନଷ୍ଟ କରିଦେବାକୁ ପଡ଼େ ନାହିଁ । ତେଣୁ, ଏହାକୁ ସଙ୍ଗେସଙ୍ଗେ ଆରମ୍ଭ କରିବା ହେଉଛି ସର୍ବଥା ଅଧିକ ଭଲ । କୌଣସି ଅଗ୍ରଗତି ନ କରି ତୁମର ଯେତୋଟି ବର୍ଷ ଗଡ଼ି ଚାଲିଯାଉଛି, ସେଗୁଡ଼ିକୁ କେବଳ ନଷ୍ଟ ହୋଇଯାଉଥିବା ଗୁଡ଼ିଏ ବର୍ଷ ବୋଲି କୁହାଯିବ । ତୁମକୁ ପରେ ସେଥିଲାଗି ଶୋଚନା କରିବାକୁ ପଡ଼ିବ ।

"ବିଘ୍ନଟି ଅବିଶ୍ୱାସ ଅଥବା ଅନନୁଗତତାରୁହିଁ ଆସିଥିବ"

ହଁ, ଏଗୁଡ଼ିକୁ ନାନା ପ୍ରକାର ଢଙ୍ଗରେ କୁହାଯାଇଛି । ଏହି କ୍ଷେତ୍ରରେ କେହି ବ୍ୟକ୍ତି କୌଣସି ବିଘ୍ନ ଉପୁଜୁଛି ବୋଲି ଅଭିଯୋଗ କରିଥିଲେ । ପତ୍ରଟିକୁ ପାଠ କରିସାରି ଶ୍ରୀଅରବିନ୍ଦ ଦେଖିଥିଲେ ଯେ ଏହି ବ୍ୟକ୍ତିର କ୍ଷେତ୍ରରେ ତାହା ନିଶ୍ଚୟ ବିଶ୍ୱାସର ଅଭାବରୁ ଅଥବା ଆନୁଗତ୍ୟର ଅଭାବରୁ ଆସିଥିବ । ସେ ତାଙ୍କୁ ସେହି କଥାହିଁ କହିଛନ୍ତି । ଏବଂ, ଯେହେତୁ ଅଧିକାଂଶଙ୍କ କ୍ଷେତ୍ରରେହିଁ ଏହିପରି ଘଟିଥାଏ, ଯେହେତୁ ସାଧାରଣ ସମସ୍ତଙ୍କ ସମ୍ମୁଖରେ ଆସି ଉପସ୍ଥିତ ହୁଏ, ତେଣୁ ତାହା ନିଶ୍ଚୟ ସମସ୍ତଙ୍କର କାମରେ ଆସିବ ।

ମାଆ, ଏପରି କାହିଁକି ହୁଏ ଯେ ଗୋଟିଏ ଭାବନା ଆମ ଭିତରେ ସର୍ବଦା ସେହି ଗୋଟିଏ ଭାବାନୁବୋଧ ସଂଘଟିତ କରେ ନାହିଁ ? ଅର୍ଥାତ୍, ଉଦାହରଣସ୍ୱରୂପ, ଯେତେବେଳେ କେହି ସମୁଦ୍ର ଆଡ଼କୁ ଅଥବା ତାରାମାନଙ୍କ ଆଡ଼କୁ ଅନାଇ ଦେଖୁଥାଏ ଏବଂ ସେ ନିଜେ ଯେ କେଡ଼େ କ୍ଷୁଦ୍ର ଓ ଅକିଞ୍ଚନ, ସେହି କଥା ଚିନ୍ତା କରୁଥାଏ, ସେତେବେଳେ ତା' ଭିତରେ ଏକ ନିର୍ଦ୍ଦିଷ୍ଟ ଭାବାନୁବୋଧ ଅନୁଭୂତ ହୋଇଥାଏ; ମାତ୍ର, ପରେ, ଆଉ ଅବସରରେ, ସିଏ ଯଦି ଠିକ୍ ସେହି ଅନୁଭୂତିଟିକୁ ଲାଭ କରିବାକୁ ଇଚ୍ଛା କରି ବସେ, ସେତେବେଳେ ସେହି କଥାଟି ବିଷୟରେ ଚିନ୍ତା କଲେ ମଧ୍ୟ ସେହି ଅନୁଭବଟି ଆସେ ନାହିଁ, କାହିଁକି ?

'oaob.nitrkl.ac.in' images reprocessed

ସେହି ଗୋଟିଏ ଅନୁଭୂତିକୁ ଆମେ କଦାପି ଦୁଇଥର ପାଇଁ ଲାଭ କରି ପାରିବା ନାହିଁ, କାରଣ ଆମେ ଦୁଇଥର ପାଇଁ କଦାପି ସେହି ଏକା ବ୍ୟକ୍ତି ହୋଇ ରହି ନ ଥାଉ । ପ୍ରଥମ ଓ ଦ୍ୱିତୀୟ ଅନୁଭୂତି ମଧ୍ୟରେ ଅତିକ୍ରାନ୍ତ ହୋଇଥିବା କାଳରେ ହୁଏତ ମାତ୍ର ଗୋଟିଏ ଘଣ୍ଟା ଅତିବାହିତ ହୋଇଥିଲେ ମଧ୍ୟ, ତୁମେ ତଥାପି କଦାପି ସେହି ଏକା ବ୍ୟକ୍ତି ହୋଇ ରହି ନ ଥାଅ, ତେଣୁ ସେହି ଗୋଟିଏ ବସ୍ତୁକୁ ପୁନର୍ବାର ଉଦ୍‌ଭୂତ କରି ଆଣିବାକୁ କଦାପି ସମର୍ଥ ହୁଅ ନାହିଁ । ତୁମେ ଯଦି ଅଧିକ ସଚେତନ ହେବା ଲାଗି ଯତ୍ନଶୀଳ ରହିପାର, ଅଧିକ ନିଷ୍ଠାଯୁକ୍ତ ଏବଂ ଏକାଗ୍ର ହୋଇ ରହିପାର, ତେବେ ତୁମେ ଲାଭ କରୁଥିବା ଅନୁଭୂତି ଅନ୍ୟ ପ୍ରକାରର ହେବ; ମାତ୍ର, ତାହା ହୁଏତ ଗଭୀରତର ହେବ ଅଥବା ସ୍ପଷ୍ଟତର ହେବ । ମାତ୍ର, ତୁମେ ଲାଭ କରିଥିବା କୌଣସି ଅନୁଭୂତି ମଧ୍ୟରେ ଯଦି ତୁମେ ଲାଖିକରି ରହିଥାଅ ଏବଂ ଠିକ୍ ସେହି ଅନୁଭୂତିଟିକୁ ପୁନର୍ବାର ନିଷ୍ପନ୍ନ କରି ଆଣିବା ଲାଗି ଇଚ୍ଛା କର, ତେବେ ତୁମେ ଆଦୌ କିଛିହେଲେ ବି ପାଇବ ନାହିଁ; କାରଣ, ତୁମେ ସେହି ଏକ ବସ୍ତୁଟିକୁ ମୋଟେ ଲାଭ କରିପାରିବ ନାହିଁ ଏବଂ ଏପରି ଗୋଟିଏ ସ୍ଥିତିରେ ରହିଥିବ, ଯେଉଁଠାରେ କି ତୁମେ ଏକ ନୂତନ ଅନୁଭୂତି ଲାଭ କରିବା ନିମନ୍ତେ ଅସମ୍ମତି ପ୍ରକାଶ କରୁଥିବ, କାରଣ ତୁମେ ନିଜର ଅତୀତର ଅନୁଭୂତି ମଧ୍ୟରେ ଲାଖି କରି ରହିଥିବ । ଏବଂ ସାଧାରଣତଃ, ଯେତେବେଳେ ତୁମର ଏପରି ଏକ ଅନୁଭୂତି ହୁଏ, ଯାହାକି ଏକ ସତ୍ୟୋଦ୍‌ଘାଟନ ପରି ପ୍ରତୀତ ହୁଏ ଓ ତୁମ ଲାଗି ଏକାନ୍ତ ଭାବରେ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥାଏ, ସେତେବେଳେ ତୁମେ ସେଇଟିକୁ ପାଖରୁ ଛାଡ଼ିବା ଲାଗି ଆଦୌ ମନ କର ନାହିଁ; ସେହି ଅନୁଭୂତିଟି କାଳେ ଆଉଥରେ ନ ହେବ ବୋଲି ତୁମର ଭୟ ହେଉଥାଏ, ଏବଂ ତେଣୁ, କୌଣସି ବସ୍ତୁ ମଧ୍ୟରେ ଲାଖି ରହିବାର ଏହି ଗତି କି ସ୍ପୃହାଟି ସମସ୍ତରେ ତୁମେ ନିଜକୁ ଅନ୍ତର୍ଗତ କରିବାକୁ ନିବୃତ୍ତ କରି ରଖିଥାଅ ଏବଂ ନିଜକୁ ଏପରି ନାନା ଅବସ୍ଥା ମଧ୍ୟରେ ଉପସ୍ଥାପିତ କରିଥାଅ, ଯାହା ସକାଶେ କି ତୁମର ପରବର୍ତ୍ତୀ ଅନୁଭୂତି ମୋଟେ ସମ୍ଭବ ହୁଏ ନାହିଁ ।

ଆମକୁ ଏହି କଥାଟିକୁ ହୃଦୟଙ୍ଗମ କରିବାକୁ ପଡ଼ିବ, କାରଣ ସମ୍ପୂର୍ଣ୍ଣ ଭାବରେ ଠିକ୍ ଏହିପରିହିଁ ଘଟିଥାଏ : ତୁମେ କଦାପି ସେହି ଗୋଟିଏ ଅନୁଭୂତିକୁ ଦୁଇଥର ଲାଭ କରି ପାରିବ ନାହିଁ । ହୁଏତ ପୂର୍ବଟି ସହିତ ଅତ୍ୟନ୍ତ ଓ ଏକ ନିବିଡ଼ ସାଦୃଶ୍ୟ ରଖିଥିବା ଏକ ଅନୁଭୂତି ହୋଇପାରେ—ବିଶେଷ ଭାବରେ ଏପରି କେତେକ ଅନୁଭୂତି ହୋଇପାରେ ଯାହାକି ଏକାପରି ବୋଧ ହୁଏ, ମାତ୍ର ଏହି ଅନୁଭୂତିଗୁଡ଼ିକ···ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ, ନିରପେକ୍ଷ ଏବଂ ସର୍ବେ ଷାଲି କାଗଜ ପରି ହୋଇ ରହିଥାଅ, ତେବେ ଏକଥା ଅବଶ୍ୟ ଜାଣିବାକୁ ସମର୍ଥ

'oaob.nitrkl.ac.in' images reprocessed

ହେବ ଯେ, ଦୁଇଟି ମଧ୍ୟରେ ତଥାପି ଏକ ପାର୍ଥକ୍ୟ ନିଶ୍ଚୟ ରହିଛି,—ବେଳେ-ବେଳେ ଏକ ମୌଳିକ ପାର୍ଥକ୍ୟ ରହିଥିବ,—ମାତ୍ର ଉପରକୁ ଦୁଇଟିଯାକ ଖୁବ୍ ନିକଟବର୍ତ୍ତୀ ବୋଲି ବୋଧ ହେଉଥିବେ । ମାତ୍ର, ନିଜେ ଅନୁଭବ କରି ଆସିଥିବା ସବୁକିଛିକୁ ପଛରେ ଛାଡ଼ି ଆଉକିଛି ଅଧିକ ଭଲ ଏବଂ ଅଧିକ ଉଚ୍ଚ ଆଡ଼କୁ ଅଗ୍ରସର ହେବା ଲାଗି ତୁମେ ଯେତିକି ଅଧିକ ପରିମାଣରେ ପ୍ରସ୍ତୁତ ହୋଇ ପାରୁଥିବ, ତୁମେ ପ୍ରକୃତରେ ସେତିକି ଅଧିକ ବେଗର ସହିତ ଗତି କରିପାରିବ । ଯଦି ଅତୀତର ଅନୁଭୂତିଗୁଡ଼ାକୁ ବୋଝ ପରି ଘୋଷାରୁଥିବ ଏବଂ ପାଖରୁ ଛାଡ଼ିବାକୁ ମୋଟେ ଇଚ୍ଛା କରୁ ନ ଥିବ, ତେବେ ତୁମର ଅଗ୍ରଗତି ପ୍ରକୃତରେ ସେତିକି ଅଧିକ ମନ୍ଥର ହୋଇ ରହିଥିବ ।

ସମୁଦାୟ ଅତୀତ ସର୍ବଦା କେବଳ ଏକ ମଧ୍ୟବର୍ତ୍ତୀ ପ୍ରସ୍ତର ଅଥବା ସିଢ଼ି ପରି ହୋଇ ରହିଥିବ; ଏପରି ଏକ ବସ୍ତୁପରି ହୋଇ ରହିଥିବ, ଯାହାକି ତୁମକୁ ଆହୁରି ଆଗକୁ ପରିଚାଳିତ କରି ନେଇଯାଇ ପାରୁଥିବ । ତୁମକୁ ଅଧିକ ଅଧିକ ଅଗ୍ରସର କରିନେବା ବ୍ୟତୀତ ଏହାର ପ୍ରକୃତରେ ଆଉ ଅନ୍ୟ କୌଣସି କାର୍ଯ୍ୟ ନ ଥିବ । ଏବଂ, ଯଦି ତୁମେ ଏହି କଥାଟିକୁ ଅନୁଭବ କରି ପାରୁଥିବ, ଯାହା ଅତୀତ ହୋଇଗଲା, ତାହାକୁ ପଛରେ ରଖି, ତୁମେ ଏହା ପରେ ଯାହା କରିବାକୁ ଇଚ୍ଛା କରୁଛ, ତାହାରି ଉପରେ ଦୃଷ୍ଟି ନିବଦ୍ଧ କରି ପାରୁଥିବ, ତେବେ ତୁମେ ଅଧିକ ବେଗର ସହିତ ଗତି କରି ପାରିବ ଏବଂ ବାଟରେ ତୁମର ଆଉ କୌଣସି ସମୟ ନଷ୍ଟ ହୋଇଯିବ ନାହିଁ । ଯାହା ଦିନେ ଥିଲା, ଯାହା ବର୍ତ୍ତମାନ ରହିଛି, ସେହି ଅତୀତ ମଧ୍ୟରେ ତୁମକୁ ଯାହାକିଛି ଖୁବ୍ ସୁନ୍ଦର ଏବଂ ଉତ୍ତମ ବୋଲି ମନେ ହେଉଥିଲା, ସର୍ବଦା ତାହାକୁ ଜାବୁଡ଼ି ଧରିଥିବା କାରଣରୁହିଁ ତୁମର ସମୟ ନଷ୍ଟ ହୋଇଯିବାରେ ଲାଗିଥାଏ । ଏହା ତୁମକୁ ଅବଶ୍ୟ ସାହାଯ୍ୟ କରିବ, ତୁମେ ତାହାକୁ କଦାପି ବର୍ଜନ କରିବ ନାହିଁ; ମାତ୍ର ତାହା ତୁମକୁ କେବଳ ଆଗକୁ ଯିବା ଲାଗିହିଁ ସାହାଯ୍ୟ କରିବ; ଏହା ତୁମକୁ ଏପରି ଏକ ଭୂମି ଯୋଗାଇ ଦେବ, ଯାହା ଉପରେ ଭର ଦେଇ ତୁମେ ଆହୁରି ଆଗକୁ ଏକ ପଦକ୍ଷେପ ଗ୍ରହଣ କରି ପାରୁଥିବ ।

ମନେ କରିଯାଉ, କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ, ଅନ୍ତର୍ଗତ ତଥା ବହିଃସ୍ଥ କେତେକ ବିଶେଷ ପରିସ୍ଥିତି ତୁମକୁ ଏକ ନିର୍ଦ୍ଦିଷ୍ଟ ପ୍ରକାର ସ୍ପନ୍ଦନ ନିମନ୍ତେ ଗ୍ରହଣଶୀଳ କରାଇ ପାରିଛି; ଉଦାହରଣସ୍ୱରୂପ, ତୁମେ ଯେପରି କହୁଥିଲ, ତାରାମାନଙ୍କ ଆଡ଼କୁ ଚାହିଁ ରହିଥିବା ସମୟରେ ଅଥବା କୌଣସି ଏକ ଦୃଶ୍ୟକୁ ମନଃପଟରେ ସମ୍ମୁଖରେ ଦେଖୁଥିବା ସମୟରେ ବା କୌଣସି ବହିରୁ ପୃଷ୍ଠାଟିଏ

'oaob.nitrkl.ac.in' images reprocessed

ପଢ଼ୁଥିବା ସମୟରେ କିଂବା ଗୋଟିଏ ବକ୍ତୃତା ଶୁଣୁଥିବା ସମୟରେ ତୁମର ଅନ୍ତଃସମ୍ମୁଖରେ ହଠାତ୍ ସତେଅବା କେତେ କ'ଣ ଉଦ୍‌ଘାଟିତ ହୋଇଗଲା, ଏକ ଅନୁଭୂତି ମିଳିଲା; ଏପରି ଏକ ବସ୍ତୁର ଅନୁଭବ ହେଲା, ଯାହାକି ତୁମର ମନ ଉପରେ ଏକ ଆଘାତ ଦେଇଗଲା ଏବଂ କିଛି ନୂତନ ଅଭିଜ୍ଞତା ଉନ୍ମୋଚିତ ହୋଇଗଲା ପରି ବୋଧ ହେଲା । ମାତ୍ର ଯଦି ତୁମେ ତହକସ କରି କେବଳ ସେହି ଗୋଟିଏ ବୋଧକୁ ନେଇ ପଡ଼ିରହିବ, ତେବେ ତୁମକୁ ସବୁକିଛି ହରାଇବାକୁ ପଡ଼ିବ; କାରଣ ତୁମେ କଦାପି ଅତୀତକୁ ଧରି ରଖି ପାରିବ ନାହିଁ, ତୁମକୁ ଆଗକୁ ଯିବାକୁ ପଡ଼ିବ, ନିରନ୍ତର ଅଗ୍ରସର ହେବାକୁ ପଡ଼ିବ । ଏହି ଉଦ୍ଭାସ ଓ ଉନ୍ମୋଚନ ତୁମକୁ ସମୁଚିତ ଭାବରେ ପ୍ରସ୍ତୁତ କରାଇ ପାରୁଥିବ, ଯେପରିକି ଏହି ନୂତନ ସୋପାନଟି ଉପରେ ତୁମେ ଆପଣାର ସମୁଦାୟ ସତ୍ତାଟିକୁ ସଂଗଠିତ କରିପାରୁଥିବ । ଏହାଦ୍ୱାରା ତୁମେ ଦିନେ ହଠାତ୍ ପୁନର୍ବାର ଏକ ଉଚ୍ଚତର ସୋପାନକୁ ମଧ୍ୟ ଲଙ୍ଘି ଯାଇ ପାରିବ ।

ଦୁଇଟି ଉଚ୍ଚ ଆରୋହଣ ମଝିରେ ଏକ ଅନୁପ୍ରସ୍ଥ ଅଗ୍ରଗତିର ପର୍ଯ୍ୟାୟ ରହିଥାଏ । ଏହି ଉଚ୍ଚ ଊର୍ଦ୍ଧ୍ୱାରୋହଣର ମୁହୂର୍ତ୍ତରେହିଁ ତୁମକୁ ସତେଅବା କ'ଣ ଗୋଟାଏ ଉଦ୍‌ଘାଟିତ ହୋଇ ଗଲାପରି ଉପଲବ୍ଧି ହୋଇଥାଏ, ସେଥିରୁ ଏକ ମହାନ୍ ଅନ୍ତର୍ଗତ ଆନନ୍ଦ ମଧ୍ୟ ପ୍ରାପ୍ତ ହୁଏ । ମାତ୍ର, ତୁମେ ଥରେ ସୋପାନଟିକୁ ଆରୋହଣ କରିସାରିବା ପରେ, ଯଦି ସେଇଟିକୁ ପୁନର୍ବାର ଆରୋହଣ କରିବା ପାଇଁ ମନ ବଳାଇବ, ତେବେ ତୁମକୁ ପୁଣି ତଳକୁ ଖସି ଆସିବାକୁ ହେବ । ପ୍ରକୃତ କଥା ହେଉଛି ଯେ, ଏହାର ପରବର୍ତ୍ତୀ ଅନ୍ୟ ଉଚ୍ଚତର ସୋପାନଟିକୁ ଆରୋହଣ କରିବା ଲାଗି ଏହି ସୋପାନଟି ଉପରେ ଆପଣାକୁ ପ୍ରସ୍ତୁତହିଁ କରୁଥିବ । ଏହି ଯେଉଁସବୁ ଘଟଣା ତୁମକୁ ହଠାତ୍ ଏକ ଅପାର ଆନନ୍ଦ ଦେଇଯାଏ, ତାହା ହେଉଛି ସର୍ବଦା ଗୋଟିଏ ଗୋଟିଏ ଊର୍ଦ୍ଧ୍ୱାରୋହଣ । ମାତ୍ର ଅନୁପ୍ରସ୍ଥ ଅଗ୍ରଗତିର ଏକ ଧୀର କର୍ମପ୍ରକ୍ରିୟା ଦ୍ୱାରାହିଁ ଏହିସବୁ ଊର୍ଦ୍ଧ୍ୱାରୋହଣ ଲାଗି ପ୍ରସ୍ତୁତ ହେବାକୁ ପଡ଼ିଥାଏ; ଅର୍ଥାତ୍, ଅଧିକରୁ ଅଧିକ ସଚେତନ ହେବାକୁ ହୁଏ; ତୁମେ ଯେଉଁଠାରେ ଆସି ଉପନୀତ ହୋଇଛ, ସେଠାରେ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ଆପଣାକୁ ପ୍ରତିଷ୍ଠିତ କରାଇବାକୁ ହୁଏ, ତହିଁ ମଧ୍ୟରୁ ଆହୃତ ଯାବତୀୟ ଅନ୍ତର୍ଗତ ଓ ମନଃତତ୍ତ୍ୱୀୟ ପରିଣାମ ଦ୍ୱାରା ଲାଭବାନ୍ ହେବାକୁ ହୁଏ ଏବଂ କର୍ମରେ ମଧ୍ୟ ସେହିପରି ଆଚରଣ କରିବାକୁ ପଡ଼େ । ଏହିପରି ଭାବରେ ଏକ ଉଚ୍ଚ ଊର୍ଦ୍ଧ୍ୱାରୋହଣକୁ ଦୀର୍ଘକାଳ ଧରି କାମରେ ଲଗାଇବାକୁ ହୋଇଥାଏ ଏବଂ, ମୁଁ ଯେପରି କହୁଛି, ଏହି କ୍ଷେତ୍ରରେ ଦୁଇ

'oaob.nitrkl.ac.in' images reprocessed

ପ୍ରକାରର ଅଗ୍ରଗତି ଜଡ଼ିତ ହୋଇ ରହିଥାଏ । ମାତ୍ର, ଅନୁପ୍ରସ୍ଥ ଅଗ୍ରଗତିକୁ ମଧ୍ୟ ଅପରିହାର୍ଯ୍ୟ ବୋଲି ଗ୍ରହଣ କରିବାକୁ ହେବ ।

ତୁମେ ଆଦୌ ଅଟକିଯିବ ନାହିଁ, ଆପଣାର ଅନୁଲମ୍ବ ଅଗ୍ରଗତିକୁ ଜାବୁଡ଼ି ଧରି ଏହିପରି ସ୍ତରରେ କଦାପି ରହିଯିବ ନାହିଁ ଏବଂ, ତାହା ତୁମକୁ ଏକ ସତ୍ୟୋଦ୍‌ଘାଟନ ଆଣିଦେଇଛି ବୋଲି ଆହୁରି ଆଗକୁ ଯିବାକୁ କଦାପି ଅସମ୍ମତ ହେବ ନାହିଁ । ଆଉ ଏକ ସୋପାନ ଲାଗି ପ୍ରସ୍ତୁତ ହେବା ସକାଶେ ଏଇଟିକୁ ଉପର ଛାଡ଼ି ଯିବାକୁ ହୁଏ, ତୁମକୁ ସେକଥା ଜାଣିବାକୁହିଁ ପଡ଼ିବ ।

'oaob.nitrkl.ac.in' images reprocessed

# ୯ ଫେବୃଆରୀ ୧୯୫୫

"ଯୋଗାଧାର" ପୁସ୍ତକର ଚତୁର୍ଥ ଅଧ୍ୟାୟ
''ବାସନା—ଖାଦ୍ୟ—ଯୌନକାମନା' ବିଷୟ
ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ ଏଠାରେ ଲେଖାହୋଇଛି : "ସୂର୍ଯ୍ୟ ଏବଂ ଆଲୋକ ସହାୟକ ହୋଇପାରନ୍ତି ଏବଂ"···

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଜଣେ ବ୍ୟକ୍ତି ନିଜର ଏକ ଅଭିଜ୍ଞତା ବିଷୟରେ ଶ୍ରୀଅରବିନ୍ଦଙ୍କ ପାଖକୁ ଲେଖିଥିଲେ, — ସେହି ଅଭିଜ୍ଞତାରେ ସେ ଏକ ସୂର୍ଯ୍ୟ ଏବଂ ଏକ ଆଲୋକର ସମ୍ପର୍କରେ ଆସିଥିଲେ ଏବଂ ଆପଣାର ସାଧନାରେ ଏକ ସହାୟକ ରୂପେ ଏଗୁଡ଼ିକର ସାହାଯ୍ୟ ଗ୍ରହଣ କରିବାକୁ ଇଚ୍ଛା କରୁଥିଲେ । ତେଣୁ, ଏକ ଅଭିଜ୍ଞତାର ଉତ୍ତର ଦେଇ ଏହା ଲେଖାଯାଇଛି ।

ମାଆ, ବାସନା ସଂକ୍ରାମକ କି ?

ହଁ, ଅତ୍ୟନ୍ତ ପରିମାଣରେ ସଂକ୍ରାମକ । ଏପରିକି ସଂକ୍ରାମକ ରୋଗଠାରୁ ମଧ୍ୟ ଅଧିକ ସଂକ୍ରାମକ । ଯଦି ତୁମ ପାଖକୁ ଲାଗି କରି ବସିଥିବା ଜଣେ ବ୍ୟକ୍ତି ଭିତରେ ଏକ ବାସନା ରହିଥାଏ, ସେହି ବାସନା ସଙ୍ଗେ ସଙ୍ଗେ ତୁମ ଭିତରକୁ ମଧ୍ୟ ପ୍ରବେଶ କରିବ । ଏବଂ ବସ୍ତୁତଃ, ଠିକ୍ ଏହିପରି ଭାବରେହିଁ ଏକ ବାସନା ଆପଣାକୁ ଧରା ପକାଇ ଦେଇଥାଏ । ଏହା ଜଣକଠାରୁ ଆଉ ଜଣକ ପାଖକୁ ଡେଇଁ ଚାଲିଯାଏ । ··· ଏହା ଅତ୍ୟନ୍ତ ଭୟାନକ ଭାବରେ ସଂକ୍ରାମକ; ଏତେ ଶକ୍ତିଶାଳୀ ଭାବରେ ସଂକ୍ରାମକ ଯେ, ତାହାକୁ ଏକ ସଂକ୍ରାମକ ଉପାଦାନ ବୋଲି ଆମେ ଜାଣି ମଧ୍ୟ ପାରୁ ନାହିଁ । ହଠାତ୍ ନିଜ ଭିତରେ କ'ଣ ଗୋଟାଏ ଉଦ୍ଭୂତ ହୋଇ ଆସିବା ପରି ବୋଧହୁଏ; ଆଉ କେହି ତାହାକୁ କେଡ଼େ ଥିର କରି ଆଣି ଆମ ଭିତରେ ପ୍ରବିଷ୍ଟ କରାଇ ଦେଇଥାଏ । ଅବଶ୍ୟ ଆମେ ହୁଏତ ଏପରି ବି କହିପାରିବା, "ଯେଉଁ ବ୍ୟକ୍ତିମାନଙ୍କ ଭିତରେ କାମନା ରହିଛି ସେମାନଙ୍କୁ କାରାରୁଦ୍ଧ କରି ରଖିଦିଆଯାଉ ନାହିଁ କାହିଁକି ?" ଏପରି ଯଦି ହୁଏ ତେବେ ଆମକୁ ସବୁ ମଣିଷଙ୍କୁହିଁ କାରାରୁଦ୍ଧ କରି ରଖିବାକୁ ପଡ଼ିବ । (ମାଆ ହସିଲେ)

ଏହି ବାସନା ଆସେ କେଉଁଠାରୁ ?

'oaob.nitrkl.ac.in' images reprocessed

ବୁଦ୍ଧଦେବ କହିଥିଲେ ଯେ ବାସନାଗୁଡ଼ିକ ଅଜ୍ଞାନରୁ ଜାତ ହୋଇଥାଏ । ଅଳ୍ପବହୁତ ତାହାହିଁ ସତକଥା । ଆମର ସତ୍ତା ଭିତରେ ଏପରି ଗୋଟିଏ ଉପାଦାନ ରହିଥାଏ, ଯାହାକି କଳ୍ପନା କରିବାକୁ ଆରମ୍ଭ କରେ ଯେ ପରିତୃପ୍ତି ଲାଭ କରିବା ପାଇଁ ତାହାର ଆଉକିଛି ବସ୍ତୁ ଦରକାର । ଏହା ମୂଳରେ ଯେ ଅଜ୍ଞାନ କାରଣ ହୋଇ ରହିଥାଏ, ତାହାର ପ୍ରମାଣ ହେଉଛି ଯେ, ଯେତେବେଳେ ସେହି ପରିତୃପ୍ତିଟି ସାଧିତ ହୋଇଯାଏ, ଆମେ ଆଉ ସେଇଟି ବିଷୟରେ ଆଦୌ କୌଣସି ଝଘା ରଖୁ ନାହିଁ. ଅନ୍ତତଃ ଶହେରୁ ସାଢ଼େ ଅନେଶତ କ୍ଷେତ୍ରରେ ତାହା ବିଷୟରେ କୌଣସି ଦୃଷ୍ଟି ଦେଉ ନାହିଁ । ମୁଁ ଭାବୁଛି ଯେ, ଆପଣାର ଉତ୍ସମୂଳରେ ତାହା ଅଭିବୃଦ୍ଧି ଲାଗି ଏକ ଅସ୍ପଷ୍ଟ ଆବଶ୍ୟକତା ରୂପେ ଅବସ୍ଥିତ ରହିଥାଏ; ଯେପରି ଜୀବନର ନିମ୍ନତମ ଆକାରଗୁଡ଼ିକର କ୍ଷେତ୍ରରେ ପ୍ରେମ ଗିଳି ପକାଇବା, ଉଦରସ୍ଥ କରିବା ଏବଂ ଆଉ ଏକ ବସ୍ତୁ ସହିତ ଏହିପରି ଭାବରେ ଯୁକ୍ତ ହୋଇ ରହିବାର ଏକ ଆବଶ୍ୟକତା ରୂପେ ପରିବର୍ତ୍ତିତ ହୋଇଯାଏ, ଠିକ୍ ସେହିପରି । ପ୍ରେମର ଆଦିମତମ ପରିପ୍ରକାଶ ରୂପେ ଏହା ଜୀବନର ନିମ୍ନତମ ନମୁନାଗୁଡ଼ିକରେ ଦୃଷ୍ଟିଗୋଚର ହୋଇଥାଏ, ନିଜ ଭିତରକୁ ଗ୍ରହଣ କରିନେବା ଏବଂ ଉଦରସ୍ଥ କରିନେବାର ଏକ ପ୍ରବୃତ୍ତି ହୋଇ ରହିଥାଏ । ଏବଂ, ନିଜ ଭିତରକୁ ଏହି ଗ୍ରହଣ କରିନେବାର ଆବଶ୍ୟକତାକୁହିଁ ବାସନା ବୋଲି କୁହାଯିବ । ତେଣୁ, ଯଦି ଆମେ ସମ୍ଭବତଃ ଯଥେଷ୍ଟ ଦୂରଯାଏ ପଛକୁ ଫେରିଯାଇ ଅଚେତନାର ସର୍ବଶେଷ ଗଭୀରତାଗୁଡ଼ିକ ପାଖରେ ପହଞ୍ଚି ପାରିବା, ତେବେ ଆମେ ନିଶ୍ଚୟ କହିପାରିବା ଯେ ବାସନାର ଉତ୍ସମୂଳରେ ଏହି ପ୍ରେମହିଁ ରହିଥାଏ । ଏହି ସ୍ତରରେ ତାହା ଆପଣାର ଏକ ଅସ୍ପଷ୍ଟତମ ଏବଂ ଅଚେତନତମ ରୂପରେ ଅବସ୍ଥିତ ରହିଥାଏ । ଏହା ପଛରେ ଅନ୍ୟ କୌଣସି ବସ୍ତୁ ସହିତ ଯୁକ୍ତ ହୋଇ ରହିବାର ଆବଶ୍ୟକତା ନିହିତ ହୋଇ ରହିଥାଏ, ତାହା ପ୍ରତି ଏକ ଆକର୍ଷଣ ରହିଥାଏ, ତାହାକୁ ନିଜ ଭିତରକୁ ଗ୍ରହଣ କରିନେବାର ଏକ ଆବଶ୍ୟକତା ଅନୁଭୂତ ହେଉଥାଏ ।

ଉଦାହରଣସ୍ୱରୂପ…ତୁମେ ଏପରି ଗୋଟିଏ ବସ୍ତୁ ଦେଖିଲ, ଯାହାକି—ତୁମକୁ ତାହା ସେହିପରି ଦେଖାଗଲା ଅଥବା ପ୍ରକୃତରେ—ଖୁବ୍ ସୁନ୍ଦର, ଅତ୍ୟନ୍ତ ସୌଷମ୍ୟଯୁକ୍ତ, ଅତ୍ୟନ୍ତ ରମଣୀୟ । ଯଦି ତୁମ ଭିତରେ ଯଥାର୍ଥ ଚେତନାଟି ରହିଥାଏ, ତେବେ ଏକ ଅତ୍ୟନ୍ତ ସୁନ୍ଦର ଓ ଅତ୍ୟନ୍ତ ସୌଷମ୍ୟଯୁକ୍ତ ପଦାର୍ଥରେ ସଚେତନ ସମ୍ପର୍କରେ ଆସିବାର ଓ ତାହାକୁ ଅବଲୋକନ କରିବାର ଏହି ଆନନ୍ଦଟିକୁ ଅନୁଭବ କର,—ଏବଂ ତୁମ ଲାଗି ତାହାହିଁ ଯଥେଷ୍ଟ ହୁଏ । ସେହିଠାରେହିଁ ସେକଥା ସରିଯାଏ । ତୁମକୁ ତାହାର ଆନନ୍ଦ ମିଳେ,—ଏପରି ଗୋଟିଏ ଦ୍ରବ୍ୟ ରହିଛି,

'oaob.nitrkl.ac.in' images reprocessed

ତୁମେ ସେଇଥିପାଇଁ ଖୁସୀ ହୋଇଯାଅ । ଏବଂ, ଏକ ସୌନ୍ଦର୍ଯ୍ୟବୋଧ ରହିଥିବା କଳାକାରମାନଙ୍କର କ୍ଷେତ୍ରରେ ସାଧାରଣତଃ ଏହାହିଁ ଘଟିଥାଏ । ଉଦାହରଣସ୍ୱରୂପ, ଜଣେ କଳାକାର ହୁଏତ ଗୋଟିଏ ସୁନ୍ଦର ପ୍ରାଣୀକୁ ଦେଖିବାକୁ ପାଇଲେ; ସେ ସେହି ଜୀବଟିର ସୌନ୍ଦର୍ଯ୍ୟ, କମନୀୟତା ତା'ର ଅଙ୍ଗଚାଳନା-ଜନିତ ସୌଷମ୍ୟଟିକୁ ଅବଲୋକନ କଲେ ଏବଂ ସେଇଥିରୁ ଆନନ୍ଦ ଲାଭ କଲେ । ଏବଂ ସେହିଠାରେହିଁ ସବୁ ସରିଗଲା । ତାହାହିଁ ତାଙ୍କୁ ସବୁକିଛି ଦେଇଗଲା । ଏକ ସୁନ୍ଦର ପଦାର୍ଥକୁ ଦେଖିଛନ୍ତି ବୋଲି ସେ କେଡ଼େ ଖୁସୀ ହେଲେ, କେତେ ସନ୍ତୋଷ ଲାଭ କଲେ । ମାତ୍ର, ଏକ ସାଧାରଣ ମନୁଷ୍ୟର ଚେତନା, ଗୋଟାପୁଆ ସାଧାରଣ ସ୍ତରର, ଯାବତୀୟ ସାଧାରଣ ଚେତନା ସଦୃଶ ଏକାନ୍ତ ନିମ୍ନ ଭ,—ତାହା ଯେମିତ କୌଣସି ଏକ ସୁନ୍ଦର ପଦାର୍ଥର ପ୍ରତ୍ୟକ୍ଷ କରିବ, ତାହା ଏକ ପଦାର୍ଥ ହୋଇଥାଉ ଅଥବା ଜଣେ ବ୍ୟକ୍ତି ହୋଇଥାଉ,—ସଙ୍ଗେ ସଙ୍ଗେ କହିବାକୁ ଆରମ୍ଭ କରିବ, "ମୋର ଏଇଟି ଦରକାର" । ଏହା ପ୍ରକୃତରେ ଭାରି ଦୁଃଖଦାୟକ, ନୁହେଁ ? ଏବଂ, ଏହି ସଉଦାଗିରି କରିବା ମଧ୍ୟରେ ସୌନ୍ଦର୍ଯ୍ୟଟିକୁ ଯଥାର୍ଥରେ ଗ୍ରହଣ କରିଥିବାର କୌଣସି ଆନନ୍ଦ ମଧ୍ୟ ନ ଥାଏ, କାରଣ ତାହା ଭିତରେ ବାସନାଜନିତ ବେଦନା ଭର୍ତ୍ତି ହୋଇ ରହିଥାଏ । ଏହା ସେହି ଆନନ୍ଦଟିକୁ ହରାଇବସେ ଏବଂ ତା'ବଦଳରେ ଆଉ କିଛିହେଲେ ପାଇପାରେ ନାହିଁ, କାରଣ, କୌଣସି ବସ୍ତୁ ପ୍ରତି ବାସନାପୂରିତ ହୋଇ ରହିଥିଲେ ସେଥିରୁ ଆଦୌ କୌଣସି ସୁଖକରତାର ଅନୁଭବ ହୋଇପାରେ ନାହିଁ । ତାହା ତୁମକୁ କେବଳ ଏକ ଅପ୍ରୀତିକର ସ୍ଥିତିରେ ନେଇ ପକାଇ ଦେଇଥାଏ ।

ବୁଦ୍ଧଦେବ କହିଛନ୍ତି ଯେ ଏକ ବାସନାର ପରିତର୍ପଣ ଅପେକ୍ଷା ତାହାକୁ ଜୟ କରିବାରେହିଁ ଏକ ବୃହତ୍ତର ଆନନ୍ଦ ନିହିତ ହୋଇ ରହିଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କର ଏହି ଅନୁଭୂତିଟି ଅବଶ୍ୟ ହୋଇପାରିବ ଏବଂ ତାହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ, ଭାରି ଆଗ୍ରହୋଦ୍ଦୀପକ ।

ଘଟନାଟିଏ ପ୍ୟାରିସ୍‌ରେ ଘଟିଥିଲା : ଜଣେ ବ୍ୟକ୍ତିଙ୍କୁ ମାସନେଙ୍କର ଗୋଟିଏ ଅପେରାର ପ୍ରଥମ ରଜନୀରେ ନିମନ୍ତ୍ରଣ କରି ଯାଇଥିଲା (ପ୍ରଥମ ରଜନୀର ଅର୍ଥ ହେଉଛି ତାହା ମଞ୍ଚସ୍ଥ ହେବାର ପ୍ରଥମ ରାତି) । ମୁଁ ଭାବୁଛି··· ଠିକ୍ ତାହାଙ୍କର ଅପେରା, ମୁଁ ମନେ ରଖିପାରି ନାହିଁ । ଦୃଶ୍ୟସଜ୍ଜା ଚମତ୍କାର ଥିଲା, ଅଭିନୟ ଚମତ୍କାର ଥିଲା, ସଙ୍ଗୀତ ମଧ୍ୟ ଆଦୌ ଅସୁଖକର ଲାଗୁ ନ ଥିଲା । ପ୍ରଥମ ଥର ସତାଣେ ତାହା ମଞ୍ଚସ୍ଥ ହେଉଥିଲା ଏବଂ ବ୍ୟକ୍ତି ଜଣଙ୍କୁ ଶୁଳ୍କକଳା-ବିଭାଗର ମନ୍ତ୍ରୀମହୋଦୟଙ୍କ ଲାଗି ଉଦ୍ଦିଷ୍ଟ ବିଶିଷ୍ଟ ଉପବେଶନ-ସ୍ଥଳକୁ ନିମନ୍ତ୍ରଣ କରାଯାଇଥିଲା । ସରକାରୀ ଥିଏଟରମାନଙ୍କରେ

'oaob.nitrkl.ac.in' images reprocessed

ସବୁ ଅପେରାର ପ୍ରଥମ ରଜନୀରେ ମନ୍ତ୍ରୀଙ୍କ ଲାଗି ସର୍ବଦା ବିଶେଷ ସ୍ଥଳଟିଏ ସଂରକ୍ଷିତ କରି ରଖା ଯାଉଥିଲା । ଚାରୁକଳା-ବିଭାଗର ଏହି ମନ୍ତ୍ରୀମହୋଦୟ ଜଣେ ଅତି ସରଳ ବ୍ୟକ୍ତି ଥିଲେ, ତଥା ଜଣେ ବୃଦ୍ଧ ଗ୍ରାମାଞ୍ଚଳର ବ୍ୟକ୍ତି ଥିଲେ, ପ୍ୟାରିସ୍ ସହରରେ ଆଦୌ ବେଶୀ ଦିନ ପାଇଁ ବାସ କରି ନ ଥିଲେ, ମନ୍ତ୍ରିମଣ୍ଡଳରେ ମଧ୍ୟ ନୂଆ ହୋଇ ଯୋଗ ଦେଇଥିଲେ ଏବଂ ନୂତନ କଥାମାନ ଦେଖିବା ଲାଗି ପ୍ରକୃତରେ ସେ ଏକ ଶିଶୁସୁଲଭ ଆନନ୍ଦ ଲାଭ କରୁଥିଲେ । ତଥାପି ବ୍ୟକ୍ତିଜଣକ ଜଣେ ଭଦ୍ରବ୍ୟକ୍ତି ଥିଲେ; ଏବଂ ଜଣେ ଭଦ୍ରମହିଳାଙ୍କୁ ମଧ୍ୟ ସେଠାକୁ ନିମନ୍ତ୍ରଣ କରିଥିବାରୁ ସେ ତାଙ୍କୁ ଆଗରେ ରହିଥିବା ବସିବାସ୍ଥାନଟି ଦେଲେ ଏବଂ ସ୍ୱୟଂ ପଛରେ ବସିଲେ । ମାତ୍ର, ତାଙ୍କୁ ଭାରି ଖରାପ ଲାଗୁଥାଏ, କାରଣ ସେ ସବୁକଥା ମୋଟେ ଦେଖିପାରୁ ନ ଥାନ୍ତି । ସିଏ ସାମନା ଆଡ଼କୁ ଟିକିଏ ଉହୁଙ୍କି କରି ବସିଲେ, ବାହାରକୁ ଅଢଗୁଡ଼ାଏ କିଛି ଜଣା ନ ପକାଇ ପ୍ରକୃତରେ କିଛି ଦେଖି ପାରିବା ଲାଗି ଚେଷ୍ଟା କଲେ । ସାମନାରେ ବସିଥିବା ଭଦ୍ରମହିଳା ସେକଥା ଲକ୍ଷ୍ୟ କରି ପାରିଲେ । ସିଏ ମଧ୍ୟ ନାଟକଟିକୁ ଦେଖିବାକୁ ଭାରି ଆଗ୍ରହ ପ୍ରକାଶ କରୁଥିଲେ, ନାଟକଟି ତାଙ୍କୁ ଭାରି ଚମତ୍କାର ମନେ ହେଉଥିଲା; ନାଟକଟି ଯେ ତାଙ୍କୁ ଆଦୌ ଭଲ ଲାଗୁ ନ ଥିଲା, ତାହା ନୁହେଁ; ତାଙ୍କୁ ତାହା ପ୍ରକୃତରେ ଖୁବ୍ ଭଲ ଲାଗୁଥିଲା ଏବଂ ସିଏ ସେଇଟିକୁ ଉପଭୋଗ କରିବାରେ ଲାଗିଥିଲେ । ମାତ୍ର, ବିଚରା ଭଲ ଭାବରେ ଦେଖିପାରୁ ନ ଥିବାରୁ ମନ୍ତ୍ରୀଙ୍କର ମୁହଁଟି କିପରି ଶୁଖି ଯାଉଥାଏ, ସିଏ ସେହି କଥାଟିକୁ ଲକ୍ଷ୍ୟ କରୁଥାନ୍ତି । ତେଣୁ ବେଶ୍ ଅନୌପଚାରିକ ଭାବରେ ସେ ଆପଣାର ଆସନଟିକୁ ଟିକିଏ ପଛକୁ ଘୁଞ୍ଚାଇ ଆଣିଲେ, କିଞ୍ଚିତ୍ ପଛକୁ ଘୁଞ୍ଚି ଆସିଲେ;—ସତେ ଯେପରି ସିଏ ଆଉକିଛି ଚିନ୍ତା କରୁଥିଲେ;--ଏବଂ ଏପରି ଯଥେଷ୍ଟ ଭାବରେ ପଛକୁ ଘୁଞ୍ଚି ଆସିଥିଲେ ଯେ ତା'ପରେ ମନ୍ତ୍ରୀ ଆଗକୁ ଚାଲିଆସି ପାରିଲେ ଓ ସମସ୍ତ ଦୃଶ୍ୟଟିକୁ ଦେଖି ପାରିଲେ । ଏବଂ, ଏହି ଭଦ୍ରମହିଳା, ଯେତେବେଳେ ସେ ପଛକୁ ଘୁଞ୍ଚି ଆସିଲେ ଏବଂ ନାଟକଟିକୁ ଦେଖିବାର ସମସ୍ତ ବାସନାକୁ ପରିତ୍ୟାଗ କଲେ, ସେତେବେଳେ ତାଙ୍କର ଭିତରେ ଏକ ଅନ୍ତର୍ଗତ ଆନନ୍ଦବୋଧରେ ପରିପୂର୍ଣ୍ଣ ହୋଇ ଉଠିଲା,—ବସ୍ତୁଗୁଡ଼ିକ ପ୍ରତି ରହିଥିବା ସକଳ ଆସକ୍ତିରୁ ମୁକ୍ତ ହୋଇ ସେ ଗୋଟିଏ ପ୍ରକାରର ଶାନ୍ତି ଅନୁଭବ କଲେ,—ନିଜର ପରିତୃପ୍ତି-ବିଧାନ ନ କରି ଆଉଜଣେ ମନୁଷ୍ୟ ଲାଗି କିଛି କରି ପାରିଥିବାରୁ ଖୁବ୍ ପ୍ରସନ୍ନ ଅନୁଭବ କରୁଥିଲେ; ଏତେବେଶୀ ପ୍ରସନ୍ନ ଅନୁଭବ କରିଥିଲେ ଯେ, ଅପେରାଟିକୁ ଶୁଣି ପାରିଥିଲେ ଯେତେ ଖୁସୀ ହୋଇଥାନ୍ତେ, ସେହି ସନ୍ଧ୍ୟାରେ ତା'ଠାରୁ ଅନନ୍ତ ଗୁଣରେ ଅଧିକ ସୁଖ ଅନୁଭବ କରୁଥିଲେ । ଏଇଟି ହେଉଛି ଏକ ଯଥାର୍ଥ ଅନୁଭୂତି, ଏହାକୁ କଦାପି କୌଣସି ବହିରେ ପଢ଼ିଥିବା ଗୋଟିଏ କାହାଣୀ ପରି ଗ୍ରହଣ କରାଯିବ ନାହିଁ । ଏବଂ, ଠିକ୍

'oaob.nitrkl.ac.in' images reprocessed

ସେହି ସମୟରେହିଁ ସେ ବୌଦ୍ଧ-ଧର୍ମସୂତ୍ରର ଅଧ୍ୟୟନ କରୁଥିଲେ ଏବଂ ବୁଦ୍ଧ ଦେବଙ୍କର ଉପଦେଶଟିକୁ ପାଳନ କରିହିଁ ସେ ଏହି ପ୍ରୟୋଗଟିକୁ କରିଥିଲେ ।

ଏବଂ ତାଙ୍କର ଏହି ଅନୁଭବଟି ଏତେ ଅଧିକ ପରିମାଣରେ ମୂର୍ତ୍ତ ଏବଂ ଯଥାର୍ଥ ହୋଇ ରହିଥିଲା ଯେ,··· ପ୍ରକୃତରେ ମାତ୍ର ଦୁଇଟା ନିମେଷ ମଧ୍ୟରେ ନାଟକ, ସଙ୍ଗୀତ, ଅଭିନେତାମାନେ, ଦୃଶ୍ୟ, ଛବିସମୂହ ଓ ସବୁକିଛୁ ସତେଅବା ସମ୍ପୂର୍ଣ୍ଣ ଭାବରେ ଗୌଣ ହୋଇ ରହିଥିବା, ଏକାନ୍ତ ମହତ୍ତ୍ୱହୀନ କେତୋଟି କଥାପରି ବୁଝିହେଉ ବିଦାୟ ନେଇ ଚୁଲି ଯାଇଥିଲେ; ମାତ୍ର, ଆପଣାର ଜୀବନରେ କୌଣସି ଏକ ବସ୍ତୁ ଉପରେ କର୍ତ୍ତୃତ୍ୱ ଅର୍ଜନ କରିଥିବାର ଏବଂ କେବଳ ସ୍ୱାର୍ଥ ଦ୍ୱାରା ପ୍ରେରିତ ନ ହୋଇ କରିପାରିଥିବାର ଏହି ଆନନ୍ଦ ତାଙ୍କର ସକଳ ଅସ୍ତିତ୍ୱକୁ ଏକ ଅତୁଳନୀୟ ପ୍ରଶାନ୍ତିରେ ପରିପୂର୍ଣ୍ଣ କରି ରଖିଥିଲା । ତାଙ୍କୁ ଏକ ଆନନ୍ଦମୟ ଅନୁଭୂତିର ଅଧିକାରୀ କରି ରଖିଥିଲା । ଆମେ ଏହାକୁ କେବଳ ଏକ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ବୋଲି ଆଦୌ କହିପାରିବା ନାହିଁ । ଯେଉଁମାନେ ପ୍ରୟାସ କରିବେ, ସେମାନେ ମଧ୍ୟ ଏହି ଅନୁଭୂତିଟି ଲାଭ କରିପାରିବେ ।

ଏହାକୁ ଚୈତ୍ୟସତ୍ତ୍ୱା ସହିତ ଏକ ପ୍ରକାରର ଅନ୍ତର୍ଗତ ସହଯୋଗିତା ବୋଲି ବୁଝାଯିବ । ଆମେ ଯେତେବେଳେ ସ୍ୱେଚ୍ଛାପ୍ରେରିତ ଭାବରେ ନିଜର କୌଣସି ବାସନାକୁ ତ୍ୟାଗ କରି ବାହାରିଆସୁ, ଏହି ସହଯୋଗିତା ସେତିକବେଳେ ସମ୍ଭବ ହୋଇଥାଏ ଏବଂ ସେଇଟି ସକାଶେହିଁ, ବାସନାଟିକୁ ତୃପ୍ତ କରିଥିଲେ ଆମକୁ ଯେତେ ଆନନ୍ଦ ମିଳିଥାନ୍ତା, ଏହି କ୍ଷେତ୍ରରେ ତାହାଠାରୁ ଅନେକ ଅଧିକ ଆନନ୍ଦ ଅନୁଭବ କରିଥାଉ । ପୁନଶ୍ଚ, ପ୍ରାୟ କୌଣସି ବ୍ୟତିକ୍ରମ ନ ଥାଇ ସାଧାରଣତଃ ଏହିପରି ଘଟିଥାଏ ଯେ, ଆମେ ଯେତେବେଳେ ନିଜର କୌଣସି ବାସନାକୁ ତୃପ୍ତ କରୁ, ସେତେବେଳେ କୌଣସି ନା କୌଣସି ଜାଗାରେ ତାହା ଆମ ଭିତରେ ଏକ ପ୍ରକାରର ତିକ୍ତ ସ୍ୱାଦ ଅବଶ୍ୟ ରଖି ଚାଲିଯାଇଥାଏ ।

ପରିତୃପ୍ତି ଲାଭ କରିହେବା ଏପରି କୌଣସି ବାସନା ନାହିଁ, ଯାହା ଦ୍ୱାରା କି ଏକ ପ୍ରକାରର ତିକ୍ତତା ଉଦ୍‌ଭୂତ ହୋଇ ନ ଥାଏ । ଯେଉଁପରି ଅତିମିଠା କୌଣସି ମିଷ୍ଟ ପଦାର୍ଥ ଖାଇଲେ ତୁମର ମୁହଁ ପିତାପିତା ହୋଇଗଲା ପରି ଲାଗୁଥାଏ, ଏକଥା ଠିକ୍ ସେହିପରି । ତୁମକୁ ନିଷ୍ଠାପର ଭାବରେ ପରୀକ୍ଷା କରି ଦେଖିବାକୁ ପଡ଼ିବ । ଅବଶ୍ୟ ଏକଥା ଏକାନ୍ତ ସତ୍ୟ ଯେ, ବାସନା ଛାଡ଼ିଦେଲି ବୋଲି ତୁମେ ଆଦୌ କୌଣସି ଛଳନା କରୁ ନ ଥିବ, ସେହି ବାସନାଟିକୁ କୌଣସି କୋଣଭିତରେ ନେଇ ଲୁଚାଇ ରଖି ନ ଥିବ,— କାରଣ, ତା'ହେଲେ ତୁମେ ଭାରି ଦୁଃଖୀ ହୋଇ ରହିବ । ତୁମକୁ ନିଷ୍ଠାର ସହିତହିଁ ତାହା କରିବାକୁ ହେବ ।

'oaob.nitrkl.ac.in' images reprocessed

ଚୈତ୍ୟ-ଆବଶ୍ୟକତାଟିର ଉପଲବ୍‌ଧି କପରି ହୁଏ ?

(ମାଆ ନୀରବ ରହିଲେ)

ମୁଁ ତୁମ କଥା ସ୍ପଷ୍ଟ ଭାବରେ ଶୁଣିପାରୁଛି । ମାତ୍ର, ତୁମ ପ୍ରଶ୍ନଟିର ମର୍ମକୁ ମୁଁ ମୋଟେ ବୁଝି ପାରୁ ନାହିଁ ।

ଯେତେବେଳେ ମନର କ୍ଷେତ୍ରରେ ତାହାକୁ ଉପଲବ୍‌ଧି କରାଯାଏ ?

ନାଇଁ, ନାଇଁ, ସେପରି ମୋଟେ ନୁହେଁ । "ଚୈତ୍ୟ-ଆବଶ୍ୟକତାଟିର ଉପଲବ୍ଧି ହୁଏ,"—"ତାହାର ଉପଲବ୍ଧି କପରି ହୁଏ, ବାହାରର ଜୀବନରେ ତାହା କପରି ଆପଣାକୁ ଅଭିବ୍ୟକ୍ତ କରେ?"—ତୁମେ ଏହା ଦ୍ୱାରା ସେହିକଥା ପଚାରୁଛ କି ? "ଉପଲବ୍ଧି କରିବା" କହିଲେ ତୁମେ କେଉଁ ଅର୍ଥରେ ପଚାରୁଛ ? କ'ଣ ସ୍ପଷ୍ଟ ହେଉ ନାହିଁ ? ତୁମର ଭାବନା ମଧ୍ୟରେ ତୁମେ ସେହି କଥାଟିକୁ ସ୍ପଷ୍ଟ କରି ଦେଖି ପାରୁ ନାହଁ ? "ଚୈତ୍ୟ-ଆବଶ୍ୟକତା", — କହିଲେ ତୁମେ କ'ଣ ବୁଝୁଛ ? ଆପଣାର ଚୈତ୍ୟସତ୍ତାକୁ ଜାଣିବାର ଆବଶ୍ୟକତା ନା ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଚୈତ୍ୟର ଆବଶ୍ୟକତା ?

ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଚୈତ୍ୟର ଆବଶ୍ୟକତା ।

ଆପଣାକୁ ଉପଲବ୍ଧି କରିହିଁ ତାହା ଆପଣାକୁ ଅଭିବ୍ୟକ୍ତ କରିଥାଏ,— ଆପଣାର ଅଭିବ୍ୟକ୍ତି ଘଟାଇ ।

କପରି ଭାବରେ ?

ତାହାକୁ ମନର ମଧ୍ୟଦେଇ ଯିବାକୁ ହୁଏ କି ନାହିଁ, ତୁମେ ସେହି ଅର୍ଥରେ ପ୍ରଶ୍ନଟିକୁ ପଚାରୁଛ କି ? ନାଇଁ, ନାଇଁ,—ଆଦୌ ନୁହେଁ, କାରଣ ତା' ହୋଇ ଥିଲେ ସମସ୍ତ ପ୍ରକ୍ରିୟାଟି ଅତ୍ୟନ୍ତ କଷ୍ଟକର ହୋଇଆନ୍ତା । ଚୈତ୍ୟ-ଆବଶ୍ୟକତା ହେଉଛି ଦିବ୍ୟ ପରମକରୁଣାରହିଁ ଏକ ଅଭିବ୍ୟକ୍ତି ଏବଂ ସେହି ଦିବ୍ୟ ପରମକରୁଣା ଦ୍ୱାରାହିଁ ତାହାର ଅଭିବ୍ୟକ୍ତି ଘଟିଥାଏ ।

ଏହି ବିଶ୍ୱରେ ଚୈତ୍ୟର କାର୍ଯ୍ୟ,— ତାହା ହେଉଛି ଦିବ୍ୟ ପରମକରୁଣାର ଏକ କାର୍ଯ୍ୟ । ଚୈତ୍ୟ ଅଭିବୃଦ୍ଧି ମଧ୍ୟ ସେହି ଦିବ୍ୟ ପରମକରୁଣାର ଏକ କାର୍ଯ୍ୟ; ଏବଂ, ସ୍ଥୂଳ ସତ୍ତା ଉପରେ ସର୍ବଶେଷରେ ଚୈତ୍ୟସତ୍ତାର ଯେଉଁ ଅଧିକାର ଓ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେବ, ତାହା ମଧ୍ୟ ସେହି ଦିବ୍ୟ ପରମକରୁଣାର ଏକ ପରିଣାମ । ଏବଂ, ଯଦି ମନ ଏହି କ୍ଷେତ୍ରରେ ଆଦୌ କୌଣସି କାର୍ଯ୍ୟରେ ଲାଗି ପାରିବାକୁ ଇଚ୍ଛା କରୁଥାଏ, ତେବେ ତାହାକୁ ଯଥାଶକ୍ତି ସମ୍ପୂର୍ଣ୍ଣ ନୀରବ ହୋଇଯିବାକୁ ପଡ଼ିବ;

'oaob.nitrkl.ac.in' images reprocessed

କାରଣ, ଆଦୌ କୌଣସି ପ୍ରକାର ହସ୍ତକ୍ଷେପ କଲେହିଁ ଏହା ନିଶ୍ଚିତ ଭାବରେ ସବୁକିଛିକୁ ପଣ୍ଡ କରି ପକାଇବ ।

ତେବେ, ମନର ଆଉ କୌଣସି ଆବଶ୍ୟକତା ରହିବ ନାହିଁ ?

ନାହିଁ ନାହିଁ, ମୁଁ ମୋଟେ କହୁ ନାହିଁ ଯେ ମନର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ମନର ଆବଶ୍ୟକତା ଆଉ ଅନ୍ୟ ଗୋଟିଏ କ୍ଷେତ୍ରରେ । ମନ ହେଉଛି ସଂରଚନା ଏବଂ ସଂଗଠନାର ଏକ ସାଧନ; ଏବଂ ଯଦି ମନ ଚୈତ୍ୟ-ସତ୍ତାକୁ ତାହାକୁ କାର୍ଯ୍ୟରେ ଲଗାଇବା ସକାଶେ ବାଟ ଛାଡ଼ିଦେବ, ତେବେ ତାହା ପ୍ରକୃତରେ ଭାରି ଭଲ କଥା ହେବ । ମାତ୍ର, ଚୈତ୍ୟର ପରିପ୍ରକାଶ ଘଟିବାରେ ମନ କୌଣସି ସାହାଯ୍ୟ କରି ପାରିବ ନାହିଁ । ଏହି କ୍ଷେତ୍ରରେ ଦୁହିଁଙ୍କର ଭୂମିକା ପରସ୍ପର ବିପରୀତ ହୋଇ ରହିବ । ଏକ ପରବର୍ତ୍ତୀ ପର୍ଯ୍ୟାୟରେ, ବାହ୍ୟ ଚେତନା ଉପରେ ଆପଣାର ଅଧିକାର ସାବ୍ୟସ୍ତ କରି ସାରିବା ପରେ ଚୈତ୍ୟର ପରିପ୍ରକାଶ ଲାଗି ମନ ଏକ ସାଧନରୂପେ ଅବଶ୍ୟ କାର୍ଯ୍ୟ କରିପାରିବ । ମାତ୍ର, ତାହା ପୂର୍ବରୁ କ୍ୱଚିତ୍ ସେକଥା କରିପାରିବ । ମନ ସାଧାରଣତଃ ଏକ ଆବରଣ ଏବଂ ଏକ ଅନ୍ତରାୟ ହୋଇ ରହିଥାଏ । ମାତ୍ର, ଚୈତ୍ୟ ପରିପ୍ରକାଶର ପ୍ରକ୍ରିୟାରେ ତାହା ଅବଶ୍ୟ ସହାୟତା କରିପାରିବ । ଆପଣାର ଯଥାର୍ଥ ସ୍ଥାନ ଏବଂ ଯଥାର୍ଥ ଗତିସ୍ପନ୍ଦନଟିକୁ ଗ୍ରହଣ କରି ପାରିଲେ ତାହା ସେହି କାର୍ଯ୍ୟରେ ଅବଶ୍ୟ ସାହାଯ୍ୟ କରି ପାରିବ । ଏବଂ ସମ୍ପୂର୍ଣ୍ଣ ଭାବରେ ଚୈତ୍ୟ ପ୍ରେରଣାଟି ପାଖରେ ଅନୁଗତ ହୋଇ ରହିପାରିଲେ, ଜୀବନର ସଂଗଠନରେ ମଧ୍ୟ ତାହା ସାହାଯ୍ୟ କରିବ; କାରଣ ତାହାହିଁ ହେଉଛି ତାହାର କାର୍ଯ୍ୟ, ଅସ୍ତିତ୍ୱ ଗ୍ରହଣ କରି ରହିବାର ଏକମାତ୍ର ଔଚିତ୍ୟ । ମାତ୍ର, ସର୍ବପ୍ରଥମେ ଚୈତ୍ୟସତ୍ତାହିଁ କ୍ଷେତ୍ରଟିକୁ ଅଧିକାର କରି ନେଇଥିବା ଆବଶ୍ୟକ, ସ୍ୱୟଂ ସଦନଟିର କର୍ତ୍ତା ହୋଇ ବସି ସାରିଥିବା ଆବଶ୍ୟକ । ତେବେ, ପରେ, ଯାବତୀୟ ବସ୍ତୁର ବ୍ୟବସ୍ଥା ମଧ୍ୟ କରାଯାଇ ପାରିବ ।

ବାହ୍ୟ ସତ୍ତା ଲାଗି କେବଳ ଗୋଟିଏ ବାଟ ରହିଛି । ପ୍ରଥମେ ସ୍ଥୂଳ ଦୈହିକ ସତ୍ତାଟିର ବିଷୟରେ କରାଯାଉ,—ଏହି ବଡ଼ସ୍ କ୍ଷୁଦ୍ର ସ୍ଥୂଳ ସତ୍ତା, ବାହ୍ୟ ସତ୍ତାଟିର କଥା ବିଚାର କରାଯାଉ । ସେହି ସତ୍ତା ଆଦୌ କିଛି ଜାଣି ନ ଥାଏ, କେବଳ ଆପଣା ଉପରେ ନିର୍ଭର କରି ଆଦୌ କିଛୁ କରିପାରେ ନାହିଁ । ଏବଂ, କେବଳ ଗୋଟିଏ ବାଟରେହିଁ ତାହା ଚୈତ୍ୟସତ୍ତାକୁ ପ୍ରକାଶିତ ହେବା ଲାଗି ବାଟ ଛାଡ଼ି ଦେଇପାରିବ : କେବଳ ଗୋଟିଏ ଶିଶୁର ମଧୁରତାମୟ ସରଳତା ଦ୍ୱାରା (ମାଆ ଭାରି କୋମଳ ଭାବରେ କହୁଥାନ୍ତି) ଅଭୀପ୍ସା କରି, ପ୍ରାର୍ଥନା କରି, ପ୍ରଶ୍ନ କରି, ଆପଣାର ସମସ୍ତ ଶକ୍ତି ସହିତ ଇଚ୍ଛା କରି, ଆଦୌ କୌଣସି ପ୍ରକାରର ଯୁକ୍ତି ନ

'oaob.nitrkl.ac.in' images reprocessed

କର କିଂବା ବୁଝିବାର ଚେଷ୍ଟା ନ କର ସିଏ ସେକଥା କରିପାରିବ । ଏହି ଅନୁଭବର ମାର୍ଗରେ ଆମର ଯୁକ୍ତି ଏବଂ ବୁଝିବାର ପ୍ରଚେଷ୍ଟା କେଡ଼େ ବଡ଼ ବାଧା ଯେ ଆଣି ରଖି ଦେଇଥାନ୍ତି, ଆମେ ସେକଥା କଳ୍ପନାହିଁ କରି ପାରିବା ନାହିଁ । ଯେତେବେଳେ କିଛି ଘଟିବାକୁ ଯାଉଥିବାର ଏକ ସ୍ଥିତିରେ ଯାଇ ପହଞ୍ଚିବାକୁ ଯାଉଥିବ, ଠିକ୍ ସେହି ମୁହୂର୍ତ୍ତରେହିଁ ସତ୍ତାର ଚେତନାରେ କେତେକ ସ୍ପନ୍ଦନରେ ଏକ ପରିବର୍ତ୍ତନ ଘଟିବ…ତୁମେ ଏକ ଅଭୀପ୍ସାରେ ପୂର୍ଣ୍ଣ ଟଳଟଳ ହୋଇ ରହିଥିବ, ଆପଣାର ଅଭୀପ୍ସାକୁ ସ୍ଥିର ଓ ଦୃଢ଼ କରିବାରେ ସଫଳତା ଲାଭ କରିଥିବ ଏବଂ ସେଇଠାରେ ଛିଡ଼ା ହୋଇ ଏକ ଉତ୍ତର ପାଇଁ ଅପେକ୍ଷା କରିଥିବ । ଏବଂ ସେତିକିବେଳେ, ଯଦି ଏହି ବୁଦ୍ଧିବଶ୍ୟ ମନଟା ଚଳଚଳ ହେବାକୁ ଆରମ୍ଭ କରିବ ଏବଂ ପଚାରି ବାହାରିବ, "ବର୍ତ୍ତମାନ କଥା କ'ଣ,—ପ୍ରକୃତରେ କ'ଣ ଘଟିବାକୁ ଯାଉଛି, କେତେବେଳେ ଘଟିବାକୁ ଯାଉଛି, କିପରି ଘଟିବାକୁ ଯାଉଛି,—ଏବଂ ଏପରି କାହିଁକି ଘଟିବାକୁ ଯାଉଛି ଓ ବସ୍ତୁଗୁଡ଼ିକ ପ୍ରକୃତରେ କେଉଁ କ୍ରମରେ ପ୍ରକଟିତ ହୋଇ ଆସିବେ ?" —ତେବେ ସଙ୍ଗେ ସଙ୍ଗେ ସବୁକିଛି ପଣ୍ଡ ହୋଇଯିବ,—ତା'ପରେ ତୁମକୁ ସକଳ ଆୟୋଜନଟିକୁ ଉଠାଇନେଇ ଆପଣାର ଘରଟିକୁ ସଫା କରିଦେବାକୁ ପଡ଼ିବ,—ତା'ପରେ ତୁମେ ଆଉ କୌଣସି ବିଷୟ ଲାଗି ଯୋଗ୍ୟ ହୋଇ ରହିପାରିବ ନାହିଁ ।

ମାଆ, ମନ, ପ୍ରାଣ ଏବଂ ଶରୀର ବ୍ୟତୀତ କ'ଣ ଚୈତ୍ୟ ନିଜକୁ ବ୍ୟକ୍ତ କରିପାରିବ ?

ତାହା ନିଜକୁ ସତତହିଁ ସେଗୁଡ଼ିକ ବ୍ୟତୀତ ବ୍ୟକ୍ତ କରିଥାଏ । କେବଳ, ଏକ ସାଧାରଣ ମନୁଷ୍ୟ ସତ୍ତା ଯେପରି ତାହାର ଅବବୋଧ ଲାଭ କରିପାରିବ, ସେଇଥିଲାଗିହିଁ ତାହାକୁ ସେଗୁଡ଼ିକର ମାଧ୍ୟମରେ ବ୍ୟକ୍ତ ହେବାକୁ ପଡ଼ିଥାଏ । କାରଣ, ସାଧାରଣ ମନୁଷ୍ୟସତ୍ତା ଚୈତ୍ୟସତ୍ତା ସହିତ ସିଧା ସଂପର୍କ ସ୍ଥାପନ କରି ନ ଥାଏ । ଯଦି ସେହି ସିଧା ସଂପର୍କଟି ରହିଥାଆନ୍ତା, ତେବେ ଆପଣାର ପରିପ୍ରକାଶରେ ତାହା ନିଶ୍ଚୟ ଚୈତ୍ୟହିଁ ହୁଅନ୍ତା,—ଏବଂ ସବୁକିଛି ଯଥାର୍ଥ ଭାବରେ ଉତ୍ତମହିଁ ହୁଅନ୍ତା । ମାତ୍ର, ଚୈତ୍ୟ ସହିତ ସଂଯୋଗ ସ୍ଥାପନ କରି ନ ଥିବାରୁ ତାହା ତାହାର ପରିଚୟ ମଧ୍ୟ ପାଇ ନ ଥାଏ, ତାହା ପ୍ରକୃତରେ କିଭଳି ଏକ ସତ୍ତା ହୋଇଥିବ, ସେହି ବିଷୟରେ ତାହା ବିସ୍ମୟ ପ୍ରକାଶ କରୁଥାଏ ଓ ବିମୂଢ଼ ହୋଇ ରହିଥାଏ । ତେଣୁ, ଏହି ସାଧାରଣ ମନୁଷ୍ୟ ଚେତନା ପାଖରେ ପହଞ୍ଚିବା ଲାଗି ତାହାକୁ କେବଳ ସାଧାରଣ ସାଧନଗୁଡ଼ିକୁହିଁ କାମରେ ଲଗାଇବାକୁ ପଡ଼େ; ଅର୍ଥାତ୍, ମନ, ପ୍ରାଣିକ ତଥା ଭୌତିକ ସତ୍ତାର ମଧ୍ୟଦେଇ ଯିବାକୁ ହୋଇଥାଏ ।

'oaob.nitrkl.ac.in' images reprocessed

ସେଗୁଡ଼ିକ ଭିତରୁ ଗୋଟିକୁ ଡେଇଁ କରି ବୁଲିଯିବା ସମ୍ଭବ ହୋଇପାରେ, ମାତ୍ର ଶେଷଟିକୁ ଡେଇଁଯିବା ଆଦୌ ସମ୍ଭବ ହୁଏ ନାହିଁ । ତା' ନ ହେଲେ ଆଦୌ କୌଣସି ବିଷୟରେହିଁ ସଚେତନ ରହିବା ସମ୍ଭବ ହୋଇପାରେ ନାହିଁ । ସାଧାରଣ ମନୁଷ୍ୟସତ୍ତା କେବଳ ନିଜର ଭୌତିକ ସତ୍ତାରେ ସଚେତନ ରହିଥାଏ, ଏବଂ, ଅତ୍ୟନ୍ତ ଆପେକ୍ଷିକ ଭାବରେ କେବଳ ଏକ ବିରଳ ମୁହୂର୍ତ୍ତରେହିଁ ସିଏ ଆପଣାର ମନ ବିଷୟରେ ସଚେତନ ହୋଇଥାଏ, ତା'ଠାରୁ କ୍ୱଚିତ୍ ଅଧିକ ଅବସରରେ ନିଜର ପ୍ରାଣିକଟି ସମ୍ବନ୍ଧରେ ସଚେତନ ଥାଏ । ମାତ୍ର, ଏହି ସବୁକିଛି ତା'ର ଚେତନା ମଧ୍ୟରେ ଭାରି ଗୋଳିଆମିଶା ହୋଇ ରହିଥାନ୍ତି; ଏତେ ଅଧିକ ପରିମାଣରେ ଏହିଭଳି ହୋଇ ରହିଥାନ୍ତି ଯେ, ଏହି କଥାଟିକୁ ସେ କେବେହେଲେ କହିପାରେ ନାହିଁ, "ମୋର ଏହି ଗତିସ୍ପନ୍ଦନଟି ମନରୁ ଆସୁଛି, ଏଇଟି ପ୍ରାଣିକରୁ ଆସୁଛି ଓ ଏଇଟି ଭୌତିକରୁ ଆସୁଛି ।" ଆପଣାର ବିଭିନ୍ନ ଗତିସ୍ପନ୍ଦନର ଉତ୍ସକୁ ନିଜ ଭିତରେ ଅଲଗା ଅଲଗା କରି ବାରିପାରିବା ଲାଗି ଜଣକର ପ୍ରଭୂତ ବିକାଶ ସାଧିତ ହୋଇ ସରିଥିବା ଆବଶ୍ୟକ ହୋଇଥାଏ । ଏବଂ, ଏହା ଏପରି ଭାବରେ ମିଶାମିଶି ହୋଇ ରହିଥାଏ ଯେ, ଆମେ ଏକ ଚେଷ୍ଟା କଲେ ମଧ୍ୟ ସେଗୁଡ଼ିକ ମଧ୍ୟରେ ଏକ ଶ୍ରେଣୀବିଭାଗ କରି ସେଗୁଡ଼ିକୁ ପରସ୍ପର ମଧ୍ୟରୁ ଅଲଗା କରିପାରିବା ପ୍ରଥମ ପର୍ଯ୍ୟାୟରେ ଅତ୍ୟନ୍ତ କଷ୍ଟକର ହୋଇଥାଏ ।

ବିଭିନ୍ନ ରଙ୍ଗକୁ ନେଇ କାର୍ଯ୍ୟ କଲାବେଳେ ଯାହା ହୁଏ, ଏହି କ୍ଷେତ୍ରରେ ଠିକ୍ ସେହିପରି ଘଟେ । ଆମେ ତିନୋଟି, ଚାରୋଟି ଅଥବା ପାଞ୍ଚଟି ରଙ୍ଗକୁ ନେଇ ପାଣିରେ ମିଶାଇ ଏକାଠି ଗୋଳିଦେଉ । ତାହା ଏକ ଧୂସର, ଅସ୍ପଷ୍ଟ ଏବଂ ଅବୋଧ ମିଶ୍ରଣରେ ପରିଣତ ହୋଇଯାଏ ଏବଂ ତା'ପରେ ଆଉ, କେଉଁଟି ଲାଲ, କେଉଁଟି ନୀଳ, କେଉଁଟି ହରିତ ଏବଂ କେଉଁଟି ପୀତ, ସେକଥା ମୋଟେ କହିହୁଏ ନାହିଁ । ଅନେକଗୁଡ଼ିଏ ରଙ୍ଗର ମିଶ୍ରଣରେ ଏହା ଏକ ଅବର୍ଜିଆ ବସ୍ତୁରେ ପରିଣତ ହୋଇ ଯାଇଥାଏ । ତେଣୁ, ସର୍ବପ୍ରଥମେ ଲାଲ, ନୀଳ, ପୀତ ଓ ହରିତକୁ ଅଲଗା ଅଲଗା କରି ରଖିବାର ସ୍ଥାନ କାର୍ଯ୍ୟଟିକୁ କରିବାକୁ ପଡ଼େ,—ପ୍ରତ୍ୟେକ ରଙ୍ଗକୁ ଏହିପରି ଅଲଗା ଗୋଟିଏ ଗୋଟିଏ କୋଣରେ ରଖିବାକୁ ହୁଏ । ଏହା କରିବା ଆଦୌ ସହଜ ନୁହେଁ ।

ମୁଁ ଏପରି କେତେକ ଲୋକଙ୍କୁ ଭେଟିଛି, ଯେଉଁମାନେ କି ନିଜକୁ କେତେ ନା କେତେ ବୁଦ୍ଧିଆ ବୋଲି ଚିନ୍ତା କରି ଆସିଥିଲେ, ସେମାନେ ଗୁଡ଼ାଏ କଥା ଜାଣିଛନ୍ତି ବୋଲି ଭାବୁଥିଲେ । ମୁଁ ଯେତେବେଳେ ସେମାନଙ୍କୁ ସତ୍ତାର ବିଭିନ୍ନ ଭାଗ ବିଷୟରେ କହିଲି, ସେମାନେ ମୋ ଆଡ଼କୁ ଏହିପରି ବଲବଲ କରି (ମାଆ ଭଙ୍ଗୀ କରି ଦେଖାଇଦେଲେ) ଅନାଇଲେ ଓ ମୋତେ ପଚାରିଲେ, "ଆପଣ ପ୍ରକୃତରେ

'oaob.nitrkl.ac.in' images reprocessed

କେଉଁ ଅବସ୍ଥାରେ କହୁଛନ୍ତି ?" ସେମାନେ ଆଦୌ କିଛି ବୁଝିପାରିଲେ ନାହିଁ । ମୁଁ ଏପରି ବ୍ୟକ୍ତିମାନଙ୍କ କଥା କହୁଛି, ଯେଉଁମାନଙ୍କର କି ବୁଦ୍ଧିମାନ୍ ବୋଲି ସୁଖ୍ୟାତି ରହିଛି । ସେମାନେ ମୋଟେ କିଛି ବୁଝନ୍ତି ନାହିଁ । ସେମାନଙ୍କ ପାଇଁ ଏହା କେବଳ ଚେତନା ନାମରେ ପରିଚିତ ଥାଏ; କେବଳ ଚେତନା ହୋଇ ରହିଥାଏ—"ଏହା ହେଉଛି ମୋର ଚେତନା",—ଏବଂ ତା'ପରେ ସେମାନଙ୍କର ପ୍ରତିବେଶୀ ଆଉଜଣେ ବ୍ୟକ୍ତିର ଚେତନା; ଏବଂ, ପୁଣି, ଏପରି ବସ୍ତୁଚୟ ରହିଛନ୍ତି, ଯେଉଁମାନଙ୍କର କି ଆଦୌ କୌଣସି ଚେତନା ନାହିଁ । ଇତର ପ୍ରାଣୀମାନଙ୍କର ଚେତନା ଅଛି କି ନାହିଁ ବୋଲି ମୁଁ ସେମାନଙ୍କୁ ପଚାରିଲି; ମୋ' କଥା ଶୁଣି ସେମାନେ ମୁଣ୍ଡକୁ ବୁଲାଇ କହିଲେ, "ଏକ ଇତରପ୍ରାଣୀକୁ ଅନାଇ ଦେଖିବାବେଳେ ସମ୍ଭବତଃ ଆମେ ନିଜେ ତା' ଭିତରେ ଆମର ଚେତନାଟିକୁ ନେଇ ଆରୋପିତ କରି ଦେଇଥାଉ,"—ସେମାନେ ଏହିପରି କହିଲେ ।

ମାଆ, ଯେତେବେଳେ ଚୈତ୍ୟସତ୍ତା ନିଜକୁ ପରିପୂର୍ଣ୍ଣ ଭାବରେ ପ୍ରକଟ କରି ଆଣିପାରିବ, ସେତେବେଳେ ତା' ଲାଗି ମନର କୌଣସି ଆବଶ୍ୟକତା ରହିବ କି ?

ସତ୍ତାର ସବୁଯାକ ଭାଗ ସହଯୋଗ ନ କରିବା ପର୍ଯ୍ୟନ୍ତ ତାହା କଦାପି ନିଜକୁ ପରିପୂର୍ଣ୍ଣ ଭାବରେ ବ୍ୟକ୍ତ କରିପାରିବ ନାହିଁ । ମାତ୍ର ମୁଁ ଆଦୌ ଭାବୁ ନାହିଁ ଯେ, ଆପଣାକୁ ଅନ୍ତର୍ହିତ କରିଦେବାର ଅଭିଳାଷରେହିଁ ମନର ନିର୍ମାଣ କରାଯାଇଥିଲା । ମନ ହେଉଛି ଆମର ସାଧାରଣ ସଙ୍ଗଠନର ଗୋଟିଏ ଭାଗ ।

ଯଦି ତୁମର ଶରୀର ସହିତ ମନଟିଏ ରହି ନ ଥାନ୍ତା, ତେବେ ଶରୀର ଏକାବେଳେକେ ଅକର୍ମଣ୍ୟ ହୋଇ ପଡ଼ନ୍ତା । ସମ୍ଭବତଃ ଏକ ଶରୀର ପରି ନ ହୋଇ ଅଧିକ ପରିମାଣରେ ତାହା ଗୋଟିଏ ଉଦ୍ଭିଦ ପରି ରହିଥାନ୍ତା । ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ତୁମେ ଆଦୌ ଏପରି ଗୋଟିଏ କାର୍ଯ୍ୟ ବି କର ନାହିଁ, ଯେଉଁଥିରେ କି ମନର ମଧ୍ୟ ଏକ କ୍ରିୟା ଅନ୍ତର୍ଗତ ହୋଇ ରହି ନ ଥାଏ ।

ମାତ୍ର ଯଦି ଚୈତ୍ୟ ତାହାକୁ ବାଟ ଦେଖାଇ ନେଉଥାନ୍ତା ?

ଯଦି ଚୈତ୍ୟ ତାହାକୁ ମାର୍ଗ ଦେଖାଇ ନେଉଥାନ୍ତା, ତେବେ ମନ ଏକ ଚୈତ୍ୟ ପ୍ରଣାଳୀରେ କାର୍ଯ୍ୟ କରୁଥାନ୍ତା । ତେବେ ସେହି କ୍ଷେତ୍ରରେ ତାହା ଏକ ଚମତ୍କାର ମନରେ ପରିଣତ ହୁଅନ୍ତା, ସମ୍ପୂର୍ଣ୍ଣ ଭାବରେ ସୌଷମ୍ୟଯୁକ୍ତ ହୋଇଥାନ୍ତା, ଉଚିତ ମାର୍ଗରେ ଉଚିତ କଥାଟିକୁହିଁ କରୁଥାନ୍ତା ।

'oaob.nitrkl.ac.in' images reprocessed

ମାତ୍ର ପ୍ରାଣିକ — ପ୍ରାଣିକ ବେଳକୁ ମଧ୍ୟ ସେହି ଏକା କଥା, ପ୍ରାଣିକ କ୍ଷେତ୍ରରେ ମଧ୍ୟ ଠିକ୍ ସେହି ଏକା ଘଟଣା ଘଟିଥାଏ । ପ୍ରାଣିକ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ସେହି ସ୍ଥିତିରେ ତାହା ଯାବତୀୟ କ୍ଲେଶ ଓ ଯାବତୀୟ ବିପ୍ଳବର କାରଣ ହୋଇ ରହିଛି ବୋଲି କୁହାଯାଉଛି; ଆମର ଯାବତୀୟ ବାସନା, ତୀବ୍ର ଆବେଗ, ଉତ୍ତେଜନା ତଥା ବିଦ୍ରୋହ ପ୍ରବୃତ୍ତିର ଖଣି ପରି ହୋଇରହିଛି । ମାତ୍ର ଯଦି ଏହି ପ୍ରାଣିକକୁ ଚୈତ୍ୟ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖାଯାଏ, ତେବେ ତାହା ଏକ ଅତି ଚମତ୍କାର ଯନ୍ତ୍ରରେ ପରିଣତ ହୋଇଯାଏ; ସର୍ବଦା ଉତ୍ସାହ, ଶକ୍ତି, ଉପଲବ୍ଧିର ସାମର୍ଥ୍ୟ, ପ୍ରେରଣା ଏବଂ ସାହସରେ ପୂର୍ଣ୍ଣ ହୋଇ ରହିଥାଏ ।

ଏବଂ ଏହାପରେ ବିଚରା ଭୌତିକ — ବିଚରା ଭୌତିକ ସତ୍ତାକୁ ଯାବତୀୟ ଦୁଷ୍କର୍ମ ସକାଶେ ଦୋଷ ଦିଆହୋଇ ଆସିଛି । ପ୍ରାଚୀନ କାଳରେ ନିରନ୍ତର ଏପରି କୁହାଯାଉଥିଲା ଯେ, ଭୌତିକ ସ୍ତରରେ ଆଦୌ କିଛିହେଲେ ସମ୍ଭବ ହେବ ନାହିଁ; ଏତେ ଅଧିକ ପରିମାଣରେ ଜଡ଼ଧର୍ମୀୟ, ଅସ୍ପଷ୍ଟ, ଏତେ ଅଳ୍ପ ପରିମାଣରେ ଗ୍ରହଣଶୀଳ ହୋଇ ରହିଥିବା ଏକ ଉପାଦାନକୁ ନେଇ ଆଦୌ କିଛି କରିହେବ ନାହିଁ । ମାତ୍ର, ଯଦି ଏଇଟିକୁ ମଧ୍ୟ ଚୈତ୍ୟ ପାଖରେ ସମର୍ପିତ କରି ରଖାଯାଇ ପାରିବ, ତେବେ ଏହା ମଧ୍ୟ ଉଚିତ ମାର୍ଗରେ ଉଚିତ କଥାଟିକୁ କରିବାକୁ ସମର୍ଥ ହେବ; ଏବଂ ତା'ପରେ ତାହା ଦୃଢ଼ପ୍ରତିଷ୍ଠ ହୋଇ ରହିବ, ତା' ଭିତରେ ଏକ ସ୍ଥିରତା ଆସିବ; ସତ୍ତାର ଅନ୍ୟ ଅଂଶଗୁଡ଼ିକରେ ଯାହା ଦୃଷ୍ଟିଗୋଚର ହୁଏ ନାହିଁ, ଆପଣାର ନାଡ଼ୀସ୍ପନ୍ଦନଗୁଡ଼ିକରେ ଏକ ନିର୍ଦ୍ଦିଷ୍ଟତା ସମ୍ଭବ ହୋଇଯିବ; କିମ୍ବା କରିବାର କ୍ଷେତ୍ରରେ ଏକ ନିର୍ଭୁଲତା ସମ୍ଭବ ହେବ, ଏକ ଶରୀର ନ ଥିଲେ ଆମେ ଯାହାକୁ କି କେବେହେଲେ ହାସଲ କରିପାରନ୍ତେ ନାହିଁ । ତୁମକୁ କେବଳ ଦେଖିବାକୁ ପଡ଼ିବ, କେତେବେଳେ ତୁମର ଶରୀର ତାହାର ସ୍ୱାଭାବିକ ଧାରାରୁ କିଞ୍ଚିତ୍ ବାହାର ହୋଇଯାଉଛି, କେତେବେଳେ ଅସୁସ୍ଥ ହେଉଛି, ଏବଂ, ପ୍ରାଣିକ ତଥା ମନର ଏକ ବଳବତୀ ଇଚ୍ଛା ଏବଂ ଏକ ଗମ୍ଭୀର ସଙ୍କେନ୍ଦ୍ରଣ ସତ୍ତ୍ୱେ ତୁମେ କେଉଁସବୁ କଥାକୁ କରିବା ଲାଗି ଆଉ ମୋଟେ ସମର୍ଥ ହେବ ନାହିଁ । ଯାହା କର୍ତ୍ତବ୍ୟ, ତାହା ସମ୍ବନ୍ଧରେ ଆମର ନିର୍ଦ୍ଦିଷ୍ଟ ଜ୍ଞାନଟି ରହିଥିଲେ ମଧ୍ୟ, ଯଦି ଶରୀର ଧାରାରୁ ବାହାର ହୋଇ ରହିଥିବ, ତେବେ ଆମେ ତାହାକୁ କଦାପି ସମ୍ପନ୍ନ କରିପାରିବା ନାହିଁ । ଏପରିକି… ମୋ କହିବାରେ, ଏପରିକି ଯେଉଁ କାର୍ଯ୍ୟ ଏକାନ୍ତ ଶାରୀରିକ ସ୍ତରର ନୁହେଁ — ଉଦାହରଣସ୍ୱରୂପ, କିଛି ଲେଖିବା ପ୍ରଭୃତି — ସମ୍ପନ୍ନ କରିପାରିବା ନାହିଁ ।

'oaob.nitrkl.ac.in' images reprocessed

ଯଦି ତୁମର ମସ୍ତିଷ୍କ କିଞ୍ଚିତ୍ ଅସୁସ୍ଥ ରହିଥିବ,—ଜ୍ୱର ହୋଇଥିବ କିଂବା ସର୍ଦ୍ଦି ହୋଇଥିବ,—ତେବେ ସେହି ଅବସ୍ଥାରେ ତାହାକୁ ସୁଷ୍ଠୁ ଭାବରେ କର୍ମକ୍ଷମ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ । ସେହି କ୍ଷେତ୍ରରେ ଏକ ଅବସନ୍ନତା ଗ୍ରାସ କରି ରହିଥିବ, ଅସ୍ପଷ୍ଟ କିଛି ଗୋଟାଏ ତୁମକୁ କାମୁଡ଼ି ଧରିଥିବ, ବସ୍ତୁଗୁଡ଼ିକୁ ସୁନିର୍ଦ୍ଦିଷ୍ଟ ଭାବରେ ଧରିପାରିବାରେ ତୁମକୁ ଭାରି କଷ୍ଟ ହେଉଥିବ । ହୁଏତ ଅନେକ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ କଥାସବୁ ମଧ୍ୟ ଘଟିବ,—ବିଷୟଗୁଡ଼ିକୁ ବ୍ୟକ୍ତ କରିବା ପୂର୍ବରୁ ସେମାନେ ପରସ୍ପର ସହିତ ଗୋଳେଇମିଶି ଯାଉଥିବେ, ବସ୍ତୁଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ବିରୋଧିତା ଲାଗି ରହିଥିବ । ପରସ୍ପର ସହିତ ଯୁକ୍ତ ହୋଇ ଏକାଠି ହୋଇ ଆସିବା (ମାଆ ଭଙ୍ଗୀ କରି ଦେଖାଇଦେଲେ) ପରିବର୍ତ୍ତେ ସେମାନେ ଏପରି ହୋଇ ଯାଉଥିବେ (ପୁଣି ଭଙ୍ଗୀ କରି ଦେଖାଇଦେଲେ), ଏବଂ ତେଣୁ ତଦ୍ଦ୍ୱାରା ବିଶୃଙ୍ଖଳା ଜନ୍ମଲାଭ କରୁଥିବ । ସେତେବେଳେ ଆମେ ତାହାକୁ ଧରିବାକୁ ଚେଷ୍ଟା କରୁଥିବା, ମାତ୍ର ତାହା ଆମଠାରୁ ଖସି ପଳାଉଥିବ । ଆମେ ତାହାକୁ ଖୋଜିବାକୁ ଯାଉଥିବା, ମାତ୍ର ତାହା ଦଉଡ଼ି ପଳାଉଥିବ । ଏବଂ, ଏହି ସବୁକିଛି ଘଟୁଥିବ, କାରଣ ଆମେ ଜ୍ୱର ଦ୍ୱାରା ଆକ୍ରାନ୍ତ ହୋଇ ରହିଥିବା, ଯାହାକି ବସ୍ତୁଗୁଡ଼ିକୁ କିଞ୍ଚିତ୍ ବ୍ୟାହତ କରି ପକାଇଥିବ । ଅଥବା, ମୁଣ୍ଡ ଭିତରେ ସର୍ଦ୍ଦି ଜମିଥିବ, ଯାହାକି ମସ୍ତିଷ୍କର କାର୍ଯ୍ୟକୁ କିଞ୍ଚିତ୍ ପରିମାଣରେ ବିଗାଡ଼ି ପକାଇଥିବ । ଯଦି ତୁମେ ଏହାର ଊର୍ଦ୍ଧ୍ୱକୁ ଉଠିଯାଇ ପାରିବ, ତେବେ ସମ୍ପୂର୍ଣ୍ଣ ଭାବରେ ସୁବୋଧଗମ୍ୟ ହୋଇ ରହିପାରିବ, ସମ୍ପୂର୍ଣ୍ଣ ଭାବରେ ସଚେତନ ରହିପାରିବ ଏବଂ ସମ୍ପୂର୍ଣ୍ଣ ଭାବରେ ସହଜ ଓ ସୁସ୍ଥ ହୋଇ ରହିପାରିବ । ଯଦି ସାଙ୍ଘାତିକ ଭାବରେ ଅସୁସ୍ଥ ହୋଇଥିବ, ତେବେସୁଦ୍ଧା ତଦ୍ଦ୍ୱାରା ଆଦୌ କୌଣସି ପାର୍ଥକ୍ୟ ଘଟିବ ନାହିଁ । ସେହି ଊର୍ଦ୍ଧ୍ୱରେହିଁ ତୁମେ ପ୍ରତ୍ୟେକ କଥାକୁ ପରିପୂର୍ଣ୍ଣ ଭାବରେ ଜାଣିଥିବ, ସବୁକିଛିକୁ ପରିପୂର୍ଣ୍ଣ ଭାବରେ ଦେଖି ପାରୁଥିବ, ପରିପୂର୍ଣ୍ଣ ଭାବରେ ସବୁ ବୁଝୁଥିବ,—ଏଥିରେ ଆଦୌ କୌଣସି ପରିବର୍ତ୍ତନ ଘଟିବ ନାହିଁ ।

ମାତ୍ର, ଯଦି ତୁମେ ଏହି କଥାକୁ କାଗଜରେ ଲେଖି ରଖିବା ପାଇଁ ଇଚ୍ଛା କରୁଥିବ, ଯଦି ପେନ୍‌ସିଲ୍ ଓ କାଗଜ ନେଇ ସେଗୁଡ଼ିକୁ ଲେଖି ରଖିବାକୁ ଓ ସୂତ୍ରରେ ପକାଇବାକୁ ଆରମ୍ଭ କରିବ, ତେବେ ଦେଖିବାକୁ ପାଇବ ଯେ, ମୁଁ ଯେପରି କହିଲି, ସେହି କ୍ଷେତ୍ରରେ ନିଶ୍ଚୟ ଏକ ସାନ ବ୍ୟାଘାତ ଆସି ପଡ଼ୁଥିବ; ସାଧାରଣ ଅବସ୍ଥାରେ ବସ୍ତୁଗୁଡ଼ିକ ସାଧାରଣତଃ ଯେପରି ଭାବରେ ଶ୍ରେଣୀବଦ୍ଧ ଏବଂ ନିର୍ଦ୍ଦେଶିତ ହୋଇ ପାରନ୍ତି, ସେପରି ନ ହୋଇ ସେଗୁଡ଼ିକ ସ୍ୱାଡ଼େସାଡ଼େ ଖୁଲିଯିବାକୁ ବସନ୍ତି (ମାଆ ଅଙ୍ଗଭଙ୍ଗୀ କରି ଦେଖାଇଦେଲେ), ଏକ ବିଶୃଙ୍ଖଳା

'oaob.nitrkl.ac.in' images reprocessed

କଳ୍ପନାର କରେ…ହଁ, ବଡ଼ ବିଚିତ୍ର ଭାବରେ ତାହା ଅତ୍ୟାଧୁନିକ କୌଣସି ଚିତ୍ରର ସାଦୃଶ୍ୟ ଧାରଣ କରିଥାଏ । ହଁ, ଠିକ୍ ସେହିପରି ହୁଏ ।

ମୁଁ ସବୁବେଳେ ଏହିପରି ଭାବିଥାଏ ଯେ, ଯେଉଁ କଳାକାରମାନେ ଏହିସବୁ ଚିତ୍ର ତିଆରି କରନ୍ତି, ସେମାନଙ୍କୁ ସେତେବେଳେ ନିଶ୍ଚୟ ଏକ ଉଚ୍ଚ ଉତ୍ତାପ ଥିବା ଜ୍ୱର ମାଡ଼ିବସି ରହିଥିବ । ବସ୍ତୁଗୁଡ଼ିକ ଏହିପରି ଭାବରେ ଉଦ୍ଭୂତ ହୋଇ ଆସନ୍ତି, ଏବଂ ତୁମେ ଯେତେବେଳେ ସେଗୁଡ଼ିକୁ ଏକ ସଂଗତ କ୍ରମମଧ୍ୟରେ ରଖିବାର ପ୍ରୟାସ କର, ସେତେବେଳେ ସେଗୁଡ଼ିକ ମଧ୍ୟରୁ ଅନ୍ତତଃ କେତୋଟି ତୁମର ଶୃଙ୍ଖଳା ଭିତରୁ ବାହାରକୁ ପଳାଇ ଯାଆନ୍ତି, ବା ଲୁଚିକରି ରହିଥାନ୍ତି ଓ ତା' ନ ହେଲେ ସେହିପରି ଦଉଡ଼ି ପଳାଉଥିବା ସମୟରେ ପରସ୍ପର ସହିତ ଧକ୍କା ବାଜି କଚୁଡ଼ି ହୋଇ ପଡ଼ିବାରେ ଲାଗିଥାନ୍ତି; ଏବଂ ଏହାର ପରିଣାମସ୍ୱରୂପ ଏକ ଅସଂଗତିର ସୃଷ୍ଟି ହୋଇଥାଏ ।

ଅତ୍ୟାଧୁନିକ ଶୈଳୀରେ ଚିତ୍ର ଆଙ୍କିବା ସକାଶେ ପ୍ରକୃତରେ ଏହାକୁହିଁ ସବୁଠାରୁ ଅଧିକ ଅନୁକୂଳ ଅବସ୍ଥା ବୋଲି ଅବଶ୍ୟ କୁହାଯିବ । ଏହା ଏକାବେଳେକେ ଧୂରି ଜ୍ୱରର ଅବସ୍ଥାକୁ ସୃଷ୍ଟିକରି ରଖିପାରିବ । ମୋ'ର ତ ଭାରି ସନ୍ଦେହ ହୁଏ ଯେ ସେମାନେ ଅତ୍ୟନ୍ତ କୃତ୍ରିମ ସାଧନଗୁଡ଼ିକର ସାହାଯ୍ୟରେ ଏହି ଅବସ୍ଥାଟିକୁ ସୃଷ୍ଟି କରନ୍ତି । ଏଥିଲାଗି ସେମାନେ କ'ଣ ଔଷଧ ସେବନ କରନ୍ତି, କେଉଁ ପ୍ରକାରର ଗଞ୍ଜେଇ ଖାଆନ୍ତି ଅଥବା ଚିଲମ କରି ଟାଣନ୍ତି ବା କେଉଁଭଳି ଅହିଫେନ-ସ୍ୱପ୍ନ ମଧ୍ୟରେ ବିହାର କରୁଥାନ୍ତି, ସେକଥା କେବଳ ଭଗବାନଙ୍କୁହିଁ ଜଣାଥିବ । ଅଫିମ ଖାଉଥିବା ଲୋକମାନେ କହନ୍ତି ଯେ ତଦ୍ଦ୍ୱାରା ସେମାନେ କଳ୍ପନା ରାଜ୍ୟର କେତେ ଚମତ୍କାରିତାକୁ ଆଖି ଆଗରେ ଦେଖିବାକୁ ପାଆନ୍ତି । ହଁ, କଆଟି ନିଶ୍ଚୟ ସେହିପରି କିଛି ହୋଇଥିବ । (ସମସ୍ତେ ହସିଲେ)

ମୁଁ ତୁମମାନଙ୍କୁ ଏହି ବିଷୟରେ କହୁଛି, କାରଣ ସମ୍ଭବତଃ ଅଳ୍ପଦିନ ଭିତରେ ତୁମେମାନେ ରଙ୍ଗିନ ଫଟୋଚିତ୍ରର ଏକ ପ୍ରଦର୍ଶନୀ ଦେଖିବାକୁ ପାଇବ,—ସେଗୁଡ଼ିକୁ ଆମେ ଜଣେ ଫଟୋଗ୍ରାଫରଙ୍କଠାରୁ ପାଇଛୁ,— ସମ୍ଭବତଃ କାଲିଫର୍ଣ୍ଣିଆର ଜଣେ ଫଟୋଗ୍ରାଫରଙ୍କଠାରୁ । ଲସ୍‌ଏଞ୍ଜେଲସ୍ କାଲିଫର୍ଣ୍ଣିଆରେ ଅବସ୍ଥିତ, ନୁହେଁ ? (ମାଆ ପବିତ୍ରଙ୍କୁ ପଚାରିଲେ) ମୁଁ ପଢ଼ିଥିବା ଭୂଗୋଳ ମୋ'ର ଏବେ ମଧ୍ୟ ମନେ ଅଛି !

ହଁ, ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ସେହି ଅତ୍ୟାଧୁନିକ ଚିତ୍ରକଳା । ଏହା ହେଉଛି ଫଟୋ-ଚିତ୍ରକଳା । ମଣିଷ ଦ୍ୱାରା ଅଙ୍କିତଚିତ୍ର ନୁହେଁ, ଫଟୋନେଗେଟିଭ୍-ଗୁଡ଼ିକୁ ରଙ୍ଗଦେଇ ଫଟୋ କାଗଜ ଉପରେ ଛପାଇ ତିଆଯାଇଛି । ରଙ୍ଗସବୁ

'oaob.nitrkl.ac.in' images reprocessed

ପ୍ରକୃତରେ ପ୍ରଶଂସନୀୟ । ମୁଁ ଏପରି କୌଣସି ଚିତ୍ରଶିଳ୍ପୀଙ୍କୁ ଜାଣି ନାହିଁ ଯିଏକି ପ୍ରକୃତରେ ଏତେ ସୁନ୍ଦର, ଜୀବନ୍ତ ସ୍ପଷ୍ଟ ରଙ୍ଗଗୁଡ଼ିକୁ ଫୁଟାଇ ପାରିଥାନ୍ତେ, — ପ୍ରକୃତରେ ଖୁବ ଚମତ୍କାର, ଖୁବ ସୁନ୍ଦର । ମାତ୍ର ଚିତ୍ରର ଗଠନ ହେଉଛି ଅତ୍ୟାଧୁନିକ । ଯାହା ସବୁଠାରୁ···ଆମେ ଏହାକୁ "ବେଶ୍ ଭଲ" ବୋଲି କହିବା — ମୁଁ "ବେଶ୍ ଭଲ" ବୋଲି କହିବା ମାତ୍ରକେ ସେମାନେ ଭାବିବାକୁ ଆରମ୍ଭ କରନ୍ତି ଯେ "ତେବେ ତାହା ନିଶ୍ଚୟ କୁତ୍ସିତ ହୋଇଥିବ ।" ମାତ୍ର ଏହା ପ୍ରକୃତରେ ସତ, କେତେକ ଦୃଷ୍ଟିରୁ ନିଶ୍ଚୟ ସତ; ତଥାପି — ସବୁଠାରୁ ଅଧିକ ପରିମାଣରେ ବେଶ୍ ଭଲ, ଯାହାକି ତାକୁ କୁତ୍ସିତ ବୋଲି ବୁଝାଯିବା ଭଳି ସେତେଦୂର ବେଶ୍ ଭଲ ନୁହେଁ, — ମୁଁ ଭାବୁଛି ସେଇଟି ହେଉଛି ସ୍ୱୟଂ ସେହି ଫଟୋଗ୍ରାଫର୍-କଳାକାରଙ୍କର ରୂପଚିତ୍ର; ମୋ'ର ଠିକ୍ ମନେ ପଡ଼ୁ ନାହିଁ, — ସେଇଟି ତାଙ୍କର ପ୍ରତିକୃତି ବୋଲି ସେ ମୋତେ କହି ନାହାନ୍ତି, ମାତ୍ର ସେ ତାହାର ଏକ କ୍ଷୁଦ୍ର ନାମକରଣ କରିଛନ୍ତି : "ଭାବନାମଗ୍ନ ଅମୁକ ବ୍ୟକ୍ତି"···ବା, ସେହିପରି ଗୋଟାଏ କିଛି ନାମରେ ନାମିତ କରିଛନ୍ତି : "ଅମୁକ ବ୍ୟକ୍ତି ଭାବନାମଗ୍ନ ଅବସ୍ଥାରେ, ତନ୍ଦ୍ରାଗତ ଏବଂ ଆତ୍ମପ୍ରବିଷ୍ଟ ଅବସ୍ଥାରେ" — ସେହିପରି ଗୋଟାଏ କିଛି । ନାମକରଣଗୁଡ଼ିକ ଖୁବ ଚମତ୍କାର, ସେଗୁଡ଼ିକ ମଧ୍ୟ ଅତ୍ୟାଧୁନିକ । ଉଦାହରଣସ୍ୱରୂପ ଏଇଟି : ଏଠାରେ ଉକ୍ତ ବ୍ୟକ୍ତି କିଞ୍ଚିତ୍ ସୂକ୍ଷ୍ମ ହୋଇ ଦେଖାଯାଉଛନ୍ତି; ସତେଯେପରି କୌଣସି ପରଦା, ପତଳା ପରଦା ଭିତରୁ ବାହାରକୁ ଦିଶୁଛନ୍ତି, — ତଥାପି ମୁଣ୍ଡଟି ଠିକ୍ ମଣିଷର ମୁଣ୍ଡପରି ଦେଖାଯାଉଛି । ଏଇଟି ହେଉଛି ଗୋଟିଏ ମୁଣ୍ଡର ଫଟୋଚିତ୍ର ଏବଂ ତାହା ଅବିକୃତ ଅବସ୍ଥାରେ ରହିଛି । ମୁଣ୍ଡଟି ସମ୍ପୂର୍ଣ୍ଣ ଭାବରେ ଦେଖାଯାଉଛି, କେବଳ ପୃଷ୍ଠଭୂମି ଭିତରକୁ କିଞ୍ଚିତ୍ ପରିମାଣରେ ପ୍ରତ୍ୟାହୃତ ହୋଇ ରହିଛି । ଏବଂ ପୃଷ୍ଠଭୂମିରେ ଉଜ୍ଜ୍ୱଳ ରଙ୍ଗର ଗାରସବୁ ରହିଛି, ବଙ୍କାଟଙ୍କା ହୋଇ ପରସ୍ପରକୁ କେତେ ପ୍ରକାରେ ଛେଦ କରିଛି ଏବଂ କିମ୍ଭୂତ ଆକାରମାନ ସୃଷ୍ଟି କରି ରଖିଛି । ଅନ୍ୟ ଗାରଗୁଡ଼ିକ ଡାଳ ଓ ପତ୍ରର ମୂଳ ରେଖାଗୁଡ଼ିକ ପରି ଉଦ୍ଭୂତ ହୋଇ ଆସିଛି, — ଉଜ୍ଜ୍ୱଳ କେତେଭଳି ରଙ୍ଗରେ ଚକଚକ କରୁଛି । ଏହି ସବୁକିଛି ପୃଷ୍ଠପଟରେ ରହିଛି; କାରଣ, ଏତଦ୍ୱାରା ତୁମେ ଦେଖି ପାରୁଛ ଯେ ସିଏ ସ୍ଥୂଳ ଭିତରୁ ବାହାର ପୃଷ୍ଠଭୂମି ମଧ୍ୟକୁ ଖସି ଯାଇଛନ୍ତି ଏବଂ ଆତ୍ମପ୍ରବିଷ୍ଟ ହୋଇଛନ୍ତି— ଆପଣା ଭିତରେ ଅବସ୍ଥାନ କରୁଛନ୍ତି । ଏହିସବୁ ବଙ୍କାବଙ୍କା ଏବଂ ଉଜ୍ଜ୍ୱଳ ପ୍ରସ୍ଫୁଟନ ଏହିପରି ଏକ ସ୍ଥିତିରହିଁ ଉପସ୍ଥାପନା କରୁଛି । ଏବଂ ରଙ୍ଗଗୁଡ଼ିକ ପ୍ରକୃତରେ ଖୁବ ଉଜ୍ଜ୍ୱଳ ଭାବରେ ଚକଚକ କରୁଛି । ଏହା ହେଉଛି "ଅମୁକ ଭଦ୍ରଲୋକ ଆତ୍ମପ୍ରବିଷ୍ଟ ଅବସ୍ଥାରେ"ର ଚିତ୍ର । ଆମେ ଯେଉଁମାନେ ସ୍ୱୟଂ

'oaob.nitrkl.ac.in' images reprocessed

ଅତ୍ୟାଧୁନିକ ନୋହୁ, ଆମେ ଏଥିରୁ ସର୍ବୋତ୍ତମ ଭାବରେ ଏତିକି ବୁଝିପାରୁ । କେବଳ ସେତିକି ବୁଝିପାରୁ । ମାତ୍ର ଅନ୍ୟମାନେ ବି ତ ଅଛନ୍ତି । ଛବିଟିର ଏପରି ନାମକରଣ କାହିଁକି ହୋଇଛି, ଆମେ ସେଥିରେ ଦୁଇଟି କଥା ପ୍ରକାଶ କରିବା । ମାତ୍ର ସେଥିଲାଗି ତୁମେ ଯାଇ ସେହି ଶିଳ୍ପୀଙ୍କୁ ପଚାର, ସିଏ ବୁଝାଇ କହିପାରିବେ । ମାତ୍ର ଥରେ କଳ୍ପନା କର, ଏହା କେତେ ସୁନ୍ଦର ଦିଶୁଛି; ମାତ୍ର ଏଥିରୁ କୌଣସି ଅର୍ଥ ବାହାରୁ ନାହିଁ, ଏହା ଏକ ମିଥ୍ୟା ଅନୁଭବ ଆଣି ଦେଉଛି, ମାତ୍ର ତଥାପି ସୁନ୍ଦର ଦେଖାଯାଉଛି । ଏତେ ସୁନ୍ଦର ଯେ ଆମେ ତାହାର ଏକ ପ୍ରଦର୍ଶନୀ କରିବୁ ବୋଲି ମୁଁ କହୁଛି,—ତାହା ସେଭଳି ଫଟୋଚିତ୍ର ତିଆରି କରିବାର ଏକ ଧାରଣା ଆଣି ମୋତେ ଦେଇପାରିଛି; ମୋତେ ନୁହେଁ, ମୁଁ ଫଟୋଗ୍ରାଫର୍ ନୁହେଁ, ଏହି ବିଷୟରେ ମୋତେ ଆଦୌ କିଛି ଜଣା ନାହିଁ—ମାତ୍ର, ଜଣେ ଫଟୋଗ୍ରାଫର ଉଠାଇଥିବା ଫଟୋଗୁଡ଼ିକୁ ନିଜେ ତିଆରି କରିବା ବିଷୟରେ ତାହା ଏକ ଧାରଣା ଆଣି ଦେଇଛି; ମାତ୍ର ଦୁର୍ଭାଗ୍ୟର କଥା, ଏସବୁ ପଛରେ ଗୋଟିଏ ଧାରଣା ମଧ୍ୟ ଅବସ୍ଥିତ ରହିଛି । ତେଣୁ ତାହା ଆଦୌ ଅତ୍ୟାଧୁନିକ ହୋଇ ପାରିବ ନାହିଁ । ମାତ୍ର, ମୁଁ ଯାହାକୁ ଅଭିବ୍ୟକ୍ତିସମର୍ଥ ବୋଲି କହୁଥାଏ, ଯଦି ସେହିଭଳି କୌଣସି ବସ୍ତୁର କ୍ଷେତ୍ରରେ ତୁମେ ଏହିସବୁ ରଙ୍ଗକୁ ବ୍ୟବହାର କରିବାର କୌଶଳକୁ ଶିକ୍ଷା କରି ପାରିବ, ତେବେ ତାହା ଖୁବ୍ ଚମତ୍କାର ହେବ, ପ୍ରକୃତରେ ଖୁବ୍ ଚମତ୍କାର କଥା ହେବ । ମାତ୍ର, ସେକଥା ସମ୍ଭବ କରିବା ସକାଶେ ହୁଏତ ଗୋଟିଏ ବର୍ଷ ଅଥବା ତତୋଽଧିକ ସମୟ ଲାଗିବ । ମାତ୍ର ତଥାପି, ଏହି କ୍ଷେତ୍ରରେ ଅପରାଧୀ ହେଉଛନ୍ତି ଆପଣାର ଫଟୋଚିତ୍ରକଳା ପ୍ରଦର୍ଶନ କରିଥିବା ଏହି ଭଦ୍ରବ୍ୟକ୍ତି ।

ମନେ ହେଉଛି, ସିଏ ସାରା ପୃଥିବୀରେ ସୁନାମ ଅର୍ଜନ କରିଛନ୍ତି—ମାତ୍ର, ତୁମେମାନେ ତ ଜାଣିଛ, ମୁଁ ଏସବୁ ବିଷୟରେ ଆଦୌ କିଛି ବୁଝେ ନାହିଁ—ମାତ୍ର ଏହିଭଳି ଗୋଟିଏ ବସ୍ତୁକୁ ସମ୍ଭବ କରିବା ଲାଗି ପ୍ରକୃତରେ ପ୍ରଭୂତ ପରିଶ୍ରମ ଆବଶ୍ୟକ । ଅବଶ୍ୟ ଏକଥା ସତ ଯେ, ଏଥିରେ ନେଗେଟିଭ୍‌ଗୁଡ଼ିକୁ ଆଣି ଅଧ୍ୟାରୋପିତ କରାଯାଇଛି, ଏହି ଅଧ୍ୟାରୋପଣଗୁଡ଼ିକରୁ ନେଗେଟିଭ୍ ପ୍ରସ୍ତୁତ କରାଯାଇଛି,—ଏବଂ ତଥାପି ଏହା ଏକ ଅତ୍ୟନ୍ତ ଜଟିଳ କାର୍ଯ୍ୟ । ମୁଁ ତୁମମାନଙ୍କ ଆଗରେ ଏହାର କୌଣସି ବ୍ୟାଖ୍ୟା ଦେବାକୁ ଯାଉ ନାହିଁ । ଏବିଷୟରେ ମୁଁ ଆଦୌ କିଛି ବୁଝିପାରେ ନାହିଁ, ମାତ୍ର ମୋତେ ଜଣାହୋଇଛି ଯେ ଏଥିଲାଗି ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ, ଖୁବ୍ କଠିନ କାର୍ଯ୍ୟ କରିବାକୁ ପଡ଼ିଥାଏ, ଏକ ଅତ୍ୟନ୍ତ ଆୟାସକର କଳାକୌଶଳକୁ ଆୟତ୍ତ କରିବାକୁ ପଡ଼େ ଏବଂ ଏହି କୃତିଟିକୁ ଆଗରୁ ପ୍ରକୃତରେ ଆଦୌ କେହି ସମ୍ଭବ କରି ନାହାନ୍ତି । ଏଗୁଡ଼ିକ ହେଉଛି ଏତେ

'oaob.nitrkl.ac.in' images reprocessed

ବଡ଼ବଡ଼ ରଙ୍ଗିନ ଫଟୋଚିତ୍ର, ଭୃଙ୍ଗିନ୍ ଫଟୋଚିତ୍ର ଦୃଷ୍ଟିରେ ଏଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ ବଡ଼ । ଏବଂ ସେଗୁଡ଼ିକ ଭିତରେ ଏକ ଲାଲ୍ ରଙ୍ଗ ମଧ୍ୟ ରହିଛି…ଫୁଲ ଏବଂ ସୂର୍ଯ୍ୟାସ୍ତ ମଧ୍ୟରେ ପ୍ରକୃତ ଯେଉଁ ସବୁଠାରୁ ଚମତ୍କାର ଲାଲ ବର୍ଣ୍ଣ ସମ୍ଭବ କରିପାରିଛି, ସେହିପରି ନାନା ମାତ୍ରାର ଲାଲ ରଙ୍ଗ । ମାତ୍ର, ସେ କିପରି ଏହା କରି ପାରିଛନ୍ତି, ମୁଁ କହି ପାରିବି ନାହିଁ । ସେଥିରେ माଟିଆ ରଙ୍ଗ ରହିଛି, ଶାଗୁଆ ରହିଛି, ହଳଦିଆ ରହିଛି, ଯାବତୀୟ ପ୍ରକାରର ବସ୍ତୁ ରହିଛି । କେତେକ ଅଧିକ ସୁନ୍ଦର, ଆଉ କେତେକ କମ୍ ସୁନ୍ଦର,—ଅଲ୍ପବହୁତ ସୁଖକର ଭାବରେ ରଙ୍ଗଗୁଡ଼ିକର ନାନା ମିଶ୍ରଣ ମଧ୍ୟ ରହିଛି; ଏକ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ କେତେକ ଫଟୋ ନିଆ ଯାଇଥିବା ପରି ବୋଧ ହେଉଛି : ଏତେ ବଳଟେ ବଳଟେ ପଦାର୍ଥ; ସେଗୁଡ଼ିକ ବୃହଦାକାର ହୋଇ ଅସାଧାରଣ ଦେଖାଯାଉଛି; ଏହିପରି ନାନା କଥା ରହିଛି । ଏବଂ, ଆମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରୁଛୁ ଯେ, ଏହି କ୍ଷେତ୍ରରେ କେତେ ଅଧ୍ୟାରୋପଣ କରାଯାଇଛି, ମାତ୍ର ରଙ୍ଗଗୁଡ଼ିକର ପ୍ରଭାବ ଅତ୍ୟନ୍ତ ଅଦ୍ଭୁତ ଓ ପ୍ରଭାବଶାଳୀ ଭାବରେ ଫୁଟିଉଠିଛି । ବୁଝିଲ ?

ଏହି ପ୍ରଦର୍ଶନୀ କେବେ ହେବ, ମୁଁ ଜାଣି ନାହିଁ । ହୁଏତ ଏହି କେତେଦିନ ଭିତରେ ହେବ । ଯଦି ଇତିମଧ୍ୟରେ ସେଗୁଡ଼ିକୁ ଫେରାଇ ଦିଆଯାଇ ନ ଥିବ, ତେବେ ନିଶ୍ଚୟ ହେବ । ମୁଁ କହି ପାରିବି ନାହିଁ । ମୋତେ ପରୀକ୍ଷା ଜାଣିବାକୁ ହେବ । ମୋର ମନେଅଛି ଯେ ସେଗୁଡ଼ିକ ତୁମମାନଙ୍କ ଲାଗି ପ୍ରଦର୍ଶିତ ହେଉ ବୋଲି ମୁଁ କହିଛି । ସେକଥା ଯାହାହେଉ ପଛକେ, ଏଇଟି ମୋତେ ଅଧିକ ଭଲ ଲାଗୁଛି । ଭାଗ୍ୟକୁ ଏଠାରେ କୌଣସି ଚିତ୍ରକାର ଉପସ୍ଥିତ ନାହାନ୍ତି…(ସମସ୍ତେ ହସିଲେ), ଏଇଟି ଆଧୁନିକ ଚିତ୍ରକଳାଠାରୁ ଭଲ ହୋଇଛି । ଏବଂ, ଏହା ହେଉଛି ଫଟୋଚିତ୍ର । କାରଣ, ଆଧୁନିକ ଚିତ୍ରକଳା ଏବେ ମଧ୍ୟ ରଙ୍ଗଗୁଡ଼ିକୁ ଏତେ ସ୍ୱଚ୍ଛତା ଏବଂ ଉଜ୍ଜ୍ୱଳତା ସହିତ ବ୍ୟବହାର କରି ନାହିଁ । ଏହା ପାଖରେ ପାଣିରଙ୍ଗ ବିଲ୍‌କୁଲ ନୀରସ ଦେଖାଯିବ । ତୈଳରଙ୍ଗ ତ କାଦୁଅ ପରି ଦିଶିବ । ରଙ୍ଗିନ କାଚ ହୁଏତ କେତେକାଂଶରେ ସମକକ୍ଷ ହୋଇ ପାରିବ; ମାତ୍ର, ସେହି କ୍ଷେତ୍ରରେ ସୂର୍ଯ୍ୟହିଁ ବୃହତ୍ତର ଶିଳ୍ପୀର ଭୂମିକା ଗ୍ରହଣ କରି ପଛରୁ ସେହି ଚମତ୍କାରତାକୁ ସୃଷ୍ଟି କରେ । ମାତ୍ର, ସେକଥା ଆହୁରି ଅଧିକ କଷ୍ଟସାଧ୍ୟ ।

ରଙ୍ଗିନ୍ କାଚ—ସେଗୁଡ଼ିକୁ ମୁଁ ଥରେ ତିଆରି କରାଇବି ବୋଲି ଭାବୁଥିଲି । ତଦ୍ୱାରା ମୁଁ କେତେକ ନିର୍ଦ୍ଦିଷ୍ଟ ଦୃଶ୍ୟ ପରିବେଷଣ କରିବା ଲାଗି ଚିନ୍ତା କରୁଥିଲି । ଚିତ୍ରକଳାର ମାଧ୍ୟମରେ ମୁଁ ଏହି ଦୃଶ୍ୟ ସମ୍ଭବ କରିବା ଲାଗି ଏକାଧିକ ବାର ଚେଷ୍ଟା କଲି—ଏହା ପ୍ରକୃତରେ ଏକ ନିର୍ବୋଧତାର କାର୍ଯ୍ୟ । କାରଣ, ଏହାର ଏହି ଅର୍ଥ ହୁଏ ଯେ, ଏହି କ୍ଷେତ୍ରରେ ଅଭିବ୍ୟକ୍ତି ଆଦୌ ଉତ୍ତମ ହୋଇ ରହେ ନାହିଁ ।

'oaob.nitrkl.ac.in' images reprocessed

ମୁଁ ରଙ୍ଗିନ କାଚ ବିଷୟରେ କହିଥିଲି, ମାତ୍ର, ସେଥିଲାଗି ରଙ୍ଗକାଚର ଖଣ୍ଡଗୁଡ଼ିକୁ ସେଣ୍ଟ ଷେଫରେ ଏକାଠି କରି ଯୋଡ଼ିବାକୁ ପଡ଼ିଥାନ୍ତା। ସୀସାର ଏକ ସାନ ସୂତା ଦେଇ ସେଗୁଡ଼ିକୁ ଯୋଡ଼ିବାକୁ ପଡ଼େ, ମାତ୍ର ତାହା ହେଉଛି ଏକ ଭୟଙ୍କର ବ୍ୟାପାର। ଏହି ସାନ ସୀସାପଟାଗୁଡ଼ିକ ସବୁ ସେହିପରି, ସେଗୁଡ଼ିକ ଅତ୍ୟନ୍ତ ଭୟଙ୍କର।

ମାତ୍ର ଏହା ବେଶ୍ ଭଲ କାମ ଦିଏ, ସେଗୁଡ଼ିକ ଦ୍ୱାରା ଆମେ ଅବଶ୍ୟ କିଛି କରିବାକୁ ସମର୍ଥ ହେଉ।

ସରଳ ? ପିଲାମାନେ, ପୁନର୍ଦର୍ଶନାୟ।

'oaob.nitrkl.ac.in' images reprocessed

# ୨୭ ଫେବୃଆରୀ ୧୯୫୫

"ଯୋଗାଧାର" ପୁସ୍ତକର ଚତୁର୍ଥ ଅଧ୍ୟାୟ
"ବାସନା—ଖାଦ୍ୟ—ଯୌନକାମନା" ବିଷୟ
ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ଏଠାରେ କୁହାଯାଇଛି ଯେ ଆମର କୌଣସି ଭୌତିକ ବସ୍ତୁ ପ୍ରତି ଆଦୌ କୌଣସି ଆସକ୍ତି ରହିବ ନାହିଁ; ତେବେ, ଯେତେବେଳେ ଆପଣ ଆମକୁ କୌଣସି ପଦାର୍ଥ ଦେଉଛନ୍ତି, ଯଦି ଆମେ ସେଇଟିକୁ ହଜାଇ ଦେଇ ଦୁଃଖ ଅନୁଭବ କରୁ, ତେବେ ତାହାକୁ କି ତ ଏକ ଆସକ୍ତି ବୋଲି କୁହାଯିବ ?

ସବୁଠାରୁ ଭଲ କଥା ହେଉଛି, ତୁମେ ତାହାକୁ ହଜାଇ ଦେବ ନାହିଁ । (ସମସ୍ତେ ହସିଲେ) ମାତ୍ର ବସ୍ତୁତଃ, ଦ୍ରବ୍ୟଟି କେବଳ...ଖାସ୍ ବସ୍ତୁଟି ଲାଗି ଆଦୌ କୌଣସି ଆସକ୍ତି ରହିବା ଉଚିତ ନୁହେଁ । ମାତ୍ର, ଭିତରେ ଯାହା ରହିଛି, ମୁଁ ଦେଉଥିବା ପଦାର୍ଥଟି ଭିତରେ ମୁଁ ଯାହା ସଞ୍ଚିତ କରି ରଖିଛି, ତୁମେ ତାହାର ଲାଗି ନିଜକୁ ଉନ୍ମୋଚିତ କରି ରଖିଥିବ । ତାହା ହେଉଛି ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ । ଅବଶ୍ୟ ଏକଥା ସତ ଯେ ଆକସ୍ମିକ ଭାବରେ ନିଶ୍ଚୟ ସର୍ବଦା କିଛି ଘଟିପାରେ; ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଆମେ ଗୋଟିଏ ବସ୍ତୁକୁ ତାହାର ଅନ୍ତର୍ଗତ ପ୍ରତୀକାତ୍ମକ ବା ଆଧ୍ୟାତ୍ମିକ ମୂଲ୍ୟ ଦେଇ ଗ୍ରହଣ କରି ପାରୁଥିବା, ତେବେ ତାହାକୁ ହଜାଇ ଦେବା ସକାଶେ ଅପେକ୍ଷାକୃତ କମ୍ ଅବସର ରହିଥିବ; ଏହା ଗୋଟିଏ ପ୍ରକାରର ସମ୍ବନ୍ଧ ସ୍ଥାପନ କରି ପାରିଥିବ, ଏବଂ ସେହି କାରଣରୁ ତାହାକୁ ହଜାଇ ଦେବାର ଖୁବ୍ ବେଶୀ ଆଶଙ୍କା ନ ଥିବ । ତାହା ତୁମର ପାଖେ ପାଖେ ରହିଥିବ ।

ମୁଁ ଏପରି ଅନୁଭବ କରିଥାଏ ଯେ, ଯେତେବେଳେ କେହି ବ୍ୟକ୍ତି ମୁଁ ଦେଇଥିବା ଦ୍ରବ୍ୟଟିକୁ ହଜାଇଦିଏ, ସେତେବେଳେ ତାହା ସୂଚାଇ ଦିଏ ଯେ ସିଏ କେବଳ ଦ୍ରବ୍ୟଟିର ବାହ୍ୟ ଆକାରଟି ସହିତ ସମ୍ବନ୍ଧ ସ୍ଥାପନ କରି ପାରିଥିଲା; ମାତ୍ର ମୁଁ ସେଇଟିର ଭିତରେ ଯାହା ଅବସ୍ଥାପିତ କରାଇ ରଖିଥିଲି, ତା' ସହିତ ତା'ର କୌଣସି ସମ୍ବନ୍ଧ ସ୍ଥାପିତ ହୋଇ ନ ଥିଲା । ତା' ନ ହେଲେ ସିଏ କଦାପି ସେଇଟିକୁ ହଜାଇ ନ ଥାନ୍ତା । ମୁଁ ଭାବିଥାଏ ଯେ ଏହି କ୍ଷେତ୍ରରେ ଗଭୀର ଅନୁଭବର ଅଭାବ ରହିଥାଏ । ହୁଏତ ସମ୍ପୃକ୍ତ ବ୍ୟକ୍ତି ବାହାରର ବସ୍ତୁଟି ପ୍ରତି ଖାଲି

ଆସକ୍ତ ହୋଇ ରହିଥିଲି, ମାତ୍ର ପଶ୍ଚାତରେ ରହିଥିବା ବିଷୟଟି ଲାଗି ଖୁବ୍‌ବେଶୀ ଉନ୍ମୋଚିତ ନ ଥିଲି ।

ମାଆ, ଏଠାରେ ଲେଖାଯାଇଛି ଯେ, ବିଶେଷତଃ ଜଣେ କ୍ରୀଡ଼ାବିତ୍ ଲାଗି କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଗ୍ରହଣ କରିବାର ପ୍ରୟୋଜନ ରହିଛି, ଯେପରିକି ସିଏ ଆବଶ୍ୟକ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟସାର ପାଇପାରିବ, ଏବଂ ଏସବୁ···

ଆଧୁନିକ ବିଜ୍ଞାନ ସେକଥା କହୁଛି । ହଁ,···ମାତ୍ର, ଯଦି ତୁମେ ଆଉ ପଚିଶ ବର୍ଷ ଅପେକ୍ଷା କରିବ, ତେବେ ସେତେବେଳକୁ ସେମାନେ ଏପରି ଆଉକିଛି ବାହାର କରି ପାରିଥିବେ ; ସେତେବେଳେ କଥାଟି ବଦଳିଯିବ ଏବଂ ସମସ୍ତେ ଖାଦ୍ୟସାରଗୁଡ଼ିକୁ ଭୁଲିଯିବେ । ମାତ୍ର ବର୍ତ୍ତମାନ, ତୁମେ ମୋତେ କ'ଣ ପଚାରୁଥିଲ କି ?

ଆପଣ ଉତ୍ତର ଦେଇ ସାରିଲେଣି । (ସମସ୍ତେ ହସିଲେ) ଆମେ ବସ୍ତୁଗୁଡ଼ିକୁ ପ୍ରକୃତରେ କିପରି ଭାବରେ ବ୍ୟବହାର କରିବା ?

ହଁ ବସ୍ତୁଗୁଡ଼ିକର ଯଥାର୍ଥ ଉପଯୋଗିତାକୁ ବୁଝି ଆମେ ସେଗୁଡ଼ିକୁ ବ୍ୟବହାର କରିବା । ସେଗୁଡ଼ିକର ଯଥାର୍ଥ ଉପଯୋଗ ବିଷୟରେ ଆମର ଜ୍ଞାନ ରହିଥିବ । ଯଥାସମ୍ଭବ ଅଧିକ ସାବଧାନ ଭାବରେ ସେଗୁଡ଼ିକୁ ବ୍ୟବହାର କରିବା, ଯେପରିକି ସେଗୁଡ଼ିକ ନଷ୍ଟ ହୋଇଯିବ ନାହିଁ ଓ ସେଗୁଡ଼ିକୁ ନେଇ ଆମ ଭିତରେ ଯଥାସମ୍ଭବ କମ୍ ବିଭ୍ରାନ୍ତି ଉପସ୍ଥିତ ହେଉଥିବ ।

ମୁଁ ଗୋଟିଏ ଉଦାହରଣ ଦେଉଛି : ତୁମ ପାଖରେ ଗୋଟିଏ କଇଁଚି ଅଛି । କଇଁଚି ତ କେତେ ପ୍ରକାରର ରହିଛି ; କାଗଜ କାଟିବାକୁ କଇଁଚି ଅଛି, ସୂତା କାଟିବାକୁ ମଧ୍ୟ କଇଁଚି ରହିଛି,··· ଯଦି ତୁମେ ଆବଶ୍ୟକ କରୁଥିବା କଇଁଚିଟିଏ ତୁମ ପାଖରେ ଥାଏ, ତେବେ, ସେଇଟି ଯେଉଁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ହୋଇଛି, ତୁମେ ତାହାକୁ ସେହି କାର୍ଯ୍ୟ ପାଇଁହିଁ ବ୍ୟବହାର କରିବ । ମାତ୍ର, ମୁଁ ଏପରି କେତେ ଲୋକଙ୍କୁ ଜାଣିଛି, ଯେଉଁମାନେକି ସେମାନଙ୍କ ପାଖରେ ଥିବା କଇଁଚିକୁ ଅବିବେକୀ ଭାବରେ ଯାହା ମନ ତାହା କାଟିବାର କାମରେ ବ୍ୟବହାର କରନ୍ତି ; ରେଶମ ସୂତା କାଟନ୍ତି, ଦରକାର ପଡ଼ିଲେ ତାର କାଟନ୍ତି ଅଥବା, ଟିଣ ପ୍ରଷ୍ଟଢ ଖୋଲିବା ସକାଶେ ତାହାକୁ ଏକ ହତିଆର ରୂପେ ମଧ୍ୟ ବ୍ୟବହାର କରନ୍ତି । ଯେଉଁକାମ କରିବାକୁ ଥାଉ ପଛକେ, କୌଣସି ହତିଆର ଆବଶ୍ୟକ ହେଲେ ସେମାନେ ନିଜର କଇଁଚିଟିକୁ ନେଇ କାମରେ ଲଗାଇଥାନ୍ତି । ତେଣୁ

'oaob.nitrkl.ac.in' images reprocessed

ଭାରି ସ୍ୱାଭାବିକ କଥା ଯେ, କେତେଦିନ ପରେ ସେମାନେ ପୁଣି ମୋ ପାଖକୁ ଆସି କହନ୍ତି, "ମୋ' କଲମଟି ଖରାପ ହୋଇଗଲାଣି, ମୋତେ ଆଉ ଗୋଟିଏ କଲମ ଦିଅନ୍ତୁ !" ଏବଂ, ମୁଁ ସେମାନଙ୍କୁ ଏକଥା କହିଲାବେଳେ ସେମାନେ ଖୁବ୍ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି, "ନାହିଁ, ତୁମକୁ ଆଉ ଗୋଟିଏ କଲମ ମିଳିବ ନାହିଁ; କାରଣ ତୁମେ ଏଇଟିକୁ ଖରାପ କରିଦେଇଛ, ଏଇଟିକୁ ଠିକ୍ ଭାବରେ ବ୍ୟବହାର କଲ ନାହିଁ ବୋଲି ତାହା ଖରାପ ହେଲା ।" ଏ ତ କେବଳ ଗୋଟିଏ ଉଦାହରଣ । ଏପରି ଅନେକ ଉଦାହରଣ ଦିଆ ଯାଇପାରେ ।

ଲୋକେ କୌଣସି ଏକ ଜିନିଷକୁ ବ୍ୟବହାର କଲାବେଳେ ତାହା ମଇଳା ହୋଇଯାଏ, ମଇଳା ହୋଇ ଶେଷରେ ନଷ୍ଟ ହୋଇଯାଏ । ବା, ତାହାକୁ ସେମାନେ ସଫା କରିବାକୁ ଭୁଲିଯାଆନ୍ତି ବା ଅବହେଳା ପ୍ରଦର୍ଶନ କରନ୍ତି, କାରଣ ଏଥିଲାଗି କିଛିସମୟ ଦେବାକୁ ପଡ଼େ ।

ବସ୍ତୁଗୁଡ଼ିକ ପ୍ରତି ଆମର ଗୋଟିଏ ପ୍ରକାରର ସମ୍ମାନ ରହିଥିବ, ଯାହା ଫଳରେ କି ତୁମେ ଅତ୍ୟନ୍ତ ବିବେଚନା ସହିତ ତାହାକୁ ବ୍ୟବହାର କରିପାରିବ ଏବଂ ତାହାକୁ ଯଥାସମ୍ଭବ ଅଧିକକାଳ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖି ମଧ୍ୟ ପାରିବ । ତୁମର ସେହି ଜିନିଷଟି ପ୍ରତି ଆସକ୍ତି ବା ବାସନା ରହିଛି ବୋଲି ଯେ ତୁମେ ତାହା କରିବ, ସେକଥା ଆଦୌ ନୁହେଁ, ମାତ୍ର, ଯେକୌଣସି ବସ୍ତୁ ହେଉଛି ସମ୍ମାନର ଯୋଗ୍ୟ, ତାହାକୁ ତିଆରି କରିବାରେ ଏକଦା ଅନେକ ଉଦ୍ୟମ ଏବଂ ପରିଶ୍ରମ ଦରକାର ହୋଇଛି ଏବଂ କେବଳ ସେହି ଶ୍ରମ ଓ ଉଦ୍ୟମଟି ପ୍ରତି ଯେଉଁ ସମ୍ମାନ ଦେଖାଇବା ଉଚିତ ବସ୍ତୁଟିର ସେହି ସମ୍ମାନ ଅବଶ୍ୟ ପ୍ରାପ୍ୟ ।

ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର କିଛି ନ ଥାଏ, ଏପରିକି ଏକାନ୍ତ ଅପରିହାର୍ଯ୍ୟ ବସ୍ତୁମାନ ମଧ୍ୟ ସେମାନଙ୍କ ପାଖରେ ନ ଥାଏ ଏବଂ, ଆପଣାର ବ୍ୟକ୍ତିଗତ ବ୍ୟବହାର ସକାଶେ ସେମାନଙ୍କୁ ଯେକୌଣସି ପ୍ରକାରେ ସେହି ଜିନିଷଗୁଡ଼ିକୁ ତିଆରି କରିବାକୁ ପଡ଼େ । ଏହି ପ୍ରକାରର ଅନେକ ଲୋକଙ୍କୁ ମୁଁ ଦେଖିଛି ଯେଉଁମାନେ କି ଅତ୍ୟନ୍ତ ଉଦ୍ୟମ ଏବଂ କୌଶଳ ପ୍ରୟୋଗ କରି ବ୍ୟାବହାରିକ ଦୃଷ୍ଟିରୁ ଅଳ୍ପବହୁତ ପରିମାଣରେ ଅପରିହାର୍ଯ୍ୟ ହୋଇ ରହିଥିବା ଏପରି କେତେକ ଜିନିଷକୁ ନିଜେ ତିଆରି କରିଥାନ୍ତି । ସେମାନେ ଏତେ ଉଦ୍ୟମ ଖଟାଇ ସେଗୁଡ଼ିକୁ ତିଆରି କରିଥିବାରୁ ଯେଉଁ ଯତ୍ନର ସହିତ ସେଗୁଡ଼ିକୁ ବ୍ୟବହାର କରନ୍ତି, ତାହା ପ୍ରକୃତରେ ଉଲ୍ଲେଖଯୋଗ୍ୟ । ସେହି ବସ୍ତୁଗୁଡ଼ିକ ପ୍ରତି ସେମାନଙ୍କର ଏକ ପ୍ରକାରର ସମ୍ମାନଭାବ ରହିଥାଏ, କାରଣ, ସେଗୁଡ଼ିକୁ ତିଆରି କରିବା ଲାଗି ସେମାନଙ୍କୁ ଯେ କେତେ ଶ୍ରମ ଖଟାଇବାକୁ ପଡ଼ିଛି, ସେକଥା ସେମାନେ ଖୁବ୍ ଭଲ ଭାବରେ ଜାଣିଥାନ୍ତି । ମାତ୍ର, ଯେଉଁ ଲୋକମାନଙ୍କର ପକେଟ୍‌ରେ ଗୁଡ଼ାଏ ପଇସା

'oaob.nitrkl.ac.in' images reprocessed

ଥାଏ ଏବଂ ସେମାନେ କୌଣସି ବସ୍ତୁ ଦରକାର କଲାବେଳେ କେବଳ ଦୋକାନର କବାଟଟିକୁ ଯାଇ ଖୋଲିଦଅନ୍ତି, ଭିତରକୁ ଯାଇ ପଇସାତକ ଗଣିଦଅନ୍ତି ଏବଂ ଆବଶ୍ୟକ ବସ୍ତୁଟିକୁ କିଣି ନଅନ୍ତି, ସେମାନେ ବସ୍ତୁଟିକୁ ସେହିପରି ଭାବରେ ବ୍ୟବହାର କରିଥାନ୍ତି । ତଦ୍ଦ୍ୱାରା ସେମାନଙ୍କର ନିଜର ଷଡ ହୁଏ ଓ ଏପରି କରି ସେମାନେ ଏକ ମନ୍ଦ ଦୃଷ୍ଟାନ୍ତ ମଧ୍ୟ ଦେଖାଇଥାନ୍ତି ।

ମୁଁ ଅନେକ ସମୟରେ କହିଥାଏ, "ନାଇଁ, ତୁମ ପାଖରେ ଯାହା ଅଛି, ତୁମେ ତାହାକୁ ଅବଶ୍ୟ ବ୍ୟବହାର କରିବ । ଯଥାସମ୍ଭବ ସର୍ବୋତ୍ତମ ଭାବରେ ତାହାକୁ କାମରେ ଲଗାଇବାକୁ ଚେଷ୍ଟା କରିବ । ଅକାରଣରେ କୌଣସି ଜିନିଷକୁ ଫୋପାଡ଼ି ଦେବ ନାହିଁ, ପ୍ରୟୋଜନ ନ ଥାଇ ଆଦୌ କୌଣସି ଜିନିଷ ଲାଗି ଇଚ୍ଛା କରିବ ନାହିଁ । ତୁମ ପାଖରେ ଯାହାକିଛି ଅଛି, ତାହାକୁ ନେଇ ଚଳିଯିବାକୁ ଚେଷ୍ଟା କରିବ, ଅତ୍ୟନ୍ତ ଯତ୍ନ ଓ ଅତ୍ୟନ୍ତ ଶୃଙ୍ଖଳା ଓ ଆବଶ୍ୟକ ପ୍ରଣାଳୀରେ ବସ୍ତୁଗୁଡ଼ିକୁ ବ୍ୟବହାର କରିବ ଏବଂ କୌଣସି ପ୍ରକାର ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରିବ ନାହିଁ ।"

ତୁମେ ସବୁ ଜାଣିଛ, ଆମର ଏଠାରେ ଗୋଟିଏ ଚଠାଖାତା* ରହିଛି; ଆପଣାର ଯାହାକିଛି ଦରକାର, ପ୍ରତ୍ୟେକେ ମାସକୁ ମାସ ଲେଖିକରି ଜଣାଇ ଦଅନ୍ତି; ମାତ୍ର, ତା'ପରେ ଏପରି ହେଲା ଯେ, ଆମେ ଦ୍ରବ୍ୟ-ବିତରଣରେ କିଛି କଟକଣା ରଖିବାକୁ ବାଧ୍ୟ ହେଲୁ, କାରଣ କମେ ଦ୍ରବ୍ୟମାନ ଅତିମାତ୍ରାରେ ଖର୍ଚ୍ଚ ହେବାକୁ ବସିଲା । ମାତ୍ର ଏହି କଟକଣା ଅନେକ ସମୟରେ ଏହା ପଛରେ ଥିବା ଅସଲ ଉଦ୍ଦେଶ୍ୟଟିର ବରୁଦ୍ଧରେ ହିଁ ଯାଉଥିଲା ।

ମନେ ପଡ଼ୁଛି, ଥରେ ମୁଁ ଜଣେ ସାଧକଙ୍କର କୋଠରୀକୁ ଦେଖିବାକୁ ଯାଇଥିଲି । ତାହା ପ୍ରାୟ ପଚିଶବର୍ଷ ତଳର କଥା ହେବ । ତାହା ଏକ ପୁରାତନ କାହାଣୀ । ଏବେ ମଧ୍ୟ ମନେ ଅଛି । ତାଙ୍କରୁ ଗୋଟିଏ ର୍ୟାକ୍ ବ୍ଲକର ରହିଥିଲା, ସେଥିରେ ପାଞ୍ଚୋଟି ଥାକ । ଭାରି ବଡ଼ ର୍ୟାକ୍ଟିଏ, ଗୋଟିକ ପରେ ଗୋଟିଏ ହୋଇ ପାଞ୍ଚଟି ଥାକ, ଏବଂ ସେଗୁଡ଼ିକ···ଏହି ପ୍ରତ୍ୟେକଟି ଥାକ ସାନସାନ ସାବୁନ-ଖଣ୍ଡରେ ଭର୍ତ୍ତି ହୋଇ ରହିଥିଲା । ଏହା ଦେଖି ମୁଁ ସେହି ସାଧକଙ୍କୁ ପଚାରିଲି, "ଏହିସବୁ ଖଣ୍ଡିଖଣ୍ଡି ସାବୁନକୁ ତୁମେ କାହିଁକି ସାଇତି ରଖିଛ ? ଏହି ସାବୁନ୍‌ଖଣ୍ଡକୁ

*ମାଥ 'ପ୍ରସ୍ପର୍ଟି' ବୋଲି ନାଆଁ ଦେଇଥିବା ଏକ ଭଣ୍ଡାରକୁ ଆଶ୍ରମବାସୀମାନେ ଆପଣାର ଲୁଗାପଟା, ଗାଧୁଆ ଜିନିଷ ଓ ଅନ୍ୟ ସରଞ୍ଜାମ ନେଇଥାନ୍ତି । ଏକ ପ୍ରସ୍ପର୍ଟି ଖାତାରେ ଗୋଟିଏ ପୃଷ୍ଠାରେ ଆବଶ୍ୟକ ପଦାର୍ଥଗୁଡ଼ିକର ନାଆଁ ଲେଖି ଦ୍ରବ୍ୟ-ବିତରଣର ଦାୟିତ୍ୱ ଥିବାଲୋକଙ୍କୁ ତାହା ଆଣି ଦେଇ ଦେଇଥାନ୍ତି । ସବୁ ମାସର ପହିଲାଦିନ ଏହି ବିତରଣ ହୋଇଥାଏ ।

'oaob.nitrkl.ac.in' images reprocessed

ନେଇ ତୁମେ କ'ଣ କରୁଛ ? ସେଗୁଡ଼ିକୁ ବ୍ୟବହାର କରୁ ନାହିଁ କାହିଁକି ?" ସିଏ ଉତ୍ତର ଦେଲେ, "ଆମର ତ ମାସକୁ ଖଣ୍ଡେ ଲେଖାଏଁ ସାବୁନ ପ୍ରାପ୍ୟ, ତେଣୁ ମୁଁ ପ୍ରତି ମାସରେ ସାବୁନ ପାଇଁ ଚିଠା ଲେଖିଦିଏ । ଗୋଟିଏ ମାସରେ ପୁରା ସାବୁନ ସରି ଯାଏ ନାହିଁ । ତେଣୁ ବଳକା ଖଣ୍ଡଗୁଡ଼ିକୁ ମୁଁ ଏହିପରି ରଖିଦିଏ ।"

ଏବଂ ସେ ତା'ପରେ ପ୍ରତି ମାସରେ ତଥାପି ସାବୁନ ନେଲେ ?

ଏହିପରି ଭାବରେ ସେ ଖଣ୍ଡଗୁଡ଼ିକର ଗୋଟିଏ ସଞ୍ଚୟ କରି ରଖିଥିଲେ । କାରଣ, ସେ ଭାବୁଥିଲେ ଯେ ମାସକୁ ଖଣ୍ଡେ ଲେଖାଏଁ ସାବୁନ୍ ପାଇବାକୁ ତାଙ୍କର ଅଧିକାର ରହିଛି । ତେଣୁ ସେ ତାଙ୍କର ଯଥାପ୍ରାପ୍ୟ ନେବାକୁ ଇଚ୍ଛା କରୁଥିଲେ ଏବଂ ପ୍ରତି ମାସରେ ନୂଆ ସାବୁନ୍ ନେବା ପାଇଁ ପୁରୁଣା ମାସରୁ ବଳିଥିବା ସାବୁନ୍‌କୁ ରଖି ଦେଉଥିଲେ । ଏହା ହେଉଛି ଗୋଟିଏ ପ୍ରାମାଣିକ କାହାଣୀ । ମୁଁ ମୋଟେ ମନରୁ ଗଢ଼ି କରି ଏକଥା କହୁ ନାହିଁ ।

ଅନେକ ମଣିଷ ଠିକ୍ ଏହିପରି କରିଥାନ୍ତି । ମୁଁ ସେମାନଙ୍କର ନାମ କହିବି ନାହିଁ ସତ ମାତ୍ର ମୁଁ ସେମାନଙ୍କୁ ସମସ୍ତଙ୍କୁ ଜାଣିଛି । ଏପରି ମଣିଷ ଅନେକ ଅଛନ୍ତି । କୌଣସି ଏକ ଜିନିଷ ପାଇବା ସକାଶେ ସେମାନଙ୍କର ଏକ ଅଧିକାର ରହିଥାଏ, ପ୍ରୟୋଜନ ନ ଥିଲେ ମଧ୍ୟ ସେମାନେ ସେହି ଜିନିଷଟିକୁ ଚାହାନ୍ତି ଓ ମାଗନ୍ତି, କାରଣ ସେଥିଲାଗି ସେମାନଙ୍କର ଅଧିକାର ରହିଥାଏ । ଏହା ବସ୍ତୁତଃ··· ପ୍ରକୃତରେ ଏହା··· ଏହା ହେଉଛି ଏକ ଦୃଷ୍ଟିକୋଣ । ଆମେ ଏହାର ଆଉ ବିଶେଷ ବର୍ଣ୍ଣନା କରିବାକୁ ଚେଷ୍ଟା କରିବା ନାହିଁ ।

ଏବଂ, ଏହିପରି ଭାବରେ, ଅନେକ କୃପଣ ମଧ୍ୟ ଅଛନ୍ତି, ଯେଉଁମାନେ କି ସୁନା ମୋହରରେ ବାକ୍ସ ଭର୍ତ୍ତି କରି ରଖିଥାନ୍ତି, ମାତ୍ର ସେଗୁଡ଼ିକୁ କଦାପି ବ୍ୟବହାର କରନ୍ତି ନାହିଁ । ସୁନା ତ ପଚି ସଢ଼ି ଯାଇ ନାହିଁ.—ମାତ୍ର, ନୈତିକ ଦୃଷ୍ଟିରୁ ଦେଖିଲେ, ତାହା ପ୍ରକୃତରେ ସଢ଼ି ପଚି ସଢ଼ିଯାଏ, କାରଣ, ଯାହା ନିଜକୁ ଗତିଶୀଳ କରେ ନାହିଁ, ତାହା ପ୍ରକୃତରେ ଅତ୍ୟନ୍ତ ରୋଗଗ୍ରସ୍ତ ହୋଇପଡ଼େ । ବର୍ତ୍ତମାନ, ଏଥିରୁ କ'ଣ କୌଣସି ସିଦ୍ଧାନ୍ତ ବାହାରିବ ନାହିଁ ?

ମାଆ, ଆମ ଜୀବନ ସକାଶେ କେଉଁସବୁ ପଦାର୍ଥ ପ୍ରକୃତରେ ଅପରିହାର୍ଯ୍ୟ ?

ସମସ୍ତଙ୍କ ଲାଗି ତାହା କଦାପି ସମାନ ହେବ ନାହିଁ । ତାହା ଦେଶ ଉପରେ ନିର୍ଭର କରିବ, ଅଭ୍ୟାସଗୁଡ଼ିକ ଉପରେ ନିର୍ଭର କରିବ; ଏବଂ, ତୁମକୁ ସତକଥା କହିବାକୁ ଗଲେ, ଯଦି ଆମେ ଅତ୍ୟନ୍ତ ନିକଟରୁ ବିଶ୍ଳେଷଣ କରି ଦେଖିବା, ତେବେ

'oaob.nitrkl.ac.in' images reprocessed

ଖୁବ୍‌ଗୁଡ଼ାଏ ଜିନିଷ ପ୍ରକୃତରେ ଅପରିହାର୍ଯ୍ୟ ବୋଲି କଦାପି ଦେଖିବାକୁ ପାଇବା ନାହିଁ । ଯଦି ତୁମେ ପୃଥିବୀର ବିଭିନ୍ନ ସ୍ଥାନ ବୁଲି ଦେଖିବାକୁ ଯିବ, ତେବେ ଦେଖିବାକୁ ପାଇବ ଯେ ପ୍ରତ୍ୟେକ ଦେଶରେ ଲୋକମାନଙ୍କର ଶୋଇବାର, ଖାଦ୍ୟ ଖାଇବାର, ଲୁଗାପଟା ପିନ୍ଧିବାର ଏବଂ ପ୍ରସାଧନ କରିବାର ବିଭିନ୍ନ ପ୍ରକାରର ଅଭ୍ୟାସ ରହିଛି । ତେଣୁ, ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ସେମାନେ ତୁମକୁ ଅବଶ୍ୟ କହିବେ ଯେ, ସେମାନେ ଯେଉଁସବୁ ଜିନିଷକୁ ବ୍ୟବହାର କରୁଛନ୍ତି, ସେଗୁଡ଼ିକ ପ୍ରକୃତରେ ଅପରିହାର୍ଯ୍ୟ । ମାତ୍ର, ଯଦି ତୁମେ ଗୋଟିଏ ଦେଶରୁ ଆଉଗୋଟିଏ ଦେଶକୁ ଯାଉଥିବ, ତେବେ ଅବଶ୍ୟ ହୃଦୟଙ୍ଗମ କରିପାରିବ ଯେ ଏହିସବୁ ଯାବତୀୟ ପଦାର୍ଥ ସେମାନଙ୍କ ଲାଗି ଆଦୌ ଉପଯୋଗୀ ହୁଏ ନାହିଁ, କାରଣ, ସେମାନେ ସମାନ ଭାବରେ ଉପଯୋଗୀ ଅନ୍ୟ ଜିନିଷଗୁଡ଼ିକୁ ବ୍ୟବହାର କରନ୍ତି ଏବଂ ସେଗୁଡ଼ିକ ଅପରିହାର୍ଯ୍ୟ ବୋଲି ମନେ କରିଥାନ୍ତି । ଯଦି ତୁମେ ପୁନର୍ବାର ସେହି ଦେଶରୁ ଆଉଗୋଟିଏ ଦେଶକୁ ଯିବ, ତେବେ ଦେଖିବ ଯେ, ସେଠାରେ ତଥାପି ଅନ୍ୟ କେତେଗୁଡ଼ିଏ ଜିନିଷକୁ ଅପରିହାର୍ଯ୍ୟ ବୋଲି କୁହାଯାଉଛି । ଏହିପରି ଭାବରେ, ପରିଶେଷରେ, ଯଦି କେହି କିଞ୍ଚିତ୍ ପରିମାଣରେ ଏହି ପୃଥିବୀର ବିଭିନ୍ନ ଅଞ୍ଚଳକୁ ବୁଲି ଦେଖିଥାଏ, ତେବେ ସିଏ କହିବାକୁ ଆରମ୍ଭ କରେ, "ତେବେ ପ୍ରକୃତରେ ଉପଯୋଗୀ ବୋଲି ଆଉ କେଉଁ ଜିନିଷ ରହିଲା ? ମନେକର, ମୁଁ ଭାବୁଛି ଯେ ଦାନ୍ତଘଷା ବ୍ରସ୍ ହେଉଛି ଏକ ଅପରିହାର୍ଯ୍ୟ ଜିନିଷ । ସେତିକିବେଳେ ମୋର ପ୍ରତିବେଶୀ ହୁଏତ ମୋ' ଆଡ଼କୁ ଚାହିଁବ ଏବଂ କହିବାକୁ ଲାଗିବ, "ତୁମର ଦାନ୍ତଘଷା ବ୍‌ସ୍ ପୁଣି କ'ଣ ଗୋଟିଏ ଜିନିଷ ? ମୁଁ ତ ଆଙ୍ଗୁଠିରେ ଦାନ୍ତ ଘଷେ ଓ ସେଥିରେ ଚମତ୍କାର ଭାବରେ କାମ ଚଳିଯାଏ ।" ସବୁ କଥା ଠିକ୍ ଏହିପରି, ନୁହେଁ କି ?

ଖାଦ୍ୟପଦାର୍ଥ—ତୁମେ ଭାବୁଥିବ ଯେ ଆବଶ୍ୟକ ଶକ୍ତି ସକାଶେ ତୁମ ଲାଗି ଏକ ନିର୍ଦ୍ଦିଷ୍ଟ ପରିମାଣର ବିଭିନ୍ନ ବସ୍ତୁ ଏକାନ୍ତ ଅପରିହାର୍ଯ୍ୟ । ସେଗୁଡ଼ିକ ହେଉଛି ଅମୁକ ଅମୁକ ଜିନିଷ, କାରଣ ସେଗୁଡ଼ିକ ସହିତ ତୁମେ ସମ୍ପୂର୍ଣ୍ଣ ଅଭ୍ୟସ୍ତ ହୋଇ ରହିଛ; ମାତ୍ର, ଏକ ଅନ୍ୟ ଦେଶରେ ତାହା ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ହେବ ।

ତେଣୁ ଏହି କ୍ଷେତ୍ରରେ ଆଦୌ କୌଣସି ନିୟମ କରି ରଖି ହେବ ନାହିଁ; ଏବଂ ଯଦି ଆମେ ଏ ବିଷୟରେ ପୁରା କଡ଼ାକଡ଼ି ହେବାକୁ ଚାହୁଁଥିବା, ତେବେ ମୁଁ କହିବି ଯେ ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ପ୍ରଶ୍ନ ଏବଂ ତାହା ପ୍ରତ୍ୟେକ ମନୁଷ୍ୟର ଶରୀର ଉପରେହିଁ ନିର୍ଭର କରେ । କାରଣ, ଆପଣାର ଚେତନାଭୂମିରେ ପ୍ରଶସ୍ତ ହୋଇ ଯାଇଥିବା ସଙ୍ଗେସଙ୍ଗେ ତୁମେ ଏହି କଥାଟିକୁ ଅବଶ୍ୟ ହୃଦୟଙ୍ଗମ କରିପାର ଯେ, ଯେଉଁସବୁ ପଦାର୍ଥ ତୁମକୁ ଅପରିହାର୍ଯ୍ୟ ବୋଲି

'oaob.nitrkl.ac.in' images reprocessed

ମନେ ହେଉଛନ୍ତି, ସେଗୁଡ଼ିକ ପ୍ରକୃତରେ ଆଦୌ ଅପରିହାର୍ଯ୍ୟ ନୁହନ୍ତି; ସେଗୁଡ଼ିକ ନ ହେଲେ ମଧ୍ୟ ତୁମେ ବେଶ୍ ଚଳିଯାଇ ପାରିବ,—ଚମତ୍କାର ଭାବରେ ଚଳି ପାରିବ, ଉତ୍ତମ ଭାବରେ ସବୁ କାମ କରିପାରିବ। ଅପରିହାର୍ଯ୍ୟ ବୋଲି ମନେ ହେଉଥିବା ପଦାର୍ଥଗୁଡ଼ିକ ନ ହେଲେ ମଧ୍ୟ ତୁମ ଭିତରେ ଅନେକ ଶକ୍ତି ଅବଶ୍ୟ ଆସିପାରିବ। ପ୍ରକୃତରେ ଏହି ଜଗତରେ କ'ଣ ଗୁଡ଼ାଏ ବସ୍ତୁ ରହିଛି, ଯାହାକି ଆମ ଲାଗି ଅପରିହାର୍ଯ୍ୟ ?—ଅବଶ୍ୟ ମୁଁ ଏଠାରେ ଜଡ଼ବସ୍ତୁଗୁଡ଼ିକ ବିଷୟରେ କହୁଛି। ହଁ, ଆମେ କହିପାରିବା ଯେ କିଛିକି ପରିମାଣରେ ଖାଦ୍ୟ ନିଶ୍ଚୟ ଦରକାର —ଏବଂ, ସେବିଷୟରେ ମଧ୍ୟ ମୋଟେ କୌଣସି ସାଧାରଣ ନିୟମ କରିହେବ ନାହିଁ; ଏହା ସର୍ବଦା ଜଳବାୟୁ ଉପରେହିଁ ନିର୍ଭର କରିବ।

ପ୍ରକୃତି ମଧ୍ୟରେ ସର୍ବଦା ଯଥେଷ୍ଟ ଦୂରଦୃଷ୍ଟି ରହିଥାଏ, ପ୍ରତ୍ୟେକ ଜଳବାୟୁରେ ତାହା ଆପଣାର ଉଚିତ ପଦାର୍ଥଟିକୁ ଉତ୍ପାଦନ କରିଥାଏ। ଅବଶ୍ୟ ଏକଥା ସତ ଯେ, ଆମେ କଦାପି ମନୁଷ୍ୟକୁ କେନ୍ଦ୍ରରେ ନେଇ ରଖି ପାରିବା ନାହିଁ ଏବଂ କହିବା ନାହିଁ ଯେ ପ୍ରକୃତି ମନୁଷ୍ୟର ଉପକାର ଲାଗିହିଁ ଏହାର ସୃଷ୍ଟି କରିଛି। ସେକଥା ଠିକ୍ ବୋଲି ମୁଁ ମୋଟେ ବିଶ୍ୱାସ କରୁ ନାହିଁ; କାରଣ, ମନୁଷ୍ୟ ପୃଥିବୀପୃଷ୍ଠରେ ପାଦ ଦେବାର ବହୁ ପୂର୍ବରୁହିଁ ପ୍ରକୃତି ସେଗୁଡ଼ିକୁ ଉଦ୍ଭାବନ କରି ସାରିଥିଲା। ମାତ୍ର, ଯେକୌଣସି ଦେଶର ଜଳବାୟୁ ଏବଂ ସେଠାରେ ଉତ୍ପନ୍ନ ହେଉଥିବା ଦ୍ରବ୍ୟ ମଧ୍ୟରେ ଏକ ପ୍ରକାରର ସମଞ୍ଜସତା ବିକାଶଲାଭ କରି ଆସିଥାଏ; ପ୍ରାଣୀମାନଙ୍କର ଦେହର ଆକାର ଏବଂ ସେମାନେ ବାସ କରୁଥିବା ଦେଶର ଭୂଭାଗୀୟତନ ମଧ୍ୟରେ ଯେପରି ଏକ ସାମଞ୍ଜସ୍ୟ ରହିଥାଏ, ଏକଥା ମଧ୍ୟ ଠିକ୍ ସେହିପରି। ଉଦାହରଣସ୍ୱରୂପ, ଭାରତର ହାତୀମାନେ ଆଫ୍ରିକା ମହାଦେଶରେ ବାସ କରୁଥିବା ହାତୀମାନଙ୍କଠାରୁ ଆକାରରେ ଅନେକ ଶ୍ରେଷ୍ଠ। ଏବଂ କୁହାଯାଏ ଯେ, ଏହା ଏପରି ହୋଇଛି, କାରଣ ଆଫ୍ରିକାରେ ଭୂମି-ଆୟତନ ବିପୁଳ ବିସ୍ତୃତ ହୋଇ ରହିଛି ଏବଂ ତେଣୁ ସେଠାରେ ପ୍ରାଣୀମାନେ ମଧ୍ୟ ଏତେ ବଡ଼ବଡ଼ ହୋଇଛନ୍ତି।

ସୃଷ୍ଟିରେ ଏହିପରି ଗୋଟିଏ ପ୍ରକାରର ସମଞ୍ଜସତା ପ୍ରତିଷ୍ଠିତ ହୋଇ ରହିଛି; ଏବଂ, ଦେଶଗୁଡ଼ିକ ଆୟତନରେ ଯେତିକି ଯେତିକି ଶ୍ରେଷ୍ଠ ହୋଇ ଯାଉଛନ୍ତି, ଏବଂ ଜନ୍ତୁମାନେ ବାସ କରୁଥିବା ଅଞ୍ଚଳଗୁଡ଼ିକ ସେତିକି ଶ୍ରେଷ୍ଠ ହୋଇ ଯାଉଛି, ଜନ୍ତୁମାନେ ମଧ୍ୟ ସେତିକି ଶ୍ରେଷ୍ଠ ହେବାରେ ଲାଗିଛନ୍ତି ଏବଂ, ପରିଶେଷରେ ମୃତ୍ତି ଭୂମି ଏବଂ ସେମାନଙ୍କ ନିଜ ଆକାର ମଧ୍ୟରେ ଉପଯୁକ୍ତ ସମ୍ବନ୍ଧ ରହିବା ଆଉ ସମ୍ଭବ ନ ହେଲେ, ସେମାନେ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇ ଯାଉଛନ୍ତି। ଯଦି ତୁମେ ବହୁସଂଖ୍ୟକ ଗୃହ ନିର୍ମାଣ କରି ଜାଗାଗୁଡ଼ିକୁ ଭର୍ତ୍ତି କରିଦେବ, ତେବେ ସେଠାରେ

'oaob.nitrkl.ac.in' images reprocessed

ସିଂହ ଓ ହେଟାବାଘମାନେ ଆଉ କଦାପି ରହିବେ ନାହିଁ; ଅତ୍ୟନ୍ତ ସ୍ୱାଭାବିକ ଯେ, ପ୍ରଥମେ ସିଂହ ଓ ବାଘମାନେ ସେଠାରୁ ଲୁପ୍ତ ହୋଇଯିବେ; ମାତ୍ର ମୁଁ ଭାବୁଛି ଯେ ମନୁଷ୍ୟ ଏହି କ୍ଷେତ୍ରରେ ଅବଶ୍ୟ ଭୁଲ କରିପାରିଛି । ···ଭୟ ସେମାନଙ୍କୁ ଭାରି ଅନିଷ୍ଟପ୍ରିୟ କରିଦେଇଛି । ମାତ୍ର, ମନୁଷ୍ୟମାନଙ୍କର ସଂଖ୍ୟା ଯେତିକି ଅଧିକ ହେଉଛି ଏବଂ ଖାଲି ଜାଗାର ପରିମାଣ ଯେତିକି କମି କମି ଯାଉଛି, ଇତର ପ୍ରାଣୀଙ୍କର ଗୋଷ୍ଠୀ ମଧ୍ୟ ଆକାରରେ ସେତିକି ଅଧିକ ହ୍ରାସ ପାଉଛି । ତେଣୁ ଆମେ କିପରି ନିୟମମାନ ବାନ୍ଧି ରଖିପାରିବା ?

ଆମ ପାଖକୁ ଯେତିକି ଯେତିକି ଅଧିକ ପଇସା ଆସୁଥାଏ, ଆମେ ସେତିକି ସେତିକି ଅଧିକ ପଇସା ଆବଶ୍ୟକ କରୁଥାଉ···

ଜଣେ ମଣିଷ ପାଖରେ ଯେତିକି ଅଧିକ ପଇସା ଆସି ରହେ, ହେ ମୋର ଶିଶୁ, ସିଏ ସେତିକି ଅଧିକ ପରିମାଣରେ ଏକ ବିପତ୍ତିପୂର୍ଣ୍ଣ ଅବସ୍ଥା ଭିତରେ ବାସ କରୁଥାଏ । ହଁ, ଏହା ପ୍ରକୃତରେ ଏକ ବିପତ୍ତି ।

ନିଜ ପାଖରେ ପଇସା ରହିବା, ତାହା ହେଉଛି ଗୋଟିଏ ବିପର୍ଯ୍ୟୟ । ଏହା ତୁମକୁ ନିର୍ବୋଧ କରିପକାଏ, କୃପଣ କରେ, ତୁମକୁ ଦୁଷ୍ଟ ହେବାରେ ସାହାଯ୍ୟ କରେ । ପୃଥିବୀରେ ଏହା ହେଉଛି ପ୍ରଧାନତମ ବିପତ୍ତିଗୁଡ଼ିକ ମଧ୍ୟରୁ ଗୋଟିଏ । ପଇସା ଏପରି ଗୋଟିଏ ପଦାର୍ଥ, ସମ୍ପୂର୍ଣ୍ଣ ଭାବରେ ବାସନାମୁକ୍ତ ହୋଇ ନ ପାରିବା ପର୍ଯ୍ୟନ୍ତ ଯାହାକୁ ମୋଟେ ରଖିବା ଉଚିତ ନୁହେଁ । ଯେତେବେଳେ ଜଣେ ବ୍ୟକ୍ତିର ଆଦୌ କୌଣସି ବାସନା ଅଥବା ଆସକ୍ତି ନ ରହିବ, ଯେତେବେଳେ ତାହାର ଚେତନା ଏହି ପୃଥିବୀ ପରି ବ୍ୟାପ୍ତ ହୋଇଯାଇ ପାରିବ, ସେତେବେଳେ ସିଏ ହୁଏତ ପୃଥିବୀଯାକର ପଇସାକୁ ନିଜ ପାଖରେ ଆଣି ରଖିପାରିବ; ସେତେବେଳେ ତାହା ସମସ୍ତଙ୍କ ଲାଗି ଅତୀବ ମଙ୍ଗଳକାରକ ହେବ । ମାତ୍ର, ଯଦି ତୁମେ ତାହା ନ ହୋଇ ପାରିଥିବ, ତେବେ ତୁମ ପାଖରେ ରହିଥିବା ସବୁଯାକ ପଇସା ତୁମ ଉପରେ ଏକ ଅଭିଶାପ ହୋଇ କାର୍ଯ୍ୟ କରିବ । ଏହି କଥାଟିକୁ ମୁଁ ପ୍ରତ୍ୟେକ ବ୍ୟକ୍ତିର ମୁହଁ ଉପରେ ସିଧା କହିଦେଇ ପାରିବି; ଏପରିକି, ଯେଉଁ ବ୍ୟକ୍ତି ସିଏ ଧନୀ ହୋଇଛି ବୋଲି ତାହାକୁ କେଡ଼େ ବଡ଼ ଗୁଣର କଥା ବୋଲି ଭାବୁଛି, ତା' ମୁହଁ ସାମନାରେ ମଧ୍ୟ କହିଦେଇ ପାରିବି । ପଇସା ହେଉଛି ଏକ ବିପତ୍ତି, ଏବଂ ସମ୍ଭବତଃ ଏକ ଅପରାଧ, ଅର୍ଥାତ୍, ଏହା ହେଉଛି ଭଗବାନ ଯେ ତୁମ ଉପରେ ଆଉ ପ୍ରସନ୍ନ ହୋଇ ରହି ନାହାନ୍ତି, ତାହାର ଏକ ଅଭିବ୍ୟକ୍ତି ।

ତୁମେ ଯେତେବେଳେ ଦରିଦ୍ର ହୋଇ ରହିଛ, ତାହା ତୁଳନାରେ, ତୁମେ ଯେତେବେଳେ ଧନୀ ହୋଇ ରହିଛ, ସେତେବେଳେ ତୁମ ପକ୍ଷରେ ଭଲ ହେବା,

'oaob.nitrkl.ac.in' images reprocessed

ବଜ୍ଞତାଯୁକ୍ତ ହେବା, ବୁଦ୍ଧିମାନ ଏବଂ ଉଦାର ହେବା, ଅଧିକରୁ ଅଧିକ ଉଦାର ହୋଇ ପାରିବା ପ୍ରକୃତରେ ଅନନ୍ତ ଗୁଣରେ ଅଧିକ କଷ୍ଟକର ହୋଇଥାଏ । ମୁଁ କେତେ ଦେଶରେ କେତେ କେତେ ଲୋକଙ୍କୁ ଜାଣିଛି, ଏବଂ ସେହି ସବୁ ଦେଶରେ ମୁଁ ଯେଉଁ ସବୁଠାରୁ ଅଧିକ ଉଦାରମନା ବ୍ୟକ୍ତିଙ୍କୁ ଦେଖିଥିଲି, ସେମାନେ ସମସ୍ତେ ହେଉଛନ୍ତି ଦରିଦ୍ରତମ ବ୍ୟକ୍ତି । ଏବଂ, ଯେମିତି ପକେଟଗୁଡ଼ିକ ପୂର୍ଣ୍ଣ ହୋଇ ଆସିବାକୁ ଆରମ୍ଭ କରେ, ସେମିତି ସତେଅବା ଏକ ରୋଗ ଆସି ଗ୍ରାସ କରିପକାଏ; ସେହି ରୋଗ ହେଉଛି ଅତ୍ୟନ୍ତ ଘୃଣ୍ୟ ଭାବରେ ପଇସା ପ୍ରତି ଆସକ୍ତ ହୋଇ ରହିବାର ରୋଗ । ମୁଁ ନିଶ୍ଚିତ ଭାବରେ କହୁଛି, ଏହା ହେଉଛି ଏକ ଅଭିଶାପ ।

ତେଣୁ, ପଇସା ଥିଲାବେଳେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଯେ, ଆମେ ତାହାକୁ ଦେଇଦେବା । ମାତ୍ର, ଅବିବେକୀ ଭାବରେ ଏହାକୁ ଦେଇଦେବା ଆଦୌ ଉଚିତ ନୁହେଁ ବୋଲି କଥା ରହିଥିବାରୁ, ଯେଉଁମାନେ ଲୋକହିତୈଷିତାର ଆଚରଣ କରି ପଇସା ଦାନ କରୁଥାନ୍ତି, ତୁମେ ସେମାନଙ୍କ ପରି କଦାପି ଦେବାକୁ ଯିବ ନାହିଁ । ସେମାନେ ଏପରି ଦିଅନ୍ତି, କାରଣ ତାହା ସେମାନଙ୍କୁ ସେମାନେ ଗୋଟିଏ ଭଲ କାମ କରୁଛନ୍ତି ବୋଲି ଏକ ବୋଧ ଆଣି ଦେଇଥାଏ, ସେମାନଙ୍କର ଉଦାରତା ଏବଂ ମହତ୍ତ୍ୱ ବିଷୟରେ ବୋଧ ଆଣି ଦେଇଥାଏ । ମାତ୍ର ତୁମକୁ ଏକ ସାତ୍ତ୍ୱିକ ସ୍ଥିତରେ କାର୍ଯ୍ୟ କରିବାକୁ ହେବ, ଅର୍ଥାତ୍, ସେହି ପଇସାର ସମ୍ଭାବ୍ୟ ସର୍ବୋତ୍ତମ ବ୍ୟବହାର କରିବାକୁ ହେବ । ଏବଂ ତେଣୁ, ତା' ପାଖରେ ରହିଥିବା ପଇସାର ସର୍ବୋତ୍ତମ ବ୍ୟବହାର କପରି ହୋଇପାରିବ, ଆପଣାର ସର୍ବୋତ୍ତମ ଚେତନାରେ ଅବସ୍ଥିତ ରହି ପ୍ରତ୍ୟେକ ବ୍ୟକ୍ତିଙ୍କୁହିଁ ତାହା ସ୍ଥିର କରିବାକୁ ହେବ । ଏବଂ, ଏହା ପ୍ରକୃତରେ ସତ ଯେ ଗତିଶୀଳ ନ ହେଲେ ପଇସାର ଆଦୌ କୌଣସି ମୂଲ୍ୟ ରହେ ନାହିଁ । ଖର୍ଚ୍ଚ କଲେ ଯାଇ ପ୍ରତ୍ୟେକ ବ୍ୟକ୍ତି ଲାଗି ଅର୍ଥର କୌଣସି ମୂଲ୍ୟ ଅଛି ବୋଲି ଅନୁଭୂତ ହୁଏ । ଯଦି କୌଣସି ବ୍ୟକ୍ତି ତାହାକୁ ଖର୍ଚ୍ଚ ନ କରେ ···ହଁ, ଲୋକେ ଭାରି ଯତ୍ନର ସହିତ ଏପରି ଜିନିଷମାନ ବାଛିବାଛି ପାଖରେ ରଖନ୍ତି, ଯେଉଁଗୁଡ଼ିକର କି ମୋଟେ କ୍ଷୟହୁଏ ନାହିଁ,—ସେମାନେ ସୁନା ଜମା କରି ରଖନ୍ତି । ସୁନା ତ ପଚି ଶଢ଼ି ଯାଏ ନାହିଁ ! ମାତ୍ର, ଅନ୍ୟ ପକ୍ଷରେ, ନୈତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ତାହା ପ୍ରକୃତରେ ପଚିଶଢ଼ିଯାଏ । ଏବଂ ବର୍ତ୍ତମାନ ତ ସୁନା ବଦଳରେ କାଗଜ ନୋଟ୍ ଚାଲିଲାଣି, ଯଦି ଉଚିତ ଯତ୍ନ ନ ନେଇ ତୁମେ କାଗଜକୁ ଦୀର୍ଘକାଳ ଲାଗି କୌଣସି ଜାଗାରେ ରଖିବ, ତେବେ ଯେମିତି ତୁମେ ବାକ୍ସ ଖୋଲି ଦେବ, ସେମିତି ଦେଖିବାକୁ ପାଇବ ଯେ, ରୁପା ପରି ଚକ୍‌ଚକ୍ ହେଉଥିବା କୀଟମାନେ ବଡ଼ ଆନନ୍ଦରେ ସେହି କାଗଜ ଉପରେ ବସବାସ କରିବାକୁ ଆରମ୍ଭ କରି ଦେଇଛନ୍ତି ଓ କାଗଜକୁ ଖାଇ ଦେଉଛନ୍ତି । ସେମାନେ ତା'ଉପରେ

'oaob.nitrkl.ac.in' images reprocessed

ଏମିତି ଏକ ଜାଲ୍ ଆଙ୍କି ଦେଇଥିବେ ଯେ, ବ୍ୟାଙ୍କ୍ ସେହି ନୋଟ୍‌କୁ ଆଦୌ ଗ୍ରହଣ କରିବ ନାହିଁ ।

ଏପରି ଦେଶ ଓ ଧର୍ମସବୁ ଅଛି, ଯେଉଁମାନେ ସର୍ବଦା କହନ୍ତି ଯେ, ଯେଉଁମାନଙ୍କୁ ଈଶ୍ବର ଭଲ ପାଆନ୍ତି, ସେମାନଙ୍କୁ ସିଏ ଗରିବ କରି ରଖନ୍ତି । ସେହି କଥାଟି ସତ କି ମିଛ ମୁଁ ଜାଣି ନାହିଁ; ମାତ୍ର ଗୋଟିଏ କଥା ଅବଶ୍ୟ ସତ, ଯେତେବେଳେ କୌଣସି ବ୍ୟକ୍ତି ଏକ ଧନୀ ଘରେ ଜନ୍ମ ହୁଏ ଅଥବା ଖବ୍ ଧନୀ ହୋଇଯାଏ, ମୋଟାମୋଟି ଭାବରେ କହିଲେ, ସାଂସାରିକ ଧନସମ୍ପତ୍ତି ଦୃଷ୍ଟିରୁ ଯେତେବେଳେ ତା'ପାଖରେ ବହୁତ ଅର୍ଥ ରହିଥାଏ, ସେତେବେଳେ ସେଥିରୁ କଦାପି ଏପରି ଏକ ସୂଚନା ମିଳେ ନାହିଁ ଯେ ଦିବ୍ୟ ପରମସତ୍ତା ତାକୁ ଆପଣା ଦିବ୍ୟ ପରମକରୁଣାର ଭାଜନ କରିବା ସକାଶେ ବାଛିଛନ୍ତି; ଏବଂ, ଯଦି ସିଏ ପ୍ରକୃତରେ ଯଥାର୍ଥ ପଥଟିରେ ଦିବ୍ୟ ପରମସତ୍ତାଙ୍କ ପାଖକୁ ଯିବା ପାଇଁ ଇଚ୍ଛା କରୁଥିବ, ତେବେ ସେଥିଲାଗି ତାକୁ ସାର୍ବଜନୀନ ଭାବରେ ତାହାର ଅନୁରୂପ କ୍ଷତିପୂରଣ ବିଧାନ କରିବାକୁ ପଡ଼ିବ ।

ଅର୍ଥସମ୍ପତ୍ତି ଏକ ଶକ୍ତି—ଏକଥା ମୁଁ ଥରେ ତୁମମାନଙ୍କୁ କହିଥିଲି— ଏହା ହେଉଛି ପ୍ରକୃତି ହାତରେ ରହିଥିବା ଗୋଟିଏ ଶକ୍ତି, ଏବଂ ତାହା ବିତରଣର ଏକ ମାଧ୍ୟମ ହୋଇ ରହିପାରିବା ଉଚିତ, — ଗତି ଦ୍ୱାରାହିଁ ତାହାର ସେହି ଶକ୍ତି ପ୍ରକାଶ ପାଇବା ଉଚିତ, — ଜଳସ୍ରୋତ ଯେପରି ଗତିଶୀଳତା ମଧ୍ୟରେ ତା'ର ଶକ୍ତିର ପରିଚୟ ଦିଏ, ଠିକ୍ ସେହିପରି । ତାହା ଏପରି ଏକ ବସ୍ତୁ, ଯାହାକି ଉତ୍ପାଦନ କରିବାରେ ଓ ସଂଗଠିତ କରାଇବାରେ ଅନେକ କାମ ଦେଇପାରିବ । ଏହା ହେଉଛି ଏକ ସୁବିଧାଜନକ ମାଧ୍ୟମ, କାରଣ ବସ୍ତୁତଃ, ସମ୍ପୂର୍ଣ୍ଣ ଓ ମୁକ୍ତ ଭାବରେ ବସ୍ତୁଗୁଡ଼ିକୁ ସଞ୍ଚାଳିତ କରି ରଖିବାରେହିଁ ଏହା କେବଳ ଏକ ମାଧ୍ୟମରୂପେ କାର୍ଯ୍ୟ କରିଥାଏ ।

ଯେଉଁମାନଙ୍କୁ ତାହାକୁ ପ୍ରକୃଷ୍ଟ ଭାବରେ ବିନିଯୋଗ କରିବାର ବାଟ ଜଣାଅଛି, ଏହି ଶକ୍ତି ସେହି ଲୋକମାନଙ୍କ ହାତରେ ରହିବା ଉଚିତ । ଅର୍ଥାତ୍, ମୁଁ ମୂଳରେ ଯେପରି କହିଲି, ଯେଉଁ ବ୍ୟକ୍ତିମାନେ ଆପଣା ମଧ୍ୟରୁ ଯାବତୀୟ ବ୍ୟକ୍ତିଗତ ବାସନାତଥା ଆସକ୍ତିକୁ ନିର୍ମୂଳ କରିଦେଇ ପାରିଛନ୍ତି ଅଥବା କୌଣସି ନା କୌଣସି ଉପାୟରେ ନିଜକୁ ସେଥିରୁ ମୁକ୍ତ କରିଆଣି ପାରିଛନ୍ତି, ଅର୍ଥଶକ୍ତି ସେହିମାନଙ୍କ ହାତରେ ରହିବା ଉଚିତ । ଏଥି ସହିତ ସେମାନଙ୍କର ଦୃଷ୍ଟି ଭିତରେ ମଧ୍ୟ ଯଥେଷ୍ଟ ପରିମାଣରେ ଏପରି ଏକ ବ୍ୟାପକତା ରହିଥିବା ଉଚିତ, ଯାହାକି ଏହି ପୃଥିବୀର ଆବଶ୍ୟକତାଗୁଡ଼ିକୁ ହୃଦୟଙ୍ଗମ କରିପାରୁଥିବ, — ସେମାନଙ୍କ ପାଖରେ ଯଥେଷ୍ଟ ପୂର୍ଣ୍ଣହୋଇ ଏପରି ଏକ ଜ୍ଞାନ ରହିଥିବ, ଯାହା ଦ୍ୱାରା କି ସେମାନେ ଏହି ଯାବତୀୟ

'oaob.nitrkl.ac.in' images reprocessed

ଆବଶ୍ୟକତାଗୁଡ଼ିକୁ ସଂଗଠିତ କରି ପାରୁଥିବେ ଏବଂ ଏହିସବୁ ମାର୍ଗରେ ଏହି ଶକ୍ତିଟିର ବିନିଯୋଗ କରି ପାରୁଥିବେ ।

ଏହା ବ୍ୟତୀତ, ଯଦି ଏହି ବ୍ୟକ୍ତିମାନଙ୍କ ପାଖରେ ଏକ ଉଚ୍ଚତର ଆଧ୍ୟାତ୍ମିକ ଜ୍ଞାନ ରହିଥାଏ, ତେବେ ସେମାନେ କ୍ରମେ ପୃଥିବୀପୃଷ୍ଠରେ ଏପରି ଏକ ଗଠନ ସମ୍ଭବ କରି ଆଣିବାରେ ଏହି ଶକ୍ତିଟିକୁ ବ୍ୟବହାର କରିପାରିବେ, ଯାହାଦ୍ୱାରା କି ତାହା ଦିବ୍ୟ ପରମ ଶକ୍ତିମତ୍ତାକୁ ଏଠାରେ ପ୍ରକଟ କରାଇ ଆଣିପାରିବ, ଦିବ୍ୟ ସାମର୍ଥ୍ୟ ଏବଂ ଦିବ୍ୟ କରୁଣାକୁ ରୂପାୟିତ କରିଆଣିବ । ତେବେ, ପଇସା, ଧନସମ୍ପତ୍ତି, ଏହି ଆର୍ଥିକ ସାମର୍ଥ୍ୟ ଶକ୍ତି, ଯାହାକୁ ମୁଁ ଏବେ ଏକ ଅଭିଶାପ ବୋଲି କହୁଥିଲି, ତାହା ସମସ୍ତଙ୍କର ମଙ୍ଗଳ ଓ କଲ୍ୟାଣ ନିମନ୍ତେ ପ୍ରକୃତରେ ଏକ ଆଶୀର୍ବାଦରେହିଁ ପରିଣତ ହୋଇ ପାରିବ ।

କାରଣ ମୁଁ ଭାବୁଛି ଯେ ଏଠାରେ ଥିବା ସର୍ବୋତ୍ତମ ବସ୍ତୁଗୁଡ଼ିକହିଁ ସବୁଠାରୁ ଅଧିକ ମନ୍ଦର କାରଣରେ ପରିଣତ ହୋଇ ଯାଆନ୍ତି । ସମ୍ଭବତଃ, ସବୁଠାରୁ ଅଧିକ ମନ୍ଦ ହୋଇ ରହିଥିବା ବସ୍ତୁଗୁଡ଼ିକ ମଧ୍ୟ ପୁଣି ସର୍ବୋତ୍ତମ ବସ୍ତୁରେ ପରିଣତ ହୋଇ ପାରିବେ । ଅନେକ ବ୍ୟକ୍ତି ମଧ୍ୟ ଏପରି କହିଥାନ୍ତି ଯେ ପ୍ରକୃତରେ ସବୁଠାରୁ ମନ୍ଦ ବ୍ୟକ୍ତିମାନେହିଁ ସବୁଠାରୁ ଭଲ ବ୍ୟକ୍ତିରେ ପରିଣତ ହୋଇଥାନ୍ତି । ମୁଁ ଆଶା କରୁଛି ଯେ, ଯେଉଁମାନେ ସବୁଠାରୁ ଭଲ, ସେମାନେ କଦାପି ସବୁଠାରୁ ମନ୍ଦରେ ପରିଣତ ହେବେ ନାହିଁ; କାରଣ, ସେପରି ହେଲେ ତାହା ପ୍ରକୃତରେ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ହେବ ।

ମାତ୍ର ତଥାପି, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏକ ବୃହତ୍ତମ ଶକ୍ତିକୁ ମଧ୍ୟ ଯଦି ଖରାପ ଭାବରେ ବ୍ୟବହାର କରାଯାଏ, ତେବେ ତାହା ଅବଶ୍ୟ ଏକ ବୃହତ୍ତ୍ୱ ବିପର୍ଯ୍ୟୟର କାରଣ ହୋଇ ପାରିବ । ମାତ୍ର, ଠିକ୍ ଏହି ବୃହତ୍ତ୍ୱ ଶକ୍ତିଟିକୁ ଯଦି ଆମେ ଯଥାର୍ଥ ଓ ଉଚିତ ଭାବରେ ବ୍ୟବହାର କରିବା, ତେବେ ତାହା ଏକ ଆଶୀର୍ବାଦରେ ମଧ୍ୟ ପରିଣତ ହୋଇପାରିବ । ବସ୍ତୁଗୁଡ଼ିକୁ ଆମେ କିପରି ଭାବରେ କାମରେ ଲଗାଉଛୁ, ସବୁକିଛି ତାହାରି ଉପରେ ନିର୍ଭର କରେ । ଏହି ପୃଥିବୀରେ ପ୍ରତ୍ୟେକ ବସ୍ତୁର ଏକ ଉଚିତ ସ୍ଥାନ ରହିଛି, ଉଚିତ କାର୍ଯ୍ୟ ରହିଛି, ଏକ ଯଥାର୍ଥ ବ୍ୟବହାର ରହିଛି । ଯଦି ଆମେ ତାହାକୁ ଅନୁଚିତ ଆଉକୌଣସି ପ୍ରକାରେ ବ୍ୟବହାର କରିବା, ତେବେ ତାହା ବିଶୃଙ୍ଖଳା ଘଟାଇବ, ବିଭ୍ରାନ୍ତି ଏବଂ ଅରାଜକତାର କାରଣ ହେବ । ତେଣୁ, ଏହି ପୃଥିବୀ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ଏଠାରେ ଅତ୍ୟନ୍ତ ଅଳ୍ପସଂଖ୍ୟକ ବସ୍ତୁହିଁ ସେମାନଙ୍କର ଉଚିତ କାର୍ଯ୍ୟସାଧନରେ ବ୍ୟବହୃତ ହେଉଛନ୍ତି, ଅତ୍ୟନ୍ତ ଅଳ୍ପସଂଖ୍ୟକ ବସ୍ତୁହିଁ ସେମାନଙ୍କର ଯଥାର୍ଥ ସ୍ଥାନରେ ରହିଛନ୍ତି ; ଏବଂ, ଏହି ପୃଥିବୀ ଏହିପରି ଭାବରେ

'oaob.nitrkl.ac.in' images reprocessed

ଏକ ଭଗ୍ନାଙ୍କର ଅବ୍ୟବସ୍ଥା ମଧ୍ୟରେ ରହିଥିବାରୁହିଁ ଏଠି ଏହି ଯାବତୀୟ ଦୈନ୍ୟ ଓ ଦୁଃଖ ବିଦ୍ୟମାନ ରହିଛି । ଯଦି ପ୍ରତ୍ୟେକ ବସ୍ତୁ ତାହାର ଉପଯୁକ୍ତ ସ୍ଥାନରେ ରହିଥାନ୍ତା, ଏକ ସମଞ୍ଜସତାପୂର୍ଣ୍ଣ ସ୍ୱରସାମ୍ୟ ମଧ୍ୟରେ ରହିଥାନ୍ତା, ତେବେ ସମଗ୍ର ପୃଥିବୀକୁ ଆଉ ମୋଟେ ବର୍ତ୍ତମାନର ଦୈନ୍ୟ ଏବଂ ଦୁଃଖକ୍ଳେଶ ଭିତରେ ପଡ଼ି ରହିବାକୁ ପଡ଼ନ୍ତା ନାହିଁ — ତେବେ ତାହା ଅବାଧ ଭାବରେ ଅଗ୍ରଗତି କରି ପାରନ୍ତା ! ବୁଝିଲ ?

ତେଣୁ ଏପରି କୌଣସି ବସ୍ତୁ ନାହିଁ, ଯାହାକୁ ମୂଳତଃ ଖରାପ ବୋଲି କହିହେବ; ମାତ୍ର କତିପୟ ବସ୍ତୁ ଅଛନ୍ତି, ପ୍ରାୟ ସବୁଯାକ ବସ୍ତୁ ବୋଲି କହିବାକୁ ହେବ,—ଯେଉଁଗୁଡ଼ିକ କି ସେମାନଙ୍କର ଯଥାର୍ଥ ସ୍ଥାନରେ ଆଦୌ ଅବସ୍ଥିତ ନାହାନ୍ତି ।

ସମ୍ଭବତଃ, ଏହି ଶରୀରର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟୁଛି । ମୂଳତଃ ମନ୍ଦ ବୋଲି ଆଦୌ କହିହେଲେ ନାହିଁ । ମାତ୍ର ଏପରି ଅନେକ କଥା ଅଛି, ଯାହାକି ତାହାର ଯଥାର୍ଥ ସ୍ଥାନରେ ଆଦୌ ରହି ନାହିଁ । ଏବଂ ସେହି କାରଣରୁ ଦେହ ଖରାପ ହେଉଛି । ଭିତରେ ଏକ ଅସମଞ୍ଜସତା ସୃଷ୍ଟି ହେଉଛି । ଫଳରେ ଦେହ ଖରାପ ହେଉଛି । ମାତ୍ର ଲୋକମାନେ ସର୍ବଦା ଭାବିବାରେ ଲାଗିଛନ୍ତି ଯେ, ସେମାନଙ୍କର ଯେ ଦେହ ଖରାପ ହେଉଛି, ସେଥିଲାଗି ସେମାନେ ମୋଟେ ଦାୟୀ ନୁହନ୍ତି । ମାତ୍ର ଏଥିଲାଗି ସେହିମାନେହିଁ ସର୍ବଦା ଦାୟୀ, ଏବଂ ସେମାନଙ୍କୁ ଯେତେବେଳେ କେହି କହେ "ତୁମ ଭିତରେ କୌଣସି ସଦ୍ଭାବନୁଭୂତି ନାହିଁ", ସେମାନେ ସେତେବେଳେ ଖୁବ ରାଗି ଯାଆନ୍ତି । ତଥାପି ସେକଥା ସମ୍ପୂର୍ଣ୍ଣ ଭାବରେ ସତ ।

ବୁଝିଲ ? ଆଜି ଏତିକିରେ ଚଳିବ, ନୁହେଁ ?

ହଁ, ତେବେ ଆମେ ଏଇଠି ବନ୍ଦ କରିବା । ଆଜିର ମାତ୍ରା ପୂର୍ବ ହୋଇ ଗଲାଣି ।

'oaob.nitrkl.ac.in' images reprocessed

# ୨୩ ଫେବୃଆରୀ ୧୯୫୫

"ଯୋଗାଧାର" ର ପ୍ରବନ୍ଧର ଚତୁର୍ଥ ଅଧ୍ୟାୟ
"ବାସନା—ଖାଦ୍ୟଦ୍ରବ୍ୟ—ଯୌନକାମନା"
ବିଷୟ ଉପରେ ଏହି ପ୍ରବଚନଟି ଅଧାରିତ ।

ମାଆ, ବଞ୍ଚି ରହି ପାରିବା ସକାଶେ ଖାଦ୍ୟ ଖାଇବା ଦରକାର ହେଲା ବୋଲି ମନୁଷ୍ୟ ଆରମ୍ଭରେ ଖାଦ୍ୟ ଖାଇବାକୁ ଆରମ୍ଭ କଲା । ତେବେ, ଖାଦ୍ୟ ଲାଗି ରୁଚି ବା ଅରୁଚିର ବିକାଶ ହେଲା କିପରି ? ଆମକୁ ଯାହା ଖାଇବାକୁ ଭଲ ଲାଗୁଛି, ଆମେ ତାହାହିଁ ଖାଉଛୁ; ଯାହା ଭଲ ଲାଗୁ ନାହିଁ, ତାହା ଖାଉ ନାହୁଁ ।

ମୁଁ ଭାବୁଛି ଆଦିମ ମନୁଷ୍ୟ ଇତର ପ୍ରାଣୀର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିଲା ଏବଂ ବୁଦ୍ଧି ଅପେକ୍ଷା ସହଜାତ ପ୍ରବୃତ୍ତି ଦ୍ୱାରାହିଁ ଅଧିକ ପରିମାଣରେ ପ୍ରେରିତ ହୋଇ ସେ ନିଜର ଜୀବନ ଧାରଣ କରୁଥିଲା । ଭୋକ ଲାଗିବା ବେଳେ ଖାଉଥିଲା, ସେଥିରେ ଆଦୌ କୌଣସି ପ୍ରକାରର ନିୟମ ନ ଥିଲା । ହୁଏତ ସେତେବେଳେ ମଧ୍ୟ ତା'ର ଆପଣାର ରୁଚି ଏବଂ ଅଭିରୁଚିମାନ ରହିଥିଲା,—ସେବିଷୟରେ ଆମେ ଖୁବ୍ ବେଶୀ କିଛି ଜାଣି ନାହୁଁ—ମାତ୍ର ସିଏ ସେତେବେଳେ ଅଧିକ ଜଡ଼ସ୍ଥ ହୋଇ ବାସ କରୁଥିଲା, ବର୍ତ୍ତମାନ ତୁଳନାରେ ଅତ୍ୟନ୍ତ କମ୍ ପରିମାଣରେହିଁ ମାନସିକ ଏବଂ ପ୍ରାଣିକ ଭୂମିରେ ରହୁଥିଲା ।

ଆଦିମ ମନୁଷ୍ୟ ଅତ୍ୟନ୍ତ ସୁସଙ୍ଗଠିତ ଭାବରେହିଁ ଖୁବ ଜଡ଼ସ୍ଥ ଥିଲା,—ଇତରପ୍ରାଣୀର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିଲା । ଏବଂ, ଶତାବ୍ଦୀ ପରେ ଶତାବ୍ଦୀ ଅତିବାହିତ ହୋଇଯିବା ସଙ୍ଗେ ସଙ୍ଗେ ସିଏ କ୍ରମଶଃ ଅଧିକ ମାନସିକ ହେଲା, ଅଧିକ ପରିମାଣରେ ପ୍ରାଣସ୍ତରକୁ ଆସିଲା । ଏବଂ, ଅଧିକ ମାନସିକ ତଥା ପ୍ରାଣିକ ହେବା ସଙ୍ଗେସଙ୍ଗେ ସ୍ୱଭାବତଃ ତା'ଜୀବନରେ ଏକ ପରିମାର୍ଜନ ସମ୍ଭବ ହେଲା; ରୁଚିର ଅଭିବୃଦ୍ଧି ଘଟିଲା, ଏବଂ ତା' ସହିତ ବିକୃତି ଏବଂ ବିକାରଗ୍ରସ୍ତତା ମଧ୍ୟ ବଢ଼ିଲା । ତୁମେ ନିଶ୍ଚୟ ବୁଝି ପାରୁଥିବ ଯେ, ଯାବତୀୟ ପ୍ରକାରର ପରିମାର୍ଜନ ସମ୍ଭବ କରିବା ସକାଶେ ଓ ଯାବତୀୟ ବିକାଶ ଓ ଜ୍ଞାନ ଲାଗି ଅବସର ସୃଷ୍ଟି କରି ଦୋଷ-ଗୁଣ-ବିବେଚନା, ତୁଳନାତ୍ମତା ଓ ତର୍କ ସବୁକିଛି ଲାଗି ଆପଣାର

'oaob.nitrkl.ac.in' images reprocessed

ସକଳ ଇନ୍ଦ୍ରିୟକୁ ଆବଶ୍ୟକ ଭାବରେ ଶିକ୍ଷିତ କରାଇବା,—ଏହାକୁ ଯଥାର୍ଥ ଭାବରେ ଚେତନାରହିଁ ଏକ ବିକାଶ ଏବଂ ଏକ ଅଗ୍ରଗତି ବୋଲି କୁହାଯିବ,—ଏବଂ ଆସକ୍ତି ଅର୍ଥାତ୍ ଲୋଭାସକ୍ତତା ମଧ୍ୟରେ ଅବଶ୍ୟ ଏକ ପାର୍ଥକ୍ୟ ରହିଛି ।

ଉଦାହରଣସ୍ୱରୂପ, ଆମେ ମନ କଲେ୍ ଏହି ରୁଚି ବିଷୟରେ ଏକ ଅତ୍ୟନ୍ତ ଗଭୀର ଅଧ୍ୟୟନ କରିପାରିବା ଏବଂ ବସ୍ତୁଗୁଡ଼ିକ ବିଷୟରେ ବିଭିନ୍ନ ପ୍ରକାରର ରୁଚି, ବିଚାର ଏବଂ ରୁଚି ମଧ୍ୟରେ ରହିଥିବା ପାରସ୍ପରିକ ସମ୍ବନ୍ଧ ବିଷୟରେ ବିଶଦ ଜ୍ଞାନ ଅର୍ଜନ ମଧ୍ୟ କରିପାରିବା, ଯାହାଫଳରେ କି ଆମେ ଏହି କ୍ଷେତ୍ରରେ ଏକ ପୂର୍ଣ୍ଣ ବିକାଶ ଅର୍ଜନ କରି ପାରିବା—ସେହି ବିକାଶକୁ ସକାରାତ୍ମକ ଭାବରେ ପ୍ରାଣିକ ବୋଲି କୁହାଯିବ ନାହିଁ ସତ, ମାତ୍ର ତଦ୍ଦ୍ୱାରା ଇନ୍ଦ୍ରିୟଗୁଡ଼ିକର ପୂର୍ଣ୍ଣ ବିକାଶ ସମ୍ଭବ କରି ପାରିବା । ଗୋଟିଏ ପାଖରେ ଏହି କଥାଟି ଓ ଅନ୍ୟ ପକ୍ଷରେ, ଯେଉଁମାନେ ଲୋଭରେ ପଡ଼ି ଭୋଜନ କରନ୍ତି ଓ ନିରନ୍ତର ଖାଦ୍ୟ ବିଷୟରେହିଁ ଚିନ୍ତା କରୁଥାନ୍ତି,—ଦୁଇଟି ମଧ୍ୟରେ ଏକ ବୃହତ୍ ପାର୍ଥକ୍ୟ ରହିଛି । ସେମାନଙ୍କ ସକାଶେ ଏହି ଖାଇବାଟାହିଁ ସବୁଠାରୁ ବଡ଼ ଓ ଅଧିକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ରହିଥାଏ; ସେମାନଙ୍କର ସକଳ ଭାବନା ଏହାରି ଉପରେ କେନ୍ଦ୍ରିତ ହୋଇ ରହିଥାଏ, ଏବଂ, ଖାଇବା ଏକ ଆବଶ୍ୟକତା ବୋଲି ଯେ ସେମାନେ ଖାଦ୍ୟ ଖାଆନ୍ତି, ସେକଥା ଆଦୌ ନୁହେଁ, ମାତ୍ର ବାସନା ଦ୍ୱାରା ପରିଚାଳିତ ହୋଇ ଅତ୍ୟନ୍ତ ଲୋଭାସକ୍ତ ଭାବରେ ପେଟ୍ଟୁ ଆପଣାରେ ପଡ଼ିହିଁ ସେମାନେ ଖାଇବାରେ ଲାଗିଥାନ୍ତି ।

ବସ୍ତୁତଃ, ଯେଉଁ ବ୍ୟକ୍ତିମାନେ ଆପଣାର ରୁଚିର ବିକାଶ କରିବା ଲାଗି ଓ ସେଥିରେ ପରିମାର୍ଜନା ଆଣିବା ଲାଗି କିଛି କରୁଥାନ୍ତି, ସେମାନଙ୍କର କ୍ୱଚିତ୍ ଖାଦ୍ୟ ପ୍ରତି ଏକ ଅତ୍ୟଧିକ ଆସକ୍ତି ରହିଥାଏ । ଆପଣାର ଖାଦ୍ୟାସକ୍ତି ଲାଗି ସେମାନେ କଦାପି ତାହା କରୁ ନ ଥାନ୍ତି । ଆପଣା ଇନ୍ଦ୍ରିୟଗୁଡ଼ିକର ତର୍ପଣ ଲାଗିହିଁ କରୁଥାନ୍ତି, ଏବଂ ତାହା ହେଉଛି ଏକ ଭିନ୍ନ କଥା । ଏହା ହେଉଛି ଜଣେ କଳାକାରର କାର୍ଯ୍ୟ ପରି, ଯିଏକି ଆକୃତି, ରଙ୍ଗ, ରେଖା, ବସ୍ତୁଗୁଡ଼ିକର ଗଠନ ଏବଂ ବାହ୍ୟ ପ୍ରକୃତି ମଧ୍ୟରେ ପରିଦୃଷ୍ଟ ହେଉଥିବା ସୌଷମ୍ୟର ଗୁଣ-ଦୋଷ ବିବେଚନା କରି ପାରିବାକୁ ଆପଣାର ଆଖିଗୁଡ଼ିକୁ ପ୍ରଶିକ୍ଷିତ କରାଇବାରେ ଲାଗିଥାଏ; କୌଣସି ବାସନା ଦ୍ୱାରା ପ୍ରେରିତ ହୋଇ ସେ କଦାପି ସେସବୁ କଥା କରେ ନାହିଁ,—ଆପଣାର ରୁଚି, ଦୃଷ୍ଟି, ଦର୍ଶନେନ୍ଦ୍ରିୟର ବିକାଶ ଏବଂ ସୌନ୍ଦର୍ଯ୍ୟର ମୂଲ୍ୟାବଧାରଣ ପ୍ରଭୃତିର ମାଧ୍ୟମରେ ସିଏ ତାହା କରିବାରେ ଲାଗିଥାଏ । ଏବଂ, ସାଧାରଣତଃ ଏହିପରି ଘଟିଥାଏ ଯେ, ଯେଉଁମାନେ ପ୍ରକୃତ କଳାକାର ଏବଂ ଯେଉଁମାନେ ଆପଣାର କଳାକୁ ଭଲ ପାଆନ୍ତି ଓ ସୌନ୍ଦର୍ଯ୍ୟର ବୋଧଭୂମି ମଧ୍ୟରେ ବାସ

'oaob.nitrkl.ac.in' images reprocessed

କରୁଥାଆନ୍ତି, ବ୍ୟକ୍ତି ହିସାବରେ ସେମାନଙ୍କ ମଧ୍ୟରେ ଆଦୌ ବହୁସଂଖ୍ୟକ ବାସନା ନ ଥାଏ । କେବଳ ଦୃଷ୍ଟିଗତ ନୁହେଁ, ସୌନ୍ଦର୍ଯ୍ୟାନୁଭବଗତ ଏକ ଭୂମିରେ ମଧ୍ୟ ସେମାନେ ଅଭିବୃଦ୍ଧି ରହିଁ ଏକ ବୋଧ ମଧ୍ୟରେ ବାସ କରୁଥାଆନ୍ତି । ଏହି ପ୍ରକାରର ବ୍ୟକ୍ତି ଏବଂ ପ୍ରଧାନତଃ ଆପଣାର ପ୍ରବଳ ଆବେଗ ଏବଂ ବାସନାଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ଜୀବନ ବଞ୍ଚୁଥିବା ଲୋକଙ୍କ ମଧ୍ୟରେ ସର୍ବଦା ଏକ ବୃହତ୍ ପାର୍ଥକ୍ୟ ରହିଥାଏ । ତାହା ଏକାବେଳେକେ ଏକ ଅନ୍ୟ କଥା ।

ସାଧାରଣତଃ, ସମସ୍ତ ଶିକ୍ଷା ପ୍ରଣାଳୀ, ସକଳ ସଂସ୍କୃତି ଏବଂ ଉଦ୍ଧ୍ୱସ୍ତରୀୟ ତଥା ସତ୍ତ୍ୱର ଯାବତୀୟ ପରିମାର୍ଜନ ପ୍ରକୃତି ହେଉଛି ଆମର ସହଜାତ ପ୍ରବୃତ୍ତି, ବାସନା ତଥା ପ୍ରବଳ କାମନାଗୁଡ଼ିକର ସଂଶୋଧନ କରିବାର ସର୍ବୋତ୍ତମ ଉପାୟ । ଏଗୁଡ଼ିକର ବିଲୋପସାଧନ ଦ୍ୱାରା ଏଗୁଡ଼ିକର କଦାପି ସଂଶୋଧନ ହୁଏ ନାହିଁ; ମାତ୍ର ସେଗୁଡ଼ିକର କର୍ଷଣ କରିବା, ସେଗୁଡ଼ିକୁ ବୁଦ୍ଧି ଦ୍ୱାରା ଅନୁପ୍ରାଣିତ କରି ରଖିବା ଏବଂ ପରିମାର୍ଜିତ କରିପାରିବା ଦ୍ୱାରାହିଁ ନିଶ୍ଚିତତମ ଭାବରେ ସେଗୁଡ଼ିକର ସଂଶୋଧନ ସମ୍ଭବ ହୋଇଥାଏ । ଅଗ୍ରଗତି ତଥା ଅଭିବୃଦ୍ଧିର କ୍ଷେତ୍ରରେ ଯଥାସମ୍ଭବ ଅଧିକ ବିକାଶ ସାଧନ କରିବା, ନିଜ ଭିତରେ ସମଞ୍ଜସତା ଏବଂ ସୁଅବବୋଧର ଏକ ନିର୍ଦ୍ଦିଷ୍ଟ ବୋଧ ସମ୍ଭବ କରାଇବା, ଏହାକୁହିଁ ସତ୍ତ୍ୱର କର୍ଷଣ ତଥା ପ୍ରଶିକ୍ଷଣର ଏକ ଅଙ୍ଗ ବୋଲି କୁହାଯିବ । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ବୁଦ୍ଧିର କର୍ଷଣ କରିବାରେ ଲାଗିଥାଆନ୍ତି, ଯେଉଁମାନେ ଶିକ୍ଷା କରନ୍ତି, ଅଧ୍ୟୟନ କରନ୍ତି, ଚିନ୍ତା କରନ୍ତି, ତୁଳନା କରି ଦେଖନ୍ତି ଏବଂ ପଢ଼ନ୍ତି,— ଏହା ଠିକ୍ ସେହିମାନଙ୍କ ପରି । ଏହି ବ୍ୟକ୍ତିମାନଙ୍କର ମନ ପ୍ରଶସ୍ତ ହେବାରେ ଲାଗିଥାଏ ଏବଂ, ଆଦୌ କୌଣସି ମାନସିକ ଶିକ୍ଷା ବିନା, ଏପରିକି ବେଳେବେଳେ ଆପଣାର ଚେତନାରେ ନାନା ବିରୋଧ ଦ୍ୱାରା ଗ୍ରସ୍ତ ହୋଇ ରହିଥିବା ମାତ୍ର କେତୋଟି କ୍ଷୁଦ୍ର ବିଚାର ଦ୍ୱାରା ପରିଚାଳିତ ହୋଇ ଜୀବନ ବଞ୍ଚୁଥିବା ବ୍ୟକ୍ତିମାନଙ୍କ ଅପେକ୍ଷା ସେମାନେ ଅଧିକ ବ୍ୟାପ୍ତିଯୁକ୍ତ ଏବଂ ବୋଧଶକ୍ତିସମ୍ପନ୍ନ ହୋଇ ରହିଥାଆନ୍ତି । ଏହି ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତିମାନେ ସଂପୂର୍ଣ୍ଣ ଭାବରେ ସେହି କ୍ଷୁଦ୍ର ଧାରଣାକେତୋଟି ଦ୍ୱାରା ପରିଚାଳିତ ହେଉଥାଆନ୍ତି, କାରଣ କେବଳ ସେହିଗୁଡ଼ିକ ବ୍ୟତୀତ ସେମାନଙ୍କ ପାଖରେ ଆଉ କିଛିହେଲେ ନ ଥାଏ ଏବଂ ସେମାନେ ସେଗୁଡ଼ିକୁ ଅସାଧାରଣ ମୂଲ୍ୟସମ୍ପନ୍ନ କେତୋଟି ବିଚାର ରୂପେ ଗ୍ରହଣ କରିଥାଆନ୍ତି, ଯାହାକି ସେମାନଙ୍କର ଜୀବନରେ ମାର୍ଗଦର୍ଶନ କରାଇ ପାରିବ । ଏହି ବ୍ୟକ୍ତିମାନେ ସଂପୂର୍ଣ୍ଣ ଭାବରେ ସଂକୀର୍ଣ୍ଣ ଏବଂ ସୀମାବଦ୍ଧ ହୋଇ ରହିଥାଆନ୍ତି; ମାତ୍ର, ଅନ୍ୟ ପକ୍ଷରେ ଯେଉଁମାନେ ପ୍ରଶିକ୍ଷିତ ହୋଇଥାଆନ୍ତି ଏବଂ ଅଧ୍ୟୟନ କରିଥାଆନ୍ତି,— ଏହାଦ୍ୱାରା ଅନ୍ତତଃ ସେମାନଙ୍କର ମନ ପ୍ରଶସ୍ତ ହୁଏ, ସେମାନେ ସବୁକିଛି ଦେଖିପାରନ୍ତି, ବିଚାରଗୁଡ଼ିକ ମଧ୍ୟରେ ତୁଳନା କରି ପାରନ୍ତି

'oaob.nitrkl.ac.in' images reprocessed

ଏବଂ, ଏହି ପୃଥିବୀରେ ଯେ ସମ୍ଭାବ୍ୟ ଯାବତୀୟ ପ୍ରକାରର ବସ୍ତୁର ରହିଛି ଏବଂ, ସୀମାବଦ୍ଧ ମାତ୍ର କେତୋଟି ବସ୍ତୁର ସହିତ ଆବଦ୍ଧ ହୋଇ ରହିବା ଏବଂ ସେହି-ଗୁଡ଼ିକୁହିଁ ସତ୍ୟର ଏକମାତ୍ର ଅଭିବ୍ୟକ୍ତି ବୋଲି ମନେ କରିବା ଯେ ପ୍ରକୃତରେ କେଡ଼େ ଅସମ୍ଭବ କଥା, ସେମାନେ ସେହି କଥାଟିକୁ ଦେଖିବା ଲାଗି ସମର୍ଥ ହୁଅନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଚେତନାକୁ ଏକ ଉଚ୍ଚତର ବିକାଶ ଲାଗି ପ୍ରସ୍ତୁତ କରାଇବା ନିମନ୍ତେ ଶିକ୍ଷା ହେଉଛି ଏକ ଅନ୍ୟତମ ସର୍ବୋତ୍କୃଷ୍ଟ ସାଧନ । ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ସ୍ୱଭାବ ଅତ୍ୟନ୍ତ ସରଳ ହୋଇ ରହିଥାଏ, ସେମାନେ ଏକ ବୃହତ୍ତ୍ୱ ଅଭୀପ୍ସାର ସମର୍ଥ ହୁଅନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ପରିମାଣର ଆଧ୍ୟାତ୍ମିକ ବିକାଶ ମଧ୍ୟ ହାସଲ କରିଥାନ୍ତି; କିନ୍ତୁ ସେମାନଙ୍କର ଭୂମିଟି ସର୍ବଦା ଏକ ନିମ୍ନତର ସ୍ତରର ହୋଇ ରହିଥାଏ ଏବଂ, ଆପଣାର ସାଧାରଣ ଚେତନା ମଧ୍ୟକୁ ଲେଉଟି ଆସିବା ସଙ୍ଗେସଙ୍ଗେହିଁ ସେମାନେ ସେଥିରେ ନାନା ପ୍ରତିବନ୍ଧକ ଦେଖିବାକୁ ଆରମ୍ଭ କରନ୍ତି, କାରଣ ଉପାଦାନଟି ଅତ୍ୟନ୍ତ କୃଶ ହୋଇ ରହିଥାଏ, ସେମାନଙ୍କର ପ୍ରାଣିକ ତଥା ଭୌତିକ ଚେତନା ମଧ୍ୟରେ ଯଥେଷ୍ଟ ପରିମାଣରେ ଏପରି ଉପାଦାନ ନ ଥାଏ ଯାହାକି ସେମାନଙ୍କୁ ଏକ ଉଚ୍ଚତର ଶକ୍ତିର ଅବତରଣକୁ ସହ୍ୟ କରିବା ଲାଗି ସମର୍ଥ କରିପାରିବ ।

ଖାଦ୍ୟ ପ୍ରତି ରହିଥିବା ଏକ ଲାଳସା ସହିତ ଲୋଭାସକ୍ତ ହୋଇ ଭୋଜନ କରିବା,—ବିଭିନ୍ନ ସ୍ୱାଦଗୁଡ଼ିକର ଅଧ୍ୟୟନ କରି ସେଗୁଡ଼ିକର ତାରତମ୍ୟ ନିରୂପଣ କରି ଜାଣିବା, ସେଗୁଡ଼ିକୁ ପରସ୍ପର ସହିତ ଯୁକ୍ତ କରାଇବା ଓ ସେଗୁଡ଼ିକର ଗୁଣଦୋଷଗୁଡ଼ିକୁ ବୁଝିପାରିବାଠାରୁ ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ କଥା ।

ଆଉ କୌଣସି ପ୍ରଶ୍ନ ଅଛି କି ?

ମାଆ, ଏହି ସ୍ୱାଦଗୁଡ଼ିକ କେଉଁଠୁ ଆସନ୍ତି ?

ସ୍ୱାଦ ହେଉଛି ପାଞ୍ଚ ଇନ୍ଦ୍ରିୟ ମଧ୍ୟରୁ ଗୋଟିଏ; ତାହାକୁ ରସନା ବୋଲି ନିରୂପିତ କରାଯାଇଛି । ମୁଁ ଏବିଷୟରେ କିଛି ଜାଣି ନାହିଁ । ଠିକ୍ ଯେପରି ସ୍ପର୍ଶ-ଇନ୍ଦ୍ରିୟ ରହିଛି, ଏଇଟି ସେହିପରି ସ୍ୱାଦର ଇନ୍ଦ୍ରିୟ । ଆମେ ଆମ ଆଙ୍ଗୁଠିଗୁଡ଼ିକର ଅଗ ଦେଇ କୌଣସି ପଦାର୍ଥକୁ ଅନୁଭବ କରିପାରୁ କିପରି ? ସେହି କ୍ଷେତ୍ରରେ ସ୍ନାୟୁମାନେ ରହିଥାନ୍ତି,—ସ୍ନାୟୁମାନେ ଥାଆନ୍ତି ଓ ଚେତନା ରହିଥାଏ । ସ୍ୱାଦ,— ଏହା ଦ୍ୱାରା ଜିହ୍ୱା ଏବଂ ରସନାରେ ରହିଥିବା ସ୍ନାୟୁଗୁଡ଼ିକୁ ଏବଂ ଚେତନାକୁ ବୁଝାଏ ।

'oaob.nitrkl.ac.in' images reprocessed

ମାତ୍ର ବିଭିନ୍ନ ବସ୍ତୁର ବିଭିନ୍ନ ସ୍ୱାଦ ରହିଛି ।

ହଁ, ମାତ୍ର ଏହିସବୁ କ୍ଷେତ୍ରରେ ସେହି ଗୋଟିଏ ଶବ୍ଦକୁ ବ୍ୟବହାର କରାଯାଇଥାଏ... ଶବ୍ଦଟିକୁ ଆକ୍ଷରିକ ଅର୍ଥରେ ବ୍ୟବହାର କରାଯାଏ, ପୁଣି ଏକ ଆଳଙ୍କାରିକ ଅର୍ଥରେ ମଧ୍ୟ ବ୍ୟବହାର କରାଯାଏ । ଉଦାହରଣସ୍ୱରୂପ,—ଅମୁକ ବ୍ୟକ୍ତିର କୌଣସି ବିଷୟ ପ୍ରତି ରୁଚି ରହିଛି—ଏଠାରେ ଶବ୍ଦଟିକୁ ଆଳଙ୍କାରିକ ଭାବରେ ବ୍ୟବହାର କରାଯାଇଛି । ଏହାର ଅର୍ଥ ନୁହେଁ ଯେ, ଜିହ୍ୱାର ସ୍ୱାଦ ଯାହା, ଏହି କଥାଟି ମଧ୍ୟ ଠିକ୍ ସେଇଆ । ବା, ଜଣେ ବ୍ୟକ୍ତି ବିଷୟରେ ଆମେ କହିଥାଉ ଯେ, ତା'ର ଏକ ଉତ୍ତମ ରୁଚି ରହିଛି, — ସେଠାରେ କଥାଟିକୁ ଏହି ଅର୍ଥରେ ବୁଝିବାକୁ ହେବ ଯେ ସେହି ବ୍ୟକ୍ତି ସ୍ପଷ୍ଟ ଏବଂ ବିଚାରଶୀଳ ଭାବରେ ଗୁଣଦୋଷ ନିରୂପଣ କରି ଜାଣିଛି, ମାତ୍ର ତା'ର ଅର୍ଥ ନୁହେଁ ଯେ, ସିଏ ନିଜ ଜିହ୍ୱା ଦ୍ୱାରା ଏସବୁ ଚାଖି କରି ଦେଖୁଛି ।

ଉପବାସ ଦ୍ୱାରା ଏକ ଗ୍ରହଣଶୀଳତାର ସୃଷ୍ଟି ଉତ୍ପନ୍ନ ହୁଏ କିପରି ?

କାରଣ, ପ୍ରାଣିକ ସତ୍ତା ସାଧାରଣତଃ ଅତ୍ୟନ୍ତ ଘନିଷ୍ଠ ଭାବରେ ନିଜକୁ ଶରୀର ଉପରେ ସଂକେନ୍ଦ୍ରିତ କରି ରଖିଥାଏ ଏବଂ, ଯେତେବେଳେ ଶରୀରକୁ ଉତ୍ତମ ଖାଦ୍ୟ ମିଳୁଥାଏ, ସେତେବେଳେ ସିଏ ମଧ୍ୟ ସେହି ଖାଦ୍ୟରୁ ବଳ ଆହରଣ କରେ, ଖାଦ୍ୟ ମଧ୍ୟରୁ ଆପଣା ଲାଗି ନିଜର ଶକ୍ତି ଗ୍ରହଣ କରିଥାଏ । ଏଇଟି ହେଉଛି ଗୋଟିଏ ଉପାୟ...ସ୍ପଷ୍ଟତଃ ଏହାହିଁ ଏକମାତ୍ର ଉପାୟ; ପ୍ରକୃତରେ ଏକମାତ୍ର ଉପାୟ ନୁହେଁ, ମାତ୍ର ଜୀବନର ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ଏକ ବିଶିଷ୍ଟ ଉପାୟ...ମାତ୍ର, ଶକ୍ତି ଆହରଣ କରିବାର କ୍ଷେତ୍ରରେ ଏକ ଅତ୍ୟନ୍ତ ତାମସିକ ଉପାୟ ।

ତୁମେ ଏହି ବିଷୟରେ ଚିନ୍ତା କଲେ ଜାଣିବାକୁ ପାଇବ ଯେ, ଏହି ପ୍ରାଣିକ ଶକ୍ତି ଉଦ୍ଭିଦମାନଙ୍କରେ ଅଥବା ପ୍ରାଣୀମାନଙ୍କ ଭିତରେ ରହିଥାଏ; ଅର୍ଥାତ୍, ଚେତନାଗତ ଦୃଷ୍ଟିରୁ, ମନୁଷ୍ୟ ମଧ୍ୟରେ ଯେଉଁ ପ୍ରାଣିକ ଶକ୍ତି ରହିବା ଉଚିତ, ଏଇଟି ତା'ଠାରୁ ଏକ ନିମ୍ନତର ସ୍ତରର ହୋଇ ରହିଥାଏ । ଜୀବକାଠିର ସୋପାନକ୍ରମରେ ମନୁଷ୍ୟକୁ କିଛିଟା ପରିମାଣରେ ଗୋଟିଏ ଉଚ୍ଚତର ସତ୍ତା ବୋଲି କୁହାଯିବ । ତେଣୁ, ଯଦି ତୁମେ ନିମ୍ନରୁହିଁ ଖାଦ୍ୟ ଆହରଣ କରୁଛ, ତେବେ ତୁମେ ତଦ୍ଦ୍ୱାରା ତା'ସହିତ ନିମ୍ନସ୍ଥ ଅଚେତନାକୁ ମଧ୍ୟ ଆହରଣ କରୁଛ । ଏକ ବୃହତ୍ ପରିମାଣର ଅଚେତନାକୁ ଗ୍ରହଣ କରିବା ବ୍ୟତୀତ କୌଣସି ଭୋଜନ କରିବା ଆଦୌ ସମ୍ଭବ ନୁହେଁ । ତାହା ତୁମକୁ ଭାରି କରିପକାଏ, ତୁମକୁ ଅଶୋଧିତ କରିଦିଏ । ଏବଂ, ତୁମେ ଯଦି ଗୁଡ଼ାଏ ଆହାର ଗ୍ରହଣ କର, ତେବେ ତୁମ ଚେତନାର ଏକ ବୃହତ୍

'oaob.nitrkl.ac.in' images reprocessed

ପରିମାଣ ସେହି ଆହାରକୁ ପରିପାଚନ ଏବଂ ଗ୍ରହଣ କରିବାରେହିଁ ବ୍ୟବହୃତ ହୋଇଯାଏ । ତେଣୁ, ଯଦି ତୁମେ ଆହାର ଗ୍ରହଣ ନ କର, ତେବେ ତୁମକୁ ସ୍ୱତଃ ଏହି ଯାବତୀୟ ଅଚେତନାକୁ ଗ୍ରହଣ କରି ନିଜଭିତରେ ଆଦୌ ରୂପାନ୍ତର କରିବାକୁ ପଡ଼େ ନାହିଁ । ତଦ୍ଦ୍ୱାରା ଶକ୍ତିଗୁଡ଼ିକ ବିମୋଚିତ ହୋଇପାରନ୍ତି । ଏବଂ ପୁନଶ୍ଚ, ବ୍ୟବହୃତ ଶକ୍ତିଗୁଡ଼ିକର ପୁନର୍ଗ୍ରହଣ କରିବା ଲାଗି ଶରୀର ଯେଉଁ ସହଜାତ ପ୍ରବୃତ୍ତି ରହିଛି, ଯଦି ତୁମେ ଖାଦ୍ୟରୁ ସେହି ଶକ୍ତିକୁ ଗ୍ରହଣ ନ କରୁଥିବ, ଅର୍ଥାତ୍ ଯଦି ନିମ୍ନରୁ ଗ୍ରହଣ କରୁ ନ ଥିବ, ତେବେ ତୁମେ ସ୍ୱତଃପ୍ରବୃତ୍ତ ଭାବରେହିଁ ତାହାକୁ ବିଶ୍ୱଗତ ମୁକ୍ତ ପ୍ରାଣିକ ଶକ୍ତିଗୁଡ଼ିକ ସହିତ ଆପଣାର ସମ୍ମିଳନ ଘଟାଇବା ଦ୍ୱାରାହିଁ ଗ୍ରହଣ କରିବ; ଏବଂ ଯଦି ସେଗୁଡ଼ିକୁ ତୁମେ ପରିପାଚିତ କରି ଗ୍ରହଣ କରିବା ଜାଣିଥିବ, ତେବେ ତୁମେ ପ୍ରତ୍ୟକ୍ଷ ଭାବରେ ତାହା କରିପାରିବ ଏବଂ ସେଥିରେ ଆଦୌ କୌଣସି ସୀମାରେଖା ମଧ୍ୟ ନ ଥିବ ।

ଏହା ଆଦୌ ତୁମର ପାକସ୍ଥଳୀ ପରି ନୁହେଁ, ଯାହାକି କେବଳ ଏକ ନିର୍ଦ୍ଦିଷ୍ଟ ପରିମାଣର ଖାଦ୍ୟକୁ ହଜମ କରିବାକୁ ସମର୍ଥ ହୁଏ; ଏବଂ ତେଣୁ ତୁମେ ତା'ଠାରୁ ଅଧିକ ପରିମାଣର ଖାଦ୍ୟ ଗ୍ରହଣ କରିବାକୁ ଆଦୌ ସମର୍ଥ ହୁଅ ନାହିଁ । ଏବଂ, ତୁମେ ଯେଉଁ ଖାଦ୍ୟ ଗ୍ରହଣ କର, ତାହା ମଧ୍ୟ କେବଳ ଏକ ସ୍ୱଳ୍ପ ପରିମାଣର ପ୍ରାଣିକ ଶକ୍ତିକୁ ବିମୋଚିତ କରାଇଥାଏ । ତେଣୁ, ଖାଦ୍ୟ ଗିଳିବା ଓ ଖାଦ୍ୟକୁ ହଜମ କରିବାର ଯାବତୀୟ କାର୍ଯ୍ୟ ପରେ ତୁମ ଭିତରେ ତାହାର ଆଉ କେତେ କ୍ଷୁଦ୍ର ଅଂଶ ଅବଶିଷ୍ଟ ରହିଥାଏ ? ଆଦୌ ଖୁବ୍‌ବେଶୀ ଅବଶିଷ୍ଟ ରହି ନ ଥାଏ । ମାତ୍ର ଯଦି ତୁମେ ଶିକ୍ଷା କରିପାରିବ···ବସ୍ତୁତଃ ଏହା ହେଉଛି ଏକ ପ୍ରକାରର ସହଜାତ ପ୍ରବୃତ୍ତି,—ଯଦି ତୁମେ ସେହିପରି ପ୍ରେରିତ ହୋଇ ବିଶ୍ୱମଧ୍ୟରେ ମୁକ୍ତ ହୋଇ ବିଚରଣ କରୁଥିବା ଏବଂ ପରିମାଣରେ ଅସରନ୍ତି ହୋଇ ରହିଥିବା ବିଶ୍ୱଗତ ଶକ୍ତିଗୁଡ଼ିକୁ ଆପଣା ଆଡ଼କୁ ଆକର୍ଷଣ କରି ଆଣିବାକୁ ଶିକ୍ଷା କରିପାରିବ,··· ତୁମେ ଯେତେ ଆକର୍ଷଣ କରି ଆଣିବାକୁ ସମର୍ଥ ହେବ ଏବଂ ଗ୍ରହଣ କରିବାକୁ ସମର୍ଥ ହେବ, ଯଦି ସେତିକି ଆକର୍ଷଣ କରି ନିଜ ଆଡ଼କୁ ଆଣିପାରିବ, ତେବେ, ଯେତେବେଳେ ଖାଦ୍ୟରୁ ଆହୃତ ହେଉଥିବା ସେହି ପୋଷଣ ତୁମକୁ ନିମ୍ନରୁ ଉପଲବ୍ଧ ନ ହେଉଥିବ, ତେବେ ତୁମେ ବାହାରୁ ସେହି ଶକ୍ତିଗୁଡ଼ିକୁ ଆହରଣ କରି ପାରିବା ଲାଗି ଆବଶ୍ୟକ ନିଷ୍ପତ୍ତିକୁ କରି ପାରିବ ଏବଂ ସେଗୁଡ଼ିକୁ ଆପଣାର ଯଥାଶକ୍ତି ନିଜ ଭିତରକୁ ଗ୍ରହଣ କରିନେଇ ପାରୁଥିବ । ଏବଂ ବେଳେବେଳେ ତା'ଠାରୁ ଅଧିକ ମଧ୍ୟ ଗ୍ରହଣ କରିନେଇ ପାରୁଥିବ । ଯେଣୁ ଏହାଦ୍ୱାରା ତୁମେ ଏକ ଉତ୍ତେଜନାମୟ ପରିସ୍ଥିତିରହିଁ ସମ୍ମୁଖୀନ ହେବ, ଏବଂ, ଯଦି ତୁମର ଶରୀର ଯଥେଷ୍ଟ ପରିମାଣରେ ଟାଣ ହୋଇଥିବ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସକାଶେ

'oaob.nitrkl.ac.in' images reprocessed

କୌଣସି ଖାଦ୍ୟ ଗ୍ରହଣ ନ କରି ରହି ପାରିବାକୁ ସନ୍ଧ ପାଉଥିବ, ତେବେ ତୁମେ ନିଶ୍ଚୟ ସ୍ୱରସାମ୍ୟ ରକ୍ଷା କରି ପାରିବ ଏବଂ ଏହିସବୁ ଶକ୍ତିକୁ ଯାବତୀୟ ପ୍ରକାରର କ୍ଷେତ୍ରରେ ବ୍ୟବହାର କରିପାରିବ; ଉଦାହରଣସ୍ୱରୂପ, ନିଜର ଅଗ୍ରଗତି ସାଧନ କରିବାରେ, ଅଧିକ ସଚେତନ ହେବାରେ ଏବଂ ନିଜ ପ୍ରକୃତିରେ ଏକ ରୂପାନ୍ତର ଘଟାଇବାରେ ବ୍ୟବହାର କରିପାରିବ । ମାତ୍ର, ତୁମର ଭୌତିକ ଶରୀରଟି ଭିତରେ ଯଦି ଗଚ୍ଛିତ ହୋଇ ଖୁବ୍ ବେଶୀ ଶକ୍ତି ନ ଥାଏ ଏବଂ ଆହାର ଗ୍ରହଣ ନ କରୁଥିବା ହେତୁ ଅତ୍ୟନ୍ତ ଦୁର୍ବଳ ହୋଇ ଯାଉଥାଏ, ତେବେ ତଦ୍ୱାରା ତୁମେ ଗ୍ରହଣ କରୁଥିବା ଶକ୍ତିର ସଘନତା ଏବଂ ସେଗୁଡ଼ିକୁ ଧରି ରଖିପାରିବା ସକାଶେ ତୁମ ଶରୀରର ସାମର୍ଥ୍ୟ ମଧ୍ୟରେ ଏକ ସ୍ୱରସାମ୍ୟହୀନତା ଘଟିବାକୁ ଲାଗିବ ଏବଂ ତାହା ଫଳରେ ନାନାବିଧ ବ୍ୟାଘାତ ସୃଷ୍ଟି ହେବ । ତୁମେ ନିଜର ସ୍ୱରସାମ୍ୟ ହରାଇ ବସିବ ଏବଂ ଶକ୍ତିଗୁଡ଼ିକର କ୍ଷେତ୍ରରେ ରହିଥିବା ଯାବତୀୟ ସ୍ୱରସାମ୍ୟ ମଧ୍ୟ ନଷ୍ଟ ହୋଇଯିବ ଏବଂ ସେହି ପରିସ୍ଥିତିରେ ତୁମର ଜୀବନରେ କୁଏଡ ଯାହା ମନ ତାହା ଘଟିବାର ଆଶଙ୍କା ରହିଥିବ । ମାତ୍ର, ସେକଥା ଯାହାହେଉ ପଛକେ, ତୁମର ନିଜ ଉପରେ ରହିଥିବା ନିୟନ୍ତ୍ରଣ ମଧ୍ୟ ଅନେକ ପରିମାଣରେ ନଷ୍ଟ ହୋଇଯିବ ଏବଂ ତୁମେ ସାଧାରଣତଃ ସ୍ୱର ଉତ୍ତେଜନା ଭିତରେ ରହିଥିବ ଏବଂ ଏହି ଉତ୍ତେଜନାକୁ ତୁମେ ଏକ ଉଚ୍ଚତର ସ୍ଥିତି ବୋଲି ଭ୍ରମ ମଧ୍ୟ କରୁଥିବ । ମାତ୍ର ଅଧିକାଂଶ ସମୟରେ ତାହା ତୁମ ଭିତରେ ଘଟିଥିବା କେବଳ ଏକ ସ୍ୱରସାମ୍ୟହୀନତାକୁ ବୁଝାଇବ,—ଆଉ ମୋଟେ ଅନ୍ୟକିଛି ବୁଝାଇବ ନାହିଁ । ତୁମର ଗ୍ରହଣଶୀଳତାକୁ ଏହା ଅତ୍ୟନ୍ତ ତୀକ୍ଷ୍ଣ କରିଦେବ । ଉଦାହରଣସ୍ୱରୂପ, ଯେତେବେଳେ ତୁମେ ଉପବାସ କରୁଥିବ ଏବଂ ଜମାରୁ ଆଦୌ କୌଣସି ଶକ୍ତି ଗ୍ରହଣ କରୁ ନ ଥିବ, ତେବେ, ଯଦି ତୁମେ କୌଣସି ଫୁଲର ବାସକୁ ନିଜ ଭିତରକୁ ଶ୍ୱାସ ଦ୍ୱାରା ଗ୍ରହଣ କରିନେବ, ତେବେ ତାହା ତୁମକୁ ଅବଶ୍ୟ ପୁଷ୍ଟି ଯୋଗାଇ ଦେବ, ସେହି ବାସ ତୁମ ଲାଗି ପୁଷ୍ଟି ଆଣିଦେବ, ତୁମକୁ ପ୍ରଭୂତ ପରିମାଣର ଶକ୍ତି ପ୍ରଦାନ କରିପାରିବ । ମାତ୍ର ତା' ନ ହେଲେ ତୁମର ଏହି ତୀକ୍ଷ୍ଣତା ବିଷୟରେ ଆଦୌ କୌଣସି ବୋଧ ହେଉ ନ ଥିବ ।

ଏପରି କେତୋଟି ନିର୍ଦ୍ଦିଷ୍ଟ ସାମର୍ଥ୍ୟ ରହିଛି, ଯେଉଁଗୁଡ଼ିକ କି ସେତେବେଳେ ବେଶ୍ ସଘନ ହୋଇ ଯାଇଥିବେ ଏବଂ ତୁମେ ତାହାକୁ ଏକ ଆଧ୍ୟାତ୍ମିକ ପରିଣାମ ବୋଲି ଭ୍ରମ କରୁଥିବ । ଆଧ୍ୟାତ୍ମିକ ଜୀବନ ସହିତ ଏହି କଥାଟିର ଆଦୌ କିଛି କରିବାର ନ ଥାଏ; କେବଳ ଏତିକି କଥା ଯେ, ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଅତିବେଶୀ ଆହାର କରନ୍ତି, ଆପଣାର ଆହାର ବିଷୟରେ ଅତିବେଶୀ ଚିନ୍ତା କରନ୍ତି, ସେହି ବିଷୟଟି ମଧ୍ୟରେ ଅତ୍ୟନ୍ତ ଗଭୀର ଭାବରେ ନିମଗ୍ନ

'oaob.nitrkl.ac.in' images reprocessed

ହୋଇ ରହିଥାନ୍ତି, ଏବଂ ତା'ପରେ, ଯେତେବେଳେ ଏକ ଉତ୍ତମ ଭୋଜନ କରି ଉଠନ୍ତି,—ଏବଂ ସେମାନେ ସାଧାରଣତଃ ଯେପରି କହନ୍ତି ଯେ ସେମାନଙ୍କୁ ସେହି ଖାଦ୍ୟକୁ ହଜମ କରିବାକୁ ପଡ଼ିବ ଓ ତେଣୁ ସେମାନଙ୍କର ସବୁଯାକ ଶକ୍ତି ସେହି ପାଚନ କର୍ମଟି ଉପରେହିଁ ସକେନ୍ଦ୍ରିତ ହୋଇ ରହିଛି—ଏହି ବ୍ୟକ୍ତିମାନେ ମସ୍ତିଷ୍କର କ୍ଷେତ୍ରରେ ଭାରି ମାନ୍ଦା ହୋଇ ରହିଥାନ୍ତି ଏବଂ ତାହା ସେମାନଙ୍କୁ ଜଡ଼ ଅଡ଼କୃତି ଅତିରିକ୍ତ ପରିମାଣରେ ଏକ ନିମ୍ନଗତି ଆକର୍ଷଣରେ ବାନ୍ଧି କରି ରଖିଥାଏ; ତେଣୁ, ଯଦି ସେମାନେ ଆହାର ଛାଡ଼ିଦିଅନ୍ତି ଏବଂ ଖାଦ୍ୟ ବିଷୟରେ ଆଉ କୌଣସି ଚିନ୍ତା ନ କରନ୍ତି,—କାରଣ, ଏହି କ୍ଷେତ୍ରରେ ଗୋଟିଏ କଥା ଅବଶ୍ୟ ରହିଥାଏ ଯେ, ଯଦି ଜଣେ ଏଣେ ଉପବାସ କରି ତେଣେ ତାକୁ ଭାରି କ୍ଲେଶ କରୁଛି ଓ ତେଣୁ କିଛି ଖାଇଲେ ନିଶ୍ଚୟ ଭଲ ହୁଅନ୍ତା ବୋଲି ସର୍ବଦା ଭାବିବାରେ ଲାଗିଥିବ, ତେବେ ଆହାର ଗ୍ରହଣ କରିବା ଅପେକ୍ଷା ଏହା ଦଶଗୁଣ ଅଧିକ ମନ୍ଦ ହେବ— ଯଦି ସେମାନେ ପ୍ରକୃତରେ ଉପବାସ କରୁଥିବେ ଓ ଅନ୍ୟ କୌଣସି ବିଷୟରେ ଚିନ୍ତା କରୁଥିବେ, ଯଦି ଅନ୍ୟ କୌଣସିଥିରେ ମଗ୍ନ ଥିବେ ଏବଂ ଖାଦ୍ୟ ବିଷୟରେ କୌଣସି ଆଗ୍ରହ ପ୍ରକାଶ କରୁ ନ ଥିବେ,—ତେବେ ତାହା ଅବଶ୍ୟ ଚେତନାର ଏକ କିଛିଟା ଉଚ୍ଚତର ମାତ୍ରାକୁ ଆରୋହଣ କରି ପାରିବାରେ ସହାୟକ ହୋଇ ପାରିବ । ତେବେ ତାହା ଆମକୁ ଆମର ଦେହଗତ ଆବଶ୍ୟକତାଗୁଡ଼ିକ ପାଖରେ ଦାସ ହୋଇ ରହିବାର ପ୍ରମାଦରୁ ମଧ୍ୟ ମୁକ୍ତ କରି ଆଣିପାରିବ । ମାତ୍ର, ସବୁଠାରୁ ବଡ଼ କଥା ହେଉଛି, ଉପବାସ କରିବା ଉପରେ ଯେଉଁମାନଙ୍କର ବିଶ୍ୱାସ ଥାଏ, ଉପବାସ କରିବା ଦ୍ୱାରା ସେହିମାନେହିଁ ଯାହାକିଛି ଉପକାର ପାଇଥାନ୍ତି । ଅନ୍ୟ ପ୍ରତ୍ୟେକ କଥା ବେଳକୁ ଯାହା, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । ଏହା ତୁମର ଅଗ୍ରଗତିରେ ସାହାଯ୍ୟ କରିବ ବୋଲି ତୁମେ ବିଶ୍ୱାସ କରୁଥାଅ, ଏହା ତୁମ ଭିତରେ ଏକ ବିଶୁଦ୍ଧି ଆଣିଦେବ ବୋଲି ଯଦି ତୁମର ବିଶ୍ୱାସ ଥାଏ, ତେବେ ତାହା ତୁମର ଅବଶ୍ୟ ଉପକାର କରିବ । ମାତ୍ର, ଯଦି ବିଶ୍ୱାସ ନ ଥାଏ, ତେବେ ଆଦୌ ଖୁବ୍ ବେଶୀ କିଛି କରିପାରିବ ନାହିଁ; କେବଳ ଏତିକି କଥା ହେବ ଯେ, ତଦ୍ୱାରା ତୁମେ ଝଡ଼ି ଝଡ଼ି ଯାଉଥିବ ।

ନାଟ୍ୟକାର ମାଟରଲିଙ୍କ୍,—ତୁମେ ତାଙ୍କ ବହିଗୁଡ଼ିକ ସହିତ ନିଶ୍ଚୟ ପରିଚିତ ଥିବ, ନୁହେଁ ? ତୁମେମାନେ ତାଙ୍କର "ନୀଳ ଚଢ଼େଇ" ଓ ଅନ୍ୟ ବହିଗୁଡ଼ିକୁ ଅବଶ୍ୟ ପଢ଼ିଥିବ । ସିଏ ଦେଖିବାକୁ ଭାରି ମୋଟା ଥିଲେ, ଏବଂ, ସୌନ୍ଦର୍ଯ୍ୟ ବିଷୟରେ ମଧ୍ୟ ତାଙ୍କର ଏକ ବୋଧ ରହିଥିବାରୁ ତାଙ୍କର ଏହି ମୋଟା ହେବାଟା ତାଙ୍କୁ ଭାରି ଉଦ୍‌ବିଗ୍ନ କରି ରଖିଥିଲା । ତେଣୁ ସେ ସପ୍ତାହରେ ଥରେ ଉପବାସ କରିବାକୁ ସ୍ଥିର କରିଥିଲେ; ସପ୍ତାହରେ ଗୋଟିଏ ଦିନ ସେ କିଛି ଖାଇ

'oaob.nitrkl.ac.in' images reprocessed

ନ ଥିଲେ ଏବଂ, ଜଣେ ବୁଦ୍ଧିମାନ ବ୍ୟକ୍ତି ହୋଇଥିବାରୁ ସେ ଖାଦ୍ୟ ବିଷୟରେ ଆଦୌ କୌଣସି ଚିନ୍ତା କରୁ ନ ଥିଲେ । ଉପବାସ ଦିନ ସେ ଲେଖାଲେଖି କରୁଥିଲେ, କଠିନ ପରିଶ୍ରମ କରୁଥିଲେ ଏବଂ ତଦ୍ଦ୍ୱାରା ତାଙ୍କର ଦେହ ବେଶ୍ ଭଲ ରହୁଥିଲା ଏବଂ ଦେହର ଚେହେରା ମଧ୍ୟ ସୁନ୍ଦର ହୋଇ ରହୁଥିଲା । ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଉପବାସ ଦ୍ୱାରା ତାଙ୍କର ଅନେକ ଲାଭ ହୋଇଥିଲା ।

ନିମ୍ନତମ ଭାବରେ ଏତିକି ଫଳ ହୋଇଥାଏ : ଆହାର ଗ୍ରହଣ ନ କଲେ ଦେହ ପତଳା ହୋଇଯାଏ; ତେଣୁ ଯଦି ତୁମେ ଟିକିଏ ମୋଟା ହୋଇଥିବ ଏବଂ ପତଳା ହେବାକୁ ଇଚ୍ଛା କରୁଥିବ, ତେବେ ଉପବାସ ଦ୍ୱାରା ତୁମକୁ ଭଲ ଫଳ ମିଳିବ । ମାତ୍ର, ଏହି କ୍ଷେତ୍ରରେ ଗୋଟିଏ ସର୍ତ୍ତ ଅବଶ୍ୟ ରହିବ ଯେ, ଉପବାସ କରୁଥିବା ଦିନଟିରେ ତୁମେ ଖାଦ୍ୟ ବିଷୟରେ ଆଦୌ କିଛି ଭାବିବ ନାହିଁ, କାରଣ ତା'ହେଲେ, ଉପବାସ ସମାପ୍ତ ହେବା ମାତ୍ରକେ, ତୁମେ ତତ୍‌କ୍ଷଣାତ୍ ଆହାର ପାଖକୁ ଧାଇଁବ ଏବଂ ଏତେ ଅଧିକ ପରିମାଣରେ ଆହାର କରିବ ଯେ, ଉପବାସ ଫଳରେ ତୁମର ଯେତିକି ଓଜନ ଯାଇଥିଲା, ତାହା ପୁଣି ତୁମ ପାଖକୁ ଫେରି ଆସିବ । ବସ୍ତୁତଃ, ସବୁଠାରୁ ଭଲକଥା ହେଉଛି ଯେ ତୁମେ ଏହି ବିଷୟରେ ଆଦୌ କୌଣସି ଚିନ୍ତା କରିବ ନାହିଁ ଏବଂ ନିଜର ଜୀବନକୁ ଏପରି ଭାବରେ ନିୟନ୍ତ୍ରିତ କରି ରଖିଥିବ ଯେ ତୁମ ଲାଗି ଖାଇବା ବିଷୟରେ ଭାବିବାକୁ ଆଉ ଆଦୌ କୌଣସି ପ୍ରୟୋଜନ ନ ଥିବ । ତୁମେ ନିର୍ଦ୍ଦିଷ୍ଟ ସମୟରେ ଖାଇବ, ସୁବିବେଚିତ ଭାବରେ ଯେତିକି ଲୋଡ଼ା ସେତିକି ଖାଇବ, ଖାଦ୍ୟ ଖାଉଥିବା ସମୟରେ ମଧ୍ୟ ଖାଦ୍ୟ ବିଷୟରେ ଚିନ୍ତା କରିବା ଲାଗି କୌଣସି ପ୍ରୟୋଜନ ନ ଥିବ; ତୁମେ ସ୍ଥିର ହୋଇ ଖାଇବ.—ବାସ୍ ସେତିକି । ନୀରବ ଓ ଅଭିନିବିଷ୍ଟ ହୋଇ ଖାଇବ ଏବଂ, ଖାଦ୍ୟ ନ ଖାଉଥିବା ସମୟରେ ସେବିଷୟରେ ଆଦୌ ଚିନ୍ତା କରିବ ନାହିଁ । ତୁମେ ଅତିଗୁଡ଼ାଏ କଦାପି ଖାଇବ ନାହିଁ, କାରଣ ତା'ହେଲେ ତୁମକୁ ସେହି ଖାଦ୍ୟକୁ ହଜମ କରିବା ବିଷୟରେ ମଧ୍ୟ ଚିନ୍ତା କରିବାକୁ ପଡ଼ିବ; ତୁମ ଲାଗି ସେହି ଚିନ୍ତା ଅତ୍ୟନ୍ତ ଅପ୍ରୀତିକର ହେବ ଏବଂ ତୁମର ଅନେକ ସମୟ ନଷ୍ଟ କରିଦେବ । ···ତୁମେ କେବଳ ଆହାର ଗ୍ରହଣ କରୁଥିବ···ଯାବତୀୟ ବାସନା, ଆକର୍ଷଣ ଏବଂ ପ୍ରାଣିକର ଯାବତୀୟ ଗତିଶୀଳତାର ସେତେବେଳେ ଅବସାନ ଘଟିଥିବ; କାରଣ, ଶରୀର ଲାଗି ଖାଦ୍ୟର ପ୍ରୟୋଜନ ରହିଛି ବୋଲିହିଁ ଯେତେବେଳେ ତୁମେ ଖାଦ୍ୟ ଗ୍ରହଣ କରୁଥିବ, ତେବେ, କେତେବେଳେ ଖାଇବା ଯଥେଷ୍ଟ ହେଲା, ସେତେ-ବେଳେ ତୁମର ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦିଷ୍ଟ ଏବଂ ନିର୍ଭୁଲ ଭାବରେ ତୁମକୁ ତାହା ଅବଶ୍ୟ କହିଦେଇ ପାରିବ । କାରଣ, କୌଣସି ପ୍ରାଣିକ ବାସନା ଅଥବା ମାନସିକ

'oaob.nitrkl.ac.in' images reprocessed

ଧାରଣାମାନ ତୁମକୁ ଆଦୌ ଆନ୍ଦୋଳିତ କରୁ ନ ଥିବ, ସେତେବେଳେ ତୁମେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସେକଥା ଜାଣି ପାରିବ। "ବର୍ତ୍ତମାନ ଯଥେଷ୍ଟ ହେଲା" ବୋଲି ଶରୀର କହିଦେବ—"ମୋର ଆଉ ଅଧିକ ଦରକାର ନାହିଁ"। ତେଣୁ ତୁମର ଖାଇବା ସେତିକବେଳେ ସରିବ। ମାନସିକ ଭାବନା ଏବଂ ପ୍ରାଣିକ ସ୍ତରର ବାସନାମାନ ଆସି ପଡ଼ୁଣୁଯିବା ମାତ୍ରକେ,—ଉଦାହରଣସ୍ୱରୂପ, ଏପରି ଗୋଟିଏ ପଦାର୍ଥ ଥିବ, ଯାହାକୁ କି ତୁମେ ବିଶେଷ ଭାବରେ ଭଲ ପାଉଥିବ,—ତୁମେ ସେଇଟିକୁ ବିଶେଷ ଭାବରେ ଭଲ ପାଉଛ ବୋଲି ହୁଏତ ଦ୍ୱିଗୁଣ ଅଧିକ କରି ଖାଇବ...ବସ୍ତୁତଃ ଏହା କିଛିତ୍ପରିମାଣରେ ହୁଏତ ତୁମର ଆରୋଗ୍ୟବିଧାନ ବି କରାଇବ, କାରଣ, ଯଦି ତୁମର ପାକସ୍ଥଳୀ ଖୁବ୍ ବେଶୀ ଶକ୍ତିଶାଳୀ ନ ଥାଏ, ତେବେ ତୁମେ ସେତିକ ଖାଇବାକୁ ହଜମ କରି ପାରିବ ନାହିଁ ଏବଂ ତା'ପରେ, ସେଇଁ ପଦାର୍ଥଟି ସକାଶେ ତୁମର ଏହି ବଦହଜମି ହେଲା, ସେଇଟି ପ୍ରତି ତୁମର ଏକ ବିରକ୍ତିଭାବ ଆସିଯିବ। ତଥାପି, ଏଗୁଡ଼ିକୁ କେବଳ ଗୋଟିଏ ଗୋଟିଏ କଠୋର ପ୍ରଣାଳୀ ବୋଲି କୁହାଯିବ। ଏହିସବୁ ପ୍ରଣାଳୀକୁ ଗ୍ରହଣ ନ କରି ମଧ୍ୟ ଆମର ଅଗ୍ରଗତି ସମ୍ଭବ ହେବ। ସେ ବିଷୟରେ ଆଦୌ କିଛି ନ ଭାବିବା, ତାହାହିଁ ସର୍ବୋତ୍ତମ କଥା।

ଅବଶ୍ୟ, ଏପରି ଲୋକମାନେ ଅଛନ୍ତି ଯେଉଁମାନେ କି ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ଭୋଜନ ପ୍ରସ୍ତୁତ କରନ୍ତି; ସେମାନେ ଭୋଜନ ବିଷୟରେ ଚିନ୍ତା କରିବାକୁ ବାଧ୍ୟ ହୋଇଥାନ୍ତି,— ମାତ୍ର ସେମାନଙ୍କୁ ଅତି କିଛିତ୍ ପରିମାଣରେହିଁ ଭାବିବାକୁ ପଡ଼େ। ଆହୁରି ଅଧିକ ଆଗ୍ରହୋଦ୍ଦୀପକ କେତେ ଅନ୍ୟ କଥା ଭାବି ମଧ୍ୟ ଖାଦ୍ୟ ପ୍ରସ୍ତୁତ କରାଯାଇପାରେ। ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଏହି କ୍ଷେତ୍ରରେ ଆମେ ଯେତେ କମ୍ ଭାବିବା ତଦ୍ଦ୍ୱାରା ସେତିକ ଅଧିକ ଉପକାର ହେବ। ଏବଂ ଯେତେବେଳେ ମାନସିକ ଅଥବା ପ୍ରାଣିକ କୌଣସି ସ୍ତରରେ ମଧ୍ୟ ଆମେ ଏ ବିଷୟରେ ନିଜକୁ କୌଣସି ପ୍ରକାରେ ଚିନ୍ତିତ ନ ରଖି ପାରିବା, ସେତେ-ବେଳେ ଶରୀର ଏକ ଉତ୍ତମ ସୂଚନାପ୍ରଦାନକାରୀ ରୂପେ କାର୍ଯ୍ୟ କରିବାକୁ ଆରମ୍ଭ କରିବ। ଠିକ କଲାବେଳେ ତୁମକୁ କହିଦେଇ ପାରିବ; ଯେତେବେଳେ କିଛି ଗ୍ରହଣ କରିବା ଆବଶ୍ୟକ ହେବ, ତୁମକୁ ଅବଶ୍ୟ କହିଦେବ। ଏବଂ, ଯେତେବେଳେ ଖାଇବା ସରିବ, ଯେତେବେଳେ ଆଉ ଅଧିକ ଗ୍ରହଣ କରିବା ଲାଗି ପ୍ରୟୋଜନ ନ ଥିବ, ସେତେବେଳେ ମଧ୍ୟ କହିଦେବ। ଏବଂ, ଯେତେବେଳେ ତାହାର ଖାଦ୍ୟଗ୍ରହଣ ଲାଗି କୌଣସି ଆବଶ୍ୟକତା ନ ଥିବ, ସେତେବେଳେ ତାହା ଆଦୌ ସେବିଷୟରେ ଭାବିବ ନାହିଁ, ଆଉ କୌଣସି ଅନ୍ୟ ବିଷୟରେ ଭାବିବ। କେବଳ ମସ୍ତିଷ୍କହିଁ ଯାହାକିଛି ଗୋଳମାଳ ସୃଷ୍ଟି କରେ। ବସ୍ତୁତଃ ମସ୍ତିଷ୍କ ସର୍ବଦାହିଁ ଗୋଳମାଳ ସୃଷ୍ଟି

'oaob.nitrkl.ac.in' images reprocessed

କରେ, କାରଣ ସେହି ମସ୍ତିଷ୍କକୁ କିପରି ବ୍ୟବହାର କରିବାକୁ ହେବ, ସେକଥା ଆମକୁ ଜଣା ନ ଥାଏ । ଯଦି ତାହାର ବ୍ୟବହାର ଆମକୁ ମାଲୁମ ଥାଆନ୍ତା, ତେବେ ତଦ୍ୱାରା ଏକ ସମଞ୍ଜସତା ସମ୍ଭବ ବି ହୋଇପାରନ୍ତା । ମାତ୍ର, ପ୍ରକୃତରେ ଅତ୍ୟନ୍ତ ବିସ୍ମୟର କଥା ଯେ, ମନୁଷ୍ୟମାନେ କୌଣସି ଖରାପ କଥା ପାଇଁହିଁ ଆପଣାର କଳ୍ପନାଶକ୍ତିକୁ ବ୍ୟବହାର କରନ୍ତି ଏବଂ ଖୁବ୍ କ୍ୱଚିତ୍ କ୍ଷେତ୍ରରେହିଁ ତାହାକୁ ଭଲ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି । ଯେଉଁସବୁ ସୁଖଦାୟକ ଭାବନା ଭାବିଲେ ସେମାନେ ନିଜର ଭାରସାମ୍ୟ ଏବଂ ସମଞ୍ଜସତାକୁ ରକ୍ଷିପାରନ୍ତେ, ସେମାନେ ସେହି ଭାବନାଗୁଡ଼ିକୁ ନ ଭାବି ସର୍ବଦା ଯାବତୀୟ ବିପର୍ଯ୍ୟୟ ବିଷୟରେହିଁ ଭାବିବାରେ ଲାଗିଥାନ୍ତି ଏବଂ ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନେ ନିଜ ସତ୍ତାର ଭାରସାମ୍ୟ କ୍ଷେତ୍ରରେ ନାନା ବ୍ୟାଘାତ ଆଣି ସୃଷ୍ଟି କରନ୍ତି; ଏବଂ ଏହିପରି ଏକ ପ୍ରକ୍ରିୟା ମଧ୍ୟରେ, ଯଦି ଦୁର୍ଭାଗ୍ୟବଶତଃ ସେମାନେ ଭୟାକ୍ରାନ୍ତ ହୋଇଥାନ୍ତି, ତେବେ ନିଜେ ଭୟ କରୁଥିବା ବିପର୍ଯ୍ୟୟଗୁଡ଼ିକୁ ନିଜେହିଁ ଡାକି ନେଇ ଆସିବାରେ ଲାଗିଥାନ୍ତି ।

ବୁଝିଲ ? ଏଇଠି ବନ୍ଦ କରିବା ? ଆଉ କୌଣସି ପ୍ରଶ୍ନ ନାହିଁ ?

ତେବେ ପିଲାମାନେ, ଶୁଭରାତ୍ରି !

'oaob.nitrkl.ac.in' images reprocessed

## ୨ ମାର୍ଚ୍ଚ ୧୯୫୫

**‘ଯୋଗାଧାର’ ପୁସ୍ତକର ଚତୁର୍ଥ ଅଧ୍ୟାୟ “ବାସନା—ଖାଦ୍ୟଦ୍ରବ୍ୟ—ଯୌନକାମନା” ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।**

ମାଆ, ଯେଉଁ ଯଥାର୍ଥ ଭାବନା ଏବଂ ଯଥାର୍ଥ ଚେତନାରେ ଖାଦ୍ୟ ଖାଇବା ଉଚିତ, ତାହା ପ୍ରକୃତରେ କ’ଣ ?

**ଏହି ଭାବନା ହେଉଛି ସମର୍ପଣର ଭାବନା ।**

**ଆଉ କ’ଣ ଗୋଟିଏ ତୁମେ କହିଲଟି ?**

ଯଥାର୍ଥ ଚେତନା ।

**ହଁ, ଇଏ ମଧ୍ୟ ସେହି ଏକାକଥା । ଯଥାର୍ଥ ଚେତନା ହେଉଛି, ଯେଉଁ ଚେତନା ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ । ତାହା କେବଳ ସେହି ଦିବ୍ୟ ଉପଲବ୍ଧିରହିଁ କାମନା କରୁଥାଏ, ଆଉ କିଛିହେଲେ କାମନା କରେ ନାହିଁ । ଏବଂ, ଯଥାର୍ଥ ଭାବନା ହେଉଛି ଦିବ୍ୟ ପରମସତ୍ତାଙ୍କ ଲାଗି ଆପଣାକୁ ଉତ୍ସର୍ଗ କରି ରଖିବାର ଭାବନା, ଯାହାକି କେବଳ ରୂପାନ୍ତରହିଁ ଇଚ୍ଛା କରେ, ଆଉ ଆଦୌ କିଛିହେଲେ ଇଚ୍ଛା କରେ ନାହିଁ । ଅର୍ଥାତ୍, ଏପରି ଏକ ଭାବନା, ଯାହାକି ଆପଣା ଅଭୀପ୍ସାର ପରିପୂର୍ଣ୍ଣିତାରେ ଆପଣାରହିଁ ପରିତର୍ପଣ ଲୋଡ଼ିବାର ଆଦୌ କୌଣସି ପ୍ରୟାସ କରେ ନାହିଁ ।**

**ସବଦା, ଯେମିତି ଏକ ଅଭୀପ୍ସା ଜନ୍ମଲାଭ କରେ ··· ସେହି ଅଭୀପ୍ସା ହୁଏତ ଅତ୍ୟନ୍ତ ନିଷ୍ଠାଯୁକ୍ତ ଏବଂ ସ୍ୱତଃସ୍ଫୂର୍ତ୍ତ ହୋଇପାରନ୍ତି, ମାତ୍ର ଏଣେ ମନ ଓ ପ୍ରାଣିକ ମଧ୍ୟ ସଙ୍ଗେସଙ୍ଗେ ସେଠାରେ ଆସି ପହଞ୍ଚି ଯାଆନ୍ତି, — ଏମାନେ କବାଟ ପଛପଟୁ ଭିତରଙ୍କ ପରି ଅନାଇ ଦେଖୁଥାନ୍ତି; ଏବଂ ଯଦି କୌଣସି ଏକ ଶକ୍ତି ଏକ ଅନୁରୂପ ଅନୁସ୍ପନ୍ଦନ ବ୍ୟକ୍ତ କରେ, ତେବେ ସେମାନେ ନିଜର ପରିତର୍ପଣ ନିମନ୍ତେହିଁ ଧାଇଁଯାଇ ତା’ପାଖରେ ହାବୁଡ଼ି ଯାଆନ୍ତି । ତେଣୁ, ସେହି କ୍ଷେତ୍ରରେ ଆମକୁ ଅତ୍ୟନ୍ତ, ଅତ୍ୟନ୍ତ, ଅତ୍ୟନ୍ତ ଯତ୍ନଶୀଳ ରହିବାକୁ ପଡ଼ିବ, କାରଣ ଅଭୀପ୍ସାରେ ଯେତେବେଶୀ ନିଷ୍ଠା ରହିଥିଲେ ମଧ୍ୟ ଏବଂ ସମ୍ପୃକ୍ତ ଆହ୍ୱାନଟି ଯେତେ**

'oaob.nitrkl.ac.in' images reprocessed

ସ୍ୱତଃସ୍ଫୂର୍ତ୍ତି, ନିଷ୍ଠାଯୁକ୍ତ ଏବଂ ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇଥିଲେ ମଧ୍ୟ, ଅନୁଷ୍ଠାନଟିଏ ମିଳିଗଲା ମାତ୍ରକେ ଦୁଇ ଦସ୍ୟୁ ତତ୍‌କ୍ଷଣାତ୍ ଆସି ପହଞ୍ଚିଯିବେ, ଏବଂ ସେମାନଙ୍କର ଆପଣା ପରିତୃପ୍ତି ଲାଗି ଯାହାକିଛି ପାଇବେ, ତାହାକୁ ଆତ୍ମସାତ୍ କରିନେବାକୁ ଚେଷ୍ଟା କରିବେ । ଏବଂ ଯାହାକିଛି ଆସୁଥିବ, ତାହା ହୁଏତ ଅତ୍ୟନ୍ତ ଉତ୍ତମ ହୋଇଥିବ, ମାତ୍ର ସେମାନେ ତାହାକୁ ତତ୍‌କ୍ଷଣାତ୍ ବିକୃତ କରି ପକାଇବେ, ତାହାକୁ ଆପଣାର ବ୍ୟକ୍ତିଗତ ଇଷ୍ଟସାଧନ ନିମିତ୍ତ କାମରେ ଲଗାଇବେ, ଆପଣାର ବାସନା ଅଥବା ମହତ୍ତ୍ୱାକାଙ୍‌କ୍ଷାର ପରିତୃପ୍ତି ଲାଗିହିଁ କାମରେ ଲଗାଇବେ ଏବଂ ଏହିପରି ଭାବରେ ସବୁକିଛିକୁ ନଷ୍ଟ କରିଦେବେ । ଏବଂ ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ସେମାନେ ଯେ କେବଳ ସବୁକିଛି ନଷ୍ଟ କରିଦେବେ ତା' ନୁହେଁ, ସେମାନେ ଅନୁଭୂତିଟିର ବାଟଟିକୁ ମଧ୍ୟ ବନ୍ଦ କରିଦେବେ । ତେଣୁ ଆମେ ଅତ୍ୟନ୍ତ ଯତ୍ନଶୀଳ ହୋଇ ନ ପାରିଲେ ଆମେ ସେହିଠାରେହିଁ ଲାଗି ରହିଯିବା ଏବଂ ଆଉ ମୋଟେ ଆଗକୁ ଯାଇପାରିବା ନାହିଁ । ଯଦି କୌଣସି ପରମକରୁଣା ତୁମ ଉପରେ ରହିଥିବ, ଯେତେବେଳେ ତାହା ଏହିପରି ହେଉଛି ବୋଲି ଦେଖିବାକୁ ପାଇବ, ସେତେ-ବେଳେ ସିଏ ସ୍ୱତଃପ୍ରେରିତ ଭାବରେ ତୁମକୁ ଭୟଙ୍କର ଭାବରେ ଆସି ଆଘାତ କରିବ ଯେପରିକି ତୁମେ ପୁନର୍ବାର ବାସ୍ତବତା ମଧ୍ୟକୁ ଫେରିଆସି ପାରିବ, ପ୍ରକୃତିସ୍ଥ ହୋଇପାରିବ । ତୁମର ମୁଣ୍ଡରେ, ପେଟରେ, ଗୁଡରେ ଅଥବା ଆଉ କୌଣସି ଜାଗାରେ ତାହା ଭଲ ଭରି ଆଘାତଟିଏ ଦେବ, ଯେପରିକି ତୁମେ ତତ୍‌କ୍ଷଣାତ୍ "ନାଇଁ, ଏହା ଦ୍ୱାରା ଆଉ କିଛି ହେବ ନାହିଁ" ବୋଲି ଚିତ୍କାର କରି କହିଉଠିବ ।

ଆଉ କୌଣସି ପ୍ରଶ୍ନ ନାହିଁ ?

ମାଆ, ଏହି କଥାଟିର ଅର୍ଥ କ'ଣ : "ଆମର ନିଦ୍ରାକୁ କ୍ରମଶଃ ଯୋଗସ୍ଥ ବିଶ୍ରାମାବସ୍ଥାକୁ ରୂପାନ୍ତରିତ କରିନେବାକୁ ପଡ଼ିବ ।" ?

ହଁ, ଯୋଗସ୍ଥ ବିଶ୍ରାମାବସ୍ଥାକୁ । ଏହାର ଅର୍ଥ ହେଉଛି ଯେ, ଏକ ଅଚେତନ ନିଦ୍ରା ନ ହୋଇ ଏହା ନିଦ୍ରା ହୋଇ ରହିବ—ଅବଶ୍ୟ ଯଦି ତୁମେ ଏହାକୁ ନିଦ୍ରା ବୋଲି କହିବାକୁ ଇଚ୍ଛା କରୁଥିବ—ଏହା ଏକ ଚେତନାଯୁକ୍ତ ନିଦ୍ରା ହୋଇ ରହିବ । ଶରୀର ସମ୍ପୂର୍ଣ୍ଣ ଭାବରେ ବିଶ୍ରାମାବସ୍ଥାରେ ରହିଥିବ, ସ୍ନାୟୁଗୁଡ଼ିକର ପୂର୍ଣ୍ଣ ଶ୍ଳଥନ ହୋଇଥିବ, ମାଂସପେଶୀଗୁଡ଼ିକର ମଧ୍ୟ ପୂର୍ଣ୍ଣ ଶ୍ଳଥନ ହୋଇଥିବ; ତୁମେ ସମ୍ପୂର୍ଣ୍ଣ ଭାବରେ ଏକ ଶ୍ଳଥନର ଉପଲବ୍ଧି କରୁଥିବ ଏବଂ ବିଶ୍ରାମ ନେଉଥିବ । ମାତ୍ର ଚିନ୍ମୟ ସତ୍ତ୍ୱଟି ସଚେତନ ରହିଥିବ, ପ୍ରାଣିକ ତଥା ମନକୁ ବିଶ୍ରାମର ଅବସ୍ଥାରେ ରଖିପାରିଲା ଭଳି ଯଥେଷ୍ଟ ପରିମାଣରେ ସଚେତନ ରହିଥିବ, ତାହା ସବୁକିଛିକୁ ଏକ ଶାନ୍ତ, ସ୍ଥିର ଏବଂ ଅବିଚଳିତ ଅବସ୍ଥାରେ ରଖି ପାରୁଥିବ, ଯେପରିକି

'oaob.nitrkl.ac.in' images reprocessed

ଚେତନା ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥିବ । ସେତେବେଳେ ଆବଶ୍ୟକ ମନେ କଲେ ଚେତନା ମଧ୍ୟ ବିଶ୍ରାମ ଗ୍ରହଣ କରି ପାରିବ ଅଥବା ଆବଶ୍ୟକ ମନେକଲେ କାର୍ଯ୍ୟ କରି ପାରିବ । ଅର୍ଥାତ୍, ସକଳ ଅବସ୍ଥାରେ ଆପଣାର ଯାହା ମନ ତାହା କରିବା ଲାଗି ମୁକ୍ତ ହୋଇ ରହିଥିବ, ଯାହା ବୁଝିବ ତାହାହିଁ କରୁଥିବ, ଏବଂ, ଯେଉଁସବୁ ଆସ୍ପୃହନକୁ ଯିବା ଲାଗି ଇଚ୍ଛା କରୁଥିବ, ସେଠାକୁ ମଧ୍ୟ ଯାଇ ପାରୁଥିବ । ମାତ୍ର, ବର୍ତ୍ତମାନର ସ୍ଥୂଳ ପ୍ରକୃତିର ଅଧୀନ ହୋଇ ରହିଥିବା ଅଂଶଗୁଡ଼ିକ, ଅର୍ଥାତ୍, ମନ, ପ୍ରାଣିକ ଏବଂ ଭୌତିକ ସମ୍ପୂର୍ଣ୍ଣ ଭାବରେ ବିଶ୍ରାମର ଅବସ୍ଥାରେ ରହିଥିବେ, ଏକ ପ୍ରକାର ନିଶ୍ଚଳ ଅବସ୍ଥାରେ ରହିଥିବେ ଏବଂ ସେହି କାରଣରୁହିଁ ନିଦ୍ରାର ଅବଧି ମୋଟେ ଏତେ ଦୀର୍ଘ ହେବା ଲାଗି ବାଧ୍ୟ ହେବ ନାହିଁ । ଶରୀରକୁ ଏହିପରି ଏକ ବିଶ୍ରାମାବସ୍ଥାରେ ରଖି ପାରିଲେ ଆମେ ଆମ ନିଦ୍ରା ଯିବାର ସମୟକୁ ହ୍ରାସ କରି ଆଣିପାରିବା । ମାତ୍ର ଏଥିଲାଗି ଅନେକ ଉଦ୍ୟମ ଆବଶ୍ୟକ, ଏକ ଅତ୍ୟନ୍ତ ସଚେତନ ଉଦ୍ୟମ ଆବଶ୍ୟକ,—ଅତ୍ୟନ୍ତ ସଚେତନ ଏବଂ ଅନେକ ପରିମାଣରେ ଅଧ୍ୟବସାୟପୂର୍ଣ୍ଣ ଉଦ୍ୟମ ଆବଶ୍ୟକ । ଆମେ ଏହି କଥାଟିକୁ କଦାପି ହଠାତ୍ ହାସଲ କରିପାରିବା ନାହିଁ, ଏଥିପାଇଁ ହୁଏତ ଅନେକ ବର୍ଷର ସାଧନା ଆବଶ୍ୟକ ହେବ । କେବଳ, ଏକଥା ଅବଶ୍ୟ ସତ ଯେ, ଏହା ଥରେ ସମ୍ଭବ ହୋଇଯାଇ ପାରିଲେ, ଆମେ ଆମ ନିଦ୍ରା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିଛୁ ବୋଲି କୁହାଯାଇ ପାରିବ ଏବଂ···ଉଦାହରଣସ୍ୱରୂପ, ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି, ଶୋଇବାକୁ ଗଲାବେଳେ ଚେତନାର ଏକ ଅତ୍ୟନ୍ତ ଉତ୍ତମ ସ୍ଥିତିରେ ରହିଥାନ୍ତି ଏବଂ, ଯେତେବେଳେ ସକାଳେ ନିଦରୁ ଉଠନ୍ତି, ସେତେ-ବେଳେ ସମ୍ପୂର୍ଣ୍ଣ ଭାବରେ ସ୍ତମ୍ଭିତ ହୋଇ ଯାଇଥିବା ପରି ମନେ ହୁଅନ୍ତି ଓ ପୂର୍ବଦିନର ସମସ୍ତ ଅର୍ଜନକୁ ହରାଇ ବସିଥାନ୍ତି; ଏବଂ ଏପରି ହୁଏ, କାରଣ ସେମାନଙ୍କର ନିଦ୍ରା ଏକ ଅଚେତନ ନିଦ୍ରା ହୋଇ ରହିଥାଏ ଏବଂ ସେମାନେ ସେତେବେଳେ ପ୍ରାଣିକ, ମନ ଅଥବା ସୂକ୍ଷ୍ମଭୌତିକ ମଧ୍ୟରେ ବିଚରଣ କରିବାରେ ଲାଗିଥାନ୍ତି; ସେମାନେ କେତେ ଅବାଞ୍ଛିତ ସ୍ଥାନମାନଙ୍କୁ ଯାଆନ୍ତି ବା ତା' ନ ହେଲେ ଅଚେତନା ମଧ୍ୟରେ ଯାଇ ପତିତ ହୁଅନ୍ତି ଏବଂ ଆଗରୁ ଯାହାକିଛି ଅର୍ଜନ କରିଥିଲେ, ତାହାକୁ ଏହି ଅଚେତନା ମଧ୍ୟରେହିଁ ହରାଇ ବସନ୍ତି ।···ଏହି ସ୍ଥିତିଟି ଏକାନ୍ତ ଆବଶ୍ୟକ, ମାତ୍ର ତାକୁ ଆଦୌ ଏତେ ସହଜରେ ଅର୍ଜନ କରାଯାଇ ପାରିବ ନାହିଁ । ଏହା କରିବା ସବୁଠାରୁ ଅଧିକ ଆୟାସସାଧ୍ୟ, ମାତ୍ର ପ୍ରକୃତରେ ଅତ୍ୟନ୍ତ ଉପଯୋଗୀ । ମାତ୍ର, କେବଳ ଏତକ କଥା ଯେ, ଅତ୍ୟନ୍ତ ଅନ୍ତରଙ୍ଗ ନିଦେଶନା ବ୍ୟତୀତ ଏହାକୁ କ୍ୱଚିତ୍ ହାସଲ କରାଯାଇ ପାରିବ; କାରଣ, ଯଦି ଜଣେ ସବାଶେଷ ଟିକିନିଖି ପର୍ଯ୍ୟନ୍ତ ଏହାକୁ କରିବାର ପ୍ରଣାଳୀଟିକୁ ଜାଣି ନ ଥିବ,

'oaob.nitrkl.ac.in' images reprocessed

ତେବେ ଏହି କ୍ଷେତ୍ରରେ ଯିଏ ନାନା ନିର୍ବୋଧ କାର୍ଯ୍ୟ କରିପକାଇବାର ଆଶଙ୍କା ମଧ୍ୟ ରହିଥିବ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ତୁମେ ସମ୍ପୂର୍ଣ୍ଣଭାବେ ନିଶ୍ଚିନ୍ତ ହୋଇ ଗୋଟିଏ କଥା ନିଶ୍ଚୟ କରିପାରିବ । ତାହା ହେଉଛି : ଶୋଇବାକୁ ଯିବା ପୂର୍ବରୁ ତୁମେ ନିଜକୁ ଅଭିନିବେଶିତ କରି ରଖିବ, ଭୌତିକ ସତ୍ତାରେ ରହିଥିବା ଯାବତୀୟ ବିକ୍ଷୁବ୍ଧତାରେ ଶିଥିଳନ ଘଟାଇବ, ଏବଂ, ଶରୀରର କ୍ଷେତ୍ରରେ, ଏପରି ଚେଷ୍ଟା କରିବ ଯେପରିକି ତୁମର ଶରୀର ବିଛଣା ଉପରେ କଅଁଳିଆ କନା ମେଞ୍ଚାଏ ପରି ପଡ଼ି ରହିଥିବ, ଅର୍ଥାତ୍ ତା’ଭିତରେ ଆଉ କିଛି ହେଲେ କେଉଁଠି ଟାଣି ଧରି ନ ଥିବ ଅଥବା ଅଟକି ରହି ନ ଥିବ; ତୁମେ ସେଥିରେ ଏକ ପୂର୍ଣ୍ଣ ଶିଥିଳନ ଘଟାଇଥିବ ସତେ ଯେପରି ତାହା ମେଞ୍ଚାଏ କନା ପରି ହୋଇ ପଡ଼ିଥିବ । ଏବଂ ତା’ପରେ ତୁମର ପ୍ରାଣିକ : ତୁମେ ତାହାକୁ ସ୍ଥିର କରି ଆଣିବ, ଯଥାସମ୍ଭବ ଅଧିକ ସ୍ଥିର କରି ଆଣିବ, ତାହାକୁ ଯଥାସମ୍ଭବ ଅଧିକ ଶାନ୍ତ ଏବଂ ନିଶ୍ଚଳ କରି ରଖିବ । ତା’ପରେ ତୁମ ମନକୁ ମଧ୍ୟ—ମନକୁ ବି ସେହିପରି ସ୍ଥିର ରଖିବାକୁ ଚେଷ୍ଟା କରିବ, ତା’ଭିତରେ ଯେପରି ଆଉ କୌଣସି କ୍ରିୟାଶୀଳତା ରହି ନ ଥିବ । ନିଜର ମସ୍ତିଷ୍କ ଉପରେ ଏକ ବୃହତ୍ ଶାନ୍ତିର ଶକ୍ତି ଆସି ବିରାଜମାନ କରିବ, ସମ୍ଭବ ହେଲେ ଏକ ବୃହତ୍ ନିଶ୍ଚଳତା ଏବଂ ପ୍ରଶାନ୍ତି ବିରାଜମାନ କରିବ; ତାହା ସକ୍ରିୟ ହୋଇ ଆଦୌ କୌଣସି ବିଷୟର ଅନୁଧାବନ କରୁ ନ ଥିବ, ଆଦୌ, ଆଦୌ କୌଣସି ଉଦ୍ୟମ କରୁ ନ ଥିବ । ସେଠାରେ ମଧ୍ୟ ତୁମେ ସକଳ ସକ୍ରିୟତାରେ ଶିଥିଳନ ଘଟାଇବ, ମାତ୍ର ଏକ ପ୍ରକାରର ଶାନ୍ତି ମଧ୍ୟରେହିଁ ସେହି ଶିଥିଳନ ଘଟାଇବ, ଯଥାସମ୍ଭବ ଏକ ବୃହତ୍ ନିଶ୍ଚଳତା ମଧ୍ୟରେ ତାହାକୁ ସମ୍ଭବ କରି ପାରୁଥିବ ।

ଏସବୁ କରିସାରିବା ପରେ, ନିଜର ପ୍ରକୃତି ଅନୁସାରେ ତୁମେ ତାହା ସହିତ ପ୍ରାର୍ଥନାଟିଏ ଆଣି ଯୁକ୍ତ କରିଦେବ, ଅଥବା ଏକ ଅଭୀପ୍ସା ମଧ୍ୟ କରିପାରିବ । ସେହି ଚେତନା ଏବଂ ସେହି ଶାନ୍ତି ଲାଗି ପ୍ରାର୍ଥନା କରିବ ଏବଂ ନିଦ ସମୟରେ ଯେପରି ଯାବତୀୟ ପ୍ରତିକୂଳ ଶକ୍ତିମାନଙ୍କଠାରୁ ସୁରକ୍ଷିତ ହୋଇ ରହିପାରିବ, ସେଥିଲାଗି ପ୍ରାର୍ଥନା କରିବ । ସ୍ଥିର ଅଭୀପ୍ସା ମଧ୍ୟରେ ନିଜକୁ ଅଭିନିବେଶିତ କରି ରଖିଥିବ ଏବଂ ସେହି ସୁରକ୍ଷା ଭିତରେ ଅବସ୍ଥାନ କରୁଥିବ । ପରମକରୁଣା ତୁମର ନିଦ୍ରା ଉପରେ କୃପାଦୃଷ୍ଟି ରଖିଥିବେ ବୋଲି ପ୍ରାର୍ଥନା କରିବ ଏବଂ ତା’ପରେ ଶୋଇ ପଡ଼ିବ । ଏହାକୁହିଁ ସର୍ବୋତ୍ତମ ପରିବେଶରେ ଶୋଇବା ବୋଲି କୁହାଯିବ । ତା’ପରେ କ’ଣ ଘଟିବ, ତାହା ତୁମର ଅନ୍ତର୍ଗତ ଆବେଗଗୁଡ଼ିକ ଉପରେହିଁ ନିର୍ଭର କରିବ; ମାତ୍ର ଯଦି ତୁମେ ଅପ୍ରତିହତ ଭାବରେ ଏହିପରି କରିପାରିବ, ରାତି ପରେ

'oaob.nitrkl.ac.in' images reprocessed

ଗୃହ ଅବ୍ୟାହତ ଭାବରେ କରୁଥିବ, ତେବେ କିଛୁଦିନ ପରେ ତୁମକୁ ତାହାର ଫଳ ଅବଶ୍ୟ ମିଳିବ ।

ସାଧାରଣତଃ ଏହିପରି ହୋଇଥାଏ ଯେ, ତୁମେ ବିଛଣା ଉପରକୁ ଯାଇ ଯଥାସମ୍ଭବ ଶୀଘ୍ର ଶୋଇ ପଡ଼ିବାକୁ ଚେଷ୍ଟା କର ଏବଂ ତା'ପରେ ଆଉକିଛି କରିପାର ନାହିଁ । ସେତେବେଳେ କ'ଣସବୁ କରିବା ଉଚିତ, ସେହି ବିଷୟରେ ତୁମେ କିଛି ଜାଣି ନ ଥାଅ । ମାତ୍ର ବର୍ତ୍ତମାନ ତୁମମାନଙ୍କୁ ମୁଁ ଯାହାସବୁ କହିଲି, ଯଦି ତୁମେ ନିୟମିତ ଭାବରେ ତାହା କରିପାରିବ, ତେବେ ତାହାର ଫଳ ନିଶ୍ଚୟ ଫଳିବ । ସେକଥା ଯାହା ହୋଇଥାଉ ପଛକେ, ଏହା ଦ୍ଵାରା ରାତିରେ ହେଉଥିବା ଆକ୍ରମଣଗୁଡ଼ିକୁ ଏଡ଼ି ଦିଆଯାଇ ପାରିବ : ଶୋଇବାକୁ ଗଲାବେଳେ ତୁମେ କେଡ଼େ ଚମତ୍କାର ଭାବରେ ଯାଇଥିବ, ମାତ୍ର ଉଠିଲା ବେଳକୁ ଦେହ ଖରାପ ହୋଇଥିବ; ଏପରି ଘଟିବା ସମ୍ପୂର୍ଣ୍ଣ ଭାବରେ ଅନିଷ୍ଟକାରକ । ଏହାର ଅର୍ଥ ହେଉଛି ଯେ, ଏକ ସମଗ୍ର ଅଚେତନାର ଅବସ୍ଥା ଭିତରେ ରହିଥିଲା ବେଳେ ଗାଢ଼ରେ ତୁମେ ପ୍ରକୃତରେ କୌଣସି ସ୍ଥାନରେ ଏକ ବ୍ୟାଧି ଦ୍ଵାରା ସଂକ୍ରାମିତ ହୋଇ ପଡ଼ିଛ ।

ସ୍ଵପ୍ନଗୁଡ଼ିକୁ ମନେ ରଖିବା ମଧ୍ୟ କ'ଣ ଆବଶ୍ୟକ ନୁହେଁ ?

ସେତେବେଶୀ ଆବଶ୍ୟକ ନୁହେଁ । ଯଦି ଆମେ ଆମର ନିଦ୍ରା ଉପରେ ଅଧିକ ପରିମାଣରେ ଏକ ନିୟନ୍ତ୍ରଣ ଅର୍ଜନ କରିବାକୁ ଚାହୁଁଥିବା, ତେବେ ସ୍ଵପ୍ନଗୁଡ଼ିକ ମନେ ରଖିବା ଦ୍ଵାରା ଆମର ନିଶ୍ଚୟ କିଛି ଲାଭ ହେବ । ମାତ୍ର, ଏହି କଥାଟିକୁ କାପର କରିବାକୁ ହେଲେ, ଆମକୁ ସେକଥାଟିକୁ ମଧ୍ୟ ଜାଣିବାକୁ ପଡ଼ିବ । ଆପଣାର ସ୍ଵପ୍ନଗୁଡ଼ିକୁ ମନେ ରଖିବା, — ତାହା ହେଉଛି ପରବର୍ତ୍ତୀ ଦିନ ସକାଳର କାର୍ଯ୍ୟ; ମୁଁ ତୁମମାନଙ୍କୁ ଯାହି କହୁଛି, ତାହା ହେଉଛି ସନ୍ଧ୍ୟାବେଳର । ସକାଳେ ନିଦରୁ ଉଠିବା ସମୟରେ ତୁମେ ଆଦୌ ତରତର ହେବ ନାହିଁ । ଅର୍ଥାତ୍, ତୁମକୁ ଯେଉଁ ସମୟରେ ଶଯ୍ୟାତ୍ୟାଗ କରିବାକୁ ପଡ଼ିବ, ତୁମେ ଠିକ୍ ସେହି ମୁହୂର୍ତ୍ତରେ କଦାପି ନିଦରୁ ଉଠି ପଡ଼ିବ ନାହିଁ । ତୁମ ହାତରେ ସେତେବେଳେ ଅବଶ୍ୟ କିଛି ସମୟ ରହିଥିବା ଆବଶ୍ୟକ, ଅତ୍ୟନ୍ତ ଯତ୍ନଶୀଳ ହୋଇ ରହିଥିବା ଆବଶ୍ୟକ ଏବଂ ଶୋଇବାକୁ ଯିବା ପୂର୍ବରୁ ଏକ ଅନୁରୂପ ସଂରଚନା ମଧ୍ୟ କରି ରଖିଥିବା ଆବଶ୍ୟକ । ଏବଂ, ନିଦରୁ ଉଠିବା ସମୟରେ ସାବଧାନ ରହିଥିବା ଆବଶ୍ୟକ, ଯେପରିକି ହଠାତ୍ ଉଠିକରି ବସି ପଡ଼ିବ ନାହିଁ; କାରଣ, ସେପରି ହଠାତ୍ କରି ଗତିଶୀଳ ହେବାକୁ ଆରମ୍ଭ କରିଦେଲେ, ସ୍ଵପ୍ନଗୁଡ଼ିକ ବିଷୟରେ ରହିଥିବା ତୁମର ଯାବତୀୟ ସ୍ମୃତି ସ୍ଵତଃ ସଙ୍ଗେ ସଙ୍ଗେ ବିସ୍ମୃତ ହୋଇଯିବ । ତୁମକୁ ଶଯ୍ୟା ଉପରେ ମୁଣ୍ଡରେ ତକିଆ ଦେଇ ନିଶ୍ଚଳ ହୋଇ ପଡ଼ି ରହିବାକୁ ପଡ଼ିବ, ଏତେଟିକିଏ ବି ହଲ୍‌ଚଲ୍

'oaob.nitrkl.ac.in' images reprocessed

ହେବ ନାହିଁ, — ଏହିପରି ଭାବରେ ଯେଉଁ ଚେତନା ତୁମଠାରୁ ବହିର୍ଗତ ହୋଇ ଚାଲି ଯାଇଥିଲା, ତାହାକୁ ଅତ୍ୟନ୍ତ ନିଶ୍ଚଳ ଭାବରେ ପୁନର୍ବାର ମନେ ପକାଇବାକୁ ଚେଷ୍ଟା କରିବ । ଯଦି ସେପରି କୌଣସି ଏକ ବସ୍ତୁକୁ ଅତ୍ୟନ୍ତ ଧୀର ଭାବରେ ଟାଣି ବାହାରକୁ ଆଣୁଥିବା ପରି ମନେ ପକାଇବ, — କୌଣସି ପ୍ରକାର ଖଡ଼ଖଡ଼ କରିବ ନାହିଁ କିମ୍ବା ମୋଟେ ତରତର ହେବ ନାହିଁ, — ସେତେବେଳେ ଏହି କାର୍ଯ୍ୟଟିରେ ତୁମର ପୂର୍ଣ୍ଣ ମନୋଯୋଗ ଏବଂ ଅଭିନିବେଶ ରହିଥିବ । ଏବଂ ତା'ପରେ ସେହି ଚେତନା ଯେମିତି ତୁମ ପାଖକୁ ଲେଉଟି ଆସିବ, — ଯେଉଁ ଚେତନା ବାହାରି ଚାଲିଯାଇଥିଲା, ଯଦି ତୁମେ ସେତେବେଳେ ଅତ୍ୟନ୍ତ ନିଶ୍ଚଳ ଏବଂ ସ୍ଥିର ହୋଇ ରହି ପାରୁଥିବ ଏବଂ ଦୁନିଆଯାକର ଯାବତୀୟ ବସ୍ତୁର ଭାବନାରେ ଆଦୌ ନିଜକୁ ବ୍ୟସ୍ତ କରି ରଖି ନ ଥିବ, ତେବେ ପ୍ରଥମେ ଏହା ଦ୍ୱାରା ତୁମ ଭିତରକୁ ତୁମେ ଦେଖିଥିବା ସ୍ୱପ୍ନର ଗୋଟିଏ ଧାରଣା ଆସିବ ଏବଂ ତା'ପରେ ସ୍ୱପ୍ନଟି ମନେ ପଡ଼ିଯିବ । ବେଳେବେଳେ କେବଳ ଭାଗ ଖଣ୍ଡିଆ ଖଣ୍ଡିଆ ହୋଇ ମନେ ପଡ଼ିବ । ମାତ୍ର ଯଦି ତୁମେ ସେହି ଗ୍ରହଣଶୀଳ ନିଶ୍ଚଳତାର ଅବସ୍ଥାରେ ଅବସ୍ଥିତ ରହି ପାରିବ, ତେବେ ତାହା ଅଧିକରୁ ଅଧିକ ପରିମାଣରେ ଏକ ସଚେତନ ସ୍ମୃତିରେ ପରିଣତ ହେବ । ମାତ୍ର ଏଥିଲାଗି ତୁମ ପାଖରେ ଯଥେଷ୍ଟ ସମୟ ରହିଥିବା ଆବଶ୍ୟକ । ତୁମକୁ ତରତର ହୋଇ ଏସବୁ ସାରିବାକୁ ପଡ଼ିବ ବୋଲି ଯଦି ତୁମ ଭିତରେ ଏତେ ଟିକିଏ ବି ଧାରଣା ଆସି ଉଦିତ ହୁଏ, ତେବେ ସବୁ ପଣ୍ଡ ହୋଇଯିବ, ତା'ପରେ ତୁମେ ଆଉ କିଛି କରିପାରିବ ନାହିଁ । ଏପରିକି, ନିଦରୁ ଉଠି ତୁମେ "କେତେଟା ବାଜିଲାଣି ?" ବୋଲି ପଚାରି ମଧ୍ୟ ପାରିବ ନାହିଁ । ତେବେ ସବୁ ଏକାବେଳେକେ ପଣ୍ଡ ହୋଇଯିବ । ସେପରି କଲେ ସବୁକିଛି ଉଭେଇ ଯିବାକୁ ଲାଗିବ ।

ମାତ୍ର ମାଆ, ମୋଟେ ହଲଚଲ ନ ହେଲେ ତ ପୁଣି ନିଦ ମାଡ଼ିବାକୁ ଆରମ୍ଭ କରିବ ! (ସମସ୍ତେ ହସିଲେ)

ଏହାର ଅର୍ଥ ଏହି ଦୁଇଟି କଥାରୁ ଗୋଟିଏ ହେବ : ହୁଏତ ତୁମେ ଆଗରୁ ଯଥେଷ୍ଟ ଶୋଇ ନ ଥିବ ଏବଂ ତେଣୁ ତୁମକୁ ପୁନର୍ବାର ଶୋଇବାକୁ ପଡ଼ିବ; ଅଥବା, ତୁମର ସ୍ୱଭାବ କିଞ୍ଚିତ୍ ପରିମାଣରେ ତାମସିକ ହୋଇଥିବ ଏବଂ ଅଚେତନା ମଧ୍ୟରେହିଁ ପଡ଼ି ରହିବାକୁ ତାକୁ ଭଲ ଲାଗୁଥିବ ।

ତେବେ ଏତିକିରେ ବନ୍ଦ କରିବା । ପିଲାମାନେ, ଆଉ କୌଣସି ପ୍ରଶ୍ନ ନାହିଁ ?

'oaob.nitrkl.ac.in' images reprocessed

ମାଆ, ବାହାର ନାନା କାର୍ଯ୍ୟରେ ବ୍ୟସ୍ତ ଓ ବିକ୍ଷିପ୍ତ ହୋଇ ରହିଲେ ଅନେକ ସମୟରେ ଭିତରର ଉଦ୍ୟମଟି ନଷ୍ଟ ହୋଇ ଯାଇଥାଏ ।

ବାହାରେ କାର୍ଯ୍ୟବ୍ୟସ୍ତ ରହିଥିବା ବେଳେ ଜଣେ ତଥାପି କିପରି ଭିତରର ଅଭିନିବେଶଟିକୁ ରଖିପାରିବ ?···ମାତ୍ର ତାହା ମୋଟେ ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ହେବା ଉଚିତ ନୁହେଁ । ପ୍ରକୃତରେ ଖୁବ୍‌ବେଶୀ କଷ୍ଟକର ହେବା ଉଚିତ ନୁହେଁ । ମୁଁ ଯେଉଁ କାର୍ଯ୍ୟଟିକୁ କଷ୍ଟକର ବୋଲି ଭାବୁଛି, ସେଇଟି ହେଉଛି ଅନ୍ତର୍ଗତ ଚେତନାର ଭୂମିରେ ଏକ ପ୍ରକାରର ସ୍ପନ୍ଦନକୁ ରଖି ନ ପାରିବା, ସେହି ଚେତନାଠାରୁ ବିଚ୍ଛିନ୍ନ ହୋଇ ରହିବା । ଏହା ତ ମୋତେ ଏକ ଅସମ୍ଭବ କଥା ପରି ବୋଧ ହୋଇଥାଏ । ଥରେ ନିଜ ଭିତରେ ସେଇଟି ହାତକୁ ଆସିଗଲେ, ଆଉ ଆପଣାକୁ ତା'ଠାରୁ ବିଚ୍ଛିନ୍ନ କରି ରଖିହେବ କିପରି ? ଯଦି ଥରେ ତୁମେ ତାହାକୁ ଅର୍ଜନ କରିଥିବ, ଯଦି ତାହା ତୁମ ଲାଗି ଏକ ବାସ୍ତବତାରେ ପରିଣତ ହୋଇଥିବ,—ଏହି ଚେତନା ଏବଂ ଚୈତ୍ୟ ସହିତ ଏହି ଅନ୍ତର୍ଗତ ମିଳନ, ଏହି ଚେତନା ଏବଂ ଅଭୀପ୍ସାର ଏହି ପ୍ରଗାଢ଼ତା,—ଏବଂ ଏହି ଅଗ୍ନିଶିଖାଟି, ଯାହାକି ସତତ ପ୍ରଜ୍ୱଳିତ ହୋଇ ରହିଥିବ,—ତେବେ ତାହା ତୁମଠାରୁ ପୁନର୍ବାର ଛାଡ଼ିଯାଇ ପାରିବ କିପରି ? ନାହିଁ—ତୁମେ ଯାହାକିଛି କରୁଥାଅ ପଛକେ, ଏହା କଦାପି ନିର୍ବାପିତ ହୋଇଯିବ ନାହିଁ, ଏହା ସେଠାରେ ସର୍ବଦାହିଁ ଅବସ୍ଥାନ କରୁଥିବ ।

ମୋତେ ଲାଗୁଛି ଯେ, ତାହା ଥରେ ଉପଲବ୍ଧ ହୋଇ ସାରିବା ପରେ, ନିଜକୁ ପୁନର୍ବାର ତାହାଠାରୁ ବିଚ୍ଛିନ୍ନ କରିନେବାକୁ ହେଲେ, ତୁମକୁ ଗୋଟିଏ କବାଟକୁ ଅବଶ୍ୟ ବନ୍ଦ କରିଦେବାକୁ ପଡ଼ିବ,—ଇଚ୍ଛା କରିହିଁ କବାଟ ବନ୍ଦ କରିଦେବାକୁ ପଡ଼ିବ ଏବଂ ଏହିପରି ବନ୍ଦ କରିଦେଇ କହିବାକୁ ପଡ଼ିବ, "ଆଉ ଏଥିରେ ମୋ'ର ଆଦୌ କୌଣସି ପ୍ରକାର ଆଗ୍ରହ ନାହିଁ ।" ମାତ୍ର, ସେହି ସଂସ୍ପର୍ଶଟିକୁ ଜୀବନ୍ତ ରଖିବା ଲାଗି ଯଦି ଆମର ପ୍ରକୃତରେ ଇଚ୍ଛା ଥିବ, ତେବେ ତାହାକୁ ରଖିପାରିବା ଅତ୍ୟନ୍ତ କଷ୍ଟକର ହେବ ବୋଲି ମୁଁ ଭାବୁ ନାହିଁ । ମୋ'ର ମନେ ହେଉଛି ଯେ, ତାହାକୁ ଭୁଲିଯିବାକୁ ହେଲେ ଆମକୁ ପ୍ରକୃତରେ ତାହା ପାଖରୁ ମୁହଁ ମୋଡ଼ି ଚାଲି ଆସିବା ଲାଗି ଆମ ଭିତରେ ଏକ ଇଚ୍ଛା ଅବଶ୍ୟ ରହିଥିବ । ତା' ନ ହେଲେ ତାହା ନିଷ୍ପ୍ରଭ ଥିବ, ସବୁକିଛିର ପଛରେ, ସକଳ ବସ୍ତୁର ପଶ୍ଚାତରେ ସତତ ରହିଥିବ । ଏବଂ ଯଦି ଅନ୍ୟ ପକ୍ଷରେ ଏହା ଆମର ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥିବ,—କିଛି କହିବା ସମୟରେ, କିଛି କରିବାକୁ

'oaob.nitrkl.ac.in' images reprocessed

ଯିବା ସମୟରେ, କେବଳ ଆପଣାକୁ କୁଆଡ଼କୁ ଚାଳିତ କରିବା ବା ଆଦୌ କିଛି ବି କରୁଥିବା ସମୟରେ ଯଦି ଆମେ ସର୍ବଦା ସେଠାରେ ରହୁଥିବା ବସ୍ତୁଟି ସହିତ ଛିଅ ଲଗାଇ ରଖି ପାରୁଥିବା, ସେଇଟିକୁ, ସେଠାରେ, ପଛରେ ନ ରଖି ଯଦି ଆଦୌ କିଛି କରିବା ଲାଗି ମଧ୍ୟ ଆମେ ନିଜକୁ ଅସମର୍ଥ ବୋଲି ଅନୁଭବ କରୁଥିବା, "ଏବାଟେ ନୁହେଁ, ସେବାଟେ । ନାହିଁ ସେଇଟା ନୁହେଁ, ଏଇଟା" ବୋଲି ସିଏ ନ କହିଲେ ଆମେ ଆଦୌ କିଛି କରିପାରୁ ନ ଥିବା, ତେବେ ତାହା ବ୍ୟତୀତ ବଞ୍ଚିପାରିବା ପ୍ରକୃତରେ କଷ୍ଟକର ହେବ ।

ଏହିପରି କେତେକ ଲୋକ ଥାଆନ୍ତି, କାରଣ ସେମାନେ ଏହା ଦ୍ୱାରା କଷ୍ଟ ଅନୁଭବ କରୁଥାନ୍ତି, କାରଣ ତାହା ସେମାନଙ୍କର ଆବେଗଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ଲଗୁ କରି ରଖିଥାଏ ଏବଂ ଯେହେତୁ ସେମାନେ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ଏବଂ ସ୍ୱାଧୀନ (ଯାହାକୁ ସେମାନେ ସ୍ୱାଧୀନ ବୋଲି କହୁଥାନ୍ତି) ହୋଇ ରହିବାକୁ ଇଚ୍ଛା କରୁଥାନ୍ତି, ସେମାନେ ସଚେତଥିବା ଜାଣିଜାଣି ଦୁଆରଟିକୁ ବନ୍ଦ କରିଦେବା ଲାଗି ଚାହୁଁଥାନ୍ତି, ସେହି ବସ୍ତୁଟିର ପଅରୁଦ୍ଧ କରି ରଖିବା ଲାଗି ସେମାନେ ଜାଣିଶୁଣି କବାଟ କିଳିଦିଅନ୍ତି । ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏହାହିଁ ଘଟେ ଯେ, କବାଟଟିକୁ ଥରେ କିଳି ଦେଲାପରେ ତାହା ସେହିପରି କିଳାହୋଇ ରହିଥାଏ । ତା'ପରେ ଆମେ ଭାରି ଉପରବ୍ରସ୍ତ ହୋଇ ରହୁ, ଭାରି ଦୁର୍ବଳ, କ୍ଷୁଦ୍ର, ଅଜ୍ଞାନ ଏବଂ ନିର୍ବୋଧ ହୋଇ ରହିଯାଉ ! ମାତ୍ର ସେପରି ହୋଇ ରହିବାକୁ ଆମେ ସହ୍ୟ କରିପାରିବା କିପରି ? ମୋର ମନେ ହେଉଛି ଯେ ତା'ର ଅବ୍ୟବହିତ ପରେହିଁ ପଛକୁ ଆଉ ଗୋଟିଏ କଦମ ହଟିଯିବାକୁ ଆମର ସ୍ୱତଃ ମନ ହୁଏ, ତରତର ହୋଇ କବାଟଟିକୁ ଖୋଲି ଦେଇ ପୁନର୍ବାର ସେହି ସମ୍ପର୍କଟିକୁ ପ୍ରତିଷ୍ଠିତ କରି ରହିବାକୁ ମନ ହୁଏ, "ନାହିଁ, ନାହିଁ, ଏହି ଅବସ୍ଥାଟିରେ ଆଦୌ ନୁହେଁ, ଅଜ୍ଞାନମୟତାର ଏହି ଭୟଙ୍କର ଅବସ୍ଥାଟିରେ ମୁଁ ମୋଟେ ରହିପାରିବି ନାହିଁ ।" ସେହି ଅବସ୍ଥାରେ, ତୁମର କ'ଣ କହିବା ଉଚିତ ବା କ'ଣ କହିବା ଉଚିତ ନୁହେଁ, କ'ଣ କରିବା ଉଚିତ ଓ କ'ଣ କରିବା ଉଚିତ ନୁହେଁ, ତୁମକୁ କେଉଁଠାକୁ ଯିବାକୁ ହେବ ଓ କେଉଁଠାକୁ ଯିବାକୁ ନ ହେବ,—ତୁମକୁ ଏସବୁ କିଛି, କିଛିହେଲେ ଜଣା ମଧ୍ୟ ନ ଥାଏ । ତୁମେ ଏହିପରି ଏକ ଅସ୍ପଷ୍ଟ ଏବଂ ଅସଙ୍ଗତିମୟ ବିପୁଳତା ମଧ୍ୟରେ ତ୍ରସ୍ତ ହୋଇ ରହିଥାଅ । ଏହା ପ୍ରକୃତରେ ଏକ ଭୟଙ୍କର ଅବସ୍ଥା ମାତ୍ର, ଯେତେବେଳେ ଦ୍ୱାରଟି ଖୋଲା ଥାଏ ଓ ସେହି ବସ୍ତୁଟି ପଛରେ ରହିଥାଏ, ସେତେବେଳେ ପ୍ରତ୍ୟେକ ମୁହୂର୍ତ୍ତ ସମ୍ପୂର୍ଣ୍ଣ ଭାବରେ ସୁଖକର ହୋଇ ରହିଥାଏ—ଠିକ୍ ଯେପରି ଆମେ ଏକ ବୃହତ୍ ଆଲୋକ ଓ ଏକ ବୃହତ୍ ଚେତନା ଉପରେ ପିଠି ଆଉଜାଇ ବସିଛୁ, ଠିକ୍ ସେହିପରି ମନେ ହେଉଥାଏ ।

'oaob.nitrkl.ac.in' images reprocessed

…ମନେ ହେଉଥାଏ, "ହଁ, ଠିକ୍ ଏହିପରି, ଏହାହିଁ କରିବା ଉଚିତ, ଏହାହିଁ କହିବା ଉଚିତ, ଏହିପରି ଅଗ୍ରସର ହେବା ଉଚିତ।" ତେଣୁ, ଆମେ ଯେତେବେଳେ ଅତ୍ୟନ୍ତ ସୁଖ ଅନୁଭବ କରୁ, ସ୍ଥିର, ଶୋଭସ୍ଥାନ ହୋଇ ରହୁଥାଉ,—ଯେତେବେଳେ କୌଣସି ସମସ୍ୟା ନ ଥାଏ, କୌଣସି ବ୍ୟସ୍ତତା ମଧ୍ୟ ନ ଥାଏ। ଆମର ଯାହା କରିବାକୁ ଇଚ୍ଛା ହୁଏ, ସେତେବେଳେ ଆମେ ତାହାହିଁ କରୁ; ଲୋକମାନେ ତାହାକୁ କେତେ ଭଲ ବା ମନ୍ଦରେ ଗ୍ରହଣ କଲେ, ତାହା ସେମାନଙ୍କର ବ୍ୟାପାର ହୋଇ ରହୁଥାଏ, ମାତ୍ର ନିଜ ଲାଗି ତାହା ଠିକ୍ ସେହିପରିହିଁ ହୁଏ।

ମନେ ରଖିଥାଅ ଯେ, ମୁଁ ତୁମମାନଙ୍କୁ ଏକଥା କହୁଛି, କାରଣ, ତୁମମାନଙ୍କ ପ୍ରତ୍ୟେକଙ୍କ ଭିତରେ ତୁମର ଦୁଆରଟିକୁ ଖୋଲିଦେବା ସକାଶେହିଁ ମୁଁ ସବୁଠାରୁ ଅଧିକ ଚେଷ୍ଟା କରିଥାଏ, ଏବଂ ଯଦି ତୁମ ଭିତରେ କଣ୍ଟିତ୍ ପରିମାଣରେ …ତୁମ ଭିତରେ ଯଦି ଏତେ ଟିକିଏ ପରିମାଣରେ ବି ଏକ ଅଭିନବେଶ ସୃଷ୍ଟିଲିତ ହୋଇ ରହୁଥାଏ, ତେବେ ତୁମକୁ ଆଦୌ ମୋଟେ ଦୁଃଖିବାକୁ ଇଚ୍ଛା କରୁ ନ ଥିବା ଗୋଟାଏ କବାଟ ସମ୍ମୁଖରେ ଏକାଧିକ ଦୀର୍ଘ ଅବଧି ଲାଗି ଆଦୌ ଅପେକ୍ଷା କରି ରହିବାକୁ ପଡ଼େ ନାହିଁ;—ସେହି ଦୁଆରଟିର ଚାବି ତୁମ ପାଖରେ ନ ଥାଏ ଏବଂ ସେଇଟିକୁ କିପରି ଯେ ଖୋଲିବାକୁ ହେବ, ତୁମେ ସେହି ବିଷୟରେ କିଛି ଜାଣି ନ ଥାଅ। ବେଳେବେଳେ ଦୁଆରଟି ପାଖରେ ଘଣ୍ଟା ଘଣ୍ଟା, ଦିନ ଦିନ, ମାସ ମାସ ଓ ଅନେକ ସମୟରେ ବହୁବର୍ଷ ଲାଗି ମଧ୍ୟ ଅପେକ୍ଷା କରି ବସି ରହିବାକୁ ପଡ଼େ। ଏବଂ, ସେହି କ୍ଷେତ୍ରରେ କ'ଣ କରିବାକୁ ହେବ, ତୁମେ ସେବିଷୟରେ କିଛିହେଲେ ଜାଣି ନ ଥାଅ।

ମାତ୍ର, ହେ ମୋ'ର ଶିଶୁଗଣ, ତୁମମାନଙ୍କ କ୍ଷେତ୍ରରେ କଥାଟି ସେପରି ନୁହେଁ।

ଦ୍ୱାରଟି ଖୋଲା ହୋଇ ରହିଛି, ତୁମକୁ କେବଳ ସେହି ଆଡ଼କୁ ଅନାଇ ଦେଖିବାକୁ ହୁଏ। ତୁମେ ଯେପରି ଆଦୌ ସେଇଟି ପାଖରୁ ମୁହଁ ବୁଲାଇ ନ ଦିଅ, କେବଳ ସେତିକିହିଁ କରିବାକୁ ପଡ଼େ।

ବର୍ତ୍ତମାନ ସରିଲା ?

ମାଆ, ନିମ୍ନତର ଭୌତିକର ପ୍ରମାଦ କହିଲେ କ'ଣ ବୁଝାଏ ?

ସେଇଟି କ'ଣ ବୋଲି ତୁମେ ପଚାରୁଛ ?

ତୁମର ଯାବତୀୟ ବାସନା, ଯାବତୀୟ ପ୍ରବଳ ଆବେଗ, ତୁମ ଜୀବନର ଯାବତୀୟ ଅହଂକେନ୍ଦ୍ରିତ, ଅସ୍ପଷ୍ଟ, ଅଜ୍ଞାନଗ୍ରସ୍ତ କାମନାକୁଳ ଓ ତାବ୍ ଗତିସ୍ପନ୍ଦନ—

'oaob.nitrkl.ac.in' images reprocessed

ବସ୍ତୁତଃ ତୁମେ ପ୍ରଡ଼ଡ଼ନ ଅଙ୍ଗେ ନିଷ୍ପନ୍ନଥିବା ଅଧିକାଂଶ ଗଡ଼ଷୁନ୍ଦନ । ଏଗୁଡ଼ିକ ନିମ୍ନତର ପ୍ରାଣିକର କ୍ଷେତ୍ରରେ ଘଟୁଥିବା ନାନା ପ୍ରମାଦ । ଏହା ଆପଣା ଲାଗି ସବୁକିଛିକୁ ଆବୋଣ ରଖିବାକୁ ଇଚ୍ଛା କରେ, ସମଗ୍ର ଜୀବନ ଉପରେ କର୍ତ୍ତା ହୋଇ ବସି ସବୁକିଛିକୁ ଶାସନ କରିବା ଲାଗି ମନ କରୁଥାଏ । ଏବଂ ଯେତେବେଳେ ତାହାର ଏହିସବୁ କାର୍ଯ୍ୟରେ ତାହାକୁ ମନର ସାହଚର୍ଯ୍ୟ ମଧ୍ୟ ମିଳି ଯାଇଥାଏ,—ଶତକଡ଼ା ସାଢ଼େ ଅନେଶତ କ୍ଷେତ୍ରରେ ତାହା ଘଟିଥାଏ—ସେତେବେଳେ ମନ ଆସି କହେ, "ଜୀବନ ବଞ୍ଚିବା କହିଲେ ପ୍ରକୃତରେ ଏହାହିଁ ବୁଝାଏ, ବସ୍ତୁତଃ ଏହାକୁ ନିଜ ଜୀବନଟିକୁ ବଞ୍ଚିବାର ଅଧିକାର ବୋଲି କୁହାଯାଏ ।" ଏହାର ଅର୍ଥ ହେଉଛି, ଏକ ଅଜ୍ଞାନଗ୍ରସ୍ତ ଏବଂ ନିର୍ବୋଧ ପ୍ରାଣୀର ଜୀବନ ବଞ୍ଚିବାର ଅଧିକାର ।

ମାଆ, ନିଦ କହିଲେ ପ୍ରକୃତରେ କ'ଣ ବୁଝାଏ ? ଏହା କ'ଣ କେବଳ ବିଶ୍ରାମ ଲାଗି ଶରୀରର ଆବଶ୍ୟକତାକୁ ବୁଝାଇବ ନା ଆଉ କୌଣସି ଅନ୍ୟ କଥାକୁ ବୁଝାଇବ ?

ନିଦ୍ରାକୁ ଆମେ ଅନ୍ତର୍ନିବେଶ ଏବଂ ଅନ୍ତର୍ଗତ ଜ୍ଞାନଲାଭର ଏକ ଅତ୍ୟନ୍ତ ସକ୍ରିୟ ସାଧନରୂପେ ବ୍ୟବହାର କରି ପାରିବା । ଆମକୁ ଏହି ନିଦ୍ରାରୂପୀ ବିଦ୍ୟାଳୟ ମଧ୍ୟଦେଇ ଯିବାକୁ ହେବ; ଏବଂ, ଯଦି ସେଠାରେ ନିଦ୍ରାର ଶିକ୍ଷାଟିକୁ ଶିକ୍ଷା କରିବାର ବାଟ ଆମକୁ ଜଣାଥାଏ, ତେବେ ଆମର ଅନ୍ତର୍ଗତ ସତ୍ତା ଆମ ଅସ୍ତିତ୍ୱର ସ୍ଥୂଳ ଆକାରଟିଠାରୁ ନିଃସ୍ୱ ସ୍ୱତନ୍ତ୍ର ହୋଇ ରହିପାରିବ, ତାହା ଆପଣା ମଧ୍ୟରେହିଁ ସଚେତନ ଏବଂ ଆପଣା ଜୀବନର ଅଧିକାରୀ ହୋଇ ରହିପାରିବ । ଆମ ସତ୍ତାର ଏପରି ଏକାଧିକ ଅଂଶମାନ ରହିଛି, ଯେଉଁମାନେ ବହିଃସ୍ଥ ସତ୍ତାର, ଆମ ଦେହର ଏହି ନିଷ୍କ୍ରିୟତା ଏବଂ ଅର୍ଦ୍ଧଚେତନ ସ୍ଥିତିକୁ ଅତ୍ୟନ୍ତ ପରିମାଣରେ ଆବଶ୍ୟକ କରିଥାନ୍ତି,—ସେମାନେ ତଦ୍ଦ୍ୱାରା ସ୍ୱତନ୍ତ୍ର ଭାବରେ ନିଜର ଜୀବନଟିକୁ ବଞ୍ଚି ପାରନ୍ତି ।

ମାତ୍ର, ସେହି ବିଷୟରେ ଲୋକମାନଙ୍କର କୌଣସି ଜ୍ଞାନ ନ ଥାଏ; ସେମାନଙ୍କୁ ନିଦ ମାଡ଼େ ବୋଲି ସେମାନେ ଶୁଅନ୍ତି,—ସେମାନଙ୍କର ଖାଇବା ଓ ଜୀବନ ବଞ୍ଚିବାର କ୍ଷେତ୍ରରେ ଯେଉଁପରି ହେଉଥାଏ, ଏଠାରେ ମଧ୍ୟ ଠିକ୍ ସେହିପରି ହୁଏ—ସେମାନେ ଏକପ୍ରକାର ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ, ପ୍ରାୟ ଏକ ଅର୍ଦ୍ଧଚେତନ ଆବେଗ ଦ୍ୱାରା ପରିଚାଳିତ ହୋଇ ଏସବୁ କରୁଥାନ୍ତି । ସେମାନେ ନିଜକୁ କେବେହେଲେ ସେହି ପ୍ରଶ୍ନଟିକୁ ମଧ୍ୟ ପଚାରନ୍ତି ନାହିଁ । ତୁମେ ବର୍ତ୍ତମାନ ଏହି ପ୍ରଶ୍ନଟିକୁ ପଚାରିଲ : ଜଣେ କାହିଁକି ଶୁଏ ? ମାତ୍ର, ଏପରି କୋଟିକୋଟି ପ୍ରାଣଧାରୀ ସତ୍ତା ରହିଛନ୍ତି, ଯେଉଁମାନେ କି, ସେମାନେ କାହିଁକି ଶୋଇବାକୁ

'oaob.nitrkl.ac.in' images reprocessed

ଯାଉଛନ୍ତି, କେବେ ନିଜକୁ ଏହି ପ୍ରଶ୍ନଟିକୁ ପଚାରି ନ ଥାନ୍ତି ଓ ପ୍ରତିଦିନ ଶୋଇବାକୁ ଯାଆନ୍ତି । ସେମାନଙ୍କୁ ନିଦ ମାଡ଼େ ବୋଲି ସେମାନେ ଶୋଇବାକୁ ଯାଆନ୍ତି, ଭୋକ କରେ ବୋଲି ଖାଆନ୍ତି, ସେମାନଙ୍କର ସହଜାତ ପ୍ରବୃତ୍ତିମାନ ସେମାନଙ୍କୁ ତାଡ଼ିତ କରୁଥାଏ ବୋଲି ସେମାନେ ନାନାବିଧ ନିର୍ବୋଧ କାର୍ଯ୍ୟ କରିବାରେ ଲାଗିଥାନ୍ତି,— କେବେହେଲେ କିଛି ଭାବନ୍ତି ନାହିଁ, କେବେ ବିଚାର କରନ୍ତି ନାହିଁ । ମାତ୍ର ଯେଉଁମାନେ ଯଥାର୍ଥ କଥାଟିକୁ ଜାଣନ୍ତି, ସେମାନଙ୍କ ଲାଗି ନିଦ୍ରା ଗୋଟିଏ ବିଦ୍ୟାଳୟ ପରି କାର୍ଯ୍ୟ କରେ, ସେମାନଙ୍କର ଜାଗ୍ରତ ଅବସ୍ଥାର ବିଦ୍ୟାଳୟଟି ସେମାନଙ୍କୁ ଯାହା ଦେଇ ନ ପାରେ, ନିଦ୍ରାରୂପକ ଏହି ଚମତ୍କାର ବିଦ୍ୟାଳୟ ସେମାନଙ୍କୁ ସେହିସବୁ କଥା ଆଣି ଯୋଗାଇ ଦେଇଥାଏ ।

ଏଇଟି ଗୋଟିଏ ଅନ୍ୟ ଉଦ୍ଦେଶ୍ୟସାଧନ ଲାଗି ରହିଥିବା ଅନ୍ୟ ଏକ ସ୍କୁଲ, ମାତ୍ର ଏହା ତଥାପି ଏକ ସ୍କୁଲ । ଯଦି ଆମେ ସମ୍ଭାବ୍ୟ ସର୍ବାଧିକ ଅଗ୍ରଗତି କରିବା ଲାଗି ଇଚ୍ଛା କରୁଥିବା, ତେବେ ନିଜର ଦିନଗୁଡ଼ିକୁ କାର୍ଯ୍ୟରେ ଲଗାଉଥିବା ପରି ଆମକୁ ଆମର ରାତିଗୁଡ଼ିକୁ ମଧ୍ୟ କାର୍ଯ୍ୟରେ ଲଗାଇ ଜାଣିବାକୁ ହେବ । ମାତ୍ର, ସାଧାରଣତଃ ଏହି କଥାଟି ଘଟିଥାଏ ଯେ, ଲୋକମାନେ କ'ଣ କରିବାକୁ ହେବ, ସେକଥା ଆଦୌ ଜାଣି ନ ଥାନ୍ତି ଏବଂ ସେମାନେ ଚେତି ରହିବାକୁ ଚେଷ୍ଟା କରନ୍ତି ଏବଂ ତାହା ଫଳରେ କେବଳ ଏକ ପ୍ରାଣିକ ତଥା ଭୌତିକ ଭାରସାମ୍ୟହୀନତାହିଁ ସୃଷ୍ଟି କରି ରଖିଥାନ୍ତି — ଏବଂ ବେଳେବେଳେ ଏକ ମାନସିକ ଭାରସାମ୍ୟହୀନତାକୁ ମଧ୍ୟ ସୃଷ୍ଟି କରିଥାନ୍ତି ।

ଭୌତିକ ଏବଂ ଜଡ଼ଭୌତିକ ଯାବତୀୟ ଭାଗ ସମ୍ପୂର୍ଣ୍ଣ ଭାବରେ ବିଶ୍ରାମର ଅବସ୍ଥାରେ ରହିଥିବ, — ମାତ୍ର ବିଶ୍ରାମର ସ୍ଥିତିରେ ଅଚେତନ ମଧ୍ୟରେ ଖସି ପ୍ରପତିତ ହେବାର କୌଣସି ଦୁର୍ଦ୍ଦଶା ନ ଥିବ, — ଏଇଟି ହେଉଛି ଅନେକ ସର୍ତ୍ତ ମଧ୍ୟରୁ ଗୋଟିଏ । ଏବଂ, ପ୍ରାଣିକ ମଧ୍ୟ ନୀରବ ହୋଇ ବିଶ୍ରାମ କରୁଥିବ । ଏହିପରି ଭାବରେ ଯଦି ଏହି ତିନୋଟିଯାକ ବିଶ୍ରାମର ଅବସ୍ଥାରେ ଯାଇ ରହିପାରିବେ, ତେବେ, ଯେଉଁ ଅନ୍ତର୍ଗତ ସତ୍ତାର କ୍ୱଚିତ୍ହିଁ ବହିଃସ୍ଥ ଜୀବନ ସହିତ ଆଦୌ କୌଣସି ସୂତ୍ର ରହିଥାଏ, କାରଣ ବହିଃସ୍ଥ ଜୀବନ ଏତେ ଅଧିକ ପରିମାଣରେ କୋଳାହଳପୂର୍ଣ୍ଣ ଏବଂ ଅଚେତନାଗ୍ରସ୍ତ ହୋଇ ରହିଥାଏ ଯେ, ଅନ୍ତରସ୍ଥ ଜୀବନ ଆପଣାକୁ ସେଠାରେ ଆଦୌ ପ୍ରକାଶିତ କରିପାରେ ନାହିଁ, ସେହି ଅନ୍ତରସ୍ଥ ସତ୍ତା ମଧ୍ୟ ଆପଣା ବିଷୟରେ ସଜ୍ଞାନ ହୋଇଯିବ ଏବଂ ଜାଗ୍ରତ ହୋଇ ଆସିବ, ସକ୍ରିୟ ହୋଇ ନିମ୍ନତର ଭାଗଗୁଡ଼ିକର କ୍ଷେତ୍ରରେ କାର୍ଯ୍ୟ କରିବ, ଏକ ସଚେତନ ସମ୍ପର୍କର ପ୍ରତିଷ୍ଠା କରିପାରିବ । ଏହାହିଁ ହେଉଛି ନିଦ୍ରା ସିଖିବାର ପ୍ରକୃତ କାରଣ, — ଅବଶ୍ୟ ଜୀବନର ବର୍ତ୍ତମାନ ସ୍ଥିତିଟି ଦୃଷ୍ଟିରୁ ସେହି ଆବଶ୍ୟକତାଟି ମଧ୍ୟ ସର୍ବଦା ରହିଛି ଯେ,

'oaob.nitrkl.ac.in' images reprocessed

ସକ୍ରିୟତା ଏବଂ ବିଶ୍ରାମ, ବିଶ୍ରାମ ଏବଂ ସକ୍ରିୟତା ଏକାନ୍ତର ଭାବରେ ପରସ୍ପରକୁ ନିଶ୍ଚୟ ଅନୁସରଣ କରୁଥିବ ।

ଶରୀର ଲାଗି ବିଶ୍ରାମ ଅବଶ୍ୟ ଦରକାର, ମାତ୍ର, ମୁଁ ଯେପରି କହୁଥିଲି, ଏପରି ଅତି କମ୍ ସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ କି ଯଥାର୍ଥ ଭାବରେ ଶୋଇ ଜାଣନ୍ତି । ସେମାନେ ଏଭଳି ଯାବତୀୟ ପରିବେଶ ମଧ୍ୟରେ ଶୋଇବାକୁ ଯାଆନ୍ତି ଯେ, ନିଦରୁ ଉଠିଲା ବେଳକୁ ମଧ୍ୟ ଆଦୌ ସତେଜ ହୋଇଯାଇ ନ ଥାନ୍ତି ବା ପ୍ରକୃତରେ କ୍ୱଚିତ୍ ବିଶ୍ରାମ ଲାଭ କରିଥାନ୍ତି । ମାତ୍ର, ଏହା ହେଉଛି ଏକ ସମଗ୍ର ବିଜ୍ଞାନ, ଯାହାକୁ ଶିକ୍ଷା କରିବାକୁ ପଡ଼େ ।

ଆମର ଭୌତିକ ସ୍ତରର ଶକ୍ତିସଞ୍ଚୟଗୁଡ଼ିକ କାହା ଉପରେ ନିର୍ଭର କରନ୍ତି ?

ଭୌତିକ ସ୍ତରର ଶକ୍ତିସଞ୍ଚୟଗୁଡ଼ିକ ? ତୁମେ ଶକ୍ତିର ସଞ୍ଚିତ ଭଣ୍ଡାରଗୁଡ଼ିକ ଅର୍ଥରେ କହୁଛ ?

ହଁ ।

ତାହା ବିଶ୍ୱଗତ ପ୍ରାଣଶକ୍ତିକୁ ଗ୍ରହଣ କରିବାର ସାମର୍ଥ୍ୟ ଉପରେ ନିର୍ଭର କରେ । କାରଣ ବସ୍ତୁତଃ, ଆମେ ଖାଦ୍ୟ ମାଧ୍ୟମରେ ବି ଏହି ପ୍ରାଣିକ ଶକ୍ତିଗୁଡ଼ିକୁ ଲାଭ କରିଥାଉ, ମାତ୍ର ସେହି କ୍ଷେତ୍ରରେ ଆମେ ତାହାକୁ ନିମ୍ନରୁ ଗ୍ରହଣ କରୁ । ମାତ୍ର, ଏଗୁଡ଼ିକୁ ସଞ୍ଚିତ କରି ରଖିପାରିବାକୁ ହେଲେ, ତୁମକୁ ସତତ ବିଶ୍ୱଗତ ପ୍ରାଣଶକ୍ତିଗୁଡ଼ିକୁ ମଧ୍ୟ ଗ୍ରହଣ କରି ଶିଖିବାକୁ ହେବ ଏବଂ ଆପଣାର ସତ୍ତାରେ ଏପରି ଏକ ଭାରସାମ୍ୟ ସୃଷ୍ଟି କରି ରଖିବାକୁ ପଡ଼ିବ, ଯାହାକି, ତୁମର ଯେତିକି ରହିଛି, ତାହାଠାରୁ ବ୍ୟୟ କରିବାକୁ ତୁମକୁ ନିବୃତ୍ତ କରି ରଖୁଥିବ ।

ଆମର ଶକ୍ତିଗ୍ରହଣ ଏବଂ ଶକ୍ତିବ୍ୟୟ ମଧ୍ୟରେ ଏକ ଆନୁପାତିକତା ଅବଶ୍ୟ ରଖିବାକୁ ପଡ଼ିବ । ଏହାକୁ ସତ୍ତାରେ ରହିଥିବା ଏକ ପ୍ରକାରର ସମଞ୍ଜସ ଅବସ୍ଥା ବୋଲି ବୁଝାଯିବ, ଯାହାକୁକି ଅବଶ୍ୟ ପ୍ରତିଷ୍ଠିତ କରି ରଖିବାକୁ ହେବ । କେବଳ ଏତିକି ବୁଝାଯିବ ଯେ, ପ୍ରାଣିକ ଶକ୍ତିଗୁଡ଼ିକୁ ନିଜ ଆଡ଼କୁ ଆକର୍ଷିତ କରି ଆଣିବା ପାଇଁ ବା ସେଗୁଡ଼ିକୁ ଗ୍ରହଣ କରିବା ପାଇଁ କେତେ ଲୋକଙ୍କର ପ୍ରାୟ ଏକ ସହଜାତ ପ୍ରବୃତ୍ତିଗତ ସାମର୍ଥ୍ୟ ରହିଥାଏ—ଏଠାରେ ମୁଁ ବିଶ୍ୱଗତ ପ୍ରାଣଶକ୍ତିଗୁଡ଼ିକର କଥାହିଁ କହୁଛି, — ଏବଂ ସେହି କାରଣରୁ, ଶକ୍ତିଗୁଡ଼ିକୁ ବ୍ୟୟ କରୁଥିବା ସଙ୍ଗେ ସଙ୍ଗେ ସେମାନେ ସେଗୁଡ଼ିକର ପୂରଣ ବି କରିପାରୁଥାନ୍ତି । ଏହି ବ୍ୟକ୍ତିମାନେ ଅନ୍ୟମାନଙ୍କ ତୁଳନାରେ ଅନେକ ଅଧିକ ଉତ୍ପନ୍ନ କରିପାରନ୍ତି । ସେମାନଙ୍କ ମଧ୍ୟରୁ କେତେକ ଲୋକ ନିଦ୍ରା କିଂବା ସେହିପରି କୌଣସି ବିଶ୍ରାମ ବା ଶିଥିଳନର ଅବସ୍ଥାରେ

'oaob.nitrkl.ac.in' images reprocessed

ଶକ୍ତିଗୁଡ଼ିକୁ ସଂଗ୍ରହ କରି ଆଣିପାରନ୍ତି ଏବଂ ପରେ ସେଗୁଡ଼ିକୁ ନିଃଶେଷିତ ମଧ୍ୟ କରି ଦିଅନ୍ତି; ଅର୍ଥାତ୍, ଆପଣାର ନାନା କ୍ରିୟାଶୀଳତାରେ ନେଇ ଲଗାଇଥାନ୍ତି ଓ ତେଣୁ ସେମାନଙ୍କୁ ପରେ ପୁନର୍ବାର ବ୍ୟାଟେରୀଗୁଡ଼ିକୁ ଶକ୍ତି ଦ୍ୱାରା ଭରିନେବାକୁ ପଡ଼ିଥାଏ—ଏହାକୁ ଆଦୌ ସେତେବେଶୀ ଅନୁକୂଳ ହୋଇ ରହିଥିବା ପରିବେଶ ବୋଲି କୁହାଯିବ ନାହିଁ ।

କେତେକ ବ୍ୟକ୍ତିଙ୍କୁ ଏହି ଶକ୍ତିଗୁଡ଼ିକୁ ଗ୍ରହଣ କରିବାର ପ୍ରଣାଳୀଟି ଆଦୌ ଜଣା ମଧ୍ୟ ନ ଥାଏ । ସେମାନେ ଶରୀର ମଧ୍ୟରେହିଁ ସଂକେନ୍ଦ୍ରିତ ହୋଇ ରହିଥିବା ଶକ୍ତିଗୁଡ଼ିକ ଉପରେ ନିର୍ଭର କରି ଜୀବନ ବଞ୍ଚନ୍ତି । କାରଣ, ଶରୀରସ୍ଥ କୋଷଗୁଡ଼ିକ ମଧ୍ୟରେ କେତେକ ଶକ୍ତି ସଂକେନ୍ଦ୍ରିତ ହୋଇ ଅବଶ୍ୟ ରହିଥାଏ । ସେମାନେ ତାହାରି ଉପରେ ନିର୍ଭର କରି ବଞ୍ଚନ୍ତି, — ମାତ୍ର, କିଛୁକାଳ ପରେ, ଯଦି ଶକ୍ତି-ପୁନରୁଦ୍ଧାରଣର ମାର୍ଗ ସେମାନଙ୍କୁ ଜଣା ନ ଥାଏ, ତେବେ ସେମାନଙ୍କର ସକଳ ଶକ୍ତି ନିଃଶେଷ ହୋଇଯାଏ । ନିଜ ଭିତରେ ସଞ୍ଚିତ ହୋଇ ରହିଥିବା ସମୁଦାୟ ଶକ୍ତି ବ୍ୟୟିତ ହୋଇଯିବା ପରେ ସେମାନେ ହୁଏତ ରୋଗରେ ପଡ଼ନ୍ତି ଅଥବା କେବେହେଲେ ସେହି ଶକ୍ତିର ପୂରଣ କରିପାରନ୍ତି ନାହିଁ । ତେଣୁ ତାହା ଆଦୌ ବେଶୀଦିନ ଯାଇପାରେ ନାହିଁ; ତାହା ମନୁଷ୍ୟମାନଙ୍କର ସାଧାରଣ ଆୟୁର ଅବଧି ପର୍ଯ୍ୟନ୍ତ ଯାଏ, ଏବଂ ତଥାପି, କେତେକ ବର୍ଷ ଅତିବାହିତ ହୋଇଯିବା ପରେ ସେମାନେ ଆଉ ସେହି ପ୍ରତ୍ୟାସକ୍ତିକୁ ମଧ୍ୟ କରିପାରନ୍ତି ନାହିଁ କିଂବା ସେତିକି ପରିମାଣର ଶକ୍ତିକୁ ଉତ୍ପନ୍ନ କରିପାରନ୍ତି ନାହିଁ, ଅଥବା, ସର୍ବୋପରି, ଆଦୌ କୌଣସି ଅଗ୍ରଗତି କରିପାରନ୍ତି ନାହିଁ ।

ମାତ୍ର, ନିଜର ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ହୋଇ ହେଉ ଅଥବା ଶିକ୍ଷା କରି ହେଉ, ଯେଉଁମାନେ ବିଶ୍ୱସ୍ଥ ପ୍ରାଣଶକ୍ତିଗୁଡ଼ିକୁ ଗ୍ରହଣ କରିବା ଓ ସଞ୍ଚୟ କରିବା ବିଦ୍ୟା ଜାଣିଥାନ୍ତି, ସେମାନେ ପ୍ରାୟ ଅନିର୍ଦ୍ଦିଷ୍ଟ କାଳ ଲାଗି ତାହାର ଅଧିକାରୀ ହୋଇପାରନ୍ତି । ସେମାନଙ୍କୁ ଖୁବ୍ କମ୍ ଅସୁସ୍ଥତା ଭୋଗିବାକୁ ପଡ଼େ; ବିଶେଷତଃ, ଯଦି ସେମାନେ ତାହା କରିବାର ପ୍ରଣାଳୀଟିକୁ ଜାଣିଥାନ୍ତି, [illegible] ତଥା ପଦ୍ଧତିଟି ସହିତ ତାହା କରିପାରନ୍ତି । ତେବେ ଏହି କ୍ଷେତ୍ରରେ ତାହା ପରିପୂର୍ଣ୍ଣତାର ଏକ ନିର୍ଦ୍ଦିଷ୍ଟ ମାତ୍ରାକୁ ଅବଶ୍ୟ ହାସଲ କରିଥାଏ ।

ଯଦି ଜଣେ ଜାଣିଥାଏ, ତେବେ, ବହୁକାଳ ଧରି ବ୍ୟୟିତ ହୋଇଥିବା ଶକ୍ତିଗୁଡ଼ିକୁ ପୂରଣ କରିନେବା ଲାଗି ବେଳେବେଳେ ମାତ୍ର ଦୁଇତିନି ମିନିଟ୍ ସମୟହିଁ ଯଥେଷ୍ଟ ହୋଇଥାଏ । ମାତ୍ର, କେବଳ ଏତିକି କଥା ଯେ, ଆମକୁ ତାହାର ପ୍ରଣାଳୀଟି ଅବଶ୍ୟ ମାଲୁମ ଥିବ ।

'oaob.nitrkl.ac.in' images reprocessed

ମାତ୍ର ଯେଉଁମାନେ କେବଳ ଆପଣା ଉପରେହିଁ ନିର୍ଭର କରି ରହିଥାନ୍ତି, ଯେଉଁମାନେ କେବଳ ଆପଣାମୁହାଁ ହୋଇ ବାରବାର ସେହି ଆପଣା ଉପରେହିଁ ଗୁଡ଼ାଇ ହୋଇ ଯାଉଥାନ୍ତି, ସେମାନେ କଦାପି ସେହି କାର୍ଯ୍ୟଟିକୁ କରିପାରିବେ ନାହିଁ । ଏଥିପାଇଁ ଆମକୁ ସର୍ବଦା ଏକ ଅତ୍ୟନ୍ତ ବୃହତ୍ତର ଏବଂ ପରିବ୍ୟାପ୍ତ ଚେତନା ମଧ୍ୟରେ ବାସ କରିବାକୁ ପଡ଼ିଥାଏ । (ଶବ୍ଦଟିକୁ ତୁମେମାନେ ବୁଝିପାରିଲ କି ନାହିଁ ମୁଁ ସେକଥା ଜାଣି ନାହିଁ; ଏହା ଏପରି ଏକ ବସ୍ତୁକୁ ବୁଝାଏ ଯାହାକି ଅତ୍ୟନ୍ତ ସମରୂପ ଏବଂ ସ୍ଥିର ଭାବରେ ପ୍ରସାରିତ ହୋଇ ରହିଥାଏ, – ଉଦାହରଣସ୍ୱରୂପ, ଯେତେବେଳେ ଜୁଆର ଆସଣାର ସର୍ବୋଚ୍ଚ ସୀମାକୁ ସ୍ପର୍ଶ କରିଥାଏ ଏବଂ ଜଳ ଅତ୍ୟନ୍ତ ସ୍ଥିର ଭାବରେ ଆପଣାକୁ ବିସ୍ତାରି ରଖିଥାଏ, — ଠିକ୍ ଏହିପରି ଏକ ପରିବେଶର ଧାରଣା ହେଉଥାଏ ।) ପ୍ରାଣିକ ପ୍ରକୃତରେ ଠିକ୍ ସେହିପରି ହୋଇ ରହିଥିବା ଉଚିତ — ତେବେ ଆମେ ବିଶ୍ୱସ୍ତ ଶକ୍ତିଗୁଡ଼ିକ ଲାଗି ଉନ୍ମୁକ୍ତ ହୋଇ ରହିଥାଉ । ମାତ୍ର ଉଦାହରଣସ୍ୱରୂପ, ଯଦି ଆପଣାର ସଙ୍ଗୀ ଅନ୍ୟମାନଙ୍କ ସହିତ ଏହି ପ୍ରାଣିକ ଶକ୍ତିଗୁଡ଼ିକର ଆଦାନ ପ୍ରଦାନ କରିବାର ଆମର ସେହି ଅତ୍ୟନ୍ତ ମନ୍ଦ ଅଭ୍ୟାସଟି ରହିଥାଏ, ତେବେ ଆମେ ସେହି ସାମର୍ଥ୍ୟଟିକୁ ସମ୍ପୂର୍ଣ୍ଣ ଭାବରେ ହରାଇବସୁ । ଦେଖ, ଆଉ ଜଣକ ସହିତ ଏକ ସମ୍ବନ୍ଧ ସ୍ଥାପିତ ନ ହେବା ପର୍ଯ୍ୟନ୍ତ ଆମେ ଆଉ କିଛିହେଲେ ଗ୍ରହଣ କରିପାରୁ ନାହିଁ । ମାତ୍ର, ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଯଦି ତୁମେ ଅନ୍ୟମାନଙ୍କର ମାଧ୍ୟମରେ ଶକ୍ତିଗୁଡ଼ିକୁ ଗ୍ରହଣ କରୁଥାଅ, ତେବେ ତୁମକୁ ଯୁଗପତ୍ ଭାବରେ ସେହି ଅନ୍ୟ ବ୍ୟକ୍ତିଟିର ଯାବତୀୟ ଅସୁବିଧାକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିଥାଏ, ବେଳେବେଳେ ସମ୍ଭବତଃ ତା'ର ଗୁଣଗୁଡ଼ିକୁ ମଧ୍ୟ ଗ୍ରହଣ କରିବାକୁ ହୁଏ । ମାତ୍ର ଏଗୁଡ଼ିକ ଆଦୌ ସେତେବେଶୀ ସହାୟକ ନୁହନ୍ତି । ବସ୍ତୁତଃ ଏହିପରି ଏକ ବସ୍ତୁ ତୁମକୁ ସବୁଠାରୁ ଅଧିକ ପରିମାଣରେ ଘର ଭିତରେ ବନ୍ଦ କରି ରଖିଦିଏ ।

କେତେକ ଲୋକ··· ଯଦି ସେମାନଙ୍କର ଅନ୍ୟମାନଙ୍କ ସହିତ ଅଲ୍ପବହୁତ କୌଣସି ସାମାଜିକ ସମ୍ବନ୍ଧ ନ ଥାଏ, ବନ୍ଧୁତା ଓ କଥାବାର୍ତ୍ତାର ସମ୍ବନ୍ଧମାନ ନ ଥାଏ, ··· ସେଭଳି ସ୍ଥଳରେ ତାହା ଆହୁରି ଅଧିକ ଆଗକୁ ଚାଲିଯାଏ ··· ତେବେ ସେମାନେ ଆଦୌ କୌଣସି ଶକ୍ତି ଗ୍ରହଣ କରି ପାରନ୍ତି ନାହିଁ । ମାତ୍ର, ତଦ୍ଦ୍ୱାରା ସର୍ବଦା ଏକ ଅସୁବିଧାରେହିଁ ପଡ଼ିବାକୁ ହୋଇଥାଏ । ସେହି କ୍ଷେତ୍ରରେ ଆମେ ଗ୍ରହଣ କରୁଥିବା ଶକ୍ତି ଅଧା ହଜମ ହୋଇ ସାରିଥାଏ, ଏକଥା ଏକାନ୍ତ ସତ ଯେ ସେଗୁଡ଼ିକ ମଧ୍ୟରେ ସେସବୁଡ଼ିକର ମୂଳଭୂତ ଶୁଦ୍ଧତାଟି ଆଦୌ ନ ଥାଏ,—ଏବଂ ତାହା ତୁମର ନିଜ ସାମର୍ଥ୍ୟଟିକୁ ମଧ୍ୟ ପ୍ରଭାବିତ କରିଥାଏ ।

'oaob.nitrkl.ac.in' images reprocessed

ମାତ୍ର ଯେତେବେଳେ ଆମର ନିଜ ଚେତନା ମଧ୍ୟରେ ସେହି ସାମର୍ଥ୍ୟ ରହିଥାଏ, — ଉଦାହରଣସ୍ୱରୂପ, ତୁମେ ବାହାରକୁ ବୁଲି ଯାଇଥାଅ ଏବଂ ଏପରି ଗୋଟିଏ ଜାଗାରେ ଆସି ପହଞ୍ଚ, ଯାହାକି କୌଣସି ସମୁଦ୍ର ବେଳା, ଏକ ବୃହତ୍ ସମତଳଭୂମି କିଂବା ଏକ ପର୍ବତଶିଖର ପରି ବେଶ୍ ବିସ୍ତୃତ ହୋଇ ରହିଥାଏ, ଯେଉଁଠାରେ ଦିଗ୍‌ବଳୟ ବେଶ୍ ଅନେକ ପରିମାଣରେ ପ୍ରସାରିତ ହୋଇ ରହିଥାଏ, ଏବଂ ଯଦି ତୁମ ଭିତରେ ଦେହର ସ୍ତରରେ ଏପରି ଏକ ସହଜାତ ପ୍ରବୃତ୍ତି ରହିଥାଏ, ଯାହାକି ତୁମକୁ ହଠାତ୍ ସେହି ଦିଗ୍‌ବଳୟ ପରି ବିସ୍ତୃତ ଏବଂ ପ୍ରସାରିତ କରିଦିଏ, ତେବେ ତୁମେ ଏକ ଅନନ୍ତତା ଓ ବିପୁଳତାକୁ ଅନୁଭବ କରିବାକୁ ଆରମ୍ଭ କର। ଏବଂ, ତୁମେ ଯେତିକି ଯେତିକି ଅଧିକ ପ୍ରସାରିତ ହେବାରେ ଲାଗିଥାଅ, ତୁମେ ସେତିକି ଅଧିକ ସ୍ଥିର ଓ ସେତିକି ଶାନ୍ତ ହେବାକୁ ମଧ୍ୟ ସମର୍ଥ ହୋଇଯାଅ।

ପ୍ରକୃତି ସହିତ ସେହିପରି ଏକ ସଂସ୍ପର୍ଶଲାଭ, ତୁମ ଲାଗି ତାହାହିଁ ଯଥେଷ୍ଟ।

ଏହାବ୍ୟତୀତ ଆହୁରି ଅନେକ ଅନ୍ୟ ଉପାୟ ମଧ୍ୟ ରହିଛି, ମାତ୍ର ଏଇଟି ପ୍ରକୃତରେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ। ଏବଂ···ଯେତେବେଳେ ତୁମେ କୌଣସି ଅତି ସୁନ୍ଦର ବସ୍ତୁଟିଏ ଦେଖୁଥାଅ, ସେତେବେଳେ ମଧ୍ୟ ତୁମର ଠିକ୍ ସେହିପରି ହୋଇପାରେ : ତୁମେ ଏକ ପ୍ରକାରର ଅନ୍ତର୍ଗତ ଆନନ୍ଦ ଅନୁଭବ କର, ସେହି ଶକ୍ତିଗୁଡ଼ିକ ଆଡ଼କୁ ଏକ ପଥ ଉନ୍ମୋଚିତ ହୋଇଯାଏ ଏବଂ ତେଣୁ ତାହା ତୁମକୁ ପ୍ରଶସ୍ତ କରିଦିଏ ଏବଂ ଯୁଗପତ୍ ଭାବରେ ପରିପୁଷ୍ଟି ମଧ୍ୟ କରିଆଣେ। ଏପରି ଅନେକ ଉପାୟ ରହିଛି, ମାତ୍ର ସାଧାରଣତଃ ଆମେ ସେଗୁଡ଼ିକୁ ଆଦୌ କାମରେ ଲଗାଉ ନାହିଁ। ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଯଦି ତୁମେ ଗଭୀର ମନନ ମଧ୍ୟରେ ପ୍ରବେଶ କରି ଏକ ଉଚ୍ଚତର ଜୀବନ ଲାଗି ଅଭୀପ୍ସା କରିବ ଏବଂ ଊର୍ଦ୍ଧ୍ୱରୁ ଶକ୍ତିଗୁଡ଼ିକୁ ଆବାହନ କରିବ, ତେବେ, ଅନ୍ୟ ଯେକୌଣସି ଉପାୟ ତୁଳନାରେ ଏହାରି ଦ୍ୱାରାହିଁ ତୁମର ଶକ୍ତିଗୁଡ଼ିକର କ୍ଷେତ୍ରରେ ଅଧିକ ପରିପୂରଣ ସମ୍ଭବ ହୋଇ ପାରିବ। ମାତ୍ର, ଏହି କ୍ଷେତ୍ରରେ ବହୁସଂଖ୍ୟକ ପ୍ରଣାଳୀ ରହିଛି।

ବୁଝିଲ ? ସରିଲା ତ ? ସବୁ ଭଲ କଥା।

ତେବେ, ପୁନର୍ଦର୍ଶନାୟ !

ଶୁଭରାତ୍ରି।

'oaob.nitrkl.ac.in' images reprocessed

# ୯ ମାର୍ଚ୍ଚ ୧୯୫୫

'ଯୋଗାଧାର' ସୂତ୍ରର ସପ୍ତମ ଅଧ୍ୟାୟ
"ଭୌତିକ ଚେତନା ଇତ୍ୟାଦି" ବିଷୟ
ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, "ଭୌତିକ ଚେତନା ମଧ୍ୟରେ ଚୈତ୍ୟ ଉନ୍ମୋଚନ"ର ଅର୍ଥ କ'ଣ ?

ମୋର ମନେ ହେଉଛି, ମୁଁ ଆଗରୁ ମଧ୍ୟ ତୁମମାନଙ୍କୁ ଏହି ବିଷୟରେ କହିଛି । ଚେତନାର ପ୍ରତ୍ୟେକ ସ୍ତର ମଧ୍ୟଦେଇହିଁ ଆମେ ଚୈତ୍ୟର ଆବିଷ୍କାର କରି ପାରିବା : ତୁମେ ଭୌତିକର ପଶ୍ଚାତରେ ମଧ୍ୟ ଏକ ଚୈତ୍ୟର ଆବିଷ୍କାର କରି ପାରିବ । ···ଭୌତିକ ଚେତନାର ମଧ୍ୟଦେଇ, ପ୍ରାଣିକ ଚେତନାର ମଧ୍ୟଦେଇ ଏବଂ ମାନସିକ ଚେତନାର ମଧ୍ୟ ଦେଇ ତୁମେ ସିଧା ଚୈତ୍ୟ ସମ୍ପର୍କ ମଧ୍ୟରେ ପ୍ରବେଶ କରିପାରିବ । ଏହା ଆଦୌ ଏପରି ନୁହେଁ ଯେ ଚୈତ୍ୟର ଆବିଷ୍କାର କରିବା ଲାଗି ତୁମକୁ ସତ୍ତାର ଏହି ଯାବତୀୟ ସୋପାନକୁ ଅତିକ୍ରମ କରି ଯିବାକୁ ପଡ଼ିବ । ଆପଣାର ଭୌତିକ ଚେତନାକୁ ଆଦୌ ବର୍ଜନ ନ କରି ତୁମେ ଚୈତ୍ୟ ମଧ୍ୟରେ ଅବଶ୍ୟ ପ୍ରବେଶ କରିପାରିବ; ଅନ୍ତଃସ୍ଥୀକରଣ ଦ୍ୱାରା ତୁମେ ତାହା କରି ପାରିବ, କାରଣ ଏହି କ୍ଷେତ୍ରରେ ଆଦୌ କୌଣସି ଅପେକ୍ଷା ମାତ୍ରାକ୍ରମ ନ ଥାଏ । ଏହା ହେଉଛି ଏକ ଅନ୍ତଃସ୍ଥୀକରଣ, ଏବଂ, ସତ୍ତାର ଅନ୍ୟ ଅବସ୍ଥାଗୁଡ଼ିକ ମଧ୍ୟଦେଇ ଅତିକ୍ରମ ନ କରିହିଁ ଏହି ଅନ୍ତଃସ୍ଥୀକରଣକୁ ସିଧା ସମ୍ଭବ କରାଯାଇ ପାରିବ । ଶ୍ରୀଅରବିନ୍ଦ ଏହି ଅର୍ଥରେ କଥାଟିକୁ କହିଛନ୍ତି : ତୁମେ ଭୌତିକ ଚେତନା ମଧ୍ୟରେ ଅବସ୍ଥିତ ରହିଛ, ଏହି ଭୌତିକ ଚେତନାକୁ ଚୈତ୍ୟ ଚେତନା ମଧ୍ୟକୁ ଉନ୍ମୋଚିତ କରି ଦେବା ଲାଗି ତୁମ ପାଇଁ ଆଦୌ କୌଣସି ବାଧା ନାହିଁ; ଚୈତ୍ୟ ସହିତ ସମ୍ପର୍କଯୁକ୍ତ ହେବା ନିମନ୍ତେ ପ୍ରାଣିକ ଅଥବା ମାନସିକ ଭୂମିରେ ବିଚରଣ କରିବା କିଂବା ସତ୍ତାର ଏହିସବୁ ଅବସ୍ଥାକୁ ଡାଙ୍ଗି ଆସିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ତୁମେ ସିଧା ଭାବରେ ଅବଶ୍ୟ ପ୍ରବେଶ କରି ପାରିବ । ଚୈତ୍ୟ ତୁମର ଭୌତିକ ମଧ୍ୟରେ ଆପଣାକୁ ସିଧା ପ୍ରକାଶିତ କରି ପାରିବେ; ଏବଂ ସେଥିଲାଗି ତାହାକୁ ଅନ୍ୟ ଅବସ୍ଥାଗୁଡ଼ିକର ମଧ୍ୟଦେଇ ଆଦୌ ଆସିବାକୁ ହୁଏ ନାହିଁ । ଏହାହିଁ କଥାଟିର ଅର୍ଥ ।

'oaob.nitrkl.ac.in' images reprocessed

ମାଆ, ଏଠାରେ କୁହାହୋଇଛି : "ଏକ ପରିପୂର୍ଣ୍ଣ ସମତା ଏବଂ ଶାନ୍ତି, ଯାବତୀୟ ବ୍ୟକ୍ତିଗତ ଦାବି ଏବଂ ଭୌତିକ ତଥା ନିମ୍ନ-ପ୍ରାଣିକ ସ୍ତରର ବାସନାରୁ ମୁକ୍ତ ହୋଇ ରହିଥିବା ଏକ ପରିପୂର୍ଣ୍ଣ ଆତ୍ମୋତ୍ସର୍ଗ,—ଏହିଗୁଡ଼ିକୁହିଁ ପ୍ରତିଷ୍ଠିତ କରି ରଖିବାକୁ ପଡ଼ିବ ।"

ହଁ, ମାତ୍ର ତୁମେ କ'ଣ ପଚାରୁଛ ?

ଏହାକୁ କିପରି କରାଯିବ ?

ଏହାକୁ ତୁମେ କିପରି କରିବ ? ପ୍ରଥମେ ଏହାକୁ ଇଚ୍ଛା କରିବ, ତା'ପରେ ଏଥିଲାଗି ଅଭୀପ୍ସା ରଖିବ । ଏବଂ ତା'ପରେ, ତୁମ ଆଦର୍ଶର ବିରୋଧ କରୁଥିବା କୌଣସି କାର୍ଯ୍ୟ କରିବାକୁ ଯାଉଥିବା ସମୟରେ ତୁମେ ପ୍ରତ୍ୟେକ ଥର ତାହାକୁ ଆପଣାର ସମ୍ମୁଖରେ ଉତ୍ତୋଳିତ କରି ଧରିବ, ତାହା ଉପରେ ଆଲୋକଟିକୁ ପ୍ରତିଫଳିତ କରାଇବ ଏବଂ, ପରିବର୍ତ୍ତନ ଲାଗି ରହିଥିବା ତୁମର ଇଚ୍ଛାକୁ ମଧ୍ୟ ପ୍ରୟୋଗ କରିବ । ତୁମେ ଯେତେଥର ଅହଂପ୍ରଣୋଦିତ ହୋଇ କିଛି କରିବାକୁ ଯାଉଥିବ ଅଥବା, ଯାହା କରିବା ଅନୁଚିତ, ସେହିପରି କାର୍ଯ୍ୟଗୁଡ଼ିକୁ କରିବାକୁ ମନ କରୁଥିବ, ତୁମେ ତାହାକୁ ତାହାର ପୁଚ୍ଛଟିକୁ ଯାଇ ଧରି ପକାଇଲା ପରି ତତ୍‌କ୍ଷଣାତ୍ ଧରିବ ଏବଂ ତା'ପରେ ତାହାକୁ ଆପଣାର ଆଦର୍ଶ ସମ୍ମୁଖରେ ଆଣି ଉପସ୍ଥାପିତ କରିବ, ଅଗ୍ରଗତି କରିବା ଲାଗି ରହିଥିବା ତୁମର ଇଚ୍ଛାର ସମ୍ମୁଖରେ ତାହାକୁ ଉତ୍ତୋଳିତ କରି ରଖିବ; ତା'ପରେ ତା'ଉପରେ ଆଲୋକ ଏବଂ ଚେତନାକୁ ନେଇ ପ୍ରତିଫଳିତ କରାଇବ, ଯେପରିକି ତାହା ବଦଳିଯିବ ।

ଯାହା କରିବା ଉଚିତ ନୁହେଁ, ତାହାକୁ ଯାଇ ଧରିବା ଏବଂ ତା'ପରେ ତାହାକୁ ଦୃଢ଼ ଭାବରେ ଆଲୋକର ସମ୍ମୁଖରେ ଉତ୍ତୋଳିତ କରି ରଖିବା, ଯେପର୍ଯ୍ୟନ୍ତ ସେହି ଆଲୋକ ତାହା ଉପରେ କ୍ରିୟା କରି ତାହାକୁ ବଦଳାଇ ନ ଦେଉଛି : ଏହି କାର୍ଯ୍ୟଟିକୁ ତୁମେ ସର୍ବଦା ଅବଶ୍ୟ କରିପାରିବ । ସେତେବେଳେ ତୁମେ ଅନ୍ୟ ଯାହାକିଛି କରୁଥାଅ ନା କାହିଁକି, ଏହି କାର୍ଯ୍ୟଟିକୁ ଅବଶ୍ୟ କରି ପାରିବ । ପ୍ରତ୍ୟେକ ଥର, ଯେତେବେଳେ ବି ତୁମେ ଜାଣିବାକୁ ଆରମ୍ଭ କରିବ ଯେ ଏପରି ଗୋଟିଏ ଘଟନା ଘଟିବାକୁ ଯାଉଛି, ଯାହାକି ଆଦୌ ସମ୍ପୂର୍ଣ୍ଣ ଭାବରେ ଠିକ୍ ନୁହେଁ, ସେତେବେଳେ ତୁମେ ତାହାକୁ ସିଧା ଯାଇ ଧରି ପକାଇବ, ତାହାକୁ ଆଦୌ ଲୁଚି ରହିବାକୁ ଦେବ ନାହିଁ,—କାରଣ ତାହା ସର୍ବଦା ଲୁଚି ରହିବା ପାଇଁ ଚେଷ୍ଟା କରୁଥିବ : ତୁମେ ତାକୁ ଯାଇ ଧରି ପକାଇବ ଏବଂ ତା'ପରେ ଏହିପରି ଭାବରେ ତାକୁ ଆପଣାର ଚେତନ ଇଚ୍ଛାର ଆଲୋକଟି ସମ୍ମୁଖରେ ଉତ୍ତୋଳିତ କରି

'oaob.nitrkl.ac.in' images reprocessed

ଧରିବ; ତା'ପରେ ତାହା ଉପରେ ଆଲୋକଟିକୁ ପ୍ରତିଫଳିତ କରାଇ ଆଣିବ, ଯେପରିକି ତାହା ବଦଳିଯିବ ।

ଆଉ କିଛି ନାହିଁ ? ଆଉ କୌଣସି ପ୍ରଶ୍ନ ନାହିଁ ? କ'ଣ କହିଲ ?

(ମାଆ ପବିତ୍ରଙ୍କ ଆଡ଼କୁ ଅନାଇଲେ, ସେତେବେଳେ ପବିତ୍ର ଆଖି ବନ୍ଦ କରି ବସିଥିଲେ ।) ପବିତ୍ରଙ୍କର କିଛି ପଚାରିବାକୁ ଅଛି କି ? (ପବିତ୍ର ସେହିପରି ନିଶ୍ଚଳ ହୋଇ ରହିଥାଆନ୍ତି, ମାଆଙ୍କର କଥାକୁ ସିଏ ଶୁଣିପାରି ନ ଥିଲେ । ତାଙ୍କର ଧ୍ୟାନଭଙ୍ଗ କରାଇବା ଉଦ୍ଦେଶ୍ୟରେ ତାଙ୍କର ପାଖରେ ବସିଥିବା ବ୍ୟକ୍ତି ଜଣକ ନିଜ କଲମରେ ତାଙ୍କୁ ଖେଞ୍ଚି ଦେଲେ । ସମସ୍ତଙ୍କର ହାସ୍ୟରୋଳ ମଧ୍ୟରେ ପବିତ୍ର ଆଖି ଖୋଲିଲେ । ମାଆ ତାଙ୍କୁ କହିଲେ :) ଆଉକିଛି ପଚାରିବାକୁ ଅଛି ? (ତାଙ୍କର କିଛି ପଚାରିବାକୁ ନାହିଁ ବୋଲି ପବିତ୍ର ସଙ୍କେତ ଦେଲେ । ପୁନର୍ବାର ହାସ୍ୟରୋଳ ।)

ମାଆ, ଅନେକ ସମୟରେ ଅବତାର ରୂପେ ଜନ୍ମିଥିବା ଏକ ସତ୍ତାଙ୍କର ଏକ ଅତ୍ୟନ୍ତ ଦୁର୍ବଳ ଶରୀରଟିଏ ରହିଥାଏ; ଏହି କ୍ଷେତ୍ରରେ ତାଙ୍କର ଶରୀର ଏବଂ ପୃଥିବୀପୃଷ୍ଠରେ ତାଙ୍କର କାର୍ଯ୍ୟ ଲାଗି ଏକ ପ୍ରତିବନ୍ଧକ ପରି କାର୍ଯ୍ୟ କରେ ନାହିଁ କି ?

ଜଣେ ଅବତାରରୂପେ ଜନ୍ମ ଗ୍ରହଣ କରିଥିବା ଏକ ସତ୍ତା ? ତୁମେ ତାହାକୁ ଏପରି ଗୋଟିଏ ସତ୍ତା ବୋଲି କହୁଛ ?

ଉଦାହରଣସ୍ୱରୂପ, ରାମକୃଷ୍ଣ କିଂବା ଆଉ କେତେକ···

ଅଚ୍ଛା, ଅଚ୍ଛା,—ମାତ୍ର ତୁମର ପ୍ରଶ୍ନଟିକୁ ମୁଁ ଆଦୌ ଭଲ ଭାବରେ ବୁଝି ପାରିଲି ନାହିଁ । ବର୍ତ୍ତମାନର ଯେକୌଣସି ସତ୍ତା,—ସିଏ ଯାହା ବା ଯିଏ ହୋଇଥାଆନ୍ତୁ ପଛକେ, ତାଙ୍କର ସର୍ବଦା ଏକ ଚୈତ୍ୟସତ୍ତା ଅବଶ୍ୟ ରହିଥାଏ । ସାଧାରଣତଃ ଏହା ଚୈତ୍ୟସତ୍ତାଟିର ବିବର୍ତ୍ତନ-ମାତ୍ରାଟି ଉପରେହିଁ ନିର୍ଭର କରିଥାଏ; ମାତ୍ର ତଥାପି, ଶରୀରଧାରୀ ପ୍ରତ୍ୟେକ ଚୈତ୍ୟସତ୍ତାର ସତ୍ତାଗତ ନାନା ଅବସ୍ଥା ରହିଥାଏ, ଯାହାକି ବର୍ତ୍ତମାନର ଗଠନଟି ଅନୁସାରେ ଗଠିତ ହୋଇଥାଏ । ଏହି ସବୁକିଛିରେ ରୂପାନ୍ତର ଘଟାଇବାହିଁ ସର୍ବଦା ତାହାର କାର୍ଯ୍ୟ ହୋଇ ରହିଥାଏ; ସତେଯେପରି ରୂପାନ୍ତରର କ୍ଷେତ୍ରରେ ଈଶ୍ୱର ଏହି ଭାଗଟିହିଁ ତାଙ୍କରି କାର୍ଯ୍ୟରୂପେ ତାଙ୍କୁ ପ୍ରଦତ୍ତ ହୋଇ ରହିଥାଏ ଏବଂ ତାଙ୍କ ଉପରେ ନ୍ୟସ୍ତ ହୋଇ ରହିଥାଏ । ଏବଂ, ଆପଣା ବ୍ୟକ୍ତିକ୍ଷେତ୍ରଟିଠାରୁ ତାଙ୍କ ହାତରେ ଏକ ଅଧିକ ବ୍ୟାପକ

'oaob.nitrkl.ac.in' images reprocessed

କାର୍ଯ୍ୟ ନ୍ୟସ୍ତ ହୋଇ ରହିଥିଲେ ମଧ୍ୟ, ନିଜର ବ୍ୟକ୍ତିକ୍ଷେତ୍ରରେ ଏହି କାର୍ଯ୍ୟଟିକୁ ନ କରି ପାରିଲେ ସିଏ ସେହି ଅନ୍ୟ କାର୍ଯ୍ୟଟିକୁ ମଧ୍ୟ ଆଦୌ ସମ୍ପାଦନ କରିପାରନ୍ତି ନାହିଁ।... ନିଜକୁ ବଦଳାଇବାକୁ ଆରମ୍ଭ ନ କଲେ ତୁମେ କଦାପି ବାହାରର ପୃଥିବୀକୁ ବଦଳାଇ ପାରିବ ନାହିଁ। ଏଇଟି ହେଉଛି ସର୍ବପ୍ରଥମ ସର୍ତ୍ତ; ଏବଂ, ସାନ ଓ ବଡ଼, ବୃଦ୍ଧ ଓ ତରୁଣ ସମସ୍ତଙ୍କ ଲାଗି—ବୃଦ୍ଧ, ଅର୍ଥାତ୍ ଯେଉଁମାନେ ଅନେକ ବର୍ଷ ବଞ୍ଚିଲେଣି, ଏବଂ ତରୁଣ, ଯେଉଁମାନେ ଅନେକ ଦିନ ବଞ୍ଚି ନାହାନ୍ତି— ସମସ୍ତଙ୍କ ବେଳକୁ ସେହି ଏକା କଥା। ଏହି କାରଣରୁହିଁ ଏକ ଚୈତ୍ୟସତ୍ତା ଲାଗି ଏହି ପୃଥିବୀପୃଷ୍ଠରେ ଜୀବନଧାରଣ ତା'ର ଅଗ୍ରଗତି ଲାଗି ଗୋଟିଏ ସୁଯୋଗ ଆଣି ଯୋଗାଇ ଦେଇଥାଏ।

ଏହି ଧରଣୀପୃଷ୍ଠରେ ତୁମେ ଯେତିକି ଦିନ ରହିବ, ତାହା ହେଉଛି ଆପଣାର ଅଗ୍ରଗତି ଲାଗି ତୁମକୁ ପ୍ରାପ୍ତ ହୋଇଥିବା ସମୟ। ଏହି ପୃଥିବୀସ୍ଥ ଜୀବନର ବାହାରେ ପ୍ରକୃତରେ ଆଦୌ କୌଣସି ଅଗ୍ରଗତି ନାହିଁ। ପୃଥିବୀସ୍ଥ ଜୀବଦଶାରେହିଁ ଅଗ୍ରଗତିର ଯାବତୀୟ ସମ୍ଭାବନା ଏବଂ ସାଧନ ଉପଲବ୍ଧ ହୋଇଥାଏ। ମାତ୍ର, ଚେତନାଯୁକ୍ତ ସକଳ ବ୍ୟକ୍ତିଙ୍କ ଲାଗିହିଁ ସେହି ସମାନ ଅବସରଟି ପ୍ରାପ୍ତ ହୁଏ; ଯେଉଁମାନଙ୍କୁ ତୁମେ ଅବତାର ରୂପେ ଜନ୍ମଗ୍ରହଣ କରନ୍ତି ବୋଲି କହୁଛ, କେବଳ ସେମାନଙ୍କ ଲାଗି ଆଦୌ ନୁହେଁ। ପ୍ରତ୍ୟେକ ସତ୍ତା ଲାଗି ସମାନ ଭାବରେ ଏହି ଅବସର ମିଳିଥାଏ। ଆମେ ପ୍ରଥମେ ନିଜଠାରୁହିଁ କାର୍ଯ୍ୟଟିକୁ ଆରମ୍ଭ କରିବା। ନିଜ କ୍ଷେତ୍ରର କାର୍ଯ୍ୟଟି ସମ୍ପାଦିତ ହୋଇଗଲେ, ଆମେ ଅନ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ସେହି କାର୍ଯ୍ୟଟିକୁ କରି ପାରିବା। ମାତ୍ର, ନିଜ କ୍ଷେତ୍ରରେ କରିବା, ତାହାହିଁ ସର୍ବପ୍ରଥମ କାର୍ଯ୍ୟ।

ମାଆ, ଅନ୍ଧକାର ଏବଂ ଅଜ୍ଞାନର ଏହି ପୃଥିବୀକୁ ଦିବ୍ୟ ପରମସତ୍ତା ଅବତରଣ କରି ଆସିଛନ୍ତି···

ସେଇଠୁ କ'ଣ ହେଲା ?

ସିଏ କିପରି ଅନୁଭବ କରୁଥିବେ ?

କ'ଣ କହିଲ ? ସେ କିପରି ଅନୁଭବ କରୁଥିବେ ? ତୁମେ କ'ଣ କେବେ ଏପରି ଗୋଟିଏ ସ୍ଥାନକୁ ଯାଇ ନାହିଁ, ଯାହାକି ଘୋଟାସୁଦ୍ଧା ଅନ୍ଧାର ହୋଇ ରହିଥାଏ, ଯେଉଁଠାରେ କି ଆଦୌ କୌଣସି ଆଲୋକର ସାହାଯ୍ୟ ନ ନେଇ ତୁମକୁ ଆପଣାର ପଥଟିକୁ ଆବିଷ୍କାର କରିବା ପାଇଁ ବାଧ୍ୟ ହେବାକୁ ହୁଏ ? ତୁମ ଜୀବନରେ କେବେ ଏପରି ଘଟିଛି ? ···ଏପରି ଗୋଟିଏ ଅଜାଣ ସ୍ଥାନ,

'oaob.nitrkl.ac.in' images reprocessed

ଯେଉଁଠାରେ ଅନ୍ଧକାର ଘୋଟି ରହିଥାଏ, ସେଉଁଠାରେ କି କୌଣସି ଆଲୋକର ସହାୟ୍ୟ ନେଇ ନିଜର ବାଟ ପାଇବାକୁ ହୁଏ ? ତୁମେ କେବେହେଲେ ଏପରି ଏକ ସ୍ଥାନକୁ ଯାଇ ନାହଁ ? ଯାଇ ନାହଁ, ନୁହେଁ ? ଯଦି ଯାଇଥାନ୍ତ, ତେବେ ନିଶ୍ଚୟ ଜାଣିଥାନ୍ତ । ଉଦାହରଣସ୍ୱରୂପ, ତୁମେ ତାହାରେ···ମନେକର, କୌଣସି ଅରଣ୍ୟ ମଧ୍ୟରେ ଅଛ···ଏଇଟା ଗୋଟାଏ ବଡ଼ ଜାଗା ହୋଇଗଲା···ମାନ ଆମେ କହିବା, ବେଶ୍ ବଡ଼ ଗୋଟିଏ ଜଙ୍ଗଲ ଭିତରେ ଅଛ—ସେଠାରେ ତୁମେ ଦୀର୍ଘ କାଳ ବ୍ୟାପି ରହିଛ ଏବଂ ସେଠାରେ ଆଉ କୌଣସି ଆଲୁଅ ଦେଖିବାକୁ ମିଳୁ ନାହିଁ ଏବଂ, ନିଜର ନିଜର ବାଟ ପାଇବାକୁ ହେବ, ସେକଥା ତୁମକୁ ମୋଟେ ଜଣା ନାହିଁ । ତୁମ ଜୀବନରେ ଏକଥା କେବେ ଘଟି ନାହିଁ ? ସବୁଦା କ'ଣ ତୁମେ ଯଥେଷ୍ଟ ଆଲୁଅ ଭିତରେ ରହି ଆସିଛ ?

ମାଆ, ଯଦି କେହି କେତେକ ଅନୁଭୂତି ଅଥବା ସେହିପରି କିଛି ଲାଭ କରିବାକୁ ଚାହୁଁଥାଏ, ତେବେ ତାକୁ ସର୍ବପ୍ରଥମେ କ'ଣ କରିବାକୁ ପଡ଼ିବ ?

ଅନୁଭୂତି ଲାଭ କରିବାକୁ ? କେଉଁ ପ୍ରକାରର ଅନୁଭୂତି ? ନାନା ଅନ୍ତର୍ଦୃଷ୍ଟି ଲାଭର ସମର୍ଥ ହେବା ନା କେତେକ ମନସ୍ତତ୍ତ୍ୱଗତ ଅନୁଭୂତି ଲାଭ କରିବା, ବା—କେଉଁ ପ୍ରକାରର ଅନୁଭୂତି ?

ବସ୍ତୁତଃ, ସମସ୍ତ ଜୀବନ ହେଉଛି ଏକ ଅନୁଭୂତି, ନୁହେଁ କି ? ଆମେ ଆମର ସମସ୍ତ ସମୟରେହିଁ ଅନୁଭୂତିମାନ ଲାଭ କରୁ । ତୁମେ ଏଠାରେ ସ୍ଥୂଳ ଜଗତର ସୋପାନରେ ରହିଥିବା ଅଦୃଶ୍ୟ ବାସ୍ତବତାଗୁଡ଼ିକର ସଂସ୍ପର୍ଶରେ ଆସିବା ଅର୍ଥରେ ସେକଥା କହୁଛ କି ? ପ୍ରକୃତରେ କେଉଁ ଅର୍ଥରେ କହୁଛ ?

ଅଚ୍ଛା । ଏସବୁରି ଯାହା ମୋତେ ସର୍ବପ୍ରଥମ ସର୍ତ୍ତ ବୋଲି ଲାଗୁଛି, ତାହା ହେଉଛି ଯେ ତୁମେ ଏକ ବିଶ୍ୱାସକୁ ଆରମ୍ଭ କରିବ । ସ୍ଥୂଳ ସତ୍ତା ବ୍ୟତୀତ ଆଉକିଛୁ ଅବଶ୍ୟ ରହିଛି ବୋଲି ବିଶ୍ୱାସ କରିବ । ଏହାକୁ ସର୍ବପ୍ରଥମ ସର୍ତ୍ତ ବୋଲି ବୁଝାଯାଇ ପାରିବ । ଦ୍ୱିତୀୟ ସର୍ତ୍ତ ହେଉଛି ଯେ, ତାହା ପ୍ରକୃତରେ କ'ଣ, ତୁମେ ସେକଥା ଜାଣିବାକୁ ଚେଷ୍ଟା କରିବ; ଏବଂ ଏସବୁରି ତୁମେ ନିଜକୁହିଁ ପ୍ରକୃଷ୍ଟତମ କ୍ଷେତ୍ରରୂପେ ନିଜର କାମରେ ଲଗି ପାରିବ । ତେଣୁ, ତୁମେ ନିଜକୁ ଭଲକରି ଅଧ୍ୟୟନ କରିବାରୁହିଁ ସେହି କାର୍ଯ୍ୟଟିକୁ ଆରମ୍ଭ କରିବ ଏବଂ, କେଉଁସବୁ ଘଟଣା ପୂର୍ଣ୍ଣଭାବରେ ଶରୀର ଉପରେ ନିର୍ଭର କରୁଛି ଏବଂ ଅନ୍ୟ କ'ଣସବୁ ଶରୀର ଉପରେ ନିର୍ଭର ନ କରି ଆଉ ଅନ୍ୟକିଛୁ ଉପରେ ନିର୍ଭର କରୁଛି, ତୁମେ ଦୁଇଟି ମଧ୍ୟରେ ଏକ ଭେଦରେଖା ଟାଣିବାକୁ ସମର୍ଥ ହେବ । ତୁମେ ଯେତେବେଳେ ବେଶ୍ ଆରମ୍ଭ

'oaob.nitrkl.ac.in' images reprocessed

କରିପାରିବ । ତୁମ ନିଜର ଅନୁଭୂତି ଏବଂ ଭାବନାଗୁଡ଼ିକ କିପରି କାର୍ଯ୍ୟ କରୁଛନ୍ତି, ତୁମେ ସେକଥାଟିକୁ ପ୍ରଥମେ ନିରୀକ୍ଷଣ କରି ଦେଖି ପାରିବ । କାରଣ···ଆମର ବୋଧବ୍ୟାପାରଗୁଡ଼ିକ ଶରୀର ସହିତ ଏପରି ଭାବରେ ଜଡ଼ିତ ହୋଇ ରହିଥାଏ ଯେ, ସେଗୁଡ଼ିକ ମଧ୍ୟରେ ରହିଥିବା ଭେଦ ନିରୂପଣ କରିପାରିବା ପ୍ରକୃତରେ ଖୁବ କଷ୍ଟକର; ସେଗୁଡ଼ିକ ଆମର ଇନ୍ଦ୍ରିୟଚୟ ସହିତ ଏପରି ଭାବରେ ବାନ୍ଧି ହୋଇ ରହିଥାନ୍ତି ଯେ — ଏବଂ ଇନ୍ଦ୍ରିୟମାନେ ହେଉଛନ୍ତି ଶରୀରରହିଁ ଗୋଟିଏ ଗୋଟିଏ ସାଧନ, — ସେଗୁଡ଼ିକ ମଧ୍ୟରେ ଭେଦନିରୂପଣ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ । ମାତ୍ର ଆମର ଅନୁଭୂତିଗୁଡ଼ିକ ଆମ ହାତରୁ ଖସି ଚାଲିଯାଆନ୍ତି ··· ଆମେ ଅଙ୍ଗେ ନିଭାଉଥିବା ସଂବେଗଗତ ଅନୁଭବଗୁଡ଼ିକ; ଏବଂ, ଏହାର ମୂଳଟିକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବା ··ଏବଂ ତା'ପରେ, ଆମର ଭାବନାଗୁଡ଼ିକ ମଧ୍ୟ ରହିଛନ୍ତି···ଭାବନା କହିଲେ କ'ଣ ବୁଝାଏ ?

ଯଦି ଆମେ ସେଗୁଡ଼ିକର ପରିଚୟ ପାଇବା ଲାଗି ଚେଷ୍ଟା କରି ବାହାରିବା, —ଗୋଟିଏ ସଂବେଗ ବା ଗୋଟିଏ ଭାବନା କହିଲେ କ'ଣ ବୁଝାଏ ଏବଂ ସେଗୁଡ଼ିକ କିପରି କାର୍ଯ୍ୟ କରନ୍ତି, ଯଦି ବୁଝିବାକୁ ଚେଷ୍ଟା କରିବା, ତେବେ ସେତିକରେହିଁ ଆମେ ସେହି ବାଟରେ ବେଶ୍ ଅନେକ ଦୂର ଗଲୁ ବୋଲି ନିଶ୍ଚୟ ବୁଝାଯିବ । ଆମର ସଂବେଗ ଏବଂ ଭାବନାଗୁଡ଼ିକର କ୍ଷେତ୍ରରୁ ଆମ ଶରୀର ଉପରେ କିପରି ଏକ କ୍ରିୟା ହେଉଛି, ଆମକୁ ଯୁଗପତ୍ ଭାବରେ ସେହି କଥାଟିକୁ ବି ଦେଖିବାକୁ ପଡ଼ିବ । ଏବଂ ତା'ପରେ ଆଉ ଏକ କରଣୀୟ ମଧ୍ୟ ରହିଛି, ତାହା ହେଉଛି ଯେ, ଆମ ଭିତରେ ଯାହା ଅବିଚ୍ଛିନ୍ନ ହୋଇ ରହିଛି, ସ୍ଥାୟୀ ଭାବରେ ରହିଛି, ଯାହା ସକାଶେ କି ଆମେ ନିଜକୁ "ମୁଁ" ବୋଲି କହୁଛୁ, ମାତ୍ର ଯାହାକୁ ଆମର ଶରୀର ବୋଲି ବୁଝାଯିବ ନାହିଁ, ଆମେ ନିଜ ଭିତରକୁ ଦୃଷ୍ଟିପାତ କରି ସେହି ବସ୍ତୁଟିକୁ ଠାବ କରିବା । କାରଣ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ଆମେ ନିତାନ୍ତ ପିଲା ଥିଲୁ, ଯେତେବେଳେ ବର୍ଷକୁ ବର୍ଷ କ୍ରମଶଃ ବଡ଼ ହେଉଥିଲୁ, — ଯଦି ଏହି କ୍ଷେତ୍ରରେ ଗୋଟିଏ ନୋଟିଏ ବେଶ୍ ଦୀର୍ଘ ଅବଧିରେ ଏହାର ବିଚାର କରାଯାଏ, ଉଦାହରଣସ୍ୱରୂପ ପ୍ରାୟ ଦଶ ବର୍ଷର ଏକ ଅବଧି ନିଆଯାଏ, ତେବେ, ଆମର ଅତି ପିଲାସମୟର "ମୁଁ"ଠାରୁ ଏହି "ମୁଁ"ଗୁଡ଼ିକ ଅତ୍ୟନ୍ତ ଭିନ୍ନ ପ୍ରକାରର ହେବ । (ଅତି ଛୋଟ ଥିବା ସମୟକୁ ମାଆ ହାତର ଭଙ୍ଗୀ ଦ୍ୱାରା ଦେଖାଇଦେଲେ) ଏବଂ ବର୍ତ୍ତମାନ ତୁମେ ଯାହା ଅଛ, ତାହାଠାରୁ ମଧ୍ୟ ଅତ୍ୟନ୍ତ ଭିନ୍ନ ହେବ । ଏହି ସବୁଯାକ ସେହି ଗୋଟିଏ ବ୍ୟକ୍ତି ବୋଲି କହିବା ପ୍ରକୃତରେ କଷ୍ଟକର ହେବ । ଯଦି ତୁମେ କେବଳ ଏହି କଥାଟିର ବିଚାର କରିବ, — ତଥାପି ସେହି କ୍ଷେତ୍ରରେ ଏପରି ବସ୍ତୁଟିଏ ରହିଛି, ଯାହାକି ଅନୁଭବ କରୁଛ ଯେ ସିଏ ସବୁଯାକ ପର୍ଯ୍ୟାୟରେ

'oaob.nitrkl.ac.in' images reprocessed

ସେହି ଗୋଟିଏ ବ୍ୟକ୍ତି ହୋଇହିଁ ରହିଆସିଛୁ । ତେଣୁ ବିଶ୍ଳେଷଣ କରିବାକୁ ହେବ, ଖୋଜିବାକୁ ହେବ; ଏଇଟି ପ୍ରକୃତରେ କ'ଣ ତାହା ବୁଝିବାକୁ ପଡ଼ିବ । ବସ୍ତୁତଃ ଏହା ତୁମକୁ ସେହି ମାର୍ଗରେ ଅନେକ ଅନେକ ଦୂରଯାଏ ନେଇଯାଇ ପାରିବ । ତା'ପରେ ଯଦି ତୁମେ ଏହିସବୁ ବିଭିନ୍ନ ବସ୍ତୁଗୁଡ଼ିକ ମଧ୍ୟରେ—ଭାବନା, ସଂବେଗ, ଶରୀର ଉପରେ ସେମାନଙ୍କର କ୍ରିୟା — ରହିଥିବା ସମ୍ବନ୍ଧଗୁଡ଼ିକୁ ମଧ୍ୟ ଅଧ୍ୟୟନ କରିବ,—ଏବଂ ପ୍ରକୃତରେ ଆପଣାକୁ ସ୍ଥାୟୀ "ମୁଁ" ବୋଲି କହୁଥିବା ଉପାଦାନଟିକୁ ମଧ୍ୟ ଅଧ୍ୟୟନ କରିବ;—ସତ୍ତାର ସଞ୍ଚାରପଥରେ ଯାହାକି ସଂପୃକ୍ତ ବନ୍ଧନଟିକୁ ନିର୍ଣ୍ଣୟ କରିପାରିବାକୁ ସମର୍ଥ ହେଉଛୁ, —ଯଦି ତୁମେ ଯଥେଷ୍ଟ ମନୋନିବିଷ୍ଟ ହୋଇ ତାହାକୁ ଖୋଜି ବାହାର କରିବାକୁ ମନ କରିବ, ତେବେ ତାହା ତୁମକୁ ବହୁଦୂରକୁ ପରିଚାଳିତ କରିନେଇ ପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ଯଥେଷ୍ଟ ଦୂରକୁ ସନ୍ଧାନ କରିବ ଏବଂ ଯଥେଷ୍ଟ ଅଧ୍ୟବସାୟ ସହିତ କରିବ, ତେବେ ତୁମେ ଚୈତ୍ୟ ପାଖରେ ଆସି ପହଞ୍ଚିବ ।

ଏହି ମାର୍ଗ ତୁମକୁ ଚୈତ୍ୟ ପର୍ଯ୍ୟନ୍ତ ପରିଚାଳିତ କରିନେବ । ତେଣୁ, ଏଥିରେ ଏହି ଅନୁଭବଟି ହେବ, — ଏଇଟି ତୁମର ପ୍ରଥମ ଅନୁଭୂତି । ଆପଣାର ଅମର ସତ୍ତାର ଏହି ଅବିନାଶୀ ସ୍ୱରୂପଟି ସହିତ ଯେତେବେଳେ ତୁମେ ସଂସ୍ପର୍ଶ ଘଟାଇ ପାରିବ, ଏହି ଅମରତ୍ୱର ମାଧ୍ୟମରେ ତୁମେ ଆହୁରି ଅଧିକ ଦୂରକୁ ମଧ୍ୟ ଯାଇପାରିବ ଏବଂ ପରମ ଶାଶ୍ୱତ ପାଖରେ ଉପନୀତ ହେବ । ଏହା ହେଉଛି ଚେତନାର ତଥାପି ଆଉ ଗୋଟିଏ ସୋପାନ । ମାତ୍ର ଏହିପରି ସ୍ଥଳରେ ତୁମକୁ କ୍ରମାନ୍ୱୟରେ ସେହି ପଥର ଅନୁସରଣ କରିବାକୁ ହେବ । ଏଥିଲାଗି ଅନ୍ୟ ବାଟମାନ ମଧ୍ୟ ରହିଛି, ମାତ୍ର ଏହି ପଥଟି ସର୍ବଦା ଆମରି ପହଞ୍ଚ ଭିତରେ ରହିଥାଏ । ତୁମେ ତ ଜାଣିଛ, ପ୍ରତ୍ୟେକ ବ୍ୟକ୍ତି ସହିତ ତା'ର ଶରୀର ରହିଛି, ତା'ର ସଂବେଗ ଏବଂ ଭାବନାଗୁଡ଼ିକ ମଧ୍ୟ ତା'ସାଙ୍ଗରେ ରହିଛନ୍ତି; ଏବଂ, ଦିନର ଯେକୌଣସି ମୁହୂର୍ତ୍ତରେ, ଏପରିକି ସ୍ୱପ୍ନରେ ମଧ୍ୟ ଆମେ ଏହି ଅନୁସନ୍ଧାନଟିରେ ନିଜକୁ ବ୍ୟସ୍ତ କରି ରଖିପାରିବା । ଯଦି, ତୁମ ପାଖରେ ଆଉ କିଛି ରହିଥାଏ, ବ୍ୟକ୍ତିମାନେ, ବିବିଧ ବସ୍ତୁ ଅଥବା ନାନା ପରିସ୍ଥିତିମାନ ରହିଥାନ୍ତି, ତେବେ ତାହା ଅପେକ୍ଷାକୃତ ଅଧିକ ଜଟିଳ ହେବ । ମାତ୍ର ତଥାପି ତାହା ସର୍ବଦା ଜଣେ ବ୍ୟକ୍ତିର ପହଞ୍ଚ ଭିତରେ ରହିଥିବ । ନିଜର ଶରୀରକୁ, ନିଜର ସଂବେଗ ଓ ଭାବନାଗୁଡ଼ିକୁ, ଇନ୍ଦ୍ରିୟଗତ ବୋଧଗୁଡ଼ିକୁ ଆପଣା ସହିତ ବହନ କରି ରହିବାରୁ ତୁମକୁ କେହି ନିବୃତ୍ତ କରିପାରିବ ନାହିଁ । କ୍ରିୟାର ସେହି କ୍ଷେତ୍ରଟି ସର୍ବଦା ମହଜୁଦ ରହିଥିବ, — ତୁମ ଲାଗି ଅତ୍ୟନ୍ତ ସୁବିଧାଜନକ ହୋଇ ରହିଥିବ । ତେଣୁ ବାହାରେ ଖୋଜି ବୁଲିବାର କୌଣସି ଆବଶ୍ୟକତା ନ ଥିବ । ଯାହାକିଛି ଦରକାର, ତାହା ଆମ ପାଖରେ ମହଜୁଦ ରହିଥିବ । ତେଣୁ, ଏହି କ୍ଷେତ୍ରରେ ଯାହା ଏକାନ୍ତ ଲୋଡ଼ା, ତାହା ହେଉଛି ଅବଲୋକନ କରିପାରିବାର

'oaob.nitrkl.ac.in' images reprocessed

ଏବଂ ଆପଣାକୁ ସଂକେନ୍ଦ୍ରିତ କରି ରଖିବାର ଶକ୍ତି; — ଆପଣାର ସତ୍ତାରେ ଏକ ନିର୍ଦ୍ଦିଷ୍ଟ ଗତିସ୍ପନ୍ଦନକୁ କିମ୍ବା ଅବଚ୍ଛିନ୍ନ ଭାବରେ ଅନୁସରଣ କରିପାରିବା ଲାଗି ଏକ ସାମର୍ଥ୍ୟ । ଠିକ୍ ଯେପରି ଯେତେବେଳେ ତୁମକୁ କୌଣସି ଅନୁଭବ ତୀବ୍ର ଭାବରେ ଅଧିକାର କରି ରହିଥାଏ, ତୁମକୁ ସମ୍ପୂର୍ଣ୍ଣ ଭାବରେ କବଳଗତ କରି ରଖିଥାଏ, ସେତେବେଳେ ତୁମକୁ ସେଇଟି ଉପରେ ଅବଶ୍ୟ ଦୃଷ୍ଟିପାତ କରିବାକୁ ହୁଏ, ଅର୍ଥାତ୍ ତାହାରି ଉପରେ ସଂକେନ୍ଦ୍ରିତ ହୋଇ ରହିବାକୁ ପଡ଼େ, ତାହା କେଉଁଠାରୁ ଆସୁଛି, ତାହା ତୁମ ପାଖକୁ କାହିଁକି ଆସିଛି, ତାହାର ଉତ୍ତରଗୁଡ଼ିକୁ ଖୋଜି ବାହାର କରିବାକୁ ପଡ଼େ । ସଫଳତାର ଏହି କଥାଟିକୁ ବାହାର କରି ପାରିବା ଲାଗି ଏହିପରି ଅଭିନିବେଶିତ ହୋଇ ରହିବାର ଏହି କାର୍ଯ୍ୟଟି, ଏହାହିଁ ତୁମକୁ ଏକ ଅନୁଭୂତି ଆଡ଼କୁ ସିଧା ପରିଚାଳିତ କରି ନେବା ଲାଗି ଯଥେଷ୍ଟ । ଏବଂ ତା'ପରେ, ଉଦାହରଣସ୍ୱରୂପ, ଯଦି ତୁମେ ବାସ୍ତବ ପ୍ରୟୋଗ କରି କିଛି କରିବାକୁ ଇଚ୍ଛା କରୁଥାଅ, ଯଦି ଆପଣାର ଅନ୍ତରାନୁଭବର କ୍ଷେତ୍ରରେ ତୁମେ ସମ୍ପୂର୍ଣ୍ଣ ଭାବରେ ବିଚଳିତ ଓ ଉତ୍ତେଜିତ ହୋଇ ପଡ଼ୁଥାଅ, ଯଦି ତୁମ ଭିତରେ ଝଡ଼ ପରି କିଛି ବହିଯାଉଥାଏ, ତେବେ ଅଭିନିବେଶ ଦ୍ୱାରା ତୁମେ ସେହି ସବୁକିଛିର କାରଣ ଖୋଜି ବାହାର କରିବାକୁ ଚେଷ୍ଟା କରିପାରିବ — ସେହି ଅନ୍ତର୍ଗତ, ଯଥାର୍ଥ କାରଣଟିକୁ ବାହାର କରିବାକୁ ଚେଷ୍ଟା କରିବ ଏବଂ ଯୁଗପତ୍ ଭାବରେ ତୁମେ ଆପଣାର ସଂବେଗକ୍ଷେତ୍ରକୁ ଶାନ୍ତ, ସ୍ଥିରତା ଓ ଏକ ପ୍ରକାରର ଅନ୍ତର୍ଗତ ଅବିଚଳିତତା ଆଣିବାକୁ ମଧ୍ୟ ଅଭୀପ୍ସା ରଖିପାରିବ । କାରଣ ତା' ନ ହେଲେ ତୁମେ ସ୍ପଷ୍ଟ ଭାବରେ ଆଦୌ କିଛି ଦେଖି ପାରିବ ନାହିଁ । ସବୁକିଛି ଘୂର୍ଣ୍ଣିବାତ୍ୟା ହୋଇ ବୁଲୁଥିବା ସମୟରେ ଆମକୁ କିଛି ଦେଖାଯାଏ ନାହିଁ; ଯେପରିକି ତୁମେ କୌଣସି ବୃହତ୍ ଝଡ଼ର କବଳରେ ଯାଇ ପଡ଼ୁଥାଅ, ତୁମର ଚତୁର୍ଦ୍ଦିଗରେ ହୁ' ହୁ' ପବନ ବହିବାରେ ଲାଗିଥାଏ, ଧୂଳିର ମେଘ ସବୁଆଡ଼ୁ ଆଚ୍ଛାଦିତ ହୋଇ ରହିଥାଏ;—ସେତେବେଳେ ତୁମେ କିଛି ଦେଖିପାର ନାହିଁ । ଏଠାରେ ମଧ୍ୟ ଠିକ୍ ସେହିପରି ହୁଏ । ଦେଖିପାରିବାକୁ ହେଲେ ଆଗ ସବୁକିଛିକୁ ଶାନ୍ତ ହୋଇ ଯିବାକୁ ହୁଏ । ତେଣୁ ତୁମକୁ ଅଭୀପ୍ସା କରିବାକୁ ପଡ଼ିବ ଏବଂ ଝଡ଼ ଭିତରକୁ ···ଶାନ୍ତି, ସ୍ଥିରତା, ଅବିଚଳିତତା ପ୍ରଭୃତିକୁ ଏହିପରି ଭାବରେ ଆକର୍ଷିତ କରି ଆଣିବାକୁ ହେବ । ଯଦି ସେଥିରେ ମଧ୍ୟ ସଫଳତା ଲାଭ କର, ତେବେ ତାହା ମଧ୍ୟ ଆହୁରି ଏକ ଅନୁଭୂତି ହୋଇ ରହିବ — ଏହା ଏକ ଆରମ୍ଭ ରୂପେ କାର୍ଯ୍ୟ କରିବ ।

ଅବଶ୍ୟ ତୁମେ ଗୋଟିଏ ଜାଗାରେ ବସି ରହି ଏସବୁ କରିବାକୁ ଚେଷ୍ଟା କରିପାରିବ···ତୁମେ ଧ୍ୟାନସ୍ଥ ହେବ ନାହିଁ; କାରଣ, ଧ୍ୟାନ ହେଉଛି ଭାବନାକ୍ଷେତ୍ରର ଗୋଟିଏ କ୍ରିୟା, ଯାହା ତୁମକୁ କୌଣସି ଅନୁଭୂତି ଆଡ଼କୁ ପରିଚାଳିତ କରିନଏ

'oaob.nitrkl.ac.in' images reprocessed

ନାହିଁ । ମାତ୍ର ସକେନ୍ଦ୍ରିତ ହୋଇ ରହିବ, ଅଭୀପ୍‌ସା କରିବ, ଊର୍ଦ୍ଧ୍ୱସ୍ଥ ଶକ୍ତିଆଡ଼କୁ ଆପଣାକୁ ଉନ୍ମୋଚିତ କରିଦେବ; ଏବଂ ଯଦି ତୁମେ ଏହାକୁ ଯଥେଷ୍ଟ ଅବିଚ୍ଛିନ୍ନ ଭାବରେ କରିପାରିବ, ତେବେ ଏପରି ଏକ ମୁହୂର୍ତ୍ତ ଆସିବ, ଯେତେବେଳେ କି ତୁମେ ଏହି ଶକ୍ତିକୁ ଅନୁଭବ କରିବ, ଏହି ଶାନ୍ତି ଅଥବା ଏହି ନୀରବତା, ଏହି ନିସ୍ତବ୍ଧତା ସତ୍ତା ମଧ୍ୟକୁ ଅବତରଣ କରି ଓ ତାହାକୁ ଭେଦ କରୁଥିବାର ଅନୁଭବ କରିପାରିବ, ତୁମ ସତ୍ତାର ବହୁ ଗଭୀରକୁ ଅବତରଣ କରୁଥିବାର ଅନୁଭବ କରି ପାରୁଥିବ । ପ୍ରଥମ ଥର ଏହା ହୁଏତ କିଞ୍ଚିତ୍ ପରିମାଣରେ ହେବ ଏବଂ ତା'ପରେ ପରିମାଣରେ କ୍ରମଶଃ ବୃଦ୍ଧି ଘଟୁଥିବ । ଏଇଟି ମଧ୍ୟ ଏକ ଅନୁଭୂତି । ଏହି କଥାଗୁଡ଼ିକୁ ସହଜରେ କରାଯାଇ ପାରିବ ।

ମାତ୍ର ଯଦି, ଉଦାହରଣସ୍ୱରୂପ, ତୁମେ ଗୋଟିଏ ସ୍ୱପ୍ନ ଦେଖିବ, ତାହାକୁ ପୁରା ବିଶଦ ଏବଂ ନିର୍ଭୁଲ ଭାବରେ ମନେରଖି ପାରିଥିବ, ଯଦି ଏହି ସ୍ୱପ୍ନକୁ ବୁଝିବା ଲାଗି ତୁମେ ନିଜକୁ ତା'ଉପରେ ସକେନ୍ଦ୍ରିତ କରି ରଖିବ, ତେବେ ସେଇଟି ମଧ୍ୟ ତୁମ ଲାଗି ଏକ ଅନୁଭବ ହୋଇ ରହିବ; ବୁଝିବାର କେତୋଟି ଦ୍ୱାର ଖୋଲିଯାଇ ପାରିବ ଏବଂ ସ୍ୱପ୍ନଟିର ପଛରେ ଯେଉଁ ଗଭୀର ଅର୍ଥଟି ଲୁକ୍‌କାୟିତ ହୋଇ ରହିଥିଲା, ତୁମ ଆଗରେ ତାହା ହଠାତ୍ ପ୍ରତିଭାତ ହୋଇ ଉଠିବ । ଏହା ମଧ୍ୟ ଗୋଟିଏ ଅନୁଭବ—ଏହିପରି ଅନେକ କିଛି···ଏବଂ ତୁମ ଲାଗି ତାହାକୁ ଲାଭ କରିବାର ଏକ ସୁଯୋଗ ସବୁବେଳେ ରହିଥିବ । ଅବଶ୍ୟ ଏକଥା ସତ ଯେ, ଯେଉଁ ଅନୁଭବଟି ସବୁଠାରୁ ଅଧିକ ପରିମାଣରେ ତୁମକୁ ଏକ ସତ୍ୟୋଦ୍‌ଭାସର ଅଥବା କୌଣସି ନୂତନ ଉପଲବ୍ଧିର ବୋଧ ଆଣି ଦେଇଯାଏ, ସେଇଟିକୁ ତୁମେ ଚୈତ୍ୟର ସଂସ୍ପର୍ଶ ଲାଭ କରିବା ସଙ୍ଗେ ସଙ୍ଗେହିଁ ଅର୍ଜନ କରିଥାଅ; ସେହି ଚୈତ୍ୟକ୍ଷେତ୍ରରେ ତୁମେ ସେତେବେଳେ ଦିବ୍ୟ ପରମସତ୍ତାଙ୍କର ସାନ୍ନିଧ୍ୟ ମଧ୍ୟରେହିଁ ଅବସ୍ଥାନ କରୁଥାଅ; ଏଇଟି ହେଉଛି ପ୍ରକୃତରେ ସେହି ପ୍ରରୂପଗତ ଅନୁଭୂତି, ଯାହାକି ସତ୍ତାର ସମୁଦାୟ ଦର୍‌ବିନ୍ୟାସ ଏବଂ କ୍ରିୟାଶୀଳତା ଉପରେ ଏକ କ୍ରିୟା କରିବାରେ ଲାଗିଥାଏ । ଏହା ଶୀଘ୍ର ଆସିପାରେ ଅଥବା କିଛି ସମୟ ବି ନେଇପାରେ । ତଥାପି, ବର୍ତ୍ତମାନ ଆମେ ଯେଉଁ ସ୍ଥିତିରେ ରହିଛୁ ଏବଂ ସେହି ସ୍ଥିତିଟିର ମଧ୍ୟବର୍ତ୍ତୀ ହୋଇ ଅନେକ ସଂଖ୍ୟାର ସୋପାନ ରହିଛି । ଅର୍ଥାତ୍, ଅନୁଭବର ଅନେକଗୁଡ଼ିଏ ପର୍ଯ୍ୟାୟ ରହିଛି, ଯେଉଁଗୁଡ଼ିକୁ ଆମେ ଅବଶ୍ୟ ଲାଭ କରି ପାରିବା ।

ତେଣୁ, ଏହା ହେଉଛି ଏକ ଅତି ବ୍ୟାପକ କାର୍ଯ୍ୟକ୍ରମ । ଏଥିଲାଗି ପ୍ରଥମ ପଦକ୍ଷେପଗୁଡ଼ିକ ହେଉଛି : ଆପଣାକୁ ସଂଗୃହୀତ କରି ଆଣିବା, ଅତ୍ୟନ୍ତ ସ୍ଥିର ହୋଇ ରହିବାକୁ ଚେଷ୍ଟା କରିବା, ଏବଂ ଭିତରେ କ'ଣସବୁ ଘଟୁଛି, ତାହା ଉପରେ ଅବଲୋକନ କରିବା; ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକୁ ଦେଖିବା

'oaob.nitrkl.ac.in' images reprocessed

ଏବଂ, ଯାହା ଭିତରେ ଘଟୁଛି, ସେଗୁଡ଼ିକୁ ନିରୀକ୍ଷଣ କରିବା । କେବଳ ଉପରି-ଭାଗଟାରେ ସୀମାବଦ୍ଧ ରହି ଆଦୌ ଜୀବନ ବଞ୍ଚି ନ ଥିବା ।

ବୁଝିଲ ? ଆଉ କିଛି ଅଛି ?

ଧ୍ୟାନରେ ବସିଥିବା ବେଳେ ଏପରି କେତୋଟି ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଲଗାଯାଇଥିବା କେତେକ ଧନ ସକାଶେ ନିଜ ଆଗରେ ଅତ୍ୟନ୍ତ ଅପ୍ରୀତିକର ହୋଇ ରହିଥିବା ଆକୃତିମାନ ଦୃଷ୍ଟିଗୋଚର ହୁଏ । ଆରମ୍ଭରେ ଏପରି ହୁଏ ଓ ପରେ ଆଉ ହୁଏ ନାହିଁ । ଏପରି ହେବାର ଅର୍ଥ କ'ଣ ?

ହଁ, ସମ୍ଭବତଃ ତାହାର ଅର୍ଥ ହେଉଛି ଯେ, ଏକ ଗଭୀର ଅନ୍ତର୍ନିବେଶିତ ଅବସ୍ଥାରେ ଧ୍ୟାନରେ ବସିବା ପରିବର୍ତ୍ତେ ଆମେ ନିଜର ଚେତନାକୁ ହୁଏତ କୌଣସି ଏକ ପ୍ରାଣିକ ରାଜ୍ୟ ମଧ୍ୟରେ ଅଥବା ଆଦୌ ଖୁବ୍‌ବେଶୀ ସୁଖଦାୟକ ହୋଇ ରହି ନ ଥିବା ଏକ ମାନସିକ ରାଜ୍ୟ ମଧ୍ୟରେ ଉନ୍ମୁକ୍ତ କରି ରଖିଛୁ । ଏହାହିଁ ତାହାର ଅର୍ଥ । ତାହାର ଏପରି ଅର୍ଥ ମଧ୍ୟ ହୋଇପାରେ—ଆମର କେତେ ଦୂର ବିକାଶ ହୋଇ ପାରିଛି, ସେକଥା ତାହାର ଉପରେ ନିର୍ଭର କରେ—କେତେକ କ୍ଷେତ୍ରରେ ତାହାର ଏପରି ଅର୍ଥ ମଧ୍ୟ ହୋଇପାରେ ଯେ, ଯେତେବେଳେ ତୁମେ ନିଜେହିଁ ନିଜ ଅନ୍ତର୍ନିବିଷ୍ଟ ଅବସ୍ଥାର କର୍ତ୍ତା ହୋଇ ରହିଥାଅ ଏବଂ ତୁମେ ଯେ କୁଆଡ଼କୁ ଯାଉଛ, ସେକଥା ମଧ୍ୟ ଜାଣିଥାଅ—ତଥାପି ଏଥିଲାଗି ବେଶ୍ ଅନେକ ପରିମାଣରେ ଶୃଙ୍ଖଳା ଆବଶ୍ୟକ—ଏପରି ହୁଏତ ହୋଇପାରେ ଯେ, ସେତେବେଳେ ପ୍ରତିକୂଳ ଶକ୍ତି-ମାନଙ୍କର ଓ ମନ୍ଦ ଇଚ୍ଛାଗୁଡ଼ିକର ଏକ ବିଶେଷ ଭାବରେ ଆକ୍ରମଣ ଲାଗି ରହିଥାଏ, —ସେମାନେ କେତେକ ନିର୍ଦ୍ଦିଷ୍ଟ ସତ୍ତା ଅଥବା ନିର୍ଦ୍ଦିଷ୍ଟ ରାଜ୍ୟରୁ ଆସି ତୁମ ଉପରେ ଆକ୍ରମଣ କରୁଥା'ନ୍ତି । ମାତ୍ର ଏହାକୁ ଅବଶ୍ୟମ୍ଭାବୀ ଭାବରେ ଆଦୌ କୌଣସି ଆକ୍ରମଣ ବୋଲି ବୁଝାଯିବ ନାହିଁ । ତାହା କେବଳ ହୁଏତ ଏତିକି ମଧ୍ୟ ହୋଇପାରେ ଯେ, ଆମେ ନିଜର ଚେତନାକୁ ଏପରି ଏକ ସ୍ଥାନରେ ଆଣି ଉନ୍ମୋଚିତ କରି ଦେଇଛୁ, ଯାହାକି ଆଦୌ ଏକ ବାଞ୍ଛନୀୟ ସ୍ଥାନ ନୁହେଁ; ଅଥବା, ବେଳେବେଳେ, ଅନେକ ସମୟରେ ଏପରି ମଧ୍ୟ ହୋଇପାରେ ଯେ, ଆମ ନିଜ ଭିତରେ ଏପରି କେତେଗୁଡ଼ିଏ ପ୍ରାଣିକ ଓ ମାନସିକ ଗଠନ ରହିଥାନ୍ତି, ଯେଉଁଗୁଡ଼ିକ କି ଆଦୌ ଖୁବ୍‌ବେଶୀ ବାଞ୍ଛନୀୟ ନ ଥିଲେ; ଏବଂ, ଯେତେବେଳେ ଆମେ ଧ୍ୟାନାବସ୍ଥାର ଗଭୀରତା ମଧ୍ୟରେ ଆସି ପ୍ରବେଶ କଲୁ, ଅଥବା ଘଟିବାକୁ ଯାଉଥିବା କୌଣସି ଘଟଣା ବା ବସ୍ତୁର ପ୍ରତ୍ୟାଶା କରି ନିଜ ଭିତରେ ଏକ ନିଷ୍କ୍ରିୟ ଦୃଷ୍ଟିକୋଣ ପୋଷଣ କଲୁ, ସେତେବେଳେ ଏହି ଯେଉଁ ସ୍ପନ୍ଦନଗୁଡ଼ିକ ଆମ ଭିତରୁ ବାହାରି ଚାଲି ଯାଇଥିଲେ, ସେମାନେ ପୁନର୍ବାର ନିଜର ଅପ୍ରୀତିକର

'oaob.nitrkl.ac.in' images reprocessed

ସ୍ୱରୂପଟିକୁ ଧାରଣ କରି ଆମ ପାଖକୁ ଫେରି ଆସିଲେ । ଏହି କଥାଟି ଅନେକ ସମୟରେ ଘଟିଥାଏ : ଆମର ନାନା ପ୍ରକାରର ମନ୍ଦ ଅନୁଭୂତି ହେଉଥାଏ, ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଦୁଷ୍ଟ ବୋଲି କୁହାଯାଇ ପାରିବ ନାହିଁ, ମାତ୍ର ତଥାପି ଏପରି ବସ୍ତୁ ବୋଲି କୁହାଯିବ ଯେଉଁଗୁଡ଼ିକ କି ଆଦୌ ବାଞ୍ଛନୀୟ ନୁହେଁ;— ସେଗୁଡ଼ିକ ହେଉଛନ୍ତି ନାନା ପ୍ରକାରର ମନ୍ଦ ଭାବନା, ନାନାବିଧ ଅସନ୍ତୋଷର କେତେଗୁଡ଼ିଏ ବିସ୍ଫୋରଣ, ବିଦ୍ରୋହ ଅଥବା ଧୈର୍ଯ୍ୟହୀନତା ଅଥବା ଅତୃପ୍ତି ଅଥବା ··ତୁମେ ହୁଏତ କାହା ଉପରେ କ୍ରୁଦ୍ଧ ହୋଇ ରହିଛ,—ଏପରିକି ଭାବନାରେ ମଧ୍ୟ କ୍ରୁଦ୍ଧ ହୋଇ ରହିଛ,—କଥାରେ ପ୍ରକାଶ କରି କହିବାର ଆଦୌ କୌଣସି ଆବଶ୍ୟକତା ନ ଥାଏ·· ଏହିପରି କୌଣସି ଏକ ଘଟଣା ଘଟିଥାଏ । ଯେତେବେଳେ ତୁମେ ସ୍ଥିର ହୋଇ ବସି କୌଣସି ଏକ ଅନୁଭୂତି ଲାଭ କରିବା ନିମନ୍ତେ ଏକାନ୍ତ ନିସ୍ପନ୍ଦ ହୋଇ ଆସିବାକୁ ଚେଷ୍ଟା କରୁଥାଅ, ସେତେବେଳେ ଏହିସବୁ ଯାବତୀୟ ବସ୍ତୁ ସେଗୁଡ଼ିକର ସ୍ୱରୂପ ଧାରଣ କରି ତୁମ ପାଖକୁ ଆସିବାରେ ଲାଗନ୍ତି; ଅର୍ଥାତ୍ ଆଦୌ ପ୍ରୀତିକର କୌଣସି ରୂପ ଧରି ନୁହେଁ, ସେଗୁଡ଼ିକ ଭାରି କୁତ୍ସିତ, ବେଳେବେଳେ ଅତ୍ୟନ୍ତ କୁତ୍ସିତ ରୂପ ଧରି ଆସନ୍ତି । ମୁଁ ଭାବୁଛି ମୁଁ ଏକାଧିକ ବାର ତୁମମାନଙ୍କୁ ଏକଥା କହିଛି : ଯଦି ତୁମେ ଆପଣାର ଭାବନା ତଥା ପ୍ରାଣିକ ସମ୍ବନ୍ଧଗୁଡ଼ିକୁ ଆପଣାର ନିୟନ୍ତ୍ରଣରେ ରଖି ନ ଥାଅ, ଏବଂ ଯଦି ଜଣେ ବ୍ୟକ୍ତି କୌଣସି ନା କୌଣସି କାରଣରୁ ତୁମକୁ ଅପ୍ରସନ୍ନ କରି ପକାଇଥାଏ, ଯଦି ସେ ଏପରି କିଛି କରିଥାଏ କିଂବା କହିଥାଏ ଯାହାକି ତୁମକୁ ଆଦୌ ଭଲ ଲାଗେ ନାହିଁ,—ଏବଂ ତେଣୁ ତୁମେ ତାକୁ ଶତ୍ରୁଭାବାପନ୍ନ ବୋଲି ମନେ କରୁଥାଅ ଏବଂ, ତାହାର ସ୍ୱତଃସ୍ଫୂର୍ତ୍ତ ପ୍ରତିକ୍ରିୟା ସ୍ୱରୂପ କୌଣସି ନା କୌଣସି ପ୍ରକାରେ ତାକୁ ଶାସ୍ତି ଦେବା ଲାଗି ଇଚ୍ଛା କରୁଥାଅ କିଂବା ଯଦି ତୁମେ ଆହୁରି ଅଧିକ ପରିମାଣରେ ଅଧମ ହୋଇ — ଯଦି ମୁଁ ଏପରି କହିବାର ଅନୁମତି ପାଏ, — ତା' ଉପରେ ପ୍ରତିଶୋଧ ନେବା ଲାଗି ଇଚ୍ଛା କରୁଥାଅ ବା ତା' ଉପରେ ନିଶ୍ଚୟ କୌଣସି ନା କୌଣସି ମନ୍ଦ ଅଭିଶାପ ପଡ଼ିବ ବୋଲି ଆଶା ପୋଷଣ କରୁଥାଅ, ତେବେ ଏକଥା ଅନେକ ସମୟରେହିଁ ଘଟିବ ।

ତଥାପି, ଏହା ଏକାନ୍ତ ସ୍ୱତଃପ୍ରେରିତ ଭାବରେ ମଧ୍ୟ ଆସି ପହଞ୍ଚି ଯାଇ ପାରେ, ସେହିଭଳି ଏକ ତୀବ୍ର ପ୍ରତିକ୍ରିୟା ରୂପେ ଆସିପାରେ, ଏବଂ ତା'ପରେ ତୁମେ ଆଉ ସେବିଷୟରେ ଆଦୌ କୌଣସି ଚିନ୍ତା ମଧ୍ୟ କର ନାହିଁ । ମାତ୍ର, ତୁମେ ଯେତେବେଳେ ରାତିରେ ନିଦରେ ଶୋଇଥାଅ, ସେତେବେଳେ— ଏକଥା ନିଶ୍ଚିତରେ ଅନେକଶତ କ୍ଷେତ୍ରରେ ଘଟେ— ସେହି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଟି ଭାବ୍ ହିଂସା ଦ୍ୱାରା ଉନ୍ମତ୍ତ ହୋଇ ତୁମପାଖରେ ଆସି ଆବିର୍ଭୂତ ହୁଏ,—ହୁଏତ ତୁମକୁ

'oaob.nitrkl.ac.in' images reprocessed

ହତ୍ୟା କରିବାକୁ ଆସେ ଅଥବା ତୁମକୁ ରୋଗରେ ପକାଇଦେବାକୁ ଆସେ, ସତେଯେପରି ସିଏ ତୁମର ଯଥାସମ୍ଭବ ଅଧିକ ଅନିଷ୍ଟ ହେଉ ବୋଲି ଇଚ୍ଛା କରୁଛି; ଏବଂ ତା'ପରେ ତୁମେ ଅଜ୍ଞାନରେ ପଡ଼ି କହିବାକୁ ଲାଗ, "ହଁ, ତା' ଉପରେ କ୍ରୁଦ୍ଧ ହୋଇ ମୁଁ ଗୋଟିଏ ଉଚିତ କାର୍ଯ୍ୟହିଁ କରିଥିଲି।" ମାତ୍ର ଅସଲ କଥା ହେଉଛି ଯେ, ତୁମ ନିଜ ମନର ସଂରଚନାଟିହିଁ ଏହିପରି ଭାବରେ ତୁମପାଖକୁ ଆସିଥାଏ,—ହଁ, କେବଳ ତାହାହିଁ ତୁମ ଆଗରେ ଆସି ଆବିର୍ଭୂତ ହୋଇଥାଏ। ସେହି ବ୍ୟକ୍ତି ଏହି କ୍ଷେତ୍ରରେ ଆଦୌ ବିଦ୍ୟମାନ ନ ଥାଏ,—ଏହିପରି ଘଟିବାରେ ତାହାର ଆଦୌ କୌଣସି ଦୋଷ ବା ଦାୟିତ୍ୱ ନ ଥାଏ। ଏପରି ଘଟଣା ଅଧିକାଂଶ ସମୟରେ ଘଟେ; ଅର୍ଥାତ୍, ଯେଉଁ ବ୍ୟକ୍ତିମାନେ ଏହିପରି ବିଦ୍ୱେଷ, କ୍ରୋଧ ଅଥବା ହିଂସ୍ରତା ଦ୍ୱାରା ପ୍ରଣୋଦିତ ହୋଇ ତଦନୁରୂପ ଗତିସ୍ପନ୍ଦନଗୁଡ଼ିକୁ ପ୍ରଶ୍ରୟ ଦିଅନ୍ତି, ସେମାନଙ୍କ କ୍ଷେତ୍ରରେ ଅଧିକାଂଶ ସମୟରେ ଏହିପରି ଘଟିଥାଏ। ଏବଂ ସେମାନେ ଏହିପରି ଭାବରେ ଆପଣାର ଏହିସବୁ ସ୍ୱପ୍ନ ଭିତରେ ଆପଣାର ଗତିସ୍ପନ୍ଦନଗୁଡ଼ିକ ମଧ୍ୟରେ ଏକ ଔଚିତ୍ୟ ରହିଛି ବୋଲି ସନ୍ଦର୍ଶନ କରିଥାନ୍ତି—ମାତ୍ର, ତାହା ପ୍ରକୃତରେ ସେମାନଙ୍କର ନିଜ ଅନୁଭବଗୁଡ଼ିକରହିଁ ଏକ ଅତ୍ୟନ୍ତ ଶକ୍ତିଶାଳୀ ପ୍ରତିରୂପ ପରି ହୋଇ ରହିଥାଏ। କାରଣ, ସଂରଚନାଟି ପ୍ରକୃତରେ ଏହିପରି ଭାବରେହିଁ ସେମାନଙ୍କ ପାଖକୁ ଲେଉଟି ଆସିଥାଏ।

ଏହିସବୁ ଅବସ୍ଥାରେ ତେବେ କ'ଣ କରିବାକୁ ହେବ ?

କ'ଣ କରିବାକୁ ହେବ ? ପ୍ରଥମତଃ, ମନ୍ଦ ଭାବନାଗୁଡ଼ିକୁ ମୋଟେ ପ୍ରଶ୍ରୟ ଦେବ ନାହିଁ। ତା'ପରେ ଦ୍ୱିତୀୟତଃ, ଆଦୌ ଭୟ କରିବ ନାହିଁ; ଅତ୍ୟନ୍ତ ଭୀଷଣ କଥାମାନ ଦେଖିଥିଲେ ମଧ୍ୟ କୌଣସି ଭୟ କରିବ ନାହିଁ—କେବଳ ଯେ ଭୟ କରିବ ନାହିଁ ତା' ନୁହେଁ, କୌଣସି ପ୍ରକାର ବିରକ୍ତି ବା ଘୃଣା ମଧ୍ୟ ପ୍ରକାଶ କରିବ ନାହିଁ। କେବଳ ସମ୍ପୂର୍ଣ୍ଣ ଭାବରେ ସ୍ଥିର ହୋଇ ରହିବ,—ଏବଂ ଯଥାସମ୍ଭବ ଅଧିକ ନିର୍ମଳ ଏବଂ ନିର୍ବିଚଳ ହୋଇ ରହିବାକୁ ଚେଷ୍ଟା କରିବ। ତା'ପରେ ଏହି କଥାଟି ଯାହାକିଛି ହୋଇଥାଉ ନା କାହିଁକି, ତୁମର ନିଜର ଏକ ସଂରଚନା ହୋଇଥାଉ, ବା ଅନ୍ୟମାନଙ୍କଠାରୁ ତୁମପାଖକୁ ଆସିଥାଉ, ଏହା ଏକ ଆକ୍ରମଣ ହୋଇଥାଉ ଅଥବା ଏକ ଅସ୍ଥାନ ବି ହୋଇଥାଉ,—ଯାହାକିଛି ହୋଇଥାଉ ପଛକେ—ସବୁକିଛି ପୁନର୍ବାର ଠିକ୍ ହୋଇଯିବ। ମାତ୍ର ସର୍ବୋପରି ଏହି କଥାଟି ମନେ ରଖିବ : ସ୍ଥିର ଓ ନିଶ୍ଚଳ ହୋଇ ରହିବ, ସମ୍ଭାବ୍ୟ ସକଳ ପ୍ରକାରର ଭୟରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ କରି ରଖିଥିବ। ତୁମ ଭିତରେ କୌଣସି ପ୍ରକାର ବିରକ୍ତିଭାବ ନ ଥିବ, କୌଣସି ଘୃଣା କିଂବା ତଦନୁରୂପ ଆଦୌ କିଛିହେଲେ

'oaob.nitrkl.ac.in' images reprocessed

ନ ଥିବ; ହଁ, ଠିକ୍ ସେହିପରି ରହିବ: ସମ୍ପୂର୍ଣ୍ଣ ଉଦାସୀନ ଓ ସମ୍ପୂର୍ଣ୍ଣ ସ୍ଥିର ରହିଥିବ । ତେବେ ଆଦୌ କୌଣସି ଖରାପ କଥା ଘଟିବ ନାହିଁ, ଆଦୌ କିଛୁ ଘଟିବ ନାହିଁ । ଯଦି ପ୍ରକୃତରେ ବି କୌଣସି ଶତ୍ରୁ ତୁମକୁ ଆକ୍ରମଣ କରିବା ଲାଗି ଆସୁଥାଏ, ତେବେ ସିଏ ମଧ୍ୟ ଶକ୍ତିହୀନ ହୋଇଯିବ ।

ସକଳ କ୍ଷେତ୍ରରେ,—ଆଦୌ କୌଣସି ବ୍ୟତିକ୍ରମ ନ ଥାଇ—ଯାହାକିଛି ଘଟୁ ପଛକେ, ସ୍ଥିର ରହିଥିବ, ନୀରବ ଥିବ, ଏକ ପରିପୂର୍ଣ୍ଣ ପ୍ରଶାନ୍ତ ବିରାଜିତ ରହିଥିବ ଏବଂ ଦିବ୍ୟ ପରମକରୁଣା ଉପରେ ଅବିଚଳ ବିଶ୍ୱାସ ରହିଥିବ । ଯଦି ତୁମ ପାଖରେ ଏହି ସବୁକିଛି ଥାଏ, ତେବେ ଆଦୌ କିଛିହେଲେ ଘଟିବ ନାହିଁ । ଏବଂ, ଅନୁଭୂତିମାନ ଲାଭ କରିବାକୁ ହେଲେ ତୁମ ପାଖରେ ଏହି ସବୁକିଛି ରହିଥିବା ଆବଶ୍ୟକ; କାରଣ, ଏହା ବ୍ୟତୀତ ଯେଉଁ ଅନୁଭୂତିମାନ ହୁଏ,—ତାହା ଆଦୌ ଯଥାର୍ଥ ନୁହେଁ । ମାତ୍ର ଏସବୁ ଥାଇ ଯେଉଁ ଅନୁଭୂତି ହୁଏ, ତାହା ପ୍ରକୃତରେ ଅତ୍ୟନ୍ତ ଚମତ୍କାର ।

'oaob.nitrkl.ac.in' images reprocessed

# ୨୭ ମାର୍ଚ୍ଚ ୧୯୫୫

'ଯୋଗାଧାର' ସୁ ପ୍ରବନ୍ଧର ସପ୍ତମ ଅଧ୍ୟାୟ "ଭୌତିକ ଚେତନା ଇତ୍ୟାଦି" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ । ସେଦିନ ସନ୍ଧ୍ୟାରେ ନିମ୍ନୋକ୍ତ କେତୋଟି ବାକ୍ୟରେ ପାଠଟି ଶେଷ ହୋଇଥିଲା ।

"ସକଳ ବସ୍ତୁର ଯେ କେବଳ ଏକ ପୁନରାବୃତ୍ତି ହେଉଥାଏ ଏବଂ କେବଳ ପ୍ରାନ୍ତଭାଗିକ ସ୍ତରଟି ବ୍ୟକ୍ତୀତ ବସ୍ତୁଗୁଡ଼ିକରେ ଆଉ କୌଣସି ପରିବର୍ତ୍ତନ ହୁଏ ନାହିଁ, ଅବଚେତନ ହେଉଛି ତାହାର ପ୍ରଧାନ କାରଣ । ଏହି କାରଣରୁହିଁ ଲୋକେ କହିଥାନ୍ତି ଯେ ଚରିତ୍ର କଦାପି ବଦଳି ପାରିବ ନାହିଁ; ଏହି କାରଣରୁହିଁ, ଯାହାର କବଳରୁ ଆମେ ମୁକ୍ତ ପାଇ ସାରିଲୁଣି ବୋଲି ଆଶା କରି ସାରିଥାଉ, ସେଗୁଡ଼ିକ ମଧ୍ୟ ବାରଂବାର ଲେଉଟି ଆସିବାରେ ଲାଗିଥାନ୍ତି । ···ଆମକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ନ ଯାଇ ଯାହାକିଛି ଅବଦମିତ ହୋଇ ରହିଥାଏ ତାହା ନିମ୍ନକୁ ଯାଇ ସେହି ଅବଚେତନ ମଧ୍ୟରେ ଅବସ୍ଥାନ କରୁଥାଏ; ସେଠାରେ ତାହା ବୀଜରୂପରେ ଥାଏ, ଯେକୌଣସି ମୁହୂର୍ତ୍ତରେ ଉପରକୁ ଉଠିଆସିବା ଲାଗି ଅଥବା ଅଙ୍କୁରରୂପେ ଆବିର୍ଭୂତ ହେବା ଲାଗି ପ୍ରସ୍ତୁତ ହୋଇ ରହିଥାଏ ।"

ମାଧ, ଏଥିରେ ଯେ ଆଦୌ କୌଣସି ଆଶା ନାହିଁ, ସେକଥା ନୁହେଁ । କାରଣ ଏହା ଯଦି ନୈରାଶ୍ୟକର ହୋଇଥାନ୍ତା ତେବେ ସ୍ଥୂଳ ରୂପାନ୍ତର କଦାପି ସମ୍ଭବ ହୁଅନ୍ତା ନାହିଁ ।

ବୁଝିଲ ?

ଆଉ କ'ଣ ପଚାରିବାର ଅଛି, ପଚାର ।

ମାଆ, କୌଣସି ବସ୍ତୁ ଯେପରି ଅବଚେତନ ମଧ୍ୟରେ ପ୍ରବେଶ କରି ନ ପାରିବ, ସେଥିଲାଗି ଆମେ ତାହାକୁ ପ୍ରାଣିକର କ୍ଷେତ୍ରରେ କିପରି ବର୍ଜନ କରି ପାରିବା ?

ଆଚ୍ଛା ।

'oaob.nitrkl.ac.in' images reprocessed

କୌଣସି ବସ୍ତୁକୁ ଆମେ ଚାହୁଁ ନାହୁଁ ବୋଲି ତାହାକୁ ପଶ୍ଚାଦ୍‌ଭାଗକୁ ଠେଲିଦେବା ଏବଂ, ସେହି ବସ୍ତୁଟି ଯେପରି ଆମର ସ୍ୱଭାବ ଲାଗି ଏକାନ୍ତ ଅଗ୍ରହଣୀୟ ହୋଇ ରହିବ, ସେଥିଲାଗି ଆମେ ନିଜର ଚେତନାର ସ୍ଥିତିକୁ ବଦଳାଇ ଦେବା, —ଏହି ଦୁଇକଥା ମଧ୍ୟରେ ଏକ ବୃହତ୍ ପାର୍ଥକ୍ୟ ରହିଛି । ସାଧାରଣତଃ, ଆମର ଯେତେବେଳେ କୌଣସି ଏକ ଅବାଞ୍ଛିତ ଗତିସ୍ପନ୍ଦନ ହୋଇଥାଏ, ସେତେବେଳେ ତାକୁ ଆମେ ତଡ଼ି ବାହାର କରିଦେଉ ଅଥବା ପଶ୍ଚାଦ୍‌ଭାଗକୁ ଠେଲି ରଖିଦେଉ । ମାତ୍ର, ଆମ ଭିତରେ ଯେଉଁ ଉପାଦାନଟି ଏହି ଗତିସ୍ପନ୍ଦନଟି ଲାଗି ଏକ ଅବଲମ୍ବନ ଯୋଗାଇ ଦେଉଥିଲା ଓ ଏବେ ମଧ୍ୟ ଯୋଗାଇ ଦେଉଛି, ଏହି ଯେଉଁ ନିର୍ଦ୍ଦିଷ୍ଟ ପ୍ରବୃତ୍ତିଟି ବା ଚେତନାଗତ ସ୍ତରଟି ଏହି ବସ୍ତୁଟିକୁ ଆମ ଚେତନା ମଧ୍ୟରେ ପ୍ରବେଶ କରିବା ଲାଗି ସମର୍ଥ କରାଉଛି, ସେଇଟିକୁ ନିଜ ଭିତରୁ ଖୋଜି ଠାବ କରିବା ଲାଗି ଆମେ କୌଣସି ପ୍ରକାର ପନ୍ଥା ଗ୍ରହଣ କରୁ ନାହିଁ । ମାତ୍ର ଯଦି ଅନ୍ୟପକ୍ଷରେ ମାତ୍ର ଟିକିଏ ନିନ୍ଦା ନ କରି କିଂବା ଅସ୍ୱୀକାର ନ କରି ଆମେ ଗଭୀର ଭାବରେ ଆପଣାର ପ୍ରାଣିକ ଚେତନା ମଧ୍ୟରେ ପ୍ରବେଶ କରୁଥାଉ ଓ ସେହି ଅବଲମ୍ବନଟିକୁ ଠାବ କରିପାରୁଥାଉ, ଅର୍ଥାତ୍, ଯଦି, ହୁଏତ କୌଣସି କୋଣରେ ଅତ୍ୟନ୍ତ ଗଭୀର ଭାବରେ ପୋତା ହୋଇ ରହିଥିବା ସେହି ପ୍ରକାରର ନିର୍ଦ୍ଦିଷ୍ଟ କ୍ଷୁଦ୍ର ସ୍ପନ୍ଦନଟିକୁ ବାହାର କରିପାରୁଥାଉ—ଅନେକ ସମୟରେ ତାହା ଏପରି ଗୋଟିଏ ଅନ୍ଧାରୁଆ କୋଣରେ ଯାଇ ଲୁଚି ରହିଥାଏ ଯେ, ତାହାକୁ ସେଠାରେ ଠାବ କରିବା ମଧ୍ୟ ପ୍ରକୃତରେ ଭାରି କଷ୍ଟକର ହୋଇଥାଏ, ଯଦି ଆମେ ସେଇଟିକୁ ଖୋଜି ବାହାର କରିବାକୁ ଆରମ୍ଭ କରିଦେଉ, ଅର୍ଥାତ୍, ଯଦି ଭିତରକୁ ଯାଉ, ଅଭିନିବେଶିତ ହୋଇରହୁ ଏବଂ ସତେଅବା ସେହି ଗତିସ୍ପନ୍ଦନର ସେହି ସୂତାଟିକୁ ଅନୁସରଣ କରି ତାହାର ପ୍ରବାମୂଳ ପର୍ଯ୍ୟନ୍ତ ଯାଉ, ତେବେ ଆମେ ଦେଖିବାକୁ ପାଉ ଯେ ସେଠାରେ ଗୋଟିଏ ଜିନିଷ ପ୍ରକୃତରେ ସାନ ସାପଟିଏ ପରି କୁଣ୍ଡଳୀ ବାନ୍ଧି ରହିଛି,—ଅତ୍ୟନ୍ତ କ୍ଷୁଦ୍ର ଜିନିଷଟିଏ, ହୁଏତ ଗୋଟିଏ ମଟରଚଣାଠାରୁ ବି ବଡ଼ ହେବ ନାହିଁ,—ମାତ୍ର ଦେଖିବାକୁ ଭାରି କଳା ଏବଂ ତାହା ଅତ୍ୟନ୍ତ ଗଭୀରରେ ଯାଇ ରହିଛି ।

ଏବଂ ଏହି କ୍ଷେତ୍ରରେ ଦୁଇପ୍ରକାର ପ୍ରଣାଳୀ ରହିଛି : ହୁଏତ ଏପରି ପ୍ରଗାଢ଼ ଓ ସଘନ ଭାବରେ ସେଠାରେ ଏକ ଆଲୋକପାତ କରାଇବ, ସତ୍ୟ-ଚେତନାର ଆଲୋକଟିକୁ ନେଇ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ତାହା ଉପରେ ପକାଇବ ଯେ ତାହା ସମ୍ପୂର୍ଣ୍ଣ ଭାବରେ ମିଳାଇ ଯିବ ; ଅଥବା, ସତେଅବା ଗୋଟାଏ ଦୋମୁନିଆ ଦେଇ ସେ ବସ୍ତୁଟିକୁ ଯାଇ ଧରିଆଣିବ, ତାକୁ ତାହାର ସେହି ସ୍ଥାନଟିରୁ ଟାଣି ବାହାର କରି ଆଣିବ ଏବଂ ତାହାକୁ ଆପଣାର ଚେତନା ସମ୍ମୁଖରେ

'oaob.nitrkl.ac.in' images reprocessed

ଉଦ୍ଘାଟିତ କରି ଧରିବ । ପ୍ରଥମ ପ୍ରଣାଳୀଟି ଅଧିକ ମୌଳିକ; ମାତ୍ର ଅନେକ ସମୟରେ ଏହି ସତ୍ୟର ଆଲୋକଟି ଆମପାଖରେ ମହଜୁଦ ନ ଥାଏ, ତେଣୁ ଆମେ ସବୁବେଳେ ସେଇଟିକୁ କାମରେ ମଧ୍ୟ ଲଗାଇପାରୁ ନାହିଁ । ଦ୍ୱିତୀୟ ପ୍ରଣାଳୀଟିକୁ ପ୍ରୟୋଗ କରି ଯାଇପାରେ ସତ, ମାତ୍ର ତାହା ଅତ୍ୟନ୍ତ ଆଘାତ ଦିଏ, ଦାନ୍ତ ଉପାଡ଼ିବା ବେଳେ ଯେପରି ଯନ୍ତ୍ରଣା ହୁଏ ସେହିପରି ଯନ୍ତ୍ରଣାଦାୟକ ହୋଇଥାଏ । ତୁମ ଭିତରୁ କାହାର କେବେ ଦାନ୍ତ ଉପଡ଼ା ହୋଇଛି କି ନାହିଁ ମୋତେ ଜଣା ନାହିଁ, ମାତ୍ର ଏହି ପ୍ରଣାଳୀଟି ଠିକ୍ ସେହିପରି ଯନ୍ତ୍ରଣା ଦିଏ; ତାହା ଏଠାରେ (ମାଆ ନିଜ ବକ୍ଷର କେନ୍ଦ୍ରସ୍ଥଳକୁ ଦେଖାଇଦେଲେ ଏବଂ ଯନ୍ତ୍ରଣାରେ ସଙ୍କୁଚିତ ହୋଇ ଗଲାପରି ଭଙ୍ଗୀ କଲେ) ଆଘାତ ଦିଏ । ଏବଂ ସାଧାରଣତଃ ଆମ ପାଖରେ ସେତେବେଶୀ ସାହସ ନ ଥାଏ । ଏହା ଅତ୍ୟନ୍ତ ପରିମାଣରେ ଆଘାତ ଦେଉଥିବା ବେଳେ ଆମେ ତାହାକୁ ଏହିପରି ଭାବରେ ଲୋପ କରିଦେବାକୁ (ଭଙ୍ଗୀ ଦ୍ୱାରା ଦେଖାଇ ଦେଲେ) ଚେଷ୍ଟା କରୁ ଏବଂ ତେଣୁ ବସ୍ତୁଗୁଡ଼ିକ ତଥାପି ରହି ଯାଆନ୍ତି । ମାତ୍ର, ଯଦି ସାହସର ସହିତ ଆମେ ତାହାକୁ ନିଜ ହାତରେ ଧରି ସେଇଟି ବାହାରି ଆସିବା ପର୍ଯ୍ୟନ୍ତ ତାହାକୁ ଟାଣିବାରେ ଲାଗିଥାଉ ଏବଂ ତା'ପରେ ସେଇଟିକୁ ଆଣି ଆପଣା ସମ୍ମୁଖରେ ରଖିଦେଉ — ଯେତେ କଷ୍ଟ ହେଉଥିଲେ ମଧ୍ୟ, — ଯଦି ଏହିପରି ଭାବରେ (ଭଙ୍ଗୀକରି ଦେଖାଇ ଦେଲେ) ଆଣି ରଖିଦେଉ ଏବଂ ତାହା ଆମକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖା ଯାଉଥାଏ; ତାହାକୁ ତୁମେ ସେଇଠି ସମାପ୍ତ କରିଦେବ । ତେବେ ତାହା ସେଇଠି ସମାପ୍ତ ହୋଇଯିବ । ତାହା ଆଉ କଦାପି ଅବଚେତନ ଭିତରେ ଲୁଚି କରି ରହି ପାରିବ ନାହିଁ ଏବଂ ପୁନର୍ବାର ଆସି ତୁମ ଲାଗି କଦାପି ସମସ୍ୟା ହେବ ନାହିଁ । ମାତ୍ର, ଏହା ହେଉଛି ଚରମ ଧରଣର ଏକ ଅସ୍ତ୍ରୋପଚାର । ଏହାକୁ ପ୍ରକୃତରେ ଏକ ଅସ୍ତ୍ରୋପଚାର ପରିହିଁ କରିବାକୁ ହେବ ।

ମାତ୍ର, ସର୍ବପ୍ରଥମ କଥା ହେଉଛି, ଏହି ଖୋଜିବାର କାର୍ଯ୍ୟଟିକୁ ତୁମକୁ ଅତ୍ୟନ୍ତ ଅଧ୍ୟବସାୟର ସହିତ କରିବାକୁ ପଡ଼ିବ; କାରଣ, ଅନେକ ସମୟରେ ଏହିପରି ହୁଏ ଯେ, ତୁମେ ଏହି ବସ୍ତୁଗୁଡ଼ିକୁ ଖୋଜି ବାହାର କରିବାକୁ ଆରମ୍ଭ କରିବା ମାତ୍ରକେ, ଏହି ଖୋଜିବାରେ ଆଦୌ କୌଣସି ପ୍ରୟୋଜନ ନାହିଁ ବୋଲି ତୁମର ମନ ତୁମକୁ ଆସି ଶହେ କୋଡ଼ିଏଟା ଅନୁକୂଳ କୈଫିୟତ୍ ଦେବା ପାଇଁ ପହଞ୍ଚିଯାଏ । କହିବାକୁ ଲାଗେ, "ତୁ କାହିଁକି ଏଗୁଡ଼ାକ କରିବୁ ? ଏହା ମୋଟେ ତୋର ଭୁଲ୍ ନୁହେଁ, ଏଇଟା ହେଉଛି ··· ଏଇଟା ପରିସ୍ଥିତି ସେମିତି ହେବାରୁ ସିନା ଏକଥା ହେଲା, ଏଥିପାଇଁ ଲୋକମାନେହିଁ ଦାୟୀ — ଏହିସବୁ କଥା ବାହାରୁ ତୋ' ପାଖକୁ ଆସିଛନ୍ତି — ଏମିତି ଯାବତୀୟ ପ୍ରକାରର ଚମତ୍କାର କୈଫିୟତ୍‌ମାନ

'oaob.nitrkl.ac.in' images reprocessed

ଦେବାରେ ଲଗିଥିବ ଏବଂ, ଆପଣାର ସଂକଳ୍ପରେ ଯଥେଷ୍ଟ ଦୃଢ଼ ହୋଇ ରହି ନ ଥିଲେ ତୁମ ଦ୍ବାରରୁ ଦଉଡ଼ି ଖୋଲିଯିବ ଏବଂ ସେଇଠାରେହିଁ ସବୁକିଛିର ଇତି ହୋଇଯିବ । ଏବଂ, ଏହିପରି ଭାବରେ, ଅଳ୍ପ କେତେଦିନ ପରେ ତୁମକୁ ପୁଣି ମୂଳରୁ ଆରମ୍ଭ କରିବାକୁ ପଡ଼ିବ । ତୁମେ ଯେଉଁ ମନ୍ଦ ଆବେଗଟିକୁ, ବା ଯେଉଁ ବସ୍ତୁଟିକୁ ଆଦୌ ଚାହିଁ ନ ଥିଲ, ସେହି ଗତିସ୍ପନ୍ଦନଟି ପୁନର୍ବାର ଆସି ପହଞ୍ଚିଯିବ, — ଏବଂ ତେଣୁ ତୁମକୁ ପୁଣି ମୂଳରୁହିଁ ସବୁ ଆରମ୍ଭ କରିବାକୁ ପଡ଼ିବ । ଏବଂ ଏହିପରି ଭାବରେ ଘୋଷାରି ହୋଇ ହୋଇ ସର୍ବଶେଷରେ ଅସ୍ତ୍ରୋପଚାରଟିକୁ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ । ଅସ୍ତ୍ରୋପଚାରଟି ହୋଇଗଲେ ଯାଇ କାର୍ଯ୍ୟ ସିଦ୍ଧ ହେବ, ସମସ୍ୟା ଯିବ । ତୁମେ ମୁକ୍ତ ହୋଇଯିବ । ମାତ୍ର, ମୁଁ ଯେପରି କହୁଥିଲି, ତୁମେ ଏହିସବୁ ମାନସିକ କୈଫିୟତ୍‌ଗୁଡ଼ିକୁ ଆଦୌ ବିଶ୍ୱାସ କରିବ ନାହିଁ, କାରଣ, ତୁମେ ଯେତେ ଥର ଏପରି କହୁଥିବ, "ହଁ, ଅନ୍ୟସବୁ ଥର ସେପରି ହୋଇଥିଲା ସିନା, ମାତ୍ର ଏଥର ମୋ'ର ପ୍ରକୃତିରେ କୌଣସି ଦୋଷ ନାହିଁ, ମୋର ଆଦୌ କୌଣସି ଦୋଷ ନାହିଁ ।"—ବାସ୍, ସେତିକିହିଁ ଯଥେଷ୍ଟ ହେବ, ସେତିକିରେ ସବୁ ପଣ୍ଡ ହୋଇଯିବ । ଏବଂ ତୁମକୁ ପୁଣି ଥରେ ଆରମ୍ଭ କରିବାକୁ ହେବ । ଅବଚେତନଟି ରହିଥିବ, ବସ୍ତୁଟି ଯାଇ ସେହିଠାରେ ପହଞ୍ଚିବ, ଅତ୍ୟନ୍ତ ଆରାମରେ ସେଠାରେ ଅବସ୍ଥାନ କରିବ, — ଏବଂ ଯେଉଁଦିନ ପ୍ରଥମଥର ପାଇଁ ତୁମେ ଅସାବଧାନ ହୋଇ ପଡ଼ିବ,—ତାହା ସେତେବେଳେ ଝଟ୍ କରି ଉଠିଆସି ପହଞ୍ଚିଯିବ ଏବଂ ହୁଏତ ସ୍ଥାୟୀ ହୋଇ ରହିଯିବ । ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନଙ୍କ କ୍ଷେତ୍ରରେ ତାହା ପଞ୍ଚତିରିଶ ବର୍ଷରୁ ଅଧିକ କାଳ ରହିଥିଲା, କାରଣ, ଯାହା କରିବା ଆବଶ୍ୟକ, ତାହା କରିବାକୁ ସେମାନେ କୌଣସି ସଂକଳ୍ପ ଗ୍ରହଣ କରି ନ ଥିଲେ ।

ହଁ, ଅଘାତ ନିଶ୍ଚୟ ହୁଏ, ଟିକିଏ ଆଘାତ ହୁଏ, ବାସ୍ ସେତିକି; ତା'ପରେ ତାହାର ଅବସାନ ଘଟେ । ବୁଝିଲ ?

ଆଉ କିଛି ନାହିଁ ? ... ତାହାର କିଛି କହିବାକୁ ନାହିଁ ? ତୁମର ବି କିଛି ନାହିଁ ? ଆଉ ତୁମର ?—ତୁମର କିଛି ପଚାରିବାକୁ ନାହିଁ ?

ଅନ୍ୟ ଏକ ବିଷୟରେ ।

ଅନ୍ୟ ଏକ ବିଷୟରେ ? ଏହି ବିଷୟଟି ମଧ୍ୟରେ ସକଳ ବିଷୟ ଅନ୍ତର୍ଗତ ହୋଇ ରହିଛି । ତେଣୁ, ଅନ୍ୟ ଏକ ବିଷୟରେ ବୋଲି କିପରି କହୁଛ ? ଆମକୁ ବୁଝାଯାଉଛି ଯେ ଅବଚେତନ ଚତୁଃସର ବ୍ୟାପ୍ତ ହୋଇ ରହିଛି ।

'oaob.nitrkl.ac.in' images reprocessed

ମାଆ, ଜଣେ ଯେତେବେଳେ ଏଠାରେ ରହି ପୂର୍ଣ୍ଣ ଯୋଗର ମାର୍ଗ ଅନୁସରଣ କରୁଛି, ସେତେବେଳେ···

"ଏଠାରେ ରହି"ର ଅର୍ଥ "ଆଶ୍ରମରେ ରହି" ନା "ଏହି କ୍ଲାସ୍‌ରେ ରହି" ?

ନାହିଁ ! (ସମସ୍ତେ ହସିଲେ)

ଆମେ କ୍ଲାସ୍‌ରେ ଅଛୁ, ଆଶ୍ରମରେ ବି ଅଛୁ ।

ହଁ, ଠିକ୍ କଥା । ସେଇଠୁ କ'ଣ ହେଲା ?

ଏହା କ'ଣ ନିଶ୍ଚିତ ଯେ ପରବର୍ତ୍ତୀ ଜୀବନରେ ମଧ୍ୟ ସିଏ ଏଠାରେ ଅର୍ଥାତ୍ ଏହି ଆଶ୍ରମରେ ରହିବ ? ହୁଏତ ଏପରି ହେବ ଯେ ତାକୁ ଆଉସବୁ ଅଭିଜ୍ଞତା ଲାଭ କରିବା ସକାଶେ ଆଉ କୁଆଡ଼େ ଯିବାକୁ ହେବ ?

ତାହା ସଂପୃକ୍ତ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରେ । ପ୍ରଥମ କଥା ହେଉଛି, ପରବର୍ତ୍ତୀ ଜୀବନ କହିଲେ ତୁମେ କ'ଣ ବୁଝୁଛ ? ତୁମେ କ'ଣ ସେହି ବ୍ୟକ୍ତିମାନଙ୍କ କଥା ବୁଝୁଛ, ଯେଉଁମାନେ କି ଶରୀର ତ୍ୟାଗ କରିଛନ୍ତି ଏବଂ ଆଉ ଗୋଟିଏ ଜୀବନ ଗ୍ରହଣ କରିବେ ?

ହଁ ।

ସେକଥା ସେମାନେ ଯେଉଁ ପରିସ୍ଥିତିରେ ଶରୀର ତ୍ୟାଗ କରିଛନ୍ତି ଓ ଆପଣାର ସର୍ବଶେଷ ଇଚ୍ଛାରୂପେ ଯାହା ବ୍ୟକ୍ତ କରିଛନ୍ତି, ତାହାର ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରିବ । ସେମାନଙ୍କର ଚୈତ୍ୟସତ୍ତାର ସଂକଳ୍ପ ଉପରେ ମଧ୍ୟ ନିର୍ଭର କରିବ । ଏକଥାଟିକୁ ଆଦୌ ଯାନ୍ତ୍ରିକ ଭାବରେ ସମସ୍ତଙ୍କ ଉପରେ ଏକାଭଳି ଲାଗୁ କରାଯାଏ ନାହିଁ, ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଭିନ୍ନ ହୋଇଥାଏ ।

ମୁଁ ଆଗରୁ ତୁମମାନଙ୍କୁ ଏକଥା କେତେଥର କହିଛି ଯେ, ମୃତ୍ୟୁ ଘଟିବା ପରେ ଯେଉଁ ନୂତନ ଅବସ୍ଥାର ସମ୍ମୁଖୀନ ହେବାକୁ ହୁଏ, ସେଥିରେ ଚେତନାର ସର୍ବଶେଷ ସ୍ଥିତିହିଁ ସାଧାରଣତଃ ସବୁଠାରୁ ଅଧିକ ମୀମାଂସକ ଭାବରେ କାର୍ଯ୍ୟ କରିଥାଏ । ଅର୍ଥାତ୍, ଯଦି ମୃତ୍ୟୁକ୍ଷଣରେ ଜଣେ ବ୍ୟକ୍ତି ମଧ୍ୟରେ ଆପଣାର କାର୍ଯ୍ୟଟିକୁ ଅବ୍ୟାହତ ରଖିବାକୁ ଏହି ପୃଥିବୀକୁ ଲେଉଟି ଆସିବା ପାଇଁ ଏକ ପ୍ରଗାଢ଼ ଅଭୀପ୍ସା ପୋଷଣ କରିଥାଏ, ତେବେ ତାହାହିଁ ସମ୍ପାଦିତ ହେବା ଲାଗି ସ୍ଥିତିଗୁଡ଼ିକ ଅନୁରୂପ ଭାବରେ ନିର୍ଣ୍ଣିତ ହୋଇ ଯାଇଥାଏ । ମାତ୍ର, ଅସଲ କଥା ହେଉଛି, ଏହି କ୍ଷେତ୍ରରେ ଯାବତୀୟ ସମ୍ଭାବନା ବିଦ୍ୟମାନ ରହିଥାଏ ଏବଂ ସେହିଗୁଡ଼ିକ ଅନୁସାରେ ମୃତ୍ୟୁ

'oaob.nitrkl.ac.in' images reprocessed

ପରେ ଯାହା ଘଟିବାର ଘଟେ । ଏପରି ବ୍ୟକ୍ତିମାନେ ମଧ୍ୟ ଅଛନ୍ତି, ଯେଉଁମାନେ କି ଆପଣାର ଚୈତ୍ୟକୁ ବହନ କରି ଏଠାକୁ ଫେରି ଆସନ୍ତି । ମୁଁ ତୁମମାନଙ୍କୁ ଆଗରୁ କହିଛି ଯେ, ଖୁବ୍ କ୍ୱଚିତ୍ କ୍ଷେତ୍ରରେହିଁ ବାହ୍ୟ ସତ୍ତାଟି ଯେମିତି ଥିଲା ସେମିତି ହୋଇ ରହେ; କାରଣ, ଏଠାରେ ଆମେ କେବଳ ଚୈତ୍ୟ-ଚେତନା ବିଷୟରେହିଁ ଯାହାକିଛି କହୁଛୁ, ଯାହାକି ବସ୍ତୁତଃ ସର୍ବକାଳ ଲାଗି ଅକ୍ଷୟ ହୋଇ ରହିଥାଏ । ଏବଂ, ଆହୁରି କେତେ ବ୍ୟକ୍ତିଙ୍କ କ୍ଷେତ୍ରରେ ଚୈତ୍ୟସତ୍ତା ଚୈତ୍ୟ-ଜଗତକୁହିଁ ବାହୁଡ଼ି ଯାଇଥାଏ; ସେହି ବ୍ୟକ୍ତିମାନେ ଯେଉଁସବୁ ଅଭିଜ୍ଞତା ଲାଭ କରିଥାନ୍ତି, ତାହା ସେଠାରେ ତାହାର ପରିପାଚନ କରେ ଏବଂ ସେମାନଙ୍କର ଭବିଷ୍ୟତ ଜୀବନଟିକୁ ପ୍ରସ୍ତୁତ କରାଏ । ଏହି କାର୍ଯ୍ୟଟି ଲାଗି ଶତାବ୍ଦୀ ଶତାବ୍ଦୀ ସମୟ ଲାଗିପାରେ; ଏହା ସଂପୃକ୍ତ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରେ ।

ଚୈତ୍ୟସତ୍ତା ଯେତିକି ଅଧିକ ପରିମାଣରେ ବିବର୍ତ୍ତିତ ହୋଇଥାଏ, ତାହା ଆପଣାର ପରିପୂର୍ଣ୍ଣ ପରିପକ୍ୱତାର ସେତିକି ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ ଏବଂ ସେହିସବୁ କ୍ଷେତ୍ରରେ ଦୁଇଟି ଜନ୍ମ ମଧ୍ୟରେ ସେତିକି ଅଧିକ ସମୟ ଅତିବାହିତ ହୋଇଥାଏ । ଏପରି ଅନେକ ସତ୍ତା ଅଛନ୍ତି, ଯେଉଁମାନେ କି ହଜାରେ ବା ଦୁଇହଜାର ବର୍ଷ ପରେ ଯାଇ ପୁନର୍ବାର ଅବତୀର୍ଣ୍ଣ ହୁଅନ୍ତି ।

ଆମେ ସଂରଚନାଗତ ଆରମ୍ଭଟିର ଯେତିକି ଅଧିକ ନିକଟବର୍ତ୍ତୀ ହୋଇ ରହିଥାଉ, ପୁନରବତରଣଗୁଡ଼ିକ ପରସ୍ପରର ସେତିକି ଅଧିକ ନିକଟବର୍ତ୍ତୀ ହୋଇ ରହିଥାନ୍ତି । ଏବଂ ବେଳେବେଳେ ଏପରି ବି ହୁଏ ଯେ, ଏକାବେଳେକେ ନିମ୍ନତର ସ୍ତରରେ, ଯେତେବେଳେ ମନୁଷ୍ୟ ପଶୁସ୍ତରର ବେଶ୍ ନିକଟବର୍ତ୍ତୀ ହୋଇ ରହିଥାଏ ସେତେବେଳେ ସବୁକିଛି ଏହିପରି ଭାବରେ ଗତି କରେ (ମାଆ ଅଙ୍ଗଭଙ୍ଗୀ ଦ୍ୱାରା ଦେଖାଇଦେଲେ), ଅର୍ଥାତ୍ ଲୋକମାନେ ଅନେକ ସମୟରେ ସେମାନଙ୍କ ପିଲାଙ୍କ ପିଲା ମଧ୍ୟରେ ଆସି ଜନ୍ମଗ୍ରହଣ କରନ୍ତି,—ହଁ, ଠିକ୍ ସେହିପରି ଭାବରେ ଘଟନାଟି ଘଟିଥାଏ; ଅଥବା, ଠିକ୍ ପରବର୍ତ୍ତୀ ପୁରୁଷଟିରେ ମଧ୍ୟ ଆସି ଜନ୍ମଗ୍ରହଣ କରନ୍ତି । ମାତ୍ର, ସର୍ବଦା ବିବର୍ତ୍ତନର ଏକ ଅତ୍ୟନ୍ତ ଅଧମ ସ୍ତରରେହିଁ ତାହା ଘଟିଥାଏ; ସେତେବେଳେ ଚୈତ୍ୟସତ୍ତା ଆଦୌ ଖୁବ୍ ବେଶୀ ସଚେତନ ନ ଥାଏ, ତାହା ଆପଣାକୁ ଗଠନ କରି ଆସୁଥିବାର ଅବସ୍ଥାରେ ରହିଥାଏ । ଏବଂ, ମୁଁ ଯେପରି କହୁଥିଲି, ସେହି ସତ୍ତା ଅଧିକରୁ ଅଧିକ ବିକଶିତ ହୋଇ ଆସୁଥିବା ସଙ୍ଗେ ସଙ୍ଗେ ପୁନରବତରଣଗୁଡ଼ିକର ମଧ୍ୟବର୍ତ୍ତୀ ସମୟଟି ମଧ୍ୟ ଅଧିକ ଦୀର୍ଘ ହୋଇ ଯାଉଥାଏ । ଯେତେବେଳେ ଚୈତ୍ୟସତ୍ତା ପୂର୍ଣ୍ଣବିକଶିତ ହୋଇଯାଏ, ଆପଣାର ବିକାଶ ନିମନ୍ତେ ପୃଥିବୀପୃଷ୍ଠକୁ ବି ଫେରି ଆସିବା ଲାଗି ଯେତେବେଳେ ଆଉ ତାହାର ଆବଶ୍ୟକତା ନ

'oaob.nitrkl.ac.in' images reprocessed

ଥାଏ, ଏବଂ ଯେତେବେଳେ ତାହା ସମ୍ପୂର୍ଣ୍ଣ ମୁକ୍ତ ହୋଇଯାଏ, ସେତେବେଳେ, ଯଦି ତାହାର କାର୍ଯ୍ୟ ଆଉ କେଉଁଠି ରହିଛି ବୋଲି ତାହା ଜାଣିବାକୁ ପାଏ ବା ଯଦି ପୁନରବତରଣ ନ କରି ତାହା ସମ୍ପୂର୍ଣ୍ଣ ଭାବରେ ଚୈତ୍ୟ ଚେତନାରେହିଁ ଅବସ୍ଥିତ ରହିବା ପାଇଁ ଅଧିକ ଇଚ୍ଛା କରୁଥାଏ, ତେବେ ତାହା ଏହି ପୃଥିବୀପୃଷ୍ଠକୁ ଆଉ ଆଦୌ ନ ଆସିବାକୁହିଁ ନିଷ୍ପତ୍ତି ଗ୍ରହଣ କରେ ଅଥବା, ତା' ନ ହେଲେ, ତା'ର ଯେତେବେଳେ ଇଚ୍ଛା ହୁଏ, ସେତେବେଳେ ଯାଇ ଆସେ; — ସମ୍ପୂର୍ଣ୍ଣ ସଚେତନ ଭାବରେ ଯେଉଁଠାରେ ଓ ଯେତେବେଳେ ଯାହା ଇଚ୍ଛା କରେ, ଠିକ୍ ସେହିପରି ଭାବରେହିଁ କାର୍ଯ୍ୟ କରେ। ଏବଂ, ଏହି କ୍ଷେତ୍ରରେ ଅନ୍ୟମାନେ ମଧ୍ୟ ରହିଥାନ୍ତି ଯେଉଁମାନେ କି ଏକ ବିଶ୍ୱବ୍ୟବସ୍ଥାରେ ଶକ୍ତିଗୁଡ଼ିକ ସହିତ ଆପଣାକୁ ନେଇ ସମ୍ମିଳିତ କରି ରଖିଥାନ୍ତି, ଅଧିମାନସର ସତ୍ତାଗୁଡ଼ିକ ସହିତ କିଂବା ଅନ୍ୟ କେଉଁଠାରେ ଆପଣାକୁ ସମ୍ମିଳିତ କରି ରଖିଥାନ୍ତି; ସେତେବେଳେ ସେମାନେ ସର୍ବଦା ଏହି ପୃଥ୍ୱୀ-ପରିବେଶରେହିଁ ଅବସ୍ଥାନ କରୁଥାନ୍ତି ଏବଂ ଉପସ୍ଥିତ କାର୍ଯ୍ୟଟି ଲାଗି ବାରଂବାର ଶରୀର ଗ୍ରହଣ କରୁଥାନ୍ତି। ଏହାର ଅର୍ଥ ହେଉଛି ଯେ, ଯେଉଁ ମୁହୂର୍ତ୍ତରେ ଚୈତ୍ୟସତ୍ତାର ସଂରଚନାଟି ସମ୍ପୂର୍ଣ୍ଣ ହୋଇଯାଏ ଏବଂ ତାହା ସମ୍ପୂର୍ଣ୍ଣ ଭାବରେ ମୁକ୍ତ ବି ହୋଇଯାଏ — ସଂରଚନାଟି ସମ୍ପୂର୍ଣ୍ଣ ହୋଇଗଲେହିଁ ତାହା ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୁଏ,—ସେତେବେଳେ ତାହା ଯାହା କରିବାକୁ ଇଚ୍ଛା କରେ ତାହା ଅବଶ୍ୟ କରିପାରେ; ସିଏ ସ୍ୱୟଂ କ'ଣ ବାଛୁଛି, ସବୁକିଛି ତାହାରି ଉପରେ ନିର୍ଭର କରୁଥାଏ। ତେଣୁ ସେହି କ୍ଷେତ୍ରରେ "ଏହା ଏପରି ହେବ ବା ଏହା ସେପରି ହେବ" ବୋଲି ଆମେ ଆଦୌ କହିପାରିବା ନାହିଁ। ତାହା ସ୍ୱୟଂ ଯାହା ଇଚ୍ଛା କରେ, ଠିକ୍ ତାହାହିଁ କରେ ଏବଂ ଏପରିକି, ମୃତ୍ୟୁ ସମୟରେ, ତାହାର ପରବର୍ତ୍ତୀ ପୁନରବତରଣଟି କିପରି ହେବାକୁ ଯାଉଛି ଏବଂ ସେହି ଜନ୍ମରେ ସିଏ କ'ଣସବୁ କରିବ, ସେହି କଥାଟିକୁ ସିଏ ଘୋଷଣା କରି କହି ଦେଇପାରେ (ଏହା ପ୍ରକୃତରେ ଘଟିଛି), ଏବଂ, ତାହା ପ୍ରକୃତରେ କ'ଣ କରିବାକୁ ଯାଉଛି, ସେହି କଥାଟିକୁ ସେହି ସମୟରେହିଁ ବାଛି ନେଇପାରେ। ମାତ୍ର,—ଏହି ସ୍ଥିତି ହେଉଛି ଏକ ଅତ୍ୟନ୍ତ ବିରଳ ସ୍ଥିତି — ସେହି କଥାଟି ସମ୍ପୂର୍ଣ୍ଣ ଭାବରେ ଚୈତ୍ୟର ବିକାଶଗତ ମାତ୍ରାଟି ଉପରେହିଁ ନିର୍ଭର କରିଥାଏ; ତାହାର ସମସ୍ତ ଚେତନା ଯେଉଁ ଆଶାଟିକୁ ନିର୍ମାଣ କରିଥାଏ, ତାହାରି ଉପରେ ନିର୍ଭର କରେ। ଏବଂ, ଏହି ସ୍ଥିତିଟି ପ୍ରକୃତରେ ଆସି ପହଞ୍ଚିବା ପୂର୍ବରୁ ମାନସ, ପ୍ରାଣିକ ଏବଂ ଭୌତିକ ଚେତନାଗୁଡ଼ିକ ମଧ୍ୟ ଚୈତ୍ୟଚେତନା ସହିତ ଏକତ୍ର ଯୁକ୍ତ ହୋଇ ରହିଥାଏ। ତେଣୁ, ମୃତ୍ୟୁର ମୁହୂର୍ତ୍ତ ସମୟରେ, ସିଏ ଶରୀରତ୍ୟାଗ କରୁଥିବା ସମୟରେ, ତାହା ଏକ ଅଭିଳାଷ, ଏକ ଅଭୀପ୍ସା ଅଥବା ଏକ ଇଚ୍ଛାର ନିର୍ମାଣ

'oaob.nitrkl.ac.in' images reprocessed

କରିଥାଏ, — ଏବଂ ସାଧାରଣତଃ ତାହାହିଁ ଭବିଷ୍ୟତ ଜୀବନଟି ବିଷୟରେ ପ୍ରକୃତ ମୀମାଂସା କରିଥାଏ ।

ତେଣୁ ଆମେ "କ'ଣସବୁ ଘଟେ ଓ କ'ଣ କରିବା ଉଚିତ ?" ବୋଲି ଆଦୌ ପଚାରି ପାରିବା ନାହିଁ । ଏହି କ୍ଷେତ୍ରରେ ସମ୍ଭାବ୍ୟ ଯାବତୀୟ କଥା ଘଟେ ଏବଂ ସବୁକିଛି ସମ୍ପାଦିତ ହୋଇପାରେ ।

ପ୍ରତ୍ୟେକଙ୍କ ମନଭିତରେ ସେହି ଗୋଟିଏ କଥା ରହିଛି : ଯିଏ ଏକ ସାଧାରଣ ପ୍ରଶ୍ନ ପଚାରିଥାଏ, ମାତ୍ର ତା' ମନ ଭିତରେ ତାହା ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ପ୍ରଶ୍ନ ହୋଇ ରହିଥାଏ; ମାତ୍ର ଏହାକୁ, ଏହି କଥାଗୁଡ଼ିକୁ ଆଦୌ ସାଧାରଣରେ ଆଲୋଚନା କରାଯାଏ ନାହିଁ ।

(ମାଆ ପବିତ୍ରଙ୍କୁ ଉଦ୍ଦେଶ୍ୟ କରି କହିଲେ) ପବିତ୍ର, ତୁମର କିଛି ପଚାରିବାକୁ ଅଛି କି ? (ପବିତ୍ର ଉତ୍ତର ଦେଇ କହିଲେ ଯେ ତାଙ୍କର କିଛି ପଚାରିବାକୁ ନାହିଁ) ନାହିଁ ? ଭାରି ଦୁଃଖର କଥା ।

ମାଆ, ଏଠାରେ କୁହାଯାଇଛି ଯେ ସତ୍ୟର ଆଲୋକ ସର୍ବଦା ଆଦୌ ଆମ ଇଚ୍ଛା ଅନୁସାରେ କାର୍ଯ୍ୟ କରେ ନାହିଁ ।

ତାହା ସର୍ବଦା ମହଜୁଦ ରହିଥାଏ; ମାତ୍ର ଆମେ ସବୁବେଳେ ତାହାକୁ କାମରେ ଲଗାଇ ପାରୁ ନାହିଁ ।

ମାତ୍ର ଯଦି···

ହଁ, ତାହା ସର୍ବଦା ରହିଥାଏ; ମାତ୍ର ତାହା ତୁମ ଅକ୍ତିଆରରେ ନ ଥାଏ, କାରଣ, ତାହାକୁ କିପରି କାମରେ ଲଗାଇବାକୁ ହୁଏ, ତୁମକୁ ସେହି କଥା ଜଣା ନ ଥାଏ ।

ମାତ୍ର ଯଦି କେହି ଆପଣଙ୍କ ପାଖକୁ ଯାଇ ତାହାର ଉପାୟଟିକୁ ଜାଣିବାକୁ ଚାହେଁ ?

ହଁ, ମାତ୍ର ଏସବୁ ବ୍ୟକ୍ତିଗତ ପ୍ରଶ୍ନ ଆଦୌ ପଚାରିବା ଉଚିତ ନୁହେଁ । ହଁ, ଯଦି ତୁମେ ମୋତେ "ମୋର କ'ଣ କରିବା ଉଚିତ ?" ବୋଲି ପଚାରିବ,— ତୁମମାନଙ୍କ ମଧ୍ୟରୁ ଯିଏ କେହି ବି,— ତେବେ ମୁଁ ଉତ୍ତର ଦେଇ କହିବି, "ଉପାୟ ଅତ୍ୟନ୍ତ ସହଜ; ତୁମକୁ କେବଳ ମୋତେ ଡାକିବାକୁ ପଡ଼ିବ; ଏବଂ ତା'ପରେ, ଯେତେବେଳେ ସମ୍ପର୍କଟିକୁ ଅନୁଭବ କରିବ, ତୁମେ ତାହାକୁ ନେଇ ସମ୍ପୃକ୍ତ ବିଷୟଟି ଉପରେ ଉପସ୍ଥାପିତ କରି ରଖିବ,—ସେହି ଜଗଟି ପ୍ରକୃତ ବୃଦ୍ଧି ପାଇବା ପର୍ଯ୍ୟନ୍ତ ସେହିପରି କରିବ ।"

'oaob.nitrkl.ac.in' images reprocessed

ମାତ୍ର ଏହି କ୍ଷେତ୍ରରେ ମଧ୍ୟ ତୁମମାନଙ୍କୁ ଗୋଟିଏ କଥା ଜାଣି ରଖିବାକୁ ହେବ, ଏହା ଦ୍ଵାରା ତୁମେ ଅବଶ୍ୟ କିଛିଟା ଆଘାତ ପାଇବ; ଏ ବିଷୟରେ ମୁଁ ସାବଧାନ କରିଦେଉଛି, କାରଣ, ସେହି ବସ୍ତୁଟି ତୁମ ଭିତରେ କୁଆଡ଼େ ଯାଇ ଲୁଚି କରି ରହିଛି ଏବଂ ସେଇଟିକୁ ଟାଣି ବାହାର କରି ଆଣିବାକୁ ହେଲେ ତୁମର ଅନେକ ସାହସ ରହିଥିବା ଦରକାର । ଏବଂ, ତୁମେ ଯେତେବେଳେ ସତ୍ୟର ଆଲୋକକୁ ନେଇ ସେଠାରେ ଉପସ୍ଥାପିତ କରି ରଖିବ, ସେତେବେଳେ ତାହା ପୋଡ଼ି ପକାଉଥିବ, ବେଳେବେଳେ ଖୁବ୍ କଷ୍ଟ ଦେଉଥିବ; ତୁମେ ତାହାକୁ ସହ୍ୟ କରି ଜାଣିଥିବା ଆବଶ୍ୟକ । ତୁମର ଆନ୍ତରିକତା ସେଥିଲାଗି ଅବଶ୍ୟ ଯଥେଷ୍ଟ ··· ଆପଣାକୁ ପୁଣି ଜାଳି ରଖି "ନାହିଁ, ଏହା ଖୁବ ଆଘାତ ଦେଉଛି" ବୋଲି କହିବା ପରିବର୍ତ୍ତେ ତୁମକୁ ଅତ୍ୟନ୍ତ ପ୍ରଶସ୍ତ ଭାବରେ ଉନ୍ମୋଚିତ ହୋଇଯିବାକୁ ପଡ଼ିବ ଏବଂ ତାହାକୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିନେବାକୁ ହେବ ।

କେତେକ ଲୋକଙ୍କର ମୁଣ୍ଡରେ ଏହିଭଳି ଯାବତୀୟ ପ୍ରକାରର ନାନା କ୍ଷୁଦ୍ର କ୍ଷୁଦ୍ର କଥା—କୃଷ୍ଣବର୍ଣ୍ଣ ନାନାବିଧ କ୍ଷୁଦ୍ର ବସ୍ତୁ—ଘର କରି ରହିଥାଏ । କେତେ ଲୋକଙ୍କର ସେଗୁଡ଼ିକ ଏଠାରେ ଥାଏ (ମାଆ ବକ୍ଷଦେଶକୁ ନିର୍ଦ୍ଦେଶିତ କରିଦେଲେ); ଅନ୍ୟମାନଙ୍କର ଆହୁରି ତଳକୁ ଯାଇ ରହିଥାଏ । ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତାହା···ମାତ୍ର ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ସେହି ଗୋଟିଏ କଥାହିଁ ଘଟିଥାଏ, ତାହା ସର୍ବଦା—ମୁଁ ଏହି କଥାଟିକୁ କହୁଛି, କାରଣ ଏହା ପ୍ରକୃତରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଯେ, ଯଦି କେହି ଏହି କ୍ଷେତ୍ରରେ କିଛି କରିବାକୁ ଆରମ୍ଭ କରେ—ସିଏ ଯେକୌଣସି ବ୍ୟକ୍ତି ହୋଇଥାନ୍ତୁ ପଛକେ, ସମସ୍ତଙ୍କ କ୍ଷେତ୍ରରେ ସେହି ଗୋଟିଏ ଫଳହିଁ ଫଳିଥାଏ; ତାହା ଯେଉଁଠାରେ ଥାଉ ନା କାହିଁକି, ମୁଣ୍ଡରେ, ହୃଦରେ କିଂବା ଚେତନାର ଯେକୌଣସି କେନ୍ଦ୍ରରେ ରହିଥାଉ ପଛକେ, ଯଦି କୌଣସି ବ୍ୟକ୍ତି ଅନୁସନ୍ଧାନ କରି ଯଥେଷ୍ଟ ଦୂରକୁ ଯାଇପାରେ, ପହଞ୍ଚ ପହଞ୍ଚ ହୋଇ ଗତି କରିପାରେ ଏବଂ ଏଥିରେ ଆଦୌ କ୍ଲାନ୍ତ ହୋଇପଡ଼େ ନାହିଁ, ତେବେ ସିଏ ନିଶ୍ଚୟ କେଉଁଠି ନା କେଉଁଠି ଯାଇ ଅବଶ୍ୟ ପହଞ୍ଚେ; ଦୂରରୁ ତାହା ସାନ ମଟରଦାନାଟିଏ ପରି ଦେଖା ଯାଉଥାଏ···ଠିକ୍ ମଟରଦାନା ପରି··· ଗୋଟିଏ ସାନ କଳା ମଟରଦାନା ପରି; ମାତ୍ର, ଯଦି ଆମେ ଯଥେଷ୍ଟ ଯତ୍ନଶୀଳ ଭାବରେ ଆହୁରି ପାଖକୁ ଯାଇପାରିବା,—ଏହା ତୁମର ଅଭିନିବେଶର ମାତ୍ରା ଉପରେ ନିର୍ଭର କରୁଥାଏ,—ତେବେ ଅବଶ୍ୟ ଦେଖିବାକୁ ପାଇବା ଯେ, ଏହା ହେଉଛି ଗୋଟିଏ ଅତ୍ୟନ୍ତ ସାନ ସାପ ପରି—ଠିକ୍ ସାନ ଜ୍ଞାଟାଣ୍ଡିଟିଏ ପରି,—ମାତ୍ର ଖୁବ ଛୋଟ, ତାହା ସେଇଠାରେ ଗୁଡ଼ାଇ ହୋଇ ରହିଥିବ, ସେହିପରି

ଭାବରେ କୁଣ୍ଡଳୀ କରି ରହିଥିବ । ସେତେବେଳେ ତୁମେ ତାକୁ ତା' ଲାଙ୍ଗୁଡ଼ରୁ ଧରିବ ଏବଂ ଟାଣି ବାହାର କରି ଆଣିବ ।

ମାଆ, ଆମ ଭିତରେ ମନ୍ଦ ଗଣ୍ଡଗ୍ରନ୍ଥିଗୁଡ଼ିକର ସଂଖ୍ୟା ଯେତିକି, ଏହି ସାପମାନେ କ'ଣ ସେତିକି ସଂଖ୍ୟାରେ ରହିଥାନ୍ତି ?

ହଁ, ଠିକ୍ ସେତିକି ସଂଖ୍ୟାରେ । (ହସନ୍ତେ ହସିଲେ) ଅର୍ଥାତ୍ ବହୁ ସଂଖ୍ୟାରେ, ଗୋଟିଏ ସମ୍ପୂର୍ଣ୍ଣ ସୈନ୍ୟବାହିନୀ । ଏହା ମୁଣ୍ଡ ଭିତରେ ଥିଲେ ପ୍ରକୃତରେ ବଡ଼ ଅଡ଼ୁଆ ହୁଏ, କାରଣ, ସେଗୁଡ଼ିକୁ ଆବିଷ୍କାର କରିବା ଯେତେବେଳେ ଅତିଶୟ ଅଧିକ କଷ୍ଟକର ହୁଏ ଏବଂ, ଆମ ଭିତରେ ସେହି ମନ୍ଦ ଧାରଣାଗୁଡ଼ିକ ଏତେ ଅଧିକ ପରିମାଣରେ ଭର୍ତ୍ତି ହୋଇ ରହିଥାନ୍ତି ଯେ, ସେଠାରେ ଆଦୌ କୌଣସି ବ୍ୟବସ୍ଥିତତା ସମ୍ଭବ କରିବା ଭାରି କଷ୍ଟକର ହୋଇପଡ଼େ । ଆବିଷ୍କାର ଏବଂ ଆରୋଗ୍ୟ ବିଧାନ ଯେଉଁଠାରେ ସବୁଠାରୁ ଅଧିକ ସହଜ, ସେଇଟି ହେଉଛି ଏହିଠାରେ (ମାଆ ସୌର କେନ୍ଦ୍ରଟିକୁ ଦେଖାଇଦେଲେ), ମାତ୍ର ସେଠାରେ ତାହା ସବୁଠାରୁ ଅଧିକ ପରିମାଣରେ ଆଘାତ ଦିଏ । ମାତ୍ର ଏହି ସ୍ଥାନରେ ତାହାକୁ ସବୁଠାରୁ ଅଧିକ ସହଜରେ ବାହାର କରିହୁଏ ଏବଂ ସବୁଠାରୁ ଅଧିକ ସତ୍ୱର ଆରୋଗ୍ୟ ବିଧାନ କରିହୁଏ । ଅତିଶୟ ଅଧିକ ତଳକୁ ପ୍ରାଣିକ ଆୟତନରେ ତାହା ଅପେକ୍ଷାକୃତ ଅଧିକ ପରିମାଣରେ ଅସ୍ପଷ୍ଟ ହୋଇ ରହିଥାଏ, ସବୁକିଛି ଭାରି ଛନ୍ଦଗ୍ରନ୍ଥ ହୋଇ ରହିଥାଏ — ସମ୍ପୂର୍ଣ୍ଣ ଭାବରେ ଅସ୍ତବ୍ୟସ୍ତ ହୋଇ ରହିଥାଏ । ସବୁକିଛି ଗୋଳିଆମିଶା ହୋଇ ରହିଥାଏ ଏବଂ ଅତିରିକ୍ତ ଭାବରେ ଅଧିକ ସଂଖ୍ୟାରେ ମଧ୍ୟ ରହିଥାଏ, — ସେଠାରେ ଥିବାବେଳେ ସେଗୁଡ଼ିକ ପ୍ରକୃତରେ ବହୁସଂଖ୍ୟାରେ ରହିଥାନ୍ତି । ତେଣୁ, ସେମାନଙ୍କୁ ଖୋଜି ବାହାର କରିବାକୁ ପ୍ରଥମେ ସେଥି ମଧ୍ୟରେ ଏକ ବ୍ୟବସ୍ଥା ଆଣିବାକୁ ହୁଏ । ସେଗୁଡ଼ିକ ମଧ୍ୟରୁ କେତେକ ଏହିପରି ଭାବରେ (ସଙ୍କେତ ଦ୍ୱାରା ଦେଖାଇ ଦେଲେ) ଛନ୍ଦଗ୍ରନ୍ଥ ହୋଇ ରହିଥାନ୍ତି । ଉଦାହରଣସ୍ୱରୂପ ଅନେକ ବ୍ୟକ୍ତିଙ୍କ ମଧ୍ୟରେ ହଠାତ୍ କ୍ରୋଧାନ୍ୱିତ ହୋଇପଡ଼ିବାର ଏକ ପ୍ରବୃତ୍ତି ରହିଥାଏ — ସେମାନଙ୍କୁ ସେହି କ୍ରୋଧ ହଠାତ୍ ଆସି ଅଧିକାର କରିନିଏ ଏବଂ ସେମାନେ ବଡ଼ ଭୟଙ୍କର ଭାବରେ ରାଗିଯାଆନ୍ତି । ଆମକୁ ଏହି କ୍ଷେତ୍ରରେ କାରଣଟିର ସନ୍ଧାନ କରିବାକୁ ପଡ଼ିବ । ମାତ୍ର, ଏଠାରେ ସବୁକିଛି ଭାରି ଛନ୍ଦଗ୍ରନ୍ଥ ହୋଇ ରହିଥାନ୍ତି, ସବୁ ଏହିପରି ଭାବରେ ଏକାଠି ମିଶି ରହିଥାନ୍ତି ; ତେଣୁ ଅତ୍ୟନ୍ତ ଗଭୀରକୁ ଅତ୍ୟନ୍ତ କ୍ଷିପ୍ର ଗତିରେ ଯିବାକୁ ପଡ଼େ,—କାରଣ ତାହା ତ ଏକ ବନ୍ୟାପରି ପ୍ରବଳ ବେଗରେ ମାଡ଼ି ଯିବାରେ ଲାଗିଥାଏ ଏବଂ ସ୍ୱରଆଡ଼କୁ ମାଡ଼ିଯିବା ପରେ ତାହା କେବଳ ଏକ···

'oaob.nitrkl.ac.in' images reprocessed

ସତେଅବା କୃଷ୍ଣବର୍ଣ୍ଣ ଧୂଆଁର ଏକ ପିଣ୍ଡ ପରି ହୋଇ ଉଠିବାରେ ଲାଗିଥାଏ ଏବଂ ଚେତନା ଉପରେ ଲଦି ହୋଇ ଯାଉଥାଏ । ଏବଂ, ତହିଁରେ ଆଦୌ କୌଣସି ବ୍ୟବସ୍ଥା ଆଣିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୁଏ । ମାତ୍ର, ସେହି କ୍ରୋଧଟି ଉତ୍ପନ୍ନ ହୋଇ ଆସୁଛି ବୋଲି ଅନୁଭବ କରିବା ମାତ୍ରକେ, ଯଦି ଆମେ ଆମର ପ୍ରାଣିକ କେନ୍ଦ୍ରରେ ସେଠାକୁ ସଙ୍ଗେସଙ୍ଗେ ଦଉଡ଼ିଯାଇ ପାରୁ ଏବଂ ଭଲକରି ଆଲୁଅ ଦେଉଥିବା ବତିଟିଏ ହାତରେ ଧରି ସେଠାକୁ ଯାଇପାରୁ, ତେବେ ଆମେ ଯଥାର୍ଥ କୋଣଟିକୁ ଅବଶ୍ୟ ଆବିଷ୍କାର କରି ପାରିବା । ଏବଂ, କୋଣଟିର ସନ୍ଧାନ ମିଳିଗଲା ମାତ୍ରକେ, ଆମେ ତତ୍‌କ୍ଷଣାତ୍ ଯାଇ ତାହାକୁ ଧରି ପକାଇବା ଓ ତା'ପରେ ତାହାର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ । ତୁମର କ୍ରୋଧ ତତ୍‌କ୍ଷଣାତ୍ ତଳକୁ ଖସି ଆସିବ, ଏପରିକି କୌଣସି ଶବ୍ଦ ଉଚ୍ଚାରଣ କରିବା ପୂର୍ବରୁ ମଧ୍ୟ ଖସି ଆସିବ । ମୁଁ ଏହି ଗୋଟିଏ ଉଦାହରଣ ଦେଲି, ମାତ୍ର ଏହିପରି ଶହଶହ ଅନ୍ୟ ଉଦାହରଣ ମଧ୍ୟ ରହିଛି । ଆମର ସଂବେଗ, ଦାମ୍ଭିକତା, ମହତ୍ତ୍ୱାକାଙ୍କ୍ଷା, ପ୍ରବଳ ଆବେଗ ଯାବତୀୟ କ୍ଷେତ୍ରରେ ରହିଛି । ହଁ, ଆବେଗ···ତଥାପି କେବଳ କୌଣସି ଭୌତିକ ଆବେଗର କ୍ଷେତ୍ରରେ ନୁହେଁ ମଣିଷମାନେ ଯାହାକୁ (ମୁଁ ପ୍ରକୃତରେ ଶବ୍ଦଟିକୁ ଆଦୌ ବ୍ୟବହାର କରିବାକୁ ଇଚ୍ଛା କରୁ ନାହିଁ, କାରଣ ସେଇଟିକୁ ଅତ୍ୟନ୍ତ ଅର୍ଥବିଭ୍ରମିତ ଭାବରେ ବ୍ୟବହାର କରା ଯାଇଥାଏ, ତଥାପି—) ଭଲ ପାଇବା ବୋଲି କହିଥାନ୍ତି—ଏହି ସବୁକିଛୁକୁ ଆମେ ସେଠାରେ ଆବିଷ୍କାର କରିଥାଉ; ଯାବତୀୟ ଆସକ୍ତି, ଯାବତୀୟ ଭାବପ୍ରବଣତା,— ଏହି ସବୁକିଛି ସେହିଠାରେ ଯାଇ ରହିଥାଏ ।

ଏବଂ ମୁଣ୍ଡରେ ?

ମୁଣ୍ଡରେ ଭାବନାଗତ ଯାବତୀୟ ବିକୃତି ଏବଂ ପ୍ରବଞ୍ଚନାମାନ ରହିଥାଏ—ଏହି ପ୍ରବଞ୍ଚନାଗୁଡ଼ିକ ବହୁଳ ସଂଖ୍ୟାରେ ରହିଥାନ୍ତି : ଆମେ ବାରଂବାର ଏବଂ ଅପ୍ରତିହତ ଭାବରେ ଆପଣାର ଆତ୍ମାକୁ ଧୋକା ଦେବାରେ ଲାଗିଥାଉ,—ତାହା ପ୍ରକୃତରେ ଏକ ଭୟଙ୍କର ବ୍ୟାପାର—ମୁଁ ଯେପରି ତୁମମାନଙ୍କୁ କହୁଥିଲି, ଆମର ଯାବତୀୟ ନିଷ୍ପତ୍ତି, ମତ ଓ ଦୃଷ୍ଟିକୋଣ ଏବଂ ଅନୁକୂଳ ବ୍ୟାଖ୍ୟାଗୁଡ଼ିକ,—ଏବଂ ତା'ପରେ ସବୁକିଛୁକୁ ସମାଲୋଚନା କରିବାର ଏକ ଅଭ୍ୟାସ···ଯାହା ଆମକୁ ଶୁଣିବା ଲାଗି ଭଲ ଲାଗେ ନାହିଁ, ଯେତେବେଳେ ତୁମ ସମ୍ମୁଖରେ ଉଚିତର ହୋଇ କିଛି ଅବସ୍ଥିତ ଥାଏ, ଯାହାକି ତୁମକୁ ତୁମର ଦୋଷଟାକୁ ଆଣି ଅନୁଭୂତ କରାଉଥାଏ, ସେତେବେଳେ ସଙ୍ଗେସଙ୍ଗେ ତାହାର ଏକ ବ୍ୟାଖ୍ୟା ଆଣି ବାଢ଼ିଦେବାର ଗୋଟାଏ ଅଭ୍ୟାସ ରହିଥାଏ, ସେହି ଧାରଣା ଅଥବା ଭାବନାକୁ ତୀବ୍ର ଭାବରେ

'oaob.nitrkl.ac.in' images reprocessed

ସମାଲୋଚନା କରିବାର ଏକ ପ୍ରବୃତ୍ତି ରହିଥାଏ; ଅଥବା, ଆଉ କେତେ ଲୋକ ତାହାକୁ ଉପହାସରେ ବି ପରିଣତ କରିଦିଅନ୍ତି; ଲୋକେ ତା'ସମ୍ମୁଖରେ ଆଉ ଗୋଟିଏ ବାସ୍ତବକୁ ଆଣି ଥୋଇଦେଇ ତାହାର ବିରୋଧ କରନ୍ତି, କୌଣସି ଏକ ଅତ୍ୟନ୍ତ ସାଧାରଣ ଧାରଣା ଅଥବା ଆଉକିଛି ଦ୍ୱାରା ତାହାର ବିରୋଧ କରନ୍ତି । ଏହି ମୁଣ୍ଡଟା ଭିତରେ ଏହିପରି ଭାବରେ ଯେଉଁ ବଜାର ଖୋଲିହୋଇ ରହିଥାଏ, ତୁମେ ତାହାର କଳ୍ପନା ମଧ୍ୟ କରିପାରିବ ନାହିଁ ! ଏହା ପ୍ରକୃତରେ ଏକ ହାସ୍ୟାସ୍ପଦ କଥା । ସେଠାରେ ଯାହାକିଛି ଘଟିବାରେ ଲାଗିଛି, ଯଦି ତୁମେ ମୋହଶୂନ୍ୟ ଭାବରେ ତାହା ଆଡ଼କୁ ଅନାଇ ବସିବ, ତେବେ ତାହା ତୁମକୁ ପ୍ରକୃତରେ ଭୟଙ୍କର ହୋଇ ଦେଖାଯିବ । ତେଣୁ, ସେହି କ୍ଷେତ୍ରରେ ଆଦୌ କୌଣସି ବ୍ୟବସ୍ଥା ଆଣି ପାରିବା ପୂର୍ବରୁ, ତୁମକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରିବାକୁ ହେବ, ସେହି ସବୁ କିଛିକୁ ସଜାଡ଼ି ଆଣିବାକୁ ପଡ଼ିବ — ତା'ଭିତରେ ଦୁଇଟି ପରସ୍ପରବିରୋଧୀ ଧାରଣା ଆଦୌ କେଉଁଠି ହେଲେ ଯେ ସମାନ୍ତର ଭାବରେ ରହି ନାହାନ୍ତି, ସେକଥା ଅବଶ୍ୟ ଦେଖିବାକୁ ପଡ଼ିବ ।

ମୁଁ ଏପରି ବହୁ ଲୋକଙ୍କୁ ଜାଣିଛି, ଯେଉଁମାନେ କି ନିଜର ମୁଣ୍ଡ ଭିତରେ ପରସ୍ପରବିରୋଧୀ କେତେ ବିଚାରକୁ ପ୍ରଶ୍ରୟ ଦେଇ ରଖିଥାନ୍ତି,—ସେଗୁଡ଼ିକ ମଧ୍ୟରେ ଆଦୌ କୌଣସି ସଂଗଠନ ନ ଥାଏ ବା ସମନ୍ୱୟ ବି ନ ଥାଏ — ସେଗୁଡ଼ିକର କ୍ଷେତ୍ରରେ ସମନ୍ୱୟର ଆଦୌ କୌଣସି ପ୍ରଶ୍ନହିଁ ନ ଥାଏ···ମାତ୍ର, ସେମାନେ ପ୍ରାୟ ପରସ୍ପର ମଧ୍ୟରେ ଭାଇଭାଇ ପରି ସହବାସ କରି ରହିଥାନ୍ତି । ସେହି ବିଚାରଗୁଡ଼ିକ ପରସ୍ପରର ଏକାନ୍ତ ବିରୋଧୀ ହୋଇ ରହିଥାନ୍ତି, ଅର୍ଥାତ୍ ସେଗୁଡ଼ିକ ମୋଟେ ପରସ୍ପର ସହିତ ଏକତ୍ର ମେଳ ଖାଇ ପାରୁ ନ ଥାନ୍ତି । ତୁମେ ସେଗୁଡ଼ିକ ଅବଶ୍ୟ ଏକ ବ୍ୟାପକ ସମନ୍ୱୟ ମଧ୍ୟରେ ସଜାଡ଼ି ରଖିପାର ସତ, ମାତ୍ର ତାହା ହେଉଛି ଉଚ୍ଚତର ବିଧାନସ୍ତରର ଏକ କାର୍ଯ୍ୟ । ତଥାପି ଦୁଇଟି ବସ୍ତୁ, ଦୁଇଟି ବିଚାର, ଯେଉଁମାନଙ୍କର କି କ୍ରିୟାଶୀଳତାର ଭୂମିରେ ସମ୍ପୂର୍ଣ୍ଣ ପରସ୍ପରବିରୋଧୀ ପରିଣାମମାନ ରହିଥାଏ ଓ ଯେଉଁଗୁଡ଼ିକ ସେହି ଗୋଟିଏ ବସ୍ତୁସତ୍ୟରହିଁ ପରସ୍ପରର ସମ୍ପୂର୍ଣ୍ଣ ବିରୋଧୀ ଗୋଟିଏ ଗୋଟିଏ ବ୍ୟାଖ୍ୟା ହୋଇ ରହିଥାନ୍ତି,·· ହଁ, ସେହି ଦୁଇଟିଯାକ ବସ୍ତୁ ସେଠାରେ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ଥାଆନ୍ତି, ବେଳେବେଳେ ଏତେ ନିକଟବର୍ତ୍ତୀ ହୋଇ ରହିଥାନ୍ତି ଯେ ସେଗୁଡ଼ିକ ପ୍ରକୃତରେ ଯୁକ୍ତ ହୋଇ ରହିଥିବା ପରି ଏବଂ ଏହି ଏକତ୍ର-ଅବସ୍ଥିତିର କାରଣରୁ ଉପହସିତ ହେଉଥିବା ଦ୍ୱାରା ଆଦୌ କୌଣସି ପ୍ରକାରେ ବିଚଳିତ ନ ହୋଇ ଏକତ୍ର ବାସ କରୁଥିବା ପରି ମନେ ହେଉଥାନ୍ତି ।

'oaob.nitrkl.ac.in' images reprocessed

ଏବେ ମୁଁ ତୁମମାନଙ୍କୁ ଏହାର ଏକାବେଳକେ କେତେଗୁଡ଼ିଏ ଦୃଷ୍ଟାନ୍ତ ଦେବି । ମୁଁ ତୁମମାନଙ୍କୁ ଅନେକ ସମୟରେ ଏକଥା କହୁଛି, ମାତ୍ର କୌଣସି ଉଦାହରଣ ଦେଇ ନାହିଁ । ମାତ୍ର ଏବେ ତୁମମାନଙ୍କ ପାଇଁ ଅନେକଗୁଡ଼ିଏ ଦୃଷ୍ଟାନ୍ତ ସଂଗ୍ରହ କରିବି ଏବଂ ତୁମମାନଙ୍କୁ କହିଦେବି । ସେତେବେଳେ ତୁମେ ବୁଝିପାରିବ; ଯଦି ତାହା ତୁମମାନଙ୍କୁ ଦୁଃଖ ନ ଦିଏ, ତେବେ ତାହା ପ୍ରକୃତରେ ଏକ ଅଦ୍ଭୁତ କଥା ହେବ । ଅନେକ ବ୍ୟକ୍ତିଙ୍କ ମଧ୍ୟରେ ଏହି କଥା ରହିଥାଏ, ମାତ୍ର ସେମାନେ ତାହାକୁ ଦେଖି ମଧ୍ୟ ପାରୁ ନ ଥାନ୍ତି, ସେମାନଙ୍କ ମନରେ ତାହା କୌଣସି ଆନ୍ଦୋଳନ ସୃଷ୍ଟି କରେ ନାହିଁ । ବସ୍ତୁଗୁଡ଼ିକ ବିଷୟରେ ଯଦି ତୁମର କେତେକ ଧାରଣା ରହିଥାଏ — ବସ୍ତୁଗୁଡ଼ିକ ବିଷୟରେ ତୁମର କେତେକ ଧାରଣା ଅବଶ୍ୟ ରହିଥିବ, ପୃଥିବୀ ବିଷୟରେ, ଜୀବନ ବିଷୟରେ, ଜୀବନଧାରଣ କରି ରହିବାର ଉଦ୍ଦେଶ୍ୟ ବିଷୟରେ, ଏହାର ଲକ୍ଷ୍ୟ ବିଷୟରେ ଓ ଭବିଷ୍ୟତ ଉପଲବ୍ଧି ବିଷୟରେ ଅବଶ୍ୟ କେତେକ ଧାରଣା ରହିଥିବ,—ବସ୍ତୁତଃ ଏହିସବୁ ବିଷୟରେ କେତେକେତେ ଧାରଣା ଥିବ, — ତେବେ ତୁମେ ମଧ୍ୟ କୌଣସି ଦିନ ଏହି ଖେଳ ଖେଳଟିକୁ ପ୍ରୟୋଗ କରି ଦେଖିବ : ଏହି ଧାରଣାଗୁଡ଼ିକୁ ତୁମେ ନିଜ ଆଗରେ ଆଣି ଏହିପରି ଭାବରେ ଉପସ୍ଥାପିତ କରିବ, ତା'ପରେ ସେଗୁଡ଼ିକୁ ସଜାଇ ଆଣିବ; ତା'ପରେ ଦେଖିବ ଯେ ସବୁକିଛି ଖୁବ୍ ସହଜ ହୋଇଯିବ, ଏବଂ ସେଥିରୁ ତୁମକୁ ହୁଏତ ଅନେକ ମଜା ମଧ୍ୟ ମିଳିବ; ତୁମେ ଅନେକ ଆଶ୍ଚର୍ଯ୍ୟଜନକ କଥା ଆବିଷ୍କାର କରିପାରିବ ।

କେବଳ ଏତିକି କରିପାରିଲେ, ସେଗୁଡ଼ିକୁ ବାହାରକୁ ଆଣି ନିଜ ଆଗରେ ପରସ୍ପରର ପାର୍ଶ୍ୱବର୍ତ୍ତୀ କରି ରଖିପାରିଲେ, ଯେକୌଣସି ବିଷୟରେ ତୁମର ଯେଉଁସବୁ ଧାରଣା ରହିଥିବ, ସତେଯେପରି ସ୍କୁଲର ପାଠ ପ୍ରସ୍ତୁତ କଲାପରି ତୁମେ ସେଗୁଡ଼ିକୁ ଲେଖି ରଖିବାକୁ ବାଧ୍ୟ ହେଉଥିବ — ସତେଯେପରି ତୁମକୁ ଗୋଟିଏ ରଚନା ଲେଖିବା ପାଇଁ କୁହାହୋଇଥିବ : "ଏହି ବସ୍ତୁଟି ବା ଏହି ବିଷୟଟି ସମ୍ବନ୍ଧରେ ତୁମେ କ'ଣ ଭାବୁଛ ?" — ଏବଂ ତୁମେ ତାହାର ଏକ ଲିଖିତ ଉତ୍ତର ପ୍ରସ୍ତୁତ କରିବାକୁ ବାଧ୍ୟ ହେଉଥିବ — ତୁମେ ସବୁଯାକ ବସ୍ତୁରକୁ ପରସ୍ପରର ପାର୍ଶ୍ୱବର୍ତ୍ତୀ କରି ରଖିବ, ଏବଂ ଦେଖିବ, ତାହା ପ୍ରକୃତରେ ଭାରି ମଜାର କଥା ହେବ । ଯାବତୀୟ ଧାରଣାକୁ ସ୍ୱର ପାଖରେ ସଜାଇ ରଖିବା ଲାଗି ଯଦି ଅଭ୍ୟାସଗତ ଭାବରେ ତୁମ ପାଖରେ କୌଣସି କେନ୍ଦ୍ରସ୍ଥ ବସ୍ତୁର ବା ଧାରଣା ନ ଥିବ ଯଦି ସେପରି କୌଣସି କେନ୍ଦ୍ରସ୍ଥ ନିର୍ଦ୍ଦିଷ୍ଟ ସତ୍ୟ ନ ଥିବ, ତେବେ ତୁମେ ସେଗୁଡ଼ିକୁ ଏକ ନ୍ୟାୟସଙ୍ଗତ କ୍ରମରେ ସଜାଡ଼ିକରି ରଖିବ, ଯେପରିକି ସେଗୁଡ଼ିକ ପ୍ରତ୍ୟେକଟି ମଧ୍ୟରେ ଯଥାର୍ଥ ସମ୍ବନ୍ଧ ସମ୍ଭବ ହୋଇପାରୁଥିବ, ପ୍ରତ୍ୟେକେ

'oaob.nitrkl.ac.in' images reprocessed

ପ୍ରତ୍ୟେକର ସ୍ଥାନରେ ରହିଥିବେ,—ତୁମେ ଏଥିରୁ ଗୋଟିଏ ପ୍ରକାରର ସୌଧ ନିର୍ମାଣ କରିଦେବ;— ଯଦି ତୁମେ ଏକଥା କେବେ କରି ନ ଥିବ ଏବଂ ନିଜର ମନ ଭିତରେ ଭିତରେ ଏକ ପ୍ରମାଣ କରିବାକୁ ଚେଷ୍ଟା କରିବ, ତେବେ ତୁମେ ସେହି କ୍ଷେତ୍ରରେ ବସ୍ତୁତଃ କିଛି ନୂତନ ଆବିଷ୍କାର କରିପାରିବ ! ମୁଁ ଯାହା ତୁମମାନଙ୍କୁ କହୁଥିଲି, ଯଦି ଏହା ଏକ ଦୁଃଖର କଥା ହୋଇ ନ ଥାନ୍ତା, ତେବେ ପ୍ରକୃତରେ ବହୁ କୌତୁକପ୍ରଦ ହୋଇଥାନ୍ତା । କେବଳ ଗୋଟିଏ ଘଣ୍ଟା ଭିତରେ ଆମେ ଯେ କେତେକେତେ ଦୂରଯାଏ ଆଦୌ କୌଣସି ପ୍ରକାରେ ଆଶ୍ଚର୍ଯ୍ୟ ନ ହୋଇ ଏକାନ୍ତ ପରସ୍ପରବିରୋଧୀ ହୋଇ ରହିଥିବା ବସ୍ତୁଗୁଡ଼ିକ ବିଷୟରେ ଚିନ୍ତା କରିପାରୁ, ତୁମେ ସେକଥା କଳ୍ପନା ମଧ୍ୟ କରିପାରିବ ନାହିଁ ।

ଏପରି ଏକ ପାଠ ପ୍ରସ୍ତୁତ କରିବା ପ୍ରକୃତରେ ଗୋଟିଏ ଭଲ କାମ : ମୁଁ ବର୍ତ୍ତମାନ "ଜୀବନ ଆଗରେ ମୋର କେଉଁ ଲକ୍ଷ୍ୟ ରହିଛି ?" (ତୁମେ ଏହି ବିଷୟରେ ଲେଖିପାର ଅଥବା ଆଉ ଯେକୌଣସି ବିଷୟରେ ଲେଖିପାର, ସେଥିରେ କିଛି ଯାଏଆସେ ନାହିଁ) ଅଥବା, "ପୃଥିବୀରେ ଜୀବନଧାରଣ କରିବାର ଉଦ୍ଦେଶ୍ୟ କ'ଣ" ବା "ମନୁଷ୍ୟମାନେ କେବଳ ମରିବାକୁହିଁ ଜନ୍ମଗ୍ରହଣ କରନ୍ତି କାହିଁକି ?" ବିଷୟରେ ଗୋଟିଏ ସଂକ୍ଷିପ୍ତ ରଚନା ଲେଖିବାକୁ ଯାଉଛି । ଏହାପରି ତୁମେ ଯେକୌଣସି ଗୋଟିଏ ବିଷୟରେ ଲେଖିବାକୁ ସ୍ଥିର କରିପାର । ସେହିପରି ଯେକୌଣସି ବିଷୟ ଲେଖିବା ପାଇଁ ବାଛିପାର । ଅବଶ୍ୟ ମୁଁ କହୁ ନାହିଁ ଯେ, "ତୁମେ ଆଜି କାହିଁକି ଫୁଟ୍‌ବଲ୍ ଖେଳିଲ ଏବଂ କାଲି କାହିଁକି ବାସ୍କେଟ୍‌ବଲ ଖେଳିବ" ପରି ବିଷୟକୁ ତୁମେ ଏଥିଲାଗି ବାଛିବ । ନାଇଁ, ଏଭଳି ବିଷୟମାନ ଆଦୌ ନୁହେଁ; କାରଣ, ଏଗୁଡ଼ିକର ବ୍ୟାଖ୍ୟା ତୁମେ ସବୁଦା କରିଦେଇ ପାରିବ । ମୁଁ ଏପରି ବିଷୟଗୁଡ଼ିକ କଥା କହୁଛି, ଯେଉଁଗୁଡ଼ିକ କି ଅପେକ୍ଷାକୃତ କିଛିଟା ଅଧିକ ସାଧାରଣ ହୋଇଥିବ । ସେହିଭଳି ଗୋଟିଏ ବିଷୟକୁ ଆପଣାର ସମ୍ମୁଖରେ ରଖିବ ଏବଂ ସେହି ବିଷୟରେ ତୁମ ମନକୁ ଆସୁଥିବା ବିଚାରଗୁଡ଼ିକୁ ସିଧା ଗୋଟିଏ ଧାଡ଼ିରେ ସଜାଇ ରଖିବ । ଦେଖିବ, ସେହି କାର୍ଯ୍ୟଟି ପ୍ରକୃତରେ ଅତ୍ୟନ୍ତ କୌତୁକପ୍ରଦ ହୋଇ ଯାଇବ ।

କେତେକେବେଳେ ଏକ ପୁସ୍ତକ ପଢ଼ୁଥିବା ସମୟରେ ମନ ଭିତରେ ବିଚାରମାନ ଅବଶ୍ୟ ଆସିଥାଏ । ମାତ୍ର ମାଆ, ସେଇଟି ନିଜର ବିଚାର ଅଥବା ଆଉ ଜଣକର ବିଚାର, ଆମେ ସେକଥା ଜାଣି ପାରିବୁ କିପରି ?

'oaob.nitrkl.ac.in' images reprocessed

ନାହିଁ, ଯେପରି କୌଣସି ଜିନିଷ ପ୍ରକୃତରେ ନ ଥାଏ,—ଆଉ ଜଣକର ସ୍ତରର ଏବଂ ତୁମ ନିଜର ସ୍ତରର ।

କୌଣସି ବ୍ୟକ୍ତିର ଏପରି କୌଣସି ସ୍ତରର ନ ଥାଏ, ଯାହାକୁ କି ସେ ଖାସ୍ ନିଜର ବୋଲି କହିପାରିବ । ଆପଣାର ବ୍ୟକ୍ତିଗତ ରୁଚି ଏବଂ ଦୃଷ୍ଟି ଅନୁଯାୟୀ ଆମେ ଏକ ବିପୁଳ ଭଣ୍ଡାର ମଧ୍ୟରୁ ଏହି ସ୍ତରଗୁଡ଼ିକୁ ଆହରଣ କରିଥାଉ; ସ୍ତର-ଗୁଡ଼ିକ ଏକ ସାମୂହିକ ସମ୍ପତ୍ତି, ଏକ ସାମୂହିକ ସମ୍ପଦ ।

ଏହି କ୍ଷେତ୍ରରେ କେବଳ କେତେକ ପର୍ଯ୍ୟାୟଭେଦ ରହିଛି । ଗୋଟିଏ ସାମାନ୍ୟତମ ସାଧାରଣ ପର୍ଯ୍ୟାୟ ରହିଛି, ଯେଉଁଠାରେ କି ଆମର ମସ୍ତିଷ୍କମାନେ ଅବଗାହନ କରୁଥାନ୍ତି; ଏଠାରେ ମାଲମାଲ ସ୍ତର ରହିଥାଏ,—ତାହାକୁ ଆମେ "ଶ୍ରୀମାନ୍ ପ୍ରତ୍ୟେକବ୍ୟକ୍ତି"ଙ୍କର ସୋପାନ ବୋଲି କହିପାରିବା । ତା'ଉପରକୁ କିଛିଟା ଉଚ୍ଚତର ହୋଇ ଆଉ ଏକ ସୋପାନ ଅଛି; ଆମେ ଯେଉଁମାନଙ୍କୁ ସ୍ତର-ସମର୍ଥ ବ୍ୟକ୍ତି ବୋଲି କହୁ, ଏଇଟି ସେହିମାନଙ୍କର ସୋପାନ । ଏହା ଉପରକୁ ମଧ୍ୟ ଉଚ୍ଚତର ସୋପାନମାନ ରହିଛି — ବହୁ ସଂଖ୍ୟାରେ ରହିଛି — ସେଥିମଧ୍ୟରୁ କେତୋଟିକୁ ଶବ୍ଦ ଦ୍ୱାରା ବର୍ଣ୍ଣନା କରାଯାଇପାରିବ ନାହିଁ, ମାତ୍ର ସେଗୁଡ଼ିକ ତଥାପି ଏହି ସ୍ତରର ରାଜ୍ୟ ହୋଇହିଁ ରହିଥାନ୍ତି । ତା'ପରେ ଅଧିକ ଅନ୍ୟ ସୋପାନ-ଗୁଡ଼ିକ ମଧ୍ୟ ଅଛନ୍ତି, ଯେଉଁଠାରେ କି ସ୍ତରମାନେ ସିଧା ଊର୍ଦ୍ଧ୍ୱକୁ ଉଠି ଖୋଲିଯାଇ ପାରନ୍ତି, ଏପରି ଏକ ବସ୍ତୁକୁ ଯାଇ ସ୍ପର୍ଶ କରନ୍ତି, ଯାହାକି ଏକ ଆଲୋକ ବୋଲିହିଁ ବୁଝାଯିବ; ସେହି ବସ୍ତୁଟି ସେହି ଊର୍ଦ୍ଧ୍ୱରୁ ସ୍ତରର ଭଣ୍ଡାରଟିକୁ ନେଇ ଅବତରଣ କରିଥାଏ, ଆପଣା ସ୍ତରର ସମସ୍ତ ଭଣ୍ଡାରଟିକୁ । ଉଚ୍ଚତର ରାଜ୍ୟର ଗୋଟିଏ ସ୍ତର ଏହିପରି ଭାବରେ ଆକର୍ଷିତ ହୋଇ ଆସିପାରିଲେ ଆପଣାକୁ ବହୁସଂଖ୍ୟକ ଭାବନା ଆକାରରେ ସଂଗଠିତ ଏବଂ ସମୂର୍ତ୍ତ କରି ଆଣେ— ସେହି ଭାବନାଗୁଡ଼ିକ ସ୍ତରଟିକୁ ଭିନ୍ନଭିନ୍ନ ଭାବରେ ବ୍ୟକ୍ତ କରିପାରନ୍ତି; ଏବଂ ସେହି କ୍ଷେତ୍ରରେ, ଯଦି ତୁମେ ଜଣେ ଲେଖକ, କବି କିଂବା କଳାକାର ହୋଇଥାଅ, ଯେତେବେଳେ ତୁମେ ତାହାକୁ ଅଧିକ ତଳକୁ ଅବତୀର୍ଣ୍ଣ କରାଇ ନେଇଆସ, ସେତେବେଳେ ତୁମେ ଯାବତୀୟପ୍ରକାରର ଅଭିବ୍ୟକ୍ତି ଲାଗି ସମର୍ଥ ହୁଅ; ଏକ ସ୍ୱାନ ସ୍ତରକୁ କେନ୍ଦ୍ର କରି ସେଗୁଡ଼ିକ ଅଶେଷ ପ୍ରକାରର ଏବଂ ରୁଚିର ହୋଇ ରହିଥାନ୍ତି, ମାତ୍ର ସେହି ସ୍ତର ଅନେକ ଊର୍ଦ୍ଧ୍ୱରୁହିଁ ସମାଗତ ହୋଇଥାଏ । ଏବଂ, ଯେତେବେଳେ ତୁମେ ଏହିପରି କରିବାର ସ୍ତରଟିକୁ ଜାଣିଯାଅ, ସେତେବେଳେ ତାହା ତୁମକୁ ଏକ ଶୁଦ୍ଧ ଭାବନା ଏବଂ ତାହାକୁ ବ୍ୟକ୍ତ କରିବାର ପଦ୍ଧତି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣିବା ଲାଗି ମଧ୍ୟ ଶିଖାଇ ଦେଇଥାଏ ।

'oaob.nitrkl.ac.in' images reprocessed

କେତେକ ଲୋକ ଆପଣାର ମସ୍ତିଷ୍କ ଦେଇ ଏହି କଥାଟିକୁ କରି ପାରନ୍ତି ନାହିଁ, କାରଣ ସେମାନଙ୍କର କଳ୍ପନାଶକ୍ତି ନ ଥାଏ କିଂବା ଲେଖିବାକୁ କୌଣସି ସାମର୍ଥ୍ୟ ବି ନ ଥାଏ । ମାତ୍ର, ଅନ୍ୟମାନେ କ'ଣ ସବୁ ଲେଖିଛନ୍ତି, ସେଗୁଡ଼ିକୁ ଅଧ୍ୟୟନ କରି ସେମାନେ ତାହା କରିପାରନ୍ତି । ତୁମେ ଜାଣିଥିବ, ବହୁସଂଖ୍ୟକ କବି ଆପଣାର ରଚନାରେ ସେହି ଗୋଟିଏ କଥାକୁହିଁ ବ୍ୟକ୍ତ କରିଛନ୍ତି; ସେହି ଗୋଟିଏ କଥାକୁ ବ୍ୟକ୍ତ କରିଛନ୍ତି ସତ, ମାତ୍ର ଏତେ ଭିନ୍ନ ଭିନ୍ନ ଆକାରରେ ତାହାକୁ ବ୍ୟକ୍ତ କରିଛନ୍ତି ଯେ, ଯେତେବେଳେ ଆମେ ସେଗୁଡ଼ିକ ମଧ୍ୟରୁ କେତୋଟିକୁ ପାଠ କରୁ, ସେତେବେଳେ ତାହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇଥାଏ (ଯେଉଁ ଲୋକମାନେ ପଢ଼ିବାକୁ ଭଲପାଆନ୍ତି ଓ ଅନେକ କିଛି ପଢ଼ନ୍ତି, ଏଠାରେ ମୁଁ ସେହିମାନଙ୍କ କଥା କହୁଛି) । ହଁ, ସେହି ଗୋଟିଏ ବସ୍ତୁର, ଜଣେ ତାହାକୁ ଏପରି ବ୍ୟକ୍ତ କରିଛନ୍ତି ତ ଆଉଜଣେ ଆଉପ୍ରକାରେ ବ୍ୟକ୍ତ କରିଛନ୍ତି; ଜଣେ ତୃତୀୟ ବ୍ୟକ୍ତି ଏକ ତୃତୀୟ ପ୍ରକାରେ ସେହି ଗୋଟିଏ ବସ୍ତୁରକୁ ବ୍ୟକ୍ତ କରିଛନ୍ତି । ଏହିପରି ଭାବରେ ତୁମପାଖରେ ନାନା ଅଭିବ୍ୟକ୍ତିର ଏକ ସମସ୍ତ ଭଣ୍ଡାର ଉପଲବ୍ଧ ହୋଇ ଯାଉଛି,—ଉଦ୍ଦିଷ୍ଟ ସେହି ଗୋଟିଏ ବସ୍ତୁକୁ ନେଇ ଭିନ୍ନ ଭିନ୍ନ କବି ତାହାକୁ ଏକ ବ୍ୟକ୍ତ ରୂପ ପ୍ରଦାନ କରିଛନ୍ତି । ଏବଂ ତୁମେ ବେଶ୍ ଦେଖିବାକୁ ପାଉଛ ଯେ, ବିଶୁଦ୍ଧ ବସ୍ତୁଟିର, ସ୍ୱରୂପୀ ବସ୍ତୁଟିର ଏବଂ ମାନସ ଜଗତରେ ତାହାକୁ ଯେପରି ଭାବରେ ବ୍ୟକ୍ତ କରାଯାଉଛି, ଏପରିକି କଳ୍ପନା ବା କଳାଧର୍ମୀ ମାନସିକ ଜଗତରେ ତାହାକୁ ଯେପରି ଭାବରେ ପ୍ରକାଶ କରାଯାଉଛି,—ଦୁଇଟି ମଧ୍ୟରେ ପ୍ରାୟ ଏକ ମୌଳିକ ପାର୍ଥକ୍ୟ ବିଦ୍ୟମାନ ରହିଛି । କସରତ କରିବାକୁ ଭଲ ପାଉଥିଲେ ଏହି କାର୍ଯ୍ୟଟି ତୁମକୁ ଖୁବ ଭଲ ଲାଗିବ । ଏହା ହେଉଛି ଏକ ମାନସିକ କସରତ ।

ମାତ୍ର, ଯଦି ତୁମେ ପ୍ରକୃତରେ ବୁଦ୍ଧିମାନ୍ ଓ ବିଚକ୍ଷଣ ହେବା ପାଇଁ ଇଚ୍ଛା କରୁଥିବ, ତେବେ ତୁମକୁ ଏହି ମାନସିକ କସରତ ଅବଶ୍ୟ ଶିକ୍ଷା କରିବାକୁ ହେବ । ଯେପରି, ଏକ ଯଥାର୍ଥ ବଳବାନ୍ ଶରୀର ଅର୍ଜନ କରିବାକୁ ଇଚ୍ଛା କରୁଥିଲେ ତୁମକୁ ଶାରୀରିକ ବ୍ୟାୟାମ କରିବାର କୌଶଳଟିକୁ ଶିକ୍ଷା କରିବାକୁ ହୁଏ, ଏକଥା ଠିକ୍ ସେହିପରି । ଯେଉଁ ଲୋକମାନେ କେବେହେଲେ ମାନସିକ କସରତ କରି ନ ଥାନ୍ତି, ସେମାନଙ୍କର ମସ୍ତିଷ୍କ ଖୁବ ଦରିଦ୍ର ଓ ଅଳ୍ପ ହୋଇ ରହିଥାଏ, ଅନେକାଂଶରେ ଏକାବେଳେକେ ସରଳ ହୋଇ ରହିଥାଏ ଏବଂ ସାରା ଜୀବନ ଲାଗି ସେମାନେ ସାନସାନ ପିଲାମାନଙ୍କ ପରିହିଁ ସବୁକିଛି ଚିନ୍ତା କରୁଥାନ୍ତି । କେଣୁ, ଏହି କଥାଟିକୁ ଅବଶ୍ୟ କରି ଜାଣିବାକୁ ହେବ—ଏହାକୁ ତୁମେ କେବେହେଲେ ଗମ୍ଭୀର ଭାବରେ ଗ୍ରହଣ କରିନେବ ନାହିଁ, ଅର୍ଥାତ୍, ତୁମେ ସେଇଥିରୁ ଆପଣାର କେତେକ ସତ୍ପ୍ରତ୍ୟୟ

'oaob.nitrkl.ac.in' images reprocessed

ଛିଆଣି କରି ପକାଇବ ନାହିଁ ଏବଂ କହିବ ନାହିଁ ଯେ, "ଏହି ବସ୍ତୁଟି ଠିକ୍, ସେହି ବସ୍ତୁଟି ଭୁଲ; ଏହି ବ୍ୟାଖ୍ୟାଟି ଠିକ୍ ଓ ସେଇଟି ଠିକ୍ ନୁହେଁ; ଏବଂ, ଏହି ଧର୍ମ ହେଉଛି ଯଥାର୍ଥ ଧର୍ମ, ସେହି ଧର୍ମଟି ଯଥାର୍ଥ ନୁହେଁ ।" ଏହିପରି ଭାବରେ ଆଦୌ କୌଣସି ସିଦ୍ଧାନ୍ତ କରି ପକାଇବ ନାହିଁ । କାରଣ, ଯଦି ତୁମେ ଏକଥା ଭିତରକୁ ପ୍ରବେଶ କରିବାକୁ ମନ କରିବ, ତେବେ ଗୋଟାସୁଦ୍ଧା ନବୋଧ ହୋଇଯିବ ।

ମାତ୍ର, ଯଦି ତୁମେ ସେହି ସବୁକିଛୁକୁ ଦେଖି ପାରୁଥିବ ଏବଂ, ଉଦାହରଣ-ସ୍ୱରୂପ, ଯାବତୀୟ ଧର୍ମମାର୍ଗକୁ ଗୋଟିଗୋଟି କରି ଅବଲୋକନ କରିବ ଏବଂ, ପରମ ସତ୍ତାଙ୍କ ବିଷୟରେ ମନୁଷ୍ୟ ଭିତରେ ରହିଥିବା ସେହି ଗୋଟିଏ ଅଭୀପ୍ସାକୁହିଁ ସେଗୁଡ଼ିକ କିପରି ବ୍ୟକ୍ତ କରିଛନ୍ତି, ତେବେ ତାହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ମନେହେବ । ଏବଂ ତା'ପରେ ତୁମେ···ସେହି ସବୁଗୁଡ଼ିକୁ ନେଇ ବେଶ୍ ଖେଳ ଆରମ୍ଭ କରିଦେଇ ପାରିବ । ଏବଂ ତା'ପରେ, ସେ ସବୁଗୁଡ଼ିକୁ ଆତ୍ମସ୍ଥ କରିସାରିବା ପରେ ତୁମେ ସେଠାରୁ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବ ଏବଂ ଅନନ୍ତ ଋଷି ଶାଶ୍ୱତ କାଳରୁ ମଣିଷମାନେ ସେହି ବିଷୟରେ କରି ଆସିଥିବା ଯାବତୀୟ ଚର୍ଚ୍ଚା ଉପରେ ଦୃଷ୍ଟିପାତ କରି ପାରିବ । ସେତେବେଳେ ତୁମେ ସେହି ବସ୍ତୁଟିକୁ ମଧ୍ୟ ଆତ୍ମସ୍ଥ କରି ଆଣିପାରିବ ଏବଂ, ଆଉଜଣେ ବ୍ୟକ୍ତି ତୁମ ସହିତ ଏକମତ ହୋଇପାରୁ ନାହିଁ ବୋଲି ତୁମେ ଆଉ କଦାପି କ୍ରୋଧାନ୍ୱିତ ହୋଇ-ପଡ଼ିବ ନାହିଁ । ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, ଏହି ପୃଥିବୀରେ ତାହା ବର୍ତ୍ତମାନ ଏକ ସାଧାରଣ ବ୍ୟାଧିରେ ପରିଣତ ହୋଇ ରହିଛି ।

ବୁଝିଲ ? ଆଉ କାହାର କିଛି ପଚାରିବାର ନାହିଁ, ନୁହେଁ ?

ତା'ହେଲେ ଏତିକରେ ଆଜି ? ଶେଷ !

'oaob.nitrkl.ac.in' images reprocessed

# ୨୩ ମାର୍ଚ୍ଚ ୧୯୫୫

'ଯୋଗାଧାର' ପୁସ୍ତକର ସପ୍ତମ ଅଧ୍ୟାୟ "ଭୌତିକ ଚେତନା ଇତ୍ୟାଦି" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

ଏଠାରେ ଶ୍ରୀଅରବିନ୍ଦ କହୁଛନ୍ତି : "ଆମ ସ୍ୱଭାବର ଯେଉଁ ବସ୍ତୁଗୁଡ଼ିକୁ ଆମେ ପ୍ରତ୍ୟାଖ୍ୟାନ କରି ଫୋପାଡ଼ ଦେଇଥାଉ, ମାତ୍ର ଯେଉଁଗୁଡ଼ିକ ପୁନର୍ବାର ଆମ ପାଖକୁ ଫେରି ଆସୁଥାନ୍ତି, ସେହି କ୍ଷେତ୍ରରେ ତାହା, ସେଗୁଡ଼ିକୁ ତୁମେ କେଉଁଠାରେ ନେଇ ଫିଙ୍ଗିଲ, ତାହାର ଉପରେ ନିର୍ଭର କରୁଥାଏ । ଅଧିକାଂଶ ସମୟରେ ତାହା ପଛରେ ଏକ ପଦ୍ଧତି ମଧ୍ୟ ରହିଥାଏ ।" ମାଆ, ଏହି ପଦ୍ଧତିଟି କ'ଣ ?

ପଦ୍ଧତିଟିକୁ ସିଏ ପରେ ବର୍ଣ୍ଣନା କରି କହିଛନ୍ତି । ପରେ ବୁଝାଇ ଦେଇଛନ୍ତି ଯେ, ଯାହା ଆମ ମନ ଭିତରେ ରହିଥାଏ, ତାହା ଆମେ ପ୍ରାଣିକ ମଧ୍ୟକୁ ଫିଙ୍ଗି ଦେଇଥାଉ; ଯାହା ଉଚ୍ଚତର ପ୍ରାଣିକ ମଧ୍ୟରେ ରହିଥାଏ, ତାହାକୁ ନିମ୍ନତର ପ୍ରାଣିକ ମଧ୍ୟକୁ ଫିଙ୍ଗି ଦେଇଥାଉ ଏବଂ, ଯାହା ନିମ୍ନତର ପ୍ରାଣିକ ମଧ୍ୟରେ ରହିଥାଏ, ତାହାକୁ ଭୌତିକ ମଧ୍ୟକୁ ଫିଙ୍ଗି ଦେଇଥାଉ । ଯାହା ଭୌତିକ ମଧ୍ୟରେ ଥାଏ, ସେଗୁଡ଼ିକୁ ଅବଚେତନ ମଧ୍ୟକୁ ଫିଙ୍ଗି ଦିଆହୁଏ । ଶ୍ରୀଅରବିନ୍ଦ ଏହି ସବୁଯାକ କଥା କହିଛନ୍ତି ।

ମାତ୍ର ମୁଁ ଭାବୁଥିଲି ଯେ, ଏହି ପ୍ରତ୍ୟାଖ୍ୟାନ କରିବାର ଏକ ପଦ୍ଧତି ରହିଥିବ ।

ନାହିଁ, ସେହି କ୍ଷେତ୍ରରେ ଏହାହିଁ ପଦ୍ଧତି; ପ୍ରତ୍ୟାଖ୍ୟାନ କଲାବେଳେ ଆମେ ଗୋଟିଏ ବସ୍ତୁକୁ ସତ୍ତାର ଏକ ନିମ୍ନତର ସ୍ତରକୁହିଁ ତାହାକୁ ପ୍ରତ୍ୟାଖ୍ୟାନ କରିଥାଉ । ଏବଂ ଶ୍ରୀଅରବିନ୍ଦ କହିଛନ୍ତି ଯେ, ଏହିପରି ସ୍ତରରେ ଶେଷରେ ସବୁକିଛି ଅଚେତନା ମଧ୍ୟକୁହିଁ ନିକ୍ଷିପ୍ତ ହୋଇଥାଏ । ଏବଂ, ପ୍ରକୃତ କଥା କହିବାକୁ ଗଲେ, କୌଣସି ବସ୍ତୁରୁ ନିଷ୍କୃତି ଲାଭ କରିବାକୁ ହେଲେ ତୁମକୁ ସିଧା ସେହି ଅଚେତନା ମଧ୍ୟକୁହିଁ ଯିବାକୁ ପଡ଼େ; ଏବଂ ସେଠାରେ ତାହାର ଅନୁଧାବନ କଲେ, ତାହା ଆଉ ମୋଟେ

'oaob.nitrkl.ac.in' images reprocessed

ଅଧିକ ନିମ୍ନକୁ ଯାଇପାରେ ନାହିଁ । ତେଣୁ, ଏହି କ୍ଷେତ୍ରରେ କେବଳ ଗୋଟିଏ ମାତ୍ର ସମାଧାନ ରହିଛି; ତାହା ହେଉଛି ଯେ, ତାହା ନିଜକୁ ରୂପାନ୍ତରିତ କରିଦେବ ।

ଆଉ ଅଧିକ ଦୂର ନ ଯାଇ କ'ଣ ତାହାର ରୂପାନ୍ତର ସମ୍ଭବ ହେବ ନାହିଁ ?

ହଁ, ସମ୍ଭବ ହେବ । ମାତ୍ର ତାହା ଅତ୍ୟନ୍ତ କଷ୍ଟକର । ମାତ୍ର ତାହା ଅବଶ୍ୟ ସମ୍ଭବ, କାରଣ, ପ୍ରତ୍ୟାଖ୍ୟାନକୁ ଆଦୌ ସର୍ବୋତ୍କୃଷ୍ଟ ପଦ୍ଧତି ବୋଲି କୁହାଯିବ ନାହିଁ । ହଁ, ଏପରି କରିବା (ମା'ଆ ଭଙ୍ଗୀ ଦ୍ୱାରା ଦେଖାଇ ଦେଲେ) ହେଉଛି ସବୁଠାରୁ ସହଜ; କେହି ତୁମକୁ ଅଡ଼ୁଆରେ ପକାଉଛି; କଷ୍ଟ ଦେଉଛି, ସେତେବେଳେ ତୁମେ ଏହିପରି କରିଦେବ (ମା'ଆ ଭଙ୍ଗୀ ଦ୍ୱାରା ଦେଖାଇଦେଲେ) । ମାଛିମାନଙ୍କୁ ଘଉଡ଼ାଇ ଦେବା ପାଇଁ ଯେପରି କର ଠିକ୍ ସେହିପରି । ମାତ୍ର, ମାଛିମାନଙ୍କ ବେଳେ ଯେପରି ହୋଇଥାଏ, ଏହି କ୍ଷେତ୍ରରେ ମଧ୍ୟ କଥିତ ପରିମାଣରେ ସେହିପରି ହୋଇଥାଏ — ତାହା ଯେଉଁଏ ବୁଲିଆସି ତା'ପରେ ଲେଉଟି ଆସେ ।

ମାତ୍ର, ଏହି କ୍ଷେତ୍ରରେ ଯାହା ପ୍ରକୃତରେ ଆବଶ୍ୟକ, ମୁଁ ସେକଥା ତୁମ-ମାନଙ୍କୁ ବିଶଦ ଭାବରେ ଗତଥର ବୁଝାଇ ଦେଇଥିଲି । ସେଇଟି କାହିଁକି ଆସୁଛି, ତାହା ଖୋଜି ବାହାର କରିବ, କାହିଁକି ତୁମ ପାଖରେ ଅଛି, ସେ କଥାଟିକୁ ଜାଣିବ ଏବଂ ତା'ପରେ ତାହାକୁ ବଦଳାଇ ଦେବ । — କାରଣଟିକୁହିଁ ବଦଳାଇ ଦେବ । ତା'ପରେ ତାହା ଆଉ ମୋଟେ ଫେରି ଆସିବ ନାହିଁ, ଆଉ ତାହା ଲାଗି କୌଣସି ଅନୁକୂଳତା ନ ଥିବ ।

ଏକ ଅନୁକୂଳତା ରହିଥାଏ ବୋଲି ବସ୍ତୁଗୁଡ଼ିକ ତୁମପାଖକୁ ଆସନ୍ତି । ତୁମ ଭିତରେ ଏପରି କିଛି ରହିଥାଏ, ଯାହାକୁ ଜାବୁଡ଼ି ଧରି ସେମାନେ ଲାଖି ରହିଥାନ୍ତି, କୌଣସି ନା କୌଣସି ସ୍ଥାନରେ ଏକ ପ୍ରକାରର ସହାନୁଭୂତି ରହିଥାଏ; ସେହି ସହାନୁଭୂତି ହୁଏତ ଆଦୌ ସେତେ ସଚେତନ କିଂବା ସେତେ ଖୋଲାଖୋଲି ଭାବରେ ନ ଥାଇପାରେ, ମାତ୍ର ତଥାପି ରହିଥାଏ । ଏବଂ, ତାହା ନ ଥିଲେ ସେହି ବସ୍ତୁଟି ଆଉ କଦାପି ଆସନ୍ତା ନାହିଁ । ଏପରି ଅନେକ ଅନେକ ବସ୍ତୁ ରହିଛି, ଯାହା ତୁମ ଉପରେ ଉପଦ୍ରବ କରିବା ଲାଗି ଆଉ କଦାପି ଆସନ୍ତି ନାହିଁ; ତୁମେ ଆପଣାର ସ୍ୱଭାବରେ ଯଥାର୍ଥ ପରିବର୍ତ୍ତନଟିକୁ ଘଟାଇ ସାରିବା ପରେ ସେମାନେ ମୋଟେ ଆସନ୍ତି ନାହିଁ ।

'oaob.nitrkl.ac.in' images reprocessed

ମୁଁ ପଚାରିବାକୁ ଇଚ୍ଛା କରୁଥିଲି, ମୁଁ … ମୁଁ ତୁମମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରୁଛି । ମଗ୍ନଚେତନ ଏବଂ ଅନ୍ତଚେତନ ମଧ୍ୟରେ ପ୍ରଭେଦ କ'ଣ ? ବର୍ତ୍ତମାନ ନଳିନୀ ଆମକୁ ଏହି ପ୍ରଶ୍ନଟିର ଉତ୍ତର ଦେବେ ।

(ନଳିନୀ) ମଗ୍ନଚେତନ ହେଉଛି, ଯାହା ପଶ୍ଚାଦ୍‌ଭାଗରେ ଥାଏ···

ଭିତରେ ରହିଥାଏ, ଏବଂ ଅନ୍ତଚେତନ ଊର୍ଦ୍ଧ୍ୱରେ ଥାଏ । ହଁ, ମୁଁ ମଧ୍ୟ ସେହିପରି ଭାବିଥିଲି । ମାତ୍ର ତଥାପି ଏକ ବିଷୟ ଥିଲା ।

ବର୍ତ୍ତମାନ ଆଉ କୌଣସି ପ୍ରଶ୍ନ ଅଛି କି ନାହିଁ ?

ମାଆ, ଆବୃତ୍ତି କରିବା ଉଦ୍ଦେଶ୍ୟରେ ଯେତେବେଳେ ଆମେ କିଛି ମୁଖସ୍ଥ କରି ରଖୁ, ସେତେବେଳେ ତାହାକୁ ଶିକ୍ଷା କରିବାର ପ୍ରକୃତ ମାର୍ଗଟି କ'ଣ,—ଯେପରିକି ତାହା ସ୍ଥାୟୀ ହୋଇ ରହିପାରିବ ।

ଯେପରି ତାହା ସ୍ଥାୟୀ ହୋଇ ରହିପାରିବ, ସେଥିଲାଗି ତାହାକୁ ଶିକ୍ଷା କରିବାର ପ୍ରକୃତ ପଦ୍ଧତି ହେଉଛି ତାହାକୁ ବୁଝିବା । ଏଠାରେ କେବଳ ମୁଖସ୍ଥ କରିବାର କୌଣସି ପ୍ରଶ୍ନ ନାହିଁ । ତୁମେ ଗୋଟିଏ ବିଷୟକୁ ମୁଖସ୍ଥ କଲ,—ତାହା ହେଉଛି ଏକ ଯାନ୍ତ୍ରିକ ପଦ୍ଧତି । ମାତ୍ର, କିଛି ସମୟ ପରେ ତୁମେ ତାହାକୁ ପୁଣି ପାସୋରି ପକାଇବ—ହଁ, ତାହାକୁ ସର୍ବଦା କାମରେ ଲଗାଉଥିଲେ ତାହା ଅବଶ୍ୟ ଭିନ୍ନ କଥା ହେବ । ଉଦାହରଣସ୍ୱରୂପ, ତୁମକୁ ପଣିକିଆ ଖଣ୍ଡାଗୁଡ଼ିକୁ ମୁଖସ୍ଥ କରିବାକୁ ପଡ଼ିଲା; ଯଦି ସେଗୁଡ଼ିକୁ ସବୁବେଳେ ବ୍ୟବହାର କରୁଥିବ, ତେବେ ତାହା ତୁମର ମନେ ରହିବ; ମାତ୍ର ଯଦି ଦୈବାତ୍ ସେଗୁଡ଼ିକୁ ବ୍ୟବହାର ନ କରି ବର୍ଷବର୍ଷ ବିତିଯିବ, ତେବେ ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଭୁଲି ହୋଇଯିବ । ମାତ୍ର, ଯଦି ତୁମେ ମୂଳ କଥାଟିକୁ ବୁଝିଥିବ, ତେବେ ନିଶ୍ଚୟ ମନେ ରଖିପାରିବ । ଗୁଣନର ସୂତ୍ରଟିକୁ ଯଦି ତୁମେ ଏକ ଗାଣିତିକ ବୋଧ ଦ୍ୱାରା ବୁଝି ପାରିଥିବ, ତେବେ ତାହାକୁ ଆଉ ମୁଖସ୍ଥ କରିବା ଲାଗି କୌଣସି ପ୍ରୟୋଜନ ନ ଥିବ; ତୁମର ମସ୍ତିଷ୍କରେ ଆବଶ୍ୟକ ପ୍ରକ୍ରିୟାଟି ଅତ୍ୟନ୍ତ ସ୍ୱାଭାବିକ ଭାବରେ ସମ୍ପାଦିତ ହୋଇଯିବ; ଏବଂ, ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ସେହି ଏକା କଥାହିଁ ଘଟିଥାଏ ।

ଯଦି ତୁମେ କଥାଟିକୁ ବୁଝିଥିବ, ଯଦି ପଛରେ ରହିଥିବା ସୂତ୍ରଟି ବିଷୟରେ ତୁମର ଆବଶ୍ୟକ ବୋଧ ହୋଇ ଯାଇଥିବ, ତେବେ ତୁମେ ତାହାକୁ ଅନନ୍ତକାଳ ଲାଗି ମନେରଖି ପାରିବ,—ଶହେ ବର୍ଷ ବଞ୍ଚିଲେ ଶହେ ବର୍ଷ ପର୍ଯ୍ୟନ୍ତ ମନେରଖି ପାରିବ । ମାତ୍ର ଯଦି ଖାଲି ମୁଖସ୍ଥ କରି କୌଣସି ବିଷୟ ମନେ ରଖିଥାଅ···କିଛି କାଳ ପରେ ତୁମ ମସ୍ତିଷ୍କର କୋଷଗୁଡ଼ିକ ବହୁଗୁଣିତ ହେବେ,

'oaob.nitrkl.ac.in' images reprocessed

ପୁରୁଣାଗୁଡ଼ିକର ସ୍ଥାନରେ ନୂଆ କୋଷଗୁଡ଼ିକର ଆବିର୍ଭାବ ହେବ ଏବଂ ଏହିପରି ଭାବରେ କେତେକ ଜିନିଷ ବିଲୁପ୍ତ ହୋଇଯିବ । ଏଭଳି ଅନୁଭୂତିସବୁ ଲାଭ କରିବାକୁ ତୁମମାନଙ୍କର ଏପର୍ଯ୍ୟନ୍ତ ବୟସ ହୋଇ ନାହିଁ; ମାତ୍ର ପରେ ହୃଦୟଙ୍ଗମ କରିହେବ ଯେ, ଆମ ଜୀବନରେ କେତେ କଥା ମୀମାଂସକ ଭାବରେ ସ୍ଥାୟୀ ହୋଇ ରହିଯାଏ ଏବଂ ଆଉ କେତେଗୁଡ଼ିଏ କଥା, ସେଗୁଡ଼ିକୁ ଆମେ ଆଦୌ ମନେ ରଖୁ ନାହିଁ ବୋଲି, ସମ୍ପୂର୍ଣ୍ଣ ଭାବରେ ଭୁଲି ହୋଇଯାଏ । ଆମକୁ ଗୁଡ଼ା ଘୂରିଯାଏ । ମାତ୍ର, ଆଉକେତେକ ଘଟନା ପ୍ରକୃତରେ ମାଇଲଖୁଣ୍ଟ ପରି ହୋଇ ରହିଯାନ୍ତି— ଜୀବନର ଗୋଟିଏ ଗୋଟିଏ ମୀମାଂସକ ପରି ହୋଇ ରହିଥାନ୍ତି । ଏହିସବୁ କଥାକୁ ତୁମେ ସଚେତନ ଭାବରେ ଅନୁଭବ କରିଥିଲ, ଅର୍ଥାତ୍, ତୁମେ ସେଗୁଡ଼ିକୁ ବୁଝିଥିଲ । ତେଣୁ ସେହି ଅନୁଭୂତିଟି ତୁମପାଖରେ ଅନନ୍ତ କାଳ ଲାଗି ରହି ପାରିଲା; ଏବଂ, ଆପଣାର ଚେତନାରେ ମାତ୍ର କିଞ୍ଚିତ୍ ପରିମାଣରେ ଏକ ସଞ୍ଚଳନ ଘଟାଇଲେ ହିଁ ତୁମେ ସେହି ଅନୁଭୂତିକୁ ଅବଶ୍ୟ ପୁନର୍ବାରକୁ ଆଣି ପାରିବ । ମାତ୍ର, ତୁମେ ଯାହାକୁ ଯନ୍ତ୍ରବତ୍ ଶିକ୍ଷା କରିଥିବ, ତାହାକୁ ଦୈନନ୍ଦିନ ବ୍ୟବହାର କରୁ ନ ଥିଲେ, ମୁଁ କହିବ ଯେ, ତାହା କୁଆଡ଼େ ଭୁଲି ହୋଇଯିବ ।

ମାଆ, "ସାଧାରଣ ପ୍ରକୃତିରୁ" ଆସୁଥିବା ବସ୍ତୁଗୁଡ଼ିକ,—ଏହାର ଅର୍ଥ କ'ଣ ?

ତୁମେ ତାହାର ଅର୍ଥ କ'ଣ ବୋଲି ପଚାରୁଛ ?

ମୁଁ ପରେ ପଚାରିବି !

ଏପରି କେତେକ ସ୍ପନ୍ଦନ ଅଛି ଭିତରେ ଗତିଶୀଳ ହୋଇ ରହିଥାଏ, ଯାହାକି ସମଗ୍ର ଜୀବଜାତିଟିରହିଁ ସ୍ପନ୍ଦନ; ଅର୍ଥାତ୍, ତୁମେ ଯେଉଁ ଜୀବଜାତିର ଅନ୍ତର୍ଗତ, ଏହା ସମୂହ ଭାବରେ ତାହାର ସ୍ପନ୍ଦନ । ମନୁଷ୍ୟ ଏହିପରି ଏକ ଜୀବଜାତି,—ଅନ୍ୟ ସକଳ ଜୀବଜାତିଙ୍କ ପରି ଏକ ଜୀବଜାତି । ତେଣୁ, ଏହିପରି କେତୋଟି ଗତିଶୀଳତା ଆଦୌ ବ୍ୟକ୍ତିଗତ ଏକ ଗତିଶୀଳତା ହୋଇ ରହି ନ ଥାଏ, ସେଗୁଡ଼ିକ ସମଗ୍ର ଜୀବଜାତିଟିର ଗତିଶୀଳତା ।

ମନୁଷ୍ୟ-ଜୀବଜାତିର ସତ୍ତାଗତ କେତେକ ନିଜସ୍ୱ ପଦ୍ଧତି ରହିଛି, ଯାହା କେବଳ ମନୁଷ୍ୟଠାରେହିଁ ଦେଖିବାକୁ ମିଳିଥାଏ । ଏଗୁଡ଼ିକୁ ଆମେ ପ୍ରାୟ ସ୍ୱୟଂ-ପ୍ରେରିତ ଭାବରେ ନିଷ୍ପନ୍ନ କରି ଆଣିଥାଉ । ଉଦାହରଣସ୍ୱରୂପ, ସିଧା ହୋଇ ଚାଲିବା (ମାଆ ଭଙ୍ଗୀ ଦ୍ୱାରା ଦେଖାଇଦେଲେ),—ମାତ୍ର କଲେଇଟିଏ ଚାରିଗୋଡ଼କୁ ଆଶ୍ରା କରି ବାଟ ଚାଲୁଥାଏ । ତେଣୁ, ଖାଲି ଦୁଇ ପାଦରେ ଠିଆ ହୋଇ ସିଧା

'oaob.nitrkl.ac.in' images reprocessed

ବାଟ ଚାଲିବା ହେଉଛି କେବଳ ମନୁଷ୍ୟର ଏକ ନିଜସ୍ୱ ସ୍ୱଭାବ । ଏହା ସମଗ୍ର ମନୁଷ୍ୟ-ଜୀବଜାତିର ଏକ ସ୍ୱଭାବ । ଆମେ ମନୁଷ୍ୟମାନେ ଯେପରି ମୁଣ୍ଡକୁ ଉପରକୁ କରି ବସିପାରୁଛୁ, ପିଠି ଉପରେ ଭର ଦେଇ ଯେପରି ଶୋଇପାରୁଛୁ, ଇତ୍ୟାଦି ଇତ୍ୟାଦି ।

ତୁମେ ଇତର ପ୍ରାଣୀମାନଙ୍କୁ ଲକ୍ଷ୍ୟ କରି ଦେଖିବ : ସେମାନେ କୁଣ୍ଡଳୀ କାଟି ଶୁଅନ୍ତି, ନୁହେଁ ? ପ୍ରାୟ ସବୁ ଇତରପ୍ରାଣୀ ସେହିପରି କରନ୍ତି । କେବଳ ମଣିଷ ପାଖରୁହିଁ ଏହିପରି ଚିତ୍ ହୋଇ ଦେହକୁ ଲମ୍ବାଇ ଶୋଇବାର ଶକ୍ତି ଆରମ୍ଭ ହୁଏ । ମାଙ୍କଡ଼ମାନେ ଆଦୌ ସେପରି ଶୁଅନ୍ତି ବୋଲି ମୋ'ର ମନେ ହେଉ ନାହିଁ । ସେମାନେ ମଧ୍ୟ ଦେହକୁ ଅଧାକୁ ଭାଙ୍ଗି କରି ଶୁଅନ୍ତି । କେବଳ ମନୁଷ୍ୟହିଁ ଏହି ଅନ୍ୟ ପ୍ରକାରର ଅଭ୍ୟାସଟିକୁ ଆରମ୍ଭ କରିଛି । ଏବଂ ଏହା ମୋର ମନେ ପକାଇଦଏ ଯେ···

ମୋ'ପାଖରେ ଏକଦା ଗୋଟିଏ ବିଲେଇ ଥିଲା—ସେତେବେଳେ ମୁଁ ତଳେ ଶୋଉଥିଲି—ବିଲେଇଟି ସବୁବେଳେ ଆସି ମଶାରି ଭିତରେ ପଶି ଯାଉଥିଲା ଓ ମୋ' ପାଖରେ ଶୋଉଥିଲା । ଏହି ବିଲେଇଟି ବେଶ୍ ସିଧା ହୋଇ ଶୋଉଥିଲା, ଅନ୍ୟ ବିଲେଇମାନଙ୍କ ପରି ମୋଟେ ଶୋଉ ନ ଥିଲା, ସିଏ ମୁଣ୍ଡଟିକୁ ଏଠାରେ ରଖି ଏହିପରି ଭାବରେ ଶୋଉଥିଲା (ମାଆ ଭଙ୍ଗୀ ଦ୍ୱାରା ଦେଖାଇ ଦେଲେ), ମୋ' ଗୋଡ଼ ପାଖରେ ନିଜର ଆଗ ପଂଝା ଦୁଇଟିକୁ ଏହିପରି ଭାବରେ ଲମ୍ବାଇ ଦେଇ ପଛ ଦୁଇ ଗୋଡ଼କୁ ଗୋଟାପୁରା ସିଧା କରି ଶୋଉଥିଲା । ଏବଂ, ସେହି ବିଲେଇର ଗୋଟିଏ ଭାରି ଅଦ୍ଭୁତ ଢଙ୍ଗ ବି ଥିଲା, ଯାହାକି ମୁଁ ପରେ ସ୍ୱତରେ ଆବିଷ୍କାର କରି ପାରିଲି । ବିଲେଇଟା ଏପରି କାହିଁକି ଶୋଇଛି, ମୁଁ ନିଜକୁ ସେକଥା ପଚାରିବାରେ ଲାଗିଥିଲି । ଏବଂ ପରେ ମୁଁ ଜଣେ ରୁଷୀୟ ଖାନଦାନୀ ରମଣୀକୁ ଭେଟିଲି । ସିଏ ମୁଣ୍ଡରେ ଗୋଟିଏ ଲେସ ଝାଲର ଟୋପି ପିନ୍ଧୁଥିଲେ । ତାଙ୍କର ଛଅଟି ପିଲା ଥିଲେ ; ପିଲାମାନଙ୍କ ପ୍ରତି ତାଙ୍କର ଏକ ପ୍ରକାରର ପ୍ରଗାଢ଼ ସ୍ନେହ ରହିଥିଲା ଏବଂ ସେ ସେମାନଙ୍କ ଲାଗି ସର୍ବଦା ଏକ ଆଶ୍ରୟ ଖୋଜି ବୁଲୁଥିଲେ । ମୁଁ ସମ୍ପୂର୍ଣ୍ଣ କାହାଣୀଟିକୁ ଜାଣି ନାହିଁ, ମାତ୍ର ମୁଁ ଦେଖିଥିଲି ଯେ ତାଙ୍କ ପାଖରେ ଛଅଟି ଯାକ ସାନ ପିଲା ଅଛନ୍ତି — ଗୋଟିଏ ଏତିକ ବଡ଼, ଆଉ ଗୋଟିଏ ଏତିକ ବଡ଼ ଏବଂ ଆଉଟି ଏତିକ ବଡ଼ (ମାଆ ଭଙ୍ଗୀ ଦ୍ୱାରା ଉଚ୍ଚତାର ପାର୍ଥକ୍ୟଗୁଡ଼ିକୁ ଦେଖାଇଦେଲେ); ପିଲାମାନଙ୍କୁ ସାଙ୍ଗରେ ଧରି ଭଦ୍ରମହିଳା ସେମାନଙ୍କ ଲାଗି ଏକ ନିରାପଦ ଆଶ୍ରୟ ଖୋଜି ବୁଲୁଥିଲେ । ତାଙ୍କ ଜୀବନରେ ନିଶ୍ଚୟ କୌଣସି ଘଟଣା ଘଟିଥିବ, ଏକ ନିର୍ଦ୍ଦିଷ୍ଟ ପ୍ରକାରର ପ୍ରାଣୀବତ୍ ମାତୃପ୍ରବୃତ୍ତିକୁ ଆପଣା ଭିତରେ ବହନ କରି ସିଏ ହୁଏତ ହଠାତ୍ ମୁହାଁମୁହିଁରେ

'oaob.nitrkl.ac.in' images reprocessed

ପଡ଼ିଥିବେ — ମାତ୍ର ଏହି ସବୁକିଛି ଅତ୍ୟନ୍ତ ଆତଙ୍କପୂର୍ଣ୍ଣ ହୋଇ ରହିଥିବ, — ଭୟ, ଉଦ୍‌ବେଗ ଏବଂ ଦୁଶ୍ଚିନ୍ତାରେ ପୂର୍ଣ୍ଣ ହୋଇ ରହିଥିବ । ଏବଂ, ଏହି ପ୍ରବୃତ୍ତିଟି ହୁଏତ ସେହିଠାରୁହିଁ ଆସିଥିବ ଏବଂ କୌଣସି ନା କୌଣସି ପ୍ରକାରେ ପୁନର-ବତରଣ କରିଥିବ । ଏହାକୁ ପ୍ରକୃତରେ ଏକ କ୍ରିୟାଶୀଳତା ବୋଲି କୁହାଯିବ,— ଏକ ବ୍ୟକ୍ତି ବୋଲି ଆଦୌ କୁହାଯିବ ନାହିଁ; ଏକ କ୍ରିୟାଶୀଳତା ବୋଲି କୁହାଯିବ, ଯାହାକି ଏହି ବ୍ୟକ୍ତିଙ୍କର ସ୍ୱଭାବଗତ ହୋଇ ରହିଥିବ ଏବଂ ଏହି ବିଲେଇଟି ମଧ୍ୟରେ ଆସି ଆବିର୍ଭୂତ ହୋଇଥିବ । କୌଣସି ନା କୌଣସି କାରଣରୁ ସେଠାକୁ ଆସିଥିବ: ଏହା କିପରି ଘଟିଲା, ମୋତେ ସେକଥା ଜଣା ନାହିଁ, ଏବିଷୟରେ ମୁଁ କିଛି ଜାଣି ନାହିଁ; ମାତ୍ର ଏହି ବିଲେଇଟି ଠିକ୍ ଜଣେ ମନୁଷ୍ୟ ପରି ଆଚରଣ କରୁଥିଲା । ତାହାର ଖୁବ୍ ଅଳ୍ପଦିନ ପରେ ତାହାର ଛଅଟି ଛୁଆ ହେଲା ଏବଂ, ସ୍ଥିତି ଏପରି ଅଦ୍ଭୁତ ହୋଇ ରହିଥିଲା ଯେ ସିଏ ସେହି ଛୁଆମାନଙ୍କୁ ମୋଟେ ପାଖରୁ ଛାଡ଼ିବାକୁ ଚାହୁଁ ନ ଥିଲା—ସେମାନଙ୍କଠାରୁ ଛାଡ଼ି ଚାଲିଯିବାକୁ ଆଦୌ ମଙ୍ଗୁ ନ ଥିଲା, ସିଏ ସମ୍ପୂର୍ଣ୍ଣ ଭାବରେ···ଖାଇଲା ନାହିଁ, ବହିର୍ମୂତ୍ର ବି ଗଲା ନାହିଁ, ସବୁବେଳେ ଛୁଆମାନଙ୍କ ପାଖରେହିଁ ରହିଥିଲା । ଦିନେ ଯେତେବେଳେ ତା' ମନରେ ଗୋଟାଏ କ'ଣ ଧାରଣା ଆସି ଉପସ୍ଥିତ ହେଲା,—ତାକୁ କେହି ଆଦୌ କିଛି କହି ନ ଥିଲେ—ଗୋଟିଏ ଛୁଆକୁ ଧରି—ବିଲେଇମାନେ ଯେପରି କରନ୍ତି, ଠିକ୍ ସେହିପରି—ତାକୁ ତା' ବେକରୁ କାମୁଡ଼ି ଧରି ନେଇଗଲା ଏବଂ ତାହାକୁ ଆଣି ମୋ'ର ଦୁଇ ପାଦ ଉପରେ ରଖିଦେଲା । ମୁଁ ଆଦୌ ହଲଚଲ ହେଲି ନାହିଁ; ସିଏ ଫେରି ଯାଇ ଆଉଗୋଟିଏ ଛୁଆକୁ ଆଣିଲା ଓ ସେଠାରେ ରଖିଲା; ତା'ପରେ ତୃତୀୟ ଛୁଆଟିକୁ ମଧ୍ୟ ଆଣି ସେଇଠି ରଖିଲା, ଏବଂ, ଛଅଟିଯାକ ଯେମିତି ସେଠାକୁ ଆସିଗଲେ, ସେତେବେଳେ ସିଏ ମୋ' ଆଡ଼କୁ ଅନାଇଲା, ମ୍ୟାଉଁ ମ୍ୟାଉଁ ହେଲା ଏବଂ ସେଠାରୁ ଚାଲିଗଲା । ଛୁଆମାନଙ୍କୁ ଜନ୍ମ କରିବା ପରେ ଏହି ପ୍ରଥମଥର ପାଇଁ ସିଏ ବାହାରକୁ ଗଲା; ବଗିଚାକୁ ଯାଇ ନିତ୍ୟକର୍ମ ସାରିଲା, ଖାଇଲା,—କାରଣ, ଏତେବେଳେ ଯାଇ ସିଏ ନିଶ୍ଚିନ୍ତ ହୋଇ ପାରିଲା । କାରଣ, ଛୁଆଗୁଡ଼ିକ ମୋର ଦୁଇପାଦ ଉପରେ ନିରାପଦ ହୋଇ ରହିଥିଲେ । ଯେତେବେଳେ ପିଲାମାନଙ୍କୁ ନେଉଥିଲା, ସେତେବେଳେ ଜଣେ ନାରୀ ପରି ସେମାନଙ୍କୁ ପିଠିରେ ବସାଇ ନେଉଥିଲା । ଯେତେବେଳେ ମୋ'ପାଖରେ ଆସି ଶୋଉଥିଲା, ସେତେବେଳେ ଚିତ୍ ହୋଇ ଶୋଉଥିଲା । ଆଦୌ ବିଲେଇ ପରି ଆଚରଣ କରୁ ନ ଥିଲା ।

ହଁ, ଏସବୁ ହେଉଛି ଜୀବଜାତିଗତ ଅଭ୍ୟାସ । ଜୀବଜାତିଗତ କ୍ରିୟା-ଶୀଳତା । ଏହି ପ୍ରକାରର ଅନ୍ୟ ବହୁସଂଖ୍ୟକ ଅଭ୍ୟାସମାନ ରହିଛି । ମାତ୍ର, ଏଇଟି ହେଉଛି ଗୋଟିଏ ଉଦାହରଣ ।

'oaob.nitrkl.ac.in' images reprocessed

ଏହି ପ୍ରାଣୀଟି ପରି ଯେଉଁମାନେ ଅସାଧାରଣ ପ୍ରକୃତିର ହୋଇ ରହିଥାନ୍ତି, ଏମାନେ ମୃତ୍ୟୁପରେ ମନୁଷ୍ୟଶରୀର ଧାରଣ କରି ଆସନ୍ତି କି ?

ଆଚ୍ଛା !

ଆଉ ଗୋଟିଏ ବିରାଡ଼ି ଥିଲା···ତା'ର ନାଆଁ ମୁଁ ଜାଣି ନାହିଁ; ମୋର ଅନେକଗୁଡ଼ିଏ ବିଲେଇ ଥିଲେ, କିନ୍ତୁ ବର୍ତ୍ତମାନ ଆଉ ସେମାନଙ୍କ କଥା ଆଦୌ ମନେ ନାହିଁ । ଗୋଟିଏ ବିଲେଇର ନାଆଁ ଥିଲା 'କିକି', ଏଇଟି ହେଉଛି ଆଲେକଜାଣ୍ଡ୍ରିଅନ ବିଲେଇର ପ୍ରଥମ ଅଣ୍ଡିରା କୁଆ; ତାହାଛଡ଼ା ଆଉ ଗୋଟିଏ ମଧ୍ୟ ଥିଲା, ସେଇଟି ତା'ର ଦ୍ୱିତୀୟ ପୁଅ (ଅର୍ଥାତ୍ ସିଏ ହେଉଛି ଆଉଗୋଟିଏ ଥରର ଜନ୍ମ),—ତା'ର ନାଆଁ ବ୍ରାଉନ ।

ଏହି ବିଲେଇଟି ପ୍ରକୃତରେ ଅଦ୍ଭୁତ ଥିଲା । ସିଏ ବିଲେଇ-ରୋଗରେ ମଲା । ଏକ କୁକୁର ରୋଗ ଯେପରି ଅଛି, ସେହିପରି ଏକ ବିଲେଇ ଛୁଆଙ୍କର ରୋଗ ମଧ୍ୟ ରହିଛି । —ଏହି ବିଲେଇଟିକୁ ସେହି ରୋଗ କିପରି ଧରିଲା, ମୁଁ ଜାଣି ନାହିଁ, ମାତ୍ର ରୋଗବେଳେ ସିଏ ପ୍ରକୃତରେ ଅଦ୍ଭୁତ ଆଚରଣ ଦେଖାଉ ଥିଲା ଏବଂ ମୁଁ ଠିକ୍ ପିଲାଙ୍କର ଶୁଶ୍ରୂଷା କଲାପରି ତାହାର ଶୁଶ୍ରୂଷା କରୁଥିଲି । ଏବଂ ସିଏ ସର୍ବଦା ଗୋଟିଏ ପ୍ରକାରର ଆକାଙ୍କ୍ଷା ବ୍ୟକ୍ତ କରୁଥିଲା । ସିଏ ରୋଗରେ ପଡ଼ିବାର ପୂର୍ବରୁ—ଲାଇବ୍ରେରି କକ୍ଷର ଗୋଟିଏ କୋଠରିରେ ସେତେବେଳେ ଆମେ ଧ୍ୟାନ କରୁଥିଲୁ—ଶ୍ରୀଅରବିନ୍ଦଙ୍କର ନିଜ କୋଠରିରେ । ଆମେ ସେଠାରେ ତଳେ ବସି ଧ୍ୟାନ କରୁଥିଲୁ । ସେହି ଘରେ ଗୋଟିଏ କୋଣରେ ଏକ ଆରାମଚଉକି ପଡ଼ିଥିଲା ଏବଂ, ଯେତେବେଳେ ଆମେ ସେଠାରେ ଧ୍ୟାନ ସକାଶେ ଯାଇ ଏକତ୍ର ହେଉଥିଲୁ, ସେତେବେଳେ ସେହି ବିଲେଇଟି ମଧ୍ୟ ପ୍ରତିଦିନ ସେଠାକୁ ଆସୁଥିଲା, ଆରାମଚଉକି ଉପରକୁ ଚଢ଼ି ଯାଉଥିଲା ଏବଂ ପ୍ରକୃତରେ ଧ୍ୟାନସମାଧି ଭିତରେ ମଗ୍ନ ହୋଇ ରହୁଥିଲା । ପ୍ରକୃତରେ ଏକ ଧ୍ୟାନସମାଧି—ସେ ଆଦୌ ଶୋଇ ପଡ଼ୁ ନ ଥିଲା, କେବେ ଶୋଉ ନ ଥିଲା—ପ୍ରକୃତରେ ସମାଧି ଅବସ୍ଥାରେ ରହୁଥିଲା । ଏହା ସେହି ଅବସ୍ଥାର ନାନା ସଙ୍କେତ ଦେଉଥିଲା, ନାନା ଆଶ୍ଚର୍ଯ୍ୟଜନକ କ୍ରିୟାତ୍ମକତାମାନ ଦେଖାଉଥିଲା; ପ୍ରାଣୀମାନେ ସ୍ୱପ୍ନ ଦେଖୁଥିବା ସମୟରେ ଯେଉଁଭଳି ଆଚରଣ ଦେଖାନ୍ତି, ଠିକ୍ ସେହିପରି ଅନେକ ଆଚରଣ । ଏବଂ, ଆପଣାର ସେହି ଅବସ୍ଥାରୁ ତାହା ଆଦୌ ବାହାରକୁ ଆସିବାକୁ ଇଚ୍ଛା କରୁ ନ ଥିଲା, ସେହି ଅବସ୍ଥାରୁ ବାହାରି ଆସିବାକୁ ମୋଟେ ରାଜି ହେଉ ନ ଥିଲା ଏବଂ ଘଣ୍ଟା ଘଣ୍ଟା ଧରି ସେହି ଅବସ୍ଥାରେ ରହୁଥିଲା । ମାତ୍ର, ଆମେ ଧ୍ୟାନ ଆରମ୍ଭ କରିବା ପୂର୍ବରୁ ସିଏ କେବେହେଲେ

'oaob.nitrkl.ac.in' images reprocessed

ସେଠାକୁ ଆସୁ ନ ଥିଲା । ଆସି ସେହି ଚଉକିଟି ଉପରକୁ ଚାଲି ଯାଉଥିଲା ଏବଂ ସମୁଦାୟ ଧ୍ୟାନ-ସମଷ୍ଟି ସେହିଠାରେ ରହୁଥିଲା । ବସ୍ତୁତଃ ଆମର ଧ୍ୟାନ ଶେଷ ହୋଇ ଯାଉଥିଲା, ମାତ୍ର ଚଉକିଟି ସେହି ଅବସ୍ଥାରେ ବସି ରହୁଥିଲା ଏବଂ, ଯେତେବେଳେ ମୁଁ ତାକୁ ନେବ ବୋଲି ଯାଉଥିଲି, ଏକ ନିର୍ଦ୍ଦିଷ୍ଟ ସ୍ୱରରେ ତାକୁ ଡାକୁଥିଲି, ତାହାକୁ ତା'ର ଶରୀର ମଧ୍ୟକୁ ଫେରାଇ ଆଣୁଥିଲି, ସେତେବେଳେ ଯାଇ ସିଏ ସେଠାରୁ ଯିବାକୁ ରାଜି ହେଉଥିଲା । ନଚେତ୍ ଆଉ ଯିଏ ଆସି ଡାକିଲେ ମଧ୍ୟ, ସିଏ ମୋଟେ ସେଠାରୁ ଘୁଞ୍ଚୁ ନ ଥିଲା । ହଁ, ଏହି ଚଉକିଟି ମଧ୍ୟରେ ସର୍ବଦା ଏକ ବୃହତ୍ ଅଭୀପ୍ସା ରହିଥିଲା, ଏକ ମନୁଷ୍ୟସତ୍ତ୍ୱରେ ପରିଣତ ହେବା ଲାଗି ଏକ ପ୍ରକାରର ଅଭୀପ୍ସା ରହିଥିଲା ଏବଂ ପ୍ରକୃତରେ ଆପଣାର ଶରୀର ତ୍ୟାଗ କରିବା ପରେ ତାହା ଏକ ମନୁଷ୍ୟଶରୀରରେହିଁ ଯାଇ ପ୍ରବେଶ କରିଥିଲା । ଅବଶ୍ୟ ଏକଥା ସତ ଯେ, ତାହା ସେତେବେଳେ ଜଣେ ମନୁଷ୍ୟର ଚେତନାର ଏକ କ୍ଷୁଦ୍ର ଅଂଶମାତ୍ର ହୋଇ ରହିଥିଲା । ସେହି ଅନ୍ୟ ଚଉକିଟି ସହିତ ସମ୍ପୃକ୍ତ ଭଦ୍ରମହିଳାଙ୍କର କ୍ରିୟାଶୀଳତା ଦୃଷ୍ଟିରୁ ଏହା ଏକ ବିପରୀତ କ୍ରିୟାଶୀଳତା ଥିଲା । ମାତ୍ର ଏହି ଚଉକିଟି ସତେଯେପରି ଆପଣାର ଅନେକ ଜନ୍ମକୁ ଡେଇଁ କରି ଚାଲି ଆସିଥିଲା, ଏକ ମନୁଷ୍ୟଶରୀରର ସଂସ୍ପର୍ଶ ମଧ୍ୟରେ ପ୍ରବେଶ କରିବା ଲାଗି ସତେଅବା ଏକାଧିକ ଚୈତ୍ୟ-ଅବସ୍ଥାକୁ ଅତିକ୍ରମ କରି ଆସିଥିଲା । ତାହାକୁ ଏକ ଅତି ସରଳ ମନୁଷ୍ୟ-ଶରୀର ବୋଲି କୁହାଯିବ, ମାତ୍ର ତଥାପି, ସେପରି ହୋଇଥିଲେ ମଧ୍ୟ···

ଗୋଟିଏ ଚଉକିର ବିକାଶ ଏବଂ ଜଣେ ମନୁଷ୍ୟର ବିକାଶ ମଧ୍ୟରେ ଏକ ପାର୍ଥକ୍ୟ ଅବଶ୍ୟ ରହିଛି ।···

ଏପରି ଘଟଣା ପ୍ରକୃତରେ ଘଟେ···ମୁଁ ଜାଣିଛି ଏସବୁ ହେଉଛି ଗୋଟିଏ ଗୋଟିଏ ଅସାଧାରଣ ଘଟଣା,—ମାତ୍ର ତଥାପି ଏପରି ଘଟଣା ଅବଶ୍ୟ ଘଟେ ।

ଏହିସବୁ କ୍ଷେତ୍ରରେ ଚୈତ୍ୟ ସଚେତନ ରହିଥାଏ କି ?

ହଁ, ଅଭୀପ୍ସା ଅବଶ୍ୟ ସଚେତନ ରହିଥାଏ । ଏହି କ୍ଷେତ୍ରରେ ଅଭୀପ୍ସା ଅତ୍ୟନ୍ତ, ଅତ୍ୟନ୍ତ ସଚେତନ ହୋଇ ରହିଥିଲା । ଏହାକୁ ଏକ ପରଚିତ ଚୈତ୍ୟ ବୋଲି ଆଦୌ କୁହାଯିବ ନାହିଁ, ଯେତେବେଳେ କି ତାହା ସମ୍ପୂର୍ଣ୍ଣ ଭାବରେ ଏକ ସ୍ୱତନ୍ତ୍ର ସତ୍ତା ହୋଇ ରହିଥାଏ; ଏହା ଆଦୌ ସେକଥା ନୁହେଁ । ମାତ୍ର, ଏହା ହେଉଛି ଏକ ଅଭୀପ୍ସା, ଅଗ୍ରଗତି ନିମନ୍ତେ ଏକ ପୂର୍ଣ୍ଣବଳ ଅଭୀପ୍ସା । ଯେପରି, ଏହି ମନୁଷ୍ୟସତ୍ତ୍ୱରେ ଅବସ୍ଥିତ ନ ରହି ଅତିମାନସସତ୍ତ୍ୱରେ ପରିଣତ ହେବା ଲାଗି ଆମମାନଙ୍କ ଭିତରେ ଅଭୀପ୍ସା ରହିଛି, ଇଏ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସେହିପରି

'oaob.nitrkl.ac.in' images reprocessed

ଗୋଟିଏ କଥା । ଏହା ହେଉଛି ଗୋଟିଏ ବିଲେଇ ମନୁଷ୍ୟରେ ପରିଣତ ହେବା-ଲାଗି କରୁଥିବା ଯୋଗରହିଁ ଗୋଟିଏ ଦୃଷ୍ଟାନ୍ତ ।

ସମ୍ଭବତଃ ଏପରି ହେବାର କାରଣ ହେଉଛି ଯେ, ଏହି ବିଲେଇର ମାଆ ଭିତରେ ଏପରି ଏକ ଗଣ୍ଡସ୍ପନ୍ଦନ ରହିଥିଲା, ଚେତନାର ଏପରି ଏକ ସଂରଚନା ଓ ପ୍ରସର୍ଜନ ରହିଥିଲା, ଯାହାକି ଏକଦା ଜଣେ ମନୁଷ୍ୟ ପାଖରେ ଥିଲା । ସମ୍ଭବତଃ ସେହି କାରଣରୁହିଁ ମନୁଷ୍ୟର ଜୀବନ ଭିତରକୁ ଫେରିଯିବା ସକାଶେ ଏହି କ୍ଷେତ୍ରରେ ଗୋଟିଏ ପ୍ରକାରର ବ୍ୟାକୁଳତା ରହିଥିଲା ଏବଂ ତାହାର ଫଳରେ ତାହାର ଅସ୍ଥିରତା ଏତେ ଅଧିକ ପରିମାଣରେ ପ୍ରଗାଢ଼ ହୋଇ ପାରିଥିଲା । ମାତ୍ର, ସିଏ ପ୍ରକୃତରେ ସେହି ସକାଶେହିଁ ଯୋଗସାଧନା କରୁଥିଲା ।

'oaob.nitrkl.ac.in' images reprocessed

# ୩୦ ମାର୍ଚ୍ଚ ୧୯୫୫

'ଯୋଗାଧାର' ପୁସ୍ତକର ସପ୍ତମ ଅଧ୍ୟାୟ "ଭୌତିକ ଚେତନା ଇତ୍ୟାଦି" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ଏଠାରେ ଲେଖା ହୋଇଛି, "ଏକ ଯୋଗଶକ୍ତି କୁଣ୍ଡଳୀକୃତ ହୋଇ ରହିଛି ଅଥବା ସୁପ୍ତ ଅବସ୍ଥାରେ ଅଛି···" ସେହି ଶକ୍ତିକୁ ଜାଗ୍ରତ କରିଯାଇ ପାରିବ କିପରି ?

ମୁଁ ଭାବୁଛି, ଯୋଗର ସାଧନା କରିବା ଲାଗି ସଂକଳ୍ପ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏହି ଶକ୍ତି ସ୍ୱାଭାବିକ ଭାବରେ ଜାଗ୍ରତ ହୋଇ ଆସିଥାଏ । ଯଦି ସେହି ସଂକଳ୍ପ ନିଷ୍ଠାଯୁକ୍ତ ହୋଇଥାଏ ଏବଂ ତୁମ ପାଖରେ ଯଦି ଯଥାର୍ଥ ଅଭୀପ୍ସା ରହିଥାଏ, ତେବେ ତାହା ଆପଣାଛାଏଁ ଜାଗ୍ରତ ହୋଇ ଉଠେ ।

ବସ୍ତୁତଃ, ବୋଧହୁଏ ସେହି ଶକ୍ତିର ଜାଗରଣ ଦ୍ୱାରାହିଁ ଯୋଗର ସାଧନା ଲାଗି ଅଭୀପ୍ସା ଜାତ ହୋଇଥାଏ ।

ଏକଥା ମଧ୍ୟ ସମ୍ଭବ ଯେ, ପରମ କରୁଣାର ପରିଣାମସ୍ୱରୂପହିଁ ତାହା ଘଟିଥାଏ ଅଥବା, କୌଣସି ଏକ କଥୋପକଥନ କିଂବା ଅଧ୍ୟୟନ ପରେ, ଯୋଗ କ'ଣ ବୋଲି ଜାଣିବାକୁ ତଥା ତାହାର ଅଭ୍ୟାସ କରିବାକୁ ତୁମେ ତାହାର ଧାରଣା କରିଥାଅ ଓ ସେଥିଲାଗି ତୁମଭିତରେ ଏକ ଅଭୀପ୍ସା ଜନ୍ମିଥାଏ । ବେଳେବେଳେ ଆଉଜଣେ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହେଉ ହେଉ ବା କୌଣସି ବହିରୁ ସାଧାରଣ କିୟଦଂଶ ପାଠ କରିବା ଦ୍ୱାରା ହେଉ ଏକ ଆସ୍ପୃହା ଜାତ ହେବା ଲାଗି ତାହା ଯଥେଷ୍ଟ ହୋଇଥାଏ; ତାହା ଯୋଗଶକ୍ତିକୁ ଜାଗ୍ରତ କରିଆଣେ ଏବଂ ତାହାର ଦ୍ୱାରା ପ୍ରେରିତ ହୋଇ ତୁମେ ଯୋଗାଭ୍ୟାସ ଆରମ୍ଭ କରିଦିଅ ।

ପ୍ରଥମେ ପ୍ରଥମେ ଏହି ବିଷୟରେ କୌଣସି ସଚେତନତା ନ ଥାଏ—କେବଳ ଏତିକି ଅନୁଭବ ହେଉଥାଏ, ସତେ ଯେପରି ଆମ ଭିତରେ କେଉଁଠି କିଛି ବଦଳି ଯାଇଛି,—ଏକ ନୂତନ ନିଷ୍ପତ୍ତି ଗ୍ରହଣ କରିଯାଇଛି, ଏକ ଦିଗ୍-ପରିବର୍ତ୍ତନ ଘଟିଛି ।

'oaob.nitrkl.ac.in' images reprocessed

ମାଆ, ଏହି ଯୋଗଶକ୍ତି କହିଲେ ପ୍ରକୃତରେ କ'ଣ ବୁଝାଏ ?

ଯୋଗଶକ୍ତି ଅର୍ଥାତ୍ ଅନ୍ତରଗତ କରିବାର ଶକ୍ତି । ସେହି ଶକ୍ତି ତୁମକୁ ଯୋଗାଭ୍ୟାସ ଲାଗି ପ୍ରବୃତ୍ତ କରାଏ; ଆହୁରି ନିର୍ଦ୍ଦିଷ୍ଟ ଭାବରେ କହିଲେ, ତୁମର ଅନ୍ତରଗତି ବିଧାନ କରାଏ,—ସଚେତନ ଭାବରେ ତାହା କରାଇଥାଏ । ଏହା ଏକ ସଚେତନ ଶକ୍ତି ।

ବସ୍ତୁତଃ, ଯୋଗଶକ୍ତି ହେଉଛି ଯୋଗ ସାଧନା କରିବାର ଶକ୍ତି ।

ମାଆ, ଦିବ୍ୟ ଶକ୍ତିଗୁଡ଼ିକୁ ନିମ୍ନ ଆଡ଼କୁ ଉତ୍‌ଥିତ କରାଇ ଆଣିବା ଅପେକ୍ଷାକୃତ ଅଧିକ କଷ୍ଟକର ନୁହେଁ କି ?

ମୁଁ ଭାବୁଛି, ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ନିରର୍ଥକ ।

କେତେକ ବ୍ୟକ୍ତି ଭାବଥାନ୍ତି ଯେ, ଏହି ପୃଥିବୀରେ ଅପେକ୍ଷାକୃତ ଅଧିକ ଶକ୍ତିର ଭଣ୍ଡାର ମହଜୁଦ ହୋଇ ରହିଛି । ଲୋକେ ଏହିପରି କହୁଥିବାର ମୁଁ ବହୁତ ଅର୍ଣ୍ଣିଛି; ଏବଂ, ଯଦି ଏହି ଶକ୍ତିକୁ ସେମାନେ ନିଜ ଭିତରକୁ ଆକର୍ଷିତ କରି ଆଣି ପାରିବେ, ତେବେ ସେମାନେ ଅନେକ କିଛି କରିବା ଲାଗି ସମର୍ଥ ହୋଇଯିବେ । ମାତ୍ର ଏହା ସର୍ବଦା ଅତ୍ୟନ୍ତ ମିଶ୍ରିତ ଅବସ୍ଥାରେ ରହିଥାଏ ।

ଦିବ୍ୟ ପରମ ଉପସ୍ଥିତି ସକଳ ସ୍ଥାନରେ ରହିଛି;—ସେକଥା ଅତ୍ୟନ୍ତ ଉତ୍ତମ ଭାବରେ ବୁଝି ହେଉଛି । ଏବଂ ବସ୍ତୁତଃ, ଏହି କ୍ଷେତ୍ରରେ ଆଦୌ ଊର୍ଦ୍ଧ୍ୱ ବୋଲି କିଛି ନାହିଁ କିଂବା ନିମ୍ନ ବୋଲି କିଛି ନାହିଁ । ମୁଁ ଭାବୁଛି, ଆମେ ଯାହାକୁ ଊର୍ଦ୍ଧ୍ୱ ଓ ନିମ୍ନ ବୋଲି କହିଥାଉ, ତାହାକୁ ବରଂ ଚେତନାର ଅଥବା ବସ୍ତୁଭାବାପନ୍ନତାର ଏକ ମାତ୍ରା ବୋଲି କୁହାଯାଇ ପାରିବ । ଏହି କ୍ଷେତ୍ରରେ ଏକ ଅପେକ୍ଷାକୃତ ଅଧିକ ଅଚେତନ ଏବଂ ଏକ ଅପେକ୍ଷାକୃତ କମ୍ ଅଚେତନର ସ୍ତରଗୁଡ଼ିକ ରହିଛି; ଅବ-ଚେତନ ରହିଛି, ଅନ୍ତ-ଚେତନ ରହିଛି । ଏବଂ କହିବାର ସୁବିଧା ହେତୁ ଆମେ ତାହାକୁ ଊର୍ଦ୍ଧ୍ୱ ଏବଂ ନିମ୍ନ ବୋଲି କହୁଛୁ ।

ମାତ୍ର, ପ୍ରକୃତ କଥା ହେଉଛି, ଏହି କ୍ଷେତ୍ରରେ ପୃଥିବୀର ଶକ୍ତିଗୁଡ଼ିକ ମଧ୍ୟରୁ ଶକ୍ତି ଆହରଣ କରି ଆଣିବାକୁହିଁ ହୋଇଥାଏ; ଏବଂ, ତୁମେ ଯେହେତୁ ଏହି ପୃଥିବୀ ଉପରେ ଠିଆ ହୋଇଛ, ସେହି କାରଣରୁ ପୃଥିବୀ ତୁମ ପାଦର ନିମ୍ନଦେଶରେହିଁ ରହିଥାଏ; ଅର୍ଥାତ୍, ଆପେକ୍ଷିକ ଭାବରେ କହିଲେ ତୁମର ତଳେ ରହିଥାଏ । ମାତ୍ର, ସେହି ଶକ୍ତିଗୁଡ଼ିକ ସର୍ବଦା ଭାରି ମିଶ୍ରିତ ଅବସ୍ଥାରେ ରହିଥାଏ ଏବଂ ଅଧିକାଂଶ ସ୍ଥଳରେ ସେଗୁଡ଼ିକ ଅତ୍ୟନ୍ତ ଭୟଙ୍କର ଭାବରେ ତମସାବୃତ ହୋଇ ଅବସ୍ଥିତ ଥାଏ ।

'oaob.nitrkl.ac.in' images reprocessed

ଆଉ କିଛି ପଚାରିବାକୁ ନାହିଁ ?

(ପୂର୍ବ ପ୍ରଶ୍ନଟିକୁ ପଚାରିଥିବା ପିଲାଟିକୁ ଉଦ୍ଦେଶ୍ୟ କରି) ତୁମର ଆଉ କିଛି ପଚାରିବାକୁ ଅଛି ?

"ପ୍ରକୃତିର ନିମ୍ନତର ଭାଗ ଅର୍ଥାତ୍ ଭୂମିଗୁଡ଼ିକରେ ପ୍ରବେଶ କରିବା" —ମାଆ, ଏହି କଥାଟିର ପ୍ରକୃତ ଅର୍ଥ କ'ଣ ?

ଏହାର ପ୍ରକୃତ ଅର୍ଥ ହେଉଛି ନିମ୍ନସ୍ଥ ସେହି ଅନ୍ଧକାର ମଧ୍ୟରେ ପ୍ରବେଶ କରିବା, ଅନ୍ଧକାରର ଅଧିକ ନିକଟବର୍ତ୍ତୀ ହେବା ଲାଗି ଆଲୋକ ପାଖରୁ ବହୁ ଦୂରକୁ ଚାଲିଯିବା, ଅଚେତନାର ଅଧିକ ନିକଟବର୍ତ୍ତୀ ହେବା ଲାଗି ଚେତନାଠାରୁ ଅଧିକରୁ ଅଧିକ ଦୂରକୁ ଚାଲିଯିବା ।

ଯାହାକିଛି ଅସ୍ପଷ୍ଟ, ସାଧାରଣ ଏବଂ ଅଚେତନାମୟ ହୋଇ ରହିଛି, ଆମ ଚେତନାର ଭୂମିରେ ଆମେ ତାହାଠାରୁ ଉପରକୁ ଉପରକୁ ଉଠି ଯାଉଥିବାର ଅନୁଭବ କରିଥାଉ. ଆମେ ନିଜକୁ ଉପରକୁ ଉଠାଇ ନେଉଥିବା ପରି ଅନୁଭବ କରୁଥାଉ । କାରଣ, ଆମର ମୁଣ୍ଡଟା ସଦା ଉପରେ ଥାଏ ଏବଂ ଶରୀରର ଅନ୍ୟାନ୍ୟ ଅଂଶ ତୁଳନାରେ ଅପେକ୍ଷାକୃତ ଅଧିକ ସଚେତନ ହୋଇ ରହିଥାଏ । ଏବଂ, ତା' ଉପରେ ଯେ ଏକ ଅଧିକ ବୃହତ୍ ଚେତନା ଅବସ୍ଥିତ ରହିଛି, ଏପରି ଏକ ଧାରଣା ମଧ୍ୟ ବିଦ୍ୟମାନ ଥାଏ । ତେଣୁ, ଅଗ୍ରଗତି କରିବାର ଏକ ଉଦ୍ୟମ ଆରମ୍ଭ କଲା ମାତ୍ରକେ ଆମେ ଯୁଗପତ୍ ଭାବରେ ଉପରକୁ ଆରୋହଣ କରିବା ଲାଗିହିଁ ଉଦ୍ୟମ କରିଥାଉ । ଏପରିକି, ବେଳେବେଳେ କୌଣସି ଏକ ପର୍ବତର ଆରୋହଣ କରୁଥିବାର ଓ ତାହାର ଶିଖର ଦେଶରେ ଯାଇ ପହଞ୍ଚୁଥିବାର ଏକ ପ୍ରତୀକାତ୍ମକ ବୋଧ ଉପଲବ୍ଧି ହୋଇଥାଏ; ଅର୍ଥାତ୍, ଆଲୋକର ମୁକ୍ତ ବସ୍ତୁତତ୍ତ୍ୱଗୁଡ଼ିକ ମଧ୍ୟକୁ, ସେହି ଶୁଦ୍ଧତର ଭୂମିର ବ୍ୟାପ୍ତିଗୁଡ଼ିକର ଯଥାସମ୍ଭବ ଅଧିକ ନିକଟ ହୋଇ ଆସୁଥିବାର ଏକ ବୋଧ ହୋଇଥାଏ । ଏବଂ, ଯଦି ସେହି କ୍ଷେତ୍ରରେ ଆମେ ସାବଧାନ ରହି ନ ପାରୁ, ତେବେ ଅତ୍ୟନ୍ତ ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମର ଗୋଡ଼ ଖସିଯାଏ ଏବଂ ଆମେ ପୁଣି ସେହି ସାଧାରଣ ଚେତନା ମଧ୍ୟକୁ ବାହୁଡ଼ି ଆସିଥାଉ ।

ନିମ୍ନସ୍ଥ ସେହି ଅସ୍ପଷ୍ଟ ଏବଂ ସାଧାରଣ ବସ୍ତୁଗୁଡ଼ିକ ମଧ୍ୟରେ ବହୁ ପରିମାଣରେ ଏକ ଆକର୍ଷଣ ଶକ୍ତି ରହିଥାଏ, — ତାହା ଆମକୁ ସତେଅବା ଆମର ଗୋଡ଼ ଖସିଯାଇ ଆମେ କୌଣସି ଏକ ଗଭୀର ପଙ୍କଗର୍ତ୍ତ ଭିତରକୁ ଟାଣିହୋଇ ଚାଲି ଯାଉଥିବା ପରି ଅନୁଭବ କରୁଥାଉ । ··· କେତେକ ନିର୍ଦ୍ଦିଷ୍ଟ ସମ୍ପର୍କ, କାର୍ଯ୍ୟ ଏବଂ

'oaob.nitrkl.ac.in' images reprocessed

ଚେତନାଗତ ଗତିସ୍ପନ୍ଦନ ତୁମ ଭିତରେ ଏହି ଧାରଣାଟିକୁ ଆଣିଦେଇ ଯାଉଥାନ୍ତି ଯେ ତୁମେ ସତେଅବା ଖସିଖସି ଏକ ଅନ୍ଧକାରାଚ୍ଛନ୍ନ କର୍ଦ୍ଦମଗର୍ତ୍ତ ଭିତରକୁ ଚାଲି ଯାଉଛ ।

ଅନ୍ୟ ପକ୍ଷରେ, ଆମେ ଯେତେବେଳେ ଉଦ୍ୟମ କରି ପ୍ରକୃତରେ ଏକ ଅଗ୍ରଗତି ସମ୍ଭବ କରିଥାଉ, ସେତେବେଳେ ଆମକୁ ଏହିପରି ଏକ ଅନୁଭବ ହୁଏ ଯେ ଆମେ ନିଜଠାରୁ ଅଧିକ ଉପରକୁ ଉଠି ଏକ ଅଧିକ ଶୁଦ୍ଧ, ସ୍ପଷ୍ଟତାଯୁକ୍ତ ଏବଂ ଯଥାର୍ଥ ଆଲୋକ ଏବଂ ଚେତନା ମଧ୍ୟରେ ପ୍ରବେଶ କରିବାରେ ଲାଗିଛୁ । ମାତ୍ର, ଯଦି ଆମ ଭିତରେ ସେହି ଅଭୀପ୍ସାଟି ଅବ୍ୟାହତ ଭାବରେ ନ ରହେ ଏବଂ ଯଦି ଆମେ ନିଜକୁ ସେହି ସ୍ଥାନରେ ସୁନିର୍ଦ୍ଦିଷ୍ଟ ଭାବରେ ଅବସ୍ଥାପିତ କରି ରଖି ନ ପାରିଥାଉ, ତେବେ, ଏକ ଅତ୍ୟନ୍ତ କ୍ଷୁଦ୍ର ଘଟଣା ଘଟିବା ମାତ୍ରକେ, ଉଦାହରଣସ୍ୱରୂପ ଶାରୀରିକ ସ୍ତରରେ ଏକ ଅସମଞ୍ଜସତା ଆସି ପହଞ୍ଚିବା ମାତ୍ରକେ, ଜଣେ କାହା ସହିତ ଭେଟିବା ଫଳରେ ଅଥବା ଅସଚେତନ ଭାବରେ କାହା ସହିତ କୌଣସି ବାକ୍ୟର ଆଦାନ ପ୍ରଦାନ ହେବା ଅଥବା ସେହିପରି କିଛି କରି ପକାଇବା ଫଳରେ, ତୁମ ଭିତରେ ଯେ କିଛି ତଳକୁ ଖସିଖସି ଚାଲିଯାଉଛି, ସେହିକଥା ଅନୁଭବ କରିବା ଲାଗି ତାହାହିଁ ଯଥେଷ୍ଟ ହୋଇଥାଏ । ଏବଂ ତା'ପରେ, ତୁମେ ଯେଉଁ ଉଚ୍ଚତାରେ ଯାଇ ପହଞ୍ଚି ପାରିଥିଲ, ଆଉ ସେଇଟିକୁ ଫେରିପାଇବା ଆଦୌ ସମ୍ଭବ ହୁଏ ନାହିଁ, ସେହି ଆଲୋକଟିକୁ ଆଦୌ ଧରି ରଖି ହୁଏ ନାହିଁ । ତେଣୁ, ପୁନର୍ବାର ଆପଣାକୁ ପ୍ରତ୍ୟାହୃତ କରି ଆଣିବାକୁ ହୁଏ, ସେହି ଢାଲୁ ରାସ୍ତାଟିକୁ ପୁନର୍ବାର ଚଢ଼ିବାକୁ ହୁଏ ଏବଂ ନିମ୍ନରୁ ଆସୁଥିବା ଆକର୍ଷଣରୁ ନିଜକୁ ବଞ୍ଚାଇ ରଖିବାକୁ ହୁଏ । ବେଳେବେଳେ ସେଥିଲାଗି ସମୟ ଲାଗେ; ତଳକୁ ଖସି ଯାଉଥିବା ସମୟରେ କେତେ ଚଞ୍ଚଳ ସେଇଟି ଘଟେ, ମାତ୍ର ପୁନର୍ବାର ଉପରକୁ ଉଠିବା ସମୟରେ ସାଧାରଣତଃ ନିର୍ଦ୍ଦିଷ୍ଟ ପରିମାଣର ଏକ ଅଭ୍ୟାସ କରିବାକୁ ପଡ଼ିଥାଏ ।

ଯୋଗାଭ୍ୟାସ ଦ୍ୱାରା ଶାରୀରିକ କ୍ଷେତ୍ରରେ କୌଣସି ରୋଗ ସହିତ ଯେପରି ଯୁଦ୍ଧ କରିବାକୁ ପଡ଼ିଥାଏ, ଏଠାରେ ମଧ୍ୟ ଠିକ୍ ସେହିପରି ଘଟିଥାଏ; ଏହି କ୍ଷେତ୍ରରେ ସବୁକିଛି ପ୍ରତ୍ୟାବର୍ତ୍ତୀ ଭାବରେ ଘଟିଥାଏ । ସେହି ରୋଗର କବଳରୁ ଆପଣାକୁ ବାହାର କରି ଆଣିବାରେ, ତା'ପାଖରୁ ନିଜକୁ ପ୍ରତ୍ୟାହୃତ କରି ଆଣିବାରେ, ତାହା ସହିତ ରହି ଆସିଥିବା ସମ୍ବନ୍ଧଟିକୁ କାଟିଦେଇ ପାରିବାରେ ଆମକୁ ଅବଶ୍ୟ ସଫଳତା ପ୍ରାପ୍ତ ହୋଇପାରେ; ଏବଂ ତା'ପରେ ତତ୍‌କ୍ଷଣାତ୍ ଏକ ଅପସୃତି, ବିଶୃଙ୍ଖଳା ଏବଂ ବିମୂଢ଼ତାର ଅନୁଭବଟି ମଧ୍ୟରୁ ବାହାରି ଚାଲିଆସିବା ପରି ବୋଧ ହୁଏ ଏବଂ ଆରୋଗ୍ୟଲାଭର ଉପଲବ୍ଧି ହୋଇଥାଏ । ମାତ୍ର, ଅନେକ ସମୟରେ ପୁନର୍ବାର ସେହି କଥାଟି ମନେ ପଡ଼ିଲେ, ଏବେଟିକାଏ ଚକିତ ହୋଇ

'oaob.nitrkl.ac.in' images reprocessed

ତାହା ଉପରେ ଦୃଷ୍ଟିପାତ କଲେ, ଆଗରୁ ଯେଉଁସବୁ ଅବସ୍ଥା ରହିଥିଲା, ତାହାର କୌଣସି ସ୍ମୃତିର ଉଦୟ ହେବା ମାତ୍ରକେ ତାହାହିଁ ସବୁକିଛୁକୁ ପୁନର୍ବାର ଓଲଟାଇ ଦେବା ପାଇଁ ଯଥେଷ୍ଟ ହୁଏ ଏବଂ ପୁଣି ମୂଳରୁହିଁ ଯାବତୀୟ କାର୍ଯ୍ୟକୁ ଆରମ୍ଭ କରିବାକୁ ପଡ଼ିଥାଏ । ବେଳେବେଳେ ତିନିଥର, ଚାରିଥର, ଦଶଥର ଓ ଏପରିକି କୋଡ଼ିଏ ଥର ସବାଶେ ମଧ୍ୟ ମୂଳରୁ ଆରମ୍ଭ କରିବାକୁ ପଡ଼େ । ଏବଂ, ଏପରି କେତେ ଲୋକ ବି ଅଛନ୍ତି, ଯେଉଁମାନେ କି ଉତ୍ତମ ଭାବରେ କେବଳ ଥରେ ଉଦ୍ୟମ କରିପାରନ୍ତି, ମାତ୍ର ଆଉ ଥରକ ପାଇଁ ସେମାନେ ତାହାକୁ ଆଦୌ ଉତ୍ତମ ଭାବରେ କରିପାରନ୍ତି ନାହିଁ ଏବଂ, ତୃତୀୟ ଥର ବେଳକୁ ଆଦୌ କୌଣସି ଉଦ୍ୟମହିଁ କରନ୍ତି ନାହିଁ । ଏବଂ, ତୁମ ଆଗରେ ଆସି କହନ୍ତି, "ଏହିସବୁ ଗୁହ୍ୟ-ବିଦ୍ୟାର ଉପାୟ ଦ୍ୱାରା ଆରୋଗ୍ୟଲାଭ କରିବା ମୋଟେ ସମ୍ଭବ ନୁହେଁ, ଦିବ୍ୟ ପରମଶକ୍ତି ତୁମକୁ ଆଦୌ ଭଲ କରିଦେଇ ପାରିବ ନାହିଁ, ତେଣୁ ଏଣିକି ଔଷଧ-ସେବନ ଆରମ୍ଭ କରିବାକୁ ହେବ ।" ତେଣୁ, ଏହିସବୁ କ୍ଷେତ୍ରରେ ଏହି ଲୋକମାନେ ଡାକ୍ତର ପାଖକୁ ଯିବାହିଁ ଅଧିକ ଶ୍ରେୟସ୍କର; କାରଣ ସେମାନେ ଏହା ଦ୍ୱାରା ପ୍ରମାଣ କରି ଦିଅନ୍ତି ଯେ ସେମାନଙ୍କ ଭିତରେ ଆଦୌ କୌଣସି ଆଧ୍ୟାତ୍ମିକ ଅଧ୍ୟବସାୟ-ଶକ୍ତି ନାହିଁ ଏବଂ ତେଣୁ କେବଳ ଭୌତିକ ସାଧନଗୁଡ଼ିକହିଁ ସେମାନଙ୍କ ଆଗରେ ନିଜର ଫଳଦାୟକତାକୁ ପ୍ରମାଣ କରିଦେଇ ପାରିବେ ।

ଶାରୀରିକ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ସ୍ୱଭାବ ବା କ୍ରିୟାଗୁଡ଼ିକୁ ହେଉ ଅଥବା ନିଜର ଅଭ୍ୟାସଗୁଡ଼ିକୁ ହେଉ, ତୁମେ ଯେତେବେଳେ ତୁମ ଭୌତିକ ଜୀବନକ୍ଷେତ୍ରର କୌଣସି କ୍ଷେତ୍ରରେ ଏକ ପରିବର୍ତ୍ତନ ଘଟାଇବାକୁ ଇଚ୍ଛା କରୁଥିବ, ତେବେ ସେଥିଲାଗି ତୁମ ଭିତରେ ଅବିଚଳିତ ଅଧ୍ୟବସାୟ-ଶକ୍ତି ରହିଥିବା ଆବଶ୍ୟକ । ଯେତିକି ପ୍ରଗାଢ଼ତା ସହିତ ତୁମେ ଉଦ୍ୟମଟିକୁ ପ୍ରଥମ ଥର କରିଥିଲ, ଆବଶ୍ୟକ ହେଲେ ତାହାକୁ ସେହିପରି ଭାବରେ, ସତେଯେପରି ତୁମେ ସର୍ବପ୍ରଥମ ଥର ପାଇଁହିଁ ତାହାକୁ କରିବାକୁ ଯାଉଛ, ଶହେଥର କରିପାରିବା ସବାଶେ ମଧ୍ୟ ତୁମର ପ୍ରସ୍ତୁତ ରହିଥିବା ଉଚିତ ।

ଅତିସୁକୁମାର ବ୍ୟକ୍ତିମାନେ ଏହି କଥାଟିକୁ କରିପାରିବେ ନାହିଁ । ମାତ୍ର, ଏ କଥାଟିକୁ କରି ନ ପାରିଲେ ଯୋଗସାଧନା ମଧ୍ୟ ସମ୍ଭବ ହେବ ନାହିଁ; ଅନ୍ତତଃ ପୂର୍ଣ୍ଣ ଯୋଗର ଏହି ସାଧନାକୁ କଦାପି କରିପାରିବେ ନାହିଁ, ଅର୍ଥାତ୍ ଆପଣାର ଶରୀରରେ କୌଣସି ପରିବର୍ତ୍ତନ ସମ୍ଭବ କରିପାରିବେ ନାହିଁ ।

ଶରୀରରେ ପରିବର୍ତ୍ତନ ଘଟାଇବାକୁ ହେଲେ ସେହି ଗୋଟିଏ କଥାଟିକୁ ଲକ୍ଷ ଲକ୍ଷ ଥର ପାଇଁ ମଧ୍ୟ କରିବା ଲାଗି ପ୍ରସ୍ତୁତ ରହିବାକୁ ପଡ଼ିବ; କାରଣ ଆମର

'oaob.nitrkl.ac.in' images reprocessed

**ଶରୀର ଅତ୍ୟନ୍ତ ମାତ୍ରାରେ ନାନା ଅଭ୍ୟାସର ବଶବର୍ତ୍ତୀ ହୋଇ ରହିଥାଏ, ସଂଭବତଃ ଏକ ରୁଟିନ୍‌ର ଗୋଲାରେ ପଡ଼ି ସବୁକିଛି କରୁଥାଏ ଏବଂ, କୌଣସି ରୁଟିନ୍‌କୁ ଭାଙ୍ଗି ନଷ୍ଟ କରିଦେବାକୁ ହେଲେ ଆମକୁ ବର୍ଷବର୍ଷ ଧରି ବାରଂବାର ଉଦ୍ୟମ କରିବାକୁ ପଡ଼େ ।**

**ସରଳ ?**

ଅଛି, ମାତ୍ର ପାଠର ବାହାରୁ ।

**ସେଥିରେ କିଛି ଯାଏ ଆସେ ନାହିଁ ।**

ମାଆ, ଆମର ପ୍ରକୃତ ଆତ୍ମସତ୍ତା ଏବଂ ଚୈତ୍ୟସତ୍ତା, — ଦୁଇଟିଯାକ କ'ଣ ଗୋଟିଏ ବସ୍ତୁ ?

**ନାହିଁ । ଯଥାର୍ଥ ଆତ୍ମସତ୍ତାକୁ ସତ୍ତାଗତ ସତ୍ୟ ବୋଲି ମଧ୍ୟ ଅଭିହିତ କରାଯାଇଥାଏ । ଏହାକୁ ତୁମର ବ୍ୟକ୍ତିଗତ ଅସ୍ତିତ୍ୱଟିର ପ୍ରତିପାଦନ କରୁଥିବା ଦିବ୍ୟ ଉପାଦାନଟି ବୋଲି କୁହାଯିବ । ସେହି ଦିବ୍ୟ ଉପାଦାନ ତୁମକୁ ଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତାରେ ପରିଣତ କରି ରଖିଥାଏ । ଏବଂ, ଯୁଗପତ୍ ଭାବରେ, ତାହା ସେହି ଅଦ୍ୱିତୀୟ ପରମସତ୍ତାର ମଧ୍ୟ ଏକ ଅଂଶ ହୋଇ ରହିଥାଏ ଏବଂ ସ୍ୱଭାବତଃ ସ୍ୱୟଂ ସେହି ଅଦ୍ୱିତୀୟ ପରମସତ୍ତା ହୋଇ ରହିଥାଏ । ଅର୍ଥାତ୍, ତୁମକୁ ଏକ ବ୍ୟକ୍ତି-ପରିଚୟ ପ୍ରଦାନ କରୁଥିବା ଏକ ନିର୍ଦ୍ଦିଷ୍ଟ ଦିବ୍ୟ ହୋଇ ରହିବା ସଙ୍ଗେ ସଙ୍ଗେ ଏହା ସେହି ଅଦ୍ୱିତୀୟ ପରମସତ୍ତାଙ୍କର ଏକ ଅଙ୍ଗଭୂତ ଅଂଶ ହୋଇ ରହିଥାଏ ଏବଂ ତାହା ତୁମକୁ ସେହି ଅଦ୍ୱିତୀୟ ପରମସତ୍ତାଙ୍କର କେବଳ ଏକ ମୂର୍ତ୍ତି ରୂପରେ ପରିଣତ କରି ରଖିଥାଏ ।**

**ଏଇଟି ଯଥାର୍ଥ ଆତ୍ମସତ୍ତା । ଚୈତ୍ୟସତ୍ତା ହେଉଛି ଏକ ପାର୍ଥିବ ସଂରଚନା । କେବଳ ମନୁଷ୍ୟସତ୍ତାମାନଙ୍କରହିଁ ଚୈତ୍ୟସତ୍ତା ଅଛି, ଏହି ପୃଥିବୀପୃଷ୍ଠରେ ଏବଂ ପୃଥିବୀଗତ ଜୀବନ ଦ୍ୱାରାହିଁ ସେହି ସତ୍ତାର ନିର୍ମାଣ ହୋଇଛି । ଏବଂ, ଜଡ଼ ଯେପରି ଫେରିଯାଇ ଦିବ୍ୟ ପରମସତ୍ତାଙ୍କ ସହିତ ମିଳିତ ହୋଇପାରିବ, ସେଥିଲାଗି ତାହାକୁ ଆପଣାର ଜଡ଼ତା ମଧ୍ୟରୁ ଜାଗ୍ରତ କରି ଆଣିବା ନିମନ୍ତେ ଦିବ୍ୟ ପରମଚେତନା ନିଜକୁ ଚୈତ୍ୟସତ୍ତା ରୂପେ ପୃଥିବୀରେ ପ୍ରକ୍ଷେପିତ କରି ରଖିଛି ।**

**ମାତ୍ର କେତେକ କ୍ଷେତ୍ରରେ ସେହି ଚୈତ୍ୟସତ୍ତା ମଧ୍ୟରେହିଁ ଯଥାର୍ଥ ଆତ୍ମସତ୍ତାକୁ ଦେଖିବାକୁ ମିଳିଥାଏ; ଅର୍ଥାତ୍, ତାହା ସେହି ଚୈତ୍ୟସତ୍ତା ମଧ୍ୟରେ ବାସ କରୁଥାଏ, — ମାତ୍ର ସବୁବେଳେ ଏକଥା ଆଦୌ ଘଟେ ନାହିଁ ।**

'oaob.nitrkl.ac.in' images reprocessed

ଚୈତ୍ୟସତ୍ତ୍ୱା ମଧ୍ୟରେ ସର୍ବଦା ଏକ ଦିବ୍ୟ ପରମ ଉପସ୍ଥିତି ବିଦ୍ୟମାନ ରହିଥାଏ; ମାତ୍ର ସେହି ଦିବ୍ୟ ପରମ ଉପସ୍ଥିତି ଚୈତ୍ୟ ସଂରଚନାର ଉନ୍ମେଷ-କ୍ଷଣରେ ମଧ୍ୟ ଉପସ୍ଥିତ ରହିଥିଲା; ଚୈତ୍ୟସତ୍ତ୍ୱା ହେଉଛି ଦିବ୍ୟ ପରମଚେତନାର ଏକ ପ୍ରସରଣ, ଯଥାର୍ଥ ଆତ୍ମସତ୍ତ୍ୱା କିନ୍ତୁ ଏକ ପାର୍ଥିବ ସଂରଚନା ନୁହେଁ । ଏହା ହେଉଛି ପୃଥ୍ୱୀ-ସଂରଚନର ପୂର୍ବର କଥା ।

ସରିଲା ? ଆଉ କୌଣସି ପ୍ରଶ୍ନ ନାହିଁ ? ତୁମର ଅଛି, ନୁହେଁ ? ତେବେ ପଚାର ।

ମାଆ, ଯଦି ଦିନବେଳେ ଆମର କୌଣସି ଏକ ସମସ୍ୟା ରହିଥାଏ, ସେତେବେଳେ ତ ଆପଣଙ୍କ ସହିତ ସାକ୍ଷାତ କରି କିଛି କହିବା ସମ୍ଭବ ହୁଏ ନାହିଁ,—ତେବେ ସେହି କ୍ଷେତ୍ରରେ କ'ଣ କରିବା ଉଚିତ ?

ଯଦି ତାହା କୌଣସି ପ୍ରକାରେ ସମ୍ଭବ ନ ହୁଏ, ତେବେ ତୁମେ ଏକାକୀ ଚୁପ୍ ହୋଇ ବସିବ, ନୀରବ ହୋଇଯିବାକୁ ଚେଷ୍ଟା କରିବ, ସତେଯେପରି ମୁଁ ସେଇଠି ତୁମ ପାଖରେ ରହିଛି, ମୋତେ ତୁମେ ସେହିପରି ଭାବରେ ଡାକିବ,— ମୋତେ ପାଖକୁ ଡାକିଆଣିବ ଏବଂ ସମ୍ପୂର୍ଣ୍ଣ ନିଷ୍ଠାଯୁକ୍ତ ଓ ମୋହମୁକ୍ତ ଭାବରେ ସମସ୍ୟାଟିକୁ ଆଣି ମୋ' ଆଗରେ ଉପସ୍ଥାପିତ କରିବ । ଏବଂ ତା'ପରେ ଅତ୍ୟନ୍ତ ନୀରବ ହୋଇ ରହିବ, ଅତ୍ୟନ୍ତ ସ୍ଥିର ହୋଇ ଫଳ ଲାଗି ଅପେକ୍ଷା କରି ରହିବ ।

ଏବଂ ମୁଁ ଭାବୁଛି ଯେ ଫଳ ଅବଶ୍ୟ ମିଳିବ । କାରଣ, ତାହା ସମସ୍ୟାଟିର ସ୍ୱଭାବ ଉପରେହିଁ ନିର୍ଭର କରୁଥିବ । ଯଦି ସମସ୍ୟାଟି ଏକ ସମାଧାନର ଅପେକ୍ଷା କରୁଥିବ, ତେବେ ସମାଧାନ ଅବଶ୍ୟ ଆସିବ । ଯଦି ଅନ୍ତର୍ଗତ କୌଣସି କ୍ରିୟାଶୀଳତାରୁ ଅଡୁଆଟି ଉପୁଜିଥିବ, ଯଦି ଭିତରେ କିଛି ବିଗିଡ଼ି ଯାଇଥିବ, ତେବେ ସାଧାରଣତଃ ଏହିପରି ଘଟିବ ଯେ, ଯଦି ତୁମେ ପୂର୍ଣ୍ଣ ନିଷ୍ଠାର ସହିତ ତାହା କରିପାରିବ, ତେବେ ତାହାକୁ ତାହାର ଯଥାର୍ଥ ସ୍ଥାନରେ ଅବଶ୍ୟ ପୁନଃସ୍ଥାପିତ କରି ଦିଆଯାଇ ପାରିବ । ଏବଂ, ଯଦି ଏକ ନିଷ୍ପତ୍ତି ଗ୍ରହଣ କରିବାକୁ ଥାଏ, ଯଦି ତାହା ଏପରି କିଛି ହୋଇଥିବ, ଯାହାକୁକି କରିବା ଉଚିତ କି ଉଚିତ ନୁହେଁ, ତୁମେ ସେହି ବିଷୟରେ କିଛି ଜାଣିପାରୁ ନ ଥିବ, ତେବେ, ସେହି କ୍ଷେତ୍ରରେ ମଧ୍ୟ, ଯଦି ତୁମେ ଅତ୍ୟନ୍ତ ସ୍ଥିର ହୋଇ ରହିପାରିବ, ତେବେ ହଁ କି ନାହିଁ, ତୁମେ ସେହି କଥାଟିକୁ ଜାଣି ପାରିବ । ଉତ୍ତରଟି 'ହଁ' ଭାବରେ ଆସିବ ଅଥବା 'ନାହିଁ' ଭାବରେ ଆସିବ । ତା'ପରେ ତୁମେ ସେତେବେଳେ ଆଉ ଅଧିକ କିଛି ଆଦୌ ଆଲୋଚନା କରିବ ନାହିଁ । ମନ "ମାତ୍ର ଯଦି......? ଏବଂ

'oaob.nitrkl.ac.in' images reprocessed

ତା'ହେଲେ ?" ପ୍ରକୃତ ଆଦୌ କିଛି କଷ୍ଟ ନ ଥିବ । କାରଣ, ସେପରି ହେଲେ ସୃଷ୍ଟି ସବୁକିଛି ଅସ୍ପଷ୍ଟ ହୋଇଯିବ । ତୁମକୁ "ଏହା କର" ବୋଲି କହିବାକୁ ପଡ଼ିବ ଏବଂ ତୁମେ ତାହାରି ଅନୁସାରେ କାର୍ଯ୍ୟ କରିବ । ମାତ୍ର ସେଥିଲାଗି ତୁମକୁ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ରହିବାକୁ ହେବ, ଅର୍ଥାତ୍, ଏହି ବିଷୟରେ ତୁମ ନିଜର ଆଦୌ କୌଣସି ପ୍ରକାର ଅଗ୍ରରୁଚି ନ ଥିବ ।

ଯଦି କୌଣସି ଏକ ବସ୍ତୁ ଇଚ୍ଛା କରୁଥିବା ତୁମ ସତ୍ତାର ଗୋଟିଏ ଅଂଶ ସମସ୍ୟାଟିର ଉତ୍ଥାପନ କରୁଥିବ ମାତ୍ର ସତ୍ତାର ଅନ୍ୟ ଗୋଟିଏ ଅଂଶ ସେଇଟି ଆଦୌ ଲୋଡ଼ା ନାହିଁ ବୋଲି ଜାଣିଥିବ, ତେବେ ତାହା ପ୍ରକୃତରେ ଅତ୍ୟନ୍ତ ଜଟିଳ ହୋଇଯିବ; କାରଣ, ଯେଉଁ ଅଂଶଟି ଇଚ୍ଛା କରୁଛି, ତାହା ଉତ୍ତରଟି ମଧ୍ୟକୁ ନିଜର ଇଚ୍ଛାଟିକୁ ଆଣି ଭର୍ତ୍ତି କରିଦେବାକୁ ମଧ୍ୟ ବେଶ୍ ଚେଷ୍ଟା କରିବ । ତେଣୁ, ତୁମେ ଯେତେବେଳେ ସ୍ଥିର ହୋଇ ବସିବ, ତେବେ ସର୍ବପ୍ରଥମେ ଏହି ସ୍ଥାନଟିକୁ ତୁମେ ନିଷ୍ଠାଯୁକ୍ତ ସମର୍ପଣର ଏକ କ୍ଷୁଦ୍ର କ୍ରିୟା ସମ୍ପାଦନ କରିବା ଲାଗି ପ୍ରବର୍ତ୍ତାଇବ ଏବଂ ସେପରି ହୋଇ ପାରିଲେ ତୁମେ ଯଥାର୍ଥ ଅଗ୍ରଗତି କରି ପାରିବ । ତୁମେ କହୁଥିବ, "ଏହି ବସ୍ତୁଟି ପ୍ରତି ମୋର୍ ଯେ ବାସନା ରହିଛି, ମୁଁ ସେବିଷୟରେ ଅବଶ୍ୟ ସଚେତନ; ମାତ୍ର ସେହି ବାସନାଟିକୁ ବର୍ଜନ କରିବା ଉଚିତ, ତେଣୁ ମୁଁ ତାହାକୁ ବର୍ଜନ କରିବାକୁହିଁ ପ୍ରସ୍ତୁତ ଅଛି ।" କିନ୍ତୁ କେବଳ ମୁଣ୍ଡ ଭିତରେ ତାହା କଲେ ଆଦୌ ଚଳିବ ନାହିଁ, ତାହାକୁ ନିଷ୍ଠାର ସହିତ କରିବାକୁ ପଡ଼ିବ; ଏବଂ, ମୁଁ ଯେପରି କହିଲି, ତୁମେ ସେହିପରି ଭାବରେ ଅଗ୍ରସର ହେବ । ତେବେ, ତୁମର କ'ଣ କରିବା ଉଚିତ, ତୁମେ ସେକଥା ଜାଣି ପାରିବ ।

ବେଳେବେଳେ ଲେଖୁଥିବା ସମୟରେ ଏହା ଖୁବ୍ ସହଜ ହୋଇଯାଏ; ତୁମେ କଳ୍ପନା କରୁଥାଅ ଯେ, ମୁଁ ଏଠାରେ ଉପସ୍ଥିତ ଅଛି ଏବଂ ତା'ପରେ ଖଣ୍ଡେ କାଗଜ ନେଇ ମୋତେ ଯାହାସବୁ କହିବାକୁ ଇଚ୍ଛା କରୁଥିଲ, ତୁମେ ସେଥିରେ ସେଗୁଡ଼ିକୁ ଲେଖି ପଠାଅ । ଏବଂ, ନିଜର କଥାଟିକୁ ସ୍ପଷ୍ଟ ଭାବରେ ବାକ୍ୟରେ ଲେଖୁଥିବା ସମୟରେ ବେଳେବେଳେ ସ୍ଥିତିଟିର ଯଥାର୍ଥ ଚିତ୍ରଟି ମଧ୍ୟ ତୁମ ଆଗରେ ପ୍ରତିଭାତ ହୋଇଉଠେ ଏବଂ ସେହି କ୍ଷେତ୍ରରେ ଉତ୍ତରଟିକୁ ପାଇବା ଅପେକ୍ଷାକୃତ ଅଧିକ ସହଜ ହୋଇଯାଏ । ଅବଶ୍ୟ ତାହା ଅନ୍ୟ ପରିସ୍ଥିତିଗୁଡ଼ିକ ଉପରେ ମଧ୍ୟ ନିର୍ଭର କରୁଥାଏ; ବେଳେବେଳେ ଆବଶ୍ୟକ ହୁଏ, ଆଉ ବେଳେ-ବେଳେ ଆଦୌ ଆବଶ୍ୟକ ହୁଏ ନାହିଁ । ମାତ୍ର, ଯଦି ତୁମେ ଏକ ବିଭ୍ରାନ୍ତି ଭିତରେ ପଡ଼ି ଯାଇଥାଅ, ସତେଅବା ଏକ ଘୂର୍ଣ୍ଣି ଭିତରେ ଯାଇ ପଡ଼ିଥାଅ, ଏବଂ ସର୍ବୋପରି, ଯଦି ତୁମ ଭିତରେ ଏକ ପ୍ରାଣକ୍ଷେତ୍ରୀୟ ଉଦ୍‌ବେଳନ ଆସି ଉପସ୍ଥିତ ହୋଇଥାଏ,

'oaob.nitrkl.ac.in' images reprocessed

ତେବେ କାଗଜ ଆଣି ତାହାକୁ ଲେଖିଦେବା ଦ୍ୱାରାହିଁ ତୁମ ଭିତରେ ଏକ ଉପଶମ ସମ୍ଭବ ହୋଇଯାଏ । ନିଜର ସମସ୍ୟାଟିକୁ କାଗଜ ଉପରେ ଲିପିବଦ୍ଧ କରିବା ଲାଗି ଆପଣାକୁ ବାଧ୍ୟ କରିବାର ଘଟନାଟି ଦ୍ୱାରାହିଁ ତୁମେ ସ୍ଥିର ହୋଇ ଆସିବାକୁ ଆରମ୍ଭ କର । ତାହାର ସହିତ ଶୁଦ୍ଧୀକରଣର କାର୍ଯ୍ୟଟି ମଧ୍ୟ ଆରମ୍ଭ ହୋଇଯାଏ ।

ବସ୍ତୁତଃ, ସବୁବେଳେ ଠିକ୍ ଏହିପରି କରିବାକୁ ପଡ଼ିବ : କୌଣସି ନା କୌଣସି ପ୍ରବଳ ଆବେଗର କବଳରେ ପଡ଼ିଥିବା ପରି ଯିଏ ଅନୁଭବ କରିବ, ବିଶେଷତଃ ଯେତେବେଳେ କ୍ରୋଧର କବଳରେ ପଡ଼ିଥିବ, ସେତେବେଳେ ଠିକ୍ ଏହିପରି କରିବ । ଯଦି ତୁମେ ଏହାକୁ ଏକ କଠୋର ଶୃଙ୍ଖଳାରୂପେ ଗ୍ରହଣ କରିବ, ଯଦି କାର୍ଯ୍ୟରେ କୌଣସି ଆଚରଣ କରିବା କିଂବା କହିବା (କାରଣ, କହିବାକୁ ମଧ୍ୟ ଏକ କାର୍ଯ୍ୟ ବୋଲି ଗଣାଯିବ) ପରିବର୍ତ୍ତେ, କୌଣସି ଆବେଗର ବଶବର୍ତ୍ତୀ ହୋଇ କିଛି କରିବା ପରିବର୍ତ୍ତେ, ତୁମେ ଆପଣାକୁ ପ୍ରତ୍ୟାହୃତ କରିନେଇ ପାରିବ ଓ ମୁଁ ଯେପରି କହିଲି, ସେହିପରି କରିବ, ଅର୍ଥାତ୍ ସ୍ଥିର ହୋଇ ବସିବ, ଅଭିନିବେଶିତ ହୋଇ ରହିବ ଏବଂ ତା'ପରେ ଅପ୍ରମତ୍ତ ଭାବରେ ଆପଣାର କ୍ରୋଧ ଉପରେ ଦୃଷ୍ଟିପାତ କରିବାକୁ ଆରମ୍ଭ କରିବ, ତାହାକୁ ଲେଖି ରଖିବ,—ତେବେ, ଲେଖିବା ଶେଷ ହେବା ବେଳକୁ ତାହା କୁଆଡ଼େ ଗୁଡ଼ି ଗୁଡ଼ି ଯାଇଥିବ । ଅନ୍ତତଃ, ଅଧିକାଂଶ ସ୍ଥଳରେ ତାହାହିଁ ଘଟିବ ।

'oaob.nitrkl.ac.in' images reprocessed

# ୬ ଏପ୍ରିଲ ୧୯୫୫

"ଯୋଗାଧାର" ପୁସ୍ତକର ସପ୍ତମ ଅଧ୍ୟାୟ "ଭୌତିକ ଚେତନା ଉଦ୍ବୋଧ" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ଫ୍ରଏଡ଼ଙ୍କର ଏହି ମନୋବିଶ୍ଳେଷଣ ପ୍ରକୃତରେ କ'ଣ ?

ହଁ, ଏହି ଶତାବ୍ଦୀର ଆରମ୍ଭ ସମୟରେ ତାହା ଖୁବ ଚଳୁଥିଲା,···ନାଁ, ଏହି ଶତାବ୍ଦୀର ମଧ୍ୟଭାଗରେ !

(ମାଆ ପବିତ୍ରଙ୍କୁ ଉଦ୍ଦେଶ୍ୟ କରି କହିଲେ) ଏହା କେବେ ପ୍ରଚଳିତ ଥିଲା, ତୁମକୁ ଜଣାଅଛି କି ?

(ପବିତ୍ର) ଏହି ଶତାବ୍ଦୀର ଆରମ୍ଭରେ ।

ହଁ, ତେବେ ଏହି ଶତାବ୍ଦୀର ଆରମ୍ଭରେ ।

ସେ ସମୟରେ ଶ୍ରୀଅରବିନ୍ଦ ଏହି କଥା କହୁଛନ୍ତି : ବିପଜ୍ଜନକ, ନିରର୍ଥକ, ଅଜ୍ଞାନତାପୂର୍ଣ୍ଣ, ଅତ୍ୟନ୍ତ ଉପରଠାଉରିଆ; ଏବଂ ତାହା ଖୁବ ଚଳୁଥିଲା, କାରଣ ଲୋକମାନଙ୍କୁ ଏହିସବୁ କଥା ଖୁବ ଭଲ ଲାଗେ; ସେମାନଙ୍କର ପ୍ରକୃତି ଭିତରେ ଯେତେଯାହା ଅସ୍ୱାସ୍ଥ୍ୟକର ରହିଛି, ଏହା ଠିକ୍ ସେହିଗୁଡ଼ିକୁହିଁ ଛୁହାଏ । ତୁମେ ଜାଣିଥିବ, ପିଲାମାନେ କାଦୁଅ ଭିତରେ ଚକଟି ହେବାକୁ ଖୁସୀ ପାଆନ୍ତି ଏବଂ, ବୟସ୍କ ମଣିଷମାନେ ବି ସେମାନଙ୍କଠାରୁ ଆଦୌ କୌଣସି ପ୍ରକାରେ ଉଣା ନୁହନ୍ତି,—ବୁଝିଲ ?

ମାଆ, "ଅବଚେତନ ସତ୍ତ୍ୱ" ର ଠିକ୍ ଅର୍ଥ କ'ଣ ?

ସିଏ ଏହାକୁ ଯେପରି ଭାବରେ ବର୍ଣ୍ଣନା କରିଛନ୍ତି, ନୁହେଁ ? ତାହା ପଶ୍ଚାଦ୍‌ଭାଗରେ ଥାଏ; ମୁଁ ଭାବୁଛି ଆମେ ତାହାକୁ ସୂକ୍ଷ୍ମ ଭୌତିକ, ସୂକ୍ଷ୍ମ ପ୍ରାଣିକ ଏବଂ ସୂକ୍ଷ୍ମ ମନର ସ୍ତର ବୋଲି କହିପାରିବା । ଯାହା ବାହାରେ ପ୍ରକଟ ହେଉଛି, ଏଇଟି ତା'ର ପଶ୍ଚାତରେ ରହିଥାଏ । ଆମେ କଳ୍ପନା କରି ପାରିବା ଯେ, ଯାହା ପ୍ରକଟ ହେଉଛି, ତାହା ହେଉଛି ଏକ ସ୍ତର ପରି, ଏକ ଉପରିଭାଗସ୍ଥ ଆବରଣ ପରି, ଏକ ବକଲା ପରି; ଆମେ ସେହି ଅଂଶଟିକୁ ଦେଖି ପାରୁଛୁ ଏବଂ ତାହାର ସହିତ

'oaob.nitrkl.ac.in' images reprocessed

ଆମର ଯାବତୀୟ ସମ୍ପର୍କ ରହିଛି । ଏବଂ ତାହା ଆତ୍ମାକୁ ପ୍ରକାଶେ ପରିଚ୍ଛଦ ପରି କାର୍ଯ୍ୟ କରୁଛି; ଅର୍ଥାତ୍ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଆତ୍ମାକୁ ବ୍ୟକ୍ତ କରୁଛି ଏବଂ ତାହାକୁ ବନ୍ଧନ କରି ରହିଛି ।

ଜଣେ ବ୍ୟକ୍ତି ସ୍ୱପ୍ନ ଦେଖୁଥିବା ସମୟରେ ସେ ଅଧିକାଂଶ କ୍ଷେତ୍ରରେ ତା'ର ଅବଚେତନ ମଧ୍ୟକୁହିଁ ଚାଲିଯାଏ; ସେଠାରେ ବସ୍ତୁଗୁଡ଼ିକ ପ୍ରାୟ ସେହି ଏକାପରି ହୋଇ ରହିଥା'ନ୍ତି, ଏବଂ ତଥାପି କଦାପି ସମ୍ପୂର୍ଣ୍ଣ ଭାବରେ ଏକାପରି ହୋଇ ରହି ନ ଥା'ନ୍ତି । ସେହି କ୍ଷେତ୍ରରେ ବହୁ ପରିମାଣରେ ଏକ ସାଦୃଶ୍ୟ ରହିଥାଏ ସତ, ମାତ୍ର ତଥାପି ପାର୍ଥକ୍ୟ ମଧ୍ୟ ରହିଥାଏ; ଏବଂ ସାଧାରଣତଃ ଏହି ପାର୍ଥକ୍ୟହିଁ ଅଧିକ ରହିଥାଏ । ଆମର ବୋଧ ହୁଏ, ସତେଯେପରି ଆମେ ଅଧିକ ବିସ୍ତାରଯୁକ୍ତ ଏକ ରାଜ୍ୟରେ ଯାଇ ପ୍ରବେଶ କରୁଛୁ ; ଏବଂ, ଉଦାହରଣସ୍ୱରୂପ, ଆମେ ଅନୁଭବ କରୁ, ସତେଯେପରି ଆମେ ଆହୁରି ଅଧିକ କରିପାରିବୁ, ଆମେ ଆହୁରି ଅଧିକ କଥା ଜାଣିବୁ, ଆମ ଭିତରେ ଏପରି ଏକ ଶକ୍ତି ଏବଂ ସ୍ପଷ୍ଟ ଦୃଷ୍ଟିସାମର୍ଥ୍ୟ ରହିଛି, ଯାହାକି ଆମର ସାଧାରଣ ଚେତନାରେ ଆମ ପାଖରେ ଆଦୌ ନ ଥାଏ । ସ୍ୱପ୍ନ ଦେଖୁଥିବା ସମୟରେ ଆମର ବୋଧ ହୋଇଥାଏ ଯେ, ଜାଗ୍ରତ ଅବସ୍ଥାର ତୁଳନାରେ ଆମେ ଏହି ଅବସ୍ଥାରେ ପ୍ରକୃତରେ ଅନେକ ଅଧିକ କଥା ଜାଣିବୁ । ନୁହେଁ ? ଏହିପରି ଘଟେ ନାହିଁ କି ? ତୁମେ ସେପରି ସ୍ୱପ୍ନମାନ ଦେଖ ନାହିଁ କି ? ଆମେ ଯେତେବେଳେ ସ୍ୱପ୍ନ ଦେଖୁଥାଉ ଏବଂ ଅନେକ କିଛି ଜାଣିବାକୁ ପାଉ, — ଉଦାହରଣସ୍ୱରୂପ, ବସ୍ତୁଗୁଡ଼ିକର ପ୍ରଚ୍ଛନ୍ନ କାରଣ ଏବଂ କୌଣସି ଏକ ଚିନ୍ତା ପ୍ରକୃତରେ କ'ଣସବୁ ଅଭିବ୍ୟକ୍ତ କରୁଛି ଏହି ସବୁକିଛି, — ଆମେ ଏସବୁକୁ ଜାଣିଥିବା ପରି ଅନୁଭବ କରୁ । ଉଦାହରଣସ୍ୱରୂପ, ଆମେ ଯେତେବେଳେ କୌଣସି ବ୍ୟକ୍ତିକୁ ସ୍ୱପ୍ନରେ ଦେଖୁ, ସେତେବେଳେ, ସିଏ ଯାହା ଭାବୁଛି, ଯାହା ଇଚ୍ଛା କରୁଛି, ଏହି ଯାବତୀୟ ବିଷୟକୁ ଆମେ ଅଧିକ ଭଲ ଭାବରେ ଜାଣିବାକୁ ପାଉ; ସେହି ବ୍ୟକ୍ତି ସହିତ ଆମର ଜାଗ୍ରତ ଅବସ୍ଥାରେ ରହିଥିବା ସମ୍ପର୍କ ତୁଳନାରେ ଏହାଦ୍ୱାରା ଆମେ ଅଧିକ ଭଲ ଭାବରେ ଜାଣିବାକୁ ପାଇଥାଉ । ଅବଚେତନ ମଧ୍ୟରେ ପ୍ରବେଶ କଲେ ଏସବୁ ସମ୍ଭବ ହୁଏ । ଅଧିକାଂଶ ସମୟରେ ଏହି ଅବଚେତନ ସ୍ତରରେ ଅବସ୍ଥିତ ରହି ସ୍ୱପ୍ନମାନ ଦେଖିଥାଉ ।

ଏହି ଅବଚେତନର ଚୈତ୍ୟ ସହିତ କୌଣସି ସମ୍ପର୍କ ରହିଥାଏ କି ?

ସିଧା ସମ୍ପର୍କ ନ ଥାଏ, ବାହ୍ୟସତ୍ତାର ତୁଳନାରେ ଅଧିକ ପ୍ରତ୍ୟକ୍ଷ ଭାବରେ ସମ୍ପର୍କ ନ ଥାଏ । ବାହ୍ୟ ଭୂମିରେ, ତୁମର ସାଧାରଣ ଚେତନାରେ ଯଦି ଚୈତ୍ୟ-

'oaob.nitrkl.ac.in' images reprocessed

ସତ୍ତା ସହିତ ତୁମର ଏକ ସମ୍ପର୍କ ରହିଥାଏ, — ହଁ, ତାହାର ମଧ୍ୟ ଚୈତ୍ୟ ସହିତ ଏକ ସମ୍ପର୍କ ଥାଏ,ଅଥବା, ଆମେ ଏଥିଟିକୁ ବିପରୀତ ଭାବରେ ବି କହିପାରିବା : ଯଦି ଚୈତ୍ୟସତ୍ତା ସହିତ ତାହାର ସମ୍ପର୍କ ରହିଥାଏ, ତେବେ ତୁମେ ମଧ୍ୟ ତଦ୍ଦ୍ୱାରା ଚୈତ୍ୟସତ୍ତା ସହିତ ଏକ ସମ୍ପର୍କ ସ୍ଥାପନ କରିପାର । ମାତ୍ର ସବୁବେଳେ ଯେ ଏହା ଅବଶ୍ୟ ଘଟିବ, ସେକଥା ମୋଟେ ନୁହେଁ । ତାହା ସତ୍ତାର ବିକାଶମାତ୍ରା ଉପରେହିଁ ନିର୍ଭର କରେ । ତାହା ଯେ ଅପେକ୍ଷାକୃତ ଅଧିକ ପରିମାଣରେ ଆଲୋକପ୍ରାପ୍ତ ଏବଂ ଭାରସାମ୍ୟଯୁକ୍ତ ହୋଇ ରହିଥାଏ, ସେକଥା ମଧ୍ୟ ଆଦୌ ନୁହେଁ । ନାହିଁ, ତାହା ଅପେକ୍ଷାକୃତ ସୂକ୍ଷ୍ମ ଅବସ୍ଥାରେ ଥାଏ, ଆମ ବାହ୍ୟ ଚେତନାର ତୁଳନାରେ ଅପେକ୍ଷାକୃତ କମ୍ ସଂବେଦନାଶୂନ୍ୟ ହୋଇ ରହିଥାଏ । ଆମର ବାହ୍ୟ ଚେତନାଟି ଅତ୍ୟନ୍ତ ସଂବେଦନାଶୂନ୍ୟ, ଏହାର ଆଦୌ କୌଣସି ଗମ୍ଭୀରତା ନ ଥାଏ । ଏହି ସବୁକିଛି ସତେଅବା ଭାବ ସ୍ପନ୍ଦମାନ ହୋଇ ରହିଥାଏ । ତେଣୁ ଏଇଟିରେ ଅଧିକ ସୂକ୍ଷ୍ମତା ଥାଏ; ମାତ୍ର ତା' ବୋଲି ଯେ ଅଧିକ ସତ୍ୟଯୁକ୍ତ ହୋଇ ରହିଥାଏ, ସେକଥା ଆଦୌ କହିହେବ ନାହିଁ ।

ତେବେ ତାହାକୁ ସବୁଠାରୁ ଅଧିକ ମୀମାଂସକ ବୋଲି କୁହାଯାଇଛି କାହିଁକି ?

କାରଣ ତାହା ଅଭ୍ୟନ୍ତରରେ ରହିଛି । ତାହାହିଁ ବାହାରଟିକୁ ଧରି ରଖିଛି । ବାହାର ହେଉଛି ଏହାର କେବଳ ଏକ ପ୍ରତିରୂପ । ମୁଁ ଯେପରି କହୁଥିଲି, ସ୍ୱପ୍ନ ସମୟରେ ଆମେ ଯେତେବେଳେ ସେଠାରେ ଯାଇ ପ୍ରବେଶ କରୁ, ସେତେବେଳେ ଆମେ ଅନେକ ଅଜ୍ଞାତ ବିଷୟକୁ ଜାଣିବାକୁ ପାଉ, ଅନେକ କିଛି କରିବାକୁ ସମର୍ଥ ହେଉ; ଜାଗ୍ରତ ଅବସ୍ଥାରେ ଆମର କୌଣସି ସମ୍ପର୍କ ନ ଥିବା ଅନେକ ବସ୍ତୁ ସହିତ ସମ୍ପର୍କ ସ୍ଥାପନ କରୁ । କାରଣ, ଜାଗ୍ରତ ଅବସ୍ଥାରେ ଆମେ ଅଳ୍ପ ମାତ୍ରାରେ କେବଳ ସେହି ଉପରିଭାଗଟିରେହିଁ ରହିଥାଉ ।

ଏଇଟି କୌଣସି ଏକ ବସ୍ତୁର ଆଭ୍ୟନ୍ତରୀଣ ଭାଗ ପରି । ବାହାରଟିକୁ ଆମେ ତାହାର ଏକ ସମ୍ପ୍ରସାରଣ ବୋଲି କହିପାରିବା, — ମାତ୍ର ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଉପରିଭାଗୀୟ ଅଭିବ୍ୟକ୍ତି । ତେଣୁ, ସ୍ୱଭାବତ ଭାବରେ ଏହା ସେହି ଜୋପରି ଦେଖାଯାଇଥାଏ; ଅତ୍ୟନ୍ତ ଏକ ସାଦୃଶ୍ୟ ପରି ପ୍ରତୀତ ହୋଇଥାଏ; ଆମେ ତାହାକୁ ବାହାରୁ ଯେପରି ଭାବରେ ଦେଖୁ, ସେଇଟି ସହିତ ଏହାର ଏକ ସାରୂପ୍ୟ ରହିଥାଏ । ଆମେ ଆକାରଟିକୁ ଦେଖୁ, — ବାହ୍ୟ ଅଭିବ୍ୟକ୍ତିଟିକୁ ଦେଖୁ; ଏବଂ, ଯାହା ଭିତରେ ରହିଛି, ଏହି ଅଭିବ୍ୟକ୍ତିର ତାହା ସହିତ ଅବଶ୍ୟ ଏକ ଅନୁରୂପତା ବା ସାଦୃଶ୍ୟ,—କେବଳ ଏକ ଅନୁରୂପତାଠାରୁ ଅନେକ ଅଧିକ ରହିଥାଏ । ତେଣୁ,

'oaob.nitrkl.ac.in' images reprocessed

ବାହ୍ୟ ଭୂମିରେ, ଯଦି ଆମେ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ତାହାର ଚୈତ୍ୟ ବିଷୟରେ ଅଜ୍ଞାନ ରହିଥିବାର ଦେଖିବାକୁ ପାଉ, ତେବେ ସିଏ ଯେ ଭିତରେ ତାହା ବିଷୟରେ ବେଶ୍ ସଚେତନ ରହିଥିବ, ସେକଥା କେବେହେଲେ ସମ୍ଭବ ନୁହେଁ । ସିଏ ହୁଏତ ତାହାର ଅଧିକ ନିକଟବର୍ତ୍ତୀ ହୋଇ ରହିପାରିଥାଏ; ମାତ୍ର, ବାହାରେ ଚୈତ୍ୟସତ୍ତାର କୌଣସି ପ୍ରତିଫଳନ ନ ଘଟି ସିଏ କେବେହେଲେ ଭିତରେ ତାହା ବିଷୟରେ ସଚେତନ ରହିପାରିବ ନାହିଁ । ତେଣୁ, ଯଦି ବାହାରେ ତାହାର କୌଣସି ପ୍ରତିଫଳନ ଘଟୁ ନ ଥିବ, ତେବେ ତାହାର ଅର୍ଥ ହେବ ଯେ, ଭିତରେ ମଧ୍ୟ ଚୈତ୍ୟସତ୍ତାର କୌଣସି ପ୍ରତିଷ୍ଠା ହୋଇ ନାହିଁ ।

ବୁଝିଲ ? ବୁଝିପାରିଲ ନାହିଁ ?

ଖୁବ୍ ଭଲ ଭାବରେ ବୁଝିପାରିଲି ନାହିଁ ।

ତେବେ ଆଉ କ'ଣ କରାଯିବ ? ସେହି ବିଷୟରେ ତୁମେ ଆଉ ଗୋଟିଏ ପ୍ରଶ୍ନ ପଚାର । ହୁଏତ ସେପରି ହେଲେ ବୁଝିପାରିବ ।

ଅବଚେତନ-ଆତ୍ମସତ୍ତା କହିଲେ କ'ଣ ସେହି ଏକା କଥା ?

ମାତ୍ର, ତୁମେ ଯଦି ମୋତେ ଏସବୁ ବିଷୟରେ ପ୍ରଶ୍ନ ପଚାରିବାକୁ ଆରମ୍ଭ କରିବ, ତେବେ ସେଗୁଡ଼ିକୁ ତୁମ ପଛରେ ବସିଥିବା ବ୍ୟକ୍ତିଙ୍କୁ (ନଳିନୀ) ପଚାରିବା ଉଚିତ, କାରଣ ଏସବୁ କଥାକୁ ମୁଁ ଭାରି ପାସୋରି ଯାଏ ।

ଏଠାରେ ଅବଚେତନ ଆତ୍ମସତ୍ତା ବିଷୟରେ କେଉଁଠି କୁହାଯାଇଛି ?

"ଅବଚେତନ ଆତ୍ମସତ୍ତା ପଶ୍ଚାଦ୍‌ଭାଗରେ ଠିଆ ହୋଇ ରହିଥାଏ ଏବଂ ଉପରିଭାଗୀୟ ସମ୍ପୂର୍ଣ୍ଣ ମନୁଷ୍ୟଟିକୁ ଧରି ରଖିଥାଏ ।..."

ସେକଥା ତ ମୁଁ ତୁମକୁ ବର୍ତ୍ତମାନ କହୁଥିଲି । ବର୍ତ୍ତମାନ କହୁଥିଲି । ତେବେ ଏହାକୁ କିପରି ବୁଝାଇ କୁହାଯାଇ ପାରିବ ?

(ମାଆ ଦୀର୍ଘକାଳ ନୀରବ ରହିଲେ)

ଏହି କଥାଟି ସମ୍ଭବତଃ – ସମ୍ଭବତଃ — ଏହିପରି କିଛି ହୋଇପାରେ, ଏହା କୌଣସି ଏକ ଫଳର ସ୍ୱାଦ ପରି ହୋଇପାରେ । ମନେ କର, ତୁମେ ଗୋଟିଏ ଫଳ ଦେଖୁଛ,—ଏହାର ଏକ ରୂପ ରହିଛି : ଏକ ନିର୍ଦ୍ଦିଷ୍ଟ ରଙ୍ଗ ରହିଛି, ତାହା ତୁମକୁ ଗୋଟିଏ ପ୍ରକାରର ଫଳ ପରି ବୋଧ ହେଉଛି; ମାତ୍ର, ଜିଭେ ଚାଖି ନ ଦେଖିବା ପର୍ଯ୍ୟନ୍ତ, ତାହାର ସ୍ୱାଦ ପ୍ରକୃତରେ କିପରି, ସେକଥା ତୁମେ ଆଦୌ ଜାଣି-

'oaob.nitrkl.ac.in' images reprocessed

ପାରିବ ନାହିଁ । ଅର୍ଥାତ୍, ଭିତରେ ନ ପଶିବା ପର୍ଯ୍ୟନ୍ତ ସେକଥା ମୋତେ ଜାଣିପାରିବ ନାହିଁ । ଏକଥାଟି ପ୍ରାୟ ଏହିପରି, ପ୍ରାୟ ଏହିପରି ଗୋଟିଏ କଥା ।

କିଂବା, କୌଣସି ଘଣ୍ଟାର କ୍ଷେତ୍ରରେ ଯେପରି ହୋଇଥାଏ,— ସ୍ମରଣ ରହିବା ଉଚିତ ଯେ, ତୁମେ ମୋ କଥାକୁ ବୁଝିବ ବୋଲି ଚେଷ୍ଟା କରି ମୁଁ ଏପରି କହୁଛି, ଏହା ପ୍ରକୃତରେ ଆଦୌ ସେପରି ନୁହେଁ, — କେବଳ ତୁମେ ମୋ' କଥା ବୁଝିବ ବୋଲି ଚେଷ୍ଟା କରି ମୁଁ ସେପରି କହୁଛି—ଯେତେବେଳେ ତୁମେ ଗୋଟିଏ ଘଣ୍ଟାକୁ ଦେଖୁଛ, ସେତେବେଳେ ଦେଖୁଛ ଯେ ତାହାର ଏକ ମୁହଁ ରହିଛି, ତା' ଉପରେ କଣ୍ଟାମାନେ ବୁଲିବାରେ ଲାଗିଛନ୍ତି; ମାତ୍ର, ଯଦି ତୁମେ ଘଣ୍ଟାଟିକୁ ପ୍ରକୃତରେ ଜାଣିବାକୁ ଇଚ୍ଛା କରିବ, ତେବେ ତୁମକୁ ତା' ଭିତରଟିକୁ ଖୋଲି ଦେଖିବାକୁ ହେବ ଏବଂ ଭିତରର କାର୍ଯ୍ୟଟିକୁ ଜାଣିବାକୁ ପଡ଼ିବ ।

ଏହା ପ୍ରାୟ ସେହିପରି ଗୋଟିଏ କଥା,—ଏହି କ୍ଷେତ୍ରରେ ତୁମେ କେବଳ ପରିଣାମଟିକୁ ଦେଖୁଛ, ଏବଂ କାରଣଟି ଭିତରେ ରହିଛି । କଥାଟି ପ୍ରାୟ ସେହିପରି ।

ଏହି ପୃଥିବୀକୁ ଆମେ ଯେପରି ଭାବରେ ପ୍ରତ୍ୟକ୍ଷ କରୁଛୁ ଏବଂ ଆମର ବାହ୍ୟ ଚେତନା ଯେପରି ହୋଇ ରହିଛି,—ଏସବୁ ହେଉଛି ପଶ୍ଚାଦ୍‌ଭାଗରେ ରହିଥିବା ଆଉଗୋଟିଏ ବସ୍ତୁର ପରିଣାମ । ଶ୍ରୀଅରବିନ୍ଦ ସେହି ବସ୍ତୁଟିକୁ ଅବଚେତନ ବୋଲି କହିଛନ୍ତି । ଏବଂ ତାଙ୍କର କହିବା ଅନୁସାରେ, ଏଇଟି ମଧ୍ୟ ଏପରି ନାନା ଆବେଗ ଦ୍ୱାରା ଗଠନଶୀଳ ହୋଇ ରହିଛି, ଯାହାକି ନିମ୍ନସ୍ଥ ଅବଚେତନରୁ ତଥା ଊର୍ଦ୍ଧ୍ୱସ୍ଥ ଅତିଚେତନରୁ ଉଦ୍ଭୂତ ହେଉଛି । ଏବଂ, ସତେଯେପରି ସେହି କ୍ଷେତ୍ରରେ ଏହାକୁ ଏକତ୍ର କରାଇ ଦିଆଯାଉଛି, ଏବଂ, ସେଠାରେ ସଂଗଠିତ ହୋଇ ସାରିବା ପରେ ତାହା ବାହ୍ୟ ଚେତନାରେ ଆସି ଅଭିବ୍ୟକ୍ତ ହେଉଛି,—ଆମର ସାଧାରଣ ଚେତନାରେ ଆସି ପ୍ରକଟ ହେଉଛି ।

ସୁତରାଂ ଏକଥା ହେଉଛି ଯେ ଆମେ ସେହି କ୍ଷେତ୍ରକୁ ଯାଇ ପାରିବା; ସେଠାକୁ ଯାଇପାରିଲେ ଆମେ ତାହାକୁ ବୁଝି ପାରିବା । ଏବଂ, ସେକଥା ଆଦୌ କଷ୍ଟକର ନୁହେଁ; ସ୍ୱପ୍ନ ଦେଖିବା ସମୟରେ ଆମେ ଅନେକ ଥର ସେଠାକୁ ଯାଉ,— ହଁ ସତରେ, ଆଦୌ କୌଣସି ପ୍ରୟାସ ନ କରି ସେଠାରେ ପ୍ରବେଶ କରିଥାଉ ।

### ଆମେ ସେଠାକୁ ଯାଇଛୁ ବୋଲି ବୁଝିପାରିବା କିପରି ?

ମନେ ରଖି ପାରିଲେ ନିଶ୍ଚୟ ବୁଝି ପାରିବ । ସେଠାରେ ତୁମର ଯେଉଁ ଭିନ୍ନ ଧରଣର ଅନୁଭବଟି ହୋଇଥିଲା, ତାହା ମନେ ରଖି ପାରିଲେ ଅବଶ୍ୟ

'oaob.nitrkl.ac.in' images reprocessed

ବୁଝିପାରିବ । ସେଠାରେ ତୁମର ଏକ ନିର୍ଦ୍ଦିଷ୍ଟ ଅନୁଭବ ହୋଇଥିବ; ଏବଂ, ସେଠାରୁ ଫେରି ଆସିବା ପରେ ସତେଅବା କେଉଁଠି ଏକ ସଂଯୋଗ ଛିଣ୍ଡିଗଲା ପରି ବୋଧ ହେଉଥିବ । ଏକ ଭିନ୍ନ ପ୍ରକାରର ଅନୁଭବ ହେଉଥିବ, ଏପରିକି, ବସ୍ତୁଗୁଡ଼ିକ ସମ୍ବନ୍ଧରେ ହୋଇଥିବା ଦୃଷ୍ଟିକୋଣଟି ମଧ୍ୟ ଭିନ୍ନ ପ୍ରକାରର ହୋଇଥିବ । ଏବଂ, ଏକଥାଟି ମନେ ରଖିପାରିଲେ, ତୁମେ ବୁଝିପାରିବ । ଯଦି ତୁମର ସେହି ଅଭ୍ୟାସଟି ହୋଇ ଯାଇଥିବ, ତେବେ, କିଛି କହୁଥିବା କିଂବା କିଛି କରୁଥିବା ସମୟରେ ମଧ୍ୟ,—ସର୍ବୋପରି କୌଣସି ବିଷୟରେ କହୁଥିବା, ଶୁଣୁଥିବା ଓ ମନନ କରୁଥିବା-ବେଳେ—ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏକ ଦ୍ୱିତୀୟ ସ୍ତରର ଅନୁଭୂତି ମଧ୍ୟ ପାଇ ପାରିବ, ଯାହାକି ପଛରେ ପଛରେ ରହିଛି, ଅଧିକ ବିସ୍ତାରଯୁକ୍ତ ହୋଇ ରହିଛି ଏବଂ, ବାହ୍ୟ ଚେତନା ତୁଳନାରେ ସେଠାରେ ବସ୍ତୁଗୁଡ଼ିକ ଅନେକ ଅଧିକ ସମନ୍ୱୟର ସହିତ (ତାହାକୁ ପ୍ରତ୍ୟକ୍ଷ ଭାବରେ ଆଦୌ ବୁଝି ହେଉ ନ ଥିବ) ସଂଗଠିତ ହୋଇ ରହିଛି । କିନ୍ତୁ ମନନ ସହିତ ଆପଣାର ଭାବନାକୁ ଅବଲୋକନ କରି ପାରିଲେ ଆମେ ଖୁବ୍ ସ୍ପଷ୍ଟ ଭାବରେ ତାହାକୁ ପୃଷ୍ଠଭାଗରେ ଅବସ୍ଥିତ ରହିଥିବାର ଦେଖି ପାରିବା, ଦୁଇଟିଯାକ ବସ୍ତୁ ଏକତ୍ର ଏହିପରି ଭାବରେ (ମାଆ ଇଙ୍ଗିତ ଦେଇ ଦେଖାଇ ଦେଲେ) ଗତିଶୀଳ ହୋଇ ରହିଥିବାର ଦେଖିପାରିବା···ପଶ୍ଚାଦ୍‌ଭାଗରେ ଅବସ୍ଥିତ ସୁସଂବଦ୍ଧ ଭାବନା ଏବଂ ଭାବନାର ଛନ୍ଦ ପରି ହୋଇ ରହିଥିବାର ଦେଖି ପାରିବା । ଏବଂ, ଚିନ୍ତା କରି ଦେଖିଲେ ଆମେ ଏହିପରି ହୋଇ ରହିଥିବାର ଅନୁଭବ କରିପାରିବା,—ସତେଅବା କୌଣସି ବସ୍ତୁ ଭିତରେ ବନ୍ଦ ହୋଇ ରହିଥିବାର ଅନୁଭବ କରିବା । ମାତ୍ର, ଅନ୍ୟପକ୍ଷରେ, ସେଠାରେ ସଙ୍ଗେ ସଙ୍ଗେ ଅନୁଭବ କରି ପାରୁଥିବା ଯେ, ଆମେ ଆହୁରି କେତେ କେତେ ବସ୍ତୁ ସହିତ ମଧ୍ୟ ସମ୍ପର୍କ ସ୍ଥାପନ କରି ରହିଛୁ । ଏବଂ, ଏହା ହେଉଛି ଏକ ଅଧିକ ବୃହତ୍ କ୍ଷେତ୍ର ।

ମାଆ, ଯଥାର୍ଥ ମନୋବିଜ୍ଞାନ କିପରି ହେବା ଉଚିତ ?

ଯଥାର୍ଥ ମନୋବିଜ୍ଞାନ, ଯଥାର୍ଥ ମନୋବିଜ୍ଞାନ କହିଲେ ତୁମେ କ'ଣ ବୁଝୁଛ ?

କାରଣ, ଆମେ କହୁଥିଲୁ ଯେ···

ଶ୍ରୀଅରବିନ୍ଦ କହିଛନ୍ତି ଯେ, ଏହା ଯଥାର୍ଥ ମନୋବିଜ୍ଞାନ ନୁହେଁ । ସିଏ କହନ୍ତି ଯେ ଆଧୁନିକ ମନୋବିଜ୍ଞାନର ପ୍ରକୃତରେ କୌଣସି ଜ୍ଞାନ ନାହିଁ । ଯଥାର୍ଥ ମନୋବିଜ୍ଞାନ ଏପରି ଏକ ମନୋବିଜ୍ଞାନ ହୋଇଥିବା ଉଚିତ, ଯାହା ଭିତରେ ଜ୍ଞାନ ରହିଥିବ ।

ମନୋବିଜ୍ଞାନର ଅର୍ଥ ହେଉଛି··· logos ଶବ୍ଦଟିର ପ୍ରକୃତ ଅର୍ଥ କ'ଣ ? ଏହାର ଅର୍ଥ ଜାଣିବା, ଅର୍ଥାତ୍ ବିଜ୍ଞାନ ଏବଂ psycheର ଅର୍ଥ ଅନ୍ତରାତ୍ମା ।

'oaob.nitrkl.ac.in' images reprocessed

ତେଣୁ, ଏହାର ଅର୍ଥ ହେଉଛି ଅନ୍ତଃସତ୍ତ୍ୱର ବିଜ୍ଞାନ ବା ଚୈତ୍ୟସତ୍ତ୍ୱର ବିଜ୍ଞାନ । ଏଇଟି ମୂଳ ଅର୍ଥ । ଏବଂ, କାଳକ୍ରମେ ତାହାକୁ ଆମର ଅନ୍ତର୍ଗତ ଯାବତୀୟ କ୍ରିୟାଶୀଳତା, ଯାବତୀୟ ଅନୁଭବ ଓ ଅନ୍ତର୍ଗତ ଯାବତୀୟ ସକ୍ରିୟତାର ଅର୍ଥରେ ବୁଝାଯାଉଛି, — ଯେଉଁଗୁଡ଼ିକୁ କି ଭୌତିକ ସ୍ତରର ସକ୍ରିୟତା ବୋଲି ବୁଝାଯିବ ନାହିଁ । ଯାହାକିଛି ଆମର ଅନୁଭବ, ଭାବନା ଓ ଏପରିକି ସୂକ୍ଷ୍ମ ସ୍ତରର ଅବବୋଧଗୁଡ଼ିକ ସହିତ ସଂପୃକ୍ତ, ଏଠାରେ ଏହା ସେହି ସବୁକିଛିକୁ ବୁଝାଉଛି । ମାତ୍ର, ଯଥାର୍ଥ ମନୋବିଜ୍ଞାନ ହେଉଛି ଆତ୍ମା ବିଷୟରେ ଜ୍ଞାନ, ଅର୍ଥାତ୍ ଚୈତ୍ୟସତ୍ତ୍ୱ ବିଷୟରେ ଜ୍ଞାନ । ଏବଂ ଚୈତ୍ୟସତ୍ତ୍ୱ ବିଷୟରେ ସେହି ଜ୍ଞାନକୁ ଲାଭ କରି ପାରିଲେ ଆମେ ଯୁଗପତ୍ ଭାବରେ ସତ୍ତ୍ୱର ସକଳ ଯଥାର୍ଥ ଗତିବିଧିକ ବିଷୟରେ ଅର୍ଥାତ୍ ତାହାର ସକଳ ଅନ୍ତର୍ଗତ ବିଧାନଗୁଡ଼ିକ ବିଷୟରେ ମଧ୍ୟ ଜ୍ଞାନ ଅର୍ଜନ କରି ପାରିବା । ଏହା ଯଥାର୍ଥ ମନୋବିଜ୍ଞାନ, ମାତ୍ର ଏଇଟି ହେଉଛି ଏହି ଶବ୍ଦଟିର ବ୍ୟୁତ୍ପତ୍ତିଗତ ଅର୍ଥ; ବର୍ତ୍ତମାନ ଏହାକୁ ଯେପରି ଅର୍ଥରେ ବ୍ୟବହାର କରାଯାଉଛି, ଏହା ଆଦୌ ସେପରି ନୁହେଁ ।

ଆଲୋକର ଅବତରଣ ଘଟାଇବାଠାରୁ ପ୍ରକୃତିର ନିମ୍ନତର ଭାଗ-ଗୁଡ଼ିକ ମଧ୍ୟରେ ଯାଇ ପ୍ରବେଶ କରିପାରିବା କାହିଁକି ଅପେକ୍ଷାକୃତ କମ୍ ସହଜ ହୋଇଥାଏ ?

ଅଚ୍ଛା, ତୁମେ କେଉଁକଥା ପଢ଼ୁଛ ? ଏଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ସିଦ୍ଧାନ୍ତର କଥା । ମୁଁ କ'ଣ ଆଜି ସନ୍ଧ୍ୟାବେଳେ ସେହିକଥା ପଢ଼ୁଥିଲି ?

ନାହିଁ ମାଆ, ଗତ ଥର··· "ଅପେକ୍ଷାକୃତ ଅଧିକ ସହଜ !"··· ମୁଁ ଭୁଲ୍ କରି କହୁଛି । ଏହା ପ୍ରକୃତରେ "ଅପେକ୍ଷାକୃତ ଅଧିକ ସହଜ"··

ଅଚ୍ଛା, ତେବେ ବାକ୍ୟଟିକୁ ଭଲ କରି ଆଉଥରେ ପଢ଼ ।

ଆଲୋକର ଅବତରଣ ଘଟାଇବାଠାରୁ ପ୍ରକୃତିର ନିମ୍ନତର ଭାଗ-ଗୁଡ଼ିକ ମଧ୍ୟରେ ଯାଇ ପ୍ରବେଶ କରିପାରିବା କାହିଁକି ଅପେକ୍ଷାକୃତ ଅଧିକ ସହଜ ହୋଇଥାଏ··· ?

ଠିକ୍ ସେହିପରି ଲେଖା ହୋଇଛି ?

ଜାଣି ନାହିଁ ।

ତୁମେ ଖୋଜି ତାହାର କାରଣକୁ ନାହିଁ ?

ସମ୍ଭବତଃ ଏହାର ଠିକ୍ ବିପରୀତ···

'oaob.nitrkl.ac.in' images reprocessed

**ସମ୍ଭବତଃ ଠିକ୍ ବିପରୀତ !···**

ଏଠାରେ ଲେଖା ହୋଇ ନାହିଁ ।

**ଲେଖା ହୋଇ ନାହିଁ ? ତେବେ ତୁମେ ଆଉ କେଉଁଠୁ ପାଇଲ ?**

“ଯଦି ତୁମେ ଆପଣା ପ୍ରକୃତିର ନିମ୍ନତର ଭାଗ ବା ଭୂମିଗୁଡ଼ିକ ମଧ୍ୟରେ ପ୍ରବେଶ କରିବ, ତେବେ ତୁମେ ସତର୍କ ଭାବରେ ସଂଯୁକ୍ତ ହୋଇ ରହିବା ବିଷୟରେ ସର୍ବଦା ସାବଧାନ ହୋଇ···”

**ମାତ୍ର, ତାହା ଅଧିକ ସହଜ କି ଅଧିକ କଷ୍ଟକର, ସେହିବିଷୟରେ ଏଠାରେ କୌଣସି ପ୍ରଶ୍ନ ଉତ୍ଥାପନ କରାଯାଇ ନାହିଁ । ଏବେ ପ୍ରକୃତରେ କ'ଣ କହିବାକୁ ଇଚ୍ଛା କରୁଛ ?**

(ପଢନ୍ତି) ପାଠଟି ହେଉଛି “ଯଦି ତୁମେ ଆପଣା ପ୍ରକୃତିର ନିମ୍ନତର ଭାଗ ବା ଭୂମିଗୁଡ଼ିକ ମଧ୍ୟରେ ପ୍ରବେଶ କରିବ, ତେବେ ଚେତନାର ଉଚ୍ଚତର ଭୂମିଗୁଡ଼ିକ ସହିତ ଏକ ସତର୍କ ସଂଯୋଗ ସ୍ଥାପନ କରି ରହିବା ବିଷୟରେ ତୁମେ ସର୍ବଦା ସାବଧାନ ଥିବ··· ଇତ୍ୟାଦି ।” ଏବଂ ତା'ପରେ, “ସବୁଠାରୁ ନିରାପଦ କଥା ହେଉଛି ଯେ ତୁମେ ଚେତନାର ଉଚ୍ଚତର ଭାଗଗୁଡ଼ିକରେ ବାସ କରୁଥିବ ଏବଂ ସେଠାରୁ ନିମ୍ନତର ଭାଗଟି ବଦଳିଯିବା ନିମନ୍ତେ ତା'ଉପରେ ଚାପ ପକାଉଥିବ ।”

**ହଁ, ମାତ୍ର ତୁମେ ଯାହା ପଚାରୁଥିଲ, ତାହାର ଏହି କଥାଟି ସହିତ କୌଣସି ସମ୍ପର୍କ ନାହିଁ ।**

**ନିମ୍ନକୁ ଆଦୌ ଖସି ନ ଯିବା, ଊର୍ଦ୍ଧ୍ବରେ ଅବସ୍ଥିତ ରହିବା ଏବଂ, ଯାହା ନିମ୍ନରେ ରହିଛି, ତାହା ଉପରେ ସେହିଠାରୁହିଁ ଚାପ ପକାଇବା,— ଏହାହିଁ ସବୁଠାରୁ ଅଧିକ ନିରାପଦ ଉପାୟ । ମାତ୍ର, ଯଦି ତୁମେ ନିମ୍ନକୁ ଓହ୍ଲାଇଯିବ, ତେବେ ସେଠାରୁ ଥାଇ, ଯାହା ଊର୍ଦ୍ଧ୍ବରେ ଅଛି, ତାହା ସହିତ ସମ୍ପର୍କ ସ୍ଥାପନ କରି ରହିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ; ତେଣୁ, ଓହ୍ଲାଇଗଲେ ତୁମେ ଆଦୌ ଇଚ୍ଛାହେଲେ କରିପାରିବ ନାହିଁ; ତୁମେ ଯେଉଁ ଅଂଶଟିକୁ ଖସି ଆସିଥିବ, ଠିକ୍ ସେହି ଅଂଶଟି ପରି ହୋଇଯିବ । ସେହି କ୍ଷେତ୍ରରେ, ସେଭଳି କରିବା ଅତ୍ୟନ୍ତ କଷ୍ଟସାପେକ୍ଷ ହୋଇଥିବାରୁ ବରଂ ଅପର ପକ୍ଷରେ ଆପଣାର ଉଚ୍ଚତର ଚେତନାରେ ଅବସ୍ଥିତ ରହି ସେହିଠାରୁହିଁ, ସେଗୁଡ଼ିକ ମଧ୍ୟକୁ କୌଣସି ପ୍ରକାରେ ପ୍ରବେଶ ନ କରି**

'oaob.nitrkl.ac.in' images reprocessed

ନିମ୍ନତର ଗତିସ୍ପନ୍ଦନଗୁଡ଼ିକ ଉପରେ ଚାର୍ଜ କରିବା,—ତାହାହିଁ ଅଧିକ ଭଲ ହେବ ।

ଉଦାହରଣସ୍ୱରୂପ, କୌଣସି ଏକ ସମୟରେ ତୁମେ ଆପଣାର ଅବଚେତନ ମଧ୍ୟରୁ ଏକ କ୍ରୋଧଭାବ ଉଦ୍‌ବେଳିତ ହୋଇ ଆସୁଥିବା ପରି ଅନୁଭବ କରିବ; ଏବଂ, ଯଦି ତୁମେ ତାହାକୁ ପ୍ରକୃତରେ ନିୟନ୍ତ୍ରଣରେ ରଖିବାକୁ ଇଚ୍ଛା କରୁଥିବ, ତେବେ, ତୁମେ ନିଜେ ଯେପରି ସେହି କ୍ରୋଧ ସହିତ କୌଣସି ପ୍ରକାରେ ଏକାତ୍ମକ ହୋଇ ନ ପଡ଼, ସେଥିଲାଗି ତୁମକୁ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ । ତୁମେ କେବେହେଲେ ତାହାର ମଧ୍ୟକୁ ନିଜକୁ ଖସିଯିବ ନାହିଁ । ତୁମେ ସେହି ଊର୍ଦ୍ଧ୍ୱରେ, ଶାନ୍ତ ଏବଂ ସ୍ଥିର ସ୍ତରରେ ନିଜର ଚେତନାରେ ଅବସ୍ଥିତ ରହିଥିବ; ସେହିଠାରୁ ଏହି କ୍ରୋଧ ଉପରେ ଅବଲୋକନ କରିବ ଏବଂ, ଆଲୋକ ଏବଂ ସ୍ଥିରତାଟିକୁ ତାହା ଉପରେ ଏପରି ସ୍ତରରେ ପ୍ରତିଫଳିତ କରି ଆଣିବ, ଯେପରିକି ସେହି କ୍ରୋଧ ମଧ୍ୟ ଶାନ୍ତ ହୋଇଯିବ ଏବଂ ଅପସରି ଯିବ । ମାତ୍ର, ଯଦି ତୁମେ ନିଜେ ତାହା ସହିତ ଏକାତ୍ମକ ହୋଇ ପଡ଼ିବ, ଯଦି ସ୍ୱୟଂ କ୍ରୁଦ୍ଧ ହେବ, ତେବେ ତାହାକୁ ମୋଟେ ବଦଳାଇ ପାରିବ ନାହିଁ ।

ଆଉକିଛି ? କିଛି ନାହିଁ ? କେଉଁଠି ହେଲେ କିଛି ନାହିଁ ? କାହାର କିଛି କହିବାର ନାହିଁ ? କିଛି ନାହିଁ ? ସେଠାରେ ଯେଉଁମାନେ ବସିଛ, ତୁମମାନଙ୍କର ମଧ୍ୟ କିଛି ନାହିଁ ? ତେବେ କ'ଣ ସେଣ୍ଡକରେ ସବୁଲ ? ତୁମ ସମସ୍ତଙ୍କର ହୃଦ୍‌ବୋଧ ହୋଇ ଯାଉଛି । ତେବେ ଭଲ କଥା, ଯଦି ସମସ୍ତେ ସବୁ ବୁଝି ଯାଉଛନ୍ତି, ତେବେ ଆମେ ଏଇଠି ଶେଷ କରିବା ।

(ଯେଉଁ ପିଲଟି ପ୍ରଶ୍ନ ପଚାରିଥିଲା, ତାହାକୁ ଉଦ୍ଦେଶ୍ୟ କରି) ତୁମର ଆଉ କିଛି ପଚାରିବାକୁ ଅଛି କି ? ହଁ, ସିଏ ତ ଗଡ଼ାଏ ପ୍ରଶ୍ନ ପ୍ରସ୍ତୁତ କରି ରଖିଥିଲା । ମାତ୍ର, ଯେଉଁ ପ୍ରଶ୍ନଟି ତୁମେ ପଚାରିଥିଲ, ସେଗୁଡ଼ିକ ସେପରି ଆଦୌ ହୋଇ ନ ଥିବା ଉଚିତ । କୌଣସି ପ୍ରଶ୍ନ ପଚାରିବା ପୂର୍ବରୁ ପାଠାଂଶଟିକୁ ଅନ୍ତତଃ ଭଲ କରି ବୁଝିଥିବା ଉଚିତ । ଅଚ୍ଛା ତୁମର ଅନ୍ୟ ପ୍ରଶ୍ନଟି କ'ଣ କହ ।

ଆପଣ ଗଲାଥର ଯାହା ପାଠ କରିଥିଲେ, ପ୍ରଶ୍ନଟି ତାହାର ବିଷୟରେ : "ଚେତନାର ସେହି ଉଚ୍ଚତର ପୁନଃସଂଜୀବିତ ସ୍ତରଗୁଡ଼ିକ"—ଯେଉଁଗୁଡ଼ିକ ବିଷୟରେ ଆଲୋଚନା ମଧ୍ୟ ହୋଇଛି ।

ହଁ, ତେଣୁ କ'ଣ ହେଲା ?

ମୁଁ ବୁଝି ପାରୁ ନାହିଁ ।

'oaob.nitrkl.ac.in' images reprocessed

ତୁମେ ଠିକ୍ କେଉଁ କଥାଟିକୁ ବୁଝିପାରୁ ନାହଁ ? ତୁମେ କ'ଣ "ପୁନଃସଞ୍ଜୀବିତ" ଶବ୍ଦଟିର ଅର୍ଥ ବୁଝିପାରୁ ନାହଁ ?

ହଁ, ଯାହା ଏକଦା ଥିଲା, ତାହାକୁ ପୁନଃସଞ୍ଜାତ କରାଇବା···

ପୁନଃସଞ୍ଜୀବିତର ଅର୍ଥ ହେଉଛି ରୂପାନ୍ତରିତ, ପରିପୂର୍ଣ୍ଣୀକୃତ, ପବିତ୍ରୀକୃତ, ସନ୍ଦୀପିତ । ଏବଂ ଏହି କ୍ଷେତ୍ରରେ, ସ୍ଥୂଳତମଠାରୁ ଆରମ୍ଭ କରି ସୂକ୍ଷ୍ମତମ ପର୍ଯ୍ୟନ୍ତ ଚେତନାର ସବୁଯାକ ସ୍ତରର କଥା ବୁଝାଯାଉଛି । ତେଣୁ, ଚେତନାର ଏହି ସ୍ତରଗୁଡ଼ିକରେ ଏପରି ଅନେକ ଭାଗ ରହିଛି, ଯେଉଁଗୁଡ଼ିକୁ କି ଅନ୍ୟଗୁଡ଼ିକର ତୁଳନାରେ ଅଧିକ ସନ୍ଦୀପିତ ବୋଲି ବୁଝାଯିବ ।

ମାତ୍ର ତୁମେ କ'ଣ ପଚାରିବାକୁ ଚାହୁଁଥିଲ ? ତୁମ ସତ୍ତାର କେଉଁ ଭାଗଗୁଡ଼ିକ ଅଧିକ ସନ୍ଦୀପିତ, ତୁମେ କ'ଣ ସେହିକଥା ଜାଣିବାକୁ ଇଚ୍ଛା କରିଥିଲ ?

ହଁ ।

ଆଚ୍ଛା ! ତେବେ ଆମେ ହୁଏତ ଏହିପରି ସାନ ଖେଳଟିଏ ଖେଳି ପାରିବା :

ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ରହିଥିବା ସତ୍ତାର କେଉଁ ଭାଗଟି ଭଗବାନ୍‌ଙ୍କ ପରମକରୁଣା ଉପରେ ଏକ ପୂର୍ଣ୍ଣତର ବିଶ୍ୱାସ ରଖିଥାଏ ?

ଚୈତ୍ୟସତ୍ତା ।

ନାହିଁ, ନାହିଁ । ଏଠାରେ ମୁଁ ଅନୁଭବର କଥା କହୁଛି । କେବଳ ଏକ ଶାବ୍ଦିକ ଜ୍ଞାନର କଥା ଆଦୌ କହୁ ନାହିଁ । ମୁଁ କହୁଛି, ··ତୁମ ପ୍ରତ୍ୟେକଙ୍କର ସତ୍ତାର କେଉଁ ଭାଗଟିରେ ଭଗବାନ୍‌ଙ୍କ ପରମକରୁଣା ଉପରେ ତୁମମାନଙ୍କର ସର୍ବାଧିକ ବିଶ୍ୱାସ ରହିଛି ? ସେହି ବିଶ୍ୱାସ ଭୌତିକ ସ୍ତରରେ ଆସିପାରେ, ପ୍ରାଣିକ ସ୍ତରରେ ଆସିପାରେ, ଚୈତ୍ୟ ସ୍ତରରେ ବି ଆସିପାରେ; ଏହି ଭାଗଟିରେ ଅଥବା ସେହି ଭାଗଟିରେ ଆସିପାରେ ବା ଏହି କ୍ରିୟାଶୀଳତା ଅଥବା ସେହି କ୍ରିୟାଶୀଳତା ମଧ୍ୟରେ ବି ଆସିପାରେ । ଉଦାହରଣସ୍ୱରୂପ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର କି ପରମକରୁଣା ସହିତ ସ୍ଥାପିତ ହୋଇଥିବା ଏକ ସମ୍ପର୍କ ବିଷୟରେ ଅର୍ଥାତ୍ ସେହି ପରମକରୁଣାଠାରେ ରହିଥିବା ସେମାନଙ୍କର ବିଶ୍ୱାସ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଗୋଟିଏ ପ୍ରକାରର ମାନସିକ ଉପଲବ୍ଧି ହିଁ ରହିଥାଏ; ମାତ୍ର, ସେହି ବ୍ୟକ୍ତିମାନେ ଯେତିକି ଆପଣାର ପ୍ରାଣିକ ଅଥବା ଭୌତିକ ଚେତନା ମଧ୍ୟକୁ ଚାଲି ଆସନ୍ତି, ତା'ପରେ ସେମାନଙ୍କ ପାଖରେ ତାହାର ଆଉ କିଛିହେଲେ ରହେ ନାହିଁ । ଅନ୍ୟ ପକ୍ଷରେ, ଏପରି ଅନେକ ବ୍ୟକ୍ତି ଥାଆନ୍ତି, ଯେଉଁମାନେ କି, ଭୌତିକ

'oaob.nitrkl.ac.in' images reprocessed

ସ୍ତରରେ, ଆପଣାର ଶରୀର ଭିତରେ ବି···ସେମାନଙ୍କ ମଧ୍ୟରେ ସମ୍ଭବତଃ ଖୁବ୍ ବେଶୀ ମାନସିକ ଜ୍ଞାନ ନ ଥାଏ, ମାତ୍ର ଭୌତିକ ଚେତନାର ଭୂମିରେ ଦିବ୍ୟ ପରମକରୁଣା ଉପରେ ଏକ ପରିପୂର୍ଣ୍ଣ ବିଶ୍ୱାସ ରହିଥାଏ; ଏକ ସମ୍ପୂର୍ଣ୍ଣ ଆସ୍ଥା ରହିଥାଏ ଏବଂ ସେମାନେ ସେହି ଆସ୍ଥା ତଥା ବିଶ୍ୱାସ ମଧ୍ୟରେହିଁ ସ୍ୱେଚ୍ଛାପର ଜୀବନଧାରଣ କରି ରହିଥାନ୍ତି। ଆଉରି ଅନ୍ୟମାନଙ୍କର ଆପଣାର ଶରୀର ସଂବେଗଗୁଡ଼ିକ ମଧ୍ୟରେହିଁ ସେହି ବିଶ୍ୱାସ ରହିଥାଏ; ଏବଂ ସେମାନଙ୍କର ଭାବନାଗୁଡ଼ିକ ଅଲଗା ଭାବରେ କେତେକୁଅଡ଼େ ବୁଲିବାରେ ଲାଗିଥାନ୍ତି। ଏବଂ, ଏପରି ଅନ୍ୟମାନେ ବି ଥାଆନ୍ତି, ଯେଉଁମାନଙ୍କର ଏକ ପ୍ରାଣିକ ବିଶ୍ୱାସ ରହିଥାଏ—ଏମାନେ ସଂଖ୍ୟାରେ ଅତ୍ୟନ୍ତ ବିରଳ, ମାତ୍ର ଏମାନଙ୍କୁ ତଥାପି ଦେଖିବାକୁ ମିଳିଥାଏ ···ଦିବ୍ୟ ପରମ କରୁଣା ଉପରେ ସେମାନଙ୍କର ଏକ ପ୍ରାଣିକ ବିଶ୍ୱାସ ରହିଥାଏ; ସବୁକିଛି ଯେ ସମ୍ପୂର୍ଣ୍ଣ ଉତ୍ତମ ଭାବରେ ଅବଶ୍ୟ ଘଟିବ, ଶକ୍ତିର ଏକ ବହୁପରିମାଣ ବୋଧ ସହିତ ସେମାନଙ୍କ ଭିତରେ ସେହି ବିଶ୍ୱାସଟି ରହିଥାଏ।

ମାଆ, ତୁମେ କ'ଣ ଆପଣାକୁ ନେଇ କେତେବେଳେ ଏହି ସାନ ଅଭ୍ୟାସଟିକୁ କରି ଏହାର ପ୍ରମାଣ ପାଇ ନାହଁ? ପ୍ରଥମତଃ, ଦିବ୍ୟ ପରମକରୁଣା ଉପରେ ତୁମର କୌଣସି ବିଶ୍ୱାସ ଅଛି କି?

ହଁ।

ଭଲ କଥା! ତେବେ ଖୁବ୍ ଭଲ କଥା। ତେବେ, ତୁମ ସତ୍ତାର କେଉଁ ସ୍ତରରେ ସେହି ବିଶ୍ୱାସ ପ୍ରତିଷ୍ଠିତ ହୋଇ ରହିଛି? ତୁମ ଭାବନାରେ ଅଛି, ସଂବେଗଗୁଡ଼ିକ ମଧ୍ୟରେ ରହିଛି,—ଇନ୍ଦ୍ରିୟବୋଧଗୁଡ଼ିକ ମଧ୍ୟରେ ଅଛି ନା ତୁମର ଭୌତିକସତ୍ତ୍ୱ କି ସ୍ନାୟୁକୋଷଗୁଡ଼ିକରେ ରହିଛି? ଯଦି ଯୁଗପତ୍ ଭାବରେ ପ୍ରତ୍ୟେକ ସ୍ତରରେ ରହିଛି, ତେବେ ତୁମମାନଙ୍କୁ ଗୋଟିଏ ଗୋଟିଏ ପୂର୍ଣ୍ଣତାପ୍ରାପ୍ତ ସତ୍ତା ବୋଲି ବୁଝାଯିବ,—ଏବଂ ମୁଁ ସେଥିଲାଗି ତୁମମାନଙ୍କୁ ଅବଶ୍ୟ ଅଭିନନ୍ଦନ ଜଣାଇବି।

ଇନ୍ଦ୍ରିୟବୋଧଗୁଡ଼ିକ ମଧ୍ୟରେ।

ଇନ୍ଦ୍ରିୟବୋଧ ଗୁଡ଼ିକରେ? ଏହି ବୟସରେ ତୁମର ଏତେ ଇନ୍ଦ୍ରିୟବୋଧ ରହିଛି? ତେବେ ତୁମପାଖେ ଜଣେ ବାସ୍ତ ହୁଏତ ଅତ୍ୟନ୍ତ ଦ୍ରୁତକୁ ଦେଖିବାକୁ ମିଳିବ। (ସମସ୍ତେ ହସିଲେ)

ନାଇଁ, ତାହା ସଂବେଗର କ୍ଷେତ୍ରରେ ରହିଛି।

'oaob.nitrkl.ac.in' images reprocessed

ସଂବେଗର କ୍ଷେତ୍ରରେ ରହିଛୁ । ତେବେ ତାହା ହେଉଛି ଏକ ଭିନ୍ନ କଥା । ଏହା ସାଧାରଣତଃ ସଂବେଗର କ୍ଷେତ୍ରରେହିଁ ରହିଥାଏ; ମାତ୍ର ଏପରି କେତେକ ଲୋକ ବି ଅଛନ୍ତି, ଯେଉଁମାନେ ନିଜ ଜୀବନ ଭିତରେ ସର୍ବପ୍ରଥମେ ତାହାକୁ ଲାଭ କରିଥାନ୍ତି,—ସେହି ବିଷୟରେ ସେମାନଙ୍କର ଏକ ପ୍ରକାରର ମାନସିକ ଜ୍ଞାନ ରହିଥାଏ,—ଏବଂ ବାସ୍ତବ, ତାହା ଚେତନାରେହିଁ ଅଟକି ରହିଯାଇଥାଏ । ଏବଂ କେତେକ ବ୍ୟକ୍ତି ତାହାକୁ ସଂବେଗର କ୍ଷେତ୍ରରେ ଲାଭ କରିଥାନ୍ତି ଏବଂ ସେହି ବିଷୟରେ ସେମାନଙ୍କର ଆଦୌ କୌଣସି ମାନସିକ ଅନୁଭବ ନ ଥାଏ । ସେମାନଙ୍କ ମନ ସେହିପରି ଭାବରେ ଗଢ଼ା ହୋଇଥାଏ···

> ଏପରି କ'ଣ ହୋଇପାରନ୍ତା ନାହିଁ ଯେ, ବେଳେବେଳେ ତାହା ବିଷୟରେ ଏକ ସଂବେଗ ଅନୁଭୂତ ହୁଅନ୍ତା ଓ ଆଉ ବେଳେ ତାହାକୁ ଭାବନାରେ ମଧ୍ୟ ଧରି ହୁଅନ୍ତା ?

ତାହା ହେଉଛି ଅନ୍ୟଏକ ବ୍ୟାପାର । ଏହାର ଅର୍ଥ ହେଉଛି ଯେ, ଏହି ବିଶ୍ୱାସଟି, ଦିବ୍ୟ ପରମକରୁଣା ଉପରେ ରହିଥିବା ଏହି ଆସ୍ଥା ପ୍ରକୃତରେ ଚୈତ୍ୟ ମଧ୍ୟରେହିଁ ଅବସ୍ଥିତ ଥାଏ—ତାହା ପଶ୍ଚାଦ୍‌ଭାଗରେ ଚୈତ୍ୟ ମଧ୍ୟରେ ସେହିପରି ଅବସ୍ଥିତ ରହିଥାଏ, ସର୍ବଦା ଅବସ୍ଥିତ ରହିଥାଏ । ତେଣୁ, ବେଳେବେଳେ ସଂବେଗର ଭୂମିଟି, ବେଳେବେଳେ ଭାବନା ଓ ବେଳେବେଳେ ଏପରିକି ଶରୀରର ମଧ୍ୟ ଚୈତ୍ୟ ସହିତ ଏକ ସଂପର୍କ ସ୍ଥାପିତ ହୋଇଯାଏ; ଚୈତ୍ୟର ପ୍ରଭାବ ଦ୍ୱାରାହିଁ ଅଜାଣତରେ ମଧ୍ୟ ସେହି ସଂପର୍କ ସ୍ଥାପିତ ହୋଇଯାଏ । ଏବଂ, ସେହି ମୁହୂର୍ତ୍ତରେ ଏହି ପ୍ରକାରର ଆସ୍ଥା ବା ବିଶ୍ୱାସଟି ସେହିପରି ଭାବରେ ସମ୍ମୁଖକୁ ଆସେ ଏବଂ ଅବଲମ୍ବନ ହୋଇ ରହିଥାଏ । ଚୈତ୍ୟ ସହିତ ସାମୟିକ ସମ୍ପର୍କମାନ ସ୍ଥାପିତ ହୋଇପାରୁଥିଲେ ଏହିଭଳି ଘଟେ । ଉଦାହରଣସ୍ୱରୂପ, ତୁମେ ଯେତେବେଳେ କୌଣସି ଏକ ସାଂଘାତିକ ଅସୁବିଧାରେ ଅଥବା କୌଣସି ଏକ ସାଂଘାତିକ ଶାରୀରିକ ବିପଦରେ ପଡ଼ିଥାଅ, ଏବଂ ଯଦି ସେତିକିବେଳେ ହଠାତ୍ ଏହି ସମ୍ପର୍କଟିକୁ ଅନୁଭବ କରିବାକୁ ଆରମ୍ଭ କର, ଏହି ଶକ୍ତିଟି,—ବିଶ୍ୱାସର ଶକ୍ତିଟି, ଦିବ୍ୟ ପରମ କରୁଣା ଉପରେ ଏହିପରି ଏକ ପୂର୍ଣ୍ଣ ଆସ୍ଥା ତୁମ ଭିତରେ ଆସି ପ୍ରବେଶ କରୁଥିବାର ଓ ତୁମକୁ ସାହାଯ୍ୟ କରୁଥିବାର ଅନୁଭବ କରିଥାଅ । ତେଣୁ, ଏହାର ଅର୍ଥ ହେଉଛି ଯେ, ଆପଣାର ଚୈତ୍ୟସତ୍ତା ସହିତ ତୁମର ଏକ ସଚେତନ ସମ୍ପର୍କ ସ୍ଥାପିତ ହୋଇ ରହିଥାଏ ଏବଂ ତାହାହିଁ ତୁମର ସହାୟତା କରିବା ଲାଗି ଆସେ । —ତୁମ ପାଇଁ ଏକ ବିଶେଷ କରୁଣା ପ୍ରଦତ୍ତ ହୁଏ । ଏଠାରେ ଏହି ସ୍ଥିତିଟିହିଁ ସର୍ବଦା ବିଦ୍ୟମାନ ରହିଥିବା ଉଚିତ; କାରଣ ଅତ୍ୟନ୍ତ ସଚେତନ ଓ ଇଚ୍ଛାକୃତ ଭାବରେ ଏଠାରେ

'oaob.nitrkl.ac.in' images reprocessed

ଏହି ସମ୍ପର୍କଟିହିଁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସର୍ବଦା ପ୍ରତିଷ୍ଠିତ ହୋଇ ରହିଛି । ତେଣୁ ଏହି ଦୃଷ୍ଟାନ୍ତଟି ଏଠାରେ ସବୁଠାରୁ ଅଧିକ ସଚରାଚର ଏବଂ ସ୍ୱାଭାବିକ ହୋଇ ଦୃଷ୍ଟିଗୋଚର ହୋଇ ପାରୁଥିବା ଆବଶ୍ୟକ । ଅର୍ଥାତ୍, ତୁମର ଯେଉଁ ଭାଗଟି ସନ୍ଦିଗ୍ଧ ହୋଇ ରହିଛି ଏବଂ ଉପସ୍ଥିତ ମୂହୂର୍ତ୍ତିଟି ଯାହା ଆବଶ୍ୟକ କରୁଛି, ସେହି ଅନୁସାରେ ତୁମେ ଏଠାରେ ଅଥବା ସେଠାରେ ହୁଅନ୍ତୁ ସେହି ଆସ୍ଥାଟିକୁ ଅନୁଭବ କରି ପାରୁଥିବା ଉଚିତ,—ସେହି ଆସ୍ଥାହିଁ ତୁମକୁ ଅଧିକାର କରିନେଇ ତୁମକୁ ରକ୍ଷା କରି ପାରୁଥିବା ଉଚିତ । ହଁ, ସେହିପରି ହୋଇ ପାରୁଥିବା ଉଚିତ ।

ଏହିଠାରେ ଶେଷ ହେଲା !

'oaob.nitrkl.ac.in' images reprocessed

# ୨୩ ଏପ୍ରିଲ ୧୯୫୫

'ଯୋଗାଧାର' ପୁସ୍ତକର ପଞ୍ଚମ ଅଧ୍ୟାୟ "ଭୌତିକ ଚେତନା ଇତ୍ୟାଦି" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

**ହଁ, ବର୍ତ୍ତମାନ କେହି କିଛି ପ୍ରଶ୍ନ ପଚାରିବେ କି ?**

ମାଆ, ଏଠାରେ ଲେଖା ହୋଇଛି : "ଏହି ମନୋବିଶ୍ଳେଷଣକାରୀମାନେ ପ୍ରକୃତରେ କୌଣସି ମହତ୍ତ୍ୱପୂର୍ଣ୍ଣ କଥା କହିଛନ୍ତି ବୋଲି ସ୍ୱୀକାର କରିବା ମୋ ପକ୍ଷରେ କଷ୍ଟକର ହେଉଛି ।..."

**ଏହାର ଅର୍ଥ ହେଉଛି ଯେ ଶ୍ରୀଅରବିନ୍ଦ ସେମାନଙ୍କୁ ଉପହାସ କରୁଛନ୍ତି । ଏହାର ଅର୍ଥ କେବଳ ସେତିକି ।**

(ପିଲାଟି ପୁଣି ପଢ଼ିବାକୁ ଆରମ୍ଭ କଲା) "... ସେମାନେ ଯେତେବେଳେ କୌଣସି ଆଧ୍ୟାତ୍ମିକ ଅନୁଭୂତିକୁ ବିଶ୍ଳେଷଣ କରିବାକୁ ଆରମ୍ଭ କରନ୍ତି..."

**"ସେମାନଙ୍କ ହାତରେ ଥିବା ଟର୍ଚ୍ଚଲାଇଟ୍‌ଗୁଡ଼ିକର ମିଞ୍ଜିମିଞ୍ଜି ଆଲୁଅ ଦ୍ୱାରା" । ଏଠାରେ ସେମାନଙ୍କୁ ବିଦ୍ରୂପ କରାଯାଇଛି । ଏହି ଅଭିପ୍ରାୟରେ ଏପରି କୁହାଯାଇଛି ଯେ, ସେହି କ୍ଷୁଦ୍ର ଆଲୋକଟିର ପ୍ରକୃତରେ କୌଣସି ଶକ୍ତି ନାହିଁ, ଏବଂ ସେମାନେ ତଥାପି ଚିନ୍ତା କରୁଛନ୍ତି ଯେ, ସେହି ଆଲୁଅଟି ସାହାଯ୍ୟରେ ସେମାନେ ଆଧ୍ୟାତ୍ମିକ ଅନୁଭୂତିଗୁଡ଼ିକର ବି ବିଚାର କରିପାରିବେ । ଗୋଟିଏ ସାନ ଟର୍ଚ୍ଚଲାଇଟ୍‌ଠାରୁ ଏହି ଆଲୁଅଟିର ପ୍ରକୃତରେ ଅଧିକ ଶକ୍ତି ନ ଥାଏ । ଏପରି କହି ଏହାକୁ ଏକ ଶକ୍ତିହୀନ ସାଧନ ବୋଲି ବର୍ଣ୍ଣନା କରାଯାଇଛି । ବିଦ୍ରୂପ କରି ଏପରି କୁହାଯାଇଛି ।**

**ମାଆ ତୁମେ କ'ଣ ପଚାରିବାକୁ ଚାହୁଁଥିଲ ?**

ଏଠାରେ ଲେଖାଯାଇଛି, "ସେମାନଙ୍କର ଟର୍ଚ୍ଚ ଲାଇଟ୍‌ଗୁଡ଼ିକୁ ପକାଇ ଆଧ୍ୟାତ୍ମିକ ଅନୁଭୂତିର ବିଚାର କରିବା" ।

**ହଁ, ତାହାର ଅର୍ଥ ହେଉଛି ଯେ, ଆଦୌ କୌଣସି ଶକ୍ତି ନ ଥିବା ଏକ ଅଳ୍ପ କ୍ଷୁଦ୍ର ଆଲୋକ ଦ୍ୱାରା ସେମାନେ ଆଧ୍ୟାତ୍ମିକ ଅନୁଭୂତିଗୁଡ଼ିକର ବିଚାର**

'oaob.nitrkl.ac.in' images reprocessed

କରିବାକୁ ବ୍ୟଗ୍ର । ସେହି ଆଳୁଅର କୌଣସି ଶକ୍ତି ନ ଥାଏ,—ଏକ ଅତ୍ୟନ୍ତ କ୍ଷୀଣ ବଳ—ତାହା ଆଦୌ କୌଣସି ସାହାଯ୍ୟ କରେ ନାହିଁ । ମାନବଜୀବନର ଏକାନ୍ତ ସ୍ଥୂଳ ଏବଂ ଅତ୍ୟନ୍ତ ସାଧାରଣ ବ୍ୟାପାରଗୁଡ଼ିକ ଦ୍ୱାରା ଏହି ଲୋକମାନେ ସବୁକିଛୁର ବ୍ୟାଖ୍ୟା କରିବାକୁ ବ୍ୟଗ୍ର; ସବୁକିଛୁର ବ୍ୟାଖ୍ୟା କରିଦେବାକୁ ଇଚ୍ଛା କରନ୍ତି । ଏକ ଅତ୍ୟନ୍ତ ସାଧାରଣ ସ୍ତରର ଚେତନାର କ୍ଷୁଦ୍ର ଓ ସ୍ଥୂଳ ସଂସ୍କାର-ଗୁଡ଼ିକର ସାହାଯ୍ୟରେ ସେମାନେ ସୃଷ୍ଟିର ରହସ୍ୟ ତଥା ଯାବତୀୟ ଜିନିଷର ସ୍ତରର ବ୍ୟାଖ୍ୟା କରିବାକୁ ଇଚ୍ଛା କରନ୍ତି । ଏହା ପ୍ରକୃତରେ ଏକାନ୍ତ ହାସ୍ୟାସ୍ପଦ କଥା ।

ମାଆ, "ପରାହଂ" (Super-ego) କହିଲେ କ'ଣ ବୁଝାଏ ?

ପରାହଂ ହେଉଛି ଏକ ବୃହଦାକୃତ ଏବଂ ସ୍ଫୀତତର ଅହଂ,—ଅହଂକୁ ଯେତିକ ମହତ୍ତ୍ୱ ଦିଆଯାଇ ପାରିବ, ଏଠାରେ ତାହାକୁ ତାହାଠାରୁ ଅଧିକ ମହତ୍ତ୍ୱ ଦିଆଯାଇଛି ।···ଏହି ସମଗ୍ର ପରିସ୍ଥିତିରେ ଖାଲି ବିଦ୍ରୂପ ଭରି ହୋଇ ରହିଛି । ପରାହଂ କହିଲେ ଏପରି ଏକ ଅହଂକୁ ବୁଝାଇବ, ଯାହାକି ଏକ ସାଧାରଣ ଅହଂ-ଠାରୁ ଅଧିକ ପ୍ରବଳ,—ଏହା ହେଉଛି ଏକ ସ୍ଫୀତ ଅହଂ, ତାହାର ଆଦୌ କୌଣସି ମୂଲ୍ୟ ନ ଥିଲେ ମଧ୍ୟ ତାହା ଅତ୍ୟନ୍ତ ବିରାଟ ହୋଇ ରହିବାକୁ ଚେଷ୍ଟା କରୁଥାଏ ।

ମାତ୍ର ଏଠାରେ ଏହାକୁ କାହିଁକି ଏକ "ଗୁପ୍ତ ହୋଇ ରହିଥିବା ପରାହଂ" ବୋଲି କୁହାଯାଇଛି ?

ହଁ, ଗୁପ୍ତ ହୋଇ ରହିଥିବା, ଅର୍ଥାତ୍ ଲୁଚିକରି ରହିଥିବା, — ଅନେକ ତଳେ ଚେତନାର ଅନେକ ନିମ୍ନ ଦେଶରେ ରହିଥିବା । "ଗୁପ୍ତ ହୋଇ ରହିଛି" ବୋଲି କହିବା ଦ୍ୱାରା କୌଣସି ଗୁମ୍ଫାବୃତ ନିମ୍ନଦେଶରେ ଘନ ଅନ୍ଧକାର ଭିତରେ ରହିଥିବା କୌଣସି ଏକ ବସ୍ତୁକୁ ବୁଝାଉଛି : ତାହାର ସ୍ପନ୍ଦନଗୁଡ଼ିକ ଏକାନ୍ତ ସ୍ଥୂଳପ୍ରକୃତିସ୍ଥ ହୋଇ ରହିଛି,—ଏହା ଏପରି ଏକ ଅହଂକୁ ବୁଝାଉଛି, ଯାହାକି ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ହେବା ଲାଗି ପ୍ରୟାସ କରିବାରେ ଲାଗିଛି ।

ମାଆ, ଆମେ ଅନେକ ସମୟରେ ସାଧାରଣ ବସ୍ତୁଗୁଡ଼ିକ ବିଷୟରେ ସ୍ୱପ୍ନ ଦେଖୁ; ମାତ୍ର କେବେକେବେ ଏପରି ସ୍ୱପ୍ନମାନ ଦେଖୁ, ଯେଉଁଗୁଡ଼ିକ କି···

ହଁ, ଶ୍ରୀଅରବିନ୍ଦ ଠିକ୍ ସେହି କଥା କହୁଛନ୍ତି, ନୁହେଁ ? ସିଏ କହୁଛନ୍ତି ଯେ, ପ୍ରତ୍ୟେକ ସ୍ୱପ୍ନକୁ ଗୋଟିଏ ଗୋଟିଏ ସାଧାରଣ ସ୍ୱପ୍ନ ବୋଲି ଆଦୌ କୁହାଯାଇ ପାରିବ ନାହିଁ, କେବଳ ନାନା ସ୍ମୃତିର ସଂଯୋଜନ ବୋଲି ଆଦୌ

'oaob.nitrkl.ac.in' images reprocessed

ବୁଝାଯିବ ନାହିଁ । କାରଣ, ଏପରି ସ୍ୱପ୍ନମାନ ରହିଛି, ଯାହାକି ଏକ ସତ୍ୟୋଦ୍‌ଘାଟନ ରୂପେ ମଧ୍ୟ କାର୍ଯ୍ୟ କରିଥାଏ । ଏଠାରେ ସେ ଯାବତୀୟ ପ୍ରକାର ଭଳିଆ ପ୍ରରୂପର ସ୍ୱପ୍ନଗୁଡ଼ିକର ବର୍ଣ୍ଣନା କରିଛନ୍ତି ।

ମାଆ, ଏହା କ'ଣ ସମ୍ପୃକ୍ତ ଦିନଟି ଉପରେ ନିର୍ଭର କରେ କି ? ଯଦି ଆମେ କୌଣସି ଦିନ ଅଧିକ ସଚେତନ ହୋଇ ରହୁଥାଉ ତେବେ ହୁଏତ ଏକ ଉତ୍ତମ ପ୍ରକାରର ସ୍ୱପ୍ନ ଦେଖୁ ?

ତାହା କେଉଁ କଥା ଉପରେ ନିର୍ଭର କରେ, ସେକଥା କହିବା ଅତ୍ୟନ୍ତ କଷ୍ଟକର ।

ଏପରି ଘଟିଥାଏ ଯେ, ଯେତେବେଳେ ତୁମର ଏପରି କୌଣସି କଥାକୁ ସ୍ୱପ୍ନରେ ଦେଖିବାର ଆବଶ୍ୟକତା ରହିଥାଏ, ଯାହାକି ତୁମ ସ୍ୱଭାବର କୌଣସି ଲକ୍ଷଣ ବିଷୟରେ ହୁଏତ କୌଣସି ଆଲୋକପାତ କରିପାରିବ,— ତୁମକୁ ଯେଉଁଭଳି ପ୍ରୟାସ କରିବାକୁ ହେବ, ଯାହାକି ସେହି ବିଷୟରେ ତୁମ ଲାଗି ଏକ ସୂଚନା ଆଣି ଦେଇପାରିବ, ସେତେବେଳେ ତୁମକୁ ଠିକ୍ ସେହିପରି ଗୋଟିଏ ସ୍ୱପ୍ନ ଦେଖିବାକୁ ମିଳିଥାଏ ।

ସମ୍ଭବତଃ, ତାହା ଏପରି ଗୋଟିଏ ଚେତନା ଉପରେ ନିର୍ଭର କରୁଥାଏ, ଯାହାକି ସମସ୍ତଙ୍କ ଉପରେ ଦୃଷ୍ଟିପାତ କରିପାରୁଛି; ଏବଂ ଯଦି ତୁମେ ଆପଣାକୁ କଥିତ ପରିମାଣରେ ଉନ୍ମୋଚିତ କରି ରଖିଥାଅ, ତେବେ ତାହା ତୁମକୁ ବାଟ ମଧ୍ୟ ଦେଖାଇ ଦେଇପାରେ ଏବଂ ସୁନିଶ୍ଚିତ ସୂଚନାମାନ ପ୍ରଦାନ କରିଥାଏ ।

ମୁଁ ଭାବୁଛି ଯେ, ସମ୍ପୂର୍ଣ୍ଣ ଏପରି ଗୋଟିଏ ଶ୍ରେଣୀର ସ୍ୱପ୍ନ ରହିଛି, ଯେଉଁଗୁଡ଼ିକୁ କି ଏକାନ୍ତ ସାଧାରଣ ବୋଲି ବୁଝାଯିବ; ଏଗୁଡ଼ିକର କୌଣସି ମୂଲ୍ୟ ନାହିଁ, ଏଗୁଡ଼ିକ ଖାଲି କ୍ଲାନ୍ତ କରିପକାନ୍ତି । ଏବଂ, ଯଦି ଶୋଇବାକୁ ଯିବା ପୂର୍ବରୁ ଆମେ ଅଭିନିବେଶିତ ହୋଇ ରହିବା ଲାଗି କଥିତ ଚେଷ୍ଟା କରିପାରିବା, ଆମ ଭିତରେ ଯାହା ସର୍ବୋତ୍ତମ, ଏକ ଅଭୀପ୍ସା କିଂବା ପ୍ରାର୍ଥନା ଦ୍ୱାରା ଯଦି ଆମେ ନିଜକୁ ତାହାର ସହିତ ସଂଯୁକ୍ତ କରି ରଖିପାରିବା ଏବଂ ଏହି କଥାଟିକୁ କରିସାରିବା ପରେ ଯାଇ ଶୋଇବାକୁ ଯିବା, ତେବେ ଆମକୁ ଆଦୌ ସେପରି ସ୍ୱପ୍ନମାନ ଦେଖିବାକୁ ପଡ଼ିବ ନାହିଁ । ଏପରିକି, ଆମେ ଇଚ୍ଛା କଲେ ସେତେବେଳେ ଧ୍ୟାନସ୍ଥ ହୋଇ ରହିବାକୁ ଚେଷ୍ଟା କରିବା ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏହି ବିଷୟରେ ଆଦୌ କୌଣସି ପ୍ରକାରେ ସଚେତନ ନ ହୋଇ ଧ୍ୟାନସ୍ଥ ଅବସ୍ଥାରୁ ନିଦ୍ରା ମଧ୍ୟକୁ ଅତିକ୍ରମ କରିଯାଇପାରିବା । ସାଧାରଣତଃ, ସମ୍ପୂର୍ଣ୍ଣ ଗୋଟିଏ ଶ୍ରେଣୀର ଏପରି

'oaob.nitrkl.ac.in' images reprocessed

ଅନେକ ସ୍ୱପ୍ନ ରହିଥାଏ, ଯେଉଁଗୁଡ଼ିକର ତ କୌଣସି ମୂଲ୍ୟ ନ ଥାଏ, ଯାହା କ୍ଳାନ୍ତ କରିପକାଏ, ଯାହାକି ତୁମକୁ ଆଦୌ ଉତ୍ତମ ରୂପେ ବିଶ୍ରାମ କରିବାକୁ ଦିଏ ନାହିଁ —ଆମେ ଇଚ୍ଛା କଲେ ଏହି ସବୁଗୁଡ଼ିକୁ ନିଶ୍ଚୟ ଏଡ଼ାଇଦେଇ ପାରିବା । ଏବଂ, ଏହି ଅଭିନିବେଶିତ ହେବାରେ ପ୍ରକୃତରେ ସଫଳ ହୋଇ ପାରିଥିଲେ, ଏକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରିବ ଯେ, ରାତ୍ରି ସମୟରେ ପ୍ରକୃତରେ ଆଉ କୌଣସି ସ୍ୱପ୍ନ ଦେଖିବାକୁ ପଡ଼ିବ ନାହିଁ; ତୁମର ସେତେବେଳେ ଏପରି ଅନେକ ଅନୁଭୂତିର ଉପଲବ୍ଧି ହୋଇପାରିବ, ଯେଉଁଗୁଡ଼ିକ ସମ୍ବନ୍ଧରେ ତ ତୁମେ ସଚେତନ ହୋଇପାରିବ ଏବଂ ଯେଉଁଗୁଡ଼ିକ ତ ତୁମ ଲାଗି ଅତ୍ୟନ୍ତ ଲାଭଦାୟକ ହେବ । ମୁଁ ଯେପରି କହୁଥିଲି, ତୁମେ ନିଜକୁ ଯେଉଁସବୁ ପ୍ରଶ୍ନ ପଚାରିଥିଲ ଏବଂ ସେଗୁଡ଼ିକର କୌଣସି ଉତ୍ତର ପାଇ ନ ଥିଲ, ସେଗୁଡ଼ିକ ବିଷୟରେ ମଧ୍ୟ ତୁମକୁ ଅନେକ ସୂଚନା ମିଳିଯାଇପାରିବ । ଅଥବା, ଏପରି ଗୁଡ଼ିଏ ପରିସ୍ଥିତିକୁ ସୂଚିତ କରି ଦେଇଯିବ, ଯେଉଁଥିରେ କି ତୁମର ହୁଏତ ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତିରେ ଆସି ପହଞ୍ଚିବା ଉଚିତ ଥିଲା ମାତ୍ର ପ୍ରକୃତରେ କେଉଁ ନିଷ୍ପତ୍ତି ନେବାକୁ ହେବ, ତୁମେ ସେକଥା ଜାଣି ପାରୁ ନ ଥିଲ । କିଂବା, ତୁମ ଭିତରର କୌଣସି ଏକ ସ୍ୱଭାବଧାରା ତୁମର ଜାଗରଣକାଳୀନ ଚେତନାରେ ତୁମ ଆଗରେ ଆଦୌ ପରିସ୍ଫୁଟ ହୋଇପାରୁ ନାହିଁ, — କାରଣ, ତୁମେ ସେଇଟି ବିଷୟରେ ଏତେ ଅଧିକ ପରିମାଣରେ ଅଭ୍ୟସ୍ତ ହୋଇ ରହିଛ ଯେ, ତୁମର ସେବିଷୟରେ ଆଦୌ କୌଣସି ସଜ୍ଞାନତା ନାହିଁ,— ମାତ୍ର ତାହା ତୁମର ବିକାଶରେ ଘାତ ଘଟାଉଛି ଏବଂ ତୁମର ଚେତନାକୁ ସଂରୁଦ୍ଧ ଓ ଆଚ୍ଛନ୍ନ କରି ରଖୁଛି—ସେଇଟି ଏକ ପ୍ରତୀକାତ୍ମକ ପଦ୍ଧତିରେ ତୁମେ ଦେଖୁଥିବା ଗୋଟିଏ ସ୍ୱପ୍ନର ମଧ୍ୟ ଦେଇ ତୁମ ଆଗରେ ଦୃଷ୍ଟିଗୋଚର ହୋଇଯାଉଛି; ତୁମେ ସେହି ବିଷୟରେ ଏକ ସ୍ପଷ୍ଟ ସଜ୍ଞାନତା ଲାଭ କରିପାରୁଛ, — ଯେପରିକି ତା'ପରେ ତୁମେ ସେହି ଅନୁସାରେ ଆବଶ୍ୟକ କାର୍ଯ୍ୟଟିକୁ ମଧ୍ୟ କରିପାରିବ ।

ତୁମେ ଦିନବେଳେ କିପରି କ'ଣ କରୁଥିଲ, ତାହା ସେହି କଥାଟି ଉପରେ ଆଦୌ ନିର୍ଭର କରେ ନାହିଁ, କାରଣ ରାତି ଉପରେ ତାହାର ସବୁବେଳେ ଆଦୌ କୌଣସି ପ୍ରଭାବ ପଡ଼େ ନାହିଁ । ମାତ୍ର, ତୁମେ ଯେପରି ଭାବରେ ଶୋଇବାକୁ ଗଲ, ତାହାରି ଉପରେହିଁ ନିର୍ଭର କରିଥାଏ । ଶୋଇବାକୁ ଯାଉଥିବା ମୁହୂର୍ତ୍ତଟିରେ ତୁମେ ଆନ୍ତରିକ ଭାବରେ ଏହି ଅଭୀପ୍ସାଟି କରିପାରିଲେ ଯଥେଷ୍ଟ ହେବ ଯେ, ସମ୍ମୁଖରେ ଥିବା ରାତିଟି ତୁମର ଚେତନାକୁ ଅନ୍ଧକାର ଦ୍ୱାରା ଆବୃତ କରି ପକାଇବା ପରିବର୍ତ୍ତେ ତୁମକୁ କିଛି ନା କିଛି ବୁଝିବାରେହିଁ ସାହାଯ୍ୟ କରୁ, ତୁମକୁ କୌଣସି ଏକ ଅନୁଭୂତି ଲାଭ କରିବାରେ ସାହାଯ୍ୟ କରୁ । ସେତିକି ହୋଇ

'oaob.nitrkl.ac.in' images reprocessed

ପାରିଲେ, ତାହା ସର୍ବଦା ଉପଲବ୍ଧ ହୋଇପାରୁ ନ ଥିଲେ ମଧ୍ୟ, ସେପରି କିଛି ଉପଲବ୍ଧ ହେବାର ଏକ ସମ୍ଭାବନା ଅବଶ୍ୟ ରହିଥିବ ।

ରାତ୍ରି ସମୟରେ ଘଟୁଥିବା ଏପରି ଅନେକାନେକ କ୍ରିୟାଶୀଳତା ରହିଛି ଯାହାକି ତୁମର ଆଦୌ ସ୍ମରଣରେ ରହେ ନାହିଁ । ବେଳେବେଳେ, ଯେତେବେଳେ ତୁମେ ବେଶ୍ ଧୀର ଏବଂ ଶାନ୍ତ ଭାବରେ ନିଦରୁ ଉଠିଥାଅ, ନିଦ ଭାଙ୍ଗିଲା ମାତ୍ରକେ ଧଡ଼୍ କରି ବିଛଣାରୁ ବାହାରକୁ ଡେଇଁ ପଡ଼ି ନ ଥାଅ, ମାତ୍ର ଅତ୍ୟନ୍ତ ଧୀର ଏବଂ ସ୍ଥିର ଭାବରେ ଆଦୌ କୌଣସି ପ୍ରକାରେ ବିଶେଷ ହଲ୍‌ଚଲ୍ ନ ହୋଇ ତୁମର ନିଦ ଭାଙ୍ଗିଥାଏ, ତେବେ, ସେତେବେଳେ ରାତିରେ ଘଟିଥିବା କୌଣସି ଘଟନା ବିଷୟରେ ତୁମର ଏକ ଅସ୍ପଷ୍ଟ ଧାରଣା ରହି ଯାଇଥିବା ପରି ଲାଗୁଥାଏ, ତୁମର ଚେତନା ଉପରେ ତାହାର ଏକ ଛାପ ରହି ଯାଇଥାଏ,—ଏକ ନିର୍ଦ୍ଦିଷ୍ଟ, ଏପରିକି ବେଳେବେଳେ ଏକ ବିଚିତ୍ର ଛାପ ରହି ଯାଇଥିବା ପରି ମନେ ହେଉଥାଏ । ଏକଥା ସତ ଯେ ପ୍ରତ୍ୟେକ ବ୍ୟକ୍ତିର ନିଦ୍ରାରୁ ଉଠିବାର ଏକ ସ୍ୱକୀୟ ଢଙ୍ଗ ସର୍ବଦା ରହିଥାଏ । ତେଣୁ, ଯଦି ତୁମେ ଅତ୍ୟନ୍ତ ସ୍ଥିର ହୋଇ ରହିପାରି ଏବଂ ଆଦୌ କୌଣସି ପ୍ରକାରେ ହଲ୍‌ଚଲ୍ ନ ହୋଇ ମନୋଯୋଗ ସହିତ ଦୃଷ୍ଟିପାତ କରିପାରି, ତେବେ ରାତ୍ରିକାଳରେ ଘଟିଥିବା କୌଣସି ଏକ ଘଟନାର ଏକ ଅର୍ଦ୍ଧସ୍ମୃତ ଚିତ୍ର ତୁମର ଦୃଷ୍ଟିଗୋଚର ହେବାକୁ ଆରମ୍ଭ କରେ; ଏବଂ, ଯଦି ତୁମେ ନିଜକୁ ତାହାରି ଉପରେ ଅଭିନିବେଶିତ କରି ରଖିପାରି, ଏବଂ ସେଥିଲାଗି କିଛି ସମୟ ସକାଶେ ଆଦୌ କୌଣସି ପ୍ରକାରେ ହଲଚଲ୍ ନ ହୁଅ, ତେବେ ତାହା ହଠାତ୍ ତୁମର ସଚେତନ ଜ୍ଞାନ ଭିତରେ ଆସି ପହଞ୍ଚି ଯାଇପାରେ, ସତେଅବା ଗୋଟିଏ ପର୍ଦ୍ଦା ସେପାଖରୁ ହଠାତ୍ ଆସି ଉପସ୍ଥିତ ହୋଇଯାଇପାରେ ଏବଂ ଏହିପରି ଭାବରେ ତୁମେ ଦେଖିଥିବା ଗୋଟିଏ ସ୍ୱପ୍ନର ପୁଚ୍ଛଭାଗଟିକୁ ଧରି-ପାରିବାରେ ସମର୍ଥ ମଧ୍ୟ ହୋଇଯାଅ । ଯେତେବେଳେ ପୁଚ୍ଛଟିକୁ ଧରିପାରିବାରେ — କେବଳ କୌଣସି କ୍ଷୁଦ୍ର ଘଟନା — ସମର୍ଥ ହୁଅ, ସେତେବେଳେ ଯଦି ଆସ୍ତେ ଆସ୍ତେ ସେହି ପୁଚ୍ଛକୁ ଧରି ଟାଣିବାକୁ ଆରମ୍ଭ କରିବ, ତେବେ ସ୍ୱପ୍ନଟି ମଧ୍ୟ କ୍ରମେ ଗୋଚର ହେବାକୁ ଲାଗିବ । ମାତ୍ର, ତୁମକୁ ସେଥିଲାଗି ଅତ୍ୟନ୍ତ ସ୍ଥିର ହୋଇ ରହିବାକୁ ପଡ଼ିବ, ଆଦୌ କୌଣସି ପ୍ରକାରେ ହଲଚଲ୍ ହେବ ନାହିଁ । ଏବଂ, ଏହି ସ୍ୱପ୍ନଗୁଡ଼ିକ ସାଧାରଣତଃ ଭାରି ଆଗ୍ରହୋଦ୍ଦୀପକ ହୋଇଥାନ୍ତି; ଏହି କ୍ରିୟାଶୀଳତାଗୁଡ଼ିକ ମଧ୍ୟ ଅତ୍ୟନ୍ତ ଶିକ୍ଷାପ୍ରଦାୟକ ହୋଇଥାନ୍ତି ।

ରାତ୍ରି ସମୟରେ ଆମେ କେତେ ନା କେତେ କ'ଣ କରିବାରେ ଲାଗିଥାଉ, ମାତ୍ର ସେସବୁ ବିଷୟରେ ଆମେ କିଛିହେଲେ ଜାଣିପାରୁ ନାହିଁ । ଏବଂ, ସେଗୁଡ଼ିକୁ

'oaob.nitrkl.ac.in' images reprocessed

ଜାଣି ସେଗୁଡ଼ିକ ବିଷୟରେ ସଚେତନ ହୋଇ ପାରିଲେ ଯାଇ ଆମର ସେଗୁଡ଼ିକ ଉପରେ କୌଣସି ନିୟନ୍ତ୍ରଣ ଅର୍ଜନ କରିବାର କାର୍ଯ୍ୟଟି ଆରମ୍ଭ ହୋଇଥାଏ । ସଚେତନ ହେବା ପୂର୍ବରୁ ଆଦୌ କୌଣସି ନିୟନ୍ତ୍ରଣ ନ ଥାଏ । ମାତ୍ର, ସଚେତନ ହେବାକୁ ଆରମ୍ଭ କରିବା ମାତ୍ରକେ ନିୟନ୍ତ୍ରଣ ଅର୍ଜନ କରିବା ମଧ୍ୟ ଆରମ୍ଭ ହୋଇଯାଏ । ଏବଂ, ରାତିର କ୍ରିୟାକଳାପ ଉପରେ ନିୟନ୍ତ୍ରଣ ସମ୍ଭବ ହୋଇ ପାରିଲେ ତୁମ ପକ୍ଷରେ ଅନେକ ଅଧିକ ଭଲ ଭାବରେ ଶୋଇପାରିବା ମଧ୍ୟ ସମ୍ଭବ ହୋଇଯାଏ । କାରଣ, ଶୋଇବାକୁ ଯିବାବେଳେ ତୁମକୁ ଯେତିକି କ୍ଲାନ୍ତ ଲାଗୁଥାଏ, ଅନେକ ସମୟରେ ନିଦରୁ ଉଠିବା ସମୟରେ ମଧ୍ୟ ଅନ୍ତତଃ ସେହି ପରିମାଣରେ କ୍ଲାନ୍ତ ଅନୁଭବ କରୁଥିବା ଏବଂ ଏକ ଆଳସ୍ୟ ବୋଧ କରିବାରୁ ଏହି ପ୍ରମାଣଟି ମିଳିଯାଏ ଯେ, ରାତିଯାକ ତୁମେ ନାନା ନିରର୍ଥକ କାର୍ଯ୍ୟରେ ବ୍ୟାପୃତ ହୋଇ ରହିଥିଲ, ପ୍ରାଣିକ ସ୍ତରର ନାନା ଜଗତରେ ଇତସ୍ତତଃ ଧାଇଁବାରେ ନିଜକୁ ବ୍ୟସ୍ତ ଓ କ୍ଲାନ୍ତ କରି ରଖିଥିଲ ବା ଏକ ତୀବ୍ର କ୍ରିୟାଶୀଳତାର ମାନସିକ କୋଳାହଳରେ କେତେ ବୁଆଡ଼େ ବିଚରଣ କରିବାରେ ଲାଗିଥିଲ । ତେଣୁ, ନିଦରୁ ଉଠିବା ସମୟରେ ତୁମକୁ କ୍ଲାନ୍ତ ବୋଧ କରିବାକୁ ପଡ଼ିଲା ।

ମାତ୍ର, ଥରେ ନିୟନ୍ତ୍ରଣ ଅର୍ଜନ କରିବା ସମ୍ଭବ ହୋଇଗଲେ ତୁମେ ସେଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ବନ୍ଦ କରିଦେଇ ପାରିବ ।···ଶୋଇବାକୁ ଯିବା ପୂର୍ବରୁ ସେଗୁଡ଼ିକୁ ବନ୍ଦ କରିଦେଇ ପାରିବ । ···ଆପଣାକୁ ଏକ ପରିବ୍ୟାପ୍ତ ସମୁଦ୍ର ପରି ସଂପୂର୍ଣ୍ଣ ଭାବରେ ସ୍ଥିର, ଶାନ୍ତ ଏବଂ ତରଙ୍ଗଶୂନ୍ୟଭାବରେ ରଖିପାରିବ···ଆପଣାର ମନକୁ ତୁମେ ଏହିପରି ଏକ ଅବସ୍ଥାରେ ନେଇ ରଖିପାରିବ···ଏକ ସ୍ଥିର, ପ୍ରସାରଯୁକ୍ତ ଓ ତରଙ୍ଗହୀନ ସମତଳରେ ପରିଣତ କରି ରଖିପାରିବ । ତେବେ ତୁମର ନିଦ୍ରା ମଧ୍ୟ ଅତ୍ୟନ୍ତ ଉତ୍ତମ ହେବ ।

ଏହିସବୁ କ୍ଷେତ୍ରରେ ଲୋକମାନେ ନିଦ୍ରାବସ୍ଥାରେ ପ୍ରାଣିକ ନାନା ପୃଥିବୀର କେତେ କେତେ ଅତ୍ୟନ୍ତ ଗର୍ହିତ ସ୍ଥାନକୁ ଚାଲି ଯାଉଥିବାର ଘଟନା ମଧ୍ୟ ଘଟିଥାଏ; ଏବଂ, ଯେତେବେଳେ ସେମାନେ ସେହିସବୁ ସ୍ଥାନରୁ ଫେରି ଆସନ୍ତି, ସେତେବେଳେ ଅନେକ ସମୟରେ ସେମାନେ ଅତ୍ୟନ୍ତ କ୍ଲାନ୍ତ ଓ ଆହୁରି ଅଧିକ କାହିଁ ହୋଇ ପଡ଼ିଥାନ୍ତି,— ବେଳେବେଳେ ପୀଡ଼ିତ ହୋଇପଡ଼ିଥାନ୍ତି ବା ସଂପୂର୍ଣ୍ଣ ଭାବରେ ଶକ୍ତିହୀନ ହୋଇପଡ଼ିଥାନ୍ତି । କାରଣ, ଏହିପରି ବିଚରଣ କରୁଥିବା ସମୟରେ ସେମାନେ ନାନା ଗର୍ହିତ ସ୍ଥାନମାନଙ୍କୁ ଯାଇଥିଲେ ଏବଂ କେତେପ୍ରକାର ଯୁଦ୍ଧରେ ବ୍ୟସ୍ତ ରହିଥିଲେ । ଏବଂ, ଜାଗ୍ରତ ଅବସ୍ଥାର ଚେତନାର ତାହା ଉପରେ ଏକ ପ୍ରଭାବ ଅବଶ୍ୟ ପଡ଼ିଥାଏ । ଉଦାହରଣସ୍ୱରୂପ, ଯଦି ଦିନବେଳେ ତୁମେ କୌଣସି କାରଣରୁ କ୍ରୁଦ୍ଧ ହୋଇଥାଅ, ତେବେ ତାହା ଫଳରେ ଏକାଧିକ ସମ୍ଭାବନା

'oaob.nitrkl.ac.in' images reprocessed

ରହିଥାଏ ଯେ, ତୁମକୁ ଘଡ଼ରେ କେତେକ ସମସ୍ତ ଲାଗି ଏକ ପ୍ରାଣିକ ଯୁଦ୍ଧରେ ସମ୍ମିଳିତ ହେବାକୁ ପଡ଼ିବ । ଏହିପରିହିଁ ଘଟନା ଘଟେ ।

ସରଳ ? ଆଉକିଛି ନାହିଁ ?

"ପଦ୍ମରୂପୀ ସ୍ୱର୍ଗୀୟ ଆଦିରୂପ" କହିଲେ କ'ଣ ବୁଝାଇବ ?

ଏହା ପଦ୍ମର ଏକ ଆଦିଧାରଣାକୁ ବୁଝାଉଛି ।

ପ୍ରତ୍ୟେକ ବସ୍ତୁ, ଯାହା ସ୍ଥୂଳ ସ୍ତରରେ ଅଭିବ୍ୟକ୍ତ ଲାଭ କରିଛି, ତାହା ଏହି ସ୍ଥୂଳ ରୂପରେ ଉପଲବ୍ଧ ହେବାର ପୂର୍ବରୁହିଁ କୌଣସି ନା କୌଣସିଠାରେ ଏକ କଳ୍ପନାରୂପେ ଅବସ୍ଥିତ ରହିଥିଲା ।

ଏହି ରଚନାକାରୀମାନଙ୍କର ଏକ ସମଗ୍ର ପୃଥିବୀ ରହିଛି, ଯେଉଁଠାରେ କି ଯାବତୀୟ କଳ୍ପନାର ରଚନା ହୋଇଥାଏ । ଏବଂ, ଏହି ପୃଥିବୀଟି ଅନେକ ଉଚ୍ଚରେ ଅବସ୍ଥିତ ରହିଛି, ଆମ ମାନସଲୋକର ଯାବତୀୟ ଜଗତଠାରୁ ଅନେକ ଅଧିକ ଊର୍ଦ୍ଧ୍ୱରେ ରହିଛି; ଏବଂ; ରଚନାକାରୀମାନଙ୍କ ଦ୍ୱାରା କଳ୍ପିତ ଏହି ପ୍ରରୂପ-ଗୁଡ଼ିକ, ସରଚନ ତଥା ସର୍ଜନଗୁଡ଼ିକ ସେହିଠାରୁହିଁ ନିମ୍ନକୁ ଅବତରଣ କରୁଛି ଏବଂ ସାକାର ଉପଲବ୍ଧିରୂପେ ଅଭିବ୍ୟକ୍ତ ହେବାରେ ଲାଗିଛି । ଏବଂ, ଧାରଣାଟି ତାହାର ପରିପୂର୍ଣ୍ଣ ଅବସ୍ଥାରେ ଯେପରି ଅଛି ଏବଂ ସ୍ଥୂଳ ଭୂମିରେ ତାହା ଯେପରି ଅଭିବ୍ୟକ୍ତ ହେଉଛି,—ଏହି ଦୁଇ ସ୍ଥିତି ମଧ୍ୟରେ ଏକ ବୃହତ୍ ପାର୍ଥକ୍ୟ ବିଦ୍ୟମାନ ରହିଛି । ମୂଳ ଧାରଣାଟିର ତୁଳନାରେ ଅନେକ ସମୟରେ ସ୍ଥୂଳ ସ୍ତରରେ ରୂପାୟିତ ହେଉଥିବା ବସ୍ତୁଗୁଡ଼ିକ ସତେଅବା ଗୋଟିଏ ଗୋଟିଏ ବ୍ୟଙ୍ଗାନୁକରଣ ପରିହିଁ ଲାଗୁଛି । ଏହି ମୂଳ ଧାରଣାଟିକୁ ଶ୍ରୀଅରବିନ୍ଦ ଆଦିରୂପ ବୋଲି କହୁଛନ୍ତି । ଏହା ଯେଉଁସବୁ ପୃଥିବୀରେ ସଂଘଟିତ ହୋଇଥାଏ···ସବୁଗୁଡ଼ିକ ସେହି ଗୋଟିଏ ଜଗତରେ ଆଦୌ ସଂଘଟିତ ହୁଏ ନାହିଁ,—ତାହା ସେହି ବସ୍ତୁଗୁଡ଼ିକ ଉପରେହିଁ ନିର୍ଭର କରେ; ମାତ୍ର, ଏହି ଭୌତିକ ଭୂମିର ଅନେକ ବସ୍ତୁଗୁଡ଼ିକର କ୍ଷେତ୍ରରେ, ଏହି ଆଦିଧାରଣା ବା ଆଦିରୂପଗୁଡ଼ିକ ଯେଉଁଠାରେ ଅବସ୍ଥାନ କରୁଥିଲେ, ତାହାକୁ ଶ୍ରୀଅରବିନ୍ଦ ଅଧିମାନସ ବୋଲି କହୁଛନ୍ତି ।

ମାତ୍ର, ଏହାଠାରୁ ମଧ୍ୟ ଆହୁରି ଏକ ଉଚ୍ଚତର ଭୂମି ରହିଛି,—ବସ୍ତୁଗୁଡ଼ିକ ସେଠାରେ ଅଧିକ ଶୁଦ୍ଧ ଅବସ୍ଥାରେ ଅଛନ୍ତି; ଏବଂ, ଯଦି ଆମେ ସେହି ଭୂମିଟିକୁ ଉପଲବ୍ଧି କରିପାରିବା, ତେବେ ଆମେ ଧରାପୃଷ୍ଠରେ ରୂପାୟିତ ହେଉଥିବା ବସ୍ତୁଗୁଡ଼ିକର ସମ୍ପୂର୍ଣ୍ଣ ଶୁଦ୍ଧ ପ୍ରରୂପଗୁଡ଼ିକର ମଧ୍ୟ ପରିଚୟ ପାଇପାରିବା । ଏବଂ, ଏହି ଧରାପୃଷ୍ଠର ସର୍ଜନାଗୁଡ଼ିକ ପ୍ରକୃତରେ କେତେ ଅଧିକ ପରିମାଣରେ ଯେ

'oaob.nitrkl.ac.in' images reprocessed

ଭସ୍ତୁଙ୍କର ସ୍ୱବରେ ବିକୃତ ହୋଇ ରହିଛନ୍ତି, ସେତେବେଳେ ଯାଇ ସେକଥାକୁ ତୁଳନା କରି ଦେଖିବା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ପାରିବ । ଏବଂ ପୁନଶ୍ଚ, ଆମେ ଯେତେବେଳେ ଏହିସବୁ ଭୂମିରେ ଯାଇ ପହଞ୍ଚି ପାରିବା ଏବଂ ବସ୍ତୁଗୁଡ଼ିକର ମର୍ମସତ୍ୟକୁ ଦେଖିବାକୁ ପାଇବା, କେବଳ ସେତିକବେଳେ ଯାଇ ଆମେ ଏଠାରେ ସେଗୁଡ଼ିକର ରୂପାନ୍ତର ସାଧନ କରିବାର ଯଥାର୍ଥ ଜ୍ଞାନ ଦ୍ୱାରା ପ୍ରେରିତହୋଇ କାର୍ଯ୍ୟ କରି ପାରିବା; ତା' ନ ହେଲେ, ଏକ ଅଧିକ ଭଲ, ଆମର ଏହି ବର୍ତ୍ତମାନର ଜଗତଠାରୁ ଅଧିକ ସମ୍ପୂର୍ଣ୍ଣ ଏବଂ ଅଧିକ ସୁନ୍ଦର ଏକ ଜଗତର କଳ୍ପନା କରିପାରିବା ଲାଗି ଆମେ ଆଉ କାହା ଉପରେ ଅବଲମ୍ବନ କରି ରହିପାରିବା ? ଏହା ଆମର କଳ୍ପନାକୁ ଅବଲମ୍ବନ କରି କଦାପି ରହିପାରିବ ନାହିଁ,—କାରଣ ଆମର ଏହି କଳ୍ପନା ପ୍ରକୃତରେ ଅତ୍ୟନ୍ତ ଦରିଦ୍ର ଓ ଅତ୍ୟନ୍ତ ସ୍ଥୂଳ । ମାତ୍ର, ଯଦି ଆମେ ସେହି ଚେତନାରେ ଯାଇ ପ୍ରବିଷ୍ଟ ହୋଇ ପାରିବା, ସୃଜନର ଏହିସବୁ ଉଚ୍ଚତର ଜଗତକୁ ଉନ୍ମୋଚିତ ହୋଇ ଯାଇପାରିବା, ତେବେ, ଆପଣାର ଚେତନା ମଧ୍ୟରେ ଏହାକୁହିଁ ବହନ କରି ଆମେ ସ୍ଥୂଳ ପଦାର୍ଥଗୁଡ଼ିକ ସେମାନଙ୍କର ଯଥାର୍ଥ ଆକାର ଲାଭ କରିବା ଦିଗରେ ନିଶ୍ଚୟ କାର୍ଯ୍ୟ କରି ପାରିବା ।

ମାଆ, ଯଦି ଜଣେ ରାତିରେ କୌଣସି ବ୍ୟକ୍ତିକୁ ତା'ର ମୃତ୍ୟୁ ହେଉଥିବାର ଦେଖେ, ଏବଂ ତାହାର ଅଳ୍ପ କେତେ ମାସ ପରେ ପୁଣି ସେହି ବ୍ୟକ୍ତିରହିଁ ମୃତ୍ୟୁ ହେଉଥିବାର ଦେଖେ, ତେବେ ତାହାର ଅର୍ଥ କ'ଣ ହେବ ? ସେହି ବ୍ୟକ୍ତି ଏକ ବିପଦରେ ପଡ଼ିଛି, ସେଥିରୁ କ'ଣ ତାହାହିଁ ବୁଝିବାକୁ ହେବ ?

ତୁମେ ସ୍ୱପ୍ନରେ ଜଣେ ବ୍ୟକ୍ତିକୁ ଦେଖିବ···ଏବଂ ଅଳ୍ପ କେତେ ମାସପରେ ପୁଣି ସେହି ବ୍ୟକ୍ତିକୁ ଦେଖିବାକୁ ପାଇବ ?···

ହଁ, ମୃତ୍ୟୁ ହେଉଥିବାର ।

ତୁମେ ଜଣେ ବ୍ୟକ୍ତିକୁ ମରୁଥିବାର ଦେଖିବ ଓ କେତେ ମାସ ପରେ ପୁନର୍ବାର ସେହି ବ୍ୟକ୍ତିକୁ ଦ୍ୱିତୀୟ ଥର ପାଇଁ ମରୁଥିବାର ଦେଖିବାକୁ ପାଇବ,—ଠିକ୍ ସେହି ଜଣେ ବ୍ୟକ୍ତିକୁ ! ସିଏ ମରିଛନ୍ତି ନା ବଞ୍ଚିଛନ୍ତି ?

ବଞ୍ଚିଛନ୍ତି ।

ଏହା ଏକ ଅଶାନ୍ତିକର ବ୍ୟାପାର ବୋଲି ମନେ ହେଉଛି । ମୁଁ କିଛି କହିପାରିବି ନାହିଁ; ତାହା ସମ୍ପୃକ୍ତ ଘଟନାଟି ଉପରେହିଁ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଛି ।

'oaob.nitrkl.ac.in' images reprocessed

ଏହି ମୃତ୍ୟୁ ଏକ ଆଧ୍ୟାତ୍ମିକ ମୃତ୍ୟୁ ହୋଇପାରେ, ଅଥବା ଏକ ପ୍ରାଣିକ ମୃତ୍ୟୁ ବି ହୋଇପାରେ; ଏହା ସେହି ସତ୍ତାରେ ରହିଥିବା ଏପରି କୌଣସି ବସ୍ତୁର ମୃତ୍ୟୁକୁ ମଧ୍ୟ ବୁଝାଇପାରେ ଯାହାର କି ଅନ୍ତର୍ହିତ ହୋଇଯିବା ଉଚିତ (ଏବଂ, ସେହି କ୍ଷେତ୍ରରେ ତାହା ଏକ ଅଗ୍ରଗତିକୁହିଁ ବୁଝାଇବ) । ଏହା ଏକ ପୂର୍ବବୋଧର ଦୃଷ୍ଟାନ୍ତ ହୋଇପାରେ, ଆହୁରି କେତେ କ'ଣ ହୋଇପାରେ । ତୁମେ ନିଜର ସ୍ୱପ୍ନଟିର ସମଗ୍ର ଭୂମିଟିକୁ ପ୍ରକାଶ କରି ନ କହିଲେ ତାହାର ଆଦୌ କୌଣସି ବ୍ୟାଖ୍ୟା କରି ହେବ ନାହିଁ । ମାତ୍ର, ଏହି କ୍ଷେତ୍ରରେ, ଯାହାକୁ ବିଧିଶାସ୍ତ୍ର ବୋଲି କୁହାଯାଏ, ତୁମ ସ୍ୱପ୍ନଗୁଡ଼ିକ ପଛରେ ସେହିପରି ଏକ ବିଧିଶାସ୍ତ୍ର ରହିଥିବା ଉଚିତ । ଘଟୁଥିବା ଘଟଣାଗୁଡ଼ିକ ସହିତ ତୁମେ ନିଜର ସ୍ୱପ୍ନଗୁଡ଼ିକର କେବେ କୌଣସି ତୁଳନା କରି ନାହଁ ? ··· ଉଦାହରଣସ୍ୱରୂପ, ତୁମ ନିଜ ଜୀବନରେ କ'ଣ ଏପରି କେବେ ଘଟି ନାହିଁ ଯେ, — ମୋ ଜାଣିବାରେ ନିଶ୍ଚୟ ଘଟିଛି — ତୁମେ ସ୍ୱପ୍ନରେ ଜଣେ ବ୍ୟକ୍ତିକୁ ମରିବାର ଦେଖିଲ ଓ ସେହି ବ୍ୟକ୍ତିଙ୍କର ପ୍ରକୃତରେ ମୃତ୍ୟୁ ଘଟିଲା ? ମାତ୍ର ତୁମେ ଦ୍ୱିତୀୟ ଥର ପାଇଁ ସେହି ବ୍ୟକ୍ତିକୁ କଦାପି ମରିବାର ଦେଖିବ ନାହିଁ । ଯଦି ତୁମେ ସେହି ଗୋଟିଏ ସ୍ୱପ୍ନକୁ ଦୁଇଥର ପାଇଁ ଦେଖିବ, ତେବେ ତାହାର ଅର୍ଥ ନିମ୍ନ ଦୁଇଟିରୁ ନିଶ୍ଚୟ ଗୋଟିଏ ହେବ : ହୁଏତ ସିଏ ତା' ସତ୍ତାର ଆଉ ଗୋଟିଏ ଅବସ୍ଥାକୁ ପରିତ୍ୟାଗ କରିଛୁ,—ସିଏ ଏକ ପ୍ରାଣିକ ଚେତନାରେ ପ୍ରବେଶ କରିଛୁ ଏବଂ ପରେ ଏହି ପ୍ରାଣିକ ଚେତନାରୁ ବାହାରି ଏକ ଚୈତ୍ୟ ଚେତନାରେ ଯାଇ ପ୍ରବେଶ କରିଛୁ । ଏହାର ସେପରି ଏକ ଅର୍ଥ ହୋଇପାରେ । ମାତ୍ର, ଏଥିଲାଗି ସେହି ସ୍ୱପ୍ନ ମଧ୍ୟରେ ସୁନିଶ୍ଚିତ ସଙ୍କେତମାନ ମଧ୍ୟ ରହିଥାଏ । ତୁମେ ଦେଖୁଥିବା ସ୍ୱପ୍ନ ତୁମକୁ କଦାପି ପ୍ରବଞ୍ଚିତ କରିପାରିବ ନାହିଁ ଏବଂ ଗୋଟିଏ ସ୍ୱପ୍ନ କଦାପି ଅବିକଳ ଆଉ ଗୋଟିଏ ସ୍ୱପ୍ନ ପରି ହେବ ନାହିଁ । ଅଥବା, କେବଳ ଏପରି ମଧ୍ୟ ହୋଇପାରେ ଯେ, ତୁମର ଭାବନା ମଧ୍ୟରେ, ମସ୍ତିଷ୍କରେ କୌଣସି ଏକ ପ୍ରସଙ୍ଗ ଅତ୍ୟନ୍ତ ଗଭୀର ଭାବରେ ପ୍ରତିଫଳିତ ହୋଇ ରହିଥିଲା ଏବଂ, କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ — ସେଭଳି ପରିସ୍ଥିତି ଉପୁଜିବାର ନାନା କାରଣ ଥାଇପାରେ — ତଥାପି କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ··· ସେହି ଧାରଣାଟି ପୁନର୍ବାର ସକ୍ରିୟ ହେବାକୁ ଆରମ୍ଭ କଲା । ଏବଂ ତୁମକୁ ପୁନର୍ବାର ସେହି ପୁରାତନ ସ୍ୱପ୍ନଟିକୁ ଆଣି ଦେଖାଇଲା । ଏଇଟି ଯଦି ଅବିକଳ ସେହି ପୁରାତନ ସ୍ୱପ୍ନଟି ପରି ହୋଇଥାଏ, ତେବେ ତାହା ହୁଏତ ଏହିପରି ସମ୍ଭବ ହୋଇଥିବ । ତେଣୁ ତାହାକୁ କେବଳ ତୁମ ମସ୍ତିଷ୍କର ଏକ ବ୍ୟାପାର ବୋଲି କୁହାଯାଇ ପାରିବ ।

ଅଧିକାଂଶ ସ୍ୱପ୍ନ ଏହିପରି ଭାବରେ କେବଳ ଏହି ମସ୍ତିଷ୍କରହିଁ ପ୍ରସଙ୍ଗ ହୋଇ ରହିଥାନ୍ତି ଅର୍ଥାତ୍, ଏପରି ପ୍ରସଙ୍ଗମାନ ହୋଇ ରହିଥାନ୍ତି, ଯେଉଁଗୁଡ଼ିକକୁ

'oaob.nitrkl.ac.in' images reprocessed

କୌଣସି ନା କୌଣସି ଉଦ୍ଦୀପକ ଦ୍ୱାରା ପ୍ରେରିତ ହୋଇ ପୁନର୍ବାର ସକ୍ରିୟ ହୋଇଉଠନ୍ତି ଏବଂ ଅବିକଳ ସେଘଟିତ ପୁରାତନ ଚରିତ୍ରକୁ, ଅନେକ ସମୟରେ ଅବିକଳ ସେହି ପୁରାତନଟି ପରି ଏବଂ ଅନ୍ୟାନ୍ୟ ସମୟରେ କମ୍ବେଶି ପରିମାଣରେ ଅନ୍ୟ ପ୍ରକାରର ହୋଇ ରହିଥିବା କେତେକ ସଂଯୋଜନ ତଥା ସଂବନ୍ଧନ ସହିତ ଆଣି ଉପସ୍ଥାପିତ କରିଥାନ୍ତି। ଏବଂ ସେହି କାରଣରୁହିଁ ପାର୍ଥକ୍ୟମାନ ପରିଦୃଷ୍ଟ ହୋଇଥାଏ।

ବେଳେବେଳେ ସେହି ଗୋଟିଏ ସ୍ୱପ୍ନର ପୁନରାବୃତ୍ତି ହୋଇଥାଏ, — ଅନେକ ସମୟରେ ସେହି ସ୍ୱପ୍ନଗୁଡ଼ିକ ଆମକୁ କୌଣସି ଶିକ୍ଷା ଅଥବା ସଙ୍କେତ ପ୍ରଦାନ କରିବାକୁ ଆବର୍ତ୍ତିତ ହୋଇଥାନ୍ତି, ତୁମ ଲାଗି କୌଣସି ସତ୍ୟର ଘୋଷଣା କରିବାକୁ ଆସନ୍ତି, କୌଣସି ବ୍ୟାପାର ପ୍ରତି ତୁମର ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରୁଥାନ୍ତି ଅଥବା କୌଣସି ବିଷୟରେ ତୁମକୁ ସତର୍କ କରିଦେବା ଲାଗି ଚାହୁଁଥାନ୍ତି। ଅନେକ ସମୟରେ ଏପରି ଘଟିଥାଏ ଯେ, ସେହି ସ୍ୱପ୍ନଗୁଡ଼ିକ ସ୍ୱଳ୍ପ ବ୍ୟବଧାନରେ ବାରଂବାର ଆସନ୍ତି ବା ଏକ ନିର୍ଦ୍ଦିଷ୍ଟ ବ୍ୟବଧାନ ରଖି ଆବର୍ତ୍ତିତ ହୋଇଥାନ୍ତି। ଏବଂ, ସାଧାରଣତଃ ଏହାର ଅର୍ଥ ହେଉଛି ଯେ, ପ୍ରଥମ ଥର ସେହି ସ୍ୱପ୍ନର ପ୍ରଭାବ ଓ ଆବେଗଟି ଅତ୍ୟନ୍ତ କ୍ଷୀଣ ହୋଇ ରହିଥାଏ ଏବଂ ତାହା ଆଦୌ ଭଲ ଭାବରେ ମନେ ରହେ ନାହିଁ। ସେଇଟିକୁ ତୃତୀୟ ଥର ଦେଖିଲାବେଳେ ବା ଏପରିକି ଦ୍ୱିତୀୟ ଥର ପରେ ମଧ୍ୟ ତାହାର ଏକ ଅସ୍ପଷ୍ଟ ରୂପ ଅନୁଭୂତ ହେବାକୁ ଆରମ୍ଭ କରିଥାଏ: "ନାହିଁ ତ, ଏହି ସ୍ୱପ୍ନଟିକୁ ତ ମୁଁ ଆଗରୁ ମଧ୍ୟ ଦେଖିଛି!" —ଦେଖିଲା-ବେଳେ ଏହିପରି ବୋଧ ହୁଏ। ତୃତୀୟ ଥର ବେଳକୁ ତାହା ସ୍ପଷ୍ଟ, ସୁନିର୍ଦ୍ଦିଷ୍ଟ ଏବଂ ଭ୍ରମଶୂନ୍ୟ ହୋଇ ଦୃଷ୍ଟିଗୋଚର ହୁଏ ଏବଂ ସ୍ମରଣ ହେବାକୁ ଲାଗେ: "ଏହି ସ୍ୱପ୍ନଟିକୁ ତ ମୁଁ ତିନିଥର ଦେଖିଲିଣି!"

ଏହି ସ୍ୱପ୍ନଗୁଡ଼ିକ ସାଧାରଣତଃ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୋଇ ରହିଥାନ୍ତି ଏବଂ ତୁମକୁ ଏକ ନିର୍ଦ୍ଦିଷ୍ଟ ସୂଚନା ମଧ୍ୟ ଆଣି ଦେଇ ଯାଇଥାନ୍ତି: କୌଣସି କର୍ତ୍ତବ୍ୟ ବିଷୟରେ ଅଥବା କ'ଣ ଗୋଟିଏ କରିବା ଉଚିତ ନୁହେଁ ତାହାର ବିଷୟରେ, କୌଣସି ଏକ ବିଷୟରେ ତୁମକୁ ସାବଧାନତା ଅବଲମ୍ବନ କରିବାକୁ ହେବ, — ବା ଅନ୍ୟ ଜଣେ ବ୍ୟକ୍ତି ସହିତ ତୁମର ରହିଥିବା ସମ୍ବନ୍ଧ, ତାଙ୍କଠାରୁ ତୁମେ କିଭଳି ଆଚରଣ ଆଶା କରିପାରିବ, ତାଙ୍କ ସହିତ ଅଥବା କୌଣସି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ତୁମେ କିପରି ଆଚରଣ କରିବ, — ଏହିପରି ନିର୍ଦ୍ଦିଷ୍ଟ ସଙ୍କେତମାନ ଆଣି ଦେଇଥାନ୍ତି।

ଏହିପରି ଭାବରେ ଏକ କ୍ଷୁଦ୍ର ବିକ୍ଷିପ୍ତ ବ୍ୟାପାର ରୂପେ ଏହା ବାରଂବାର ପରିଦୃଷ୍ଟ ହୋଇଥାଏ; ବେଳେବେଳେ ଅବ୍ୟବହିତ ପରେ ଆସିଥାଏ: ଆଜି ଆସେ,

'oaob.nitrkl.ac.in' images reprocessed

କାଳ ଆସେ, ଇନ୍ଧି ଆରଦ୍ଧନ ମଧ୍ୟ ଆସେ; ବେଳେବେଳେ ଦ୍ୱିଶାସ୍ତ୍ର ଅର୍.ଆସିବାକୁ କେତେ ସପ୍ତାହ ବି ଲାଗିଯାଏ ।

ମାଆ, ରାତିଟି ଦ୍ୱାରା ଉପକୃତ ହେବାକୁ ହେଲେ, ଅର୍ଥାତ୍ ଭଲ ସ୍ୱପ୍ନ ଦେଖିବାକୁ ହେଲେ, କ'ଣ ଏପରି ଆବଶ୍ୟକ ହେବ ଯେ, ଆମେ ଅଧିକ ରାତି ଯାଏ କୌଣସି ମସ୍ତିଷ୍କର କାର୍ଯ୍ୟ କରିବା ନାହିଁ ବା ରାତିରେ ଅଧିକ ବିଳମ୍ବରେ ଭୋଜନ କରିବା ନାହିଁ ବା ବାହ୍ୟ ଜଗତର କୌଣସି କାର୍ଯ୍ୟ କରିବା ନାହିଁ ?

ସେକଥା ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରେ; ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ରାତିରେ ଶାନ୍ତ ନିଦ୍ରା ହେଉ ବୋଲି ଇଚ୍ଛା କରୁଥିବ, ତେବେ ତୁମେ ଶୋଇବାକୁ ଯିବାର ଅବ୍ୟବହିତ ପୂର୍ବ ପର୍ଯ୍ୟନ୍ତ କଦାପି ଅଧ୍ୟୟନ କରିବ ନାହିଁ । ଯଦି ତୁମେ ଏପରି କିଛି ଅଧ୍ୟୟନ କରିବ, ଯେଉଁଥିପାଇଁ କି ଗଭୀର ଅଭିନିବେଶ ଆବଶ୍ୟକ ହେଉଥିବ, ତେବେ ତୁମର ମସ୍ତିଷ୍କ ମଧ୍ୟ କାର୍ଯ୍ୟ କରିବାରେ ଲାଗିଥିବ ଏବଂ ତୁମକୁ ମୋଟେ ଭଲ ନିଦ ହେବ ନାହିଁ । ମନ କାର୍ଯ୍ୟ କରିବାରେ ଲାଗିଥିଲେ ତୁମେ ଆଦୌ ଠିକ୍ ରୂପେ ବିଶ୍ରାମ ପାଇପାରିବ ନାହିଁ ।

ସବୁଠାରୁ ଉତ୍ତମ କଥା ହେଉଛି, ତୁମେ ନିଜକୁ ଏକ ସମଗ୍ର ବିଶ୍ରାମାବସ୍ଥା ମଧ୍ୟକୁ ପ୍ରବିଷ୍ଟ କରାଇ ଆଣିବ, ଅର୍ଥାତ୍, ତୁମର ଶରୀରରେ କୌଣସି ଚଞ୍ଚଳତା ନ ଥିବ, ପ୍ରାଣିକ କ୍ଷେତ୍ରରେ ପୂର୍ଣ୍ଣ ଶାନ୍ତି ରହିଥିବ ଏବଂ ମନ ସମ୍ପୂର୍ଣ୍ଣ ଭାବରେ ନୀରବ ହୋଇଯାଇଥିବ ଏବଂ ତୁମର ଚେତନା ସକଳ ନିଷ୍କ୍ରିୟତା ଭିତରୁ ବାହାରି ଯାଇ ସଚ୍ଚିଦାନନ୍ଦ ମଧ୍ୟରେ ପ୍ରବେଶ କରିଥିବ । ଯଦି ତୁମେ ଏପରି କରିପାରିବ, ତେବେ ନିଦରୁ ଉଠିବା ସମୟରେ ତୁମେ ଏକ ଅସାଧାରଣ ଶକ୍ତିମତ୍ତାର ବୋଧ ସହିତ ପରିପୂର୍ଣ୍ଣ ଆନନ୍ଦ ମଧ୍ୟରେ ଉଠିଆସି ପାରିବ । ମାତ୍ର, ଏହା କରିପାରିବା ଆଦୌ ଖୁବ୍‌ବେଶୀ, ଖୁବ୍‌ବେଶୀ ସହଜ କଥା ନୁହେଁ; ଏଇଟି ହେଲା ସର୍ବୋତ୍ତମ ଅବସ୍ଥାଟିର କଥା ।

ସାଧାରଣତଃ ପ୍ରକୃତ କ୍ଷେତ୍ରରେ ଆଦୌ ଏପରି ହୁଏ ନାହିଁ, ଏବଂ ଅଧିକାଂଶ ସମୟରେ ପ୍ରାୟ ସମ୍ପୂର୍ଣ୍ଣ ନିଦ୍ରାବସ୍ଥାଟି କୌଣସି ନା କୌଣସି ବିଶୃଙ୍ଖଳା-ମୟ ନିଷ୍କ୍ରିୟତା ଦ୍ୱାରା ନଷ୍ଟହିଁ ହୋଇ ଯାଇଥାଏ; ତୁମର ଶରୀର ବିଛଣା ଉପରେ ଖାଲି ଏପଟ ସେପଟ ହେବାରେ ଲାଗିଥାଏ, ତୁମେ ଗୁଡ଼ିଗାଡ଼ି ହୋଇ ଗୋଡ଼ ବାଡ଼ଉଥାଅ, କଡ଼ ଲେଉଟାଇ ବାରବାର ଏପଟ ସେପଟ ହେଉଥାଅ,

'oaob.nitrkl.ac.in' images reprocessed

ତା'ପରେ ଏପରି କରୁଥାଅ (ମା ସେହିପରି ଭଙ୍ଗୀ କଲେ) ପୁଣି ଏପରି କରୁଥାଅ …ଅର୍ଥାତ୍, ପ୍ରକୃତରେ ଆଦୌ ବିଶ୍ରାମ କରିପାରି ନାହିଁ ।

ଦିନବେଳେ ସମୟ ମିଳେ ନାହିଁ ବୋଲି ଆମକୁ ରାତିରେ ପଡ଼ା ପ୍ରସ୍ତୁତ କରି ରଖିବାକୁ ପଡ଼େ ।

ହଁ, କୌଣସି କାମ କରିବା ପକ୍ଷରେ ସର୍ବଦା ପଚିଶ ହଜାର କାରଣ ଦର୍ଶାଇ ଦିଆଯାଇ ପାରିବ ! ସେହି କ୍ଷେତ୍ରରେ କୌଣସି ନୈତିକ ପ୍ରଶ୍ନର ଉତ୍ଥାପନ କରିବା ଆଦୌ ଉଚିତ ହେବ ନାହିଁ । ତୁମେ ସମ୍ପୂର୍ଣ୍ଣ…ନିଃସ୍ୱାର୍ଥପର ଭାବରେ ନିଜର କାର୍ଯ୍ୟ କରି ଯାଉଥିବ ଏବଂ ତଥାପି, ତାହା ତୁମର ନିଦ୍ରାରେ ବ୍ୟାଘାତ ମଧ୍ୟ ସୃଷ୍ଟି କରିବାରେ ଲାଗିଥିବ ।

ଅନ୍ତର୍ଗତ ବିକାଶର କ୍ଷେତ୍ରରେ ନୈତିକ ପ୍ରଶ୍ନଗୁଡ଼ିକ ଆଦୌ କୌଣସି କାମରେ ଆସନ୍ତି ନାହିଁ । ତୁମମାନଙ୍କୁ ଏକଥା କହିବାକୁ ପଡ଼ୁଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ, ମାତ୍ର ଗୋଟିକର ଗତି ଭଲ ହେଲେ ଅନ୍ୟଟିର ଗତି ସମ୍ପୂର୍ଣ୍ଣ ଅନ୍ୟଥା । କୌଣସି କାର୍ଯ୍ୟକୁ ସମ୍ପୂର୍ଣ୍ଣ…କିପରି ଶବ୍ଦରେ ପ୍ରକାଶ କରି କହିହେବ ? …ସ୍ୱାର୍ଥରହିତ ଭାବରେ କରୁଥିଲେ ମଧ୍ୟ ତୁମେ ତଦ୍ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପୀଡ଼ିତ ମଧ୍ୟ ହୋଇଯାଇ ପାରିବ,—ତୁମ କରୁଥିବା କାର୍ଯ୍ୟରେ ସ୍ୱାର୍ଥ-ପରତାର କୌଣସି ସ୍ଥାନ ନ ଥିବ । ଏବଂ, ଅନ୍ୟ ପକ୍ଷରେ, ଗୋଟାସୁଦ୍ଧା ସ୍ୱାର୍ଥପର ହୋଇଥିଲେ ମଧ୍ୟ ତୁମେ ଅତ୍ୟନ୍ତ ସୁସ୍ଥସବଳ ହୋଇ ରହିଥିବ । ତାହା ଆଦୌ କୌଣସି ବାଧା ସୃଷ୍ଟି କରେ ନାହିଁ । ଏହି ପ୍ରକାରର ନୈତିକତା ଦ୍ୱାରା ଆଦୌ କୌଣସି ଫଳ ମିଳେ ନାହିଁ ।

ଏକ ନୈତିକ ବିବେକର ଅଧିକାରୀ ହେବା ଏବଂ ଏପରି ଏକ ଚେତନା ମଧ୍ୟରେ ଜୀବନ ବଞ୍ଚିବା ଯାହାକି ସତ୍ୟକୁ ଅଭିବ୍ୟକ୍ତ କରିପାରୁଥିବ,—ଦୁଇଟି ମଧ୍ୟରେ ଏକ ଦୀର୍ଘ ବ୍ୟବଧାନ ରହିଛି । ମାତ୍ର, ମୁଁ ତଥାପି ଅବଶ୍ୟ କହିବି ଯେ, ଏକ ନୈତିକ ବିବେକର ଅଧିକାରୀ ହୋଇ ରହିବା ଅପେକ୍ଷା ସତ୍ୟକୁ ଅଭିବ୍ୟକ୍ତ କରି ପାରୁଥିବା ଏକ ଚେତନା ମଧ୍ୟରେ ବାସ କରିବା ହେଉଛି ଅନନ୍ତ ପରିମାଣରେ ଅଧିକ ଆୟାସସାଧ୍ୟ; କାରଣ, ଯେକୌଣସି ସାଧାରଣ ବୋଧଶକ୍ତିସମ୍ପନ୍ନ ମଣିଷ ମଧ୍ୟ ଯଦି ସମାଜର ନିୟମଗୁଡ଼ିକୁ ଜାଣି ସେଗୁଡ଼ିକର ପାଳନ କରୁଥିବ, ତେବେ ସିଏ ଏକ ନୈତିକ ବିବେକର ଅଧିକାରୀ ହୋଇ ପାରିବ । ମାତ୍ର, ଏକ ସତ୍ୟଚେତନା ସହିତ ଜୀବନ ବଞ୍ଚିବାକୁ ହେଲେ ନିର୍ବୋଧତା ଦ୍ୱାରା ଆଦୌ କାମ ଚଳିବ ନାହିଁ,—ଅନ୍ତତଃ ଏହାକୁହିଁ ସର୍ବପ୍ରଥମ ସର୍ତ୍ତରୂପେ ଗ୍ରହଣ କରିବାକୁ ହେବ ।

'oaob.nitrkl.ac.in' images reprocessed

ପ୍ରାୟ ବର୍ଷକରୁ ଅଧିକ ସମୟ ହେବ, ମୁଁ ଏହିପରି ଭାବରେହିଁ ମୋର ଗର୍ବଗୁଡ଼ିକୁ ନଷ୍ଟ କରି ଆସିଛି ।

ହଁ, ମାତ୍ର ତୁମେ କ'ଣ ଭାବୁ ନାହିଁ ଯେ ତୁମ ଜୀବନରେ ସୁସଂଗଠନର ଏକ ଅଭାବ ରହିଥିବାରୁହିଁ ଏହି ସବୁକିଛି ଘଟୁଛି ? ଆମେ ଯେତେବେଳେ ଜୀବନରେ ଯାହାକିଛି ଆସି ପହଞ୍ଚୁଛି, ସେହି ଅନୁସାରେ ମୁହୂର୍ତ୍ତକୁ ମୁହୂର୍ତ୍ତ ଆମେ ଯେକୌଣସି ପ୍ରକାରେ ନିଜର ଜୀବନଟିକୁ ବଞ୍ଚିବାରେ ଲାଗିଛୁ । ଅଥବା, ଏହି କ୍ଷେତ୍ରରେ ଏକ ମାନସିକ ସଂଗଠିତତା ସମ୍ଭବ କରିବା ଲାଗି କିଛି ଚେଷ୍ଟା ମଧ୍ୟ କରୁଛୁ,—ମାତ୍ର ଅସଲ ସତ୍ୟ ସହିତ ତାହାର ଆଦୌ କୌଣସି ସଂଯୋଗହିଁ ରହୁ ନାହିଁ ଏବଂ ସେଥିଲାଗି ସେହି ଚେଷ୍ଟା ଅନବରତ ବିଫଳ ହେବାରେ ଲାଗିଛି ।

ମାତ୍ର, ଏକ ଉଚ୍ଚତର ଚେତନାସତ୍ୟ ଅନୁସାରେ ଯଦି ଆମେ ନିଜ ଜୀବନକୁ ସଂଗଠିତ କରିପାରନ୍ତେ ଏବଂ, ଅନ୍ଧ ପରି ଏଣେତେଣେ ଅଣ୍ଡାଳି ନ ହୋଇ, କ'ଣ କରିବାକୁ ହେବ ଏବଂ ତାହାକୁ କିପରି କରିବାକୁ ହେବ, ପ୍ରତ୍ୟେକ ମୁହୂର୍ତ୍ତରେ ତାହାର ଏକ ନିର୍ଦ୍ଦିଷ୍ଟ ସୂଚନା ପାଇ ସର୍ବଦା ପ୍ରୟାସ କରି ପାରନ୍ତେ, ତେବେ ମୁଁ ଭାବୁଛି, ଆମ ଜୀବନର ଯାବତୀୟ ବିଷୟ ଏପରି ଭାବରେ ପରିଚାଳିତ ହୋଇ ପାରନ୍ତା ଯେ, କିଛିହେଲେ ଆଦୌ ଅସାଧ୍ୟ ଭାବରେ କଷ୍ଟକର ହୋଇ ପଡ଼ନ୍ତା ନାହିଁ । ଜଣେ ଉତ୍ତମ ଶିକ୍ଷକ ହେବା ପ୍ରକୃତରେ ଭାରି ଉତ୍ତମ କଥା ସତ, ମାତ୍ର ତା'ବୋଲି ଶୋଇବାକୁ ଯାଉଥିବା ସମୟରେହିଁ ଯେ ପିଲାଙ୍କର ଖାତାଗୁଡ଼ିକୁ ଦେଖିବାକୁ ପଡ଼ିବ, ତାହା ସମ୍ଭବତଃ କଦାପି ଏକାନ୍ତ ଭାବରେ ଆବଶ୍ୟକ ହେବ ନାହିଁ । ମୁଁ ଏହିବିଷୟରେ ବେଶୀ କିଛି ଜାଣେ ନାହିଁ, କାରଣ ମୁଁ କେବେହେଲେ ଜଣେ ଉତ୍ତମ ଶିକ୍ଷକ ହୋଇ ନ ଥିଲି, ତେଣୁ ମୋ' ଛାତ୍ରମାନଙ୍କ ଲାଗି ପାଠ୍ୟବସ୍ତୁଗୁଡ଼ିକୁ ମୁଁ କେବେହେଲେ ପ୍ରସ୍ତୁତ କରୁ ନ ଥିଲି, ସେମାନଙ୍କର ଖାତାଗୁଡ଼ିକୁ କେବେହେଲେ ଦେଖୁ ନ ଥିଲି । ତଥାପି ମୁଁ ଭାବୁଛି ଯେ, ଏସବୁ କରିବା ମଧ୍ୟ ବେଶ୍ ସମ୍ଭବ ହୋଇ ପାରିବ ।

ସାଧାରଣତଃ, ନିଜର କାର୍ଯ୍ୟଟିକୁ ଯଥାର୍ଥ ଭାବରେ ନିର୍ବାଚିତ ନ କରି ଏବଂ, ଆମେ ଯେତେ କାମ କରିପାରିବା ଓ ତାହାକୁ ଯଥାସାଧ୍ୟ ଉତ୍ତମରୂପେ କରିପାରିବା, ଠିକ୍ ସେତିକି କାମ ହାତକୁ ନ ନେଇ ଆମେ ଅନେକ ସମୟରେ ଗୁଡ଼ାଏ କାମ ଆଦରି ନେଇଥାଉ । ଏବଂ ଏହି ଅତଗୁଡ଼ାଏ ଭିତରେ ଏପରି ଅନେକ କିଛି ରହିଥାଏ, ଯାହାକୁ କି ଅନ୍ତତଃ ଆଂଶିକ ଭାବରେ ଅନାବଶ୍ୟକ ବୋଲି ବୁଝାଯାଇ ପାରିବ, ଯାହାକୁ କି ଅନେକ ପରିମାଣରେ କମ୍ କରି ଦିଆଯାଇ ପାରିବ ଏବଂ ତଦ୍ଦ୍ୱାରା ଫଳାଫଳର କ୍ଷେତ୍ରରେ ଆଦୌ କୌଣସି ହାନି

'oaob.nitrkl.ac.in' images reprocessed

ଘଟିବ ନାହିଁ (ଏପରି ଭାବିବ ନାହିଁ ଯେ ଏହି କଥାକୁ ନେଇ ମୁଁ ଏକ ସାଧାରଣ ନିୟମ ଠିଆରି କରି ଦେଉଛି, ମୁଁ କେବଳ ଗୋଟିଏ ଅଭିଜ୍ଞତା ବିଷୟରେ କହୁଛି); ଏବଂ, ଯଦି ଆମେ ଭିତରୁ ଆସୁଥିବା ସଙ୍କେତଟି ବିଷୟରେ ଅତ୍ୟନ୍ତ ମନୋଯୋଗୀ ହୋଇ ରହୁଥିବା ଏବଂ ବାହାରୁ ଆସୁଥିବା ତରଙ୍ଗଗୁଡ଼ିକ ଦ୍ୱାରା ଆପଣାକୁ ଆଦୌ କୌଣସି ପ୍ରକାରେ ଆନ୍ଦୋଳିତ ହେବାକୁ ଦେଉ ନ ଥିବା,—ଏହିସବୁ ତରଙ୍ଗ ଯାବତୀୟ ପ୍ରକାରର ଗତିସ୍ପନ୍ଦନ ରୂପେ ଆସିଥାଏ, ଅନ୍ୟ ଅନେକ ବ୍ୟକ୍ତିଙ୍କର ଇଚ୍ଛା, ପରିସ୍ଥିତିଗୁଡ଼ିକର ଗୋଟିଏ ପ୍ରକାରର ନିତ୍ୟନୈମିତ୍ତିକତା ଅଥବା ପ୍ରତିକୂଳ ହୋଇ ରହୁଥିବା ନାନା ଶକ୍ତି ଜନ୍ମାଉଥିବା ବିରୋଧଗୁଡ଼ିକରୁ ସେଗୁଡ଼ିକ ଉଦ୍‌ଭୂତ ହୋଇ ଆସୁଥାଏ,—ତେଣୁ, ସେପରି ଭାବରେ ଆପଣାକୁ ଧକ୍କା ଖାଇବାକୁ ନ ଦେଇ ଏବଂ ଏହି ବସ୍ତୁଗୁଡ଼ିକ ଦ୍ୱାରା ଆନ୍ଦୋଳିତ ନ ହୋଇ, ଯଦି ଆମେ ଅନ୍ତର୍ଗତ ଭୂମିଗୁଡ଼ିକରୁ ଅତ୍ୟନ୍ତ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ଭାବରେ ଏକ ସଙ୍କେତ ଲାଭ କରିପାରୁଥିବା ଏବଂ ଆଦୌ କୌଣସି ପ୍ରକାରେ ସଂଶୟକୁ ପ୍ରଶ୍ରୟ ନ ଦେଇ, କୌଣସି କୁଣ୍ଠା ପ୍ରକାଶ ନ କରି, କଠୋର୍ ଦୃଢ଼ତାର ସହିତ ତାହାର ଅନୁସରଣ କରିପାରୁଥିବା,—ଯଦି ତାହାଦ୍ୱାରା ଅନ୍ୟମାନଙ୍କର ବିରାଗଭାଜନ ହେବାକୁ ପଡ଼େ, ତେବେ ପଡ଼ୁ ପଛକେ—ତେବେ ତାହାର ଫଳସ୍ୱରୂପ ଆମେ ପରିସ୍ଥିତିଗୁଡ଼ିକ ଉପରେ ସ୍ୱୟଂ କର୍ତ୍ତା ହୋଇ ରହିପାରିବା, ପରିସ୍ଥିତିଗୁଡ଼ିକ ମଧ୍ୟ ଅନୁକୂଳ ଭାବରେ ଗଠନଯୁକ୍ତ ହୋଇ ରହିପାରିବେ ଏବଂ ସେହି କ୍ଷେତ୍ରରେ ଆମେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଅନେକ ଅଧିକ କାର୍ଯ୍ୟ କରିବାକୁ ସମର୍ଥ ହୋଇଯିବା ।

ଆପଣାର ଅଭିନିବେଶ-ଶକ୍ତିରେ ପ୍ରକୃତ ବୃଦ୍ଧିସାଧନ କରି ବିଭିନ୍ନ କାର୍ଯ୍ୟ କରିବା ଲାଗି ଆବଶ୍ୟକ ହେଉଥିବା ସମୟରେ ଏକ ହ୍ରାସ ସମ୍ଭବ କରିବାର ମଧ୍ୟ ବାଟଟିଏ ରହିଛି । କେତେକ ଲୋକ ଅଛନ୍ତି, ଯେଉଁମାନେ କି ଆଦୌ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି କାର୍ଯ୍ୟଟିକୁ କରିପାରନ୍ତି ନାହିଁ, ସେମାନେ ଏହାଦ୍ୱାରା କ୍ଳାନ୍ତ ହୋଇ-ପଡ଼ନ୍ତି । ମାତ୍ର, ଏହା ହେଉଛି ଠିକ୍ ଭାରୋତ୍ତୋଳନର କସରତଟି ପରି,—ଏହା ଅଭ୍ୟାସ ଦ୍ୱାରା ସମ୍ଭବ ହୋଇଯାଇ ପାରିବ । ଏବଂ, ଅଭିନିବେଶର ଏହି ଶକ୍ତିରେ ନୈପୁଣ୍ୟ ଲାଭ କରିବାରେ ଯଦି ତୁମେ ସଫଳତା ହାସଲ କରି ପାରିବ ଏବଂ ଆପଣାର ମନକୁ ସମ୍ପୂର୍ଣ୍ଣ ଭାବରେ ନିଶ୍ଚଳ କରି ଆଣିପାରିବ,—କାରଣ, ବସ୍ତୁତଃ ଏହାହିଁ ହେଉଛି ସର୍ବପ୍ରଥମ ସର୍ତ୍ତ—ଏବଂ ଯଦି ଏହିପରି ନିଶ୍ଚଳତା ମଧ୍ୟରେ ନିଜକୁ ଅଭିନିବେଶିତ କରି ଆଣିପାରିବ, ସାଧ୍ୟ ବିନ୍ଦୁଟି ଉପରେ, ସମ୍ପନ୍ନ କରିବାକୁ ରହିଥିବା କାର୍ଯ୍ୟଟି ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖି ପାରିବ, ତେବେ ତୁମେ··· ଏହା ପ୍ରକୃତରେ ଏକ ଅତ୍ୟନ୍ତ ଶୃଙ୍ଖଳିତ ଅଥଚ ସର୍ବସମର୍ଥ ପ୍ରେରଣାଶକ୍ତି ରୂପେ

'oaob.nitrkl.ac.in' images reprocessed

ଉପଗତ ହୋଇଥାଏ ଏବଂ ତୁମେ ଗୋଟିଏ ପଦକ୍ଷେ ପକାଇକି ଅଗ୍ରସର ହୋଇ ବାହାରିଯାଅ···ଆଦୌ କୌଣସି କୁଣ୍ଠା ପ୍ରକାଶ ନ କରି ତୁମେ, ଯାହା କରିବା ଲାଗି ସାଧାରଣତଃ ଗୋଟିଏ ଘଣ୍ଟା ସମୟ ଲାଗିଥାନ୍ତା, ତୁମେ ତାହାକୁ ପ୍ରକୃତରେ ପନ୍ଦର ମିନିଟ ମଧ୍ୟରେ କରିବାକୁ ସମର୍ଥ ହୋଇଯାଅ । ତେଣୁ, ଏଥିରୁ ଏହି କଥାଟି ମିଳିଯାଏ ଯେ, ତାହା ତୁମ ହାତରେ ଅନେକ ସମୟ ଆଣି ଦେଇଯାଏ, ଏବଂ ତୁମେ, ଗୋଟିଏ କାର୍ଯ୍ୟରୁ ଆଉଗୋଟିଏ କାର୍ଯ୍ୟକୁ, ଗୋଟିଏ ଉତ୍ତେଜନା ମଧ୍ୟରୁ ଆଉ ଗୋଟିଏ ଉତ୍ତେଜନା ମଧ୍ୟକୁ ଧାବମାନ ହେବା ପରିବର୍ତ୍ତେ, ତୁମେ କେତେ ମୁହୂର୍ତ୍ତ ପାଇଁ ହାଲୁକା ହୋଇ ପୂର୍ଣ୍ଣ ଭାବରେ ବିଶ୍ରାମ କରିପାର —ଏହା ତୁମକୁ ବିଶ୍ରାମ ଲାଗି ସମୟ ଆଣିଦିଏ; ଏବଂ, ବିଶ୍ରାମର ଏହି ଅବସ୍ଥାଟି ସମୟରେ, ତୁମେ ନିଜକୁ ହାଲୁକା କରି ଦେଉଥିବାରୁ, ତୁମ ଭିତରେ ଯାହାକିଛି ତୁମକୁ ଅତ୍ୟଧିକ ପରିମାଣରେ ବ୍ୟସ୍ତ ଓ ଉତ୍ତେଜିତ କରି ରଖିଥାନ୍ତା, ସେଇଟି ମଧ୍ୟ ହାଲୁକା ହୋଇ ଆସେ, ଶୃଙ୍ଖଳିତ ହୁଏ ଏବଂ ତୁମକୁ ପୁନର୍ବାର ଏପରି ଏକ ଅବସ୍ଥା ମଧ୍ୟରେ ଆଣି ରଖିଦିଏ, ଯଦ୍ଦ୍ୱାରା କି ତୁମେ ଆଉଏକ ସଂକେନ୍ଦ୍ରଣ ଲାଗି ପ୍ରସ୍ତୁତ ହୋଇଯାଅ । ଚେଷ୍ଟାକରି ଦେଖ !

ସରଳ ? ଆଉ କୌଣସି ପ୍ରଶ୍ନ ନାହିଁ ତ ?

ତେବେ, ପୁନର୍ଦର୍ଶନାୟ ।

'oaob.nitrkl.ac.in' images reprocessed

# ୨୭ ଏପ୍ରିଲ ୧୯୫୫*

'ଯୋଗାଧାର' ପୁସ୍ତକର ସପ୍ତମ ଅଧ୍ୟାୟ "ଭୌତିକ ଚେତନା ଇତ୍ୟାଦି" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ପ୍ରତୀକାତ୍ମକ ସ୍ୱପ୍ନ ଏବଂ ସୂକ୍ଷ୍ମ ଦର୍ଶନ (vision) ମଧ୍ୟରେ କି ପାର୍ଥକ୍ୟ ରହିଛି ?

ସାଧାରଣତଃ ଅସୁପ୍ତ ଅବସ୍ଥାରେହିଁ ସୂକ୍ଷ୍ମଦର୍ଶନ ହୋଇଥାଏ, ଯେତେବେଳେ ଆମେ ଜାଗ୍ରତ ଥାଉ । ଯେତେବେଳେ ଆମେ ଜାଗ୍ରତ ଅବସ୍ଥାରେ ଥାଉ ଏବଂ ଆପଣା ଭିତରକୁ ପ୍ରବେଶ କରୁ—ଧ୍ୟାନସ୍ଥ ହୋଇ ହେଉ ଅଥବା ସକେନ୍ଦ୍ରଣ ଦ୍ୱାରା ହେଉ,—ସେତିକିବେଳେ ସୂକ୍ଷ୍ମ ଦର୍ଶନମାନ ହୋଇଥାଏ । ଅଥବା, ରାତିରେ ତୁମକୁ ନିଦ ହେଉ ନାହିଁ···ତୁମେ ବିଛଣାରେ ଲମ୍ବ ହୋଇ ପଡ଼ିରହିଛ, ସ୍ଥିର ହୋଇ ପଡ଼ିଛ, ତୁମକୁ ନିଦ ହେଉ ନାହିଁ; ଏବଂ ସେତିକି ବେଳେ ମଧ୍ୟ କେତେକ ସୂକ୍ଷ୍ମଦର୍ଶନ ଲାଭ କରିପାର ।

ସ୍ୱପ୍ନଗୁଡ଼ିକ ନିଦ୍ରାବସ୍ଥାରେ ଆସନ୍ତି; ଅର୍ଥାତ୍ ଯେତେବେଳେ ଜାଗ୍ରତ ଚେତନା ବିଦ୍ୟମାନ ନ ଥାଏ । ମାତ୍ର ସୂକ୍ଷ୍ମଦର୍ଶନ ସମୟରେ ଆମେ ଜାଗ୍ରତ ଚେତନାରେ ରହିଥାଉ; ମାତ୍ର ଆମେ ସେହି ଚେତନାକୁ ସ୍ଥିର ବା ନିଶ୍ଚଳ କରି ଆଣୁ ଏବଂ ସେହି କ୍ଷେତ୍ରରେ ଏକ ଅନ୍ୟ ଅନ୍ତର୍ଗତ ଚେତନା ଜାଗ୍ରତ ହୋଇଆସେ । ତଥାପି ଆମେ ସେତେବେଳେ ନିଦରେ ଶୋଇ ନ ଥାଉ; ଶରୀର ମଧ୍ୟ ଶୋଇ ନ ଥାଏ, କେବଳ ସ୍ଥିର ଅବସ୍ଥାରେ ରହିଥାଏ ।

କ୍ରିୟାଶୀଳ ହୋଇ ରହିଥିବା ସମୟରେ ମଧ୍ୟ ଆମେ ସୂକ୍ଷ୍ମଦର୍ଶନଗୁଡ଼ିକ ଦେଖିପାରୁ । ଏପରିକି, କାର୍ଯ୍ୟରତ ରହିଥିବା ବେଳେ ଅନେକ ଲୋକ ସୂକ୍ଷ୍ମଦର୍ଶନ ଲାଭ କରିଥାନ୍ତି । ସୂକ୍ଷ୍ମଦର୍ଶନ ହେଉଛି ଦୃଷ୍ଟିବୋଧର ଆଉ ଏକ ଭୂମି, ଯାହାକି ଜାଗ୍ରତ ହୋଇ ଆସିଥାଏ । ଏହି କ୍ଷେତ୍ରରେ ମନ, ପ୍ରାଣିକ ଅଥବା ଭୌତିକ ମଧ୍ୟରେ ଥିବା ବୋଧଶକ୍ତିଗୁଡ଼ିକ ଜାଗ୍ରତ ହୋଇ ଉଠନ୍ତି ଏବଂ ବାହ୍ୟ ଚେତନା ମଧ୍ୟକୁ ଆପଣାର ଅନୁଭୂତିଗୁଡ଼ିକୁ ସଞ୍ଚାରିତ କରିଦେବାରେ ସମର୍ଥ ହୁଅନ୍ତି । ସତେଯେପରି ଏହି ଆଖିଦୁଇଟିର ପଶ୍ଚାତରେ ଆମକୁ ଆଉ ଦୁଇଟି ଆଖି ଆସି ମିଳି

*ଏପ୍ରିଲ ୨୦ ତାରିଖରେ ମାଆ କୌଣସି କ୍ଲାସ୍ ନେଇ ନ ଥିଲେ ।

'oaob.nitrkl.ac.in' images reprocessed

ଯାଇଥାନ୍ତି,—ଭୌତିକ କ୍ଷେତ୍ରର ବସ୍ତୁଗୁଡ଼ିକୁ ଦେଖିବା ପରିବର୍ତ୍ତେ ସେମାନେ ପ୍ରାଣିକ କ୍ଷେତ୍ରର ବସ୍ତୁଗୁଡ଼ିକୁ ଦେଖିପାରନ୍ତି । ଏବଂ ପ୍ରାଣିକ କ୍ଷେତ୍ରଟି ସର୍ବଦା ମହଜୁଦ୍ ହୋଇ ରହିଥାଏ । କେବଳ ଏତିକି ଘଟିଥାଏ ଯେ, ଜୀବନର ସ୍ଥୂଳତମ ଆସ୍ତରଣ ମଧ୍ୟରେ ସକେନ୍ଦ୍ରିତ ହୋଇ ରହିଥିବାରୁ ଆମେ ସେହି ଅନ୍ୟଟିକୁ ଆଦୌ ଦେଖିପାରୁ ନାହିଁ । ମାତ୍ର, ଅନେକ ପିଲାଙ୍କ ମଧ୍ୟରେ ଦୁଇଟିଯାକ ସଂଯୁକ୍ତ ହୋଇ ରହିଥାନ୍ତି, ଯାହା ଭୌତିକ ନୁହେଁ ସେମାନେ ସେଗୁଡ଼ିକୁ ମଧ୍ୟ ଭୌତିକ ବସ୍ତୁ ପରି ଦେଖି ପାରୁଥାନ୍ତି । ସେମାନେ କେବଳ ନିର୍ବୋଧ କଥାମାନ କହୁଛନ୍ତି ବୋଲି ସେମାନଙ୍କୁ ସାଧାରଣତଃ କୁହା ଯାଇଥାଏ, ତେଣୁ ସେମାନେ ସେଗୁଡ଼ିକ ବିଷୟରେ କହିବାକୁ ମଧ୍ୟ ବନ୍ଦ କରିଦିଅନ୍ତି । ମାତ୍ର, ସେମାନେ କେବଳ ଭୌତିକ କ୍ଷେତ୍ରରେ ଦେଖି ମୋଟେ ଏତିକି ଦେଖନ୍ତି ନାହିଁ, ପଶ୍ଚାତରେ ଥିବା ଅନ୍ୟ ବସ୍ତୁଗୁଡ଼ିକୁ ମଧ୍ୟ ଦେଖୁଥାନ୍ତି । ଆଖି ବନ୍ଦ କରି ଅଥବା ଆଖିକୁ ଖୋଲି ରଖି ଆମେ ସେହିସବୁ ଅନ୍ୟ ବସ୍ତୁକୁ ଅବଶ୍ୟ ଦେଖିପାରିବା । ମାତ୍ର, ସ୍ୱପ୍ନ ଦେଖୁଥିବା ସମୟରେ ଆମେ ସର୍ବଦା ନିଦ୍ରିତ ଅବସ୍ଥାରେ ରହିଥାଉ ।

ଆଉ କିଛି ପଚାରିବାକୁ ଅଛି କି ?

ଆମେ ଏକ ପ୍ରତୀକାତ୍ମକ ସ୍ୱପ୍ନ ଓ ଅନ୍ୟାନ୍ୟ ସ୍ୱପ୍ନ ମଧ୍ୟରେ ରହିଥିବା ପାର୍ଥକ୍ୟକୁ କିପରି ନିରୂପଣ କରିପାରିବା ?

ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏହା ହେଉଛି ଅଲଗା ପ୍ରକାରର; ମାତ୍ର, ଆମ ଉପରେ ତାହାର ଯେଉଁ ପ୍ରଭାବ ପଡ଼ିଥାଏ, ଏଇଟି ହେଉଛି ତାହାର ଏକ ସମସ୍ୟା । ପ୍ରତୀକାତ୍ମକ ସ୍ୱପ୍ନ ସାଧାରଣତଃ ଅଧିକ ସ୍ପଷ୍ଟ ହୋଇ ରହିଥାଏ,—ଅଧିକ ସୁନିର୍ଦ୍ଦିଷ୍ଟ ଓ ପରସ୍ପର-ସଙ୍ଗତିଯୁକ୍ତ ହୋଇ ରହିଥାଏ; ଏବଂ ଏହା ସହିତ ଏକ ସତ୍ୟବସ୍ତୁର ଚେତନା ମଧ୍ୟ ସନ୍ନିବିଷ୍ଟ ହୋଇଥାଏ···ମୁଁ ଠିକ୍ ଭାବରେ କହିପାରୁ ନାହିଁ···ଏଇଟି ଅଧିକ ଭଲ ଭାବରେ ମନେରହେ,—ସ୍ମୃତି ଭିତରେ ତାହା ମୋଟେ ବିକୃତ ହୋଇଯାଏ ନାହିଁ ।

ଏତିକିରେ ସରିଲା ?

ମାଆ, ଜ୍ୟୋତିନ୍ଦ୍ର ଗୋଟିଏ ପ୍ରଶ୍ନ ପଚାରିବ ।

ଆଚ୍ଛା, ସିଏ ପୁଣି କ'ଣ ଜାଣିବ ବୋଲି ମନ କରୁଛି ?

ସିଏ ଜାଣିବାକୁ ଚାହୁଁଛି : ଯେତେବେଳେ ଜଣକୁ ଅତ୍ୟନ୍ତ ଯନ୍ତ୍ରଣା ସହିବାକୁ ପଡ଼ୁଥିବ ବା ସିଏ ଖୁବ ଉତ୍ତେଜିତ ହୋଇ ରହିଥିବ,

'oaob.nitrkl.ac.in' images reprocessed

ସେତେବେଳେ ଶାନ୍ତ ଭାବରେ ଶୋଇ ପାରିବା କିପରି ସମ୍ଭବ ହେବ ?

ସେଥିଲାଗି ପ୍ରକୃତରେ କେତେକ ପରିମାଣରେ ଯୋଗଶକ୍ତିର ଆବଶ୍ୟକତା ରହିଛି । ସବୁଠାରୁ ଭଲ ଉପାୟ ହେଉଛି ଯେ,—ଏଥିରେ ଆଦୌ କୌଣସି ବ୍ୟତିକ୍ରମ ନାହିଁ,—ଆମେ ସେତେବେଳେ ନିଜ ଶରୀର ଭିତରୁ ବାହାରକୁ ବାହାରିଯାଇ ପାରୁଥିବା ।

ଯେତେବେଳେ ଶରୀରରେ ଯନ୍ତ୍ରଣା ହେଉଥିବ, ଜ୍ୱର ହୋଇଥିବ ବା ଆଉ କ'ଣ ଅସୁସ୍ଥତା ଥିବ, କିଂବା, ଶରୀର ଅତ୍ୟନ୍ତ ପୀଡ଼ିତ ଥିବ, ତେବେ ସେତେ-ବେଳେ ଏକମାତ୍ର ପ୍ରତିକାର ରୂପେ ତୁମେ ଶରୀର ମଧ୍ୟରୁ ବାହାରକୁ ବାହାରି ଆସିବ, ଆପଣାର ପ୍ରାଣିକ ସତ୍ତାକୁ ବାହାରକୁ ବାହାର କରି ଆଣିବ । ଏବଂ ତା'ପରେ, ଯୋଗସାଧନା କରୁଥିବା ବ୍ୟକ୍ତି ତାହା ଅବଶ୍ୟ ଜାଣିଥିବ,—ସେତେ-ବେଳେ ତୁମେ ପ୍ରକୃତରେ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବ—ତଦ୍ଦ୍ୱାରା ତୁମେ ବାହାରୁ ଆଉ ନିଜର ଶରୀରକୁ ଦେଖିବାକୁ ପାଇବ; ତୁମର ପ୍ରାଣିକ ସତ୍ତାଟି ଯଦି ବେଶ୍ କେତେକ ପରିମାଣରେ ଆପଣାର ସ୍ଥୂଳ ରୂପରେ ବାହାରି ଆସି ପାରିଥିବ, ତେବେ ତାହା ସେହି ଶରୀରକୁ ଅବଶ୍ୟ ଦେଖିପାରିବ । ଆମେ ନିଜର ସ୍ଥୂଳ ଶରୀରଟିକୁ ଦେଖିପାରୁଥିବା, ଏବଂ ସେହି ମୁହୂର୍ତ୍ତରେ, ଆପଣାର ଚେତନା ଏବଂ ଶକ୍ତିସମର୍ଥତା ଦ୍ୱାରା ଆମେ ଶରୀରର ଅସୁସ୍ଥ ସ୍ଥାନଟି ଉପରକୁ ସେହି ଶକ୍ତିର ରଶ୍ମିଗୁଚ୍ଛକୁ ସଞ୍ଚାଳିତ କରି ଆଣିପାରିବା । ମାତ୍ର ଏଇଟି ହେଉଛି ସର୍ବୋଚ୍ଚ ସ୍ତରର କଥା, ଆପଣାକୁ ଆରୋଗ୍ୟ କରିବାର ନିଶ୍ଚିତତମ ଉପାୟ । ଏବଂ, ଯଦି ଆମ ପାଖରେ ସେହି ଶକ୍ତି ଏବଂ ସେହି ଜ୍ଞାନ ବିଦ୍ୟମାନ ରହିଥାଏ, ତେବେ ତାହା ଅମୋଘ ଭାବରେ ନିଶ୍ଚୟ କାମ ଦେବ ।

ଅତି ଅଳ୍ପ ସମୟରେ ଆମେ ଇଚ୍ଛା କଲେ ନିଜକୁ ଯେକୌଣସି ଅସୁସ୍ଥତାରୁ ମୁକ୍ତ କରିଦେଇ ପାରିବା । ଅବଶ୍ୟ, ଏଥିସକାଶେ ଅତ୍ୟନ୍ତ ଅଭ୍ୟାସ ଆବଶ୍ୟକ, ଆମ ସତ୍ତା ଅନୁରୂପ ଭାବରେ ସେହି ଚାବିକାଠିକୁ ପାଇଥିବା ଆବଶ୍ୟକ । ଏହା କଦାପି ସ୍ୱଚ୍ଛନ୍ଦ ମାତ୍ରକେ ଆସି ପହଞ୍ଚିଯିବ ନାହିଁ । ମାତ୍ର ବସ୍ତୁତଃ, ଏପରି ଘଟିଥାଏ ଯେ, ଯେତେବେଳେ ଲୋକେ ଏହି ଯନ୍ତ୍ରଣାକୁ ସହିପାରନ୍ତି ନାହିଁ ଓ ମୂର୍ଚ୍ଛିତ ହୋଇପଡ଼ନ୍ତି, ସେତେବେଳେ ସେମାନଙ୍କ ଜୀବନରେ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇହିଁ ଏପରି ଘଟିଥାଏ । ମୂର୍ଚ୍ଛିତ ହୋଇଯିବାର ଅର୍ଥ ହେଉଛି ନିଜର ଶରୀର ଭିତରୁ ବାହାରକୁ ବାହାରି ଚାଲିଯିବା । ତେଣୁ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି,—ସେମାନେ ନିଜ ଶରୀର ସହିତ ଅତ୍ୟନ୍ତ

'oaob.nitrkl.ac.in' images reprocessed

ତୀବ୍ର ଜ୍ୱରରେ ଆଦୌ ବାନ୍ଧ ହୋଇ ରହି ନ ଥାନ୍ତି — ଯେତେବେଳେ କିଛି ବିଗିଡ଼ିଯାଏ, ଯନ୍ତ୍ରଣା ଅତିଶଯ୍ୟ ହୋଇପଡ଼େ ବା ଆଦୌ ଭଲ ହୁଏ ନାହିଁ, ସେତେବେଳେ ସେମାନେ ମୂର୍ଚ୍ଛିତ ହୋଇ ପଡ଼ନ୍ତି ।

ଖୁବ୍ ବେଶୀ ଯନ୍ତ୍ରଣା ହେଲେ ତୁମେ ମୂର୍ଚ୍ଛିତ ହୋଇଯାଅ, ଅର୍ଥାତ୍, ତୁମେ ନିଜ ଶରୀର ଭିତରୁ ବାହାରକୁ ବାହାରି ଚାଲିଯାଅ; ତୁମେ ପ୍ରକୃତରେ ଶରୀର ଭିତରୁ ବାହାରକୁ ବାହାରି ଚାଲିଯାଅ ଏବଂ ଶରୀର ଅତ୍ୟନ୍ତ ନିର୍ଜୀବ ହୋଇ ପଡ଼ି ରହିଥାଏ । ଏବଂ ତୁମକୁ ଉଠାଇବା ଲାଗି ତୁମକୁ ଏହିପରି ଆସି ନ ହଲାଇ ଦେବାକୁ (ମାଆ ଭଙ୍ଗୀକରି ଦେଖାଇଦେଲେ) ଯଥେଷ୍ଟ ଜ୍ଞାନ ଅର୍ଜନ କରିଥିବା କୌଣସି ବ୍ୟକ୍ତି ଯଦି ତୁମ ପାଖରେ କେହି ମହଜୁଦ ରହିଥାନ୍ତି, ତେବେ ତୁମର ସେହି ମୂର୍ଚ୍ଛାବସ୍ଥାହିଁ ତୁମ ଯନ୍ତ୍ରଣାରୁ ନିଷ୍କୃତି ପାଇବାର ଏକ ସାଧନ ରୂପେ କାର୍ଯ୍ୟ କରିଥାଏ । ମାତ୍ର, ଯଦି ତୁମ ପାଖରେ ଏପରି କୌଣସି ବ୍ୟକ୍ତି ରହିଥାନ୍ତି, ଯିଏକି ଅତ୍ୟନ୍ତ ଆତଙ୍କିତ ହୋଇପଡ଼ନ୍ତି ଏବଂ ତୁମ ମୁଣ୍ଡରେ ଥଣ୍ଡା ପାଣି ଛିଞ୍ଚିବାକୁ ଆରମ୍ଭ କରନ୍ତି କିଂବା ତୁମକୁ ହଲାଇବାରେ ଲାଗିଯାଆନ୍ତି, ତେବେ ତାହାର ପରିଣାମ ପ୍ରକୃତରେ ଅତ୍ୟନ୍ତ ଅନିଷ୍ଟକାରୀ ହୋଇପାରେ । ମାତ୍ର ତା' ନ ହେଲେ ତୁମେ··· ଏବଂ ଅଳ୍ପ ଅଳ୍ପ କରି ଯନ୍ତ୍ରଣାଟିକୁ ବୋଧ କରିପାରିବା ଲାଗି ସେତେବେଳେ ଆଉ କୌଣସି ଚେତନା ନ ଥିବାରୁ, ଏହା ଶାନ୍ତ ହୋଇଆସେ, ଏବଂ ସ୍ନାୟୁ ପ୍ରତ୍ୟେକ କ୍ଷେତ୍ରରେ ଶରୀର ଯଥେଷ୍ଟ ପରିମାଣରେ ନିଶ୍ଚଳ ହୋଇ ରହିଥାଏ ଏବଂ ଯନ୍ତ୍ରଣା ସତ୍ତ୍ୱେ ବିଶ୍ରାମ ନେବା ଲାଗି ସମର୍ଥ ହୁଏ । ତାହା ଆଉ ଆଦୌ କୌଣସି ଯନ୍ତ୍ରଣା ଅନୁଭବ କରେ ନାହିଁ । ଏହାହିଁ ସର୍ବୋତ୍ତମ ଉପାୟ ।

ଏହି କ୍ଷେତ୍ରରେ ଗୌଣ ଉପାୟମାନ ମଧ୍ୟ ରହିଛି, ଏବଂ ସେଥିରୁ ସାନ ସାନ ଫଳ ଉପଲବ୍ଧ ବି ହୋଇଥାଏ; ସେଗୁଡ଼ିକ ସେତେ ସହଜ ମଧ୍ୟ ନୁହନ୍ତି; ଅର୍ଥାତ୍, ଯନ୍ତ୍ରଣାଟିକୁ ଭୋଗ କରୁଥିବା ଦେହାଙ୍ଗ ଏବଂ ତାହାକୁ ଲିପିବଦ୍ଧ କରି ରଖୁଥିବା ମସ୍ତିଷ୍କ ମଧ୍ୟରେ ରହିଥିବା ସଂଯୋଗଟିକୁ କାଟି ଦେବାର ଶକ୍ତି ଏହିସବୁ କ୍ଷେତ୍ରରେ ଆଦୌ ସହଜରେ ଉପଲବ୍ଧ ହୁଏ ନାହିଁ । ଆମେ ସଂଯୋଗଟିକୁ କାଟି ଦେଇଥାଉ ଏବଂ ମସ୍ତିଷ୍କର ଲିପିବଦ୍ଧ କରି ରଖିବାର କାର୍ଯ୍ୟଟି ମଧ୍ୟ ବନ୍ଦ ହୋଇଯାଏ । ସେତେବେଳେ ତାହାହିଁ କରିଯାଏ, ଇଞ୍ଜେକ୍ସନର ପ୍ରୟୋଗ କରିବା ଦ୍ୱାରା ଡାକ୍ତର-ମାନେ ମଧ୍ୟ ସେହିକଥା କରିଥାନ୍ତି । ସେମାନେ ପୀଡ଼ିତ ହୋଇ ପଡ଼ିଥିବା ଦେହାଙ୍ଗ ଏବଂ ମସ୍ତିଷ୍କ ମଧ୍ୟରେ ରହିଥିବା ସ୍ନାୟୁସଂଯୋଗଟିକୁ କାଟି ଦିଅନ୍ତି; ତେଣୁ ମସ୍ତିଷ୍କ ଆଉ କିଛିହେଲେ ଅନୁଭବ କରିପାରେ ନାହିଁ ଅଥବା ତାହାର ଅନୁଭବ-ଶକ୍ତି ସମ୍ପୂର୍ଣ୍ଣ ଦୂରକୁ ଖସି ଆସିଥାଏ; ଏବଂ, ଯେକୌଣସି ବାଟରେ ହେଉ ପଛକେ,

'oaob.nitrkl.ac.in' images reprocessed

ଏହି ଯାବତୀୟ କ୍ଷେତ୍ରରେ ସେହି ଗୋଟିଏ କଥାହିଁ ଘଟେ । ଏବଂ, ଏହି ସବୁକିଛୁ ପ୍ରକାଶେ ଗୁହ୍ୟବିଦ୍ୟାର ଏକ ଶକ୍ତି ଅଥବା ସେଥିରେ ଲାଭ କରି ଯାଇଥିବା କିଛୁ ତାଲିମ ଆବଶ୍ୟକ ହୋଇଥାଏ । କେତେକ ବ୍ୟକ୍ତି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ତାହାକୁ ହାସଲ କରିପାରିଥାନ୍ତି, ଏପରି ବ୍ୟକ୍ତିମାନଙ୍କର ସଂଖ୍ୟା ଅବଶ୍ୟ ଆଦୌ ଅଧିକ ନୁହେଁ — ଏମାନେ ଅତି ଅଳ୍ପସଂଖ୍ୟକ । ମାତ୍ର, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏତେ ଅଧିକ ଦୂରଯାଏ ନ ଯାଇ ମଧ୍ୟ, ଆମେ ଗୋଟିଏ କଥା କରିବାକୁ ଅବଶ୍ୟ ଚେଷ୍ଟା କରିପାରିବା : ଆମେ ନିଜର ଯନ୍ତ୍ରଣା ପାଖରେ ନିଜକୁ କୌଣସି ଭାବରେ ଅଭିନିବେଶିତ କରି ରଖିବା ନାହିଁ, ଯଥା ସମ୍ଭବ ଅଧିକ ପରିମାଣରେ ଆପଣାର ଦୃଷ୍ଟିକୁ ଅନ୍ୟଆଡ଼େ ପରିଚାଳିତ କରୁଥିବା; ସର୍ବୋପରି ସେଇଟି ଲାଗି ଆଦୌ କୌଣସି ଧ୍ୟାନ ଦେବା ନାହିଁ, ମୋଟେ ଧ୍ୟାନ ଦେବା ନାହିଁ—"ମୋର ଖୁବ୍ ଯନ୍ତ୍ରଣା ହେଉଛି" ବୋଲି କହିବା ନାହିଁ । କାରଣ ତା'ହେଲେ ସ୍ଥିତି ଆହୁରି ଅଧିକ ଖରାପ ହେବ ଏବଂ "ମୋର ଯନ୍ତ୍ରଣା ବଢ଼ିଗଲାଣି" ବୋଲି କହିବାକୁ ପଡ଼ିବ । ତା'ପରେ ଅବସ୍ଥା ଅଧିକରୁ ଅଧିକ ଖରାପହୋଇ ଚାଲିଥିବ, କାରଣ ଆମେ ସେହି ଯନ୍ତ୍ରଣାଟି ପାଖରେହିଁ ଆପଣାକୁ ସଂକେନ୍ଦ୍ରିତ କରି ରଖିଥିବା । ଏବଂ ଆମେ ସର୍ବଦା ଏହି ଭୁଲଟିକୁହିଁ କରିବାରେ ଲାଗିଥାଉ : ଯନ୍ତ୍ରଣା ବିଷୟରେ ଭାବୁଥାଉ, ତାହାକୁ ଜାବୁଡ଼ି ଧରିଥାଉ, ତାହାରି ଉପରେହିଁ ଦୃଷ୍ଟି ନିବଦ୍ଧ କରି ରଖିଥାଉ,— କେତେବେଳେ ଯନ୍ତ୍ରଣା ଆସୁଥିବାର ସଙ୍କେତ ମିଳିବ, ସେଥିଲାଗି ଅପେକ୍ଷା କରି ରହିଥାଉ । ତେଣୁ ତାହା ସ୍ୱଭାବତଃ ଆସିହିଁ ପହଞ୍ଚି ଯାଏ, ସେଥିଲାଗି ଆମର ଧ୍ୟାନକୁ ସଂକେନ୍ଦ୍ରିତ କରି ରଖିଥିବା ଦ୍ୱାରା ତାହା ବୃଦ୍ଧିପ୍ରାପ୍ତ ହୁଏ । ସେଥିଲାଗି, ଯେତେବେଳେ ଆମେ ଅସୁସ୍ଥ ଥିବା ସେତେବେଳେ ଏହାହିଁ ସର୍ବୋତ୍ତମ ହେବ ଯେ ଆମେ ହୁଏତ କିଛୁ ପଢ଼ୁଥିବା ବା ଆମ ପାଖରେ ପଢ଼ିବା ଲାଗି କିଛୁ ନା କିଛୁ ମହଜୁଦ ରହିଥିବ । ସେତେବେଳେ ତୁମେ କିଭଳି ଅବସ୍ଥାରେ ଥିବ, ଏହା ତାହାରି ଉପରେ ନିର୍ଭର କରିବ । ମାତ୍ର, ଯଦି ଆମେ ଆମର ଧ୍ୟାନକୁ ଅନ୍ୟତ୍ର ନେଇଯାଇ ପାରିବା, ତେବେ ଆମକୁ ଆଉ କୌଣସି ଯନ୍ତ୍ରଣା ଭୋଗିବାକୁ ପଡ଼ିବ ନାହିଁ ।

ଏଥର ସରିଲା ?

ମାଆ, ଆମେ ସ୍ୱପ୍ନ ଦେଖିବା ଆବଶ୍ୟକ କରୁ କି ?

ସ୍ୱପ୍ନ ଦେଖିବାର ଆବଶ୍ୟକତା ! ମାତ୍ର ଏଠାରେ ଆଦୌ କୌଣସି ଆବଶ୍ୟକତାର ପ୍ରଶ୍ନହିଁ ଉଠୁ ନାହିଁ । ଆମେ ନିଦ୍ରାବସ୍ଥାରେ ସର୍ବଦାହିଁ ସ୍ୱପ୍ନ ଦେଖିଥାଉ ।

ମାଆ କାହିଁକି ସ୍ୱପ୍ନ ଦେଖୁ ?

'oaob.nitrkl.ac.in' images reprocessed

ତେବେ ବୁଦ୍ଧ, ତୁମେ କାହିଁକି ଚାଲିବା ବେଳେ ପାଦ ଉପରେ ଚାଲ ଏବଂ ମୁଣ୍ଡଟା କାହିଁକି ଉପରକୁ ରହୁଥାଏ ? ତୁମେ କାହିଁକି ଖାଦ୍ୟ ଖାଅ, କାହିଁକି ଶୁଅ ? ଏହିପରିକି ସବୁକିଛି ହୋଇ ରହିଛି । କାହିଁକି ବୋଲି ପଚାରିବାର ପ୍ରଶ୍ନହିଁ ଉଠ୍ ନାହିଁ ? ଏହି କ୍ଷେତ୍ରରେ କାହିଁକି ବୋଲି କିଛି ନାହିଁ, ଏହା ହେଉଛି ଆମ ଜୀବନଧାରଣର ସାଧାରଣ ନିୟମଗୁଡ଼ିକର ଏକ ଅଂଶ ।

ତୁମର ସ୍ୱପ୍ନଗୁଡ଼ିକୁ କେହି ତୁମ ଉପରେ କୃତ୍ରିମ ଭାବରେ ଆଣି ଲଦିଦେଇ ନାହାନ୍ତି । ପାଠ ପଢ଼ିବା ସକାଶେ ଯେପରି ତୁମକୁ ସ୍କୁଲକୁ ପଠାନ୍ତି, ଏହି କ୍ଷେତ୍ରରେ ମୋଟେ ସେପରି ହୁଏ ନାହିଁ । ତାହା ହେଉଛି ତୁମ ଜୀବନଧାରଣର ଏକ ସ୍ୱାଭାବିକ ଅଙ୍ଗ । ଅର୍ଥାତ୍, ତୁମର ମୁଣ୍ଡ ଅର୍ଥାତ୍ ମସ୍ତିଷ୍କ ସେହିପରି ଭାବରେ କାର୍ଯ୍ୟ କରିବାରେ ଲାଗିଛି । ବେଳେବେଳେ, ତୁମେ ଯେତେବେଳେ କୌଣସି ଉଚ୍ଚତର ସ୍ଥିତିଗୁଡ଼ିକରେ ରହିଥାଅ, ସେତେବେଳେ ଏକ ଅନ୍ତର୍ଗତ ସକ୍ରିୟଶୀଳତାର କ୍ଷେତ୍ରରେ ଆସି ପ୍ରବେଶ କରେ, ତାହା ଆପଣାର ଆୟତନଟିକୁ ଗ୍ରହଣକରେ ଏବଂ ସେଠାରେ ନିଜ ଜୀବନଟିକୁ ବଞ୍ଚିବାରେ ଲାଗିଥାଏ । ମାତ୍ର, କୌଣସି ନା କୌଣସି କାରଣ ସକାଶେ ଏଗୁଡ଼ିକୁ କେହି କୃତ୍ରିମ ଭାବରେ ଆଦୌ ସଂଗଠିତ କରି ରଖି ନ ଥାନ୍ତି । ଏଗୁଡ଼ିକୁ ଆମେ ଶାରୀରିକ କ୍ରିୟାର ଗୋଟିଏ ଗୋଟିଏ ଅଙ୍ଗ ବୋଲିହିଁ ଜାଣିବା । ଦିନରେ ଆମେ କରୁଥିବା ଆମର କାର୍ଯ୍ୟଗୁଡ଼ିକ ଯେତିକି ସ୍ୱାଭାବିକ, ଆମର ସ୍ୱପ୍ନ ଦେଖିବା ମଧ୍ୟ ସେତିକି ସ୍ୱାଭାବିକ । ଅବଶ୍ୟ, ସ୍ୱପ୍ନର କ୍ଷେତ୍ରରେ ଆମେ ଅଳ୍ପବହୁତ ଏକଥା ଦେଖିବାକୁ ପାଇଥାଉ ଯେ ଆମେ ସେହି ବିଷୟରେ ଆଦୌ କିଛି ବୁଝିପାରୁ ନାହିଁ । ମାତ୍ର, ଜୀବନର ସକଳ କ୍ଷେତ୍ରରେ ତ ଠିକ୍ ସେହିକଥା; କାରଣ, ଘଟଣା ଯାହା ହୋଇଥାଉ ପଛକେ, ଯାବତୀୟ ଘଟଣାର କାହିଁକି, କିପରି ଏବଂ କ'ଣ ପ୍ରଭୃତିକୁ ଜାଣିବା ଲାଗି ତୁମେ ତ ନିରନ୍ତର ନିଜକୁ ଶହଶହ ପ୍ରଶ୍ନ ପଚାରିବାରେ ଲାଗିଥାଅ । ଏହି ବିଷୟରେ ତୁମେ କିଛି ଜାଣି ନ ଥାଅ । କେବଳ ସେହିପରି ହେବାର ଅଭ୍ୟାସରେହିଁ ପଡ଼ି ଯାଇଥାଅ ।

ସରଳ । ଆଉ କିଛି ପଚାରିବାକୁ ନାହିଁ ?

ତଥାପି ମୋର ଗୋଟିଏ ପ୍ରଶ୍ନ ରହିଛି ।

ତଥାପି ଗୋଟିଏ ?

ମାଆ, ଆମେ ଶୋଇଥିବା ସମୟରେ ଆମର ଚେତନା ଜାଗ୍ରତ ଚେତନାଠାରୁ ଭିନ୍ନ ପ୍ରକାରର ହୋଇ ରହିଥାଏ ।···

'oaob.nitrkl.ac.in' images reprocessed

ହଁ, ରହିଥାଏ । ସେଇଠୁ "କ'ଣ ହେଲା ?" (ସମସ୍ତେ ହସିଲେ)

ଦୁଇ ଚେତନା ମଧ୍ୟରେ କପରି ପାର୍ଥକ୍ୟ ଥାଏ ?

ପାର୍ଥକ୍ୟ ଥାଏ ବୋଲି କ'ଣ ତୁମେ କେବେହେଲେ ଦେଖିବାକୁ ପାଇ ନାହଁ ? ଉଦାହରଣସ୍ୱରୂପ, ତୁମର ଭୌତିକ ଚେତନା, ତୁମର ସୂକ୍ଷ୍ମଭୌତିକ ଚେତନା, ତୁମର ପ୍ରାଣିକ ଚେତନା, ଉଚ୍ଚତର ଅଥବା ନିମ୍ନତର ପ୍ରାଣିକର ଚେତନା—ଏହି ପ୍ରତ୍ୟେକଟି ଅନ୍ୟଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ! ତେଣୁ, ତୁମେ ଶୋଇଥିବା ବେଳେ ତୁମ ପାଖରେ ଗୋଟିଏ ପ୍ରକାରର ଚେତନା ରହିଥାଏ ଏବଂ ଜାଗ୍ରତ ଅବସ୍ଥାରେ ଆଉଗୋଟିଏ ଚେତନା ରହିଥାଏ । ନିଜର ଜାଗ୍ରତ ଚେତନାରେ ତୁମେ ବସ୍ତୁଗୁଡ଼ିକ ତୁମ ବାହାରେ ପ୍ରକ୍ଷେପିତ ହୋଇ ରହିଥିବାର ଦେଖିବାକୁ ପାଇଥାଅ; ନିଦ୍ରାବସ୍ଥାରେ ସେଗୁଡ଼ିକ ଅଭ୍ୟନ୍ତରସ୍ଥିତ ହୋଇ ରହିଥାନ୍ତି । ତେଣୁ, ଗୋଟିଏ କ୍ଷେତ୍ରରେ, ତୁମେ ଯେପରି ଗୋଟାସୁଦ୍ଧା ନିଜ ବାହାରକୁ, ନିଜର ସମ୍ମୁଖକୁ ଠେଲି ହୋଇ ଚାଲି ଯାଇଥାଅ ଏବଂ, ଅନ୍ୟ କ୍ଷେତ୍ରଟିରେ, ସେହିପରି ଅନ୍ତର୍ଗତ କୌଣସି ଦର୍ପଣ ଉପରେ ତୁମେ ନିଜ ଆଡ଼କୁହିଁ ଦୃଷ୍ଟିପାତ କରିବାରେ ଲାଗିଥାଅ ।

ବୁଝିପାରୁ ନାହଁ ? ଖୁବ୍‌ ଭଲ କରି ବୁଝିପାରିଲ ନାହିଁ, ନୁହେଁ ?

ହଁ, ଆମକୁ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ନିରୂପଣ କରି ଶିଖିବାକୁ ହୋଇଥାଏ । ଆପଣା ଚେତନାର ବିଭିନ୍ନ ସ୍ଥିତିଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବୁଝି ଶିଖିବାକୁ ହୁଏ, କାରଣ ତା' ନ ହେଲେ ଅନବରତ କେବଳ ଏକ ବିଭ୍ରାନ୍ତି ମଧ୍ୟରେ ଜୀବନ ଧାରଣ କରିବା ବ୍ୟତୀତ ଆଉ ଅନ୍ୟ କିଛି ନ ଥାଏ ।

ବସ୍ତୁତଃ, ଏଇଟି ହେଉଛି ପଥର ସର୍ବପ୍ରଥମ ପଦକ୍ଷେପ; ସୃଜାଟିର ଆରମ୍ଭ । ଯଦି ସୃଜାଟିର ଶେଷଭାଗ ମଧ୍ୟ ଆମ ହାତରେ ରହି ନ ଥାଏ, ତେବେ ଆମକୁ ଅଧବାଟରେ ବଣାହିଁ ହେବାକୁ ପଡ଼େ । ତେଣୁ, ସୂତାର ଶେଷଟି ମଧ୍ୟ ଆମ ହାତରେ ରହିଥିବା ଉଚିତ ।

ସରିଲା ?

ମାଆ, ଜଣେ ନିଜେ ମରିଯାଇଛି ବୋଲି ଯେତେବେଳେ ସ୍ୱପ୍ନ ଦେଖେ, ସେତେବେଳେ ତା'ପକ୍ଷରେ କି ଅର୍ଥ ରହିଥାଏ ?

ଏହି ପ୍ରଶ୍ନଟିକୁ ମୋତେ କେତେଥର ପଚରା ଯାଇଛି । ଏହା ସନ୍ଦର୍ଭଗ୍ରନ୍ଥ ଭୂମିଟି ଉପରେହିଁ ନିର୍ଭର କରେ ।

'oaob.nitrkl.ac.in' images reprocessed

ଏହାର ଏପରି ଅର୍ଥ ହୋଇପାରେ ଯେ, ଆମ ଜୀବନରେ ଏକ ଯଥେଷ୍ଟ ଅନ୍ତର୍ଗତ ସମ୍ଭବ ହୋଇପାରୁଛି ଯାହାଫଳରେ କି ଆମେ ଆମ ଜୀବନଧାରଣର ଏକ ପୁରାତନ ପ୍ରଣାଳୀକୁ ଛାଡ଼ିଦେଇ ଆସି ପାରିବା, କାରଣ ତାହାର ରହିବା ଲାଗି ଆଉ ଆଦୌ କୌଣସି ପ୍ରୟୋଜନ ନାହିଁ, ମୁଁ ଭାବୁଛି, ଅଧିକାଂଶ କ୍ଷେତ୍ରରେ ଏହାହିଁ ଏହାର ଅର୍ଥ । ତା' ନ ହେଲେ ତାହା ପୂର୍ଣ୍ଣତଃ ସଂପୃକ୍ତ ସନ୍ଦର୍ଭଟି ଉପରେ ନିର୍ଭର କରୁଥାଏ, ଅର୍ଥାତ୍, ସ୍ୱପ୍ନଟିକୁ ବେଷ୍ଟନ କରି ରହିଥିବା ପରିସ୍ଥିତିଗୁଡ଼ିକ ଉପରେ ନିର୍ଭର କରୁଥାଏ ।

ଅର୍ଥାତ୍... ତୁମେ ଆପଣାକୁ ମୃତ ବୋଲି ଦେଖିଲ...ନିଜକୁ କିପରି ମୃତ ବୋଲି ଦେଖିଲ ? କ'ଣ ଦେଖିଲ ଯେ, କେବଳ ତୁମ ଶରୀରଟା ନିର୍ଜୀବ ହୋଇ ପଡ଼ି ରହିଛି ବା ତୁମେ ନିଜେ ଆଗରୁ ମରିସାରିଛ; ଅଥବା, ଯାହା ପ୍ରକୃତରେ ମୃତ ହୋଇ ନାହିଁ, ତୁମେ ଭ୍ରମରେ ତାହାକୁ ମୃତ ବୋଲି ଭାବୁଛ ?

ହଁ, ଯଦି ତୁମେ ନିଜ ଶରୀର ଭିତରୁ ବାହାରି ଚାଲିଯାଅ—ଅଳ୍ପ ସମୟ ପୂର୍ବରୁ ମୁଁ ଯେପରି କହୁଥିଲି, ଠିକ୍ ସେହିପରି ଭାବରେ ଶରୀରରୁ ବାହାରି ବାହାରକୁ ଚାଲିଯିବା—ଯଦି ତୁମେ ଯଥେଷ୍ଟ ସ୍ଥୂଳ ଭାବରେ, ଅତ୍ୟନ୍ତ ସ୍ଥୂଳପ୍ରାଣିକ ଭାବରେ ଶରୀର ଭିତରୁ ବାହାରି ବାହାରକୁ ଚାଲିଯାଅ, ତେବେ, ସଂପୂର୍ଣ୍ଣଭାବରେ ମୃତ ବୋଲି ବୋଧ ହେଉଥିବା ଯେଉଁ ଶରୀରଟି ସେହି କ୍ଷେତ୍ରରେ ପଡ଼ି ରହିଥିବ, —ମାତ୍ର ତଥାପି ଆଦୌ ମରି ନ ଥିବ । ମାତ୍ର, ବାହାରେ ଥାଇ ତୁମେ ଯେତେ-ବେଳେ ସେହିପରି ଅନୁଭବୁଥିବ ବା ଦେଖୁଥିବ, ଏବଂ ପ୍ରକୃତ କଥା ଜାଣିପାରୁ ନ ଥିବ, ସେତେବେଳେ ତାହା ଏକାବେଳେକେ ମୃତ ବୋଲି ମନେ ହେଉଥିବ, ତାହା ଏକ ସ୍ତମ୍ଭିତ ଅବସ୍ଥାରେ ରହିଥିବ । ଏବଂ, ସେହି ସ୍ଥିତିରେ କ'ଣ କରିବା ଦରକାର ଓ ତୁମକୁ କ'ଣ କରିବାକୁ ହେବ ବୋଲି ଯଦି ତୁମେ ଜାଣିଥିବ, ତେବେ ସବୁକିଛି ଅତ୍ୟନ୍ତ ସହଜ ହୋଇଯିବ; ମାତ୍ର, ଯଦି ତୁମେ ସେକଥା ଜାଣି ନ ଥିବ ଏବଂ ତୁମର କଳ୍ପନା ଖାଲି ଇତସ୍ତତଃ ଘୂରି ବୁଲିବାରେ ଲାଗିଥିବ, ତେବେ ନାନା ଭୟ ଆସି ପ୍ରବେଶ କରିବା ଲାଗି ତୁମେ ଉଦ୍ଘାଟ କବାଟଟିକୁ ଖୋଲିଦେବ ଏବଂ ତା'ପରେ ହୁଏତ ଯାହା ମନ ତାହା ଆସି ଘଟିବ ।

ମାତ୍ର ବସ୍ତୁତଃ, ମୁଁ ଆଦୌ ଭାବୁ ନାହିଁ ଯେ ଏହି କ୍ଷେତ୍ରରେ ନିଷ୍ଠିତ ମଧ୍ୟରୁ ଗୋଟିଏ ସ୍ୱପ୍ନରେ ମଧ୍ୟ ଆମକୁ ଘଟିବାକୁ ଯାଉଥିବା କୌଣସି ଏକ ଭବିଷ୍ୟର ପୂର୍ବସୂଚନା ପ୍ରାପ୍ତ ହେଉଥିବ । ମୁଁ ଏହାକୁ ଅଧିକ ସମ୍ଭବ ବୋଲି ଭାବୁଛି ଯେ, ସେହି କ୍ଷେତ୍ରରେ ସତ୍ତାର କୌଣସି ଅଂଶ ବା ଖଣ୍ଡ ହୁଏତ ଆଉ ଉପଯୋଗୀ ଅବସ୍ଥାରେ ନାହିଁ ଓ ତେଣୁ ଅନ୍ତର୍ହିତ ହୋଇଯାଉଛି । ଏବଂ, ଖଣ୍ଡଟିହିଁ ସମଗ୍ର

'oaob.nitrkl.ac.in' images reprocessed

ଶରୀରର ରୂପ ଧାରଣ କରୁଛୁ ଏବଂ ଆମେ ମରି ଯାଇଥିବା ପରି ଆମକୁ ବୋଧ ହେଉଛୁ, କାରଣ ତା' ଭିତରେ ସେହି ଖଣ୍ଡଟିର ଆଉ ଆଦୌ କୌଣସି ଅସ୍ତିତ୍ୱ ନାହିଁ । ସବୁଠାରୁ ଅଧିକ ଯୁକ୍ତିସମର୍ଥନ ସହିତ ଅଧିକାଂଶ ସମୟରେ ତାହାହିଁ ଘଟିଥାଏ ।

ପୁନଶ୍ଚ, ଏକ ମୁଖ୍ୟ ନ ଦେଖି ଆମେ ହୁଏତ, ଉଦାହରଣସ୍ୱରୂପ, ଏକ ଦୁର୍ଘଟନା, ଏକ ହତ୍ୟା ଅଥବା ସେହିପରି କିଛି ଦେଖୁଥିବା···ସେହି କ୍ଷେତ୍ରରେ ତାହାକୁ ପ୍ରକୃତରେ ଏକ ପ୍ରଚଣ୍ଡ ଓ ଉତ୍କଟ ସ୍ୱପ୍ନ ବୋଲି କହିବାକୁ ହେବ; ଏହି ସ୍ୱପ୍ନର ହୁଏତ ଏପରି ଅର୍ଥ ହୋଇପାରେ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ଅଭିପ୍ରାୟରେ କୌଣସି ବ୍ୟକ୍ତି ମନ୍ଦ ଶକ୍ତିଗୁଡ଼ିକୁ ତୁମ ଲାଗି ପ୍ରେରଣ କରିଛି ଓ ତୁମେ ସେହିମାନଙ୍କ ଦ୍ୱାରା ଆକ୍ରାନ୍ତ ହେବାରେ ଲାଗିଛ । ସେହି ପରିସ୍ଥିତିରେ ଆମକୁ କେବଳ କଠିନ ଭାବରେ ଆଘାତ କରିବାକୁ ହେବ ଏବଂ ତୀବ୍ର ପ୍ରତିକ୍ରିୟା ଦେଖାଇବାକୁ ପଡ଼ିବ ।

ମାଆ, ଅନେକ ସମୟରେ ଶୋଇଥିଲା ବେଳେ, ଆମେ ଶୋଇଛୁ ବୋଲି ବେଶ୍ ଜାଣି ପାରୁଥିବା, ମାତ୍ର ତଥାପି ଆଖି ଫିଟାଇ ପାରୁ ନ ଥିବା । ଏପରି କାହିଁକି ହୁଏ ?

ନିଜ ଶରୀରରୁ ବାହାରି ବାହାରକୁ ଚାଲି ଯାଇଥିବା ସମୟରେ ସେହିପରି ଘଟିଥାଏ । ସେତେବେଳେ ଜୋର ଜବରଦସ୍ତି କରି ଆଦୌ କିଛି କରିବା ଉଚିତ ନୁହେଁ; ଅତ୍ୟନ୍ତ ସହଜ ଏବଂ ଧୀର ଭାବରେ ନିଜର ଚେତନାକୁ ଶରୀର ଉପରେ ସକେନ୍ଦ୍ରିତ କରି ଆଣିବା ଉଚିତ ଏବଂ ସଂଯୋଗଟି ସ୍ୱାଭାବିକ ଭାବରେ ଘଟିବା ପାଇଁ କିଛି ସମୟ ଅପେକ୍ଷା କରିବା ଉଚିତ । ଜୋର ଜବରଦସ୍ତି କରି ଆଦୌ କିଛି କରିବା ଉଚିତ ନୁହେଁ ।

ବେଳେବେଳେ ଆଖି କିଞ୍ଚିତ୍ ଖୋଲା ରହିଥାଏ ଏବଂ ବାହାରର ବସ୍ତୁଗୁଡ଼ିକ ଦେଖା ମଧ୍ୟ ଯାଉଥାଏ···

ମାତ୍ର ତୁମେ ଯେଉଁଠି ଅଛ ସେଇଠି ପଡ଼ିଥାଅ !

ହଁ ।

ତାହାର ଅର୍ଥ ହେଉଛି ଯେ, ଚେତନାର କେବଳ ଏକ ଅଂଶମାତ୍ର ଫେରିଆସି ପାରିଛି, ଶରୀରର ପୂର୍ଣ୍ଣସଞ୍ଚାଳନ ଶକ୍ତିକୁ ଫେରାଇ ଆଣିବା ଲାଗି ତାହା ଆଦୌ ଯଥେଷ୍ଟ ନୁହେଁ । ସେତେବେଳେ ତୁମେ ମୋଟେ ହଲିବ ନାହିଁ, କାରଣ ତଦ୍ୱାରା ନିଜର ଏକ ଅଂଶକୁ ହୁଏତ ହରାଇ ବସିବାର ଆଶଙ୍କା ରହିଥିବ । ତୁମେ ସମ୍ପୂର୍ଣ୍ଣ ସ୍ଥିର ହୋଇ ରହିଥିବ, ଆପଣାର ଶରୀର ଉପରେ ଆପଣାକୁ କ୍ରମଶଃ

'oaob.nitrkl.ac.in' images reprocessed

ସଚେତନ୍ତ କରି ଆଣୁଥିବ । ଏଥିପାଇଁ ଖୁବ୍ ବେଶୀ ହେଲେ ଗୋଟିଏ ବା ଦୁଇ ମିନଟ୍ ସମୟ ଲାଗିବ ।

ସେଇ ହଜିଥିବା ବସ୍ତୁଟି କ'ଣ ?

ଯାହା ମନ ତାହା,—ଯାହାକି ତୁମ ଭିତରୁ ବହିର୍ଗତ ହୋଇ ଚାଲି ଯାଇଥିବ ଓ ଫେରି ନ ଥିବ । କାରଣ ସେତେବେଳେ ସତ୍ତାର ଗୋଟିଏ ଅଂଶ ବାହାରକୁ ବାହାରି ଚାଲି ଯାଇଥିବ; ଏବଂ ଯଦି ତୁମେ ନିଜକୁ ହଲାଇ ପକାଇବ, ତେବେ ତାହାକୁ ଆଉ ଲେଉଟି ଆସିବାକୁ କୌଣସି ସମୟ ମିଳିବ ନାହିଁ । ହଁ, ତୁମମାନଙ୍କ ପଛରେ ଜଣେ ଏପରି ବ୍ୟକ୍ତି (ନଳିନୀ) ବସିଛନ୍ତି, ଯାହାଙ୍କର କି ଏହିଭଳି ଏକ ଅଭିଜ୍ଞତା ହୋଇଥିଲା—କେହି ଜଣେ ଆସି ତାଙ୍କୁ ହଲାଇ ଦେଲେ ଓ ଧଡ଼୍‌କରି ନିଦରୁ ଉଠାଇଦେଲେ; ଏବଂ ଫେରି ଆସିବା ପରେ ସେ ଅନୁଭବ କଲେ ଯେ ସତେଯେପରି କୌଣସି ଏକ ବସ୍ତୁର ଅଭାବ ରହିଛି । ନୁହେଁ ? (ମାଆ ନଳିନୀଙ୍କ ଆଡ଼କୁ ମୁହଁ କଲେ)

(ନଳିନୀ) ହଁ ।

ତା'ପରେ ମୁଁ ତାଙ୍କୁ ସ୍ଥିର ଭାବରେ ସଚେତନ୍ତ ହୋଇ ରହିବା ପାଇଁ କହିଲି । ଅଭାବ ଥିବା ଅଂଶଟି ଫେରି ଆସିଲା । ଗୋଟିଏ କଥା ହେଉଛି, ଏହି କ୍ଷେତ୍ରରେ ଭୀତ ହୋଇ ପଡ଼ିଲେ ସ୍ଥିତିଟି ଜଟିଳ ହୋଇଯାଏ ।

ମାତ୍ର, କେହି ଶୋଇଥିବା ସମୟରେ ତାକୁ କଦାପି ଧଡ଼୍ କରି ହଲାଇ ନିଦରୁ ଉଠାଇବ ନାହିଁ; କାରଣ, ଆପଣାର ଶରୀର ମଧ୍ୟକୁ ଫେରିଯିବା ସକାଶେ ତା'ପାଖରେ ଯଥେଷ୍ଟ ସମୟ ଥିବା ଏକାନ୍ତ ଆବଶ୍ୟକ । ଉଦାହରଣସ୍ୱରୂପ, ନିଦରୁ ଉଠିବା ସମୟରେ ବିଛଣାରୁ ଧଡ଼୍ କରି ଡେଇଁ ବାହାରି ଆସିବା ଆଦୌ ଭଲ ନୁହେଁ । ତାଇଁ, ତୁମକୁ କିଛି ସମୟ ଏହିପରି ଭାବରେ (ମାଆ ଭଙ୍ଗୀ କରି ଦେଖାଇଦେଲେ) ସ୍ଥିର ହୋଇ ରହିବାକୁ ହେବ, ସତେଯେପରି ତୁମେ ନିଜକୁ ନିଜ ଭିତରକୁ ଲେଉଟାଇ ଆଣୁଛ, ଠିକ୍ ସେହିପରି···ଅତ୍ୟନ୍ତ ଧୀର ଭାବରେ । ତୁମେ ଯେତେବେଳେ ସମ୍ପୂର୍ଣ୍ଣ ଶାନ୍ତ ହୋଇ ରହିଥିବ, ସବୁକିଛି ଯଥାସ୍ଥାନରେ ରହିଛି ବୋଲି ଯେତେବେଳେ ତୁମେ ଅନୁଭବ କରି ପାରିବ, ତେବେଯାଇ ତୁମେ ଉଠିବ ଏବଂ ବିଛଣାରୁ ବାହାରକୁ ଆସିବ । ମାତ୍ର କଦାପି ବିଛଣାରୁ ହୁ କରି ବାହାରକୁ ଡେଇଁ ପଡ଼ିବ ନାହିଁ । ସେପରି କରିବା ଆଦୌ ଭଲ ନୁହେଁ । ପୁନଶ୍ଚ, ଅନେକ ସମୟରେ ଏପରି ଘଟିଥାଏ ଯେ, ଯେଉଁମାନେ ଧଡ଼୍ କରି ନିଦରୁ ଉଠି ବିଛଣା ଉପରୁ ଡିଆଁ ମାରି ବାହାରକୁ ବାହାରି ଆସନ୍ତି, ସେମାନଙ୍କର ମୁଣ୍ଡ

'oaob.nitrkl.ac.in' images reprocessed

ଘୂରି ଯାଉଥିବା ପରି ତଳେ ଓ ପଡ଼ିଯିବାର ଆଶଙ୍କା ରହୁଥାଏ । ତୁମେ ସର୍ବଦା ଏହିପରି (ମାଆ ଭଙ୍ଗୀ କରି ଦେଖାଇଦେଲେ) କରିବ; ସଚେତ ଯେପରି ତୁମେ ନିଜର ଚେତନାକୁ ପୁନର୍ବାର ଏକାଠି କରି ଆଣୁଛ ଏବଂ, ନିଜ ଶରୀର ଭିତରେ ଯେଉଁସବୁ ବସ୍ତୁ ଏକାଠି ହୋଇ ରହିବା ଉଚିତ, ତୁମେ ସେହି ଯାବତୀୟ ପ୍ରକାରର ବସ୍ତୁକୁ ଏକାଠି କରି ଆଣୁଛ । କେତେ ମୁହୂର୍ତ୍ତ ସକାଶେ ସ୍ଥିର ହୋଇ ରହି ତୁମେ ନିଜକୁ ସାଉଁଟି ଆଣିବ, ଏବଂ ସେହି କାର୍ଯ୍ୟଟି ସରିବା ପରେ ତୁମେ ଧୀରେ ଧୀରେ ବିଛଣାକୁ ଉଠିଆସିବ, ସ୍ୱସମାହିତ ହୋଇ ଉଠି ଆସିବ ।

ଆଉ କ'ଣ ରହିଲା ? ଆଉ କିଛି ନାହିଁ ?

ତେବେ ଏଇଠି ସରିଲା

# ୪ ମଇ ୧୯୫୫

'ଯୋଗାଧାର' ପୁସ୍ତକର ପଞ୍ଚମ ଅଧ୍ୟାୟ "ଭୌତିକ ଚେତନା ଇତ୍ୟାଦି" ଉପରେ ଏହି ପ୍ରବଚନଟି ଆଧାରିତ ।

ମା'ଆ, ଆମେ "ବିଶ୍ୱଗତ ପ୍ରାଣଶକ୍ତି" ଦ୍ୱାରା ଉପକୃତ ହୋଇପାରିବା କିପରି ?

ଏହି କଥାଟି ଅନେକ ବାଟରେ ହୋଇ ପାରିବ ।

ସର୍ବପ୍ରଥମେ ତୁମକୁ ଜାଣିବାକୁ ପଡ଼ିବ ଯେ, ବିଶ୍ୱଗତ ପ୍ରାଣଶକ୍ତି ବୋଲି ଏକ ବସ୍ତୁ ରହିଛି ଏବଂ ସେଇଟି ସହିତ ଏକ ସମ୍ପର୍କ ମଧ୍ୟ ସ୍ଥାପନ କରାଯାଇ ପାରିବ । ଦ୍ୱିତୀୟତଃ, ଏହିପରି ଗୋଟିଏ ସମ୍ପର୍କ ସ୍ଥାପନ କରିବା ଲାଗି ତୁମେ ଚେଷ୍ଟା କରିବ, ତାହା ସର୍ବତ୍ର ସଞ୍ଚାରିତ ରହିଛି ବୋଲି ଅନୁଭବ କରିବ; ସକଳ ବସ୍ତୁର ମଧ୍ୟ ଦେଇ, ସକଳ ବ୍ୟକ୍ତିଙ୍କ ମଧ୍ୟରେ ଏବଂ ସକଳ ପରିସ୍ଥିତି ଭିତରେ ସେ ଆପଣାକୁ ସଂଚାଳିତ କରି ରଖିଛି ବୋଲି ଅନୁଭବ କରିବ । ଏହି ଅନୁଭବଟିକୁ ଲାଭ କରିବାକୁ ହେଲେ, ଉଦାହରଣସ୍ୱରୂପ, ଯେତେବେଳେ ତୁମେ ଗ୍ରାମାଞ୍ଚଳରେ ରହିଥିବା ବୃକ୍ଷଗୁଡ଼ିକ ମଧ୍ୟରେ ବିଚରଣ କରୁଥିବ, ସେହି ବୃକ୍ଷ ଏବଂ ଯାବତୀୟ ବସ୍ତୁ ମଧ୍ୟରେ ସେହି ଶକ୍ତି ସମଗ୍ର ପ୍ରକୃତିକୁ ପୁଷ୍ଟି କରି ସଞ୍ଚାଳିତ ହୋଇ ରହିଛି ବୋଲି ଦେଖିବାକୁ ସମର୍ଥ ହେବ ଏବଂ ତା'ପରେ ତାହା ସହିତ ତୁମେ ସଂଯୋଗ ସ୍ଥାପନ କରିପାରିବ । ଆପଣାକୁ ତାହାର ଅତ୍ୟନ୍ତ ନିକଟବର୍ତ୍ତୀ ବୋଲି ଅନୁଭବ କରିବ ଏବଂ, ଯେତେଥର ତାହାର ସମ୍ପର୍କରେ ଆସୁଥିବ, ତୁମେ ଆଗରୁ ଲାଭ କରିଥିବା ଭାବଟିକୁ ସେତେବେଳେ ସ୍ମରଣ କରିବ ଏବଂ ତା' ସହିତ ସଂଯୁକ୍ତ ହେବା ଲାଗି ପ୍ରୟାସ କରିବ ।

କେତେକ ବ୍ୟକ୍ତି କ୍ରମେ ଏକଥା ଆବିଷ୍କାର କରିଥାନ୍ତି ଯେ, କେତେକ ନିର୍ଦ୍ଦିଷ୍ଟ ଗତିସ୍ପନ୍ଦନ, ଇଙ୍ଗିତ ତଥା କ୍ରିୟାଶୀଳତା ଦ୍ୱାରାହିଁ ସେମାନେ ଅଧିକ ଅନ୍ତରଙ୍ଗ ଭାବରେ ଏହି ସମ୍ପର୍କଟିକୁ ସ୍ଥାପନ କରି ପାରନ୍ତି । ଏପରି କେତେକ ବ୍ୟକ୍ତିଙ୍କ ସହିତ ମୋର ପରିଚୟ ଥିଲା, ଯେଉଁମାନେ କି ଚାଲିବା ସମୟରେ ଆପଣାର ଅଙ୍ଗସଞ୍ଚାଳନ କରିବାରେ ଅଭ୍ୟସ୍ତ ହୋଇ ଯାଇଥିଲେ···ଏଥିରୁ ସେମାନେ ଯଥାର୍ଥ ଭାବରେ ଏହି ଧାରଣାଟି ଲାଭ କରୁଥିଲେ ଯେ ସେମାନେ ତଦ୍ଦ୍ୱାରା—

'oaob.nitrkl.ac.in' images reprocessed

ଚାଲିବା ସମୟରେ ଏହିପରି ଅଙ୍ଗସଞ୍ଚାଳନ କରିବା ଦ୍ୱାରା—ସେଇଟି ସହିତ ସମ୍ପର୍କ ସ୍ଥାପନ କରି ପାରୁଥିଲେ । ମାତ୍ର ପିଲାମାନେ ଅତ୍ୟନ୍ତ ସ୍ୱତଃସ୍ଫୁର୍ତ୍ତ ଭାବରେ ଏକଥା କରିଥାନ୍ତି : ସେମାନେ ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ଆପଣାକୁ ଆପଣାର ଖେଳ ଭିତରେ ଦେଇ ଦେଇଥାନ୍ତି,—ଦଉଡ଼ୁଥାନ୍ତି, ଖେଳୁଥାନ୍ତି, ଡେଉଁଥାନ୍ତି ଓ ପାଟି କରିବାରେ ଲାଗିଥାନ୍ତି; ଯେତେବେଳେ ସେମାନେ ନିଜର ଶକ୍ତିକୁ ଏହିପରି ଭାବରେ ବ୍ୟୟ କରି ଦେଉଥାନ୍ତି, ସେତେବେଳେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇ ଦେଇଥାନ୍ତି; ଏବଂ, ସେହି ଖେଳିବାର, ଦଉଡ଼ିବାର ଏବଂ ଆପଣାକୁ ସଞ୍ଚାଳିତ କରି ରଖିବାର ଆନନ୍ଦରେ ସେମାନେ ନିଜକୁ ଏହି ବିଶ୍ୱଗତ ପ୍ରାଣଶକ୍ତି ସହିତ ସଂଯୁକ୍ତ କରି ରଖିଥାନ୍ତି । ସେମାନେ ସେହି କଥାଟିକୁ ଜାଣି ନ ଥାନ୍ତି ସତ, ମାତ୍ର, ବିଶ୍ୱଗତ ପ୍ରାଣଶକ୍ତି ସହିତ ଏକ ସମ୍ପର୍କ ସ୍ଥାପନ କରି ରହିଥିବା ଅବସ୍ଥାରେହିଁ ସେମାନେ ଆପଣାର ପ୍ରାଣଶକ୍ତିକୁ ବ୍ୟୟ କରୁଥାନ୍ତି ଏବଂ, ସେହି କାରଣରୁହିଁ ପ୍ରକୃତରେ ଖୁବ୍‌ବେଶୀ କ୍ଳାନ୍ତ ନ ହୋଇ ସେମାନେ ମନଇଚ୍ଛା ଧାଇଁ ପାରୁଥାନ୍ତି । ଅତ୍ୟନ୍ତ ଦୀର୍ଘ ସମୟ ପରେ ଯାଇ ସେମାନେ କ୍ଳାନ୍ତ ଅନୁଭବ କରନ୍ତି । ଅର୍ଥାତ୍ ଆପଣାର ଶକ୍ତିକୁ ସେମାନେ ଏତେ ଅଧିକ ପରିମାଣରେ ବ୍ୟୟ କରୁଥାନ୍ତି ଯେ, ଯଦି ବିଶ୍ୱମୟ ଶକ୍ତିଟି ସହିତ ସେମାନେ ସମ୍ପର୍କ ସ୍ଥାପନ କରି ରହି ନ ଥାନ୍ତେ, ତେବେ ସେମାନେ ସଙ୍ଗେ ସଙ୍ଗେ ଗୋଟାପୁଣି ଅବସନ୍ନ ହୋଇ ପଡ଼ୁଥାନ୍ତେ । ଏବଂ ସେହି କାରଣରୁହିଁ ସେମାନେ ବୃଦ୍ଧିପ୍ରାପ୍ତ ହେବାରେ ଲାଗିଥାନ୍ତି । ପୁନଶ୍ଚ, ସେମାନେ ଯେତିକି ଶକ୍ତି ଖର୍ଚ୍ଚ କରୁଛନ୍ତି, ତା'ଠାରୁ ଅଧିକ ଶକ୍ତି ଗ୍ରହଣ କରୁଛନ୍ତି ବୋଲିହିଁ ସେମାନଙ୍କ ଜୀବନରେ ଏହା ସମ୍ଭବ ହୋଇଥାଏ । ମାତ୍ର, ଜ୍ଞାନର ବୃଦ୍ଧି ହେବା ଓ ନ ହେବା ସହିତ ତାହାର କୌଣସି ସମ୍ବନ୍ଧ ନ ଥାଏ । ଏହା ଏକ ସ୍ୱାଭାବିକ ଏବଂ ସ୍ୱତଃସ୍ଫୁର୍ତ୍ତ ଘଟନା ଭାବରେ ଘଟିଥାଏ । ସେମାନେ ଯାହା କରୁଥାନ୍ତି, ସେଥିରୁ ମିଳୁଥିବା ଆନନ୍ଦ ଦ୍ୱାରା ପ୍ରେରିତ ହୋଇହିଁ ତାହା ଘଟେ । ଆନନ୍ଦ ଭିତରେହିଁ ସେମାନଙ୍କର ଯାବତୀୟ ଶକ୍ତି ବ୍ୟୟିତ ହେବାରେ ଲାଗିଥାଏ । ସେହି ସ୍ଥିତିରେ ଜଣେ ମଣିଷ ଅନେକ କିଛି କରିପାରିବ ।

ମୁଁ ଅନେକ ତରୁଣଙ୍କୁ ଜାଣିଛି, ଯେଉଁମାନେ କି କେବଳ ସହରରେ ବାସ କରି ଆସିଥିଲେ । ସେମାନେ ଏକ ବଡ଼ ସହରରେ ବାସ କରି ଆସିଥିଲେ, ଯେଉଁଠାରେ କି ସାନସାନ ବଖରାଗୁଡ଼ିକ ଭିତରେ ପ୍ରତ୍ୟେକ ବ୍ୟକ୍ତିକୁ ବନ୍ଦୀ ହୋଇ ରହିବାକୁ ପଡ଼ିଥାଏ । ପରେ ସେମାନେ ଗ୍ରାମାଞ୍ଚଳରେ ନିଜର ଛୁଟିସମୟ କଟାଇବେ ବୋଲି ଆସିଥିଲେ, ଫ୍ରାନ୍ସର ଦକ୍ଷିଣାଞ୍ଚଳର ଏକ ଗ୍ରାମରେ । ସେଠାରେ ଉତ୍ତପ୍ତ ସୂର୍ଯ୍ୟକିରଣ ଅପର୍ଯ୍ୟାପ୍ତ ହୋଇ ରହିଥିଲା; ଏଠାରେ ଯେତେ ଉତ୍ତପ୍ତ, ସେତେ ଆଦୌ ନୁହେଁ; ତଥାପି ତାହାକୁ ଅତ୍ୟନ୍ତ ଉତ୍ତପ୍ତ ବୋଲି

'oaob.nitrkl.ac.in' images reprocessed

କୁହାଯିବ (ପାରସ୍‌ର ଖରାକୁ ଭୂମଧ୍ୟସାଗରୀୟ ଉପକୂଳର ଖରା ସହିତ ତୁଳନା କଲେ ଅବଶ୍ୟ ଏକ ପାର୍ଥକ୍ୟ ପରିଲକ୍ଷିତ ହେବ) । ତେଣୁ ସେମାନେ ଯେତେବେଳେ ଗ୍ରାମାଞ୍ଚଳର ଏଣେ ତେଣେ ବୁଲିବାକୁ ଆରମ୍ଭ କଲେ, ସେତେବେଳେ ପ୍ରଥମ କେଇଦିନ ସେମାନଙ୍କୁ ଭୟଙ୍କର ମୁଣ୍ଡବ୍ୟଥା ଭୋଗ କରିବାକୁ ପଡ଼ୁଥିଲା ଏବଂ ଖରାରୁ ଅତ୍ୟନ୍ତ ସନ୍ତପ୍ତ ହେବାକୁ ହେଉଥିଲା । ମାତ୍ର ସେମାନେ ହଠାତ୍ ଭାବିବାକୁ ଲାଗିଲେ, "ଯଦି ଆମେ ସୂର୍ଯ୍ୟଙ୍କ ସହିତ ବନ୍ଧୁତା ସ୍ଥାପନ କରି ପାରିବା, ତେବେ ସିଏ ଆଉ ଆମର କୌଣସି କ୍ଷତି କରିବେ ନାହିଁ । ତା'ପରେ ସେମାନେ ସୂର୍ଯ୍ୟଙ୍କ ସହିତ ବନ୍ଧୁତା ଏବଂ ବିଶ୍ୱାସର ଏକ ସମ୍ପର୍କ ସ୍ଥାପନ କରିବା ଲାଗି ନିଜ ଭିତରେ ଏକ ପ୍ରକାରର ପ୍ରୟାସ ଆରମ୍ଭ କରି ଦେଇଥିଲେ ଏବଂ, ଯେତେବେଳେ ବାହାରେ ଖରା ଭିତରେ ରହୁଥିଲେ, ସେତେବେଳେ କାତର ଓ ଖିନ୍ନଗ୍ରସ୍ତ ହୋଇ "କେଡ଼େ ଖରା ହୋଇଛି, ଦେହହାତ ଏକାବେଳକେ ପୋଡ଼ି ଯାଉଛି !" ବୋଲି କହିବା ପରିବର୍ତ୍ତେ "ଏହି ଖରାରେ କେତେ ଶକ୍ତି, କେତେ ଆନନ୍ଦ ଓ କେତେ ପ୍ରେମ ପୂର୍ଣ୍ଣ ହୋଇ ରହିଛି !" ବୋଲି କହିବାକୁ ଆରମ୍ଭ କଲେ । ସେମାନେ ଆପଣାକୁ ଏହିପରି ଭାବରେ ଉନ୍ମୁକ୍ତ କରି ଦେଇଥିଲେ (ମାଆ ଭଙ୍ଗୀ ଦ୍ୱାରା ଦେଖାଇଦେଲେ) ଏବଂ, ଫଳରେ, ସେମାନେ ସେ ଖରା ଦ୍ୱାରା ଆଉ କୌଣସି ପ୍ରକାରେ ସନ୍ତାପିତ ହେଲେ ନାହିଁ, କେବଳ ସେତିକି ନୁହେଁ, ମାତ୍ର ଅଳ୍ପଦିନ ପରେ ଆପଣାକୁ ଏତେ ଅଧିକ ଶକ୍ତିଶାଳୀ ଅନୁଭବ କଲେ ଯେ, ଘରିଆଡ଼େ ବୁଲି ବୁଲି "ଭାରି ଖରା ହୋଇଛି" ବୋଲି କହୁଥିବା ବ୍ୟକ୍ତିମାନଙ୍କୁ "ଆମେ ଯେପରି କରୁଛୁ, ଆପଣମାନେ ମଧ୍ୟ ସେହିପରି କରନ୍ତୁ; ଖରା ଯେ କେଡ଼େ ଭଲ, ଆପଣମାନେ ବୁଝି ପାରିବେ" ବୋଲି କହିବାକୁ ଲାଗିଲେ । ଏବଂ ସେମାନେ ଟାଣ ଖରାରେ ଘଣ୍ଟା ଘଣ୍ଟା ଧରି ରହି ପାରୁଥିଲେ, ମୁଣ୍ଡକୁ ସମ୍ପୂର୍ଣ୍ଣ ଅନାବୃତ କରି ରଖୁଥିଲେ ମାତ୍ର ତଥାପି କୌଣସି ପ୍ରକାରେ ସନ୍ତାପିତ ଅନୁଭବ କରୁ ନ ଥିଲେ । ଏଠାରେ ମଧ୍ୟ ସେହି ସତ୍ୟଟିକୁ ପ୍ରୟୋଗ କରାଯାଇ ପାରିବ ।

ହଁ, ସେହି ସତ୍ୟଟିକୁ ପ୍ରୟୋଗ କରାଯାଇ ପାରିବ । ସେହି ପିଲାମାନେ ସୂର୍ଯ୍ୟଙ୍କ ଭିତରେ ଥିବା ବିଶ୍ୱମୟ ପ୍ରାଣଶକ୍ତି ସହିତ ଆପଣାକୁ ନେଇ ଯୋଡ଼ି ଦେଇଥିଲେ ଏବଂ ଏହି ଶକ୍ତିକୁ ଗ୍ରହଣ କରିଥିଲେ । ତାହା ଫଳରେ ସେମାନଙ୍କୁ ଯାହାକିଛି ଅପ୍ରୀତିକର ଲାଗୁଥିଲା, ସେହି ଶକ୍ତି ତାହାକୁ ସମ୍ପୂର୍ଣ୍ଣ ଭାବରେ ହରଣ କରି ନେଇଥିଲା ।

ଯେତେବେଳେ ତୁମେ ଗ୍ରାମାଞ୍ଚଳରେ ଥାଅ, ଯେତେବେଳେ ତୁମେ ବୃକ୍ଷ ଗୁଡ଼ିକ ତଳେ ବିଚରଣ କରୁଥାଅ ଏବଂ ନିଜକୁ ସେହି ପ୍ରକୃତି, ବୃକ୍ଷରାଜି, ଆକାଶ, ପତ୍ରଗୁଚ୍ଛ, ଶାଖାପ୍ରଶାଖା, ଲତା ଓ ଗୁଳ୍ମଗୁଡ଼ିକର ଅତ୍ୟନ୍ତ ନିକଟବର୍ତ୍ତୀ ବୋଲି

'oaob.nitrkl.ac.in' images reprocessed

ଅନୁଭବ କରୁଥାଅ, ଏହି ଯାବତୀୟ ବସ୍ତୁଗୁଡ଼ିକ ସହିତ ତୁମେ ଯେତେବେଳେ ବାହ୍ୟତାର ଏକ ବୃହତ୍ତର ଡୋରରେ ଏକତ୍ର ବାନ୍ଧି ହୋଇ ରହିଥିବା ପରି ଅନୁଭବ କରୁଥାଅ, ଯେତେବେଳେ ସେଠାରେ ଉପଲବ୍ଧ ହେଉଥିବା ଚମତ୍କାର ବାୟୁକୁ —ସକଳ ଉଦ୍ଭିଦ ସମାବେଶର ସୁଗନ୍ଧରେ ସୁଗନ୍ଧିତ ହୋଇ ରହିଥିବା ବାୟୁକୁ — ନିଜର ପ୍ରଶ୍ୱାସରେ ଗ୍ରହଣ କରୁଥାଅ, ସେତେବେଳେ ତୁମେ ଆପଣାକୁ ପ୍ରକୃତରେ ଉନ୍ମୋଚିତ କରିଦିଅ ଏବଂ, ଆପଣାକୁ ଏହିପରି ଭାବରେ ଉନ୍ମୋଚିତ କରିଦେବା ଦ୍ୱାରା ବିଶ୍ୱମୟ ଶକ୍ତିଗୁଡ଼ିକ ସହିତ ସଂଯୋଗ ସ୍ଥାପନ କରି ରହିଥାଅ । ଏବଂ, ଯାବତୀୟ ବସ୍ତୁର କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା ଘଟିଥାଏ ।

ଖାଦ୍ୟବେଳେ କ'ଣ ଠିକ୍ ଏହିପରି କରାଯାଇ ପାରିବ ?

ହଁ, ମୁଁ ଭାବୁଛି ପାରିବ । ମୁଁ ଭାବୁଛି, ଯାବତୀୟ ବସ୍ତୁର କ୍ଷେତ୍ରରେ ଆମେ ଠିକ୍ ସେହିପରି କରିପାରିବା ।

ବିଶ୍ୱପ୍ରକୃତିର ସମଗ୍ର ସଂଗଠନ ମଧ୍ୟରେ ସୂର୍ଯ୍ୟ ହେଉଛି ଗୋଟିଏ ଅତ୍ୟନ୍ତ ଶକ୍ତିସମ୍ପନ୍ନ ପ୍ରତୀକ । ତେଣୁ ଏହା କଦାପି ସମ୍ପୂର୍ଣ୍ଣ ଭାବରେ ସେହି ଏକା କଥା ନୁହେଁ; ଏହା ଭିତରେ ଅସାଧାରଣ ଭାବରେ ଶକ୍ତି ଘନୀଭୂତ ହୋଇ ରହିଛି । ଶୀତଳତାଟି କେବଳ ଏକ ଅଭାବାତ୍ମକ କଳ୍ପନା ହୋଇ ରହିଥିବା ପରି ମନେ ହେଉଛି; ଏହା କୌଣସି ଏକ ଅନ୍ୟ ତତ୍ତ୍ୱର ଅନୁପସ୍ଥିତିକୁହିଁ ସୂଚାଇ ଦେଉଛି । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଆମେ ଯଦି ବିଶ୍ୱପ୍ରକୃତିର ଗତି-ଛନ୍ଦ ମଧ୍ୟରେ ପ୍ରବେଶ କରିବାର ପ୍ରଣାଳୀଟିକୁ ଜାଣିଯିବା, ତେବେ ଆମେ ତଦ୍ୱାରା ଅନେକ ଅସୁବିଧାରୁ ରକ୍ଷା ପାଇପାରିବା । ଏକ ସଙ୍କୀର୍ଣ୍ଣତା ହେତୁହିଁ ଲୋକମାନେ ରୋଗରେ ପଡ଼ନ୍ତି, ତାହାହିଁ ଶରୀରର ଭାରସାମ୍ୟକୁ ବ୍ୟାହତ କରି ଦେଇଥାଏ । ସବଦା ଏହି ସଙ୍କୀର୍ଣ୍ଣତାହିଁ ସବୁକିଛି ସଂଗଠିତ କରାଏ । ଏପରି ଘଟେ, କାରଣ ଆମେ ନାନା ସୀମା ଭିତରେ ବନ୍ଦ ହୋଇ ରହିଥାଉ ଏବଂ, ଏଠାରେ ଶ୍ରୀଅରବିନ୍ଦ ଯେପରି ଲେଖିଛନ୍ତି, ଏହି କ୍ଷେତ୍ରରେ ଏକ ପ୍ରବଳ ଅନ୍ୟ ଶକ୍ତି ଏହିସବୁ ସୀମା ଉପରେ ଚାପ ଦେବାରେ ଲାଗିଥାଏ — ତାହା ସବୁକିଛୁକୁ ଏକାବେଳେକେ ବିଗାଡ଼ି ଦେଇଯାଏ ।

ମାଆ, "ଅନ୍ତର୍ଗତ ଭୌତିକ" କହିଲେ କାହାକୁ ବୁଝାଏ ?

ଥରେ ଆମେ ଅବଚେତନର ଆଲୋଚନା କଲାବେଳେ ଏହି ପ୍ରଶ୍ନଟିର ମଧ୍ୟ ଚର୍ଚ୍ଚା କରିଥିଲୁ । ଦୁଇଟିଯାକ ସେଇ ଗୋଟିଏ କଥା ।

'oaob.nitrkl.ac.in' images reprocessed

ବାହ୍ୟ ଭୂମିର ଏହି ସତ୍ତ୍ୱଟି, ଯେଉଁ ଶରୀରଟିକୁ ଆମେ ବାହାରୁ ଦେଖି ପାରୁଛୁ, ଏହି ବାହ୍ୟ ଗଠନଟି ଗୋଟିଏ ପ୍ରକାରର ଅନ୍ତର୍ଗତ ସ୍ଥିତି ତଥା ଉପାଦାନ ଦ୍ୱାରା ବର୍ଦ୍ଧିତ ହୋଇ ରହିଛି, ସେହି ଅନ୍ତର୍ଗତ ଉପାଦାନଟି ଏହି ବାହ୍ୟ ବସ୍ତୁଟିର ମାଧ୍ୟମରେ ଆପଣାକୁ ଅଭିବ୍ୟକ୍ତ କରୁଛି । ଯେତେବେଳେ ବାହାରୁ କୌଣସି ବସ୍ତୁ ଆସି ତୁମକୁ ଆଘାତ କରୁଛି ଏବଂ ତାହା ତୁମକୁ ଅସୁଖକର ଲାଗୁଛି, ସେତିକାବେଳେହିଁ ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନ୍ତରସ୍ଥ ସେହି ଭୌତିକକୁ ଅନୁଭବ କରିପାରୁଛ । ତା'ପରେ ତୁମେ ନିଜକୁ ସେଇଟିଠାରୁ ପ୍ରତ୍ୟାହୃତ କରି ଆଣୁଛ, ପରିସ୍ଥିତି ଅଥବା ବସ୍ତୁଗୁଡ଼ିକ ସହିତ ହୋଇଥିବା ସଂସ୍ପର୍ଶଟିଠାରୁ ତୁମେ ନିଜକୁ ଅପସାରିତ କରି ନେଇ ଆସୁଛ । ସେତେବେଳେ ସର୍ବପ୍ରଥମେ ତୁମର ଏଭଳି ଧାରଣା ହେଉଛି, ସତେଯେପରି ତୁମେ ନିଜର ସେହି ଭୌତିକ ସତ୍ତ୍ୱଟି ଭିତରକୁହିଁ ଆପଣାକୁ ପ୍ରତ୍ୟାହୃତ କରି ନେଇ ଆସୁଛ; ତୁମେ ଭାବୁଛ, ସେହି କ୍ଷେତ୍ରରେ ଗୋଟିଏ ଭୌତିକ ସତ୍ତ୍ୱହିଁ ଅବସ୍ଥିତ ରହିଛି, ରୂପ ଦେବାରେ ଲାଗିଛି, ଅର୍ଥାତ୍, ଏକ ନୂତନ ଆକାରକୁ ରୂପ ଦେବା ଲାଗି ବାହ୍ୟ ଆକାରଟି ଉପରେ ରୂପ ଦେବାରେ ଲାଗିଛି ।

ଏଇଟି ହେତୁହିଁ ପିଲାମାନଙ୍କର ଅଭିବୃଦ୍ଧି ସାଧିତ ହୋଇଥାଏ; ଆମେ ଏହାକୁ ଏକ ପ୍ରକାରର ଅନ୍ତଃବସ୍ତୁ ବୋଲି ଜାଣିବା, ଯାହାକି ଭିତରେ ଥାଇ କ୍ରିୟାଶୀଳ ହେବା ଲାଗି ଠେଲିବାରେ ଲାଗିଥାଏ, ଗତିଶୀଳ ହେବା ଲାଗି ଏବଂ ଅଗ୍ରଗତି କରିବା ଲାଗି ଠେଲିବାରେ ଲାଗିଥାଏ । ମାତ୍ର, ତାହା ହେଉଛି ସେହି ଭୌତିକ ଭୂମିରହିଁ ଗୋଟିଏ ଉପାଦାନ, ଏହାକୁ ଆମେ ଏକ ପ୍ରାଣିକ ଅଥବା ମାନସିକ ଉପାଦାନ ବୋଲି ଆଦୌ କହି ପାରିବା ନାହିଁ । ଏହା ଆଂଶିକ ଭାବରେ ଭୌତିକ । ତାହା ଭିତରେ ଥାଇ ଅଭିବ୍ୟକ୍ତ ଉଦ୍ଦେଶ୍ୟରେ ଠେଲିବାରେ ଲାଗିଥାଏ ଏବଂ ସେହି ଅଭିବ୍ୟକ୍ତି ମଧ୍ୟରେହିଁ ତାହା ସଂକେନ୍ଦ୍ରିତ ହୋଇ ରହିଥାଏ, ଆପଣା ଲାଗି ଏକ ନିର୍ଦ୍ଦିଷ୍ଟ ମାର୍ଗ ପାଇଥାଏ । ଭିତରର ଭୂମିରେ ତାହା ଅଧିକ ବିସ୍ତାରଯୁକ୍ତ ଏବଂ ଅନିର୍ଦ୍ଦିଷ୍ଟ ହୋଇ ରହିଥାଏ । ଶ୍ରୀଅରବିନ୍ଦ ଏହାକୁହିଁ "ଅନ୍ତର୍ଗତ ଭୌତିକ" ବୋଲି କହିଛନ୍ତି । ଏହା ଅପେକ୍ଷାକୃତ ଅଧିକ ଅସ୍ପଷ୍ଟ ଏବଂ ଅନିର୍ଦ୍ଦିଷ୍ଟ ହୋଇ ରହିଥାଏ । ସେହି ଭୂମିରେ ଥାଇ ମଧ୍ୟ ଆମେ ସ୍ୱପ୍ନ ଦେଖି ପାରିବା । ଉଦାହରଣସ୍ୱରୂପ, ସ୍ୱପ୍ନରେ ଆମେ ଗୋଟିଏ କୋଠରି ଦେଖିବା, ଆମେ ନିଜ କୋଠରିଟିକୁ ଦେଖୁଥିବା । ହଁ, ନିଜ କୋଠରିଟିକୁ ଦେଖୁଥିବା ସତ, ମାତ୍ର ସେଥିରେ ତଥାପି କେତୋଟି ପାର୍ଥକ୍ୟମାନ ରହିଥିବ; ଜାଗ୍ରତ ରହିଥିବା ସମୟରେ ଦୁଇ ଆଖିରେ ଆମେ ଯାହା ଦେଖିବାକୁ ପାଉ, ଏହି ଅବସ୍ଥାରେ ଆମେ କଦାପି ଅବିକଳ ତାହାହିଁ ଦେଖୁ ନ ଥିବା । ଏହାକୁ ଏକ

'oaob.nitrkl.ac.in' images reprocessed

ଭୌତିକଜଗତସ୍ଥ ଦର୍ଶନ ବୋଲି ବୁଝାଯିବ ସତ, ମାତ୍ର, ତଥାପି କିଞ୍ଚିତ୍ ପରିମାଣରେ ପାର୍ଥକ୍ୟ ରହିଥିବ,-ଆମର ସ୍ଥୂଳତମ ଅନୁଭବଗୁଡ଼ିକର ତୁଳନାରେ ସେହି କ୍ଷେତ୍ରରେ ନିଶ୍ଚୟ ସ୍ୱଳ୍ପ ମାତ୍ରାର ପାର୍ଥକ୍ୟମାନ ରହିଥିବ ।

**ସତ୍ୟ ?**

ମାଆ, ଏହି ବିଶ୍ୱଗତ ପ୍ରାଣିକ ଶକ୍ତିଗୁଡ଼ିକର କୌଣସି ସୀମା ରହିଛି କି ?

ଏହି ଶକ୍ତିଗୁଡ଼ିକର କୌଣସି ସୀମା ଅଛି ବୋଲି ମୁଁ ପ୍ରକୃତରେ ଭାବୁ ନାହିଁ, କାରଣ, ଆମ୍ଭମାନଙ୍କ ତୁଳନାରେ ସେଗୁଡ଼ିକ ସୁନିଶ୍ଚିତ ଭାବରେ ଅସୀମ ହୋଇ ରହିଛନ୍ତି । ମାତ୍ର, ଗ୍ରହଣ କରିବା ଲାଗି ଆମର ଶକ୍ତିହିଁ ସୀମାବଦ୍ଧ ହୋଇ ରହିଛି । ଆମେ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ସେପାଖକୁ ଯାଇ ଆଦୌ ଗ୍ରହଣ କରିପାରୁ ନାହିଁ; ଏବଂ ତା'ପରେ, ଆମକୁ ଆମର ବ୍ୟୟ ଏବଂ ଏହି ଗ୍ରହଣକ୍ଷମତା ମଧ୍ୟରେ ଏକ ଭାରସାମ୍ୟ କୁ ରକ୍ଷା କରିବାକୁ ହୋଇଥାଏ । ଉଦାହରଣସ୍ୱରୂପ, ହଠାତ୍ କୌଣସି ପ୍ରବଳ ଆବେଗର ବଶବର୍ତ୍ତୀ ହୋଇ ଯଦି ଆମେ ହଠାତ୍ ବ୍ୟୟ କରିବାକୁ ଆରମ୍ଭ କରୁ, — ଆମେ ଯେତିକି ଗ୍ରହଣ କରିଥାଉ, ଯଦି ତାହାଠାରୁ ଅଧିକ ବ୍ୟୟ କରୁ, ତେବେ ସେତେବେଳେ ବିଶ୍ୱଗତ ଶକ୍ତିଗୁଡ଼ିକୁ ଆପଣା ଭିତରକୁ ଆହରଣ କରିପାରିବା ଲାଗି ସଚେତନତା, ସ୍ଥିରତା ଏବଂ ଗ୍ରହଣଶୀଳତାର ଏକ କ୍ଷୁଦ୍ର କ୍ଷଣର ଆବଶ୍ୟକତା ରହିଥାଏ । ସେହି ଶକ୍ତିଗୁଡ଼ିକୁ ଗ୍ରହଣ କରି-ପାରିବାକୁ ହେଲେ ତୁମକୁ ନିଜକୁ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଅବଶ୍ୟ ରଖିବାକୁ ପଡ଼େ । ପୁନଶ୍ଚ, ସେହି ଶକ୍ତିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅବଧି ଲାଗି ରହିଥାନ୍ତି ଏବଂ, ସେଗୁଡ଼ିକୁ ବ୍ୟୟ କରିସାରିବା ପରେ ତୁମକୁ ସେଗୁଡ଼ିକୁ ଆଉ ଥରେ ଗ୍ରହଣ କରିବାକୁହିଁ ପଡ଼ିଥାଏ । ଏହି ଦୃଷ୍ଟିରୁ ଏହି କ୍ଷେତ୍ରରେ ଏକ ସୀମା ରହିଛି ବୋଲି ବୁଝାଯାଇପାରିବ । ସେହି ଶକ୍ତିସବୁ ଆଦୌ ସୀମିତ ନୁହନ୍ତି, ଆମର ଗ୍ରହଣଶୀଳତାହିଁ ସୀମିତ ।

ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ ପ୍ରକାରର ଗ୍ରହଣଶୀଳତା ରହିଥାଏ । ଗୁଣାତ୍ମକ ତଥା ପରିମାଣାତ୍ମକ କୌଣସି ଦୃଷ୍ଟିରୁହିଁ ଦୁଇଜଣ ବ୍ୟକ୍ତିଙ୍କର ଗ୍ରହଣଶୀଳତା ଆଦୌ ସମାନ ହୋଇ ରହି ନ ଥାଏ, ବିଶେଷତଃ ଗୁଣାତ୍ମକ ଦୃଷ୍ଟିରୁ ମୋଟେ ସମାନ ନ ଥାଏ । ଆମେ ସେହି ଅତ୍ୟନ୍ତ ଶୁଦ୍ଧ ଏବଂ ଅତ୍ୟନ୍ତ ସଘନ ଶକ୍ତିଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରୁ—ସେତେବେଳେ ଆମେ ସେଗୁଡ଼ିକୁ ଗୋଟିଏ ଗୋଟିଏ ରୂପାନ୍ତରିତ ଶକ୍ତି ବୋଲି ବେଶ୍ କହିପାରିବା ଅର୍ଥାତ୍, ସେଗୁଡ଼ିକୁ ଏପରି ଗୋଟିଏ ଗୋଟିଏ ବିଶ୍ୱଗତ ପ୍ରାଣଶକ୍ତି ବୋଲି କହିପାରିବା, ଯେଉଁଗୁଡ଼ିକ କି ଦିବ୍ୟ

'oaob.nitrkl.ac.in' images reprocessed

ପରମସତ୍ତ୍ୱଙ୍କର ସଂସ୍ପର୍ଶ ଲାଭ କରିଥାନ୍ତି; ସେଗୁଡ଼ିକ ଯେ କେବଳ ଦିବ୍ୟ ପରମ ସତ୍ତ୍ୱଙ୍କୁ ଗ୍ରହଣ କରୁଥାନ୍ତି ତା' ନୁହେଁ, ତାଙ୍କୁ ଗ୍ରହଣ କରିବା ଲାଗି ଅଭୀପ୍ସା ମଧ୍ୟ ରଖିଥାନ୍ତି । ତେଣୁ ଯଦି ତୁମେ ଏହି ଶକ୍ତିଗୁଡ଼ିକୁ ଗ୍ରହଣ କରିପାରିବ, ତେବେ ତାହା ତୁମକୁ ଅଗ୍ରଗତି ପାଇଁ ଅନେକ ବଳ ଆଣି ଦେଇଯାଏ । ଏହି କ୍ଷେତ୍ରରେ ଗୁଣାତ୍ମକତାଦୃଷ୍ଟି ଅନେକ ଅଧିକ ପରିମାଣରେ ମହତ୍ତ୍ୱପୂର୍ଣ୍ଣ ବୋଲି ବୁଝାଯିବ । ଏବଂ ବିଶ୍ୱଗତ ଏହି ପ୍ରାଣଶକ୍ତିଗୁଡ଼ିକର ଗୁଣାତ୍ମକତାର କ୍ଷେତ୍ରରେ, ତୁମେ ନିଜେ କ'ଣ ସବୁକିଛୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅନେକ ପରିମାଣରେ ତାହାରି ଉପରେ ନିର୍ଭର କରୁଥିବ; ଏବଂ ତୁମେ କ'ଣ କରୁଛ, ସେଇଟି ଉପରେ ମଧ୍ୟ ଅନେକ ପରିମାଣରେ ନିର୍ଭର କରିବ ।

ଏହି ଶକ୍ତିଗୁଡ଼ିକୁ ଯଦି ତୁମେ ଏକ ନିମ୍ନ ସ୍ତରର ସ୍ୱାର୍ଥପ୍ରଣୋଦିତ କାର୍ଯ୍ୟରେ ବ୍ୟବହାର କରୁଥିବ, ତେବେ ତୁମ ପକ୍ଷରେ ସମାନ ଭାବରେ ଉତ୍ତମ ଗୁଣାତ୍ମକତା ଥିବା ନୂତନ ଶକ୍ତିଗୁଡ଼ିକୁ ଗ୍ରହଣ କରିବା ପ୍ରାୟ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିବ । ତୁମେ ଗ୍ରହଣ କରୁଥିବା ଶକ୍ତିଗୁଡ଼ିକୁ ତୁମେ କିପରି ଭାବରେ ବ୍ୟବହାର କରୁଛ, ସବୁକିଛୁ ତାହାରି ଉପରେ ନିର୍ଭର କରିବ । ଯଦି, ଅନ୍ୟପକ୍ଷରେ, ତୁମେ ଆପଣାର ଅଗ୍ରଗତି ନିମନ୍ତେ, ଆପଣାକୁ ଅଧିକ ପରିପୂର୍ଣ୍ଣ କରି ଗଢ଼ିବାରେ ସେଗୁଡ଼ିକୁ ବ୍ୟବହାର କରୁଥିବ, ତେବେ ତାହା ତୁମକୁ ···ଆହୁରି ବୃହତ୍ତର ପରିମାଣରେ ଗ୍ରହଣ କରି ପାରିବା ଲାଗି ତାହା ତୁମର ସାମର୍ଥ୍ୟକୁ ବଢ଼ାଇଦେବ । ଏବଂ, ତା'ପରେ, ଆଉଥରେ ସେହି ଶକ୍ତିକୁ ଗ୍ରହଣ କଲାବେଳେ, ତୁମେ ଅପେକ୍ଷାକୃତ ଆହୁରି ଅଧିକ ଗ୍ରହଣ କରିବାକୁ ଅବଶ୍ୟ ସମର୍ଥ ହେବ । ସେଗୁଡ଼ିକୁ ଆମେ କିପରି ଭାବରେ ବ୍ୟବହାର କରୁଛୁ, ତାହାରି ଉପରେ ସବୁକିଛି ନିର୍ଭର କରେ (ମୋ' କ୍ଷେତ୍ରରେ ତାହା ବିଶେଷ ଭାବରେ ଘଟିଥାଏ ) । ଉଦାହରଣସ୍ୱରୂପ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସ୍ୱଭାବତଃ ଅଳପ କଥାରେ ହଠାତ୍ ରାଗି ଯାଆନ୍ତି ଏବଂ ଆପଣାର ସେହି କ୍ରୋଧକୁ ନିୟନ୍ତ୍ରଣରେ ରଖିବାକୁ ସଫଳ ହୋଇ ପାରନ୍ତି ନାହିଁ । ସେହି କ୍ଷେତ୍ରରେ, ଯଦି ସେମାନେ, ଏକ ଅଭୀପ୍ସା ଦ୍ୱାରା ଅଥବା ଆଉ କୌଣସି ପ୍ରଣାଳୀ ଦ୍ୱାରା, ସେହି ଉଚ୍ଚତର ପ୍ରାଣଶକ୍ତିଗୁଡ଼ିକୁ କେତେକ ପରିମାଣରେ ଗ୍ରହଣ କରିଥାନ୍ତି, ତେବେ ଆପଣାର କ୍ରୋଧ ଅଥବା ଉତ୍ତେଜନାକୁ ତଦ୍ଦ୍ୱାରା ଶାନ୍ତ କରି ଆଣିପାରିବା ପରିବର୍ତ୍ତେ ··ସେମାନଙ୍କ ପାଖରେ ଆତ୍ମନିୟନ୍ତ୍ରଣର କୌଣସି ଶକ୍ତି ନ ଥିବାରୁ, ତଦ୍ଦ୍ୱାରା ସେମାନଙ୍କର କ୍ରୋଧ ବୃଦ୍ଧି ପାଇଥାଏ, ଅର୍ଥାତ୍ ଉତ୍ତେଜିତ ହୋଇ ପଡ଼ିବା ଲାଗି ସେମାନଙ୍କର ପ୍ରବଣତା ଆହୁରି ବଢ଼ିଯାଏ ଏବଂ କ୍ରୋଧର ବଶବର୍ତ୍ତୀ ହୋଇ ରହିଥିବା ସେମାନଙ୍କର କାର୍ଯ୍ୟଗୁଡ଼ିକ ଆହୁରି ଅଧିକ ତୀବ୍ର ଓ ଶକ୍ତିଯୁକ୍ତ ହୋଇ ରହିଥାଏ ଏବଂ ଆହୁରି ଅଧିକ ପ୍ରଚଣ୍ଡ ହୋଇପଡ଼େ । ତେଣୁ,

'oaob.nitrkl.ac.in' images reprocessed

ଏକଥା ଯଥାର୍ଥରେ କୁହାଯାଇଛି ଯେ, ବିଶ୍ୱଗତ ଶକ୍ତିଗୁଡ଼ିକର ସଂସ୍ପର୍ଶରେ ଆସିଲେହିଁ ଯେ ଜଣେ ବ୍ୟକ୍ତି ଅବଶ୍ୟ ଅଗ୍ରଗତି କରିବ, ସେକଥା ଆଦୌ ଠିକ୍ ନୁହେଁ । ମାତ୍ର ଏପରି ଘଟେ, କାରଣ ସେହି ବ୍ୟକ୍ତିମାନେ ସେଗୁଡ଼ିକୁ ଅନୁଚିତ ଭାବରେ ବ୍ୟବହାର କରୁଥାନ୍ତି । ତଥାପି, ପରିଶେଷରେ, ଏହି ଅନୁଚିତ ବ୍ୟବହାରହିଁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଗ୍ରହଣ କରିବାର ସାମର୍ଥ୍ୟଟିକୁ ମଧ୍ୟ ଉଣା କରି ଆଣିଥାଏ; ମାତ୍ର ସେଥିଲାଗି ସମୟ ଲାଗେ, ତାହା ସଙ୍ଗେ ସଙ୍ଗେ ଆଦୌ ଘଟେ ନାହିଁ । ଏବଂ ତେଣୁ ଏକଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯେ, ନିମ୍ନତର ଶକ୍ତିଗୁଡ଼ିକୁ ନୁହେଁ, ମାତ୍ର ଉଚ୍ଚତର ଶକ୍ତିଗୁଡ଼ିକୁ ଗ୍ରହଣ କରିପାରିବା ନିମନ୍ତେ ତୁମେ ଆପଣାକୁ ଅବଶ୍ୟ ଏକ ଉତ୍ତମ ସ୍ଥିତିରେ ରଖିଥିବ ଏବଂ ଦ୍ୱିତୀୟତଃ, ସେଗୁଡ଼ିକୁ ଗ୍ରହଣ କରିବା ପରେ, ସେଗୁଡ଼ିକୁ ଯଥାସମ୍ଭବ ସର୍ବୋତ୍ତମ ଉଦ୍ଦେଶ୍ୟଟି ଲାଗି ବ୍ୟବହାର ବି କରିପାରୁଥିବ । ତେବେ-ଯାଇ ତୁମେ ଏକ ଉଚ୍ଚତର ଗୁଣାତ୍ମକତା ବହନ କରୁଥିବା ଶକ୍ତିଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ଆପଣାକୁ ଯଥାର୍ଥ ଭାବରେ ପ୍ରସ୍ତୁତ କରି ରଖିପାରିବ । ମାତ୍ର, ଯଦି ତୁମେ ଆପଣାକୁ ଉନ୍ମୋଚିତ କରିଦେବ, ଶକ୍ତିଗୁଡ଼ିକୁ ଗ୍ରହଣ କରିବ, ମାତ୍ର ପରେ, ସେଗୁଡ଼ିକୁ ଗ୍ରହଣ କଲି ବୋଲି ସନ୍ତୁଷ୍ଟ ହୋଇଯାଇ ଆପଣାକୁ ଯାବତୀୟ ମାମୁଲି କାର୍ଯ୍ୟକଳାପର ବାଟରେ ସ୍ଖଳିତ ହେବାକୁ ଛାଡ଼ିଦେବ, ତେବେ ତଦ୍ଦ୍ୱାରା ତୁମେ ପ୍ରକୃତରେ ଦୁଆରଟିକୁ ବନ୍ଦ କରିଦେବ ଏବଂ ସେହି ଶକ୍ତି ମଧ୍ୟ ତୁମ ପାଖକୁ ପୁନର୍ବାର କଦାପି ଆସିବ ନାହିଁ ।

ଏହି ଗ୍ରହଣଶୀଳତାରେ ମଧ୍ୟ କ'ଣ ଏକ ବୃଦ୍ଧି ସମ୍ଭବ ହେବ··· ?

ଗ୍ରହଣଶୀଳତାରେ ବୃଦ୍ଧି କିପରି ସମ୍ଭବ ହେବ ? ଅଗ୍ରଗତି କରିବା ଦ୍ୱାରା ।

ଆଗ ଆପଣାକୁ ଉନ୍ମୋଚିତ କରି ପାରିବାର ଉପାୟଟିକୁ ଜାଣିବାକୁ ହେବ, ଏବଂ ତା'ପରେ, ଏକ ପରିପୂର୍ଣ୍ଣ ଶାନ୍ତ ଅବସ୍ଥା ମଧ୍ୟରେ, ତୁମେ ଗ୍ରହଣ କରିଥିବା ଶକ୍ତିଗୁଡ଼ିକୁ ଆପଣା ଭିତରକୁ କିପରି ଗ୍ରହଣ କରି ନିଆଯାଇ ପାରିବ,—ଯେପରିକି ସେଗୁଡ଼ିକୁ କେବେହେଲେ ଆଉ ବାହାରକୁ ଫିଙ୍ଗିଦେବାକୁ ପଡ଼ିବ ନାହିଁ,—ତୁମକୁ ସେକଥାଟି ମଧ୍ୟ ଜାଣିବାକୁ ହେବ । ସେଗୁଡ଼ିକୁ ଆପଣା ଭିତରକୁ ଗ୍ରହଣ କରିବାର ଉପାୟଟିକୁ ଜାଣିବାକୁ ପଡ଼ିବ ।

ତେଣୁ, ଏକ ସାଧାରଣ, ଅଥଚ, ଉତ୍ତରୋତ୍ତର ଭାବରେ ବୃଦ୍ଧି ପାଉଥିବା ସମତାବସ୍ଥା ରକ୍ଷା କରି ପାରିବା ଦ୍ୱାରାହିଁ ସେହି ଅଗ୍ରଗତି ସମ୍ଭବ ହେବ । ଗ୍ରହଣ କରିବା ଓ ଯାହା ଗ୍ରହଣ କଲ, ତାହାକୁ ନିଜ ଭିତରକୁ ସଂଗୃହୀତ କରିନେବାର ପର୍ଯ୍ୟାପ୍ତମାନ ରହିଥିବ, ସେଗୁଡ଼ିକୁ ବ୍ୟୟ କରିବାର ପର୍ଯ୍ୟାପ୍ତମାନ ବି ରହିଥିବ । ଦୁଇଟି ମଧ୍ୟରେ ଏକ ଭାରସାମ୍ୟ ରକ୍ଷା କରିବାର ଉପାୟଟି ମଧ୍ୟ ତୁମକୁ ଜଣାଥିବ,

'oaob.nitrkl.ac.in' images reprocessed

—ତୁମେ ସେଗୁଡ଼ିକୁ ଆପଣାର ଏକ ନିଜସ୍ୱ ଛନ୍ଦରେ ପରସ୍ପରର ପରବର୍ତ୍ତୀ ଭାବରେ ଗ୍ରହଣ କରି ପାରୁଥିବ । କେବେହେଲେ ଆପଣାର ସାମର୍ଥ୍ୟ ଭିତରୁ ବାହାରିଯିବ ନାହିଁ,—ତାହାର ନିମ୍ନରେ କେବେହେଲେ ରହିବ ନାହିଁ, କାରଣ, 'ବିଶ୍ୱଗତ ପ୍ରାଣଶକ୍ତିଗୁଡ଼ିକ ଏପରି କୌଣସି ପଦାର୍ଥ ନୁହନ୍ତି ଯେ ତୁମେ ସେଗୁଡ଼ିକୁ ଏକ ଲୁହାସିନ୍ଦୁକ ଭିତରେ ବନ୍ଦ କରି ରଖିଦେଇ ପାରିବ । ସେଗୁଡ଼ିକ ସର୍ବଦା ସଞ୍ଚାଳିତ ଅବସ୍ଥାରେ ରହି ପାରୁଥିବା ଆବଶ୍ୟକ । ତେଣୁ, ସେଗୁଡ଼ିକୁ କିପରି ଗ୍ରହଣ କରିବାକୁ ହେବ ଓ କିପରି ବ୍ୟୟ କରିବାକୁ ହେବ, ତୁମେ ଯୁଗପତ୍ ଭାବରେ ଦୁଇଟିଯାକ କଥାକୁ ଅବଶ୍ୟ ଜାଣିଥିବ । ଏବଂ, ଗ୍ରହଣ କରିବା ଶକ୍ତିର ପରିମାଣକୁ ମଧ୍ୟ ବୃଦ୍ଧି କରି ଜାଣିଥିବ, ଯେପରିକି କାମରେ ଲାଗିବା ତଥା ବ୍ୟୟିତ ହେବା ନିମନ୍ତେ ତୁମ ପାଖରେ ସେହି ବସ୍ତୁଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ମହଜୁଦ ହୋଇ ରହିଥିବ । ଏବଂ, ମୁଁ ପୂର୍ବରୁ ଯେପରି କହୁଥିଲି, ସାନପିଲାମାନଙ୍କ କ୍ଷେତ୍ରରେହିଁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏହି କଥାଟି ଘଟିଥାଏ । ସେମାନେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ନିର୍ଦ୍ଦିଷ୍ଟ ପ୍ରୟାସ ଆରମ୍ଭ କରିଦିଅନ୍ତି, ଏକ ନିର୍ଦ୍ଦିଷ୍ଟ ପ୍ରକାର ପରିମାଣର ଶକ୍ତି ଲାଭ କରନ୍ତି, ତାହାକୁ ଆପଣା ଭିତରକୁ ଗ୍ରହଣ କରିନିଅନ୍ତି ଏବଂ ତା'ପରେ କିଛୁଦିନ ଉତ୍ତାରୁ, ଦୁଇ, ଦଶ ବା କୋଡ଼ିଏ ଦିନ ଉତ୍ତାରୁ ସେମାନେ ଆହୁରି ଅଧିକ ବ୍ୟୟ କରିବାକୁ ସମର୍ଥ ହୁଅନ୍ତି । ଗୋଟିଏ ବର୍ଷ ପରେ ସେମାନେ ଅନେକ ଅଧିକ କରିପାରନ୍ତି କାରଣ ସେମାନେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକ କ୍ରମପରବର୍ତ୍ତୀ ଧାରାରେ ଗ୍ରହଣ ଏବଂ ବ୍ୟୟ, ଉଭୟ କାର୍ଯ୍ୟକୁ କରି ପାରୁଥାନ୍ତି । ଏବଂ ଏହିପରି ଭାବରେ ଆନ୍ତରଜଗତ ସ୍ଥିତିରେ ମଧ୍ୟ ଆଗକୁ ବଢ଼ିବାରେ ଲାଗିଥାନ୍ତି । ସେମାନେ ଅବଶ୍ୟ ଅତ୍ୟନ୍ତ ଅସଚେତନ ଭାବରେ ଏସବୁ କରନ୍ତି; ମାତ୍ର ବୟସ ବଢ଼ିଗଲେ ଏହା ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଯାଏ, —ଉଦାହରଣସ୍ୱରୂପ, ବୃଦ୍ଧି ବନ୍ଦ ହୋଇଯାଏ । ତେଣୁ, ଏହାର ଅର୍ଥ ହେଉଛି ଯେ, ଏହି କ୍ଷେତ୍ରରେ ସମ୍ପ୍ରସାରଣ ଲାଭ କରିବାର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟ ରହିଥାଏ, ଯାହାକି ବର୍ତ୍ତମାନ ବନ୍ଦ ହୋଇଯାଏ । ମାତ୍ର ଏହି ପ୍ରତିସ୍ଥିତିକୁ ଅବଶ୍ୟ ବଢ଼ାଇ ଦିଆଯାଇପାରେ,—ଏକ ଅନ୍ତର୍ଗତ ଶୃଙ୍ଖଳା ଦ୍ୱାରା, ଆବିଷ୍କୃତ ଏକ ପଦ୍ଧତି ଦ୍ୱାରା ତାହା ସମ୍ଭବ ହୋଇପାରେ ' ତାହା ତୁମେ ନିଜେ ଆବିଷ୍କୃତ କରିଥିବା ଏକ ନିଜସ୍ୱ ପଦ୍ଧତି ହୋଇଥିବା ଆବଶ୍ୟକ ।

'oaob.nitrkl.ac.in' images reprocessed

ଅରବିନ୍ଦ ସାଧନା ୯୯
★ ସଂଗ୍ରହିତା ★

## ୨୨ ମଇ ୧୯୫୫

'ଯୋଗାଧାର' ପୁସ୍ତକର ପଞ୍ଚମ ଅଧ୍ୟାୟ "ଭୌତିକ ଚେତନା ଇତ୍ୟାଦି" ବିଷୟ ଉପରେ ଏହି ପ୍ରବଚନଟି ଆଧାରିତ ।

**ଆଜି କିଏ ପ୍ରଶ୍ନ ପଚାରିବ ?**

ମାଆ, ଆମେ କିପରି ଶରୀରକୁ ଯାବତୀୟ ଆକ୍ରମଣରୁ ସୁରକ୍ଷିତ କରି ରଖିପାରିବା ?

**ହଁ, ଶ୍ରୀଅରବିନ୍ଦ ପରେ ସେହି ବିଷୟରେ ଲେଖିଛନ୍ତି, ନୁହେଁ ? ସିଏ କହୁଛନ୍ତି ଯେ କେବଳ ଅତିମାନସ ଶକ୍ତିର ଅବତରଣହିଁ ଶରୀରକୁ ଯାବତୀୟ ଆକ୍ରମଣରୁ ସୁରକ୍ଷିତ କରି ରଖିପାରିବ । ସିଏ କହୁଛନ୍ତି, ତା' ନ ହେଲେ ସକଳ ସୁରକ୍ଷା କେବଳ ଏକ ସାମୟିକ ସୁରକ୍ଷା ହୋଇ ରହିଥିବ ଏବଂ ତାହା ସର୍ବଦା କାର୍ଯ୍ୟକାରୀ ମଧ୍ୟ ହୋଇପାରିବ ନାହିଁ । ତାଙ୍କର ମତ ଯେ, ସେହି ଅବସ୍ଥାରେ ଶରୀର ବ୍ୟାବହାରିକ ଭାବରେ ସୁରକ୍ଷିତ ହୋଇ ରହିଥିବ ସତ, ମାତ୍ର କଦାପି ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରହିପାରିବ ନାହିଁ । ଏବଂ, ତାହା ଯେପରି ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରହି ପାରିବ, ସେଥିଲାଗି ଆମର ପ୍ରକୃତି ବର୍ତ୍ତମାନ ଯେପରି ରହିଛି, ତାହାକୁ ରୂପାନ୍ତରିତ କରି ଏକ ଅତିମାନସ ପ୍ରକୃତିରେ ପରିଣତ କରି ପାରିଲେ ଯାଇ ଆମ ଶରୀର ଯାବତୀୟ ଆକ୍ରମଣରୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ହୋଇ ରହିପାରିବ !**

ମାଆ, ଆମର ଅବଚେତନ କ'ଣ ଆମର ମନ, ପ୍ରାଣିକ ଏବଂ ଭୌତିକଠାରୁ ଅଧିକ ଶକ୍ତିଶାଳୀ ?

**ଅଧିକ ଶକ୍ତିଶାଳୀ କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ ?**

ଏଠାରେ ଲେଖା ହୋଇଛି···

**ଅର୍ଥାତ୍, ତାହାର ଅଧିକତର ଶକ୍ତି ରହିଛି । ଏବଂ, ତାହା ଅବଚେତନ ହୋଇଥିବାରୁ ସର୍ବଦାହିଁ ଉପସ୍ଥିତ ରହିଛି, ସବୁକିଛୁ ସେହି ଅବଚେତନ ମଧ୍ୟରେ ବୁଡ଼ି ରହିଥିଲା ପରି ବୋଧ ହେଉଛି । ଅବଚେତନର ଅସଲ ଅର୍ଥ ହେଉଛି**

'oaob.nitrkl.ac.in' images reprocessed

ଅର୍ଦ୍ଧଚେତନ,—ତାହା ଚେତନ ନୁହେଁ, ଅଚେତନ ମଧ୍ୟ ନୁହେଁ । ଏହା ହେଉଛି ଦୁଇ ଭୂମିର ଠିକ୍ ମଧ୍ୟବର୍ତ୍ତୀ ହୋଇ ରହିଥିବା ଗୋଟିଏ ଭୂମି, ଠିକ୍ ମଝିରେ ଅବସ୍ଥିତ । ତେଣୁ ଯାବତୀୟ ବ୍ୟାପାର ତଳକୁ ଖସି ତା'ଭିତରକୁ ଚାଲିଯାଆନ୍ତି, ସେଗୁଡ଼ିକ ସେଠାରେ ଉପସ୍ଥିତ ରହିଛନ୍ତି ବୋଲି ଆମକୁ ଜଣା ନ ଥାଏ ଏବଂ ସେସବୁ ସେହିଠାରୁହିଁ କାର୍ଯ୍ୟ କରନ୍ତି । ସେଗୁଡ଼ିକ ସେହିଠାରେ ଅବସ୍ଥିତ ରହିଛନ୍ତି ବୋଲି ଆମେ ଜାଣି ପାରୁ ନ ଥିବାରୁ ସେମାନେ ବେଶ୍ ସ୍ୱାଧୀନ ଅର୍ଥାତ୍ ନିୟନ୍ତ୍ରଣ-ବହିର୍ଭୂତ ହୋଇ ରହିଥାଆନ୍ତି । ଏପରି ଅନେକ କଥା ଥାଏ, ଯାହାକୁ କି ଆମେ ଆପଣା ପାଖରେ ରଖିବାକୁ ଇଚ୍ଛା କରୁ ନ ଥାଉ ଏବଂ ତେଣୁ ଆମେ ସେଗୁଡ଼ିକୁ ଆମର ସକ୍ରିୟ ଚେତନା ମଧ୍ୟରୁ ବାହାରକୁ ବାହାର କରିଦେଉ; ମାତ୍ର ସେଗୁଡ଼ିକ ସେହିଠାରେ ଯାଇ ପହଞ୍ଚି ଯାଆନ୍ତି, ସେହିଠାରେ ଲୁକ୍କାୟିତ ହୋଇ ରହିଥାଆନ୍ତି; ଏବଂ, ସେଇଟି ଅବଚେତନର ରାଜ୍ୟ ହୋଇଥିବାରୁ ସେଗୁଡ଼ିକୁ ଆମେ ଆଦୌ ଦେଖି ପାରୁ ନାହିଁ । ମାତ୍ର, ତାହାର ଅର୍ଥ ନୁହେଁ ଯେ, ସେଗୁଡ଼ିକ ଆମକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଚାଲି ଯାଇଥାଆନ୍ତି; ଏବଂ, ପୁନରାବିର୍ଭୂତ ହେବା ଲାଗି ସୁଯୋଗଟିଏ ପାଇଗଲେ ପୁନର୍ବାର ଆସି ହାଜର ହୋଇ ଯାଆନ୍ତି । ଉଦାହରଣସ୍ୱରୂପ, ଆମ ଶରୀରର ଅନେକ ଖରାପ ଅଭ୍ୟାସ ରହିଥାଏ, ଅର୍ଥାତ୍ ଶରୀର ନିଜର ଭାରସାମ୍ୟଟିକୁ ବାରବାର ନଷ୍ଟ କରିଦେବାର ଏକ ଅଭ୍ୟାସରେ ପଡ଼ି ଯାଇଥାଏ,—ଆମେ ଏହି ଘଟନାଟିକୁହିଁ ପୀଡ଼ିତ ହେବା ବୋଲି କହିଥାଉ, ନୁହେଁ ? ମାତ୍ର ତଥାପି, କୌଣସି ଏକ ମନ୍ଦ ଅଭ୍ୟାସ ହେତୁହିଁ ଶରୀରର ଯଥାର୍ଥ ଭାବରେ କ୍ରିୟାଶୀଳ ରହିବାରେ ଅନେକ କ୍ଷତି ଆସି ରହିଯାଏ । ସେହି କ୍ଷତିଟି ଚାଲି ଯିବା ସକାଶେ ଆମେ ବୃହତ୍ତର ଶକ୍ତି ପାଖରେ ନିଜକୁ ନେଇ ସମ୍ମୁଖୀନ କରି ରଖୁ ଏବଂ ସେହି ଶକ୍ତିକୁ କ୍ଷତିଟି ଉପରେ ତାହାକୁ ପ୍ରୟୋଗ କରୁ; ମାତ୍ର ତାହା ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଚାଲିଯାଏ ନାହିଁ । ତାହା ଅବଚେତନ ମଧ୍ୟରେ ଯାଇ ପ୍ରବେଶ କରେ । ଏବଂ ତା'ପରେ ଯେତେବେଳେ ତୁମେ କୌଣସି କାରଣରୁ ଅସତର୍କ ହୋଇ ରହିଥାଅ, ଯେତେବେଳେ ସେହି କ୍ଷତିକୁ ପୁନରାବିର୍ଭୂତ ହେବାରୁ ନିବୃତ୍ତ କରି ରଖି ପାରିବା ଲାଗି ତୁମେ ଯଥାର୍ଥ ଦୃଷ୍ଟି ଦିଅ ନାହିଁ, ସେତେବେଳେ ତାହା ପୁନର୍ବାର ଉପରକୁ ଉଠିଆସେ ଏବଂ ଆସି ହାଜର ହୋଇଯାଏ । ମାସ ମାସ ଧରି, ଏପରିକି ବର୍ଷ ବର୍ଷ ଧରି ତୁମେ ହୁଏତ ଭାବି ଆସିଥିଲ ଯେ, ତୁମେ ଏକଦା ପୀଡ଼ିତ ଥିବା କୌଣସି ଏକ ନିର୍ଦ୍ଦିଷ୍ଟ ଅସୁସ୍ଥତାରୁ ତୁମେ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇଯାଇ ପାରିଛ, ଏବଂ ସେଥିଲାଗି ତୁମେ ସେହି ଦଗରେ କୌଣସି ଦୃଷ୍ଟି ଦେଉ ନ ଥିଲ । ଏବଂ, ସେହି ଅସୁସ୍ଥତାଟି ହଠାତ୍ ଦିନେ ପୁନର୍ବାର ଆସି ପହଞ୍ଚିଗଲା, ସତେଯେପରି ତାହା ମୋଟେ ବିଦାୟ ନେଇ ଯାଇ ନ ଥିଲା । ତାହା ସେହି ଅବଚେତନ ମଧ୍ୟରୁହିଁ ଲମ୍ଫ

'oaob.nitrkl.ac.in' images reprocessed

ପ୍ରଧାନତଃ ବାହାରକୁ ବାହାରି ଆସିଲ; ଏବଂ ଅଚେତନ ମଧ୍ୟରେ ପ୍ରବେଶ କରି ସାବଗାସୁ ବସ୍ତୁକୁ ସେହି ଭୂମିରେହିଁ ବଦଳାଇ ଦେଇ ନ ପାରିବା ପର୍ଯ୍ୟନ୍ତ, ଅର୍ଥାତ୍, ଅବଚେତନକୁ ଚେତନରେ ପରିଣତ କରିଦେଇ ନ ପାରିବା ପର୍ଯ୍ୟନ୍ତ, ଏହିଭଳି ସର୍ବଦାହିଁ ଘଟୁଥାଏ । କେଣ୍ଡ, ପ୍ରତିକାରର ପନ୍ଥାଟି ହେଲା ଯେ, ଆମେ ଅବଚେତନକୁ ଚେତନରେ ପରିଣତ କରିଦେବା — ଅର୍ଥାତ୍, ଯଦି ଉପରିଭାଗକୁ ଉତ୍ଥିତ ହୋଇ ଆସୁଥିବା ପ୍ରତ୍ୟେକ ବ୍ୟାପାର ସଚେତନ ହୋଇ ପାରିବ, ତେବେ ସେହି ମୁହୂର୍ତ୍ତରେହିଁ ତାହାକୁ ବଦଳାଇ ଦେବାକୁ ପଡ଼ିବ । ଏହା ବ୍ୟତୀତ ଆହୁରି ଏକ ଅଧିକ ପ୍ରତ୍ୟକ୍ଷ ପନ୍ଥା ମଧ୍ୟ ରହିଛି : ପୂର୍ଣ୍ଣ ସଚେତନ ଭାବରେ ଆମକୁ ଅବଚେତନ ମଧ୍ୟରେ ପ୍ରବେଶ କରିବାକୁ ହେବ ଏବଂ ସେହିଠାରେ କାର୍ଯ୍ୟ କରିବାକୁ ପଡ଼ିବ । ମାତ୍ର ଏଇଟି ଅତ୍ୟନ୍ତ କଷ୍ଟସାଧ୍ୟ । ତଥାପି, ଏଇଟି ସମ୍ଭବ ହୋଇ ନ ଥିବା ପର୍ଯ୍ୟନ୍ତ, ତୁମେ ଯେତେ ଯାହା ଅଗ୍ରଗତି କରିଥିବ,—ଏଠାରେ ମୁଁ ଭୌତିକ, ଶାରୀରିକ କ୍ଷେତ୍ରର କଥା କହୁଛି,— ତାହା ପୁନର୍ବାର ବ୍ୟର୍ଥ ହୋଇଯିବାର ପ୍ରବଳ ଆଶଙ୍କା ଅବଶ୍ୟ ରହିଥିବ ।

(ଗୋଟିଏ ପିଲା ଆଡ଼କୁ ଅନାଇ) ତୁମେ ଶୋଇ ପଡ଼ିଲ କି ? ପ୍ରାୟ ଶୋଇ ପଡ଼ିଲଣି !

ଆଉ କୌଣସି ପ୍ରଶ୍ନ ନାହିଁ ? … ତୁମର ? କିଛି ପଚାରିବାକୁ ନାହିଁ ?

**ମାଆ, ଜଣେ ଯେତେବେଳେ ଦେଖେ ଯେ ଗୋଟିଏ ଅସୁସ୍ଥତା ତା' ପାଖକୁ ଆସୁଛି, ତାହାକୁ ସେ ବନ୍ଦ କରିପାରିବ କିପରି ?**

ସେଥିଲାଗି ସର୍ବପ୍ରଥମେ ତୁମେ ତାହାକୁ ଆଦୌ କୌଣସି ପ୍ରକାରେ ଇଚ୍ଛା କରିବ ନାହିଁ; ତୁମ ଶରୀର ଭିତରେ ଏପରି ଆଦୌ କିଛି ନ ଥିବ, ଯାହାକି ସେଇଟିକୁ ଇଚ୍ଛା କରୁଥିବ । ଆଦୌ ଅସୁସ୍ଥ ହୋଇ ନ ପଡ଼ିବା ଲାଗି ତୁମ ଭିତରେ ଏକ ଅତ୍ୟନ୍ତ ଦୃଢ଼ ଇଚ୍ଛାଶକ୍ତି ରହିଥିବ । ଏଇଟି ପ୍ରଥମ ସର୍ତ୍ତ ।

ଦ୍ୱିତୀୟ ସର୍ତ୍ତ ହେଉଛି ଯେ ତୁମେ ସେହି ଆଲୋକଟିକୁ ଆବାହନ କରିବ, —ସମତାବସ୍ଥାର, ଶାନ୍ତିର, ସ୍ଥିରତା ଏବଂ ଭାରସାମ୍ୟର ଏକ ଆଲୋକକୁ ଆବାହନ କରିବ; ଏବଂ, ସେହି ଆଲୋକକୁ ନେଇ ତୁମ ଶରୀରର ସକଳ କୋଷ ମଧ୍ୟରେ ପ୍ରବିଷ୍ଟ କରାଇବ, ସେମାନଙ୍କୁ ଆଦୌ ଭୀତ ହୋଇ ନ ପଡ଼ିବା ଲାଗି ଆଦେଶ ଦେବ; କାରଣ, ଭୀତ ନ ହେବା, ତାହା ହେଉଛି ଆଉ ଗୋଟିଏ ସର୍ତ୍ତ ।

ପ୍ରଥମତଃ, ରୋଗରେ ପଡ଼ିବାକୁ ଇଚ୍ଛା କରିବ ନାହିଁ ଏବଂ ତା'ପରେ ରୋଗକୁ କୌଣସି ଭୟ କରିବ ନାହିଁ । ତାହାକୁ ଆପଣା ଭିତରକୁ ଡାକି ଆଣିବ

'oaob.nitrkl.ac.in' images reprocessed

ନାହିଁ କିଂବା ତାହା ଆସିଲେ ଭୟରେ ମୋଟେ ଅରହର ହେବ ନାହିଁ । ରୋଗକୁ ଆଦୌ କୌଣସି ପ୍ରକାରେ ଇଚ୍ଛା କରିବ ନାହିଁ । ମାତ୍ର, ଭୟର ବଶବର୍ତ୍ତୀ ହୋଇ ଯେ ତୁମେ ତାହାକୁ ଇଚ୍ଛା କରିବ ନାହିଁ, ସେକଥା ନୁହେଁ; ତୁମେ ଆଦୌ କୌଣସି ପ୍ରକାରେ ଭୀତ ହେବ ନାହିଁ । ତୁମ ଭିତରେ ଏକ ସ୍ଥିର ପୂର୍ଣ୍ଣନିଶ୍ଚିନ୍ତଭାବ ଲାଗି ରହିଥିବ, ଯାବତୀୟ ଅବସ୍ଥାକୁ ତୁମକୁ ଆଶ୍ରୟ ଦେଇ ରଖିବା ନିମନ୍ତେ ପରମ-କରୁଣାର ଶକ୍ତି ଉପରେ ତୁମର ଏକ ପୂର୍ଣ୍ଣ ଆସ୍ଥା ରହିଥିବ । ଏବଂ ତା'ପରେ ତୁମେ ଆଉକିଛୁ ଭାବିବ ନାହିଁ, ମାତ୍ର ଏଇଟି ବିଷୟରେ ଆଉ କୌଣସି ପ୍ରକାରେ ଚିନ୍ତା କରିବ ନାହିଁ । ଏହି ଦୁଇଟି କଥାକୁ କରିପାରିବା ପରେ, ଅର୍ଥାତ୍, ଆପଣାର ସମସ୍ତ ଇଚ୍ଛାଶକ୍ତି ପ୍ରୟୋଗ କରି ରୋଗଟିର ବାଟ ଓଗାଳିବା ଏବଂ ଏପରି ଏକ ବିଶ୍ୱାସ ଦ୍ୱାରା ଆପଣାକୁ ପୂର୍ଣ୍ଣ କରି ରଖିବା, ଯାହାକି ତୁମ ଶରୀରର ସକଳ ଦୋଷ ମଧ୍ୟରୁ ବି ଯାବତୀୟ ଭୟକୁ ବିଦୂରିତ କରିଦେବ,—ଏବଂ ତା' ପରେ ଅନ୍ୟ କୌଣସି କାର୍ଯ୍ୟରେ ଆପଣାକୁ ବ୍ୟସ୍ତ ରଖିବା, ଆଉ ରୋଗଟି ବିଷୟରେ ଆଦୌ କୌଣସି କଥା ଚିନ୍ତାହିଁ ନ କରିବା, — ସେଇଟି ରହିଛି ବୋଲି ଏକାବେଳକେ ପାସୋରିଦେବା ... ଯଦି ତୁମେ ସେକଥାଟିକୁ କରି ଜାଣିଥିବ, ତେବେ, ନାନା ସଂକ୍ରାମକ ରୋଗ ଭୋଗୁଥିବା ଲୋକମାନଙ୍କର ସଂସ୍ପର୍ଶରେ ଆସିଲେ ମଧ୍ୟ ତୁମେ ତଥାପି କଦାପି ସେଗୁଡ଼ିକ ଦ୍ୱାରା ଆକ୍ରାନ୍ତ ହେବ ନାହିଁ । ମାତ୍ର ଏହି କଥାଟିକୁ ଯଥାର୍ଥ ଭାବରେ କରି ଜାଣିଥିବା ଉଚିତ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କହନ୍ତି, "ଏକଥାରେ କୌଣସି ସନ୍ଦେହ ନାହିଁ, ମୋ' ଭିତରେ ଆଦୌ କୌଣସି ଭୟ ନାହିଁ ।" ସେମାନଙ୍କର ମନ ଭିତରେ ଆଦୌ କୌଣସି ଭୟ ନ ଥାଏ, ମନ କୌଣସି ଭୟ କରୁ ନ ଥାଏ, ଦୃଢ଼ ହୋଇ ରହିଥାଏ, ଆଦୌ ଭୀତ ହେଉ ନ ଥାଏ ସତ; ମାତ୍ର ଶରୀର କମ୍ପୁ ଥାଏ । ଏବଂ, ସେକଥାଟି ମୋଟେ ଜଣା ପଡ଼ୁ ନ ଥାଏ, କାରଣ, ଶରୀରର କୋଷଗୁଡ଼ିକ ମଧ୍ୟରେହିଁ ସେହି କମ୍ପନ ହେବାରେ ଲାଗିଥାଏ । ଏକ ଭୟଙ୍କର ଉଦ୍‌ବିଗ୍ନତା ସହିତ ଶରୀର କମ୍ପିବାରେ ଲାଗିଥାଏ ଓ ତାହାହିଁ ରୋଗକୁ ଆକର୍ଷିତ କରି ନେଇଆସେ । ତୁମକୁ ଶକ୍ତିଟିକୁ ନେଇ ସେଇଠାରେ ଉପସ୍ଥାପିତ କରାଇବାକୁ ପଡ଼ିବ, ଏକ ପରିପୂର୍ଣ୍ଣ ଶାନ୍ତିର ସ୍ୱାଚ୍ଛନ୍ଦ୍ୟରହିତତା ତଥା ପରମକରୁଣା ଉପରେ ରହିଥିବା ଏକ ପରିପୂର୍ଣ୍ଣ ବିଶ୍ୱାସକୁ ନେଇ ସେଠାରେ ରଖିବାକୁ ପଡ଼ିବ । ଏବଂ, ତା'ପରେ, ଯିଏ ଯାହା କହୁ ପଛକେ, ଏହି ଭୌତିକ ସଂସାର ନାନା ରୋଗରେ ପୂର୍ଣ୍ଣ ହୋଇରହିଛି, ଏଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ସଂକ୍ରାମକ ରୋଗ ଏବଂ, ସେହି ରୋଗରେ ପଡ଼ିଥିବା ଜଣେ ବ୍ୟକ୍ତିର ସଂସ୍ପର୍ଶରେ ଆସିଥିବାରୁ ମୋତେ ମଧ୍ୟ ସେହି ରୋଗ ଅବଶ୍ୟ ଆକ୍ରମଣ କରିବ, ଏବଂ

'oaob.nitrkl.ac.in' images reprocessed

ତା'ପରେ, ଭିତରର ଯାବତୀୟ ପଦ୍ଧତି ଶରୀରର ଭୂମିରେ ଫଳପ୍ରଦ ଭାବରେ କାର୍ଯ୍ୟ କରିବା ଲାଗି ଆଦୌ ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ନୁହନ୍ତି, — ଆମ ଚତୁର୍ଦ୍ଦିଗର ହାଓ୍ୱାକୁ ଭର୍ତ୍ତି କରି ରହିଥିବା ଏହିପରି ଯାବତୀୟ ପ୍ରକାରର ଅବୋଧତାକୁ ଓ ତଜ୍ଜନିତ ପ୍ରବର୍ତ୍ତନାଗୁଡ଼ିକୁ ଭ୍ରମ ଭାବନାରେ ରହିଥିବା ସେହିପରି ଏକ ଶକ୍ତି ଦ୍ୱାରା ତଡ଼ି ବାହାର କରିଦେବାକୁ ପଡ଼ିବ । ଏହି ପ୍ରବର୍ତ୍ତନାଗୁଡ଼ିକ ଆମର ସାମୂହିକ ପରିବେଶରୁ ଝୁଣ୍ଡରୁ ଝୁଣ୍ଡ ହୋଇ ଆମ ପାଖକୁ ଆସିଥାନ୍ତି । ଆମେ ସମସ୍ତେ ଏହି ପ୍ରକ୍ରିୟାଟିରେ ଅଂଶଗ୍ରହଣ କରୁଥାଉ; ଏବଂ ଯଦି ଏହି କ୍ଷେତ୍ରରେ ଦୁଇ ତିନିଜଣ ଡାକ୍ତର ଆସି ପହଞ୍ଚିଯାଆନ୍ତି, ତେବେ ଅବସ୍ଥା ପ୍ରକୃତରେ ଅତ୍ୟନ୍ତ ଭୟାନକ ହୋଇପଡ଼େ । (ସମସ୍ତେ ହସିଲେ)

କୌଣସି ରୋଗ ବାହାରୁ ଆମ ଭିତରକୁ ଆସେ ବୋଲି ଶ୍ରୀଅରବିନ୍ଦ କହିବାବେଳେ ପ୍ରକୃତରେ କ'ଣ ଆସେ ବୋଲି ସେ କହୁଛନ୍ତି ?

ତାହାକୁ ଆମେ ଗୋଟିଏ ପ୍ରକାରର ସ୍ପନ୍ଦନ ବୋଲି କହିବା, ଯାହାକି ଏକ ମାନସିକ ପ୍ରସ୍ତାବନା ଦ୍ୱାରା ତିଆରି ହୋଇଥାଏ,—ସେଥିରେ ବିଶୃଙ୍ଖଳାର ଏକ ପ୍ରାଣଗତ ଶକ୍ତି ମଧ୍ୟ ରହିଥାଏ ଏବଂ ଭୌତିକ ସ୍ତରର କେତେକ ଉପାଦାନ ମଧ୍ୟ ରହିଥାଏ ଯେଉଁଗୁଡ଼ିକ କି ସେହି ମାନସିକ ପ୍ରସ୍ତାବନା ତଥା ପ୍ରାଣଗତ ସ୍ପନ୍ଦନର ଏକ ମୂର୍ତ୍ତି ରୂପ ହୋଇ ରହିଥାନ୍ତି । ଏହି ମୂର୍ତ୍ତି ଉପାଦାନକୁ ଆମେ ପରସ୍ପରର ବୋଧଗମ୍ୟ ହେବା ପାଇଁ ଜୀବାଣୁ, ରୋଗାଣୁ ଏବଂ ସେହିପରି ଆହୁରି କେତେ କେତେ ନାମରେ ଅଭିହିତ କରିଥାଉ ।

ଆନୁଷଙ୍ଗିକ ଭାବରେ ଏଇଟି ସହିତ ଏକ ଇନ୍ଦ୍ରିୟବୋଧ ବି ରହିପାରେ, ଏବଂ ସମ୍ପୃକ୍ତ ବ୍ୟକ୍ତିର ଇନ୍ଦ୍ରିୟାନୁଭୂତିଗୁଡ଼ିକ ଯଦି ଅତ୍ୟନ୍ତ ସୂକ୍ଷ୍ମ ଭାବରେ ବିକଶିତ ହୋଇ ରହିଥାନ୍ତି, ତେବେ ତାହା ସହିତ ଏକ ସ୍ୱାଦ ଅଥବା ଗନ୍ଧ ମଧ୍ୟ ରହିଥାଏ । ସେହି କ୍ଷେତ୍ରରେ ରୋଗର ଏହିସବୁ ସଂରଚନା ରହିଥାଏ, ଯାହାକି ପରିବେଶରେ ଏକ ନିର୍ଦ୍ଦିଷ୍ଟ ସ୍ୱାଦ ଆଣି ଭର୍ତ୍ତି କରିଦିଅନ୍ତି,—ଏକ ନିର୍ଦ୍ଦିଷ୍ଟ ଗନ୍ଧ କିଂବା କିଞ୍ଚିତ୍ ପରିମାଣରେ ଏକ ବିଶେଷ ବୋଧ ଆଣି ବି ଦେଇ ଯାଇଥାନ୍ତି ।

ବ୍ୟକ୍ତିମାନଙ୍କ ମଧ୍ୟରେ ଅନେକ ପ୍ରକାରର ଇନ୍ଦ୍ରିୟବୋଧ ସୁପ୍ତ ହୋଇ ରହିଥାଏ । ସେଗୁଡ଼ିକ ଅତି ଭୟଙ୍କର ଭାବରେ ତାମସିକ ହୋଇ ରହିଥାନ୍ତି । ସେମାନଙ୍କର ଏହି ସକଳ ବୋଧଗୁଡ଼ିକ ଯଦି ଜାଗ୍ରତ ହୋଇ ଉଠିଥାନ୍ତା, ତେବେ ସେମାନେ ଅନେକ କିଛି ଅନୁଭବ କରି ପାରନ୍ତେ,—ବର୍ତ୍ତମାନ ସେଗୁଡ଼ିକ ଆସି ପୁନର୍ବାର ଚାଲି ଯାଉଛନ୍ତି ଏବଂ ସେଗୁଡ଼ିକ ଆସିଲେ ବୋଲି ସନ୍ଦେହ କରିବାକୁ ମଧ୍ୟ ଆମେ କୌଣସି ଅବକାଶ ପାଉ ନାହୁଁ ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ବର୍ତ୍ତମାନ ଅନେକ ଲୋକ ଗୋଟିଏ ପ୍ରକାରର ସର୍ଦ୍ଦି-ଜ୍ୱରରେ ପଡ଼ିଛନ୍ତି । ଏହା ସବୁଆଡ଼େ ବ୍ୟାପି କରି ରହିଛି । ଏବଂ, ଏହା ପାଖକୁ ଆସିବା ସମୟରେ ଏହାର ଏକ ବିଶେଷ ସ୍ୱାଦ ଓ ବିଶେଷ ଗନ୍ଧ ଥିଲାପରି ମନେ ହେଉଛି – ଏହା ତୁମ ଲାଗି ଏକ ବିଶେଷ ପ୍ରକାରର ସ୍ପର୍ଶ ଆଣି ଦେଉଛି (ଏହାକୁ ଆଦୌ ଦେହରେ ଆସି ବାଜୁଥିବା ଏକ ଆଘାତ ବୋଲି କୁହାଯିବ ନାହିଁ), କିନ୍ତୁ ଅଧିକ ପରିମାଣରେ ସୂକ୍ଷ୍ମ ହୋଇ ରହିଥିବା ଏକ ନିର୍ଦ୍ଦିଷ୍ଟ ସ୍ପର୍ଶ ଅନୁଭୂତ ହେଉଛି; ସତେଯେପରି ତୁମେ ନିଜର ହାତକୁ ନେଇ କୌଣସି ବସ୍ତୁ ଉପରେ ବୁଲାଇ ଆଣୁଛ, ତାହା ଉପରେ ହାତ ବୁଲାଇ ନେଇ ଆସୁଛ, ଠିକ୍ ସେହିପରି ଅନୁଭୂତ ହେଉଛି । ···ତୁମେ କ'ଣ କେବେ ସେପରି କରି ନାହଁ ? ବସ୍ତୁଟିର ଏକ ସ୍ୱକୀୟ ସ୍ୱଭାବ ରହିଛି; ଯେତେବେଳେ ତୁମେ ନିଜ ହାତକୁ ଯଥାର୍ଥ ଢଙ୍ଗଟିରେ ସଞ୍ଚାଳିତ କରି ନେଉଛ ବା ଏହିପରି ଭାବରେ (ମାଆ ଭଙ୍ଗୀ କରି ଦେଖାଇଦେଲେ) ବୁଲାଇ ଆଣୁଛ, ସେତେବେଳେ ତାହା ତୁମକୁ···ସେତେବେଳେ ତୁମେ ନିଜ ଦେହର ଚମ ଭିତରେ ଏକ ପ୍ରତିସ୍ପନ୍ଦନ ସୃଷ୍ଟି ହୋଇ ଯାଉଥିବା ପରି ବୋଧ ହେଉଛି । ମାତ୍ର ଏହା ଅତ୍ୟନ୍ତ ସତ କଥା ଯେ ତାହା ତୁମ ଦେହରେ କଦାପି ଏକ ଆଘାତ ପରି ଆସି ଧକ୍କା ଦେଉ ନାହିଁ । ତାହା ଖାଲି ସୂକ୍ଷ୍ମ ଭାବରେ ଅନୁଭୂତ ହେଉଛି, ଅଥଚ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭୂତ ହେଉଛି । ତେଣୁ, ଯଦି ତୁମେ ସେଇଟିକୁ ଦେଖି-ପାରିବ, ତେବେ ତୁମେ ଅତ୍ୟନ୍ତ ସହଜ ଭାବରେ···

ପୁନଶ୍ଚ, ଏକ ସମ୍ପୂର୍ଣ୍ଣ ଭାବରେ ଶାନ୍ତ ସ୍ପନ୍ଦନ, ଏପରି ଅଧିକ ଶାନ୍ତ ଯେ ତାହା ତୁମର ଚାରିପାଖରେ ପ୍ରାୟ ଏକ ପ୍ରକାର ପାଚେରିଟିଏ ପରି ହୋଇ ଘେରି ରହିଥିବ,—ଏପରି ସମ୍ଭବ କରିବାର ଉପାୟ ଜାଣିଥିଲେ ତୁମେ ସୁରକ୍ଷାର ଏକ ପରିବେଶ ଦ୍ୱାରା ଆପଣାକୁ ଅଲଗା କରି ରଖିବାର ଉପାୟ ମଧ୍ୟ ପାଇଯାଇ ପାରିବ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଆମ ବାହାରୁ ନିରନ୍ତର ଆମ ଭିତରକୁ ଯେତେ ଯାହା ସ୍ପନ୍ଦନ ଆସି ପଡ଼ୁଅଛି, ଆମେ ତାହାର ଉଦ୍ଦେଶ୍ୟରେ ଅବଶ୍ୟ କୌଣସି ନା କୌଣସି ପ୍ରତିସ୍ପନ୍ଦନ ଜଣାଇବାରେ ଲାଗିଛୁ । ତୁମେ ଯଦି ଏହି ବିଷୟରେ ପ୍ରକୃତରେ ସଜ୍ଞାନ ହୋଇ ପାରିବ,—ଏପରି ଏକ ବସ୍ତୁ ରହିଛି ଯାହାକି ନିଶ୍ଚିତ ଏହା (ମାଆ ଭଙ୍ଗୀ କରି ଦେଖାଇଦେଲେ) କରିବାରେ ଲାଗିଛି,—ଏପରି, ଏପରି ଓ ପୁଣି କେତେବେଳେ ଏପରି (ମାଆ ଭଙ୍ଗୀ ଦ୍ୱାରା ଦେଖାଇ-ଦେଲେ) ମଧ୍ୟ କରୁଛି ଯାହାକି ବାହାରୁ ଆସୁଥିବା ଯାବତୀୟ ସ୍ପନ୍ଦନ ଉଦ୍ଦେଶ୍ୟରେ ପ୍ରତିସ୍ପନ୍ଦନ ଜଣାଇବାରେ ଲାଗିଛି । ତୁମେ କେବେହେଲେ ଏପରି ଗୋଟିଏ ସମ୍ପୂର୍ଣ୍ଣ ଶାନ୍ତ ପରିବେଶ ମଧ୍ୟରେ ଆଦୌ ରହି ନାହଁ, ଯାହାକି ତୁମ ନିଜ ଭିତରୁ ପ୍ରସୂତ ହେଉଛି, ଯାହାକି ତୁମ ଭିତରୁ ବାହାରକୁ ଉଦ୍ଭାବିତ ହୋଇ ଆସୁଛି (ବାହାରୁ

'oaob.nitrkl.ac.in' images reprocessed

ଭିତରକୁ ପ୍ରବେଶ କରୁଥିବା ଆଦୌ କୌଣସି ବସ୍ତୁ ନୁହେଁ), ଯାହାକୁ ତୁମର ଚତୁର୍ଦ୍ଦିଗରେ ଏକ ଆଚ୍ଛାଦନ ସଦୃଶ ହୋଇ ରହିଛି, ଏହିପରି ଅତ୍ୟନ୍ତ ଶାନ୍ତ ଭାବରେ ଅବସ୍ଥିତ ହୋଇ ରହିଛି,—ଏବଂ ତାହା ହେଉଥିଲେ ତୁମେ ଯେଉଁ ସ୍ଥାନକୁ ଇଚ୍ଛା ସେଠାକୁ ଯାଉଥାନ୍ତ ଏବଂ ବାହାରୁ ଆସୁଥିବା ଏହି ସ୍ପନ୍ଦନଗୁଡ଼ିକ ତୁମର ସେହି ପରିବେଶଟିର ଚତୁର୍ଦ୍ଦିଗରେ ଆଦୌ ଏପରି କୌଣସି ଘଟନା (ମାଆ ଭଙ୍ଗୀ ଦ୍ୱାରା ଦେଖାଇଦେଲେ) ଘଟାଇବାର ସୂତ୍ରପାତ କରନ୍ତେ ନାହିଁ ।

ଯଦି ଏହି ପ୍ରକାରେ ଲାଗି ରହିଥିବା ନୃତ୍ୟଟିକୁ—ନାନା ସ୍ପନ୍ଦନର ଯେଉଁ ନୃତ୍ୟ ଅହରହ ତୁମର ଚତୁର୍ଦ୍ଦିଗରେ ହେବାରେ ଲାଗିଛି—ଦେଖିପାରନ୍ତ, ତେବେ ମୁଁ କହୁଥିବା କଥାଟିର ମର୍ମକୁ ଖୁବ୍ ଭଲ ଭାବରେ ସ୍ପଷ୍ଟ ବୁଝି ପାରନ୍ତ ।

ଉଦାହରଣସ୍ୱରୂପ, ତୁମେ ଖେଳୁଥିବା କୌଣସି ଖେଳରେ—ସେତେବେଳେ ସବୁକିଛି ଏହିପରି ହେଉଥାଏ (ମାଆ ଭଙ୍ଗୀ ଦ୍ୱାରା ଦେଖାଇ ଦେଲେ), ସତେଯେପରି ଗୋଟିଏ ବିନ୍ଦୁ କେବଳ ସ୍ପନ୍ଦିତ ହେବାରେ ଲାଗିଥାଏ, ବୃଦ୍ଧି ପାଇବାରେ ଲାଗିଥାଏ,—ବୃଦ୍ଧି ପାଇ ଚାଲିଥାଏ,—ଏବଂ ସେତିକବେଳେ ହଠାତ୍ ଏକ ଦୁର୍ଘଟଣା ଆସି ଘଟେ । ଏହା ସେହିପରି ଏକ ସାମୂହିକ ପରିବେଶ ହୋଇ ରହିଥାଏ; ଆମେ ସମସ୍ତେ ଆସି ଦେଖୁ ଯେ ତୁମେ ଗୋଟିଏ ଖେଳ ଖେଳୁଛ—ବାସ୍କେଟ୍‌ବଲ୍, ଫୁଟବଲ୍ ଅଥବା ଆଉ କୌଣସି ଖେଳ ଖେଳୁଛ,—ଆମେ ଏହାକୁ ଅନୁଭବ କରୁ, ଦେଖିପାରୁ, ଏହା ତୁମ ଚାରିପାଖରେ ଗୋଟିଏ ପ୍ରକାରର ଧୂମ୍ର ଆଚ୍ଛାଦନ ସୃଷ୍ଟି କରିବାକୁ ଆରମ୍ଭ କରେ (ଉତ୍ତପ୍ତରୁ ଜନ୍ମଲାଭ କରୁଥିବା ସେହି ବାଷ୍ପଗୁଡ଼ିକ, ଯାହାକି ଅନେକ ସମୟରେ ଦେଖିବାକୁ ମିଳେ, ଠିକ୍ ସେହିପରି ଗୋଟିଏ ପଦାର୍ଥ), ତା'ପରେ ସେହିଭଳି ଗୋଟିଏ ସ୍ପନ୍ଦନ ସୃଷ୍ଟି ହୁଏ, ତାହା ବୃଦ୍ଧିପ୍ରାପ୍ତ ହୁଏ, ବୃଦ୍ଧିପ୍ରାପ୍ତ ହୁଏ ଏବଂ ଏହିପରି ପରିଶେଷରେ ହଠାତ୍ ସମତାବସ୍ଥାଟି ଠୋ' କରି ଭାଙ୍ଗିଯାଏ : କେହି ଗୋଡ଼ ଭାଙ୍ଗିଯାଇ ତଳେ ପଡ଼ିଯାଏ, ବା ତା'ର ପାଟିରେ ବଲ୍ ଆସି ବାଜେ, ଇତ୍ୟାଦି, ଇତ୍ୟାଦି । ଏବଂ ଏହିସବୁ କ୍ଷେତ୍ରରେ, ଏହା ଘଟିବାକୁ ଯାଉଛି ବୋଲି ଆଗରୁ କହି ଦେଇ ହୁଅନ୍ତା । ମାତ୍ର ସେହି ବିଷୟରେ କେହି ସଜ୍ଞାନ ନ ଥାନ୍ତି ।

ତଥାପି, ଅପେକ୍ଷାକୃତ କମ୍ ଗମ୍ଭୀର ଘଟଣାଗୁଡ଼ିକର କ୍ଷେତ୍ରରେ ମଧ୍ୟ, ବ୍ୟକ୍ତିଗତ ଭାବରେ ତୁମ ପ୍ରତ୍ୟେକଙ୍କର ଚତୁର୍ଦ୍ଦିଗରେ ଏପରି କୌଣସି ଏକ ବସ୍ତୁ ରହିଛି, ଯାହାକି, ତୁମେ ଯାହାଙ୍କଠୁ ଗ୍ରହଣ କରିବା ଲାଗି ଆଦୌ ଇଚ୍ଛା କରୁ ନାହିଁ, ତୁମକୁ ସେହି ସବୁଥିରୁ ସୁରକ୍ଷିତ କରି ରଖି ପାରୁଥିବା ଏକ ବ୍ୟକ୍ତି ହୋଇ ରହିବା ଏବଂ ଏକ ଅତ୍ୟନ୍ତ ସ୍ଥିର ଆଚ୍ଛାଦନ ପରି

'oaob.nitrkl.ac.in' images reprocessed

ହୋଇ ରହିବା ପରିବର୍ତ୍ତେ ··· ମୋର କହିବା କଥା, ସେତେବେଳେ ତୁମର ଗ୍ରହଣଶୀଳତା ସୁନିର୍ଦ୍ଦିଷ୍ଟ ଏବଂ ସଚେତନ ହୋଇ ରହିଥାଏ, —ତା'ନ ହେଲେ ତୁମେ ଆଦୌ କିଛି ଗ୍ରହଣ କରିପାରିବ ନାହିଁ । ଏବଂ ଯେତେବେଳେ ତୁମର ଚାରିପାଶରେ ଏହି ସଚେତନ ଓ ଅତ୍ୟନ୍ତ ଶାନ୍ତ ବାୟୁମଣ୍ଡଳ ବର୍ତ୍ତମାନ ରହିଥାଏ, ଏବଂ ମୁଁ ଯେପରି କହୁଥିଲି, ଯେତେବେଳେ ଏହା ତୁମ ଭିତରୁହିଁ ଆସୁଥାଏ (ବାହାରୁ ଆସୁଥିବା ଆଦୌ କୌଣସି ବସ୍ତୁ ନୁହେଁ) କେବଳ ସେତିକବେଳେ ଯାଇ ତୁମେ ନିର୍ବିଘ୍ନ ଓ ନିରାପଦ ଭାବରେ ଜୀବନ ମଧ୍ୟରେ ପ୍ରବିଷ୍ଟ ହୋଇ ରହିବାକୁ ସମର୍ଥ ହୁଅ, ଅର୍ଥାତ୍, ପ୍ରତ୍ୟେକ ମୁହୂର୍ତ୍ତର ଯାବତୀୟ ପରିବେଶରେ ଅନ୍ୟମାନଙ୍କ ମଧ୍ୟରେ ସୁରକ୍ଷିତ ଭାବରେ ବିଚରଣ କରିପାରି ।···

ମାତ୍ର ଅନ୍ୟପକ୍ଷରେ ଯଦି ଏପରି କିଛି ମନ୍ଦ ବସ୍ତୁ ରହିଥାଏ, ଯାହାଦ୍ୱାରା ସଂକ୍ରାମିତ ହେବାର ଆଶଙ୍କା ରହିଥିବ, ଉଦାହରଣସ୍ୱରୂପ କ୍ରୋଧ, ଭୟ, କୌଣସି ଏକ ରୋଗ, କୌଣସି ପ୍ରକାର ଅସ୍ୱସ୍ତି, ତେବେ ତୁମେ ଅବଶ୍ୟ ତାହା ଦ୍ୱାରା ସଂକ୍ରାମିତ ହୋଇ ପଡ଼ିବ । ତାହା ଏହିପରି (ମାଆ ଭଙ୍ଗୀ ଦ୍ୱାରା ଦେଖାଇ ଦେଲେ) କରିବାକୁ ଆରମ୍ଭ କରିବା ମାତ୍ରକେ, ମନେ ହେବ, ସତେଯେପରି ତୁମେ ସାଦୃଶ୍ୟ ରହିଥିବା ଯାବତୀୟ ସ୍ପନ୍ଦନକୁ ସ୍ୱୟଂ ଆସିବାକୁ କହିଲ ଏବଂ ତୁମକୁ ଅଧିକାର କରିବା ଲାଗି ବାଟ ଛାଡ଼ିଦେଲ ।

ଯେଉଁ ଅଚେତନକୁ ସଙ୍ଗରେ ନେଇ ଲୋକେ ଜୀବନର ପଥଗୁଡ଼ିକୁ ଅତିକ୍ରମ କରିବାରେ ଲାଗିଥାନ୍ତି, ତାହାହିଁ ପ୍ରକୃତରେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେବାର କଥା । ଆପଣାର ଜୀବନଟିକୁ କିପରି ବଞ୍ଚିବାକୁ ହୁଏ, ସେମାନେ ସେବିଷୟରେ କିଛି ଜାଣି ନ ଥାନ୍ତି । କିପରି ଭାବରେ ଜୀବନ ବଞ୍ଚିବାକୁ ହୁଏ, ଦଶଲକ୍ଷରେ ଜଣେ ବ୍ୟକ୍ତି ମଧ୍ୟ ସେକଥା ଜାଣି ନ ଥାଏ । ଏବଂ ତେଣୁ ସେମାନେ କୌଣସି ନା କୌଣସି ପ୍ରକାରେ ଜୀବନଧାରଣ କରି ରହିଥାନ୍ତି, ଗ୍ରେଟେଇ ଗ୍ରେଟେଇ ଚାଲିଥାନ୍ତି, ଯେକୌଣସି ପ୍ରକାରେ ଚଳାଇ ନିଅନ୍ତି, ବେଳେବେଳେ ସେତିକ ମଧ୍ୟ କରି ପାରନ୍ତି ନାହିଁ । ସେମାନଙ୍କ ଲାଗି ଏହାହିଁ ସବୁକିଛି ହୋଇ ରହିଥାଏ । କ'ଣ କହିଲ ? ଯେତେବେଳେ ଯାହାକିଛି ଘଟେ, ତାହାହିଁ ।

ନିଜ ଜୀବନଟିକୁ କିପରି ବଞ୍ଚିବାକୁ ହେବ, ସେମାନେ ଜାଣି ନ ଥାନ୍ତି । ତଥାପି, ଜୀବନ ବଞ୍ଚିବାର ପ୍ରଣାଳୀଟିକୁ ଜାଣିବାକୁହିଁ ପଡ଼ିବ । ଆମେ ପିଲାମାନଙ୍କୁ ଏହି ସର୍ବପ୍ରଥମ କଥାଟି ଅବଶ୍ୟ ଶିକ୍ଷା ଦେବା । ମୁଁ ଏହି ଦିଗରେ ଏକ ଚେଷ୍ଟା କରୁଛି; ମାତ୍ର ସେଥିରେ ଖୁବ୍ ବେଶୀ ସଫଳତା ଲାଭ କରିପାରିଛି କି ନାହିଁ, ସେ ବିଷୟରେ ମୁଁ କିଛି ଜାଣି ନାହିଁ । ଏହିସବୁ କଥା ମୁଁ ତୁମମାନଙ୍କୁ ବହୁବାର କହି-ଆସିଛି । ନୁହେଁ କି ? ମୁଁ ଏସବୁ କଥା ତୁମମାନଙ୍କୁ କହି ନାହିଁ ?

'oaob.nitrkl.ac.in' images reprocessed

ହଁ, କହିଛନ୍ତି ।

**ସରଳ ? ଆଉ କୌଣସି ପ୍ରଶ୍ନ ତଥାପି ବାକି ଅଛି ?**

ମାଆ, ଶେଷ ଆଡ଼କୁ ଯାହାସବୁ କୁହାଯାଇଛି, ମୁଁ ସେଗୁଡ଼ିକର ଅର୍ଥ ବୁଝିପାରିଲି ନାହିଁ ।

**ଏହି ଶେଷ ଆଡ଼କୁ ଅନ୍ତମାନସର କଥା କୁହାଯାଇଛି, ନୁହେଁ ?**

**ହଁ, ବୁଝିଲି; ଯୋଗଲବ୍ଧ ଶକ୍ତି ଏବଂ ଅନ୍ତମାନସ ପ୍ରକୃତି — ଏହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ତୁମେ ବୁଝିପାରି ନାହଁ ବୋଲି କହୁଛ । ମାତ୍ର ଶ୍ରୀଅରବିନ୍ଦ ତ ତାହାର ବ୍ୟାଖ୍ୟା କରି ଦେଇଛନ୍ତି ।**

ମୁଁ ତାକୁ ବୁଝିପାରିଲି ନାହିଁ ।

**ବାହ୍ୟ ଚେତନାରେ, ଅର୍ଥାତ୍ ମାନସିକ ତଥା ଭୌତିକ ବା ଦୈହିକ ଚେତନାରେ, ବର୍ତ୍ତମାନ ଆମେ ଯେଉଁ ଫଳଟିକୁ ଲାଭ କରିବା ବିଷୟରେ କହୁଥିଲୁ (ଉଦାହରଣସ୍ୱରୂପ, ଏପରି ଏକ ସୁରକ୍ଷାଯୁକ୍ତ ବ୍ୟକ୍ତିଗତ ପରିବେଶ ଲାଭ କରିବା, ଯାହାକି ତୁମକୁ ଏକ ଅବାଞ୍ଛିତ ସଂସ୍ପର୍ଶରୁ ରକ୍ଷା କରି ପାରୁଥିବ), ସେହିପରି ଏକ ଫଳ ଲାଭ କରିବାକୁ ହେଲେ, ତୁମ ପାଖରେ ଯୋଗଲବ୍ଧ ସେହି ଶକ୍ତିଟି ରହିଥିବା ଏକାନ୍ତ ଆବଶ୍ୟକ, ଅର୍ଥାତ୍, ଯୋଗାଭ୍ୟାସ ଦ୍ୱାରା ଯେଉଁ ଶକ୍ତିଟି ଲବ୍ଧ ହୋଇଥାଏ, ତାହା ରହିଥିବା ଆବଶ୍ୟକ । ଅନ୍ୟ ପକ୍ଷରେ, ଯଦି ତୁମର ଶରୀର ଅନ୍ତମାନସର ଉପଲବ୍ଧି କରିଥାଏ, ଏହି ନିତ୍ୟନୈମିତ୍ତିକ ସ୍ଥୂଳ ପ୍ରକୃତିର ପରିବର୍ତ୍ତନରେ ଯଦି ତାହା ଅନ୍ତମାନସ ପ୍ରକୃତିଟିକୁ ହାସଲ କରିପାରିଥାଏ, ତେବେ ସେହି କ୍ଷେତ୍ରରେ ତୁମକୁ ସୁରକ୍ଷିତ କରି ରଖିବା ଲାଗି କୌଣସି ଯୋଗଲବ୍ଧ ଜ୍ଞାନ ଅଥବା ଯୋଗଲବ୍ଧ ଶକ୍ତିର ଆବଶ୍ୟକତା ରହିବ ନାହିଁ; କାରଣ ଏହି ଅନ୍ତମାନସ ପ୍ରକୃତି ଯେ ତୁମ ପାଖରେ ଅଛି, ତୁମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହାରି ଦ୍ୱାରାହିଁ ସୁରକ୍ଷିତ ହୋଇ ରହିପାରିବ । ଶ୍ରୀଅରବିନ୍ଦ ସେହି କଥା କହିଛନ୍ତି ।**

**ମାତ୍ର ଶରୀର ମଧ୍ୟରେ ଥିବା ଅନ୍ତମାନସ ପ୍ରକୃତି ଯାହାକୁ ଉପଲବ୍ଧି କରିବା ତଥାପି ବାକି ରହିଛି । ଭୌତିକ ଚେତନାର ଭୂମିରେ ତାହା ହେବାକୁ ତଥାପି ବାକି ରହିଛି । ଭୌତିକ ଚେତନାରେ ହୁଏତ ତାହା ସମ୍ଭବ ହୋଇ ପାରିଲାଣି, ମାତ୍ର ଶରୀରର କ୍ଷେତ୍ରରେ ତଥାପି ହୋଇ ନାହିଁ ।**

**ପୁନଶ୍ଚ, ଶ୍ରୀଅରବିନ୍ଦ ଆମକୁ ଏକଥା ମଧ୍ୟ କହିଛନ୍ତି ଯେ, ଏଥିଲାଗି ଅନେକ ବର୍ଷ ସମୟ ଲାଗିବ, ତେଣୁ ଆମପାଖରେ ଅପେକ୍ଷା କରିବାକୁ ସମୟ ରହିଛି । ଆମେ**

'oaob.nitrkl.ac.in' images reprocessed

କେବଳ ଅପେକ୍ଷା କରି ଶିଖିବା, — ଏହି ସମସ୍ତଟି କଟିଯିବା ପର୍ଯ୍ୟନ୍ତ ଅପେକ୍ଷା କରି ଶିଖିବା ।

**ସରିଲା ?**

ମାଆ, ଆମେ ଆମର ଯନ୍ତ୍ରଣାକୁ ଏକ ସୁଖର ଅନୁଭୂତିରେ ରୂପାନ୍ତରିତ କରିଦେଇ ପାରିବା କିପରି ?

ମାତ୍ର ସେକଥା କହିବା ମୋତେ ଉଚିତ ନୁହେଁ । ମୁଁ କେବେହେଲେ ତୁମମାନଙ୍କୁ ତାହା କରିବାର ଉପାୟଟିକୁ ବତାଇ ଦେବ ନାହିଁ । ଏହା ଏକ ବିକୃତି ।

ଯନ୍ତ୍ରଣାଟିକୁ ନିଷ୍କ୍ରିୟ କରିଦେବାକୁ ହେଲେ ସର୍ବପ୍ରଥମ ଏବଂ ଅପରିହାର୍ଯ୍ୟ କଥା ହେଉଛି ଯେ ଆମେ ଆମର ତା' ସହିତ ରହିଥିବା ସଂଯୋଗଟିକୁ କାଟିଦେବା । ତୁମେ ବୁଝି ପାରୁଥିବ, ଯନ୍ତ୍ରଣାଟି ରହିଥାଏ ବୋଲି ଆମେ ତାହା ବିଷୟରେ ସଚେତନ ହୋଇଥାଉ ।

ଉଦାହରଣସ୍ୱରୂପ, ତୁମର ଆଙ୍ଗୁଠି ହୁଏତ କଟିଯାଇଛି, ସେଠାରେ ଥିବା ଗୋଟିଏ ସ୍ନାୟୁ ଉପରେ ଆଘାତ ବାଜିଛି; ତେଣୁ ସ୍ନାୟୁଟି ସଙ୍ଗେ ସଙ୍ଗେ ମସ୍ତିଷ୍କ ପାଖକୁ ସେହି ଖବରଟି ପଠାଇଦେବ, — କହିବ ଯେ ଏକ ଅନୁଚିତ ଘଟଣା ଘଟିଛି, ଅମୁକ ଜାଗାରେ ଘଟିଛି । ତୁମେ ଏଇଥିସକାଶେହିଁ ଯନ୍ତ୍ରଣା ପାଅ,—ଯାହା ଦ୍ୱାରା କି ସେଥିପ୍ରତି ତୁମର ଦୃଷ୍ଟି ଜାଗ୍ରତ ହୋଇପାରିବ, ଯେପରିକି ତୁମକୁ କେହି ଆସି "ଦେଖିଲୁ, ଗୋଟିଏ ମନ୍ଦ ଘଟଣା ଘଟିଲାଣି" ବୋଲି କହିଦେଇ ପାରିବ । ଏବଂ ତା'ପରେ "କ'ଣ ମନ୍ଦ ଘଟଣା ଘଟିଲା ?" ବୋଲି ତୁମର ଭାବନା ମଧ୍ୟ ତତ୍‌କ୍ଷଣାତ୍ ବ୍ୟସ୍ତ ହୋଇପଡ଼ିବ । "ଭାରି ଯନ୍ତ୍ରଣା ହେଉଛି" ବୋଲି ଚିତ୍କାର କରି ଉଠିବ । ଇତ୍ୟାଦି, ଇତ୍ୟାଦି । ତା'ପରେ ତାହା ତୁମ ଆଙ୍ଗୁଠି ପାଖରେ ଆସି ପଡ଼ିଥିବ ଏବଂ, ଯାହା ତଥାପି ନଷ୍ଟ ହୋଇଯାଇ ନାହିଁ, ତାହାକୁ ସଜାଡ଼ିବା ସକାଶେ ଚେଷ୍ଟା ଆରମ୍ଭ କରିଦେବ । ସାଧାରଣତଃ ଆମେ ସେହି ଆଙ୍ଗୁଠିରେ ସାନ ପଟିଟିଏ ବାନ୍ଧି ଦେଇଥାଉ । ମାତ୍ର, ଯଦି ଅତ୍ୟନ୍ତ ଯନ୍ତ୍ରଣା ହେଉଥାଏ, ତେବେ ସେହି ଯନ୍ତ୍ରଣା ଯେପରି ବନ୍ଦ ହୋଇଯିବ, ତୁମକୁ ଭାବନା ଦ୍ୱାରା ଲାଗି ରହିଥିବା ସଂଯୋଗଟିକୁହିଁ କାଟି ଦେବାକୁ ପଡ଼ିବ ଏବଂ ସେହି ସ୍ନାୟୁଟିକୁ କହିବାକୁ ପଡ଼ିବ, "ବର୍ତ୍ତମାନ ତୁ ସ୍ଥିର ହୋଇ ରହ, ତୋର ଯାହା କାମ ତୁ କରିସାରିଛୁ, ତୁ ମୋତେ ସତର୍କ କରିଦେଇଛୁ, ଆଉ ତୋର ଆଦୌ କିଛି କହିବାକୁ ନାହିଁ । ଆହା, ମୁଁ ତୋତେ ବନ୍ଦ କରି ରଖୁଛି ।" ଏବଂ ଯଦି ତୁମେ ଏହି କାର୍ଯ୍ୟଟିକୁ ଯଥାର୍ଥ ଭାବରେ କରିପାରିବ, ତେବେ ତୁମର ଆଉ କୌଣସି ଯନ୍ତ୍ରଣା ହେବ ନାହିଁ; ଯନ୍ତ୍ରଣା ଦୂର

'oaob.nitrkl.ac.in' images reprocessed

ହୋଇଯିବ, ତୁମେ ତାହାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦେବ । ଏହାହିଁ ସର୍ବୋତ୍ତମ ଉପାୟ । ପ୍ରକୃତରେ ଜ୍ୱର ଯନ୍ତ୍ରଣା ହେଉଛି ବୋଲି ନିଜ ପାଖରେ ଯାଇ କହିବା-ଠାରୁ ଏଇଟି ଅନନ୍ତ ଗୁଣରେ ଅଧିକ ଭଲ ଉପାୟ ।

ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି ଯିଏକ···ଭିତର ଆଡ଼କୁ ବଢ଼ୁଥିବା ନଖ ବିଷୟରେ ତୁମେମାନେ କିଛି ଅନୁଭୂତ ଲାଭ କରିଛ କି ନାହିଁ କେଜାଣି । ଏହାର ଅର୍ଥ ହେଉଛି ଯେ, ନଖ ବାହାରକୁ ନ ବଢ଼ି ଭିତର ଆଡ଼କୁ ଚମ ଭିତରକୁ ବଢ଼ିବାକୁ ଆରମ୍ଭ କରେ । ଗୋଡ଼ର ନଖରେ ଏହିପରି ହେଲେ ବଡ଼ କଷ୍ଟ ହୁଏ । ନଖ ଚମ ଭିତରକୁ ବଢ଼େ; ଏବଂ ବିଶେଷତଃ, ତୁମେ ଯଦି ଗୋଡ଼ରେ ଟାଇଟ୍ ଜୋତା ପିନ୍ଧିଥିବ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତଦ୍ଦ୍ୱାରା ଆହୁରି ଅଧିକ କଷ୍ଟ ହୁଏ । ଏପରି ଗୋଟିଏ ପୁଅପିଲାକୁ ମୁଁ ଜାଣିଥିଲି ଯିଏକି ଏହିପରି ଭାବରେ (ମାଆ ଭଙ୍ଗୀ କରି ଦେଖାଇ ଦେଲେ) ନଖ ପାଖକୁ ଧରି ଚିପିବାକୁ ଆରମ୍ଭ କଲା । ସିଏ ଭାବିଥିଲା ଯେ, ସ୍ପନ୍ଦନଗୁଡ଼ିକ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଉତ୍କଟ ହୋଇ ଉଠନ୍ତି ଏବଂ ତୁମ ଭିତରେ ତାହାକୁ ସହିବା ଲାଗି ଆବଶ୍ୟକ ଶକ୍ତି ନ ଥାଏ, ସେତେବେଳେ କେବଳ ସେହି କାରଣରୁହିଁ ତୁମକୁ ଯନ୍ତ୍ରଣାର ଅନୁଭବ ହୁଏ । ତେଣୁ ସିଏ ମାତ୍ରାରୁ ବାହାରକୁ ଚାଲିଗଲା, ଏବଂ ପ୍ରକୃତରେ ସେହିପରି ଚିପିବାକୁ ଆରମ୍ଭ କଲା । ପ୍ରଥମେ ସାଧାରଣ ଭାବରେ ଯନ୍ତ୍ରଣା ହେଲା, ମାତ୍ର, ତା'ର ସେହି ଯନ୍ତ୍ରଣା ଏକ ପ୍ରକାରର ସୁଖାନୁଭୂତିରେ ପରିଣତ ହେବା ପର୍ଯ୍ୟନ୍ତ ସିଏ ସେହିପରି ଚିପିବାରେ ଲାଗିଥାଏ । ଏବଂ ଏହା ଚମତ୍କାର ସଫଳତା ଆଣିଦେଲା ।

ଯଦି ତୁମର କୌଣସି କାରଣରୁ କିଛିଟା ଯନ୍ତ୍ରଣା ହେଉଥିବ, ଏବଂ ଯଦି ସେହି କ୍ଷେତ୍ରରେ ତୁମେ ଆପଣାକୁ ଆହୁରି ଅଧିକ ଯନ୍ତ୍ରଣା ଦେବା ଲାଗି କିଛି କରିବାକୁ ଯିବ, ତେବେ ପରିଶେଷରେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି ତୁମେ ହୁଏତ ମୂର୍ଚ୍ଛା ହୋଇଯିବ (କିଛିଟା ଦୁର୍ବଳ ଓ କଷ୍ଟ ସହି ପାରୁ ନ ଥିବା ଲୋକମାନେ ମୂର୍ଚ୍ଛା ହୋଇଯାଆନ୍ତି) ନଚେତ୍ ତାହା କ୍ରମେ ଏକ ସୁଖାନୁଭୂତିରେ ପରିଣତ ହୋଇଯିବ । ମାତ୍ର ଏପରି ପରାମର୍ଶ ଦେବା ଆଦୌ ଉଚିତ ନୁହେଁ । ଏପରି ଯେ କରି ଯାଇପାରେ, ମୁଁ ତୁମମାନଙ୍କୁ କେବଳ ସେହି କଥାଟି କହୁଛି । ମୁଁ ଗୋଟିଏ ବାଳକକୁ ଦେଖିଥିଲି—ବାର ବର୍ଷର ବାଳକଟିଏ—ଯିଏକି ସେହିପରି କରୁଥିଲା ଏବଂ ଅତ୍ୟନ୍ତ ଇଚ୍ଛାକୃତ ଭାବରେ ସେହିପରି କରୁଥିଲା, ଅତ୍ୟନ୍ତ ସଚେତନ ଭାବରେ କରୁଥିଲା । ଯୋଗ ସମ୍ବନ୍ଧରେ ସିଏ କେବେହେଲେ କିଛି ଶୁଣି ନ ଥିଲା, ମାତ୍ର ସେ ନିଜେ ଏହି ଉପାୟଟିକୁ ଆବିଷ୍କାର କରିଥିଲା । ମାତ୍ର

'oaob.nitrkl.ac.in' images reprocessed

ଏଭଳି ଏକ ପରାମର୍ଶ ଦେବା ଆଦୌ ଉଚିତ ନୁହେଁ, କାରଣ ତଦ୍ୱାରା ଆଙ୍ଗୁଠିର ଅବସ୍ଥା ଆହୁରି ଖରାପ ହୋଇଯାଏ। ତଦ୍ୱାରା ଆଙ୍ଗୁଠିର ଅବସ୍ଥା ଆଦୌ ଭଲ ହୋଇ ନ ଥିଲା।

ମାତ୍ର ମୋ' ନିଜ ଉପାୟଟି ହେଉଛି ଯେ, ତୁମେ ସେହି ସ୍ନାୟୁଟିକୁ ଯାଇ କହିବ, "ବର୍ତ୍ତମାନ ତୁ ତୋ' କାମ କରିସାରିଲୁ, ବର୍ତ୍ତମାନ ବନ୍ଦ ହୋଇଯା', ବର୍ତ୍ତମାନ ଚୁପ୍ ରହି, ତୋର ଆଉ ମୋତେ ଅଧିକ କିଛିହେଲେ କହିବାର ନାହିଁ।" ଏଇଟି ଏକ ଅଧିକ ଭଲ ଉପାୟ। ଆଙ୍ଗୁଠିଟି କଟିଗଲା, ଏବଂ ତା'ପରେ ସେତିକିରେ ସବୁ ସରିଗଲା।

ଯେତେବେଳେ ଭୀଷଣ ଦାନ୍ତବିନ୍ଧା ହେଉଥିବ (ତୁମେମାନେ କେବେ ଏହା ଭୋଗିଛ କି ନାହିଁ ମୁଁ ଜାଣେ ନାହିଁ; ଦାନ୍ତବିନ୍ଧାରେ ପ୍ରକୃତରେ ବଡ଼ କଷ୍ଟ ହୁଏ, —କାରଣ ସ୍ନାୟୁଟି ମସ୍ତିଷ୍କର ଅତି ପାଖରେ ଥାଏ ଏବଂ ତେଣୁ ବାଟରେ ଆଦୌ କୌଣସି ଉତ୍କଣ୍ଠା ହରାଇବାକୁ ପଡ଼େ ନାହିଁ। ତେଣୁ ଅତ୍ୟନ୍ତ ସିଧା ଭାବରେ ଅନୁଭୂତି ହୋଇଥାଏ ଏବଂ ଭୀଷଣ କଷ୍ଟ ଦିଏ), ସେତେବେଳେ ସର୍ବୋତ୍ତମ ଉପାୟ ହେଉଛି ଯେ,—ପ୍ରକୃତରେ ଏହାଛଡ଼ା ଆଉ କୌଣସି ଉପାୟ ନାହିଁ—ସଂଯୋଗଟିକୁ କାଟିଦେବା ହେଉଛି ସର୍ବୋତ୍ତମ ଉପାୟ "ତୁ ଭଲ କଲୁ, ଆପଣାର କାମଟିକୁ କରିଦେଲୁ, ସେଠି କିଛି ବିଗିଡ଼ି ଯାଇଛି ବୋଲି ମୋତେ ଖବର ଦେଲୁ,—ସେତିକିହିଁ ଯଥେଷ୍ଟ ହେଲା। ବର୍ତ୍ତମାନ ତୁ ଆଉ ମୋଟେ ହଲଚଲ ହେବୁ ନାହିଁ।" ତା'ପରେ ତୁମେ ଏହିପରି ଭାବରେ (ମାଆ ଇଙ୍ଗିତରେ ଦେଖାଇଦେଲେ) ସଂଯୋଗଟିକୁ କାଟିଦେବ,—ଆଉ ଯେପରି ଆଦୌ କୌଣସି ସରବରାହ ସମ୍ଭବ ହେବ ନାହିଁ। ଏବଂ, ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ତୁମେ ସେତେବେଳେ ଆଉ ଅନ୍ୟକିଛି କଥା ଭାବୁଥିବ। ଯଦି ପରେ ଏପରି କହିବାକୁ ଲାଗିବ, "ଏବେ କ'ଣ ମୋର ସେହି ଯନ୍ତ୍ରଣା ରହିଛି ?"...(ସମସ୍ତେ ହସିଲେ)

ମାଆ, ଏଠାରେ ଶ୍ରୀଅରବିନ୍ଦ କହିଛନ୍ତି ଯେ, ଯନ୍ତ୍ରଣା ହେଉଛି ମୂଳଭୂତ ଆନନ୍ଦର ଏକ ଅପକର୍ଷ-ଅବସ୍ଥା।

ହଁ, ହଁ, ମାତ୍ର ସବୁକିଛି ହେଉଛି ଏକ ଅପକର୍ଷ-ଅବସ୍ଥା। ସିଏ ସୁଖକୁ ମଧ୍ୟ ତାହାହିଁ ବୋଲି କହିଛନ୍ତି। ସୁଖାନୁଭୂତି ଓ ଦୁଃଖାନୁଭୂତି,—ଦୁଇଟିଯାକ ସମାନ ଭାବରେ ସେହି ମୂଳଭୂତ ପରମ ଆନନ୍ଦର ଏକ ଅପକର୍ଷ-ଅବସ୍ଥା। ଏବଂ ଏଣେ, ମନୁଷ୍ୟର ଯେଉଁ ଭୌତିକ ଚେତନା ରହିଛି, ଭାରସାମ୍ୟରକ୍ଷା ଲାଗି ତା'ପାଖରେ ଥିବା ସାମର୍ଥ୍ୟ ମଧ୍ୟ ଅତ୍ୟନ୍ତ ଅଳ୍ପ। ଯଦି ଆପଣାର କୌଣସି ସୁଖକୁ—ତାହା

'oaob.nitrkl.ac.in' images reprocessed

ଯାହା ହୋଇଆସୁ ନା କାହିଁକି—ତୁମେ ଜିନିଷକୁ ଅତିରିକ୍ତ ପରିମାଣରେ ଧାବିତ କରାଇ ନେଉଛ, ତେବେ ତାହା ତତ୍‌କ୍ଷଣାତ୍ ଏକ ଦୁଃଖାନୁଭୂତିରେ ପରିଣତ ହୋଇ ଯାଉଛି । ଏବଂ, ଏପରି ଏକ ସ୍ଥାନ ସବୁବେଳେ ରହିଛି, ଯେଉଁଠାରେ ଏକ ନିର୍ଦ୍ଦିଷ୍ଟ ଅନୁଭୂତି ସୁଖର ଅନୁଭୂତି ବା ଦୁଃଖର ଅନୁଭୂତି, ତୁମେ ସେକଥାଟିକୁ ଆଉ ମୋଟେ ଜାଣି ପାରୁ ନାହଁ । ତାହା ସେହି କ୍ଷେତ୍ରରେ ସୁଖାନୁଭୂତି ହୋଇ ପାରେ, ଏକ ଦୁଃଖାନୁଭୂତି ମଧ୍ୟ ହୋଇପାରେ । ଆଉ ଗୋଟିଏ ଉଦାହରଣ ବି ରହିଛି,—ଅତି ମିଠା କୌଣସି ଜିନିଷକୁ ଯଦି ତୁମେ କେବେ ଖାଇବ, ତେବେ ତାହାର ପ୍ରଭାବଟିକୁ ଅବଶ୍ୟ ଅନୁଭବ କରିପାରିବ । ପ୍ରଥମତଃ ଖୁବ୍ ଭଲ ଲାଗୁଛି ବୋଲି କହିବ, ତା'ପରେ ତାହା ହଠାତ୍ ଏପରି ଏକ ଦ୍ରବ୍ୟରେ ପରିଣତ ହୋଇଯିବ, ଯାହାକି···ତୁମେ ସହ୍ୟକରି ବି ପାରିବ ନାହିଁ । ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେହିଁ ଠିକ୍ ସେହିପରି ଘଟିଥାଏ, ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ । ସେଗୁଡ଼ିକ ପରସ୍ପର ସହିତ ଅତ୍ୟନ୍ତ ନିବିଡ଼ ଭାବରେ ସମ୍ବନ୍ଧିତ ହୋଇ ରହିଛନ୍ତି, ନୁହେଁ ?

ସରଳ ? ତୁମର ତଥାପି କିଛି ପଚାରିବାକୁ ଅଛି ?

ମାଆ, ବେଳେବେଳେ ଆଶ୍ରମରେ ସମସ୍ତେ ସତେଅବା ସାମୁହିକ ଭାବରେ ରୋଗରେ ପଡ଼ିଯାନ୍ତି···

ହଁ, ମାତ୍ର କେବଳ ଆଶ୍ରମରେହିଁ ନୁହେଁ । ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ତାହା ସର୍ବପ୍ରଥମେ ସହରରେ ଦେଖାଦିଏ ଏବଂ ତା'ପରେ କେହିଜଣେ ଅତ୍ୟନ୍ତ ଉତ୍ସାହପୂର୍ବକ··· ଯେଉଁ ଲୋକମାନେ ବାରବାର ସହରକୁ ଯାଇ ସମୟ କଟାନ୍ତି,—ସେମାନେ ରୋଗଟିକୁ ସାଙ୍ଗରେ ନେଇ ଫେରି ଆସନ୍ତି, ଏବଂ ଏଠାରେ ତା'ପରେ ସମସ୍ତେ ମେଣ୍ଢାପଲ ପରି ଗୋଟିଏ ଗୋଟିଏ ହୋଇ ରୋଗରେ ପଡ଼ନ୍ତି । ଜଣେ କେହି ରୋଗରେ ପଡ଼ିଲେ ଏପରି ହୁଏ । ଜଣେ ପଡ଼ିବା ପରେ ସମସ୍ତେ ସେହି ରୋଗରେ ପଡ଼ିବାକୁ ସତେଅବା ଖୁବ ଚମତ୍କାର ଓ ବଢ଼ିଆ କଥାଟିଏ ପରି ବିଚାର କରାଯାଏ ।

(ମାଆ ନୀରବ ରହିଲେ)

ତୁମେ କ'ଣ ପଚାରିବାକୁ ଚାହୁଁଥିଲ ?

ମୁଁ ପଚାରିବାକୁ ଚାହୁଁଥିଲି କାହିଁକି···

କାହିଁକି ? ମୁଁ ତ ତୁମକୁ ତାହାର ଉତ୍ତରଟି କହିଲି !

ଅନୁକରଣ କରିବା ପ୍ରବୃତ୍ତି, ମେଣ୍ଢାପଲଙ୍କ ପ୍ରବୃତ୍ତି !

ଏହି ମେଣ୍ଢାପଲଙ୍କ ପ୍ରବୃତ୍ତି କ'ଣ ତୁମେ ଜାଣିଛ ନା ନାହିଁ ? ଜାଣିନ ?

'oaob.nitrkl.ac.in' images reprocessed

ଆଚ୍ଛା, — ଏହା ହେଉଛି — ଏଇଟି ହେଉଛି ପ୍ରଥମ ଗପ ··· ଗପଟିକୁ ପୁରାତନ କିଂବଦନ୍ତୀରୁ ଗ୍ରହଣ କରାଯାଇଛି କି କ'ଣ କେଜାଣି ? — ହୁଏତ କରାଯାଇଛି, ମାତ୍ର, ତଥାପି··· ତୁମେ ରାବେଲେଙ୍କ ବିଷୟରେ କିଛି ଶୁଣିଛ ? ରାବେଲ ଫ୍ରାନ୍ସରେ ତାଙ୍କର ଗୋଟିଏ ଗଳ୍ପରେ ଏହି କଥା କହିଛନ୍ତି । କଥାଟି ହେଉଛି··· (ମାଆ ପର୍ଵିନଙ୍କ ଆଡ଼କୁ ଅନାଇଲେ; ପରନ୍ତୁ ସେହି ଗପଟିକୁ ଜାଣି ନ ଥିଲେ । ମାଆ ତା'ପରେ ନଲିନୀଙ୍କ ଆଡ଼କୁ ବୁଲିଲେ) ବୋଧ ହୁଏ ନଲିନୀ ଜାଣିଛନ୍ତି ।

(ନଲିନୀ) ହଁ, ପାନ୍ତାଗ୍ରୁଏ ।

"ପାନ୍ତାଗ୍ରୁଏ" ! ହଁ, ମୋତେ ବି କିଛି ଜଣା ନାହିଁ । ଏହା ହେଉଛି ରାବେଲେଙ୍କ ଦ୍ୱାରା ଲିଖିତ ଏକ ପ୍ରସିଦ୍ଧ ପୁସ୍ତକ । ···ମୁଁ ସେହି ବହିଟିକୁ ପଢ଼ି ନାହିଁ, ଏବଂ ସେହି ବହିରେ ସିଏ ପଲେ ମେଣ୍ଢାଙ୍କ କଥା କହିଛନ୍ତି, ଯେଉଁମାନଙ୍କୁ କି ଡଙ୍ଗାରେ ବୋଝେଇ କରି କୌଣସି ସ୍ଥାନକୁ ନିଆଯାଉଥିଲା, ଏବଂ ସେଇଠୁ···ଏହା ଜାଣିଶୁଣି ଏପରି କରା ବା ଦୈବାତ୍ ସେପରି ଘଟିଲା, ମୁଁ ଜାଣି ନାହିଁ, —ବର୍ତ୍ତମାନ ମୋର ସେକଥା ମନେ ପଡ଼ୁ ନାହିଁ, କାରଣ ଏକାଧିକ ଭିନ୍ନ ଭିନ୍ନ ବ୍ୟକ୍ତି ଲେଖିଥିବା ସେହି ଗଳ୍ପଟିକୁ ମୁଁ ପାଠ କରିଛି ·· ମୋର କହିବାର ଅଭିପ୍ରାୟ ହେଉଛି, ପୁରାତନ ହିନ୍ଦୁ କିଂବଦନ୍ତୀମାନଙ୍କରେ ମଧ୍ୟ ଏହି ଗପଟି ରହିଛି —ପାରସ୍ୟର କିଂବଦନ୍ତୀରେ ମଧ୍ୟ ଅଛି, ଆରବୀ କିଂବଦନ୍ତୀରେ ମଧ୍ୟ ରହିଛି । ତେଣୁ, ରାବେଲେ ଠିକ୍ କିପରି ଭାବରେ ବର୍ଣ୍ଣନା କରିଛନ୍ତି, ମୁଁ ସେହି କଥାଟିକୁ ସୁନିର୍ଦ୍ଦିଷ୍ଟ ଭାବରେ ଜାଣି ନାହିଁ । ତଥାପି, ଗଳ୍ପଟି ହେଉଛି ଏହିପରି :

କୌଣସି କାରଣରୁ ଗୋଟିଏ ମେଣ୍ଢା ଡଙ୍ଗା ଉପରୁ ସମୁଦ୍ର ପାଣିରେ ପଡ଼ିଗଲା — ଏବଂ ତା'ପରେ ସବୁଯାକ ମେଣ୍ଢା ଗୋଟିଗୋଟି ହୋଇ ପାଣିକୁ ଡେଇଁ ପଡ଼ିଲେ । (ସମସ୍ତେ ହସିଲେ) ଗୋଟିଏ ଡେଇଁ ପଡ଼ିଲା ବୋଲି ସମସ୍ତେ ଫଟ୍ ଫଟ୍ ପାଣି ଭିତରକୁ ଡେଇଁ ପଡ଼ିଲେ । ଏହିପରି ଭାବରେ ଗଳ୍ପଟି ପ୍ରସିଦ୍ଧି ଲାଭ କରିଛି । ସେମାନଙ୍କୁ ପାନୁର୍ଗଙ୍କର ମେଣ୍ଢାପଲ ବୋଲି କୁହାଯାଇଛି ।

ମାତ୍ର, ଏହି କ୍ଷେତ୍ରରେ କେବଳ ଗୋଟିଏ ଉପାୟ ରହିଛି । ମୁଁ ଯେପରି କରିବାକୁ କହିଲି, ସେହି ଉପାୟଟି । ଅର୍ଥାତ୍, ବ୍ୟକ୍ତିର ଚତୁର୍ଦ୍ଦିଗରେ ଏକ ପରିବେଶ ରହିଥିବ, ତାହା ଶାନ୍ତ, ସୁଦୀପିତ ଏବଂ ସ୍ଥିର ହୋଇ ରହିଥିବ । ତା'ହେଲେ ଆଉ ମୋଟେ ମେଣ୍ଢାପଲରେ ସାମିଲ୍ ହେବାକୁ ପଡ଼ିବ ନାହିଁ ।

ବାସ୍, ଏଥର ସରିଲା । ସରିଲା ତ ?

'oaob.nitrkl.ac.in' images reprocessed

# ୨୮ ମଇ ୧୯୫୫

ମାଆଙ୍କର ରଚନା "ନାରୀର ସମସ୍ୟା"*
ଉପରେ ଏହି ପ୍ରବଚନଟି ଆଧାରିତ ।

କୌଣସି ପ୍ରଶ୍ନ ଅଛି କି ନାହିଁ ? ମୋ'ର କିଛି କହିବାକୁ ନାହିଁ । ଯାହା କହିବାର ମୁଁ ସବୁ କହିଦେଇଛି ।

ତୁମେ କିଛି ପଚାରିବାକୁ ଇଚ୍ଛା କରୁଥିଲ କି ?

ଆପଣ ବିଷୟଟିର "ନାରୀର ସମସ୍ୟା" ବୋଲି ଶୀର୍ଷକ ଦେଇଛନ୍ତି, ମାତ୍ର ଏଥିରେ ଆପଣ ପୁରୁଷର ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି ।

ହଁ, କାରଣ ଦୁହିଁଙ୍କୁ ପରସ୍ପରଠାରୁ ଅଲଗା କରିବା ଅତ୍ୟନ୍ତ କଷ୍ଟକର । ମୁଁ ଆଦୌ ଏପରି ଚିନ୍ତା କରୁ ନ ଥିଲି ଯେ ଏହି ସମସ୍ୟାଟିର ସମାଧାନ କେବଳ ନାରୀମାନେହିଁ କରିବେ । ମୁଁ ଏକଥା କହିବାକୁ ଇଚ୍ଛା କରିଥିଲି ଯେ, ନାରୀମାନଙ୍କ ସକାଶେହିଁ ପୃଥିବୀପୃଷ୍ଠର ଜୀବନ ଏହି ସମସ୍ୟାଟିକୁ ଆଣି ଆମ ସମ୍ମୁଖରେ ଉପସ୍ଥାପିତ କରିଛି ।

ପ୍ରାୟ ଏବଯାଏ ପୁରୁଷମାନେ ଆପଣାକୁ ନେଇ ଓ ଆପେ କରିଥିବା ସକଳ କାର୍ଯ୍ୟକୁ ନେଇ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ରହିଥିଲେ । ପ୍ରାୟ ଏକ ଶତାବ୍ଦୀରୁ କିଛିଟା ଅଧିକ ହେବ, ନାରୀମାନେ ପ୍ରତିବାଦ କରିବାକୁ ଆରମ୍ଭ କଲେ । ଆଗରୁ ସେମାନେ ଆଦୌ କିଛି କହୁଥିବା ପରି ମନେ ହେଉ ନ ଥିଲେ ବା, ଏଥିରେ କୌଣସି ସନ୍ଦେହ ନାହିଁ ଯେ କିଛି କହିବା ଲାଗି ସେମାନଙ୍କର କୌଣସି ସୁଯୋଗହିଁ ନ ଥିଲା । ତଥାପି, ଏବେ ମାତ୍ର ଅଳ୍ପ କେତେ କାଳ ହେଲା—ତାହା ଆଦୌ ବେଶୀ ଦିନର କଥା ନୁହେଁ—ନାରୀମାନେ କହିବାକୁ ଆରମ୍ଭ କଲେ, "ଆପଣମାନେ ଆମକୁ କ୍ଷମା କରିବେ ଆଜ୍ଞା, ମାତ୍ର ଆମେ ବସ୍ତୁତଃ ଏସବୁଥିବେ ଆଦୌ ସନ୍ତୁଷ୍ଟ ନୋହୁ ।" ଆଗରୁ, ଦେତେବେଳେ ସେମାନେ ଏପରି ଏକ କଥା

*ଏହି ରଚନାଟି ପ୍ରଥମେ ୧୯୫୫ ଏପ୍ରିଲ ସଂଖ୍ୟା ବୁଲେଟିନ୍‌ରେ ପ୍ରକାଶ ପାଇଥିଲା, ବର୍ତ୍ତମାନ ଏହା ମା'ଙ୍କର ଜନ୍ମଶତବାର୍ଷିକୀ ଗ୍ରନ୍ଥାବଳୀ, ୧୨ଶ ଖଣ୍ଡ, 'ଶିକ୍ଷା'ରେ ପ୍ରକାଶ ପାଇଛି ।

'oaob.nitrkl.ac.in' images reprocessed

କହିବାକୁ ସାହସ କରୁଥିଲେ ମଧ୍ୟ, ଖୁବ୍ ସମ୍ଭବ ସେମାନଙ୍କୁ ପଛରୁ ଠୁକୁରାଇ ଦେଲାପରି କୁହାଯାଉଥିଲା, "ତୁମେ କିଛି କଥା କହ ନାହିଁ, ଏଥିରେ ତୁମର ଆଦୌ କିଛି କହିବାର ନାହିଁ।" ଏହି ସବୁକିଛି ସତ୍ତ୍ୱେ ଘଟନା ପ୍ରବାହ ଅଗ୍ରସର ହେବାରେ ଲାଗିଥିଲା ଏବଂ ଗତ ଶତାବ୍ଦୀର ଶେଷ ଆଡ଼କୁ ପୁରୁଷମାନେ ସେମାନଙ୍କ ପ୍ରତି ଯେପରି ବ୍ୟବହାର ଦେଖାଉଥିଲେ, ନାରୀମାନେ ପ୍ରକାଶ୍ୟ ଓ ସାମୂହିକ ଭାବରେ ତାହାର ପ୍ରତିବାଦ କରିବାକୁ ଆରମ୍ଭ କଲେ। କାରଣ, ପୁରୁଷମାନେ ଯେଉଁସବୁ ବିଧାନ ତିଆରି କରିଥିଲେ, ସେସବୁ ପୁରୁଷମାନଙ୍କର ଅଧିକ ଅନୁକୂଳ ହୋଇ ତିଆରି ହୋଇଥିଲା; ପୁରୁଷମାନେ ତିଆରି କରିଥିବା ସମାଜର ଯାବତୀୟ ସଂଗଠନ ଓ ବ୍ୟବସ୍ଥା ସେହିମାନଙ୍କରହିଁ ଅଧିକ ଅନୁକୂଳ ହୋଇ ତିଆରି ହୋଇଥିଲା। ନାରୀମାନଙ୍କର ସର୍ବଦା ଏକ ନ୍ୟୂନତର ସ୍ଥାନ ରହିଥିଲା ଏବଂ କେତେକ କ୍ଷେତ୍ରରେ ସେମାନଙ୍କୁ ଏକାବେଳେକେ ତୁଚ୍ଛ କରି ରଖା ଯାଇଥିଲା। କେତେକ ଦେଶରେ ଏବେ ମଧ୍ୟ···

ଅବଶ୍ୟ ଏକଥା ସତ ଯେ ସେପର୍ଯ୍ୟନ୍ତ ସେମାନଙ୍କ ପକ୍ଷରୁ ଯେତେ ଯାହା ପ୍ରତିବାଦ ହୋଇଥିଲା, ତାହା ହୁଏତ ବ୍ୟକ୍ତିବିଶେଷ କରିଥିଲେ ବା ଅଧିକତର ପରିମାଣରେ ସେସବୁକୁ ଗୁପ୍ତ ଭାବରେ କରାହୋଇଥିଲା; କାରଣ ତାହା ସେତେବେଳେ ଏକ ସାଧାରଣ ସମସ୍ୟାରେ ପରିଣତ ହୋଇ ନ ଥିଲା। ମାତ୍ର, ଗତ ଶତାବ୍ଦୀର ଶେଷ ବେଳକୁ ନାରୀବାଦ ନାମରେ ଏକ ଆନ୍ଦୋଳନ ଆରମ୍ଭ ହେଲା ଏବଂ ପ୍ରଚଳିତ ବ୍ୟବସ୍ଥାଗୁଡ଼ିକର ତୀବ୍ର ବିରୋଧ କରି ନାରୀମାନେ ପ୍ରତିବାଦ କରିବାକୁ ଆରମ୍ଭ କଲେ। ସେମାନେ କହିବାକୁ ଆରମ୍ଭ କଲେ, "ଆପଣ ଆମକୁ କ୍ଷମା କରିବେ ଆଜ୍ଞା, ଆପଣମାନେ ଆପଣମାନଙ୍କର ସକଳ ବ୍ୟାପାରରେ କେବଳ ବିଫଳହିଁ ହୋଇଛନ୍ତି ଏବଂ କୌଣସି ବ୍ୟବସ୍ଥାକୁ ଆଦୌ ସମୁଚିତ ଭାବରେ ଚଳାଇ ପାରି ନାହାନ୍ତି। ଆପଣମାନେ ଯାହାକିଛି କରିଛନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ କେବଳ ମନ୍ଦ ବୋଲିହିଁ ମନେ ହେଉଛି। ଆପଣମାନେ କିଛି କରିବାରେ ବି ସଫଳ ହୋଇ ନାହାନ୍ତି,—କେବଳ ନିଜ ଭିତରେ କଳହ କରିବାର କ୍ଷେତ୍ରରେ ଯାହା ଆପଣମାନଙ୍କୁ କିଛି ସଫଳତା ମିଳିଛି। ପରସ୍ପରର ସଂହାର କରିବାରେ ଓ ସମ୍ପୃକ୍ତ ସମସ୍ତଙ୍କ ପାଇଁ ଜୀବନକୁ ଦୁର୍ବହ କରି ରଖିବାରେ ଆପଣମାନେ ଯାହା ସଫଳ ହୋଇଛନ୍ତି। ଆମର ମଧ୍ୟ ଯେ କିଛି କହିବାକୁ ରହିଛି, ଆମେ ଏବେ ସେକଥା କହିବାକୁ ଆରମ୍ଭ କରୁଛୁ। ଆମେ ଭାବୁଛୁ ଯେ, ବର୍ତ୍ତମାନ ଯାହା ଯେପରି ଅଛି, ତଦ୍ୱାରା ଆଦୌ କାମ ଚଳିବ ନାହିଁ ଏବଂ ଏଥିରେ ଏକ ପରିବର୍ତ୍ତନ ଘଟିବା ଏକାନ୍ତ ଆବଶ୍ୟକ।" କଥାଟି ଏହିପରି ଭାବରେ ଆରମ୍ଭ ହୋଇଛି। ଏବଂ ତା'ପରେ ପ୍ରତିବାଦମାନ ହେଲା, କଳହ ହେଲା, ବିଦ୍ରୂପ ମଧ୍ୟ କରାଗଲା। ···ନାନା ବିଦ୍ରୂପ

'oaob.nitrkl.ac.in' images reprocessed

ଓ ଉପଦ୍ରବ କରି ନାରୀମାନେ ପୁରୁଷମାନଙ୍କୁ ଦବାଇ ଦେବାକୁ ଚେଷ୍ଟା କଲେ । ମାତ୍ର, ପୁରୁଷମାନେ ସ୍ୱୟଂ ଆପଣାକୁ ବୋକା ବନାଇଲେ,—ନାରୀମାନେ ତାହା ଆଦୌ କରି ନାହାନ୍ତି—(ମାଆ ଉପରୁ ହସିଲେ) ଏବଂ ପରିଣାମରେ ସେମାନଙ୍କର ଏଥିରୁ ଗୋଟିଏ ଲାଭ ହେଲା : ବର୍ତ୍ତମାନ ରାଷ୍ଟ୍ରବ୍ୟାପାର କ୍ଷେତ୍ରରେ ମଧ୍ୟ ସେମାନେ ଆପଣାର ମତ ଦେଇ ପାରୁଛନ୍ତି ।

ଏହାର ଆରମ୍ଭ···ଏହାକୁ ଅତ୍ୟନ୍ତ ଭୟଙ୍କର ଏକ ମନ୍ଦ ଦୃଷ୍ଟାନ୍ତ ବୋଲି ବୁଝାଯିବ ସତ, ମାତ୍ର ଏହା ବର୍ତ୍ତମାନ ଏକ ସ୍ୱୀକୃତ ପ୍ରକୃତ ଘଟନାରେ ପରିଣତ ହୋଇଛି ଏବଂ ଆମକୁ ଏକଥା ମଧ୍ୟ ଅବଶ୍ୟ ଦେଖିବାକୁ ମିଳିବ ଯେ, ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଅଳ୍ପ ଅନଗ୍ରସର କେତୋଟି ଦେଶରେ ନାରୀମାନଙ୍କୁ ସରକାର ଭିତରେ ମଧ୍ୟ ପ୍ରବେଶ କରିବାକୁ ଦିଆଗଲାଣି । ଏବଂ, ମୁଁ ଯେତେ ଦୂର ଜାଣେ, ଏକଥା ନିଶ୍ଚୟ କହିବି ଯେ, ସୁଇଡେନ୍‌ରେ ଏହି କଥା ସର୍ବପ୍ରଥମେ ଘଟିଥିଲା : ଏହି ଶତାବ୍ଦୀର ପ୍ରାରମ୍ଭରେ ମୁଁ ଏହି କଥାଟିକୁ ଜାଣିଥିଲି । ଘଟନାଟି ସେଠିକିବେଳେ ଘଟିଥିଲା । ସୁଇଡେନର ପାର୍ଲିଆମେଣ୍ଟରେ ନାରୀମାନଙ୍କୁ ପ୍ରବେଶର ଅଧିକାର ମିଳିଲା, ସେମାନେ ସରକାରରେ ମଧ୍ୟ ଯୋଗ ଦେଲେ; ଏବଂ, ଆପଣାର ସର୍ବପ୍ରଥମ କାର୍ଯ୍ୟ ରୂପେ, ଯାହାକୁ କାର୍ଯ୍ୟାନ୍ୱିତ କରିବାରେ ସେମାନେ ସମର୍ଥ ହୋଇଥିଲେ, ସେମାନେ ମଦ୍ୟପତାର ବିଲୋପସାଧନ କରାଇଥିଲେ ।

ଅର୍ଥାତ୍···?

ମଦ୍ୟପତା···ମଦ୍ୟପତା କ'ଣ ତୁମେ ଜାଣି ନାହଁ ? ମଦ୍ୟପତା ହେଉଛି ମଦ ପିଇବା, ଏବଂ ଦୁର୍ଭାଗ୍ୟବଶତଃ ଏହି ଅଭ୍ୟାସଟି ସାରା ପୃଥିବୀରେ ସବୁଆଡ଼େ ବ୍ୟାପ୍ତ ହୋଇ ରହିଛି । ସାଧାରଣତଃ ପୁରୁଷମାନେହିଁ ମଦ୍ୟପାନ କରନ୍ତି । ଶ୍ରମଜୀବୀ-ଗୋଷ୍ଠୀଗୁଡ଼ିକ ମଧ୍ୟରେ, ଯେମିତି ସେମାନେ ନିଜର ବେତନ ପାଆନ୍ତି, ସଙ୍ଗେ ସଙ୍ଗେ ଯାଇ ବେତନର ଅର୍ଦ୍ଧାଂଶକୁ ମଦ୍ୟପାନରେ ଉଡ଼ାଇ ଦେଇ ଆସନ୍ତି ଏବଂ ସେମାନଙ୍କର ପତ୍ନୀ ଯେତେବେଳେ ଆହାରର ବ୍ୟବସ୍ଥା କରିବା ଲାଗି ପଇସା ମାଗିବାକୁ ସେମାନଙ୍କ ପାଖକୁ ଯାଏ, ସେତେବେଳେ ତାକୁ ମାଡ଼ ଖାଇବାକୁ ପଡ଼ିଥାଏ । ଘଟନାମାନ ସାଧାରଣତଃ ଏହିପରି ଘଟିଥାଏ । ଏବଂ ସୁଇଡେନର ସରକାର ଦୀର୍ଘ କାଳଧରି ଏହି ବିଷୟରେ ବହୁତ ଚେଷ୍ଟା କରି ଆସୁଥିଲେ, କାରଣ ଏମାନେ ପ୍ରକୃତରେ ଖୁବ ବିବେକସମ୍ପନ୍ନ ବ୍ୟକ୍ତି ଏବଂ ସେମାନେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରିଥିଲେ ଯେ, ଏହି କଥାଟିହିଁ ସେମାନଙ୍କର ସମାଜରେ ସବୁଠାରୁ ଅଧିକ ଅଶାନ୍ତି ସୃଷ୍ଟି କରୁଛି । ମାତ୍ର ଏ ବିଷୟରେ ସେମାନେ ସଫଳ ହୋଇପାରି ନ ଥିଲେ । ମାତ୍ର, ମୋତେ ଲାଗୁଛି, ତ୍ରିଶ କିମ୍ବା ଚାଳିଶ ବର୍ଷ ସରକାର ଭିତରେ ରହି

'oaob.nitrkl.ac.in' images reprocessed

ଚେଷ୍ଟା କରିବା ପରେ ନାରୀମାନେ ତାହା କରିବାରେ ସଫଳତା ଲାଭ କରିଥିଲେ । ସେହି କଥାଟି ସେଇଠାରୁ ବନ୍ଦ ହୋଇଗଲା, ଆଉ ସେବିଷୟରେ କିଛି ଶୁଣିବାକୁ ମିଳିଲା ନାହିଁ । ସେମାନେ ଏକଥା କିପରି କରିପାରିଲେ, ମୋର ବର୍ତ୍ତମାନ ସେକଥା ମନେ ନାହିଁ । ସେତେବେଳେ କେହିଜଣେ ମୋତେ ଏବିଷୟରେ କହିଥିଲେ । ଜଣାକୁ ଜଣିକି କରି ଯେ ଏପରି କରାଯାଇ ପାରିଲା, ସେକଥା ମୋତେ ନୁହେଁ; କାରଣ ଯେଉଁସବୁ ସ୍ଥାନରେ ଏହି ଉପାୟଟିକୁ ନେଇ କିଛି ଚେଷ୍ଟା କରାଯାଇଛି, ସେଠାରେ ତାହା ଆଦୌ ସଫଳ ହୋଇ ନାହିଁ । ମାତ୍ର ସେମାନେ ସଫଳ ହୋଇ ପାରିଥିଲେ । ସେଠାରେ ବର୍ତ୍ତମାନ ମଧ୍ୟ ସେହି ସ୍ଥିତି ରହିଛି । ଏହା ପ୍ରଶ୍ରାରଲାଭ କରିବା ପାଇଁ ପଚିଶ ବର୍ଷରୁ ଅଧିକ ସମୟ ଲାଗିଲା । ବର୍ତ୍ତମାନ ଏକାଧିକ ଦେଶରେ ନାରୀମାନେ ସରକାର ଭିତରେ ରହିଛନ୍ତି ।

(ପବିତ୍ରଙ୍କ) ଫ୍ରାନ୍ସରେ ଏହାର କୌଣସି ଉଦାହରଣ ଅଛି କି ? ସେଠାକାର ପାର୍ଲିଆମେଣ୍ଟରେ ନାରୀ-ସଦସ୍ୟା ଅଛନ୍ତି ?

(ପବିତ୍ର) ହଁ ।

ଅଛନ୍ତି ?

(ପବିତ୍ର) ହଁ, କେତେଜଣ ମନ୍ତ୍ରୀ ଅଛନ୍ତି । ଏହିପରି ଏକଦା ଜଣେ ମନ୍ତ୍ରୀ ଥିଲେ ।

ନାଇଁ, ରାଷ୍ଟ୍ରସଚିବ, ମନ୍ତ୍ରୀ ନୁହନ୍ତି । କେତେଜଣ ଥିଲେ, ସେମାନେ ଏ ବଗରେ କିଛି ପ୍ରସ୍ତାବ କରିଛନ୍ତି ।

(ପବିତ୍ର) ଏବେ ଶିକ୍ଷାବିଭାଗରେ ଜଣେ ମନ୍ତ୍ରୀ ଅଛନ୍ତି ।

ନାଇଁ, ଜଣେ ରାଷ୍ଟ୍ରସଚିବ ଅଛନ୍ତି; ଏକଦା ଥିଲେ । ବସ୍ତୁତଃ ମୁଁ ଏହିକଥା କହୁଛି, କାରଣ ଫ୍ରାନ୍ସ ସବୁଠାରୁ ଅଧିକ ଅନଗ୍ରସର ହୋଇ ରହିଥିବା ଦେଶ-ମାନଙ୍କ ମଧ୍ୟରେ ଗୋଟିଏ ହୋଇ ରହିଥିଲା ଏବଂ ବର୍ତ୍ତମାନ ମଧ୍ୟ ତାହା ସେହିପରି ଅଛି । ଏବଂ ଏଇଟା ପ୍ରକୃତରେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବ୍ୟାପାର ଯେ ରାଜନୀତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସମ୍ଭବତଃ ସେହି ଫ୍ରାନ୍ସରେହିଁ ସବୁଠାରୁ ଅଧିକ ଅଗ୍ରଗତିଯୁକ୍ତ ବିଚାରଗୁଡ଼ିକର ଉଦ୍ଭାବନ ହୋଇଥିଲା; ସେହି ଦେଶରୁହିଁ ପୃଥିବୀ ସାମ୍ୟ, ଭ୍ରାତୃତ୍ୱ ଏବଂ ମୁକ୍ତିର ବିଚାରଗୁଡ଼ିକ ଲାଭ କରିଛି; ଏହିଠାରୁ ଜନ୍ମଲାଭ କରି ଏହା ସାରା ପୃଥିବୀକୁ ସଂକ୍ରମିତ ହୋଇଯାଇଛି । ମାତ୍ର ନାରୀ ଓ ପୁରୁଷ ମଧ୍ୟରେ ରହିଥିବା ସମ୍ବନ୍ଧ ଦୃଷ୍ଟିରୁ ବିଚାର କରି ଦେଖିଲେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଫ୍ରାନ୍ସ ସବୁଠାରୁ ଅଧିକ ପଛୁଆ ହୋଇ

'oaob.nitrkl.ac.in' images reprocessed

ରହିଥିଲା । ଏହା ପଛରେ କେତେକ ମନୋବୈଜ୍ଞାନିକ କାରଣ ଅବଶ୍ୟ ରହିଛି, ମାତ୍ର ମୁଁ ଏଠାରେ ସେଗୁଡ଼ିକ ବିଷୟରେ ଆଜି ଆଲୋଚନା କରିବାକୁ ଚାହୁଁ ନାହିଁ । ବୁଝିଲ ?

ମାଆ, ଏଠାରେ କୁହାଯାଇଛି : "କେତେକ ଦୃଷ୍ଟିରୁ ପ୍ରତ୍ୟେକ ପୁରୁଷ ନାରୀ ଏବଂ ଅନେକ ସ୍ୱଭାବର କ୍ଷେତ୍ରରେ ଅନେକ ନାରୀ ହେଉଛନ୍ତି ପୁରୁଷ; ବିଶେଷ ଆଧୁନିକ ସମାଜମାନଙ୍କରେ ଏହି କଥା ଅଧିକ ପରିମାଣରେ ଦେଖିବାକୁ ମିଳିବ ।"

ହଁ, ଅର୍ଥାତ୍, ନାରୀ ଓ ପୁରୁଷ ବୋଲି ସେପରି କୌଣସି ବିଶୁଦ୍ଧ ପ୍ରରୂପ ଆଦୌ ନାହିଁ ।

ତେବେ ପାର୍ଥକ୍ୟର ମନୋଭାବ ତଥାପି କାହିଁକି ରହିଛି ?

କାରଣ ସେମାନେ ଆପଣାକୁ ପ୍ରକୃତରେ ଜାଣି ନାହାନ୍ତି । ସେମାନେ ଆପଣାକୁ ଜାଣି ନାହାନ୍ତି ଓ ତଦୁପରି ଆପଣା ଦେହାକୃତିର ଦାସ ବି ହୋଇ ରହିଛନ୍ତି । କାରଣ, କୌଣସି ଦର୍ପଣ ଉପରେ ନିଜର ରୂପଟିକୁ ଦେଖୁଥିବା ସମୟରେ ସେମାନେ ଦେଖିପାରୁଛନ୍ତି ଯେ, ସେମାନେ ହେଉଛନ୍ତି ପୁରୁଷ; ନାରୀମାନେ ମଧ୍ୟ ସେପରି ନିଜକୁ ନାରୀ ବୋଲି ଦେଖୁଛନ୍ତି ଓ ଜାଣୁଛନ୍ତି ।—ଏବଂ ଏହିପରି ଭାବରେ ସେମାନେ ସେହି ଦେହଗତ ରୂପଟାର ଦାସ ହୋଇ ରହିଛନ୍ତି । କେବଳ ସେହି କାରଣରୁ ଏପରି ହେଉଛି ।

ମାତ୍ର ଅଧିକନ୍ତୁ, ଅନେକ ସମୟରେ ମୋ'ର ଏପରି ପୁରୁଷ ଲୋକଙ୍କ ସହିତ ଭେଟ ହୋଇଛି, ଯେଉଁମାନେ କି କେତେକ ଦୃଷ୍ଟିରୁ ଆଚରଣରେ ଅତ୍ୟନ୍ତ ନାରୀସୁଲଭ ହୋଇ ରହିଥିଲେ,—ମାତ୍ର ସେମାନଙ୍କର ସେହି ଧରଣକୁ ଆଦୌ ଖୁବ୍‌ବେଶୀ ପ୍ରୀତିକର ବୋଲି କୁହାଯିବ ନାହିଁ; ଏବଂ ସେହି ବ୍ୟକ୍ତିମାନେହିଁ ପୁରୁଷ ହିସାବରେ ଆପଣାର ଅଧିକାରଗୁଡ଼ିକୁ ଦାବି କରିବାରେ ସବୁଠାରୁ ଅଧିକ ମୁଖର ହୋଇ ରହିଥିଲେ ଏବଂ ସବୁଠାରୁ ଅଧିକ ପରିମାଣରେହିଁ ନିଜକୁ ନାରୀମାନଙ୍କଠାରୁ ଅଧିକ ସରସ ବୋଲି ବିଚାର କରୁଥିଲେ । ପୁନଶ୍ଚ, ବିଶେଷତଃ ନାରୀ-ମୁକ୍ତି-ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ମୋର ସକଳ ପ୍ରକାରର ନାରୀମାନଙ୍କ ସହିତ ଭେଟ ହୋଇଛି, ଯେଉଁମାନେ କି ନାରୀ-ମୁକ୍ତିର ସଂଗ୍ରାମରେ ଯୋଗ ଦେବାକୁ ଇଚ୍ଛା କରୁଥିଲେ; ସେମାନେ ପୁରୁଷମାନଙ୍କର ଅନୁକରଣ କରି ନକଲି କଲର୍, ଟାଇ ଏବଂ ଫତେଇ ପିନ୍ଧୁଥିଲେ, ପୁରୁଷଙ୍କ ପରି ବାଳ କାଟୁଥିଲେ ଏବଂ···ଯଥାଶକ୍ତି ଅଧିକ ପରିମାଣରେ ପୁରୁଷଙ୍କ ପରି ଦେଖାଯିବା ଲାଗି ଚେଷ୍ଟା କରୁଥିଲେ । ମାତ୍ର

'oaob.nitrkl.ac.in' images reprocessed

**ବହୁସ୍ତ୍ରୀମାନେ ବଡ଼ ଦାସ୍ୟମନସ୍କ ଭାବରେ ନାରୀମାନଙ୍କ ପରି ହୋଇ ରହିଥିଲେ, ପ୍ରକୃତରେ ବଡ଼ ଦୟନୀୟ ଭାବରେ ! (ସମସ୍ତେ ହସିଲେ) ସେମାନେ ମୁଗ୍ଧ କରିବାକୁ ଓ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରୁଥିଲେ ଏବଂ, ଯଦି ଦୁର୍ଭାଗ୍ୟବଶତଃ କୌଣସି ପୁରୁଷ ସେମାନଙ୍କ ସହିତ ଜଣେ ପୁରୁଷ ସହିତ ଯେପରି ବ୍ୟବହାର କରିବା ଉଚିତ ସେହିପରି ବ୍ୟବହାର କରୁଥିଲା, ସେତେବେଳେ ସେମାନେ ଭାରି ରାଗି ଯାଉଥିଲେ । (ସମସ୍ତେ ହସିଲେ) ଏଥିଲାଗି,—ଏହି ରୂପାନ୍ତର ସମ୍ଭବ ହେବା ଲାଗି ପ୍ରକୃତରେ ଅନେକ ସମୟ ଦରକାର ।**

**ଆଉ କ'ଣ ପଚାରିବାକୁ ଅଛି ?**

ମାଆ, ଆପଣ ଏଠାରେ ପରମା ଜନନୀଙ୍କ ବିଷୟରେ କହିଛନ୍ତି । "ମାଆ" ବହିରେ ଶ୍ରୀଅରବିନ୍ଦ ଯେଉଁ ଜନନୀଙ୍କ କଥା କହିଛନ୍ତି, ଇଏ କ'ଣ ସେଇ ଜନନୀ ?

**ହଁ ।**

ତେବେ ପରମା ଜନନୀଙ୍କର କଳ୍ପନା ହେଉଛି କ'ଣ ବିଶୁଦ୍ଧ ସମ୍ପୂର୍ଣ୍ଣ ଭାବରେ ମାନବସ୍ୱରୂପ କଳ୍ପନା ? ଅଥବା, ତାଙ୍କର ମଧ୍ୟ ମୂଳତଃ କୌଣସି ଲିଙ୍ଗ ନାହିଁ ?

**ନାହିଁ ।**

**ମାତ୍ର ମୁଁ କେବେ ଏକଥା କହି ନାହିଁ ଯେ ଏହା ସମ୍ପୂର୍ଣ୍ଣ ଭାବରେ ମାନବସ୍ୱରୂପ । ମୁଁ କେବଳ ସ୍ପଷ୍ଟୀକରଣଟିକୁହିଁ ମନୁଷ୍ୟସ୍ୱରୂପ ବୋଲି କହୁଛି । ଏହା ସମ୍ପୂର୍ଣ୍ଣ ଭାବରେ ମନୁଷ୍ୟସ୍ୱରୂପ ବୋଲି କେବେ କହି ନାହିଁ । ଏକଥା କୌଣସି ସ୍ଥାନରେ କହି ନାହିଁ । ଏହି ବ୍ୟାଖ୍ୟାଟିକୁ ମଧ୍ୟ କେହି ହୁଏତ ଟିକିଏ ଅତ୍ୟଧିକ ମାତ୍ରାରେ ମନୁଷ୍ୟସ୍ୱରୂପ ବୋଲି କହିବାକୁ ଇଚ୍ଛା କରିବେ, ମାତ୍ର ପରମା ଜନନୀ ସମ୍ପୂର୍ଣ୍ଣ ମନୁଷ୍ୟସ୍ୱରୂପ ବୋଲି ମୁଁ କେବେ ବିଚାର କରୁ ନାହିଁ ।**

ତେବେ, ମୂଳଭୂତ ପର୍ଯ୍ୟାୟରେ ମଧ୍ୟ ତାଙ୍କର ଏକ ଲିଙ୍ଗ ରହିଛି ?

**ଏହି ଅଭିବ୍ୟକ୍ତିର ସେପାଖକୁ ଆଉ ଆଦୌ କୌଣସି ଲିଙ୍ଗ ନାହିଁ । ଅର୍ଥାତ୍, ସେଠାରେ ଦୁଇ ବୋଲି କିଛି ନାହିଁ, କେବଳ ଗୋଟିଏ ଅବସ୍ଥିତ ରହିଛି । ସୃଜନର ମୁହୂର୍ତ୍ତରେହିଁ ତାହା ଦୁଇରେ ପରିଣତ ହୋଇଛି । ମାତ୍ର ତାହା ପୂର୍ବରୁ ଏହା ଗୋଟିଏ ହୋଇ ରହିଥିଲା ଏବଂ ସେଠାରେ ଆଦୌ କୌଣସି ବିଭେଦ ନ ଥିଲା । ଏକ ଥିବାରୁ ତାହା ଏକମେବହିଁ ହୋଇ ରହିଥିଲା । ବସ୍ତୁତଃ**

'oaob.nitrkl.ac.in' images reprocessed

ଏକ ହୋଇ ରହିଥିଲା । ଏବଂ କେବଳ ସୃଜନର ପ୍ରକ୍ରିୟା ମଧ୍ୟକୁ ଆସିହିଁ ତାହା ଦୁଇ ହେଲା । ଏହି ବିଭେଦନକୁ ଆଦୌ ସନାତନ ଏବଂ ସତ୍ତାବସ୍ଥାନଗତ କୌଣସି ବସ୍ତୁ ବୋଲି କହି ହେବ ନାହିଁ । ସୃଜନ ସକାଶେ, ବସ୍ତୁତଃ କେବଳ ଏହି ପୃଥିବୀର ସୃଜନ ସକାଶେହିଁ ତାହା ସେହିପରି ହୋଇଛି । ଆମର ଏହି ବ୍ରହ୍ମାଣ୍ଡରୁ ସମ୍ଭବତଃ ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରଣାଳୀରେ ଏକାଧିକ ଜଗତର ସର୍ଜନା କରାହୋଇଛି । ସେହି ଜଗତଗୁଡ଼ିକ ଯେ ସେହି କ୍ଷେତ୍ରରେ ଅବସ୍ଥାନ କରୁଥିଲେ, କେବଳ ସେତିକ ନୁହେଁ, ମାତ୍ର ହୁଏତ ବର୍ତ୍ତମାନ ମଧ୍ୟ ଅଗଣିତ ଏପରି ଅନେକ ବ୍ରହ୍ମାଣ୍ଡ ରହିଛି, ଯେଉଁଗୁଡ଼ିକ ସହିତ କି ଆମର କୌଣସି ସମ୍ପର୍କ ନାହିଁ ଏବଂ ତେଣୁ ସେଗୁଡ଼ିକ ସମ୍ବନ୍ଧରେ ଆମେ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ ରହିଛୁ । ତଥାପି ସେମାନେ ହୁଏତ ଅବସ୍ଥିତ ରହିଛନ୍ତି ।

ମାଆ, ସତରେ ଅଛନ୍ତି ?

ମୁଁ ସବୁ ସମ୍ଭବ ବୋଲି କହିଲି ! (ସମସ୍ତେ ହସିଲେ) ସେଗୁଡ଼ିକ ବିଷୟରେ ଆମେ ଆଦୌ କିଛିହେଲେ କହିପାରିବା ନାହିଁ । ଏ ବିଷୟରେ ଆମେ ଆଦୌ କିଛି ଜାଣି ନାହୁଁ । ଆମେ ଯାହା କିଛି ଜାଣିଛୁ, ତେବେ କେବଳ ଆମର ଏହି ବ୍ରହ୍ମାଣ୍ଡଟିକୁ ଜାଣିଛୁ । ମାତ୍ର, ତା' ବୋଲି ଅନ୍ୟ ଅନେକ ବ୍ରହ୍ମାଣ୍ଡ କାହିଁକି ଯେ ଅବସ୍ଥିତ ନ ଥିବେ, ତାହାର କୌଣସି କାରଣ ନାହିଁ । ସେ ବିଷୟରେ କିଛି କହିହେବ ନାହିଁ । "ଆଉ କୌଣସି ଅନ୍ୟ ପୃଥିବୀ ନାହିଁ" ବୋଲି ଆଦୌ କହିହେବ ନାହିଁ । ସେବିଷୟରେ ଆମକୁ କିଛି ଜଣା ନାହିଁ । ସେହିସବୁ ଜଗତରେ ଯାବତୀୟ ବସ୍ତୁ ହୁଏତ ସମ୍ପୂର୍ଣ୍ଣ ଅଲଗା ପ୍ରକାରର ହୋଇ ରହିଥିବ, ହୁଏତ ଏପରି ଅଲଗା ପ୍ରକାର ହୋଇ ରହିଥିବ ଯେ, ଆମ ସହିତ ସେଗୁଡ଼ିକର ଆଦୌ କୌଣସି ସାଦୃଶ୍ୟ ନ ଥିବ । ସବାଶେଷରେ ମୁଁ ଏହି କଥାହିଁ କହିବି, ନୁହେଁ ? ସବାଶେଷରେ ମୁଁ ଏହିକଥା କହିବି ଯେ, ··· ଭବିଷ୍ୟତରେ ଏକ ନୂତନ ସର୍ଜନା ହେବ — ଅତିମାନସ ସର୍ଜନା ହେବ । ଏବଂ, ଏହା ପଛରେ ଆଦୌ କୌଣସି କାରଣ ନାହିଁ ଯେ ··· ସେହି ସର୍ଜନା ଏପର୍ଯ୍ୟନ୍ତ ବିଦ୍ୟମାନ ରହିଥିବା ସୃଜନଟି ତୁଳନାରେ ହୁଏତ ଏକ ଅନ୍ୟ ଆକାରର ହେବ । ଏବଂ ମୋ' ପକ୍ଷରୁ ମୁଁ କେବଳ ଏତିକି କହିବି ଯେ, ଏହାହିଁ ହେଉଛି ଏହି ସମସ୍ୟାଟିର ଏକମାତ୍ର ସମାଧାନ: ଅର୍ଥାତ୍, ସେହି ପରବର୍ତ୍ତୀ ସର୍ଜନାରେ ବର୍ତ୍ତମାନର ଏହି ବିଭାଜନ ଆଦୌ ଅବସ୍ଥିତ ରହିବ ନାହିଁ; ସେହି ସର୍ଜନା ଓ ତାହାର ସତ୍ତା "କଳ୍ପନା ଏବଂ କାର୍ଯ୍ୟାନ୍ୱୟ, ଦୃଷ୍ଟି ଏବଂ ସୃଷ୍ଟିକୁ ସେହି ଗୋଟିଏ ଚେତନା ତଥା କ୍ରିୟା ମଧ୍ୟରେ"ହିଁ ସଂଯୁକ୍ତ କରାଇ ଆଣିବ । କାରଣ, ସେଇଥିରୁହିଁ ଯାବତୀୟ ବିଭେଦର ଜନ୍ମ

'oaob.nitrkl.ac.in' images reprocessed

ହୋଇଛନ୍ତି; ପ୍ରଥମେ କଳ୍ପନା ଥିଲା, ତା'ପରେ ଯାଇ ସେଇଟିକୁ କାର୍ଯ୍ୟାନ୍ୱିତ କରାଗଲା, — ଯାହା ସୃଷ୍ଟ ହେବାକୁ ଯାଉଛି, ତାହା ବାସ୍ତବରେ ଏକ ଦୃଷ୍ଟି ରହିଥିଲା ଏବଂ ତା'ପରେ ସେଇଥିରୁ ସୃଷ୍ଟିର ରୂପାୟଣ ହେଲା ଅର୍ଥାତ୍ ସେହି ଦୃଷ୍ଟିକୁ ମୂର୍ତ୍ତ ଭାବରେ ରଚନା କରାଗଲା; ମାତ୍ର, ଏହି କ୍ଷେତ୍ରରେ କାହିଁକି ଯେ ଏକ ବିଭାଜନ ରହିବ, ତାହାର ଆଦୌ କୌଣସି କାରଣ ନାହିଁ । ଗୋଟିଏ ସତ୍ତାହିଁ ଦୁଇଟିଯାକ ବାସ୍ତବକୁ ଅବଶ୍ୟ ଧରିପାରିବ ଏବଂ ତେଣୁ ପ୍ରକୃତରେ ସମ୍ପୃକ୍ତ ସ୍ଥିତିରେ କେବଳ ଗୋଟିଏ ମାତ୍ର ସତ୍ତାହିଁ ରହିବ ।

ତେଣୁ ପୁରୁଷ ଓ ନାରୀ, — ଏପରି ଦୁଇଟି ଧାରା ନ ରହି କେବଳ ଗୋଟିଏ ମାତ୍ର ସତ୍ତା ରହିବ ଏବଂ ତାହାହିଁ ଯାବତୀୟ ସମସ୍ୟାର ସମାଧାନ କରିପାରିବ ବୋଲି ମୁଁ ଅନୁମାନ କରୁଛି,—କେବଳ ଏହି ଗୋଟିଏ ସମସ୍ୟା ନୁହେଁ, ଯାବତୀୟ ସମସ୍ୟାର ସମାଧାନ କରିଦେବ । ଏବଂ ତାହାହିଁ ଅତିମାନସ ସୃଷ୍ଟିର ପ୍ରତିନିଧିମୂଳକ ସ୍ୱରୂପ ହୋଇ ରହିବ ।

ମାଆ, ଆପଣ ଏଠାରେ କହିଛନ୍ତି ଯେ, ପରମା ଜନନୀ ହେଉଛନ୍ତି ଏହି ବ୍ରହ୍ମାଣ୍ଡର ସୃଷ୍ଟିକାରିଣୀ । ମାତ୍ର ଭାରତବର୍ଷରେ ବ୍ରହ୍ମାଙ୍କୁ ପରା ସୃଷ୍ଟିକର୍ତ୍ତା ବୋଲି କୁହାଯାଏ ।

ମାତ୍ର ଶ୍ରୀଅରବିନ୍ଦ କହିଛନ୍ତି ଯେ, ପରମା ଜନନୀ ସେହି ବ୍ରହ୍ମାଙ୍କୁ ସୃଷ୍ଟି କରିଛନ୍ତି । ସିଏ ହେଉଛନ୍ତି ସକଳ ଦେବତାଙ୍କର ଜନନୀ ।

ଦେବତା ଓ ଦେବୀମାନଙ୍କର ଯେଉଁ ଲିଙ୍ଗକଳ୍ପନା କରାଯାଇଛି, ସେଇଟିକୁ ବି କ'ଣ ମନୁଷ୍ୟ କରିଛି ?

ନାହିଁ, ନାହିଁ । ସେଗୁଡ଼ିକ କାହିଁକି ମନୁଷ୍ୟ-ସୃଷ୍ଟ ହେବ ? ସେଗୁଡ଼ିକ ମନୁଷ୍ୟର ଉଦ୍ଭାବନା ବୋଲି ମୁଁ କେବେ କହି ନାହିଁ । ଅଧିମାନସ ସ୍ତରର ସେହି ଦେବତା ଓ ଦେବୀମାନେ ହେଉଛନ୍ତି ଆପଣାର ରୂପାକୃତିରେ ପରସ୍ପରଠାରୁ ଭିନ୍ନ ହୋଇ ରହିଥିବା ନାନା ଦେବତା ଓ ଦେବୀ । ମନୁଷ୍ୟ ଅଧିମାନସ ସ୍ତରର ସେହି ଦେବତାମାନଙ୍କୁ ସୃଷ୍ଟି କରି ନାହିଁ । ଅଧିମାନସର ଦେବତାମାନେ ଏକ ପ୍ରତ୍ୟକ୍ଷ ସର୍ଜନାରୁ ଉଦ୍ଭୂତ ହୋଇ ଆସିଛନ୍ତି । ସେମାନେ ମଣିଷର ପୂର୍ବରୁ ଅଛନ୍ତି କି ନାହିଁ ମୁଁ କହିପାରିବି ନାହିଁ, ମାତ୍ର ରହିଥିଲେ ବୋଲି ଅବଶ୍ୟ ଭାବୁଛି । ମୁଁ ଭାବୁଛି ଯେ, ଏହି ପୃଥିବୀସ୍ଥ ସର୍ଜନାଟି, ପୃଥିବୀ ଉପରେ ହୋଇଥିବା ଏହି ଉଦ୍ଭାବନାଟିକୁ ଅଧିମାନସସ୍ତରର ଦେବତାମାନେ କରିଛନ୍ତି ଏବଂ, ବସ୍ତୁତଃ ଅଧିମାନସ ଭୂମିର ଏପରି ଅନେକ ଦେବତା ଅଛନ୍ତି, ଯେଉଁମାନେ କି ସ୍ୱୟଂପ୍ରସୂତ ବସ୍ତୁଗୁଡ଼ିକୁ

'oaob.nitrkl.ac.in' images reprocessed

ଏକ ନିର୍ଦ୍ଦିଷ୍ଟ ରୂପ ଦେଇଛନ୍ତି; ସେମାନେ ପୃଥିବୀରେ ଅବତୀର୍ଣ୍ଣ ହୋଇ ନାହାନ୍ତି, ମାତ୍ର ପୃଥିବୀରେ ଯାହା ଘଟିଥିଲା, ସେମାନେ କଳ୍ପନା ଏବଂ ଆକାର ଦେଇ ସେଗୁଡ଼ିକୁ ନିର୍ମାଣ କରିଛନ୍ତି । ଶ୍ରୀଅରବିନ୍ଦ ସର୍ବଦା ଏହି କଥା କହୁଥିଲେ ଯେ, ଆଗେ ଯାହାଙ୍କୁ "ଈଶ୍ୱର" ବୋଲି କୁହାଯାଉଥିଲା, ସିଏ ହେଉଛନ୍ତି ସେହି ଅଧିମାନସ ସ୍ତରର ଗୋଟିଏ ସତ୍ତା, ସିଏ କହୁଥିଲେ ଯେ ସେହି ପରମଦେବତା ହେଉଛନ୍ତି ଅଧିମାନସରହିଁ ଏକ ସତ୍ତା ।

ମାଆ, ଦେବତା ଓ ଦେବୀମାନଙ୍କର ରୂପରେ ଯଦି ଏକ ଭେଦ ରହିଥାଏ, ତେବେ ସେମାନଙ୍କର କ୍ଷେତ୍ରରେ ଏହି ସମସ୍ୟାଟି ମଧ୍ୟ ରହିଛି କି ?

ତୁମେ ସେମାନଙ୍କୁ ପଚାରିଲେ ସେମାନେ ହୁଏତ କହିପାରିବେ । ମାତ୍ର ଯଦି ଆମେ ଆମକୁ କୁହାଯାଇ ଆସିଥିବା କାହାଣୀଗୁଡ଼ିକରେ ବିଶ୍ୱାସ କରୁଥିବା, ତେବେ ଜାଣିବା ଯେ ସେମାନଙ୍କ ଭିତରେ ସର୍ବଦା ଝଗଡ଼ା ବିବାଦ ଓ କଳହ ଲାଗିଥାଏ । କଳହ ଓ ଝଗଡ଼ା କ'ଣ ଲାଗି ରହିଥାଏ, ଏପରିକି ଈର୍ଷା ମଧ୍ୟ ରହିଥାଏ । ବେଳେବେଳେ ସେମାନେ ମନୁଷ୍ୟମାନଙ୍କ ଅପେକ୍ଷା ଆଦୌ ଖୁବ୍ ବେଶୀ ଅଧିକ ଗୁଣସମ୍ପନ୍ନ ବୋଲି ମୋତେ ମନେ ହୁଅନ୍ତି ନାହିଁ ।

ମାଆ, ଏହି ଦେବତା ଓ ଦେବୀମାନେ କିପରି ଜନ୍ମ ହେଲେ ?

ମାତ୍ର ଏଇଟି ହେଉଛି…ଏଇଟି ସୃଜନରହିଁ ଏକ ଅଂଶ । ଏଠାରେ ଆମେ ଯାହାକୁ "ଅବଡ" ବୋଲି କହୁଛୁ, ହଁ, ସେହି ସୃଜନକାରୀ ପରମଚେତନା…

ସବୁ ପିଲାଙ୍କ ଭିତରେ ବର୍ତ୍ତମାନ ମୁଁ ସେହି ବିଷୟରେ ତୁମମାନଙ୍କୁ କିଛି କହିବାକୁ ଚାହୁଁଛି :

ପ୍ରଥମେ ସେ ଚାରୋଟି ସତ୍ତା ଉଦ୍ଭବ କଲେ; ସୃଷ୍ଟି କରିବାର ନିର୍ଦ୍ଦେଶ ପାଇବା ପରେ ସେ ନିଜ ସତ୍ତାରୁ ଚାରୋଟି ପ୍ରସର୍ଜନ ବାହାର କରି ଆଣିଲେ, ଏବଂ ସେହି ଚାରୋଟି ପ୍ରସର୍ଜନକୁ ବ୍ରହ୍ମାଣ୍ଡର ବିକାଶ ଉପରେ ଲକ୍ଷ୍ୟ ରଖିବା ପାଇଁ ଦାୟିତ୍ୱ ଦିଆଗଲା । ଏବଂ ତା'ପରେ — ମୋର ମନେ ହେଉଛି ମୁଁ ତୁମମାନଙ୍କୁ ଏକଥା ଆଗରୁ ମଧ୍ୟ କହିଥିଲି — ପରିଣାମ କୌଣସି କାରଣରୁ ବିଗିଡ଼ିଗଲା । କଥାଟିକୁ ଆମେ ହୁଏତ ସେହିପରି କହିପାରିବା; ଏବଂ ତେଣୁ, ସବୁକିଛି ବିଗିଡ଼ି ଯିବାରୁ ସେ ଯାବତୀୟ ଏପରି ଅନେକ ସତ୍ତାଙ୍କୁ ଉଦ୍ଭବ କଲେ, ଯେଉଁମାନେ କି ଦେବତାରେ ପରିଣତ ହେଲେ; ଏବଂ, ପ୍ରଥମ ଚାରୋଟି ପ୍ରସର୍ଜନ ଦ୍ୱାରା ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା, ତାହାର ସ୍ଥାନରେ ପୁଣି ଶୃଙ୍ଖଳା ସ୍ଥାପିତ ହେଲା, ଅର୍ଥାତ୍ ସଂଯୋଗ

'oaob.nitrkl.ac.in' images reprocessed

ପରମସତ୍ତାଙ୍କର ମାର୍ଗଦର୍ଶନରେ ଯାବତୀୟ ଜଗତଗୁଡ଼ିକର କ୍ରମରେ ସୃଷ୍ଟି ଅଧିକରୁ ଅଧିକ ପରିମାଣରେ ଜଡ଼ର ଭୂମି ଆଡ଼କୁ ଅବତୀର୍ଣ୍ଣ ହୋଇଆସିଲା । ଏବଂ ଦେବତା-ମାନେ ହେଉଛନ୍ତି ଏହି କ୍ରମଟିର ଅନ୍ତର୍ଗତ, — ସେମାନଙ୍କର ଅଭିବ୍ୟକ୍ତ ଏହି ପର୍ଯ୍ୟାୟରେ କିଞ୍ଚିତ୍ ପରେ ଘଟିଲା । ଶ୍ରୀଅରବିନ୍ଦ ଯାହାକୁ ଅଧିମାନସର ଭୂମି ବୋଲି କହନ୍ତି, ସେହି ଭୂମିରେ ଏହି ସରବଦାଟି ଅଧିକରୁ ଅଧିକ ମୂର୍ତ୍ତ ଭାବରେ ରୂପାୟିତ ହୋଇଥିଲା । ଏବଂ, ସେମାନେ ସେହି ଭୂମିରୁ ହିଁ ଏହି ଜଡ଼ବ୍ରହ୍ମାଣ୍ଡ ଏବଂ ପୃଥିବୀର ସୃଷ୍ଟିରେ ଅଧିଷ୍ଠାତା-କର୍ତ୍ତାରୂପେ କାର୍ଯ୍ୟ କରିଥିଲେ । ଏବଂ, ପୃଥିବୀକୁ ସମସ୍ତ ବ୍ରହ୍ମାଣ୍ଡର ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତୀକାତ୍ମକ ସୃଜନରୂପେ ରଚନା କରିବା ଏହି ଧାରାରେ ଏକ କାର୍ଯ୍ୟକ୍ରମ ହୋଇ ରହିଥିଲା । ସୃଷ୍ଟିର ସମସ୍ୟାଟିକୁ ଯେପରି ଅପେକ୍ଷାକୃତ ଅଧିକ ସହଜରେ ସମାଧାନ କରାଯାଇପାରିବ, ସେଥିଲାଗି ତାହାକୁ ଏହିପରି ଭାବରେ ସଘନ ଓ ସକେନ୍ଦ୍ରିତ କରି ରଖାଯାଇଥିଲା । ଏବଂ ଏହି ପୃଥିବୀ, ଖଗୋଳ-ବିଜ୍ଞାନର ଦୃଷ୍ଟିରୁ ଏହା ହୁଏତ ଏକ ଅତ୍ୟନ୍ତ କ୍ଷୁଦ୍ର ଏବଂ ଅତ୍ୟନ୍ତ ମହତ୍ତ୍ୱହୀନ ଏକକ ହୋଇ ରହିଥିଲେ ମଧ୍ୟ, ବିଶ୍ୱସୃଷ୍ଟିର ଗୂଢ଼ତତ୍ତ୍ୱଗତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହା ହେଉଛି ଏପରି ଗୋଟିଏ ପ୍ରତୀକ, ଯାହାକି ଏପରି ପରିପୂର୍ଣ୍ଣ ଭାବରେ ବିଶ୍ୱବ୍ରହ୍ମାଣ୍ଡର ପ୍ରତିନିଧିତ୍ୱ କରୁଛି ଯେ, ଏହି ପୃଥିବୀର ରୂପାନ୍ତରକୁ ସମ୍ଭବ କରି ଆମେ ସଙ୍କ୍ରାମଣ ଅଥବା ସାଦୃଶ୍ୟ ଦ୍ୱାରା ସମସ୍ତ ବିଶ୍ୱବ୍ରହ୍ମାଣ୍ଡର ମଧ୍ୟ ରୂପାନ୍ତର ସାଧନ କରିପାରିବା, କାରଣ ଏହି ପୃଥିବୀ ହେଉଛି ବିଶ୍ୱବ୍ରହ୍ମାଣ୍ଡର ପ୍ରତୀକ । ଦେବତାମାନେ ଏହିପରି ଏକ କାର୍ଯ୍ୟଧାରା ଅନୁସରଣ କରିଥିଲେ । ଏବଂ, ଏହି ଦେବତାମାନେ ଯେଉଁ ଲୋକରେ ଅସ୍ତିତ୍ୱ ଧାରଣ କରି ରହିଛନ୍ତି, ଶ୍ରୀଅରବିନ୍ଦ ତାହାକୁ ଅଧିମାନସ ଲୋକ ବୋଲି କହନ୍ତି ।

ଏକଥା ସତ ଯେ ପ୍ରକୃତ ଘଟଣାଟି ଆଦୌ ସେପରି ଘଟି ନାହିଁ । ଘଟଣାଟି ପ୍ରକୃତରେ ଯେପରି ଘଟିଥିଲା, ମୁଁ ତୁମମାନଙ୍କୁ ତାହାକୁ ଠିକ୍ ସେହିପରି ଭାବରେ କହୁଛି ବୋଲି ତୁମେମାନେ ମୋଟେ ଭାବିବ ନାହିଁ । ଜଣାଗୁଡ଼ିକ ପ୍ରକୃତରେ ସେପରି ସଙ୍ଘଟିତ ହୋଇ ନାହିଁ,—ମାତ୍ର ତାହାକୁ ଆମେ ବର୍ଣ୍ଣନା କରି କହିବାର ଏକ ପଦ୍ଧତି ବୋଲି କହିପାରିବା, — ମଣିଷର ମସ୍ତିଷ୍କ ଯେପରି ତାହାକୁ ବୁଝିପାରିବ, ଏହାକୁ ସେହିପରି ଭାବରେ ଅନୁରୂପ କରି ବୁଝାଯାଇଛି । କ୍ଷଣିକ ବେଳକୁ ମନେ ହେଉଛି, ସତେଯେପରି ଘଟଣାଗୁଡ଼ିକ ଠିକ୍ ସେହିପରି ଭାବରେ ଘଟିଥିଲା ।

ମାତ୍ର, ମୁଁ ତୁମମାନଙ୍କୁ ପ୍ରଥମେ ଯେଉଁ ସୃଷ୍ଟିଗୋଟି ସମ୍ବନ୍ଧ ବିଷୟରେ କହିଥିଲି, ସେମାନଙ୍କର କୌଣସି ଲିଙ୍ଗ ନ ଥିଲା, ସେମାନେ ପୁରୁଷ ନ ଥିଲେ କି ସ୍ତ୍ରୀ ନ ଥିଲେ; ଏବଂ, ପ୍ରାଣିକ ଜଗତରେ ପ୍ରାଣିକ ସୃଜନର ଏପରି ଗୋଟିଏ ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ଅଂଶ ରହିଛି, ଯାହାକୁ କି ଏହି ସତ୍ତ୍ୱଗୁଡ଼ିକର ଏକ ପରିଣାମ ବୋଲି ବୁଝାଯାଇ ପାରିବ; ଏବଂ ଏହି ସମ୍ପୂର୍ଣ୍ଣ ଅଂଶଟିର ଆଦୌ କୌଣସି ଲିଙ୍ଗ ନାହିଁ । ପୁନଶ୍ଚ, ଦେବତାମାନେ ମଧ୍ୟ ଏପରି ଗୋଟିଏ ଜଗତର ସର୍ଜନା କଲେ, ଯାହାର କି ଆଦୌ କୌଣସି ଲିଙ୍ଗ ନ ଥିଲା । ଏହା ହେଉଛି ଦେବଦୂତମାନଙ୍କର ପୃଥିବୀ; ଆମେ ଯେଉଁମାନଙ୍କୁ ଦେବଦୂତ ବୋଲି କହୁ, ଏହା ସେହିମାନଙ୍କର ପୃଥିବୀ । ଗୂଢ଼ବିଦ୍ୟାରେ ଏହିମାନଙ୍କୁହିଁ ନିର୍ମାଣକାରୀ ବୋଲି ବୁଝାଯାଇଛି । ମାତ୍ର, ଏହି ସତ୍ତ୍ୱମାନଙ୍କର କୌଣସି ଲିଙ୍ଗ ନାହିଁ,—ଡେଣାର ପ୍ରସ୍ତରରୁ ସେମାନଙ୍କର ପରିଚୟ ମିଳିଥାଏ ଏବଂ ସେମାନଙ୍କର କୌଣସି ଲିଙ୍ଗ ନ ଥାଏ ।

ଏହି ବ୍ରହ୍ମାଣ୍ଡରେ ଏପରି ସତ୍ତ୍ୱମାନେ ରହି ଆସିଛନ୍ତି, ଯେଉଁମାନଙ୍କର କି କୌଣସି ଲିଙ୍ଗ ନାହିଁ, ସେମାନେ ପୁରୁଷ ନୁହନ୍ତି କି ନାରୀ ନୁହଁନ୍ତି,—ଏବଂ ସେମାନେ ପ୍ରାଣିକଜଗତରେ ବହୁସଂଖ୍ୟାରେ ବାସ କରୁଛନ୍ତି । ପ୍ରାଣିକ ଜଗତରେ ଲିଙ୍ଗବିଶିଷ୍ଟ ସତ୍ତ୍ୱମାନେ ରହିଛନ୍ତି ସତ, ମାତ୍ର ଆମ ପୃଥିବୀର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବା ଏହାର ସ୍ଥୂଳତମ ଅଂଶଟିରେହିଁ ସେମାନେ ବାସ କରୁଛନ୍ତି,—ସେମାନେ ତାହାର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଂଶଟିରେ ଆଦୌ ବାସ କରୁ ନାହାନ୍ତି । ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଂଶଟିର କୌଣସି ଲିଙ୍ଗ ନାହିଁ । ମାତ୍ର ତା' ବୋଲି ସେମାନଙ୍କୁ ଯେ କୌଣସି ପ୍ରକାରେ ଏକ ଅଧିକ ଭଲ ସ୍ତରର ସତ୍ତ୍ୱ ବୋଲି ବୁଝାଯିବ, ସେକଥା ଆଦୌ ନୁହେଁ, କାରଣ ସେହି ସତ୍ତ୍ୱମାନେ ଭଗବତ୍ ପରମ ଇଚ୍ଛା ଏବଂ ଭଗବତ୍-ଉପଲବ୍ଧିର ବିରୋଧୀ ହୋଇ ରହିଛନ୍ତି । ମାତ୍ର, ସେହି କାରଣରୁହିଁ ସେମାନଙ୍କଠାରେ ପ୍ରଚଣ୍ଡ ଶକ୍ତି ରହିଛି । ଏବଂ, ତାହାର ପ୍ରତିବଦଳରେ, ଦେବତାମାନେ ମଧ୍ୟ ଏପରି ସତ୍ତ୍ୱମାନଙ୍କର ଏକ ସମ୍ପୂର୍ଣ୍ଣ ଗୋଷ୍ଠୀ ସୃଷ୍ଟି କରିଛନ୍ତି, ଯେଉଁମାନଙ୍କର କି କୌଣସି ଲିଙ୍ଗ ନାହିଁ ଏବଂ ଯେଉଁମାନଙ୍କୁ ମନୁଷ୍ୟମାନେ ଦେବଦୂତ ବୋଲି କହିଥାନ୍ତି, — କ'ଣ କହନ୍ତି ଯେ ? "ରକ୍ଷାକାରୀ ଦେବଦୂତ" ବୋଲି କହନ୍ତି — ବା ଆଉ କ'ଣ କହନ୍ତି । ଏମାନଙ୍କୁ ବିଶେଷତଃ "ଦେବଦୂତ" ବୋଲି ବୁଝାଯାଏ ।

(ପ୍ରଶ୍ନ) କେରୁବିମ୍, ସେଫାରିମ୍ ।

ହଁ, ହଁ, ସେହି ନାମରେ ଅଭିହିତ କରାଯାଏ । ସେମାନଙ୍କୁ ବହୁ ନାମ ଦିଆଯାଇଛି । ବୁଝିଲ ?

ମାଆ, ପୁରାତନ ପରମ୍ପରାମାନଙ୍କରେ ସର୍ବଦା ଦେବତାମାନଙ୍କର ପତ୍ନୀମାନଙ୍କ ବିଷୟରେ କୁହାଯାଇଛି; ସେମାନଙ୍କୁ ଅସୁରମାନେ ନାନା ପ୍ରକାରର କଷ୍ଟ ଦିଅନ୍ତି ।

'oaob.nitrkl.ac.in' images reprocessed

କ'ଣ ହେଲା ? ଅସୁରମାନେ ଦେବତାମାନଙ୍କର ପତ୍ନୀମାନଙ୍କୁ ବସ୍ତ୍ର ହରଅନ୍ତି ? ହଁ !

ସେମାନେ ବି କ'ଣ ଜଡ଼ ପୃଥିବୀର ଅଧିକ ନିକଟବର୍ତ୍ତୀ ହୋଇ ରହିଛନ୍ତି ? ଏମାନେ ପ୍ରାଣିକ ଜଗତରେ ଥାଆନ୍ତି ନା···

ପ୍ରାଣିକ ଜଗତରେ ।

(ପରନ୍ତ) ମାଆ, ମନୋଜଗତରେ ମଧ୍ୟ ଥାଆନ୍ତି; ମନୋଭୂମିର ମଧ୍ୟ ସତ୍ତାମାନେ ରହିଛନ୍ତି···

ମନୋଜଗତରେ ମଧ୍ୟ ଏପରି ସତ୍ତାମାନେ ଅଛନ୍ତି, ଯେଉଁମାନଙ୍କର କୌଣସି ଲିଙ୍ଗ ନାହିଁ । ସମସ୍ତଙ୍କର ଯେ ନାହିଁ ତା' ନୁହେଁ, ମାତ୍ର ଅନେକଙ୍କର ନାହିଁ । ଏମାନେ ବହୁସଂଖ୍ୟାରେ ରହିଛନ୍ତି । ଏହି କ୍ଷେତ୍ରରେ ମନ ଦ୍ୱାରା ସଂରଚିତ ହୋଇଥିବା କେତେକ ସ୍ଥାୟୀ ସତ୍ତା ମଧ୍ୟ ଅଛନ୍ତି,—ଏମାନେ ହେଉଛନ୍ତି ଗୋଟିଏ ପ୍ରକାରର ମନୋଭୂମିଗତ ରଚନା,—ଅତ୍ୟନ୍ତ ଚମତ୍କାର ଭାବରେ ସମନ୍ୱୟତାଯୁକ୍ତ, ସୁଗଠିତ,—ଏହି ସଂରଚନାଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ଜୀବନ୍ତ ସତ୍ତା । ମାତ୍ର, ଆକାର ଗ୍ରହଣ କରିବା ସମୟରେ ଏମାନେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏକ ପୁରୁଷଶରୀରରୁ ସ୍ତ୍ରୀଶରୀରକୁ ବଦଳି ଯାଇପାରନ୍ତି; ଏହା ସେମାନଙ୍କ ଲାଗି ଆଦୌ କୌଣସି ପାର୍ଥକ୍ୟର କାରଣ ହୁଏ ନାହିଁ, ସେହି ଏକା କଥା ହୋଇ ରହିଥାଏ ।

ସରଳ, ନା ତଥାପି ଅବୁଝା ରହିଲା ?

ମାଆ, ପ୍ରକୃତରେ କେଉଁ କାରଣରୁ ଲିଙ୍ଗର ଆବିର୍ଭାବ ହୋଇଛି ? କାରଣ, ଜୀବବିଜ୍ଞାନର ଅଧ୍ୟୟନରେ ଆମେ ଦେଖିବାକୁ ପାଇବା ଯେ, ପ୍ରଥମ ପର୍ଯ୍ୟାୟର ଏକକୋଷୀ ପ୍ରାଣୀମାନଙ୍କର କୌଣସି ଲିଙ୍ଗ ନ ଥିଲା; ଏକ ପରବର୍ତ୍ତୀ କାଳରେ ଯାଇ ଲିଙ୍ଗର ଆବିର୍ଭାବ ହେଲା ।

ହଁ,—ଅସଲ କଥା ହେଉଛି, ପ୍ରକୃତି ଯାବତୀୟ ପ୍ରକାରର ପ୍ରଣାଳୀକୁ ପରୀକ୍ଷା କରି ଦେଖିଛି । ପ୍ରକୃତି ହିଁ ଏହି ଯାବତୀୟ ମାର୍ଗର ପ୍ରୟୋଗ କରିଛି; ପ୍ରକୃତି ···ଏପରି ମଧ୍ୟ ବୋଧ ହେବ ଯେ, ଜୀବକୋଷକୁ ପରିପୂର୍ଣ୍ଣ କରି ଗଢ଼ିବା ସକାଶେ, ଜଡ଼ସ୍ଥ ବିବର୍ତ୍ତନର ଦୃଷ୍ଟିରୁ ଲିଙ୍ଗଭେଦର ଆବଶ୍ୟକତା ଆସି ପଡ଼ିଥିଲା । ଏପରି ବୋଧ ହେବ, କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପରବର୍ତ୍ତୀ କାଳରେ ଠିକ୍ ସେହି ପ୍ରଣାଳୀଟିକୁହିଁ ଗ୍ରହଣ କରାଯାଇଥିଲା । ଏଇଟି·· ପ୍ରକୃତି···ମୁଁ କହୁଛି ପ୍ରକୃତି ସମ୍ଭାବ୍ୟ ଯାବତୀୟ ବସ୍ତୁକୁ ନେଇ ପରୀକ୍ଷା କରି ଆସିଛି ।

'oaob.nitrkl.ac.in' images reprocessed

ମାତ, ଆପଣ ତ କହିଥିଲେ ଯେ ଦେବତାମାନଙ୍କର ମଧ୍ୟ ଲିଙ୍ଗ ରହିଛି ।

ହଁ, ସମ୍ଭବତଃ ସେହିମାନଙ୍କ ଠାରୁ ପ୍ରେରଣା ଲାଭ କରିହିଁ ପ୍ରକୃତି ତାହା କରିଛି । ପୃଥିବୀ ଉପରେ ଅବତୀର୍ଣ୍ଣ ହେଉଥିବାରୁ ଯେ ଦେବତାମାନଙ୍କୁ ସେପରି ହେବାକୁ ପଡ଼ିଲା, ସେକଥା କଦାପି ନୁହେଁ । ତେଣୁ ନ୍ୟାୟତଃ ଆମେ ଏହିପରି ଅବଶ୍ୟ ଧରି ପାରିବା ଯେ, ଦେବତାମାନଙ୍କ କ୍ଷେତ୍ରରେ ସେହିଭଳି ଘଟିଥିବାରୁହିଁ ପୃଥିବୀରେ ମଧ୍ୟ ତାହାହିଁ ଘଟିଲା । ମାତ୍ର ପ୍ରକୃତି ପ୍ରତ୍ୟକ୍ଷ ଭାବରେ ଏପରି ଏକ ପ୍ରେରଣା ପାଇଥିବ ବୋଲି ଆଦୌ ମନେ ହେଉ ନାହିଁ, ବୋଧ ହେଉଛି, ସିଏ କେବଳ ନିଜର ପଦ୍ଧତିରେହିଁ ନିଜର ପଥଟିରେ ଅଗ୍ରସର ହୋଇ ଯାଉଥିବ । ତଥାପି, ପ୍ରକୃତି ସମ୍ଭାବ୍ୟ ଯାବତୀୟ ବସ୍ତୁକୁ ପରୀକ୍ଷା କରି ଦେଖିଛି । ପ୍ରକୃତି କୌଣସି ବସ୍ତୁକୁ ପରୀକ୍ଷା କରି ଦେଖି ନାହିଁ ବୋଲି ମୁଁ ଆଦୌ ଭାବୁ ନାହିଁ ଏବଂ ଏହି ପରୀକ୍ଷା ଏବେ ମଧ୍ୟ ଲାଗି ରହିଛି । ମାତ୍ର ପ୍ରକୃତି ମଧ୍ୟ ଲିଙ୍ଗରହିତ ଜନ୍ତୁଗୁଡ଼ିକର ସୃଷ୍ଟି କରିଛି, ମନୁଷ୍ୟର ଆକାରରେ ମଧ୍ୟ ସେହି ଜନ୍ତୁଗୁଡ଼ିକୁ ତିଆରି କରିଛି । ଏପରି ଅବଶ୍ୟ ଘଟିଛି । ମୁଁ ନିଜେ ସେହିପରି ଏକ ଗ୍ରୀକ୍ ମୂର୍ତ୍ତି ମଧ୍ୟ ଦେଖିଛି । ଗ୍ରୀକ୍‌ମାନେ ଅବଶ୍ୟ ସେକଥା ଜାଣିଥିଲେ ।

ଆମେ ଯେତେଯାହା କଳ୍ପନା କରିପାରିବା, ପ୍ରକୃତି ସେହି ସବୁକିଛି କଳ୍ପନା କରିଛି,—ତା'ଠାରୁ ଆହୁରି ଅଧିକ ଅନେକତର ମଧ୍ୟ କଳ୍ପନା କରିଛି । କେବଳ ଏତିକି କଥା ଯେ, ଏହି ପ୍ରକ୍ରିୟାଟି ମଧ୍ୟରେ ପ୍ରକୃତି ବେଳେବେଳେ ତରତର ହେବାକୁ ଇଚ୍ଛା କରେ ନାହିଁ । ମୁଁ ଭାବୁଛି ପ୍ରକ୍ରିୟାଟି ତାକୁ ବେଶ୍ କୌତୁକପ୍ରଦ ଲାଗୁଛି । ତେଣୁ ସିଏ ନିଜ ବାଟରେହିଁ ଯିବା ସକାଶେ ଇଚ୍ଛା କରୁଛି : ପରୀକ୍ଷା କରୁଛି, ଭାଙ୍ଗି ପକାଉଛି, ପୁନର୍ବାର ଆରମ୍ଭ କରୁଛି, ପୁନର୍ବାର ଭାଙ୍ଗୁଛି । ଏହିପରି କରି (ମାଆ ଭଙ୍ଗି ଦ୍ୱାରା ଦେଖାଇଦେଲେ) ପ୍ରକୃତି ଗୋଟାଏ ସମଗ୍ର ସଭ୍ୟତାକୁ ନଷ୍ଟ କରିଦେଇ ପାରୁଛି । ସେଥିରେ ପ୍ରକୃତିର କିଛି ଯାଉ ନାହିଁ କି ଆସୁ ନାହିଁ । ସିଏ ହୁଏତ କେବଳ "ନା—ଏଇଟା ଆଦୌ ଯଥାର୍ଥ ହେଲା ନାହିଁ" ବୋଲି କହୁଛି ଏବଂ ତା'ପରେ ତାହାକୁ ସେହି ମୁହୂର୍ତ୍ତରେହିଁ ଲୋପ କରି ଦେଉଛି । ଏବଂ ମୋଟେ ତରତର ହେବାକୁ ମନ କରୁ ନାହିଁ । ଗୋଟିଏ ସୃଷ୍ଟି ସମ୍ବନ୍ଧେ ଯଦି ସେହି ଗୋଟିଏ ପ୍ରକାରରେ ବହୁ ଆପତ୍ତି ବୋଲି ଆମକୁ ଲାଗୁଛି ଏବଂ ତାହାକୁ ଆହୁରି ଅଧିକ ସମ୍ପୂର୍ଣ୍ଣତା ପ୍ରଦାନ କରି ଏକ ଅଧିକ ଭଲ ପରିଣାମରେ ଉପସ୍ଥିତ କରାଇବା ଉଚିତ ବୋଲି ଯଦି ପ୍ରକୃତିକୁ କୁହାଯାଉଛି, ତେବେ ପ୍ରକୃତି ତାହା ବିରୁଦ୍ଧରେ ବିଦ୍ରୋହ କରି ଉଠୁଛି ଓ ଖୁବ ଅଧୈର୍ଯ୍ୟ ହୋଇ ଉଠୁଛି । ପ୍ରକୃତି ସର୍ବଦା

'oaob.nitrkl.ac.in' images reprocessed

**ଉତ୍ତର ଦେଇ କହୁଛି, "କିନ୍ତୁ ତୁମେ କାହିଁକି ଏତେ ତରତର ହେଉଛ ? ତୁମେ ଯାହାକିଛି କରିବା ଲାଗି ଇଚ୍ଛା କରୁଛ, ତାହା ଅବଶ୍ୟ ଘଟିବ, ମାତ୍ର ତାହା ଏତେ ସତ୍ୱର ଭାବରେ ଘଟିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ତୁମେ ଏପରି ତରତର କାହିଁକି ହେଉଛ ?" ପ୍ରକୃତି ସବୁବେଳେ ଠିକ୍ ଏହିପରି ଉତ୍ତର ଦେଉଛି । ଯାଡ଼େସାଡ଼େ ଟିକିଏ ନଡ଼ବଡ଼ ହେବାକୁ ତାକୁ ଖୁବ ଭଲ ଲାଗୁଛି ।**

ପ୍ରକୃତି କହିଲେ କ'ଣ ବୁଝାଏ ? ଅର୍ଥାତ୍, ପରମାଜନନୀଙ୍କ ସହିତ ତାହାର କି ସମ୍ବନ୍ଧ ରହିଛି ?

**ମୁଁ ଭାବୁଛି, ବିଶେଷତଃ ଏହି ପୃଥିବୀର, ଏହି ପୃଥିବୀପୃଷ୍ଠରେ ରହିଥିବା, ଜଡ଼ ଜଗତଟିକୁ ଆମେ ଯେପରି ଭାବରେ ଜାଣିଛୁ, ତାହାର ସହିତ ସଂପୃକ୍ତ ହୋଇ ରହିଥିବା ସୃଜନକାରୀ ଶକ୍ତିର ସ୍ଥୂଳତମ ଭାଗଟିକୁ ଆମେ ପ୍ରକୃତି ବୋଲି କହିବା ।**

**ଖଗୋଳ ବିଜ୍ଞାନରେ ହୋଇଥିବା କେତୋଟି ଅଦ୍ୟତମ ଆବିଷ୍କାର ବିଷୟରେ ମୋର କିଛି ତଥ୍ୟ ଦରକାର ।...**

**(ପବିତ୍ରଙ୍କୁ ଉଦ୍ଦେଶ୍ୟ କରି) ପୃଥିବୀପୃଷ୍ଠରେ ଯେଉଁ ଜଡ଼ ରହିଛି, ଅନ୍ୟ ଜଗତଗୁଡ଼ିକରେ ମଧ୍ୟ ସମାନ ପ୍ରକାରର ଜଡ଼ବସ୍ତୁ ରହିଛି କି ?**

(ପବିତ୍ର) ସର୍ବତ୍ର ରହିଛି । କେବଳ ସୌରଜଗତ ମଧ୍ୟରେ ନୁହେଁ, ଅନ୍ୟ ଜଗତର ଜଡ଼ରେ ମଧ୍ୟ କୌଣସି ପାର୍ଥକ୍ୟ ରହିଛି ବୋଲି ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ।

**ତେବେ ସବୁଠାରେ ସେହି ଗୋଟିଏ ଉପାଦାନ ରହିଛି । ତେବେ ଆମକୁ କିପରି ବୁଝାଯାଉଛି ଯେ ଅନ୍ୟ କୌଣସି ଗ୍ରହରେ, ଏପରିକି ବୃହସ୍ପତି ଏବଂ ଶୁକ୍ରରେ ମଧ୍ୟ କଦାପି ମନୁଷ୍ୟସତ୍ତା ସମ୍ଭବ ହେବ ନାହିଁ ?**

(ପବିତ୍ର) ଉପାଦାନଗୁଡ଼ିକ ସେହି ଗୋଟିଏ ପ୍ରକାରର, ଉଦାହରଣ-ସ୍ୱରୂପ, ରାସାୟନିକ ଉପାଦାନଗୁଡ଼ିକ ଗୋଟିଏ ପ୍ରକାରର । ମାତ୍ର, ବର୍ତ୍ତମାନ ମୁହୂର୍ତ୍ତରେ ଯେଉଁଗୁଡ଼ିକର ସଂରଚନା ହୋଇପାରିଛି,— ଉଦାହରଣସ୍ୱରୂପ ବୃହସ୍ପତି ଗ୍ରହରେ ହୁଏତ ଆମୋନିଆ ଏବଂ କାର୍ବୋନିକ୍ ବାଷ୍ପର ଏକ ବାତାବରଣ ରହିଥିବ···

**ତେବେ, ସଂରଚନା ସେହି ଗୋଟିଏ ପ୍ରକାରର ହୋଇ ନାହିଁ ତ ?**

(ପବିତ୍ର) ଅନ୍ତତଃ ଜଡ଼ ଶରୀର, ଜୈବ ଜଡ଼ କଦାପି ସେହି ଗୋଟିଏ ପ୍ରକାରର ହେବ ନାହିଁ ।

'oaob.nitrkl.ac.in' images reprocessed

ହଁ, ଲୋକମାନେ ସାଧାରଣତଃ ଯେଉଁଟିକୁ ଜାଣିଛନ୍ତି···

(ପବିତ୍ର)···ତାହା କଦାପି ଗୋଟିଏ ପ୍ରକାରର ହେବ ନାହିଁ ।

ହଁ, ହୋଇ ପାରିବ ନାହିଁ ।

ସେଠାରେ ଚୈତ୍ୟସତ୍ତାମାନେ ଅଛନ୍ତି ନା ସେମାନେ କେବଳ ଏହି ଜଡ଼ର ଭୂମିରେ ରହିଛନ୍ତି ?

କେବଳ ଏହି ପୃଥିବୀପୃଷ୍ଠରେହିଁ ଚୈତ୍ୟସତ୍ତା ରହିଛନ୍ତି ବୋଲି ମୁଁ ଶୁଣିଛି । ତାହାର ନିର୍ଦ୍ଦିଷ୍ଟ କାରଣଟି ହେଉଛି ଯେ, ସମସ୍ୟାଟିକୁ ଏକେନ୍ଦ୍ରିତ କରି ଆଣିବାର ଏକ ପ୍ରତୀକରୂପେହିଁ ଏହି ପୃଥିବୀର ସର୍ଜନା କରାଯାଇଛି । ଏବଂ, ସର୍ବୋଚ୍ଚ ପରମସତ୍ତାଙ୍କର ପ୍ରତ୍ୟକ୍ଷ ହସ୍ତକ୍ଷେପ ଫଳରେ ସୃଷ୍ଟ ହୋଇଥିବା ଚୈତ୍ୟସତ୍ତା ସେହି ପ୍ରତୀକାତ୍ମକ କାର୍ଯ୍ୟଟିର ଆବଶ୍ୟକତାଗୁଡ଼ିକର ଦୃଷ୍ଟିରୁହିଁ ଏଠାରେ ସୃଷ୍ଟ ହୋଇ ରହିଛି ।

ବୃହସ୍ପତି କିଂବା ମଙ୍ଗଳଗ୍ରହରେ ଆଦୌ କୌଣସି ସତ୍ତା ଅଛନ୍ତି କି ?

ଯଦି ତୁମେ ମୋତେ ପଚାରୁଛ, ତେବେ ମୁଁ କହିବି ଯେ ସତ୍ତାମାନେ ସର୍ବତ୍ର ରହିଛନ୍ତି । ସର୍ବତ୍ର ବିଦ୍ୟମାନ ଅଛନ୍ତି । ଆମେ ଯିନା ସେମାନଙ୍କୁ ଦେଖିପାରୁ ନାହିଁ, ମାତ୍ର ସେମାନେ ଅବଶ୍ୟ ରହିଛନ୍ତି । ମାତ୍ର, ଛବିମାନଙ୍କରେ ସେମାନଙ୍କର ଯେଉଁଭଳି ରୂପମାନ ଦେଖିବାକୁ ମିଳେ, ସେମାନେ ସେପରି ହୋଇଥିବେ ବୋଲି ମୁଁ କଦାପି ଭାବୁ ନାହିଁ । —ଛବିମାନଙ୍କରେ ତୁମେମାନେ ମଙ୍ଗଳ ଗ୍ରହବାସୀଙ୍କର ଯେଉଁ ରୂପ ଦେଖିଥିଲ, ସେଗୁଡ଼ିକ କେଡ଼େ ଅଦ୍ଭୁତକାୟ ହୋଇ ଉଦ୍ଭଟ ହୋଇଥିଲେ ! ସେମାନେ ପ୍ରକୃତରେ ସେହିପରି ହୋଇଥିବେ ବୋଲି ଭାବିବା ଲାଗି ମୁଁ କୌଣସି କାରଣ ଦେଖୁ ନାହିଁ ।

ଆପଣ ଉଡ଼ନ୍ତା ଥାଳିଆର କାହାଣୀ ଶୁଣିଛନ୍ତି ?

ହଁ, ହଁ, ଶୁଣିଛି । ସେବିଷୟରେ କିଛି ଅଧ୍ୟୟନ ବି କରିଛି । ଅବଶ୍ୟ ଏକଥା ସତ ଯେ, ସେହି କ୍ଷେତ୍ରରେ ଏକ ସ୍ଥୂଳ ଅନୁଭୂତି ଲାଭ କରିବି ବୋଲି ଅପେକ୍ଷା କରି ରହିଛି । ଯୁଦ୍ଧ ସମୟରେ ପଣ୍ଡିଚେରୀର ଆକାଶ ଦେଇ ଗୋଟିଏ ଉଡ଼ନ୍ତା ଥାଳିଆ ଚାଲି ଯାଉଥିବାର ମୁଁ ପ୍ରକୃତରେ ଦେଖିଥିଲି; ଅତ୍ୟନ୍ତ ସୁସ୍ପଷ୍ଟ ଭାବରେ ଆଖି ଖୋଲି ଦେଖିଥିଲି, ଥାଳିଆଟି ଧୀରେ ଧୀରେ ଚାଲି ଯାଉଥିଲା, ସମୁଦ୍ର ଆଡ଼ୁ ସ୍ଥଳଭାଗ ଆଡ଼କୁ ଆସୁଥିଲା । ତାହା ଦେଖିବାକୁ ହାଲୁକା ନୀଳରଙ୍ଗର ଥିଲା ଏବଂ ଆକୃତିରେ ଏହିପରି କଥିଲ୍ ପରିମାଣରେ ଗୋଲ ଦେଖା ଯାଉଥିଲା ।

'oaob.nitrkl.ac.in' images reprocessed

ମୁଁ ତାହାକୁ ଅତିକ୍ରମ କରି ଯାଉଥିବାର ଦେଖିଲି ଓ ମନେମନେ ଭାବିଲି, "ମୁଁ ଆଜି ଭ୍ରମରେ କୌଣସି ବସ୍ତୁ ଦେଖୁଥିବା ପରି କଳ୍ପନା କରୁଛି କି ? ମୁଁ ଆଖି ମଳି ପୁନର୍ବାର ଅନାଇଲି, ମାତ୍ର ଆଖିଦୁଇଟି ତ ସମ୍ପୂର୍ଣ୍ଣ ଭାବରେ ଖୋଲା ରହିଥିଲା । ତା'ପରେ ହଠାତ୍ ଦେଖିଲି ଯେ ଏକ ଆକୃତିବିଶିଷ୍ଟ ବସ୍ତୁ ଏହିପରି ଭାବରେ ଆକାଶମାର୍ଗରେ ଗତି କରି ଚାଲିଯାଉଛି । ମୁଁ ଭାବିଲି, "ବଡ଼ ବିଚିତ୍ର କଥା ତ !" ମାତ୍ର କେହି ଆଗରୁ ସେବିଷୟରେ କିଛି କହି ନ ଥିବାରୁ ମୁଁ ଭାବିଲି ଯେ ମୁଁ ଭ୍ରମରେ ପଡ଼ି ହୁଏତ ଏପରି ଦେଖିଲି । ମୁଁ ଏପରି ନାନା କଥା ଦେଖେ, ଯାହାକୁ କି ଲୋକେ ସାଧାରଣତଃ ଆଦୌ ଦେଖି ନ ଥାନ୍ତି । ମାତ୍ର ଯେତେବେଳେ ଲୋକମାନେ ଏହା ବିଷୟରେ କହିବାକୁ ଆରମ୍ଭ କଲେ, ସେତେବେଳେ ମୁଁ ମନେମନେ ଭାବିଲି, "ହଁ, ମୁଁ ମଧ୍ୟ ତ ଗୋଟିଏ ଉଡ଼ନ୍ତା ଥାଳିଆ ଆକାଶମାର୍ଗରେ ଅତିକ୍ରମ କରି ଚାଲିଯିବାର ଦେଖିଛି ।" କିନ୍ତୁ ମୁଁ ଭାବୁଛି ଉଦାର ମଧ୍ୟ ଗୋଟିଏ ଉଡ଼ନ୍ତା ଥାଳିଆ ଦେଖିଛନ୍ତି ।

(ଉଦାର) ହଁ ମାଆ, ଦେଖିଛି । (ସମସ୍ତେ ହସିଲେ)

ଉଡ଼ନ୍ତା ଥାଳିଆ ଯେ ପ୍ରକୃତରେ ଅଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତେବେ ଏହି ବସ୍ତୁଟି ପ୍ରକୃତରେ କ'ଣ ? ଏହି ବିଷୟରେ ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ ମତ ରହିଛି । ମାତ୍ର, ମୋର ମନେ ହେଉଛି, ସତ୍ତ୍ୱଗୁଡ଼ିକୁ ଯେପରି ଭାବରେ ବର୍ଣ୍ଣନା କରାଯାଇଛି, ମୁଁ ଦିନେ ମଧ୍ୟ ସେଗୁଡ଼ିକୁ ମୁହାଁମୁହିଁ ସେହିପରି ଭାବରେ ଦେଖିବି । ଏପରି କେହି ବ୍ୟକ୍ତି ଅଛନ୍ତି ଯିଏକି ସମ୍ଭବତଃ···ହଁ, ଯିଏ କହିଥିଲେ ଯେ ସେ ଉଡ଼ନ୍ତା ଥାଳିଆରେ ଥିବା ଜଣେ ସତ୍ତ୍ୱ ସହିତ କଥାବାର୍ତ୍ତା କରିଛନ୍ତି । ସେହିପରି ସତ୍ତ୍ୱଟିଏ ସହିତ ସାକ୍ଷାତ କରି ପାରିଲେ ମୁଁ ମଧ୍ୟ ଭାରି ଖୁସୀ ହୁଅନ୍ତି । ଏବଂ, ଯଦି ଏହିପରି ଏକ ଭେଟ ହୋଇ ଗଲେ, ତାହା ପ୍ରକୃତରେ କ'ଣ, ମୁଁ ତୁମମାନଙ୍କୁ ସେକଥା ମଧ୍ୟ କହିପାରନ୍ତି !

ମା, ଏପରି କୁହାଯାଇଥାଏ ଯେ, ଆହୁରି ଅନ୍ୟ ସୌରମଣ୍ଡଳମାନ ରହିଛି, ସେଇଁଠାରେ କି ସମ୍ଭବତଃ ଠିକ୍ ଆମର ଏହି ପୃଥିବୀ ପରି ଏକ ସୃଷ୍ଟି ଦେଖିବାକୁ ମିଳିପାରିବ । ମାତ୍ର ସେଠାରେ କ'ଣ ଆମ ଭଳି ମଣିଷ ହିଁ ବାସ କରୁଛନ୍ତି ?

ଦିନେ ସେଠାକୁ ଯାଇ ଦେଖ । (ସମସ୍ତେ ହସିଲେ)

ମାଆ, ଗୁଢ଼ବିଦ୍ୟାର ବଳରେ ଆମେ ସେହି ଅନ୍ୟ ଗ୍ରହଗୁଡ଼ିକୁ ଯାଇପାରିବା କି ?

'oaob.nitrkl.ac.in' images reprocessed

ହଁ, ହଁ, ତାହାର ବଳରେ ସବୁଠାକୁ ଯାଇହେବ । ଆମକୁ ଯିବାକୁ କିଏ ଅଟକାଇ ରଖିଛି ? ଆମେ ନିଶ୍ଚୟ ସବୁଠାକୁ ଯାଇପାରିବା । ମାତ୍ର କେବଳ ଏତକ କଥା ମନେ ରଖିଥିବା ଯେ, ସ୍ଥୂଳ ଶରୀରରେ ଆମେ ସେଠାକୁ କଦାପି ଯାଇ ପାରିବା ନାହିଁ । ସ୍ଥୂଳ ଶରୀରଟା ତ ଏକାବେଳେକେ ଜଡ଼ ଭିତରେ ରହିଛି ··· ଅତିମାତ୍ରାରେ ସ୍ଥୂଳଭୌତିକ ଭିତରେ ରହିଛି । ଏହାର ଫଳରେ ଏପରି କରିବା ତା'ଲାଗି ଅତ୍ୟନ୍ତ କଷ୍ଟକର ହୋଇରହିଛି ।

ପ୍ରାଣିକର ମାନସିକ ଅଂଶଟିହିଁ ସାଧାରଣତଃ ବାହାରକୁ ବାହାରି ଯାଇପାରେ । ମନ ନୁହେଁ, ପ୍ରାଣିକହିଁ ଯାଇପାରେ । ଆମ ସୂକ୍ଷ୍ମ ଭୌତିକର ସାହାଯ୍ୟରେ ଆମେ ଅନେକ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଆମ ଶରୀର ଭିତରୁ ବାହାରି ଅବଶ୍ୟ ଯାଇପାରିବା । ଏବଂ ସେହିସବୁ କ୍ଷେତ୍ରରେ ଆମେ ବସ୍ତୁଗୁଡ଼ିକ ଯେପରି, ସେଗୁଡ଼ିକୁ ଆମେ ସେହିପରି ସ୍ଥୂଳ ଭାବରେ ଦେଖିପାରୁ । ମାତ୍ର ଏହିପରି ଭାବରେ ବହୁ ଦୂରକୁ ମୋଟେ ଯାଇହୁଏ ନାହିଁ । ଏହା ପଛରେ ବ୍ୟାବହାରିକ ଟେକ୍‌ନିକ କାରଣ ରହିଛି ସତ, ମାତ୍ର ସର୍ବୋପରି ନିରାପତ୍ତାଜନିତ କାରଣଟି ରହିଛି; କାରଣ, ଆପଣାର ସୂକ୍ଷ୍ମଭୌତିକକୁ ସାଙ୍ଗରେ ନେଇ ଯଦି ଆମେ ଗୁହାଏ ଦୂରକୁ ବାହାରି ଚାଲିଯିବା, — ସେତେବେଳେ ଶରୀର କେବଳ ଯେ ଏକ ଭାବାବେଶ ମଧ୍ୟରେ ରହିଥିବ ତା' ନୁହେଁ, ଏହା ଏକ ମୂର୍ଚ୍ଛିତ ଅବସ୍ଥାରେ ମଧ୍ୟ ରହିଥିବ, — ଏବଂ ଅତ୍ୟନ୍ତ ଗଭୀର ଜ୍ଞାନ ଏବଂ ଅତ୍ୟନ୍ତ ବିଶାଳ ଶକ୍ତିବିଶିଷ୍ଟ ଆଉ କେହିଜଣେ ତାହାକୁ ସୁରକ୍ଷିତ କରି ରଖି ନ ଥିବ, ତେବେ ପରିଣାମ ହୁଏତ ଅତ୍ୟନ୍ତ ସାଂଘାତିକ ହୋଇପଡ଼ିବ । ତେଣୁ, ଏହିଭଳି ଦୀର୍ଘ ଯାତ୍ରାମାନଙ୍କରେ, ଆମ ପ୍ରାଣିକର ସବୁଠାରୁ ଅଧିକ ସୂକ୍ଷ୍ମ ହୋଇ ରହିଥିବା ଅଂଶଟିହିଁ ସାଧାରଣତଃ ବାହାରକୁ ଯାଇଥାଏ (ଏହାକୁ ପ୍ରାଣିକ ମଧ୍ୟରେ ରହିଥିବା ଏକ ପ୍ରକାରର ମାନସିକ ଚେତନାର ଅନୁରୂପ ବୋଲି ବୁଝାଯାଇପାରିବ) ।

ତେଣୁ ଏକ ସଦୃଶ ଗୁଣ ରହିଥିବା ଯାବତୀୟ ବସ୍ତୁକୁ ଦେଖିବା ସମ୍ଭବ ହୋଇଥାଏ । ମାତ୍ର, ଯଦି ସେହି କ୍ଷେତ୍ରରେ ଅତ୍ୟନ୍ତ ସ୍ଥୂଳ କୌଣସି ପଦାର୍ଥ ଅବସ୍ଥିତ ରହିଥାଏ, ତେବେ ତାହାକୁ ତାହାର ପ୍ରକୃତ ରୂପରେ ଆଦୌ ଦେଖିହୁଏ ନାହିଁ । ତେଣୁ, ସୁନିଶ୍ଚିତ ଭାବରେ ଆଦୌ "ଏହି ବସ୍ତୁଟି ଅମୁକଟି ଅଥବା ଅମୁକଟି ପରି" ବୋଲି କହିହୁଏ ନାହିଁ । କେବଳ "ମୁଁ ଏହିପରି ଦେଖିଲି" ବୋଲି କହିହୁଏ । ମାତ୍ର ଚନ୍ଦ୍ର, ବୃହସ୍ପତି କିଂବା ଶୁକ୍ରଗ୍ରହରେ କ'ଣ ଘଟଣାମାନ ଘଟୁଛି, ସେହି ବିଷୟରେ କାଗଜମାନଙ୍କରେ ବାହାରୁଥିବା ସାମଗ୍ରୀଗୁଡ଼ିକ ପରି ଆଦୌ କୌଣସି କାହାଣୀ କହିହୁଏ ନାହିଁ । ଅବଶ୍ୟ ଏଥିରେ ଆଦୌ କୌଣସି

'oaob.nitrkl.ac.in' images reprocessed

ସନ୍ଦେହ ନାହିଁ ଯେ, ଆମର ଏହି ବିଷୟରେ କିଛି ପ୍ରକୃତ ଅଭିଜ୍ଞତା ମଧ୍ୟ ହୋଇ ପାରିବ ଏବଂ ତାହାର ଫଳରେ ଆମେ କେତେକ କଥା ଅବଶ୍ୟ ଜାଣିବାକୁ ପାଇବା; — ମାତ୍ର ଏସବୁ ସାଧାରଣତଃ ଅପେକ୍ଷାକୃତ ଅଧିକ ପରିମାଣରେ ଏକ ମନୋବୈଜ୍ଞାନିକ ସ୍ତରର ବ୍ୟାପାର ହୋଇ ରହିଥାଏ ।

ସେହିସବୁ ଜଗତରେ ପ୍ରକୃତରେ କୌଣସି ସତ୍ତା ଅଛନ୍ତି କି ନାହିଁ, ଯଦି ଆମେ ଏତିକି ଜାଣିବାକୁ ଇଚ୍ଛା କରୁଥିବା, ତେବେ ତାହାର ଉତ୍ତର ଦେଇ ମୁଁ କହିବି ଯେ, ଏହି ବିଶ୍ୱବ୍ରହ୍ମାଣ୍ଡରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ କି ଆଦୌ କୌଣସି ସତ୍ତା ନାହାନ୍ତି ବୋଲି ମୁଁ ଭାବୁ ନାହିଁ । କାରଣ, ବ୍ୟକ୍ତିସତ୍ତା ଭିତ୍ତିକ ସର୍ଜନା,—ଏହାହିଁ ହେଉଛି ଏହି ବିଶ୍ୱବ୍ରହ୍ମାଣ୍ଡର ନିର୍ଦ୍ଧାରଣ କରୁଥିବା ସର୍ବମୂଳ ନୀତି । ଏହି ବ୍ୟକ୍ତିଭାବାପନ୍ନ ସୃଷ୍ଟି ସର୍ବତ୍ର ରହିଛନ୍ତି, ମାତ୍ର ସେମାନଙ୍କର ଭିନ୍ନ ଭିନ୍ନ ନିସ୍ତର ରହିଛି । ଯେଉଁମାନଙ୍କର ସେଗୁଡ଼ିକ ପରି ଏକ ଅନୁରୂପ ନିସ୍ତର ରହିଛି,କେବଳ ସେହିମାନଙ୍କ ବ୍ୟତୀତ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଆଉ କାହାରି ଲାଗି ଦୃଶ୍ୟ ହୁଅନ୍ତି ନାହିଁ; ଏବଂ, ଯେଉଁମାନେ ନିଜର ଶରୀର ମଧ୍ୟରୁ ବାହାରିଯାଇ ବାହାରେ ବିଚରଣ କରିବା ଲାଗି ଏକ ସାମର୍ଥ୍ୟ ରଖିଥାନ୍ତି, କେବଳ ସେହିମାନେହିଁ ଏହିସବୁ ବସ୍ତୁକୁ ଦେଖିପାରନ୍ତି । ମାତ୍ର, ତୁମର ଏହି ସାଧାରଣ ଆଖିଗୁଡ଼ିକୁ କାମରେ ଲଗାଉଥିବା ପର୍ଯ୍ୟନ୍ତ ତୁମେ ଆଦୌ କିଛି ଦେଖିପାରିବ ନାହିଁ ।

ଏଣୁ, ଆମର ଦୃଷ୍ଟିପରିଧିଟି ପ୍ରକୃତରେ କେଡ଼େ ସୀମାବଦ୍ଧ ! ବସ୍ତୁତଃ, ଏହି ବିଷୟରେ ଚିନ୍ତା କରିବାକୁ ଆରମ୍ଭ କଲେ ଏହି ସୀମାବଦ୍ଧତା ସମ୍ପୂର୍ଣ୍ଣ ଭାବରେ ହାସ୍ୟାସ୍ପଦ ବୋଲି ମନେ ହୋଇଥାଏ । ଆମ ଇନ୍ଦ୍ରିୟାନୁଭବର କ୍ଷେତ୍ରଟିର ଏକ ଅତ୍ୟନ୍ତ ହାସ୍ୟାସ୍ପଦ ସସୀମତା ରହିଛି; ମାତ୍ର, ଯଦି ଅପର ପକ୍ଷରେ, ତୁମେ ଆପଣାର ମନ ଭିତରେ କୌଣସି ବ୍ୟକ୍ତି, କୌଣସି ବସ୍ତୁ, କୌଣସି ନଗର ଅଥବା କୌଣସି ସ୍ଥାନ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିବ, ତେବେ ସେଠାରେ ତତ୍‌କ୍ଷଣାତ୍, ଅବାରିତ ଭାବରେ ଯାଇ ପହଞ୍ଚି ପାରିବ । ତୁମେ ଯାଇ ସେଠାରେ ହାଜର ହୋଇଯିବ,—ତୁମେ ଯେ ସେଠାରେ ନ ଥିବ, ସେକଥା ଆଦୌ ନୁହେଁ; ତୁମେ ସେହିଠାରେହିଁ ଥିବ ଏବଂ, ତୁମର ମାନସିକ ସମ୍ପର୍କଟି ଏପରି ସୁନିର୍ଦ୍ଦିଷ୍ଟ ଭାବରେ ସମ୍ଭବ ହୋଇ ପାରୁଥିବ ଯେ, ତୁମେ ସେଠାରେ କଥାବାର୍ତ୍ତା ବି କରି ପାରିବ, ପ୍ରଶ୍ନ ପଚାରି ପାରୁଥିବ ଏବଂ ଉତ୍ତର ମଧ୍ୟ ପାଇ ପାରୁଥିବ । ଏଥିରେ କେବଳ ଏହି ଗୋଟିଏ ସର୍ତ୍ତ ରହିଥିବ ଯେ, ତୁମେ ଯାହା ସହିତ ସମ୍ପର୍କ ସ୍ଥାପନ କରିଛ, ସେହି ଅନ୍ୟ ବ୍ୟକ୍ତିଟି ମଧ୍ୟ ବେଶ୍ ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ହୋଇଥିବ । ଏପରି ଘଟଣା ତ ପ୍ରତ୍ୟହ ଅବିଚ୍ଛିନ୍ନ ଭାବରେ ଘଟେ । ମାତ୍ର,

'oaob.nitrkl.ac.in' images reprocessed

ଏଥିଲାଗି ତୁମ ପାଖରେ କିଞ୍ଚିତ୍ ପରିମାଣରେ ଏକ ଜ୍ଞାନ ରହିଥିବା ଆବଶ୍ୟକ, କାରଣ, ତା' ନ ହେଲେ, ଏହି କ୍ଷେତ୍ରରେ ପ୍ରକୃତରେ କ'ଣ ଘଟୁଛି, ତୁମେ ସେତିକି ମଧ୍ୟ ଜାଣି ପାରିବ ନାହିଁ ।

ଏପରିକି ଏହି ଶାରୀରିକ କ୍ଷେତ୍ରରେ, ଆମର ଆଖି, ନାକ, ଆଙ୍ଗୁଠି, ପାଟି, କାନ—ଏମାନେ ପ୍ରକୃତରେ କେତେ ହାସ୍ୟାସ୍ପଦ ଭାବରେ ସସୀମ ହୋଇ ରହିଛନ୍ତି ! ଆମେ ମନ କଲେ ଅବଶ୍ୟ ଏଗୁଡ଼ିକର ଅଧିକ ବିକାଶ ସମ୍ଭବ କରାଇ ପାରିବା । ଉଦାହରଣସ୍ୱରୂପ, ବେଶ୍ କିଛି ଦୂରରେ ହେଉଥିବା କୌଣସି ଶବ୍ଦକୁ ଶୁଣିବାରେ ମଧ୍ୟ ଆମେ ସଫଳ ହୋଇ ପାରିବା,—ଏକାବେଳେକେ ସ୍ଥୂଳ ଭାବରେ ଶୁଣିପାରିବା,—ଆଉ ଅନ୍ୟ କୌଣସି ମାଧ୍ୟମ ଦ୍ୱାରା ନୁହେଁ, ସ୍ଥୂଳ ଭାବରେହିଁ ଶୁଣିବାକୁ ପାଇବା । ମାତ୍ର ସେଥିଲାଗି ଇନ୍ଦ୍ରିୟଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ରହିଥିବା ଏକାନ୍ତ ଆବଶ୍ୟକ, ସେଗୁଡ଼ିକର ସ୍ପନ୍ଦନକୁ ଆମେ ଯଥେଷ୍ଟ ପରିମାଣରେ ପ୍ରଲମ୍ବିତ କରିଦେଇ ପାରୁଥିବା ମଧ୍ୟ ଆବଶ୍ୟକ । ଆମେ ଦୂରରେ ଥାଇ ଦେଖି ମଧ୍ୟ ପାରିବା,—ଏଠାରେ ଯନ୍ତ୍ରବିଦ୍ୟାର ସାଧନମାନ ପ୍ରୟୋଗ କରି ଦେଖିବାର କଥା ଆଦୌ ବୁଝାଯାଉ ନାହିଁ । ଆମେ ଆପଣାର ଦୃଷ୍ଟିକୁ ବଢ଼ାଇ ଦେଇ ପାରିବା ଏବଂ ଶରୀରାଙ୍ଗଟିର ବାହାରେ ନିଜ ସ୍ନାୟୁଗୁଡ଼ିକର ସ୍ପନ୍ଦନକୁ ପ୍ରଲମ୍ବିତ କରିପାରିବାର ଉପାୟ ଯଦି ଆମକୁ ଜଣାଥାଏ, ତେବେ ଆମେ ସ୍ପର୍ଶଟିକୁ ମଧ୍ୟ ପ୍ରଲମ୍ବିତ କରିଦେଇ ପାରିବା । ଏଠାରେ ମୁଁ ଆଦୌ ମାଇଲମାଇଲ ଲମ୍ବାଇଦେଇ ପାରିବା କଥା କହୁ ନାହିଁ, ମାତ୍ର, ଏକ ନିର୍ଦ୍ଦିଷ୍ଟ ଆୟତନ ମଧ୍ୟରେ, ଉଦାହରଣ-ସ୍ୱରୂପ, କୌଣସି ଏକ କାନ୍ଥ ସେପାଖକୁ ଲମ୍ବାଇ ଦେଇ ପାରିବାର କଥା କହୁଛି । ଏହି କାର୍ଯ୍ୟଟିକୁ ମଧ୍ୟ ସାଧାରଣତଃ ଅସମ୍ଭବ ବୋଲି ବିଚାର କରି ଯାଇଥାଏ । ମଝିରେ ଏକ କାନ୍ଥ ରହିଛି, ମାତ୍ର ସେପାଖରେ ଅନ୍ୟ କୋଠରିଟିରେ ଯାହାସବୁ ଘଟୁଛି, ଆମେ ସେସବୁକୁ ଦେଖି ମଧ୍ୟ ପାରିବା । ମାତ୍ର ଏଥିଲାଗି ଏକ ଅତ୍ୟନ୍ତ ନିୟମବଦ୍ଧ ଅଭ୍ୟାସର ଆବଶ୍ୟକତା ରହିଛି । ତଥାପି ଏହା ସମ୍ଭବ,—ଦେଖିବା, ସ୍ପର୍ଶ ପାଇବା, ଶୁଣିବା, ସବୁ ସମ୍ଭବ । ଆମେ ଚେଷ୍ଟା କଲେ ଆପଣାର ଅନୁଭୂତି—ପରିସରକୁ ଅନେକ ପରିମାଣରେ ବଢ଼ାଇଦେଇ ପାରିବା । ମାତ୍ର ଏଥିଲାଗି, ଆବଶ୍ୟକ କାର୍ଯ୍ୟ ଦରକାର, ଅଧ୍ୟବସାୟ ଦରକାର, ଅବିରତ ଚେଷ୍ଟା ଦରକାର । ପୁନଶ୍ଚ, ଏକଥାଟି ମଧ୍ୟ ଜ୍ଞାତ ହୋଇ ସାରିଲାଣି ଯେ, ଆମର ଏହି ଆଖିଦୁଇଟି ବ୍ୟତୀତ ଦୃଷ୍ଟିର ଅନ୍ୟ କେନ୍ଦ୍ରଗୁଡ଼ିକର ମଧ୍ୟ ବିକାଶ କରାଇବା ସମ୍ଭବ । ଏପରି ବ୍ୟକ୍ତିମାନେ ଏହି ଦିଗରେ ଅନେକ ପରୀକ୍ଷା କରିଛନ୍ତି, ଯେଉଁମାନେ କି କୌଣସି କାରଣରୁ ଆପଣା ଆଖିର ଦୃଷ୍ଟିଶକ୍ତିକୁ ହରାଇ ବସିଥିଲେ । ଏକ ଅବିରାମ ଏବଂ

'oaob.nitrkl.ac.in' images reprocessed

ବାଧ୍ୟବଦ୍ଧ ଉଦ୍ୟମ ଦ୍ୱାରା ଦୃଷ୍ଟିର ଅନ୍ୟ କେନ୍ଦ୍ରମାନ ବା ଆଉଗୋଟିଏ କେନ୍ଦ୍ରର ବିକାଶ କରାଇ ଆଣିବା ଅବଶ୍ୟ ସମ୍ଭବ । ଲେଖକ ଜୁଲ୍ ରୋମେଁ ଏହି ବିଷୟରେ ଗୋଟିଏ ବହି ଲେଖିଛନ୍ତି । ସିଏ ନିଜେ ଏହି ବିଷୟରେ ନାନା ପ୍ରୟୋଗ କରିଛନ୍ତି ଏବଂ অত্যন্ত ନିଶ୍ଚିତାତ୍ମକ ସିଦ୍ଧାନ୍ତରେ ଉପନୀତ ହୋଇପାରିଛନ୍ତି ।

ଏହାର ଅର୍ଥ ହେଉଛି ଯେ, ଆମ ଭିତରେ ଏହିପରି କେତେ କେତେ ସମ୍ଭାବନା ରହିଛି; ମାତ୍ର ଆମେ ସେଗୁଡ଼ିକୁ ଆମ ଭିତରେ କେବଳ ସୁପ୍ତ ଅବସ୍ଥାରେହିଁ ରଖିଦେଉଛୁ, କାରଣ, ସେଗୁଡ଼ିକର ବିକାଶସାଧନ ଦିଗରେ ଆମେ ଖୁବ୍‌ବେଶୀ ଚେଷ୍ଟା ଆଦୌ କରୁ ନାହୁଁ । ଆମେ ବର୍ତ୍ତମାନ ପ୍ରକୃତରେ ଯେତିକି କରିବାକୁ ସମର୍ଥ ହେଉଛୁ, ତାହାର ବହୁଗୁଣ ଅଧିକ ଅବଶ୍ୟ ସମ୍ଭବ କରିପାରନ୍ତେ । ମାତ୍ର ବସ୍ତୁଗୁଡ଼ିକ ଯେତେବେଳେ ଯେପରି ଆମ ସମ୍ମୁଖକୁ ଆସୁଛନ୍ତି, ଆମେ ସେଗୁଡ଼ିକୁ କେବଳ ସେତିକି ବୋଲି ଗ୍ରହଣ କରି ନେଉଛୁ ।

'oaob.nitrkl.ac.in' images reprocessed

# ୨୪ ମଇ ୧୯୪୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ରଚିତ "ମାନବ-ଯୁଗଚକ୍ର" ଗ୍ରନ୍ଥରୁ ମାଆ ୧୪ଶ ଅଧ୍ୟାୟ "ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ" ଅଂଶଟିକୁ ପାଠ କଲେ ।

ମୁଁ ବେଶ୍ ଦେଖିପାରୁଛି ଯେ ତୁମେମାନେ ପ୍ରବନ୍ଧଟିର ଉନ୍ନତତମ ଅଂଶ ବୁଝିପାରି ନାହଁ । ବର୍ତ୍ତମାନ ଆମେ ପାଦେ ପାଦେ ଆଗକୁ ଯିବା ଓ ଅତ୍ୟନ୍ତ ଧୀର ବେଗରେ ଅଗ୍ରସର ହେବା ।

(ଜଣେ ପିଲାକୁ ଉଦ୍ଦେଶ୍ୟ କରି) ପ୍ରବନ୍ଧଟି ଯେଉଁଠାରୁ ଆରମ୍ଭ ହୋଇଛି, ତୁମେ ଠିକ୍ ସେଇଥିରୁ ପ୍ରଶ୍ନଟିଏ ପଚାର । "ଏଠାରେ—ଏହି କଥାଗୁଡ଼ିକର ଅର୍ଥ କ'ଣ ?"—କେବଳ ଏତିକି ପଚାର ।

ମାଆ, ଏଠାରେ ଲେଖାହୋଇଛି, "ବୁଦ୍ଧିଗତ ବିବେକଯୁକ୍ତି ହୁଏତ ଆଦୌ ଯଥେଷ୍ଟ ପରିମାଣରେ ସାହାଯ୍ୟ କରିପାରୁ ନ ଥିବ ଏବଂ, କେବଳ ଶେଷରେ ନୁହେଁ, ମାତ୍ର ଆରମ୍ଭରେ ମଧ୍ୟ ଆପଣାକୁ ଆପଣାର କ୍ଷେତ୍ରଟିର ବାହାରକୁ ଚାଲି ଯାଇଥିବାର ଦେଖି ପାରୁଥିବ ଏବଂ ବାଧ୍ୟ ହୋଇ ବଡ଼ ଆତ୍ମସଂଶୟ ସହିତ ଆଗକୁ ପାଦ ପକାଉଥିବ ।..."

ସେଇଠୁ କ'ଣ ହେଲା ?

ତେବେ, ବୁଦ୍ଧି ଦ୍ୱାରା ଆରମ୍ଭ କରି ନ ପାରିଲେ ଆମେ ଆଉ କାହାର ସାହାଯ୍ୟ ନେଇପାରିବା ?

କାହାର ସାହାଯ୍ୟ ନେଇ ଆରମ୍ଭ କରିବା ?

ହଁ, କାହାର ସାହାଯ୍ୟ ନେଇ ?

ତୁମେ ଜାଣିଛ, ଶ୍ରୀଅରବିନ୍ଦ ଆଧ୍ୟାତ୍ମିକର ଉପଲବ୍ଧି ଲାଗି ଅଗ୍ରସର ହେବାକୁହିଁ ଧର୍ମର ସଞ୍ଜ୍ଞା ବୋଲି କହୁଛନ୍ତି । ଆଧ୍ୟାତ୍ମିକର ଅର୍ଥାତ୍ ଅତିମାନସର, ଅର୍ଥାତ୍ ଯାହା ଆମ ସାଧାରଣ ମନୁଷ୍ୟ ଚେତନାର ଅଜ୍ଞାତ ହୋଇ ଅବସ୍ଥିତ

'oaob.nitrkl.ac.in' images reprocessed

ରହିଛନ୍ତି ଏବଂ ତାହାହିଁ ଏକ ଊର୍ଦ୍ଧ୍ୱ ଭୂମିରୁ ଜୀବନକୁ ପ୍ରଭାବିତ କରି ପାରୁଥିବା ଉଚିତ। ତେଣୁ, ତାହାର ସନ୍ଧାନ କରୁକରୁ ଧର୍ମ ତାହାକୁ ବୁଦ୍ଧିଗତ ବିଚରଣର ବାହାରେ ରହିଥିବାର ଉପଲବ୍ଧି କରିବାକୁ ଆରମ୍ଭ କରେ, କାରଣ ଏଥିଲାଗି ତାହାକୁ ଅତିମାନସ ପର୍ଯ୍ୟନ୍ତ ଯିବାକୁ ହୋଇଥାଏ। ଏବଂ ତେଣୁ, ଧର୍ମର ଏହି ଭୂମିରେ ବୁଦ୍ଧି ଆମର ଆଦୌ କୌଣସି ସହାୟତା କରିପାରିବ କିପରି ? ସେ ଏହାହିଁ କହିବାକୁ ଇଚ୍ଛା କରୁଛନ୍ତି ଯେ, ଯଦି ଜଣେ ଧର୍ମର କ୍ଷେତ୍ରଟିକୁ ବିଚାର କରିବାକୁ ଯାଇ ବୁଦ୍ଧିକୁହିଁ କାମରେ ଲଗାଏ ଏବଂ ସେହି ମାର୍ଗରେ ଅଗ୍ରସର ହେବାକୁ ଇଚ୍ଛା କରେ, ତେବେ ସିଏ ଅବଶ୍ୟ ପ୍ରମାଦରେ ଯାଇ ପଡ଼ିଯାଏ; କାରଣ ବୁଦ୍ଧି ସେହି କ୍ଷେତ୍ରରେ ଆଦୌ ଦଣ୍ଡୀରୂପେ ଅବସ୍ଥିତ ନ ଥାଏ ଏବଂ ତେଣୁ ଆଦୌ କୌଣସି ଆଲୋଚନା ନିମନ୍ତେ ସମର୍ଥ ହୋଇପାରେ ନାହିଁ। ଯଦି ତୁମେ ନିଜର ବୁଦ୍ଧିବୃତ୍ତି ପ୍ରୟୋଗ କରି କୌଣସି ଧର୍ମର ବିଚାର କରିବାକୁ ଇଚ୍ଛା କରୁଥିବ, ତେବେ ତୁମେ ନିଶ୍ଚୟ ପ୍ରମାଦ ଭିତରେ ଯାଇ ପଡ଼ିଯିବ; କାରଣ ତାହା ବୁଦ୍ଧିର ବାହାରେ ଯାଇ ରହିଛି ଏବଂ ବୁଦ୍ଧିରୂପୀ କ୍ଷେତ୍ରଟିର ଅତୀତ ହୋଇ ରହିଛି। ଯେତିକି ବିଷୟ ସାଧାରଣ ଜୀବନର ବୁଦ୍ଧି-ପରିଚାଳିତ କ୍ଷେତ୍ରର ଅନ୍ତର୍ଗତ, ବୁଦ୍ଧି କେବଳ ସେତିକି ବିଷୟରହିଁ ବିଚାର କରିପାରିବ। ଏବଂ ସିଏ ତା'ପରେ ଯେପରି କହିଛନ୍ତି, ମନ ଏବଂ ପ୍ରାଣିକର ଭୂମିଗୁଡ଼ିକରେ ମନୁଷ୍ୟଜୀବନର ଗତିସ୍ପନ୍ଦନଗୁଡ଼ିକୁ ନିୟନ୍ତ୍ରିତ ତଥା ସଂଗଠିତ କରି ରଖିବା ହେଉଛି ବୁଦ୍ଧିର ଯଥାର୍ଥ ଭୂମିକା।

ଉଦାହରଣସ୍ୱରୂପ, ଯେତେବେଳେ ଜୀବନରେ ପ୍ରାଣସ୍ତରୀୟ କୌଣସି ବିଶୃଙ୍ଖଳା ଆସି ଉପସ୍ଥିତ ହୁଏ; ଆବେଗ, ବାସନା ତଥା କୌଣସି ଉଗ୍ର ଇଚ୍ଛା ଅଥବା ସେହିପରି ଯାବତୀୟ କଥା ପ୍ରବଳ ହୋଇଉଠନ୍ତି, ସେତେବେଳେ ଯଦି ତୁମେ ବୁଦ୍ଧିଗତ ବିବେକର ଆବାହନ କରିପାରିବ ଏବଂ ବୁଦ୍ଧିର ବ୍ୟାଖ୍ୟା ଦେଇ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରିବ, ତେବେ ତୁମ ପକ୍ଷରେ ସେଗୁଡ଼ିକୁ ପୁନର୍ବାର ଶୃଙ୍ଖଳିତ କରିରଖିବା ସମ୍ଭବ ହୋଇଯିବ। ପ୍ରାଣିକ ଏବଂ ମନଃସ୍ତରର ଯାବତୀୟ ଗତିସ୍ପନ୍ଦନକୁ ସଂଗଠିତ ଏବଂ ନିୟନ୍ତ୍ରିତ କରିବା, — ତାହାହିଁ ହେଉଛି ବୁଦ୍ଧିର ପ୍ରକୃତ ଭୂମିକା। ଉଦାହରଣସ୍ୱରୂପ, ଦୁଇଟି ବିଷୟର ପରସ୍ପର ସହିତ ଏକତ୍ର ଗତ କରିପାରୁଛନ୍ତି ଅଥବା ଗୋଟିଏ ଅନ୍ୟଟିର ଖଣ୍ଡନ କରୁଛି, ତାହା ଆବିଷ୍କାର କରିବା ଲାଗି ତୁମେ ବୁଦ୍ଧିର ସାହାଯ୍ୟ ନେଇପାରିବ; ତୁମର ମନୋଗଠନ ମଧ୍ୟରେ ଦୁଇଟି ସିଦ୍ଧାନ୍ତ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ଦଣ୍ଡାୟମାନ ହୋଇ ପାରୁଛନ୍ତି ଅଥବା ଗୋଟିଏ ଆଉ ଗୋଟିକୁ ଭୁଲ୍ ବୋଲି ସାବ୍ୟସ୍ତ କରିଦେଉଛି, ଏକଥା ଜାଣିବା ସକାଶେ ତୁମେ ବୁଦ୍ଧିର ସାହାଯ୍ୟ ଗ୍ରହଣ କରିପାରିବ।

'oaob.nitrkl.ac.in' images reprocessed

ଏହି ଯାବତୀୟ ବିଷୟର ବର୍ଣ୍ଣନା ଏବଂ ସଂଗଠନ,—ଏହା ହେଉଛି ବୁଦ୍ଧି କ୍ଷେତ୍ରର କାର୍ଯ୍ୟ; ଏବଂ, ତୁମର ଆବେଗଗୁଡ଼ିକ ଯୁକ୍ତିଯୁକ୍ତ କି ନୁହନ୍ତି, ସେଗୁଡ଼ିକ ତୁମକୁ ଧ୍ୱଂସମୁଖକୁ ନେଇଯିବେ ବା ସେଗୁଡ଼ିକୁ ବେଶ୍ ସହିଯାଇ ହେବ ଏବଂ ତୁମ ଜୀବନରେ ସେଗୁଡ଼ିକ କୌଣସି ବ୍ୟାଘାତ ସୃଷ୍ଟି କରିବେ ନାହିଁ, ଏହାକୁ ମଧ୍ୟ ଆହୁରି ଅଧିକ ଯଥାର୍ଥ ଭାବରେ ତୁମ ବୁଦ୍ଧିଗତ ସାମର୍ଥ୍ୟର କାର୍ଯ୍ୟ ବୋଲି କୁହାଯାଇ ପାରିବ । ତେଣୁ, ଏହାହିଁ ହେଉଛି ବୁଦ୍ଧିର ସମ୍ପୂର୍ଣ୍ଣ ଭୂମି; ଶ୍ରୀଅରବିନ୍ଦ ଏଠାରେ ସେହି କଥା କହିଛନ୍ତି ।

ମାତ୍ର, କୌଣସି ଏକ ଧର୍ମର ଯଥାର୍ଥ ମୂଲ୍ୟକୁ ଜାଣି ପାରିବାକୁ ହେଲେ, ତୁମକୁ ଉଚ୍ଚ ପରମସତ୍ତାଙ୍କର ଅର୍ଥାତ୍ ଆଧ୍ୟାତ୍ମିକ ଜୀବନର ସଂସ୍ପର୍ଶ ଆଣି ଦେବାର ଶକ୍ତି ସେଥିରେ ଅଛି କି ନାହିଁ, ତୁମକୁ ତାହା ସେହି ଜୀବନ ମଧ୍ୟକୁ ପରିଚାଳିତ କରି ନେଇଯାଇ ପାରିବ କି ନାହିଁ,—ତୁମର ବୁଦ୍ଧି କିପରି ଏସବୁ କଥାର ବିଚାର କରି ପାରିବ ? କାରଣ, ଏସବୁ ତ ତାହାର କ୍ଷେତ୍ରର ସମ୍ପୂର୍ଣ୍ଣ ବାହାରେହିଁ ରହିଛି । ଏସବୁ ବିଷୟରେ ବୁଦ୍ଧି ଆଦୌ କିଛୁ ଜାଣି ନାହିଁ । ଏଇଟି ଆଦୌ ତାହାର କ୍ଷେତ୍ର ନୁହେଁ, ସେହି କ୍ଷେତ୍ରର କୌଣସି କଥାକୁ ସିଏ ବୁଝିପାରେ ନାହିଁ । ଆମକୁ ସେହି କ୍ଷେତ୍ରରେ ଅନ୍ୟ ସାଧନଗୁଡ଼ିକୁ କାର୍ଯ୍ୟରେ ଲଗାଇବାକୁହିଁ ପଡ଼ିବ । ତେଣୁ ସିଏ ସ୍ୱଭାବତଃ ସେହିପରି ଭାବରେ ଆରମ୍ଭ କରିଛନ୍ତି ଏବଂ, ଆମେ ଏହି କ୍ଷେତ୍ରରେ କେଉଁସବୁ ସାଧନକୁ ବ୍ୟବହାର କରିପାରିବା, ଶେଷରେ ସିଏ ସେକଥା ମଧ୍ୟ ଆମକୁ କହିବେ । ଏସବୁ ଅଧ୍ୟାୟର ଶେଷରେ ସେକଥା କୁହାଯାଇଛି କି ନାହିଁ ମୁଁ ଜାଣି ନାହିଁ, ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସିଏ ସର୍ବଦା ଏହାର ଏକ ସୂଚନା ମଧ୍ୟ ଦେଇଛନ୍ତି । ତେଣୁ ଏହାର ଅର୍ଥ ହେଉଛି : ଶ୍ରୀଅରବିନ୍ଦ କହୁଛନ୍ତି, ତୁମେ ତୁମ ବୁଦ୍ଧିର ସାହାଯ୍ୟ ନିଅ ନାହିଁ, ବୁଦ୍ଧି ସାହାଯ୍ୟରେ ତୁମେ ଆଦୌ କୌଣସି କଥାର ବିଚାର କରିପାରିବ ନାହିଁ;—ବୁଝିଲ ?

ଆପଣାର କ୍ଷେତ୍ର ମଧ୍ୟରେ ବୁଦ୍ଧି କ'ଣ ସର୍ବଦା ଠିକ୍ ବାଟ ଦେଖାଏ ?

ବୁଦ୍ଧି ? ହଁ, ଯଦି ତାହା ପ୍ରକୃତରେ ବୁଦ୍ଧି ହୋଇଥିବ, ତେବେ ତାହା ଠିକ୍ ବାଟ ଦେଖାଇବ । ମାତ୍ର, ଯଦି ଆମେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବା, ତେବେ ତାହାକୁ ଆଦୌ ସମ୍ପୂର୍ଣ୍ଣ ଭାବରେ ଠିକ୍ ବୋଲି କୁହାଯିବ ନାହିଁ । କାରଣ ସେହିସବୁ କ୍ଷେତ୍ରରେ ବୁଦ୍ଧି ଆଦୌ କିଛି ହେଲେ ବୁଝିପାରେ ନାହିଁ । କିନ୍ତୁ ବୁଦ୍ଧିପ୍ରଧାନ ଦୃଷ୍ଟିକୋଣରୁ ତାହାକୁ ସ୍ୱଭାବତଃ ସର୍ବୋଚ୍ଚ ବିଚାରକର୍ତ୍ତା ବୋଲି ଅବଶ୍ୟ କୁହାଯିବ ।

'oaob.nitrkl.ac.in' images reprocessed

ଆମ ସାଧାରଣ ଜୀବନ ସହିତ ସମ୍ବନ୍ଧ ରଖିଥିବା ଯାବତୀୟ ବ୍ୟାପାର, ଏବଂ ମୁଁ ଯେପରି କହୁଛି,—ମନୁଷ୍ୟର ମାନସିକ, ପ୍ରାଣିକ ଏବଂ ଭୌତିକ ଜୀବନ,—ଏହି କ୍ଷେତ୍ରରେ ତାହାକୁ ଗୋଟିଏ ସମ୍ପୂର୍ଣ୍ଣ ଭାବରେ ବୁଦ୍ଧି ଦ୍ୱାରା ପରିଚାଳିତ ସତ୍ତା ବୋଲି କୁହାଯିବ,—ସେହି କ୍ଷେତ୍ରରେ ସିଏ ସେହି ବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଜୀବନ ବଞ୍ଚୁଥାଏ,— ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ ସିଏ ଆଦୌ କୌଣସି ଭୁଲ୍ କରେ ନାହିଁ । ମାତ୍ର, ଯଦି ଆମେ ଏପରି କହିବାକୁ ଆରମ୍ଭ କରୁ, "କେବଳ ଏହି ଭୂମିଗୁଡ଼ିକ ମଧ୍ୟରେ ସୀମାବଦ୍ଧ ହୋଇ ରହିଥିବା ମନୁଷ୍ୟଜୀବନ ଆଦୌ ସମ୍ପୂର୍ଣ୍ଣ ଜୀବନ ନୁହେଁ, ଏହି ତ୍ରିକୋଟିଯାକ ଭୂମିର ଜୀବନକୁ କଦାପି ସମ୍ପୂର୍ଣ୍ଣ ଜୀବନ ବୋଲି କୁହାଯିବ ନାହିଁ,—ତେଣୁ ଏଥିସହିତ ଗୋଟିଏ ଚତୁର୍ଥ ଭୂମିକୁ ଆଣି ଯୋଡ଼ିବାକୁ ପଡ଼ିବ,—ସେଇଟି ହେଉଛି ଆଧ୍ୟାତ୍ମିକ ବା ବୁଦ୍ଧିର ଅତୀତ ଭୂମି ।" —ତେବେ, ଏହି ଦୃଷ୍ଟିକୋଣରୁ ଆମେ ଏପରି କହିବା, "ବୁଦ୍ଧି ଏହି ବିଷୟଟିର ଆଦୌ କିଛି ବୁଝି ପାରେ ନାହିଁ,—ତେଣୁ, ତାହାକୁ ଏଠାରେ ନୀରବ ରହିବାକୁ ପଡ଼ିବ ଏବଂ ବୁଦ୍ଧିର ଅତୀତ ହୋଇ ରହିଥିବା ପ୍ରଜ୍ଞାବଳିଟିକୁ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ିଦେବ ।" ମାତ୍ର, ସାଧାରଣ ଜୀବନର ଦୃଷ୍ଟିକୋଣରୁ ବିଚାର କଲେ, ଯେଉଁ ବ୍ୟକ୍ତିମାନେ ଏକ ସାଧାରଣ ଜୀବନଯାପନ କରୁଥାନ୍ତି, ଯେଉଁମାନେ ଯୋଗ-ମାର୍ଗରେ ଯିବା ଲାଗି କିଂବା ଆଧ୍ୟାତ୍ମିକ ପଥରେ ଯିବା ପାଇଁ ଇଚ୍ଛା କରୁ ନ ଥାନ୍ତି, ସେମାନଙ୍କ ସକାଶେ ବୁଦ୍ଧି ଅତ୍ୟନ୍ତ ନିଶ୍ଚିତ ଭାବରେ ସମ୍ପୂର୍ଣ୍ଣ କର୍ତ୍ତାରୂପେ କାର୍ଯ୍ୟ କରିପାରିବ ବୋଲି ଆମେ ଅବଶ୍ୟ ସୁପାରିଶ କରିପାରିବା । ବୁଦ୍ଧି ଦ୍ୱାରା ପରିଚାଳିତ ହେଉଥିବା ବ୍ୟକ୍ତିମାନେ ସାଧାରଣତଃ ଖୁବ୍ ସାତ୍ତ୍ୱିକ ହୋଇଥାନ୍ତି, ଆପଣାର ଆଚରଣରେ ସେମାନେ କଦାପି ସୀମାରୁ ବାହାର ହୁଅନ୍ତି ନାହିଁ ଅଥବା ଆଦୌ କୌଣସି ସାଙ୍ଘାତିକ ଭୁଲ୍ କରନ୍ତି ନାହିଁ । ସେମାନେ ବୁଦ୍ଧିସଙ୍ଗତ ଭାବରେ ଜୀବନ ବଞ୍ଚୁଥାନ୍ତି । ସେହି ସାଧାରଣ ଜୀବନ ଭିତରୁ ବାହାରକୁ ବାହାରି ଆସିଲେ ଓ ଏକ ଆଧ୍ୟାତ୍ମିକ ଉପଲବ୍ଧି ଆଡ଼କୁ ପରିଚାଳିତ କରି ନେଉଥିବା ଏକ ଜୀବନ ମଧ୍ୟରେ ପ୍ରବେଶ କରିବାକୁ ମନ କଲେ ଯାଇ ବୁଦ୍ଧିକୁ ନିଜର ଆସନ ଛାଡ଼ି ଚାଲିଯିବାକୁ ହୋଇଥାଏ । ଜଣେ ବ୍ୟକ୍ତି ଆପଣାର ମାନସିକ ଏବଂ ପ୍ରାଣିକ ଗତିସ୍ପନ୍ଦନଗୁଡ଼ିକ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଅର୍ଜନ କରି ନ ଥିବା ପର୍ଯ୍ୟନ୍ତ ଏହା ତାହାକୁ ତଥାପି ଅନେକ ସାହାଯ୍ୟ କରିପାରେ । ଏହି ଦୁଇଟି ଭୂମିର ରୂପାନ୍ତର ସମ୍ଭବ ନ ହେବା ପର୍ଯ୍ୟନ୍ତ ବୁଦ୍ଧିର ସାହାଯ୍ୟ ନେବା ପ୍ରକୃତରେ ଅତ୍ୟନ୍ତ ଯୁକ୍ତିଯୁକ୍ତ, କାରଣ ଏହି ଗତିସ୍ପନ୍ଦନଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରିବାରେ ତାହା ତୁମକୁ ଅବଶ୍ୟ ସାହାଯ୍ୟ କରିବ ।

(ଆଉ ଜଣେ ପିଲାକୁ ଉଦ୍ଦେଶ୍ୟ କରି) ତୁମେ ବୁଝିପାରିଲ ? ବୁଝି ନାହଁ ? ଅନ୍ତତଃ କିଛିହେଲେ ବୁଝି ପାରିଥିବ । ବୁଝି ନାହଁ ? ତେବେ ପ୍ରଶ୍ନଟିଏ ପଚାର ।

'oaob.nitrkl.ac.in' images reprocessed

ମାଆ, ବୁଦ୍ଧିର ଅଜ୍ଞାତ ସୌନ୍ଦର୍ଯ୍ୟ କହିଲେ କ'ଣ ବୁଝାଏ ?

ଅଧ୍ୟାୟଟିକୁ ପଢ଼ିବାବେଳେ ତୁମେ ସେକଥା ଅବଶ୍ୟ ଜାଣି ପାରିବ, କାରଣ ତାହାହିଁ ହେଉଛି ଅଧ୍ୟାୟଟିର ବିଷୟ । ତେଣୁ ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ଅଧ୍ୟାୟଟିରେ ସେହି କଥାଟିକୁ ବୁଝାଇକରି କହିଛନ୍ତି । ଯଦି ମୁଁ ତୁମକୁ ବର୍ତ୍ତମାନ ସେହି କଥାଟିକୁ କହିଦେବି, ତେବେ କଷ୍ଟ କରି ଅଧ୍ୟାୟଟିକୁ ପଢ଼ିବାରେ ଆଉ କୌଣସି ଲାଭ ହେବ ନାହିଁ । (ସମସ୍ତେ ହସିଲେ)

ବୁଦ୍ଧି କ'ଣ ଆମ ମନର ସର୍ବୋଚ୍ଚ କ୍ରିୟାଶୀଳତା ?

ହଁ, ଯଥାର୍ଥ ଭାବରେ କହିଲେ ଏହି ମନର, ମନୁଷ୍ୟମନର ଉତ୍କୃଷ୍ଟ ସର୍ବୋଚ୍ଚ କ୍ରିୟାଶୀଳତା । ଅର୍ଥାତ୍‌, ବୁଦ୍ଧିର ପରିଚାଳନା ରହିଥିଲେ, ଯେପର୍ଯ୍ୟନ୍ତ ଆମେ ବିଶୁଦ୍ଧ ଭାବରେ ମଣିଷଟିଏ ହୋଇ ରହିଥିବା ଏବଂ ବିଶୁଦ୍ଧ ଭାବରେ ମନର କ୍ଷେତ୍ର ଭିତରେ ରହିଥିବା, ସେପର୍ଯ୍ୟନ୍ତ ଆମେ ଆଉ କୌଣସି ଭୁଲ୍ କରିବାର ଆଦୌ ଆଶଙ୍କା ନ ଥିବ ।

ଆଧ୍ୟାତ୍ମିକ ଜୀବନରେ ବୁଦ୍ଧି ଏକ ପ୍ରତିବନ୍ଧକ ହୋଇ ଠିଆହୁଏ କିପରି ?

କାରଣ ବୁଦ୍ଧି ସେହି ବିଷୟରେ ଆଦୌ କିଛି ବୁଝିପାରେ ନାହିଁ । ଆଧ୍ୟାତ୍ମିକ ଜୀବନ ହେଉଛି ବୁଦ୍ଧିସୀମାର ସେପାଖରେ, ଏହା ବୁଦ୍ଧିର କ୍ଷେତ୍ର ଆଦୌ ନୁହେଁ ଏବଂ ବୁଦ୍ଧି ସେହି କ୍ଷେତ୍ରରେ ମୋଟେ କୌଣସି କଥା ବୁଝିପାରେ ନାହିଁ । ଯାବତୀୟ ନୀତି, ନୈତିକତା ଓ ଆତ୍ମସଂଯମ ନିମନ୍ତେ ବୁଦ୍ଧି ଅତ୍ୟନ୍ତ ଉତ୍ତମ ଏକ ସାଧନ ହୋଇ ରହିଥାଏ, ମାତ୍ର ଆଧ୍ୟାତ୍ମିକ ଜୀବନ ହେଉଛି ଏସବୁର ଆହୁରି ସେପାଖରେ ଏବଂ ବୁଦ୍ଧି ସେହି ବିଷୟରେ ମୋଟେ କିଛି ବୁଝେ ନାହିଁ ।

ମାତ୍ର, ଜଣେ ବ୍ୟକ୍ତି ଯଦି ଯଥାର୍ଥ ଭାବରେ ବୁଦ୍ଧିସମ୍ପନ୍ନ ହୋଇ ପାରେ, ତେବେ, ଆଧ୍ୟାତ୍ମିକ ଜୀବନ ଯେ ତା'ଠାରୁ ଆହୁରି ଊର୍ଦ୍ଧ୍ୱରେ, ବୁଦ୍ଧି ସେହି କଥାକୁ ଅବଶ୍ୟ ସ୍ୱୀକାର କରିବ ।

ହଁ ।

ତେବେ ତାହା ପୁଣି ଏକ ପ୍ରତିବନ୍ଧକ ହୁଏ କିପରି ?

ମାତ୍ର ସେହି କ୍ଷେତ୍ରରେ ଅବଶ୍ୟ ସର୍ତ୍ତ ରହିଥିବ ଯେ ବୁଦ୍ଧି ନୀରବ ଥିବ, ଆଉ କୌଣସି ହସ୍ତକ୍ଷେପ କରୁ ନ ଥିବ···ହସ୍ତକ୍ଷେପ କରିବାକୁ ଚେଷ୍ଟା କଲାମାତ୍ରେହିଁ ତାହା ପ୍ରତିବନ୍ଧକ ହେବ; ମାତ୍ର ଯଦି ଶୃଙ୍ଖଳିତ ଭାବରେ ତାହା ନିଜକୁ ପ୍ରତ୍ୟାହୃତ

'oaob.nitrkl.ac.in' images reprocessed

କଣ ନେଇ ପାରିବ ଓ ଚୁପ୍ ହୋଇ ରହିବ, ତେବେ ତାହା ପ୍ରକୃତରେ ଅତ୍ୟନ୍ତ ଉତ୍ତମ ଫଳ ଦେବ ।

ମାତ୍ର, ଯଦି ତୁମେ ବୁଦ୍ଧିକୁ ବିସ୍ତାରକ ଏବଂ କର୍ତ୍ତାରୂପେ ବ୍ୟବହାର କରିବାକୁ ଇଚ୍ଛା କରିବ, ତେବେ ତାହା ସେହି କ୍ଷେତ୍ରରେ ଏକ ପ୍ରତିବନ୍ଧକ ହୋଇ ଠିଆହେବ । ମାତ୍ର, ସତ୍ତାର ଅନ୍ୟ ଯାବତୀୟ ଅଂଶ ପରି ତୁମେ ତାହାକୁ ଏକ ସାଧନରୂପେ ବ୍ୟବହାର କରୁଥିବା ପର୍ଯ୍ୟନ୍ତ ତାହା ମୋଟେ ପ୍ରତିବନ୍ଧକ ହେବ ନାହିଁ । ବୁଦ୍ଧି କେବଳ ସାଧନ ହୋଇ ରହିବ ଏବଂ ଆପଣାକୁ ମୀମାଂସା ଏବଂ ବିଗ୍ଭର କରୁଥିବା ଏକ କର୍ତ୍ତାରୂପେ ନେଇ ବସାଇବା ଲାଗି ଆଦୌ ଇଚ୍ଛା କରିବ ନାହିଁ, ଏହି ସର୍ତ୍ତରେହିଁ ତାହା ଏକ ଅତ୍ୟୁତ୍ତମ ସାଧନରୂପେ କାର୍ଯ୍ୟ କରି ପାରିବ । ବୁଦ୍ଧି ହେଉଛି ବିଗ୍ଭର କରିବାର ଏପରି ଗୋଟିଏ ଶକ୍ତି ଯାହାକି ଆପଣାର ଅଭିପ୍ରେତ କ୍ଷେତ୍ରଟିରେ ସମ୍ପୂର୍ଣ୍ଣ ଠିକ୍ ଭାବରେ ସବୁକିଛି କରି ପାରିବ । ମାତ୍ର, ଆପଣାର କ୍ଷେତ୍ରସୀମା ଡେଇଁ ବାହାରକୁ ଗ୍ଭଲିଗଲେହିଁ, ତାହା ଆଉ ମୋଟେ କିଛି ବୁଝି ପାରିବ ନାହିଁ,—ତା'ପରେ ତା'ର ଆଉ କୌଣସି ବିବେଚନାଶକ୍ତି ରହି ପାରିବ ନାହିଁ ।

ତେଣୁ ଯଦି ବୁଦ୍ଧି ଏତିକି ବୁଝି ଚୁପ୍ ହୋଇ ରହିଯିବ, ଏକ ସାଧନର ଦୃଷ୍ଟିକୋଣ ପୋଷଣ କରୁଥିବ ମାତ୍ର କର୍ତ୍ତା ବନି ବିଗ୍ଭର କରିବା ଲାଗି ବାହାର ପଡ଼ୁ ନ ଥିବ, ତେବେ ତାହା ନିର୍ଦ୍ଦୋଷ ହୋଇ ରହିଥିବ । ମାତ୍ର, ଏକଥା ସମ୍ଭବ ହେବାକୁ ହେଲେ, ଆମର କ୍ରମବର୍ଦ୍ଧନଶୀଳ ଚେତନା ମଧ୍ୟ ବୁଦ୍ଧିର ଅତୀତ ଏକ କ୍ଷେତ୍ରରେ ଏପରି ବିକାଶ ଲାଭ କରିଥିବ, ଯେପରିକି ତାହା ଊର୍ଦ୍ଧ୍ୱରେ ଥାଇ ବୁଦ୍ଧି ଉପରେ ପ୍ରଭାବ ପକାଉଥିବ ଓ ତାହାକୁ ସବୁକିଛି ବୁଝିବା ଲାଗି ସମର୍ଥ କରାଇ ପାରୁଥିବ; କାରଣ ସେହି କ୍ଷେତ୍ରଟି ଆଦୌ ବୁଦ୍ଧିର କୌଣସି ଅଂଶ ନୁହେଁ । ତେଣୁ, ଯଦି ଚେତନାର ଗୋଟିଏ ଅଂଶ ଯଥେଷ୍ଟ ପରିମାଣରେ ବିକାଶଲାଭ କରି ନ ଥାଏ ଏବଂ ବୁଦ୍ଧି ଯେପରି ପ୍ରକୃତରେ ବୁଝି ପାରିବ, ସେଥିଲାଗି ଯଦି ତାହା ନିଜ ଉପରେ ଆଉ ଅଧିକା କିଛିକୁ ଆଣି ସଂସ୍ଥାପିତ କରିପାରୁ ନ ଥାଏ, ତେବେ ତାହା ଏହାକୁ ଅସ୍ୱୀକାର କରିବାରେ ଲାଗିଥିବ । ସବୁକିଛି ଜଣେ ବ୍ୟକ୍ତିର ଚେତନାଗତ ବିକାଶର ପରିମାଣ ଉପରେ ନିର୍ଭର କରିବ । ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଗୋଟିଏ ବ୍ୟକ୍ତିଗତ ପ୍ରଶ୍ନ ।

ମାଆ, ଆପଣ ଯେଉଁ ବୁଦ୍ଧିର ଅତୀତ ଭୂମିଟିର କଥା କହୁଛନ୍ତି, ତାହା କ'ଣ ବୁଦ୍ଧିଠାରୁ ଅଧିକ ଉଚ୍ଚରେ ଅବସ୍ଥିତ ରହିଥିବା ଏକ ଭୂମି ନା ଏକ ସ୍ୱତନ୍ତ୍ର ଭୂମି ?

'oaob.nitrkl.ac.in' images reprocessed

ଏହାକୁ କ୍ଷେତ୍ର ନ କହି ବରଂ ଏକ ସ୍ଥିତି ବୋଲି ବୁଝାଯାଇ ପାରିବ । ଭୌତିକ କ୍ଷେତ୍ରରେ ଗୋଟିଏ ବୁଦ୍ଧିର ଅତୀତ କ୍ଷେତ୍ର ବେଶ୍ ସମ୍ଭବ ହୋଇପାରେ, ପ୍ରାଣିକ ଓ ଏପରିକି ମନର କ୍ଷେତ୍ରରେ ମଧ୍ୟ ତାହା ଅବଶ୍ୟ ସମ୍ଭବ ହୋଇପାରେ; ଏବଂ ଏହି ଯାବତୀୟ କ୍ଷେତ୍ରର ସେପାଖରେ ମଧ୍ୟ ବୁଦ୍ଧିର ଅତୀତ ଆସ୍ତରଣମାନ ଅବସ୍ଥିତ ରହିଛି । ଚେତନା ତଥା ଜୀବନର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଏହାକୁ କ୍ଷେତ୍ର ବୋଲି ନ କହି ବରଂ ଏକ ସ୍ଥିତି ବୋଲି କହିବା ଅଧିକ ଉଚିତ ହେବ । ସତ୍ତାର ଏକ ସ୍ତର ବୋଲି ବୁଝାଯାଇ ପାରିବ । ସେହି ବସ୍ତୁଟି ଆମ ସାଧାରଣ ଚେତନା-ସ୍ଥିତିର ଅଜ୍ଞାତ ହୋଇ ରହିଥାଏ । ମାତ୍ର, ଏହାକୁ ସ୍ଥୂଳ ଭୌତିକ କ୍ଷେତ୍ରରେ ତଥା ପ୍ରାଣିକ କ୍ଷେତ୍ରରେ ମଧ୍ୟ ଅନୁଭବ କରାଯାଇ ପାରିବ । ଜଣେ ହୁଏତ ହଠାତ୍ ଅନୁଭବ କରିବାକୁ ଆରମ୍ଭ କରିବ ଯେ, ସିଏ ଏପରି ଏକ ବସ୍ତୁର ସ୍ପର୍ଶ ଲାଭ କରୁଛି, ଯାହାକି ବୁଦ୍ଧିର ବଶବର୍ତ୍ତୀ ଯାବତୀୟ କ୍ଷେତ୍ରର ଆହୁରି ସେପାଖରେ ଥାଇ ଅବସ୍ଥିତ ରହିଛି, ତାହା ସ୍ୱୟଂ ଭୌତିକର କ୍ଷେତ୍ରରେ ଥାଇ ରହିଛି,—ଏକ ପ୍ରଭାବରୂପେ ତାହା ଊର୍ଦ୍ଧ୍ୱରୁ ଆପଣାକୁ ସନ୍ନିବିଷ୍ଟ କରି ରଖିଛି । ତା' ନ ହେଲେ, ମାନସିକ, ପ୍ରାଣିକ ଅଥବା ଭୌତିକ ଯାହା ହେଉ ପଛକେ, ସତ୍ତାର ନିମ୍ନତର ଅଂଶଗୁଡ଼ିକର ଏକ ରୂପାନ୍ତର ଆଶା କରିବା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅସମ୍ଭବ ହୋଇ ପଡ଼ିବ; ବୁଦ୍ଧିର ଅତୀତ ସେହି ପ୍ରଭାବକୁ ଆପଣା ମଧ୍ୟକୁ ଗ୍ରହଣ କରିବା ଲାଗି ଅସମର୍ଥ ହୋଇ ରହିଥିଲେ ସେଗୁଡ଼ିକର ରୂପାନ୍ତର କେବେହେଲେ ସମ୍ଭବ ହେଉ ନ ଥାନ୍ତା; ଏବଂ ସେହି ଅନ୍ୟ କ୍ଷେତ୍ରଟି ଅବଶ୍ୟ ରହିଛି, ତାହାକୁ ଖୋଜି-ବାହାର କରିବାକୁ ହେବ, ତାହାର ଆବିଷ୍କାର କରିବାକୁ ପଡ଼ିବ ।

ମାଆ, ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : "ଏକ ପକ୍ଷରେ ଏହା (ବୁଦ୍ଧି) ହେଉଛି ଏକ ଆଲୋକନକାରୀ, — ଅବଶ୍ୟ ସର୍ବପ୍ରଧାନ ଆଲୋକନକାରୀ ଆଦୌ ନୁହେଁ ।"…

ହଁ, ଆମେ ମଧ୍ୟ ଠିକ୍ ସେହିକଥା କହୁଥିଲୁ; ବୁଦ୍ଧିର କ୍ଷେତ୍ରଟିରେହିଁ ତାହା ଯଥାର୍ଥ ଉତ୍ତର ଓ ଯଥାର୍ଥ ମାର୍ଗଦର୍ଶନ ଦେଇଥାଏ । ଏହାକୁ ଆମେ ଏକ ଆଲୋକନକାରୀର କାର୍ଯ୍ୟ ବୋଲି କହୁ : ସିଏ ଏକ ଆଲୋକ ଦିଏ । ଯେତେବେଳେ ତୁମେ କୌଣସି ବିଷୟରେ ସୁନିଶ୍ଚିତ ନ ଥାଅ, ଅନ୍ଧକାର ଭିତରେ ରହି କିଛି ଠିକ କରିପାରୁ ନ ଥାଅ, ଯଦି ସେତେବେଳେ ତୁମେ ବୁଦ୍ଧିର ସାହାଯ୍ୟ ନେବ, ତେବେ ତାହା ତୁମକୁ ଭଲ ଭାବରେ ବାଟ ଦେଖାଇ ପାରିବ, ଅନ୍ଧକାର ଭିତରେ ତୁମେ କେଉଁଠାରେ ରହିଥିଲ, ତୁମକୁ ସେକଥାଟି ସ୍ପଷ୍ଟ ଭାବରେ ଦେଖାଇଦେଇ ପାରିବ । ସେହି କାରଣରୁ ତାହା ହେଉଛି ଗୋଟିଏ ଆଲୋକନ-

'oaob.nitrkl.ac.in' images reprocessed

ଯାଏ । ଏବଂ, "ପରମଚଦ୍‌ଗତତାର ଅନୁଷ୍ଠାତା" କଥାଟିର ଅର୍ଥ ହେଉଛି, ସିଏ ଠିକ୍ ଯେଉଁ କଥାଟି ପଚାରୁଥିଲ,—ଅର୍ଥାତ୍, ସତ୍ତାର ନିମ୍ନତର ସ୍ତରଗୁଡ଼ିକରେ ଆଧ୍ୟାତ୍ମିକ ସତ୍ୟର ଉଦ୍‌ଘାଟନକୁ ସମ୍ଭବ କରିବା ନିମନ୍ତେ ଏହାକୁ ଏକ ସାଧନ-ରୂପେ ରୂପାନ୍ତରିତ କରିଦେଇ ହେବ; ତାହାହିଁ ହେଉଛି "ପରମଚଦ୍‌ଗତତାର ଅନୁଷ୍ଠାତା"ର ଅର୍ଥ । ଅନୁଷ୍ଠାତା ଅର୍ଥାତ୍ ଯାହା କୌଣସି ଅନୁଷ୍ଠାନରେ ସାଧନ ପରି କାର୍ଯ୍ୟ କରେ, ଏଠାରେ ଏହାର ଅର୍ଥ ହେଉଛି ପରମଚଦ୍‌ଗତତାର ଏକ ସାଧନ । ଏବଂ, ପରମଚଦ୍‌ଗତତାର ଶାସନକୁ ପ୍ରତିଷ୍ଠା କରିବା ନିମନ୍ତେ ତାହା ପଥଗୁଡ଼ିକୁ ପ୍ରସ୍ତୁତ କରି ଦେଇପାରେ; ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ସତ୍ତାରେ ସ୍ଥିରସାମ୍ୟ ଏବଂ ଶାନ୍ତ ଅବସ୍ଥା ଆଣି ଦେଇପାରେ, ତାହାର କ୍ରିୟାଶୀଳ ହେବାର କ୍ଷେତ୍ରରେ ତାହାକୁ ଯଥାର୍ଥ ଭାବରେ ପରିଚାଳିତ କରିପାରେ, ଯେପରିକି ଏକ ସନ୍ଦୀପିତ ସମତାବସ୍ଥାରେ ଅବସ୍ଥିତ ରହି ତାହା ସେହି ପରମଚଦ୍‌ଗତତାକୁ ଗ୍ରହଣ କରିବା ଲାଗି ସମର୍ଥ ହୋଇପାରେ ।

ଯେଉଁ ସତ୍ତା ଅନ୍ଧକାରର ଏକ ଘୂର୍ଣ୍ଣି ଭିତରେ ଯାଇ ପଡ଼ିଥାଏ, ତାହା ସ୍ପଷ୍ଟତଃ ସେହି ପରମଚଦ୍‌ଗତତାକୁ ଗ୍ରହଣ କରିବା ଲାଗି ଆଦୌ ପ୍ରସ୍ତୁତ ନ ଥାଏ । ମାତ୍ର, ବୁଦ୍ଧିକୁ ସମୁଚିତ ଭାବରେ କାର୍ଯ୍ୟରେ ଲଗାଇ ଯଦି ଜଣେ ବ୍ୟକ୍ତି ନ୍ୟାୟ-ସଙ୍ଗତ ଏବଂ ବୁଦ୍ଧିଯୁକ୍ତ ଭାବରେ ଆପଣାର ସତ୍ତାକୁ ସଂଗଠିତ କରି ରଖିବାରେ ସମର୍ଥ ହୋଇଯାଏ,—ଯଦି ସେ ଏକ ସ୍ଥିରସାମ୍ୟଯୁକ୍ତ ଏବଂ ପ୍ରଜ୍ଞାପୂର୍ଣ୍ଣ ପ୍ରଣାଳୀରେ ତାହା କରିପାରେ,—ବୁଦ୍ଧି ହେଉଛି ମୂଳତଃ ସେହି ପ୍ରଜ୍ଞାରହିଁ ଗୋଟିଏ ସାଧନ,—ତେବେ ତାହାକୁ ଆହୁରି ଆଗକୁ ଯାଇ ପାରିବା ଲାଗି ଏକ ଅତ୍ୟୁତ୍ତମ ପ୍ରସ୍ତୁତି ବୋଲି ବୁଝାଯିବ । ଏଥିରେ ଏହି ସ୍ମୃତିଟି ଅବଶ୍ୟ ରହିଥିବ ଯେ, ଏହା ସର୍ବଶେଷ ସ୍ଥିତି ନୁହେଁ, କେବଳ ଏକ ପ୍ରସ୍ତୁତି ମାତ୍ର, ଆମେ ସେହି କଥାଟିକୁ ଭଲ କରି ଜାଣିଥିବା । ଏହା ହେଉଛି ଏକ ଭୂମି ପରି; ଯେଉଁ ବ୍ୟକ୍ତିମାନଙ୍କର ଆଧ୍ୟାତ୍ମିକ ଅନୁଭୂତିମାନ ହୋଇଥାଏ, ଉଚ୍ଚତର ଜଗତଗୁଡ଼ିକ ବିଷୟରେ ଯେଉଁମାନେ ଏକ ସଂସ୍ପର୍ଶ ଲାଭ କରିଥାନ୍ତି କିନ୍ତୁ ନିମ୍ନତର କ୍ଷେତ୍ରଗୁଡ଼ିକରେ ପ୍ରକୃତରେ ପ୍ରସ୍ତୁତ ହୋଇ ନ ଥାନ୍ତି, ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ; କାରଣ ସେମାନଙ୍କୁ ସତତ ଏପରି ଗଦା ଗଦା ନାନା ଉପାଦାନ ସହିତ ଯୁଦ୍ଧ କରିବାକୁ ପଡ଼ୁଥାଏ, ଯେଉଁଗୁଡ଼ିକ କି ଆଦୌ କୌଣସି ପ୍ରକାରେ ସଂଗଠିତ ବା ଶୁଦ୍ଧ କିଂବା ଶ୍ରେଣୀବଦ୍ଧ ହୋଇ ନ ଥାନ୍ତି । ପ୍ରତ୍ୟେକଟି ତା' ନିଜ ବାଟରେ ଟାଣି ହେବାରେ ଲାଗିଥାଏ, ସେହି କ୍ଷେତ୍ରରେ ନାନା ଆବେଗ, ଅଭିରୁଚି ଏବଂ ବାସନା ଭର୍ତ୍ତି ହୋଇ ରହିଥାଏ ଏବଂ ତେଣୁ, ଊର୍ଦ୍ଧ୍ୱରୁ ଆସିଥିବା ଆଲୋକଟିକୁହିଁ ଏସବୁକୁ ଏହି ସବୁକିଛିକୁ ସଂଗଠିତ କରିବାକୁ ହୁଏ; ମାତ୍ର ଯଦି ସେହି କ୍ଷେତ୍ରରେ ବୁଦ୍ଧି କିଞ୍ଚିତ୍ କାର୍ଯ୍ୟ ଆରମ୍ଭ କରି

'oaob.nitrkl.ac.in' images reprocessed

ଦେଇଥାନ୍ତା ଏବଂ ସ୍ଥାନଟିକୁ ଅନ୍ତତଃ ବାସଯୋଗ୍ୟ କରି ପାରିଥାନ୍ତା, ତେବେ ପରମଶତ୍ରୁଗତତା ଆସି ପହଞ୍ଚିବା ସମୟରେ ତାଙ୍କୁ ଆସନରେ ନେଇ ପ୍ରତିଷ୍ଠିତ କରାଇବା ଅପେକ୍ଷାକୃତ ଅଧିକ ସହଜ ହୋଇଥାନ୍ତା ।

ଏହି ବୁଦ୍ଧିର ବିକାଶ କରାଯାଇପାରିବ କିପରି ?

ବୁଦ୍ଧିକୁ କାମରେ ଲଗାଇ ତାହାର ବିକାଶ କରାଯାଇ ପାରିବ । ମାଂସପେଶୀ ପରି, ଆମର ଇଚ୍ଛାଶକ୍ତି ପରି ଏହି ବୁଦ୍ଧିଶକ୍ତିର ମଧ୍ୟ ବିକାଶ କରା ଯାଇଥାଏ । ଏଗୁଡ଼ିକୁ ବୁଦ୍ଧିସଙ୍ଗତ ଭାବରେ ବ୍ୟବହାର କରିହିଁ ଏଗୁଡ଼ିକର ବିକାଶ କରାଯାଏ । ବୁଦ୍ଧି ତ ପ୍ରତ୍ୟେକ ମନୁଷ୍ୟ ପାଖରେ ରହିଥାଏ, ମାତ୍ର ସିଏ ତାକୁ ଆଦୌ କାମରେ ଲଗାଉ ନ ଥାଏ । କେତେକ ଲୋକ ଏହି ବୁଦ୍ଧିକୁ ଅତ୍ୟନ୍ତ ଭୟ କରନ୍ତି, କାରଣ ତାହା ସେମାନଙ୍କର ଆବେଗଗୁଡ଼ିକର ବିରୋଧ କରେ । ତେଣୁ ସେମାନେ ତାହାର କୌଣସି କଥା ନ ଶୁଣିବାକୁହିଁ ଅଧିକ ଉଚିତ ବୋଲି ଭାବନ୍ତି । ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ବିକାଶଲାଭ କରିବା ପରିବର୍ତ୍ତେ ବୁଦ୍ଧି ଅଧିକରୁ ଅଧିକ ପରିମାଣରେ ଆପଣାର ଆଲୋକଟିକୁ ହରାଇ ଦେବାରେ ଲାଗିଥାଏ ।

ବୁଦ୍ଧିର ବିକାଶସାଧନ କରାଇବାକୁ ହେଲେ ତୁମକୁ ନିଷ୍ଠାର ସହିତ ଏହି କାର୍ଯ୍ୟଟିକୁ କରିବାକୁ ହେବ; ଯଦି ଗୋଟିଏ ପାଖରେ ତୁମେ ନିଜକୁ "ମୁଁ ମୋ ବୁଦ୍ଧିଶକ୍ତିର ବିକାଶ କରିବାକୁ ଇଚ୍ଛା କରୁଛି" ବୋଲି କହୁଥିବ ଏବଂ ଅନ୍ୟ ପକ୍ଷରେ ବୁଦ୍ଧି ତୁମକୁ ଯାହା କହୁଥିବ, ତାକୁ ମୋଟେ ଶୁଣୁ ବି ନ ଥିବ, ତେବେ ତୁମେ ଆଦୌ କିଛୁ ହାସଲ କରିପାରିବ ନାହିଁ । କାରଣ, ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯଦି ତୁମର ବୁଦ୍ଧି ତୁମକୁ ପ୍ରତ୍ୟେକ ଥର "ଏହା କର ନାହିଁ" ଅଥବା "ଏକଥା କର" ବୋଲି କହୁଥିବ ଏବଂ ତୁମେ ତାହାର ଠିକ୍ ବିପରୀତ କଥାଟିକୁହିଁ କରୁଥିବ, ତେବେ ତୁମକୁ ଆଦୌ କିଛି କହିବାର ଅଭ୍ୟାସଟି ମଧ୍ୟ ତା'ର ପାସୋରି ହୋଇଯିବ ।

ମାଆ; ଆମ ସାଧାରଣ ଜୀବନରେ ମଧ୍ୟ; ଗୋଟିଏ ଉଦାହରଣ ଦେଇ କହିଲେ, ଆମର ବୁଦ୍ଧିଶକ୍ତି ସୌନ୍ଦର୍ଯ୍ୟକୁ ଅନୁଭବ କରିବାରେ କିପରି ସହାୟତା କରିପାରିବ ?

ସେକଥା ତାହା କରିପାରିବ ନାହିଁ । ଶ୍ରୀଅରବିନ୍ଦ ଏଠାରେ ତୁମକୁ ସେହି କଥାଟିକୁ କହିବାକୁ ଯାଉଛନ୍ତି । ସୌନ୍ଦର୍ଯ୍ୟ ଅନୁଭବ କରିବାର କ୍ଷେତ୍ରରେ ତୁମର ବୁଦ୍ଧି ଆଦୌ କୌଣସି କାମରେ ଲାଗିବ ନାହିଁ । ସକଳ ବିଶ୍ଳେଷଣ ଶେଷରେ ତାହା ଆପଣାକୁ କେବଳ ଅନୁପଯୋଗୀ ବୋଲି ପ୍ରମାଣିତ କରିବ, କାରଣ

'oaob.nitrkl.ac.in' images reprocessed

ସୌନ୍ଦର୍ଯ୍ୟ ହେଉଛି ସାଦୃଶ୍ୟତଃ ଧର୍ମ ସହିତ ତୁଳନୀୟ ଏବଂ ତେଣୁ ତାହାର ବିଚରଣଭୂମି ବୁଦ୍ଧିର ସମ୍ପୂର୍ଣ୍ଣ ବାହାରେ । ସମଗ୍ର ଅଧ୍ୟାୟଟି ତୁମକୁ ସେହି କଥାଟିକୁ ବୁଝାଇ କହିଦେବ । ସେଇଥି ସକାଶେ ଏହାକୁ ସେ ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ ବୋଲି କହିଛନ୍ତି । ସୌନ୍ଦର୍ଯ୍ୟରୂପୀ ଉଚ୍ଚତର ସତ୍ୟଟି ଏକ ବୁଦ୍ଧିର ଅତୀତ ସତ୍ୟ, ଏବଂ ତେଣୁ ବୁଦ୍ଧି ତାହା ବିଷୟରେ ଆଦୌ କିଛି ବୁଝିପାରେ ନାହିଁ । ଯଦି ତୁମେ କଳାକୁ ବୁଦ୍ଧି ଦେଇ ବୁଝିବାକୁ ଇଚ୍ଛା କରୁଥିବ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତା'ହେଲେ ତୁମେ ନାନାପ୍ରକାରର ନିର୍ବୋଧ କଥା କହିବାକୁ ଆରମ୍ଭ କରିବ ।

ଏହି ଅଧ୍ୟାୟରେ (ମୁଁ ଭାବୁଛି ସେହି କଥାଟି ଏହି ଅଧ୍ୟାୟରେହିଁ ରହିଛି) ଶ୍ରୀଅରବିନ୍ଦ ଦର୍ଶାଇଛନ୍ତି ଯେ ସୌନ୍ଦର୍ଯ୍ୟ ଏପରି ଗୋଟିଏ କ୍ଷେତ୍ରର ଅନ୍ତର୍ଗତ, ଯାହାକି ଧର୍ମର କ୍ଷେତ୍ର ପରି ହିଁ । ସେ କହିଛନ୍ତି ଯେ, ସୌନ୍ଦର୍ଯ୍ୟର ମାଧ୍ୟମରେ, ଠିକ୍ ଧର୍ମର ମାଧ୍ୟମରେ ଯେପରି ହୋଇଥାଏ, ଜଣେ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କର ସଂସ୍ପର୍ଶକୁ ମଧ୍ୟ ଲାଭ କରିପାରିବ । ଏବଂ ପରବର୍ତ୍ତୀ ଅଧ୍ୟାୟଟିର ନାମ ହେଉଛି "ବୁଦ୍ଧିର ଅତୀତ ମଙ୍ଗଳ ।" ଏବଂ, ସେହି ଅଧ୍ୟାୟରେ ସେ ଦର୍ଶାଇବାକୁ ଯାଉଛନ୍ତି ଯେ, ପ୍ରକୃତରେ କ'ଣ ମଙ୍ଗଳ ଓ କ'ଣ ଅମଙ୍ଗଳ, ଆମର ବୁଦ୍ଧି କଦାପି ତାହାର ସର୍ବଶେଷ ମୀମାଂସା କରିପାରିବ ନାହିଁ; ଏହି କ୍ଷେତ୍ରରେ ଏକ ବୁଦ୍ଧିର ଅତୀତ ମୀମାଂସାକାରୀହିଁ ଚୂଡ଼ାନ୍ତ ନିଷ୍ପତ୍ତି ଦେଇପାରିବ । ମାତ୍ର, ଠିକ୍ ସେହିପରି ଭାବରେ, ତାହା ଏକ ପଥ ପ୍ରସ୍ତୁତ କରିଦେଇପାରିବ, ଯାହା ସାହାଯ୍ୟରେ କି ଆମେ ସେଠାକୁ ଯାଇପାରିବା, ମାତ୍ର ତାହା କେବଳ ଏକ ପ୍ରସ୍ତୁତି ମାତ୍ର । ସିଏ ଆମକୁ ଯାହା କହିବାକୁ ଚାହିଁଥିଲେ, ସେହି କଥାଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝିବାକୁ ହେଲେ, ଆମକୁ ଅବଶ୍ୟ ସମ୍ପୂର୍ଣ୍ଣ ଗ୍ରନ୍ଥଟିକୁ ପଢ଼ିବାକୁ ପଡ଼ିବ । ମାତ୍ର ସେଥିପାଇଁ ଆମକୁ ପ୍ରାୟ ଦଶବର୍ଷ ପର୍ଯ୍ୟନ୍ତ ସମୟ ଲାଗିବ; ତେଣୁ ମୁଁ ଆଦୌ ସେହି ପ୍ରୟାସଟିକୁ କରିବାକୁ ଯାଉ ନାହିଁ । ମୁଁ କେବଳ ଏହି କେତୋଟି ଅଧ୍ୟାୟ ନେଇଛି, କାରଣ ଏହି ଦୁଇଟି ବିଷୟ ଅନ୍ୟ ସବୁଯାକ ବିଷୟଠାରୁ ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ : ସୌନ୍ଦର୍ଯ୍ୟ ଏବଂ ମଙ୍ଗଳ ।

ସୌନ୍ଦର୍ଯ୍ୟ ହେଉଛି ମନୁଷ୍ୟର ସହଜାତ ନାନ୍ଦନିକ ପ୍ରବୃତ୍ତି ଏବଂ ମଙ୍ଗଳ ହେଉଛି ତା'ର ସହଜାତ ନୈତିକ ପ୍ରବୃତ୍ତି; ଏବଂ, ମନୁଷ୍ୟର ଶିକ୍ଷା ତଥା ଅଭିବୃଦ୍ଧିର କ୍ଷେତ୍ରରେ ଏହି ଦୁଇଟିର ପ୍ରଭୂତ ମହତ୍ତ୍ୱ ରହିଛି । ମୁଁ ସେଇଥିଲାଗି ତୁମମାନଙ୍କ ସକାଶେ ଏହି ଅଧ୍ୟାୟ ଦୁଇଟିକୁ ବାଛୁଛି । ମାତ୍ର ବିଷୟଟିର ସମ୍ପୂର୍ଣ୍ଣ ଉପସ୍ଥାପନାକୁ ଜାଣିବା ଲାଗି ତୁମକୁ ଅବଶ୍ୟ ସମଗ୍ର ଗ୍ରନ୍ଥଟିକୁ ପଢ଼ିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ତୁମେମାନେ ତାହାପରେ କରିବ ... ବହିଟିକୁ ପଢ଼ିବା ଲାଗି ତୁମମାନଙ୍କ ଭିତରୁ ସମ୍ଭବତଃ କେହିଜଣେ ଏକ ଆଗ୍ରହଜାତ ହେବ ।

ମାଆ, ନାନ୍ଦନିକ ଏବଂ ନୈତିକର ଅର୍ଥ କ'ଣ ?

ନାନ୍ଦନିକ ଅର୍ଥ ଯାହାକିଛି ସୌନ୍ଦର୍ଯ୍ୟ ସହିତ ସମ୍ପୃକ୍ତ; ଏବଂ ନୈତିକ ମଙ୍ଗଳ ବା ହିତ ସହିତ ସମ୍ବନ୍ଧିତ ।

ପିଲାମାନେ, ଶୁଣ ! ଯଦି ଏପରି କେତେକ ଶବ୍ଦଥାଏ, ଯାହାର ଅର୍ଥ ତୁମେ ବୁଝିପାରୁ ନ ଥାଅ, ତେବେ ତୁମେ କୌଣସି ଅଭିଧାନରୁ ସେଗୁଡ଼ିକର ଅର୍ଥ ଜାଣିନେବ । କାରଣ, ତଦ୍ଦ୍ୱାରା ତୁମେ ଭାଷାଟିକୁ ଶିଖିପାରିବ ଏବଂ ତା' ସହିତ କିଛିକୁ ଫରାସୀଭାଷା ମଧ୍ୟ ଆୟତ୍ତ କରିପାରିବ । ମାତ୍ର, ଇଂରାଜୀ ଭାଷାରେ ମଧ୍ୟ ଠିକ୍ ଏହି ଶବ୍ଦଗୁଡ଼ିକ ବ୍ୟବହୃତ ହୁଏ । ସେଗୁଡ଼ିକୁ ତୁମମାନଙ୍କର ଜାଣିବା ଉଚିତ । ସେଗୁଡ଼ିକ କିଛିଟା ଭିନ୍ନ ପ୍ରକାରେ ଲେଖା ହୋଇଥାଏ, କିଛିଟା ଭିନ୍ନ ପ୍ରକାରେ ଉଚ୍ଚାରଣ କରାଯାଏ, ମାତ୍ର ତଥାପି ସେଗୁଡ଼ିକ ସେହି ଏକା ଶବ୍ଦ ।

ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି : "ସସୀମ ଜ୍ଞାନର କ୍ଷେତ୍ରରେ, ଅର୍ଥାତ୍ ବିଜ୍ଞାନ, ଦର୍ଶନ, ଚାରୁକାରୁ କଳାସମୂହ ପ୍ରଭୃତିର କ୍ଷେତ୍ରରେ ଏହାର ଅଧିକାରକୁ ନିର୍ବିବାଦରେ ସ୍ୱୀକାର କରିବାକୁ ପଡ଼ିବ ବୋଲି ଆମେ ହୁଏତ ଭାବୁଥିବା । ମାତ୍ର, ସର୍ବଶେଷରେ ଏକଥାଟି ମଧ୍ୟ ଠିକ୍ ନୁହେଁ ବୋଲି ପ୍ରମାଣିତ ହୋଇଯିବ ।..."

ତେବେ ବିଜ୍ଞାନ, ଦର୍ଶନ ତଥା ଚାରୁକାରୁ କଳାଗୁଡ଼ିକର ଅଧ୍ୟୟନ କ୍ଷେତ୍ରରେ ବୁଦ୍ଧିର କାର୍ଯ୍ୟ କ'ଣ ହେବା ଉଚିତ ?

ମୁଁ ଯେପରି କହୁଥିଲି, ଏକ ପ୍ରସ୍ତୁତିମୂଳକ କାର୍ଯ୍ୟ । ବୁଦ୍ଧିର ଅତୀତ ହୋଇ ରହିଥିବା କୌଣସି ଉଚ୍ଚତର ବସ୍ତୁ, ଯାହାକି ଅବଶ୍ୟ ଆବିର୍ଭୂତ ହେବାକୁ ଯାଉଛି, ତାହାର ପ୍ରସ୍ତୁତି ଲାଗି ଏହାର ଏକ ଆବଶ୍ୟକତା ରହିଛି । ଏହା ହେଉଛି ଏକ ପ୍ରସ୍ତୁତି । ଶ୍ରୀଅରବିନ୍ଦ କହନ୍ତି, "ଆମେ ହୁଏତ ଭାବୁଥିବା ।" ଅର୍ଥାତ୍, ଆମର ଧାରଣା ହୁଏ ଯେ ଏହାର ଅଧିକାରକୁ ନିର୍ବିବାଦରେ ସ୍ୱୀକାର କରିବାକୁ ପଡ଼ିବ । ମାତ୍ର ତାହା ପ୍ରକୃତରେ ନିର୍ବିବାଦୀୟ ନୁହେଁ । ସିଏ କହୁଛନ୍ତି ଯେ ଏହାର କ୍ଷେତ୍ର ଏକ ବିସ୍ତୃତ କ୍ଷେତ୍ର, ଏହାର ଶକ୍ତି ପ୍ରଭୂତ ଶକ୍ତି ଏବଂ ଏହାର କ୍ରିୟା ମଧ୍ୟ ଅପେକ୍ଷାକୃତ ଅଧିକ ଆତ୍ମବିଶ୍ୱାସସମ୍ପନ୍ନ । ମାତ୍ର, ଏହା ସର୍ବଦା ଆମ ସତ୍ତାର ଦୁଇଟି ଅନ୍ୟ ଶକ୍ତି— ଅବଚୈତିକ ଏବଂ ଅତିଚୈତିକ—ର ମଝିରେ ଦଣ୍ଡାୟମାନ ହୋଇ ରହିଥାଏ । ଆମକୁ ଅବଚୈତିକ ପ୍ରସ୍ତରରୁ—ଆମର ଯାବତୀୟ ସହଜାତ ପ୍ରବୃତ୍ତି, ଯାବତୀୟ

'oaob.nitrkl.ac.in' images reprocessed

ବାସନା ଏବଂ କାମନାଜନିତ ପ୍ରାବଲ୍ୟରୁ—ରକ୍ଷା କରିବା ଲାଗି ତାହା ସେହିସବୁର ମଧ୍ୟବର୍ତ୍ତୀ ହୋଇ ରହିଥାଏ,—ଆମକୁ ସେହି କ୍ଷେତ୍ରଟିର ପ୍ରଭାବରୁ ରକ୍ଷା କରି ବୁଦ୍ଧିର ଅତୀତ ହୋଇ ରହିଥିବା ଅନ୍ୟ କ୍ଷେତ୍ରଟି ଲାଗି ପ୍ରସ୍ତୁତ କରାଇବାକୁ ରହିଥାଏ । ତେଣୁ ଏଇଟି ହେଉଛି ମଧ୍ୟସ୍ଥତା କରିବାର, ଗୋଟିଏ ଭୂମିରୁ ଆଉ ଗୋଟିଏ ଭୂମିକୁ ଉତ୍ତୋଳିତ କରିନେବାର ଏକ ଯନ୍ତ୍ର ଏବଂ ଏହି କ୍ଷେତ୍ରରେ, ମଧ୍ୟସ୍ଥତା କରିବାର ଉକ୍ତ ଭୂମିକାରେ ଏହା ହେଉଛି ସର୍ବୋତ୍ତମ ସଫଳ କର୍ତ୍ତ୍ରୀ । ମାତ୍ର, ଏହାପରେ ଆହୁରି ଆଗକୁ ଯିବା ଲାଗି ତାହାର ଆଦୌ କୌଣସି ସାମର୍ଥ୍ୟ ନାହିଁ । ଗୋଟିଏ ଶେଷ ବିନ୍ଦୁକୁ ଆସି ଏହା ଆପଣାର ସମସ୍ତ ଶକ୍ତିକୁ ହରାଇ ଦେଇଥାଏ । ଜଣେ ବ୍ୟକ୍ତି ଯେତେବେଳେ ବୁଦ୍ଧିର ଅତୀତ ସେହି ଅନ୍ୟ ବସ୍ତୁକ୍ଷେତ୍ରଟି ଲାଗି ପ୍ରସ୍ତୁତ ହୋଇଯାଏ, ସେତେବେଳେ ବୁଦ୍ଧିକୁ ଚୁପ୍ ରହିଯିବାକୁ ପଡ଼େ । ଏବଂ ଯଦି, ଉଦାହରଣସ୍ୱରୂପ, ଅନ୍ତରସ୍ଥ ଏକ ବିକାଶସାଧନ ଅଥବା କୌଣସି ଯୋଗସାଧନା ଦ୍ୱାରା ତୁମେ ଏକ ଦିବ୍ୟ ଚେତନାର ସଂସ୍ପର୍ଶ ମଧ୍ୟକୁ ଆସିପାରିଥାଅ ଏବଂ ସେହି ଦିବ୍ୟ ଚେତନାରୁହିଁ ପ୍ରେରଣା ପାଇବାକୁ ଆରମ୍ଭ କରିଥାଅ, ଏବଂ ଯଦି ଏହି କ୍ଷଣଟିରେ ତୁମେ ଆପଣାର ବୁଦ୍ଧି ଦେଇ ଏହି ପ୍ରେରଣା-ଗୁଡ଼ିକୁ ବିଚାର କରିବା ଲାଗି ଇଚ୍ଛା କରୁଥିବ, ତେବେ ତଦ୍ୱାରା ତୁମେ ନାନା ନିର୍ବୋଧ ଭୁଲ୍ କରିବସିବ, କାରଣ ବୁଦ୍ଧି ଏହି କ୍ଷେତ୍ରର ଆଦୌ କୌଣସି ବ୍ୟାପାରକୁ ବୁଝି ପାରେ ନାହିଁ ଏବଂ ତେଣୁ ଏହି କ୍ଷେତ୍ରକୁ ଆସି ତାହାର ଆସନ ଛାଡ଼ି ଅପସରି ଯିବାହିଁ ଉଚିତ । ମାତ୍ର, ତୁମେ ଲାଭ କରିଥିବା ସଂସ୍ପର୍ଶଟି ଯେ ପ୍ରକୃତରେ ଦିବ୍ୟ ପରମଶକ୍ତିଙ୍କ ସହିତ ଏକ ସଂସ୍ପର୍ଶ, ସେହି ବିଷୟରେ ତୁମର ଦୃଢ଼ ନିଶ୍ଚିତ ହୋଇ ପାରିଥିବା ଉଚିତ । ଏବଂ, ସେହି ବିଷୟରେ ଦୃଢ଼ନିଶ୍ଚିତ ହେବା ସକାଶେ,—ଏହି ବିଷୟ ନିଶ୍ଚିତ ହୋଇ ପାରିବା ପର୍ଯ୍ୟନ୍ତ, ତୁମକୁ ଯାବତୀୟ ଆତ୍ମପ୍ରବଞ୍ଚନାରୁ ନିବୃତ୍ତ କରି ରଖିବା ଲାଗି ବୁଦ୍ଧି ପ୍ରକୃତରେ ଖୁବ ଭଲ କାମ ଦେଇପାରିବ ।

ସାଧାରଣତଃ, ଯେଉଁ ବ୍ୟକ୍ତିମାନେ ଏକାବେଳେକେ ସାଧାରଣ ସ୍ତରର ଅନୁଭୂତିଗୁଡ଼ିକୁ ଲାଭ ନ କରିବା ଲାଗି ଏକ ପ୍ରବୃତ୍ତି ରଖିଥାନ୍ତି, ସେମାନେ ବୁଦ୍ଧିକୁ ଅତ୍ୟନ୍ତ ଉତ୍ପୀଡ଼କାରୀ ବୋଲି ଅନୁଭବ କରିଥାନ୍ତି । ଏବଂ, ବୁଦ୍ଧିର କ୍ରିୟାକୁ ଅତିକ୍ରମ କରିଯାଇ ପାରିବା ଲାଗି ପ୍ରସ୍ତୁତ ହେବା ପୂର୍ବରୁ ମଧ୍ୟ ସେମାନେ ତାହାକୁ ବର୍ଜନ କରିଥାନ୍ତି ଏବଂ ସେମାନେ ସେହିପରି କରି ସାଧାରଣତଃ ଏକାବେଳେକେ ଖୁବ ଅବିବେକୀ ହୋଇପଡ଼ିଥାନ୍ତି ଏବଂ ଶେଷରେ ଅର୍ଦ୍ଧୋନ୍ମତ୍ତ ହୋଇଯାଆନ୍ତି । ତେଣୁ, ତୁମେ ଯେଉଁ ସ୍ଥାନକୁ ଯିବ ବୋଲି ଇଚ୍ଛା କରୁଛ, ସେଠାରେ ଯାଇ ପହଞ୍ଚି ପାରିଛ ବୋଲି ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇପାରି ନ ଥିବା ପର୍ଯ୍ୟନ୍ତ ତୁମେ ନିଜ ଭିତରେ ଏହି ବୁଦ୍ଧିକୁ ପ୍ରକୃତରେ ଅତ୍ୟନ୍ତ ସକ୍ରିୟ କରି ରଖିଥିବ, ଯେପରିକି ତୁମେ ଆଦୌ

'oaob.nitrkl.ac.in' images reprocessed

ପଥଚ୍ୟୁତ ହୋଇଯିବ ନାହିଁ । ଏଇଟି ହେଉଛି ଅତ୍ୟନ୍ତ, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଭିତରର କ୍ଷେତ୍ରଗୁଡ଼ିକର ଅନୁଭୂତି ତୁମ ଲାଗି ଏକ ସୁନିଶ୍ଚିତ, ବାସ୍ତବ ଏବଂ ପୂର୍ଣ୍ଣ ଅନୁଭୂତିରେ ପରିଣତ ହୋଇ ତୁମଠାରୁ ସ୍ୱୀକୃତି ପାଇବା ପ୍ରକାରେ ତୁମକୁ ବାଧ୍ୟ ନ କରିଥିବା ପର୍ଯ୍ୟନ୍ତ ତୁମେ କଦାପି ବୁଦ୍ଧିକୁ ସିଂହାସନ ଚ୍ୟୁତ କରିପାରିବ ନାହିଁ । ମାତ୍ର ସେହିଭଳି ଏକ ସ୍ଥିତି ଅଧିକାଂଶ ସମୟରେ ସମ୍ଭବ ହୋଇ ନ ଥାଏ । ତେଣୁ ମୁଁ ଲୋକମାନଙ୍କୁ ଆପଣାର ବୁଦ୍ଧିକୁ ସାଙ୍ଗରେ ରଖିବାକୁ ସର୍ବଦା ପରାମର୍ଶ ଦେଇଥାଏ । ମାତ୍ର, ଏପରି ଏକ ବିନ୍ଦୁ ରହିଛି, ଯେଉଁଠାରେ କି ବୁଦ୍ଧିକୁ ଆପଣାର ଊର୍ଦ୍ଧ୍ୱତର ଅଧିକାରଗୁଡ଼ିକୁ ଅବଶ୍ୟ ଛାଡ଼ିଦେବାକୁ ପଡ଼ିବ,—ଅର୍ଥାତ୍, ଆଧ୍ୟାତ୍ମିକ ଅନୁଭୂତି ବିଷୟରେ ଆପଣାର ମତ ବ୍ୟକ୍ତ କରିବାର ଅଧିକାରକୁ ବର୍ଜନ କରିବାକୁ ପଡ଼ିବ, କାରଣ ସିଏ ଏଇଟିର ଆଦୌ କୌଣସି ବିଚାର କରି ପାରିବ ନାହିଁ, ଏହାର କୌଣସି କଥାକୁହିଁ ସିଏ ବୁଝିପାରିବ ନାହିଁ । ମାତ୍ର, ସେହି ଅନୁଭୂତିଟି ମଧ୍ୟ ଯଥାର୍ଥରେ ଏକ ଆଧ୍ୟାତ୍ମିକ ଅନୁଭୂତି ଅବଶ୍ୟ ହୋଇଥିବା ଦରକାର, ତାହାର ଅନୁକରଣ କରିବାକୁ ଚେଷ୍ଟା କରୁଥିବା ଅନ୍ୟ କୌଣସି ଅନୁଭୂତି ହୋଇଥିବା ଆଦୌ ଉଚିତ ନୁହେଁ । ଏହି କ୍ଷେତ୍ରରେ ଏକ ପରିପୂର୍ଣ୍ଣ ଆନ୍ତରିକତାର ଆବଶ୍ୟକତା ରହିଛି । ଅନାବଶ୍ୟକ ଭାବରେ ଗୁଡ଼ାଏ ଆକାଂକ୍ଷା କରି ଆମେ କଦାପି ନିଜକୁ ଧୋକା ଦେବା ନାହିଁ କିମ୍ବା, ଯେଉଁ ବିଚିତ୍ର ଠକଚରିତ୍ରମାନେ ଆସି ସେମାନଙ୍କର ବୃହତ୍ ସାମର୍ଥ୍ୟଗୁଡ଼ିକ ବିଷୟରେ ତୁମର ପ୍ରତ୍ୟୟ ଜନ୍ମାଇବା ମତଲବରେ ତୁମକୁ ଅସାଧାରଣ କାହାଣୀମାନ ଶୁଣାଉଥିବେ, ତୁମେ ଆପଣାକୁ କଦାପି ସେମାନଙ୍କ ଦ୍ୱାରା ପ୍ରତାରିତ ହେବାକୁ ଦେବ ନାହିଁ ।

ସରଳ ?

ପଥଟିକୁ ପ୍ରସ୍ତୁତ କରିବାର ଅର୍ଥ···?

ପଥଟିକୁ ପ୍ରସ୍ତୁତ କରିବାର ଅର୍ଥ କ'ଣ ବୋଲି ତୁମେ ପଚାରୁଛ ?

କୌଣସି ଏକ ଲକ୍ଷ୍ୟରେ ପହଞ୍ଚିବା ପାଇଁ ତୁମେ କୌଣସି ବାଟରେ ଯାଉଛ ବୋଲି କ'ଣ ତୁମେ ଜୀବନରେ କେବେ ଅନୁଭବ କର ନାହିଁ ? କେବେ କର ନାହିଁ, ନୁହେଁ ? ଜନ୍ମଲାଭ କରିବା ସମୟରେ ଆମର କୌଣସି ଧାରଣା ନ ଥାଏ ଯେ, ସିଏ ସେତିକବେଳେ ଏପରି ଗୋଟିଏ ପଥରେ ଯାଇ ପାଦ ପକାଏ ଯାହାକି ଏକ ନିର୍ଦ୍ଦିଷ୍ଟ ଦିଗରେ ତାକୁ ତା'ର ଜୀବନସାରା ଆଗକୁ ଆଗକୁ ନେଇ ଯାଉଥିବ । ତୁମେ ସେହି କଳ୍ପନାଟିକୁ କରିବାକୁ ଚେଷ୍ଟା କର । ତେଣୁ, ଯଦି ତୁମେ ଏପରି ଏକ ମାର୍ଗରେ ଗଲ, ଯାହାକି ତୁମକୁ ଅବଶ୍ୟ ଏକ ଆଧ୍ୟାତ୍ମିକ ଉପଲବ୍ଧି ଆଡ଼କୁ ନେଇଯିବ, ତେବେ ତାହାର ଅର୍ଥ ହେଉଛି ଯେ ତୁମର

'oaob.nitrkl.ac.in' images reprocessed

ଯାବତୀୟ ନିଷ୍ଫଳତା ଏଣିକି ଇଚ୍ଛାକୃତ ଭାବରେ ସେହି ଲକ୍ଷ୍ୟଟି ପାଇଁହିଁ ଉଦ୍ଦିଷ୍ଟ ହୋଇ ରହିବ । ଏବଂ ତେଣୁ, ଶ୍ରୀଅରବିନ୍ଦ କହୁଛନ୍ତି ଯେ, ଏହି ମାର୍ଗର ଏକ କ୍ଷୁଦ୍ର ଅଂଶ ତୁମ ବୁଦ୍ଧିର ନିୟନ୍ତ୍ରଣରେ ରହିଛି ଏବଂ, ଯଦି ତୁମେ ସେହି ବୁଦ୍ଧି ଦ୍ୱାରା ନିଜକୁ ପରିଚାଳିତ କରି ରଖିପାରିବ ତେବେ ଏହି କ୍ଷେତ୍ରରେ ତୁମେ ଅଗ୍ରସର ହୋଇ ପାରିବା ଲାଗି ସହାୟତା ଲାଭ କରିବ ଏବଂ ତୁମକୁ ଆଉ ବାରବାର ଭୁଲ୍ କରି ପକାଇବାର ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିବ ନାହିଁ । କାରଣ, ଏଇଟି ଏକ ଅତ୍ୟନ୍ତ ଚମତ୍କାର କଥା ଯେ, ନିଜ ଜୀବନରେ ବାଟ ଚାଲିବାବେଳେ ତୁମେ ଆଦୌ କିଛି ଜାଣିବା ଆଗରୁହିଁ ଚାଲିବା ଆରମ୍ଭ କରି ଦେଇଥାଅ ଏବଂ ଗୋଟିଏ ଗୋଟିଏ ପାଦ ପକାଇବା ସଙ୍ଗେ ସଙ୍ଗେ ତୁମକୁ କିଛି ନା କିଛି ଶିକ୍ଷା ମଧ୍ୟ କରିବାକୁ ପଡ଼େ ଏବଂ ସାଧାରଣତଃ ଏହିପରି ଘଟେ ଯେ, ଖୁବ୍ ଅଧିକ ଶିକ୍ଷା କରିବା ପୂର୍ବରୁହିଁ ତୁମେ ତୁମ ମାର୍ଗର ଶେଷରେ ଆସି ପହଞ୍ଚି ଯାଇଥାଅ; କାରଣ, ଅଧିକାଂଶ ସମୟରେ ତୁମେ ନାନା ଭୁଲ୍ କରିବାରେ ଲାଗିଥାଅ ଏବଂ ତୁମକୁ ବାଟ ଦେଖାଇବା ଲାଗି ମଧ୍ୟ ତୁମ ପାଖରେ କିଛି ନ ଥାଏ ।

ଗୋଟିଏ ଜୀବନକୁ ବଞ୍ଚିବା କହିଲେ ପ୍ରକୃତରେ କ'ଣ ବୁଝାଏ, ସେହି ବିଷୟରେ ଆଦୌ କିଛି ନ ଜାଣି ମଧ୍ୟ ସାଧାରଣ ମନୁଷ୍ୟମାନେ ଜୀବନ ଭିତରେ ଆସି ପ୍ରବେଶ କରିଥାନ୍ତି । ଏବଂ ତେଣୁ, ସେମାନଙ୍କର ପ୍ରତ୍ୟେକ ପଦକ୍ଷେପରେହିଁ ସେମାନଙ୍କୁ ଜୀବନ ବଞ୍ଚିବାର ପ୍ରଣାଳୀକୁ ଶିକ୍ଷା କରିବାକୁ ହୋଇଥାଏ । ଏବଂ, ସେମାନେ ପ୍ରକୃତରେ କ'ଣ ଉପଲବ୍ଧି କରିବାକୁ ଚାହୁଁଛନ୍ତି, ସେକଥାଟି ଜାଣିବା ଆଗରୁ ସେମାନଙ୍କର ଅନ୍ତତଃ ଚାଲି ଜାଣିଥିବା ମଧ୍ୟ ଆବଶ୍ୟକ; ଗୋଟିଏ ସାନ ପିଲାକୁ ଆମେ ଯେପରି ଚାଲିବାକୁ ଶିଖାଉ, ସେହିପରି ଆମ ଜୀବନକୁ କିପରି ବଞ୍ଚିବାକୁ ହେବ, ଜୀବନରେ ସେହି କଥା ଶିଖିବାକୁହିଁ ପଡ଼ିଥାଏ । ଜୀବନ କିପରି ବଞ୍ଚିବାକୁ ହୁଏ, ସେକଥା କେଉଁମାନେ ଜାଣିଛନ୍ତି ? ଏବଂ, ନାନା ପ୍ରକାରର ଭୁଲ୍, ଝଟକା ଓ ଅନୁଭୂତି ଦେଇ, ଯାବତୀୟ ପ୍ରକାରର ନାନା ଦୁର୍ଘଟଣା ଏବଂ ବିପଦର ମାଧ୍ୟମରେହିଁ ଜଣେ ମନୁଷ୍ୟକୁ ପ୍ରକୃତରେ ବିବେକୋଚିତ କହିଲେ କ'ଣ ବୁଝାଏ, କ୍ରମଶଃ ତାହାହିଁ ଶିଖିବାକୁ ପଡ଼ିଥାଏ । ଅର୍ଥାତ୍, ଯେତେବେଳେ ସେ ଏକାଧିକ ଥର କୌଣସି ଭୁଲ୍ କରିଥାଏ, ଓ ସେହି ଭୁଲ୍‌ରୁ ତାକୁ ଅନେକ ଉପଦ୍ରବକାରୀ ପରିଣାମ ମଧ୍ୟ ଭୋଗିବାକୁ ପଡ଼ିଥାଏ, ସେତେବେଳେ ଆଉ ସେହି ଭୁଲ୍ ନ କରିବା ଲାଗି ତାକୁ ଏକ ଶିକ୍ଷା ମିଳେ । ମାତ୍ର, ଏପରି ଏକ ମୁହୂର୍ତ୍ତ ମଧ୍ୟ ଆସେ, ଯେତେବେଳେ କି ମସ୍ତିଷ୍କ ଯଥେଷ୍ଟ ପରିମାଣରେ ବିକଶିତ ହୋଇଯାଏ ଏବଂ ସେତେବେଳେ ତୁମେ ନିଜର ବୁଦ୍ଧିକୁ ମଧ୍ୟ କାର୍ଯ୍ୟରେ ଲଗାଇବାକୁ ସମର୍ଥ ହୁଅ, ଏବଂ ତଦ୍ୱାରା ତୁମେ କରୁଥିବା ଭୁଲ୍‌ଗୁଡ଼ିକର ସଂଖ୍ୟାକୁ ହ୍ରାସ

'oaob.nitrkl.ac.in' images reprocessed

କରାଇବାରେ ସାହାଯ୍ୟ କରିପାରେ, ବାରବାର ଝୁଣ୍ଟି ନ ପଡ଼ି ବାଟରେ ଚାଲିବାକୁ ଶିକ୍ଷା ମଧ୍ୟ ଦେଇପାରେ ।

ମନୁଷ୍ୟମାନଙ୍କର ଏକ ବୃହତ୍ତ୍ ବହୁଳାଂଶ, ସେମାନେ ଯେ କାହିଁକି ଜନ୍ମଲାଭ କଲେ, ସେକଥା ନ ଜାଣି ମଧ୍ୟ ସଂସାରରେ ଭୂମିଷ୍ଠ ହୋଇଥାନ୍ତି, ଜୀବନ ଯାପନ କରନ୍ତି ଓ ସଂସାରରୁ ବିଦାୟ ନେଇ ଯାଆନ୍ତି । ସେମାନେ ତାହାକୁ ସେହିପରି ଗ୍ରହଣ କରି ନେଇଥାନ୍ତି; ଜନ୍ମ ହୁଅନ୍ତି, ଜୀବନ ବଞ୍ଚନ୍ତି, ସେମାନଙ୍କ ଜୀବନରେ ସେଗୁଡ଼ିକ ମଧ୍ୟ ଥାଏ ଯାହାକୁ ସେମାନେ ନିଜର ହର୍ଷ ଏବଂ ନିଜର ଦୁଃଖ ବୋଲି କହନ୍ତି,—ତା'ପରେ ଶେଷରେ ଯାଇ ପହଞ୍ଚନ୍ତି ଓ ବିଦାୟ ନେଇ ଚାଲିଯାଆନ୍ତି । ଆଦୌ କୌଣସି ଶିକ୍ଷା ଲାଭ ନ କରି ସେମାନେ ଆସନ୍ତି ଓ ଯାଆନ୍ତି । ଏହିପରି ଲୋକମାନେହିଁ ଅତିରିକ୍ତ ଭାବରେ ବହୁଳ ସଂଖ୍ୟାରେ ରହିଥାନ୍ତି ।

ଏମାନଙ୍କ ମଧ୍ୟରେ ଅଳ୍ପସଂଖ୍ୟକ କେତେଜଣ ଥାଆନ୍ତି, ଯେଉଁମାନଙ୍କୁ କି ଏକ ବିଶିଷ୍ଟ ବର୍ଗ ବୋଲି ବୁଝାଯିବ, ଯେଉଁମାନେକି, ସେମାନଙ୍କ ଜୀବନରେ ଯାହାକିଛି ଘଟିଛି, ତାହାକୁ ଜାଣିବା ଲାଗି ଇଚ୍ଛା କରନ୍ତି,—ସେମାନେ କାହିଁକି ଏହି ଜଗତକୁ ଆସିଛନ୍ତି ଓ ସେମାନଙ୍କ ଜୀବନରେ ଘଟୁଥିବା ଘଟନାମାନ ପ୍ରକୃତରେ କାହିଁକି ଘଟୁଛି, ଇତ୍ୟାଦି, ଇତ୍ୟାଦି । ପୁନଶ୍ଚ, ସେମାନଙ୍କ ମଧ୍ୟରେ ଏପରି କେତେକ ମଧ୍ୟ ଥାଆନ୍ତି, ଯେଉଁମାନେ କି ନିଜର ବୁଦ୍ଧିକୁ କାମରେ ଲଗାନ୍ତି ଏବଂ ତାହା ଫଳରେ ଅନ୍ୟମାନଙ୍କଠାରୁ ଅଧିକ ବେଗରେ ଯଥାର୍ଥ ପ୍ରଣାଳୀରେ ବାଟ ଚାଲିବାର ରୀତିଟିକୁ ଜାଣି ପାରନ୍ତି । ଏମାନଙ୍କୁ ଆମେ ବୁଦ୍ଧିସମ୍ପନ୍ନ ସତ୍ତ୍ୱା ବୋଲି କହିବା ।

ପୁଣି, ମୁଷ୍ଟିମେୟ — ସେହି ମୁଷ୍ଟି ଏକ ବୃହତ୍ତ୍ ମୁଷ୍ଟି — ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କି ଏପରି ଏକ ଭାବ ନେଇ ଜନ୍ମ ହୋଇଥାନ୍ତି ଯେ, ଜୀବନରେ ଏକ ଆଉକିଛି ବସ୍ତୁଲାଭ କରିବାକୁ ରହିଛି, ଜୀବନର ଏକ ଉଚ୍ଚତର ଉଦ୍ଦେଶ୍ୟ ରହିଛି, ଗୋଟିଏ ଲକ୍ଷ୍ୟ ରହିଛି; ଏବଂ ସେମାନେ ତାହାର ପ୍ରାପ୍ତି ଲାଗି ପ୍ରୟାସ କରନ୍ତି । ତେଣୁ, ଏମାନଙ୍କ ସକାଶେ ପଥଟି ବୁଦ୍ଧିର ସୀମାକୁ ଅତିକ୍ରମ କରି ଆହୁରି ସେପାଖକୁ ଚାଲିଯାଇଥାଏ, ସେମାନଙ୍କର ପଥଟି ଏପରି ନାନା କ୍ଷେତ୍ରକୁ ପଡ଼ିଥାଏ, ଯାହାକୁ କି ସେମାନଙ୍କୁ ଆବିଷ୍କାର କରିବାକୁ ପଡ଼େ; ସହାୟ ସହିତ ହେଉ ବା ବିନା ସହାୟରେ ହେଉ, ନିଜସ୍ୱର ଅନୁସରଣ କରି ଆବିଷ୍କାର କରିବାକୁ ପଡ଼ିଥାଏ । ଏବଂ ତା'ପରେ ସେମାନଙ୍କୁ ସେହି ଉଚ୍ଚତର ଜଗତଗୁଡ଼ିକୁ ମଧ୍ୟ ଅବଶ୍ୟ ଆବିଷ୍କାର କରିବାକୁ ହୋଇଥାଏ । ମାତ୍ର ଏପରି କିସମର ବ୍ୟକ୍ତି ଆଦୌ ବହୁ ସଂଖ୍ୟାରେ ନ ଥାନ୍ତି । ପ୍ରକୃତରେ ବର୍ତ୍ତମାନ ଏମାନଙ୍କର ସଂଖ୍ୟା କେତେ, ମୁଁ

'oaob.nitrkl.ac.in' images reprocessed

ସେକଥା ଜାଣେ ନାହିଁ; ମାତ୍ର ମୋର ଏପରି ମନେ ହେଉଛି ଯେ, ସେମାନଙ୍କୁ ତଥାପି ଗଣନା କରାହେବ । ତେଣୁ, ଏହି ବ୍ୟକ୍ତିମାନେ କେତେବେଳେ ବାଟ ଚାଲିବା ଆରମ୍ଭ କରନ୍ତି, ବ୍ୟାପାରଟି ତାହାରି ଉପରେ ନିର୍ଭର କରେ ।

ପୁନଶ୍ଚ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନେ କି ଏହି ସଂସାରରେ ଜନ୍ମ ହୋଇଥାନ୍ତି ଓ ଯେଉଁମାନଙ୍କ ଜୀବନର ବୁଦ୍ଧି ପରିଚାଳିତ ପର୍ଯ୍ୟାୟଟି ହୁଏତ ଅତ୍ୟନ୍ତ ଶୀଘ୍ର ଆରମ୍ଭ ହୋଇଯାଇଥାଏ । ସେତେବେଳେ ସେମାନଙ୍କର ପିଲାବୟସ ହୋଇଥାଏ; ଏବଂ ସେହି ପର୍ଯ୍ୟାୟଟି ସେମାନଙ୍କ ପାଖରେ ହୁଏତ ଅତି କମ୍ ସମୟ ପାଇଁ ରହେ; ଏବଂ ତେଣୁ ସେମାନେ ପ୍ରାୟ ଅବ୍ୟବହିତ ପରେହିଁ ଉଚ୍ଚତର ସତ୍ୟ-ଗୁଡ଼ିକର ସନ୍ଧାନରେ ନୂତନ ତଥା ଅନାବିଷ୍କୃତ ମାର୍ଗଗୁଡ଼ିକରେ ଚାଲିବାକୁ ଆରମ୍ଭ କରନ୍ତି । ମାତ୍ର, ଭୟ ତଥା ପ୍ରମାଦରୁ ନିଜକୁ ମୁକ୍ତ ରଖି ଏହିସବୁ ମାର୍ଗରେ ଚାଲି ପାରିବାକୁ ହେଲେ, ସେହି ବ୍ୟକ୍ତି ସଚେତନ ଭାବରେ ଯେଉଁ ସର୍ବୋଚ୍ଚ କେନ୍ଦ୍ରଟିର ଅଧିକାରୀ ହୋଇଥିବ, ବୁଦ୍ଧିର ସାହାଯ୍ୟ ନେଇ ଆପଣାର ସତ୍ତାଟିକୁ ସେ ତାହାରି ଚାରିପାଖରେ ସଂଗଠିତ କରି ରଖିପାରୁଥିବା ଉଚିତ । ସେ ତାହାକୁ ଏପରି ଭାବରେ ସଂଗଠିତ କରିପାରୁଥିବା ଉଚିତ, ଯେପରିକି ଅନ୍ତର୍ଗତ ଭାବରେ ସେଇଟି ତା'ର ନିଜ ନିୟନ୍ତ୍ରଣରେ ରହିଥିବ ଏବଂ ତାକୁ ଯେପରି ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତରେ "ଓଃ, ମୁଁ ଏହି କାର୍ଯ୍ୟଟିକୁ କରିପକାଇଲି, — ମୁଁ ତାହିଁକି ଏପରି କଲି ଜାଣିପାରୁ ନାହିଁ । ଓଃ, ମୋ ଜୀବନରେ ସେପରି ଘଟିଲା, ତାହିଁକି ଘଟିଲା ମୁଁ ଜାଣି ନାହିଁ !" ଆଦୌ କହିବାକୁ ପଡ଼ୁ ନ ଥିବ । ଏବଂ ସବୁବେଳେ "ଜାଣି ନାହିଁ, ଜାଣି ନାହିଁ, ଜାଣି ନାହିଁ" ବୋଲି ଦୋହରାଇବାକୁ ଆଦୌ ପଡ଼ୁ ନ ଥିବ । ଏବଂ, ସେହିଭଳି ହେବାରେ ଲାଗିଥିବା ପର୍ଯ୍ୟନ୍ତ ପଣଟି କୌଣସି ନା କୌଣସି ପ୍ରକାରେ ଅବଶ୍ୟ ପ୍ରମାଦଗ୍ରସ୍ତ ହୋଇ ରହିଥିବ । ଯେତେବେଳେ, ଆମେ ପ୍ରକୃତରେ ଯାହା ଇଚ୍ଛା କରୁଛୁ ତାହାହିଁ କରୁଥିବା ଓ ଜାଣିଥିବା, ଯାହା ଇଚ୍ଛା କରୁଛୁ, ତାହାହିଁ କରୁଥିବା ଏବଂ ଜୀବନରେ ଯାବତୀୟ ସଙ୍କଟ ଦ୍ୱାରା ଆଦୌ ଏପାଖ ସେପାଖ ଦୋହଲି ନ ଯାଇ ଆପଣାକୁ ଦୃଢ଼ନିଶ୍ଚୟ ଭାବରେ ଅଗ୍ରସର କରାଇନେଇ ପାରୁଥିବା, ସେତେବେଳେ ଯାଇ ଆମେ ଭୟମୁକ୍ତ, କୁଣ୍ଠାହୀନ ଏବଂ ପ୍ରାୟ ପ୍ରମାଦଶୂନ୍ୟ ଭାବରେ ବୁଦ୍ଧିର ଅଜ୍ଞାତ ମାର୍ଗଗୁଡ଼ିକରେ ଉତ୍ତରୋତ୍ତର ଅଗ୍ରଗତି କରିପାରିବା । ମାତ୍ର, ଏପରି ଘଟିବା ସକାଶେ ଆମକୁ ଯେ ବୟସରେ ବୃଦ୍ଧ ହେବାକୁ ପଡ଼ିବ, ସେକଥା ଆଦୌ ନୁହେଁ । ଆମେ ପିଲା ବୟସରୁ ମଧ୍ୟ ତାହା କରିବାକୁ ଆରମ୍ଭ କରିଦେଇ ପାରିବା; ଏପରିକି, ଗୋଟିଏ ପାଞ୍ଚବର୍ଷର ପିଲା ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ସକାଶେ ଆପଣାର ବୁଦ୍ଧିକୁ କାମରେ ଲଗାଇ ପାରିବ । ଏକଥା ମୁଁ ଭଲ ଭାବରେ ଜାଣିଛି । ଏହି କୁନିକୁନି ପିଲାଙ୍କର ସତ୍ତା

'oaob.nitrkl.ac.in' images reprocessed

ମଧ୍ୟରେ — ଦେଖିଲାବେଳକୁ ସେମାନଙ୍କ ଅତ୍ୟନ୍ତ ସ୍ୱଭାବସ୍ଫୁର୍ତ୍ତି ଏବଂ ଦାୟିତ୍ୱହୀନ ମନେ ହୁଏ,—କିନ୍ତୁ ଯଥେଷ୍ଟ ପରିମାଣରେ ମାନସିକ ସଂଗଠନ ରହିଥାଏ । ଆପଣାକୁ, ଆପଣାର ଜୀବନକୁ ଏବଂ ସ୍ୱଭାବକୁ ଏବଂ ଆପଣାର ଯାବତୀୟ ଗତିସ୍ପନ୍ଦନ, କର୍ମ ତଥା ଭାବନାକୁ ବୁଦ୍ଧି ମନ୍ତ୍ରର ସହିତ ସଂଗଠିତ କରିପାରିବାକୁ ସେମାନଙ୍କର ମସ୍ତିଷ୍କ ଯଥେଷ୍ଟ ପରିମାଣରେ ସୁସଂଗଠିତ ହୋଇ ରହିଥାଏ ।

ଏଠାରେ ମଧ୍ୟ ଏହିପରି କେତେଜଣ ସାନ ପିଲା ଅଛନ୍ତି । ସମସ୍ତେ ଆଦୌ ସେହିଭଳି ନୁହନ୍ତି, ମାତ୍ର କେତେକଙ୍କ ବିଷୟରେ ଅବଶ୍ୟ ସେକଥା କୁହାଯାଇ ପାରିବ । ଏଠାରେ ସେହିଭଳି କେତେଜଣ ଅଛନ୍ତି । ମୁଁ ସେମାନଙ୍କୁ ଜାଣିଛି । ତେଣୁ, ଆପଣାର ବୁଦ୍ଧିକୁ କପରି ଯଥାର୍ଥ ଭାବରେ କାମରେ ଲଗାଯାଇ ପାରିବ, ସେମାନଙ୍କୁ ଯଦି ସେହି ବିଷୟରେ ଶିକ୍ଷା ଦିଆଯାଇ ପାରନ୍ତା, ତେବେ ଏହି ବାଲ୍ୟାବସ୍ଥାରେ ମଧ୍ୟ ସେମାନେ ସେହି ବୃହତ୍ତର ସାହସିକ ଯାତ୍ରାରେ ବାହାରିବା ଲାଗି ପ୍ରସ୍ତୁତ ହୋଇଯାଇ ପାରନ୍ତେ । ତଦ୍ୱାରା ସେମାନଙ୍କର ବହୁତ ସମୟ ବଞ୍ଚିଯାଆନ୍ତା । ମାତ୍ର, ଯାବତୀୟ ଆବେଗ ଓ ବାସନାକୁ ଏତେ ବଡ଼ ବୋଝ କରି ସାଙ୍ଗରେ ଧରି ଏହି ମାର୍ଗରେ ବାହାରିବା କଦାପି ଉଚିତ ହେବ ନାହିଁ । କାରଣ, ସେପରି ହେଲେ, ଯାବତୀୟ ପ୍ରକାରର ଘୋର ବ୍ୟାଘାତମାନ ଆସି ହାଜର ଯାଉଥିବାହିଁ ସାର ହେବ ।

ଏଇଟି ସରଳ, ନୁହେଁ ?

ତାହାର ଆଉ କିଛି କହିବାର ନାହିଁ ?

(ଜଣେ ପିଲାକୁ) ତୁମର ତଥାପି କିଛି କହିବାକୁ ଅଛି ?

ପ୍ରକୃତିର ବିଧାନଗୁଡ଼ିକ ମନୁଷ୍ୟ ବୁଦ୍ଧିର ବିଧାନକୁ ଅନୁସରଣ କରନ୍ତି କି ?

ନାହିଁ, ନାହିଁ ସେପରି ମୋଟେ ହୁଏ ନାହିଁ ।

ତେବେ ମନୁଷ୍ୟବୁଦ୍ଧିକୁ ଦେଇ ଆମେ ପ୍ରକୃତିର ଏତେଏତେ ନିୟମର କପରି ବ୍ୟାଖ୍ୟା କରିପାରୁଛୁ ?

କାରଣ ମନୁଷ୍ୟର ବୁଦ୍ଧି ପ୍ରକୃତିଠାରୁ ଉଚ୍ଚତର ।

ପ୍ରକୃତି ହେଉଛି ଅବଚୈତନିକ ସ୍ତରର । ପ୍ରକୃତିର ବିଧାନଗୁଡ଼ିକ ମଧ୍ୟ ସେହି ଅବଚୈତନିକ ସ୍ତରର ବିଧାନ । ତେଣୁ ଯେତେବେଳେ ଲୋକମାନେ ଆସି ତୁମକୁ "ମାତ୍ର ତୁମେ ପ୍ରକୃତିରେ କ'ଣ ଦେଖୁଛ, ଏଇଟି ତ ପ୍ରକୃତିର ନିୟମ"

'oaob.nitrkl.ac.in' images reprocessed

ବୋଲି କହନ୍ତି, ସେତେବେଳେ ତାହାକୁ ଶୁଣି ମୋତେ ବଡ଼ ହସ ଲାଗେ । ଏପରି ସ୍ଥଳେ ମନୁଷ୍ୟ ହେବାର ଆଦୌ କୌଣସି ଆବଶ୍ୟକତା ନ ଥିଲା,—ତୁମର ମଣିଷ ନ ହୋଇ ମାଙ୍କଡ଼, ହାତୀ କିଂବା ଗୋଟାଏ ସିଂହ ହୋଇଥିଲେ ମଧ୍ୟ ହୋଇଥାନ୍ତା । ପ୍ରକୃତିର ନିୟମସବୁ ଅତିବୌଦ୍ଧିକ ଧରଣର ।

କେବଳ ଏହି ଗୋଟିଏ ସ୍ଥାନରେ ମନୁଷ୍ୟଇତର ପ୍ରାଣୀମାନଙ୍କଠାରୁ ଅଧିକ ଉଚ୍ଚରେ ରହିଛି,—ମନୁଷ୍ୟର ବୁଦ୍ଧିଶକ୍ତି ରହିଛି । ଏବଂ, ମନୁଷ୍ୟ ଯେତେବେଳେ ସେହି ଶକ୍ତିକୁ ବ୍ୟବହାର ନ କରୁଛି, ସେତେବେଳେ ସିଏ ସମ୍ପୂର୍ଣ୍ଣ ଭାବରେ ଏକ ପଶୁ ହୋଇଯାଉଛି ।

ଏଇଟି ହେଉଛି ତୁମର ସର୍ବଶେଷ କୈଫିୟତ୍ : "ତୁମେ ପ୍ରକୃତରେ ଆଉ କ'ଣ ଚାହୁଁଛ, ଏଇଟି ତ ପ୍ରକୃତିର ନିୟମ !"

ଅନେକ ଡେରି ହୋଇଗଲାଣି । ନ ହେଲେ ମୁଁ ହୁଏତ ତୁମମାନଙ୍କୁ କିଛି ଗପ କହି ଶୁଣାଇଥାନ୍ତି ।

ବର୍ତ୍ତମାନ ବନ୍ଦ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

# ୧ ଜୁନ୍ ୧୯୫୫

ମାଆ "ମାନବ-ଯୁଗଚକ୍ର" ପୁସ୍ତକରୁ ୧୪ଶ ଅଧ୍ୟାୟ 'ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ' ର ୨ୟ ପାରାଟିକୁ ପାଠ କଲେ ।

ଏହି ବିଷୟରେ ତୁମେମାନେ କ'ଣ ପଚାରିବାକୁ ଚାହୁଁଛ ?

ମାଆ, ଏକ ନାନ୍ଦନିକ ବିବେକ କହିଲେ କ'ଣ ବୁଝାଏ ?

ଏହାର ଅର୍ଥ ହେଉଛି ସୌନ୍ଦର୍ଯ୍ୟ ବିଷୟରେ ଏକ ସଚେତନତା । ନାନ୍ଦନିକର ଅର୍ଥ ହେଉଛି ନନ୍ଦନତତ୍ତ୍ୱ ଅର୍ଥାତ୍ ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ବନ୍ଧୀୟ । ଉଦାହରଣସ୍ୱରୂପ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଜୀବନରେ କେତେ କୁଆଡ଼େ ଯାଉଥାନ୍ତି ଆସୁଥାନ୍ତି, ଭୂପୃଷ୍ଠର କେତେ କେତେ ଦୃଶ୍ୟ ଦେଖନ୍ତି, ମଣିଷମାନଙ୍କୁ ଓ ବସ୍ତୁଗୁଡ଼ିକୁ ଦେଖନ୍ତି; ମାତ୍ର ସେହିଗୁଡ଼ିକ ମଧ୍ୟରୁ କେଉଁଟି ସୁନ୍ଦର ଅଥବା ସୁନ୍ଦର ନୁହେଁ, ସେହି ବିଷୟରେ ସେମାନଙ୍କର ଆଦୌ କୌଣସି ବୋଧହିଁ ନ ଥାଏ; ଏବଂ ସେହି ତାରତମ୍ୟର କ୍ଷେତ୍ରଟିରେ ସେମାନଙ୍କ ଲାଗି ଏଗୁଡ଼ିକ ସମ୍ବନ୍ଧରେ ଆଦୌ କୌଣସି ପ୍ରଭେଦହିଁ ନ ଥାଏ । ସେମାନେ ଆକାଶ ଆଡ଼କୁ ଅନାଇ ଦେଖନ୍ତି, ଆକାଶରେ ମେଘ ଅଛି କି ନାହିଁ ଅନାଇ ଦେଖନ୍ତି; ଉଦାହରଣସ୍ୱରୂପ ବର୍ଷା ହେବ ବା ପାଗ ପରିଷ୍କାର କରିବ, ସେହି କଥା ଜାଣିବାକୁ ତାହା କରନ୍ତି । ଖରା ଟାଣ ହେଉଛି କି ଥଣ୍ଡା ପବନ ବହୁଛି, ଏହିସବୁକୁ ଆବିଷ୍କାର କରୁଥାନ୍ତି । ମାତ୍ର, ଏମାନଙ୍କ ବ୍ୟତୀତ ଅନ୍ୟମାନେ ବି ଅଛନ୍ତି,—ଯେତେବେଳେ ସେମାନେ ଉପରକୁ ଅନାଇ ସୁନ୍ଦର ଆକାଶଟିକୁ ଆଖି ଆଗରେ ଦେଖନ୍ତି, ସେତେବେଳେ ସେଥିରୁ ଆନନ୍ଦ ଅନୁଭବ କରନ୍ତି; ସେମାନେ "ବାଃ, କେଡ଼େ ବଢ଼ିଆ ଦିନଟିଏ, ଆଜି ଦିନଟିରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଉଭୟେ କେଡ଼େ ଚମତ୍କାର, ମେଘଗୁଡ଼ିକ ମଧ୍ୟ କି ସୁନ୍ଦର ଆକାର ଧାରଣ କରିଛନ୍ତି" ବୋଲି କହିବାକୁ ଲାଗନ୍ତି । ଅର୍ଥାତ୍, ପ୍ରଥମ କିସମର ଲୋକମାନଙ୍କର କୌଣସି ନାନ୍ଦନିକ ବିବେକ ନ ଥାଏ, କିନ୍ତୁ ଦ୍ୱିତୀୟ କିସମର ଲୋକମାନଙ୍କଠାରେ ଥାଏ ।

"ଆମ ସାମର୍ଥ୍ୟଗୁଡ଼ିକର ସାଧାରଣ ପରିମାପକଟି" ବୋଲି କହିଲେ କ'ଣ ବୁଝାଏ ?

'oaob.nitrkl.ac.in' images reprocessed

"ପରିମାପକ" ନିମ୍ନତମରୁ ଉଚ୍ଚତମ ସାମର୍ଥ୍ୟ ପର୍ଯ୍ୟନ୍ତ ଏକ ଶ୍ରେଣୀଗତ ଭେଦର ଧାରଣା ଆଣିଦିଏ । ଉଦାହରଣସ୍ୱରୂପ, ସ୍ମରଣ କରିବାର ସାମର୍ଥ୍ୟ ଓ ଭାବିବାର ସାମର୍ଥ୍ୟ : ଦୁଇ ସାମର୍ଥ୍ୟ ଭିତରେ ଏକ ଶ୍ରେଣୀଗତ ଭେଦ ଅବଶ୍ୟ ରହିଛି; ସ୍ମରଣ କରିବାର ସାମର୍ଥ୍ୟଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଭୌତିକ ସ୍ତରର, ଭାବିବାର ସାମର୍ଥ୍ୟଟି ହେଉଛି ବୁଦ୍ଧିର ଏକ ବ୍ୟାପାର । ତେଣୁ, ଏଗୁଡ଼ିକ ହେଉଛନ୍ତି ଚେତନାର ବିଭିନ୍ନ ସୋପାନ ଏବଂ ଶ୍ରୀଅରବିନ୍ଦ ଏଠାରେ ସେହି ବିଷୟରେ କହିଛନ୍ତି—ଏହାକୁ ସେ "ଆମ ସାମର୍ଥ୍ୟଗୁଡ଼ିକର ସାଧାରଣ ପରିମାପକଟି" ବୋଲି କହିଛନ୍ତି । ଏଠାରେ ସେ ଆଧ୍ୟାତ୍ମିକ ଅଥବା ଯୋଗସମ୍ବନ୍ଧୀ ବିଷୟଗୁଡ଼ିକ ଉପରେ କିଛି କହୁ ନାହାନ୍ତି; ଏଇଟି ହେଉଛି ଆମ ସାଧାରଣ ଜୀବନର ପରିମାପକ; ଅର୍ଥାତ୍, ପ୍ରତ୍ୟେକ ବ୍ୟକ୍ତି ଲାଗି ତାହା ସେହି ଏକାଭଳି ହୋଇ ରହିଛି । କାରଣ, ସେ କହୁଛନ୍ତି ଯେ, ଜଣେ ବର୍ବର ଏବଂ ଅସଭ୍ୟ ମନୁଷ୍ୟ ଭିତରେ ମଧ୍ୟ ତଥାପି ଏପରି କିଛି ରହିଛି, ଯାହାକୁ ଆଦୌ ସମ୍ପୂର୍ଣ୍ଣ ଭାବରେ ଅସଭ୍ୟ ବୋଲି କୁହାଯାଇ ପାରିବ ନାହିଁ; ଏବଂ ବସ୍ତୁତଃ, ସେହି ଅସଭ୍ୟ ମନୁଷ୍ୟଟି ମଧ୍ୟରେ ବି ଏହି ପରିମାପକଟି ବିଦ୍ୟମାନ ରହିଛି । ଅବଶ୍ୟ ତାହା ଅପେକ୍ଷାକୃତ ଅଧିକ ପ୍ରାଥମିକ ଏବଂ ଅଶୋଧିତ ଅବସ୍ଥାରେ ରହିଛି ସତ, ମାତ୍ର ତଥାପି ରହିଛି । ସ୍ଥୂଳତମ ବସ୍ତୁଠାରୁ ଭାବନା ଏବଂ ଚିନ୍ତାଗୁଡ଼ିକର ଏକ ଭ୍ରୂଣ ଅବଶ୍ୟ ଅବସ୍ଥିତ ରହିଛି । ଆମକୁ ଯେପରି କୁହାଯାଇଛି, ସେହି ମନୁଷ୍ୟର ପୃଥିବୀ ବିଷୟରେ, ପୃଥିବୀ ପ୍ରକୃତରେ କ'ଣ, ସେହି ସମ୍ବନ୍ଧରେ ଏକ ନିଜସ୍ୱ ମତ ରହିଛି, ଏହିସବୁ ବସ୍ତୁ ବିଷୟରେ ତା'ର ଏକ ଧାରଣା ଅବଶ୍ୟ ରହିଛି । ଏସବୁ ମତ ଓ ଧାରଣା ଯଦିଓ କିଛିଟା ପରିମାଣରେ ଏକ ଶିଶୁସୁଲଭ ଢଙ୍ଗର ହୋଇ ରହିଛି, ତଥାପି ସେଗୁଡ଼ିକ ବିଷୟରେ ତା'ର ଏକ ଧାରଣା ରହିଛି । ତେଣୁ ତା'ର ମଧ୍ୟ ଏହି ସୋପାନଗତ କ୍ରମୋନ୍ନତା ରହିଛି । ଅବଶ୍ୟ ଏକଥା ସତ ଯେ, ଭାବନାର ସାମର୍ଥ୍ୟଠାରୁ ଉଚ୍ଚତର ଆହୁରି ଅନ୍ୟ ସାମର୍ଥ୍ୟମାନ ଅବଶ୍ୟ ଅଛି, ମାତ୍ର ସେଗୁଡ଼ିକୁ ସେତେ ମୁହୁର୍ମୁହୁଃ ଭାବରେ ଦେଖିବାକୁ ମିଳୁ ନାହିଁ; ଅର୍ଥାତ୍, ସେମାନେ ଅଧିକାଂଶ ସମୟରେ ଆଦୌ ସେଗୁଡ଼ିକର ସମ୍ମୁଖୀନ ହୋଇ ନାହାନ୍ତି ।

ସରଳ ? ତେବେ ବର୍ତ୍ତମାନ ଆଉ କ'ଣ କରିବା ?

ଅନ୍ୟ ପାରାଟିରୁ, ଏହାର ପରବର୍ତ୍ତୀ ପାରାରୁ ମୋର କେତେକ ବିଷୟ ପଚାରିବାକୁ ଅଛି । ସେଥିରୁ ମୁଁ ଖୁବ୍ ବେଶୀ କିଛି ବୁଝିପାରି ନାହିଁ ।

'oaob.nitrkl.ac.in' images reprocessed

ପରବର୍ତ୍ତୀ ଯାହାକୁ ? ମାତ୍ର ପରବର୍ତ୍ତୀ ଶନିବାର ଓ ପରବର୍ତ୍ତୀ ବୁଧବାର ସକାଶେ, ଅବଶ୍ୟ ଯଦି ତୁମେମାନେ ସେଇଟିକୁ ବର୍ତ୍ତମାନ ପଢ଼ି ଶୁଣାଇବାକୁ କହିବ, ତାହା ଏକ ଅନ୍ୟ କଥା ହେବ ।

ନାଇଁ ମାଆ, ଅନ୍ୟମାନଙ୍କର ପ୍ରଶ୍ନମାନ ରହିଛି ।

ତୁମର କିଛି ପ୍ରଶ୍ନ ଅଛି ? ତୁମର ପ୍ରଶ୍ନ ଅଛି ? ସେଠାରେ ଯିଏ ବସିଛ, ତୁମର କିଛି ପଚାରିବାକୁ ଅଛି କି ? କୌଣସି ପ୍ରଶ୍ନ ନାହିଁ ?

କୌଣସି ଆକାରର ବାହାରେ ସୌନ୍ଦର୍ଯ୍ୟ ସମ୍ଭବ କି ?

ଅନୁଭୂତଗୁଡ଼ିକର କ୍ଷେତ୍ରରେ ମଧ୍ୟ ଏକ ସୌନ୍ଦର୍ଯ୍ୟ ରହିଛି; ଅବଶ୍ୟ ଯଦି ଅନୁଭୂତଗୁଡ଼ିକର ମଧ୍ୟ ଆକାର ରହିଛି ବୋଲି ତୁମେ ଭାବୁଥିବ, ତେବେ ତାହା ଭିନ୍ନ କଥା ହେବ । "କୌଣସି ସ୍ଥୂଳ ଆକାରର ବାହାରେ ସୌନ୍ଦର୍ଯ୍ୟ ରହିଛି କି ?" —ତୁମେ ଏହିପରି ବୁଝୁଛ କି ?

ହଁ ।

ହଁ, ରହିଛି; ଭାବନାର ସୌନ୍ଦର୍ଯ୍ୟ ରହିଛି, ଅନୁଭବର ମଧ୍ୟ ଏକ ସୌନ୍ଦର୍ଯ୍ୟ ରହିଛି । ଏଇଟି ଏପରି ଏକ ବସ୍ତୁ, ଯାହାକି ଅନେକ ସମୟରେ ଆମର ବୋଧକୁ ଆସିଥାଏ; ଯେତେବେଳେ କୌଣସି ବ୍ୟକ୍ତି ଗୋଟିଏ ଅତ୍ୟନ୍ତ ମହାନସ୍ତ କାର୍ଯ୍ୟ କରିଥାଏ, ସମ୍ପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତ ଭାବରେ ଅତ୍ୟନ୍ତ ଉଦାର ଓ ସ୍ୱାର୍ଥରହିତ କୌଣସି କାର୍ଯ୍ୟ କରିଥାଏ, ସେତେବେଳେ ଆମେ "ଏହା କେଡ଼େ ସୁନ୍ଦର !" ବୋଲି କହୁଥାଉ । ଏବଂ ଏହା ପ୍ରକୃତରେ ସତ, ତାହା ଆମକୁ ସୌନ୍ଦର୍ଯ୍ୟର ବୋଧ ଆଣି ଦେଇଥାଏ ।

ସୌନ୍ଦର୍ଯ୍ୟ ଏପରି ଏକ ବସ୍ତୁ ନୁହେଁ, ଯାହାକୁ କି ବିଶୁଦ୍ଧ ଭାବରେ କେବଳ ଭୌତିକ ସ୍ତରର ବୋଲି କୁହାଯାଇ ପାରିବ । ଏବଂ, ଆମେ ଏକଥା ମଧ୍ୟ କହୁଛୁ ଯେ, ସୌନ୍ଦର୍ଯ୍ୟ ହେଉଛି ଏହି ଭୌତିକ ଜଗତରେ ଦିବ୍ୟ ପରମସତ୍ତାଙ୍କର ସର୍ବୋତ୍ତମ ଅଭିବ୍ୟକ୍ତି । ମାତ୍ର, ଏଥିରୁ ଅନ୍ୟ ଜଗତଗୁଡ଼ିକୁ ଆଦୌ ବହିର୍ଭୂତ କରି ରଖାଯାଇ ନାହିଁ; ଏହାର ଅର୍ଥ ନୁହେଁ ଯେ, ଏକଥା କେବଳ ଭୌତିକ ଜଗତରହିଁ ଏକ ସତ୍ୟରୂପେ ପ୍ରକାଶିତ ହୋଇଥାଏ ।

(ମାଆ ନୀରବ ରହିଲେ)

କ'ଣ ଠିକ୍ ହେଲା ନାହିଁ ?

ମାଆ, ଏଠାରେ ଶ୍ରୀଅରବିନ୍ଦ କହିଛନ୍ତି : "ସୌନ୍ଦର୍ଯ୍ୟ ପାଇଁ ଏହି ଅନ୍ୱେଷଣ, — ଆମ ଜୀବନର ମୂଳ ଚେରଗୁଡ଼ିକର ସ୍ତରରେହିଁ ତାହାର ଉନ୍ମେଷ ଘଟିଥାଏ ।"

**ଆମ ଜୀବନର ମୂଳ ଚେରଗୁଡ଼ିକରୁହିଁ ତାହାର ଉନ୍ମେଷ ଘଟେ । —ସେଇଠୁ କ'ଣ ହେଲା ?**

ଆମ ଜୀବନର ମୂଳ ଚେରଗୁଡ଼ିକ ପୁଣି କ'ଣ ?

**ତାଙ୍କର କହିବା କଥା, ଏହା ଏକ ସହଜାତ ପ୍ରବୃତ୍ତି ପରି ହୋଇ ରହିଥାଏ; ଏହା ଆଦୌ ବୁଦ୍ଧିପ୍ରସୂତ ନୁହେଁ, ବୁଦ୍ଧି ଦ୍ୱାରା ପ୍ରେରିତ କ୍ଷେତ୍ରଟି ଉପରେ ଏହା ମୋଟେ ନିର୍ଭର କରେ ନାହିଁ, ସହଜାତ ପ୍ରବୃତ୍ତି ଦ୍ୱାରା ଅନୁପ୍ରେରିତ ହେଉଥିବା ଏକ ବସ୍ତୁ ହୋଇ ରହିଥାଏ । ଆମେ ନାହିଁକି ଏସବୁ କରୁଛୁ ବୋଲି ନ ଜାଣି ମଧ୍ୟ ଆମର ଏକ ସୌନ୍ଦର୍ଯ୍ୟବୋଧ ରହିଥାଏ ଓ ଆମେ ସୌନ୍ଦର୍ଯ୍ୟକୁ ଭଲ ପାଉଥାଉ । ଏବଂ, ଏପରି ନାନାବିଧ ବସ୍ତୁ ଆଅଛନ୍ତି ଯେଉଁଗୁଡ଼ିକ କି ଆମକୁ ସୌନ୍ଦର୍ଯ୍ୟର ଏକ ବୋଧ ଆଣି ଦେଉଥାନ୍ତି, ମାତ୍ର ଆମେ ତାହା ପଛରେ ରହିଥିବା କାରଣ ବିଷୟରେ କିଛି ଜାଣି ନ ଥାଉ, ସେଥିଲାଗି ଆପଣାକୁ ବୁଦ୍ଧି ଦ୍ୱାରା ଆଦୌ ବୁଝାଇବାକୁ ପଡ଼େ ନାହିଁ । ଏହା ଏକ ସହଜାତ ପ୍ରବୃତ୍ତି ପରି ହୋଇ ରହିଥାଏ । ଶ୍ରୀଅରବିନ୍ଦ ତାହାକୁ ନାନ୍ଦନିକ ବୋଧର ଅବବୌଦ୍ଧିକ ସୋପାନ ବୋଲି କହିଛନ୍ତି । ଏଥିରେ ସନ୍ଦେହ କରିବାର ଆଦୌ କିଛି ନାହିଁ ଯେ ଗୋଟିଏ ସାନ ପିଲା କୌଣସି ଏକ ସୁନ୍ଦର ଫୁଲ ଦେଖିବାକୁ ପାଇଲେ ସେଥିରୁ ତାହାର ଏକ ସୌନ୍ଦର୍ଯ୍ୟାନୁବୋଧ ହୋଇଥାଏ, ଏପରି ହେଉଥିବାର କାରଣ ମଧ୍ୟ ତାକୁ ମୋଟେ ଜଣା ନ ଥାଏ । ଫୁଲର ଆକାରଟିରେ ସ୍ୱରସାମ୍ୟ ରହିଛି ଏବଂ ରଙ୍ଗଗୁଡ଼ିକ ଅତ୍ୟନ୍ତ କମନୀୟ ହୋଇଛି ବୋଲି ଯେ ଫୁଲଟି ତାକୁ ଭଲ ଲାଗିଲା ଓ ସୁନ୍ଦର ଦେଖାଗଲା, ସିଏ ତୁମକୁ କେବେହେଲେ ସେକଥା କହିପାରିବ ନାହିଁ, ସିଏ ଆଦୌ କୌଣସି ବ୍ୟାଖ୍ୟା ଦେଇପାରିବ ନାହିଁ । ତେଣୁ ଏହା ଆମର ବୁଦ୍ଧିପ୍ରସୂତ ନୁହେଁ, ଏହା ସମ୍ପୂର୍ଣ୍ଣ ଭାବରେ ଆମର ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ । ଏହା ଏକ ଆକର୍ଷଣ, ଏକ ଆବେଗ ଯାହାକି ଆମକୁ କୌଣସି ଏକ ବସ୍ତୁ ଆଡ଼କୁ ଟାଣି ନେଇ ଯାଉଥାଏ । ଆମେ ସେଥିରେ ଥିବା ସୌଷମ୍ୟକୁ ଅନୁଭବ କରୁ, ମାତ୍ର ତାହାର ସଙ୍ଗ ନିରୂପଣ କରିପାରୁ ନାହିଁ । ମାତ୍ର, ଅଧିକାଂଶ ସମୟରେହିଁ ତାହା ସେହିପରି ହୋଇ ରହିଥାଏ । ଏହି କ୍ଷେତ୍ରରେ ଅତ୍ୟନ୍ତ କ୍ୱଚିତ୍ ଆମେ ଏପରି କହିବାକୁ ସମର୍ଥ ହୋଇଥାଉ, "ସେହି କାରଣରୁ ଅଥବା ଏହି କାରଣରୁ ଏହି ବସ୍ତୁଟି ସୁନ୍ଦର ।" —ଏବଂ, କୌଣସି ବସ୍ତୁର ସୌନ୍ଦର୍ଯ୍ୟ ବିଷୟରେ ସାଧାରଣତ ଗୋଟାଏ**

'oaob.nitrkl.ac.in' images reprocessed

ଲକ୍ଷଣ ଦେବା ଆଦୌ ସମ୍ଭବ ହୁଏ ନାହିଁ । ସାଧାରଣତଃ ଏହିପରି ହୋଇଥାଏ ଯେ, ଏହା ସୁନ୍ଦର ବୋଲି ଆମେ ଅନୁଭବନ୍ତି କରୁଥାଉ; ଯଦି ପରେ ଆମ ମନରେ "ଏହା ସୁନ୍ଦର ବୋଲି ମୁଁ କାହିଁକି ଅନୁଭବ କଲି ବୋଲି କୌଣସି ପ୍ରଶ୍ନ ଜାତ ହୁଏ, ତେବେ ନିଜର ବୁଦ୍ଧିକୁ ଖଟାଇ କାହିଁକି ଶ୍ରମ କରି ଆମେ ହୁଏତ ଏହାକୁ ବୁଝି ପାରିବା ଲାଗି ସମର୍ଥ ହେବା; ମାତ୍ର ଆରମ୍ଭରେ ଏହି କାହିଁକିଟିକୁ ନେଇ ଆମେ ଆଦୌ ବାନ୍ଧି ହୋଇ ରହି ନ ଥାଉ; ଗୋଟିଏ ବସ୍ତୁ ସୁନ୍ଦର ବୋଲି ଆମେ ଅନୁଭବନ୍ତି କରୁ,—ତାହାହିଁ ଆମ ଲାଗି ଯଥେଷ୍ଟ ହୁଏ ଏବଂ ଆମେ ସେତିକରେ ସନ୍ତୁଷ୍ଟ ହୋଇ ରହିଥାଉ ।

ଉଦାହରଣସ୍ୱରୂପ, ତୁମେ କୌଣସି ଐତିହାସିକ ଅଟ୍ଟାଳିକା ଭିତରେ ଯାଇ ପ୍ରବେଶ କଲ ଏବଂ ସେଠାରେ ତୁମେ ଏକ ବିଶାଳ ସୌନ୍ଦର୍ଯ୍ୟମୟତାର ବୋଧ ଦ୍ୱାରା ଅଭିଭୂତ ହୋଇ ପଡ଼ିଲ; ତୁମେ ସେଥିଲାଗି କି ବ୍ୟାଖ୍ୟା ଦେବ ? ଏହା ବିଷୟରେ ତୁମକୁ କେହି ପଚାରିଲେ ତୁମେ ହୁଏତ କହିବ, "ଏହା ସୁନ୍ଦର ବୋଲି ମୁଁ ପ୍ରକୃତରେ ଅନୁଭବ କରୁଛି । ତା'ପରେ ସିଏ ସଙ୍ଗେ ସଙ୍ଗେ କହି ବାହାରିବ, "ଏହାର କାରଣ ହେଉଛି ଯେ, ରେଖାଗୁଡ଼ିକ ଅତ୍ୟନ୍ତ ସମଞ୍ଜସ ଭାବରେ ପରସ୍ପର ସହିତ ଆସି ମିଳିତ ହୋଇଛନ୍ତି, ଗଠନାକାରଗୁଡ଼ିକର ପିଣ୍ଡଟି ବୈଷମ୍ୟଯୁକ୍ତ ହୋଇ ରହିଛି, ସମସ୍ତ ଗଠନଟି ସୌନ୍ଦର୍ଯ୍ୟର କେତେକ ନିର୍ଦ୍ଦିଷ୍ଟ ନିୟମକୁ ଅନୁସରଣ କରିଛି,—ସେଥିରେ ଏକ ଶୃଙ୍ଖଳା ରହିଛି. ଏକ ଛନ୍ଦ ମଧ୍ୟ ରହିଛି ।" ସିଏ ଏହି ଯାବତୀୟ କଥା ତୁମକୁ ବୁଝାଇ ଦେଉଥିବ । ସିଏ ଏପରି କରିବ, କାରଣ ସିଏ ସ୍ଥପତି-ବିଦ୍ୟାରେ ବିଶେଷ ତାଲିମ ପାଇଛି; ଏବଂ ତା'ପରି ଆଦୌ କୌଣସି ବ୍ୟାଖ୍ୟା କରି ନ ପାରୁଥିଲେ ମଧ୍ୟ, ଅଟ୍ଟାଳିକାର ସୌନ୍ଦର୍ଯ୍ୟକୁ ସିଏ ଯେତିକି ଅନୁଭବ କରୁଛି, ତୁମେ ମଧ୍ୟ ଠିକ୍ ସେତିକି ଅନୁଭବ କରି ପାରୁଛ । ତୁମର ସେହି ସୌନ୍ଦର୍ଯ୍ୟାନୁଭବକୁ ଶ୍ରୀଅରବିନ୍ଦ ଏକ ଅବବୌଦ୍ଧିକ ଅନୁଭବ ବୋଲି କହିଛନ୍ତି ଏବଂ ସେହି ଅନ୍ୟ ବ୍ୟକ୍ତିଟିର ସୌନ୍ଦର୍ଯ୍ୟବୋଧକୁ ବୁଦ୍ଧି ଦ୍ୱାରା ପ୍ରେରିତ ବୋଲି କହିଛନ୍ତି । କାରଣ, ଏହି ବସ୍ତୁଟି ତାକୁ କାହିଁକି ସୁନ୍ଦର ଲାଗୁଛି, ସିଏ ନିଜର ବୁଦ୍ଧି ଖର୍ଚ୍ଚ କରି ତାହାର ବ୍ୟାଖ୍ୟା କରିଦେଇ ପାରୁଛି ।

ଏପରିକି, ଯେତେବେଳେ କୌଣସି ବ୍ୟକ୍ତିକୁ ଅବଲୋକନ କରି — ଜଣେ ସ୍ତ୍ରୀଲୋକକୁ—ତାକୁ ସୁନ୍ଦର ବୋଲି ଜାଣୁଛ, ତୁମେ ଏପରି କାହିଁକି ଜାଣିଲ ବୋଲି ନିଜ ପାଖରେ ବୁଝାଇ କହିପାରିବ କି ? ଅଧିକାଂଶ ସମୟରେ ତାହା କରିପାରିବ ନାହିଁ । ହଁ, ଯଦି ଚେଷ୍ଟା କରିବ, ମନୋଯୋଗ ସହକାରେ ଦେଖିବ, ସେହି ବିଷୟରେ ଚିନ୍ତା କରିବ, ତେବେ ହୁଏତ ଆପଣା ପାଖରେ କହିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରିବ, "ହଁ, ଜାଣିଲି ! ଏଇଥିପାଇଁ ବା ସେଇଥିପାଇଁ ମୋତେ ଫୁଲ ସୁନ୍ଦର ଦେଖାଯାଉଛି । ଏବଂ, ତୁମେ ଯେ ପ୍ରକୃତରେ ଠିକ୍ କଥା କହୁଛ, ତାହାର ଆଦୌ କୌଣସି ନିଶ୍ଚୟତା ନ ଥିବ ।

ବସ୍ତୁତଃ, ସୌନ୍ଦର୍ଯ୍ୟ ଏପରି ଗୋଟିଏ ଜିନିଷ, ଯାହାକି ଆଦୌ ଧରା ଦେବାକୁ ଚାହେଁ ନାହିଁ । ଏହାକୁ ଆମେ ଏପରି ଗୋଟିଏ ପ୍ରକାରର ସମଞ୍ଜସତା ବୋଲି କହିପାରିବା, ଯାହାକୁ କି ବୁଝିବା ଅପେକ୍ଷା ଅଧିକତର ପରିମାଣରେ ଅନୁଭବହିଁ କରାଯାଏ । ଏବଂ, ସୌନ୍ଦର୍ଯ୍ୟ ସହିତ ଯେଉଁ ଯଥାର୍ଥ ବୁଦ୍ଧି-ଅତୀତ ସମ୍ବନ୍ଧଟି ସ୍ଥାପିତ ହୋଇପାରେ, ତାହା କୌଣସି "ବୁଦ୍ଧି ଦ୍ୱାରା ସ୍ୱୀକୃତ" ସମ୍ବନ୍ଧ ଆଦୌ ନୁହେଁ । (ଶ୍ରୀଅରବିନ୍ଦ ଶେଷରେ ତୁମକୁ ସେହି କଥାଟିକୁ କହିବେ) ଏହା ବୁଦ୍ଧିକୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରିଯାଏ, ଏକ ଉଚ୍ଚତର ଭୂମିରେ ଆମର ସମ୍ପର୍କ ଘଟାଏ । ମାତ୍ର, ଏହି ପାରାଟିରେ ସେ ନିର୍ଦ୍ଦିଷ୍ଟ ଭାବରେ ଆମକୁ ଏହିକଥା କହୁଛନ୍ତି ଯେ, ଏକ ସହଜାତ ପ୍ରବୃତ୍ତି ହୋଇ ରହିଥିବା ସମୟରେ ଏହା ଅନେକର ନାନା ଗତିସ୍ପନ୍ଦନ ସହିତ ମିଶ୍ରିତ ହୋଇ ରହିଥିବାର ଦେଖାଯାଏ ଏବଂ ସେଥିରେ ସଂସ୍କୃତି ଏବଂ ପରିମାର୍ଜନର ଅଭାବ ରହିଥାଏ । ତେଣୁ, ସେହି ସହଜାତ ପ୍ରବୃତ୍ତି ଅନେକ ସମୟରେ ଅତ୍ୟନ୍ତ ସ୍ଥୂଳ ହୋଇ ରହିଥାଏ ଏବଂ ଆପଣାର ଅଭିବ୍ୟକ୍ତି-କ୍ଷେତ୍ରରେ ମଧ୍ୟ ଭାରି ଅପୂର୍ଣ୍ଣ ହୋଇ ରହିଥାଏ । ପ୍ରକୃତରେ ସୁନ୍ଦର କୌଣସି ବସ୍ତୁକୁ ଦେଖି ଆମେ ହୁଏତ ସେଥିରୁ ଏକ ନାନ୍ଦନିକ ସୁଖ ଅନୁଭବ କରିପାରିବା (ବର୍ତ୍ତମାନ ତାହାକୁ ସେହି ନାମରେହିଁ ଅଭିହିତ କରାଯାଉ); ଏବଂ ଯୁଗପତ୍ ଭାବରେ, ଯାହା ସୁନ୍ଦର ନୁହେଁ, ସେଥିରୁ ମଧ୍ୟ ସେହି ଅନୁଭୂତିଟିକୁ ପାଇପାରୁ । ମାତ୍ର, ଅସୁନ୍ଦର ହୋଇଥିଲେ ମଧ୍ୟ ତାହା ତଥାପି ଏକ ପ୍ରକାରର ସୁଖର ଅନୁଭୂତି ଆଣି ଦେଇଥାଏ; କାରଣ ତାହା ମିଶ୍ରିତ ହୋଇ ରହିଥାଏ, କାରଣ ଆମର ନାନ୍ଦନିକ ପ୍ରବୃତ୍ତିଟି ଶୁଦ୍ଧ ହୋଇପାରି ନ ଥାଏ; ଏହା ଯାବତୀୟ ପ୍ରକାରର ଇନ୍ଦ୍ରିୟାନୁଭୂତି ସହିତ ମିଶି କରି ରହିଥାଏ ଏବଂ ସେଗୁଡ଼ିକ ଅତ୍ୟନ୍ତ ଅଶୋଧିତ ତଥା ଅପ୍ରଶିକ୍ଷିତ ଅବସ୍ଥାରେ ରହିଥାଆନ୍ତି । ତେଣୁ, ସିଏ ଯେପରି କହୁଛନ୍ତି, ଆମର ବୁଦ୍ଧି ଏହି କ୍ଷେତ୍ରରେହିଁ ଆପଣାର ଏକ ଭୂମିକା ଗ୍ରହଣ କରିପାରିବ ଏବଂ ଗୋଟିଏ ବସ୍ତୁ କାହିଁକି ସୁନ୍ଦର, ଆମକୁ ବୁଝାଇଦେବା ଲାଗି ଆସି ପହଞ୍ଚି ଯାଇପାରିବ । ତାହା ଆମର ରୁଚିକୁ ପ୍ରଶିକ୍ଷିତ କରିଦେବ । ମାତ୍ର, ତାହାର ଏହି ମୀମାଂସାକୁ କଦାପି ଚୂଡ଼ାନ୍ତ ବୋଲି କୁହାଯିବ ନାହିଁ, ବୁଦ୍ଧିର ମୀମାଂସା ଆଦୌ ଚୂଡ଼ାନ୍ତ ମୀମାଂସା ନୁହେଁ; ଏହା ଅନେକ ଭୁଲ୍ ବି କରିପାରେ । ଆଦୌ କୌଣସି ବୁଦ୍ଧି ଏବଂ ବସ୍ତୁଗୁଡ଼ିକ [ବିଷୟରେ ବୋଧ ନ ଥିବା ସମ୍ପୂର୍ଣ୍ଣ ଭାବରେ ଏକ ଅବବୌଦ୍ଧିକ ବସ୍ତୁର ତୁଳନାରେ ଏହି ମୀମାଂସା କିଛିଟା ଉଚ୍ଚତର ସ୍ତରର । ଏହାକୁ ଆମେ

'oaob.nitrkl.ac.in' images reprocessed

ଗୋଟିଏ ସୋପାନ ବୋଲି କହିବା । ମାତ୍ର, ଯଦି ତୁମେ ଯଥାର୍ଥ ସୌନ୍ଦର୍ଯ୍ୟର ଉପଲବ୍ଧି ଇଚ୍ଛା କରୁଥାଅ, ତେବେ ତୁମକୁ ସେଠାରୁ ଆହୁରି ସେପାଖକୁ ଯିବାକୁ ହେବ, ଏହି ସୋପାନକୁ ଅତିକ୍ରମ କରି ଅନେକ ଦୂରଯାଏ ଯିବାକୁ ପଡ଼ିବ । ପରବର୍ତ୍ତୀ ପାଠାଂଶଟିରେ ସିଏ ସେହି କଥାଟିକୁ ବୁଝାଇ କହିବେ । ମାତ୍ର, ଏହି ପାରାଟିରେ ସିଏ ଯାହା କହିଛନ୍ତି, ଏହା ହେଉଛି ତାହାର ସାରାଂଶ । ତୁମର ସୌନ୍ଦର୍ଯ୍ୟବୋଧ ପ୍ରଥମେ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ରହିଥାଏ, ଖାଲି ଆବେଗଦୃପ୍ତ ଏବଂ ଅବବୌଦ୍ଧିକ ହୋଇ ରହିଥାଏ,—ସେଥିରେ ଆଲୋକର ଅଭାବ ଥାଏ, ବୁଦ୍ଧିଗତ ବିବେକର ଅଭାବ ଥାଏ,—ସେଥିରେ ଯଥାର୍ଥ ବୋଧ ଲାଗି ଆଦୌ କୌଣସି ସ୍ଥାନ ନ ଥାଏ । ଏବଂ ତେଣୁ, ନାନ୍ଦନିକ ବୋଧର ଉତ୍ସମୂଳଟି ଅବ-ବୌଦ୍ଧିକ ହୋଇଥିବାରୁ, ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ଯେ, ସେତେବେଳେ ସମ୍ପୃକ୍ତ ବ୍ୟକ୍ତି କହୁଥାଏ : "ରୁଚି ଆଉ ରଙ୍ଗ ଭିତରେ ବିବାଦ କରି ଆଦୌ କିଛି ଲାଭ ନାହିଁ ।" ଏପରି ନାନା କିସମର ସୁପରିଚିତ ଲୋକପ୍ରବାଦମାନ ରହିଛି, ଯେଉଁ-ଗୁଡ଼ିକ ସୂଚନା ଦେଇଥାନ୍ତି ଯେ ବୁଦ୍ଧିବୃତ୍ତି ଖଟାଇ ଆମେ କୌଣସି ସୁନ୍ଦର ବସ୍ତୁର ସୌନ୍ଦର୍ଯ୍ୟକୁ ଅନୁଭବ କରିପାରିବା ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ ଭଲ ଲାଗେ, ମାତ୍ର ତାହିଁକି ଭଲ ଲାଗେ, ସେବିଷୟରେ ସେ କିଛି ଜାଣି ନ ଥାଏ । କୌଣସି ବସ୍ତୁ ଆହୁକୁ ଅନାଇ ସିଏ ସୁଖ ଅନୁଭବ କରେ ଏବଂ ଏହି ସୁଖର କୌଣସି ଚର୍ଚ୍ଚା କରାଯାଇପାରିବ ନାହିଁ । ଏବଂ, ଏଇଟି ହେଉଛି ନାନ୍ଦନିକ ବୋଧର ଅବବୌଦ୍ଧିକ ପର୍ଯ୍ୟାୟ ।

ମାଆ, ଗତଥର କ୍ଲାସ୍ ଶେଷରେ ଆପଣ ଆମକୁ କ'ଣ ଗୋଟିଏ କହିବାକୁ ଯାଉଥିଲେ; ମାତ୍ର କହିଲେ ନାହିଁ, କାରଣ ସେଦିନ ଆଉ ସମୟ ନ ଥିଲା ।

ତୁମେ କହୁଛ ମୋର ସେକଥା ମନେ ଅଛି ବୋଲି ? ମୁଁ କେଉଁ ବିଷୟରେ କହିବାକୁ ଯାଉଥିଲି ?

ପ୍ରକୃତିର ନୈତିକତା ବିଷୟରେ ।

ହଁ, ମାତ୍ର ତାହା ଆଦୌ ଆଗ୍ରହୋଦ୍ଦୀପକ ନୁହେଁ ।

ପାରିସ୍‌ରେ ମୋର ଦଳେ ଲୋକଙ୍କ ସହିତ ଦେଖା ହୋଇଥିଲା । ଜଣେ ଭଦ୍ରବ୍ୟକ୍ତି "ପ୍ରକୃତିର ନୈତିକତା" ବୋଲି ଏକ ଗୋଷ୍ଠୀର ପ୍ରତିଷ୍ଠା କରିଥିଲେ ଏବଂ ତେଣୁ ନିଜର ନୈତିକ ବିଧାନମାଳାର ସ୍ଥାପନା କରିବା ଉଦ୍ଦେଶ୍ୟରେ ସେ ପ୍ରକୃତିର ଯାବତୀୟ ଗତିସ୍ପନ୍ଦନ ବିଷୟରେ ଆପଣାର ମନ୍ତବ୍ୟ ପ୍ରକାଶ କରୁଥିଲେ ।

'oaob.nitrkl.ac.in' images reprocessed

ମାତ୍ର ଆମେ ସମସ୍ତେ ଜାଣିଛୁ ଯେ, ପ୍ରକୃତି···ଶବ୍ଦ ଦେଇ କ'ଣ କହିହେବ ?···ପ୍ରକୃତି ହେଉଛି ଏକ ଶକ୍ତି, ଏକ ଚେତନା ବା ଗୋଟିଏ ସତ୍ତା,—ତୁମେ ତାହାକୁ ଯେଉଁ ନାମ ଦେଇ ବି ବୁଝିପାର,—ମାତ୍ର ପ୍ରକୃତି ହେଉଛି ନୀତିନିରପେକ୍ଷ, ପ୍ରକୃତିର କ୍ଷେତ୍ରରେ ନୈତିକ ବୋଧ ଲାଗି ଆଦୌ କୌଣସି ଅସ୍ତିତ୍ୱ ନାହିଁ। ତେଣୁ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବାର କ୍ଷେତ୍ରରେ ପ୍ରାପ୍ୟ ଯାଗାତିକ ଫଳମାନ ଫଳିବାକୁ ଲାଗିଲା। ଏବଂ, ଯେଉଁ ସଭାରେ ସେହି ଭଦ୍ରଲୋକ ନିଜର ସିଦ୍ଧାନ୍ତଗୁଡ଼ିକୁ ବ୍ୟାଖ୍ୟା କରି କହୁଥିଲେ, ସେଥିରେ ଜଣେ କାଥୋଲିକ୍ ଧର୍ମଯାଜକ ମଧ୍ୟ ଯୋଗ ଦେବାକୁ ଆସୁଥିଲେ; ଅତ୍ୟନ୍ତ ବିଦ୍ୱାନ୍ ଲୋକ, ଅନେକ ବିଷୟରେ ଅଧ୍ୟୟନ କରିଥିଲେ (ସେ ଅନେକ କଥା ଜାଣିଥିଲେ),—ସିଏ ତତ୍‌କ୍ଷଣାତ୍ ଉତ୍ତର ଦେଇ କହିଲେ ଯେ ସେହି ଅନ୍ୟ ବ୍ୟକ୍ତି ପ୍ରକୃତି ସମ୍ବନ୍ଧରେ ନିଜର ଯେଉଁ ନୈତିକତାର କଥା କହୁଛନ୍ତି, ତାହା ଭିତରେ ଆଦୌ କୌଣସି ନୈତିକତା ନାହିଁ। ଏଥିରେ ସିଏ ଆଦୌ ପ୍ରସନ୍ନ ହୋଇ ନ ଥିଲେ ଏବଂ ତାଙ୍କୁ କହିଲେ, "ହଁ. ଜାଣିଛୁ, ଆପଣ ନିଜର ହସ୍ତୀଦନ୍ତ-ହର୍ମ୍ମ୍ୟର ସାତ ମହଲା ଉପରକୁ ଉଠି ଯାଉଛନ୍ତି ଏବଂ ସେଠାରୁ, ବସ୍ତୁଗୁଡ଼ିକ ବିଷୟରେ ଆଦୌ କିଛୁ ନ ବୁଝି ସେଗୁଡ଼ିକ ଉପରେ ଦୃଷ୍ଟିପାତ କରୁଛନ୍ତି।" "ତୁମ ହସ୍ତୀଦନ୍ତହର୍ମ୍ମ୍ୟର ସାତ ମହଲା ଉପରକୁ"—କଥାଟି ଖୁବ୍ କୌତୂହଳପ୍ରଦ ହୋଇଥିଲା।

ସିଏ କହୁଥିଲେ ଯେ ସିଏ ନିଜ ଲାଗି ସୁଖର ସାଧନଟିକୁ ପାଇ ପାରିଛନ୍ତି (ବର୍ତ୍ତମାନ ତାଙ୍କର ନାମଟି ଆଉ ମନେ ପଡ଼ୁ ନାହିଁ); ସିଏ କହୁଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଇଚ୍ଛା କଲେ ସନ୍ତୁଷ୍ଟ ହୋଇପାରିବ ଏବଂ ମନୁଷ୍ୟମାନେ ପରସ୍ପରକୁ ଭଲ ବି ପାଇପାରିବେ। ତେଣୁ, ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଯେଉଁ ବ୍ୟକ୍ତିମାନେ ତାଙ୍କ ସହିତ ଏକମତ ହୋଇପାରୁ ନ ଥିଲେ, ସେମାନେ ତାଙ୍କୁ କହୁଥିଲେ, "ମାତ୍ର ଏପରି କିପରି ହେଉଛି ଯେ, ଯେତେବେଳେ କେବଳ ପ୍ରକୃତିର ବିଧାନଗୁଡ଼ିକହିଁ ରାଜତ୍ୱ କରୁଛନ୍ତି,— ଉଦାହରଣସ୍ୱରୂପ, ପ୍ରାଣୀମାନଙ୍କ ପର୍ଯ୍ୟନ୍ତ ନ ଯାଇ କେବଳ ଉଦ୍ଭିଦମାନଙ୍କର ଜଗତରେ ମଧ୍ୟ—ଏହା କିପରି ହେଉଛି ଯେ ଉଦ୍ଭିଦ ଉଦ୍ଭିଦ ଭିତରେ ନିରନ୍ତର ପରସ୍ପରକୁ ସଂହାର କରିବାର ଲୀଳା ଲାଗି ରହିଛି ଏବଂ ନିରନ୍ତର ଏକ ଜୀବନସଂଗ୍ରାମ ଚାଲିଛି ? ଆପଣ କ'ଣ ଏହାକୁ ସୌହାର୍ଦ୍ଦ୍ୟ ବୋଲି କହିବେ ?" ତା'ପରେ ସେହି ଅନ୍ୟ ବ୍ୟକ୍ତି ଜଣକ ଏଗୁଡ଼ାକ ଆଦୌ କିଛି ବୁଝିପାରୁ ନ ଥିଲେ।

ବସ୍ତୁତଃ, ଯେଉଁ ବ୍ୟକ୍ତିମାନଙ୍କର ସାଧାରଣ ପ୍ରଶ୍ନଗୁଡ଼ିକରେ ଆଗ୍ରହ ରହିଥାଏ, ଯେଉଁମାନେ କି ସେମାନଙ୍କର ଜନ୍ମ ହେବା, ଜୀବନ ଧାରଣ କରି ରହିବା ଏବଂ ମରିବାର ନିତ୍ୟନୈମିତ୍ତିକ କ୍ଷୁଦ୍ର ଧନ୍ଦାଟି ମଧ୍ୟରୁ ବାହାରକୁ ବାହାରି

'oaob.nitrkl.ac.in' images reprocessed

ଆସିଥାନ୍ତି, ଯଥାସମ୍ଭବ ଅଧିକ ଭଲ ଭାବରେ ବଞ୍ଚିବାକୁ ଇଚ୍ଛା କରୁ ନ ଥାନ୍ତି —ଏହି ଲୋକମାନେ କେବଳ ସେତିକରେ ସନ୍ତୁଷ୍ଟ ହୋଇ ରହି ପାରନ୍ତି ନାହିଁ, —ସେମାନେ କେତେକ ସାଧାରଣ ବସ୍ତୁର ରଖିବାକୁ ଚେଷ୍ଟା କରୁଥାନ୍ତି ଓ ବିଶ୍ୱ-ସମସ୍ୟାଗୁଡ଼ିକ ଆଡ଼କୁ ଦୃଷ୍ଟିପାତ କରୁଥାନ୍ତି । ଏହି ଲୋକମାନେ ଏକ ଅନ୍ତର୍ଗତ ପ୍ରୟାସ ବା ଏକ ମାନସିକ ଉଦ୍ୟମ କରନ୍ତି ଏବଂ କୌଣସି ନା କୌଣସି ଉପାୟରେ ଶକ୍ତିଚୟର ମହାନ୍ ସ୍ରୋତଗୁଡ଼ିକ ମଧ୍ୟରେ ଆସି ପ୍ରବେଶ କରିଥାନ୍ତି, ପ୍ରଥମେ ମାନସିକ ଶକ୍ତିଚୟର ସ୍ରୋତ ଓ ତା'ପରେ ଉଚ୍ଚତର ଆଲୋକ ଏବଂ ବେଳେବେଳେ ଆଧ୍ୟାତ୍ମିକ ଶକ୍ତିର ସ୍ରୋତ ମଧ୍ୟରେ ଆସି ପ୍ରବିଷ୍ଟ ହୋଇଥାନ୍ତି । ତା'ପରେ ନିଜର ଚେତନା ମଧ୍ୟରେ ସେମାନେ ତାହାର ସତେଅବା ଏକ ବିନ୍ଦୁକୁ ଲାଭ କରି ପାରନ୍ତି ଏବଂ ତାହାହିଁ ସେମାନଙ୍କ ଭିତରେ ଏକ ସତ୍ୟୋଦ୍‌ଘାଟନ-ଜନିତ ଆଲୋକର କାରଣ ହୋଇଥାଏ । ଏବଂ, ସେମାନେ ସତ୍ୟକୁ ବୁଝିପାରିଲେ ବୋଲି ଏକ ଅନୁଭୂତି ଲାଭ କରନ୍ତି । ସେମାନଙ୍କର ଏକ ସତ୍ୟୋଦ୍‌ଘାଟନ ସମ୍ଭବ ହୁଏ, ଏବଂ, ଅତ୍ୟନ୍ତ ସ୍ୱାଭାବିକଭାବରେ ଖୁବ୍ ହୃଷ୍ଟ ହୋଇ ସେମାନେ ସଙ୍ଗେ ସଙ୍ଗେ ଭାବିବାକୁ ଆରମ୍ଭ କରନ୍ତି "ମୋର ଏହି ସୁଖକୁ ମୁଁ ଅନ୍ୟକୁ ଦେଇଦେବି ।" କାରଣ ସେମାନେ ହେଉଛନ୍ତି ଅତ୍ୟନ୍ତ ଉତ୍ତମ ଲୋକ, ସେମାନଙ୍କର ଅଭିପ୍ରାୟଗୁଡ଼ିକ ମଧ୍ୟ ଅତ୍ୟନ୍ତ ଉତ୍ତମ ହୋଇ ରହିଥାଏ । ତା'ପରେ, ଆପଣାର ସୁଖକୁ ଅନ୍ୟ ଲାଗି ବିତରଣ କରିଦେବାକୁ ସେମାନେ ନିଜର ସେହି ସତ୍ୟ-ଉଦ୍‌ଘାଟନର ଚତୁର୍ଦ୍ଦିଗରେ ଏକ ସଂରଚନା ଗଢ଼ି ଆଣିବାକୁ ଆରମ୍ଭ କରନ୍ତି, ସେମାନଙ୍କୁ ତାହାକୁ ଏକ ତନ୍ତ୍ର (system)ରେ ପରିଣତ କରି ରଖିବାକୁ ହୋଇଥାଏ । ତା'ନ ହେଲେ ଅନ୍ୟମାନଙ୍କ ଲାଗି ତାହାର ପ୍ରଚାର କରାଯାଇପାରିବ କିପରି ? ତେଣୁ, ସେଥିରୁ ସେମାନେ ଏକ ତନ୍ତ୍ର ଗଢ଼ନ୍ତି; ଏହି ଭଦ୍ରଲୋକ ଯେମିତି ଗୋଟିଏ ଗଢ଼ିଛନ୍ତି, ଠିକ୍ ସେହିପରି । ପୃଥିବୀରେ ମୁଁ ଏହି ପ୍ରକାରର ଶହଶହ ବ୍ୟକ୍ତିଙ୍କୁ ଭେଟିଛି । ପ୍ରତ୍ୟେକ କ୍ଷେତ୍ରରେ, ସେମାନଙ୍କର କୌଣସି ଏକ ସତ୍ୟଦର୍ଶନ ହୋଇଥିଲା ଏବଂ ସେମାନେ ପ୍ରତ୍ୟେକେ ଏପରି ଗୋଟିଏ ବସ୍ତୁର ଗଠନ କରିଥିଲେ, ଯାହାକି ତାଙ୍କୁ ଯାବତୀୟ ସମସ୍ୟାର ଏକମାତ୍ର ସମାଧାନ ପରି ବୋଧ ହୋଇଥିଲା । ତାହାକୁ ସେମାନେ ଯାବତୀୟ କ୍ଷେତ୍ରରେ ନେଇ ପ୍ରୟୋଗ କରିବା ପାଇଁ ଇଚ୍ଛା କରୁଥିଲେ । ତେଣୁ, ଆହୁରି ଅଧିକ ଲୋକଙ୍କୁ ସାଉଣ୍ଟି ଆଣି ଆପଣାର ଚାରିପାଖରେ ରୁଣ୍ଡ କଲେ; ଆପଣାର ପ୍ରଭାବର ବଳ ତଥା କ୍ଷମତା ଅନୁସାରେ ସେମାନେ ଏହିପରି ଭାବରେ ଅପେକ୍ଷାକୃତ ଅଧିକ ଅଥବା ଅଳ୍ପ ଲୋକଙ୍କୁ ରୁଣ୍ଡ କରି ପାରୁଥିଲେ;—ଏହି ମାର୍ଗରେ ତିନି ଚାରିଶହ ବ୍ୟକ୍ତି ଯୋଗାଡ଼ ହୋଇ ଯାଉଥିଲେ; ବେଳେବେଳେ ଏଥିରୁ ଗୋଟିଏ ଗୋଟିଏ ଗୋଷ୍ଠୀ ଗଢ଼ି ଉଠୁଥିଲା ଓ ସେମାନେ କହୁଥିଲେ, "ଏକଥା ଅତ୍ୟନ୍ତ ସ୍ପଷ୍ଟ

'oaob.nitrkl.ac.in' images reprocessed

ଯେ, ଯଦି ଆମେ ଯାହା କରୁଛୁ, ତାହାକୁ ସମସ୍ତେ ମଧ୍ୟ କରିବେ, ତେବେ ଏହି ପୃଥିବୀ ଅବଶ୍ୟ ରୂପାନ୍ତରିତ ହୋଇଯିବ ।" ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ ସେମାନେ ଯାହା ଲାଭ କରୁଥିଲେ, ତାହା ହେଉଛି ଆଲୋକର କେବଳ ଗୋଟିଏ କଣା ମାତ୍ର ଏବଂ, ସେଥିରୁ ସେମାନେ ଯାହାକିଛିର ରଚନା କରୁଥିଲେ, ତାହା ସମ୍ପୂର୍ଣ୍ଣ ଭାବରେ ମାନସିକ ସ୍ତରର ହୋଇ ରହୁଥିଲା ଏବଂ ତେଣୁ ଜୀବନର ଏହି ସାଧାରଣ ବିଧାନଗୁଡ଼ିକର କବଳରୁ ଆଦୌ ମୁକ୍ତ ନ ଥିଲା । ତେଣୁ, ସେହି ଗୋଷ୍ଠୀଗୁଡ଼ିକରେ ରହୁଥିବା ଯେଉଁ ଲୋକମାନେ ପୃଥିବୀରେ ସୌଷମ୍ୟ, ସୌନ୍ଦର୍ଯ୍ୟ, ସୁଖ, ଆନନ୍ଦ ଓ ଶାନ୍ତି ପ୍ରଭୃତିର ପ୍ରଚ୍ଛର ଭଳ ଥାଆନ୍ତେ, ସେମାନେ ପରସ୍ପର ମଧ୍ୟରେହିଁ କଳହ କରିବାରେ ଲାଗି ଯାଉଥିଲେ । ଏହାଦ୍ୱାରା ସେମାନେ ପ୍ରଦାନ କରୁଥିବା ଶିକ୍ଷାକୁ ଯାବତୀୟ ଶକ୍ତି ଅପହୃତ ହୋଇ ରହୁଥିଲା । ହଁ, ଏହିପରି ହେଉଥିଲା, ଏବଂ ଏହା ହେଉଛି ପ୍ରକୃତ ଘଟଣା ।

ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ନୂତନ ଏବଂ ସମ୍ପୂର୍ଣ୍ଣ ଭାବରେ ଉଚ୍ଚତର ସ୍ତରର କୌଣସି ବସ୍ତୁ ଏହି ପୃଥ୍ୱୀ-ପରିବେଶ ମଧ୍ୟରେ ପ୍ରବେଶ କରିପାରିବ ଏବଂ ପ୍ରାୟ ଏକ ପ୍ରକାରର ଆଧ୍ୟାତ୍ମିକ ବଳପ୍ରୟୋଗ ଦ୍ୱାରା ତାହାକୁ ବଦଳାଇ ଦେଇ ପାରିବ, କେବଳ ସେହି ମୁହୂର୍ତ୍ତରେ ଯାଇ ମନୁଷ୍ୟର ଚେତନା ଯଥେଷ୍ଟ ପରିମାଣରେ ବଦଳିଯିବ ଏବଂ ତାହା ଫଳରେ ପରିସ୍ଥିତିଗୁଡ଼ିକ ମଧ୍ୟ ଅବଶ୍ୟ ବଦଳିଯାଇ ପାରିବେ ।

ମୋର ନିଜ କଥା କହିବାକୁ ଗଲେ, ଏହି ବିଷୟରେ ମୋର ଆଦୌ କୌଣସି ଭ୍ରମ ନାହିଁ, କାରଣ ମୁଁ ଏକଥା ଜାଣିଛି ଯେ, ଶ୍ରୀଅରବିନ୍ଦ ବସ୍ତୁତତ୍ତ୍ୱର ସତ୍ୟକୁ ଦର୍ଶନ କରିଥିଲେ ଏବଂ, ଯଦି କେବଳ ବସ୍ତୁତତ୍ତ୍ୱର ସତ୍ୟକୁ ଦର୍ଶନ କରିବା ଦ୍ୱାରାହିଁ ମନୁଷ୍ୟସମାଜ ଆପଣାର ରୂପାନ୍ତର-ସାଧନ ଲାଗି ପ୍ରସ୍ତୁତ ହୋଇ ରହିଥାଏ, ତେବେ ଯେଉଁମାନେ ଏହି ସତ୍ୟର ସଂସ୍ପର୍ଶ ଭିତରେ ରହିଛନ୍ତି, ଅନ୍ତତଃ ସେହିମାନଙ୍କର ରୂପାନ୍ତର ସାଧିତ ହୋଇପାରନ୍ତା । ମାତ୍ର, ସେମାନେ ପ୍ରକୃତରେ ପ୍ରସ୍ତୁତ ନାହାନ୍ତି ।

ବ୍ୟକ୍ତିଗତ ତଥା ସାମୂହିକ ଭାବରେ ତୁମମାନଙ୍କର ଯେଉଁ ଯାବତୀୟ ତ୍ରୁଟିମାନ ରହିଛି, ତୁମେମାନେ ସମସ୍ତେ ସେକଥା ଜାଣିଛ ଏବଂ, ଅତ୍ୟନ୍ତ ସ୍ପଷ୍ଟ ଭାବରେ ତୁମମାନଙ୍କ ମଧ୍ୟରେ ରହିଥିବା ଏକ ସଦିଚ୍ଛା ସତ୍ତ୍ୱେ, ଭବିଷ୍ୟର ପୃଥିବୀ ବିଷୟରେ ଆମେ ଯାହା କଳ୍ପନା କରୁଛୁ, ତାହାକୁ ସମ୍ଭବ କରି ଗଢ଼ିବା ଲାଗି ତଥାପି କେତେ ଅଧିକ କାର୍ଯ୍ୟ ଯେ କରିବାକୁ ରହିଛି, ସେକଥା ମଧ୍ୟ ତୁମେମାନେ ଜାଣିଛ । ଆମର ଏହି ନିତ୍ୟନୈମିତ୍ତିକ ଧାରଣାଗୁଡ଼ିକ ମଧ୍ୟରୁ ବାହାରି ଆସିବା

'oaob.nitrkl.ac.in' images reprocessed

**ମାତ୍ରେ ଆମେ ଯେଉଁ ଆଗାମୀ ସୃଷ୍ଟିର କଳ୍ପନା କରିଥାଉ,—ଆମେ କଳ୍ପନା କରୁ, ସେଥିରେ ସୌନ୍ଦର୍ଯ୍ୟ ରହିଥିବ, ଶାନ୍ତି ଥିବ, ଭ୍ରାତୃତ୍ୱ ଓ ଉଦାରତା ରହିଥିବ, ସଚ୍ଚା, ନିଃସ୍ୱାର୍ଥପରତା, ଏକ ଉଚ୍ଚତର ଲକ୍ଷ୍ୟ ଉଦ୍ଦେଶ୍ୟରେ ନିଷ୍କାମ ଆତ୍ମୋତ୍ସର୍ଗ ଏବଂ କେବଳ ନିଜର ସ୍ୱାର୍ଥର ବିସ୍ମରଣ,—ଏହିପରି କେତେ କ'ଣ ରହିଥିବ; ତୁମ୍ଭେମାନେ ଏହିସବୁ ବସ୍ତୁ ସେହି ସୃଷ୍ଟିରେ ଆହୁରି ଅଧିକ ପରିମାଣରେ ରହିଥିବ ବୋଲି ଇଚ୍ଛା କରୁଥାଅ । ଏହି କ୍ଷେତ୍ରରେ ତଥାପି ଆହୁରି ଅନେକ ଅନେକ ବସ୍ତୁ ମଧ୍ୟ ରହିଛି । ମାତ୍ର, ତୁମକୁ ସର୍ବପ୍ରଥମେ କେବଳ ନିଜଠାରୁହିଁ ଆରମ୍ଭ କରିବାକୁ ପଡ଼ିବ; ତାହା ହେଉଛି : ତୁମର ଚିନ୍ତାଗୁଡ଼ିକ ନିଶ୍ଚିତ୍ ଅଧିକ ବୃହତ୍ ହୋଇଥିବ, ତୁମର ବୋଧଭୂମିଟି ନିଶ୍ଚିତ୍ ଅଧିକ ପ୍ରସାରଯୁକ୍ତ ହୋଇଥିବ ଏବଂ ତୁମେ କଦାପି କୌଣସି ସଙ୍କୀର୍ଣ୍ଣ ସମ୍ପ୍ରଦାୟବାଦ ଭିତରେ ପଶିବାକୁ ଦିବ ନାହିଁ ।**

ଏତେ ଅଧିକ ପରିମାଣରେ ସ୍ଥୂଳ ଓ ଅଶ୍ଳୀଳ ହୋଇ ରହିଥିବା ଯଥାର୍ଥବାଦୀ ଏବଂ ଅଯଥାର୍ଥବାଦୀମାନଙ୍କୁ କେଉଁ ପ୍ରକାରର ବିବେକ ବୁଦ୍ଧି ବାଟ ଦେଖାଇ ନେଉଥାଏ ?

**କେଉଁ ପ୍ରକାରର ବିବେକବୁଦ୍ଧି ? ମାତ୍ର ତୁମେ ଏହାକୁ ବିବେକବୁଦ୍ଧି ବୋଲି ଅନୁମାନ କି କାହିଁକି କରୁଛ ? ଅବଶ୍ୟ, ସେମାନେ ଯାହା କରୁଛନ୍ତି, ଆମେ ଦେଉଥିବା ତାହାର ଏକ ବ୍ୟାଖ୍ୟାକୁ ଯଦି ବିବେକବୁଦ୍ଧି ବୋଲି ବୁଝାଯାଏ, ତେବେ ତାହା ଏକ ଅନ୍ୟ କଥା ହେବ । ମାତ୍ର, ତୁମେ ଏହାକୁ ବିବେକବୁଦ୍ଧି ବୋଲି କହୁଛ ବା କାହିଁକି ?**

ନାଇଁ । ମାତ୍ର ଶ୍ରୀଅରବିନ୍ଦ ଏହି ପାରାଟିରେ କହିଛନ୍ତି ଯେ, ଏହି କ୍ଷେତ୍ରରେ ବୁଦ୍ଧି ହିଁ ସେମାନଙ୍କୁ ବାଟ ଦେଖାଉଥାଏ ।

**ମାତ୍ର, ସମ୍ଭବତଃ, ବୁଦ୍ଧି ସେମାନଙ୍କର ଆଦୌ କୌଣସି ମାର୍ଗଦର୍ଶନ କରାଉ ନ ଥାଏ ବୋଲିହିଁ, ସେମାନେ ଯାହା କରୁଛନ୍ତି ତାହାକୁହିଁ କରୁଥାନ୍ତି, ଯେପରି କରୁଛନ୍ତି, ସେହିପରିହିଁ କରୁଥାନ୍ତି । ନୁହେଁ ?**

ମାତ୍ର, ଏପରି ମଧ୍ୟ କିପରି ଘଟେ ଯେ, ଏପରି ଗୋଟିଏ ଅତ୍ୟୁଚ୍ଚ ସୀମାକୁ ସ୍ପର୍ଶ କରିବା ପରେ ମଧ୍ୟ ଚନ୍ଦ୍ରକଳା ପ୍ରକୃତରେ ଏପରି କୁତ୍ସିତ ଏବଂ ପିଲାଳିଆ ହୋଇପଡ଼େ ?

**ମାତ୍ର ତୁମେ କ'ଣ କେବେ ଏକଥା ଦେଖିଛ ଯେ, ମନୁଷ୍ୟର ଆବେଦନ-ପ୍ରତିଶ୍ରୁତି ସେହିପରି ହୋଇ ରହିଥାଏ ? ଏହା ହେଉଛି ଏକ ରହସ୍ୟ ଯଥାର୍**

'oaob.nitrkl.ac.in' images reprocessed

ଆବେଷ୍ଟନ, ବେଶ୍ ସିଧା ହୋଇ ରହିଥାଏ । ମାତ୍ର ସବୁବେଳେ ସେଥିରେ ବାଙ୍କମାନ ରହିଥାଏ । ତେଣୁ, ଯଦି ତୁମେ ଅନୁମାନ କରିନିଅ ଯେ, ଏହି କ୍ଷେତ୍ରରେ କେବଳ ଅନୁଲମ୍ବ ରେଖାମାନ ରହିଛି ଏବଂ ମନୁଷ୍ୟର ଅଗ୍ରଗତିକୁ ମଧ୍ୟ ସେହି ରେଖାଗୁଡ଼ିକ ସହିତ ତୁଳନା କରାଯାଇ ପାରିବ, ତେବେ, ସେହି ସ୍ଥାନ ପର୍ଯ୍ୟନ୍ତ ଆସିବାଯାଏ ବସ୍ତୁଗୁଡ଼ିକର ଅଗ୍ରଗତି ହେଉଥିବ, ମାତ୍ର ଆହୁରି ଆଗକୁ ଗଳିଯିବାକୁ ବସିଲେ ସେଗୁଡ଼ିକର ଅଧୋଗତି ଘଟିବ ।

ଦୁଇଏକ ଦଶବର୍ଷ ମଧ୍ୟରେ ମୁଁ ତୁମମାନଙ୍କୁ ଏକଥା କହିପାରିବ···କେଜାଣି ? ସମ୍ଭବତଃ ଦଶବର୍ଷ ମଧ୍ୟରେ, ଆଧୁନିକ ଚିତ୍ରକଳାରେ ପ୍ରକୃତରେ କିଛି ଅଛି କି ନାହିଁ, ମୁଁ ତୁମମାନଙ୍କୁ କହିଦେଇ ପାରିବ । କାରଣ ବର୍ତ୍ତମାନ ମୁଁ ତୁମମାନଙ୍କୁ ଖୁବ ବିଚିତ୍ର କିଛି କଥା କହିବାକୁ ଯାଉଛି : ବର୍ତ୍ତମାନ ମୁଁ ଏହାକୁ ତୁଚ୍ଛ କୁତ୍ସିତ ବୋଲିହିଁ ଭାବୁଛି; ଖାଲି କୁତ୍ସିତ ନୁହେଁ, ତୁଚ୍ଛ ନିର୍ବୋଧ ବୋଲି ମଧ୍ୟ ଭାବୁଛି । ମାତ୍ର ଏଥିରେ ଏହି ଉତ୍ସାହକ କଥାଟି ରହିଛି ଯେ, ତାହା ତୁମ ମନରେ ଅନ୍ୟ ଯାବତୀୟ ପ୍ରକାରର ଛବି ପ୍ରତି ସମ୍ପୂର୍ଣ୍ଣ ଭାବରେ ଏକ ବୀତଶ୍ରଦ୍ଧ ଭାବ ଆଣି ଦେଉଛି । ବର୍ତ୍ତମାନ ଯେପରି ଭାବରେ ଛବିମାନ ତିଆରି ହେଉଛି, ସେହି ଛବିଗୁଡ଼ିକ ଆଡ଼କୁ ଅନାଇବା ମାତ୍ରକେ,···ଆମ ପାଖକୁ ତ ସବୁଦାହିଁ କଳା ବିଷୟରେ ନାନା ସମୀକ୍ଷା-ପତ୍ରିକା ଆସୁଛି, ଯେଉଁଥିରେ କି ପୁରାତନ ତଥା ନୂତନ ଛବିର ପ୍ରତିକୃତିମାନ ମଧ୍ୟ ରହିଥାଏ; ସେଗୁଡ଼ିକ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିଥାନ୍ତି, ତା'ଫଳରେ କଥାଟି ବେଶ୍ ଆଗ୍ରହୋଦ୍ଦୀପକ ମଧ୍ୟ ହୁଏ; ତଦ୍ଦ୍ୱାରା ତୁମେ ଦୁଇଟି-ଯାକକୁ ଦେଖିପାର ଏବଂ ଏକ ତୁଳନା ମଧ୍ୟ କରିପାର । ଆଧୁନିକ କଳାଶିଳ୍ପୀ-ମାନେ ଏବେ ଯାହା ଆଙ୍କୁଛନ୍ତି, ସେଥିରୁ ମୁଁ ଏପର୍ଯ୍ୟନ୍ତ ସୌନ୍ଦର୍ଯ୍ୟର ଆଦୌ କୌଣସି ଧାରଣା ପାଇପାରି ନାହିଁ; ମୁଁ ଯେ ଏପର୍ଯ୍ୟନ୍ତ ସେଥିରୁ କିଛି ବୁଝିପାରି ନାହିଁ, ମୁଁ ସେକଥା ମଧ୍ୟ ସ୍ୱୀକାର କରୁଛି; ମାତ୍ର, ବଡ଼ ବିଚିତ୍ର କଥା ହେଉଛି ଯେ, ସେଗୁଡ଼ିକ ମୋ'ଭିତରୁ ପ୍ରାଚୀନ ଚିତ୍ରଗୁଡ଼ିକ ବିଷୟରେ ରହି ଆସିଥିବା ଯାବତୀୟ ରୁଚିକୁ ହରଣ କରି ନେଇଛନ୍ତି । କେବଳ କେତୋଟି ଅତି ବିରଳ ନମୁନାକୁ ବାଦ୍ ଦେଲେ, ଅବଶିଷ୍ଟ ସବୁଯାକ ମୋତେ କେବଳ ଆଡ଼ମ୍ବରପ୍ରଧାନ, କୃତ୍ରିମ, ହାସ୍ୟାସ୍ପଦ ଏବଂ ଅସହ୍ୟ ବୋଲି ବୋଧ ହୋଇଥାଏ ।

ଏହାର ତାତ୍ପର୍ଯ୍ୟ ହେଉଛି ଯେ, ଏହି ଅସଙ୍ଗତ ଏବଂ ଅରାଜକତାର ପଶ୍ଚାତରେ ଏହି କ୍ଷେତ୍ରରେ ଏକ ସୃଜନଶୀଳ ଭାବାବେଗ ଅବଶ୍ୟ ରହିଛି, ଯାହାକି ଆପଣାକୁ ବ୍ୟକ୍ତ କରିବା ଲାଗି ପ୍ରୟାସ କରୁଛି ।

ଆମେ ଏପରି ଏକ ବିଶେଷ ପର୍ଯ୍ୟାୟର ଜଗତକୁ ଅତିକ୍ରମ କରିଯାଉଛୁ, ଯାହାକି ଆପଣାର ପରାକାଷ୍ଠା ହାସଲ କରି ସାରିଥିଲା ଏବଂ ତେଣୁ ତାହାର

'oaob.nitrkl.ac.in' images reprocessed

ସମାପତନ ଘଟୁଥିଲା । ଏହି କଥାଟିରେ ଆଦୌ କୌଣସି ସନ୍ଦେହ ନାହିଁ । ଏବଂ ତେଣୁ, ସୃଜନର ସେହି ପର୍ଯ୍ୟାୟରୁ ତାହାର ଏକ ନୂତନ ପର୍ଯ୍ୟାୟକୁ ଯାଇପାରିବା ଲାଗି (କାରଣ…ହଁ, ମନେ କରାଯାଇପାରେ ଯେ, ଏଠାରେ ମଧ୍ୟ ସେହି ସାଧାରଣ ପ୍ରକୃତିର ଶକ୍ତିଗୁଡ଼ିକ କାର୍ଯ୍ୟ କରୁଛନ୍ତି), ଅବିଚ୍ଛିନ୍ନ ଭାବରେ ଏକ ଆରୋହଣର ମାର୍ଗ ଅନୁସରଣ ନ କରି ସୁନିଶ୍ଚିତ ଭାବରେ ଏକ ଅଶୃଙ୍ଖଳତା ମଧ୍ୟକୁ ଏକ ପ୍ରକାରର ପତନ ସଂଘଟିତ ହୋଇଥିଲା; ଅର୍ଥାତ୍, ଏକ ନୂତନ ସୃଜନ ଲାଗି ଏହି ଅଶୃଙ୍ଖଳତାର ପ୍ରୟୋଜନ ରହିଛି ।

ପ୍ରକୃତିର ପଦ୍ଧତିଗୁଡ଼ିକହିଁ ପ୍ରକୃତରେ ସେହିପରି । ଆମର ଏହି ସୌର-ମଣ୍ଡଳର ଅବସ୍ଥାନ ପୂର୍ବରୁ ବ୍ରହ୍ମାଣ୍ଡରେ ଅଶୃଙ୍ଖଳତା ରହିଥିଲା । ଏବଂ, ଏହି କଳାତ୍ମକ ରଚନାଟିର ପର୍ଯ୍ୟାୟରୁ—ସେହି ପର୍ଯ୍ୟାୟଟି ଏକ ପ୍ରକାରର ଶିଖରସ୍ଥାନରେ ଯାଇ ଉପସ୍ଥିତ ହୋଇସାରିଛି — ଏହି ପର୍ଯ୍ୟାୟଟି ମଧ୍ୟରୁ ଏକ ନୂତନ ସୃଜନ ମଧ୍ୟକୁ ଅତିକ୍ରମ କରିଯିବା ପୂର୍ବରୁ, ଠିକ୍ ସେହିପରି ଏକ ଘଟିବାକୁ ଯାଉଛି ବୋଲି ମୋତେ ବୋଧ ହେଉଛି, ନିଶ୍ଚିତ ଭାବରେ ଏକ ଅଶୃଙ୍ଖଳତା ମଧ୍ୟଦେଇ ଯିବାକୁ ପଡ଼ିବ ବୋଲି ବୋଧ ହେଉଛି । ଏବଂ, ଏହିସବୁ ବସ୍ତୁ ଉପରେ ଅବଲୋକନ କରୁଥିବା ସମୟରେ ମୋର ଧାରଣା ହେଉଛି ଯେ, ଏଗୁଡ଼ିକ ମଧ୍ୟରେ ଆଦୌ ଆନ୍ତରିକତା ନାହିଁ ଏବଂ ପ୍ରକୃତରେ ତାହାହିଁ ଭାରି ବିରକ୍ତ ଲାଗୁଛି । ଏଥିରେ ଆଦୌ ଆନ୍ତରିକତା ନାହିଁ : ମନେ ହେଉଛି ସତେଯେପରି କେହି ହୁଏତ ଆପଣାକୁ ଯଥାସମ୍ଭବ ଅଧିକ ପାଗଳ ହେବାକୁ ଦେଇ ଆପଣାର ମନୋରଞ୍ଜନ କରାଇବାକୁ ମନ କରୁଛି, ଅଥବା ସମ୍ଭବତଃ ଏପରି ବି ହୋଇପାରେ ଯେ ଅନ୍ୟମାନଙ୍କୁ ବା ଏପରିକି ଆପଣାକୁ ପ୍ରତାରିତ କରିବାକୁ ମନ କରିଥିବା ଜଣେ କେହି ଏକଥା କରିଛି; କିଂବା, ଗୋଟାଏ ପ୍ରକାର ଅସଙ୍ଗତିମୟ କଳ୍ପନା କ'ଣ ମନ କରି ଗୋଟାଏ ଥାନରେ ଟିକିଏ ରଙ୍ଗ ନେଇ ଲଗାଇ ଦେଇଛି ଏବଂ ତା'ପରେ ସଙ୍ଗେସଙ୍ଗେ କହିବାକୁ ଆରମ୍ଭ କରିଛି, "ଆଃ, ଏଠାରେ ରଙ୍ଗଟିକ ଲଗାଇଦେଲେ ବେଶ୍ ଚକ୍‌ଚକିଆ ହେଉଛି ତ ! — ଏବଂ, ଯଦି ଏଠାରେ ରଙ୍ଗ ଲଗାଇ ଦିଆଯାଏ, କିଂବା ଏଭଳି ଭାବରେ ନ ଲଗାଇ ସେପରି ଭାବରେ ଲଗାଇ ଦିଆଯାଏ, କିଂବା…" ହଁ, ଏହି କ୍ଷେତ୍ରରେ ସେହି ମୁହୂର୍ତ୍ତରେ ମୋର ସେହି ଧାରଣା ହୋଇଥାଏ, ଏବଂ ଏଥିରେ ପ୍ରକୃତରେ ଆନ୍ତରିକତା ରହିଛି ବୋଲି ମୁଁ ମୋଟେ ଅନୁଭବ କରିପାରେ ନାହିଁ ।

ମାତ୍ର ଏହାର ପଶ୍ଚାତରେ ଏକ ଆନ୍ତରିକତାପୂର୍ଣ୍ଣ ସୃଜନାତ୍ମକ ଭାବାବେଗ ରହିଛି, ଯାହାକି ନିଜକୁ ବ୍ୟକ୍ତ କରିବା ଲାଗି ଚେଷ୍ଟା କରୁଛି; ମାତ୍ର ବର୍ତ୍ତମାନ ପାଇଁ ଆଦୌ ତାହା କରିପାରୁ ନାହିଁ ସତ, କିନ୍ତୁ ଅତୀତକୁ ନଷ୍ଟ କରିଦେବା 'ଲାଗି ତା'

'oaob.nitrkl.ac.in' images reprocessed

ଭିତରେ ଯଥେଷ୍ଟ ବଳ ରହିଛି । ଅର୍ଥାତ୍‌, ଏକଧା ମୁଁ ରେମ୍ବ୍ରାଣ୍ଟ୍‌, ଟିସିଆଁ, ଟିଣ୍ଟୋରେଟୋ, ରେନୋଆ ଓ ମୋନେଙ୍କର ଛବିଗୁଡ଼ିକୁ ଯାଇ ଦେଖୁଥିଲି ଏବଂ ସେଥିରୁ ଏକ ପ୍ରକୃତ ନାନ୍ଦନିକ ଆନନ୍ଦ ଲାଭ କରୁଥିଲି । ଏହି ନାନ୍ଦନିକ ଆନନ୍ଦଟିକୁ ମୁଁ ଆଉ ମୋଟେ ଅନୁଭବ କରିପାରୁ ନାହିଁ । ମୋର ଏକ ଅଗ୍ରଗତି ଅବଶ୍ୟ ହୋଇଛି, କାରଣ ମୁଁ ମଧ୍ୟ ଏହି ପୃଥିବୀ-ବିବର୍ତ୍ତନର ସମସ୍ତ ଗତିସ୍ପନ୍ଦନଟିକୁ ଅନୁସରଣ କରିବାରେ ଲାଗିଛି । ତେଣୁ ମୋତେ ଏହି ଆବର୍ତ୍ତନଟିକୁ ମଧ୍ୟ ପାର ହୋଇ ଚାଲିଯିବାକୁ ପଡ଼ିଛି ଓ ମୁଁ ଆଉଗୋଟିଏ ଆବର୍ତ୍ତନରେ ଆସି ଉପନୀତ ହୋଇଛି । ଏବଂ ଏଇଟିରେ ମୋତେ ସତେଅବା ଆଦୌ କୌଣସି ନାନ୍ଦନିକ ଆନନ୍ଦ ନ ଥିଲା ପରି ବୋଧ ହେଉଛି । ବୁଦ୍ଧିବାଦୀ ଦୃଷ୍ଟିକୋଣରୁ କେହି ହୁଏତ ଏଥିରେ ଆପତ୍ତି ଉଠାଇ ପାରନ୍ତି, ସିଏ ସମ୍ଭବ ହୋଇଥିବା ଯାବତୀୟ ସୁନ୍ଦର ତଥା ଭଲ କଥାଗୁଡ଼ିକର ନଜିର ଆଣି ଦେଇପାରନ୍ତି । ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ କଥା । ମାତ୍ର ଏହି ସ୍ୱୟଂ ସ୍ପଷ୍ଟ ଅନୁଭବବସ୍ତୁଟି, ଯାହାକୁ ପ୍ରକୃତରେ ସେହି ଯଥାର୍ଥ ନାନ୍ଦନିକ ଆନନ୍ଦ ବୋଲି କୁହାଯାଏ, ସେଇଟି ଆଉ ନାହିଁ । ମୁଁ ଆଉ ତାହାକୁ ଆଦୌ ଅନୁଭବ କରି ପାରୁ ନାହିଁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ସେମାନେ ଏବେ ତିଆରି କରୁଥିବା ଛବିଗୁଡ଼ିକୁ ଅବଲୋକନ କଲାବେଳେ ମୁଁ ସେହି ଆନନ୍ଦଟିକୁ ଅନୁଭବ କରିବାର ଶହଶହ ମାଇଲ ଦୂରରେ ରହିଥିବା ପରି ଅନୁଭବ କରୁଛି । ମାତ୍ର ତଥାପି ଏଇଟିର ପଶ୍ଚାତରେ ଯାହା ନିହିତ ହୋଇ ରହିଛି, ତାହାହିଁ ସେହି ଅନ୍ୟଟିକୁ ଅନ୍ତର୍ହିତ ହୋଇଯିବାକୁ କାରଣରୂପେ କାର୍ଯ୍ୟ କରିଛି । ତେଣୁ, ସମ୍ଭବତଃ, ଭବିଷ୍ୟ ଅଭିମୁଖରେ କଣ୍ଟିକ୍ତ ପ୍ରୟାସ କରିବା ଦ୍ୱାରାହିଁ ଆମେ ସେହି ନୂତନ ସୌନ୍ଦର୍ଯ୍ୟଟିର ଆବିଷ୍କାର କରିବାକୁ ଯାଉଛୁ । ତାହା ପ୍ରକୃତରେ ଏକ ଆଗ୍ରହୋଦ୍ଦୀପକ କଥା ହେବ । ଏହି ଧାରଣାଟି ମାତ୍ର ଏବେ ମୋ' ଭିତରକୁ ଆସିଛି, ଆଦୌ ବେଶୀ ଦିନ ହେଲା ଆସି ନାହିଁ । ଯାବତୀୟ ପ୍ରକାରର ବ୍ୟକ୍ତିଗତ ଅଭିରୁଚି, ପୂର୍ବକଳ୍ପିତ ଧାରଣା, ଅଭ୍ୟାସ, ଅତୀତର ସକଳ ରୁଚିକୁ ବିଲୁପ୍ତ କରିରଖି ମୁଁ ଆଦୌ କୌଣସି ନ୍ୟୂନତି ନ ଥିବା ଏକ ସମ୍ପୂର୍ଣ୍ଣ ସଦିଚ୍ଛା ସହିତ ଚେଷ୍ଟା କରିଛି ଏବଂ ସେମାନଙ୍କର ଛବିଗୁଡ଼ିକୁ ଦେଖିବାକୁ ଯାଇଛି; ମାତ୍ର ତଥାପି ସେଗୁଡ଼ିକରୁ ଆନନ୍ଦ ପାଇ ନାହିଁ । ତାହା ମୋତେ କୌଣସି ଆନନ୍ଦ ଦେଇ ନାହିଁ, ବରଂ ବେଳେବେଳେ ଏକ ବିରକ୍ତି ଆଣି ଦେଇଛି ଏବଂ ସର୍ବୋପରି ଏପରି ଏକ ଦୁଃଖଦ ଧାରଣା ଆଣି ଦେଇଛି ଯେ, ଏଥିରେ ଆଦୌ କୌଣସି ସତ୍ୟ ନାହିଁ ଓ ଆନ୍ତରିକତା ମଧ୍ୟ ନାହିଁ ।

ମାତ୍ର ତା'ପରେ, ଏହି ଅଲ୍ପଦିନ ହେଲା ମୁଁ ହଠାତ୍‌ ଅନୁଭବ କଲି ଯେ,—ଏହିପରି ଧାରଣା ହେଲା ଯେ, ଏହା ଭିତରେ ଅତ୍ୟନ୍ତ ନୂତନ ହୋଇ

'oaob.nitrkl.ac.in' images reprocessed

ନିଶ୍ଚୟ କିଛି ରହିଛି,—ଏକ ଭବିଷ୍ୟ ଭିତରୁ ପଥଟିଏ ପାଇ ଆପଣାକୁ ବ୍ୟକ୍ତ କରି ଆଣିବା ଲାଗି ସେ ଚେଷ୍ଟା କରୁଛି, ମାତ୍ର ତାହା ସଫଳ ହେଉ ନାହିଁ। ମାତ୍ର, ଏଥିରେ ଏପରି କିଛି ନିହିତ ରହିଛି, ଯାହାକି ପୂର୍ବାନୁଭୂତ ତଥା ପୂର୍ବରୁ ବ୍ୟକ୍ତ ହୋଇଥିବା ଯାବତୀୟ ସବୁକିଛିକୁ ଅତ୍ୟନ୍ତ ଭୟଙ୍କର ଭାବରେ ଅତିକ୍ରମ କରି ଚାଲିଯିବ। ଏବଂ ତା'ପରେ, ଯୁଗପତ୍ ଭାବରେ ଏକ ଗତିଶୀଳ ଚେତନା ମଧ୍ୟ ଜନ୍ମଗ୍ରହଣ କରୁଛି, ଯାହାକି ଏହି ନୂତନ ଉପାଦାନଟି ଆଡ଼କୁ ମୁହାଁଇ ଆସୁଛି ଏବଂ ତାହାକୁ ବୁଝିବାକୁ ଇଚ୍ଛା କରୁଛି। ଏଇଟି ସମ୍ଭବତଃ ଖୁବ୍ ଆଗ୍ରହୋଦ୍ଦୀପକ ହେବ। ମୁଁ ସେଇଥିପାଇଁ ତୁମମାନଙ୍କୁ କହୁଥିଲି : ଏଥିପାଇଁ ଦଶବର୍ଷ ଲାଗିବ। ସମ୍ଭବତଃ ଦଶବର୍ଷ ମଧ୍ୟରେ ଏପରି ବ୍ୟକ୍ତିମାନେ ବାହାରିବେ ଯେଉଁମାନେ କି ଏକ ନୂତନ ଅଭିବ୍ୟକ୍ତିକୁ ସମ୍ଭବ କରିବେ। ସେଥିପାଇଁ ପ୍ରଭୂତ ଅଗ୍ରଗତି ଆବଶ୍ୟକ, ଶୈଳୀର କ୍ଷେତ୍ରରେ ବିପୁଳ ଅଗ୍ରଗତି ଆବଶ୍ୟକ; ପୁରାତନ ଶୈଳୀ ତ ଏକ ବର୍ବର ଶୈଳୀ ପରି ମନେ ହେଉଛି। ଏବଂ, ଏବେ ବିଜ୍ଞାନର ନୂତନ ଆବିଷ୍କାରଗୁଡ଼ିକ ହେଉଥିବା ସଙ୍ଗେ ସଙ୍ଗେ ସମ୍ଭବତଃ ଜ୍ଞାନାନ୍ୱେଷଣର ଶୈଳୀଗୁଡ଼ିକ ମଧ୍ୟ ବଦଳିଯିବ ଏବଂ ଏକ ନୂତନ ଶୈଳୀର ସନ୍ଧାନ ମିଳିବ, ଯାହାକି ନିଜକୁ ବ୍ୟକ୍ତ କରିବା ଲାଗି ଇଚ୍ଛା କରୁଥିବା ଏହି ନୂତନ ସୌନ୍ଦର୍ଯ୍ୟଟିକୁ ପ୍ରକାଶିତ କରିଦେଇ ପାରିବ। ଦଶ ବର୍ଷ ପରେ ଆମେ ପୁନର୍ବାର ସେହି ବିଷୟରେ ଆଲୋଚନା କରିବା।

ପୁନର୍ଦର୍ଶନାୟ !

'oaob.nitrkl.ac.in' images reprocessed

## ୮ ଜୁନ୍ ୧୯୫୫

ମାଆ ଶ୍ରୀଅରବିନ୍ଦଙ୍କ ଲିଖିତ "ଯୋଗସମନ୍ୱୟ"
ପୁସ୍ତକରୁ "ଲକ୍ଷ୍ୟ" ଅଧ୍ୟାୟଟିରୁ ପାଠ କଲେ ।

ବର୍ତ୍ତମାନ ପ୍ରଶ୍ନଗୁଡ଼ିକ ଆସୁ । ସାଙ୍ଗେ ସାଙ୍ଗେ ଯାହା ମନକୁ ଆସୁଛି, ତୁମେମାନେ ସେହିପରି ପ୍ରଶ୍ନ ପଚାର । ଆଗରୁ ପ୍ରସ୍ତୁତ କରି ଆଣା ଯାଇଥିବା ପ୍ରଶ୍ନ ନୁହେଁ । (ଗୋଟିଏ ପିଲାକୁ ଉଦ୍ଦେଶ୍ୟ କରି) ତୁମେ କିଛି ପଚାରିବ କି ?

ମାଆ, ଏଠାରେ ଲେଖା ହୋଇଛି : "ଏହି ମୁକ୍ତି, ପରିପୂର୍ଣ୍ଣତା ଏବଂ ସମ୍ପୂର୍ଣ୍ଣତା, — ଏଗୁଡ଼ିକୁ ମଧ୍ୟ ଆମ ନିଜ ସକାଶେ ନୁହେଁ, ମାତ୍ର ଦିବ୍ୟ ପରମସତ୍ତାଙ୍କ ସକାଶେହିଁ ଅନୁଧାବନ କରିବାକୁ ହେବ ।" ମାତ୍ର, ଆମେ ଯେଉଁ ସାଧନା କରୁଛୁ, ତାହା କ'ଣ ଆମ ନିଜ ପାଇଁ କରାଯାଉ ନାହିଁ କି ?

ମାତ୍ର ସିଏ ଠିକ୍ ସେହି କଥାଟି ଉପରେ ଜୋର ଦେଇ କହୁଛନ୍ତି । ସେହି କଥାଟି ଉପରେ ଜୋର ଦେବାକୁହିଁ ସିଏ ଏକଥା କହୁଛନ୍ତି । କଥାଟିର ଅର୍ଥ ହେଉଛି ଯେ, ଆମେ ଯେଉଁସବୁ ପରିପୂର୍ଣ୍ଣତା ହାସଲ କରିବାକୁ ଯାଉଛୁ, ତାହାକୁ ଆଦୌ କୌଣସି ବ୍ୟକ୍ତିଗତ ତଥା ସ୍ୱାର୍ଥ ଦ୍ୱାରା ଅନୁପ୍ରେରିତ ଲକ୍ଷ୍ୟର ସାଧନ ପାଇଁ ହାସଲ କରାଯିବ ନାହିଁ; ଦିବ୍ୟ ପରମସତ୍ତାଙ୍କର ପରିପ୍ରକାଶ ଘଟାଇ ପାରିବା ପାଇଁହିଁ ତାହାକୁ ହାସଲ କରାଯିବ । ତାହାକୁ ସେହି ଦିବ୍ୟ ପରମସତ୍ତାଙ୍କର ସେବାରେହିଁ ନିୟୋଜିତ କରିବାକୁ ହେବ । ବ୍ୟକ୍ତିଗତ ପରିପୂର୍ଣ୍ଣତାର ସ୍ୱାର୍ଥ ଦ୍ୱାରା ପ୍ରେରିତ ଏକ ଅଭିପ୍ରାୟ ନେଇ ଆମେ କଦାପି ଏହି ବିକାଶମାର୍ଗର ଅନୁଧାବନ କରିବା ନାହିଁ; ଆମେ ଏହାର ଅନୁଧାବନ କରିବା, କାରଣ ଏହାଦ୍ୱାରା ଦିବ୍ୟ ପରମକର୍ମଟିର ସମ୍ପାଦନ ହୋଇ ପାରିବ ।

ମାତ୍ର ଏହି ଦିବ୍ୟ ପରମକର୍ମକୁ ମଧ୍ୟ ଆମେ କାହିଁକି କରିବା ? କେବଳ ଆମ ନିଜକୁ···

ନା—ମୋଟେ ସେପରି ନୁହେଁ । ଆମେ ତାହା କରିବା, କାରଣ ତାହାହିଁ ହେଉଛି ଦିବ୍ୟ ପରମସତ୍ତାଙ୍କର ଇଚ୍ଛା । କୌଣସି ବ୍ୟକ୍ତିଗତ କାରଣରୁ ତାହାକୁ

'oaob.nitrkl.ac.in' images reprocessed

ଆଦୌ କରାଯିବ ନାହିଁ, କେବଳ ଅଭିପ୍ରାୟରେ ଆଦୌ କରାଯିବ ନାହିଁ । ଏହାହିଁ ତାଙ୍କର ଇଚ୍ଛା ଓ ଏହାହିଁ ତାଙ୍କର କାର୍ଯ୍ୟ,—ଏହି ଦୃଷ୍ଟିରୁ କରାଯିବ ।

ଯେତେବେଳ ପର୍ଯ୍ୟନ୍ତ ଏକ ବ୍ୟକ୍ତିଗତ ଆକାଂକ୍ଷା ଅଥବା ବାସନା, ଏକ ସ୍ୱାର୍ଥଗତ ଇଚ୍ଛା ଏଇଟି ସହିତ ଏକାଠି ମିଶ୍ରିତ ହୋଇ ରହିଥିବ, ସେପର୍ଯ୍ୟନ୍ତ ସେଥିରୁ ସର୍ବଦା ଏକ ବିମିଶ୍ରଣହିଁ ସୃଷ୍ଟି ହେଉଥିବ ଏବଂ ତାହାକୁ କଦାପି ଦିବ୍ୟ ପରମ ଇଚ୍ଛାର ଏକ ଅଭିବ୍ୟକ୍ତି ବୋଲି କୁହାଯିବ ନାହିଁ । ତେଣୁ ଏଥିରେ କେବଳ ଗୋଟିଏ କଥାରହିଁ ମହତ୍ତ୍ୱ ରହିବ,—ତାହା ହେଉଛି ସେହି ଦିବ୍ୟ ପରମସତ୍ତା, ତାଙ୍କର ଇଚ୍ଛା, ତାଙ୍କର ପଥପ୍ରଭାଣ, ତାଙ୍କର ଅଭିବ୍ୟକ୍ତି । ଆମ୍ଭେ ଏଠାରେ ତାଙ୍କର ପାଇଁ ଅଛୁ, ତାଙ୍କର ସହିତ ଅଭିନ୍ନ ହୋଇ ରହିଛୁ,—ବାକି ସେତିକି କଥା । ଏବଂ ଯେପର୍ଯ୍ୟନ୍ତ ଏହି କ୍ଷେତ୍ରରେ ମୁଁ, ମୋର ବା ବ୍ୟକ୍ତିର ଏକ ବୋଧ ପ୍ରବେଶ କରି ରହିଛି, ତେବେ ସେଥିରୁ ପ୍ରମାଣିତ ହୋଇ ଯାଉଛି ଯେ, ଆମର ଯାହା ଯଥାର୍ଥରେ ହେବା ଉଚିତ, ଆମେ ଏବେମଧ୍ୟ ତାହା ହୋଇପାରି ନାହୁଁ; ବାକି ସେତିକ । ଏହି କଥାଟି କୋଟିଏ ଗୁଣରେ ସ୍ପଷ୍ଟ ହୋଇ ଯାଉ ବୋଲି ମୁଁ ଆଦୌ କହୁ ନାହିଁ; ମାତ୍ର ବସ୍ତୁତଃ ଏହାହିଁ ହେଉଛି ପ୍ରକୃତରେ ସତ କଥା ।

କାରଣ, ଏହି ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ତଥାପି ବହୁସଂଖ୍ୟକ (ମୁଁ ତ କହିବି ଯେ, ଆଧ୍ୟାତ୍ମିକ ଜୀବନକୁ ଗ୍ରହଣ କରି ଯୋଗ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ) ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ବ୍ୟକ୍ତିଗତ ନାନା କାରଣରୁ ଏସବୁ କରୁଛନ୍ତି । ଏହି କ୍ଷେତ୍ରରେ ଯାବତୀୟ ପ୍ରକାରର ବ୍ୟକ୍ତିଗତ କାରଣ ରହିଛି : କେତେକ ଯୋଗ କରୁଛନ୍ତି କାରଣ ଜୀବନ ପ୍ରତି ସେମାନଙ୍କର ଅଶ୍ରଦ୍ଧା ଜାତ ହୋଇଛି, ଆଉକେତେକ କରୁଛନ୍ତି କାରଣ ସେମାନେ ଅସୁଖ ଦ୍ୱାରା ପୀଡ଼ିତ ହେବାରେ ଲାଗିଛନ୍ତି; ଆଉରି ଅଧିକ ତାହା କରୁଛନ୍ତି କାରଣ ସେମାନେ ଅଧିକ ଜାଣିବାକୁ ଇଚ୍ଛା କରନ୍ତି; ଅନ୍ୟମାନେ କରୁଛନ୍ତି କାରଣ ସେମାନେ ଆଧ୍ୟାତ୍ମିକ ମାର୍ଗରେ ବଡ଼ ହେବାକୁ ଚାହାନ୍ତି; ଆଉକେତେ କରୁଛନ୍ତି କାରଣ ସେମାନେ ଏପରି ଅନେକ କଥା ଶିକ୍ଷା କରିବାକୁ ଇଚ୍ଛା କରୁଛନ୍ତି, ଯାହାକୁ କି ସେମାନେ ଅନ୍ୟମାନଙ୍କୁ ଶିକ୍ଷା ଦେଇପାରିବେ । ଏହିପରି ସବୁରେ ଯୋଗମାର୍ଗରେ ଯିବା ପଛରେ ହଜାରେ ହଜାରଟା ବ୍ୟକ୍ତିଗତ କାରଣ ରହିଛି । ମାତ୍ର, କେବଳ ଏହି କାରଣରୁ ଯେ, ତୁମେ ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମର୍ପଣ କରିଦେବ, ଯେପରିକି ସିଏ ତୁମକୁ ଗ୍ରହଣ କରିନେଇ ପାରିବେ, ତାଙ୍କର ଇଚ୍ଛା ଅନୁସାରେ ତୁମକୁ ଗଠନ କରି ଆଣିବେ ଏବଂ ସକଳ ଶୁଦ୍ଧତା ଏବଂ ସତତତା ସହିତ ତୁମେ ଏହି କଥାଟି କରି ପାରୁଥିବ, — ଏହି କଥାଟିକୁ ଅଧିକାଂଶ ମଣିଷ ମୋଟେ କରିପାରନ୍ତି ନାହିଁ; ମାତ୍ର ଏହାହିଁ ହେଉଛି ଅସଲ ଓ ପ୍ରକୃତ କଥା । ଏବଂ, ଏହିପରି ସବୁରେହିଁ ଜଣେ ବ୍ୟକ୍ତି

'oaob.nitrkl.ac.in' images reprocessed

ସିଧା ତା'ର ଲକ୍ଷ୍ୟରେ ଯାଇ ପହଞ୍ଚି ପାରିବ ଓ ଆଉ କୌଣସି ଭୁଲ୍ କରିବ ନାହିଁ । ମାତ୍ର, ଅନ୍ୟ ଯାବତୀୟ ଅଭିପ୍ରାୟ ସର୍ବଦା ଖାଲି ମିଶ୍ରିତ ହୋଇ ରହିଥିବ, ସେଥିରେ ଅହଂର ଦାଗମାନ ଲାଗିଥିବ ଏବଂ, ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ସେଗୁଡ଼ିକ ତୁମକୁ କେତେ ମନ କେତେ ଭୁଆଡ଼େ ନେଇଯିବାରେ ଲାଗିଥିବେ ଲକ୍ଷ୍ୟ ପାଖରୁ ମଧ୍ୟ କେତେକେତେ ଦୂରକୁ ନେଇ ଚାଲି ଯାଉଥିବେ ।

ମାତ୍ର, ସେହିପରି ଅନୁଭବ କରିବା ଯେ ତୁମ ଜୀବନଧାରଣ ପଛରେ କେବଳ ଗୋଟିଏ କାରଣ ରହିଛି, ତୁମ ଆଗରେ କେବଳ ଗୋଟିଏ ଲକ୍ଷ୍ୟ ଓ ଗୋଟିଏ ଅଭିପ୍ରାୟ ରହିଛି ଏବଂ ତାହା ହେଉଛି, ତୁମେ ଆପଣାକୁ ଏପରି ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ଉତ୍ସର୍ଗ କରିଦେବ ଯେପରିକି ନିଜକୁ ଆଉ ତାଙ୍କଠାରୁ ଅଲଗା ବୋଲି ଆଦୌ ଅନୁଭବ କରୁ ନ ଥିବ, ତୁମେ ପରିପୂର୍ଣ୍ଣ ଭାବରେ ତାଙ୍କର ସତ୍ତାରେ ପରିଣତ ହୋଇଯିବ ଯେପରିକି ସେହି କ୍ଷେତ୍ରରେ ବ୍ୟକ୍ତିଗତ ପ୍ରତିକ୍ରିୟାର ଆଦୌ କୌଣସି ହସ୍ତକ୍ଷେପହିଁ ନ ଥିବ,— ଏହାହିଁ ଆଦର୍ଶ ଦୃଷ୍ଟିକୋଣ । ଏବଂ, ଏହାହିଁ ଏକମାତ୍ର ଦୃଷ୍ଟିକୋଣ, ଯାହାକି ତୁମକୁ ସର୍ବସୁରକ୍ଷିତ ଭାବରେ ଜୀବନରେ ତଥା କର୍ମରେ ଅଗ୍ରସର ହୋଇପାରିବା ଲାଗି ସମର୍ଥ କରାଇଦେବ; ତୁମ ନିଜଠାରୁ ମଧ୍ୟ ତାହା ତୁମକୁ ସୁରକ୍ଷିତ କରିରଖିବ, —ଯାବତୀୟ ବିପତ୍ତି ମଧ୍ୟରେ ତୁମ ଲାଗି ତାହାହିଁ ହେଉଛି ସବୁଠାରୁ ବଡ଼ ବିପତ୍ତି, — ନିଜ ଲାଗି ସେହି ନିଜଠାରୁହିଁ ବଳି ଆଉ ବଡ଼ କୌଣସି ବିପତ୍ତି ନାହିଁ (ଏଠାରେ 'ନିଜଠାରୁ' ବୋଲି କହିଲାବେଳେ ତୁମର ଅହଂକବଳିତ ଆତ୍ମସତ୍ତାଟିକୁ ବୁଝାଉଛି ।) ।

ଏଠାରେ ଶ୍ରୀଅରବିନ୍ଦ ଏହାହିଁ କହିବାକୁ ଇଚ୍ଛା କରୁଛନ୍ତି, ଆଉ କିଛି ନୁହେଁ ।

ଆଉ କେହି କୌଣସି ପ୍ରଶ୍ନ ପାଇଲେ କି ?

ବହିରେ ଥିବା ଶବ୍ଦଗୁଡ଼ିକରେ ନୁହେଁ, ମାତ୍ର ମୁଁ ଯାହା ପଢ଼ିଲେ, ତୁମ ଭିତରେ ସେଥିରୁ ଜାତ ହୋଇଥିବା ପ୍ରତିକ୍ରିୟାରେହିଁ ତୁମେ ପ୍ରଶ୍ନଗୁଡ଼ିକୁ ଆବିଷ୍କାର କରିପାରିବ । ଯଦି ତୁମେ କଥାଗୁଡ଼ିକୁ ଶୁଣିଥିବ, ତେବେ ସେହି ଶୁଣିବାର ତୁମ ଉପରେ ଏକ ନିର୍ଦ୍ଦିଷ୍ଟ ପ୍ରଭାବ ଅବଶ୍ୟ ପଡ଼ିଥିବ, ତୁମ ଭିତରେ ଅବଶ୍ୟ ପ୍ରତିକ୍ରିୟାମାନ ହୋଇଥିବ । ତୁମେ ନିଜ ଭିତରେ ସେହି ପ୍ରତିକ୍ରିୟାଗୁଡ଼ିକର ବିଶ୍ଳେଷଣ କରିବ, ଏବଂ ଯଦି ତା'ପରେ ମୋତେ କେଉଁଦିନ ଆସି କହିବ, "ମୁଁ ଏପରି ଭାବରେ ଅନୁଭବ କଲି । ଏହିପରି ଭାବରେ ଅନୁଭବ କରିବାର ପ୍ରକୃତ ଅର୍ଥ କ'ଣ ? ମୁଁ ସେପରି ଭାବରେ ଭାବିଲି କାହିଁକି ?" —ସୁନିଶ୍ଚିତ ଭାବରେ ଏହିଗୁଡ଼ିକୁ ତହିଁ

'oaob.nitrkl.ac.in' images reprocessed

ପ୍ରଶ୍ନ ବୋଲି କୁହାଯିବ ! କାରଣ, ତତ୍ପରେ ସେତେବେଳେ ତୁମର ଚେତନା ମଧ୍ୟରେ ତୁମକୁ କିଛି ବିଶ୍ଳେଷଣ କରି ଦେଖିବା ଲାଗି ଏକ ଅବସର ମିଳିବ । ମୁଁ ପଢ଼ିବା ସମୟରେ ନିଶ୍ଚୟ କେଉଁଠି ନା କେଉଁଠି ତୁମର ଏକ ପ୍ରତିକ୍ରିୟା ଜାତ ହେଉଥିବ, — ହୁଏତ କେବଳ ତୁମର ମସ୍ତିଷ୍କରେହିଁ ତାହା ଘଟୁଥିବ । ତେଣୁ ତୁମକୁ ଏହି କଥାଟିକୁ ଉଲ୍ଲେଖ କରି ରଖିବାକୁ ହେବ ଏବଂ ପଚାରିବାକୁ ପଡ଼ିବ : "ସେହି ବାକ୍ୟଟିକୁ ଶୁଣିବାବେଳେ ମୁଁ ହଠାତ୍ କାହିଁକି ଏପରି ଭାବରେ ଅନୁଭବ କଲି ? ସେକଥାଟି କୁହା ହେଉଥିବା ସମୟରେ ମୋର ଭାବନାରେ ଏହି କଥାଟି ଜାତ ହେଲା କିପରି ?" ଏଗୁଡ଼ିକ ପ୍ରକୃତରେ ଗୋଟିଏ ଗୋଟିଏ ଭାରି ଆଗ୍ରହୋଦ୍ଦୀପକ ପ୍ରଶ୍ନ ହେବ ।

ମାଆ, ବର୍ତ୍ତମାନ ଆପଣ କହୁଥିଲେ ଯେ ଆମେ ଦିବ୍ୟ ପରମସତ୍ତାଙ୍କ ପାଇଁହିଁ ସବୁକିଛି କରିବା ।

ହଁ ।

ମାତ୍ର ଏଭଳି ଏକ ଅଜ୍ଞାନତା ମଧ୍ୟରେ ଦିବ୍ୟ ପରମସତ୍ତା ନିଜକୁ କାହିଁକି ପ୍ରକଟ କରିବାକୁ ଇଚ୍ଛା କରୁଛନ୍ତି ?

କାରଣ, ସେ ଏଇଥିପାଇଁ ତ ଏହି ପୃଥିବୀର ସର୍ଜନା କରିଛନ୍ତି । ସେ ଆଉ ଅନ୍ୟ କୌଣସି ଅଭିପ୍ରାୟରେ ଏହା ସୃଷ୍ଟି କରି ନାହାନ୍ତି । ଏହି ପୃଥିବୀ ହେଉଛି ତାଙ୍କ ନିଜରହିଁ ଏକ ବିକୃତି ଏବଂ ତାହାକୁ ସିଏ ଆପଣାର ସତ୍ୟରେ ନେଇ ପୁନଃପ୍ରତିଷ୍ଠିତ କରିବାକୁ ଇଚ୍ଛା କରନ୍ତି । ଏହି ପୃଥିବୀ ତାଙ୍କଠାରୁ ବାହାରେ ନୁହେଁ, ତାଙ୍କ ପାଇଁ ଆଦୌ ଅଲଗା କୌଣସି ବସ୍ତୁ ନୁହେଁ । ଏହା ହେଉଛି ତାଙ୍କ ସ୍ୱରୂପର ଏକ ବିକୃତି ଏବଂ, ପ୍ରଥମେ ତାହା ମୂଳତଃ ଯେଉଁ ପରମ ଦିବ୍ୟରୂପରେ ଅବସ୍ଥିତ ଥିଲା, ତାହାକୁ ପୁନର୍ବାର ତାହାହିଁ ହେବାକୁ ପଡ଼ିବ ।

ତେବେ ସେ ଆମ ପାଇଁ କାହିଁକି ଏପରି ପର ହୋଇ ରହିଛନ୍ତି ?

ସ୍ନେହର, ଶିଶୁ ମୋର, ସିଏ ଆଦୌ ପର ହୋଇ ରହି ନାହାନ୍ତି । ତୁମେ ତାଙ୍କୁ ସେହିପରି କଳ୍ପନା କରୁଛ ସିନା, ମାତ୍ର ସିଏ ଏତେ ଟିକିଏ ପରିମାଣରେ ମଧ୍ୟ ପର ହୋଇ ରହି ନାହାନ୍ତି । ସିଏ ହେଉଛନ୍ତି ତୁମ ସତ୍ତାର ଅସଲ ମୂଳ ଓ ଅସଲ ମର୍ମ—ଆଦୌ ତୁମଠାରୁ ପର ନୁହନ୍ତି । ହୁଏତ ତୁମେ ତାଙ୍କୁ ଜାଣିପାରି ନାହଁ, ମାତ୍ର ସିଏ ତଥାପି କୌଣସି ପ୍ରକାରେ ପର ନୁହନ୍ତି । ସିଏ ହେଉଛନ୍ତି ତୁମ ସତ୍ତାର ଅସଲ ଉପାଦାନ । ଦିବ୍ୟ ପରମସତ୍ତା ନ ଥିଲେ ତୁମର ମଧ୍ୟ ଅସ୍ତିତ୍ୱ ରହନ୍ତା ନାହିଁ । ତାଙ୍କ ବ୍ୟତୀତ ତୁମେ ଗୋଟାଏ ସେକେଣ୍ଡର ଶତମ ଭାଗରୁ ଭାଗେ ସମୟ

'oaob.nitrkl.ac.in' images reprocessed

ପାଇଁ ମଧ୍ୟ ତିଷ୍ଠି ରହିପାରନ୍ତ ନାହିଁ । ମାତ୍ର, ତୁମେ ଗୋଟାଏ ପ୍ରକାରର ଭ୍ରମ ଏବଂ ବିକୃତି ମଧ୍ୟରେ ବାସ କରୁଥିବାରୁ ତୁମେ ସେହି ବିଷୟରେ ଆଦୌ ସଚେତନ ହୋଇ ରହି ନାହଁ । ତୁମେ ନିଜ ବିଷୟରେ ସଚେତନ ହୋଇ ରହି ନାହଁ; ନିଜକୁ ତୁମେ ଯାହା ବୋଲି ଭାବୁଛ, ସେହି ବିଷୟରେହିଁ ତୁମେ ସଚେତନ ହୋଇ ରହିଛ । ମାତ୍ର ପ୍ରକୃତରେ ତୁମେ ହେଉଛ ଏକ ଅନ୍ୟ ଜିନିଷ ।

ମାଆ, ତେବେ ମୁଁ କହିଲେ ପ୍ରକୃତରେ କାହାକୁ ବୁଝାଇବ ?

ସେହି ଦିବ୍ୟ ପରମସତ୍ତାଙ୍କୁ !

ମାଆ, ଆପଣ ପାଠ କରୁଥିବା ବେଳେ ଆମର ଯେଉଁସବୁ ପ୍ରତିକ୍ରିୟା ହେଉଥିବା କଥାଟି ଆପଣ କହିଲେ, ମୁଁ ବ୍ୟକ୍ତିଗତ ଭାବରେ ଭାବୁଛି, ଯେ ସେସବୁ ପ୍ରତିକ୍ରିୟାଗୁଡ଼ାକ କେବଳ ହସରେ ଉଡ଼ାଇ ଦେବାର ଯୋଗ୍ୟହିଁ ହେବେ । ଆଗ ଉପରୁ ତଳଯାଏ ସବୁକିଛିର ଏକ ପୁନଃସଂଗଠନ କରିବାକୁ ପଡ଼ିବ ।

ତୁମ ବାକ୍ୟର ଶେଷ ଅଂଶଟିକୁ ମୁଁ ଶୁଣିପାରିଲି ନାହିଁ ।

(ପବିତ୍ର) ସବୁକିଛିର ଏକ ପୁନଃସଂଗଠନ କରିବାକୁ ପଡ଼ିବ ।

ହଁ, ସେଇଠୁ କ'ଣ ହେଲା ?

(ପବିତ୍ର) ସବୁକିଛିକୁ କେବଳ ହସରେ ଉଡ଼ାଇଦେଇ ହେବ । "ମୁଁ ଯାହାକିଛି କରୁଛି, ତାହା କେବଳ ହସରେ ଉଡ଼ାଇଦେବାର ଯୋଗ୍ୟହିଁ ହେବ ।"

ହସରେ ଉଡ଼ାଇଦେଇ ହେବ ! ଅଚ୍ଛା, ମୁଁ ସେଇଥିପାଇଁ ବୁଝିପାରୁ ନ ଥିଲି । ହଁ, ହସରେ ଉଡ଼ାଇଦେଇ ହେବ ସତ, ମାତ୍ର ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବିଚାର କଲେ, ତାହା ହେଉଛି ଏକ ସତ କଥା । ପ୍ରତ୍ୟେକ ବ୍ୟକ୍ତି ଯାହା କରୁଥାନ୍ତି, ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବିଚାର କଲେ, ତାହା ପ୍ରକୃତରେ ଅତ୍ୟନ୍ତ ହାସ୍ୟକର ।

ପୁଣି, ବିପୁଳ ପରିମାଣରେ କେତେ କ'ଣ ଖାଲି ନଷ୍ଟ ହୋଇଯିବାରେ ଲାଗିଛି । ମୁଁ ଆପଣଙ୍କଠାରୁ ଯାହାକିଛି ପାଉଛି, ତାହା ସର୍ବଦା ନଷ୍ଟହିଁ ହୋଇଯାଉଛି । ବାହାରକୁ ସବୁ ଠିକ୍ ଅଛି, ଏବଂ ଏହିପରି ଭାବରେ ସବୁକିଛି ଚାଲିଛି ଏବଂ ଶାଶ୍ୱତ କାଳ ପର୍ଯ୍ୟନ୍ତ ଏହିପରି ବେଶ୍ ଚାଲିପାରିବ । ମାତ୍ର ଏଥିରେ ଯଦି ଏକ ପରିବର୍ତ୍ତନ

'oaob.nitrkl.ac.in' images reprocessed

କରାଯାଏ, ତେବେ ତାହା ତତ୍‌କ୍ଷଣାତ୍ ଏକ ବିପ୍ଳବରେହିଁ ପରିଣତ ହୋଇଯିବ ଏବଂ ସେଥିପାଇଁ କାରଣରୁ ସେପରି ଏକ ପଦକ୍ଷେପ ଗ୍ରହଣ କରିବାକୁ ଆଦୌ ଇଚ୍ଛା ହୁଏ ନାହିଁ । ତେଣୁ କପଟତାହିଁ ସାର ହୁଏ : ସବୁକିଛି ଠିକ୍ ଅଛି ବୋଲି କୁହାଯାଏ । ମାତ୍ର ସେକଥା ଆଦୌ ସତ ନୁହେଁ । ଏକ ବିପୁଳ ପରିମାଣରେ ଚେତନାର ହ୍ରାସ ଘଟିବାରେ ଲାଗିଥାଏ ।

ଏହାକୁ, ଏହି ଚେତନାକୁ ସଙ୍ଗେ ସଙ୍ଗେ ବଦଳାଇ ଦେବା ପ୍ରକୃତରେ ସମ୍ଭବ ହେବ କି ?

**ବଦଳାଇ ଦେବା ?…**

(ପବିତ୍ର) ଏଇଟାକୁ — ଏହି ଚେତନାକୁ ସଙ୍ଗେ ସଙ୍ଗେ ବଦଳାଇ ଦେବା ।

**ସଙ୍ଗେ ସଙ୍ଗେ ? ଅର୍ଥାତ୍ ?**

(ପଞ୍ଚମ) ଅଳ୍ପକେତୋଟି ମୁହୂର୍ତ୍ତରେ । ଜଣେ ଏପରି ମନେ କରେ ଯେ ତାହାକୁ ବଦଳାଇବା ସକାଶେ ଏକ ବିପ୍ଳବ କରିବାକୁ ପଡ଼ିବ ।

**ହଁ, ମାତ୍ର ଏକ ବିପ୍ଳବ ତ ଅଧସେକେଣ୍ଡ ମଧ୍ୟରେ ବି ସମ୍ଭବ ହୋଇପାରେ । ଏଥିପାଇଁ କେତେ ବର୍ଷ ବି ଲାଗିପାରେ, କିନ୍ତୁ ଶତାବ୍ଦୀ ଲାଗିପାରେ, ଏପରିକି ଏକାଧିକ ଜୀବନ ମଧ୍ୟ ଅତିବାହିତ ହୋଇଯାଇ ପାରେ । ଏହା ଗୋଟିଏ ସେକେଣ୍ଡରେ ମଧ୍ୟ ସମ୍ଭବ ହୋଇପାରେ ।**

**ଆମେ ଏହା ଅବଶ୍ୟ କରିପାରିବା । ବିଶେଷତଃ, ଆମ ଭିତରେ ଏହି ଚେତନାର ଉଲ୍ଲଙ୍ଘନଟି ସମ୍ଭବ ହୋଇ ପାରିଲେ ଗୋଟାଏ ସେକେଣ୍ଡରେ ସବୁ, ସବୁକିଛୁ ବଦଳି ଯାଇପାରେ । …ବିଶେଷତଃ, ଯାହା ମୁଁ କହେ, ଅର୍ଥାତ୍ ମୁଁ ଯାହାକୁ କହେ ବୋଲି ଭାବୁଛୁ, ତାହା ପ୍ରକୃତରେ ସତ ନୁହେଁ ଏବଂ, ଯାହା ମୋ ସତ୍ତାର ପ୍ରକୃତ ସତ୍ୟ, ସେକଥା କିପରିରେ ମୁଁ କିଛୁ ଜାଣେ ନାହିଁ ବୋଲି ଭାବିବାକୁ ସମର୍ଥ ହେଉଥିବାରୁ ଯେଉଁ ବିମୂଢ଼ତା ଆସି ଉପସ୍ଥିତ ହୋଇଥାଏ, ତାହା ତତ୍‌କ୍ଷଣାତ୍ ବଦଳି ଯାଇପାରେ । ପ୍ରକୃତରେ ସାଧାରଣତଃ ପ୍ରତିକ୍ରିୟାଟି ଠିକ୍ ଏହିପରି ହେଉଥାନ୍ତା, ତାଙ୍କର ଯେଉଁଭଳି ପ୍ରତିକ୍ରିୟା ହେଲା, ଠିକ୍ ସେହିପରି : "ତେବେ ମୁଁ କହିଲେ ପ୍ରକୃତରେ କାହାକୁ ବୁଝାଇବ ? ଯଦି, ମୁଁ**

'oaob.nitrkl.ac.in' images reprocessed

ଯାହାକୁ ମୁଁ ବୋଲି ଅନୁଭବ କରୁଛି ତାହା ପ୍ରକୃତରେ ଏକ ଭ୍ରମାତ୍ମକ ରଚନା ବ୍ୟତୀତ ଆଉ କିଛି ନୁହେଁ, ଯଦି ତାହା ମୋ'ସତ୍ତାର ଅସଲ ସତ୍ୟ ନୁହେଁ, ତେବେ ମୁଁ କହିଲେ ପ୍ରକୃତରେ ଆଉ କେଉଁ ବସ୍ତୁକୁ ବୁଝାଇବ ?" କାରଣ ସେକଥାଟିକୁ ସିଏ ଜାଣି ନାହିଁ । ଏବଂ ତେଣୁ, ଯେତେବେଳେ ଜଣେ ସେହିପରି ଭାବରେ ପ୍ରଶ୍ନ କରିବ…

ଏପରି ଗୋଟିଏ ମୁହୂର୍ତ୍ତ ରହିଛି—କାରଣ, ଏହା ଏପରି ଏକ ପ୍ରଶ୍ନ, ଯାହାକି କ୍ରମଶଃ ଅଧିକରୁ ଅଧିକ ଉତ୍କଟ ଏବଂ ଅଧିକରୁ ଅଧିକ ତୀବ୍ର ହେବାରେ ଲାଗିଥାଏ—ଯେତେବେଳେ କି ତୁମେ ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ଏପରି ମଧ୍ୟ ଅନୁଭବ କରିବାକୁ ଆରମ୍ଭ କର ଯେ, ବିଷୟସବୁ ପ୍ରକୃତରେ ଅତ୍ୟନ୍ତ ବିଚିତ୍ର, ଅର୍ଥାତ୍, ସେଗୁଡ଼ିକ ଆଦୌ ବାସ୍ତବ ନୁହନ୍ତି; ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ ଯେତେବେଳେ କି ତୁମେ ପ୍ରକୃତରେ ତୁମେ ହୋଇ ରହିଛ ବୋଲି ନିଜ ବିଷୟରେ ତୁମର ଅନୁଭୂତିଟି ହଠାତ୍ ଏକ ବିଚିତ୍ର ଅନୁଭୂତି ପରି ଲାଗେ, ତୁମକୁ ଏକ ଅବାସ୍ତବତାର ବୋଧ ଆଣିଦିଏ । ଏବଂ ତା'ପରେ ସେହି ପ୍ରଶ୍ନଟି ବାରବାର ଆସିବାରେ ଲାଗିଥାଏ : "ତେବେ, ପ୍ରକୃତ ମୁଁ କହିଲେ ଆଉ କ'ଣ ବୁଝାଇବ ?" ଏବଂ, ଏପରି ଏକ ମୁହୂର୍ତ୍ତ ମଧ୍ୟ ଆସେ, ଯେତେବେଳେ କି ସେହି ପ୍ରଶ୍ନଟି ଏତେ ଅଧିକ ପରିମାଣର ଏକାଗ୍ରତା ଏବଂ ସଘନତା ସହିତ ତୁମ ପାଖରେ ଆସି ପହଞ୍ଚିବ ଯେ, ଏକାଗ୍ରତାର କ୍ଷେତ୍ରରେ ଏତେ ଅଧିକ ସଘନତା ଘଟିବା ଫଳରେ ହଠାତ୍ ସେହି କ୍ଷେତ୍ରରେ ଏକ ଉତ୍କ୍ରମଣ ସଂଘଟିତ ହେବ, ଏବଂ ତା'ପରେ, ତୁମେ ଆଉ ଏପାଖରେ ନ ରହି ସେପାଖକୁ ଅତିକ୍ରମ କରି ଚାଲିଯିବ,—ଏବଂ ତୁମେ ସେପାଖରେ ଅବସ୍ଥାନ କରୁଥିବା ସମୟରେ ସବୁକିଛି ଅତ୍ୟନ୍ତ ସରଳ ହୋଇଯିବ; ତୁମେ ବୁଝି ପାରୁଥିବ, ଜାଣି ପାରୁଥିବ, ତୁମେ ଆପଣାର ଅସ୍ତିତ୍ୱଟିକୁ ଅନୁଭବ କରି ପାରୁଥିବ, ଜୀବନଟିକୁ ବଞ୍ଚୁଥିବ ଏବଂ ସେତେବେଳେ ବାକି ସବୁକିଛି ତୁମକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅବାସ୍ତବ ବୋଲି ଲାଗିବାକୁ ଆରମ୍ଭ କରିବ । ବାସ୍, ଏହାହିଁ ଯଥେଷ୍ଟ ।

ଏହି ମୁହୂର୍ତ୍ତଟି ଆସି ପହଞ୍ଚିବା ପୂର୍ବରୁ ହୁଏତ ବହୁ ଦିନ, ମାସ, ବର୍ଷ, ଶତାବ୍ଦୀ ଅଥବା ଜୀବନ ମଧ୍ୟ ଅପେକ୍ଷା କରି ରହିବାକୁ ପଡ଼ିବ । ମାତ୍ର ତୁମେ ଯଦି ଆପଣାର ଅଭୀପ୍ସାକୁ ଅଧିକରୁ ଅଧିକ ପ୍ରଗାଢ଼ କରି ଜାଣିଥିବ, ତେବେ ଏପରି ଗୋଟିଏ ମୁହୂର୍ତ୍ତ ଆସି ସମ୍ଭବ ହେବ, ଯେତେବେଳେ କି ବ୍ୟଗ୍ରତା ତଥା ପ୍ରଶ୍ନଟିର ତୀବ୍ରତା ମଧ୍ୟ ଏତେ ଶକ୍ତିଶାଳୀ ହୋଇ ପଡ଼ିବ ଯେ, ତୁମର ଚେତନାରେ ସତେଅବା କ'ଣ ଗୋଟିଏ ଓଲଟି ପଡ଼ିବ, ଏବଂ ତା'ପରେ ତୁମେ ସମ୍ପୂର୍ଣ୍ଣ ଭାବରେ ଏହିପରିହିଁ ଅନୁଭବ କରିବ : ତୁମେ ଅନୁଭବ କରିବ ଯେ ତୁମେ ଆଉ ଏଠାରେ

'oaob.nitrkl.ac.in' images reprocessed

ନାହିଁ, ତୁମେ ପ୍ରକୃତରେ ସେଠାରେ ଯାଇ ରହୁଛ, ବାହାରୁ ନ ଦେଖି ଭିତରୁ ଦେଖିବା ସକାଶେ ଉପାୟ ଖୋଜୁଛ, ତୁମେ ସେହି ଭିତରେ ଯାଇ ରହୁଛ । ଏବଂ, ତୁମେ ଯେଉଁ ମୁହୂର୍ତ୍ତରେ ଭିତରେ ଯାଇ ରହିପାରିବ, ସେହି ମୁହୂର୍ତ୍ତଠାରୁହିଁ ସବୁକିଛି ସମ୍ପୂର୍ଣ୍ଣ ଭାବରେ ବଦଳିଯିବ ଏବଂ, ତୁମକୁ ଯାହା ଏପର୍ଯ୍ୟନ୍ତ ସତ୍ୟ, ସ୍ୱାଭାବିକ, ପ୍ରକୃତ, ସାଧାରଣ ବା ବାସ୍ତବିକ ବୋଲି ଲାଗୁଥିଲା, ତାହା ସଙ୍ଗେ ସଙ୍ଗେ ଅତ୍ୟନ୍ତ କିମ୍ଭୂତ, ବିଚିତ୍ର, ଅବାସ୍ତବ ଏବଂ ଅସମ୍ଭବ ପରି ବୋଧ ହେବ । ମାତ୍ର, ତଦ୍ୱାରା ତୁମେ ଏପରି ଏକ ବସ୍ତୁର ସ୍ପର୍ଶ ଲାଭ କରିଥିବ, ଯାହା ହେଉଛି ସର୍ବୋଚ୍ଚ ଭାବରେ ସତ୍ୟ ଏବଂ ଶାଶ୍ୱତ ଭାବରେ ସୁନ୍ଦର । ଏବଂ ତୁମର ଏହି ଅନୁଭୂତି ତୁମକୁ କଦାପି ଛାଡ଼ି ଚାଲିଯିବ ନାହିଁ ।

ଥରେ ଏହି ଉତ୍ତରଣଟି ସଂଘଟିତ ହୋଇଗଲେ, ତୁମେ ତା'ପରେ ଅବଲୀଳକ୍ରମେ ପୁନର୍ବାର ବାହ୍ୟ ଚେତନା ମଧ୍ୟରେ ପ୍ରବେଶ କରି ପାରିବ, ଜୀବନସ୍ଥ ବସ୍ତୁଗୁଡ଼ିକ ସହିତ ରହିଥିବା ତୁମର ସଂସ୍ପର୍ଶ ସୂତ୍ରଟିକୁ ତୁମକୁ ଆଦୌ ହରାଇବାକୁ ପଡ଼ିବ ନାହିଁ; ମାତ୍ର ତୁମର ସେହି ଅନୁଭୂତିଟି ତଥାପି ରହିଥିବ ଓ ତୁମକୁ ଛାଡ଼ି ଆଦୌ ଚାଲିଯିବ ନାହିଁ । ଅନ୍ୟମାନଙ୍କ ସହିତ ସଂପର୍କରେ ଆସୁଥିବା ସମୟରେ ତୁମେ ହୁଏତ କିଞ୍ଚିତ୍ ପରିମାଣରେ ସେମାନଙ୍କର ଅଜ୍ଞାନ ଏବଂ ଅନ୍ଧତା ମଧ୍ୟରେ ପୁନର୍ବାର ଆସି ପଡ଼ି ଯାଉଥିବ; ମାତ୍ର ତଥାପି ଅସଲ କ୍ଷେତ୍ରରେ ସେହି ବସ୍ତୁଟି ଅବଶ୍ୟ ଥିବ, ଜୀବନ୍ତ ହୋଇ ରହିଥିବ, ଭିତରେ ଦଣ୍ଡାୟମାନ ରହିଥିବ, କଦାପି ଆଉ କୁଆଡ଼େ ପଳାଇଯିବ ନାହିଁ । ଶେଷକୁ ତାହା ସବୁକିଛିକୁ ଭେଦ କରିବାକୁ ସମର୍ଥ ହେବ, ଅନ୍ଧତାଟି ସ୍ଥାୟୀ ଭାବରେ ଅନ୍ତର୍ହିତ ହୋଇଯିବା ପର୍ଯ୍ୟନ୍ତ ତାହା ସେହିପରି ଭେଦ କରିବାରେ ଲାଗିଥିବ । ଏବଂ, ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ବାସ୍ତବ ଅନୁଭୂତି, ସ୍ଥୂଳତମ କୌଣସି ବସ୍ତୁଠାରୁ ମଧ୍ୟ ଅଧିକ ସ୍ଥୂଳ ଓ ଅଧିକ ମୂର୍ତ୍ତ, ତୁମ ମୁଣ୍ଡରେ କୁଆଡ଼ୁ ଆସି ବାଜୁଥିବା ଗୋଟିଏ ମାଡ଼ଠାରୁ ଅଧିକ ବାସ୍ତବ, ଯେକୌଣସି ବସ୍ତୁଠାରୁ ତାହା ଅଧିକ ସତ୍ୟ ।

ସେଇଥି ଲାଗିହିଁ ମୁଁ ସବୁବେଳେ କହେ···ଚୈତ୍ୟସତ୍ତା ସହିତ ସୂତ୍ରଟି ପ୍ରକୃତରେ ଲାଗିକରି ରହିଛି କି ନାହିଁ କିପରି ଜାଣିହେବ ବା, ଦିବ୍ୟ ପରମସତ୍ତାଙ୍କର ଦର୍ଶନ ମିଳିଲାଣି କି ନାହିଁ ବୋଲି ଜଣେ ବ୍ୟକ୍ତି କିପରି ଜାଣିପାରିବ ବୋଲି ଯେତେବେଳେ ମୋତେ ଲୋକମାନେ ପଚାରିବାକୁ ଆସନ୍ତି,—ସେମାନଙ୍କର ପ୍ରଶ୍ନ ଶୁଣି ମୋତେ ପ୍ରକୃତରେ ହସ ମାଡ଼େ । କାରଣ, ସେହି କଥାଟି ଯେତେବେଳେ ତୁମ ଜୀବନରେ ପ୍ରକୃତରେ ଘଟିବ, ସେତେବେଳେ ତ କଥା ସରିଲା,—ତୁମେ ଆଉ ସେତେବେଳେ ଆଦୌ କୌଣସି ପ୍ରଶ୍ନ ପଚାରି ପାରିବ ନାହିଁ, ସେତେବେଳେ

'oaob.nitrkl.ac.in' images reprocessed

ଯାହା ଘଟିବାର ପ୍ରକୃତରେ ଘଟିଥିବ । ତାହା କିପରି ଘଟିଲା, ତୁମେ କଦାପି ସେକଥା ପଚାରିବାକୁ ଯିବ ନାହିଁ । ତାହା ବାସ୍ତବରେ ଘଟି ସାରିଥାଏ ।

> ମୁଁ ଏହି କଥାଟି ଉପରେ ଗୋଟିଏ ପ୍ରଶ୍ନ ପଚାରୁଛି : ବ୍ୟକ୍ତିଗତ ଭାବରେ ମୁଁ ବାରବାର ପୁଣି ଯାଇ ସେହି ସାଧାରଣ ଚେତନା ଭିତରେ ପଡ଼ିଯାଉଛି; ମୋ' ଭିତରେ ତାହା କ୍ରମଶଃ ସଚେତଅବା ଅଧିକରୁ ଅଧିକ ଦୁରାଗ୍ରହ ସମ୍ବନ୍ଧ ହେବାରେ ଲାଗିଛି । ମୁଁ ଏହିପରି ଅନୁଭବ କରୁଛି ।

ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ପ୍ରଶ୍ନ ।

> ମାତ୍ର, କାହିଁକି ସେପରି ହେଉଛି ? ଏହା ·ଏକାବେଳେକେ ନିରର୍ଥକ ବୋଲି ମୁଁ ଜାଣୁଥିଲେ ମଧ୍ୟ···

ଏପରି ହେଉଛି, କାରଣ, ମୁଁ ଭାବୁଛି, ତୁମ ଭିତରେ ଏବେ ମଧ୍ୟ ଏକ ଦୁର୍ବଳତା ରହିଛି; ଅର୍ଥାତ୍, ତୁମ ସତ୍ତାର ଗୋଟିଏ ଅଂଶ ଅବଶିଷ୍ଟ ଅଂଶଟି ସହିତ ଏକାଠି ଯିବାକୁ ଅସମ୍ମତ ପ୍ରକାଶ କରୁଛି । ସାଧାରଣତଃ ସେହିପରି ପରିସ୍ଥିତିରେହିଁ ସେଭଳି ଘଟିଥାଏ । ଗୋଟିଏ ଅଂଶ ଅଗ୍ରଗତି କରିଥାଏ ମାତ୍ର ଆଉ ଗୋଟିଏ ଅଂଶ ଯେଉଁଠି ଅଛି ସେଇଠି ରହିଥାଏ ଏବଂ ଏତେଟିକିଏ ଉହୁଙ୍କିବାକୁ ବି ରାଜି ହେଉନ ଥାଏ । ତେଣୁ ତୁମେ ଅଧିକରୁ ଅଧିକ ପରିମାଣରେ ଅନୁଭବ କର ଯେ ତୁମର ସେହି ଅଂଶଟି ଯେଉଁ ଅବସ୍ଥାରେ ଅଛି, ସତେଯେପରି ତାହା ସବୁବେଳେ ସେହି ଅବସ୍ଥାରେହିଁ ରହିବାକୁ ଇଚ୍ଛା କରୁଛି । ସେହି କାରଣରୁ ତୁମେ ବାଟରେ କିଛି ଜିନିଷପତ୍ର ଛାଡ଼ିଦେଇ ଆସିଥାଅ ଏବଂ, ସେଗୁଡ଼ିକୁ ନିଜ ସାଙ୍ଗରେ ନ ଆଣି ରାସ୍ତା କଡ଼ରେ କେଉଁଠି ରଖିଦେଇ ଆସିଥାଅ । ତାହା ତୁମକୁ ଅନବରତ ସେହି ପଛକୁହିଁ ଟାଣିବାରେ ଲାଗିଥିବ । ବେଳେବେଳେ, ଦୁର୍ଭାଗ୍ୟବଶତଃ, ତୁମକୁ ଫେରିଯିବାକୁ ବି ହୋଇଥାଏ, ପଛକୁ ଯାଇ ସେଇଟିକୁ ମଧ୍ୟ ଉଠାଇ ସାଙ୍ଗରେ ଆଣିବାକୁ ପଡ଼ିଥାଏ । ଏଥିରେ ଅନେକ ସମୟ ନଷ୍ଟ ହୁଏ । ପ୍ରକୃତରେ ସମୟ ନଷ୍ଟ ହୋଇଯାଏ । କାରଣ, ଆମ ସତ୍ତାରେ ରହିଥିବା କେତେ କେତେ ବସ୍ତୁପ୍ରତି ଆମେ ଆଖିକୁ ବନ୍ଦ କରି ରଖିଥାଉ । ଆମେ ସେଗୁଡ଼ିକ ଆଡ଼କୁ ଅନାଇବାକୁ ଇଚ୍ଛା କରୁ ନାହିଁ, କାରଣ ସେଗୁଡ଼ିକ ଆଦୌ ସେତେ ସୁନ୍ଦର ଦେଖା ଯାଉ ନ ଥାନ୍ତି । ତେଣୁ ସେଗୁଡ଼ିକ ବିଷୟରେ ଆଦୌ କିଛି ନ ଜାଣିବାକୁହିଁ ଆମେ ଅଧିକ ପସନ୍ଦ କରୁ । ମାତ୍ର, ଆମେ କୌଣସି ବସ୍ତୁ ବିଷୟରେ ଅଜ୍ଞାନ ହୋଇ ରହିଲୁ ବୋଲି ସେଇଟି ଆଉ ସେଠାରେ ପ୍ରକୃତରେ ନାହିଁ, ସେକଥା ଆଦୌ ନୁହେଁ । ସେତେବେଳେ

'oaob.nitrkl.ac.in' images reprocessed

ତୁମେ ଏପରି କର : ତୁମେ ସେଇଟିକୁ ବାଟରେ ଓହ୍ଲାଇ ଦେଇ ଆଗକୁ ଚାଲି ଯିବାକୁ ଚେଷ୍ଟା କର; ମାତ୍ର ସେଇଟି ତ ସୂକ୍ଷ୍ମଭାବରେ ବନ୍ଧାହୋଇ ରହିଥାଏ, ତେଣୁ ଏଡ଼େ ବଡ଼ ପଥରଟାଏ ପରି ଯିଏ ତୁମକୁ ପଛକୁହିଁ ଟାଣିବାରେ ଲାଗେ । ତେଣୁ, ସେହି କ୍ଷେତ୍ରରେ, ସାହସର ସହିତ ସେଇଟିକୁ ମଧ୍ୟ ନେଇ ସମ୍ମୁଖରେ ଏହିପରି (ମାଆ ଭଙ୍ଗୀ କରି ଦେଖାଇଦେଲେ) ଧରି ରଖିବାକୁ ପଡ଼ିବ ଏବଂ ତାକୁ କହିବାକୁ ହେବ : "ବର୍ତ୍ତମାନ ତୁ ଓ ମୋ' ସହିତ ଅବଶ୍ୟ ଚାଲିବୁ ।" ଓଟପକ୍ଷୀ ପରି ଆଚରଣ କରି ଆଦୌ କୌଣସି ଫଳ ହେବ ନାହିଁ । ଅର୍ଥାତ୍, ନିଜ ଆଖି ଦୁଇଟିକୁ ବୁଜି କରି ବସିଯିବ ଏବଂ ନିଜ ଭିତରେ ଅମୁକ ଭୁଲ୍, ଅମୁକ ଅସୁବିଧା, ଅମୁକ ଅକ୍ଷମତା କିଂବା ଅମୁକ ନିର୍ବୋଧତାଟି ରହିଛି ବୋଲି ଦେଖିବାକୁ ଇଚ୍ଛା କରୁ ନ ଥିବ—ମୋଟେ ଦେଖିବାକୁ ଇଚ୍ଛା କରୁ ନ ଥିବ,—ବାଆଁରେଇ ହୁଏତ ଆଉ ଏକ ଅନ୍ୟ ଆଡ଼କୁ ଅନାଉଥିବ ମାତ୍ର ସେହି ବସ୍ତୁଟି ତଥାପି ତାହାର ଯଥାସ୍ଥାନରେ ଯେମିତି ଥିଲା, ସେମିତି ରହିଥିବ । ଏହାଦ୍ୱାରା କୌଣସି ଫଳ ହେବ ନାହିଁ ।

ତୁମକୁ ଦିନେ ନା ଦିନେ ଅବଶ୍ୟ ସେହି ବସ୍ତୁଟିର ସମ୍ମୁଖୀନ ହେବାକୁ ପଡ଼ିବ । ତା' ନ ହେଲେ ତୁମେ କଦାପି ବାଟର ଶେଷରେ ଯାଇ ପହଞ୍ଚି ପାରିବ ନାହିଁ, ସେଇଟି ତୁମକୁ ସର୍ବଦା ପଛକୁ ଟାଣିବାରେ ଲାଗିଥିବ । ତୁମେ ହୁଏତ ଅନୁଭବରେ ଆଗକୁ ଆଗକୁ ଚାଲିଥିବ, ହୁଏତ ଆଗକୁ ଅନାଇ ଲକ୍ଷ୍ୟଟିକୁ ବି ଦେଖି ପାରୁଥିବ, ଲକ୍ଷ୍ୟ ନିକଟବର୍ତ୍ତୀ ହୋଇ ଆସୁଥିବାର ଦେଖି ପାରୁଥିବ, ଏହି ସବୁକିଛି ଅଧିକରୁ ଅଧିକ ହେବାରେ ଲାଗିଥିବ; ହୁଏତ ତୁମ ଭିତରେ ଏପରି ଏକ ବସ୍ତୁ ଥିବ ଯାହାକି ତୁମ ଆପେଆପେ ଚାଲିଥିବ ଏବଂ ତାହା ଯେପରି ଲକ୍ଷ୍ୟକୁ ଯାଇ ସ୍ପର୍ଶ କରିବ, ତୁମର ହୁଏତ ଏପରି ଏକ ଅନୁଭୂତି ମଧ୍ୟ ହେଉଥିବ,—ମାତ୍ର, ଏହି ପଥରଗୁଡ଼ିକ ତୁମକୁ ପଛକୁ ଟାଣିବାରେ ଲାଗିଥିବା ପର୍ଯ୍ୟନ୍ତ ତୁମେ କଦାପି ଲକ୍ଷ୍ୟକୁ ସ୍ପର୍ଶ କରିପାରିବ ନାହିଁ । ଦିନେ ନା ଦିନେ ତୁମକୁ ଯାବତୀୟ ବିଷୟରେ ଏକ ସ୍ପଷ୍ଟ ଫଇସଲ କରିବାକୁହିଁ ପଡ଼ିବ । ବେଳେବେଳେ ଏଥିପାଇଁ ବହୁତ ସମୟ ଲାଗିଥାଏ ସତ, ମାତ୍ର ତୁମକୁ ଯେକୌଣସି ପ୍ରକାରେ ଏକ ଦୃଢ଼ ନିଷ୍ପତ୍ତି ଗ୍ରହଣ କରିବାକୁହିଁ ପଡ଼ିବ; ତା' ନ ହେଲେ, ଯେଉଁଠି ରହିଛ, ସେହିଠାରେହିଁ ଭୁଆଁ ବୁଲିବାକୁ ପଡ଼ୁଥିବ, ଜୀବନ ଯିବାଯାଏ ଏମିତି ଟିକିଏ ଟିକିଏ ଅଗ୍ରସର ହେଉଥିବ ମାତ୍ର ତଥାପି ପହଞ୍ଚି ପାରୁ ନ ଥିବ; ଏବଂ, ଯେତେବେଳେ ଯିବାର ବେଳ ଆସି ପହଞ୍ଚିବ, ସେତେବେଳେ ତୁମେ ହଠାତ୍ ଏପରି ଅନୁଭବ କରିବାକୁ ଆରମ୍ଭ କରିବ : "ନା—ଏଥର ହେଲା ନାହିଁ, ସମ୍ଭବତଃ ଆଉଥରକ ଲାଗି ବାକି ରହିଗଲା ।" ଏହି ଅନୁଭୂତି ଆଦୌ ସୁଖକର ନୁହେଁ; ବରଂ ମୁଁ ଏହାକୁ ଏକ ସାଙ୍ଘାତିକ ପରିସ୍ଥିତି ବୋଲି କହିବି; କାରଣ, ଯଦି ଜଣେ ବ୍ୟକ୍ତି କିଛି ଜାଣି ପାରେ ନାହିଁ, କିନ୍ତୁହେଲେ

'oaob.nitrkl.ac.in' images reprocessed

ବୁଝିପାରି ନାହିଁ, ଯଦି କୌଣସି ଚେଷ୍ଟା ମଧ୍ୟ କରି ନାହିଁ···ଲୋକମାନେ ଏହିପରି ଭାବରେ ଜନ୍ମ ହୁଅନ୍ତି, ଜୀବନ ବିତାଇ ଦିଅନ୍ତି, ମରନ୍ତି; ପୁନର୍ବାର ଜନ୍ମଲାଭ କରନ୍ତି, ଜୀବନ ବଞ୍ଚନ୍ତି ଓ ମରନ୍ତି—ବାସ୍ ଏହିପରି ଭାବରେ ଲାଗି ରହିଥାଏ, ଅନନ୍ତ କାଳ ପର୍ଯ୍ୟନ୍ତ ସେହିପରି ଚାଲିଥାଏ,—ସମସ୍ୟାଟିକୁ ନେଇ ସେମାନେ ନିଜ ସମ୍ମୁଖରେ ଉପସ୍ଥାପିତ ବି କରନ୍ତି ନାହିଁ । ମାତ୍ର ଯଦି କୌଣସି ବ୍ୟକ୍ତି ସ୍ୱାଦଟିକୁ ପାଇଥାଏ, ଏହି ଜୀବନ ଯେ ପ୍ରକୃତରେ କ'ଣ, ସେ କାହିଁକି ଏଠାରେ ଜନ୍ମଲାଭ କରିଛି, ଏଠାରେ ତାକୁ କ'ଣ କରିବାକୁ ହେବ, ଯଦି ତାହାର ଏସବୁ ସମ୍ବନ୍ଧରେ କିଞ୍ଚିତ୍ ପୂର୍ବସ୍ୱାଦ ରହିଥାଏ, ଏବଂ ଅଧିକନ୍ତୁ, ଯଦି ସିଏ କିଛି ପ୍ରୟାସ କରିଥାଏ ଏବଂ ଉପଲବ୍ଧି କରିବାକୁ ଚେଷ୍ଟା କରୁଥାଏ, ଯାହାକିଛି ସାଙ୍ଗରେ ଆସି ନ ପାରୁଛି, ଯଦି ସିଏ ସେଗୁଡ଼ିକଠାରୁ ନିଷ୍କୃତି ଲାଭ କରୁ ନ ଥାଏ, ତେବେ ତଥାପି ପୁଣି ଆଉଥରେ ଆରମ୍ଭ କରିବା ହୁଏତ ଆବଶ୍ୟକ ବି ହୋଇପାରେ । ସେପରି କରିବାକୁ ନ ପଡ଼ିଲେ ବରଂ ଭଲ । ସଚେତନ ଭାବରେ ଏଇଟିକୁ କରି ପାରୁଥିବା ସମୟରେ ଏହାକୁ କରିବା ପ୍ରକୃତରେ ଅଧିକ ଭଲ ଏବଂ ବସ୍ତୁତଃ, "ତୁମେ ଆଜି ଯାହା କରି ପାରିବ, ତାହାକୁ କଦାପି କାଲିକୁ ପକାଇ ରଖ ନାହିଁ" କଥାଟିକୁ ସେହି ଉଦ୍ଦେଶ୍ୟରେହିଁ କୁହା ହୋଇଥାଏ । ଏଠାରେ "ଆଜି" କହିଲେ ବର୍ତ୍ତମାନ ଜୀବନଟିକୁ ବୁଝାଇବ, କାରଣ ଏହିଠାରେହିଁ କରିବାର ଅବସରଟି ରହିଛି, ସୁଯୋଗଟି ମଧ୍ୟ ରହିଛି; ଏବଂ ଆଉଥରେ ତାହାକୁ ଲାଭ କରିବା ଲାଗି ସମ୍ଭବତଃ ବହୁ ହଜାର ବର୍ଷ ଅପେକ୍ଷା କରିବାକୁ ପଡ଼ିବ । ଯେକୌଣସି ପ୍ରକାରେ ହେଉ ପଛକେ, ଆପଣାର କାର୍ଯ୍ୟଟିକୁ ସମ୍ପନ୍ନ କରିବାହିଁ ସର୍ବଦା ଅଧିକ ଭଲ !···ଏଥିଲାଗି ଯେତେ କମ୍ ସମୟ ନଷ୍ଟ ହୁଏ, ତାହା ପ୍ରକୃତରେ ସେତିକି ଭଲ୍ ।

ଆପଣାର ସମ୍ମୁଖୀନ ହେବାକୁ ଭୟ କରି ତୁମେ ଯେତେଥର କେତେ ସୂତରରେ ନିଜ ପାଖରୁ ଯାହା ତୁମକୁ ଅଗ୍ରଗତି କରିବାକୁ ନିବୃତ୍ତ କରି ରଖୁଛି, ତାହା ପାଖରୁ ଲୁଚାଇ ରଖୁଛ, ସେତେଯେପରି ତୁମେ ତଦ୍ୱାରା ତୁମର ନିଜ ରାସ୍ତାରେ ଗୋଟିଏ ପାଚେରି ତିଆରି କରି ଠିଆ କରିଦେଉଛ । ଆଗକୁ ଯାଇ ପାରିବାକୁ ହେଲେ ତୁମକୁ ପରେ ତାହାକୁ ଭାଙ୍ଗି ଦେବାକୁହିଁ ପଡ଼ିବ । ତେଣୁ ସବୁଠାରୁ ଭଲ, ତୁମେ ତତ୍‌କ୍ଷଣାତ୍ ଆପଣାର କାର୍ଯ୍ୟଟିକୁ କରିବ, ନିଜକୁ ସିଧା ଅନାଇକରି ଦେଖିବ, ମୁହାଁମୁହିଁ ସିଧା ହୋଇ ଅନାଇବ, ଫିକା ବଟିକା ଉପରେ କିଛି ମଧୁର ଅଂଶ ବୋଳିବାକୁ ଆଦୌ କୌଣସି ଚେଷ୍ଟା କରିବ ନାହିଁ । ଏହା ପ୍ରକୃତରେ ଭାରି ଫିକା ଲାଗିବ ; ଯାବତୀୟ ଦୁର୍ବଳତା, ଅସୁନ୍ଦରତା, ଯାବତୀୟ ପ୍ରକାରର କୁତ୍ସିତ କ୍ଷୁଦ୍ର କ୍ଷୁଦ୍ର କପଟ, ଯାହାସବୁ ତୁମ ଭିତରେ ରହିଥିବ — ପ୍ରକୃତରେ, ପ୍ରକୃତରେ ବହୁଳ ସଂଖ୍ୟାରେ ରହିଥିବ । ଏହିପରି ଭାବରେ ତୁମେ ପ୍ରକୃତରେ କିଛି ଉପଲବ୍ଧି

'oaob.nitrkl.ac.in' images reprocessed

ହାସଲ କରିବାକୁ ଯାଉଥିବ, କୌଣସି ଏକ ଆଲୋକକୁ ସ୍ପର୍ଶ କରିବାକୁ ଯାଉଥିବ, ଏକ ସନ୍ଦୀପନ ସମ୍ଭବ କରାଇବାକୁ ଯାଉଥିବ, ଏବଂ ଠିକ୍ ସେତିକବେଳେ ହଠାତ୍ ଅନୁଭବ କରିବାକୁ ଲାଗିବ ଯେ, ଆଉଗୋଟିଏ ବସ୍ତୁ ଯେପରି ତୁମକୁ ପଛରୁ ଏହିପରି ଭାବରେ (ମାଆ ଭଙ୍ଗୀ ଦ୍ୱାରା ଦେଖାଇଦେଲେ) ଟାଣିବାରେ ଲାଗିଛି; ତୁମେ ଅଣନିଃଶ୍ୱାସୀ ହୋଇ ଗଲାପରି ଅନୁଭବ କରିବ, ଆଉ ମୋଟେ ଆଗକୁ ଯାଇପାରିବ ନାହିଁ । ଏହିପରି ମୁହୂର୍ତ୍ତିମାନଙ୍କରେ କେତେକ ବ୍ୟକ୍ତି ରୋଦନ କରନ୍ତି, କେତେକ ଶୋକାର୍ତ୍ତ ହୋଇଉଠନ୍ତି, ଆଉ କେତେକ "ହାୟ, ହାୟ, ପୁଣି ସେହି ବନ୍ଧନଟି ଆସି ପହଞ୍ଚିଲା" ବୋଲି କହନ୍ତି । ଏହି ସବୁକିଛି କେବଳ ଏକ ହାସ୍ୟକର ଦୁର୍ବଳତା ବ୍ୟତୀତ ଆଉ କିଛି ନୁହେଁ । ସେତେବେଳେ ତୁମକୁ ନିଜ ଆଡ଼କୁ କେବଳ ଏହିପରି ଭାବରେ ଅନାଇବାକୁ ହେବ ଏବଂ କହିବାକୁ ପଡ଼ିବ, "କେଡ଼େ କ୍ଷୁଦ୍ର ଓ ନୀଚକଥା, —ନିର୍ବୋଧତା ଓ ଦାମ୍ଭିକତା;—ସେହି ଅଜ୍ଞାନ ଏବଂ ଅସତ୍ ଇଚ୍ଛା ତଥାପି ସେହିପରି ରହିଛି, ଗୋଟିଏ କୋଣରେ ଯାଇ ଲୁଚି ବସିଛି, ମୋତେ ଦୁଆରଟିକୁ ମୋଟେ ଡେଇଁବାକୁ ଦେଉ ନାହିଁ, ଏହି ନୂତନ ଆବିଷ୍କାରର ଦୁଆରଟି ଡେଇଁ ମୋଟେ ଭିତରକୁ ଯିବାକୁ ଦେଉ ନାହିଁ ! ମୋ' ଭିତରେ ଏପରି କିଏ ଗୋଟିଏ ରହିଛି, ଯାହା ଏଡ଼େ କ୍ଷୁଦ୍ର, ଏଡ଼େ ନୀଚ ଓ ଏଡ଼େ ଜିଦ୍‌ଖୋର୍, କୌଣସି ପୋକ ଗୋଟିଏ ଫଳକୁ କାମୁଡ଼ି ଧରିଲା ପରି ମୋ ଭିତରେ ଲୁଚିକରି ରହିଛି, ଯେପରିକି ମୁଁ ତାକୁ ଆଦୌ ଦେଖିପାରିବି ନାହିଁ ?" ଯଦି ତୁମର ଆନ୍ତରିକତା ଥିବ, ତେବେ ତୁମେ ତାହାକୁ ଅବଶ୍ୟ ଖୋଜି ପାଇବ; ମାତ୍ର ସବୁଠାରୁ ବଡ଼ କଥା, ଏକମାତ୍ର କଥା ହେଉଛି : ତୁମେ ବଟିକାଟିକୁ ସବୁବେଳେ ଉପରୁ ଚିନି ବୋଳି ଦେଇଥାଅ । ଏହି ଚିନି ବୋଳିବାକୁ ଏହି କ୍ଷେତ୍ରରେ କେବଳ ମାନସିକ ଭାବରେ ନିଜକୁ ବୁଝିବା ବୋଲି କୁହାଯାଇପାରେ । ତେଣୁ, ଭିତରେ ଯାହା ପ୍ରକୃତରେ ରହିଛି, ତାହାକୁ ନିଜଠାରୁ ଉତ୍ତମରୂପେ ଗୋପନ କରି ରଖିବା ଉଦ୍ଦେଶ୍ୟରେ ତୁମେ ବଟିକାଟି ଉପରେ ଯଥାସମ୍ଭବ ଅଧିକ ବହଳ କରି ଚିନି ବୋଳି ଦେଇଥାଅ, — ଭିତରେ ରହିଥିବା ସେହି ପୋକଟିକୁ ଗୋପନ କରି ରଖିବା ଲାଗି । ଏବଂ ତୁମେ ସବୁବେଳେ ଏହି କଥାଟିକୁ କରୁଥାଅ, ସବୁବେଳେ କିଛି ନା କିଛି କୈଫିୟତ୍ ଦେବାକୁ ରହିଥାଏ,—ସବୁବେଳେ ରହିଥାଏ ।

"ଏତେ ତରତର କାହିଁକି, ଏତେ ଶୀଘ୍ର କ'ଣ ପାଇଁ,—ଅନ୍ୟମାନେ ତ କେହି ଏକଥା କରୁ ନାହାନ୍ତି ?" — ଏହିପରି ଏକ ପ୍ରବଞ୍ଚନା ମୋତେ ଆପଣାକୁ ସେହି ପ୍ରଭାବଟି ଲାଗି ଉନ୍ମୋଚିତ କରିଦେଇ ପାରିବାରୁ ବଞ୍ଚିତ କରି ରଖିଥାଏ ।

'oaob.nitrkl.ac.in' images reprocessed

ଏହା ଏକ ସାଂଘାତିକ କଥା, ଯାହାକି ସବୁବେଳେ ଶୁଣିବାକୁ ମିଳିଥାଏ !

ଏହାଠାରୁ ଅଧିକ ନିର୍ବୋଧତାପୂର୍ଣ୍ଣ କୌଣସି ବୈଶିଷ୍ଟ୍ୟର କଳ୍ପନା ବି କରିହୋଇପାରିବ ନାହିଁ । ନାହିଁ,—ଏହାଠାରୁ ମଧ୍ୟ ଅଧିକ ଧୃଷ୍ଟତାପୂର୍ଣ୍ଣ ଏବଂ ଅଧିକ ବିପଜ୍ଜନକ ଅନ୍ୟ ବୈଶିଷ୍ଟ୍ୟମାନ ରହିଛି ।

ମାତ୍ର, ଦିବ୍ୟ ପରମସତ୍ତାଙ୍କ ହାତରେ ଆପଣାକୁ ସମ୍ପୂର୍ଣ୍ଣ ଶୁଦ୍ଧ ଓ ସମଗ୍ର ଭାବରେ ସମର୍ପଣ କରି ଦେଇଥିବା ବ୍ୟକ୍ତି ସମସ୍ତ ସୃଷ୍ଟିରେ ତୁମେହିଁ କେବଳ ଏକମାତ୍ର ଜଣେ ହୋଇଥିଲେ ମଧ୍ୟ ଏବଂ, ଏହିପରି ବ୍ୟକ୍ତି ମାତ୍ର ଜଣେ ହୋଇଥିବାରୁ ତୁମକୁ ସମସ୍ତେ ସମ୍ପୂର୍ଣ୍ଣ ଭାବରେ ଭୁଲ୍ ବୁଝୁଥିଲେ, ଗାଳି ଦେଉଥିଲେ, ଉପହାସ କରୁଥିଲେ ଏବଂ ଘୃଣା କରୁଥିଲେ ମଧ୍ୟ, ଯଦି ପ୍ରକୃତ ସ୍ଥିତି ତାହାହିଁ ହୁଏ, ତେବେ ମଧ୍ୟ ତାହା ନ କରିବା ଲାଗି ଆଦୌ କୌଣସି କାରଣ ନାହିଁ । ତେବେ ତୁମେ ହୁଏତ କେବଳ ଜଣେ ଉପର-ଦେଖାଣିଆ ଅଭିନେତା ହୋଇଥିବ ଅଥବା ଜଣେ ଏକାନ୍ତ ନିର୍ବୋଧ ବ୍ୟକ୍ତି ହୋଇଥିବ । ଅନ୍ୟମାନେ କରୁନାହାନ୍ତି ବୋଲି ତୁମେ କରିବ ନାହିଁ ? ମାତ୍ର, ସେମାନେ କଲେ କି ନ କଲେ, ସେଥିରେ ତୁମର କ'ଣ ଯିବ ବା ଆସିବ ? ତୁମେ ସିନା କହନ୍ତ, "ସେଥିରେ କ'ଣ ହେଲା ? ସାରା ପୃଥିବୀ ଯଦି ଭୁଲ୍ ବାଟରେ ଯାଉଛି ଯାଉଥାଉ, ଏଥିରେ ମୋର ଆଦୌ କିଛି ଯାଏ ଆସେ ନାହିଁ । ମୋର କେବଳ ଗୋଟିଏ କଥା କରିବାକୁ ରହିଛି, ମୁଁ ମୋ ବାଟରେ ସିଧା ସିଧା ଯିବ । ଅନ୍ୟମାନେ କପର କଲେ ବା ନ କଲେ, ମୁଁ ସେକଥା କାହିଁକି ଭାବିବ ? ତାହା ସେମାନଙ୍କର ଧନ୍ଦା, ମୋର ନୁହେଁ ।"

ଏଇଟା ହେଉଛି ସବୁଠାରୁ ନିକୃଷ୍ଟ ସ୍ତରର ଦାସତ୍ୱ !

ଏଠାରେ ଲେଖା ହୋଇଛି "ଯୋଗର ଏହି ମାର୍ଗଟି ଅନ୍ୟ ଅଧିକାଂଶ ମାର୍ଗ ଅପେକ୍ଷା ବହୁଗୁଣରେ ଅଧିକ ପରିବ୍ୟାପ୍ତ ଏବଂ ଅଧିକ ଆୟାସସାପେକ୍ଷ । ତେଣୁ, ଚୈତ୍ୟର ଆହ୍ୱାନ ପ୍ରକୃତରେ ଆସିଛି ଏବଂ ତୁମେ ଶେଷଯାଏ ଯିବା ଲାଗି ପ୍ରସ୍ତୁତ ଅଛ, ଏହି ବିଷୟରେ ସୁନିଶ୍ଚିତ ହୋଇ ନ ଥିବା ପର୍ଯ୍ୟନ୍ତ ତୁମେ କଦାପି ଏହି ମାର୍ଗରେ ପ୍ରବେଶ କରିବ ନାହିଁ ।" ମାଆ, ଏହି କଥାଟିର କ'ଣ ଏପରି ଅର୍ଥ ହେବ ଯେ, ଯେଉଁମାନଙ୍କୁ ଗ୍ରହଣ କରାଯାଇଛି ଓ ଯେଉଁମାନେ ଏଠାରେ ଆଶ୍ରମରେ ଅଛନ୍ତି, ସେମାନେ ସୁନିଶ୍ଚିତ ଭାବରେ ଏହି ମାର୍ଗଟିକୁ ଅତିକ୍ରମ କରିପାରିବେ ଓ ସଫଳତା ଲାଭ କରିପାରିବେ ?

'oaob.nitrkl.ac.in' images reprocessed

ମାତ୍ର, ଏପରି କଥା କାହିଁକି ଉଠୁଛି ? କାରଣ ··· ମୁଁ ପ୍ରକୃତ ଅନୁପାତଟି କେବେ କହିପାରିବି ନାହିଁ; କିନ୍ତୁ ଏକଥା ସମ୍ପୂର୍ଣ୍ଣ ଭାବରେ ସତ ଯେ ଏଠାରେ ରହୁଥିବା ଅଧିକାଂଶ ବ୍ୟକ୍ତି ପ୍ରକୃତରେ କୌଣସି ଯୋଗସାଧନା କରୁ ନାହାନ୍ତି । ସେମାନେ ନାନା କାରଣରୁ ଏଠାରେ ଅଛନ୍ତି; ମାତ୍ର ଯେଉଁମାନେ ଯୋଗସାଧନା କରିବା ନିମନ୍ତେ ନିଷ୍ଠାର ସହିତ ଏକ ସଙ୍କଳ୍ପ ଗ୍ରହଣ କରିଛନ୍ତି, ସେମାନେ ଆଦୌ ସଂଖ୍ୟାଗରିଷ୍ଠ ନୁହନ୍ତି । ଏବଂ, ମୁଁ ଯେପରି ତୁମମାନଙ୍କୁ କହିଲି, — ତୁମମାନଙ୍କୁ, ପିଲାମାନଙ୍କୁ—ତୁମେ ଯେଉଁମାନେ ଏଠାକୁ ପିଲା ଭାବରେ ଆସିଛ ତୁମର ବର୍ତ୍ତମାନ ଯୋଗ ବିଷୟରେ କିପରି ଏତେ ଟିକିଏ ବି ଧାରଣା ରହିବ ଏବଂ ତୁମେମାନେ ଯୋଗସାଧନା କରିବା ଲାଗି ଏଠାକୁ ଆସିଛ ବୋଲି କୁହାଯାଇ ପାରିବ ? ଏକଥା କଦାପି ସମ୍ଭବ ନୁହେଁ । ଯେଉଁମାନେ ଅତି ବାଲ୍ୟାବସ୍ଥାରେ ଏଠାକୁ ଆସିଛନ୍ତି, ଏହି ସମସ୍ୟାଟି ଆସି ଉପସ୍ଥିତ ହେବା ଲାଗି ସେମାନଙ୍କର ସମସ୍ତଙ୍କର ଏକ ବୟସ ଅବଶ୍ୟ ଆସିବ; ତୁମେମାନେ ସେତେବେଳେ ଯାଇ ଏହି ବିଷୟରେ ଚିନ୍ତା କରିବ ଏବଂ ମୁଁ ସେତେବେଳେ ଯାଇ ସେମାନଙ୍କୁ ପଚାରିବି । ମାତ୍ର,—ମୁଁ କ'ଣ ତୁମମାନଙ୍କୁ ଅନେକ ସମୟରେ ଏକଥା ପଚାରିଛି ? ତୁମମାନଙ୍କୁ ନେଇ ମୁଁ ଏହି କ୍ଲାସ୍‌ଗୁଡ଼ିକୁ କରୁଛି, ବିଷୟଟି ଉପରେ ମୁଁ ତୁମମାନଙ୍କୁ କେତେ କଥା କହୁଛି, ମାତ୍ର ଅତ୍ୟନ୍ତ କ୍ୱଚିତ୍ ତୁମମାନଙ୍କୁ ଜଣ ଜଣ କରି ଡାକି ପଚାରିଛି, "ତୁମେ ଏକଥା କରିବାକୁ ଇଚ୍ଛା କରୁଛ କି ନାହିଁ ?" ଯେଉଁମାନଙ୍କ ଭିତରେ ଏକ ପ୍ରବଳ ଆକାଂକ୍ଷା, ଏକପ୍ରକାରର ସହଜାତ ପ୍ରବୃତ୍ତି ରହିଛି, କେବଳ ସେହିମାନେ ଆସି ମୋତେ କହିଛନ୍ତି, "ହଁ, ମୁଁ ଏହି ଯୋଗର ସାଧନା କରିବାକୁ ଇଚ୍ଛା କରୁଛି ।" ତା'ପରେ ଯାଇ କଥାଟି ଉଠୁଛି । ମାତ୍ର ମୁଁ ସେମାନଙ୍କୁ କହୁଛି, "ବେଶ ଭଲ କଥା, ଏଗୁଡ଼ିକ ହେଉଛି ଆବଶ୍ୟକ ସର୍ତ୍ତ, ଏହି ମାର୍ଗଟି ପ୍ରକୃତରେ ଏହିପରି । ଏବଂ ତୁମେ ତ ଜାଣିଛ, ଏହା ମୋଟେ ଏକ ସହଜ ମାର୍ଗ ନୁହେଁ । ତୁମେ ଏଠାରେ ଖାସ୍ ସେଥିଲାଗି ରହିଛ ଏବଂ ତାହାହିଁ କରିବାକୁ ଇଚ୍ଛା କରୁଛ ବୋଲି ତୁମ ଭିତରେ ଏକ ସୁନିଶ୍ଚିତ ବିଶ୍ୱାସ ରହିଥିବା ଉଚିତ । ତୁମକୁ ସେଇଠିରୁହିଁ ଆରମ୍ଭ କରିବାକୁ ପଡ଼ିବ । ବାସ୍, ମୋର ଏତିକି କହିବାର ଥିଲା ।" ତୁମେ ବେଶ୍ ବୁଝି ପାରୁଥିବ, ଜଣେ ବ୍ୟକ୍ତି ଭିତରେ ହୁଏତ ଏକ ପ୍ରବଳ ସଦିଚ୍ଛା ରହିଥିବ, ତା'ର ଜୀବନ କୌଣସି ଏକ ଦିବ୍ୟ ଉପଲବ୍ଧି ଆଡ଼କୁ ଅଭିମୁଖୀ ହୋଇ ରହିଥିବ, ବା ଅନ୍ତତଃ, କୌଣସି ଦିବ୍ୟକର୍ମ ଲାଗି ତା'ଭିତରେ ଅଳ୍ପ ଅଥବା ବହୁତ ପରିମାଣରେ ଗୋଟିଏ ପ୍ରକାରର ପଲ୍ଲବଗ୍ରାହୀ ସମର୍ପଣ-ଭାବନା ରହିଥିବ, ମାତ୍ର ତଥାପି ସିଏ ଯୋଗସାଧନା କରୁ ନ ଥିବ ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କ ଯୋଗର ଅଭ୍ୟାସ କରିବାର ଅର୍ଥ ହେଉଛି ଆପଣାକୁ ସମଗ୍ର ଭାବରେ ରୂପାନ୍ତରିତ କରିଦେବା ଲାଗି ଇଚ୍ଛା କରିବା,—ଅର୍ଥାତ୍ ଜୀବନରେ କେବଳ ଗୋଟିଏ ଲକ୍ଷ୍ୟକୁ ଲକ୍ଷ୍ୟ ବୋଲି ଗ୍ରହଣ କରିବା; — ଯେପରିକି ସେହି କ୍ଷେତ୍ରରେ ଆଉ କିଛି ଲାଗି ମଧ୍ୟ ସ୍ଥାନ ନ ଥିବ, କେବଳ ତାହାହିଁ ରହିଥିବ । ତେଣୁ ବ୍ୟକ୍ତି ପ୍ରକୃତରେ ସେହି ମାର୍ଗରେ ଯିବା ଲାଗି ଇଚ୍ଛା କରୁଛି କି ନାହିଁ, ସିଏ ନିଜ ଭିତରେ ସେହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭବ କରିପାରିବ । ମାତ୍ର, ଯଦି ସେପରି କୌଣସି ଅନୁଭୂତି ଆସୁ ନ ଥାଏ, ତେବେ ତୁମ ଜୀବନରେ ତଥାପି ଅନେକ ସଦିଚ୍ଛା ଥାଇପାରେ, ତୁମେ ସେବାକୁ ବ୍ରତରୂପେ ଗ୍ରହଣ କରି ଥାଇପାର, — ତୁମଠାରେ ତୀକ୍ଷ୍ଣ ବୁଝିବା ଶକ୍ତି ମଧ୍ୟ ଅବଶ୍ୟ ରହିପାରେ; ସମ୍ପନ୍ନ କରିବାକୁ ରହିଥିବା ମହାନ୍ କର୍ମଟି ଲାଗି ତୁମେ ହୁଏତ ଅପେକ୍ଷାକୃତ ଅଧିକ ସହଜରେ କାର୍ଯ୍ୟ କରିପାର,—ଏହିପରି ଯାବତୀୟ କେତେ କ'ଣ ଲାଗି ସମର୍ଥ ହୋଇପାର । ମାତ୍ର, ଯୋଗସାଧନା ଏବଂ ଏସବୁ ଭିତରେ ଏକ ବୃହତ୍ ପାର୍ଥକ୍ୟ ସବୁବେଳେ ରହିଛି ।

ଏବଂ, ଯୋଗସାଧନା କରିବାକୁ ହେଲେ ତୁମକୁ ସଚେତନ ଭାବରେ ସେଥିଲାଗି ଇଚ୍ଛା କରିବାକୁ ହେବ; ସର୍ବପ୍ରଥମ କଥା ହେଉଛି, ସେହି ସାଧନା ପ୍ରକୃତରେ କ'ଣ, ତୁମେ ସେକଥା ଅବଶ୍ୟ ଜାଣିଥିବ । ତାହା ପ୍ରକୃତରେ କ'ଣ ଅବଶ୍ୟ ଜାଣିବ ଏବଂ ସେହି ବିଷୟରେ ଏକ ସଂକଳ୍ପ ଗ୍ରହଣ କରିବ । ମାତ୍ର, ଥରେ ସଂକଳ୍ପଟିକୁ ଗ୍ରହଣ କରିବା ପରେ, ଆଉ ସେହି ସଂକଳ୍ପରୁ କଦାପି ବିଚ୍ୟୁତ ହେବ ନାହିଁ । ତେଣୁ, ବିଷୟଟିକୁ ସଂପୂର୍ଣ୍ଣ ଭାବରେ ଜାଣି ତା'ପରେ ଯାଇ ସଂକଳ୍ପ ଗ୍ରହଣ କରିବ । "ମୁଁ ଯୋଗସାଧନା କରିବାକୁ ଇଚ୍ଛା କରୁଛି" ବୋଲି କହୁଥିବା ବେଳେ ତୁମେ ଯେ ପ୍ରକୃତରେ କି ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛ, ସେବିଷୟରେ ତୁମର ପୂର୍ଣ୍ଣ ଅବଗତ ରହିଥିବା ଆବଶ୍ୟକ । ଏବଂ, ସେହି କାରଣରୁହିଁ, ଏହି ଦୃଷ୍ଟିରୁ ମୁଁ ତୁମମାନଙ୍କୁ ଆଦୌ କୌଣସି ପ୍ରକାରେ ଚାପ ଦେଇ ଆଦୌ କିଛି କହୁଛି ବୋଲି ଚିନ୍ତା କରିପାରୁ ନାହିଁ । ଏହି ବିଷୟଟି ସମ୍ବନ୍ଧରେ ମୁଁ ତୁମମାନଙ୍କୁ ଅବଶ୍ୟ କହିପାରିବି । ମୁଁ ତ ଏବିଷୟରେ କେତେ ନା କେତେ କହୁଥାଏ, ମୁଁ ଏବିଷୟରେ ତୁମକୁ ଏହିପରି କହିବି ବୋଲି ତ ତୁମେମାନେ ଏଠି ଆସି ଏକତ୍ର ହେଉଛ । ମାତ୍ର, "ହଁ, ଅନ୍ୟମାନଙ୍କର କଥା ଯାହା ହୋଇଥାଉ ପଛକେ, ଯୋଗ ବିଷୟରେ ମୋର ନିଜସ୍ୱ ଧାରଣା ହୋଇଗଲାଣି ଏବଂ ମୁଁ ତାହାର ସାଧନା କରିବାକୁ ଇଚ୍ଛା କରୁଛି" ବୋଲି ଯେଉଁମାନେ ମୋ ପାଖରେ ଆସି କହନ୍ତି, ବ୍ୟକ୍ତିଗତ ଭାବରେ ସେହିମାନଙ୍କୁହିଁ ମୁଁ ଯାହାକିଛି କହିଥାଏ । ତାହାହିଁ ଉଚିତ କଥା ବୋଲି ମୁଁ ଭାବୁଛି ।

'oaob.nitrkl.ac.in' images reprocessed

ଏବଂ, ଏମାନଙ୍କ ସକାଶେ ଏହା ଏକ ଭିନ୍ନ କଥା ହୋଇଯାଏ, ଜୀବନର ଧାରାଗୁଡ଼ିକ ମଧ୍ୟ ଭିନ୍ନ ହୁଏ,—ବିଶେଷତଃ ଅନ୍ତର୍ଗତ ଜୀବନର ଧାରାଗୁଡ଼ିକ। ବିଶେଷତଃ ଅନ୍ତର୍ଗତ ଜୀବନର,—ସେହି କ୍ଷେତ୍ରରେ ସକଳ ବସ୍ତୁ ଅନ୍ୟପ୍ରକାର ହୋଇଯାଏ।

ସେହି କ୍ଷେତ୍ରରେ ଏକ ଚେତନା ସତତ କାର୍ଯ୍ୟକାରୀ ହୋଇ ରହିଥାଏ ଏବଂ ଅବସ୍ଥାଟିକୁ ସଂଶୋଧିତ କରି ଦେଉଥାଏ। ସେହି ଅବସ୍ଥାଟି ମଧ୍ୟରେ ପଡ଼ି ତୁମକୁ ଅହରହ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼େ ଏବଂ ଏହି ପ୍ରତିବନ୍ଧକମାନେ ତୁମକୁ ଆଦୌ ଆଗକୁ ଯିବାକୁ ଦେଉ ନ ଥାନ୍ତି, ବାରବାର ତୁମର ଅକ୍ଷମତା ଏବଂ ଭୁଲ୍‌ଗୁଡ଼ିକ ପାଖରେ ଆଣି ତୁମକୁ ଝୁଣ୍ଟି କରୁଣ୍ଡ ହୋଇ ପଡ଼ିବାକୁ ଦେଉଥାନ୍ତି। ଯେଉଁମାନେ ଯୋଗସାଧନା କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଥାନ୍ତି, କେବଳ ସେହିମାନଙ୍କ ଲାଗିହିଁ ଏହି ଚେତନା ଏହିପରି କାର୍ଯ୍ୟ କରୁଥାଏ। ଅନ୍ୟମାନଙ୍କ ସକାଶେ ତାହା ଏକ ଆଲୋକ, ଏକ ଜ୍ଞାନ, ଏକ ସୁରକ୍ଷା ଏବଂ ଅଗ୍ରଗତିର ଏକ ଶକ୍ତିରୂପେ କାର୍ଯ୍ୟ କରିଥାଏ, ଯେପରିକି ସେମାନେ ଆପଣା ସାମର୍ଥ୍ୟର ସର୍ବୋଚ୍ଚ ସୀମାରେ ଯାଇ ଉପନୀତ ହୋଇ ପାରିବେ ଏବଂ, ଯଥାସମ୍ଭବ ଅଧିକ ଅନୁକୂଳ ଏକ ପରିବେଶ ଭିତରେ ଯଥାସମ୍ଭବ ଅଧିକ ପରିମାଣରେ ବିକାଶ ଲାଭ କରିପାରିବେ—ମାତ୍ର ତାହା ସେମାନଙ୍କର ନିର୍ବାଚନର କ୍ଷେତ୍ରରେ ସେମାନଙ୍କୁ ସମ୍ପୂର୍ଣ୍ଣରୂପେ ମୁକ୍ତ ଛାଡ଼ି ଦେଇଥାଏ।

ନିଷ୍ପତ୍ତିଟି ତୁମ ଭିତରୁହିଁ ଆସିବା ଉଚିତ। ଯୋଗ କହିଲେ ପ୍ରକୃତରେ କ'ଣ ବୁଝାଏ, ସେକଥା ଜାଣି ଯେଉଁମାନେ ସଚେତନ ଭାବରେ ଯୋଗସାଧନା ଲାଗି ଆସନ୍ତି, ଏଠାରେ ସେମାନଙ୍କ ଲାଗି ଜୀବନର ଧାରାଗୁଡ଼ିକ ହେଉଛି··· ବାହାରେ ଆଦୌ କୌଣସି ଫରକ ନାହିଁ, ମାତ୍ର ଅନ୍ତର୍ଗତ ଜୀବନରେ ଏକ ବିରାଟ ପାର୍ଥକ୍ୟ ରହିଛି। ଚେତନାର କ୍ଷେତ୍ରରେ ସେମାନଙ୍କର ଏପରି ଏକ ଦୃଢ଼ତା ରହିଛି, ଯାହାକି ସେମାନଙ୍କୁ ଆଦୌ ବିଚ୍ୟୁତ ହେବା ଲାଗି ଛାଡ଼ିଦିଏ ନାହିଁ : ସେମାନେ କରୁଥିବା ଭୁଲ୍‌ଗୁଡ଼ିକ ତତ୍‌କ୍ଷଣାତ୍ ଦୃଶ୍ୟମାନ ହୋଇ ଯାଆନ୍ତି ଏବଂ, ତାହାର ପରିଣାମଗୁଡ଼ିକ ଏପରି ଶକ୍ତିଶାଳୀ ହୋଇଥାନ୍ତି ଯେ, ସେହି ବିଷୟରେ କୌଣସି ଭୁଲ୍ କରିବା ଲାଗି ଆଉ କୌଣସି ଅବକାଶହିଁ ନ ଥାଏ ଏବଂ ଯାବତୀୟ ବ୍ୟାପାର ଅତ୍ୟନ୍ତ ଗମ୍ଭୀର ହୋଇ ପଡନ୍ତି। ମାତ୍ର ଅନେକ ସମୟରେ ଏପରି ଆଦୌ ଘଟେ ନାହିଁ।

ମୋର ସନ୍ତାନ, ତୁମେ ସମସ୍ତେ—ମୁଁ ତୁମମାନଙ୍କୁ ଏକଥା ଅବଶ୍ୟ କହି ପାରିବ, ଏକଥା ତୁମମାନଙ୍କୁ ଆଗରୁ କେତେଥର କହିଛି ଏବଂ ତଥାପି ଆଉଥରେ

'oaob.nitrkl.ac.in' images reprocessed

ରହୁଛ—ତୁମେମାନେ ଏକ ବିଶେଷ ପ୍ରକାରର ସ୍ୱାଧୀନତା ମଧ୍ୟରେ ଏଠାରେ ରହୁଛ । ବାହାରେ ଅତି କମ୍ କଟକଣା ରହିଛି, କାରଣ, ଯେହେତୁ ଆମେ ଏଠାରେ ଅନେକ ସଂଖ୍ୟାରେ ରହୁଛୁ ଏବଂ ସମସ୍ତ ପୃଥିବୀ ଆଦୌ ଆମ ଅଧୀନରେ ନାହିଁ, ଆମକୁ କେତେକ ପରିମାଣରେ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳାର ଅଧୀନ ହୋଇ ରହିବାକୁହିଁ ପଡ଼ୁଛି । ଯେପରି ବଡ଼ ଧରଣର ସେପରି କୌଣସି ବିପର୍ଯ୍ୟୟ ନ ଘଟେ, ସେହି ଉଦ୍ଦେଶ୍ୟରେ ତାହା କରିବାକୁ ପଡ଼ୁଛି । ମାତ୍ର, ଆପଣାର ଅନ୍ତର ଭିତରେ ତୁମେମାନେ ଏକ ଚମତ୍କାର ସ୍ୱାତନ୍ତ୍ର୍ୟବୋଧ ଦ୍ୱାରା ପରିଚାଳିତ ହେଉଛ : ସାମାଜିକ ଦୃଷ୍ଟିରୁ କୌଣସି କଟକଣା ନାହିଁ, କୌଣସି ନୈତିକ ବାଧ୍ୟବାଧକତା ନାହିଁ, ବୌଦ୍ଧିକ କୌଣସି ବାଧା ନାହିଁ,—ନିୟମ କିଛି ନାହିଁ,—କିଛିହେଲେ କେଉଁଠି ନାହିଁ; କେବଳ ଏକ ଆଲୋକହିଁ ରହିଛି । ଯଦି ତୁମେମାନେ ତାହା ଦ୍ୱାରା ଲାଭବାନ୍ ହେବାକୁ ଇଚ୍ଛା କରୁଛ, ତେବେ ଲାଭବାନ୍ ହେଉଛ; ନ ହେଲେ ତୁମକୁ ସେଥିଲାଗି କେହି ଆଦୌ ବାଧ୍ୟ କରୁ ନାହିଁ ।

ମାତ୍ର ଯେଉଁଦିନ ତୁମେ ଏକ ନିଷ୍ପତ୍ତି କରିନେଉଛ,—ସକଳ ଆନ୍ତରିକତା ସହିତ ସେହି ନିଷ୍ପତ୍ତି କରୁଛ ଏବଂ ନିଜ ଭିତରେ ଏକ ମୌଳିକ ନିଷ୍ପତ୍ତି ସଂଘଟିତ ହୋଇଛି ବୋଲି ଅନୁଭବ କରୁଛ—ତା'ପରେ ସବୁ ଅନ୍ୟ ପ୍ରକାରର ହୋଇ ଯାଉଛି । ତୁମ ସମ୍ମୁଖରେ ଆଲୋକଟି ରହିଛି, ମାର୍ଗଟି ତୁମ ଆଗରେ ରହିଛି,—ତୁମକୁ ତାହାରି ଅନୁସରଣ କରିବାକୁ ପଡ଼ିବ ଏବଂ ତୁମେ କଦାପି ସେହି ମାର୍ଗରୁ ବିଚ୍ୟୁତ ହୋଇଯିବ ନାହିଁ । ଏହାଦ୍ୱାରା ଆଦୌ କେହି ଯେ ନିର୍ବୋଧ ବୋଲି ପ୍ରମାଣିତ ହେବେ ନାହିଁ, ସେକଥା ତୁମକୁ ଜଣାଅଛି । ଯୋଗ ସାଧନା ଗୋଟିଏ କୌତୁକ ନୁହେଁ । ନିଜେ ମାର୍ଗଟିକୁ ବାଛିନେଲା ବେଳେ, ତୁମେ ଯେ କ'ଣ ବାଛୁଛ, ତୁମକୁ ସେକଥା ଅବଶ୍ୟ ଜାଣିବାକୁ ପଡ଼ିବ । ମାତ୍ର, ଥରେ ବାଛି ସାରିବା ପରେ, ତାହାରି ଉପରେ ଅଟଳ ହୋଇ ରହିବାକୁ ହେବ । ଆଉ ଏପାଖ ସେପାଖ ହେବା ଲାଗି କୌଣସି ଅଧିକାର ରହିବ ନାହିଁ । ତୁମକୁ ସିଧା ସେହି ଆଡ଼କୁ ବାଟ ଚାଲିବାକୁ ପଡ଼ିବ,—ସିଧା ସେହି ଲକ୍ଷ୍ୟ ଆଡ଼କୁ !

ତୁମମାନଙ୍କର ଉତ୍ତମ କାର୍ଯ୍ୟ କରିବା ଲାଗି ଏକ ଇଚ୍ଛା ରହିଥିବ, ଆଗକୁ ଯିବା ଲାଗି ତୁମେ କିଛି ପ୍ରୟାସ କରୁଥିବ ଏବଂ ସାଧାରଣ ମନୁଷ୍ୟମାନଙ୍କ ଅପେକ୍ଷା ଜୀବନରେ କିଛିଟା ଅଧିକ ଭଲ ହେବା ଲାଗି ତୁମ ଭିତରେ ଏକ ଆଗ୍ରହ ରହିଥିବ । ତୁମେମାନେ ବଡ଼ ହେଲଣି, ଏପରି ଗୋଟିଏ ପରିବେଶ ମଧ୍ୟରେ ତୁମମାନଙ୍କର ବିକାଶ ହୋଇଛି, ଯାହାକୁ କି ଅସାଧାରଣ ପରିମାଣରେ ଆଲୋକନପୂର୍ଣ୍ଣ, ସଚେତନ, ସମଞ୍ଜସତାପୂର୍ଣ୍ଣ ଏବଂ ସଦିଚ୍ଛାପରିପୂର୍ଣ୍ଣ ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

ଏବଂ ଏହିସବୁ ପରିବେଶର ଏକ ଅନୁକୂଳନ ରୂପେ ତୁମମାନଙ୍କର ମଧ୍ୟ ଏହି ସଂସାର ଭିତରେ ସେହି ଆଲୋକ, ସମଗ୍ରତା ଏବଂ ସଦିଚ୍ଛାର ଏକ ଅଭିବ୍ୟକ୍ତି ହୋଇ ରହିପାରିବା ଉଚିତ । ଏହାହିଁ ପ୍ରକୃତରେ କେଡ଼େ ଭଲ କଥା ହେବ, ପ୍ରକୃତରେ ଖୁବ୍ ବଡ଼ କଥା ହେବ ।

ଏହି ଯୋଗର, ସକଳ ମାର୍ଗର ତୁଳନାରେ ସବୁଠାରୁ ଅଧିକ ଆୟାସସାଧ୍ୟ ଏହି ରୂପାନ୍ତର-ଯୋଗର ସାଧନା କରିବା,— ତୁମେ ସେହି କାର୍ଯ୍ୟଟି କରିବା ଲାଗି ଏଠାକୁ ଆସିଛ ବୋଲି ଅନୁଭବ କରୁଥିଲେ ଯାଇ ତୁମେ ତାହା କରିବ (ଏଠାକୁ ଅର୍ଥାତ୍ ଏହି ପୃଥିବୀକୁ); ତାହାକୁ ଛାଡ଼ି ତୁମର ଏଠାରେ ଆଉ କରିହେଲେ କରିବାକୁ ନାହିଁ, କେବଳ ସେଇଟି ପାଇଁହିଁ ତୁମେ ଜୀବନ ଧାରଣ କରି ରହିଛ— ସେଥିଲାଗି କଠିନ କ୍ଲେଶ କରିବାକୁ, ଦୁଃଖ ଭୋଗ କରିବାକୁ, ସଂଘର୍ଷ କରିବାକୁ ପଡ଼ିଲେ ମଧ୍ୟ ଆଦୌ କିଛି ଯାଏ ଆସେ ନାହିଁ—"ମୁଁ ଏହାହିଁ ଇଚ୍ଛା କରୁଛି, ଆଉ କିଛି ଇଚ୍ଛା କରୁ ନାହିଁ ।" —ଯଦି ତୁମେ ସେହିପରି ଅନୁଭବ କରୁଥାଅ, ତେବେ ତାହା ନିଶ୍ଚୟ ଏକ ଅନ୍ୟକଥା ହେବ । ତା' ନ ହେଲେ ମୁଁ କହିବି, "ଖୁସି ହୋଇ ରହ, ଭଲ ହୁଅ, ତୁମମାନଙ୍କଠାରୁ କେବଳ ସେତିକି ପ୍ରତ୍ୟାଶା କରାଯାଉଛି । ତୁମେମାନେ ଭଲ ହୁଅ,—ଏଠାରେ ତୁମେମାନେ ଅସାଧାରଣ ଭାବରେ ଉତ୍ତମ ପରିସ୍ଥିତି ମଧ୍ୟରେ ପ୍ରତିପାଳିତ ହୋଇଛ, ସେହି କଥାକୁ ଜାଣି ଓ ହୃଦୟଙ୍ଗମ କରି ଭଲ ହୁଅ,—ଏବଂ, ସାଧାରଣ ଜୀବନଠାରୁ ଅଧିକ ଉଚ୍ଚ, ଅଧିକ ମହନୀୟ ଓ ଅଧିକ ସତ୍ୟପୂର୍ଣ୍ଣ ଏକ ଜୀବନ ବଞ୍ଚିବା ଲାଗି ଚେଷ୍ଟା କର, ଯେପରିକି ତୁମରି ମାଧ୍ୟମରେ ଏହି ପୃଥିବୀରେ ଏହି ଚେତନା, ଆଲୋକ ଏବଂ ତାହାର ଶୁଭକାରିତା ଆପଣାକୁ କିଛିଟା ପରିମାଣରେ ବ୍ୟକ୍ତ କରି ପାରିବ । ଏହା ପ୍ରକୃତରେ ଖୁବ ଭଲ କଥା ହେବ ।" ବୁଝିଲ ?

ମାତ୍ର ଥରେ ଯୋଗମାର୍ଗ ଭିତରକୁ ପାଦ ପକାଇବା ପରେ ତୁମକୁ ନିଷ୍ପାନ୍ତ୍ ପରି ଏକ ସଂକଳ୍ପଶକ୍ତି ଧାରଣ କରି ରହିବାକୁ ପଡ଼ିବ ଏବଂ ସିଧା ସେହି ଲକ୍ଷ୍ୟ ଅଭିମୁଖରେ ବାଟ ଚାଲିବାକୁ ପଡ଼ିବ,—ସେଥିଲାଗି ଯାହା ସହ୍ୟ କରିବାକୁ ପଡ଼ ପଛକେ ।

ଏଇଠି ସରଳ !

'oaob.nitrkl.ac.in' images reprocessed

# ୧୫ ଜୁନ୍ ୧୯୫୫

ମାଆ "ଯୋଗାଧାର" ପୁସ୍ତକର "ଲକ୍ଷ୍ୟ"
ଅଧ୍ୟାୟରୁ କିଛି ଅଂଶ ପାଠ କଲେ ।

ମାଆ, "ସକ୍ରିୟ ଉପଲବ୍‌ଧି" ର ଅର୍ଥ କ'ଣ ?

ଏହାର ଅର୍ଥ ହେଉଛି କ୍ରିୟା ମଧ୍ୟରେ ବ୍ୟକ୍ତ ହୋଇ ପାରୁଥିବା ଉପଲବ୍ଧି । ନିଷ୍କ୍ରିୟତା ଭିତରେ ମଧ୍ୟ ଏକ ଉପଲବ୍ଧି ସମ୍ଭବ ହୋଇଥାଏ; ଯେଉଁମାନେ ନାନାବିଧ ସମାଧିସ୍ଥ ଅବସ୍ଥା ମଧ୍ୟରେ ପ୍ରବେଶ କରନ୍ତି ଓ ତା'ଭିତରୁ ଆଉ ବାହାରି ଆସନ୍ତି ନାହିଁ; ସେମାନେ ଆଦୌ ଗତିଶୀଳ ହୁଅନ୍ତି ନାହିଁ,—ଏମାନେ ନିଷ୍କ୍ରିୟ ମାର୍ଗରେ ଉପଲବ୍ଧି କରିଥାନ୍ତି । ଅନ୍ୟ ପକ୍ଷରେ, ଏକ ସକ୍ରିୟ ଉପଲବ୍ଧି ମଧ୍ୟ ରହିଛି, ଯାହାକି ତୁମର ଯାବତୀୟ କାର୍ଯ୍ୟ, ଯାବତୀୟ ଗତିସ୍ପନ୍ଦନ ଓ ତୁମ ସତ୍ତାର ସମସ୍ତ ଶୈଳୀଟିରେ, ତୁମର ସ୍ୱଭାବରେହିଁ ଏକ ରୂପାନ୍ତର ଆଣିଦିଏ । ପ୍ରଥମ ପ୍ରକାରର ଉପଲବ୍ଧିରେ ତୁମର ବାହ୍ୟ ସତ୍ତା ଆଗରୁ ଯାହା ଥିଲା ତାହାହିଁ ହୋଇ ରହିଥାଏ, କେଉଁଠି କିଛି ପରିବର୍ତ୍ତିତ ହୁଏ ନାହିଁ ଏବଂ ସାଧାରଣତଃ, କ୍ରିୟାଶୀଳ ହେବାର ସକଳ ସମ୍ଭାବନାକୁ ତାହା ନଷ୍ଟ ମଧ୍ୟ କରି ଦେଇଥାଏ; ତୁମେ ଆଉ କୌଣସି କାର୍ଯ୍ୟ କରିବାକୁ ସମର୍ଥ ହୋଇଥାଅ, କେବଳ ସେହିପରି ବସି ରହିଥାଅ । ...ଦ୍ୱିତୀୟଟିର କ୍ଷେତ୍ରରେ, ଏହି ଉପଲବ୍ଧି ତୁମର ସବୁକିଛିକୁ ବଦଳାଇ ଦିଏ;—ତୁମର ସ୍ୱଭାବ ଓ ଚରିତ୍ର, ତୁମ ସତ୍ତାର ସମୁଦାୟ ଧାରା, କାର୍ଯ୍ୟ କରିବାର ଧାରା, ତୁମର ଯାବତୀୟ କାର୍ଯ୍ୟ, ଏପରିକି ତୁମର ସମୁଦାୟ ପରିବେଶଟିକୁ ଓ ପରିଶେଷରେ ତୁମର ସକଳ ଅସ୍ତିତ୍ୱ ଅର୍ଥାତ୍ ତୁମର ସମଗ୍ର ସତ୍ତାଟିକୁହିଁ ବଦଳାଇ ଦିଏ : ଏଇଟି ହେଉଛି ସକ୍ରିୟ ଓ ଗତିଶୀଳ ଉପଲବ୍ଧି ଏବଂ ଶରୀରର ରୂପାନ୍ତରରେହିଁ ତାହା ଆପଣାର ପରାକାଷ୍ଠା ଲାଭ କରେ ।

ଅନେକ ବ୍ୟକ୍ତି ଏପରି ବି ଅଛନ୍ତି, ଯେଉଁମାନେ କି ଆପଣାର ବୁଦ୍ଧିଭୂମିକୁ ରୂପାନ୍ତରିତ କରିବା ପୂର୍ବରୁହିଁ ଆପଣାର ଶରୀରରେ ରୂପାନ୍ତର ଆଣିବା ପାଇଁ ଚେଷ୍ଟା ମଧ୍ୟ କରନ୍ତି । ଏହାଦ୍ୱାରା ଏକ ସମସ୍ତ ବିସ୍ଥାପନର ସମ୍ମୁଖୀନ ହେବାକୁ ପଡ଼ିଥାଏ, ସେମାନଙ୍କର ଭାରସାମ୍ୟକୁ ତାହା ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ଦେଇଥାଏ । ତେଣୁ, ସର୍ବପ୍ରଥମେ ଭାବନାରେ, ସମସ୍ତ ମନୋଭୂମିରେ ଅର୍ଥାତ୍ ମାନସିକ କ୍ରିୟାତ୍ମକତାର କ୍ଷେତ୍ରରେ ଏକ ରୂପାନ୍ତର ସମ୍ଭବ କରିବାକୁ ହୁଏ,

'oaob.nitrkl.ac.in' images reprocessed

ତାହାକୁ ଉଚ୍ଚତର ଜ୍ଞାନ ଦ୍ୱାରା ସଂଗଠିତ କରି ରଖିବାକୁ ପଡ଼େ; ଯୁଗପତ୍ ଭାବରେ ଆପଣାର ଚରିତ୍ରରେ ମଧ୍ୟ ରୂପାନ୍ତର ଆଣିବାକୁ ପଡ଼େ; ପ୍ରାଣିକ କ୍ଷେତ୍ରରେ ଯାବତୀୟ ହିଂସାତ୍ମକତା, ଯାବତୀୟ ଆବେଗପ୍ରବଣତା ତଥା ପ୍ରବୃତ୍ତିସମୂହରେ ରୂପାନ୍ତର ଘଟାଇବାକୁ ପଡ଼େ । ଏବଂ ପରିଶେଷରେ, ଏହି ଦୁଇଟିଯାକ ହାସଲ ହୋଇ ଯାଇପାରିଲେ, ଅନ୍ତତଃ କିଛି ଅଂଶରେ ସମ୍ପନ୍ନ ହୋଇଗଲେ ତା'ପରେ ଯାଇ ଶରୀରର କୋଷଗୁଡ଼ିକରେ ଏକ ରୂପାନ୍ତର ସମ୍ଭବ କରିବା ବିଷୟରେ ଭାବିବାକୁ ଆରମ୍ଭ କରିବାକୁ ପଡ଼େ; ଅର୍ଥାତ୍, ଆମେ ଶେଷମୁଣ୍ଡରୁ ଆଦୌ ଆରମ୍ଭ କରିବା ନାହିଁ, ଆରମ୍ଭରୁହିଁ ଆରମ୍ଭ କରିବା ।

ଆମେ ଇଚ୍ଛା କଲେ···ଶ୍ରୀଅରବିନ୍ଦ କହୁଛନ୍ତି, ନୁହେଁ କି, ଯେ, ଆମେ ସବୁଗୁଡ଼ିକୁ ଏକ ସମୟରେ ମଧ୍ୟ କରିପାରିବା; ମାତ୍ର ସର୍ବପ୍ରଥମେ କେନ୍ଦ୍ରରେ, ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସ୍ଥଳଟିରେ ଅନ୍ତତଃ ଯଥେଷ୍ଟ ପରିମାଣରେ ଏକ ରୂପାନ୍ତର ସମ୍ଭବ ହୋଇ ପାରିଥିବା ଅତ୍ୟନ୍ତ ଆବଶ୍ୟକ; ତା'ପରେ ଯାଇ ଆମେ ହୁଏତ ଶରୀରକୁ ରୂପାନ୍ତରିତ କରିବା ବିଷୟରେ ଚିନ୍ତା କରିପାରିବା···ଉଦାହରଣ-ସ୍ୱରୂପ, ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଆପଣାର ଖାଦ୍ୟରେ ସଙ୍ଗେ ସଙ୍ଗେ ଏକ ପରିବର୍ତ୍ତନ ଆଣିବାକୁ ଇଚ୍ଛା କରନ୍ତି ଏପରିକି ଆଦୌ କିଛି ଖାଇବା ମଧ୍ୟ ବନ୍ଦ କରିଦିଅନ୍ତି; କାରଣ ସେମାନେ କହନ୍ତି ଯେ, ସବାଶେଷରେ, ଯେତେ-ବେଳେ ଅତିମାନସର ଆବିର୍ଭାବ ହେବ, ସେତେବେଳେ ଖାଇବାର ଆଉ କୌଣସି ଆବଶ୍ୟକତାହିଁ ନ ଥିବ । ତେଣୁ, ଅତିମାନସର ଆବିର୍ଭାବ ଘଟିବା ପୂର୍ବରୁ ମଧ୍ୟ, ଯାହା ସେତେବେଳେ ଘଟିବ, ସେମାନେ ବର୍ତ୍ତମାନଠାରୁହିଁ ତାହା ଆରମ୍ଭ କରିଦେବାକୁ ଇଚ୍ଛା କରୁଥାନ୍ତି; ଖାଇବା ବନ୍ଦ କରି ଦିଅନ୍ତି, ଶୋଇବା ବନ୍ଦ କରିଦିଅନ୍ତି ଏବଂ ପରିଣାମତଃ ଅତ୍ୟନ୍ତ ସାଘାତିକ ଭାବରେ ପୀଡ଼ିତ ହୁଅନ୍ତି ।

ତେଣୁ, ଅଧିକ ଉଚିତ ଧାରାଟି ହେଉଛି ଯେ, ଯଥେଷ୍ଟ ପରିମାଣରେ ଏକ ଜ୍ଞାନର ସଂଗ୍ରହଣ ସହିତ ନିଜର ମନୋଭୂମିରେ ଅତିମାନସକୁ ଗ୍ରହଣ କରିବାରୁହିଁ ଆରମ୍ଭ କରିବାକୁ ହେବ ଏବଂ ତା'ପରେ ଅନ୍ୟ ସ୍ତରଗୁଡ଼ିକର ରୂପାନ୍ତର କ୍ରମରେ ଧୀରେ ଧୀରେ ଅଗ୍ରସର ହେବାକୁ ପଡ଼ିବ ।

ମାଆ, "ସନ୍ନିଯୁକ୍ତ ଦଳ"ର ଅର୍ଥ କ'ଣ ?

ତାହାର ମଧ୍ୟ ସେହି ଏକା ଅର୍ଥ; ଅର୍ଥାତ୍, ଯୋଗର ଏହି ଦଳଟି ।

ଏହି କ୍ଷେତ୍ରରେ ଦୁଇଟି ଦିଗ ରହିଛି — ଗୋଟିଏ ଅଂଶ ହେଉଛି ନିଷେଧବାଚକ ଏବଂ ଏଟା ହେଉଛି ଏକ ପ୍ରସ୍ତୁତି; ଏବଂ ଏକ ସନ୍ନିଯୁକ୍ତ ଦଳ ରହିଛି,

'oaob.nitrkl.ac.in' images reprocessed

ଯେଉଁଟି ରୂପାନ୍ତରର ଢଗ, ନିସ୍ପୃଶୀଳତାର ଢଗ । ସକ୍ରିୟ ଅର୍ଥାତ୍ ଶକ୍ତିମନ୍ତ; ଆପଣାକୁ ପ୍ରେରକ ଓ ନିସ୍ପୃଶୀଳ କରି ରଖିବା ।

ଅନୁଭବର "ସକାରାତ୍ମକ ଢଗ" ଏବଂ "ନକାରାତ୍ମକ ଢଗ" କହିଲେ କ'ଣ ବୁଝାଏ ?

ମନେକର, ତୁମ ଭିତରେ କେତେକ ତ୍ରୁଟି ରହିଛି, ଯାହାକି ତୁମକୁ ଅଗ୍ରଗତି କରିବାକୁ ଦେଉ ନାହିଁ । ଏହି କ୍ଷେତ୍ରରେ ନକାରାତ୍ମକ ଢଗଟି ହେଉଛି ଯେ, ତୁମେ ଆପଣାର ସେହି ତ୍ରୁଟିଗୁଡ଼ିକୁ ଦୂର କରିବା ପାଇଁ ଚେଷ୍ଟା କରିବ । ଆହୁରି ଅନେକ କଥା ରହିଛି ଯାହାକି ତୁମକୁ ହେବାକୁ ହେବ, ଉପଲବ୍ଧିର ସମର୍ଥ ହେବାକୁ ହେଲେ ଆପଣା ଭିତରେ ଅନେକକିଛି ଗୁଣର ନିର୍ମାଣ କରିବାକୁ ପଡ଼ିବ; ତେଣୁ, ନିର୍ମାଣାତ୍ମକ ଏହି ଢଗଟିକୁ ସକାରାତ୍ମକ ଢଗ ବୋଲି କୁହାଯାଏ ।

ଉଦାହରଣସ୍ୱରୂପ, ତୁମ ଭିତରେ ଏପରି ଗୋଟିଏ ଦୋଷ ରହିଛି ଯେ, ତୁମେ ସତ କହିବାକୁ ଆଦୌ ଇଚ୍ଛା କରୁ ନାହିଁ । ମିଥ୍ୟା ଆଚରଣ କରିବାର ଏହି ଅଭ୍ୟାସଟି, ସତ ନ ଦେଖିବା ଏବଂ ସତ ନ କହିବା,—ଆପଣାର ଚେତନା ମଧ୍ୟରୁ ମିଥ୍ୟାକୁ ବର୍ଜନ କରି ଏବଂ ସତ୍ୟ ନ କହିବାର ସେହି ଅଭ୍ୟାସଟିକୁ ବିଲୁପ୍ତ କରି ଦେବାକୁ ପ୍ରୟାସ କରି ତାହା ବିରୁଦ୍ଧରେ ଲଢ଼ାଇ କରୁଛ । ସେହି କାର୍ଯ୍ୟଟିକୁ କରିବା ସକାଶେ, ତୁମକୁ ନିଜ ଭିତରେ କେବଳ ସତକଥା କହିବାର ଅଭ୍ୟାସଟିକୁ ସଂଗଠିତ କରି ଆଣିବାକୁ ପଡ଼ିବ । ସେହି କାର୍ଯ୍ୟଟିକୁ କରିପାରିବା ସକାଶେ, ସର୍ବଦା କେବଳ ସତ୍ୟକୁ ଦେଖିବା ଏବଂ ସତ୍ୟ କହିବାର ଅଭ୍ୟାସଟିକୁ ତିଆରି କରି ଆଣିବାକୁ ପଡ଼ିବ । ଗୋଟିଏ ହେଉଛି ଅପସାରଣାତ୍ମକ : ତୁମେ ଗୋଟିଏ ଦୋଷକୁ ବର୍ଜନ କରୁଛ । ଅନ୍ୟଟି ଅର୍ଜନାତ୍ମକ : ତୁମେ ଗୁଣଟିକୁ ଗଠନ କରି ଆଣିଲ । ଏଥର ବୁଝିଲ ?

କାରଣ ସବୁକଥା ମଧ୍ୟ ଠିକ୍ ସେହିପରି । ଉଦାହରଣସ୍ୱରୂପ, ତୁମ ସତ୍ତାର କୌଣସି ସ୍ଥାନରେ ବିଦ୍ରୋହ କରିବାର ଏକ ଅଭ୍ୟାସ ରହିଛି, — ଅଜ୍ଞାନତାର ବଶବର୍ତ୍ତୀ ହୋଇ, ସ୍ପଷ୍ଟ ଭାବରେ କିଛି ନ ଜାଣି କେବଳ ପଣିଆ ଦେଖାଇ ବିଦ୍ରୋହ କରି ଉଠିବା ଏବଂ ଯାହାକିଛି ଊର୍ଦ୍ଧ୍ୱରୁ ଆସୁଛି, ତାହାକୁ ଗ୍ରହଣ କରିବାକୁ ନାସ୍ତି କରିଦେବା । ଏହି କ୍ଷେତ୍ରରେ ଏହା ବିରୁଦ୍ଧରେ ଲଢ଼ିବା, ତାହାକୁ ବ୍ୟକ୍ତ ହେବାକୁ ନିବୃତ୍ତ କରି ରଖିବା ଏବଂ ଆପଣାର ସ୍ୱଭାବ ମଧ୍ୟରୁ ତାହାକୁ ବହିଷ୍କୃତ କରି ରଖିବା, — ଏଇଟି ହେଉଛି ଅପସାରଣାତ୍ମକ ଢଗ; ଏବଂ, ଅନ୍ୟ ପକ୍ଷରେ ସମର୍ପଣ, ସମ୍ୟକ୍ ବୋଧ, ଅଭିନିବେଶ, ଉତ୍ସର୍ଗୀକୃତ ଭାବ, ଆତ୍ମଦାନ ଏବଂ ଦିବ୍ୟ ଶକ୍ତିଗୁଡ଼ିକ ସହିତ ପୂର୍ଣ୍ଣ ସହଯୋଗ କରୁଥିବାର ଏକ ପ୍ରବୃତ୍ତି, ଏଗୁଡ଼ିକୁ ତୁମକୁ

'oaob.nitrkl.ac.in' images reprocessed

ସକାରାତ୍ମକ ଭାବରେ ନିଜ ଭିତରେ ଗଢ଼ି ଆଣିବାକୁ ପଡ଼ିବ । ଏଇଟି ଅର୍ଜନାତ୍ମକ ଢଗ । ଏଥର ବୁଝିଲ ?

ଆଉ ଗୋଟିଏ ଠିକ୍ ସେହିପରି ଉଦାହରଣ : ଯେଉଁ ଲୋକମାନେ ହଠାତ୍ ଖୁବ ରାଗିଯାଆନ୍ତି । ସେମାନେ ରାଗରେ ତମତମ ହୋଇ ଉଠନ୍ତି, କ୍ରୋଧର ବଶବର୍ତ୍ତୀ ହୁଅନ୍ତି ··· ତାହା ବିରୁଦ୍ଧରେ ଲଢ଼ିବାକୁ ହୁଏ, ରାଗିବା ଲାଗି ଅସମ୍ମତି ପ୍ରକାଶ କରିବାକୁ ହୁଏ, ନିଜର ସତ୍ତା ଭିତରୁ କ୍ରୋଧର ସ୍ପନ୍ଦନଗୁଡ଼ିକୁ ନିଷ୍କାସିତ କରିଦେବାକୁ ହୁଏ; ମାତ୍ର, ତାହାର ସ୍ଥାନାପନ୍ନ ଭାବରେ ଏକ ଅବିଚଳିତ ସ୍ଥିର ଭାବର ଅନୁଶୀଳନ କରିବାକୁ ପଡ଼େ, ସମ୍ପୂର୍ଣ୍ଣ ସହିଷ୍ଣୁତା ଅବଲମ୍ବନ କରାଯାଏ, ଅନ୍ୟ ପକ୍ଷରେ ଦୃଷ୍ଟିକୋଣଟିକୁ ବୁଝିବାକୁ ପଡ଼େ, ବୁଦ୍ଧିକୁ ପରିଷ୍କାର ଏବଂ ଶାନ୍ତ କରିବାକୁ ହୁଏ—ଏପରି ଭାବରେ ଯାହାକିଛି ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼େ । ଏଇଟି ଅର୍ଜନାତ୍ମକ ଢଗ ।

“ଶୁଷ୍କ ନାରିକେଳ—ଫଳର ଧାରଣା”ଟି ପୁଣି କ’ଣ ?

ଏପରି କୁହାଯାଏ ଯେ, ଯେତେବେଳେ ଉପଲବ୍ଧି ପ୍ରାପ୍ତ ହୋଇଯାଏ (କଥାଟିକୁ ସିଏ ଏହାର ଏକ ଅଂଶରୂପେ କହୁଛନ୍ତି), ସେତେବେଳେ ବ୍ୟକ୍ତି ସେତେଅବା ଗୋଟିଏ ଖୁରୁଡ଼ ନଡ଼ିଆ ପରି ହୋଇଯାଏ, ଶଢ଼େଇ ଭିତରୁ ଖଡ଼ଖଡ଼ ହୋଇ ବାଜେ, ଭିତରେ ଯାହା ମୁକ୍ତ ହୋଇ ରହିଥାଏ, ଖୋଳଟି ସହିତ ଆଉ ଲାଗି କରି ରହି ନ ଥାଏ ଏବଂ ଭିତରେ ମୁକ୍ତ ଭାବରେ ଏପାଖ ସେପାଖ ହେଉଥାଏ । ଏହିପରି ହୁଏ ବୋଲି ମୁଁ ଶୁଣିଛି; ଆଉ କୌଣସି ଆସକ୍ତି ବାକି ନ ରହିବାର ପ୍ରତୀକରୂପେ ଏହି କଥାଟିକୁ ବ୍ୟବହାର କରାଯାଇଛି । ତୁମେ ମଧ୍ୟ ଦେଖିଥିବ, ଯେତେବେଳେ ନଡ଼ିଆ ସମ୍ପୂର୍ଣ୍ଣ ଭାବରେ ଶୁଖିଯାଏ, ସେତେବେଳେ ନଡ଼ିଆଅଂଶଟି ଆଉ ଶଢ଼େଇ ସହିତ ଆଦୌ ଲାଗି କରି ରହେ ନାହିଁ; ତେଣୁ ବଜାଇଲେ ଠକ୍ ଠକ୍ କରି ବାଜେ । ତାହା ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିଥାଏ, ଶଢ଼େଇଠାରୁ ସମ୍ପୂର୍ଣ୍ଣଭାବରେ ସ୍ୱତନ୍ତ୍ର ହୋଇ ରହିଥାଏ । ଏହା ଦ୍ୱାରା ସତ୍ତାର ଏକ ପ୍ରତୀକରୂପକୁ ବ୍ୟକ୍ତ କରାଯାଇଛି; ଶଢ଼େଇ ଅର୍ଥାତ୍ ସାଧାରଣ ଜଡ଼ସ୍ଥ ଚେତନା, ଏବଂ ଆତ୍ମା ସମ୍ପୂର୍ଣ୍ଣ ଭାବରେ ଗଠିତ ହୋଇପାରି ନ ଥିବା ପର୍ଯ୍ୟନ୍ତ ତାହା ଜଡ଼ସ୍ଥ ଚେତନା ସହିତ ସଂଲଗ୍ନ ହୋଇ ରହିଥାଏ, ତାହାକୁ ଜାବୁଡ଼ି ଧରିଥାଏ, ଶଢ଼େଇ ସହିତ ଲାଗିକରି ରହିଥାଏ, ମୋଟେ ଛଡ଼ାଇ ହୁଏ ନାହିଁ । ମାତ୍ର ସମ୍ପୂର୍ଣ୍ଣ ଭାବରେ ଗଠିତ ହୋଇ ସାରିବା ପରେ ଏହା ଭିତରରେ ପୂର୍ଣ୍ଣରୂପେ ସ୍ୱତନ୍ତ୍ର ଓ ମୁକ୍ତ ହୋଇଯାଏ, ଶଢ଼େଇ ଭିତରେ ରହି ମୁକ୍ତ ଭାବରେ ଏପାଖ ସେପାଖ ହେଉଥାଏ, ଆଦୌ ଶଢ଼େଇକୁ ଲାଗି ରହି ନ ଥାଏ । ଏହିପରି ବ୍ୟାଖ୍ୟା କରାଯିବ ।

'oaob.nitrkl.ac.in' images reprocessed

ମାଆ, ଏଇ କଥାଟିର ଅର୍ଥ କ'ଣ "ନିମ୍ନତର ପ୍ରକୃତି ପ୍ରତି ପୁରୁଷର ଯେଉଁ ଅନୁରକ୍ତି ରହିଥାଏ, ତାହାକୁ ସେଠାରୁ ସ୍ଥାନାନ୍ତରିତ କରି ଆଣିବାକୁ ହୁଏ..."

ତୁମେ ଏହାର ଅର୍ଥ ଜାଣି ନାହିଁ ?

ସାଧାରଣ କ୍ଷେତ୍ରରେ, ସାଧାରଣ ସତ୍ତା ମଧ୍ୟରେ ଓ ସାଧାରଣ ଜୀବନରେ ପୁରୁଷ ପ୍ରକୃତିର ଅଧୀନ ହୋଇ ରହିଥାଏ । ସିଏ ବାହ୍ୟ ପ୍ରକୃତିର ଦାସ ହୋଇ ରହିଥାଏ । ତେଣୁ ଶ୍ରୀଅରବିନ୍ଦ କହୁଛନ୍ତି ଯେ, ଆପଣାକୁ ଏହି ଦାସତ୍ୱରୁ ମୁକ୍ତ କରି ଆଣିଲେହିଁ ତାହା କଦାପି ଯଥେଷ୍ଟ ହେବ ନାହିଁ । ସିଏ ସେହିପରି କହିବାରେ ଆରମ୍ଭ କରିଛନ୍ତି : ଆପଣାକୁ ଏହି ଦାସତା ମଧ୍ୟରୁ ମୁକ୍ତ କରି ଆଣିବା ଆଦୌ ଯଥେଷ୍ଟ ନୁହେଁ; ତାକୁ ଆପଣାର ଅନୁରକ୍ତିଟିକୁ ଅବଶ୍ୟ ଅକ୍ଷୁଣ୍ଣ ରଖିବାକୁ ପଡ଼ିବ, ମାତ୍ର ପ୍ରକୃତିର ବୋଲି ମାନିବା ପରିବର୍ତ୍ତେ ତାକୁ ଦିବ୍ୟ ଜନନୀଙ୍କର ବୋଲି ମାନିବାକୁ ପଡ଼ିବ; ଅର୍ଥାତ୍, ତା'ଠାରୁ ଅଧିକ ନିମ୍ନ ହୋଇ ରହିଥିବା ଏକ ବସ୍ତୁର ବୋଲି ମାନିବା ପରିବର୍ତ୍ତେ, ତା'ଠାରୁ ଯାହା ଅଧିକ ଉଚ୍ଚ, ସିଏ ତାହାରି ବୋଲି ମାନିବ । ବାକ୍ୟଟି ହେଉଛି : ସିଏ ଆପଣାର ଅନୁରକ୍ତିକୁ ଏଥିରୁ ସେଥିକୁ ସ୍ଥାନାନ୍ତରିତ କରି ନେଇଯିବ ।

ବୁଝିଲ ? ତଥାପି ବୁଝିପାରିଲ ନାହିଁ ? ସମ୍ଭବତଃ କୌଣସି ବ୍ୟକ୍ତି ତାଙ୍କ ପାଖକୁ ଲେଖିଥିଲେ ଯେ ସିଏ ତାଙ୍କର ପୁରୁଷ ପ୍ରକୃତି ପ୍ରତି ରହିଥିବା ତା'ର ଅନୁରକ୍ତିରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇ ବାହାରିଆସୁ ବୋଲି ଇଚ୍ଛା କରୁଛନ୍ତି । ତେଣୁ ସେ ଉତ୍ତରରେ ଲେଖିଥିଲେ : ନା, ସେତିକି ଆଦୌ ଯଥେଷ୍ଟ ନୁହେଁ; ପୁରୁଷକୁ ମୁକ୍ତ କରି ଆଣିବା ହେଉଛି ସମ୍ପୂର୍ଣ୍ଣ କାର୍ଯ୍ୟଟିର କେବଳ ଅଧେ ଅଂଶ । ସେହି କ୍ଷେତ୍ରରେ ତୁମର ଅନୁରକ୍ତି ଅବଶ୍ୟ ରହିବ, ମାତ୍ର, ନିଜକୁ ପ୍ରକୃତି ସହିତ ସମ୍ବନ୍ଧିତ କରି ନ ରଖି ତାହାକୁ ଦିବ୍ୟ ପରମା ଜନନୀଙ୍କ ଲାଗିହିଁ ଉଦ୍ଦିଷ୍ଟ କରି ରଖିବାକୁ ପଡ଼ିବ । ଏବଂ ସେ ତା'ପରେ ଉଭୟ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ବୁଝାଇ ଦେଇଛନ୍ତି । ସେଇଠି ଗୋଟିଏ ସମ୍ପୂର୍ଣ୍ଣ ପାରି ରହିଛି ଯେଉଁଥିରେ କି ସିଏ କହିଛନ୍ତି ଯେ ଦିବ୍ୟ ପରମା ଜନନୀଙ୍କୁ ପ୍ରକୃତି ସହିତ ସମତୁଲ କରିଦେବା କଦାପି ଉଚିତ ନୁହେଁ । ଅବଶ୍ୟ ପ୍ରକୃତି ମଧ୍ୟରେ ବି ପରମା ଜନନୀଙ୍କର କିଛି ଅଂଶ ରହିଛି ସତ, କାରଣ ପରମା ଜନନୀଙ୍କର କିଛି ଅଂଶ ପ୍ରତ୍ୟେକ ବସ୍ତୁର ପଶ୍ଚାତରେହିଁ ରହିଛି । ମାତ୍ର ତା' ବୋଲି ଏହି ପ୍ରକୃତିକୁହିଁ ଯେ ଦିବ୍ୟ ପରମା ଜନନୀ ବୋଲି ବୁଝାଯିବ, ସେକଥା ଆଦୌ ନୁହେଁ ।

'oaob.nitrkl.ac.in' images reprocessed

(ନଳିନୀ) ଏଇଟି ହେଉଛି, ଯାହା ସେପରି ପଢ଼ୁଥିଲେ, ପ୍ରକୃତି ପ୍ରତି ରହିଥିବା ଅନୁରକ୍ତିର ନକାରାତ୍ମକ ଦିଗ ଓ ସକାରାତ୍ମକ ଦିଗ ।

ପ୍ରକୃତି ଲାଗି ଅନୁରକ୍ତି, ହଁ—ସେଇ କଥା । ପ୍ରକୃତି ପ୍ରତି ରହିଥିବା ଅନୁରକ୍ତିରୁ ଆପଣାକୁ ମୁକ୍ତ କରି ଆଣିବାକୁ ହେବ, ଏଇଟି ହେଉଛି ବିକାଶର ନକାରାତ୍ମକ ଦିଗଟି; ଆମେ ଆପଣାକୁ ପ୍ରକୃତି ପ୍ରତି ରହିଥିବା ଆପଣାର ଅନୁରକ୍ତିରୁ ମୁକ୍ତ କରି ଆଣୁ, ମାତ୍ର, ତା'ପରେ, ଆହୁରି ଗୋଟିଏ ଅଧିକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ଏବଂ ଦିବ୍ୟ ପରମା ଜନନୀଙ୍କ ପାଖରେ ଆପଣାକୁ ସମର୍ପିତ କରିଦେବାର ସକାରାତ୍ମକ ଦିଗଟିକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ।

ସବାଶେଷ ବାକ୍ୟଟି "... ସତ୍ୟ-ସୃଷ୍ଟିର କ୍ଷେତ୍ରରେ, ଆପଣାକୁ କେବଳ ସତତ ଉନ୍ମୋଚିତ କରି ଦେଉଥିବ,—ସେଠାରେ ପ୍ରଳୟ ବୋଲି ଆଦୌ କିଛି ନ ଥିବ, ଏହାହିଁ ବିଧାନ ।" ଆପଣାକୁ ସତତ ଉନ୍ମୋଚିତ କରିଦେବା,—ଏହି କଥାଟିର ଅର୍ଥ କ'ଣ ?

ସତ୍ୟ-ସୃଷ୍ଟି···ଏଇଟି ଶେଷ ଧାଡ଼ିରେ ଅଛି, ନୁହେଁ ? (ମାଆ ବହିର ପୃଷ୍ଠାଗୁଡ଼ିକୁ ଅନାଇ ଦେଖିଲେ) ମୁଁ ଭାବୁଛି ଏହି ବିଷୟରେ ଆମର ଆଗରୁ ଏକାଧିକ ବାର ଆଲୋଚନା ହୋଇଯାଇଛି । ଏପରି କୁହାଯାଇଛି ଯେ, ସୃଷ୍ଟିର ସମଗ୍ର ପ୍ରକ୍ରିୟାଟି ମଧ୍ୟରେ ପ୍ରଥମେ ସୃଷ୍ଟି ହୁଏ, ତା'ପରେ ସ୍ଥିତି ଓ ତା'ପରେ ପ୍ରଳୟ,—ଏହିପରି ତିନୋଟି ପର୍ଯ୍ୟାୟ । ଏବଂ, ଅନେକ ସମୟରେ ଏହି କଥାଟିକୁ ମଧ୍ୟ ବାରବାର କୁହାଯାଇଛି : "ଯାହାକିଛି ଆରମ୍ଭ ହୋଇଛି, ତାହାର ଏକ ଶେଷ ଅବଶ୍ୟ ରହିଛି," ଇତ୍ୟାଦି ଇତ୍ୟାଦି ।

ବସ୍ତୁତଃ, ଆମର ଏହି ବିଶ୍ୱବ୍ରହ୍ମାଣ୍ଡର ଇତିହାସରେ ଲାଗିଲାଗି ଏହିପରି ଛଅଟି ପର୍ଯ୍ୟାୟ ଅତିକ୍ରାନ୍ତ ହୋଇଯାଇଛି, ଯାହାର ଆରମ୍ଭ ଏକ ସୃଜନର ପ୍ରକ୍ରିୟାରୁ ଆରମ୍ଭ ହୋଇଥିଲା, ଏକ ସ୍ଥିତିର ଶକ୍ତି ତାହାକୁ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଅସ୍ତିତ୍ୱରେ ରଖିଥିଲା ଏବଂ ଯାହାର ଶେଷରେ ଏକ ପ୍ରଳୟ ଦ୍ୱାରା ଶେଷ ହୋଇ ପୁନର୍ବାର ଆପଣାର ପରମ ମୂଳଟିକୁ ଫେରି ଆସିଥିଲା । ଏବଂ ଏହି କାରଣରୁ ହିଁ ସେହି ପରମ୍ପରାଟି ରହି ଆସିଛି । ମାତ୍ର, ଏକଥା ମଧ୍ୟ କୁହାଯାଇଛି ଯେ, ସପ୍ତମ ସୃଷ୍ଟିଟି ପ୍ରକୃତରେ ଏକ ଉର୍ଦ୍ଧ୍ୱରେଖାର ଅଭିବୃଦ୍ଧି ଲାଭ କରୁଥିବା ସୃଜନ ହୋଇ ରହିବ, ଅର୍ଥାତ୍, ସୃଷ୍ଟ ହେବାର ମୂଳବିନ୍ଦୁଟିରୁ ଆରମ୍ଭ ହୋଇ, କେବଳ ସ୍ଥିତିର ଏକ ପର୍ଯ୍ୟାୟକୁ ପାରମ୍ପରିକ ଭାବେ ଅନୁସରଣ ନ କରି ସେହି କ୍ଷେତ୍ରରେ ଏକ ଉର୍ଦ୍ଧ୍ୱରେଖାର ଅଗ୍ରଗତିଶୀଳ ରୂପାୟନ ସଂଘଟିତ ହେବାକୁ ଲାଗିବ, ଯାହାକୁ ଏବଂ

'oaob.nitrkl.ac.in' images reprocessed

ପରମସତ୍ତାଙ୍କୁ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତ କରି ଆଣି ପାରୁଥିବ; ଫଳରେ ଆଉ କୌଣସି ବିଘଟନ କିଂବା ମୂଳକୁ ପୁନଃପ୍ରତ୍ୟାବର୍ତ୍ତନ କରିବାର ଆବଶ୍ୟକତାହିଁ ଆସିବ ନାହିଁ । ଏବଂ, ଏପରି ଘୋଷଣା କରାଯାଇଛି ଯେ, ଆମେମାନେ ବର୍ତ୍ତମାନ ଯେଉଁ ଅବଧିଟିର ମଧ୍ୟଦେଇ ଗତି କରୁଛୁ, ସେଇଟି ହେଉଛି ସେଇ ସପ୍ତମ ସୃଷ୍ଟି; ଅର୍ଥାତ୍, ଏକ ପ୍ରଳୟ ଦ୍ୱାରା ଏହାର ଅନ୍ତ ହୋଇପାରିବ ନାହିଁ, କୌଣସି ବିଲୁପ୍ତି ବା ବିଲୟ ଘଟି ଏହାକୁ ଆଉ ମୋଟେ ପୁନର୍ବାର ସେହି ମୂଳକୁ ଫେରି ଆସିବାକୁ ପଡ଼ିବ ନାହିଁ । ମାତ୍ର, ଅନ୍ୟପକ୍ଷରେ ସେହି ସୃଷ୍ଟିରେ ଅବିରାମ ପ୍ରଗତିହିଁ ହେବାରେ ଲାଗିଥିବ, କାରଣ ଏହାରି ମାଧ୍ୟମରେହିଁ ଦିବ୍ୟ ପରମମୂଳ ସୃଜନ ମଧ୍ୟଦେଇ ଆପଣାକୁ ଅଧିକ ଓ ଆହୁରି ଅଧିକ ପରିପୂର୍ଣ୍ଣ ଭାବରେ ଉନ୍ମୋଚିତ କରିଦେବାରେ ଲାଗିଥିବେ ।

ଶ୍ରୀଅରବିନ୍ଦ ମଧ୍ୟ ସେହି କଥା କହୁଛନ୍ତି । ସିଏ ଏକ ଅବିରାମ ଉନ୍ମୋଚନ ବିଷୟରେ କହୁଛନ୍ତି; ଅର୍ଥାତ୍, ଏହି ପର୍ଯ୍ୟାୟ ମଧ୍ୟରେ ଦିବ୍ୟ ପରମସତ୍ତା ଆପଣାକୁ ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବରେ ପ୍ରକଟ କରି ଆଣିବାରେ ଲାଗିଥିବେ । —ଏକ ଉତ୍ତରୋତ୍ତର ଅଗ୍ରଗତିଶୀଳ ସୃଜନକ୍ରମରେ ଆପଣାକୁ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତ କରି ଆଣୁଥିବେ । ଏହି ଉତ୍ତରୋତ୍ତର ପ୍ରଗତିଶୀଳତାର ସ୍ୱଭାବ ଦ୍ୱାରା ଅନୁପ୍ରେରିତ ହୋଇହିଁ ଆଉ ପରମ ମୂଳକୁ ପ୍ରତ୍ୟାବର୍ତ୍ତନ ଅର୍ଥାତ୍ ପ୍ରଳୟର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଯାହାର ଅଗ୍ରଗତି ନ ହୁଏ, ତାହାହିଁ ଅନ୍ତର୍ହିତ ହୋଇ ଯିବାକୁ ବାଧ୍ୟ ହୁଏ; ଏବଂ ସେହି କାରଣରୁହିଁ ଜଡ଼ ଶରୀରମାନେ ମୃତ୍ୟୁମୁଖରେ ପତିତ ହୁଅନ୍ତି; କାରଣ ସେମାନେ ଆଉ ଅଧିକ ଅଗ୍ରଗତି କରିପାରନ୍ତି ନାହିଁ । ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ପର୍ଯ୍ୟନ୍ତ ସେମାନେ ଅଗ୍ରଗତି କରିଥାନ୍ତି, ତା'ପରେ ସେହିଠାରେ ଯାଇ ଅଟକି ଯାଆନ୍ତି; ଅଧିକାଂଶ ସମୟରେ କିଛିକାଳ ପାଇଁ ସେହିଠାରେହିଁ ସ୍ଥାଣୁ ହୋଇ ରହନ୍ତି ଏବଂ ତା'ପରେ ସେମାନଙ୍କର କ୍ରମକ୍ଷୟ ଆରମ୍ଭ ହୁଏ ଓ ଶେଷକୁ ସେମାନେ ଅନ୍ତର୍ହିତ ହୋଇ ଯାଆନ୍ତି । ଏହାର କାରଣ ହେଉଛି ଯେ, କୌଣସି ଜଡ଼ ଶରୀର, ସ୍ଥୂଳ ଜଡ଼ ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ତାହା ମଧ୍ୟରେ ଆଦୌ ଏପରି ଯଥେଷ୍ଟ ପରିମାଣରେ ନମନୀୟତା ନାହିଁ ଯେ ତାହା ଅବିରାମ କେବଳ ଅଗ୍ରଗତିହିଁ କରିପାରିବ । ମାତ୍ର, ତାହାକୁ ଯଥେଷ୍ଟ ପରିମାଣରେ ନମନୀୟ କରିବା ଆଦୌ ଅସମ୍ଭବ ନୁହେଁ; କାରଣ, ଭୌତିକ ଶରୀରର ପୂର୍ଣ୍ଣତା-ଉପଲବ୍ଧି ଅବଶ୍ୟ ଏପରି ହୋଇପାରିବ ଯେ, ତା'ଲାଗି ଆଉ ବିଗଳନର ଅର୍ଥାତ୍ ମୃତ୍ୟୁର ଆଦୌ କୌଣସି ଆବଶ୍ୟକତା ରହିବ ନାହିଁ ।

ମାତ୍ର, କେବଳ ଏତିକି ସ୍ମରଣ ରଖିବାକୁ ହେବ ଯେ, ଅତିମାନସର ଅବତରଣ ବ୍ୟତୀତ ଏହାର ଉପଲବ୍ଧି ଆଦୌ ସମ୍ଭବ ହେବ ନାହିଁ । ଏପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

**ଧରାପୃଷ୍ଠରେ ଯେତେବେଳେ ଜଗତର ଅଭିବ୍ୟକ୍ତି ଘଟିଛି, ଅଧିମାନସ ହେଉଛି ସେଗୁଡ଼ିକଠାରୁ ଏକ ଉଚ୍ଚତର ଜଗତ୍, ଏବଂ ତାହା ଆମ ଜଗତ୍‌କୁ ଏପରି ଏକ ନମନୀୟତା ପ୍ରଦାନ କରିପାରିବ, ଯାହାକି ତାହାକୁ ଅବିରାମ ଅଗ୍ରଗତି କରିବା ପାଇଁ ବାଟ ଛାଡ଼ିଦେବ, ଅର୍ଥାତ୍, ଆପଣାର ଉନ୍ମୋଚନକ୍ଷଣରେ ସତ୍ୟ ଚିନ୍ତାଧାରାର ଅନୁସରଣ କରିବା ଲାଗି ତାହାକୁ ବାଟ ଛାଡ଼ିଦେବ ।**

ମାଆ, ମୁଁ ବିଭିନ୍ନ କଥାକୁ ଏକାଠି ଗୋଳେଇ ମିଶେଇ ପକାଉଛି । ଏଠାରେ ଲେଖା ହୋଇଛି : "ମାତ୍ର ଯେଉଁ ବ୍ୟକ୍ତି ଅଧିମାନସର ସତ୍ୟଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରି ସେଗୁଡ଼ିକୁ ବଞ୍ଚି ନ ପାରିଛି, ସିଏ କଦାପି ଅତିମାନସ ପରମସତ୍ୟରେ ଉପନୀତ ହୋଇ-ପାରିବ ନାହିଁ ।"

ହଁ ।

ମୁଁ ଏହିଠାରେହିଁ ସବୁକିଛିକୁ ଭାରି ଗୋଳେଇ ମିଶେଇ ଦେଉଛି । ଆପଣ ଅନେକ ସମୟରେ କହିଛନ୍ତି ଯେ ଅଧିମାନସର ରାଜତ୍ୱକାଳ ବର୍ତ୍ତମାନ ଶେଷ ହୋଇଗଲାଣି ଏବଂ ଏବେ ଅତିମାନସର ରାଜତ୍ୱ ଆସୁଛି ଏବଂ ଅଧିମାନସର ସେହି ପୁରୁଣା ଅନୁଭୂତିଗୁଡ଼ିକ ମଧ୍ୟ ଦେଇ ଯିବାର ଆଉ ଆଦୌ କୌଣସି ଆବଶ୍ୟକତା ନାହିଁ, କାରଣ ସେହି ପର୍ଯ୍ୟାୟଟି ଗତ ହୋଇ ସାରିଲାଣି ।

**ସିଏ ପ୍ରକୃତରେ କ'ଣ କହୁଛି ? ପବିତ୍ର, ସିଏ କ'ଣ କହୁଛି ତୁମେ କିଛି ବୁଝି ପାରୁଛ ?**

(ପବିତ୍ର) ମାଆ, ଆପଣ ଏକାଧିକ ସମୟରେ କହିଛନ୍ତି ଯେ ଅଧିମାନସର ରାଜତ୍ୱକାଳ ସରିଗଲାଣି ଏବଂ ବର୍ତ୍ତମାନ ଅତିମାନସର ରାଜତ୍ୱ ଆସି ପହଞ୍ଚିଛି ।

**ହଁ କହିଛି; ଗୋଟିଏ ଅର୍ଥରେ ଅବଶ୍ୟ କହିଛି ।**

ତେଣୁ, ଅତିମାନସରେ ଉପନୀତ ହେବା ଲାଗି ଆଉ ଅଧିମାନସର ଅନୁଭୂତିଗୁଡ଼ିକର ମଧ୍ୟଦେଇ ଯିବାର କୌଣସି ଆବଶ୍ୟକତା ନାହିଁ ।

'oaob.nitrkl.ac.in' images reprocessed

ମୁଁ ଏକଥା କହୁଛି ଯେ ଅତିମାନସ ଅନୁଭୂତିମାନ ଲାଭ କରିବା ସକାଶେ ଅଧିମାନସର ଅନୁଭୂତିଗୁଡ଼ିକର ମଧ୍ୟଦେଇ ଗତି କରିବାର କୌଣସି ଆବଶ୍ୟକତା ନାହିଁ ? ମୁଁ ପ୍ରକୃତରେ ଏକଥା କେବେ କହୁଛି ?

ଆପଣ କହିଛନ୍ତି ବୋଲି ମୁଁ କହୁ ନାହିଁ; ମାତ୍ର ସମ୍ଭବତଃ ଆପଣଙ୍କର କଥାକୁ ମୁଁ ସେହିପରି ଭାବରେ ବୁଝିଛି ।

ଅଚ୍ଛା । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ମୁଁ ଆଦୌ ସେପରି ବିସ୍ତର କରୁ ନାହିଁ । ମୁଁ ଏକଥା କହୁଛି କି ନାହିଁ ଜାଣି ନାହିଁ, ମାତ୍ର କହିଥିବି ବୋଲି ଆଦୌ ଭାବୁ ନାହିଁ; କାରଣ ଆମେ ବର୍ତ୍ତମାନ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟର ମଧ୍ୟଦେଇ ଗତି କରୁଛୁ । ଏହି କଥାଟି ଏକାନ୍ତ ସୁନିଶ୍ଚିତ ଯେ, ଏକ ସାଧାରଣ ଅର୍ଥରେ ବିସ୍ତର କରି ଦେଖିଲେ, ବର୍ତ୍ତମାନ ତଥାପି ଅଧିମାନସର ଶାସନ ଚାଲିଛି ଏବଂ, ଯଦି ଅତିମାନସ ଆସୁଛି ବୋଲି କୁହାଯାଉଛି, ତେବେ ତଦ୍ଦ୍ୱାରା ଏହିପରି ବୁଝିବାକୁ ହେବ ଯେ, ତାହା ବର୍ତ୍ତମାନ ଆସିବାକୁ କେବଳ ଆରମ୍ଭହିଁ କରୁଛି, ଆପଣାର ପ୍ରଭାବ ପକାଇବାକୁ ଆରମ୍ଭ କରୁଛି ଏବଂ, ଏହି ମଧ୍ୟବର୍ତ୍ତୀ ପର୍ଯ୍ୟାୟଟି ସମ୍ବନ୍ଧରେ ଶ୍ରୀଅରବିନ୍ଦ ଏଠାରେ ଯାହା କହିଛନ୍ତି, ତାହା ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଠିକ୍ : ଯଦି ତୁମେ ଅଧିମାନସ ବିଷୟରେ ଆଦୌ କିଛି ବୁଝି ନ ଥିବ, ତେବେ ଅତିମାନସ ବିଷୟରେ ମଧ୍ୟ ତା'ଠାରୁ ଆହୁରି କମ୍ ବୁଝିବାକୁ ସମର୍ଥ ହେବ ଏବଂ ସିଏ, କେଜାଣି କେତେଥର ମୁଁ କହି ପାରିବି ନାହିଁ, ବାରବାର ଏକଥା କହିଛନ୍ତି ଯେ, ମଝିରେ ରହିଥିବା ପାହାଚଗୁଡ଼ିକ ପାର ହୋଇ ଏକାବେଳେକେ ସର୍ବୋଚ୍ଚ ଶିଖର ଉପରକୁ ଡେଇଁ ପଡ଼ିବା ଆଦୌ ଉଚିତ ହେବ ନାହିଁ । ପୁନଶ୍ଚ... ମୁଁ ସେକଥା କେବେ ପଢ଼ିଥିଲି କି ! ...ମୋଟେ ବହୁଦିନ ପୂର୍ବରୁ ନୁହେଁ...ମୁଁ ପଢ଼ିଥିଲି ଯେ ଶିଖରକୁ ଯିବାକୁ ହେଲେ ମଧ୍ୟବର୍ତ୍ତୀ ସକଳ ସୋପାନକୁ ଆରୋହଣ କରିବା ଏକାନ୍ତ ଆବଶ୍ୟକ ? ତୁମେ ଏକାବେଳେ ଡେଇଁ କରି ସବା ଉପରକୁ ଚାଲିଯିବ ଏବଂ ଅବଶିଷ୍ଟ ପାହାଚଗୁଡ଼ିକୁ ଅବହେଳା କରି ଗୁଡ଼ିଯିବ, ସେକଥା ହୋଇ ପାରିବ ନାହିଁ । ତାହା ଆଦୌ ସମ୍ଭବ ନୁହେଁ । ତୁମେ ଅବଶ୍ୟ ଅଧିକ ସତ୍ୱର ଭାବରେ ଗତି କରିପାର । ଏପରି ଅବଶ୍ୟ ଘଟିପାରେ ଯେ, ଯେଉଁଥିପାଇଁ ଏକାଧିକ ଜୀବନକାଳ ଲାଗୁଥିଲା ତାହାକୁ ହୁଏତ କେତୋଟି ବର୍ଷରେ ଓ ଏପରିକି ଅଳ୍ପ କେତେ ମାସ ମଧ୍ୟରେ ସମ୍ଭବ କରାଯାଇ ପାରିବ । ମାତ୍ର ତଥାପି ତୁମକୁ ସେଗୁଡ଼ିକ ମଧ୍ୟଦେଇ ଯିବାକୁ ପଡ଼ିବ ।

ଯେତେବେଳେ ଆମର ଶରୀର ଅତିମାନସ ଶରୀରରେ ପରିଣତ ହେବ ଏବଂ ଆମ ଭିତରେ ଆମେ ଅତିମାନସ ଚେତନାରେ ଅବସ୍ଥାନ କରୁଥିବା, ସେତେବେଳେ

'oaob.nitrkl.ac.in' images reprocessed

ହୁଏତ ଆମେ ଏପରି କ୍ଷୁଦ୍ର ଅତିମାନସ ସଙ୍ଘମାନଙ୍କୁ ଗଠନ କରିବାକୁ ସମର୍ଥ ହେବା ଯେଉଁମାନଙ୍କର କି ଏହିସବୁ ଅନ୍ତର୍ଭୁକ୍ତକୁ ମର୍ଯ୍ୟାଦେଇ ଗ୍ରହଣ କରିବା ଲାଗି କୌଣସି ଆବଶ୍ୟକତା ନ ଥିବ । ମାତ୍ର ଏଠାରେ କେବଳ ସେହି "ଯେତେବେଳେ"ର ପ୍ରଶ୍ନଟି ରହିଛି, ବର୍ତ୍ତମାନ ଆଦୌ ସେପରି ହୋଇ ନାହିଁ । (ସମସ୍ତେ ହସିଲେ)

ବସ୍ତୁଗୁଡ଼ିକ ପ୍ରକୃତରେ ସମ୍ପାଦିତ ନ ହୋଇଥିବା ପର୍ଯ୍ୟନ୍ତ ଆମେ ସେଗୁଡ଼ିକ ଲାଗି ଆଶା କରିବା ନାହିଁ । ସେଗୁଡ଼ିକ ଅବଶ୍ୟ ସମ୍ପାଦିତ ହେବ, ମାତ୍ର କିଛିକାଳ ପରେ ଯାଇ ହେବ ।

'oaob.nitrkl.ac.in' images reprocessed

# ୨୨ ଜୁନ୍ ୧୯୫୫

ମାଆ "ଯୋଗାସେଭ" ସୂତ୍ରବର "ଈଶ୍ୱର ବଭିନ୍ନ ଭୂମି ଓ ସ୍ତର" ଶୀର୍ଷକ ଅଧ୍ୟାୟଟିକୁ ପାଠ କଲେ ।

## ନିଜର ଯୋଗଶକ୍ତିକୁ ଜାଗ୍ରତ କରାଯାଇପାରିବ କିପରି ?

ତାହା ନିର୍ଭର କରୁଛି : ତୁମେ ସର୍ବପ୍ରଥମେ ଜାଣିବ ଯେ ଏହା ହେଉଛି ତୁମ ଜୀବନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ବାସ୍, କେବଳ ଏତିକି କରିବାକୁ ହେବ ।

କେତେକ ବ୍ୟକ୍ତି ଧ୍ୟାନରେ ଯାଇ ବସନ୍ତି, ମେରୁଦଣ୍ଡର ମୂଳ ଉପରେ ଆପଣାକୁ ଅଭିନିବେଶିତ କରି ରଖନ୍ତି ଏବଂ ଯୋଗଶକ୍ତି ଜାଗ୍ରତ ହେଉ ବୋଲି ପ୍ରବଳ ଭାବରେ ଇଚ୍ଛା କରୁଥାନ୍ତି । ମାତ୍ର ସେତିକି ଆଦୌ ଯଥେଷ୍ଟ ନୁହେଁ । ଯେତେବେଳେ ତାହାହିଁ ତୁମ ଜୀବନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟରେ ପରିଣତ ହୋଇପାରିବ, ଯେତେବେଳେ ସେଇଟି ବ୍ୟତୀତ ଆଉ ସବୁକିଛି ତୁମ ଲାଗି ଆକର୍ଷଣହୀନ ହୋଇ ପଡ଼ିବ,—ସେଗୁଡ଼ିକ ପ୍ରତି ତୁମର ଆଉ କୌଣସି ଆଗ୍ରହ ନ ଥିବ ବା ତୁମେ ସେଗୁଡ଼ିକ ଆଦୌ କୌଣସି ମହତ୍ତ୍ୱ ଦେଉ ନ ଥିବ, ତୁମେ ଯେ କେବଳ ଏହି ଗୋଟିଏ କାର୍ଯ୍ୟ ଲାଗି ଜନ୍ମ ହୋଇଛ, କେବଳ ଏଇଥିପାଇଁ ସଂସାରରେ ରହିଛ ଏବଂ ତୁମ ଲାଗି କେବଳ ଏହି ଗୋଟିଏ କଥାରହିଁ ଯାହାକିଛି ମୂଲ୍ୟ ରହିଛି, ଯେତେବେଳେ ନିଜ ଭିତରେ ତୁମେ ଠିକ୍ ସେହିପରି ଅନୁଭବ କରିବାକୁ ସମର୍ଥ ହେବ, କେବଳ ସେତିକିବେଳେ ଯାଇ ତାହା ସମ୍ଭବ ହେବ; ସେଥିଲାଗି କେବଳ ଏତିକି ଯଥେଷ୍ଟ ହେବ ।

ତୁମେ ବିଭିନ୍ନ କେନ୍ଦ୍ରଗୁଡ଼ିକ ଉପରେ ଆପଣାକୁ ଅବଶ୍ୟ ଅଭିନିବେଶିତ କରି ରଖି ପାରିବ; ମାତ୍ର, ଅନେକ ସମୟରେ, କେତେ ପ୍ରୟାସ କରି ଦୀର୍ଘ ସମୟ ଲାଗି ଆପଣାକୁ ଅଭିନିବେଶିତ କରି ରଖିଲେ ମଧ୍ୟ ଆଦୌ କୌଣସି ଫଳ ମିଳେ ନାହିଁ । ଏବଂ, ଏହିପରି ହଠାତ୍ ଦିନେ ତୁମେ ଏକାବେଳେକେ ଦୋହଲିଗଲା ପରି ଅନୁଭବ କର, ନିଜର ଗୋଡ଼ ଟଳିଯାଉଛି ବୋଲି ବୋଧ ହେବାକୁ ଲାଗେ, ତେଣୁ କୌଣସି କିଛି ଉପରେ ତୁମକୁ ଅବଲମ୍ବନ କରି ଅବଶ୍ୟ ରହିବାକୁ ହେବ ବୋଲି ମନେ ହେଉଥାଏ; ତା'ପରେ ତୁମେ ନିଜ ଭିତରେ ଦିବ୍ୟ ପରମସତ୍ତାଙ୍କ

'oaob.nitrkl.ac.in' images reprocessed

ସହିତ ଏକାତ୍ମ ହୋଇ ରହିବାର ଧାରଣାଟିକୁ ଅବଲମ୍ବନ କରି ରହିବାକୁ ଆରମ୍ଭ କର,—ଅଦ୍ୟ ପରମ ଉପସ୍ଥିତି ବା ଚେତନାର ରୂପାନ୍ତର-ବିଷୟକ ଧାରଣାଟିକୁ ଅବଲମ୍ବନ କରି ରହ । ତା'ପରେ ତୁମେ ଅଭୀପ୍ସା କର, ତୁମେ ଇଚ୍ଛା କରିବାକୁ ଲାଗ, ଏଇଟିର ଚାରିପାଖରେ ଆପଣାର ଯାବତୀୟ ସଂବେଗ, ଉଦ୍ଦୀପନ ଏବଂ ଆବେଗକୁ ସଂଗଠିତ କରି ରଖିବାକୁ ଚେଷ୍ଟା କର । ତା'ପରେ ଯାଇ ତାହା ସମ୍ଭବ ହୁଏ ।

କେତେ ବ୍ୟକ୍ତି ଏଥିଲାଗି ଯାବତୀୟ ମାର୍ଗର ପରାମର୍ଶ ଦେଇଛନ୍ତି; ସେହି ମାର୍ଗ ବା ପ୍ରଣାଳୀଗୁଡ଼ିକ ସମ୍ଭବତଃ ସେମାନଙ୍କ କ୍ଷେତ୍ରରେ ସେମାନଙ୍କୁ ଅବଶ୍ୟ ସଫଳତା ଦେଇଥିବ । ମାତ୍ର, ଉଚିତ କଥା କହିବାକୁ ଗଲେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ତା'ର ନିଜ ମାର୍ଗଟିକୁ ଖୋଜି ବାହାର କରିବାକୁ ପଡ଼ିବ; କାର୍ଯ୍ୟଟିକୁ ଉପଲବ୍ଧି କରିସାରିବା ପରେ ଯାଇ ସେଇଟିକୁ କିପରି କରାଯିବା ଉଚିତ ସେକଥା ଜାଣି ହୁଏ । ପୂର୍ବରୁ ତାହା ଜାଣିବା କଦାପି ସମ୍ଭବ ହୁଏ ନାହିଁ ।

ଯଦି କେହି ପୂର୍ବରୁ ତାହା ଜାଣିଥାଏ, ତେବେ ସିଏ ତାହାକୁ ଏକ ମାନସିକ ଗଠନର ରୂପ ଦେଇ ରଖିଥାଏ ଏବଂ, ସିଏ ଯେ କେବଳ ନିଜର ସେହି ମାନସିକ ଗଠନ ମଧ୍ୟରେହିଁ ଜୀବନ ବଞ୍ଚୁଛି, ସେହି କ୍ଷେତ୍ରରେ ଏହିପରି ଘଟିବାର ଘୋର ଆଶଙ୍କା ମଧ୍ୟ ରହିଥାଏ । ଏବଂ, ଏପରି ବଞ୍ଚିବା ହେଉଛି ଭ୍ରମ ଭିତରେହିଁ ବଞ୍ଚିବା । କାରଣ, ଯେତେବେଳେ ମନ କେତେକ ପରିବେଶର ଏକ ଗଠନକୁ ତିଆରି କରି ରଖିଥାଏ ଏବଂ ତା'ପରେ ସେଗୁଡ଼ିକର ଉପଲବ୍ଧି କରାଯାଏ, ତେବେ ସେହି କ୍ଷେତ୍ରରେ ଅଧିକାଂଶ ଅବସ୍ଥାରେ ସେସବୁ ପ୍ରଧାନତଃ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ମାନସିକ ରଚନା ହୋଇହିଁ ରହିଥାନ୍ତି; ଏହି ରଚନାମାନେ କଦାପି ପ୍ରକୃତ ଅନୁଭୂତି ନୁହନ୍ତି, ଏଗୁଡ଼ିକ ଅନୁଭୂତିର କେବଳ ଏକ ପ୍ରତିରୂପ । ତେଣୁ ଏହିସବୁ ଯାବତୀୟ ଯଥାର୍ଥରେ ଆଧ୍ୟାତ୍ମିକ ଅନୁଭୂତି ବିଷୟରେ କହିବାକୁ ଗଲେ, ମୁଁ କହୁଛି ଯେ, ସେଗୁଡ଼ିକୁ ଜାଣିବା ପୂର୍ବରୁ ସେଗୁଡ଼ିକୁ ହାସଲ କରିବାହିଁ ହେଉଛି ଅଧିକ ପ୍ରଜ୍ଞାର ବିଷୟ । ଆଗରୁ ଯଦି କେହି ଜାଣିଥାଏ, ତେବେ ସିଏ କେବଳ ଅନୁକରଣହିଁ କରୁଥାଏ,—ସିଏ ସେଗୁଡ଼ିକୁ ହାସଲ କରି ନ ଥାଏ, ହାସଲ କରିଛି ବୋଲି କଳ୍ପନା କରୁଥାଏ । ଯଦି ତୁମେ କିଛି ଜାଣି ନ ଥିବ—ବସ୍ତୁଗୁଡ଼ିକ ପ୍ରକୃତରେ କିପରି, ସେଗୁଡ଼ିକ କିପରି ଭାବରେ ଘଟିବା ଉଚିତ, କ'ଣ ଘଟିବା ଉଚିତ ଏବଂ ସେହି ଘଟନାଟି କିପରି ସମ୍ଭବ ହୋଇ ପାରିବ,—ଏସବୁ ବିଷୟରେ ତୁମେ ଯେତେବେଳେ ଆଦୌ କିଛି ଜାଣି ନ ଥିବ, ତେବେ ଅତ୍ୟନ୍ତ ନୀରବ ରହି ଏବଂ ନିଜ ଭିତରେ ଗୋଟିଏ ପ୍ରକାରର ବର୍ଗୀକରଣ ସମ୍ଭବ କରି, ତୁମେ ହୁଏତ ହଠାତ୍ ସେହି ଅନୁଭୂତିଟିକୁ ଲାଭ କରିପାରିବ ଏବଂ, ତୁମର ପ୍ରକୃତିରେ କ

'oaob.nitrkl.ac.in' images reprocessed

ଅନୁଭୂତ ହେଲା, ପରେ ସେକଥା ଜାଣି ପାରିବ । ବାସ୍ତ, ଅନୁଭୂତିଟି ଏହିପରି ହୁଏ ଏବଂ, ଥରେ ସେଇଟିକୁ ହାସଲ କରିସାରିଲେ ତାହାକୁ କପରି ହାସଲ କରିବାକୁ ହେବ, ସେକଥା ମଧ୍ୟ ଜାଣି ହୋଇଯାଏ । ଏକଥାଟି ପରେ ହୁଏ । ଏପରି ଭାବରେ କଲେ ତାହା ସୁନିଶ୍ଚିତ ହୋଇଯାଏ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଜଣେ ବ୍ୟକ୍ତି ଇଚ୍ଛା କଲେ ଆପଣାର କଳ୍ପନାଶକ୍ତିକୁ କାମରେ ଲଗାଇ ପାରିବ, କୃଣ୍ଡଳିନୀରେ କଳ୍ପନା କରି ତାହାକୁ ଊର୍ଦ୍ଧ୍ୱକୁ ଆକର୍ଷିତ କରିବା ଲାଗି ଅବଶ୍ୟ ଚେଷ୍ଟା କରି ପାରିବ । ମାତ୍ର, ସିଏ ନିଜକୁ ଏହିସବୁ ଯାବତୀୟ କାହାଣୀ ମଧ୍ୟ କହି ଭ୍ରମରେ ରଖିପାରିବ । ମୁଁ ଏପରି ବ୍ୟକ୍ତିଙ୍କର ବହୁ ଦୃଷ୍ଟାନ୍ତ ଜାଣିଛି, ଯେଉଁମାନେ କି, ଏଗୁଡ଼ିକୁ ବହିରେ ଯେପରି ବର୍ଣ୍ଣନା କରାଯାଇଛି, ନିଜର ଅନୁଭୂତିଗୁଡ଼ିକୁ ମୋତେ ଅବିକଳ ସେହିପରି ବର୍ଣ୍ଣନା କରି କହିଛନ୍ତି; ସେମାନେ ସବୁ ଶବ୍ଦଗୁଡ଼ିକୁ ଜାଣିଛନ୍ତି ଏବଂ ବିଶଦ ଭାବରେ ଯାବତୀୟ ଡିକନିଖିକୁ ଲେଖି ରଖିଛନ୍ତି; ସେମାନଙ୍କଠାରୁ ସବୁ ଶୁଣିବା ପରେ ମୁଁ ସେମାନଙ୍କୁ ପ୍ରସଙ୍ଗକ୍ରମେ ସେହିପରି କେବଳ ଗୋଟିଏ ସାନ ପ୍ରଶ୍ନ ପଚାରିଛି : ମୁଁ ପଚାରିଛି ଯେ, ଯଦି ସେମାନଙ୍କର ପ୍ରକୃତରେ ସେହି ଅନୁଭୂତିଟି ରହିଥାନ୍ତା, ତେବେ ସେମାନେ ନିଶ୍ଚୟ କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଜାଣିବାକୁ ପାଇଥାନ୍ତେ ଅଥବା ଅନୁଭବ କରିଥାନ୍ତେ; ଏବଂ ବହିମାନଙ୍କରେ ସେକଥାଟି ଲେଖା ହୋଇ ନ ଥିବାରୁ, ସେମାନେ ମୋ' ପ୍ରଶ୍ନର ଆଦୌ କୌଣସି ଉତ୍ତର ଦେଇ ପାରୁ ନ ଥିଲେ ।

ମାଆ, ସହସ୍ରଦଳ କମଳର ତାତ୍ପର୍ଯ୍ୟ କ'ଣ ?

ସେମାନେ ଏହାକୁ ଏହିପରି ବର୍ଣ୍ଣନା କରିଛନ୍ତି; ତାହାର କାରଣ ହେଉଛି, ସେଠାରେ ଏକ ଜଟିଳ, ଅତ୍ୟନ୍ତ ଜଟିଳ କେନ୍ଦ୍ରଟିଏ ରହିଛି । ମୁଁ ଭାବୁଛି, ଭାବନାର ଅଗଣିତ ଶକ୍ତି ବା ଜ୍ଞାନର ବିବିଧତାଗତ ନାନା ରୂପକୁ ବୁଝାଇଦେବା ଉଦ୍ଦେଶ୍ୟରେ ସେପରି କୁହାଯାଇଛି । ତାହା ନିଶ୍ଚୟ ସେହିପରି ହୋଇଥିବ । ହଁ, ଏଇଟି ମଧ୍ୟ ଅବଶ୍ୟ ଆଉଗୋଟିଏ ଦୃଷ୍ଟାନ୍ତ ହୋଇଥିବ : ଯେଉଁ ବ୍ୟକ୍ତିମାନେ ପଢ଼ିଛନ୍ତି, ଅଧ୍ୟୟନ କରିଛନ୍ତି ଏବଂ ପରେ ଅନୁଭୂତିଟିକୁ ମଧ୍ୟ ଲାଭ କରିଛନ୍ତି, ସେହିମାନେହିଁ ସର୍ବଦା ସେହିପରି ଭାବରେ ବର୍ଣ୍ଣନା କରି କହିଥାନ୍ତି; ବହିମାନଙ୍କରୁ ଆହରଣ କରି ନେଇଥିବା ଶବ୍ଦଗୁଡ଼ିକୁ ଲଗାଇ ଏବଂ ପୁସ୍ତକମାନଙ୍କରେ ପ୍ରଦତ୍ତ ଚିତ୍ରଗୁଡ଼ିକର ବର୍ଣ୍ଣନା ଅନୁସାରେ ସେମାନେ ତାହା କରିଥାନ୍ତି । ମାତ୍ର, ପ୍ରକୃତରେ ଅନୁଭୂତିଟିକୁ ଲାଭ କରିବା ପୂର୍ବରୁ ଯେଉଁମାନେ କିଛି ପଢ଼ିନାହାନ୍ତି, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ଯେଉଁମାନଙ୍କର ସେହି ଅନୁଭୂତ ହୋଇଛି, ସେମାନେ ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ପ୍ରାଞ୍ଜଳ ସ୍ୱରରେ ସବୁଟିକୁ ବର୍ଣ୍ଣନା କରି ପାରୁଥାନ୍ତି,—ଯେଉଁମାନଙ୍କର କଥାରେ ଏକ ବ୍ୟକ୍ତିଗତଲବ୍ଧ ସତ୍ୟ ରହିଥାଏ ବୋଲି ବୁଝାଯାଇ ପାରିବ । ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ଧାରାରେହିଁ ଅନୁଭୂତିଟିକୁ ବର୍ଣ୍ଣନା କରି କହିଥାଏ । ଯେତେବେଳେ ଏହି ଚକ୍ରଗୁଡ଼ିକ ଜାଗ୍ରତ ହୁଅନ୍ତି···ଚକ୍ରଗୁଡ଼ିକ ବସ୍ତୁତଃ ରହିଛନ୍ତି ଏବଂ, ସେମାନେ ଯେ ଜାଗ୍ରତ ହୁଅନ୍ତି, ସେକଥା ମଧ୍ୟ ସତ୍ୟ ଏବଂ ସୁନିଶ୍ଚିତ, ଏହା ମଧ୍ୟ ଏକ ପ୍ରକୃତ ଘଟଣା ଯେ ଏହାଦ୍ୱାରା ଚେତନା ତଥା ଶରୀରର ସମଗ୍ର କ୍ରିୟାଶୀଳତାର କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନମାନ ଘଟିଥାଏ; ମାତ୍ର ତାହା ବିଷୟରେ ଦିଆ ଯାଉଥିବା ବର୍ଣ୍ଣନାଟି, ଯଦି ତାହା ସ୍ୱତଃସ୍ଫୂର୍ତ୍ତ ଏବଂ ପ୍ରକୃତରେ ନିଷ୍ଠାଯୁକ୍ତ ହୋଇଥାଏ, ତାହା ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଅବଶ୍ୟ ଭିନ୍ନହିଁ ହୋଇଥାଏ । ଆଉ ତାହା ସହିତ ଏକ ସାଦୃଶ୍ୟ ରହିଛି ବୋଲି ଅବଶ୍ୟ ଅନୁଭବ ହେଉ ଥାଇପାରେ; ମାତ୍ର, ଏତ ଘଟଣାରୂପେ ଯାହା ଘଟିଲା, ଏଇଟି ବିଷୟରେ ଏକ ନିର୍ଦ୍ଦିଷ୍ଟ ଏବଂ ଅବିକଳ ସେହି ଅନ୍ୟମାନଙ୍କ ଗ୍ରନ୍ଥରେ ଏକ ବର୍ଣ୍ଣନା ଦେବା, ତାହା ସର୍ବଦା ମନର ଏକ ଅନୁପ୍ରବେଶକୁହିଁ ସୂଚିତ କରି ଦେଇଥାଏ ।

ଏହି ଘଟଣାଟି ଅତ୍ୟନ୍ତ ପ୍ରକୃତ, ମୂର୍ତ୍ତ ଓ ଏପରିକି ଯେକୌଣସି ଜଡ଼ସ୍ତରସ୍ଥ ଘଟଣା ପରି ତାହାକୁ ତାହାର ସକଳ ବାସ୍ତବତା ଏବଂ ସଘନତା ସହିତ ଅନୁଭବ କରାଯାଇଥାଏ । ମାତ୍ର, ଏହି ବିଷୟରେ ପ୍ରତ୍ୟେକ ବ୍ୟକ୍ତି ଯେଉଁ ବର୍ଣ୍ଣନା ଦେବ, ତାହା ଅବଶ୍ୟ ସ୍ୱକୀୟ ଏବଂ ସ୍ୱତନ୍ତ୍ର ହୋଇଥିବ । ଅବଶ୍ୟ, ମୁଁ ଯେପରି କହିଲି, ଯଦି ବ୍ୟକ୍ତି ଆଗରୁ ସେଗୁଡ଼ିକ ସମ୍ବନ୍ଧରେ ପଢ଼ିଥିବ ଓ ଅଧ୍ୟୟନ କରିଥିବ, ଏବଂ ବହିମାନଙ୍କରେ ଲେଖା ହୋଇ ରହିଥିବା ଯାବତୀୟ ସାମଗ୍ରୀ ଦ୍ୱାରା ତା'ର ମସ୍ତିଷ୍କ ଭରପୂର ହୋଇ ରହିଥିବ, ତେବେ ତାହା ନିଶ୍ଚୟ ଅନ୍ୟପ୍ରକାର ହେବ । ତେବେ, ଅତ୍ୟନ୍ତ ଅବଶ୍ୟମ୍ଭାବୀ ଭାବରେ, ସେ ଯାହାକିଛି ପଢ଼ିଥିବ, ତାହା ତା'ର ଅନୁଭୂତିକୁ ଗୋଟିଏ ନିର୍ଦ୍ଦିଷ୍ଟ ଆକୃତି ଦେବାକୁ ଆସିବ ଏବଂ, ଯେଉଁ ସ୍ୱତଃସ୍ଫୂର୍ତ୍ତତା ରହିଥିଲେ ଅନୁଭୂତିଟି ପ୍ରକୃତରେ ନିଷ୍ଠାଯୁକ୍ତ ଏବଂ ବାସ୍ତବ ବୋଲି ଆମର ଧାରଣା ହୁଅନ୍ତା, ଏହାଦ୍ୱାରା ସେହି ସ୍ୱତଃସ୍ଫୂର୍ତ୍ତତାରେ ଢେରବେଶି ପରିମାଣରେ ଏକ ହାନି ଘଟିବ; ତାହା ଏକ ମାନସିକ ରଚନାରେ ପରିଣତ ହୋଇଯିବ । ତୁମେ ଯଦି ଅଧ୍ୟୟନ କରିଥିବ, ଏତେ ଅଧିକ ଅଧ୍ୟୟନ କରିଥିବ ଯେ ତାହା ତୁମ ଭିତରେ ସତେଅବା ସାପ ପରି ଗୁଡ଼ାଇ ହୋଇ ରହିଥିବ, ତେବେ ତାହା ଅତ୍ୟନ୍ତ ସ୍ୱାଭାବିକ ଯେ, ଯେତେବେଳେ ତୁମେ ଅଭିନିବେଶିତ ହୋଇ ତାହାକୁ ଜାଗ୍ରତ କରିବା ଲାଗି ଚେଷ୍ଟା କରିବ, ତେବେ ତୁମକୁ ସେହି କ୍ଷେତ୍ରରେ ଏକ ସାପ ଗୁଡ଼ାଇ ହୋଇ ରହିଥିବାର ଦେଖାଯିବ, କାରଣ ଏହା ବିଷୟରେ ତୁମେ ଠିକ୍ ସେହିପରି ଚିନ୍ତା କରୁଥିବ । ଯଦି ତୁମକୁ ଏକ ସହସ୍ରଦଳ କମଳ ବିଷୟରେ କୁହା ହୋଇଥିବ,

'oaob.nitrkl.ac.in' images reprocessed

ତେବେ ତୁମେ ସହସ୍ରଦଳ କମଳଟିଏହିଁ ଦେଖିବ । ମାତ୍ର ତତ୍ତ୍ୱର ପ୍ରକୃତ ଅନୁଭୂତି ଉପରେ ମନର କ୍ଷେତ୍ରରୁ ଏକ ପ୍ରତିରୂପକୁ ଆଣି ଲଦି ଦିଆ ଯାଇଥିବ । ମାତ୍ର, ଯାହାର ଆଦୌ କୌଣସି ଗଣନା କରି ହେବ ନାହିଁ, ଯାହା ଯୁଗପତ୍ ଭାବରେ ଏକ ଏବଂ ଅଗଣିତ, ତାହାର ଏକ ଅନୁଭୂତି,—ଏପରି ଏକ ବସ୍ତୁର ଅନୁଭୂତି, ଯାହାକି ଉନ୍ମୋଚିତ ହୋଇ ଆସୁଛି, ଜାଗ୍ରତ ହେଉଛି, ସ୍ପନ୍ଦିତ ହେବାକୁ ଆରମ୍ଭ କରୁଛି, ଶକ୍ତିଗୁଡ଼ିକ ଭଳି ଆପଣାର ଅନୁସ୍ପନ୍ଦନ ଜଣାଉଛି ଓ ତୁମକୁ ଆଲୋକ, ଗଭୀର ବୋଧ ତଥା ଉଚ୍ଚତର କ୍ଷେତ୍ରଗୁଡ଼ିକ ଆଡ଼କୁ ଉନ୍ମୋଚିତ ହୋଇ ଯାଉଥିବାର ଏକ ସଚେତନତା ଆଣି ଦେଉଛି,—ଏହାହିଁ ହେଉଛି ଲବ୍ଧ ଅନୁଭୂତିଟିର ମୂଳକଥା । ମାତ୍ର, ତୁମେ ଯେତେବେଳେ ତାହାକୁ ପ୍ରସ୍ତରରୁ ଲବ୍ଧ ପ୍ରତିରୂପଗୁଡ଼ିକୁ ଦେଇ ବର୍ଣ୍ଣନା କରିବାକୁ ଆରମ୍ଭ କର, ସେତେବେଳେ ତୁମେ ତାହାକୁ ସତେଯେପରି ହଠାତ୍ ଭାରି ଅଗଭୀର କରିପକାଅ,—ତାହାକୁ ଅଂଶୀଭୂତ କରିଦିଅ—ବା ଅତ୍ୟନ୍ତ କୃତ୍ରିମ କରିପକାଅ ଅଥବା ଏପରିକି ଆନ୍ତରିକତାଶୂନ୍ୟ କରିପକାଅ ।

ମାତ୍ର, ଯେଉଁସବୁ କ୍ଷେତ୍ରରେ ବ୍ୟକ୍ତିମାନେ ଆଗରୁ କିଛି ପଢ଼ି ନ ଥିଲେ, ମାତ୍ର ସେମାନଙ୍କ ମଧ୍ୟରେ ଏକ ଅଭୀପ୍ସା ପ୍ରଜ୍ୱଳିତ ହୋଇ ରହିଥିଲା ଏବଂ ମୋତେ ସେମାନେ ଆସି କହୁଥିଲେ, "ମୋ' ଜୀବନରେ ବେଶ୍ କହିବୁକିଆ ହୋଇ କ'ଣ ଗୋଟିଏ ଘଟଣା ଘଟିଛି,—ଏବେ ମୋ'ର ଏପରି ଏକ ଅସାଧାରଣ ଅନୁଭୂତି ହୋଇଛି,—ଏହାର ପ୍ରକୃତ ଅର୍ଥ କ'ଣ ହେବ କହିଲେ !" ସର୍ବଦା ସେହିସବୁ ଦୃଷ୍ଟାନ୍ତକୁ ମୁଁ ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ ବୋଲି ଆବିଷ୍କାର କରିଛି । ଏବଂ ତା'ପରେ ସେମାନେ କୌଣସି ଏକ ରକ୍ତସ୍ପନ୍ଦନ, କୌଣସି ସ୍ପନ୍ଦନ, ଏକ ଶକ୍ତି, ଏକ ଆଲୋକ, ବା ତାହା ଯାହାକିଛି ହୋଇଥାଉ ପଛକେ, ତାହାକୁ ବର୍ଣ୍ଣନା କରି କହନ୍ତି, ବର୍ଣ୍ଣନା କରନ୍ତି, ଜପର ସବୁ ସେହିଭଳି ଭାବରେ ଘଟିଲା, ସେହିପରି ଭାବରେ ଆସି ଘଟିବାକୁ ଲାଗିଲା, ତା'ପରେ ଏପରି ଘଟିଲା ଓ ତା'ପରେ ସେପରି ଘଟିଲା,—ଏବଂ ଏହାର, ଏହି ଯାବତୀୟ ଘଟଣାର ଅର୍ଥ କ'ଣ, ଇତ୍ୟାଦି ଇତ୍ୟାଦି । ଏହି କ୍ଷେତ୍ରରେ ଆଉ ଭ୍ରମରେ ପଡ଼ିବାର ଅବକାଶ ନ ଥାଏ । ଭଲକରି ଜାଣିହୁଏ ଯେ, ଏହି ଅନୁଭୂତିଟି ଆଦୌ କପୋଳ କଳ୍ପିତ ନୁହେଁ,—ଏହା ଏକ ନିଷ୍ଠାପର ଓ ସ୍ୱତଃସ୍ଫୂର୍ତ୍ତ ଅନୁଭୂତି ଏବଂ, ଏକ ମାନସିକ ଜ୍ଞାନର ବଳରେ ଯେତିକି ସମ୍ଭବ ହେଉଥିଲା, ଏହି ଅନୁଭୂତି ମଧ୍ୟରେ ତା'ଠାରୁ ଅନେକ ଅଧିକ ପରିମାଣରେ ରୂପାନ୍ତରକାରିଣୀ ଶକ୍ତି ନିହିତ ହୋଇ ରହିଛି ।

ମାଆ, ତେବେ କିଛି ଅଧ୍ୟୟନ ନ କରିବା ଅଧିକ ଭଲ ବୋଲି ଲୁହାଯାଇ ପାରିବ କି ?

'oaob.nitrkl.ac.in' images reprocessed

ହଁ, ମାତ୍ର ସେଥିରେ ଏହି ସର୍ତ୍ତଟି ରହିଥିବ ଯେ ତୁମ ଭିତରେ ଏକ ଅଭୀପ୍ସା ପ୍ରଜ୍ୱଳିତ ହୋଇ ରହିଥିବ । ଯଦି ତୁମେ ଏଇଥିଲାଗି, ଏହି ଯୋଗଟି ଲାଗିହିଁ ଜନ୍ମ ହୋଇଥିବ, ଏବଂ ତାହାହିଁ ତୁମର ଅନୁଭୂତିକ୍ଷେତ୍ରକୁ ନିୟନ୍ତ୍ରଣ କରୁଥିବ, ଯଦି ତୁମେ ଅନୁଭବ କରୁଥିବ ଯେ, ଅଦୌ କିଛି ନ ଜାଣିବା ପୂର୍ବରୁ ଆଉ ତୁମକୁ ତୁମ ଭିତରେ ରହିଥିବା କୌଣସି ଏକ ବସ୍ତୁର ସନ୍ଧାନ ଲାଭ କରିବାକୁ ହେବ, ତେବେ ବେଳେବେଳେ ଗୋଟିଏ ଶବ୍ଦହିଁ ସେହି କ୍ଷେତ୍ରରେ ଯଥେଷ୍ଟ ହେବ, ଅଥବା କଥାବାର୍ତ୍ତା ହେବା ଦ୍ୱାରାହିଁ ତୁମକୁ ବାଟ ମିଳିଯିବ,—ତାହାହିଁ ଯଥେଷ୍ଟ ହେବ । ମାତ୍ର ଯେଉଁମାନେ ଖୋଜୁଛନ୍ତି, ପଥଟିଏ ପାଇବା ପାଇଁ ଚେଷ୍ଟା କରୁଛନ୍ତି, ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ ନାହାନ୍ତି, କେତେବେଳେ ଏପାଖକୁ ଓ କେତେବେଳେ ସେପାଖକୁ ଟାଣି ହେବାରେ ଲାଗିଛନ୍ତି, ଯେଉଁମାନଙ୍କର ଜୀବନରେ ବହୁ ଆଗ୍ରହ ରହିଛି, ଯେଉଁମାନେ ସ୍ଥିର ନୁହନ୍ତି ଓ ଉପଲବ୍ଧି ଲାଗି ସେମାନଙ୍କର ରହିଥିବା ଇଚ୍ଛାର କ୍ଷେତ୍ରରେ ସ୍ଥିର ହୋଇପାରି ନାହାନ୍ତି, ସେମାନଙ୍କ ପାଇଁ ଅଧ୍ୟୟନ କରିବା ଅତ୍ୟନ୍ତ ଉପଯୋଗୀ, କାରଣ ତଦ୍ୱାରା ସେମାନେ ଜଗତସୃଷ୍ଟିର ସମ୍ପର୍କରେ ରହି ପାରିବେ, ଏହା ସେମାନଙ୍କୁ ଜଗତସୃଷ୍ଟି ସମ୍ବନ୍ଧରେ କିଛିଟା ଆଗ୍ରହ ଆଣି ଦେଉଥିବ ।

ମୋ କହିବାର ଅର୍ଥ ହେଉଛି ଯେ, ମାନସିକ ସ୍ତରର ଯାବତୀୟ ନିର୍ଦ୍ଦିଷ୍ଟ ରଚନାମାନ ସର୍ବଦା ଅଭିଜ୍ଞତା ସକାଶେ ଏକ ନିର୍ଦ୍ଦିଷ୍ଟ ରଙ୍ଗ ଆଣି ଦେଇଥାଏ । ଉଦାହରଣସ୍ୱରୂପ, ଏକ ନିର୍ଦ୍ଦିଷ୍ଟ ଧର୍ମ ଭିତରେ ରହି ପ୍ରତିପାଳିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର କ୍ଷେତ୍ରରେ, ସେମାନଙ୍କର ଅନୁଭୂତିଗୁଡ଼ିକ ମଧ୍ୟ ସର୍ବଦା ସେହି ଧର୍ମର ଭଙ୍ଗିଟି ଦ୍ୱାରା ରଙ୍ଗା ହୋଇ ରହିଥିବ, ଏବଂ ନିଶ୍ଚିତଃ, ଜଗତସୃଷ୍ଟିର ଯଥାର୍ଥ ତତ୍ତ୍ୱ ପାଖରେ ଯାଇ ପହଞ୍ଚିବାକୁ ହେଲେ, ଆମକୁ ନିଜକୁ ଏହି ବାହ୍ୟ ରଚନାଟି ପାଖରୁ ମୁକ୍ତ କରି ରଖିବାକୁ ପଡ଼ିବ ।

ମାତ୍ର, ଅଧ୍ୟୟନ ଏପରି ଗୋଟିଏ ପ୍ରକାର ମଧ୍ୟ ରହିଛି ଯାହାକି ତୁମ ଭିତରେ ତୁମେ ପଢ଼ିଥିବା ଜଗତସୃଷ୍ଟି ସମ୍ବନ୍ଧରେ ଏକ ଆଗ୍ରହ ଜାଗ୍ରତ କରି ଆଣିଥାଏ ଏବଂ ତାହା ତୁମକୁ ପ୍ରଥମକାଳୀନ ଅନ୍ୱେଷଣଗୁଡ଼ିକରେ ଅବଶ୍ୟ ସାହାଯ୍ୟ କରିପାରେ । ସାଧାରଣତଃ ଏପରି ହୁଏ ଯେ, ଅନୁଭୂତିଗୁଡ଼ିକ ରହିଥିଲେ ମଧ୍ୟ ଭାବନା ବା ବସ୍ତୁର କ୍ଷେତ୍ରରେ ମଧ୍ୟ ଜଗତସୃଷ୍ଟି ସହିତ ସମ୍ପର୍କ ରହିବା ଆବଶ୍ୟକ ହୋଇଥାଏ, ଯେପରିକି ଅପେକ୍ଷାକୃତ ଅଧିକ ସଚେତନ ଭାବରେ ପ୍ରସ୍ତାବଟିକୁ ଏକ ମୂର୍ତ୍ତି ରୂପ ପ୍ରଦାନ କରିପାରିବ । ମାତ୍ର, ଆମେ ଯେତିକି ଯେତିକି ଅଧିକ ଜାଣିବା, ଅନୁଭୂତିର କ୍ଷେତ୍ରରେ ମଧ୍ୟ ଆମକୁ ସେତିକି ଅଧିକ ସମ୍ପୂର୍ଣ୍ଣ ଭାବରେ ଆନ୍ତରିକତା ଅର୍ଜିତ କରିବାକୁ ସମର୍ଥ ହେଉଥିବା; ଅର୍ଥାତ୍, କଳ୍ପନା ଦ୍ୱାରା ନିଜ ଭିତରେ

'oaob.nitrkl.ac.in' images reprocessed

ସମ୍ପୃକ୍ତ ଅନୁଭୂତିକୁ ଏକ ଉଚିତ ରୂପ ଦେବା ପାଇଁ ମନ ମନର ରଚନାବୃତ୍ତିଗୁଡ଼ିକୁ ଆଦୌ କୌଣସି ପ୍ରକାରରେ କାମରେ ଲଗାଇବା ନାହିଁ । ସ୍ଥିତି-ଧର୍ମିତାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ତଦ୍ୱାରା କିଛି ଲାଭ ପ୍ରାପ୍ତ ହୋଇପାରେ ସତ, ମାତ୍ର ଅନୁଭୂତିଟିର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହାଦ୍ୱାରା ଏହାର ଗତିଶୀଳ ମୂଲ୍ୟଟି ଏଥିରୁ ଅପସାରିତ ହୋଇ ଚାଲିଯାଏ । ଏଥିରେ ସେହି ଅନୁଭୂତିଟିର ପ୍ରଗାଢ଼ତାର ଘୋର ଅଭାବ ରହିଥାଏ, ଯାହାକି ଏହିଭଳି ଆବଶ୍ୟକ ନୈତିକ ତଥା ଆଧ୍ୟାତ୍ମିକ ସିଦ୍ଧିଗୁଡ଼ିକ ପୂର୍ଣ୍ଣ ହୋଇଗଲେ ଯାଇ ସମ୍ଭବ ହୋଇଥାଏ । ତା' ସହିତ ସମୁଦାୟ ମାନସିକ ପ୍ରସୀମନଟି ଆସି ଯୁକ୍ତ ହୋଇଯାଏ ଏବଂ ତଦ୍ୱାରା ସ୍ୱତଃସ୍ଫୂର୍ତ୍ତିତା କିୟଦଂଶରେ ଅନ୍ତର୍ହିତ ହୋଇଯାଏ । ଏହି ସବୁକିଛି ହେଉଛି ଅନୁପାତର ଏକ ସମସ୍ୟା । ଯାହାର ଠିକ୍ କେତେକ ଆବଶ୍ୟକ, ତାହା ସିଏ ସ୍ୱୟଂ ସ୍ଥିର କରିବ—ଅର୍ଥାତ୍ ସିଏ କେତେ ଅଧ୍ୟୟନ କରିବ, କେତେ ଧ୍ୟାନ କରିବ ଓ କେତେ ପରିମାଣରେ ଅଭିନିବେଶିତ ହୋଇ ରହିବ, କେତେ···ଏହା ପ୍ରତ୍ୟେକ ବ୍ୟକ୍ତି ଲାଗି ଭିନ୍ନ ହେବ ।

ମାଆ, ଏଠାରେ ଲେଖା ହୋଇଛି : "ଯୋଗ ଲାଗି ଏକ ମୂଳଦୁଆ ତିଆରି କରିବା କାର୍ଯ୍ୟର ଏକ ଅଂଶ ହେଉଛି ଯେ, ଆମେ ଆମ ପ୍ରକୃତିର ଅତ୍ୟନ୍ତ ଜଟିଳ ସ୍ୱଭାବ ବିଷୟରେ ସଚେତନ ରହିବା, ସେହି ପ୍ରକୃତିକୁ ସଞ୍ଚାଳିତ କରି ରଖିଥିବା ବିଭିନ୍ନ ଶକ୍ତିଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରିବା ଏବଂ ତାହା ଉପରେ ମାର୍ଗ-ପ୍ରଦର୍ଶନକାରୀ ଜ୍ଞାନର ଏକ ନିୟନ୍ତ୍ରଣ ମଧ୍ୟ ଅର୍ଜନ କରିପାରିବା ।" ଏହି ଶକ୍ତିଗୁଡ଼ିକ କି କ'ଣ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଭିନ୍ନ ହୋଇ ରହିଥାନ୍ତି ?

ହଁ, ଏହି ସଂଯୋଜନାଟି ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଭିନ୍ନ ହୋଇଥାଏ, କାରଣ, ତା' ନ ହେଲେ ପ୍ରତ୍ୟେକ ବ୍ୟକ୍ତି ସମସ୍ତଙ୍କ ପରି ସେହି ଏକାଭଳି ହୋଇ ରହିଥାନ୍ତା । ଏପରି ଦୁଇଟି ସତ୍ତା ବି ନାହାନ୍ତି, ଯେଉଁମାନଙ୍କର ସମ୍ମିଶ୍ରଣ ଅବିକଳ ଏକାଭଳି ହୋଇ ରହିଛି । ସତ୍ତାର ବିଭିନ୍ନ ଅଂଶ ମଧ୍ୟରେ ଓ ଏହିସବୁ ଅଂଶର ନିର୍ମାଣ କ୍ଷେତ୍ରରେ ମଧ୍ୟ ଅନୁପାତଟି ଭିନ୍ନଭିନ୍ନ ବ୍ୟକ୍ତିଙ୍କଠାରେ ଭିନ୍ନ ଭିନ୍ନ ହୋଇ ରହିଛି । ଏପରି ଜାତିସବୁ ରହିଛନ୍ତି, — ଆଦିମ ଜାତିସବୁ — ଯେଉଁସବୁ ଜାତି ତଥାପି ଅବିକଶିତ ହୋଇ ରହିଛନ୍ତି ବା ଏପରି ପତିତ ଜାତିମାନେ ଅଛନ୍ତି, ଯେଉଁମାନଙ୍କର ସମ୍ମିଶ୍ରଣଟି ବେଶ୍ ଅଜଟିଳ ହୋଇ ରହିଥାଏ; ସେମାନଙ୍କର ଜୀବନରେ ତଥାପି ଜଟିଳତା ରହିଥାଏ ସତ, ମାତ୍ର ସେମାନଙ୍କ କେତେହୁଲା

'oaob.nitrkl.ac.in' images reprocessed

ଅପେକ୍ଷାକୃତ ଅଧିକ ସରଳ ବୋଲି କହିହେବ । ଏବଂ ମାନବୀୟ ସୋପାନକ୍ରମର ସମ୍ପୂର୍ଣ୍ଣ ଉପର ଥାକରେ ରହିଥିବା ଜାତିମାନେ ହେଉଛନ୍ତି ମନୁଷ୍ୟଗୋଷ୍ଠୀର ବିଶିଷ୍ଟ ବର୍ଗ; ସେମାନଙ୍କର ସଂଗଠନଟି ଏପରି ଜଟିଳ ହୋଇ ପଡ଼ିଥାଏ ଯେ, ଏହି ଯାବତୀୟ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକୁ ଖୋଜି ବାହାର କରିପାରିବା ନିମନ୍ତେ ଏକ ଅତ୍ୟନ୍ତ ବିଶେଷ ବିବେଚନସାମର୍ଥ୍ୟର ପ୍ରୟୋଜନ ହୋଇଥାଏ ।

ଏପରି ସତ୍ତ୍ୱମାନେ ରହିଛନ୍ତି, ଯେଉଁମାନେ କି ନିଜ ଭିତରେ ସହସ୍ର ସଂଖ୍ୟାର ବିବିଧ ବ୍ୟକ୍ତିତ୍ୱକୁ ବହନ କରି ରହିଥାନ୍ତି ଏବଂ ପୁନଶ୍ଚ, ପ୍ରତ୍ୟେକଟି ବ୍ୟକ୍ତିତ୍ୱର ନିଜର ଏକ ଛନ୍ଦ ରହିଥାଏ, ଏକ ନିଜସ୍ୱ ବୈଚିତ୍ର୍ୟ ମଧ୍ୟ ରହିଥାଏ ଏବଂ ଏଗୁଡ଼ିକ ମଧ୍ୟରେ ଗୋଟିଏ ବିଶେଷ ପ୍ରକାରର ସମ୍ମିଶ୍ରଣ ମଧ୍ୟ ଥାଏ; ବେଳେବେଳେ ଅନ୍ତର୍ଗତ ନାନା ଦ୍ୱନ୍ଦ୍ୱ ରହିଥାଏ, ଏବଂ, ନାନା କ୍ରିୟାତ୍ମକତାର ଏପରି ଏକ ଲୀଳା ଲାଗିଥାଏ, ଯାହାର କି ଏକ ଛନ୍ଦ ମଧ୍ୟ ରହିଥାଏ । କେତେକ ନିର୍ଦ୍ଦିଷ୍ଟ ଅଂଶ ପୁରୋଭାଗକୁ ଫେରି ଆସୁଥାନ୍ତି, ପୁଣି ଫେରି ଯାଉଥାନ୍ତି ଓ ପୁଣି ସମ୍ମୁଖକୁ ଆସୁଥାନ୍ତି । ମାତ୍ର ସେହି ସବୁକିଛିକୁ ଏକାଠି କରି ବିଚାର କଲେ, ସେଥିରୁ ଏଭଳି ନାନା ଜଟିଳ ସମ୍ମିଶ୍ରଣମାନ ନିଷ୍ପନ୍ନ ହୋଇଥାନ୍ତି ଯେ, କେତେବେଳେ ବ୍ୟକ୍ତି, ସେମାନଙ୍କ ଭିତରେ ପ୍ରକୃତରେ କ'ଣ ଘଟୁଛି, ସେକଥା ଆଦୌ ସହଜରେ ବୁଝିପାରନ୍ତି ନାହିଁ । ମାତ୍ର, ଏହି ବ୍ୟକ୍ତିମାନେହିଁ ଏକ ସମ୍ପୂର୍ଣ୍ଣ, ପରସ୍ପର-ଯୋଜିତ, ସଚେତନ ଏବଂ ସଂଗଠିତ କାର୍ଯ୍ୟ ଲାଗି ସବୁଠାରୁ ଅଧିକ ସମର୍ଥ ହୋଇ ରହିଥାନ୍ତି; ମାତ୍ର ସେମାନଙ୍କର ଜୀବନ-ସଂଗଠନଟି ଆଦିମ ଅଥବା ଅବିକଶିତ ମନୁଷ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଅଧିକ ଜଟିଳ ହୋଇ ରହିଥାଏ । ଏହି ଆଦିମ ମନୁଷ୍ୟମାନଙ୍କର ତ ଦୁଇଟି ବା ତିନୋଟି ଆବେଗ ରହିଥାଏ, ଏବଂ ଚାରୋଟି ଅଥବା ପାଞ୍ଚୋଟିହିଁ ଭାବନା ରହିଥାଏ; ସେମାନେ ନିଜ ଭିତରେ ସେଗୁଡ଼ିକୁ ଅତ୍ୟନ୍ତ ସହଜରେ ସଜାଡ଼ି କରି ରଖିଦେଇ ପାରନ୍ତି ଏବଂ ଅତ୍ୟନ୍ତ ସୁସମ୍ବଦ୍ଧ ତଥା ନ୍ୟାୟ ଦ୍ୱାରା ପରିଚାଳିତ ବୋଲି ବୋଧ ହୋଇଥାନ୍ତି, କାରଣ ସେମାନଙ୍କ କ୍ଷେତ୍ରରେ ସଂଗଠିତ କରି ରଖିବାକୁ ଆଦୌ ଖୁବ୍ ବେଶୀ ବିଷୟ ନ ଥାଏ । ମାତ୍ର, ଏପରି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନେ କି ଯଥାର୍ଥରେ କେବଳ ଏକ ଜନସମୂହ ହୋଇ ରହିଥାନ୍ତି ଏବଂ ତେଣୁ ସେମାନଙ୍କୁ ସେଥିରୁ ଏକ ସ୍ଥିତିସ୍ଥାପକତା ପ୍ରାପ୍ତ ହୋଇଥାଏ, କ୍ରିୟାତ୍ମକ ହେବାର କ୍ଷେତ୍ରରେ ଏପରି ଏକ ତରଳତା ଏବଂ ଉର୍ଦ୍ଧ୍ୱ ସ୍ୱବୋଧର କ୍ଷେତ୍ରରେ ଏପରି ଏକ ଅସାଧାରଣ ବହୁତନ୍ତ୍ରିତା ପ୍ରାପ୍ତ ହୋଇଥାଏ, — ଯାହା ଦ୍ୱାରା କି ସେମାନେ ବହୁସଂଖ୍ୟକ ବିଷୟକୁ ବୁଝିବା ଲାଗି ସମର୍ଥ ହୁଅନ୍ତି, — ଯେତେବେଳେ ସେମାନଙ୍କର ଅଧୀନରେ ପ୍ରକୃତରେ ଏପରି ଗୋଟିଏ ସେନାବାହିନୀ ରହିଥାଏ, ଯାହାର କି ସେମାନେ ପରିସ୍ଥିତି ତଥା ପ୍ରୟୋଜନ ଅନୁସାରେ ଚାଳନା କରି ପାରୁଥାନ୍ତି; ଏବଂ ଏହି

'oaob.nitrkl.ac.in' images reprocessed

ସବୁକିଛୁ ସେମାନଙ୍କର ଭିତରେ ରହିଥାଏ । ତେଣୁ, ଯେତେବେଳେ ଏହି ବ୍ୟକ୍ତିମାନେ ଯୋଗର ସାହାଯ୍ୟରେ ଅର୍ଥାତ୍ ଯୋଗର ସାଧନା ଦ୍ୱାରା ଏହି ଯାବତୀୟ ସତ୍ତାକୁ ଦିବ୍ୟ ପରମ-ଉପସ୍ଥିତିର କେନ୍ଦ୍ରସ୍ଥ ଆଲୋକଟିର ଚତୁଃପାଖରେ ଆଣି ସମାହିତ କରି ରଖିବାରେ ସଫଳ ହୁଅନ୍ତି, ସେତେବେଳେ ସେମାନେ ପ୍ରକୃତରେ ଅମିତ ଶକ୍ତି ଲାଭ କରନ୍ତି, ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସେମାନଙ୍କର ଯେଉଁ ବହୁଗ୍ରନ୍ଥିତା ହେତୁହିଁ ସେମାନେ ତାହା ଲାଭ କରିଥାନ୍ତି । ଏଇଟି ସଂଗଠିତ ହୋଇ ନ ପାରିଥିବା ପର୍ଯ୍ୟନ୍ତ, ସେମାନେ ପ୍ରକୃତରେ ଏକ ଅସଂଗତିର ଧାରଣା ଆଣି ଦେଉଥାନ୍ତି, ପ୍ରାୟ ଅବୋଧ୍ୟ ହୋଇ ରହିଥାନ୍ତି । ସେମାନେ ଏତେ ଅଧିକ ପରିମାଣରେ ଜଟିଳ ହୋଇ ରହିଥାନ୍ତି ଯେ, ସେମାନେ କାହିଁକି ଯେ ସେପରି ହୋଇ ରହିଛନ୍ତି, ସେକଥା ଆଦୌ ସହଜରେ ବୁଝି ହୁଏ ନାହିଁ ! ମାତ୍ର, ସେମାନେ ଏହି ଯାବତୀୟ ସତ୍ତାକୁ ସଂଗଠିତ କରି ଆଣିବା ପରେ, ଅର୍ଥାତ୍, ଦିବ୍ୟ କେନ୍ଦ୍ରଟିର ଚତୁର୍ଦ୍ଦିଗରେ ପ୍ରତ୍ୟେକଟିକୁ ତା'ର ଯଥାର୍ଥ ସ୍ଥାନରେ ଆଣି ରଖିପାରିବା ପରେ, ସେମାନେ ପ୍ରକୃତରେ ବଡ଼ ସାଙ୍ଘାତିକ ହୋଇ ଉଠନ୍ତି, କାରଣ ସେତେବେଳେ ସେମାନଙ୍କ ମଧ୍ୟରେ ପ୍ରାୟ ସବୁକିଛୁ ବୁଝିବାର ସାମର୍ଥ୍ୟ ରହିଥାଏ ଏବଂ ସଂଗଠିତ ହୋଇ ରହିଥିବା ଯେଉଁ ଅସଂଖ୍ୟ ଅସ୍ତିତ୍ୱ ସେମାନଙ୍କ ଭିତରେ ରହିଥାଏ, ତଦ୍ଦ୍ୱାରା ସେମାନେ ପ୍ରାୟ ସବୁକିଛୁ କରିପାରିବାର ଶକ୍ତିକୁ ମଧ୍ୟ ଅର୍ଜନ କରିଥାନ୍ତି । ଏବଂ, ସେହି ସୋପାନକ୍ରମର ସବା ଉପର ସ୍ଥାନଟିର ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିବା ସଙ୍ଗେସଙ୍ଗେ ଅଧିକ ପରିମାଣରେହିଁ ସେପରି ଘଟିଥାଏ ଏବଂ ଫଳରେ, ଆପଣାର ସତ୍ତାଟିକୁ ସଂଗଠିତ କରି ରଖିବା ସେତିକି ଅଧିକ କଷ୍ଟସାଧ୍ୟ ହୋଇପଡ଼େ । କାରଣ, ଯେତେବେଳେ ତୁମ ଭିତରେ କେବଳ ଦଶ ବା ବାରଟି ଉପାଦାନ ରହିଥାନ୍ତି, ସେତେବେଳେ ତୁମେ ସେଗୁଡ଼ିକର ସର୍ବେକ୍ଷଣ କରି ଅତ୍ୟନ୍ତ ସହଜତା ସହିତ ସେମାନଙ୍କୁ ସଂଗଠିତ କରି ନେଇପାର; ମାତ୍ର ଯେତେବେଳେ ହଜାର ହଜାର ଉପାଦାନ ରହିଥାନ୍ତି, ସେତେବେଳେ ତାହା ଅବଶ୍ୟ କଷ୍ଟକର ହୁଏ ।

'oaob.nitrkl.ac.in' images reprocessed

# ୨୯ ଜୁନ୍ ୧୯୫୫

ଶ୍ରୀଅରବିନ୍ଦ ସାଧନା
★ ଓଡ଼ିଶା

ମାଆ "ଯୋଗାସେବ" ପୁସ୍ତକରୁ "ସତ୍ତାର ବିଭିନ୍ନ ଭୂମି ଓ ସ୍ତର" ଶୀର୍ଷକ ଅଧ୍ୟାୟରୁ କିଛି ପାଠ କଲେ ।

ମାଆ, ମନୁଷ୍ୟର ପ୍ରାଣିକ ପ୍ରକୃତି ତା'ର ଯଥାର୍ଥ ପ୍ରାଣିକ ସତ୍ତାରୁ ଉଦ୍ଭୂତ ହୋଇଛି କି ?

ଉଦ୍ଭୂତ ହୋଇଛି ? ଉଦ୍ଭୂତ ହେବା ବୋଲି ତୁମେ କାହାକୁ କହୁଛ ? ତୁମେ କ'ଣ ଏହି ଅର୍ଥରେ କହୁଛ ଯେ, ପ୍ରଥମେ ଯଥାର୍ଥ ପ୍ରାଣିକ ସତ୍ତା ରହିଥିଲା ଏବଂ, ଆମେ ଯେଉଁ ପ୍ରାଣିକକୁ ଦେଖୁଛୁ, ତାହା ଭୌତିକ ପ୍ରକୃତି ଅର୍ଥାତ୍ ପୃଥ୍ବୀପ୍ରକୃତିର ସ୍ତରରେ ଆପଣାକୁ ଏହି ରୂପରେ ଅଭିବ୍ୟକ୍ତ କରିବାରେ ଲାଗିଛି ? ଏହି ଅର୍ଥରେ କହୁଛ ?

ମାଆ, ଦୁଇଟି ଭିତରେ ଏତେ ବିରୋଧ ରହିଛି କାହିଁକି ?

ଏହି ବାହ୍ୟ ପୃଥିବୀ ତଥା ଜଗତରେ ଏତେ ସମଗ୍ର ଭାବରେ ଏକ ବିରୋଧ କାହିଁକି ହୋଇ ରହିଛି ? ଏହା ପ୍ରକୃତରେ ସେହିପରି ହୋଇ ରହିଛି । ତାହା ସେହିପରି ତିଆରି ହୋଇଛି ।

ପ୍ରାଣିକ ସତ୍ତା, ଶ୍ରୀଅରବିନ୍ଦ ଯେଉଁ ଯଥାର୍ଥ ପ୍ରାଣିକ ସତ୍ତାର ବର୍ଣ୍ଣନା ଦେଇଛନ୍ତି, ତାହା ତଥା ପରମସତ୍ତାଙ୍କୁ ସ୍ପର୍ଶ କରି ରହିଛି । ତାହା ସେହି ତଥା ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି ରଖିଛି ଏବଂ ତାଙ୍କର ଯନ୍ତ୍ର ହୋଇ ରହିଛି; ଅନ୍ୟ ପକ୍ଷରେ, ଏହି ସାଧାରଣ ପୃଥ୍ବୀଚେତନାର ସ୍ତରରେ ପ୍ରାଣିକ ସତ୍ତା ଏବଂ ଭୌତିକ ସତ୍ତା ଆଦୌ ତଥା ପରମସତ୍ତାଙ୍କର ହୋଇ ରହି ନାହାନ୍ତି; ସେମାନେ ଭାବୁଛନ୍ତି ସେମାନେ ହେଉଛନ୍ତି ସେହିମାନଙ୍କର ନିଜରହିଁ ସମ୍ପତ୍ତି । କେବଳ ସେମାନଙ୍କ ପାଖରେ ସେମାନଙ୍କର କ୍ଷୁଦ୍ର ବ୍ୟକ୍ତିସତ୍ତାଟିରହିଁ ଯାହାକିଛି ମୂଲ୍ୟ ରହିଛି ଏବଂ ସେହି କାରଣରୁ ସବୁକିଛି ଏହିପରି ହୋଇ ରହିଛି । ବିଶ୍ବବ୍ରହ୍ମାଣ୍ଡର ଯାବତୀୟ ବିଶୃଙ୍ଖଳା ସେଇଥି ସକାଶେ ଘଟୁଛି ।

ମାଆ, ଏଠାରେ ଲେଖା ହୋଇଛି : "ଏକ ଯଥାର୍ଥ ଭୌତିକ ସତ୍ତା ମଧ୍ୟ ରହିଛି ।" ଏହାର ଅର୍ଥ କ'ଣ ?

'oaob.nitrkl.ac.in' images reprocessed

ଏପରି ଏକ ଭୌତିକ ମୂଳ ପ୍ରକୃତି ରହିଛି, ଯାହାକି ପୂର୍ଣ୍ଣ ଭାବରେ ସମଞ୍ଜସତାପୂର୍ଣ୍ଣ ହୋଇ ରହିଛି, ଯାହାକି ପୂର୍ଣ୍ଣରୂପ ଭାବରେ···ଏପରି ଶବ୍ଦ ଦେଇ କହିହେବ ?···ସମଞ୍ଜସତା ସହିତ କାର୍ଯ୍ୟ କରୁଛି—ଆଦୌ କୌଣସି ବିଶୃଙ୍ଖଳା ନାହିଁ, କୌଣସି ବୈଷମ୍ୟାବସ୍ଥା ନାହିଁ, ସମଞ୍ଜସତାରେ କୌଣସି ପ୍ରକାରେ ବିଘଟନ ଘଟୁ ନାହିଁ ଏବଂ, ଯଦି ତାହା ଏହି ପୃଥିବୀପୃଷ୍ଠରେ ରହିଥାନ୍ତା, ତେବେ ତାହା ଏକ ପୂର୍ଣ୍ଣ ସ୍ୱାସ୍ଥ୍ୟ, ଏକ ଅଭିବୃଦ୍ଧିଶୀଳ ଶକ୍ତି ଏବଂ ଏକ ସଚେତନ ଅଗ୍ରଗତିର ମାଧ୍ୟମରେହିଁ ଅଭିବ୍ୟକ୍ତ ହେଉଥାନ୍ତା । ସେତେବେଳେ ଜଣେବ୍ୟକ୍ତି ତାହାର ଶରୀରରୁ ଯାହା ପାଇବାକୁ ଇଚ୍ଛା କରୁଥାନ୍ତା, ତାହା ଅବଶ୍ୟ ପାଉଥାନ୍ତା; ଏବଂ, ଏହି ପ୍ରତିସ୍ଥିତି ପରିପୂର୍ଣ୍ଣତାର ଉପଲବ୍ଧି-କ୍ଷେତ୍ରରେ ପ୍ରାୟ ଅକଳ୍ପନୀୟ ଏକ ଅଗ୍ରଗତି ହାସଲ କରିବା ପର୍ଯ୍ୟନ୍ତ ଗତି କରି ପାରୁଥାନ୍ତା ।

ଶାରୀରିକ ଭୂମିଟିକୁ ଆମେ ବର୍ତ୍ତମାନ ଯେଉଁଭଳି ତାହାର ଯାବତୀୟ ଅସମଞ୍ଜସତା, ଦୁର୍ବଳତା ଓ କୁତ୍ସିତତାରେ ପୂର୍ଣ୍ଣ ହୋଇ ରହିଥିବାର ଦେଖୁଛୁ ତାହା ହେଉଛି ଏକ ବିକୃତ ଅବସ୍ଥା; ବିକୃତିର ଯେଉଁ ପ୍ରକ୍ରିୟାଟି ଉଚିତର ପ୍ରାଣିକ ଅର୍ଥାତ୍ ଯଥାର୍ଥ ପ୍ରାଣିକକୁ ଆମେ ବର୍ତ୍ତମାନ ଦେଖୁଥିବା ପ୍ରାଣିକରୂପେ ବଦଳାଇ ଦେଇଛି, ଏହି ଭୌତିକ କ୍ଷେତ୍ରରେ ମଧ୍ୟ ଠିକ୍ ସେହି ପ୍ରକ୍ରିୟା କାର୍ଯ୍ୟ କରିଛି । ଏବଂ ଏଇଟି ମଧ୍ୟ ସେହି ଗୋଟିଏ କାରଣରୁହିଁ ଘଟିଛି : ଏହା ତାହାର ଅସଲ ପରମମୂଳଟିରୁ କାଟିହୋଇ ଯାଇଛି,—ବିଚ୍ଛିନ୍ନ ହୋଇଯିବାର ଏକ ଭାବ ବୋଧ ହେତୁ ତାହାକୁ ଏକ ସମ୍ପୂର୍ଣ୍ଣ ତମସାଚ୍ଛନ୍ନ ଚେତନା ମଧ୍ୟରେ ବାସ କରିବାକୁ ହେଉଛି; ତାହା ଆପଣାର ଅସଲ ପରମମୂଳଟି ବିଷୟରେ ସତତ ପୂର୍ଣ୍ଣସଚେତନ ହୋଇ ବାସ କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞାନ ହୋଇ ପଡ଼ିଛି । ଏବଂ, ଏପରି କାହିଁକି ହୋଇଛି ବୋଲି ଯଦି ପଚରାଯାଏ, ତେବେ ତାହା ଅତିବେଶୀ ପଚାରିବା ପରି ହେବ ।

**ସରଳ ?**

ମାଆ, ମୁଁ କଥାଗୁଡ଼ିକୁ ଖୁବ୍ ଭଲ ଭାବରେ ବୁଝି ପାରିଲି ନାହିଁ ।

ଯଥାର୍ଥ ଭୌତିକ କହିଲେ କ'ଣ ବୁଝାଏ, ତୁମେ ସେହି କଥାଟିକୁ ବୁଝି ପାରି ନାହଁ, କାରଣ ଏହାକୁ ବୁଝିବାର ଏକ ପ୍ରଶ୍ନ ବୋଲି ଆଦୌ କୁହାଯିବ ନାହିଁ । ଆମେ ତାହା ବିଷୟରେ ସଚେତନ ହୋଇ ରହି ନ ଥାଉ, କାରଣ ଆମେ ତା'ର ଭିତରେ ନ ଥାଉ, ତା'ଭିତରେ ବାସ କରୁ ନ ଥାଉ । ମାତ୍ର, ତୁମେ କ'ଣ ଏପରି ଏକ ଶରୀରର କଳ୍ପନା କରିପାରିବ ନାହିଁ, ଯାହାକି ପରିପୂର୍ଣ୍ଣ ଭାବରେ ସୁନ୍ଦର ହୋଇଥିବ, ପରିପୂର୍ଣ୍ଣ ଭାବରେ ସମଞ୍ଜସତାଯୁକ୍ତ ହୋଇଥିବ,

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ସୌଷମ୍ୟଯୁକ୍ତ ଭାବରେ କାର୍ଯ୍ୟ କରୁଥିବ, କେବେହେଲେ ଅସୁସ୍ଥ ହେଉ ନ ଥିବ, କ୍ଳାନ୍ତ ହୋଇପଡ଼ୁ ନ ଥିବ ଏବଂ ଏକ ସତତ ଅଗ୍ରଗତିର ଅବସ୍ଥାରେ ରହୁଥିବ ? ପ୍ରଥମେ ତାହା ଅଧିକରୁ ଅଧିକ ଉଚ୍ଚ ହୋଇ ଆପଣାର ସର୍ବାଧିକ ଉଚ୍ଚତାକୁ ହାସଲ କରିପାରିବ ଏବଂ ତା'ସହିତ ଅଧିକରୁ ଅଧିକ ବଳଶାଳୀ ହେବ, ଅଧିକରୁ ଅଧିକ କୁଶଳତା ହାସଲ କରିବ, ଅଧିକରୁ ଅଧିକ ସଚେତନ ହେବ ଓ ସର୍ବଦା ଏକ ପୂର୍ଣ୍ଣ ସମଞ୍ଜସତାର ସ୍ଥିତିରେ ରହୁଥିବ : କେବେ ଅସୁସ୍ଥ ହେବ ନାହିଁ ଓ କେବେହେଲେ କ୍ଳାନ୍ତ ହେବ ନାହିଁ, କୌଣସି ଭୁଲଭଟକା ଭିତରେ ପଶିଯିବ ନାହିଁ,—କେତେବେଳେ କ'ଣ କରିବାକୁ ହେବ ଏବଂ କାହିଁକି କରିବାକୁ ହେବ, ସେକଥାକୁ ସେ ପ୍ରତ୍ୟେକ ମୁହୂର୍ତ୍ତରେ ଅତ୍ୟନ୍ତ ନିର୍ଭୁଲ ଭାବରେ ଜାଣିଥିବ ।

ମାଆ, ଏକ ଯଥାର୍ଥ ସତ୍ତା ରହିଛି ବୋଲି କୁହାଯାଇଛି···ମାତ୍ର ସାଧାରଣତଃ, ଆମେ ଯେତେବେଳେ ଭୌତିକ ବିଷୟରେ କିଛି କହୁ, ସେତେବେଳେ ତାହାକୁ ଜଡ଼ବସ୍ତୁ ବା ଶରୀର ସହିତ ସମ୍ପୃକ୍ତ ଅର୍ଥରେହିଁ ବୁଝିଥାଉ, ନୁହେଁ ?

ସ୍ଥୂଳତମ ଭୂମିରେ ବର୍ତ୍ତମାନ ପାଇଁ କୌଣସି ଯଥାର୍ଥ ସତ୍ତା ନାହିଁ । ଏହାକୁ ଆମେ ଗୋଟିଏ ପ୍ରକାରର ସୂକ୍ଷ୍ମ ଆଦର୍ଶରୂପ ରୂପେ ବୁଝିବା, ଯାହାର କି ସ୍ଥୂଳ ଭୂମିରେ କୌଣସି ଉପଲବ୍ଧି ହୋଇ ନାହିଁ ।

(ଆଉଗୋଟିଏ ପିଲାକୁ) ତୁମର କିଛି ପଚାରିବାକୁ ଅଛି, ନୁହେଁ ?

ମାଆ, କାଳ ଓ ଦେଶ କେବଳ ଏହି ଭୌତିକ ଜଗତର ଗୋଟିଏ ଗୋଟିଏ ଉପାଦାନ ନା ଏଗୁଡ଼ିକ ଅନ୍ୟାନ୍ୟ ଜଗତରେ ମଧ୍ୟ ରହିଛନ୍ତି ?

ଯେପରି ଆକାରଗୁଡ଼ିକ ରହିଛି, ସେହିପରି ଅବଶ୍ୟମ୍ଭାବୀ ଭାବରେ ଏକ କାଳ ରହିଛି, ଏକ ଦେଶ ମଧ୍ୟ ରହିଛି, ମାତ୍ର ତାହାକୁ ଆମେ ଭୌତିକର ଅବିକଳ କୌଣସି ଏକ ବସ୍ତୁ ବୋଲି ଭାବିବା ନାହିଁ । ତାହା ସେହି ଏକା କାଳ ଆଦୌ ନୁହେଁ, ସେହି ଏକା ଦେଶ ମଧ୍ୟ ନୁହେଁ ।

ଉଦାହରଣ ସ୍ୱରୂପ, ଆମେ ପ୍ରାଣିକ ଭୂମିରେ ପ୍ରବେଶ କରିବା ମାତ୍ରକେ କାଳ ଓ ଦେଶ ଦେଖିବାକୁ ପାଇବା ସତ, ମାତ୍ର ଭୌତିକ କାଳ ଓ ଭୌତିକ ଦେଶ ସହିତ ସାଦୃଶ୍ୟ ରହିଥିଲେ ମଧ୍ୟ ଆମକୁ ସେଠାରେ ଏଠାରେ ରହିଥିବା ଦୃଢ଼ତା, କଠିନତା ଓ ଅସଂଶୋଧନୀୟତା ଆଦୌ ଦେଖିବାକୁ ମିଳିବ ନାହିଁ ।

'oaob.nitrkl.ac.in' images reprocessed

ଅର୍ଥାତ୍, ଉଦାହରଣ ସ୍ୱରୂପ, ପ୍ରାଣିକ ଭୂମିରେ ଏକ ଶକ୍ତିଶାଳୀ ବୁଦ୍ଧିମାନ୍ ଇଚ୍ଛାଶକ୍ତି ସେଠାରେ ଅପରୋକ୍ଷ ଭାବରେ ଆପଣାକୁ କାର୍ଯ୍ୟକାରୀ କରି ପାରୁଥିବ ; ମାତ୍ର ଏଠାରେ ଏହି ଭୌତିକ ସୋପାନରେ ବେଳେବେଳେ ଉପଲବ୍ଧି ହାସଲ କରିବାକୁ ଏକ ଅତ୍ୟନ୍ତ ଦୀର୍ଘ ସମୟ ଲାଗିଯିବ, ଏହି କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅନୁସରଣ କରିବାକୁ ପଡ଼ିବ । ପ୍ରାଣିକ ସୋପାନରେ ତାହା ଅପରୋକ୍ଷ ଭାବରେ କାର୍ଯ୍ୟ କରିବ, ଇଚ୍ଛାଶକ୍ତି ପରିସ୍ଥିତି ଉପରେ ସିଧା କାର୍ଯ୍ୟ କରି ପାରୁଥିବ ଏବଂ, ଯଦି ତାହା ଯଥାର୍ଥରେ, ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବ, ତେବେ ତାହା ତତ୍କ୍ଷଣାତ୍ କାର୍ଯ୍ୟ କରି ପାରିବ । ମାତ୍ର, ତଥାପି ଏକ ଦେଶ ରହିଥିବ, ଅର୍ଥାତ୍, ଗୋଟିଏ ସ୍ଥାନରୁ ଆଉଗୋଟିଏ ସ୍ଥାନକୁ ଯାଉଥିବାର ଧାରଣାଟି ଅବଶ୍ୟ ହେଉଥିବ ଏବଂ ଅବଶ୍ୟମ୍ଭାବୀ ଭାବରେ, ସେହି ଗତି କରୁଥିବା ସମୟରେ, ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟ ମଝିରେ ଆସି ଦଣ୍ଡାୟମାନ ହେଉଥିବ; କିନ୍ତୁ, ଭୌତିକ ସ୍ତରର ସମୟ ତୁଳନାରେ ତାହାକୁ ଅତ୍ୟନ୍ତ ଅଳ୍ପସ୍ଥାୟୀ ବୋଲି ବୁଝାଯିବ ।

ମାନସ ସୋପାନକୁ ଆସିଲେ ସମୟର ଧାରଣା ପ୍ରାୟ ସମ୍ପୂର୍ଣ୍ଣରୂପେ ଅନ୍ତର୍ହିତ ହୋଇଯାଏ । ଉଦାହରଣସ୍ୱରୂପ, ତୁମେ ନିଜର ମାନସିକ ଚେତନା ମଧ୍ୟରେ ରହିଛ, ତୁମେ ଜଣେ ବ୍ୟକ୍ତି, ଏକ ବସ୍ତୁ ଅଥବା କୌଣସି ସ୍ଥାନ ବିଷୟରେ ଭାବୁଛ ଏବଂ ତଦ୍ଦ୍ୱାରା ତୁମେ ସଙ୍ଗେ ସଙ୍ଗେ ସେଠାରେ ଯାଇ ପହଞ୍ଚି ଯାଉଛ । ଭାବନା ଏବଂ ଭାବନାର ସିଦ୍ଧି ମଧ୍ୟରେ ଏହି କ୍ଷେତ୍ରରେ ଆଦୌ କୌଣସି ସମୟର ପ୍ରୟୋଜନ ରହି ନ ଥାଏ । କେବଳ ମନ ପ୍ରାଣିକ ସହିତ ଯୁକ୍ତ ହୋଇ ରହିଥିଲେ ଯାଇ ସମୟର ଏକ ଧାରଣା ଉନ୍ମେଷିତ ହୋଇ ଆସିଥାଏ । ଏବଂ, ଦୁହେଁଯାକ ଆହୁରି ତଳକୁ ଖସି ଯଦି ଭୌତିକ ସ୍ତରରେ ପହଞ୍ଚନ୍ତି, ତେବେ କୌଣସି ମାନସିକ ଧାରଣାର ଉପଲବ୍ଧି ସମ୍ଭବ କରିବା ସକାଶେ ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟାର ପ୍ରୟୋଜନ ହୋଇଥାଏ । ଜଡ଼ ଉପରେ ଆମର କୌଣସି ପ୍ରତ୍ୟକ୍ଷ ମାନସିକ କ୍ରିୟା ସମ୍ଭବ ହୁଏ ନାହିଁ । ଉଦାହରଣସ୍ୱରୂପ, ଯଦି ତୁମେ କଲିକତାରେ ବାସ କରୁଥିବା ଆଉଜଣେ ବ୍ୟକ୍ତିଙ୍କ ବିଷୟରେ ଚିନ୍ତା କରିବ, ତେବେ ତୁମକୁ ପ୍ରକୃତରେ ଏକ ଉଡ଼ାଜାହାଜରେ ଯାଇ ବସିବାକୁ ପଡ଼ିବ ଏବଂ ସେଠାରେ ଯାଇ ପହଞ୍ଚିବା ଲାଗି ତୁମକୁ ବେଶ୍ କେତେ ଘଣ୍ଟା ଅବଶ୍ୟ ଲାଗିବ; ମାତ୍ର, ଅନ୍ୟ ପକ୍ଷରେ, ଯଦି ଏଠାରେ ଥାଇ ତୁମେ କଲିକତାରେ ଥିବା ଆଉଜଣେ କାହା ବିଷୟରେ ଚିନ୍ତା କରିବ, ତେବେ ତୁମେ ତତ୍କ୍ଷଣାତ୍ ତା'ପାଖରେ ଯାଇ- ପହଞ୍ଚିଯାଇ ପାରିବ । ହଁ, ତତ୍କ୍ଷଣାତ୍ । ମାତ୍ର ଯଦି ତୁମେ ଶରୀର ଭିତରୁ ବାହାରି ପ୍ରାଣିକ ମଧ୍ୟରେ ବିଚରଣ କରିବାକୁ ଯିବ ଏବଂ ତାହାର ସାହାଯ୍ୟରେ କେଉଁଠାକୁ ଯିବାକୁ ଇଚ୍ଛା କରିବ, ତେବେ ତୁମେ ପ୍ରକୃତରେ ଗତି କରୁଛ ବୋଲି ଅନୁଭବ କରି

'oaob.nitrkl.ac.in' images reprocessed

ପାରିବ, ଏବଂ, ତୁମେ ଯାଉଥିବା ସ୍ଥାନଟିରେ ଯାଇ ପହଞ୍ଚିବା ସକାଶେ ଯେଉଁ ସମୟ ଲାଗୁଛି, ସେଇଟିକୁ ମଧ୍ୟ ତୁମେ ବେଶ୍ ଅନୁଭବ କରି ପାରିବ । ମାତ୍ର, ଭୌତିକ ସ୍ତରଟିର ତୁଳନାରେ ତାହାକୁ ଅତ୍ୟନ୍ତ ପରିମାଣରେ ତ୍ୱରାଯୁକ୍ତ ବୋଲି କୁହାଯିବ; ଭୌତିକ ସ୍ତରରେ କାର୍ଯ୍ୟଗୁଡ଼ିକୁ କରିବା ଲାଗି ଯେଉଁ ସମୟ ଲାଗୁଛି, ତାହା ତୁଳନାରେ ଅତ୍ୟନ୍ତ ତ୍ୱରଯୁକ୍ତ ବୋଲି କୁହାଯିବ ।

କେବଳ, ଶିଖରଟିର ସବା ଉପର ସ୍ତରରେ, ଯେତେବେଳେ ତୁମେ ବ୍ରହ୍ମାଣ୍ଡର କେନ୍ଦ୍ରବିନ୍ଦୁ ବୋଲି ଉକ୍ତ ହେଉଥିବା ସେହି ସ୍ଥାନରେ ଯାଇ ପହଞ୍ଚି ପାରିବ, — ବ୍ରହ୍ମାଣ୍ଡର ସେହି କେନ୍ଦ୍ର ଓ ମୂଳରେ ଯାଇ ପହଞ୍ଚିବ, ସେଠାରେ ସବୁକିଛି ତତ୍‌କ୍ଷଣାତ୍ ଘଟୁଥିବ । ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତ ଉନ୍ମୋଚିତଯାକ ଏକ ସମଗ୍ର ଏବଂ ଯୁଗପତ୍ ଚେତନାର ଅନ୍ତର୍ଭୁକ୍ତ ହୋଇ ରହୁଥିବେ ଅର୍ଥାତ୍, ଯାହା ସର୍ବଦା ରହୁଛି ଓ ଯାହା ରହିବାକୁ ଯାଉଛି, ସତେଅବା ଦୁହେଁଯାକ ସେହି ଗୋଟିଏ କ୍ଷଣ ମଧ୍ୟରେହିଁ ସମ୍ମିଳିତ ହୋଇ ରହୁଥିବେ, ଈଶ୍ୱର ସେହି ଗୋଟିଏ ମାତ୍ର ସ୍ପନ୍ଦନ ମଧ୍ୟରେ ସଂଯୁକ୍ତ ହୋଇ ରହୁଥିବେ ଏବଂ କେବଳ ସେହି କ୍ଷେତ୍ରରେହିଁ ଆମେ କାଳ ଓ ଦେଶର ବାହାରକୁ ଚାଲିଯାଇ ପାରୁଥିବା ।

> ମାଆ, ଆପଣ କହିଲେ ଯେ, ଆମେ ମନ ଭିତରେ କୌଣସି ବସ୍ତୁ ବିଷୟରେ ଚିନ୍ତା କରିବା ମାତ୍ରକେ ତତ୍‌କ୍ଷଣାତ୍ ସେହି ବସ୍ତୁର ସମ୍ମୁଖରେ ଯାଇ ପହଞ୍ଚି ଯାଇଥାଉ; ମାତ୍ର ଯଦି, ଉଦାହରଣ-ସ୍ୱରୂପ, ଆମେ ସେହି ମନର ଭୂମିରେ କୌଣସି ଉଚ୍ଚତର ବସ୍ତୁର ଚିନ୍ତା କରୁ, ଉଦାହରଣସ୍ୱରୂପ, ଯଦି ଆମେ ଦିବ୍ୟ ପରମସତ୍ତାଙ୍କ ବିଷୟରେ ଚିନ୍ତା କରୁ…

ହଁ ।

> ତେବେ କ'ଣ ଆମେ ତତ୍‌କ୍ଷଣାତ୍ ତାଙ୍କ ସମ୍ମୁଖରେ ଯାଇ ପହଞ୍ଚି ଯାଇପାରିବା ?

ହଁ, ମାତ୍ର ତୁମ ଭାବନାରେ କେବଳ ସେହି ଅଂଶଟି, ମାତ୍ର ତୁମର ଶରୀରଟି ଆଦୌ ନୁହେଁ । ମୁଁ ଠିକ୍ ସେହି କଥାହିଁ କହୁଥିଲି । ମାନସ କ୍ଷେତ୍ରରେ ଠିକ୍ ସେହିପରି ଘଟିଥାଏ; ଯଦି ଆମେ ଦିବ୍ୟ ପରମସତ୍ତାଙ୍କ ଉପରେ ନିଜକୁ ଅଭିନିବେଶିତ କରିଆଣି ଓ ତାଙ୍କ ବିଷୟରେ ଚିନ୍ତା କରୁ, ତେବେ ସେହି ଅଂଶଟି …ମୁଁ ଭାବନାର ସମସ୍ତ କ୍ଷେତ୍ରଟି ବିଷୟରେ କିଛି କହୁ ନାହିଁ, କାରଣ ଭାବନା ତ ବହୁବିଧ ହୋଇ ରହିଥାଏ ଓ ବିଭକ୍ତ ହୋଇ ରହିଥାଏ; ମାତ୍ର, ଯେଉଁ ଅଂଶଟି

'oaob.nitrkl.ac.in' images reprocessed

ଆନ୍ତରିକତା ସହିତ ତବ୍ୟ ପରମସତ୍ତାଙ୍କ ଉପରେ ନିଜକୁ ଅଭିନିବେଶିତ କରି ରଖିଥାଏ, ତାହା ପ୍ରକୃତରେ ତାଙ୍କର ସହିତହିଁ ରହିଥାଏ । ଏହାଦ୍ୱାରା କିଛି ଭଲ ଫଳ ଫଳେ ସତ, ମାତ୍ର ଏହି ଅଂଶଟି ଅନ୍ୟ ଭାଗଗୁଡ଼ିକ ସହିତ ମିଶ୍ରିତ ହୋଇ ରହିଥିବା ସମୟରେ ଖୁବ୍ ବେଶୀ ଫଳ ଆଦୌ ଫଳେ ନାହିଁ । ସେହି ଅନ୍ୟ ଭାଗଗୁଡ଼ିକ ଏକାବେଳେକେ ଶହଶହ କେତେ ପ୍ରକାରର କଥା ଭାବିବାରେ ଲାଗିଥାନ୍ତି ଅଥବା, ଯେତେବେଳେ ତାହା ତଳକୁ ଯାଇ ଶରୀରସ୍ତରରେ ପହଞ୍ଚେ ସେତେବେଳେ ତାହା ଜଡ଼ବସ୍ତୁଗୁଡ଼ିକର ଠିକ୍ ସେହି ଭଳି ନାନାକ ମନ୍ଥରତା ସହିତହିଁ ବାନ୍ଧିହୋଇ ରହିଥାଏ ଏବଂ ଯେତେବେଳେ, ଏଠାରୁ କେବଳ ଏହି କବାଟ ପର୍ଯ୍ୟନ୍ତ ଯିବା ଲାଗି ମଧ୍ୟ ଆମକୁ ବହୁସଂଖ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥାଏ ।

ପ୍ରାଣିକ କ୍ଷେତ୍ରରେ, ଏକ ଲମ୍ଫ ପ୍ରଦାନ କରି ଆମେ ସେଠାରେ ଯାଇ ପହଞ୍ଚି ପାରିବା; ମାନସିକ କ୍ଷେତ୍ରରେ ସେହି ଲମ୍ଫପ୍ରଦାନ ସକାଶେ ମଧ୍ୟ କୌଣସି ପ୍ରୟୋଜନ ରହେ ନାହିଁ ।

ଚୈତ୍ୟର କ୍ଷେତ୍ରରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବୋଲି କିଛି ଅଛି କି ?

ଚୈତ୍ୟ କ୍ଷେତ୍ରରେ ? ତୁମେ ପୂର୍ବରୁ ଯେତେ ଜୀବନ ଦେଇ ଅତିକ୍ରମ କରି ଆସିଛ, ସେଠାରେ ସେଗୁଡ଼ିକର ସଚେତନତା ମଧ୍ୟ ବିଦ୍ୟମାନ ରହିଥାଏ । ଚୈତ୍ୟ ସହିତ ଏକ ସମ୍ପର୍କରେ ପ୍ରବିଷ୍ଟ ହୋଇପାରିଲେ, ତୁମେ ଅତିକ୍ରମ କରି ଆସିଥିବା ସବୁ ଜୀବନଗୁଡ଼ିକ ବିଷୟରେ ସଚେତନତା ଲାଭ କରିପାରିବ; ତୁମର ଚୈତ୍ୟ ଯେଉଁସବୁ ଘଟଣା ମଧ୍ୟରେ ଅଂଶ ଗ୍ରହଣ କରିଥିଲା, ଏହା ଅତ୍ୟନ୍ତ ଜୀବନ୍ତ ଭାବରେ ତାହାର ପୁନଃ ସ୍ମରଣ କରିପାରିବ — ସମସ୍ତ ଜୀବନର ସବୁ ଘଟଣାର ନୁହେଁ— ଏକଥା ଆଦୌ ବୁଝାଯାଉ ନାହିଁ ଯେ ତୁମେ ନିଜକୁ ଏହି ବିଷୟରେ ନାନାନାନା କାହାଣୀମାନ ମଧ୍ୟ କହି ପାରୁଥିବ : ପ୍ରଥମ ଥର ଏକ ମାଙ୍କଡ଼, ତା'ପରେ କିମ୍ଭୂତ କିମାକାର ଗୋଟିଏ ପ୍ରାଣୀ···କ୍ରମେ ଆଗକୁ ଯାଇ ଗୁହା-ମାନବ, ··· ନାଇଁ, ଏସବୁ କୌଣସି କାହାଣୀ ନୁହେଁ । ମାତ୍ର, ଏହିସବୁ ପୂର୍ବତନ ଜୀବନର ଯାବତୀୟ ଘଟଣାକୁ ସ୍ମରଣ କରିପାରିବ, ଯେଉଁଥିରେ କି ଚୈତ୍ୟ ଏକ ଅଂଶଗ୍ରହଣ କରିଥିବା ଘଟଣାଗୁଡ଼ିକ ସଂରକ୍ଷିତ ହୋଇ ରହିଥିବ ଏବଂ, ନିଜର ଚୈତ୍ୟସତ୍ତା ସହିତ ଏକ ସଚେତନ ସମ୍ପର୍କ ସ୍ଥାପନ କରିପାରିଲେ ସେହିସବୁ ଘଟଣା ଏକ ପ୍ରକାରର ସିନେମା ପରି ସ୍ମରଣର ପଟରେ ଆସି ଉକୁଟି ଉଠିବାକୁ ଲାଗିବ । ମାତ୍ର, କେବଳ ସେହି ଜୀବନଗୁଡ଼ିକ ବ୍ୟତୀତ ଏହାର ଆଉ କେଉଁଠି ହେଲେ ଏକ ଅବଚ୍ଛିନ୍ନତା ନ ଥିବ,

'oaob.nitrkl.ac.in' images reprocessed

ଯେଉଁଗୁଡ଼ିକରେ ଏ ଚୈତ୍ୟ ସମ୍ପୂର୍ଣ୍ଣ ଭାବରେ ଜାଗରୂକ, ସକ୍ରିୟ, ସ୍ଥାୟୀ ଭାବରେ ସକ୍ରିୟ ହୋଇ ରହୁଥିବ, ଅର୍ଥାତ୍, ଚେତନା ସହିତ ସତତ ସଂଯୁକ୍ତ ହୋଇ ରହୁଥିବ । ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଚେତନା ସହିତ ସତତ ସଂଯୁକ୍ତ ହୋଇ ରହୁଥିବା ହେତୁ, ବ୍ୟକ୍ତିର ପ୍ରକୃତ ଜୀବନରେ ଘଟିଥିବା ପ୍ରତ୍ୟେକ କଥାକୁ ତାହା ସଚେତନ ଭାବରେ ସ୍ମରଣ କରିପାରିବ; ଏବଂ ସେହି ସ୍ମୃତିଗୁଡ଼ିକ — ଏଗୁଡ଼ିକୁ ଅନୁସରଣ କରୁଥିବା ସମୟରେ — ସେହି ବ୍ୟକ୍ତିର ଚୈତ୍ୟ ସ୍ମରଣଗୁଡ଼ିକ ସମ୍ଭବ ହେଉଥିଲେ ଆମେ ଯାହାକୁ ଏକ ଭୌତିକ ସ୍ମରଣ ବୋଲି କହିପାରନ୍ତେ, ତାହାର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବେ ଏବଂ ଅଧିକରୁ ଅଧିକ ପରିମାଣରେ ତାହା ସହିତ ସହସମ୍ବନ୍ଧିତ ହୋଇ ରହିଥିବେ । ଏବଂ ସୁନିଶ୍ଚିତ ଭାବରେ ଜୀବନର ଯାବତୀୟ ବୁଦ୍ଧିକ୍ଷେତ୍ରୀୟ ତଥା ସଂବେଗଗତ ଉପାଦାନଗୁଡ଼ିକ, ଯେତେବେଳେ ଏହି ସନ୍ତ୍ତିଟି ବାହ୍ୟ ଚେତନାରେ ଆପଣାକୁ ବ୍ୟକ୍ତ କରିବା ସମ୍ଭବ ହେଲା, ସେତେବେଳେ ଘଟିଥିବା କେତେକ ସ୍ଥୂଳ ଘଟନାର ସ୍ମରଣ ମଧ୍ୟ ସମ୍ଭବ ହୋଇପାରିବ । ସେତେବେଳେ ଏହି କ୍ଷଣମାନଙ୍କରେ, ସେହି ବ୍ୟକ୍ତି ଯେଉଁ ଭୌତିକ ପରିସ୍ଥିତିଗୁଡ଼ିକର ମଣ୍ଡଳଟି ମଧ୍ୟରେ ରହିଥିଲା, ସେଇଟି ମଧ୍ୟ ଚେତନା ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଅକ୍ଷୁଣ୍ଣ ହୋଇ ରହିଥିବ ।

ମା,ଆ, ଏଠାରେ ଶ୍ରୀଅରବିନ୍ଦ "ସମସ୍ତଙ୍କର ପଛରେ ସମସ୍ତଙ୍କୁ ଧରି ରଖିଥିବା ଚୈତ୍ୟ" ବିଷୟରେ କହିଛନ୍ତି । ଏହାର ଅର୍ଥ କ'ଣ ?

ହଁ, ଚୈତ୍ୟହିଁ ଏହି ସମଗ୍ର ଗଠନଟିର, ମନୁଷ୍ୟ-ଜୀବନ ତଥା ଚେତନାର ଏହି ତ୍ରିମୂର୍ତ୍ତୀ ଗଠନଟିର ପଶ୍ଚାତରେ ବିଦ୍ୟମାନ ରହିଛି । ତାହା ପଶ୍ଚାତରେ ରହିଛି ଏବଂ ଆପଣାର ଅବିନାଶୀ ଚେତନା ଦ୍ୱାରା ତାହାକୁ ଧରି ରଖିଛି । ଏହି ଚୈତ୍ୟ ହେଉଛି ଆମର ଅବିଚ୍ଛିନ୍ନତା ବିଷୟରେ ଏତେ ସ୍ପଷ୍ଟ ଏକ ଧାରଣା ରହିଛି । ତା' ନ ହେଲେ, ତୁମେ ବର୍ତ୍ତମାନ ଯାହା ଅଛ ଏବଂ ତୁମକୁ ତିନିବର୍ଷ ବୟସ ହୋଇଥିବା ସମୟରେ ଯାହା ଥିଲ, ଦୁଇଟିର ତୁଳନା କଲେ ତୁମେ ଶାରୀରିକ, ପ୍ରାଣିକ ବା ମାନସିକ କୌଣସି ଦିଗରୁ ମଧ୍ୟ ନିଜକୁ ମୋଟେ ଚିହ୍ନିପାରିବ ନାହିଁ । ଦୁଇଟି ମଧ୍ୟରେ ଆଦୌ କୌଣସି ପ୍ରକାର ସାଦୃଶ୍ୟ ଦେଖିବାକୁ ମିଳିବ ନାହିଁ । ମାତ୍ର ପଶ୍ଚାତରେ ଚୈତ୍ୟ ବିଦ୍ୟମାନ ରହିଛି, ଯାହାକି ସକଳ ବିକାଶର ଅବଲମ୍ବନ ହୋଇ ରହିଛି, ସତ୍ତାର ଅଭିବୃଦ୍ଧି ଲାଗି ଆଧାର ରୂପେ କାର୍ଯ୍ୟ କରୁଛି, ଚେତନାର କ୍ଷେତ୍ରରେ ଏହି ଅବିଚ୍ଛିନ୍ନତାକୁ ସମ୍ଭବ କରୁଛି ଏବଂ ସେ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ହୋଇଯିବାରେ ଲାଗିଥିଲେ ମଧ୍ୟ ସିଏ ଯେ ତଥାପି ସେହି ଏକା ବ୍ୟକ୍ତି, ତାହାକୁ ସେହି ଅନୁଭୂତିଟିକୁ ଆଣି ଦେଇପାରୁଛି । ପରେ ଆପଣା ଉପରେ ଯଥେଷ୍ଟ

'oaob.nitrkl.ac.in' images reprocessed

ପରିମାଣରେ ଦୃଷ୍ଟିପାତ କରୁଥିବା ବେଳେସିଏ ବର୍ତ୍ତମାନ ଦେଖିପାରୁଛୁ ଯେ, ସେତେବେଳେ ସିଏ ଯାହାକିଛୁ ବୁଝୁଥିଲା ଓ କରିପାରୁଥିଲା, ସେଗୁଡ଼ିକ ତାକୁ ପ୍ରକୃତରେ ଏକାନ୍ତ ଅକିଞ୍ଚିତ୍କର ବୋଧ ହେଉଛି ଏବଂ, ସେ ବର୍ତ୍ତମାନ କଦାପି ସେହିଭଳି କାର୍ଯ୍ୟଟିଏ କରିବାକୁ ଯିବ ନାହିଁ, କାରଣ ସିଏ ଆଉ ସେଇ ବେଳର ବ୍ୟକ୍ତି ହୋଇ ଆଦୌ ରହି ନାହିଁ । ମାତ୍ର ତଥାପି, ତା' ଭିତରେ ସେହି ଅବିନାଶୀ ଚୈତ୍ୟଚେତନାଟି ସର୍ବଦା ରହି ଆସିଥିବାରୁ ସିଏ ଅନୁଭବ କରିପାରୁଛି ଯେ, ତା'ର ସେହି ଗୋଟିଏ ସତ୍ତାହିଁ ସେତେବେଳେ ରହିଥିଲା, ବର୍ତ୍ତମାନ ରହିଛି ଓ ଅଳ୍ପବହୁତ ଉନ୍ନତିର ଅଭିବୃଦ୍ଧି ସହିତ ଅଳ୍ପବହୁତ ସଚେତନ ନାନା ପରିବର୍ତ୍ତନର ମଧ୍ୟ ଦେଇ ଭବିଷ୍ୟତରେ ମଧ୍ୟ ସେଇଟିହିଁ ଅବିଚ୍ଛିନ୍ନ ଭାବରେ ରହିଥିବ ।

ମାଆ, ଏହି ଚୈତ୍ୟ କ'ଣ ଜଣେ ବ୍ୟକ୍ତିର ଜୀବନରେ ଆବଶ୍ୟକ ଦିଗଟିକୁ ଦେଖାଇ ଦେଇଥାଏ ?

ହଁ, ବ୍ୟକ୍ତି ଏହି ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞାନ ହୋଇ ରହିଥାଏ, ଅଧିକାଂଶ ସମୟରେ ଅଜ୍ଞାନ ହୋଇ ରହିଥାଏ; ମାତ୍ର ଚୈତ୍ୟହିଁ ତା'ର ଜୀବନକୁ ସଗଠିତ କରେ—ଯାହାକୁ ପ୍ରଧାନ ପ୍ରଧାନ ରେଖାଗୁଡ଼ିକ ବୋଲି କୁହାଯାଇ ପାରିବ, ସେହିସବୁ ରେଖା ଦ୍ୱାରା ତାହାକୁ ସଗଠିତ କରି ଆଣିଥାଏ; କାରଣ, ଟିକିନିଖି ନିର୍ମାଣଗୁଡ଼ିକରେ ଏକ ଭୂମିକା ଗ୍ରହଣ କରିବାକୁ ହେଲେ ଆମର ବାହ୍ୟ ସତ୍ତାଟି ସହିତ, ଅର୍ଥାତ୍ ପ୍ରାଣିକ ଏବଂ ଭୌତିକ ସତ୍ତା ସହିତ ଚୈତ୍ୟସତ୍ତାର ସଚେତନ ଭାବରେ ସମ୍ମିଳିତ ହେବା ଆବଶ୍ୟକ ହୋଇଥାଆନ୍ତା । ମାତ୍ର ସାଧାରଣତଃ ସେକଥା ସମ୍ଭବ ହୁଏ ନାହିଁ । ତେଣୁ ବାହ୍ୟତଃ, ଟିକିନିଖିଗୁଡ଼ିକର ଭୂମିରେ··· ଉଦାହରଣସ୍ୱରୂପ, ଥରେ ଜଣେ ବ୍ୟକ୍ତି ମୋତେ ଖୁବ୍ ବ୍ୟସ୍ତ ହୋଇ ଆସି କହିଲେ, "ଚୈତ୍ୟସତ୍ତା, ବା ଆହୁରି ଅଧିକ ଉଚିତ ଭାବରେ କହିଲେ ଚୈତ୍ୟ ମଧ୍ୟରେ ଅବସ୍ଥିତ ଦିବ୍ୟ ପରମସତ୍ତାହିଁ ଯଦି ଆମ ଜୀବନର ନିର୍ଦ୍ଦେଶନା ଦେଉଛନ୍ତି, ତେବେ ମୁଁ ମୋ ଗୃହାରେ କେତେ ସ୍ପମତ ଚକ ପକାଇବି, ସିଏ ସେକଥାଟିକୁ ବି କ'ଣ ନିଷ୍ପତ୍ତି କରି ଦେଉଛନ୍ତି ?" ଶବ୍ଦଗୁଡ଼ିକ ଅନୁସାରେ କହିଲେ, ମୋତେ ସିଏ ସେହି ପ୍ରଶ୍ନଟିକୁ ପଚାରିଥିଲେ । ତେଣୁ, ମୋତେ ଉତ୍ତର ଦେବାକୁ ପଡ଼ିଥିଲା, "ନାହିଁ, କାରଣ ଏହି କ୍ଷେତ୍ରରେ ସିଏ ଟିକିନିଖି ଭାବରେ ଆଦୌ ସେପରି କୌଣସି ଭୂମିକା ଗ୍ରହଣ କରନ୍ତି ନାହିଁ ।"

ତୁମେ ଯେତେବେଳେ ଲୁହାଗୁଣ୍ଡି ବା କରଡ଼ଗୁଣ୍ଡର ଏକ ଗଦା ଭିତରେ ନିଜର ହାତକୁ ନେଇ ପୁରାଇଦିଅ, ସେହି ଲୁହାଗୁଣ୍ଡି ବା କରଡ଼ଗୁଣ୍ଡର ସ୍ଥାନ ସ୍ଥାନ

'oaob.nitrkl.ac.in' images reprocessed

ଯାବତୀୟ ଉପାଦାନ ଏପରି ଭାବରେ ଏକ ଆକୃତି ଉତ୍ପନ୍ନ କରନ୍ତି, ଯାହାକି ତୁମର ହାତମୁଠାଟିର ଆକାର ପରି ଦେଖା ଯାଉଥାଏ, ମାତ୍ର ସେଗୁଡ଼ିକ କଦାପି ଇଚ୍ଛାକୃତ ଅଥବା ସଚେତନ ଭାବରେ ସେପରି କରି ନ ଥାନ୍ତି । ଏହି କ୍ଷେତ୍ରରେ ମଧ୍ୟ ସେହିପରି ହୁଏ; ଆଗକୁ ଠେଲୁଥିବା ଚେତନାର କାର୍ଯ୍ୟଟି ସକାଶେହିଁ ଏହିପରି ଏକ ଘଟଣା ଘଟିଥାଏ । ଏପରି ଆଦୌ ନିଷ୍ପତ୍ତି ହୋଇ ନ ଥାଏ ଯେ ପ୍ରତ୍ୟେକଟି ଉପାଦାନ ଏହି ଆଘାତ ଫଳରେ ସୁନିଶ୍ଚିତ ଭାବରେ ଅମୁକ ଓ ସମୁକ ସ୍ଥାନରେ ରହିବ; ଶକ୍ତିର ପ୍ରୟୋଗ ଫଳରେହିଁ ଆମର ହାତମୁଠାଟି ଆଗକୁ ଠେଲି ହୋଇଯାଏ ଏବଂ ଉପାଦାନଗୁଡ଼ିକୁ ଏକ ଆକୃତି ଆଣିଦିଏ । ମାତ୍ର, ପ୍ରକୃତରେ ସେହିପରି ଘଟିଥାଏ । ଜୀବନରେ ଚୈତ୍ୟଚେତନା ଆପଣାକୁ କାର୍ଯ୍ୟକାରୀ କରି ରଖିଥାଏ ଏବଂ ତୁମ ଜୀବନର ସକଳ ପରିସ୍ଥିତିକୁ ଏକ ସଂଗଠନ ଦେବାରେ ଲାଗିଥାଏ ସତ, ମାତ୍ର ତାହା ଇଚ୍ଛାକୃତ ଭାବରେ ଟିକିନିଖି ବିଷୟଗୁଡ଼ିକରେ ଆଦୌ କୌଣସି ନିଷ୍ପତ୍ତି ଗ୍ରହଣ କରେ ନାହିଁ । ଏବଂ ବସ୍ତୁତଃ, ମନୁଷ୍ୟମାନଙ୍କର ଭୌତିକ ଜୀବନର ସଂଗଠନ-କ୍ଷେତ୍ରରେ ଖୁବ୍ କମ୍ ସଂଖ୍ୟକ ବସ୍ତୁହିଁ ଇଚ୍ଛାପ୍ରେରିତ ଏବଂ ସଚେତନ ହୋଇ ରହିଥାନ୍ତି । ଅଧିକାଂଶ ସମୟରେ ସେହିପରିହିଁ ଘଟିଥାଏ । ଯଦି ତୁମେ କୌଣସି ବ୍ୟକ୍ତିକୁ "ତୁମେ ଏକଥା କାହିଁକି କଲ ?" ବୋଲି ପଚାରିବ, ତେବେ ଉତ୍ତର ମିଳିବ, "ହଁ, ସେହିପରି ଘଟିଲା ।" ସବୁବେଳେ ଠିକ୍ ସେହିପରି ଉତ୍ତର ମିଳିବ, "ହଁ, ସେହିପରି ଘଟିଲା ।" ଶହେରୁ ଅନ୍ତତଃ ପଞ୍ଚସ୍ତରିଟି କ୍ଷେତ୍ରରେ ସେହିପରି ଉତ୍ତର ମିଳିବ । କେବଳ ଏତିକି ସତକଥା ଯେ, ଆମେ ସେହିପରି ଯିବାରେ, ଆସିବାରେ ତଥା ବସ୍ତୁଗୁଡ଼ିକୁ କରିବାରେ ଏପରି ଭାବରେ ଅଭ୍ୟସ୍ତ ହୋଇ ଯାଇଥାଉ ଯେ, ଏକଥାଟି ଆମର ଆଖିରେ ମଧ୍ୟ ପଡ଼େ ନାହିଁ । ମାତ୍ର ଥରେ ନିଜ ଆଡ଼କୁ ଅନାଇ ଦେଖିବାକୁ ଆରମ୍ଭ କଲେ ତାହା ସତ ବୋଲି ପରିଦୃଷ୍ଟ ହୋଇଥାଏ । ଏପରି ଅତି ଅଳ୍ପସଂଖ୍ୟକ କଥା ରହିଛି, ଯାହାକୁ କି ପ୍ରକୃତରେ ଏକ ସ୍ପଷ୍ଟ ଏବଂ ଇଚ୍ଛାକୃତ ନିଷ୍ପତ୍ତିର ପରିଣାମ ବୋଲି କୁହାଯାଇ ପାରିବ; କେବଳ ଆମେ ଯେଉଁଗୁଡ଼ିକୁ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରିଥାଉ, ସେହି ଅଳ୍ପ କେତୋଟି କ୍ଷେତ୍ରରେ ସେପରି ହୋଇଥାଏ ଏବଂ ସେଥିରେ ମଧ୍ୟ କେତେ କେତେ ଜାଗା ଛୁଟି ହୋଇ ଯାଇଥାଏ । ଭୌତିକ ଚେତନା ସହିତ ଏକ ପ୍ରବଳ ପରିମାଣର ଅଚେତନା ମିଶ୍ରିତ ହୋଇ ରହିଥାଏ; ମାତ୍ର, ଆମେ ସେଥିରେ ଭାରି ଅଭ୍ୟସ୍ତ ହୋଇ ରହିଥିବାରୁ ସେକଥାଟି ଆମର ଆଖିରେହିଁ ପଡ଼େ ନାହିଁ । ମାତ୍ର, ଏହି କ୍ଷେତ୍ରରେ କିଞ୍ଚିତ୍ ପରିମାଣରେ ବିଶ୍ଳେଷଣ, ନିରୀକ୍ଷଣ ବା ଅଧ୍ୟୟନ କରିବାକୁ ଆରମ୍ଭ କରିବା ମାତ୍ରକେହିଁ ତୁମେ ଯାହା ଦେଖ, ସେଥିରେ ପ୍ରକୃତରେ ଅତ୍ୟନ୍ତ ତ୍ରସ୍ତ ହୋଇ ପଡ଼ିଥାଅ । କେତେକେତେ ଥର ତୁମକୁ ସିଧା ସିଧା ଏକ ପ୍ରଶ୍ନର ସମ୍ମୁଖୀନ

'oaob.nitrkl.ac.in' images reprocessed

ହେବାକୁ ନ ହୁଏ ! ତୁମେ ଅଭ୍ୟାସର ବଶବର୍ତ୍ତୀ ହୋଇ ପ୍ରାୟ ସ୍ୱୟଂକ୍ରିୟ ଭାବରେ ନାନା କାର୍ଯ୍ୟ କରୁଥାଅ, ସମ୍ଭବତଃ ବେଳେବେଳେ ଏକ ନିଷ୍ପତ୍ତି ଗ୍ରହଣ କରିବ କରୁଥାଅ—ହଁ, ବେଳେବେଳେ ସେହିପରି କରୁଥାଅ; ମାତ୍ର ହଠାତ୍, ତୁମକୁ ହଠାତ୍ ଏକ ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟହୀନ ଟିକିନିଖିର ସମ୍ମୁଖୀନ ହେବାକୁ ପଡ଼ିଥାଏ : "ମୋର ଏକଥା କରିବା ଉଚିତ ନା ସେକଥାଟିକୁ କରିବା ଉଚିତ ?"—ବାସ୍, କେବଳ ଏହିଭଳି ଏକ ପ୍ରଶ୍ନ । ତୁମେ ଅତି ସାନ ସାନ କଥାକୁ ମଧ୍ୟ ଦୃଷ୍ଟାନ୍ତ-ରୂପେ··· ,"ମୁଁ ଅଧିକ ଖାଇବି ନା ଏତିକିରେ ଖାଇବା ବନ୍ଦ କରିବି ?" ଏହିସବୁ କ୍ଷେତ୍ରରେ ତୁମେ ପ୍ରକୃତରେ କେତେଥର ଏକ ସୁ-ଅଭିପ୍ରେତ ଏବଂ ସଚେତନ ନିଷ୍ପତ୍ତି ଗ୍ରହଣ କରି ପାରିବ ? ଏବଂ, ତୁମେ ସେତେବେଳେ ହଠାତ୍ ଉପଲବ୍ଧି କରିବାକୁ ଆରମ୍ଭ କରିବ, "ସତେ ତ, ଏହି ବିଷୟରେ ମୁଁ ଆଦୌ କିଛିହେଲେ ଜାଣି ନାହିଁ," ଅଥବା "ମୁଁ କିଛି ଜାଣି ନାହିଁ; ମୁଁ ଏଇଟି କରିପାରିବି, ସେଇଟି ମଧ୍ୟ କରିପାରିବି; ମୁଁ ସେଇଟି, ସେଇଟି, ସେଇଟିକୁ ମଧ୍ୟ କରିପାରିବି । ମାତ୍ର ସତରେ କେଉଁଟି କରିବି, ମୋ' ଭିତରେ ଆଉ କିଏ ସେଇଟିର ନିଷ୍ପତ୍ତି କରିଦେବ ?" ନିଜର ମନ ଭିତରେ ଆଗରୁ ନାନାବିଧ ରଚନା କରି ରଖି ନ ଥିଲେ ତୁମେ ଆଦୌ ତାହା କରିପାରିବ ନାହିଁ । ମାତ୍ର, ଯଦି ଏହି ମନୋଗତ ରଚନାଗୁଡ଼ିକହିଁ ତୁମ ଜୀବନର ଶାସନ କରୁଥିବେ, ତେବେ ତୁମେ ନିଜକୁ ସେହି ପ୍ରଶ୍ନଗୁଡ଼ିକ ପଚାରିବାକୁ କି ଯିବ ନାହିଁ; ତୁମେ ଅନ୍ୟ ଦ୍ୱାରା ଚାଳିତ ଏକ ଯନ୍ତ୍ରପରି ଜୀବନ ବଞ୍ଚୁଥିବ; ନିଜ ଲାଗି ତିଆରି କରିଥିବା ଏକ ଅଭ୍ୟସ୍ତ ରୁଟିନ୍ ଅନୁସାରେ ଯାବତୀୟ କାର୍ଯ୍ୟ କରୁଥିବ । ମାତ୍ର ଖାଲି ଥରକ ପାଇଁ ଯେ ଏପରି ହୁଏ ସେକଥା ନୁହେଁ, ପ୍ରତ୍ୟହ ହଜାର ବାର ଘଟିବାରେ ଲାଗିଥାଏ ।

ଉଦାହରଣସ୍ୱରୂପ, ତୁମର ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କ ରହିଛି, ତାଙ୍କ ପ୍ରତି ଉତ୍ତମ ଭାବନାମାନ ରହିଛି; ତୁମେ କୌଣସି କଠିନ କଷ୍ଟକର ପରିସ୍ଥିତିରେ ପଡ଼ିଛ ଏବଂ ଯଥାସମ୍ଭବ ଅଧିକ ଉତ୍ତମ କିଛି କରି ତାହାର ସମାଧାନ କରିବାକୁ ଇଚ୍ଛା କରୁଛ । ଯଦି ଯାହାକିଛି କରିବ, ତାହାକୁ ସ୍ୱତଃସ୍ଫୂର୍ତ୍ତ ଭାବରେ କରିବ, ତେବେ ତୁମ ଲାଗି ଆଉ କୌଣସି ସମସ୍ୟା ରହିବ ନାହିଁ; କାରଣ, ତୁମେ ଗୋଟିକ ପରେ ଗୋଟିଏ ସବୁଗୁଡ଼ିକୁ ସାବଲୀଳ ଭାବରେ କରି ଯାଉଥିବ, ଆଦୌ କିଛିହେଲେ ଭାବୁ ନ ଥିବ । ଏବଂ ସଚେତନ ଭାବରେ, ଯାହା ସର୍ବୋତ୍ତମ, ତାହାହିଁ କରିବାକୁ ଇଚ୍ଛା କରୁଥିବ···ଏହି କ୍ଷେତ୍ରରେ କ'ଣ ତୁମ ନିଷ୍ପତ୍ତିର ଆଧାର ହୋଇ ରହିବ ? କେଉଁ ଜ୍ଞାନ ତୁମକୁ ଏହିସବୁ ପ୍ରଶ୍ନ ବିଷୟରେ ଏକ ନିଷ୍ପତ୍ତି କରିବାକୁ ବାଟ କାଢ଼ିଦେବ : "ମୁଁ ଏଇଟିକୁ କରିବି ଅଥବା ସେଇଟିକୁ କରିବି । ମୁଁ ଏକଥାଟି କହିବି ନଚେତ୍ ସେକଥାଟି କହିବି ବା, ମୁଁ ଆଦୌ କିଛିହେଲେ କହିବି

'oaob.nitrkl.ac.in' images reprocessed

ନାହିଁ ।"—ଏହିପରି ଅଗଣିତ ନାନା ସମ୍ଭାବନା ତୁମ ଆଗରେ ଆସି ପହଞ୍ଚୁଥିବ । ଏବଂ, ତାହାକୁ ଆଧାର କରି ତୁମେ ନିଜର ନିଷ୍ପତ୍ତିଗୁଡ଼ିକୁ କରିବ ? ଯଦି ନିଷ୍ଠାର ସହିତ ଏଗୁଡ଼ିକ ଉପରେ କେବେ ଦୃଷ୍ଟିପାତ କରିବ, ତେବେ ଦେଖିବାକୁ ପାଇବ ଯେ, ପ୍ରତ୍ୟେକ ପଦକ୍ଷେପରେ ତୁମକୁ ଆଦୌ କିଛିହେଲେ ଜଣା ନ ଥିବ ।

କେବଳ, ନିଜ ଭିତରକୁ ପ୍ରବେଶ କରିବାର ଏକ ଅଭ୍ୟାସ ରହିଥିବ, ଭିତରେ ରହିଥିବା ସେହି ଚୈତ୍ୟଚେତନା ପାଖରେ ଯାବତୀୟ ସମସ୍ୟାକୁ ଉପସ୍ଥାପିତ କରି, ତୁମେ କ'ଣ କରିବାକୁ ଇଚ୍ଛା କରୁଛ, ତୁମ ଭିତରେ ସେଇ ତୁମ ଲାଗି ଉକ୍ତ ନିଷ୍ପତ୍ତିଟିକୁ କରିଦେଉ ବୋଲି ତାକୁ ବାଟ ଛାଡ଼ି ଦେଉଥିବ, ତେବେଯାଇ ନିଶ୍ଚିତତା ସହିତ ଏହି କଥାଟିକୁ କରି ପାରିବ;—ଆଦୌ କୌଣସି କୁଣ୍ଠା ରହି ନ ଥିବ, ଗୋଟିଏ ବୋଲି ପ୍ରଶ୍ନ ବା ସଂଶୟ ମସ୍ତକ ଉତ୍ତୋଳନ କରିବାକୁ ଆସୁ ନ ଥିବ । ଅମୁକ କଥାଟିକୁ ଯେ କରିବାକୁ ହେବ, ସେକଥାଟିକୁ ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜାଣି ପାରୁଥିବ ଏବଂ ସେଇଟି ବିଷୟରେ ଆଦୌ କୌଣସି ପ୍ରଶ୍ନ ମସ୍ତକ ଉତ୍ତୋଳନ କରୁ ନ ଥିବ । ମାତ୍ର କେବଳ ସେତିକିବେଳେ ଯାଇ ତାହା ହେବ । ତେଣୁ, ତୁମେ ଯେତେବେଳେ ତୁମର ଯାବତୀୟ ସଚେତନ ତଥା ସତତ ପରିଚାଳନା ଲାଗି ତୁମର ଚୈତ୍ୟକୁହିଁ ବାଟ ଛାଡ଼ିଦେବ, କେବଳ ସେତିକିବେଳେ ଯାଇ ତୁମେ ସଚେତନ ତଥା ନିରବଚ୍ଛିନ୍ନ ଭାବରେ ଉଚିତ କାର୍ଯ୍ୟଟିକୁ କରିପାରିବ । ମାତ୍ର, ସେହି ଗୋଟିଏ କ୍ଷେତ୍ରରେହିଁ ସମ୍ଭବ ହେବ ।

ଅନ୍ୟ ପକ୍ଷରେ, ଯଦି ତୁମର ଅଧ୍ୟୟନ ଏବଂ ନିରୀକ୍ଷଣ କରି ଦେଖିବାର ଅଭ୍ୟାସ ରହିଥାଏ, ତେବେ ଜୀବନର ଏହିସବୁ ଯାବତୀୟ ସାନସାନ କଥା ତୁମ ସମ୍ମୁଖରେ ସତତ ଏବଂ ବାରବାର ଆସି ଉପସ୍ଥିତ ହେଉଥିବେ । ମାତ୍ର ଏକ ଯନ୍ତ୍ର ଦ୍ୱାରା ଚାଳିତ ହେଲାପରି ତୁମେ ନିଜର ଜୀବନ ବଞ୍ଚିବାକୁ ଇଚ୍ଛା କରୁ ନ ଥିବ; ତୁମେ ଚେତନାଯୁକ୍ତ ହୋଇ ବଞ୍ଚିବାକୁ ଚାହୁଁଥିବ, ନିଜର ଇଚ୍ଛାଶକ୍ତିକୁ ମଧ୍ୟ କାମରେ ଲଗାଇବାକୁ ଇଚ୍ଛା କରୁଥିବ । ତୁମକୁ ପ୍ରତ୍ୟେକ ମୁହୂର୍ତ୍ତରେ କୌଣସି ନା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଥିବ ଏବଂ ତୁମେ ତାହାର ସମାଧାନ କରିପାରୁ ନ ଥିବ । ମୁଁ ସମ୍ପୂର୍ଣ୍ଣ ଭୌତିକ ଅର୍ଥରେ ଏହି କଥାଟିକୁ କହୁଛି । ମନେ କରାଯାଉ, ତୁମର ଶରୀର ଉପରେ କେଉଁଠି ଗୋଟିଏ କ'ଣ ଅସୁବିଧା ରହିଛି—ଆମେ ଯାହାକୁ କେଉଁଠି କ'ଣ ବିଗିଡ଼ି ଯାଇଛି ବୋଲି କହିଥାଉ—ଏହା ତୁମକୁ ଏକ ଅସ୍ୱସ୍ତିର ବୋଧ ଆଣି ଦେଉଛି, ବା ତୁମକୁ ଅସୁସ୍ଥ କରି ପକାଉଛି । ଏହା ରୋଗ ନୁହେଁ, କେବଳ ଏକ ଅସୁସ୍ଥତା, ଏକ ସାମାନ୍ୟ ଅସ୍ୱସ୍ତିବୋଧ,—କେଉଁଠି କ'ଣ ଟିକିଏ ବିଗିଡ଼ି ଯାଇଛି, ଭଲ ଭାବରେ କାମ କରୁ ନାହିଁ । ଯେଉଁ ଚୈତ୍ୟଜ୍ଞାନଟି ରହିଥିଲେ ଏହି କ୍ଷେତ୍ରରେ ଯାହା କରିବା ଉଚିତ,

'oaob.nitrkl.ac.in' images reprocessed

ତାହା ତୁମକୁ ବିନା ଯୁକ୍ତିରେ, ତାହାହିଁ କରିବା ଲାଗି ପ୍ରେରିତ କରି ନଥାନ୍ତା,—ଯଦି ତୁମ ପାଖରେ ସେହି ଜ୍ଞାନଟି ନ ଥାଏ ଏବଂ ଯଦି ସେଥିଲାଗି ତୁମେ ସେହି କଥାଟିକୁ ତୁମ ମନର ସମ୍ମୁଖରେ ନେଇ ଉପସ୍ଥାପିତ କରିବାକୁ ବାଧ୍ୟ ଥାଅ, ତୁମ ପାଖରେ ଯେଉଁ ଜ୍ଞାନଟି ରହିଛି ବୋଲି ତୁମେ ବିଚାର କରୁଛ, ଯଦି ତାହାର ସାହାଯ୍ୟ ନେବ ବୋଲି ଇଚ୍ଛା କରୁଥାଅ, ତେବେ···ଚିକିତ୍ସାକ୍ଷେତ୍ରର ଗୋଟିଏ ଦୃଷ୍ଟାନ୍ତ ଗ୍ରହଣ କରାଯାଉ, ଅର୍ଥାତ୍, "ମୁଁ ଏଇଟିକୁ କରିବି ନା ସେଇଟିକୁ କରିବି, ଏହି ଔଷଧଟି ଖାଇବି ନା ସେହି ଔଷଧଟି ଖାଇବି, ପଥ୍ୟ ବଦଳାଇବି କି, ଏହି ଖାଦ୍ୟ ଖାଇବି ନା ସେହି ଖାଦ୍ୟଟିକୁ ଖାଇବି ?···ତେବେ ବିଚାର କରି ଦେଖାଯାଉ । ଯଦି କେବଳ ଅତ୍ୟନ୍ତ ପ୍ରାଥମିକ ଅଳ୍ପ କେତୋଟା ସିଦ୍ଧାନ୍ତ ବ୍ୟତୀତ କେବେ ଆଉ କିଛି ଜଣା ନ ଥିବ, ତେବେ ତୁମେ ଖୁବ ସହଜରେ ଏକ ନିଷ୍ପତ୍ତିରେ ଆସି ପହଞ୍ଚିଯାଇ ପାରିବ । ମାତ୍ର ଯଦି ତୁମେ ଦୈବାତ୍ ସେହି ବିଷୟରେ କିଛିଟା ପରିମାଣରେ ଅଧ୍ୟୟନ କରିଥିବ ଏବଂ ତାହାସବୁ ଭିନ୍ନଭିନ୍ନ ଚିକିତ୍ସାବିଜ୍ଞାନର ଭିନ୍ନ ଭିନ୍ନ ଚିକିତ୍ସାମାର୍ଗ ବୋଲି ଜାଣିଥିବ ··· ବିଭିନ୍ନ ଦେଶର ଭିନ୍ନ ଭିନ୍ନ ଚିକିତ୍ସା ପ୍ରଣାଳୀ ରହିଛି, ଚିକିତ୍ସା ବିଜ୍ଞାନର ଭିନ୍ନ ଭିନ୍ନ ମାର୍ଗ ରହିଛି, ଡାକ୍ତରୀ, ହୋମିଓପାଥି, ଏଇଟା, ସେଇଟା,— ଏହିପରି ଏକାଧିକ ପ୍ରଣାଳୀ ରହିଛି;— ତେଣୁ, ଜଣେ ତୁମକୁ ଗୋଟାଏ ପ୍ରକାରେ କହିବ ତ ଆଉଜଣେ ଆଉପ୍ରକାରେ କହିବ । ତୁମେମାନେ ଜାଣିଥିବ, ଏପରି ଅନେକ ଲୋକ ଆସି ତୁମକୁ କହିଥିବେ "ସେପରି ନ କରି ଏପରି କର", ଅନ୍ୟମାନେ କହିଥିବେ, "ଯାହା କର ପଛକେ, ଏକଥା କର ନାହିଁ, ସେଇଟିକୁ କର" — ଏହିପରି କେତେ କ'ଣ କହିଥିବେ । ତେଣୁ, ସମସ୍ୟାଟିର ସମ୍ମୁଖୀନ ହୋଇ ତୁମେ ସେହି କ୍ଷେତ୍ରରେ ନିଜକୁ ପଚାରିଥିବ, "ଏମାନେ ତ ଏଭଳି କହୁଛନ୍ତି,— ମୁଁ ନିଜେ କ'ଣ ଜାଣିଛି ଯେ କ'ଣ କିପରି ନିଷ୍ପତ୍ତି କରିବି ? ମୁଁ ତ ଆଦୌ କିଛି ଜାଣି ନାହିଁ ।"

ତୁମ ଭିତରେ ଥିବା କେବଳ ଗୋଟିଏ ବସ୍ତୁକୁ ତାହା ଜଣା ଅଛି, — ସେଇଟି ହେଉଛି ତୁମର ଚୈତ୍ୟସତ୍ତା । ସିଏ ଆଦୌ କୌଣସି ଭୁଲ କରେ-ନାହିଁ । ଯଦି ଆଦୌ ଶବ୍ଦଟିଏ ବି ଉଚ୍ଚାରଣ ନ କରି ଏବଂ ନିଜର ବିଚାର ବା ଯୁକ୍ତିଗୁଡ଼ାକୁ ଆଣି ଗଦା କରି ନ ଦେଇ ତା'ର କଥା ମାନିବ, ତେବେ ତାହା ତତ୍‌କ୍ଷଣାତ୍, ସେହି ମୁହୂର୍ତ୍ତରେହିଁ ତୁମକୁ ଉତ୍ତରଟିକୁ ଦେଇଯିବ, ତୁମ ଦ୍ୱାରା ଉଚିତ କଥାଟି କରାଇନେବ । ମାତ୍ର, ଏହା ବ୍ୟତୀତ ଆଉ ଯାହାଯାହା ରହିଲା— ସେଥିରେ ତୁମକୁ କୌଣସି କୂଳକିନାରା ମିଳିବ ନାହିଁ । ଏବଂ, ପ୍ରତ୍ୟେକ ସମସ୍ୟାର କ୍ଷେତ୍ରରେ : ତୁମେ କ'ଣ ଅଧ୍ୟୟନ କରିବାକୁ ଯାଉଛ, କ'ଣ ଅଧ୍ୟୟନ କରିବାକୁ ଯାଉ ନାହଁ, କେଉଁ କାର୍ଯ୍ୟ କରିବାକୁ ଯାଉଛ ଓ କେଉଁ ମାର୍ଗରେ ଯିବାକୁ ଯାଉଛ ?

'oaob.nitrkl.ac.in' images reprocessed

ମାତ୍ର, ସେହିସବୁ କ୍ଷେତ୍ରରେ ତୁମ ଆଗରେ ଯାବତୀୟ ସମ୍ଭାବନାମାନ ଆସି ଉପସ୍ଥିତ ହେବେ,—ତୁମେ ଯେଉଁସବୁ ବିଷୟରେ ଅଧ୍ୟୟନ କରିଥିବ ଅଥବା ଜୀବନରେ ଯେଉଁଗୁଡ଼ିକୁ ହାବୁଡ଼ିଥିବ, ସବୁଆଡ଼ୁ ଯେତେଯାହା ପ୍ରସ୍ତାବନାକୁ ତୁମେ ଗ୍ରହଣ କରିଥିବ,—ସେଗୁଡ଼ିକ ସବୁଯାକ ତୁମ ସମ୍ମୁଖରେ ଆସି ଜୁଣ୍ଟ ହୋଇ ନାଚିବା ଆରମ୍ଭ କରିଦେବେ । ଏବଂ ତୁମେ କାହାର ସାହାଯ୍ୟ ନେଇ ନିଷ୍ପତ୍ତିଟିଏ ଗ୍ରହଣ କରିବ ? ମୁଁ ଏପରି ବ୍ୟକ୍ତିମାନଙ୍କ କଥା କହୁଛି, ଯେଉଁମାନଙ୍କର କି ପୂର୍ଣ୍ଣ ନିଷ୍ଠା ରହିଛି ଏବଂ ଯେଉଁମାନଙ୍କ ଭିତରେ ଆଗରୁ କୌଣସି ଧାରଣା ବଦ୍ଧମୂଳ ହୋଇ ମୋଟେ ରହିନାହିଁ; ସେମାନଙ୍କ ଭିତରେ ଆଦୌ କୌଣସି ପୂର୍ବଗ୍ରହ ବା ପୂର୍ବପ୍ରତିଷ୍ଠ ନିୟମ ନାହିଁ, ଯାହାକୁ କି ସେମାନେ ଯନ୍ତ୍ରବତ୍ ରୁଟିନ୍ ପରି ଅନୁସରଣ କରୁଛନ୍ତି ଏବଂ ପ୍ରକୃତ ସତ୍ୟଟିକୁ ଜାଣିବା ଲାଗି ଆଦୌ କୌଣସି ଚେଷ୍ଟା କରୁନାହାନ୍ତି ଓ ଯେଉଁମାନଙ୍କ ଲାଗି ସେମାନଙ୍କର ମନୋଗତ ରଚନାଟାହିଁ ଏକମାତ୍ର ସତ୍ୟ ହୋଇ ରହିଛି । ତେବେ ସବୁକଥା ଢେର ସରଳ ହୋଇଯାଏ, ଆମେ ସିଧା ସିଧା ସେହି ମାର୍ଗଟିକୁ ଧରି ବାହାରିଯାଉ ଓ ନାକଟା ଯାଇ ଆଗରେ ଥିବା କାନ୍ଥରେ ବାଡ଼େଇ ହୋଇଯାଏ । ମାତ୍ର, ନାକ ଏକାବେଳେକେ ଛେଚି ନ ହୋଇଗଲା ପର୍ଯ୍ୟନ୍ତ ଆମକୁ ତାହା ଦେଖା ବି ଯାଉ ନ ଥାଏ । ମାତ୍ର, ତା' ନ ହେଲେ, ଏହା ପ୍ରକୃତରେ ସାଦାସିଧା ଭାବରେ କଷ୍ଟକର ।

ଆମେ ସତତ ଅଜ୍ଞାନ ମଧ୍ୟରେ ବାସ କରୁଥାଉ ଏବଂ ଅଜ୍ଞାନଗ୍ରସ୍ତ ମନର ସ୍ଥାନରେ ଆଲୋକମୟ ମନକୁ ଆଣି ସ୍ଥାପିତ ନ କରିବା ପର୍ଯ୍ୟନ୍ତ ଆମେ କଦାପି ଯଥାର୍ଥ ମାର୍ଗଟିରେ ଅଗ୍ରସର ହୋଇପାରିବା ନାହିଁ; ଏବଂ, ଆଦୌ କୌଣସି ସମଗ୍ର ରୂପାନ୍ତର ସମ୍ଭବ ହେବା ପୂର୍ବରୁ ଯେ ଏହାକୁହିଁ ସେଥିଲାଗି ପ୍ରସ୍ତୁତିର ଅପରିହାର୍ଯ୍ୟ ପର୍ଯ୍ୟାୟରୂପେ ଗ୍ରହଣ କରିବାକୁ ପଡ଼ିବ, ଏକଥା କହି ଶ୍ରୀଅରବିନ୍ଦ ତାହାହିଁ କହିବାକୁ ଚାହିଁଛନ୍ତି ।

ସରଳ ? (ଗୋଟିଏ ପିଲାକୁ) ତୁମେ କିଛି କହିବ କି ? କହିବ ନାହିଁ ?

ତେବେ ଥାଉ, ବହୁତ ଡେରି ହୋଇଗଲାଣି ।

'oaob.nitrkl.ac.in' images reprocessed

## ୭ ଜୁଲାଇ ୧୯୫୫

ମାଆ, "ଯୋଗାଲୋକ" ପୁସ୍ତକର "ସତ୍ତାର ବିଭିନ୍ନ ଭୂମି ଓ ଭାଗ" ଅଧ୍ୟାୟରୁ କିଛି ଅଂଶ ପାଠ କଲେ ।

ମାଆ, ଏଠାରେ ଲେଖାହୋଇଛି, "ପରିଶେଷରେ ଆତ୍ମା ଅର୍ଥାତ୍ ଚୈତ୍ୟସତ୍ତା ଏକ ନୂତନ ଜନ୍ମର ନିକଟବର୍ତ୍ତୀ ହେବା ପର୍ଯ୍ୟନ୍ତ ସେହିଠାରେହିଁ ବିଶ୍ରାମ କରିବା ଲାଗି ଚୈତ୍ୟଜଗତ ମଧ୍ୟକୁ ପ୍ରସ୍ଥାନ କରିଥାଏ ।" ମାଆ, ତେବେ ପରେ କେନ୍ଦ୍ରସ୍ଥ ସତ୍ତାଟିର ପୁଣି କ'ଣ ହୁଏ ?

ତାହା ସମ୍ପୂର୍ଣ୍ଣ ଭାବରେ ସମ୍ପୃକ୍ତ ବିଭିନ୍ନ ଦୃଷ୍ଟାନ୍ତଗୁଡ଼ିକ ଉପରେହିଁ ନିର୍ଭର କରେ । ଆମେ କହିସାରିଛୁ ଯେ, କେନ୍ଦ୍ରସ୍ଥ ସତ୍ତା ଏବଂ ଚୈତ୍ୟସତ୍ତା ହେଉଛନ୍ତି ସେହି ଗୋଟିଏ ବସ୍ତୁ; ମାତ୍ର, ଯେଉଁ ଅଂଶଟି ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଅବସ୍ଥିତ ରହିଥାଏ, ସେଇଟି ସେହିଠାରେହିଁ ଅବସ୍ଥାନ କରେ । ଏହି ପୃଥିବୀ-ଜୀବନରେ ଚୈତ୍ୟ ହେଉଛି ଦିବ୍ୟପରମସତ୍ତାଙ୍କର ପ୍ରତିନିଧି, ପୃଥିବୀପୃଷ୍ଠର ଅଭିବୃଦ୍ଧି ଲାଗି ତାହା ପ୍ରତିନିଧି ହୋଇ ରହିଥାଏ । ମାତ୍ର, କେନ୍ଦ୍ରସ୍ଥ ସତ୍ତାର ଯେଉଁ ଅଂଶଟି ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ ହୋଇ ରହିଥାଏ, ତାହା ତାଙ୍କର ସହିତ ଏକାତ୍ମକ ହୋଇ ରହେ ଓ ତାହାର ସ୍ଥିତିରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଜୀବନ-ଦଶାରେ ମଧ୍ୟ ଏହା ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ ହୋଇ ରହିଥାଏ ଏବଂ ମୃତ୍ୟୁ ପରେ, ଜୀବନର ସ୍ଥିତିରେ ଯାହା ଥିଲା, ଠିକ୍ ସେହିପରି ହୋଇ ରହେ, କାରଣ ଉଦ୍ଧାର ତା'ପାଇଁ ଆଦୌ କୌଣସି ଫରକ ହୁଏ ନାହିଁ । ଚୈତ୍ୟସତ୍ତାରହିଁ ଅନୁଭୂତିଗତ ନାନା ପରିବର୍ତ୍ତନ ହୋଇଥାଏ, ନାନା ପରିପାଚନ ହୋଇଥାଏ, ଅନୁଭୂତି ଏବଂ ପରିପାଚନ ଉଭୟ ହୋଇଥାଏ । ମାତ୍ର ଜୀବାତ୍ମା ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଅବସ୍ଥାନ କରୁଥାଏ; ତାଙ୍କର ମଧ୍ୟରେହିଁ ଅବସ୍ଥିତ ହୋଇ ରହେ ଏବଂ ସେଠାରୁ ଆଦୌ ଅନ୍ୟ କୌଣସି ସ୍ଥିତିକୁ ଗତି କରେ ନାହିଁ । ଏବଂ, ତାହାର କୌଣସି ଅଭିବୃଦ୍ଧି ଘଟେ ନାହିଁ । ତାହା ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଅବସ୍ଥିତ ଥାଏ, ତାଙ୍କର ସହିତ ଏକାତ୍ମକ ହୋଇ ରହିଥାଏ, ତାଙ୍କର ସହିତ ସେହିପରି ଏକାତ୍ମକ ହୋଇ ରହେ, ମୋଟେ ବିଚ୍ଛିନ୍ନ ହୋଇଯାଏ ନାହିଁ । ତାହା ପାଇଁ ଏହା ଦ୍ୱାରା ଆଦୌ କୌଣସି ଫରକ

'oaob.nitrkl.ac.in' images reprocessed

ଘଟେ ନାହିଁ,—ଏକ ପାର୍ଥିବ ଶରୀର ରହିଛି କି ନାହିଁ, ତଦ୍ୱାରା ତା'ଲାଗି କୌଣସି ଫରକ ଘଟେ ନାହିଁ ।

ମା'ଆ, ତେବେ ସମସ୍ତଙ୍କର କେନ୍ଦ୍ରସ୍ଥ ସତ୍ତାକୁ କ'ଣ ପରସ୍ପରଠାରୁ ଅଭିନ୍ନ ବୋଲି କୁହାଯିବ ?

ନା — କାରଣ ଆମକୁ କୁହାଯାଇଛି ଯେ ଏହା ଅନେକତା ମଧ୍ୟରେ ଏକାତ୍ମକ ହୋଇ ରହିଥାଏ । ତାହା ପ୍ରତ୍ୟେକ ସତ୍ତାର ଶାଶ୍ୱତ ସତ୍ୟରୂପେ ଅବସ୍ଥିତ ଥାଏ । ଗୋଟିଏ ଦୃଷ୍ଟିରୁ ଦେଖିଲେ ସେମାନେ ହେଉଛନ୍ତି ସେହି ଗୋଟିଏ, ଆଉ ଗୋଟିଏ ଦୃଷ୍ଟିରୁ ଦେଖିଲେ ସେମାନେ ଅନେକ; କାରଣ, ପ୍ରତ୍ୟେକ ସତ୍ତାର ସତ୍ୟ ହେଉଛି ଏକ ବ୍ୟକ୍ତି-ସତ୍ୟ, ମାତ୍ର ତାହା ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ ହୋଇ ରହିଥାଏ । ତାହା ରୂପାୟନର ବାହାରେ ରହିଥାଏ, ମାତ୍ର ରୂପାୟନର ଉର୍ଦ୍ଧ୍ୱ ହୋଇ ଅବସ୍ଥିତ ରହିଥାଏ । ଆମେ ତାହାକୁ ଏକ ଏକତା ବୋଲି କହିବା, ମାତ୍ର ଏକରୂପତା ବୋଲି କହିବା ନାହିଁ ।

ବସ୍ତୁତଃ ଗତଥର ମଧ୍ୟ ମୁଁ ତୁମମାନଙ୍କୁ ଠିକ୍ ଏହି କଥାଟି ବୁଝାଇ ଦେଇଥିଲି । ଆମେ ସମସ୍ତେ ପରସ୍ପରଠାରୁ ଅଲଗା, ତଥାପି ପରସ୍ପରଠାରୁ ଅଭିନ୍ନ । ବିଭିନ୍ନ ଦିଗରୁ ଦିବ୍ୟ ପରମସତ୍ତାଙ୍କର ସମୀପକୁ ଆସିବାକୁ ଚେଷ୍ଟା କଲେ ସିଏ ତୁମକୁ ଭିନ୍ନ ଭିନ୍ନ ବୋଲି ମନେ ହୁଅନ୍ତି; ତୁମେ ଯେଉଁ ଦିଗଟିରୁ ତାଙ୍କର ସମୀପବର୍ତ୍ତୀ ହେଉଥାଅ, ସେଇଥି ସକାଶେ ସେପରି ଘଟେ । ପରମ ରୂପାତ୍ମକଙ୍କ ପାଇଁ ତଦ୍ୱାରା ଆଦୌ କୌଣସି ଫରକ ଘଟେ ନାହିଁ । ମାତ୍ର, ମୁଁ ତୁଏତ ଏପରି ମଧ୍ୟ କହିପାରିବ ଯେ, ତୁମର ବିଶେଷ ଦିଗଟିରୁ ସମୀପବର୍ତ୍ତୀ ହେବା ଦ୍ୱାରା ମଧ୍ୟ ସେହି ଗୋଟିଏ ଫଳ ପ୍ରାପ୍ତ ହୋଇଥାଏ, ତୁମେ ଦିବ୍ୟ ପରମସତ୍ତାଙ୍କ ସହିତ ପରିପୂର୍ଣ୍ଣ ଏକତ୍ୱର ଉପଲବ୍ଧି ଅବଶ୍ୟ କରିଥାଅ । ସମ୍ମିଳିତ ହେବାର ବିନ୍ଦୁଟି ଅଲଗା ହୁଏ ସିନା, ମାତ୍ର ତା' ସେପାଖକୁ ସେହି ଗୋଟିଏ ସମଗ୍ରତାରହିଁ ଉପଲବ୍ଧି ହୋଇଥାଏ ।

ଏହି କଥାଟିକୁ ଶବ୍ଦରେ ବ୍ୟକ୍ତ କରି କହିବା ବଡ଼ କଷ୍ଟକର । ମାତ୍ର ଆମେ ଏହି ଅନୁଭୂତିଟିକୁ ଅବଶ୍ୟ ଲାଭ କରିପାରିବା । ଏହି କ୍ଷେତ୍ରରେ, ସତେ ଯେପରି ଅସୁମାର ସଂଖ୍ୟାର ଦୁଆର ବା ମାର୍ଗ ରହିଥାଏ ଏବଂ ସେଥିରୁ ଯେକୌଣସିଟି ଦେଇ ମଧ୍ୟ ଆମେ ଦିବ୍ୟ ପରମସତ୍ତାଙ୍କ ପାଖରେ ଯାଇ ପହଞ୍ଚିପାରୁ । ତେଣୁ, ସମୀପବର୍ତ୍ତୀ ହେଲାବେଳେ ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଦିଗରୁହିଁ ଅଗ୍ରସର ହୋଇଥାଏ, ଏକ ନିର୍ଦ୍ଦିଷ୍ଟ ଦ୍ୱାର ଦେଇ ପ୍ରବେଶ କରେ; ମାତ୍ର ପ୍ରକୃତରେ ଭିତରକୁ ପ୍ରବେଶ କରି ସାରିବା ପରେ ସିଏ ଉପଲବ୍ଧି କରେ ଯେ ଏହା ହେଉଛି ସେହି ଗୋଟିଏ ଏକତ୍ୱ;

'oaob.nitrkl.ac.in' images reprocessed

— ତାହା ପାଖକୁ ପହଞ୍ଚିବା ମାର୍ଗଟି ଅଥବା ନିର୍ଦ୍ଦିଷ୍ଟ ଦିଗଟିହିଁ ଯାହା ପୃଥକ୍ ହୋଇ ରହିଥାଏ ।

ମାଆ, "ରୂପାୟନର ଗତିଶୀଳ ପ୍ରକ୍ରିୟାଟିରେ ଅଧିଷ୍ଠାତା ରୂପେ ପ୍ରତିଷ୍ଠିତ ହୋଇସାରିବା ପରେ ଜୀବାତ୍ମା ନିଜକୁ ପରମେଶ୍ୱର ରୂପେ ନୁହେଁ, ମାତ୍ର ଅନେକରୂପୀ ଦିବ୍ୟ ପରମସତ୍ତାଙ୍କର ଗୋଟିଏ କେନ୍ଦ୍ର ବୋଲି ଜାଣିବାକୁ ପାଇଥାଏ ।"

ବର୍ତ୍ତମାନ ତ ମୁଁ ଠିକ୍ ସେହି କଥାହିଁ କହୁଥିଲି । ବର୍ତ୍ତମାନ ଆଉ ପୁଣି ମୂଳରୁ ଆରମ୍ଭ କରି କହି ପାରିବି ନାହିଁ ।

କ'ଣ କହୁଛ ?

ମାଆ, ଶ୍ରୀଅରବିନ୍ଦ ଯେତେବେଳେ ଆଲିପୁର ଜେଲରେ* ଥିଲେ, ସେତେବେଳେ ବିବେକାନନ୍ଦ ପନ୍ଦରଦିନ କାଳ ତାଙ୍କ ପାଖକୁ ଆସିଥିଲେ ଓ ତାଙ୍କୁ କ'ଣ ଗୋଟାଏ ବିଶେଷ ବିଷୟରେ ବୁଝାଉଥିଲେ । ବିବେକାନନ୍ଦଙ୍କର କେଉଁ ଭାଗଟି ତାହା କରୁଥିଲା, —ତାଙ୍କର ଚୈତ୍ୟସତ୍ତା ନା ତାଙ୍କର ଆତ୍ମା ?

ଖୁବ୍ ସମ୍ଭବ ତାଙ୍କର ମନୋମୟ ସତ୍ତା । ଏହା ଅତ୍ୟନ୍ତ ନ୍ୟାୟତଃ ତାଙ୍କର ମନୋମୟ ସତ୍ତାହିଁ ହୋଇପାରିବ, କାରଣ ସେ ନିଜର ମନଟିକୁ ତାଙ୍କ ଚୈତ୍ୟ ସତ୍ତାର ଚାରିପଟେ ଏକୀଭୂତ କରି ରଖିଥିଲେ । ତେଣୁ ତାଙ୍କର ମନ ଅନନ୍ତକାଳ ପାଇଁ ସୃଷ୍ଟି ରହିବା ଭଳି ଅବିଚ୍ଛିନ୍ନ ରହି ପାରୁଥିଲା । ତାହା ଚୈତ୍ୟସତ୍ତାର ଅବିନାଶିତ୍ୱରୁ ମଧ୍ୟ ଅବଶ୍ୟ ଅଂଶଗ୍ରହଣ କରିଥାଏ । ତେଣୁ ଏହା ଖୁବ୍ ସମ୍ଭବ ତାଙ୍କର ମନହିଁ ହୋଇପାରେ ।

ମାଆ, ଅହଂର ବିଲୁପ୍ତି ସାଧନା ଘଟିବା ପୂର୍ବରୁ ଜୀବାତ୍ମା ସହିତ ସଂଯୋଗସ୍ଥାପନ କରିବା ସମ୍ଭବ କି ?

ଶ୍ରୀଅରବିନ୍ଦ ସେହି ବିଷୟରେ ଆଲୋଚନା କରିଛନ୍ତି । ସିଏ କହିଛନ୍ତି ଯେ ଭୌତିକ ଅର୍ଥାତ୍ ଶରୀରଗତ ଜୀବନର ଅବସାନ ପରେ ମଧ୍ୟ ଅହଂ ତଥାପି

* ୧୯୦୮ ମସିହା ମଇ ମାସ ପହିଲି ଦିନ ଶ୍ରୀଅରବିନ୍ଦଙ୍କୁ ରାଜଦ୍ରୋହର ଅପରାଧରେ ଗିରଫ କରାଯାଇ ଗୋଟିଏ ବର୍ଷ ପାଇଁ ଆଲିପୁର ଜେଲ୍‌ରେ ରଖାଯାଇଥିଲା । ତାଙ୍କର ଲିଖିତ ପ୍ରବନ୍ଧ ଓ ତାଙ୍କ ଦ୍ୱାରା ପ୍ରଦତ୍ତ ଭାଷଣଗୁଡ଼ିକର ବିବରଣୀମାନଙ୍କରୁ ବ୍ରିଟିଶ୍ ସରକାର ବସ୍ତୁତଃ ସମଗ୍ର ବିପ୍ଳବୀ ଆନ୍ଦୋଳନଟି ଲାଗି ତାଙ୍କୁ ଦାୟୀ କରାଯିବା ଉଚିତ ବୋଲି ସିଦ୍ଧାନ୍ତ କରିଥିଲେ ।

'oaob.nitrkl.ac.in' images reprocessed

ରହିଥାଏ; ଏକଥା ସମ୍ପୂର୍ଣ୍ଣ ଭାବରେ ଠିକ୍ । ଏକ ପ୍ରାଣିକ ଅହଂ ଓ ଏକ ମନୋଗତ ଅହଂ ରହିଛି ଯାହାକି ବେଶ୍ ଦୀର୍ଘକାଳ ପର୍ଯ୍ୟନ୍ତ ତଥାପି ରହିପାରିବେ । ମାତ୍ର, ଅହଂର ବିଲୁପ୍ତି ସାଧନ ନ ଘଟି ମଧ୍ୟ ଅନୁଭୂତିଗୁଡ଼ିକୁ ଲାଭ କରିବା ଅବଶ୍ୟ ସମ୍ଭବ ହେବ । ତା' ନ ହେଲେ କିଏ ପ୍ରକୃତରେ ଆଦୌ କୌଣସି ଅନୁଭୂତି ଲାଭ କରିପାରନ୍ତା ? ଏପରି କେତେଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଆପଣା ଅହଂର ବିଲୁପ୍ତି ଘଟାଇ ପାରିଛନ୍ତି ? ମୁଁ ଭାବୁଛି, ଏମାନଙ୍କର ସଂଖ୍ୟା ଆଦୌ ଅଧିକ ହେବ ନାହିଁ ।

ଯେତେବେଳେ ଏକ ଅନୁଭୂତି ହୁଏ, ସେତେବେଳେ ମନେହୁଏ, ସତେ ଯେପରି ସେହି ଅନୁଭୂତିକୁ ଲାଭ କରିବା ସକାଶେ ଆମକୁ ଆମ ଅହଂକୁ ଅତିକ୍ରମ କରି ଯିବାକୁ ପଡ଼ିଲା; ଏବଂ ଯଦି ସେହିପରି ଭାବରେ ଅଗ୍ରସର ହେବା ସମ୍ଭବ ହୁଏ, ତେବେ ଆମେ ପରିଶେଷରେ ଆମ ଅହଂର କଠିନତାକୁ—ତମସାଚ୍ଛନ୍ନତା ଏବଂ କଠିନତା—ଅନେକ ପରିମାଣରେ ହ୍ରାସ କରିଦେଇ ପାରିବା ଏବଂ ଅନୁଭୂତି-ଗୁଡ଼ିକର ସଂଖ୍ୟା ବୃଦ୍ଧି କରି ତାହାକୁ ଅଧିକରୁ ଅଧିକ ପରିମାଣରେ ନମନୀୟ ଏବଂ ପାରଂଗମ୍ୟ କରିବାରେ ସମର୍ଥ ହେବା । ସେହି କଥାଟିକୁ ଆମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭବ କରିଥାଉ; ଅନୁଭବ କରୁ, ସତେଯେପରି ଆମେ ଆମକୁ ଆଦୌ କୌଣସି ଅନୁଭୂତି ଲାଭ କରିବାକୁ ବଞ୍ଚିତ କରିଥିବା ଏକ କଠିନ ଆବରଣ ସଦୃଶ କୌଣସି ଏକ ବସ୍ତୁର ମଧ୍ୟଦେଇ ଅତିକ୍ରମ କରୁଛୁ । ଆମେ ତାହାକୁ ଅତିକ୍ରମ କରି ଚାଲିଯାଉ, ଅନୁଭୂତିଟି ଲାଭ କରୁ ଏବଂ ଯେତେବେଳେ ପୁନର୍ବାର ଲେଉଟି ଆସୁଥାଉ, ପୁଣି ସେହିପରି ଏକ ଆବରଣ ମଧ୍ୟଦେଇ ଗତି କରିବା ଭଳି ମନେହୁଏ,—ସେହି ଆବରଣଟି ତାକୁ ଭିତରେ ବନ୍ଦ କରି ରଖିଦିଏ, ଏକ ଦୀର୍ଘକାଳ ପାଇଁ ତାହାକୁ ବନ୍ଦୀ କରି ରଖେ । ସେହିପରିହିଁ ଘଟିଥାଏ । ମାତ୍ର, ଯେଉଁମାନେ ସଚେତନ ଭାବରେ ଆପଣାର ଚୈତ୍ୟସତ୍ତା ସହିତ ଏକ ସଂସ୍ପର୍ଶ ଲାଭ କରିବାରେ ସଫଳ ହୋଇଆନ୍ତି, ସେମାନେ ସଂସ୍ପର୍ଶଟିକୁ ରଖି ପାରନ୍ତି···

ସମ୍ପୂର୍ଣ୍ଣ ଭାବରେ ଅହଂର ସେପାଖକୁ ଅତିକ୍ରମ କରି ଚାଲିଯିବା, ଯେପରିକି ଅହଂ ଆଉ କୌଣସି ପ୍ରକାରେ ଅନ୍ତରାୟ ହୋଇ ମଝିରେ ଆସି ଠିଆ ହେବ ନାହିଁ,—ସେଥିଲାଗି ବେଶ୍ ଏକ ଦୀର୍ଘ ସମୟ ଆବଶ୍ୟକ ହୋଇଥାଏ, ଏକଥାଟି ଆଦୌ ତତ୍‌କ୍ଷଣାତ୍ ଘଟିଯାଏ ନାହିଁ । ତା'ପରେ ତୁମେ ସେହି ବସ୍ତୁଟିକୁ ଅନୁଭବ କରିବାକୁ ଆରମ୍ଭ କର, ଯାହାକି, ଭିତରୁ ଅବଲୋକନ କରୁଥିବା ସମୟରେ, ତୁମର ଶ୍ୱାସ ରୁଦ୍ଧ କରି ରଖିଥାଏ; ଏବଂ ବାହାରୁ ଅବଲୋକନ କଲାବେଳେ, ତାହାର ପ୍ରାୟ କୌଣସି ତାତ୍ପର୍ଯ୍ୟ ନ ଥିବା ଏକ ସଙ୍ଗତ ରହିଥାଏ ସତ, ମାତ୍ର ତାହା ତୁମର ସତ୍ତାକୁ ଅନୁଭୂତିର ପ୍ରଗାଢ଼ତାକୁ ସମଗ୍ର ଭାବରେ ଅନୁଭବ କରି

'oaob.nitrkl.ac.in' images reprocessed

ପାଣିବାରୁ ବଞ୍ଚିତ କରି ରଖିଥାଏ । ଏକ ସ୍ତର ପରେ ତାହା ସ୍ପନ୍ଦନଗୁଡ଼ିକର ପ୍ରଗାଢ଼ତାକୁ ତଥା ଚେତନାର ସଘନତାକୁ ହ୍ରାସ କରି ଦେଇଥାଏ ଏବଂ ତୁମେ ସେକଥା ସ୍ପଷ୍ଟ ଅନୁଭବ କରିପାର । ତୁମେ ତାହାକୁ ଏକ ଅତ୍ୟନ୍ତ ଅନମନୀୟ ଓ ଅତ୍ୟନ୍ତ ଅପାରଦର୍ଶୀ କୌଣସି ବସ୍ତୁପରି ଅନୁଭବ କରୁଥାଅ । ଅନେକ ବ୍ୟକ୍ତି ନିଶ୍ଚିତ ଭାବରେ ଅନୁଭୂତିମାନ ଲାଭ କରିଥାନ୍ତି, ମାତ୍ର ସେଗୁଡ଼ିକୁ ମନେରଖି ପାରନ୍ତି ନାହିଁ; ଏପରି ହୁଏ, କାରଣ ସେମାନେ ଯେତେବେଳେ ଅହଂର ଏହି ସ୍ତରଟିକୁ ଅତିକ୍ରମ କରୁଥାନ୍ତି, ସେତେବେଳେ ସେମାନଙ୍କର ସବୁକିଛୁ ପାସୋର ହୋଇଯାଏ,—ସେମାନେ ସବୁକିଛୁ ହଜାଇ ଆସନ୍ତି, ସେହି ଅନୁଭୂତିର ସ୍ମୃତିଟିକୁ ମଧ୍ୟ ହଜାଇ ଦିଅନ୍ତି । ମାତ୍ର ଯେତେବେଳେ ଅଭ୍ୟାସଟି ଗଠିତ ହୋଇ ଯାଇଥାଏ, ସେତେବେଳେ ସ୍ମରଣ କଷ୍ଟକୁ ପରିମାଣରେ କ୍ଷୀଣ ହୋଇ ଯାଇଥାଏ ଏବଂ ତାହାର ଆଉ ପୂର୍ବର ସେହି ପ୍ରଗାଢ଼ତା ଅଥବା ସୁନିର୍ଦ୍ଦିଷ୍ଟତା ନ ଥାଏ ସତ, ମାତ୍ର ତଥାପି ତାହା ଥାଏ, ପାସୋର ହୋଇ ନ ଥାଏ ।

ସରିଲା ? ଆଉକିଛି ନାହିଁ ?

ମା'ଆ, ଆପଣ ସେଦିନ କହିଥିଲେ ଯେ ଯେତେବେଳେ ଆମେ କୌଣସି ବ୍ୟକ୍ତି କିଂବା କୌଣସି ବ୍ୟକ୍ତି ବିଷୟରେ ଚିନ୍ତା କରୁଥାଉ, ସେତେବେଳେ ଏହି ଚିନ୍ତା ବା ଭାବନାର ଗୋଟିଏ ଅଂଶ ତତ୍‌କ୍ଷଣାତ୍ ସେଠାକୁ ଚାଲି ଯାଇଥାଏ ।

ହଁ ।

ଉଦାହରଣସ୍ୱରୂପ, ଜଣେ ବ୍ୟକ୍ତି କଲିକତାରେ ଅଛନ୍ତି ଓ ମୁଁ ଏଠାରେ ତାଙ୍କ ବିଷୟରେ ଚିନ୍ତା କଲି । ତେବେ, ଯଦି ମୋର ଭାବନା ସେଠାକୁ ଚାଲି ଯାଉଥିବ, ମୋର ସେହି ବିଷୟରେ ଏକ ଜ୍ଞାନ ମଧ୍ୟ ହୋଇ ପାରୁଥିବା ଉଚିତ...

କେବଳ ମନୋଗତ ଜଗତରେହିଁ ଭାବନା ଭାବନା ବିଷୟରେ ସଚେତନ ରହିଥାଏ । ତେଣୁ ତୁମେ କଲିକତାର ମନୋଭୂମିଗତ ବାତାବରଣଟି ବିଷୟରେ ଅତ୍ୟନ୍ତ ସଚେତନ ହୋଇ ପାରିବ, ତୁମେ ଯେଉଁ ବ୍ୟକ୍ତିଙ୍କ ପାଖକୁ ଯାଇଥିଲ, ତାଙ୍କର ଭାବନା ବିଷୟରେ ମଧ୍ୟ ତୁମେ ସଚେତନ ହୋଇ ପାରିବ । ମାତ୍ର, ଆଉ କୌଣସି ବିଷୟରେ, ପ୍ରାଣିକ ଏବଂ ଭୌତିକ ଭୂମିଗୁଡ଼ିକ ସହିତ ସମ୍ବନ୍ଧ ରଖୁଥିବା କୌଣସି ବିଷୟରେ ଆଦୌ ସଚେତନ ହୋଇପାରିବ ନାହିଁ ।

'oaob.nitrkl.ac.in' images reprocessed

ପ୍ରାଣିକ ସମ୍ବନ୍ଧରେ ସଚେତନ ହୋଇ ପାରିବାକୁ ହେଲେ ତୁମକୁ ପ୍ରାଣିକ ଭୂମିରେ ଯାଇ ପ୍ରବେଶ କରିବାକୁ ହେବ ଏବଂ ସେହି ପ୍ରକ୍ରିୟା ଦ୍ୱାରାହିଁ ଏପରି ଏକ ବାହ୍ୟୀକରଣ ମଧ୍ୟ ସଂଘଟିତ ହେବ ଯାହାଫଳରେ କି ଶରୀରର ଅନ୍ତତଃ ତନ-ଚତୁର୍ଥାଂଶ ଆତ୍ମବିସ୍ମୃତିର ଏକ ଅବସ୍ଥାରେ ଯାଇ ରହିଥିବ। ଏବଂ ଯଦି ତୁମେ ବସ୍ତୁଗୁଡ଼ିକୁ ସେଗୁଡ଼ିକର ଭୌତିକ ରୂପରେ ଦେଖିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ଆପଣାର ସ୍ଥୂଳତମ ସୂକ୍ଷ୍ମଭୌତିକ, ଭୂମିରେ ବାହାରି ଯିବାକୁ ପଡ଼ିବ ଏବଂ ସେହି କ୍ଷେତ୍ରରେ ତୁମର ଶରୀର ପ୍ରାୟ ଏକ ମୂର୍ଚ୍ଛିତ ଅବସ୍ଥାରେହିଁ ପଛରେ ପଡ଼ି ରହିଥିବ। ଏବଂ, ଏସବୁ ବିଷୟକୁ ଭଲ ଭାବରେ ବୁଝିଥିବା ଓ ତୁମର ପ୍ରହରୀ ପରି କାର୍ଯ୍ୟ କରୁଥିବା ଆଉଜଣେ ତୁମ ପାଖରେ ଉପସ୍ଥିତ ନ ରହି ଏସବୁ କଥା କରିବାକୁ ଯିବା ଆଦୌ ଉଚିତ ହେବ ନାହିଁ।

ମାତ୍ର ମନଃକ୍ଷେତ୍ରରେ ଏହି ବାହ୍ୟୀକରଣ ସତତ ସଂଘଟିତ ହୋଇଥାଏ। ଏହା ତୁମକୁ କେବଳ ମନୋଗତ ଜଗତଟି ସହିତହିଁ ଖିଅ ଲଗାଇ ରଖିଥାଏ। ସମ୍ଭବତଃ, ଯଦି ତୁମେ ଅତି ମାତ୍ରାରେ ସଚେତନ ରହିଥାଅ ଏବଂ, ତୁମେ ଯେଉଁ ବ୍ୟକ୍ତିଙ୍କୁ ଦେଖିବାକୁ ଯାଉଛ, ସିଏ ମଧ୍ୟ ସଚେତନ ଥାଆନ୍ତି ଏବଂ ଯଦି ସିଏ ସେହି ମୁହୂର୍ତ୍ତରେ କଲିକତାରେ ଘଟୁଥିବା କୌଣସି ଘଟଣା ବିଷୟରେ ନିଜର କୌଣସି ମତ କିଂବା ଧାରଣା ପୋଷଣ କରୁଥାନ୍ତି, ତେବେ ଘଟୁଥିବା ଘଟଣାଗୁଡ଼ିକ ବିଷୟରେ ସେହି ବ୍ୟକ୍ତିଙ୍କର ଧାରଣାଗୁଡ଼ିକ ସମ୍ବନ୍ଧରେ ମଧ୍ୟ ତୁମେ ବେଶ୍ ସଚେତନ ହୋଇ ପାରିବ—ଅବଶ୍ୟ ପରୋକ୍ଷ ଭାବରେ ତାହା ହେବ,—ମାତ୍ର ତୁମେ କଦାପି ସେଇଟି ବିଷୟରେ ପ୍ରତ୍ୟକ୍ଷ ଭାବରେ ସଚେତନ ହୋଇ ପାରିବ ନାହିଁ।

ମାଆ! ଆମେ ଯେତେବେଳେ କୌଣସି ବସ୍ତୁର କଳ୍ପନା କରୁ, ସେତେବେଳେ ସେଇଟି ପ୍ରକୃତରେ ଥାଏ ନା ନାହିଁ?

ତୁମେ ଯେତେବେଳେ କୌଣସି ବସ୍ତୁର କଳ୍ପନା କର, ସେତେବେଳେ ତାହାର ଏହି ଅର୍ଥ ହେବ ଯେ, ତୁମେ ନିଜର ମନୋଭୂମିରେ ଏପରି ଏକ ରଚନା କରୁଛ, ଯାହାକି ହୁଏତ ପ୍ରକୃତ ସତ୍ୟର ନିକଟବର୍ତ୍ତୀ ହୋଇଥିବ, କିଂବା ତା'ଠାରୁ ଅତ୍ୟନ୍ତ ଦୂରରେ ଯାଇ ରହିଥିବ,—ସେହି କଥାଟି ତୁମ ମନୋରଚନାର ଗୁଣାତ୍ମକତା ଉପରେ ମଧ୍ୟ ନିର୍ଭର କରୁଥାଏ। ତୁମେ ନିଜର ମନୋରାଜ୍ୟରେ ଏହିପରି ଏକ ରଚନା କର ଏବଂ, କେତେକ ବ୍ୟକ୍ତିଙ୍କର ଏତେ ଅଧିକ ପରିମାଣରେ ଏହି ସଂରଚନଶକ୍ତି ରହିଛି ଯେ, ସେମାନେ ଯାହାର କଳ୍ପନା କରୁଥାନ୍ତି, ତାହାକୁ ଏକ ବାସ୍ତବ ଅଭିବ୍ୟଞ୍ଜନା ମଧ୍ୟ ଆଣି ଦେଇପାରନ୍ତି। ବହୁସଂଖ୍ୟକ ଲୋକ ତାହା କରିପାରନ୍ତି ନାହିଁ, ମାତ୍ର କେତେକ କରନ୍ତି। ସେମାନେ କୌଣସିଏକ ବସ୍ତୁର

'oaob.nitrkl.ac.in' images reprocessed

କଳ୍ପନା କରନ୍ତୁ ଏବଂ ସେମାନଙ୍କର ଗଠନଟି ଏତେ ଉତ୍ତମ ଭାବରେ ନିର୍ମିତ ହୋଇଥାଏ ଓ ଏତେ ଶକ୍ତିଶାଳୀ ହୋଇଥାଏ ଯେ ତାହା ଆପଣାକୁ ଉପଲବ୍ଧ କରାଇବାରେ ମଧ୍ଯ ସଫଳ ହୋଇଯାଏ । ଏମାନେ ହେଉଛନ୍ତି ସ୍ରଷ୍ଟା; ଏମାନେ ଆଦୌ ବସ୍ତୁସଂଖ୍ୟାରେ ନ ଥାନ୍ତୁ, ତଥାପି କେତେକ ଅବଶ୍ୟ ରହିଥାନ୍ତି ।

ଯଦି ଆମେ ଏପରି ଜଣେ ବ୍ୟକ୍ତି ବିଷୟରେ ଭାବିବା, ଯିଏକି ପ୍ରକୃତରେ ନାହାନ୍ତି ବା ଇହଧାମ ତ୍ୟାଗକରି ସାରିଛନ୍ତି ?

କ'ଣ କହୁଛ ? ବର୍ତ୍ତମାନ କ'ଣ କହୁଥିଲଟି ? ଯିଏ ପ୍ରକୃତରେ ନାହାନ୍ତି ବା ଇହଧାମ ତ୍ୟାଗ କରି ସାରିଛନ୍ତି ? ଏଦୁଇଟି କଥା ସମ୍ପୂର୍ଣ୍ଣ ଭାବରେ ଦୁଇଟି ଭିନ୍ନ ଭିନ୍ନ କଥା ।

ଯିଏ ଇହଧାମ ତ୍ୟାଗ କରି ସାରିଛନ୍ତି ।

ଇହଧାମ ତ୍ୟାଗକରି ସାରିଛନ୍ତି !

ଯଦି ସିଏ ମନୋରାଜ୍ୟରେ ଅବସ୍ଥାନ କରୁଥିବେ, ତେବେ ତୁମେ ତାଙ୍କୁ ସଙ୍ଗେ ସଙ୍ଗେ ପାଇଯାଇ ପାରିବ । ମାତ୍ର, ଯଦି ସିଏ ମନୋମୟ ଭୂମିରେ ଉପସ୍ଥିତ ନ ଥିବେ, ଯଦି ଚୈତ୍ୟକ୍ଷେତ୍ରରେ ଯାଇ ରହିଥିବେ, ତେବେ ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, କେବଳ ତାଙ୍କ ବିଷୟରେ ଚିନ୍ତା କଲେହିଁ ତାହା ଆଦୌ ଯଥେଷ୍ଟ ହେବ ନାହିଁ । ତାଙ୍କୁ ପାଇବାକୁ ହେଲେ ଚୈତ୍ୟର ରାଜ୍ୟକୁ ଯାଇ ପାରିବାର ଉପାୟଟିକୁ ଶିଖିଥିବା ଉଚିତ । ମାତ୍ର ଯଦି ସିଏ ମନର ରାଜ୍ୟରେ ରହିଥିବେ ଏବଂ ତୁମେ ତାଙ୍କ ବିଷୟରେ ଚିନ୍ତା କରିବ, ତେବେ ତୁମେ ତାଙ୍କୁ ତତ୍‌କ୍ଷଣାତ୍ ପାଇଯାଇ ପାରିବ; ଏବଂ କେବଳ ସେତିକ ନୁହେଁ, ତାଙ୍କ ସହିତ ତୁମେ ଏକ ମାନସିକ ସଂପର୍କ ମଧ୍ଯ ଲାଭ କରିପାରିବ ଏବଂ ତାଙ୍କର ଅସ୍ତିତ୍ୱ ବିଷୟରେ ତୁମକୁ ଏକ ମନୋଗତ ଦୃଷ୍ଟି ମଧ୍ଯ ଉପଲବ୍ଧ ହୋଇଯିବ ।

ମନର ଦେଖିପାରିବାର ଏକ ସ୍ୱକୀୟ ସାମର୍ଥ୍ୟ ରହିଛି; ମାତ୍ର ଏହାକୁ ଏହି ବାହ୍ୟ ଆଖିଗୁଡ଼ିକର ଦୃଷ୍ଟି ସହିତ ଆଦୌ ସମତୁଲ ଭାବରେ ବର୍ଣ୍ଣନ କରାଯାଇ ପାରିବ ନାହିଁ; ତଥାପି ତାହା ହେଉଛି ଏକ ଦୃଷ୍ଟି, ଏକ ଆକୃତିଗତ ବୋଧ । ମାତ୍ର ଏହା କଳ୍ପନା କି ନୁହେଁ । କଳ୍ପନା ସହିତ ତାହାର ଆଦୌ କୌଣସି ସମ୍ବନ୍ଧ ନାହିଁ ।

ଉଦାହରଣସ୍ୱରୂପ, ଯେତେବେଳେ ତୁମେ ଆପଣା ଭିତରେ ଏକ ଆଦର୍ଶ ସତ୍ତାର ଚିତ୍ର ଅଙ୍କନ କରିବାକୁ ଆରମ୍ଭ କର ଏବଂ ସେଇଥିରେହିଁ ଆପଣାର ଯାବତୀୟ ସବୁକିଛି ଅବଧାରଣାକୁ ପ୍ରୟୋଗ କରିଥାଅ, ଯେତେବେଳେ ତୁମେ ନିଜ

'oaob.nitrkl.ac.in' images reprocessed

ପାଖରେ ଆସି "ନାଁଠି—ଏହା ଏହିପରି ହେବ, ସେହିପରି ହେବ, ଏହାର ଆକାର ଏପରି ହେବ, ସ୍ଥାପନା ସେପରି ହେବ ଓ ସ୍ୱଭାବ ସେପରି ହେବ" ବୋଲି କହ, ଯେତେବେଳେ ତୁମେ ସେହି କ୍ଷେତ୍ରର ସବୁକିଛି ଜିନିଷଟିକୁ ଦେଖିପାର ଏବଂ ସଂସ୍କୃତିକୁ ଏକ ନିର୍ମାଣରୂପ ଆଣି ଦିଅ, ସେତିକିବେଳେ ତାହାକୁହିଁ କଳ୍ପନା ବୋଲି କୁହାଯିବ । ଏବଂ, ଲେଖକମାନେ ଏହି କଥାଟିକୁ ନିରନ୍ତର କହୁଥାନ୍ତି, କାରଣ, ସେମାନେ ଗୋଟିଏ ଉପନ୍ୟାସ ଲେଖୁଥିବା ବେଳେ ସେମାନେ କଳ୍ପନାହିଁ କରୁଥାନ୍ତି । ଅନେକ ଲେଖକ ଜୀବନ ମଧ୍ୟରୁ ନାନା ବସ୍ତୁର ଆହରଣ କରିଥାନ୍ତି ସତ, ମାତ୍ର ଆହୁରି ଅନେକ କଳ୍ପନାପ୍ରବଣ ଲେଖକ ରହିଥାନ୍ତି,—ଏମାନେ ସ୍ରଷ୍ଟା । ସେମାନେ ଏକ ଚରିତ୍ରର ସୃଷ୍ଟି କରନ୍ତି, ଏକ ବ୍ୟକ୍ତି-ପାତ୍ରର ସୃଷ୍ଟି କରନ୍ତି ଏବଂ ତା'ପରେ ଯାଇ ତାହାକୁ ନିଜ ପୁସ୍ତକର ଅନ୍ତର୍ଭୁକ୍ତ କରନ୍ତି । ଏହାହିଁ କଳ୍ପନା । ଉଦାହରଣସ୍ୱରୂପ, ନାନା ପରିବେଶର ଏକ ସମଗ୍ର ସମ୍ମିଳନର କଳ୍ପନା କରିବା, ଅନେକ ଘଟନାକୁ ଗୋଟିଏ ସମୂହ ମଧ୍ୟରେ ଏକତ୍ର କରି ବାନ୍ଧିବା,—ଏହାକୁହିଁ ମୁଁ ଆପଣା ପାଖରେ ଏକ କାହାଣୀ କହିବା ବୋଲି କହୁଥାଏ । ମାତ୍ର ଏହାକୁ କାଗଜ ଉପରେ ଲିପିବଦ୍ଧ କରାଯାଇ ପାରିବ,—ଏବଂ ତା'ହେଲେ ସମ୍ପୃକ୍ତ ସେହି ବ୍ୟକ୍ତିଙ୍କୁ ଜଣେ ଉପନ୍ୟାସକାର ବୋଲି କୁହାଯିବ । ବହୁ କିସମର ଲେଖକ ଅଛନ୍ତି । କେତେକ ଲେଖକ ସବୁଯାକ ବିଷୟକୁ କଳ୍ପନାରୁ ବାହାର କରନ୍ତି, ଆଉ କେତେକ ଜୀବନର କ୍ଷେତ୍ରରୁ ଯାବତୀୟ ପ୍ରକାରର ପର୍ଯ୍ୟବେକ୍ଷଣକୁ ସଂଗ୍ରହ କରି ଆଣନ୍ତି ଏବଂ ସେହିଗୁଡ଼ିକର ସାହାଯ୍ୟରେ ଆପଣାର ପୁସ୍ତକଟିକୁ ରଚନା କରନ୍ତି । ଗୋଟିଏ ପୁସ୍ତକ ଲେଖିବା ଦିଗରେ ହୁଏତ [illegible] ପ୍ରକାରର ପଦ୍ଧତି ରହିଥିବ । ମାତ୍ର, କେତେକ ଲେଖକ ଅଛନ୍ତି, ଯେଉଁମାନେ [illegible] ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁକିଛିକୁ କଳ୍ପନାରୁ ବାହାର କରନ୍ତି । ଏଗୁଡ଼ିକ ସେମାନଙ୍କର ମସ୍ତିଷ୍କ ଭିତରୁ ନିଷ୍ପନ୍ନ ହେଉଥାଏ ଏବଂ ବାସ୍ତବ ପର୍ଯ୍ୟବେକ୍ଷଣ ସାହାଯ୍ୟରେ ଉପଲବ୍ଧ ବସ୍ତୁଗୁଡ଼ିକର ଆଦୌ କୌଣସି ସମର୍ଥନ ନ ଆଇ ମଧ୍ୟ ସେମାନେ ନିଜର ସମୁଦାୟ କାହାଣୀଟିକୁ ରଚନା କରିଥା'ନ୍ତି । ଯଥାର୍ଥରେ ଏହାକୁହିଁ କଳ୍ପନା ବୋଲି କୁହାଯିବ । ମାତ୍ର, ମୁଁ ଯେପରି କହିଲି, ଯଦି ସେମାନେ ଖୁବ୍ ଶକ୍ତିଶାଳୀ ହୋଇଥିବେ ଏବଂ ସୃଜନ କ୍ଷମତାରେ ସେମାନଙ୍କ ମଧ୍ୟରେ ପ୍ରକୃତ ସାମର୍ଥ୍ୟ ରହିଥିବ, ତେବେ ଏହା ମଧ୍ୟ ବେଶ୍ ସମ୍ଭବ ଯେ, ଦିନେ ନା ଦିନେ ସେମାନଙ୍କର ସୃଜନର ଅନୁରୂପ ଜଣେ ମନୁଷ୍ୟ ଆମର ଏହି ଭୌତିକ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଯିବ । ଏକଥାଟି ମଧ୍ୟ ସତ ହେବ ।

କଳ୍ପନା କ'ଣ ହୋଇଥିବ ବୋଲି ତୁମେମାନେ ଭାବୁଛ ? ତୁମେ ନିଜେ କ'ଣ କେବେ କୌଣସି ବସ୍ତୁ କଳ୍ପନା କରି ନାହଁ ?

'oaob.nitrkl.ac.in' images reprocessed

**ସେତେବେଳେ କ'ଣ ସବୁ ଘଟେ ?**

ଜଣେ ସେସବୁକୁ କେବଳ କଳ୍ପନା କରିଥାଏ ।

**ତୁମର କହିବାର ଅର୍ଥ ଯେ, ଜଣେ କୌଣସି ଏକ ବସ୍ତୁର କଳ୍ପନା କରେ ଏବଂ ତା'ପରେ ତାହା ସେହିପରି ଘଟେ ? ବା, ଏକ ସ୍ୱପ୍ନରେ···**

ଏହି କଳ୍ପନା ଦ୍ୱାରା କେଉଁ କାର୍ଯ୍ୟ ସାଧିତ ହୁଏ, ତାହାର ପ୍ରକୃତରେ କି ଉପଯୋଗିତା ରହିଛି ?

**ମୁଁ ଯେପରି କହିଥିଲି, ଯଦି ତୁମେ ଏହାକୁ ଯଥାର୍ଥରେ କାମରେ ଲଗାଇ ଜାଣିଥିବ, ତେବେ ତୁମେ ନିଜ ପାଇଁ ନିଜର ଅନ୍ତର୍ଗତ ତଥା ବାହ୍ୟ ଜୀବନକୁ ମଧ୍ୟ ଅବଶ୍ୟ ସୃଷ୍ଟି କରିଦେଇ ପାରିବ; ଯଦି ଏହାକୁ କାମରେ ଲଗାଇ ଜାଣିଥିବ ଏବଂ ଯଦି ତୁମଭିତରେ ଏକ ଶକ୍ତି ରହିଥିବ, ତେବେ ତୁମେ ଆପଣାର କଳ୍ପନା ଦେଇ ଆପଣାର ଜୀବନଟିକୁ ଅବଶ୍ୟ ଗଠନ କରି ପାରିବ । ବସ୍ତୁତଃ, ଏଇଟି ହେଉଛି ସୃଜନର ଏକ ମୌଳିକ ପ୍ରକ୍ରିୟା, ପୃଥିବୀରେ ବସ୍ତୁଗୁଡ଼ିକୁ ଆକାର ଦେବାର ଏକ ପ୍ରକ୍ରିୟା । ମୁଁ ସବୁବେଳେ ଏକଥା ଅନୁଭବ କରି ଆସିଛି ଯେ, ଯଦି ଜଣେ ବ୍ୟକ୍ତିର କଳ୍ପନା ଲାଗି କୌଣସି ସାମର୍ଥ୍ୟ ନ ଥିବ, ତେବେ ସିଏ କଦାପି କୌଣସି ଅଗ୍ରଗତି କରି ପାରିବ ନାହିଁ । ତୁମର କଳ୍ପନା ତୁମ ଜୀବନର ସର୍ବଦା ଆଗେ ଆଗେ ଗତି କରୁଥାଏ । ଯେତେବେଳେ ତୁମେ ନିଜ ବିଷୟରେ ଭାବ, ସେତେ-ବେଳେ ତୁମେ କ'ଣ ହେବାକୁ ଇଚ୍ଛା କରୁଛ, ସାଧାରଣତଃ ସେହିଗୁଡ଼ିକରହିଁ କଳ୍ପନା କରିଥାଅ,—ନୁହେଁ ?—ଏବଂ, ସେଇଟି ଆଗେ ଆଗେ ଯାଉଥାଏ ଓ ତୁମେ ତା'ର ପଛେପଛେ ଯାଅ; ତା'ପରେ ତାହା ଅବିଚ୍ଛିନ୍ନ ଭାବରେ ଆଗେଆଗେ ଯାଏ ଏବଂ ତୁମେ ତାହାର ଅନୁଧାବନ କରୁଥାଅ । କଳ୍ପନାହିଁ ତୁମ ଲାଗି ଉପଲବ୍ଧିର ପଥଟିକୁ ଉନ୍ମୋଚିତ କରି ଦେଇଯାଏ । ଯେଉଁମାନଙ୍କର ଯଥେଷ୍ଟ କଳ୍ପନାଶକ୍ତି ନ ଥାଏ,—ତେବେ ତ ସେମାନେ ପ୍ରଗ୍ୱାଳିତ ହେବାକୁ ମଧ୍ୟ ସହଜରେ ରାଜି ହେବେ ନାହିଁ; ସେମାନଙ୍କର ନାକ ଆଗରେ ଯେତିକି ଦେଖାଯାଉଥିବ, ସେମାନେ କେବଳ ସେତିକି ଦେଖୁଥିବେ,—ମୁହୂର୍ତ୍ତିକୁ ମୁହୂର୍ତ୍ତି ଯାହା ହେଉଥିବେ, କେବଳ ସେତିକି ଅନୁଭବ କରୁଥିବେ; ଏମାନେ ମୋଟେ ଆଗକୁ ଯାଇପାରୁ ନ ଥିବେ, କାରଣ ତାତ୍କାଳିକ ବସ୍ତୁଗୁଡ଼ିକହିଁ ସେମାନଙ୍କର ଗୋଡ଼କୁ ଚପି ଧରିଥିବ । ଯାହାକୁ ଆମେ କଳ୍ପନା ବୋଲି କହୁ, ଏସବୁ ଅନେକ ପରିମାଣରେ ତାହାରି ଉପରେ ନିର୍ଭର କରିଥାଏ । ଅବଶ୍ୟ···**

ବୈଜ୍ଞାନିକମାନଙ୍କର ନିଶ୍ଚୟ ଏହି କଳ୍ପନାଶକ୍ତି ରହିଥିବ !

'oaob.nitrkl.ac.in' images reprocessed

ପ୍ରଭୂତ ପରିମାଣରେ । ତା' ନ ହେଲେ ସେମାନେ ଆଦୌ କଳ୍ପହେଲେ ଆବିଷ୍କାର କରିପାରିବେ ନାହିଁ । ବସ୍ତୁତଃ ଆମେ ଯାହାକୁ କଳ୍ପନା ଶକ୍ତି ବୋଲି କହୁଛୁ, ତାହା ହେଉଛି ଉପଲବ୍ଧ ବସ୍ତୁଗୁଡ଼ିକର ବାହାରକୁ ଏବଂ ଉପଲବ୍ଧିର ପରିଧି ମଧ୍ୟରେ ରହିଥିବା ବସ୍ତୁଗୁଡ଼ିକ ଆଡ଼କୁ ଆପଣାକୁ ପ୍ରକ୍ଷେପିତ କରିପାରିବାର ଏକ ଶକ୍ତି; ଏବଂ ତା'ପରେ ସେହି ପ୍ରକ୍ଷେପଣ ଦ୍ୱାରା ଉକ୍ତ ବସ୍ତୁଗୁଡ଼ିକୁ ଆକର୍ଷିତ କରି ଆଣିବାକୁ ହୋଇଥାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଆମର କଳ୍ପନା ଆମକୁ ଆଗକୁ ନେଇ ଯାଇପାରେ, ପଛକୁ ମଧ୍ୟ ନେଇ ଆସିପାରେ । ଅନେକ ମଣିଷ ଅଛନ୍ତି, ଯେଉଁମାନେ କି ଅହରହ କେବଳ ସମ୍ଭାବ୍ୟ ଯାବତୀୟ ବିପର୍ଯ୍ୟୟଗୁଡ଼ିକରହିଁ କଳ୍ପନା କରୁଥାନ୍ତି ଏବଂ ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, ସେମାନଙ୍କ ଭିତରେ ସେଗୁଡ଼ିକ ଡାକି ଆଣିବାର କ୍ଷମତା ମଧ୍ୟ ରହିଥାଏ । ଆମେ ଏହାକୁ ଏକ ଅନୁପଲବ୍ଧ ଜଗତ ମଧ୍ୟରେ ପ୍ରବେଶ କରି ରହିଥିବା ଆନ୍‌ଟେନା ସହିତ ତୁଳନା କରିପାରିବା, — ସେଠାରେ ତାହା କୌଣସି ବସ୍ତୁକୁ ଧାଇଁ ଧରେ ଏବଂ ତାହାକୁ ଏଠାକୁ ଟାଣି ନେଇଆସେ । ଏହିପରି ଭାବରେ ସ୍ୱଭାବତଃ ତାହା ଏହି ପୃଥ୍ୱୀ-ପରିବେଶରେ ଏକ ଅଧିକା ବସ୍ତୁକୁ ଆଣି ଯୋଗ କରିଏ ଏବଂ ସେହିସବୁ ବସ୍ତୁ ମଧ୍ୟରେ ରୂପାୟିତ ହେବା ଲାଗି ଏକ ପ୍ରବୃତ୍ତି ରହିଥାଏ । ଏହା ହେଉଛି ଗୋଟିଏ ସାଧନ, ଯାହାକୁ ଶୃଙ୍ଖଳିତ କରାଯାଇ ପାରିବ ଓ ଇଚ୍ଛା ଅନୁସାରେ ବ୍ୟବହାର କରାଯାଇପାରିବ । ତାହାକୁ ଆମେ ଶୃଙ୍ଖଳିତ କରିପାରିବା, ନିର୍ଦ୍ଦେଶନା ଦେଇପାରିବା, ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଚାଳିତ ମଧ୍ୟ କରିପାରିବା । ଆମେ ଏହି ସାମର୍ଥ୍ୟଟିକୁ ବିକଶିତରେ ବିକଶିତ କରି ଆଣିପାରିବା, ତାହାକୁ କାମରେ ଲଗାଇ ପାରିବା, ନିର୍ଦ୍ଦିଷ୍ଟ ନାନା ଉଦ୍ଦେଶ୍ୟ-ସାଧନାରେ କାମରେ ଲଗାଇ ପାରିବା ।

ମାଆ; ଆମେ କଳ୍ପନା ଦ୍ୱାରା ଦିବ୍ୟ ପରମସତ୍ତାଙ୍କର ବି ସଂସ୍ପର୍ଶ ଲାଭ କରି ପାରିବା କି ?

ଅବଶ୍ୟ ପାରିବା । ଦିବ୍ୟ ପରମସତ୍ତାଙ୍କୁ କଳ୍ପନା କରିବାରେ ସମର୍ଥ ହେଲେ ଆମେ ନିଶ୍ଚୟ ତାଙ୍କର ସଂସ୍ପର୍ଶ ଲାଭ କରିପାରିବା । ଯେକୌଣସି କ୍ଷେତ୍ରରେ ମଧ୍ୟ, ତୁମେ ଯାହାକିଛିର କଳ୍ପନା କରିପାରିବ, ଅବଶ୍ୟ ତାହାର ସଂସ୍ପର୍ଶ ଲାଭ କରିପାରିବ । ବସ୍ତୁତଃ, ଯେଉଁ ବସ୍ତୁ ଆଦୌ କେଉଁଠି ହେଲେ ଅସ୍ତିତ୍ୱରେ ନ ଥିବ, ତାହାର କଳ୍ପନା କରିବା ଏକାନ୍ତ ଅସମ୍ଭବ । ଯାହା ଆଦୌ କେଉଁଠି ହେଲେ ଅବସ୍ଥିତ ନାହିଁ, ତୁମେ କଦାପି ତାହାକୁ କଳ୍ପନା କରି ପାରିବ ନାହିଁ । ହୋଇପାରେ ଯେ ସେହି ବସ୍ତୁଟି ଏହି ପୃଥିବୀପୃଷ୍ଠରେ ନାହିଁ, ହୁଏତ ଅନ୍ୟ ଗୋଟିଏ ସ୍ଥାନରେ

'oaob.nitrkl.ac.in' images reprocessed

ରହିଛି; ମାତ୍ର, ଯାହା ତତ୍ତ୍ୱତଃ ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ଆଦୌ କେଉଁଠି ହେଲେ ନାହିଁ, ତୁମେ କଦାପି ସେହି ବସ୍ତୁର ଏକ କଳ୍ପନା କରିପାରିବ ନାହିଁ । ତା' ନ ହେଲେ ଏହା କଦାପି ତୁମର କଳ୍ପନା ମଧ୍ୟରେ ସଘଟିତ ହେବ ନାହିଁ ।

ମାଆ, ତେବେ ତାହାର କ'ଣ ଏହି ଅର୍ଥ ହେବ ଯେ, ଏହି ସୃଷ୍ଟ ବ୍ରହ୍ମାଣ୍ଡରେ କୌଣସି ନୂତନ ବସ୍ତୁର ଆଦୌ ଯୋଗ ହେଉ ନାହିଁ ?

ଏହି ସୃଷ୍ଟ ବ୍ରହ୍ମାଣ୍ଡ ମଧ୍ୟରେ ? ହଁ,—ଏହି ବିଶ୍ୱବ୍ରହ୍ମାଣ୍ଡ ହିଁ ଉତ୍ତରୋତ୍ତର ଅଭିବୃଦ୍ଧ ହେବାରେ ଲାଗିଛି; ଆମେ ଆଗରୁ କହିଥିଲୁ ଯେ ଏଠାରେ ସତତ ବସ୍ତୁମାନଙ୍କର ପରିପ୍ରକାଶ ଘଟୁଛି, ଅଧିକରୁ ଅଧିକ ବସ୍ତୁର ପରିପ୍ରକାଶ ଘଟୁଛି । ମାତ୍ର, ତୁମର କଳ୍ପନା ଭବିଷ୍ୟତରେ ପ୍ରକଟିତ ହେବାକୁ ଯାଉଥିବା କୌଣସି ବସ୍ତୁକୁ ଏହି ପରିପ୍ରକାଶିତ ପୃଥିବୀର ସେପାଖକୁ ଯାଇ ଖୋଜିବ,—ହଁ, ଏପରି ଘଟିପାରେ, ବସ୍ତୁତଃ ଏପରି ଅବଶ୍ୟ ଘଟୁଛି—ମୁଁ ତୁମମାନଙ୍କୁ କହିବାକୁ ଯାଉଥିଲି ଯେ ଏହିପରି ଭାବରେହିଁ କେତେକ ସନ୍ତ ପୃଥିବୀରେ ପ୍ରକୃତ ଅଗ୍ରଗତି ସମ୍ଭବ କରି ପାରିବେ,—କାରଣ ସେମାନେ ଏପରି ଏକ ବସ୍ତୁର କଳ୍ପନା କରି ପାରୁଛନ୍ତି, ଯାହାକି ଏପର୍ଯ୍ୟନ୍ତ ପରିପ୍ରକାଶିତ ହୋଇ ନାହିଁ । ମାତ୍ର ଏପରି ବ୍ୟକ୍ତି ଆଦୌ ବହୁସଂଖ୍ୟାରେ ନାହାନ୍ତି । ରୂପାୟିତ ବିଶ୍ୱରେ ନ ଥିବା କୌଣସି ବସ୍ତୁର କଳ୍ପନା କରି ପାରିବାକୁ ହେଲେ ଆଗ ଏହି ବିଶ୍ୱର ସେପାଖକୁ ଯାଇ ପାରିବାର ସାମର୍ଥ୍ୟ ରହିଥିବା ଆବଶ୍ୟକ । ଏପରି ଅନେକ ବସ୍ତୁ ରହିଛି, ଆମେ ଯେଉଁଗୁଡ଼ିକର କଳ୍ପନା କରିପାରିବା ।

ବିଶ୍ୱବ୍ରହ୍ମାଣ୍ଡ ଭିତରେ ଆମର ଏହି ପୃଥିବୀ ପ୍ରକୃତରେ କେତେ ଟିକିଏ ବସ୍ତୁ ! ଏହି ପୃଥିବୀରୂପାୟନରେ ଯାହାର ଅବସ୍ଥିତି ନାହିଁ, କେବଳ ସେହିପରି ଏକ ବସ୍ତୁକୁ କଳ୍ପନା କରିବାର ସାମର୍ଥ୍ୟ ଅର୍ଜନ କରିବାକୁ ହେଲେ ଆମକୁ ସେଥିଲାଗି ବହୁ କଷ୍ଟ, ବହୁ କଷ୍ଟ କରିବାକୁ ପଡ଼ିବ । ଆମର ଏହି କ୍ଷୁଦ୍ର ପୃଥିବୀ ପ୍ରକୃତରେ କେତେ କେତେ କୋଟି ବର୍ଷ ହେଲା ନ ରହିଲାଣି ? ମାତ୍ର ତଥାପି, ଏଥିରେ ଏପରି ଦୁଇଟି ବସ୍ତୁ ସମ୍ଭବ ହୋଇ ପାରି ନାହିଁ, ଯାହାକୁ କି ଅବିକଳ ପରସ୍ପରର ଏକରୂପ ବୋଲି କୁହାଯାଇ ପାରିବ । ଏହା ପ୍ରକୃତରେ ଅସମ୍ଭବ । ଆପଣାର ମନ ସାହାଯ୍ୟରେ ଏହି ପୃଥିବୀ-ପରିବେଶର ବାହାରକୁ ଯିବା ଅତ୍ୟନ୍ତ, ଅତ୍ୟନ୍ତ କଷ୍ଟକର । ଏହା ସମ୍ଭବ, ମାତ୍ର ଅତ୍ୟନ୍ତ କଷ୍ଟସାଧ୍ୟ । ଏବଂ ପୁନଶ୍ଚ, ଯଦି କେହି ଏହା ବାହାରକୁ ଯିବା ଲାଗି ଇଚ୍ଛା କରିବ,—କେବଳ ଏହି ପୃଥିବୀ-ପରିବେଶ

'oaob.nitrkl.ac.in' images reprocessed

ମଧ୍ୟରୁ ନୁହେଁ, ଏହି ବିଶ୍ୱମୟ ଜୀବନ ମଧ୍ୟରୁ ଯଦି ବାହାରକୁ ଯିବାକୁ ଇଚ୍ଛା କରିବ, ତେବେ ତାହା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହେବ ।

ଏହି ପୃଥିବୀର ନିର୍ମାଣ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ଏହି ସମସ୍ତ ପୃଥିବୀଜୀବନଟି ସହିତ ଏକ ସଂସ୍ପର୍ଶ ସ୍ଥାପନ କରି ପାରିବାକୁ ହେଲେ,—ଏହାର ପ୍ରକୃତରେ କି ଅର୍ଥ ହେବ କହିଲ ? ଏବଂ, ତା'ପରେ ଏହାର ଆହୁରି ସେପାଖକୁ ଯାଇ ବିଶ୍ୱଜୀବନର ଆରମ୍ଭରୁ ଏଯାବତ୍ ସେହି ସମସ୍ତଟାକି ମଧ୍ୟରେ ପ୍ରବେଶ କରିବା···ଏବଂ ତା'ପରେ ସେଠାରୁ କିଛି ନୂତନ ବସ୍ତୁ ନେଇ ଏହି ବ୍ରହ୍ମାଣ୍ଡକୁ ଫେରି ଆସିବା,—ଏଥିଲାଗି ଆମକୁ ଆହୁରି, ଆହୁରି ସେପାଖକୁ ଯିବାକୁ ପଡ଼ିବ ।

ଏହା ଆଦୌ ସହଜ ନୁହେଁ !

ସରଳ ?

(ସେହି ପିଲାଟିକୁ) ଏଥର ପ୍ରତ୍ୟୟ ହେଲା ?

'oaob.nitrkl.ac.in' images reprocessed

# ୧୩ ଜୁଲାଇ ୧୯୫୫

ମାଆ "ଯୋଗାଲୋକ" ପୁସ୍ତକର "ସତ୍ତାର ବିଭିନ୍ନ ଭୂମି ଓ ସ୍ତର" ଅଧ୍ୟାୟରୁ କିଛି ପଢ଼ିଲେ ।

ତା'ହେଲେ !

ମାଆ "ବିଶ୍ୱାତ୍ମା ଏବଂ ବିଶ୍ୱପ୍ରକୃତି" ର ଅର୍ଥ କ'ଣ ?

ବିଶ୍ୱବ୍ୟାପୀ ।

ମାଆ "ବିଶ୍ୱାତ୍ମା" କହିଲେ କ'ଣ ବୁଝାଏ ?

ବିଶ୍ୱାତ୍ମା ? ବିଶ୍ୱମୟ ଆତ୍ମା, ବିଶ୍ୱବ୍ୟାପୀ ଆତ୍ମା, ସେଇ ଆତ୍ମା ବିଶ୍ୱମୟ ହୋଇ ବିଦ୍ୟମାନ ରହିଛି । ଏକ ବିଶ୍ୱ ରହିଛି । ତୁମେ ଏହି ବିଶ୍ୱ କ'ଣ ଜାଣିଛ ତ ? ଏବଂ, ଏହି ବିଶ୍ୱର ଏକ ଆତ୍ମା ରହିଛି ଏବଂ ସେହି ଆତ୍ମା ହେଉଛି ବିଶ୍ୱାତ୍ମା । ଏହି ବିଶ୍ୱର ଏକ ଚେତନା ରହିଛି; ସେହି ଚେତନା ହେଉଛି ବିଶ୍ୱଚେତନା ବା ବିଶ୍ୱମୟ ଚେତନା ।

ଆମେ ଏକଥା ମଧ୍ୟ ବେଶ୍ କଳ୍ପନା କରି ପାରିବା ଯେ, ଏହି ବିଶ୍ୱ ମଧ୍ୟ ବିଶ୍ୱଠାରୁ ତଥାପି ଆହୁରି ଅଧିକ ପରିବ୍ୟାପ୍ତ ହୋଇ ରହିଥିବା ଆଉଗୋଟିଏ ତାହାର ଏକ ଅନ୍ତର୍ଗତ ଏକକ ମାତ୍ର; ଯେପରି ବ୍ୟକ୍ତି ହେଉଛି ଅନେକ ଅଧିକ ବ୍ୟାପ୍ତିଯୁକ୍ତ ଏକ ସମଗ୍ରତାର ଗୋଟିଏ ଅଂଶ, ଠିକ୍ ସେହିପରି । ପ୍ରତ୍ୟେକ ଏକକର ଏକ ସ୍ୱକୀୟ ଚେତନା ରହିଛି, ଏକ ଆତ୍ମା ରହିଛି, ଯାହାକି ଅନ୍ୟ ସବୁକିଛିକୁ ଆପଣା ମଧ୍ୟରେ ଧରି ରଖିଛି; ଯେପରି ସମୂହ-ଚେତନା ସକଳ ବ୍ୟକ୍ତି-ଚେତନାକୁ ଆପଣା ମଧ୍ୟରେ ଧରି ରଖିଛି ଓ ଯେପରି ଗୋଟିଏ ଜାତିର ଚେତନା ତା'ମଧ୍ୟରେ ରହିଥିବା ସକଳ ବ୍ୟକ୍ତି-ଚେତନାକୁ ଧରିରଖିଛି, ଠିକ୍ ସେହିପରି । କେବଳ ଅଂଶଗୁଡ଼ିକର ସମଷ୍ଟିଠାରୁ ସେଥିରେ ଆହୁରି ଅଧିକ କିଛି ରହିଛି । ବ୍ୟକ୍ତି ହେଉଛି ସମୂହସ୍ଥିତି ମଧ୍ୟରେ ରହିଥିବା କେବଳ ଏକ ଉପାଦାନ; ଏପରିକି, ଆମ ପୃଥିବୀ ଯେପରି ସୌରମଣ୍ଡଳର ଏକ ଅଂଶ ଓ ସୌରମଣ୍ଡଳ ମଧ୍ୟ ଯେପରି ବିଶ୍ୱ-ବ୍ରହ୍ମାଣ୍ଡରେ ରହିଥିବା ଯାବତୀୟ ତାରାମଣ୍ଡଳଙ୍କର ଗୋଟିଏ ଅଂଶ, ଠିକ୍ ସେହିପରି । ତେଣୁ, ଯେପରି ବ୍ୟକ୍ତିର ଏକ ଚେତନା ରହିଛି, ଠିକ୍ ସେହିପରି ଏକ

'oaob.nitrkl.ac.in' images reprocessed

ସମୂହ-ଚେତନା ମଧ୍ୟ ରହିଛି ଏବଂ ସମସ୍ତ ମଣ୍ଡଳଟିର ଏକ ଚେତନା ରହିଛି; ଏବଂ ଏକ ବ୍ରହ୍ମାଣ୍ଡ-ଚେତନା ମଧ୍ୟରେ ଅନ୍ତର୍ଗତ ସକଳ ଚେତନା ସମାହିତ ହୋଇ ରହିଛି, ଯୁକ୍ତ ଆତ୍ମକଛି ମଧ୍ୟ ରହିଛି । ସେହି ଆତ୍ମକଛିଟି ହେଉଛି ଅପେକ୍ଷାକୃତ ଅଧିକ ସୂକ୍ଷ୍ମ । ଠିକ୍ ତୁମରି ଭଳି : ତୁମ ଶରୀର ଭିତରେ କେତେ କେତେ କୋଷ ରହିଛନ୍ତି; ପ୍ରତ୍ୟେକ କୋଷର ନିଜର ଏକ ଚେତନା ରହିଛି, ଏବଂ ତୁମର ଏକ ଚେତନା ରହିଛି, ଯାହାକୁ କି ତୁମ ସମଗ୍ର ବ୍ୟକ୍ତିତ୍ୱର ଏକ ଚେତନା ବୋଲି କୁହାଯିବ,—ଏସବୁ କ୍ଷୁଦ୍ର କ୍ଷୁଦ୍ର କୋଷସ୍ଥ ଚେତନା ଦେଇ ଗଠିତ ହୋଇଥିଲେ ମଧ୍ୟ ତଥାପି ତାହା ଏକ ସମଗ୍ର ଏକକରୂପେ ବିଦ୍ୟମାନ ରହିଛି ।

ମାଆ, ଏଠାରେ ଲେଖା ହୋଇଛି : ବ୍ୟକ୍ତିଚେତନା ଏବଂ ବିଶ୍ୱ-ଚେତନା ମଧ୍ୟରେ "ଦୁହିଁଙ୍କୁ ଅଲଗା କରି ରଖିଥିବା ଅଜ୍ଞାନର ଏକ ପ୍ରାଚୀର" ଅବସ୍ଥିତ ରହିଛି । ସେହି ପ୍ରାଚୀରଟିକୁ ଭାଙ୍ଗି ଦିଆଯାଇ ପାରିବ କିପରି ?

ଅଜ୍ଞାନ ଭିତରୁ ନିଜକୁ ମୁକ୍ତ କରିଆଣ, ଜ୍ଞାନ ମଧ୍ୟରେ ପ୍ରବେଶ କର ।

ସର୍ବପ୍ରଥମେ, ମୁଁ ବର୍ତ୍ତମାନ ଯାହା ତୁମମାନଙ୍କୁ କହୁଥିଲି, ତୁମେ ସେହି କଥାଟିକୁ ଅବଶ୍ୟ ଜାଣିବ; ତୁମେ ଜାଣିବ ଯେ, ତୁମେ ହେଉଛ ଏକ ସମଗ୍ର ମଧ୍ୟରେ ତାହାର ଗୋଟିଏ ଅଂଶ, ସେହି ସମଗ୍ରଟି ଆଉ ଏକ ବୃହତ୍ତର ସମଗ୍ରର ଅଂଶ, ଏବଂ ସେହି ବୃହତ୍ତର ସମଗ୍ରଟି ତଥାପି ତା'ଠାରୁ ଅଧିକ ବୃହତ୍ ଏକ ତୃତୀୟ ସମଗ୍ରର ଅଂଶ,—ଏହିପରି ଭାବରେ ଯେଉଁଠି ସବୁକିଛି ଗୋଟିଏ ମାତ୍ର ସମୁଦାୟ ସମଗ୍ରର ଅଂଶ ହୋଇ ରହିଛି. ତୁମେ ନିଜକୁ ସେପର୍ଯ୍ୟନ୍ତ ବହନ କରି ନେଇଯିବ । ଯେତେବେଳେ ଏକଥା ଅରେ ଜାଣିବାକୁ ପାଇବ, ତେବେ ସଜ୍ଞାନ ହେବାକୁ ଆରମ୍ଭ କରିବ ଯେ, ତୁମେ ଯେଉଁ ବୃହତ୍ତର ଏକକଟିର ଅବଶ୍ୟ ଅଂଶ ହୋଇ ରହିଛ, ତୁମ ଓ ତାହା ମଧ୍ୟରେ ବସ୍ତୁତଃ ଆଦୌ କୌଣସି ବିଭାଜନ କରାଯାଇ ପାରିବ ନାହିଁ, ଏହିପରିକି ଆରମ୍ଭ ହେବ । ତୁମେ ଯେ କେବଳ ଏହିପରି ଚିନ୍ତାକରି ପାରିବାର ବିନ୍ଦୁଟି ପର୍ଯ୍ୟନ୍ତ ଯିବ, ସେକଥା ମୋଟେ ନୁହେଁ, ମାତ୍ର ସେହି କଥାଟିକୁ ଅନୁଭବ ମଧ୍ୟ କରିବ, ଏପରିକି ନିଜ ଜୀବନରେ ସେଇଟିକୁହିଁ ବଞ୍ଚିବ; ତା'ପରେ ଯାଇ ଅଜ୍ଞାନର ସେହି ପ୍ରାଚୀରଟି ଭୁଶୁଡ଼ି ପଡ଼ିବ । ସେତେବେଳେ ତୁମେ ସର୍ବତ୍ର ସେହି ଏକତ୍ୱଟିକୁ ଅନୁଭବ କରିବ ଏବଂ ଉପଲବ୍ଧି କରିବ ଯେ, ତୁମେ ହେଉଛ ଏକ ସମଗ୍ରର କେବଳ ଗୋଟିଏ ଖଣ୍ଡ ଓ ଅଂଶ ମାତ୍ର; ସେହି ସମଗ୍ର ତୁମଠୁ ଅଧିକ ବୃହତ୍ ଓ ଅଧିକ ବ୍ୟାପ୍ତିଯୁକ୍ତ, ତାହା ହେଉଛି ଏହି ବିଶ୍ୱବ୍ରହ୍ମାଣ୍ଡ । ତା'ପରେ ଯାଇ ତୁମେ ଏକ ବୃହତ୍ତର ବିଶ୍ୱଚେତନାର ଅଧିବାସୀ ହେବାକୁ ଆରମ୍ଭ କରିବ ।

(ମାଆ ନୀରବ ରହିଲେ)

ଶ୍ରୀ [illegible] ସାଧ

'oaob.nitrkl.ac.in' images reprocessed

ସହିତ ?

ମାଆ, ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଅଧିକୃତ ହୋଇ ରହିବାର ଅର୍ଥ କ'ଣ ?

ତୁମେ ତାହାର ଅର୍ଥ ଜାଣି ନାହଁ ? ତୁମେ କ'ଣ ବୁଝୁଛ କହିଲ,—ଦିବ୍ୟ ପରମସତ୍ତା ତୁମ ଦ୍ୱାରା ଅଧିକୃତ ହୋଇ ରହିଛନ୍ତି ନା ତୁମେହିଁ ତାଙ୍କ ଦ୍ୱାରା ଅଧିକୃତ ହୋଇ ରହିଛ ?

ତାହାର ଅର୍ଥ ?

ତାହାର ଅର୍ଥ ହେଉଛି ଯେ, ଦିବ୍ୟ ପରମସତ୍ତା ତୁମ ଭିତରକୁ ପ୍ରବେଶ କରନ୍ତି ଏବଂ ତୁମକୁ ପରିଚାଳିତ କରନ୍ତି; ସେ ତୁମର ଯାବତୀୟ ଚେତନା ତଥା କ୍ରିୟାର ଅଧିଷ୍ଠାତା ହୋଇ ରହନ୍ତି । ଏହାର ଅର୍ଥ ହେଉଛି ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଅଧିକୃତ ହୋଇ ରହିବା ।

ମଆ, ସତ୍, ଚିତ୍ ଓ ଆନନ୍ଦ ଆମଠାରୁ ପୃଥକ୍ ହୋଇ ରହିବାରୁହିଁ ତ ଅଜ୍ଞାନ ଓ ଦୁଃଖର ଉଦ୍ଭବ ହୋଇଛି । ତେବେ···

ସେମାନେ କାହିଁକି ପୃଥକ୍ ହୋଇ ରହିଲେ ? (ସମସ୍ତେ ହସିଲେ)

ସେମାନଙ୍କଠାରେ ସମ୍ଭବତଃ ନୈତିକ ବୋଧ ବୋଲି ଆଦୌ କୌଣସି ବସ୍ତୁ ନ ଥିଲା । (ସମସ୍ତେ ହସିଲେ)

(ମାଆ ଦୀର୍ଘକାଳ ନୀରବ ରହିଲେ)

ଏକଥା ବେଶ୍ ସମ୍ଭବ ଯେ, ଯଦି ସେମାନେ ଅଲଗା ହୋଇଯାଇ ନ ଥାନ୍ତେ, ତେବେ ଆମେ ଆମ ସମ୍ମୁଖରେ ଯେଉଁ ବିଶ୍ୱବ୍ରହ୍ମାଣ୍ଡକୁ ଦେଖୁଛୁ, ସେଇଟି ବି ସମ୍ଭବ ହୋଇ ନ ଥାନ୍ତା । ସମ୍ଭବତଃ ଏକ ଆବଶ୍ୟକତାରୁହିଁ ସେମାନେ ପୃଥକ୍ ହେଲେ । ମାତ୍ର, ଏପରି ଘଟିବ ବୋଲି ଆଗରୁ କାହିଁକି କେହି ଦେଖି ପାରିଲେ ନାହିଁ,—ଏକଥା କପରି ହେଲା ବୋଲି ତୁମେ ପଚାରୁଛ । ସମ୍ଭବତଃ ଆଗରୁ କେହି ଦେଖିଲେ ନାହିଁ । ହୁଏତ ଏକ ଭଲ ପରିଣାମ ଘଟିଥାନ୍ତା, ମାତ୍ର ଏକ ମନ୍ଦ ପରିଣାମ ଘଟିଲା । ହଁ, ଏମିତି ନାନା ଘଟନା ଆକସ୍ମିକ ଭାବରେ ଘଟିଥାଏ ।

ବୁଝିବା ଉଚିତ ଯେ, ତୁମେ ଏହି ବିଶ୍ୱସଂସାରର ସୃଜନ ବିଷୟରେ ଯେପର୍ଯ୍ୟନ୍ତ ନିଜର ମନୋଗତ, ନୈତିକ ଧାରଣାଗୁଡ଼ିକୁ ପ୍ରୟୋଗ କରିବା ଲାଗି ଇଚ୍ଛା କରୁଥିବ, ସେପର୍ଯ୍ୟନ୍ତ ତୁମେ ସେହି ବିଷୟରେ ଆଦୌ କିଛିହେଲେ ବୁଝି

'oaob.nitrkl.ac.in' images reprocessed

ପାରିବ ନାହିଁ, କେବେହେଲେ ବୁଝି ପାରିବ ନାହିଁ । କାରଣ, ଯାବତୀୟ ଉପରୁ ଓ ଯାବତୀୟ ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହା ଭଲ ଓ ମନ୍ଦ ଓ ଏହି ସବୁକିଛି କଳ୍ପନାର ଅତୀତ ହୋଇ ରହିଛି । ଆମର ଯେତେଯାହା ମନୋଗତ ଏବଂ ନୈତିକ ଧାରଣାମାନ ରହିଛି, ତଦ୍ଵାରା ଆମେ କେବେହେଲେ ଏହି ବିଶ୍ୱର ଉତ୍ପତ୍ତି ରହସ୍ୟକୁ ଭେଦ କରି ପାରିବା ନାହିଁ । ଏବଂ, ଆମର ଏହି ଯେଉଁ ଜଗତି ବସ୍ତୁତଃ ଏକ ସମଗ୍ର ଅଜ୍ଞାନ ମଧ୍ୟରେହିଁ ବାସ କରୁଛି, ସେଇଟି ବିଷୟରେ କେବଳ ଏତିକି କୁହାଯାଇ ପାରିବ : "ବସ୍ତୁଗୁଡ଼ିକ ସେହିପରି ହୋଇ ରହିଛନ୍ତି, କାରଣ ସେଗୁଡ଼ିକ ସେହିପରିହିଁ ହୋଇ ରହିଛନ୍ତି ।" ଆମେ ସେଗୁଡ଼ିକ ଲାଗି କୌଣସି ବ୍ୟାଖ୍ୟା ଦେଇ ପାରିବା ନାହିଁ; କାରଣ, ଆମେ ଯେତେ ଯାହା ବ୍ୟାଖ୍ୟା ଦେଉଥିବା, ସେହି ସବୁକିଛି ହେଉଛି ଅଜ୍ଞାନପ୍ରସୂତ, ଓ ତେଣୁ ତାହା ଆଦୌ କୌଣସି ରହସ୍ୟକୁ ଭେଦ କରି ପାରିବ ନାହିଁ ।

ମନ ଗୋଟିଏ ବସ୍ତୁର ସାହାଯ୍ୟ ନେଇ ଆଉଗୋଟିଏ ବସ୍ତୁର ବ୍ୟାଖ୍ୟା କରେ; ତା'ପରେ ଏହି ଯେଉଁଟିର ବ୍ୟାଖ୍ୟା ଆବଶ୍ୟକ ହୁଏ, ମନ ତାହାକୁ ଏକ ତୃତୀୟ ବସ୍ତୁର ସାହାଯ୍ୟରେ ବ୍ୟାଖ୍ୟା କରୁଥାଏ । ପୁନଶ୍ଚ, ସେହି ତୃତୀୟଟିର ବ୍ୟାଖ୍ୟା ଆବଶ୍ୟକ ହେବାରୁ ମନ ପୁଣି ଆଉଗୋଟିକର ସାହାଯ୍ୟରେ ତାହାକୁ ବ୍ୟାଖ୍ୟା କରିବସେ । ଏବଂ, ଯଦି ତୁମେ ଏହିପରି ଭାବରେ ବ୍ୟାଖ୍ୟା କରିବାରେ ଲାଗିଥିବ, ତେବେ ତୁମେ ଚଉଦ ଭୁବନଯାକ ଯାଇ ବୁଲିଆସିବ ସିନା, ମାତ୍ର ପ୍ରକୃତରେ ଆଦୌ କୌଣସି ଗୋଟିକୁ ମଧ୍ୟ ବ୍ୟାଖ୍ୟା କରି ପାରି ନ ଥିବ । (ସମସ୍ତେ ହସିଲେ) ତେଣୁ, ତୁମକୁ ଛୁଦ୍‌ଟିଏ କରିବାକୁ ହେବ, ବାୟୁର ପଥରେ ଊର୍ଦ୍ଧ୍ୱକୁ ଉଠିବ ଓ ଯାବତୀୟ ବସ୍ତୁକୁ ଏକ ଅନ୍ୟ ପ୍ରକାରରେ ଦେଖିବାକୁ ଆରମ୍ଭ କରିବ । ତେବେଯାଇ, ସେହିପରି ଭାବରେ କିଛି ବୁଝିବା ଲାଗି ସମର୍ଥ ହେବ ।

ଏକଥାଟିକୁ କିପରି କରିହେବ ?

କିପରି କରିହେବ ? (ସମସ୍ତେ ହସିଲେ)

ଅଭୀପ୍ସା ହେଉଛି ଏକ ତୀର ପରି (ମାଆ ସଙ୍କେତ ଦ୍ୱାରା ଦେଖାଇ ଦେଲେ) । ତେଣୁ, ତୁମେ ଅଭୀପ୍ସା କରିବ, ଅତ୍ୟନ୍ତ ଆନ୍ତରିକତା ସହିତ ବୁଝିବା ଲାଗି ଇଚ୍ଛା କରିବ, ଜାଣିବାକୁ ଓ ସତ୍ୟ ମଧ୍ୟରେ ପ୍ରବେଶ କରିବାକୁ ଇଚ୍ଛା କରିବ । ବୁଝିଲ ? ଏବଂ ତା'ପରେ, ସେହି ଅଭୀପ୍ସା ସାହାଯ୍ୟରେ ତୁମକୁ ଏହିପରି କରିବାକୁ ହେବ (ମାଆ ସଙ୍କେତ ଦ୍ୱାରା ଦେଖାଇ ଦେଲେ) । ତୁମର ଅଭୀପ୍ସା ସିଧା ଉପରକୁ, ଉପରକୁ, ଉପରକୁ ଉଠିବାରେ ଲାଗିଥିବ । ଅତ୍ୟନ୍ତ ସବଳ ଭାବରେ ଉଠିବାରେ ଲାଗିଥିବ ଓ ଯାଇ ତୋ କରି ବାଜିବ···ଶବ୍ଦଦେଇ

'oaob.nitrkl.ac.in' images reprocessed

କପର କୁହାଯାଇ ପାରିବ ? ସେଠାରେ ରହିଥିବା ଏକ ଗ୍ରାନାଇଟ ଦେହରେ ଯାଇ ଠୋ' କରି ବାଜିବ । ସେହି ଗ୍ରାନାଇଟ ଲୁହାପରି କଠିନ ହୋଇ ରହିଥିବ, ଏତେ ମୋଟା ହୋଇଥିବ ଏବଂ ତୁମର ଶରଟି ତାହାକୁ ଭେଦ କରିଯାଇ ପାରିବ ନାହିଁ । ତୁମେ ତା'ପରେ କହିବ, "ଦେଖିଲ, ଏତେ ଅଭୀପ୍ସା କରି ଲାଭ କ'ଣ ? ଏହାଦ୍ୱାରା ଆଦୌ କିଛୁ ଫଳ ହେଉ ନାହିଁ । ଗୋଟାଏ ଅତି କଠିନ ବସ୍ତୁର ସମ୍ମୁଖୀନ ହେବାକୁ ପଡ଼ୁଛି ଓ ତାହାକୁ ଆଦୌ ଭେଦ କରିହେଉ ନାହିଁ ।" ମାତ୍ର, ତୁମେ ତ ଅବଶ୍ୟ ଜାଣିଥିବ, କୌଣସି ପଥର ଉପରେ ବାର୍ମାର ପାଣି ଆସି ପଡ଼େ, ଏହିପରି ପଡ଼ୁପଡ଼ୁ ତାହା ଶେଷରେ ସେହି ପଥରଟିକୁ ଫଟାଇଦିଏ । ପଥରଟିକୁ ଉପରୁ ତଳଯାଏ କାଟି ଦୁଇଖଣ୍ଡ କରି ଦେଇପାରେ । ତୁମର ଅଭୀପ୍ସା ମଧ୍ୟ ଠିକ୍ ସେହି ଜଳବିନ୍ଦୁ ପରି; ଏହା ତଳକୁ ପଡ଼େ ନାହିଁ, ଉପରକୁ ଉଠୁଥାଏ । ଏହିପରି ଉଠିବା ସଙ୍ଗେସଙ୍ଗେ ଆଘାତ କରିବାରେ ଲାଗିଥାଏ ଏବଂ ଏହିପରି ଭାବରେ ଉଠି ଓ ଆଘାତ ଦେଇ ଥରେ ରନ୍ଧ୍ରଟିଏ କରିପକାଏ । ଏବଂ, ରନ୍ଧ୍ରଟିକୁ କରିସାରିବା ପରେ, ତାହା ହଠାତ୍ ଗ୍ରାନାଇଟ ଭିତରୁ ବାହାରକୁ ଲମ୍ଫ ପ୍ରଦାନ କରେ ଏବଂ ଏକ ଆଲୋକର ବୈପୁଲ୍ୟ ମଧ୍ୟରେ ପ୍ରବେଶ କରେ । ସେତେବେଳେ ଯାଇ ତୁମେ "ହଁ, ଏଥର ବୁଝିଲି ।" ବୋଲି କହ ।

ଘଟନାଟି ସେହିପରି ଘଟେ ।

ତେଣୁ ଅବିଚ୍ଛିନ୍ନ ଭାବରେ ଉଦ୍ୟମ କରିବାକୁ ପଡ଼ିବ, ଅତ୍ୟନ୍ତ ଅଦମ୍ୟ ହୋଇ ରହିବାକୁ ହେବ ଏବଂ ଭିତରେ ଏଭଳି ଏକ ଅଭୀପ୍ସା ରହିଥିବ, ଯାହାକି ସିଧା ଊର୍ଦ୍ଧ୍ୱକୁ ଯାଇ ପାରୁଥିବ; ଅର୍ଥାତ୍, ଆଦୌ ଏଠି ସେଠି ଅଙ୍କାବଙ୍କା ହୋଇ ବୁଲୁ ନ ଥିବ, ଯାବତୀୟ ପ୍ରକାର ବସ୍ତୁରେ ଆଦୌ ଇତସ୍ତତଃ ହେଉ ନ ଥିବ ।

କେବଳ ଏହି ଗୋଟିଏ କଥା : ବୁଝିବାକୁ ହେବ, ଅଧିକ ବୁଝିବାକୁ ହେବ, ଅଧିକରୁ ଅଧିକ ବୁଝିବାକୁ ହେବ । ଜାଣି ଶିଖିବ ଏବଂ ସେହିପରି ହେବାକୁ ପଡ଼ିବ ।

ସେତେବେଳେ ଏକାବେଳେକେ ଶିଖରଦେଶରେ ଯାଇ ପହଞ୍ଚିବ, ସେତେବେଳେ ଆଉ ଅଧିକ କିଛି ବୁଝିବାକୁ ଅଥବା ଜାଣିବାକୁ ନ ଥିବ । ସେତେବେଳେ ତୁମେ ତାହାହିଁ ହୋଇ ରହିବ; ଏବଂ ତାହାହିଁ ହୋଇ ରହିପାରିଲେ ଯାଇ ଆମେ ଯଥାର୍ଥରେ ବୁଝିବା ଓ ଯଥାର୍ଥରେ ଜାଣିବାକୁ ସମର୍ଥ ହେବା ।

ମାଆ, ଯେତେବେଳେ ଆମେ ବୁଝିବାକୁ ସମର୍ଥ ହେଉ, ସେତେବେଳେ ଆମ ଭିତରେ ଥିବା ପ୍ରକୃତିରେ କେଉଁ ଉପାଦାନଟି ଏହି ସାମର୍ଥ୍ୟ ଲାଭ କରିଥାଏ ?

'oaob.nitrkl.ac.in' images reprocessed

ସେତେବେଳେ ସନାତନ ବସ୍ତୁଟିହିଁ ସନାତନ ବସ୍ତୁଟିକୁ ଜାଣେ । ତେଣୁ, ତୁମ ଭିତରେ ମଧ୍ୟ ତୁମେ ସେହି ବସ୍ତୁଟିକୁ ବହନ କରି ରହିଛ ବୋଲିହିଁ ତୁମେ ଏହାକୁ ଆବିଷ୍କାର କରିପାର । କାରଣ, ତୁମେ ଖୁବ୍ ଭଲ ଭାବରେ ବୁଝିଥାଅ ଯେ, ମୁଁ ଯାହା କଥା କହୁଛି, ତାହା ହେଉଛି ଏକ ପ୍ରତିରୂପ, ନୁହେଁ କି, ଏହି ସବୁକିଛି ହେଉଛି ଏକ ପ୍ରତିରୂପ; ଏହାର କୌଣସି ଏକ ବସ୍ତୁ ସହିତ ସାଦୃଶ୍ୟ ରହିଥାଏ ସତ, ମାତ୍ର ତଥାପି ତାହା ଏକ ପ୍ରତିରୂପ ରୂପେ ଅବସ୍ଥିତ ରହିଥାଏ; କାରଣ ତୁମେ ସେଇଟିକୁ ନିଜ ଭିତରେ ଦେଖିପାର ଏବଂ ଊର୍ଦ୍ଧ୍ୱରେ ମଧ୍ୟ ଦେଖିପାର । ବିଭିନ୍ନ ଜଡ଼ଗତ ଭୂମି ବିଷୟରେ, ଭୌତିକ ଆତ୍ମାମଗୁଡ଼ିକ ବିଷୟରେ ଆମର ଜଡ଼ଗତ ସ୍ଥୂଳ ଧାରଣାମାନ ରହିଥିବାରୁହିଁ ଏପରି ହୁଏ; କାରଣ, ଯେତେବେଳେ ଆମେ ବୁଝିବାକୁ ସମର୍ଥ ହେଉ, ସେତେବେଳେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଏକ ଅନ୍ୟ ଆତ୍ମାମର ଭୂମିରେହିଁ ବୁଝୁ । ଏବଂ, ଆତ୍ମାମର ଏହି ଅନ୍ୟ ଭୂମିଟି ସହିତ ଆମର ଅଭ୍ୟସ୍ତ ଦେଶଧାରଣାର କୌଣସି ସାଦୃଶ୍ୟ ନାହିଁ ।

ମାତ୍ର, କୌଣସି ବସ୍ତୁ କୌଣସି ନା କୌଣସି ପ୍ରକାରେ ତୁମଭିତରେ ରହି ନ ଥିଲେ ଅଥବା ତୁମେ ସ୍ୱୟଂ ତା' ଭିତରେ ଅବସ୍ଥିତ ନ ଥିଲେ, ତୁମେ କଦାପି ସେହି ବସ୍ତୁକୁ ବୁଝିପାରିବ ନାହିଁ ଅଥବା ସେହି ବସ୍ତୁରେ ପରିଣତ ହୋଇ ପାରିବ ନାହିଁ—ଏହା ସେହି ଏକା କଥା ନୁହେଁ କି ? ଅବଶ୍ୟ, ତୁମେମାନେ ଯେପରି ଅଧିକ ସହଜରେ ଏହି କଥାଟିକୁ ବୁଝିପାରିବ, ମୁଁ ସେଥିଲାଗି ଏପରି ମଧ୍ୟ କହିପାରିବି ଯେ, ଏପରି ଘଟେ, କାରଣ ସେହି ବସ୍ତୁଟି ତୁମ ଭିତରେହିଁ ଅବସ୍ଥିତ ରହିଥାଏ, ତୁମ ଚେତନାର ଏକ ଅଂଶ ହୋଇ ରହିଥାଏ, ତୁମ ଭିତରେ କୌଣସି ନା କୌଣସି ସ୍ଥାନରେ ରହିଥାଏ । ତା' ନ ହେଲେ, ତୁମେ ତାହା ବିଷୟରେ ଆଦୌ ସଜ୍ଞାନ ବି ହୋଇ ପାରୁ ନ ଥାନ୍ତ । ଯଦି ଆମେ ନିଜ ଭିତରେ ଦିବ୍ୟ ପରମସତ୍ତାଙ୍କୁ ବହନ କରି ରହି ନ ଥାନ୍ତୁ, ଆମ ସତ୍ତାର ମର୍ମଗତ ଭୂମିରେ ଆମେ ତାଙ୍କୁ ଅଧିଷ୍ଠିତ କରି ରଖି ନ ଥାନ୍ତେ, ତେବେ ତାଙ୍କ ବିଷୟରେ ଆଦୌ ସଜ୍ଞାନ ହୋଇପାରୁ ନ ଥାନ୍ତେ; ତାଙ୍କୁ ଜାଣିବାର ସକଳ ପ୍ରୟାସ କେବଳ ଏକ ଅସମ୍ଭବ ପ୍ରଚେଷ୍ଟାରେ ପରିଣତ ହୋଇ ରହିଥାନ୍ତା । ଏବଂ, ଯଦି ତୁମେ ଏହି ସମସ୍ୟାଟିକୁ ବିପରୀତ ଆଡ଼ୁ ବିଚାର କରିବ, ଦିବ୍ୟ ପରମସତ୍ତା ତୁମଭିତରେ ରହିଛନ୍ତି ଓ ତୁମେ ସେହି ଦିବ୍ୟ ପରମସତ୍ତାଙ୍କ ଭିତରେ ରହିଛ ବୋଲି ତୁମେ ଯେଉଁ ମୁହୂର୍ତ୍ତରେ କୌଣସି ନା କୌଣସି ପ୍ରକାରେ କଳ୍ପନା ବା ଅନୁଭବ କରିବାକୁ ଏବଂ ଅନ୍ତତଃ, ଏହି କଥାଟି ସତ୍ୟ ବୋଲି ସ୍ୱୀକାର କରିବାକୁ ମଧ୍ୟ ଆରମ୍ଭ କରିବ, ତେବେ ତାହାହିଁ ତୁମ ଉପଲବ୍ଧିର ଦ୍ୱାରଟିକୁ ଆସି ଉନ୍ମୋଚିତ କରିଦେବ,—ଖୁବ୍ ବେଶୀ

'oaob.nitrkl.ac.in' images reprocessed

ନୁହେଁ, ମାତ୍ର ସାମାନ୍ୟ ପରିମାଣରେ ନିଶ୍ଚୟ ଉନ୍ମୋଚିତ କରିଦେବ,— କିଞ୍ଚିତ୍ ପରିମାଣରେ ମେଲି କରିଦେଇ ଯିବ । ଏବଂ, ଯଦି ପରେ ଯଥାର୍ଥ ଅଭୀପ୍ସାର ଉନ୍ମେଷ ହୁଏ, ଜାଣିବା ଏବଂ ହେବା ପାଇଁ ଯଦି ସେହି ପ୍ରଗାଢ଼ ଆବଶ୍ୟକତାଟି ଅନୁଭୂତ ହୁଏ, ତେବେ ସେହି ପ୍ରଗାଢ଼ ଆବଶ୍ୟକତା ଉନ୍ମୋଚନଟିକୁ ଅଧିକରୁ ଅଧିକ ପ୍ରଶସ୍ତ କରିଦେବାକୁ ଆରମ୍ଭ କରେ ଏବଂ ତୁମେ ଯେପରି ସେହି ବାଟ ଦେଇ ଚାଲିଯାଇ ପାରିବ, ଶେଷରେ ତାହା ସେହି ପରିମାଣରେ ମଧ୍ୟ ଖୋଲି ଯାଇଥାଏ । ଏବଂ, ଭିତରକୁ ପ୍ରବେଶ କରି ପାରିଲେ, ତୁମେ ପ୍ରକୃତରେ ଯାହା, ସେହି ସ୍ୱରୂପରେ ଯଥାର୍ଥ ସଜ୍ଞାନତା ଲାଭ କର । ଏବଂ ଶ୍ରୀଅରବିନ୍ଦ ଠିକ୍ ସେହି କଥାଟିକୁହିଁ କହିଛନ୍ତି, ସିଏ କହିଛନ୍ତି ଯେ ଆମେ ଭୁଲି ଯାଇଥାଉ, ସତ୍, ଚିତ୍ ଓ ଆନନ୍ଦ ଏହିପରି ଭାବରେ ଅଲଗା ହୋଇ ଯାଇଥିବାରୁହିଁ ଏହି ଭୁଲିଯିବାଟି ଘଟିଥାଏ; ଆମେ ପ୍ରକୃତରେ ଯାହା, ସେହି କଥାଟିକୁ ଭୁଲି ଯାଇଥାଉ । ସେତେବେଳେ ଆମେ ନିଜକୁ ଅଲଗାଜଣେ କେହି ବୋଲି ଭାବୁଥାଉ,—ଜଣେ ବାଳକ, ଜଣେ ବାଳିକା, ପୁରୁଷ, ସ୍ତ୍ରୀ, କୁକୁର, ଘୋଡ଼ା,—ଏହିପରି କ'ଣ ଗୋଟିଏ ବୋଲି ଭାବୁଥାଉ; ବେଳେବେଳେ ଖଣ୍ଡେ ପଥର ବୋଲି ଭାବୁ, ସମୁଦ୍ର କିଂବା ସୂର୍ଯ୍ୟ ବୋଲି ବି ଭାବିଥାଉ । ମାତ୍ର ସେହି ଦିବ୍ୟ ପରମସତ୍ତା ବୋଲି ଆଦୌ ଭାବୁ ନ ଥାଉ । କାରଣ, ପ୍ରକୃତ କଥା ହେଉଛି, ଯଦି ଆମେ ମୂଳରୁହିଁ ଅବଚ୍ଛିନ୍ନ ଭାବରେ ଆପଣାକୁ ସେହି ଦିବ୍ୟ ଅଦ୍ୱିତୀୟ ପରମସତ୍ତା ବୋଲିହିଁ ଭାବିଥାନ୍ତୁ, ତେବେ ଆମ ପାଇଁ ଏହି ବିଶ୍ୱବ୍ରହ୍ମାଣ୍ଡ ବୋଲି ମଧ୍ୟ ଆଦୌ କିଛି ରହି ନ ଥାନ୍ତା ।

ତାକୁ (ଗୋଟିଏ ପିଲାକୁ ଦେଖାଇଦେଇ) ମୁଁ ଠିକ୍ ଏହିକଥା କହିବାକୁ ଯାଉଁଥିଲି, କହିବାକୁ ଯାଉଁଥିଲି ଯେ, ଏକ ବିଶ୍ୱବ୍ରହ୍ମାଣ୍ଡର ଅସ୍ତିତ୍ୱକୁ ସମ୍ଭବ କରିବା ନିମନ୍ତେ ଏହିପରି ବିଚ୍ଛିନ୍ନ ହୋଇଯିବାର ଘଟଣାଟି ପ୍ରକୃତରେ ଏକାନ୍ତ ଅପରିହାର୍ଯ୍ୟ ବୋଲି ବୋଧ ହେଉଛି; ତା' ନ ହେଲେ ପ୍ରଥମେ ଯେପରି ଥିଲା, ତାହା ସର୍ବଦାହିଁ ଠିକ୍ ସେହିପରି ହୋଇ ରହିଥାନ୍ତା । ମାତ୍ର, ଏହି ବଚଟିକୁ ଭେଦ କରି ଯଦି ଆମେ ସେହି ଏକତ୍ୱଟିର ପୁନଃପ୍ରତିଷ୍ଠା କରିବାକୁ ଇଚ୍ଛା କରିବା, ତେବେ ଏହି ଅନେକତ୍ୱ ଏବଂ ବିଭାଜନ ଦ୍ୱାରା ଉପକୃତ ହୋଇ ସାରିଥିବାରୁହିଁ ଆମେ ଏକ ଉଚ୍ଚତର ଗୁଣାତ୍ମକ ସ୍ତରର ଏକତ୍ୱକୁ ହାସଲ କରିପାରିବା; ଆପଣାକୁ ଜାଣିବାର ଆଦୌ କୌଣସି ପ୍ରୟୋଜନ ଅନୁଭବ କରୁ ନ ଥିବା ଏକତ୍ୱଟି ବଦଳରେ ଆପଣାକୁ ଜାଣିବାକୁ ସମର୍ଥ ହେଉଥିବା ଏକତ୍ୱଟିକୁ ହାସଲ କରିପାରିବା । କାରଣ, ସେହି ଅନ୍ୟ ଅବସ୍ଥାଟିରେ ଅନ୍ୟକୁ ଜାଣିବା ନିମନ୍ତେ ଆଦୌ କୌଣସି ବସ୍ତୁ ଅବଶିଷ୍ଟ ରହି ନ ଥିବ । ପରିପୂର୍ଣ୍ଣ ପରମ ଏକତ୍ୱର ସେହି ଅବସ୍ଥାରେ, ସେହି ପରମ ଏକତ୍ୱକୁ ଜାଣିବା ପାଇଁ ଆଉ କିଏ ରହିଥିବ ? ଏହା ପ୍ରକୃତରେ କ'ଣ, ତାହା ବୁଝିବାକୁ

'oaob.nitrkl.ac.in' images reprocessed

ହେଲେ ଆମକୁ ଅନ୍ତତଃ କୌଣସି ଏକ ବସ୍ତୁର ଏକ ପ୍ରତିରୂପ ବା ପ୍ରତିଛବିକୁ ସମ୍ମୁଖରେ ରଖିବାକୁ ହେବ, ଯାହାକି ଏକାବେଳକେ ତାହାହିଁ ହୋଇ ରହି ନ ଥିବ । ମୁଁ ଭାବୁଛି, ଏହାହିଁ ହେଉଛି ଏହି ବିଶ୍ୱଜଗତର ପ୍ରକୃତ ରହସ୍ୟ । ତତ୍ୱ ପରମସତ୍ତା ସମ୍ଭବତଃ ଆପଣାକୁ ପ୍ରକୃତରେ ଜାଣିବାକୁ ଇଚ୍ଛା କଲେ; ତେଣୁ ସେ ଆପଣାକୁ ବାହାରକୁ ନିକ୍ଷେପ କରି ରଖିଲେ ଓ ଆପଣା ଆଡ଼କୁ ଦୃଷ୍ଟିପାତ କଲେ; ଏବଂ ବର୍ତ୍ତମାନ, ଆପଣା ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଅର୍ଜନ କରିଛି ସେ ବର୍ତ୍ତମାନ ସ୍ୱ ଅଧିଷ୍ଠାନର ସମ୍ଭାବନାଟିକୁ ଉପଭୋଗ କରିବା ଲାଗି ଇଚ୍ଛା କରୁଛନ୍ତି । ଏହା ପ୍ରକୃତରେ ଆହୁରି ଅଧିକ ଆଗ୍ରହୋଦ୍ଦୀପକ ବୋଲି ମନେ ହେଉଛି ।

ଏଥର ବୁଝିଲ ? ଆଉ କୌଣସି ପ୍ରଶ୍ନ ଅଛି ?

ମାଆ, ଆପଣ ଗଲଥର କଳ୍ପନା ବିଷୟରେ କହିଥିଲେ, ନୁହେଁ ?

ହଁ କହିଥିଲି ।

ତେବେ ଏହି କଳ୍ପନା ସାହାଯ୍ୟରେହିଁ କ'ଣ ଆମେ ନିଜର ବାସନା ବା ଅଭୀପ୍ସାଗୁଡ଼ିକର ଉପଲବ୍ଧି କରିପାରିବା ?

ଅର୍ଥାତ୍ ? ତୁମେ ଠିକ୍ କ'ଣ କହିବାକୁ ଚାହୁଁଛ ? ବାସନାଟିର ଉପଲବ୍ଧି ହେଲା ବୋଲି କଳ୍ପନା କରିବ ଏବଂ ଏହିପରି ଭାବରେ ଉପଲବ୍ଧିର ପ୍ରକ୍ରିୟାଟିକୁ ସାହାଯ୍ୟ କରିପାରିବ ?

ହଁ ।

ନିଶ୍ଚୟ ହେବ, ଅବଶ୍ୟ ହୋଇପାରିବ ।

ଏବଂ ଆଦର୍ଶଗୁଡ଼ିକ ମଧ୍ୟ ?

ମାତ୍ର ସାଧାରଣତଃ, — ବରଂ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏହିପରି ହୁଏ ଯେ ଲୋକମାନଙ୍କ ପାଖରେ ଏଥିପାଇଁ ଆବଶ୍ୟକ ହେଉଥିବା ସମସ୍ତଟି ମହଜୁଦ ନ ଥାଏ । କିନ୍ତୁ, ଉଦାହରଣସ୍ୱରୂପ, ଯଦି ତୁମର କଳ୍ପନା ଅତ୍ୟନ୍ତ ଶକ୍ତିଶାଳୀ ହୋଇଥାଏ ଏବଂ ଯଦି ତୁମେ ତାହାର ସାହାଯ୍ୟରେ ତୁମ ବାସନାର ଉପଲବ୍ଧି ହୋଇଗଲା ବୋଲି କଳ୍ପନା କର, ଏକ ଅତ୍ୟନ୍ତ ପ୍ରଶଂସାଯୋଗ୍ୟ ଭାବରେ ଗଠିତ ଏବଂ ସ୍ୱୟଂ ଅବସ୍ଥିତ ଯାବତୀୟ ଛିଦ୍ରକଣିକା ସହିତ ସବୁକିଛି ରହିଥିବା ଏକ ସମଗ୍ର ରଚନାର କଳ୍ପନା କର, ତେବେ, ତୁମେ ଏ ବିଷୟରେ ଅବଶ୍ୟ ନିଶ୍ଚିତ ହୋଇ ରହିପାରିବ ଯେ, ଯଦି ତୁମେ ଯଥେଷ୍ଟ ପରିମାଣରେ ଦୀର୍ଘକାଳ ପର୍ଯ୍ୟନ୍ତ ବଞ୍ଚିପାରିବ, ତେବେ ତାହା ତୁମ ଦ୍ୱାରା ଅବଶ୍ୟ ଉପଲବ୍ଧ ହୋଇଯାଇପାରିବ । ବୁଏତ କିଛି

'oaob.nitrkl.ac.in' images reprocessed

ଆରମ୍ଭନ ଉପଲବ୍ଧ ହୋଇଯିବ, ପରବର୍ତ୍ତୀ ମୁହୂର୍ତ୍ତଟିରେ ଉପଲବ୍ଧ ହୋଇଯିବ ଅଥବା ବହୁବର୍ଷ କିଂବା ଅନେକ ଶତାବ୍ଦୀ ମଧ୍ୟ ନେବ । ମାତ୍ର ତଥାପି ଅବଶ୍ୟ ଉପଲବ୍ଧ ହେବ । ଏବଂ ପୁନଶ୍ଚ, ଯଦି ଏହି କଳ୍ପନା ଶକ୍ତି ସହିତ ତୁମେ ଏକ ପ୍ରକାରର ସୃଜନଶାଳୀ ପ୍ରାଣିକ ବଳକୁ ଆଣି ସଂଯୁକ୍ତ କରିପାର, ତେବେ ସେଥିରୁ ତୁମେ ଏକ ଅତ୍ୟନ୍ତ ଜୀବନ୍ତ ଶକ୍ତିର ନିର୍ମାଣ କରିପାରିବ; ଏବଂ, ଜୀବନ୍ତ ଯାବତୀୟ ଶକ୍ତି ଉପଲବ୍ଧି ଆଡ଼କୁହିଁ ପରିଚାଳିତ କରିନେଇ ଯାଉଥିବାରୁ, ଆପଣାକୁ ଅପେକ୍ଷାକୃତ ଅଧିକ ଶୀଘ୍ର ଉପଲବ୍ଧ କରିପାରିବା ନିମନ୍ତେ ତାହା ପୃଥିବୀର ଘଟନା-ବଳୀ ଉପରେ ଏକ ଚାପ ମଧ୍ୟ ପକାଇପାରିବ ଏବଂ ଉପଲବ୍ଧିଟିକୁ ହାସଲ କରିବ ।

ମାତ୍ର, ମୁଁ ଯେପରି କହିଲି, ଏହି କ୍ଷେତ୍ରରେ ଦୁଇଟି କଥା ମନେ ରଖିବାକୁ ହେବ । ବାସନାଗୁଡ଼ିକର, ବ୍ୟକ୍ତିଗତ ପରିସ୍ଥିତିଗୁଡ଼ିକର କ୍ଷେତ୍ରରେ ଆମେ ଆଦୌ ଖୁବ୍ ବେଶୀ ··· ସାତତ୍ୟ କିଂବା ସ୍ଥିରତା ରଖିପାରୁ ନାହିଁ, ଏବଂ ବର୍ତ୍ତମାନ ଯେଉଁ ବସ୍ତୁଟି ଲାଗି ତୁମର ଏକ ପ୍ରବଳ ଆଗ୍ରହ ରହିଥିଲା, କିଛି ସମୟ ପରେ ତାହା ଆଉ ତୁମକୁ ଆଦୌ ଆକୃଷ୍ଟ କରେ ନାହିଁ । ତୁମେ ତା'ପରେ ଆଉକିଛି ସମ୍ବନ୍ଧରେ ଭାବିବାକୁ ଆରମ୍ଭ କର, ଆଉ ଏକ ବାସନା ପୋଷଣ କର ଏବଂ ଆଉ ଗୋଟିଏ ଗଠନରେ ତତ୍ପର ହୋଇପଡ଼ । ମାତ୍ର, ସେତେବେଳେ ତୁମେ କଳ୍ପନା କରିଥିବା ପ୍ରଥମ ବସ୍ତୁଟି ଅତ୍ୟନ୍ତ ସୁଗଠିତ ହୋଇ ରହିଥାଏ ଏବଂ ଦେଶର ଭୂମି ଉପରେ ତାହାର ବାଟଟିକୁ ଅନୁଗମନ କରିବା ପରେ ସେଇଟିର ଉପଲବ୍ଧି ବି ହୋଇଯାଏ । ମାତ୍ର ସେତେବେଳକୁ ସମ୍ପୃକ୍ତ ବ୍ୟକ୍ତିଟି ଆଉ ଏକ ଗଠନ ଆରମ୍ଭ କରି ଦେଇଥାଏ, କାରଣ, କୌଣସି ନା କୌଣସି କାରଣରୁ ସେହି ପୂର୍ବଟି ତାକୁ ଆଉ ଆଦୌ ଆକୃଷ୍ଟ କରୁ ନ ଥାଏ ଏବଂ ସିଏ ତା'ର ପ୍ରଥମ ବାସନାଟିର ଉପଲବ୍ଧିର ସମ୍ମୁଖୀନ ହୋଇ ଛିଡ଼ା ହୋଇଥାଏ ଓ ତେଣେ ଦ୍ୱିତୀୟଟିର ଅନୁଧାବନ କରିବା ଆରମ୍ଭ ମଧ୍ୟ କରି ଦେଇଥାଏ, ଏପରିକି ହୁଏତ ଏକ ତୃତୀୟ ଅଥବା ଚତୁର୍ଥ ପଛରେ ଧାଇଁବାରେ ଲାଗିଥାଏ । ତେଣୁ ସେ ଖୁବ୍ ବିରକ୍ତ ହୋଇଯାଏ : "ମାତ୍ର ମୁଁ ତ ଆଉ ଏଇଟିକୁ ଆଦୌ ଦରକାର କରୁ ନାହିଁ, ତେବେ ଏଇଟି ଆସି କାହିଁକି ପହଞ୍ଚିଲା ?" ଏହି ବିଷୟରେ ସେ ଆଦୌ ସଚେତନ ନ ଥାଏ ଯେ, ସ୍ପଷ୍ଟତଃ ତା'ର ପୂର୍ବର କାର୍ଯ୍ୟଟିର ପରିଣାମ ସ୍ୱରୂପହିଁ ସେଇଟି ଆସି ପହଞ୍ଚିଛି । ମାତ୍ର, ଯଦି ଗୋଟିଏ ଗୋଟିଏ ବାସନା ନ ହୋଇ ସେଗୁଡ଼ିକ ଆଧ୍ୟାତ୍ମିକ ବସ୍ତୁ ଲାଗି ଗୋଟିଏ ଗୋଟିଏ ଅଭୀପ୍ସା ହୋଇଥାଆନ୍ତେ ଏବଂ ଯଦି ଆମେ ବିଧିବଦ୍ଧ ଭାବରେ ସେହି ମାର୍ଗରେ ଅଗ୍ରସର ହେଉଥାଆନ୍ତେ, ତେବେ, ଆମେ ଯାହା କଳ୍ପନା କରିଛୁ, ଆମକୁ ଦିନେ ନା ଦିନେ ତାହା ଅବଶ୍ୟ ମିଳି ଯାଉଥାନ୍ତା । ବାଟରେ ପ୍ରତିବନ୍ଧକମାନ ରହିଥିଲେ ସେହି

'oaob.nitrkl.ac.in' images reprocessed

ଘଟନାଟି ହୁଏତ କାହାରି ଦୂରବର୍ତ୍ତୀ ହୋଇ ରହିଥାନ୍ତା; ଉଦାହରଣସ୍ୱରୂପ, ଯଦି ତୁମର କରିଥିବା କଳ୍ପନାଟି ପୃଥ୍ୱୀ-ପରିସ୍ଥିତିର ଉପସ୍ଥିତ ଅବସ୍ଥା ତୁଳନାରେ ଏକାନ୍ତ ଅନ୍ୟ ପ୍ରକାର ହୋଇଥିବ, ତେବେ ଏହିପରି ଘଟିବାର ସମ୍ଭାବନା ରହିଥିବ । କାରଣ, ତାହାର ଆଗମନ ଲାଗି କ୍ଷେତ୍ର ପ୍ରସ୍ତୁତ କରିବାରେ କିଛି ସମୟ ଅବଶ୍ୟ ଲାଗିବ । ମାତ୍ର, ଯାହା ଏହି ପୃଥିବୀରେ ଏକାଧିକ ବାର ଉପଲବ୍ଧି ହୋଇ ସାରିଛି, ତୁମର କଳ୍ପନା ଯଦି ତାହାର ପରି କିଛି ହୋଇଥିବ ଏବଂ ଯଦି ସେଇଟିର ଉପଲବ୍ଧି ଲାଗି ଏକ ଅତ୍ୟନ୍ତ ସମ୍ପୂର୍ଣ୍ଣ ରୂପାନ୍ତରର ପ୍ରୟୋଜନ ନ ଥିବ, ତେବେ ତୁମେ ବେଶ୍ ସତ୍ୱରତା ସହିତ ସେହି ଉପଲବ୍ଧିଟିକୁ ହାସଲ କରିପାରିବ; ଅବଶ୍ୟ, ଯଦି ତୁମେ ଅବିରାମ ଭାବରେ ସେହି ଗୋଟିଏ ମାର୍ଗରେ ଗତି କରିପାରିବ, ତେବେଯାଇ ସେପରି ହେବ । ଏବଂ, ଯଦି ତୁମେ ଏହା ସହିତ ଦିବ୍ୟ ପରମକରୁଣା ଉପରେ ତୁମର ରହିଥିବା ଏକ ଆସ୍ଥା ଓ ବିଶ୍ୱାସର ଉଦ୍ଦୀପନାକୁ ଆଣି ଯୋଗ କରିପାରିବ ଏବଂ, ସେହି କରୁଣା ପାଖରେ ଆପଣାକୁ ଏପରି ଭାବରେ ଆଣି ଉତ୍ସର୍ଗ କରୁଥିବ, ଯେପରିକି ତାହାଠାରୁ ସବୁକିଛି ପ୍ରତ୍ୟାଶା କରି ପାରୁଥିବ, ତେବେ ତାହା ପ୍ରକୃତରେ ଅମିତ ଭାବରେ ଶକ୍ତିଶାଳୀ ହୋଇପାରିବ । ବସ୍ତୁଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ଉପଲବ୍ଧ ହେଉଥିବାର ତୁମେ ବେଶ୍ ଦେଖି ପାରୁଥିବ, ଏବଂ ସବୁଠାରୁ ଅଧିକ ବିସ୍ମୟକାରୀ ବସ୍ତୁଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ ଉପଲବ୍ଧ ହୋଇଯାଇ ପାରୁଥିବେ । ମାତ୍ର ସେଥିଲାଗି କେତେକ ନିର୍ଦ୍ଦିଷ୍ଟ ସର୍ତ୍ତର ମଧ୍ୟ ପୂରଣ କରିବାକୁ ପଡ଼ିବ ।

ତୁମ ଭିତରେ ଆପଣାକୁ ଉତ୍ସର୍ଗ କରିବାର କ୍ଷେତ୍ରରେ ଏକ ବୃହତ୍ ଶୃଙ୍ଖଳା ଏବଂ ପ୍ରଗାଢ଼ତା ରହିଥିବ । ଦିବ୍ୟ ପରମକରୁଣାର ସର୍ବୋଚ୍ଚ ପ୍ରଜ୍ଞା ଉପରେ ପୂର୍ଣ୍ଣଦୃଢ଼ ଏକ ବିଶ୍ୱାସ ମଧ୍ୟ ରହିଥିବ; ଆମ ପାଇଁ ପ୍ରକୃତରେ କ'ଣ ମଙ୍ଗଳକାରକ, ଆମଠାରୁ ସେହି ପରମକରୁଣାହିଁ ସେକଥା ଅଧିକ ଭଲ ଭାବରେ ଜାଣିଛି ବୋଲି ଏକ ଦୃଢ଼ ଆସ୍ଥା ରହିଥିବ । ଏବଂ, ନିଜର ଅଭୀପ୍‌ସାକୁ ମଧ୍ୟ ସେହି କରୁଣା ପାଖରେ ଆଣି ନିବେଦିତ କରିଦେଇ ପାରିଲେ, ଯଥେଷ୍ଟ ପ୍ରଗାଢ଼ତା ସହିତ ତାହାକୁ ନିବେଦନ କରିପାରିଲେ ସେଥିରୁ ଅତ୍ୟନ୍ତ ଚମତ୍କାର ଫଳ ଫଳିବ । ମାତ୍ର ସେହି ପରିଣାମ-ଗୁଡ଼ିକୁ ଦେଖି ଜାଣିବାକୁ ହୁଏ; କାରଣ ଯେତେବେଳେ ବସ୍ତୁଗୁଡ଼ିକର ଉପଲବ୍ଧି ହେଉଥାଏ, ଅଧିକାଂଶ ବ୍ୟକ୍ତି ତାହାକୁ ଏକାନ୍ତ ସ୍ୱାଭାବିକ ବୋଲି ଦେଖିଥାନ୍ତି ଏବଂ, ତାହା କାହିଁକି ଓ କିପରି ଯେ ଘଟିଲା, ସେହି କଥାଟିକୁ ମଧ୍ୟ ଆଦୌ ଦେଖିପାରୁ ନ ଥାନ୍ତି । ସେମାନେ ନିଜକୁ କହିବାରେ ଲାଗିଥାନ୍ତି, "ହଁ, ସ୍ୱଭାବତଃ ଏହିପରିହିଁ ତ ହେବାର ଥିଲା ।" ତେଣୁ ସେମାନେ ସେହି କୃତଜ୍ଞତାଜନିତ ସେହି ଆନନ୍ଦଟିକୁ ହରାଇ ବସନ୍ତି; କାରଣ, ସର୍ବଶେଷ କଥା ହେଉଛି ଯେ, ଯଦି ଆମେ ଦିବ୍ୟ

'oaob.nitrkl.ac.in' images reprocessed

ପରମକରୁଣାଙ୍କ ପ୍ରତି କୃତଜ୍ଞତା ଏବଂ ଧନ୍ୟବାଦାର୍ପଣର ଭାବରେ ନିଜକୁ ପୂର୍ଣ୍ଣ କରି ରଖି ପାରୁଥିବା, ତେବେ ତାହାହିଁ ସର୍ବଶେଷ ପରିପୂର୍ତ୍ତିକୁ ଘଟାଉଥିବ ଏବଂ ଆମର ପ୍ରତ୍ୟେକ ପଦକ୍ଷେପରେହିଁ ଆମେ ଅବଶ୍ୟ ଦେଖିବାକୁ ପାଉଥିବା ଯେ, ବସ୍ତୁଗୁଡ଼ିକ ସର୍ବୋତ୍ତମ ଭାବରେ ପ୍ରକୃତରେ ଯେପରି ହୋଇଥାନ୍ତେ, ସେଗୁଡ଼ିକ ବସ୍ତୁତଃ ଠିକ୍ ସେହିପରି ସମ୍ଭବ ହୋଇ ପାରିଛନ୍ତି ।

ବୁଝିଲ ?

ଏବଂ, ଏହିପରି ଭାବରେ ସତ୍-ଚିତ୍-ଆନନ୍ଦ ପୁନର୍ବାର ଏକାଠି ହୋଇଆସେ, ପୁନର୍ବାର ନିଜର ଏକତ୍ୱଟିକୁ ଗଠନ କରିବା ଲାଗି ଏକାଠି ହୋଇଆସେ ।

ଏଥର ବୁଝିଲ ? ଏତିକରେ ସରଳ ?

ତେବେ ସରଳ ।

'oaob.nitrkl.ac.in' images reprocessed

## ୨୦ ଜୁଲାଇ ୧୯୫୫

**ମା'ଏ "ଯୋଗାସୈଦ" ପୁସ୍ତକର "ସମର୍ପଣ ଏବ ଉନ୍ମୋଚନ" ଅଧ୍ୟାୟଟିରୁ କଛ ପାଠ କଲେ ।**

### "ପରମ ନୈର୍ବ୍ୟକ୍ତିକର ସନ୍ଧାନ କରିବା"ର ଅର୍ଥ କ'ଣ ?

ହଁ ପିଲାମାନେ, ପାଶ୍ଚାତ୍ୟ ଜଗତରେ ଏହାର ଖୁବ ଚଳଣି ରହିଛି । ଖାଲ୍‌ଡୀୟ ଧର୍ମଗୁଡ଼ିକ, ବିଶେଷ କରି ଖ୍ରୀଷ୍ଟିଆନ୍ ଧର୍ମମାର୍ଗଟି ପ୍ରସ୍ତୁତ କରି ଆସିଥିବା ଈଶ୍ୱର-କଳ୍ପନା ଶୁଣିଶୁଣି ଯେଉଁମାନେ କ୍ଲାନ୍ତ ହୋଇ ପଡ଼ିଲେଣି ଅଥବା ତାହା ପ୍ରତି ଯେଉଁମାନଙ୍କର ବିରକ୍ତି ଆସିଗଲାଣି,—ଈଶ୍ୱର ହେଉଛନ୍ତି ଜଣେ ବ୍ୟକ୍ତି, ସିଏ ଈର୍ଷା କରନ୍ତି, କଠୋର ଦଣ୍ଡ ଦିଅନ୍ତି, ସ୍ୱେଚ୍ଛାକୃତ ଆଚରଣମାନ କରନ୍ତି;—ତାଙ୍କୁ ମଣିଷର ପ୍ରତିରୂପଟିକୁ ଦେଇ ଏପରି ସଦୃଶ ଭାବରେ ଗଢ଼ିକରି ରଖି ଦିଆଯାଇଛି ଯେ ସିଏ ଲେଖକ ଆନାତୋଲ୍ ଫ୍ରାଁସ ବିଶ୍ୱକର୍ତ୍ତା ରୂପେ ବର୍ଣ୍ଣନା କରିଥିବା ପ୍ରକୃତରେ ସେହି ଅର୍ଦ୍ଧ-ଈଶ୍ୱର ଯୁବକ ହୋଇଥିବେ ବୋଲି ମନରେ ସନ୍ଦେହ ମଧ୍ୟ ଆସିଥାଏ । —ଏହି ଲୋକମାନେ ଯେତେବେଳେ ଏକ ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ଆଉ ସେହି ବ୍ୟକ୍ତି-ପରିଚୟ ରହିଥିବା ଭଗବାନଙ୍କୁ ଅବଲମ୍ବନ ରୂପେ ଗ୍ରହଣ କରିବାକୁ ମୋଟେ ଭଲ ପାଆନ୍ତି ନାହିଁ,—ସେମାନେ ପ୍ରକୃତରେ ଭାରି ଉଦ୍‌ବିଗ୍ନ ହୋଇ ପଡ଼ନ୍ତି, ସେହି ବ୍ୟକ୍ତିସ୍ୱରୂପ ବିଶିଷ୍ଟ ଭଗବାନ କାଳେ ସେମାନଙ୍କୁ ଭୂତାହୋଇ ଆସିଥିବା ଭଗବାନଙ୍କ ପରି ହୋଇଥିବେ ବୋଲି ଭୟ କରନ୍ତି । ତେଣୁ ଆପଣା ଲାଗି ସେମାନେ ଏକ ନୈର୍ବ୍ୟକ୍ତିକ ଈଶ୍ୱରକଳ୍ପନା ଗ୍ରହଣ କରନ୍ତି, ଯାହାକି ଆଦୌ କୌଣସି ପ୍ରକାରେ ମନୁଷ୍ୟ ପରି ହୋଇ ନ ଥିବ, ଅଥବା ଯଥାସମ୍ଭବ ଅଧିକ କମ୍ ପରିମାଣରେ ତା'ପରି ହୋଇଥିବ । ସେମାନେ ସେହିପରି ଏକ ଭଗବାନ ଗ୍ରହଣ କରନ୍ତି ।

ମାତ୍ର ଶ୍ରୀଅରବିନ୍ଦ କହୁଛନ୍ତି—ଏକଥା ସିଏ ସବୁବେଳେ କହି ଆସିଛନ୍ତି—ସିଏ କହୁଛନ୍ତି ଯେ, ଅଧିମାନସ ସ୍ତରରେ ରହିଥିବା ଦେବତାମାନଙ୍କର ପ୍ରକୃତରେ ମନୁଷ୍ୟ ସହିତ ଖୁବ୍ ସାମଞ୍ଜସ୍ୟ ରହିଛି—ଆମେ ଏକଥା ଏକାଧିକ ବାର କହିଛୁ— ସେମାନଙ୍କର ମନୁଷ୍ୟ ସହିତ ଅତ୍ୟନ୍ତ ସଦୃଶତା ରହିଛି; ମଣିଷଠାରୁ ସେମାନେ ଅନନ୍ତ ଗୁଣରେ ଅଧିକ ବୃହତ୍ତ୍ର ଓ ଅଧିକ ଶକ୍ତିଶାଳୀ; ମାତ୍ର ମଣିଷ ସହିତ

'oaob.nitrkl.ac.in' images reprocessed

ସେମାନଙ୍କର ଏପରି କେତେକ ସାମଞ୍ଜସ୍ୟ ରହିଛି, ଯାହାକି ଠିକଏ ଅଣ୍ତମାନାରେ ଅସାଧାରଣ । ଏହି ଦେବତାମାନଙ୍କର ଊର୍ଦ୍ଧ୍ୱକୁ ସେହି ନୈର୍ବ୍ୟକ୍ତିକ ପରମ-ଈଶ୍ୱର ଶକ୍ତିମାନ ଅଛନ୍ତି, ସେହି ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତା ରହିଛନ୍ତି; ମାତ୍ର ନୈର୍ବ୍ୟକ୍ତିକ ପରମସତ୍ତାଙ୍କର ଆହୁରି ସେପାଖକୁ ସର୍ବୋଚ୍ଚ ଦିବ୍ୟ ପରମସତ୍ତା ମଧ୍ୟ ରହିଛନ୍ତି, ଯିଏ ହେଉଛନ୍ତି ସ୍ୱୟଂ ପରମ ସ୍ୱରୂପ; ଆମକୁ ପରମ ନୈର୍ବ୍ୟକ୍ତିକଙ୍କୁ ଅତିକ୍ରମ କରି ଆହୁରି ସେପାଖରେ ରହିଥିବା ସର୍ବୋଚ୍ଚ ଦିବ୍ୟ ପରମସତ୍ତାଙ୍କ ପାଖରେ ଯାଇ ପହଞ୍ଚିବାକୁ ପଡ଼ିବ ।

ମୁଁ ଯେପରି କହୁଥିଲି, ଯେଉଁମାନେ ବାଲ୍ୟକାଳର ଶିକ୍ଷା ଦ୍ୱାରା ଅତିଶକ୍ତି ପରିମାଣରେ ଜଣେ ଏକକ ବ୍ୟକ୍ତି ଭଳି କଳ୍ପନା କରି ଯାଇଥିବା ଜଣେ ଈଶ୍ୱରଙ୍କର ପରିଚୟରେ ଆସିଛନ୍ତି, କେବଳ ସେହିମାନଙ୍କ ସକାଶେହିଁ ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତାଙ୍କର ସନ୍ଧାନ କରିବା ଉଚିତ ହେବ, କାରଣ, ଏହା ସେମାନଙ୍କୁ ଅନେକ ଅନ୍ଧବିଶ୍ୱାସ ମଧ୍ୟରୁ ମୁକ୍ତ କରି ଆଣିପାରିବ । ତା'ପରେ ସାମର୍ଥ୍ୟ ରହିଥିଲେ ସେମାନେ ଆହୁରି ଆଗକୁ ଯାଇପାରିବେ ଏବଂ, ବସ୍ତୁତଃ ଏହି ଅନ୍ୟ ଯାବତୀୟ ଦେବତାଙ୍କ ତୁଳନାରେ ଆହୁରି ସେପାଖକୁ ରହିଥିବା ଏକ ଦିବ୍ୟ ପରମସତ୍ତାଙ୍କ ସହିତ ପୁନର୍ବାର ଏକ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିପାରିବେ ।

ଏଥର ବୁଝିଲ ?

ମାଆ, ଆମେ ନିଜକୁ ଅନ୍ୟ ବ୍ୟକ୍ତିମାନଙ୍କର ପ୍ରଭାବରୁ ମୁକ୍ତ କରି ନେଇ ପାରିବୁ କିପରି ?

ସମଗ୍ର ଓ ସମ୍ପୂର୍ଣ୍ଣ ଭାବରେ ଅଧିକରୁ ଅଧିକ ପରିମାଣରେ ଦିବ୍ୟ ପରମସତ୍ତାଙ୍କଠାରେହିଁ ଆପଣାକୁ ଅଭିନିବେଶିତ କରି ରଖିବା ଦ୍ୱାରାହିଁ ତାହା ସମ୍ଭବ ହେବ । ଯଦି ତୁମେ ନିଜର ସମସ୍ତ ଉତ୍ସାହକୁ ପ୍ରୟୋଗ କରି ଅଭୀପ୍ସା କରିପାରିବ, ଯଦି କେବଳ ସେହି ଦିବ୍ୟ ପ୍ରଭାବଟିକୁହିଁ ଲାଭ କରିବାକୁ ଇଚ୍ଛା କରୁଥିବ, ଯାହାକିଛି ଅନ୍ୟ ପ୍ରଭାବଗୁଡ଼ିକର କବଳରେ ଯାଇ ପଡ଼ିଯାଉଛି, ଯଦି ତୁମେ ନିରନ୍ତର ତାହାକୁ ପୁନର୍ବାର ଆପଣା ଆଡ଼କୁ ଟାଣିଆଣି ପାରୁଥିବ ଓ ନିଜର ସମସ୍ତ ଇଚ୍ଛାକୁ ପ୍ରୟୋଗ କରି ତାହାକୁ ଦିବ୍ୟ ପ୍ରଭାବର ପରିଧି ମଧ୍ୟରେ ଉପସ୍ଥାପିତ କରି ପାରୁଥିବ, ତେବେଯାଇ ତୁମେ ସେଥିରେ ସଫଳତା ଲାଭ କରିବ । ଏହି କାର୍ଯ୍ୟଟି ଗୋଟିଏ ଦିନରେ ହୋଇଯିବ ନାହିଁ, ଗୋଟାଏ ମୁହୂର୍ତ୍ତରେ ବି କଦାପି ହୋଇଯିବ ନାହିଁ; ତୁମକୁ ଦୀର୍ଘକାଳ, ବର୍ଷ ବର୍ଷ ଧରି ସତର୍କ ରହିବାକୁ ପଡ଼ିବ । ମାତ୍ର ସେପରି କଲେ ଅବଶ୍ୟ ସଫଳ ହୋଇପାରିବ ।

'oaob.nitrkl.ac.in' images reprocessed

ସର୍ବପ୍ରଥମେ ତାହା କରିବା ନିମନ୍ତେ ଇଚ୍ଛା କରିବାକୁ ହେବ ।

ସର୍ବୋପରି, ତୁମକୁ ବୁଝିବାକୁ ହେବ, ଇଚ୍ଛା କରିବାକୁ ହେବ, ଏବଂ ତା'ପରେ ସେହିଭଳି ଅଭ୍ୟାସ କରିବାକୁ ପଡ଼ିବ—ମାତ୍ର ଅଳ୍ପରୁ ଆରମ୍ଭ କରିବାକୁ ହେବ । ଆଜିକାଲି ତୁମେ ଏପରି କର ବୋଲି ଇଚ୍ଛା କରୁଛ ବା ତୁମେ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଛ, ସେଇଟି ବିଷୟରେ ନିଜେ ଖୁବ୍ ବେଶୀ ନିଶ୍ଚିତ ହୋଇ ପାରୁ ନାହିଁ ଏବଂ ତେଣୁ ଅମୁକ ବ୍ୟକ୍ତି, ସମୁକ ବ୍ୟକ୍ତି ଅଥବା ପରମ୍ପରା ଓ ଚଳି ଆସିଥିବା ପ୍ରଥାଗୁଡ଼ିକ ତୁମକୁ ଯେପରି କରିବାକୁ କହୁଛନ୍ତି, ସେହିପରି କରିବାର ଅଭ୍ୟାସରେ ପଡ଼ିଯାଇଛ,—କାରଣ, ତୁମେ ଯେଉଁସବୁ ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇ ଜୀବନଯାପନ କରୁଛ, ସେଥିରେ କେତେ ନା କେତେ ପରିମାଣରେ ସମୁଦ୍ର ତରଫରୁ ହେଉଥିବା ପ୍ରବୃତ୍ତିମାନ ରହିଛି, ସାମାଜିକ ପରମ୍ପରାମାନ ମଧ୍ୟ ରହିଛି—ଯେତେବେଳେ ତୁମେ ଏହିସବୁ ଦ୍ୱାରା ପ୍ରଭାବିତ ହୋଇ କିଛି କରିବାକୁ ଯାଉଛ ବୋଲି ଦେଖିବାକୁ ପାଇବ;—ସାମାଜିକ ଅଭ୍ୟାସଗୁଡ଼ିକର ଜାଲ ଭିତରେ ପଡ଼ିଯିବା ପ୍ରକୃତରେ ଏକ ବଡ଼ ଭୟଙ୍କର କଥା । ତୁମର ଶ୍ରେଷ୍ଠ ବେଳରୁହିଁ ତୁମର ଚେତନାକୁ ସେହିଗୁଡ଼ିକ ଦ୍ୱାରା ଭର୍ତ୍ତି କରି ରଖା ଯାଇଥାଏ; ତୁମେ ଶିଶୁଟିଏ ହୋଇଥିବା ସମୟରେ ତୁମକୁ କୁହାଯାଏ : "ତୁମେ ଏହି କଥାଟିକୁ କର, ଏଇଟି ଉଚିତ; ସେହି କଥା କର ନାହିଁ, ତାହା ଉଚିତ ନୁହେଁ; ଏହି କଥାଟିକୁ ତୁମେ ଏପରି କରିବ, ଏହାକୁ ତୁମେ ଆଦୌ ସେପରି ଭାବରେ କରିବ ନାହିଁ,"—ତୁମକୁ ଏହିପରି ଯାବତୀୟ ନାନା କଥା କୁହାଯାଏ—ସାଧାରଣତଃ ଏହିସବୁ ଧାରଣାକୁ ପିତାମାତା ବା ଶିକ୍ଷକମାନେ ସେମାନେ ପିଲା ଥିବା ସମୟରେ ଠିକ୍ ଏହିଭଳି ଏକ ପ୍ରଣାଳୀ ଦ୍ୱାରା ଗ୍ରହଣ କରିଥାନ୍ତି, ସେଗୁଡ଼ିକରେ ଅଭ୍ୟସ୍ତ ହୋଇ ପଡ଼ିଥାନ୍ତି ଓ ଅଭ୍ୟାସରେ ପଡ଼ି ସେହିଗୁଡ଼ିକୁ ସ୍ୱୀକାର କରି ନେଇଥାଆନ୍ତି । ଏଗୁଡ଼ିକୁ ସବୁଠାରୁ ଅଧିକ ପରିମାଣରେ ବିପଜ୍ଜନକ ପ୍ରଭାବ ବୋଲି କୁହାଯିବ,—କାରଣ ଏଗୁଡ଼ିକ ଅତ୍ୟନ୍ତ ସୂକ୍ଷ୍ମ, ଏଗୁଡ଼ିକୁ ବାହ୍ୟତଃ ଶବ୍ଦ ଦ୍ୱାରା ବ୍ୟକ୍ତ କରାଯାଏ ନାହିଁ । ତୁମେ ଅତି ସାନ ପିଲାଟିଏ ହୋଇଥିବା ସମୟରେ ତୁମ ମୁଣ୍ଡରେ ସେଗୁଡ଼ିକୁ ଆଣି ଭର୍ତ୍ତି କରିଦିଆ ଯାଇଥାଏ, ତୁମର ଅନୁଭବ ଏବଂ ପ୍ରତିକ୍ରିୟାଗୁଡ଼ାକ ମଧ୍ୟ ଅନୁରୂପ ଭାବରେ ତିଆରି ହୋଇ ରହିଥାଏ; ଏବଂ କେବଳ ପରେ, ଅନେକ ପରେ ଯାଇ, ତୁମେ ଯେତେବେଳେ କ'ଣ ପ୍ରକୃତ ସତ୍ୟ, ସେବିଷୟରେ ଖୋଜିବାକୁ ଓ ଜାଣିବାକୁ ଚେଷ୍ଟା କରିବାକୁ ଆରମ୍ଭ କର,···ଯେମିତି ତୁମେ ବୁଝିପାର ଯେ, ଏପରି ଗୋଟିଏ ବସ୍ତୁ ରହିଛି, ଯାହାକୁ କି ଆଉ ଅବଶିଷ୍ଟ ସବୁକିଛିଠାରୁ ଊର୍ଦ୍ଧ୍ୱରେ ରଖିବାକୁ ହେବ, ଏପରି ଏକ ବସ୍ତୁ ରହିଛି ଯାହାକି ତୁମକୁ ନିଜ ଜୀବନକୁ ବଞ୍ଚିବା ବିଷୟରେ ଯଥାର୍ଥ ଶିକ୍ଷା ଦେଇପାରିବ, ଯାହା ତୁମର ଚରିତ୍ରକୁ ତିଆରି କରିବ ଓ

'oaob.nitrkl.ac.in' images reprocessed

ତୁମର ଯାବତୀୟ କ୍ରିୟାତ୍ମକତାକୁ ପରିଚାଳିତ କରିବ,···ଯେତେବେଳେ ତୁମେ ତାହା ତୁଟିପାରିବ, ସେତେବେଳେ ତୁମେ ନିଜର ଯାବତୀୟ କାର୍ଯ୍ୟକୁ ଲକ୍ଷ୍ୟ କରି ଦେଖିବାକୁ ଲାଗିବ, ତଟସ୍ଥ ଭାବରେ ଆପଣା ଆଡ଼କୁ ଅନାଇ ଦେଖିବ, ତୁମେ ଲାଭ କରିଥିବା ଯାବତୀୟ ଅଭ୍ୟାସ, ସଂସ୍କାର ତଥା ଶିକ୍ଷାର ସେହି ବହୁସଂଖ୍ୟକ ସାନସାନ ବନ୍ଧନ ଓ ଗଣ୍ଠିଗୁଡ଼ାକୁ ଅନାଇ ହୁଏତ ଉପଭୁକ୍ତ ହସିବ ଏବଂ ତା'ପରେ ଏହିସବୁ ବସ୍ତୁ ଉପରକୁ ଦିବ୍ୟ ପରମ ସତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରି ରଖିବାର ଆଲୋକ, ଚେତନା ଏବଂ ଅଭୀପ୍ସାକୁ ପ୍ରତିଫଳିତ କରାଇ ଆଣିବ । ଏବଂ ତା'ପରେ, ଯେତେବେଳେ ଯାହା ଆବଶ୍ୟକ ହେବ, ଯାବତୀୟ କାର୍ଯ୍ୟକୁ କରିବା ନିମନ୍ତେ ତୁମେ ସେହି ଦିବ୍ୟ ପ୍ରେରଣାକୁହିଁ ଲାଭ କରିବାକୁ ଚେଷ୍ଟା କରିବ; ଅଭ୍ୟାସର ଦାସ ହୋଇ ସେଗୁଡ଼ିକୁ କରିବ ନାହିଁ, ନିଜର ପ୍ରାଣିକ ଆବେଗଗୁଡ଼ିକର ବଶବର୍ତ୍ତୀ ହୋଇ କରିବ ନାହିଁ, ଅନ୍ୟମାନଙ୍କଠାରୁ ଲବ୍ଧ ହୋଇଥିବା ଏବଂ, ସେଗୁଡ଼ିକ ଆସି ତୁମକୁ ପ୍ରଭାବିତ ନ କରୁଥିଲେ ତୁମେ ସମ୍ଭବତଃ ଆଦୌ ଯେଉଁ କାର୍ଯ୍ୟଗୁଡ଼ିକୁ କରି ନଥାନ୍ତ, ତୁମକୁ ସେହିସବୁ କାର୍ଯ୍ୟକୁ କରିବା ଲାଗି ବାଧ୍ୟ କରୁଥିବା ପ୍ରାଣିକ ଆବେଗ କିଂବା ବ୍ୟକ୍ତିଗତ କୌଣସି ଇଚ୍ଛା ଦ୍ୱାରା ତାଡ଼ିତ ହୋଇ ମଧ୍ୟ କିଛି କରିବ ନାହିଁ ।

ଆମକୁ ଏହି ଯାବତୀୟ ବସ୍ତୁ ଉପରେ ଦୃଷ୍ଟିପାତ କରିବାକୁ ହେବ, ଗଭୀର ମନୋଯୋଗ ସହିତ ସେଗୁଡ଼ିକୁ ଅନାଇ ଦେଖିବାକୁ ହେବ ଏବଂ ଦିବ୍ୟ ପରମ ସତ୍ୟକୁ ଲାଭ କରିବାକୁ ରହିଥିବା ଆପଣାର ସାମର୍ଥ୍ୟ ଅନୁସାରେ ତାହାରି ସମ୍ମୁଖରେହିଁ ସେହି ବସ୍ତୁଗୁଡ଼ିକୁ ଗୋଟିକପରେ ଗୋଟିଏ କରି ନେଇ ରଖିଦେବାକୁ ପଡ଼ିବ । — ସେହି ସତ୍ୟକୁ ଲାଭ କରିବାର ପ୍ରକ୍ରିୟା ହେଉଛି ଏକ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ପ୍ରକ୍ରିୟା, ଆମେ ତାହାକୁ ଉତ୍ତରୋତ୍ତର ଅଧିକ ଶୁଦ୍ଧ, ଅଧିକ ବଳଯୁକ୍ତ ଏବଂ ଅଧିକ ସ୍ପଷ୍ଟଦୃଷ୍ଟି ହୋଇ ଲାଭ କରିବାକୁ ସମର୍ଥ ହୋଇଥାଉ;—ଏହି ଯାବତୀୟ ବସ୍ତୁକୁ ତୁମେ ସେହି ସତ୍ୟର ସମ୍ମୁଖରେ ନେଇ ରଖିବ ଏବଂ ଏକ ସଂପୂର୍ଣ୍ଣ ଆନ୍ତରିକତା ସହିତ ଇଚ୍ଛା କରିବ ଯେ, ଆଉ ଅନ୍ୟ କିଛି ନୁହେଁ, କେବଳ ଏହାହିଁ ଏଣିକି ତୁମକୁ ପଥ ଦେଖାଇବ ଓ ପରିଚାଳିତ କରିନେବ । ଏହି କାର୍ଯ୍ୟଟିକୁ ତୁମେ ଥରେ କରିବ, ଶହେଥର କରିବ, ହଜାରଥର କରିବ, ଲକ୍ଷ ଲକ୍ଷ ଥର ବି କରିବ ଏବଂ ଏହିଭଳି ଅବିଶ୍ରାନ୍ତ ପ୍ରୟାସ କରିବାର ବହୁବର୍ଷ ପରେ ତୁମେ କ୍ରମଶଃ ସଜ୍ଞାନ ହେବାକୁ ଆରମ୍ଭ କରିବ ଯେ, ତୁମେ ପରିଶେଷରେ ଏତେଦିନକେ ଯାଇ ଏକ ସ୍ୱାଧୀନ ସତ୍ତାରେ ପରିଣତ ହୋଇ ପାରିଲ—କାରଣ, ଏହାହିଁ ହେଉଛି ପ୍ରକୃତରେ ଏକ ଉଲ୍ଲେଖଯୋଗ୍ୟ କଥା : ଅର୍ଥାତ୍, ଯେତେବେଳେ ତୁମେ ସଂପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ଦିବ୍ୟ ପରମସତ୍ତାଙ୍କ ନିକଟରେ ସମର୍ପିତ ହୋଇ ରହିଥିବ, କେବଳ ସେତିକିବେଳେ ଯାଇ ତୁମେ ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇପାରିବ ଏବଂ ଏହାହିଁ ହେଉଛି ସ୍ୱାଧୀନ ହୋଇ ପାରିବାର ଅପରିବର୍ତ୍ତନୀୟ ଏକମାତ୍ର ସର୍ତ୍ତ—ତୁମେ ସମ୍ପୂର୍ଣ୍ଣ ଭାବରେ ସେହି ଦିବ୍ୟ ପରମସତ୍ତାଙ୍କରହିଁ ହୋଇ ରହିବ । ତୁମେ ସମଗ୍ର ପୃଥିବୀଠାରୁ ମୁକ୍ତ ହୋଇ ରହିବ, କାରଣ ତୁମେ କେବଳ ତାଙ୍କର ହୋଇ ରହିଥିବ । ଏବଂ, ଏହି ସମର୍ପଣହିଁ ଯଥାର୍ଥରେ ସର୍ବୋଚ୍ଚ ମୁକ୍ତିଲାଭ; ଏହାଦ୍ୱାରା ତୁମେ ଆପଣାର କ୍ଷୁଦ୍ର ବ୍ୟକ୍ତି ଅହଂଟିଠାରୁ ମଧ୍ୟ ମୁକ୍ତ ହୋଇ ରହିପାରିବ । ମାତ୍ର ଏହା ହେଉଛି ସବୁଠାରୁ ଅଧିକ କଷ୍ଟକର କାର୍ଯ୍ୟ । ମାତ୍ର, ଏହାହିଁ ତୁମକୁ ସବୁଠାରୁ ଅଧିକ ସୁଖ ମଧ୍ୟ ଆଣି ଦେଇପାରିବ,—ଏକମାତ୍ର ଏହାରି ଦ୍ୱାରାହିଁ ତୁମେ ସତତ ଶାନ୍ତି ପାଇବ, ଅବିଚ୍ଛିନ୍ନ ଆନନ୍ଦ ଲାଭ କରିପାରିବ ଏବଂ, ତୁମକୁ ଯାହାକିଛି ଆକାଂକ୍ଷା, ଖର୍ବ, ନ୍ୟୂନ ଏବଂ ଦରିଦ୍ର କରି ରଖିଛି ଓ ଯାହାକିଛିର ତୁମ ଭିତରେ ଏତେ ଟିକିଏ ମଧ୍ୟ ଉଦ୍‌ବେଗ ତଥା ଭୟ ସୃଷ୍ଟି କରିବାର ସାମର୍ଥ୍ୟ ରହିଛି, ସେହି ସବୁକିଛିରୁ ତୁମେ ଅନ୍ତହୀନ ମୁକ୍ତି ଲାଭ କରିଥିବା ପରି ଅନୁଭବ କରିବ । ତୁମେ ଆଉ କୌଣସି ବିଷୟରେ ବି ଚିନ୍ତିତ ହେବ ନାହିଁ, ଆଉ କୌଣସି କଥାକୁ ଭୟ କରିବ ନାହିଁ, ତୁମେ ନିଜେହିଁ ନିଜ ନିୟତିର ସର୍ବୋଚ୍ଚ କର୍ତ୍ତାପୁରୁଷ ହୋଇ ରହିବ, କାରଣ ସେତେବେଳେ ସେହି ଦିବ୍ୟ ପରମସତ୍ତାହିଁ ତୁମ ଭିତରେ ରହି ଯାହାକିଛି ଇଚ୍ଛା କରୁଥିବେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ତୁମକୁ ପରିଚାଳିତ କରି ନେଉଥିବେ । ମାତ୍ର ଏହି କଥାଟି ଆଦୌ ଗୋଟିଏ ରାତିରେ ହୋଇଯିବ ନାହିଁ : ଏଥିପାଇଁ କିଞ୍ଚିତ୍ ସମୟ ଲାଗିବ, ତୁମ ଇଚ୍ଛା ମଧ୍ୟରେ ପ୍ରଭୂତ ଉତ୍ସାହ ରହିଥିବା ଆବଶ୍ୟକ ହେବ, କୌଣସି ଉଦ୍ୟମ କରିବାକୁ ତୁମେ ଆଦୌ କୌଣସି ଭୟ କରୁ ନ ଥିବ ଏବଂ ସଫଳ ହୋଇପାରୁ ନ ଥିଲେ ମଧ୍ୟ ତଥାପି ହୃଦୟ ଭିତରେ ଅବଶ ହୋଇପଡ଼ୁ ନ ଥିବ ; ବିଜୟ ଯେ ଅତ୍ୟନ୍ତ ସୁନିଶ୍ଚିତ ଏବଂ ତାହା ଆସି ପହଞ୍ଚିବା ପର୍ଯ୍ୟନ୍ତ ତୁମକୁ ଯେ ଧୈର୍ଯ୍ୟ ଧାରଣ କରିବାକୁ ହେବ, ତୁମେ ସେହି କଥାଟିକୁ ଉତ୍ତମରୂପେ ଜାଣିଥିବ । ବୁଝିଲ ?

ମାଆ, "ଦିବ୍ୟ ପରମସତ୍ତା ଆପଣାକୁ ଦେଇଦିଅନ୍ତୁ"ର ଅର୍ଥ କ'ଣ ?

ଏହାର ଠିକ୍ ଏପରି ଅର୍ଥ ହେବ : ତୁମେ ଯେତିକି ଅଧିକ ପରିମାଣରେ ନିଜକୁ ଦେଇ ପାରୁଥିବ, ଠିକ୍ ସେତିକି ଅଧିକ ପରିମାଣରେ ତୁମେ ସେହି ଅନୁଭବଟିକୁ ଲାଭ କରୁଥିବ — ଏହାକୁ କେବଳ ଏକ ଅନୁଭୂତି, ଧାରଣା ଅଥବା ସାମାନ୍ୟ ବୋଧ ବୋଲି ବୁଝାଯିବ ନାହିଁ, — ଏହା ହେଉଛି ଏକ ସମଗ୍ର

'oaob.nitrkl.ac.in' images reprocessed

ଅନୁଭବ — ତୁମେ ଅନୁଭବ କରିବ ଯେ, ତୁମେ ଆପଣାକୁ ଯେତିକି ଅଧିକ ପରିମାଣରେ ଦିବ୍ୟ ପରମସତ୍ତାଙ୍କ ପାଖରେ ଆଣି ଦେଇ ପାରୁଥିବ, ତୁମେ ସେତିକି ଅଧିକ ପରିମାଣରେ, ସମଗ୍ର ଓ ସତତ ଭାବରେ, ପ୍ରତ୍ୟେକ ମୁହୂର୍ତ୍ତରେ, ତୁମର ଯାବତୀୟ ଭାବନାରେ, ଯାବତୀୟ ଆବଶ୍ୟକତା ସମୟରେ ନିଜକୁ ଦେଇ ପାରୁଥିବ; ସିଏ ସେତିକି ଅଧିକ ପରିମାଣରେ ତୁମର ସାଙ୍ଗେ ସାଙ୍ଗେ ଅବଶ୍ୟ ରହିଥିବେ ଏବଂ, ତୁମେ ଏକଥା ମଧ୍ୟ ଅନୁଭବ କରିବ ଯେ, ଏପରି ଆଉ କୌଣସି ଅଣ୍ଟାପ୍ରସ୍ତା ନାହିଁ, ଯାହାର ଫଳସ୍ୱରୂପ କି ତତ୍‌କ୍ଷଣାତ୍ ଏକ ଉତ୍ତର ନ ମିଳିବ । ଏବଂ ତୁମ ଭିତରେ ଏକ ସମ୍ପୂର୍ଣ୍ଣ ଓ ସହଜ ଅନ୍ତରଙ୍ଗତା ତଥା ଏକ ସମଗ୍ର ସନ୍ନିକଟତାର ବୋଧ ସଦାବର୍ତ୍ତମାନ ହୋଇ ରହିଥିବ । ତୁମର ମନେ ହେଉଥିବ, ସତେ ଯେପରି ତୁମେ···ସତେଯେପରି ଦିବ୍ୟ ପରମସତ୍ତା ସତତ ତୁମ ସହିତ ରହିଛନ୍ତି; ତୁମେ ଚାଲୁଛ ଏବଂ ସିଏ ତୁମ ସହିତ ଚାଲୁଛନ୍ତି, ତୁମେ ଶୋଉଛ ଏବଂ ସିଏ ତୁମ ସହିତ ଆସି ଶୋଉଛନ୍ତି, ତୁମେ ଖାଉଛ ଓ ସିଏ ତୁମ ସହିତ ଖାଉଛନ୍ତି, ତୁମେ ଭାବୁଛ ଓ ସିଏ ତୁମ ସହିତ ଭାବୁଛନ୍ତି, ତୁମେ ଭଲ ପାଉଛ ଓ ସେଇ ତୁମର ଭଲ ପାଇବା ହୋଇ ଅବସ୍ଥିତ ରହିଛନ୍ତି । ମାତ୍ର ଏଥିଲାଗି ଆପଣାକୁ ସମ୍ପୂର୍ଣ୍ଣ ଓ ସମଗ୍ର ଭାବରେ ଦେଇ ଦେବାକୁ ହେବ, ଐକାନ୍ତିକ ଭାବରେ ଦେଇଦେବାକୁ ପଡ଼ିବ, କୌଣସି ପ୍ରକାରେ କାର୍ପଣ୍ୟ କରିବ ନାହିଁ, ନିଜ ଭିତରେ କିଛିହେଲେ ଲୁଚାଇ ରଖିବ ନାହିଁ, ନିଜର ବୋଲି କିଛି ଅଲଗା କରି ରଖିବ ନାହିଁ ଏବଂ କିଛି ଯାଡ଼େ ସାଡ଼େ ବିକ୍ଷିପ୍ତ କରି ଦେଇ ନ ଥିବ । ତୁମ ଭିତରେ ଥିବା ସାମାନ୍ୟ ଏତେ ଟିକିଏ ବସ୍ତୁ ବି, ଯାହା ଦିବ୍ୟ ପରମସତ୍ତାଙ୍କୁ ଦିଆ ନ ଯାଉଛି, ତାହା ପ୍ରକୃତରେ ନଷ୍ଟ ହୋଇଗଲା ବୋଲି ଜାଣିବାକୁ ହେବ; ଏହାଦ୍ୱାରା ତୁମର ଆନନ୍ଦ କ୍ଷୟପ୍ରାପ୍ତ ହେଉଛି, ତୁମର ସୁଖକୁ ତାହା ସେତିକି ପରିମାଣରେ ହ୍ରାସ କରି ଦେଉଛି ଏବଂ, ତୁମେ ଯାହାକିଛି ତାଙ୍କ ପାଖରେ ନେଇ ଦେଇପାରୁ ନାହିଁ, ତଦ୍ୱାରା ତୁମେ ସତେଅବା, ଦିବ୍ୟ ପରମସତ୍ତା ଆପଣାକୁ ତୁମପାଖରେ ଆଣି ଦେବାର ବାଟରେ ତାହାକୁ ଏକ ପ୍ରତିବନ୍ଧକ ପରି ଠିଆ କରାଇ ରଖୁଛ । ତୁମେ ତାଙ୍କୁ ନିଜର ଅତ୍ୟନ୍ତ ନିକଟବର୍ତ୍ତୀ ରୂପେ ଅନୁଭବ କରୁ ନାହଁ; ସିଏ ତୁମ ପାଖରେ ସତତ ରହିଛନ୍ତି ବୋଲି ଅନୁଭବ କରିପାରୁ ନାହଁ, କାରଣ ତୁମେ ପ୍ରକୃତରେ ତାଙ୍କର ହୋଇପାରି ନାହଁ, କାରଣ ତୁମେ ଅନ୍ୟ ଶହଶହ ବସ୍ତୁ ଏବଂ ମଣିଷଙ୍କର ହୋଇ ରହିଛ; ତୁମର ଚିନ୍ତାରେ, କର୍ମରେ, ସଂବେଗ ତଥା ଆବେଗଗୁଡ଼ିକ ମଧ୍ୟରେ···ସେସବୁ କ୍ଷେତ୍ରରେ ଏପରି ବହୁକୋଟି ପଦାର୍ଥ ରହିଛି, ଯାହାକୁ କି ତୁମେ ତାଙ୍କୁ ଦେଉ ନାହଁ ଏବଂ ସେହି କାରଣରୁହିଁ ସିଏ ଅନବରତ ତୁମ ସହିତ ରହିଛନ୍ତି ବୋଲି ଅନୁଭବ କରିପାରୁ ନାହଁ, କାରଣ, ଏହି ଯାବତୀୟ ବସ୍ତୁ

'oaob.nitrkl.ac.in' images reprocessed

ଗୋଟିଏ ଗୋଟିଏ ପର୍ଦ୍ଦା ଓ ପ୍ରାଚୀର ପରି ହୋଇ ତୁମ ଓ ତାଙ୍କ ଭିତରେ ଠିଆ ହୋଇ ରହୁଛନ୍ତି । ମାତ୍ର ଯଦି ତୁମେ ତାଙ୍କୁ ସବୁକିଛି ଦେଇ ଦେଇ ପାରିବ, ଆଦୌ କିଛିହେଲେ ଅଡୁଆ ରଖିବ ନାହିଁ, ତେବେ, ତୁମେ ଯାହାକିଛି କରୁଛ, ଯାହାକିଛି ଭାବୁଛ ଓ ଯାହାକିଛି ଅନୁଭବ କରୁଛ, ସେହି ସବୁଥିରେ ସର୍ବଦା ପ୍ରତ୍ୟେକ ମୁହୂର୍ତ୍ତରେ ସିଏ ସତତ ତଥା ସମଗ୍ର ଭାବରେ ତୁମ ସହିତ ଅବଶ୍ୟ ଆସି ରହିବେ । ମାତ୍ର ଏଥିଲାଗି ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେବାକୁ ହେବ, ଆଦୌ କିଛିହେଲେ ଅଡୁଆ ହୋଇ ରହିବ ନାହିଁ; ତୁମେ ଯାହାକିଛି ନ ଦେଇ ନିଜ ପାଖରେ ରଖୁଛ, ତାହା ଯେତେ ଶ୍ରେଷ୍ଠ ହୋଇଥାଉ ପଛକେ, ତାହା ସତେଅବା ଖଣ୍ଡେ ପଥରରେ ପରିଣତ ହୋଇଯିବ ଏବଂ ସେହିଗୁଡ଼ିକ ସାହାଯ୍ୟରେ ତୁମେ ଦିବ୍ୟ ପରମସତ୍ତା ଏବଂ ନିଜ ମଧ୍ୟରେ ଏକ ପାଚେରି ଗଢ଼ି ଥୋଇଦେବ । ଏବଂ ତା'ପରେ ଅଭିଯୋଗ କରିବାରେ ଲାଗିଥିବ : "କାହିଁ, ମୁଁ ତ ଆଉ ତାଙ୍କୁ ଆଦୌ ଅନୁଭବ କରି ପାରୁ ନାହିଁ !" ତୁମେ ଯଦି ତଥାପି ତାଙ୍କୁ ଅନୁଭବ କରି ପାରୁଥାନ୍ତ, ତେବେ ପ୍ରକୃତରେ ତାହାହିଁ ଏକ ଆଶ୍ଚର୍ଯ୍ୟର କଥା ହୁଅନ୍ତା ।

ସରଳ ?

"ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତା"ର ପ୍ରକୃତ ଅର୍ଥ କ'ଣ ?

କେତେକ ଦର୍ଶନ ଓ ଧର୍ମରେ ଏହାକୁ ନିରାକାର ବୋଲି କୁହାଯାଇଛି । ଏପରି ଏକ ବସ୍ତୁ, ଯାହା ସକଳ ଆକାରର ଅତୀତ, ଏପରିକି ଭାବନାନିଷ୍ପନ୍ନ ଯାବତୀୟ ଆକାରର ଅତୀତ; କେବଳ ଯେ ଭୌତିକ ଆକାରର ତାହା ନୁହେଁ, ସକଳ ଭାବନା ତଥା ଗତିସ୍ପନ୍ଦନରୁ ନିଷ୍ପନ୍ନ ହେଉଥିବା ଆକାରର ଅତୀତ । ଏହା ଏପରି ଏକ ବସ୍ତୁର କଳ୍ପନା, ଯାହାକି, କେବଳ ଯେ ସୂକ୍ଷ୍ମତମ ଚକ୍ଷୁରେ ଚିନ୍ତିତ, କଳ୍ପିତ ଅଥବା ଦୃଷ୍ଟ ହେଉଥିବା ଯାବତୀୟ ପଦାର୍ଥର ଅତୀତ ତା' ନୁହେଁ, ମାତ୍ର ଯାହାକିଛିର ଏତେଟିକିଏ ବି ବୋଧ ଆକାର ମଧ୍ୟ ରହିଛି, ଏପରିକି ଯାବତୀୟ ମାନୁଷୀ ବୋଧକୁ ଅନିର୍ଦ୍ଦିଷ୍ଟ ଭାବରେ ଏଡ଼ିଦେଇ ଚାଲି ଯାଉଥିବା ପଦାର୍ଥଗୁଡ଼ିକଠାରୁ ଆହୁରି ଅଧିକ ସୂକ୍ଷ୍ମ ହୋଇ ରହିଥିବା ଗତିସ୍ପନ୍ଦନଗୁଡ଼ିକର ମଧ୍ୟ ଅତୀତ ହୋଇ ରହିଛି । ଏପରିକି ସତ୍ତାର ଉଚ୍ଚତମ ଅବସ୍ଥାଗୁଡ଼ିକରେ ଯେଉଁସବୁ ବୋଧ ପ୍ରାପ୍ତ ହୋଇଥାଏ, ତାହାର ଅତୀତ ହୋଇ ରହିଛି । ଏହା ହେଉଛି ଯେକୌଣସି ଭୂମିର ଯାବତୀୟ ରୂପାଭିବ୍ୟକ୍ତିର ଅତୀତ,— ଏହିପରି ଭାବରେହିଁ ନୈର୍ବ୍ୟକ୍ତିକ ପରମ-ଈଶ୍ୱରଙ୍କର ସଂଜ୍ଞା ନିରୂପଣ କରାଯାଇଥାଏ । ଆମେସବୁ ଯେତେଯାହା ଗୁଣର କଳ୍ପନା କରିପାରିବା, ତାଙ୍କର ଆଦୌ ସେସବୁ ଗୁଣ ନାହିଁ, ସିଏ ହେଉଛନ୍ତି ଗୁଣାତୀତ । ଏଥିରୁ ସ୍ପଷ୍ଟ ହୋଇଯାଉଥିବ ଯେ, ଏହିପରି ଏକ ପରମସତ୍ତାଙ୍କର

'oaob.nitrkl.ac.in' images reprocessed

କଳ୍ପନା ଏପରି ଏକ ବସ୍ତୁର ଅନ୍ୱେଷଣକୁ ବୁଝାଉଛୁ, ଯାହାକୁ କି ସୃଜନର ବିପରୀତ ବୋଲି ବୁଝାଯାଇପାରିବ, ଏବଂ ତେଣୁ କେତେକ ଧର୍ମ ଏହି କ୍ଷେତ୍ରରେ ନିର୍ବାଣର ବିଚାରଟିକୁ ଆଣି ପ୍ରବିଷ୍ଟ କରାଇଛନ୍ତି, — ନିର୍ବାଣ ଅର୍ଥାତ୍ ଏକ ଅନସ୍ତିତ୍ୱର ଅବସ୍ଥା; ଏହା ଦ୍ୱାରା ସେହି ଅନୁରୂପ ଅନୁସନ୍ଧାନଟି କରାଯାଇଛି, ସେହି ଅନୁରୂପ ବସ୍ତୁଟିର ଆବିଷ୍କାର କରିବା ଲାଗି ଚେଷ୍ଟା କରାଯାଇଛି, ଯାହାକି ଆମେ କଳ୍ପନା କରିପାରୁଥିବା ଯାବତୀୟ ବସ୍ତୁର ବିପରୀତ ହୋଇଥିବ । ତେଣୁ ପରିଶେଷରେ ତାହାର ମଧ୍ୟ ଏକ ସଂଜ୍ଞା ନିରୂପଣ କରିବାକୁ ପଡ଼ିଥାଏ, କାରଣ ତା' ନ ହେଲେ ତାହା ବିଷୟରେ ଆଦୌ କିଛୁ ବୁଝାଯାଇପାରିବ କିପରି ? ମାତ୍ର, ବାସ୍ତବ ଅନୁଭୂତିରେ ଆମକୁ ବ୍ୟକ୍ତ ପୃଥିବୀର ଯାବତୀୟ ବସ୍ତୁର ଆହୁରି ସେପାଖକୁ ଯିବାକୁ ହୋଇଥାଏ ଏବଂ ତାହାକୁହିଁ ଆମେ ପରମ ନୈର୍ବ୍ୟକ୍ତିକ ସତ୍ତା ବୋଲି କହୁଥାଉ ।

ହଁ, ଏପରି ମଧ୍ୟ ଘଟିଥାଏ — ଏବଂ ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ — ଏପରି ହୋଇଥାଏ ଯେ ସେହିଭଳି ଏକ କ୍ଷେତ୍ର ମଧ୍ୟ ରହିଥାଏ — ଏପରି ଏକ କ୍ଷେତ୍ର ··· ଏହାକୁ ଶବ୍ଦ ଦେଇ କିପରି ବର୍ଣ୍ଣନା କରିହେବ ? ଯାହାକି ଅସ୍ତିତ୍ୱରେ ରହିଥିବା ଯାବତୀୟ ବସ୍ତୁର ନାସ୍ତିକୁହିଁ ଘୋଷଣା କରିଥାଏ । ସତ୍ତାର ସକଳ ଭୂମିର ପଶ୍ଚାତରେ, ଏପରିକି ଏହି ଜଡ଼ଭୂମିର ପଶ୍ଚାତରେ ମଧ୍ୟ ଏକ ନିର୍ବାଣର ସ୍ଥିତି ବିଦ୍ୟମାନ ରହିଛି । ଆମେ ଏଠାରେ ନିର୍ବାଣ ଶବ୍ଦଟିକୁ ବ୍ୟବହାର କରୁଛୁ, କାରଣ ଏହି ଶବ୍ଦଟି ଅପେକ୍ଷାକୃତ ଅଧିକ ସହଜ ମନେ ହେଉଛି; ମାତ୍ର, ଆମେ ଏପରି ମଧ୍ୟ କହିପାରିବା, "ଭୌତିକ, ମନୋଗତ ତଥା ପ୍ରାଣିକ ଭୂମିଗୁଡ଼ିକର ପଶ୍ଚାତରେ, ସତ୍ତାର ଯାବତୀୟ ଭୂମିଗୁଡ଼ିକର ପଶ୍ଚାତରେ, ସେଗୁଡ଼ିକର ଅତୀତ ହୋଇ ଏକ ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତା ଅବସ୍ଥିତ ରହିଛନ୍ତି ।" (କୌଣସି ନା କୌଣସି ପ୍ରଣାଳୀର ସାହାଯ୍ୟ ନେଇ ଆମକୁ କଥାଟିକୁ କହିବାକୁହିଁ ହୁଏ ।) ଏହା ଯେ ଅବଶ୍ୟ ଅଧିକ ସୂକ୍ଷ୍ମ ହୋଇଥିବ, ସେକଥା ଆଦୌ ନୁହେଁ, ଏହା ଏକ ଅନ୍ୟ ବସ୍ତୁ, ଏକ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ବସ୍ତୁ; ଅର୍ଥାତ୍, ଉଦାହରଣସ୍ୱରୂପ, ଧ୍ୟାନର ଅବସ୍ଥାରେ ଯଦି ତୁମେ ନିର୍ବାଣ ବିଷୟରେ ଧ୍ୟାନ କରିବ, ତେବେ ତୁମ ନିଜ ମନର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯାଇ ଅବସ୍ଥାନ କରିପାରିବ ଏବଂ ଏକ ବିଶେଷ ଅଭିନିବେଶ ଦ୍ୱାରା ନିଜର ଚେତନାରେ ଗୋଟିଏ ପ୍ରକାରର ଉତ୍କ୍ରମଣ ସମ୍ଭବ କରିପାରିବ ଓ ତଦ୍ୱାରା ହଠାତ୍ ଏପରି ଏକ ଭୂମିରେ ଯାଇ ଉପନୀତ ହୋଇଯିବ, ଯାହା ହେଉଛି ସେହି ନିର୍ବାଣର ଭୂମି, ଅନସ୍ତିତ୍ୱର ଭୂମି । ମାତ୍ର ତଥାପି, ଚେତନାର ଆରୋହଣ-କ୍ରମରେ ତୁମେ ସେହି ମନର ସୀମା ଭିତରେହିଁ ରହିଥିବ ।

'oaob.nitrkl.ac.in' images reprocessed

ଯଦି ଆମେ ଆସ୍ପୃହାମଗୁଡ଼ିକର ଅନେକତା ବିଷୟରେ କିଛି ଜାଣିଥିବା ଓ ଏହି ତତ୍ତ୍ୱଟିକୁ ବୁଝିପାରିଥିବା, ତେବେ ହୁଏତ ଏହିସବୁ ବିଷୟରେ ଆମର କିଛିଟା ବୋଧ ସମ୍ଭବ ହୋଇପାରିବ । ସର୍ବସ୍ତ୍ରଥମେ ତୁମକୁ ଚତୁର୍ଥ ଆସ୍ପୃହାମ ବା ପ୍ରସ୍ଥିତି ବିଷୟରେ ଶିକ୍ଷା ଦିଆଯିବ । ଯଦି ତୁମେ ଏହି ଆସ୍ପୃହାମଗୁଡ଼ିକର ତତ୍ତ୍ୱଟିକୁ ବୁଝିପାରିବ, ତେବେଯାଇ ଏହି କଥାଟିକୁ ମଧ୍ୟ ବୁଝିବ । ଉଦାହରଣସ୍ୱରୂପ, ମୁଁ ଯେପରି କହିଲି, ସର୍ବଶେଷ ସୂକ୍ଷ୍ମତମ ଭୂମିରୁ ନିର୍ବାଣର ଭୂମିକୁ ଯିବା ଲାଗି ସୂକ୍ଷ୍ମତମ ଭୂମିଗୁଡ଼ିକର ମଧ୍ୟ ଦେଇ ଯିବା ସମୟରେ ଗୋଟିଏ ଭୂମିରୁ ଆଉ ଗୋଟିଏ ଭୂମିକୁ ଗତି କରିବା ନିମନ୍ତେ ଆପଣାକୁ ଆଦୌ କୌଣସି ବାହ୍ୟ ରୂପ ଦେବାକୁ ପଡ଼ିବ ନାହିଁ । ଯେକୌଣସି ପ୍ରକାରେ କଥାଟିକୁ ଏହିପରି ଭାବରେ ବ୍ୟକ୍ତ କରାଯାଇ ପାରିବ । ଆପଣାକୁ ବାହ୍ୟ ରୂପ ଦେବା ଆଦୌ ଆବଶ୍ୟକ ହେବ ନାହିଁ । ଆପଣାକୁ ଏକ ପ୍ରକାରର ଅନ୍ତଃପ୍ରବିଷ୍ଟ କରାଇ ଏବଂ ଅନ୍ୟ ଏକ ଆସ୍ପୃହାମକୁ ବା ଆସ୍ପୃହାମଗୁଡ଼ିକ ମଧ୍ୟକୁ ଅତିକ୍ରମ କରିଯାଇ ତୁମେ ସ୍ୱସ୍ତ୍ରର ଯେକୌଣସି ଭୂମିରେ ମଧ୍ୟ ଏହି ଅନନ୍ତିତ୍ୱର ପରିଚୟ ଲାଭ କରିବ । ଏବଂ, ପ୍ରକୃତରେ, ଏହାର କୌଣସି ଅନୁଭୂତି ଲାଭ ନ କରି ମଧ୍ୟ ତୁମେ ଏହି ଅବସ୍ଥାଟିକୁ ନିଶ୍ଚୟ କିଛିଟା ପରିମାଣରେ ବୁଝିପାରିବ । ଏହା କରିବା ଅତ୍ୟନ୍ତ କଷ୍ଟକର, ମାତ୍ର ତଥାପି, ଅନୁଭୂତିଟିକୁ ଲାଭ ନ କରି ମଧ୍ୟ, ତୁମେ ଏହାକୁ କିଛିଟା ପରିମାଣରେ ବୁଝି ପାରିବ; ଅନ୍ତଃସ୍ଥ ଆସ୍ପୃହାମଗୁଡ଼ିକର ଏହି ତତ୍ତ୍ୱଟିକୁ ବୁଝି ପାରିଲେ ତୁମେ ସେଇଟିକୁ ମଧ୍ୟ ବୁଝିପାରିବ ।

(ମାଆ ନୀରବ ରହିଲେ)

କଥାଟିକୁ ଏପରି ମଧ୍ୟ କହିହେବ (ଏଇଟି ହେଉଛି କହିବାର କେବଳ ଗୋଟିଏ ପ୍ରଣାଳୀ) ଯେ, ତୁମେ ନିଜ ଭିତରେ ଅସ୍ତିତ୍ୱ ଓ ଅନସ୍ତିତ୍ୱ ଦୁଇଟିଯାକକୁ ମଧ୍ୟ ଯୁଗପତ୍ ଭାବରେ ବହନ କରି ପାରିବ; ବ୍ୟକ୍ତିଭାବବିଶିଷ୍ଟ ଏବଂ ନୈର୍ବ୍ୟକ୍ତିକ ଏବଂ ... ହଁ ... ବ୍ୟକ୍ତ ଏବଂ ଅବ୍ୟକ୍ତ ... ସାନ୍ତ ଏବଂ ଅନନ୍ତ ... କାଳ ଏବଂ ସର୍ବକାଳ ଦୁଇଟିଯାକକୁ ଯୁଗପତ୍ ଭାବରେ ବହନ କରି ପାରିବ । ଏବଂ ସେହି ସବୁକିଛି ଏହି କ୍ଷୁଦ୍ର ଅକିଞ୍ଚନ ଶରୀର ମଧ୍ୟରେ ସମ୍ଭବ ହୋଇ ପାରିବ ।

କେତେକ ବ୍ୟକ୍ତି ଆହୁରି ସେପାଖକୁ ଯାଆନ୍ତି — ମନୋଭୂମିରେ ମଧ୍ୟ ସେମାନେ ତାହା କରିପାରନ୍ତି—ସେମାନଙ୍କର ମନୋଗତ ବାତାବରଣ ସେମାନଙ୍କର ଶରୀରକୁ ଅତିକ୍ରମ କରିଯାଏ; ଏପରିକି, ସେମାନଙ୍କର ପ୍ରାଣିକ ବତାବରଣଟି ମଧ୍ୟ ସେମାନଙ୍କର ଶରୀରକୁ ଅତିକ୍ରମ କରିଯାଏ । ଏଭଳି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନଙ୍କର ଚେତନା ଆପଣାକୁ ବ୍ୟାପ୍ତ କରିଦେଇ କେତେ କେତେ ମହାଦେଶ

'oaob.nitrkl.ac.in' images reprocessed

ଉପରେ, ଏପରିକି ଅନ୍ୟ ନାନା ଜଗତ ଏବଂ ଅନ୍ୟାନ୍ୟ ନାନା ପୃଥିବୀ ଉପରେ ଯାଇ ପ୍ରସାରିତ ହୋଇଯାଏ; ମାତ୍ର ଏଇଟି ହେଉଛି ଏକ ଦେଶଗତ କଳ୍ପନା । ତଥାପି, ଅନ୍ୟାନ୍ୟ ସ୍ତରଗୁଡ଼ିକର ଭୂମିରେ, ଚତୁର୍ଥ ତଥା ପରବର୍ତ୍ତୀ ଅନ୍ୟ କୌଣସି ଭୂମିରେ ନିଜକୁ ଅନ୍ତଃପ୍ରବିଷ୍ଟ କରି ରଖି ତୁମେ ଏହି ସବୁକିଛିକୁ ନିଜ ଭିତରେ ଆବିଷ୍କାର କରି ପାରିବ, ଏବଂ କୌଣସି ଏକ ବିନ୍ଦୁରେ ··· ଅନନ୍ତର ମଧ୍ୟ ଆବିଷ୍କାର କରିପାରିବ ।

ମାଆ, ତେବେ ଅନନ୍ତ କହିଲେ ମଣ୍ଡଳର ଏକ ସଂପ୍ରସାରଣକୁ ବୁଝାଇବ ନାହିଁ କି ?

ନାହିଁ—ନାହିଁ; ତାହା ଅପରିମିତକୁ ବୁଝାଇବ, ଅନନ୍ତକୁ ନୁହେଁ ।

ଅନନ୍ତ ହେଉଛି ଅନ୍ତରଙ୍ଗୀଣତ୍ଵର ବିପରୀତ । ଆମେ ନିଜ ଭିତରେ ସାନ୍ତତମ-ସାନ୍ତ ଏବଂ ଅନନ୍ତତମ ଅନନ୍ତକୁ ଅନ୍ତର୍ଗତ କରି ରଖିପାରିବା । ବସ୍ତୁତଃ, ସେଗୁଡ଼ିକ ଆମ ଭିତରେହିଁ ଅଛନ୍ତି, ଆମ ମସ୍ତିଷ୍କର ପ୍ରତ୍ୟେକ କୋଷ ମଧ୍ୟରେ ରହିଛନ୍ତି ।

(ମାଆ ନୀରବ ରହିଲେ)

ମାଆ, ଜଣେ ଯେତେବେଳେ ସ୍ଵପ୍ରଚେଷ୍ଟା ଦ୍ଵାରା ପରମ ନୈର୍ବ୍ୟକ୍ତିକର ଉପଲବ୍ଧି କରେ ଏବଂ ଯେତେବେଳେ ପରମା ଜନନୀଙ୍କ ପାଖରେ ଆପଣାକୁ ସମର୍ପିତ କରିଦେଇ ତାହାକୁ ଉପଲବ୍ଧି କରିଥାଏ,— ଏହି ଦୁଇଟି ଅନୁଭବ ମଧ୍ୟରେ କୌଣସି ପାର୍ଥକ୍ୟ ରହିଛି କି ?

(ମାଆ ଦୀର୍ଘକାଳ ନୀରବ ରହିଲେ)

ହଁ, ଏକ ପାର୍ଥକ୍ୟ ରହିଛି ।

(ମାଆ ନୀରବ ରହିଲେ)

ଯଦି ନୈର୍ବ୍ୟକ୍ତିକ ପରମସତ୍ତାଙ୍କର ଉପଲବ୍ଧିହିଁ ଲକ୍ଷ୍ୟ ହୋଇଥାନ୍ତା ଏବଂ ଯଦି ଆମେ ସେହି ନୈର୍ବ୍ୟକ୍ତିକ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କରି ଏକ ହୋଇଯିବାକୁ ଓ ସେଇଥିରେ ଲୀନ ହୋଇଯିବାକୁ ଇଚ୍ଛା କରୁଥାନ୍ତୁ, ତେବେ ସମ୍ଭବତଃ ଆଦୌ କୌଣସି ପାର୍ଥକ୍ୟ ରହନ୍ତା ନାହିଁ । ମୁଁ କହୁଛି ଏହି କ୍ଷେତ୍ରରେ କୌଣସି ପାର୍ଥକ୍ୟ ରହନ୍ତା ନାହିଁ । ମାତ୍ର, ଆମେ ଯେପରି କହୁଥିଲୁ, ଯାହା ଅଜ୍ଞାତ ହୋଇ ଅବସ୍ଥିତ ରହିଛି; ଯଦି ତାହାର ଉପଲବ୍ଧି ଆମର ଅଭୀପ୍ସା ହୋଇ ରହିଥାଏ, ଯାହାକୁ ଶ୍ରୀଅରବିନ୍ଦ ଅତିମାନସ ପରମସତ୍ୟ ବୋଲି କହିଛନ୍ତି, ସେଇଟିକୁ

'oaob.nitrkl.ac.in' images reprocessed

ଉପଲବ୍ଧି କରିବା ଯଦି ଆମର ଲକ୍ଷ୍ୟରୂପେ ରହିଥାଏ, ତେବେ ସେହି କ୍ଷେତ୍ରରେ ଅବଶ୍ୟ ଏକ ପାର୍ଥକ୍ୟ ରହିଛି; କେବଳ ମାର୍ଗର କ୍ଷେତ୍ରରେ ଯେ ପାର୍ଥକ୍ୟ ରହିଛି ତା' ନୁହେଁ,—କାରଣ ସେକଥା ତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ବୁଝି ହେଉଛି (ଏବଂ, ତାହା ବିଭିନ୍ନ ସ୍ୱଭାବଗୁଡ଼ିକ ଉପରେ ମଧ୍ୟ ନିର୍ଭର କରୁଛି) ମାତ୍ର, ସମର୍ପଣ ଓ ସମଗ୍ର ନିର୍ଭର କହିଲେ ପ୍ରକୃତରେ ଯାହା ବୁଝାଏ, ଯଦି ଜଣେ ବ୍ୟକ୍ତି ତାହାକୁ ଜାଣି ପାରିବ, ତେବେ ତାହା ଅନନ୍ତ ଗୁଣ ଅଧିକ ସହଜ ହୋଇଯିବ, ଏଥିରେ ଚିନ୍ତା ଏବଂ ଅସୁବିଧାଗୁଡ଼ିକର ଶତକଡ଼ା ଭାଗ ଦୂରୀଭୂତ ହୋଇଯିବ ।

ପ୍ରକୃତରେ ଏପରି ମଧ୍ୟ କୁହାଯାଇ ପାରିବ ଯେ, ଆମକୁ ହୁଏତ ଏହି ସମର୍ପଣର ମାର୍ଗରେ ଏକ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ଏହା ଅବଶ୍ୟ ସତ, ଏବଂ ମୁଁ ସେହି କାରଣରୁହିଁ କହିଲି ଯେ, ଏହା ସମ୍ପୂର୍ଣ୍ଣ ଭାବରେ ଜଣେ ବ୍ୟକ୍ତିର ସ୍ୱଭାବ ଉପରେ ନିର୍ଭର କରିବ । ମାତ୍ର, ପ୍ରକୃତ କଥା କେବଳ ସେତିକି ନୁହେଁ । ତୁମେ ଯଦି ଇଚ୍ଛା କରିବ, ତେବେ ଏହାକୁ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଯାଇ ଶେଷ ହୋଇ ଯାଉଥିବା ଏକ ଅନୁରେଖ ବସ୍ତୁ ଏବଂ ଏକ ସମଗ୍ରତାରେହିଁ ସମ୍ପୂର୍ଣ୍ଣ ହେଉଥିବା ଏକ ବର୍ତ୍ତୁଳାକାର ମାର୍ଗ ମଧ୍ୟରେ ରହିଥିବା ପାର୍ଥକ୍ୟ ସହିତ ତୁଳନା କରି ପାରିବ । ହଁ, ଏକ ସମଗ୍ରତା,—ଏବଂ ଏହି ସମଗ୍ରତାରୁ ଆଦୌ କିଛିହେଲେ ବହିର୍ଭୂତ ହୋଇ ରହି ନ ଥିବ । ପ୍ରତ୍ୟେକ ଏକକ ବ୍ୟକ୍ତିଗତ ଭାବରେ ସେହି ପରମ ଉତ୍ସଟି ପାଖରେ ତଥା ଆପଣା ସତ୍ତାର ଉଚ୍ଚତମ ସ୍ଥିତିଟିର ପାଖରେ ଯାଇ ପହଞ୍ଚି ପାରିବ; ସେହି ଉତ୍ସ ଏବଂ ତା'ସତ୍ତାର ଉଚ୍ଚତମ ସ୍ଥିତିଟି ସେହି ପରମ ଶାଶ୍ୱତ, ଅନନ୍ତ ଓ ସର୍ବୋଚ୍ଚଙ୍କ ସହିତ ଏକତ୍ୱପ୍ରାପ୍ତ ହୋଇ ରହିଥିବେ । ତେଣୁ, ଯଦି ତୁମେ ଏହି ଉତ୍ସଟି ପାଖରେ ଆସି ପହଞ୍ଚି ପାରିବ, ତେବେ ତଦ୍ୱାରା ପରମ ସର୍ବୋଚ୍ଚଙ୍କ ପାଖରେ ଯାଇ ପହଞ୍ଚିବା ମଧ୍ୟ ସମ୍ଭବ ହୋଇଯିବ । ମାତ୍ର, ଗୋଟିଏ ରେଖା ଉପରେ ଗତି କରି ତୁମେ ଯାଇ ସେଠାରେ ପହଞ୍ଚିବ (ମୋ' କଥାଗୁଡ଼ିକ ଦ୍ୱାରା ପ୍ରକୃତ ବିଷୟଟିର ମୁଁ ଏକ ସମୁଚିତ ବର୍ଣ୍ଣନା ଦେଇ ପାରୁଛି ବୋଲି ତୁମେମାନେ ଆଦୌ ଭାବିବ ନାହିଁ, ମୁଁ ମୋ'ର କଥାକୁ କେବଳ ତୁମମାନଙ୍କର ବୋଧଗମ୍ୟ କରାଇବାକୁ ଚେଷ୍ଟା କରୁଛି) । ଏଇଟି ହେଉଛି ଗୋଟିଏ ଅନୁରେଖ ଉପଲବ୍ଧି ଏବଂ ଏକ ନିର୍ଦ୍ଦିଷ୍ଟ ବିନ୍ଦୁକୁ ଆସି ଏହାର ଶେଷ ହୋଇଯାଏ ଏବଂ ସେହି ବିନ୍ଦୁଟି ପରମ ସର୍ବୋଚ୍ଚ ସତ୍ତା ସହିତ ଏକତ୍ୱଯୁକ୍ତ ହୋଇ ରହିଥାଏ—ସେହି ବିନ୍ଦୁକୁ ତୁମର ସର୍ବୋଚ୍ଚ ସମ୍ଭାବନା ବୋଲି କୁହାଯାଇ ପାରିବ । ମାତ୍ର, ଅନ୍ୟ ମାର୍ଗଟି ଦେଇ ଗଲେ, ପ୍ରାପ୍ତ ଉପଲବ୍ଧିକୁ ହୁଏତ ଏକ ବର୍ତ୍ତୁଳାକାର ଉପଲବ୍ଧି ବୋଲି କୁହାଯିବ, କାରଣ ତାହାହିଁ ଆମକୁ ଏପରି ଏକ ବସ୍ତୁର ସର୍ବୋତ୍ତମ ଧାରଣା ଆଣି ଦେଇପାରିବ, ଯାହା ଭିତରେ କି ସବୁକିଛି ଅନ୍ତର୍ଗତ

'oaob.nitrkl.ac.in' images reprocessed

ହୋଇ ରହିଛୁ ଏବଂ, ସେହି କ୍ଷେତ୍ରରେ ଉପଲବ୍ଧିଟିକୁ ମଧ୍ୟ ଏକ ବନ୍ଦ୍ୟୁ ବୋଲି ଆଦୌ ବୁଝାଯିବ ନାହିଁ, ତାହାକୁ ଏକ ସମଗ୍ରତା ବୋଲି ବୁଝାଯିବ, ଯାହା ମଧ୍ୟରେ କି ସବୁକିଛୁ ଅନ୍ତର୍ଭୁକ୍ତ ହୋଇ ରହିଛୁ ।

ମୁଁ "ସମଗ୍ର" ଏବଂ "ଅଂଶ" ବିଷୟରେ କିଛୁ କହି ପାରିବି ନାହିଁ, କାରଣ ଏହି କ୍ଷେତ୍ରରେ ଆଉ କୌଣସି ବିଭାଜନ ରହି ପାରିବ ନାହିଁ । ଏକଆଡ଼ି ଆଦୌ ସେପରି ନୁହେଁ, ଆଦୌ ସେପରି ନୁହେଁ । ମାତ୍ର ଏହି କ୍ଷେତ୍ରରେ ସମୀପବର୍ତ୍ତୀ ହେବାର ଗୁଣାତ୍ମକ ମାନଟି ଭିନ୍ନ ହୋଇ ରହିବ । ଏହାଦ୍ୱାରା ଏହି କଥା କହୁଥିବା ପରି ହେବ ଯେ, ଗୋଟିଏ ମାତ୍ର ଜଳବିନ୍ଦୁ ସହିତ ପୂର୍ଣ୍ଣ ଏକାତ୍ମତା ଅର୍ଜନ କରି ପାରିଲେ ତୁମେ ତଦ୍ୱାରା ସମଗ୍ର ମହାସାଗରର ପରିଚୟ ଲାଭ କରି ପାରିବ; କେବଳ ଏହି ମହାସାଗରଟି ନୁହେଁ, ସମ୍ଭାବ୍ୟ ସକଳ ମହାସାଗର ସହିତ ମଧ୍ୟ ତୁମେ ତଦ୍ୱାରା ପୂର୍ଣ୍ଣ ତଦାତ୍ମକତା ଅର୍ଜନ କରି ପାରିବ । ମାତ୍ର ତଥାପି, ଗୋଟିଏ ଜଳବିନ୍ଦୁ ସହିତ ପୂର୍ଣ୍ଣ ଏକାତ୍ମକତା ଅର୍ଜନ କରି ଆମେ ମହାସାଗରର ମର୍ମଟି ବିଷୟରେ ମଧ୍ୟ ଅବଗତ ହୋଇ ପାରିବା, ଏବଂ ଅନ୍ୟ ମାର୍ଗଟିରେ ଆମେ ଯେ କେବଳ ମହାସାଗରର ମର୍ମକୁ ଜାଣିବା ତା' ନୁହେଁ ଆମେ ମହାସାଗରକୁ ତା'ର ସମଗ୍ରତା ସହିତ ମଧ୍ୟ ଜାଣିବାକୁ ସମର୍ଥ ହେବା । ହଁ, ସେହିପରି କିଛି···ମୁଁ ତାହାକୁ ବ୍ୟକ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରୁଛି,···ଏହା ପ୍ରକୃତରେ ବଡ଼ କଷ୍ଟକର, ମାତ୍ର ତଥାପି ଏହା ହେଉଛି ସେହିପରି···ଏକ ପାର୍ଥକ୍ୟ ଅବଶ୍ୟ ରହିଛି· ·ଏପରି ମଧ୍ୟ ବୁଝାଯାଇ ପାରିବ ଯେ, ଆମେ ଯେତେବେଳେ କେବଳ ଆମ ବ୍ୟକ୍ତିଗତ ବଳ ଓ ସାମର୍ଥ୍ୟ ଉପରେ ନିର୍ଭର କରୁଥିବା, ସେତେବେଳେ, ଯାହାକିଛି ବ୍ୟକ୍ତିଭାବାପନ୍ନ ହୋଇ ରହିଲା, ତାହା ଏକାଧାରରେ ଆପଣାର ବ୍ୟକ୍ତିଭାବାପନ୍ନତାର ଗୁଣଟିକୁ ସଂରକ୍ଷିତ ରଖିପାରିବ ଏବଂ, ଏକ ନିର୍ଦ୍ଦିଷ୍ଟ ଅର୍ଥରେ, ଏହି ବ୍ୟକ୍ତିଭାବାପନ୍ନତା ଲାଗି ଆବଶ୍ୟକ ହେଉଥିବା ସୀମାଗୁଡ଼ିକୁ ମଧ୍ୟ ସୁରକ୍ଷିତ କରି ରଖିଥିବ । ମାତ୍ର, ଅନ୍ୟ କ୍ଷେତ୍ରଟିରେ, ବ୍ୟକ୍ତିଭାବାପନ୍ନତାର ଗୁଣଗୁଡ଼ିକ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଉପକୃତ ହେବା ସମ୍ଭବ ହେବ, ମାତ୍ର ତଦ୍ୱାରା ମୋଟେ ସୀମାବଦ୍ଧ ହୋଇ ରହିବାକୁ ପଡ଼ିବ ନାହିଁ । କଥାଗୁଡ଼ାକ ପ୍ରାୟ ଦର୍ଶନ ପରି ହୋଇଯାଉଛି, ତେଣୁ ଆଉ ଖୁବ୍ ସ୍ପଷ୍ଟ ବି ହେଉ ନାହିଁ । ତଥାପି (ମାଆ ହସି କହିଲେ) ମୁଁ କେବଳ ସେତିକି କହିପାରିବି ।

ଆଉ କିଛି ନାହିଁ ? ନାହିଁ, ନୁହେଁ ?

ମୁଁ ଭାବୁଛି, ଆଜି ଏତିକିରେ ଥାଉ ।

'oaob.nitrkl.ac.in' images reprocessed

# ୨୭ ଜୁଲାଇ ୧୯୫୫

ମାଆ, ''ଯୋଗାଧାର'' ପୁସ୍ତକର ''ସମର୍ପଣ ଓ ଉନ୍ମୋଚନ'' ଅଧ୍ୟାୟରୁ ଉଦ୍ଧୃତ ପାଠ କଲେ ।

ସେ ସବୁକିଛି କହି ଦେଇଛନ୍ତି । ମୋ'ର ଆଉ ଅଧିକ କିଛି କହିବାର ନାହିଁ ।

ମାଆ, ଏଠାରେ ଲେଖାଯାଇଛି "ଚେତନାର ଊର୍ଦ୍ଧ୍ୱାୟନ ଘଟିବା ପୂର୍ବରୁ ଏହି ଯୋଗରେ ହୃଦ୍‌ଦେଶହିଁ ଅଭିନିବେଶର ପ୍ରଧାନ କେନ୍ଦ୍ର ହୋଇ ରହିବ ।" ମାତ୍ର ପ୍ରତ୍ୟେକ ବ୍ୟକ୍ତିର ଚେତନା ତ ଭିନ୍ନ ଭିନ୍ନ ଭୂମିରେ ରହିଥାଏ ।

ହଁ, ଏକାବେଳେକେ ଭିନ୍ନ ଭିନ୍ନ ଭୂମିରେ ରହିଥାଏ । କେବଳ ସର୍ବଦା ଏହିପରି କୁହାଯାଇଥାଏ : "ଏଠାରେ ଏହି ସୁନିର୍ଦ୍ଦିଷ୍ଟ ସ୍ଥାନରେ ଆପଣାକୁ ଅଭିନିବେଶିତ କରି ରଖ, କାରଣ ଏହି କେନ୍ଦ୍ରଟିରେହିଁ ତୁମେ ସବୁଠାରୁ ଅଧିକ ସହଜରେ ଚୈତ୍ୟର ଆବିଷ୍କାର କରିପାରିବ । ଚୈତ୍ୟ ସହିତ ସମ୍ପର୍କ ସ୍ଥାପନ କରିପାରିବ ।" ଏଠାରେ ସେହିକଥା କୁହାଯାଇଛି ।

ଚେତନାର ଊର୍ଦ୍ଧ୍ୱାୟନ ଆରମ୍ଭ ହୋଇଗଲେ, ତା'ପରେ ତାହାକୁ କେଉଁଠାରେ ଆବିଷ୍କାର କରାଯାଇ ପାରିବ ?

ମସ୍ତକର ଉପରେ, ମନର ଊର୍ଦ୍ଧ୍ୱରେ । ଶ୍ରୀଅରବିନ୍ଦଙ୍କର କହିବା କଥା ହେଉଛି : ଆମେ ଯେପର୍ଯ୍ୟନ୍ତ ମନର ଊର୍ଦ୍ଧ୍ୱକୁ ସମ୍ପୂର୍ଣ୍ଣ ଉଚ୍ଚତର କ୍ଷେତ୍ରଗୁଡ଼ିକୁ ଉଠି ନ ଯାଇ ପାରୁଛୁ, ସେ ପର୍ଯ୍ୟନ୍ତ ଏହି ମାନବସୁଲଭ ମନୋଗତ, ପ୍ରାଣିକ ତଥା ଭୌତିକ ଚେତନା ମଧ୍ୟରେ ଅବସ୍ଥିତ ରହିଛୁ, ସେପର୍ଯ୍ୟନ୍ତ ଚୈତ୍ୟର ଆବିଷ୍କାର ଉପରେହିଁ ନିଜକୁ ଅଭିନିବେଶିତ କରି ରଖିବାକୁ ହେବ । ଏହି ମନୁଷ୍ୟସୁଲଭ ସାଧାରଣ ଚେତନାରୁ ଊର୍ଦ୍ଧ୍ୱକୁ ଉଠି ପାରିଲେ ଏବଂ ସଚେତନ ଭାବରେ ମନଠାରୁ ଆହୁରି ଉପରେ, ଆହୁରି ଅନେକ ଉପରେ, ରହିଥିବା କ୍ଷେତ୍ରଗୁଡ଼ିକରେ ପ୍ରବେଶ କଲେ ଯାଇ ଚୈତ୍ୟକେନ୍ଦ୍ରରେ ଅଭିନିବେଶିତ ହୋଇ ରହିବାର ଆଉ କୌଣସି ଆବଶ୍ୟକତା ନ ଥିବ, କାରଣ ତୁମେ ସେତେବେଳେ ସ୍ୱଭାବତଃ ତାହାର ଆବିଷ୍କାର କରି ସାରିଥିବ ।

'oaob.nitrkl.ac.in' images reprocessed

ମାତ୍ର, ମନର ଊର୍ଦ୍ଧ୍ୱକୁ ଉଠିବା, କେବଳ ଏକ କଳ୍ପନାଗତ ଉଚ୍ଚତର ମନର ସ୍ତରକୁ ନୁହେଁ, ମାତ୍ର ମନୋଗତ ସାବଧାନ୍ୱ ବିଚକ୍ଷଣର ଅନେକ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବା, — ତାହା ଆଦୌ ସହଜ କଥା ନୁହେଁ । ପ୍ରଥମତଃ, ମନ ସମ୍ପୂର୍ଣ୍ଣ ଭାବରେ ନୀରବ ଓ ଶାନ୍ତ ହୋଇ ଆସିବ, ତା' ନ ହେଲେ କିଛୁ ସମ୍ଭବ ହେବ ନାହିଁ । ଯେତେବେଳେ ମନ ଏକ ସମ୍ପୂର୍ଣ୍ଣ ନୀରବତା ଓ ପୂର୍ଣ୍ଣ ସ୍ଥିରତା ମଧ୍ୟରେ ଯାଇ ପ୍ରବିଷ୍ଟ ହେବ, କେବଳ ସେତିକିବେଳେ ଯାଇ ତାହା ଊର୍ଦ୍ଧ୍ୱସ୍ଥ ବସ୍ତୁଗୁଡ଼ିକୁ ପ୍ରତିଫଳିତ କରି ପାରୁଥିବା ଗୋଟିଏ ଦର୍ପଣରେ ପ୍ରତିଫଳିତ ହୋଇ-ଯାଇପାରିବ; ଏବଂ ତା'ପରେ ଯାଇ ଊର୍ଦ୍ଧ୍ୱକୁ ଯିବା ସମ୍ଭବ ହେବ । ମାତ୍ର ସେହିଟା ଗତିଶୀଳ ହୋଇ ରହିଥିବା ପର୍ଯ୍ୟନ୍ତ ଏହି ଦିଗରେ ଆଦୌ କୌଣସି ଆଶା ନ ଥିବ ।

ମାତ୍ର ନିଜର ସଂବେଗାତ୍ମକ ଅନୁଭବଗୁଡ଼ାକୁ ତୁମେ ଯେପରି ଚୈତ୍ୟ ବୋଲି ଭ୍ରମ ନ କର ! — ଏହି ଦୁଇଟିଯାକ ସମ୍ପୂର୍ଣ୍ଣ ଭାବରେ ଅଲଗା ଅଲଗା କଥା । ଲୋକେ ସର୍ବଦା ଭାବନ୍ତି ଯେ ଯେତେବେଳେ ସେମାନେ ସଂବେଗାତ୍ମକ ଅନୁଭୂତିମାନ ଲାଭ କରନ୍ତି, ସେତେବେଳେ ସେମାନେ ଚୈତ୍ୟ ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇ ପାରନ୍ତି । ଏସବୁ ଘଟଣାର ଚୈତ୍ୟ ସହିତ ଆଦୌ କୌଣସି ସମ୍ବନ୍ଧ ନ ଥାଏ, ଏଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ପ୍ରାଣିକ ସ୍ତରର । ସେଗୁଡ଼ିକ ହେଉଛନ୍ତି ପ୍ରାଣିକ ସ୍ତରର ସୂକ୍ଷ୍ମତମ ଅଂଶ,—ତଥାପି ସେହି ପ୍ରାଣିକ ସ୍ତରର । ତେଣୁ, ଆମର ସଂବେଗଗୁଡ଼ିକର ମଧ୍ୟ ଦେଇ ଆମେ କଦାପି ଚୈତ୍ୟରେ ପହଞ୍ଚି ପାରିବା ନାହିଁ; କେବଳ ଏକ ବଳବତ୍ତର ଅଭୀପ୍ସା ଏବଂ ଆତ୍ମ ନିର୍ଲିପ୍ତତା ଦ୍ୱାରା ତାହା ସମ୍ଭବ ହେବ ।

ମାଆ, "ହୃଦୟକୁ ଶୁଷ୍କ କରିଦେବା"ର ଅର୍ଥ କ'ଣ ?

ହୃଦୟକୁ ଶୁଷ୍କ କରିଦେବା ! ଯେତେବେଳେ ତୁମ ଭିତରେ ଆଉ କୌଣସି ପ୍ରାଣୋଚ୍ଛ୍ୱାସ ଭାବପ୍ରବଣତା ପ୍ରକାଶ ପାଏ ନାହିଁ, ସେତେବେଳେ ତୁମର ହୃଦୟ ଶୁଷ୍କ ହୋଇଗଲା ବୋଲି ଲୋକମାନେ କହିଥାନ୍ତି । ପ୍ରାଣସ୍ତରର ଭାବ-ପ୍ରବଣତାମାନ ପ୍ରକାଶ ନ ପାଉଥିଲେ ସେମାନେ ସେହିପରି କହନ୍ତି । ମାତ୍ର, ଜଣେ ପ୍ରକୃତରେ ଶୁଷ୍କ ହୋଇ ଯାଇଥିବା ଏକ ସତ୍ତାର ଅର୍ଥ ହେବ ଯେ, ସେହି ବ୍ୟକ୍ତି ଆଉ କୌଣସି ସହୃଦୟତା, ଉଦାରତା କିଂବା ସତତା ଲାଗି ଆଦୌ ସମର୍ଥ ନୁହେଁ । ମାତ୍ର ସୁଖର କଥା ଯେ ଏହିଭଳି ବ୍ୟକ୍ତି ଖୁବ୍ କ୍ୱଚିତ୍ ଦେଖାଯାଆନ୍ତି ।

ଏହିଭଳି ଅତିଶୟ କେତେକ ବ୍ୟକ୍ତି ଥାଆନ୍ତି, ଯେଉଁମାନେ କି ଏକ ଚୈତ୍ୟସତ୍ତାକୁ ବହନ ନ କରି ସଂସାରରେ ଜନ୍ମ ହୋଇଥାନ୍ତି; ସେମାନେ ଅତ୍ୟନ୍ତ

'oaob.nitrkl.ac.in' images reprocessed

ଦୁଷ୍ଟାତ୍ମସ୍ୱୀ ହୁଅନ୍ତି । ମାତ୍ର ସେମାନେ ପ୍ରକୃତରେ ଅତ୍ୟନ୍ତ ବିରଳ ହୋଇ ରହିଥାନ୍ତି । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଆଶା କରିବା ପାଇଁ ସର୍ବଦା ବହୁତ କିଛି ରହିଥାଏ; ଏପରିକି ଯେଉଁମାନେ ଆପଣାକୁ ପ୍ରବଳ ଭାବରେ ଦୁଷ୍ଟ ବୋଲି କଳ୍ପନା କରୁଥାନ୍ତି, ସେମାନଙ୍କ ପାଇଁ ମଧ୍ୟ ଅବଶ୍ୟ ଆଶା ରହିଥାଏ; ଏହା ସେମାନଙ୍କୁ ହଠାତ୍ ଜାଗ୍ରତ କରି ଦେଇପାରେ । ମାତ୍ର ଲୋକମାନେ ଆଦୌ ସେହିଭଳି ଭାବନ୍ତି ନାହିଁ । ମୁଁ ତୁମମାନଙ୍କୁ ଯେପରି କହୁଛି, ଲୋକମାନେ ଠିକ୍ ସେହିପରି ଭାବନ୍ତି; ଯେତେବେଳେ ତୁମ ଭିତରେ ଭାବପ୍ରବଣତାଗତ କୌଣସି ଦୁର୍ବଳତା ଅଥବା ପ୍ରାଣସ୍ତରୀୟ ସମ୍ବେଗ ନ ଥାଏ, ସେତେବେଳେ ଲୋକମାନେ ତୁମକୁ ଅଷି କହିଥାନ୍ତି, "ତୁମର ହୃଦୟ ଏକାବେଳେକେ ଶୁଖିଗଲାଣି ।" ମାତ୍ର, ସେଇଟା ହେଉଛି ସେମାନଙ୍କର ମତ, ଏକ ସତ୍ୟ ଆଦୌ ନୁହେଁ । ଜଣେ ଶୁଷ୍କ ହୃଦୟ ବ୍ୟକ୍ତିର କୌଣସି ସମବେଦନା-ସାମର୍ଥ୍ୟ ନ ଥିବ । ମାତ୍ର ସେପରି ବ୍ୟକ୍ତି ଅତ୍ୟନ୍ତ ବିରଳ । ଏପରିକି, ଯେଉଁମାନେ ସବୁଠାରୁ ଅଧିକ ଦୁଷ୍ଟ ବୋଲି କୁଖ୍ୟାତ ଥିଲେ, ସେମାନଙ୍କର ସତ୍ତା ମଧ୍ୟରେ ବି ଏପରି ଏକ କ୍ଷୁଦ୍ର କୋଣ ରହିଥିଲା, ଯାହାକି ସମବେଦନା ଲାଗି ଉନ୍ମୁକ୍ତ ହୋଇ ରହିଥିଲା । ବେଳେବେଳେ ତାହା ହାସ୍ୟାସ୍ପଦ ଭାବରେ ଅତ୍ୟନ୍ତ କ୍ଷୁଦ୍ର ଥିଲା, ମାତ୍ର ତଥାପି ରହିଥିଲା ।

ମାଆ, ଆପଣ ଯେତେବେଳେ "ହୃଦୟରେ ଅଭିନିବେଶିତ ହୋଇ ରହ" ବୋଲି କହୁଛନ୍ତି, ସେତେବେଳେ ମନର ସାହାଯ୍ୟରେ ଅଭିନିବେଶିତ ହୋଇ ରହିବାକୁ କହୁଛନ୍ତି କି ?

ଚେତନାର କ୍ଷେତ୍ରରେ; ମନରେ ନୁହେଁ, ଚେତନାରେ !

ମୁଁ ତୁମମାନଙ୍କୁ ହୃଦୟ ମଧ୍ୟରେ ଚିନ୍ତା କରିବାକୁ କହୁ ନାହିଁ, ମୁଁ ଅଭିନିବେଶିତ ହେବା ଲାଗି କହୁଛି; ଶକ୍ତିକୁ, ଚେତନାକୁ, ଅଭୀପ୍ସାକୁ ତଥା ଇଚ୍ଛାକୁ ଅଭିନିବେଶିତ କରି ରଖିବା ଲାଗି କହୁଛି । ଅଭିନିବେଶିତ ହୋଇ ରହିବାକୁ କହୁଛି । ଆଦୌ ଗୋଟିଏ ଚିନ୍ତା ଓ ଭାବନାର ପ୍ରବେଶ ନ ଘଟାଇ ମଧ୍ୟ ଆମେ ସମ୍ପୂର୍ଣ୍ଣ ପ୍ରଗାଢ଼ତାର ସହିତ ନିଜକୁ ଅଭିନିବେଶିତ କରି ରଖିପାରିବା ଏବଂ, ଆମ ଭିତରେ ଆଦୌ କୌଣସି ଭାବନା ରହି ନ ଥିଲାବେଳେହିଁ ସାଧାରଣତଃ ଏହି ଅଭିନିବେଶ ଅନେକ ଅଧିକ ପରିମାଣରେ ପ୍ରଗାଢ଼ ହୋଇ ରହିଥାଏ । (ମାଆ ନୀରବ ରହିଲେ) ଆତ୍ମସଂଯମ ଏବଂ ଏପରିକି ଏକ ସୀମାବଦ୍ଧ ଆତ୍ମଦାନର ସମର୍ଥ ହେବାକୁ ଇଚ୍ଛା କରୁଥିଲେ ଏଇଟି ହେଉଛି ଏକ ଅତ୍ୟନ୍ତ ଅପରିହାର୍ଯ୍ୟ କର୍ତ୍ତବ୍ୟ : ନିଜର ଚେତନାକୁ ତୁମେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସଂକେନ୍ଦ୍ରିତ କରିରଖିବ ଏବଂ ତା'ପରେ ତାହାକୁ ତୁମ ସତ୍ତାର ବିଭିନ୍ନ ଭାଗରେ ଏପରି ଭାବରେ ସଞ୍ଚାଳିତ

'oaob.nitrkl.ac.in' images reprocessed

କରିବାକୁ ଆରମ୍ଭ କରିବ, ଯେପରିକି ନିଜର ଚେତନା ଏବଂ ନିଜର ଭାବନା, ସଂବେଗ ତଥା ଆବେଗ ମଧ୍ୟରେ ରହିଥିବା ପାର୍ଥକ୍ୟଟି ତୁମ ଲାଗି ସ୍ପଷ୍ଟ ହୋଇଯାଇ ପାରିବ; ଚେତନା ଯେ ସ୍ୱୟଂ ପ୍ରକୃତରେ କ'ଣ, ତୁମେ ସେହି ବିଷୟରେ ସଜ୍ଞାନତା ଲାଭ କରିପାରିବ । ଏବଂ ଏହିପରି ଭାବରେ, ତୁମେ ଏହାକୁ ନିର୍ଦ୍ଦିଷ୍ଟ ଭାଗଗୁଡ଼ିକୁ ସଞ୍ଚାରିତ କରିଦେଇ ପାରିବାର ଉପାୟଟିକୁ ମଧ୍ୟ ଶିକ୍ଷା କରିପାରିବ, ପ୍ରାଣିକ ସ୍ତରରେ ନେଇ ରଖିପାରିବ, ଚୈତ୍ୟ ମଧ୍ୟରେ ନେଇ ରଖିପାରିବ (ତାହାକୁ ଅବସ୍ଥାପିତ କରି ରଖିବାର ତାହାହିଁ ସର୍ବୋତ୍ତମ ସ୍ଥାନ); ନିଜର ଚେତନାକୁ ଆମେ ମନ ଭିତରେ ଅବସ୍ଥାପିତ କରି ରଖିପାରିବା, ତାହାକୁ ମନର ଉପରକୁ ଉଠାଇ ନେଇପାରିବା ଏବଂ ନିଜର ଏହି ଚେତନାର ସାହାଯ୍ୟରେ ଆମେ ଈଶ୍ୱର ଯାବତୀୟ ଅଂଶକୁ ମଧ୍ୟ ଗଢ଼ କରିପାରିବା ।

ମାତ୍ର, ଆମର ଚେତନା କହିଲେ ସତକୁ ସତ କ'ଣ ବୁଝାଏ, ଆମକୁ ସର୍ବପ୍ରଥମେ ସେହି କଥାଟିକୁ ଜାଣିବାକୁ ପଡ଼ିବ; ଅର୍ଥାତ୍, ଆମେ ନିଜର ଚେତନାଟି ସମ୍ବନ୍ଧରେ ସଚେତନ ହେବା, ତାହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ସଞ୍ଚାରିତ କରିଦେଇ ପାରୁଥିବା । ଏବଂ ଏଥିଲାଗି ବହୁତ ପ୍ରକାରର କରଣୀ ମଧ୍ୟ ରହିଛି । ମାତ୍ର ସେଥିମଧ୍ୟରୁ ଗୋଟିଏ ଆମ ସମସ୍ତଙ୍କୁ ଖୁବ୍ ଭଲ ଭାବରେ ଜଣା ଅଛି ; ଏଇଟି ହେଉଛି ଯେ, ଆମେ ନିଜ ଉପରେ ଦୃଷ୍ଟିପାତ କରିବା, ଆମ ବଞ୍ଚିବାର ପ୍ରକ୍ରିୟାଟିକୁ ନିରୀକ୍ଷଣ କରିବା ଏବଂ ତା'ପରେ, — ଯାହାକୁ ଆମେ "ମୁଁ ନିଜେ" ବୋଲି କହୁଛୁ, ସେହି ଶରୀରହିଁ ପ୍ରକୃତରେ ଆମ ସତ୍ତାର ଚେତନା କି ? — ଏହି କଥାଟିର ସତ୍ୟତାକୁ ପରୀକ୍ଷା କରି ଦେଖିବା । ଏବଂ, ଚେତନା କହିଲେ ଯେ ପ୍ରକୃତରେ ଆଦୌ ଶରୀରକୁ ବୁଝାଏ ନାହିଁ, ଶରୀର ଯେ ଆଉ ଏକ ଅନ୍ୟ ବସ୍ତୁକୁ ବ୍ୟକ୍ତ କରୁଥାଏ, ସେହି କଥାଟିକୁ ଉପଲବ୍ଧି କରିସାରିବା ପରେ ଆମେ ଆମର ଆବେଗ ଏବଂ ସଂବେଗଗୁଡ଼ିକ ମଧ୍ୟରେ ତାହାକୁ ସନ୍ଧାନ କରି ବାହାରିବା; ସେହିଗୁଡ଼ିକୁ ଆମର ଚେତନା ବୋଲି କୁହାଯିବକି ନାହିଁ, ତାହାର ଅନୁସନ୍ଧାନ କରିବା ଏବଂ ସେଗୁଡ଼ିକ ଯେ ଏହା ପ୍ରକୃତରେ ନୁହେଁ, ସେହି କଥାଟିକୁ ଆବିଷ୍କାର କରିବା । ତା'ପରେ ତାହାକୁ ଭାବନାଗୁଡ଼ିକ ମଧ୍ୟରେ ଖୋଜିବାକୁ ଯିବା, ଆମେ "ମୁଁ" ବୋଲି କହୁଥିବା ଏହି ଭାବନାହିଁ ଆମର ପ୍ରକୃତ ପରିଚୟ କି ବୋଲି ଅନୁସନ୍ଧାନ କରିବା ଏବଂ ଅତି ଅଳ୍ପ ସମୟ ପରେ ଅବଶ୍ୟ ବୁଝି ପାରିବା : "ନାହିଁ ମୁଁହିଁ ମୋ' ଭାବନାଗୁଡ଼ିକୁ ସମ୍ଭବ କରୁଛି, ତେଣୁ ଏହି 'ମୁଁ' ମୋ' ଭାବନାଗୁଡ଼ିକଠାରୁ ଭିନ୍ନ ହୋଇ ରହିଥିବା ଏକ ବସ୍ତୁ ।" ଏହିପରି ଭାବରେ ଉତ୍ତରୋତ୍ତର କ୍ରମରେ ଗୋଟିକପରେ ଗୋଟିକୁ ନିଷ୍କାସିତ କରିଦେବା ପରେ ଆମେ ଆଉ ଗୋଟିଏ ବସ୍ତୁର ସଂସ୍ପର୍ଶ ମଧ୍ୟରେ ଆସି ପ୍ରବିଷ୍ଟ ହେବା; ଏପରି ଏକ

'oaob.nitrkl.ac.in' images reprocessed

ବସ୍ତୁ, ଯାହାକି ତୁମକୁ ତୁମ ଯଥାର୍ଥ ସତ୍ତାର ଏକ ଧାରଣା ଆଣି ଦେଇ ପାରୁଥିବ— "ହଁ, ଏଇଟି ହେଉଛି ପ୍ରକୃତରେ 'ମୁଁ'। ଏବଂ ଏହି ବସ୍ତୁଟିକୁହିଁ ମୁଁ ସବୁଆଡ଼କୁ ସଞ୍ଚାଳିତ କରି ପାରୁଥିବି; ମୁଁ ଏହାକୁ ମୋ' ଶରୀରରୁ ମୋର ପ୍ରାଣିକ ମଧ୍ୟକୁ ତଥା ମନ ଭିତରକୁ ସଞ୍ଚାଳିତ କରିନେଇ ପାରିବି। ଏପରିକି, ଯଦି ମୁଁ ... ଶବ୍ଦ ଦେଇ କିପରି କହିହେବ? ...ଯଦି ଏହାକୁ ସଞ୍ଚାଳିତ କରି ରଖିବାର କ୍ରିୟାଟିରେ ମୁଁ ଅଧିକ ଅଭ୍ୟସ୍ତ ହୋଇଯାଇ ପାରିବି, ତେବେ ତାହାକୁ ମୁଁ ଅନ୍ୟ ବ୍ୟକ୍ତିମାନଙ୍କ ଭିତରକୁ ମଧ୍ୟ ସଞ୍ଚରିତ କରି ନେଇପାରିବି ଏବଂ ଏହିପରି ଭାବରେହିଁ ଆପଣାକୁ ବିଭିନ୍ନ ବସ୍ତୁ ଓ ବ୍ୟକ୍ତିମାନଙ୍କ ସହିତ ଏକାତ୍ମକ କରି ରଖିପାରିବି। ମୋ ଅଭୀପ୍ସାର ସାହାଯ୍ୟରେ ମୁଁ ତାହାକୁ ମୋର ଏହି ମନୁଷ୍ୟର ଆକୃତିଟି ମଧ୍ୟରୁ ବାହାରକୁ ନେଇଆସି ପାରିବି, ଏବଂ ଏପରି ନାନା ଅନ୍ୟରାଜ୍ୟକୁ ଉଠିଯାଇ ପାରିବି, ଯାହାକୁକି ଆଉ ଏହି ଶରୀର ଓ ତଦନ୍ତର୍ଗତ ସକଳ ପଦାର୍ଥ ବୋଲି ଆଦୌ କୁହାଯାଇ ପାରିବ ନାହିଁ।" ଏହିପରି ଭାବରେ ଆମେ ଆମ ଚେତନାକୁ ବୁଝିବାକୁ ଆରମ୍ଭ କରିବା; ଏବଂ ତା'ପରେ ଯାଇ କହିପାରିବା, "ହଁ, ଏଥର ନିଜର ଚେତନାକୁ ମୁଁ ନିଜର ଚୈତ୍ୟସତ୍ତା ସହିତ ଏକତ୍ରିବଦ୍ଧ କରି ରଖିବି ଓ ତାହାକୁ ସେହିଠାରେହିଁ ଗୁଡ଼ାଇଦେଇ ଆସିବି, ଯେପରିକି ତାହା ଦିବ୍ୟ ପରମସତ୍ତାଙ୍କ ସହିତ ସୌଷମ୍ୟଯୁକ୍ତ ହୋଇ ରହିପାରିବ ଏବଂ ସେହି ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିପାରିବ।" ଅଥବା, "ମୋ' ଭାବନା ଓ ମୋ' ବୁଦ୍ଧିର ସାମର୍ଥ୍ୟଗୁଡ଼ିକରୁ ଊର୍ଦ୍ଧ୍ୱକୁ ଉଠିଯିବାର ଏହି ଅଭ୍ୟାସଟି ଦ୍ୱାରା ଯଦି ମୁଁ ଶୁଦ୍ଧ ଆଲୋକ ଏବଂ ଶୁଦ୍ଧ ଜ୍ଞାନର ଏକ ରାଜ୍ୟମଧ୍ୟରେ ଯାଇ ପ୍ରବେଶ କରିପାରିବି..." ତା'ପରେ ତୁମେ ନିଜର ଚେତନାକୁ ସେହିଠାରେହିଁ ଅବସ୍ଥାପିତ କରି ରଖିପାରିବ ଏବଂ ଏହି ଜଡ଼ଭୂମିସ୍ଥ ଦେହଟିଠାରୁ ଅନେକ ଊର୍ଦ୍ଧ୍ୱରେ ରହିଥିବା ଏକ ଉଜ୍ଜ୍ୱଳତାପୂର୍ଣ୍ଣ ମହିମାରେ ସେହିଭଳି ଭାବରେ ଜୀବନ ଅତିବାହିତ କରିପାରିବ।

ମାତ୍ର, ସର୍ବପ୍ରଥମେ ଏହି ଚେତନା ସଚଳ ହେବ ଏବଂ ତୁମେ ତାହାକୁ ତୁମ ସତ୍ତାର ଅନ୍ୟ ଅଙ୍ଗଗୁଡ଼ିକଠାରୁ ସ୍ୱତନ୍ତ୍ର କରି ଚିହ୍ନି ମଧ୍ୟ ପାରୁଥିବ। ସେହି ଅନ୍ୟ ଅଙ୍ଗଗୁଡ଼ିକ ହେଉଛନ୍ତି ଚେତନାର ଗୋଟିଏ ଗୋଟିଏ ଯନ୍ତ୍ର ମାତ୍ର, ତାହାର ଅଭିବ୍ୟକ୍ତିର ଗୋଟିଏ ଗୋଟିଏ ସରଣୀ। ଚେତନା ଏଗୁଡ଼ିକୁ କାମରେ ଲଗାଇ ପାରୁଥିବ ଏବଂ ତୁମେ କଦାପି ଏଗୁଡ଼ିକୁ ତୁମର ଚେତନା ବୋଲି ଭ୍ରମ କରୁ ନ ଥିବ। ନିଜର ଚେତନାକୁ ନେଇ ତୁମେ ଏଗୁଡ଼ିକ ମଧ୍ୟରେ ଅବସ୍ଥାପିତ କରିରଖିବ, ତେବେ ନିଜର ଶରୀର ସମ୍ବନ୍ଧରେ, ପ୍ରାଣିକ ତଥା ମନ ସମ୍ବନ୍ଧରେ ଏବଂ ଏକାତ୍ମକ ହେବା' ଲାଗି ତୁମର ଇଚ୍ଛାରୁ ପ୍ରସୃତ ହେଉଥିବା ତୃପ୍ତ ଆନନ୍ଦ ନିଷ୍କ୍ରିୟତା

'oaob.nitrkl.ac.in' images reprocessed

ସମ୍ବନ୍ଧରେ ମଧ୍ୟ ସଚେତନ ହୋଇ ପାରୁଥିବ । ମାତ୍ର, ଏକଥା ସମ୍ଭବ ହେବାକୁ ହେଲେ ସର୍ବପ୍ରଥମେ ଏପରି ଅବଶ୍ୟ ହେବ ଯେ ତୁମର ଚେତନା କଦାପି ଏହି ଯାବତୀୟ ବସ୍ତୁ ସହିତ ଆଦୌ ସମ୍ପୂର୍ଣ୍ଣ ଭାବରେ ପାଶବଦ୍ଧ, ସଂଯୁକ୍ତ ଏବଂ ସମ୍ମିଳିତ ହୋଇ ରହି ନ ଥିବ; ତାହା ନିଜକୁ ଆଦୌ ଏହି ବସ୍ତୁସକଳ ବୋଲି ଭ୍ରମ କରୁ ନ ଥିବ, କଦାପି ସେହି ଭ୍ରମ କରୁ ନ ଥିବ ।

ଯେତେବେଳେ ଜଣେ ନିଜ ବିଷୟରେ ଚିନ୍ତା କରୁଥାଏ, (ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ଲକ୍ଷ ଲକ୍ଷ ମଣିଷଙ୍କ ଭିତରେ ଏପରି ଦଶଜଣ ମଧ୍ୟ ନ ଥିବେ, ଯେଉଁମାନେ କି ତାହା କରୁ ନ ଥିବେ ।) ସେତେବେଳେ ସିଏ ଭାବେ, "ମୁଁ... ଅର୍ଥାତ୍ ମୋ'ର ଶରୀର, ତାହାକୁହିଁ ତ ମୁଁ 'ମୁଁ' ବୋଲି କହୁଛି, ସେଇଟି ହେଉଛି ଏହିପରି । ଏବଂ ତେଣୁ, ମୁଁ ମଧ୍ୟ ଠିକ୍ ସେହିପରି; ଏବଂ ତା'ପରେ ମୋ'ର ପ୍ରତିବେଶୀ ଜଣକ, ସିଏ ମଧ୍ୟ ସେହି ଶରୀର । ମୁଁ ଯେତେବେଳେ ଆଉ ଜଣକ କଥା କହୁଛି, ସେତେବେଳେ ମୁଁ ତା'ର ଶରୀରକୁହିଁ ବୁଝୁଛି ।" ଏବଂ ଏହିପରି ଭାବରେ, ଏହି ସ୍ଥିତିରେ ରହିଥିବା ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ସମ୍ଭାବ୍ୟ ଯାବତୀୟ ଗଟସ୍ପନ୍ଦନ ହାତରେ ଖେଳନା ପରି ହୋଇ ରହିଥାଏ ଏବଂ ତାହାର କୌଣସି ଆତ୍ମସଂଯମ ନ ଥାଏ ।

ଶରୀର ହେଉଛି ସର୍ବଶେଷ ଯନ୍ତ୍ର; ମାତ୍ର ତଥାପି ଏହାକୁହିଁ ଆମେ ଅଧିକାଂଶ ସମୟରେ "ମୁଁ" ବୋଲି କହୁଥାଉ; ଅବଶ୍ୟ ନିଜେ ଗଭୀର ଭାବରେ ଏହି ବିଷୟରେ ଚିନ୍ତା କଲେ ତାହା ଅନ୍ୟପ୍ରକାର ହୋଇଥାଏ ।

ଆଉ ପ୍ରଶ୍ନ ଅଛି ? କୌଣସି ପ୍ରଶ୍ନ ନାହିଁ ?

ସ୍ୱାଙ୍ଗୀକରଣର ପ୍ରକ୍ରିୟାଟି ସମୟରେ ଜଣେ ବ୍ୟକ୍ତି ଅଧିକାଂଶତଃ ଏପରି ବିକ୍ଷିପ୍ତ ହୋଇ ରହିଥାଏ କାହିଁକି ?

ହଁ, ସେ ଅଧିକାଂଶ ସମୟରେ ସେହି ଅବସ୍ଥାରେ ଥାଏ : ଆପଣାର ଯାବତୀୟ ଭାବନାରେ, ଯାବତୀୟ ବାସନାରେ ଓ ଯାବତୀୟ କର୍ମ ମଧ୍ୟରେ ବିକ୍ଷିପ୍ତ ହୋଇ ରହିଥାଏ । ଏହାଦ୍ୱାରା ପ୍ରଭୂତ ପରିମାଣରେ ବିକ୍ଷେପ ହେଉଥାଏ । ତେଣୁ ବ୍ୟକ୍ତି ଚତୁର୍ଦ୍ଦିଗରୁ ଟାଣି ହେଉଥିବା ପରି ଅନୁଭବ କରୁଥାଏ ଏବଂ ତା'ଜୀବନରେ ଆଉ କୌଣସି ସମନ୍ୱୟନ ମଧ୍ୟ ନ ଥାଏ ।

ମାତ୍ର ସ୍ୱାଙ୍ଗୀକରଣର ପ୍ରକ୍ରିୟାଗୁଡ଼ିକ ସମୟରେ ତାହା କାହିଁକି ହୁଏ ?

ସ୍ୱାଙ୍ଗୀକରଣର ପର୍ଯ୍ୟାୟଗୁଡ଼ିକରେ ? ଏହି ବିକ୍ଷେପ ?

'oaob.nitrkl.ac.in' images reprocessed

କେବଳ ଯେ ସେହି ସମୟରେ ହୁଏ, ସେକଥା ଆଦୌ ନୁହେଁ । ଆଦୌ ସେକଥା ନୁହେଁ । ଅନ୍ୟ ପକ୍ଷରେ ଏପରି ଅନେକ ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନେକି ସ୍ୱାଙ୍ଗୀକରଣର ପର୍ଯ୍ୟାୟମାନଙ୍କରେ ଅନ୍ତଃସ୍ଥ ଭାବରେ ସଂକେନ୍ଦ୍ରିତ ହୋଇ ରହିଥାନ୍ତି, ଆପଣା ଭିତରେ କଳ ହୋଇ ରହିଥାନ୍ତି··· ତେଣୁ ସବୁବେଳେ ସେପରି ଆଦୌ ହୁଏ ନାହିଁ । ସାଧାରଣତଃ, କର୍ମରତ ଥିବା ସମୟରେହିଁ ଜଣେ ବ୍ୟକ୍ତି ଅଧିକ ବିକ୍ଷିପ୍ତ ହୋଇ ରହୁଥାଏ—ଅଭୀପ୍ସା କରୁଥିବା ପର୍ଯ୍ୟାୟମାନଙ୍କରେ ନୁହେଁ,—ମୁଁ ଏଠାରେ ସାଧାରଣ କ୍ରିୟାତ୍ମକତାଗୁଡ଼ିକ ବିଷୟରେ କହୁଛି ।

ଜଣେ ବ୍ୟକ୍ତି ଯେତେବେଳେ ଯାହା କରୁଥାଏ, ସର୍ବଦା ଅଳ୍ପବହୁତ ପରିମାଣରେ ସିଏ ତାହାର ସହିତ ନିଜକୁ ଏକାତ୍ମକ କରି ରଖିଥାଏ; ଯେଉଁସବୁ ବସ୍ତୁର ସଂସ୍ପର୍ଶରେ ଥାଏ, ସେହିଗୁଡ଼ିକ ସହିତ ଏକାତ୍ମକ ହୋଇ ରହିଥାଏ । ସେମାନେ ଯେତେବେଳେ ଯାହାକିଛି କରୁଥାନ୍ତି, ସେତେବେଳେ ତାହାରି ସହିତ ଜଡ଼ିତ ହୋଇ ରହିଥାନ୍ତି,—ଏହାହିଁ ହେଉଛି ଅଧିକାଂଶ ମନୁଷ୍ୟଙ୍କର ସାଧାରଣ ସ୍ଥିତି । ସେମାନେ ଯାହାକିଛି ଦେଖନ୍ତି, ଅଧିକାଂଶ ସମୟରେ ଯେଉଁମାନଙ୍କୁ ଭେଟନ୍ତି, ସେହିମାନଙ୍କ ସହିତ ଜଡ଼ିତ ହୋଇ ରହିଥାନ୍ତି । ସେମାନେ ସେହିପରି ଭାବରେ ଜୀବନ ବଞ୍ଚନ୍ତି । ସେମାନଙ୍କ ଭିତରେ ଏପରି ଏକ ବସ୍ତୁ ରହିଥାଏ, ଯାହାକି ଅତ୍ୟନ୍ତ ଅସ୍ପଷ୍ଟ ହୋଇ ରହିଥାଏ, ନାନା ଅସଂଗତିରେ ପୂର୍ଣ୍ଣ ହୋଇ ରହିଥାଏ ଏବଂ ଯାବତୀୟ ସ୍ଥାନରେ ଭ୍ରମି ବୁଲିବାରେ ଲାଗିଥାଏ । ଏବଂ, ସେମାନେ ପ୍ରକୃତରେ କ'ଣ, ଯଦି ସେମାନେ କେବେ କେବଳ ଏତିକି ବିଷୟରେ କିଛି ଜାଣିବାକୁ ଇଚ୍ଛା କରନ୍ତି, ସେତେବେଳେ ସେମାନେ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପଡ଼ିଥିବା ଗଦାଗଦା ବସ୍ତୁକୁ ଆପଣା ଆଡ଼କୁ ଟାଣି ଆଣିବାକୁହିଁ ବାଧ୍ୟ ହୁଅନ୍ତି । ମନୁଷ୍ୟମାନଙ୍କ ମଧ୍ୟରେ ଏକ ପ୍ରକାରର ଅଚେତନ ତରଳତା ବିଦ୍ୟମାନ ରହିଥାଏ;—ମୁଁ ଏହିକଥା ତୁମମାନଙ୍କୁ କେଜାଣି କେତେଥର କହିଥିବି । ଏଥିରୁ ଏକ ବିମିଶ୍ରଣ ଜାତ ହୁଏ; ଏହା ଆଉ ସଂପୂର୍ଣ୍ଣ-ଭାବରେ ଭୌତିକ ଆକାରରେ ନ ରହିବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଏହିପରି ହୁଏ···ଏପରି ଘଟେ, କାରଣ ତୁମମାନଙ୍କ ଦେହରେ ଏକ ଚମଡ଼ା ରହିଛି ଏବଂ ତୁମେ କଦାପି ସ୍ଥୂଳ ଭାବରେ ପରସ୍ପର ମଧ୍ୟରେ ପ୍ରବେଶ କରି ପାରିବ ନାହିଁ; ତା' ନ ହେଲେ ତୁମର ସୂକ୍ଷ୍ମଭୌତିକ ମଧ୍ୟ······ତାହା ସତେଅବା ଏକ ପ୍ରକାରର ଦୃଶ୍ୟମାନ ବାଷ୍ପ ପରି ଶରୀରଗୁଡ଼ିକରୁ ଉଦ୍‌ଗତ ହେବାରେ ଲାଗିଥାଏ; ତାହାହିଁ ସୂକ୍ଷ୍ମଭୌତିକ, ତାହା ସାଂଘାତିକ ଭାବରେ ପରସ୍ପର ସହିତ ଯାଇ ମିଶ୍ରିତ ହୋଇଯାଏ, ଏବଂ ସେଥିରୁ ଯାବତୀୟ ପ୍ରକାରର ପ୍ରତିକ୍ରିୟା ନିଷ୍ପନ୍ନ ହୁଏ—ସତତ ଜଣେ ବ୍ୟକ୍ତିର ପ୍ରତିକ୍ରିୟାମାନ ଆଉଜଣେ ବ୍ୟକ୍ତି ଉପରେ ପଡ଼ିବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

ଏଭଳି କାହିଁକି ହେଉଛି, ତାହାର କାରଣ ନ ଜାଣି ଏବଂ କାରଣ ବିଷୟରେ ଆଦୌ କୌଣସି ଧାରଣା ନ କରି ମଧ୍ୟ ଜଣେ ବ୍ୟକ୍ତି ସୁସ୍ଥାସ୍ଥ୍ୟଜନିତ ଏକ ସମତାବସ୍ଥାରୁ ଏକ ବୈଷମ୍ୟାବସ୍ଥା ଏବଂ ଭ୍ରମୂଳ ଅସ୍ୱସ୍ତି ମଧ୍ୟରେ ଯାଇ ପ୍ରବେଶ କରିପାରେ ! କାରଣ ଆଦୌ ଜଣା ନ ଥାଏ, ବାହ୍ୟ କୌଣସି କାରଣ ନ ଥାଏ, ତାହା ହଠାତ୍ ଆସି ଘଟିଥାଏ; ଜଣେ ବ୍ୟକ୍ତି ହୁଏତ ଶାନ୍ତ ଓ ସନ୍ତୁଷ୍ଟ ହୋଇ ରହିଥାନ୍ତି, ଅନ୍ତତଃ ଏକ ସୁଖକର ଓ ସହନୀୟ ଅବସ୍ଥା ଭିତରେ ରହିଥାନ୍ତି, ସେତିକବେଳେ ହଠାତ୍ ତାଙ୍କୁ କ୍ରୁଦ୍ଧ ହେବାକୁ ପଡ଼େ, ଅସନ୍ତୁଷ୍ଟ ହେବାକୁ ପଡ଼େ, ଅସ୍ୱସ୍ତି ଭୋଗିବାକୁ ହୁଏ । ସିଏ ଏପରି ହେବାର କୌଣସି କାରଣ ଜାଣି ନ ଥାଏ, ଏହାର ପ୍ରକୃତରେ କୌଣସି କାରଣ ନ ଥାଏ । ଜଣେ ବ୍ୟକ୍ତି ହୁଏତ ଆନନ୍ଦ, ପୁଲକ ଓ ଉତ୍ସାହରେ ପୂର୍ଣ୍ଣ ହୋଇ ରହିଥାଏ, ଏବଂ ହଠାତ୍, ଆଦୌ କୌଣସି ଆପାତ କାରଣ ନ ଥାଇ, ସିଏ ଦୁଃଖିତ ହୋଇପଡ଼େ, ବିମର୍ଷ ହୋଇଯାଏ, ନିର୍ଗୁଣ ଏବଂ ହତୋତ୍ସାହ ହୋଇଯାଏ । ବେଳେବେଳେ ଏପରି ମଧ୍ୟ ଘଟେ ଯେ, ଜଣେ ବ୍ୟକ୍ତି ଅତ୍ୟନ୍ତ ହତାଶ ହୋଇ ରହିଥାଏ, ଏବଂ ତା'ପରେ ଆଉ କେଉଁଠାକୁ ଗୁଳିଯାଏ ଏବଂ ତା'ପରେ ସତେଅବା ସବୁକିଛି ଆଲୋକିତ ହୋଇଉଠେ : ଏକ ଆଲୋକ ଅନୁଭୂତ ହୁଏ, ଏକ ଆନନ୍ଦ ଆସି ତାକୁ ଭରିଦିଏ । କାହିଁକି ଏପରି ହୁଏ ? —ବ୍ୟକ୍ତି ହଠାତ୍ ଆଶାବାଦୀ ହୋଇଉଠେ,—ଅବଶ୍ୟ ଏପରି ଘଟଣା ଅତି କ୍ୱଚିତ୍ ହୁଏ । —ମାତ୍ର ଏହା ମଧ୍ୟ ଅବଶ୍ୟ ଘଟିପାରେ, ଏଥିରେ ମଧ୍ୟ ଠିକ୍ ସେହି ଗୁଣ ରହିଥାଏ, ତାହା ସଦାମିତ କରିଦିଏ । ମାତ୍ର, ଏହିସବୁ କ୍ଷେତ୍ରରେ ସଙ୍ଗଠନାତ୍ମକ ବସ୍ତୁଗୁଡ଼ିକ ଅପେକ୍ଷା ଅନିଷ୍ଟାତ୍ମକ ବସ୍ତୁଗୁଡ଼ିକ ପାଖରେ ହାରୁଡ଼ି ଯିବାର ଅଧିକ ଆଶଙ୍କା ରହିଥାଏ ।

ଅତି ଅଳ୍ପସଂଖ୍ୟକ ଏପରି ଲୋକ ଅଛନ୍ତି, ଯେଉଁମାନେ ବହନ କରି ରହିଥିବା ପରିବେଶଟି ଆନନ୍ଦ, ଶାନ୍ତି ଓ ବିଶ୍ୱାସର ବିକିରଣ କରୁଥାଏ । ଏଭଳି ଲୋକ କ୍ୱଚିତ୍ ଥାଆନ୍ତି । ମାତ୍ର ଏହି ବ୍ୟକ୍ତିମାନେହିଁ ମନୁଷ୍ୟସମାଜର ଯଥାର୍ଥ ହିତ ସାଧନ କରନ୍ତି । ସେମାନଙ୍କୁ ନିଜର ମୁହଁ ଫିଟାଇ ଆଦୌ କିଛି କହିବାକୁ ପଡ଼େ ନାହିଁ ।

(ମାଆ ନୀରବ ରହିଲେ)

ସବୁଳି ?

ମାଆ ଆମେ ତ ପ୍ରତିଦିନ ବାଲ୍‌କୋନି ଦର୍ଶନକୁ ଯାଉ ଏବଂ ମାଡ଼ି-

'oaob.nitrkl.ac.in' images reprocessed

ପାଷ୍ଟ ତଥା ଧ୍ୟାନ ଲାଗି* ପ୍ଲେଗ୍ରାଉଣ୍ଡ୍‌କୁ ଆସୁ । ଏହି କାର୍ଯ୍ୟକ୍ରମ-ଗୁଡ଼ିକ ପ୍ରତି ଆମର କିପରି ଦୃଷ୍ଟିଭଙ୍ଗୀ ରହିବା ଉଚିତ ?

ଗ୍ରହଣଶୀଳତା ହେଉଛି ପ୍ରତ୍ୟେକ କ୍ଷେତ୍ରରେ ସବୁଠାରୁ ଅଧିକ ଅପରିହାର୍ଯ୍ୟ ବସ୍ତୁ ।

ଉଦାହରଣସ୍ୱରୂପ, ବାଲ୍‌କୋନି କଥା ବିଚାର କରାଯାଉ । ମୁଁ ଯେତେବେଳେ ବାଲ୍‌କୋନିକୁ ଆସେ, ସେତେବେଳେ ଏକ ବିଶେଷ ସଂକେନ୍ଦ୍ରଣ ସଙ୍ଘଟିତ କରାଏ । ତୁମେ ଦେଖିଥିବ, ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଡ଼କୁ ଚାହିଁକରି ଦେଖେ, ନୁହେଁ ? ମୁଁ ସମସ୍ତଙ୍କ ଆଡ଼କୁ ଅନାଏ, ଦେଖେ, ପ୍ରତ୍ୟେକ ବ୍ୟକ୍ତି ଉପରେ ଦୃଷ୍ଟିକୁ ସଞ୍ଚାଳିତ କରିନିଏ । ସେଠାରେ ଯେଉଁମାନେ ଉପସ୍ଥିତ ଥାଆନ୍ତି, ମୁଁ ସେମାନଙ୍କ ପ୍ରତ୍ୟେକଙ୍କୁ ଜାଣେ; ସେମାନେ ଯେଉଁଠି ଥାଆନ୍ତି, ସେକଥା ମଧ୍ୟ ଜାଣେ । ଏବଂ କିଏ ଯାହା ଆବଶ୍ୟକ କରୁଥାଏ, ମୁଁ ତାହାକୁ ଠିକ୍ ସେହି ବସ୍ତୁଟିକୁହିଁ ପ୍ରଦାନ କରେ । ମୁଁ ତା'ର ଅବସ୍ଥାଟିକୁ ଦେଖେ, ଏବଂ ତାହାର ଯାହା ଆବଶ୍ୟକ, ତାକୁ ତାହାହିଁ ଦିଏ । ମୁଁ ଶୀଘ୍ର ଶୀଘ୍ର ସେହି କାର୍ଯ୍ୟଟିକୁ କରିପାରେ, କାରଣ ତା' ନ ହେଲେ ମୁଁ ତୁମମାନଙ୍କୁ ଅଧଘଣ୍ଟାଏ କାଳ ଛିଡ଼ା କରି ରଖିବି; ମାତ୍ର ମୁଁ ଏହା ପ୍ରକୃତରେ କରେ,—ପ୍ରକୃତରେ ସେହି କାର୍ଯ୍ୟଟିକୁ କରେ । କେବଳ ସେହି କାରଣଟି ଲାଗି ବାହାରକୁ ଆସେ, କାରଣ ତା' ନ ହେଲେ ତୁମେମାନେ ସମସ୍ତେ ତ ମୋର ଚେତନା ଭିତରେ ରହିଥାଅ । ତୁମମାନଙ୍କୁ ଦେଖି ନ ଥିଲେ ମଧ୍ୟ ନିଜର ଚେତନାରେ ମୁଁ ତୁମମାନଙ୍କୁ ସର୍ବଦା ବହନ କରି ରହିଥାଏ ଏବଂ ଯାହାକିଛି ଆବଶ୍ୟକ ତାହା କରୁଥାଏ । ମାତ୍ର ଏହି ବାଲ୍‌କୋନି ଦର୍ଶନବେଳେ ଏପରି ଏକ ମୁହୂର୍ତ୍ତ ମୋତେ ମିଳେ, ଯେତେବେଳେ ମୁଁ ପ୍ରତ୍ୟକ୍ଷ ଭାବରେ ଭୌତିକକୁ ସ୍ପର୍ଶ କରିପାରେ ଓ ତାହା କରେ । ତା' ନ ହେଲେ ଏହା ମନର ମାଧ୍ୟମରେ, ମନ ଅଥବା ପ୍ରାଣିକର ମାଧ୍ୟମରେ କାର୍ଯ୍ୟ କରୁଥାଏ । ମାତ୍ର ଏହି ଦର୍ଶନ ସମୟରେ ଦେଖିବାର ମାଧ୍ୟମରେ, ଦେଖିବାର ସଂସ୍ପର୍ଶଲାଭ ଦ୍ୱାରା ମୁଁ ସିଧା ଭୌତିକକୁ ଯାଇ ସ୍ପର୍ଶ କରେ । ପ୍ରତ୍ୟେକ ଦର୍ଶନରେ ମୁଁ ତାହାହିଁ କରେ ।

ତେଣୁ, ସେଠାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଯଦି ଗୋଟିଏ ପ୍ରକାରର ଆସ୍ଥା ନେଇ, ଏକ ଅନ୍ତର୍ଗତ ଉନ୍ମୋଚନ ସହିତ ସେଠାକୁ ଆସୁଥାଏ ଏବଂ

*ଏହି ପର୍ଯ୍ୟାୟଟିରେ ମାଆ ପ୍ରତିଦିନ ସକାଳେ ତାଙ୍କ ବାଲ୍‌କୋନିରୁ ଦର୍ଶନ ଦେଉଥିଲେ । ଏହାକୁ "ବାଲ୍‌କୋନି ଦର୍ଶନ" କୁହାଯାଉଥିଲା । ସନ୍ଧ୍ୟା ସମୟରେ ମାର୍ଚ୍ଚ ପାଷ୍ଟରେ ଅଭିବାଦନ ଗ୍ରହଣ କରିବା ଲାଗି ଏବଂ "ମାର୍ଚ୍ଚ" ପରେ ହେଉଥିବା ଧ୍ୟାନର ପରିଚାଳନା କରିବା ସକାଶେ ସେ ପ୍ଲେ ଗ୍ରାଉଣ୍ଡରେ ଉପସ୍ଥିତ ରହୁଥିଲେ ।

'oaob.nitrkl.ac.in' images reprocessed

ତାକୁ ଯାହା ଦିଆଯାଉଛି ତାହାକୁ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ଥାଏ, — ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯଦି ସିଏ ତାକୁ ବିକ୍ଷିପ୍ତ କରି ନ ପକାଏ—ସେଠାରେ ଏପରି ଅନେକ ଲୋକ ଥାଆନ୍ତି, ଯେଉଁମାନେ କି କ'ଣସବୁ ଘଟୁଛି ଓ ଅନ୍ୟମାନେ କ'ଣ କରୁଛନ୍ତି, ତାହା ଦେଖିବାରେ ସମସ୍ତ ଅତିବାହିତ କରିଦିଅନ୍ତି ଏବଂ ଏହିପରି ଭାବରେ, ଖୁବ୍ ବେଶୀ କୌଣସି ପଦାର୍ଥ ଗ୍ରହଣ କରିବା ନିମନ୍ତେ ସେମାନେ ଆଦୌ ଯଥେଷ୍ଟ ସୁଯୋଗ ପାଇପାରନ୍ତି ନାହିଁ ··· ମାତ୍ର, ଯଦି ଜଣେ ବ୍ୟକ୍ତି, ସିଏ ଯାହା ପାଇପାରିବ, ତାହାର ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖି ଯଥାସମ୍ଭବ ସ୍ଥିରଚିତ୍ତ ହୋଇ ସେଠାକୁ ଆସେ,—ସତେଯେପରି କିଛି ଗ୍ରହଣ କରିବା ଲାଗି ସେ ଆପଣାକୁ ଉନ୍ମୋଚିତ କରିରଖିଛି, ସତେଯେପରି କିଛି ଗ୍ରହଣ କରିବ ବୋଲି ସେ ଏହିପରି ଭାବରେ (ମା'ଆ ଭଙ୍ଗୀ ଦ୍ୱାରା ଦେଖାଇ ଦେଲେ) ଆପଣାର ଚେତନାକୁ ଉନ୍ମୋଚିତ କରିଆଣୁଛି — ଯଦି ତା'ର କୌଣସି ନିର୍ଦ୍ଦିଷ୍ଟ ଅସୁବିଧା ଅଥବା ସମସ୍ୟା ରହିଥାଏ, ତେବେ ସିଏ ତାକୁ ଏକ ଅଗ୍ନିପ୍ରସାର ମାଧ୍ୟମରେ ଆଣି ଉପସ୍ଥାପିତ କରିପାରିବ; ମାତ୍ର ଏହାର ଆଦୌ କୌଣସି ଆବଶ୍ୟକତା ନ ଥାଏ; କାରଣ ସାଧାରଣତଃ ଏହିପରି ହୋଇଥାଏ ଯେ, ଲୋକମାନେ ନିଜ ବିଷୟରେ ଯାହା ଭାବୁଥାନ୍ତି ଏବଂ ସେମାନେ ପ୍ରକୃତରେ ଯେଉଁଭଳି ସ୍ଥିତିରେ ରହିଥାନ୍ତି, — ଦୁଇଟି ମଧ୍ୟରେ କିଛି ନା କିଛି ପାର୍ଥକ୍ୟ ଅବଶ୍ୟ ରହିଥାଏ, ଅର୍ଥାତ୍ ଦୁଇଟି ଭିତରେ ଆଦୌ ସମ୍ପୂର୍ଣ୍ଣ ସଦୃଶତା ନ ଥାଏ । ସେମାନେ କଥାଟିକୁ ଯେପରି ଭାବରେ ଅନୁଭବ କରନ୍ତି ଅଥବା ଦେଖନ୍ତି, ତାହା ସେହି କ୍ଷେତ୍ରରେ କିଞ୍ଚିତ୍ ପରିମାଣରେ ଏକ ବିକୃତିର ସୃଷ୍ଟି କରିଥାଏ; ତେଣୁ ମୁଁ ସେମାନଙ୍କର ସେହି ବିକୃତିଟିକୁ ଅପସାରିତ କରିଦେବାକୁ ବାଧ୍ୟ ହୁଏ । ଅନ୍ୟ ପକ୍ଷରେ, ଯଦି ସେମାନେ ଆଦୌ କୌଣସି ବିଷୟରେ ଭାବୁ ନ ଥାନ୍ତି, କେବଳ ଏହିପରି ଭାବରେ (ମା'ଆ ଇଙ୍ଗିତ କରି ଦେଖାଇଦେଲେ) ଉନ୍ମୁକ୍ତ ରହି ଶକ୍ତିଟିର ଅପେକ୍ଷା କରି ରହିଥାନ୍ତି — ତେବେ ମୁଁ ସିଧା ସେମାନଙ୍କ ପାଖକୁ ଚାଲି ଯାଇପାରେ ଏବଂ ଯାହା କରିବାକୁ ଥାଏ, ତାହାକୁ କରେ । ଏବଂ ସେହି ମୁହୂର୍ତ୍ତରେ ମୁଁ ନିର୍ଭୁଲ ଭାବରେ ଜାଣିପାରେ ଯେ — ସେତେବେଳେ ମୁଁ ଏହିପରି କରେ (ମା'ଆ· ଇଙ୍ଗିତ ଦ୍ୱାରା ଦେଖାଇଦେଲେ) ଅତ୍ୟନ୍ତ ଧୀରେ ଧୀରେ — ଉପରୁ ମୁଁ ଖୁବ୍ ଭଲ ଭାବରେ, ଅତି ଭଲ କରି ଦେଖି ପାରୁଥାଏ; ପ୍ରତ୍ୟେକ ବ୍ୟକ୍ତି ଯେଉଁ ଅବସ୍ଥାରେ ଅଛି, ତାହା ଦେଖି ପାରୁଥାଏ । ସେଇଟି ହେଉଛି ପ୍ରତିଦିନ ସକାଳର କାମ ।

"ଧ୍ୟାନ" ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ କଥା । ସେତେବେଳେ ମୁଁ ପରିବେଶଟିକୁ ଯଥାସମ୍ଭବ ଅଧିକ ଶାନ୍ତ, ସ୍ଥିର ଏବଂ ଏକତ୍ୱଯୁକ୍ତ କରି ରଖିବାକୁ ଚେଷ୍ଟା କରେ,—ସତେଯେପରି ମୁଁ ଚେତନାକୁ ବହୁଦୂରକୁ ବ୍ୟାପ୍ତ କରିଦେଉଛି,

'oaob.nitrkl.ac.in' images reprocessed

ସେଥିଲାଗି ଏହିପରି କରେ (ଭଙ୍ଗୀ ଦ୍ୱାରା ଦେଖାଇଦେଲେ); ଏବଂ ତା'ପରେ, ସେହି ସୁଦୂର ଊର୍ଦ୍ଧ୍ୱ ଦେଶରୁ ମୁଁ ଯଥାଶକ୍ତି ସେହି ମହାନ୍ ଶକ୍ତିକୁ ଅବତୀର୍ଣ୍ଣ କରାଇ ନେଇଆସେ ଏବଂ ଯଥାସମ୍ଭବ ଅଧିକ ଶକ୍ତିଶାଳୀ ଭାବରେ ତାହାକୁ ତୁମମାନଙ୍କ ଉପରେ ଅବସ୍ଥାପିତ କରି ରଖେ । ତେଣୁ, ଜଣେ ବ୍ୟକ୍ତି ଯଥେଷ୍ଟ ପରିମାଣରେ ଶାନ୍ତ ଏବଂ ସୁ-ଅଭିନିବେଶିତ ହୋଇ ରହିଛି କି ନାହିଁ, ସେକଥା ତାହାର ଉପରେ ନିର୍ଭର କରୁଥାଏ । ଏହି କ୍ଷେତ୍ରରେ ବ୍ୟକ୍ତିକୁ ଅଭିନିବେଶିତ ହୋଇ ରହିବାକୁ ପଡିବ, ତା' ଭିତରେ ଆଦୌ କୌଣସି ବିକ୍ଷେପ ନ ଥିବ, — ସିଏ ସକେନ୍ଦ୍ରିତ ହୋଇ ରହିଥିବ, ମାତ୍ର ଅତ୍ୟନ୍ତ କଥାଟିକୁ କପରି କୁହାଯାଇ ପାରିବ ? ··· ଅତ୍ୟନ୍ତ ସମତଳ, ଅତ୍ୟନ୍ତ ଅନୁପ୍ରସ୍ଥ ହୋଇ ରହିଥିବ; ଏହିପରି (ମାଆ ଇଙ୍ଗିତ କରି ଦେଖାଇଦେଲେ) ଭାବରେ ରହିଥିବ । ତେବେ ସେହି ବୃହତ୍ତରଶକ୍ତି ଏକ ଛାପ ପକାଇବ । ଏବଂ ସର୍ବୋପରି ଏକ ଏକତ୍ୱର ପ୍ରତିଷ୍ଠା କରିବା ଲାଗି ଏହା କରାଯାଏ; ସମଗ୍ରଟିକୁ ଭେଦ କରି, ଯାହାକି ଊର୍ଦ୍ଧ୍ୱରୁ ଆଗତ ସେହି ବୃହତ୍ତରଶକ୍ତିକୁ ସାମୂହିକ ଭାବରେ ବ୍ୟକ୍ତ କରିପାରିବ, ଏଥିମଧ୍ୟରୁ ସେହିପରି ସୁସହତ କୌଣସି ବସ୍ତୁକୁ ସମ୍ଭବ କରିବାର ଉଦ୍ୟମ କରି ଏହା କରାଯାଏ ।

ସକାଳେ କାର୍ଯ୍ୟଟି ବୈଯ୍ୟକ୍ତିକ ସ୍ତରରେ ହୁଏ, ସନ୍ଧ୍ୟାରେ ସାମୂହିକ ସ୍ତରରେ । ମାତ୍ର, ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ତାହା ଭିତରେ ପ୍ରତ୍ୟେକ ବ୍ୟକ୍ତି ଜଣେ ବ୍ୟକ୍ତି ହିସାବରେ ମଧ୍ୟ ସବୁକିଛି ଅନୁଭବ କରିପାରିବ; ମାତ୍ର ଏଇଟି ହେଉଛି ଏକତ୍ୱ ସ୍ଥାପନର ଏକ କାର୍ଯ୍ୟ । ମୁଁ ସେଇଟିକୁ ସନ୍ଧ୍ୟାବେଳେ କରେ । ଆପଣାର ଗ୍ରହଣଶୀଳତା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ସେଥିରୁ ଲାଭବାନ୍ ହୋଇଥାଏ; ସିଏ ଯେଉଁ ସ୍ଥିତିରେ ଅଛି, ତାହାର ଅନୁସାରେ ଗ୍ରହଣ କରିଥାଏ ।

ମାଆ, ପୁଣି ମାର୍ଚ୍ଚପାଷ୍ଟ ସମୟରେ ?

ମାର୍ଚ୍ଚପାଷ୍ଟ ସମୟରେ···ଏହା ଅଧିକତର ପରିମାଣରେ ଏକ ସ୍ଥୂଳ ସ୍ତରର କାର୍ଯ୍ୟ,—ସ୍ଥୂଳ ସ୍ତରର କ୍ରିୟା ଲାଗି ଆପଣାକୁ ପ୍ରସ୍ତୁତ କରିବା । ଏହାକୁ ଅଧିକତର ପରିମାଣରେ ଶକ୍ତି, ବିଶ୍ୱମୟ ଶକ୍ତି ଆଡ଼କୁ ନିଜକୁ ଉନ୍ମୁକ୍ତ କରିଦେଇ କାର୍ଯ୍ୟଟି ଲାଗି ପ୍ରସ୍ତୁତ ହେବାର ଏକ ପଦ୍ଧତି ବୋଲି କୁହାଯାଇ ପାରିବ । ଏହା ଦ୍ୱାରା ଶକ୍ତି ସହିତ ଏକ ସମ୍ପର୍କ ଘଟେ, ବିଦ୍ୟମାନ ରହିଥିବା ବିଶ୍ୱମୟ ଶକ୍ତି ସହିତ ସମ୍ପର୍କ ଘଟିଥାଏ, ଏହା ଦ୍ୱାରା କାର୍ଯ୍ୟଟିରେ ଅଂଶଗ୍ରହଣ କରିବା ଲାଗି ଶରୀରକୁ ସାହାଯ୍ୟ କରାଯାଏ । ବର୍ତ୍ତମାନ ପାଇଁ ଏହା ଅତ୍ୟନ୍ତ ଭୌତିକ ସ୍ତରର ରହିଛି । ଯଥାର୍ଥରେ ଏହାହିଁ ହେଉଛି ଶାରୀରିକ ଉତ୍କର୍ଷଲାଭର ଭୂମି : କାର୍ଯ୍ୟଟି ସକାଶେ ଶରୀରକୁ ପ୍ରସ୍ତୁତ କରିବା ଏବଂ କାର୍ଯ୍ୟଟିକୁ ସମ୍ପନ୍ନ କରିବା ଲାଗି ଶକ୍ତି ଲାଭର କ୍ଷେତ୍ରରେ ନିଜକୁ

'oaob.nitrkl.ac.in' images reprocessed

ଗ୍ରହଣଶୀଳ କରିରଖିବା । ମାର୍ଚ୍ଚିଂ ବେଳକୁ ମଧ୍ୟ ଠିକ୍ ସେହିକଥା, ମୁଁ ସେତେବେଳେ ଉପସ୍ଥିତ ନ ଥିବା ସମୟରେ ମଧ୍ୟ ତାହାହିଁ ଘଟିଥାଏ । ମାତ୍ର, ମାର୍ଚ୍ଚପାଷ୍ଟ ହେଉଛି ଉପଲବ୍ଧି ନିମନ୍ତେ ଶକ୍ତିଗୁଡ଼ିକ ଲାଗି ଶରୀରର ଗ୍ରହଣଶୀଳତାକୁ ଉଦ୍ଦୀପିତ କରି ଆଣିବା ପାଇଁ । ଏହା ଏପରି ଏକ ବସ୍ତୁ ଉପରେ ଆଧାରିତ ହୋଇ ରହିଛି ଯାହାକୁ କ ଯାବତୀୟ ପ୍ରକାରେ ବ୍ୟକ୍ତ କରାଯାଇ ପାରିବ; ମାତ୍ର ଏହା ହେଉଛି ଏକ ପ୍ରକାରର ଶ୍ରଦ୍ଧା ବ୍ୟକ୍ତ କରିବା··· କଥାଟିକୁ କିପରି କୁହାଯାଇ ପାରିବ ? ··· ବୀରତ୍ୱ ଉଦ୍ଦେଶ୍ୟରେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଏବଂ ଆକର୍ଷକ ଭାବରେ ଆପଣାର ଶ୍ରଦ୍ଧା ବ୍ୟକ୍ତ କରିବା — ସ୍ଥୂଳତମ ଭୌତିକ ଚେତନାରେ ଯେଉଁ ବୀରତ୍ୱ ନିହିତ ହୋଇ ରହିଛି, ସେହି ବୀରତ୍ୱ ଉଦ୍ଦେଶ୍ୟରେ ।

ଏବଂ ତାମସିକତା ତଥା ଶରୀରସ୍ତରୀୟ ଜଡ଼ତାକୁ ଜୟ କରିବା ଲାଗି ଏହା ତୁମକୁ ଅଦ୍ଭୁତ ଶକ୍ତି ଆଣି ଦେଇଥାଏ । ପୁନଶ୍ଚ, ଏହାରି ଉପରେହିଁ ଯୁଦ୍ଧ ସମୟରେ ସେନାବାହିନୀମାନଙ୍କର ସଂଗ୍ରାମଶକ୍ତି ଆଧାରିତ ହୋଇ ରହିଥାଏ । ଯଦି ମନୁଷ୍ୟମାନଙ୍କଠାରେ ଏଇଟି ନ ଥାନ୍ତା, ତେବେ ସେମାନଙ୍କୁ ନିର୍ବୋଧ ଭାବରେ ପରସ୍ପର ସହିତ ଯୁଦ୍ଧ କରି ଯିବା ଲାଗି ମୋଟେ ପ୍ରବର୍ତ୍ତାଯାଇ ପାରୁ ନ ଥାନ୍ତା; ସେମାନେ ଯେଉଁସବୁ ବିଷୟରେ ଆଦୌ କିଛି ଜାଣି ନାହାନ୍ତି, ସେହିଗୁଡ଼ିକ ପାଇଁ ଯୁଦ୍ଧ କରି ଯିବା ଲାଗି ପ୍ରବର୍ତ୍ତାଯାଇ ପାରୁ ନ ଥାନ୍ତା । ସର୍ବ ଭିତରେ ଏହି ପ୍ରବଣତାଟି ରହିଥିବାରୁହିଁ ଏହି ବୃହତ୍ ମନୁଷ୍ୟସମୂହଗୁଡ଼ିକୁ ବ୍ୟବହାର କରାଯାଇ ପାରୁଛି, କାମରେ ଲଗାଯାଇ ପାରୁଛି ଏବଂ ସକ୍ରିୟ କରାଯାଇ ପାରୁଛି ।

ପ୍ରଥମ ମହାଯୁଦ୍ଧରେ ଆମକୁ ଏହାର ସମ୍ପୂର୍ଣ୍ଣ ଅଦ୍ଭୁତ କେତେ କେତେ ଦୃଷ୍ଟାନ୍ତ ମିଳିବ । ଲଢ଼ିଥିବା ବ୍ୟକ୍ତି ଦୃଷ୍ଟିରୁ ଦ୍ୱିତୀୟ ମହାଯୁଦ୍ଧ ଅପେକ୍ଷା ପ୍ରଥମ ମହାଯୁଦ୍ଧର ଲଢ଼ାଇ ଅନେକ ଅଧିକ କଠିନ ଥିଲା । ଏହା ପ୍ରକୃତରେ ଏକ ଭୟଙ୍କର ଯୁଦ୍ଧ ଥିଲା; କାରଣ ମନୁଷ୍ୟମାନେ ଟ୍ରେଞ୍ଚ ଖୋଳି ତାହାରି ଭିତରେ ପୋକ ପରି ପଡ଼ି ରହିବାକୁ ବାଧ୍ୟ ହେଉଥିଲେ; ଉପରୁ ବୋମାବୃଷ୍ଟି ହେବାର ସତତ ବିପଦ ରହିଥିଲା, ମାତ୍ର ଆପଣାକୁ ସେଥିରୁ ଯଥାସମ୍ଭବ ରକ୍ଷା କରିବା ଲାଗି ସେମାନଙ୍କର ଆଦୌ କୌଣସି ସାମର୍ଥ୍ୟ ନ ଥିଲା । ଏବଂ ସେମାନଙ୍କୁ ସେଠାରେ ଅନେକ ସମୟରେ ବହୁଦିନ ପର୍ଯ୍ୟନ୍ତ ପଡ଼ି ରହିବାକୁ ହେଉଥିଲା । ବେଳେବେଳେ ଏପରି ଘଟୁଥିଲା ଯେ, ଗୋଟିଏ ଟ୍ରେଞ୍ଚ ଭିତରେ ସେମାନେ ହୁଏତ ପନ୍ଦରଦିନ କାଳ ବନ୍ଦୀ ହୋଇ ରହୁଥିଲେ, କାରଣ ସେମାନଙ୍କର ସ୍ଥାନ ଗ୍ରହଣ କରିବାକୁ ସେଠାକୁ ଆଉ କେହି ଆସିବାର କୌଣସି ବାଟ ନ ଥିଲା । ଅର୍ଥାତ୍, ସତତ ବିପଦ ମଧ୍ୟରେ ସେମାନଙ୍କୁ ଏକ ପୋକର ଜୀବନ ବଞ୍ଚିବାକୁ ପଡ଼ୁଥିଲା ଏବଂ ସେହି ସ୍ଥିତି ଉପରେ ସେମାନଙ୍କର ଆଦୌ କୌଣସି ବଳ ନ ଥିଲା । ଏହାହିଁ ସବୁଠାରୁ ଅଧିକ

'oaob.nitrkl.ac.in' images reprocessed

ଭୟଙ୍କର ହୋଇ ରହିଥିଲା । ଏହି ଯୁଦ୍ଧକୁ ପ୍ରକୃତରେ ଏକ ଭୟଙ୍କର ଯୁଦ୍ଧ ବୋଲି କୁହାଯିବ । ଏହିପରି ସ୍ଥଳରେ କେତେବେଳେ ସେନା ଟ୍ରେଞ୍ଚ୍ ଭିତରେ ପଡ଼ି ରହିଥିଲେ, କାରଣ ବୋମାବୃଷ୍ଟି ଏବଂ ସେହିପରି ଯାବତୀୟ କାରଣରୁ ଆଉ ଅଧିକ କିଛି କରିବାର ସମ୍ଭାବନା ନ ଥିଲା । ସେମାନଙ୍କର ସ୍ଥାନ ଗ୍ରହଣ କରିବାକୁ କେହିଯାଇ ପହଞ୍ଚି ପାରୁ ନ ଥିଲେ । ଏହାକୁ "ମୁକ୍ତ କରିବା" (relieving) ବୋଲି କୁହା ଯାଉଥିଲା; ନୂଆ ସୈନ୍ୟମାନଙ୍କୁ ସେହି ସ୍ଥାନକୁ ଆଣି ପୂର୍ବରୁ ସେଠାରେ ଥିବା ଅନ୍ୟମାନଙ୍କୁ କିଛିକ୍ଷଣ ବିଶ୍ରାମ ଦେବା ଲାଗି ମୁକ୍ତ କରି ଆଣିବା ବୋଲି କୁହା ଯାଉଥିଲା । ଏହିପରି ସ୍ଥଳରେ କେତେ କେତେ ସୈନ୍ୟ ଦୀର୍ଘ ଅନେକ ଦିନ ପର୍ଯ୍ୟନ୍ତ ଟ୍ରେଞ୍ଚ୍ ଭିତରେ ରହି ଯାଉଥିଲେ । କେତେବେଳେ ଦଶଦିନ, ବାର ଦିନ ପର୍ଯ୍ୟନ୍ତ ରହି ଯାଉଥିଲେ । ଯେକୌଣସି ଲୋକ ପାଗଳ ହୋଇଯିବା ପାଇଁ ସେହି କ୍ଷେତ୍ରରେ ଯଥେଷ୍ଟ କାରଣ ରହିଥିଲା । ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ସେଠାରେ କ'ଣସବୁ ଘଟୁଥିଲା, ଅଙ୍ଗେ ନିଭାଇଥିବା ସେହି କଥାଗୁଡ଼ିକୁ ବର୍ଣ୍ଣନା କରି କହିଥିଲେ ।

ଏହି ବିଷୟରେ ମୁଁ କେତେକ ବହି ପଢ଼ିଛୁ; ଗପ ବା ଉପନ୍ୟାସ ନୁହେଁ, ଦୈନନ୍ଦିନ ଘଟଣାକୁ ଲିପିବଦ୍ଧ ହୋଇ ରହିଥିବା ବିବରଣୀଗୁଡ଼ିକୁ ପଢ଼ିଛୁ । ସେହିପରି ଗୋଟିଏ ବିବରଣୀ—ପ୍ରକୃତରେ ଜଣେ ବିଖ୍ୟାତ ଲେଖକ ତାଙ୍କ ଯୁଦ୍ଧକାଳୀନ ସ୍ମୃତିଗୁଡ଼ିକୁ ଲେଖି ରଖିଛନ୍ତି ଏବଂ ସିଏ କହିଛନ୍ତି ଯେ ସେମାନେ ଉପରୁ ବୋମାବୃଷ୍ଟି ହେଉଥିବା ସମୟରେ ଏହିପରି ସ୍ଥଳରେ ଦଶଦିନ କାଳ ଟ୍ରେଞ୍ଚ୍ ଭିତରେ କଟାଇ ଥିଲେ । (ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଏହି ପରିସ୍ଥିତିରେ ସେଠାରେ ଅନେକଙ୍କର ପ୍ରାଣହାନି ମଧ୍ୟ ଘଟିଥିଲା) ତା'ପରେ ସେମାନଙ୍କୁ ପଛଧାଡ଼ିକୁ ଅଣାଗଲା ଓ ସେମାନଙ୍କ ସ୍ଥାନରେ ଅନ୍ୟମାନେ ଯାଇ ପହଞ୍ଚିଥିଲେ; ନୂଆ ସୈନ୍ୟ ପହଞ୍ଚିଲେ, ପୁରୁଣାମାନେ ଛୁଟି ପାଇଲେ । ଏବଂ, ସେମାନେ ଯେତେବେଳେ ଫେରି ଆସିଲେ—ସେମାନେ ଭଲ ଖାଦ୍ୟ ଖାଇବାକୁ ପାଇ ନ ଥିଲେ, ଆଦୌ ଭଲ କରି ଶୋଇ ପାରି ନ ଥିଲେ, ଅନ୍ଧାର ଗାତମାନଙ୍କରେ ରହିଥିଲେ—ପ୍ରକୃତରେ ଏକ ଭୟଙ୍କର ଜୀବନ ଯାପନ କରିଥିଲେ—ଯେତେବେଳେ ସେମାନେ ସେଠାରୁ ଫେରିଲେ, ସେତେବେଳେ ସେମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ନିଜ ଗୋଡ଼ରୁ ପିନ୍ଧିଥିବା ଜୋତାକୁ ମଧ୍ୟ କାଢ଼ି ପାରି ନ ଥିଲେ; କାରଣ ପାଦସବୁ ଭିତରେ ଏପରି ଫୁଲି ଯାଇଥିଲା ଯେ, ସେମାନେ ଜୋତାକୁ ଟାଣି ବାହାର କରି ପାରିଲେ ନାହିଁ । ଏହି ଭୟଙ୍କର ଶାରୀରିକ ଯନ୍ତ୍ରଣାସବୁ ପ୍ରକୃତରେ ଅକଳ୍ପନୀୟ । ଏହି ବ୍ୟକ୍ତିମାନେ (ମନେ ରହିବା ଉଚିତ, ଗତ ଯୁଦ୍ଧପରି ସେତେବେଳେ ଯାନ୍ତ୍ରିକ ପରିବହନ-ମାଧ୍ୟମ ଆଦୌ ସୁଲଭ ନ ଥିଲା)—ତେଣୁ ସେମାନେ ସେହିପରି ପୀଡ଼ିତ ଓ ଦରମଲା ହୋଇ ଚାଲିଚାଲି ଆସିଥିଲେ ।

'oaob.nitrkl.ac.in' images reprocessed

ସେମାନେ ତଥାପି ଭାଙ୍ଗି ପଡ଼ି ନ ଥିଲେ ।

ସାହସର ଦୃଷ୍ଟିରୁ ବିଚାର କରି ଦେଖିଲେ, ଯୁଦ୍ଧ ସମୟର ଘଟଣାଟିକୁ ତାହାକୁ ହିଁ ସବୁଠାରୁ ଅଧିକ ଏକ ଚମତ୍କାର କଥା ବୋଲି କୁହାଯିବ । କାରଣ ସେମାନେ ଅପ୍ରତିହତ ହୋଇ ରହିଥିଲେ, ଶତ୍ରୁପକ୍ଷ ଟେଲିଗ୍ରାଫଗୁଡ଼ିକୁ ଆଦୌ ଅଧିକାର କରି ପାରି ନ ଥିଲା ଏବଂ ତାହାକୁ ଅତିକ୍ରମ କରିପାରି ନ ଥିଲା । ଏହି ସମ୍ବାଦଟି ଚାରିଆଡ଼େ ଖେଳି ଯାଇଥିଲା; ଉକ୍ତ ସୈନ୍ୟମାନେ ଗୋଟିଏ ଗାଆଁରେ ଆସି ପହଞ୍ଚିଲେ ଏବଂ ଗାଆଁର ସବୁଯାକ ଲୋକ ସେମାନଙ୍କୁ ଅଭ୍ୟର୍ଥନା କରି ନେବା ଲାଗି ବାହାରି ଆସିଥିଲେ । ସେମାନେ ଫୁଲହାତରେ ରାସ୍ତାରେ ଧାଡ଼ି ହୋଇ ଠିଆ ହୋଇଥିଲେ ଏବଂ ହର୍ଷଧ୍ୱନିମାନ କରୁଥିଲେ । ସେହି ସୈନ୍ୟମାନେ ଆପଣାର ଶରୀରକୁ ଆଗକୁ ଯେକୌଣସି ପ୍ରକାରେ ଘୋଷାରି ନେବାର ବଳ ମଧ୍ୟ ହରାଇ ବସିଥିଲେ, ସେମାନେ ଏହିପରି (ମାଆ ପଡ଼ିଯିବାର ଇଙ୍ଗିତ କଲେ) ଅବସ୍ଥାରେ ଥିଲେ,—ମାତ୍ର ହଠାତ୍ ସମସ୍ତେ ସିଧା ହୋଇ ବାଟ ଚାଲିଲେ, ମୁଣ୍ଡକୁ ସିଧା କରି ଉପରକୁ ଟେକିଲେ, ନୂତନ ଶକ୍ତିରେ ଭରି ଉଠିଲେ; ସମସ୍ତେ ଏକାଠି ମିଶି ଗୀତ ଗାଇଲେ ଏବଂ ଗୀତ ଗାଇଗାଇ ସମସ୍ତ ଗ୍ରାମଟିକୁ ଅତିକ୍ରମ କରିଥିଲେ । ଯେତେଯେପରି ସେମାନେ ପ୍ରାଣ ପାଇ ଶ୍ମଶାନରୁ ଉଠି ଆସିଥିଲେ !

ମୁଁ ଠିକ୍ ଏହିପରି ଏକ ବସ୍ତୁ ବିଷୟରେ କହୁଥିଲି । ଏହା ପ୍ରକୃତରେ ଏକ ଚମତ୍କାର କଥା, ସ୍ଥୂଳତମ ଭୌତିକ ଚେତନାସ୍ତରର କଥା ! ଦେଖିଲ ତ, ହଠାତ୍ ସେମାନେ ଆପଣାକୁ ବୀର ବୋଲି ଅନୁଭବ କଲେ; ସେମାନେ ଯେ ଏକ ବୀରୋଚିତ କାର୍ଯ୍ୟ କରିଛନ୍ତି ସେହିପରି ଅନୁଭବ କଲେ ଏବଂ, ଏକାବେଳେକେ ରଦ୍ଦ ହୋଇ ଯାଇଥିବା ଓ ଆଉ କୌଣସି କାର୍ଯ୍ୟ ଲାଗି ଉପଯୁକ୍ତ ହୋଇ ରହି ନ ଥିବା ଲୋକମାନଙ୍କ ପରି ମୋଟେ ବସିବା ପାଇଁ ଇଚ୍ଛା କଲେ ନାହିଁ । "ଯଦି ଆବଶ୍ୟକ ହୁଏ, ତେବେ ଆମେ ପୁନର୍ବାର ଯୁଦ୍ଧଭୂମିକୁ ଫେରିଯିବାକୁ ମଧ୍ୟ ପ୍ରସ୍ତୁତ ଅଛୁ !" —ଠିକ୍ ଏହିପରି ଏକ ଭାବ । ଏବଂ ସେମାନେ ଏହିପରି ଭାବରେ ଅଗ୍ରସର ହୋଇ ଚାଲିଗଲେ । ଏହା ପ୍ରକୃତରେ ଅଦ୍ଭୁତ ବୋଲି ମନେ ହେଉଛି । ଏହା ଯେ ପ୍ରକୃତରେ ଅଦ୍ଭୁତ, ସେଥିରେ ମୋର ଆଦୌ କୌଣସି ସନ୍ଦେହ ନାହିଁ ।*

ବର୍ତ୍ତମାନ ମାର୍ଚ୍ଚ୍‌ପାଷ୍ଟ କରି ତୁମେମାନେ ନିଜର ସେହି ଗୁଣଟିର ବିକାଶ କରୁଛ ।

ବୁଝିଲ ?

*ଏହି କଥାଟିକୁ ପୁନର୍ବାର ପଢାଇ ଟେଗ୍ରାଇଣ୍ଡ୍‌ରୁ ଯିବା ସମୟରେ ମାଆ ପଦଟିଏ କହିଲେ : ଏହାକୁ ପ୍ରାଣିକ ସ୍ତରର ଉତ୍ସାହ ଲାଗି ଚୈତ୍ୟପୁରୁଷର ଅନୁମୋଦନ ବୋଲି କୁହାଯିବ ।"

'oaob.nitrkl.ac.in' images reprocessed

# ୩ ଅଗଷ୍ଟ, ୧୯୫୫

ମାଆ, "ଯୋଗାଲୋକ" ପୁସ୍ତକର "ସମର୍ପଣ ଓ ଉନ୍ମୋଚନ" ଅଧ୍ୟାୟରୁ କିଛି ପାଠ କଲେ ।

"ଯଥାର୍ଥ ଜୀବନ-କର୍ମ" କ'ଣ ?

**ଦିବ୍ୟ ପରମସତ୍ତାଙ୍କୁ ଅଭିବ୍ୟକ୍ତ କରିବା । ଏହାହିଁ ଅସ୍ତିତ୍ୱ ତଥା ଜୀବନକୁ ଧାରଣ କରି ରହିବାର ମୂଳତମ କାରଣ । ଏହାହିଁ ଜୀବନର ଯଥାର୍ଥ ଲକ୍ଷ୍ୟ ଏବଂ ଏକମାତ୍ର ଯଥାର୍ଥ କର୍ମ ।**

ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି, "ଏହା ଅସମ୍ଭବ" । କାହିଁକି ଅସମ୍ଭବ ? ଆପଣ ତ ଆଦୌ କିଛି ଅସମ୍ଭବ ନୁହେଁ ବୋଲି କହିଛନ୍ତି ।

**ସିଦ୍ଧାନ୍ତତଃ ଆଦୌ କିଛି ଅସମ୍ଭବ ନୁହେଁ । ମାତ୍ର, ଯାହା କରିବା ଆବଶ୍ୟକ, ତୁମେ ଯଦି ସେକଥା କରିବାକୁ ମନା କରିଦେବ, ତେବେ ସ୍ୱାଭାବିକ ଭାବରେ ତୁମେ କଦାପି ସଫଳ ହୋଇପାରିବ ନାହିଁ ।**

**ଏହି ଭୌତିକ ଜଗତରେ ସର୍ବଦା କେତେକ ସର୍ତ୍ତ ରହିଥାଏ; ନଚେତ୍ ଏହି ଜଗତ ଯେପରି ଅଛି, କଦାପି ସେପରି ହୋଇ ରହି ନ ଥାନ୍ତା । ଏଠାରେ ଯଦି ଆଦୌ କୌଣସି ସର୍ତ୍ତ ଅଥବା ପ୍ରକ୍ରିୟା ନ ଥାନ୍ତା, ତେବେ ସବୁକିଛି ଅଲୌକିକ ଭାବରେ ରୂପାନ୍ତରିତ ଏବଂ ସମ୍ପାଦିତ ହୋଇ ଯାଇଥାନ୍ତା – ମଣିଷର ମନ ଅଲୌକିକ ଘଟଣା କହିଲେ ଯେଉଁଭଳି କଳ୍ପନା କରେ, ସେଭଳି ଆଦୌ ନୁହେଁ; ଅର୍ଥାତ୍, ସତତ ଯାଦୃଚ୍ଛିକ ଭାବରେ ନିଷ୍ପତ୍ତିମାନ ଗ୍ରହଣ କରି ଯାଉଥିବ, ସେପରି ଆଦୌ ହୁଏ ନାହିଁ । ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ପୃଥିବୀରେ ଯାଦୃଚ୍ଛିକ ଭାବରେ ଆଦୌ କୌଣସି ନିଷ୍ପତ୍ତି ଗ୍ରହଣ କରିଯାଏ ନାହିଁ ।**

**ଶ୍ରୀଅରବିନ୍ଦ କହୁଛନ୍ତି : ଏଭଳି ଅଥବା ସେଭଳି କୌଣସି କାର୍ଯ୍ୟ କରିବା ସକାଶେ ଆବଶ୍ୟକ ସର୍ତ୍ତମାନ ରହିଥାଏ । ଯଦି ତୁମେ ଏହି ସର୍ତ୍ତଗୁଡ଼ିକୁ ପୂରଣ କରିବା ଲାଗି ଅନିଚ୍ଛା ପ୍ରକାଶ କରିଥିବ, ତେବେ ତୁମେ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟଟିକୁ କଦାପି କରି ପାରିବ ନାହିଁ, ହୁଏତ ଆଉକିଛି କରି ପକାଇବ । କେବଳ ସେହି**

'oaob.nitrkl.ac.in' images reprocessed

ତଥାଚି ଯେ ସମ୍ଭବ ହୋଇଥାନ୍ତା, ସେକଥା ଆଦୌ ନୁହେଁ । ମାତ୍ର, ଯଦି ତୁମେ ଠିକ୍ ସେହି ଜଥାଟିକୁ କରିବା ଲାଗି ଇଚ୍ଛା କରୁଥିବ, ତେବେ ତୁମକୁ ସର୍ତ୍ତଗୁଡ଼ିକୁ ଅବଶ୍ୟ ପୂରଣ କରିବାକୁ ପଡ଼ିବ ।···ନଚେତ୍, ସେହି କାର୍ଯ୍ୟଟି ନ କରି ତୁମେ ହୁଏତ ଆଉକିଛି କରିପାରିବ !

ମୁଁ ଭାବୁଛି ଯେ, ଯଦି ଏହି ପୃଥିବୀକୁ ତୁମେ ତାହାର ଦେଶ ଓ କାଳର ଭୂମି ଉପରେ ସମଗ୍ର ଭାବରେ କଳ୍ପନା କରି ପାରିବ, ତେବେ ତୁମେ ଅବଶ୍ୟ "ଆଦୌ କିଛି ଅସମ୍ଭବ ନୁହେଁ" ବୋଲି କହିପାରିବ; ଏବଂ ହୁଏତ ସବୁକିଛି ପ୍ରକୃତରେ ସମ୍ଭବ ହେବ । ମାତ୍ର ତାହା ସମସ୍ତ ଭୂମିଟିରେ, କାଳ ଓ ଦେଶର ସମ୍ପୂର୍ଣ୍ଣ କ୍ଷେତ୍ରରେ ଘଟିବ; ଅର୍ଥାତ୍ ଶାଶ୍ୱତ କାଳ ଏବଂ ଅନନ୍ତ ଦେଶର ଭୂମି ଉପରେ ସବୁ ସମ୍ଭବ ହେବ । ମାତ୍ର, ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଏବଂ ନିର୍ଦ୍ଦିଷ୍ଟ ବିନ୍ଦୁରେ କେତେକ ନିର୍ଦ୍ଦିଷ୍ଟ ସଂଖ୍ୟକ "ସମ୍ଭାବନା" ଅବଶ୍ୟ ରହିଥିବ; ସବୁ ସମ୍ଭାବନା ଆଦୌ ବିଦ୍ୟମାନ ନ ଥିବ । ଏବଂ, ଏହିସବୁ ସମ୍ଭାବନା ଫଳବତୀ ହେବା ଲାଗି କେତେକ ନିର୍ଦ୍ଦିଷ୍ଟ ସର୍ତ୍ତକୁ ଅବଶ୍ୟ ପୂରଣ କରିବାକୁ ହେବ । ଏହି ପୃଥିବୀ ଠିକ୍ ସେହିପରି ଭାବରେହିଁ ତିଆରି ହୋଇଛି । ଆମେ ଏହିସମ୍ବନ୍ଧରେ ଆଦୌ କିଛି କରି ପାରିବା ନାହିଁ । ଅର୍ଥାତ୍, "ଏହା ଅବଶ୍ୟ ଅନ୍ୟପ୍ରକାର ହେବା ଉଚିତ" ବୋଲି କହିବାର ଆଦୌ କୌଣସି ଅର୍ଥ ନାହିଁ । ପୃଥିବୀ ଯେଉଁଭଳି ତିଆରି ହୋଇଛି ଆମକୁ ତାହାକୁ ସେହିପରି ଭାବରେହିଁ ଗ୍ରହଣ କରିବାକୁ ହେବ ଏବଂ ଏଥିରୁହିଁ ଯଥାସମ୍ଭବ ସର୍ବୋତ୍ତମ ଫଳ ଲାଭ କରିବାକୁ ଉଦ୍ୟମ କରିବାକୁ ପଡ଼ିବ ।

ମାଆ, ଏଠାରେ ଶ୍ରୀଅରବିନ୍ଦ କହିଛନ୍ତି "ଯଦି ଅନ୍ତର୍ଗତତମ ଆତ୍ମାର ଜାଗୃତି ସମ୍ଭବ ହୁଏ, ଯଦି କେବଳ ମାନସିକ, ପ୍ରାଣିକ ଏବଂ ଭୌତିକ ମଧ୍ୟରୁ ଚୈତ୍ୟଚେତନା ମଧ୍ୟକୁ ଏକ ନୂତନ ଜନ୍ମ ସଂଘଟିତ ହୁଏ, ତେବେଯାଇ ଏହି ଯୋଗ ସମ୍ଭବ ହୋଇ ପାରିବ ।" ···ସିଏ "ଅନ୍ତର୍ଗତତମ ଆତ୍ମା" ବୋଲି କାହିଁକି କହୁଛନ୍ତି ? କ'ଣ ଏକ ଉପରସ୍ତରୀୟ ଆତ୍ମା ବି ରହିଛି ?

ସେ ଏପରି କହୁଛନ୍ତି, କାରଣ ଆମର ଅନ୍ତର୍ଗତତମ ଆତ୍ମା ଅର୍ଥାତ୍ କେନ୍ଦ୍ରୀୟ ଚୈତ୍ୟସତ୍ତାହିଁ ଆମ ଚେତନାର ଉପରିସ୍ତରୀୟ ଭାଗଗୁଡ଼ିକୁ (ଏହା ସହିତ ତୁଳନା କଲେ ସେଇଗୁଡ଼ିକ ଉପରିସ୍ତରୀୟ : ଅର୍ଥାତ୍ ଆମର ମାନସିକ ଓ ପ୍ରାଣିକ ଭାଗଗୁଡ଼ିକୁ) ପ୍ରଭାବିତ କରିଥାଏ । ଶୁଦ୍ଧତମ ମନ, ସର୍ବୋଚ୍ଚ ପ୍ରାଣିକ, ଆମର

'oaob.nitrkl.ac.in' images reprocessed

ସଂବେଗମୟ ସତ୍ତା,—ଏଗୁଡ଼ିକୁ ଆମର ଆତ୍ମାହିଁ ପ୍ରଭାବିତ କରିଥାଏ; ତାହା ସେଗୁଡ଼ିକୁ ଏପରି ଭାବରେ ପ୍ରଭାବିତ କରେ ଯେ, ଆମେ ତଦ୍ଦ୍ୱାରା ଆମ ସତ୍ତାର ଏହିସବୁ ଭାଗର ମଧ୍ୟଦେଇ ସେହି ଚୈତ୍ୟସତ୍ତା ସହିତ ସଂସ୍ପର୍ଶ ଲାଭ କରୁଥିବା ପରି ଅନୁଭବ କରିଥାଉ । ତେଣୁ ଲୋକମାନେ ସେହିଗୁଡ଼ିକୁହିଁ ଆତ୍ମା ବୋଲି ଭ୍ରମ କରନ୍ତି ଏବଂ ସେହି କାରଣରୁ ଶ୍ରୀଅରବିନ୍ଦ ଏଠାରେ "ଅନ୍ତର୍ଗତତମ ଆତ୍ମା" କଥାଟିକୁ ବ୍ୟବହାର କରିଛନ୍ତି,—ସେ କେନ୍ଦ୍ରସ୍ଥ ଆତ୍ମା ବା ପ୍ରକୃତ ଆତ୍ମା ବୋଲି କହିଛନ୍ତି ।

କାରଣ, ଅଧିକାଂଶ ସମୟରେ, ଚୈତ୍ୟ ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇଥିବା ଏବଂ ଆଲୋକ ତଥା ତଜ୍ଜନିତ ଆନନ୍ଦ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଆମ ମନର କେତେକ ଭାଗ ସହିତ ଆମର ଯେତେବେଳେ ଏକ ସ୍ପର୍ଶ ଘଟିଥାଏ, ଅଥବା, ଉଦାରତମ ତଥା ସବୁଠାରୁ ଅଧିକ ସ୍ୱାର୍ଥମୁକ୍ତ କେତେକ ସଂବେଗକୁ ଧାରଣ କରିଥିବା ଆମ ସଂବେଗମୟ ସତ୍ତାର କେତେକ ଅତ୍ୟନ୍ତ ଶୁଦ୍ଧ ଏବଂ ଅତ୍ୟନ୍ତ ଉଚ୍ଚ ଭାଗ ସହିତ ଯେତେବେଳେ ଆମର ଏକ ସ୍ପର୍ଶଲାଭ ହୋଇଥାଏ, ସେତେବେଳେ ଆମ ଆତ୍ମା ସହିତ ମଧ୍ୟ ଆମର ଏକ ସଂସ୍ପର୍ଶ ସଂଘଟିତ ହେଉଥିବାର ଏକ ଧାରଣା ହୁଏ । ମାତ୍ର ସେଇଟି କଦାପି ଯଥାର୍ଥ ଆତ୍ମା ନୁହେଁ, ତାହା ଆତ୍ମାର ଅସଲ ମର୍ମଟିକୁ ଆଦୌ ବ୍ୟକ୍ତ କରୁ ନ ଥାଏ । ସତ୍ତାର ଏହି ଭାଗଗୁଡ଼ିକ ତାହା ଦ୍ୱାରା କେବଳ ପ୍ରଭାବିତ ହୋଇଥାନ୍ତି ଏବଂ ତାହାର କିଞ୍ଚିଦଂଶକୁ ପ୍ରକାଶ ମଧ୍ୟ କରୁଥାନ୍ତି । ତେଣୁ, ଲୋକେ ଅଧିକାଂଶ ସମୟରେ ଏହି ଭାଗଗୁଡ଼ିକ ସହିତ ଏକ ସଂସ୍ପର୍ଶ ଲାଭ କରନ୍ତି ଏବଂ ଏଥିରୁ ସେମାନଙ୍କୁ ନାନା ଆଲୋକନ ଉପଲବ୍ଧ ହୋଇଥାଏ, ପ୍ରଭୂତ ଆନନ୍ଦ ଏବଂ ସତ୍ୟୋଦ୍‌ଘାଟନର ଅନୁଭବ ପ୍ରାପ୍ତ ହୋଇଥାଏ; ଏବଂ ସେମାନେ ଆପଣାର ଆତ୍ମାର ପରିଚୟ ଲାଭ କଲେ ବୋଲି ଅନୁଭବ କରିଥାଆନ୍ତି । ମାତ୍ର, ସେହି କ୍ଷେତ୍ରରେ ସେମାନଙ୍କ ସତ୍ତାର ସେହି ଭାଗଟିହିଁ ଆତ୍ମା ଦ୍ୱାରା ପ୍ରଭାବିତ ହୋଇଥାଏ, କୌଣସି ଗୋଟିଏ ଭାଗ ତାହାର ପ୍ରଭାବରେ ଆସିଥାଏ, କାରଣ ··· ପ୍ରକୃତରେ ଏହିପରି ଘଟିଥାଏ ଯେ, ବ୍ୟକ୍ତି ଏଗୁଡ଼ିକୁ ସ୍ପର୍ଶ କରିଥାଏ, ତାହାର କିଛି ଅନୁରୂପ ଅନୁଭୂତି ବି ହୋଇଥାଏ ଏବଂ ତା'ପରେ ତା' ଉପରେ ଏକ ଆବରଣ ମାଡ଼ିଯାଏ ଏବଂ ସିଏ ବିସ୍ମିତ ହୋଇ କହେ, "ଏପରି କିପରି ଘଟିଲା ଯେ, ମୁଁ ମୋର ଆତ୍ମାର ସ୍ପର୍ଶ ଲାଭ କଲି, ମାତ୍ର ପୁଣି ଏହି ଅଜ୍ଞାନ ଏବଂ ଅଚେତନା ମଧ୍ୟରେ ଆସି ପଡ଼ିଗଲି !" ମାତ୍ର, ସେହିଭଳି ହୁଏ, କାରଣ ତୁମେ ପ୍ରକୃତରେ ଆତ୍ମାର ସ୍ପର୍ଶ ଲାଭ କରି ନ ଥାଅ; ତୁମ ସତ୍ତାର ଯେଉଁ ଭାଗଗୁଡ଼ିକ ଆତ୍ମା ଦ୍ୱାରା ପ୍ରଭାବିତ ହୋଇଛନ୍ତି, ତାହାର କିଞ୍ଚିଦଂଶକୁ ବ୍ୟକ୍ତ କରିଛନ୍ତି, ମାତ୍ର ତଥାପି ଆତ୍ମାରେ ପରିଣତ ହୋଇ ନାହାନ୍ତି, ତୁମେ କେବଳ ସେହି ଭାଗଗୁଡ଼ିକୁହିଁ ସ୍ପର୍ଶ କରିଛ ।

'oaob.nitrkl.ac.in' images reprocessed

ଏକଥା ମୁଁ ଆଗରୁ ଅନେକଥର କହିସାରିଛି ଯେ, ଆମେ ଯେତେବେଳେ ନିଜ ଆତ୍ମା ସହିତ ଏକ ସଂସ୍ପର୍ଶରେ ପ୍ରବିଷ୍ଟ ହେଉ ଏବଂ ଏକ ସମ୍ମିଳନର ପ୍ରତିଷ୍ଠା ହୋଇଯାଏ, ସେତେବେଳେ ତାହା ପକ୍କା ହୋଇଯାଏ, ଆଉ ତାହାକୁ ଭାଙ୍ଗି ଦେଇ ହୁଏ ନାହିଁ; ସମ୍ମିଳନଟି ସ୍ଥାୟୀ ଭାବରେ ହୋଇଥାଏ, ସତତ ବିଦ୍ୟମାନ ରହିଥାଏ । ତାହା ସବୁକିଛିର ପ୍ରତିରୋଧ କରେ ଏବଂ, ଯେକୌଣସି ମୁହୂର୍ତ୍ତରେ ହେଉ ପଛକେ, ତାହା ସହିତ ସମ୍ବନ୍ଧ ଯୋଡ଼ିବାକୁ ଇଚ୍ଛା କରିବା ମାତ୍ରକେ ତାହାର ସନ୍ଧାନ ମିଳି ଯାଇଥାଏ । ଅନ୍ୟ ପକ୍ଷରେ, ସେହି ଅନ୍ୟଗୁଡ଼ିକର କ୍ଷେତ୍ରରେ, — ଆମର ତ କେତେ ନା କେତେ ଚମତ୍କାର ଅନୁଭୂତିମାନ ହେଉଥାଏ, — ମାତ୍ର ସେଗୁଡ଼ିକ ପୁନର୍ବାର ଆଚ୍ଛନ୍ନ ହୋଇ ରହିଯାଆନ୍ତି ଏବଂ ସେତେବେଳେ ଆମେ ଭାବୁଥାଉ, "ଏପରି କିପରି ହୋଇପାରିଲା ? ମୁଁ ମୋ ଆତ୍ମାକୁ ଦେଖିବାକୁ ପାଇଲି, କିନ୍ତୁ ଆଉ ତ କାହିଁକି ମୁଁ ତାକୁ ମୋଟେ ଦେଖିପାରୁ ନାହିଁ !" ତୁମେ ପ୍ରକୃତରେ ଆତ୍ମାକୁ ଦେଖି ନ ଥିଲ । ଏବଂ ଏହିସବୁ ଅନ୍ୟ ବସ୍ତୁ ପ୍ରକୃତରେ କେତେ ସୁନ୍ଦର ହୋଇ ରହିଥାନ୍ତି ଏବଂ ତୁମକୁ କେତେକେତେ ପ୍ରଭାବଶାଳୀ ଅନୁଭବମାନ ଆଣି ଦିଅନ୍ତି; ମାତ୍ର ତାହାକୁ କଦାପି ପ୍ରକୃତ ଚୈତ୍ୟସତ୍ତା ସହିତ ଏକ ସମ୍ବନ୍ଧସ୍ଥାପନ ବୋଲି ବୁଝାଯିବ ନାହିଁ ।

ଚୈତ୍ୟସତ୍ତା ସହିତ ସଂସ୍ପର୍ଶଲାଭ ହେଉଛି ଏକ ନିର୍ଣ୍ଣାୟକ ଏବଂ ସୁନିଶ୍ଚିତ ଘଟଣା, ଏବଂ ଯେତେବେଳେ ଲୋକମାନେ ମୋତେ "ନିଜର ଚୈତ୍ୟସତ୍ତା ସହିତ ମୋର ଏକ ସମ୍ବନ୍ଧସ୍ଥାପନ ହୋଇଛି କି ?" ବୋଲି ଆସି ପଚାରନ୍ତି, ସେତେବେଳେ ମୁଁ ସେମାନଙ୍କୁ ଉତ୍ତର ଦେଇ କହେ, "ତୁମର ପ୍ରଶ୍ନ ପ୍ରମାଣ କରିଦେଉଛି ଯେ ତୁମର ସେହି ସମ୍ବନ୍ଧସ୍ଥାପନ ଘଟି ନାହିଁ ।"

**ସତକି ?**

ମାଆ, ମୁଁ ଶୁଣିଛି ଯେ, ଯାଦୁବିଦ୍ୟା ଜାଣିଥିବା ଯେଉଁ ଲୋକମାନେ ନିଜର କାର୍ଯ୍ୟସାଧନ ନିମନ୍ତେ ଗୂଢ଼ବିଦ୍ୟାର ଶକ୍ତିଗୁଡ଼ିକୁ ଆଣି ପ୍ରୟୋଗ କରନ୍ତି, ମୃତ୍ୟୁ ପରେ ସେମାନଙ୍କୁ ବହୁତ କଷ୍ଟ ଭୋଗିବାକୁ ପଡ଼ିଥାଏ । ଏକଥା ସତ କି ?

ତୁମେ କେଉଁ ପ୍ରକାରର ଯାଦୁବିଦ୍ୟା ଜାଣିଥିବା ଲୋକମାନଙ୍କ କଥା କହୁଛ ? କ'ଣ ଯେକୌଣସି ପ୍ରକାରର ?

ଯେଉଁମାନଙ୍କର ଗୂଢ଼ବିଦ୍ୟା-ବିଷୟକ ସାମର୍ଥ୍ୟମାନ ରହିଥାଏ ଓ ସେମାନେ ସେଗୁଡ଼ିକୁ ବ୍ୟକ୍ତିଗତ ସ୍ୱାର୍ଥସାଧନରେ ଲଗାନ୍ତି ? ତୁମେ କ'ଣ ଏହିମାନଙ୍କ କଥା କହୁଛ ?

'oaob.nitrkl.ac.in' images reprocessed

ହଁ ।

ମୃତ୍ୟୁ ପରେ ସେମାନେ କଷ୍ଟ ଭୋଗ କରନ୍ତି ବା ଚେତନା ହରାଇ ବସନ୍ତି, ମୁଁ ସେକଥା କହିପାରୁ ନାହିଁ, ମାତ୍ର ସକଳ କ୍ଷେତ୍ରରେ ଏକଥା ଅବଶ୍ୟ ଘଟେ ଯେ, ସେମାନେ ଆଦୌ କୌଣସି ଶାନ୍ତି କିଂବା ସୁଖର ସ୍ଥିତିରେ ରହିପାରନ୍ତି ନାହିଁ । ଏକଥା ଏକାବେଳେକେ ସୁନିଶ୍ଚିତ । କାରଣ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହାକୁ ଏକ ପ୍ରକାରର ଅକାଟ୍ୟ ବିଧାନ ବୋଲି କହିବାକୁ ପଡ଼ିବ : କେବଳ ଏକ ଅନ୍ତର୍ଗତ ସାଧନା ଓ ଦିବ୍ୟ ପରମସତ୍ତାଙ୍କ ଲାଗି ଆପଣାକୁ ଉତ୍ସର୍ଗ କରିବାରୁହିଁ ଏହିସବୁ ଶକ୍ତି ତୁମ ପାଖକୁ ଆସିଥାଏ । ମାତ୍ର, ଯଦି ତୁମର ଅଭୀପ୍ସା, ସାଧନା ଏବଂ ଉତ୍ସର୍ଗଭାବନା ସହିତ ମହତ୍ତ୍ୱ ପାଇବା ସକାଶେ ଏକ ପ୍ରବଳ ଆକାଂକ୍ଷା ମିଶ୍ରିତ ହୋଇ ରହିଥାଏ, ଅର୍ଥାତ୍, ଯଦି ତୁମେ କେତେକ ଶକ୍ତିର ଅଧିକାରୀ ହେବାର ଅଭିପ୍ରାୟ ରଖିଥାଅ, ଏବଂ ତା'ପରେ ଯଦି ସେଗୁଡ଼ିକ ପ୍ରକୃତରେ ଉପଲବ୍ଧ ହୁଅନ୍ତି, ତେବେ ତାହା ତୁମ ଲାଗି ପ୍ରକୃତରେ ପ୍ରାୟ ଏକ ଅଭିଶାପ ପରି କାର୍ଯ୍ୟ କରେ । ସାଧାରଣତଃ ତୁମେ ସେଗୁଡ଼ିକୁ ମୋଟେ ହାସଲ କର ନାହିଁ; ମାତ୍ର, କୌଣସି ପ୍ରାଣିକ ଉପାଦାନ, ଯାହାକି ସେଗୁଡ଼ିକର ଅନୁକରଣ କରିବାକୁ ଚେଷ୍ଟା କରୁଥାଏ, ସେହିଗୁଡ଼ିକହିଁ ତୁମପାଖକୁ ଆସେ; ତାହାର ନାନା ପ୍ରତିକୂଳ ପ୍ରଭାବ ମଧ୍ୟପଡ଼େ, ଯାହାକି ତୁମକୁ ସଂପୂର୍ଣ୍ଣ ଭାବରେ ଏପରି ନାନା ସତ୍ତାର କବଳ ଭିତରେ ନେଇ ପକାଇଦିଏ, ଯେଉଁମାନେ କି ତୁମକୁ କାମରେ ଲଗାଇବା ସକାଶେହିଁ ତୁମକୁ ସେହିସବୁ ସାମର୍ଥ୍ୟ ଆଣି ଦିଅନ୍ତି; ସେମାନଙ୍କର ଯେଉଁସବୁ କାର୍ଯ୍ୟ କରିବାର ଅଭିପ୍ରାୟ ରହିଥାଏ, ସେମାନେ ତୁମକୁ ସେହିସବୁ ଯାବତୀୟ କାର୍ଯ୍ୟରେ ଆଣି ଲଗାଇ ଦିଅନ୍ତି । ଏହା ଫଳରେ, ସେମାନେ ସୃଷ୍ଟି କରିବାକୁ ଇଚ୍ଛା କରୁଥିବା ଯାବତୀୟ ବିଶୃଙ୍ଖଳାର ସୃଷ୍ଟି କରନ୍ତି । ଏବଂ, ତୁମେ ସେମାନଙ୍କର ଯଥେଷ୍ଟ ସେବା କଲଣି ବୋଲି ସେମାନେ ଯେତେବେଳେ ଦେଖନ୍ତି ଏବଂ ସେମାନଙ୍କର ଆଉ କୌଣସି କାମରେ ଲାଗିବ ନାହିଁ ବୋଲି ଜାଣିପାରନ୍ତି, ସେତେବେଳେ ସେମାନେ ତୁମର ବିନାଶସାଧନହିଁ କରନ୍ତି । ହୁଏତ ସ୍ଥୂଳ ଭାବରେ ତୁମର ବିନାଶ କରନ୍ତି ନାହିଁ ସତ, କାରଣ ତାହା କରିପାରିବାର କ୍ଷମତା ମଧ୍ୟ ସେମାନଙ୍କଠାରେ ଆଦୌ ସବଦା ନ ଥାଏ, ମାତ୍ର, ମନୋଗତ, ପ୍ରାଣିକ ଏବଂ ତୁମର ଚେତନାର କ୍ଷେତ୍ରରେ ସେମାନେ ତୁମକୁ ବିନଷ୍ଟ କରି ଦିଅନ୍ତି ଏବଂ ମୃତ୍ୟୁ ପୂର୍ବରୁ ମଧ୍ୟ ତୁମେ ଏକାବେଳେକେ ଅକାମୀ ହୋଇ ରହିଯାଅ । ଏବଂ ମୃତ୍ୟୁ ପରେ, ତୁମେ ସଂପୂର୍ଣ୍ଣ ଭାବରେ ସେହିମାନଙ୍କର ପ୍ରଭାବରେ ରହିଥିବାରୁ, ଆପଣାର ସର୍ବପ୍ରଥମ କାର୍ଯ୍ୟ ରୂପେ ସେମାନେ ତୁମକୁ ଗିଳି ପକାନ୍ତି, — କାରଣ, ବ୍ୟକ୍ତିମାନଙ୍କୁ ଆପଣାର କାର୍ଯ୍ୟରେ ଲଗାଇବା ସକାଶେ ସେମାନେ ଏହି ଉପାୟଟିକୁ ଅବଲମ୍ବନ କରିଥାନ୍ତି, —

'oaob.nitrkl.ac.in' images reprocessed

ସେମାନଙ୍କୁ ଗିଳି ପକାନ୍ତି । ତେଣୁ, ଏହାକୁ ଆଦୌ ଏକ ସୁଖଦ ଅନୁଭୂତି ବୋଲି ବୁଝାଯାଇପାରିବ ନାହିଁ । ଏକ ଅତ୍ୟନ୍ତ, ଅତ୍ୟନ୍ତ ଅତ୍ୟନ୍ତ ବିପଜ୍ଜନକ ଖେଳ ବୋଲି ବୁଝାଯିବ ।

ମାତ୍ର ସର୍ବତ୍ର, ସକଳ ଶିକ୍ଷାରେ, ସକଳ ସାଧନାରେ ଓ ସବୁ ଯୁଗରେ ଠିକ୍ ସେହି କଥାଟିକୁହିଁ ବାରବାର ବୁଝାଯାଇଛି : ଆମେ ଆମର ବ୍ୟକ୍ତିଗତ ମହତ୍ତ୍ୱଲିପ୍ସା ଏବଂ ସ୍ୱାର୍ଥକାମନାକୁ କଦାପି ଆମ ସାଧନା ସହିତ ଏକାଠି ଗୋଳାଇ ମିଶାଇ ଦେବା ନାହିଁ, ତା' ନ ହେଲେ ନାନା ବିପଦକୁ ଘରକୁ ଡାକି ଆଣୁଥିବାହିଁ ସାର ହେବ । ତେଣୁ କେବଳ ଏହି ଗୋଟିଏ ଦୃଷ୍ଟାନ୍ତର କ୍ଷେତ୍ରରେ ନୁହେଁ, ଏହି ପ୍ରକାରର ଯାବତୀୟ ଦୃଷ୍ଟାନ୍ତର କ୍ଷେତ୍ରରେହିଁ ପରିଣାମମାନ ଅତ୍ୟନ୍ତ ଘାତକ ଓ ମାରାତ୍ମକ ହୋଇଥାଏ ।

ମାଆ, ଏପରି ଯାଦୁକର କ'ଣ ପ୍ରକୃତରେ ଅଛନ୍ତି, ଯେଉଁମାନେ କି ଆପଣାର ଯାଦୁକୁ ବ୍ୟକ୍ତିଗତ ସ୍ୱାର୍ଥସାଧନ ନିମନ୍ତେ କେବେ କରନ୍ତି ନାହିଁ ?

ତୁମେ ଯାଦୁବିଦ୍ୟାର ଖେଳଗୁଡ଼ିକ କଥା କହୁଛ ? କାରଣ, ଏହି କ୍ଷେତ୍ରରେ ଯାଦୁଗରୀ ଏବଂ ଗୂଢ଼ବିଦ୍ୟାକୁ ଆଦୌ ଏକତ୍ର ମିଶାଇ ପକାଇବା ଉଚିତ ନୁହେଁ ।

ଗୂଢ଼ବିଦ୍ୟା ହେଉଛି ଏକ ବିଜ୍ଞାନ; ଗୂଢ଼ବିଦ୍ୟା କହିଲେ ଅଦୃଶ୍ୟ ଶକ୍ତିଗୁଡ଼ିକର ଜ୍ଞାନ ଏବଂ ସେଗୁଡ଼ିକୁ ନେଇ କାରବାର କରିବାର ସାମର୍ଥ୍ୟକୁ ବୁଝାଏ; ଭୌତିକ ଶକ୍ତିଗୁଡ଼ିକର ବୈଜ୍ଞାନିକ ଅଧ୍ୟୟନ କରିଥିଲେ ଯେପରି ସେଗୁଡ଼ିକୁ ନେଇ କାରବାର କରିବାର ଦକ୍ଷତା ଉପଲବ୍ଧ ହୋଇଥାଏ, ଏକଥା ଠିକ୍ ସେହିପରି ।

ଯାଦୁବିଦ୍ୟା କହିଲେ ଏକ ଭିନ୍ନ ପ୍ରକାରର କେତେକ ପ୍ରକ୍ରିୟାକୁ ବୁଝାଏ; ଏବଂ, ଯେଉଁ ବ୍ୟକ୍ତିମାନଙ୍କର ପ୍ରାଣଜାଗତିକ ରଚନାଗୁଡ଼ିକ ବିଷୟରେ କିଛିଟା ଜ୍ଞାନ ରହିଥିଲା ଏବଂ ତା'ଠାରୁ ଆହୁରି ଅଧିକ ପରିମାଣରେ ସେଗୁଡ଼ିକୁ ରଚନା କରିବାର ସାମର୍ଥ୍ୟ ମଧ୍ୟ ରହିଥିଲା, ସମ୍ଭବତଃ ସେହିମାନେହିଁ ଉକ୍ତ ପ୍ରକ୍ରିୟାଗୁଡ଼ିକୁ ନିର୍ଦ୍ଧାରିତ କରି ଦେଇଛନ୍ତି । କୌଣସି ବିଶେଷ ସାମର୍ଥ୍ୟ ନ ଥାଇ ମଧ୍ୟ ଏହିସବୁ ବିଷୟକୁ ଶିକ୍ଷା କରା ଯାଇପାରେ; ଅର୍ଥାତ୍, ଯାହା ଭିତରେ ଆଦୌ କୌଣସି ଅନ୍ତର୍ଗତ ସାମର୍ଥ୍ୟ ନାହିଁ, ସିଏ ମଧ୍ୟ ରସାୟନଶାସ୍ତ୍ର ବା ଗଣିତଶାସ୍ତ୍ର ଶିକ୍ଷା କଲାପରି ଏହାକୁ ଶିକ୍ଷା କରିପାରେ । ଏଇଟି ହେଉଛି ଏହିପରି ସ୍ତରରେ ଶିକ୍ଷା କରା ଯାଉଥିବା ଏକ ବିଷୟ, ଏହାକୁ ଅର୍ଜନ କରିବାକୁ ପଡ଼େ ନାହିଁ । ତେଣୁ ରସାୟନବିଦ୍ୟାର କୌଶଳ ଖଟାଇ ଯେଉଁ ପ୍ରକାରର ଗୁଣଗୁଡ଼ିକ ହାସଲ କରାଯାଏ, ସେହିଗୁଡ଼ିକ

'oaob.nitrkl.ac.in' images reprocessed

ବ୍ୟକ୍ତି ଏହାଦ୍ୱାରା ଆମର ଆଉ କୌଣସି ବିଶେଷ ଗୁଣ ହାସଲ ହୁଏ ନାହିଁ । ଏହି କୌଶଳଗୁଡ଼ିକୁ ତୁମେ ବାରବାର ପ୍ରୟୋଗ କରି ଦେଖାଇ ଦେଇପାର; ମାତ୍ର ଯଦି ତୁମେ ଜଣେ ବୁଦ୍ଧିମାନ ଏବଂ ସମର୍ଥ ବ୍ୟକ୍ତି ହୋଇଥିବ, ତେବେ ଏହି କୌଶଳ-ଗୁଡ଼ିକର ସାହାଯ୍ୟ ନେଇ ତୁମେ ଏକ ଆଗହୋଢ଼ୀପଦ ଏବଂ ଉପଯୋଗୀ ଫଳ ମଧ୍ୟ ପାଇପାରିବ, ଏବଂ, ଅନ୍ତତଃ ନିଶ୍ଚିତ ଭାବରେ ଆପଣାକୁ ଯାବତୀୟ ବିପଦରୁ ରକ୍ଷା କରି ରଖିପାରିବ । ଏବଂ, ଅନ୍ୟପକ୍ଷରେ, ଯଦି ତୁମେ ଜଣେ ନିର୍ବୋଧ ବ୍ୟକ୍ତି ହୋଇଥିବ, ତେବେ ହୁଏତ ତୁମକୁ ନାନା ଦୁର୍ଭାଗ୍ୟର ସମ୍ମୁଖୀନ ହେବାକୁ ପଡ଼ିବ । ହଁ, ସେହିପରି କିଛି ନିଶ୍ଚୟ ଘଟିବ ।

ଯାଦୁବିଦ୍ୟାର ସୂତ୍ରଗୁଡ଼ିକର ସାହାଯ୍ୟ ନେଇ ଜଣେ ବ୍ୟକ୍ତି ଅବଶ୍ୟ କୌଣସି ଏକ ପରିଣାମ ଘଟାଇ ପାରିବ; ମାତ୍ର ସେହି ପରିଣାମ ସର୍ବଦା ସୀମାବଦ୍ଧ ରହିବାକୁ ବାଧ୍ୟ ହେବ ଏବଂ, ଯେଉଁ ବ୍ୟକ୍ତିମାନେ ସେମାନଙ୍କର ଅନ୍ତର୍ଗତ ବିକାଶ-ଲାଭ ଦ୍ୱାରା—ଯାନ୍ତ୍ରିକ ଭାବରେ ନୁହେଁ—ସ୍ୱତଃସ୍ଫୂର୍ତ୍ତି ଭାବରେ ନାନା ସାମର୍ଥ୍ୟ ଲାଭ କରିଥାନ୍ତି ଏବଂ ସେଗୁଡ଼ିକ ବିଷୟରେ ସେମାନଙ୍କର ଏକ ଉଚ୍ଚତର ଜ୍ଞାନ ରହିଥାଏ, ସେମାନଙ୍କ ଲାଗି ଏହି ପରିଣାମଟିର ଆଦୌ କୌଣସି ବିଶେଷ ଆକର୍ଷଣ ନ ଥାଏ । ଜଣେ ପ୍ରକୃତ ଯୋଗୀ ଏହାକୁ କଦାପି କରିବ ନାହିଁ; ଏଥିରେ କେବଳ ଏକ କୌତୂହଳ ବ୍ୟତୀତ ଅନ୍ୟ କୌଣସି ଅଭିପ୍ରାୟ ନ ଥାଏ । ଯେଉଁମାନେ ଯୋଗୀ ନୁହନ୍ତି ଓ ଯେଉଁମାନେ କେତେକ ନିର୍ଦ୍ଦିଷ୍ଟ ସାମର୍ଥ୍ୟ ହାସଲ କରିବାକୁ ଇଚ୍ଛା କରୁଛନ୍ତି, ସେହିମାନେହିଁ ଏଇଟିପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ବସ୍ତୁତଃ, ଅତ୍ୟନ୍ତ ସୀମିତ ପରିମାଣରେ ସେମାନେ କିଛି ସାମର୍ଥ୍ୟ ହାସଲ ମଧ୍ୟ କରିଥାନ୍ତି । ସେହି ସାମର୍ଥ୍ୟ ସର୍ବଦା ଅତ୍ୟନ୍ତ ସୀମିତ ହୋଇ ରହିଥାଏ ।

ଏଇଟି ବିଷୟରେ ଏହା ଏକ ବିଶେଷ କଥା ଯେ, ଏହା ଜଡ଼-ଉପରେ ଏକ ପ୍ରତ୍ୟକ୍ଷ କ୍ରିୟା କରିଥାଏ; ମାତ୍ର ଅନ୍ୟପକ୍ଷରେ, ସାଧାରଣତଃ, କେତୋଟି କ୍ୱଚିତ୍ ବ୍ୟତିକ୍ରମକୁ ଛାଡ଼ିଦେଲେ, ଯେଉଁ ବ୍ୟକ୍ତିମାନଙ୍କର କୌଣସି ଆଧ୍ୟାତ୍ମିକ ଶକ୍ତି ବା ଯୋଗଗତ ଶକ୍ତି ରହିଥାଏ, ସାଧାରଣତଃ ସେମାନଙ୍କ କ୍ଷେତ୍ରରେ ଏହା ଏକ ମଧ୍ୟବର୍ତ୍ତୀ ସୋପାନରୂପେ ମାନସିକ ସାମର୍ଥ୍ୟଗୁଡ଼ିକର ମଧ୍ୟଦେଇ କାର୍ଯ୍ୟ କରିଥାଏ—ଆଧ୍ୟାତ୍ମିକ ଅଥବା ମାନସିକ ସାମର୍ଥ୍ୟଗୁଡ଼ିକର ମଧ୍ୟଦେଇ କାର୍ଯ୍ୟ କରିଥାଏ, ବେଳେ-ବେଳେ ପ୍ରାଣିକ ସାମର୍ଥ୍ୟଗୁଡ଼ିକର ମଧ୍ୟଦେଇ ବି (ଏହା ଅଧିକ କ୍ୱଚିତ୍ ଘଟେ) କାର୍ଯ୍ୟ କରିଥାଏ, ମାତ୍ର କଦାପି ପ୍ରତ୍ୟକ୍ଷ ଭାବରେ ଜଡ଼ ଉପରେ କାର୍ଯ୍ୟ କରେ ନାହିଁ; ଅବଶ୍ୟ, ଯେଉଁମାନେ ଜଡ଼ର ଭୂମିରେ ଯୋଗର ସାଧନା କରିଥାନ୍ତି, ସ୍ୱଭାବତଃ ସେମାନଙ୍କ କ୍ଷେତ୍ରରେ ଏହା ଅନ୍ୟପ୍ରକାର ହୋଇଥାଏ; ମାତ୍ର ଏଗୁଡ଼ିକ

'oaob.nitrkl.ac.in' images reprocessed

ହେଉଛି ଗୋଟିଏ ଗୋଟିଏ ବ୍ୟତିକ୍ରମ, ଏବଂ ଏଗୁଡ଼ିକ ବିଷୟରେ କେହି ଆଦୌ କିଛି କହନ୍ତି ନାହିଁ । ଏହି ବସ୍ତୁଗୁଡ଼ିକ ଏପରି କେତେକ ନିର୍ଦ୍ଦିଷ୍ଟ ଏକକ ରୂପରେ ଗତିର ସଞ୍ଚାର କରିଥାନ୍ତି, ଯେଉଁଗୁଡ଼ିକ କି ସାଧାରଣତଃ ମନୁଷ୍ୟମାନଙ୍କର ଶକ୍ତି ପଛ ଚିବାବୁଦ୍ଧି ନିଷ୍ପନ୍ନ ହୋଇଥାନ୍ତି ଏବଂ ତଥାପି ଜଡ଼ସ୍ଥ ପୃଥିବୀ ସହିତ ସେମାନଙ୍କର ଯଥେଷ୍ଟ ପରିମାଣରେ ଏକ ସମ୍ପର୍କ ରହିଥାଏ, ଯାହାଫଳରେ କି ସେଗୁଡ଼ିକ ସେଠାରେ କ୍ରିୟା କରି ପାରୁଥାନ୍ତି । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, କ୍ରିୟାଟି ଯଦି ଏକ ନିମ୍ନତର ସ୍ତରର ହୋଇଥାଏ, ତେବେ ସାମର୍ଥ୍ୟଟି ମଧ୍ୟ ସେହି ନିମ୍ନତର ସ୍ତରର ହୋଇ ରହିଥାଏ ଏବଂ, ଉଚ୍ଚତର ଶକ୍ତିଗୁଡ଼ିକ ସହିତ ଯାହାର ପ୍ରକୃତରେ କୌଣସି ସମ୍ପର୍କ ରହିଥାଏ, ତାହାଲାଗି ଏକଥା ଏକ ଘୃଣାର ସାମଗ୍ରୀ ହୋଇ ରହିଥାଏ ।

ଆଧ୍ୟାତ୍ମିକ ଉପଲବ୍ଧି ଜନିତ, ସ୍ୱତଃସ୍ଫୂର୍ତ୍ତ ଶକ୍ତି ସାହାଯ୍ୟରେ କୌଣସି କାର୍ଯ୍ୟ ସମ୍ପନ୍ନ କରିବା ଲାଗି କ୍ରିୟା କରିବା,—ସେକଥାଟି ଖୁବ୍ ଭଲ ଭାବରେ ବୁଝି ହେଉଛି । ମାତ୍ର ଆମେ ହୁଏତ କହିପାରିବା ଯେ ପ୍ରତ୍ୟେକ ବ୍ୟକ୍ତିହିଁ ଠିକ୍ ସେହିପରି କରନ୍ତି, ତୁମେ କିଛି ଚିନ୍ତା କରୁଛ ବୋଲି କହିବାର ଅର୍ଥ ହେବ ଯେ ତୁମେ ଅଦୃଶ୍ୟ ଭାବରେ ଏକ କ୍ରିୟା କରୁଛ; ଏବଂ ତୁମ ଭାବନାର ଶକ୍ତିଟି ଅନୁସାରେ ତୁମର କ୍ରିୟାଟି ମଧ୍ୟ ଅଳ୍ପ ବା ଅଧିକ ପରିମାଣରେ ବ୍ୟାପ୍ତିଯୁକ୍ତ ହୋଇ ରହି ପାରୁଛି । ମାତ୍ର, କୌଣସି ଏକ ଫଳ ପାଇବା ସକାଶେ ଯାଦୁବିଦ୍ୟାର କ୍ଷୁଦ୍ର କ୍ଷୁଦ୍ର ସୂତ୍ରକୁ ବ୍ୟବହାର କରିବା,—ଆଧ୍ୟାତ୍ମିକ ଜୀବନ ସହିତ ଏହି କଥାଟିର ଆଦୌ କୌଣସି ଯଥାର୍ଥ ସମ୍ବନ୍ଧ ନ ଥାଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏକଥା ପ୍ରକୃତରେ ଅତ୍ୟନ୍ତ ବିସ୍ମୟକର ବୋଲି ପ୍ରତୀତ ହୁଏ ଯେ, ଏହିସବୁ କଥା ସର୍ବଦା ଫଳଦାୟକ ବୋଲି ପ୍ରମାଣିତ ହୋଇ ପାରୁଛନ୍ତି, କାରଣ, ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକତାଟି ଅବଶ୍ୟ ଭିନ୍ନ ହୋଇ ରହିଥାଏ । ଏବଂ, କେତେକ ନିର୍ଦ୍ଦିଷ୍ଟ ଶବ୍ଦକୁ ଏକତ୍ର ଗୁନ୍ଥି ଦେଇ ଓ କେତୋଟି ନିର୍ଦ୍ଦିଷ୍ଟ ସଙ୍କେତର ସାହାଯ୍ୟ ନେଇ କିପରି ଏକ ନିର୍ଦ୍ଦିଷ୍ଟ ପରିଣାମକୁ ଘଟାଇ ହେଉଛି, ତାହାହିଁ ଆଶ୍ଚର୍ଯ୍ୟଜନକ ମନେ ହୋଇଥାଏ ।

ଯେତେବେଳେ କେହି ଆଧ୍ୟାତ୍ମିକ ଭୂମିରେ ଏକ କ୍ରିୟା କରିବାକୁ ଇଚ୍ଛା କରୁଥାଏ ଏବଂ କୌଣସି ନା କୌଣସି କାରଣରୁ, ଉଦାହରଣ ସ୍ୱରୂପ, ଶବ୍ଦଗୁଡ଼ିକ ଦେଇ ଏକ ସୂତ୍ର ତିଆରି କରିବାର କୌଣସି ପ୍ରୟୋଜନ ରହିଥାଏ, ସେତେ-ବେଳେ ସେହି ଶବ୍ଦଗୁଡ଼ିକ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସି ଉପଲବ୍ଧ ହୋଇ ଯାଆନ୍ତି ଏବଂ ସେହି ନିର୍ଦ୍ଦିଷ୍ଟ ଅବସରଟି ଲାଗି ଠିକ୍ ଶବ୍ଦଗୁଡ଼ିକରହିଁ ଆବଶ୍ୟକତା ରହିଥାଏ । ମାତ୍ର, ଯେଉଁଠି ପାଠଗୁଡ଼ିକ ଆଗରୁ ଲେଖାହୋଇ ରହିଥାଏ ଏବଂ ଅଧିକାଂଶ ସମୟରେ ଏକ ଯାନ୍ତ୍ରିକ ପ୍ରଣାଳୀରେ ସେଗୁଡ଼ିକର ପୁନରାବୃତ୍ତି କରିବାକୁ

'oaob.nitrkl.ac.in' images reprocessed

ପକ୍ଷେ,—ତୁମେ କ'ଣ କହୁଛ ଓ କାହିଁକି ସେଗୁଡ଼ିକୁ କହୁଛ, ତୁମକୁ ସେକଥା ମଧ୍ୟ ମୋଟେ ଜଣା ନ ଥାଏ,—ତାହା ତଥାପି ସର୍ବଦା କାର୍ଯ୍ୟକାରୀ ହୁଏ, ସେକଥା ବୁଝିବା ପ୍ରକୃତରେ କଷ୍ଟକର । ଏହି କ୍ରିୟାରେ ଅନେକ ପରିମାଣରେ ଏକ ଅଯଥାର୍ଥତା ରହିବହିଁ ରହିବ । ଏବଂ ଗୋଟିଏ କଥା ଏକାବେଳକେ ସୁନିଶ୍ଚିତ ଯେ, ସେହି ଗୋଟିଏ ସୂତ୍ରର କଦାପି ଅବିକଳ ସେହି ଏକାପରି ଫଳ ଫଳିବ ନାହିଁ ଏବଂ, ଫଳ ବୋଲି କିଛି ଫଳିବାକୁ ହେଲେ ସେଥିରେ ଗୋଟିଏ କଥା ଅପରିହାର୍ଯ୍ୟ ଭାବରେ ଅବଶ୍ୟ ରହିବ : ସେଇଟି ହେଉଛି ଭୟ । ଏକ ପ୍ରକାରର ଭୟ ହେଉଛି ସର୍ବପ୍ରଥମ କଥା; ଯେଉଁ ବ୍ୟକ୍ତିର ବିରୁଦ୍ଧରେ ଯାଦୁଟିକୁ ପ୍ରୟୋଗ କରାଯାଉଥିବ, ତା' ଭିତରେ ଏକ ଭୟର ସଞ୍ଚାରଣ କରାଯାଉଥିବ । କାରଣ, ଯଦି ତା'ଭିତରେ ଆଦୌ କୌଣସି ଭୟ ନ ଥିବ, ତେବେ ଏଥିରେ ମୋର କୌଣସି ସନ୍ଦେହ ନାହିଁ ଯେ, ଏହି ଯାଦୁର ତା' ଉପରେ ଆଦୌ କୌଣସି ପ୍ରଭାବ ପଡ଼ିବ ନାହିଁ ଅଥବା, ହାସ୍ୟାସ୍ପଦ ଭାବରେ ଏତେ କମ୍ ପ୍ରଭାବ ପଡ଼ିବ ଯେ, ତାହାକୁ ଆଦୌ ଉଲ୍ଲେଖଯୋଗ୍ୟ ବୋଲି କୁହାଯିବ ନାହିଁ ।

ତେଣୁ ଭୟହିଁ ଏହି ଶକ୍ତିଗୁଡ଼ିକ କ୍ରିୟାଶୀଳ ହେବା ଲାଗି ଆବଶ୍ୟକ ଦ୍ୱାରଟିକୁ ଖୋଲି ଦେଇଥାଏ ; ତାହାକୁ ଏକ ପ୍ରକାରର ଆଶଙ୍କା ବୋଲି କୁହାଯିବ; କ'ଣ ଗୋଟିଏ ଦୁର୍ଘଟଣା ଘଟିବାକୁ ଯାଉଛି, ଏହିପରି ଗୋଟିଏ ଆଶଙ୍କାର ଅନୁଭୂତି । ଏବଂ, ସେହି ଭୟର ସ୍ପନ୍ଦନଗୁଡ଼ିକହିଁ ତୁମଠାରୁ କେତେକ ଶକ୍ତିକୁ ବାହାର କରି ନେଇଯାନ୍ତି ଏବଂ ତାହାହିଁ ଏହି ଏଜେଣ୍ଟଗୁଡ଼ିକୁ କାର୍ଯ୍ୟ କରିବା ଲାଗି ସାମର୍ଥ୍ୟ ଆଣି ଦେଇଥାଏ ।

ମାଆ, ଅନେକ ଲୋକ ସମ୍ମୋହନ ବି କରନ୍ତି । ତେବେ, ଯଦି ସେମାନେ ସେହି ଜଣେ ବ୍ୟକ୍ତି ଉପରେ ସର୍ବଦା ତାହାର ପ୍ରୟୋଗ କରୁଥାନ୍ତି, ତେବେ କିଛିକାଳ ପରେ ସେହି ବ୍ୟକ୍ତି କ'ଣ ପ୍ରକୃତରେ ଅସୁସ୍ଥ ହୁଏ ?

ସବୁ କ୍ଷେତ୍ରରେ ଯେ ଅସୁସ୍ଥ ହୁଏ, ସେକଥା ଆଦୌ ନୁହେଁ । ସମ୍ମୋହକ କିପରି ପ୍ରକାରର ବ୍ୟକ୍ତି ଓ ସିଏ କିପରି ପ୍ରକାରର ସମ୍ମୋହନ କରୁଛି, ସବୁକିଛି ସେହି କଥାଟି ଉପରେ ନିର୍ଭର କରିବ । ତେଣୁ ସବୁକ୍ଷେତ୍ରରେ କଦାପି ଅସୁସ୍ଥ ହୋଇ ପଡ଼ିବାକୁ ହେବ ନାହିଁ । ଗୋଟିଏ କଥା ସମ୍ପୂର୍ଣ୍ଣ ସୁନିଶ୍ଚିତ ଯେ, ଏହି ବ୍ୟକ୍ତିର ତା'ର ନିଜର ଇଚ୍ଛା ବୋଲି ଆଉ କିଛି ରହିବ ନାହିଁ, ସମ୍ମୋହନ କରୁଥିବା ବ୍ୟକ୍ତିର ଇଚ୍ଛାହିଁ ତା'ର ବ୍ୟକ୍ତିଗତ ଇଚ୍ଛାକୁ ଆସି ଅଧିକାର କରିନେବ, ତା' ନ ହେଲେ ସମ୍ମୋହନର କାର୍ଯ୍ୟଟିହିଁ ଆଦୌ ସମ୍ଭବ ହେବ ନାହିଁ । ମାତ୍ର ସିଏ

'oaob.nitrkl.ac.in' images reprocessed

କଦାପି ସବୁ କ୍ଷେତ୍ରରେ ଅସୁସ୍ଥ ହୋଇ ପଡ଼ିବ ନାହିଁ, ମାତ୍ର ସାଧାରଣ ଭାବରେ ନିର୍ଭରଶୀଳ ହୋଇ ରହୁଥିବ । ଏହାଦ୍ୱାରା ପ୍ରାୟ ଏକ ଦାସ ହୋଇ ରହିବାର ପରିବେଶ ସୃଷ୍ଟି ହୋଇଯିବ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଏହି ବିଷୟରେ କିଛୁ କହିବା ଅତ୍ୟନ୍ତ କଷ୍ଟକର, କାରଣ ଏହି କଥାଟି ସମ୍ମୋହକ, ସମ୍ମୋହିତ ହେବାକୁ ଯାଉଥିବା ବ୍ୟକ୍ତି ଓ ସମ୍ମୋହନକି ସ୍ୱାଟି ଉପରେ କରାଯାଉଛି, ତାହାର ଉପରେହିଁ ନିର୍ଭର କରିଥାଏ । ଏହାର ସାଧାରଣ ବାହ୍ୟ ରୂପଟିରୁ ବିଚାର କରି ଦେଖିଲେ, ଏହା ଏପରି ଗୋଟିଏ କଥା, ଯାହାକି ପ୍ରକୃତରେ ଅନେକ ବିଶୃଙ୍ଖଳା ସୃଷ୍ଟି କରିପାରିବ ।

ମାତ୍ର ଏକ ସ୍ୱତଃସ୍ଫୁର୍ତ୍ତ ସମ୍ମୋହନ-ପ୍ରକ୍ରିୟା ମଧ୍ୟ ସମ୍ଭବ ହୋଇ ପାରିବ, ଯାହାକୁ କି ଆମେ କୌଣସି ଦିବ୍ୟ ଶକ୍ତିର ଏକ ଅଭିବ୍ୟକ୍ତି ବୋଲି କହିପାରିବା, ମାତ୍ର ସେଇଟି ଉପରିଲିଖିତ ସାଧାରଣ ଧାରାରେ ଆଦୌ କାର୍ଯ୍ୟ କରେ ନାହିଁ ।

ମୁଁ ଭାବୁଛି, ଯେତେ ପ୍ରକାରର ଲୋକ ରହିଛନ୍ତି, ସେତେ ପ୍ରକାରର ଏହି ସମ୍ମୋହନ-କ୍ରିୟା ମଧ୍ୟ ରହିଛି । ସବୁ କଥାର କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା ଘଟିଥାଏ । ଯଦି ଆମେ ବୈଜ୍ଞାନିକ ଜ୍ଞାନକୁ ଅଜ୍ଞାନ ଏବଂ ନିର୍ବୋଧ ବ୍ୟକ୍ତିମାନଙ୍କର ହାତରେ ନେଇ ଥୋଇଦେବା, ତେବେ ତାହା କେତେକେତେ ସାଂଘାତିକ ଦୁର୍ବିପାକକୁ ଡାକନେଇ ଆସିବ । ଏବଂ, ଯଦି ଏହା ସାଙ୍ଗକୁ ଏହି କ୍ଷେତ୍ରରେ ଅସତ୍‌-ଇଚ୍ଛା ରହୁଥିବା ଅଥବା ଆପଣାର କୌଣସି ବ୍ୟକ୍ତିଗତ ମତଲବ ଥିବା ବ୍ୟକ୍ତିମାନେ ଆସି ପହଞ୍ଚିଯିବେ, ତେବେ ପରିଣାମ ପ୍ରକୃତରେ ଅକଳ୍ପନୀୟ ଭାବରେ ମନ୍ଦହିଁ ହେବ । ଏହି ସମ୍ମୋହନ-ବିଦ୍ୟାର କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା । ଯିଏ ସମ୍ମୋହନବିଦ୍ୟାର ପ୍ରୟୋଗ କରୁଥାଏ ଏବଂ ସିଏ ଏହି ବିଦ୍ୟାଟିକୁ ଯେପରି ଭାବରେ ପ୍ରୟୋଗ କରେ, କଥାଟି ସମ୍ପୂର୍ଣ୍ଣ ଭାବରେ ତାହାର ଉପରେହିଁ ନିର୍ଭର କରିବ ।

ଏହାକୁ ଏକ ପ୍ରାମାଣିକ କଥା ବୋଲି ଆଦୌ କହିବା ଉଚିତ ନୁହେଁ; ଯାବତୀୟ ତଥାକଥିତ ମନୁଷ୍ୟ ଜ୍ଞାନ ପରି ଏହା ପ୍ରକୃତ ସତ୍ୟ ଆଦୌ ନୁହେଁ, ମାତ୍ର ଆଉ ଏକ ବସ୍ତୁର ଏକ ବିକୃତ ରୂପ ।

ଏକଥା ମଧ୍ୟ ବୁଝାଯାଇ ପାରିବ ଯେ, ଯଦି ତୁମ ଭିତରେ ଦିବ୍ୟ ଇଚ୍ଛାହିଁ କାର୍ଯ୍ୟ କରୁଥିବ, ତୁମେ ମନ କଲେ ତାହାକୁ ମଧ୍ୟ ଏକ ସମ୍ମୋହନ ବୋଲି

'oaob.nitrkl.ac.in' images reprocessed

ବଢ଼ିପାରିବ । ମାତ୍ର ତଥାପି ତାହା ଭୂମି ଲାଗି ସର୍ବୋଚ୍ଚ ଶୁଭର କାରଣ ହେବ । ନୁହେଁ କି ?

ମାତ୍ର ଯାହାକୁ ସାଧାରଣତଃ ସମ୍ମୋହନ-ବିଦ୍ୟା ବୋଲି କୁହାଯାଇଥାଏ, ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଅନ୍ଧ ଏବଂ ଅଜ୍ଞାନୋଚିତ କାର୍ଯ୍ୟ । ଏହା ଦ୍ୱାରା ଜଣେ ବ୍ୟକ୍ତି ଏପରି ଏକ ଶକ୍ତିକୁ କାମରେ ଲଗାଉଥାଏ, ଯାହା ବିଷୟରେ କି ସିଏ ଭଲ କରି ସବୁକଥା ଜାଣି ନ ଥାଏ । ତେଣୁ ପରିଣାମ ସ୍ୱଭାବତଃହିଁ ଦୁର୍ଭାଗ୍ୟଜନକ ହୋଇଥାଏ; ଏବଂ ତା'ପରେ, ମୁଁ ଯେପରି କହିଲି, ଯଦି ତାହା ପୁଣି ଜଣେ ଅସାଧୁ ବା ମନ୍ଦ ମତଲବ ରଖିଥିବା କୌଣସି ବ୍ୟକ୍ତି ହାତରେ ଯାଇ ପଡ଼ିଯାଏ, ତେବେ ତାହା ସମ୍ପୂର୍ଣ୍ଣ ଭାବରେ ଅତ୍ୟନ୍ତ ଅନିଷ୍ଟକାରକ ହୋଇଥାଏ ।

'oaob.nitrkl.ac.in' images reprocessed

# ୨୦ ଅଗଷ୍ଟ ୧୯୫୪

ମା ଥ "ଯୋଗାଲୋକ" ପୁସ୍ତକର "ସମର୍ପଣ ଏବଂ ଉନ୍ମୋଚନ" ଅଧ୍ୟାୟଟିରୁ କିଛି ପାଠ କଲେ ।

ବାସ୍, ଆଜି କିଛି ପଚାରିବାକୁ ନାହିଁ ? କାହାର କିଛି କହିବାକୁ ନାହିଁ ?

(ମାଆ ନୀରବ ରହିଲେ)

ଚାଲ, ଆମେ ପାଞ୍ଚ ମିନିଟ ପାଇଁ ଧ୍ୟାନ କରିବା । ଚାଲ, ସାମୂହିକ ଧ୍ୟାନ ଲାଗି ଉଦ୍ୟମ କରିବା, କରିବା କି ? ଏହା କିଛିଟା କଷ୍ଟକର ଅବଶ୍ୟ ହେବ, ତଥାପି ଆମେ ଚେଷ୍ଟା କରିପାରିବା ।

ଆମେ ଯାହା ପଢ଼ିଲେ, ତୁମେମାନେ ତାହାର ବିଷୟରେ ଧ୍ୟାନ କରିବାକୁ ଚେଷ୍ଟା କରିବ କି ?

ତୁମେମାନେ କିଛି ଭାବିବ ନାହିଁ, କେବଳ ଏହିପରି ଭାବରେ ନିଜକୁ ସକେନ୍ଦ୍ରିତ କରି ରଖିବ : ଆମେ ଯାହା ପଢ଼ିଲେ, ତୁମମାନଙ୍କ ଭିତରକୁ ତାହାହିଁ ପ୍ରବେଶ କରୁ, ଏବଂ ତୁମେମାନେ ତାହାକୁ ଅନୁଭବ କରିବାକୁ ଚେଷ୍ଟା କର; ଚେଷ୍ଟା କର ।

ଭାବିବା ଲାଗି କୌଣସି ଚେଷ୍ଟା କର ନାହିଁ,—କୌଣସି ବିଷୟରେ ଭାବିବା, ପ୍ରଶ୍ନଗୁଡ଼ିକର ଉତ୍ତର ପାଇବାକୁ ଚେଷ୍ଟା କରିବା, — ଏସବୁ ଆଦୌ କିଛି କର ନାହିଁ । କେବଳ ଏହିପରି ଭାବରେ (ମାଆ ଭଙ୍ଗୀ ଦ୍ୱାରା ଦେଖାଇ ଦେଲେ) ରହ, ନିଜକୁ ଉନ୍ମୋଚିତ କରିଦିଅ ।

ମୁଁ ଯାହା ପଢ଼ିଲି, ତାହା ମୂଳରୁ ଶେଷଯାଏ ଏହି ଉନ୍ମୋଚନ ବିଷୟରେହିଁ ଥିଲା । ଯାହା ପଢ଼ା ହେଲା, ତୁମେମାନେ ତାହାକୁ ନିଜ ଭିତରେ ପ୍ରବେଶ କରିବା ଲାଗି ବାଟ ଛାଡ଼ିଦେବ ଏବଂ ତା'ପରେ, ଏହିପରି ଭାବରେ, ତାହାକୁ ତୁମ ଭିତରେ ନିଜର କାର୍ଯ୍ୟ କରିବାକୁ ମଧ୍ୟ ବାଟ ଛାଡ଼ିଦେବ । ଏବଂ, ଯଥାସମ୍ଭବ ସମ୍ପୂର୍ଣ୍ଣ ଭାବରେ ନୀରବ ଓ ସ୍ଥିର ହୋଇ ରହିଥିବ ।

'oaob.nitrkl.ac.in' images reprocessed

ଦେଖିବା, ଏହା ଦ୍ୱାରା କ'ଣ ଘଟୁଛି !

(ପାଞ୍ଚମିନିଟ୍‌ରୁ ଅଧିକ ସମୟ ଧ୍ୟାନ ହେଲା)

କିଛି କହିବାର ଅଛି ? କିଛି ନାହିଁ ? ଭଲ କଥା ।

କିନ୍ତୁ ପ୍ରଥମଥର ପାଇଁ ହେଲେ ମଧ୍ୟ ଆଦୌ ମନ୍ଦ ହୋଇ ନାହିଁ । ବେଶ୍ ଭଲ ହୋଇଛି ।

ସରିଲା ? ଆଉ ଆଗକୁ କିଛି କରିବା ? କାହାର କିଛି ପଚାରିବାକୁ ଅଛି ?

ତେବେ ଏଇଠାରେହିଁ ବନ୍ଦ କରିଦେବା ।

'oaob.nitrkl.ac.in' images reprocessed

# ୨୭ ଅଗଷ୍ଟ ୧୯୫୫

ମାଆ "ଯୋଗାସେବ" ପୁସ୍ତକର "ସମର୍ପଣ ଓ ଉନ୍ମୋଚନ" ଅଧ୍ୟାୟରୁ କିଛି ପଢ଼ିଲେ ।

ମାଆ, "ବିଶ୍ୱଗତ ଚେତନା ମଧ୍ୟକୁ ଏକ ଅନୁପ୍ରସ୍ଥ ଉନ୍ମୋଚନ"ର ଅର୍ଥ କ'ଣ ?

ତୁମେ ଦେଖ, ଦିବ୍ୟ ପରମ ଚେତନାର ଇଚ୍ଛାଗୁଡ଼ିକ ଆଡ଼କୁ ଏକ ଅନୁଲମ୍ବ ଆରୋହଣ, ଅଥବା···କିପରି ଶବ୍ଦ ଦେଇ କହିହେବ ? ··· ଏକ ବିଶ୍ୱମୟ ଚେତନା ମଧ୍ୟକୁ ଏକ ପ୍ରକାରର ଅନୁପ୍ରସ୍ଥ ବିସ୍ତାର ଲାଭ, — ସର୍ବଦା ଏହି ଦୁଇ ପ୍ରକାରର ଅନୁଭୂତି ହୋଇଥାଏ ।

ଏକ ବିଶ୍ୱମୟ ଚେତନାର ଅର୍ଥ ହେଉଛି ବିଶ୍ୱରେ ତଥା ଅଭିବ୍ୟକ୍ତ ଯାବତୀୟ ବସ୍ତୁରେ ଆପଣାକୁ ବ୍ୟକ୍ତ କରୁଥିବା ଶକ୍ତିଗୁଡ଼ିକ ସମ୍ବନ୍ଧରେ ସଜ୍ଞାନ ହେବା । ଉଦାହରଣସ୍ୱରୂପ, ମୁଁ କେବଳ ଏତିକି କହିବି : ଏଠାରେ ବହୁସଂଖ୍ୟକ ବ୍ୟକ୍ତି ଅଛନ୍ତି; ଏହି ବ୍ୟକ୍ତିମାନଙ୍କୁ ଆମେ ବିଶ୍ୱର ପ୍ରତିନିଧିତ୍ୱ କରୁଥିବା ଏକାଧିକ ବ୍ୟକ୍ତି ବୋଲି ଗ୍ରହଣ କରିବା । ତେବେ, ଯଦି ତୁମେ ସେମାନଙ୍କ ସହିତ ଏକତ୍ୱସ୍ଥାପନ କରିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ଏପରି ଏକ ଚେତନାକୁ ଗତିଶୀଳ କରିଦେବାକୁ ହେବ, ଯାହାକି ସେମାନଙ୍କ ସମସ୍ତଙ୍କ ଉପରକୁ ବ୍ୟାପ୍ତ ହୋଇ ଯାଉଥିବ ଏବଂ ତାହା ସମସ୍ତଙ୍କ ସହିତ ଯାଇ ସମ୍ମିଳିତ ହେଉଥିବ, — ଠିକ୍ ଏହିପରି ଭାବରେ ହେଉଥିବ (ମାଆ ଭଙ୍ଗୀ ଦ୍ୱାରା ଦେଖାଇଦେଲେ) । ଏହା ଅନୁପ୍ରସ୍ଥ ଭାବରେ ବିସ୍ତୃତ ହେଉଥିବ ।

ମାତ୍ର, ଆପଣାକୁ ଅବତୀର୍ଣ୍ଣ କରି ଆଣିବା ଲାଗି ଇଚ୍ଛା କରୁଥିବା ଅତିମାନସ ପରମଶକ୍ତି ସହିତ ଯଦି ତୁମେ ଏକତ୍ୱସ୍ଥାପନ କରିବାକୁ ଇଚ୍ଛା କରିବ, ତେବେ ତୁମେ ଅନୁଭବ କରିବ, ସତେ ଯେପରି ତୁମେ ନିଜର ସବୁଯାକ ଅଭୀପ୍ସାକୁ ଏକଜୁଟ କରି ଆଣୁଛ, ଏବଂ ଅବତରଣ ଲାଗି ଅପେକ୍ଷା କରି ରହିଥିବା ଉଚ୍ଚତର ଶକ୍ତିଗୁଡ଼ିକ ନିକଟକୁ ଏକ ଅନୁଲମ୍ବ ଆରୋହଣ ଦ୍ୱାରା ତୁମେ ସେଗୁଡ଼ିକୁ ଊର୍ଦ୍ଧ୍ୱଗାମୀ କରିବାରେ ଲାଗିଛ । ତେଣୁ, ଏଠାରେ କେବଳ ଗତିଶୀଳ କରାଇବାରହିଁ ଏକ ପ୍ରଶ୍ନ ରହିଛି,—

'oaob.nitrkl.ac.in' images reprocessed

ବିସ୍ତାରଯୁକ୍ତ ହେବା ଲାଗି ଗତିଶୀଳ ହେବା ଅଥବା ଏକ ସଂକେନ୍ଦ୍ରଣ ଏବଂ ଆବେଷ୍ଟନ ନିମିତ୍ତ ଗତିଶୀଳ ହେବା ।

ଚୈତ୍ୟସତ୍ତାର ବିମୋଚନ କହିଲେ କ'ଣ ବୁଝାଏ ?

ଆମେ ଅନୁଭବ କରିଥାଉ ଯେ — ସାଧନାର ଆରମ୍ଭକାଳରେ ଅନେକ ସମୟରେ ଏହିପରି ଅନୁଭବ ହୋଇଥାଏ — ଆମେ ଅନୁଭବ କରୁ ଯେ, ଆମର ଚୈତ୍ୟସତ୍ତା ସତେଯେପରି ଏକ ପ୍ରକାରର କଠିନ ଆବରଣ, ଏକ କାରାଗାର ମଧ୍ୟରେ ବନ୍ଦୀ ହୋଇ ରହିଛି ଏବଂ ସେହି କାରଣରୁ ହିଁ ତାହା ବାହ୍ୟ ଭୂମିରେ ଆପଣାକୁ ପ୍ରକାଶ କରିପାରୁ ନାହିଁ ଏବଂ ବାହ୍ୟ ଚେତନା ତଥା ବାହ୍ୟସତ୍ତା ସହିତ ଏକ ସଚେତନ ଓ ସାତତ୍ୟଯୁକ୍ତ ସମ୍ବନ୍ଧ ମଧ୍ୟରେ ପ୍ରବିଷ୍ଟ ହୋଇପାରୁ ନାହିଁ । ଆମର ସଂପୂର୍ଣ୍ଣ ଭାବରେ ଏହିପରି ଏକ ଅନୁଭବ ହେଉଥାଏ ଯେ, ତାହା ସତେଅବା ଗୋଟିଏ ବାକ୍ସ ଭିତରେ ଅଥବା କାରାଗାର ମଧ୍ୟରେ ବନ୍ଦୀ ହୋଇ ରହିଛି ଏବଂ ତା' ଭିତରକୁ ପ୍ରବେଶ କରିବାକୁ ହେଲେ ଆମକୁ ସେଠାରେ ରହିଥିବା କାନ୍ଥଗୁଡ଼ିକୁ ଭାଙ୍ଗିଦେବାକୁ ପଡ଼ିବ ଅଥବା ଜୋର୍ କରି କବାଟଟିକୁ ଖୋଲିଦେବାକୁ ହେବ । ତେଣୁ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଯଦି ଆମେ କାନ୍ଥଗୁଡ଼ିକୁ ଭାଙ୍ଗିଦେଇ ପାରିବା ଓ କବାଟଟିକୁ ଖୋଲିଦେଇ ପାରିବା, ତେବେ ତଦ୍ୱାରା ଆମେ ବନ୍ଦୀ ହୋଇ ରହିଥିବା ଚୈତ୍ୟସତ୍ତାକୁ ମୁକ୍ତ କରିଦେବା ଓ ତାହା ତା'ପରେ ଆପଣାକୁ ବାହ୍ୟ ଭୂମିରେ ମଧ୍ୟ ପ୍ରକାଶିତ କରିପାରିବ । ଏହି ସବୁଯାକ କଥା ହେଉଛି ପ୍ରତୀକରୂପ ସ୍ତରର କଥା । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱକୀୟ ବ୍ୟକ୍ତିଗତ ପ୍ରତୀକରୂପ ରହିଛି, ବ୍ୟକ୍ତିଗତ ପଦ୍ଧତି ମଧ୍ୟ ରହିଛି; ସେହି କ୍ଷେତ୍ରରେ ଯାହା ସାଙ୍ଗସ୍ୱାନ ପାର୍ଥକ୍ୟମାନ ବାଦ୍ୟମାନ ରହିଛି ।

ଯେଉଁମାନେ ଅନୁଭୂତିଟିକୁ ଲାଭ କରିଛନ୍ତି, ସେମାନେ ସମସ୍ତେ ସାଧାରଣ ଭାବରେ କେତୋଟି ପ୍ରତୀକରୂପକୁ ଅବଶ୍ୟ ପ୍ରତ୍ୟକ୍ଷ କରିଛନ୍ତି । ଉଦାହରଣସ୍ୱରୂପ, ଆପଣା ଚେତନାର ଠିକ୍ ସବାତଳ ଗଭୀରରେ ଚୈତ୍ୟର ଆବିଷ୍କାର କରିବା ଲାଗି ଯେତେବେଳେ ଜଣେ ବ୍ୟକ୍ତି ନିଜ ଭିତରକୁ ଭେଦ ନିଜ ସତ୍ତାର ଗଭୀର ମଧ୍ୟରେ ପ୍ରବେଶ କରେ, ସେତେବେଳେ ସତେଅବା ଏକ କୂଅ ଭିତରକୁ ଓହ୍ଲାଇ ଓହ୍ଲାଇ ଅଧିକରୁ ଅଧିକ ତଳକୁ ଯାଉଥିବା ପରି ବୋଧ ହୋଇଥାଏ ଏବଂ ସତେଯେପରି ଗୋଟିଏ କୂଅ ଭିତରେ ଅଧିକରୁ ଅଧିକ ତଳକୁ ଯାଉଥିବା ପରି ମନେ ହୋଇଥାଏ ।

ଏହି ସବୁଗୁଡ଼ିକ କେବଳ ଗୋଟିଏ ଗୋଟିଏ ଉପମା; ମାତ୍ର ସେଗୁଡ଼ିକ ଏପରି ନାନା ପ୍ରତ୍ୟକ୍ଷ ବୋଧ ସହିତ ସମ୍ବନ୍ଧିତ ହୋଇ ରହିଥାନ୍ତି, ଯାହାକି ଆମର

'oaob.nitrkl.ac.in' images reprocessed

ଅନୁଭୂତିକୁ ପ୍ରଭୂତ ଶକ୍ତି ପ୍ରଦାନ କରିଥାଏ ଏବଂ ତାହାକୁ ଏକ ମୂର୍ତ୍ତି ସତ୍ୟପ୍ରଣାଳି ଆଣି ଦେଇଥାଏ ।

ଆପଣାର ଅନ୍ତର୍ଗତ ସତ୍ତାକୁ, ଆପଣା ସତ୍ତାର ବିଭିନ୍ନ ସ୍ତରକୁ ଆବିଷ୍କାର କରିବାର ପ୍ରକ୍ରିୟାରେ ଆମେ ଯେତେବେଳେ ଆଗକୁ ଆଗକୁ ଯାଉଥାଉ, ସେତେ-ବେଳେ ଆମର ଅଧିକାଂଶ ସମୟରେ ଏହିପରି ଏକ ଅନୁଭବ ହୋଇଥାଏ ଯେ, ଆମେ ସତେଯେପରି ଏକ କକ୍ଷ ଅଥବା ପ୍ରକୋଷ୍ଠ ମଧ୍ୟରେ ଯାଇ ପ୍ରବେଶ କରୁଛୁ; ଏବଂ, ତାହା ଯେଉଁ ରଙ୍ଗର ହୋଇ ରହିଥାଏ, ସେଠାରେ ଯେଉଁ ପରିବେଶ ରହିଥାଏ ଓ ତା' ଭିତରେ ଯାହାକିଛି ବସ୍ତୁ ରହିଥାଏ, ସେଥିରୁ, ଆମେ ସେତେ-ବେଳେ ସତ୍ତାର ଯେଉଁ ସ୍ତରଟିକୁ ଦେଖୁଥାଉ, ଆମକୁ ତାହାର ଏକ ସ୍ପଷ୍ଟ ବୋଧ ଉପଲବ୍ଧ ହୋଇଯାଉଥାଏ । ଏବଂ ତା'ପରେ, ଆମେ ଗୋଟିଏ କୋଠରିକୁ ଆଉଗୋଟିଏ କୋଠରିକୁ ବେଶ୍ ଅତିକ୍ରମ କରି ଯାଇପାରୁ, କବାଟ ପରେ କବାଟ ଖୋଲି ଅଧିକରୁ ଅଧିକ ଗଭୀରରେ ରହିଥିବା କୋଠରିଗୁଡ଼ିକ ମଧ୍ୟରେ ଯାଇ ପ୍ରବେଶ କରିପାରୁ ଏବଂ ପ୍ରତ୍ୟେକ କୋଠରିର ଏକ ସ୍ୱକୀୟଗତ ସ୍ୱକୀୟତା ଅବଶ୍ୟ ରହିଥାଏ । ଏବଂ ଅନେକ ସମୟରେ ଏହି ଅନ୍ତର୍ଗତ ପରିଭ୍ରମଣଗୁଡ଼ିକ ରାତିରେହିଁ ଘଟିଥାଏ । ସେତେବେଳେ ଏହା ଆହୁରି ଅଧିକ ପରିମାଣରେ ଏକ ମୂର୍ତ୍ତି ରୂପ ଧାରଣ କରେ । ସତେଯେପରି ଏକ ସ୍ୱପ୍ନ ଦେଖିଲା ପରି ମନେ ହେଉଥାଏ, ଏବଂ ଆମେ ଅନୁଭବ କରୁ, ଆମେ ସତେଯେପରି ଏକ ଗୃହ ମଧ୍ୟରେ ଯାଇ ପ୍ରବେଶ କରୁଛୁ ଏବଂ ସେହି ଗୃହଟି ଆମର ଅତି ପରିଚିତ ବୋଲି ମନେ ହେଉଥାଏ । ଏବଂ, କାଳ ତଥା ପର୍ଯ୍ୟାୟଗୁଡ଼ିକ ଅନୁସାରେ ସେହି ଗୃହର ଅନ୍ତଃରୂପଟି ଭିନ୍ନ ଭିନ୍ନ ହୋଇ ଦେଖାଯାଏ; ବେଳେବେଳେ ତାହା ହୁଏତ ଅତ୍ୟନ୍ତ ବିଶୃଙ୍ଖଳ ଅବସ୍ଥାରେ ଥାଇପାରେ,—ହୁଏତ ସବୁକିଛି ଅଳିଆମଳିଆ ଓ ଘଣ୍ଟାଘାଣ୍ଟି ହୋଇ ପଡ଼ିଥାଏ; ବେଳେବେଳେ ଭଙ୍ଗାରୁଜା ଜିନିଷ ମଧ୍ୟ ଦେଖିବାକୁ ମିଳେ,—ଗୋଟାସୁଦ୍ଧା ଅସ୍ତବ୍ୟସ୍ତତା ବିଦ୍ୟମାନ ରହିଥାଏ । ଆଉ ବେଳେବେଳେ ଏସବୁ ସଂଗଠିତ ହୋଇ ରହିଥାଏ, ସବୁ ଯଥା ସ୍ଥାନରେ ରହିଥାନ୍ତି; ସତେଯେପରି କିଏ ଘରଟିକୁ ସଜାଇ ରଖିଥାଏ, ତୁମେ ଘରଟିକୁ ସଫାକରିଦିଅ, ଜିନିଷଗୁଡ଼ିକୁ ସଜାଇ ରଖିଦିଅ ଏବଂ ତାହା ସର୍ବଦା ସେହି ଏକା ଘର ହୋଇ ରହିଥାଏ । ଏହି ଗୃହଟିକୁ ତୁମ ଅନ୍ତର୍ଗତ ସତ୍ତାର ଏକ ପ୍ରତିରୂପ, ଏକ ସାକାର ପ୍ରତିରୂପ ବୋଲି ବୁଝାଯିବ । ଏବଂ, ସେଠାରେ ତୁମେ ଯାହାକିଛି ଦେଖ ଅଥବା ଯାହାକିଛି ଶୁଣ, ସେହି ଅନୁସାରେ ତୁମ ମାନସିକ ଯାବତୀୟ କାର୍ଯ୍ୟର ଏକ ପ୍ରତୀକାତ୍ମକ ଉପସ୍ଥାପନା ମଧ୍ୟ ହୋଇଯାଏ । ଏକ ମୂର୍ତ୍ତି ବୋଧ ଲାଭ କରିବାର କ୍ଷେତ୍ରରେ ଏହା ଖୁବ୍ କାମ ଦିଏ । ଅବଶ୍ୟ ଏହା ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଉପରେହିଁ ନିର୍ଭର କରୁଥାଏ ।

'oaob.nitrkl.ac.in' images reprocessed

କେତେକ ଲୋକ କେବଳ ନିଜ ବୁଦ୍ଧିର କ୍ଷେତ୍ରରେହିଁ ବଞ୍ଚନ୍ତି; ସେମାନଙ୍କ ଲାଗି ସବୁକିଛୁ ପ୍ରତିରୂପ ମାଧ୍ୟମରେ ନୁହେଁ, ମାତ୍ର ଧାରଣାଗୁଡ଼ିକର ମାଧ୍ୟମରେହିଁ ବ୍ୟକ୍ତ ହୁଏ । ମାତ୍ର, ଯଦି ସେମାନଙ୍କୁ ଏକ ଅପେକ୍ଷାକୃତ ଅଧିକ ସ୍ଥୂଳ କ୍ଷେତ୍ର ମଧ୍ୟକୁ ଯିବାକୁ ପଡ଼ୁଅଛି, ତେବେ ସେମାନେ ବସ୍ତୁଗୁଡ଼ିକୁ ସେଗୁଡ଼ିକର ମୂର୍ତ୍ତି ସତ୍ତାର ଭୂମିରେ ଆଦୌ ସ୍ପର୍ଶ କରୁ ନ ଥାନ୍ତି, କେବଳ ଧାରଣାଗୁଡ଼ିକର ଭୂମିରେହିଁ ରହିଯାଇ ଥାଆନ୍ତି, କେବଳ ମନୋରାଜ୍ୟରେ ବାସ କରୁଥାନ୍ତି, ଅନନ୍ତ କାଳ ପର୍ଯ୍ୟନ୍ତ ସେହିଠାରେ ରହୁଥାନ୍ତି । ସେମାନେ ଅଗ୍ରଗତି କଲେ ବୋଲି ଭାବୁଥାନ୍ତି ସତ, ମାତ୍ର କେବଳ ମନର ଭୂମିରେ ତାହା କରୁଥାନ୍ତି,—ମାତ୍ର ତାହା ସମ୍ପୂର୍ଣ୍ଣ ଭାବରେ ବଡ଼ ଅନିର୍ଦ୍ଦିଷ୍ଟ ହୋଇ ରହିଥାଏ ।

ମନର ଅଗ୍ରଗତି ହେବାକୁ ହୁଏତ ହଜାର ହଜାର ବର୍ଷ ଲାଗିବ, କାରଣ ମନର ଭୂମି ହେଉଛି ଏକ ବହୁବ୍ୟାପ୍ତ ଭୂମି, ଏକ ଅତ୍ୟନ୍ତ ଅନିର୍ଦ୍ଦିଷ୍ଟ ଭୂମି ଏବଂ ସେହି ଭୂମିର ଏକ ସତତ ପୁନର୍ବିଚାରଣ ହେବାରେ ଲାଗିଥାଏ । ମାତ୍ର ଜଣେ ବ୍ୟକ୍ତି ଯଦି ପ୍ରାଣିକ ଏବଂ ଭୌତିକ କ୍ଷେତ୍ରରେ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଏ, ତେବେ କାର୍ଯ୍ୟଟିକୁ ସୁନିର୍ଦ୍ଦିଷ୍ଟ ଏବଂ ଅପେକ୍ଷାକୃତ ଅଧିକ ମୂର୍ତ୍ତି କରିବା ଲାଗି ଏହି ପ୍ରକାରର ଏକ ପ୍ରତିରୂପୀ ଉପସ୍ଥାପନା ପ୍ରକୃତରେ ଖୁବ୍ କାମ ଦେଇଥାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତାହା ଖାଲି ଇଚ୍ଛା କଲା ମାତ୍ରକେ ମୋଟେ ସଙ୍ଗେସଙ୍ଗେ ଘଟିଯାଏ ନାହିଁ । ତାହା ସଂପୃକ୍ତ ବ୍ୟକ୍ତିର ସ୍ୱଭାବ ଉପରେହିଁ ନିର୍ଭର କରେ । ମାତ୍ର. ଯେଉଁମାନେ ସ୍ୱପ୍ରତିରୂପ ସନ୍ଦର୍ଶନ ପାଇଁ ସମର୍ଥ ହୁଅନ୍ତି, ସେମାନଙ୍କ ପକ୍ଷରେ ଗୋଟିଏ ଅଧିକ ସୁବିଧା ରହିଥାଏ ।

ବନ୍ଦ ହୋଇ ରହିଥିବା ଗୋଟିଏ କବାଟ ଆଗରେ ଧ୍ୟାନସ୍ଥ ହୋଇ ବସିବା, ସତେ ଯେପରି ତାହା କଂସାରେ ତିଆରି କବାଟ ପରି କେତେ ନା କେତେ ଭାରି,—ତାହା ହୁଏତ ଖୋଲିବ ବୋଲି ଇଚ୍ଛା କରି ଆମେ ତା'ଆଗରେ ଯାଇ ବସିଥାଉ—ଏବଂ ତା'ପରେ ଅନ୍ୟ ପାଖଟିକୁ ଅତିକ୍ରମ କରି ଚାଲିଯିବା; ଏଣୁ ତୁମର ସମସ୍ତ ସନ୍ଦର୍ଶନ ଓ ସକଳ ଅଭୀପ୍ସା ଏକତ୍ର ଏକ କାଠଗଡ଼ରେ ପରିଣତ ହୋଇ ସେହି କବାଟଟି ଉପରେ ଯାଇ ଧକ୍କା ଦେବାକୁ ଲାଗିବ, ଅଧିକରୁ ଅଧିକ ଶକ୍ତିର ସହିତ ଧକ୍କା ଦେବାରେ ଲାଗିଥିବ ଏବଂ ଶେଷରେ ହଠାତ୍ କବାଟ ଧଡ଼୍ କରି ଖୋଲିଯିବ ଓ ତୁମେ ତା'ଭିତରେ ପ୍ରବେଶ କରି ପାରିବ । ଏହା ପ୍ରକୃତରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ପ୍ରଭାବ ପକାଇବ । ଏହାଦ୍ୱାରା ତୁମେ ସତେଅବା ଆଲୋକ ଭିତରେ ଯାଇ ପ୍ରବେଶ କରିବ ଏବଂ ତୁମର ଚେତନା ସତେଅବା ସେହି ମୁହୂର୍ତ୍ତରେ ମୂଳଭୂତ ଭାବରେ ବଦଳି ଯାଉଥିବା ପରି ତୁମେ ଏକାବେଳକେ ଅନୁଭବ

'oaob.nitrkl.ac.in' images reprocessed

କରୁଥିବ; ଏକ ଆଲୋକନ ତୁମକୁ ସମ୍ପୂର୍ଣ୍ଣ ଭାବରେ ଅଧିକାର କରି ରହିଥିବ । ତୁମେ ସତେଅବା ଆଉ ଏକ ବ୍ୟକ୍ତିରେ ପରିଣତ ହୋଇଗଲ ପରି ଅନୁଭବ କରୁଥିବ । ଏବଂ, ଆପଣାର ଚୈତ୍ୟସତ୍ତା ମଧ୍ୟରେ ପ୍ରବେଶ କରିବାର କ୍ଷେତ୍ରରେ ଏହାକୁ ଏକ ଅତ୍ୟନ୍ତ ମୂର୍ତ୍ତ ଏବଂ ଅତ୍ୟନ୍ତ ଶକ୍ତିଶାଳୀ ମାର୍ଗ ବୋଲି ବୁଝାଯାଇ ପାରିବ ।

ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି "ଚୈତ୍ୟସତ୍ତା ଏବଂ ଉଚ୍ଚତର ଚେତନା ମଧ୍ୟରେ ଯେଉଁ ଅନ୍ତଃବନ୍ଧନ ରହିଛି, ତାହାହିଁ ହେଉଛି ସିଦ୍ଧିର ମୁଖ୍ୟତମ ସାଧନ ।" "ଚୈତ୍ୟସତ୍ତା ଏବଂ ଉଚ୍ଚତର ଚେତନା ମଧ୍ୟରେ କ'ଣ ସାଧାରଣତଃ ଏକ ଅନ୍ତଃ-ସମ୍ବନ୍ଧ ରହି ନ ଥାଏ ?

ସାଧାରଣତଃ ଅର୍ଥ ତୁ କ'ଣ ସାଧାରଣ ଜୀବନରେ ? ଚୈତ୍ୟ ସତ୍ତା ଓ·

ହଁ ।

ତାହା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଅଚେତନ ହୋଇ ରହିଥାଏ ।

ସାଧାରଣ ଜୀବନର କ୍ଷେତ୍ରରେ ମନୁଷ୍ୟଙ୍କ ଭିତରେ ଏପରି ଜଣେ ଲୋକ ବି ନ ଥାଏ, ଯାହାର କି ନିଜ ଚୈତ୍ୟସତ୍ତା ସହିତ ଏକ ସଚେତନ ସମ୍ବନ୍ଧ ରହିଥାଏ, ଏପରିକି ମୁହୂର୍ତ୍ତିକ ସକାଶେ ବି ନ ଥାଏ । ଚୈତ୍ୟସତ୍ତା ହୁଏତ ଭିତରୁ କାର୍ଯ୍ୟ କରୁଥାଇପାରେ; ମାତ୍ର ବାହ୍ୟସତ୍ତାଟି ଲାଗି ତାହା ଏତେ ଅଧିକ ପରିମାଣରେ ଅଦୃଶ୍ୟ ଏବଂ ଅଚେତନ ହୋଇ ରହିଥାଏ ଯେ ସତେ ଯେପରି ତାହାର ଆଦୌ କୌଣସି ଅସ୍ତିତ୍ୱ ନାହିଁ, ତାହା ସେହିପରି ହୋଇ ରହିଥାଏ । ଏବଂ, ଅଧିକାଂଶ କ୍ଷେତ୍ରରେ, ବହୁସଂଖ୍ୟକ ଅଧିକାଂଶ ବ୍ୟକ୍ତିଙ୍କର କ୍ଷେତ୍ରରେ, ପ୍ରାୟ ସମସ୍ତଙ୍କର କ୍ଷେତ୍ରରେ ବୋଲି କହିଯାଇପାରିବ,—ତାହା ସତେଅବା ସୁପ୍ତ ହୋଇ ରହିଥାଏ, ମୋଟେ କ୍ରିୟାଶୀଳ ନ ଥାଏ, ପ୍ରାୟ ଜଡ଼ତା ମଧ୍ୟରେ ରହିଥାଏ ।

କେବଳ ସାଧନା ଏବଂ ଅବିଶ୍ରାନ୍ତ ପ୍ରୟାସ ଦ୍ୱାରାହିଁ ଚୈତ୍ୟସତ୍ତା ସହିତ ଏକ ସଚେତନ ସମ୍ବନ୍ଧ ସ୍ଥାପନ କରିବା ସମ୍ଭବ ହୁଏ । ଅବଶ୍ୟ, ଏହି କ୍ଷେତ୍ରରେ ବ୍ୟତିକ୍ରମମାନ ରହିଛି, — ମାତ୍ର ସେଗୁଡ଼ିକ ପ୍ରକୃତରେ ଗୋଟିଏ ଗୋଟିଏ ବ୍ୟତିକ୍ରମ—ସେଗୁଡ଼ିକର ସଂଖ୍ୟା ଏତେ ଅଳ୍ପ ଯେ ଆମେ ସେଗୁଡ଼ିକୁ ଗଣି ବି ନେଇ ପାରିବ,—ସେସବୁ କ୍ଷେତ୍ରରେ ଚୈତ୍ୟସତ୍ତା ସମ୍ପୂର୍ଣ୍ଣ ଓ ପୂର୍ଣ୍ଣବିକଶିତ ଭାବରେ ଏକ ଗଠନରୂପ ଲାଭ କରି ସାରିଥାଏ, ଆପେ ଆପଣାର ପ୍ରଭୁ ହୋଇ ରହିଥାଏ, ଆପଣାର କାର୍ଯ୍ୟ କରିବା ଲାଗି ଏକ ମନୁଷ୍ୟଶରୀର ଗ୍ରହଣ କରି

'oaob.nitrkl.ac.in' images reprocessed

ସ୍ୱ ଇଚ୍ଛାରେ ପୃଥିବୀକୁ ଫେରି ଆସିଥାଏ । ଏବଂ, ବହୁ କ୍ଷେତ୍ରରେ, ଉପଯୁକ୍ତ ବ୍ୟକ୍ତି ସଚେତନ ଭାବରେ ଆଦୌ କୌଣସି ସାଧନା ନ କରୁଥିଲେ ମଧ୍ୟ, ହୁଏତ ଏ ଆ ମଧ୍ୟ ସମ୍ଭବ ହୁଏ ଯେ, ଅଳ୍ପବହୁତ ପରିମାଣରେ ଏକ ସଚେତନ ସମ୍ବନ୍ଧ ସ୍ଥାପନ କରିବା ଲାଗି ଚୈତ୍ୟସତ୍ତା ଯଥେଷ୍ଟ ଶକ୍ତି ଧାରଣ କରି ରହିଥାଏ । ମାତ୍ର, ଏଗୁଡ଼ିକ ଆଦୌ ସାଧାରଣ ଭାବରେ ଘଟେ ନାହିଁ; ଗୋଟିଏ ଗୋଟିଏ ବ୍ୟତିକ୍ରମ ଭାବେ ତାହା ନିୟମଟିର ପୁଷ୍ଟିହିଁ କରୁଥାଏ ।

ପ୍ରାୟ ସବୁ, ସକଳ କ୍ଷେତ୍ରରେ, ଆପଣାର ଚୈତ୍ୟସତ୍ତା ସମ୍ବନ୍ଧରେ ସଚେତନ ହେବାକୁ ହେଲେ ଏକ ଅତ୍ୟନ୍ତ ଅବିଶ୍ରାନ୍ତ ପ୍ରୟାସ ଆବଶ୍ୟକ ହୋଇଥାଏ । ସାଧାରଣତଃ ଏପରି ବିଶ୍ୱାସ କରା ଯାଇଥାଏ ଯେ, ତିରିଶ ବର୍ଷର ସାଧନା ଦ୍ୱାରା ଏହି କାର୍ଯ୍ୟଟିକୁ କରିପାରିଲେ—ତିରିଶ ବର୍ଷର ଅବିଶ୍ରାନ୍ତ ଚେଷ୍ଟା ଦ୍ୱାରା—ତାହାକୁ ପ୍ରକୃତରେ ଏକ ପରମ ସୌଭାଗ୍ୟ ବୋଲି କହିବାକୁ ହୁଏ । ହୁଏତ ଅପେକ୍ଷାକୃତ ଶୀଘ୍ର ମଧ୍ୟ ହୋଇପାରେ । ମାତ୍ର ଏପରି କ୍ୱଚିତ୍ ତାହା ଘଟିଥାଏ ଯେ, ଆମେ ସେତେବେଳେ ତତ୍‌କ୍ଷଣାତ୍ "ସିଏ ଆଦୌ ଜଣେ ସାଧାରଣ ମନୁଷ୍ୟ ନୁହନ୍ତି" ବୋଲି କହୁଥାଉ । ସେହିସବୁ ବ୍ୟକ୍ତିଙ୍କୁ ଅଳ୍ପବହୁତ ପରିମାଣରେ ଜଣେ ଜଣେ ଦିବ୍ୟ ବ୍ୟକ୍ତି ବୋଲି ସ୍ୱୀକାର କରାଯାଇଛି; ସେମାନେ ଜଣେ ଜଣେ ମହାନ୍ ଯୋଗୀ ହୋଇ ପାରିଛନ୍ତି, ମହାନ୍ ଶିକ୍ଷାଦାତା ରୂପେ ପରିଚିତ ହୋଇଛନ୍ତି ।

(ମାଆ ନୀରବ ରହିଲେ)

ତୁମମାନଙ୍କର ଏକ ଉକେନ୍ଦ୍ରଣ ଏକ ଧ୍ୟାନ ଦରକାର କି ?

ମୁଁ ଭାବୁଛି ଆଲୁଅଗୁଡ଼ିକୁ ଲିଭାଇ ଦେଲେ ଭଲ ହେବ···ମୋ ମୁଣ୍ଡ ଉପରେ ଜଳୁଥିବା ଆଲୁଅଟିକୁ ବି, କାରଣ ଏଠି ବହୁତ ପୋକ ।

(ଧ୍ୟାନ ଆରମ୍ଭ ହେଲା)

'oaob.nitrkl.ac.in' images reprocessed

# ୨୪ ଅଗଷ୍ଟ, ୧୯୫୫

**ମାଆ, "ଯୋଗାଲୋକ" ପୁସ୍ତକର "ସମର୍ପଣ ଓ ଉନ୍ମୋଚନ" ଅଧ୍ୟାୟରୁ କିଛି ପାଠ କଲେ ।**

**ଏଥର ?**

ମାଆ, ଆମେ ଯେତେବେଳେ ଆପଣଙ୍କର କୌଣସି ଫଟୋ ଉପରେ ଆପଣାକୁ ଅଭିନିବେଶିତ କରି ରଖୁ — ଆପଣଙ୍କର ତ ଅନେକ ଫଟୋ ରହିଛି, ପ୍ରତ୍ୟେକ ଫଟୋର ଭିନ୍ନଭିନ୍ନ ଅଭିବ୍ୟକ୍ତି —ସେତେବେଳେ, ଆମେ କେଉଁ ଫଟୋଟି ଉପରେ ନିଜକୁ ଅଭି-ନିବେଶିତ କରି ରଖିଛୁ, ଆମ ଲାଗି ସେହି ଅନୁସାରେ କୌଣସି ଭିନ୍ନ ଫଳ ମିଳେ କି ?

ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ନିଜକୁ ଅଭିନିବେଶିତ କରି ରଖୁଥିବ, ତେବେ ତୁମ ପ୍ରଶ୍ନର ଉତ୍ତର ମୁଁ 'ହଁ'ରେ ଦେବି । କୌଣସି ବିଶେଷ କାରଣ ସକାଶେ ତୁମେ ଏହି ଫଟୋଟିକୁ ଏବଂ ଆଉ କୌଣସି ବିଶେଷ କାରଣ ସକାଶେ ସେହି ଫଟୋଟିକୁ ଅଭିନିବେଶ ନିମନ୍ତେ ବାଛୁଥାଅ, ତେବେ ଫଳ ଅବଶ୍ୟ ଭିନ୍ନ ଭିନ୍ନ ହେବ । ଏହାର ନିଶ୍ଚୟ ଏକ ପରିଣାମ ରହିବ । ଏହାର ଅର୍ଥ ହେବ, ସତେଯେପରି ତୁମେ ବ୍ୟକ୍ତିଜଣଙ୍କର ଅନ୍ୟ ବିଭବଗୁଡ଼ିକୁ ଛାଡ଼ି, ଗୋଟିଏ ବିଶେଷ ବିଭବ ଉପରେ ଆପଣାକୁ ଅଭିନିବେଶିତ କରି ରଖିବାକୁ ଠିକ୍ କରିଛ; ଉଦାହରଣସ୍ୱରୂପ, ଯଦି ତୁମେ ମହାକାଳୀ, ମହାଲକ୍ଷ୍ମୀ ଅଥବା ମହେଶ୍ୱରୀଙ୍କ ଉପରେ ସକେନ୍ଦ୍ରିତ ହୋଇ ରହିବାକୁ ଠିକ୍ କରିଥିବ, ତେବେ ତହିଁରୁ ନିଶ୍ଚୟ ଭିନ୍ନ ଭିନ୍ନ ଫଳ ଫଳିବ । ଏହି ବିଭବଗୁଡ଼ିକୁ ଅନୁଧ୍ୟାନ କରୁଥିବା ତୁମର ଏକ ନିର୍ଦ୍ଦିଷ୍ଟ ସ୍ତର ତଦ୍ୱାରା ଜାଗୃତି ଲାଭ କରିବ ଏବଂ ଗ୍ରହଣଶୀଳ ହୋଇ ଉଠିବ । ନିଶ୍ଚୟ, ଠିକ୍ ସେହିପରି ଫଳ ଫଳିବ । ମାତ୍ର, ଯାହା ପାଖରେ କେବଳ ଗୋଟିଏ ମାତ୍ର ଫଟୋ ରହିଥିବ,—ସେଇଟି ଯେଉଁଗୋଟିକ ହୋଇଥାଉ ପଛକେ, ଏବଂ ଏଇଟି ବା ସେଇଟି ହୋଇ କୌଣସିଟିକୁ ନ ବାଛି ଯଦି ସିଏ ତାହାର ଉପରେ ନିଜକୁ ସକେନ୍ଦ୍ରିତ କରି ରଖିବ,—ତା'ପାଖରେ ସେହି ଗୋଟିଏ ମାତ୍ର ଫଟୋ

'oaob.nitrkl.ac.in' images reprocessed

ରହୁଥିବାରୁ, ସେଇଟି ପ୍ରକୃତରେ କେଉଁଟି, ତାହାର ଆଦୌ କୌଣସି ମହତ୍ତ୍ୱ ରହୁନାହିଁ। କାରଣ, ସଙ୍କୋଚି ଉପରେ ନିଜକୁ ଅଭିନିବେଶିତ କରି ରଖିବା ହେତୁ ସିଏ ଯଥାର୍ଥ ଶକ୍ତିଟିର ସଂସ୍ପର୍ଶ ଲାଭ କରିପାରିବ ଏବଂ, ସ୍ୱତଃପ୍ରବୃତ୍ତ ଭାବରେ ଅନୁସ୍ପନ୍ଦନ ଜଣାଉଥିବା ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତାହାହିଁ ଅସଲ କଥା।

ମାତ୍ର, ନିଜକୁ ସଂକେନ୍ଦ୍ରିତ କରି ରଖିଥିବା ବ୍ୟକ୍ତିର ଯେତେବେଳେ ଏକ ବିଶେଷ ଇଚ୍ଛା ରହିଥିବ, ସିଏ ଏକ ବିଶେଷ ସମ୍ବନ୍ଧ ଦ୍ୱାରା ଅଭିନିବେଶଟି ମଧ୍ୟରେ ସେହି ଇଚ୍ଛାକୁ ପ୍ରୟୋଗ କରୁଥିବ, କେବଳ ସେତିକିବେଳେ ତାହାର ଏକ ବିଶେଷ ଫଳ ଘଟିବ। ତା' ନ ହେଲେ ସମ୍ବନ୍ଧଟି ଅପେକ୍ଷାକୃତ ଅଧିକ ସାଧାରଣ ହୋଇ ରହିଥିବ, ଏବଂ ତାହା ସର୍ବଦା ଅଭିନିବେଶିତ ହୋଇ ରହିଥିବା ବ୍ୟକ୍ତିର ଆବଶ୍ୟକତା ବା ଅଭିପ୍ସାକୁହିଁ ବ୍ୟକ୍ତ କରୁଥିବ। ଯଦି ସେ ସଂପୂର୍ଣ୍ଣ ଭାବରେ ନିରପେକ୍ଷ ରହୁଥିବ, ଯଦି ସେ କୌଣସି ନିର୍ଦ୍ଦିଷ୍ଟ କଥାକୁ ବାଛୁ ନ ଥିବ, କୌଣସି ବିଶେଷ ବସ୍ତୁ ଲାଗି ଆକାଙ୍କ୍ଷା ରଖି ନ ଥିବ, କେବଳ ଏକ ଅଲିଖିତ ପୃଷ୍ଠା ପରି ସଂପୂର୍ଣ୍ଣ ନିରପେକ୍ଷ ରହୁଥିବ, ତେବେ, ସିଏ ଆବଶ୍ୟକ କରୁଥିବା ଶକ୍ତି ତଥା ପ୍ରଭାବ-ଗୁଡ଼ିକ ତା'ର ସେହି ଅଭିନିବେଶ ପ୍ରତି ଅନୁସ୍ପନ୍ଦନ ଜଣାଇବେ ଏବଂ, ସିଏ ଯେ କେଉଁ ବିଶେଷ ବସ୍ତୁଗୁଡ଼ିକୁ ଆକର୍ଷଣ କରୁଛି, ସେହି ବ୍ୟକ୍ତି ମଧ୍ୟ ସେକଥା ଜାଣିବ ନାହିଁ। କାରଣ, ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ଆପଣା ବିଷୟରେ ସଚେତନ ହୋଇ ରହିଥାନ୍ତି। ସେମାନେ ଏକ ଅସ୍ପଷ୍ଟ ଅନୁଭୂତି ମଧ୍ୟରେ ବାସ କରୁଥାନ୍ତି। ସେମାନଙ୍କ ଭିତରେ ଏକ ଅସ୍ପଷ୍ଟ ଅଭୀପ୍ସା ରହିଥାଏ ଓ ତାହାକୁ ସ୍ପଷ୍ଟ ଧରି ହେଉ ନ ଥାଏ। ତାହା ଆଦୌ କୌଣସି ପ୍ରକାରରେ ସଂଗଠିତ ହୋଇ ନ ଥାଏ, ସେଥିରେ କୌଣସି ସଚେତନତା ଅଥବା ଇଚ୍ଛାଗତ ପ୍ରେରଣା ନ ଥାଏ; ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି କେଉଁସବୁ ଅସୁବିଧାକୁ ଅତିକ୍ରମ କରିବାକୁ ଅଥବା କେଉଁ ସାମର୍ଥ୍ୟଗୁଡ଼ିକୁ ଅର୍ଜନ କରିବାକୁ ଇଚ୍ଛା କରୁଛି, ସେହି ବିଷୟରେ କୌଣସି ସ୍ପଷ୍ଟ ଦୃଷ୍ଟି ନ ଥାଏ। ବେଶ୍ କିଛିଦୂର ଅଗ୍ରସର ହୋଇ ସାରିଥିବା ଏକ ସାଧନା ଫଳରେହିଁ ଏପରି ହୋଇଥାଏ। ଜଣେ ବ୍ୟକ୍ତି ପ୍ରକୃତରେ କ'ଣ ଆବଶ୍ୟକ କରୁଛି, ତାହାକୁ ନିର୍ଦ୍ଦିଷ୍ଟ ଭାବରେ ଜାଣିବା ନିମନ୍ତେ ଅନେକ ମନନ, ଅନେକ ଅବଲୋକନ ଏବଂ ଅନେକ ଅଧ୍ୟୟନର ପ୍ରୟୋଜନ ହୋଇଥାଏ। ତା' ନ ହେଲେ ଏହା ଭାରି ଅସ୍ପଷ୍ଟ ହୋଇ ରହିଥାଏ; ଏହିପରି ମନେ ହେଉଥାଏ, ସତେଯେପରି ସିଏ ଗୋଟିଏ କ'ଣ ବସ୍ତୁକୁ ଧରିବାକୁ ଚେଷ୍ଟା କରୁଛି ମାତ୍ର ସେହି ବସ୍ତୁଟି ତା'ଠାରୁ ଖସି ଚାଲି ଯାଉଛି। ...ଏପରି ହୁଏ ନାହିଁ କି ?

ସରଳ ?

'oaob.nitrkl.ac.in' images reprocessed

ପଠିତ ଅଂଶର ବାହାର ପ୍ରଶ୍ନଟିଏ ଅଛି । (ଆଜି ଜଣେ ପିଲା) ମାଆ, ଏଠାରେ କୁହାଯାଇଛି "ଏକେନ୍ଦ୍ରଣର ଅଭ୍ୟାସ ନ କରି ଜଣେ ଇଚ୍ଛା କଲେ ଏକ ଶ୍ଲଥନ ଘଟାଇବ ଓ ଧ୍ୟାନ କରିବ ।"

**ମୁଁ ସେକଥା କହୁ ନାହିଁ ! ସମସ୍ତେ ହସିଲେ) ତେବେ କ'ଣ ପଚାରୁଛ ? ଧ୍ୟାନ ଓ ଏକେନ୍ଦ୍ରଣ ମଧ୍ୟରେ ରହିଥିବା ପାର୍ଥକ୍ୟ ?**

ହଁ ମାଆ, କାରଣ, ଧ୍ୟାନସ୍ଥ ହୋଇ ରହିଥିବା ସମୟରେ ତଦ୍ଦ୍ୱାରା କ'ଣ ଚେତନାର ଏକ ଏକେନ୍ଦ୍ରଣ ଘଟେ ନାହିଁ ?

**ଧ୍ୟାନସ୍ଥ ହୋଇ ରହିଥିବା ସମୟରେ !**

**ଧ୍ୟାନ ତ ଯାବତୀୟ ପ୍ରକାରର ରହିଛି । ଉଦାହରଣସ୍ୱରୂପ ଲୋକେ ସାଧାରଣତଃ ଯାହାକୁ ଧ୍ୟାନ ବୋଲି କହନ୍ତି, ସେମାନେ ତଦ୍ଦ୍ୱାରା ଏପରି ଏକ ବିଷୟ ଅଥବା ବିଚାରକୁ ଠିକ୍ କରନ୍ତି, ସେମାନେ ତାହାର ବିକାଶଧାରାଟିକୁ ବିଶଦ ଭାବରେ ବୁଝନ୍ତି ବା ତାହାର ଅର୍ଥ ବୁଝିବାକୁ ଚେଷ୍ଟା କରନ୍ତି । ଏପରି ଏକ ଏକେନ୍ଦ୍ରଣ ରହିଛି, ମାତ୍ର ଯଥାର୍ଥ ଏକେନ୍ଦ୍ରଣର କ୍ଷେତ୍ରରେ ଯାହା ହୁଏ, ସେହି ଦୃଷ୍ଟିରୁ ଏହାକୁ ପୂର୍ଣ୍ଣ ଏକେନ୍ଦ୍ରଣ ବୋଲି ଆଦୌ କୁହାଯିବ ନାହିଁ,—ସେଥିରେ କି, ଯାହା ଉପରେ ଏକେନ୍ଦ୍ରଣ କରାଯାଉଛି, କେବଳ ସେହି ବସ୍ତୁଟି ରହିଥାଏ, ସେଇଟି ବ୍ୟତୀତ ଅନ୍ୟ କିଛିହେଲେ ନ ଥାଏ । ଧ୍ୟାନ କହିଲେ ଅପେକ୍ଷାକୃତ ଅଧିକ ଶ୍ଲଥନଯୁକ୍ତ ଏକ କ୍ରିୟାକୁ ବୁଝାଏ,—ଏହା ଏକେନ୍ଦ୍ରଣଠାରୁ ଅପେକ୍ଷାକୃତ ଅଧିକ ହାଲୁକା ।**

**ଯେତେବେଳେ କୌଣସି ବ୍ୟକ୍ତି ଉପଗତ କୌଣସି ଏକ ସମସ୍ୟାକୁ—ଏକ ମନୋବୈଜ୍ଞାନିକ ଅଥବା ଏକ ପରିସ୍ଥିତିଗତ ସମସ୍ୟାକୁ—ବୁଝିବା ଲାଗି ଚେଷ୍ଟା କରୁଥାଏ, ସିଏ ବସି ସମସ୍ୟାଟିର ବିଭିନ୍ନ ସମ୍ଭାବନାକୁ ଅନାଇ ଦେଖେ, ସେଗୁଡ଼ିକୁ ପରସ୍ପର ସହିତ ତୁଳନା କରେ, ଅଧ୍ୟୟନ କରେ; ଏହାକୁ ମଧ୍ୟ ଏକପ୍ରକାରର ଧ୍ୟାନ ବୋଲି କୁହାଯିବ; ଏବଂ ବସ୍ତୁଟି ଆସି ଉପଗତ ହେବା ସଙ୍ଗେସଙ୍ଗେ ଜଣେ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା କରୁଥାଏ । ଉଦାହରଣସ୍ୱରୂପ, ଯେତେବେଳେ କୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ ରହିଥାଏ ଏବଂ, ଠିକ୍ କେଉଁ ନିଷ୍ପତ୍ତିଟିକୁ ନେବାକୁ ହେବ, ସେହି କଥାଟି ଜାଣି ହେଉ ନ ଥାଏ, ସେତେବେଳେ ଆମେ ସାଧାରଣତଃ ସେଇଟି ବିଷୟରେ ମନନ କରୁ, ନିଜ ବୁଦ୍ଧିର ପରାମର୍ଶ ନେଉ, ବିଭିନ୍ନ ସମ୍ଭାବନାଗୁଡ଼ିକୁ ତୁଳନା କରି ଦେଖୁ ଏବଂ ତା'ପରେ ତାହାର ମଧ୍ୟରୁ**

'oaob.nitrkl.ac.in' images reprocessed

ଗୋଟିକୁ ବ ଛୁନେଇ···ଅଲ୍ପବହୁତ ପରିମାଣରେ ଉଚିତ ବୋଲି ବାଛୁନେଇ । ଏହା ମଧ୍ୟ ଗୋଟିଏ ପ୍ରକାରର ଧ୍ୟାନ ।

ପୁନଶ୍ଚ, ଧ୍ୟାନର ଆଉଗୋଟିଏ ପ୍ରକାର ରହିଛି, ଯେତେବେଳେ କି ଆମେ କୌଣସି ବସ୍ତୁର ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖୁ;—ଏତେ ଅଧିକ ପରିମାଣରେ ସେଇଟି ଉପରେ ନିଜର ଦୃଷ୍ଟିକୁ ନିବଦ୍ଧ କରି ରଖିଥାଉ ଯେ, କେବଳ ତାହାରିହିଁ ଯାହାକିଛି ଅସ୍ତିତ୍ୱ ରହିଥାଏ; ତେବେ ଏହାକୁ ସଂକେନ୍ଦ୍ରଣରେ ଏକ ଭୁଲ ଘଟଣା ବୋଲି ବୁଝାଯିବ; ମାତ୍ର ଏହା ଏକ ସମଗ୍ର ସଂକେନ୍ଦ୍ରଣ ହେବା ପରିବର୍ତ୍ତେ କେବଳ ଏକ ମନଃସ୍ତସ୍ୱ ବସ୍ତୁ ହୋଇ ରହିଥାଏ ।

ସମଗ୍ର ସଂକେନ୍ଦ୍ରଣ କହିଲେ ପ୍ରାଣିକ ତଥା ଭୌତିକ ସ୍ତରର ସକଳ ଗତିସ୍ପନ୍ଦନର ସଂକେନ୍ଦ୍ରଣକୁ ମଧ୍ୟ ବୁଝାଏ । ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ଦୃଷ୍ଟି ନିବଦ୍ଧ କରିବାର ପଦ୍ଧତିଟି ସର୍ବଜନବିଦିତ । ତେଣୁ ଏହା ଭୌତିକ ସ୍ତରରେ ମଧ୍ୟ ସଞ୍ଚାରିତ ହୋଇ ରହିଥାଏ, ତୁମର ଆଖି ଦୁଓଟି ଏହି ବିନ୍ଦୁଟି ଉପରେ ନିବଦ୍ଧ ହୋଇ ରହିଥାନ୍ତି; ସେତେବେଳେ ତୁମେ ଆଦୌ ଏପାଖ ସେପାଖ ହୁଅ ନାହିଁ··· ତୁମ ପାଇଁ ଆଉ କିଛିହେଲେ ରହେ ନାହିଁ, ସେହି ବିନ୍ଦୁଟିରୁ ଆପଣାର ଦୃଷ୍ଟିକୁ ଆଦୌ ଅପସାରିତ କରି ନିଅ ନାହିଁ ଏବଂ, ସାଧାରଣତଃ ତାହାର ପରିଣାମ ଏହାହିଁ ହୁଏ ଯେ, ତୁମେ ଶେଷରେ ସେହି ବିନ୍ଦୁରେ ପରିଣତ ହୋଇଯାଅ । ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏକି ମୋତେ କହୁଥିଲେ ଯେ, ଏହି କ୍ଷେତ୍ରରେ ବିନ୍ଦୁଟିକୁ ଅତିକ୍ରମ କରି ଚାଲିଯିବାକୁ ହୁଏ; ଏତେ ଅଧିକ ପରିମାଣରେ ସେହି ବିନ୍ଦୁରେ ପରିଣତ ହୋଇଯିବାକୁ ହୁଏ ଯେ, ତୁମେ ତାହାର ସେପାଖକୁ ଅତିକ୍ରମ କରି ଚାଲିଯାଅ, ଏବଂ ତା'ପରେ ଅଧିକ ଉଚ୍ଚ କ୍ଷେତ୍ରଗୁଡ଼ିକ ମଧ୍ୟକୁ ଉନ୍ମୋଚିତ ହୋଇଯାଅ । ମାତ୍ର, ଏକଥା ମଧ୍ୟ ସତ ଯେ, ତୁମର ଯଦି ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ସଂପୂର୍ଣ୍ଣ ଭାବରେ ସଂକେନ୍ଦ୍ରିତ ହୋଇ ରହିବା ସମ୍ଭବ ହୋଇଯାଏ, ତେବେ ତଦ୍ୱାରା ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଏକ ସଂପୂର୍ଣ୍ଣ ତଦାତ୍ମକତା ସମ୍ଭବ ହୋଇଯାଏ ଏବଂ ସଂକେନ୍ଦ୍ରଣ କରୁଥିବା ବ୍ୟକ୍ତି ଓ ସଂକେନ୍ଦ୍ରିତ ବସ୍ତୁଟି ମଧ୍ୟରେ ଆଦୌ କୌଣସି ଦୂରତା ରହେ ନାହିଁ । ଏକ ସଂପୂର୍ଣ୍ଣ ତଦାତ୍ମକତା ସମ୍ଭବ ହୋଇଯାଏ । ସେତେବେଳେ ସେହି ବିନ୍ଦୁ ଏବଂ ନିଜ ମଧ୍ୟରେ ଆଦୌ କୌଣସି ଭେଦ ନିରୂପଣ କରି ହୁଏ ନାହିଁ । ଏହା ହେଉଛି ପୂର୍ଣ୍ଣ ସଂକେନ୍ଦ୍ରଣ; ମାତ୍ର ଧ୍ୟାନ ହେଉଛି ଅନ୍ୟ ପକ୍ଷରେ ଭାବନାର କୌଣସି ଏକ ନିର୍ଦ୍ଦିଷ୍ଟ ସଂକେନ୍ଦ୍ରଣ, ଏକ ଆଂଶିକ ସଂକେନ୍ଦ୍ରଣ ।

'oaob.nitrkl.ac.in' images reprocessed

ମାଆ, ତେବେ ସେହି ଉନ୍ମୋଚନ,—ଯେଉଁଥିରେ କି ଆଦୌ କୌଣସି ଭାବନା ରହିବ ନାହିଁ !

ଆଦୌ କୌଣସି ଭାବନା ନ ରହିବା ଆଦୌ ସହଜ କଥା ନୁହେଁ; ମାତ୍ର ଯଦି ତୁମେ ପ୍ରକୃତରେ ଏକ ପରିପୂର୍ଣ୍ଣ ସଂକେନ୍ଦ୍ରଣ ଇଚ୍ଛା କରୁଥିବ, ତେବେ ସେଥିଲାଗି ଏହା ଅତ୍ୟାବଶ୍ୟକ ଯେ ତୁମର ଆଦୌ କୌଣସି ଭାବନା ରହିବ ନାହିଁ ।

ମାଆ, ସଂକେନ୍ଦ୍ରଣ ଏବଂ ଚିନ୍ତନ ମଧ୍ୟରେ କୌଣସି ସମ୍ବନ୍ଧ ରହିଛି କି ?

ଯେକୌଣସି ଦୁଇ ବସ୍ତୁ ମଧ୍ୟରେ ସର୍ବଦା କୌଣସି ନା କୌଣସି ସମ୍ବନ୍ଧ ଅବଶ୍ୟ ରହିପାରିବ; ମାତ୍ର ସାଧାରଣତଃ ଚିନ୍ତନ ଦ୍ୱାରା ଊର୍ଦ୍ଧ୍ୱଦିଗରେ ଏକ ପ୍ରକାର ଉନ୍ମୋଚନକୁହିଁ ବୁଝା ଯାଇଥାଏ । ଏହାକୁ ବରଂ ଊର୍ଦ୍ଧ୍ୱଦିଗରେ ଏକ ଚେଷ୍ଟା ରହିତ ଉନ୍ମୋଚନ ବୋଲି କୁହାଯାଇ ପାରିବ । ଏହା ହେଉଛି ବେଶ୍ ଏକ ପ୍ରକାରର ଚେଷ୍ଟାରହିତ ଅଭୀପ୍ସା । ଅଧିକତର ସ୍ଥଳରେ ଏକ ଅଭୀପ୍ସାର ସହିତ କୌଣସି ଏକ ବସ୍ତୁ ଉନ୍ମୋଚିତ ହୋଇ ଯାଉଥିବା ପରି ଏହି ଗତିସ୍ପନ୍ଦନଟିକୁ ଜଣା ଯାଇଥାଏ । ମାତ୍ର, ଚିନ୍ତନ ଯଥେଷ୍ଟ ପରିମାଣରେ ସମଗ୍ର ହେଲେ ତାହା ଏକ ସଂକେନ୍ଦ୍ରଣରେ ପରିଣତ ହୁଏ । ତଥାପି ତାହାକୁ ସକଳ କ୍ଷେତ୍ରରେ ଏକ ସଂକେନ୍ଦ୍ରଣ ବୋଲି ଆଦୌ କୁହାଯିବ ନାହିଁ ।

ସଂକେନ୍ଦ୍ରଣ ସମ୍ପର୍କରେ, ଯେଉଁ ସ୍ଥାନଟି ସଂକେନ୍ଦ୍ରିତ ହୋଇ ରହିଥାଏ···ସଂକେନ୍ଦ୍ରଣ ସର୍ବଦା ସୀମାବଦ୍ଧ ରହିଥାଏ କି···

ସଂକେନ୍ଦ୍ରଣ ସବୁ କ୍ଷେତ୍ରରେହିଁ ଏକ ସୀମାବଦ୍ଧ ଭାବ ଆଣିବାକୁ ବୁଝାଏ । ଏକାବେଳେକେ ଏକାଧିକ କେନ୍ଦ୍ରରେ ସଂକେନ୍ଦ୍ରିତ ହୋଇ ରହିବା ଆଦୌ ସମ୍ଭବ ନୁହେଁ,—ତେବେ ତାହାକୁ ଆଉ ସଂକେନ୍ଦ୍ରଣ ବୋଲି କୁହାଯାଇ ପାରିବ ନାହିଁ ।

ମୁଁ ଏକ ଚିନ୍ତନ ସମ୍ପର୍କର କଥା କହୁଥିଲି ।

ନାହିଁ, — ତୁମେ କହିଲ ଯେ ଏହା ହେଉଛି ଏକ ସୀମାବଦ୍ଧ ସଂକେନ୍ଦ୍ରଣ; ସଂକେନ୍ଦ୍ରଣକୁ ସୀମାବଦ୍ଧ ହୋଇ ରହିବାକୁହିଁ ପଡ଼େ ।

ମାଆ, ଆପଣ "ବୁଲେଟିନ୍"ରେ ଲେଖିଛନ୍ତି : "ଚିନ୍ତାପୂତା ଇନ୍ଦ୍ରିୟ-ପ୍ରବିଷ୍ଟ ହେଲେ ସେଇଥିରୁହିଁ କାବ୍ୟର ଉତ୍ପତ୍ତି ହୁଏ ।" ଏହାର ଅର୍ଥ କ'ଣ ?

'oaob.nitrkl.ac.in' images reprocessed

ଏହାର ଅର୍ଥ ? ··· ତାହାର କାରଣ ହେଉଛି ଯେ କାବ୍ୟସୃଷ୍ଟି ଧାରଣାଗୁଡ଼ିକର ଆକାର ଏବଂ ପ୍ରତିରୂପଗୁଡ଼ିକ ସହିତ ସମ୍ବନ୍ଧିତ ହୋଇ ରହିଥାଏ । ଆକାର, ପ୍ରତିରୂପ, ଇନ୍ଦ୍ରିୟବୋଧ, ଧାରଣା, ଧାରଣାଗୁଡ଼ିକରୁ ସଞ୍ଜାତ ହେଉଥିବା ସଂବେଗ, — ଏଗୁଡ଼ିକ ବସ୍ତୁଗୁଡ଼ିକର ଇନ୍ଦ୍ରିୟଗତ ଦିଗଟି ବୋଲି କହିବାକୁ ହେବ । ଆକାର ଏବଂ ଇନ୍ଦ୍ରିୟବୋଧ, ପ୍ରତିରୂପ, ଧାରଣା — ସେହି ସବୁକିଛିକୁ ବସ୍ତୁଗୁଡ଼ିକର ଇନ୍ଦ୍ରିୟଗତ ଦିଗ ବୋଲି ବୁଝାଯିବ । ଏବଂ, ଭାବନାର ଠିକ୍ ଏହି ଦିଗଟି ହେଉଛି କବିତା; ଏହିସବୁ ଭାବନା, ଆକାର, ପ୍ରତିଭାସ, ସଂବେଗ ଓ ଇନ୍ଦ୍ରିୟବୋଧର ପ୍ରତିରୂପ ତଥା ଏହି ବସ୍ତୁଗୁଡ଼ିକର କ୍ରୀଡ଼ା ଦ୍ୱାରା, ପ୍ରତିଭାସ ଏବଂ ଧାରଣାଗୁଡ଼ିକର କ୍ରୀଡ଼ା ଦ୍ୱାରା ଭାବନାଜଗତର ଅନ୍ତର୍ବର୍ତ୍ତୀ ହେବାକୁ ଆମେ କବିତା ବୋଲି କହିବା । ଏହା ଦର୍ଶନ ଅଥବା ତତ୍ତ୍ୱମୀମାଂସା ପରି ଆଦୌ ନୁହେଁ, — ଏମାନେ ତ ବସ୍ତୁର ମୂଳସୃଷ୍ଟିକୁ ଅର୍ଥାତ୍ ତାହାର ମୂଳ ସିଦ୍ଧାନ୍ତଟିକୁହିଁ ଅନ୍ୱେଷଣ କରୁଥାନ୍ତି । ଆବାହନ କରି ନ ଆଣୁଥିବା ପର୍ଯ୍ୟନ୍ତ କାବ୍ୟକୁ କଦାପି କାବ୍ୟିକ ବୋଲି ବୁଝାଯିବ ନାହିଁ । କାବ୍ୟ ହେଉଛି ଆକାର ଏବଂ ଇନ୍ଦ୍ରିୟଗ୍ରାହ୍ୟତାର ପୃଥିବୀ । ତେଣୁ ଆମେ ଏପରି ଏକ ଅଭିବ୍ୟକ୍ତିକୁ ଗ୍ରହଣ କରୁ ଯାହାକି କଥିତ ପରିମାଣରେ···ଶବ୍ଦ ଦେଇ କିପରି କହି ହେବ ? ··· କଥିତ୍ ପରିମାଣରେ ବିନୋଦକ ହୋଇ ରହିଥାଏ, ଏବଂ ତେଣୁ ଆମେ ହୁଏତ କହିପାରିବା ଯେ, "ଛନ୍ଦସ୍ଥିତ ଇନ୍ଦ୍ରିୟପ୍ରବିଷ୍ଟ ହେଲେ ସେଇଥିରୁ କବିତା ନିଷ୍ପନ୍ନ ହୋଇଥାଏ ।"— ଜଡ଼ସ୍ଥ ପୃଥିବୀ ଆମ ପାଖରେ ଯାହାକିଛି ଇନ୍ଦ୍ରିୟବୋଧକୁ ସାକାର ରୂପରେ ଆଣି ହାବୁଡ଼ାଇ ଦେଇଥାଏ, ଏବଂ ଜଡ଼ସ୍ଥ ଜୀବନର ଏହି ଯାବତୀୟ ଇନ୍ଦ୍ରିୟବୋଧଗତ ଆକାରଚୟର ସମଗ୍ର ଦିଗଟିକୁ ନେଇ ଯେଉଁମାନେ ଐକାନ୍ତିକ ଭାବରେ ବ୍ୟସ୍ତ ହୋଇ ରହିଥା'ନ୍ତି, ସେହି ବ୍ୟକ୍ତିମାନେ ଆପଣାର ଇନ୍ଦ୍ରିୟଗୁଡ଼ିକର ସ୍ତରରେହିଁ ବାସ କରୁଥାନ୍ତି । ଏବଂ, ଯେତେବେଳେ ସେମାନେ ଏହିସବୁ ବସ୍ତୁର ଉପଭୋଗ କରନ୍ତି, ସେତେବେଳେ ଆମେ ସେମାନଙ୍କୁ ଇନ୍ଦ୍ରିୟପ୍ରବିଷ୍ଟ ବୋଲି କହିଥାଉ ।

ଏହା ବହିଃସ୍ଥ ଭୌତିକ ଜୀବନ ଲାଗି ନିୟୋଜିତ ନ ହୋଇ ଏହି ଚିନ୍ମୟ ଜୀବନ ଲାଗି ଆପଣାକୁ ନିୟୋଜିତ କରି ରଖୁଛି, ବସ୍ତୁର ତଥା ବସ୍ତୁଗତୀତ ଯାବତୀୟ ବିଷୟ ଲାଗି ନିୟୋଜିତ କରି ରଖୁଛି । ଏବଂ, ସ୍ୱକୀୟ ଆକାରଗତ ସୌନ୍ଦର୍ଯ୍ୟର ମାଧ୍ୟମଟିରେ ଦୃଷ୍ଟ ହେଉଥିବା ସେହି ସମଗ୍ର ପୃଥିବୀ, — ତାହାହିଁ କବିତା । ଏହା ବସ୍ତୁରଗୁଡ଼ିକର ସୌନ୍ଦର୍ଯ୍ୟ ଓ ଭାବନାଗୁଡ଼ିକର ସୌଷମ୍ୟକୁ ବ୍ୟକ୍ତ କରି ଆଣେ ଏବଂ ଏଗୁଡ଼ିକୁ ଏକ ମୂର୍ତ୍ତି ରୂପ ଆଣି ଦେଇଯାଏ, ଏକ ପ୍ରତିରୂପ ଦିଏ, ପ୍ରତିରୂପଗୁଡ଼ିକର କ୍ରୀଡ଼ା ଆଣିଦିଏ, ଧ୍ୱନି ଓ ଶବ୍ଦଗୁଡ଼ିକର କ୍ରୀଡ଼ାକୁ ଆଣି ଉପସ୍ଥାପିତ କରାଏ ।

'oaob.nitrkl.ac.in' images reprocessed

ତେଣୁ ଜଡ଼ଗତ ଇନ୍ଦ୍ରିୟପ୍ରବଣତା ପରିବର୍ତ୍ତେ ଏହା ହେଉଛି ଚିନ୍ମୟତାର ଇନ୍ଦ୍ରିୟପ୍ରବଣତା । ଏଠାରେ ଏହାକୁ ଆଦୌ କୌଣସି ନିନ୍ଦାତ୍ମକ ଅଥବା ନୈତିକ ଅର୍ଥରେ ଏପରି ବୁଝାଯାଇ ନାହିଁ; —କେବଳ ଏକ ବର୍ଣ୍ଣନାତ୍ମକ ଅର୍ଥରେହିଁ ବୁଝାଯାଇଛି ।

ମାତ୍ର, ଆକାର ଏବଂ ବହିରଗତ ସୌନ୍ଦର୍ଯ୍ୟ ଉପରେ ନିଜକୁ ସଂକେନ୍ଦ୍ରିତ କରି ରଖିବା ଦ୍ୱାରା ସତ୍ୟକୁ ହରାଇ ବସିବାର ଏକ ଆଶଙ୍କା ନ ଥାଏ କି ?

ମାତ୍ର ମୁଁ ତ ଠିକ୍ ସେହିକଥା କହୁଥିଲି । ଏଠାରେ ନିନ୍ଦାତ୍ମକ ଅର୍ଥରେ ଆଦୌ କିଛି ବୁଝାଯାଉ ନାହିଁ । ମୁଁ ଆଦୌ କହୁ ନାହିଁ ଯେ, ଏହା ତୁମକୁ ବସ୍ତୁଗୁଡ଼ିକର ସତ୍ୟକୁ ଦେଖିବାରୁ ବଞ୍ଚିତ କରିରଖେ । ଏହା ହେଉଛି ଏକ ମାର୍ଗ, ବିଷୟଟିର ନିକଟବର୍ତ୍ତୀ ହେବାର ଏକ ସ୍ତର । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଏକ ସୁନ୍ଦର କବିତା ଓ ତତ୍ତ୍ୱମୀମାଂସା ବିଷୟରେ ଲିଖିତ ଗୋଟିଏ ପୁସ୍ତକ ମଧ୍ୟରୁ ଗୋଟିକୁ ବାଛି ନେବାକୁ ପଡ଼େ, ତେବେ ମୁଁ କବିତାଟିକୁ ପାଠ କରିବାକୁହିଁ ଅଧିକ ପସନ୍ଦ କରିବି; ଏହା ନିଶ୍ଚୟ ଅପେକ୍ଷାକୃତ କମ୍ କ୍ଳାନ୍ତିଦାୟକ ହେବ । ଏଠାରେ ନିନ୍ଦାତ୍ମକ ଭାବରେ କିଛି ବୁଝାଯାଇ ନାହିଁ, କେବଳ ବର୍ଣ୍ଣନାତ୍ମକ ଭାବରେ ବୁଝାଯାଇଛି । "ଏହା ହେଉଛି ସେହିପରି," — କେବଳ ଏତିକ ବୁଝାଯାଇଛି । ଏହା ହେଉଛି କେବଳ ଏକ ଉକ୍ତି,—ଅଧିକ କିଛିହେଲେ ନୁହେଁ ।

ବଡ଼ ଆଶ୍ଚର୍ଯ୍ୟର କଥା ଯେ, ଲୋକମାନେ ଏହି ବିଷୟରେ ଆଦୌ କୌଣସି ଚିନ୍ତା ମଧ୍ୟ କରି ନାହାନ୍ତି । ଯଦି ପୂର୍ଣ୍ଣ ଚେତନାର ବିମୁକ୍ତତା ସହିତ ସେମାନେ ଚିନ୍ମୟତା ମଧ୍ୟରେ ବିଚରଣ କରିବାକୁ ଯାଆନ୍ତି, ତେବେ ତଦ୍ଦ୍ୱାରା ସେମାନେ ଆଦୌ ବିସ୍ମିତ ହେବେ ନାହିଁ; କାରଣ, ଏହା ଠିକ୍ ସେହିପରି ବୋଲି, ଇନ୍ଦ୍ରିୟପ୍ରବଣ ଭାବରେ ସତ୍ୟର ସମୀପବର୍ତ୍ତୀ ହେବାର ଏକ ମାର୍ଗ ବୋଲି ସେମାନେ ଖୁବ୍ ଭଲ କରି ଜାଣିଥିବେ । ମାତ୍ର, ଅସଲ କଥା ହେଉଛି, ଏହି ରାଜ୍ୟଟିରେ ସେମାନେ ଆଦୌ କେବେହେଲେ ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇ ରହି ନ ଥାନ୍ତି, ତେଣୁ ସେମାନେ ସାଧାରଣତଃ ଏକ ଶାସ୍ତ୍ରୀୟ ବା ପାରମ୍ପରିକ ଅଥବା ଅଭ୍ୟସ୍ତ ସ୍ତରରେ ଚିନ୍ତା କରୁଥାନ୍ତି କିଂବା, ସେମାନେ ଆଗରୁ ଯାହା ଶିଖିଥାନ୍ତି ବା ପଢ଼ିଥାନ୍ତି, ସେହି ଅନୁସାରେ ଚିନ୍ତା କରୁଥାନ୍ତି । ମାତ୍ର ସେହି ଚିନ୍ତା କରିବାରେ କୌଣସି ସ୍ୱାଧୀନତା ନ ଥାଏ ।

ଏଠାରେ କେବଳ କିଞ୍ଚିତ୍ ପରିମାଣରେ ଏକ ବିରୋଧାଭାସ ଦେଇ କଥାଗୁଡ଼ିକୁ ବୁଝାଯାଇଛି; ତାହା ଯେପରି ଭାବନାକୁ ଯାଇ ଆଘାତ କରିପାରିବ, ସେହି

'oaob.nitrkl.ac.in' images reprocessed

ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି । ମାତ୍ର, ତଦ୍ୱାରା ଯେ କବିତା ବା କାବ୍ୟର ରଚନା କରାଯାଉଛି, ସେକଥା ଆଦୌ ନୁହେଁ । ଆଦୌ ସେକଥା ନୁହେଁ ।

ମା'ଆ, କବି କେତେବେଳେ ପ୍ରେରଣା ଲାଭ କରେ ବୋଲି କୁହାଯାଇପାରିବ ?

ସିଏ ପ୍ରେରଣା ଲାଭ ନ କରିବ କାହିଁକି ?

ମାତ୍ର, କବିତା ଲେଖିଥିବା ସମୟରେ ସିଏ ତ କିଛି ଭାବୁ ନ ଥିବ ?

ଭାବୁ ନ ଥିବ ? ତା'ର ଅର୍ଥ··· ?

ଯାହା ଆସୁଥିବ, ତାହା ତ ଊର୍ଦ୍ଧ୍ୱରୁ ଆସୁଥିବ ।

ନାହିଁ, ସେପରି ଆଦୌ ନୁହେଁ । ତୁମେ କହୁଛ ଜଣେ କବି କେତେବେଳେ ପ୍ରେରଣା ଲାଭ କରୁଥିବ ? ଆମେ ସାଧାରଣତଃ ଏହିପରି କହିଥାଉ ଯେ, କବି ଯେତେବେଳେ ପ୍ରେରଣାଗୁଡ଼ିକୁ ଗ୍ରହଣ କରେ, ସେ ସେତିକିବେଳେ ଅନୁପ୍ରେରିତ ହୋଇଥାଏ । (ସମସ୍ତେ ହସିଲେ)

ତୁମେ କଥାଟିକୁ ବୁଝୁଛ, କିନ୍ତୁ କହି ପାରୁ ନାହଁ ··· ଏହି ବ୍ୟକ୍ତିମାନେ ଭାବନାର ସେପାଖକୁ ଚାଲି ଯାଆନ୍ତି, ଭାବନାକୁ ନୀରବ କରିଦିଅନ୍ତି, ଏହି ବ୍ୟକ୍ତିମାନଙ୍କର ଏକ ସମ୍ପୂର୍ଣ୍ଣ ଭାବରେ ନୀରବ ଓ ନିଶ୍ଚଳ ହୋଇ ଯାଇଥିବା ମନ ରହିଥାଏ, — ସେମାନେ ଆପଣାର ଅନ୍ତର୍ଗତ ରାଜ୍ୟଗୁଡ଼ିକୁ ଉନ୍ମୋଚିତ କରିଦିଅନ୍ତି ଏବଂ ଯାହାକିଛି ଊର୍ଦ୍ଧ୍ୱରୁ ଆସି ସେମାନଙ୍କ ପାଖରେ ପହଞ୍ଚେ, ପ୍ରାୟ ସ୍ୱୟଂଚାଳିତ ଭାବରେ ତାହା ଲେଖନ୍ତି । ତୁମେ ସେହି କଥାଟିକୁ କହିବାକୁ ଚାହୁଁଥିଲ, କିନ୍ତୁ କହିଲ ନାହିଁ । ମାତ୍ର, ତାହା ହେଉଛି ଏକ ଭିନ୍ନ କଥା, ଏବଂ ହୁଏତ ହଜାର ବର୍ଷରେ ଥରେ ଏହି କଥା ଘଟିଥାଏ । ଏହା ଆଦୌ ବାରବାର ଘଟେ ନାହିଁ । ସେପରି କରିପାରିବା ସକାଶେ ସର୍ବପ୍ରଥମେ ଜଣେ ଯୋଗୀ ହୋଇଥିବା ଆବଶ୍ୟକ । ମାତ୍ର ଜଣେ ଅନୁପ୍ରେରିତ କବି ଓ କାବ୍ୟକାର ··· ତାହା ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ କଥା । କିଛି ପ୍ରତିଭା ରହିଥିବା ସବୁ ମଣିଷ, ଅର୍ଥାତ୍, ଏହି ସାଧାରଣ ମନଃସ୍ତରରୁ କିଞ୍ଚିତ୍ ଉଚ୍ଚତର ଏକ ଜଗତ ଲାଗି ଯେଉଁମାନଙ୍କର ଏକ ଉନ୍ମୋଚନ ଘଟିଛି, ଆମେ ସେହିମାନଙ୍କୁହିଁ ଅନୁପ୍ରେରିତ ବୋଲି କହିଥାଉ । ସିଏ କୌଣସି ନୂତନ ଆବିଷ୍କାର କରେ, ସିଏ ମଧ୍ୟ ଜଣେ ଅନୁପ୍ରେରିତ ବ୍ୟକ୍ତି । ସାଧାରଣ ମନୁଷ୍ୟ ସ୍ତରଠାରୁ କିଞ୍ଚିତ୍ ଉଚ୍ଚତର କୌଣସି ବସ୍ତୁ ସହିତ ସଂସ୍ପର୍ଶ ଘଟିଲେ, ସେତେବେଳେ ଜଣେ ବ୍ୟକ୍ତି ଅନୁପ୍ରେରିତ ହେଲା ବୋଲି କୁହାଯାଏ । ତେଣୁ, ଯେତେବେଳେ

'oaob.nitrkl.ac.in' images reprocessed

କେହି ସମ୍ପୂର୍ଣ୍ଣ ଭାବରେ ଏହି ସାଧାରଣ ଚେତନା ମଧ୍ୟରେହିଁ ସୀମାବଦ୍ଧ ହୋଇ ରହି ନ ଥାଏ, ସେତେବେଳେ ସିଏ ଊର୍ଦ୍ଧ୍ୱରୁ ପ୍ରେରଣାମାନ ଲାଭ କରିଥାଏ । ତା'ର ଯାବତୀୟ ସୃଜନର ଉତ୍ସ ସାଧାରଣ ମନଶ୍ଚେତନାଠାରୁ ଉଚ୍ଚତର ହୋଇ ରହିଥାଏ ।

ସରଳ ? ଆଉ କୌଣସି ପ୍ରଶ୍ନ ନାହିଁ ?

ମାଆ, ବେଳେବେଳେ ଏକ ନୀରବତାର ଅନୁଭବ ହୋଇଥାଏ; ମାତ୍ର ନିଜେ ସେହି ନୀରବତାର ବାହାରେ ରହିଥିବା ପରି ମଧ୍ୟ ଅନୁଭବ ହେଉଥାଏ । ଏପରି କାହିଁକି ହୁଏ ?

ନୀରବତାର ଅନୁଭବ ହୁଏ, ଏବଂ ତା'ପରେ କ'ଣ ହୁଏ ?

ବସ୍ତୁଗୁଡ଼ିକ ମଧ୍ୟରେ ।

ନାହିଁ । ଯଦି ତୁମେ ନିଜର ଚେତନା ମଧ୍ୟରେ ନୀରବତାର ଏକ ସ୍ଥିତିରେ ଯାଇ ପହଞ୍ଚିବ, ତେବେ ସେହି ନୀରବତାକୁ ସର୍ବତ୍ରହିଁ ଅନୁଭବ କରି ପାରିବ; ମାତ୍ର ଅନ୍ୟମାନେ ସବୁବେଳେ ସେପରି ଅନୁଭବ କରି ପାରନ୍ତି ନାହିଁ । ତୁମେ ଅନୁଭବ କର, କାରଣ ତୁମେ ସେତେବେଳେ ସେହି ସ୍ଥିତିରେ ରହିଥାଅ । ଆପଣା ଭିତରେ ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନତା ଲାଭ କରୁଥିବା ବ୍ୟକ୍ତି-ମାନଙ୍କର ମଧ୍ୟ ଠିକ୍ ସେହିପରି ହୁଏ । ସେମାନେ ସର୍ବତ୍ର ସେହି ଦିବ୍ୟ ପରମସତ୍ତାଙ୍କୁ ଦେଖନ୍ତି; ମାତ୍ର ଅନ୍ୟମାନେ ମଧ୍ୟ ଯେ ସେହି ବିଷୟରେ ସଚେତନ ହେବେ, ସେକଥା ଆଦୌ ନୁହେଁ । ତୁମେ ଅନୁଭବ କର, କାରଣ ତୁମେ ସେହି ସ୍ଥିତିରେ ପ୍ରବେଶ କରିଥାଅ; ସେହି ସ୍ଥିତିଟି ବିଷୟରେ ସଚେତନ ହୋଇଥାଅ; ତାହା ଯେଉଁଠାରେ ଅଛି ନା କାହିଁକି, ତାହା ବିଷୟରେ ସଚେତନ ହୋଇ ରହିଥାଅ । ଏବଂ ବସ୍ତୁତଃ ତାହା ସର୍ବତ୍ର ରହିଥାଏ; କେବଳ ବାହ୍ୟ ଓ ଉପରିଭାଗୀୟ ଭାବରେ ନୁହେଁ, ମାତ୍ର ଅନ୍ତର୍ଗତ ଭାବରେ ମଧ୍ୟ ରହିଥାଏ ।

ଏପରି ବୋଧ ହୁଏ ଯେ, ଜଣେ ନୀରବତାର ବାହାରେ ରହିଛି, ମାତ୍ର ନୀରବତା ମୋ ମଧ୍ୟରେ ନାହିଁ ।

ତୁମେ ନିଜେ ନୀରବତାର ବାହାରେ ରହିଛ ବୋଲି ? ତେବେ ସେତେ-ବେଳେ ତୁମେ କୋଳାହଳ ମଧ୍ୟରେ ରହିଥାଅ । ମୁଁ ତୁମ କଥାଟିକୁ ଠିକ୍ ଭାବରେ ବୁଝି ପାରୁ ନାହିଁ ।…

'oaob.nitrkl.ac.in' images reprocessed

ମୋ କହିବାର ଅର୍ଥ ହେଉଛି, ବସ୍ତୁଗୁଡ଼ିକ ଭିତରେ ନୀରବତା ଥାଏ, ମାତ୍ର ମୋ ନିଜ ଭିତରେ ତାହା ନ ଥାଏ ।

**ସମ୍ଭବତଃ ତାହାର କାରଣ ହେଉଛି ଯେ, ସେତେବେଳେ ତୁମେ ନିଜ ଅପେକ୍ଷା ବସ୍ତୁଗୁଡ଼ିକ ମଧ୍ୟରେ ଅଧିକ ପରିମାଣରେ ରହିଥାଅ । ଏହାର ଅର୍ଥ ହେଉଛି, ତୁମ ନିଜ ଭିତରେ ରହିଥିବା ନୀରବତା ଅପେକ୍ଷା ତୁମେ ତୁମ ବାହାରେ ରହିଥିବା ନୀରବତା ସମ୍ବନ୍ଧରେ ସଜ୍ଞାନ ହୋଇ ରହୁଛ ।**

ମାଆ, ବେଳେବେଳେ ଏପରି ହୁଏ ଯେ, ଆମେ ପ୍ରକୃତରେ ଧ୍ୟାନ ବା ସଂକେନ୍ଦ୍ରଣ ଲାଗି ପ୍ରସ୍ତୁତ ହୋଇ ରହି ନ ଥାଉ, ଏବଂ ସେତିକିବେଳେ ଆମକୁ ଜବରଦସ୍ତି ଆଣି ଗୋଟିଏ ସ୍ଥିତି ଭିତରେ ଭର୍ତ୍ତି କରି ଦିଆଯାଏ ଏବଂ ଆମେ ନୀରବ ରହିବାକୁ ବାଧ୍ୟ ହେଉ; ସେତେବେଳେ ସେଠୁ ପଳାଇ ଯିବାକୁ ଇଚ୍ଛା ହେଉଥିଲେ ମଧ୍ୟ ମୋଟେ ପଳାଇପାରୁ ନାହିଁ । ତେଣୁ ସେହିପରି ଭାବରେ ରହିବାକୁ ହୁଏ, ବେଳେବେଳେ ଦୀର୍ଘ ସମୟ ଲାଗି ରହିବାକୁ ପଡ଼େ ଏବଂ ସଂପୂର୍ଣ୍ଣ ଭାବରେ ନାନା ବସ୍ତୁର ନାନା ସ୍ରୋତ ଆମକୁ କୁଆଡ଼େ ମନ କୁଆଡ଼େ ଭସାଇ ନେବାରେ ଲାଗିଥାଏ । ଏହାକୁ ମଧ୍ୟ କ'ଣ ଧ୍ୟାନ ବୋଲି କୁହାଯିବ ?

**ଏହି କଥାର କେବଳ ଏହି ଅର୍ଥ ହେବ ଯେ, ତୁମେ ହଠାତ୍ ଏକ ଉଚ୍ଚତର ଶକ୍ତିର ପ୍ରଭାବ ଦ୍ୱାରା ପ୍ରଭାବିତ ହେବ; ସେହି ଶକ୍ତି ବିଷୟରେ ତୁମେ ଆଦୌ ସଚେତନ ନ ଥିବ । ତୁମେ ପରିଣାମଟି ବିଷୟରେ ସଚେତନ ଥିବ, ମାତ୍ର କାରଣ ବିଷୟରେ ସଚେତନ ନ ଥିବ । ବାସ୍, ଏହାର ଅର୍ଥ କେବଳ ଏତିକି । ଯଦି ତୁମେ ସଚେତନ ଥାଆନ୍ତ, ତେବେ ତୁମେ କ'ଣ ପାଇଁ ନୀରବ ହେଉଛ, କାହିଁକି ଧ୍ୟାନରେ ବସୁଛ, କେଉଁ ପ୍ରକାରର ଶକ୍ତି ତୁମ ଭିତରେ ପ୍ରବେଶ କରିଛି, ତୁମ ଭିତରେ କ୍ରିୟା କରୁଛି ବା ତୁମ ଉପରେ ପ୍ରଭାବ ପକାଇ ତୁମକୁ ନୀରବତା ମଧ୍ୟରେ ଆଣି ରଖୁଛି, ସେକଥା ଅବଶ୍ୟ ଜାଣି ପାରୁଥାନ୍ତ । ମାତ୍ର, ତୁମେ ସଚେତନ ନ ଥିବାରୁ, ତୁମେ କେବଳ ଫଳ ବା ପରିଣାମଟିକୁ ଜାଣି ପାରୁଛ, ଅର୍ଥାତ୍, ତୁମ ଭିତରକୁ ଆସୁଥିବା ନୀରବତାଟିକୁହିଁ ଜାଣୁଛ ।**

ମାଆ, ଜଣେ ଇଚ୍ଛା କଲେ ସଚେତନ ହୋଇପାରିବ, ନୁହେଁ ?

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ସଚେତନ ହୋଇ ପାରିବ । ମାତ୍ର ଏଥିଲାଗି ନିଜ ଭିତରେ କିଛି ଶିକ୍ଷା କରିବାକୁ ହେବ । ଆପଣାକୁ ଉପରିଭାଗରୁ ପ୍ରତ୍ୟାହୃତ କରି ଆଣିବାକୁ ପଡ଼ିବ ।

ପ୍ରତ୍ୟେକ ବ୍ୟକ୍ତି ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଓ ସର୍ବଦା କେବଳ ଉପରି-ଭାଗରେହିଁ ବାସ କରୁଥାଆନ୍ତି; ସର୍ବଦା ସେହି ଉପରିଭାଗରେ ରହିଥାଆନ୍ତି । ଏବଂ ସେମାନଙ୍କ ଲାଗି ଏହାରିହିଁ,—ଏହି ଉପରିଭାଗଟାରିହିଁ—କେବଳ ଯାହାକିଛି ଅସ୍ତିତ୍ୱ ରହିଥାଏ । ଏବଂ, ଯେତେବେଳେ କୌଣସି ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ ସେମାନେ ଉପରିଭାଗରୁ ନିଜକୁ ପ୍ରତ୍ୟାହୃତ କରି ଆଣନ୍ତି, ସେତେବେଳେ କେତେକ ବ୍ୟକ୍ତି ସତେଅବା ଏକ ଗାତ ଭିତରେ ଆସି ପଡ଼ି ଯାଉଥିବା ପରି ଅନୁଭବ କରନ୍ତି । ଏପରି ଲୋକ ବି ରହିଛନ୍ତି, ଯେଉଁମାନେ କି, ଯଦି ସେମାନେ ଉପରିଭାଗରୁ ପ୍ରତ୍ୟାହୃତ ହୋଇ ଭିତରକୁ ଆସନ୍ତି, ତେବେ ତତ୍‌କ୍ଷଣାତ୍ ଅନୁଭବ କରିବାକୁ ଲାଗନ୍ତି, ସତେଯେପରି ସେମାନେ ଏକାବେଳେକେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ କୌଣସି ଏକ ଶୂନ୍ୟ ଗର୍ତ୍ତ ଭିତରେ ଯାଇ ପତିତ ହେବାକୁ ଯାଉଛନ୍ତି । ସେମାନେ ପ୍ରକୃତରେ ଏତେବେଶୀ ଅଚେତନ ହୋଇ ରହିଥାଆନ୍ତି !

ସେମାନେ କେବଳ ଏକ କ୍ଷୁଦ୍ର ଓ ପାତଳା ଉପର ପରସ୍ତ ବିଷୟରେ ସଚେତନ ଥାଆନ୍ତି ଓ ଆପଣା ବିଷୟରେ, ବସ୍ତୁଗୁଡ଼ିକ ବିଷୟରେ ତଥା ଜଗତ ବିଷୟରେ କେବଳ ଏତିକିମାତ୍ର ଜାଣିଥାନ୍ତି । ସେହି ଉପର ପରସ୍ତଟି ପ୍ରକୃତରେ ଭାରି ପାତଳା ହୋଇ ରହିଥାଏ ! ଏପରି ବହୁସଂଖ୍ୟକ ବ୍ୟକ୍ତି ଅଛନ୍ତି । ମୁଁ ଏକଥା କେତେ ନା କେତେ ଥର ଅଙ୍ଗେ ନିଭାଇଛି···ମୁଁ କେତେକ ବ୍ୟକ୍ତିଙ୍କୁ ସେମାନଙ୍କର ଅନ୍ତଃକ୍ଷେତ୍ରକୁ ଆଣିବା ସକାଶେ ଚେଷ୍ଟା କରିଛି ଏବଂ ସେମାନେ ସଙ୍ଗେ ସଙ୍ଗେ ଆରମ୍ଭ କରିଛନ୍ତି, ସତେଯେପରି ସେମାନେ ତାହା ଫଳରେ ଏକ ଶୂନ୍ୟଗର୍ତ୍ତ ମଧ୍ୟରେ ଯାଇ ପତିତ ହେବାକୁ ଯାଉଛନ୍ତି, ବେଳେବେଳେ ଘୋର ତମସାବୃତ ଏକ ଶୂନ୍ୟଗର୍ତ୍ତ ମଧ୍ୟରେ । ଏହାକୁହିଁ ସମ୍ପୂର୍ଣ୍ଣ ଅଚେତନା ବୋଲି କୁହାଯାଇ ପାରିବ । ମାତ୍ର ଏହି ପତିତ ହେବା,—ସେମାନଙ୍କ ସକାଶେ ଯାହାର ଆଦୌ କୌଣସି ଅସ୍ତିତ୍ୱ ନାହିଁ, ସେହିପରି ଏକ ବସ୍ତୁ ମଧ୍ୟରେ ଯାଇ ପତିତ ହେବା,—ଏପରି ଅନେକ ସମୟରେ ଘଟିଛି । ସେମାନଙ୍କୁ କୁହାଯାଇଛି : "ବାସ୍, ନୀରବ ହେବାକୁ ଚେଷ୍ଟା କର, ଅତ୍ୟନ୍ତ ସ୍ଥିର ହୋଇ ଆସିବାକୁ ଚେଷ୍ଟା କର,"—ଏକଥା ଶୁଣି ସେମାନେ ସାଂଘାତିକ ଭାବରେ ଭୟଭୀତ ହୋଇ ପଡ଼ିଛନ୍ତି ।

ବାହ୍ୟ ଚେତନା ମଧ୍ୟରୁ ବାହାରିଯାଇ ଏକ ପ୍ରାଣଗତ ଅଭିବୃଦ୍ଧି ଅନୁଭବ କରି ପାରିବା ନିମନ୍ତେ ବେଶ୍ ଏକ ଦୀର୍ଘକାଳ ବ୍ୟାପୀ ପ୍ରସ୍ତୁତିର ଆବଶ୍ୟକତା

'oaob.nitrkl.ac.in' images reprocessed

ରହିଛି । ଏହି ପ୍ରସ୍ତୁତକୃତି ଏକ ବୃହତ୍ ଅନ୍ତଗତ ବୋଲି କୁହାଯାଇ ପାରିବ । ତା'ପରେ ଏହାର ଚରମବନ୍ଦ୍ୟୁତି ମଧ୍ୟ ରହିଛି; ସେତେବେଳେ କୌଣସି କାରଣବଶତଃ ଯଦି ଜଣେ ତା'ପରେ ବାହ୍ୟ ଚେତନା ମଧ୍ୟକୁ ଫେରି ଆସିବାକୁ ବାଧ୍ୟ ହେବ, ପ୍ରକୃତରେ ସେଠିକବେଳେହିଁ ସେ ସତେଯେପରି ଏକ ଅନ୍ଧକାରମୟ ଗର୍ତ୍ତ ଭିତରେ ଆସି ପଡ଼ିଯିବା ପରି ଅନୁଭବ କରୁଥିବ,—ଅନ୍ତତଃ ଏକ ସରସତା-ହୀନ, ଜୀବନଶୂନ୍ୟ ଧୂସରତା ମଧ୍ୟରେ, ଆଦୌ କୌଣସି ପ୍ରକାରେ ସଂଗଠିତ ହୋଇ ରହି ନ ଥିବା ଏକ ଅସ୍ୱାଭାବିକତାମୟ ବିମିଶ୍ରଣ ଭିତରେ ଆସି ପଡ଼ି ଯାଉଥିବା ପରି ଅନୁଭବ କରୁଥିବ; ସେଠାରେ ଆଲୋକ ଅତ୍ୟନ୍ତ କ୍ଷୀଣ ହୋଇ ରହିଥିବ, ଏବଂ ଏହି ସବୁକିଛି ତାକୁ ଏତେ ଅଧିକ ପରିମାଣରେ ନୀରସ, ଅସ୍ପଷ୍ଟ ଓ ମୃତପ୍ରାୟ ମନେ ହେଉଥିବ ଯେ, ଏହିପରି ଏକ ସ୍ଥିତିରେ କିପରି ଯେ ଅବସ୍ଥାନ କରିହେବ, ସିଏ ସେହିକଥା ଭାବି ଭାରି ଆଶ୍ଚର୍ଯ୍ୟ ହୋଇ ଯାଉଥିବ—ମାତ୍ର, ଏଠାରେ ଅବଶ୍ୟ ଅନ୍ୟ ପ୍ରାନ୍ତବନ୍ଦ୍ୟୁତି ବିଷୟରେ କୁହାଯାଉଛି,—ତାକୁ ସବୁକିଛି ଅବାସ୍ତବ, ଅସତ୍ୟ, ବିଭ୍ରାନ୍ତ ଏବଂ ଜୀବନହୀନ ଅନୁଭୂତ ହେଉଥିବ !

(ମାଆ ନୀରବ ରହିଲେ)

ତେବେ, ଆମେ ମଧ୍ୟ ବର୍ତ୍ତମାନ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିବା କି ? —ଦେଖିବା, ସେଠାରେ ପ୍ରକୃତରେ କୌଣସି କୃଷ୍ଣଗର୍ଭ ରହିଛି କି ନାହିଁ !

କେବଳ···ମୁଁ ଅନ୍ତତଃ ଏତିକି ଇଚ୍ଛା କରିବି ଯେ, କେହି ମୋଟେ ଏପାଖ ସେପାଖ ହେବେ ନାହିଁ, ଉଠି ଠିଆହୋଇ ଯିବେ ନାହିଁ ବା ଚାଲି ଯିବେ ନାହିଁ ।

ଯେଉଁମାନେ ସ୍ଥିର ହୋଇ ରହିବା ବିଷୟରେ ନିଶ୍ଚିତ ନୁହନ୍ତି,—ସେମାନେ ଯଥାଶୀଘ୍ର ଚାଲିଯାଆନ୍ତୁ ବୋଲି ମୁଁ ଅନୁରୋଧ କରୁଛି । କାରଣ, ଧ୍ୟାନ ସମୟରେ ଉଠିବାକୁ ଆରମ୍ଭ କଲେ ସେମାନେ ସବୁକିଛିରେ ବ୍ୟାଘାତ ଜନ୍ମାଇବେ ।

ହେଇ ସେଠି ଜଣେ କିଏ ଏପାଖ ସେପାଖ ହେଲେଣି । ସିଏ ଆଦୌ କିଛି ଶୁଣି ନାହାନ୍ତି ଓ ତେଣୁ ନଡ଼ଚଡ଼ ହେଉଛନ୍ତି ।

କେତେକ ଲୋକ ଫରାସୀ ଭାଷା ବୁଝି ପାରୁ ନାହାନ୍ତି ।

ସେମାନେ ଫରାସୀ ଭାଷା କହନ୍ତି ନାହିଁ ? ଯଦି ଫରାସୀ ଭାଷା ନ କହନ୍ତି, ତେବେ ଏଠାକୁ ମଧ୍ୟ କାହିଁକି ଆସନ୍ତି ? ଏଠାରେ ମୁଁ ଫରାସୀ ବ୍ୟତୀତ ଅନ୍ୟ କୌଣସି ଭାଷାରେ କଥା କହେ ନାହିଁ !

ଧ୍ୟାନ ଆରମ୍ଭ ହେଲା

'oaob.nitrkl.ac.in' images reprocessed

# ୩୧ ଅଗଷ୍ଟ ୧୯୫୪

ମାଆ "ଯୋଗସମନ୍ୱୟ" ପୁସ୍ତକର "କର୍ମ" ଅଧ୍ୟାୟରୁ କିଛି ପାଠ କଲେ ।

ମାଆ, ମୁଁ ଏଠି କିଛି ବୁଝି ପାରୁ ନାହିଁ : "ଅନ୍ତର୍ଗତ ଅନୁଭବ ଏବଂ ବାହାରର କର୍ମ ଉଭୟ କ୍ଷେତ୍ରରେ ସେହି ସମାନ ଚେତନା ଅଧିଷ୍ଠିତ ରହିଥିବା ଉଚିତ, ଦୁଇଟିଯାକକୁହିଁ ଦିବ୍ୟ-ଜନନୀଙ୍କ ଦ୍ୱାରା ପୂର୍ଣ୍ଣ କରି ରଖିଥିବା ଉଚିତ ।"

ମୁଁ ନିଜେ ମଧ୍ୟ ବୁଝି ପାରି ନାହିଁ ।* ମୋ'ର ମନେହେଉଛି, ସେଥିରୁ ଗୋଟିଏ ବାକ୍ୟାଂଶ ବାଦ ପଡ଼ି ଯାଇଛି । ଏହି ବାକ୍ୟର ଗଠନଟିକୁ ମୁଁ ମଧ୍ୟ ବୁଝି ପାରି ନାହିଁ । (ପବିତ୍ରଙ୍କୁ ଉଦ୍ଦେଶ୍ୟ କରି) ମୁଁ ଭାବୁଛି, ଏଠାରେ ଅନ୍ତତଃ କ'ଣ ଗୋଟାଏ କିଛି ବାଦ୍ ପଡ଼ିଯାଇଛି ।

(ପବିତ୍ର) ଏଠାରୁ ଫେରି ମୁଁ ଇଂରାଜୀ ମୂଳ ସହିତ ମିଳାଇ ଦେଖିବି ।

ନାହିଁ, ହୁଏତ ଇଂରାଜୀରେ ମଧ୍ୟ ଏହିପରି ହୋଇଥିବ । ମୁଁ ଇଂରାଜୀ ବାକ୍ୟଟିର ବେଶ କଳ୍ପନା କରିପାରୁଛି, ମାତ୍ର ଫରାସୀ ଅନୁବାଦରେ ଏଥିରୁ କୌଣସି ସ୍ପଷ୍ଟ ବାହାରୁ ନାହିଁ । (ମାଆ ବହିଟିକୁ ହାତରେ ଧରିଲେ) ହଁ, ହଁ, ଏମାନେ କେବଳ ମୂଳ ପାଖରେ ଦେଖ । (ମାଆ ବାକ୍ୟଟିକୁ ପଢ଼ିଲେ) ହଁ, ହଁ, ଏଇଟି ହିଁ ସ୍ପଷ୍ଟ ହୋଇ ଲେଖା ହୋଇ ନାହିଁ । ❋

* ଏଠାରେ ମାଆ ଅବଶ୍ୟ ଶ୍ରୀଅରବିନ୍ଦଙ୍କର ମୂଳ ଲେଖାର ଫରାସୀ ଅନୁବାଦଟି ବିଷୟରେ ଏକଥା କହିଲେ ।

❋ ଏହି ପାଠର ଅବଶିଷ୍ଟ ଅଂଶଟିରେ ଫରାସୀ ଅନୁବାଦ ବିଷୟରେ ଆଲୋଚନା ହୋଇଛି । ତାହାର ଅନୁବାଦ ହୋଇପାରିବ ନାହିଁ ।

'oaob.nitrkl.ac.in' images reprocessed

(ପରନ୍ତୁ) ହଁ, ମିଳିଲା । ଫରାସୀ "remplir" ଶବ୍ଦଟିର ସେହି ଭାଷାରେ ଏକ ଅତ୍ୟନ୍ତ ସୂକ୍ଷ୍ମ ଅର୍ଥ ରହିଛି ।

**ତେବେ, ବର୍ତ୍ତମାନ ତୁମେ ବୁଝି ପାରିଲ ? … ସରଳ ?**

ମାଆ, ଯେତେବେଳେ କେହି କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରୁଛି, ସେତେବେଳେ ଆପଣ ତା'ପାଇଁ କାର୍ଯ୍ୟଟିକୁ ବାଛିଦେବେ ନା ସିଏ ନିଜେ ତାହାକୁ ବାଛି ଠିକ୍ କରିବ, — କେଉଁଟି ଅଧିକ ଭଲ ?

**ତାହା ସଂପୃକ୍ତ ବ୍ୟକ୍ତିର ଦୃଷ୍ଟିକୋଣ ଉପରେ ନିର୍ଭର କରିବ ।**

**ଯଦି କାର୍ଯ୍ୟଟିକୁ ଯୋଗ ଦୃଷ୍ଟିକୋଣରୁ ତଥା ସେହି କାର୍ଯ୍ୟଟିକୁ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିର ଦୃଷ୍ଟିକୋଣରୁ ବିଚାର କରାଯାଏ, ତେବେ ସେହି କ୍ଷେତ୍ରରେ ସିଏ ନିଜେ ତାହାକୁ ବାଛିବାହିଁ ଅଧିକ ଉଚିତ ହେବ; କାରଣ, ଉଦାହରଣସ୍ୱରୂପ, ତା'ମନରେ ହୁଏତ ଏପରି ଏକ ଭ୍ରମ ରହିଥିବ ଯେ, ଶେ ଟିଏ କାର୍ଯ୍ୟ କରିବାକୁ ତା'ର ସାମର୍ଥ୍ୟ ରହିଛି ମାତ୍ର ସିଏ ତାହା କରିପାରୁ ନାହିଁ; କିମ୍ବା ତା'ଭିତରେ କୌଣସି ମହତ୍ତ୍ୱାକାଙ୍କ୍ଷା ରହିଥିବ, ନିଜର ଆତ୍ମପ୍ରୀତି ଓ ଦମ୍ଭକୁ ସନ୍ତୁଷ୍ଟ କରିବା ଲାଗି ସିଏ କିଛି କରିବା ସକାଶେ ଇଚ୍ଛା କରୁଥିବ । ତେବେ, ଯଦି ତାକୁ ସେହି କାର୍ଯ୍ୟଟିକୁ କରିବା ଲାଗି ଅନୁମତି ଦିଆଯିବ,—କାର୍ଯ୍ୟଟି ଏଠାରେ ସମ୍ପନ୍ନ ହେଉଥିବାରୁ ସିଏ ପରମ ସତ୍ୟ-ଚେତନାର ପ୍ରଭାବ ମଧ୍ୟରେ ଅବଶ୍ୟ ରହିଥିବ, ତା'ହେଲେ, କାର୍ଯ୍ୟଟିକୁ କରିବା ଲାଗି ତା'ର ଅସାମର୍ଥ୍ୟ ସଙ୍ଗେସଙ୍ଗେ ଜଣା ପଡ଼ିଯିବ ଏବଂ ତଦ୍ଦ୍ୱାରା ସିଏ ଅଗ୍ରଗତି କରି ପାରିବ । ମାତ୍ର, ଜଣେ ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ କରିବା ଲାଗି ପ୍ରକୃତରେ ସମର୍ଥ ବୋଲି ଯଦି ମୁଁ ଦେଖି ପାରୁଥିବି— ଆଉଗୋଟିଏ କାର୍ଯ୍ୟକୁ—ଏବଂ ଯଦି ମୁଁ ତାକୁ କହିବି, "ନାହିଁ, ସେହି କାର୍ଯ୍ୟଟି ତୁମ ଲାଗି ଅନୁକୂଳ ହେବ ନାହିଁ, ବରଂ ତୁମେ ଏହି କାର୍ଯ୍ୟଟିକୁ କର ।", ତେବେ ସେଥିରେ ତା'ର କଦାପି ପ୍ରତ୍ୟୟ ଜନ୍ମିବ ନାହିଁ, (ସିଏ ପୁରୁଷ ହେଉ ବା ସ୍ତ୍ରୀ ହୋଇଥାଉ, ସେଥିରେ କିଛି ଯାଏ ଆସେ ନାହିଁ) । ସିଏ ଏହାକୁ ସର୍ବଦା ଏକ ସ୍ୱେଚ୍ଛାସୃଷ୍ଟ ନିଷ୍ପତ୍ତି ବୋଲି ଭାବୁଥିବ, ଜଣେ ବ୍ୟକ୍ତି ଏଇଟି ଅଥବା ସେଇଟିକୁ କରିବା ଲାଗି ଅଧିକ ପସନ୍ଦ କଲା ବୋଲି ଏପରି ହେଲା ବୋଲି ବିଚାରିବ । ତେଣୁ, ତା'ର ବ୍ୟକ୍ତିଗତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ସିଏ ଯାହା କରିବାକୁ ଇଚ୍ଛା କରୁଛି, ତାକୁ ସେହି କାର୍ଯ୍ୟଟିକୁ କରିବା ଲାଗି ଛାଡ଼ିଦେବାହିଁ ଅଧିକ ଉଚିତ**

'oaob.nitrkl.ac.in' images reprocessed

ହେବ, ସିଏ ଯେପରିକି ଉପସ୍ଥିତ ଅଗ୍ରଗତିଟିକୁ ସମ୍ଭବ କରି ପାରିବ । ସିଏ ଯେଉଁ କାର୍ଯ୍ୟଟିକୁ କରିପାରିବ ବୋଲି ଅତ୍ୟନ୍ତ ସଚେତନ ରହିଥିବ ଓ ଯଦି ଯେଉଁଟିକୁ କରିବା ଲାଗି ସେ ଉଚିତ ବୋଲି ଭାବୁଛି, ସେହି କାର୍ଯ୍ୟଟିକୁ କରିବା ସକାଶେ ଅନୁମତି ମାଗିବ, ତେବେ ଏହା ପ୍ରକୃତରେ ଏକ ଭଲ କଥା ହେବ,—ଏବିଷୟରେ ଆଉ କୌଣସି ଆଲୋଚନା ଆବଶ୍ୟକ ହେବ ନାହିଁ, ତାକୁ କାର୍ଯ୍ୟଟିକୁ କରିବା ଲାଗି ଛାଡ଼ିଦେବା ପ୍ରକୃତରେ ଉଚିତ ହେବ ।

ମାତ୍ର, କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, କୌଣସି କାର୍ଯ୍ୟ ବିଷୟରେ ଜଣେ ଏକ ଅଭିଜ୍ଞତା ଲାଭ କରିବ ବୋଲି ତାହାକୁ ସେହି କାର୍ଯ୍ୟଟିକୁ କରିବାକୁ ଦେବା ପାଇଁ ଓ ସେଥିରେ ନାନା ବ୍ୟାଘାତ ସୃଷ୍ଟି କରିବା ପାଇଁ ଛାଡ଼ିଦେବା ଆଦୌ ଖୁବ୍ ବେଶୀ ଭଲ କଥା ହେବ ନାହିଁ । ତେଣୁ, ସମ୍ପନ୍ନ କରିବାକୁ ରହିଥିବା କାର୍ଯ୍ୟଟି ଯଦି ସମ୍ପୃକ୍ତ ବ୍ୟକ୍ତିର ଯୋଗଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଥିବ, ତେବେ ତାକୁ କୁହାଯିବ, "ନାହିଁ, ତୁମେ ସେହି କାର୍ଯ୍ୟଟିକୁ ପ୍ରକୃତରେ କରିପାରିବ ନାହିଁ । ତୁମେ ବରଂ ଏହି କାର୍ଯ୍ୟଟିକୁ କର ।" ଅବଶ୍ୟ ଏଥିରେ ତାହାର ଅସୁବିଧାଟି ଆହୁରି ଅଧିକ ହୋଇଯିବ, କାରଣ, ମୁଁ ଯେପରି କହୁଥିଲି, ସିଏ ତଥାପି ବିଶ୍ୱାସ କରୁଥିବ ଯେ ସିଏ କରିବାକୁ ଚାହୁଁଥିବା କାର୍ଯ୍ୟଟି ବିଷୟରେ ଅନ୍ୟଜଣେ କରିଥିବା ନିଷ୍ପତ୍ତି ଅପେକ୍ଷା ତାହାର ନିଜ ନିଷ୍ପତ୍ତିଟିହିଁ ଅଧିକ ଭଲ; ମାତ୍ର, ସେହି କାର୍ଯ୍ୟଟିର ଅଭିଜ୍ଞତା ତାକୁ ମିଳିଗଲେ, କରିବାକୁ ଚେଷ୍ଟା କରିଥିବା କାର୍ଯ୍ୟଟିରେ ଯେତେବେଳେ ସିଏ ବିଫଳ ହୋଇଯିବ, ସେତେବେଳେ ସିଏ ଏକ ଭୁଲ୍ କଲା ବୋଲି ଅବଶ୍ୟ ବୁଝି ପାରିବ ।

ମୁଁ କଥାଟିକୁ ଆଉଥରେ କହୁଛି ଜଣେ ବ୍ୟକ୍ତି ଯେଉଁ କାର୍ଯ୍ୟଟିକୁ ପ୍ରକୃତରେ କରିପାରିବ, ଯଦି ସେହି ବିଷୟରେ ସିଏ ସଚେତନ ରହିଥାଏ, ତେବେ ତାକୁ ସେ ଇଚ୍ଛା କରୁଥିବା ସେହି କାର୍ଯ୍ୟଟିକୁ କରିବା ଲାଗି ଛାଡ଼ିଦେବାହିଁ ଉଚିତ, ତାହା ପ୍ରକୃତରେ ଅତ୍ୟନ୍ତ ଭଲ ହେବ । ଏଥିରେ ଆଦୌ କୌଣସି ସମସ୍ୟା ନାହିଁ । ଏହି କ୍ଷେତ୍ରରେ, ତାହାର ଯାହା କରିବା ଉଚିତ ବୋଲି ସେ ଅନୁଭବ କରୁଛି ଏବଂ ଯାହା କରିବ ବୋଲି ଯାହା ସିଏ ବାଛି ନେଉଛି, ଦୁଇଟି ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ । ତେଣୁ ଏହି କଥାଟି ସମ୍ପୃକ୍ତ ବ୍ୟକ୍ତି ଉପରେହିଁ ନିର୍ଭର କରୁଛି ଏବଂ କରିବାକୁ ରହିଥିବା କାର୍ଯ୍ୟଟିର ସ୍ୱଭାବ ଉପରେ ମଧ୍ୟ ନିର୍ଭର କରୁଛି ।

ପିଲାମାନଙ୍କୁ ଶିକ୍ଷା ଦେବାର ସମସ୍ୟାଟି ବିଷୟରେ ଯାହା, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । ଶିକ୍ଷା ଦେବା ବିଷୟରେ ଯାବତୀୟ ପ୍ରକାରର ଭିନ୍ନ ଭିନ୍ନ ଓ ଏପରିକି ପରସ୍ପର-ବିପରୀତ ସିଦ୍ଧାନ୍ତମାନ ରହିଛି । କେତେ ଲୋକ କହନ୍ତି,

'oaob.nitrkl.ac.in' images reprocessed

"ପିଲାମାନଙ୍କୁ ସେମାନଙ୍କର ନିଜ ଅଭିଜ୍ଞତାଗୁଡ଼ିକୁ ଲାଭ କରିବାକୁ ଛାଡ଼ିଦେବା ଉଚିତ, କାରଣ ଅଭିଜ୍ଞତାର ମଧ୍ୟଦେଇ ହିଁ ସେମାନେ ସର୍ବୋତ୍ତମ ଶିକ୍ଷା ପାଇ ପାରିବେ।" ହଁ, ଏକ ତତ୍ତ୍ୱର ହିସାବରେ ଏହା ଏକ ଚମତ୍କାର ତତ୍ତ୍ୱ। ମାତ୍ର ପ୍ରକୃତ ପ୍ରୟୋଗର କ୍ଷେତ୍ରରେ ଏଇଟି ମଧ୍ୟରେ କେତେକ ସର୍ତ୍ତ ଅବଶ୍ୟ ରହିଥିବା ଉଚିତ। କାରଣ, ଯଦି ତୁମେ ଗୋଟିଏ ପିଲାକୁ କୌଣସି ଦାଣ୍ଡୁଆ ପାଚେରି ଉପରେ ଚାଲିବାକୁ ଛାଡ଼ିଦେବ, ଏବଂ ଯଦି ସେ ତଳେ ପଡ଼ିଯାଇ ଗୋଡ଼ ଭାଙ୍ଗିବ କିମ୍ବା ମୁଣ୍ଡ ଫଟାଇଦେବ, ସେହି ଅଭିଜ୍ଞତାକୁ ଅବଶ୍ୟ କିଞ୍ଚିତ୍ ଅତିରିକ୍ତ ଓ ମହାର୍ଘ ବୋଲି କହିବାକୁ ପଡ଼ିବ। ଅଥବା, ଯଦି ତୁମେ ତାକୁ ଦିଆସିଲି ଦେଇ ଖେଳିବାକୁ ଛାଡ଼ିଦେବ ଏବଂ ଯଦି ଖେଳୁ ଖେଳୁ ତା'ର ଆଖି ପୋଡ଼ିଯିବ, ତେବେ ତାହାକୁ ଏକ ସାମାନ୍ୟ ଜ୍ଞାନକୁ ଲାଭ କରିବା ସକାଶେ ଏକ ଅତିରିକ୍ତ ମୂଲ୍ୟକୁ ଦେବା ବୋଲି କହିବାକୁ ହେବ! ଏହିସବୁ ଆଲୋଚନା ମୁଁ କାହା ସହିତ କରିଛି, ବର୍ତ୍ତମାନ ଠିକ୍ ମନେ ପଡ଼ୁ ନାହିଁ।...ଜଣେ ଶିକ୍ଷାବିତ୍, ଶିକ୍ଷା ବିଷୟରେ ସମ୍ପୃକ୍ତ ଥିବା ଓ ଚିନ୍ତା କରୁଥିବା ଜଣେ ବ୍ୟକ୍ତିଙ୍କ ସହିତ କରିଛି। ସିଏ ବିଳାତରୁ ଆସିଥାଆନ୍ତି ଓ ପିଲାମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବାର ପ୍ରୟୋଜନ ବିଷୟରେ ତାଙ୍କର ନିର୍ଦ୍ଦିଷ୍ଟ ତତ୍ତ୍ୱମାନ ରହିଥାଏ। ମୁଁ ନିଜର ଏହି ମନ୍ତବ୍ୟଟି ତାଙ୍କ ଆଗରେ ପ୍ରକାଶ କଲି। ସେ ମୋତେ ଉତ୍ତର ଦେଇ କହିଲେ, "ମଣି ସ୍ୱତନ୍ତ୍ରତା ପ୍ରତି ଆମର ରହିଥିବା ଶ୍ରଦ୍ଧା ଦୃଷ୍ଟିରୁ ହୁଏତ ବହୁ ବ୍ୟକ୍ତିଙ୍କର ପ୍ରାଣକୁ ଉତ୍ସର୍ଗ କରାଯାଇ ପାରେ।" ଇଏ ମଧ୍ୟ ଗୋଟିଏ ମତ। (ମା'ଆ ହସିଲେ)

ଯୁଗପତ୍ ଭାବରେ, ସର୍ବଦା ପିଲାର ପାଖେପାଖେ ରହି ପିଲାକୁ ଆଦୌ କୌଣସି ପ୍ରୟୋଗ କରିବାରୁ ନିବୃତ୍ତ କରି ରଖିବାର ସେହି ବିପରୀତ ଅନ୍ୟ ପ୍ରାନ୍ତଟି ମଧ୍ୟ ରହିଛି। ତୁମେ ପିଲାଟିକୁ "ଏଇଟା କର ନାହିଁ, କଲେ ଏପରି ଘଟିବ", "ସେଇଟା କର ନାହିଁ, କଲେ ସେପରି ଘଟିବ" ବୋଲି କହିବାରେ ଲାଗିଥିବ। ତାହା ଫଳରେ ସିଏ ଶେଷରେ ଆପଣା ଭିତରକୁ ସଙ୍କୁଚିତ ହୋଇ ଆସିବ, ତା'ଜୀବନରେ ଆଉ ସାହସ ବା ବିଶ୍ୱାସ ବୋଲି କିଛି ରହିବ ନାହିଁ; ଏବଂ ଏପରି କରିବାଟା ମଧ୍ୟ ପ୍ରକୃତରେ ଖୁବ୍ ଖରାପ।

ବସ୍ତୁତଃ, ଏହାର ନିଷ୍କର୍ଷ ହେଉଛି :

ଆମେ ତେବେ କୌଣସି ନିୟମ କରିବା ନାହିଁ।

ପ୍ରତ୍ୟେକ ମୁହୂର୍ତ୍ତରେ ଆମର ବୋଧ ଦ୍ୱାରା ସମ୍ଭବ ହେଉଥିବା ସର୍ବୋଚ୍ଚ ସତ୍ୟଟିକୁ ହିଁ କାମରେ ଲଗାଇବାକୁ ଚେଷ୍ଟା କରୁଥିବା। ଏହା କରିପାରିବା ପ୍ରକୃତରେ ଅନେକ ଅଧିକ କଷ୍ଟକର, ମାତ୍ର ଏହା ହିଁ ଏକମାତ୍ର ସମାଧାନ।

'oaob.nitrkl.ac.in' images reprocessed

ତୁମେ ଯାହାକିଛି କରୁଥାଅ ପଛେ, ଆଗରୁ କୌଣସି ନିୟମ ତିଆରି କରି ରଖ ନାହିଁ । କାରଣ, ଥରେ ନିୟମଟିଏ କରି ରଖିଦେଲେ, ତୁମେ ତାହାକୁ ଅଳ୍ପବହୁତ ଅନ୍ଧ ଭାବରେ ମାନି ଚଳିବାକୁ ମନ କରିବ, ଏବଂ ତା'ପରେ, ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଶହେରେ ସାଢ଼େ ଅନେଶତ କ୍ଷେତ୍ରରେ, ତୁମେ ଭୁଲ୍ କରି ବସିବ ।

ଯଥାର୍ଥ ଭାବରେ କାର୍ଯ୍ୟ କରିବାର କେବଳ ଗୋଟିଏ ଉପାୟ ରହିଛି, ତାହା ହେଉଛି, ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ, ପ୍ରତି ସେକେଣ୍ଡରେ ଓ ପ୍ରତ୍ୟେକ କ୍ରିୟାଶୀଳତାରେ ତୁମର ବୋଧ ଭିତରକୁ ଆସୁଥିବା ସର୍ବୋଚ୍ଚ ସତ୍ୟଟିକୁହିଁ ବ୍ୟକ୍ତ କରିବାକୁ ଚେଷ୍ଟା କରୁଥିବ ଏବଂ ଯୁଗପତ୍ ଭାବରେ ଏହି କଥାଟି ବିଷୟରେ ମଧ୍ୟ ସଜ୍ଞାନ ରହିଥିବ ଯେ ତୁମ ବୋଧର ପରିଧି ମଧ୍ୟ ସର୍ବଦା ଉତ୍ତରୋତ୍ତର ଭାବରେ ବୃଦ୍ଧି ପାଇବାରେ ଲାଗିଥିବ ଏବଂ, ଯାହା ତୁମକୁ ବର୍ତ୍ତମାନ ସବୁଠାରୁ ଅଧିକ ସତ୍ୟ ବୋଲି ବୋଧ ହେଉଛି, ହୁଏତ ତାହା କାଲି ଆଦୌ ସେପରି ବୋଧ ହେବ ନାହିଁ ଏବଂ ତୁମରି ମଧ୍ୟଦେଇ ଏକ ଉଚ୍ଚତର ସତ୍ୟ ଆପଣାକୁ ଅଧିକରୁ ଅଧିକ ପରିମାଣରେ ଅବଶ୍ୟ ବ୍ୟକ୍ତ କରି ଆଣୁଥିବ । ଏହା ଫଳରେ ଏକ ଆରାମଦାୟକ ତମଃର ଶଯ୍ୟାରେ ଶୋଇ ରହିବାକୁ ଆଉ କୌଣସି ଅବସର ନ ଥିବ; ତୁମେ ସର୍ବଦା ଜାଗରୂକ ହୋଇ ରହିଥିବ—ଏଠାରେ ମୁଁ ଶାରୀରିକ କ୍ଷେତ୍ରର ଶୋଇବା ବିଷୟରେ ଆଦୌ କହୁ ନାହିଁ—ତୁମେ ସର୍ବଦା ଜାଗରୂକ ରହିଥିବ,—ସଦାସଚେତନ ରହିଥିବ ଏବଂ ସର୍ବଦା ଏକ ସନ୍ଦୀପନମୟ ଗ୍ରହଣଶୀଳତା ଏବଂ ସଦିଚ୍ଛା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବ । ସର୍ବଦା ସର୍ବୋତ୍ତମ ଲାଗିହିଁ ଇଚ୍ଛା କରୁଥିବ, ସର୍ବଦା ସର୍ବୋତ୍ତମଟିକୁ ଚାହିଁବ ଏବଂ କେବେହେଲେ ମଧ୍ୟ ନିଜ ପାଖରେ ଆସି "ନାଇଁ, ଏହା ବହୁତ କ୍ଳାନ୍ତିକର । ମୁଁ ଆଉ ପାରିବି ନାହିଁ, ଏଣିକି ବିଶ୍ରାମ ନେବି । ଏଥର ଆଉ କୌଣସି ପ୍ରକାର ପ୍ରୟାସ କରିବି ନାହିଁ" ବୋଲି କହିବ ନାହିଁ । କହିଲେ ସଙ୍ଗେ ସଙ୍ଗେ ଏକ ଗର୍ତ୍ତ ଭିତରେ ଯାଇ ପଡ଼ିଯିବ ଏବଂ ନିର୍ବୋଧ ଭାବରେ କେତେଚଢ଼ ଭୁଲ୍ କରି ବସିବ ।

ଯେଉଁ ବିଶ୍ରାମ ତୁମକୁ ଅଚେତନା ଏବଂ ତମଃ ଭିତରକୁ ଖସାଇ ନେଇଯାଏ, ତାହା କଦାପି ବିଶ୍ରାମ ନୁହେଁ । ପ୍ରକୃତ ବିଶ୍ରାମ ହେଉଛି ପରମ ଆଲୋକ, ପରିପୂର୍ଣ୍ଣ ଶାନ୍ତି ଏବଂ ସମଗ୍ର ନୀରବତା ମଧ୍ୟକୁ ଏକ ଆରୋହଣ; ସେହି ବିଶ୍ରାମ ତୁମକୁ ଅନ୍ଧକାର ମଧ୍ୟରୁ ଊର୍ଦ୍ଧ୍ୱକୁ ଉଠାଇ ନେଇଯିବ । ତେବେଯାଇ ତାହାକୁ ଯଥାର୍ଥ ବିଶ୍ରାମ ବୋଲି କୁହାଯିବ, ଯଥାର୍ଥ ବିଶ୍ରାମ ହେଉଛି ଏକ ଆରୋହଣ ।

'oaob.nitrkl.ac.in' images reprocessed

ମାଆ, ସଚିତ୍ର "ପୁରାତନ ଗ୍ରନ୍ଥମାନ" ପଢ଼ିବା ଉଚିତ କି ନାହିଁ, "ଦୋର୍ତେ ସ୍ୱା" ବିଭାଗର ପିଲମାନେ ଆପଣଙ୍କୁ ସେକଥା ପଚାରିବା ପାଇଁ କହିଛନ୍ତି ।

କ'ଣ ପଢ଼ିବା ଉଚିତ ?

ସଚିତ୍ର "ପୁରାତନ ଗ୍ରନ୍ଥ"ସବୁ

ସେସବୁ ଯେଉଁ ବହି ହୋଇଥାଏ ପନ୍ଥକେ ? (ସମସ୍ତେ ହସିଲେ)

(ପିଲଟି ଏହି "ପୁରାତନ ଗ୍ରନ୍ଥ" ପର୍ଯ୍ୟାୟର ଗୋଟିଏ ବହି ମାଆଙ୍କ ହାତକୁ ବଢ଼ାଇଦେଲା) ଏବେ ଏସବୁ ବହି ସବୁ ପିଲା ପଢ଼ୁଛନ୍ତି । ସେମାନେ ମୋତେ କହିଲେ ଯେ, ଏପରିକି କ୍ଳାସ୍ ଭିତରେ, ଶିକ୍ଷକ ସେମାନଙ୍କୁ ଆଉକିଛି ଅନ୍ୟ ବିଷୟରେ କହୁଥିବା ସମୟରେ ମଧ୍ୟ, ସେମାନେ ଏଗୁଡ଼ିକ ପଢ଼ୁଛନ୍ତି ।

ଆଚ୍ଛା, ଦେଖିବା କିପରି ବହି ! (ମାଆ ବହିର ପୃଷ୍ଠାଗୁଡ଼ିକୁ ଲେଉଟାଇ ଦେଖିଲେ) ବାପ୍‌ରେ, ଏସବୁ ବହି କେଉଁଠାରୁ ଆସୁଛି ?

ଆମେରିକାରୁ ।

ତେବେ ଏହା ଆମେରିକାର ବହି ? (ମାଆ ଆଉ କେତୋଟି ପୃଷ୍ଠା ଲେଉଟାଇ ଦେଖିଲେ) ପିଲାମାନେ, ଏଗୁଡ଼ାକ ଅତ୍ୟନ୍ତ ବାଜେ ବହି । ଏହା ବିଷୟରେ ମୁଁ କେବଳ ଏତିକି କହିପାରିବି ।

ମାଆ, ବର୍ତ୍ତମାନ ଏପରି ଶହ ଶହ ବହି ଦେଖିବାକୁ ମିଳୁଛି ।

ଶହ ଶହ ବହି ?

ହଁ, ପିଲାଏ ଏସବୁ ବହିର ସଂଗ୍ରହ କରୁଛନ୍ତି ।

(ଆଉ ଗୋଟିଏ ପିଲା) ଭିନ୍ନ ଭିନ୍ନ ବହିର, କେବଳ ଗୋଟିଏ ବହିର ନୁହେଁ ।

(ପବିତ୍ର) ଶହକରୁ ଆହୁରି ଅଧିକ ହେବ ।

(ଦ୍ୱିତୀୟ ପିଲାଟି) ଭିନ୍ନ ଭିନ୍ନ ବହି, କେବଳ ଏଇଟି ନୁହେଁ ।

(ପ୍ରଥମ ପିଲାଟି) ସବୁ ପ୍ରକାରର ବହି; ସର୍ବୋତ୍ତମ ଗ୍ରନ୍ଥଗୁଡ଼ିକରୁ ସେମାନେ ଏଗୁଡ଼ିକୁ ତିଆରି କରୁଛନ୍ତି ଏବଂ ପିଲାମାନେ ତା'ପରେ

'oaob.nitrkl.ac.in' images reprocessed

ଏହିସବୁ ପଢ଼ୁଛନ୍ତି ଏବଂ ଆଉ ମୂଳ ବହିଗୁଡ଼ିକୁ ପଢ଼ୁନାହାନ୍ତି । (ବିକ୍ଷୁବ୍ଧ ପିଲାଟି) ଏସବୁ ବହି ସବୁ ଭାଷାରେ ଅଛି ।

ହଁ, ଏହା ହେଉଛି ଯୁଗର ଗୋଟିଏ ସଙ୍କେତ । ଏହାଦ୍ୱାରା ସବୁକିଛିକୁ ବିକୃତ କରି ଏକ ଅସଭ୍ୟ ସ୍ତରକୁ ଖସାଇ ନିଆଯାଉଛି ! ଶାସ୍ତ୍ରକୁ ବିକୃତ କରାଯାଉଛି, ସୁପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକୁ ବିକୃତ କରାଯାଉଛି, ଇତିହାସକୁ ମଧ୍ୟ ବିକୃତ କରି ଦିଆ ଯାଉଛି । ସବୁକିଛିକୁ ଯଥାସମ୍ଭବ ଅଧିକ ତଳକୁ ଖସାଇ ଦିଆଯାଉଛି, ଯେପରିକି ତାହାର ଆଉ ନିଜକୁ ଉପରକୁ ଉଠାଇବାର କୌଣସି ପ୍ରୟୋଜନ ରହିବ ନାହିଁ, ସମସ୍ତେ କେବଳ ସେହି ତଳେ ମାଟିର ସ୍ତରରେହିଁ ଘୁଷୁରିବାରେ ଲାଗିଥିବେ ଓ ଏହିଗୁଡ଼ାକୁହିଁ ପଢ଼ିବେ । ଏହାଦ୍ୱାରା ଚେତନା ଯଥାସମ୍ଭବ ଅଧିକ ନିମ୍ନକୁ ଖସି ଆସିବ ଏବଂ ତା'ପରେ ଆମେ ତାହାର ଭିତରେ ପଶି ରହିଥିବା । ସେହିଠାରେ ଲେଟିବାରେ ଲାଗିଥିବା ।

ନାହିଁ ନାହିଁ, ଏଗୁଡ଼ାକ ଏକାବେଳକେ ଘୃଣ୍ୟ !

ଅବଶ୍ୟ ସେକଥା ତୁମେ ନିଷ୍ପତ୍ତି କରିବ । ଯଦି ତୁମେ ପଙ୍କରେ ଲେଟୁଥିବା ପଶୁମାନଙ୍କ ପରି ଜୀବନ ବଞ୍ଚିବାକୁ ଇଚ୍ଛା କରୁଥିବ, ତେବେ ଅବଶ୍ୟ କରିବ । ସେଇଟା ସମ୍ପୂର୍ଣ୍ଣ ଭାବରେ ତୁମର କଥା । ହଁ, ମାତ୍ର ଏହା ପ୍ରକୃତରେ ଅତ୍ୟନ୍ତ ଦୁଃଖଦାୟକ ।

ତେଣୁ, ପ୍ରଶ୍ନଟି ସରଳ । ସେଥିରେ କୌଣସି ସଂଶୋଧନ କରିବା ଦରକାର ହେଲା ନାହିଁ ।

ତେଣୁ, ମୁଁ ଆଦୌ କୌଣସି ଆଦେଶ ଦେବି ନାହିଁ, ପ୍ରତ୍ୟେକ ବ୍ୟକ୍ତି ନିଜ ଚେତନାର ନିର୍ଦ୍ଦେଶ ମାନି କାର୍ଯ୍ୟ କରିବ । ଯଦି ତଳକୁ ଖସିଯିବାକୁ ଇଚ୍ଛା କରୁଥିବ, ତେବେ ଏହା ଏକ ଅତ୍ୟନ୍ତ ଉତ୍ତମ ଉପାୟ । (ସମସ୍ତେ ହସିଲେ)

ମାତ୍ର, ଯଦି ଉପରକୁ ଉଠିବାକୁ ଚାହୁଁଥିବ, ତେବେ ମୁଁ ପରାମର୍ଶ ଦେଇ କହିବି ଯେ ତୁମେମାନେ ଏଗୁଡ଼ାକୁ ରାସ୍ତା ଉପରକୁ ଫିଙ୍ଗିଦିଅ । କେଉଁଠାରେ ନେଇ ଫିଙ୍ଗିବ, ତାହା ଆଦୌ ସମସ୍ୟା ନୁହେଁ । ଏଗୁଡ଼ିକ ମୋଟେ ପାଖରେ ରଖିବାର ଯୋଗ୍ୟ ନୁହନ୍ତି,—କେଉଁଠାରେ ବି ଯୋଗ୍ୟ ନୁହନ୍ତି ।

ମାଆ, ବଡ଼ ପିଲାମାନେହିଁ ଏସବୁକୁ ସାନପିଲାମାନଙ୍କୁ ଆଣି ଦେଉଛନ୍ତି ।

ହଁ ।

'oaob.nitrkl.ac.in' images reprocessed

ଏବଂ ଆପଣଙ୍କୁ ନ ପଚାରି ଦେଉଛନ୍ତି ।

ସେମାନେ ମୋତେ ପଚାରିଛନ୍ତି । ଖାଲି ପଚାରି ଦେଇଛନ୍ତି ।

ଆପଣଙ୍କୁ ପଚାରିବା ଆଗରୁ ମଧ୍ୟ ଏପରି କରିଛନ୍ତି ।

ଆଚ୍ଛା, ତୁମମାନଙ୍କୁ କ'ଣ ଲାଇବ୍ରେରିରୁ ଏସବୁ ବହି ମିଳୁଛି ?

ନାହିଁ, ମାଆ !

ଆଚ୍ଛା । (ସମସ୍ତେ ହସିଲେ)

ମେଧାନନ୍ଦଙ୍କୁ ଡର ମାଡ଼ିଲାଣି ।

କଳ୍ପନା କରି ଦେଖିଲ, ଏକ ରେକର୍ଡ ଆକାରରେ ମଧ୍ୟ ଯେତେବେଳେ ତୁମମାନଙ୍କୁ ଏହିସବୁ ବହି ଦିଆଯାଉଛି (ଆମର କିଛି ରେକର୍ଡ ରହିଥିଲା), ତେବେ ମଧ୍ୟ···ମୁଁ ତ ଠିକ୍ ଏଇଆ କହିବାକୁ ଯାଉଥିଲି, "କେତେକ ପରିମାଣରେ ଏହା ଏକ ବିକୃତ କଥା" । କାରଣ, ଯେତେବେଳେ ସେହି ରେକର୍ଡ ବଜି ହେବ ଓ ତାହାକୁ ସମସ୍ତେ ଶୁଣିବେ, ତଦ୍ଦ୍ୱାରା ସେମାନେ ବସ୍ତୁଟିର କଳାତ୍ମକ ମୂଲ୍ୟକୁ କିଛିଟା ପରିମାଣରେ ତଳକୁ ଖସାଇ ଆଣିବେ,—ସର୍ବସାଧାରଣଙ୍କର ରୁଚିର ପରିଧି ମଧ୍ୟରେ ତାହାକୁ ରଖିବା ଲାଗି ସେମାନେ ଏପରି କରିବେ···ଏବଂ ଏଥିରେ ଟିକିଏ ଆଡ଼ମ୍ବର ରହି ଯାଇଥିଲା, ତାହାକୁ ଜୋର କରି ସେପରି କରା ଯାଇଥିଲା ଏବଂ ସେଥିରେ ମୂଳଟିର ସମୁଦାୟ ଶୁଦ୍ଧତା ଆଦୌ ରହି ନ ଥିଲା । ତୁମେ ଜାଣିଥିବ, ଥରେ ଆମେ ଜୁଲିଅସ୍ ସିଜର୍ ନାଟକଟିକୁ ମଞ୍ଚସ୍ଥ କରିଥିଲୁ । ଏବଂ ସେଥିରେ ମଧ୍ୟ ମୁଁ ନିଜର କେତେକ ସର୍ତ୍ତ ରଖିଥିଲି । ମୁଁ ମନେ ମନେ କହୁଥିଲି, "ଏହାଦ୍ୱାରା ଲୋକମାନଙ୍କର ରୁଚି ଭଲ ହୋଇଯିବ ।" ବସ୍ତୁଟିର ଶୁଦ୍ଧ ଉଚ୍ଚାଙ୍ଗତାଟିକୁ ସୁରକ୍ଷିତ ରଖିବା ପରିବର୍ତ୍ତେ, ଅଧିକତମ ଲୋକଙ୍କର ସନ୍ତୋଷବିଧାନ କରିବା ପାଇଁ ଏହାକୁ କିଛିଟା ଅତିରଞ୍ଜିତ କରି ଦିଆଯାଇଥିଲା ।

ତେଣୁ, ତୁମେମାନେ ବୁଝି ପାରୁଥିବ, ତୁଳନାତ୍ମକ ଭାବରେ ଏହାକୁ ଗୋଟିଏ ଶିଖର ବୋଲି କୁହାଯିବ । ଅନ୍ତତଃ ସେଥିରେ କଳାତ୍ମକ ଉପଲବ୍ଧି ନିମନ୍ତେ କିଛି ଆକାଂକ୍ଷା ରହିଥିଲା । ଏକାବେଳେକେ ସର୍ବୋତ୍ତମ ଭାବରେ ଯେ ସେହି ଉପଲବ୍ଧି ସମ୍ଭବ ହୋଇଥିଲା, ସେକଥା ଆଦୌ ନୁହେଁ, ତଥାପି ସେଥିଲାଗି ଏକ ଉଦ୍ୟମ କରା ଯାଇଥିଲା ।

ମାତ୍ର ଏଇଟା ହେଉଛି ତା'ର ଅତ୍ୟନ୍ତ ଚପଳତା । ତଥାପି··· !

ତେଣୁ, ସାହସ ଅବଲମ୍ବନ କର । ତୁମମାନଙ୍କ ଭିତରୁ କେତେଜଣ ଏସବୁ ବହି ପଢ଼ିଛ ?

'oaob.nitrkl.ac.in' images reprocessed

(ଅନେକ ପିଲା ହାତ ଉଠାଇଲେ)

ହେ ଭଗବାନ୍ । ଏବଂ ତୁମେମାନେ ଏବେ ମୋତେ ଧ୍ୟାନ ଶିଖାଇ ଦେବା ସକାଶେ ଆସି କହୁପାରୁଛ ! ହଁ, ଏହାକୁ ମଧ୍ୟ ଧ୍ୟାନ ଲାଗି ଏକ ଚମତ୍କାର ପ୍ରସ୍ତୁତି ବୋଲି କୁହାଯାଇ ପାରିବ ।

ମାଆ, ବହିଗୁଡ଼ିକ ଉପରେ ଲେଖା ହୋଇଛି, ତାହା ଦେଖିବା ଲାଗିହିଁ ସେଥିରୁ କେତୋଟି ପଢ଼ିଛି ।

ଭଲ କଥା ।

ଆଜି ସନ୍ଧ୍ୟାରେ କୌଣସି ଧ୍ୟାନ ହେବ ନାହିଁ । ଧ୍ୟାନ ଆର ସପ୍ତାହରେ ହେବ, ଅବଶ୍ୟ ଯଦି ତୁମେମାନେ ଇଚ୍ଛା କରିବ । ମାତ୍ର ଆଜି ସନ୍ଧ୍ୟାରେ କୌଣସି ଧ୍ୟାନ ହେବ ନାହିଁ ।

ତେବେ ଏଇଠି ଆଜି । ପୁନର୍ଦର୍ଶନାୟ ।

'oaob.nitrkl.ac.in' images reprocessed

# ୭ ସେପ୍ଟେମ୍ବର ୧୯୫୫

ମାଆ "ଯୋଗାଭ୍ୟାସ' ପୁସ୍ତକର "କର୍ମ ଅଧ୍ୟାୟଟିରୁ କିଛି ପାଠ କଲେ ।

"ଯାବତୀୟ କର୍ମ କ'ଣ ପ୍ରକୃତରେ "ଅଭିଜ୍ଞତା ଲାଭ କରିବାର ଏକ ବିଦ୍ୟାଳୟ" ?

ହଁ, ଏହା ଅତ୍ୟନ୍ତ ସୁନିଶ୍ଚିତ କଥା । ତୁମେ ବୁଝିପାରୁ ନାହଁ ?

ନାହିଁ ।

ତୁମେ ଯଦି କୌଣସି କାର୍ଯ୍ୟ ନ କରିବ, ତେବେ କୌଣସି ଅଭିଜ୍ଞତା ବି ଲାଭ କରିପାରିବ ନାହିଁ । ସମଗ୍ର ଜୀବନ ହେଉଛି ଅଭିଜ୍ଞତା ଲାଭ କରିବାର ଗୋଟିଏ କ୍ଷେତ୍ର । ତୁମେ ଯେତେବେଳେ ଯେପରି ଭାବରେ ନିଜକୁ କ୍ରିୟାତ୍ମକ କରି ରଖୁଛ, ଯେତେବେଳେ ଯାହା ଭାବୁଛ ଅଥବା ଯେଉଁ କାର୍ଯ୍ୟଟିକୁ କରୁଛ, ତାହା ଅବଶ୍ୟ ତୁମର ଏକ ଅଭିଜ୍ଞତାରେ ପରିଣତ ହୋଇ ପାରିବ । ନାହିଁ, ସେଗୁଡ଼ିକ ତୁମ ଲାଗି ଗୋଟିଏ ଗୋଟିଏ ଅଭିଜ୍ଞତା ହୋଇ ଅବଶ୍ୟ ରହିଥିବ । ଏବଂ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ବିଶେଷ ଭାବରେ ତୁମେ କରୁଥିବା ଯାବତୀୟ କର୍ମ ତୁମ ଲାଗି ଅଭିଜ୍ଞତାରହିଁ ଏକ କ୍ଷେତ୍ର ହୋଇ ରହିବ, ଏବଂ ସେହି କ୍ଷେତ୍ରଟିରେ ତୁମେ ଅନ୍ତର୍ଗତ ଭାବରେ ହାସଲ କରିବାକୁ ଉଦ୍ୟମ କରୁଥିବା ଯାବତୀୟ ଅଗ୍ରଗତିକୁ ଅବଶ୍ୟ ପ୍ରୟୋଗ କରୁଥିବ ।

ଯଦି, ଆଦୌ କୌଣସି କାର୍ଯ୍ୟ ନ କରି ତୁମେ ସର୍ବଦା ଧ୍ୟାନ ବା ଚିନ୍ତନ ମଧ୍ୟରେ ନିମଗ୍ନ ହୋଇରହିଥିବ, ତେବେ, ତୁମେ ପ୍ରକୃତରେ କୌଣସି ଅଗ୍ରଗତି କରୁଛ କି ନାହିଁ, ସେକଥାଟିକୁ ଆଦୌ ଜାଣି ପାରିବ ନାହିଁ । ହୁଏତ ଏକ ଭ୍ରମ ମଧ୍ୟରେ ଜୀବନଯାପନ କରୁଥିବ—ନିଜର ଅଗ୍ରଗତି ସମ୍ବନ୍ଧରେ ଅନେକଭ୍ରମ ଭିତରେ ବୁଡ଼ି ରହିଥିବ । ମାତ୍ର, ଯଦି ତୁମେ କର୍ମ କରିବାକୁ ଆରମ୍ଭ କର, ତୁମେ କରୁଥିବା କର୍ମର ଯାବତୀୟ ପରିସ୍ଥିତି, ଅନ୍ୟମାନଙ୍କ ସହିତ ତୁମର ଘଟୁଥିବା ଯାବତୀୟ ସମ୍ପର୍କ, ବସ୍ତୁଗୁଡ଼ିକୁ ନେଇ ତୁମର ତତ୍ପରତା,—ଏହି ସବୁକିଛି ତୁମ ଲାଗି ଗୋଟିଏ ଗୋଟିଏ ଅଭିଜ୍ଞତାର କ୍ଷେତ୍ର ହୋଇ ରହିଥିବେ, ଯେପରିକି, ତୁମେ ପ୍ରକୃତରେ

'oaob.nitrkl.ac.in' images reprocessed

କେତେ କ'ଣ ଅଗ୍ରଗତି କଲ, କେବଳ ସେହି ବିଷୟରେ ସଜ୍ଞାନ ହୋଇ ରହି ପାରିବ ତା' ନୁହେଁ, ମାତ୍ର, ଯାହାକରୁ ଅଗ୍ରଗତି କରିବାକୁ ବାକି ରହିଛି, ସେହି ବିଷୟରେ ମଧ୍ୟ ସଜ୍ଞାନ ହୋଇ ପାରୁଥିବ । ଯଦି ତୁମେ ଆପଣା ଭିତରେ ବଦ୍ଧ ହୋଇ ରହିଥିବ, ଆଦୌ କୌଣସି କର୍ମ କରୁ ନ ଥିବ, ତେବେ ହୁଏତ ସମ୍ପୂର୍ଣ୍ଣ ଭାବରେ ଆପଣାକୃତ ଏକ ଭ୍ରମମଣ୍ଡଳ ଭିତରେ ବନ୍ଦୀ ହୋଇ ରହିଯିବ; ମାତ୍ର, ଯେଉଁ ମୁହୂର୍ତ୍ତରେ ଆପଣାର କର୍ମକୁ ତୁମେ ବହିଃଭୂମି ମଧ୍ୟକୁ ସମ୍ପ୍ରସାରିତ କରିଦେବ, ଅନ୍ୟମାନଙ୍କର, ପରିସ୍ଥିତିଗୁଡ଼ିକର ତଥା ଜୀବନସ୍ଥ ବସ୍ତୁଗୁଡ଼ିକର ସମ୍ପର୍କ ମଧ୍ୟରେ ପ୍ରବିଷ୍ଟ ହେବ, ତେବେ, ତୁମେ ପ୍ରକୃତରେ କୌଣସି ଅଗ୍ରଗତି କରିଛ କି ନାହିଁ, ଅଧିକ ସ୍ଥିର, ଅଧିକ ସଚେତନ, ଅଧିକ ଦୃଢ଼ ଏବଂ ଅଧିକ ସ୍ୱାର୍ଥମୁକ୍ତ ହୋଇ ପାରିଛ କି ନାହିଁ ଏବଂ ତୁମେ ନିଜକୁ ସକଳ ବାସନା, ଅଭିରୁଚି, ଦୁର୍ବଳତା ଅଥବା ବିଶ୍ୱାସପ୍ରବଣତା ମଧ୍ୟରୁ ନିଜକୁ ମୁକ୍ତ କରି ଆଣି ପାରିଛ କି ନାହିଁ,—ସମ୍ପୂର୍ଣ୍ଣ ବିଷୟ-ନିଷ୍ଠ ଭାବରେ ସେଗୁଡ଼ିକ ବିଷୟରେ ସଜ୍ଞାନ ହୋଇପାରିବ । ନିଜର କର୍ମ ମଧ୍ୟରେ ଆପଣାକୁ ପ୍ରବୃତ୍ତ କରି ରଖି ତୁମେ ଏଗୁଡ଼ିକୁ ସମ୍ମୁଖ କରି ପାରିବ । ମାତ୍ର, ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିଗତ ହୋଇ ରହିଥିବା ଏକ ଧ୍ୟାନ ଭିତରେ ଆପଣାକୁ ବଦ୍ଧ କରି ରଖିଥିବ, ତେବେ ହୁଏତ ଏକ ସମଗ୍ର ଭ୍ରମ ମଧ୍ୟରେହିଁ ଅବରୁଦ୍ଧ ହୋଇ ରହିଯିବ ଏବଂ ତା'ଭିତରୁ ବାହାରି ଆଉ କଦାପି ବାହାରକୁ ଆସି ପାରିବ ନାହିଁ ଏବଂ ତଥାପି ବିଶ୍ୱାସ କରୁଥିବ ଯେ ତୁମେ କେତେ ନା କେତେ ଅସାଧାରଣ ବସ୍ତୁର ଉପଲବ୍ଧି କରି ସାରିଲଣି । ମାତ୍ର ପ୍ରକୃତ କ୍ଷେତ୍ରରେ, ଏସବୁ କରିଛ ବୋଲି କେବଳ ଏକ ଧାରଣାହିଁ ରହିଥିବ, କେବଳ ଏକ ଭ୍ରମହିଁ ତୁମକୁ ଆଚ୍ଛନ୍ନ କରି ରଖିଥିବ ।

ଶ୍ରୀଅରବିନ୍ଦ ସେହି ଅର୍ଥରେ ଏକଥା କହିଛନ୍ତି ।

ମାଆ, ତେବେ ଭାରତବର୍ଷର ସକଳ ଆଧ୍ୟାତ୍ମିକ ମାର୍ଗ କାହିଁକି କର୍ମରୁ ମୁକ୍ତିଲାଭ କରିବାକୁ ନିଜର ମୂଳସିଦ୍ଧାନ୍ତ ବୋଲି ଗ୍ରହଣ କରିଛନ୍ତି ?

ହଁ, ସେମାନେ ଏପରି କରିଛନ୍ତି, କାରଣ ସେମାନଙ୍କର ଏହି ସବୁକିଛୁ ଜୀବନ ହେଉଛି ଏକ ଭ୍ରମ ଓ ମାୟା ବୋଲି କହୁଥିବା ଶିକ୍ଷା ଉପରେ ଆଧାରିତ ହୋଇ ରହିଛି । ଏହି ପରମ୍ପରାଟି ବୁଦ୍ଧଦେବଙ୍କର ଶିକ୍ଷାରୁ ଆରମ୍ଭ ହୋଇଥିଲା; ବୁଦ୍ଧଦେବ ସମୁଦାୟ ଅସ୍ତିତ୍ୱ ଓ ଜୀବନକୁହିଁ ବାସନାରୁ ଜାତ ବୋଲି କହିଥିଲେ । ଦୁଃଖ, ଯାତନା ଏବଂ ବାସନାରୁ ମୁକ୍ତି ଲାଭ କରିବାକୁ ହେଲେ ସିଏ କେବଳ ଗୋଟିଏ ମାର୍ଗ ରହିଛି ବୋଲି ଘୋଷଣା କରିଥିଲେ—ଏହି ମାର୍ଗଟି ହେଉଛି ଜୀବନ

'oaob.nitrkl.ac.in' images reprocessed

ମଧ୍ୟରୁ ବାହାରି ଚାଲିଯିବା । ତା'ପରେ ଶଙ୍କର ଏହି ପରମସତ୍ତାକୁ ଅବ୍ୟାହତ ରଖିଲେ; ସିଏ ଆଉ ଟିକିଏ ଅଧିକ ଆଗକୁ ଯାଇ କହିଲେ ଯେ, ଏସବୁ ଯେ କେବଳ ବାସନାରୁ ଜାତ ହେଉଛି ତାହା ନୁହେଁ, ଏସବୁ ହେଉଛି ଏକ ସମ୍ପୂର୍ଣ୍ଣ ମାୟା, ଏବଂ ତୁମେ ଯେପର୍ଯ୍ୟନ୍ତ ଏହି ମାୟା ଭିତରେ ରହିଥିବ, ସେପର୍ଯ୍ୟନ୍ତ କଦାପି ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି କରି ପାରିବ ନାହିଁ । ମୁଁ ଭାବୁଛି, ତାଙ୍କ ସିଦ୍ଧାନ୍ତରେ ଦିବ୍ୟ ପରମସତ୍ତା ବୋଲି ମଧ୍ୟ ଆଦୌ କୌଣସି ବସ୍ତୁ ନ ଥିଲା । ଅନ୍ତତଃ ବୁଦ୍ଧଦେବ ଏପରି କିଛି ଅଛି ବୋଲି କହି ନ ଥିଲେ ।

ତେବେ, ସେମାନଙ୍କର ପ୍ରକୃତରେ କୌଣସି ଅନୁଭୂତି ହୋଇଥିଲା କି ?

"ଅନୁଭୂତି" କହିଲେ ତୁମେ କ'ଣ ବୁଝୁଛ, ଏକଥା ତାହାରି ଉପରେ ହିଁ ନିର୍ଭର କରୁଛି । କୌଣସି ଏକ ବସ୍ତୁ ସହିତ ସେମାନଙ୍କର ଅବଶ୍ୟ ଏକ ଅନ୍ତର୍ଗତ ସମ୍ପର୍କ ଘଟିଥିଲା ।

ବୁଦ୍ଧଦେବ ଏହିପରି କୌଣସି ଗୋଟିଏ ବସ୍ତୁ ସହିତ ଅନ୍ତର୍ଗତ ସମ୍ପର୍କ ଲାଭ କରିଥିଲେ ଯାହାକୁ କି, ବହିଃସ୍ଥ ଜୀବନ ସହିତ ତୁଳନା କରି ଏକ ଅନସ୍ତିତ୍ୱ ବୋଲି କୁହାଯାଇ ପାରିବ । ଏବଂ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏହି ଅନସ୍ତିତ୍ୱ ମଧ୍ୟରୁ ଅସ୍ତିତ୍ୱର ଯାବତୀୟ ପରିଣାମ ଅନ୍ତର୍ହିତ ହୋଇ ରହିଥିଲା । ଏପରି ଏକ ସ୍ଥିତି ପ୍ରକୃତରେ ରହିଛି; ଏପରିକି, ଏଭଳି ମଧ୍ୟ କୁହାଯାଇଛି ଯେ, ଯଦି ଜଣେ ବ୍ୟକ୍ତି କୋଡ଼ିଏ ଦିନ ପର୍ଯ୍ୟନ୍ତ ବି ଏହି ସ୍ଥିତିଟି ମଧ୍ୟରେ ଅବସ୍ଥାନ କରିପାରିବ, ତେବେ ସେ ସୁନିଶ୍ଚିତ ଭାବରେ ଆପଣାର ଶରୀର ମଧ୍ୟରୁ ବି ବାହାରି ଆସି ପାରିବ; ଯଦି ଏକ ନିବାରକ ଅର୍ଥରେ ଏପରି କୁହା ଯାଇଥାଏ, ତେବେ ମୁଁ ମଧ୍ୟ ଏଥିରେ ସହମତ ହୋଇ ପାରିବ ।

ମାତ୍ର, ଏହା ଏପରି ଏକ ଅନୁଭୂତି ମଧ୍ୟ ହୋଇପାରେ, ଯାହାକି ପଶ୍ଚାତରେ ରହିଥାଏ ଏବଂ ବର୍ଜନଧର୍ମୀ ନ ହୋଇଥିବା ସମୟରେ ମଧ୍ୟ ସଚେତନ ହୋଇ ରହିଥାଏ; ସେହି ଅନୁଭୂତି ଜଗତ ତଥା ବହିଃସ୍ଥ ଚେତନା ସହିତ ଆମର ସମ୍ପର୍କକୁ ସ୍ଥାପିତ କରି ରଖିଥାଏ, ଯାହା ଫଳରେ କି ସେଗୁଡ଼ିକ ମୁକ୍ତ ଏବଂ ସ୍ୱତନ୍ତ୍ର ଏକ ବସ୍ତୁକୁ ଅବଲମ୍ବନ କରି ରହିପାରନ୍ତି । ବସ୍ତୁତଃ ଏହି ସ୍ଥିତିରେ ଜଣେ ବ୍ୟକ୍ତି ବାହ୍ୟତଃ ପ୍ରଭୃତ ଅଗ୍ରଗତି କରିବା ଲାଗି ପ୍ରକୃତରେ ସମର୍ଥ ହୋଇଥାଏ, କାରଣ ତଦ୍ୱାରା ସିଏ ସବୁକିଛିରୁ ଆପଣାକୁ ବିଚ୍ଛିନ୍ନ କରି ରଖିପାରେ ଓ ଆଦୌ କୌଣସି ପ୍ରକାରେ ଲିପ୍ତ ନ ହୋଇ କାର୍ଯ୍ୟ କରିପାରେ,—କୌଣସି ଅଭିଭୂତ ନ ରଖି ବାହ୍ୟ

'oaob.nitrkl.ac.in' images reprocessed

ଭୂମିରେ ଅଭିବ୍ୟକ୍ତ ହେଉଥିବା ସେହି ଅନ୍ତର୍ଗତ ସ୍ୱାତନ୍ତ୍ର୍ୟବୋଧ ଦ୍ୱାରା ପ୍ରେରିତ ହୋଇ କର୍ମ କରିପାରେ ।

ତଥାପି, ଯଥାର୍ଥ ଆବଶ୍ୟକତା କହିଲେ ଏହାକୁହିଁ ବୁଝାଇବ : ଥରେ ଏହି ଅନ୍ତର୍ଗତ ସ୍ୱାତନ୍ତ୍ର୍ୟର ଉପଲବ୍ଧି ହୋଇଗଲେ ଏବଂ ଯାହା ଶାଶ୍ୱତ ଏବଂ ଅନନ୍ତବସ୍ତୁ ହୋଇ ରହିଛି, ତାହା ସହିତ ଏକ ସଂପର୍କ ସ୍ଥାପିତ ହୋଇଗଲେ, ତା'ପରେ ଏହି ଚେତନାଟିକୁ କୌଣସି ପ୍ରକାରେ ହରାଇ ନ ଦେଇ ଆମକୁ କର୍ମର ଭୂମିକୁ ଅବଶ୍ୟ ଲେଉଟି ଆସିବାକୁ ହେବ ଏବଂ, ଆମକୁ କର୍ମ ଆଡ଼କୁ ପ୍ରେରିତ କରି ରଖିଥିବା ସମଗ୍ର ଚେତନାଟିକୁ ତାହା ଯେପରି ରୂପାନ୍ତରିତ କରିପାରିବ, ସେଥିପାଇଁ ବାଟ ଖୋଲି ଦେବାକୁ ପଡ଼ିବ ।

ଏକ ମହାନ୍ ଶକ୍ତିକୁ ଊର୍ଦ୍ଧ୍ୱରୁ ଅବତରଣ କରାଇ ଆଣିବାକୁ ହେବ ବୋଲି କହିବା ଦ୍ୱାରା ଶ୍ରୀଅରବିନ୍ଦ ଏହି କଥାଟିକୁହିଁ କହୁଛନ୍ତି । ଏହିପରି ଭାବରେ ଏହି ଜଗତକୁ ବଦଳାଇବାର ଏକ ସାମର୍ଥ୍ୟ ମଧ୍ୟ ଉପଲବ୍ଧ ହୋଇପାରିବ, କାରଣ ତୁମେ ଏକ ନୂତନ ବୃହତ୍ତରଶକ୍ତି, ନୂତନ ଆସ୍ପୃହା ଏବଂ ନୂତନ ଚେତନାର ପ୍ରବେଶ ଘଟାଇଥିବ ଏବଂ ଏହାକୁ ବାହ୍ୟ ପୃଥିବୀ ସହିତ ସଂଯୁକ୍ତ କରି ଦେଇଥିବ । ତେଣୁ ଏହାର ଉପସ୍ଥିତି ଏବଂ କିମ୍ବା ଅନିବାର୍ଯ୍ୟତଃ ନାନା ପରିବର୍ତ୍ତନ ସଂଘଟିତ କରାଇବ ଏବଂ ଆମେ ଅବଶ୍ୟ ତାହା ଆଶା କରିବା, ଏହି ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି, ସେଥିରେ ଏହା ଏକ ସମଗ୍ର ରୂପାନ୍ତର ମଧ୍ୟ ଘଟାଇ ପାରିବ ।

ତେଣୁ, ଆମେ ଏପରି ମଧ୍ୟ କହି ପାରିବା ଯେ, ଅତ୍ୟନ୍ତ ସୁନିଶ୍ଚିତ ଭାବରେ ବୁଦ୍ଧଦେବ ପ୍ରଥମ ଅନୁଭୂତିଟିକୁ ଲାଭ କରିଥିଲେ, ମାତ୍ର ସିଏ ଦ୍ୱିତୀୟଟିର କୌଣସି କଳ୍ପନାହିଁ କରି ନ ଥିଲେ; କାରଣ ଏଇଟି ତାଙ୍କ ସିଦ୍ଧାନ୍ତଟିର ସଂପୂର୍ଣ୍ଣ ବିପରୀତ ଥିଲା । ତାଙ୍କର ସିଦ୍ଧାନ୍ତ କହୁଥିଲା ଯେ ଆମକୁ ପଳାଇ ଯିବାକୁ ହେବ; ମାତ୍ର, ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ, ପଳାଇ ଯିବାର କେବଳ ଗୋଟିଏ ଉପାୟ ରହିଛି, ତାହା ହେଉଛି ମୃତ୍ୟୁ; ମାତ୍ର, ସ୍ୱୟଂ ବୁଦ୍ଧଦେବ ଯେପରି ଏତେ ସ୍ପଷ୍ଟ ଭାବରେ କହିଛନ୍ତି, ତୁମେ ମୃତ୍ୟୁ ପରେ ମଧ୍ୟ ତଥାପି ଜୀବନ ସହିତ ସଂପୂର୍ଣ୍ଣ ଭାବରେ ଲିପ୍ତ ହୋଇ ରହିପାରିବ, ତଥାପି ଜନ୍ମଚକ୍ରର ଅଧୀନ ହୋଇ ରହିଥିବ ଏବଂ କଦାପି ମୁକ୍ତି ଲାଭ କରି ପାରିବ ନାହିଁ । ଏବଂ ବସ୍ତୁତଃ, ସିଏ ଏହି କଥାଟିକୁ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଏହି ପୃଥିବୀରେ ବାରବାର ଜନ୍ମ ହୋଇ ବାରବାର ମରିବା ପରେ ଯାଇ ତୁମେ ସେହି ମୁକ୍ତିର ଅଧିକାରୀ ହେବା ଲାଗି ଆପଣାର ବିକାଶସାଧନ କରିପାରିବ । ମାତ୍ର, ଏହି ଜଗତରହିଁ ଆଉ ଆଦୌ କୌଣସି ଅସ୍ତିତ୍ୱ ରହିବ ନାହିଁ, ବୁଦ୍ଧଦେବ ଏକ ଆଦର୍ଶ ରୂପେ ଏହି କଥାଟିର

'oaob.nitrkl.ac.in' images reprocessed

କଳ୍ପନା କରୁଥିଲେ । ସତେଯେମିତି ଏକ ଭୁଲ କରି ପକାଇଥିବା ହେତୁ ସେ ଦ୍ରବ୍ୟ ପରମସତ୍ତାଙ୍କୁ ଦୋଷ ଦେଉଥିଲେ ଓ ତାହାର ମାର୍ଜନା ଲାଗି ଏକମାତ୍ର ଉପାୟ ରୂପେ, ଭୁଲଟିକୁ ସଂଶୋଧନ କରିବା ଲାଗି ସୃଷ୍ଟ ପୃଥିବୀଟିକୁ ବିନଷ୍ଟ କରି ଦେବା ଲାଗି ପରାମର୍ଶ ଦେଉଥିଲେ । ମାତ୍ର, ଅତ୍ୟନ୍ତ ସ୍ୱତଃସିଦ୍ଧ ଭାବରେ, ବୁଦ୍ଧି ଓ ତର୍କନ୍ୟାୟର ସମର୍ଥନ ତାଙ୍କ ପକ୍ଷରେ ରହିଛି ବୋଲି ଦେଖାଇବା ସକାଶେ ସେ ଦ୍ରବ୍ୟ ପରମ-ସତ୍ତାଙ୍କର ଅସ୍ତିତ୍ୱକୁ ସ୍ୱୀକାର କରି ନ ଥିଲେ । ମାତ୍ର, ଏପରି ଭୁଲ୍‌ଟିଏ କିଏ, କିପରି ଏବଂ କେଉଁମାର୍ଗରେ କଲା, ସେ ଏହି କଥାଟିର କେବେହେଲେ କୌଣସି ବ୍ୟାଖ୍ୟା ଦେଇ ନ ଥିଲେ । କେବଳ ଏତିକି କହୁଥିଲେ ଯେ, ପୃଥିବୀର ସୃଷ୍ଟି ହୋଇଛି ବାସନାରୁହିଁ ଏହାର ଆରମ୍ଭ ହୋଇଛି ଏବଂ ବାସନାରେହିଁ ଏହାର ଅବଶ୍ୟ ଶେଷ ହେବ । ସେ ପ୍ରାୟ ଏହି କଥାଟିକୁ କହିବାକୁ ବସିଥିଲେ ଯେ ଏହି ଜଗତ ହେଉଛି ସଂପୂର୍ଣ୍ଣ ଭାବରେ ଏକ ଆଶୟଗତ ସର୍ଜନା, ଅର୍ଥାତ୍ ଏକ ସାମୂହିକ ଭ୍ରମକଳ୍ପନା; ଏବଂ ତେଣୁ, ଭ୍ରମଟିର ଅପସାରଣ ହୋଇପାରିଲେ ଏହି ଜଗତର ମଧ୍ୟ ଅପସାରଣ ଘଟିବ । ମାତ୍ର ସେ ଏତେଦୂର ଅଗ୍ରସର ହୋଇପାରି ନ ଥିଲେ । ଶଙ୍କରହିଁ ତାଙ୍କର କାର୍ଯ୍ୟଟିକୁ ପୂର୍ଣ୍ଣ କରିବାକୁ ଆସିଲେ ଏବଂ ଆପଣାର ଶିକ୍ଷା ଦ୍ୱାରା ବିଷୟଟିର ପୂର୍ଣ୍ଣପୂର୍ତ୍ତି ଘଟାଇଥିଲେ ।

ଉଦାହରଣସ୍ୱରୂପ, ଯଦି ଆମେ ପଛକୁ ଯାଇ ଋଷିମାନଙ୍କର ଶିକ୍ଷାଗୁଡ଼ିକ ଉପରେ ଦୃଷ୍ଟିପାତ କରିବା, ତେବେ ଦେଖିବାକୁ ପାଇବା ଯେ, ସେଥିରେ ଏହି ଜଗତରୁ ପଳାୟନ କରିବାର ଆଦୌ କୌଣସି ଭାବନା ନ ଥିଲା; ସେମାନେ ଏହି ପୃଥିବୀରେହିଁ ଯଥାର୍ଥ ଉପଲବ୍ଧିଟି ସମ୍ଭବ ହେବ ବୋଲି ଘୋଷଣା କରିଥିଲେ । ସେମାନେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏକ ସ୍ୱର୍ଣ୍ଣଯୁଗର କଳ୍ପନା କରିଥିଲେ, ଯେତେ-ବେଳେ କି ଏହି ପୃଥିବୀପୃଷ୍ଠରେହିଁ ସେହି ଉପଲବ୍ଧିଟି ସମ୍ଭବ ହୋଇଯିବ । ମାତ୍ର, ଦେଶର ଆଧ୍ୟାତ୍ମିକ ଜୀବନରେ ଘଟିଥିବା ପ୍ରାଣଶକ୍ତିର ହ୍ରାସକୁ ପ୍ରଥମ ଅନୁମାନରୂପେ ଗ୍ରହଣ କରି, — ସେତେବେଳେ ଉପଗତ ହୋଇଥିବା ଏକ ଭିନ୍ନ ଦିଗ୍‌ବିନ୍ୟାସକୁ ସ୍ୱୀକାର କରି ··· ନିଶ୍ଚିତ ଭାବରେ ବୁଦ୍ଧଦେବଙ୍କର ଶିକ୍ଷାକୁହିଁ ମୂଳବିନ୍ଦୁ ରୂପେ ଗ୍ରହଣ କରି ପଳାୟନର ଏହି କଳ୍ପନାଟି ଆସି ଉପଗତ ହୋଇଥିଲା; ଏହି କଳ୍ପନାହିଁ ଦେଶର ପ୍ରାଣଶକ୍ତିକୁ ଦୁର୍ବଳ କରି ପକାଇଲା ··କାରଣ ତଦ୍ୱାରା ବ୍ୟକ୍ତିକୁ ଜୀବନ ସହିତ ଲାଗିଥିବା ତାହାର ସୂତ୍ରଟିକୁ ଛିଡ଼ାଇ ଦେବା ସକାଶେ ଉଦ୍ୟମ କରିବାକୁ ହେଲା । ବହିଃସ୍ଥ ସତ୍ୟ ଏକ ଭ୍ରମାତ୍ମକ ମିଥ୍ୟାରେ ପରିଣତ ହେଲା ଏବଂ ତା’ ବିଷୟରେ ମନୁଷ୍ୟର ଆଉ କିଛିହେଲେ କରିବାକୁ ଅଛି ବୋଲି କେହି ଚିନ୍ତା ମଧ୍ୟ କଲେ ନାହିଁ । ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ମନୁଷ୍ୟ ବିଶ୍ୱସ୍ଥ ଶକ୍ତିଠାରୁ ବିଚ୍ଛିନ୍ନ ହୋଇ ରହିଲା ଏବଂ ପ୍ରାଣଶକ୍ତି ହ୍ରାସ ହେବାକୁ ଲାଗିଲା

'oaob.nitrkl.ac.in' images reprocessed

ଏବଂ, ଏହି ପ୍ରାଣଶକ୍ତି ସହିତ ଉପଲବ୍ଧିର ଯାବତୀୟ ସମ୍ଭାବନା ମଧ୍ୟ ହ୍ରାସ ହୋଇଗଲା ।

ମାତ୍ର ଏହା ପ୍ରକୃତରେ ଖୁବ ଉଲ୍ଲେଖଯୋଗ୍ୟ ଯେ ··· ମୁଁ ଏପରି ଅନେକ ବ୍ୟକ୍ତିଙ୍କୁ ଭେଟିଛି, ଯେଉଁମାନେ କି ଜୀବନଠାରୁ ବିଚ୍ଛିନ୍ନ ଏବଂ ଅଲିପ୍ତ ହୋଇ ରହିବାର ଏହି ପ୍ରଣାଳୀଟିକୁ ଅଭ୍ୟାସ କରୁଥିଲେ ଏବଂ ଐକାନ୍ତିକ ଭାବରେ ଅନ୍ତର୍ଗତ ସତ୍ୟବୋଧଟି ମଧ୍ୟରେ ବାସ କରିବାକୁ ଲାଗିଥିଲେ । ଏହି ଲୋକମାନେ, ପ୍ରାୟ ସମସ୍ତେ,—ବହିଃଜୀବନରେ ଏମାନେ ସମ୍ପୂର୍ଣ୍ଣ ସ୍ଥୂଳ ସ୍ତରର କେତେ କେତେ ଭୁଲ୍ କରୁଥିଲେ । ସେମାନେ ଯେତେବେଳେ ଏହି ସାଧାରଣ ଚେତନା ମଧ୍ୟକୁ ଲେଉଟି ଆସୁଥିଲେ, ସେତେବେଳେ ସେମାନେ ଯେକୌଣସି ଶିଷ୍ଟ ବ୍ୟକ୍ତିଠାରୁ, ଉଦାହରଣସ୍ୱରୂପ ସୁସ୍ଥ, ସମ୍ପନ୍ନ ଏବଂ ବୌଦ୍ଧିକ ତଥା ନୈତିକ କ୍ଷେତ୍ରରେ ପ୍ରଭୂତ ବିକାଶ ସାଧନ କରିଥିବା ଜଣେ ବ୍ୟକ୍ତିଠାରୁ ଅନେକ ତଳେ ଯାଇ ରହିଛନ୍ତି ବୋଲି ଦୃଷ୍ଟ ହେଉଥିଲେ । ଆପଣାର ଧ୍ୟାନାବସ୍ଥାରୁ ଅର୍ଥାତ୍ ଐକାନ୍ତିକ ସଂକେନ୍ଦ୍ରଣ ମଧ୍ୟରୁ ବାହାରି ଏହି ବ୍ୟକ୍ତିମାନେ ଯେତେବେଳେ ଜୀବନଗତ ସାଧାରଣ ଆଚରଣକ୍ଷେତ୍ରକୁ ଆସୁଥିଲେ, ସେତେବେଳେ ସେମାନେ ଅତ୍ୟନ୍ତ ସ୍ଥୂଳ ଭାବରେ ଜୀବନ ବଞ୍ଚୁଥିଲେ । ସେମାନଙ୍କର ଅତି ସାଧାରଣ ସ୍ତରର ଦୋଷ ଓ ତ୍ରୁଟିମାନ ରହି ଯାଉଥିଲା । ଏହି ପ୍ରକାରର ବ୍ୟକ୍ତିମାନଙ୍କୁ ମୁଁ ବହୁସଂଖ୍ୟାରେ ଜାଣିଥିଲି । ଅଥବା, ସେମାନେ ସମ୍ଭବତଃ ଏପରି ଏକ ସୋପାନରେ ଆସି ପହଞ୍ଚିଥିଲେ, ଯେଉଁଠାରେ କି ସେମାନଙ୍କର ବାହ୍ୟ ଜୀବନ ପ୍ରାୟ ଗୋଟାଏ ପ୍ରକାରର ସ୍ୱପ୍ନରେ ପରିଣତ ହୋଇ ଯାଇଥିଲା, ତାହାର ଆଦୌ କୌଣସି ଅସ୍ତିତ୍ୱହିଁ ନ ଥିଲା । ମାତ୍ର ସେମାନଙ୍କର ସମ୍ପର୍କରେ ଆସି ସମ୍ପୂର୍ଣ୍ଣ ଭାବରେ ଏହିପରି ଏକ ଧାରଣା ହେଉଥିଲା ଯେ, ସେମାନେ ପ୍ରକୃତରେ ଗୋଟାସୁଦ୍ଧା ନିତାନ୍ତ ଅପୂର୍ଣ୍ଣ ହୋଇ ରହି ଯାଇଥିଲେ, ସମ୍ପୂର୍ଣ୍ଣ ଭାବରେ ଅପୂର୍ଣ୍ଣ ହୋଇ ରହିଥିଲେ; ଅର୍ଥାତ୍ ବାହ୍ୟ କ୍ଷେତ୍ରରେ ସେମାନଙ୍କ ଜୀବନରେ ଆଦୌ କିଛିହେଲେ ଦେଖିବାକୁ ମିଳୁ ନ ଥିଲା ।

> ମାତ୍ର, ବାହ୍ୟ ଚେତନାରେ ଏତେ ଅଧିକ ପରିମାଣରେ ନିମ୍ନରେ ରହିଲେ ଆଦୌ ଜଣେ ଧ୍ୟାନ କରିପାରିବ ବା କିପରି ? ସେତେବେଳେ ତ ଧ୍ୟାନ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ, ନୁହେଁ କି ?

ହଁ, ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ ।

'oaob.nitrkl.ac.in' images reprocessed

ତେବେ ଏହି ବ୍ୟକ୍ତିମାନେ କିପରି ଧ୍ୟାନ କରି ପାରନ୍ତି ?

ମାତ୍ର, ସେମାନେ ସେଥିରୁ ସମ୍ପୂର୍ଣ୍ଣ ଭାବରେ ବାହାରି ଚାଲି ଆସନ୍ତି; ସତେଯେପରି କ'ଣ ଗୋଟିଏ ପିନ୍ଧିଥିଲେ, ସେଇଟିକୁ ଓହ୍ଲାଇଦେଇ ଚାଲିଆସନ୍ତି । ତା'ପରେ ସେଇଟିକୁ ଅନ୍ୟଆଡ଼େ ରଖିଦେଇ ଆପଣା ସତ୍ତାର ଆଉ ଗୋଟିଏ ଭାଗରେ ଯାଇ ପ୍ରବିଷ୍ଟ ହୁଅନ୍ତି । ପ୍ରକୃତରେ ଠିକ୍ ଏହିପରିହିଁ ଘଟୁଥିଲା,—ସତେ ଯେପରି ସେମାନେ ଏହି ଚେତନାଟିକୁ କାଢ଼ି ନେଉଥିଲେ, ଆଉ ଗୋଟାଏ ପାଖରେ ନେଇ ରଖି ଦେଉଥିଲେ ଏବଂ ତା'ପରେ ନିଜ ସତ୍ତାର ଆଉଗୋଟିଏ ଅଂଶରେ ଯାଇ ପ୍ରବେଶ କରୁଥିଲେ । ଏବଂ, ସେମାନଙ୍କର ଧ୍ୟାନାବସ୍ଥାରେ, ଯେତେବେଳ ଯାଏ ସେମାନେ ସେହି ଅବସ୍ଥାରେ ରହୁଥିଲେ, ସବୁକିଛୁ ଅତ୍ୟନ୍ତ ଉତ୍ତମ ଭାବରେ କଟି ଯାଉଥିଲା । ମାତ୍ର, ଏହି ବ୍ୟକ୍ତିମାନେ, ଏମାନଙ୍କ ମଧ୍ୟରୁ ଅଧିକାଂଶ, ସେହି ଅବସ୍ଥାରେ ଥିଲାବେଳେ ପ୍ରକୃତରେ ଏକ ପ୍ରକାରର ସମାଧିର ଅବସ୍ଥା ମଧ୍ୟରେହିଁ ତଲ୍ଲୀନ ହୋଇ ରହୁଥିଲେ, ଏବଂ ସେତେବେଳେ ସେମାନେ କୌଣସି କଥା ମଧ୍ୟ କହିପାରୁ ନ ଥିଲେ । ଏବଂ ତେଣୁ, ଯେତେବେଳେ ସେହି ଅବସ୍ଥାରୁ ଲେଉଟି ଆସୁଥିଲେ ଏବଂ ଏହି ସାଧାରଣ ଚେତନା ମଧ୍ୟରେ ପୁନଃପ୍ରବେଶ କରୁଥିଲେ, ସେତେବେଳେ ସେଇଟି ପୂର୍ବରେ ଯେଉଁଠି ଥିଲା, ଠିକ୍ ସେହିଠାରେହିଁ ରହୁଥିଲା, ସେଥିରେ ଆଦୌ କୌଣସି ପରିବର୍ତ୍ତନ ହେଉ ନ ଥିଲା । ସେମାନଙ୍କ କ୍ଷେତ୍ରରେ ଆଦୌ କୌଣସି ସମ୍ପର୍କ ଘଟୁ ନ ଥିଲା ।

ବୁଝିଲ, ଏହି କଥାଟିକୁ ବୁଝିବା ତୁମ ଲାଗି ଏତେ କଷ୍ଟକର ହେଉଛି, କାରଣ ତୁମେ ଏଇଟିକୁ ଅଙ୍ଗେ ନିଭାଇ ନାହଁ, ଏବିଷୟରେ ମୂର୍ତ୍ତ ଭାବରେ ତୁମେ କିଛୁ ଜାଣି ନାହଁ; ତୁମେ ଜାଣି ନାହଁ ଯେ, ତୁମ ସତ୍ତାର ଭିନ୍ନ ଭିନ୍ନ ଭୂମି ରହିଛି । ସବୁ ସତ୍ତାଙ୍କର ଯେପରି ରହିଛି, ତୁମର ମଧ୍ୟ ଠିକ୍ ସେହିପରି ରହିଛି ଏବଂ ସେହି ଭୂମିଗୁଡ଼ିକର ପରସ୍ପର ସହିତ ହୁଏତ ଆଦୌ କୌଣସି ସମ୍ପର୍କ ନାହିଁ । ଏବଂ ତୁମେ ହୁଏତ ଅତ୍ୟନ୍ତ ନିପୁଣ ଭାବରେ ଗୋଟିଏ ଭୂମିରୁ ଆଉଗୋଟିଏ ଭୂମିକୁ ଅତିକ୍ରମ କରିଯାଇ ପାରୁଛ ଏବଂ ଏକ ନିର୍ଦ୍ଦିଷ୍ଟ ଚେତନାରେ ଯାଇ ବାସ କରି ପାରୁଛ । ସେତେବେଳେ ସେହି ଅନ୍ୟ ଭୂମିଟିକୁ ସମ୍ପୂର୍ଣ୍ଣ ସୁପ୍ତ ଅବସ୍ଥାରେହିଁ ଛାଡ଼ିଦେଇ ଯାଉଛ । ଏବଂ ପୁନଶ୍ଚ, କର୍ମରତ ହୋଇ ରହିଥିବା ସମୟରେ ମଧ୍ୟ,—ବିଭିନ୍ନ ସମୟରେ ସତ୍ତାର ବିଭିନ୍ନ ଅବସ୍ଥାହିଁ ତୁମର ସେହି କ୍ରିୟାତ୍ମକତାରେ ଆସି ପ୍ରବିଷ୍ଟ ହେଉଛି ଏବଂ, ଅତ୍ୟନ୍ତ ଯତ୍ନଶୀଳ ଭାବରେ ସେଗୁଡ଼ିକୁ ଏକତ୍ରବଦ୍ଧ କରି ରଖି ନ ପାରିଲେ, ସେମାନଙ୍କୁ ସମସ୍ତଙ୍କୁ ଏକ ସମଞ୍ଜସତା ମଧ୍ୟରେ ଆଣି ନ ରଖିଲେ, ସେଗୁଡ଼ିକ ମଧ୍ୟରୁ ହୁଏତ ଗୋଟିଏ ଗୋଟିଏ ପାଖରୁ ଖସି ବାହାରି

'oaob.nitrkl.ac.in' images reprocessed

ଯିବ, ଆଉଗୋଟିଏ ଆଉଗୋଟିଏ ପାଖରୁ ଖସି ବାହାରିଯିବ ଓ ତୃତୀୟଟିଏ ଏକ ଚତୁର୍ଥଟି ପାଖରୁ ମଧ୍ୟ ଆପଣାକୁ ଟାଣି ବାହାର କରିନେବ ଏବଂ ସେମାନେ ସମସ୍ତେ ସମ୍ପୂର୍ଣ୍ଣ ଭାବରେ ପରସ୍ପରର ବିରୋଧୀ ହୋଇ ରହିଥିବେ ।

ଉଦାହରଣସ୍ୱରୂପ, ଅନେକ ବ୍ୟକ୍ତି ଆପଣା ସତ୍ତାର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ବେଶ୍ ଗଠନମୂଳକ ଭାବରେ ଜୀବନ ବଞ୍ଚନ୍ତି, ନିଜ ଜୀବନକୁ ସଂଗଠିତ କରି ରଖିବାରେ ବେଶ୍ ସମର୍ଥ ହୁଅନ୍ତି ଏବଂ ଅତ୍ୟନ୍ତ ଉପଯୋଗୀ କର୍ମମାନ କରୁଥାନ୍ତି; ଏବଂ, ନିଜ ସତ୍ତାର ଆଉଏକ ଭାବରେ ସମ୍ପୂର୍ଣ୍ଣ ଧ୍ୱଂସମୂଳକ ହୋଇ ରହିଥାନ୍ତି ଏବଂ ଅନ୍ୟ ଭାଗଟି ଯାହାକିଛି ଗଢ଼ିକରି ରଖିଥାଏ, ତାହାକୁ ସର୍ବଦା ଭାଙ୍ଗି ନଷ୍ଟ କରିଦେବାରେ ଲାଗିଥାନ୍ତି । ଏହି ପ୍ରକାରର ବେଶ୍ ଅନେକ ସଂଖ୍ୟକ ବ୍ୟକ୍ତିଙ୍କୁ ମୁଁ ଜାଣିଥିଲି, ଯେଉଁମାନଙ୍କର ଜୀବନ ଆପାତତଃ ବେଶ୍ ଅସଙ୍ଗତିପୂର୍ଣ୍ଣ ହୋଇ ରହିଥିଲା; ମାତ୍ର ସେମାନଙ୍କ ସତ୍ତାର ଦୁଇଟି ଭାଗ ପରସ୍ପରର ପରିପୂରକ ରୂପେ କାର୍ଯ୍ୟ କରି ଏକ ସମନ୍ୱୟର ସ୍ଥାପନା କରି ରଖିବା ପରିବର୍ତ୍ତେ ପରସ୍ପରଠାରୁ ଅଲଗା ହୋଇ ରହିଥିଲେ ଓ ପରସ୍ପରର ବିରୋଧ କରିବାରେ ଲାଗିଥିଲେ ଏବଂ, ଗୋଟିଏ ଯାହାକିଛି କରୁଥିଲା, ଅନ୍ୟଟି ସେଇଟିକୁ ବିଗାଡ଼ି ଦେବାରେ ଲାଗିଥିଲା ଏବଂ ନିୟତ ଏହିପରି ଭାବରେହିଁ ସେମାନେ ଏହି ଭାଗରୁ ସେଭାଗକୁ ହୋଇ ଜୀବନ ଅତିବାହିତ କରୁଥିଲେ । ସେମାନଙ୍କର ଜୀବନ ଭାରି ସଂଗଠନବର୍ଜିତ ହୋଇ ରହିଥିଲା । ଏବଂ, ଏହିପରି ଲୋକମାନଙ୍କର ସଂଖ୍ୟା ଯେତେ ହୋଇଥିବ ବୋଲି ଆମେ ସାଧାରଣତଃ ଭାବିଥାଉ, ଏମାନେ ତା'ଠାରୁ ପ୍ରକୃତରେ ଅଧିକ ସଂଖ୍ୟାରେ ରହିଛନ୍ତି ।

ଅନେକ ଅତ୍ୟନ୍ତ ବିଶିଷ୍ଟ ସ୍ଥିତିମାନ ରହିଛି,—ସେଗୁଡ଼ିକ ସାଧାରଣ ସ୍ଥିତି-ଗୁଡ଼ିକଠାରୁ ଅନେକ ଉପରେ ଆ'ନ୍ତି ଓ ବାରିହୋଇ ପଡ଼ନ୍ତି—ଅତ୍ୟନ୍ତ ପରିଷ୍କାର ଓ ସ୍ପଷ୍ଟ ଭାବରେ ବାରିହୋଇ ପଡ଼ନ୍ତି, ମାତ୍ର ଅପେକ୍ଷାକୃତ କମ୍ ସମଗ୍ର ଭାବରେ ପରସ୍ପର ବିରୋଧୀ ହୋଇ ରହିଥାନ୍ତି, ତଥାପି ପରସ୍ପରର ବିରୋଧାଚରଣହିଁ କରୁଥାନ୍ତି । ଏହିପରି ଏକ ଅବସ୍ଥା ଅନେକ, ଅନେକ ସମୟରେ ଦେଖିବାକୁ ମିଳେ । ପୁନଶ୍ଚ, ଅଗ୍ରଗତି କରିବାକୁ ପ୍ରୟାସ କରୁଥିବା ସମୟରେ ଆମ ନିଜକୁ ମଧ୍ୟ ଏହିପରି ଏକ ଅନୁଭବ ପ୍ରାପ୍ତ ହୋଇଥାଏ; ସତ୍ତାର ଗୋଟିଏ ଭାଗ ସେହି ପ୍ରୟାସରେ ସହଯୋଗ କରୁଥାଏ, ଅଗ୍ରଗତିରେ ଅଂଶଗ୍ରହଣ କରୁଥାଏ ଏବଂ ହଠାତ୍, ଆଦୌ କୌଣସି ପ୍ରକାର କାରଣ ନ ଥାଇ, ଆମେ କରିଥିବା ଯାବତୀୟ ପ୍ରୟାସ ଏବଂ ହାସଲ କରିଥିବା ଯାବତୀୟ ଅଗ୍ରଗତି ଏପରି ଏକ ଅନ୍ୟ ବସ୍ତୁଟିର ସମ୍ମୁଖକୁ ଆସି ଧକ୍କା ବାଜେ ଓ ଓଲଟି ପଡ଼େ, ଯାହା କି ଅତ୍ୟନ୍ତ ଅନ୍ୟପ୍ରକାର ହୋଇ

'oaob.nitrkl.ac.in' images reprocessed

ରହିଥାଏ ଓ ନିର୍ଦ୍ଧାରଣ କରୁଥାଏ; ଏବଂ, ତା'ଉପରେ ଆମର ଆଦୌ କୌଣସି ଅଧିକାର ନ ଥାଏ ।

କେତେଲୋକ ଅଛନ୍ତି ଯେଉଁମାନଙ୍କ ମନମାନ କୌଣସି ଏକ ପ୍ରୟାସ କରୁଥାନ୍ତି ଓ ନିଜ ଭିତରେ କଳ୍ପନା କିଛି ଗଠନ କରିବାରେ ସଫଳ ହୋଇଥାନ୍ତି; ସେମାନେ ରାତିରେ ଶୋଇବାକୁ ଯାଆନ୍ତି ଓ ତହିଁ ଆରଦିନ ସକାଳେ, ପୂର୍ବ ଦିନଟିରେ ସେମାନେ ଯାହାକିଛି କରିଥାନ୍ତି, ସେଇଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥାଏ, — ଅଚେତନାର ଏକ ଅବସ୍ଥା ମଧ୍ୟରେ ସେମାନେ ତାହାକୁ ହରାଇ ଦେଇଥାନ୍ତି । ଏକଥା ଅନେକ ସମୟରେ ଘଟେ; ଏଗୁଡ଼ିକୁ ଆଦୌ କିଛି ବୈଚିତ୍ର୍ୟମ ବୋଲି କହି ହେବ ନାହିଁ । ଏବଂ ଏହି କାରଣରୁହିଁ କେତେକ ବ୍ୟକ୍ତି — ଉଦାହରଣସ୍ୱରୂପ ଯେଉଁବେଳେ ସେମାନେ ନିଜକୁ ଆପଣାର ଉଚ୍ଚତର ମନର କ୍ଷେତ୍ରକୁ ପ୍ରତ୍ୟାହୃତ କରି ନେଇଥାନ୍ତି — ସେମାନେ ଗଭୀର ଧ୍ୟାନ ଭିତରେ ପ୍ରବିଷ୍ଟ ହୋଇ ପାରନ୍ତି ଏବଂ ଏହି ସଂସାରର ବସ୍ତୁଗୁଡ଼ିକ ମଧ୍ୟରୁ ଆପଣାକୁ ମୁକ୍ତ କରି ନେଇ ପାରନ୍ତି ଏବଂ ତା'ପରେ, ଯେଉଁବେଳେ ସେମାନେ ଆପଣାର ସାଧାରଣ ସ୍ଥୂଳ ଚେତନା ମଧ୍ୟକୁ ଫେରି ଆସନ୍ତି, ସେତେବେଳେ ସେମାନେ ଅସଭ୍ୟ ନ ହେଲେ ବି ଅତ୍ୟନ୍ତ ସାମାନ୍ୟ ସ୍ତରର ହୋଇ ରହନ୍ତି; କାରଣ, ସମ୍ପର୍କଟିକୁ ସ୍ଥାପନ କରିବାକୁ ସେମାନେ ଆଦୌ କୌଣସି ପ୍ରୟାସ କରି ନ ଥାନ୍ତି; ଯାହା ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛି, ତାହା ଯେ ନିମ୍ନସ୍ଥ ବସ୍ତୁଗୁଡ଼ିକ ଉପରେ କ୍ରିୟା କରେ ଓ ସେଗୁଡ଼ିକୁ ରୂପାନ୍ତରିତ କରିଦେଇ ପାରେ, ସେମାନେ ସେକଥା ଦେଖିପାରି ନ ଥାନ୍ତି ।

ବୁଝିଲ ?

ମାଆ, ମୁଁ ବୁଦ୍ଧଦେବଙ୍କ ବିଷୟରେ ଗୋଟିଏ ପ୍ରଶ୍ନ ପଚାରିବି । ଆପଣ କହିଥିଲେ ଯେ, ଦିବ୍ୟ ପରମ ସତ୍ତା ଯେ ପୃଥିବୀ ଉପରେ ଅବସ୍ଥାନ କରିପାରନ୍ତି, ତାହା ଦେଖାଇ ଦେବାକୁହିଁ ଅବତାର ପୃଥିବୀ ଆସନ୍ତି । ମାତ୍ର ବୁଦ୍ଧଦେବ କାହିଁକି ଏହାର ଠିକ୍ ବିପରୀତ କଥାଟି ପ୍ରଚାର କଲେ ? ତାଙ୍କୁ ଆମେ ଅବତାର ବୋଲି କହିବା ନା ନାହିଁ ?

ସେ କଥା ... ଅନେକ ଲୋକ ସିଏ ଅବତାର ଥିଲେ ବୋଲି କହନ୍ତି । ଅନ୍ୟମାନେ ତାହା ସ୍ୱୀକାର କରନ୍ତି ନାହିଁ । ମାତ୍ର, ସତ କଥା କହିବାକୁ ଗଲେ, ଏହା ହେଉଛି ...

'oaob.nitrkl.ac.in' images reprocessed

ମୁଁ ସ୍ୱୀକାର କରୁଛି ଯେ ଏହି ପ୍ରଥମ କଥାଟି, ଅର୍ଥାତ୍, ଦିବ୍ୟ ପରମସତ୍ତା ସେପରି ପ୍ରମାଣିତ କରାଇଦେବାକୁହିଁ ଅବତାର ପୃଥିବୀକୁ ଆସନ୍ତି, ··· ଏହି କଥାଟିକୁ ଶବ୍ଦ ଦ୍ୱାରା ଯେତେ ପ୍ରମାଣିତ କରି ନ ହୁଏ, ଏକ ନିର୍ଦ୍ଦିଷ୍ଟ ଉପଲବ୍ଧି ଦ୍ୱାରାହିଁ ତାହାକୁ ଅଧିକ ପରିମାଣରେ ପ୍ରମାଣିତ କରି ହୁଏ । ଏବଂ ମୁଁ ଦିବ୍ୟ ପରମସତ୍ତାଙ୍କର ଏହି ବିଷୟଟିକୁହିଁ ତାଙ୍କର ରୂପାନ୍ତରକାରୀ ତଥା ବିଧ୍ୱଂସକାରୀ ବିଷୟଟି ଅପେକ୍ଷା ବରଂ ଅଧିକ ସମୀଚୀନ ଭାବରେ ଗଠନାତ୍ମକ ଏବଂ ସଂରକ୍ଷଣମୂଳକ ବୋଲି ସ୍ୱୀକାର କରୁଛି । ଭାରତରେ ପରିଚିତ ହୋଇରହିଥିବା ନାମଗୁଡ଼ିକ ସାହାଯ୍ୟରେ କହିବାକୁ ଗଲେ, ମୁଁ ସ୍ୱୀକାର କରେ ଯେ ବିଷ୍ଣୁଙ୍କର ଅବତାରଗୁଡ଼ିକହିଁ ଅଧିକତର ପରିମାଣରେ ଦିବ୍ୟ ପରମସତ୍ତା ପୃଥିବୀପୃଷ୍ଠକୁ ଆସି ପାରିବେ ବୋଲି ପ୍ରମାଣ କରିଦେବାକୁ ସଂସାରକୁ ଆସନ୍ତି; ମାତ୍ର, ଅନ୍ୟ ପକ୍ଷରେ, ଯେତେଥର ଶିବ ଏହି ସଂସାରରେ ରୂପ ଗ୍ରହଣ କରିଛନ୍ତି, ସିଏ ସର୍ବଦା ଏହିପରି ଭାବରେହିଁ ଆପଣାକୁ ପ୍ରକାଶ କରିଛନ୍ତି, ସେ ଏଭଳି ସତ୍ତାମାନଙ୍କ ମଧ୍ୟରେ ଆବିର୍ଭୂତ ହୋଇଛନ୍ତି ଯେ, ଯେଉଁମାନେ କି ଏକ ଭିମ ବିରୁଦ୍ଧରେ ସଂଗ୍ରାମ କରିଛନ୍ତି ଓ ପୃଥିବୀରେ ଯାହାକିଛି ଥିଲା, ତାହାକୁ ଧ୍ୱଂସ କରି ଦେଇଛନ୍ତି ।

ମୋ ବିଚାରରେ ବୁଦ୍ଧ ହେଉଛନ୍ତି ଏପରି ଏକ ଅବତାର । ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ସିଏ କେତେକ ପରିମାଣରେ ଶିବଙ୍କର ଶକ୍ତିକୁହିଁ ପ୍ରକାଶ କରିଥିଲେ : ସେହି କରୁଣାର ଭାବ, ଯାବତୀୟ ଦୁଃଖ ବିଷୟରେ ସେହି ଗୋଟିଏ ପ୍ରକାରର ବୋଧ, ଏବଂ ସେହି ଏକା ପ୍ରକାରର ଧ୍ୱଂସ କରିଦେବାର ଶକ୍ତି—ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ରୂପାନ୍ତରିତ କରିଦେବାର ଅଭିପ୍ରାୟହିଁ ଏହି ସବୁକିଛିର ଅଭିପ୍ରାୟ ହୋଇ ରହିଥିଲା । ମାତ୍ର ତାହା ଗଠନ କରିବା ଅପେକ୍ଷା ଅଧିକ ପରିମାଣରେ ଧ୍ୱଂସହିଁ କରିଥାଏ । ବୁଦ୍ଧଙ୍କର କାର୍ଯ୍ୟ ଖୁବ୍ ବେଶୀ ସଂଗଠନାତ୍ମକ ହୋଇପାରିଛି ବୋଲି ଆଦୌ ମନେ ହେଉ ନାହିଁ । ଅହଂ ଦ୍ୱାରା ପ୍ରେରିତ ନ ହେବା ସକାଶେ ବ୍ୟାବହାରିକ ଭାବରେ ଲୋକମାନଙ୍କୁ ଶିଖାଇଦେବାର ସେତେବେଳେ ଏକାନ୍ତ ଆବଶ୍ୟକତା ରହିଥିଲା; ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ ତାହା ପ୍ରକୃତରେ ଅତ୍ୟାବଶ୍ୟକ ଥିଲା । ମାତ୍ର, ଆପଣାର ଗଭୀରତର ସିଦ୍ଧାନ୍ତର କ୍ଷେତ୍ରରେ ତାହା ପୃଥିବୀର ରୂପାନ୍ତର ସାଧନ କରିବାରେ ଆଦୌ ଖୁବ୍ ବେଶୀ ସାହାଯ୍ୟ କରିପାରି ନାହିଁ ।

ମୁଁ ଯେପରି କହୁଥିଲି, ପୃଥ୍ୱୀ ଜୀବନ ମଧ୍ୟରେ ଉଚ୍ଚତର ପରମ ଚେତନାର ଅବତରଣରେ ସହାୟକ ହେବା ପରିବର୍ତ୍ତେ ତାହା ଗଭୀରତର ଚେତନାକୁ ଅନ୍ୟ ଯାବତୀୟ ଅଭିବ୍ୟକ୍ତିରୁ ବିଚ୍ଛିନ୍ନ କରି ରଖିବା ଦିଗରେହିଁ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ

'oaob.nitrkl.ac.in' images reprocessed

ପ୍ରୋତ୍ସାହନ ଦେଇଛୁ; ଗମ୍ଭୀରତର ଚେତନାକୁ ବୁଦ୍ଧଦେବ ଏକମାତ୍ର ଯଥାର୍ଥ ଚେତନା ବୋଲି କହୁଥିଲେ ।

ତଦ୍‌ବ୍ୟ ପରମସତ୍ତାଙ୍କର ପୃଥିବୀ ଉପରକୁ ଅବତୀର୍ଣ୍ଣ ହୋଇ ଆସିବା ବିଷୟରେ କହିବାକୁ ଗଲେ, — ହଁ, ଯେଉଁମାନେ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନେ ତାଙ୍କୁ ଏକ ଈଶ୍ୱରରେ ପରିଣତ କରିଛନ୍ତି । ମନୁଷ୍ୟ ଯାହାକୁ ବଡ଼ ବୋଲି କହି ପ୍ରଶଂସା କରେ, ତାହାର ପ୍ରକୃତି ମଧ୍ୟରେ କପରି ତାକୁ ଏକ ଈଶ୍ୱରରେ ପରିଣତ କରିଦେବାର ପ୍ରବୃତ୍ତି ରହିଥାଏ, ତାହା ଜାଣିବା ସକାଶେ ସକଳ ବୌଦ୍ଧ ମନ୍ଦିର ଏବଂ ବୌଦ୍ଧ ଦେବତାମାନଙ୍କ ଆଡ଼କୁ ଦୃଷ୍ଟିପାତ କଲେହିଁ ଅବଶ୍ୟ ଯଥେଷ୍ଟ ହେବ ।

ଏଥର ବୁଝିଲ ?

ଆମେ ଆଉକିଛି ପଚାରିବାକୁ ଇଚ୍ଛା କରୁଛୁ । ଏହି ବିଷୟରେ ଅନେକବାର ଆଲୋଚନା ହୋଇଥାଏ : ଯେଉଁସବୁ ସଂଗୀତର କୌଣସି ଅର୍ଥ ନ ଥାଏ, ଉଦାହରଣସ୍ୱରୂପ ସିନେମା ଗୀତମାନ — ଏହିସବୁ ସଂଗୀତରେ ଆମର ଆଦୌ କୌଣସି ଆଗ୍ରହ ପ୍ରକାଶ କରିବା ଉଚିତ ହେବ କି ?

ଆଗ୍ରହ ପ୍ରକାଶ କରିବା ? ତୁମ କହିବାର ଅଭିପ୍ରାୟ ?

ଅନେକ ଲୋକ ସେଗୁଡ଼ିକ୍ ଶୁଣନ୍ତି ଓ ଗାଆନ୍ତି ମଧ୍ୟ ।

ହଁ, ମାତ୍ର ମୁଁ "ଆଗ୍ରହ ପ୍ରକାଶ କରିବା" କଥାଟିକୁ ବୁଝିପାରୁ ନାହିଁ । ନିଜର ଯଥାର୍ଥ ରୁଚି ନ ଥିଲେ ହୁଏତ ସେସବୁ ଭଲ ଲାଗିପାରେ, ମାତ୍ର ଏଠାରେ "ଆଗ୍ରହ ପ୍ରକାଶ କରିବା"ର ଅର୍ଥଟିକୁ ମୁଁ ମୋଟେ ବୁଝିପାରୁ ନାହିଁ । ଆମେ ଏକ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରୁ, କୌଣସି କାର୍ଯ୍ୟରେ ଆଗ୍ରହ ପ୍ରକାଶ କରୁ; ଯେଉଁ ଅଗ୍ରଗତି କରିବାକୁ ରହିଛି, ସେଥିରେ ଆଗ୍ରହ ପ୍ରକାଶ କରୁ, ମାତ୍ର···ଆମେ ଇଚ୍ଛା କଲେ ହୁଏତ କୌଣସି ଆଳସ୍ୟମୟ କାର୍ଯ୍ୟରେ ମଗ୍ନ ହୋଇ ରହିପାରୁ,— ମାତ୍ର ତାହାର ଅର୍ଥ ନୁହେଁ ଯେ ଆମେ ତାହା ପ୍ରତି ଏକ ଆଗ୍ରହ ପ୍ରକାଶ କରିବା ।

ଯଦି ଏହିସବୁ ଗୀତ ଗାଇବାକୁ ପଡ଼େ ?

ଗାଇବାକୁ ପଡ଼େ ? କାହିଁକି ? ଜୀବିକା ନିର୍ବାହ କରିବା ପାଇଁ ? (ସମସ୍ତେ ହସିଲେ)

'oaob.nitrkl.ac.in' images reprocessed

ଏହା ଆମ ଅଗ୍ରଗତିରେ ବାଧା ସୃଷ୍ଟି କରେ କାହିଁକି ?

ମାତ୍ର, ଯାହାକିଛି ଆମ ଚେତନାକୁ ତଳକୁ ଖସାଇ ଆଣେ, ତାହା ଆମର ଅଗ୍ରଗତିରେ ଅବଶ୍ୟ ବାଧା ସୃଷ୍ଟି କରେ। ଯଦି ତୁମ ଭିତରେ ଏକ ବାସନା ରହିଥାଏ, ତେବେ ତଦ୍ୱାରା ତୁମ ଅଗ୍ରଗତିରେ ବାଧା ସୃଷ୍ଟି ହୁଏ; ତୁମ ଭିତରେ ଯଦି ଏକ ମନ୍ଦ ଭାବନା କିଂବା ମନ୍ଦ ଇଚ୍ଛା ରହିଥାଏ, ତେବେ ତଦ୍ୱାରା ଅଗ୍ରଗତିରେ ବାଧା ସୃଷ୍ଟି ହୁଏ। ଯଦି ତୁମେ କୌଣସି ପ୍ରକାରର ମିଥ୍ୟାକୁ ଯାଇ ଡାକ ନେଇଆସ, ତେବେ ଅଗ୍ରଗତିରେ ବାଧା ସୃଷ୍ଟି ହୁଏ। ଏବଂ ଯଦି ତୁମେ ନିଜ ଭିତରେ ଅଶାଳୀନତାକୁ ବୃଦ୍ଧି ପାଇବା ଲାଗି ବାଟ ଛାଡ଼ିଦିଅ, ତେବେ ତାହା ତୁମର ଅଗ୍ରଗତିରେ ବାଧା ସୃଷ୍ଟି କରେ। ପରମ ସତ୍ୟ ସହିତ ଯାହାର ସଙ୍ଗତି ନ ଥାଏ, ତାହା ଅଗ୍ରଗତିର ପଥରେ ଏକ ବାଧା ପରି କାର୍ଯ୍ୟ କରେ। ଏବଂ, ପ୍ରତ୍ୟେକ ଦିନ ଏହିପରି ଶହ ଶହ କଥାର ସମ୍ମୁଖୀନ ହେବାକୁ ହୋଇଥାଏ।

ଉଦାହରଣସ୍ୱରୂପ, ଧୈର୍ଯ୍ୟହୀନତା, କ୍ରୋଧ, ହିଂସାର ଅଭିବ୍ୟକ୍ତି କରାଉ-ଥିବା ଯାବତୀୟ କ୍ରିୟାତ୍ମକତା, ଦପଟାଦରଣ ଲାଗି ରହିଥିବା ଯାବତୀୟ ପ୍ରବୃତ୍ତି, ସାନ ହେଉ ବା ବଡ଼ ହେଉ, ସତ୍ୟର ଯାବତୀୟ ବିକୃତୀକରଣ, ଯାବତୀୟ ଅସତ୍-ଇଚ୍ଛା, ପକ୍ଷାଘାତ ଯାବତୀୟ ବିସ୍ୱର, ଯାବତୀୟ ଅଶ୍ରୁଚ, ମନ୍ଦ ରୁଚି ଏବଂ··· ଅଶାଳୀନତା ଲାଗି ଦିଆ ଯାଉଥିବା ଯାବତୀୟ ପ୍ରୋତ୍ସାହନ,—ଏହି ସବୁକିଛି ସବୁବେଳେ ଆମର ପଥରେ ପ୍ରତିବନ୍ଧକ ହୋଇ ଠିଆ ହୋଇଥାନ୍ତି। ଏହି ସବୁକିଛି, ବଡ଼ ବା ସାନ, କ୍ଷଣସ୍ଥାୟୀ ଅଥବା ବହୁକାଳସ୍ଥାୟୀ ଏହି ସବୁକିଛିକୁ ଆମେ ପ୍ରକୃତରେ ଗୋଟିଏ ଗୋଟିଏ ପଥରମୁଣ୍ଡା ବୋଲି ଜାଣିବା, ଯାହାଦ୍ୱାରା କି ଏକ ପାଚେରି ଗଢ଼ା ହୋଇଁ ଠିଆ ହୋଇଯାଏ ଓ ତାହା ଆମକୁ ଆଗକୁ ଯିବାକୁ ବାଟ ଓଗାଳି ରଖେ। ଏହା ମାତ୍ର ଗୋଟିଏ ନୁହେଁ, ଏପରି ଶହଶହ ଓ ହଜାର ହଜାର କଥା ସବୁବେଳେ ରହିଥାଏ। ଆପଣା ଭିତରେ କୌଣସି ଅଗ୍ରରୁଚିଟିଏ ପୋଷଣ କଲେ, ଟିକଏ ଧୈର୍ଯ୍ୟହୀନ ହୋଇ ପଡ଼ିଲେ, କ'ଣ ଗୋଟିଏ ଜିନିଷକୁ ଲୁଚାଇ ରଖିବା ଲାଗି କିଞ୍ଚିତ୍ ବାସନା ଜନ୍ମିଲେ, ବିରକ୍ତ ଜାତ ହେଲେ, ପ୍ରୟାସ ପ୍ରତି ଅରୁଚି ଆସିଗଲେ,—ତାହାହିଁ ଏକ ବାଧାର ସୃଷ୍ଟି ହେବା ଲାଗି ଯଥେଷ୍ଟ ହୁଏ। ବାସନା ବା ଘୃଣା ସହିତ ସମ୍ବନ୍ଧିତ ଯାହାକିଛି ମଧ୍ୟ ଯଥେଷ୍ଟ ହୋଇଯାଏ,—ତାହାର ଦ୍ୱାରାହିଁ ତୁମର ଅଗ୍ରଗତି ବାଧାପ୍ରାପ୍ତ ହୁଏ। ଏବଂ ତା'ପରେ, ଏକ ବୌଦ୍ଧିକ ସତ୍ତା, କଳାତ୍ମକ ସତ୍ତା, ଅନ୍ତର୍ଗତ ତଥା ବହିରଙ୍ଗ ସମସ୍ତର ଦୃଷ୍ଟିରୁ ବିସ୍ୱର ଜଣ ଦେଖିଲେ, ଯଥାର୍ଥ ରୁଚିର ଅଭାବ ଘଟିବା ମାତ୍ରକେହିଁ,—ତାହା ଯାହା ହୋଇଥାଉ ପଛକେ—ତଦ୍ୱାରା ଏକ ସାଂଘାତିକ ପ୍ରତିବନ୍ଧକର ସୃଷ୍ଟି ହୋଇଥାଏ।

'oaob.nitrkl.ac.in' images reprocessed

ମୁଁ ଅବଶ୍ୟ କହିବି ଯେ ଭୂତ, ତଥା କଳାତ୍ମକ ଏବଂ ସାହିତ୍ୟିକ ଦୃଷ୍ଟିର ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି ପୃଥିବୀ ହେଉଛି ନାନା ଅଶୋଭନୀୟତା ଦ୍ୱାରା ଭର୍ତ୍ତି ହୋଇ ରହିଥିବା ଏକ ପୃଥିବୀ । ଗୋଟିଏ ପକ୍ଷରେ, ପ୍ରକୃତରେ ଉତ୍କୃଷ୍ଟ ଉଚ୍ଚ, ଶୁଦ୍ଧ ଏବଂ ମହତ୍ତ୍ୱପୂର୍ଣ୍ଣ କିଛି ଆବିଷ୍କାର କରି ପାରିବା ଲାଗି ଅନେକ ପ୍ରଚେଷ୍ଟାର ପ୍ରୟୋଜନ ହୋଇଥାଏ; ଏବଂ ଅନ୍ୟପକ୍ଷରେ, ଠିକ୍ ଅନ୍ୟ ପ୍ରାନ୍ତସୀମାଟିରେ, ଏହା ଏପରି ଏକ ଅଶ୍ଳୀଳତା ଏବଂ ଅଭଦ୍ରତା ଭିତରେ ଯାଇ ପୋତି ହୋଇଯାଏ, ଯାହାକୁ କି ବିଗତ ଦୁଇ ବା ତିନି ଶତାବ୍ଦୀର ଅଭଦ୍ରତାଠାରୁ ଅନନ୍ତ ଗୁଣରେ ନିକୃଷ୍ଟ ଅଧିକ ବୋଲି କୁହାଯିବ । ଏହି କ୍ଷେତ୍ରରେ ଏହାହିଁ ଏକ କୌତୂହଳର ବିଷୟ ଯେ, ଆମେ ଦୁଇ ତିନି ଶତାବ୍ଦୀ ପଛକୁ ଫେରିଯାଇ ଯଦି ସେତେବେଳେ ବାସ କରୁଥିବା ଲୋକମାନଙ୍କର ବିଚାର କରିବା, ତେବେ ଦେଖିବା ଯେ, ସେତେବେଳେ ଯେଉଁମାନଙ୍କର ସଂସ୍କୃତି ନ ଥିଲା, ସେମାନେ ଅମାର୍ଜିତ ହୋଇ ରହିଥିଲେ ସତ, ମାତ୍ର ସେମାନଙ୍କର ଅମାର୍ଜିତତା ଇତର ପ୍ରାଣୀମାନଙ୍କ ଅମାର୍ଜିତତାର ସଦୃଶ ହୋଇ ରହିଥିଲା ଏବଂ ସେଥିରେ ଆଦୌ ଖୁବ୍ ବେଶୀ ବିକୃତି ନ ଥିଲା । କିଛିଟା ବିକୃତି ଅବଶ୍ୟ ରହିଥିଲା, କାରଣ, ମନ ଆସି ପହଞ୍ଚିଗଲା ମାତ୍ରେହିଁ ବିକୃତି ମଧ୍ୟ ଅବଶ୍ୟ ପ୍ରବେଶ କରିଥାଏ, ମାତ୍ର ସେହି ବିକୃତି ଆଦୌ ଅଧିକ ପରିମାଣରେ ନ ଥିଲା । କିନ୍ତୁ ବର୍ତ୍ତମାନ, ଯାହାକିଛି ସର୍ବୋଚ୍ଚ ଶିଖରକୁ ଉଠିପାରୁ ନାହିଁ, ଯାହାକିଛି ଭୂମିର ସମତଳ ହୋଇ ରହୁଛି, ତାହା ଆପଣାର ଅମାର୍ଜିତତାରେ ସମ୍ପୂର୍ଣ୍ଣ ଭାବରେ ବିକୃତ ହୋଇ ପଡ଼ୁଛି; ଅର୍ଥାତ୍, ତାହା ଯେ କେବଳ ଅଜ୍ଞାନ-ଆଚ୍ଛାଦିତ ଓ ନିର୍ବୋଧ ହୋଇ ରହୁଛି ତା' ନୁହେଁ, ତାହା ସବୁ ଦୂଷିତ, ଆବର୍ଜନାମୟ ଏବଂ ଘୃଣାସ୍ପଦ ହୋଇ ପଡ଼ୁଛି, ବଡ଼ ବିକୃତ ଏବଂ ଦୁଷ୍ଟତାଯୁକ୍ତ ହୋଇ ରହୁଛି, ଅତ୍ୟନ୍ତ ନିମ୍ନକୁ ଖସିଯାଉଛି । ଏବଂ, ମନର ଅସଦ୍‌ବ୍ୟବହାର କରିବାରୁହିଁ ଏହା ସମ୍ଭବ ହୋଇଛି । ମନ ନ ଥିଲା ବେଳେ ଏହି ବିକୃତି କେବେହେଲେ ନ ଥିଲା, ମାତ୍ର ମନର ଅସଦ୍‌ବ୍ୟବହାର ଦ୍ୱାରାହିଁ ଏହି ବିକୃତି ଉତ୍ପନ୍ନ ହୋଇଛି । ଯାବତୀୟ ଦୃଷ୍ଟିରୁହିଁ ତାହା ଏକ କୁତ୍ସିତ ବସ୍ତୁରେ ପରିଣତ ହୋଇ ଯାଉଛି, ସବୁ ଅଭଦ୍ର ଏବଂ ଅସୁନ୍ଦର ହୋଇ ପଡ଼ୁଛି ।

ଏପରି ଅନେକ ବସ୍ତୁ ରହିଛି ଯାହାକୁ କି ଏବେ ଅତ୍ୟନ୍ତ ସୁନ୍ଦର ବୋଲି ବିଚାର କରାଯାଉଛି···ଏହି ଅସୁନ୍ଦର ବୋଲି କୁହା ଯାଉଥିବା ବସ୍ତୁଗୁଡ଼ିକୁ ମୁଁ ଫଟୋରେ ଏବଂ ଅନୁକୃତିରେ କେତେଥର ଦେଖିଛି । ମାତ୍ର ବିକୃତିର ମାତ୍ରାରେ ସେଗୁଡ଼ିକୁ ପ୍ରକୃତରେ ଅତି ଭୟଙ୍କର ସ୍ତରରେ ଅବଶ୍ୟ ହୋଇ ରହିବାକୁ ହେବ; ତଥାପି ଲୋକେ ସେଗୁଡ଼ାକୁ ଦେଖି ଉଚ୍ଛ୍ୱାସରେ ଭାବାଭିଭୂତ ହୋଇ ଯାଆନ୍ତି ଏବଂ ସେଗୁଡ଼ିକୁ କେଡ଼େ ସୁନ୍ଦର ବୋଲି କହନ୍ତି । କାରଣ ତା'ଭିତରେ କେତେକ

'oaob.nitrkl.ac.in' images reprocessed

ବିକୃତ ରହିଥାଏ,—କେବଳ ଯେ ସଂସ୍କୃତିର ଅଭାବ ରହିଥାଏ ଓ ଅତ୍ୟନ୍ତ ଅବିକଶିତ ଅବସ୍ଥାର ପରିଚୟ ଦେଉଥାଏ ତା'ନୁହେଁ, ମାତ୍ର ବିକୃତ ହୋଇ ଯାଇଥାଏ, ତା'ଠାରୁ ଆହୁରି ତଳସ୍ତରରେ ରହିଥାଏ; କାରଣ, ଅଜ୍ଞାନମୟ ଏବଂ ଅଶିକ୍ଷିତ କୌଣସି କ୍ଷେତ୍ରକୁ ସଦ୍ୱାପନ ଆଣିଦେବା ଅପେକ୍ଷା ବିକୃତିଯୁକ୍ତ ଏବଂ ଚଦାକୃତ କୌଣସି ବସ୍ତୁରେ ପୁନର୍ବାର ସୌନ୍ଦର୍ଯ୍ୟ ଆଣିଦେବା ପ୍ରକୃତରେ ଅନେକ ଅଧିକ କଷ୍ଟକର । ମୁଁ ସ୍ୱୀକରୁଛି ଯେ କେତେକ ନିର୍ଦ୍ଦିଷ୍ଟ ବସ୍ତୁ ଏହି ବିକୃତି ଲାଗି ଗୋଟିଏ ଗୋଟିଏ ବିଶିଷ୍ଟ ନିମିତ୍ତ ରୂପେ କାର୍ଯ୍ୟ କରୁଛି ଏବଂ ଏଥିମଧ୍ୟରେ ସିନେମାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇ ପାରିବ । ସିନେମା ଶିକ୍ଷା ଏବଂ ବିକାଶ ଲାଗି ଅବଶ୍ୟ ଏକ ସାଧନ ହୋଇପାରିଥାନ୍ତା ଏବଂ ଏହା ଦିନେ ସେଭଳି ହୋଇପାରିବ ବୋଲି ମୋର ଆଶା ମଧ୍ୟ ରହିଛି; ମାତ୍ର ବର୍ତ୍ତମାନ ମୁହୂର୍ତ୍ତରେ ତାହା ବିକୃତିରହିଁ ସାଧନରେ ପରିଣତ ହୋଇଯାଇଛି । ପ୍ରକୃତରେ ଏକ ଅତ୍ୟନ୍ତ ଭୟଙ୍କର ବିକୃତିର ସାଧନରେ ପରିଣତ ହୋଇଛି । ତାହା ରୁଚିକୁ ବିକୃତ କରିଦେଇଛି, ଚେତନାକୁ ବିକୃତ କରି ଦେଇଛି ଏବଂ ସବୁକିଛିକୁ ଏକ ଭୟଙ୍କର ନୈତିକ ତଥା ବାହ୍ୟ-ଭୂମିଗତ କଳୁଷିତତାରେ ଭରି ଦେଇଛି । ତଥାପି ଏହାକୁ ଶିକ୍ଷା, ଅଗ୍ରଗତି, କୃଷ୍ଟି ଏବଂ କଳାତ୍ମକ ବିକାଶ ନିମନ୍ତେ ଅବଶ୍ୟ ବ୍ୟବହାର କରାଯାଇ ପାରନ୍ତା ଏବଂ, ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ ତାହା ସୌନ୍ଦର୍ଯ୍ୟ ଏବଂ ସଂସ୍କୃତିକୁ ଆହୁରି ଅଧିକ ପ୍ରସାରିତ କରିଦେବାରେ ଏବଂ ସେଗୁଡ଼ିକୁ ସବୁମନୁଷ୍ୟଙ୍କର ପହଞ୍ଚ ଭିତରକୁ ଆଣି ପାରିବାରେ ଅବଶ୍ୟ ଏକ ସାଧନରୂପେ ବ୍ୟବହୃତ ହୋଇ ପାରନ୍ତା । ପୂର୍ବତନ ପ୍ରଣାଳୀଗୁଡ଼ିକଠାରୁ ଏହା ଅଧିକ ଫଳପ୍ରଦ ହୋଇ ପାରନ୍ତା । ମାତ୍ର, ସବୁବେଳେ ଠିକ ଏହିପରିହିଁ ହୁଏ,—କାରଣ, ଯାହା ପ୍ରକୃତରେ ଅଧିକ ଭଲ ହୋଇ ପାରନ୍ତା, ଯଦି ତାହାକୁ ଅଧିକ ଭଲ କରା ନ ଯାଏ, ତେବେ ତାହା ଅଧିକ ଖରାପହିଁ ହୋଇଯାଏ । ଏବଂ ମୁଁ ମୂଳରେ ଯେପରି କହୁଥିଲି, ବର୍ତ୍ତମାନ ଆମେ ଅନିଶ୍ଚୟତାର ଏକ ଯୁଗ ମଧ୍ୟ ଦେଇ ଗତି କରୁଛୁ—ପ୍ରତ୍ୟେକ ଦୃଷ୍ଟିରୁ ବିଚାର କରି ଦେଖିଲେ ମଧ୍ୟ ଏକ ଅନିଶ୍ଚୟତାର ଯୁଗ—କୌଣସି ଗୋଟିଏ ବସ୍ତୁ ଆପଣାକୁ ପରାକାଷ୍ଠା ଯାଏ ନେଇଯିବାକୁ ଅତିରିକ୍ତ ଭାବରେ ଚେଷ୍ଟା କରୁଛି ଏବଂ ଫଳରେ ବିକୃତିର ନାନା ଅନିଶ୍ଚୟତା ମଧ୍ୟରେ ଆସି ପତିତ ହେଉଛି । ତୁଳନା କରି ଦେଖିଲେ ଏହିସବୁ ଅନିଶ୍ଚୟତା ଏହାଠାରୁ ଅଧିକ ବଡ଼ ନ ହେଲେ ମଧ୍ୟ ଠିକ୍ ଏହାରି ପରି ବୃହତ୍ ଆକାର ଧାରଣ କରି ରହୁଛି । ଏବଂ, ମନୋଯୋଗ ସହକାରେ ଆପଣା ଆଡ଼କୁ ଅନାଇ ଦେଖିବାକୁ ଆରମ୍ଭ କଲେ, ଆମେ ଏହି କଥାଟିକୁ ଅବଶ୍ୟ ଜାଣି ପାରୁଛୁ ଯେ, ବର୍ତ୍ତମାନ ଏହି ପୃଥିବୀ ଯେପରି ହୋଇ ରହିଛି, ସେଥିରେ ବାସ କରୁଥିବାରୁ ଆମକୁ ତାହାର ଅସଭ୍ୟତାରୁ ମଧ୍ୟ ଅଂଶଗ୍ରହଣ କରିବାକୁ ପଡ଼ୁଛି ଏବଂ,

'oaob.nitrkl.ac.in' images reprocessed

ଆପଣାକୁ ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ନିରୀକ୍ଷଣ କରି ନ ପାରିଲେ ଏବଂ ନିଜର ଉଚ୍ଚତମ ଚେତନାର ଆଲୋକଟିକୁ ଆପଣା ଉପରେ ସତତ ପକାଇବାକୁ ସମର୍ଥ ନ ହେଲେ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆମେ ନିଜେ ମଧ୍ୟ ହୁଏତ ନାନା ପ୍ରମାଦରେ ଯାଇ ପଡ଼ିଯିବା, ପ୍ରକୃତରେ ବାରବାର ପଡ଼ିଯିବା ।

ବୁଝିଲ ?

ଆଜି ସନ୍ଧ୍ୟାରେ ମୁଁ ଏକ ଧ୍ୟାନର କାର୍ଯ୍ୟକ୍ରମ ରଖିଛି । ଏବଂ ମୁଁ ଦେଖିବି, ଏକ ମସ୍ତିଷ୍କସ୍ନାନର,—ପରିଷ୍କରଣର—ସମ୍ମୁଖୀନ ହେବା ଲାଗି ତୁମମାନଙ୍କ ଭିତରେ ଯଥେଷ୍ଟ ସାମର୍ଥ୍ୟ ରହିଛି କି ନାହିଁ ।

ମାଆ, ଏଠାରେ ଧ୍ୟାନ କଲାବେଳେ ଆମେ ନିଜକୁ କେଉଁ କେନ୍ଦ୍ରଟିରେ ସଂକେନ୍ଦ୍ରିତ କରି ରଖିବୁ ?

ପ୍ରକୃତ କଥା କହିବାକୁ ଗଲେ, ପ୍ରତ୍ୟେକଥର ସେହି କେନ୍ଦ୍ରଟି ଭିନ୍ନଭିନ୍ନ ହୋଇ ରହିବ ।

ପ୍ରଥମଥର ମୁଁ କହିଥିଲି ଯେ, ଆମେ ଯାହା ପଢ଼ିଥିଲେ, ତୁମେମାନେ ନିଜକୁ ତାହାରି ଉପରେ ସଂକେନ୍ଦ୍ରିତ କରି ରଖିବ । ନୁହେଁ ? ଏବଂ ଆଜି, ଯଦି ତୁମେମାନେ ମନ କରିବ, ତେବେ ଆମେ ଆମ ଭିତରକୁ ଏକ ଶୁଦ୍ଧିକାରୀ ଚେତନା ପ୍ରବିଷ୍ଟ ହୋଇ ଆସିବା ଲାଗି ବାଟ ଛାଡ଼ିଦେବାକୁ ଚେଷ୍ଟା କରିବା । ବର୍ତ୍ତମାନ ମୁଁ ଯେପରି ପରିହାସ ଛଳରେ କହୁଥିଲି, ତାହା ଆମ ଭିତରେ ଏକ ମସ୍ତିଷ୍କସ୍ନାନ ଘଟାଇବ,—ଅର୍ଥାତ୍ ଏବଂ ଅତ୍ୟୁତ୍ତମ ସ୍ନାନ ପରିଷ୍କରଣଟିଏ ସଂଘଟିତ କରାଇପାରିବ,—ଏକ ଆଲୋକ ଆସି ଆମ ଭିତରେ ପ୍ରବେଶ କରିବ, ଯାହାକି ଶୁଦ୍ଧ କରିଦେବ, ଯାବତୀୟ ଆବର୍ଜନାକୁ ପୋଛି ନେଇଯିବ ।

'oaob.nitrkl.ac.in' images reprocessed

# ୨୪ ସେପ୍ଟେମ୍ବର ୧୯୫୫

ମାଆ "ମହାନ୍ ରହସ୍ୟ"*ରୁ "ରାଜନେତା"
ପ୍ରକରଣଟିକୁ ପାଠ କଲେ ।

ମାଆ ଜଣେ ଯଥାର୍ଥ ରାଜନୀତିଜ୍ଞଙ୍କର ଦୃଷ୍ଟିକୋଣ କିପରି ହେବା ଉଚିତ ?

ମାତ୍ର ଏହି ଯଥାର୍ଥ ରାଜନୀତିଜ୍ଞଙ୍କର ଦୃଷ୍ଟିକୋଣ ବିଷୟରେ ତ ମୁଁ ଏହି ଲେଖାଟିର ବର୍ଣ୍ଣନା କରି କହୁଛି । ଏହି ଭୂମିକାଟି ହେଉଛି ଜଣେ ଆଦର୍ଶ ରାଜନୀତିଜ୍ଞଙ୍କର । ସିଏ ସ୍ୱୟଂ କହୁଛି ଯେ ପରିସ୍ଥିତି ହେଉଛି "ମୋ'ଠାରୁ ଏକ ଅଧିକ ବଳଶାଳୀ ଶକ୍ତି ।..." ସମଗ୍ର ପୃଥିବୀର ସଂଗଠନ ଠିକ୍ ଏହି ଧାରାରେ ହୋଇ କରି ରହିଛି । ସିଏ ଆପଣାର ସର୍ବୋତ୍ତମ ଅଭିପ୍ରାୟ ସହିତ କାର୍ଯ୍ୟ ଆରମ୍ଭ କରିଛନ୍ତି, ଆପଣାର ସର୍ବୋତ୍ତମ ପ୍ରଯତ୍ନ କରିଛନ୍ତି; ମାତ୍ର ତଥାପି କିଛି କରିପାରି ନାହାନ୍ତି । କାରଣ, ବର୍ତ୍ତମାନର ପରିସ୍ଥିତିରେ ଏବଂ ବର୍ତ୍ତମାନ ରାଜନୀତିକୁ ଯେପରି ଭାବରେ କାର୍ଯ୍ୟରେ ଲଗାଯାଉଛି, ସେଥିରେ ଜଣେ ଆଦୌ କିଛିହେଲେ କରିପାରିବ ନାହିଁ । ରାଜନୀତିଜ୍ଞଙ୍କ ମୁହଁ ଦେଇ ମୁଁ ଯାହାସବୁ କହୁଛି, ସାଧାରଣତଃ ଯଥାର୍ଥ ଖୋଲା ହୋଇ ଲୋକେ ସେସବୁ କଥା ମୋଟେ କହି ନ ଥାନ୍ତି । ତାଙ୍କର ମୁହଁରେ ମୁଁ ସତକଥା କୁହାଉଛି, ଏବଂ ସେଥିରୁ ପ୍ରମାଣ ମିଳୁଛି ଯେ, ସିଏ ଆଦୌ କୌଣସି କଥା ଲୁଚାଇ କରି ରଖିବାକୁ ଇଚ୍ଛା କରୁ ନାହାନ୍ତି । ତା' ନ ହେଲେ, ରାଜନୀତିଜ୍ଞ-ମାନେ ସାଧାରଣତଃ ଆପଣାର କୁକର୍ମଗୁଡ଼ିକୁ ଉତ୍ତମ ଶବ୍ଦର ପରିଚ୍ଛଦ ପିନ୍ଧାଇ ରଖିଥାନ୍ତି, ତଥାପି କୁକର୍ମଗୁଡ଼ିକ ଅବଶ୍ୟ ବିଦ୍ୟମାନ ରହିଥାନ୍ତି । ଏହି ପୃଥିବୀ ଏପରି ଭାବରେ ସଂଗଠିତ ହୋଇ ରହିଛି ଯେ, ଆମେ ମୋଟେ ଅନ୍ୟ କୌଣସି

*ମାଆଙ୍କ ଦ୍ୱାରା ସଂଯୋଜିତ ଏବଂ ଅଂଶିକ ଭାବରେ ଲିଖିତ ଏକ ନାଟକ, ଏଥିରେ ଛଅଟି ଏକଭୋକ୍ତି ଏବଂ ଗୋଟିଏ ଉପସଂହାର ରହିଛି; ଏଥିରେ ପୃଥିବୀର ପ୍ରସିଦ୍ଧତମ ବ୍ୟକ୍ତିମାନଙ୍କ ମଧ୍ୟରୁ ଛଅଜଣଙ୍କୁ ଏବଂ ଜଣେ 'ଅଜ୍ଞାତ ବ୍ୟକ୍ତି'ଙ୍କୁ ମଞ୍ଚସ୍ଥ କରାଯାଇଛି; ମାନବ-ପ୍ରଗତି ସମ୍ବନ୍ଧରେ ଡକା ହୋଇଥିବା ଏକ ବିଶ୍ୱସମ୍ମିଳନୀରେ ଯୋଗ ଦେବା ପାଇଁ ସେମାନେ ଗୋଟିଏ ଜାହାଜରେ ଯାଉଥିବା ସମୟରେ ସମୁଦ୍ର ମଝିରେ ଜାହାଜଟି ବୁଡିଯାଇଛି ଓ ଏମାନେ ଏକ ରକ୍ଷା–ନୌକା ମଧ୍ୟରେ ଆସି ଆଶ୍ରୟ ଗ୍ରହଣ କରିଛନ୍ତି ।

'oaob.nitrkl.ac.in' images reprocessed

ପ୍ରକାରର ହୋଇପାରିବା ନାହିଁ । ଯଦି ଜଣେ ବ୍ୟକ୍ତି ହିସାବରେ ଆମେ ଆଦୌ କୌଣସି ଷ୍ଟାଲିନ୍‌ଙ୍କୁ ସ୍ୱୀକାର କରୁ ନ ଥାଉ, ତେବେ ରାଜନୀତି ଭିତରେ କଦାପି ରହିପାରନ୍ତୁ ନାହିଁ । ସେଠାରେ ବର୍ତ୍ତମାନ ଶକ୍ତିଗୁଡ଼ିକହିଁ ଆମକୁ ତା' ଭିତରୁ ବାହାର କରି ବାହାରକୁ ଫୋପାଡ଼ି ଦଅନ୍ତେ । ଏପରି ଏକ ସମୟ ଆସିବ, ଯେତେବେଳେ କି ଏହି ସବୁକିଛି ବଦଳିଯିବ । ମାତ୍ର ସେହି ସମୟ ଏବେଯାଏ ଆସି ପହଞ୍ଚି ନାହିଁ । ସମ୍ଭବତଃ ରାଜନୀତି ସବାଶେଷରେ ଯାଇ ବଦଳିବ । ତା' ଆଗରୁ ଅନେକ ଅନ୍ୟ କଥାକୁ ବଦଳିବାକୁ ପଡ଼ିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ରାଜନୀତି ହେଉଛି ସବୁଠାରୁ ଅଧିକ ପରିମାଣରେ ଦୁର୍ଦ୍ଦଣ୍ଡ ହୋଇ ରହିଥିବା ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ।

ଦୁଇଟି କଥାକୁ ବଦଳାଇ ପାରିବା ପ୍ରକୃତରେ ବଡ଼ କଷ୍ଟକର : ଅର୍ଥ-ବ୍ୟବସ୍ଥା ଏବଂ ରାଜନୀତି । ଅର୍ଥବ୍ୟବସ୍ଥା ଏବଂ ରାଜନୀତିର କ୍ଷେତ୍ର ଦୁଇଟି ଏପରି ଗୋଟିଏ ଗୋଟିଏ କ୍ଷେତ୍ର, ଯେଉଁଠାରେ କି ମନୁଷ୍ୟ ସବୁଠାରୁ ଅଧିକ ଦୁର୍ବଳ ହୋଇ ରହିଛି ଏବଂ ମିଥ୍ୟା ସହିତ ସବୁଠାରୁ ଅଧିକ ପରିମାଣରେ ଜଡ଼ିତ ହୋଇ ରହିଛି । ତେଣୁ, ସମୂଳ ପରିବର୍ତ୍ତନ ସେହି ଦୁଇଟି କ୍ଷେତ୍ରରେ ସମ୍ଭବତଃ ସବା ଶେଷରେ ଯାଇ ଆସିବ । ଆମେ ହୁଏତ ଏକ ସାମାଜିକ ସମଗ୍ର ପରିବର୍ତ୍ତନର ଆଶା କରିପାରିବା, ଅର୍ଥନୀତି ବା ଶିକ୍ଷା କ୍ଷେତ୍ରରେ ଏକ ସମଗ୍ର ପରିବର୍ତ୍ତନ ହେବ ବୋଲି ଆଶା କରିପାରିବା; ରାଜନୀତି ଏବଂ ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ଭବ ହେବାର ବହୁ ପୂର୍ବରୁ ଆମେ ଏହି ସବୁକିଛି ଲାଗି ଆଶାପୋଷଣ କରିପାରିବା । ପୃଥିବୀର ପ୍ରକୃତ ପରିସ୍ଥିତି କିପରି ହୋଇ ରହିଛି, ଲୋକମାନଙ୍କୁ ତାହା ଦର୍ଶାଇ ଦେବା ଲାଗି ଓ ଏଥିରୁ ବାହାରିଯାଇ ପାରିବାର ଉପାୟ ବିଷୟରେ ଏକ ସଙ୍କେତ ଦେବା ଲାଗିହିଁ ମୁଁ ଏହି ବିଷୟଟିକୁ ଲେଖିଥିଲି । ମାତ୍ର, ଯେତେବେଳେ ଆମେ ସେଥିଭିତରୁ ମୁକ୍ତ ହୋଇ ବାହାରି ଆସିବାର ଦ୍ୱାର ଦେଶରେ ଆସି ପହଞ୍ଚିବା, ସେତେବେଳେ ତୁମେ ଅବଶ୍ୟ ଜାଣିବାକୁ ପାଇବ ଯେ, ଏଇଟି ଆଦୌ ଏତେ ସହଜ ନୁହେଁ । ସମ୍ଭବତଃ ସର୍ବପ୍ରଥମେ ବିଜ୍ଞାନର କ୍ଷେତ୍ରଟି ବଦଳିବ; ଏହା ବଦଳିବା ଅବଶ୍ୟ ସମ୍ଭବ । କାରଣ, ସେହି କ୍ଷେତ୍ରରେ ଏକ ପ୍ରକୃତ ଆନ୍ତରିକତା ଆବଶ୍ୟକ ହୋଇଥାଏ, ଏକ ଅଧ୍ୟବସାୟମୟ ପ୍ରୟାସର ପ୍ରୟୋଜନ ହୋଇଥାଏ; ଏବଂ, ଏହି ଗୁଣଗୁଡ଼ିକହିଁ ତୁମ ଲାଗି ଏକ ଉଚ୍ଚତର ଜୀବନ ପାଇଁ ଦ୍ୱାରଟିକୁ ଉନ୍ମୋଚିତ କରି ଦିଅନ୍ତି ··· ମାତ୍ର ଏ ବିଷୟରେ ଆମେ ଆରଥରକୁ ଆଲୋଚନା କରିବା ··· ନାଇଁ, ଆରଥର ନୁହେଁ, ଦୁଇଥର ପରେ ।

ତେବେ, ··· ଆଉ କିଛି ପ୍ରଶ୍ନ ଅଛି ନା ନାହିଁ ? ଆଉ କାହାର କିଛି କହିବାର ନାହିଁ ?

'oaob.nitrkl.ac.in' images reprocessed

ମାଆ, ବର୍ତ୍ତମାନ ପୃଥିବୀର ଯେଉଁ ରାଜନୀତିଜ୍ଞ ନାଟକଟିରେ ବର୍ଣ୍ଣିତ ରାଜନୀତିଜ୍ଞଙ୍କର ସ୍ତରରେ ଯାଇ ପହଞ୍ଚି ପାରିଛି, ସିଏ ତା'ର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି, ସିଏ କ'ଣ ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ପରିଚାଳିତ ହେଉ ନାହିଁ ? ସିଏ କ'ଣ ଯଥାର୍ଥ ଉପାୟଟିକୁ ବାହାର କରି···

**ସିଏ ଧର୍ମସ୍ତବ ଦ୍ୱାରା ଅନୁପ୍ରାଣିତ ବୋଲି ଆଦୌ କହୁ ନାହିଁ । ଆମକୁ ଆଦୌ ସେକଥା କହୁ ନାହିଁ । ସିଏ କୌଣସି ଆଧ୍ୟାତ୍ମିକ ଅଥବା ଧର୍ମଗତ କାରଣ ସକାଶେ ଏହା କରିବାକୁ ଚେଷ୍ଟା କରୁଛି ବୋଲି ଆଦୌ କହୁ ନାହିଁ ।**

**ସ୍ମରଣ ରହିଥିବା ଉଚିତ ଯେ ସେମାନେ ମାନବ-ପ୍ରଗତି ବିଷୟରେ ବସୁଥିବା ଏକ ବିଶ୍ୱସମ୍ମିଳନୀରେ ଯୋଗ ଦେବାକୁ ବାହାରିଛନ୍ତି । ସେମାନେ ଆଦୌ କୌଣସି ଧର୍ମ-ସମ୍ମିଳନୀକୁ ଯାଉ ନାହାନ୍ତି । ବସ୍ତୁତଃ, ତୁମର ପ୍ରଶ୍ନଟିର ଆଦୌ କୌଣସି ଅର୍ଥ ହେଉ ନାହିଁ, କାରଣ ଏହି ବିଶ୍ୱବ୍ରହ୍ମାଣ୍ଡରେ ଏପରି କୌଣସି ବସ୍ତୁ ନାହିଁ, ଯାହାକୁ କି ଦିବ୍ୟ ପରମସତ୍ତା ଚଳାଉ ନାହାନ୍ତି । ତେଣୁ, ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ ପ୍ରଶ୍ନଟିର କୌଣସି ଅର୍ଥ ବାହାରୁ ନାହିଁ । ଧର୍ମଗତ କୌଣସି କାରଣରୁ କିଛି କରିବାକୁ ହେଲେ ତାକୁ ନିଜକୁ ସଚେତନ ଭାବରେହିଁ ଏକ ଧାର୍ମିକ ବ୍ୟକ୍ତି ହେବାକୁ ପଡ଼ିବ । ମାତ୍ର, ସେହି କଥାର ଆଦୌ କୌଣସି ଉଲ୍ଲେଖ ନାହିଁ, ଜାଣିଜାଣି କୌଣସି ଉଲ୍ଲେଖ ନାହିଁ, କାରଣ, ସମସ୍ୟାଟି ମଧ୍ୟରେ ଆଉଗୋଟିଏ ଦିଗକୁ ଆଣି ଭର୍ତ୍ତି କରାଇବା ସକାଶେ ଇଚ୍ଛା କରା ଯାଇ ନାହିଁ । ଦିବ୍ୟ ପରମସତ୍ତାଙ୍କ ଲାଗି ଏକ ସେବାରୂପେ ସିଏ ଏକଥା ଆଦୌ କରୁ ନାହିଁ; ସିଏ ଏପରି କରୁଛି, କାରଣ ତା' ଭିତରେ କେତେକ ମାନବହିତୈଷୀ ବିଚାରମାନ ରହିଛି ଏବଂ ସେ ପୃଥିବୀପୃଷ୍ଠରେ ରହିଥିବା ମାନବୀୟ ସ୍ଥିତିରେ ଉନ୍ନତିବିଧାନ କରିବାକୁ ଚେଷ୍ଟା କରୁଛି । ବାସ୍, ଏହାକୁ କେବଳ ଏତିକି ବୋଲି ଜାଣିବାକୁ ହେବ । ପ୍ରସଙ୍ଗତଃ, ସେମାନେ ସମସ୍ତେ ସେହି ଗୋଟିଏ ଅବସ୍ଥାରେ ରହିଛନ୍ତି ।**

ମାଆ, ଯୁଦ୍ଧ ସମୟରେ ଉଦାହରଣ ସ୍ୱରୂପ ଗତ ଯୁଦ୍ଧବେଳେ ଏପରି ଅନେକ ମହାନ୍ ରାଜନେତା ରହିଥିଲେ ଯେଉଁମାନେ କି···

**ମାତ୍ର, ଏହି ଚରିତ୍ରଟିକୁ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣକର, ଜଣେ ବିଖ୍ୟାତ ରାଜନେତାଙ୍କର ଅନୁକରଣରେହିଁ ରଚନା କରାଯାଇଛି ।**

'oaob.nitrkl.ac.in' images reprocessed

ମାତ୍ର, ଯୁଦ୍ଧ ସମୟରେ ସେମାନେ ବି ତ ଦିବ୍ୟ ପରମସତ୍ତ୍ୱଙ୍କର ଯନ୍ତ୍ର ହୋଇ କାର୍ଯ୍ୟ କରନ୍ତି !

**ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ କଥାଟି ଉପରେ ଦୃଷ୍ଟିପାତ କଲେ ସମସ୍ତେ, ସମସ୍ତେ ହେଉଛନ୍ତି ଦିବ୍ୟ ପରମସତ୍ତ୍ୱଙ୍କର ଯନ୍ତ୍ର। ନାହିଁ, ସେମାନେ ସଚେତନ ଭାବରେ ଦିବ୍ୟ ପରମସତ୍ତ୍ୱଙ୍କର ଯନ୍ତ୍ର ହୋଇ ଆଦୌ କାର୍ଯ୍ୟ କରୁ ନ ଥିଲେ। ଆଦୌ ସଚେତନ ନ ଥିଲେ, ଆଦୌ ଆଦୌ ନ ଥିଲେ। ସେମାନେ ତୁଣ୍ଡରେ କେତେ, ବଡ଼ ବଡ଼, ଧର୍ମ-କଥାମାନ ଉଚ୍ଚାରଣ କରୁଥିଲେ। ମୁଁ ସେଗୁଡ଼ିକୁ ବାଦ୍ ଦେଲି, କାରଣ ସେଗୁଡ଼ିକ ମଧ୍ୟରେ ଆଦୌ କୌଣସି ନିଷ୍ଠା ନ ଥିଲା ଏବଂ ମୁଁ ମୋ' ଚରିତ୍ରଟିକୁ ଯଥାସମ୍ଭବ ଅଧିକ ନିଷ୍ଠାଯୁକ୍ତ ରୂପେ ବର୍ଣ୍ଣନା କରିବାକୁ ଇଚ୍ଛା କରୁଥିଲି। ଏବଂ, ପୃଥିବୀର ରାଜନେତାମାନଙ୍କର ବଡ଼ବଡ଼ ଧାର୍ମିକ ଶବ୍ଦଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାରହିତ ହୋଇ ରହିଥିଲା, ଏଗୁଡ଼ାକୁ ସେମାନେ ମିଛଟାରେ ଉଚ୍ଚାରଣ କରୁଥିଲେ। ତାହାର ପ୍ରମାଣ ହେଉଛି ଯେ, ଯୁଦ୍ଧରେ ଜୟଲାଭ କରିବା ସଙ୍ଗେସଙ୍ଗେ ସେମାନେ ସେଗୁଡ଼ିକୁ ତତ୍‌କ୍ଷଣାତ୍ ପାସୋରି ପକାଇଥିଲେ।**

ମାଆ, ଯଦି ସିଏ ଆପଣାକୁ ଉନ୍ମୋଚିତ କରି ରଖି ନ ଥିଲେ, ତେବେ ସିଏ ପ୍ରକୃତରେ ସତ୍ୟର ପରିଚୟ ଲାଭ କରି ନାହାନ୍ତି ବୋଲି ପରିଶେଷରେ କପରି ଜାଣିଲେ···

**କ'ଣ କହିଲ ? ସିଏ କପରି···?**

(ପଚାରି) ସତ୍ୟର ପରିଚୟ ଲାଭ କରିପାରି ନାହାନ୍ତି ବୋଲି ସେ କପରି ଜାଣିଲେ···ଯଦି କୌଣସି ବୃହତ୍ତର ବସ୍ତୁ ଲାଗି ସେ ନିଜକୁ ଉନ୍ମୋଚିତ କରି ରଖି ନ ଥିଲେ ?

**ମାତ୍ର କିଏ ଜାଣିଲେ, ମୋ' ଚରିତ୍ରଟି ନା ଅନ୍ୟ···**

(ପଚାରି) ସିଏ ପରିଚୟ ଲାଭ କରି ନ ଥିବା ଏକ ବସ୍ତୁ ରହିଛି ବୋଲି ଯେଉଁ ମୁହୂର୍ତ୍ତରେ ସେ ସଚେତନ ହୋଇପାରିଲେ, ଏଇଥିରୁ ସୂଚନା ମିଳୁଛି ଯେ ସିଏ ଆଉ କିଛି ଲାଗି ନିଜକୁ ଉନ୍ମୋଚିତ କରି ରଖିଥିଲେ।

**ହଁ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ; ଯାବତୀୟ ସବୁଚ୍ଛା ଏକ ଗଭୀରତର ଚେତନା ମଧ୍ୟକୁ ଉନ୍ମୋଚିତ ହୋଇ ରହିଥାଏ। ସେଥିରେ ଆଦୌ**

'oaob.nitrkl.ac.in' images reprocessed

କୌଣସି ସନ୍ଦେହ ନାହିଁ । ଏହି ନାଟକଟିରେ ମୁଁ ଏପରି ସମ୍ପୂର୍ଣ୍ଣ ଏକ ବ୍ୟତିକ୍ରମ ହୋଇ ରହିଥିବା ବ୍ୟକ୍ତିମାନଙ୍କୁ ଗ୍ରହଣ କରିଛି, ଯେଉଁମାନେ କି ବୁଝିବା ନିମନ୍ତେ ପ୍ରସ୍ତୁତ ହୋଇ ରହିଛନ୍ତି । ନଚେତ୍ ଏହା କଦାପି ସମ୍ଭବ ହୋଇ ନ ଥାନ୍ତା । ସେମାନେ ବାସ୍ତବ କ୍ଷେତ୍ରରେ ଯେପରି, ମୁଁ ସେମାନଙ୍କୁ ତା'ଠାରୁ ଅଧିକ ଉତ୍ତମ କରି ଗଠନ କରିଛି; କାରଣ, ଆପଣାର ଅଗ୍ରପଶ୍ଚା ବ୍ୟତୀତ ସେମାନଙ୍କ ପ୍ରତ୍ୟେକଙ୍କ ମଧ୍ୟରେ ଆହୁରିକିଛି ଅଧିକ ସମ୍ପଦ ମଧ୍ୟ ରହିଥିଲା । ସେମାନେ ଏ ବିଷୟରେ ସଜ୍ଞାନ ନ ଥିଲେ ସତ, ମାତ୍ର ଏହି ବ୍ୟକ୍ତିମାନଙ୍କର ବୁଝିବାଶକ୍ତି ରହିଥିଲା ଏବଂ ଏହିପରି ଭାବରେହିଁ ମୁଁ ବିଷୟଟିର ଗଠନ କରି ପାରିଲି । ଏଥିରେ ପ୍ରକୃତିର ଆଦୌ ଗୋଟାପୁଲା ନକଲ କରାହୋଇ ନାହିଁ, ମାତ୍ର କିଛି ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଏହାକୁ ସଂଯୋଜିତ କରି ରଖାଯାଇଛି । ସାହିତ୍ୟର କ୍ଷେତ୍ରରେ ସର୍ବଦା ଯେଉଁଭଳି ହୋଇଥାଏ, ଠିକ୍ ସେହିଭଳି ହୋଇଛି ।

ମାଆ, ଏକଥା ଆମକୁ ଏହି ଆଶାଟିକୁ ଆଣି ଦେଇପାରୁଛି ଯେ, ବର୍ତ୍ତମାନ ପୃଥିବୀରେ ଓ ବିଶେଷତଃ ଭାରତବର୍ଷରେ···

ଆଶା ଆଣି ଦେଇପାରୁଛି ? ମାତ୍ର ମୁଁ ଭାବୁଛି ଏକଥାଟି ପ୍ରକୃତରେ କୌଣସି ଆଶା ପ୍ରଦାନ କରୁ ନାହିଁ । ଏହି ପୃଥିବୀରେ ବାସ କରୁଥିବା ବ୍ୟକ୍ତି-ମାନଙ୍କର କେବଳ ଏକ ଆଦର୍ଶ ନମୁନା ଆମ ସମ୍ମୁଖରେ ରହିଥିଲେ ବସ୍ତୁତଃ ଆଦୌ ଖୁବ୍‌ବେଶୀ ଆଶା କରାଯାଇ ପାରିବ ନାହିଁ ।

ମାଆ, ବର୍ତ୍ତମାନର ପୃଥିବୀରେ ରାଜନୀତି ଦୁଇଟି ବୃହତ୍ ଶିବିରରେ ବିଭକ୍ତ ହୋଇ ରହିଛି; ଗୋଟିଏ ହେଉଛି ଆମେରିକାର ଶିବିର, ଆଉଟି ରୁଷିଆର ଶିବିର । ତେବେ ଏକ ସମାଧାନ ସମ୍ଭବ ହେବ କିପରି ?

ଏକ ସମାଧାନ ତ ପ୍ରକୃତରେ ଅତ୍ୟନ୍ତ ସହଜ । ଏହା ଅତି ସହଜ ବୋଲି ସେମାନେ ବୁଝୁ ନାହାନ୍ତି ବୋଲିହିଁ ମୁଁ କହୁଥିଲି ଯେ ସମାଧାନଟି ସବା ଶେଷରେ ଯାଇ ସମ୍ଭବ ହେବ । ଏହି ଯାବତୀୟ ବିଷୟ ହେଉଛନ୍ତି କେବଳ ଗୋଟିଏ ଗୋଟିଏ ପ୍ରତିଦ୍ୱନ୍ଦ୍ୱ, କେବଳ ଉପରସ୍ତରର ବିଗ୍ରହ ଏବଂ ସ୍ୱାର୍ଥମାନ । ହଁ, କେବଳ ସ୍ୱାର୍ଥମାନ, ଏପରିକି ପ୍ରକୃତ ସ୍ୱାର୍ଥ ମଧ୍ୟ ଆଦୌ ନୁହେଁ ଆପଣାର ସ୍ୱାର୍ଥ ବିଷୟରେ ସେମାନଙ୍କର ଯାହା ଗୋଟିଏ ଗୋଟିଏ ଧାରଣା ରହିଛି । ମାତ୍ର, ଯଦି ପ୍ରକୃତ ସମାଧାନଟିକୁ ଆବିଷ୍କାର କରାଯାଆନ୍ତା,—ଆବିଷ୍କାର କରାଯାଇ ପାରନ୍ତା ବୋଲି କହିଲେ ଠିକ୍ ହେବ ନାହିଁ,—ସମ୍ଭବତଃ ସେଗୁଡ଼ିକର ଆବିଷ୍କାର ହୋଇ ସାରିଛି,

'oaob.nitrkl.ac.in' images reprocessed

—ଯଦି ଯଥାର୍ଥ ଅର୍ଥନୈତିକ ସମାଧାନଟିକୁ ପ୍ରୟୋଗ କରାଯାଇ ପାରନ୍ତା, ତେବେ ସେମାନଙ୍କର ଯାବତୀୟ ସମସ୍ୟାର ଭିତ୍ତିଟିହିଁ ପ୍ରକୃତରେ ଭୁଶୁଡ଼ି ପଡ଼ନ୍ତା; ତା'ପରେ କେବଳ ରାଜନୀତିକ ଦୃଷ୍ଟିକୋଣଟିହିଁ ଅବଶେଷ ହୋଇ ରହିଯାଆନ୍ତା ଏବଂ ଏହି ଦୃଷ୍ଟିକୋଣଟି ହେଉଛି ଅତ୍ୟନ୍ତ, ଅତ୍ୟନ୍ତ ପରିମାଣରେ ଏକ ଉପରି-ସ୍ତରବର୍ତ୍ତୀ ଦୃଷ୍ଟିକୋଣ । ତାହା ଅତ୍ୟନ୍ତ ଅଗଭୀର, ତାହାର କୌଣସି ଗଭୀରତା ନାହିଁ, ସର୍ବୋପରି ଏଗୁଡ଼ିକ କେବଳ କେତୋଟି ଶବ୍ଦ ବ୍ୟତୀତ ଆଦୌ କିଛି ନୁହନ୍ତି । ଅତ୍ୟନ୍ତ ଲମ୍ବା ଶବ୍ଦଗୁଡ଼ାକ ଲମ୍ବା ବୋଲି ତାହା ଏତେବଡ଼ ଧ୍ୱନିରେ ଶୁଭିବାରେ ଲାଗିଛି; ସେଗୁଡ଼ିକ ପ୍ରକୃତରେ କେବଳ ବଡ଼ ବଡ଼ ଶବ୍ଦ । ମୁଁ ଯେଉଁ ଦୁଇଟି ବିଷୟର ଆଲୋଚନା କରିଛି, ସେହି ଦୁଇଟି ବିଷୟ ମଧ୍ୟରେହିଁ ସେଗୁଡ଼ିକର ଦୃଷ୍ଟିକୋଣଟିର ଆପାତତଃ ଯଥାର୍ଥ ଅବଲମ୍ବନଟି ନିହିତ ହୋଇ ରହିଛି : ଗୋଟିଏ ହେଉଛି ଅର୍ଥବ୍ୟବସ୍ଥାଗତ ଅବଲମ୍ବନ, ଅନ୍ୟଟି ଅର୍ଥନୈତିକ ଅବଲମ୍ବନ । ଏବଂ, ଯଦି ଅର୍ଥନୈତିକ ସମସ୍ୟାଟିର ସମାଧାନ ହୋଇଯାଇ ପାରନ୍ତା, ଅର୍ଥାତ୍, ସମାଧାନଟିକୁ ସତ୍ୟ କାର୍ଯ୍ୟକାରୀ କରାଯାଇ ପାରନ୍ତା, ତେବେ ଏହି ଯାବତୀୟ ରାଜନୀତିକ ମତଭେଦର ଅବଲମ୍ବନ ରୂପେ କାର୍ଯ୍ୟ କରୁଥିବା ଭୂମିର ମୁଖ୍ୟ ଅଂଶଟିହିଁ ଅନ୍ତର୍ହିତ ହୋଇ ଯାଆନ୍ତା । ଏହା ପ୍ରାୟ ଐକାନ୍ତିକ ଭାବରେ ଜୀବନର ବିଭିନ୍ନ ସମସ୍ୟା ଏବଂ ଏହି ସମସ୍ୟାଗୁଡ଼ିକର ସମାଧାନ ଉପରେ ଏକ ସ୍ୱପକ୍ଷୀୟ ଢଙ୍ଗରେ ଦୃଷ୍ଟିପାତ କରିବା ଉପରେହିଁ ଆଧାରିତ ହୋଇ ରହିଛି । ଏମାନେ ଭାବୁଛନ୍ତି ଯେ ଏହି ସମସ୍ୟାଟି ଏପରି ଓ ଅନ୍ୟମାନେ ଭାବୁଛନ୍ତି ଯେ ଏହା ହେଉଛି ସେପରି । ମୁଁ ଏଠାରେ ସବୁଠାରୁ ଅଧିକ ନିଷ୍ଠା ଥିବା ବ୍ୟକ୍ତିମାନଙ୍କର କଥା କହୁଛି; ମୁଁ ଯେପରି କହୁଥିଲି, କେବଳ ଗୁଡ଼ାଏ କୋଳାହଳ କରିବା ଲାଗି ଯେଉଁମାନେ ଶୂନ୍ୟରୁହିଁ ବିଭିନ୍ନ ବିଷୟଗୁଡ଼ିକୁ ରଚନା କରି ରଖିଛନ୍ତି ଓ ଯେଉଁମାନଙ୍କର ଅତିବେଶୀ ପ୍ରଭାବ ରହିଛି, ସେମାନଙ୍କ କଥା ଆଦୌ କହୁ ନାହିଁ । ମାତ୍ର, ଯଦି ଆମେ ସମସ୍ୟାଟିର ଅସଲ୍ ଗଣ୍ଠିଟି ପାଖକୁ ଯାଇପାରିବା, ତେବେ ଦେଖିବାକୁ ପାଇବା ଯେ, ସେହି କ୍ଷେତ୍ରରେ ଆଦୌ ଖୁବ୍‌ବେଶୀ ପାର୍ଥକ୍ୟ ନାହିଁ ।

ଏପରି ଅନେକ ଲୋକ ଅଛନ୍ତି—ମୁଁ ଲୋକସମୂହଙ୍କ କଥା କହୁଛି,—ବ୍ୟକ୍ତିମାନଙ୍କର କଥା କହୁ ନାହିଁ, ସରକାରମାନଙ୍କର କଥା କହୁଛି—ଯେଉଁମାନେ କି କମ୍ୟୁନିଷ୍ଟ ନୁହନ୍ତି ବୋଲି ଛଳନା କରିବାରେ ଲାଗିଥାନ୍ତି ଏବଂ ଏପରି ଢଙ୍ଗରେ ଯାବତୀୟ କାର୍ଯ୍ୟ କରୁଥାନ୍ତି, ଯାହାକୁ କି ସମ୍ପୂର୍ଣ୍ଣ ଭାବରେ କମ୍ୟୁନିଷ୍ଟ ଢଙ୍ଗ ବୋଲି କୁହାଯାଇ ପାରିବ, ସେମାନେ କମ୍ୟୁନିଷ୍ଟମାନଙ୍କ ଠାରୁ ଅଧିକ ପ୍ରଚଣ୍ଡ ଭାବରେ ସେହିସବୁ କାର୍ଯ୍ୟ କରୁଥାନ୍ତି । ତେଣୁ ଏଗୁଡ଼ାକୁ କେବଳ ନାନା ଶବ୍ଦରହିଁ ଏକ ପ୍ରକରଣ ବୋଲି କୁହାଯିବ । ଜଣେ ଯେଉଁସବୁ କାର୍ଯ୍ୟ କରୁଥାଏ, ତାହାକୁ ଏକ

'oaob.nitrkl.ac.in' images reprocessed

ନିର୍ଦ୍ଦିଷ୍ଟ ପରିଚ୍ଛଦ ଦ୍ୱାରା ଆବୃତ କରି ରଖିବା ପରି ଶବ୍ଦ ଦ୍ୱାରା ଆବୃତକରି ରଖିଥାଏ, ତଦ୍ଦ୍ୱାରା ତା'ର ଚେହେରାହିଁ ବଦଳି ଗଲାପରି ଦିଶୁଥାଏ, ମାତ୍ର ତଦ୍ଦ୍ୱାରା ଭିତରଟିର ଗଠନ ଏବଂ ସ୍ୱଭାବରେ ଖୁବ୍ ବେଶୀ କୌଣସି ପରିବର୍ତ୍ତନ ହୋଇ ନ ଥାଏ । ପୁନଶ୍ଚ ଗୋଟିଏ କଥା ହେଉଛି ଅତ୍ୟନ୍ତ ସରଳ; ସେହି କଥାଟି ହେଉଛି ଯେ, ମନୁଷ୍ୟ-ଜାତି ଏକ ବିବର୍ତ୍ତନ-ପ୍ରକ୍ରିୟାକୁ, ବିବର୍ତ୍ତନର ଏକ ବକ୍ରକୁ ଅନୁସରଣ କରି ଚାଲିଛି, ଏବଂ ସେହି ପ୍ରକ୍ରିୟାଟି ମଧ୍ୟରେ ଏପରି ନିର୍ଦ୍ଦିଷ୍ଟ ପର୍ଯ୍ୟାୟମାନ ଆସୁଛି, ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଅନୁଭୂତି ପ୍ରାପ୍ତ ଏକ ବିଶ୍ୱ-ଅନୁଭୂତିରେ ପରିଣତ ହୋଇ ଯାଉଛି, ଅର୍ଥାତ୍ ଏକାବେଳେକେ ପୃଥିବୀବ୍ୟାପୀ ହୋଇ ଯାଉଛି । ତାହାକୁ ଅବଶ୍ୟ ଭିନ୍ନ-ଭିନ୍ନ ନାମ ଦିଆ ଯାଉଛି, ଭିନ୍ନ ଭିନ୍ନ ମାର୍କା ଦିଆ ଯାଉଛି ଓ ଭିନ୍ନ ଭିନ୍ନ ଶବ୍ଦ ଦେଇ ବ୍ୟକ୍ତ କରା ଯାଉଛି । ମାତ୍ର, ପ୍ରାପ୍ତ ସେହି ଗୋଟିଏ ଅନୁଭୂତିହିଁ ଅବିଚ୍ଛିନ୍ନ ହୋଇ ରହୁଛି । ଏହିପରି ଭାବରେ ଅନେକ ପୁରାତନ ଅନୁଭୂତି ରହିଛି ଯେଉଁଗୁଡ଼ିକ କି କ୍ରମଶଃ ଅନ୍ତର୍ହିତ ହୋଇ ଯାଉଛି ସତ, ମାତ୍ର ତଥାପି ନ ଯାଇ ରହିଯିବାକୁ ଇଚ୍ଛା କରୁଛି ଏବଂ ଯାହାକି ତଥାପି କେତେକ ନୂତନ ବସ୍ତୁର ବାହ୍ୟ ରୂପ ଏବଂ ଅନ୍ତର୍ଗତ ଉପାଦାନଟିରେ ମଧ୍ୟ ଏକ ପରିବର୍ତ୍ତନ ଘଟାଉଛି । ମାତ୍ର ତାହା କେବଳ କୌଣସି ବସ୍ତୁର ଲାଞ୍ଜ ପରି ହୋଇ ରହି ଯାଉଛି । ସମଗ୍ର ନୂତନ ଗତିସ୍ପନ୍ଦନଟି ଏପରି ଏକ ଅନୁଭୂତି ଆଡ଼କୁ ଗତି କରିବାରେ ଲାଗିଛି, ଯାହାକି ଯଥାସମ୍ଭବ ଅଧିକ ପରିମାଣରେ ଏକ ସାଧାରଣ ଅନୁଭୂତିରେ ପରିଣତ ହୋଇ-ଯାଉଛି; କାରଣ, କେବଳ ସାଧାରଣ ହୋଇ ପାରିଲେ ଯାଇ ତାହାର ପ୍ରକୃତରେ କୌଣସି ଉପଯୋଗିତା ରହୁଛି । ଯଦି ତାହା କେବଳ ସ୍ଥାନୀୟ ହୋଇ ରହି ଯାଉଛି, ତେବେ ତାହାକୁ ଏକ ଛତୁର ଦଶା ଭୋଗ କରିବାକୁ ହେଉଛି ଓ ସାଧାରଣ ମନୁଷ୍ୟଚେତନା ଲାଗି ତାହା କୌଣସି ଫଳ ଦେଇପାରୁ ନାହିଁ । ମାନବୀୟ ବୃହତ୍ ଅଭିଜ୍ଞତାଗୁଡ଼ିକୁ ଅଳ୍ପ ବା ବହୁତ ସମ୍ପୂର୍ଣ୍ଣ ଭାବରେ ସମଗ୍ର ମାନବଜାତିର ଅଭିଜ୍ଞତାରେ ଅବଶ୍ୟ ପରିଣତ ହେବାକୁ ପଡ଼ିବ ଏବଂ ଏହି ପ୍ରକାରେହିଁ ତାହା ସମ୍ଭବ ହୋଇଥାଏ । କେବଳ ମନୁଷ୍ୟର ଭାବନାଗୁଡ଼ିକହିଁ, ସେମାନେ ଯାହା କରୁଥାନ୍ତି, ତାହା ଉପରେ ଅନ୍ୟ ଶବ୍ଦଗୁଡ଼ିକୁ ଆଣି ବସାନ୍ତି, ତାହା ଉପରେ ଅନ୍ୟ ରୂପ, ଅନ୍ୟ କାରଣ ଏବଂ ଅନ୍ୟ ଔଚିତ୍ୟଗୁଡ଼ିକୁ ଆଣି ଲଦି ଦିଅନ୍ତି, ବିଭିନ୍ନ ପ୍ରକାରେ ସେଗୁଡ଼ିକୁ ବୈଧ ବୋଲି ପ୍ରମାଣ କରିବାକୁ ଉଦ୍ୟମ କରୁଥାନ୍ତି । ମାତ୍ର, ପ୍ରକୃତ ବସ୍ତୁସତ୍ୟର ସ୍ତରକୁ ଆସିଲେ ଏହା ଅତ୍ୟନ୍ତ ଏକାଭଳି ହୋଇ ରହିଥାଏ । ଅବଶ୍ୟ, ସେକଥା କହି ପାରିବାକୁ ହେଲେ ଆମର ବିଶେଷତଃ କେବଳ ଏହି ପ୍ରତିଭାସଗୁଡ଼ିକର ଆହୁରି ସେପାଖକୁ ଦେଖିବାର ପ୍ରୟୋଜନ ରହିଥାଏ ।

'oaob.nitrkl.ac.in' images reprocessed

ଜର୍ମାନୀ ଓ ଇଂଲଣ୍ଡ ମଧ୍ୟରେ ଯୁଦ୍ଧ ଲାଗିଥିବାବେଳେ, ଦିବ୍ୟ-ପରମସତ୍ତା, ଆସୁରିକ ଶକ୍ତିଗୁଡ଼ିକ ବିରୁଦ୍ଧରେ ଲଢ଼ାଇ କରୁଥିବା ଦିବ୍ୟ ପରମଶକ୍ତି କେଉଁ ପକ୍ଷରେ ଲଢ଼ୁଥିଲେ, ତାହା ସୁବିଦିତ ଥିଲା···

କାହାକୁ ?

ଏଠାରେ ।

ହଁ; ପ୍ରକୃତରେ ସୁବିଦିତ ଥିଲା ।

ବର୍ତ୍ତମାନର ରାଜନୀତି ଭିତରେ ସିଏ କେଉଁ ପକ୍ଷରେ ଅଛନ୍ତି, ସେକଥା କୁହାଯାଇ···

ଦୁର୍ଭାଗ୍ୟର କଥା ଯେ, କେବଳ ଏକ ଭୟଙ୍କର ଯୁଦ୍ଧ ପ୍ରକୃତରେ ଲାଗିଥିବା ସମୟରେହିଁ ସବୁକଥା ଏହିପରି ସମ୍ପୂର୍ଣ୍ଣ ଭାବରେ ସ୍ପଷ୍ଟ ହୋଇ ଦେଖାଯାଇଥାଏ;—ସେତେବେଳେ ଏମାନେ ସ୍ୱପକ୍ଷରେ ଓ ଏମାନେ ବିପକ୍ଷରେ ଅଛନ୍ତି ବୋଲି କହିଦେଇ ହୁଏ । କାରଣ ସେତେବେଳେ ଏକଥା ଅତ୍ୟନ୍ତ ଅସନ୍ଦିଗ୍ଧ ଭାବରେ ଜଣା ପଡ଼ିଯାଏ ଯେ, ଗୋଟିଏ ପକ୍ଷର ବିଜୟ ଅନ୍ୟ ପକ୍ଷଟିର ବିଜୟଠାରୁ ଅଧିକ କାମ୍ୟ । ଏହି ପକ୍ଷଟି ଯେ ଅନ୍ୟ ପକ୍ଷଠାରୁ ଅଧିକ ଭଲ, ସେକଥା ଆଦୌ ନୁହେଁ,—ଏକଥାଟି ଖୁବ ସହଜରେ ବୁଝି ହେବ, କାରଣ, ଦିବ୍ୟ କ୍ରିୟାଶକ୍ତିର ଦୃଷ୍ଟିକୋଣରୁ ସମସ୍ତଙ୍କରହିଁ ସମାନ ମୂଲ୍ୟ ରହିଛି, ତେଣୁ ସେହି କ୍ଷେତ୍ରରେ ଆଦୌ କୌଣସି ପାର୍ଥକ୍ୟ ନାହିଁ,—ମାତ୍ର, ବିଜୟର ପରିଣାମଗୁଡ଼ିକ ଏପରି ହୋଇ ରହିଛି ଯେ, ଗୋଟିଏ ପକ୍ଷର ବିଜୟକୁ ସେହି ଅନୁସାରେ ଅପର ପକ୍ଷର ବିଜୟଠାରୁ ଅପେକ୍ଷାକୃତ ଅଧିକ କାମ୍ୟ ବୋଲି କୁହାଯାଇ ପାରିବ । ମାତ୍ର, ଯେତେବେଳେ ସ୍ଥିତି ଏକାନ୍ତ ଭାବରେ ନୃଶଂସ ହୋଇପଡ଼େ ଓ ଦୁଇ ପକ୍ଷ ପରସ୍ପରର ଉନ୍ମୂଳନ କରିଦେବାକୁ ବାହାରିଥାନ୍ତି, ସେତେବେଳେ ଯାଇ ସେପରି କହିହୁଏ । ନଚେତ୍, ପ୍ରକୃତ କଥା କହିବାକୁ ଗଲେ, ଦିବ୍ୟ ମହାଜଗତ୍ ନିଜର କାର୍ଯ୍ୟଟିକୁ ସାଧନ କରିବା ପାଇଁ ସର୍ବତ୍ର କ୍ରିୟା କରୁଥାଏ; ମନୁଷ୍ୟମାନଙ୍କର ଭୁଲ୍‌ରେ କାର୍ଯ୍ୟ କରୁଥାଏ ଓ ସେମାନଙ୍କ ସଦିଚ୍ଛା ମଧ୍ୟରେ କାର୍ଯ୍ୟ କରୁଥାଏ; ସେମାନଙ୍କର ଅସଦିଚ୍ଛା ମଧ୍ୟଦେଇ ତଥା ଅନୁକୂଳ ସକଳ ବସ୍ତୁର ମଧ୍ୟଦେଇ କାର୍ଯ୍ୟ କରୁଥାଏ । ତେଣୁ ସବୁକିଛି ବିମିଶ୍ରିତ ହୋଇ ରହିଥାଏ; ଏପରି କିଛି ହେଲେ କୌଣସିଠାରେ ନ ଥାଏ, ଯାହାକୁ କି ଦିବ୍ୟ ପରମସତ୍ତାଙ୍କର ଏକ ଶୁଦ୍ଧ ଯନ୍ତ୍ର ବୋଲି କୁହାଯାଇ

'oaob.nitrkl.ac.in' images reprocessed

ପାରିବ, ଏବଂ ଆପଣାର ମାର୍ଗରେ ଅଗ୍ରସର ହୋଇଯିବା ସକାଶେ ସିଏ ଯେକୌଣସି ବ୍ୟକ୍ତି ଅଥବା ଜିନିଷକୁ କଦାପି ବ୍ୟବହାର କରିବେ ନାହିଁ, ସେକଥା ଆଦୌ କହୁ ହୁଏ ନାହିଁ । ତେଣୁ, ସବୁକଥା ଅନିର୍ଦ୍ଦିଷ୍ଟ ହୋଇ ରହିଥିବା ପର୍ଯ୍ୟନ୍ତ ଦିବ୍ୟ ପରମସତ୍ତା ପ୍ରାୟ ସମାନ ଭାବରେ ସବୁଠାରେ କାର୍ଯ୍ୟ କରୁଥାନ୍ତି । ମାତ୍ର ଲୋକମାନେ ଯେତେବେଳେ ଏହିପରି ଏକ ଘୋର ଉନ୍ମତ୍ତତା ମଧ୍ୟରେ ଯାଇ ପ୍ରବେଶ କରନ୍ତି, ସେତେବେଳେ ଘଟନା ଅଲଗା ପ୍ରକାରର ହୁଏ । ଏହାକୁ ପ୍ରକୃତରେ ଏକ "ଘୋର ଉନ୍ମତ୍ତତା" ବୋଲି କୁହାଯିବ, କାରଣ ଏହା ମନୁଷ୍ୟ-ମାନଙ୍କର ଏକ ସମଗ୍ର ସମୂହକୁ ଏହିପରି ଭାବରେ ପ୍ରେରିତ କରି ରଖିଥାଏ ଏବଂ ଆପଣାକୁ ଏପରି ଏକ କାର୍ଯ୍ୟ ମଧ୍ୟରେ ନେଇ ପର୍ଯ୍ୟବସିତ କରାଏ, ଯାହାକି ସିଧା ଧ୍ୱଂସରେହିଁ, — ସେମାନଙ୍କର ନିଜ ଧ୍ୱଂସସାଧନରେ ପରିଣତ ହୋଇଯାଏ । ଏଠାରେ ମୁଁ ବୋମାଗୁଡ଼ିକର କଥା କହୁ ନାହିଁ, କୌଣସି ଗୋଟିଏ ସହର ଅଥବା ଜାତିର ଧ୍ୱଂସ ହୋଇଯିବା କଥା କହୁ ନାହିଁ । ଗୀତାରେ ଯେଉଁ ଧ୍ୱଂସ ବା ପ୍ରଳୟର ବର୍ଣ୍ଣନା କରାଯାଇଛି, ଏଠାରେ ମୁଁ ତାହାର କଥା କହୁଛି । କଥିତ ଅଛି ଯେ, ସେତେବେଳେ ଅସୁର ସ୍ୱୟଂ ଆପଣାର ଧ୍ୱଂସସାଧନ କରିବାକୁ ବାହାରିଥାଏ । ପ୍ରକୃତରେ ତାହାହିଁ ଘଟେ ଏବଂ ଏହାକୁ ଏକ ଅତ୍ୟନ୍ତ ଘୋର ଦୁର୍ଭାଗ୍ୟ ବୋଲି କୁହାଯିବ, କାରଣ, ନୃଶଂସ ଭାବରେ ନଷ୍ଟ କରିବାକୁ ବାଧ୍ୟ ହେବା ଅପେକ୍ଷା ପ୍ରାଣ-ରକ୍ଷା କରାଇବା, ଏକ ଆଲୋଡ଼ନ ଘଟାଇବା ଏବଂ ରୂପାନ୍ତରିତ କରାଇବା ହେଉଛି ସର୍ବଦା ଏକ ଅଧିକ ଭଲ କାର୍ଯ୍ୟ । ଏବଂ, ଏକ ସାଂଘାତିକ ସ୍ଥିତିରେ ପଡ଼ି, ଯୁଦ୍ଧର ପଥଟିକୁ ବାଛିନେବାକୁହିଁ ଏହି କ୍ଷେତ୍ରରେ ଏହାର ଭୟଙ୍କର ଦିଗଟି ବୋଲି କୁହାଯିବ । ଅର୍ଥାତ୍, ଏହା ସଂଘର୍ଷଟିକୁ ଏତେ ଅଧିକ ନୃଶଂସ ଏବଂ ସମଗ୍ର ଭାବରେ ସଂଘଟିତ କରାଇଦିଏ ଯେ, ଶାନ୍ତି ସମୟରେ ଯେଉଁ କେତେକ ଉପାଦାନର ରକ୍ଷା କରାଯାଇ ପାରିଥାନ୍ତା, ସେଗୁଡ଼ିକୁ ଯୁଦ୍ଧ ସମୟରେ ବିନଷ୍ଟ କରିଦେବାକୁ ପଡ଼େ— ଏବଂ, କେବଳ ଯେ ମନୁଷ୍ୟ ଏବଂ ବସ୍ତୁଗୁଡ଼ିକ ନଷ୍ଟ ହୁଅନ୍ତି ତା' ନୁହେଁ, ସମ୍ପୃକ୍ତ ସମସ୍ତଙ୍କର ଶକ୍ତିତତ୍ତ୍ୱ ତଥା ବିବେକ ମଧ୍ୟ ନଷ୍ଟ ହୋଇଯାଏ ।

ବର୍ତ୍ତମାନର ରାଜନୀତିରେ ଭାରତର ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଅଛି କି ?

ରାଜନୀତିରେ ! ମୁଁ ତୁମକୁ ମୂଳରୁ କହୁଛି ଯେ ରାଜନୀତି ହେଉଛି ସମ୍ପୂର୍ଣ୍ଣ ଭାବରେ ··· ଏକ ଅବାଞ୍ଛିତ ହୋଇ ରହିଥିବା ବସ୍ତୁ । ତେବେ ଏକ ଯଥାର୍ଥ ରାଜନୀତିକ ଭୂମିକା କିପରି ସମ୍ଭବ ହେବ ?

'oaob.nitrkl.ac.in' images reprocessed

ପୃଥିବୀରେ ଭାରତର ଏକ ଭୂମିକା ଗ୍ରହଣ କରିବାକୁ ରହିଛି । ମାତ୍ର ଏହି ଭୂମିକା ହେଉଛି ଏକ ଆଦର୍ଶର ଭୂମିକା, ଏବଂ ସେଥିଲାଗି ଏକ ନୂତନ ଦୀକ୍ଷା ଗ୍ରହଣର ଆବଶ୍ୟକତା ରହିଛି, — ମୋ' ଜାଣିବାରେ ସେହି ଦୀକ୍ଷାଗ୍ରହଣ ଏପର୍ଯ୍ୟନ୍ତ ସଂଘଟିତ ହୋଇ ନାହିଁ । ଉପଯୁକ୍ତ ହୋଇ ରହିପାରିଲେ ଭାରତବର୍ଷ ସେହି ଉପରସ୍ତରସ୍ଥ ବାହ୍ୟ ଦୃଷ୍ଟିରୁ ମଧ୍ୟ ନିଜର ଭୂମିକାଂଶଟିକୁ ଗ୍ରହଣ କରିପାରିବ । ମୁଁ କେବଳ ଏତିକିହିଁ କହିପାରିବ । ମାତ୍ର ସେଥିଲାଗି ଯଥାର୍ଥ ଜ୍ଞାନଟି ରହିଥିବା ମଧ୍ୟ ଆବଶ୍ୟକ ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ଏସବୁ ବିଷୟରେ ଆଜୌ କିଛି କହି ହୁଏ ନାହିଁ ।

ଏହି ରାଜନେତା ଯେତେବେଳେ ଯଥାର୍ଥ ସତ୍ୟଟିର ପରିଚୟ ଲାଭ କରିବେ, ସେତେବେଳେ ସମସ୍ୟାଗୁଡ଼ିକ କଦାପି ସେହି ଆଗପରି ହୋଇ ରହିବ ନାହିଁ, ନୁହେଁ କି ?

କ'ଣ କହିଲ ? ମୁଁ ଯେଉଁ ରାଜନେତାଙ୍କ କଥା କହୁଛି ! ସମସ୍ତଙ୍କୁ ସତ୍ୟର ପରିଚୟ ଲାଭ କରିବାକୁ ହେବ । ସେମାନେ ସମସ୍ତେ ଯେତେବେଳେ ସତ୍ୟର ସନ୍ଧାନ ପାଇବେ, ସେତେବେଳେ ଯାଇ ବସ୍ତୁଗୁଡ଼ିକ ଅଲଗା ପ୍ରକାରର ହେବ । ତେବେ,—ବର୍ତ୍ତମାନ ଆମେ ଏହି ସମସ୍ୟାଟି ବିଷୟରେ ଚିନ୍ତା କରିବା !

'oaob.nitrkl.ac.in' images reprocessed

## ୨୧ ସେପ୍ଟେମ୍ବର ୧୯୫୫

ମାଆ ‘ମହାନ୍ ରହସ୍ୟ’ରୁ ‘ଲେଖକ’ ପ୍ରବନ୍ଧଟିକୁ ପାଠ କଲେ ।

ମାଆ, ଏଠାରେ ଲେଖାଯାଇଛି : “ସୂକ୍ଷ୍ମ ବସ୍ତୁ, ଶକ୍ତି, ସ୍ପନ୍ଦନ, ତତ୍ତ୍ୱ ତଥା ବିସ୍ତାରଗୁଡ଼ିକ ସହିତ ସଂପର୍କ ସ୍ଥାପନ କରିବା ଲାଗି ଶବ୍ଦ ଯଥେଷ୍ଟ ପରିମାଣରେ ଅମୂର୍ତ୍ତ ହୋଇ ରହିଥାଏ ”।

ପିଲାମାନେ ! ମୁଁ ତୁମମାନଙ୍କୁ ମୂଳରୁ କହିଦେଉଛି ଯେ ଏହା ହେଉଛି “ସାହିତ୍ୟ” । ତେଣୁ ତୁମେମାନେ ମୋତେ ଏହି କ୍ଷେତ୍ରରେ ଆଦୌ କୌଣସି ବ୍ୟାଖ୍ୟା ଦେବାକୁ ଅନୁରୋଧ କରିବ ନାହିଁ । ଏହି କଥାଟିକୁ ଏକ ସାହିତ୍ୟିକ ଢଙ୍ଗରେ କୁହାଯାଇଛି ଏବଂ ତେଣୁ ତୁମେମାନେ ମଧ୍ୟ ତାହାକୁ ସେହିପରି ଏକ ସାହିତ୍ୟିକ ଢଙ୍ଗରେ ବୁଝିବ । ଏଠାରେ ଶବ୍ଦର ଏକ ସାହିତ୍ୟିକ ବର୍ଣ୍ଣନା ଦିଆଯାଇଛି; ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ଦିଆଯାଇଛି ସତ, ମାତ୍ର ସାହିତ୍ୟିକ ଢଙ୍ଗରେ ଦିଆଯାଇଛି । ତେଣୁ, ଏହି ସାହିତ୍ୟ ବିଷୟରେ ମୁଁ ଆଉ କୌଣସି ସାହିତ୍ୟର ରଚନା କରିପାରିବ ନାହିଁ । ଆମର ଆଙ୍ଗିକ ବିଷୟରେ ଯଥାର୍ଥ ରୁଚିଟି ରହିଥିବା ଦରକାର,—ଯାହାକି ସୁନ୍ଦର ଭାବରେ କୁହାଯାଇଥିବ, କିଞ୍ଚିତ୍ ପରିମାଣରେ ଅନନ୍ୟସାଧାରଣ ହୋଇଥିବ, ମାତ୍ର ଅତିରିକ୍ତ ଭାବରେ ମୋଟେ ରୁକ୍ଷ ଦୁରୂହ ହୋଇ ନ ଥିବ । ମାତ୍ର ଏହା ହେଉଛି କେବଳ ଗୋଟିଏ ମାତ୍ର ଢଙ୍ଗ, ବିଷୟଗୁଡ଼ିକ ଆକର୍ଷଣୀୟ କରି କହିବାର ଢଙ୍ଗ । ସାହିତ୍ୟ ବସ୍ତୁଗୁଡ଼ିକୁ ବ୍ୟକ୍ତ କରିବାର ଏକ ଢଙ୍ଗ ଉପରେହିଁ ସଂପୂର୍ଣ୍ଣ ଭାବରେ ଆଧାରିତ ହୋଇ ରହିଥାଏ । ପଶ୍ଚାତରେ ରହିଥିବା ବ୍ୟଞ୍ଜନାଟିକୁହିଁ ତୁମକୁ ଯଥାସମ୍ଭବ ବୁଝିବାକୁ ପଡ଼େ । ଯଦି ତୁମେ ବସ୍ତୁତଃ ସାହିତ୍ୟିକ ଅର୍ଥଟି ଲାଗି ନିଜକୁ ଉନ୍ମୁକ୍ତ କରି ରଖିଥାଅ, ତେବେ ତାହା ତୁମ ଲାଗି କେତେ କ’ଣର ଉଦ୍‌ଘାଟନ ଘଟାଏ; ମାତ୍ର ତାହାର କୌଣସି ବ୍ୟାଖ୍ୟା କରାଯାଇପାରେ ନାହିଁ । ଏହାକୁ ଏକ ଉଦ୍‌ବୋଧିତ କରି ଆଣିବାର ସାଧନ ବୋଲି କୁହାଯିବ, ଯାହାକୁକି ସଙ୍ଗୀତର ତୁଲ୍ୟରୂପେ ମଧ୍ୟ ବିଚାର କରାଯାଇ ପାରିବ । ଅବଶ୍ୟ ସାହିତ୍ୟର ମଧ୍ୟ ବିଶ୍ଳେଷଣ କରାଯାଇ ପାରିବ, ଏବଂ ବାକ୍ୟଗୁଡ଼ିକର ରଚନା କିପରି ହୋଇଛି,

'oaob.nitrkl.ac.in' images reprocessed

ତାହାର ସନ୍ଧାନ କରାଯାଇ ପାରିବ; ମାତ୍ର ତାହା ମନୁଷ୍ୟକୁ ସତେଅବା ଏକ ଅସ୍ଥିଗଠନରେ ପରିବର୍ତ୍ତିତ କରି ଦେବାପରିହିଁ ହେବ । ଅସ୍ଥିଗଠନଟି ଦେଖିବାକୁ ଆଦୌ ସୁନ୍ଦର ନୁହେଁ । ସଙ୍ଗୀତର କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା । ଯଦି ତୁମେ ସଙ୍ଗୀତରେ ସୁରସଙ୍ଗତର ଅଧ୍ୟୟନ କରୁଥିବ, ଏବଂ ଯଦି ଏହି ସ୍ୱରଟିକୁ ଅବଶ୍ୟମ୍ଭାବୀ ଭାବରେ ସେହି ଅନ୍ୟଟିକୁ ମଧ୍ୟ ଆଣି ଉପସ୍ଥାପିତ କରିବାକୁ ପଡ଼େ — ସ୍ୱରଗୁଡ଼ିକର ଏହି ସମୂହ ସେହି ଅନ୍ୟଟିକୁ ଅବଶ୍ୟ ଆଣି ଉପସ୍ଥାପିତ କରିବ, — ତେବେ ତଦ୍ଦ୍ୱାରା ତୁମେ ସଙ୍ଗୀତଟିକୁ ମଧ୍ୟ ନଷ୍ଟ କରିଦେବ, ସଙ୍ଗୀତର କେବଳ ଅସ୍ଥିଗଠନଟିହିଁ ଅବଶିଷ୍ଟ ରହିଯିବ । ଏହା ଆଦୌ ଆନନ୍ଦୋଦ୍ଦୀପକ ନୁହେଁ । ଏହି ବସ୍ତୁଗୁଡ଼ିକୁ ଅନୁରୂପ ବୋଧେନ୍ଦ୍ରିୟଗୁଡ଼ିକ ଦ୍ୱାରାହିଁ ଅନୁଭବ କରିବାକୁ ହୋଇଥାଏ, ପ୍ରୟୋଗ କରାଯାଇଥିବା ଶବ୍ଦଗୁଡ଼ିକୁ ସାହିତ୍ୟିକ ବୋଧ ଦ୍ୱାରା ଅନୁଭବ କରିବାକୁ ହୋଇଥାଏ,—ଶବ୍ଦଗୁଡ଼ିକ ମଧ୍ୟରେ ରହିଥିବା ସୌଷମ୍ୟ ଏବଂ ତାହା ଉଦ୍‌ବୋଧିତ କରି ଆଣୁଥିବା ଯଥାର୍ଥ ବସ୍ତୁଟିକୁ ଗ୍ରହଣ କରିବାକୁ ହୋଇଥାଏ ।

ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କ କ୍ଷେତ୍ରରେ ତାହା ସେହି ଏକା କଥା ହୋଇ ରହିଛି : ତୁମକୁ ଏପରି ବ୍ୟକ୍ତିମାନଙ୍କର ଏକ ବର୍ଣ୍ଣନା ଦିଆଯାଇଛି, ଯେଉଁମାନେ କି ମାନବୀୟ ସର୍ବୋଚ୍ଚ ସମ୍ଭାବନାର ସ୍ତରରେ ଯାଇ ପହଞ୍ଚିଛନ୍ତି । ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏହି ଲେଖକ ପ୍ରକୃତରେ ଜଣେ ଭାରି ବଡ଼ ଲେଖକ, ଆମେ କଳ୍ପନା କରି ପାରୁଥିବା ଜଣେ ସର୍ବୋତ୍ତମ ଲେଖକ । ସିଏ ଆସି ଏହି ସୋପାନରେ ଉପନୀତ ହୋଇଛନ୍ତି । ଏବଂ ପରିଶେଷରେ ସେ ଏହାକୁ କେବଳ ଶୂନ୍ୟଗର୍ଭ ବୋଲି ହୃଦୟଙ୍ଗମ କରିଛନ୍ତି, ତାଙ୍କର ଯଥାର୍ଥ ବସ୍ତୁଟିର ଅଭାବ ରହିଛି ବୋଲି ଉପଲବ୍ଧି କରିଛନ୍ତି । ଏବଂ ସମସ୍ତେ ମଧ୍ୟ ଠିକ୍ ସେହି ଅନୁଭୂତିଟିକୁହିଁ ଲାଭ କରିବେ ।

ଗତଥର ସେହି ରାଜନେତାକୁ ଆମେ ଜଣେ ଅନନ୍ୟସାଧାରଣ ରାଜନେତା ବୋଲି କହିଥିଲୁ । ବର୍ତ୍ତମାନ ଏହି ଲେଖକଙ୍କୁ ମଧ୍ୟ ଆମେ ଜଣେ ଅନନ୍ୟ ସାଧାରଣ ଲେଖକ ବୋଲି କହିପାରିବା ଯିଏକି ଏପରି ଏକ ମନୋଭାବରେ ଆସି ପହଞ୍ଚିଛନ୍ତି, ଯେଉଁଠାରୁ କି ସିଏ ଅନ୍ୟଏକ ଚେତନାକୁ, ଏକ ଉଚ୍ଚତର ଚେତନାକୁ ଜାଗ୍ରତ ହୋଇ ଚାଲିଯାଇ ପାରିବେ । ମାତ୍ର ତଥାପି ସିଏ ଦେଉଥିବା ବର୍ଣ୍ଣନାଟିରେ ଯଥାର୍ଥତଃ କେବଳ ମନୁଷ୍ୟର ସର୍ବୋଚ୍ଚ ସମ୍ଭାବନାଗୁଡ଼ିକର କଥାହିଁ ରହିଛି । ବସ୍ତୁଗୁଡ଼ିକ ଯେପରି ଭାବରେ ରହିଛନ୍ତି, ସିଏ ସେଗୁଡ଼ିକୁ କଦାପି ସେହିପରି ନଗ୍ନ ଭାବରେ ଦେଖି ନାହାନ୍ତି । ସିଏ ପଶ୍ଚାତରେ ରହିଥିବା ଚିନ୍ମୟ ବସ୍ତୁଟିକୁ ଦେଖିଛନ୍ତି, ତାହା ସହିତ ସଂଯୋଗ ସ୍ଥାପନ କରିଛନ୍ତି, ତାହାକୁ ବ୍ୟକ୍ତ କରିବାର ଉଦ୍ୟମ କରିଛନ୍ତି ଏବଂ·· ମନୁଷ୍ୟ-ଚେତନା ଯେଉଁପର୍ଯ୍ୟନ୍ତ ଯାଇ ପାରିବ, ସିଏ

'oaob.nitrkl.ac.in' images reprocessed

ସେପର୍ଯ୍ୟନ୍ତ ଯାଇଛନ୍ତି । ତା'ପରେ ଏକ ଉଚ୍ଚ ଅଡ଼ୁଆ ପାଖରେ ଆସି ପଡ଼ିଥିଛନ୍ତି । ବର୍ତ୍ତମାନ ସେ ଏଇଟିକୁ ପାର ହୋଇ ସେପାଖକୁ ଯାଇ ପାରିବେ କିପରି ? ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ଏହିପରି ଘଟିଥାଏ, ନୁହେଁ ? ଆମକୁ ପ୍ରତ୍ୟେକ ବାର ସେହି ଗୋଟିଏ କଥାରହିଁ ପୁନରାବୃତ୍ତି କରିବାକୁ ପଡ଼େ ।

ବୁଝିଲ ?

ଆଉ କୌଣସି ପ୍ରଶ୍ନ ନାହିଁ ?

**ମାଆ, ସାହିତ୍ୟ ଆମ ଅଗ୍ରଗତିରେ କିପରି ସହାୟକ ହୋଇପାରିବ ?**

ଏହା ତୁମକୁ ଅଧିକ ବୁଦ୍ଧିମାନ ହେବାରେ ଓ ସବୁକଥାକୁ ଅଧିକ ଭଲ କରି ବୁଝିବାରେ ସାହାଯ୍ୟ କରି ପାରିବ; ତୁମେ ଏହାଦ୍ୱାରା ସାହିତ୍ୟଗତ ଆଙ୍ଗିକଗୁଡ଼ିକ ବିଷୟରେ ଏକ ବୋଧ ଅର୍ଜନ କରି ପାରିବ, ନିଜ ରୁଚିର କର୍ଷଣ କରି ପାରିବ; କୌଣସି କଥାକୁ ବ୍ୟକ୍ତ କରିବାର ଭଲ ଓ ଖରାପ ପ୍ରଣାଳୀଟି ମଧ୍ୟରେ ପାର୍ଥକ୍ୟ ନିରୂପଣ କରିପାରିବ, ନିଜର ଅନ୍ତଃସ୍ୱଭାବଟିକୁ ଅଧିକ ସମୀଚୀନ ବର୍ଣ୍ଣନଯୁକ୍ତ କରିପାରିବ । ଏହିପରି ଭାବରେ ତାହା ତୁମକୁ ଶହେ ପ୍ରକାରର ଭିନ୍ନ ଭିନ୍ନ ବାଟରେ ସାହାଯ୍ୟ କରି ପାରିବ ।

ଅଗ୍ରଗତି ଅନେକ ପ୍ରକାରର ରହିଛି । ଏବଂ, ଯଦି ତୁମେ ସମଗ୍ର ଭାବରେ ଅଗ୍ରଗତି କରିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ଏହି ଯାବତୀୟ ଭିନ୍ନ ଭିନ୍ନ ଦିଗରେ ଅଗ୍ରଗତି ସମ୍ଭବ କରିବାକୁ ପଡ଼ିବ । ଏହି କ୍ଷେତ୍ରରେ ବୁଦ୍ଧିଗତ ଏବଂ କଳାତ୍ମକ ଅଗ୍ରଗତି ଯୁଗପତ୍ ହୋଇ ରହିଛନ୍ତି, ଏଥିରେ ଦୁଇଟିଯାକ ଯୁକ୍ତ ହୋଇ ରହିଛନ୍ତି । ଜଣେ ବ୍ୟକ୍ତି ବସ୍ତୁରାଶିଗୁଡ଼ିକୁ ନେଇ ଖେଳୁଛି, ସେଗୁଡ଼ିକୁ ବୁଝିପାରୁଛି, ବିଭିନ୍ନ ଶ୍ରେଣୀରେ ସଜାଇ କରି ରଖିପାରୁଛି, ସେଗୁଡ଼ିକୁ ସଂଗଠିତ କରିପାରୁଛି; ଏବଂ ତେଣେ ଯୁଗପତ୍ ଭାବରେ ସେ ସେହି ବସ୍ତୁରାଶିଗୁଡ଼ିକର ଆଙ୍ଗିକଟିକୁ ନେଇ ମଧ୍ୟ ଖେଳି ପାରୁଛି, ସେଗୁଡ଼ିକୁ ବ୍ୟକ୍ତ କରିବାର ମାର୍ଗଟିକୁ ନେଇ ଖେଳୁଛି, ସେଗୁଡ଼ିକୁ କହିବାର, ଉପସ୍ଥାପିତ କରିବାର ଏବଂ ବୋଧଗମ୍ୟ କରିବାର ପଦ୍ଧତିଟିକୁ ନେଇ ଖେଳିବାରେ ଲାଗିଛି ।

**ମାଆ, ଆମେ ସାହିତ୍ୟରେ ଗଳ୍ପ ଉପନ୍ୟାସ ପ୍ରଭୃତି ଯାହାକିଛି ପଢ଼ୁ ସେଥିରେ ଅଧିକାଂଶ ସମୟରେ ଏପରି ଅନେକ ଉପାଦାନ ରହିଥାଏ, ଯାହାକି ଆମ ଚେତନାକୁ ତଳକୁ ଖସାଇଆଣେ ।**

'oaob.nitrkl.ac.in' images reprocessed

ସେଥିରୁ ସେହି ଉପାଦାନଗୁଡ଼ିକୁ ବାଦ୍ ଦେଇ ପଢ଼ିବା ମଧ୍ୟ ଆଦୌ ସମ୍ଭବ ହୁଏ ନାହିଁ, ତେଣୁ କେବଳ ସାହିତ୍ୟିକ ମୂଲ୍ୟର ଦୃଷ୍ଟି-କୋଣରୁ ତାହାକୁ ପଢ଼ିବା ମଧ୍ୟ ସମ୍ଭବ ହୁଏ ନାହିଁ ।

ଯେଉଁସବୁ ଉପନ୍ୟାସ ବିଶେଷ ଭାବରେ ଅସାଧାରଣ ଏବଂ ତୁମେ କେବଳ ଭାଷା ଶିଖିବା ଲାଗି ସେଗୁଡ଼ିକୁ ପଢ଼ୁଛ, —ଏଗୁଡ଼ିକ ବ୍ୟତୀତ ଯାହା ମନ ତାହା ଉପନ୍ୟାସକୁ ପଢ଼ିବା ପଛରେ ଆଦୌ କୌଣସି ଯୁକ୍ତି ନାହିଁ । ଉପନ୍ୟାସଟି ହୁଏତ ତୁମ ନିଜ ଭାଷାରେ ଲେଖା ହୋଇଛି ଅଥବା ଆଉ ଏକ ଭାଷାରେ ଲେଖା ହୋଇଛି ଏବଂ ତୁମେ ସେହି ଭାଷାଟିକୁ ଶିଖିବା ଲାଗି ଇଚ୍ଛା କରୁଛ, —ତେବେ ତୁମେ ଉତ୍ତମ ଭାବରେ ଲିଖିତ ହୋଇଥିବା ଯେକୌଣସି ଉପନ୍ୟାସ ପଢ଼ିପାର । କୌଣସି ପୁସ୍ତକରେ ଯାହା କୁହା ହୋଇଥାଏ, ତାହା ପ୍ରକୃତରେ ଆଗ୍ରହୋଦ୍ଦୀପକ ହୁଏ ନାହିଁ; ତାହାକୁ ଯେପରି ଭାବରେ କୁହା ହୋଇଥାଏ, ତାହାହିଁ ଆଗ୍ରହୋଦ୍ଦୀପକ ହୋଇଥାଏ । ତେଣୁ ସେଥିରେ ଯାହା କୁହାଯାଇଛି—ତାହା ଆଦୌ ଆଗ୍ରହୋ-ଦ୍ଦୀପକ ନୁହେଁ,—ସେଇଟି ସବାଶେ ନୁହେଁ, ମାତ୍ର ତାହାକୁ ଯେପରି ଭାବରେ କୁହାଯାଇଛି, ତାହାକୁ ଜାଣିବା ଲାଗି ବହିଟିକୁ ପଢ଼ିବା ହେଉଛି ଏହି କ୍ଷେତ୍ରରେ ସମୁଚିତ ପନ୍ଥା । ଅବଶ୍ୟ ଏକଥା ସତ ଯେ, ଉଦାହରଣସ୍ୱରୂପ, ଗୋଟିଏ ବହିରେ ସର୍ବଦା ନାନାବିଧ ବର୍ଣ୍ଣନା ରହିଥାଏ; ଏବଂ, ଏହି ବର୍ଣ୍ଣନାଗୁଡ଼ିକୁ କିପରି କରାଯାଇଛି ଏବଂ ବସ୍ତୁଟିକୁ ବ୍ୟକ୍ତ କରିବା ଲାଗି ଲେଖକ କିପରି ଶବ୍ଦଗୁଡ଼ିକୁ ବାଛୁଛନ୍ତି, ତୁମକୁ ସେହିଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ । ବସ୍ତୁଗୁଡ଼ିକ ବେଲକୁ ମଧ୍ୟ ଠିକ୍ ସେହିକଥା : ଚରିତ୍ରମାନଙ୍କର ମାଧ୍ୟମରେ ସିଏ କିପରି ଭାବରେ କଥାଗୁଡ଼ିକୁ ବ୍ୟକ୍ତ କରିଛନ୍ତି, ତୁମେ ସର୍ବଦା ତାହାକୁହିଁ ଦେଖିବ । ସେମାନେ କ'ଣସବୁ କହୁଛନ୍ତି, ଏବଂ ତାହାକୁ କିପରି କହୁଛନ୍ତି, ସେଇଥିରେହିଁ ଆଗ୍ରହ ରଖିବ । ବାକ୍ୟଗୁଡ଼ିକୁ କିପରି ଉତ୍ତମରୂପେ ଲେଖିହେବ ଏବଂ ଭିନ୍ନ ଭାବକୁ କିପରି ସମୁଚିତ ଭାବରେ ବ୍ୟକ୍ତ କରିହେବ, କେବଳ ଏତିକି ଶିକ୍ଷା କରିବାକହିଁ ଯଦି ତୁମେ ପାଠ୍ୟପୁସ୍ତକ ପରି କେତେକ ପୁସ୍ତକକୁ ପଢ଼ିବାକୁ ଯାଉଥାଅ,—କାରଣ ଏହି ବହିଗୁଡ଼ିକ ଖୁବ୍ ଉତ୍ତମ ଭାବରେ ଲେଖା ହୋଇଥାନ୍ତି—,ତେବେ ସେଥିରେ ଥିବା ଗପଟିର ପ୍ରକୃତରେ ଖୁବ୍‌ବେଶୀ ମହତ୍ତ୍ୱ ନ ଥାଏ । ମାତ୍ର, ବହିରେ ଯାହାସବୁ କୁହାଯାଇଛି, ଯଦି ସେହିଗୁଡ଼ିକୁ ଜାଣିବା ଲାଗି ତୁମେ ବହି ପଢ଼ିବାକୁ ଆରମ୍ଭ କର, ତେବେ ତୁମକୁ ଅବଶ୍ୟ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ ଏବଂ, ଯାହା ତୁମ ଚେତନାକୁ ଅନ୍ଧକାରାଚ୍ଛନ୍ନ କରି ପକାଉଥିବ, ତାହାକୁ ତୁମେ ମୋଟେ ପଢ଼ିବାକୁ ଯିବ ନାହିଁ । କାରଣ, ତଦ୍ୱାରା ତୁମର ସମୟ ନଷ୍ଟ ହେବ; କେବଳ

'oaob.nitrkl.ac.in' images reprocessed

ସମସ୍ତ ନଷ୍ଟ ହେବାଠାରୁ ଆହୁରି କେତେ ଅଧିକ କ୍ଷତି ହେବ । ତେଣୁ ଅଶିଷ୍ଟ ଭାବରେ ଲେଖା ହୋଇଥିବା ଯାବତୀୟ ଅଶିଷ୍ଟ ଗଳ୍ପଗୁଡ଼ିକ ପଢ଼ିବା ସମ୍ବନ୍ଧରେ ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ତୁମେ ଏଗୁଡ଼ିକୁ ସ୍ପର୍ଶହିଁ କରିବ ନାହିଁ । ମାତ୍ର ତଥାପି ବିଶେଷତଃ ଏବେ ଏହିସବୁଡ଼ାକରହିଁ ସର୍ବତ୍ର ପ୍ରଚଳନ ରହିଛି; କାରଣ ଲୋକମାନେ ଶସ୍ତା ପୁସ୍ତକମୁଦ୍ରଣର ଉପାୟମାନ ଉଦ୍ଭାବନ କରିପାରିଛନ୍ତି, ଶସ୍ତା ଦୃଷ୍ଟାନ୍ତଗୁଡ଼ିକୁ ବାଢ଼ିଦେବାର ବାଟ ବାହାର କରିଛନ୍ତି । ତେଣୁ ସେମାନେ ଦେଶରେ ତଥା ଅନ୍ୟ ସକଳ ଦେଶରେ ରଦ୍ଦି ସାହିତ୍ୟର ପ୍ଲାବନ ସୃଷ୍ଟି କରିଛନ୍ତି ; ସେଗୁଡ଼ାକ ଅତି ଖରାପ ଭାବରେ ଲେଖାଯାଇଛି, ଖରାପ ଭାବରେ କଳ୍ପନା କରାଯାଇଛି, କେବଳ ଅଶାଳୀନ କଥାଗୁଡ଼ାକୁ ବ୍ୟକ୍ତ କରୁଛି ଏବଂ ଅଶାଳୀନ ଚିତ୍ରଣ ଦ୍ୱାରା ତୁମର ରୁଚିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ଦେଉଛି । ଏସବୁ ପ୍ରକୃତରେ ଘଟୁଛି, କାରଣ ଉତ୍ପାଦନ ଦୃଷ୍ଟିରୁ ସେମାନେ ଖୁବ୍ ଶସ୍ତାରେ ଏଗୁଡ଼ିକୁ ବାହାର କରି ପାରୁଛନ୍ତି ଏବଂ ଏଗୁଡ଼ିକୁ "ସମସ୍ତଙ୍କ ପାଖରେ ପହଞ୍ଚି ପାରୁଥିବା" ଲୋକପ୍ରିୟ ସଂସ୍କରଣ ବୋଲି କୁହାଯାଉଛି । ମାତ୍ର, ଲୋକମାନଙ୍କୁ ଉତ୍ତମ ଶିକ୍ଷା ଦେବା କିଂବା ସେମାନଙ୍କୁ ଅଗ୍ରଗତି କରିବାରେ ସାହାଯ୍ୟ କରିବା ଏହି ବ୍ୟକ୍ତି-ମାନଙ୍କର ଆଦୌ ଉଦ୍ଦେଶ୍ୟ ହୋଇ ନ ଥିବାରୁ — ସେମାନେ ତ ଓଲଟି ଆଶା କରନ୍ତି ଯେ ଲୋକମାନେ ଆଦୌ କୌଣସି ଅଗ୍ରଗତି କରିବେ ନାହିଁ; କାରଣ ଅଗ୍ରଗତି କଲେ ସେମାନେ ଆଉ ଏହି ବ୍ୟକ୍ତିମାନେ ବାହାର କରୁଥିବା ପୁସ୍ତକକୁ କିଣିବା ପାଇଁ ଯିବେ ନାହିଁ — ତେଣୁ, ସେମାନଙ୍କର ପୁସ୍ତକଗୁଡ଼ିକୁ ପଢ଼ୁଥିବା ଲୋକମାନଙ୍କର ଯାବତୀୟ କ୍ଷତି ଘଟାଇ ଏହି ବ୍ୟକ୍ତିମାନେ ଅର୍ଥ ଉପାର୍ଜନ କରିବାକୁହିଁ ନିଜର ଲକ୍ଷ୍ୟରେ ପରିଣତ କରି ରଖିଥାନ୍ତି; ତେଣୁ ଏହିସବୁ ବହି ଯେତେ ଅଧିକ ସଂଖ୍ୟାରେ ବିକ୍ରି ହୁଏ, ସେମାନଙ୍କୁ ତାହା ସେତିକି ଅଧିକ ସୁହାଏ । ସେସବୁ ବହି ଅତ୍ୟନ୍ତ ଭୟଙ୍କର ହୋଇପାରେ, ମାତ୍ର ସେଗୁଡ଼ିକର ଭଲ ବିକ୍ରି ହେଉଥିବା ପର୍ଯ୍ୟନ୍ତ ତାହାକୁ ଏକ ଅତି ଉତ୍ତମ କଥା ବୋଲି ମନେ କରାଯାଏ । କଳାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା, ସଂଗୀତ ଓ ନାଟକର କ୍ଷେତ୍ରରେ ମଧ୍ୟ ସେଇଆ ।

ବିଜ୍ଞାନର ଅଦ୍ୟତମ ଆବିଷ୍କାରଗୁଡ଼ିକୁ ଆଣି ଜୀବନର କ୍ଷେତ୍ରରେ ପ୍ରୟୋଗ କରିବା ଫଳରେ, ପୂର୍ବେ କେବଳ ଏକ ବୁଦ୍ଧିଜୀବୀ ଏବଂ କଳାନୁରାଗୀ ବିଶିଷ୍ଟ ବର୍ଗର ବିଶେଷ ସମ୍ପତ୍ତି ହୋଇ ରହି ଆସିଥିବା ଯାବତୀୟ ପ୍ରକାରର ବସ୍ତୁ ପ୍ରତ୍ୟେକ ବ୍ୟକ୍ତିର ପହଞ୍ଚ ଭିତରେ ଆସି ଉପଲବ୍ଧ ହୋଇ ପାରୁଛି । ଏବଂ, ଆପଣାର ଉଦ୍ୟମକୁ ଉଚିତ ବୋଲି ପ୍ରମାଣ କରିବାକୁ ତଥା ଆପଣାର ଏହି କାର୍ଯ୍ୟଟି ଦ୍ୱାରା ଲାଭବାନ୍ ହେବାକୁ ସେମାନେ ଏପରି ବସ୍ତୁମାନ ତିଆରି କରୁଛନ୍ତି ଯାହାର କି

'oaob.nitrkl.ac.in' images reprocessed

ସର୍ବାଧିକ ବଳ ହୋଇପାରିବ, ଅର୍ଥାତ୍, ସେମାନେ ସବୁଠାରୁ ନିମ୍ନ, ଅତ୍ୟନ୍ତ ସାଧାରଣ ଏବଂ ଅମାର୍ଜିତ ସ୍ତରର ଯାବତୀୟ ବସ୍ତୁ ତିଆରି କରୁଛନ୍ତି; ସେଗୁଡ଼ିକୁ ଖୁବ ସହଜରେ ସମସ୍ତେ ବୁଝି ପାରୁଛନ୍ତି, କାରଣ ସେଗୁଡ଼ିକୁ ବୁଝିବା ସକାଶେ ଆଦୌ କୌଣସି ପ୍ରୟାସ ଅଥବା ଶିକ୍ଷା ଦରକାର ହେଉ ନାହିଁ । ଏବଂ ଏହିସବୁ ବସ୍ତୁକୁ ଆଣି ସାରା ପୃଥିବୀ ଉପରେ ଅଜାଡ଼ି ଦିଆଯାଉଛି; ଏତେ ଅଧିକ ପରିମାଣରେ ଅଜାଡ଼ି ଦିଆଯାଉଛି ଯେ, ଯେତେବେଳେ କେହି ଉତ୍ତମ ପୁସ୍ତକଟିଏ ଅଥବା ଉତ୍ତମ ନାଟକଟିଏ ଲେଖୁଛି, ତା'ପାଇଁ ଆଉ ଆଦୌ କୌଣସି ଜାଗାରେ ସ୍ଥାନ ମିଳୁ ନାହିଁ; କାରଣ ସେହି ନିମ୍ନ ସ୍ତରର ବସ୍ତୁଗୁଡ଼ିକହିଁ ସମସ୍ତ ସ୍ଥାନକୁ ଅଧିକାର କରି ବସିଛନ୍ତି ।

ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏହି କ୍ଷେତ୍ରରେ ବିବେକସମ୍ପନ୍ନ ବ୍ୟକ୍ତିମାନେ ବି ରହିଛନ୍ତି, ଯେଉଁମାନେ କି ନିଜର ପ୍ରତିକ୍ରିୟାକୁ ବ୍ୟକ୍ତ ମଧ୍ୟ କରୁଛନ୍ତି; ମାତ୍ର ତାହା କରିବା ମଧ୍ୟ କଷ୍ଟକର ହୋଇପଡ଼ୁଛି । ଅଧିକ ଧନ ଅଧିକ ଉପାର୍ଜନ କରିବାର ଏହି ମନୋବୃତ୍ତିକୁ ସର୍ବପ୍ରଥମେ ପୃଥିବୀରୁ ତଡ଼ି ବାହାର କରିବାକୁ ହେବ । ଏଥିପାଇଁ ଅବଶ୍ୟ କିଛି ସମୟ ଲାଗିବ । ଅଳ୍ପ କେତେକ ସୂଚନା ମଧ୍ୟ ଏବେ ମିଳିଲଣି ଯେ, ପୂର୍ବ ଅପେକ୍ଷା ଲୋକେ ଏହି ମନୋବୃତ୍ତିକୁ କମ୍ ସମ୍ମାନ କରୁଛନ୍ତି । ଏପରି ଏକ ସମୟ ଥିଲା, ଯେତେବେଳେ କି, ବ୍ୟବସାୟ କରି ଜାଣୁ ନ ଥିବା ବ୍ୟକ୍ତିକୁ ଜଣେ ଅପରାଧୀ ବୋଲି ବିଚାର କରାଯାଉଥିଲା ଏବଂ, ଯିଏ ଆପଣା ପାଖରେ ରହିଥିବା ପୁଞ୍ଜିକୁ ଖର୍ଚ୍ଚ କରି ପକାଇବାର ଔଦ୍ଧତ୍ୟ ଦେଖାଉଥିଲା,—ଅତ୍ୟନ୍ତ ଉତ୍ତମ କାର୍ଯ୍ୟରେ ସେ ତାହାକୁ ଖର୍ଚ୍ଚ କରୁଥିଲେ ମଧ୍ୟ—ତାହାକୁ ପାଗଳା-ଗାରଦକୁ ପଠାଇଦେବା ଉଚିତ ବୋଲି ବୁଝାଯାଉଥିଲା । ବର୍ତ୍ତମାନ ସେହି ଅବସ୍ଥା ଟିକିଏ ଭଲ ଆଡ଼କୁ ଆସିଲାଣି, ମାତ୍ର ଆମେ ତଥାପି ଯଥାର୍ଥ ସ୍ଥିତିଟିର ବହୁଦୂରରେ ଯାଇ ରହିଛୁ; ଧନଦେବତା ତଥାପି ସର୍ବଶ୍ରେଷ୍ଠ ଦେବତାରୂପେ ଆସୀନ ହୋଇରହିଛନ୍ତି, ପୃଥିବୀକୁ ଶାସନ କରୁଛନ୍ତି । ତାଙ୍କୁ ସିଂହାସନଚ୍ୟୁତ କରିବାକୁ ହେଲେ କିଛି ସମୟ ଅବଶ୍ୟ ଲାଗିବ । ଏହା ମନୁଷ୍ୟମାନଙ୍କର ବିଚାରକୁ ଏତେ ଅଧିକ ପରିମାଣରେ ଦୂଷିତ କରି ଦେଇଛି ଯେ, ସେମାନେ ଏହାକୁ ସର୍ବୋଚ୍ଚ ମାନଦଣ୍ଡ ବୋଲି ଗ୍ରହଣ କରୁଛନ୍ତି । ଆମେରିକାରେ କୌଣସି ବ୍ୟକ୍ତିଙ୍କ ବିଷୟରେ କିଛି କହିବାକୁ ଯାଇ ବୁଝାଯାଏ : "ତାଙ୍କ କଥା କହୁଛ ? ସିଏ ହେଉଛନ୍ତି ଦଶଲକ୍ଷ ଡଲାରର ମୂଲ୍ୟର ଜଣେ ବ୍ୟକ୍ତି !" ଏହିପରି ସ୍ୱରରେ ଜଣେ ବ୍ୟକ୍ତିକୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରାଯାଇ ପାରିବ ବୋଲି ବିଚାର କରାଯାଏ । ଏବଂ ସମ୍ପୂର୍ଣ୍ଣ କଥାଟି ହେଉଛି ଏହିପରି : "ତୁମେ ଅମୁକ ବ୍ୟକ୍ତିଙ୍କୁ ଜାଣିଛ ? ତାଙ୍କର ମୂଲ୍ୟ କେତେ ହେବ କହିଲ ?" —"ତାଙ୍କର ମୂଲ୍ୟ ଲକ୍ଷେ ଡଲାର୍ ହେବ",

'oaob.nitrkl.ac.in' images reprocessed

"ତାଙ୍କର ମୂଲ୍ୟ ପାଞ୍ଚଶହ ଡଲାର୍ ହେବ।" ଏହାର ଅର୍ଥ ହେଉଛି, ସିଏ ଏପରି ଗୋଟିଏ ପଦରେ ଅଛନ୍ତି, ଯାହାକି ତାଙ୍କୁ ଏହି ପରିମାଣର ଅର୍ଥ ଆଣି ଦେଉଛି। ସିଏ ବୁଦ୍ଧିଆ ହୋଇପାରନ୍ତି, ବୋକା ହୋଇପାରନ୍ତି,...ସିଏ ଆଉ କ'ଣ ବି ହୋଇପାରନ୍ତି। ମାତ୍ର ସେସବୁ କଥାର ଆଦୌ କୌଣସି ମହତ୍ତ୍ୱ ନାହିଁ। ସିଏ ଜଣେ ଭଲ ମଣିଷ ହୋଇପାରନ୍ତି ଅଥବା ଖରାପ ମଣିଷ ବି ହୋଇପାରନ୍ତି, — ମାତ୍ର ସେଥିରେ ଆଦୌ କିଛି ଯାଏ ଆସେ ନାହିଁ। ସିଏ ଧନୀ ନା ଗରିବ ?" ଯଦି ଧନୀ ହୋଇଥାନ୍ତି, ତେବେ ଖୁବ୍ ବଢ଼ିଆ କଥା, ମୁଁ ତାଙ୍କୁ ଭଲଭାବରେ ଜାଣିବାକୁ ଅବଶ୍ୟ ଇଚ୍ଛା କରିବି ! ମାତ୍ର, ଯଦି ଗରିବ ହୋଇଥାନ୍ତି, ତେବେ ମୋର ତାଙ୍କ ପାଖରେ ଆଦୌ କୌଣସି କାମ ନାହିଁ।" ବୁଝିଲ ? ଆମେରିକା ହେଉଛି ଏଭଳି ଏକ ଦେଶ, ତେଣୁ ତାହାର ଆଚରଣ ଠିକ୍ ଗୋଟିଏ ପିଲାର ଆଚରଣ ପରି, ମାତ୍ର ଆଦୌ କୌଣସି ଶିଷ୍ଟତା ନ ଥିବା କୌଣସି ପିଲାର ଆଚରଣ ପରି। ମାତ୍ର, ଅପେକ୍ଷାକୃତ ଅଧିକ ପୁରୁଣା ଦେଶଗୁଡ଼ିକ ଅତ୍ୟନ୍ତ ବୃଦ୍ଧ ହୋଇ ପଡ଼ିଲେଣି ଏବଂ ଆଉ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରି ପାରୁ ନାହାନ୍ତି। ସେମାନେ ଖାଲି ମୁଣ୍ଡ ହଲାଇବାରେ ଲାଗିଛନ୍ତି ଏବଂ ଏହି ତାରୁଣ୍ୟ ପ୍ରକୃତରେ ଏକ ଯଥାର୍ଥ ତାରୁଣ୍ୟ କି ନାହିଁ, ଚକିତ ହୋଇ ସେହି କଥା ଚର୍ଚ୍ଚା କରୁଛନ୍ତି। ସବୁକିଛି ସେହିପରି ହୋଇ ରହିଛି। ପୃଥିବୀ ଅତ୍ୟନ୍ତ ରୋଗଗ୍ରସ୍ତ ହୋଇ ରହିଛି।

ବୁଝିଲ ?

ମାଆ, ଆମେ କେଉଁସବୁ ବହି ପଢ଼ିବା, ତାହାକୁ ଠିକ୍ କରି ପାରିବା କିପରି ?

ଅଧିକ ଭଲ ହେବ, ଯଦି ତୁମେ ଏହି ବିଷୟରେ ଅଭିଜ୍ଞତା ରହିଥିବା ଜଣେ ବ୍ୟକ୍ତିର ପରାମର୍ଶ ଗ୍ରହଣ କରିବ। ଯାହାର ସାହିତ୍ୟ ବିଷୟରେ ଅନ୍ତତଃ ଏକ ରୁଚି ଓ କିଛି ଜ୍ଞାନ ରହିଥିବ, ଯଦି ତୁମେ ତାକୁ ଯାଇ ପଚାରି ପାରୁଥିବ, ତେବେ ସିଏ କେବେ ତୁମକୁ ଖରାପ ଭାବରେ ଲେଖା ହୋଇଥିବା ବହିଗୁଡ଼ିକୁ ଦେବ ନାହିଁ। ଏବଂ, ତୁମକୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସାହାଯ୍ୟ କରି ପାରୁଥିବା କିଛି ସାମଗ୍ରୀକୁ ଯଦି ତୁମେ ପଢ଼ିବାକୁ ଇଚ୍ଛା କରୁଥିବ ତେବେ ତାହା ଏକ ଅଲଗା କଥା ହେବ; ଯେଉଁ ବ୍ୟକ୍ତିର ଏକ ଆଧ୍ୟାତ୍ମିକ ଉପଲବ୍ଧି ରହିଥିବ, ତୁମକୁ ସାହାଯ୍ୟ କରିବା ଲାଗି ତୁମେ ସେହିଭଳି ଜଣେ ବ୍ୟକ୍ତି ପାଖକୁ ଯିବ।

ଏହି କ୍ଷେତ୍ରରେ ଦୁଇଟି ଅତ୍ୟନ୍ତ ଭିନ୍ନ ରେଖା ରହିଛନ୍ତି : ସେହି ଦୁଇଟି ରେଖା ଗୋଟିଏ ଜାଗାରେ ଆସି ଅବଶ୍ୟ ମିଳିତ ହୋଇପାରିବେ, କାରଣ,

'oaob.nitrkl.ac.in' images reprocessed

ପୃଥିବୀରେ ପ୍ରତ୍ୟେକ ବସ୍ତୁକୁ ଆଣି ଅଛ ତାହା ସହିତ ମିଳିତ କରି ଦିଆଯାଇ ପାରିବ । ମାତ୍ର, ମୁଁ ଯେପରି କହିଲି, ପରସ୍ପରଠାରୁ ପ୍ରକୃତରେ ଅତ୍ୟନ୍ତ ଭିନ୍ନ ହୋଇ ରହିଥିବା ଦୁଇଟି ବାଟ ରହିଛି । ଗୋଟିଏ ବାଟ ହେଉଛି, ତୁମେ ସବୁବେଳେ ଅନେକ ମଧ୍ୟରୁ ଗୋଟିକୁ ବାଛି ନେଉଥିବ; କେବଳ ଯାହା ପଢ଼ୁଛ, ତାହାକୁହିଁ ଯେ ବାଛିବ, ସେକଥା ଆଦୌ ନୁହେଁ; ତୁମେ ଯାହାକିଛି କରୁଛ, ଯାହାକିଛି ଭାବୁଛ, ତୁମର ଯାବତୀୟ କ୍ରିୟାକଳାପ—ସବୁକ୍ଷେତ୍ରରେ ମଧ୍ୟ ତୁମେ ଯଥାର୍ଥରେ ବାଛି ପାରୁଥିବ । ଆଧ୍ୟାତ୍ମିକ ମାର୍ଗରେ ଯାହା ତୁମକୁ ସାହାଯ୍ୟ କରିବ, ତୁମେ କେବଳ ତାହାକୁହିଁ ନିଜ ଲାଗି ବାଛୁଥିବ, ତାହା ଯେ ଅନିବାର୍ଯ୍ୟତଃ ସଙ୍କୀର୍ଣ୍ଣ ଏବଂ ସୀମାବଦ୍ଧ ହେବ, ସେକଥା ମୋଟେ ନୁହେଁ, ମାତ୍ର ସାଧାରଣ ଜୀବନ ତୁଳନାରେ ତାହା ଅବଶ୍ୟ ଏକ କିଛିଟା ଉଚ୍ଚତର ଭୂମିର ହୋଇ ରହିଥିବ । ଏବଂ, ସେହି କ୍ଷେତ୍ରରେ ତୁମ ଇଚ୍ଛା ତଥା ଅଭୀପ୍ସାର ଏପରି ଏକ ସକେନ୍ଦ୍ରୀକରଣ ରହିଥିବ, ଯାହାକି ପଥ ଉପରେ ଇଆଡ଼ୁ ସିଆଡ଼ୁ ବୁଲିବାକୁ, ନିରର୍ଥକ ଭାବରେ ଏଠିସେଠି ହେବାକୁ ଆଦୌ ଛୁଟି ଦେଇ ନ ଥିବ । ଏହା ଏକ କଠିନ କାର୍ଯ୍ୟ; ଅତି ଅଳ୍ପ ବୟସରେ ଏହି କାର୍ଯ୍ୟଟିକୁ କରିବା ଅତ୍ୟନ୍ତ କଷ୍ଟକର, କାରଣ ସେତେବେଳେ ତୁମେ ଅନୁଭବ କରୁଥିବ ଯେ, ତୁମେ ଏକ ଯଥାର୍ଥ ନିର୍ମିତିରୂପେ ଯଥେଷ୍ଟ ପରିମାଣରେ ତଥାପି ତିଆରି ହୋଇପାରି ନାହଁ ଅଥବା, ସେଇଟି ଯେଉଁଠି ଅଛି, ତାହାକୁ ସେହିଠାରେ ରହିବା ଲାଗି ଅନୁମତି ଦେବା ସକାଶେ ମଧ୍ୟ ତାହା ଯଥେଷ୍ଟ ଭାବରେ ସମ୍ପନ୍ନତା ଲାଭ କରିପାରି ନାହିଁ । ତାହାକୁ ଆହୁରି ଅଧିକ ବୃଦ୍ଧି ଲାଭ କରିବାକୁ ହେବ ଏବଂ ଆହୁରି ଅଧିକ ଅନ୍ତର୍ଗତ ଲାଭ କରିବାକୁ ହେବ ବୋଲି ତୁମେ ଅନୁଭବ କରୁଥିବ । ତେଣୁ, ସାଧାରଣ ଭାବରେ କହିବାକୁ ଗଲେ, ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କୁ ଛାଡ଼ି ଦେଲେ, କିଛିଟା ବିକାଶ ସାଧିତ ହୋଇ ସାରିବାପରେ ଏବଂ ଜୀବନରେ କିଛି ଅଭିଜ୍ଞତା ଅର୍ଜନ କରିସାରିବା ପରେ ଯାଇ ତାହା ସମ୍ଭବ ହେବ । ଦ୍ୱିତୀୟ ପନ୍ଥାଟି ହେଉଛି ଯାବତୀୟ ମାନବୀୟ ସାମର୍ଥ୍ୟ, ତୁମେ ନିଜ ଭିତରେ ଯାହାକିଛି ବହନ କରୁଛ ସେହି ସବୁକିଛି ସମ୍ଭାବନାର ଯଥାସମ୍ଭବ ସଂପୂର୍ଣ୍ଣ ଏବଂ ସମଗ୍ର ଭାବରେ ବିକଶିତ କରାଇ ଆଣିବାର ପଥ । ନିଜକୁ ଯଥାସମ୍ଭବ ସକଳ ଦିଗରେ ପ୍ରସାରିତ କରିଦେବ, ଯେପରିକି ଆପଣାର ଚେତନାକୁ ତୁମେ ମାନବୀୟ ଯାବତୀୟ ସମ୍ଭାବନା ଦ୍ୱାରା ପୂର୍ଣ୍ଣ କରି ରଖି ପାରୁଥିବ; ଏହି ପୃଥିବୀକୁ ଜାଣିଥିବ, ଜୀବନକୁ ଏବଂ ମନୁଷ୍ୟ-ମାନଙ୍କୁ ଜାଣିଥିବ, ସେମାନେ ବର୍ତ୍ତମାନ କରୁଥିବା ସକଳ କର୍ମକୁ ଜାଣିବ; —ଏହିପରି ଭାବରେ ଭବିଷ୍ୟତର ଉତ୍ତରଣ ଲାଗି ଏକ ବୃହତ୍ତ୍ୱ ଏବଂ ସମ୍ପନ୍ନତାଯୁକ୍ତ ଭୂମି ତିଆରି କରି ରଖିଥିବ ।

'oaob.nitrkl.ac.in' images reprocessed

ପିଲାମାନଙ୍କ ବିଷୟରେ ଆମେ ସାଧାରଣତଃ ଏହି ଆଶାପୋଷଣ କରିଥାଉ; ମୁଁ ଯେପରି କହିଲି, ଅତ୍ୟନ୍ତ ବିରଳ ଏବଂ ବ୍ୟତିକ୍ରମସଦୃଶ କ୍ଷେତ୍ରରେ ଏପରି କେତେକ ପିଲା ମଧ୍ୟ ରହିଥାନ୍ତି, ଯେଉଁମାନଙ୍କ ଭିତରେ କି ଏହି ଜନ୍ମଟିକୁ ଗ୍ରହଣ କରିବା ପୂର୍ବରୁହିଁ ଯାବତୀୟ ଅଭିଜ୍ଞତା ଲାଭ କରିଥିବା ଏକ ଚୈତ୍ୟସତ୍ତା ସମ୍ଭବ ହୋଇ ପାରିଥାଏ । ସେମାନଙ୍କର ଆଉ ଅଧିକ ଅଭିଜ୍ଞତାର ଆବଶ୍ୟକତା ନ ଥାଏ; ସେହି ଚୈତ୍ୟସତ୍ତା କେବଳ ଦିବ୍ୟ ପରମସତ୍ତାଙ୍କୁ ଉପଲବ୍ଧି କରି ତାହାଙ୍କୁହିଁ ଜୀବନରେ ବଞ୍ଚିବା ଲାଗି ଇଚ୍ଛା କରୁଥାଏ । ମାତ୍ର, ଏହିପରି ଦୃଷ୍ଟାନ୍ତ ଲକ୍ଷକରେ ଗୋଟିଏ ଦେଖିବାକୁ ମିଳେ । ତା' ନ ହେଲେ, ଏକ ନିର୍ଦ୍ଦିଷ୍ଟ ବୟସ ହେବା ପର୍ଯ୍ୟନ୍ତ, ତୁମେ ଅତି ପିଲା ହୋଇଥିବା ପର୍ଯ୍ୟନ୍ତ, ଆପଣାର ବିକାଶସାଧନ କରିବା, ଯାବତୀୟ ଦିଗରେ ଆପଣାକୁ ଯଥାସମ୍ଭବ ଅଧିକରୁ ଅଧିକ ପ୍ରସାରିତ କରିବାରେ ଲାଗିଥିବା, ନିଜ ଭିତରେ ରହିଥିବା ଯାବତୀୟ ସମ୍ଭାବନାର ପ୍ରକାଶ ଘଟାଇବା ଏବଂ ସେଗୁଡ଼ିକୁ, ଯେପରିକି ପରବର୍ତ୍ତୀ ଆରୋହଣଟି ଲାଗି ବେଶ୍ ଏକ ଦୃଢ଼ ମୂଳଦୁଆ ତିଆରି ହୋଇପାରିବ, ସେଥିପାଇଁ ସେଗୁଡ଼ିକୁ ସଚେତନ ଏବଂ ସକ୍ରିୟ ବସ୍ତୁରୂପେ ବ୍ୟକ୍ତ କରି ଆଣିବା, — ତାହାହିଁ ସର୍ବୋତ୍ତମ କାର୍ଯ୍ୟ ହେବ । ତା' ନ ହେଲେ ସବୁକିଛି ବେଶ୍ ଦରିଦ୍ର ହୋଇ ରହିଯିବ ।

ତେଣୁ ତୁମକୁ ଶିକ୍ଷା କରିବାକୁ ପଡ଼ିବ, ଶିକ୍ଷା କରିବାକୁହିଁ ଭଲ ପାଇବାକୁ ହେବ, ସର୍ବଦା ଶିକ୍ଷା କରିବାକୁ ହେବ ଏବଂ ନିଜର ସମୟକୁ ତୁମେ କଦାପି ନଷ୍ଟ କରିବ ନାହିଁ···ନିରର୍ଥକ ନାନା ବସ୍ତୁ ଦ୍ୱାରା ଆପଣାକୁ ପୂର୍ଣ୍ଣ କରିବାରେ ବା ନିରର୍ଥକ କାର୍ଯ୍ୟଗୁଡ଼ିକୁ କରିବାରେ କଦାପି ନଷ୍ଟ କରି ଦେବ ନାହିଁ । ଏହି ଲକ୍ଷ୍ୟଟିକୁ ସମ୍ମୁଖରେ ରଖିହିଁ ତୁମେ ସବୁକଥା କରିବ,—ଆପଣାର ସମ୍ଭାବନା-ଗୁଡ଼ିକୁ ସମୃଦ୍ଧ କରିବା ଲାଗି, ଯେଉଁ ସମ୍ଭାବନାଗୁଡ଼ିକ ତୁମ ଭିତରେ ରହିଛି, ସେଗୁଡ଼ିକର ବିକାଶସାଧନ ସକାଶେ, ନୂତନ ସମ୍ଭାବନାଗୁଡ଼ିକୁ ଅର୍ଜନ କରିବା ସକାଶେହିଁ ତୁମେ ସବୁକିଛି କରିବ; ନିଜକୁ ଯଥାସମ୍ଭବ ଜଣେ ସମ୍ପୂର୍ଣ୍ଣ ଏବଂ ପୂର୍ଣ୍ଣସମର୍ଥ ବ୍ୟକ୍ତିରେ ପରିଣତ କରିବାରେ ଲାଗିଥିବ । ଅର୍ଥାତ୍, ଏହି ମାର୍ଗଟିରେ ମଧ୍ୟ ତୁମ ସବୁକଥାକୁ ଗାମ୍ଭୀର୍ଯ୍ୟର ସହିତ ଗ୍ରହଣ କରିବ, ଏଠାରେ ଆସି ରହିଛ ବୋଲି ସମୟଗୁଡ଼ାକୁ ବିତାଇ ଦେବ ନାହିଁ ଏବଂ, ଯେକୌଣସି ପ୍ରକାରେ ସମୟ କାଟିବାକୁହିଁ ପଡ଼ିବ ବୋଲି ତାହାକୁ ଯଥାସମ୍ଭବ ଅଧିକରୁ ଅଧିକ ପରିମାଣରେ ବରବାଦ କରିଦେଉ ନ ଥିବ ।

ସାଧାରଣତଃ ମନୁଷ୍ୟମାନେ ଏହିପରି ଏକ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେଉଥାନ୍ତି : ସେମାନେ ସଂସାରକୁ ଆସିଥାନ୍ତି, କାହିଁକି ଆସିଥାନ୍ତି ଆଦୌ ଜାଣି ନ ଥାନ୍ତି; ଏଠାରେ ସେମାନଙ୍କୁ କିଛି ବର୍ଷ ରହିବାକୁ ପଡ଼ିବ ବୋଲି ଜାଣିଥାନ୍ତି,

'oaob.nitrkl.ac.in' images reprocessed

କାହିଁକି ରହିବାକୁ ପଡ଼ିବ ସେକଥା ମଧ୍ୟ ଜାଣି ନ ଥାନ୍ତି; ସେମାନେ ଭାବନ୍ତି ଯେ ସେମାନଙ୍କୁ ଏଠାରୁ ଦିନେ ଚାଲିଯିବାକୁ ହେବ, କାରଣ ଅନ୍ୟମାନଙ୍କର ଜୀବନରେ ମଧ୍ୟ ସେହିପରି ଘଟୁଛି, କାହିଁକି ଯିବାକୁ ପଡ଼ିବ ସେବିଷୟରେ କିଛି ଜାଣି ନ ଥାନ୍ତି । ଏବଂ, ଅଧିକାଂଶ ସମୟରେ, ସେମାନେ ଅତ୍ୟନ୍ତ ବିରକ୍ତ ଓ ନୀରସ ଅନୁଭବ କରୁଥାନ୍ତି, ସେମାନଙ୍କ ଭିତରେ ସତେଅବା କିଛିହେଲେ ନ ଥାଏ; ସେମାନେ ଫମ୍ପା ହୋଇ ରହିଥାନ୍ତି ଏବଂ ଫମ୍ପା ହୋଇ ରହିବାଠାରୁ ଆଉ ଅଧିକ ବିରକ୍ତିକାରକ ପ୍ରକୃତରେ କ'ଣ ଅଛି ? —ଏବଂ ତେଣୁ, ସେମାନେ ସେହି ଶୂନ୍ୟତାକୁ ନାନା ଅନ୍ୟ ଆକର୍ଷଣ ଦ୍ୱାରା ପୂର୍ଣ୍ଣ କରି ରଖିବା ଲାଗି ଚେଷ୍ଟା କରୁଥାନ୍ତି । ସେମାନେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ନିରର୍ଥକ କରିଦିଅନ୍ତି ଏବଂ ଯେତେବେଳେ ଶେଷ ପ୍ରାନ୍ତରେ ଯାଇ ପହଞ୍ଚନ୍ତି, ସେତେବେଳେ ସେମାନେ ନିଜର ସମସ୍ତ ଜୀବନ ଓ ସକଳ ସମ୍ଭାବନାକୁ ନଷ୍ଟ କରିଦେଇ ସାରିଥାନ୍ତି,—ଏବଂ ଏହିପରି ଭାବରେ ସବୁକିଛି ଅପଦ୍ରୁତ ହୋଇ ଚାଲିଯାଏ । ତୁମେ ନିଜେ ମଧ୍ୟ ଏହାର ପରୀକ୍ଷା ନେଇପାରିବ : ହଜାର ଜଣ ମଣିଷରେ ଅନ୍ତତଃ ନଅଶହ ନବେ ଜଣ ଏହିପରି ଅବସ୍ଥାରେ ରହିଛନ୍ତି ବୋଲି ଜାଣିବାକୁ ପାଇବ । ସେମାନଙ୍କ ଜୀବନରେ ଏପରି ଘଟେ ଯେ, ସେମାନେ ଏକ ନିର୍ଦ୍ଦିଷ୍ଟ ଅଥବା ଆଉ କେତେକ ଅନ୍ୟ ପ୍ରକାର ପାରି-ପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଜନ୍ମଗ୍ରହଣ କରିଥାନ୍ତି; ସେମାନେ ଯଥାଶକ୍ତି ଅଧିକରୁ ଅଧିକ ଉତ୍ତମ ଭାବରେ ନିଜର ସମୟଟିକୁ ଅତିବାହିତ କରିବା ଲାଗି ଚେଷ୍ଟା କରୁଥାନ୍ତି, ଯେପରି ଯଥାସମ୍ଭବ କମ୍ ନୀରସ ଲାଗିବ, ସେଥିଲାଗି ଚେଷ୍ଟା କରନ୍ତି, ଯଥାସମ୍ଭବ କମ୍ ଦୁଃଖକଷ୍ଟର ସମ୍ମୁଖୀନ ହୋଇ ଯଥାସମ୍ଭବ ଅଧିକ ସୁଖରେ କାଳାତିପାତ କରିବାକୁ ଚେଷ୍ଟା କରୁଥାନ୍ତି । ସେମାନଙ୍କ ଜୀବନରେ ସବୁକିଛି ନୀରସ, ନିର୍ଜୀବ, ନିରର୍ଥକ, ନିର୍ବୋଧ ଏବଂ ସମ୍ପୂର୍ଣ୍ଣ ଭାବରେ ନିଷ୍ଫଳ ହୋଇପଡ଼ିରହିଥାଏ । ଅଧିକାଂଶ ମନୁଷ୍ୟଙ୍କର କ୍ଷେତ୍ରରେ ଏହିପରି ହୁଏ; ସେମାନେ କିଛି ଚିନ୍ତା ବି କରନ୍ତି ନାହିଁ... ଏପରିକି ଆପଣାକୁ କେବେହେଲେ ପଚାରନ୍ତି ନାହିଁ, "ମାତ୍ର ମୁଁ ପ୍ରକୃତରେ କାହିଁକି ଏହି ସଂସାରକୁ ଆସିଛି, ଏହି ପୃଥିବୀ ବା କାହିଁକି ରହିଛି ? ଏହି ମନୁଷ୍ୟମାନେ କାହିଁକି ଅଛନ୍ତି ? ମୁଁ ନିଜେ କାହିଁକି ବଞ୍ଚିଛି ?" ନାହିଁ, ଏହି ଯାବତୀୟ ପ୍ରଶ୍ନ ସେମାନଙ୍କୁ ଆଦୌ ଆକର୍ଷକ ବୋଲି ମନେ ହୁଏ ନାହିଁ । କେବଳ ଯେଉଁସବୁ କଥାର ଆକର୍ଷଣ ରହିଥାଏ, ତାହା ହେଉଛି, ଭଲ ଖାଇବାକୁ ଚେଷ୍ଟା କରିବା, ନିଜକୁ ଖୁସି ପରେ ଖୁସି ଯୋଗାଇ ଦେବା, ଚମତ୍କାର ଭାବରେ ନାନାବିଧ ଅନ୍ୟ-ମନସ୍କତା ଭିତରେ ମଜ୍ଜି ରହିଥିବା, ଭଲ ଭାବରେ ବିବାହ କରିବା, ସନ୍ତାନମାନଙ୍କ ପିତାମାତା ହେବା, ପଇସା ରୋଜଗାର କରିବା ଏବଂ, ବାସନାର ତୃପ୍ତିରୁ ଉପଲବ୍ଧ ହେଉଥିବା ଯାବତୀୟ ସୁବିଧାର ଅଧିକାରୀ ହେବା, ଓ ସର୍ବୋପରି ଆଦୌ କିଛି

'oaob.nitrkl.ac.in' images reprocessed

ହେଲେ ନ ଖାଇବା, ଆଦୌ କିଛି ଚିନ୍ତା ନ କରିବା, ଆଦୌ କୌଣସି ପ୍ରଶ୍ନ ନ ପଚାରିବା ଏବଂ ଯାବତୀୟ ଅଡ଼ୁଆରୁ ଏଡ଼େଇ ରହିବା । ଏବଂ, ତା'ପରେ, ଅତି ଅଧିକ ସଂଖ୍ୟାରେ ଦୁର୍ବିପାକମାନ ସହ୍ୟ ନ କରି ଏଥି ଭିତରୁ ମୁକୁଳି ବାହାରି ଯିବା । ଏହାହିଁ ସାଧାରଣ ସ୍ଥିତି; ଲୋକମାନେ ଏହିପରି ଜୀବନ ବଞ୍ଚିବାକୁହିଁ ଷଟବେଙ୍କାର ଜୀବନ ବୋଲି କହନ୍ତି । ଏବଂ ଏହି ପୃଥିବୀ ଅନନ୍ତ କାଳ ଲାଗି ଅପରି-ବର୍ତ୍ତିତ ଭାବରେ ଏହିପରି ଚାଲିଥିବ, —ଆଦୌ କୌଣସି ଅଗ୍ରଗତି କରିବ ନାହିଁ । ଏବଂ ସେହି କାରଣରୁହିଁ ଏମାନେ ସମସ୍ତେ ଏଠାରେ ପିମ୍ପୁଡ଼ି ପରି ହୋଇ ରହିଛନ୍ତି; —ଆସୁଛନ୍ତି, ଯୋଗାଡ଼ ହେଉଛନ୍ତି, ମୁଖବରଣ କରୁଛନ୍ତି, ଏଠାରୁ ବିଦାୟ ନେଇ ଯାଉଛନ୍ତି, ପୁଣି ଫେରିଆସୁଛନ୍ତି, ପୁଣି ଘୂରୁଛନ୍ତି, ପୁଣି ମରୁଛନ୍ତି, —ଏହିପରି ଲାଗିରହିଛି । ଏବଂ ଏହା ଏହିପରି ଭାବରେ ଶାଶ୍ୱତ କାଳଯାଏ ବି ଚାଲି ପାରିବ । ଆଶ୍ଚର୍ଯ୍ୟର କଥା ଯେ ତଥାପି କେତେକ ମନୁଷ୍ୟ ଅଛନ୍ତି, ଯେଉଁମାନେ କି ଅନ୍ୟ ସମସ୍ତଙ୍କର କାର୍ଯ୍ୟଟିକୁ କରୁଛନ୍ତି; ମାତ୍ର, କେବଳ ଏହିମାନେହିଁ ଦିନେ ସବୁକିଛିରେ ଏକ ପରିବର୍ତ୍ତନ ସମ୍ଭବ କରି ପାରିବେ ।

ତେଣୁ, ଆମେ ନିଜେ କେଉଁ ପକ୍ଷରେ ରହିବାକୁ ଇଚ୍ଛା କରୁଛୁ, ସେହି କଥାଟିକୁ ଜାଣିବା ହେଉଛି ସର୍ବପ୍ରଥମ ସମସ୍ୟା ; ଯେଉଁମାନେ କିଛି କରୁଛନ୍ତି ସେମାନଙ୍କ ପକ୍ଷରେ, ନା ଯେଉଁମାନେ କିଛି କରୁ ନାହାନ୍ତି ସେମାନଙ୍କ ପକ୍ଷରେ; ଏହି ଜୀବନ ଯେ ଯଥାର୍ଥରେ କ'ଣ, ସମ୍ଭବତଃ ଯେଉଁମାନେ ସେକଥା ଜାଣିବାକୁ ସମର୍ଥ ହେବେ ଏବଂ ଏହି ଜୀବନ ଯେପରି କୌଣସି ନା କୌଣସି ଭୂମିକୁ ଆସି ପରିପୂର୍ଣ୍ଣତା ଲାଭ କରିବ, ସେଥିଲାଗି ଆବଶ୍ୟକ ସବୁକିଛି କରୁଛନ୍ତି ସେମାନଙ୍କ ପକ୍ଷରେ, ନା ଯେଉଁମାନେ କ୍ୱଚିତ୍ କୌଣସି କଥାକୁ ବୁଝିବାକୁ ଚେଷ୍ଟା କରୁଛନ୍ତି ଏବଂ ଯଥାସମ୍ଭବ କମ୍ ବିପଦରେ ଚିନ୍ତା କରି ଆପଣାର ସମୟକୁ କଟାଇ ଦେବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ପକ୍ଷରେ ? ସେମାନେ ସର୍ବୋପରି ଆଦୌ କୌଣସି ଚିନ୍ତାରେ ମୁଣ୍ଡ ଘୂରାଇବାକୁ ଇଚ୍ଛା କରୁ ନାହାନ୍ତି ।

ବୁଝିଲ ? ଏଇଟି ହେଉଛି ସର୍ବପ୍ରଥମ ନିଷ୍ପତ୍ତି । ତା'ପରେ ଆହୁରି ଅନେକ ନିଷ୍ପତ୍ତି କରିବାକୁ ରହିଛି ।

ଏଥର ବୁଝିଲ ?

ବର୍ତ୍ତମାନ ଯଦି ଧ୍ୟାନ ହେଉ ବୋଲି ଇଚ୍ଛା କରୁଥିବ, ତେବେ କୁହ ଧ୍ୟାନ ହେବ ନା ନାହିଁ ? ହେବ ? ତେବେ ଭଲ କଥା । ତୁମ ଭିତରେ ଯାହାକିଛି ତମସାଚ୍ଛନ୍ନ ହୋଇ ନିରର୍ଥକ ଭାବରେ ଜୀବନ ବଞ୍ଚିବା ସହିତ ଜଡ଼ିତ ହୋଇ ରହିଛି, ଆପଣାର ଚେତନାରୁ ତୁମେ ସେହିସବୁକୁ ବାହାର କରିଦେବା ସକାଶେ ଚେଷ୍ଟା କର ।

'oaob.nitrkl.ac.in' images reprocessed

# ୫ ଅକ୍ଟୋବର ୧୯୫୫

*ମାଆ "ମହାନ୍ ରହସ୍ୟ" ରୁ "ବୈଜ୍ଞାନିକ"
ପ୍ରକରଣଟିକୁ ପାଠ କଲେ ।*

ମୁଁ ଆଗରୁ ଶେଷ ଅଂଶଗୁଡ଼ିକୁ ଛାଡ଼ିଦେଇ ସିଧା ଅଜ୍ଞାତ ବ୍ୟକ୍ତି ଦେଇଥିବା ଉତ୍ତରଟିକୁ ପାଠ କରିବାକୁ ଇଚ୍ଛା କରିଥିଲି । ମାତ୍ର,...ମୋ'ର କହିବାର କଥା ହେଉଛି, କାରଣ ଏହା...ମୋ'ର ମନେ ହେଲା ଏହା ଆଦୌ ଯଥେଷ୍ଟ ପ୍ରଶ୍ନ ଉତ୍ଥାପିତ କରୁ ନାହିଁ ଓ ତେଣୁ ଏହାକୁ ପଢ଼ିବାରେ ଏତେ ସମୟ ଦେବା ଆଦୌ ଉଚିତ ହେବ ନାହିଁ । ମାତ୍ର ପ୍ରକୃତ ଘଟଣା ଏପରି ଘଟିଲା ଯେ, ତୁମ ଭିତରୁ ଜଣେ, ସିଏ ଏଠାରେ ଉପସ୍ଥିତ ନାହାନ୍ତି, "ବୈଜ୍ଞାନିକ" ର ଏହି ବିଷୟଟି ସମ୍ବନ୍ଧରେ ଦୁଇଟି ଜରୁରୀ ପ୍ରଶ୍ନ ପଚାରି ପଠାଇଲେ । ପ୍ରଶ୍ନଗୁଡ଼ିକ ମୋତେ ବେଶ୍ ଆଗ୍ରହୋଦ୍ଦୀପକ ବୋଧ ହେଉଛି । ତେଣୁ ଆଜି ମୁଁ ଏହି ବିଷୟଟିକୁ ପଢ଼ିବି ଏବଂ ଆର ସପ୍ତାହରେ ଆମେ ସିଧା "ଅଜ୍ଞାତ ବ୍ୟକ୍ତି" ର ପ୍ରକରଣଟିକୁ ପାଠ କରିବା ।

(ମାଆ "ବୈଜ୍ଞାନିକ" ବିଷୟଟିକୁ ପାଠ କରି ସାରିବା ପରେ ପବିତ୍ର ପ୍ରଶ୍ନଗୁଡ଼ିକୁ ପଢ଼ିବାକୁ ବାହାରିଲେ)

ପବିତ୍ର, ତୁମେ ପ୍ରଶ୍ନଗୁଡ଼ିକୁ ପଢ଼ିବ କି ? ତୁମେ ତ ଭଲ କରି ଦେଖି ପାରୁ ନ ଥିବ । ତେବେ ପୁନର୍ବାର ଆଲୁଅ ଜଳାଇଦିଅ ।

(ପବିତ୍ର) ନାହିଁ ମାଆ, ଥାଉ, ମୁଁ ବେଶ୍ ଦେଖିପାରୁଛି ।

ବୈଜ୍ଞାନିକ ଦୁଇଟି ତତ୍ତ୍ୱାନୁମାନ ବିଷୟରେ ଚର୍ଚ୍ଚା କରିଛନ୍ତି, ଯାହାକୁ ଭିତ୍ତିକରି ସେ ପ୍ରକୃତିର ରହସ୍ୟ ବିଷୟରେ ଆପଣାର ଗବେଷଣା ଆରମ୍ଭ କରିଛନ୍ତି ଏବଂ ଯାହା କ୍ରମଶଃ ସମାନ୍ତରିତ ହୋଇ ଆସିଥାନ୍ତା ।

ସିଏ କହୁଛନ୍ତି, "ମୁଁ ଭାବୁଛି, ଅଜ୍ଞାନ କେବଳ ଗୋଟିଏ ମାତ୍ର ଅନର୍ଥକାରଣ ନ ହୋଇଥିଲେ ମଧ୍ୟ ଅବଶ୍ୟ ସର୍ବପ୍ରଥମ ଅନର୍ଥକାରଣ ହୋଇ ରହିଥିଲା ।

'oaob.nitrkl.ac.in' images reprocessed

## ଏକଥା କ'ଣ ପ୍ରକୃତରେ ସତ ନୁହେଁ ?

ସରଳ ଭାବରେ ଉପସ୍ଥାପିତ କଲେ ପ୍ରଶ୍ନଟି ଏହିପରି ହେବ : ମନୁଷ୍ୟଜାତି ଲାଗି ଅଜ୍ଞାନକୁହିଁ ସର୍ବପ୍ରଥମ ଓ ସମ୍ଭବତଃ ଏପରିକି ଏକମାତ୍ର ଅନର୍ଥକାରଣ ବୋଲି କୁହାଯିବ ନାହିଁ କି ?

ଏହି ପୃଥିବୀକୁ ସ୍ଥୂଳତମ ଦୃଷ୍ଟିକୋଣରୁ ବର୍ଣ୍ଣନ କରୁଥିବା ବଜ୍ଞାନ ଏହି ବାକ୍ୟଟିକୁ କହୁଛି; ଏବଂ, ଆଧ୍ୟାତ୍ମିକ ଜଗତର ଜଣେ ଅନ୍ୟତମ ଶ୍ରେଷ୍ଠ ଗୁରୁ, ଏକାବେଳେକେ ବିପରୀତ ପ୍ରାନ୍ତଟିରେ ମନୁଷ୍ୟ ସମାଜର ଯାବତୀୟ ପ୍ରମାଦ ଓ ଦୁଃଖର ସମାଧାନ ଖୋଜିଥିବା ପ୍ରବୃଦ୍ଧତମ ମନୀଷୀମାନଙ୍କ ମଧ୍ୟରୁ ଜଣେ ଠିକ୍ ସେହି କଥାହିଁ ଘୋଷଣା କରିଛନ୍ତି,—ଏଠାରେ ମୁଁ ବୁଦ୍ଧଦେବଙ୍କ କଥା କହୁଛି । ଏବଂ ଏହି ଦୁଇଟିଯାକକୁ ଆମେ ଏକାବେଳେକେ ଠିକ୍ ଓ ଭୁଲ୍ ବୋଲି କହିପାରିବା; ଏହି ଅର୍ଥରେ ଏପରି କହିପାରିବା ଯେ, ସେମାନେ ଉଭୟ ସମସ୍ୟାଟିର କେବଳ ଗୋଟିଏ ପାଖକୁହିଁ ଦେଖିଛନ୍ତି । ଏକଥା ସତ ଯେ ଆମେ ଆମ ଅସୁବିଧାଗୁଡ଼ିକୁ କେତେକ ପରିମାଣରେ ଅବଶ୍ୟ ହ୍ରାସ କରି ଦେଇପାରିବା ଏବଂ ତାହା ଫଳରେ ସମସ୍ୟାଟିର ସମାଧାନ ଅପେକ୍ଷାକୃତ ଅଧିକ ସହଜ ହୋଇଯିବ; ଅବଶ୍ୟ, ସେହି ସମାଧାନଟି ସମ୍ପୂର୍ଣ୍ଣ ଭାବରେ ଫଳପ୍ରଦ ହେବ କି ନାହିଁ, ସେକଥା ସୁନିଶ୍ଚିତ ଭାବରେ ଆଦୌ କୁହାଯାଇ ପାରିବ ନାହିଁ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଯଦି ଆମେ ଅଜ୍ଞାନ ବିଷୟରେ କହିବାକୁ ଯିବା, ଯଦି ଅଜ୍ଞାନର ଦୃଷ୍ଟିକୋଣରୁହିଁ ସମସ୍ୟାଟିର ବର୍ଣ୍ଣନ କରିବା,—ଯଦି ଆମେ କହିବା ଯେ ଆବଶ୍ୟକ ଜ୍ଞାନ ନ ଥିବାରୁ ଜଣେ ବ୍ୟକ୍ତି ବିପତ୍ତିରୁ ରକ୍ଷା ପାଇ ପାରୁ ନାହିଁ,—ତେବେ ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏକ ପ୍ରକୃତ କଥା ପରି ମନେହେବ । ମାତ୍ର, ଏଠାରେ ଆମେ ପ୍ରକୃତରେ କେଉଁ ଜ୍ଞାନର କଥା କହୁଛୁ ?

ବୈଜ୍ଞାନିକ ଏହାର ଉତ୍ତର ଦେଇ କହିବ : ତୁମେ ପ୍ରକୃତିର ନିୟମଗୁଡ଼ିକୁ ଅଧ୍ୟୟନ କର; ପ୍ରକୃତି ତୁମକୁ ଯାହାକିଛି ଶିକ୍ଷା ଦେଉଛି, ସେହି ବିଷୟରେ ଅବଗତ ହୁଅ । ତେବେ, ତୁମେ ସେହି ଜ୍ଞାନଟିକୁ ମଧ୍ୟ ଲାଭ କରି ପାରିବ, ଯାହାକି ତୁମକୁ ଜୀବନର କର୍ତ୍ତା ହୋଇ ବସିବାରେ ସମର୍ଥ କରିଦେବ, ତୁମେ ଜୀବନର ଅଧୀନ ହୋଇ ନ ରହି ଜୀବନହିଁ ତୁମର ଅଧୀନ ହୋଇ ରହିବ । ମାତ୍ର, ଆମେ ବର୍ତ୍ତମାନ ଯାହା ପାଠ କରୁଥିଲୁ, ତାହାର ଅନୁସାରେ ବେଶ୍ ଦେଖି ପାରିବା ଯେ, ଜଣେ ବ୍ୟକ୍ତି ଯେତିକି ଆନ୍ତରିକତା ଏବଂ ଗମ୍ଭୀରତା ସହିତ ଅଧ୍ୟୟନ ଏବଂ ଅନ୍ୱେଷଣ କରିବାରେ ଲାଗିଥିବ, ସିଏ ସେତିକି ଅଧିକ ପରିମାଣରେ ଏକଥାଟିକୁ ମଧ୍ୟ ଜାଣିଥିବ ଯେ, ଏହି କ୍ଷେତ୍ରରେ କିଛି ନା କିଛି ତା'ର ଦୃଷ୍ଟିକୁ ଏଡ଼ାଇ

'oaob.nitrkl.ac.in' images reprocessed

ରହିଯାଉଛି, କାରଣ, ଅତ୍ୟନ୍ତ ସ୍ପଷ୍ଟ ଭାବରେ, ସେ ପରିଶେଷରେ ଏହି ବସ୍ତୁଜଗତର ପ୍ରାନ୍ତରେ ଆସି ପହଞ୍ଚୁଛି ଓ ସେଠାରେ ତା'ଆଗରେ ଏକ ଉଚ୍ଚ ପର୍ବତ ଠିଆ ହୋଇ ରହିଥିବାର ପ୍ରତ୍ୟକ୍ଷ କରୁଛି । ଏବଂ, ଏହାପରେ ଆହୁରି ସେପାଖକୁ ଯାହାକିଛି ରହିଛି, ତାହା ବିଷୟରେ ସିଏ ଆଉ ଆଦୌ କୌଣସି ଗବେଷଣା କରି ପାରୁ ନାହିଁ । କାରଣ ସେଥିଲାଗି ତା'ର ସେହି ପୁରୁଣା ପଦ୍ଧତିଟି ଆଉ ମୋଟେ କାମ ଦେଉ ନାହିଁ ।

ମାତ୍ର, ଯଦି ଆମେ ଅନ୍ୟ ପ୍ରାନ୍ତରୁ ସମସ୍ୟାଟିର ବିଚାର କରି ଦେଖିବା, ତେବେ ଅବଶ୍ୟ ଜାଣିବାକୁ ପାଇବା ଯେ, ବୁଦ୍ଧଦେବ ଯେଉଁ ଅଜ୍ଞାନ ବିଷୟରେ କହୁଥିଲେ, ତାହା ଏପରି ନାନା କଥା ବିଷୟରେ ଆମର ଅଜ୍ଞାନକୁ ଆଦୌ ବୁଝାଉ ନ ଥିଲା ଯେ, ଯଦି ଆମେ ବିଷ ଖାଇ ପକାଇବା, ତେବେ ଆମର ଦେହ ବିଷାକ୍ତ ହୋଇଯିବ, କିଂବା ନିଶ୍ୱାସ ନ ନେଇ ପାଣିତଳେ ବୁଡ଼ିକରି ରହିଲେ ଆମେ ଅବଶ୍ୟ ବୁଡ଼ି ମରିବା । ଏପରିକି ତାହା ଏଭଳି ଅଜ୍ଞାନକୁ ମଧ୍ୟ ବୁଝାଉ ନ ଥିଲା ଯେ, ପ୍ରକୃତିହିଁ ପରମାଣୁଗୁଡ଼ିକୁ ନିର୍ମାଣ କରେ । ମାତ୍ର, ତାଙ୍କ ଅର୍ଥରେ ଅଜ୍ଞାନ କହିଲେ ଏପରି ବିଶ୍ୱାସ କରିବାକୁ ବୁଝାଉଥିଲା ଯେ, ଏହି ପୃଥିବୀ ହେଉଛି ସତ୍ୟ, ଏବଂ, ଯଦି ଆମେ ସୌଭାଗ୍ୟବଶତଃ ଉତ୍ତମ ପରିସ୍ଥିତି ମଧ୍ୟରେ ବାସ କରି ପାରିବା, ତେବେ ଆମର ଜୀବନ ମଧ୍ୟ ଅବଶ୍ୟ ଉତ୍ତମ ହୋଇ ପାରିବ । ତାଙ୍କର ମତରେ ଏହି ପୃଥିବୀରେ ଜନ୍ମଲାଭ କରିବାହିଁ ଅଜ୍ଞାନ ମଧ୍ୟରେ ପ୍ରବିଷ୍ଟ ହେବାକୁ ବୁଝାଉଥିଲା ଏବଂ ଜୀବନର ବାସନାହିଁ ସେହି ଅଜ୍ଞାନର କାରଣ ହୋଇ ରହିଥିଲା । ଏବଂ, ଜୀବନ ପ୍ରତି ଏହି ବାସନା ସ୍ୱୟଂ ସର୍ବୋଚ୍ଚ ଅଜ୍ଞାନ ହୋଇଥିବାରୁ, ଯଦି ବ୍ୟକ୍ତି ବାସନାକୁ ବିଲୁପ୍ତ କରିଦେଇ ପାରିବ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ କିଛିକାଳ ପରେ ସିଏ ଏହି ଜୀବନକୁ ମଧ୍ୟ ବିଲୁପ୍ତ କରିଦେବ,—କାରଣ ଜୀବନ ହେଉଛି ସେହି ବାସନାରହିଁ ପରିଣାମ,—ସେହି ବାସନାରୁହିଁ ଏହି ଜୀବନ, ଜଗତ ଏବଂ ତାହାର ଯାବତୀୟ ଅସ୍ୱାସ୍ଥ୍ୟକର ଏବଂ ଅନିଷ୍ଟକାରୀ ପ୍ରତିକ୍ରିୟାଗୁଡ଼ିକ ଉତ୍ପନ୍ନ ହୋଇଛି ।

ତେଣୁ ବୁଦ୍ଧଦେବଙ୍କ ମତରେ, ଅଜ୍ଞାନ ମଧ୍ୟରୁ ବାହାରକୁ ବାହାରି ଆସିବା କହିଲେ ଏହିପରି ଏକ ମିଥ୍ୟା ବିଶ୍ୱାସ ମଧ୍ୟରୁ ବାହାରି ଆସିବାକୁ ବୁଝାଉଥିଲା ଯେ ପୃଥିବୀ ହେଉଛି ଏକ ସତ୍ୟବସ୍ତୁ; ତାହା ସର୍ବୋପରି ଆମର ସର୍ବୋଚ୍ଚ ନିର୍ବୋଧତା-ରୂପେ ଆମକୁ ଘାରିକରି ରହିଥିବା ଏହି ଜୀବନବାସନା ମଧ୍ୟରୁ ବାହାରି ଆସିବାକୁ ବୁଝାଉଥିଲା । ମାତ୍ର, ବୁଦ୍ଧଦେବ ଆଉଗୋଟିଏ ସମସ୍ୟାର ମଧ୍ୟ ସମ୍ମୁଖୀନ ହୋଇଥିଲେ, ଯାହାକି ବୈଜ୍ଞାନିକର ସମସ୍ୟାଟିଠାରୁ ଆହୁରି ଅଧିକ ଗମ୍ଭୀର ନ ହୋଇଥିଲେ ମଧ୍ୟ ଅନ୍ତତଃ ସମାନ ପରିମାଣରେ ଗମ୍ଭୀର ହୋଇ ରହିଥିଲା । ସେହି

'oaob.nitrkl.ac.in' images reprocessed

ସମସ୍ୟାଟି ହେଉଛି, ବୁଦ୍ଧଦେବଙ୍କ ଦ୍ୱାରା ପ୍ରଦତ୍ତ ପ୍ରତିକାରଟି କେବଳ ବ୍ୟକ୍ତି ଲାଗି ଫଳପ୍ରଦ ହୋଇ ରହିଥିଲା; ତାହାକୁ କେବଳ ଏକ ଅତ୍ୟନ୍ତ ସୀମିତ ସଙ୍ଖ୍ୟାର ବ୍ୟକ୍ତିମାନଙ୍କର କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରୁଥିଲା, ଯେଉଁମାନେ କି ଅତୀତରେ ଅଗଣିତ ଜୀବନ ମଧ୍ୟଦେଇ ଅଗଣିତ ଅଭିଜ୍ଞତା ଲାଭ କରି ସାରିଥିଲେ ଏବଂ ଏପରି ଏକ ସମୟ ଲାଗି ଅପେକ୍ଷା କରି ରହିଥିଲେ, ଯେତେବେଳେ କି ସେମାନେ ଏହି ସତ୍ୟଟିକୁ ବୁଝିବା ଲାଗି ଆପଣାକୁ ବାସନା ମଧ୍ୟରୁ ମୁକ୍ତ କରିନେଇ ଜଗତରୁ ମୁକ୍ତ କରି ନେବାକୁ ଓ ତା'ପରେ ନିର୍ବାଣ ମଧ୍ୟରେ ପ୍ରବେଶ କରିବାକୁ ପ୍ରସ୍ତୁତ ଥିଲେ ।

ମାତ୍ର ଏହି ଚରମ ଦୀକ୍ଷାଗ୍ରହଣଗୁଡ଼ିକୁ ପ୍ରକୃତରେ କିପରି ଯଥେଷ୍ଟ ପରିମାଣରେ ବହୁଗୁଣିତ କରାଯାଇ ପାରିବ, ଯେପରିକି ତଦ୍ଦ୍ୱାରା ଏହି ଜଗତ ମଧ୍ୟ ବିଲୁପ୍ତ ହୋଇଯାଇ ପାରିବ ? ଏହା ଏକାନ୍ତ ଅସମ୍ଭବ ପରି ବୋଧ ହେଉଛି, କାରଣ ଏଇଟି ହେଉଛି ଈଶ୍ୱରେଚ୍ଛାର ଅଗ୍ରଗତି ଲାଭ କରୁଥିବାର ଏକ ପ୍ରକ୍ରିୟା ଏବଂ, ଜଣେ ବ୍ୟକ୍ତି ଆଗ ସଚେତନ ଜୀବନର ଯାବତୀୟ ପର୍ଯ୍ୟାୟକୁ ଅତିକ୍ରମ କରି ଯାଇସାରିଲେ ଯାଇ ଶେଷରେ ସେହି ସର୍ବଶେଷ ସୋପାନରେ ଯାଇ ପହଞ୍ଚିବ ଯେଉଁଠାରେ କି ସିଏ ନିର୍ବାଣ ମଧ୍ୟକୁ ପ୍ରବେଶ କରିବାକୁ ପ୍ରସ୍ତୁତ ହୋଇ ରହିଥିବ । ତେଣୁ, ଏହି ସମଗ୍ର ଅବଧିଟି ମଧ୍ୟରେ, ଇତର ଏହି ବ୍ୟକ୍ତିମାନଙ୍କର ଜୀବନରେ ପ୍ରକୃତରେ କ'ଣସବୁ ଘଟିବ, — କେବଳ ବ୍ୟକ୍ତିମାନଙ୍କର ଜୀବନରେ ନୁହେଁ, ଇତରପ୍ରାଣୀ ତଥା ଉଦ୍ଭିଦଗୁଡ଼ିକର ଜୀବନରେ ମଧ୍ୟ କ'ଣ ଘଟିବ, — ମୋଟ ଉପରେ କହିଲେ, ଦୁଃଖକ୍ଲେଶ, ସଂଘର୍ଷ ଏବଂ ସନ୍ତାପ ମଧ୍ୟଦେଇ ଗତି କରୁଥିବା ଏହି ସମଗ୍ର ଜୀବନଟିର କ୍ଷେତ୍ରରେ ପ୍ରକୃତରେ କ'ଣ ଘଟିବ ? ତେଣୁ, ଯାବତୀୟ ଆଶାରୁ ବଞ୍ଚିତ ହୋଇ ରହିଥିଲେ ମଧ୍ୟ, ···କାରଣ, ବୈଜ୍ଞାନିକ ତ ଅନ୍ତତଃ ଏତିକି ମଧ୍ୟ କହିପାରୁଛି, "ଆମେ ଆପଣମାନଙ୍କ ଲାଗି ଜୀବନକୁ ଅଧିକ ସୁଖମୟ କରି-ପାରିବାର ଏକ ସାଧନ ଆବିଷ୍କାର କରି ଦାହାଉଛୁ ।" ସେହି ଆବିଷ୍କାର କାର୍ଯ୍ୟଟିକୁ ସେମାନେ ଖୁବ୍ ଉତ୍ତମରୂପେ କରିପାରି ନାହାନ୍ତି ସତ, କାରଣ ଏହି ପ୍ରକାରର ସୁଖ ଜୀବନକୁ ବଡ଼ ଜଟିଳ କରିପକାଏ ଏବଂ ଜୀବନକୁ ଆଦୌ ଆକର୍ଷକ ଓ ଆନନ୍ଦପୂର୍ଣ୍ଣ କରି ରଖିପାରେ ନାହିଁ । ତଥାପି ସେମାନେ ମନୁଷ୍ୟଙ୍କୁ ଆଶାର ଏକ କ୍ଷୀଣ ରେଖା ଆଣି ଦେଇ ପାରୁଛନ୍ତି, ମାତ୍ର ଅନ୍ୟ ପକ୍ଷରେ ଅନ୍ୟ ମତଟି କହୁଛି, "ତୁମେ ଅପେକ୍ଷା କର, ଅପେକ୍ଷା କରି ରହ । ତୁମର ପାଳି ଯେତେବେଳେ ଆସିବ, ସେତେବେଳେ ତୁମେ ନିଶ୍ଚୟ ସେପାଖକୁ ଚାଲିଯିବ ।" ମାତ୍ର, ଅପେକ୍ଷା କରି ରହିଥିବା ସମୟରେ ବ୍ୟକ୍ତି ଆଦୌ ସୁଖରେ ରହୁ ନାହିଁ । ତେଣୁ, ସମ୍ଭବତଃ ଏପରି ବୁଝାଯାଇ ପାରିବ ଯେ, ଏହିପରି ଭାବରେ ସମସ୍ୟାଟିର ସମାଧାନ କରିବାକୁ ଗଲେ ଏକ ସମ୍ପୂର୍ଣ୍ଣ ସନ୍ତୋଷଜନକ ସମାଧାନ ଆଦୌ ମିଳିବ ନାହିଁ, କାରଣ ସମାଧାନ

'oaob.nitrkl.ac.in' images reprocessed

ଖୋଜିବାର ଏହି ପଦ୍ଧତିଟି ହେଉଛି ଏକାବେଳକେ ସମ୍ପୂର୍ଣ୍ଣ ଭାବରେ ମନବୁଦ୍ଧି ପ୍ରସୂତ ହୋଇଥିବା ଏକ ପଦ୍ଧତି ଏବଂ, ଯେଉଁମାନେ ମନବୁଦ୍ଧି ପରମ ଅବଲମ୍ବନ ରୂପେ ମାନି ଜୀବନ୍ ବଞ୍ଚନ୍ତି, କେବଳ ସେହିମାନଙ୍କୁହିଁ ତାହା ସନ୍ତୁଷ୍ଟ କରିପାରିବ । ମାତ୍ର, ଏପରି ଲୋକମାନେ ଆଦୌ ଅଧିକ ସଂଖ୍ୟାରେ ନାହାନ୍ତି । ପୁନଶ୍ଚ, ଏହାରି ଦ୍ୱାରାହିଁ ପୃଥିବୀର ସବୁଯାକ ଧର୍ମ କାଳକ୍ରମେ ଭାରି ବିକୃତ ଏବଂ ଅଶାଳୀନ ହୋଇ ପଡ଼ିଛନ୍ତି; ଏପରିକି ଯେଉଁସବୁ ଧର୍ମ ଭିତରେ ପ୍ରଥମ ଅବସ୍ଥାରେ ସମ୍ଭବ ଅନେକ କିଛି ସତ୍ୟୋପାଦାନ ରହିଥିଲା, ସେଗୁଡ଼ିକ ମଧ୍ୟ ନିଜକୁ ସାଧାରଣ ମନୁଷ୍ୟମାନଙ୍କର ଚେତନାସ୍ତରକୁ ଖସାଇ ଆଣିବା ପାଇଁ ବାଧ୍ୟ ହୋଇଛନ୍ତି । କାରଣ, ମନୁଷ୍ୟଜାତି ଦୁଃଖଭୋଗ କରିବାରେ ଲାଗିଛି, ଏବଂ ସୁନ୍ଦର ସୁନ୍ଦର ବକ୍ତୃର ଆଣି ବାଢ଼ିଦେଲେହିଁ ତାହାର ସେହି ଦୁଃଖ କଦାପି ଦୂର ହେବ ନାହିଁ ।

ଏଥିପାଇଁ ଆହୁରି ଅଧିକ ଜିନିଷର ଆବଶ୍ୟକତା ରହିଛି । ଶେଷ ପର୍ଯ୍ୟନ୍ତ ଆସିଲେ ଆମେ ହୁଏତ ସେହି ବିଷୟରେ କିଛି ଜାଣିବାକୁ ପାଇବା । ମାତ୍ର ବର୍ତ୍ତମାନ···

> (ପଢ଼ନ୍ତି) ଦ୍ୱିତୀୟ ତତ୍ତ୍ୱାନୁମାନଟି ହେଉଛି "ଏହି ବିଶ୍ୱବ୍ରହ୍ମାଣ୍ଡ ପ୍ରକୃତରେ ଯେପରି, ତାହାକୁ ସେହିପରି ଭାବରେ ଜାଣିବା ଏବଂ ବସ୍ତୁନିଷ୍ଠ ଭାବରେ ତାହାର ବିଧାନଗୁଡ଼ିକୁ ବୁଝିପାରିବା — ଏହା ସମ୍ଭବ ।"
>
> ଆମେ ବିଶ୍ୱବ୍ରହ୍ମାଣ୍ଡରେ ଯେଉଁ ନିୟମାନୁବର୍ତ୍ତିତା ଲକ୍ଷ୍ୟ କରିଥାଉ ଓ ତାହାକୁ ପ୍ରକୃତିର ନାନା ବିଧାନରୂପେ ପ୍ରତିଷ୍ଠିତ କରି ରଖୁ — ଆମଠାରୁ ସ୍ୱତନ୍ତ୍ର ଭାବରେ ଏହାର କୌଣସି ଅସ୍ତିତ୍ୱ ରହିଛି କି ? ନା, ହୁଏତ ଏପରି ହେଉଛି ଯେ ଏହି ବିଧାନଗୁଡ଼ିକ କେବଳ ଆମ ମନ ଭିତରେହିଁ ରହିଛି ?
>
> ଏହି ବିଶ୍ୱବ୍ରହ୍ମାଣ୍ଡ ବସ୍ତୁତଃ ଯେପରି, ନିରୀକ୍ଷଣକାରୀର ନିରୀକ୍ଷଣ ଅଥବା ବିଚାରକାରୀର ବିଚାରଠାରୁ ସମ୍ପୂର୍ଣ୍ଣ ନିରପେକ୍ଷ ରହି ତାହାକୁ ସେହିପରି ଭାବରେ ଜାଣିବା ସମ୍ଭବ ହେବ କି ?

ହଁ, ଏଥିପାଇଁ ଏକ ବାଟ ରହିଛି : ଏକଥା ଏକାତ୍ମକତା ଦ୍ୱାରା ସମ୍ଭବ ହେବ । ମାତ୍ର ସ୍ପଷ୍ଟତଃ ଏହା ଏପରି ଏକ ପଦ୍ଧତି ଯାହାକି ଭୌତିକ ସ୍ତରର ଯାବତୀୟ ପଦ୍ଧତିକୁ ସମ୍ପୂର୍ଣ୍ଣ ଭାବରେ ଏଡ଼ିଦେଇ ଚାଲିଯାଏ । ମୁଁ ଭାବୁଛି, ବ୍ୟବହୃତ

'oaob.nitrkl.ac.in' images reprocessed

ପଦ୍ଧତିଟି ସ୍ୱକାଶେହିଁ ଏହି କ୍ଷେତ୍ରରେ ଏହି ଦୁର୍ବଳତାଟି ଆସି ପ୍ରବେଶ କରେ, କାରଣ ସେହି ଅବସ୍ଥାରେ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ କେବଳ ଏକ ପଲ୍ଲବଗ୍ରାହୀ ଚେତନାସ୍ତରରେ ଯାଇ ଅବସ୍ଥିତ ରହିଥାଏ ଏବଂ, ପ୍ରଥମ ଥର ଯେଉଁ ଘଟନାଟି ଘଟିଥିଲା, ଏକ ଦ୍ୱିତୀୟ ଥର ପାଇଁ ଠିକ୍ ସେହି ଘଟନାଟିହିଁ ଘଟିଥାଏ । ଯଦି ତୁମେ ନିଜର ଅନୁସନ୍ଧାନଟିକୁ ଯଥେଷ୍ଟ ପରିମାଣରେ ଅଗ୍ରସର କରାଇ ନେଇ ପାରିବ, ତେବେ ତୁମେ ହଠାତ୍ ଏପରି ଗୋଟିଏ ବିନ୍ଦୁରେ ଆସି ପହଞ୍ଚିବ, ଯେଉଁଠାରେ କି ତୁମର ସ୍ଥୂଳ ପଦ୍ଧତିଗୁଡ଼ିକ ଆଉ କୌଣସି କାମ ଦେବ ନାହିଁ । ଏବଂ, ପ୍ରକୃତ କଥା ହେଉଛି, ଆମେ ନିଜେ ଯାହା, ଆମେ କେବଳ ସେହି ଅନୁସାରେହିଁ ସେତିକିମାତ୍ର ଜାଣି ପାରିବା । ତେଣୁ, ଯଦି ତୁମେ ବିଶ୍ୱବ୍ରହ୍ମାଣ୍ଡକୁ ଜାଣିବା ଲାଗି ଇଚ୍ଛା କରୁଥିବ, ତେବେ ତୁମକୁ ସେହି ବିଶ୍ୱବ୍ରହ୍ମାଣ୍ଡରେ ପରିଣତ ହେବାକୁ ପଡ଼ିବ । ତୁମେ ତ କେବେହେଲେ ଶାରୀରିକ ଭାବରେ ବିଶ୍ୱବ୍ରହ୍ମାଣ୍ଡରେ ପରିଣତ ହୋଇ ପାରିବ ନାହିଁ; ସେକଥା ତୁମେ ଅବଶ୍ୟ ଜାଣିଛ, ମାତ୍ର, ବିଶ୍ୱବ୍ରହ୍ମାଣ୍ଡରେ ପରିଣତ ହୋଇ ପାରିବା ଲାଗି ହୁଏତ ଏକ ପଦ୍ଧତି ରହିଛି : ତାହା ତୁମ ଚେତନା ମଧ୍ୟରେ ରହିଛି ।

ଯଦି ତୁମେ ନିଜର ଚେତନାକୁ ବିଶ୍ୱମୟ ଚେତନା ସହିତ ଏକାତ୍ମକ କରିଦେଇ ପାରିବ, ତେବେ ସେହି ସ୍ତରରେ ଯାହାକିଛି ଘଟୁଛି, ତୁମେ ତାହା ଜାଣିବାକୁ ପାଇବ ।

ମାତ୍ର ତାହା ହେଉଛି ଏକମାତ୍ର ପଦ୍ଧତି, ଆଉ ଅନ୍ୟ କୌଣସି ପଦ୍ଧତି ନାହିଁ । ଆମେ ନିଜେ ଯେତିକି, ଆମେ କେବଳ ସେତିକି ଜାଣିପାରିବା,—ଏହି ସତ୍ୟଟିକୁ କଦାପି ଖଣ୍ଡନ କରିହେବ ନାହିଁ; ଏବଂ, ଯଦି ଆମେ କୌଣସି ଗୋଟିଏ ବସ୍ତୁକୁ ଜାଣିବା ପାଇଁ ଇଚ୍ଛା କରୁଥିବା, ତେବେ ଆମକୁ ସେହି ବସ୍ତୁରେହିଁ ପରିଣତ ହେବାକୁ ପଡ଼ିବ । ତେଣୁ, ତୁମର ଜାଣି ରଖିବା ଉଚିତ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କହନ୍ତି, "ଏହା ପ୍ରକୃତରେ ଅସମ୍ଭବ," ମାତ୍ର ସେମାନେ ସେପରି କହନ୍ତି, କାରଣ ସେମାନେ ଏକ ନିର୍ଦ୍ଦିଷ୍ଟ ଭୂମିରେହିଁ ରହିଥାନ୍ତି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ କେବଳ ଏହି ଜଡ଼ର ଭୂମିରେ ରହିଥିବ, ବା ଏପରିକି ମାନସିକ ଭୂମିରେ ବାସ କରୁଥିବ, ତେବେ ତୁମେ କଦାପି ବିଶ୍ୱବ୍ରହ୍ମାଣ୍ଡକୁ ଜାଣି ପାରିବ ନାହିଁ, କାରଣ ମନ କଦାପି ବିଶ୍ୱଗତ ସ୍ତରର ଏକ ବସ୍ତୁ ନୁହେଁ । ବିଶ୍ୱବ୍ରହ୍ମାଣ୍ଡକୁ ବ୍ୟକ୍ତ କରିବା ଲାଗି ମନ କେବଳ ଏକ ମାଧ୍ୟମ ମାତ୍ର, ଏବଂ, ମୂଳତଃ ଏକ ତାଦାତ୍ମ୍ୟ ଦ୍ୱାରାହିଁ ତୁମେ ବସ୍ତୁଗୁଡ଼ିକୁ ଜାଣିବାକୁ ସମର୍ଥ ହେବ; ବାହାରେ ଥାଇ କଦାପି ଭିତରକୁ ଜାଣି ପାରିବ ନାହିଁ, କେବଳ ଭିତରେ ଥାଇହିଁ ବାହାରକୁ ଜାଣିପାରିବ । ଏହା ଆଦୌ ଅସମ୍ଭବ ନୁହେଁ । ଏହା ସମ୍ପୂର୍ଣ୍ଣ ସମ୍ଭବ ।

'oaob.nitrkl.ac.in' images reprocessed

ଏପରି ସମ୍ଭବ ହୋଇ ପାରନ୍ତୁ । ମାତ୍ର, କୌଣସି ବାହ୍ୟ ଯନ୍ତ୍ର ଦ୍ୱାରା ଆମେ ତାହା କରି ପାରିବା ନାହିଁ; ସେହି ଯନ୍ତ୍ର ଯେତେ ନିଖୁଣ ଓ ପୂର୍ଣ୍ଣାଙ୍ଗରୂପେ ଭାବରେ ତିଆରି ହୋଇଥାଉ ପଛକେ, ତାହା ଦ୍ୱାରା କଦାପି କରିପାରିବା ନାହିଁ । ଏହି କ୍ଷେତ୍ରରେ ଆଉକିଛି ଅନ୍ୟବସ୍ତୁର ପ୍ରବେଶ ଘଟାଇବାକୁ ପଡ଼ିବ, ଅନ୍ୟ ଗୁଣ୍ୟ ଓ ଅନ୍ୟ ସତ୍ୟ-ଗୁଡ଼ିକର ପ୍ରବେଶ ଘଟାଇବାକୁ ହେବ; କେବଳ ଜଡ଼ତନ୍ତ୍ରୀୟ ସତ୍ୟଗୁଡ଼ିକ ଦ୍ୱାରା ଆଦୌ କିଛି ହେବ ନାହିଁ; ଏପରିକି ମନ ଦ୍ୱାରା ମଧ୍ୟ ହେବ ନାହିଁ, —ମନ ବି ତ ଏହି ଜଡ଼ ଜୀବନର ଗୋଟିଏ ଅଙ୍ଗ, ଏହି ପୃଥିବୀସ୍ଥ ଜୀବନର ଏକ ଅଙ୍ଗ ।

ଆମେ ଅବଶ୍ୟ ସବୁକିଛି ଜାଣିପାରିବା, ମାତ୍ର ସେଥିଲାଗି ଯଥାର୍ଥ ବାଟଟିକୁ ଜାଣିଥିବା ଏକାନ୍ତ ଆବଶ୍ୟକ । ଏବଂ, ବହି ସାହାଯ୍ୟରେ ଆମେ ବାଟଟି ବିଷୟରେ କିଛି ଜାଣିପାରିବା ନାହିଁ, — ସଂଖ୍ୟାର ସାହାଯ୍ୟରେ ତାହାକୁ ଲେଖି ମଧ୍ୟ ପାରିବା ନାହିଁ । କେବଳ ଅଭ୍ୟାସ ଦ୍ୱାରା··· ଏଣୁ ଏହି କ୍ଷେତ୍ରରେ ସେଥିପାଇଁ ଏକ ପ୍ରତ୍ୟାଖ୍ୟାନ ଆବଶ୍ୟକ, ଏକ ଆତ୍ମୋତ୍ସର୍ଗ, ଅଧ୍ୟବସାୟ ଓ ଅଦମ୍ୟ ଆଗ୍ରହ ମଧ୍ୟ ରହିଥିବା ଏକାନ୍ତ ଆବଶ୍ୟକ, —ସର୍ବାଧିକ ପରିମାଣରେ ନିଷ୍ଠା, ସାଧୁତା ଏବଂ ନିଃସ୍ୱାର୍ଥପରତା ସହିତ କାର୍ଯ୍ୟ କରି ଆସିଥିବା ବୈଜ୍ଞାନିକମାନଙ୍କ ଅପେକ୍ଷା ଆହୁରି ଅଧିକ ପରିମାଣରେ ଏହିସବୁ ଗୁଣ ଆବଶ୍ୟକ । ମାତ୍ର, ଏଠାରେ ମୁଁ ଅବଶ୍ୟ କହିବି ଯେ, କାର୍ଯ୍ୟ କରିବାର ବୈଜ୍ଞାନିକ ପଦ୍ଧତିଟି ହେଉଛି ଏକ ଅତି ଚମତ୍କାର ଶୃଙ୍ଖଳା ଏବଂ, ପ୍ରକୃତରେ ଏକ ବିଚିତ୍ର କଥା ହେଉଛି ଯେ, ବାସନା ତଥା ଜଗତ୍ରୂପୀ ମାୟାରୁ ନିଷ୍କୃତି ଲାଭ କରିବା ନିମନ୍ତେ ବୁଦ୍ଧଦେବ ଯେଉଁ ମାର୍ଗଟିର ପରାମର୍ଶ ଦେଇଥିଲେ, ସେଇଟି ମଧ୍ୟ ପୃଥିବୀରେ ଘୋଷିତ ହୋଇଥିବା ଶୃଙ୍ଖଳାଗୁଡ଼ିକ ମଧ୍ୟରୁ ଏକ ଅନ୍ୟତମ ଅତି ଚମତ୍କାର ଶୃଙ୍ଖଳା । ଦୁଇଟିଯାକ ଏକାବେଳକେ ଦୁଇ ପ୍ରାନ୍ତରେ ଅବସ୍ଥିତ ଓ ଦୁଇଟିଯାକ ଅତ୍ୟନ୍ତ ଚମତ୍କାର । ଯେଉଁମାନେ ଏହି ଦୁଇଟି ମଧ୍ୟରୁ କୌଣସି ଗୋଟିକୁ ସକଳ ନିଷ୍ଠାର ସହିତ ପାଳନ କରନ୍ତି, ସେମାନେ ନିଜକୁ ଯଥାର୍ଥରେ ଯୋଗ ନିମନ୍ତେ ପ୍ରସ୍ତୁତ କରୁଥାନ୍ତି । କେଉଁଠି କ'ଣ ଟିକିଏ ଠିକ୍ କରି ଶିଖ ଓ ଏବଂ, ଏପାଖର ଅଥବା ସେପାଖର ଏହି ବେଶ୍ ସଙ୍କୀର୍ଣ୍ଣ ହୋଇ ରହିଥିବା ଦୃଷ୍ଟିକୋଣଟିକୁ ଛାଡ଼ିଦେଇ ସେମାନେ ସର୍ବୋଚ୍ଚ ପରମସତ୍ୟ ଏବଂ ପୂର୍ଣ୍ଣ ଆତ୍ମବିକାଶ ଆଡ଼କୁ ପରିଚାଳିତ କରି ନେଉଥିବା ଏକ ପୂର୍ଣ୍ଣତା ମଧ୍ୟରେ ଆସି ପ୍ରବେଶ କରିବା ଲାଗି ତାହାହିଁ ଯଥେଷ୍ଟ ହୁଏ ।

ଅଜ୍ଞାନହିଁ ମନୁଷ୍ୟର ପଥରେ ସବାବଡ଼ ବାଧା ହୋଇ ରହିଛି କି ନାହିଁ, ମୁଁ ସେକଥା ଜାଣି ନାହିଁ···ଆମେ କହୁଥିଲୁ ଯେ ଏଇଟି ହେଉଛି ସମ୍ପୂର୍ଣ୍ଣ ଭାବରେ ମନଃସ୍ତରର ଏକ ବାଧା ଏବଂ ଏକ ମନୁଷ୍ୟସତ୍ତା ହେଉଛି କେବଳ ଏକ ମନୋମୟ ସତ୍ତାଠାରୁ ଅନେକ ଅଧିକ ଜଟିଳ । ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ଏକ

'oaob.nitrkl.ac.in' images reprocessed

ମନୋମୟ ସତ୍ତ୍ୱ ହିସାବରେ ମଧ୍ୟ ମନୁଷ୍ୟ ସର୍ବୋଚ୍ଚ ଶିଖରରେ ଅବସ୍ଥିତ ରହିଛି । କାରଣ ସେହି ମନୁଷ୍ୟ ହେଉଛି ଏହି ପୃଥିବୀପୃଷ୍ଠରେ ସେହି ସତ୍ତ୍ୱର ନୂତନ ସୃଷ୍ଟି । ଯିଏ ଏଠାରେ ପ୍ରକୃତିର ସର୍ବଶେଷ ସମ୍ଭାବନାଟିର ପ୍ରତିନିଧିତ୍ୱ କରୁଛି ଏବଂ ସେହି ଭୂମିଟି ମଧ୍ୟରେ ପ୍ରବେଶ କରି ମନୁଷ୍ୟର ମନୋଗତ ଜୀବନ ସ୍ୱଭାବତଃ କେତେ-କେତେ ବିପୁଳ ଆସ୍ପୃହାନ-ବିଶିଷ୍ଟତା ଗ୍ରହଣ କରି ପାରିଛି, କାରଣ କେବଳ ଏକା ସେଇ ପୃଥିବୀପୃଷ୍ଠରେ ମନୋମୟ ସତ୍ତ୍ୱର ଅଧିକାରୀ ହେବାର ଗୌରବ ଅର୍ଜନ କରି ପାରିଛି । ସିଏ ଯେ ସବୁବେଳେ ସେହି ସମ୍ପଦଟିର ସଦ୍‌ବ୍ୟବହାର କରୁଛି, ସେକଥା ଆଦୌ ନୁହେଁ, ତଥାପି ସ୍ଥିତିଟି ଏହିପରି ହୋଇ ରହିଛି । ମାତ୍ର, ଏହି ମନୋରାଜ୍ୟରେ ସିଏ ସମାଧାନଟିକୁ କଦାପି ପାଇ ପାରିବ ନାହିଁ । ତାକୁ ଆହୁରି ଆଗକୁ ଯିବାକୁ ପଡ଼ିବ । ବୁଝିଲ ?

ବର୍ତ୍ତମାନ ଆଉ କାହାର କିଛି ପଚାରିବାକୁ ଅଛି କି ? କାହାର କିଛି ନାହିଁ ? (ଜଣେ ପିଲାକୁ ଉଦ୍ଦେଶ୍ୟ କରି) ତୁମର କୌଣସି ପ୍ରଶ୍ନ ଅଛି କି ?

> ମାଆ, ପ୍ରସ୍ତରଯୁଗଠାରୁ ଆମର ଏହି ଯୁଗ ପର୍ଯ୍ୟନ୍ତ ଯଦି ଆମେ ଆଖି ବୁଲାଇ ଦେଖିବା, ତେବେ ଜାଣିବାକୁ ପାଇବା ଯେ, ମନୁଷ୍ୟ କେବଳ ଏହି ମନର କ୍ଷେତ୍ରରେହିଁ ଯାହାକିଛି ଅଗ୍ରଗତି କରିଛି, ଅର୍ଥାତ୍ ବିଜ୍ଞାନର କ୍ଷେତ୍ରରେ ଅଗ୍ରଗତି କରିଛି, ମାତ୍ର କାହିଁକି ତା'ର···

ତୁମେ ପ୍ରକୃତରେ ସେହିପରି ଭାବୁଛ ? ତୁମକୁ କିଏ ସେକଥା କହିଛି ?

> ସେକଥା ଏହିଠାରେ (ପଠିତାଂଶରେ) ଲେଖାହୋଇଛି, କୁହା-ଯାଇଛି ଯେ ଆମେ ପ୍ରାୟ ସେହି ପ୍ରସ୍ତରଯୁଗରେ ରହିଛୁ···

ଆଚ୍ଛା,—ସିଏ (ପବିତ୍ରଙ୍କୁ ନିର୍ଦ୍ଦେଶ କରିଦେଇ), ସିଏକି ଏକଥା କହିଛନ୍ତି । (ସମସ୍ତେ ହସିଲେ)

ବୋଧହୁଏ ମନୁଷ୍ୟକୁ ସର୍ବପ୍ରଥମେ ତା'ର ମନଟିକୁହିଁ ପ୍ରସ୍ତୁତ କରିବାକୁ ପଡ଼ିଲା । ପ୍ରସ୍ତରଯୁଗରେ ତା'ର ମନ ଅତ୍ୟନ୍ତ ଅଶୋଧିତ ହୋଇ ରହିଥିଲା । ସେତେବେଳେ ସେଠାରେ ଆଦୌ ଖୁବ୍ ବେଶୀ କିଛି ନ ଥିଲା । ଆହୁରି ଆଗକୁ ଯାଇ ପାରିବା ପୂର୍ବରୁ ମନୁଷ୍ୟକୁ ପ୍ରଥମେ ସେଇଟିର ବିକାଶସାଧନ କରିବାକୁ ପଡ଼ିଲା । ଏଥିପାଇଁ ଦୀର୍ଘ ସମୟ ଲାଗିଲା ସତ, ମାତ୍ର ତଥାପି ଆମେ ତଦ୍ୱାରା ଅବଶ୍ୟ କିଛି ନା କିଛି ହାସଲ କରି ପାରିଲୁ ।

'oaob.nitrkl.ac.in' images reprocessed

ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ, ସମ୍ପୂର୍ଣ୍ଣ ଭାବରେ ମନର ଦୃଷ୍ଟିରୁ ବିଗ୍ଭର କରି ଦେଖିଲେ,—ଏହି ସ୍ଥୂଳ ଓ ଭୌତିକ ମନର ଦୃଷ୍ଟିରୁ—ଆମେ ସେହି ପ୍ରସ୍ତରଯୁଗ ତୁଳନାରେ ପ୍ରକୃତରେ ଅନେକ ଆଗକୁ ଆସି ପାରିଛୁ । ଏହି କ୍ଷେତ୍ରରେ କୁହାଯାଇଥାଏ ଯେ, ଆମେ ଖୁବ୍ ବେଶୀ ଅଗ୍ରଗତି କରିପାରିଲୁ ନାହିଁ, କାରଣ ଏହି କ୍ଷେତ୍ରରେ ଏପରି ଗୋଟିଏ ବସ୍ତୁ ରହିଗଲା, ଯାହାର କି ଯଥେଷ୍ଟ ବିକାଶ ହୋଇ ପାରିଲା ନାହିଁ । ଏପରି ହେଲା, କାରଣ ଆମେ ସଦ୍ୟ ବିକାଶ ଲାଭ କରିଥିବା ଏକ ନୂତନ ଯନ୍ତ୍ରକୁ ନେଇ ଖେଳିବାରେହିଁ ଅତ୍ୟଧିକ ପରିମାଣରେ ବ୍ୟସ୍ତ ହୋଇ ରହିଗଲୁ । ହଁ, ଏକ ନୂଆ ଖେଳ ଖେଳିବାକୁ ପ୍ରକୃତରେ କେତେ ଆନନ୍ଦ ନ ଲାଗେ ! ଲୋକମାନେ ଏଇଟିକୁ ନେଇ ଖେଳିବାକୁ ଲାଗିଲେ, ତାହାକୁ ବ୍ୟବହାର କରିବାର ଯାବତୀୟ ପ୍ରଣାଳୀକୁ ପରୀକ୍ଷା କରି ଦେଖିଲେ । ବ୍ୟାବହାରିକ ଦୃଷ୍ଟିକୋଣରୁ ଏହି କ୍ଷେତ୍ରରେ ସେମାନଙ୍କର ଯାବତୀୟ କ୍ରୀଡ଼ା ସର୍ବୋପରି ଏହି ଯନ୍ତ୍ରଟିର ନାନା ପ୍ରୟୋଗକୁହିଁ କେନ୍ଦ୍ର କରି ରହିଥିଲା । ଏପରିକି ଅଣୁବୋମାକୁ ମଧ୍ୟ ସେହି କ୍ରୀଡ଼ାର ଏକ ଅନ୍ୟତମ ପଦ୍ଧତି ବୋଲି କୁହାଯାଇ ପାରିବ । କିଞ୍ଚିତ୍ ପରିମାଣରେ ବୀଭତ୍ସ ହୋଇଥିଲେ ମଧ୍ୟ ତାହାକୁ ତଥାପି ସେହି କ୍ରୀଡ଼ା ବୋଲି କୁହାଯିବ । ଏହି କ୍ଷେତ୍ରରେ ଲକ୍ଷ୍ୟ ଅଭିମୁଖରେ, ଯଥାର୍ଥ ଲକ୍ଷ୍ୟଟିର ଅଭିମୁଖରେ ଯେପରି ସମଗ୍ର ବସ୍ତୁଟି ଅଗ୍ରସର ହୋଇଯାଇ ପାରିବ, ସେଥିଲାଗି ମନୁଷ୍ୟ ପାଖରେ କୌଣସି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଦୃଷ୍ଟି ନାହିଁ, କୌଣସି ଯୋଜନା ନାହିଁ କିଂବା କୌଣସି ସଂଗଠନ ନାହିଁ । ସେପରି ପ୍ରକୃତରେ କିଛି ନାହିଁ । ଏହା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ···ତାହା ଏବେ ମଧ୍ୟ ଠିକ୍ ସେହିପରି ହୋଇ ରହିଛି···ସତେଯେପରି ପିଲାମାନେ ଖେଳ ଖେଳିବା ଲାଗି ନିର୍ଦ୍ଦିଷ୍ଟ ଏକ ଅଗଣାରେ ଯାଇ ଖେଳୁଥିବା ପରି ହୋଇ ରହିଛି : ସେମାନେ କେତେ କ'ଣ ଉଦ୍ଭାବନ କରୁଛନ୍ତି, କେତେ କ'ଣ ଅନୁସନ୍ଧାନ କରୁଛନ୍ତି, ଖେଳୁଛନ୍ତି, ପାଉଛନ୍ତି, ପରସ୍ପରକୁ ଧକ୍କା ଦେଉଛନ୍ତି, ପରସ୍ପର ସହିତ ଲଢ଼େଇ କରୁଛନ୍ତି, ନୂତ ଭୂମିକୁ ଉଦ୍ଧାର କରୁଛନ୍ତି, କଳହ କରୁଛନ୍ତି, ଆବିଷ୍କାର କରୁଛନ୍ତି, ନଷ୍ଟ କରି ଦେଉଛନ୍ତି, ପୁଣି ଗଢ଼ୁଛନ୍ତି । ମାତ୍ର, ପଶ୍ଚାତରେ ଏକ ଯୋଜନା ରହିଛି; ଏକ ଯୋଜନା ପ୍ରକୃତରେ ଥିଲା, ଏବେ ମଧ୍ୟ ଏକ ଯୋଜନା ରହିଛି, ଅଧିକରୁ ଅଧିକ ପରିମାଣରେ ଏକ ଯୋଜନା ଅନୁସାରେ ସବୁକିଛି ହେଉଛି । ଏବଂ, ସମ୍ଭବତଃ, ଉପରିଭାଗରେ ଏହି ଯାହାକିଛି ଖେଳ ଦୃଷ୍ଟିଗୋଚର ହେଉଛି, ସେହି ସବୁକିଛି ସତ୍ତ୍ୱେ, ତାହା ଏପରି ଗୋଟିଏ ବସ୍ତୁଆଡ଼କୁ ଆମକୁ ପରିଚାଳିତ କରି ନେଇ ଯାଉଛି, ଯାହାକି ଦିନେ ଅବଶ୍ୟ ଜନ୍ମଲାଭ କରିବ । ସମ୍ଭବତଃ, ଯଦି ଆମେ ବର୍ତ୍ତମାନ ସେଇଟି ବିଷୟରେ ଆଲୋଚନା କରିବା ଏବଂ ଅତି ଅଧିକ କରି ଭାବିବା, ତେବେ ବୋଧହୁଏ···ତେବେ ତାହା ଏକ ନିର୍ଦ୍ଦିଷ୍ଟ

'oaob.nitrkl.ac.in' images reprocessed

ମୁହୂର୍ତ୍ତରେ ଅବଶ୍ୟ ସମ୍ଭୂତ ହେବ । ହୁଏତ ଅତ୍ୟନ୍ତ ଧୀରଗତିରେ ଆସିବ, ପର୍ଯ୍ୟାୟ ପର୍ଯ୍ୟାୟ ହୋଇ ଆସିବ, ମାତ୍ର ତଥାପି ଗୋଟିଏ ମୁହୂର୍ତ୍ତରେ ତାହାର ଆବିର୍ଭାବ ଘଟିବହିଁ ଘଟିବ । ତେଣୁ, ଏକଥା ବି ସମ୍ଭବ ଯେ ବର୍ତ୍ତମାନ ଆମେ ସେହି ମୁହୂର୍ତ୍ତଟି ପାଖରେ ଆସି ପହଞ୍ଚି ଯାଇଛୁ ।

ତଥାପି, ଏ ବିଷୟରେ ଆମେ ଆଦୌ କୌଣସି ପୂର୍ବାନୁମାନ କରିବା ନାହିଁ । ଆରଥର ଏହି ସମ୍ବନ୍ଧରେ ଅଧିକ ଆଲୋଚନା କରାଯିବ ।

ତେବେ, ବର୍ତ୍ତମାନ ସଗଳ ?

ଆଉ କୌଣସି ପ୍ରଶ୍ନ ନାହିଁ ? (ଗୋଟିଏ ପିଲାକୁ) ଆଜି ସନ୍ଧ୍ୟାରେ ତୁମର ଆଦୌ କିଛି ପଚାରିବାକୁ ନାହିଁ ?

କିଛି ନାହିଁ ? ଭଲ କଥା । ପୁନର୍ବାର ଦେଖାହେବ ।

'oaob.nitrkl.ac.in' images reprocessed

# ୨୬ ଅକ୍ଟୋବର ୧୯୫୪

ମାଆ "ମହାନ୍ ରହସ୍ୟ"ରୁ "ଅଜ୍ଞାତ ମନୁଷ୍ୟ" ପ୍ରକରଣଟିକୁ ପାଠ କଲେ ।

ଏହି କଥାଟି କେବେ ଘଟିବାକୁ ଯାଉଛି ? ହଁ, ମୁଁ ସେହି ପ୍ରଶ୍ନଟି ପାଇଁ ଅପେକ୍ଷା କରି ରହିଥିଲି ।

(ଗୋଟିଏ ପିଲାକୁ) ତୁମେ କ'ଣ ପଚାରିବାକୁ ଚାହୁଁଥିଲ କି ?

ଆପଣ ଯାହା ବର୍ତ୍ତମାନ କହିଲେ ।

ଦେଖିଲ, ମୁଁ କିପରି ଅନ୍ୟମାନଙ୍କର ଭାବନାକୁ ଜାଣିପାରେ !

ମାତ୍ର, ଯଦି ମୁଁ ଏହା ତୁମ ଉପରେ ନିର୍ଭର କରୁଛି ବୋଲି କହେ ? ଏହା ସମ୍ପୂର୍ଣ୍ଣ ଭାବରେ ଠିକ୍ ନୁହେଁ ସତ, ମାତ୍ର ତଥାପି ସେଥିରେ କିଛିନ୍ତ୍ ପରିମାଣରେ ସତ୍ୟ ଅବଶ୍ୟ ରହିଛି ।

ଯେତେବେଳେ ଯଥେଷ୍ଟ ପରିମାଣରେ ଅଧିକ ସଂଖ୍ୟକ ଚେତନା ଆଉ ଅନ୍ୟପ୍ରକାରେ କିଛି ହେବ ନାହିଁ ବୋଲି ପୂର୍ଣ୍ଣ ଭାବରେ ଅନୁଭବ କରିବେ, ସେହି ମୂହୂର୍ତ୍ତରେହିଁ ଏହା ଅବଶ୍ୟ ଘଟିବ ବୋଲି ଭାବୁଛି । ତେଣୁ ବର୍ତ୍ତମାନ, ଅଧିକାଂଶ ବ୍ୟକ୍ତିଙ୍କୁ, ତୁମମାନଙ୍କ ମଧ୍ୟରୁ ବହୁସଂଖ୍ୟକ ଅଧିକାଂଶଙ୍କୁ ଏହିପରି କଳ୍ପନା କରିବା ଲାଗି ଏକ ପ୍ରୟାସ କରିବାକୁ ହେବ ଯେ, ଏକଥା ନିଶ୍ଚୟ ଘଟିବ, ଏବଂ, ଅଧିକରୁ ଅଧିକ ପରିମାଣରେ ସେହି ବିଷୟରେ ଚିନ୍ତା କରିବେ ଏବଂ ସମ୍ଭବତଃ ଏହିପରି ଆଶା କରିବେ ଯେ, ଏହି ରୂପାନ୍ତରଟି ସକଳ ବସ୍ତୁକୁ ଅଧିକ ସୁଖକର ଓ ସୁଖଦାୟକ କରିଦେବ—ସେମାନେ ସେହିପରି କିଛି ଆଶା କରିବେ । ମାତ୍ର, ତୁମର ଚେତନା ଏହି ବର୍ତ୍ତମାନଟି ସହିତ ଏତେବେଶୀ ବାନ୍ଧିହୋଇ ରହିଛି ଯେ, ବସ୍ତୁଗୁଡ଼ିକ ଅନ୍ୟପ୍ରକାରର ହୋଇପାରିବ ବୋଲି କଳ୍ପନା କରିବା ମଧ୍ୟ ତା'ଲାଗି ଅତ୍ୟନ୍ତ କଷ୍ଟକର ବୋଧ ହେଉଛି । ଏବଂ, ଯାହା ଅବଶ୍ୟ ହେବ, ତାହାହିଁ ଯଥେଷ୍ଟ ପରିମାଣରେ ଅଧିକରୁ ଅଧିକ ସଂଖ୍ୟାର ବ୍ୟକ୍ତିଙ୍କର ଚେତନା ଲାଗି ଏକ ଅନିବାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇ ନ ପାରିଥିବା ପର୍ଯ୍ୟନ୍ତ,—ଏବଂ, ଅତୀତରେ ଯାହାକିଛି ଘଟିଛି ଏବଂ ବର୍ତ୍ତମାନ ତଥାପି ଯାହାସବୁ ଅଛି, ତାହା ଏକ

'oaob.nitrkl.ac.in' images reprocessed

ଅସଗତ ସବ ପ୍ରଗତି ନ ହେବା ଏବଂ ତାହା ଯେ କଦାପି ସ୍ଥାୟୀ ହେବ ନାହିଁ, ଏହିପରି ନ ଲାଗିବା ପର୍ଯ୍ୟନ୍ତ···ଯେତେବେଳେ ଏପରି ହୋଇ ପାରିବ, ଠିକ୍ ସେହି ମୁହୂର୍ତ୍ତରେହିଁ ଏହି ଘଟଣାଟି ଘଟିବ, ପୂର୍ବରୁ କେବେହେଲେ ଘଟିବ ନାହିଁ ।

ଏହି କ୍ଷେତ୍ରରେ ଗୋଟିଏ ସମସ୍ୟା ରହିଯାଉଛି; ସମସ୍ୟାଟି ହେଉଛି, ସାମୂହିକ କ୍ଷେତ୍ରରେ ସମ୍ଭବ ହେବା ପୂର୍ବରୁ ଏହି ଘଟଣାଟି ପ୍ରକୃତରେ ବ୍ୟକ୍ତି-ମାନଙ୍କର କ୍ଷେତ୍ରରେ ଘଟିପାରିବ ଓ ଘଟିବ କି ? ଧ୍ରୁବ ସେହିପରି ହେବ । ମାତ୍ର, ଏକ ନୂତନ ଜଗତର ପ୍ରତିନିଧିତ୍ୱ କରୁଥିବା ଅନ୍ତତଃ ଏକ ଚେତନାଗୋଷ୍ଠୀ ସହିତ ସୌଷମ୍ୟ ସ୍ଥାପନ କରି ରହି ନ ପାରିଥିବା ପର୍ଯ୍ୟନ୍ତ ବ୍ୟକ୍ତିସ୍ତରର କୌଣସି ଉପଲବ୍ଧି କଦାପି ସମ୍ପୂର୍ଣ୍ଣ ହେବ ନାହିଁ ବା ଏପରିକି ଏହି ସମ୍ପୂର୍ଣ୍ଣାବସ୍ଥାର ନିକଟ-ବର୍ତ୍ତୀ ବି ହୋଇ ପାରିବ ନାହିଁ । ଯାବତୀୟ ସବୁକିଛି ସତ୍ତ୍ୱେ ବ୍ୟକ୍ତି ଏବଂ ସମୂହ ମଧ୍ୟରେ ଏଡ଼େ ବୃହତ୍ ପରିମାଣର ଏକ ପରସ୍ପର-ନିର୍ଭରଶୀଳତା ରହିଛି ଯେ, ବ୍ୟକ୍ତିର ଉପଲବ୍ଧି ଯେତେ ଯାହା ହେଲେ ମଧ୍ୟ ଅତ୍ୟନ୍ତ ସୀମିତ ହୋଇ ରହିଛି, ଚତୁର୍ଦ୍ଦିଗର ଏହି ଅନୁନ୍ନତମସ୍ତର ବାୟୁମଣ୍ଡଳଟି ଦ୍ୱାରା ଅତ୍ୟନ୍ତ ଦୈନ୍ୟଗ୍ରସ୍ତ ହୋଇ ରହିଛି । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ପୃଥିବୀପୃଷ୍ଠର ସମଗ୍ର ଜୀବନଟିକୁ ଅଗ୍ରଗତିର ଏକ ନିର୍ଦ୍ଦିଷ୍ଟ ବଳ ଦେଇ ଯିବାକୁହିଁ ପଡ଼ିବ, ଯେପରିକି ଏକ ନୂତନ ଜଗତ ଓ ଏକ ନୂତନ ଚେତନାର ଆବିର୍ଭାବ ସଂଘଟିତ ହେବ । ଏବଂ ସେହି କାରଣରୁ ମୁଁ ପ୍ରଥମରୁ କହିଥିଲି ଯେ, ଏହି କଥାଟି ଅନ୍ତତଃ ଆଂଶିକ ଭାବରେ ଅବଶ୍ୟ ତୁମ ଉପରେ ନିର୍ଭର କରୁଛି ।

ଏହି ନୂତନ ଚେତନା ପ୍ରକୃତରେ କିପରି ହେବ ଏବଂ ଏକ ନୂତନ ମାନବଜାତି ମଧ୍ୟ ପ୍ରକୃତରେ କିପରି ହେବ, ତୁମେମାନେ କେବେ ତାହାର ଏକ ଚିତ୍ର ଆଙ୍କିବାକୁ ଚେଷ୍ଟା କରିଛ କି ? ଏବଂ ଶେଷରେ, ଏକ ନୂତନ ପୃଥିବୀ ମଧ୍ୟ ପ୍ରକୃତରେ କିଭଳି ହେବ, ତାହାର କଳ୍ପନା କରିଛ କି ?

ତୁଳନାତ୍ମକ ଭାବରେ ଦେଖିଲେ, ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ ପୃଥିବୀ ଉପରେ ମନୁଷ୍ୟର ଆବିର୍ଭାବ ଘଟିବା ପରେ ପୃଥିବୀର ସ୍ଥିତି ଅନେକ ପରିମାଣରେ ବଦଳି ଯାଇଛି । ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହାଦ୍ୱାରା ସମସ୍ତେ ସର୍ବାଧିକ ପରିମାଣରେ ଉପକୃତ ହେଲେ ବୋଲି ମୁଁ କଦାପି କହି ପାରିବି ନାହିଁ; କାରଣ, ଏହାଦ୍ୱାରା ଅନେକଙ୍କୁ ଭୟଙ୍କର କଷ୍ଟ ଭୋଗିବାକୁ ହୋଇଛି, ଏବଂ ଏହି କ୍ଷେତ୍ରରେ ଏକଥା ମଧ୍ୟ ବେଶ୍ ପରିଷ୍କାର ହୋଇଯାଉଛି ଯେ, ମନୁଷ୍ୟସତ୍ତା ଯେଉଁସବୁ ଜଟିଳତାକୁ ଆଣି ଜୀବନ ମଧ୍ୟରେ ପ୍ରବିଷ୍ଟ କରାଇଲା, ତାହା ସର୍ବଦା ତା'ପାଇଁ ଅଥବା ଅନ୍ୟମାନଙ୍କ ପାଇଁ ମଧ୍ୟ ଖୁବ୍‌ବେଶୀ ଅନୁକୂଳ ହୋଇ ପାରି ନାହିଁ । ମାତ୍ର, ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହାଦ୍ୱାରା

'oaob.nitrkl.ac.in' images reprocessed

ପ୍ରଭୃତ ଅଗ୍ରଗତି ସମ୍ଭବ ହୋଇ ପାରିଛି, ଅନ୍ୟତର ଜୀବଜନ୍ତୁମାନଙ୍କର କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇଛି : ମନୁଷ୍ୟ ଇତର ପ୍ରାଣୀମାନଙ୍କର ଜୀବନକ୍ଷେତ୍ରରେ ଯାଇ ହସ୍ତକ୍ଷେପ କରିଛି, ଉଦ୍ଭିଦମାନଙ୍କର ଜୀବନରେ ହସ୍ତକ୍ଷେପ କରିଛି, ଧାତୁ ଓ ଖଣିଜଗୁଡ଼ିକର ଜୀବନରେ ମଧ୍ୟ ହସ୍ତକ୍ଷେପ କରିଛି; ମୁଁ ଯେପରି କହିଲି, ମନୁଷ୍ୟ ଯେଉଁମାନଙ୍କର ଜୀବନରେ ଯାଇ ହସ୍ତକ୍ଷେପ କରିଛି, ତଦ୍ଦ୍ୱାରା ସେମାନଙ୍କ ଲାଗି ସର୍ବଦା ଆଦୌ ସର୍ବୋତ୍ତମ ଆନନ୍ଦ ସମ୍ଭବ ହୋଇ ପାରି ନାହିଁ ସତ, ମାତ୍ର ଏହାଦ୍ୱାରା ସେମାନଙ୍କର ଜୀବନରେ ପ୍ରଭୃତ ପରିବର୍ତ୍ତନ ଘଟିଛି । ଏବଂ, ଠିକ୍ ସେହିପରି ଭାବରେ, ଏକଥା ମଧ୍ୟ ବେଶ୍ ସମ୍ଭବ ଯେ, ଅତିମାନସ ସତ୍ତା ମଧ୍ୟ,— ତାହା ଯେଉଁଭଳି ହେବ ପଛକେ—ଧରିତ୍ରୀର ଜୀବନକୁ ନିଶ୍ଚୟ ପ୍ରଭୃତ ଭାବରେ ବଦଳାଇ ଦେବ । ଆମେ ନିଜର ହୃଦୟ ଭିତରେ ତଥା ଭାବନାରେ ଏହି ଆଶାଟିକୁ ରଖିଥିବା ଯେ, ପୃଥିବୀ ବର୍ତ୍ତମାନ ଯେତେଯାହା ଅନିଷ୍ଟ ତଥା ଅନର୍ଥ ହେତୁ ଯାତନା ଭୋଗ କରିବାରେ ଲାଗିଛି, ପରିଶେଷରେ ସେଗୁଡ଼ିକର ପୂର୍ଣ୍ଣ ଲୋପ ନ ଘଟିଲେ ମଧ୍ୟ ଏକ ଉପଶମ ଅବଶ୍ୟ ଘଟିବ । ଏହି ପୃଥିବୀର ସାଧାରଣ ସ୍ଥିତି ଅଧିକ ସୌଷମ୍ୟଯୁକ୍ତ ହେବ, ଅନ୍ତତଃ ଅପେକ୍ଷାକୃତ ଅଧିକ ସହନୀୟ ହୋଇ ପାରିବ । ଏପରି ହୁଏତ ଘଟିବ, କାରଣ, ମନୁଷ୍ୟ ମଧ୍ୟରେ ଅବତୀର୍ଣ୍ଣ ହୋଇଥିବା ମନୋମୟ ଚେତନାର ସତ୍ତାବଟିହିଁ ଆପଣାର ସନ୍ତୋଷବିଧାନ ଲାଗିହିଁ କାର୍ଯ୍ୟ କରୁଥିଲା, ତା'ର ଆଖି ଆଗରେ କେବଳ ନିଜ ବିକାଶଟିହିଁ ରହିଥିଲା ଏବଂ ତା'ର ଏହି କାର୍ଯ୍ୟକଳାପର ପରିଣାମ ଯେ କ'ଣ ହେବ, ସେବିଷୟରେ ତାହା ଆଦୌ ଖୁବ୍‌ବେଶୀ ଚିନ୍ତା କରୁ ନ ଥିଲା । ସମ୍ଭବତଃ, ଅତିମାନସ ଅପେକ୍ଷାକୃତ ଅଧିକ ସମଗ୍ରସତା ସହିତ କାର୍ଯ୍ୟ କରିବ । ଅନ୍ତତଃ ଆମେ ସେହି ଆଶାହିଁ ପୋଷଣ କରିବା । ଆମେ ଏହିପରି ଭାବରେ ତାହାର କଳ୍ପନା କରୁଛୁ ।

ମାତ୍ର, ମୁଁ ମଧ୍ୟ ତୁମମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରୁଛି : ତୁମେମାନେ ଏ ବିଷୟରେ କିଛି ଭାବିଛ ? ଏହା ପ୍ରକୃତରେ କିପରି ହେବ, ସେହି ବିଷୟରେ ତୁମେମାନେ କିଛି ଚିନ୍ତା କରିଛ କି ?

(ଜଣେ ପିଲାକୁ) ତୁମେ ଏବିଷୟରେ କିଛି ଚିନ୍ତା କରିଛ ? (ଆଉ ଜଣେ ପିଲାକୁ) ତୁମେ ? କିଛି ଚିନ୍ତା କରି ନାହଁ ? ଚିନ୍ତା କରିଛ ? ତେବେ କ'ଣ ଚିନ୍ତା କରିଛ ମୋତେ କୁହ । ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ବହିଗୁଡ଼ିକରୁ ତୁମେ କ'ଣସବୁ ପଢ଼ିଛ, ସେସବୁ ମୋତେ ପୁନରାବୃତ୍ତି କରି କହିବାକୁ ମୁଁ ତୁମମାନଙ୍କୁ ମୋଟେ କହୁ ନାହିଁ । କାରଣ ବର୍ତ୍ତମାନ ସେବିଷୟରେ କୌଣସି ଆଲୋଚନା ହେଉ ନାହିଁ । ଅସଲ କଥା ହେଉଛି, ତୁମେ ନିଜେ କଳ୍ପନା କରିବାକୁ ଚେଷ୍ଟା କରିବ, ନିଜେ କିଛି ବୁଝିବାକୁ ଚେଷ୍ଟା କରିବ ।

'oaob.nitrkl.ac.in' images reprocessed

**କିଛି କହି ପାରିବ ନାହିଁ ? ତୁମେ ବି କହି ପାରିବ ନାହିଁ ? ତୁମେ ମୋତେ କହି ପାରିବ ନାହିଁ ?**

ମାଆ, ଆମ ଭିତରେ ଅପୂର୍ଣ୍ଣତା ରହିଛି, ତେଣୁ ଆମକୁ କିଛି କରିବାକୁ ହେବ; ମାତ୍ର ଯେତେବେଳେ ଅତିମାନସ-ଜାତିର ଅବତରଣ ଘଟିବ, ସେତେବେଳେ ତ ସିଏ ସକଳ ଦିଗରୁ ପୂର୍ଣ୍ଣ ହୋଇ ରହିଥିବ, ତେବେ ସେତେବେଳେ ଆଉ କ'ଣ କରିବାକୁ ବାକି ରହିବ ?

**ସକଳ ବିଷୟରେ ପୂର୍ଣ୍ଣ ! ହଁ, ଆମ ସହିତ ତୁଳନା କଲେ ତାହାକୁ ଅବଶ୍ୟ ସେପରି ବୁଝାଯିବ; ମାତ୍ର ତା'ପରେ ଯାହାର ଆବିର୍ଭାବ ହେବ, ତାହା ତୁଳନାରେ ଆଦୌ ନୁହେଁ । ଏହି ପୃଥିବୀ ସତତ ଗତିଶୀଳ ହୋଇ ଆଗକୁ ଚାଲିଛି, ଉତ୍ତରୋତ୍ତର ଅଗ୍ରଗତି କରୁଛି ଏବଂ, ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ପ୍ରତ୍ୟେକ ପର୍ଯ୍ୟାୟରେ ଏହି ପୃଥିବୀପୃଷ୍ଠରେ ଏକ ନୂତନ ଚେତନାର ପରିପ୍ରକାଶ ଘଟିଛି ଏବଂ ତେଣୁ ଆମେ ଅନୁଭବ କରିଛୁ ଯେ ଏହା···ସମ୍ଭବତଃ ଏକ ନିର୍ଣ୍ଣାୟକ ଉପଲବ୍ଧି ନୁହେଁ ସତ, ମାତ୍ର ସୁନିଶ୍ଚିତ ଭାବରେ ଏକ ପ୍ରଭୂତ ଅଗ୍ରଗତିର କାରଣ ହେବ । ଏବଂ, ଏକଥା ମଧ୍ୟ ଅତ୍ୟନ୍ତ ସତ ଯେ···ଉଦାହରଣସ୍ୱରୂପ, ଘୋଡ଼ାଟିଏ ହାତୀ ଅଥବା ଗୋଟିଏ କୁକୁରର ଚେତନା ସକାଶେ···ମନୁଷ୍ୟର ସାମର୍ଥ୍ୟଗୁଡ଼ିକୁ ପ୍ରକୃତରେ ଏକାବେଳେକେ ବିସ୍ମୟକାରୀ ବୋଲି ବୁଝାଯିବ । ସେମାନେ ଯେତେଦୂର ପର୍ଯ୍ୟନ୍ତ ଏହାକୁ ବୁଝି ପାରୁଥିବେ, କଳ୍ପନା କରିପାରୁଥିବେ ଏବଂ ଅନୁଭବ କରିପାରୁଥିବେ—କୁକୁରମାନେ ସେକଥା ଅନୁଭବ କରି ପାରନ୍ତି—ମନୁଷ୍ୟର ସାମର୍ଥ୍ୟଗୁଡ଼ିକ ସେମାନଙ୍କ ପାଇଁ ଦିବ୍ୟ ସାମର୍ଥ୍ୟ ପରି ବୋଧ ହେଉଥିବ । ଏବଂ ଯେହେତୁ ଆମେ ବସ୍ତୁତଃ ଏପରି ଗୋଟିଏ ସୋପାନରେ ଆସି ପହଞ୍ଚିଛୁ, ଯେଉଁଠାରେ କି ଆମେ ଆମର ଅତୀତ ହୋଇ ରହିଥିବା କୌଣସି ବସ୍ତୁର ମଧ୍ୟ ବୋଧକଳ୍ପନା କରିପାରୁଛୁ, (ସେହି ପ୍ରକରଣଟିରେ ମୁଁ ସେହିକଥାହିଁ କହୁଛି, ନୁହେଁ ?), ସେହି କାରଣରୁହିଁ ଆମେ ବର୍ତ୍ତମାନ କରୁଥିବା ଆମର ଯାବତୀୟ କାର୍ଯ୍ୟରୁ ଆଦୌ ସନ୍ତୋଷ ଲାଭ କରି ପାରୁ ନାହୁଁ ; ଏବଂ ସେଇଥି ସକାଶେ ଆମର ଏପରି ଏକ ଅନୁଭବ ହେଉଛି ଯେ, ଆମେ ଯାହାକିଛି କରୁଥାଉ ପଛକେ, ଏହା ବାହାରେ ତଥାପି ଆହୁରି କିଛି ରହିଛି, ଯାହାକି ଆମ ପାଖରେ ଆଦୌ ଧରା ଦେଉ ନାହିଁ ।—ଆମେ ଅନୁଭବ କରୁଛୁ ଯେ ଅସଲ ବସ୍ତୁଟି ଆମ ପାଖରେ ମୋଟେ ଧରା ଦେଉ ନାହିଁ; ଆମେ ସେହି ବସ୍ତୁଟିର ଚାରିପାଖରେ ବୁଲିବାରେ ଲାଗିଛୁ, ମାତ୍ର ସେହି ବସ୍ତୁକୁ ଆଦୌ ସ୍ପର୍ଶ କରିପାରୁ**

'oaob.nitrkl.ac.in' images reprocessed

ନାହିଁ । ଏପରି ହେଉଛି, କାରଣ ଆମେ ସେହି ଅନ୍ୟ ବସ୍ତୁଟି ଲାଗି ପ୍ରସ୍ତୁତ ହୋଇ ଗଲୁଣି । ତା' ନ ହେଲେ, ଯଦି ଆମେ ତାହାକୁ ପ୍ରକୃତରେ ବୁଝି ପାରୁ ନ ଥାନ୍ତୁ, ତେବେ, ଆମେ ଯେତିକ କରି ପାରୁଛୁ ସେତିକ ମଧ୍ୟରେହିଁ ପୂର୍ଣ୍ଣରୂପେ ସନ୍ତୁଷ୍ଟ ହୋଇ ରହିଥାନ୍ତୁ । କେବଳ ସେଇଟିକୁହିଁ ଅଧିକରୁ ଅଧିକ ଭଲ କରି କରିବା ସକାଶେ ଯାହା ଉଦ୍ୟମ କରୁଥାନ୍ତୁ । ଏହାକୁ ଏକ ନୂତନ ଅଭିବ୍ୟକ୍ତିର ପ୍ରାରମ୍ଭ ବୋଲି କୁହାଯିବ । ଉଦାହରଣ ସ୍ୱରୂପ, ଏପରି ଗୋଟିଏ ବସ୍ତୁର ଆବଶ୍ୟକତା-ବୋଧ, ଯାହାକି ଅଧିକ ମୂଳଭୂତ ଭାବରେ ସତ୍ୟ ହୋଇଥିବ, ଯାହାକି··· ଯାହା ଉପରେ କି ଆମେ ପ୍ରକୃତରେ ନିର୍ଭର କରିପାରିବା, ଟିକିଏ ଆଘାତ ପଡ଼ିବା ମାତ୍ରକେହିଁ ଯାହା ମୋଟେ ଖଣ୍ଡଖଣ୍ଡ ହୋଇ ଭାଙ୍ଗି ପଡ଼ୁ ନ ଥିବ, ଯାହାକି ଆମ ପାଇଁ ଏକ ସ୍ଥାୟୀ ଅବଲମ୍ବନ ଯୋଗାଇ ଦେଇ ପାରୁଥିବ । ଏହିପରି ଏକ ଚିରନ୍ତନ ବସ୍ତୁର ଆବଶ୍ୟକତାବୋଧ, ଯାହାକି ଆମ ନିଜ ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି, ଏହିପରି ଏକ ପରମ ସତ୍ୟର ଆବଶ୍ୟକତାକୁ ଅନୁଭବ କରିବା—ଏକ ପରମ ମଙ୍ଗଳ ଏବଂ ପରମ ସୌନ୍ଦର୍ଯ୍ୟର ଆବଶ୍ୟକତା—ଏକ ନୂତନ ଚେତନାକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇଗଲା ମାତ୍ରେହିଁ ଆମ ଭିତରେ ଏହିପରି ଏକ ଅନୁଭୂତି ଜାଗ୍ରତ ହୋଇ ଉଠିଥାଏ ।

ଏକଥା ସୁନିଶ୍ଚିତ ଯେ, ଏକ ଦୀର୍ଘ ସମୟ ଯାବତ୍, ସମ୍ଭବତଃ ଏକା-ବେଳେକେ ସେହି ଆରମ୍ଭ କାଳରୁ (ଏଠାରେ ବିବର୍ତ୍ତନର ଦୃଷ୍ଟିରୁ ଆରମ୍ଭ କାଳ ବୋଲି କୁହାଯାଉ ନାହିଁ; କାରଣ ସେହି କ୍ଷେତ୍ରରେ ଏପରି ଅନେକ ମଧ୍ୟବର୍ତ୍ତୀ ସତ୍ତାଙ୍କର ମଧ୍ୟ ପର୍ଯ୍ୟାୟମାନ ରହିଥିଲା, ଯେଉଁମାନେ କି ମନୁଷ୍ୟ ଅପେକ୍ଷା ଇତର ପ୍ରାଣୀମାନଙ୍କରହିଁ ଅନେକ ପରିମାଣରେ ଅଧିକ ନିକଟବର୍ତ୍ତୀ ହୋଇ ରହିଥିଲେ), ଯେତେବେଳେ ଏହି ମନୁଷ୍ୟାକାର ସତ୍ତାଟି ଊର୍ଦ୍ଧ୍ୱରୁ କିଛି ଗ୍ରହଣ କରିବା ଲାଗି ଯଥେଷ୍ଟ ପରିମାଣରେ ବିକଶିତ ଏବଂ ପ୍ରସ୍ତୁତ ହୋଇପାରିଲା, ଯେତେବେଳେ ଉଚ୍ଚତର ଜଗତଗୁଡ଼ିକର ସର୍ବପ୍ରଥମ ସତ୍ତାମାନେ ମନୁଷ୍ୟର ଆକାର ଗ୍ରହଣ କରି ଏଠାରେ ଅବତୀର୍ଣ୍ଣ ହେଲେ, ସେହି ସମୟରୁ ସର୍ବଦା ଏଭଳି ବ୍ୟକ୍ତିମାନଙ୍କର ଆବିର୍ଭାବ ହୋଇ ଆସିଛି, ଯେଉଁମାନେ କି ସେହି ଶାଶ୍ୱତ ଏବଂ ପରମଙ୍କ ଲାଗି ଏକ ଆବଶ୍ୟକତାର ବୋଧଟିକୁ ଆପଣା ମଧ୍ୟରେ ବହନ କରି ଆସିଛନ୍ତି । ମାତ୍ର ଏହି ପ୍ରକ୍ରିୟାଟି ଏକ ବ୍ୟକ୍ତିସ୍ୱାତନ୍ତ୍ର୍ୟ ପ୍ରକ୍ରିୟା ହୋଇ ରହି ଆସିଥିଲା । ଏବଂ, ଆଲୋକ ତଥା ଅନ୍ଧକାରର କ୍ରମାନୁବର୍ତ୍ତୀ ବହୁ ପର୍ଯ୍ୟାୟର ମଧ୍ୟ ଦେଇ ଅତ୍ୟନ୍ତ ଧୀର ଅଥଚ ଉତ୍ତରୋତ୍ତର ଅଗ୍ରଗତିଶୀଳ ଭାବରେ ସମଗ୍ର ମାନବଜାତିର ଜୀବନରେ ଏକ ଉଚ୍ଚତ ମଙ୍ଗଳର ଆବଶ୍ୟକତା ବିଷୟରେ ଏକ ନିର୍ଦ୍ଦିଷ୍ଟ ବୋଧ ଜାଗ୍ରତ ହୋଇ ଉଠିଛି ।

'oaob.nitrkl.ac.in' images reprocessed

ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ବର୍ତ୍ତମାନ, ଅନେକ ଭଉଁରି ବୁଲିବା ଓ ଅନେକ ନିର୍ବୋଧତା ପ୍ରଦର୍ଶନ କରିସାରିବା ପରେ ଏକ ଜାଗରଣକାଙ୍କ୍ଷା ଆବଶ୍ୟକତା ଅନୁଭୂତ ହେବାକୁ ଆରମ୍ଭ କରିଛି, — ଏହା ପ୍ରକୃତରେ କ'ଣ ହୋଇପାରିବ ଏବଂ କ'ଣ ହେବା ଉଚିତ, ତାହାର ବିଷୟରେ ପ୍ରାୟ ଏକ ପ୍ରକାରର ସଂବେଦନଶୀଳତାର ଉନ୍ମେଷ ଘଟିଛି ଏବଂ ତାହାହିଁ ସୂଚାଇ ଦେଉଛି ଯେ ଅସଲ ମୁହୂର୍ତ୍ତଟି ନିକଟ ହୋଇ ଆସିଲାଣି । ଅନେକ ଦିନ ହେଲା ଏହାହିଁ କୁହାହୋଇ ଆସିଛି, "ସେହି ଦିନ ଆସିବ, ସେହି ଦିନ ଆସିବ," ଏବଂ ପ୍ରତିଶ୍ରୁତି ଦିଆଯାଇଛି ଯେ … ହଜାର ହଜାର ବର୍ଷ ପୂର୍ବେ ସେମାନେ ପ୍ରତିଶ୍ରୁତି ଦେବାକୁ ଆରମ୍ଭ କରି ଦେଇଥିଲେ ଯେ, ଏକ ନୂତନ ଚେତନାର ଆବିର୍ଭାବ ହେବ, ଏକ ନୂତନ ପୃଥିବୀ ଜନ୍ମଲାଭ କରିବ, ଏହି ପୃଥିବୀପୃଷ୍ଠରେ ଏକ ଦିବ୍ୟ ବସ୍ତୁର ରୂପାୟଣ ଘଟିବ, ମାତ୍ର ସବୁବେଳେ କେବଳ "ହେବ, ହେବ" ବୋଲି କୁହାହୋଇ ଆସିଥିଲା । ସେମାନେ କେତେକେତେ ଯୁଗ, କଳ୍ପ ଏବଂ ସହସ୍ର ଓ ଲକ୍ଷ ବର୍ଷର କଥା କହିଥିଲେ । ମାତ୍ର ଆମେ ଏହି ଯେଉଁ ସଂବେଦନଶୀଳତାକୁ ଅନୁଭବ କରୁଛୁ, ସେମାନେ ତାହା ଆଦୌ ଅନୁଭବ କରୁ ନ ଥିଲେ । ସେହି ଯୁଗ ଅବଶ୍ୟ ଆସିବ, ତାହା ପ୍ରକୃତରେ ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆସିଲାଣି ବୋଲି ଆଦୌ ଅନୁଭବ କରୁ ନ ଥିଲେ । ଅବଶ୍ୟ ମନୁଷ୍ୟ ଅତି ଅଳ୍ପ ସମୟ ପାଇଁ ସଂସାରକୁ ଆସେ ଏବଂ ତେଣୁ ଦୃରବତାଗୁଡ଼ିକୁ ହ୍ରାସ କରି ଆଣିବାପାଇଁ ସେହି କ୍ଷେତ୍ରରେ ଏକ ଇଚ୍ଛା କରିବାର ପ୍ରବୃତ୍ତି ମଧ୍ୟ ରହିଥାଏ, ଯେପରିକି ସେଗୁଡ଼ିକ ଆସ୍ପାମଗୁଡ଼ିକ ସହିତ ସମାନୁପାତିକ ହୋଇ ରହିପାରିବେ । ମାତ୍ର, ଏହି ସବୁକିଛି ସତ୍ତ୍ୱେ; ଏପରି ଗୋଟିଏ ମୁହୂର୍ତ୍ତ ଅବଶ୍ୟ ଆସିବ, ଯେତେବେଳେ କି ଏକଥା ପ୍ରକୃତରେ ଘଟିବ; — ଏକ ସମୟ ଆସିବ ଯେତେବେଳେ କି ଏହା ପ୍ରକୃତରେ ଘଟିବ, ଏକ ସମୟ ଆସିବ ଯେତେବେଳେ କି ଗତିସ୍ପନ୍ଦନଟି ଏକ ନୂତନ ବାସ୍ତବସତ୍ତା ମଧ୍ୟକୁ ପ୍ରକୃତରେ ଏକ ଲମ୍ଫ ଦେବ । … ଏପରି ଗୋଟିଏ ସମୟ ଥିଲା, ଯେତେବେଳେ କି ପୃଥିବୀପୃଷ୍ଠରେ ମନୋମୟ ସତ୍ତାର ପ୍ରକାଶ ଘଟିଥିଲା । ସେହି ପର୍ଯ୍ୟାୟର ପ୍ରଥମ ବିନ୍ଦୁଟି ହୁଏତ ଅତ୍ୟନ୍ତ ଅଳ୍ପବଳ ଏବଂ ଅପୂର୍ଣ୍ଣ ହୋଇ ରହିଥିଲା, ଅତ୍ୟନ୍ତ ଆଂଶିକ ହୋଇ ରହିଥିଲା; ତଥାପି ଏକ ପ୍ରଥମ ବିନ୍ଦୁ ଅବଶ୍ୟ ସମ୍ଭବ ହୋଇଥିଲା । ବର୍ତ୍ତମାନ ମଧ୍ୟ ଏହା ନ ଘଟିବ କାହିଁକି ? … ବୁଝିଲ ?

ସମ୍ଭବତଃ, ଏହା ହେବ ବୋଲି ଯେଉଁମାନେ ଆରମ୍ଭରୁହିଁ କହି ଆସିଛନ୍ତି, ସେହି ଲୋକମାନେ ଯଦି ବର୍ତ୍ତମାନ ଆସି "ହଁ ଏହା ପ୍ରକୃତରେ ଘଟିବାକୁ ଯାଉଛି" ବୋଲି କହନ୍ତି, … ପ୍ରକୃତରେ ସେହିମାନେ ତ ଏହି ବିଷୟରେ ସବୁଠାରୁ ଅଧିକ ସଂବାଦ ରଖିଛନ୍ତି । ମୁଁ ଭାବୁଛି, କିପରି ପୃଥ୍ୱୀ-ଇତିହାସର ସେହି ଆରମ୍ଭକାଳରୁହିଁ

'oaob.nitrkl.ac.in' images reprocessed

(ଆମେ ଏହାର ଆତୁର ପୂର୍ବରୁ ରହିଥିବା ଦୃଷ୍ଟାନ୍ତଗୁଡ଼ିକ ମଧ୍ୟକୁ ଯିବା ନାହିଁ, କାରଣ କେବଳ ଏହି ପୃଥିବୀ ବିଷୟରେହିଁ ଆମର କେତେ କ'ଣ କହିବାକୁ ରହିଛି), ପୃଥ୍ୱୀ-ଇତିହାସର ଆରମ୍ଭ ସମୟରୁ, କୌଣସି ନା କୌଣସି ରୂପରେ ଓ କୌଣସି ନା କୌଣସି ନାମରେ ଶ୍ରୀଅରବିନ୍ଦହିଁ ଏହି ପୃଥିବୀର ବୃହତ୍ତ୍ ରୂପାନ୍ତରପର୍ବଗୁଡ଼ିକରେ ପୁରୋଧା ହୋଇ ରହିଛନ୍ତି । ତେଣୁ, ଯେତେବେଳେ ସେ ତୁମମାନଙ୍କୁ "ହଁ, ଏହାହିଁ ଉପଯୁକ୍ତ ସମୟ" ବୋଲି କହୁଛନ୍ତି, ତାଙ୍କ୍ର ସମ୍ଭବତଃ ନିଶ୍ଚୟ ସବୁକିଛି ଜଣା ଅଛି । ମୁଁ ଏ ବିଷୟରେ କେବଳ ଏତିକି କହିପାରିବି ।

ତେଣୁ, ଯଦି ଏଇଟିହିଁ ଉପଯୁକ୍ତ ସମୟ ହୋଇଥାଏ, ତେବେ ଆମେ ଏହିପରି ଭାବରେ ସମସ୍ୟାଟିର ଉପସ୍ଥାପନା କରିବା ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ପ୍ରସ୍ତୁତ ରହିଛନ୍ତି କିମ୍ବା ପ୍ରସ୍ତୁତ ହୋଇଯିବେ, ଏବଂ ପ୍ରକୃତରେ ଏହିମାନେହିଁ ନୂତନ ପଥରେ ସର୍ବପ୍ରଥମେ ଯାତ୍ରା କରି ବାହାରିବେ । ଅନ୍ୟ ଏପରି ବ୍ୟକ୍ତିମାନେ ମଧ୍ୟ ରହିଛନ୍ତି, ଯେଉଁମାନେ କି ସମ୍ଭବତଃ ଅତି ବିଳମ୍ବରେ ଏହି ବିଷୟରେ ସଜ୍ଞାନ ହେବେ, ଯେଉଁମାନେ ପ୍ରକୃତରେ ସୁଯୋଗଟିକୁ ହରାଇବେ ; ମୁଁ ଭାବୁଛି, ଏହି ପ୍ରକାରର ବ୍ୟକ୍ତି ଅତ୍ୟନ୍ତ ଅଧିକ ସଂଖ୍ୟାରେ ରହିଛନ୍ତି । ମାତ୍ର, ସେ କଥା ଯାହାହେଉ ପଛକେ, ମୋର ଦୃଷ୍ଟିକୋଣଟି ହେଉଛି ପ୍ରକୃତରେ ଏହିପରି : ଯଦି କେବଳ ଅଧା ସୁଯୋଗ ବି ରହିଥାଏ, ତଥାପି ତାହାକୁ ଗ୍ରହଣ କରି ପାରିବା ଲାଗି ଆବଶ୍ୟକ ଉଦ୍ୟମ କରିବାକୁ ପଡ଼ିବ । କାରଣ, ଅସଲ କଥା ହେଉଛି, ··· ସେକଥା କିଏ ଜାଣିଛି ? ··· ମୁଁ ତୁମମାନଙ୍କୁ ବର୍ତ୍ତମାନ ସେକଥା କହୁଥିଲି, — ଏପରି ଏକ ମୁହୂର୍ତ୍ତ ଆସେ, ଯେତେବେଳେ କି, ଜୀବନ ଯେଉଁଭଳି ସ୍ଥିତିରେ ରହିଛି, ମନୁଷ୍ୟର ଚେତନା ଯେଉଁଭଳି ସ୍ଥିତିରେ ରହିଛି,— ତାହା ଏକାବେଳେକେ ଅସହନୀୟ ବୋଲି ପ୍ରତୀତ ହେବାକୁ ଆରମ୍ଭ କରେ, — ଏହା ଆମ ଭିତରେ ଏକ ବିରକ୍ତି ଓ ବିକର୍ଷଣର ଉଦ୍ରେକ କରାଇ ଆଣେ ; ସେତେବେଳେ ଆମେ କହିବାକୁ ଲାଗୁ, "ନାହିଁ, ଏହା ସେପରି ନୁହେଁ, ସେପରି ଆଦୌ ନୁହେଁ, — ଏହା ଆଦୌ ସେପରି ହୋଇପାରିବ ନାହିଁ, ଆଦୌ ସେପରି ହୋଇ ରହିପାରିବ ନାହିଁ ।" ଏବଂ, ଯେତେବେଳେ ଆମେ ଏହିପରି ଗୋଟିଏ ସ୍ଥିତିରେ ଆସି ପହଞ୍ଚୁ, ସେତେବେଳେ ଆପଣାର ସବୁକିଛି ସେଥିଲାଗି ଉତ୍ସର୍ଗ କରିଦେବା ବ୍ୟତୀତ ପ୍ରକୃତରେ ଆଉ ଅନ୍ୟ କୌଣସି ଗତି ନ ଥାଏ; ଆପଣାର ସମସ୍ତ ଉଦ୍ୟମ, ସମସ୍ତ ଶକ୍ତି, ସମସ୍ତ ଜୀବନ ଓ ସମସ୍ତ ସତ୍ତା ସେହି ସୁଯୋଗଟି ମଧ୍ୟକୁ, ଅଥବା, ଅନ୍ୟ ପାଖକୁ ଅତିକ୍ରମ କରି ଯାଇପାରିବା ଲାଗି ତଥା ଯାଇଥିବା ଏହି ଅନନ୍ୟ ସାଧାରଣ ସୁଯୋଗଟି ମଧ୍ୟକୁ ନିକ୍ଷିପ୍ତ କରିଦେବା ବ୍ୟତୀତ ଆଉ ଅନ୍ୟ ଗତି ନ ଥାଏ । ସେହି ନୂତନ ପଥରେ ଡୋଗ୍ଧ ଦେଇ ପ୍ରକୃତରେ

'oaob.nitrkl.ac.in' images reprocessed

କେବେ ଆଶ୍ଚର୍ଯ୍ୟ ଲାଗେ, — ସେହି ପଥ, ଯାହାକି ତୁମକୁ ଏକ ଅନ୍ୟ କେଉଁଠାକୁ ପରିଚାଳିତ କରି ନେଇଯିବ ! ସେହି ଲକ୍ଷ୍ୟଟିକୁ ଦେଖିପାରିବା ସକାଶେ ଆପଣାର ଅନେକ ବୋଝକୁ ପଛରେ ପକାଇଦେଇ ଓ ଅନେକ ବସ୍ତୁର କବଳରୁ ନିଷ୍କୃତି ଲାଭ କରି ଆଗକୁ ବାହାରିଯିବା,—ତାହା ପ୍ରକୃତରେ ଏକ ସାର୍ଥକ ଉଦ୍ୟମ ବୋଲି ମନେ ହୁଏ । ସମସ୍ୟାଟିକୁ ମୁଁ ଠିକ୍ ସେହିପରି ଭାବରେ ଦେଖୁଛି ।

ବସ୍ତୁତଃ, ଏହି ଦୁଃସାହସ ହେଉଛି ଏକ ସର୍ବୋତ୍କୃଷ୍ଟ ଦୁଃସାହସ; ଏବଂ ଜଣେ ବ୍ୟକ୍ତି ମଧ୍ୟରେ ଏହି ଦୁଃସାହସକୁ ଏକେଟିକିଏ ବି ପ୍ରକୃତରେ ରହିଥାଏ, ତେବେ ସେଥିଲାଗି ତା'ର ପ୍ରକୃତରେ ନିଜର ସବୁକିଛିକୁ ମଧ୍ୟ ପାଣି ଛଡ଼ାଇଦେବା ଉଚିତ । ମାତ୍ର, ଯେଉଁମାନେ ଭୟ କରୁଥାନ୍ତି, ଯେଉଁମାନେ ଶଙ୍କା ପ୍ରକାଶ କରି "ଏହାଦ୍ୱାରା ମୁଁ ଗୋଟାଏ ଗ୍ରୁଇପଛରେ ମୋର ବାସ୍ତବ ଅସ୍ତିତ୍ୱଟିକୁ ପାଣି ଛଡ଼ାଇ ଦେବାକୁ ଯାଉ ନାହିଁ କି" ବୋଲି ଭାବୁଥାନ୍ତି, କଲ୍ପନାସ୍ଥ ଯାବତୀୟ ତୁଚ୍ଛ ଲୋକ-ପ୍ରବଚନଗୁଡ଼ିକୁ ବ୍ୟବହାର କରି ଯେଉଁମାନେ ସେହିପରି ଭାବୁଥାନ୍ତି, ଯେଉଁମାନେ ମନେମନେ "ବାଃ, ଯାହା ମୋ' ପାଖରେ ନିଶ୍ଚିତ ଭାବରେ ରହିଛି, ସବୁକିଛି ହରାଇ ବସିବାର ଏକ ଆଶଙ୍କା ମଧ୍ୟରେ ଆପଣାକୁ ଫୋପାଡ଼ିଦେବା ଅପେକ୍ଷା, ସେତିକି ଦ୍ୱାରା ଲାଭବାନ ହେବାକୁ ଚେଷ୍ଟା କରିବା ନିଶ୍ଚୟ ଅଧିକ ଭଲ; କାଲି କ'ଣ ହେବ ସେକଥା କାହାକୁ ଜଣା ନାହିଁ, ତେଣୁ ସେଥିଲାଗି ଆଗରୁ ସତର୍କ ରହିବାକୁ ପଡ଼ିବ" ବୋଲି କହୁଥାନ୍ତି···ଦୁର୍ଭାଗ୍ୟର କଥା ଯେ, ଏହି ମନୋଭାବଟିହିଁ ଅଧିକତର ଓ ବିଶ୍ୱବ୍ୟାପୀ ହୋଇ ରହିଛି,—ହଁ, ଯେଉଁମାନେ ନିଜ ଭିତରେ ଏହିପରି ଏକ ମାନସିକ ଅବସ୍ଥା ମଧ୍ୟରେ ବାସ କରୁଥାନ୍ତି, ସେମାନଙ୍କ ବିଷୟରେ ମୁଁ ନିଶ୍ଚିତ ଭାବରେ ଏହିକଥା କହିପାରିବି ଯେ, ଯେତେବେଳେ ସେମାନଙ୍କର ଆଖି ଆଗରେ ମଧ୍ୟ ଏହି ଘଟନାଟି ଘଟୁଥିବ, ସେମାନେ ତଥାପି ତାହାକୁ ଦେଖି ପାରୁ ନ ଥିବେ । ସେମାନେ ସେତେବେଳେ ମଧ୍ୟ "ହଁ, ଏହା ଏକ ଭଲ କଥା, ଏହି ବାଟରେ ଗଲେ ମୋତେ ଆଦୌ କୌଣସି କ୍ଷତି ସହିବାକୁ ପଡ଼ିବ ନାହିଁ" ବୋଲି କହୁଥିବେ । ଏକଥା ପ୍ରକୃତରେ ସମ୍ଭବ । ସେମାନେ ହୁଏତ ପରେ ବୁଝିବେ; ମାତ୍ର ସେକଥା କିଏ କହିପାରିବ ?

ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ନିଷ୍ଠାପର ହେବା କହିଲେ ମୁଁ ପ୍ରକୃତରେ ଏହିପରି ବୁଝିଥାଏ : ଯଦି ଆମେ ସତକୁସତ ଭାବୁଥିବା ଯେ ଏହି ନୂତନ ଉପଲବ୍ଧିଟି ହେଉଛି କେବଳ ସେହି ଗୋଟିଏମାତ୍ର ବସ୍ତୁ, ଯାହାକୁ ବଞ୍ଚିଲେ ଆମେ ଯଥାର୍ଥରେ ବଞ୍ଚିଲୁ ବୋଲି ଭବାଯିବ; ଯଦି, ବର୍ତ୍ତମାନ ଯାହାକିଛି ରହିଛି, ତାହା ପ୍ରକୃତରେ ଅସହ୍ୟ ବୋଧ ହେଉଥାଏ—କେବଳ ନିଜ ପାଇଁ ନୁହେଁ, ସମ୍ଭବତଃ ନିଜ ପାଇଁ ଆଦୌ ଏତେ ଅଧିକ ପରିମାଣରେ ନୁହେଁ,—ମାତ୍ର ତଥାପି,

'oaob.nitrkl.ac.in' images reprocessed

ଯଦି ଆମେ ପ୍ରକୃତରେ ଆଦୌ ଏତେ ଅନ୍ତରକ୍ତ ଭାବରେ ସ୍ୱାର୍ଥପର ଏବଂ ନୀଚ ହୋଇ ନ ଥାଉ, ତେବେ ଆମେ ସତକୁ ସତ ନିଶ୍ଚୟ ଅନୁଭବ କରିବା ଯେ, ଏହା ଦୀର୍ଘ ଅନେକ କାଳ ରହିଲାଣି, ଆମେ ତାହାକୁ ଯଥେଷ୍ଟ ପରିମାଣରେ ଅଙ୍ଗେ ନିଭାଇ ସାରିଲୁଣି, ଏବଂ ଏଥରକ ଏହାକୁ ଅବଶ୍ୟ ବଦଳି ଯିବାକୁ ପଡ଼ିବ—ହଁ, ଯେତେବେଳେ ଆମେ ଏହିପରି ଅନୁଭବ କରିବା, ସେତେବେଳେ ଆମେ ସବୁକିଛି, — ଆମେ ଯାହାକିଛି ହୋଇ ରହିଛୁ, ଆମେ ଯାହାକିଛି କରିପାରିବା, ଆମ ପାଖରେ ଯାହାକିଛି ରହିଛି, — ସେହି ସବୁକିଛିକୁ ହାତରେ ଆଣି ଧରିବା ଏବଂ ଆପଣାକୁ ସେଇଟି ଭିତରକୁ ସମ୍ପୂର୍ଣ୍ଣ ଭାବରେ ନିକ୍ଷିପ୍ତ କରିଦେବା; — ଅରେ ହେଲେ ପଛକୁ ଅନାଇବା ନାହିଁ, — ଏହାର ପରିଣାମ କ'ଣ ହେବ ବା ନ ହେବ, ସେହି ବିଷୟରେ ଏତେ ଟିକିଏ ମଧ୍ୟ ଚିନ୍ତା କରିବା ନାହିଁ। ମୁଁ ପ୍ରକୃତରେ ଅନୁଭବ କରୁଛି ଯେ, କୂଳରେ ଛିଡ଼ାହୋଇ ଥିବା ଏବଂ, "ଅନ୍ଧଭାବରେ ଏପରି ଏକ ପଦକ୍ଷେପ ଗ୍ରହଣ କଲେ କାଲିକୁ ମୋର କି ଦଶା ହେବ" ବୋଲି ଭାବୁଥିବା ଅପେକ୍ଷା ଗୋଟିଏ ଗ୍ରାମଗର୍ତ୍ତ ମଧ୍ୟକୁ ସାହସ କରି ଡେଇଁ ପଡ଼ିବାକୁ ନିଶ୍ଚୟ ଅଧିକ ବିବେକର କାର୍ଯ୍ୟ ବୋଲି କୁହାଯାଇ ପାରିବ। ବୁଝିଲ ?

ସାଧାରଣ ଭାଷାରେ ଯାହାକୁ ଫାନ୍ଦ କରି ଡେଇଁ ପଡ଼ିବା ବୋଲି କହନ୍ତି, କିଛିଟା ପରିମାଣରେ ସେହିପରି କରିପାରିବା ଅଧିକ ଶ୍ରେୟସ୍କର ; ପରିଣାମ ଯାହା ହେଉ ପଛକେ। ତାହା ମୋର ମତ।

ଯଦି ଆଉକିଛି କହିବାର ଥାଏ, ତେବେ କୁହ। (ଜଣେ ପିଲାକୁ) ତୁମେ କହିଲ, ତୁମେ ସେହି ସନ୍ତୁଷ୍ଟମାନଙ୍କ ମଧ୍ୟରେ ଜଣେ ନା ଯେଉଁମାନେ ଏହା ବଦଳୁ ବୋଲି ଇଚ୍ଛା କରୁଛନ୍ତି, ସେମାନଙ୍କ ମଧ୍ୟରେ ? ଏପରି ଅବିବେକୀ ପ୍ରଶ୍ନମାନ ପଚାରିବା ମୋ' ପକ୍ଷରେ ଆଦୌ ଉଚିତ ନୁହେଁ

(ମାଆ ନୀରବ ରହିଲେ)

ମାଆ, ଆପଣ ଏହିକ୍ଷଣି ଯାହା କହିଲେ, ତାହାର ଅର୍ଥ ହେଉଛି ଯେ, ଚେତନାର ରୂପାନ୍ତର ଓ ଜୀବନର ରୂପାନ୍ତର, ଦୁଇଟିଯାକ ଏକାବେଳେକେ ସଂଘଟିତ ହୋଇଥାଏ। ନୁହେଁ ?

କାରଣ, ପାଠ୍ୟାଂଶଟିରେ କୁହାଯାଇଛି ଯେ, ଆଗ ଚେତନାର ରୂପାନ୍ତର ସାଧନ କରିବାକୁ ହେବ, ଏବଂ ତା'ପରେ ଜୀବନର···

'oaob.nitrkl.ac.in' images reprocessed

ପ୍ରକୃତ କଥା କହିବାକୁ ଗଲେ, ବର୍ତ୍ତମାନ ଜୀବନଠାରୁ ଆଦୌ ଖଦ୍‌ବେଶୀ ଦାବି କରାଯାଉ ନାହିଁ : କେବଳ ନିତାନ୍ତ ଅଳ୍ପ ଦାବି କରାଯାଉଛି—ଯାହାକୁ ମୁଁ ସାନ ସାନ କଥା ବୋଲି କହିବି । ଏହା ଅତ୍ୟନ୍ତ ସ୍ପଷ୍ଟ କଥା, ହଁ—ସତ ଦେଖିଲେ, ଯଦି ସଂପୂର୍ଣ୍ଣ ଭାବରେ ଏକ ଇତରପ୍ରାଣୀର ଜୀବନ ନ ବଞ୍ଚିବାକୁ ତୁମକୁ କୁହାଯାଆନ୍ତା…ନାଇଁ, ସଂପୂର୍ଣ୍ଣ ଭାବରେ ଆଦୌ ନୁହେଁ, କାରଣ, ଆଂଶିକ ଭାବରେ ମଧ୍ୟ ସେହି ଜୀବନ ନ ବଞ୍ଚିବା ବର୍ତ୍ତମାନ ମୁହୂର୍ତ୍ତରେ ବଡ଼ କଷ୍ଟକର…ହଁ, ସଂପୂର୍ଣ୍ଣ ଭାବରେ ଏକ ଇତରପ୍ରାଣୀ ପରି ଜୀବନ ନ ବଞ୍ଚିବା, ତାହାକୁ ଜୀବନକ୍ଷେତ୍ରରେ ଘଟୁଥିବା ଏକ ପରିବର୍ତ୍ତନ ବୋଲି କୁହାଯିବ । ମାତ୍ର ଏହା ସେତିକିରୁ ଆଉ ଅଧିକ ହୋଇପାରିବ ନାହିଁ । ତୁମମାନଙ୍କୁ ଅତ୍ତାଧ୍ୟ ଚିନ୍ମୟ ସତ୍ତାମାନଙ୍କର ଜୀବନ ବଞ୍ଚିବାକୁ ଆଦୌ କୁହାଯାଉ ନାହିଁ । ବର୍ତ୍ତମାନ ପାଇଁ ଆମେ ମନ୍ଥର ଭାବରେ ଗତି କରୁଛୁ, ତଥାପି ହରଗ୍ରେଭର ଭାବରେ ଆଗକୁ ଯାଉଛୁ ।

ମାତ୍ର, ଏହି ପଶୁତ୍ୱ…

ନାଇଁ ନାଇଁ, ସେକଥା ନୁହେଁ ! ତୁମ କହିବାର କ'ଣ ଅର୍ଥ ହେଉଛି ଯେ, ଏହି ନୂତନ ଚେତନା ମଧ୍ୟକୁ ମନୁଷ୍ୟ ତା'ର ପଶୁତ୍ୱକୁ ସାଙ୍ଗରେ ନେଇ ପ୍ରବେଶ କରି ପାରିବ ବୋଲି ଏହି କ୍ଷେତ୍ରରେ ଚିନ୍ତା କରାଯାଉଛି ?

ନାହିଁ, ମାତ୍ର ତାହା ପ୍ରସ୍ତୁତ ହୋଇ ନ ଥିବା ପର୍ଯ୍ୟନ୍ତ…

ମାତ୍ର କୌଣସି କଥା ସେପରି ଆକାର ଅନୁସାରେ ସେତିକି ମାପ, ସେହି ମୁତାବକ କଟାହୋଇ ଘଟେ ନାହିଁ । ଏହି ପଶୁତ୍ୱକୁ ସଂପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇ ଯିବାକୁ ହେଲେ, ଆକାରଟିରେ ମଧ୍ୟ ସଂପୂର୍ଣ୍ଣ ରୂପାନ୍ତର ଘଟିବାକୁ ପଡ଼ିବ । ଉଦାହରଣସ୍ୱରୂପ, ମନୁଷ୍ୟର ଶରୀର ବର୍ତ୍ତମାନ ଅବସ୍ଥାରେ ଯେପରି କାର୍ଯ୍ୟ କରୁଛି, ତାହା ସେହିପରି ହୋଇ ରହିଥିବା ପର୍ଯ୍ୟନ୍ତ ଆମକୁ ଯଥେଷ୍ଟରୁ ଅଧିକ ପରିମାଣରେ ମଧ୍ୟ ପଶୁତ୍ୱରେ ଅଂଶଗ୍ରହଣ କରିବାକୁ ପଡ଼ିବ, ନୁହେଁ ? ଏବଂ, ଯେତେବେଳେ ଆମ ଭିତରେ ଗୋଟାଏ ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍‌, ଗୋଟିଏ ପାକସ୍ଥଳୀ ଓ ଆଉ ଯାବତୀୟ ବିଷୟଗୁଡ଼ିକ ଆଉ ନ ରହିବ, କେବଳ ସେତିକିବେଳେ ଯାଇ ଏହା ବସ୍ତୁତଃ ଅନ୍ତର୍ହିତ ହୋଇଯିବ । ଆମର କହିବା କଥା ହେଉଛି ଯେ ତାହା ଅନେକ ପରେ ଯାଇ ଘଟିବ ।

ବସ୍ତୁତଃ, ଯେଉଁ ଏକମାତ୍ର କଥାକୁ ଆମେ ବର୍ତ୍ତମାନ କ୍ଷଣନ୍ତେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କହିବା, ତାହା ହେଉଛି ଚେତନାର ପରିବର୍ତ୍ତନ । ଏବଂ ସେହି ପରିବର୍ତ୍ତନ ଏଡ଼େ ସହଜରେ ହୋଇଯିବ ବୋଲି ତୁମେ ମୋଟେ ଭାବ ନାହିଁ । ଯଦି

'oaob.nitrkl.ac.in' images reprocessed

ତୁମେ ନିଜକୁ ମନୋଯୋଗ ସହକାରେ ନିରୀକ୍ଷଣ କରିବ, ତେବେ ଅବଶ୍ୟ ଦେଖିବା ପାଇବ ଯେ, ତୁମେ ଏକ ମନୁଷ୍ୟଧର୍ମୀ ଯେକୌଣସି ପ୍ରାଣୀପରିହିଁ ଯାହାକିଛୁ କରୁଛ ଅନୁଭବ କରୁଛ, ଅଭିଜ୍ଞତା ଅର୍ଜନ କରୁଛ ଏବଂ ରଚନା କରୁଛ; ଅର୍ଥାତ୍, ଏପ ଏକ ଅବବୌଦ୍ଧିକ ସ୍ତର ପରି ଏସବୁ କରୁଛ, ଯିଏକି ସ୍ୱଭାବଗତ ଭାବ ଅବଚେତନ ହୋଇ ରହିଛ, ପ୍ରାୟ ଦିନମାନ ସେହିପରି ହୋଇ ରହିଛ । ଏହା ଅବଶ୍ୟ ସମ୍ଭବ ଯେ କେତେକ ବିଶେଷ ମୁହୂର୍ତ୍ତରେ ତୁମେ ସେହି ସ୍ଥିତିରୁ ଖ ବାହାରକୁ ଚାଲିଯାଇ ପାରୁଛ ମାତ୍ର ସେହି ଚାଲିଯାଇ ପାରିବା ଲାଗି ମଧ୍ୟ ଏ ପ୍ରୟାସ ଆବଶ୍ୟକ ହେଉଛି । ବେଳେ ବେଳେ ତାହା ହୁଏତ ସ୍ୱତଃସ୍ଫୂର୍ତ୍ତ ଭାବରେ କରୁଣାପ୍ରାପ୍ତ ହୋଇଥିବା ପରି, ଘଟିପାରେ; ମାତ୍ର ଅଧିକାଂଶ ସମୟରେ, ଇଚ୍ଛ ଭାବରେ ଏତିକ ହୋଇ ରହି ନ ଥିବା କୌଣସି ଅନ୍ୟ ବସ୍ତୁକୁ ଧରି ପାରିବାକୁ ହେଲେ ତୁମକୁ ସେହି ଅନୁସାରେ ଏକ ପ୍ରୟାସ କରିବାକୁ ପଡ଼ୁଛି । ତୁମ ଦିନମାନ ଯେକୌଣସି ସମୟରେ, ଯଦି ମାତ୍ର ଗୋଟିଏ ପାଦ ପଛକୁ ଫେରିଯାଇ ତୁମେ ନି ଉପରେ ଦୃଷ୍ଟିପାତ କର, ତେବେ ନିଜକୁ ନିଶ୍ଚୟ ଧରିପାରିବ ଏବଂ ସେହି କଥାଟି ଦେଖି ପାରିବ । କେତେବେଳେ ଏପରି ହୁଏ ଯେ···ହଠାତ୍, ଯଦି ମୁଁ ତୁମମାନଙ୍କୁ ହଠାତ୍ "ନିଜ ଆଡ଼କୁ ଅନାଇ ଦେଖ !" ବୋଲି କହେ, ଯଦି ଆଗରୁ ତୁମକୁ କୌଣସି ପ୍ରକାରେ ସେହି ବିଷୟରେ ସାବଧାନ କରି ଦେଇ ନ ଥାଏ, ତେବେ ନିଜର ଚେତନା କ୍ଷେତ୍ରରେ ତୁମେ କ'ଣ ଦେଖିବାକୁ ପାଇବ ? ସେଇଟିକୁ ଧରି ପାରିଲେ ଅବଶ୍ୟ ଦେଖିବାକୁ ପାଇବ; ଶହେରୁ ଅନ୍ତତଃ ଅନେଶତ କ୍ଷେତ୍ରରେ ଦେଖିବାକୁ ପାଇବ ଯେ, ସେଠାରେ ପ୍ରକୃତରେ ପଶୁଟିଏହିଁ ବାସ କରୁଛି; କିମ୍ବା ଉନ୍ନତ ସ୍ତରର ଗୋଟିଏ ପଶୁ—ଏକାବେଳେକେ କୁକୁର ନୁହେଁ କି ଏକା-ବେଳେକେ ମାଙ୍କଡ଼ ନୁହେଁ; ତଥାପି ସେମାନଙ୍କଠାରୁ ଯେ ଖୁବ୍ ବେଶୀ ଭିନ୍ନ, ସେକଥା ମଧ୍ୟ ନୁହେଁ ।

ଏପରି ଅନେକ କଥା ରହିଛି, ଯେଉଁଗୁଡ଼ିକୁ କି ମନୁଷ୍ୟମାନେ ଗୋଟିଏ ଗୋଟିଏ ଚମତ୍କାର ଗୁଣରେ ରୂପାନ୍ତରିତ କରି ଦେଇଛନ୍ତି । ସେହି ଗୁଣଗୁଡ଼ିକୁ ମୁଁ ଇତରପ୍ରାଣୀମାନଙ୍କ ଭିତରେ ସ୍ୱତଃସ୍ଫୂର୍ତ୍ତ ହୋଇ ରହିଥିବାର ଲକ୍ଷ୍ୟ କରିଛି— ସେମାନଙ୍କର ଅନ୍ତତଃ ଗୋଟିଏ ସୁବିଧା ରହିଛି ଯେ ସେମାନେ ସେହିସବୁ ଗୁଣ ଲାଗି କୌଣସି ଗର୍ବ ଦେଖାନ୍ତି ନାହାନ୍ତି କିଂବା ଦାମ୍ଭିକତା ପ୍ରକାଶ କରନ୍ତି ନାହାନ୍ତି । ସେମାନେ ଅନେକ କଥାକୁ ସ୍ୱତଃସ୍ଫୂର୍ତ୍ତ ଭାବରେ କରୁଥିଲେ; ସେଗୁଡ଼ିକ ଯେ ଅତ୍ୟନ୍ତ ଚମତ୍କାର ଥିଲା, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । କି ଅଦ୍ଭୁତ ଅନୁରକ୍ତି, ଅଦ୍ଭୁତ ଆତ୍ମତ୍ୟାଗ, ଦୂରଦୃଷ୍ଟି ଏବଂ ଶିକ୍ଷା କରିବାର ଆଗ୍ରହ । ସେମାନେ ସେଗୁଡ଼ିକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ କରୁଥିଲେ; ସେଗୁଡ଼ିକ ସମ୍ବନ୍ଧରେ କୌଣସି

'oaob.nitrkl.ac.in' images reprocessed

ବହି ଲେଖି ନ ଥିଲେ ବା ସେଗୁଡ଼ାକ ପ୍ରକୃତରେ କେତେ ଚମତ୍କାର ବୋଲି କହି କୌଣସି ବାହାଦୂରି କରୁ ନ ଥିଲେ । ତେଣୁ, ଇତରପ୍ରାଣୀର ସ୍ତରରୁ ବାହାରି ଆସିବାକୁ ହେଲେ ଅନେକ କିଛିର ପ୍ରୟୋଜନ ରହିଛି; ଆମେ ସାଧାରଣତଃ ଯେତିକ ଭାବୁ, ତା'ଠାରୁ ଅନେକ ଅଧିକର ପ୍ରୟୋଜନ ରହିଛି ।

ମାଆ, ଆପଣ ବର୍ତ୍ତମାନ କହୁଥିଲେ ଯେ ଏହା ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ···

କ'ଣ ହେଲା ? ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ? ସେହି ଘଟଣାଟି ?

ହଁ, ତା' ନ ହେଲେ ଆମେ ତାହା ସମ୍ବନ୍ଧରେ ଆଦୌ କିଛି ହେଲେ କହି ପାରନ୍ତୁ ନାହିଁ । ଯଦି ଏହା କେତେ ହଜାର ବର୍ଷ ମଧ୍ୟରେ ଘଟିବାର ଥାଏ, ତେବେ ଅତ୍ୟନ୍ତ ସ୍ପଷ୍ଟ କଥା ଯେ ଆମେ ଏହାକୁ କେବଳ ସୁଦୂରସ୍ଥିତ ସ୍ୱପ୍ନ ବୋଲି ଭାବିବା ଓ ତାହାକୁ ନେଇ କୌଣସି ପ୍ରକାରେ ସମ୍ପୃକ୍ତ ରହିବା ଲାଗି ଆଉ କୌଣସି ପ୍ରୟୋଜନ ରହିବ ନାହିଁ ।

ତେବେ, ଏହାର ଅର୍ଥ ହେଉଛି ଯେ, ଅନ୍ତତଃ ଅଳ୍ପସଂଖ୍ୟକ ବେଶ୍ କେତେଜଣ ବ୍ୟକ୍ତି ବଦଳି ପାରିଛନ୍ତି ?

ସେକଥା ! —ହଁ, ତାହା ବେଶ୍ ସମ୍ଭବ ହୋଇପାରେ; ମାତ୍ର ସମ୍ଭବତଃ ଆଦୌ ଅନେକ ନୁହନ୍ତି —ଅର୍ଥାତ୍ ସମ୍ଭବତଃ ଆଦୌ ବହୁସଂଖ୍ୟକ ବ୍ୟକ୍ତି ନୁହନ୍ତି ।

ଏଭଳି ଅନେକ ସତ୍ତା ଅଛନ୍ତି, ଯେଉଁମାନେ କି ଯେକୌଣସି ମୁହୂର୍ତ୍ତରେ ମଧ୍ୟ ଆପଣା ଉପରେ ଦୃଷ୍ଟିପାତ କରି ପାରିବେ ଏବଂ କଦାପି ସେହି ପଶୁଟିକୁ ଦେଖିବାକୁ ପାଇବେ ନାହିଁ । ମାତ୍ର, ସେଭଳି ବ୍ୟକ୍ତିଙ୍କର ସଂଖ୍ୟା ଆଦୌ ଅନେକ ନୁହେଁ । ନିଜେ ଯେଉଁ କଥା ଜାଣି ନ ଥିବେ, ସେକଥା ସାଧାରଣତଃ କେହି କହିବାକୁ ଯିବେ ନାହିଁ—ଅନ୍ତତଃ, କହିବା ଆଦୌ ଉଚିତ ହେବ ନାହିଁ ।

(ଜଣେ ପିଲାକୁ) ତେବେ ତୁମର କିଛି କହିବାକୁ ଅଛି ?

ମାଆ, ଏହି ବିଶ୍ୱବ୍ରହ୍ମାଣ୍ଡର ପ୍ରକୃତ ସତ୍ତା କ'ଣ ?

(ମାଆ ଦୀର୍ଘ କାଳ ନୀରବ ରହିଲେ)

ତୁମେ ଯଦି ଇଚ୍ଛା କରିବ, ତେବେ ଏକ ବିରୋଧାଭାସୀ ପ୍ରୟୋଗର ସାହାଯ୍ୟ ନେଇ ମୁଁ କହିବି ଏହି ବିଶ୍ୱବ୍ରହ୍ମାଣ୍ଡ ବିବର୍ତ୍ତିତ ହୋଇ ଯେଉଁ ଅବସ୍ଥାରେ ଉପନୀତ ହେବ ।

'oaob.nitrkl.ac.in' images reprocessed

ମୁଁ ଏକଥା ମଧ୍ୟ କହିପାରିବି ଏହା କେଉଁଠି ଆରମ୍ଭ ହୋଇଛି ଓ କେଉଁଠାରେ ଉପନୀତ ହୋଇ ତାହା ପୂର୍ଣ୍ଣତା ଲାଭ କରିବ ।

ଏବଂ, ଶାଶ୍ୱତ କାଳରୁ ଏହା ପ୍ରକୃତରେ ଠିକ୍‌ଣ ହୋଇ ରହିଛି ।

ଏବଂ, ଏହି ସବୁକଥା ଶୁଣିସାରିବା ପରେ ତୁମେ କିଛି ନା କିଛି ଧାରଣା କରିନେଇ ପାରିବ ।

ମାଆ, ଆପଣ ପାଠ୍ୟାଂଶଟିରେ କହିଛନ୍ତି : "ଏକ ହସ୍ତକ୍ଷେପ ଦ୍ୱାରା ଆମ ଜୀବନରେ ଏକ ପ୍ରଲମ୍ବନ ଘଟିବ । ..."ତେବେ, ଆମେ ଆଗମନଟିକୁ ପ୍ରକୃତରେ ଦେଖିପାରିବା ପର୍ଯ୍ୟନ୍ତ ଆମ ଜୀବନ ପ୍ରଲମ୍ବିତ ହୋଇ ରହିଥିବ ?

ମୁଁ ସେହି ଅଂଶଟି ତୁମମାନଙ୍କ ଆଗରେ ପାଠ କରି ନାହିଁ ଏବଂ ଜାଣିଶୁଣି ସେହି ଅଂଶଟିକୁ ପାଠ କରି ନାହିଁ । ଯେତେବେଳେ କୌଣସି ବ୍ୟକ୍ତି ସାଧାରଣଙ୍କ ସକାଶେ ଏକ ନାଟକ ଲେଖିବାକୁ ଯାଏ, ସେତେବେଳେ ସିଏ ଏପରି କେତେକ କଥା କହିବାକୁ ବାଧ୍ୟ ହୁଏ, ଯାହାଦ୍ୱାରା କି ନାଟକଟି ସମସ୍ତଙ୍କ ଲାଗି ବୋଧ୍ୟ ହେବା ସମ୍ଭବ ହୁଏ ।

ମାତ୍ର ତାହା ଏକ ସତ କଥା, ନୁହେଁ କି ?

ଏହା ସତ କି ନୁହେଁ ? ହିଁ...ବାସ୍, ସେତିକି ।

ମାଆ, ପଶୁସ୍ତରରୁ ମନୁଷ୍ୟସ୍ତରକୁ ବିବର୍ତ୍ତିତ ହେବା ସମୟରେ ମନୋମୟ ମନୁଷ୍ୟର ଆବିର୍ଭାବ ମନ୍ଥର ଗତିରେ ହୋଇଥିଲା, ନୁହେଁ ?

ସେକଥା...ତଥାପି ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିଲା, ଯେତେବେଳେ କି ଏହା ମନୁଷ୍ୟରେ ପରିଣତ ହେଲା, ନୁହେଁ ? ସେକଥା ମୁଁ ତୁମମାନଙ୍କୁ କହିସାରିଛି; ବିବର୍ତ୍ତନର ଦୃଷ୍ଟିକୋଣରୁ ଏହା ସେହିପରି ଭାବରେ ହୋଇଥିବ ବୋଲି ମନେ ହେଉଛି । ମୁଁ ଏସବୁ ବିଷୟରେ ପ୍ରକୃତରେ ବ୍ୟକ୍ତିଗତରୂପେ କିଛି ଜାଣି ନାହିଁ । ଏହା କିପରି ଘଟିଥିଲା, ମୁଁ ସେକଥା କହିପାରିବି ନାହିଁ; ପ୍ରକୃତ ଯାହା ଘଟିଛି, ତାହା ବିଷୟରେ ବିଜ୍ଞାନ ଯାହା ଜାଣିଛି ବୋଲି ସାଧାରଣତଃ ଭାବିଥାଏ, ମୁଁ ଅନ୍ତତଃ ସେକଥା କହି ପାରିବି ନାହିଁ । ମୁଁ ଯେତିକି ଜାଣିଛି, କେବଳ ସେତିକି କହି ପାରିବି ।

'oaob.nitrkl.ac.in' images reprocessed

ଏପରି ଏକ ସମୟ ଆସିଲା, ଯେତେବେଳେ କି, ଯାହାକୁ ଆମେ ମନୁଷ୍ୟର ଆକାର ବୋଲି କହୁଛୁ, ତାହା ମନୁଷ୍ୟର ସାମର୍ଥ୍ୟଗୁଡ଼ିକ ସହିତ ମନୋମୟ ଚେତନାଯୁକ୍ତ ଏକ ସତ୍ତାରେ ପରିଣତ ହେବା ଲାଗି ପ୍ରସ୍ତୁତ ହୋଇଗଲା; ସମ୍ପୂର୍ଣ୍ଣ ସଚେତନ ହୋଇ ଏହାରି ମଧ୍ୟରେ ଅବତୀର୍ଣ୍ଣ ହେବାକୁ ପ୍ରସ୍ତୁତ ହେଲା । ବସ୍ତୁତଃ ଏହାକୁହିଁ ସର୍ବପ୍ରଥମ ମନୁଷ୍ୟ ବୋଲି କୁହାଯାଇ ପାରିବ । ମାତ୍ର, ଇତିହାସରେ ଠିକ୍ କେଉଁ ସମୟରେ ତାହା ଘଟିଲା, ମୁଁ ସେକଥା କହି ପାରିବି ନାହିଁ; ମାତ୍ର ତାହା ବହୁକାଳ ପୂର୍ବେ ଘଟିଥିଲା । ଅଳ୍ପଦିନ ତଳେ ମୁଁ ଏହି ବିଷୟରେ କେତୋଟି ସଂଖ୍ୟା ଦେଖିବାକୁ ପାଇଥିଲି, ସେଗୁଡ଼ିକ ମୋତେ ବେଶ୍ ଯୁକ୍ତିଯୁକ୍ତ ଓ ଠିକ୍ ଲାଗିଲା ବୋଲି ମନେ ହେଉଥିଲା—ମାତ୍ର ଅନେକ ଦିନ ତଳେ ଦେଖିଥିଲି । ଏବଂ ଦୀର୍ଘ ଅନେକ ଦିନ ସକାଶେ ତାହା···ତାହା ଏକ ସ୍ଥିର ଓ ବ୍ୟାପ୍ତିଯୁକ୍ତ ସ୍ଥିତିରେ ରହିଥିଲା; ପୂର୍ଣ୍ଣ ଜୁଆର ସମୟରେ ଯେପରି ସମୁଦ୍ର ବିସ୍ତାରଲାଭ କରି ସ୍ଥିର ହୋଇ ରହିଥାଏ, ଠିକ୍ ସେହିପରି । ଦୀର୍ଘ, ଦୀର୍ଘ, ଦୀର୍ଘ ଅନେକ ସମୟ ପର୍ଯ୍ୟନ୍ତ ଏହା ସେହିପରି ଭାବରେ ସ୍ଥିର ହୋଇ ରହିଥିଲା ଏବଂ ଦୀର୍ଘ ଅନେକ କାଳ ପରେ ଯାଇ, ଯାହାକୁ ଆମେ ମନୁଷ୍ୟର କାର୍ଯ୍ୟକଳାପ ଓ ମନୁଷ୍ୟର ସଭ୍ୟତା ବୋଲି କହୁ, ତାହାର ଆବିର୍ଭାବ ହୋଇଥିଲା ଏବଂ ଏହି ସବୁକିଛି ବିଷୟରେ, ଏପରିକି ଏକାବେଳେକେ ଆରମ୍ଭ କାଳରୁ ଆଜି ପର୍ଯ୍ୟନ୍ତ···ଆମ ପାଖରେ ସଂଖ୍ୟାମାନ ରହିଛି, ନୁହେଁ ?—ମୋଟାମୋଟି କେତେକ ସଂଖ୍ୟା ରହିଛି । (ପବିତ୍ରଙ୍କୁ ଉଦ୍ଦେଶ୍ୟ କରି) ପବିତ୍ର, ତୁମେ ସେଗୁଡ଼ିକୁ ଜାଣିଛ ?

(ପବିତ୍ର) ବର୍ତ୍ତମାନ ମୋର ମନେ ପଡ଼ୁ ନାହିଁ ।

ସଂଖ୍ୟାମାନ ରହିଛି ସତ, ମାତ୍ର ସେଗୁଡ଼ିକ ବିଭିନ୍ନ ବିଭିନ୍ନ ସଂଖ୍ୟା । ଏବଂ କେବଳ ଏହି ପର୍ଯ୍ୟାୟଟିକୁ ଇତିହାସର ପର୍ଯ୍ୟାୟ ବୋଲି କୁହାଯାଇ ପାରୁଛି— ମାତ୍ର ସାଧାରଣ ଗଣନାରେ ତାହା ମୋଟେ ସେପରି ନୁହେଁ—କିନ୍ତୁ ତଥାପି, ସେମାନେ କେତେ କ'ଣ ବିବରଣୀ ଓ ନିଦର୍ଶନସବୁ ବାହାର କରିଛନ୍ତି, ଯେଉଁଥିରୁ କି ତୁମର ଏକ ଧାରଣା ହୋଇ ପାରିବ । ଏବଂ, ମନୁଷ୍ୟର ଆକାରଟି ମଧ୍ୟରେ ମନୋମୟ ଚେତନାର ସର୍ବପ୍ରଥମ ଆବିର୍ଭାବ ହେବାର ଦୀର୍ଘକାଳ ପରେ ଏସବୁ ଘଟନା ଘଟିଥିଲା । ମନୁଷ୍ୟ ବୋଲି ଅଭିହିତ ହେବା ଲାଗି ସେହି ଆକାର ସେତେବେଳକୁ ଯଥେଷ୍ଟ ପରିମାଣରେ ମନୁଷ୍ୟ ପରି ହୋଇ ସାରିଥିଲା । ଏବଂ, ଏହି ଆକାରଟି ଗଠିତ ହୋଇ ସାରିବା ପୂର୍ବରୁ ପ୍ରକୃତି ଏହି କ୍ଷେତ୍ରରେ ହୁଏତ ଅଗଣିତ କେତେ ପ୍ରୟୋଗ କରିଥିବ, ଏବଂ ତାହା ହଜାର ହଜାର ଏବଂ ଲକ୍ଷ ଲକ୍ଷ ବର୍ଷ ଯାବତ୍ ବ୍ୟାପ୍ତ ହୋଇ ରହିଥିବ । ଏବିଷୟରେ ମୁଁ କିଛି କହି ପାରିବି ନାହିଁ ।

'oaob.nitrkl.ac.in' images reprocessed

ମାତ୍ର, ମୁଁ ଯେପରି କହୁଥିଲି, ଏପରି ଗୋଟିଏ ସମୟ ଥିଲା, ଯେତେବେଳେ କି ଏହି ମନୋମୟ ଚେତନା ଆବିର୍ଭୂତ ହେବାର ସାମର୍ଥ୍ୟ ଲାଭ କଲା ଏବଂ ଏକ ଆକାର ମଧ୍ୟରେ ବଧିତ ହୋଇ ରହିଲା। ତା'ପରେ, ଦୀର୍ଘ, ଦୀର୍ଘ କାଳ ପର୍ଯ୍ୟନ୍ତ,— ମୁଁ ଏକଥା ମଧ୍ୟ ତୁମମାନଙ୍କୁ କହୁଛି—ସେହି ଚେତନାଟିକୁ ବ୍ୟକ୍ତ କରି ପାରିବା ଲାଗି ଏହି ଆକୃତିଟି ଯେପରି ନିଜକୁ ଯଥେଷ୍ଟ ପରିମାଣରେ ଅନୁକୂଳିତ ଏବଂ ପୁନର୍ଗଠିତ କରି ଆଣିପାରିବ,—ସେଥିଲାଗି ଦୀର୍ଘ, ଦୀର୍ଘ, ଦୀର୍ଘ ସମୟ ଆବଶ୍ୟକ ହୋଇଥିଲା। ଏକଥା ଖୁବ୍ ସହଜରେ ବୁଝି ହେଉଛି। ଏବଂ, ଏହା ଆହୁରି ଅଧିକ ପରିମାଣରେ ସମ୍ଭବ (ଅଧିକ ପରିମାଣରେ ସମ୍ଭବ ନୁହେଁ, ଏହା ସୁନିଶ୍ଚିତ) ଯେ, ଏହି ପ୍ରକ୍ରିୟାଟି ଆହୁଥରେ ଠିକ୍ ସେହିପରି ଭାବରେ ଘଟିବ।

ଏପରି ଏକ ସମୟ ଆସିବ, ଯେତେବେଳେ କି ମନୁଷ୍ୟର ଚେତନା, ଏକ ଅତିମାନସ ଚେତନା ଏହି ମନୁଷ୍ୟଚେତନା ମଧ୍ୟରେ ପ୍ରବେଶ କରି ଅଭିବ୍ୟକ୍ତି ଲାଭ କରିବା ସକାଶେ ଆବଶ୍ୟକ ସ୍ଥିତିରେ ଆସି ପହଞ୍ଚିଯାଇ ପାରିବ।

ମାତ୍ର, ଏକଥା ମଧ୍ୟ ସମ୍ଭବ ଯେ, ମନୁଷ୍ୟଜାତି ସତ୍ତ୍ୱର ଏହା ଏକ ନୂତନ ଜାତିରେ ପରିଣତ ହୋଇପାରିବା ପୂର୍ବରୁ ଏଥିଲାଗି ଦୀର୍ଘ, ଦୀର୍ଘ, ଦୀର୍ଘ ଅନେକ ସମୟ ଲାଗିବ। ଏବଂ, ଈଶ୍ୱରଙ୍କର ଅଗ୍ରଗତିଶୀଳ ଭାବରେ ସେହି କାର୍ଯ୍ୟଟି ସମ୍ପନ୍ନ ହେବ। ମାତ୍ର, ମୁଁ ଯେପରି କହୁଛି, ଗୋଟିଏ କଥା ଅବଶ୍ୟ ହେବ : ଏହା ଯେତେବେଳେ ଘଟିବାର ଥିବ ଘଟିବ। ଏହି ଘଟନାଟି ଗୋଟିଏ ଭବର ଫିତା ସମ୍ପ୍ରସାରିତ ହୋଇଯିବା ପରି ଆଦୌ ଘଟେ ନାହିଁ। ଏହା ଘଟିବାର ଏକ ସମୟ ରହିଥାଏ, ଅବତରଣଟି ସଂଘଟିତ ହୁଏ, ଏକ ସଂଯୋଜନ ସଂଘଟିତ ହୁଏ ଏବଂ ଉଦ୍ଦିଷ୍ଟ ଏକାତ୍ମକତାଟି ଆତ୍ମପ୍ରକାଶ କରିଥାଏ। ଏହା ଏକ ପଲକ ମଧ୍ୟରେ ଘଟିପାରେ। ମାତ୍ର ତାହା ଘଟିବାର ଗୋଟିଏ ମୁହୂର୍ତ୍ତ ରହିଥାଏ। ପରେ ତାହା ହୁଏତ ଅତ୍ୟନ୍ତ, ଅତ୍ୟନ୍ତ ଦୀର୍ଘ ସମୟ ନେଇପାରେ; ଆମେ କଦାପି ଏକଥା ଆଶା କରି ପାରିବା ନାହିଁ ଯେ, ଆମେ ଯତ୍ରତତ୍ର ପୃଥିବୀର ଏଠି ସେଠି ଅତିମାନବମାନେ ଆବିର୍ଭୂତ ହେଉଥିବାର ଦେଖିବାକୁ ପାଇବା। ନାହିଁ, ସେପରି ମୋଟେ ହେବ ନାହିଁ। ମାତ୍ର, ମୁଁ ଯେପରି କହିଲି, ଯେଉଁମାନେ ତାହା କରିଥିବେ, ଯେଉଁମାନେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେଇ ପାରିଥିବେ, ଆପଣାର ସବୁକିଛିକୁ ପାଣି ଛଡ଼ାଇ ଦେଇଥିବେ, କେବଳ ସେହିମାନେହିଁ ତାହାର ପରିଚୟ ଲାଭ କରିବେ। ମାତ୍ର କେବଳ ସେହିମାନେହିଁ ପରିଚୟ ପାଇବେ; ଏକଥା ଯେତେବେଳେ ଘଟିବ, ସେମାନେ ତାହା ଜାଣି ପାରିବେ।

ଅନ୍ୟମାନେ ସେକଥା ଦେଖି ବି ପାରିବେ ନାହିଁ ?

'oaob.nitrkl.ac.in' images reprocessed

ଅନ୍ୟମାନେ ? ସେମାନେ ଏହି ବିଷୟରେ ସଜ୍ଞାନ ବି ହେବେ ନାହିଁ ! ସେମାନେ ନିଜନିଜର ନିର୍ବୋଧ ଜୀବନଟିକୁ ବଞ୍ଚିବାରେ ଲାଗିଥିବେ; ଯାହା ଘଟିଲା, ସେହି ବିଷୟରେ ଅନବଗତ ହୋଇ ରହିଥିବେ ।

ତଥାପି, ସେମାନେ ନିଜ ସମ୍ମୁଖରେ ସେହି ଅତିମାନବଙ୍କୁ ଦେଖିବାକୁ ତ ପାଇବେ ! (ସମସ୍ତେ ହସିଲେ)

ମାଆ ମନୁଷ୍ୟ ବିଷୟରେ ଏହି ଅତିମାନବର ଦୃଷ୍ଟିକୋଣ କପରି ହେବ ?

ପଶୁ ପ୍ରତି ମନୁଷ୍ୟର କପରି ଦୃଷ୍ଟିକୋଣ ରହିଛି ? ନାଁ, ନାଁ, ଆମେ ଆଶା କରିବା ଯେ ଅତିମାନବ ନିଶ୍ଚୟ କିଛିଟା ପରିମାଣରେ ଅଧିକ ଦୟାଶୀଳ ହେବ । (ସମସ୍ତେ ହସିଲେ)

ମାତ୍ର ତୁମେମାନେ ଏବିଷୟରେ ନିଜକୁ ଆଦୌ କୌଣସି ଭ୍ରାନ୍ତି ମଧ୍ୟରେ ରଖିବ ନାହିଁ । ଅତିମାନସ ଚେତନା ଆଗରେ ମନୁଷ୍ୟକୁ ଯଥାର୍ଥରେ ନିର୍ବୋଧ ବୋଲି କହିବାକୁ ହେବ । ହଁ, ମନୁଷ୍ୟର ସକଳ ପୂର୍ଣ୍ଣତା, ସକଳ ଉପଲବ୍ଧି ଓ ଏପରିକି ତା'ର ସକଳ କୃତି ଓ କରାମତି ସତ୍ତ୍ୱେ ସିଏ ଅତ୍ୟନ୍ତ ଭୟଙ୍କର ଭାବରେ ନିର୍ବୋଧ ପରି ପ୍ରତୀତ ହେଉଛି । ଅବଶ୍ୟ ତା' ବୋଲି ତା' ପ୍ରତି ଯେ ଖରାପ ଆଚରଣ କରାଯିବ, ସେକଥା ଆଦୌ ନୁହେଁ । ମାତ୍ର, ଅତିମାନବ କାହା ପ୍ରତି କୌଣସି ଖରାପ ଆଚରଣ କରିବ ବୋଲି ମୁଁ ମୋଟେ ଭାବୁ ନାହିଁ; ଏହାର କାରଣ ହେଉଛି, ସିଏ ଏପରି ଏକ ଚେତନାର ଅଧିକାରୀ ହୋଇ ରହିଥିବ, ଯାହାକି ପ୍ରତିସ୍ୱସତ୍ତାରୁ ଭିତରର ପଶ୍ଚାତକୁ ମଧ୍ୟ ପ୍ରବେଶ କରିପାରିବ । ସିଏ ନିଶ୍ଚୟ ଅତ୍ୟନ୍ତ ଦୟାଶୀଳ ହେବ ବୋଲି ଆମେ ଆଶା କରିବା ।

ବୁଝିଲ ? ଏଥର ସରଳ ?

ମୁଁ ଭାବୁଛି ସରଳ; ଅବଶ୍ୟ ଯଦି କାହାର କୌଣସି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କିଛି ପଚାରିବାର ଥାଏ, ତେବେ ତାହା ଅନ୍ୟ କଥା ହେବ । ପବିତ୍ର, କ'ଣ କହୁଛ ?

(ପବିତ୍ର) ଅତିମାନବ ପ୍ରତି ମନୁଷ୍ୟର ଦୃଷ୍ଟିକୋଣ କପରି ହେବ ?

ଆଚ୍ଛା ! (ସମସ୍ତେ ହସିଲେ) ଆମେ ଆଶା କରିବା ଯେ, ମନୁଷ୍ୟର ତା'ର ଦେବତାମାନଙ୍କ ପ୍ରତି ଯେଉଁ ଦୃଷ୍ଟିକୋଣ ରହିଛି, ଏହା ତା'ପରି କଦାପି ହେବ ନାହିଁ । କାରଣ, ମନୁଷ୍ୟ ଅଧିକାଂଶତଃ ନିଜ ଦେବତାମାନଙ୍କ ପ୍ରତି ମନ୍ଦ ଆଚରଣ

'oaob.nitrkl.ac.in' images reprocessed

ଦେଖାଇ ଆସିଛୁ। ନିଜର ପୟଗମ୍ବର ଓ ଠାକୁରମାନଙ୍କୁ ସିଏ କ୍ରୁଶବିଦ୍ଧ କରିଛି, ଢେଲା ପକାଇ ମାରିଛି, ଜିଅନ୍ତା ନିଆଁରେ ପକାଇ ପୋଡ଼ିଛି। ବସ୍ତୁତଃ, ଯେଉଁମାନେ ମନୁଷ୍ୟ ଲାଗି ଏକ ନୂତନ ଜୀବନର ପ୍ରଚାର କରିବାକୁ ଆସିଥିଲେ, ମନୁଷ୍ୟ ଅଧିକାଂଶତଃ ସେମାନଙ୍କ ସହିତ ବଡ଼ ମନ୍ଦ ଆଚରଣ କରିଛି। ଏଥର ସିଏ କିଛିଟା ଅଧିକ ବିବେକସମ୍ପନ୍ନ ହେବ ବୋଲି ଆମେ ଆଶା କରିବା ··· ଏଥର ସିଏ ସେମାନଙ୍କୁ ହୁଏତ କାରାଗାରରେ ବନ୍ଦୀ କରି ରଖିବ।

ମାତ୍ର ମନୁଷ୍ୟ ସେମାନଙ୍କୁ ମନ୍ଦିରମାନଙ୍କରେ ମଧ୍ୟ ଥାପନା କରି ରଖିଛି !

ନା,—ଠିକ୍ ସେହି ସନ୍ତ୍ରିଟିକୁ ଆଦୌ ନୁହେଁ : ଘଟଣାଟି ଘଟିଯିବା ପରେ ସିଏ ମୂର୍ତ୍ତିଟିଏ ତିଆରି କରିଛି ଏବଂ ତାକୁ ନେଇ ··· ଏକ ସ୍ୱକଳ୍ପିତ ବ୍ୟାପାରର ସଂରଚନା କରିଛି। ମୁଁ ଏକଥା କହିଲେ ତୁମେମାନେ କିଛି ଖରାପ ଭାବିବ ନାହିଁ ଯେ, ମନୁଷ୍ୟ ତା'ର ଦେବତାଙ୍କୁ ନିଜର ରୂପରେ ପକାଇ ତିଆରି କରିଛି ଏବଂ କ୍ଷୁଦ୍ର ସ୍ୱକଳ୍ପିତ କାରଣ ସକାଶେ ତାହାକୁ ନେଇ ମନ୍ଦିରମାନଙ୍କରେ ବସାଇ ଦେଇଛି। ମାତ୍ର ଯେଉଁମାନେ କୌଣସି ନା କୌଣସି ସମ୍ବନ୍ଧରେ ଆସିଛନ୍ତି ··· ଯେଉଁମାନେ ଦିବ୍ୟ ପରମସତ୍ୟକୁ ନିଜ ଭିତରେ ବ୍ୟକ୍ତ କରିପାରିଛନ୍ତି, ସେମାନଙ୍କୁ ମଧ୍ୟ ସର୍ବଦା ଅତ୍ୟନ୍ତ ଖରାପ ଭାବରେ ଗ୍ରହଣ କରାଯାଇଛି। ଇତିହାସରୁ ଏହାର କେତେକେତେ ପ୍ରମାଣ ମିଳିବ। ବର୍ତ୍ତମାନ ମଣିଷମାନେ ଆଉ ଢେଲା ପକାଉ ନାହାନ୍ତି, — ଅବଶ୍ୟ ଅମେରିକାର ବିଚରା ନିଗ୍ରୋମାନଙ୍କ ଉପରେ ବେଳେବେଳେ ତଥାପି ପଥରବୃଷ୍ଟି ହେଉଛି—ସେମାନେ ଆଉ କୌଣସି ବ୍ୟକ୍ତିକୁ ଜିଅନ୍ତା ନିଆଁରେ ପକାଉ ନାହାନ୍ତି, ଏବେ ସେହି ଚଳଣିଟି ଆଉ ଦେଖିବାକୁ ମିଳୁ ନାହିଁ, — ମାତ୍ର ସେମାନେ ବନ୍ଦିଶାଳାରେ ନେଇ ରଖୁଛନ୍ତି, ଏକଥା ଏବେ ମଧ୍ୟ ଘଟୁଛି। ଏବଂ, ବସ୍ତୁତଃ, (ମୁଁ ଆଗରୁ ଏକାଧିକ ବାର ସେକଥା କହିଛି) ଯେଉଁମାନେ ଏକାବେଳେକେ ମନୁଷ୍ୟ ପରି ଆଚରଣ ନ କରି କିଛିଟା ଭିନ୍ନ ହୋଇ ରହିଛନ୍ତି, ସେମାନେ ଏବେ ବେଶି ରକ୍ଷା ପାଇ ଯାଉଛନ୍ତି; କାରଣ, ପୃଥିବୀ ବର୍ତ୍ତମାନ ଏପରି ଏକ ଅଜ୍ଞାନମୟ ସ୍ଥିତି ମଧ୍ୟରେ ରହିଛି ଯେ, ଲୋକମାନେ ସେହି ବ୍ୟକ୍ତିମାନଙ୍କ-ଠାରେ ପ୍ରକୃତରେ କୌଣସି ଶକ୍ତି ରହିଛି ବୋଲି ବିଶ୍ୱାସ ମଧ୍ୟ କରୁ ନାହାନ୍ତି। ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ଶାସକମାନେ ସେମାନଙ୍କର ପ୍ରକୃତରେ କୌଣସି ଶକ୍ତି ଅଛି ବୋଲି ବିଶ୍ୱାସ କରୁଥାନ୍ତେ, ତେବେ ସେହି ବ୍ୟକ୍ତିମାନଙ୍କୁ ପ୍ରକୃତରେ ଅନେକ ଦୁର୍ଦ୍ଦଶା ଭୋଗିବାକୁ ହେଉଥାନ୍ତା···

'oaob.nitrkl.ac.in' images reprocessed

ମାତ୍ର ଆମେ ତଥାପି ଆଶା କରିବା ଯେ ··· ମୁଁ ମନୁଷ୍ୟମାନଙ୍କ ସମ୍ବନ୍ଧରେ ଯାହା କହିଲି, ବର୍ତ୍ତମାନ ଠିକ୍ ସେଇଆ କହିବି ··· ମୁଁ କହିବି ଯେ ଅତିମାନବ ନିଶ୍ଚୟ ଦୟାଶୀଳ ହେବ । ଅତିମାନବ ପକ୍ଷରୁ ମଧ୍ୟ ଆମେ ଏପରି ଆଶା କରିବା ଯେ ସିଏ ମଧ୍ୟ ନିଜକୁ ରକ୍ଷା କରି ଜାଣିଥିବ; ନିଜକୁ ରକ୍ଷା କରିବା ନିମନ୍ତେ ତା'ପାଖରେ ଅବଶ୍ୟ କିଛି ସାଧନ ରହିଥିବ; — ସେହି ସାଧନ ଖୁବ୍ ବେଶୀ ଦୃଶ୍ୟମାନ ଅବସ୍ଥାରେ ନ ଥିବ, ମାତ୍ର ତଥାପି ଆତ୍ମରକ୍ଷା ଲାଗି ଯଥେଷ୍ଟ ହୋଇଥିବ ।

କିନ୍ତୁ ମାଆ, ଯଦି ମନୁଷ୍ୟ ତାକୁ ଦେଖି ନ ପାରିବ, ତେବେ ଅତିମାନବର ନିଜକୁ ରକ୍ଷା କରିବା ସକାଶେ ଆଉ କୌଣସି ପ୍ରୟୋଜନ କାହିଁକି ରହିବ, ନୁହେଁ ?

ନା—ହୁଏତ ତାହାହିଁ ହେଉଛି ତା'ର ସର୍ବଶ୍ରେଷ୍ଠ ସାଧନ,—ତା'ର ଏହି ଅଦୃଶ୍ୟ ହୋଇ ରହିବାର ଶକ୍ତିଟି । (ମାଆ ହସିଲେ)

ଦେଖ, ତୁମେମାନେ ସବୁବେଳେ ପଚାରୁଛ : "ମାତ୍ର ସିଏ କାହିଁକି ନିଜକୁ ଅତିମାନସ ଶକ୍ତିଗୁଡ଼ିକର ପ୍ରକାଶ କରୁଥିବା ଏକ ସତ୍ତ୍ୱରେ ପରିଣତ କରି ଦେଉନାହିଁ ? ସିଏ କାହିଁକି ହଠାତ୍ ଏକ ଜ୍ୟୋତିର୍ମୟ ଶରୀର ଧାରଣ କରୁ ନାହିଁ ? ତେବେ ସିନା ଆମେ ସିଏ ଅଛି ବୋଲି ଜାଣିପାରିବା !" ମାତ୍ର—ସେପରି ହେଲେ ବିଚରାର ଯେ କି ଦଶା ହେବ, ସେକଥା ଯଦି ତୁମେମାନେ ଦେଖନ୍ତ ! ଏବଂ, ଜ୍ୟୋତିର୍ମୟ ହେବାଟାକୁ ମଧ୍ୟ ଏକ ସାମାନ୍ୟ କଥା ବୋଲି ବୁଝାଯିବ; କିନ୍ତୁ ଜ୍ୟୋତିର୍ମୟ ହେବା, ତାହା ଏକ ଅତି ସାମାନ୍ୟ କଥା !

ଆଜି ପାଇଁ ଏତିକି ଯଥେଷ୍ଟ ।

'oaob.nitrkl.ac.in' images reprocessed

# ୧୯ ଅକ୍ଟୋବର ୧୯୫୫

ମାଆ ଶ୍ରୀଅରବିନ୍ଦଙ୍କ ଲିଖିତ "ଯୋଗ-ସମନ୍ୱୟ"
ଗ୍ରନ୍ଥର "ସାଧନ-ଚତୁଷ୍ଟୟ" ଅଧ୍ୟାୟରୁ କିଛି ପାଠ କଲେ ।

ମାଆ, ଏଠାରେ ଲେଖାହୋଇଛି : "ସର୍ବଶେଷ ନିମିତ୍ତଭୂମି ହେଉଛି କାଳର; କାରଣ, ଯାବତୀୟ ବସ୍ତୁର କ୍ଷେତ୍ରରେ ସେମାନଙ୍କର କ୍ରିୟାର ଏକ ଚକ୍ର ରହିଥାଏ ଏବଂ ଦିବ୍ୟ କ୍ରିୟାଶୀଳତାର ଏକ ପର୍ଯ୍ୟାୟ ମଧ୍ୟ ରହିଥାଏ..." ଦିବ୍ୟ କ୍ରିୟାଶୀଳତାର ଏହି ପର୍ଯ୍ୟାୟ କହିଲେ କ'ଣ ବୁଝାଏ ?

ଏହା ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ଭିନ୍ନ ହୋଇଥାଏ ।

ପ୍ରତ୍ୟେକ କର୍ମ, ପ୍ରତ୍ୟେକ ଉପଲବ୍ଧି ଏବଂ ପ୍ରତ୍ୟେକ କ୍ରିୟାଶୀଳତାର କ୍ଷେତ୍ରରେ ଏକ କାଳଗତ ଅବଧି ରହିଥାଏ ଏବଂ ତାହା ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ହୁଏ । ଏଥିରେ କାଳର ଅଗଣିତ ଅବଧିମାନ ଜଡ଼ିତ ହୋଇ ରହିଥାନ୍ତି; ମାତ୍ର ପ୍ରତ୍ୟେକ ବସ୍ତୁ ଏକ ପ୍ରକାରର ଗୋଟିଏ ଛନ୍ଦ ଦ୍ୱାରା ନିୟନ୍ତ୍ରିତ ହୁଏ, ଯାହାକୁ କି ସେହି ବସ୍ତୁଟିର ଏକ ସ୍ୱକୀୟ ଛନ୍ଦ ବୋଲି କୁହାଯାଇ ପାରିବ ।

ଆପଣାର ବାହ୍ୟ ଜୀବନର ସୁବିଧା ସକାଶେ ମନୁଷ୍ୟମାନେ ଅଳ୍ପବହୁତ ଯାନ୍ତ୍ରିକ ଭାବରେ ସମୟ ବା କାଳକୁ ବର୍ଷ, ମାସ, ସପ୍ତାହ, ଦିନ, ଘଣ୍ଟା, ମିନିଟ୍ ଓ ସେକେଣ୍ଡ୍ ପ୍ରଭୃତିରେ ବିଭକ୍ତ କରି ରଖିଛନ୍ତି । ଏହି ଛନ୍ଦଟିକୁ ଅଳ୍ପବହୁତ ପରିମାଣରେ ଯାନ୍ତ୍ରିକ ଭାବରେ ନିର୍ଦ୍ଧାରିତ କରାଯାଇଛି, କାରଣ ଏହାକୁ ମନୁଷ୍ୟ ସୃଷ୍ଟି କରିଛି, ମାତ୍ର, ତାହାର ନିଜର ମଧ୍ୟ ଏକ ନିର୍ଦ୍ଦିଷ୍ଟ ସତ୍ୟତା ରହିଛି, କାରଣ ତାହା ଯଥାସମ୍ଭବ ବିଶ୍ୱଗତ ଗତିସ୍ପନ୍ଦନଗୁଡ଼ିକର ଅନୁରୂପ ହୋଇ ରହିଛି...ଏବଂ, ସେହି କାରଣରୁ ହିଁ, ପ୍ରସଙ୍ଗତଃ, ଆମେ, ଉଦାହରଣ ସ୍ୱରୂପ, ଜନ୍ମଦିନର ପାଳନ କରିଥାଉ; ପ୍ରତ୍ୟେକ ବ୍ୟକ୍ତିର ଅସ୍ତିତ୍ୱରେ ଏକ ନିର୍ଦ୍ଦିଷ୍ଟ ଛନ୍ଦ ରହିଥାଏ, ଏବଂ ସେହି ଛନ୍ଦଟି, ସିଏ ଯେଉଁ ପରିସ୍ଥିତିରେ ଜନ୍ମଗ୍ରହଣ କରିଥିଲା, ସେହି ପରିସ୍ଥିତିଗୁଡ଼ିକର ନିର୍ଦ୍ଧାରିତ ପ୍ରତ୍ୟାବର୍ତ୍ତନ ଅନୁସାରେ, ପ୍ରତିଷ୍ଠା ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଏବଂ ଯାବତୀୟ ଘଟଣାବଳୀ — ସେଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ସେଗୁଡ଼ିକ ମଧ୍ୟରେ ଏକ ଛନ୍ଦ ରହିଛି ବୋଲି ଜଣା ଯାଇଥାଏ—ଉଦାହରଣ ସ୍ୱରୂପ, ଅନ୍ତର୍ଗତ ଚେତନାର ଘଟଣାବଳୀଗୁଡ଼ିକ, କେବଳ ସେଗୁଡ଼ିକୁ ବୁଝିବା ଦୃଷ୍ଟିରୁ ନୁହେଁ, ମାତ୍ର ବ୍ୟକ୍ତିଗତ ପ୍ରତିକ୍ରିୟାଗୁଡ଼ିକର ଦୃଷ୍ଟିରୁ,—ଆମ ଅନ୍ତଃଗତ କ୍ଷେତ୍ରରେ ଘଟୁଥିବା ନାନା ଉତ୍ଥାନ ଏବଂ ପତନ ବିଷୟରେ ଆମର ଚେତନା—ଏଗୁଡ଼ିକ ପ୍ରାୟ ଏକ ନିୟମିତ ପର୍ଯ୍ୟାୟର ଅନୁସରଣ କରି ଆସନ୍ତି—କେତେବେଳେ ଅଗ୍ରଗତିର ପର୍ଯ୍ୟାୟ ଥାଏ ତ କେତେବେଳେ ପଶ୍ଚାଦ୍‌ଗତିର, କେତେବେଳେ ବାଧାମାନେ ରହିଥାନ୍ତି ତ ଆଉ କେତେବେଳେ ସ୍ୱାଭାବିକତାର ଏକ ପର୍ଯ୍ୟାୟ ରହିଥାଏ। ମାତ୍ର, ଯଦି ପ୍ରତ୍ୟେକ ବ୍ୟକ୍ତି ଯଥାର୍ଥରେ ମନୋଯୋଗୀହୋଇ ରହିପାରେ, ତେବେ ସିଏ ଅବଶ୍ୟ ହୃଦୟଙ୍ଗମ କରିପାରିବ ଯେ, ତା'ର ନିଜ ଛନ୍ଦଟି ହେଉଛି ସମ୍ପୂର୍ଣ୍ଣ ଭାବରେ ତାହାର ଜୀବନର ଏକ ଛନ୍ଦ; ତାଂ ପ୍ରତିବେଶୀର ଛନ୍ଦର ସହିତ ଏହାର ଆଦୌ କୌଣସି ସାଦୃଶ୍ୟ ନାହିଁ। ମାତ୍ର, ଯେମିତି ଋତୁମାନେ ଏକ ନିର୍ଦ୍ଦିଷ୍ଟ ଛନ୍ଦର ଅନୁସରଣ କରୁଥାନ୍ତି,—ତାହା ମୋଟାମୋଟି ବେଶ୍ ନିୟମିତ ହୋଇ ରହିଥାଏ,—ସେହିପରି ଭାବରେ ବ୍ୟକ୍ତିର ଜୀବନରେ ମଧ୍ୟ ଏକ ଋତୁଚକ୍ର ରହିଥାଏ। ଏବଂ ମନୋଯୋଗ ସହିତ ଆପଣାକୁ ଅଧ୍ୟୟନ କଲେ ଜାଣିହୁଏ ଯେ, ଏହି କ୍ଷେତ୍ରରେ ନିୟମିତ ମଧ୍ୟାନ୍ତର ଆଉ ସଦୃଶ ପରିସ୍ଥିତିଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପୁନରାବୃତ୍ତି ମଧ୍ୟ ହେବାରେ ଲାଗିଥାଏ। ଏପରିକି, ଅତ୍ୟନ୍ତ ପରିମାଣରେ ସମ୍ବେଦନଶୀଳ ବ୍ୟକ୍ତି ଏବିଷୟରେ ବେଶ୍ ସଜ୍ଞାନ ହୋଇ ପାରନ୍ତି ଯେ, ସପ୍ତାହରେ ଏପରି କେତୋଟି ନିର୍ଦ୍ଦିଷ୍ଟ ଦିନ ରହିଛି ଏବଂ ଦିନଟି ଭିତରେ ମଧ୍ୟ ଏପରି କେତୋଟି ନିର୍ଦ୍ଦିଷ୍ଟ ଘଣ୍ଟା ରହିଛି, ଯେତେବେଳେ କି ସେମାନେ ଅପେକ୍ଷାକୃତ ଅଧିକ ସହଜରେ ବିଭିନ୍ନ କାର୍ଯ୍ୟଗୁଡ଼ିକୁ କରିପାରିବେ। କେତେକ ବ୍ୟକ୍ତିଙ୍କର ବିଶେଷ ଦିନ ଓ ବିଶେଷ ମୁହୂର୍ତ୍ତଗୁଡ଼ିକରେ ବିଶେଷ ଅସୁବିଧାମାନ ରହିଥାଏ; ଅନ୍ୟ ପକ୍ଷରେ, ଆଉ କେତେକ ବ୍ୟକ୍ତିମାନେ ବିଶେଷ କେତେକ ମୁହୂର୍ତ୍ତରେ ଅପେକ୍ଷାକୃତ ଅଧିକ ଶୁଭ ପ୍ରେରଣାମାନ ଲାଭ କରନ୍ତି — ମାତ୍ର, ଏହିସବୁ କଥାକୁ ଗଭୀର ଅବଲୋକନ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୟଂ ଜାଣିବାକୁ ହୋଇଥାଏ। ଏହା ଯେ ଏକ ଅମୋଘ ସତ୍ୟ ନୁହେଁ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ,— ଏହା ସମ୍ପୂର୍ଣ୍ଣ ସୁନିଶ୍ଚିତ ଭାବରେ କଦାପି ଘଟେ ନାହିଁ ଏବଂ, ଯଦି ଦୁର୍ଭାଗ୍ୟ ବାଧାର ସମ୍ମୁଖୀନ ହେବାକୁ ପଡ଼ୁଥାଏ, ତେବେ ଖୁବ ସହଜରେ ଦୃଢ଼ ସଂକଳ୍ପର କେବଳ ଏକ କଠିନ ପ୍ରୟାସ ଦ୍ୱାରା ତାହାକୁ ଅପସାରିତ କରି ଦିଆଯାଇ ପାରିବ। ମାତ୍ର, ଯଦି ତାହା ସହାୟକ ହେଉଥାଏ, ତେବେ ତାହାକୁ ଅବଶ୍ୟ କାର୍ଯ୍ୟରେ ଲଗାଇ ଦେବ।

'oaob.nitrkl.ac.in' images reprocessed

ଏବଂ, ପ୍ରତ୍ୟେକ ବସ୍ତୁର ଆପଣାର ନିଜସ୍ୱ ଏକ ଛନ୍ଦ ରହିଥିବାର ଏହି ଯାବତୀୟ ଜିନିଷ, — ଏହାଦ୍ୱାରା ଜୀବନର କ୍ଷେତ୍ରଟି ବହୁସଂଖ୍ୟକ ଛନ୍ଦର ନାନା ଛେଦ ଓ ପ୍ରତିଚ୍ଛେଦ ଦ୍ୱାରା ଅତ୍ୟନ୍ତ ପରିମାଣରେ ଜଟିଳ ହୋଇ ରହିଥାଏ ଏବଂ ତାହାର ଫଳରେ ଆମେ ପ୍ରତ୍ୟକ୍ଷ କରୁଥିବା ଘଟଣାମାତ୍ର ଘଟେ । ସେହି ଘଟନା ଭିତରେ ସେପରି ଆଦୌ କୌଣସି ଛନ୍ଦ ଥିବାପରି ଦେଖାଯାଏ ନାହିଁ, —କାରଣ ତାହା ଅତ୍ୟନ୍ତ ଜଟିଳ ଓ ସମ୍ମିଶ୍ରିତ ହୋଇ ରହିଥାଏ ।

ମାଆ, ଆମେ ଏହାକୁ କପରି କାମରେ ଲଗାଇ ପାରିବା ?

ଯଦି ··· ଏପରି ବୁଝାଯାଇ ପାରିବ ··· ଆମେ ଏଠାରେ ଯୋଗର ଆଲୋଚନା କରୁଛୁ ··· ଯଦି ତୁମେ ନିଜ ଭିତରେ ଅବସ୍ଥାଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପୁନରାବୃତ୍ତି ହେଉଥିବାର ଲକ୍ଷ୍ୟ କରିବ, ଉଦାହରଣସ୍ୱରୂପ, ଯଦି ତୁମେ ଦେଖିବାକୁ ପାଇବ ଯେ, ଏକ ନିର୍ଦ୍ଦିଷ୍ଟ ବେଳରେ, ଦିନଟିର ଏକ ନିର୍ଦ୍ଦିଷ୍ଟ ସମୟରେ, ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆପଣାକୁ ସଂକେନ୍ଦ୍ରିତ କରି ରଖିବା ବା ଧ୍ୟାନ କରିବା ତୁମ ଲାଗି ଅପେକ୍ଷାକୃତ ଅଧିକ ସହଜ ବୋଧ ହେଉଛି, ତେବେ ଏହି କାର୍ଯ୍ୟଟିକୁ ସେହି ସମୟରେ କରି ତୁମେ ସେହି ଛନ୍ଦଟିକୁ ଅବଶ୍ୟ କାମରେ ଲଗାଇ ପାରିବ ।

ଏକଥା ସ୍ପଷ୍ଟ ଯେ ତୁମେ ତାହାର କଦାପି ଦାସ ହୋଇ ରହିବ ନାହିଁ; ଆମେ ତାହାକୁ କାମରେ ଲଗାଇ ପାରିବା, ମାତ୍ର ତାହା ଏପରି ଏକ ଅବଶ୍ୟମ୍ଭାବିତାରେ ଆଦୌ ପରିଣତ ହୋଇଯିବ ନାହିଁ ଯେ, ଯଦି ସେହି ସମୟଟି ଅତିକ୍ରାନ୍ତ ହୋଇଗଲା, ତେବେ ଆମେ ଆଉ ମୋଟେ ଧ୍ୟାନ କରି ପାରିବା ନାହିଁ । ମାତ୍ର, ଯଦି ଏହା ଏକ ଉତ୍ତମ ସହାୟକ ପରି କାର୍ଯ୍ୟ କରିବ, ତେବେ ଆମେ ତାକୁ କାର୍ଯ୍ୟରେ ଲଗାଇବା ; ଏହା ହେଉଛି ସମଗ୍ରତଃ ଏକ ପର୍ଯ୍ୟବେକ୍ଷଣର ବିଷୟ ।

ଆପଣାକୁ ଅଧ୍ୟୟନ କଲେ ତୁମେ ଏକଥା ଅବଶ୍ୟ ଜାଣି ପାରିବ ଯେ, କେବଳ ବ୍ୟକ୍ତିଗତ ଅବସ୍ଥା ହେତୁ ନୁହେଁ, ମାତ୍ର ଅପେକ୍ଷାକୃତ ଅଧିକ ସାଧାରଣ ନାନା ଅବସ୍ଥା ହେତୁ ନିର୍ଦ୍ଦିଷ୍ଟ ପର୍ଯ୍ୟାୟଗୁଡ଼ିକ ଆସି ଉପସ୍ଥିତ ହୋଇଥା'ନ୍ତି — ସାଧାରଣତଃ ପ୍ରକୃତିର ନାନା ଅବସ୍ଥା ହେତୁ ଉପସ୍ଥିତ ହୋଇଥାନ୍ତି ଏପରି କେତେକ ସମୟ ଥାଏ, ଯେତେବେଳେ କି ସାଧନାରେ ଅଧିକ ବାଧାମାନ ଆସେ ; ଅନ୍ୟ ପକ୍ଷରେ ଏପରି କେତେକ ସମୟ ବି ରହିଥାଏ, ଯେତେବେଳେ କି ତୁମେ ନିଜ ଭିତରେ ଜ୍ଞାନ ତଥା ଚେତନାର ଅଭିବୃଦ୍ଧି ଲାଗି ଏକ ବୃହତ୍ତର ଉତ୍ସାହ ଅନୁଭବ କରୁଥାଅ । ତୁମକୁ ତାହା ଏହି ଅର୍ଥରେ ସାହାଯ୍ୟ କରେ ଯେ, ଯେଉଁ କୌଣସି ସମୟରେ ତୁମେ ଏକ ବିଶେଷ ପ୍ରତିବନ୍ଧକମୟ ପରିସ୍ଥିତିରେ

'oaob.nitrkl.ac.in' images reprocessed

ପଡ଼ିଥାଏ ବା ଏପରି କିଛି ତୁମ ଆଗରେ ଆସି ଉପସ୍ଥିତ ହୋଇଥାଏ, ଯାହାକି ତୁମକୁ ଏକାବେଳକେ ଅଟକାଇ ରଖିଦେବ ବୋଲି ବୋଧ ହେଉଥାଏ, ତେବେ ସେତେବେଳେ ତୁମେ ଆଦୌ କୌଣସି ବିଳାପ ନ କରି ନିଜ ପାଖରେ ଆସି କହିବ : "ହଁ, ଠିକ୍ ସେହି ସମସ୍ୟାଟିରେହିଁ ଏପରି ଘଟୁଛି ; ବର୍ତ୍ତମାନ ବର୍ଷର ସେହି ନିର୍ଦ୍ଦିଷ୍ଟ ସମସ୍ୟାଟି ଆସି ପହଁଞ୍ଚିଛି ବୋଲି ଏପରି ହେଉଛି ।" ଏବଂ, ସମସ୍ୟାଟି ଅତିକ୍ରାନ୍ତ ହୋଇଯିବା ପର୍ଯ୍ୟନ୍ତ ତୁମେ ଧୈର୍ଯ୍ୟର ସହିତ ଅପେକ୍ଷା କରିବ ବା ଯାହା ପାରୁଥିବ କରିବ, ମାତ୍ର କଦାପି ନିରୁତ୍ସାହିତ ହେବ ନାହିଁ ଏବଂ "ଦେଖୁଛ, ମୁଁ ଆଉ ମୋଟେ ଆଗକୁ ଯାଇ ପାରୁ ନାହିଁ, ମୋର ଆଉ କୌଣସି ଅଗ୍ରଗତି ହେଉ ନାହିଁ" ବୋଲି କଦାପି କହିବ ନାହିଁ । ଏହା ଦ୍ୱାରା ଅଧିକ ବିବେକସମ୍ପନ୍ନ ଭାବରେ କାର୍ଯ୍ୟ କରିବାକୁ ତୁମକୁ ସାହାଯ୍ୟ ମିଳିବ ।

ଏବଂ ସ୍ପଷ୍ଟତଃ, ତୁମେ ଆଉଗୋଟିଏ ପଦକ୍ଷେପ ମଧ୍ୟ ଗ୍ରହଣ କରିପାରିବ ଏବଂ ଏପରି ଭାବରେ ସତର୍କମୂଳକ ବ୍ୟବସ୍ଥା ଅବଲମ୍ବନ କରିବ ଯେ···ଅନ୍ତର୍ଗତ ସତର୍କ-ମୂଳକ ବ୍ୟବସ୍ଥାଗୁଡ଼ିକ ଏବଂ ବାହ୍ୟ ସତର୍କମୂଳକ ବ୍ୟବସ୍ଥାଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ପ୍ରଭାବିତ ହେଉ ନ ଥିବେ । ମାତ୍ର, ଏହା ଅନେକ ପରେ ଯାଇ ଘଟିବ; ତୁମେ ନିଜ ସାଧନାର ସଚେତନ କର୍ତ୍ତାରୂପେ ପ୍ରତିଷ୍ଠିତ ହୋଇ ସାରିବା ପରେ ଯାଇ ଘଟିବ । ତାହା ପରେ ଯାଇ ଆସିବ ।

ସରଳ ?

ସେଠାରେ କାହାରି କିଛି ପଚାରିବାର ନାହିଁ !

ମାଆ, ଜ୍ଞାନ ଓ ପୂର୍ଣ୍ଣତାର କମଳ କହିଲେ କ'ଣ ବୁଝାଏ ?

ତୁମେ କ'ଣ ଜାଣିବାକୁ ଚାହୁଁଛ ? କ'ଣ କହିଲ ଟି !

ତୁମେ ବିଭିନ୍ନ ଚକ୍ରଗୁଡ଼ିକ ବିଷୟରେ ଶୁଣିଛ, ନୁହେଁ କି ? ଏବଂ ଚକ୍ର-ଗୁଡ଼ିକୁ ସାଧାରଣତଃ ଗୋଟିଏ ଗୋଟିଏ କମଳରୂପେ ବର୍ଣ୍ଣନା କରାଯାଇଥାଏ; ଏଗୁଡ଼ିକ ପ୍ରଥମେ ବୁଜା ହୋଇ ଥାଆନ୍ତି ଏବଂ ବ୍ୟକ୍ତିର ଆଧ୍ୟାତ୍ମିକ ଅଗ୍ରଗତି ସଙ୍ଗେ ସଙ୍ଗେ କ୍ରମଶଃ ଉନ୍ମୋଚିତ ହୁଅନ୍ତି ।

ଜ୍ଞାନର କମଳ ହେଉଛି ସହସ୍ରାର । (ନଳିନୀଙ୍କୁ) ନୁହେଁ ? ···ହଁ, ଏହାର ସ୍ଥାନ ମସ୍ତକକ୍ଷେତ୍ରରେ । ଏହା ସର୍ବଶେଷ ଚକ୍ର, ମନୁଷ୍ୟଶରୀରର ଅତୀତ ହୋଇ ରହିଥିବା ଚକ୍ରଗୁଡ଼ିକର ଆହୁରି ଊର୍ଦ୍ଧ୍ୱରେ ।

ଆଉ ପୂର୍ଣ୍ଣତାର ଚକ୍ର ?

'oaob.nitrkl.ac.in' images reprocessed

ତାହାହିଁ ସେହି ଜ୍ଞାନରୂପୀ କମଳ,—ପ୍ରସ୍ଫୁଟିତ ହୋଇଥିବା ସହସ୍ରଦଳ ପଦ୍ମ । ଏହା ସଙ୍କୋଚ ହୋଇଥିବାରୁ···ପୂର୍ଣ୍ଣତା···ପୂର୍ଣ୍ଣତା କହିଲେ ତୁମେ କେଉଁ ପୂର୍ଣ୍ଣତାକୁ ବୁଝୁଛ, ଏହା ତାହାର ଉପରେ ନିର୍ଭର କରିବ !···

"ଶାଶ୍ୱତ ଜ୍ଞାନ ଏବଂ ଶାଶ୍ୱତ ପରିପୂର୍ଣ୍ଣତାର କମଳଟି ଗୋଟିଏ କଢ଼ ରୂପେ ଆମ ଭିତରେ ବୁଜି ହୋଇ ରହିଥାଏ ।

ହଁ, ଠିକ୍ ସେହିକଥା । ଆଉଗୋଟିଏ—ମସ୍ତକରୁ ଆହୁରି ଊର୍ଦ୍ଧ୍ୱରେ ମଧ୍ୟ ରହିଛି ମାତ୍ର ସାଧାରଣତଃ ତାହାର ଉଲ୍ଲେଖ କରାଯାଏ ନାହିଁ ।

ଏବଂ ସାଧାରଣ ନିୟମଟି ଅନୁସାରେ ଏଇଟି ସର୍ବାଶେଷରେ ଯାଇ ଉନ୍ମୋଚିତ ହୁଏ । ମୁଁ "ସାଧାରଣ ନିୟମଟି ଅନୁସାରେ" ବୋଲି କହୁଛି । କାରଣ, କେତେକ କ୍ଷେତ୍ରରେ ଅନ୍ୟପ୍ରକାରରେ ମଧ୍ୟ ଘଟିଥାଏ । ଆଗ ଊର୍ଦ୍ଧ୍ୱସ୍ଥଗୁଡ଼ିକ ଖୋଲିବା ପରେ ନିମ୍ନରେ ଥିବା ଚକ୍ରଗୁଡ଼ିକ ଖୋଲେ । ତଥାପି, ସାଧାରଣ ନିୟମଟି ଅନୁସାରେ, ଯେତେବେଳେ ଆମେ କୁଣ୍ଡଳିନୀ ଜାଗ୍ରତ ହେବା ବିଷୟରେ ଆଲୋଚନା କରିଥାଉ,—ଶକ୍ତିର କେନ୍ଦ୍ରଟିରୁ ତାହା ସବେଠୁବା ଉପରକୁ ଯିବାରେ ଲାଗିଥାଏ ଏବଂ ସେହି ପ୍ରକ୍ରିୟାରେ ତଦନୁରୂପ ଚକ୍ରଗୁଡ଼ିକୁ ଜାଗ୍ରତ କରିଦିଏ; ଏବଂ ସେହି ଚକ୍ରରେ ସର୍ବାଶେଷକୁ ଆସି ପହଞ୍ଚେ । ଏବଂ, ଏହି କଥାଟି ଘଟିଲେ, ଅର୍ଥାତ୍, ଶକ୍ତି ଯାଇ ସେଠାରେ ପହଞ୍ଚିଲେ, ବସ୍ତୁତଃ ଶକ୍ତିର ଉତ୍ତରଣ-କ୍ରମରେ ତାହାକୁହିଁ ପରିପୂର୍ଣ୍ଣତାର ନିଦର୍ଶନ ବୋଲି ସ୍ୱୀକାର କରାଯାଏ ।

(ମାଆ ନୀରବ ରହିଲେ)

ମୋର ମନେ ହେଉଛି ମୁଁ ଆଗରୁ ମଧ୍ୟ ତୁମମାନଙ୍କୁ ଏହି ଚକ୍ରଗୁଡ଼ିକ ବିଷୟରେ କହିଛି; ପ୍ରତ୍ୟେକ ଚକ୍ର କାହାର ସୂଚନା ଦିଅନ୍ତି, ସେକଥା ମଧ୍ୟ କହିଛି ।

ସରଳ ?

ମାଆ, ଏଠାରେ ଲେଖା ହୋଇଛି : "ଯାହା ଅନ୍ତର୍ନିହିତ ଜ୍ଞାନରୂପେ ଆଗରୁହିଁ ପ୍ରଚ୍ଛନ୍ନ ହୋଇ ରହି ନାହିଁ, ଆମେ ଏପରି କୌଣସି ବସ୍ତୁକୁ ମନକୁ ଶିଖାଇ ପାରିବା ନାହିଁ ।"···ତେବେ, ଏହାର କ'ଣ ଏହିପରି ଅର୍ଥ ହେବ ଯେ, ଯାହା ଭିତରେ କୌଣସି ଜ୍ଞାନ ଲୁକ୍କାୟିତ ହୋଇ ରହି ନାହିଁ, ସେ କେବେହେଲେ···

ନାହିଁ, ସେପରି ମୋଟେ ନୁହେଁ ।

'oaob.nitrkl.ac.in' images reprocessed

ତାହାର ଅର୍ଥ ହେଉଛି ଯେ, ଯାବତୀୟ ବସ୍ତୁ ଅନ୍ତର୍ନିହିତ ହୋଇ ମନୁଷ୍ୟ-ରୂପୀ ଉପାଦାନ ମଧ୍ୟରେ ଅବସ୍ଥିତ ରହିଥାଏ । ଅବଶ୍ୟ, ବ୍ୟକ୍ତିମାନଙ୍କର ବିଭିନ୍ନତା ଅନୁସାରେ ସମ୍ପୃକ୍ତ ସଂଗଠନଟି ଭିନ୍ନ ଭିନ୍ନ ହୋଇଥାଏ; ଏବଂ, ଜାଗରଣର ମାତ୍ରା ଅର୍ଥାତ୍ ଅନୁସ୍ପନ୍ଦନର ସାମର୍ଥ୍ୟ ମଧ୍ୟ ଭିନ୍ନ ହୋଇ ରହିଥାଏ ।

ଏବଂ, ଏହାର ଫଳରେହିଁ ବ୍ୟକ୍ତିମାନଙ୍କର ସମ୍ଭାବନାକ୍ଷେତ୍ରରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ମାତ୍ର ବସ୍ତୁତଃ, ମର୍ମତଃ ପ୍ରତ୍ୟେକ ସତ୍ତା ମଧ୍ୟରେ ଈଶ୍ୱର ଯାବତୀୟ ସମ୍ଭାବନା ନିହିତ ହୋଇ ରହିଥାଏ । ବ୍ୟକ୍ତି କେତେଦୂର ସେଗୁଡ଼ିକର ବିକାଶ ଘଟାଇବାକୁ ସମର୍ଥ ହୁଏ,···ଆମେ ଏହାକୁ ବ୍ୟକ୍ତି ଏବଂ ବିକାଶର କ୍ଷେତ୍ରରେ ସେମାନେ ହାସଲ କରିଥିବା ମାତ୍ରାର ଭୂମିରେ ପ୍ରତିଷ୍ଠିତ ଏକ ସୋପାନକ୍ରମ ବୋଲି ବୁଝାଯାଇ ପାରିବ । ମାତ୍ର, ଅସଲ କଥା ହେଉଛି, ପ୍ରତ୍ୟେକ ମଧ୍ୟରେହିଁ ଦିବ୍ୟ ପରମ ଉପସ୍ଥିତି ବିଦ୍ୟମାନ ରହିଥାଏ ଏବଂ ତେଣୁ ସର୍ବୋଚ୍ଚ ପରମଚେତନା ମଧ୍ୟ ବିଦ୍ୟମାନ ରହିଥାଏ । ଅବଶ୍ୟ ଏକଥା ସତ ଯେ, ଏହି ବିଷୟରେ ସଚେତନ ହୋଇ ପାରିବା ଲାଗି ମଧ୍ୟ କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ହଜାର ହଜାର ବର୍ଷ ଲାଗିଯାଏ । ଏବଂ ଅନ୍ୟମାନେ, ଅନ୍ତର୍ଗତ ତଥା ବାହ୍ୟ ପରିସ୍ଥିତିଗୁଡ଼ିକର ବଳରେ ତାହାର ବିଷୟରେ ସଜ୍ଞାନ ହେବାର ମୁହୂର୍ତ୍ତଟିରେ ଆସି ପହଞ୍ଚି ଯାଇଥାନ୍ତି । ତେଣୁ ଏହାକୁ ଅନ୍ତର୍ନିହିତ ଶକ୍ତିର କ୍ଷେତ୍ରରେ ରହିଥିବା ଏକ ସୋପାନକ୍ରମ ବୋଲି ନ କହି ଉପଲବ୍ଧି-କ୍ଷେତ୍ରରହିଁ ଏକ ସୋପାନକ୍ରମ ବୋଲି ବୁଝାଯାଇ ପାରିବ ।

ପୁନଶ୍ଚ, କେତେକ ସତ୍ତା ଏପରି ଏକ ବସ୍ତୁର ଅଭିବ୍ୟକ୍ତି ଘଟାନ୍ତି, ଯାହାକୁ କି ବିଶୁଦ୍ଧ ସ୍ତରରେ କେବଳ ଏକ ମନୁଷ୍ୟଚେତନା ବୋଲି ବୁଝାଯାଇ ପାରିବ ନାହିଁ ।—ମାତ୍ର, ତାହାକୁ ଏତ ଅଧିକା ବସ୍ତୁ ବୋଲିହିଁ କହିବାକୁ ହେବ; ଏସବୁ ଗୋଟିଏ ଗୋଟିଏ ବ୍ୟତିକ୍ରମ ହିସାବରେହିଁ ଘଟିଥାଏ । ମାତ୍ର, ଏହି କ୍ଷେତ୍ରରେ ସାଧାରଣତଃ ଏହିପରି ହୋଇଥାଏ : ଉପାଦାନଟି ମଧ୍ୟରେହିଁ ଯାବତୀୟ ସମ୍ଭାବନା ଅନ୍ତର୍ଗତ ହୋଇ ରହିଥାଏ ।

ଶ୍ରୀଅରବିନ୍ଦ ଆଗକୁ ତାହାହିଁ କହୁଛନ୍ତି : "ତୁମ ଭିତରେ ଯଦି ଦିବ୍ୟ ପରମସତ୍ତା ଅବସ୍ଥାନ କରୁ ନ ଥାନ୍ତେ, ତେବେ ତୁମେ କଦାପି ତାଙ୍କର ପରିଚୟ ଲାଭ କରି ପାରନ୍ତ ନାହିଁ ।

ଏହାହିଁ ତାହାର ଅର୍ଥ ।

ମାଆ, ଏଠାରେ ସେ "ଆତ୍ମାର ଆବରଣ" ବୋଲି କହିଛନ୍ତି । ଆତ୍ମାର ଆବରଣ ପୁଣି କ'ଣ ?

'oaob.nitrkl.ac.in' images reprocessed

ହଁ,—ଏହାକୁ ତୁଳନା···ଏହାକୁ ତଥାପି ଏକ ଉଦ୍ଭିଦ ସହିତ ତୁଳନା କରାଯାଇଛି । ଏହା ସତେଅବା ଏପରି ଏକ ବସ୍ତୁପରି, ଯାହାକି ଫୁଲର କଢ଼ଟିକୁ ଲୁଚକରି ରଖିଥାଏ, କଢ଼ ବା ଫୁଲଟିକୁ ସତେଯେପରି ବାନ୍ଧି କରି ରଖିଥାଏ—ଏହାକୁ ବାନ୍ଧିଦିଏ, ବନ୍ଦ କରି ରଖେ । ଏହି ବସ୍ତୁଗୁଡ଼ିକୁ ଭାଙ୍ଗିଦେବାକୁ ପଡ଼ିବ, ଯେପରି ଫୁଲଟି ପ୍ରସ୍ଫୁଟିତ ହୋଇ ପାରିବ । ତେଣୁ ତାହାର ତୁଳନା ପଦ୍ମର ସହିତ କରା ଯାଇଛି : ଯାହାକିଛି ଆତ୍ମାକୁ ଆଚ୍ଛାଦିତ କରି ରଖେ, ତାହାକୁ ସକ୍ରିୟ ହେବାରୁ ଏବଂ ଆପଣାକୁ ଅଭିବ୍ୟକ୍ତ କରିବାରୁ ବଞ୍ଚିତ କରି ରଖିଥାଏ,—ସେଇଟିକୁ ଭାଙ୍ଗିଦେବାକୁ ପଡ଼ିବ, ଜଞ୍ଜିର ପରି ଛିଡ଼ାଇ ଦେବାକୁ ହେବ,—ତାହାକୁ ଭିତରେ ବାନ୍ଧିକରି ରଖିଥିବା ଫାଶଟିକୁ ଖୋଲି ଦେବାକୁ ହେବ । ଅଳ୍ପବହୁତ ଧୀର ଭାବରେ ତାହାକୁ ଭାଙ୍ଗି ଦେବାକୁ ପଡ଼ିବ, ଯେପରିକି ଆତ୍ମା ଫୁଲ ପରି ଫୁଟିଉଠି ପାରିବ । ଏହିସବୁ ଯାବତୀୟ ଲିପ୍ତତା···ଶ୍ରୀଅରବିନ୍ଦ ସେଗୁଡ଼ିକୁ ବ୍ୟାଖ୍ୟା କରି କହିଛନ୍ତି ମୁଁ ଭାବୁଛି ସେ ଏହିଠାରେ ସେଗୁଡ଼ିକର ବ୍ୟାଖ୍ୟା କରିଛନ୍ତି (ମାଆ ପାଠ କଲେ) "ସେହି ଅନିବାର୍ଯ୍ୟ ପ୍ରସ୍ଫୁଟନର ପଥରେ ରହିଥିବା ବାଧାଗୁଡ଼ିକ ।"

ସିଏ ଏକଥା ମଧ୍ୟ କହିଛନ୍ତି : "ସୀମା ଦ୍ୱାରା ଆବଦ୍ଧ ନାନା ପ୍ରତୀକସ୍ୱ ପ୍ରତି ରହିଥିବା ଆସକ୍ତିଗୁଡ଼ିକ ମଧ୍ୟରେ ଆବଦ୍ଧ ରହି" । ତେଣୁ, ଏହା ମଧ୍ୟ ସେହି ଏକା କଥା, ଏହି ସବୁକିଛି ତୁମକୁ ସାଧାରଣ ବାହ୍ୟ ଚେତନା ସହିତ ବାନ୍ଧି ରଖିଥାଏ, ସାଧାରଣ ଜୀବନ ସହିତ ବାନ୍ଧି ରଖିଥାଏ—ତାହାହିଁ ଆତ୍ମାକୁ କଳରଖେ, ଏହିପରି ଭାବରେ ଚାପି ଧରିଥାଏ ।

ଏଇଟିକୁହିଁ ଭାଙ୍ଗିବାକୁ ପଡ଼ିବ, ବୁଝିଲ ?

ସେଠାରେ କେହି କିଛି ପଚାରିବେ କି ?

ମାଆ, ଏଠାରେ ଲେଖାହୋଇଛି : "ସର୍ବପ୍ରଥମେ ସତ୍ୟ ଓ ତତ୍ତ୍ୱଗୁଡ଼ିକର ଜ୍ଞାନ···" ସର୍ବପ୍ରଥମେ ଶାସ୍ତ୍ରକୁ ଜାଣିବାକୁ ହେବ; ମାତ୍ର, ଶାସ୍ତ୍ରକୁ ଜାଣିବା ବିଷୟରେ କୁହାଯାଇଛି : "ହୃଦୟ ଭିତରେ ଗୁପ୍ତ ହୋଇ ରହିଥିବା ସେହି ଚିରନ୍ତନ ବେଦ, ପୂର୍ଣ୍ଣଯୋଗରେ ତାହାହିଁ ସବୁଠାରୁ ବଡ଼ ଶାସ୍ତ୍ର ।" ତେଣୁ, ଶାସ୍ତ୍ରର ଜ୍ଞାନ ଅର୍ଜନ କରିବାକୁ ହେଲେ ସର୍ବପ୍ରଥମେ ଯୋଗର ଏକ ଦୀର୍ଘ ପ୍ରକ୍ରିୟା ଅତ୍ୟାବଶ୍ୟକ । (ସମସ୍ତେ ହସିଲେ)

ହଁ, ପ୍ରଚଳିତ ସାଧାରଣ ଯୁକ୍ତି ଅନୁସାରେ ଏହା ପ୍ରକୃତରେ ସେହିପରି । ଏହାକୁ ଆମେ ବୁଝିଲା ମାତ୍ରକେ କଦାପି ଶିକ୍ଷା କରି ପାରିବା ନାହିଁ; ମୁଁ ଭାବୁଛି,

'oaob.nitrkl.ac.in' images reprocessed

ସେପରି ହେବ ବୋଲି କେହି ବିଶ୍ୱାସ କରୁ ନାହାନ୍ତି । ଶ୍ରୀଅରବିନ୍ଦ କେବଳ... କେଜାଣି, ଆଜି ଆମେ ସେହି ଅଂଶଟିକୁ ପାଠ କରି ନାହୁଁ ...ସିଏ ଦୁଇଟି ଭିତରେ ଏକ ପାର୍ଥକ୍ୟ ଦର୍ଶାଇଛନ୍ତି,—କହିଛନ୍ତି...ନାହିଁ, ଆଉଟିକିଏ ଆଗକୁ ଯାଇ ସେ କହିଛନ୍ତି—ଆମେ ଆରଥରକୁ ତାହାକୁ ଦେଖିବାକୁ ପାଇବା—ସିଏ ଗୁରୁଙ୍କ ବିଷୟରେ କହିଛନ୍ତି...ନାହିଁ...“ଜୀବନ୍ତ ଗୁରୁଙ୍କର ଅପେକ୍ଷାକୃତ ଅଧିକ ଶକ୍ତିଶାଳୀ ବାଣୀ”ର କଥା କହିଛନ୍ତି । ଏଇଟି ପରେ ଅଛି ।

ଅର୍ଥାତ୍, ଯଦି ଶାସ୍ତ୍ରର ଅଧ୍ୟୟନ ଦ୍ୱାରା ନିଜକୁ ପ୍ରସ୍ତୁତ କରିବାର ଆବଶ୍ୟକତା ଥାଏ, ତେବେ ସେହି ପ୍ରସ୍ତୁତି ସକାଶେ ଅବଶ୍ୟ ଦୀର୍ଘ ସମୟ ଲାଗିବ । ମାତ୍ର, ଯଦି ଏକ ପ୍ରତ୍ୟକ୍ଷ ଶିକ୍ଷା ଲାଭ କରିବାର ସମ୍ଭାବନା ରହିଥାଏ ଏବଂ ଯଦି ସକଳ ପରିସ୍ଥିତିରେ ତାହା ସମ୍ଭବ ହେଉଥାଏ, ତେବେ ଅନେକ ଅଧିକ ସତ୍ୱର ଭାବରେ ଫଳଲାଭ ହୁଏ । ଯେତେବେଳେ ତୁମର ପଥପ୍ରଦର୍ଶନକାରୀ ଭାବରେ କେହି ନ ଥିବେ, ଏବଂ ତେଣୁ କେବଳ ଶାସ୍ତ୍ରର ସାହାଯ୍ୟରେହିଁ ତୁମକୁ ବାଟଟିକୁ ବାହାର କରିବାକୁ ହେଉଥିବ, ଏପରିକି, “ଏହି ପୁସ୍ତକଟି ନ ପଢ଼ି ଏହି ପୁସ୍ତକଟି ପଢ଼” ବୋଲି କହିବାକୁ ମଧ୍ୟ ତୁମ ପାଖରେ କେହି ନ ଥିବେ, ଯେତେବେଳେ ସବୁକିଛି ନିଜେ ଖୋଜି ବାହାର କରିବାକୁ ପଡ଼ୁଥିବ, ସେତେବେଳେ ଅବଶ୍ୟ ସମୟ ଲାଗିବ । ଅନେକ ବର୍ଷ ସମୟ ଲାଗିବ ।

ତେଣୁ, ଏହି କ୍ଷେତ୍ରରେ ଏକ ପାର୍ଥକ୍ୟ ଅବଶ୍ୟ ରହିଛି । ଲୋକମାନେ ଏଇଟିକୁ ହୃଦୟଙ୍ଗମ କରି ପାରନ୍ତି ନାହିଁ ସତ, ମାତ୍ର, ସିଏ ବସ୍ତୁଟିକୁ ଉପଲବ୍ଧି କରି ସାରିଛନ୍ତି, ଅର୍ଥାତ୍, ଯାହାଙ୍କର ଏହିସବୁ ଯାବତୀୟ ଅଭିଜ୍ଞତା ହୋଇ ସାରିଛି, ସିଏ ଶେଷ ଗାରରେ ଯାଇ ପହଞ୍ଚିଛନ୍ତି ଏବଂ ବସ୍ତୁଟିର ଜ୍ଞାନକୁ ହାସଲ କରିଛନ୍ତି, ତାଙ୍କୁ ନିଜର ପ୍ରଶ୍ନଗୁଡ଼ିକୁ ପଚାରି ପାରୁଥିଲେ ତଦ୍ୱାରା ପ୍ରଭୂତ ପାର୍ଥକ୍ୟ ସଂଘଟିତ ହୋଇଥାଏ । ତୁମେ ତାଙ୍କୁ “ଏଇଟି ଉତ୍ତମ ହେବ କି ? ଏହାଦ୍ୱାରା ଉପକାର ହେବ କି ? କୌଣସି ଅନିଷ୍ଟ ଘଟିବ କି ?” ବୋଲି ପଚାରି ପାରୁଥିବ । ଏବଂ, ଗୋଟିଏ ମିନିଟରେ ତାଙ୍କଠାରୁ ଉତ୍ତର ମିଳିଯାଉଥିବ : “ହଁ, ନାହିଁ. ଏଇଟି କର, ଏହାକୁ ପଢ଼, ସେଇଟିକୁ କର ନାହିଁ ।” ଏବଂ ଏହା ପ୍ରକୃତରେ ଅତ୍ୟନ୍ତ ସୁବିଧାଜନକ ହେବ ।

ମାତ୍ର, ଯେତେବେଳେ ଏକୁଟିଆ ହୋଇ ରହିଥିବ—ସାଧାରଣତଃ ଖୁବ୍ ଅନୁକୂଳ ସ୍ଥିତିଗୁଡ଼ିକରେ ରହି ନ ଥିବ,—ବା ଏପରି ଏକ ସ୍ଥାନରେ ଥିବ, ଯେଉଁଠାରେ କି ଲୋକମାନେ ଏସବୁ ବିଷୟ ଆଦୌ କିଛି ବୁଝି ନ ଥିବେ କିଂବା ସେବିଷୟରେ କିଛି ଚିନ୍ତା ମଧ୍ୟ କରୁ ନ ଥିବେ,—ଅବଶ୍ୟ ତୁମ ସହିତ କୌଣସି

'oaob.nitrkl.ac.in' images reprocessed

ଶିକ୍ଷାଚରଣ କରୁ ନ ଥିବେ—ତେବେ ତୁମକୁ ନିଜେ ନିଜେହିଁ ସବୁକିଛୁ ଖୋଜି ବାହାର କରିବାକୁ ପଡ଼ିବ । ତୁମକୁ ଆଦୌ କେହି “ଏହି ଗ୍ରନ୍ଥଟିକୁ ପଢ଼, ଏଇଟି ଅଧିକ ଭଲ, ଅଉଟିଠାରୁ ଅଧିକ ପ୍ରମାଦଶୂନ୍ୟ” ବୋଲି କହିବାକୁ ନ ଥିବେ । ସେହି କ୍ଷେତ୍ରରେ ତୁମକୁ ବହୁସଂଖ୍ୟକ ବିଷୟ ଅଧ୍ୟୟନ କରିବାକୁ ହେବ, ନିଜର ଭାବନା ମଧ୍ୟରେ ସେଗୁଡ଼ିକର ତୁଳନା କରି ପାରିବାକୁ ପଡ଼ିବ; ସେଗୁଡ଼ିକର ତୁମ ଉପରେ ପଡ଼ୁଥିବା ପ୍ରଭାବକୁ ମଧ୍ୟ ତୁଳନା କରି ଦେଖିବାକୁ ହେବ; ସେଗୁଡ଼ିକରୁ ତୁମକୁ କ’ଣ କିପରି ସାହାଯ୍ୟ ମିଳୁଛି କି ନାହିଁ. ସେକଥାଟିର ସମୀକ୍ଷା କରିବାକୁ ପଡ଼ୁଥିବ ।

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ପୁନର୍ଜନ୍ମିତ ହୋଇ ଆସିଥିବା ବ୍ୟକ୍ତିମାନେ ସେମାନଙ୍କ ଭିତରେ ରହିଥିବା ଏପରି ପଥପ୍ରଦର୍ଶକଙ୍କ ଦ୍ୱାରାହିଁ ପରିଚାଳିତ ହେଉଥାନ୍ତି । ଏପରି ପ୍ରକୃତରେ ଘଟିଥାଏ ଯେ, ସେମାନଙ୍କର ଯେଉଁ ଗ୍ରନ୍ଥ ପଢ଼ିବା ଉଚିତ, ସେମାନଙ୍କୁ ସେହି ଗ୍ରନ୍ଥ ଆସି ମିଳି ଯାଇଥାଏ; ଯେଉଁ ବ୍ୟକ୍ତିଙ୍କଠାରୁ ସେମାନଙ୍କୁ କୌଣସି ଉପଯୋଗୀ ସୂଚନା ମିଳିପାରିବ, ସେହିଭଳି ବ୍ୟକ୍ତିମାନଙ୍କ ସହିତହିଁ ସେମାନଙ୍କର ଭେଟ ହୋଇ ଯାଇଥାଏ । ମାତ୍ର ଏହା···କିଛି ସମୟ ପରେ ସେମାନେ ଏପରି ଏକ ସଚେତନତା ଲାଭ କରନ୍ତି ଯେ, ସେମାନଙ୍କ କ୍ଷେତ୍ରରେ ଏକ ଚେତନା ଅଧିଷ୍ଠିତ ହୋଇ ରହିଥିଲା; ତାହା କେଉଁଠାରୁ ଆସିଥିଲା ଅଥବା ପ୍ରକୃତରେ କିପରି ଥିଲା, ସେମାନେ ସେ କଥାଟିକୁ ଖୁବ୍ ଭଲ ଭାବରେ ଜାଣି ନ ଥାନ୍ତି; ସେମାନଙ୍କର ଜୀବନକୁ ପ୍ରକୃତରେ କିଏ ସଂଗଠିତ କରି ରଖିଥିଲା କିଂବା ସେମାନଙ୍କ ଜୀବନର ପରିସ୍ଥିତିଗୁଡ଼ିକ ମଧ୍ୟ କାହା ଦ୍ୱାରା ସଂଗଠିତ ହୋଇଥିଲା ସେହି ବିଷୟରେ ମଧ୍ୟ ସେମାନଙ୍କର ଖୁବ୍ ବେଶୀ ଜ୍ଞାନ ନ ଥାଏ । ସେମାନଙ୍କୁ ଅଧିକ ଆଗକୁ ପରିଚାଳିତ କରି ନେବା ଲାଗି ଯାହା ଆବଶ୍ୟକ, ଠିକ୍ ସେଇଟିକୁ ଲାଭ କରି ପାରିବା ଲାଗି ପ୍ରତ୍ୟେକ ପଦକ୍ଷେପରେ କିଏ ସେମାନଙ୍କର ସହାୟତା କରୁଥିଲା, ସେମାନେ ସେ ବିଷୟରେ କିଛି ଜାଣି ନ ଥାନ୍ତି । ମାତ୍ର ଏହା···ଏହା ଆଦୌ ସଚରାଚର ଘଟେ ନାହିଁ, ବରଂ ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ । ଏହି ବ୍ୟକ୍ତିମାନେ ପୁନର୍ଜନ୍ମିତ ହୋଇ ଆସିଥାନ୍ତି ।

ତା’ ନ ହେଲେ ଏହା ଅତ୍ୟନ୍ତ କଷ୍ଟକର ହୁଏ; ସମୟ ବି ନିଏ, ବହୁତ ସମୟ ନିଏ । ଏବଂ ତଥାପି ଏହାକୁ କେବଳ ଆରମ୍ଭ ମାତ୍ର କହିବାକୁ ପଡ଼ିବ । ଯେଉଁ ସବୁ ସତ୍ୟକୁ ଆଧାର କରି ଯୋଗ ପ୍ରତିଷ୍ଠିତ ହେବ, ଏହି ସୋପାନରେ ସେହି ଆଧାରଗୁଡ଼ିକୁହିଁ ଆବିଷ୍କାର କରାଯାଏ । ଏହା ଖାସ୍ ଯୋଗର ସୋପାନ ଆଦୌ ନୁହେଁ; ଯେଉଁ ସାଧାରଣ ତତ୍ତ୍ୱଗୁଡ଼ିକ ଉପରେ ଆମେ ନିଜର

'oaob.nitrkl.ac.in' images reprocessed

ଯୋଗ-ଜୀବନର ରଚନା କରିବା, ଏହି ସୋପାନରେ ସେହିଗୁଡ଼ିକୁ ହାସଲ କରିବାକୁ ହୋଇଥାଏ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନଙ୍କର ବିଶେଷ ଆଗ୍ରହ ରହିଥାଏ, ସେମାନେ ନିଶ୍ଚୟ କିଛି ନା କିଛି ଅବିଷ୍କାର କରିପାରନ୍ତି । କହିବା ବାହୁଲ୍ୟ ଯେ, ଭାରତରେ ବାସ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଅତ୍ୟନ୍ତ ସହଜ, ପ୍ରକୃତରେ ଅତି ସହଜ । ଏଠାରେ ଏକ ଜୀବନ୍ତ ପରମ୍ପରା ରହିଛି; ଯିଏ ଯୋଗର ସାଧନା କରିବାକୁ ଇଚ୍ଛା କରିବ, ସିଏ ନିଶ୍ଚୟ ତାକୁ ଏହି ବିଷୟରେ ଯାବତୀୟ ସମ୍ବାଦକୁ କହି ପାରୁଥିବା ଜଣେ ବ୍ୟକ୍ତି ମଧ୍ୟ ସର୍ବଦା ମିଳିଯାଇପାରିବେ । ଏବଂ ଏଠାରେ ସବୁଠାରୁ ଅଧିକ ଅଶିକ୍ଷିତ ଓ ଅଜ୍ଞାନ ମନୁଷ୍ୟମାନଙ୍କର ମଧ୍ୟ, କ'ଣସବୁ କରିବା ଉଚିତ ଓ କ'ଣସବୁ ଏଥିରେ ସେମାନଙ୍କୁ ସାହାଯ୍ୟ କରିପାରିବ, ସେହି ବିଷୟରେ ଏକ ଅସ୍ପଷ୍ଟ ଧାରଣା ମଧ୍ୟ ରହିଥାଏ ।

ମାତ୍ର ତୁମକୁ ଯଦି ଏଠାରୁ ନେଇ ପାଶ୍ଚାତ୍ୟ ଜଗତରେ ପ୍ରେରଣ କରି ଦିଆଯାଏ, ତେବେ ଏହା ଯେ ପ୍ରକୃତରେ କେତେ କଷ୍ଟକର, ସେକଥା ତୁମେ ଜାଣିବାକୁ ପାଇବ । ସେହି ସମୁଦାୟ ପୃଥିବୀଟି ଯେ କେବଳ ଯୋଗ ଲାଗି ଆଦୌ କୌଣସି ପ୍ରକାରେ ସଂଗଠିତ ହୋଇ ନାହିଁ ଓ ଉଦାସୀନ ହୋଇ ରହିଛି ତା' ନୁହେଁ, ମାତ୍ର ଏହାର ଗୋଟାସୁଦ୍ଧା ବିରୋଧୀ ହୋଇ ରହିଛି, ଏହି ପରମ ସତ୍ୟକୁ ଜାଣିବା ଲାଗି ଜାଣିଶୁଣି 'ନାହିଁ' ବୋଲି କହୁଛି; କାରଣ ଏହି ଜାଣିବାରେ ସ୍ୱାର୍ଥ ଅଟୁଆ ରହିଛି ବୋଲି ତାହା ଅନୁଭବ କରୁଛି । ତେଣୁ, ଯେତେବେଳେ ତୁମର ଭିତରେ ଏହି ଘଟନାଟି ଘଟୁଛି, ଯେତେବେଳେ ଆବଶ୍ୟକତାଟି ଆପଣାକୁ ବ୍ୟକ୍ତ କରି ଆଣୁଛି, ସେତେବେଳେ ସେଥିଲାଗି ଏକ ସମାଧାନ ପାଇବା ସକାଶେ ତୁମକୁ କେଉଁଠାକୁ ଯିବାକୁ ହେବ, ତୁମକୁ ପ୍ରକୃତରେ ସେହି ବିଷୟରେ ଆଦୌ କିଛି ଜଣା ପଡ଼ୁ ନାହିଁ ।

ବର୍ତ୍ତମାନ ଅବସ୍ଥାରେ କିଛିକିଛି ଉନ୍ନତି ହେଲାଣି । ମାତ୍ର, ପଚିଶ ବର୍ଷ ତଳେ ତାହା ଆଦୌ ଅନୁକୂଳ ନ ଥିଲା—ପଚିଶ, ଷାଠିଏ ବର୍ଷ ପୂର୍ବେ ତାହା ପ୍ରକୃତରେ କଷ୍ଟକର ଥିଲା । ଏବେ ସେମାନେ ଏ ଦିଗରେ କିଛି ଅଗ୍ରଗତି କଲେଣି; ଏବେ ଟିକିଏ ଅଧିକ ଆଲୋକ ପଡ଼ିଲାଣି, ସର୍ବତ୍ର ପଡ଼ିଲାଣି ।

ସରଳ ?

> ମାଆ, ଏଠାରେ କୁହାଯାଇଛି : "ଯିଏ ପରମ ଅନନ୍ତଙ୍କୁ ବାଛି ନେଉଛି, ପରମ ଅନନ୍ତ ତାକୁ ପୂର୍ବରୁହିଁ ନିର୍ବାଚିତ କରି ରଖିଛନ୍ତି ।"

'oaob.nitrkl.ac.in' images reprocessed

ଏହି ବାକ୍ୟଟି ଏକ ଅତି ଚମତ୍କାର ବାକ୍ୟ !

ଏବଂ ଏହା ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଠିକ୍ । "ଚନ୍ଦ୍ରାଲୋକ ଓ ବଜ୍ରର ଝଲକ" ପୁସ୍ତକରେ ମଧ୍ୟ ଏହିପରି ଗୋଟିଏ ବାକ୍ୟ ରହିଛି; ମୋର ଅନୁମାନ, ସେଠାରେ ସିଏ 'ପରମ ଅନନ୍ତ' ପରିବର୍ତ୍ତେ 'ପରମେଶ୍ୱର' ଶବ୍ଦଟିକୁ ବ୍ୟବହାର କରିଛନ୍ତି । ମାତ୍ର ଦୁଇଟିଯାକରେ ସେହି ଗୋଟିଏ ବିଚାର ରହିଛି, — ଅର୍ଥାତ୍, ସ୍ୱୟଂ ପରମେଶ୍ୱର ତୁମକୁ ନିର୍ବାଚିତ କରିଛନ୍ତି, ଦିବ୍ୟ ପରମସତ୍ତାହିଁ ତୁମକୁ ନିର୍ବାଚିତ କରିଛନ୍ତି । ଏବଂ, ସେହି କାରଣରୁହିଁ ତୁମେ ତାଙ୍କ ପଛରେ ଧାଇଁବାରେ ଲାଗିଛ ।

ଏବଂ ଏହାହିଁ—ସେ ଠିକ୍ ସେହିକଥା କହିଛନ୍ତି ନୁହେଁ କି ? — ଏଥିରୁ ଆମକୁ ପ୍ରକୃତରେ ଏହିପରି ଏକ ବିଶ୍ୱାସ, ନିଶ୍ଚିତତା ମିଳିଯାଉଛି ଯେ ଆମେ ତାଙ୍କର ଦ୍ୱାରା ପୂର୍ବନିର୍ବାଚିତ ହୋଇ ଆସିଛୁ; ଏବଂ, ଯଦି କେହି ପ୍ରକୃତରେ ପୂର୍ବନିର୍ବାଚିତ ହୋଇ ଆସିଥାଏ, ତେବେ ବାଧାର ଏଡ଼େ ଏଡ଼େ ପର୍ବତ ଠିଆ ହୋଇ ରହିଥିଲେ ମଧ୍ୟ, ତାହାର ତୁମ ଲାଗି ଆଉ କୌଣସି ତାତ୍ପର୍ଯ୍ୟ ରହିବ ନାହିଁ, କାରଣ ତୁମେ ସୁନିଶ୍ଚିତ ଭାବରେ ବିଜୟଲାଭ କରିବ ! ଯାବତୀୟ ପ୍ରତିବନ୍ଧକର ସମ୍ମୁଖୀନ ହେବା ଲାଗି ତାହା ତୁମକୁ ଅଦମ୍ୟ ସାହସ ପ୍ରଦାନ କରିବ ଏବଂ ତୁମ ଭିତରେ ଏପରି ଏକ ଧୈର୍ଯ୍ୟ ଆଣି ଦେଇପାରିବ, ଯାହାକି ତୁମକୁ ସକଳ ପରୀକ୍ଷାରୁ ଉତ୍ତୀର୍ଣ୍ଣ କରାଇ ନେଇପାରିବ । ତେଣୁ, ସଂଶୟ, ସଙ୍କୋଚ, ନୈରାଶ୍ୟ, ଅନିଶ୍ଚିତତା, — ଏହି ଯାବତୀୟ ବିଷୟ ତୁମ ଲାଗି କେବଳ ସମୟ ଓ ଶକ୍ତି ନଷ୍ଟ କରିବାରହିଁ ଏକ ବସ୍ତୁ ହୋଇ ରହିବ; ଏସବୁ ତୁମର ଆଉ ଆଦୌ କୌଣସି କାମରେ ଲାଗିବ ନାହିଁ ।

"ହଁ, ଏହାହିଁ ମୋ' ଲାଗି ଯଥାର୍ଥ ସତ୍ୟ".—ଥରେ ମାତ୍ର ନିଜ ଭିତରେ ଏହି କଥାଟିକୁ ଅନୁଭବ କରିପାରିଲେହିଁ ସବୁକଥା ସରିଯାଏ ଓ ସବୁକଥାର ନିଷ୍ପତ୍ତି ହୋଇଯାଏ । ଗହନ ଅରଣ୍ୟ ମଧ୍ୟରେ ବର୍ଷ ବର୍ଷ ଧରି ଆପଣାର ପଥଟିକୁ ବାହାର କରି ଚାଲିବାକୁ ହେଲେ ମଧ୍ୟ, ତାହାର ଆଉ ଆଦୌ କୌଣସି ତାତ୍ପର୍ଯ୍ୟ ରହେ ନାହିଁ । କାରଣ, ଅସଲ ନିଷ୍ପତ୍ତିଟି ହୋଇ ସାରିଥାଏ ।

ସେହି କାରଣରୁ ମୁଁ ଥରେ ତୁମମାନଙ୍କୁ କହିଥିଲି, "ତୁମେମାନେ ପ୍ରକୃତରେ ଏଠାରେ ଅଛ, କାରଣ ଏହିଠାରେ ଆସି ରହିବା ଲାଗିହିଁ ତୁମେମାନେ ଆଉ କେଉଁଠି ଇଚ୍ଛା ପ୍ରକାଶ କରିଥିଲ; ଏବଂ, ଯଦି ଆଉ କେଉଁଠି ଇଚ୍ଛା ପ୍ରକାଶ କରିଥିଲ, ଏହାର ଅର୍ଥ ହେଉଛି ଯେ ସ୍ୱୟଂ ଦିବ୍ୟ ପରମସତ୍ତାହିଁ ତୁମ ଜୀବନରେ ଏହାକୁ ଠିକ୍ ଏହିପରି ଭାବରେହିଁ ଇଚ୍ଛା କରିଥିଲେ ।

'oaob.nitrkl.ac.in' images reprocessed

ତେଣୁ କେତେକ ବ୍ୟକ୍ତିଙ୍କୁ ଅତ୍ୟନ୍ତ ସିଧା ବାଟଟିଏ ମିଳିବାକୁ ପଡ଼ିଥାଏ ଏବଂ ସେମାନେ ଖୁବ୍ ଶୀଘ୍ର ଯାଇ ପହଞ୍ଚି ମଧ୍ୟ ଯାଆନ୍ତି; ଅନ୍ୟ କେତେକ ବ୍ୟକ୍ତି ଭୁଆଁ ବୁଲିବାକୁ ଭଲ ପାଆନ୍ତି, ସେମାନଙ୍କୁ ଅଧିକ ସମୟ ଲାଗେ । ମାତ୍ର, ଶେଷ ତଥାପି ଥାଏ; ଲକ୍ଷ୍ୟଟି ଅବଶ୍ୟ ରହିଥାଏ । ମୁଁ ନିଜ ଅଭିଜ୍ଞତାରୁ ଜାଣିଛି ଯେ, ଏପରି ଗୋଟିଏ ହେଲେ ସତ୍ତ୍ୱା ନାହିଁ ଯିଏକି, ତା'ର ଜୀବନରେ ମାତ୍ର ଗୋଟିଏ ଥର ପାଇଁ ହେଲେ ମଧ୍ୟ, ନିଜ ଭିତରେ ଏକ ପ୍ରବଳ ପ୍ରେରଣା ଅନୁଭବ କରିଥିବ ··· ତାହାକୁ ସିଏ ଯେଉଁ ନାମ ଦେଇ କହିଥିବ, ତାହାର କୌଣସି ମହତ୍ତ୍ୱ ନାହିଁ —କହିବାର ସୁବିଧା ଦୃଷ୍ଟିରୁ ଆମେ ତାହାକୁ ଦିବ୍ୟ ପରମସତ୍ତ୍ୱା ବୋଲି କହିବା,— ଯିଏ ସେହି ଦିବ୍ୟ ପରମସତ୍ତ୍ୱାଙ୍କ ଆଡ଼କୁ ଯିବା ଲାଗି ଥରେ ମଧ୍ୟ ଏକ ପ୍ରେରଣା ଅନୁଭବ କରିଥିଲା, ସିଏ ଯେ ସୁନିଶ୍ଚିତ ଭାବରେ ସେଠାରେ ଯାଇ ପହଞ୍ଚି ପାରିବ ନାହିଁ, କୌଣସି ଗୋଟିଏ କ୍ଷେତ୍ରରେ ମଧ୍ୟ ତାହା ହୋଇଥିବାର ମୋତେ ଜଣା ନାହିଁ । ଏପରିକି, କୌଣସି ସମୟରେ ସିଏ ତାଙ୍କ ପ୍ରତି ବିମୁଖ ହୋଇ ପଳାଇ ଆସୁଥିଲେ ମଧ୍ୟ ତାହାର ଆଦୌ କୌଣସି ମହତ୍ତ୍ୱ ନାହିଁ —ସିଏ ଅବଶ୍ୟ ସେଠାରେ ଯାଇ ପହଞ୍ଚିବ । ତାକୁ ଅଳ୍ପବହୁତ ସଂଗ୍ରାମ କରିବାକୁ ପଡ଼ିବ, ଅଳ୍ପ ବହୁତ ନାନା ବାଧାର ସମ୍ମୁଖୀନ ହେବାକୁ ପଡ଼ିବ, ମାତ୍ର ତଥାପି ସୁନିଶ୍ଚିତ ଭାବରେ ଦିନେ ନା ଦିନେ ସଫଳତା ଲାଭ କରିବ । ଏହି କ୍ଷେତ୍ରରେ ଏକ ଆତ୍ମାକୁ ନିର୍ବାଚିତ କରି ନିଆଯାଇଥିବ, ତାହା ସଚେତନ ହୋଇଥିବ, କାରଣ ତାହାର ମୁହୂର୍ତ୍ତଟି ଆସି ପହଞ୍ଚିଥିବ—ଥରେ ସେହି ମୁହୂର୍ତ୍ତଟି ଆସି ପହଞ୍ଚିଗଲେ, ପରିଣାମଟି ମଧ୍ୟ ଅଳ୍ପବହୁତ ସତ୍ୱରତାର ସହିତ ଅବଶ୍ୟ ଫଳିବ । ତୁମେ ମାତ୍ର କେତୋଟି ମାସରେ ଏହି କଥାଟିକୁ ସମ୍ପନ୍ନ କରିପାରିବ, ହୁଏତ କେତେ ବର୍ଷ ମଧ୍ୟରେ କରିବ ବା ସମ୍ଭବତଃ କେତୋଟି ଜନ୍ମ ଲାଗିଯିବ,—ମାତ୍ର ଦିନେ ନା ଦିନେ ଅବଶ୍ୟ କରିବ ।

ଏବଂ. ଏହି କ୍ଷେତ୍ରରେ ଯଥାର୍ଥରେ ଚମତ୍କାର କଥାଟି ହେଉଛି ଯେ, ନିର୍ବାଚନଟି ତୁମ ଉପରେହିଁ ଛାଡ଼ି ଦିଆ ହୋଇଛି ଏବଂ, ତୁମେ ଏହାକୁ ଏହି ଜନ୍ମ ମଧ୍ୟରେ କରିବ ବୋଲି ଯଦି ନିଜ ଭିତରେ ନିଷ୍ପତ୍ତି ଗ୍ରହଣ କର, ତେବେ ତୁମେ ତାହା ସୁନିଶ୍ଚିତ ଭାବରେ କରି ପାରିବ । ଏବଂ ଏଠାରେ ମୁଁ ଆଦୌ ଏକ ସ୍ଥାୟୀ ଏବଂ ଅବିଚ୍ଛିନ୍ନ ନିଷ୍ପତ୍ତି ଗ୍ରହଣର କଥା ଆଦୌ କହୁ ନାହିଁ; କାରଣ, ସେହି କ୍ଷେତ୍ରରେ ତ ତୁମେ ମାତ୍ର ବାର ମାସ ମଧ୍ୟରେହିଁ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ଯାଇ ପାରିବ । ନାହିଁ ମୁଁ ଏହି ଅର୍ଥରେ କହୁଛି : ଯଦି ତୁମେ ହଠାତ୍ "ମୁଁ ଏହାହିଁ ଇଚ୍ଛା କରୁଛି" ବୋଲି ଏକ ପ୍ରେରଣା ଦ୍ୱାରା ଅଧିକୃତ ହୋଇଥିବ, ଯଦି କେବଳ ଥରେ ମାତ୍ର, ଗୋଟିଏମାତ୍ର ଝଲକ ପରି ତାହା ଘଟିଥିବ, ତେବେ ତାହା ଅବଶ୍ୟ ଘଟିବ ବୋଲି ତା' ଉପରେ ମୋହର ବସି ସାରିଥିବ ।

'oaob.nitrkl.ac.in' images reprocessed

ବୁଝିଲ ?

ମାତ୍ର, ଆମେ ଏପରିକି ଯେ ବାଟରେ ସମସ୍ତ ନଷ୍ଟ କରିବା, ସେକଥା ଆଦୌ ନୁହେଁ; ସେହି କାରଣରୁ ଯେ ଆମେ ଅଙ୍କାବଙ୍କା ବାଟ ଦେଇ ଭୁଆଁ ବୁଲିବାରେ ଲାଗିଥିବା ଏବଂ ଶେଷରେ ଗୁଡ଼ାଏ ଅଳିଆ ମଳିଆ ନେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା, ସେକଥା ମଧ୍ୟ ନୁହେଁ । ମାତ୍ର, ତଥାପି, ଏହି କାରଣରୁହିଁ ଆମେ କେବେହେଲେ ନୈରାଶ୍ୟର ବଶବର୍ତ୍ତୀ ହେବା ନାହିଁ; ଯେତେ ଯାହା ବାଧା ଆସି ପହଞ୍ଚିଲେ ମଧ୍ୟ ତଥାପି ନିରାଶ ହେବା ନାହିଁ ।

ମୋର ମତ ହେଉଛି ଯେ, ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ରହିଥିବ, ତେବେ ତାହାକୁ ଯଥାସମ୍ଭବ ଶୀଘ୍ର କରିଦେବାହିଁ ଅପେକ୍ଷାକୃତ ଅଧିକ ଭଲ କଥା ହେବ । ମାତ୍ର ତଥାପି ଏପରି ଲୋକ ଅଛନ୍ତି, ଯେଉଁମାନେ କି ସମସ୍ତ ନଷ୍ଟ କରିବାକୁ ଭଲ ପାଉଥାନ୍ତି । ସେମାନଙ୍କ ଜୀବନରେ ଲକ୍ଷ୍ୟସ୍ଥଳଟିରେ ଯାଇ ପହଞ୍ଚିବା ପୂର୍ବରୁ ସମ୍ଭବତଃ ବାରମ୍ବାର ବୁଲାଣି ବୁଲିବାର, ଫେରି ଆସିବାର ଓ ଅଙ୍କାବଙ୍କା କେତେ ବାଟ ଦେଇ ଯିବା ଲାଗି ଏକ ଆବଶ୍ୟକତା ରହିଥାଏ । ମାତ୍ର, ତାହା ହେଉଛି ନିଜ ଲାଗି ବାଟଟିଏ ବାଛିବାରହିଁ କଥା । ଦୁର୍ଭାଗ୍ୟବଶତଃ, ଯେଉଁମାନଙ୍କର ଏହିପରି ବୁଲାଣି ବୁଲିବାର, ଫେରି ଆସିବାର, ଅଡ଼େଇ ଦେବାର ଓ ଅନାବଶ୍ୟକ ଭାବରେ ଅଙ୍କାବଙ୍କା ବାଟରେ ଯିବାର ଏହି ଅଭ୍ୟାସଟି ରହିଥାଏ, ସେହିମାନେହିଁ ସବୁଠାରୁ ବେଶୀ ଅଭିଯୋଗ କରନ୍ତି; ସେମାନେ ବିଳାପ କରିବାରେ ଲାଗିଥାନ୍ତି, ଏବଂ ସେମାନେ ନିଜେ ନିଜ ଦୁଃଖଭୋଗର କର୍ମୀ ହୋଇ ରହିଥାଆନ୍ତି ।

ଯଦି ଜଣେ ବ୍ୟକ୍ତି ଯାହା କିଛି ହେଲେ ମଧ୍ୟ ଆପଣାର ପଥରେ ସିଧା ଚାଲିଯିବା ପାଇଁ ନିଷ୍ପତ୍ତି କରିଥାଏ—ସିଏ ଅଳ୍ପକେତେକ ବାଧାକୁ ସହ୍ୟ କରି ଜାଣିଥାଏ, ଆଦୌ କୌଣସି ଦୁର୍ବଳତା ପ୍ରକାଶ ନ କରି ଅସୁବିଧାଗୁଡ଼ିକର ସମ୍ମୁଖୀନ ମଧ୍ୟ ହୋଇଥାଏ—ତେବେ ତାକୁ ଆଦୌ ଖୁବ୍‌ବେଶୀ ଅଡ଼ୁଆ ଭିତରେ ପଶିବାକୁ ପଡ଼େ ନାହିଁ । ମାତ୍ର, ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଦେହ ଧରି ନେଲେ ଅଥବା ଖୁବ୍ ଜୋର୍‌ରେ ଟାଣିଲେ ଯାଇ ଯିବାକୁ ରାଜି ହୁଅନ୍ତି । ଏବଂ, ସେମାନଙ୍କୁ ଅତି ପ୍ରବଳ ଭାବରେ ଟଣାଯାଉଛି ବୋଲି ସେମାନେ ସେତେବେଳେ ଏତେ ବଡ଼ ପାଟିରେ ଚିତ୍କାର କରି କହୁଥାନ୍ତି ।

ମାତ୍ର, ସେମାନେ ନିଜେହିଁ ତ ସେହିପରି ଇଚ୍ଛା କରିଥାନ୍ତି !

ବୁଝିଲ ?

'oaob.nitrkl.ac.in' images reprocessed

# ୨୭ ଅକ୍ଟୋବର ୧୯୫୫

ମାଆ "ଯୋଗ-ସମନ୍ୱୟ" ର "ସାଧନ-ଚତୁଷ୍ଟୟ" ରୁ କିଛି ପାଠ କଲେ ।

**କୌଣସି ପ୍ରଶ୍ନ ନାହିଁ ?**

**ଏହି ପାଠ୍ୟାଂଶ ବିଷୟରେ କୌଣସି ପ୍ରଶ୍ନ ଆସିବ ନାହିଁ, ଏହା ସ୍ଫଟିକ ପରି ସ୍ପଷ୍ଟ ହୋଇ ଯାଉଛି ।**

ଏଠାରେ ଲେଖା ହୋଇଛି : "ଅନ୍ତରସ୍ଥ ଶବ୍ଦଟି ଆମ ଭିତରେ ଥିବା ଓ ସତତ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉନ୍ମୋଚିତ ହୋଇ ରହିଥିବା ଅନ୍ତରତମ ଆତ୍ମାର ବାଣୀ ହୋଇପାରେ ଅଥବା ତାହା ସେହି ପ୍ରଚ୍ଛନ୍ନ ଓ ପରମ ବିଶ୍ୱଗୁରୁଙ୍କର ବାଣୀ ମଧ୍ୟ ହୋଇପାରେ···" ଦିବ୍ୟ ପରମସତ୍ତା ଏବଂ ପରମ ବିଶ୍ୱଗୁରୁ — ସିଏ ଦୁହେଁ ପରସ୍ପରଠାରୁ ପୃଥକ୍ କାହିଁକି ହେବେ ?

**ପରମ ବିଶ୍ୱଗୁରୁ ହେଉଛନ୍ତି ଦିବ୍ୟ ପରମସତ୍ତାଙ୍କର କେବଳ ଗୋଟିଏ ବିଭାବ ମାତ୍ର । ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଯାବତୀୟ କ୍ରିୟାତ୍ମକତା ଅନ୍ତର୍ଗତ ହୋଇ ରହିଛି; ପରମଗୁରୁର ଭୂମିକା ହେଉଛି ସେଥିମଧ୍ୟରୁ ଗୋଟିଏ କ୍ରିୟାତ୍ମକତା; ଯେଉଁ ପରମ ଅଦ୍ୱିତୀୟ ଶିକ୍ଷା ଦିଅନ୍ତି ସିଏ ହେଉଛନ୍ତି ପରମଗୁରୁ । ଶ୍ରୀଅରବିନ୍ଦ ଏପରି କହିବାର କାରଣ ହେଉଛି ଯେ, ଏହି କ୍ଷେତ୍ରରେ ଦିବ୍ୟ ପରମସତ୍ତାଙ୍କ ସହିତ ହୁଏତ ଏକ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ ହୁଏ ଅଥବା ତାଙ୍କର ଏକ ବିଭାବ ସହିତହିଁ ସେହି ସମ୍ପର୍କଟି ସ୍ଥାପିତ ହୋଇଥାଏ; ଯେଉଁ ପରମ ଅଦ୍ୱିତୀୟ ଶିକ୍ଷା ଦିଅନ୍ତି, ସେହି ଦିବ୍ୟ ପରମଗୁରୁଙ୍କ ସହିତ ସମ୍ପର୍କ ସ୍ଥାପିତ ହୁଏ । ମାତ୍ର ଦିବ୍ୟ ପରମସତ୍ତା କେବଳ ସେହି ପରମଗୁରୁଙ୍କଠାରୁ ଅନେକ ଅଧିକ ।**

**ହେଲା ?**

ମାଆ, ଏଠାରେ ଲେଖାଯାଇଛି "କେତେକ କ୍ଷେତ୍ରରେ ଏହି ପ୍ରତିନିଧିମୂଳକ ଶବ୍ଦଟିକୁ ଅନ୍ତରସ୍ଥ ଶକ୍ତି ଜାଗ୍ରତ ଏବଂ ପ୍ରକାଶିତ

'oaob.nitrkl.ac.in' images reprocessed

ହେବାର କେବଳ ଏକ ନିମିତ୍ତ ସଦୃଶ ବ୍ୟବହାର କରାଯାଇଥାଏ…”
ତେବେ, ଏହି କ୍ଷେତ୍ରରେ ଏହାକୁ ବ୍ୟକ୍ତିର ଅଭୀପ୍ସା ଅଥବା ସେହି
ପରମ ଶବ୍ଦର ଶକ୍ତି ବୋଲି କୁହାଯିବ ?

ଏହି କଥାଟି ଅନେକ ପରିମାଣରେ ସାଧକର ବିକାଶଗତ ମାତ୍ରାଟି ଉପରେ ନିର୍ଭର କରେ । ଯଦି ସିଏ ଶବ୍ଦଗୁଡ଼ିକର ପଶ୍ଚାତରେ କ୍ରିୟା କରୁଥିବା ଆଧ୍ୟାତ୍ମିକ ପରମଶକ୍ତି ସହିତ ପ୍ରତ୍ୟକ୍ଷ ସମ୍ପର୍କସ୍ଥାପନ କରିବା ଲାଗି ଯଥେଷ୍ଟ ପରିମାଣରେ ବିକାଶ-ଲାଭ କରିଥାଏ ଏବଂ ସଚେତନ ହୋଇଥାଏ, ତେବେ ଶବ୍ଦଟି ପ୍ରକୃତରେ ଏକ ନିମିତ୍ତରୂପେହିଁ ବ୍ୟବହୃତ ହୋଇଥାଏ । ମାତ୍ର, ଫଳଦାୟକ ହେବା ସକାଶେ ଯଦି ତାହାର କ୍ଷେତ୍ରରେ ଏହାକୁ ଅବଶ୍ୟ ତା'ର ମାନସିକ ବୋଧର ମଧ୍ୟଦେଇ ଯିବାର ଆବଶ୍ୟକତା ରହିଥାଏ, ତେବେ ଶବ୍ଦଟିର ମହତ୍ତ୍ୱ ପ୍ରକୃତରେ ଅନେକ ଅଧିକ ପରିମାଣରେ ବଢ଼ିଯାଏ । ତେଣୁ, ତାହା ବିକାଶଲାଭ କରିଥିବାର ମାତ୍ରା ଉପରେହିଁ ନିର୍ଭର କରେ ।

ଯଦି ଜଣେ ବ୍ୟକ୍ତି ତାହାକୁ ପ୍ରତ୍ୟକ୍ଷ ଭାବରେ ହାସଲ କରିବାର ସାମର୍ଥ୍ୟଟିକୁ ହାସଲ କରିଥାଏ, ତେବେ, ଉଦାହରଣସ୍ୱରୂପ, ସିଏ ଗୋଟିଏ ଗ୍ରନ୍ଥ ଖୋଲି ସେଥିରୁ ବାକ୍ୟଟିଏ ଆବିଷ୍କାର କରେ ଏବଂ ତାହାର ଦ୍ୱାରା ଏକ ଆଲୋକନ ସମ୍ଭବ କରାଇଥାଏ; କାରଣ, ପରବର୍ତ୍ତୀ ପଦକ୍ଷେପଟିକୁ ନେବା ଲାଗି ଆବଶ୍ୟକ ପରମ ଶକ୍ତି ସହିତ ସମ୍ପର୍କସ୍ଥାପନ ଲାଗି ସିଏ ଯେଉଁ ଶବ୍ଦଟି ପାଇଁ ଅପେକ୍ଷା କରି ରହିଥିଲା, ସିଏ ବର୍ତ୍ତମାନ ଠିକ୍ ଶବ୍ଦଟିକୁ ପାଇଯାଏ ।

ତା' ନ ହେଲେ, ଗୋଟିଏ ଗ୍ରନ୍ଥକୁ ନେଇ ଅଧ୍ୟୟନ କରିବାକୁ ହୁଏ, ସେଥିରୁ ବାକ୍ୟ ପରେ ବାକ୍ୟ ପାଠ କରିବାକୁ ହୁଏ, ଶବ୍ଦ ପରେ ଶବ୍ଦ ପଢ଼ିବାକୁ ହୁଏ; ତା'ପରେ ସେଗୁଡ଼ିକ ଉପରେ ମନନ କରିବାକୁ ହୁଏ, ସେଗୁଡ଼ିକୁ ବୁଝିବାକୁ ହୁଏ ଏବଂ ପରିପାଚତ କରିବାକୁ ହୁଏ ଏବଂ ତା'ପରେ ଯାଇ ଧୀରେ ଧୀରେ, ପରିପାଚନ ଓ ବୁଝିସାରିବା ପରେ ଯାଇ ତାହାର ବ୍ୟକ୍ତିର ସ୍ୱଭାବ ଉପରେ କୌଣସି ପ୍ରଭାବ ପଡ଼ିବା ଆରମ୍ଭ ହୁଏ ଏବଂ ତେବେଯାଇ ସେହି ବ୍ୟକ୍ତି କୌଣସି ଅଗ୍ରଗତି କରିଥାଏ ।

ତେଣୁ, ଗୋଟିଏ କ୍ଷେତ୍ରରେ ଏହା ଏକ ପ୍ରତ୍ୟକ୍ଷ ସମ୍ପର୍କ, ତୁମେ ଦେଖ, ମାତ୍ର ଗୋଟିଏ ବାକ୍ୟ ବା ଗୋଟିଏ ଶବ୍ଦ…କେବଳ ଗୋଟିଏ ଶବ୍ଦ ଅଥବା ଗୋଟିଏ ବାକ୍ୟ ପଢ଼ିବା ସଙ୍ଗେ ସଙ୍ଗେ ଏକ ଆଲୋକନ ସମ୍ଭବ ହୋଇଥାଏ । ଏବଂ ତା'ର ଆବଶ୍ୟକ ସମସ୍ତ ଶକ୍ତି ଉପଲବ୍ଧ ହୋଇଯାଏ । ଆଉ ବାକଟି ହେଉଛି ଜ୍ଞାନୀ ଓ ବିଦ୍ୱାନ୍ ବ୍ୟକ୍ତିର ବାଟ, ସିଏ ପ୍ରଧାନତଃ ବୁଦ୍ଧିକ୍ଷେତ୍ରର ଜଣେ ବ୍ୟକ୍ତି ଏବଂ

'oaob.nitrkl.ac.in' images reprocessed

ତେଣୁ ତା'ଲାଗି ଅଧ୍ୟୟନ ଦରକାର, ମନନ ଓ ପରିପାଚନ ଦରକାର; ପଠିତ ସକଳ ବିଷୟକୁ ଯୁକ୍ତି ପ୍ରୟୋଗ କରି ବୁଝିବା ଦରକାର,—ତେବେଯାଇ ତା'ର କୌଣସି ଅଗ୍ରଗତି ସମ୍ଭବ ହୁଏ । ଏହା ଏକ ଦୀର୍ଘ ପଥ, ଶ୍ରମସାପେକ୍ଷ ପଥ ।

**ସରଳ ?**

ମାଆ, ଆପଣ ଗୋଟିଏ ଫୁଲକୁ "ସୃଜନକାରୀ ଶବ୍ଦ" ବୋଲି ନାମ ଦେଇଛନ୍ତି ।

ହଁ ।

ତାହାର ଅର୍ଥ କ'ଣ ?

ଯେଉଁ ଶବ୍ଦ ସୃଜନ କରିପାରେ ।

ଅନେକ ପ୍ରକାରର ପ୍ରାଚୀନ ପରମ୍ପରା ରହିଛି; ପ୍ରାଚୀନ ହିନ୍ଦୁ ପରମ୍ପରା, ପ୍ରାଚୀନ ଖାଲ୍‌ଦୀୟ ପରମ୍ପରା, ଯେଉଁଥିରେ କି ଦିବ୍ୟ ପରମସତ୍ତା ପରମସ୍ରଷ୍ଟା ରୂପେ ଅର୍ଥାତ୍ ପରମ ସ୍ରଷ୍ଟା ହିସାବରେ ତାଙ୍କର ସେହି ବିଶ୍ୱବଟି ରୂପେ, ଏପରି ଗୋଟିଏ ଶବ୍ଦ ଉଚ୍ଚାରଣ କରନ୍ତି, ଯେଉଁଥିରେ କି ସୃଜନର ଶକ୍ତି ନିହିତ ହୋଇ ରହିଥାଏ । ତେଣୁ ଏଇଟି ଠିକ୍ ସେହିକଥା···ଏବଂ ଏହିଥିରୁହିଁ ମନ୍ତ୍ରର ଉତ୍ପତ୍ତି । ମନ୍ତ୍ର ହେଉଛି ଏକ ଉଚ୍ଚାରିତ ଶବ୍ଦ, ଯାହାର କି ଏକ ସୃଜନକାରୀ ଶକ୍ତି ରହିଛି । ଏଥିରେ ଏକ ଆବାହନ କରି ଯାଇଥାଏ ଏବଂ ଆବାହନର ଏକ ଉତ୍ତର ମଧ୍ୟ ମିଳିଯାଏ । ଅଥବା, ଜଣେ ପ୍ରାର୍ଥନାଟିଏ କରେ ଏବଂ ସେହି ପ୍ରାର୍ଥନା ଗୃହୀତ ହୋଇଥାଏ । ଏହାହିଁ ହେଉଛି ସେହି ଶବ୍ଦ, ଯାହାର ଧ୍ୱନି···କେବଳ ତାହାର ଅର୍ଥ ନୁହେଁ, ତାହାର ଧ୍ୱନିରେ ମଧ୍ୟ ଏକ ସୃଜନକାରୀ ଶକ୍ତି ରହିଥାଏ । ସେଇଥିରୁ ମନ୍ତ୍ରର ଉତ୍ପତ୍ତି ହୁଏ ।

ଭାରତୀୟ ପୁରାଣକଳ୍ପନା ଅନୁସାରେ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା ଏବଂ ମୁଁ ଭାବୁଛି "ସୃଜନକାରୀ ଶବ୍ଦ" ଫୁଲଟି ଠିକ୍ ତାଙ୍କର ସେହି ଶକ୍ତିରହିଁ ପ୍ରତୀକ ହୋଇ ରହିଛି । ଏବଂ, ସେହି ଫୁଲଟିର ସଂସ୍ପର୍ଶରେ ଆସିଲାବେଳେ, ଉଚ୍ଚାରିତ ଶବ୍ଦଗୁଡ଼ିକରୁ ଏକ ଆବାହନ ବା ସୃଜନ, ଅଥବା ସଂରଚନ ବା ରୂପାନ୍ତରର ଏକ ଶକ୍ତି ସଞ୍ଜାତ ହେଉଛି; ଶବ୍ଦଗୁଡ଼ିକ···ଧ୍ୱନିଗୁଡ଼ିକର ସର୍ବଦା ଏକ ଶକ୍ତି ରହିଥାଏ; ଲୋକମାନେ ସାଧାରଣତଃ ଯେତିକି ବୋଲି ଭାବନ୍ତି, ତାହାଠାରୁ ଅନେକ ଅଧିକ ଶକ୍ତି ରହିଥାଏ । ଏହା ଏକ ମଙ୍ଗଳକାରୀ ଶକ୍ତି ହୋଇପାରେ, ଏକ ମନ୍ଦ ଶକ୍ତି ମଧ୍ୟ ହୋଇପାରେ । ଏଥିରୁ ଯେଉଁ ସ୍ପନ୍ଦନମାନ ଜାତ ହୁଏ, ତାହାର ଅନସ୍ୱୀକାର୍ଯ୍ୟ ଭାବରେ ଏକ ପ୍ରଭାବ ପଡ଼େ । ଶବ୍ଦର ଅର୍ଥଠାରୁ ଶବ୍ଦର ଧ୍ୱନିଗୁଡ଼ିକର ଅଧିକ ପ୍ରଭାବ

'oaob.nitrkl.ac.in' images reprocessed

ପଡ଼େ । ଅର୍ଥଟିର ଅବଶ୍ୟ ଏକ ନିଜସ୍ୱ ଶକ୍ତି ରହିଥାଏ, ମାତ୍ର ସେହି ଶକ୍ତି ତା'ର ନିଜ କ୍ଷେତ୍ରରେହିଁ ରହିଥାଏ—କିନ୍ତୁ ଧ୍ୱନିଟିର ସ୍ଥୂଳ ଜଗତରେ ମଧ୍ୟ ଏକ ଶକ୍ତି ରହିଥାଏ ।

ମୋର ମନେ ହେଉଛି, ମୁଁ ଏହି କଥାଟିକୁ ତୁମମାନଙ୍କୁ ଆଉଥରେ ମଧ୍ୟ ବୁଝାଇ ଦେଇଥିଲି । ଉଦାହରଣସ୍ୱରୂପ, ମୁଁ କହିଥିଲି ଯେ, ଆମେ ଯେଉଁ ଶବ୍ଦଗୁଡ଼ିକୁ କେବଳ ପ୍ରସଙ୍ଗକ୍ରମେ କହିଥାଉ, ଅର୍ଥାତ୍ କିଛି ଚିନ୍ତା ନ କରି କିଂବା ସେଗୁଡ଼ିକ ଉପରେ କୌଣସି ଗୁରୁତ୍ୱ ନ ଦେଇ ଯେଉଁ ଶବ୍ଦଗୁଡ଼ିକୁ ଉଚ୍ଚାରଣ କରିଥାଉ, ସେଗୁଡ଼ିକୁ ଆମର ଅନେକ ଉପକାର କରୁଥିବା କୌଣସି ଉଦ୍ଦେଶ୍ୟରେ ମଧ୍ୟ ପ୍ରୟୋଗ କରାଯାଇ ପାରିବ । ମୁଁ ତୁମକୁ "ସୁପ୍ରଭାତ" "ପ୍ରଣାମ" ପ୍ରଭୃତି ଶବ୍ଦ ବିଷୟରେ ବୋଧହୁଏ କହିଥିଲି । ଯେତେବେଳେ ଲୋକମାନେ ପରସ୍ପରକୁ ଭେଟି "ସୁପ୍ରଭାତ" ବୋଲି କହନ୍ତି, ସେମାନେ ତାହାକୁ ଯନ୍ତ୍ରବତ୍ କହିଥାନ୍ତି ଓ ଅର୍ଥାତ୍ କୌଣସି କଥା ନ ଭାବି ତାହା କହିଥାନ୍ତି । ମାତ୍ର, ଯଦି ତୁମେ ତା'ଭିତରେ ଏକ ଇଚ୍ଛାକୁ ଆଣି ପ୍ରବିଷ୍ଟ କରାଇଥିବ, ଆଉଜଣେ ବ୍ୟକ୍ତିକୁ ପ୍ରକୃତରେ ଶୁଭ ଦିନଟିଏ ମନାସୁଥିବାର ଯଦି ଏକ ଅଭୀପ୍ସା ସେଥିରେ ରହିଥିବ, ତେବେ... ଏହି "ସୁପ୍ରଭାତ"ଟିକୁ କହିବାର ଏକ ପ୍ରଣାଳୀ ରହିଛି, ଯାହାକୁ ପ୍ରକୃତରେ ଅତ୍ୟନ୍ତ ଫଳଦାୟକ ହେବ;—ଯଦି କାହାକୁ ଭେଟି ପ୍ରକାଶ୍ୟରେ କିଛି ନ କହି ତୁମେ "ମୁଁ ଆଶା କରୁଛି, ଦିନଟି ତା'ପାଇଁ ନିଶ୍ଚୟ ଶୁଭ ହେବ" ବୋଲି ଭାବୁଥିବ, ଏହାଠାରୁ ସେଇଟି ଅଧିକ ପରିମାଣରେ ଫଳଦାୟକ ହେବ । ଯଦି ନିଜ ଭାବନାରେ ଏହିପରି ଏକ ଆଶାପୋଷଣ କରି ତୁମେ ଆଉ ଜଣଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ "ସୁପ୍ରଭାତ" ବୋଲି କହିବ, ତେବେ ତୁମେ ତଦ୍ୱାରା ତାହାକୁ ଅଧିକ ମୁକ୍ତି ଓ ଅଧିକ ଫଳପ୍ରଦ କରିଦେଇ ପାରିବ ।

ତାହାକୁ ଅଭିଶାପ ଦେଲାବେଳେ ଅଥବା ରାଗିଯାଇ ଅନ୍ୟମାନଙ୍କୁ ଭର୍ତ୍ସନା କରୁଥିବା ସମୟରେ ମଧ୍ୟ ଠିକ୍ ଏହିଭଳି ଘଟେ । ତୁମେ ଚାଟକଣାଟାଏ ମାରିଥିଲେ ଯେତେ କ୍ଷତି ହୁଅନ୍ତା, ଏହାଦ୍ୱାରା ସେମାନଙ୍କର ଅନେକ ଅଧିକ କ୍ଷତି ହୁଏ । ଅତ୍ୟନ୍ତ ସ୍ପର୍ଶକାତର ଲୋକମାନଙ୍କର କ୍ଷେତ୍ରରେ, ଏହାଦ୍ୱାରା ସେମାନଙ୍କର ପେଟ ଖରାପ ହୋଇଯାଇ ପାରେ, ହୃତ୍ ଦମ୍ ଦମ୍ ହୋଇ ପଡ଼ିପାରେ; ତାହାର କାରଣ ହେଉଛି ଯେ, ତୁମେ ଏହା ମଧ୍ୟରେ ଏପରି ଏକ ମନଃଶକ୍ତି ନେଇ ଭରି ଦେଇଥିଲ, ଯାହାର କି ଏକ ଧ୍ୱଂସକାରୀ ଶକ୍ତି ରହିଥିଲା ।

କୌଣସି କହିବା କେବେହେଲେ ପ୍ରଭାବହୀନ ହୁଏ ନାହିଁ । ଅବଶ୍ୟ ଏହା ବହୁତ ପରିମାଣରେ ପ୍ରତ୍ୟେକ ବ୍ୟକ୍ତିର ଭିତରେ ରହିଥିବା ଶକ୍ତି ଉପରେ ନିର୍ଭର କରୁଥାଏ । ଯେଉଁମାନଙ୍କର କୌଣସି ବଳ ଅଥବା କୌଣସି ଚେତନା ନ ଥାଏ,

'oaob.nitrkl.ac.in' images reprocessed

ସେମାନେ ବେଶୀ କିଛି କରି ପାରନ୍ତି ନାହିଁ । —ଅବଶ୍ୟ ଯଦି ସେମାନେ ସ୍ଥୂଳ ସାଧନଗୁଡ଼ିକର ସାହାଯ୍ୟ ନିଅନ୍ତି, ତେବେ ତାହା ଅନ୍ୟ କଥା ହୋଇପାରେ । ମାତ୍ର ତୁମପାଖରେ ଯେତିକ ଅଧିକ ଶକ୍ତି ରହିଥିବ, ବିଶେଷତଃ ଯଦି ତୁମର ପ୍ରାଣିକ ଅଂଶଟି ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବ,—ନିଜେ କହୁଥିବା କଥା ଉପରେ ତୁମର କିଛି ପରିମାଣରେ ନିୟନ୍ତ୍ରଣ ରହିଥିବ, ତା' ନ ହେଲେ ତୁମେ ପ୍ରକୃତରେ ଅନେକ ଅନିଷ୍ଟର କାରଣ ହୋଇ ପାରିବ । ତୁଏତ ଅନିଷ୍ଟ କରିବାକୁ ଇଚ୍ଛା କରୁ ନ ଥିବ, ଅନିଷ୍ଟ କରୁଛ ବୋଲି ଜାଣୁ ବି ନ ଥିବ, କିନ୍ତୁ ଅଜ୍ଞାନତା ହେତୁ ଅନେକ ଅନିଷ୍ଟର କାରଣ ହେବ ।

ଆଉ କିଛି ? ତେବେ ଆଉ କିଛି ନାହିଁ ?

ଆଉ କୌଣସି ପ୍ରଶ୍ନ ଅଛି ? ···ତେବେ ସବୁ ସରିଲା ?

> ମା'ଆ, ଧ୍ୱନି ସମ୍ବନ୍ଧରେ କହିବାକୁ ଗଲେ, ଭିନ୍ନଭିନ୍ନ ଭାଷାରେ ଧ୍ୱନିଗୁଡ଼ିକର ଭିନ୍ନ ଭିନ୍ନ ଅଭିବ୍ୟକ୍ତି ରହିଛି; ତେବେ କୌଣସି ଭାଷାର ଶକ୍ତି ପ୍ରକୃତରେ କାହା ଉପରେ ନିର୍ଭର କରିବ ?

ମାତ୍ର ଯଦି ତୁମେ ଯଥେଷ୍ଟ ପରିମାଣରେ ସଂବେଦନଶୀଳ ଓ ଗ୍ରହଣସମର୍ଥ ହୋଇଥିବ, ଯଦି ସେତେବେଳେ ତୁମେ ନିଜେ ଆଦୌ ନ ଜାଣିଥିବା ଭାଷାରେ ମଧ୍ୟ କିଛି କହିବ, ମାତ୍ର ଯଦି ସେଥିରେ ଏକ ନିର୍ଦ୍ଦିଷ୍ଟ ଅଭିପ୍ରାୟ ନିହିତ ହୋଇ ରହିଥିବ, ତେବେ ସେହି ଏକା ପ୍ରକାରର ପ୍ରଭାବ ନିଶ୍ଚୟ ଅନୁଭୂତ ହେବ ।

ଯଦି ଜଣେ ବ୍ୟକ୍ତି ତୁମକୁ ସୁପ୍ରଭାତ ବୋଲି କହୁଛି ବା ତୁମର ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି ଏବଂ ଯଦି ତୁମେ ସିଏ କହୁଥିବା ଭାଷାକୁ ଆଦୌ ଜାଣି ନାହଁ, ଏବଂ ଯାହାର କି ତୁମ ନିଜ ଭାଷା ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ, ତେବେ, ଶବ୍ଦର ଅର୍ଥଗୁଡ଼ିକୁ ବୁଝି ନ ପାରୁଥିଲେ ମଧ୍ୟ ତୁମେ ତାହାର ପ୍ରଭାବକୁ ନିଶ୍ଚୟ ଅନୁଭବ କରିବ । ଅଥବା, ଯଦି ଜଣେ ବ୍ୟକ୍ତି କ୍ରୋଧାନ୍ୱିତ ହୋଇ ତୁମକୁ କିଛି କହେ ବା ତୁମକୁ ଭର୍ତ୍ସନା କରେ, ସିଏ ବ୍ୟବହାର କରୁଥିବା ଭାଷାକୁ ତୁମେ ମୋଟେ ଜାଣି ନ ଥିଲେ ମଧ୍ୟ, ତୁମ ଉପରେ ସେଗୁଡ଼ିକର ସ୍ପନ୍ଦନ ନିଶ୍ଚୟ ଆସି ବାଜିବ । ତେଣୁ, ଶବ୍ଦଗୁଡ଼ିକୁ ବୁଝିବା ଉପରେ ଏକଥା ଆଦୌ ନିର୍ଭର କରେ ନାହିଁ । ପ୍ରତ୍ୟେକ ଭାଷାରେ ଏପରି କେତେକ ଧ୍ୱନି ରହିଛି, ଯାହା ଏକ ନିର୍ଦ୍ଦିଷ୍ଟ ଭାବକୁ ବ୍ୟକ୍ତ କରିଥାଏ । କେବଳ ଗୋଟିଏ ଭାଷାର ଯେ ଭାବ ବ୍ୟକ୍ତ କରିବାର ଶକ୍ତି ରହିଛି ସେକଥା ଆଦୌ ନୁହେଁ । ଏବଂ ସେହି ଗୋଟିଏ କଥାକୁ ବ୍ୟକ୍ତ କରିବା ସକାଶେ ବିଭିନ୍ନ ପ୍ରଣାଳୀ ମଧ୍ୟ ରହିଛି । ଏକା କଥାକୁ ବ୍ୟକ୍ତ କରିବାର ଅଗଣିତ ପ୍ରଣାଳୀ ରହିଛି ।

'oaob.nitrkl.ac.in' images reprocessed

ପଣ୍ଡିତ ଲୋକମାନେ ନାନା ବିଷୟ ଆଲୋଚନା କରୁଥିବାର ମୁଁ କେତେଥର ଶୁଣିଛି; ଏବଂ ସେମାନେ ନିଜକୁ ଅତ୍ୟନ୍ତ ଜ୍ଞାନସମ୍ପନ୍ନ ବୋଲି ଚିନ୍ତା କରୁଥିଲେ;— ଈଶ୍ୱର ପ୍ରକୃତରେ କେଉଁ ଭାଷାରେ "ଆଲୋକର ଆବିର୍ଭାବ ହେଉ" ବୋଲି ଉଚ୍ଚାରଣ କରିଥିଲେ, ତାହା ନିରୂପଣ କରିବା ଲାଗି ସେମାନେ କେଡ଼େ ସ୍ଥିର ଗାମ୍ଭୀର୍ଯ୍ୟ ସହିତ ଆଲୋଚନା କରିବାରେ ଲାଗିଥିଲେ ।

ସେମାନଙ୍କ ମଧ୍ୟରୁ କେତେଜଣ କହିଲେ ଯେ ଈଶ୍ୱର ସେହି କଥାଟିକୁ ନିଶ୍ଚୟ ସଂସ୍କୃତ ଭାଷାରେ କହିଥିବେ, ଅନ୍ୟମାନେ ଆଉ ଗୋଟିଏ ଅଧିକ ପ୍ରାଚୀନ ଭାଷାର ଉଲ୍ଲେଖ କରିଥିଲେ; ଆଉ କେହି କହିଲେ ଯେ, ଏହା ନିଶ୍ଚୟ ମିଶରୀୟ ଭାଷାରେ ହୋଇଥିବ । ଏହିପରି ଭାବରେ ଆଲୋଚନାଟି ଚାଲିଥିଲା; ଏବଂ ଆଦୌ ଜଣେ ହେଲେ କେହି ଭାବିଲେ ନାହିଁ ଯେ ଏହା ସମ୍ଭବତଃ ଆଦୌ କୌଣସି ଭାଷାରେ ଉଚ୍ଚାରିତ ହୋଇ ନ ଥିଲା !

ଏହି ଶବ୍ଦ କ'ଣ ବିବର୍ତ୍ତନର ଧାରାଟିକୁ ଅନୁସରଣ କରେ ?

ଅର୍ଥାତ୍ ?...

ଅର୍ଥାତ୍, ଆଗରୁ ଯାହାର ଅଧ୍ୟୟନ କରାଯାଉଥିଲା ତାହା ବର୍ତ୍ତମାନ ଅତି ସାଧାରଣ ସ୍ତରକୁ ସ୍ଖଳିତ ହୋଇ ଆସିଲା ।

କେଉଁ ଶବ୍ଦ ?

ଋଚିତ ଶାସ୍ତ୍ରମାନଙ୍କରେ ପଣ୍ଡିତମାନେ ଯେଉଁସବୁର କଳ୍ପନା କରିଥିଲେ; ଅର୍ଥାତ୍ ଏଠାରେ ଯାହା ଲେଖା ହୋଇଛି...

ତୁମେ ପ୍ରାଚୀନ ପରମ୍ପରାଗୁଡ଼ିକ ବିଷୟରେ କହୁଛ ? ... ହଁ, ମାଆ ଶ୍ରୀଅରବିନ୍ଦ ମଧ୍ୟ ଏକଥା କହୁଛନ୍ତି ଯେ ତାହା ବଦଳି ନ ଯିବା ଲାଗି ପ୍ରକୃତରେ ଆଦୌ କୌଣସି କାରଣ ନ ଥାଏ; ଏଥିରେ ଯେ ଆଉରି ଅଧିକ କିଛି ଅପି ଯୁକ୍ତ ନ ହେବ, ଏଥିରେ କୌଣସି ପରିବର୍ତ୍ତନ କରା ନ ଯିବ, ତାହାର କୌଣସି କାରଣ ନ ଥାଏ । ସିଏ କହୁଛନ୍ତି...ସିଏ ସ୍ୱୟଂ ତୁମ ପ୍ରଶ୍ନଟିର ଉତ୍ତର ଦେଉଛନ୍ତି ।

ଅତୀତର ସ୍ମୃତିକୁ ସାଇତି ରଖିବା ଦ୍ୱାରା ଯଦି ତୁମକୁ କୌଣସି ସାହାଯ୍ୟ ହେଉଥାଏ, ତେବେ ତାହାକୁ ସାଇତି ରଖିବା ନିଶ୍ଚୟ ଭଲ କଥା । ମାତ୍ର, ତାହା ଯେପରି ତୁମକୁ ଆଗକୁ ଯିବାରୁ ନିବୃତ୍ତ କରି ନ ରଖେ । ଏବଂ, ଏକଦା ଯେଉଁ ଶିକ୍ଷା ପ୍ରକୃତରେ ଉପାଦେୟ ହୋଇ ରହିଥିଲା, ତାହା ଆଉ ଅନ୍ୟ ଏକ ସମୟରେ ସେହିଭଳି ମୋଟେ ରହେ ନାହିଁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

'oaob.nitrkl.ac.in' images reprocessed

ମୁଁ ପଚାରୁଛି ଏହା କ'ଣ ବିବର୍ତ୍ତନର ମଧ୍ୟ ଅନୁସରଣ କରୁଥାଏ ?

କେଉଁ ବିବର୍ତ୍ତନ ?

ଅର୍ଥାତ୍, ଯାହା ପୂର୍ବେ ଆବଶ୍ୟକ ହେଉଥିଲା, ତାହା ଆଜ ଯଥେଷ୍ଟ ହୋଇପାରୁ ନାହିଁ ।

ନ୍ୟାୟତଃ, ନୂଆ କଥା ଆଣି ମିଶାଇବାକୁହିଁ ପଡ଼ୁଥାଏ ।

ମାତ୍ର, ସାଧାରଣତଃ, ଯେଉଁମାନେ ଅତୀତ ଭିତରେ କାବୁଡ଼ି ହୋଇ ରହିଥାନ୍ତି ସେମାନେ ତାହାକୁ ଠିକ୍ ସେହିପରି ରଖିବା ନିମନ୍ତେ ଇଚ୍ଛା କରୁଥାନ୍ତି; ଏବଂ, ଅନ୍ୟମାନେ, ଯେଉଁମାନେ ଆଗକୁ ଯିବା ଲାଗି ମନ କରୁଥାନ୍ତି, ସେମାନେ ସବୁକିଛିକୁ ପ୍ରତ୍ୟାଖ୍ୟାନ କରିଦେବାକୁ ଚାହାନ୍ତି ଏବଂ କେବଳ ନିଜେ ଖୋଜି ପାଇଥିବା ବସ୍ତୁଗୁଡ଼ିକୁ ରଖିବାକୁ ଇଚ୍ଛା କରୁଥାନ୍ତି । ଏବଂ କେଣ୍ଡ, ଉଭୟେ ସେହି ସାଧାରଣ ଭୁଲ୍‌ଟିକୁହିଁ କରନ୍ତି···ଅର୍ଥାତ୍, ସେମାନେ ନିଜକୁ ସୀମା ଭିତରେ ନେଇ ରଖିଦିଅନ୍ତି ଏବଂ ନିଜର ଚେତନାକୁ ଅଧିକ ପ୍ରଶସ୍ତ କରିବା ପରିବର୍ତ୍ତେ ତାହାକୁ ସଙ୍କୀର୍ଣ୍ଣ କରି ରଖନ୍ତି ।

ଧ୍ୱନି କେବଳ ଆମର ଏହି ସ୍ଥୂଳ ଜଗତରେ ରହିଛି ନା ଅନ୍ୟ ଆୟତନଗୁଡ଼ିକରେ ମଧ୍ୟ ତାହା ବିଦ୍ୟମାନ୍ ରହିଛି ?

ଧ୍ୱନି ସେଠାରେ ମଧ୍ୟ ରହିଛି ।

ଏଠାରେ ଯେଉଁଭଳି ରହିଛି, ଠିକ୍ ସେହିପରି ?

ଅଭିବ୍ୟକ୍ତ ଯାବତୀୟ ଜଗତରେ ଅବଶ୍ୟ ଧ୍ୱନି ରହିଛି ଏବଂ, ଉପଯୁକ୍ତ ଇନ୍ଦ୍ରିୟ ରହିଥିଲେ ଆମେ ନିଶ୍ଚୟ ତାହାକୁ ଶୁଣିପାରିବା ।

ଅନେକ ଧ୍ୱନି ସର୍ବୋଚ୍ଚ ଭୂମିଗୁଡ଼ିକରେ ରହିଛି ଏବଂ ବସ୍ତୁତଃ, ଆମେ ଏଠାରେ ଯେଉଁ ଧ୍ୱନିକୁ ଶୁଣିବାକୁ ପାଉଛୁ, ସେହି ଅନ୍ୟ ଧ୍ୱନିଟିର ତୁଳନାରେ ଏହା କେବଳ ଏକ କୋଳାହଳ ପରିହିଁ ଅନୁଭୂତ ହେଉଥିବ ।

ଉଦାହରଣସ୍ୱରୂପ, ଏପରି ଅନେକ ସୌନ୍ଦର୍ଯ୍ୟଯୁକ୍ତ ଏବଂ ସଙ୍ଗୀତମୟ ରାଜ୍ୟ ରହିଛି, ଯେଉଁଠାରେ କି ଆମର ଏଠାରେ ବିଦ୍ୟମାନ ଥିବା ସଙ୍ଗୀତର ଉତ୍ସଟିକୁ ଶୁଣିବାକୁ ମିଳିଥାଏ;—ମାତ୍ର, ସେହି ସଙ୍ଗୀତର ତୁଳନାରେ, ଏହି ସ୍ଥୂଳ, ଭୌତିକ ସ୍ତରର ସଙ୍ଗୀତ ଏକାନ୍ତ ବର୍ବର ବୋଲି ବୋଧ ହୋଇଥାଏ ! ଯିଏ ସେହି

'oaob.nitrkl.ac.in' images reprocessed

ସଙ୍ଗୀତକୁ ଶୁଣିଛୁ, ତାକୁ ଏହି ସ୍ତରର ନିପୁଣତମ ବାଦ୍ୟଯନ୍ତ୍ର ମଧ୍ୟ ଏକାନ୍ତ ଅଯଥେଷ୍ଟ ବୋଲି ବୋଧ ହେବ। ଆମର ଭୌତ ଯାବତୀୟ ଯନ୍ତ୍ର, — ଏସବୁମଧ୍ୟରେ ବେହେଲାରହିଁ ସୁନିଶ୍ଚିତ ଭାବରେ ସବୁଠାରୁ ଅଧିକ ବିଶୁଦ୍ଧ ଧ୍ୱନି ରହିଛି, — ଅଭିବ୍ୟକ୍ତିର କ୍ଷେତ୍ରରେ, ଏହି ସୌଷମ୍ୟଯୁକ୍ତ ଜଗତର ସଙ୍ଗୀତ ତୁଳନାରେ ସେଗୁଡ଼ିକ ଅତ୍ୟନ୍ତ ନିମ୍ନତର ସ୍ତରର ହୋଇ ରହିଛି।

ଯେତେବେଳେ ମନୁଷ୍ୟର କଣ୍ଠସ୍ୱର ସମ୍ପୂର୍ଣ୍ଣ ଭାବରେ ବିଶୁଦ୍ଧ ହୋଇ ରହିଥାଏ, ସେତେବେଳେ ଅନ୍ୟ ସକଳ ଯନ୍ତ୍ରର ତୁଳନାରେ ତାହାହିଁ ସର୍ବୋତ୍ତମ ଅଭିବ୍ୟକ୍ତିକୁ ସମ୍ଭବ କରେ; ମାତ୍ର ଏହା ତଥାପି…ଏହାର ଏପରି ଏକ ଧ୍ୱନି ରହିଛି ଯାହାକି ସେହି ଅନ୍ୟ ଧ୍ୱନିଟିର ତୁଳନାରେ ଅତ୍ୟନ୍ତ କର୍କଶ ଏବଂ ଅତ୍ୟନ୍ତ ସ୍ଥୂଳ ପରି ଶୁଣା ଯାଉଥାଏ। ସେହି କ୍ଷେତ୍ରରେ ଯାଇ ପହଞ୍ଚିଲେ ଆମେ ଯଥାର୍ଥ ସଙ୍ଗୀତକୁ ଜାଣିବାକୁ ସମର୍ଥ ହେଉ। ଏବଂ, ସେଥିରେ ଏପରି ଏକ ପରିପୂର୍ଣ୍ଣ ସ୍ୱଚ୍ଛତା ରହିଥାଏ ଯେ, ଧ୍ୱନିଟି ଆସି କାନରେ ବାଜିବା ସଙ୍ଗେ ସଙ୍ଗେ, ଯାହା ବ୍ୟକ୍ତ କରାଯାଉଛି, ତାହାର ସମ୍ପୂର୍ଣ୍ଣ ବୋଧଟି ଉପଲବ୍ଧ ହୋଇଥାଏ। ଅର୍ଥାତ୍ କୌଣସି ଶବ୍ଦ ନ ଥିଲେ ମଧ୍ୟ, କେବଳ ଧ୍ୱନି ଏବଂ…ଏହାକୁ ଇନ୍ଦ୍ରିୟ-ସମ୍ବେଦନ ବୋଲି ବୁଝାଯିବ ନାହିଁ, ଅନୁଭୂତ ବୋଲି ବି କହି ହେବ ନାହିଁ, ସବୁଠାରୁ ଅତ୍ୟନ୍ତ ନିକଟବର୍ତ୍ତୀ ଭାବରେ ହୁଏତ ଆତ୍ମାର ସ୍ଥିତି କିମ୍ବା ଚେତନାର ନାନା ସ୍ଥିତି ବୋଲି ବୁଝାଯିବ, — ତାହାର ଯାବତୀୟ ସୁରରଚନାଗୁଡ଼ିକ ସହିତ ଭାବର ତତ୍ତ୍ୱଟିହିଁ ଆସି ମିଳିଯାଏ। ଧ୍ୱନିର ବ୍ୟଞ୍ଜନାଗୁଡ଼ିକ ମଧ୍ୟଦେଇ ଯାବତୀୟ ସ୍ୱର-ସଂରଚନାକୁ ସ୍ପଷ୍ଟ ଭାବରେ ଗ୍ରହଣ କରି ହୁଏ। ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ମହାନ୍ ସଙ୍ଗୀତଜ୍ଞ ହିସାବରେ ଗଣ୍ୟ ହୋଇଛନ୍ତି, ସଙ୍ଗୀତର ଦୃଷ୍ଟିକୋଣରୁ ଯେଉଁମାନଙ୍କୁ ଗୋଟିଏ ଗୋଟିଏ ପ୍ରତିଭା ବୋଲି ବୁଝାଯିବ, ସେମାନେ ଅଳ୍ପ ବା ବହୁତ ସଚେତନ ଭାବରେ ଅବଶ୍ୟ ସେଇଟିର ସଂସ୍ପର୍ଶରେ ଆସିଥିବେ। ଆମର ଏହି ଭୌତିକ ଜଗତଟି ବର୍ତ୍ତମାନ ଯେପରି ହୋଇ ରହିଛି, ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ସ୍ଥୂଳ ସ୍ତରର ଜଗତ; ଏହି ସତେଅବା କାହାର ଏକ ବ୍ୟଙ୍ଗଚିତ୍ର ହୋଇ ରହିଥିବା ପରି ଦେଖାଯାଉଛି।

ଚିତ୍ର ଆଙ୍କିବାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା। ସମ୍ପ୍ରତି ଆମର ଯେତେସବୁ ଚିତ୍ର ସହିତ ପରିଚୟ ହୋଇଛି, ଅଙ୍କନ ଏବଂ ରଙ୍ଗର ଦୃଷ୍ଟିରୁ ବିଚାର କଲେ ସେଗୁଡ଼ିକ ଗୋଟିଏ ଗୋଟିଏ ରଙ୍ଗମେଞ୍ଚା ପରିହିଁ ଦେଖାଯାଏ; ଚିତ୍ରଟିର ମାଧ୍ୟମରେ ବ୍ୟକ୍ତ ହୋଇଥିବା ବସ୍ତୁଗୁଡ଼ିକର ଉଚ୍ଚ ଦୃଷ୍ଟିରୁ ପୁଳାଏ ରଙ୍ଗ ଆଣି ବୋଳି ଦେଇଥିଲି ପରି ମନେ ହୋଇଥାଏ।

'oaob.nitrkl.ac.in' images reprocessed

ଏବଂ, ସତ୍ୟର ଦୃଷ୍ଟିକୋଣରୁ ମଧ୍ୟ ମୂଳତଃ ଠିକ୍ ସେହି କଥା । ସତ୍ୟ ଜଣେ ସକଳ ଶବ୍ଦର ଅତୀତ ହୋଇ ରହିଥିବା ଶୁଦ୍ଧ ସତ୍ୟର ରାଜ୍ୟଟି ସହିତ ସମ୍ପର୍କରେ ଆସି ପାରିବ,—ଯାବତୀୟ ଶବ୍ଦ ପ୍ରକୃତରେ ବାଡ଼ ବସାଇ ଦେଇଥାଏ, ସୀମା ନିରୂପଣ କରି ଦେଇଥାଏ,...ତେବେ ଏହା ମଧ୍ୟ ଗୋଟିଏ ପ୍ରକାରର ବ୍ୟଙ୍ଗଚିତ୍ରରେ ପରିଣତ ହୋଇଯିବ । ସତ୍ୟ ଜୀବନର ଯେଉଁ ପ୍ରଗାଢ଼ତାକୁ ଆପଣା ମଧ୍ୟରେ ସଞ୍ଚିତ କରି ରଖିଥାଏ, ତାହାକୁ କଦାପି ଶବ୍ଦ ଦେଇ ପ୍ରକାଶ କରି ହୁଏ ନାହିଁ । ଏହି ରାଜ୍ୟ ମଧ୍ୟରେ ସଚେତନ ଭାବରେ ପ୍ରବେଶ କରିବାକୁ ସମର୍ଥ ହେଲେ ଯାଇ ଆମେ ସେହି ପ୍ରଗାଢ଼ତାକୁ ଲାଭ କରିପାରୁ । ଏହାର ସ୍ପନ୍ଦନଗୁଡ଼ିକ ଉପରେ ଆମର ପୂର୍ଣ୍ଣ କର୍ତ୍ତୃତ୍ୱ ରହିଥିଲେ ଏବଂ ଆପଣା ଭିତରୁ ସେଗୁଡ଼ିକର ସଞ୍ଚାରଣ ଏବଂ ପ୍ରସର୍ଜନ କରାଇ ପାରୁଥିଲେ ଯାଇ ଆମେ ଏହାକୁ କେତେକ ପରିମାଣରେ ପ୍ରସାରିତ କରିଦେଇ ପାରିବା । ମାତ୍ର, ଆମେ ତାହା ବିଷୟରେ ଯାହାକିଛି କହୁ କିଂବା ଲେଖୁ, ତାହା ହେଉଛି ଯଥାର୍ଥରେ ଏକ ବ୍ୟଙ୍ଗଚିତ୍ର ।

ଏତିକରେ ସରିଲା ?

ବା ଆଉକିଛି ପ୍ରଶ୍ନ ତଥାପି ରହିଛି ?

ମାଆ, ଆଜି ବିଜୟା ଦଶମୀ । ସମସ୍ତେ କହନ୍ତି ଯେ ପ୍ରତିବର୍ଷ ଆଜି ଆପଣ କୌଣସି ନା କୌଣସି ବିଜୟ ହାସଲ କରନ୍ତି ।

ମାତ୍ର, ସେକଥା ଜାଣିବାର ଅଧିକାରକୁ ଅର୍ଜନ କରିବାକୁ ହେଲେ ତୁମର ତାହା ବିଷୟରେ ଯେତେ କମ ହେଲେ ମଧ୍ୟ ଅନ୍ତତଃ କିଛି ନା କିଛି ଅଭିଜ୍ଞତା ରହିଥିବା ଉଚିତ ।

ଆଜି ପ୍ରକୃତରେ କେଉଁ ବିଜୟ ହାସଲ କରା ହୋଇଛି ?

ତୁମେ ସେହି ବିଷୟରେ କିଛି ଜାଣିଛ କି ?

ଜାଣି ନାହିଁ ? ତେବେ ତୁମର ଏହି ପ୍ରକାରର ଆଦୌ କୌଣସି ଅଭିଜ୍ଞତା ହୋଇ ନାହିଁ ?

କାହାର କୌଣସି ଅଭିଜ୍ଞତା ହୋଇଛି କି ?

ବାସନାଗୁଡ଼ିକ ଉପରେ ବିଜୟ ।

କ'ଣ ହେଲା ? ତେବେ ତୁମ ଭିତରେ ଆଉ କୌଣସି ବାସନା ନାହିଁ ? ସବୁ ବାସନାର ଅନ୍ତ ହୋଇ ଯାଇଛି ? ତୁମକୁ ପ୍ରକୃତରେ ଧନ୍ୟବାଦ । (ସମସ୍ତେ ହସିଲେ)

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

ଏପରିକି, ପରମ୍ପରାଟିକୁ ଅନୁସରଣ କରି କହିଲେ ମଧ୍ୟ,—ଏହା ହେଉଛି କେବଳ ଗୋଟିଏ ସ୍ଥାନୀୟ ପରମ୍ପରା, ସାରା ପୃଥିବୀର ନୁହେଁ, ଏବଂ ଆନ୍ତର କମ୍ କାରଣରୁ ତାହାକୁ ନିଖିଳ ବିଶ୍ୱର ଏକ ପରମ୍ପରା ବୋଲି ବୁଝାଯାଇ ପାରିବ — ପ୍ରକୃତରେ କେତେ ହଜାର ବର୍ଷ ହେଲା ସେ ପ୍ରତ୍ୟେକ ବର୍ଷ ଗୋଟିଏ ଲେଖାଏଁ ବିଜୟ ହାସଲ କରି ଆସିଛନ୍ତି ? ଏବଂ, ତାଙ୍କୁ ସର୍ବଦା ପୁନର୍ବାର ମୂଳରୁ ଆରମ୍ଭ କରିବାକୁ ପଡ଼ୁଛି ।

ଏହାକୁ ନାଶ କରିବା ପ୍ରକୃତରେ ଏକ କଷ୍ଟକର ବ୍ୟାପାର ।

ସରଳ ?

ହଁ, ଆଜି ଆମେ ଏକ ପ୍ରୟୋଗ କରିବା । ଆମେ ଦଶମିନିଟ ସକାଶେ ଧ୍ୟାନ କରିବା, ଏବଂ ଏହି ଦଶ ମିନିଟ ମଧ୍ୟରେ ମୁଁ ତୁମମାନଙ୍କୁ, ଯାହା ଘଟିଛି, ତାହାର ସ୍ପର୍ଶରେ ନେଇ ଆସିବି । ମାତ୍ର ତୁମମାନଙ୍କୁ ମୁଁ ଆଦୌ କିଛି କହିବି ନାହିଁ । ଯଦି କେହି କୌଣସି ବିଷୟରେ ପ୍ରକୃତରେ ସଜ୍ଞାନ ହୋଇ ପାରିବ, ତେବେ ସେ ପରେ ତାହାକୁ ଖଣ୍ଡେ କାଗଜରେ ଲେଖି ମୋତେ ଦେବ ଓ ମୁଁ କାଲି ତାକୁ ଦେଖିବି ।

ବର୍ତ୍ତମାନ ଶେଷ ହେଉ ।

'oaob.nitrkl.ac.in' images reprocessed

# ୨ ନଭେମ୍ବର ୧୯୫୫

ମାଆ "ଯୋଗ-ସମନ୍ୱୟ" ପୁସ୍ତକର "ସାଧନ-ଚତୁଷ୍ଟୟ" ଅଧ୍ୟାୟରୁ କିଛି ପାଠ କଲେ ।

ବର୍ତ୍ତମାନ, ତୁମର ପ୍ରଶ୍ନଟି ?

"ଯୋଗର ପ୍ରକ୍ରିୟାଟି ହେଉଛି ବାହ୍ୟ ପ୍ରତିଭାସଗୁଡ଼ିକ ମଧ୍ୟରେ ନିମଜ୍ଜିତ ହୋଇ ରହିଥିବା ଏକ ଅହଂପ୍ରେରିତ ଚେତନାସ୍ଥିତି ମଧ୍ୟରୁ ମନୁଷ୍ୟର ଆତ୍ମାକୁ ଫେରାଇ ନେଇ ଆସିବା···" "ବାହ୍ୟ ପ୍ରତିଭାସ-ଗୁଡ଼ିକ ମଧ୍ୟରେ ନିମଜ୍ଜିତ ହୋଇ ରହିଥିବା ଏକ ଅହଂପ୍ରେରିତ ଚେତନାସ୍ଥିତି"ର ଅର୍ଥକୁ ମୁଁ ଭଲଭାବରେ ବୁଝି ପାରିଲି ନାହିଁ ।

ଲୋକେ ବାହ୍ୟ ପଦାର୍ଥଗୁଡ଼ିକୁ ନେଇ ବ୍ୟସ୍ତ ହୋଇ ରହିଥାନ୍ତି । ତାହାର ଅର୍ଥ ହେଉଛି ଯେ, ସେମାନଙ୍କର ଚେତନା ବହିଃସ୍ଥ ବସ୍ତୁଗୁଡ଼ିକ ଆଡ଼କୁ ଧାବିତ ହୋଇ ରହିଥାଏ,—ଅର୍ଥାତ୍, ଜଣେ ମଣିଷ ଯାହାକିଛି ଦେଖୁଥାଏ, ଜାଣୁଥାଏ ବା କରୁଥାଏ, ଗଭୀରଭିତର ସତ୍ୟଟିକୁ ବା ଦିବ୍ୟ ପରମସତ୍ତାକୁ ଲାଭ କରିବା ସକାଶେ ଭିତର ଆଡ଼କୁ ମୁହାଁ କରି ରହିବା ପରିବର୍ତ୍ତେ ସେସବୁ ବାହାରମୁହାଁ ହୋଇ ରହିଥାଏ । ଏଇଟି ହେଉଛି ସର୍ବପ୍ରଥମ ଗତିସ୍ପନ୍ଦନ । ତୁମେ ଯାହାକିଛି କରୁଥାଅ, ତୁମ ଚାରିପାଖରେ ଯେଉଁ ଲୋକମାନେ ଥାଆନ୍ତି ଓ ତୁମେ ଯେଉଁ ବସ୍ତୁଗୁଡ଼ିକୁ ବ୍ୟବହାର କରୁଥାଅ,—ସେହିଗୁଡ଼ିକୁ ନେଇ ବ୍ୟସ୍ତ ହୋଇ ରହିଥାଅ । ଏବଂ ତା'ପରେ ତୁମ ଜୀବନର ନାନା କାର୍ଯ୍ୟ : ଶୋଇବା, ଖାଇବା, କଥା କହିବା, କିଛି କାର୍ଯ୍ୟ କରିବା, କିଛିତ୍ ଆନନ୍ଦ ବି ଲାଭ କରିବା,—ଏହି ସବୁଥିରେ ବ୍ୟସ୍ତ ହୋଇ ରହିଥାଅ । ତା'ପରେ ସେଗୁଡ଼ିକୁ ପୁନର୍ବାର ଆରମ୍ଭ କରିବାକୁ ହୁଏ : ସେଇ ଶୋଇବା, ଖାଇବା, ଇତ୍ୟାଦି, ଇତ୍ୟାଦି ପୁଣି ଆରମ୍ଭ ହେଉଥାଏ,—ପୁଣି ସରେ, ପୁଣି ଆରମ୍ଭ ହୁଏ । ଏବଂ ତା'ପରେ, ଅମୁକ ଲୋକ କ'ଣ କହିଲା, ଅମୁକ ଲୋକ କ'ଣ କଲା, ତୁମର କ'ଣ କରିବା ଉଚିତ, ଜୀବନରୁ କି ଶିକ୍ଷା ପାଇବା ଉଚିତ, ଯେଉଁ କାର୍ଯ୍ୟଟିକୁ ପ୍ରସ୍ତୁତ କରି ରଖିବା ଉଚିତ;—ଏବଂ ତା'ପରେ, ତୁମ

'oaob.nitrkl.ac.in' images reprocessed

ଦେହ ଭଲ ଅଛି କି ନାହିଁ, ତୁମକୁ ଭଲ ଲାଗୁଛି କି ନାହିଁ,—ଏହିପରି ଯାବତୀୟ କଥା । ତୁମେ ସାଧାରଣତଃ ଏହିସବୁ କଥା ଭାବି ବ୍ୟସ୍ତ ହୋଇ ରହିଥାଅ ।

ତେଣୁ, ସର୍ବପ୍ରଥମ କାର୍ଯ୍ୟଟି ହେଉଛି—ଏବଂ ଏହା ଆଦୌ ଏକ ସହଜ କାର୍ଯ୍ୟ ନୁହେଁ—ଏହି ସବୁକିଛିକୁ ପୃଷ୍ଠଭୂମିକୁ ନେଇଯିବା ଏବଂ କେବଳ ଗୋଟିଏ ବସ୍ତୁକୁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବସ୍ତୁ ଭାବରେ ତୁମ ଭିତରକୁ ଏବଂ ତୁମ ଚେତନାର ପୁରୋଭାଗକୁ ଆସିବା ଲାଗି ବାଟ ଛାଡ଼ିଦେବା : ତୁମ ଅସ୍ତିତ୍ୱ ତଥା ଜୀବନର ଯଥାର୍ଥ ଉଦ୍ଦେଶ୍ୟଟିର ଅବସ୍ଥାନ;—ତୁମେ ପ୍ରକୃତରେ କ'ଣ, ତୁମେ କାହିଁକି ଜୀବନଧାରଣ କରି ରହିଛ ଏବଂ ଏହି ଯାବତୀୟ ସବୁକିଛିର ପଶ୍ଚାତରେ ପ୍ରକୃତରେ କ'ଣ ଅବସ୍ଥିତ ରହିଛି, ସେହି କଥାଟିକୁ ଅନୁସନ୍ଧାନ କରି ଜାଣିବା । ଏତକ ହେଉଛି ସର୍ବପ୍ରଥମ ପଦକ୍ଷେପ : ବାହ୍ୟ ପ୍ରକାଶଟି ଅପେକ୍ଷା କାରଣ ଏବଂ ଉଦ୍ଦେଶ୍ୟ ଆଡ଼କୁ ଆପଣାକୁ ଅଧିକ ଆଗ୍ରହାନ୍ୱିତ କରି ରଖିବା । ଅର୍ଥାତ୍, ସର୍ବପ୍ରଥମ କାର୍ଯ୍ୟଟି ହେଉଛି, ବହିଃସ୍ଥ ତଥା ପ୍ରାତିଭାସିକ ସକଳ ବସ୍ତୁ ମଧ୍ୟରେ ନିଜକୁ ଏହିପରି ଭାବରେ ଏକାତ୍ମକ କରି ରଖିବାର ସ୍ଥିତିରୁ ଚେତନାକୁ ପ୍ରତ୍ୟାହୃତ କରି ନେଇ ଆସିବା । ଏବଂ, ତୁମେ ପ୍ରକୃତରେ ଯାହାର ସନ୍ଧାନ ଲାଭ କରିବାକୁ ଇଚ୍ଛା କରୁଛ, ଯେଉଁ ପରମସତ୍ୟର ଆବିଷ୍କାର କରିବାକୁ ଚାହୁଁଛ, ତାହାରି ଉପରେହିଁ ଆପଣାକୁ ଏକପ୍ରକାର ଅଭିନିବେଶିତ କରି ରଖିବା । ଏଇଟି ହେଉଛି ସର୍ବପ୍ରଥମ କାର୍ଯ୍ୟ ।

ଏଠାରେ ଥିବା ଅନେକ ବ୍ୟକ୍ତି ଗୋଟିଏ କଥାକୁ ଭାରି ଭୁଲିଯାଆନ୍ତି । ସେମାନେ ଶେଷରୁ ଆରମ୍ଭ କରିବାକୁ ଇଚ୍ଛା କରନ୍ତି । ସେମାନେ ଭାବନ୍ତି ଯେ, ଯାହାକୁ ସେମାନେ ଅତିମାନସ ପରମଶକ୍ତି ବା ପରମ ଚେତନା ବୋଲି କହୁଛନ୍ତି, ନିଜ ଜୀବନରେ ତାହାକୁ ପ୍ରକାଶିତ କରିବାକୁ ସେମାନେ ପ୍ରସ୍ତୁତ ହୋଇ ଗଲେଣି ଏବଂ ତେଣୁ ସେମାନେ ତାହାକୁହିଁ ନିଜର କାର୍ଯ୍ୟ, ନିଜର ସକଳ ଗତିସ୍ପନ୍ଦନ ଏବଂ ଦୈନନ୍ଦିନ ଜୀବନରେ ଅନୁପ୍ରବିଷ୍ଟ କରି ରଖିବାକୁ ଇଚ୍ଛା କରୁଥାନ୍ତି । ମାତ୍ର ଅସୁବିଧାଟି ହେଉଛି ଯେ, ଏହି ଅତିମାନସ ପରମ ଶକ୍ତି ଓ ପରମ ଚେତନା ଯେ ପ୍ରକୃତରେ କ'ଣ ସେକଥା ସେମାନେ ଆଦୌ ଜାଣି ନ ଥାନ୍ତି; ସର୍ବପ୍ରଥମେ ଯେ ଏହି କ୍ଷେତ୍ରରେ ଏକ ଉତ୍କ୍ରମଣର ଆବଶ୍ୟକତା ରହିଛି, ଅନ୍ତଃପ୍ରବିଷ୍ଟ ହେବାର ଏବଂ ବାହ୍ୟ ଜୀବନରୁ ପ୍ରତ୍ୟାହୃତ ହୋଇ ରହିବାର ଆବଶ୍ୟକତା ରହିଛି, ନିଜ ଭିତରେହିଁ ଯେପରି ଅଭିବ୍ୟକ୍ତ ହେବାକୁ ରହିଥିବା ପରମସତ୍ୟଟିକୁ ଲାଭ କରାଯାଇ ପାରିବ, ସେମାନେ ତାହା ଜାଣି ନ ଥାନ୍ତି ।

କାରଣ, ତାହାର ସନ୍ଧାନ ଲାଭ ନ କରିଥିବା ପର୍ଯ୍ୟନ୍ତ ଅଭିବ୍ୟକ୍ତ କରିବା-ଲାଗି ମଧ୍ୟ ତୁମ ପାଖରେ ଆଦୌ କିଛି ନ ଥିବ । ଏବଂ, ମୁଁ ଏକ ଅସାଧାରଣ

'oaob.nitrkl.ac.in' images reprocessed

ଜୀବନ ଯାପନ କରୁଛୁ ବୋଲି କଳ୍ପନା କରିବା ଦ୍ୱାରା ଜଣେ ବ୍ୟକ୍ତି କେବଳ ଆପଣାର ସେହି ଅସାଧାରଣ ସ୍ଥିତିର ଭୂମିଟିକୁ ନେଇ ବାସ କରିବାକୁ ସ୍ୱୀକାର କରେ । ତେଣୁ, ଆମକୁ ସର୍ବପ୍ରଥମେ ଯେ କେବଳ ଅମର ଆତ୍ମା ଏବଂ ତାହାକୁ ଧରି ରଖିଥିବା ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବାକୁ ହେବ ତା'ନୁହେଁ, ଆମକୁ ତାହା ସହିତ ଏକ ତଦାତ୍ମକତା ବି ଅର୍ଜନ କରିବାକୁ ପଡ଼ିବ । ଏବଂ ତା'ପରେ ପରେ ହିଁ କେବଳ ତୁମେ ବାହ୍ୟ କାର୍ଯ୍ୟକଳାପର କ୍ଷେତ୍ରକୁ ଫେରିଆସି ପାରିବ ଏବଂ ତା'ପରେ ଯାଇ ସେଗୁଡ଼ିକର ରୂପାନ୍ତର ଘଟାଇବ; କାରଣ ସେଗୁଡ଼ିକୁ ପ୍ରକୃତରେ କେଉଁ ଦିଗରେ ଧାବିତ କରିବାକୁ ହେବ ଓ କେଉଁଥିକୁ ରୂପାନ୍ତରିତ କରିବାକୁ ହେବ, ସେତେବେଳେ ତୁମେ ସେହି କଥାଟିକୁ ଜାଣି ପାରିଥିବ ।

ଆମେ କଦାପି ଏହି ସୋପାନଟିକୁ ଡେଇଁ ଯାଇପାରିବା ନାହିଁ । ପ୍ରଥମେ ଆପଣାର ଆତ୍ମାକୁ ଆବିଷ୍କାର କରିବାକୁ ପଡ଼ିବ, ଏହା ଏକାନ୍ତ ଅପରିହାର୍ଯ୍ୟ; ଏବଂ, ସେହି ଆତ୍ମା ସହିତ ଏକାତ୍ମକତା ଅର୍ଜନ କରିବାକୁ ହେବ । ତା'ପରେ ଯାଇ ରୂପାନ୍ତରର ସୋପାନଟିକୁ ଆସିପାରିବ । ଶ୍ରୀଅରବିନ୍ଦ କୌଣସି ଏକ ସ୍ଥାନରେ କହିଛନ୍ତି, "ଅନ୍ୟସବୁ ଯୋଗର ଶେଷ ଯେଉଁଠି, ଆମର ଯୋଗର ଆରମ୍ଭ ସେହିଠାରୁ ।" ସାଧାରଣତଃ ଯୋଗ ଆମକୁ ପ୍ରକୃତରେ ଏହି ତଦାତ୍ମକତାର, ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହେବାର ଏହି ସୋପାନଟିକୁ ପରିଚାଳିତ କରି ନେଇଯାଏ; — ସେଥିଲାଗି ତାହାକୁ "ଯୋଗ" ବୋଲି କୁହାଯାଇଛି । ଏବଂ, ଲୋକମାନେ ଯେତେବେଳେ ଏହି ସୋପାନରେ ଆସି ପହଞ୍ଚି ଯାଆନ୍ତି, ସେତେବେଳେ ସେମାନେ ସେହି ମାର୍ଗର ଶେଷରେ ଆସି ପହଞ୍ଚି ଥାଆନ୍ତି ଏବଂ ସେହିଠାରେ ପହଞ୍ଚି ସନ୍ତୋଷ ଲାଭ କରନ୍ତି । ମାତ୍ର ଶ୍ରୀଅରବିନ୍ଦ ଲେଖିଛନ୍ତି : ସେମାନେ ଶେଷ ଯେଉଁଠି କରନ୍ତି, ଆମର ଆରମ୍ଭ ଠିକ୍ ସେହିଠାରୁ ହୁଏ । ତୁମେ ଦିବ୍ୟ ପରମସତ୍ତାଙ୍କୁ ଉପଲବ୍ଧି କରିଥାଅ, ମାତ୍ର ଧ୍ୟାନ ଓ ମନନାଦିରେ ବସି, ଦିବ୍ୟ ପରମସତ୍ତା ଅନୁପଯୋଗୀ ହୋଇ ଯାଇଥିବା ତୁମର ଶରୀର ମଧ୍ୟରୁ ତୁମକୁ ଯେପରି ବାହାର କରି ନେଇଯିବେ, ସେଥିଲାଗି ଅପେକ୍ଷା କରି ରହିବା ପରିବର୍ତ୍ତେ, ତୁମେ ଉପଲବ୍ଧ ସେହି ଚେତନାଟି ସହିତ ଶରୀର ଏବଂ ଜୀବନ ମଧ୍ୟକୁ ଫେରିଆସ ଏବଂ ରୂପାନ୍ତରର କାର୍ଯ୍ୟଟିକୁ ଆରମ୍ଭ କରିଦିଅ । ଏଥିପାଇଁ ଅତ୍ୟନ୍ତ କଠୋର ସାଧନା ଦରକାର ହୁଏ । ଏହିଠାରେହିଁ ସେ ଏହାକୁ ଏକ ଅନାବିଷ୍କୃତ ଅରଣ୍ୟ ମଧ୍ୟରେ ନିଜର ପଥଟିକୁ ନିର୍ମାଣ କରି ଅଗ୍ରସର ହେବା ସହିତ ତୁଳନା କରିଛନ୍ତି । କାରଣ, ଆଗରୁ କେହି-ହେଲେ ସେହି ବାଟରେ ଯାଇ ନ ଥିବା ହେତୁ, ତୁମକୁ ନୂଆକରି ସେଠାରେ ଏକ ପଥର ନିର୍ମାଣ କରିବାକୁ ପଡ଼ିବ । ମାତ୍ର, ଅନ୍ତରସ୍ଥ ଦିବ୍ୟ ପରମସତ୍ତାଙ୍କ ସହିତ ଅର୍ଥାତ୍ ଆପଣାର ଆତ୍ମା ସହିତ ଯୁକ୍ତ ହେବାର ସେହି ଅପରିହାର୍ଯ୍ୟ ଅନୁଭୂତିଟିକୁ ଲାଭ

'oaob.nitrkl.ac.in' images reprocessed

ନ କରିଥିବା ପର୍ଯ୍ୟନ୍ତ ଏକଥା କରିବା ଲାଗି ଚେଷ୍ଟା କରିବା ପ୍ରକୃତରେ ପିଲାଖେଳ ପରିହିଁ ହେବ । ନୁହେଁ ?

ଏଠାରେ ମୁଁ ଯୋଗସାଧନାର କଥା କହୁଛି । ତୁମମାନଙ୍କର, ଏଠାରେ ଥିବା ପିଲାମାନଙ୍କର ଜୀବନ ବିଷୟରେ କିଛି କହୁ ନାହିଁ । ତାହା ହେଉଛି ଏକ ଭିନ୍ନ କଥା । ତୁମେମାନେ ଆପଣାର ବିକାଶସାଧନ ପାଇଁ ଏଠାରେ ରହିଛ । ଏବଂ ଯେତେବେଳେ ତୁମେମାନେ ବିକାଶପ୍ରାପ୍ତ ହେବ ଏବଂ ଆପଣାର ଜୀବନ ବୋଲି ତୁମର ସ୍ୱତନ୍ତ୍ର ହୋଇ କିଛି ରହିବ, ନିଜର ଦୃଷ୍ଟି ବୋଲି ସ୍ୱତନ୍ତ୍ର ଭାବରେ କିଛି ଉପଲବ୍ଧ ହେବ, ତୁମେ କଉଲ ଜୀବନ ବଞ୍ଚିବାକୁ ଇଚ୍ଛା କରୁଛ, ମୁକ୍ତ ଭାବରେ ତାହା ବାଛି ପାରିବାକୁ ଯେତେବେଳେ ତୁମେ ଯଥେଷ୍ଟ ଜ୍ଞାନ ହାସଲ କରିବ, ସେତେବେଳେ ଯାଇ ତୁମେମାନେ ମଧ୍ୟ ଏକ ନିଷ୍ପତ୍ତି ଗ୍ରହଣ କରିବ ।

ମାତ୍ର, ଯେଉଁମାନେ ନିଷ୍ପତ୍ତି ଗ୍ରହଣ କରି ସାରିଛନ୍ତି, ସେମାନଙ୍କ ଲାଗି ସର୍ବପ୍ରଥମ ଅପରିହାର୍ଯ୍ୟ କଥାଟି ହେଉଛି ଯେ, ସେମାନେ ନିଜର ଆତ୍ମାକୁ ଜାଣିବେ, ନିଜ ଚୈତ୍ୟସତ୍ତା ସହିତ ଯୁକ୍ତ ହେବେ ଏବଂ ଅନ୍ତରସ୍ଥ ଦିବ୍ୟ ପରମସତ୍ତାଙ୍କ ସହିତ ମଧ୍ୟ ସଂଯୋଗ ସ୍ଥାପନ କରିବେ । ଏକାନ୍ତ ଅପରିହାର୍ଯ୍ୟ ଭାବରେ ସେମାନେ ଏଇଠାରୁହିଁ ଆରମ୍ଭ କରିବେ । ଆମେ କଦାପି ସେଇଟିକୁ ଡେଇଁପଡ଼ି ସେପାଖକୁ ଯାଇ ପାରିବା ନାହିଁ, ଏହା କଦାପି ସମ୍ଭବ ନୁହେଁ । ତୁମକୁ ଯେଉଁ ସହାୟତା ମିଳୁଛି, ତାହାକୁ ଯଥାର୍ଥରେ ବ୍ୟବହାର କରି ଜାଣିଲେ ଏହି କାର୍ଯ୍ୟଟି ଅତ୍ୟନ୍ତ ତ୍ୱରାନ୍ୱିତ ଭାବରେ ସାଧିତ ହୋଇଯାଇ ପାରିବ । ମାତ୍ର, କାର୍ଯ୍ୟଟିକୁ କରିବାକୁହିଁ ପଡ଼ିବ ।

ସରିଲା ?

କାହାର କିଛି ପଚାରିବାକୁ ଅଛି ?

ପବିତ୍ର ବର୍ତ୍ତମାନ ତାଙ୍କ ଆତ୍ମାର ସନ୍ଧାନ କରୁଛନ୍ତି !

ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି : "···ଏକ ନୂତନ ଦୃଷ୍ଟି-କୋଣରୁ ସେହି ଗୋଟିଏ ସମସ୍ୟାରହିଁ ନିକଟବର୍ତ୍ତୀ ହେବାକୁ ପଡ଼ିବ ।"

ହଁ, ମୁଁ ବର୍ତ୍ତମାନ ଠିକ୍ ସେହି କଥାଟିକୁ କହୁଥିଲି । ସମସ୍ୟାଟି ସେହି ଗୋଟିଏ ସମସ୍ୟା···

ସମସ୍ୟାଟି···

'oaob.nitrkl.ac.in' images reprocessed

**ସମସ୍ୟାଟି ହେଉଛି ନିଜ ଆତ୍ମାକୁ ଆବିଷ୍କାର କରିବା ଏବଂ ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହେବା ।**

କିନ୍ତୁ ମାଆ, ବୈଦିକ ଯୁଗରେ କ'ଣ ସ୍ଥିତି ଠିକ୍ ଏହିଭଳି ଥିଲା ?

**ଆତ୍ମାର ଆବିଷ୍କାର କରିବା ଏବଂ ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହେବା ? ନିଶ୍ଚୟ ।**

ମାତ୍ର, ସେମାନେ କ'ଣ ସଫଳ ହୋଇ ନ ଥିଲେ ?

**ନାହିଁ । ଶ୍ରୀଅରବିନ୍ଦ କହିଛନ୍ତି ଯେ, ବୈଦିକ ଯୁଗରେ ସେମାନେ ଆଧ୍ୟାତ୍ମିକ ଜୀବନକୁ ଭୌତିକ ଜୀବନ ମଧ୍ୟରେ ଆଣି ପ୍ରବିଷ୍ଟ କରାଇବାକୁ ଚେଷ୍ଟା କରିଥିଲେ । ମାତ୍ର ସେ କହିଛନ୍ତି ଯେ, ସେମାନେ ଏଥିଲାଗି ଯେଉଁ ମାର୍ଗର ଅନୁସରଣ କଲେ, ସେତେବେଳେ ଯେଉଁସବୁ ସାଧନର ଆଶ୍ରୟ ନେଇଥିଲେ, ସେଗୁଡ଼ିକ ବର୍ତ୍ତମାନ ଆଉ କାମ ଦେଇ ପାରିବ ନାହିଁ । ଆମେସବୁ ଏଠି ଗୋଟିଏ ବେଦୀ ସ୍ତୂରପାଖରେ ବସି ପୂଜା କରୁଛୁ ବୋଲି ଥରେ କଳ୍ପନା କର !...ବର୍ତ୍ତମାନ ତାହା କାମ ଦେଇ ପାରିବ ନାହିଁ, ଆଉ ମୋଟେ ଉପଯୁକ୍ତ ହେବ ନାହିଁ ।**

ସେମାନଙ୍କର ଆଉ ଆମର,—ଉଭୟଙ୍କର ଲକ୍ଷ୍ୟ କ'ଣ ଏକ ?

**ମୁଁ ଭାବୁଛି ଏକ ।**

**ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ପୃଥିବୀର ଇତିହାସରେ ଏଭଳି ଏକାଧିକ ଯୁଗ ରହିଥିଲା, ଯେତେବେଳେ କି, ଭବିଷ୍ୟତରେ ଦିନେ କ'ଣ ଘଟିବ, ତାହାର ଏକପ୍ରକାର ଦୃଷ୍ଟାନ୍ତ ପ୍ରଦତ୍ତ ହୋଇଥିଲା, ଏକ ପ୍ରତିଶ୍ରୁତି ଦିଆ ଯାଇଥିଲା । ଏଗୁଡ଼ିକୁ ସ୍ୱର୍ଣ୍ଣଯୁଗ ବୋଲି କୁହା ଯାଉଥିଲା । ମାତ୍ର, ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏପରି ଅନେକ ସମୟ ମଧ୍ୟ ରହିଥିଲା, ଯେତେବେଳେ କି, କ'ଣ ହେବାକୁ ଯାଉଛି, ସତେଅବା ଏକ ଜୀବନକୁ ବଞ୍ଚି ଅଳ୍ପ ବହୁତ ସମ୍ପୂର୍ଣ୍ଣ ଭାବରେ ତାହାର ଏକ ଚିତ୍ରକୁ ମଧ୍ୟ ଦର୍ଶାଇ ଦିଆ ଯାଇଥିଲା । ଏହାକୁ କେବଳ ଏକ ନମୁନା-ପ୍ରଦର୍ଶନ ବୋଲି କୁହାଯାଇ ପାରିବ, ଏକ ଦୃଷ୍ଟାନ୍ତ ବୋଲି କୁହାଯିବ,—ମାତ୍ର, ତାହାକୁ ଏକ ଉପଲବ୍ଧି ରୂପେ ଗ୍ରହଣ କରିବା ଲାଗି ସେତେବେଳେ ପୃଥିବୀ ଆଦୌ ପୂର୍ଣ୍ଣ ଭାବରେ ଉପଯୁକ୍ତ ନ ଥିଲା ।**

**ଏହା କେବଳ ଏତିକି କହୁଥିଲା : ଭବିଷ୍ୟତରେ ଠିକ ଏହିପରି ହେବ, ମାତ୍ର ଟିକିନିଖିର କ୍ଷେତ୍ରରେ, ମୂଳଭୂତ ସତ୍ୟଟିର କ୍ଷେତ୍ରରେ ଆଦୌ ଠିକ୍ ଏହିଭଳି ହେବ ନାହିଁ । ଏବଂ ମୁଁ ଭାବୁଛି, ତାହା ବେଶୀ ଦିନ ସ୍ଥାୟୀ ମଧ୍ୟ**

'oaob.nitrkl.ac.in' images reprocessed

ହୋଇ ପାରି ନ ଥିଲା । ଅନ୍ତତଃ ତାହାର ସ୍ଫୁରଣଟି ମଧ୍ୟ ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଛି, ଅତ୍ୟନ୍ତ ସ୍ଥାଣୀୟ ଏବଂ ଅଳ୍ପପରିମିତ ହୋଇ ରହିଛି । ତାହା ମଧ୍ୟରେ ଏକ ସଘନତା ଓ ଅଭିବ୍ୟକ୍ତିଗତ ମହାନ୍ ସୌନ୍ଦର୍ଯ୍ୟ ଅବଶ୍ୟ ରହିଥିଲା ସତ, ମାତ୍ର ତାହା ସତେଯେପରି ଏହି ସମଗ୍ର ପୃଥିବୀଜୀବନଠାରୁ ସମ୍ପୂର୍ଣ୍ଣ ଭାବରେ ଅଲଗା ହୋଇ ରହିଥିଲା; ଗୋଟିଏ ଉଦାହରଣ ଦେଇ କହିଲେ···ଏହା ପ୍ରାୟ ଏପରି ଏକ ଉଦାହରଣ, ଯାହାକୁ ପାଳନ କରିବା ଉଚିତ ନୁହେଁ, ଏହାକୁ ଆଦୌ ପାଳନ କରିହେବ ନାହିଁ, ଏବଂ ଏଇଟି ସହିତ ସର୍ବଦା ଏକ ପ୍ରତିଶ୍ରୁତି ଯୋଡ଼ା ହୋଇ ରହିଥିଲା : "ହଁ, ଏହା ଏପରି ହେବ" ।··· ସେହି ପ୍ରତିଶ୍ରୁତିଟିରହିଁ ବିଭିନ୍ନ ଶବ୍ଦରେ ପୁନରାବୃତ୍ତି କରା ହୋଇଛି,—ସେଥିରେ ଏକ ନୂତନ ଧରଣୀ ବା ଦିବ୍ୟ ଜଗତ ବା ଏକ ନୂତନ ସୃଷ୍ଟି ଇତ୍ୟାଦିର କଥା କୁହାଯାଇଛି ।

ଏବଂ ମୁଁ ଭାବୁଛି, ଏହି କଥାଟି ଆରମ୍ଭ ସମୟରେ ହୋଇଥିଲା··· ଏକାବେଳେକେ ମନୁଷ୍ୟଜାତିର ଆରମ୍ଭ ପର୍ବରେ ନୁହେଁ, ମାତ୍ର ଏକ ଉପଲବ୍ଧି ନିମନ୍ତେ ତାହାର ସଚେତନ ବିବର୍ତ୍ତନର ଆରମ୍ଭ କାଳରେ ହୋଇଥିଲା । ଆମେ ଗତଥର କହିଥିଲୁ ଯେ, ଦୀର୍ଘ କାଳ ପର୍ଯ୍ୟନ୍ତ ମନୁଷ୍ୟସମାଜ ଅତ୍ୟନ୍ତ କ୍ଷାଣ୍ଣ ହୋଇ ରହି ଯାଇଥିଲା, ଏବଂ ସତେଅବା ଏକ ପ୍ରସ୍ତୁତିର ପର୍ଯ୍ୟାୟ ମଧ୍ୟଦେଇ ଗତି କରୁଥିଲା; ତାହା ଏତେ ଅଧିକ ପରିମାଣରେ ମନ୍ଥର ଓ ଅଦୃଶ୍ୟପ୍ରାୟ ହୋଇ ରହିଥିଲା ଯେ ସେଥିଲାଗି ସମ୍ଭବତଃ ନିୟୁତ ନିୟୁତ ବର୍ଷ ଲାଗି ଯାଇଥିଲା । ମାତ୍ର, ଏହି ସକଳ ପ୍ରତିଶ୍ରୁତି ତଥା ଦୃଷ୍ଟାନ୍ତ ପ୍ରକୃତରେ ଯାହାର କେତୋଟି ପ୍ରଥମ ବିନ୍ଦୁପରି ହୋଇ ରହିଥିଲା; ଏକ ଉଚ୍ଚତର ଉପଲବ୍ଧି ନିମିତ୍ତ ଚେତନାର ବିବର୍ତ୍ତନ ଆରମ୍ଭ କରିବା ଲାଗି ଏହାଦ୍ୱାରା ସତେଅବା ଆଗକୁ ଯିବା ଲାଗି ଏକ ପ୍ରଥମ ଆଘାତହିଁ ଦିଆ ଯାଇଥିଲା ।

ମୁଁ ଭାବୁଛି, ଏହି ପର୍ଯ୍ୟାୟରେ ବୈଦିକ ଯୁଗଟି ହେଉଛି ସର୍ବଶେଷ ଯୁଗ । ତା'ପୂର୍ବରୁ ଅନ୍ୟ ଯୁଗଗୁଡ଼ିକ ବି ରହିଥିଲେ, ମାତ୍ର ସେଗୁଡ଼ିକ ବେଶୀ ଦିନ ସ୍ଥାୟୀ ହୋଇ ନ ଥିଲେ ।

ସେଠୁ କିଏ କ'ଣ ପଚାରିବେ କି ?

ପ୍ରଶ୍ନ ଅଛି ? ···ନା ସରିଲା ?

ମାଆ !

ସିଏ ତଥାପି ପ୍ରଶ୍ନ ପଚାରିବ !

ତୁମେ କ'ଣ ଜାଣିବ ବୋଲି ଇଚ୍ଛା କରୁଛ ?

'oaob.nitrkl.ac.in' images reprocessed

ଯେତେବେଳେ ବିବେକାନନ୍ଦ "ଆପଣାର ପରିପୂର୍ଣ୍ଣ ଅବସ୍ଥାକୁ ପ୍ରାପ୍ତ କରିବାକୁ ଯାଉଥିବା ମୂଳଭୂତ ଏକତା"ଟିର କଥା କହୁଥିଲେ, ସେତେବେଳେ କ'ଣ ସିଏ ଅସ୍ପଷ୍ଟ ଭାବରେ ଏହି ବିଷୟରେ ଚିନ୍ତା କରୁଥିଲେ ଅଥବା··· ?

ମୋ'ର ଯେତିକି ଅବଗତି ରହିଛି, ବିବେକାନନ୍ଦଙ୍କର ଜୀବନରେ ଖୁବ୍‌ବେଶୀ ଭୌତିକ ଉପଲବ୍ଧି ହୋଇ ନ ଥିଲା । ଯେଉଁମାନେ ଜୀବନରୁ ପଳାୟନ କରିବାକୁ ଇଚ୍ଛା କରୁଥାନ୍ତି ଓ ନିଜକୁ ଏହି ଇହବ୍ୟାଧିରୁ ମୁକ୍ତ କରିବାକୁ ଚାହୁଁଥାନ୍ତି, ସିଏ ଅଧିକତର ପରିମାଣରେ ସେହିମାନଙ୍କ ଗୋଷ୍ଠୀର ଥିଲେ ।

ମାତ୍ର, ଜୀବନର ଶେଷ ଦଶାରେ ସେ ଦୁଃଖ ପ୍ରକାଶ କରିଥିଲେ ଯେ ସେ ସଫଳ ହୋଇପାରିଲେ ନାହିଁ ।

ମୁଁ ଥରେ ସେହିପରି କିଛି ପଢ଼ିଥିଲି, କେଉଁଠି ପଢ଼ିଥିଲି ବର୍ତ୍ତମାନ ଆଉ ମନେ ନାହିଁ, କାରଣ ସେତେବେଳେ ମୁଁ ଫ୍ରାନ୍‌ସରେ ଥିଲି । କୌଣସି ବହିରେ ସେହି ବିଷୟରେ ଏକ ଅନୁବାଦ ପଢ଼ିଥିଲି, ଖୁବ୍ ସମ୍ଭବ ଥିଓସଫି ଶାଖାରୁ କୌଣସି ଏକ ବହିରେ ତାହାକୁ ପଢ଼ିଥିଲି; ସେମାନେ ଭାରତୀୟ ବିଷୟଗୁଡ଼ିକର ଅନୁବାଦ ପ୍ରକାଶ କରୁଥିଲେ । ସେଇଥିରେ ବିବେକାନନ୍ଦଙ୍କ ବିଷୟରେ ଏକ ଘଟଣା ପାଠ କରିଥିଲି; ବିବେକାନନ୍ଦ ଥରେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ପଡ଼ିଥିଲେ ଓ ଜଣେ ଶିଷ୍ୟଙ୍କୁ ଭର୍ତ୍ସନା କରିଥିଲେ କାରଣ ଶିଷ୍ୟଜଣକ ତାଙ୍କୁ ଥରେ "ଦେଖନ୍ତୁ, ସୂର୍ଯ୍ୟାସ୍ତ କେତେ ଅଦ୍ଭୁତ ଭାବରେ ସୁନ୍ଦର ଦେଖା ଯାଉଛି !" ବୋଲି ଆସି କହିଥିଲେ । ଏହି କଥା ଶୁଣି ସେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ପଡ଼ିଥିଲେ । ମୋର ମନେପଡ଼ୁଛି ମୁଁ ଏହି କଥାଟିକୁ ଫ୍ରାନ୍‌ସରେ ଥିବା ସମୟରେ ପଢ଼ିଥିଲି ଓ ଘଟଣାଟି ମୋତେ ଉପର ଉପର ଲାଗିଥିଲା । ମୋର ଏବେ ମଧ୍ୟ ସେକଥା ମନେ ଅଛି, କାରଣ ମୋତେ ବୋଧ ହୋଇଥିଲା ଯେ···ତାଙ୍କର ସେହି ମନ୍ତବ୍ୟଟି ମୋତେ ଭାରି ଲଜ୍ଜାଜନକ ବୋଧ ହୋଇଥିଲା ! ବିବେକାନନ୍ଦ କହିଥିଲେ, "ଆଚ୍ଛା, ସତରେ ଏତେ ସୁନ୍ଦର ? ଯଦି ପ୍ରକୃତିର ସୌନ୍ଦର୍ଯ୍ୟ ଦେଖିଲେ ତୁମ ମନରେ ଏପରି ଉଲ୍ଲାସ ଜାତ ହେଉଛି, ତେବେ ତୁମେ କଦାପି ଈଶ୍ୱରଲାଭ କରି ପାରିବ ନାହିଁ ।" ଏହି କଥାଟି ପ୍ରକୃତରେ ସତ ବା ତାହାକୁ କହୁଥିବା ବ୍ୟକ୍ତି ସେଇଟିକୁ ନିଜ ମନରୁ କହୁଥିଲା, ସେକଥା ମୁଁ କହି ପାରିବି ନାହିଁ; ଏବିଷୟରେ ମୋତେ ଆଦୌ କିଛି ଜଣା ନାହିଁ । ମୁଁ କେବଳ କହୁଛି ଯେ, ମୁଁ ଏହି କଥାଟିକୁ ପଢ଼ିଥିଲି ଏବଂ କଥାଟି ମୋତେ ଏତେବେଶୀ ବିଚିତ୍ର ଲାଗିଲା ଯେ, ଯେତେଥର ମୁଁ ସୂର୍ଯ୍ୟାସ୍ତ, ସୂର୍ଯ୍ୟୋଦୟ ଅଥବା ଆଲୋକର

'oaob.nitrkl.ac.in' images reprocessed

ଏକ ଚମତ୍କାର ପ୍ରତିଫଳନ ଆଡ଼କୁ ଅନାଇ ଦେଖେ, ସେହି କଥାଟି ଆସି ସେହିକ୍ଷଣି ମୋର ମନେ ପଡ଼ିଯାଏ ଏବଂ ମୁଁ ମନେମନେ ଭାବେ, "ଜଣେ ମନୁଷ୍ୟ ଭିତରେ ଏପରି ସମ୍ବନ୍ଧ-ବିଚ୍ଛେଦ କାହିଁକି ଘଟିବ…ଏହା ପ୍ରକୃତରେ କେଡ଼େ ବିଚିତ୍ର କଥା ଯେ ପ୍ରକୃତିର ସୌନ୍ଦର୍ଯ୍ୟ ଦେଖି ମୁଗ୍‌ଧ ହୋଇଗଲେ ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ଜୀବନରୁ ସ୍ଖଳିତ ହୋଇଯିବ !"

ତେଣୁ, ସେ ସେହିପରି ଥିଲେ ବୋଲି ଯଦି ସତ ହୋଇଥାଏ, ତେବେ ସେ ଆମ ସାଧନାଯମର ଠିକ୍ ଅନ୍ୟ ପ୍ରାନ୍ତଟିରେ ଥିଲେ ବୋଲି କହିବାକୁ ହେବ । ମୁଁ ପୁନର୍ବାର କହୁଛି ଯେ ଏକଥା ସତ କି ମିଛ ମୁଁ ତାହା ଜାଣି ନାହିଁ; କିନ୍ତୁ ତଥାପି, ମୁଁ କଥାଟିକୁ ଯେଉଁପରି ଶୁଣିଛି, ତୁମମାନଙ୍କ ଆଗରେ ଠିକ୍ ସେହିପରି କହିଦେଉଛି । ଏବଂ, ତାଙ୍କ ବିଷୟରେ ମୁଁ ଯାହାକିଛି ପଢ଼ିଛି, ତାହା ହେଉଛି ଏହିପରି : ଭୌତିକ ଜଗତର ଯାବତୀୟ ବସ୍ତୁ ପ୍ରତି ତାଙ୍କ ମନରେ ଘୃଣା, ଘୃଣାଭାବ ରହିଥିଲା, ଏବଂ ସେ ଖୁବ୍ ବେଶୀ ହେଲେ ସେଗୁଡ଼ିକୁ ଆତ୍ମବିକାଶ ତଥା ମୋକ୍ଷର ଗୋଟିଏ ଗୋଟିଏ ସାଧନରୂପେ ଗ୍ରହଣ କରୁଥିଲେ,—ତା'ଠାରୁ ଆଉ ଅଧିକ କିଛି ବୋଲି ଗ୍ରହଣ କରୁ ନ ଥିଲେ ।

ମାଆ, ବୈଦିକ ଯୁଗକୁ ଆପଣ ଏକ ପ୍ରତିଶ୍ରୁତି ସଦୃଶ ବୋଲି କହିଲେ । କାହା ଲାଗି ଏକ ପ୍ରତିଶ୍ରୁତି ?

ପୃଥିବୀ ଲାଗି ଏବଂ ମନୁଷ୍ୟମାନଙ୍କ ଲାଗି ।

ସେମାନେ ଆପଣା ଅନୁଭୂତିର ଏକ ମୌଖିକ ବିବରଣୀ ରଖି ଯାଇଛନ୍ତି । ଏହା ପରବର୍ତ୍ତୀ ବଂଶଧରଙ୍କ ଲାଗି ପ୍ରେରିତ ହୋଇଥିଲା, — ଏକ ପ୍ରତିଶ୍ରୁତି ରୂପେ ପ୍ରେରିତ ହୋଇଥିଲା ।

ସେମାନେ ଏକ ପ୍ରତୀକରୂପ ପୂର୍ଣ୍ଣ ଭାଷା ବ୍ୟବହାର କରୁଥିଲେ । କେତେକ ଲୋକ କହନ୍ତି ଯେ, ସେମାନେ ଏପରି କରିଥିଲେ, କାରଣ ତାହା କେବଳ ଦୀକ୍ଷିତମାନେ ବୁଝିବା ଭଳି ଏକ ଦୀକ୍ଷାମନ୍ତ୍ର ହୋଇ ରହୁ ବୋଲି ସେମାନେ ଇଚ୍ଛା କରିଥିଲେ । ମାତ୍ର ଏହା ହୁଏତ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ଅଭିବ୍ୟକ୍ତ ହୋଇ ଆସିଥିବା ଏକ ସନ୍ଦେଶ ହୋଇପାରେ ଏବଂ ଏଥିରେ ହୁଏତ ବସ୍ତୁଗୁଡ଼ିକୁ ପ୍ରଚ୍ଛନ୍ନ କରି ରଖିବା ଲାଗି ସେପରି କୌଣସି ନିର୍ଦ୍ଦିଷ୍ଟ ଅଭିପ୍ରାୟ ନ ଥିଲା; ମାତ୍ର ତାହାକୁ କେବଳ ଅଭିଜ୍ଞତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କ ବ୍ୟତୀତ କେହି ବୁଝିପାରୁ ନ ଥିଲେ । କାରଣ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏଥିରେ ମନରୁ ପ୍ରସୂତ ହୋଇଥିବା ଆଦୌ କୌଣସି ବିଷୟ ନ ଥିଲା, ତାହା ସ୍ୱତଃସ୍ଫୂର୍ତ୍ତି ଭାବରେ ବ୍ୟକ୍ତ ହୋଇଥିଲା — ସତେଯେପରି ହୃଦୟ ଭିତରୁ ଏବଂ ଅଭୀପ୍‌ସାରୁହିଁ ନିର୍ଗତ ହୋଇ

'oaob.nitrkl.ac.in' images reprocessed

ଆସିଥିଲା; — ତାହାକୁ ଆମେ ଏକ ଅନୁଭୂତି ଅଥବା ଲବ୍ଧ ଜ୍ଞାନର ସଂପୂର୍ଣ୍ଣ ଭାବରେ ସ୍ୱତଃସ୍ଫୂର୍ତ୍ତ ଏକ ଅଭିବ୍ୟକ୍ତି ବୋଲି କହିପାରିବା । ନିଃସନ୍ଦେହ ଭାବରେ ଏହା ଏକ କାବ୍ୟିକ ଅଭିବ୍ୟକ୍ତି ଥିଲା, ତାହାର ଏକ ନିଜସ୍ୱ ଛନ୍ଦ ରହିଥିଲା, ନିଜସ୍ୱ ସୌନ୍ଦର୍ଯ୍ୟ ମଧ୍ୟ ରହିଥିଲା ଏବଂ, ଯେଉଁମାନେ ତାହାର ସଦୃଶ ଏକ ଅନୁଭୂତି ଲାଭ କରିଥିଲେ, କେବଳ ସେହିମାନେହିଁ ସେଥିରେ ନିହିତ ଅର୍ଥକୁ ବୁଝି ପାରୁଥିଲେ । ତେଣୁ ତାହା ସ୍ୱତଃ ଆବରଣଯୁକ୍ତ ହୋଇ ରହିଥିଲା ଏବଂ ତା'ଉପରେ ଆଉରି ଏକ ଆବରଣ ଆଣି ରଖିବାକୁ ସେହି କ୍ଷେତ୍ରରେ କୌଣସି ଆବଶ୍ୟକତା ନ ଥିଲା । ଖୁବ୍ ସମ୍ଭବ, କଥାଟି ପ୍ରକୃତରେ ସେହିପରି ଘଟିଥିଲା ।

ଯେତେବେଳେ ଜଣେ ବ୍ୟକ୍ତି ଏକ ଯଥାର୍ଥ ଅନୁଭୂତି ଲାଭ କରେ, ଯାହାକି ଏକ ବିଶେଷ ପ୍ରୟାସ ଦ୍ୱାରା ଅନୁଭୂତିଟିକୁ ପରିଚିତ ଏବଂ ଉପଲବ୍ଧ କରୁଥିବା ଏକ ପ୍ରାରମ୍ଭିକ ଭାବନାର ଫଳସ୍ୱରୂପ ଘଟି ନ ଥାଏ, ଯେତେବେଳେ ଏହା ପ୍ରତ୍ୟକ୍ଷ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ସମ୍ଭୂତ ହୋଇ ଆସିଥାଏ, ଅଭୀପ୍ସାର ପ୍ରଗାଢ଼ କ୍ଷେତ୍ରରୁ ଉଦ୍ଭୂତ ହୋଇଥାଏ, ତେବେ ତାହା ସେହିପରି ସ୍ୱତଃସ୍ଫୂର୍ତ୍ତ ଭାବରେ ଆପଣାକୁ ଶବ୍ଦରେ ମଧ୍ୟ ଅଭିବ୍ୟକ୍ତ କରିବା ଲାଗି ସମର୍ଥ ହୋଇଯାଏ । ··· ସେହି ଶବ୍ଦଗୁଡ଼ିକୁ ଆଦୌ ଭାବିବାକୁ ପଡ଼େ ନାହିଁ, ସେଗୁଡ଼ିକ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ବ୍ୟକ୍ତ ହୋଇ ଆସିଥାନ୍ତି, ସ୍ୱତଃସ୍ଫୂର୍ତ୍ତ ଭାବରେ ଚେତନାର କ୍ଷେତ୍ରରୁହିଁ ବ୍ୟକ୍ତ ହୋଇ ଆସିଥାନ୍ତି । ହଁ, ଏକଥା ଅନେକ ଅଧିକ ପରିମାଣରେ ସମ୍ଭବ ହେବ ଯେ, ବେଦଗୁଡ଼ିକ ସେହିପରି ଭାବରେ ଲିଖିତ ହୋଇଥିଲେ । ମାତ୍ର, ଯେଉଁମାନଙ୍କର ତତ୍ତୁଲ୍ୟ ଅନୁଭୂତିମାନ ରହିଛି ଓ ଯେଉଁମାନଙ୍କର ଚେତନା ମଧ୍ୟ ସେହି ସ୍ଥିତିରେ ରହିଛି, କେବଳ ସେହିମାନେହିଁ ତାହାର ଅର୍ଥ ବୁଝିପାରିବେ ।

ସେଥିରେ କେତେ ବାକ୍ୟ ରହିଛି, ଯେଉଁଗୁଡ଼ିକ କି ଅତ୍ୟନ୍ତ ରୁକ୍ଷ ଓ ସାଧାରଣ ପରି ମନେ ହୋଇଥାଏ, ଯେଉଁଥିରେ ବସ୍ତୁଗୁଡ଼ିକୁ ପ୍ରାୟ ଠିକ୍ ପିଲାଙ୍କ ପରି କୁହାହୋଇଥିବା ପରି ବୋଧ ହୁଏ ଏବଂ, ଯେଉଁଗୁଡ଼ିକୁ ଲେଖି ଦିଆଯାଇଛି କିଂବା ମୁହଁରୁ ଶୁଣାଯାଇଛି ଏବଂ ତା'ପରେ ସେହିପରି ଲିପିବଦ୍ଧ କରି ରଖାଯାଇଛି । ଏକ ସାଧାରଣ ଚେତନାରେ ସେଗୁଡ଼ିକୁ ପଢ଼ୁଥିବା ସମୟରେ ସେଗୁଡ଼ିକ ବେଳେ-ବେଳେ ଅତ୍ୟନ୍ତ ରୁକ୍ଷ ଓ ସାଧାରଣ ପରି ଲାଗନ୍ତି । ମାତ୍ର ଯଦି ଅନୁରୂପ ଅନୁଭୂତିଟି ରହିଥାଏ, ସେତେବେଳେ ଯାଇ ଦେଖି ହୁଏ ଯେ, ସେଗୁଡ଼ିକ ମଧ୍ୟରେ ଏପରି ଏକ ଉପଲବ୍ଧିକାରୀ ଶକ୍ତି ଏବଂ ଅଭିବ୍ୟକ୍ତିଗତ ସତ୍ୟ ନିହିତ ହୋଇ ରହିଛି, ଯାହାକି ତୁମକୁ ମଧ୍ୟ ସେଗୁଡ଼ିକ ସେହି ଅନୁଭୂତିଟିକୁ ଲାଭ କରିବାର ସୁବିଧାଟି ଆଣି ଦେଇ ଯାଉଛନ୍ତି ।

'oaob.nitrkl.ac.in' images reprocessed

ମାତ୍ର, ଏକଥା ଅତ୍ୟନ୍ତ ସୁନିଶ୍ଚିତ ପରି ବୋଧ ହେଉଛି ଯେ, ଏହି ସାଂପ୍ରତିକ କାଳରେ ପ୍ରାଚୀନ କାଳର ସେହି ଋଷିଙ୍କର ଜଣେ ଆଧୁନିକ ତୁଲ୍ୟ ବ୍ୟକ୍ତି ଖୋଜି ପାଇବାକୁ ଗଲେ···ଏପରିକି ତାଙ୍କର ସ୍ୱତଃସ୍ଫୂର୍ତ୍ତ ବୈଦିକ ଅଭିବ୍ୟକ୍ତିଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ରଚିତ ହେବାକୁ ବାଧ୍ୟ ହେବ। କାରଣ, ପୃଥିବୀ ଓ ମାନବର ବିକାଶ ହେଉଥିବା ସଙ୍ଗେ ସଙ୍ଗେ ଅଭିବ୍ୟକ୍ତିର ପରିବେଶ ମଧ୍ୟ ବଦଳି ବଦଳି ଯାଉଥାଏ। ତେଣୁ ସେକାଳର କହିବା ରୀତି ଏବଂ ଏକାଳର କହିବା ରୀତି କଦାପି ସେହି ଗୋଟିଏ ପ୍ରକାରର ହେବ ନାହିଁ; ମାତ୍ର ସମ୍ପୃକ୍ତ ଅନୁଭୂତିଟି ଅବଶ୍ୟ ସେହି ଗୋଟିଏ ବସ୍ତୁର ଅନୁଭୂତି ହୋଇ ରହିଥିବ, ଯାହାକୁ ଭାବନା ଦ୍ୱାରା ପ୍ରସ୍ତୁତ କରିଯାଇ ପାରିବ ନାହିଁ ସତ, ମାତ୍ର ଯାହା ତାହାର ଜୀବନ୍ତ ଅଭିବ୍ୟକ୍ତି ରୂପେ ଅବଶ୍ୟ ନିଷ୍ପନ୍ନ ହୋଇ ଆସୁଥିବ।

ମାଆ, ବୈଦିକ ଋଷିମାନେ କ'ଣ ସେହି ଅବସ୍ଥାକୁ ବିବର୍ତ୍ତିତ ହୋଇ ଯାଇଥିଲେ ନା ସେମାନେ ଏକ ବିଶେଷ ଆବିର୍ଭାବ ଥିଲେ ?

ଅର୍ଥାତ୍ ? ସେମାନେ ବିବର୍ତ୍ତିତ ହୋଇ ଆସିଥିଲେ ନା ଗୋଟିଏ ଗୋଟିଏ ସବର୍ତ୍ତିତ (involutionary) ସତ୍ତା ଥିଲେ ?

ସେମାନେ ସମ୍ଭବତଃ ··· ନାହିଁ··· ସେମାନଙ୍କୁ ନିଶ୍ଚିତ ଭାବରେ ସବର୍ତ୍ତିତ ସତ୍ତା ବୋଲି ବୁଝାଯିବ। ମାତ୍ର ସେମାନଙ୍କର ଶରୀରକୁ ବିବର୍ତ୍ତନର ପରିଣାମ ବୋଲି ବୁଝାଯିବ।

ମାତ୍ର ଏକଥା ସମ୍ପୂର୍ଣ୍ଣ ନିଶ୍ଚିତ ଯେ, ସେମାନେ ସବର୍ତ୍ତିତ ସତ୍ତା ଥିଲେ, ସେମାନେ ଉଚ୍ଚତର କ୍ଷେତ୍ରଗୁଡ଼ିକରୁ ଆସିଥିଲେ ଓ ଏହି ଶରୀରଗୁଡ଼ିକୁ ବ୍ୟବହାର କରିଥିଲେ, ଏହିସବୁ ଶରୀର ସହିତ ଏକାତ୍ମକ ହୋଇ ରହିଥିଲେ।

ମୁଁ ସେଦିନ ମଧ୍ୟ ତୁମମାନଙ୍କୁ ଏହି କଥା କହିଥିଲି ଯେ, କେତେକ ଶରୀର ଯଥେଷ୍ଟ ପରିମାଣରେ ପରିପୂର୍ଣ୍ଣତା ଲାଭ କରି ଉଚ୍ଚତର କ୍ଷେତ୍ରଗୁଡ଼ିକର ସତ୍ତାମାନଙ୍କ ଲାଗି ଯନ୍ତ୍ର ରୂପେ ବ୍ୟବହୃତ ହେବା ପାଇଁ ସମର୍ଥ ହୋଇଛନ୍ତି; — ଏହି ଉଚ୍ଚତର କ୍ଷେତ୍ରର ସତ୍ତାମାନେ ସେଗୁଡ଼ିକୁ ବ୍ୟବହାର କରିବା ଲାଗି ସେଗୁଡ଼ିକ ମଧ୍ୟରେ ଅବତୀର୍ଣ୍ଣ ହୋଇଛନ୍ତି, — ଏବଂ ସେହି ଶରୀରମାନଙ୍କ ଦ୍ୱାରାହିଁ ପାର୍ଥିବ ତଥା ମାନବିକ ବିକାଶର ଗତିପଥ ବଦଳି ଯାଇଛି। ଏବଂ ଏକଥା ଅତ୍ୟନ୍ତ ସୁନିଶ୍ଚିତ ବୋଲି ବୋଧ ହେଉଛି ଯେ, ଋଷିମାନେ ମଧ୍ୟ ଏହି ଗୋଷ୍ଠୀର — ସମସ୍ତେ ନ ଥାଇ ପାରନ୍ତି, ମାତ୍ର ଅନ୍ତତଃ ଯେଉଁମାନେ ନେତୃସ୍ଥାନୀୟ ଥିଲେ ଓ ପୁରୋଭାଗରେ ଥିଲେ, ସେମାନେ ଅବଶ୍ୟ ସେଥିମଧ୍ୟରେ ଗଣାହୋଇ ପାରିବେ।

'oaob.nitrkl.ac.in' images reprocessed

ମାତ୍ର, ଏକଥା ଅତ୍ୟନ୍ତ ସମ୍ଭବ ଯେ, ସେମାନେ ଏପରି ଏକ ସମୂହ ଗଠନ କରିଥିଲେ, ଯାହାରକି, ସେମାନଙ୍କର ଚତୁଃପାର୍ଶ୍ୱ ଯେଉଁ ଅବସ୍ଥାରେ ରହିଥାଉ ପଛକେ, ଅତ୍ୟନ୍ତ ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର ଉପଲବ୍ଧି ହୋଇଥିଲା । ଏବଂ, ସେମାନେ ବେଶ୍ ଅଲଗା ହୋଇ ବାସ କରୁଥିଲେ; ଅନ୍ତତଃ ଗ୍ରନ୍ଥମାନଙ୍କରେ ଯାହା ଲେଖା ହୋଇଛି, ଯଦି ତାହା ପ୍ରକୃତରେ ଘଟିଥାଏ ।

(ମାଆ ନୀରବ ରହିଲେ)

ସରିଲା ? ଆଉ କିଛି ପଚାରିବାକୁ ନାହିଁ ?

ମାଆ, ଏହି ବିବର୍ତ୍ତନ ଏହିପରି ଚାଲିଥିବ ବା ଏହା ସ୍ଥାନରେ ସଂବର୍ତ୍ତନର ପ୍ରତିଷ୍ଠା ହେବ ? ଅର୍ଥାତ୍...

ବୁଝିଲି ... ମାତ୍ର ତୁମ ପ୍ରଶ୍ନର ଅଭିପ୍ରାୟଟିକୁ ମୁଁ ବୁଝିପାରୁ ନାହିଁ — ଏକ ବିବର୍ତ୍ତନ ଦ୍ୱାରା ପୃଥିବୀବିକାଶର ପ୍ରକ୍ରିୟାଟି ଲାଗିରହିଥିବ କି ନାହିଁ—

...ବା ତାହାର ସ୍ଥାନାପନ୍ନ ଭାବରେ ସଂବର୍ତ୍ତନର ପ୍ରତିଷ୍ଠା ହେବ ।

ହଁ,...ମାତ୍ର ତୁମେ ଗୋଟିଏ କଥା ଭୁଲି ଯାଉଛ । ଶ୍ରୀଅରବିନ୍ଦ କହିଛନ୍ତି ଯେ, ଏହି ପୃଥିବୀରେ ଯେତେବେଳେ ଏକ ନୂତନ ଜୀବଜାତିର ଆବିର୍ଭାବ ହୋଇଛି, ତାହା ଏକ ସଂବର୍ତ୍ତନ ଫଳରେ ହୋଇଛି । ତେଣୁ, ସର୍ବଦା ଦୁଇଟିଯାକ ପ୍ରକ୍ରିୟା ସଂଯୁକ୍ତ ହୋଇ ଚାଲିଛି । ଏକାବେଳେକେ ଦୁଇଟି କାର୍ଯ୍ୟ : ଗୋଟିଏ ନିମ୍ନରୁ ଊର୍ଦ୍ଧ୍ୱଆଡ଼କୁ ଓ ଆଉଗୋଟିଏ ହେଉଛି ଏକ ଉତ୍ତର, ଯାହାକି ଊର୍ଦ୍ଧ୍ୱରୁ ନିମ୍ନଆଡ଼କୁ ଆସୁଛି ।

ମାଆ, ଅନ୍ତର୍ନିହିତ ଦିବ୍ୟ ପରମସତ୍ତା ଆପଣାକୁ ପ୍ରକାଶ କରିବାରେ ଲାଗିଛନ୍ତି, — ତାହାକୁହିଁ ବିବର୍ତ୍ତନ ବୋଲି କୁହାଯିବ ନାହିଁ କି ? ତେବେ ଏହାର ଆଉ କି ଆବଶ୍ୟକତା ଅଛି ?

ସଂବର୍ତ୍ତନର ନା ବିବର୍ତ୍ତନର ?

ବିବର୍ତ୍ତନର । ଅର୍ଥାତ୍, ଉଦାହରଣ ସ୍ୱରୂପ, ସର୍ବପ୍ରଥମେ ପ୍ରାଣୀ-ମନର ବିବର୍ତ୍ତନ ହୋଇଥିଲା । ତେଣୁ ଏପରି କୁହାଗଲା ଯେ, ମନ ପୂର୍ବରୁହିଁ...

ତତ୍ତ୍ୱତଃ...

'oaob.nitrkl.ac.in' images reprocessed

ତତ୍ତ୍ୱତଃ ପ୍ରଚ୍ଛନ୍ନ ହୋଇ ରହିଥିଲା ।

ହଁ, ତତ୍ତ୍ୱତଃ । ଏବଂ ଏହାହିଁ ତାହାକୁ ପ୍ରସ୍ତୁତ କରି ରଖିଥାଏ : ଏହାକୁ ନାନା ନାମରେ ଅଭିହିତ କରାଯାଇଛି,—ଏକ ଦିବ୍ୟ କର୍ମ, ଏକ ପରମ ଉପସ୍ଥିତି,—ଏହିପରି ନାନା ନାମରେ,—ଯାହାକି ବିବର୍ତ୍ତନର ପ୍ରକ୍ରିୟାଟିକୁ ଆରମ୍ଭ କରିବ ବୋଲି ଜଡ଼ର ଅନ୍ଧକାର ମଧ୍ୟରେ ଆସି ସଞ୍ଚାରିତ ହୋଇଯାଉଛି । ମାତ୍ର, ସେହି କ୍ଷେତ୍ରରେ ଆଉଗୋଟିଏ ବସ୍ତୁ ମଧ୍ୟ ରହିଛି : ନାନା ସତ୍ତ୍ୱା, ସଚେତନ ସତ୍ତ୍ୱା, ବିବର୍ତ୍ତନରୁ ପ୍ରସୂତ ଆକାରଗୁଡ଼ିକୁ ଧାରଣ କରୁଥିବା ବ୍ୟକ୍ତିସତ୍ତ୍ୱାଗୁଡ଼ିକର ଏକ ଅବତରଣ ଏବଂ ଏକାତ୍ମୀକରଣ ସଂଘଟିତ ହେଉଛି—ତେଣୁ ଏହାଦ୍ୱାରା ଉଚ୍ଚତର କ୍ଷେତ୍ରଗୁଡ଼ିକର ସତ୍ତ୍ୱା ଏବଂ ଏହି ଦିବ୍ୟ ଉପସ୍ଥିତିଟି ଫଳରେ ବିବର୍ତ୍ତିତ ହେଉଥିବା ଆକାରଗୁଡ଼ିକ ମଧ୍ୟରେ ଏକ ସମ୍ମିଳନ ସମ୍ଭବ ହେଉଛି । ଏବଂ, ଅନ୍ତରସ୍ଥ ଦେବଙ୍କୁ ଏବଂ ଜନ୍ମକୁ ଓହ୍ଲାଇ ଆସୁଥିବା ଏହି ସତ୍ତ୍ୱା ମଧ୍ୟରେ ଏହି ଏକାତ୍ମୀକରଣ ସଂଘଟିତ ହେଉଛି । ଉଦାହରଣସ୍ୱରୂପ, ଯେତେବେଳେ ଚୈତ୍ୟସତ୍ତ୍ୱା ଏକ ଉଚ୍ଚତର କ୍ଷେତ୍ରର ବ୍ୟକ୍ତିତ୍ୱ ଅର୍ଥାତ୍ ଚୈତ୍ୟସତ୍ତ୍ୱା ସହିତ ଏକାତ୍ମ ହୋଇ ରହିବା ଲାଗି ଆସୁଥିବା ଏକ ଦିବ୍ୟ ପ୍ରବର୍ତ୍ତନ ବା ବିଭୂତି ସହିତ ଆପଣାକୁ ଏକାତ୍ମ କରି ରଖୁଛି,—ସେତିକିବେଳେହିଁ ତାହା ସମ୍ଭବ ହେଉଛି । ମାତ୍ର, ତାହାକୁ ଆମେ ଏଇଟି ଅଥବା ସେଇଟି ବୋଲି ମୋଟେ କହି ପାରିବା ନାହିଁ । ଗୋଟିଏ ଭିତରୁ ବାହାରି ଆଡ଼କୁ ବିକାଶର ପ୍ରକ୍ରିୟାଟିକୁ କରିବାରେ ଲାଗିଛି, ଏବଂ ଅନ୍ୟଟି ଊର୍ଦ୍ଧ୍ୱରୁ ତଳକୁ ଓହ୍ଲାଇ ଆସି ପ୍ରଥମଟି ପ୍ରସ୍ତୁତ କରି ରଖିଥିବା ଆଧାରଟିକୁ ଅଧିକାର କରି ନେଉଛି ।

ସାଧାରଣତଃ ବ୍ୟକ୍ତିର ଆସ୍ପୃହନରେହିଁ ଏହିସବୁ ଘଟଣା ଘଟିଥାଏ । ହଁ, ସାଧାରଣତଃ ସେହିପରି ଘଟିଥାଏ । ମୁଁ ଆଦୌ କହୁ ନାହିଁ ଯେ, ଏହା ଏକ ସାମୂହିକ ଘଟଣା ରୂପେ କେବେହେଲେ ଘଟିବ ନାହିଁ । ମାତ୍ର, ସାଧାରଣତଃ, ସେଗୁଡ଼ିକ ବ୍ୟକ୍ତିବିବର୍ତ୍ତନର ଆସ୍ପୃହନ ମଧ୍ୟରେହିଁ ଘଟିଥାଏ ।

ମାତ୍ର, ସେହି ଅନୁଭୂତିଟିକୁ ଲାଭ କରିବାହିଁ ଯଥେଷ୍ଟ ହେବ ଏବଂ ତା'ପରେ କଥାଟିକୁ ବୁଝିହେବ । ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ।

ତେଣୁ, ଆଦୌ କଥା କହିବ ନାହିଁ, କାର୍ଯ୍ୟ କରି ଚାଲିଯିବ ।

ବୁଝିଲ ? ଏଥର ସରିଲା ?

ଶୁଭରାତ୍ରି !

'oaob.nitrkl.ac.in' images reprocessed

# ୯ ନଭେମ୍ବର ୧୯୫୫

ମାଥ "ଯୋଗ-ସମନ୍ୱୟ"ର "ସାଧନ-ଚତୁଷ୍ଟୟ" ଅଧ୍ୟାୟରୁ କିଛି ପାଠ କଲେ ।

ମାଆ, ମୁଁ ଏଠାରେ ବୁଝିପାରୁ ନାହିଁ : "ଏକ ଅନୁଚିତ ଏବଂ ଅପୂର୍ଣ୍ଣ ଭାବରେ ଦିବ୍ୟ ପରମଶକ୍ତିର କାର୍ଯ୍ୟାବଳୀ ସହିତ ଅହଂ ଦ୍ୱାରା ପ୍ରେରିତ ମନ ଆପଣାକୁ ଏକାତ୍ମ କରି ରଖିବାକୁ ଯେଉଁ ପ୍ରୟାସ କରିଥାଏ, ସେଇଥିରୁହିଁ ବ୍ୟକ୍ତିଗତ ପ୍ରଚେଷ୍ଟା ଏବଂ ଅଭୀପ୍ସା ବିଷୟରେ ଆମର ଯାବତୀୟ ବୋଧ ଜନ୍ମଲାଭ କରେ ।"

ଏଥିରେ ତୁମେ ଠିକ୍ କେଉଁ କଥାଟିକୁ ବୁଝିପାରୁ ନାହଁ ? ବାକ୍ୟଟିକୁ ନା ବିସ୍ତୃତିଟିକୁ ?

ବିସ୍ତୃତିଟିକୁ ।

ଏହାକୁ ଆହୁରି ପରିଚିତ ଭାଷାରେ କୁହାଯାଇ ପାରିବ ।

ବ୍ୟକ୍ତିରୂପକ ସତ୍ତା, ଏବଂ ବିଶେଷତଃ ତାହା ମଧ୍ୟରେ ରହିଥିବା ମନ ପ୍ରାୟ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରଯୁକ୍ତ ଜିଗୁପ୍ସା ଦ୍ୱାରା ପ୍ରେରିତ ହୋଇ ଆଦୌ ସ୍ୱୀକାର କରୁ ନ ଥାନ୍ତି ଯେ ସେମାନଙ୍କର କ୍ଷୁଦ୍ର ବ୍ୟକ୍ତିଗତ ଶକ୍ତିଟି ନୁହେଁ, ମାତ୍ର ଆଉ ଅନ୍ୟ ଏକ ଶକ୍ତିହିଁ ଯାବତୀୟ କାର୍ଯ୍ୟକୁ ପ୍ରକୃତରେ କରୁଛି । ଏପରି ଗୋଟିଏ କିସମର ସହଜାତ ପ୍ରବୃତ୍ତି ରହିଛି ଯାହାକି ତୁମକୁ ସମ୍ପୂର୍ଣ୍ଣ ପ୍ରତ୍ୟୟର ସହିତ ଏହିପରି ଗୋଟିଏ ଅନୁଭୂତି ଆଣି ଦେଉଥାଏ ଯେ, ତୁମର ଅଭୀପ୍ସାଗତ ସକଳ ପ୍ରଚେଷ୍ଟା ତଥା ଅଗ୍ରଗତି ଲାଗି ସକଳ ଇଚ୍ଛା,—ଏଗୁଡ଼ିକୁ ତୁମର ନିଜ ଅଧିକାର ଦ୍ୱାରାହିଁ ତୁମକୁ ମିଳିଛି ଏବଂ ତେଣୁ ତାହାର ଯାବତୀୟ ଶ୍ରେୟଃ କେବଳ ତୁମକୁହିଁ ଦିଆଯିବା ଉଚିତ ।

କିଛି ସୃଷ୍ଟି ଅଥବା ଅଧ୍ୟୟନ କରୁଥିବା କଳାକାର, ସାହିତ୍ୟିକ କିଂବା ବୈଜ୍ଞାନିକଠାରୁ ଆରମ୍ଭ କରି,—ଏମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଏହି ପ୍ରତ୍ୟୟ ରହିଥାଏ ଯେ ସିଏ ନିଜେହିଁ ଏହି କାର୍ଯ୍ୟଟିକୁ କରୁଛି,—ଜଣେ ସାଧକ ଯୋଗୀ

'oaob.nitrkl.ac.in' images reprocessed

ପର୍ଯ୍ୟନ୍ତ, ଯିଏକି ପୂର୍ଣ୍ଣ ପ୍ରତ୍ୟୟ ରଖିଛି ଯେ ତା' ନିଜ ଅଭୀପ୍ସାର ଉଦ୍ଦୀପନା ବଳରେ ଓ ନିଜ ଉପଲବ୍ଧିର ଆବଶ୍ୟକତା ବଳରେହିଁ ପ୍ରେରିତ ହୋଇ ସିଏ ଅଗ୍ରସର ହେବାରେ ଲାଗିଛି,—ଯଦି କେହି ଏମାନଙ୍କୁ ଆସି କହେ, (ମୋ ନିଜର ଏହି ଅଭିଜ୍ଞତାଟି ରହିଛି) ଯଦି ଉପଯୁକ୍ତ ସମୟଟି ଆସିବା ପୂର୍ବରୁ କେହି ସେମାନଙ୍କୁ ଯାଇ କହେ, "ନାଇଁ ନାହିଁ, ସ୍ୱୟଂ ଦିବ୍ୟ ପରମସତ୍ତାହିଁ ତୁମ ଭିତରେ ଅଭୀପ୍ସା କରୁଛନ୍ତି, ସେହି ଦିବ୍ୟ ପରମଶକ୍ତିହିଁ ତୁମ ଭିତରେ ଯାହାକିଛି ସମ୍ଭବ କରୁଛି" ତେବେ ସେମାନେ ଆଉ କିଛି ହେଲେ କରିବାକୁ ଇଚ୍ଛା କରିବେ ନାହିଁ, ଗୋଡ଼ହାତ ଲମ୍ବାଇ ବସିଯିବେ, ସେହି କାର୍ଯ୍ୟଟିରେ ସେମାନଙ୍କର ଆଉ କୌଣସି ଆଗ୍ରହ ରହିବ ନାହିଁ; ସେମାନେ କହିବେ, "ଖୁବ ଭଲ ହେଲା, ତେବେ ମୋତେ ଆଉକିଛି କରିବାକୁ ପଡ଼ିବ ନାହିଁ, ଏଥର ସେଇ ସବୁକିଛି କରିଦେବେ ।"

ଏବଂ ଶ୍ରୀଅରବିନ୍ଦ ଏହି ଅର୍ଥରେ ସେହି କଥାଟିକୁ କହିଛନ୍ତି—ସେ କହିଛନ୍ତି ଯେ, ମନ ଏପରି ଗୋଟିଏ ଅହଂ ଦ୍ୱାରା ପ୍ରେରିତ ଏବଂ ଗର୍ବ ଦ୍ୱାରା ପୂର୍ଣ୍ଣ ବସ୍ତୁ ହୋଇ ରହିଥାଏ ଯେ, ଯଦି ତୁମେ ତା'ଠାରୁ ସିଏ ଲୋଡ଼ୁଥିବା ପରିତୃପ୍ତିଟିକୁ କାଢ଼ି ନେଇଯିବ, ତେବେ ସିଏ ଆଉ ମୋଟେ କୌଣସି ସହଯୋଗ କରିବ ନାହିଁ; ସେହିପରି ପ୍ରାଣିକ ମଧ୍ୟ କୌଣସି ସହଯୋଗ କରିବ ନାହିଁ । ଏବଂ ଭୌତିକ ତୁମର ପ୍ରାଣିକ ତଥା ମାନସିକର ଏକାନ୍ତ ଆଜ୍ଞାବହ ହୋଇ ରହିଥିବାରୁ, ସେଇଟି ମଧ୍ୟ ସହଯୋଗ କରିବାକୁ ମୋଟେ ମଙ୍ଗିବ ନାହିଁ । ସେତେବେଳେ ତୁମେ ସଚେତଅବା ଏକ ଜୀବନହୀନ ପିଣ୍ଡ ପାଖରେ ଛିଡ଼ା ହୋଇଥିବ ଏବଂ ସେହି ପିଣ୍ଡ ତୁମକୁ କହୁଥିବ, "ଭଲ କଥା, ଯଦି ମୁଁ କିଛି କରୁ ନାହିଁ, ତେବେ ଦିବ୍ୟ ପରମସତ୍ତା ଯାହା ଭଲ ମନେ କରୁଛନ୍ତି ତାହାହିଁ କରନ୍ତୁ । ମୁଁ ଏଣିକି ଆଉ ଆଦୌ କିଛି-ହେଲେ କରିବ ନାହିଁ ।"

ମୁଁ ଏପରି ଅନେକ ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି ପ୍ରକୃତରେ ପ୍ରଭୂତ ଅଗ୍ରଗତି କରି ସାରିଥିଲେ, ଯେଉଁ ମୁହୂର୍ତ୍ତଟି ପାଖରେ ଆସି ପହଞ୍ଚିଥିଲେ ଜଣେ ବ୍ୟକ୍ତି ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟ ମଧ୍ୟରେ ଯାଇ ପ୍ରବେଶ କରିପାରନ୍ତା, ସେମାନେ ସେହି ମୁହୂର୍ତ୍ତର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆସିଥିଲେ, ମାତ୍ର ତା'ପରେ କେବଳ ଏହି କାରଣଟି ସକାଶେହିଁ ପଛରେ ପଡ଼ି ରହିଗଲେ । ନିଜେ ଯାବତୀୟ କାର୍ଯ୍ୟର କର୍ତ୍ତା ହୋଇ ରହିବାର, ନିଜେହିଁ ଯାବତୀୟ ପ୍ରଚେଷ୍ଟା ଲାଗି ଶ୍ରେୟଃର ଅଧିକାରୀ ହେବାର ଏହି ଆବଶ୍ୟକତା,—ଏହାର ଚେରଗୁଡ଼ିକ ପ୍ରକୃତରେ ଏତେ ବେଶୀ ଗଭୀରକୁ ଭେଦ କରି ରହିଥାଏ ଯେ, ସେହି ବ୍ୟକ୍ତିମାନେ ସର୍ବଶେଷ ପଦକ୍ଷେପଟିକୁ ଆଦୌ ଗ୍ରହଣ କରି ପାରନ୍ତି ନାହିଁ । ବେଳେ ବେଳେ

'oaob.nitrkl.ac.in' images reprocessed

ସେଥିଲାଗି ବର୍ଷ ବର୍ଷ ଲାଗିଯାଏ । ଯଦି ସେମାନଙ୍କୁ କେହି ଆସି କହେ, "ନାହିଁ, ତୁମେ ନୁହଁ, ତୁମ ଭିତରେ ରହିଥିବା କୌଣସି ଶକ୍ତି ମଧ୍ୟ ନୁହେଁ, ତୁମ ଭିତରେ ରହିଥିବା ଇଚ୍ଛା ବା ତୁମ ଭିତରର ଜ୍ଞାନ ବି ନୁହେଁ, ଏହିସବୁ କିଛି ହେଉଛି ସେହି ଦିବ୍ୟ ପରମସତ୍ତା; ତୁମେ ଯାହାକୁ ତୁମେ ସ୍ୱୟଂ ବୋଲି କହୁଛ, ଏହା ତାହା ଆଦୌ ନୁହେଁ ।" ତେବେ ସେକଥା ଶୁଣି ସେମାନେ ଏତେ ଅଧିକ ପରିମାଣରେ ମ୍ରିୟମାଣ ହୋଇ ପଡ଼ିବେ ଯେ, ସେମାନେ ଆଉ କିଛି ହେଲେ କରି ପାରିବେ ନାହିଁ । ଏହି ବାକ୍ୟରେ ଶ୍ରୀଅରବିନ୍ଦ ତାହାହିଁ କହିବାକୁ ଚାହିଁଛନ୍ତି ।

ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନଙ୍କର କି ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ବିଷୟରେ ରହିଥିବା ବୋଧଟିକୁ ବଜାୟ ରଖିବା ଲାଗି ଏପରି ଏକ ଭାବ୍ ଆବଶ୍ୟକତା ରହିଥାଏ ଯେ, ଯଦି ସେମାନଙ୍କୁ, ଊର୍ଦ୍ଧ୍ୱଦିଗକୁ ଧାବମାନ ଯାବତୀୟ ବସ୍ତୁ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କ ଦ୍ୱାରାହିଁ ପ୍ରେରିତ ହେଉଛି ବା ଏପରିକି ତାଙ୍କରି ଦ୍ୱାରା କାର୍ଯ୍ୟକାରୀ ହେଉଛି ବୋଲି ସ୍ୱୀକାର କରିବାକୁ ବାଧ୍ୟ କରାଯାଏ, ତେବେ ସେମାନେ ଆପଣାରୂପୀ ସେହି କ୍ଷୁଦ୍ର ବ୍ୟକ୍ତିଟି ଲାଗି ସେମାନଙ୍କର ଦୋଷ, ଅଭାବ, ଭୁଲ୍‌ଗୁଡ଼ିକର ସମସ୍ତ ପକ୍ଷଟିକୁ ଆବୋରି ନିଅନ୍ତି ଓ ନିଜର ଅଭାବଗୁଡ଼ିକୁ ସଞ୍ଚାରିତ କରି ରଖିଥାନ୍ତି, ଯେପରିକି ଅନ୍ତତଃ କିଛିହେଲେ ସେମାନଙ୍କର ନିଜର ହୋଇ ରହିପାରିବ, ଯାହାକୁ କି ସେମାନେ ଯଥାର୍ଥରେ ନିଜର, ସେମାନଙ୍କର ଏକ ବ୍ୟକ୍ତିଗତ ସମ୍ପତ୍ତି ବୋଲି କହିପାରିବେ : "ହଁ, ଯାହାକିଛି ସୁନ୍ଦର ଓ ଆଲୋକିତ ହୋଇ ରହିଛି ତାହା ହେଉଛନ୍ତି ସ୍ୱୟଂ ଦିବ୍ୟ ପରମସତ୍ତା; ମାତ୍ର ଯାବତୀୟ ଭୟଙ୍କର ବସ୍ତୁ—ତାହା ହେଉଛି ମୁଁ ନିଜେ ।" କିନ୍ତୁ ଏହି ନିଜେ···ଏକ ବିରାଟ ଓ ବୃହତ୍ତ ନିଜେ; ଏବଂ ତାହାକୁ କେହି ସ୍ପର୍ଶ ବି କରି ପାରିବ ନାହିଁ !

> ମାଆ, ବେଳେବେଳେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ଅଭୀପ୍‌ସାର ଅନୁଭବ ହୋଇଥାଏ : ମାତ୍ର ଅନ୍ୟ ମୁହୂର୍ତ୍ତଗୁଡ଼ିକରେ, ଯେତେବେଳେ ଅଭୀପ୍‌ସା କରିବାକୁ ଇଚ୍ଛା ହେଉଥାଏ, ସେତେବେଳେ ତାହା ଆଉ ଆଦୌ ସ୍ୱତଃସ୍ଫୂର୍ତ୍ତ ଭାବରେ ସମ୍ଭବ ହୁଏ ନାହିଁ । ତେବେ ଏହି କ୍ଷେତ୍ରରେ ପ୍ରକୃତରେ କି ପ୍ରଭେଦ ରହିଯାଏ, ସ୍ୱୟଂ ଦିବ୍ୟ ପରମସତ୍ତା କ'ଣ ସେହି ଅଭୀପ୍‌ସାଟିକୁ କରନ୍ତି ?···

ଶ୍ରୀଅରବିନ୍ଦ ଏହି କଥାଟିର ଉତ୍ତର ଦେଇଛନ୍ତି । ସିଏ ଅତ୍ୟନ୍ତ ଉତ୍ତମ ଭାବରେ ଏହାର ବ୍ୟାଖ୍ୟା କରି ଦେଇଛନ୍ତି ।

'oaob.nitrkl.ac.in' images reprocessed

କାରଣ, ଏହିସବୁ ଯାବତୀୟ ଅନ୍ଧକାର, ଯାବତୀୟ ଅଚେତନା ଓ ଯାବତୀୟ ଅଜ୍ଞାନ,—ଏସବୁ ଆଦୌ କୌଣସି ବ୍ୟକ୍ତିଗତ ବସ୍ତୁ ନୁହେଁ । ଏହା ହେଉଛି ଏହି ପୃଥିବୀ ପରିବେଶର ଅବସ୍ଥା, ଜଡ଼ର ସ୍ଥିତି, ଭୌତିକ ଜୀବନର ବର୍ତ୍ତମାନର ସ୍ଥିତି । ଏବଂ, ତାହା ତୁମ ଭିତରେ ପ୍ରବେଶ କରୁଛି ଓ ତୁମକୁ କର୍ମରେ ପ୍ରେରିତ କରାଉଛି; ସଚେତନପର ରଜ୍ଜୁ ଧରି ପୁତ୍ତଳିକାଟିକୁ ନଚାଇବାରେ ଲାଗିଛି । ଏହିସବୁ ଯାବତୀୟ ବାସନା, ଯାବତୀୟ ଆବେଗ ଓ ଶକ୍ତିଗତ ଯାବତୀୟ ସ୍ରୋତବେଗ,—ଏଗୁଡ଼ିକ ହେଉଛନ୍ତି ତୁମରି ମଧ୍ୟଦେଇ ଅତିକ୍ରମ କରୁଥିବା ଗୋଟିଏ ଗୋଟିଏ ବସ୍ତୁ; ତୁମେ ସେଗୁଡ଼ିକ ବିଷୟରେ ଆଦୌ କୌଣସି ପ୍ରକାରେ ସଜ୍ଞାନ ନ ହୋଇ ମଧ୍ୟ ସେଗୁଡ଼ିକର ବୋଲି ମାନିଆଅ, ଏବଂ ସେଗୁଡ଼ିକୁ ନିଜଠାରୁ ଅଭିନ୍ନ ବୋଲି ଗ୍ରହଣ କରିନିଅ । ଏବଂ, ଏହିସବୁ ବ୍ୟାପାର କ୍ଷେତ୍ରରେ ତୁମେ ନିଜେ ବୋଲି ପ୍ରକୃତରେ କିଛି ନ ଥାଏ । ତାହା ଏଠୁ ସେଠୁ ଯାବତୀୟ ସ୍ଥାନରୁ ଆସେ ଓ ଏଠାସେଠା ଯାବତୀୟ ସ୍ଥାନକୁ ଯିବାରେ ଲାଗିଥାଏ । ତୁମେ ସତେଅବା ଏକ ସାଧାରଣ ଗମନାଗମନର ସ୍ଥାନ ହୋଇ ରହିଥାଅ : ବସ୍ତୁଗୁଡ଼ିକ ପ୍ରବେଶ କରୁଥାନ୍ତି, ପୁଣି ଚାଲି ଯାଉଥାନ୍ତି ଓ ତୁମକୁ ସର୍ବସ୍ୱ କରି ରଖିଥାନ୍ତି ।

ମାଆ, ଜଣେ ବ୍ୟକ୍ତିର କାହିଁକି ଏକ ନିର୍ଦ୍ଦିଷ୍ଟ ଦୋଷ ରହିଥାଏ, ଅନ୍ୟ ଦୋଷଗୁଡ଼ିକ ନ ଥାଏ ?

ସେଇଟି ହେଉଛି ପ୍ରକୃତିର କାର୍ଯ୍ୟ ।

କେତେକ ଉଦ୍ଭିଦ କାହିଁକି ଗୋଟିଏ ପ୍ରକାରର ଓ ଅନ୍ୟଗୁଡ଼ିକ କାହିଁକି ଅନ୍ୟ ପ୍ରକାରର, କେତେକ ଇତରପ୍ରାଣୀ କାହିଁକି ଗୋଟିଏ ପ୍ରକାରର ଏବଂ ଅନ୍ୟମାନେ କାହିଁକି ଅନ୍ୟ ପ୍ରକାରର ? ଏହି ବ୍ରହ୍ମାଣ୍ଡରେ ଏପରି ଦୁଇଟି ମଧ୍ୟ ସଂଯୋଜିତ ବସ୍ତୁ କେଉଁଠି ନାହିଁ, ଯେଉଁମାନେ କି ପରସ୍ପର ସହିତ ଅବିକଳ ସମାନ ହୋଇ ରହିଛନ୍ତି । ଏହିସବୁ ଯାବତୀୟ ସଂଯୋଜନ ହେଉଛି ଭିନ୍ନ ଭିନ୍ନ ପ୍ରକାରର । ବ୍ରହ୍ମାଣ୍ଡ ମଧ୍ୟରେ ଏପରି ଦୁଇଟି ଗତିସ୍ପନ୍ଦନ ମଧ୍ୟ ଦେଖିବାକୁ ମିଳିବ ନାହିଁ, ଯାହାକି ପରସ୍ପରର ଅବିକଳ ସମାନ ହୋଇ ରହିଥିବ । ଏପରି କୌଣସି ବସ୍ତୁ ନାହିଁ, ଯାହାକି ଅବିକଳ ସେହିପରି ସ୍ୱରୂପରେ ପୁନଃନିଷ୍ପନ୍ନ ହେବାରେ ଲାଗିଛି । ଅନୁରୂପତା ରହିଛି, ସାଦୃଶ୍ୟ ରହିଛି, ସମପରିବାରତ୍ୱ ରହିଛି—ଗତିସ୍ପନ୍ଦନଗୁଡ଼ିକର ମଧ୍ୟ ସମପରିବାରତ୍ୱ ରହିଛି, ଯେଉଁଗୁଡ଼ିକୁ କି ସ୍ପନ୍ଦନଗତ ସମପରିବାରତ୍ୱ ବୋଲି କହିହେବ । —ମାତ୍ର ଅବିକଳ ଓ ଏକାବେଳେକେ ଅଭିନ୍ନ କୌଣସି ଦୁଇଟି ବସ୍ତୁ କେଉଁଠି ହେଲେ ନାହାନ୍ତି । କାଳରେ ନାହାନ୍ତି କିଂବା ଦେଶରେ ମଧ୍ୟ ନାହାନ୍ତି । କୌଣସି

'oaob.nitrkl.ac.in' images reprocessed

ଗୋଟିଏ ବସ୍ତୁର ପୁନରାବୃତ୍ତି ହେଉ ନାହିଁ । ତା' ନ ହେଲେ କୌଣସି ରୂପାୟଣ ସମ୍ଭବ ହେଉ ନ ଥାନ୍ତା, କେବଳ ଗୋଟିଏମାତ୍ର ବସ୍ତୁହିଁ ରହିଥାନ୍ତା ।

ରୂପାୟଣର ଏକମାତ୍ର ଅର୍ଥ ହେଉଛି ଅନେକତା । ଏହି କ୍ଷେତ୍ରରେ ପରମ ଏକ ଆପଣାକୁ ଅବଗ୍ରମ ଭାବରେ ଅନେକ ମଧ୍ୟରେ ପ୍ରସାରିତ କରି ଦେଉଛନ୍ତି ।

**ଆଉ କିଛି ? କାହାର କିଛି ନାହିଁ ?**

ମାଆ, ଅହଂ କେତେବେଳେ ଏକ ଯନ୍ତ୍ରରେ ପରିଣତ ହୋଇ-ପାରେ ?

ଯେତେବେଳେ ଯନ୍ତ୍ର ହେବା ପାଇଁ ପ୍ରସ୍ତୁତ ହୋଇଯାଏ ।

ତାହା କପରି ଘଟେ ?

କପରି ଘଟେ ? ···ମୁଁ ଭାବୁଛି, ପ୍ରତ୍ୟେକ କ୍ଷେତ୍ରରେ ତାହା ଭିନ୍ନ ଭାବରେ ଘଟେ । କେଉଁଠି ହଠାତ୍, ଗୋଟିଏ ମୁହୂର୍ତ୍ତରେ ଘଟେ, ଏକ ପ୍ରକାରର ଅନ୍ତର୍ଗତ ଉତ୍କ୍ରମଣ ଦ୍ୱାରା ଘଟେ । ଅନ୍ୟତ୍ର ତାହା ବର୍ଷ ବର୍ଷ ସମୟ ବି ନେଇପାରେ, ଶତାବ୍ଦୀ ଶତାବ୍ଦୀ ଲାଗିପାରେ; ଏକାଧିକ ଜୀବନକାଳ ମଧ୍ୟ ଲାଗି ଯାଇପାରେ । ପ୍ରତ୍ୟେକଟି ଲାଗି ତାହା ଘଟିବାର ଗୋଟିଏ ମୁହୂର୍ତ୍ତ ରହିଥାଏ : ସିଏ ଯେତେ-ବେଳେ ପ୍ରକୃତରେ ପ୍ରସ୍ତୁତ ହୋଇଯାଏ ।

ଏବଂ ମୁଁ ଭାବୁଛି, ତାହାର ଗଠନଟି ସଂପୂର୍ଣ୍ଣ ହୋଇଗଲେ ସିଏ ପ୍ରସ୍ତୁତ ହୋଇଯାଏ । ବ୍ୟକ୍ତିର ସଂପୂର୍ଣ୍ଣ ଗଠନ, ତାହାହିଁ ହେଉଛି ଅହଂଗତ ଅସ୍ତିତ୍ୱର ଅସଲ ଉଦ୍ଦେଶ୍ୟ । ବ୍ୟକ୍ତି ପ୍ରସ୍ତୁତ ହେଲେ ଅହଂ ଅନ୍ତର୍ହିତ ହୋଇଯିବାର ସମୟ ଆସେ । ମାତ୍ର ତା' ପୂର୍ବରୁ ତାହା ଅନ୍ତର୍ହିତ ହୁଏ ନାହିଁ, କାରଣ ତାହାର ତଥାପି କିଛି କାର୍ଯ୍ୟ କରିବାକୁ ବାକି ରହିଥାଏ ।

ଯେତେବେଳେ ଏହି ପୃଥିବୀ ନୂତନ ସୃଷ୍ଟିକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇଯିବ, ସେତେବେଳେ ପ୍ରତିକୂଳ ଶକ୍ତିମାନେ ଅନ୍ତର୍ହିତ ହୋଇଯିବେ । ମାତ୍ର, ଯେପର୍ଯ୍ୟନ୍ତ ପୃଥିବୀର ପ୍ରଲୁବ୍ଧ ହେବାର ଦଳା ଓ ଚଳଣା ହେବାର ଏବଂ ପ୍ରସ୍ତୁତ ହୋଇ ପାରିବା ଲାଗି ମନ୍ଥା ହେବାର ଆବଶ୍ୟକତା ରହିଥିବ, ସେପର୍ଯ୍ୟନ୍ତ ପ୍ରତିକୂଳ ଶକ୍ତିଗୁଡ଼ିକ ମଧ୍ୟ ରହିଥିବେ; ପ୍ରଲୋଭନ ଦେଖାଉଥିବେ; ସେହି ପ୍ରଲୋଭନ ଆଘାତ କରୁଥିବ, ଆଗକୁ ଠେଲୁଥିବ, ତୁମକୁ ଶୋଇବାକୁ ଦେଉ ନ ଥିବ, ତୁମକୁ ଐକାନ୍ତିକ ଭାବରେ କଷ୍ଟାପୃକ୍ତ ହେବା ଲାଗି ବାଧ୍ୟ କରୁଥିବ ।

'oaob.nitrkl.ac.in' images reprocessed

ଐକାନ୍ତିକ ଭାବରେ ନିଷ୍ଠାପର ହୋଇଥିବା ବ୍ୟକ୍ତି ପ୍ରତିକୂଳ ଶକ୍ତିଗୁଡ଼ିକ ଉପରେ ପ୍ରଭୁତ୍ୱ ଅର୍ଜନ କରିପାରିବ । ମାତ୍ର, ଯେପର୍ଯ୍ୟନ୍ତ ସତ୍ତ୍ୱମଧ୍ୟରେ ଅହଂ ଅବସ୍ଥାନ କରୁଥିବ, ଗର୍ବ କିଂବା ଅସତ୍-ଇଚ୍ଛା ରହିଥିବ, ସେପର୍ଯ୍ୟନ୍ତ ତାହା ପ୍ରଲୋଭନ ଓ ଆକ୍ରମଣର ଶରବ୍ୟ ହେବାରେ ଲାଗିଥିବ ଏବଂ, ପ୍ରତିକୂଳ ଶକ୍ତିମାନ ବିଦ୍ୟମାନ ରହିଥିବାରୁ ତାହା ସତ୍ତ୍ୱେ ଯାହା ଦିବ୍ୟ କାର୍ଯ୍ୟଟିକୁ ନେଇ ତାହା ଭିତରେ ତତ୍ପର ରହିଥିବ, ତାହା ସହିତ ଏକ ସତତ ଦ୍ୱନ୍ଦ୍ୱରେ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ ହୋଇ ରହିଥିବ ।

ସେହି ସମସ୍ୟାଟି ଆଦୌ ସମ୍ପୂର୍ଣ୍ଣ ଭାବରେ ନିରୂପିତ ହୋଇ ରହି ନ ଥାଏ । ଏକଥା ମୁଁ ତୁମମାନଙ୍କୁ ଏକାଧିକ ବାର ବୁଝାଇ କହିଥିବି । ଚେତନାର ଅନେକ କ୍ଷେତ୍ର ଓ ଅନେକ ପ୍ରଖଣ୍ଡ ରହିଛି,—ସେଗୁଡ଼ିକ ଗୋଟିକ ଉପରେ ଗୋଟିଏ ହୋଇ ଲଦାହୋଇ ରହିଛନ୍ତି ଏବଂ, ଚେତନା ଅଥବା ବିସ୍ତାର ଏହି ପ୍ରତ୍ୟେକଟି କ୍ଷେତ୍ରରେ ଏକ ନିୟତିବାଦ କାର୍ଯ୍ୟ କରୁଛି ଯାହାକି ନିରଙ୍କୁଶ ପରି ବୋଧ ହେଉଛି । ମାତ୍ର, ଗୋଟିଏ କ୍ଷେତ୍ରରେ ଏପରିକି ପରବର୍ତ୍ତୀ ଉଚ୍ଚତର କ୍ଷେତ୍ରରେ ହସ୍ତକ୍ଷେପ, ଉଦାହରଣସ୍ୱରୂପ, ଭୌତିକର କ୍ଷେତ୍ରରେ ପ୍ରାଣିକର ହସ୍ତକ୍ଷେପ, ପ୍ରାଣିକ କ୍ଷେତ୍ରର ନିୟତିବାଦଟିକୁ ଭୌତିକ କ୍ଷେତ୍ରରେ ନେଇ ପ୍ରବିଷ୍ଟ କରାଇ ଦେଉଛି ଏବଂ ଅବଶ୍ୟମ୍ଭାବୀ ଭାବରେ ଭୌତିକ କ୍ଷେତ୍ରର ନିୟତିବାଦରେ ଏକ ରୂପାନ୍ତର ଘଟାଇ ପାରୁଛି । ଏବଂ ଯଦି, ଅଭୀପ୍ସା, ଅନ୍ତର୍ଗତ ଇଚ୍ଛାଶକ୍ତି, ଆତ୍ମୋତ୍ସର୍ଗ ଏବଂ ଯଥାର୍ଥ ସମର୍ପଣ ଦ୍ୱାରା ତୁମେ ଉଚ୍ଚତର ଭୂମିଗୁଡ଼ିକର ସମ୍ପର୍କ ମଧ୍ୟରେ ଯାଇ ପ୍ରବିଷ୍ଟହୋଇ ପାରିବ ବା ଏପରିକି ସର୍ବୋଚ୍ଚ ଭୂମିଟି ସହିତ ମଧ୍ୟ ସମ୍ପର୍କ ସ୍ଥାପନ କରି ପାରିବ, ତେବେ ସେହି ଊର୍ଦ୍ଧ୍ୱଦେଶରୁହିଁ ସର୍ବୋଚ୍ଚ ନିୟତିବାଦର ଅବତରଣ ଘଟିବ ଏବଂ ତାହା ତୁମର ମଧ୍ୟବର୍ତ୍ତୀ ସକଳ ନିୟତିବାଦକୁ ବଦଳାଇ ଦେବ ଏବଂ, ଯାହା ସମ୍ପାଦିତ ହେବାକୁ ହୁଏତ ବର୍ଷ ବର୍ଷ ଅଥବା ଅନେକ ଜୀବନ ଲାଗିଥାନ୍ତା, ତାହାକୁ ପ୍ରାୟ ଏକ ନଗଣ୍ୟ ପରିମିତ କାଳ ମଧ୍ୟରେ ସମ୍ଭବ କରାଇ ଆଣି ପାରିବ । ମାତ୍ର, ଏହାହିଁ ଏକମାତ୍ର ମାର୍ଗ ।

ଯଦି କୌଣସି ଘଟନା ବା ପରିସ୍ଥିତିରେ—କଥାଟିକୁ ସରଳ କରିଦେବା ଉଦ୍ଦେଶ୍ୟରେ, ଏକ ବିପଦର ପରିସ୍ଥିତିକୁ ଉଦାହରଣସ୍ୱରୂପ ଗ୍ରହଣ କରାଯାଉ,—ଯଦି ସେତେବେଳେ, ତୁମେ ଯେଉଁ ଭୂମିରେ ଅବସ୍ଥିତ ରହିଛ, ସେହି ଭୂମିରେ ସଂଘର୍ଷ କରିବାକୁ ଆଦୌ କୌଣସି ଚେଷ୍ଟା ନ କର, ଯଦି ତୁମେ ଏକ ବୃହତ୍ ଊର୍ଦ୍ଧ୍ୱାୟନ ଦ୍ୱାରା ଚେତନାର ସିଢ଼ିରେ ଭିନ୍ନ ଭିନ୍ନ ସୋପାନରୂପେ ଅବସ୍ଥିତ ରହିଥିବା କ୍ଷେତ୍ରଗୁଡ଼ିକୁ ଅତିକ୍ରମ କରି ଚାଲିଯିବ ଏବଂ ସର୍ବୋଚ୍ଚ ଭୂମିଟିରେ ଯାଇ ପହଞ୍ଚି ପାରିବ,—ଯାହାକୁ ଶ୍ରୀଅରବିନ୍ଦ ବିଶ୍ୱାତୀତ ଭୂମି ବୋଲି ଗ୍ରହଣ କରିଛନ୍ତି,

'oaob.nitrkl.ac.in' images reprocessed

ସେହି ଭୂମିଟିରେ,—ଯଦି ପୂର୍ଣ୍ଣ ସମର୍ପଣର ଏକ ଅବସ୍ଥାରେ ରହି ତୁମେ ତାହା କରିପାରିବ, ତେବେ ସ୍ୱୟଂ ସେଇ ପରମକର୍ତ୍ତ୍ରୀ ସକଳ କାର୍ଯ୍ୟ ସ୍ୱୟଂ କରିବେ ଏବଂ ଯେକୌଣସି ପରିସ୍ଥିତିରେ ମଧ୍ୟ ସବୁକିଛିକୁ ବଦଳାଇ ଦେଇ ପାରିବେ—ଏତେ ଅଧିକ ପରିମାଣରେ ବଦଳାଇ ଦେବେ ଯେ, ଲୋକେ ସାଧାରଣତଃ ଯାହାକୁ ଏକ ଅଲୌକିକ ଘଟନା ବୋଲି କହିଥାନ୍ତି, ଏହି କ୍ଷେତ୍ରରେ ସେହିପରି ଏକ ଘଟନା ଘଟିବ, କାରଣ, ଏହି କଥାଟି ଯେ ପ୍ରକୃତରେ କିପରି ଘଟିଲା, ସେମାନେ ସେହି ବିଷୟରେ ଆଦୌ କିଛି ବୁଝି ନ ଥିବେ ।

ସିଧା ସଳଖ ଶିଖର ଯାଏ କିପରି ଆରୋହଣ କରିବାକୁ ହୁଏ, ତାହାକୁ ଜାଣିବା,—ତାହାହିଁ ଏକମାତ୍ର ରହସ୍ୟ ।

ସରଳ ?

ତୁମେମାନେ ପରି ଧ୍ୟାନର ଏକ କାର୍ଯ୍ୟକ୍ରମ ଲାଗି କହୁଥିଲ···

'oaob.nitrkl.ac.in' images reprocessed

# ୧୬ ନଭେମ୍ବର ୧୯୫୫

ମାଆ "ଯୋଗ-ସମନ୍ୱୟ" ପୁସ୍ତକର "ସାଧନ-ଚତୁଷ୍ଟୟ" ଅଧ୍ୟାୟରୁ କିଛି ପାଠ କଲେ ।

(ଜଣେ ପିଲାକୁ) ତୁମେ ତୁମ ଜନ୍ମଦିନ ଲାଗି ଗୋଟିଏ ପ୍ରଶ୍ନ ପ୍ରସ୍ତୁତ କରିଛ କି ?

୧୮ ର ତାତ୍ପର୍ଯ୍ୟ କ'ଣ ?

ସଂଖ୍ୟା ୧୮ ର ?

ତାହାକୁ ତୁମେ କିପରି ଭାବରେ ପଢ଼ିବ, ତା'ତ୍ପର୍ଯ୍ୟଟି ତାହାରି ଉପରେ ନିର୍ଭର କରିବ ।

ଏହାକୁ ୧୦+୮ ଭାବରେ ପଢ଼ାଯାଇ ପାରିବ, ୯+୯ ରୂପେ ପଢ଼ାଯାଇ ପାରିବ, ୧୨+୬ ରୂପେ ମଧ୍ୟ ପାଠ କରାଯାଇ ପାରିବ । ଏବଂ, ଏହି ପ୍ରତ୍ୟେକଟି ଭିନ୍ନ ଭିନ୍ନ ପାଠର ଅଲଗା ଅଲଗା ଅର୍ଥ ରହିଛି ।

୧୦+୮ ବୋଲି ପଢ଼ିଲେ ଏହା ଅତ୍ୟନ୍ତ ସ୍ପଷ୍ଟ କୌଣସି ବସ୍ତୁକୁ ସୂଚିତ କରିଦେବ : କାରଣ ୧୦ ଏକ ଘଣ୍ଟସ୍ଥାନ ପରିପୂର୍ଣ୍ଣତାର ସୂଚନା ଦେଇଥାଏ,— ଏପରି ଏକ ବସ୍ତୁ, ଯାହାକି ଆପଣାର ପରିପୂର୍ଣ୍ଣ ଅବସ୍ଥାକୁ ଆସି ସେହିଠାରେ ଅଟକି ଯାଇଛି; ଏବଂ ୮ କହିଲେ ତା' ଚାରିପାଖରେ ରହିଥିବା ଦୁଇପରସ୍ତ ପାଚେରୀକୁ ବୁଝାଉଛି । ଅର୍ଥାତ୍, ଏପରି ଏକ ବସ୍ତୁ, ଯାହାର ଚତୁର୍ଦ୍ଦିଗରେ ବାଡ଼ ଘେରି ହୋଇ ରହିଛି, ଯାହାକୁ ରକ୍ଷିତ ଓ ବେଷ୍ଟିତ କରାଇ ରଖାଯାଇଛି ଏବଂ ତେଣୁ, ଯାହା ସ୍ୱଭାବତଃ ସେହିଠାରେହିଁ ଅଟକି ଯାଇଛି । ତେଣୁ, ଯଦି ଆମେ ୧୦ ଓ ୮ କୁ ଏକାଠି ପାଖପାଖି କରି ରଖିବା, ତେବେ ତାହା ପ୍ରକୃତରେ ଏପରି ଗୋଟିଏ ବସ୍ତୁକୁ ବୁଝାଇବ, ଯାହାକୁ ଏକ ପ୍ରାପ୍ତି ବୋଲି କୁହାଯାଇ ପାରିବ ସତ, ମାତ୍ର ଆପଣାର ଗାରଗୁଡ଼ିକ ଭିତରେ ରହିଯାଇ ଥିବାକୁ ବୁଝାଇବ ।

ଅନ୍ୟ ପକ୍ଷରେ, ଯଦି ଆମେ ତାହାକୁ ୯+୯ ବୋଲି ଗ୍ରହଣ କରୁ : ୯ ହେଉଛି ସୃଜନ ପ୍ରକ୍ରିୟା—ସ୍ୱୟଂ ସୃଜନ ନୁହେଁ, ମାତ୍ର ତାହାର ପ୍ରକ୍ରିୟା—ଏବଂ,

'oaob.nitrkl.ac.in' images reprocessed

୯+୯ ଏପରି ଏକ ସୃଜନପ୍ରକ୍ରିୟାକୁ ବୁଝାଇବ, ଯାହାକି ଅବିଚ୍ଛିନ୍ନ ଭାବରେ ଲାଗିରହିଛି ଏବଂ ଆଉଏକ ସୃଜନପ୍ରକ୍ରିୟାକୁ ଅନୁସରଣ କରୁଛି; ଅର୍ଥାତ୍, ତାହା ଏକ ଦ୍ୱୈତ ସୃଜନ ହୋଇ ରହିଛି ଏବଂ ଏହି ବସ୍ତୁଟିକୁ ସୂଚାଇ ଦେଉଛି ଯେ, ତାହା ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନବରତ ହୋଇ ଲାଗି ରହିଛି । ଏଥିରୁ ଆମକୁ ଦୁଇଟି ପ୍ରାୟ ପରସ୍ପରବିରୋଧୀ ଅର୍ଥ ପ୍ରାପ୍ତ ହେଉଛି ।

ଏବଂ, ଯଦି ଆମେ ଏହାକୁ ୧୨+୬ ବୋଲି ଗ୍ରହଣ କରିବା, ତେବେ ସେଥିରୁ ଏକ ଅତ୍ୟନ୍ତ ଉତ୍ତମ ଅର୍ଥ ବାହାରିବ । ତୁମେମାନେ ୧୨ ର ଅର୍ଥ ଜାଣିଛ, ନୁହେଁ ? ଏହା କଳ୍ପନା ଏବଂ ସୃଜନର ପରିପୂର୍ଣ୍ଣତାକୁ ବୁଝାଏ । ଏବଂ ୬ ହେଉଛି ନୂତନ ସୃଜନର ପ୍ରତୀକ । ତେଣୁ, ଯଦି ତୁମେ ୧୨ ଓ ୬ କୁ ଏକାଠି ନେଇ ରଖିବ, ତେବେ ତୁମେ ଯଥାର୍ଥରେ ସମ୍ପୂର୍ଣ୍ଣ ଚମତ୍କାର ଏକ ତାତ୍ପର୍ଯ୍ୟକୁ ହାସଲ କରିବ ।

ଆମେ ୧୮ ରୁ ଅନ୍ୟାନ୍ୟ ସୋପାନଗୁଡ଼ିକୁ ମଧ୍ୟ ବିଚାର କରି ପାରିବା । ମାତ୍ର ତେବେ ତାହା ଟିକିଏ ଅଧିକ ଜଟିଳ ହୋଇ ପଡ଼ିବ ।

ସ୍ୱୟଂ ୧୮—କେବଳ ୧୮ ହିସାବରେ—ତାହା ଭୌତିକ ଉପଲବ୍ଧି ନିମନ୍ତେ ପ୍ରୟାସ କରୁଥିବା ଚେତନାକୁ ବୁଝାଉଥିଲା : ଆପଣାକୁ ଭୌତିକ ଭୂମିରେ ଉପଲବ୍ଧି କରିବାକୁ, ଜଡ଼ରୂପେ ଅଭିବ୍ୟକ୍ତ କରିବାକୁ ପ୍ରୟାସ କରୁଥିବା ଚେତନାକୁ ବୁଝାଉଥିଲା ।

ଏଣୁ, ତୁମକୁ ଏଥିରୁ···

ସାମାଜିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ସଂଖ୍ୟାଗରିଷ୍ଠତା ହାସଲ କରିବା ନିମନ୍ତେ ଏହା ହେଉଛି ପ୍ରଥମ ସଂଖ୍ୟା, ସର୍ବପ୍ରଥମ ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ; ଅର୍ଥାତ୍, ୧୮ ପାର ହୋଇଗଲେ ତୁମେ ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରି ପାରିବ, ତୁମେ ଯାହା ଇଚ୍ଛା କରିବ, ତୁମର ତାହା କରିବାର ଅଧିକାର ରହିବ; ସାମାଜିକ ଦୃଷ୍ଟିକୋଣରୁ ଏପରି ହେବ । ସ୍ପଷ୍ଟତଃ ଏହିଠାରୁ ଏକ ଅତ୍ୟନ୍ତ ଆପତ୍ତିଜନକ ପର୍ଯ୍ୟାୟର ଆରମ୍ଭ ହେବ ।

ବୁଝିଲ ?

ମାଆ; ପ୍ରତ୍ୟେକ ବ୍ୟକ୍ତିର ସଂଖ୍ୟାଟିର ସେହି ବ୍ୟକ୍ତି ଲାଗି ଏକ ଭିନ୍ନ ତାତ୍ପର୍ଯ୍ୟ ରହିଛି କି ?

ତାତ୍ପର୍ଯ୍ୟ ଦେବାକୁ ଇଚ୍ଛା କରୁଥିଲେ ଅବଶ୍ୟ ଏକ ତାତ୍ପର୍ଯ୍ୟ ରହିଛି ।

'oaob.nitrkl.ac.in' images reprocessed

ଯଦି ଜଣେ ବ୍ୟକ୍ତି ଏହା ବିଷୟରେ ଆଦୌ କିଛି ବୁଝି ନ ଥିବ, ତେବେ ତା'ଲାଗି ଏହାର ଆଦୌ କୌଣସି ତାତ୍ପର୍ଯ୍ୟ ନାହିଁ । ଜଣେ ନିଜେ ଏହାକୁ ଯେଉଁ ତାତ୍ପର୍ଯ୍ୟ ଦେବ, ତାହାରିହିଁ ଯାହାକିଛି ମହତ୍ତ୍ୱ ରହିଛି ।

ସଂଖ୍ୟାମାନେ ହେଉଛନ୍ତି ଅର୍ଥ ବ୍ୟକ୍ତ କରିବାର ଏକ ରୀତି । ଯାବତୀୟ ବିଜ୍ଞାନ ଓ କଳା, ମନୁଷ୍ୟ ଉତ୍ପନ୍ନ କରୁଥିବା ଯାବତୀୟ କ୍ଷେତ୍ରରେ ଯାହା ହୁଏ, ଏହା ହେଉଛି ଏକ ଭାଷା, ଅଭିବ୍ୟକ୍ତିର ମାଧ୍ୟମ । ସର୍ବଦା ଏହା ଏକ ଅର୍ଥ ବ୍ୟକ୍ତ କରିବାର ଏକ ରୀତି ହୋଇ ରହିଥାଏ ଓ ଅଭିବ୍ୟକ୍ତିର ଏକ ମାଧ୍ୟମ ହୋଇ ରହିଥାଏ । ଜଣେ ବ୍ୟକ୍ତି ସେହି ମାଧ୍ୟମଟିକୁ ଗ୍ରହଣ କଲେ ତାହା ଜୀବନ ପାଏ, ଅଭିବ୍ୟକ୍ତିସମ୍ପନ୍ନ ହୁଏ, ଉପଯୋଗୀ ହୋଇଥାଏ । ସାଧାରଣତଃ, ଆପଣାକୁ ବୋଧ କରିବା ନିମନ୍ତେ ଆମେ ଯେପରି ନାନା ଶବ୍ଦ ଆବଶ୍ୟକ କରିଥାଉ,—ଦୁର୍ଭାଗ୍ୟବଶତଃ ଏଥିରେ ଯାବତୀୟ ବିଭ୍ରାନ୍ତି ଲାଗି ଅବକାଶ ରହିଥାଏ; ମାତ୍ର ଆମେ ଏପର୍ଯ୍ୟନ୍ତ ଏଭଳି ଗୋଟିଏ ସ୍ଥିତିରେ ଆସି ପହଞ୍ଚି ପାରି ନାହୁଁ, ଯେଉଁଠି କି ଆମେ ନୀରବତା ମଧ୍ୟରେ ବି ପରସ୍ପର ପାଖରେ ନିଜର ଭାବ ପ୍ରକାଶ କରି ପାରନ୍ତେ, — ସେହି ସ୍ଥିତିକୁ ନିଃସନ୍ଦେହ ଭାବରେ ଏକ ଅତ୍ୟନ୍ତ ଅଧିକ ଉଚ୍ଚ ସ୍ଥିତି ବୋଲି ବୁଝାଯିବ—ହଁ, ଯଦି ତୁମେ ଏହି ସଂଖ୍ୟାଗୁଡ଼ିକୁ ଆପଣାର ଜୀବନରେ ଏକ ତାତ୍ପର୍ଯ୍ୟ ଦେବାକୁ ଇଚ୍ଛା କରୁଥିବ, ତେବେ ସେଗୁଡ଼ିକ ମଧ୍ୟ ତୁମ ଲାଗି ବହୁସଂଖ୍ୟକ ବସ୍ତୁର ଉଦ୍‌ଘାଟନ କରିଦେଇ ପାରିବେ । ମାତ୍ର, ବିଷୟଟି ପ୍ରକୃତରେ ଏହିପରି ଏକ ସ୍ଥିତିରେ ରହିଛି । ଏହା ଠିକ୍ ଫଳିତ ଜ୍ୟୋତିଷ ପରି : ଯଦି ଜଣେ ବ୍ୟକ୍ତି ତା'ର ଜୀବନ ଏବଂ ଗ୍ରହମାନଙ୍କର ସ୍ଥାନ ମଧ୍ୟରେ ରହିଥିବା ସମ୍ବନ୍ଧଟିକୁ ଅଧ୍ୟୟନ କରିବାକୁ ଇଚ୍ଛା କରୁଥାଏ, ତେବେ ତଦ୍ୱାରା ତାକୁ ଅନେକ ପ୍ରକାରର ଉପଯୋଗୀ ତଥ୍ୟ ମଧ୍ୟ ଉପଲବ୍ଧ ହୋଇଥାଏ ।

ମୂଳତଃ ଏହା ହେଉଛି ଜାଣିବାର ଏକ ରୀତି, ତଦ୍‌ବ୍ୟତୀତ ଆଉ କିଛି ନୁହେଁ । ଏହା ହେଉଛି ଗୋଟିଏ ପ୍ରକ୍ରିୟା । ଯଥାର୍ଥ ଜ୍ଞାନ ସକଳ ଶବ୍ଦର ଅତୀତ, ସକଳ ସୂତ୍ରବଦ୍ଧତା ଓ ସକଳ ଭାଷାର ଅତୀତ; ଏକ ନୀରବ ତଦାତ୍ମତା ମଧ୍ୟରେହିଁ ତାହା ଅଧିଷ୍ଠିତ ହୋଇ ରହିଥାଏ । କେବଳ ଏହି ଗୋଟିକ ମଧ୍ୟରେହିଁ ଭ୍ରମାଦର ଆଦୌ କୌଣସି ଅବକାଶ ନ ଥାଏ ।

**ଆଉ କ'ଣ ଅଛି ?**

ଏଥର କାଳୀପୂଜା ପାଇଁ ଆପଣ ଆମକୁ ଦେଇଥିବା ମନ୍ତ୍ର ପ୍ରାର୍ଥନାରେ ଆପଣ ସଂସ୍କୃତ ଭାଷାରେ କିଛି ଲେଖିଛନ୍ତି ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ସେହିପରି ମନ୍ତ୍ରଟିଏ ଲେଖିଛନ୍ତି ।

ତେବେ ସେ ତାହାକୁ ଏପରି କାହିଁକି ଲେଖିଛନ୍ତି ?

ସେ କାହିଁକି ଏପରି ଲେଖିଛନ୍ତି ?

ତୁମେ ତାଙ୍କୁ କାହିଁକି ପଚାରୁ ନାହିଁ ? ହୁଏତ ସେ ତୁମକୁ କିଛି କହି ପାରିବେ ।

ଏଇଟି ଏକ ଆବାହନ ମନ୍ତ୍ର । ତୁମେ ଏହାର ଅର୍ଥ ଜାଣିଛ ? ଏହାକୁ ବୁଝାଇଦେବା ନିମନ୍ତେ ତୁମେ କାହାକୁ ପାଇଲ କି ? ପାଇଲ ନାହିଁ ? ତୁମେ ସର୍ବପ୍ରଥମେ ତାହାହିଁ କରିଥାନ୍ତ; ଏହି ସ୍ୱରେଟି ଶବ୍ଦର ଅର୍ଥ କ'ଣ, ତୁମେ ତାହା ପଚାରିଥାନ୍ତ ।

ତଳେ ଦିଆ ଯାଇଥିବା ପ୍ରତିଲିପିଟି : ସେଥିରେ କେବଳ ଦୁଇଟି ପ୍ରତିଲିପି ରହିଛି । ସେ ଏହାର ଏକ ପ୍ରତିଲିପି ଦେବାକୁ ଆରମ୍ଭ କରିଥିଲେ ଏବଂ ତା'ପରେ ତାଙ୍କର ସେହି କାଗଜଟି ··· ଖଣ୍ଡେ ଅତି ଛୋଟ କାଗଜ ଉପରେ ସେ ତାହାକୁ ଲେଖିଥିଲେ ଏବଂ ଅଧିକ କିଛି ଲେଖିବା ପାଇଁ ସେଥିରେ ଆଉ ଜାଗା ନ ଥିଲା; ତେଣୁ ସେ ସେଇଠି ବନ୍ଦ କଲେ ।

ତୁମେ ସେଇଟିକୁ ପଢ଼ିଛ ? ତୁମକୁ ସ୍ପଷ୍ଟ ପଢ଼ି ଆସେ ନାହିଁ ? ତେବେ, ତୁମକୁ ଏପରି ଜଣେ ବ୍ୟକ୍ତି ପାଖକୁ ଯିବାକୁ ହେବ, ଯିଏକି ତୁମକୁ ତାହା ପଢ଼ି କରି କହିଦେବେ ଏବଂ ତା'ପରେ ତାହାର ତାତ୍ପର୍ଯ୍ୟଟିକୁ ବୁଝାଇ ଦେବେ । ତା'ପରେ ଯାଇ, ତୁମେ ସେ ଏପରି କାହିଁକି ଲେଖିଲେ ବୋଲି ମୋତେ ପଚାରିବ । ବର୍ତ୍ତମାନ ନୁହେଁ ।

ମାଆ, ଆପଣ ଲେଖିଥିବା ସେହି ଖାଲ୍‌ଦୀପ୍ସ ଉପକଥାଟିର* କାଳୀପୂଜା ସହିତ କୌଣସି ସମ୍ପର୍କ ଅଛି କି ?

ହଁ, ଅଛି; କାରଣ କାଳୀପୂଜା ଦିନ ମୁଁ ସବୁବେଳେ "ଦିବ୍ୟପରମ-ସତ୍ତାଙ୍କର ପ୍ରେମ" ଫୁଲଗୁଡ଼ିକୁ ବିତରଣ କରିଥାଏ; କାରଣ କାଳୀ ହେଉଛନ୍ତି ମହାଶକ୍ତିଙ୍କର ସକଳ ବିଭବ ମଧ୍ୟରେ ସବୁଠାରୁ ଅଧିକ ପ୍ରେମଶୀଳା; ଏଇଠାରେହିଁ ସର୍ବୋତ୍ତମ ଏବଂ ସବୁଠାରୁ ଅଧିକ ଶକ୍ତିଶାଳୀ ପ୍ରେମ ନିହିତ ହୋଇ ରହିଛି । ଏବଂ, ମୁଁ ସେହି କାରଣରୁହିଁ ପ୍ରତିବର୍ଷ କାଳୀପୂଜା ଦିନ "ଦିବ୍ୟ ପରମସତ୍ତାଙ୍କର ପ୍ରେମ"ର

*ପ୍ରବନ୍ଧଟିର ଶେଷରେ ପ୍ରଦତ୍ତ ପରିଶିଷ୍ଟ ଦ୍ରଷ୍ଟବ୍ୟ ।

'oaob.nitrkl.ac.in' images reprocessed

ପାଖିଚ୍ଛାଗୁଡ଼ିକୁ ବିତରଣ କରିଥାଏ । ତେଣୁ, ଏହି ଫୁଲଗୁଡ଼ିକୁ ଭଗବାନ୍‌ଙ୍କର ପ୍ରେମକୁ ବ୍ୟକ୍ତ କରିବା ଲାଗି ଠାକୁରଙ୍କ ବସ୍ତୁ ଯାଇଥିଲା, ଏହିଥିରୁହିଁ ସ୍ପଷ୍ଟତଃ ତାହାର ବ୍ୟାଖ୍ୟା ମିଳିଯାଉଛି—ତାହାହିଁ ଏହା ର ଯଥେଷ୍ଟ ବ୍ୟାଖ୍ୟା ଦେଇପାରିବ ।

ମାଆ, ଆପଣ ଯେଉଁ ବ୍ୟକ୍ତିଙ୍କ ବିଷୟରେ କହୁଛନ୍ତି, ସେହି ବ୍ୟକ୍ତି ଜଣକ କିଏ ?

ସିଏ ଜଣେ ବ୍ୟକ୍ତି ବୋଲି ତୁମକୁ କିଏ କହିଲା ?

ସିଏ ଜଣେ ପୁରୁଷ କି ସ୍ତ୍ରୀ, ମୁଁ ସେକଥା ଆଦୌ କହି ନାହିଁ । ମୁଁ ଖୁବ ସାବଧାନ ହୋଇ କେବଳ ଏକ "ଭଗବାନ୍" ବୋଲି ଲେଖିଛି ।

ସିଏ କିଏ ?

ଏହା ହେଉଛି ଏକ ପ୍ରାଗୈତିହାସିକ ଗଳ୍ପ, ତେଣୁ ତୁମକୁ ଏହି ବିଷୟରେ ଆଦୌ କୌଣସି ତଥ୍ୟ ମିଳିବ ନାହିଁ । ଏହା ଆଦୌ କୌଣସିଠାରେ ଲେଖା-ହୋଇ ରହି ନାହିଁ । କୌଣସି ଲିଖିତ ବିବରଣୀ ନାହିଁ ।

ଆମେ ଆଜି ଯାହା ପାଠ କରିଛୁ, ସେ ବିଷୟରେ ତୁମର କିଛି ପଚାରିବାକୁ ନାହିଁ ?

ମାଆ, ବ୍ୟକ୍ତିଗତ ଚେଷ୍ଟା କ'ଣ ସବୁବେଳେ ଅହଂପ୍ରଣୋଦିତ ହୋଇ ରହିଥାଏ ?

ହଁ । ଆମ ଆଶାର ଅନୁରୂପ ହେବା ସକାଶେ ଫରାସୀ ଆଦୌ ସେତେବେଶୀ ଏକ ସମୃଦ୍ଧ ଓ ସମ୍ପୂର୍ଣ୍ଣ ଭାଷା ନୁହେଁ । ଇଂରାଜୀ ଭାଷାରେ "ସ୍ୱାର୍ଥପର" (selfish) ଓ "ଅହଂପ୍ରଣୋଦିତ" (egoistic) ଏପରି ଦୁଇଟି ଶବ୍ଦ ରହିଛି । ଏବଂ ଦୁଇଟିଯାକର ଅର୍ଥ ଆଦୌ ଏକା ନୁହେଁ । ଇଂରାଜୀ ଭାଷାରେ ତୁମେ ସେହି ପାର୍ଥକ୍ୟଟିକୁ ଜାଣିଛ, ନୁହେଁ ? ଏବଂ, ଫରାସୀରେ ବ୍ୟବହୃତ ହୋଇଥିବା ଶବ୍ଦଟି "ସ୍ୱାର୍ଥପରତା" ଅର୍ଥରେ ନୁହେଁ, ମାତ୍ର "ଅହଂପ୍ରଣୋଦିତତା" ଅର୍ଥରେ ବ୍ୟବହୃତ ହୋଇଛି ।

ଏକ ପ୍ରଚେଷ୍ଟା ସ୍ୱାର୍ଥପର ନ ହୋଇପାରେ, ମାତ୍ର ତଥାପି ଅହଂ-ପ୍ରଣୋଦିତ ହୋଇପାରେ; କାରଣ, ବ୍ୟକ୍ତିଗତ ହେବା ମାତ୍ରକେ ତାହା ଅହଂ-ପ୍ରଣୋଦିତ ହେବାକୁ ବାଧ୍ୟ ହୁଏ,—ଅର୍ଥାତ୍, ତାହା ଅହଂକୁ ଭିତ୍ତି କରି ରହିଥାଏ । ମାତ୍ର, ତାହାର ଅର୍ଥ ନୁହେଁ ଯେ ତାହା ଉଦାର ହୋଇ ନ ଥିବ, ସମ୍ବେଦନଶୀଳ ଓ

'oaob.nitrkl.ac.in' images reprocessed

ସ୍ୱାର୍ଥରହିତ ହୋଇ ନ ଥିବ ଅଥବା କୌଣସି ସଂକୀର୍ଣ୍ଣ ବ୍ୟକ୍ତିଗତ ଅଭିପ୍ରାୟସାଧନ ନିମନ୍ତେ ଉଦ୍ଦିଷ୍ଟ ହୋଇ ରହିଥିବ । ସେପରି ଆଦୌ ହେବ ନାହିଁ । ଏହା ଏକ ଅତ୍ୟନ୍ତ ସ୍ୱାର୍ଥରହିତ କାର୍ଯ୍ୟ ଲାଗି ମଧ୍ୟ ଉଦ୍ଦିଷ୍ଟ ହୋଇ ରହିପାରେ । ମାତ୍ର, ଏକ ଅହଂ ରହିଥିବା ପର୍ଯ୍ୟନ୍ତ ତାହା ଅବଶ୍ୟ ଅହଂପ୍ରଣୋଦିତ ହୋଇ ରହିବ । ଏବଂ, ଆପଣା ବ୍ୟକ୍ତିତ୍ୱର ଏକ ବୋଧ ରହିଥିବା ପର୍ଯ୍ୟନ୍ତ ତାହା ସ୍ୱଭାବତଃ ଏକ ଅହଂ-ପ୍ରଣୋଦିତ ବସ୍ତୁ ହୋଇ ରହିଥିବ; ତାହା ଅହଂର ଉପସ୍ଥିତି ଉପରେ ଆଧାରିତ ରହିଥିବ ।

ଏବଂ ଏହା ବେଶ୍ ଦୀର୍ଘ କାଳ ନିମିତ୍ତ ଏହିପରି ଅବଶ୍ୟ ହୋଇ ରହିବ; କାରଣ, ବ୍ୟକ୍ତିତ୍ୱ ପୂର୍ଣ୍ଣସଂଗଠିତ ହୋଇ ନ ପାରିଥିବା ପର୍ଯ୍ୟନ୍ତ, ତାହା ବ୍ୟକ୍ତିଗତ ପରିପୂର୍ଣ୍ଣତାର ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ପହଞ୍ଚି ନ ପାରିଥିବା ପର୍ଯ୍ୟନ୍ତ ତାହା ଅବଶ୍ୟ ଏହିପରି ହୋଇ ରହିବ । ଏବଂ ତା'ପରେ ଅହଂ ଉପସ୍ଥିତି ରହିବା ଲାଗି ଆଉ କୌଣସି ପ୍ରୟୋଜନ ରହିବ ନାହିଁ—ମାତ୍ର, ସମ୍ଭାବ୍ୟ ସର୍ବାଧିକ ବ୍ୟକ୍ତିଗତ ବିକାଶ ସମ୍ଭବ ନ ହୋଇଯିବା ପର୍ଯ୍ୟନ୍ତ ତାହାକୁ କଦାପି ହାସଲ କରାଯାଇ ପାରିବ ନାହିଁ ।

ଏହାକୁ ଆଦୌ ଏକ ସାମାନ୍ୟ କ୍ଷୁଦ୍ର କାର୍ଯ୍ୟ ବୋଲି କୁହାଯାଇ ପାରିବ ନାହିଁ । ଏଥିଲାଗି ଅନେକ ସମୟ ଦରକାର, ଅନେକ ଚେଷ୍ଟା ଦରକାର । ଏବଂ, ଯେତେବେଳେ ବ୍ୟକ୍ତିଗତ ବିକାଶସାଧନ ସଂପୂର୍ଣ୍ଣ ହୋଇ ଯାଉଛି, ଯେତେବେଳେ କି ଜଣେ ବ୍ୟକ୍ତିକୁ ଯଥାର୍ଥ ଭାବରେ ଏକ ବ୍ୟକ୍ତିସତ୍ତା ବୋଲି କୁହାଯାଇ ପାରିବ, ଅର୍ଥାତ୍, ତାହା ଭିତରେ ଯେତେବେଳେ ଅନ୍ୟ ସମସ୍ତଙ୍କଠାରୁ ସ୍ୱତନ୍ତ୍ର ଭାବରେ କିଛି ରହିଛି ବୋଲି ସକଳ ଲକ୍ଷଣ ପ୍ରାପ୍ତ ହୋଇଯିବ,—କାରଣ, ଦକ୍ଷତଃ ଏହି ପୃଥିବୀରେ କୌଣସି ଦୁଇଜଣ ବ୍ୟକ୍ତି ମଧ୍ୟ ନାହାନ୍ତି, ଯେଉଁମାନେ ଏକାବେଳକେ ଏକାପରି,—ତେଣୁ, ଜଣେ ବ୍ୟକ୍ତି ଯେତେବେଳେ ତାହାର ଯଥାର୍ଥ ବ୍ୟକ୍ତି-ପରିଚୟଟିକୁ ଦେଇ ପାରିବାରେ ସଫଳ ହୋଇଯିବ, ଏହି ବିଶ୍ୱସୃଷ୍ଟିରେ ସଂପୂର୍ଣ୍ଣ ଭାବରେ ତାହାହିଁ ହୋଇ ପାରିବ ଏବଂ ତାହାର ପ୍ରତିନିଧିତ୍ୱ କରୁଥିବ,—ତେବେ-ଯାଇ ତାହାର ଅହଂ ଅନ୍ତର୍ହିତ ହୋଇ ଯିବା ପାଇଁ ସେ ପ୍ରସ୍ତୁତ ହେବ,—ତା'ପୂର୍ବରୁ କଦାପି ନୁହେଁ ।

ଏଥିଲାଗି ବେଶ୍ କିଛି ସମୟ ଦରକାର, ବେଶ୍ କିଛି ପ୍ରଚେଷ୍ଟା ଦରକାର ଏବଂ ଏକ ବେଶ୍ ସଂପୂର୍ଣ୍ଣ ଶିକ୍ଷା ମଧ୍ୟ ଦରକାର । ମାତ୍ର, ଆଉ ଅହଂର କୌଣସି ଆବଶ୍ୟକତା ଅନୁଭବ ନ କରିବା ଲାଗି ପ୍ରସ୍ତୁତ ହେବା ପୂର୍ବରୁ ଜଣେ ବ୍ୟକ୍ତି ହୁଏତ ବେଶ୍ ସ୍ୱାର୍ଥରହିତ ହୋଇପାରେ । ତାହା ପ୍ରକୃତରେ ଏକ ଭିନ୍ନ କଥା ।

ଦୀର୍ଘ ଅନେକ ବର୍ଷ ଧରି, ମୁଁ ସବୁବେଳେ ଇଂରାଜୀରୁ ଫରାସୀ ଭାଷାକୁ ଅନୁବାଦ କରିବାକୁ ଚେଷ୍ଟା କରି ଆସିଛି—ପ୍ରାୟ ତିରିଶ କିଂବା ପଞ୍ଚତିରିଶ ବର୍ଷ ହେଲା ମୁଁ

'oaob.nitrkl.ac.in' images reprocessed

ସାଧି କାଲ ସେହି କଥାଟିକୁ କହିବା ଲାଗି ଓ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଦେଖାଇ ପାରିବା ଲାଗି ଦୁଇଟି ଶବ୍ଦ ବାହାର କରିବାକୁ ଚେଷ୍ଟା କରି ଆସିଛି । ମୁଁ ତାହାକୁ ଏବେ ମଧ୍ୟ ପାଇ ପାରି ନାହିଁ, କାରଣ, ଫରାସୀ ଭାଷାରେ ଶବ୍ଦ ତିଆରି କରିବା ଆଦୌ ସମ୍ଭବ ହୁଏ ନାହିଁ, ସେଥିଲାଗି ସେହି ଭାଷାରେ କୌଣସି ଅନୁମତି ଦିଆଯାଇ ନାହିଁ । ତାହା ପ୍ରକୃତରେ ଏକ ଦୁର୍ଭାଗ୍ୟର ବିଷୟ । ଇଂରାଜୀ ଭାଷାରେ ତ ଯେତେ ମନ ସେତେ ନୂଆ ଶବ୍ଦ ତିଆରି କରନ୍ତୁ ଏବଂ, ସେଗୁଡ଼ିକ ଉତ୍ତମ ଓ ସୁନିର୍ମିତ ହୋଇଥିଲେ, ସେଗୁଡ଼ିକୁ ଗ୍ରହଣ ମଧ୍ୟ କରି ନିଆଯାଏ । ମାତ୍ର, ଫରାସୀ ଭାଷାର କ୍ଷେତ୍ରରେ, ଫରାସୀ ଏକାଡେମୀ ଆପଣାର ଅଭିଧାନରେ ତାହାକୁ ସ୍ୱୀକୃତ ନ ଦେଇଥିବା ପର୍ଯ୍ୟନ୍ତ ତୁମକୁ କେବଳ "ଏଇଟା ଠିକ ନୁହେଁ" ବୋଲି କୁହାଯାଏ । ତେଣୁ ମୁଁ ଏବେ ମଧ୍ୟ ଶବ୍ଦ ଦୁଇଟିକୁ ପାଇ ନାହିଁ ।

(ଜଣେ ପିଲା ଆଡ଼କୁ ଅନାଇ) ସିଏ ବର୍ତ୍ତମାନ କ'ଣ ଗୋଟାଏ ଷଡ଼ଯନ୍ତ୍ରର କାର୍ଯ୍ୟ କରିବାକୁ ଯାଉଛି । (ସମସ୍ତେ ହସିଲେ)

> ମାଆ, ଜଣେ ଧନୀ ବ୍ୟକ୍ତି କେବେହେଲେ ସନ୍ତୁଷ୍ଟ ହୁଏ ନାହିଁ, ସିଏ ଆହୁରି ଧନ ଲାଭ କରିବ ବୋଲି ଇଚ୍ଛା କରୁଥାଏ; ଜଣେ ବିଦ୍ୱାନ୍ ବ୍ୟକ୍ତି ଅଧିକ ଜ୍ଞାନ ଓ ବିଦ୍ୟା ଲାଭ କରିବାକୁ ଇଚ୍ଛା କରୁଥାଏ । ଏଥିରୁ କ'ଣ ସେମାନେ ଦିବ୍ୟ ପରମସତ୍ତାଙ୍କୁ ଲୋଡ଼ୁଛନ୍ତି ବୋଲି ସୂଚନା ମିଳେ ?

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ବ୍ୟକ୍ତି ଜୀବନରେ ଏକ ପୂର୍ଣ୍ଣ ଅବସ୍ଥାର ଅନ୍ୱେଷଣ କରୁଥାଏ । ସମ୍ଭବତଃ ତାହା ସେହିପରି କିଛି ହୋଇଥିବ, ମୁଁ କହି ପାରିବି ନାହିଁ ।

> ଏଠାରେ ଲେଖାହୋଇଛି : "ନିଷ୍କ୍ରିୟତା ଏବଂ ସକ୍ରିୟତା, ଶାନ୍ତି ଏବଂ ଶକ୍ତି, ଐକ୍ୟ ତଥା ପାର୍ଥକ୍ୟର ଯାବତୀୟ ଅନୁଭବ ମଧ୍ୟଦେଇ ତାହାଙ୍କୁହିଁ ଅନୁଭବ କରିବା,—ଏହି ପୃଥିବୀରେ ବ୍ୟକ୍ତି ହୋଇ ରହିଥିବା ଜୀବ ଅର୍ଥାତ୍ ବ୍ୟକ୍ତି-ଆତ୍ମା ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ସେହି ସୁଖରହିଁ ଅନ୍ୱେଷଣ କରୁଥାଏ ।"

ହଁ, ମାତ୍ର ସେଠାରେ ତୁମକୁ ଧନ ଲାଗି ପ୍ରୀତି, କ୍ଷମତା ଲାଗି ପ୍ରୀତି କିଂବା ଜ୍ଞାନ ଲାଗି ପ୍ରୀତି ବିଷୟରେ କିଛି କୁହାଯାଇ ନାହିଁ । ସେଠାରେ ସତ୍ୟ ପରମପ୍ରେମ

'oaob.nitrkl.ac.in' images reprocessed

ବିଷୟରେ କୁହା ଯାଇଛି । ଦୁଇଟିଯାକ ସଂପୂର୍ଣ୍ଣ ଭାବରେ ଗୋଟିଏ କଥା ନୁହେଁ । ଏଠାରେ ମହତ୍ତ୍ୱାକାଂକ୍ଷା, ବାସନା ବା ଏପରିକି ନିଜ ଅଭୀପ୍ସାକୁ ଉପଭୋଗ କରିବା ବିଷୟରେ କିଛି କୁହାଯାଇ ନାହିଁ । ଦିବ୍ୟ ପରମ ଉପସ୍ଥିତିକୁ ଅନୁଭବ କରି ସେଇଥିରୁ ଆନନ୍ଦ ଲାଭ କରିବା ବିଷୟରେ କୁହାଯାଇଛି । ତାହା ହେଉଛି ସଂପୂର୍ଣ୍ଣ ଭାବରେ ଏକ ଭିନ୍ନ କଥା; ଦୁହିଁଙ୍କ ମଧ୍ୟରେ କୌଣସି ସଦୃଶତା ନାହିଁ ।

ତୁମ ପ୍ରଶ୍ନଟିର ଅର୍ଥକୁ ମୁଁ ଠିକ୍ ଭାବରେ ଯେ ବୁଝି ପାରୁ ନାହିଁ, ମୋତେ ସେକଥା ସ୍ୱୀକାର କରିବାକୁ ପଡ଼ୁଛି । ମୁଁ ଭାବୁଛି ତୁମେ ଦିବ୍ୟ ପରମସତ୍ତାଙ୍କୁ ନେଇ ବିକାଶ, ଅଭିବୃଦ୍ଧି ଏବଂ ଅଧିକସମ୍ପନ୍ନତା ସହିତ ଏକାଠି ଗୋଳାଇ ମିଶାଇ ଦେଉଛ, ନୁହେଁ ? ହୁଏତ, ସବୁଠାରୁ ଅଧିକ ପରିମାଣରେ ଅଗ୍ରଗତିର ସମତୁଲ୍ କରି ପକାଉଛ । ମାତ୍ର, ଏହା ସେହି ଗୋଟିଏ କଥା କଦାପି ନୁହେଁ । ଅଗ୍ରଗତିକୁ ଆମେ ସମ୍ଭବତଃ ସେହି ଭୂମି ବୋଲି କହିପାରିବା, ଯାହା ଉପରେ କି ଆଧୁନିକ ପୃଥିବୀର ନିର୍ମାଣ ହୋଇଛି, ଆମେ ତାହାକୁ ସେହିପରି ଭାବରେ ବୁଝି ପାରିବା । ମାତ୍ର ତାହା କଦାପି ଦିବ୍ୟ ପରମସତ୍ତା ହୋଇ ପାରିବ ନାହିଁ ।

ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ ?

ପ୍ରତ୍ୟେକ ସତ୍ତା ମଧ୍ୟରେ କୌଣସି ନା କୌଣସି ବସ୍ତୁ ଲାଗି ଏକ ପିପାସା ରହିଛି ।

ସେହି କୌଣସି ନା କୌଣସି ବସ୍ତୁ ଲାଗି ରହିଥିବା ପିପାସାକୁ ତୁମେ ଦିବ୍ୟ ପରମସତ୍ତା ବୋଲି କହୁଛ ? ନାହିଁ, ସେକଥା ମୋଟେ ନୁହେଁ । ଏହା ତୁଚ୍ଛ ଏକ ବାସନା ମଧ୍ୟ ହୋଇପାରେ । କୌଣସି ବସ୍ତୁ ଲାଗି ରହିଥିବା ପିପାସା, ତାହାକୁ ଦିବ୍ୟ ପରମସତ୍ତା ବୋଲି କିପରି କୁହାଯାଇ ପାରିବ ?

ତୁମେ ଯାହା କହିବାକୁ ଚେଷ୍ଟା କରୁଛ, ମୁଁ ତାହା ସ୍ପଷ୍ଟ ଭାବରେ ଦେଖି ପାରୁଛି; ମାତ୍ର ତୁମେ ଯଥାର୍ଥରେ ତାହା କହୁ ନାହଁ : ଅର୍ଥାତ୍, ଅଭୀପ୍ସାର ଏହି ଅନ୍ତର୍ଗତ ବହ୍ନିକୁହିଁ ତୁମେ ଦିବ୍ୟ ପରମସତ୍ତା ବୋଲି କହୁଛ; ଅନ୍ତର୍ଗତ ଅଭୀପ୍ସାର ଏହି ବହ୍ନି,—ଯାହାକି କଦାପି ନିର୍ବାପିତ ହୁଏ ନାହିଁ, ସର୍ବଦା ପ୍ରଜ୍ୱଳିତ ହୋଇ ରହିଥାଏ, ଅଧିକରୁ ଅଧିକ ପ୍ରଜ୍ୱଳିତ ହେଉଥାଏ; ଭାରତବର୍ଷରେ ତାହାକୁ ଅଗ୍ନି ବୋଲି କୁହାଯାଇଛି,—ଅଗ୍ରଗତି କରିବା ଲାଗି ସେହି ଇଚ୍ଛା, ସେହି ଅଭୀପ୍ସାଶକ୍ତି; ତୁମେ ତାହାକୁ ଦିବ୍ୟ ପରମସତ୍ତା ବୋଲି କହୁଛ । ଏହା ହେଉଛି ଦିବ୍ୟ ପରମସତ୍ତାଙ୍କର ଗୋଟିଏ ସ୍ୱଭାବ, ଏଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ତାହା

'oaob.nitrkl.ac.in' images reprocessed

ସ୍ୱୟଂ ଭଗବାନ ପରମସତ୍ତା ନୁହେଁ । ଏହା ହେଉଛି କେବଳ ଗୋଟିଏ ବିକାଶ, ଜୀବନରେ ପ୍ରେରିତ ହୋଇ ରହିବାର ଏକ ଭବ୍ୟ ସୂତ୍ର ।

ମାଆ, ଜଣେ ବ୍ୟକ୍ତିର ଅତୀତର ବିବର୍ତ୍ତନ ଏବଂ ବର୍ତ୍ତମାନର ସ୍ୱଭାବ ତା'ଜୀବନର ସକଳ କ୍ଷେତ୍ରରେ ପରିବର୍ତ୍ତନ ଘଟାଇବାକୁ ଯାଉଥିବା ଏକ ଉଚ୍ଚତର ଭୂମିର ହସ୍ତକ୍ଷେପର ନିର୍ଦ୍ଧାରଣ କରି ଥାଆନ୍ତି କି ?

ତୁମ ପ୍ରଶ୍ନଟି ଯେ କିଭଳି ଧରଣର, ମୁଁ ତାହାକୁ ମୋଟେ ଭଲ କରି ବୁଝି ପାରୁ ନାହିଁ । ଅତୀତର ବିବର୍ତ୍ତନ ?...

ଓ ବର୍ତ୍ତମାନର ସ୍ୱଭାବ...

...ଓ ବର୍ତ୍ତମାନର ସ୍ୱଭାବ ? ତୁହେଁ ଆଦୌ ଗୋଟିଏ କଥା ନୁହନ୍ତି । ସେଗୁଡ଼ିକ ଭିନ୍ନ ଭିନ୍ନ କଥା ।

ନାହିଁ, ମାଆ,—କାରଣ, ଏଠାରେ ଲେଖାହୋଇଛି : "ଅତୀତର ବିବର୍ତ୍ତନ ଏବଂ ବର୍ତ୍ତମାନର ସ୍ୱଭାବ ଅନୁସାରେହିଁ ତାଙ୍କର ଏକ କଳ୍ପନା କରି ପାରିବା ଲାଗି ମନର ପ୍ରବେଶଦ୍ୱାର ଭିନ୍ନ ଭିନ୍ନ ହେବାକୁ ବାଧ୍ୟ ହୋଇଥାଏ ।"

ହଁ, ଏହି ଦୁଇଟିଯାକ କଥା ଏକାବେଳେକେ ଅଲଗା ଅଲଗା କଥା । ଅର୍ଥାତ୍, ପୂର୍ବତନ ଜୀବନଗୁଡ଼ିକରେ ସଂଘଟିତ ହୋଇଥିବା ବିବର୍ତ୍ତନ ଓ ବର୍ତ୍ତମାନର ସ୍ୱଭାବ, ଅର୍ଥାତ୍ ଏହି ଶରୀରଟିର ସ୍ୱଭାବ—ଏହି ଦୁଇଟିଯାକହିଁ ଭଗବାନ ପରମସତ୍ତାଙ୍କ ଆଡ଼କୁ ଯିବାର ପଥଟିକୁ ନିର୍ଦ୍ଧାରିତ କରି ଦେଇଥାନ୍ତି ।

ଆମେ ଗୋଟିଏ...ଅତି ସରଳ ଉଦାହରଣ ନେଇ ପାରିବା । ଯଦି ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଧର୍ମର ଆସ୍ଥାନ ମଧ୍ୟରେ ଜନ୍ମ ହୋଇଥାଏ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ, ଭଗବାନ ପରମସତ୍ତାଙ୍କ ଆଡ଼କୁ ଗତି କରିବାର ସର୍ବପ୍ରଥମ ପ୍ରୟାସଟି ସେହି ଧର୍ମର ଆସ୍ଥାନ ମଧ୍ୟରେ ସଂଘଟିତ ହେବ । ଅଥବା, ଯଦି ପୂର୍ବତନ ଜୀବନକାଳଗୁଡ଼ିକରେ ଜଣେ ବ୍ୟକ୍ତି ଏପରି ଅନେକ ଅନୁଭୂତି ମଧ୍ୟଦେଇ ଗତି କରିଥିବେ, ଯାହାକି ଅନ୍ୟ ଏକ ପ୍ରକାରର ଅନୁଭବଗୁଡ଼ିକ ଲାଗି ଏକ ଆବଶ୍ୟକତାର ସୃଷ୍ଟି କରିଥିବ, ତେବେ ସିଏ ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ସେହିସବୁ ଅନ୍ୟ ଅନୁଭବଗୁଡ଼ିକର ପଥକୁ ଅନୁସରଣ କରିବେ ।

'oaob.nitrkl.ac.in' images reprocessed

ତୁମର ବୁଝିବା ଉଚିତ ଯେ, କ୍ରମାନୁବର୍ତ୍ତୀ ଏକାଧିକ ଭୂ-ଜୀବନକାଳରେ ହୋଇଥିବା କ୍ରମାନୁବର୍ତ୍ତୀ ଅନେକ ଅନୁଭବହିଁ ଚୈତ୍ୟସତ୍ତାର ଜୀବନଟିକୁ ଗଠିତ କରି ରଖିଥାନ୍ତି । ତେଣୁ, କହନ୍ତୁ ବାଳସୁଲଭ ଚପଳତା ଅଥବା ଭାବପ୍ରବଣତା ସହିତ ହୁଏତ ଏପରି ବୁଝାଯାଇ ପାରିବ : ତୁମର ଏପରି ଏକ ଚୈତ୍ୟସତ୍ତା ରହିଛି, ଯାହାକୁ କି କୌଣସି ନା କୌଣସି କାରଣରୁ ଅବତାର ଗ୍ରହଣ କରିବାକୁ ହୋଇଛି, ଯେପରିକି ତାହା ଏପରି ଯାବତୀୟ ଅନେକ ଅଭିଜ୍ଞତାକୁ ଲାଭ କରି ପାରିବ, ଯାହାର ଅଧିକାରିତ୍ୱ କି ଉଦାହରଣସ୍ୱରୂପ ସଙ୍କୋଚ ଶକ୍ତି ପ୍ରଦାନ କରିଥାଏ । ଆପଣାର ଏହି ଈପ୍ସିତ ଅଭିଜ୍ଞତାଗୁଡ଼ିକୁ ଲାଭ କରି ସାରିବା ପରେ, ଏହା, ଶରୀର ତ୍ୟାଗ କରିବା ପୂର୍ବରୁ ଏପରି ଏକ ନିଷ୍ପତ୍ତି ଗ୍ରହଣ କରିବାକୁ ସମର୍ଥ ହୁଏ ଯେ, ପରବର୍ତ୍ତୀ ଜୀବନାବତରଣରେ ସିଏ ଏକ ଅଜ୍ଞାତ ପରିବେଶରେହିଁ ଜନ୍ମଗ୍ରହଣ କରିବ; କାରଣ, ତାହା ଏପରି କେତେକ ଅଭିଜ୍ଞତା ଅର୍ଜନ କରିବା ଲାଗି ଇଚ୍ଛା କରୁଥାଏ, ଯାହାକୁ କି ଏକ ସାଧାରଣ ପରିବେଶରେହିଁ ଲାଭ କରାଯାଇ ପାରିବ । ସେଠାରେ ତାକୁ ଏପରି ଏକ ସ୍ୱତନ୍ତ୍ରତା ଅନୁଭବ କରିବାର ଅବକାଶ ମିଳିବ, ଯେତେବେଳେ କି ତା'ର କୌଣସି ଦାୟିତ୍ୱ ନ ଥିବ; ଉଦାହରଣସ୍ୱରୂପ, ରାଜ୍ୟାଧିକାରୀମାନଙ୍କର ଯେଉଁସବୁ ଦାୟିତ୍ୱ ଥାଏ, ସେପରି କୌଣସି ଦାୟିତ୍ୱ ନ ଥିବ । ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ପରବର୍ତ୍ତୀ ଜୀବନରେ ସିଏ ଏପରି ଏକ ନିର୍ଦ୍ଦିଷ୍ଟ ପରିବେଶରେ ଯାଇ ଜନ୍ମ ନେବ, ଯାହାକି ତାହାର ଆବଶ୍ୟକତାକୁ ପୂରଣ କରିବ । ଏବଂ, ଠିକ୍ ସେହି ଅଭିଜ୍ଞତାଟି ଅନୁସାରେହିଁ ସେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଗତି କରିବ ।

ପୁନଶ୍ଚ, ଦୁଇଟି ଭୌତିକ ସ୍ୱଭାବର ସମ୍ମିଳନରୁହିଁ ତାହା ଉତ୍ପନ୍ନ ହୋଇଥିବ,— ବେଳେବେଳେ ଦୁଇଟି ପ୍ରାଣିକ ସ୍ୱଭାବର ସମ୍ମିଳନରୁ ଉତ୍ପନ୍ନ ହୋଇଥିବ । ଫଳରେ ଅଳ୍ପବହୁତ ପରିମାଣରେ ଏହି ଦୁଇଟିଯାକ ସ୍ୱଭାବର ଏକ ପ୍ରକାରର ମିଶ୍ରଣହିଁ ଘଟିବ; ମାତ୍ର ସେଥିରୁ ଏକ ପ୍ରବୃତ୍ତି ଜନ୍ମଗ୍ରହଣ କରିବ,—ଯାହାକୁ ଚରିତ୍ର ବୋଲି ବୁଝାଯାଏ, ତାହା ଜନ୍ମଗ୍ରହଣ କରିବ । ଏବଂ, ଏହି ଚରିତ୍ର ତାହାକୁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଲାଗି, ଅଭିଜ୍ଞତାର ଏକ ନିର୍ଦ୍ଦିଷ୍ଟ ପ୍ରକାର ଲାଗି ଅନୁକୂଳିତ କରି ତିଆରି କରିବ ।

ତେଣୁ, ପୂର୍ବତନ ଜୀବନଗୁଡ଼ିକରେ ଅଥବା କୌଣସି ଏକ ପୂର୍ବ ଜୀବନରେ ଯାହାକିଛି ନିର୍ବାଚିତ ଓ ନିର୍ଣ୍ଣିତ ହୋଇଛି, ଏବଂ ଯେଉଁ ପରିବେଶରେ ତାହା ଜନ୍ମଗ୍ରହଣ କରୁଛି — ଅର୍ଥାତ୍, ଯେଉଁସବୁ ପରିବେଶରେ ବର୍ତ୍ତମାନର ଶରୀରଟି ଗଠନରୂପ ଲାଭ କରିଛି, — ତାହା ଯେପରି ଭାବରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଗତି କରିବ ଓ ତାଙ୍କର ଅନ୍ୱେଷଣ କରିବ, ତାହା ଏକ ନିର୍ଦ୍ଦିଷ୍ଟ ଧାରା ଅନୁସାରେହିଁ

'oaob.nitrkl.ac.in' images reprocessed

ସଂଘଟିତ ହେବ; ସେଥିରେ ଏକ ନିଜସ୍ୱତା ରହିଥିବ, ଏବଂ ତାହା ସ୍ୱଭାବତଃ, ତା'ର ପ୍ରତିବେଶୀ ଅଥବା ଅନ୍ୟ କୌଣସି ସତ୍ତ୍ୱର ଧାରାଟି ସହିତ ଆଦୌ ଏକାବେଳେକେ ମିଳିଯାଇ ନ ଥିବ ।

ମୁଁ ଠିକ୍ ଏ ଆଗରୁ କହୁଥିଲି : ଏହି ବିଶ୍ୱରେ ପ୍ରତ୍ୟେକ ବ୍ୟକ୍ତି ଏକ ବିଶେଷ ଅଭିବ୍ୟକ୍ତି ହିସାବରେ ଆବିର୍ଭୂତ ହୋଇଥାଏ ଏବଂ ତେଣୁ ତା'ର ଯଥାର୍ଥ ପଥଟି ମଧ୍ୟ ଏକ ସମ୍ପୂର୍ଣ୍ଣ ଅନନ୍ୟସାଧାରଣ ପଥ ହେବାକୁ ବାଧ୍ୟ ହେବ । ସାଦୃଶ୍ୟ ରହିଥିବ, ମେଳ ରହିଥିବ; ପ୍ରକାର, ପରିବାର, ସମ୍ପ୍ରଦାୟ ଏବଂ ଆଦର୍ଶମାନ ଅବଶ୍ୟ ରହିଥିବ; — ଅର୍ଥାତ୍, ଦିବ୍ୟ ପରମସତ୍ତ୍ୱଙ୍କ ଅଭିମୁଖେ ଗତି କରିବାର ଏକ ନିର୍ଦ୍ଦିଷ୍ଟ ସାମୂହିକ ଧାରା ମଧ୍ୟ ରହିଥିବ; — ତଦ୍ୱାରା ଏକ ପ୍ରକାରର ସମ୍ପ୍ରଦାୟ ଓ ପଥର ସୃଷ୍ଟି ହେବ, ତାହା ପୂର୍ଣ୍ଣ ଭାବରେ ମୂର୍ତ୍ତିରୂପ ଗ୍ରହଣ କରି ନ ଥିବ, ମାତ୍ର ଏକ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଜଗତରେ ଅବସ୍ଥିତ ରହିଥିବ, — ଏହି ଯାବତୀୟ ବିଷୟ ରହିଥିବ — ମାତ୍ର ପଥଟିର ଟିକିନିଖି କ୍ଷେତ୍ରରେ ଯୋଗସ୍ୱରଣାର ଟିକିନିଖି ବିଷୟଗୁଡ଼ିକରେ — ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତାହା ଅବଶ୍ୟ ଭିନ୍ନ ହେବ ଏବଂ ସେହି ବ୍ୟକ୍ତିର ବର୍ତ୍ତମାନର ଶରୀର — ସଂରଚନା, ଏବଂ ପୂର୍ବଗତ ଜନ୍ମଗୁଡ଼ିକ ଦ୍ୱାରା ପ୍ରାଣିକ, ମାନସିକ ଏବଂ ଶାରୀରିକ ଭାବରେ ନିର୍ଣ୍ଣିତ ହେବାକୁ ଅବଶ୍ୟ ବାଧ୍ୟ ହେବ ।

ମାଆ, କୌଣସି ଅଲୌକିକ ଘଟନା ଘଟାଇବା ସକାଶେ ଯେତେବେଳେ ଉଚ୍ଚତର ଭୂମିଗୁଡ଼ିକର ହସ୍ତକ୍ଷେପ ସଂଘଟିତ ହୁଏ ସେତେବେଳେ ସେଇଟି ମଧ୍ୟ କ'ଣ ବର୍ତ୍ତମାନର ସଂରଚନାଟି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ?

ଅର୍ଥାତ୍, ଉଚ୍ଚତର ଭୂମିଗୁଡ଼ିକ ଏପରି କରିବେ ବୋଲି ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ କି···

ଆଜିଦିନ ଆପଣ କହୁଥିଲେ ଯେ, ଏହା ସଂପୂର୍ଣ୍ଣ ଭାବରେ ବଦଳାଇ ଦେଇପାରିବ ।

ହଁ ।

ତେବେ, ଯଦି ବର୍ତ୍ତମାନ ଯେପରି ଅଛି, ଠିକ୍ ସେହିପରି ରହିଥାଏ···

'oaob.nitrkl.ac.in' images reprocessed

ମାତ୍ର ଦେଖ, ଏଠାରେ ଆମେ ଅତ୍ୟନ୍ତ ଖଣ୍ଡିତ ଏବଂ ଅତ୍ୟନ୍ତ ବାହ୍ୟସ୍ତରସ୍ଥ ଏକ ସାଧାରଣ ଦୃଷ୍ଟାନ୍ତଟିଏ ନେବା । ତୁମେ ଭାରତବର୍ଷରେ ଜନ୍ମ ହୋଇଛ । ଭାରତରେ ଜନ୍ମ ହୋଇଥିବାରୁ ତୁମେ ଏକ ନିର୍ଦ୍ଦିଷ୍ଟ ଧର୍ମଗତ ତଥା ଦାର୍ଶନିକ ଦୃଷ୍ଟିଭଙ୍ଗୀ ସହିତ ଜନ୍ମଲାଭ କରିଛ । ମାତ୍ର, ଯଦି କୌଣସି କାରଣ ବଶତଃ ତୁମେ ନିଜକୁ ଏହି କୁଳାନୁଗତତା ଏବଂ ପ୍ରଭାବରୁ ମୁକ୍ତ କରିବାକୁ ଇଚ୍ଛା କରିବ, ଯଦି ତୁମେ ଆଉ ଗୋଟିଏ ଦେଶର ଧର୍ମ କିଂବା ଦର୍ଶନକୁ ଅନୁସରଣ, ଅଧ୍ୟୟନ ଓ ଅଭ୍ୟାସ କରିବାକୁ ଆରମ୍ଭ କରିବ, ତେବେ ତୁମେ ତଦ୍ଦ୍ୱାରା ଆପଣା ଅନ୍ତର୍ଗତ ବିକାଶର ପରିବେଶ-ଗୁଡ଼ିକୁ ଅବଶ୍ୟ ବଦଳାଇ ଦେଇପାରିବ । ଏହା ଅପେକ୍ଷାକୃତ କିଞ୍ଚିତ୍ ଅଧିକ କଷ୍ଟକର ହେବ, ଅର୍ଥାତ୍ ଏହା ତୁମଠାରୁ ଏହି ମୁକ୍ତ ହୋଇପାରିବା ଲାଗି ଅଧିକ ପ୍ରୟାସର ଦାବି କରିବ; ମାତ୍ର ତଥାପି କଦାପି ଅସମ୍ଭବ ହେବ ନାହିଁ । ବସ୍ତୁତଃ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ତାହା କରୁଛନ୍ତି, ଯେଉଁମାନେ କି ସେମାନଙ୍କର ଏହି ଜୀବନଟି ହେତୁ ସେମାନଙ୍କ ପାଖକୁ ଆସିଥିବା ବସ୍ତୁଗୁଡ଼ିକରୁ ଆପଣାକୁ ମୁକ୍ତ କରି ଆଣିବା ଲାଗି ଆଗ୍ରହ ଦେଖାଉଛନ୍ତି । କୌଣସି ଏକ ପ୍ରକାରର ବିଶେଷ ରୁଚି ଦ୍ୱାରା ପରିଚାଳିତ ହୋଇ, ସେମାନେ ନିଜ ଦେଶରେ ଯାହା କଦାପି ପାଇପାରିବେ ନାହିଁ ବୋଲି ଭାବୁଛନ୍ତି, ତାହାକୁ ଅନ୍ୟତ୍ର ସନ୍ଧାନ କରିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି । ଏବଂ ଏହିପରି ଭାବରେ ଆପଣାର ଜନ୍ମଗତ ପରିଣାମ-ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବା ସମ୍ଭବ ହେଉଛି ।

ବର୍ତ୍ତମାନ ତୁମେମାନେ ମତେ ହୁଏତ କହିବ ଯେ, ନୂତନ ଓ ଅଜ୍ଞାତ ନିମନ୍ତେ ଏହି ରୁଚିଟି ମଧ୍ୟ ଏକ ପୂର୍ବତନ ଜନ୍ମରୁ ତୁମ ଭିତରକୁ ଆସି ପାରିବ; ହଁ, ଏହାର ମଧ୍ୟ ଏକ ସମ୍ଭାବନା ରହିଛି । ମାତ୍ର, ତୁମ ସତ୍ତା ଉପରେ କାହାର ସବୁଠାରୁ ଅଧିକ ପ୍ରଭାବ ପଡ଼ୁଛି, ସେକଥା ତାହାର ଉପରେହିଁ ନିର୍ଭର କରିବ । ପୂର୍ବତନ ଚୈତ୍ୟ-ଜୀବନ ଏବଂ ଚୈତ୍ୟ-ସଙ୍କଳ୍ପଗୁଡ଼ିକର ଅଧିକ ପ୍ରଭାବ ପଡ଼ୁଛି ଅଥବା ତୁମର ଏହି ବର୍ତ୍ତମାନ ଜୀବନ-ସଂରଚନାଟିର ତାତ୍କାଳିକ ପରିଣାମଗୁଡ଼ିକର ଅଧିକ ପ୍ରଭାବ ପଡ଼ୁଛି, ସେକଥା ତାହାର ଉପରେ ନିର୍ଭର କରିବ ।

ମାତ୍ର, ଏହି ବର୍ତ୍ତମାନ ସଂରଚନାଗୁଡ଼ିକ ବେଳେବେଳେ ଯାହା ଆଗରୁ ନିର୍ଣ୍ଣିତ ହୋଇଛି ତାହାର ବିରୁଦ୍ଧ ହୋଇ ରହିଥାନ୍ତି···

ତାହାର ବିରୁଦ୍ଧ ହୋଇ ? କିପରି ବିରୁଦ୍ଧ ହୋଇ ? ପୂର୍ବତନ ପ୍ରଭାବ-ଗୁଡ଼ିକର ବିରୁଦ୍ଧ ହୋଇ ରହିଥାନ୍ତି ? ଏହା କଦାପି ଏକାନ୍ତ ବିରୁଦ୍ଧ ହୋଇ ରହେ ନାହିଁ । ଏହା କେବଳ ତାହାର ଅନୁପୂରକହିଁ ହୋଇପାରେ ।

'oaob.nitrkl.ac.in' images reprocessed

ଯେତେବେଳେ ବସ୍ତୁଗୁଡ଼ିକ ତୁମକୁ ପରସ୍ପରବିରୋଧୀ ପରି ବୋଧ ହୁଅନ୍ତି, ସେପରି ସବୁବେଳେ ହୁଏ, କାରଣ ତୁମେ ସର୍ବଦା ଏକ ଅତ୍ୟନ୍ତ ନିମ୍ନ ଭୂମିରେ ଯାଇ ରହିଥାଅ । ଯଦି ସିଡ଼ିର କେତୋଟି ସୋପାନ ଉପରକୁ ଉଠିଯାଇ ପାରିବାର ଉପାୟଟିକୁ ତୁମକୁ ଜଣାଥାଏ, ତେବେ ଯାବତୀୟ ପରସ୍ପରବିରୋଧିତା ବୁଝିହେ ଅନ୍ତର୍ହିତ ହୋଇଯାଏ ଏବଂ ସବୁକିଛି ପରସ୍ପରର ଅନୁପୂରକ ହୋଇ ରହନ୍ତି ।

ମାଆ ମୋର ପ୍ରକୃତିକିଁ ମୋତେ ଆଗକୁ ଯିବାକୁ ଦିଏ ନାହିଁ, ନୁହେଁ କି ?

କ'ଣ ଆଗକୁ ଯିବାକୁ ଦିଏ ନାହିଁ ?...

ତାହା ଅନେକ ବ୍ୟକ୍ତିଙ୍କୁ ଆଗକୁ ଯିବାକୁ ଦିଏ ନାହିଁ । ଏହା ଆଦୌ ଖୁବ୍ ସହଜ ନୁହେଁ ।

ଏହା ମଧ୍ୟ ବିମୋଚିତ ହେବାର ଗୋଟିଏ ଅଂଶ । ତପସ୍ୟା ଦ୍ୱାରାହିଁ ବିମୋଚନ ସମ୍ଭବ ହୁଏ, ଆମେ ସେକଥା ଜାଣିଛୁ । ମାତ୍ର ଲୋକମାନେ କେତେକ ତପସ୍ୟାର ଅଭ୍ୟାସ କରିବାକୁ ଆଦୌ ସମ୍ମତ ହୁଅନ୍ତି ନାହିଁ । ଉଦାହରଣସ୍ୱରୂପ, ଏଇଟିକୁ (ମାଆ ନିଜ ଆଙ୍ଗୁଠିକୁ ନିଜ ଓଠ ଉପରେ ନେଇ ରଖିଲେ) । ସେମାନେ ଖାଲି କଥା କହିବାରେ ଲାଗିଥାନ୍ତି, ଅତିରିକ୍ତ ଭାବରେ କଥା କହୁଥାନ୍ତି ।

(ମାଇକ୍‌ରେ ପବନର ଶବ୍ଦ ହେଲା)

ଆମେ ବର୍ତ୍ତମାନ ଝଡ଼ର ଏକ ଦୃଶ୍ୟ ଅଭିନୟ କରିବାକୁ ଯାଉଛୁ । ଏହି ଉପାୟରେହିଁ ରଙ୍ଗମଞ୍ଚରେ ଝଡ଼ର ସୃଷ୍ଟି କରାଯାଏ ।

ବୁଝିଲ ? ଏଇଠି ଶେଷ ହେଲା କି ?

କାହାର ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ପ୍ରଶ୍ନ ପଚାରିବାକୁ ଅଛି ?

ଏକ ଆଗ୍ରହୋଦ୍ଦୀପକ ପ୍ରଶ୍ନ ପଚାରି ପାରିବାକୁ ହେଲେ ପ୍ରଥମେ ଆଗ୍ରହୋଦ୍ଦୀପକ ଭାବରେ ଭାବି ଶିଖିବାକୁ ହୋଇଥାଏ ।

ମାଆ, ଏକ ଆଗ୍ରହୋଦ୍ଦୀପକ ପ୍ରଶ୍ନ କହିଲେ ଆପଣ ପ୍ରକୃତରେ କ'ଣ ବୁଝନ୍ତି ?

ଆଗ୍ରହୋଦ୍ଦୀପକ ପ୍ରଶ୍ନ ହେଉଛି ଉତ୍ତର ଦେବାର ଯୋଗ୍ୟ ଏକ ପ୍ରଶ୍ନ । (ସମସ୍ତେ ହସିଲେ) ତାହା ଏପରି ଏକ ବସ୍ତୁ, ଯାହାକି ଏକ ନୂତନ ଉତ୍ତରର ସମ୍ଭାବନାକୁ ପ୍ରେରିତ କରି ଆଣେ ଏବଂ ଏକ ନୂତନ ଜ୍ଞାନର କ୍ଷେତ୍ରକୁ ଉନ୍ମୋଚିତ କରିଦିଏ ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଯେତେବେଳେ ତୁମେମାନେ ମୋତେ କୌଣସି ଶବ୍ଦର ଅର୍ଥ ବ୍ୟାଖ୍ୟା କରିବା ନିମନ୍ତେ କୁହ, ମୁଁ ସେତେବେଳେ ତାହାକୁ ଆଦୌ ଏକ ଆଗ୍ରହୋଦ୍ଦୀପକ ପ୍ରଶ୍ନ ବୋଲି ବିଚାର କରେ ନାହିଁ; କାରଣ, ସେହି କ୍ଷେତ୍ରରେ କେବଳ ଏକ ଅଭିଧାନ ଖୋଲି ଅର୍ଥଟିକୁ ଦେଖିବାକୁ ହୋଇଥାଏ । ଛପା ହୋଇଥିବା ପୁସ୍ତକମାନଙ୍କରେ ଶ୍ରୀଅରବିନ୍ଦ ବା ଆଉ କାହାରି ଦ୍ୱାରା ପ୍ରଦତ୍ତ କୌଣସି ପ୍ରଶ୍ନର ଉତ୍ତର ବିଷୟରେ ଯେତେବେଳେ ତୁମେମାନେ ମୋତେ ପଚାର, ସେଇଟି ମଧ୍ୟ ମୋତେ ଆଦୌ ଏକ ଆଗ୍ରହୋଦ୍ଦୀପକ ପ୍ରଶ୍ନ ବୋଲି ବୋଧ ହୁଏ ନାହିଁ, କାରଣ, ସେହି କ୍ଷେତ୍ରରେ କେବଳ ବହିଟିକୁ ଖୋଲି ଉତ୍ତରଟିକୁ ପଢ଼ି ଦେବାକୁହିଁ ପଡ଼େ ।

ମାତ୍ର, ଉଦାହରଣସ୍ୱରୂପ, ଯେତେବେଳେ ତୁମର ଏକ ବ୍ୟକ୍ତିଗତ ଅଭିଜ୍ଞତା ରହିଥାଏ ମାତ୍ର ତାହାକୁ ତୁମେ ଖୁବ୍ ଭଲ ଭାବରେ ବୁଝିପାରୁ ନ ଥାଅ, ଏବଂ ତେଣୁ ତାହାର ଏକ ପ୍ରାଞ୍ଜଳ ବ୍ୟାଖ୍ୟା ଆବଶ୍ୟକ କରୁଥାଅ, ସେତେବେଳେ ତୁମର ପ୍ରଶ୍ନଟି ଆଗ୍ରହୋଦ୍ଦୀପକ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ ।

(ମାଆ ନୀରବ ରହିଲେ)

କୌଣସି ଆଗ୍ରହୋଦ୍ଦୀପକ ପ୍ରଶ୍ନ ନାହିଁ ?

ବର୍ତ୍ତମାନ ଯେଉଁ ଫାଙ୍କଟି ଦେଖାଗଲା, ସେହି ଅନୁସାରେ ତେବେ କାହାରି କୌଣସି ଆଗ୍ରହୋଦ୍ଦୀପକ ପ୍ରଶ୍ନ ପଚାରିବାକୁ ନାହିଁ··· ?

# ପରିଶିଷ୍ଟ

## ଏକ ପ୍ରାଚୀନ ଖାଲ୍‌ଦୀୟ ଉପକଥା

ବହୁକାଳ ପୂର୍ବେ, ଯେଉଁ ଶୁଷ୍କ ଭୂମିକୁ ବର୍ତ୍ତମାନ ଆରବ ବୋଲି କୁହାଯାଉଛି, ସେଠାରେ ଏହି ପୃଥିବୀପୃଷ୍ଠରେ ଜଣେ ଦିବ୍ୟସତ୍ତା ଅବତାର ଗ୍ରହଣ କରିଥିଲେ । ପୃଥିବୀରେ ସର୍ବୋଚ୍ଚ ପ୍ରେମର ଉନ୍ମେଷଣା ଘଟାଇବା ସେହି ଅବତରଣର ଉଦ୍ଦେଶ୍ୟ ଥିଲା । ଯାହା ସ୍ୱାଭାବିକ ଭାବରେ ପ୍ରତ୍ୟାଶା କରି ଯାଉଥିଲା, ସିଏ ଲୋକମାନଙ୍କ ଦ୍ୱାରା ନିର୍ଯାତିତ ହେଲେ, ଲୋକମାନେ ତାଙ୍କୁ ଭୁଲ୍ ବୁଝିଲେ, ସନ୍ଦେହ କଲେ ଓ ତାଙ୍କର ପଛେପଛେ ଲାଗିଲେ । ଆକ୍ରମଣକାରୀମାନଙ୍କ ଦ୍ୱାରା ସାଂଘାତିକ ଭାବରେ ଆହତ ହୋଇ ସିଏ ଆପଣାର କାର୍ଯ୍ୟଟିକୁ ସମ୍ପନ୍ନ କରିବା

'oaob.nitrkl.ac.in' images reprocessed

ଉଦ୍ଦେଶ୍ୟରେ କୌଣସି ନିର୍ଜନ ସ୍ଥାନରେ ଶାନ୍ତ ଭାବରେ ମୃତ୍ୟୁବରଣ କରିବାକୁ ଇଚ୍ଛା କଲେ; ମାତ୍ର, ଲୋକମାନେ ତାଙ୍କର ପଛେ ପଛେ ଗୋଡ଼ାଇବାରୁ ସେ ପଳାଇବାକୁ ବାଧ୍ୟ ହୋଇଥିଲେ । ହଠାତ୍ ସେହି ପ୍ରଶସ୍ତ ମରୁକାନ୍ତାର ମଧ୍ୟରେ ଗୋଟିଏ କ୍ଷୁଦ୍ର ତାଳମ୍ବଗଛର ଆବିର୍ଭାବ ହେଲା । ଏହି ପରିତ୍ରାଣକର୍ତ୍ତା ଗଛଟିର ତଳ ଡାଳଗୁଡ଼ିକ ତଳେ ଯାଇ ଲୁଚି ରହିଲେ ଓ ସେହିଠାରେ ଶାନ୍ତିରେ ଦେହତ୍ୟାଗ କରିବାକୁ ମନସ୍ଥ କଲେ । ଏବଂ ସଙ୍ଗେ ସଙ୍ଗେ ସତେଅବା କୌଣସି କୁହୁକ କାର୍ଯ୍ୟ କରୁଥିଲା ପରି ଗଛଟି ଆପଣାକୁ ବିସ୍ତୃତ କରି ଦେବାକୁ ଲାଗିଲା, ଆହୁରି ଉଚ୍ଚ ଓ ଆହୁରି ବଡ଼ ହେବାକୁ ଲାଗିଲା, ଅଧିକ ଘନ ଓ ଘଞ୍ଚ ହୋଇଗଲା । ତେଣୁ, ଯେତେବେଳେ ଅନୁଧାବନକାରୀମାନେ ସେହି ବାଟ ଦେଇ ଗଲେ, ସେତେବେଳେ ସେମାନେ ସନ୍ଦେହ ମଧ୍ୟ କଲେ ନାହିଁ ଯେ ସେମାନେ ଖୋଜୁଥିବା ବ୍ୟକ୍ତିଜଣକ ସେହିଠାରେ ଲୁଚି କରି ରହିଥିଲେ । ସେମାନେ ଆପଣାର ବାଟେ ବାଟେ ଚାଲି ଯାଇଥିଲେ ।

ସେହି ପବିତ୍ର ରକ୍ତ ବିନ୍ଦୁ ବିନ୍ଦୁ ହୋଇ ପଡ଼ି ମୃତ୍ତିକାକୁ ଅଧିକ ଉର୍ବର କରିଥିଲା ଏବଂ ଗୁଳ୍ମଟି ନାଲିଆ ରଙ୍ଗର ଥୋପା ଥୋପା ପାଖୁଡ଼ା ଥିବା ଅଦ୍ଭୁତ ଓ ବଡ଼ ବଡ଼ ଫୁଲରେ ପୂର୍ଣ୍ଣ ହୋଇ ଉଠିଲା···ତାହା ଅଗଣିତ ରକ୍ତବିନ୍ଦୁକୁ ସ୍ମରଣ କରି ଦେଉଥିଲା ।

ଆମ ଲାଗି ସେହି ଫୁଲଗୁଡ଼ିକହିଁ ଦିବ୍ୟ ପରମସତ୍ତାଙ୍କର ପ୍ରେମକୁ ବ୍ୟକ୍ତ କରୁଛନ୍ତି ଓ ତାହାକୁ ବହନ କରି ରହିଛନ୍ତି ।

'oaob.nitrkl.ac.in' images reprocessed

# ୨୩ ନଭେମ୍ବର ୧୯୫୫

ମାଆ "ଯୋଗ-ସମନ୍ୱୟ" ପୁସ୍ତକର "ସାଧକ-ଚତୁଷ୍ଟୟ" ଅଧ୍ୟାୟରୁ କିଛି ପାଠ କଲେ ।

ଶେଷ ଅଂଶଟିକୁ ମୁଁ ଭଲକରି ବୁଝିପାରିଲି ନାହିଁ ।

**କେଉଁ ଶେଷ ଅଂଶଟିକୁ ?**

"ଆପଣାର କଳ୍ପନା ଭିତରେ ଦେବତା-ଭାବନାର ସକଳ ନାମ ଓ ରୂପକୁ ଅନ୍ତର୍ଗତ କରି ନ ପାରିବା ପର୍ଯ୍ୟନ୍ତ ପୂର୍ଣ୍ଣଯୋଗର ସାଧକ କଦାପି ସନ୍ତୋଷ ଲାଭ କରିବ ନାହିଁ ।..."

ହଁ ।

**କଥାଟିର ଯାହା ଅର୍ଥ, ସେଥିରେ ତାହାହିଁ ତ କୁହାଯାଇଛି । ସେଥିରୁ ତୁମେ ପ୍ରକୃତରେ କ'ଣ ବୁଝିପାରୁ ନାହଁ ? କ'ଣ ବୁଝିପାରୁ ନାହଁ ?**

ମୁଁ ଅର୍ଥଟିକୁ ବୁଝି ପାରୁ ନାହିଁ ।

**(ମାଆ ନୀରବ ରହିଲେ)**

**କିନ୍ତୁ...ଏଥିରେ କୁହାଯାଇଛି : ସତ୍ୟ କେବଳ ଗୋଟିଏ ରହିଛି; ଏବଂ ଯେଉଁଠି ଯାହାକିଛି ରହିଛି, ତାହା କେବଳ ଗୋଟିଏ ସତ୍ୟର ଅନେକ ଅଭିବ୍ୟକ୍ତିହିଁ ପ୍ରକାଶ କରୁଛି । ତେଣୁ ଯାବତୀୟ ଦେବ୍ୟ ରୂପାୟଣ, କାଳର ଅବଧି ମଧ୍ୟରେ ଏହା ଯେତେଯେତେ ରୂପ ଗ୍ରହଣ କରିଛି, ଲୋକମାନେ ଏହାକୁ ଯେତେ ଯେତେ ନାମ ଦେଇ ଆସିଛନ୍ତି, — ସେଗୁଡ଼ିକୁ କେବଳ ସେହି ଏକ, ଅଦ୍ୱିତୀୟ ଓ ଅନନ୍ୟ ପରମେଶ୍ୱରଙ୍କରହିଁ ଭିନ୍ନଭିନ୍ନ ରୂପାୟଣ, ରୂପ ଓ ନାମ ବୋଲି କୁହାଯିବ ।**

**ମନୁଷ୍ୟମାନେ ଅତ୍ୟନ୍ତ ସୀମିତ ସତ୍ତା; ତେଣୁ ସାଧାରଣତଃ ଗୋଟିଏ ପଥରେ ନ ଯାଇ ଆଉଗୋଟିଏ ପଥରେ ଯିବା ସେମାନଙ୍କ ପାଇଁ ସବୁବେଳେ**

'oaob.nitrkl.ac.in' images reprocessed

ଅଧିକ ସତ୍ୟ ବୋଲି ମନେ ହୋଇଥାଏ । ମାତ୍ର, ତାହାକୁ ତ କେବଳ ଏକ ଅଢଷ୍ପଦ୍ ଆରମ୍ଭ ବୋଲିହିଁ କୁହାଯିବ; ଏବଂ, ଯଦି ଆମେ ଉଚ୍ଚତାଗୁଡ଼ିକରେ ଯାଇ ପହଞ୍ଚିବା ଲାଗି ଇଚ୍ଛା କରୁଥିବା, ତେବେ ଆମକୁ ସମାନ ଭାବରେ ସକଳ ମାର୍ଗରେହିଁ ଦିବ୍ୟ ପରମସତ୍ତ୍ୱଙ୍କର ସନ୍ଧାନ ଲାଭ କରିବାକୁ ହେବ, ଏବଂ ବୁଝିବାକୁ ହେବ ଯେ, ଭିନ୍ନ ଭିନ୍ନ ବାହ୍ୟରୂପଗୁଡ଼ିକ ଯାହା ହୋଇ ଥାଆନ୍ତୁ ପଛକେ, ତାହା କେବଳ ସେହି ଏକା ଓ ଗୋଟିଏମାତ୍ର ଦିବ୍ୟ ପରମସତ୍ତ୍ୱଙ୍କ ବ୍ୟତୀତ ଆଉ ଆଦୌ ଅନ୍ୟକିଛି ନୁହେଁ ।

ଶ୍ରୀଅରବିନ୍ଦ ତୁମକୁ ସେହି କଥାହିଁ କହୁଛନ୍ତି : ଦିବ୍ୟ ପରମସତ୍ତ୍ୱ କେବଳ ଗୋଟିଏ ହୋଇ ରହିଛନ୍ତି, ସତ୍ୟ କେବଳ ଗୋଟିଏ ସତ୍ୟକୁ ବୁଝାଉଛି ଏବଂ ତାହାକୁ ଆମେ ଯେଉଁ କୋଣରୁ ଦେଖିବାକୁ ଚାହାଁବା ଏବଂ ତାଙ୍କୁ ଉପଲବ୍ଧି କରିବା ଲାଗି ଯେଉଁ ମାର୍ଗ ଗ୍ରହଣ କରିବା ପଛକେ, ଭେଟିଲା ବେଳକୁ ସେହି ଏକମାତ୍ର ବସ୍ତୁକୁହିଁ ଅବଶ୍ୟ ଭେଟିବା, ସଂପୂର୍ଣ୍ଣ ମୂର୍ତ୍ତ ଭାବରେ ଏହି କଥାଟିକୁ ଅନୁଭବ କରି ନ ପାରିଥିଲା ପର୍ଯ୍ୟନ୍ତ ତୁମେ କଦାପି ଅଟକିଯାଇ ପାରିବ ନାହିଁ ଓ ସନ୍ତୁଷ୍ଟ ହୋଇ ପାରିବ ନାହିଁ । ତେଣୁ, ଆମେ ଯାହାକୁ ପୂର୍ଣ୍ଣଯୋଗ ବୋଲି କହୁଛୁ, ସେହି ମାର୍ଗରେ ଯିବା ପାଇଁ ସମର୍ଥ ହେବାଭଳି ଯଥେଷ୍ଟ ପରିମାଣରେ ବିକଶିତ ଓ ବିସ୍ତାରଯୁକ୍ତ ହୋଇଥିବା ଜଣେ ବ୍ୟକ୍ତିର ସମ୍ଭାବ୍ୟ ଯାବତୀୟ ମାର୍ଗରେ ମଧ୍ୟ ଦିବ୍ୟ ପରମସତ୍ତ୍ୱଙ୍କ ପାଖକୁ ଯାଇ ପାରିବାର ସାମର୍ଥ୍ୟ ଅବଶ୍ୟ ରହିଥିବା ଉଚିତ । ଦୀର୍ଘ ସମୟ ଲାଗିବ ବୋଲି ଯଦି ସେ ସ୍ୱୟଂ ଏହି ସବୁଯାକ ମାର୍ଗରେ ନ ଯାଏ···ଅବଶ୍ୟ ବିକାଶର ଏଭଳି ଗୋଟିଏ ମାତ୍ରା ରହିଛି, ଯାହାଦ୍ୱାରା କି, ଅନ୍ୟ କ୍ଷେତ୍ରରେ ଏକ ସମୁଦାୟ ଜୀବନକାଳ ଆବଶ୍ୟକ ହେଉଥିବା ମାର୍ଗକୁ ଜଣେ ମାତ୍ର କେତେ ଦିନ ଅଥବା ମାତ୍ର କେତେ ଘଣ୍ଟା ମଧ୍ୟରେ ପାରି ଦେବାକୁ ସମର୍ଥ ହୋଇଯିବ···ତଥାପି, ଏହିପରି ଗୋଟିଏ କସରତ କରିବା ଲାଗି ତା'ର ଯଦି ରୁଚି ହେଉ ନ ଥାଏ, ତଥାପି ତା'ର ଏପରି ଏକ ମୁକ୍ତ ବୋଧଶକ୍ତି ରହିଥିବ, ଯାହାଦ୍ୱାରା କି, ଏହି ସବୁଯାକ ମୂଳତଃ ସେହି ଗୋଟିଏ ଏବଂ ଅଭିନ୍ନ ବସ୍ତୁ ବୋଲି ସେ ସଜ୍ଞାନ ହୋଇ ପାରୁଥିବ । ଏବଂ, ତୁମେ ଏହାକୁ ଏହି ନାମ ଦିଅ, ସେହି ନାମ ଦିଅ ଅଥବା ଆଦୌ କୌଣସି ନାମ ନ ଦିଅ ପଛକେ, କିଂବା ଯୁଗପତ୍ ଭାବରେ ଏକାଧିକ ନାମ ବି ଦେଉଥାଅ ପଛକେ, ତୁମେ କେବଳ ସେହି ଗୋଟିଏ ସତ୍ୟ-ବସ୍ତୁର କଥାହିଁ କହୁଥିବ, ସର୍ବବସ୍ତୁରେ ରହିଥିବା ସେହି ଏକମେବ ଦିବ୍ୟ ପରମସତ୍ତ୍ୱଙ୍କ ବିଷୟରେହିଁ କହୁଥିବ ।

ଏଥର ବୁଝିଲ ?

'oaob.nitrkl.ac.in' images reprocessed

**କେବଳ ଏହି ମନ ଓ ମନୁଷ୍ୟର ସୀମାବଦ୍ଧ ଚେତନାହିଁ ପାର୍ଥକ୍ୟଗୁଡ଼ିକୁ ବାହାର କରିଥାନ୍ତି । ଏବଂ, ଏହିସବୁ ପାର୍ଥକ୍ୟ ମଧ୍ୟରେ ପଶି ତୁମେ ଏକ ବିଭ୍ରାନ୍ତିରେ ଯାଇ ପଡ଼ିଯାଅ । କେବଳ ପାର୍ଥକ୍ୟଗୁଡ଼ିକ ଦେଇ ତୁମେ ଏଇଟିକୁ ବା ସେଇଟିକୁ ଚିହ୍ନିବାକୁ ଆରମ୍ଭ କର ଏବଂ ସେହି ପାର୍ଥକ୍ୟଗୁଡ଼ିକ କେବଳ ତୁମର ସେହି ଭ୍ରମଗ୍ରସ୍ତ ବାହ୍ୟ ଚେତନାକୁହିଁ ସୁସ୍ପଷ୍ଟ ଦେଖିଥାନ୍ତି । ଯେତେବେଳେ ଯଥାର୍ଥ ଭାବରେ ଭିତରକୁ ପ୍ରବେଶ କରିବା ସମ୍ଭବ ହୁଏ, ସେତେବେଳେ ତୁମେ ତତ୍‌କ୍ଷଣାତ୍ ଏକ ସମଗ୍ର ସଦୃଶତାର ବୋଧ ଲାଭ କରିଥାଅ ଏବଂ ଏହି ଯାବତୀୟ ଭିନ୍ନତା ସେତେବେଳେ ତୁମକୁ ସମ୍ପୂର୍ଣ୍ଣ ଭାବରେ ହାସ୍ୟାସ୍ପଦ ବୋଲି ବୋଧ ହୋଇଥାଏ ।**

ମାଆ, ସର୍ବୋଚ୍ଚ ମନୁଷ୍ୟ ଓ ଦିବ୍ୟ ମନୁଷ୍ୟ ମଧ୍ୟରେ ପ୍ରକୃତରେ କେଉଁ ପାର୍ଥକ୍ୟ ରହିଛି ?

**ଗୋଟିଏ ମନୁଷ୍ୟ-ଉପଲବ୍ଧିର ଶିଖରକୁ ବୁଝାଉଛି । "ସର୍ବୋଚ୍ଚ" ମନୁଷ୍ୟ କହିଲେ ସେହି ଶିଖରରେ ଯାଇ ପହଞ୍ଚିଥିବା ଜଣେ ବ୍ୟକ୍ତିକୁ ବୁଝାଉଛି । ଅର୍ଥାତ୍ ପରିପୂର୍ଣ୍ଣତା ଲାଭ କରିଥିବା ମନୁଷ୍ୟକୁ ବୁଝାଉଛି ।**

**ଅନ୍ୟ କ୍ଷେତ୍ରରେ, ପରମେଶ୍ୱରହିଁ ଏକ ମନୁଷ୍ୟଶରୀର ମଧ୍ୟରେ ଆସି ପ୍ରବିଷ୍ଟ ହୋଇଥାନ୍ତି । ମନୁଷ୍ୟଧର୍ମୀ ହୋଇ କେବଳ ଶରୀର ବା ବାହ୍ୟ ରୂପଟିହିଁ ରହିଥାଏ, ଚେତନା ଆଦୌ ସେହି ସ୍ତରରେ ନ ଥାଏ । ପ୍ରଥମଟିର କ୍ଷେତ୍ରରେ ମନୁଷ୍ୟର ଚେତନାହିଁ ନିଜର ପରିପୂର୍ଣ୍ଣତାକୁ ଉପଲବ୍ଧି କରିଥାଏ ।**

**ସରଳ ?**

**ସେଠାରେ କେହି କିଛି ପସ୍ୱରବ କି ?**

ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି : "ଆମର ଅହଂପ୍ରଣୋଦିତ ମନ ଯେଉଁଥି ଲାଗି ବାସନା ରଖିଥାଏ ବା ଯାହାକୁ ଉଚିତ ବୋଲି କହେ, ଦିବ୍ୟ କ୍ରିୟାଶୀଳତା କଦାପି ସେହିଭଳି କୌଣସି କର୍ମକୁ ବୁଝାଏ ନାହିଁ । କାରଣ, ଏହା ସତ୍ୟରେ ପହଞ୍ଚିବା ସକାଶେ ଭୁଲ୍‌କୁ କାମରେ ଲଗାଏ, ଆନନ୍ଦରେ ପହଞ୍ଚିବା ଲାଗି କଷ୍ଟଭୋଗକୁ କାମରେ ଲଗାଏ, ପରିପୂର୍ଣ୍ଣତାରେ ଯାଇ ପହଞ୍ଚିବା ସକାଶେ ଅପୂର୍ଣ୍ଣତାକୁ କାମରେ ଲଗାଏ ।" ଏହା କିପରି ହୁଏ ?

**ହଁ, ସେହିପରି । ଆମ ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି ।**

'oaob.nitrkl.ac.in' images reprocessed

ସେ ଟିକିଏ ପରେ ତାହାକୁ ବିସ୍ତୃତ ଭାବରେ ବୁଝାଇ ଦେଇଛନ୍ତି । ସେ କହୁଛନ୍ତି ଯେ, ଦିବ୍ୟ ପରମସତ୍ତା କେବଳ ତାହାର କଳ୍ପନା ଅନୁସାରେ କାର୍ଯ୍ୟ କରୁଥିଲେ ଯାଇ ମନୁଷ୍ୟର ମନ ବିଶ୍ୱାସ ଅବଲମ୍ବନ କରିବାକୁ ରାଜି ହୁଏ; ଏବଂ, ଆପଣାର ସାଧାରଣ କଳ୍ପନାରେ ମଣିଷ ଯାବତୀୟ ଦିବ୍ୟ ସଂଘଟନକୁ ଏକ ଚମତ୍କାର ଅଲୌକିକ-ଘଟନ ବୋଲି ମନେ କରିଥାଏ । — ସିଏ ଯାହାକୁ ଏକ ଅଲୌକିକ ଘଟନା ବୋଲି କହେ, ଅର୍ଥାତ୍ ଯାହାକଛୁ ଆଦୌ କୌଣସି ବୋଧ କାରଣ ନ ଥାଇ ଘଟେ । ଏବଂ ତେଣୁ, ସିଏ ଏହାର ସାନ୍ନିଧ୍ୟରେ ବାସ କରୁ ନ ଥିବାରୁ, ...ମାତ୍ର ଏହା କେବଳ ସେତିକିଠାରୁ ଅନେକ ଅଧିକ ସୂକ୍ଷ୍ମ.. ଯଦି ଆମେ ଆଉ ଏକ ପୃଥିବୀରୁ ଏଠାରେ ଆସି ପହଞ୍ଚୁ, ଯେଉଁଠାରେ କି ଘଟଣାଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରରେ ଘଟୁଥାଏ,—ତାହାର କଳ୍ପନା କରିବା ଆମ ପକ୍ଷରେ ଅତ୍ୟନ୍ତ କଷ୍ଟକର ହେବ...ମାତ୍ର ତାହା ଏପରି ଭାବରେ ଘଟୁଥାଏ, ଯେଉଁଥିରେ କି ନ୍ୟାୟସଙ୍ଗତ ସମ୍ପୂର୍ଣ୍ଣ ଭିନ୍ନ ହୋଇ ରହିଥାଏ,—ଘଟଣାଗୁଡ଼ିକର, କାରଣଗୁଡ଼ିକର, ପରିଣାମ ଏବଂ ପ୍ରଭାବଗୁଡ଼ିକର ନ୍ୟାୟସଙ୍ଗତ—ଯଦି ଆମେ ଅନ୍ୟ ଏକ ଜଗତରୁ ଏହି ପୃଥିବୀରେ ଆସି ପହଞ୍ଚୁ, ତେବେ ଏଠାରେ ଯାହାକିଛୁ ଆମର ଦୃଷ୍ଟିଗୋଚର ହେବ, ତାହା ଆମକୁ ସମ୍ପୂର୍ଣ୍ଣ ଭାବରେ ଅଲୌକିକ ପରି ମନେହେବ, କାରଣ ଆମେ ଏଗୁଡ଼ିକର ପଛରେ ରହିଥିବା ନ୍ୟାୟଟିକୁ ଆଦୌ ବୁଝିପାରୁ ନ ଥିବା ।

ଆମେ ଘଟଣାଗୁଡ଼ିକୁ ଘଟୁଥିବାର ଦେଖିଦେଖି ସେଥିରେ ଅଭ୍ୟସ୍ତ ହୋଇ ଯାଇଥାଉ । ଏହାକୁ କେବଳ ଅଭ୍ୟସ୍ତ ହୋଇ ଯାଇଥିବାର ଏକ ବ୍ୟାପାର ବୋଲି କୁହାଯିବ; କାରଣ, ଏହି ସଂସାରରେ ପ୍ରଥମ ନିଃଶ୍ୱାସପାତର ମୁହୂର୍ତ୍ତଟିଠାରୁହିଁ ଆମେ ଘଟଣାଗୁଡ଼ିକୁ କେବଳ ଏହିପରି ଭାବରେ ଘଟି ଆସୁଥିବାର ଦେଖିଆଉ ଏବଂ ତେଣୁ ତାହା ଆମକୁ ବେଶ୍ ସ୍ୱାଭାବିକ ଓ ସାଧାରଣ ବୋଲି ବୋଧ ହେଉଥାଏ, କାରଣ ତାହା ସବୁବେଳେ ସେହିପରି ଭାବରେ ଘଟୁଥାଏ । ମାତ୍ର, ଥରେ ଏହି ଅଭ୍ୟାସ ମଧ୍ୟରୁ ବାହାରକୁ ବାହାରିଯାଇ ପାରିଲେ, ଏକ ଅନ୍ୟ ଦୃଷ୍ଟିକୋଣରୁ ବସ୍ତୁଗୁଡ଼ିକୁ ଅବଲୋକନ କରି ପାରିଲେ, ଆମେ ତତ୍କ୍ଷଣାତ୍ ସେହି ପ୍ରକାରର ଅଲୌକିକତା-ବୋଧଟିକୁ ଅନୁଭବ କରିବାକୁ ଆରମ୍ଭ କରିବା, କାରଣ ସେତେବେଳେ ଆମେ ଆଉ ଆମର ଅଭ୍ୟସ୍ତ ଧାରଣାଟିକୁ ଦେଇ ଘଟଣାଗୁଡ଼ିକର ନ୍ୟାୟକୁ ଆଦୌ ଦେଖି ନ ଥିବା ।

କାରଣ ଏବଂ ପରିଣାମଗୁଡ଼ିକର କ୍ଷେତ୍ରରେ ଆମେ ଏକ ନିର୍ଦ୍ଦିଷ୍ଟ ନ୍ୟାୟରେ ସବୁ ଅଭ୍ୟସ୍ତ ହୋଇ ରହିଥାଉ; ଯାବତୀୟ ବସ୍ତୁର ପରିଣାମ ଓ ଯାବତୀୟ ଗତିସ୍ପନ୍ଦନ ମଧ୍ୟରେ ରହିଥିବା ସମ୍ବନ୍ଧଟି ବିଷୟରେ ଏକ ନିର୍ଦ୍ଦିଷ୍ଟ ନ୍ୟାୟସଙ୍ଗତ [illegible] ଭାବରେ ଅଭ୍ୟସ୍ତ ହୋଇ ରହିଥାଉ । ଏହାକୁ ଆମେ ଏକ ସ୍ୱତଃରୂପେ

'oaob.nitrkl.ac.in' images reprocessed

ଗ୍ରହଣ କରିନେଉ, ସେକ୍ଷେତ୍ରରେ ଆଦୌ କୌଣସି ଚିନ୍ତା ମଧ୍ୟ କରୁ ନାହିଁ, କାରଣ ଆମେ ସର୍ବଦା ତାହାର ଭିତରେହିଁ ବାସ କରି ଆସିଥାଉ । ମାତ୍ର, ଯଦି ତା'ଭିତରେ ସର୍ବଦା ବାସ କରି ଆସି ନ ଥାନ୍ତୁ, ତେବେ ତାହାକୁ ନିଶ୍ଚୟ ଏକ ଅନ୍ୟପ୍ରକାରେ ମଧ୍ୟ ଦେଖି ପାରନ୍ତୁ । ଏବଂ, ଆମେ ଏହି ପ୍ରୟୋଗଟିକୁ ବେଶ୍ କରିପାରିବା : ଆମର ଏହି ପୃଥିବୀ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ତାହାର ନିସ୍ତୃତଭାବଟି ମଧ୍ୟରୁ ଯଦି ଆମେ ବାହାରକୁ ଚାଲିଯିବା—ଏହି ପୃଥିବୀ ବର୍ତ୍ତମାନ ଭୌତିକ, ପ୍ରାଣିକ ଓ ମାନସିକର ଏକ ସମ୍ମିଶ୍ରଣ ହୋଇ ରହିଛି ଓ ତା'ଭିତରେ ଏକ ଆଧ୍ୟାତ୍ମିକ ପ୍ରଭାବ ବା ଅନୁପ୍ରେରଣା (ଅତ୍ୟନ୍ତ ପ୍ରଚ୍ଛନ୍ନ ଭାବରେ) ର କାର୍ଯ୍ୟକୁ ପରଖି କି ଦିଆଯାଇଛି; ଏଠାରେ ଯାହାକିଛି ଘଟୁଛି, ସେଥିରେ ଏହି ସବୁଗୋଟିଯାକ ମିଶିକରି ରହିଛନ୍ତି,—ଯଦି ଆମେ ଏହି ସବୁକିଛି ମଧ୍ୟରୁ ବାହାରିଯାଇ ପାରିବା (ସେହି କାର୍ଯ୍ୟଟିକୁ ଆମେ ଅବଶ୍ୟ କରି ପାରିବା), ବର୍ତ୍ତମାନର ଏହି ଭୌତିକ ଓ ଜଡ଼ସ୍ଥ ପୃଥିବୀର ଊର୍ଦ୍ଧ୍ୱକୁ ଉଠିଯାଇ ପାରିବା ଓ ଅନ୍ୟ ଏକ ଚେତନା ମଧ୍ୟରେ ଯାଇ ପ୍ରବେଶ କରିବା, ତେବେ ବସ୍ତୁଗୁଡ଼ିକୁ ଆମେ ସଂପୂର୍ଣ୍ଣ ଅନ୍ୟ ଭାବରେ ଜାଣିବାକୁ ଆରମ୍ଭ କରିବା ।

ଏବଂ, ତା'ପରେ ଆମେ ଦେଖିବାକୁ ପାଇବା ଯେ, ଏହି ଯେଉଁ ପ୍ରତିଭାସ-ଗୁଡ଼ିକ ଆମକୁ ସମ୍ପୂର୍ଣ୍ଣ ନ୍ୟାୟସିଦ୍ଧ ଏବଂ ଅତ୍ୟନ୍ତ ସ୍ୱାଭାବିକ ବୋଲି ବୋଧ ହେଉଛନ୍ତି, ଏବଂ ପ୍ରାୟ ଅବଶ୍ୟମ୍ଭାବୀ ବୋଲି ମନେ ହେଉଛନ୍ତି, ଏହି ସବୁକିଛିର ପଛରେ ଏପରି ଗୋଟିଏ କିଛି ରହିଛି, ଯାହାକୁ କି ଆମର ସାଧାରଣ ଚେତନା ଦେଇ ଦେଖୁଥିବା ସମୟରେ, ନିରନ୍ତର ଅଲୌକିକ ପରି ବୋଧ ହେବାରେ ଲାଗିଛି ।

ଏହି କ୍ଷେତ୍ରରେ ନାନା ଶକ୍ତି, ପରିସ୍ଥିତି, ଗତିସ୍ପନ୍ଦନ ଏବଂ ପ୍ରଭାବର ହସ୍ତକ୍ଷେପ ଲାଗିରହିଛି, ଯାହାକି ଆମର ସାଧାରଣ ଚେତନା ପାଇଁ ଅଦୃଶ୍ୟ ଅଥବା ଅବୋଧ୍ୟ ହୋଇ ରହିଛି ଏବଂ ନିରନ୍ତର ପରିସ୍ଥିତିଗୁଡ଼ିକର ଗତିପଥକୁ ବଦଳାଇ ଦେବାରେ ଲାଗିଛି ।

ଏଥିଲାଗି ଆମକୁ ଆଦୌ ଖୁବ୍ ବେଶୀ ଦୂରକୁ ଯିବାକୁ ପଡ଼ିବ ନାହିଁ; ଏକଥା ଉପଲବ୍ଧି କରିବା ପାଇଁ ଆମର ସାଧାରଣ ଚେତନା ମଧ୍ୟରୁ କେବଳ ଗୋଟିଏମାତ୍ର ପାଦ ବାହାରକୁ ପକାଇବାକୁ ହେବ । ଏକଥା ମୁଁ ଏକାଧିକ ବାର କହିଛି ଯେ ଯଦି ତୁମେ ନିଜ ଭିତରେ ଚୈତ୍ୟ ଚେତନାର ଆବିଷ୍କାର କରି ତାହା ସହିତ ଏକାତ୍ମତା ଅର୍ଜନ କରିପାରିବ, ତେବେ ତତ୍‌କ୍ଷଣାତ୍ ପରିସ୍ଥିତିଗୁଡ଼ିକରେ ଏକ ଉଦ୍‌ଭ୍ରାନ୍ତି ଅନୁଭବ କରିବାକୁ ଲାଗିବ ଏବଂ, ବସ୍ତୁଗୁଡ଼ିକୁ ତୁମେ ସାଧାରଣ ଆଖିରେ ଯେଉଁଭଳି ଦେଖୁଛ, ତା'ଠାରୁ ପ୍ରାୟ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ସେଗୁଡ଼ିକୁ ଦେଖିବାକୁ

'oaob.nitrkl.ac.in' images reprocessed

ସମର୍ଥ ହୋଇଯିବ । କାରଣ ତୁମେ ସେତେବେଳେ ଏହି କାର୍ଯ୍ୟଟିର ପରିଣାମଟିକୁ ନ ଦେଖି କାର୍ଯ୍ୟ କରୁଥିବା ଶକ୍ତିଟିକୁହିଁ ଦେଖିବାକୁ ସମର୍ଥ ହେବ ।

ବର୍ତ୍ତମାନ ତୁମେ କେବଳ ସେହି ଶକ୍ତିର କ୍ରିୟାଜନିତ ପରିଣାମଗୁଡ଼ିକୁହିଁ ଦେଖିପାରୁଛ ଏବଂ ତାହା ତୁମକୁ ସ୍ୱାଭାବିକ ତଥା ନ୍ୟାୟସଙ୍ଗତ ବୋଧ ହେଉଛି । ଏବଂ କେବଳ କୌଣସି ଅସ୍ୱାଭାବିକ ହୋଇ କିଛି ଘଟୁଥିବା ସମୟରେହିଁ,—ଅଥବା କହିବାକୁ ହେବ ଯେ ତୁମକୁ ତାହା ଅସ୍ୱାଭାବିକ ପରି ବୋଧ ହେଉଛି—ତୁମେ ବିସ୍ମୟ ପ୍ରକାଶ କରିବାକୁ ଆରମ୍ଭ କରୁଛ । ମାତ୍ର, ଯଦି ତୁମେ ଆଉଏକ ଚେତନାରେ ରହିଥାଆନ୍ତ, ତେବେ ତୁମକୁ ଯାହା ବର୍ତ୍ତମାନ ଅସ୍ୱାଭାବିକ ବୋଲି ବୋଧ ହେଉଛି, ସେତେବେଳେ ତାହା ଆଉ କଦାପି ସେପରି ବୋଧ ହୁଅନ୍ତା ନାହିଁ । ତୁମେ ସେତେବେଳେ ତାହା ଆଉଏକ ଅନ୍ୟ ବସ୍ତୁର ପରିଣାମ ବୋଲି ଦେଖିବାକୁ ପାଆନ୍ତ; ତୁମେ ଯେଉଁଟିକୁ ଦେଖି ପାରୁଛ, ତାହାଠାରୁ ଭିନ୍ନ ଅନ୍ୟଏକ କ୍ରିୟାର ପରିଣାମ ବୋଲି ପ୍ରତ୍ୟକ୍ଷ କରି ପାରନ୍ତ ।

ମାତ୍ର, ସମ୍ପୂର୍ଣ୍ଣ ଭାବରେ ଭୌତିକ ଦୃଷ୍ଟିକୋଣରୁ ବିଚାର କଲେ ମଧ୍ୟ, ତୁମେ କେତୋଟି କଥା ସହିତ ଅତ୍ୟନ୍ତ ଅଭ୍ୟସ୍ତ ହୋଇ ରହିଛ, ତୁମ ଆଗରେ ସେଗୁଡ଼ିକର ବ୍ୟାଖ୍ୟା କରି ଦିଆଯାଇଛି : ଏଠାରେ ବିଜୁଳି ଆଲୁଅର ଦୃଷ୍ଟାନ୍ତଟିକୁ ନିଆ ଯାଇପାରେ, ବା, ଏକ ବୋତାମ ଟିପିଦେଲେ ମୋଟରଗାଡ଼ି ଚାଲିବାକୁ ଆରମ୍ଭ କରେ ବୋଲି ତୁମକୁ କହି ଦିଆ ଯାଇଥାଏ । ତୁମେ ତାହାକୁ ବ୍ୟାଖ୍ୟା କରି ଦେଇପାର, କାରଣ ତୁମକୁ ସେହିପରି କହି ଦିଆ ଯାଇଥାଏ, ଏବଂ ତେଣୁ ତୁମକୁ ତାହା ଏକାନ୍ତ ସ୍ୱାଭାବିକ ବୋଲି ବୋଧ ହେଉଥାଏ । ମାତ୍ର, ମୋ'ପାଖରେ ଏପରି ଅନେକ ବ୍ୟକ୍ତିଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ କି ଏକଥା ଜାଣି ନ ଥିଲେ ଓ ସମ୍ପୂର୍ଣ୍ଣ ଭାବରେ ଅଜ୍ଞ ହୋଇ ରହିଥିଲେ, ସେମାନେ ଏପରି ସ୍ଥାନ-ମାନଙ୍କରୁ ଆସିଥିଲେ, ଯେଉଁଠାରେ କି ଏହି ବସ୍ତୁଗୁଡ଼ିକର ପ୍ରବେଶ ଘଟି ନ ଥିଲା । ସେମାନେ ଗୋଟିଏ ମୂର୍ତ୍ତିଁ ହଠାତ୍ ଆଲୋକରଶ୍ମି ଦ୍ୱାରା ଆଲୋକିତ ହୋଇ ଉଠିବାର ଦେଖିଲେ : ଆନନ୍ଦ ଏବଂ ବିସ୍ମୟରେ ସେମାନେ ଅଭିଭୂତ ହୋଇ ପଡ଼ିଥିଲେ : ସେମାନେ ତାହାକୁ ଏକ ଦିବ୍ୟ ପରିପ୍ରକାଶନ ବୋଲି ମଣିଲେ ।

ଏବଂ, ମୁଁ ଏପରି ଆଉ ଜଣକୁ ମଧ୍ୟ ଦେଖିଛି, ଯିଏକି ଠିକ୍ ସେହି ଅବସ୍ଥାରେ ରହିଥିଲା, ଜଣେ ଶିଶୁ, ଯିଏକି ଆଦୌ କିଛି ଜାଣି ନ ଥିଲା । ତା' ଆଗରେ ଗୋଟିଏ ବୋତାମ ଟିପି ଦିଆଗଲା ଓ ତା'ପରେ ମୋଟରଗାଡ଼ି ଚାଲିଲା; ଏହା ତାକୁ ଏକ ବିରାଟ ଅଲୌକିକ ଘଟଣା ବୋଲି ମନେ ହେଲା । ହଁ, ପ୍ରକୃତରେ ସେହିପରି ହେଲା । ତୁମେ କେତେକ ନିର୍ଦ୍ଦିଷ୍ଟ କଥା ସହିତ ଭାରି ଅଭ୍ୟସ୍ତ ହୋଇ ରହିଥାଅ ଏବଂ ସେଗୁଡ଼ିକ ତୁମକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ମନେ ହୁଅନ୍ତି ।

'oaob.nitrkl.ac.in' images reprocessed

ଯଦି ସେପରି ଭାବରେ ଅଭ୍ୟସ୍ତ ହୋଇ ନ ଥାନ୍ତ, ତେବେ ସେଗୁଡ଼ିକୁ ନିଶ୍ଚୟ ଗୋଟିଏ ଗୋଟିଏ ଅଲୌକିକ ଘଟଣା ବୋଲି ଭାବନ୍ତ ।

ତୁମେମାନେ ସମସ୍ୟାଟି ଉପରେ ବିଚାର କର । ଏପରି ଗଦାଗଦା ଅନେକ କଥା ରହିଛି, ଯାହାକୁ କି ତୁମେ ନିଜେ ଆଦୌ ବ୍ୟାଖ୍ୟା କରିପାରିବ ନାହିଁ, ଏପରି ବହୁ ସଂଖ୍ୟକ ହସ୍ତକ୍ଷେପ ରହିଛି, ଯାହାକି ଘଟଣାଗୁଡ଼ିକର ଗତିପଥକୁ ବଦଳାଇ ଦେଉଛନ୍ତି ଏବଂ ତାହା ତୁମର ଆଖିରେ ବି ମୋଟେ ପଡ଼ୁ ନାହିଁ । ତେଣୁ ତୁମକୁ ସବୁକିଛି ସାଧାରଣ ବୋଲି ଲାଗୁଛି, ନୀରସ ଲାଗୁଛି, ତାହା ତୁମର ଆଗ୍ରହକୁ ସେପରି କୌଣସି ବିଶେଷ ଭାବରେ ଆକୃଷ୍ଟ କରିପାରୁ ନାହିଁ । ମାତ୍ର, ଯଦି ତୁମ ଭିତରେ ଯଥାର୍ଥ ଜ୍ଞାନଟି ଥାଆନ୍ତା ଏବଂ ଯଦି ତୁମେ ଦେଖି ପାରୁଥାନ୍ତ ଯେ, ସେଗୁଡ଼ିକ ସହିତ ତୁମେ ସେହିପରି ଭାବରେ ଅଭ୍ୟସ୍ତ ରହି ଆସିଛ ଏବଂ କେବେ-ହେଲେ ନିଜକୁ "ଏହି କଥାଟି କାହିଁକି ଏପରି ଘଟୁଛି" ବୋଲି ପଚାର ନାହିଁ ବୋଲିହିଁ ଏହି ବସ୍ତୁସବୁ ତୁମକୁ ସମ୍ପୂର୍ଣ୍ଣ ସ୍ୱାଭାବିକ ବୋଧ ହେଉଛନ୍ତି, ଏହା ପ୍ରକୃତରେ କିପରି ଘଟୁଛି, ଯଦି ତୁମେ ସେକଥା ଜାଣିଥାନ୍ତ ଓ ଦେଖିପାରୁଥାଆନ୍ତ, ଯାବତୀୟ କ୍ଷେତ୍ରରେ ପ୍ରକୃତରେ କିଏ କାର୍ଯ୍ୟଟିକୁ କରୁଛି, ଉଦାହରଣସ୍ୱରୂପ ଜଣେ ଏପରି ଅବିବେକୀ ଭାବରେ କାର୍ଯ୍ୟ କରୁଛି ଯେ ସେଥିରେ ତା'ର ମୁଣ୍ଡ ନିଶ୍ଚୟ ଫାଟିଯାଉ ଥାଆନ୍ତା, ମାତ୍ର ତଥାପି କାହିଁକି ତାହାର ମୁଣ୍ଡ ଫାଟୁ ନାହିଁ, — ସବୁକିଛି ଏକ ସାଂଘାତିକ ଦୁର୍ଘଟଣା ଘଟିବା ଲାଗି ସତେଅବା ଖଞ୍ଜା ହୋଇ ରହିଥିଲା, ମାତ୍ର ତଥାପି କାହିଁକି ଦୁର୍ଘଟଣାଟି ଘଟୁ ନାହିଁ, ଏବଂ, ସେହିପରି ହଜାର ହଜାର ଓ ଲକ୍ଷଲକ୍ଷ ଘଟଣା କାହିଁକି ପ୍ରତ୍ୟହ ଓ ସର୍ବତ୍ର ଘଟିବାରେ ଲାଗିଛି — ଏସବୁ ସେପରି କାହିଁକି ହେଉଛି ବୋଲି ଜାଣିପାରିବା ଲାଗି ଯଦି ତୁମ ପାଖରେ ଯଥେଷ୍ଟ ଜ୍ଞାନ ରହିଥାନ୍ତା, ତେବେ ତୁମେ ଯୁଗପତ୍ ଭାବରେ ଏକଥା ମଧ୍ୟ କହିପାରନ୍ତ, "ଏହି କ୍ଷେତ୍ରରେ ଗୋଟିଏ ଶକ୍ତି ରହିଛି, ଏକ ଚେତନା ରହିଛି, ଏକ ସାମର୍ଥ୍ୟହିଁ କାର୍ଯ୍ୟଟିକୁ କରୁଛି, ଏବଂ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରୁ ତାହାକୁ ଆଦୌ ଡରୁ ନାହିଁ । ଜଡ଼ ଓ ବସ୍ତୁନ୍ୟାୟର ଭୂମି ଉପରେ ଘଟଣାଟି ଏହିପରି ଘଟି ଥାଆନ୍ତା, ମାତ୍ର ପ୍ରକୃତରେ ସେପରି ଘଟିଲା ନାହିଁ ।" ତୁମେ କହୁଛ, "ତା'ର ଭାଗ୍ୟ ଭାରି ଭଲ !" ନୁହେଁ ? ଏବଂ ତୁମେ ସେଇଥିରେ ସନ୍ତୁଷ୍ଟ ହୋଇଯାଉଛ, ତାହାହିଁ ତୁମକୁ ସମୀଚୀନ ବୋଲି ବୋଧ ହେଉଛି ।

(ମାଆ ନୀରବ ରହିଲେ)

ଏକ ଅଜ୍ଞାନ, ସୀମାବଦ୍ଧ ଓ ଅହଂପ୍ରେରିତ ଚେତନାହିଁ ଅଲୌକିକ ଘଟଣାଗୁଡ଼ିକ ଲାଗି ଦାବି କରୁଥାଏ । ଅନ୍ତଦର୍ଶନ ସମ୍ଭବ ହେବା ସଙ୍ଗେ ସଙ୍ଗେ

'oaob.nitrkl.ac.in' images reprocessed

ଆମେ ଜାଣିବାକୁ ସମର୍ଥ ହେଉ ଯେ ପୃଥିବୀରେ ସର୍ବତ୍ର ସର୍ବଦାହିଁ ଅଲୌକିକ ଘଟନାମାନ ଘଟିବାରେ ଲାଗିଛି ।

ଏବଂ ଏହି ଅଲୌକିକତା ଏବଂ ପରମକରୁଣା ଉପରେ ଆମର ବିଶ୍ୱାସ ଯେତିକି ଅଧିକ ହେବାରେ ଲାଗିଥିବ, ଆମେ ସେହି ଘଟନା ଘଟୁଥିବା ପ୍ରତ୍ୟେକ ସ୍ଥାନରେହିଁ ତାହାକୁ ଦେଖିବା ପାଇଁ ସେତିକି ଅଧିକ ସାମର୍ଥ୍ୟ ଲାଭ କରୁଥିବା । ଅଜ୍ଞାନ, ବିଶ୍ୱାସର ଅଭାବ ଏବଂ ଅନ୍ଧ ଅହଂକେନ୍ଦ୍ରିକତା, — ଏହିଗୁଡ଼ିକହିଁ ଆମକୁ ସେଗୁଡ଼ିକୁ ପ୍ରତ୍ୟକ୍ଷ କରିବାକୁ ବଞ୍ଚିତ କରି ରଖିଥାଏ ।

'oaob.nitrkl.ac.in' images reprocessed

## ୩୦ ନଭେମ୍ବର ୧୯୫୫

ମା ଥ "ଯୋଗ-ସମନ୍ୱୟ"ପୁସ୍ତକରୁ "ସାଧନ-ଚତୁଷ୍ଟୟ" ଅଧ୍ୟାୟର କିଛି ଅଂଶ ପାଠ କଲେ ।

**କାଳ କପରି ବନ୍ଧୁ ପରି କାର୍ଯ୍ୟ କରିପାରିବ ?**

ତୁମେ ଏହାକୁ କପରି ଚକ୍ଷୁରେ ଦେଖୁଛ, ଏହି କଥାଟି ତାହାର ଉପରେ ନିର୍ଭର କରୁଛି । ଏହାପ୍ରତି ତୁମେ ଯେଉଁପରି ପ୍ରତିକ୍ରିୟା ଦେଖାଉଥିବ, ସବୁକିଛି ତାହାର ଉପରେ ନିର୍ଭର କରେ । ଯଦି ତୁମେ କାଳକୁ ବନ୍ଧୁରୂପେ ଗ୍ରହଣ କରିବ, ତେବେ ତାହା ବନ୍ଧୁର କାର୍ଯ୍ୟ ଦେବ; ଯଦି ଶତ୍ରୁ ବୋଲି ଗ୍ରହଣ କରିଥିବ, ତେବେ ତାହା ଏକ ଶତ୍ରୁରେହିଁ ପରିଣତ ହୋଇଯିବ ।

ମାତ୍ର ତୁମେ ସେକଥା ଆଦୌ ପଚାରି ନାହଁ । ତୁମେ ପଚାରୁଛ, କାଳ ଏକ ଶତ୍ରୁରେ ପରିଣତ ହୋଇଗଲେ ଜଣେ ବ୍ୟକ୍ତି କପରି ଅନୁଭବ କରେ, ଏବଂ ମିତ୍ର ହୋଇ ରହିଥିଲେ କପରି ଅନୁଭବ କରେ । ହଁ, ଯେତେବେଳେ ତୁମେ ଅଧୀର ହୋଇ ନିଜକୁ କହ, "ଏହି କାର୍ଯ୍ୟଟିରେ ମୋର ଅବଶ୍ୟ ସଫଳତା ଲାଭ କରିବା ଉଚିତ, ମାତ୍ର ଏଥିରେ ମୁଁ କାହିଁକି ସଫଳ ହେଉ ନାହିଁ ?" ଏବଂ ଯେତେବେଳେ ତୁମେ ସଙ୍ଗେ ସଙ୍ଗେ ସଫଳ ହୋଇପାରୁ ନାହିଁ ଏବଂ ତେଣୁ ଖୁବ ନିରାଶ ହୋଇପଡ଼, ସେତେବେଳେ ସମୟ ତୁମର ଶତ୍ରୁରେ ପରିଣତ ହୋଇଯାଏ । ମାତ୍ର, ଯେତେବେଳେ ତୁମେ ନିଜ ପାଖରେ ଯାଇ କହ, "ହଉ, ଏଥର ଯିନା ମୁଁ ସଫଳ ହେଲି ନାହିଁ, ମାତ୍ର ଆରଥରକୁ ନିଶ୍ଚୟ ସଫଳ ହେବି; ଏବଂ ନିଶ୍ଚିତ ଭାବରେ ଦିନେ ନା ଦିନେ ଏହି କାର୍ଯ୍ୟଟିକୁ କରିପାରିବି," ସେତେବେଳେ ସମୟ ତୁମର ବନ୍ଧୁରେ ପରିଣତ ହୁଏ ।

**ସମୟ କ'ଣ କେବଳ ଏକ ଆଶୟଗତ (subjective) ବସ୍ତୁ ହୋଇ ରହିଥାଏ ନା ତାହାକୁ ଏକ ବ୍ୟକ୍ତିତ୍ୱ ପରି ମୂର୍ତ୍ତ ବିଷୟ ବୋଲି କୁହାଯାଇ ପାରିବ ?**

ସମ୍ଭବତଃ ସେହି କଥାଟି ମଧ୍ୟ ତୁମେ ଏହି ବିଷୟରେ କପରି ବିଚାର କରୁଛ ତାହାର ଉପରେ ନିର୍ଭର କରେ । ଯାବତୀୟ ଶକ୍ତି ହେଉଛନ୍ତି ବ୍ୟକ୍ତିଗତ

'oaob.nitrkl.ac.in' images reprocessed

ଶତ୍ରୁ; ପ୍ରକୃତରେ ରହିଥିବା ଯାବତୀୟ ବସ୍ତୁ ବ୍ୟକ୍ତିଗତ ବସ୍ତୁ । ମାତ୍ର ଯଦି ଆମେ ସେଗୁଡ଼ିକୁ ନୈର୍ବ୍ୟକ୍ତିକ ବୋଲି ଭାବିବା, ତେବେ ସେଗୁଡ଼ିକ ସହିତ ଆମର ସମ୍ବନ୍ଧ ମଧ୍ୟ ନୈର୍ବ୍ୟକ୍ତିକ ହୋଇ ରହିବ ।

ଉଦାହରଣସ୍ୱରୂପ, ଏବେ ଘଟିଥିବା ଘଟନାଟିକୁ ଗ୍ରହଣ କରାଯାଉ । ଯଦି ତୁମେ ପାଗ ବିଷୟରେ ବୈଜ୍ଞାନିକ ଅଧ୍ୟୟନ କରିଥିବ ଓ ବାୟୁସ୍ରୋତ ଆଦି ଯାବତୀୟ ବସ୍ତୁର ଗଣନା କରି ରଖିଥିବ, ତେବେ ତୁମେ କହିବ, "ଯଦି ଏହି କଥାଟି ପ୍ରକୃତରେ ଘଟେ, ତେବେ ସେହି କଥାଟି ମଧ୍ୟ ଘଟିବ । ଏବଂ ଏତେ ଦିନ ଧରି ବର୍ଷା ହେବ, ଇତ୍ୟାଦି ଇତ୍ୟାଦି ।" ତେଣୁ, ତୁମ ଲାଗି ତାହା ଏକ ଶତ୍ରୁ ହୋଇ ରହିବ, ଯାହାକୁ କି ଆମେ ପ୍ରକୃତିର ଏକ ଶକ୍ତି ବୋଲି କହିବାକୁ ବାଧ୍ୟ ହେଉଛୁ । ଏବଂ, ଏହି କ୍ଷେତ୍ରରେ ତୁମେ କେତୋଟି ଦିନ ଅତିକ୍ରାନ୍ତ ହୋଇଯିବା ପର୍ଯ୍ୟନ୍ତ ଅପେକ୍ଷା କରିବା ବ୍ୟତୀତ ଏହି ବିଷୟରେ ଆଉ ଆଦୌ କିଛିହେଲେ କରି ପାରିବ ନାହିଁ । ମାତ୍ର, ଯଦି ଏପରି ହୋଇଥାଏ ଯେ, ବାୟୁ ପଛରେ, ଝଡ଼, ବର୍ଷା ଏବଂ ଘଡ଼ଘଡ଼ି ପଛରେ, ଏହି ତଥାକଥିତ ଯାବତୀୟ ପ୍ରାକୃତିକ ଶକ୍ତି—ଯେଉଁ-ଗୁଡ଼ିକ କି ଗୋଟିଏ ଗୋଟିଏ ଶକ୍ତି ଏବଂ ବ୍ୟକ୍ତିଗତ ଶକ୍ତି,—ପଛରେ, ଯଦି ସେହି କ୍ଷୁଦ୍ର କ୍ଷୁଦ୍ର ସଚେତନ ପଦାର୍ଥଗୁଡ଼ିକ ସହିତ ତୁମର ଏକ ବ୍ୟକ୍ତିଗତ ସମ୍ବନ୍ଧ ରହିଥାଏ, ଏବଂ, ଯଦି ସେଗୁଡ଼ିକୁ ଶତ୍ରୁ ବୋଲି ଓ ସମ୍ପୂର୍ଣ୍ଣ ଅସମର୍ଥ ଭାବରେ ଯାହା ବିଷୟରେ ଆଦୌ କିଛି କରି ହେବ ନାହିଁ, ସେହିପରି କେତୋଟି କଠୋର ଯାନ୍ତ୍ରିକ ବିଧାନ ବୋଲି ନ ଭାବି, ଏହି ବନ୍ଧୁତାର ମଧ୍ୟଦେଇ ତୁମେ ସେଗୁଡ଼ିକ ସହିତ ଏକ ପ୍ରକାରର ବନ୍ଧୁତାକୁ ସମ୍ଭବ କରିଦେଇ ପାରିବ, ତେବେ ଏକଥା ଅତ୍ୟନ୍ତ ସମ୍ଭବ ଯେ ତୁମେ ସେହି କ୍ଷେତ୍ରରେ କିଞ୍ଚିତ୍ ପରିମାଣରେ ଅଧିକ ବନ୍ଧୁତାପୂର୍ଣ୍ଣ ଏକ ସମ୍ବନ୍ଧର ପ୍ରତିଷ୍ଠା କରିପାରିବ, ସେଗୁଡ଼ିକ ଉପରେ ଏକ ପ୍ରଭାବ ପକାଇ ପାରିବ ଓ ସେମାନଙ୍କୁ ଏହିଭଳି ପଚାରି ମଧ୍ୟ ପାରିବ : "ପ୍ରବାହିତ ହେବାକୁ ଏବଂ ବର୍ଷା କରାଇବାକୁ ତୁମକୁ କାହିଁକି ଏତେ ଭଲ ଲାଗୁଛି ? ତୁମେ ଆଉ କେଉଁଠାକୁ ଯାଇ ପ୍ରବାହିତ ହେଉ ନାହଁ ଓ ବର୍ଷା କରାଉ ନାହଁ କାହିଁକି ?"

ଏବଂ, ମୁଁ ଏକଥା ନିଜ ଆଖିରେ ଦେଖିଛି……ଏଠାରେ ଦେଖିଛି, ଫ୍ରାନ୍ସରେ ଦେଖିଛି, ଆଲ୍‌ଜିରିଆରେ ମଧ୍ୟ ଦେଖିଛି…ବର୍ଷା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ, ସମ୍ପୂର୍ଣ୍ଣ ଭାବରେ ଏକ ନିର୍ବାଚିତ ସ୍ଥାନରେ ହେଉଥିଲା; ଯେଉଁଠାରେ ତାହାର ଏକାନ୍ତ ଆବଶ୍ୟକତା ରହିଥିଲା, ଠିକ୍ ସେହିଠାରେ ହେଉଥିଲା, କାରଣ ଭୂଇଁ ଶୁଖିଲା ପଡ଼ିଥିଲା ଏବଂ ଗୋଟିଏ କିଆରିରେ ପାଣି ଦେବା ଦରକାର ହେଉଥିଲା; ଏବଂ ଆଉଗୋଟିଏ ସ୍ଥାନରେ…ଏହି ହଲ୍‌ଟି ଯେତିକି ଲମ୍ବ ହେବ, ସେତିକି ଦୂରରେ, ସେହି ଅନ୍ୟ ଜାଗାଟିରେ ଅସଲରେ ଖରା ପଡ଼ୁଥିଲା, ସେଠାରେ ସବୁ

'oaob.nitrkl.ac.in' images reprocessed

ଶୃଙ୍ଖିଳ ହୋଇ ରହିଥିଲା, କାରଣ ସେଠାରେ ଖଗ୍ରଭ ପ୍ରୟୋଜନ ଥିଲା। ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ଏହାର ବୈଜ୍ଞାନିକ ବ୍ୟାଖ୍ୟା ଖୋଜିବାକୁ ଯିବ, ତେବେ ସେମାନେ ଅତ୍ୟନ୍ତ ବୈଜ୍ଞାନିକ ସ୍ତରରେ ତୁମକୁ ସବୁକଥା ବୁଝାଇ ଦେବାକୁ ଚାହାଣବେ । ମାତ୍ର ମୁଁ ପ୍ରକୃତରେ ଦେଖିଛି ଯେ ଏକ ହସ୍ତକ୍ଷେପ ଫଳରେ ତାହା ସମ୍ଭବ ହୋଇଥିଲା···ଏପରି ଜଣେ ବ୍ୟକ୍ତିଙ୍କ ଦ୍ୱାରା ସମ୍ଭବ ହୋଇଥିଲା, ଯିଏକି ବର୍ଷାକୁ ସେହିପରି ଅନୁରୋଧ କରି ଜାଣିଥିଲେ ଏବଂ ଅନୁରୂପ ଫଳ ଲାଭ କରିଥିଲେ ।

ଆଲ୍‌ଜିରିଆରେ ମୁଁ ସେହିପରି ଏକାଧିକ କଥା ଦେଖିବାକୁ ପାଇଥିଲି, ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଦୃଷ୍ଟାନ୍ତମାନ ଦେଖିଥିଲି। ଏବଂ ସେଠାରେ, ଏପରି ଅବଶ୍ୟ କୁହାଯାଇ ପାରିବ ଯେ, ସେଠାରେ କିଛିଟା ପରିମାଣରେ ଅଧିକ ଯଥାର୍ଥ ଜ୍ଞାନ ଲାଗି ଏକ ବିଶେଷ ଅନୁକୂଳ ପରିବେଶ ପ୍ରକୃତରେ ରହିଥିଲା,—ସେଠାରେ କ୍ଷୁଦ୍ର କ୍ଷୁଦ୍ର ସତ୍ତ୍ୱମାନେ ରହିଥିଲେ, ଉଦାହରଣସ୍ୱରୂପ, ଯେଉଁମାନେ ତୁଷାର-ବୃଷ୍ଟିର କ୍ଷେତ୍ରରେ କାର୍ଯ୍ୟ କରୁଥିଲେ, ତୁଷାରବୃଷ୍ଟି କରାଉଥିଲେ ଏବଂ କୌଣସି ଏକ ପ୍ରକୋଷ୍ଠରେ ପ୍ରବେଶ କରି କହି ମଧ୍ୟ ପାରୁଥିଲେ, "ଏଠାରେ ବର୍ତ୍ତମାନ ତୁଷାରବୃଷ୍ଟି ହେବ !" (ସେହି ଦେଶରେ ଆଦୌ କେବେହେଲେ ତୁଷାରପାତ ହୋଇ ନ ଥିଲା) "ତୁଷାରପାତ ହେବ ? କ'ଣ ଥଟ୍ଟା କରୁଛ ନା କ'ଣ ? ଏହି ସାହାରା ମରୁଭୂମିର ଉପକଣ୍ଠରେ ତୁଷାରପାତ ହେବ ?" "ଅବଶ୍ୟ ହେବ, କାରଣ ସେମାନେ ପାହାଡ଼ ଉପରେ ଫର୍ ଗଛମାନ ଲଗାଇଲେଣି ଏବଂ ଫର୍ ଗଛ ଦେଖିଲେ ଆମେମାନେ ଯାଇ ପହଞ୍ଚି ଯାଇଥାଉ। ଫର୍ ଗଛମାନେ ଆମକୁ ଡାକନ୍ତି; ତେଣୁ ଆମେମାନେ ଆସୁ।" ଏହିପରି ଭାବରେ ଏକ କଥୋପକଥନ ହୋଇଥିଲା ଏବଂ ତୁଷାରପାତ କରାଇବାର ଅନୁମତି ଲାଭ କରି କ୍ଷୁଦ୍ର ସତ୍ତ୍ୱଟି ସେଠାରୁ ଚାଲି ଯାଇଥିଲା; ସିଏ ଚାଲିଯିବା ପରେ ଚଟାଣ ଉପରେ ତରଳୁଥିବା ବରଫର ଏକ ସାନ ଅସ୍ତରଟିଏ ଦୃଷ୍ଟିଗୋଚର ହେଲା,—ବରଫ ତରଳି ପାଣିରେ ପରିଣତ ହୋଇ ଯାଉଥିଲା। ଏହା ଏକ ମୂର୍ତ୍ତ ଘଟନା ଥିଲା···ଏବଂ ପର୍ବତ ମଧ୍ୟ ତୁଷାର ଦ୍ୱାରା ଆଚ୍ଛାଦିତ ହୋଇଗଲା। ଅଲ୍‌ଜିରିଆରେ ତୁଷାରବୃଷ୍ଟି ହେଲା ! ଏହା ସାହାରା ମରୁଭୂମିର ଖୁବ୍ ନିକଟରେ, ମାତ୍ର ଅଳ୍ପ କେତେ କିଲୋମିଟର ଚାଲିଲେ ଯିବା ପରେ ସାହାରା ମରୁଭୂମି ଆରମ୍ଭ ହୋଇଯାଏ। କେହିଜଣେ ସହଜରେ ଫର୍ ଗଛ ଲଗାଇ ସେଠାରେ ପାହାଡ଼ଗୁଡ଼ିକୁ ଆବୃତ କରି ଦେଇଥିଲେ। "ଫର୍ ଗଛ ଶୀତପ୍ରଧାନ ଦେଶମାନଙ୍କର ଗଛ। ତୁମେ ଆମମାନଙ୍କୁ କାହିଁକି ଏଠାକୁ ଡାକୁଛ ? ତେବେ ଆମେ ଏଠାକୁ ଆସିବୁ।" ଏହା ଏକ ସତ୍ୟଘଟନା, ମୋଟେ ମନଗଢ଼ା କଥା ନୁହେଁ।

'oaob.nitrkl.ac.in' images reprocessed

ସବୁକିଛୁ ଭୂମର ସମୁଦ୍ଧତି ଉପରେ ନିର୍ଭର କରେ । ଏହି କ୍ଷେତ୍ରରେ ମଧ୍ୟ ପାଗର ବୈଜ୍ଞାନିକ ଅଧ୍ୟୟନ କରିଥିବା ବ୍ୟକ୍ତିମାନେ ଏହି ଘଟଣାଟିର ଏକ ବ୍ୟାଖ୍ୟା ଅବଶ୍ୟ ଦେଇଥାନ୍ତି । ମୁଁ ସେ ବିଷୟରେ କିଛି ଜାଣି ନାହିଁ; ସେମାନେ ଏହାର ଏକ ବ୍ୟାଖ୍ୟା ଦେବେ ବୋଲି ଇଚ୍ଛା କରନ୍ତି, ତାହାର ଏକ ବ୍ୟାଖ୍ୟା ଦେଇ ଦିଅନ୍ତି ।

(ଋତୁମାନଙ୍କର ନିୟମିତତା ସମ୍ବନ୍ଧରେ ମାଆଙ୍କୁ ଗୋଟିଏ ପ୍ରଶ୍ନ ପଚରା ଯାଇଥିଲା; ମାତ୍ର ପ୍ରତିଲିପି ନିମନ୍ତେ ସ୍ପଷ୍ଟ ଭାବରେ ତାହାକୁ ରେକର୍ଡ଼ କରି ରଖା ଯାଇ ନ ଥିଲା ।)

ନିୟମିତତା କହିଲେ ପ୍ରକୃତରେ କ'ଣ ବୁଝାଏ ? ମୁଁ ଭଲକରି ଜାଣିଛି ଯେ, ଏଠାକୁ ଆସିବା ପରଠାରୁ ମୁଁ ସମ୍ଭାବ୍ୟ ଯାବତୀୟ କଥା ଦେଖିବାକୁ ପାଇଛି ଏବଂ ମାତ୍ର ଅଳ୍ପ କେତୋଟି ଦିନହିଁ ମୁଁ ଏକଥା କହିପାରିଛି, "ବର୍ତ୍ତମାନ ଆମେ ସମ୍ପୂର୍ଣ୍ଣ ଗ୍ରୀଷ୍ମକାଳ ଦେଇ ଗତି କରୁଛୁ, ପାଗ ମଧ୍ୟ ଗ୍ରୀଷ୍ମକାଳର ପାଗ ପରି ହୋଇଛି ।" ଏବଂ ମୁଁ ନଭେମ୍ବର ମାସର ଆରମ୍ଭରେ ଏପରି କହିଥିଲି । ଏବର୍ଷ ମଇମାସରେ ଯେତେ ଗରମ ହେଲା, ସେତେବେଳେ ତା'ଠାରୁ ଅଧିକ ଗରମ ହୋଇଥିଲା । ଆମେ ଏହିପରି ଭାବରେ କେବଳ ଚନ୍ତାହିଁ କରିଥାଉ : "ବର୍ତ୍ତମାନ ଗ୍ରୀଷ୍ମ ହୋଇଛି, ଏହାପରେ ଶରତଋତୁ ଆସିବ, ତା'ପରେ ଶୀତଋତୁ ଆସିବ ।" ଏବଂ ଆମେ ଏହିପରି ଭାବରେ ନିଜକୁ ଅନୁକୂଳିତ କରି ନେଇଥାଉ, ମାତ୍ର, ତାହା ପ୍ରକୃତରେ ସତ୍ୟ ନୁହେଁ । ହଁ, ସେହିପରି ଅନେକ କଥା ହୁଏ । ଏହି ଦେଶର ଲୋକମାନେ ମୋତେ କହୁଥିଲେ,...ଦ୍ୱିତୀୟ ଥର ଆସିବା ବେଳେ ମୁଁ ଏପ୍ରିଲ୍ ମାସରେ ଆସିଥିଲି ପ୍ରଥମ ଥର ତ ମାର୍ଚ୍ଚ ମାସ ୨୯ ତାରିଖରେ ଆସିଥିଲି । ମାର୍ଚ୍ଚ ଗଲେ ଏପ୍ରିଲ୍ । ସେତେବେଳେ ସମସ୍ତେ ଏହିପରି ବୁଝୁଥିଲେ : ଏଠାରେ ତିନମାସ ପର୍ଯ୍ୟନ୍ତ ଆଦୌ ବର୍ଷା ହେଉ ନ ଥିଲା,—କାଦୁଏ ମଧ୍ୟ ହେଉ ନ ଥିଲା, ସବୁକିଛି ଶୁଷ୍କ ହୋଇ ରହୁଥିଲା; ଛାତ ଉପରେ ବିଛା ଯାଇଥିବା ପତ୍ରଗୁଡ଼ିକ ଏପରି ଶୁଖି ଯାଉଥିଲେ ଯେ, ବେଳେବେଳେ ସେଥିରେ ହଠାତ୍ ନିଆଁ ଲାଗି ଯାଉଥିଲା । ମୁଁ ଆସି ପହଞ୍ଚିଲି ଏବଂ ଘୋର ବର୍ଷା ହେଲା । ଲୋକମାନେ ମୋ'ଆଡ଼କୁ ଅନାଇବାକୁ ଲାଗିଲେ (ଏଠାରେ ଲୋକମାନଙ୍କର କାହାକୁ ପରମାଣରେ ଏପରି ଏକ ଅନୁଭୂତ ରହିଛି ଯାହାକୁ କି ସମ୍ପୂର୍ଣ୍ଣ ଭାବରେ ଏକ ଯାନ୍ତ୍ରିକ ନିୟମର ଅଧୀନ ବୋଲି ବୁଝାଯାଇ ପାରିବ ନାହିଁ ।) "ଏବନେ କପରି ବର୍ଷା ହେଲା ?" ମୁଁ ଉତ୍ତର ଦେଇ କହିଲି, "କେଜାଣି କପରି ହେଲା ? ମୁଁ ଏକଥା କରି ନାହିଁ, କିନ୍ତୁ ବର୍ଷା ସହିତ ମୋ'ର ବନ୍ଧୁତା ଅଛି ।"

'oaob.nitrkl.ac.in' images reprocessed

ମୁଁ ଥରେ ଦକ୍ଷିଣ ଫ୍ରାନ୍ସର ଘ'କୁ ଯାଇଥିଲି; ଯେଉଁ ସମୟରେ ଯାଇଥିଲି, ସେତେବେଳେ ସେଠାରେ ମୋଟେ ବର୍ଷା ହୁଏ ନାହିଁ । ଯେଉଁମାନେ ସେମାନଙ୍କର ପିଲାଦିନରୁ ଘଟିଥିବା ଘଟଣାଗୁଡ଼ିକୁ ମନେ କରି ପାରୁଥିଲେ, ସେମାନେ ବର୍ଷର ଏହି ସମୟରେ ଅଳ୍ପ ଏ ବୃଷ୍ଟିର ମଧ୍ୟ ଦର୍ଶନ କରି ନ ଥିଲେ,— ମାତ୍ର ସେଥର ସେଠାରେ ମୁଷଳଧାରରେ ବୃଷ୍ଟି ହେଲା ।

ମୁଁ ଥରେ ଦକ୍ଷିଣ ଆଲ୍‌ଜିରିଆକୁ ଗଲି,—ସବୁଦିନ ପରି ସେଠାରେ ଜଳବାୟୁ ଶୁଷ୍କ ଥିଲା ଏବଂ ଦାରୁଣ ଗ୍ରୀଷ୍ମ ହେଉଥିଲା । ସେଠାରେ ମଧ୍ୟ ବର୍ଷା ହେବାକୁ ଆରମ୍ଭ କଲା । (ସମସ୍ତେ ହସିଲେ)

ଏବଂ ଏଠାରେ ଠିକ୍ ସେହି କଥାଟି ଘଟିଲା, ଏବଂ ସମସ୍ତେ କହିଲେ ଯେ ସେମାନେ ଏହି ସମୟରେ ବର୍ଷା ହେବାର ପୂର୍ବରୁ କେବଳ ଥରେ ମାତ୍ର ଦେଖିଥିଲେ । ମୁଁ ଆଉ ଅଧିକ କିଛି ଜାଣି ନାହିଁ···ପ୍ରାୟ ଦୁଇଶହ ବର୍ଷ ତଳେ ସେଠାରେ ବୃଷ୍ଟି ହୋଇଥିଲା । ସେମାନେ ତାହା ମନେ ରଖିଥିଲେ, ମନେ ରଖିଥିଲେ ଯେ, କେହିଜଣେ ଆସିବା ଫଳରେ ସେହି ବର୍ଷା ହୋଇଥିଲା ଏବଂ ସେମାନେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଏକ ଶୁଭ ନିଦର୍ଶନ ବୋଲି ଗ୍ରହଣ କରିଥିଲେ, ଏହା ଏକ ଅସାଧାରଣ ସୌଭାଗ୍ୟର ସଙ୍କେତ ଥିଲା ବୋଲି ଭାବିଥିଲେ । ଏଠାରେ ଲୋକମାନଙ୍କର ଶୁଭ ଓ ଅଶୁଭ ସମୟ ବିଷୟରେ ନାନା ଧାରଣା ରହିଥିଲା, ଶୁଭ ଓ ଅଶୁଭ ଘଟଣାଗୁଡ଼ିକ ବିଷୟରେ ମଧ୍ୟ ନାନା ଧାରଣା ଥିଲା । ଏବଂ, ସାଧାରଣତଃ ବୃଷ୍ଟି ନ ହେଉଥିବା ସମୟରେ ଯଦି କେହି ସେଠାରେ ଆସି ପହଞ୍ଚେ ଏବଂ ତା'ପରେ ବର୍ଷା ହୁଏ, ସେମାନେ ତାହାକୁ ଏକ ଅତୀବ ଶୁଭ ଘଟଣା ବୋଲି ବିଚାର କରନ୍ତି ।

ତେଣୁ, ବସ୍ତୁଗୁଡ଼ିକୁ ଆମେ ଯେପରି ଭାବରେ ଦେଖିବା, ସେଗୁଡ଼ିକ ସେପରି ଭାବରେ ହେବ । ମାତ୍ର ମୁଁ ଏହିଭଳି ଅନ୍ୟ ଅନେକ କଥା ମଧ୍ୟ ଦେଖିଛି, କିନ୍ତୁ ସେଗୁଡ଼ିକ ଆଦୌ ସୁଖକର ନୁହେଁ । ଯେଉଁ କାଳରୁ ମନୁଷ୍ୟମାନେ ସେମାନଙ୍କ ଲାଗି ଅଜ୍ଞାତ ହୋଇ ରହିଥିବା ବସ୍ତୁଗୁଡ଼ିକର ଉଦ୍ଭାବନ କରି—ଉଦ୍ଭାବନ କରି ନୁହେଁ, ଆବିଷ୍କାର କରି—ସେଗୁଡ଼ିକ ସହିତ ସାନପିଲାଙ୍କ ପରି ଖେଳିବାକୁ ଆରମ୍ଭ କରିଛନ୍ତି ଏବଂ ପରମାଣୁ ବୋମା ଓ ସେହିଭଳି ଆହୁରି ଅନେକ ଅଧିକ ଭୟାନକ ଜିନିଷର ନିର୍ମାଣ କରିଛନ୍ତି, ସେହି କାଳରୁ ଏସବୁ କଥା ଘଟିଛି । ଏହା ଫଳରେ ଏହିସବୁ ଯାବତୀୟ କ୍ଷୁଦ୍ର ସତ୍ତ୍ୱମାନେ ପ୍ରକୃତରେ ଭୟଙ୍କର ଭାବରେ ବାଧାପ୍ରାପ୍ତ ହୋଇଛନ୍ତି । ସେମାନେ ଆଗରୁ ନିଜସ୍ୱ ଏକ ନିର୍ଦ୍ଦିଷ୍ଟ ଧାରା ଓ ଛନ୍ଦରେ ବାସ କରି ଆସୁଥିଲେ ଏବଂ ଆଗରୁ ଦୃଷ୍ଟ ହୋଇ ପାରୁଥିବା ଅନେକ ଘଟଣା ଉପରେ ସେମାନେ ଅତ୍ୟନ୍ତ ଭଲଭାବରେ ଏକ ନିୟନ୍ତ୍ରଣ ରଖି ପାରୁଥିଲେ । ଏହି ନୂତନ

'oaob.nitrkl.ac.in' images reprocessed

ପରିସ୍ଥିତି ସେମାନଙ୍କୁ ଅତିରିକ୍ତ ପରିମାଣରେ ବାଧାପ୍ରାପ୍ତ କରିଛି, ସେମାନେ ଏହି ଦ୍ୱାରା ଭୟଙ୍କର ଭାବରେ କଷ୍ଟ ଭୋଗିଛନ୍ତି; ଫଳରେ ଆପଣାର ଅକଲ ହରାଇ ବସିଛନ୍ତି; ପ୍ରକୃତରେ କ'ଣସବୁ କରୁଛନ୍ତି, ସେହି ବିଷୟରେ କିଛି ଜାଣି ପାରୁ ନାହାନ୍ତି ।

ମହାଯୁଦ୍ଧର ଶେଷ ପର୍ଯ୍ୟାୟ ବେଳକୁ ଗୋଟିଏ ସମୟ ଆସିଥିଲା, ଯେତେବେଳେ କି ତେଣେ ଯାବତୀୟ ବିଷୟ ପ୍ରକୃତରେ ଅତ୍ୟନ୍ତ ଭୀଷଣ ଭାବରେ ଅସ୍ୱାଭାବିକତାମୟ ହୋଇ ପଡ଼ିଥିଲା, ସେମାନେ ଏକ ପ୍ରକାରର ଅସମ୍ଭବତାମୟ ପରିସ୍ଥିତିରେ ବାସ କରୁଥିଲେ । ଏବଂ, ଏହି ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିଗୁଡ଼ିକ ଲାଗି ରହିଥିବାରୁ ସେମାନେ ଏବେ ମଧ୍ୟ ସେମାନଙ୍କର ଆତଙ୍କ-ଅବସ୍ଥାଟି ମଧ୍ୟରୁ ବାହାରି ଆସିପାରି ନାହାନ୍ତି । ସେମାନେ ଆତଙ୍କଗ୍ରସ୍ତ ହୋଇ ରହିଛନ୍ତି । ପ୍ରକୃତରେ ମନୁଷ୍ୟମାନେ ଏଭଳି ନାନା ବସ୍ତୁକୁ ନେଇ ଖେଳିବାରେ ଲାଗିଛନ୍ତି, ଯେଉଁଗୁଡ଼ିକୁ କି ସେମାନେ କେବଳ ବାହାରୁହିଁ ଜାଣିଛନ୍ତି, ଅର୍ଥାତ୍, ଯଥାର୍ଥରେ ଆଦୌ ଜାଣି ନାହାନ୍ତି । ସେଗୁଡ଼ିକର ଅନୁଚିତ ବ୍ୟବହାର କରିବା ଲାଗି ଯେତିକି ଜ୍ଞାନ ଦରକାର, ସେମାନଙ୍କର କେବଳ ସେତିକି ଜ୍ଞାନ ରହିଛି । ତେଣୁ, ହାଁ, ଯେକୌଣସି ଘଟଣା ଘଟିବାର ମଧ୍ୟ ଆଶଙ୍କା ରହିଛି; ପ୍ରାଚୀନ କାଳରୁ ଭବିଷ୍ୟବାଣୀ କରି ଯାଇଥିବା ଦୁର୍ବିପାକମାନ ଘଟିବାର ବି ଆଶଙ୍କା ରହିଛି । ଏହା ହୁଏତ ଘଟି ମଧ୍ୟପାରେ···ଏହା···ଏହି କ୍ଷେତ୍ରରେ ପ୍ରକୃତରେ କ'ଣ ହସ୍ତକ୍ଷେପ କରିବାକୁ ଆସିବ, ସବୁ ତାହାରି ଉପରେହିଁ ନିର୍ଭର କରେ ।

ଏହି କ୍ଷେତ୍ରରେ ଅବଶ୍ୟ କିଛି କରିବାକୁ ଅଛି । ଏକଥା ମୁଁ ତୁମ୍ଭମାନଙ୍କୁ କହିଥିଲି । ମୁଁ କହିଥିଲି, "ଯଦି ତୁମେମାନେ ବର୍ଷା ନ ହେଉ ବୋଲି ଇଚ୍ଛା କରୁଛ, ତେବେ ପ୍ରାର୍ଥନା କର ।" ତୁମେମାନେ ତାହାକୁ ଥଟ୍ଟା ବୋଲି ମନେ କଲ ।

ଏହି ବର୍ଷା ହେବାର କାରଣ କ'ଣ ?

ମୋର ମନେ ହେଉଛି ··· କେଉଁଠି ଜିନିଷ କିଛି ଦୋଷ ରହିଯାଇଛି । କେହି ଅପ୍ରସନ୍ନ ହୋଇଛି···କିଏ ଅପ୍ରସନ୍ନ ହୋଇଛି ?

ଆମେ ମାସର ପହିଲା ଦିନ* ଯାହାକିଛି କରିବା, ତାହା କ'ଣ ଆଉ କାହାର କ୍ରୋଧର କାରଣ ହେବ ବୋଲି ଆଶଙ୍କା ଥାଏ କି ?

*ଡିସେମ୍ବର ପହିଲା ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବାର୍ଷିକ କାର୍ଯ୍ୟକ୍ରମର ଦିନ । ୧୯୫୫ ମସିହାରେ ଏହି କାର୍ଯ୍ୟକ୍ରମ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା ଏବଂ ସେଠାରେ ଦର୍ଶକମାନେ ମୁକ୍ତ ଆକାଶତଳେ ବସିଥିଲେ ।

'oaob.nitrkl.ac.in' images reprocessed

ଆମେ କ'ଣ କରୁ, ସେକଥା ଆଦୌ ନୁହେଁ । ସମ୍ଭବତଃ, କାର୍ଯ୍ୟଟିକୁ ଆମେ ଯେପରି ଭାବରେ କରୁ, ତାହାର ଭିତରେ କିଛି ନା କିଛି ରହି ଯାଇଥାଏ । ତୁମେମାନେ ମୁଁ କିଛି କହେ ବୋଲି ଇଚ୍ଛା କରୁଛ...ବସ୍ତୁଗୁଡ଼ିକ ବିଷୟରେ ମୋ'ର ଅଭିଜ୍ଞତାଗୁଡ଼ିକୁ ମୁଁ କହେ ବୋଲି ଇଚ୍ଛା କରୁଛ...କାରଣ ଏହି ସବୁକିଛି ମୋତେ ଖୁବ ଆଗ୍ରହୋଦ୍ଦୀପକ ବୋଧ ହୁଏ ଓ ମୁଁ ସେଗୁଡ଼ିକୁ ନିରୀକ୍ଷଣ କରୁଥାଏ । ଦୁର୍ଭାଗ୍ୟବଶତଃ କେବଳ ଦର୍ଶକ ହୋଇ ଦେଖୁଥାଏ, କୌଣସି ହସ୍ତକ୍ଷେପ କରେ ନାହିଁ । ଏହିସବୁ ବିଷୟରେ ମୋତେ ହସ୍ତକ୍ଷେପ କରିବାକୁ ସମ୍ମତ କରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର । ତଥାପି ମୁଁ ଜାଣିବାକୁ ଇଚ୍ଛା କରୁଥିଲି ଓ ନିରୀକ୍ଷଣ କରୁଥିଲି । ... ଏବଂ ଆଜି ... ଆଜି ମୁଁ ଏହି କଥାଟିକୁ ଦେଖିଲି । ଏହି କଥାଟିକୁ କିପରି ଶବ୍ଦ ଦେଇ କହି ହେବ ?...ଏହା ଶୁଣାଯାଏ ନାହିଁ କିଂବା ଦେଖା ବି ଯାଏ ନାହିଁ, ଏହା ଯୁଗପତ୍ ଭାବରେ ଶୁଣାଯାଏ, ଦେଖି ହୁଏ, ଜ୍ଞାତ ମଧ୍ୟ ହୁଏ, — ତୁମେମାନେ ଆଉ ଯାହାକିଛି କହିବ, ସେକଥା ମଧ୍ୟ ହୁଏ ।

ତୁମେମାନେ ଏହି ଯାବତୀୟ ଯାହାସବୁ କାର୍ଯ୍ୟ କରୁଛ, ଏଥିଲାଗି ପ୍ରାୟ ବର୍ଷେ ସମୟ ଲାଗିଛି — ତୁମେ ଏହିସବୁ ଯାବତୀୟ ଉଦ୍ୟମ କରୁଛ, ଯାବତୀୟ ଅସୁବିଧା ଓ ବାଧାକୁ ପାର ହୋଇଛ, ଦିବ୍ୟ ପରମକର୍ମ ଲାଗି ଏକ ଉତ୍ସର୍ଗରୂପେ ତୁମେମାନେ ଏସବୁ କରୁଛ, ନିଜର ସକଳ ନିଷ୍ଠା ଏବଂ ସଦିଚ୍ଛା ସହିତ କରୁଛ, ଆପଣାର ସର୍ବୋତ୍ତମ ସାମର୍ଥ୍ୟ ତଥା ପରିପୂର୍ଣ୍ଣ ସହୃଦୟତା ସହିତ କରୁଛ । ଆପଣାର ଯଥାଶକ୍ତି ସବୁକିଛିକୁ କାମରେ ଲଗାଇ ତୁମେ ଏହା କରୁଛ । ଓ କିଛି ପରିମାଣରେ ସଫଳତା ବି ଲାଭ କରୁଛ । ସର୍ବୋପରି, ଯଥାସମ୍ଭବ ସୁରୁଚିପୂର୍ଣ୍ଣ ଭାବରେ ଯାବତୀୟ କାର୍ଯ୍ୟ କରୁଛ । ଏବଂ ତା' ସହିତ ରହିଛି "ଏହି କଥାଟିକୁ"—ତାହାକୁ ଅବଶ୍ୟ କିଛିଟା ଅକୁଶଳ ବୋଲି ବୁଝାଯିବ, — ଯୋଡ଼ି ମଧ୍ୟ ଦିଆଯାଇଛି : "ତୁମେ କ'ଣ କରୁଛ, ତାହାକୁ କେତେଜଣ ନିର୍ବୋଧ ବ୍ୟକ୍ତି ଦେଖିଲେ ବା ନ ଦେଖିଲେ ତୁମର ପ୍ରକୃତରେ କ'ଣ ଯାଏ ଆସେ ? ବର୍ତ୍ତମାନ ତୁମେମାନେ କାର୍ଯ୍ୟଟିକୁ କରୁଛ, ସେଇଟିକୁ ସମ୍ପନ୍ନ କରିପାରୁଛ; ତୁମେମାନେ କ'ଣ କରିପାରିବ, ତାହାକୁ ଦର୍ଶାଇ ଦେଉଛ । କେତେଜଣ ନିର୍ବୋଧ ଦର୍ଶକ ତାହାକୁ ଦେଖିଲେ ବା ନ ଦେଖିଲେ, ସେଥିରେ ତୁମମାନଙ୍କର କ'ଣ ଯାଏ ଆସେ ?" କଥାଟି ପ୍ରକୃତରେ ଅତ୍ୟନ୍ତ ସୁସ୍ପଷ୍ଟ ହୋଇ ରହିଥିଲା । ମୁଁ ସେହି କଥାଟିକୁହିଁ ବ୍ୟକ୍ତ କରୁଛି, ବ୍ୟକ୍ତ କରିବା ସମୟରେ ସେଥିରୁ କିଛି ଅଂଶ ବାହାର କରି ନେଇଯାଉଛି । ଏହାକୁ ଚେତନାର ଏକ ସ୍ଥିତି ବୋଲି ବୁଝାଯିବ, ଏବଂ ତା'ପରେ, ଏହା ମୋତେ କିଛିଟା ପରିମାଣରେ ବିଚଳିତ କରିଦେଲା, କାରଣ ... ବିଚଳିତ କରିଦେଲା ! ଏହାକୁ କହିବାର ଏକ ସ୍ତର ବୋଲିହିଁ ବୁଝାଯିବ ... ମୁଁ ମନେ ମନେ କହିଲି : "ହେ ଭଗବାନ୍, ଯଦି କଥାଟି

'oaob.nitrkl.ac.in' images reprocessed

ଶେଷକୁ ଏହିପରିହିଁ ହୋଇଥାଏ, ତେବେ ବର୍ଷା ବନ୍ଦ ହେବ ବୋଲି ଆମେ ଆଦୌ ନିଶ୍ଚିତ ହୋଇ ପାରିବା ନାହିଁ । କାରଣ, ଆମେ ଯାହାକିଛି କରୁଛୁ, ତାହାକୁ ପ୍ରାୟ ଏକ ହଜାର ମଣିଷ ଆସି ଦେଖିବା ଯଦି ପ୍ରକୃତରେ କୌଣସି ପ୍ରକାରେ ମହତ୍ତ୍ୱପୂର୍ଣ୍ଣ ହୋଇ ନ ଥାଏ, ଯଦି ଆମେ ଯାହା ଉତ୍ସର୍ଗ କରୁଛୁ, ତାହା ଯଥାସମ୍ଭବ ଅଧିକ ସୁନ୍ଦର ରୂପେ ସମସ୍ତ ହୃଦୟ ଦେଇ କରାଯାଇଥିବା ଏକ ଉତ୍ସର୍ଗୀକୃତ କାର୍ଯ୍ୟରୂପେ ଗୃହୀତ ହୋଇଥାଏ, ତେବେ ଫଳ ସମ୍ବନ୍ଧରେ ଆଦୌ ବ୍ୟସ୍ତ ନ ହେବାକୁହିଁ ଏହି କ୍ଷେତ୍ରରେ ଉଚିତ ଦୃଷ୍ଟିକୋଣ ବୋଲି କୁହାଯିବ — ଆମେ ଫଳ ବିଷୟରେ ଆଦୌ କିଛିହେଲେ ଭାବିବା ନାହିଁ । କାରଣ, ତେବେ, ସମ୍ଭବତଃ, ଏହି ବର୍ଷା ଲାଗି ରହିଥିବ ।"

ମୁଁ ମୋର ଅନୁସନ୍ଧାନ ଅବ୍ୟାହତ ରଖିଛି; କ'ଣ ଘଟିବ, ମୁଁ ସେବିଷୟରେ କିଛି ଜାଣି ନାହିଁ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ମୁଁ ତୁମମାନଙ୍କୁ ଅବଶ୍ୟ କହିବି ଯେ, ବର୍ଷା ବନ୍ଦ କରିବା ବିଷୟରେ ମୁଁ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଗ୍ରହଣ କରି ନାହିଁ । ମୁଁ କେବଳ ପର୍ଯ୍ୟବେକ୍ଷଣ କରିବାର ଅବସ୍ଥାରେହିଁ ରହିଛି । କ'ଣ ହେବ ଦେଖାଯିବ । ମାତ୍ର, ଏହା ପ୍ରକୃତରେ ଅତ୍ୟନ୍ତ ଚିତ୍ତାକର୍ଷକ । ମୁଁ ଭାବୁଥିଲି, "ଏପରି କେହି ବ୍ୟକ୍ତି ଥିଲେ ଯିଏକି ଏହା ଭିତରେ ଏକ ଅହଂପ୍ରଣୋଦିତ ଏବଂ ଆତ୍ମସ୍ୱାର୍ଥମୟ ଭାବକୁ ଆଣି ପୁରାଇଦେଲେ ଏବଂ, କାର୍ଯ୍ୟଟିକୁ ଯଥାର୍ଥ ଭାବନା ସହିତ ଯେପରି ଭାବରେ କରିବା ଉଚିତ, ସେପରି ଆଦୌ କଲେ ନାହିଁ ? ତେବେ ପ୍ରମାଦଟି ପ୍ରକୃତରେ କେଉଁଠାରେ ରହିଲା ?" ଏହିପରି ଭାବରେ ଭାବୁଥିଲି । ଏଥିରେ ଏସବୁ କିଛି ନ ଥିଲା । ଆମେ ଯାହାକିଛି କରୁଛୁ, ଆମର ସେବିଷୟରେ ପୂର୍ଣ୍ଣ ସନ୍ତୋଷ ରହିଥିଲା । କାର୍ଯ୍ୟଟି ସୁନ୍ଦର ଭାବରେ ଉଚିତ ଭାବନା ସହିତ ହୋଇଥିଲା, ଆମର ଯଥାଶକ୍ତି ଉତ୍ତମ ଭାବରେ ହୋଇଥିଲା । ଏଥିରେ ସମସ୍ତେ ଖୁସି ଥିଲେ । ମାତ୍ର କେଉଁଠି ଏକ ଅକୁଶଳତା ଆସି ପଶିଗଲା । ଏହାକୁ ଅକୁଶଳତା ବୋଲି କୁହାଯିବ କି ? ଏହା ତା'ଠାରୁ ଆହୁରି ଅଧିକ ଉଚ୍ଚରେ ଥିବା ଗୋଟିଏ କଥା : ଏହାକୁ ଏକ ମନ୍ତବ୍ୟ ବୋଲି କୁହାଯିବ । ଦୁର୍ଭାଗ୍ୟବଶତଃ ଏହାହିଁ ହେଉଛି ପ୍ରକୃତ ଘଟନା, ଏଥିରେ ମୁଁ ଆଦୌ ପକ୍ଷ ଗ୍ରହଣ କରିପାରିବି ନାହିଁ । କେବଳ ଚୁହିଁକରି ଦେଖିବି, ବେଶ୍ ମଜା ଲାଗିବ । (ସମସ୍ତେ ହସିଲେ)

ମୁଁ ଅବଶ୍ୟ ଏକଥା କହିବି ଯେ, ଯଦି ମୁଁ ତୁମେ ଏପରି ଉତ୍ତମ ଭାବରେ କରିଥିବା ଏହି ଯାବତୀୟ ପ୍ରୟାସଗୁଡ଼ିକ ବିଷୟରେ ବିଚାର କରିବାକୁ ଯିବି, ତେବେ ନିଜକୁ ଅବଶ୍ୟ କହିବି, "ସେଗୁଡ଼ିକ ପ୍ରକୃତରେ ଖୁବ ଭଲ, ସେମାନଙ୍କର ସେସବୁକୁ ପ୍ରକୃତରେ ଦେଖାଇ ପାରିବା ଉଚିତ ।" ମାତ୍ର, କଥାଟି ଏହିପରି ହୋଇ ଯାଇଛି, ଏହି କ୍ଷେତ୍ରରେ କୌଣସି ଇଚ୍ଛା ଜାଗ୍ରତ ହୋଇ "ହଁ, ସେହିପରି

'oaob.nitrkl.ac.in' images reprocessed

ହେବ" ବୋଲି କହି ପାରୁ ନାହିଁ । ସେଇଟି ଜାଗ୍ରତ ହୋଇ ପାରିଲେ ତେଣିକି ସବୁକିଛି ଭଲ ହୋଇଯିବ, ସମସ୍ତେ ବୋଲି ମାନିବେ, ଏପରିକି ସେହି କ୍ଷୁଦ୍ର ସତ୍ତାଗୁଡ଼ିକ ମଧ୍ୟ ବୋଲି ମାନିବେ । ସେଇଥିପାଇଁ ମୁଁ ତୁମମାନଙ୍କୁ କହିଲି "ତୁମେ ସେମାନଙ୍କୁ ପ୍ରାର୍ଥନା କର ।" କାରଣ, ଯଦି ପ୍ରାର୍ଥନା କରିବାକୁ ଆରମ୍ଭ କରିବ, ତେବେ ସେହି ପ୍ରାର୍ଥନାରେ ମୁଁ ଅବଶ୍ୟ ତୁମମାନଙ୍କ ସହିତ ରହିଥିବି । ଅସଲି କୌଶଳଟି ହେଉଛି ଏହିପରି । (ସମସ୍ତେ ହସିଲେ)

ଉଦ୍ୟମଟି ପ୍ରକୃତରେ ସନ୍ତୋଷଜନକ ହୋଇଛି କି ?

ହଁ, ମନୁଷ୍ୟର କେତେ ସାମର୍ଥ୍ୟ ରହିଛି ଓ କ'ଣ କରିବା ସମ୍ଭବ ହୋଇ ପାରିବ, ନିଜକୁ ତାହାର ବାହ୍ୟ ଦୃଷ୍ଟିବିନ୍ଦୁଟି ଉପରେ ରଖି ମୁଁ ଯଦି କଥାଟିର ବିଚାର କରେ, ତେବେ ମୋତେ ଅବଶ୍ୟ କହିବାକୁ ପଡ଼ିବ, "ଆହୁରି ଅଧିକ ଭଲ କି ହୋଇଆନ୍ତା ।" ମାତ୍ର ଏହି ବସ୍ତୁକୁ ସେଆଡ଼େ ଆଦୌ ଦୃଷ୍ଟିପାତ କରେ ନାହିଁ । ସେହି ବିଷୟରେହିଁ ମୁଁ କାଲି ତୁମମାନଙ୍କୁ କହୁଥିଲି; ତାହା ଉଦ୍ୟମଟିକୁ ତାହାର ଗଭୀରତର ଅର୍ଥରେ ଗ୍ରହଣ କରିଥାଏ, ସମ୍ପାଦିତ ହେଉଥିବା ଉତ୍ସର୍ଗଟି ରୂପେ ତାହାକୁ ଗ୍ରହଣ କରେ ।

ଆମେ ଜାଣୁ ଯେ, ଆମେ ଏହି ବିଷୟରେ ଅନେକ ଥର କହିଛୁ, ଯାବତୀୟ କାର୍ଯ୍ୟ ହେଉଛି ଶରୀରକୁ ସାଧନରୂପେ ବ୍ୟବହାର କରି କରା ଯାଉଥିବା ଏକ ପ୍ରାର୍ଥନା ଏବଂ ଦିବ୍ୟ ପରମସତ୍ତାଙ୍କ ପାଇଁ ଏକ ଉତ୍ସର୍ଗୀକୃତ ମନୋଭାବହିଁ ଯାବତୀୟ କର୍ମର ଯଥାର୍ଥ ମନୋଭାବ । ତେଣୁ, ଆମେ କୌଣସି କାର୍ଯ୍ୟକୁ ଯେଉଁ ଧାରାରେ କରିବା, ତାହାହିଁ ସେହି ସର୍ତ୍ତଟିକୁ ପୂରଣ କରିପାରିବ । ମୁଁ ଯେପରି କହୁଥିଲି, ବସ୍ତୁଗୁଡ଼ିକ ଯେପରି ହେବା ଉଚିତ, ସେପରି ନ ହୋଇଥିବା କିଛି ହେଲେ ଏଥିଭିତରେ ରହିଛି କି ନାହିଁ, ମୁଁ ସେହି କଥାଟିକୁହିଁ ଅନାଇ ଦେଖୁଥିଲି । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଅବଲୋକନ କରୁଥିବା ଏହି ଚେତନାର ଆଖିକୁ ଏହା ସନ୍ତୋଷଜନକ ବୋଲିହିଁ ଦେଖା ଯାଇଥିଲା । ସ୍ଥୂଳ ଦୃଷ୍ଟିରୁ କହିଲେ, ମୁଁ କହିଥିଲି ଯେ "ବାହ୍ୟ ମନୁଷ୍ୟ ଚେତନା ଅନୁସାରେ ଦେଖିଲେ, ଏଇଟିକୁ ଅନେକ ଅଧିକ ଭଲ ଭାବରେ ଅବଶ୍ୟ କରାହୋଇ ପାରିବ ।" ସେହି କଥାରେ ପ୍ରକୃତରେ ଆଦୌ କୌଣସି ସନ୍ଦେହ ନାହିଁ, ଆମେ ପରିପୂର୍ଣ୍ଣଭାବ ସବା ଉଚ୍ଚ ସ୍ଥାନଟିକୁ କଦାପି ଆସି ପାରି ନାହୁଁ, ଏବେ ମଧ୍ୟ ଅନେକ ଦୂରରେ ରହିଛୁ; ମାତ୍ର ଏହି କଥାଟିକୁ ମଧ୍ୟ ଅବଶ୍ୟ ବୁଝାଯିବ ଯେ, ଏହା ହେଉଛି ଆମର ସମଗ୍ର କାର୍ଯ୍ୟକଳାପର ଗୋଟିଏ ଅତ୍ୟଳ୍ପ କ୍ଷୁଦ୍ର ଅଂଶମାତ୍ର···ଆମେ ପ୍ରକୃତରେ ଏତକଠାରୁ ଅନେକ ଅଧିକ ପାଇଁ ପ୍ରୟାସ କରୁଛୁ, ଏଇଟି ହେଉଛି ଆମ ସାଧନାର

'oaob.nitrkl.ac.in' images reprocessed

କେବଳ ଗୋଟିଏ ମାତ୍ର ଗଣ୍ଡକ୍ଷେତ୍ର । ଏଇଟି ବ୍ୟାପାର ଆମେ ଆଜିର କେତେ କେତେ ବିଷୟରେ କାର୍ଯ୍ୟରତ ହୋଇ ରହିଛୁ...ଏବଂ, ମାନସିକ ପରିପୂର୍ଣ୍ଣତାର ବିଧାନଗୁଡ଼ିକ ଦାବି କରୁଥିବା ସମ୍ପନ୍ନତାର ମାନଦଣ୍ଡ ଅନୁସାରେ ଏହିପରି କିଛି ସମ୍ପାଦିତ କରି ପାରିବାକୁ ହେଲେ ଅନନ୍ତଗୁଣ ଅଧିକ ସମୟ, ଅଧିକ କାର୍ଯ୍ୟ ଓ ଅଧିକ ସାଧନ ଅବଶ୍ୟ ଆବଶ୍ୟକ ହୋଇଥାନ୍ତା । ମାତ୍ର ଆମେ ନିର୍ଦ୍ଦିଷ୍ଟ ଭାବରେ ଏଇଠାରେ ଅଥବା ସେଇଠାରେ ଏକକ ପରିପୂର୍ଣ୍ଣତା ଲାଭ କରିବାକୁ ଆଦୌ ଚେଷ୍ଟା ନାହୁଁ, ଆମେ ପ୍ରତ୍ୟେକ ବସ୍ତୁକୁ ଏକତ୍ର ଏକ ସାଧାରଣ ଓ ପୂର୍ଣ୍ଣାଙ୍ଗ ପରିପୂର୍ଣ୍ଣତା ଆଡ଼କୁ ପରିଚାଳିତ କରିନେବାକୁ ଇଚ୍ଛା କରୁଛୁ । ଏବଂ, ସେଥିରେ ଏହି ବିଷୟଗୁଡ଼ିକର ମଧ୍ୟ ନିଜସ୍ୱ ସ୍ଥାନ ଏବଂ ମହତ୍ତ୍ୱ ଅବଶ୍ୟ ରହିଛି, ମାତ୍ର ଆଉ ଅନ୍ୟଗୁଡ଼ିକୁ ବାଦ୍ ଦେଇ ଏଥିରେ ଏଇଟି ଲାଗି ଆଦୌ କୌଣସି ଏକକ ସ୍ଥାନ କିଂବା ଏକକ ମହତ୍ତ୍ୱ ନାହିଁ । ତେଣୁ, ବାହ୍ୟ ଦୃଷ୍ଟିକୋଣରୁ ବିଚାର କରି ଜଣେ ହୁଏତ ସମାଲୋଚନା କରିବ ଅଥବା କିଛି କହିବାକୁ ଉଦ୍ୟତ ହେବ ସତ, ମାତ୍ର ଅସଲ୍ କଥାଟି ଆଦୌ ସେପରି ନୁହେଁ । ଅନ୍ତର୍ଗତ ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହା ସବୁ ଭିନ୍ନ ହୋଇଛି ।

ତୁମେମାନେ ଜାଣିଥିବ, ନବାଗତ, ଅତିଥି ଓ ପରିଦର୍ଶକମାନଙ୍କ କ୍ଷେତ୍ରରେ ସବୁବେଳେ ଏହିପରି ଘଟିଥାଏ; ଯେଉଁମାନେ କେବଳ ସାଧାରଣ ମନୁଷ୍ୟସୁଲଭ ମାନସିକ ରଚନାଗୁଡ଼ିକୁ ସାଙ୍ଗରେ ଧରି ଆସିଥାନ୍ତି, ସେମାନଙ୍କ କ୍ଷେତ୍ରରେ ଏପରି ଘଟିଥାଏ । ସେମାନେ ଏଠାକୁ ଆସି କହିବାକୁ ଆରମ୍ଭ କରନ୍ତି, "ବାଃ-ବାଃ ଏସବୁଥିରେ ସେତେ ଚମତ୍କାର ବୋଲି କହିବାକୁ ସେପରି କିଛି ନାହିଁ, ଏହା ଆଦୌ ସେତେ ଅସାଧାରଣ ହୋଇପାରି ନାହିଁ, ସେମାନଙ୍କର ଯାବତୀୟ କାର୍ଯ୍ୟ କେବଳ ଏକ ମଧ୍ୟମ ଧରଣର ସାମର୍ଥ୍ୟକୁ ସୂଚିତ ଦେଉଛି ।" ମାତ୍ର ସେମାନେ ଏପରି କହନ୍ତି, କାରଣ ସେମାନେ, ମୁଁ ଯାହାକୁ ମୋଟାବୁଦ୍ଧିଆ ବୋଲି କହେ, ସେହିମାନଙ୍କ ପରି ବିଚାର କରନ୍ତି, ସମ୍ପୂର୍ଣ୍ଣ ଭାବରେ ଏକ ସାଧାରଣ ଚେତନା ଦେଇ ଭାବନ୍ତି; ମାତ୍ର, ଯଦି ସେମାନେ ବାହାରର ଆକୃତିଗୁଡ଼ିକର ପଶ୍ଚାତକୁ ଯାଇ ବସ୍ତୁଗୁଡ଼ିକର ଅସଲ ସତ୍ୟଟିକୁ ଦେଖି ପାରୁ ଥାନ୍ତେ, ସେମାନେ ଅବଶ୍ୟ ଉପଲବ୍ଧି କରନ୍ତେ ଯେ ଏବିଷୟରେ ଆଦୌ ଏତେ ସହଜରେ କିଛି କହି ହେବ ନାହିଁ; ସେମାନେ ବୁଝିପାରନ୍ତେ ଯେ, ଏହି କ୍ଷେତ୍ରରେ ଏପରି ଆଉଗୋଟିଏ ପଦାର୍ଥ ମଧ୍ୟ ରହିଛି ଯାହାକି ସନ୍ତୁଳିତ ଭାବରେ ଏପରି ଏକ ଉପଲବ୍ଧି ଆଡ଼କୁ ଅଗ୍ରସର ହେବାରେ ଲାଗିଛି, ଯାହାକି ଅନନ୍ତ ପରିମାଣରେ ସେମାନଙ୍କର ଯାବତୀୟ କ୍ଷୁଦ୍ର କଳ୍ପନାର ଅତୀତ ହୋଇ ରହିଛି । ଏଇଟିକୁ ସେମାନେ ମୋଟେ ଦେଖି ପାରନ୍ତି ନାହିଁ । ଏବଂ, ହୁଏତ ସେହି କାରଣରୁହିଁ,...ଯେଉଁ କଥାଟି ମୋ ପ୍ରଶ୍ନର ଉତ୍ତର

'oaob.nitrkl.ac.in' images reprocessed

ଦେଉଥିଲା, ମୋତେ ତାହା କହିଲା, "ମାତ୍ର, ତୁମେ ଯେଉଁ ପ୍ରଶ୍ନାବଳୀଟିକୁ କରୁଛ, ତାହାକୁ ପ୍ରାୟ ହଜାର ଜଣ ନିର୍ବୋଧ ବ୍ୟକ୍ତି ଆସି ଦେଖିଲେ କି ନାହିଁ, ସେଥିରେ ତୁମର କ'ଣ ଯାଏ ଆସେ ?" କାରଣ ଏହା ଯଥାର୍ଥରେ···ଗୋଟିଏ କଥା ନିଶ୍ଚିତ ଭାବରେ ବୁଝାଇବ ଯେ, ଯଦି ତୁମେ ବସ୍ତୁଗୁଡ଼ିକର ଗଭୀର ବିଧାନଗୁଡ଼ିକୁ ଦେଖିବା-ଲାଗି ସମର୍ଥ ହେବ ଏବଂ ଯାବତୀୟ ମନୁଷ୍ୟ କଳ୍ପନାର ଅନେକ ଅତୀତ ହୋଇ ରହିଥିବା କୌଣସି ଏକ ବସ୍ତୁକୁ ଉପଲବ୍ଧି କରିବା ନିମନ୍ତେ ଯଦି ତୁମେ ଏକ ଉଚ୍ଚତର ଚେତନାର ସମ୍ପର୍କରେ ଆସି ପାରିବ, ତେବେ ଜଣେ ମନୁଷ୍ୟ ଦେଉଥିବା ମତାମତର ତୁମ ଲାଗି ଆଉ କାହିଁକି କୌଣସି ମହତ୍ତ୍ୱ ରହିବ ? ଏହା ଏପରି ହେବ, ସତେଯେମିତି ତୁମେ କୌଣସି କୁକୁରକୁ ସମାଧାନ କରିଥିବା କୌଣସି ବୈଜ୍ଞାନିକ ସମସ୍ୟାର ମୂଲ୍ୟ ବିଷୟରେ କିଛି ପଚାରିବାକୁ ଯାଉଛ ! ତୁମେ କଦାପି ତାହା କରିବାକୁ ଭାବିବ ନାହିଁ, ନୁହେଁ କି ? ତୁମେ ଭଲ ଭାବରେ ଜାଣିଛ ଯେ, ତୁମ ବୈଜ୍ଞାନିକ ସମସ୍ୟାଟି ବିଷୟରେ କୌଣସି ବିଚାର କରିପାରିବା ଲାଗି କୁକୁର ପାଖରେ ଆବଶ୍ୟକ ଉପାଦାନଗୁଡ଼ିକ କଦାପି ନାହିଁ । ମାତ୍ର ଏହି କ୍ଷେତ୍ରରେ ତଥାପି ଏକ ବୃହତ୍ତର ପାର୍ଥକ୍ୟ ରହିଛି···ଆଧ୍ୟାତ୍ମିକ ଜୀବନ ଏବଂ ଦିବ୍ୟ ଉପଲବ୍ଧି କହିଲେ ପ୍ରକୃତରେ କ'ଣ ବୁଝାଏ, ଲୋକମାନଙ୍କର ସେହି ବିଷୟରେ ଏତେ କିଞ୍ଚିତ୍ ପରିମାଣରେ ବି କୌଣସି ଧାରଣା ନ ଥାଏ, ଏବଂ ଆପଣାର ସେହି ଅଜ୍ଞାନତା ହେତୁହିଁ ସେମାନେ ସ୍ୱଭାବତଃ ସେମାନେ କେତେ ସହଜରେ ଏହିସବୁର ବିଚାର କରିବା ଲାଗି ଆସି ପହଞ୍ଚି ଯାଆନ୍ତି; ତୁମେ କ'ଣସବୁ କରୁଛ ବା କରୁ ନାହଁ, କିପରି ସେଗୁଡ଼ିକୁ କରୁଛ, ନିଜର ଜୀବନକୁ ତୁମେ କିପରି ଭାବରେ ବଞ୍ଚୁଛ, ତାହାର ବିଚାର କରିବା ଲାଗି ହାଜର ହୋଇ ଯାଆନ୍ତି, କାରଣ ଏସବୁ ବିଷୟରେ ସେମାନେ ଆଦୌ କିଛିହେଲେ ବୁଝନ୍ତି ନାହିଁ ଏବଂ ମୋଟେ କିଛିହେଲେ ଦେଖି ପାରନ୍ତି ନାହିଁ ।

ସେଥିଲାଗି, ଯେଉଁମାନେ ଏଠାକୁ ଆସି ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱ-ବିଦ୍ୟାଳୟରେ* କେଉଁସବୁ ଯୋଗ୍ୟତା ହାସଲ କରାଯାଏ ବୋଲି ପଚାରନ୍ତି, ମୁଁ ସେମାନଙ୍କୁ ଉତ୍ତର ଦିଏ, "ତେବେ ଆପଣମାନେ ଅନ୍ୟତ୍ର ଯାଇ ଦେଖିପାରନ୍ତି; ଆମର ଏହି ବିଶ୍ୱବିଦ୍ୟାଳୟଠାରୁ ଅନନ୍ତ ଗୁଣରେ ଅଧିକ ଭଲ ଅଗଣିତ ବିଶ୍ୱବିଦ୍ୟାଳୟ ରହିଛି, ସେଗୁଡ଼ିକରେ ଅଧିକ ପରିମାଣରେ ଆବଶ୍ୟକ ସାଧନ ଓ ସରଞ୍ଜାମମାନ ରହିଛି, ଅନେକ ଅଧିକ ଭଲ ଭାବରେ ସଂଗଠିତ ହୋଇଛି । ଆମଟି

* ବର୍ତ୍ତମାନର ଶ୍ରୀଅରବିନ୍ଦ ଅନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ।

'oaob.nitrkl.ac.in' images reprocessed

ସେଗୁଡ଼ିକର ତୁଳନାରେ କିଛି ନୁହେଁ, ଏହା ତ ମହାସାଗର ମଧ୍ୟରେ କେବଳ ବିନ୍ଦୁଏ ଜଳ ପରି; ଆପଣମାନେ ଅନ୍ୟତ୍ର ଯାଆନ୍ତୁ, ସବୁଠାରେ ଆହୁରି କେତେକେତେ ବିଶ୍ୱବିଦ୍ୟାଳୟ ଦେଖିବାକୁ ପାଇବେ, ଏପରିକି ଭାରତବର୍ଷରେ ମଧ୍ୟ କେତେକେତେ ରହିଥିବାର ଦେଖିବେ; ବଡ଼ ବଡ଼ ଯାବତୀୟ ଦେଶମାନଙ୍କରେ ସେଗୁଡ଼ିକ ବହୁ ସଂଖ୍ୟାରେ ରହିଛି, ଆମଠାରୁ ଅନନ୍ତ ଗୁଣରେ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଶ୍ୱବିଦ୍ୟାଳୟ-ମାନ ଅଛି, ଆମଠାରୁ ଅନେକ ଅଧିକ ଭଲ ଭାବରେ କାର୍ଯ୍ୟ କରୁଛି । ଆପଣ ସେଗୁଡ଼ିକୁ ଦେଖିବେ ଯାଆନ୍ତୁ । ଆପଣ ଯାହାସବୁ ଆବଶ୍ୟକ କରୁଛନ୍ତି, ସେଠାରେ ସେସବୁକୁ ଅନେକ ଅଧିକ ପରିମାଣରେ ପାଇବେ ।” ସେହି କାରଣରୁହିଁ ଆମେ ଅନ୍ୟ ଅନୁଷ୍ଠାନଗୁଡ଼ିକ ସହିତ ଆଦୌ କୌଣସି ପ୍ରତିଯୋଗିତାରେ ପଶିବାକୁ ଇଚ୍ଛା କରୁ ନାହିଁ ।

ତେବେ ମାଆ, ଏହି ଦର୍ଶକମାନଙ୍କ ଉପସ୍ଥିତିରେ ଆମର ଦୃଷ୍ଟି-କୋଣ କିପରି ହୋଇ ରହିବା ଉଚିତ ?

ସେମାନଙ୍କୁ ତୁମେ ସମସ୍ତ ହୃଦୟ ଦେଇ ଶ୍ରଦ୍ଧା କରିବ ଏବଂ, ସେମାନେ ଆଲୋକ ମଧ୍ୟକୁ ଜନ୍ମଲାଭ କରନ୍ତୁ ବୋଲି ଇଚ୍ଛା କରିବ । ତାହାହିଁ ଏକମାତ୍ର କରଣୀୟ, ସମସ୍ୟାଟିକୁ ସମାଧାନ କରିବାର ଏକମାତ୍ର ପଥ । ଯଦି ସେମାନେ ସତେଅବା କୌଣସି ଦମାକ ନ ଥିଲା ପରି କଥା କହିବାକୁ ଆରମ୍ଭ କରନ୍ତି, ତେବେ ତୁମେମାନେ ତଥାପି ଭଦ୍ର ଆଚରଣ କରିବ ଓ ସେମାନଙ୍କର କଥାକୁ କାଟି ଦେବ ନାହିଁ — ସେମାନଙ୍କୁ କାହାକୁ ହେଲେ ଆଦୌ କିଛି ହେଲେ କହିବ ନାହିଁ । ସର୍ବୋପରି ସେମାନଙ୍କ ସହିତ ଆଲୋଚନା କରି ସେମାନଙ୍କର ମତ-ପରିବର୍ତ୍ତନ ଘଟାଇବା ଲାଗି ଆଦୌ କିଛି କରିବାକୁ ଯିବ ନାହିଁ, କାରଣ ତାହା ହେଉଛି ଏକ ଅସମ୍ଭବ ପ୍ରଚେଷ୍ଟା । ସେମାନଙ୍କର ସାଧୁବାଦ ଓ ସେମାନଙ୍କର ସମାଲୋଚନା, — ତୁମେମାନେ ଉଭୟଟି ଲାଗି ଉଦାସୀନ ରହିଥିବ । ସାଧୁବାଦକୁ ଉଦାସୀନ ହୋଇ ରହିବା ଅପେକ୍ଷା ସମାଲୋଚନାକୁ ଉଦାସୀନ ହୋଇ ରହିବା ଅନେକ ଅଧିକ ସହଜ ।

ଯେତେବେଳେ ମାଦାମ୍ ଡେଭିଡ୍-ନୀଲ୍ — ମୁଁ ତୁମମାନଙ୍କୁ ତାଙ୍କ କଥା କହୁଛି, ନୁହେଁ ? ମାଦାମ୍ ଡେଭିଡ୍-ନୀଲ୍ ହେଉଛନ୍ତି ଜଣେ ଉଗ୍ରବାଦୀ ବୌଦ୍ଧ-ଧର୍ମାବଲମ୍ବୀ ଏବଂ ବୌଦ୍ଧମାନଙ୍କ ମଧ୍ୟରେ ଜଣେ ଉଜ୍ଜ୍ୱଳ ପ୍ରତିଭା— ଯେତେବେଳେ ସିଏ ଭାରତ ଆସିଥିଲେ, ସେତେବେଳେ ବଡ଼ବଡ଼ ମୁନିଋଷି ଓ ଗୁରୁଙ୍କ ମଧ୍ୟରୁ କେତେକଙ୍କୁ ଭେଟିବାକୁ ଯାଇଥିଲେ । ମୁଁ ତୁମମାନଙ୍କୁ ସେମାନଙ୍କ ମଧ୍ୟରୁ ଜଣକର ନାମ କହିବ ନାହିଁ, ମାତ୍ର ସିଏ ତାଙ୍କ ପାଖକୁ ମଧ୍ୟ ଯାଇଥିଲେ ।

'oaob.nitrkl.ac.in' images reprocessed

ଗୁରୁ ତାଙ୍କ ଆଡ଼କୁ ଚାହିଁଲେ ଓ ପଚାରିଲେ ··· କାରଣ ସେତେବେଳେ ସେମାନେ ଯୋଗ, ବ୍ୟକ୍ତିଗତ ପ୍ରୟାସ ଓ ତତ୍ସଂକ୍ରାନ୍ତ ସେହିସବୁ ବିଷୟରେ କଥାବାର୍ତ୍ତା କରୁଥିଲେ — ତାଙ୍କ ଆଡ଼କୁ ଚାହିଁ ଗୁରୁ ପଚାରିଲେ, "ଆପଣ ସମାଲୋଚନା ପ୍ରତି ଉଦାସୀନ ରହି ପାରନ୍ତି କି ?" ଏବଂ ସେହି ସୁବିଦିତ ଦୃଷ୍ଟାନ୍ତଟି ମାଧ୍ୟମରେ ତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ, "କୁକୁର ଭୁକୁଥିଲେ ସେହି ଆଡ଼କୁ ଦୃଷ୍ଟିଦେବା ଉଚିତ କି ?" ମାତ୍ର, ଘଟନାଟିକୁ ମୋ' ଆଗରେ ଆସି କହୁଥିବା ସମୟରେ ଅତ୍ୟନ୍ତ ବୁଦ୍ଧିମନ୍ତ୍ର ସହ ତା' ସହିତ ଏହି କଥାଟିକୁ ମଧ୍ୟ ଯୋଡ଼ି ଦେଇଥିଲେ : "ବଡ଼ ଭାଗ୍ୟର କଥା ଯେ ମୁଁ ସାଧୁବାଦ ପ୍ରତି ଉଦାସୀନ ରହିପାରେ କି ନାହିଁ, ସେକଥା ମୋତେ ସେ ପଚାରି ନ ଥିଲେ, କାରଣ, ସେଇଟି ଅନେକ ଅଧିକ କଷ୍ଟକର ।"

ତଥାପି, ତୁମେ ସୁନିଶ୍ଚିତ ଭାବରେ ଏପରି ଭାବିବାରୁ ଯଥେଷ୍ଟ ଦୂରରେ ରହିଥିବ ଯେ ତୁମେ ହେଉଛ ଅନ୍ୟମାନଙ୍କଠାରୁ ଏକେ ଟିକିଏ ପରିମାଣରେ ମଧ୍ୟ ଅଧିକ ଦକ୍ଷ ଓ ଅଧିକ ଭଲ । ତା'ର କାରଣ ହେଉଛି,—ବର୍ତ୍ତମାନ ମୁଁ ତୁମମାନଙ୍କୁ ଗୋଟିଏ ବିଷୟରେ କହୁଥିଲି, ଏବଂ ଏକ ଅନ୍ତର୍ଗତ ଉପଲବ୍ଧି ବିଷୟରେ କହୁଥିଲି; ମାତ୍ର, ମୁଁ କହିଥିବା ସେହି କଥାଟିକୁ ତୁମମାନଙ୍କୁ ମୋତେ ବର୍ଣ୍ଣନା କରି କହିବାକୁ ହୁଏ, ତେବେ ଖୁବ୍ ସମ୍ଭବ ଅଳ୍ପକେତୋଟି ଅସ୍ପଷ୍ଟ ଏବଂ ସ୍ଥୂଳ ବାକ୍ୟ ବ୍ୟତୀତ ତୁମେମାନେ ଆଉ କିଛିହେଲେ କହିବା ଲାଗି ପ୍ରାୟ ଏକାବେଳେକେ ଅସମର୍ଥ ହୋଇପଡ଼ିବ । ତୁମେମାନେ ଅସ୍ପଷ୍ଟ ଭାବରେ ଏତିକି ଜାଣିଛ ଯେ ଆମେମାନେ ଏଠାରେ କିଛି କରିବା ଆରମ୍ଭ କରି ଦେଇଛୁ; ମାତ୍ର, ସେଇଟି ପ୍ରକୃତରେ କ'ଣ ଓ ତାହା ଆମକୁ କେଉଁଠାକୁ ପରିଚାଳିତ କରି ନେଇଯାଉଛି ତଥା, କେଉଁସବୁ ଅନ୍ତର୍ଗତ ପରିବର୍ତ୍ତନ ସମ୍ଭବ ହେଲେ ଆମେ ସାଧାରଣ ମନୁଷ୍ୟସମୂହଟିର ତୁଳନାରେ କିଛିଟା ଅନ୍ୟ ପ୍ରକାରର ହୋଇପାରିବୁ, ସେସବୁ ବିଷୟରେ ତୁମମାନଙ୍କର କୌଣସି ସଚ୍ଚେତନତା ନାହିଁ । ଏବଂ, ଯଦି ମୁଁ ତୁମମାନଙ୍କୁ ସେହି କଥାଟିକୁ ବୁଝାଇ କହିବା ଲାଗି ଆଦେଶ ଦେବି, ତେବେ ତୁମେମାନେ ଅତିମାତ୍ରାରେ ଅସ୍ୱସ୍ତି ଅନୁଭବ କରିବାକୁ ଆରମ୍ଭ କରିବ । ତେଣୁ, ଯେକୌଣସି ସତ୍ତ୍ୱା ମଧ୍ୟରେ ତାହାର ଚେତନାହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହୋଇ ରହିଥିବାରୁ, ତୁମେମାନେ କଦାପି ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ବୋଲି ଭାବିବ ନାହିଁ ।

କାରଣ, — ଏଇଟି ହେଉଛି ଦୁଇଟି ମଧ୍ୟରୁ ଗୋଟିଏ କଥା — ତୁମେ ଅଚେତନା ଭିତରେ ରହି ନ ଥିଲେ ନିଜକୁ କଦାପି ଅନ୍ୟଠାରୁ ଅଧିକ ବୋଲି ଭାବି ପାରିବ ନାହିଁ । ଯେଉଁ ମୁହୂର୍ତ୍ତରେ ଯଥାର୍ଥ ଚେତନା ଲାଭ କରିବ, ତୁମେ ସେହି ମୁହୂର୍ତ୍ତରେହିଁ ସମ୍ପୂର୍ଣ୍ଣ ଭାବରେ ଅଧିକ ବା ଅଳ୍ପର ଏହି ବୋଧକୁ ହରାଇ ବସିବ । ତେଣୁ, ଉଭୟ କ୍ଷେତ୍ରରେ, ତୁମେ ନିଜକୁ କେବେହେଲେ ଅନ୍ୟମାନଙ୍କ-

'oaob.nitrkl.ac.in' images reprocessed

ଠାରୁ ଅଧିକ ବୋଲି ଭାବିବ ନାହିଁ — କାରଣ, ଏହା ଏକ କ୍ଷୁଦ୍ରତା ଏବଂ ଏକ ମୂଢ଼ତା — ମାତ୍ର ସର୍ବଦା ସଦିଚ୍ଛା ଓ ସହାନୁଭୂତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ ଏବଂ, ଲୋକମାନେ କ'ଣ କହୁଛନ୍ତି ବା ନ କହୁଛନ୍ତି, ସେବିଷୟରେ ଆଦୌ କୌଣସି ଭ୍ରୂକ୍ଷେପ କରିବ ନାହିଁ। ମାତ୍ର, ସର୍ବଦା ଭଦ୍ର ହେବ, କାରଣ ଅଭଦ୍ର ହେବାଠାରୁ ଭଦ୍ର ହେବା ସର୍ବଦାହିଁ ଅଧିକ ଭଲ; କାରଣ, ସେତେବେଳେ ତୁମେ ଆପଣାକୁ ଅପେକ୍ଷାକୃତ ଅଧିକ ସମଞ୍ଜସତାଯୁକ୍ତ ଶକ୍ତିଗୁଡ଼ିକ ସହିତ ସମ୍ପର୍କରେ ରଖିଥାଅ ଏବଂ ତେଣୁ ବିନାଶକାରୀ ଓ କୁତ୍ସିତ ଶକ୍ତିଗୁଡ଼ିକ ବିରୁଦ୍ଧରେ ସଂଗ୍ରାମ କରିବା ଲାଗି ତୁମର ସେତେବେଳେ ଅଧିକ ସାମର୍ଥ୍ୟ ରହିଥାଏ। ଖାସ୍ ଏହି ଗୋଟିଏ କାରଣରୁହିଁ ତୁମେ ଭଦ୍ର ହେବ, କାରଣ, ଆମେ ଏହି ସମଞ୍ଜସତାକୁହିଁ ଭଲ ପାଉ ଓ ସମଞ୍ଜସତା ରକ୍ଷା କରିବା ପ୍ରକୃତରେ ଅପେକ୍ଷାକୃତ ଅଧିକ ଭଲ। ମାତ୍ର ମୂଳତଃ ତୁମେ ଏହି ସବୁକିଛୁର ଅନେକ ଉପରେ ଯାଇ ରହିଥିବ ଏବଂ କେବଳ ଦିବ୍ୟ ପରମସତ୍ତାଙ୍କ ସହିତ ରହିଥିବା ତୁମ୍ଭର ସମ୍ବନ୍ଧଟି ବିଷୟରେହିଁ ଆଗ୍ରହୀ ହୋଇ ରହିଥିବ; ସିଏ ତୁମଠାରୁ କ'ଣ ଆଶା କରୁଛନ୍ତି ଏବଂ ତୁମେ ତାଙ୍କ ଲାଗି କ'ଣ କରିବାକୁ ଇଚ୍ଛା କରୁଛ, ସେହି ବିଷୟରେ ଆଗ୍ରହୀ ହୋଇ ରହିଥିବ। କାରଣ ଏହାହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା। ଆଉ ଅନ୍ୟ ସବୁକିଛୁର ଆଦୌ କୌଣସି ମୂଲ୍ୟ ନାହିଁ।

ଅନେକ ଲୋକ ଆପଣାର ଶ୍ରେଷ୍ଠତାକୁ ଦେଖାଇ ହେବାକୁ ଭାରି ମନ କରନ୍ତି। ସେଇଥିରୁହିଁ ସେମାନେ ପ୍ରକୃତରେ ଭାରି ଗ୍ରେଷ୍ଟ ବୋଲି ପ୍ରମାଣ ହୋଇଯାଏ। ଜଣେ ବ୍ୟକ୍ତି ଯେତିକି ଅଧିକ ପରିମାଣରେ ନିଜକୁ ଅଧିକ ଓ ଶ୍ରେଷ୍ଠ ବୋଲି ଦେଖାଇ ହେବାକୁ ଇଚ୍ଛା କରୁଥାଏ, ସିଏ ପ୍ରକୃତରେ ଭାରି ଅଳ୍ପ ଓ ଗ୍ରେଷ୍ଟ ବୋଲି ସେତିକି ଅଧିକ ପରିମାଣରେ ପ୍ରମାଣିତ ହୋଇଯାଏ। ତୁମେ ଦେଖିଥିବ, ଗୋଟିଏ ସାନପିଲା କେଡ଼େ ସରଳ ଭାବରେ ନିଜର ଜୀବନ ବଞ୍ଚୁଥାଏ, ନିଜ-ଆଡ଼କୁ, ଅର୍ଥାତ୍ ସିଏ କିପରି ଭାବରେ ବଞ୍ଚୁଛି, ସେସବୁ ଆଡ଼କୁ ଅନାଇବା ପାଇଁ ତାହାର ବେଳ ନ ଥାଏ। ସିଏ ତୁମଠାରୁ ପ୍ରକୃତରେ ଅଧିକ ବଡ଼, କାରଣ ତା'ର ଜୀବନ ଏକ ସ୍ୱତଃସ୍ଫୂର୍ତ୍ତ ଜୀବନ।

ବୁଝିଲ ? ତୁମର କିଛି ପଚାରିବାକୁ ଅଛି କି ?

କିଛି ନାହିଁ ?

ଏହା କିପରି ସମ୍ଭବ ହୁଏ ଯେ ବହୁସଂଖ୍ୟକ ଶୁଭେଚ୍ଛା ଦ୍ୱାରା ପ୍ରାୟ ନିଖୁଣ ଭାବରେ କରା ହୋଇଥିବା ଗୋଟିଏ କାର୍ଯ୍ୟ ଗୋଟିଏ ମାତ୍ର କ୍ଷୁଦ୍ର ଅସଦିଚ୍ଛା ଦ୍ୱାରା ନଷ୍ଟ ହୋଇଯାଇ ପାରେ ?

'oaob.nitrkl.ac.in' images reprocessed

କ୍ଷୁଦ୍ର, ଅସଦିଚ୍ଛାଟି ସଦିଚ୍ଛାର ଯାବତୀୟ କାର୍ଯ୍ୟରେ ଆସି ବ୍ୟାଘାତ ସୃଷ୍ଟି କରେ ବୋଲି ତୁମେ ପଚାରୁଛ ? ସେକଥା ତୁମକୁ କିଏ କହିଲା ?

ଏକଥା ଅନେକ ସମୟରେ ଘଟେ ।

(ମାଆ ଶିଷ୍ୟର କଥାକୁ ଭଲକରି ଶୁଣି ପାରିଲେ ନାହିଁ ।)

ଏକଥା ସବୁବେଳେ ଘଟେ ?

"ପତ୍ରାବଳୀ" ରେ ଶ୍ରୀଅରବିନ୍ଦ ଏକଥା କହିଛନ୍ତି ଅନ୍ତମାନସ ଆପଣାକୁ ଅବତୀର୍ଣ୍ଣ କରି ସାରିଥାନ୍ତା, ମାତ୍ର, ଆଶ୍ରମବାସୀଙ୍କର ଅସଦିଚ୍ଛା ସକାଶେ ତାହା ଆପଣାକୁ ପ୍ରତ୍ୟାହୃତ କରି ନେବାକୁ ବାଧ୍ୟ ହେଲା ।"

ମାତ୍ର ମୋ' ଆଖିରେ ସେହି କଥାଟି ଏପର୍ଯ୍ୟନ୍ତ ପଡ଼ି ନାହିଁ । ମୁଁ ବାଧ୍ୟ ହୋଇ କହୁଛି ଯେ ମୁଁ ଏହି କଥାଟିକୁ ବୁଝି ପାରୁ ନାହିଁ । ମୁଁ ତ ବରଂ କଥାଟିକୁ ଠିକ୍ ବିପରୀତ ବୋଲି ଦେଖି ପାରୁଛି; ମୁଁ ଦେଖୁଛି ଯେ, ଏତେ ଅଧିକ ପରିମାଣରେ ଅଶୁଭେଚ୍ଛାମାନ ରହିଥିଲେ ମଧ୍ୟ, ଯଦି କେଉଁଠିହେଲେ ଗୋଟିଏମାତ୍ର ଶୁଭ-ଇଚ୍ଛା ବିଦ୍ୟମାନ ରହିଥାଏ (ସମସ୍ତେ ହସିଲେ), ତେବେ ତାହାହିଁ ପରମକରୁଣାକୁ ସକ୍ରିୟ କରିଦେଇ ପାରିବ ଏବଂ ତା'ପରେ ସବୁକିଛି ଉତ୍ତମ ଭାବରେହିଁ ଗତି କରିବ ।

ଆପଣ ଠିକ୍ ବର୍ତ୍ତମାନ ଯାହା କହୁଥିଲେ···

ତାହାର ଏକଥା ସହିତ କୌଣସି ସମ୍ବନ୍ଧ ନାହିଁ ।

ଯଦି ଏକାଗ୍ରତା ରହିଥାଏ···*

ମୁଁ କ'ଣ କହିଥିଲି ? ମୁଁ ବି ଭୁଲି ଯାଉଛି···ମୁଁ ତ ଅସମ୍ଭବ କଥାମାନ ଶୁଣିବାକୁ ପାଉଛି । ମୁଁ କ'ଣ କହିଥିଲି କି ?

*ଶିଷ୍ୟଜଣକ ଫରାସୀ ଶବ୍ଦଟିକୁ ଅସ୍ପଷ୍ଟ ସ୍ୱରରେ ଶୁଣି ତାହାକୁ ଭୁଲରେ ଏକାଗ୍ରତା ଅର୍ଥରେ ଗ୍ରହଣ କରିଥିଲେ ।

'oaob.nitrkl.ac.in' images reprocessed

(ପଢନ୍ତ) ଏକ ଅବଲୋକନ ।

ଚାହାର ଅବଲୋକନ ?

(ଶିଷ୍ୟ ଉତ୍ତର ଦେଇ ଅସ୍ପଷ୍ଟ ଭାବରେ କ'ଣ ଗୋଟିଏ ଉତ୍ତର କହିଲେ, ମାତ୍ର ମାଆ ଶୁଣି ପାରିଲେ ନାହିଁ ।)

ସିଏ କ'ଣ କହୁଛନ୍ତି, ତୁମେ ବୁଝିଲ କି ? ମୁଁ ବୁଝି ପାରିଲି ନାହିଁ ।

(ଜଣେ ପିଲା) ସିଏ ତାକୁ ଭୁଲରେ ଅସତ୍-ଇଚ୍ଛା ଅର୍ଥରେ ଗ୍ରହଣ କରିଥିଲେ ।

ସିଏ ମୋଟେ କିଛିହେଲେ ବୁଝି ନାହିଁ; ମୁଁ ଯାହାକିଛି କହିଲି, ତାହାକୁ ମୋଟେ ବୁଝି ନାହିଁ । ଆଦୌ କିଛି ବୁଝି ନାହିଁ । ମୁଁ ମୋଟେ ସେକଥା କହି ନ ଥିଲି, ମୋଟେ କହି ନ ଥିଲି । ଏହା ଆଦୌ ନିମ୍ନ ଦେଶରୁ ଆସି ନ ଥିଲା, ମାତ୍ର, ତୁମର ଚେତନା ଯେଉଁଠି ପହଞ୍ଚି ପାରିବ ନାହିଁ, ସେହିପରି ଏକ ଅତ୍ୟନ୍ତ ଉଚ୍ଚତର ଭୂମିରୁ ଆସିଥିଲା । ଏହା ଆଦୌ ଅସତ୍-ଇଚ୍ଛା ନୁହେଁ, ଏକାବେଳକେ ଏକ ଅନ୍ୟ କଥା···

ଲୋକେ ମୋ'ର କଥାକୁ ଏହିପରି ଭାବରେହିଁ ବୁଝି ଥାଆନ୍ତି । ମୋତେ ପ୍ରକୃତରେ ଖୁବ୍ ସାବଧାନ ରହିବାକୁ ହେବ । ତୁମ ଭିତରୁ ଆଉକେହି କଥାଟିକୁ ଏହି ଅର୍ଥରେ ବୁଝିଛନ୍ତି କି ? (ଜଣେ ପିଲାକୁ) ତୁମେ ମଧ୍ୟ ଏହି ଅର୍ଥରେ ବୁଝିଛ, ନୁହେଁ ? (ସମସ୍ତେ ହସିଲେ)

ମୁଁ ଏକଥାଟିକୁ ଚିନ୍ତା ମଧ୍ୟ କରି ନାହିଁ । ସିଏ ଯାହା କହିବାକୁ ଇଚ୍ଛା କରୁଥିଲା, ମୁଁ ସେପରି କିଛିହେଲେ କହି ନାହିଁ । ମୁଁ ସମ୍ପୂର୍ଣ୍ଣ ଅଲଗା କଥା କହୁଥିଲି । ଏହାକୁ କେହି ଏପରି ଭାବରେ ବୁଝିବ ବୋଲି ମୁଁ ଗୋଟିଏ କ୍ଷଣକ ପାଇଁ ମଧ୍ୟ ଭାବିଥାନ୍ତି, ତେବେ ମୁଁ ପ୍ରକୃତରେ କିଛି କହି ନ ଥାନ୍ତି ।

ଆଚ୍ଛା !

ତେବେ ଏତିକି ଥାଉ, ମୁଁ ଭାବୁଛି ଆଜି ପାଇଁ ଏତିକି ଯଥେଷ୍ଟ ହେବ ।···

ଆମେ ସମାଲୋଚନା ପ୍ରତି ଉଦାସୀନ ରହିପାରିବା କିପରି ?

ନିଜର ଚେତନାର ସିଡ଼ିରେ ଆଉ କେତୋଟି ପାହାଚ ଉର୍ଦ୍ଧ୍ୱକୁ ଉଠିଗଲେ ତାହା ହୋଇପାରିବ;—ଟିକିଏ ଅଧିକ ପରିବ୍ୟାପ୍ତ ଭାବରେ ବସ୍ତୁଗୁଡ଼ିକ ଆଡ଼କୁ ଅନାଇ ପାରୁଥିବ, ଟିକିଏ ଅଧିକ ସମଗ୍ର ଓ ସାଧାରଣ ଭାବରେ । ଉଦାହରଣସ୍ୱରୂପ, ଯଦି

'oaob.nitrkl.ac.in' images reprocessed

କୌଣସି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ କୌଣସି ବସ୍ତୁ ତୁମକୁ ସେହିପରି ଭାବରେ ଟାଣି ଧରି ଧରୁଛି, ଏକାବେଳେକେ ଚାପି କରି ଜାବୁଡ଼ି ଧରୁଛି, ଏବଂ ଯଦି ତୁମେ ମଧ୍ୟ ଠିକ୍ ତାହାହିଁ ଘଟୁ ବୋଲି ସମ୍ପୂର୍ଣ୍ଣ ଭାବରେ ଇଚ୍ଛା କରୁଛ, ତେବେ ତୁମକୁ ସେହି କ୍ଷେତ୍ରରେ ପ୍ରକୃତରେ ଏକ ଭୟଙ୍କର ପ୍ରତିବନ୍ଧକ ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ୁଛି, ଯାହାକି ତାହାକୁ ଆଦୌ ଘଟିବାକୁ ଦେଉ ନାହିଁ । ଯଦି, ତୁମେ ସେହି ମୁହୂର୍ତ୍ତରେ କେବଳ, ବର୍ତ୍ତମାନର ଏହି ମୁହୂର୍ତ୍ତଟି ପୂର୍ବରୁ ଯେଉଁ ଅସଂଖ୍ୟ, ଅସଂଖ୍ୟ ମୁହୂର୍ତ୍ତ ଅତିକ୍ରାନ୍ତ ହୋଇଯାଇଛି ଓ ଏଇଟି ପରେ ମଧ୍ୟ ଆହୁରି ଯେଉଁ ଅସଂଖ୍ୟ, ଅସଂଖ୍ୟ ମୁହୂର୍ତ୍ତ ଆସୁଛି, ଯଦି ତୁମେ ସେଗୁଡ଼ିକୁ ଅନୁଭବ ଓ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବ,—ସେଗୁଡ଼ିକର ସମ୍ବନ୍ଧଗତ ପରିପ୍ରେକ୍ଷୀରେ ଏହି ବର୍ତ୍ତମାନ ମୁହୂର୍ତ୍ତଟିର ପ୍ରକୃତରେ କି ମହତ୍ତ୍ୱ ରହିଛି, ଯଦି ତୁମେ ସେହି କଥାଟିକୁ ଭାବିବ,—ଏଥିଲାଗି ଏକ ଆଧ୍ୟାତ୍ମିକ ଚେତନା ବା ସେହିପରି ଆଉକିଛି ମଧ୍ୟରେ ପ୍ରବେଶ କରିବାର କୌଣସି ଆବଶ୍ୟକତା ନାହିଁ; ତୁମେ କେବଳ ନିଜକୁ ଦେଶ ଓ କାଳ ସହିତ ସମ୍ବନ୍ଧପ୍ରବିଷ୍ଟ ହୋଇ ରହିବ । ଯାହା କିଛି ପୂର୍ବରୁ ଯାଇଛି ଓ ଯାହାସବୁ ପରେ ଆସୁଛି ଏବଂ ଯୁଗପତ୍ ଭାବରେ ଯାହାସବୁ ଘଟୁଛି,—ଯଦି ତୁମେ ନିର୍ବୋଧ ନ ହୋଇଥିବ, ତେବେ ସଙ୍ଗେ ସଙ୍ଗେ ଆପଣାକୁ କହିବାକୁ ଲାଗିବ, "ଯାହାର ପ୍ରକୃତରେ ଆଦୌ କୌଣସି ମହତ୍ତ୍ୱ ନାହିଁ, ମୁଁ ମିଛଟାରେ ତାହାକୁ ମହତ୍ତ୍ୱ ଦେବାକୁ ଇଚ୍ଛା କରୁଛି ।" ଏପରି ଅବଶ୍ୟ ଘଟିବ । ତା'ପରେ ତା'ର ଆଉ କୌଣସି ମହତ୍ତ୍ୱ ରହିବ ନାହିଁ, ଏହା ତତ୍କ୍ଷଣାତ୍ ଘଟିବ ।

ଯଦି ତୁମେ କେବଳ ଏହି ସୃଷ୍ଟିର ବିପୁଳତାକୁ ଆପଣାର ଦୃଷ୍ଟିସମକ୍ଷରେ ଆଣି ରଖିପାରିବ,—ବର୍ତ୍ତମାନ ମୁଁ ଆଧ୍ୟାତ୍ମିକ ମାର୍ଗରେ ଊର୍ଦ୍ଧ୍ୱକୁ ଆରୋହଣ କରିଯିବା ବିଷୟରେ ଆଦୌ କିଛି କହୁ ନାହିଁ,—କାଳ ଓ ଦେଶର ଭୂମି ଉପରେ ଯଦି ସୃଷ୍ଟିର ବିପୁଳତାଟିକୁ ଦେଖିବାକୁ ସମର୍ଥ ହେବ, ଏବଂ ତା'ପରେ, ତୁମେ ଏକ ମହତ୍ତ୍ୱ ଦେଇ କେନ୍ଦ୍ରରେ ରଖି ଭାବୁଥିବା ଏହି କ୍ଷୁଦ୍ର ଘଟଣାଟିର କଥାକୁ ମଧ୍ୟ ଚିନ୍ତା କରିବ,...ସତେଯେପରି ତାହାର କିଛି ନା କିଛି ମହତ୍ତ୍ୱ ରହିଛି... ସଙ୍ଗେ ସଙ୍ଗେ ତାହାର ଏହି ଫିସ୍ସା ହେବ (ମାଆ ସଙ୍କେତ କରି ଦେଖାଇଦେଲେ) ଏବଂ ତାହା ଉଭେଇଯିବ । ତୁମେ ଆନ୍ତରିକତା ସହିତ ସେକଥା କରିପାରିଲେ ଏହା ଅବଶ୍ୟ ଘଟିବ । ମାତ୍ର, ଯଦି, ତୁମର ଗୋଟିଏ ଭାଗ ତୁମକୁ "ମାତ୍ର ମୋ ଲାଗି ଏହାର ଏକ ମହତ୍ତ୍ୱ ଅବଶ୍ୟ ରହିଛି" ବୋଲି କହୁଥିବ ଏବଂ ତା'ପରେ, ସେହି କ୍ଷେତ୍ରରେ ତୁମକୁ କେବଳ ସେହି ଭାଗଟିକୁ ପଛରେ ପକାଇଦେଇ ବାହାରି ଆସିବାକୁ ପଡ଼ିବ ଏବଂ ଆପଣାର ଚେତନାକୁ ତା'ର ଯଥାର୍ଥ ସ୍ଥିତିରେ ରଖିବାକୁ ପଡ଼ିବ । ମାତ୍ର, ଯଦି ତୁମେ ଯଥାର୍ଥ ଆନ୍ତରିକତା ସହିତ ବସ୍ତୁଗୁଡ଼ିକର ପ୍ରକୃତ

'oaob.nitrkl.ac.in' images reprocessed

ମୂଲ୍ୟକୁ ଦେଖିବା ପାଇଁ ଇଚ୍ଛା କରୁଥିବ, ତେବେ ଏହି କାର୍ଯ୍ୟଟି ଅତ୍ୟନ୍ତ ସହଜ ହୋଇଯିବ ।

ଏହିପରି ଅନ୍ୟ ପଦ୍ଧତିମାନ ବି ରହିଛି । ଚୀନଦେଶର ଜଣେ ସନ୍ଥ ସମୁଦ୍ର ଜଳରେ ଚନ୍ଦ୍ରପଡ଼ି ପଡ଼ିଥିବା ଭଳି ଘଟଣାଗୁଡ଼ିକ ଉପରେ ଶାନ୍ତ ହୋଇ ପଡ଼ିଯିବାକୁ ପରାମର୍ଶ ଦେଇଛନ୍ତି; ମହାସାଗରର ବିପୁଳତାକୁ କଳ୍ପନା କରି ଏହାର ଉପରେ ଆପଣାକୁ ସ୍ୱସମାନ ଭାବରେ ଛାଡ଼ିଦେବାର କଥା କହିଛନ୍ତି··· ତୁମେ ତରଙ୍ଗଗୁଡ଼ିକ ଉପରେ ସେହିପରି ଭାବରେ ଭାସିବାରେ ଲାଗିଥିବ,— ବିସ୍ତୃତ ଆକାଶମଣ୍ଡଳକୁ ମନନବସ୍ତୁରେ ପରିଣତ କରି ତରଙ୍ଗ ଉପରେ ଭାସି ବୁଲିଯିବାକୁ କହିଛନ୍ତି । ଚୀନା ଭାଷାରେ ଏହି ପଦ୍ଧତିଟିକୁ 'ଉ ୱ୍ୱାଇ' ବୋଲି କୁହାଯାଏ । ଏହିପରି କରିପାରିଲେ ତୁମର ଯାବତୀୟ ସନ୍ତାପ ତୁଆଡ଼େ ଅନ୍ତର୍ହିତ ହୋଇଯିବ । ମୁଁ ଆୟର୍ଲାଣ୍ଡର ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏକି, ସନ୍ଧ୍ୟା ସମୟରେ ଆକାଶରେ ତାରାମାନେ ଫୁଟିକରି ରହିଥିବା ବେଳେ ଶାନ୍ତହୋଇ ଶୋଇ ଚତୁର୍ଦ୍ଦିଗକୁ ଚାହିଁ ଦେଖୁଥିଲେ; ଏହିପରି ଚାହିଁ ସେ ମଗ୍ନ ଭାବରେ ଆକାଶ ବିଷୟରେ ଅଭିନିବେଶିତ ରହୁଥିଲେ ଏବଂ ସେହି ଅଗଣିତ ଉଜ୍ଜ୍ୱଳ ବିନ୍ଦୁଗୁଡ଼ିକ ଦ୍ୱାରା ବିମଣ୍ଡିତ ବିପୁଳତା ମଧ୍ୟରେ ସିଏ ଭାସିଭାସି ବୁଲି ଯାଉଛନ୍ତି ବୋଲି କଳ୍ପନା କରୁଥିଲେ ।

ଏବଂ ତତ୍କ୍ଷଣାତ୍ ଯାବତୀୟ ସନ୍ତାପ ବିଦୂରିତ ହୋଇଯାଏ ।

ଏହିପରି ଅନେକ ପଦ୍ଧତି ରହିଛି । ମାତ୍ର ଆନ୍ତରିକତା ସହିତ, ତୁମକୁ କେବଳ···ଗୋଟିଏ ପାଖରେ ତୁମର କ୍ଷୁଦ୍ର ବ୍ୟକ୍ତିସତ୍ତା ତଥା ନିଜର ସମ୍ପର୍କ ରହିଥିବା ବସ୍ତୁଗୁଡ଼ିକୁ ତୁମେ ସାଧାରଣତଃ ଯେଉଁ ମହତ୍ତ୍ୱ ଦେଉଛ, ଏବଂ ଅନ୍ୟ ପାଖରେ ଏହି ବିଶ୍ୱବ୍ୟାପୀ ବିପୁଳତା ମଧ୍ୟରେ ରହିଥିବା ସାପେକ୍ଷିକତାର ଭାବଟିକୁ ଧାରଣ କରି ରଖିବାକୁ ହେବ; ଏତିକି ଯଥେଷ୍ଟ । ପ୍ରକୃତଃ ଆଉଏକ ମାର୍ଗ ମଧ୍ୟ ରହିଛି,—ତୁମେ ଆପଣାକୁ ପୃଥ୍ୱୀଚେତନାରୁ ମୁକ୍ତ କରି ରଖିବ ଏବଂ ଏପରି ଏକ ଉଚ୍ଚତର ଚେତନା ମଧ୍ୟକୁ ଉତ୍ତୋଳିତ ହୋଇଯିବ, ଯେଉଁଠାରେ କି ପୃଥିବୀସ୍ଥ ଏହି ବ୍ୟାପାରଗୁଡ଼ିକ ଆପଣାର ଯଥୋଚିତ ସ୍ଥାନରେ ଅବସ୍ଥିତ ରହିଥିବେ—ନିଜନିଜର କ୍ଷୁଦ୍ର ସ୍ଥାନରେ ଯାଇ ରହିଥିବେ ।

ମାତ୍ର···ବସ୍ତୁତଃ, ଅରେ, ବହୁଦିନ ପୂର୍ବେ, ଯେତେବେଳେ ମୁଁ ପାରିସ୍‌ରେ ଥିଲି ଓ ପ୍ରାୟ ପ୍ରତିଦିନ ମାଦାମ୍ ଡେଭିଡ୍ ନିଲ୍‌ଙ୍କ ସହିତ ମୋର ସାକ୍ଷାତ୍ ହେଉଥିଲା,—ସେତେବେଳେ, ତାଙ୍କ ଭିତରେ ତାଙ୍କର ନିଜସ୍ୱ ବିଶ୍ୱାସମାନ ପୂର୍ଣ୍ଣ ହୋଇ ରହିଥିଲା,—ମୋତେ କହୁଥିଲେ, "ତୁମେ କେବେହେଲେ କୌଣସି କାର୍ଯ୍ୟ ବିଷୟରେ ଭାବିବ ନାହିଁ, ତଦ୍ଦ୍ୱାରା କାର୍ଯ୍ୟଟି ପ୍ରତି ଏକ ଆସକ୍ତି ରହିଛି ବୋଲି ସୂଚିତ

'oaob.nitrkl.ac.in' images reprocessed

ହୁଏ; ତୁମେ ଯେତେବେଳେ କୌଣସି କାର୍ଯ୍ୟ କରିବା ଲାଗି ଇଚ୍ଛା କରୁଥିବ, ସେତେବେଳେ ତାହାର ଅର୍ଥ ହେବ ଯେ ତୁମେ ତଥାପି ଏହି ଜଗତର ବସ୍ତୁଗୁଡ଼ିକ ସହିତ ନିଜକୁ ଛନ୍ଦିକରି ରଖିଛ ।" ତା'ପରେ ମୁଁ ତାଙ୍କୁ କହିଲି, "ନା—ଏହାଠାରୁ ଅଧିକ ସହଜ ଆଉକିଛି ନାହିଁ । ତୁମେ କେବଳ ପୂର୍ବରୁ ସମ୍ପାଦିତ ହୋଇଥିବା, ପରେ କରିବାକୁ ରହିଥିବା ତଥା ବର୍ତ୍ତମାନ ଘଟିବାରେ ଲାଗିଥିବା ଯାବତୀୟ କଥାର କଳ୍ପନା କରିବ, ଏବଂ ତା'ପରେ ତୁମେ ହୃଦୟଙ୍ଗମ କରିବାକୁ ଲାଗିବ ଯେ, ତୁମ ନିଜର କାର୍ଯ୍ୟଟି ତା' ଭିତରେ କେବଳ ଗୋଟିଏ ନିଃଶ୍ୱାସ ପରି କ୍ଷଣସ୍ଥାୟୀ, ଶାଶ୍ୱତ କାଳ ମଧ୍ୟରେ ସେଇଟି ହେଉଛି କେବଳ ଏକ କ୍ଷୁଦ୍ର ମୁହୂର୍ତ୍ତ ମାତ୍ର, ଏବଂ ତା'ପରେ ତୁମେ ଆଉ କଦାପି ସେଇଟି ସହିତ ଲିପ୍ତ ହୋଇ ପଡ଼ିବ ନାହିଁ ।" ସେତେବେଳେ ଗୀତାର ଶ୍ଳୋକଗୁଡ଼ିକ ସହିତ ମୋର ପରିଚୟ ନ ଥିଲା । ମୁଁ ସେତେବେଳେ ତାହାକୁ ସମ୍ପୂର୍ଣ୍ଣ ଭାବରେ ପାଠ କରି ନ ଥିଲି ଏବଂ (ମାଆ କିଛି କହିଲେ, ଯାହାକୁ କି ଶୁଣି ହେଲା ନାହିଁ) ଏହି ଶ୍ଳୋକଟିକୁ ମଧ୍ୟ ପଢ଼ି ନ ଥିଲି, ଯାହାକୁ ମୁଁ ନିଜ ମାର୍ଗରେ ଏହିପରି ଅନୁବାଦ କରିଛି : "କର୍ମର ଯାବତୀୟ ଫଳ ବିଷୟରେ ଅଲିପ୍ତ ରହି କାର୍ଯ୍ୟ କର ।" ଶ୍ଳୋକଟି ଠିକ୍ ଏହିପରି ନୁହେଁ, ତଥାପି ତାହା ଏହିପରି ଏକ ଅର୍ଥକୁ ପ୍ରକାଶ କରିଥାଏ । ସେତେବେଳେ ଶ୍ଳୋକଟି ମୋର ଜଣା ନ ଥିଲା, ମାତ୍ର, ଗୀତାରେ ଯାହା କୁହାଯାଇଛି, ମୁଁ ଠିକ୍ ସେହି କଥାଟି କହିଥିଲି ।

ମାତ୍ର, ନିଜେ କରୁଥିବା କର୍ମରେ ତୁମର ବିଶ୍ୱାସ ଅଛି ବୋଲି ଯେ ତୁମକୁ କର୍ମ କରିବାକୁ ହେବ, ସେକଥା ଆଦୌ ନୁହେଁ; ତୁମକୁ କାର୍ଯ୍ୟ କରିବାକୁ ହେବ ବୋଲିହିଁ ତୁମେ କାର୍ଯ୍ୟ କରିବ, ଏହାହିଁ ସବୁକିଛି କଥା । ଅବଶ୍ୟ, ବାହ୍ୟ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏହି ସ୍ଥିତିଟି ବେଳେବେଳେ କିଛିକୁ ପରିମାଣରେ ବିପଜ୍ଜନକ ହୋଇ ପଡ଼ିବାର ଆଶଙ୍କା ମଧ୍ୟ ରହିଥାଏ କାରଣ ସେତେବେଳେ, ଏକ ସାର୍ବଭୌମ ଅଧିକାରବୋଧ ସହିତ ବର୍ଷା ଅବଶ୍ୟ ବନ୍ଦ ହେବ ବୋଲି ଇଚ୍ଛା କରିବା ପରିବର୍ତ୍ତେ କ'ଣ ଘଟୁଛି, ଆମେ ତାହାହିଁ ଦେଖିବା-ଲାଗି ଅପେକ୍ଷା କରି ରହିଯାଉ । ଏଥର ବୁଝିଲ ? ମାତ୍ର ମୁଁ ତୁମମାନଙ୍କୁ କହିବି, "ଯଦି ପ୍ରାର୍ଥନା କରିବାକୁ ମନ ଅଛି, ତେବେ ପ୍ରାର୍ଥନା କର ।"

ଆମେ ବର୍ତ୍ତମାନ ପ୍ରାର୍ଥନା କରି ପାରିବା ।

(ସମସ୍ତେ ହସିଲେ)

ସିଏ କିଭ ପ୍ରତ୍ୟୁତ୍ପନ୍ନମତି !

ଭଲ କଥା, ତେବେ ଆଲୁଅ ଲିଭାଇ ଦିଅ । ଆମେ ପ୍ରାର୍ଥନା କରିବା ।

'oaob.nitrkl.ac.in' images reprocessed

# ୭ ଡିସେମ୍ବର ୧୯୫୫

**ମାଆ "ଯୋଗ-ସମନ୍ୱୟ" ପୁସ୍ତକର "ଆତ୍ମୋତ୍ସର୍ଗ" ଅଧ୍ୟାୟରୁ ଅଂଶ ପାଠ କଲେ ।**

ମାଆ, କେବଳ ଏକ ବେଶ୍ ଉଚ୍ଚ ସ୍ତରକୁ ଉଠିଯିବା ପରେହିଁ ଜଣେ ନିଜକୁ ଉତ୍ସର୍ଗ କରିଦେବା ପାଇଁ ସମର୍ଥ ହୁଏ, ମାତ୍ର, ସେ ଯେତେବେଳେ ଅଳ୍ପ ବହୁତ ପରିମାଣରେ ଏକ ଅଚେତନ ଜୀବନ ଯାପନ କରୁଥାଏ, ସେତେବେଳେ ତା'ର ଆତ୍ମଦାନ ମଧ୍ୟ ଅଳ୍ପ-ବହୁତ ପରିମାଣରେ ମାନସିକ ସ୍ତରର ହୋଇ ରହିଥାଏ, ନୁହେଁ କି ? ତେବେ ଏହି କ୍ଷେତ୍ରରେ କ'ଣ କରିବା ଉଚିତ ? ଆମେ ପ୍ରଥମରୁହିଁ ଆତ୍ମଦାନ ଦ୍ୱାରାହିଁ ଆରମ୍ଭ କରିପାରିବା କି ?

**ସେକଥା ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଉପରେହିଁ ନିର୍ଭର କରିବ ।**

**ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଭିତରେ ବୁଦ୍ଧିକ୍ଷେତ୍ରୀୟ ବୋଧ ଅପେକ୍ଷା ଚୈତ୍ୟ ଗ୍ରହଣଶୀଳତା ତଥା ସଂବେଗଗତ ଆବେଗଟି ଅଧିକ ବଳଶାଳୀ ହୋଇ ରହିଥାଏ । କିଛି ନ ଜାଣି ମଧ୍ୟ ସେମାନେ ଦିବ୍ୟ ପରମସତ୍ତାଙ୍କ ଲାଗି ଏକ ଅପ୍ରତିରୋଧ୍ୟ ଆକର୍ଷଣ ଅନୁଭବ କରିଥାନ୍ତି; ଦିବ୍ୟ ପରମସତ୍ତା ପ୍ରକୃତରେ କ'ଣ, ଏହା ପ୍ରକୃତରେ କ'ଣ ହୋଇଥିବେ ଏବଂ ଏହାର ତାତ୍ପର୍ଯ୍ୟ ମଧ୍ୟ କ'ଣ,—ଏତତ୍‌ସମ୍ବନ୍ଧରେ ସେମାନଙ୍କର ଏକେ ଟିକିଏ ଧାରଣା ମଧ୍ୟ ନ ଥାଏ; ଆଦୌ କୌଣସି ବୁଦ୍ଧିନିଷ୍ଠ ଧାରଣା ନ ଥାଏ,—ମାତ୍ର, ଗୋଟିଏ ପ୍ରକାରର ଆବେଗ ରହିଥାଏ, ଏକ ଆକର୍ଷଣ ରହିଥାଏ, ଏକ ଆବଶ୍ୟକତା, ଅପରିହାର୍ଯ୍ୟ ଆବଶ୍ୟକତା ରହିଥାଏ ।**

**ଏବଂ, ଯେଉଁମାନଙ୍କ ଭିତରେ ଏଇଟି ଥାଏ, ଯଦି — ପରମକରୁଣାର ପରିଣାମସ୍ୱରୂପ ଏହା ଘଟିଥାଏ ବୋଲି ମୁଁ ହୁଏତ କହିପାରିବି—ଯଦି ସେମାନଙ୍କର ମନ ସେମାନଙ୍କୁ ସନ୍ତାପିତ କରି ରଖୁ ନ ଥାଏ, କୌଣସି ପ୍ରଶ୍ନ ପଚାରୁ ନ ଥାଏ କିଂବା ଚର୍ଚ୍ଚା କରିବାକୁ ଆସୁ ନ ଥାଏ, ତେବେ ସେମାନେ ଅତ୍ୟନ୍ତ ତ୍ୱରାର ସହିତ ଅଗ୍ରସର ହୋଇଯାଆନ୍ତି ।**

'oaob.nitrkl.ac.in' images reprocessed

ଏବଂ ତା'ପରେ, ସାଧାରଣ ଧାରଣା ଲାଗି ଯାହା ବେଶ ଅଲୌକିକ ବୋଲି ମନେ ହେଉଥାଏ, ସେମାନେ ଯେମିତ ଆତ୍ମୋତ୍ସର୍ଗର ସେହି ସୋପାନଟିରେ ଯାଇ ପହଞ୍ଚି ଯାଆନ୍ତି, ଯାହାକି ସେମାନଙ୍କୁ ସେମାନଙ୍କର ଚୈତ୍ୟସତ୍ତାର ମାଧ୍ୟମରେ ଦିବ୍ୟ ପରମ ଉପସ୍ଥିତିଟି ସହିତ ଏକାତ୍ମକ କରି ରଖେ, ସେମାନେ ହଠାତ୍ ଏପରି ଅନେକ ଅଭିବ୍ୟକ୍ତି—ସାମର୍ଥ୍ୟର ଅଧିକାର ଲାଭ କରନ୍ତି, ଯାହାକି ସେମାନଙ୍କର ସ୍ୱଭାବ ଲାଗି ସମ୍ପୂର୍ଣ୍ଣ ଭାବରେ ଅନବଜ୍ଞତା ହୋଇରହିଥାଏ ।

ଅନେକ ବର୍ଷ ପୂର୍ବେ ମୁଁ ଫ୍ରାନ୍ସରେ ଏହିପରି ଗୋଟିଏ ଦୃଷ୍ଟାନ୍ତ ଜାଣିବାକୁ ପାଇଥିଲି; ଗୋଟିଏ ଭାରି ସାନ ଝିଅ, ଯାହାରକି କହିବାକୁ ଗଲେ କୌଣସି ଶିକ୍ଷା ଲାଭ ହୋଇ ନ ଥିଲା, କୌଣସି ପ୍ରଶିକ୍ଷଣ ନ ଥିଲା । ସିଏ ଅପେରାର ଜଣେ ନର୍ତ୍ତକୀ ଥିଲା, ଖୁବ୍ ଭଲ ନାଚ ପାରୁଥିଲା ଏବଂ ଆଠବର୍ଷ ବୟସରୁ ତାକୁ ଶିକ୍ଷାଲାଭ ସକାଶେ ସେଇଠାରେ ନେଇ ରଖା ଯାଇଥିଲା—ଏହି ପିଲା ବୟସରୁହିଁ ସାଧାରଣତଃ ଝିଅମାନଙ୍କୁ ସେଠାରେ ଛାଡ଼ି ଦିଆ ହୁଏ,—ଏବଂ, ଏହିପରି ଭାବରେ ଝିଅଟି ଇତିହାସ, ଭୂଗୋଳ, ଗଣିତ ଓ ସେହିପରି ଅନ୍ୟସବୁ ବିଷୟର ଶିକ୍ଷା କରିବା ପରିବର୍ତ୍ତେ ନୃତ୍ୟବିଦ୍ୟାହିଁ ଶିଖିଥିଲା । ସିଏ ଆପଣାର ଭାବଗୁଡ଼ିକୁ ଭାଷାରେ ପ୍ରକାଶ କରି ମଧ୍ୟ ଜାଣି ନ ଥିଲା ଏବଂ ତା'ର ଖୁବ୍ ବୁଦ୍ଧି ଅଛି ବୋଲି ସ୍ପଷ୍ଟ ଜାଣି ହେଉଥିଲେ ମଧ୍ୟ ତାହା ଆଦୌ କୌଣସି ପ୍ରଶିକ୍ଷଣ ଲାଭ କରି ନ ଥିଲା । ହଁ, ଝିଅଟି ସେହିପରି ଭାବରେ ଆକର୍ଷିତ ହୋଇ ଆସିଥିଲା ଏବଂ ଦିବ୍ୟ ପରମସତ୍ତାଙ୍କର ସନ୍ଧାନ କରିବାର ଓ ତାଙ୍କରି ପାଖରେ ନେଇ ଆପଣାକୁ ଉତ୍ସର୍ଗ କରିଦେବାର ଏକ ତୀବ୍ର ଆବଶ୍ୟକତା ଅନୁଭବ କରିଥିଲା । ଏବଂ ସିଏ ପ୍ରଥମେ ତାଙ୍କରି ପ୍ରୀତ୍ୟର୍ଥେ ନୃତ୍ୟ କରିବାକୁ ଆରମ୍ଭ କଲା, ଉଦାହରଣସ୍ୱରୂପ 'ନୋତ୍ର ଦାମ୍'ରେ ଯାଇ ନାଚିଲା ଏବଂ ପ୍ରକୃତରେ ଅତ୍ୟନ୍ତ ଚମତ୍କାର ଭାବରେ ନୃତ୍ୟ କରି ପାରୁଥିଲା । ଏବଂ ତା'ପରେ, ହଠାତ୍ ସେ ଆପଣାର ଅନୁଭୂତିଗୁଡ଼ିକୁ ବ୍ୟକ୍ତ କରିବାର ଇଚ୍ଛା ପ୍ରକାଶ କଲା : ସିଏ ଚିଠି ଲେଖିବାକୁ ଆରମ୍ଭ କଲା, ସେଗୁଡ଼ିକ ଅଦ୍ଭୁତ କାବ୍ୟକତାରେ ପୂର୍ଣ୍ଣ ହୋଇ ରହୁଥିଲା; ସିଏ ଆଶ୍ଚର୍ଯ୍ୟଜନକ କଥାସବୁ କହିବାକୁ ଲାଗିଲା ଏବଂ ଆହୁରି ଅଧିକ ଆଶ୍ଚର୍ଯ୍ୟଜନକ ଶୈଳୀରେ ସେଗୁଡ଼ିକୁ କହୁଥିଲା; ଏହିପରି ପୃଷ୍ଠା ପରେ ପୃଷ୍ଠା ଲେଖି ଚାଲିଲା ଏବଂ ଏକ ଅସାଧାରଣ ସହଜତା ସହିତ ସେସବୁକୁ ଲେଖି ପାରୁଥିଲା ।

ତା'ପରେ ଘଟଣାକ୍ରମେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ହେତୁ ସିଏ କିଛି ଅସୁବିଧାର ସମ୍ମୁଖୀନ ହୋଇଥିଲା; ତା'ର ପ୍ରକୃତି ମଧ୍ୟରେ ଏପରି କିଛି ରହିଥିଲା ଯାହାକି ସିଏ ପରିତ୍ୟାଗ କରିଥିବା ତା'ର ପୁରାତନ ସ୍ୱଭାବଟି ଆଡ଼କୁ ପୁନରାୟ ପଛକୁ ଟାଣି ନେଇଗଲା—ତାହା ଫଳରେ ସିଏ ପୁଣି ପ୍ରୟୋଜନବାଦୀ ଓ ବସ୍ତୁବାଦୀ ହେଲା, ବସ୍ତୁଗୁଡ଼ିକୁ ପୁନର୍ବାର ବହିରଙ୍ଗ ମାର୍ଗରେ ଦେଖିବାକୁ ଆରମ୍ଭ କଲା । ଏବଂ

'oaob.nitrkl.ac.in' images reprocessed

ତାହାଫଳରେ ସେ ସଙ୍ଗେ ସଙ୍ଗେ ଦୁଇଟି ଶବ୍ଦକୁ ମଧ୍ୟ ଏକତ୍ର କରି ଲେଖିବା ଲାଗି ଅସମର୍ଥ ହୋଇ ପଡ଼ିଲି, ଗୋଟିଏ ଧାଡ଼ି ଲେଖିବା ବେଳକୁ ତା'ର ଅଗଣିତ ବନାନ୍-ଅଶୁଦ୍ଧି ଘଟିଲା ।

ପ୍ରେରଣା ଲାଭ କରୁଥିବାର ସ୍ଥିତିରେ ଥିଲାବେଳେ ସେ ନିଜର ଲେଖାରେ କୌଣସି ଭୁଲ୍ କରୁ ନ ଥିଲା, ଜଣେ ସିଦ୍ଧ ହସ୍ତ ଲେଖକ ପରି ଲେଖି ପାରୁଥିଲା । ମାତ୍ର, ସେହି ସ୍ଥିତିଟି ମଧ୍ୟରୁ ବାହାରି ଆସିବା ମାତ୍ରକେ ଓ ଆପଣାର ପୃଥିବୀ ସହିତ ବାନ୍ଧି ହୋଇ ରହିଥିବା ଚେତନା ମଧ୍ୟରେ ପୁନଃ ପ୍ରବେଶ କରିବା ସଙ୍ଗେ ସଙ୍ଗେ — ଜୀବନର ଯାବତୀୟ ତାତ୍କାଳିକ ପ୍ରୟୋଜନ ଏବଂ ଆବଶ୍ୟକତା ଇତ୍ୟାଦି ମଧ୍ୟରେ ଆସି ପ୍ରବେଶ କରିବା ମାତ୍ରକେ—ସବୁକିଛି ଅନ୍ତର୍ହିତ ହୋଇ ଯାଉଥିଲା, ଭୁଲ୍ ନ କରି ସେ ଧାଡ଼ିଟିଏ ମଧ୍ୟ ଲେଖି ପାରୁ ନ ଥିଲା ଏବଂ ଯାହା ଲେଖୁଥିଲା, ତାହା ମଧ୍ୟ ଅତ୍ୟନ୍ତ ଅଶୋଧିତ ହୋଇ ରହି ଯାଉଥିଲା ।

ତେଣୁ, ଏଥିରୁ ପ୍ରମାଣିତ ହେଉଛି ଯେ, ଯଦି ଆମେ ଯଥାର୍ଥ ଚେତନାଟିକୁ ଲାଭ କରି ପାରିବା, ତେବେ ସମାଧାନ କରିବା ଲାଗି ଆଉ ଆଦୌ କୌଣସି ସମସ୍ୟା ରହିବ ନାହିଁ । ତୁମର ଯାହା ହେବାର କଥା, ତୁମେ ତାହାହିଁ ହୋଇ ସାରିଥିବ । ଯାହା ଜାଣିବା କଥା, ଜାଣି ପାରୁଥିବ । ଯାହା କରିବାର କଥା, ତାହାକୁ କରିବା ନିମନ୍ତେ ତୁମକୁ ଶକ୍ତି ମିଳି ଯାଉଥିବ । ଏବଂ ଏଥିରୁ ସ୍ୱଭାବତଃ ଏହି ସିଦ୍ଧାନ୍ତଟି କରାଯାଇ ପାରିବ ଯେ, ସେହି କ୍ଷେତ୍ରରେ ଯାବତୀୟ ତଥାକଥିତ ବାଧା ଓ ଅସୁବିଧାମାନ ସଙ୍ଗେସଙ୍ଗେ ଅନ୍ତର୍ହିତ ହୋଇଯିବେ ।

ବର୍ତ୍ତମାନ ମୁଁ ଯେଉଁ ଦ୍ୱିତୀୟଟି କଥା କହୁଥିଲି, ତା' ନିଜ ଭିତରେ ଥିବା କୌଣସି କଥା ତାକୁ ତଳକୁ ଖସାଇ ଆଣି ନ ଥିଲା, ତାହା ଆନ୍ୟ ଏକ ବ୍ୟକ୍ତି ମଧ୍ୟରେ ରହିଥିଲା । ଏବଂ ଦୁର୍ଭାଗ୍ୟବଶତଃ ଅଧିକାଂଶ ସମୟରେ ଏହି କଥାହିଁ ଘଟେ : ବ୍ୟକ୍ତି ଜୀବନରେ କେତେକ ଦାୟିତ୍ୱର ବୋଝକୁ ନିଜ ମୁଣ୍ଡ ଉପରକୁ ନିଏ ଏବଂ ସେହିଗୁଡ଼ିକହିଁ ତାକୁ ଆଗକୁ ଯିବାରୁ ନିବୃତ୍ତ କରି ରଖନ୍ତି ।

ମୁଁ ଏହି କଥାଟି କହିବାକୁ ଚାହୁଁଥିଲି ।

ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ପ୍ରଥମେ ବୁଝନ୍ତି, ଅତ୍ୟନ୍ତ ପରିମାଣରେ ବୁଦ୍ଧି ଦ୍ୱାରା ପରିଚାଳିତ ହୁଅନ୍ତି; ସେମାନେ ଅଧ୍ୟୟନ କରିଥାନ୍ତି, ଶବ୍ଦ ଏବଂ ବାକ୍ୟରଗୁଡ଼ିକୁ ନେଇ କେତେ ଢ଼'ଙ୍ଗ ବନାଇ ଦେଇ ପାରନ୍ତି, ଯାବତୀୟ ଦର୍ଶନ, ଧର୍ମ ଓ ଯାବତୀୟ ମାନବିକ କଳ୍ପନା ବିଷୟରେ ତୁମକୁ ଚମତ୍କାର ବକ୍ତୃତାମାନ ଦେଇପାରନ୍ତି; ସେମାନଙ୍କର କ୍ଷେତ୍ରରେ ମାତ୍ର ଗୋଟିଏ

'oaob.nitrkl.ac.in' images reprocessed

ପହଞ୍ଚି ଆଗକୁ ଯିବା ଲାଗି ହୁଏତ ବର୍ଷବର୍ଷ ସମୟ ଲାଗିଯାଏ । କାରଣ, ଆପଣାର ମସ୍ତିଷ୍କଟାକୁ ନେଇହିଁ ସେମାନେ ଏହି ସବୁକିଛି କରୁଥାନ୍ତି ।

ଏହି ମସ୍ତିଷ୍କ ଭିତରେ ବହୁତ କିଛି କାମ ଚାଲିଥାଏ । ମୁଁ ତୁମମାନଙ୍କୁ ଏକଥା ଏକାଧିକବାର କହିଛି,—ମସ୍ତିଷ୍କ ହେଉଛି ଏକ ସର୍ବସାଧାରଣ ଗମନାଗମନର ସ୍ଥାନ ପରି । ସେଠାରେ ଯାହାକିଛି ଆସି ମଧ୍ୟ ପ୍ରବେଶ କରିପାରେ, ଆସେ, ଏପାଖରୁ ସେପାଖ ହେଉଥାଏ, ବାହାରକୁ ଚାଲି ଯାଉଥାଏ ଓ କେତେ କ'ଣ ବିଶୃଙ୍ଖଳା ସୃଷ୍ଟି କରୁଥାଏ । ଏବଂ, ଯେଉଁ ବ୍ୟକ୍ତିମାନେ ବିଚାରଗୁଡ଼ିକୁ ନେଇ ଖେଳିବାରେ ଅଭ୍ୟସ୍ତ ହୋଇ ରହିଥାନ୍ତି, ସେହିମାନେହିଁ ଅଧିକ ଆଗକୁ ଯାଇ ପାରିବାର କ୍ଷେତ୍ରରେ ସବୁଠାରୁ ଅଧିକ ବାଧାପ୍ରାପ୍ତ ହୁଅନ୍ତି । ଏହି ଖେଳଟି ପ୍ରକୃତରେ ଏକ ଚମତ୍କାର ଏବଂ ଆକର୍ଷକ ଖେଳ; ତୁମେ ଯେ ଆଦୌ ସାଧାରଣଙ୍କ ପରି ନୁହଁ, ସାଧାରଣ ଜୀବନର ସ୍ତରରେ ମୋଟେ ରହି ନାହଁ, ତାହା ତୁମ ଭିତରେ ସେହିପରି ଏକ ଧାରଣା ଆଣି ଦେବାରେ ଲାଗିଥାଏ; ମାତ୍ର ତୁମର ଡେଣାଗୁଡ଼ିକୁ କାଟିପକାଏ ।

ମସ୍ତିଷ୍କଟାର ଆଦୌ କୌଣସି ଡେଣା ନାହିଁ : ଡେଣା ହୃଦୟର ଅଛି । ଏଇଟି…ହଁ, ଏଇଟି ହେଉଛି ଏକ ଅନିବାର୍ଯ୍ୟ ଆବଶ୍ୟକତା । ଆଉ କିଛିର ବି କୌଣସି ମୂଲ୍ୟ ନାହିଁ । ତାହାହିଁ ସବୁକିଛି । କେବଳ ସେହି ଗୋଟିଏ କଥା ।

ଏବଂ ତେଣୁ, ବସ୍ତୁତଃ, ବାଧା ଏବଂ ଅସୁବିଧାଗୁଡ଼ିକ ଲାଗି ଏତେଟିକିଏ ଖାତିର କରିବା ବି ଉଚିତ ନୁହେଁ । ତାହା ତୁମର କ'ଣ କରି ପାରିବ ? …ଏହାର ଆଦୌ କୌଣସି ମୂଲ୍ୟ ନାହିଁ । ସେତେବେଳେ ସମୟକୁ ମଧ୍ୟ ହସିବା ପାଇଁ ମନ ହେବ । ଯଦି ଏଥିପାଇଁ ବହୁତ ସମୟ ଲାଗିବ, ତେବେ ତଦ୍ୱାରା କ'ଣ ବା କ୍ଷତି ହୋଇଯାଉଛି ? ସେହି କ୍ଷେତ୍ରରେ ତ ତୁମକୁ ଦୀର୍ଘତର ସମୟ ପାଇଁ ଅଭୀପ୍ସା ଜନିତ ଆନନ୍ଦ ଉପଲବ୍ଧି ହୋଇପାରିବ, ଆତ୍ମୋତ୍ସର୍ଗ ଓ ଆତ୍ମଦାନର ସୌନ୍ଦର୍ଯ୍ୟ ପ୍ରାପ୍ତ ହେବ ।

କାରଣ, କେବଳ ଏହାହିଁ ପ୍ରକୃତ ଆନନ୍ଦ । ଏବଂ, ଯେତେବେଳେ ଅହଂ-ପ୍ରେରିତ ଆଉ କୌଣସି ବସ୍ତୁ ଆସି ପହଞ୍ଚିଯାଏ, ସେତେବେଳେ ଏହି ଆନନ୍ଦ ପ୍ରକୃତରେ ଅନ୍ତର୍ହିତ ହୋଇଯାଏ । କାରଣ, ସେତେବେଳେ ଏକ ଦାବି କରାଯାଏ, ତାହାକୁ ଏକ ଆବଶ୍ୟକତା ବୋଲି କୁହା ଯାଇଥାଏ — ଏବଂ ତାହା ତୁମ ଉତ୍ସର୍ଗଟି ସହିତ ମିଶ୍ରିତ ହୋଇ ରହିଥାଏ । ତା' ନ ହେଲେ ସେହି ଆନନ୍ଦ କେବେ-ହେଲେ ଅନ୍ତର୍ହିତ ହୋଇଯାଏ ନାହିଁ ।

ସର୍ବପ୍ରଥମେ ଏହି ବସ୍ତୁଟିର ପ୍ରାପ୍ତି ହୁଏ, ତାହାହିଁ ସର୍ବଶେଷ ଉପଲବ୍ଧି । ଏବଂ ଏହାହିଁ ପରମ ବିଜୟର ସଙ୍କେତ ଦେଇଯାଏ ।

'oaob.nitrkl.ac.in' images reprocessed

ଯେପର୍ଯ୍ୟନ୍ତ ତୁମେ ଆନନ୍ଦର ଏହି ସ୍ଥିତିଟିକୁ ଆସି ନାହଁ, ଏକ ସତତ, ଚଞ୍ଚଳତାହୀନ, ଶାନ୍ତ, ସନ୍ଦୀପିତ ଏବଂ ସ୍ଥିର ଆନନ୍ଦଟିକୁ ଲାଭ କରି ନାହଁ, ତେବେ ସେପର୍ଯ୍ୟନ୍ତ ତାହାର ଅର୍ଥ ହେଉଛି ଯେ, ଆପଣାର ଶୁଦ୍ଧୀକରଣ ଲାଗି ତୁମର ଆହୁରି ଅନେକ କିଛି କରିବାର ରହିଛି, ଏବଂ ବେଳେବେଳେ ଅତ୍ୟନ୍ତ କଠିନ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ମାତ୍ର ଏଇଟି ପ୍ରକୃତ ସଙ୍କେତ ।

ଏକ ବିଚ୍ଛେଦବୋଧରୁହିଁ କଷ୍ଟ, ଦୁଃଖ, ଯାତନା, ଅଜ୍ଞାନ ଏବଂ ଯାବତୀୟ ଅସାମର୍ଥ୍ୟ ଜନ୍ମଲାଭ କରିଛନ୍ତି । କେବଳ ଏକ ସମ୍ପୂର୍ଣ୍ଣ ଆତ୍ମଦାନ ଏବଂ ଏକ ସମସ୍ତ ଆତ୍ମୋତ୍ସର୍ଗ ମଧ୍ୟରେ ଆପଣାର ବିସ୍ମରଣ ଦ୍ୱାରାହିଁ ଦୁଃଖର ବିଲୋପ ହୋଇପାରିବ ଏବଂ ଏପରି ଏକ ଆନନ୍ଦ ଉନ୍ମେଷିତ ହୋଇ ଆସିବ, ଯାହାକୁ କି କୌଣସି ଅପଶକ୍ତି ଆଚ୍ଛାଦିତ କରି ରଖିପାରିବ ନାହିଁ ।

ଏବଂ, ଯେତେବେଳେ ଏହି ଧରଣୀ ଉପରେ ସେହି ଆନନ୍ଦଟିର ପ୍ରତିଷ୍ଠା ହୋଇଯିବ, କେବଳ ସେତିକବେଳେ ଯାଇ ତାହାର ଯଥାର୍ଥ ରୂପାନ୍ତର ମଧ୍ୟ ସମ୍ଭବ ହେବ ଏବଂ ଏକ ନୂତନ ଜୀବନ, ନୂତନ ସୃଜନ ଓ ନୂତନ ସ୍ଥିତିର ଅଭ୍ୟୁଦୟ ଘଟିବ । ସର୍ବପ୍ରଥମେ ଚେତନାର ଭୂମିରେହିଁ ସେହି ଆନନ୍ଦର ପ୍ରତିଷ୍ଠା କରିବାକୁ ହେବ ଏବଂ ତା'ପରେ ଯାଇ ସ୍ଥୂଳ ରୂପାନ୍ତର ସମ୍ଭବ ହେବ । ତା'ପୂର୍ବରୁ ଆଦୌ ହେବ ନାହିଁ ।

ପ୍ରକୃତରେ କହିବାକୁ ଗଲେ ସେହି ପରମ ଶତ୍ରୁଶକ୍ତି ସହିତହିଁ ପୃଥିବୀକୁ ଦୁଃଖକ୍ଳେଶର ଆଗମନ ଘଟିଛି । କେବଳ ଆନନ୍ଦହିଁ ସେହି ଶତ୍ରୁକୁ ପରାଜିତ କରିପାରିବ, ଆଉ କେହି ସେକଥା କରି ପାରିବେ ନାହିଁ । ଆନନ୍ଦହିଁ ତାହାର ସୁନିଶ୍ଚିତ, ଚୂଡ଼ାନ୍ତ ପରାଜୟ ଘଟାଇ ପାରିବ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ସେହି ପରମ ଆନନ୍ଦହିଁ ସୃଷ୍ଟି କରିଛି ଏବଂ ସେହି ପରମ ଆନନ୍ଦହିଁ କାର୍ଯ୍ୟଟିକୁ ସାଧନ କରିବ ।

(ମାଆ ନୀରବ ରହିଲେ)

ସ୍ମରଣ ରଖିବା ଉଚିତ ଯେ, ଲୋକମାନେ ସାଧାରଣତଃ ଯାହାକୁ ଆନନ୍ଦ ବୋଲି କହନ୍ତି, ଏଠାରେ ମୁଁ ସେଇଟି ବିଷୟରେ ଆଦୌ କହୁ ନାହିଁ; ଏହାକୁ ଅସଲ ଆନନ୍ଦର ଏକ ବିକୃତୀକରଣ ବୋଲି ମଧ୍ୟ ବୁଝାଯାଇ ପାରିବ ନାହିଁ । ମୁଁ ଜାଣୁଛି, ମନୁଷ୍ୟ ଅସଲ ବାଟଟିକୁ ହୁଡ଼ିଯିବା ଲାଗି ଖଳତା ପ୍ରୟୋଗ କରି ସେଇଟିର

'oaob.nitrkl.ac.in' images reprocessed

ଉଦ୍ଭାବନ କରାଯାଇଛି । ଏହି ଅନ୍ୟ ଆନନ୍ଦଟି ସୁଖରୁ ଆସେ, ବିସ୍ମରଣରୁ ଆସେ, ଉପେକ୍ଷାରୁ ଜାତ ହୋଇଥାଏ ।

(ମାଆ ନୀରବ ରହିଲେ)

ମୁଁ ଏପରି ଏକ ଆନନ୍ଦର କଥା କହୁଛି, ଯାହା ହେଉଛି ଏକ ପରିପୂର୍ଣ୍ଣ ଶାନ୍ତି, ଏକ ଜ୍ଜ୍ୱାଶ୍ୱନ୍ୟ ଆଲୋକ; ତାହା ହେଉଛି ଏକ ସମଞ୍ଜସତା, ଏକ ସମସ୍ତ ସୌନ୍ଦର୍ଯ୍ୟ ଏବଂ ଏକ ଅପ୍ରତିରୋଧ୍ୟ ଶକ୍ତିଶାଳିତା । ସେହି ଆନନ୍ଦଟି ସ୍ୱୟଂ ଦିବ୍ୟ ପରମସତ୍ତାଙ୍କର ସେହି ମୂଳଭୂତ ଉପସ୍ଥିତି, ତାହା ହେଉଛି ତାଙ୍କର ପରମ ଇଚ୍ଛା ତଥା ପରମସିଦ୍ଧିର ସ୍ୱରୂପ ।

ମାଆ, ଆପଣ କହୁଛନ୍ତି ଯେ, ଜୟଲାଭ କରିବାକୁ ହେଲେ; କେବଳ ଆନନ୍ଦହିଁ ସେହି ପରମ ଶତ୍ରୁ ଉପରେ ବିଜୟ ହାସଲ କରିପାରିବ । ମାତ୍ର, ସେହି ଆନନ୍ଦକୁ ପ୍ରାପ୍ତ କରିବା ଲାଗି ତ ପ୍ରଥମେ ପରମ ଶତ୍ରୁ ଉପରେ ବିଜୟଲାଭ କରିବା ଆବଶ୍ୟକ ହେବ !

କାହିଁକି ସେପରି ହେବ ? ଆମକୁ ତାକୁ ପାର ହୋଇ ଯିବାକୁ ପଡ଼ିବ, ତାକୁ ଉପେକ୍ଷା କରି ଚାଲିଯିବାକୁ ପଡ଼ିବ ।

ତୁମକୁ ଗୋଟିଏ କଥାରୁ ଅବଶ୍ୟ ଆରମ୍ଭ କରିବାକୁ ହେବ । ତା'ର ପ୍ରଭାବରୁ ଆପଣାକୁ ମୁକ୍ତ କରି ଆଣିବାକୁ ହେଲେ ପ୍ରକୃତରେ ସେହି କଥା କରିବାକୁ ପଡ଼ିବ । ମାତ୍ର, ସେହି ଶତ୍ରୁର ପ୍ରଭାବରୁ ଆପଣାକୁ ମୁକ୍ତ କରି ଆଣିବା ଏବଂ ତାହା ଉପରେ ବିଜୟ ହାସଲ କରିବା,—ଦୁଇଟି ମଧ୍ୟରେ ଏକ ପ୍ରଭେଦ ରହିଛି । ତାହା ଉପରେ ବିଜୟ ହାସଲ କରିବା ଆଦୌ ସହଜ କଥା ନୁହେଁ । ତାକୁ ପରାସ୍ତ କରିବାକୁ ହେଲେ ତୁମର ତା'ଠାରୁ ଅଧିକ ଶକ୍ତି ରହିଥିବା ଆବଶ୍ୟକ । ମାତ୍ର ତୁମେ ସମ୍ପୂର୍ଣ୍ଣ ଭାବରେ ତା'ର ପ୍ରଭାବ ମଧ୍ୟରୁ ଆପଣାକୁ ଅବଶ୍ୟ ମୁକ୍ତ କରି ଆଣିପାରିବ । ଏବଂ, ଯେଉଁ ମୁହୂର୍ତ୍ତରେ ତା'ର ପ୍ରଭାବରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇଯାଇ ପାରିବ, ସେହି ମୁହୂର୍ତ୍ତରୁହିଁ ତୁମର ଆତ୍ମଦାନ ମଧ୍ୟ ଏକ ସମ୍ପୂର୍ଣ୍ଣ ଆତ୍ମଦାନରେ ପରିଣତ ହୋଇ ପାରିବ । ସେହି ଆତ୍ମଦାନରୁ ଆନନ୍ଦ ଉପଲବ୍ଧ ହେବ; ସେହି ପରମ ଶତ୍ରୁ ପ୍ରକୃତରେ ପରାସ୍ତ ହୋଇ ଅନ୍ତର୍ହିତ ହୋଇଯିବାର ବହୁ ପୂର୍ବରୁ ତାହା ସମ୍ଭବ ହେବ ।

ପରମ ଶତ୍ରୁ ଲାଗି ଯେତେବେଳେ ଏହି ପୃଥିବୀରେ କୌଣସି ଆବଶ୍ୟକତା ନ ରହିବ, କେବଳ ସେତିକବେଳେ ଯାଇ ସିଏ ଏଠାରୁ ଅନ୍ତର୍ହିତ ହୋଇପାରିବ ।

'oaob.nitrkl.ac.in' images reprocessed

ମାତ୍ର, ତାହାର ଯେ ଏଠାରେ ଏକ ଆବଶ୍ୟକତା ରହିଛି, ସେକଥା ଆମେ ସମସ୍ତେ ଖୁବ୍ ଭଲ ଭାବରେ ଜାଣିଛୁ । ସୁନା ପାଇଁ କଷଟିପଥରର ଯେପରି ଆବଶ୍ୟକତା ରହିଛି, ଠିକ୍ ସେହିପରି । ସୁନା ଖାଣ୍ଟି ନ ହେଲେ, ସେକଥା ସେଇଥିରୁହିଁ ଜଣା ପଡ଼ିବ ।

ମାତ୍ର, ଯଦି ତୁମେ, — ଏହି ତୁମେ ଯିଏ ହୋଇଥାନ୍ତ ପଛକେ, ଯଦି ତୁମର ନିଷ୍ଠା ରହିଥାଏ, — ମୁଁ ନିଷ୍ଠାଯୁକ୍ତ ହେବା ବୋଲି ଯାହାକୁ କହୁଛି, ଶ୍ରୀଅରବିନ୍ଦ ଯାହାକୁ ନିଷ୍ଠାଯୁକ୍ତ ହେବା ବୋଲି କହିଛନ୍ତି, ତାହାର ଅର୍ଥ ହେଉଛି ଯେ, ତୁମର ସତ୍ତାରେ ଏପରି କୌଣସି ବସ୍ତୁ ନ ଥିବ, ଯାହାକି ଆତ୍ମୋତ୍ସର୍ଗର ଅଭୀପ୍ସା ତଥା ଇଚ୍ଛାର କୌଣସି ବିରୁଦ୍ଧାଚରଣ କରୁ ନ ଥିବ, ତୁମର ସତ୍ତାରେ କୌଣସି ଅଂଶ ମଧ୍ୟ ଏକ ଛଦ୍ମବେଶ ଧାରଣ କରି ପୂର୍ବପରି ଆପଣାର ଏକ ସ୍ୱତନ୍ତ୍ର ଜୀବନଯାପନ କରିବା ଲାଗି ଆଦୌ ମନ କରୁ ନ ଥିବ । ... ଏହି ଛଦ୍ମବେଶ ଅଗଣିତ ପ୍ରକାରର ରହିଛି, ସେଗୁଡ଼ିକ ମଧ୍ୟରେ କେତେ ନା କେତେ ଧୂର୍ତ୍ତତା ଏବଂ ଦ୍ୱେଷଭାବ ପୂର୍ଣ୍ଣ ହୋଇ ରହିଛି, ପ୍ରବଞ୍ଚନା କରିବାର କେତେ ତୀବ୍ର ପ୍ରବୃତ୍ତି ରହିଛି ଏବଂ ଦୁର୍ଭାଗ୍ୟର କଥା ଯେ ମନୁଷ୍ୟସତ୍ତା ମଧ୍ୟରେ ଆପଣାକୁ ପ୍ରବଞ୍ଚିତ କରିବାର ଏକ ବୃହତ୍ ଅନ୍ତର୍ନିହିତ ପ୍ରବଣତା ମଧ୍ୟ ରହିଛି । ଏବଂ, ଜଣେ ମଣିଷ ନିଜକୁ ଯେତିକି ଅଧିକ ପରିମାଣରେ ପ୍ରତାରିତ କରୁଥାଏ, ସିଏ ସେହି ଆତ୍ମ-ପ୍ରତାରଣାକୁ ଚିହ୍ନି ପାରିବା ଲାଗି ସେତିକି ଅଧିକ ଅସମର୍ଥ ହେବାରେ ଲାଗିଥାଏ । ମାତ୍ର, ଯଦି ଜଣେ ପ୍ରକୃତରେ ନିଷ୍ଠାଯୁକ୍ତ ହୋଇଥାଏ, ତେବେ ବୈରୀ ଆଉ କଦାପି ତା'ର ସମୀପକୁ ଆସିପାରିବ ନାହିଁ; ଏଥିପାଇଁ ସିଏ କୌଣସି ପ୍ରୟାସ ବି କରିବ ନାହିଁ, କାରଣ ତାହା ନିଜ ହାତରେ ନିଜର ଗର୍ତ୍ତ ଖୋଳିବା ପରିହିଁ ହେବ ।

ମାତ୍ର, କେତେ ମନୁଷ୍ୟଙ୍କର ନିଜ ଭିତରେ ଗୋଟିଏ ପ୍ରକାରର ଲଢ଼ିବାର ମନୋବୃତ୍ତି ରହିଥାଏ ଏବଂ ସେମାନେ କେବଳ ଆପଣାକୁ ମୁକ୍ତ କରି ଉକ୍ତ ପ୍ରଭାବଟି ମଧ୍ୟରୁ ବାହାରକୁ ବାହାରି ଆସିବାରେହିଁ ସନ୍ତୁଷ୍ଟ ରହିପାରନ୍ତି ନାହିଁ; ସେମାନେ ବସ୍ତୁତଃ ଭାବିଥାନ୍ତି ଯେ ସେମାନଙ୍କ ଭିତରେ ଯୁଦ୍ଧ ଘୋଷଣା କରି ବୈରୀ ସହିତ ଲଢ଼ିବାର ସାମର୍ଥ୍ୟ ମଧ୍ୟ ରହିଛି । ତେଣୁ, ଅନେକ ସମୟରେ, ହୁଏତ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇ ନ ଥିଲେ ମଧ୍ୟ ସେମାନେ ଲଢ଼ିବାକୁ ଯାଆନ୍ତି ଓ ଆପଣାକୁ ନାନା ଦୁରବସ୍ଥା ତଥା କଷ୍ଟକର ପରିସ୍ଥିତି ମଧ୍ୟରେ ନେଇ ପକାଇ ଦିଅନ୍ତି ।

ଏହି ବ୍ୟକ୍ତିମାନେ ଦିବ୍ୟ ପରମକରୁଣା ଉପରେ ରହିଥିବା ସେମାନଙ୍କର ଆସ୍ଥା ବଳରେହିଁ ରକ୍ଷା ପାଆନ୍ତି । କାରଣ, ନିର୍ବୋଧଙ୍କ ପରି କାର୍ଯ୍ୟ କରି ନାନା ଦୁଃସାଧ୍ୟ ପରିସ୍ଥିତିରେ ଆସି ପଡ଼ୁଥିଲେ ମଧ୍ୟ ସବୁବେଳେ କିଛି ନା କିଛି ଆସି

'oaob.nitrkl.ac.in' images reprocessed

ପଡ଼ଥିଯାଏ ଏବଂ ଶେଷ ମୁହୂର୍ତ୍ତରେ ସେମାନଙ୍କୁ ଗର୍ତ୍ତ ଭିତରୁ ବାହାରକୁ ଟାଣି ନେଇଯାଏ । ମାଛ-ବଲେଇ ଭୁଲ୍ କରି ପାଣି ଉପରେ ଖେଳିବାକୁ ମନେ କରିଥିବା ଛୁଆ ବଲେଇକୁ ଯେପରି ଧରିକରି ଉଦ୍ଧାର କରିନିଏ — ସେମାନଙ୍କୁ ଧରେ, ଟାଣି ବାହାରକୁ ନେଇଯାଏ । ଏକଥା ମଧ୍ୟ କହିବୁ ପରିମାଣରେ ଠିକ୍ ସେହିପରି ।

ମାତ୍ର, ଏକଥା ସର୍ବଦା ବୁଝାଯାଇଛି ଯେ ଆମେ କଦାପି ପରମେଶ୍ୱରଙ୍କୁ ପ୍ରଲୁବ୍ଧ କରିବା ଲାଗି ଚେଷ୍ଟା କରିବା ନାହିଁ । କେବେହେଲେ — ଏହି କଥାଟିକୁ କପରି ମଧ୍ୟ ରିତା ସହିତ ବୁଝାଯାଇ ପାରିବ—ଡୁର୍ଣ୍ଣାଙ୍କ ପରି ଅନ୍ତରକୁ ଦୁଃସାହସିକତା ଦେଖାଇ, "ଓଃ, ଏଥିରେ ଆଦୌ କିଛି ଯାଏ ଆସେ ନାହିଁ, ଦିବ୍ୟ ପରମସତ୍ତା ମୋତେ ସର୍ବଦାହିଁ କଷ୍ଟ ଭିତରୁ ମୁକ୍ତ କରି ଆଣିବେ" ବୋଲି ଏକ ଧାରଣା ନେଇ ଆଦୌ କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ । ଏହା ଆଦୌ ଉତ୍ତମ କଥା ନୁହେଁ । କାରଣ, କାର୍ଯ୍ୟଟିରେ ସହାୟକ ହେବା ପରିବର୍ତ୍ତେ ଏହା କାର୍ଯ୍ୟଟିକୁ ଜଟିଳହିଁ କରିପକାଏ ।

ବୁଝିଲ ? ଏଥର ସରିଲା ?

ତୁମେମାନେ କେତେ ମିନିଟ୍ ପାଇଁ ନୀରବ ରହିବାକୁ ଇଚ୍ଛା କରୁଛ କି ? ମୁଁ ଧ୍ୟାନ ଭିତରେ ନୀରବ ହୋଇ ରହିବା ବିଷୟରେ କହୁଛି । ଇଚ୍ଛା କରୁଛ ?

(ଧ୍ୟାନ ଆରମ୍ଭ ହେଲା)

'oaob.nitrkl.ac.in' images reprocessed

# ୨୪ ଡିସେମ୍ବର ୧୯୫୫

**ମାଆ "ଯୋଗ-ସମନ୍ୱୟ" ପୁସ୍ତକର "ଆତ୍ମୋତ୍ସର୍ଗ" ଅଧ୍ୟାୟରୁ କିଛି ପାଠ କରେ ।**

ମାଆ, ଏହି ପାଠଟିକୁ ମୁଁ ଖୁବ୍ ବେଶୀ ଭଲ ଭାବରେ ବୁଝି ପାରିଲି ନାହିଁ ।

**କେଉଁ ପାଠଟିକୁ ?**

"ଏପରି ଅନୁଭୂତ ହୋଇଥାଏ ଯେ, ଏହି ପୃଥିବୀର ଶକ୍ତିସମୂହ ତଥା ସେଗୁଡ଼ିକର ବାସ୍ତବକ୍ଷେତ୍ରୀୟ ସକଳ କାର୍ଯ୍ୟକଳାପ ହୁଏତ ଆଦୌ ଈଶ୍ୱରଙ୍କର ହୋଇ ରହି ନ ଥାନ୍ତି ଅଥବା, କୌଣସି ଏକ ଅସ୍ପଷ୍ଟ ଏବଂ ପ୍ରହେଳିକାମୟ କାରଣ, ମାୟା କିଂବା କୌଣସି କାରଣ ହେତୁ ଦିବ୍ୟ ପରମସତ୍ୟର ଏକ କାଳିମାମୟ ବିରୁଦ୍ଧାଚରଣ ହୋଇ ରହିଥାଆନ୍ତି ।"

**ଏଇଟି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଦ୍ୱାରା ଉତ୍ପନ୍ନ ହୋଇଥାଏ । ସିଏ ପୂର୍ବରୁ ସେହି କଥାଟିକୁ କହିଛନ୍ତି, ନୁହେଁ ? ଏହି କଥାଟିର ବ୍ୟାଖ୍ୟା କରି ଦେଇଛନ୍ତି । ଏପରି ଏକ ଦୃଷ୍ଟିକୋଣ ରହିଛି, ଯେଉଁଥିରେ କି ପାର୍ଥିବ ଜଡ଼ବସ୍ତୁ କେବଳ ଯେ ଦିବ୍ୟ ପରମସତ୍ତ୍ୱଙ୍କର ଆଦୌ କୌଣସି ଅଭିବ୍ୟକ୍ତି ନୁହନ୍ତି ବୋଲି ପ୍ରତୀତ ହୁଅନ୍ତି ତା' ନୁହେଁ, ମାତ୍ର ସେଗୁଡ଼ିକ କେବେବି ତାହା ହେବାକୁ ସମର୍ଥ ନୁହେଁ ବୋଲି ମଧ୍ୟ ବୋଧ ହୁଅନ୍ତି, ମୂଳତଃ ଆଧ୍ୟାତ୍ମିକ ଜୀବନର ବିରୋଧୀ ହୋଇ ରହିଥିବା ପରି ବୋଧ ହୁଅନ୍ତି । ଏବଂ ତେଣୁ ସେହି କ୍ଷେତ୍ରରେ କେବଳ ଗୋଟିଏ ମାତ୍ର ସମାଧାନ ରହିଥାଏ—ଏହି ସମାଧାନଟି ହେଉଛି ପୁରାତନ ଯୋଗର,—ଯେହେତୁ ଜୀବନ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଆଦୌ ଅଂଶଗ୍ରହଣ କରି ପାରିବ ନାହିଁ, ସେଥିଲାଗି ତାହାକୁ ସର୍ବତୋଭାବେ ବର୍ଜନ କରିବା, ଏହି ଜଡ଼ସ୍ଥ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବର୍ଜନ କରିବା । ସିଏ ସେହି କଥାଟିକୁ ବୁଝାଇ ଦେଇଛନ୍ତି । ସିଏ କହିଛନ୍ତି ଯେ, ଏହିପରି ଏକ ଦୃଷ୍ଟିକୋଣ ରହିଥିଲେ ଜଣେ ବ୍ୟକ୍ତି ଏହିଭଳି ଭାବରେହିଁ ଜୀବନ**

'oaob.nitrkl.ac.in' images reprocessed

ଉପରକୁ ଦୃଷ୍ଟିପାତ କରିଥାଏ । ତାହା ପ୍ରକୃତରେ ସେହିପରି ବୋଲି ସେ ଆଦୌ କହି ନାହାନ୍ତି; ସିଏ କହିଛନ୍ତି ଯେ କେତେକେତେ ସେହିପରି ଭାବରେ ଦେଖନ୍ତି, ସେହିପରି ଭାବରେ ବର୍ଣ୍ଣନ କରିଥାନ୍ତି; ଯେଉଁମାନେ ଜୀବନକୁ ଜନ୍ମପ୍ରକାର ଭୂମିଷ୍ଠି-ଠାରୁ ସମ୍ପୂର୍ଣ୍ଣ ଭାବରେ ଅଲଗା କରି ଦେଇଥାନ୍ତି, ସେମାନେ ଏହି ଦୃଷ୍ଟିକୋଣଟିକୁ ପୋଷଣ କରନ୍ତି ବୋଲି ସେ କହିଛନ୍ତି । ସେହି ବ୍ୟକ୍ତିମାନେ ଜୀବନକୁ ଏକ ମାୟା ଓ ମିଥ୍ୟା ବୋଲି କହନ୍ତି, ତାହା ଦିବ୍ୟ ପରମସତ୍ତାକୁ ବ୍ୟକ୍ତ କରିବା ଲାଗି ଏକାନ୍ତ ଅସମର୍ଥ ବୋଲି କହନ୍ତି ।

ସରଳ ?

ମାଆ, "···ଯେଉଁ ଶକ୍ତିମାନେ ଆମର ବିରୋଧ କରି ଛିଡ଼ା ହୋଇ-ଛନ୍ତି, ସେହିମାନଙ୍କଠାରୁ ଅପହୃତ ଦ୍ରବ୍ୟଗୁଡ଼ିକୁ ଫେରାଇ ଆଣି ପାରିଲେ ଆମେ ନିଜର ଉପଲବ୍ଧିକୁ ସମୃଦ୍ଧ କରି ପାରିବା ।"

ହଁ ।

ଏହି ଅପହୃତ ଦ୍ରବ୍ୟ ପୁଣି କ'ଣ ?

ଏଗୁଡ଼ିକ ହେଉଛନ୍ତି ପୃଥିବୀରେ କାର୍ଯ୍ୟ କରୁଥିବା ଯାବତୀୟ ପ୍ରତିକୂଳ ଶକ୍ତି ।

ଏହି ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି, ସେହି ଅବସ୍ଥାରେ ତାହା ଅଧିକାଂଶତଃ ପ୍ରତିକୂଳ ଶକ୍ତିଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇ ରହିଛି । ସେହି ଶକ୍ତିଗୁଡ଼ିକୁ ଆମେ ପ୍ରତିକୂଳ ବୋଲି କହୁଛୁ, କାରଣ ସେମାନେ ଦିବ୍ୟ ଜୀବନକୁ ଆଦୌ ଇଚ୍ଛା କରୁ ନାହାନ୍ତି । ସେମାନେ ତାହାର ବିରୋଧହିଁ କରୁଛନ୍ତି । ବସ୍ତୁଗୁଡ଼ିକ ଯେଉଁଭଳି ରହିଛନ୍ତି, ସେମାନେ ସେଗୁଡ଼ିକ ସେହିପରି ରହିଥାନ୍ତୁ ବୋଲି ଇଚ୍ଛା କରୁଛନ୍ତି, କାରଣ ସେମାନେ ତାହାକୁହିଁ ପୃଥିବୀରେ ନିଜର କ୍ଷେତ୍ର ଏବଂ ନିଜର ଶକ୍ତିରେ ପରିଣତ କରି ନେଇଛନ୍ତି । ସେମାନେ ଭଲ କରି ଜାଣନ୍ତି ଯେ ଦିବ୍ୟ ପରମସତ୍ତା ଆପଣାକୁ ଯେଉଁ ମୁହୂର୍ତ୍ତରେ ପ୍ରକାଶିତ କରିଦେବେ, ସେହି ମୁହୂର୍ତ୍ତରେହିଁ ସେମାନଙ୍କୁ ସକଳ ଶକ୍ତି ତଥା ସକଳ ପ୍ରଭାବ ହରାଇ ବସିବାକୁ ପଡ଼ିବ । ତେଣୁ ସେମାନେ ଦିବ୍ୟ ପରମସତ୍ତାଙ୍କ ବିରୁଦ୍ଧରେ ଖୋଲଖୋଲି ଭାବରେ ଏକ ସମ୍ପୂର୍ଣ୍ଣ ଯୁଦ୍ଧ ଆରମ୍ଭ କରି ଦେଇଛନ୍ତି, ଏବଂ ତେଣୁ, ବାହ୍ୟ ଜୀବନରେ ସେମାନେ ଯେଉଁ ବସ୍ତୁଗୁଡ଼ିକ ଉପରେ ନିଜସ୍ୱ ଦାଖଲ କରିଛନ୍ତି, ଆମକୁ ସେଗୁଡ଼ିକୁ ସେମାନଙ୍କ ପାଖରୁ ଛିଣ୍ଡାଇ ଆଣି କରି କ୍ରମଶଃ ପୁନଃ ଜୟ କରି ଆଣିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଏହିପରି ଭାବରେ, ଏହା ଯେତେବେଳେ ସେମାନଙ୍କଠାରୁ ଛିନ୍ନ ହୋଇ ଆସି ପାରିବ, ସେତେବେଳେ ଆମେ ସେଗୁଡ଼ିକ ବସ୍ତୁର ଅଧିକାରୀ ହୋଇ ପାରିବା ।

ଅନ୍ୟ ପକ୍ଷରେ, ଯଦି, ଯେପରି ପୂର୍ବରୁ କରା ଯାଉଥିଲା, ଯାହାକୁ ଭୂମିଟିକୁ ପରିତ୍ୟାଗ କରିଦେବା ବୋଲି କୁହାଯାଏ, ଯଦି ଆମେ ସେହି ମାର୍ଗରେ ଯିବାକୁ ବସିବା, ଅର୍ଥାତ୍, ଯେଉଁଗୁଡ଼ିକର ରୂପାନ୍ତର ହୋଇପାରିବ ନାହିଁ ବୋଲି ଆମେ ସ୍ଥିର କରୁଛୁ, ଯଦି ଆମେ ସେହି ଯାବତୀୟ ବସ୍ତୁକୁ ବ୍ୟବହାର କରିବାକୁ ବାଦ ଛାଡ଼ିଦେବା, ତେବେ ସେଗୁଡ଼ିକୁ ଦିବ୍ୟ ଉପଲବ୍ଧି ଲାଗି କେବଳ ହରାଇ ବସିବାହିଁ ସାର ହେବ ।

ବାହ୍ୟ ଜୀବନର ଭୂମିରେ ହୋଇଥିବା ପ୍ରକୃତିର ଯାବତୀୟ ଉପଲବ୍ଧି, ପ୍ରକୃତି ଯାହାକିଛୁର ସର୍ଜନା କରିଛି — ଉଦାହରଣସ୍ୱରୂପ, ପୃଥିବୀପୃଷ୍ଠରେ ରହିଥିବା ଉଦ୍ଭିଦ ତଥା ପ୍ରାଣୀମାନଙ୍କର ଏହି ସମ୍ପୂର୍ଣ୍ଣ ରାଜ୍ୟଟି, ଏବଂ ପ୍ରକୃତି ଏହି ଯେଉଁ ସାଧାରଣ ମନୁଷ୍ୟ ଜଗତଟିକୁ ମଧ୍ୟ ସୃଷ୍ଟି କରିଛି — ଯଦି ଆମେ ଏହି ସବୁକିଛୁକୁ ଦିବ୍ୟ ପରମସତ୍ତାଙ୍କୁ ବ୍ୟକ୍ତ କରିବା ଲାଗି ଏକାନ୍ତ ଅସମର୍ଥ ହୋଇ ରହିଥିବା ଏକ ମାୟା ବୋଲି କହି ବର୍ଜନ କରିବା, ତେବେ ସେଗୁଡ଼ିକ ପରିଣାମତଃ ପ୍ରତିକୂଳ ଶକ୍ତିମାନଙ୍କର ହାତରେ ଯାଇ ପଡ଼ିବ; ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେମାନେ ଏଗୁଡ଼ିକୁ ଆପଣାର ଉଦ୍ଦେଶ୍ୟସାଧନ ଲାଗି କାମରେ ଲଗାଇବା ନିମନ୍ତେ ଆପଣା ପାଖରେ ରଖିବାକୁ ଚେଷ୍ଟା କରିବେ । ମାତ୍ର, ଯଦି ଆମେ ସ୍ଥିର କରିବା ଯେ, ଏଗୁଡ଼ିକ ବର୍ତ୍ତମାନ ହୁଏତ ବିକୃତ ହୋଇ ରହିଛନ୍ତି ମାତ୍ର, ଆପଣାର ଅସଲ ସତ୍ତା ଏବଂ ଉତ୍ସର ଭୂମିରେ ସେଗୁଡ଼ିକ କେବଳ ଯେ ସେହି ଦିବ୍ୟ ପରମସତ୍ତାଙ୍କର ହୋଇ ରହିଛନ୍ତି ତା' ନୁହେଁ, ମାତ୍ର ସ୍ୱୟଂ ଦିବ୍ୟ ପରମସତ୍ତାହିଁ ହୋଇ ରହିଛନ୍ତି, ତେବେ ଆମେ ସଚେତନ ତଥା ସୁବିସ୍ତୃତ ଭାବରେ ରୂପାନ୍ତର ଲାଗି କାର୍ଯ୍ୟ କରିପାରିବା ଏବଂ ବର୍ତ୍ତମାନ ସେଗୁଡ଼ିକୁ ଶାସନ କରିବାରେ ଲାଗିଥିବା ପ୍ରତିକୂଳ ଶକ୍ତିମାନଙ୍କ ହାତରୁ ସେଗୁଡ଼ିକୁ ଛଡ଼ାଇ ଆଣି ପାରିବା ।

ସରଳ ? …ନା ତଥାପି… ?

ମାଆ, ଆମର ବିଶ୍ୱଗତ ସତ୍ତା କହିଲେ କାହାକୁ ବୁଝାଏ ?

ଆମର ବିଶ୍ୱଗତ ସତ୍ତା ?…ଏହା କାହାକୁ ବୁଝାଏ ?…ମୁଁ ତୁମର ପ୍ରଶ୍ନଟିକୁ ଖୁବ୍ ଭଲ ଭାବରେ ବୁଝି ପାରିଲି ନାହିଁ ।

ଏହାର ଅର୍ଥ କ'ଣ ? "କାରଣ ଆମର ସମୁଦାୟ ପ୍ରକୃତି ତଥା ତାହାର ପରିବେଶ, ଆମର ସମସ୍ତ ବ୍ୟକ୍ତିଗତ ଆତ୍ମସତ୍ତା ଏବଂ ସମଗ୍ର

'oaob.nitrkl.ac.in' images reprocessed

> ବିଶ୍ୱଗତ ଆତ୍ମସତ୍ତା, —ଏଗୁଡ଼ିକ ଏପରି ନାନା ଅଭ୍ୟାସ ଏବଂ ପ୍ରଭାବ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାନ୍ତି, ଯେଉଁଗୁଡ଼ିକ କି ଆମ ଆଧ୍ୟାତ୍ମିକ ପୁନର୍ଜନ୍ମଲାଭର ବିରୋଧୀ ହୋଇ ରହିଥାନ୍ତି ।”···

ଆମର ବିଶ୍ୱଗତ ଆତ୍ମସତ୍ତା ହେଉଛି ଅନ୍ୟସମସ୍ତଙ୍କ ସହିତ ଏବଂ ପ୍ରକୃତିର ଯାବତୀୟ ଗତିସ୍ପନ୍ଦନ ସହିତ ରହିଥିବା ଆମର ସମ୍ବନ୍ଧ ।

ଏବଂ, ତୁମମାନଙ୍କୁ ମୁଁ ଅନେକ ସମୟରେ କହିଛି,—ନୁହେଁ କି ?—ଯେ ତୁମ ସତ୍ତାର ସର୍ବପ୍ରଥମ ସ୍ଥିତି ହେଉଛି ବହିଃସ୍ଥ ଯାବତୀୟ ପଦାର୍ଥ ସହିତ ପ୍ରାୟ ଏକ ସମ୍ପୂର୍ଣ୍ଣ ବିମିଶ୍ରଣର ସ୍ଥିତି ଏବଂ କେଣୁ ସେହି କ୍ଷେତ୍ରରେ ପ୍ରାୟ ଆଦୌ କୌଣସି ବ୍ୟକ୍ତିସ୍ୱଭାବାପନ୍ନତାର ସମ୍ଭବ ହୋଇ ନ ଥାଏ, ଅର୍ଥାତ୍, କୌଣସି ବିଶିଷ୍ଟୀକରଣ ହୋଇ ନ ଥାଏ, ଯାହାକି ତୁମକୁ ଏକ ଭିନ୍ନ ସତ୍ତାରୂପେ ପରିଣତ କରାଇ ପାରିବ । ତୁମେ—ତୁମର ଭୌତିକ ସତ୍ତା ହୋଇ ରହିଥିବା ଏକ ପ୍ରକାରର ରୂପାକୃତିହିଁ ସେତେବେଳେ ଆତଯାତ ହେଉଥାଏ—ତୁମେ ବିଶ୍ୱଗତ ଯାବତୀୟ ସାଧାରଣ ଶକ୍ତିଗୁଡ଼ିକ ଦ୍ୱାରା, ପ୍ରାଣିକ ଅଥବା ମାନସିକ ଶକ୍ତିଗୁଡ଼ିକ ଦ୍ୱାରା ଚାଳିତ ହେବାରେ ଲାଗିଥାଅ; ଏଗୁଡ଼ିକ ତୁମର ବହିରାବରଣଟି ମଧ୍ୟରେ ପ୍ରବେଶ କରନ୍ତି ଏବଂ ତାହାକୁ ଗତିଶୀଳ କରୁଥାନ୍ତି ।

କେଣୁ, ତାହାହିଁ ହେଉଛି ବିଶ୍ୱଗତ ସତ୍ତା ।

ଏବଂ ତୁମେ ଏହି ସାଧାରଣ ଅର୍ଦ୍ଧଚେତନା ମଧ୍ୟରୁ ଯାହାକିଛି ହାସଲ କରି ଆଣି ପାରିଥାଅ ଏବଂ ଯାହାକିଛି ଏକ ଅଳ୍ପବହୁତ ସ୍ୱତନ୍ତ୍ର ସତ୍ତାରୂପେ ଦାନା ବାନ୍ଧି ଆସିଥାଏ,—ତାହା ନିଜ ବିଷୟରେ ସଚେତନ ଥାଏ ଓ ତାହାର ନିଜସ୍ୱ କେତେକ ଗୁଣ ମଧ୍ୟ ରହିଥାଏ,—ଏହି ସବୁକିଛିକୁ ତୁମର ବ୍ୟକ୍ତିଗତ ସତ୍ତା ବୋଲି ବୁଝାଯିବ । ଏବଂ ଏହି ବ୍ୟକ୍ତିଗତ ସତ୍ତା ସାଧାରଣ ଜୀବନର ଅସ୍ପଷ୍ଟତା, ଅଚେତନା ଏବଂ ସୀମାବଦ୍ଧତାର ଯାବତୀୟ ଗତିସ୍ପନ୍ଦନ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାଏ, ଏବଂ ତାହାକୁହିଁ ତୁମକୁ ତାହାକୁହିଁ କ୍ରମଶଃ ଦିବ୍ୟ ପ୍ରଭାବଟି ଆଡ଼କୁ ଉନ୍ମୋଚନ କରି ଆଣିବାକୁ ହେବ ଏବଂ ତାହାକୁ ବସ୍ତୁଗୁଡ଼ିକ ବିଷୟରେ ସଚେତନ ତଥା ବୋଧସମ୍ପନ୍ନ କରାଇବାକୁ ପଡ଼ିବ । ଶ୍ରୀଅରବିନ୍ଦ ସେହି କଥାଟିକୁ କହୁଛନ୍ତି ।

ବସ୍ତୁତଃ, ଏକ ବ୍ୟକ୍ତିସତ୍ତାକୁ ସମ୍ଭବ କରିବା ହେଉଛି ସର୍ବପ୍ରଥମ ବିଜୟ । ଏବଂ, ତା'ପରେ, ଏକ ପରବର୍ତ୍ତୀ ପର୍ଯ୍ୟାୟରେ, ଦ୍ୱିତୀୟ ବିଜୟ ସ୍ୱରୂପ ଏହି ବ୍ୟକ୍ତିସତ୍ତାକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ସମର୍ପଣ କରିଦେବାକୁ ପଡ଼ିବ । ଏବଂ ତୃତୀୟ ବିଜୟଟି ହେଉଛି ଯେ, ଦିବ୍ୟ ପରମସତ୍ତା ତୁମର ସେହି ବ୍ୟକ୍ତିସତ୍ତାକୁ ଏକ ଦିବ୍ୟ ସତ୍ତାରେ ପରିଣତ କରିଦେବେ ।

'oaob.nitrkl.ac.in' images reprocessed

ଏହିପରି ଭାବରେ ପର୍ଯ୍ୟାୟ ତିନୋଟି : ପ୍ରଥମ ପର୍ଯ୍ୟାୟଟି ହେଲା ଏକ ବ୍ୟକ୍ତିରେ ପରିଣତ ହେବା, ଦ୍ୱିତୀୟ ପର୍ଯ୍ୟାୟରେ ସେହି ବ୍ୟକ୍ତିଟିକୁ ସମର୍ପଣ କରିଦେବା, ଯେପରିକି ତାହା ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ଦେଇ ଦେଇ ପାରିବ ଓ ତାଙ୍କର ସହିତ ଏକାତ୍ମକ ହୋଇଯିବ; ଏବଂ ତୃତୀୟ ପର୍ଯ୍ୟାୟଟି ହେଉଛି ଯେ, ଦିବ୍ୟ ପରମସତ୍ତା ଏହି ବ୍ୟକ୍ତିସତ୍ତାକୁ ଆପଣାର ଅଧିକାରକୁ ନେଇନେବେ ଏବଂ ତାହାକୁ ବଦଳାଇ ଆପଣାର ଅନୁରୂପ ଏକ ସତ୍ତାରେ ପରିଣତ କରିଦେବେ; ଅର୍ଥାତ୍ ସିଏ ମଧ୍ୟ ଏକ ଦିବ୍ୟ ସତ୍ତାରେ ପରିଣତ ହୋଇ ପାରିବ ।

ସାଧାରଣତଃ ଯାବତୀୟ ଯୋଗମାର୍ଗ ଦ୍ୱିତୀୟଟି ପାଖକୁ ଆସି ସେଇଠି ଅଟକି ଯାଉଥିଲେ । ଯେତେବେଳେ ସାଧକ ଆପଣାର ବ୍ୟକ୍ତିତ୍ୱକୁ ନେଇ ସମର୍ପିତ କରିଦେଇ ପାରୁଥିଲା ଏବଂ ସମ୍ପୂର୍ଣ୍ଣ କୁଣ୍ଠାମୁକ୍ତ ଭାବରେ ଦିବ୍ୟ ପରମସତ୍ତାଙ୍କ ସହିତ ତଦାତ୍ମକତା ଅର୍ଜନ କରିବା ସକାଶେ ନିଜକୁ ତାଙ୍କ ପାଖରେ ଅର୍ପଣ କରି ଦେଉଥିଲା, ସେତେବେଳେ ସିଏ ତା'ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲା ବୋଲି ବିଚାର କରୁଥିଲା, ସେତିକରେ ସବୁକିଛି ହାସଲ ହୋଇଗଲା ବୋଲି ଭାବୁଥିଲା ।

ମାତ୍ର ଆମେ ସେଇଠାରୁହିଁ ଆରମ୍ଭ କରୁ ଏବଂ କହୁ, "ନାହିଁ, ଏହା କେବଳ ଏକ ଆରମ୍ଭ ମାତ୍ର । ଆମେ ଇଚ୍ଛା କରୁଛୁ ଯେ, ଆମେ ଏହି ଯେଉଁ ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କଲୁ, ସେଇ ଆମର ବ୍ୟକ୍ତି-ଆୟତନ ମଧ୍ୟରେ ପ୍ରବେଶ କରି ତାହାକୁ ଏକ ଦିବ୍ୟ ପୃଥିବୀରେ କାର୍ଯ୍ୟ କରୁଥିବା ଏକ ଦିବ୍ୟ ବ୍ୟକ୍ତିତ୍ୱ ରୂପେ ଗଠନ କରି ନିଅନ୍ତୁ । ଏବଂ ଏହି ପ୍ରକ୍ରିୟାଟିକୁ ଆମେ ରୂପାନ୍ତର ବୋଲି କହୁଛୁ । ମାତ୍ର, ଅନ୍ୟ କଥାଟି ଏହା ପୂର୍ବରୁ ହେବ, ପୂର୍ବରୁହିଁ ଅବଶ୍ୟ ହେବ । ଯଦି ସେଇଟି ସମ୍ପନ୍ନ ହୋଇ ନ ଥିବ, ତେବେ ତୃତୀୟଟିକୁ ସମ୍ପନ୍ନ କରିବା ଲାଗି ଆଦୌ କୌଣସି ଅବକାଶ ନ ଥିବ । ଆମେ ପ୍ରଥମଟିରୁ କଦାପି ଏକାବେଳେକେ ତୃତୀୟଟିକୁ ଡେଇଁ ଯାଇ ପାରିବା ନାହିଁ; ଆମକୁ ଦ୍ୱିତୀୟଟିର ମଧ୍ୟଦେଇ ଯିବାକୁହିଁ ପଡ଼ିବ ।"

ମାଆ, ତୃତୀୟଟି ତ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ଉପରେହିଁ ନିର୍ଭର କରୁଛି; ସିଏ ଅଧିକାର କରିନେବାକୁ ଇଚ୍ଛା କରୁଛନ୍ତି କି ନାହିଁ, ତାହାରି ଉପରେ ନିର୍ଭର କରୁଛି ।

ବସ୍ତୁତଃ ସବୁକିଛି ସେହି ଦିବ୍ୟ ପରମସତ୍ତାଙ୍କ ଉପରେହିଁ ନିର୍ଭର କରେ । ତାଙ୍କ ବିଷୟରେ ତୁମର ଯେଉଁ ଚେତନାଟି ରହିଥାଏ, ତାହାହିଁ ଭିନ୍ନ ଭିନ୍ନ ହୋଇଥାଏ । ତେଣୁ, ବସ୍ତୁତଃ, ତୃତୀୟ ପର୍ଯ୍ୟାୟଟିରେ, ଆମେ ଏହିପରି ଏକ

'oaob.nitrkl.ac.in' images reprocessed

ଚେତନା ଲାଭ କରୁ ଯେ କେବଳ ସେହି ଦିବ୍ୟ ପରମସତ୍ତାହିଁ ସବୁକିଛି କରୁଛନ୍ତି; ତେଣୁ ଏହା ସମ୍ପୂର୍ଣ୍ଣ ସ୍ୱଭାବରେ ପ୍ରକୃତରେ ତାଙ୍କରି ଉପରେହିଁ ନିର୍ଭର କରୁଛି ।

ଯେତେବେଳେ ତୁମେ ଏହିପରି କହୁଥାଅ, ତୁମ ଚେତନାର ଯେଉଁ ଅଂଶଟି ତଥାପି ଆପଣାର ପୃଥକତ୍ୱ ଏବଂ ପୃଥକ୍ ଅସ୍ତିତ୍ୱ ବିଷୟରେ ବିଶ୍ୱାସ କରୁଥାଏ, ସେତେବେଳେ ତାହା ଅନ୍ୟ ଅଂଶଟି ଆଡ଼କୁ ଅନାଇ ଏହିପରି କହୁଥାଏ, "ବାଃ, ଖୁବ୍ ଭଲ ହେଲା, ଏଣିକି ମୋତେ ଆଉ କିଛିହେଲେ କରିବାକୁ ପଡ଼ିବ ନାହିଁ ।" ମାତ୍ର ଯଦି ତାହାର ଆଉ କୌଣସି ଅସ୍ତିତ୍ୱ ନ ଥାଏ, ଯଦି ଏଇଟି ନିଜେ ମଧ୍ୟ ସେହି ଦିବ୍ୟ ପରମସତ୍ତା ବୋଲି ସିଏ ଜାଣୁଥାଏ, ତେବେ ତାହାର ଆଦୌ ସେଭଳି ଧାରଣା ହେବ ନାହିଁ । ତା'ପରେ ମଧ୍ୟ ସିଏ ସକଳ କାର୍ଯ୍ୟ କରେ, ସେହିପରି କରି ଚାଲିଥାଏ; ମାତ୍ର ଯଥାର୍ଥ ଚେତନା ସହିତ ତାହା କରୁଥାଏ, ବିକୃତ ଚେତନାଟିରୁ ମୁକ୍ତ ହୋଇ ସବୁ କରୁଥାଏ ।

(ମାଆ ନୀରବ ରହିଲେ)

ସରଳ ?

ମାଆ, ଦିବ୍ୟ ପରମ ଉପସ୍ଥିତିକୁ ନିରନ୍ତର ଅନୁଭବ କରିହେବ କିପରି ?

କାହିଁକି ନ ହେବ ?

ମାତ୍ର ସେଇଟି କିପରି ସମ୍ଭବ ହେବ ?

ମାତ୍ର ମୁଁ ତ ପଚାରୁଛି, ଜଣେ କାହିଁକି ସେପରି ଅନୁଭବ ନ କରିବ । ଆମେ କିପରି ତାହାକୁ ଅନୁଭବ କରି ପାରିବା ବୋଲି ନ ପଚାରି, ମୁଁ ବରଂ ଏହି ଅନ୍ୟ ପ୍ରଶ୍ନଟିକୁ ପଚାରିବି, "ତୁମେ ଯେପରି ତାହା ଅନୁଭବ କରି ନ ପାରିବ, ସେଥିଲାଗି ତୁମକୁ ପ୍ରକୃତରେ କ'ଣ କରିବାକୁ ହେବ ?" ଦିବ୍ୟ ପରମ ଉପସ୍ଥିତିକୁ ଅନୁଭବ ନ କରିବା ଲାଗି ବସ୍ତୁତଃ ଆଦୌ କୌଣସି କାରଣ ନାହିଁ । ଯଦି ଥରେ, ଥରେ ମାତ୍ର, ତୁମେ ସେହି ଅନୁଭୂତିଟିକୁ ଲାଭ କରିଥିବ, ତେବେ ତାହାକୁ ସତତ ଅନୁଭବ କରିବା ଲାଗି ମଧ୍ୟ ତୁମେ ଅବଶ୍ୟ ସମର୍ଥ ହେବ; କାରଣ ଏହା ସେହି କ୍ଷେତ୍ରରେ ସର୍ବଦାହିଁ ବିଦ୍ୟମାନ ରହିଥିବ । ଏହା ପ୍ରକୃତରେ ଏକ ସତ୍ୟ କଥା । କେବଳ ଆମର ଅଜ୍ଞାନତାହିଁ ଆମକୁ ଏହି ବିଷୟରେ ଅନବଗତ କରି ରଖିଥାଏ । ମାତ୍ର, ଯଦି ଆମେ ସଚେତନ ହୋଇ ପାରିବା, ତେବେ ସବୁବେଳେ ମଧ୍ୟ କାହିଁକି ସେହି ସଚେତନ ଅବସ୍ଥାରେହିଁ ରହି ନ ପାରିବା ? କାହିଁକି ଶିକ୍ଷା କରିଥିବା

'oaob.nitrkl.ac.in' images reprocessed

ବିଷୟଟିକୁ ପାସୋର ପକାଇବା ? ଥରେ ସେହି ଅନୁଭବଟି ହୋଇଥିଲେ, ଆମେ ଏହାକୁ କାହିଁକି ଭୁଲିଯିବା ? ଏହାକୁ କେବଳ ଏକ ମନ୍ଦ ଅଭ୍ୟାସ ବୋଲିହିଁ କୁହାଯିବ, ନୁହେଁ ?

ଏପରି ଗୋଟିଏ ବିଷୟ ରହିଛି, ଯାହାକି ପ୍ରକୃତରେ ଏକ ସତ୍ୟ; ଅର୍ଥାତ୍ ଏହା ଅବଶ୍ୟ ରହିଛି । ମାତ୍ର ଆମର ସେବିଷୟରେ କୌଣସି ଅବଗତି ନାହିଁ ଏବଂ ତେଣୁ ଆମେ ତାହାକୁ ଜାଣିପାରୁ ନାହୁଁ । ମାତ୍ର, ସଚେତନ ହୋଇ ତାହାକୁ ଜାଣିସାରିବା ପରେ, ଆମେ ତଥାପି କାହିଁକି ତାହାକୁ ପାସୋରିଦେବା ? ଏହାର ପ୍ରକୃତରେ କୌଣସି ଅର୍ଥ ଅଛି କି ? ଏପରି ଯେ ଘଟୁଛି, ତାହାର ଏକମାତ୍ର କାରଣ ହେଉଛି ଯେ, ଆମର ଏହି ବିଷୟରେ କୌଣସି ଦୃଢ଼ ପ୍ରତ୍ୟୟ ଆସି ନାହିଁ ଯେ, ଦିବ୍ୟ ପରମତତ୍ତ୍ୱଙ୍କ ସହିତ ଥରେ ସାକ୍ଷାତ ହେଲେ ତାଙ୍କୁ ଭୁଲିଯିବା ଆଉ କଦାପି ସମ୍ଭବ ହୁଏ ନାହିଁ । ବରଂ, ଅନ୍ୟ ପକ୍ଷରେ, ଆମେ ନାନା ନିର୍ବୋଧ ଧାରଣାରେ ପୂର୍ଣ୍ଣ ହୋଇ ରହିଥାଉ ଓ ସେଗୁଡ଼ିକ ଆମକୁ କହୁଥାନ୍ତି, "ହଁ, ଥରେ ସେପରି ଅନୁଭବ ହେଲା, ଭଲ ହେଲା; ମାତ୍ର ଏହାପରେ ପୁନର୍ବାର ସେହି ସାଧାରଣ ଅବସ୍ଥାକୁ ଫେରି ଆସିବାକୁ ପଡ଼ିବ ।" ତେଣୁ ଏହା ଆଉ ଥରେ କାହିଁକି ଆରମ୍ଭ ନ ହେବ, ତାହାର ମୋଟେ କୌଣସି କାରଣ ନାହିଁ ।

ମାତ୍ର, ଯଦି ଆମେ ଜାଣିଥିବା ଯେ, ··· କୌଣସି ବସ୍ତୁକୁ ଆମେ ଜାଣି ନ ଥିଲୁ, ଅଜ୍ଞାନ ହୋଇ ରହିଥିଲୁ, ତା'ପରେ ଯେଉଁ ମୁହୂର୍ତ୍ତରେ ଜ୍ଞାନଲାଭ ହେଲା··· ମୁଁ ପ୍ରକୃତରେ ନିଷ୍କପଟ ଭାବରେ ପଚାରୁଛି ଆମେ ଏହାକୁ କିପରି ପାସୋରିଯାଇ ପାରିବା । ଆମେ କୌଣସି ବିଷୟରେ ଜାଣି ନାହୁଁ, ତାହା ଏକ ବାସ୍ତବ ଘଟଣା; ଏପରି ଅଗଣିତ ପଦାର୍ଥ ରହିଛି ଯାହାକୁ ଆମେ ଜାଣି ନାହୁଁ । ମାତ୍ର ଯେଉଁ ମୁହୂର୍ତ୍ତରେ ଜାଣିବାକୁ ପାଉଛୁ, ଯେଉଁ ମୁହୂର୍ତ୍ତରେ ଆମର ସେହି ଅନୁଭୂତିଟି ଘଟୁଛି, ତା'ପରେ ଆମେ ତାହାକୁ ପୁନର୍ବାର କିପରି ଭୁଲିଯାଇ ପାରିବା ? ତୁମ ନିଜ ଭିତରେ ଦିବ୍ୟପରମ ଉପସ୍ଥିତି ବିରାଜିତ ରହିଛି, ତୁମେ ତାହା ବିଷୟରେ ଆଦୌ କିଛି ଜାଣି ନାହଁ — ତାହାର ଯାବତୀୟ ପ୍ରକାରର କାରଣ ରହିଛି, ମାତ୍ର ମୁଖ୍ୟ କାରଣଟି ହେଉଛି ଯେ, ତୁମେ ଅଜ୍ଞାନର ସ୍ଥିତି ମଧ୍ୟରେ ରହୁଛ । ତଥାପି, ପରିସ୍ଥିତିର ଏକ ହଠାତ୍ ପରିବର୍ତ୍ତନ ଫଳରେ ତୁମେ ଏହି ଦିବ୍ୟ ପରମ ଉପସ୍ଥିତି ବିଷୟରେ ସଚେତନ ହୋଇପାରୁଛ, ଅର୍ଥାତ୍, ତୁମେ ଏକ ସତ୍ୟର ମୁହାଁମୁହିଁରେ ଆସି ଛିଡ଼ା ହେଉଛ — କେବଳ କଳ୍ପନାରେ ନୁହେଁ, ଏହା ଏକ ସତ୍ୟ ରୂପେହିଁ ଘଟୁଛି, ଏହାର ଏକ ପ୍ରକୃତ ଅସ୍ତିତ୍ୱ ରହିଛି । ତେବେ, ଥରେ ତାହାର ଅବଗତି ହୋଇଯିବା ପରେ ତୁମେ ପୁଣି ତାକୁ ଭୁଲିଯାଇ ପାରିବ କିପରି ?

'oaob.nitrkl.ac.in' images reprocessed

ମାତ୍ର, ଅଜ୍ଞାନର ଏହି ସ୍ଥିତିଟି ଆମ ଭିତରେ ତଥାପି ରହିଛି ।

ଆଚ୍ଛା ? ମାତ୍ର ତାହିଁକି ରହୁଛି ? କାରଣ ତୁମେ ଦୃଢ଼ ଭାବରେ ବିଶ୍ୱାସ କରୁଛ ଯେ ଏହାହିଁ ଏକ ସାଧାରଣ ଅବସ୍ଥା ଏବଂ ତାହାକୁ କଦାପି ଅନ୍ୟଥା କରି ହେବ ନାହିଁ ।

ମାତ୍ର, ତୁମେ ଯେଉଁ ମୁହୂର୍ତ୍ତରେ ଜାଣିବାକୁ ପାଇବ ଯେ, ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଅସ୍ୱାଭାବିକ ଅବସ୍ଥା, ଏହା ହେଉଛି ଯଥାର୍ଥ ସତ୍ୟର ବିରୋଧୀ, ତେବେ ତା'ପରେ ତୁମେ ତାହାର ପୁନରାବୃତ୍ତି କରିପାରିବ କିପରି ? ତାହାର ଏକମାତ୍ର କାରଣ ହେଉଛି ଯେ ତୁମର ଯଥାର୍ଥ ପ୍ରତ୍ୟୟ ତଥାପି ହୋଇପାରି ନାହିଁ । କାରଣ, ଦିବ୍ୟ ପରମ ଉପସ୍ଥିତିର ଅନୁଭୂତ ହେବା ସମୟରେ ତୁମକୁ ତାହା କାଳ୍ପନିକ, ଅଲୌକିକ ଏବଂ ଅସାଧାରଣ କୌଣସି ବସ୍ତୁ ବୋଲି ବୋଧ ହେଉଛି, ପ୍ରାୟ ଏକ ଅସ୍ୱାଭାବିକ ଘଟଣା ବୋଲି ବୋଧ ହେଉଛି । ଏବଂ ତେଣୁ, ... "ଏହି ଉଦାର ଅବସ୍ଥାଟି — ଏଇଟିକୁ ମୁଁ କିପରି ସ୍ଥାୟୀ କରି ରଖିପାରିବି ? ଏହା ତ ମୋ ନିଜ ଅସ୍ତିତ୍ୱଟିର ସମ୍ପୂର୍ଣ୍ଣ ବିରୋଧବାଚୀ ଗୋଟିଏ ଘଟଣା ।" ମାତ୍ର, ବସ୍ତୁତଃ ଏଇଟିହିଁ ଅସଲ ନିର୍ବୋଧତା । କାରଣ, ଏହି ଉଦାର ଅବସ୍ଥାଟି ହେଉଛି ସାଧାରଣ ଅବସ୍ଥା; ଏବଂ ତୁମେ ସତତ ଯେଉଁ ଅବସ୍ଥାରେ ବାସ କରୁଛ, ତାହା ଆଦୌ ସାଧାରଣ ଅବସ୍ଥା ନୁହେଁ, ତାହା ହେଉଛି ଏକ ମିଥ୍ୟାକରଣ, ଏକ ବିକୃତ—ତାହା ଏପରି ଏକ ସ୍ଥିତି...ଯାହାକି ଆଦୌ ସ୍ୱାଭାବିକ ନୁହେଁ ।

ମାତ୍ର ଯଥାର୍ଥ ଜ୍ଞାନଲାଭ କରି ପରମସତ୍ୟରେ ଜୀବନକୁ ବଞ୍ଚିବା — ବସ୍ତୁତଃ ଏହାହିଁ ସ୍ୱାଭାବିକ ସ୍ଥିତି । ତେବେ, ଏକଥା କିପରି ଘଟୁଛି ଯେ, ଥରେ ସେହି ସ୍ଥିତିଟିକୁ ଲାଭ କରିସାରିବା ପରେ ... ଏହା ସେତେବେଳେ ତ ଏହାର ଅବସାନ ଘଟିବ, ଅସ୍ୱାଭାବିକ ସ୍ଥିତିଟି ଅପସାରିତ ହୋଇଯିବ, ତୁମେ ସ୍ୱାଭାବିକ ହୋଇ ପରମସତ୍ୟ ମଧ୍ୟରେ ଜୀବନ ବଞ୍ଚୁଥିବ । ଥରେ ସେହି ପରମସତ୍ୟ ମଧ୍ୟରେ ଅବସ୍ଥାନ କରିପାରିଲେ ତୁମେ ସେଥିରୁ ପୁଣି କିପରି ବାହାରକୁ ବାହାରିଯାଇ ପାରିବ ?

ଏହାର ଅତ୍ୟନ୍ତ ସହଜବୋଧ କାରଣଟି ହେଉଛି ଯେ, ତୁମେ ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ସେହି ସତ୍ୟଟି ମଧ୍ୟରେ ଆଦୌ ପ୍ରବେଶ କରି ନାହଁ; ଏବଂ, ତୁମର କେବଳ ଗୋଟିଏ ଭାଗ ସତ୍ୟଟିକୁ ଲାଭ କରିଛି ଏବଂ ଅନ୍ୟଗୁଡ଼ିକ ଏପର୍ଯ୍ୟନ୍ତ ତାହାକୁ ଲାଭ କରି ନାହାନ୍ତି; ଏବଂ ତା'ପରେ, ତୁମର ଯେଉଁ ଭାଗଟି ଅନୁଭୂତିଟିକୁ ଲାଭ କରିଥିଲା, ତୁମେ ନିଜର ସେହି ଭାଗରେ ନ ରହି ତାହାକୁ ଏପର୍ଯ୍ୟନ୍ତ ଲାଭ କରି ନ ଥିବା ଭାଗଗୁଡ଼ିକରେ ବାସ କରିବାକୁ ଆରମ୍ଭ କରିଦେଉଛ; ଏବଂ ତେଣୁ

'oaob.nitrkl.ac.in' images reprocessed

ତୁମର ଏହି ଯାବତୀୟ ସ୍ତରକୁ କ୍ରମଶଃ ସେହି ଅନୁଭୂତିଟିକୁ ଲାଭ କରିବାକୁ ପଡ଼ିବ ।

ମୋ ପ୍ରଶ୍ନଟିର ଏହାହିଁ ଉତ୍ତର ଓ ତୁମେ ମୋତେ ଏହି ଉତ୍ତରଟିକୁ ଦେଇଥାନ୍ତ : କାରଣ ହେଉଛି, ଆମେ ସମ୍ପୂର୍ଣ୍ଣ ଗୋଟାଏ ହୋଇ ତିଆରି ହୋଇ ନାହୁଁ ଏବଂ, ଯେଉଁ ସ୍ତରଟି ସେହି ଅନୁଭୂତିଟିକୁ ଲାଭ କରିଛି, ତାହା ଆମ ଭିତରେ ଏକମାତ୍ର ସ୍ତର ହୋଇ ରହି ନାହିଁ ଏବଂ ସର୍ବଦା ସେହି କ୍ଷେତ୍ରରେ ଉପସ୍ଥିତ ବି ନାହିଁ; ଅନ୍ୟ ଅନେକ ପ୍ରକାରର ସ୍ତର ଆସି ତା'ର ସ୍ଥାନଟିକୁ ଅଧିକାର କରି ନେଉଛନ୍ତି । ସେହି ଅନ୍ୟ ସ୍ତରଗୁଡ଼ିକର ଏପର୍ଯ୍ୟନ୍ତ ସେହି ଅନୁଭୂତି ହୋଇ ନାହିଁ । ସେମାନଙ୍କୁ ମଧ୍ୟ ସେହି ଅନୁଭୂତି ଲାଭ କରିବାକୁ ପଡ଼ିବ । ସେହି କାରଣରୁ ଏପରି ହେଉଛି ।

ମାତ୍ର, ପ୍ରକୃତ କଥା କହିବାକୁ ଗଲେ, ଏପରି ହେବା ଆଦୌ ଅନିବାର୍ଯ୍ୟ ନୁହେଁ । କାରଣ, ଯେଉଁ ସ୍ତରଟି ଅନୁଭୂତିଟିକୁ ଲାଭ କରିଛି ଓ ଅବଗତ ରହିଛି, ତାହା ପୂର୍ବୋକ୍ତସ୍ତରରେ ରହି ସ୍ୱୟଂ ଚେତନାର ପରିଚାଳନା କରି ପାରୁ ନ ଥିଲେ ମଧ୍ୟ, ଯଦି ତଥାପି ଅଜ୍ଞାନ ମଧ୍ୟରେ ରହିଥିବା ଆଉଗୋଟିଏ ସ୍ତର ଆସି ତାହାର ସ୍ଥାନ ମାଡ଼ି ବସୁଛି, ତଥାପି ଅନ୍ୟ ପ୍ରଥମଟିକୁ ଭୁଲିଯିବାର ଆଦୌ କୌଣସି କାରଣ ନାହିଁ; କାରଣ ସେହି ଅନ୍ୟ ସ୍ତରଟି ମଧ୍ୟ ତୁମ ଭିତରେ ରହିଥିବା ଗୋଟିଏ ସ୍ତର, ତାହା ସେତେବେଳେ ମଧ୍ୟ ତୁମରି ଭିତରେ ଅଛି ଏବଂ ସେହିଠାରେ ଅବସ୍ଥିତ ରହିଛି । ତେବେ ଆମେ ଏହାକୁ ଭୁଲି ଯାଉଛୁ କାହିଁକି ? ଯେତେବେଳେ ସେହି ଅସ୍ପଷ୍ଟ, ଅଚେତନ ଓ ଅଜ୍ଞାନ ସ୍ତରଟି ଆସି ଉପସ୍ଥିତ ହୋଇ ଯାଉଛି, ତେବେ ଆମେ ତାକୁ କାହିଁକି ସଙ୍ଗେ ସଙ୍ଗେ ଏହିପରି ଭାବରେ ଅନ୍ୟ ସ୍ତରଟିର ସମ୍ମୁଖରେ ଉପସ୍ଥାପିତ କରି ନ ପାରୁଛୁ, ଯେପରିକି ସିଏ ପ୍ରକୃତରେ ଅଜ୍ଞାନ ମଧ୍ୟରେ ରହିଛି ବୋଲି ଏଇଟି ତାକୁ ଦର୍ଶାଇଦେଇ ପାରିବ ? ଏକଥାଟିକୁ ତ ପ୍ରତ୍ୟେକ ବ୍ୟକ୍ତି କରିପାରିବେ । କେବଳ ସେହିପରି କରିବାକୁ ଇଚ୍ଛା କଲେ ହେଲା । ଆମେ ପୁନର୍ବାର ସେହି ଭୁଲ୍ ଭିତରେ ଯାଇ ନିପତିତ ହେବାକୁ କଦାପି ବାଧ୍ୟ ନୋହୁଁ, ଅସ୍ପଷ୍ଟତା, ଅଜ୍ଞାନ ଏବଂ ନିର୍ବୋଧତା ମଧ୍ୟରେ ପୁଣି ଯାଇ ପଡ଼ିଯିବାକୁ ଆଦୌ ବାଧ୍ୟ ନୋହୁଁ ।

ଏପରି ଘଟୁଛି କାରଣ ଆମ ଭିତରେ ରହିଥିବା କୌଣସି ବସ୍ତୁ, ଭୀରୁତା ଅଥବା ପଳାୟନବାଦ, ଯେଉଁ କାରଣରୁ ହେଉ ପଛକେ, ତାହାକୁ ସ୍ୱୀକାର କରି ନେଉଛି । ଯଦି ତାହା ସେପରି ସ୍ୱୀକାର କରି ନ ନେଉଥାନ୍ତା, ତେବେ ଏହା କେବେହେଲେ ଘଟି ନ ଥାନ୍ତା ।

'oaob.nitrkl.ac.in' images reprocessed

ଏପରିକି, ଯେତେବେଳେ ସବୁକିଛି ଉତ୍ସଖଣାକୁ ଅନ୍ଧାର ହୋଇ ଗଲାପରି ବୋଧ ହୁଏ, ଅଗ୍ନିଶିଖାଟି ଏବଂ ଅସଲ ଆଲୋକଟି ତଥାପି ସେଠାରେ ଅବସ୍ଥିତ ରହିଥାନ୍ତି । ଏବଂ ଯଦି ଆମେ ସେମାନଙ୍କୁ ଭୁଲି ଯାଇ ନ ଥାଉ, ତେବେ ଆମକୁ କେବଳ ସେଗୁଡ଼ିକୁ ସମ୍ମୁଖରେ ଅନ୍ଧକାରାଚ୍ଛନ୍ନ ହୋଇ ରହିଥିବା ଅଂଶଟିକୁ ଉପସ୍ଥାପିତ କରିଦେବାକୁ ପଡ଼ିବ; ଫଳରେ ହୁଏତ ଦୁହିଁଙ୍କ ଭିତରେ ଏକ ଯୁଦ୍ଧ ଲାଗିବ, ହୁଏତ କଷ୍ଟକୁ ଅସୁବିଧା ମଧ୍ୟ ଉପୁଜିବ, ମାତ୍ର ତାହା କେବଳ ସାମୟିକ ଭାବରେ ହେବ; ତାହା ତୁମକୁ କଦାପି ତୁମ ମୂଳଦୁଆ ଉପରୁ ଉଡ଼ାଇନେଇ ପାରିବ ନାହିଁ ।

ସେହି କାରଣରୁ କୁହାଯାଇଛି—ଏବଂ ଏହା ଯଥାର୍ଥରେ କୁହା ଯାଇଛି—କୁହାଯାଇଛି ଯେ ଅଜ୍ଞାନ ହେତୁ କୌଣସି ପାପାଚରଣ କଲେ ତାହାର ହୁଏତ ଅନେକ ମାରାତ୍ମକ ପରିଣାମ ଘଟିବ, କାରଣ, କୌଣସି ବ୍ୟକ୍ତି ଭୁଲ କଲାବେଳେ ସୁନିଶ୍ଚିତ ଭାବରେ ସେଗୁଡ଼ିକର ଏକ ପରିଣାମ ମଧ୍ୟ ଘଟିଥାଏ, ସାଧାରଣତଃ ଏହି ପରିଣାମଗୁଡ଼ିକ ବାହ୍ୟ ଏବଂ ଭୌତିକ କ୍ଷେତ୍ରରେ ଘଟିଥାଏ । ମାତ୍ର, ତଦ୍ୱାରା ଖୁବ୍ ବେଶୀ କ୍ଷତିହୁଏ ନାହିଁ । ମୁଁ ତୁମମାନଙ୍କୁ ଏକାଧିକ ଥର ଏକଥା କହିଛି । ମାତ୍ର, ଯାହା ପ୍ରକୃତରେ ସତ୍ୟ, ଯେତେବେଳେ ଆମେ ତାହା ଜାଣିବାକୁ ପାଉ, ଯେତେବେଳେ ପରମ ସତ୍ୟର ଦର୍ଶନ ହୁଏ, ଅନୁଭବ ବି ହୁଏ, ତା'ପରେ ପୁନର୍ବାର ପାପକୁ ସ୍ୱୀକାର କରିବା, ଅର୍ଥାତ୍, ପୁନର୍ବାର ସେହି ଅଜ୍ଞାନ ଏବଂ ଅସ୍ପଷ୍ଟତା ମଧ୍ୟରେ ଯାଇ ନିପତିତ ହେବା—ଏହାକୁ ସୁନିଶ୍ଚିତ ଭାବରେ ଏକ ଅନନ୍ତ ଗୁଣରେ ଅଧିକ ଗମ୍ଭୀର ଭୁଲ୍ ବୋଲି କହିବାକୁ ହେବ । ତା'ପରେ ଏହା ଅଶୁଭ-ଇଚ୍ଛାର ରାଜ୍ୟାନ୍ତର୍ଗତ ହୋଇ ରହିବାକୁ ଆରମ୍ଭ କରେ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏହା ଶିଥିଳତା ଏବଂ ଦୁର୍ବଳତାରହିଁ ଏକ ସଙ୍କେତ ହୋଇ ରହିଥାଏ । ଏହା ସୂଚିତ କରେ ଯେ ଆମର ଇଚ୍ଛାଶକ୍ତି ତଥାପି ଦୁର୍ବଳ ହୋଇ ରହିଛି ।

କେଣ୍ଡ ତୁମର ପ୍ରଶ୍ନଟିକୁ ଓଲଟା ଆଡ଼ୁ ପଚରାଯାଇ ପାରିବ । ସେହି ଭାବଟିକୁ କପରି ସ୍ଥାୟୀ କରି ରଖାଯାଇ ପାରିବ, ସେହିପରି ଏକ ପ୍ରଶ୍ନ ନ ପଚାରି ତୁମେ ନିଜକୁ "ଏହାକୁ ପ୍ରକୃତରେ କପରି ସ୍ଥାୟୀ କରି ରଖା ନ ଯାଇପାରିବ" ବୋଲି ପଚାରିବ । ସେହି ବସ୍ତୁଟି ଆମ ପାଖରେ ନାହିଁ, — ଜ୍ଞାନଲାଭର କ୍ଷଣଟି ଆସିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ସେହି ସ୍ଥିତିରେ ଅବସ୍ଥାନ କରୁଥାନ୍ତି; ଅବଗତ ହେବା ପୂର୍ବରୁ ଅନବଗତ ଅବସ୍ଥାରେ ରହିଥାନ୍ତି । ମାତ୍ର ଥରେ ଅବଗତ ହୋଇଗଲେ ଆଉ କଦାପି ଭୁଲିଯିବା ସମ୍ଭବ ହେବ ନାହିଁ । ଏବଂ ଯଦି ଭୁଲି ହୋଇଯାଏ, ତେବେ ତାହାର ଅର୍ଥ ହେବ ଯେ, ତୁମ ଭିତରେ ଏପରି କିଛି

'oaob.nitrkl.ac.in' images reprocessed

ରହିଛି, ଯାହାକୁ ଭୁଲିଯିବା ଲାଗିହିଁ ଆପଣାର ସମ୍ମତି ପ୍ରଦାନ କରୁଛ, ଏହାର ଅର୍ଥ ହେବ ଯେ ତୁମ ଭିତରେ କେଉଁଠି ନା କେଉଁଠି ତାହା ଲାଗି ଏକ ସମର୍ଥନ ରହିଛି; ତା' ନ ହେଲେ ତୁମେ କଦାପି ଭୁଲି ଯାଆନ୍ତ ନାହିଁ ।

(ମାଆ ନୀରବ ରହିଲେ)

ସହଜ ?

ସହଜ ? ଆଉ କିଛି ନାହିଁ ତ ?

କେଉଁଠି ହେଲେ କୌଣସି ପ୍ରଶ୍ନ ନାହିଁ ?

ତୁମେମାନେ ଧ୍ୟାନରେ ବସିବାକୁ ଚାହୁଁଛ କି ? ଚାହୁଁଛ ନୁହେଁ ?

(ଧ୍ୟାନ ଆରମ୍ଭ ହେଲା)

'oaob.nitrkl.ac.in' images reprocessed

# ୨୨ ଡିସେମ୍ବର ୧୯୫୬

ମାଆ "ଯୋଗ-ସମନ୍ୱୟ" ପୁସ୍ତକର "ଆତ୍ମୋତ୍ସର୍ଗ" ଅଧ୍ୟାୟରୁ କିଛି ପାଠ କଲେ ।

"ସାଧକ ଅନେକ ସମୟରେ ଦେଖିବାକୁ ପାଇଥାଏ ଯେ, ଆପଣାର ପଥରେ ଅଟଳ ରହି ସିଏ ନିଜର ବ୍ୟକ୍ତିଗତ ସଂଗ୍ରାମଟିରେ ବିଜୟ ହାସଲ କରିଥିଲେ ମଧ୍ୟ ତାକୁ ତଥାପି ବାରଂବାର ସେହି ବିଜୟଟିକୁ ହାସଲ କରିବାକୁ ପଡ଼ୁଛି ।..."

**ହଁ, କ'ଣ ହେଲା ?**

ତେବେ ଏହାର କ'ଣ ଏହି ଅର୍ଥ ହେବ ଯେ ତା'ର ସାଧନା ଦ୍ୱାରା ଅନ୍ୟମାନେ ମଧ୍ୟ ଲାଭବାନ୍ ହେଉଛନ୍ତି ?

**ତୁମେ ବୁଝି ପାରୁଥିବ, ପ୍ରତ୍ୟେକ ବ୍ୟକ୍ତି ଲାଗି ଏହା ଠିକ୍ ଏହିପରି ।**

**ଯଦି କେବଳ ଜଣେ ବ୍ୟକ୍ତି ଥାଆନ୍ତେ ତେବେ ତାହା ହୁଏତ ଏହିପରି ହୋଇଥାନ୍ତା : ସିଏ ଏହାକୁ ସମସ୍ତଙ୍କ ସକାଶେ କରି ପାରୁଥାନ୍ତେ; ମାତ୍ର ଯେତେବେଳେ ସମସ୍ତେ ସେଇଟିକୁ କରୁଛନ୍ତି...ବୁଝିଲ...**

**ତୁମେମାନେ ପଚାଶଜଣ ବ୍ୟକ୍ତି ପୂର୍ଣ୍ଣଯୋଗର ସାଧନା କରୁଛ । ଯଦି ପଚାଶଜଣରୁ ମାତ୍ର ଜଣେ ତାହା କରୁଥାନ୍ତେ, ତେବେ ସିଏ ପଚାଶଜଣଙ୍କ ଲାଗି ତାହା କରୁଥାନ୍ତେ । ମାତ୍ର, ପଚାଶଜଣଙ୍କ ମଧ୍ୟରୁ ଯଦି ପ୍ରତ୍ୟେକ ବ୍ୟକ୍ତି ତାହା କରୁଛନ୍ତି, ତେବେ ପ୍ରତ୍ୟେକ ବ୍ୟକ୍ତି ପଚାଶଜଣଙ୍କ ଲାଗିହିଁ ତାହାକୁ କରୁଛନ୍ତି; ବସ୍ତୁତଃ ସିଏ କେବଳ ଜଣେ ବ୍ୟକ୍ତିଙ୍କ ପାଇଁ କରୁଛନ୍ତି, କାରଣ ସମସ୍ତେ ସମସ୍ତଙ୍କ ସକାଶେ କରୁଛନ୍ତି ।**

ମାତ୍ର କାର୍ଯ୍ୟଟି କ'ଣ ଦୀର୍ଘତର ହୋଇଯାଉଛି ?

**ତେଣୁ ଆପଣାକୁ ପ୍ରସାରିତ କରିବାକୁ ପଡ଼ିବ ।**

'oaob.nitrkl.ac.in' images reprocessed

ଏହି କାର୍ଯ୍ୟଟି ଅପେକ୍ଷାକୃତ ଅଧିକ କଠିନ, ଅଧିକ ସମ୍ପୂର୍ଣ୍ଣ; ଏହା ଏକ ଅଧିକତର ଶକ୍ତି, ଅଧିକତର ପ୍ରସାର, ଅଧିକତର ଧୈର୍ଯ୍ୟ, ଅଧିକତର ସହିଷ୍ଣୁତା ଏବଂ ଅଧିକତର ସହନଶୀଳତାର ଦାବି କରିଥାଏ; ଏଥିଲାଗି ଏହି ସବୁଯାକ ଆବଶ୍ୟକ ହୁଏ । ମାତ୍ର, ବସ୍ତୁତଃ, ଯଦି, ପ୍ରତ୍ୟେକ ବ୍ୟକ୍ତିର ଯାହା କରିବା କଥା ସେ ତାହାକୁ ନିର୍ଦ୍ଦୋଷ ଭାବରେ କରିପାରିବ, ତେବେ ତାହାକୁ ଆଉ କେବଳ ଜଣେ ବ୍ୟକ୍ତି ସମସ୍ତଙ୍କ ପାଇଁ କରୁଥିବା ଏକ ସାଧନାକୁ ବୁଝାଇବ ନାହିଁ; ମାତ୍ର, ଏହି କ୍ଷେତ୍ରରେ, ସମସ୍ତେ ମିଶି କେବଳ ଜଣେମାତ୍ର ବ୍ୟକ୍ତିରେ ପରିଣତ ହୋଇ ଯିବେ, ଯିଏକି ସମ୍ପୂର୍ଣ୍ଣ ଗୋଷ୍ଠୀଟି ଲାଗି ଏହାକୁ କରୁଥିବ ।

ଏଥିରୁ ଏହି ସାଧନାଟିକୁ କରୁଥିବା ସମ୍ପୃକ୍ତ ସମସ୍ତଙ୍କ ମଧ୍ୟରେ ଏକ ପ୍ରକାରର ଯଥେଷ୍ଟ ଐକ୍ୟ ରହିଥିବା ଆବଶ୍ୟକ, ଯେପରିକି ସେମାନେ ଆଦୌ କୌଣସି ତାରତମ୍ୟ ଅନୁଭବ କରି ନ ପାରିବେ । ଏହିପରି ଭାବରେହିଁ ଏହି କଥାଟିକୁ ସର୍ବୋତ୍କୃଷ୍ଟ ଭାବରେ କରିହେବ : ସେମାନେ ସମସ୍ତେ ମିଶି ଗୋଟିଏ ସମୂହରେ ପରିଣତ ହେବେ, ଗୋଟିଏ ବ୍ୟକ୍ତିତ୍ୱ ଗଠନ କରି ପାରିବେ । ସେମାନେ ଯୁଗପତ୍ ଭାବରେ ଆଦୌ କୌଣସି ତାରତମ୍ୟ ନ ରଖି ପ୍ରତ୍ୟେକେ ନିଜ ଲାଗି ତଥା ଅନ୍ୟ ସମସ୍ତଙ୍କ ଲାଗି ସେହି ସାଧନାକୁ କରି ପାରୁଥିବେ ।

ପ୍ରକୃତ କଥା କହିବାକୁ ଗଲେ, ମୁଁ ଶ୍ରୀଅରବିନ୍ଦଙ୍କୁ ଭେଟିବା ସମୟରେ ଏହି ସର୍ବପ୍ରଥମ ପ୍ରଶ୍ନଟି ଆସି ଉପସ୍ଥିତ ହୋଇଥିଲା । ମୋ'ର ମନେ ହେଉଛି, ମୁଁ ଆଗରୁ ମଧ୍ୟ ଏକଥା ତୁମମାନଙ୍କୁ କହିଛି; ମୋ'ର ଠିକ ମନେ ପଡ଼ୁ ନାହିଁ, ମାତ୍ର ମୁଁ ଏବେ ଏହି ବିଷୟରେ କହୁଥିଲି । କ'ଣ ଜଣେ ବ୍ୟକ୍ତି ନିଜର ସାଧନାଟିକୁ କରି ଆଗ ନିଜର ଲକ୍ଷ୍ୟଟିକୁ ପ୍ରାପ୍ତ କରିବ, ଏବଂ ତା'ପରେ ଯାଇ ଅନ୍ୟମାନଙ୍କ ସହିତ କାର୍ଯ୍ୟ କରିବ, କି ସିଏ ସର୍ବେସର୍ବେ ସମାନ ଅବସ୍ଥା ରହିଥିବା ସମସ୍ତଙ୍କୁ ଆପଣା ପାଖକୁ ଆସିବାକୁ ଅନୁମତି ଦେବ ଏବଂ ସମସ୍ତଙ୍କ ସହିତ ଏକତ୍ର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇ ଗତି କରିବ ?

ମୁଁ ପୂର୍ବରୁ ଯେଉଁ କାର୍ଯ୍ୟ ଓ ପ୍ରସ୍ତାବ କରିଥିଲି, ତାହାର ପରିପ୍ରେକ୍ଷୀରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସୂଚିତ ହୋଇଥିବା ଏହି ପ୍ରଶ୍ନଟିକୁ ନେଇ ଶ୍ରୀଅରବିନ୍ଦଙ୍କ ପାଖକୁ ଆସିଥିଲି । କାରଣ, ସେହି କ୍ଷେତ୍ରରେ ଦୁଇଟିଯାକ ସମ୍ଭାବନା ରହିଥିଲା : ଆପଣାକୁ ସଂସାର ମଧ୍ୟରୁ ପ୍ରତ୍ୟାହୃତ କରିନେଇ ଏକ ପ୍ରଗାଢ଼ ବ୍ୟକ୍ତିଗତ ସାଧନା କରିବା, ଅର୍ଥାତ୍, ଅନ୍ୟମାନଙ୍କ ସହିତ ଆଉ କୌଣସି ସମ୍ପର୍କ ନ ରଖି ଏହି ସାଧନାକୁ କରିବା,—ଅଥବା, ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଷ୍ଠୀଟିଏ ଗଠିତ ହୋଇ ଆସିବାକୁ ବାଟ ଛାଡ଼ିଦେବା, ସେଇଟି ଗଠନ ହେବାର ବାଟରେ

'oaob.nitrkl.ac.in' images reprocessed

ଆଦୌ କୌଣସି ପ୍ରତିବନ୍ଧକ ସୃଷ୍ଟି ନ କରିବା, ସେହି ଗୋଷ୍ଠୀଟି ଗଠିତ ହେବାକୁ ଦେବା ଏବଂ ତା'ପରେ ମାର୍ଗଟି ଉପରେ ଏକାଠି ଅଗ୍ରସର ହେବା ।

ଏହି ନିଷ୍ପତ୍ତିଟି ଆଦୌ ମନଃସ୍ତରରେ ହେବାକୁ ଯାଉଥିବା ଏକ ନିଷ୍ପତ୍ତି ହୋଇ ରହି ନ ଥିଲା; ଏହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଉପଲବ୍ଧ ହୋଇଥିଲା । ପରିସ୍ଥିତିମାନ ଏପରି ହୋଇ ରହିଥିଲେ ଯେ, ଆଉ ଅନ୍ୟ କୌଣସି ନିଷ୍ପତ୍ତି ନେବାର ଅବକାଶହିଁ ନ ଥିଲା; ଅର୍ଥାତ୍, ଅତ୍ୟନ୍ତ ସ୍ୱଭାବପ୍ରେରିତ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଷ୍ଠୀଟି ଏପରି ଭାବରେ ଗଢ଼ି ଉଠିଥିଲା ଯେ ତାହା ଏକ ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଥିଲା । ଏବଂ ତେଣୁ, ଆମେ ଥରେ ଏହିପରି ଭାବରେ ଆରମ୍ଭ କରିଦେବା ପରେ ତାହାକୁହିଁ ଚୂଡ଼ାନ୍ତ ବୋଲି କହିବାକୁ ହେବ, ଆମକୁ ଶେଷ ପର୍ଯ୍ୟନ୍ତ ସେହିପରିହିଁ ଯିବାକୁ ହେବ ।

ପ୍ରଥମେ କେବଳ ପାଞ୍ଚ ଦଶଜଣ ଥିଲେ, ସେଥିରୁ ଆଦୌ ଅଧିକ ନ ଥିଲେ । ଅନେକ ଦିନ ପର୍ଯ୍ୟନ୍ତ ମୋଟେ ପାଞ୍ଚ ଛଅଜଣହିଁ ରହିଥିଲେ । ତା'ପରେ ଦଶଜଣ ହେଲେ, ବାରଜଣ ହେଲେ, ପ୍ରାୟ କୋଡ଼ିଏଜଣ ହେଲେ; ତା'ପରେ ଛତିଶି ଜଣ ଓ ତା'ପରେ ପଚିଁଶି ଜଣ ହେଲେ । ସେହି ସଂଖ୍ୟାଟି ବେଶ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲା । ଏବଂ ତା'ପରେ ହଠାତ୍ ଏହା ଆରମ୍ଭ ହେଲା ଓ ତା'ପରେ ଏହି ମାର୍ଗରେ ଅନେକ ଆସି ଯୋଗ ଦେଲେ ! ସର୍ବଶେଷ ସଂଖ୍ୟା ଏଗାରଶହରୁ ଅଧିକରେ ଆସି ପହଞ୍ଚିଛି । ଏବଂ ଆମର ଗୋଷ୍ଠୀ ବୃଦ୍ଧି ପାଇବାରେ ଲାଗିଛି ।

ବର୍ତ୍ତମାନ ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ଏପରି ବହୁଲୋକ ଅଛନ୍ତି, ଯେଉଁମାନେ କି ସାଧନା କରୁ ନାହାନ୍ତି, ସେମାନଙ୍କ ଲାଗି ଆଦୌ ସମସ୍ୟାଟି ଉଠୁ ନାହିଁ । ମାତ୍ର ଯେଉଁମାନେ କରୁଛନ୍ତି, ସେମାନଙ୍କ ଲାଗି ବ୍ୟାପାରଟି ଏହିପରି ହୋଇ ରହିଛି, — ଏଠାରେ ଶ୍ରୀଅରବିନ୍ଦ ଯେପରି ବର୍ଣ୍ଣନା କରି କହିଛନ୍ତି, ଏଇଟି ଠିକ୍ ସେହିପରି । ଏବଂ ଯଦି ଜଣେ ବ୍ୟକ୍ତି ଏହି ସାଧନାକୁ ଏକ ଏକାକୀ ମାର୍ଗରେ ରହିବାକୁ ଇଚ୍ଛା କରୁଥିବ, ତେବେ ତାହାକୁ ସମ୍ପୂର୍ଣ୍ଣ ଭାବରେ କରିପାରିବା ଏକାନ୍ତ ଅସମ୍ଭବ ହୋଇ ପଡ଼ିବ । କାରଣ, ପ୍ରତ୍ୟେକ ଭୌତିକ ସତ୍ତା ସିଏ ଯେତେ ଯାହା ସମ୍ପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ, ତାହାକୁ ତଥାପି ଆଂଶିକ ଏବଂ ସୀମିତ ବୋଲି କୁହାଯିବ ; ସିଏତ ଏହି ପୃଥିବୀରେ କେବଳ ଗୋଟିଏମାତ୍ର ବିଧାନର ପ୍ରତିନିଧିତ୍ୱ କରୁଛି ; ସେହି ବିଧାନଟି ହୁଏତ ଅତ୍ୟନ୍ତ ବହୁଦିଗବିଶିଷ୍ଟ ହୋଇ ପାରେ, ମାତ୍ର ତାହାକୁ ତଥାପି କେବଳ ଗୋଟିଏ ବିଧାନ ବୋଲି କୁହାଯିବ; ଭାରତବର୍ଷରେ ଯାହାକୁ ଧର୍ମ ବୋଲି କୁହାଯାଏ, ଏଠାରେ ମୁଁ ତାହାର କଥା କହୁଛି,—ତାହା କେବଳ ଗୋଟିଏ ସତ୍ୟ ଓ ଗୋଟିଏ ବିଧାନ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ପ୍ରତ୍ୟେକ ବ୍ୟକ୍ତିସତ୍ତ୍ୱ, ସିଏ ସଂପୂର୍ଣ୍ଣ ଭାବରେ ଏକ ଉଚ୍ଚତର ଇଚ୍ଛାଶକ୍ତିର ହୋଇଥାଉ ପଛକେ, ଏପରିକି, ସିଏ ସଂପୂର୍ଣ୍ଣ ଭାବରେ ଏକ ବିଶେଷ କାର୍ଯ୍ୟ ଲାଗି ନିର୍ମିତ ଓ ଅଭିପ୍ରେତ ହୋଇ ରହିଥିଲେ ମଧ୍ୟ, ସିଏ ହେଉଛି କେବଳ ଜଣେ ବ୍ୟକ୍ତି; ତାହାର ଅର୍ଥ ହେଉଛି, ସମସ୍ତ ରୂପାନ୍ତରଟି କଦାପି ଗୋଟିଏ ଶରୀରର ମାଧ୍ୟମରେ ସମ୍ଭବ ହେବ ନାହିଁ । ଏବଂ, ସେହି କାରଣରୁହିଁ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଧିକ ସଂଖ୍ୟାର ଏହି ଗୋଷ୍ଠୀଟି ଗଢ଼ି ଉଠିଥିଲା ।

ଜଣେ ବ୍ୟକ୍ତି ଏକାକୀ, କେବଳ ନିଜକୁ ସଙ୍ଗରେ ନେଇ ତା'ର ଆପଣା ପରିପୂର୍ଣ୍ଣତାକୁ ଅବଶ୍ୟ ହାସଲ କରି ପାରିବ । ଜଣେ ବ୍ୟକ୍ତି ଆପଣାର ଚେତନା-ଭୂମିରେ ଅବଶ୍ୟ ଅନନ୍ତ ଓ ପୂର୍ଣ୍ଣତାଯୁକ୍ତ ହୋଇ ପାରିବ । ମାତ୍ର, ଯେତେବେଳେ ଏକ କର୍ମଯୋଜନାର ପ୍ରଶ୍ନ ଆସି ପଡ଼ିଥିବ, ସେତେବେଳେ ତାହା ସର୍ବଦା ସୀମିତ ହୋଇ ରହିଥିବ ।

ତୁମେମାନେ ମୋ'କଥାକୁ ଭଲ କରି ବୁଝି ପାରୁଛ କି ନାହିଁ, ମୁଁ ସେକଥା କହି ପାରିବି ନାହିଁ । ମାତ୍ର, ବ୍ୟକ୍ତିଗତ ଉପଲବ୍ଧିର କୌଣସି ସୀମା ନାହିଁ । ଜଣେ ଅନ୍ତର୍ଗତ ଭାବରେ ଆପଣା ଭିତରେ ଅବଶ୍ୟ ସଂପୂର୍ଣ୍ଣ ତଥା ଅନନ୍ତ ହୋଇ ପାରିବ । ମାତ୍ର, ବାହ୍ୟ ଉପଲବ୍ଧିଟି ସୀମିତ ହେବାକୁ ଅବଶ୍ୟ ବାଧ୍ୟ ହେବ, ଏବଂ, ଯଦି ଆମେ ଏକ ସାଧାରଣ କର୍ମଯୋଜନାକୁ କାର୍ଯ୍ୟକାରୀ କରିବାକୁ ଇଚ୍ଛା କରୁଥିବା, ତେବେ ସେଥିପାଇଁ ଅନ୍ତତଃ ସର୍ବନିମ୍ନ କେତୋଟି ଦେହଧାରୀ ସତ୍ତ୍ୱଙ୍କର ପ୍ରୟୋଜନ ଅବଶ୍ୟ ହେବ ।

ଏକ ଅତ୍ୟନ୍ତ ପ୍ରାଚୀନ ପରମ୍ପରାରେ ଏକଥା କୁହାଯାଇଛି ଯେ, ବାରଜଣ ଏକାଠି ହେଲେ ନିଶ୍ଚୟ ଯଥେଷ୍ଟ ହୋଇଯିବ; ମାତ୍ର, ଆଧୁନିକ ଜୀବନର ବହୁଜଟିଳତା ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହା ଆଦୌ ସମ୍ଭବ ବୋଲି ବୋଧ ହେଉ ନାହିଁ । ଏଥିପାଇଁ ଏକ ପ୍ରତିନିଧି-ମୂଳକ ଗୋଷ୍ଠୀ ଅବଶ୍ୟ ରହିଥିବା ଆବଶ୍ୟକ । ଏହାର ଅର୍ଥ ହେଉଛି,···ତୁମେମାନେ ଏବିଷୟରେ ଆଦୌ କିଛି ଜାଣି ନାହଁ ବା ଏହି କଥାଟିକୁ ଖୁବ୍ ଭଲ ଭାବରେ କଳ୍ପନା କରିପାରୁ ନାହଁ,— ମାତ୍ର, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ରୂପାନ୍ତର ସକାଶେ ଯେଉଁ ଅସୁବିଧାଗୁଡ଼ିକ ଉପରେ ବିଜୟ ହାସଲ କରିବାକୁ ହେବ, ସେଥିରୁ ଗୋଟିଏ ଅସୁବିଧାର ପ୍ରତିନିଧିତ୍ୱ କରୁଛ । ଏବଂ ଏଥିରୁ ଆହୁରି ଅନେକ ଅସୁବିଧା ଆସି ଜାତ ହେଉଛି । (ମାଆ ହସିଲେ) ମୁଁ ଆଉ କୌଣସି ଜାଗାରେ ଲେଖିଛି ମୁଁ କହୁଛି ଯେ, କେବଳ ଏକ ଅସୁବିଧା ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସମାଧାନ କରିବାକୁ ରହିଥିବା ଏକ ଅସମ୍ଭବ ସମସ୍ୟାରହିଁ ପ୍ରତିନିଧି ହୋଇ ରହିଛି । ଏବଂ, ଏହି ଯାବତୀୟ ଅସମ୍ଭବ ସମସ୍ୟାର ସମସ୍ତ ସମୂହଟିକୁ ଅଭିପ୍ରେତ କାର୍ଯ୍ୟ ତଥା ଉପଲବ୍ଧିକୁ ରୂପାନ୍ତରିତ କରି ଦିଆଯାଇ

'oaob.nitrkl.ac.in' images reprocessed

ପାରିବ । ପ୍ରତ୍ୟେକଟିକୁ ଆମେ ସମାଧାନ କରିବାକୁ ରହିଥିବା ଏକ ଅସମ୍ଭବ ସମସ୍ୟା ବୋଲି ଗ୍ରହଣ କରି ପାରିବା, ଏବଂ, ଯେତେବେଳେ ଏହି ଯାବତୀୟ ଅସମ୍ଭବତାର ସମାଧାନ ହୋଇଯିବ, ସେତେବେଳେ ଯାଇ ଯଥାର୍ଥ କର୍ମଟି ସମ୍ପାଦିତ ହେବ ।

ମାତ୍ର ବର୍ତ୍ତମାନ ମୁଁ ଆଦୌ ସେତେବେଶୀ କଠିନ ହେବ ନାହିଁ । ମୁଁ "ଅସମ୍ଭବତା" ବୋଲି ନ କହି "ଅସୁବିଧା" ବୋଲି କହିବି । ସମ୍ଭବତଃ, ସେଗୁଡ଼ିକ ମଧ୍ୟ ବର୍ତ୍ତମାନ ଆଉ "ଅସମ୍ଭବତା" ହୋଇ ରହି ନାହାନ୍ତି ।

କିନ୍ତୁ ଆରମ୍ଭ ସମୟରୁ ଏବଂ ବର୍ତ୍ତମାନ ତଥାପି ଆହୁରି ଅଧିକ ଭାବରେ, କାରଣ ଆମର ଗୋଷ୍ଠୀଟି ଏବେ ଅଧିକ ସଂଖ୍ୟାରେ ବୃଦ୍ଧି ପାଇଛି, ଯେତେବେଳେ ମୋତେ କେହି "ମୁଁ ତୁମର ଯୋଗସାଧନା କରିବାକୁ ଆସିଛି ବୋଲି ଆସି କହୁଛି, ସେତେବେଳେ ତାକୁ ମୁଁ ଉତ୍ତର ଦେଉଛି, "ନାହିଁ ନାହିଁ, ତୁମେ ଏଠାକୁ ଆଦୌ ଆସ ନାହିଁ । ଅନ୍ୟ ସ୍ଥାନମାନଙ୍କଠାରୁ ଏଠାରେ ଅନେକ କଷ୍ଟକର ସାଧନା କରିବାକୁ ପଡ଼ିବ ।" ଏବଂ, ଶ୍ରୀଅରବିନ୍ଦ ଏଠାରେ ତାହାର କାରଣଟି ବିଷୟରେହିଁ ଲେଖିଛନ୍ତି ।

ଯଦି କେହି ମୋତେ "ମୁଁ କାର୍ଯ୍ୟ କରିବାକୁ ଆସିଛି, ଆପଣାକୁ କୌଣସି ଉପଯୋଗୀ କାର୍ଯ୍ୟରେ ଲଗାଇବାକୁ ଆସିଛି" ବୋଲି କହିବାକୁ ଏଠାକୁ ଆସେ, ତେବେ ସେଥିରେ ଆଦୌ କିଛି କହିବାର ନାହିଁ । ମାତ୍ର, ଯଦି କୌଣସି ବ୍ୟକ୍ତି ଆସି କହେ, "ବାହାରେ ମୋତେ ଅନେକ ଅସୁବିଧା ହେଉଛି, ମୁଁ ସେହି ଅସୁବିଧା-ଗୁଡ଼ିକୁ ଅତିକ୍ରମ କରିପାରୁ ନାହିଁ, ମୁଁ ଏଠାକୁ ଆସିବାକୁ ଚାହୁଁଛି କାରଣ ଏଠାକୁ ଆସିଲେ ମୋତେ ଅନେକ ସାହାଯ୍ୟ ହେବ," ତେବେ ମୁଁ ଉତ୍ତର ଦେଉଛି, "ନାହିଁ ନାହିଁ, ଏଠାରେ ପ୍ରକୃତରେ ଅନେକ ଅଧିକ କଷ୍ଟକର ହେବ, ତୁମର ଅସୁବିଧାଗୁଡ଼ିକ ଏଠାରେ ବହୁତ ପରିମାଣରେ ବଢ଼ିଯିବ" । ଏବଂ, ସେହି ଅର୍ଥରେହିଁ ମୁଁ ଏପରି କହୁଛି, କାରଣ ସେହି ଅସୁବିଧାଗୁଡ଼ିକ ଆଦୌ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହି ନାହାନ୍ତି, ସେଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ସାମୂହିକ ଅସୁବିଧା ।

ପ୍ରଥମେ, ତୁମ ନିଜର ବ୍ୟକ୍ତିଗତ ଅସୁବିଧାଗୁଡ଼ିକ ସହିତ ଏହି କ୍ଷେତ୍ରରେ ଯାବତୀୟ ସଂଘର୍ଷମାନ ରହିଛି, ଯାବତୀୟ ସଂସର୍ଗ ତଥା ପ୍ରତିକ୍ରିୟାମାନ ବି ରହିଛି, —ବାହାରୁ ଆସୁଥିବା ଯାବତୀୟ ବସ୍ତୁ ପୂର୍ଣ୍ଣ ହୋଇ ରହିଛି । ଏଗୁଡ଼ିକ ପରୀକ୍ଷା-ସ୍ୱରୂପ ବିଦ୍ୟମାନ ରହିଥିବ । ଆହୁରି ନିର୍ଦ୍ଦିଷ୍ଟ ଭାବରେ କହିଲେ ଦୁର୍ବଳ ବିନ୍ଦୁଟିରେ ସମାଧାନ ଲାଗି ସବୁଠାରୁ ଅଧିକ କଷ୍ଟକର ହୋଇ ରହିଥିବା ବସ୍ତୁଟିକୁ କେନ୍ଦ୍ର କରି ରହିଥିବ । ସେହିଠାରେ ତୁମକୁ କୌଣସି ବ୍ୟକ୍ତିଠାରୁ ଏପରି ଏକ ବାକ୍ୟାଂଶ ଶୁଣିବାକୁ ମିଳିବ, ଠିକ୍ ଯାହାକୁ ତୁମେ ଶୁଣିବା ଲାଗି ଆଦୌ ଇଚ୍ଛା କରି ନ ଥିଲ;

'oaob.nitrkl.ac.in' images reprocessed

କୌଣସି ବ୍ୟକ୍ତି ତୁମ ପାଖକୁ ଆସି ଏପରି ଏକ ଇସାରା ଦେବାକୁ ବାହାରିବେ ଯାହାକି ତୁମକୁ ହଠାତ୍ ଆତଙ୍କିତ କରି ଦେଉଥିବ,—ତୁମେ ଏକ ପରିସ୍ଥିତି, ଏକ ଗତିଶୀଳତା, ଏକ ଘଟଣା, ଏକ ବସ୍ତୁ ବା ସେହିପରି ଆଉ ଯେକୌଣସି ଗୋଟିଏ ଜିନିଷର ସମ୍ମୁଖରେ ଯାଇ ଠିଆ ହୋଇଥିବ—ଠିକ ସେହିସବୁ ବସ୍ତୁ, ଯେଉଁଗୁଡ଼ିକ କି···"ଓଃ, ଏହି ଘଟଣାଟି ନ ଘଟିଥିଲେ ପ୍ରକୃତରେ କେଡ଼େ ଭଲ ନ ହୋଇଥାନ୍ତା।" ଏବଂ ଠିକ୍ ସେହି ଘଟଣାଟିହିଁ ଘଟିବ। ଏବଂ ଅଧିକରୁ ଅଧିକ ପରିମାଣରେ ଘଟିବ। କାରଣ ତୁମେ କେବଳ ନିଜ ପାଇଁ ଯୋଗସାଧନା କରୁ ନ ଥିବ। ତୁମେ ସମସ୍ତଙ୍କ ପାଇଁ ତାହା କରୁଥିବ—ଇଚ୍ଛା ନ ଥିଲେ ମଧ୍ୟ କରୁଥିବ—ସ୍ୱୟଂକ୍ରିୟ ଭାବରେ କରି ଯାଉଥିବ।

ତେଣୁ, ଲୋକମାନେ ମୋତେ ଯେତେବେଳେ ଆସି କହନ୍ତି, "ମୁଁ ଏଠାକୁ ଶାନ୍ତି ପାଇବାକୁ ଆସିଛି,—ସ୍ଥିର ହୋଇ ଆପଣାର ଯୋଗ କରିବା ପାଇଁ ଅବସର ଲାଭ କରିବାକୁ ଆସିଛି," ସେତେବେଳେ ମୁଁ ଉତ୍ତର ଦେଇ କହେ, "ନାହିଁ ନାହିଁ, ଆପଣ ସଙ୍ଗେ ସଙ୍ଗେ ଅନ୍ୟ କେଉଁଠାକୁ ଚାଲି ଯାଆନ୍ତୁ, ଅନ୍ୟ ଯେକୌଣସି ସ୍ଥାନରେ ଆପଣଙ୍କୁ ଏଠା ଅପେକ୍ଷା ଅଧିକ ଶାନ୍ତି ମିଳିବ।"

ଯଦି କୌଣସି ବ୍ୟକ୍ତି ଆସି କହନ୍ତି, "ମୁଁ ଶେଷକୁ ଏଠାକୁ ଆସିଲି। ଆପଣଙ୍କୁ ମୁଁ ଦିବ୍ୟକର୍ମ ଲାଗି ଉତ୍ସର୍ଗ କରି ଦେବାକୁ ଅନୁଭବ କରୁଛି; ଆପଣ ମୋତେ ଯେଉଁ କାମ ଦେବେ ପଛକେ, ମୁଁ ସେ କାମ କରିବାକୁ ପ୍ରସ୍ତୁତ ଅଛି,"—ତେବେ ମୁଁ ଉତ୍ତର ଦିଏ, "ଖୁବ ଭଲ କଥା। ଯଦି ଆପଣଙ୍କ ଭିତରେ ସଦିଚ୍ଛା, ସହିବାର ଶକ୍ତି ଏବଂ କସ୍ଥନ୍ତ୍ ସାମର୍ଥ୍ୟ ରହିଥାଏ, ତେବେ ତାହା ବେଶ୍ ଭଲକଥା ହେବ। ମାତ୍ର, ଆପଣଙ୍କର ଅନ୍ତର୍ଗତ ବିକାଶ ଲାଗି ଆବଶ୍ୟକ ହେଉଥିବା ନିକାଞ୍ଚନତାକୁ ଲାଭ କରିବାକୁ ହେଲେ ଆପଣଙ୍କର ବରଂ ଅନ୍ୟ କୌଣସିଠାକୁ ଯିବା ଉଚିତ,—ଏଠା ବ୍ୟତୀତ ଅନ୍ୟ ଯେକୌଣସି ସ୍ଥାନକୁ ଯିବା ଉଚିତ।" ବୁଝିଲ?

ଆଜି ମଧ୍ୟ ମୁଁ ଏହିକଥା କହୁଛି; ଏପରି କହିବାର ଏକ ଅବସର ଆସିଛି। ଏବଂ, ଯୁଗପତ୍ ଭାବରେ ମୁଁ ଏକଥା ମଧ୍ୟ କହିଲି, "ଏହି ନିୟମରେ ଗୋଟିଏ ବ୍ୟତିକ୍ରମ ଅଛି,—ତାହା ପିଲାମାନଙ୍କର କ୍ଷେତ୍ରରେ।" କାରଣ ପିଲାମାନେ ସେମାନେ ତଥାପି ଚେତନା ଲାଭ ନ କରିଥିବା ଅବସ୍ଥାରୁ ଏଠାରେ ବାସ କରିବାର ସୁଯୋଗ ପାଇଛନ୍ତି, ସେମାନେ ଏପରି ଏକ ବାତାବରଣ ମଧ୍ୟରେ ରହିଛନ୍ତି, ଯାହାକି ସେମାନଙ୍କୁ ଆତ୍ମ-ଅବସ୍ଥାର ଲାଗି ସାହାଯ୍ୟ କରୁଛି। ଏବଂ, ବାହାରେ ସେହି ସୁବିଧା ମିଳି ପାରିବ ନାହିଁ। ବର୍ତ୍ତମାନ ମୁଁ ଠିକ୍ ଏହିକଥା ଯେଉଁ ଲୋକ-ମାନଙ୍କୁ କହୁଥିଲି···ସେମାନେ ବୁଢ଼ା ନ ଥିଲେ ସତ, ମାତ୍ର ତଥାପି···ସେମାନେ

'oaob.nitrkl.ac.in' images reprocessed

ଗଠିତ ହୋଇ ପାରିଥିଲେ; ସେମାନେ ଯେ କେବଳ ଆପଣାର ଶୈଶବକାଳ ପାର ହୋଇ ଯାଇଥିଲେ ତା' ନୁହେଁ, ପ୍ରଥମ ଯୌବନର ସୋପାନଟିକୁ ମଧ୍ୟ ଅତିକ୍ରମ କରି ସାରିଥିଲେ ।

ମାତ୍ର ଯେଉଁମାନେ ସାନ ଅଛନ୍ତି—ସେମାନେ ଯେତେ ସାନ ହୋଇଥିବେ, ସେମାନଙ୍କ ଲାଗି ତାହା ସେତେ ଅଧିକ ଭଲ;—କାରଣ, ସେମାନଙ୍କର ଶୈଶବ ଏବଂ କୋମଳତମ ବୟସରୁ ଏକ ପୂର୍ଣ୍ଣ ବିକାଶ ନିମନ୍ତେ ସେମାନେ ଏକ ଅନୁକୂଳତମ ପରିବେଶରେ ଆସି ରହିଛନ୍ତି ଏବଂ ତେଣୁ ଯଥାର୍ଥ ପରିବେଶଟି ମଧ୍ୟରେ ଅଧିକରୁ ଅଧିକ ବିକାଶ ତଥା ବୃଦ୍ଧିଲାଭ କରିବାର ସାମର୍ଥ୍ୟ ଲାଭ କରିଛନ୍ତି । ବ୍ୟକ୍ତିଗତ ବିକାଶର ବୃତ୍ତିଟି ମଧ୍ୟରୁ ବାହାରି ଆସିଲେ ଏବଂ ଯୋଗସାଧନା କରିବାକୁ ଆରମ୍ଭ କଲେ ଯାଇ ଏହି ସମସ୍ୟାଟିର ଉଦୟ ହୁଏ । ମାତ୍ର ଏଠାରେ ଯେଉଁ-ମାନଙ୍କର ସମ୍ପୂର୍ଣ୍ଣ ଲାଳନପାଳନ ହୋଇଛି, ସେମାନଙ୍କ ଲାଗି ଏହା ଅନେକ କମ୍ ପରିମାଣରେ କଷ୍ଟକର ହେବ, କାରଣ, ସେମାନଙ୍କର ଆଦ୍ୟ ଶୈଶବରୁହିଁ ସେମାନେ ଏକ ସମୁଦ୍ରର ସଭ୍ୟ ହୋଇ ରହିଛନ୍ତି,—ଅବଶ୍ୟ ସେମାନେ ଏହା ଜାଣି ନାହାନ୍ତି, ସେମାନଙ୍କର ଏବିଷୟରେ କୌଣସି ଅବଗତି ନାହିଁ । ସେମାନେ ସମସ୍ତଙ୍କ ସହିତ ଏକତ୍ର ସେହି ସିଢ଼ି ଆଡ଼କୁ ଅଗ୍ରସର ହେବାରେ ଲାଗିଛନ୍ତି । ତେଣୁ ଏହାକୁ ଆଉ ସମ୍ପୂର୍ଣ୍ଣ ଭାବରେ କୌଣସି ନୂତନ ବସ୍ତୁ ବୋଲି ବୁଝାଯିବ ନାହିଁ; ନୂତନ ହୋଇଥିଲେ ପ୍ରକୃତରେ ଅଧିକ କଷ୍ଟକର ହୋଇଥାନ୍ତା; ମାତ୍ର ଏହା ଓଲଟି ସେମାନଙ୍କର ସହାୟକ ରୂପେହିଁ କାର୍ଯ୍ୟ କରୁଛି ।

ତେଣୁ, ଯେତେବେଳେ ସମସ୍ୟାଟି ଆସି ପହଞ୍ଚୁଛି, ସେତେବେଳେ, ସେମାନେ ପ୍ରକୃତରେ ଯୋଗ କରିବାକୁ ଇଚ୍ଛା କରୁଛନ୍ତି କି ନାହିଁ, ସେମାନଙ୍କରହିଁ ସେକଥା ଜାଣିଥିବା ଉଚିତ । ତୁମମାନଙ୍କୁ ମୁଁ ଏହି ବିଷୟରେ ଏକାଧିକ ବାର କହିଛି । ଏପରି ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ କି…"ବର୍ତ୍ତମାନ ମୁଁ ନିଜର ଅଭିଜ୍ଞତା ଲାଭ କରିବା ନିମନ୍ତେ ଜୀବନ ଭିତରକୁ ଯାଉଛି ।" "ଯାଅ, ଅବଶ୍ୟ ଯାଅ, ତୁମମାନଙ୍କ ଲାଗି ମୋର ଆଶୀର୍ବାଦ ମଧ୍ୟ ରହିଛି; ମାତ୍ର, ଏହା ଯେପରି ଅତିରିକ୍ତ ପରିମାଣରେ ଅପ୍ରୀତିକର ନ ହୁଏ, ସେଥିଲାଗି ସାବଧାନ ରହିବ ।" (ମାଆ ହସିଲେ) ମାତ୍ର ଯେଉଁମାନେ ଆସି କହନ୍ତି, "ନାହିଁ, ବର୍ତ୍ତମାନ ମୁଁ ମୋର ନିଷ୍ପତ୍ତି ଗ୍ରହଣ କରି ସାରିଛି । ମୁଁ ଯୋଗ କରିବାକୁ ଇଚ୍ଛା କରୁଛି ।" ସେମାନଙ୍କ ପାଖରେ ମୁଁ ଏକଥାଟିକୁ ମୋଟେ ଲୁଚାଇ ରଖିବାକୁ ଚେଷ୍ଟା କରେ ନାହିଁ ଯେ, ଏହିଠାରୁହିଁ ସେମାନଙ୍କ ଜୀବନରେ ଅସୁବିଧାଗୁଡ଼ିକ ଆରମ୍ଭ ହେବ । ଏହି ମୁହୂର୍ତ୍ତଟିଠାରୁହିଁ ବିଶେଷ ଗୁଣ ଓ ଦକ୍ଷତାଗୁଡ଼ିକର ପ୍ରୟୋଜନ ହୁଏ ଏବଂ, ସେମାନଙ୍କ ସକାଶେ ଯେଉଁ ଯାବତୀୟ ପ୍ରସ୍ତୁତ ପ୍ରଦତ୍ତ ହୋଇ ରହିଛି, ସେମାନଙ୍କର

'oaob.nitrkl.ac.in' images reprocessed

ସେଥିରୁ ଲାଭବାନ୍ ହୋଇ ଶିଖିଥିବା ମଧ୍ୟ ଆବଶ୍ୟକ । ବାହାରୁ ଆସୁଥିବା ବଚ୍ଚା ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ଅନୁକୂଳ ସ୍ଥିତିରେ ଥାଆନ୍ତି, ଅନେକ ଅଧିକ ଅନୁକୂଳ ସ୍ଥିତିରେ ରହିଥାନ୍ତି । ମାତ୍ର ତଥାପି ସେମାନଙ୍କୁ ସମସ୍ତଙ୍କୁହିଁ ପ୍ରୟାସ କରିବାକୁ ହୁଏ, କାରଣ ପ୍ରୟାସ ବ୍ୟତୀତ କେବେ କୌଣସି ସଫଳତା ପ୍ରାପ୍ତ ହୁଏ ନାହିଁ;—ଆପଣାକୁ ସଞ୍ଚାଳିତ ହୋଇଯିବା ଲାଗି ବାଟ ଛାଡ଼ିଦେବା ନିମନ୍ତେ ଅତି ପିଲାବେଳୁ ଶିକ୍ଷା ଦିଇ ପାରିଥିଲେ ହୁଏତ ତାହା ଅନ୍ୟପ୍ରକାର ହୋଇଥାଏ । ମାତ୍ର ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ଯଥେଷ୍ଟ ପରିପକ୍ୱତା ଅର୍ଜନ କରିଥାନ୍ତି ବୋଲି କୁହାଯାଇ ପାରିବ; ଏକାଥରକେ ଆପଣାକୁ ସଞ୍ଚାଳିତ ହୋଇଯିବା ଲାଗି ବାଟ ଛାଡ଼ିଦେବା ନିମନ୍ତେ, ଏଇଟି ହିଁ ଯେ ପ୍ରକୃତ କଥା, ତାହା ଜାଣିବା ସକାଶେ ଯାବନୀୟ ମାତ୍ର ଖାଇବାର ଆଦୌ କୌଣସି ଆବଶ୍ୟକତା ନ ଥାଇ, ଶାଶ୍ୱତ କାଳର ଭୂମି ଉପରେ ବିସ୍ଥିର କରି ଦେଖିଲେ ସେମାନେ ଆଦୌ ଯଥେଷ୍ଟ ବୟଃପ୍ରାପ୍ତ ହୋଇ ନ ଥାନ୍ତି ।

ସେମାନେ ଆପଣା ଭିତରେ କିପରି ହୋଇ ରହିଥାନ୍ତି, ଏକଥା ଅନେକ ପରିମାଣରେ ତାହାର ଉପରେହିଁ ନିର୍ଭର କରେ । ଯିଏ ପୂର୍ବ-ଅଭିପ୍ରେତ ହୋଇ ରହିଛି, ଏଇଥିସକାଶେ ଜନ୍ମ ହୋଇଛି, ଏଠାରେ ପ୍ରକୃତରେ ତାହାର ପ୍ରଶ୍ନଟି ଆସି ଉପସ୍ଥିତ ହୋଇ ଯାଉଛି । ସେହି କ୍ଷେତ୍ରରେ ବସ୍ତୁତଃ ସବୁକିଛି ଅନେକ ଅଧିକ ସହଜ ହୋଇଯାଏ ।

ବୁଝିଲ ?

ମାଆ, ଆପଣ ଆମକୁ ଯେଉଁ ସୁଯୋଗଟି ପ୍ରଦାନ କରିଛନ୍ତି, ଆପଣ କ'ଣ ଭାବୁଛନ୍ତି ଯେ ଆମେ ସେଥିଲାଗି ଯଥେଷ୍ଟ ପ୍ରୟାସ କରୁଛୁ ?

ମାତ୍ର ଏବିଷୟଟି ତ ତୁମର ବିବେକ ଓ ତୁମଭିତରେ ନିଷ୍ପତ୍ତି ହେବାର ଗୋଟିଏ କଥା ! ମୋର ଏବିଷୟରେ ଆଦୌ କିଛି କହିବା ଉଚିତ ନୁହେଁ । ମୁଁ ଏହି ପ୍ରଶ୍ନଟିର ଉତ୍ତର ଦେଇ ପାରିବ ନାହିଁ । ତୁମେ ନିଜେ ସେହି ସମସ୍ୟାଟି ଉପରେ ଅବଲୋକନ କରିବ ।

ମାତ୍ର, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଦି ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଏହି ବିଷୟଟିକୁ ତାହାର ଯଥାର୍ଥ ଆଲୋକରେ ଦେଖିପାରନ୍ତେ···

ତୁମମାନଙ୍କର ଏହି ଅଭିଜ୍ଞତାଟି ହୋଇଛି କି ନାହିଁ ମୁଁ କହି ପାରିବ ନାହିଁ;—ଯେତେବେଳେ ତୁମେ ମନୁଷ୍ୟଜାତିର ଅଦ୍ଭୁତ କାହାଣୀ ଗୁଡ଼ିକ ମଧ୍ୟରୁ କୌଣସିଟିକୁ ପଢ଼ୁଥାଅ, ଏବଂ, ଯେଉଁ ବ୍ୟକ୍ତିମାନେ ମନୁଷ୍ୟଜାତିର ସହାୟତା କରିବାକୁ ଆସିଥିଲେ—ଅନ୍ୟ ଦେଶଗୁଡ଼ିକର ଲୋକମାନଙ୍କ ତୁଳନାରେ ସମ୍ଭବତଃ

'oaob.nitrkl.ac.in' images reprocessed

ଏଠି ଭାରତବର୍ଷରେ ହିଁ ତୁମେମାନେ ଏହାକୁ ଅପେକ୍ଷାକୃତ ଅଧିକ ପରିମାଣରେ ଶୁଣିଛ,—ସେହିସବୁ କାହାଣୀ ଯେଉଁଥିରେ କି ଊର୍ଦ୍ଧ୍ୱରୁ ହୋଇଥିବା ଏକ ହସ୍ତକ୍ଷେପର କାହାଣୀ ବର୍ଣ୍ଣିତ ହୋଇଛି,—ଯେଉଁଥିରେ କି ସେହିପରି ଏକ ସୁଯୋଗ ପ୍ରକୃତରେ ଘଟିଥିଲା, ଅତ୍ୟନ୍ତ ଅଦ୍ଭୁତ ଭାବରେ ପରମକରୁଣାର ହସ୍ତକ୍ଷେପ ଘଟିଥିଲା ।

ଏବଂ ଏହିପରି ଭାବରେ, ଯଦି ବୟସ ଅଳ୍ପ ହୋଇଥିଲା ବେଳେ ତୁମେ ସେଇଟିକୁ ପଢ଼ିବ, ତେବେ ତୁମେ କହିବ, "ସେହି ଯୁଗରେ ମୁଁ ମଧ୍ୟ ବଞ୍ଚିଥିଲେ ତାହା ପ୍ରକୃତରେ କେଡ଼େ ବଢ଼ିଆ ହୋଇଥାନ୍ତା !" ତୁମମାନଙ୍କର ଏହି ଅଭିଜ୍ଞତାଟି ହୋଇଛି କି ନାହିଁ କେଜାଣି ?...

ଏହି ଅଭିଜ୍ଞତାଟିକୁ ଲାଭ କରିଥିବା କେତେକ ଲୋକଙ୍କୁ ମୁଁ ଜାଣିଛି । ଏବଂ ତା'ପରେ ତୁମେ ସେମାନଙ୍କୁ ଯାଇ କହିବ, "ଆପଣ ସେହି ଅଭିଜ୍ଞତାଟିକୁ ଲାଭ କରିଛନ୍ତି ବୋଲି କଳ୍ପନା କରନ୍ତୁ,—ଏହି ସୁଯୋଗଟି ଆପଣଙ୍କ ଜୀବନରେ ଆସିଛି ବୋଲି କଳ୍ପନା କରନ୍ତୁ, ତା'ପରେ ଆପଣଙ୍କର ମନରେ କେଉଁ ପ୍ରତିକ୍ରିୟା ଜାତ ହେବ ? ଏବଂ ବେଳେବେଳେ ଏହି ବୋଧଟି ହଠାତ୍ ହୋଇଥାଏ, ହଠାତ୍ ମନେହୁଏ ଯେତେଯେପରି ସ୍ୱର୍ଗରାଜ୍ୟର ଦ୍ୱାରଗୁଡ଼ିକ ଉନ୍ମୋଚିତ ହୋଇଗଲା ଏବଂ ଏପରି ଏକ ବସ୍ତୁର ଆଗମନ ଘଟିଲା, ଯାହାକି ଏଠାରେ ଆଗରୁ ଅବସ୍ଥିତ ନ ଥିଲା । ଏହି ବୋଧଟି କେତେ ପର୍ଯ୍ୟନ୍ତ ରହେ, ସେକଥା କେହି କହି ପାରିବ ନାହିଁ, ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଏହି ଅଭିଜ୍ଞତାଟିକୁ ପୃଥିବୀସ୍ଥ ମାନବ-ଜୀବନର ଅସାଧାରଣ ମୁହୂର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିବାକୁ ହିଁ ହେବ । ସାଧାରଣ ଜୀବନରେ ବସ୍ତୁଗୁଡ଼ିକ ଯେପରି ନିଷ୍ପ୍ରାଣ ଓ ନିର୍ଜୀବ ହୋଇ ରହିଥାଏ, ସେତେବେଳେ ସେଗୁଡ଼ିକ ଆଦୌ ସେପରି ହୋଇ ରହେ ନାହିଁ । ତେଣୁ ଘଟିଥିବା ଏକ ଅଲୌକିକ ପରିବେଶ ମଧ୍ୟରେ ଜୀବନ ବଞ୍ଚୁଥିଲା ପରି ମନେ ହୋଇଥାଏ ।

ଏହି ବୋଧଟିକୁ ଯଦି ସ୍ଥାୟୀ କରି ରଖା ଯାଇପାରେ, ତେବେ ସବୁକିଛି ଅତ୍ୟନ୍ତ ଉତ୍ତମ ଭାବରେ ଚାଲିଥାଏ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ତାହାକୁ ଖୁବ ଶୀଘ୍ର ଭୁଲି ହୋଇଯାଏ ।

ଏହି ବୋଧଟିକୁ ଥରେମାତ୍ର ଲାଭ କରିଥିଲେ ମଧ୍ୟ ତାହାକୁ ପ୍ରକୃତରେ ଏକ ଯଥାର୍ଥ ଉପଲବ୍ଧି ବୋଲି ବୁଝାଯିବ । ଦ୍ୱାରଟି ଉନ୍ମୋଚିତ ହୋଇ ଯାଇଥାଏ । ହଠାତ୍ ଏହିପରି ଅନୁଭବ ହୋଇଥାଏ ଯେ...ତୁମେ ତାହାକୁ ପ୍ରକୃତରେ ଏକ ସମ୍ପଦ ବୋଲି ଅନୁଭବ କରିଥାଅ, ଏକ ଅନନ୍ତ ପରମକରୁଣା ବୋଲି ଅନୁଭବ କର, ଅତ୍ୟନ୍ତ ଚମତ୍କାର ଏକ ସମ୍ପଦ ବୋଲି ଅନୁଭବ କରିଥାଅ । ଯେଉଁ

'oaob.nitrkl.ac.in' images reprocessed

ବ୍ୟକ୍ତିମାନେ ଗୋଟିଏ ଶତାବ୍ଦୀ, ଦୁଇ ଶତାବ୍ଦୀ, ତିନି ଶତାବ୍ଦୀ ପୂର୍ବରୁ ଧରାପୃଷ୍ଠରେ ବାସ କରୁଥିଲେ; ସେମାନେ ଏହି ପୃଥିବୀକୁ ନେଇ କେତେ ଆଶା ପୋଷଣ କରୁଥିଲେ, କେତେ ଆଶାରେ ଅପେକ୍ଷା କରି ରହିଥିଲେ । ସେମାନେ କେବଳ ଗୋଟିଏମାତ୍ର ସମ୍ଭାବନା ଦ୍ୱାରା ପରିଚାଳିତ ହେଉଥିଲେ, ଏକ ଅଧିକ ଭଲ ପରିବେଶ ମଧ୍ୟରେ ପୁନର୍ବାର ଏକ ନୂତନ ଜୀବନ ବଞ୍ଚିବା,—ଏହି ସମ୍ଭାବନ ହିଁ ସେମାନଙ୍କୁ ଉଦ୍‌ବେଳିତ କରି ରଖିଥିଲା ।

ମାତ୍ର ବର୍ତ୍ତମାନ, ଆମର ଚତୁର୍ଦ୍ଦିଗରେ ଠିକ୍ ସେହି ପରିବେଶଟି ବିଦ୍ୟମାନ ରହିଛି : ପରମ କରୁଣା ଏଠାରେ ଉପସ୍ଥିତ ଅଛନ୍ତି ।

ଯଦି ତୁମେ ସେହି ଅଭିଜ୍ଞତାଟିକୁ ଲାଭ କରି ପାରିବ,—କେବଳ ଏକ କଳ୍ପନା ରୂପେ ନୁହେଁ,—ସେହି ବସ୍ତୁଟିର ଏକ ଅଭିଜ୍ଞତା ଲାଭ କରି ପାରିବ, ଏବଂ ପରେ ତାହାକୁ ସ୍ଥାୟୀ କରି ମଧ୍ୟ ରଖିପାରିବ, ତେବେ ପ୍ରକୃତରେ ସବୁକିଛି ସହଜ ହୋଇଯିବ । ମାତ୍ର ଅତି ଦୁର୍ଭାଗ୍ୟର କଥା ଯେ ତାହା ଖୁବ୍ ଚଞ୍ଚଳ ଭୁଲିହୋଇ ଯାଇଥାଏ ।

ମାଆ, ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି : "ସେ (ପୂର୍ଣ୍ଣ ଯୋଗର ସାଧକ) କେବଳ ନିଜ ଭିତରେ ଯେ ଅହଂପ୍ରେରିତ ମିଥ୍ୟା ଏବଂ ବିଶୃଙ୍ଖଳା ଉପରେ ବିଜୟ ଲାଭ କରିବ ତା' ନୁହେଁ, ସେ ସେଗୁଡ଼ିକୁ ଜଣେ ପ୍ରତିନିଧି ରୂପେ..."

ମାତ୍ର ବଡ଼ ଦୁଃଖର କଥା ଯେ ମୁଁ କହିବା ସମୟରେ ତୁମେ ମୋ' କଥାକୁ ଶୁଣ ନାହିଁ । ତାହା ତ ଠିକ୍ ଏହି ପ୍ରଶ୍ନଟିକୁ ପଚାରିଥିଲା ଏବଂ ମୁଁ ତାକୁ ସବୁ ବିଷୟ ବୁଝାଇ କରି କହିଦେଇଛି । ତେବେ ତୁମେ ମଧ୍ୟ ଠିକ୍ ସେହିପରି ପ୍ରଶ୍ନଟିଏ ପଚାରୁଛ କିପରି ?

ତୁମେ କ'ଣ ବୁଝି ପାରିଲ ନାହିଁ ? ମୁଁ ତ ସବୁ ବୁଝାଇ କହିସାରିଛି ।

(ମାଆ ନୀରବ ରହିଲେ)

ମାଆ, ଆପଣ କହିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଅସମ୍ଭବତାର ପ୍ରତିନିଧି ହୋଇ ରହିଛନ୍ତି । ତେଣୁ ଏହି କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିର ଠିକ୍ ସେହି ଅସମ୍ଭବତାଟିକୁ ସମାଧାନ କରିବାରେ ନିଜକୁ ସମର୍ପିତ କରି ରଖିବା ଉଚିତ, ନୁହେଁ କି ?

'oaob.nitrkl.ac.in' images reprocessed

ତାହାର ଉପରେ ନିଜକୁ ସଚେତନ କରି ରଖିବା ଯେ ସବୁବେଳେ ଆବଶ୍ୟକ ହେବ, ସେକଥା ଆଦୌ ନୁହେଁ । ମାତ୍ର, ସେଇଟି ବିଷୟରେ ସେ ଅବଗତ ଥାଉ ବା ନ ଥାଉ ପଛକେ, ତାକୁ ସେଇଟିର ସମ୍ମୁଖୀନ ହେବାକୁହିଁ ପଡ଼ିବ,—ସେହି ସମସ୍ୟାର ଏକ ବିଶ୍ୱଗତ ସମ୍ମୁଖୀନ ହେବାକୁ ପଡ଼ିବ ।

ମୁଁ ଆଗରୁ ମଧ୍ୟ ଥରେ ଏକଥା କହିଛି । ଯେତେବେଳେ ତୁମେ ଏକ ବିଜୟର ସମ୍ଭାବନାର ପ୍ରତିନିଧିତ୍ୱ କରୁଥାଅ, ସେତେବେଳେ ତୁମ ଭିତରେ ଏହି ବିଜୟର ବିପରୀତ ହୋଇ ରହିଥିବା ଏକ ବସ୍ତୁ ସର୍ବଦା ରହିଥାଏ,—ତାହାହିଁ ତୁମକୁ ସତତ ଅସୁବିଧାରେ ପକାଇବାରେ ଲାଗିଥାଏ ।

ପ୍ରତ୍ୟେକ ବ୍ୟକ୍ତିର ଏକ ନିଜସ୍ୱ ଅସୁବିଧା ରହିଥାଏ । ମୁଁ ଜାଣିଛି, ମୁଁ ପୂର୍ବରୁ ମଧ୍ୟ ଥରେ ଏହାର ଉଦାହରଣ ଦେଇ ସାରିଛି । ଉଦାହରଣ ସ୍ୱରୂପ, ଯଦି ଗୋଟିଏ ସତ୍ତାକୁ ନିର୍ଭୀକତା ଓ ସାହସର ପ୍ରତିନିଧି ହୋଇ ରହିବାକୁ ହେଉଥାଏ, ଯାବତୀୟ ବିପଦ ଓ ଯାବତୀୟ ଲଢ଼ାଇ ଆଗରେ ଯଦି ଆଦୌ ବଶ୍ୟତା ସ୍ୱୀକାର ନ କରି ଅବିଚଳିତ ରହିବାର ସେହି ସାମର୍ଥ୍ୟଟିର ପ୍ରତିନିଧିତ୍ୱ କରିବାକୁ ପଡ଼ୁଥାଏ, ତେବେ, ତା'ର ସତ୍ତା ମଧ୍ୟରେ କୌଣସି ନା କୌଣସି ସ୍ଥାନରେ ସିଏ ଭୀଷଣ ଭାବରେ ଏକ ଭୀରୁ ହୋଇ ରହିଥାଏ ଏବଂ ତାହାକୁ ପ୍ରାୟ ସତତହିଁ ସେଇଟି ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼େ, କାରଣ ତାହାହିଁ ଏହି ପୃଥିବୀରେ ତା'ପାଇଁ ହାସଲ କରିବାକୁ ରହିଥିବା ବିଜୟଟିର ପ୍ରତିନିଧିତ୍ୱ କରୁଥାଏ ।

ଏହା ଠିକ୍ ଏହିଭଳି ଗୋଟିଏ ସତ୍ତା ପରି, ଯାହାର କି ଭଲ ହେବା ଉଚିତ, ସଂବେଦନା ଓ ଉଦାରତାରେ ପୂର୍ଣ୍ଣ ହୋଇ ରହିବା ଉଚିତ; ମାତ୍ର, ନିଜର ସତ୍ତା ମଧ୍ୟରେ କୌଣସି ସ୍ଥାନରେ ସେ ତୀକ୍ଷ୍ଣ, କଟୁ ଓ ଏପରିକି ବେଳେବେଳେ ମନ୍ଦ ହୋଇ ମଧ୍ୟ ରହିଥାଏ; ଏବଂ, ସେହି ଅନ୍ୟ କଥାଟି ହୋଇ ପାରିବା ଲାଗି ତାକୁ ଏଇଟି ବିରୁଦ୍ଧରେ ସଂଗ୍ରାମ କରିବାକୁ ହୁଏ । ଏହିପରି ଲାଗି ରହିଥାଏ । ଏହା ବିଷୟଟିର ଯାବତୀୟ ଟିକିନିଖି ପର୍ଯ୍ୟନ୍ତ ମଧ୍ୟ ଲାଗି ରହିଥାଏ । ଠିକ ସେହିପରି ହୋଇ ରହିଥାଏ ।

ଏବଂ, ଯେତେବେଳେ ତୁମର ଆଖି ଆଗରେ ଏକ ଅତ୍ୟନ୍ତ କଳା ଛାଇ ଆସି ଦୃଷ୍ଟିଗୋଚର ହୁଏ, ଯାହାକି ପ୍ରକୃତରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ ବି ହୋଇ-ପାରେ—ସେତେବେଳେ ତୁମେ ଏହି ବିଷୟରେ ସୁନିଶ୍ଚିତ ହୋଇ ରହି ପାରିବ ଯେ, ତୁମ ଭିତରେ ତଦନୁରୂପ ଆଲୋକର ସମ୍ଭାବନାଟି ମଧ୍ୟ କେଉଁଠି ଅବଶ୍ୟ ନିହିତ ହୋଇ ରହିଛି ।

'oaob.nitrkl.ac.in' images reprocessed

ହ୍ରାସ ହୋଇଯିବା ପରିବର୍ତ୍ତେ ତାହା କାହିଁକି ବୃଦ୍ଧି ପାଇବାରେ ଲାଗିଥାଏ ?

**“ବୃଦ୍ଧି ପାଇବାରେ ଲାଗିଥାଏ” ର ଅର୍ଥ କ’ଣ ?**

(ଶିଷ୍ୟଜଣକ ଉତ୍ତର ଦେଇ ପାରିଲେ ନାହିଁ)

ଏହା ଏଠାରେ ବୃଦ୍ଧି ପାଉଥାଏ ? ହଁ, କାରଣ ଏଇଟି ହେଉଛି ସେହି ଯଥାର୍ଥ ସିଦ୍ଧିର ସ୍ଥାନ ।

ଜୀବନରେ ତୁମେ ଅଚେତନ ହୋଇ ରହିଥାଅ; ନିଜର ଜୀବନକୁ ଏକ ସମ୍ପୂର୍ଣ୍ଣ ଭାବରେ ଅସ୍ପଷ୍ଟ ହୋଇ ରହିଥିବା ଅର୍ଦ୍ଧଚେତନା ମଧ୍ୟରେ ଅତିବାହିତ କରି ଦେଉଥାଅ, ନିଜ ବିଷୟରେ ତୁମେ ଆଦୌ କିଛିହେଲେ ଜାଣି ନ ଥାଅ; କେବଳ ତାହାର ଏକ ପ୍ରତିଚ୍ଛବିକୁ ଜାଣିଥାଅ, ତାହା ବ୍ୟତୀତ ଅଧିକ କିଛି ଜାଣି ନ ଥାଅ । ଏବଂ, ଆପଣାର ତ୍ରୁଟିକୁ ପୂର୍ଣ୍ଣ କରିବାରେ ତୁମେ ସର୍ବଦା ଅସମର୍ଥହିଁ ହେବ ବୋଲି ତୁମେ ଅସୁବିଧାଟିର ମର୍ମକ୍ଷେତ୍ରରେ ପ୍ରତିବନ୍ଧକଟିକୁ ଆଦୌ ଭେଟି ପାର ନାହିଁ, କେବଳ ଏକ ପ୍ରତିଚ୍ଛବିକୁହିଁ ଦେଖୁଥାଅ; ତୁମେ ସମ୍ପୂର୍ଣ୍ଣ ଭାବରେ କେବଳ ନାନା ପ୍ରତିଚ୍ଛବି ମଧ୍ୟରେ ବାସ କରୁଥାଅ । ସ୍ଥିତିଟି କେବଳ ସେହିପରି ହୋଇ ରହିଥାଏ । ତେଣୁ ତୁମର ଦୋଷମାନେ କ୍ଷୁଦ୍ର ହୋଇ ରହିଥାନ୍ତି, ଗୁଣମାନେ ମଧ୍ୟ କ୍ଷୁଦ୍ର ହୋଇ ରହିଥାନ୍ତି, ସାମର୍ଥ୍ୟମାନେ ମଧ୍ୟମପ୍ରସ୍ଥ ହୋଇ ରହନ୍ତି, ଅସୁବିଧାଗୁଡ଼ିକ ମଧ୍ୟ ମଧ୍ୟମପ୍ରସ୍ଥ ହୋଇ ରହିଥାନ୍ତି । ତୁମେ ସମ୍ପୂର୍ଣ୍ଣ ଭାବରେ ସର୍ବଦା ମଧ୍ୟମପ୍ରସ୍ଥ ହୋଇହିଁ ରହିଥାଅ ।

କେବଳ, ଉପଲବ୍ଧିର ମାର୍ଗରେ ଅଗ୍ରସର ହେବାକୁ ଆରମ୍ଭ କଲେ ଯାଇ ତୁମର ସମ୍ଭାବନାଗୁଡ଼ିକ ବାସ୍ତବ ହୋଇ ଆସନ୍ତି ଏବଂ ତୁମର ଅସୁବିଧାମାନେ ମଧ୍ୟ ବୃହତ୍ତର ଆକାର ଧାରଣ କରନ୍ତି,—ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ସେପରି ଘଟିଥାଏ । ବସ୍ତୁଗୁଡ଼ିକ ସଘନ ଅବସ୍ଥା ପ୍ରାପ୍ତ ହୁଅନ୍ତି ।

ମୁଁ ସେହି କାରଣରୁହିଁ ଲୋକମାନଙ୍କୁ କହିଥାଏ, “ଯଦି ତୁମେ ନିଜ ଭିତରେ ଶାନ୍ତ ଏବଂ ନିର୍ଜନତା ଲାଭ କରି ପାରୁ ନାହଁ, ନିଜ ଭିତରେ ପ୍ରବେଶ କରି ପାରିବାଲାଗି ନିଜକୁ ଯଥେଷ୍ଟ ପରିମାଣରେ ଅଲଗା ରଖି ପାରୁ ନାହଁ, ଏହି ସାଧାରଣ ଜୀବନର ପରିବେଶଗୁଡ଼ିକ ଭିତରେ ଯଦି ତୁମେ ଏକଥା କରି ପାରୁ ନାହଁ;—ସୁନିଶ୍ଚିତ ଭାବରେ ତୁମେ ଏଠାରେ ତାହା କରିବାକୁ କଦାପି ସମର୍ଥ ହେବ ନାହିଁ, କାରଣ ଏହାହିଁ ତୁମର ସର୍ବପ୍ରଥମ ଅସୁବିଧା ହୋଇ ରହିବ ଯେ, ତୁମେ ଆପଣାକୁ ଯାବତୀୟ ବସ୍ତୁ ତଥା ସକଳ ବ୍ୟକ୍ତିଙ୍କ ଦ୍ୱାରା ଆକ୍ରାନ୍ତ ହୋଇ

'oaob.nitrkl.ac.in' images reprocessed

ରହିଥିବା ପରି ଅନୁଭବ କରୁଥିବ, ଏବଂ ଆପଣାକୁ ଅଲଗା କରି ନେବାପାଇଁ ସଂପୂର୍ଣ୍ଣ ଭାବରେ ଅସମର୍ଥ ହୋଇ ରହିଥିବ । ଏଠାକୁ ଆସିବା ପୂର୍ବରୁ ଯଦି ସେଇଟିକୁ କରି ଶିଖିଥିବ, ତେବେ ତାହା ନିଶ୍ଚୟ ଏକ ଉତ୍ତମ କଥା ହେବ । ମାତ୍ର ଯଦି ଏହା କରି ଜାଣି ନ ଥିବ, ତେବେ ଏଠାରେ ସେହିପରି କରିବା ତୁମ ଲାଗି ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିବ ।”

ଏବଂ ଯାବତୀୟ କ୍ଷେତ୍ରରେ ସେହି ଗୋଟିଏହିଁ ଉପାୟ ରହିଛି । ଯେଉଁ ଲୋକମାନେ ବିରକ୍ତସ୍ୱଭାବ ହୋଇ ରହିଥାନ୍ତି, ଉଦାହରଣସ୍ୱରୂପ, ନିଜର ରାଗ-ଉପରେ ଯେଉଁମାନଙ୍କର କୌଣସି ନିୟନ୍ତ୍ରଣ ନ ଥାଏ, ସେମାନେ ସାଧାରଣ ଜଗତର ତୁଳନାରେ ଏଠାରେ ଅଧିକ ଅସୁବିଧାର ସମ୍ମୁଖୀନ ହୁଅନ୍ତି, କାରଣ, ସାଧାରଣ ଜଗତର କ୍ଷେତ୍ରରେ ସେମାନଙ୍କୁ ଜୀବନର ଯାବତୀୟ ଆବଶ୍ୟକତା ଦ୍ୱାରା ନିୟନ୍ତ୍ରିତ ହୋଇ ରହିବାକୁ ପଡ଼ିଥାଏ ଏବଂ କାରଣ, ଉଦାହରଣସ୍ୱରୂପ, ସେମାନେ ଯେତେବେଳେ କୌଣସି ଅଫିସ୍‌କୁ ଯାଆନ୍ତି, ଯଦି ସେଠାରେ ସେମାନେ ନିଜର ମାଲିକ ଉପରେ କ୍ରୋଧାନ୍ୱିତ ହୋଇ ପଡ଼ନ୍ତି, ସେତେବେଳେ ସେମାନଙ୍କୁ କାର୍ଯ୍ୟରୁ ବାହାର କରି ଦିଆଯାଏ । ମାତ୍ର ଏଠାରେ, ଆମେ ସେମାନଙ୍କୁ ଆଦୌ ବାହାର କରି ଦେଉ ନାହିଁ । ସେମାନଙ୍କୁ କେବଳ “ନିଜକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ” ବୋଲି କୁହା ଯାଇଥାଏ ।

'oaob.nitrkl.ac.in' images reprocessed

# ୨୮ ଡିସେମ୍ବର ୧୯୫୫

**ମାଆ "ଯୋଗ-ସମନ୍ୱୟ" ପୁସ୍ତକରୁ "ଅନ୍ୱେଷଣ" ଅଧ୍ୟାୟର କିଛି ଅଂଶ ପାଠ କଲେ ।**

ମାଆ, "ପୂର୍ଣ୍ଣ ଯୋଗର ବିଶିଷ୍ଟ ସ୍ୱଭାବପର ହୋଇ ରହିଥିବା ଏକ ସର୍ବଗ୍ରାହୀ ଅଭିନିବେଶ" କହିଲେ କ'ଣ ବୁଝାଏ ?
ଏକ ସର୍ବଗ୍ରାହୀ ଅଭିନିବେଶ ?

**ନାହିଁ—ଏପରି ଏକ ଅଭିନିବେଶ ଯାହାକି ଏହି ସମୁଦାୟ ଅସ୍ତିତ୍ୱ ଆଡ଼କୁ ଉନ୍ମୋଚିତ ହୋଇ ରହିଥାଏ । ଏହି ଅଭିନିବେଶ କାହାରି ବିରୋଧ କରେ ନାହିଁ, ଆପଣାକୁ ଉନ୍ମୁକ୍ତ କରି ରଖିଥାଏ । ଏହାର ଅର୍ଥ ହେଉଛି ଯେ, ଆମେ ଆପଣା ଭିତରୁ କେତେକ ବସ୍ତୁକୁ ଆଦୌ ବର୍ଜନ କରି ରଖିବା ନାହିଁ ଏବଂ ଅନ୍ୟ ଯାବତୀୟ ବିନ୍ଦୁକୁ ବର୍ଜନ କରି ଐକାନ୍ତିକ ଭାବରେ କୌଣସି ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ନିଜକୁ ସଂକେନ୍ଦ୍ରିତ କରି ରଖିବାର ଅଭ୍ୟାସ କରିବା ନାହିଁ । ଅର୍ଥାତ୍, ଏହି କ୍ଷେତ୍ରରେ ଯାବତୀୟ ସମ୍ଭାବନାକୁ ବାଟ ଛାଡ଼ି ଦିଆଯିବ ଓ ସେଗୁଡ଼ିକର ଅନୁଧାବନ କରାଯିବ ।**

ଏଠାରେ ଲେଖା ହୋଇଛି : "ସ୍ୱୟଂ ଦିବ୍ୟ ପରମସତ୍ତା ହିଁ ଆମର ଏକମାତ୍ର ଲକ୍ଷ୍ୟସ୍ଥଳ ହୋଇ ରହିବା ଉଚିତ, ଯାହାଙ୍କ ସକାଶେ, ଜାଣିତରେ ହେଉ ଅଥବା ଅଜାଣତରେ ହେଉ, ଆମର ସଂଗୂଢ଼ ପ୍ରକୃତି ମଧ୍ୟରେ ରହିଥିବା କୌଣସି ଏକ ଉପାଦାନ ଅଭୀପ୍ସା କରି ରହିଥାଏ ।"
ମାଆ, ଅଭୀପ୍ସା କରି ରହିଥିବା ଏହି କୌଣସି ଏକ ଉପାଦାନ କାହାକୁ ବୁଝାଇବ ?

**ଏହା ହେଉଛି ସତ୍ତାର ଗୋଟିଏ ଅଂଶ, ଯାହାକି ସର୍ବଦା ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଏକାଭଳି ହୋଇ ରହି ନ ଥାଏ । ଏବଂ ତାହା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଚୈତ୍ୟର ପ୍ରଭାବ ଲାଗି ଉନ୍ମୁକ୍ତ ହୋଇ ରହିଥାଏ ।**

'oaob.nitrkl.ac.in' images reprocessed

ସର୍ବଦା ଏପରି ଏକ ଅଂଶ ରହିଥାଏ—ତାହା ବେଳେବେଳେ ବେଶି ଆବରଣଯୁକ୍ତ ହୋଇ ରହିଥାଏ, ଆମେ ତା' ବିଷୟରେ ସଚେତନ ହୋଇ ରହି ନ ଥାଉ, —ସତ୍ତ୍ୱରେ ରହିଥିବା ସେହି ଅଂଶଟି ଚୈତ୍ୟ-ଅଭିମୁଖୀ ହୋଇ ରହିଥାଏ ଏବଂ ତାହାର ପ୍ରଭାବକୁ ଗ୍ରହଣ କରୁଥାଏ । ଚୈତ୍ୟଚେତନା ଏବଂ ସାଧାରଣ ବାହ୍ୟଚେତନା ମଧ୍ୟରେ ଏକ ମଧ୍ୟବର୍ତ୍ତୀ ଉପାଦାନ ବୋଲି ବୁଝାଯାଇ ପାରିବ ।

ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ସେହି ଏକାଭଳି ହୋଇ ଆଦୌ ରହି ନ ଥାଏ; ପ୍ରତ୍ୟେକ ବ୍ୟକ୍ତି ଭିତରେ ଭିନ୍ନ ହୋଇ ରହିଥାଏ । ଏହାକୁ ସେହି ବ୍ୟକ୍ତିଟିର ପ୍ରକୃତି ବା ଚରିତ୍ର ଭିତରେ ରହିଥିବା ଏପରି ଗୋଟିଏ ବିନ୍ଦୁ ବୋଲି ବୁଝାଯିବ, ଯାହାର ମାଧ୍ୟମରେ ସିଏ ଚୈତ୍ୟକୁ ସ୍ପର୍ଶ କରି ପାରିବ ଏବଂ ଯେଉଁଠାରେ କି ସେ ଚୈତ୍ୟ ପ୍ରଭାବକୁ ଗ୍ରହଣ କରି ପାରିବ । ଏହା ସଂପୃକ୍ତ ବ୍ୟକ୍ତିମାନଙ୍କ ଉପରେହିଁ ନିର୍ଭର କରେ; ପ୍ରତ୍ୟେକ ବ୍ୟକ୍ତି ଲାଗି ଭିନ୍ନ ହୋଇ ରହିଥାଏ, ପ୍ରତ୍ୟେକ ବ୍ୟକ୍ତି ଭିତରେ ଏହିପରି ଗୋଟିଏ ବିନ୍ଦୁ ଅବଶ୍ୟ ରହିଥାଏ ।

ତୁମେ ହୁଏତ ଏହି କଥାଟିକୁ ମଧ୍ୟ ଅନୁଭବ କରି ପାରିବ ଯେ, ତୁମ ଭିତରେ ଏପରି କେତେକ ବସ୍ତୁ ରହିଥା'ନ୍ତି ଯେଉଁମାନେ କି ହଠାତ୍ ତୁମକୁ ଠେଲି ଦେଉଥା'ନ୍ତି, ତୁମକୁ ତୁମ ନିଜଠାରୁ ଆହୁରି ଉପରକୁ ଉଠାଇ ନେଉଥା'ନ୍ତି, ବୃହତ୍ତର ଆଉ କୌଣସି ବସ୍ତୁ ଲାଗି ଦ୍ୱାରଟିଏ ଖୋଲିଦେଇ ଯାଉଥା'ନ୍ତି । ଏହା ପ୍ରକୃତରେ ଏକାଧିକ ବସ୍ତୁ ହୋଇପାରେ ଏବଂ ତାହା ପ୍ରତ୍ୟେକ ବ୍ୟକ୍ତିର ପ୍ରକୃତି ଉପରେହିଁ ନିର୍ଭର କରେ । ଏହାକୁ ସତ୍ତ୍ୱର ଏପରି ଗୋଟିଏ ଅଂଶ ବୋଲି ବୁଝାଯିବ, ଯାହାକି କୌଣସି ଏକ ବିଷୟରେ ଉତ୍ସାହପୂର୍ଣ୍ଣ ହୋଇ ରହିଥାଏ; ଏହାକୁ ଉତ୍ସାହିତ ହେବାର ଏକ ସାମର୍ଥ୍ୟ ବୋଲି ବୁଝାଯାଇ ପାରିବ ।

ଏହି କ୍ଷେତ୍ରରେ ଦୁଇଟି ମୁଖ୍ୟ ବିଷୟ ରହିଛି । ଗୋଟିଏ ହେଉଛି ଉତ୍ସାହ ଲାଗି ଏହି ସାମର୍ଥ୍ୟ, ଯାହାକି, ଆମକୁ ଜାଗ୍ରତ କରି ପାରୁଥିବା ବସ୍ତୁଟି ମଧ୍ୟକୁ ନିଜକୁ ଅଳ୍ପ ବହୁତ ସଂପୂର୍ଣ୍ଣ ଭାବରେ ନିକ୍ଷିପ୍ତ କରିଦେଇ ପାରିବା ପାଇଁ ଆମକୁ ଆମର ବୃହତ୍ତର ଅଥବା କ୍ଷୁଦ୍ରତର ଜଡ଼ତା ମଧ୍ୟରୁ ବାହାର କରି ନେଇଆସେ । ଉଦାହରଣସ୍ୱରୂପ, ଜଣେ କଳାକାରର କଳା ଲାଗି ଏବଂ ଜଣେ ବୈଜ୍ଞାନିକର ବିଜ୍ଞାନ ଲାଗି ଏହି ଉତ୍ସାହଟି ରହିଥାଏ । ଏବଂ ସାଧାରଣତଃ, ଯେଉଁ ବ୍ୟକ୍ତି କିଛି ସୃଷ୍ଟି ଅଥବା ନିର୍ମାଣ କରୁଛି, ତାହା ମଧ୍ୟରେ ଏକ ଉନ୍ମୋଚନ ଅବଶ୍ୟ ରହିଥାଏ, କୌଣସି ବିଶେଷ ସାମର୍ଥ୍ୟ ବା ସମ୍ଭାବନା ଲାଗି ଏକ ଉନ୍ମୋଚନ ରହିଥାଏ, ଏବଂ ତାହା ଭିତରେ ଏକ ଉତ୍ସାହର ଉନ୍ମେଷ ଘଟାଇଥାଏ । ସେହି ଉତ୍ସାହ ସନ୍ଦିଗ୍ଧ

'oaob.nitrkl.ac.in' images reprocessed

ହୋଇ ପାରିଲେ, ସତ୍ତ୍ୱରେ ରହିଥିବା ତ'ଣ ଗୋଟିଏ ଉପାଦାନ ଜାଗ୍ରତ ହୋଇ ଉଠେ ଏବଂ ସମ୍ପାଦିତ କାର୍ଯ୍ୟଟିରେ ପ୍ରାୟ ସମଗ୍ର ସତ୍ତ୍ୱଟି ଅଂଶ ଗ୍ରହଣ କରୁଥାଏ ।

ଏହି କ୍ଷେତ୍ରରେ ଏହିପରି ଘଟେ । ଏବଂ, ଏପରି ଅନେକ ବ୍ୟକ୍ତି ଥାଆନ୍ତି, ଯେଉଁମାନଙ୍କ ମଧ୍ୟରେ କୃତଜ୍ଞ ହୋଇ ରହିବା ଲାଗି ଏକ ଅନ୍ତର୍ନିହିତ ସାମର୍ଥ୍ୟ ରହିଥାଏ, ଅନୁସ୍ପନ୍ଦନ ଜଣାଇବା ଲାଗି, ଏକ ହୃଷ୍ଟତା, ଅନୁରାଗ ଓ ଆନନ୍ଦ ସହିତ ସମଗ୍ର ଜୀବନର ପଶ୍ଚାତରେ. ଏପରିକି କ୍ଷୁଦ୍ରାତିକ୍ଷୁଦ୍ର ଉପାଦାନଟିର ପଛରେ ତଥା ଜୀବନର ସାମାନ୍ୟତମ ଏକ କ୍ଷୁଦ୍ର ଘଟଣାଟି ପଶ୍ଚାତରେ ମଧ୍ୟ ଏକ ବିସ୍ମୟରୂପେ ଲୁକ୍କାୟିତ ହୋଇ ରହିଥିବା କୌଣସି ଏକ ବସ୍ତୁ ପ୍ରତି ଅନୁସ୍ପନ୍ଦନ ଜଣାଇବା ଲାଗି ଯେଉଁମାନେ କି ଏକ ଉଦ୍ଦୀପ୍ତ ଆବଶ୍ୟକତା ଅନୁଭବ କରୁଥାନ୍ତି । ସେମାନେ ପ୍ରତ୍ୟେକ ବସ୍ତୁର ପଶ୍ଚାତରେ ରହିଥିବା ଏହି ସାର୍ବଭୌମ ସୌନ୍ଦର୍ଯ୍ୟ ବା ଅନନ୍ତ ପରମ କରୁଣାକୁ ଅନୁଭବ କରିବାରେ ଲାଗିଥାନ୍ତି ।

ମୁଁ ଏପରି ଅନେକ ବ୍ୟକ୍ତିଙ୍କୁ ଜାଣିଥିଲି, ଯେଉଁମାନଙ୍କର କି ଜ୍ଞାନ ନ ଥିଲି, ପ୍ରାୟ ଆଦୌ କୌଣସି ବିଷୟର ଜ୍ଞାନ ନ ଥିଲି, ସେମାନେ କ୍ୱଚିତ୍ କୌଣସି ଶିକ୍ଷା ଲାଭ କରିଥିଲେ, ଯେଉଁମାନଙ୍କର ମନୋଭୂମି ଏକାନ୍ତ ସାଧାରଣ ସ୍ତରର ହୋଇ ରହିଥିଲି, ମାତ୍ର ଯେଉଁମାନଙ୍କ ମଧ୍ୟରେ ଏହି କୃତଜ୍ଞତାର ଭାବ ଓ ଏହି ହୃଷ୍ଟତା,—ଯାହାକି ଆପଣାକୁ ଦେଇ ଦେବା ଲାଗି ପ୍ରସ୍ତୁତ ହୋଇ ରହିଥାଏ, ସବୁ ବୁଝିପାରେ ଓ କୃତଜ୍ଞ ହୋଇ ରହିଥାଏ,—ର ସାମର୍ଥ୍ୟ ବିଦ୍ୟମାନ ରହିଥିଲି ।

ସେହି ବ୍ୟକ୍ତିମାନଙ୍କର କ୍ଷେତ୍ରରେ ଅଧିକତର ଭାବରେ, ପ୍ରାୟ ସତତ, ସେମାନଙ୍କର ଚୈତ୍ୟଭୂମି ସହିତ ଏକ ସମ୍ପର୍କ ରହିଥିଲି ଏବଂ, ସେମାନେ ଏହି ସମ୍ପର୍କ ଲାଗି ସମର୍ଥ ହୋଇ ରହିଥିଲେ, ସଚେତନ—ଖୁବ୍ ବେଶୀ ପରିମାଣରେ ନୁହେଁ ମାତ୍ର କିଞ୍ଚିତ୍ ପରିମାଣରେ—ହୋଇ ରହିଥିଲେ,—ଅର୍ଥାତ୍, ସେମାନେ ଅନୁଭବ କରୁଥିଲେ ଯେ, ସେମାନଙ୍କୁ ସଚେତଯେପରି କେହି ସେମାନଙ୍କଠାରୁ ଆହୁରି ଊର୍ଦ୍ଧ୍ୱକୁ ବହନ କରି ନେଇ ଯାଉଥିଲି, ସେମାନଙ୍କର ସହାୟତା କରୁଥିଲି, ଉତ୍ତୋଳିତ କରି ନେଉଥିଲି ।

ଏହି ଦୁଇଟିଯାକ ବସ୍ତୁ ଆମକୁ ସବୁଠାରୁ ଅଧିକ ପରିମାଣରେହିଁ ପ୍ରସ୍ତୁତ କରି ନେଇ ଯାଆନ୍ତି । ସେମାନେ ଦୁଇଟି ମଧ୍ୟରୁ ଗୋଟିକୁ ଧରି ଜନ୍ମ ହୋଇଥାନ୍ତି; ଏବଂ ଯଦି ସେମାନେ ଉଦ୍ୟମ କରନ୍ତି, ତେବେ କ୍ରମଶଃ ତାହାର ବିକାଶ ହୋଇଥାଏ, ତାହା ବୃଦ୍ଧି ପ୍ରାପ୍ତ ହେବାରେ ଲାଗିଥାଏ ।

ଆମେ ତେଣୁ କହିବା : ଉତ୍ସାହ ଲାଗି ସାମର୍ଥ୍ୟ, ଏପରି ଏକ ବସ୍ତୁ ଯାହାକି ତୁମକୁ ତୁମର ଦମ୍ଭୋକ୍ତିପୂର୍ଣ୍ଣ ଓ ନିକୃଷ୍ଟ କ୍ଷୁଦ୍ର ଅହଂଟି ଭିତରୁ ବାହାର କରି ବାହାରକୁ

'oaob.nitrkl.ac.in' images reprocessed

ଫୋପାଡ଼ି ଦିଏ; ଏବଂ ଉଦାର ଭାବରେ କୃତଜ୍ଞ ହୋଇ ରହିବାର ଏକ ଭାବ, କୃତଜ୍ଞତା ପ୍ରକାଶ କରିବାର ସେହି ଉଦାରତା, ଯାହାକି ଆପଣାକୁ କୃତଜ୍ଞତା ପ୍ରକାଶ କରିବାର ପ୍ରତିଶ୍ରୁତି ଦ୍ୱାରା କ୍ଷୁଦ୍ର ଅହଂଟି ମଧ୍ୟରୁ ବାହାରକୁ ଫୋପାଡ଼ି ଦିଏ । ଆପଣାର ଚୈତ୍ୟସତ୍ତାର ଭୂମିରେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ପର୍କ ଲାଭ କରିବା ଲାଗି ଏହି ଦୁଇଟିଯାକ ଗୋଟିଏ ଗୋଟିଏ ସବୁଠାରୁ ଅଧିକ ଶକ୍ତିଶାଳୀ ଉତ୍ତୋଳକ ରୂପେ କାର୍ଯ୍ୟ କରିଥାନ୍ତି । ଏହା ଚୈତ୍ୟସତ୍ତା ସହିତ ଏକ ସଂଯୋଜକ ରୂପେ,—ସର୍ବୋତ୍ତମ ସଂଯୋଜକ ରୂପେ କାର୍ଯ୍ୟ କରିଥାଏ ।

(ମାଆ ନୀରବ ରହିଲେ)

ସରଳ ?

ମାଆ, କୁତ୍ସିତତମ ମଣିଷଙ୍କ ଭିତରେ ବି କ'ଣ ଏପରି କୌଣସି ବସ୍ତୁ ଥାଏ, ଯାହାକି ଅଭୀପ୍ସା କରୁଥାଏ ?

କୁତ୍ସିତତମ ମଣିଷଙ୍କ ଭିତରେ ?…ହଁ…ଏପରିକି ଅସୁରମାନଙ୍କ ଭିତରେ ଓ ପରମବୈରୀ ମାନଙ୍କ ଭିତରେ ମଧ୍ୟ ରହିଥାଏ; ଏପରିକି ପିଶାଚମାନଙ୍କ ଭିତରେ ମଧ୍ୟ କୌଣସି ନା କୌଣସି ବସ୍ତୁ ରହିଥାଏ ।

ଏପରି ଏକ କୋଣସ୍ଥ ସ୍ଥାନ ସର୍ବଦା ରହିଥାଏ, ସତେଅବା ଏକ ଫାଟ ରହିଥାଏ, ଏକ ଗ୍ରହଣଶୀଳ ବିନ୍ଦୁ ରହିଥାଏ, ଯାହାକୁ କି ସାଧାରଣତଃ ଏକ ଦୁର୍ବଳତା ବୋଲି ବୁଝାଯାଇଥାଏ । ମାତ୍ର ପ୍ରକୃତରେ ଏହାକୁ ସତ୍ତାର ଅସଲ ବଳ ବୋଲି ବୁଝାଯିବ, ଏହି ବିନ୍ଦୁଟି ମଧ୍ୟଦେଇହିଁ ତାକୁ ସ୍ପର୍ଶ କରିବା ସମ୍ଭବ ହୋଇଥାଏ ।

କାରଣ, ଏପରିକି ସବୁଠାରୁ ଅଧିକ ପରିମାଣରେ ତମସାଚ୍ଛନ୍ନ ହୋଇ ରହିଥିବା ଓ ବିପଥଗାମୀ ହୋଇଥିବା ସତ୍ତାମାନଙ୍କ ଭିତରେ, ଯେଉଁମାନେ ଦିବ୍ୟ ପରମସତ୍ତାଙ୍କ ବିରୁଦ୍ଧରେ ଲଢ଼ାଇ କରିବାକୁ ସଚେତନ ଭାବରେ ଇଚ୍ଛା କରୁଥାନ୍ତି, ସେମାନଙ୍କ ଭିତରେ ମଧ୍ୟ, ସେମାନଙ୍କର ସକଳ ପ୍ରତିକୂଳତା ସତ୍ତ୍ୱେ, ସକଳ ପ୍ରକାରର ପ୍ରତିକୂଳତା ସତ୍ତ୍ୱେ,—ସେମାନେ ମଧ୍ୟ ସେହି ଦିବ୍ୟ ଉତ୍ସରୁ ଉତ୍ପନ୍ନ ହୋଇଥାନ୍ତି । ଏବଂ, ଆପଣାକୁ ସେମାନେ ନିଜର ସେହି ଉତ୍ସରୁ କାଟି ପକାଇବାକୁ ବୃଥା ଚେଷ୍ଟା କରୁଥାନ୍ତି; ସେମାନେ କଦାପି ତାହା କରି ପାରନ୍ତି ନାହିଁ । ସେମାନେ ଇଚ୍ଛାକୃତ ଏବଂ ସଚେତନ ଭାବରେ ଯଥାଶକ୍ତି ସବୁକିଛି ଚେଷ୍ଟା କରନ୍ତି, ମାତ୍ର ଖୁବ୍ ଭଲ କରି ଜାଣିଥାନ୍ତି ଯେ ସେମାନେ ଏହା କଦାପି କରି ପାରିବେ ନାହିଁ । ଏପରିକି ଜଣେ ସବୁଠାରୁ ଅଧିକ ଦୁରାତ୍ମା ଭିତରେ ମଧ୍ୟ ସର୍ବଦା ତାକୁ ସ୍ପର୍ଶ କରି ପାରିବାର ସୁରାଖଟିଏ ରହିଥାଏ ।

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତ୍ୱ, ଏହି ପୃଥିବୀରେ ଦିବ୍ୟ ପରମସତ୍ତ୍ୱଙ୍କର କାର୍ଯ୍ୟ ସର୍ବଦା ମନ୍ଦ ଓ ଦୁଷ୍ଟତାର ଅନ୍ତର୍ବକ୍ରତା ଲାଗି ଏକ ସୀମାରେଖା ରୂପେ କାର୍ଯ୍ୟ କରୁଥାଏ ଏବଂ ତାହା ଯୁଗପତ୍ ଭାବରେ ଭଲର ହାତରେ ମଧ୍ୟ ଏକ ଅସୀମ ଶକ୍ତି ପ୍ରଦାନ କରିଥାଏ । ଏବଂ, ଭଲର ଏହି ସୀମାସ୍ଥାନ 'ଶକ୍ତିହିଁ ବାହ୍ୟତଃ, ସୃଷ୍ଟିରୂପୀ ଏହି ପରିପ୍ରକାଶ ମଧ୍ୟରେ, ମନ୍ଦର ବ୍ୟାପ୍ତି ଲାଭ କରିବାର କ୍ଷେତ୍ରରେ ଏକ ସୀମାରେଖା ରୂପେ କାର୍ଯ୍ୟ କରିବାରେ ଲାଗିଥାଏ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅତ୍ୟନ୍ତ ସୀମାସଙ୍କୀର୍ଣ୍ଣ ହୋଇ ରହିଥିବା ମନୁଷ୍ୟମାନଙ୍କର ଆଖିକୁ ଏପରି ମନେହୁଏ, ସତେଯେପରି ମନ୍ଦର ପ୍ରକୃତରେ ଆଦୌ କୌଣସି ସୀମା ଅଥବା ଶେଷ କେଉଁଠିହେଲେ ନାହିଁ ଏବଂ ତାହା ସବୁବେଳେ ଆପଣାର ସର୍ବଶେଷ ବିନ୍ଦୁ ପର୍ଯ୍ୟନ୍ତହିଁ ଗତି କରିଥାଏ । ମାତ୍ର, ସେହି ସର୍ବଶେଷ ବିନ୍ଦୁଟି ମଧ୍ୟ ପ୍ରକୃତରେ ଏକ ସୀମା । ସତତ ଏକ ଅବସାନ ଅବଶ୍ୟ ଘଟେ, ତାହାର ଗତି ଅବଶ୍ୟ ଅଟକି ରହିବାକୁ ବାଧ୍ୟ ହୁଏ; କାରଣ, ଏପରି ଏକ ବିନ୍ଦୁ ସର୍ବଦା ରହିଥାଏ, ଯେଉଁଠାରେ କି ଦିବ୍ୟ ପରମସତ୍ତ୍ୱ ଜାଗ୍ରତ ହୋଇ ଉଠନ୍ତି ଏବଂ କହନ୍ତି, "ବାସ୍, ତୁ ଆଉ ଅଧିକ ଆଗକୁ ଯାଇ ପାରିବୁ ନାହିଁ ।" ଏହି କ୍ଷେତ୍ରଟି ପ୍ରକୃତିଜଗତରେ ବିକରାଳ ଓ ବୃହତ୍ ଧ୍ୱଂସସାଧନର କ୍ଷେତ୍ର ହୋଇଥାଉ ଅଥବା ମନୁଷ୍ୟମାନଙ୍କର ଦୁରବସ୍ଥା ହୋଇଥାଉ ପଛକେ, ସର୍ବଦା ଏପରି ଏକ ମୁହୂର୍ତ୍ତ ରହିଥାଏ ଯେତେବେଳେ କି ଦିବ୍ୟ ପରମସତ୍ତ୍ୱ ଆସି ହସ୍ତକ୍ଷେପ କରନ୍ତି ଏବଂ ବସ୍ତୁଗୁଡ଼ିକୁ ଆଉ କଦାପି ଅଧିକ ଆଗକୁ ଯିବାକୁ ଦିଅନ୍ତି ନାହିଁ ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ମାଆ, ଯେଉଁମାନଙ୍କ ଭିତରେ ଅଜାଣତରେ ଏହି ଅଭୀପ୍ସାଟି ରହିଥାଏ, ସେମାନେ କ'ଣ ସେହିପରି ଅଜାଣତ ଭାବରେ ଅଗ୍ରଗତି ମଧ୍ୟ କରିଥାନ୍ତି ?

ହଁ—ହଁ ।

ତେବେ ସମସ୍ତେ ତ ସର୍ବଦା ଅଗ୍ରଗତି କରୁଛନ୍ତି—ନୁହେଁ ?

ଏକ ନିର୍ଦ୍ଦିଷ୍ଟ ଧାରାରେ ଅବଶ୍ୟ କରୁଛନ୍ତି । ଅବଶ୍ୟ ଏପରି ହୋଇପାରେ ଯେ ତାହା ସେମାନଙ୍କ ଲାଗି ଗୋଟିଏ ଜୀବନରେ ହୁଏତ ଦୃଶ୍ୟମାନ ହୋଇ ପାରେ ନାହିଁ; କାରଣ ଯେତେବେଳେ ସତ୍ତ୍ୱ ସଚେତନ ଭାବରେ ଆଦୌ କୌଣସି ଅଂଶ-ଗ୍ରହଣ କରୁ ନ ଥାଏ, ସେତେବେଳେ ଗତିଟି ଅପେକ୍ଷାକୃତ ମନ୍ଥର ହୋଇ

'oaob.nitrkl.ac.in' images reprocessed

ରହିଥାଏ, ଏପରିକି ମାନବ-ଜୀବନର ଏହି ସ୍ୱଳ୍ପକାଳସ୍ଥାୟିତା ଦୃଷ୍ଟିରୁ ମଧ୍ୟ ସାପେକ୍ଷିକ ହୋଇ ରହିଥାଏ । ତେଣୁ, ଉଦାହରଣସ୍ୱରୂପ, ଏପରି ବେଶ୍ ସମ୍ଭବ ହୋଇପାରେ ଯେ, ମୃତ୍ୟୁ ସମୟରେ ଗୋଟିଏ ସତ୍ତା ଜୀବନରେ ଆଦୌ କୌଣସି ଅଗ୍ରଗତି କରିଛି ବୋଲି ମନେ ହେଉ ନ ଥାଏ, ଏପରିକି ବେଳେବେଳେ ତ ଏହା ପଛକୁ ଚାଲି ଯାଇଥିବା ପରି ବୋଧ ହେଉଥାଏ; ଜୀବନର ପ୍ରାରମ୍ଭରେ ତାହା ପାଖରେ ଯେତିକି ଥିଲା, ସିଏ ସେତିକିଟିକୁ ମଧ୍ୟ ହରାଇ ବସିଥିଲା ପରି ମନେ ହେଉଥାଏ । ମାତ୍ର, ଏକାଧିକ ଜୀବନର ମଧ୍ୟଦେଇ ତା'ର ଚୈତ୍ୟସତ୍ତା ଅତିକ୍ରମ କରି ଆସିଥିବା ବୃହତ୍ତର ବକ୍ରଟି ଦୃଷ୍ଟିରୁ ବିଚାର କରି ଦେଖିଲେ, ସର୍ବଦା ଏକ ଅଗ୍ରଗତି ଅବଶ୍ୟ ହୋଇଥାଏ । ନିଜର କୌଣସି ଏକ ଭୌତିକ ଜୀବନକାଳରେ ସେହି ସତ୍ତା ଯେଉଁ ଅଭିଜ୍ଞତା ଲାଭ କରିଥାଏ, ପ୍ରତ୍ୟେକଟି ତାହାକୁ କିଛିଟା ଅଗ୍ରଗତି କରିବାରେ ଅବଶ୍ୟ ସାହାଯ୍ୟ କରିଥାଏ । ମାତ୍ର ସର୍ବଦା ଚୈତ୍ୟସତ୍ତାହିଁ ଅଗ୍ରଗତି କରିବାରେ ଲାଗିଥାଏ ।

ସତ୍ତା ତା'ର ବର୍ତ୍ତମାନ ଜନ୍ମରେ ଯେଉଁ ଭୌତିକ ଅସ୍ତିତ୍ୱ ଗ୍ରହଣ କରି ରହିଛି, ତାହା ଏକ ନିର୍ଦ୍ଦିଷ୍ଟ ଆରୋହଣ-ବିନ୍ଦୁରେ ଆସି ପହଞ୍ଚି ସାରିବା ପରେ ତାହା ପୁନର୍ବାର ନିମ୍ନକୁ ଖସି ଆସିଥାଏ । ଏପରି କେତେକ ଉପାଦାନ ଅବଶ୍ୟ ରହିଥାନ୍ତି, ଯେଉଁମାନେ କି ସ୍ଥୂଳ ଭାବରେ ତ ଏକଦା ତଳକୁ ଖସି ଆସନ୍ତି ନାହିଁ, ମାତ୍ର ତଥାପି ତାହା ତଳକୁ ଖସି ଆସିଥାଏ, ଏହି ଘଟଣାଟିକୁ କଦାପି ଅସ୍ୱୀକାର କରି ହେବ ନାହିଁ ।

ମାତ୍ର, ପ୍ରାଣିକ ସତ୍ତାକୁ ଯେ ଅବଶ୍ୟ ତଳକୁ ଖସି ଆସିବାକୁ ପଡ଼ିବ, ସେକଥା ଆଦୌ ନୁହେଁ; ମାନସିକ ସତ୍ତାର କ୍ଷେତ୍ରରେ ମଧ୍ୟ ସେକଥା ଘଟେ ନାହିଁ । ଯଦି ପ୍ରାଣିକ ସତ୍ତାକୁ ବିଶ୍ୱମୟ ଶକ୍ତି ସହିତ ସଂଯୋଜିତ ହୋଇ ରହିବାର ମାର୍ଗ ଜଣାଥାଏ, ତେବେ ତାହା ଅତ୍ୟନ୍ତ ସହଜରେ ଆପଣାକୁ ପଶ୍ଚାଦ୍‌ଗମନରୁ ସୁରକ୍ଷିତ କରି ରଖିବାକୁ ସମର୍ଥ ହୁଏ; ତାହା ବେଶ୍ ଅବିଚ୍ଛିନ୍ନ ଭାବରେ ଆରୋହଣମାର୍ଗରେ ଗତି କରିପାରେ । ଏବଂ, ଏହା ସଂପୂର୍ଣ୍ଣ ଭାବରେ ଏକ ନିଶ୍ଚିତ କଥା ଯେ, ମାନସିକ ସତ୍ତା ଯଦି ତାହାର ସାଧାରଣ ସ୍ତରରେ ବିକାଶଲାଭ କରି ଚାଲିଥାଏ, ତେବେ ତାହା ଯାବତୀୟ ଅଧୋଗତିରୁ ମୁକ୍ତ ହୋଇ ରହିଥାଏ । ତେଣୁ, ପରସ୍ପର ସହିତ ସମ୍ବନ୍ଧିତ ରହିଥିବା ପର୍ଯ୍ୟନ୍ତ ଏବଂ ଚୈତ୍ୟସତ୍ତାଦ୍ୱାରା ପ୍ରଭାବିତ ହୋଇ ପାରୁଥିବା ପର୍ଯ୍ୟନ୍ତ ଏହି ଦୁହେଁ ଅଗ୍ରଗତି କରିବାରେହିଁ ଲାଗିଥାନ୍ତି ।

ତେଣୁ କେବଳ ଭୌତିକ ସତ୍ତାରହିଁ ବୃଦ୍ଧି ହୁଏ ଓ ବିକଳନ ଘଟେ । ମାତ୍ର ତାହା ମଧ୍ୟରେ ରହିଥିବା ନମନୀୟତା ଏବଂ ଗ୍ରହଣଶୀଳତାର ଅଭାବରୁହିଁ ସେପରି ଘଟିଥାଏ, ତାହାର ସ୍ୱକୀୟ ସ୍ୱଭାବଟି ହେତୁ ଘଟିଥାଏ । ଏହା ଯେ ଅବଶ୍ୟମ୍ଭାବୀ

'oaob.nitrkl.ac.in' images reprocessed

ସ୍ତରରେ ସେହିପରି ହେବ, ସେକଥା ଆଦୌ ନୁହେଁ । ତେଣୁ, ଏହି କ୍ଷେତ୍ରରେ ଆମର ଏପରି ସ୍ତରରୁ ଲାଗି ମଧ୍ୟ ଏକ ଅବସର ରହିଛି ଯେ, ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ, ଭୌତିକ ଚେତନା ସ୍ୱୟଂ ସଚେତନ ଏବଂ ସ୍ୱେଚ୍ଛାପ୍ରେରିତ ହୋଇ ଯାଇପାରି, କେତେକ ପରିମାଣରେ ମାତ୍ର ଈଶ୍ୱରେଶ୍ୱରର ସ୍ତରରେ ଏହି ଶରୀର ମଧ୍ୟ ପ୍ରଥମେ ତାହାର ଏହି କ୍ଷୟର ପ୍ରତିରୋଧ କରି ପାରିବ,—ସ୍ପଷ୍ଟତଃ ତାହାହିଁ ସର୍ବପ୍ରଥମେ ଘଟିବ—ତା'ପରେ ତାହା କ୍ରମଶଃ ଆପଣାର ଅନ୍ତର୍ଗତ ପରିପୂର୍ଣ୍ଣତାଲାଭ ପଥରେ ଅଭିବୃଦ୍ଧି ଲାଭ କରିବ ଏବଂ ଶେଷରେ ବିଗଳନର ଯାବତୀୟ ଶକ୍ତିକୁ ଅତିକ୍ରମ କରିଯିବ ।

ମାତ୍ର, ଯଥାର୍ଥରେ କହିବାକୁ ଗଲେ, ଏହାହିଁ ହେଉଛି ଏକମାତ୍ର ବସ୍ତୁ, ଯାହାର ବର୍ତ୍ତମାନ କୌଣସି ଅଗ୍ରଗତି କରୁ ନାହିଁ । ଆଉ ସବୁକିଛିର ଅଗ୍ରଗତି ହେଉଛି ।

ମାତ୍ର ଖାସ୍ ଏହି ଉପାଦାନଟି,—ଅର୍ଥାତ୍ ସାକାର ହୋଇ ରହିଥିବା ଏହି ସ୍ଥୂଳ ଜଡ଼ୋପାଦାନଟି ଏପରି ଏକ ଅବସ୍ଥିତ-ରଚନା ରୂପେ ଅବସ୍ଥିତ ରହିଛି, ଯାହାର ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଆକାରରେ ଜୀବନ ଧାରଣ କରୁଛି ଏବଂ ତା'ପରେ ସେହି ରୂପଟିର ଅବନତି ଘଟୁଛି ଓ ତାହା କ୍ଷୟପ୍ରାପ୍ତ ହୋଇଯାଉଛି,—ମାତ୍ର କ୍ରମାନୁବର୍ତ୍ତୀ ହୋଇ ଆସୁଥିବା ଏହି ରୂପଗୁଡ଼ିକର ନିର୍ମାତା ହୋଇ ରହିଥିବା ସ୍ୱୟଂ ଉପାଦାନଟି ଏହି ଯାବତୀୟ ଆକାରର ସୋପାନ ମଧ୍ୟ ଦେଇ ଅଗ୍ରଗତି କରିବାରେ ଲାଗିଛି । ଅର୍ଥାତ୍, ଆଣବିକ ତଥା କୋଷଗତ ଉପାଦାନଟି —ଏପରିକି କୋଷଗତ ଉପାଦାନଟି ମଧ୍ୟ —ଅଣୁ ଓ କ୍ଷୁଦ୍ରାଣୁଗତ ଉପାଦାନଟି ଦିବ୍ୟ ପରମ ଶକ୍ତିମତ୍ତା ତଥା ପରମ ଚେତନାକୁ ଅଭିବ୍ୟକ୍ତ କରିବାର ସ୍ୱସାମର୍ଥ୍ୟର କ୍ଷେତ୍ରରେ ଅଗ୍ରଗତି କରିବାରେ ଲାଗିଛି । ଏହି ସବୁଯାକ ଅବସ୍ଥିତ-ରଚନାର ମଧ୍ୟଦେଇ ଉପାଦାନଟି ଅଧିକରୁ ଅଧିକ ସଚେତନ, ଅଧିକରୁ ଅଧିକ ଆଲୋକଯୁକ୍ତ ଏବଂ ଅଧିକରୁ ଅଧିକ ଗ୍ରହଣଶୀଳ ହେବାରେ ଲାଗିଛି ଏବଂ ସର୍ବଶେଷରେ ତାହା ଏପରି ଏକ ପରିପୂର୍ଣ୍ଣତାର ସ୍ଥିତିରେ ଆସି ଉପନୀତ ହେବ, ଯେତେବେଳେ କି ତାହା ସେହି ଉପାଦାନର ଦିବ୍ୟ ପରମଶକ୍ତିର ଏକ ସମ୍ଭାବ୍ୟ ମାଧ୍ୟମରୂପେ ପରିଣତ ହୋଇ ପାରିବା ଲାଗି ଯଥେଷ୍ଟ ହୋଇଯିବ; ସେହି ପରମଶକ୍ତି ସେତେ-ବେଳେ ମନ ଓ ପ୍ରାଣିକ ପରି ସୃଷ୍ଟିର ଅନ୍ୟ ସ୍ତରରେ ରହିଥିବା ଉପାଦାନଗୁଡ଼ିକ ପରି ତାହାକୁ ମଧ୍ୟ ବ୍ୟବହାର କରିପାରିବ ଓ କାମରେ ଲଗାଇବ ।

ଏବଂ ସେତେବେଳେ ଏହି ଭୌତିକ ଉପାଦାନ ପୃଥିବୀପୃଷ୍ଠରେ ସେହି ନୂତନ ଚେତନା, ନୂତନ ଆଲୋକ ଏବଂ ନୂତନ ଇଚ୍ଛାଶକ୍ତିକୁ ବ୍ୟକ୍ତ କରି ଆଣିବା ଲାଗି ପ୍ରସ୍ତୁତ ହୋଇଯାଇ ପାରିବ । ବିଗତ ସକଳ ଶତାବ୍ଦୀ ଓ ଅଗଣିତ ଜୀବ-

'oaob.nitrkl.ac.in' images reprocessed

ଧାରା ମଧ୍ୟ ଦେଇ, ଅଗଣିତ ଅବସ୍ଥାବର ରଚନା ମଧ୍ୟ ଦେଇ ଅତିକ୍ରମ କରିବାର ପ୍ରକ୍ରିୟାରେ ଓ ଅଗଣିତ ଅଭିଜ୍ଞତାକୁ କାମରେ ଲଗାଇ ତାହା ପ୍ରକୃତରେ ବିଶୋଧିତ ହୋଇଯିବ; ଯଥାର୍ଥରେ ପ୍ରସ୍ତୁତ ହୋଇ ଆସିବ, ଏବଂ ଦିବ୍ୟ ମହାନ୍ ଶକ୍ତିଗୁଡ଼ିକ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ଗ୍ରହଣଶୀଳ ତଥା ଉନ୍ମୋଚିତ ହୋଇଯିବ ।

ତେଣୁ, ଏକ କ୍ଷଣସ୍ଥାୟୀ ବ୍ୟକ୍ତିସତ୍ତାରୂପେ ଏହି ମନୁଷ୍ୟ ହିଁ ଏତ ଅଗ୍ରଗତି କରୁଥିବା ପରି ଆଦୌ ପ୍ରତୀତ ହୋଇ ନ ପାରେ । ମାତ୍ର ତଥାପି ତାହାକୁ ମାଧ୍ୟମ କରି ଅଗ୍ରଗତି ଲାଗିରହିଛି, ଅନ୍ୟ ଯାବତୀୟ ଅବସ୍ଥାମାନଙ୍କର ମାଧ୍ୟମରେ ଯେପରି ହେଉଛି, ମନୁଷ୍ୟର ମାଧ୍ୟମରେ ମଧ୍ୟ ଠିକ୍ ସେହିପରି ହେବାରେ ଲାଗିଛି ।

(ମାଆ ନୀରବ ରହିଲେ)

(ଜଣେ ପିଲାକୁ ଉଦ୍ଦେଶ୍ୟ କରି) ମନେ ହେଉଛି, ଏହି କଥାଟି ତୁମକୁ ଖୁବ୍ ବେଶୀ ସାନ୍ତ୍ୱନା ଦେଉଛି ବୋଲି ତୁମେ ଆଦୌ ଭାବୁ ନାହିଁ ।

ଏହା ନିଶ୍ଚିତ ଏକ ବୃହତ୍ତର ସାନ୍ତ୍ୱନାରୂପେ କାର୍ଯ୍ୟ କରିଥାଏ, କାରଣ, ବସ୍ତୁତଃ, ଏହି କ୍ଷେତ୍ରରେ ପ୍ରତ୍ୟେକ ମନୁଷ୍ୟବ୍ୟକ୍ତି ଲାଗି କେବଳ ସେହି ପ୍ରକ୍ରିୟାଟି ଲାଗି ସଚେତନ ଭାବରେ କାର୍ଯ୍ୟ କରିବା ଦ୍ୱାରା ହିଁ ଅଗ୍ରଗତିର ମାର୍ଗଟିରେ ଅଂଶଗ୍ରହଣ କରିବାର ଏକ ଅବକାଶ ରହିଛି । ସେହି ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତିକୁ ଦିଆଯାଇଛି; ତେଣୁ ବ୍ୟକ୍ତି ଇଚ୍ଛା କଲେ ଯାଇ ଏହା ଦ୍ୱାରା ଲାଭବାନ୍ ହୋଇପାରିବ ।

ବିଶ୍ୱ-ପ୍ରଗତିରେ ସଚେତନ ଭାବରେ ଅଂଶଗ୍ରହଣ କରିବାରୁ କାହାକୁ ନିବୃତ୍ତ କରି ରଖିବା ଲାଗି ଆଦୌ କୌଣସି ଅଲଂଘ୍ୟ ନିୟମ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ସେହି ସ୍ୱାଧୀନତା ଦିଆଯାଇଛି ।

ଆଉ କିଛି ନାହିଁ ? ତେବେ ଆଉ କୌଣସି ପ୍ରଶ୍ନ ନାହିଁ ?

ଆଉ କୌଣସି ନାହିଁ ? ···କିଛି ନାହିଁ ? ···ଆଉ ମୋଟେ କିଛି ନାହିଁ ? ···(ଗୋଟିଏ ପିଲାକୁ) ବା, ତୁମର କିଛି ପଚାରିବାକୁ ଅଛି କି ?

**ମାଆ, ଯଦି ସ୍ୱପ୍ନରେ ଦୁଇଟି ମୁଣ୍ଡ ଥିବା ଗୋଟିଏ ଧଳା ସାପ ଦେଖିବାକୁ ମିଳେ, ତେବେ ତାହାର ଅର୍ଥ କ'ଣ ହେବ ?**

ସେକଥା ତାହାର ପୃଷ୍ଠଭୂମିଟି ଉପରେ ନିର୍ଭର କରିବ ।

ଏକଥାଟିକୁ ସହଜରେ କହି ହେବ ନାହିଁ । ନିୟମତଃ ଏହା ବିଶୁଦ୍ଧୀକୃତ ଶକ୍ତିକୁ ବୁଝାଇବ ।

'oaob.nitrkl.ac.in' images reprocessed

ଦୁଇଟି ମୁଣ୍ଡ, ନା ? ···ସେକଥା ପୃଷ୍ଠଭୂମିଟି ଉପରେ ନିର୍ଭର କରିବ, ଅର୍ଥାତ୍, ଜଣେ ଯେଉଁସବୁ ପରିସ୍ଥିତିରେ ସ୍ୱପ୍ନଟିକୁ ଦେଖୁଛୁ, ତା'ପୂର୍ବରୁ କ'ଣସବୁ ଘଟିଛୁ, ଠିକ୍ ସେତେବେଳେ କ'ଣ ଘଟୁଛୁ ଓ ତା'ପରେ ମଧ୍ୟ କ'ଣ ଘଟୁଛୁ । ଯଦି ତାହା ଦୁଇଟି ମୁଣ୍ଡ ଥିବା ଗୋଟିଏ ସାପ ହୋଇଥାଏ···

ମାଆ, କଥାଟି ଏହି କୋଠରି ଭିତରେ ଘଟିଥିଲା । ସେଠି ଆଉ କିଏ ଥିଲା, ମୁଁ ସେକଥା ଜାଣି ନାହିଁ; ମାତ୍ର ଗୌଣର ଟେବୁଲରେ ଥିବା ଡ୍ରଅର୍ ଭିତରେ ସାପଟି ରହିଥିଲା ଏବଂ ମୁଁ ଯେମିତି ଡ୍ରଅର୍‌ଟିକୁ ଖୋଲିଛି, ସିଏ ବାହାରକୁ ବାହାରି ଆସିଲା । ତା'ପରେ ଆପଣ ସାପଟିକୁ ଲାଙ୍ଗୁଡ଼ଆଡ଼ୁ ଧରି ପକାଇଲେ ଓ ସିଏ ଆପଣଙ୍କୁ ଦଂଶନ କଲା —ମାତ୍ର ତଦ୍ଦ୍ୱାରା କିଛି ହୋଇ ନ ଥିଲା । ତା'ପରେ ଆପଣ ଅନ୍ୟ ଝରକାଟି ଦେଇ ତାହାକୁ ବାହାରକୁ ବାହାର କରିଦେଲେ ।

ସାପଟି ଧଳା ରଙ୍ଗର ଥିଲା ?

ହଁ ।

[illegible]

ପୁଣି ତା'ର ଦୁଇଟି ମୁଣ୍ଡ ବି ଥିଲା ?

ହଁ ।

(ମାଆ ନୀରବ ରହିଲେ)

ତୁମେ ଭଲ କରି ମନେ ରଖିଛ ଯେ ସିଏ ମୋତେ ଦଂଶନ କଲା ?

କହି ପାରିବି ନାହିଁ ।

ତଥାପି, ସେହିପରି ତ ତୁମର ମନେ ଅଛି ।

ହଁ ।

କେଉଁ ଡ୍ରଅର୍ ଭିତରେ ?

ମାଆ ଏହିଠାରେ, ଆପଣ ଯେଉଁଠାରେ ଫୁଲମାନ ରଖନ୍ତି ।

'oaob.nitrkl.ac.in' images reprocessed

**ବାକ୍ସ ଭିତରେ ?**

ହଁ ।

(ମାଆ ନୀରବ ରହିଲେ)

**ମୁଁ ସେହିଟିକୁ ବାହାରକୁ ଫୋପାଡ଼ି ଦେଲି ?**

ଠିକ୍ ଫୋପାଡ଼ି ଦେଲେ ନାହିଁ, ମାତ୍ର ସେହିବାଟେ ତାକୁ ବାହାରକୁ ଯିବାକୁ ଛାଡ଼ିଦେଲେ । ଆପଣ ତାକୁ ନେଇ ଝରକା ଉପରେ ରଖିଲେ ଓ ତା'ପରେ ସିଏ ବାହାରକୁ ଚାଲିଗଲା ।

**ଏକାବେଳକେ ଧଳା ରଙ୍ଗର ?**

ମୁଁ ସେହିପରି ଭାବୁଛି ।

**ଆଉ ଆଖିଗୁଡ଼ିକ ? ତୁମେ ଆଖିଗୁଡ଼ିକୁ ଦେଖିଥିଲ କି ?**

ଜାଣି ନାହିଁ ।

**ଏହା କେତେବେଳେ ଘଟିଲା ?**

ମୋର ମନେ ହେଉଛି, ଦୁଇ ତିନିଦିନ ତଳେ ।

**ଭଲ କଥା ।**

**ତେବେ, ଏଥର ଧ୍ୟାନ ହେବ ତ ?**

(ସମସ୍ତେ ଧ୍ୟାନରେ ବସିଲେ)

'oaob.nitrkl.ac.in' images reprocessed